ପରିଭାଷା

ଶ୍ରୀ ଦୁର୍ଗାଚରଣ ମହାନ୍ତି

ଦର୍ଶନ ଶାସ୍ତ୍ରର ବହୁ କ୍ଲିଷ୍ଟ ଶବ୍ଦକୁ ସହଜ ଓ ବୋଧଗମ୍ୟ ଭାଷାରେ ପରିପ୍ରକାଶ ନିମିତ୍ତ ପରିଭାଷାର ଏକାନ୍ତ ଆବଶ୍ୟକତା ଅନୁଭବ କରି ନୀଳାଚଳ ସାରସ୍ୱତ ସଂଘର ସର୍ବକାଳୀନ ପରିଚାଳକ ଶ୍ରୀଯୁକ୍ତ ଦୁର୍ଗାଚରଣ ମହାନ୍ତି (ଆମର ଅତି ପ୍ରିୟ ଭାଇ)ଙ୍କ ଦ୍ୱାରା ସମ୍ପାଦିତ ବେଦ-ବେଦାନ୍ତର କେତେକ କଠିଣ ଶବ୍ଦ ଏବଂ ଏହାର ସରଳ ଅର୍ଥ ସମୂହର ଏକତ୍ର ସମାହାର.....

ପରିଭାଷା

ପରିଭାଷା

(ସର୍ବସ୍ୱତ୍ୱ ସଂରକ୍ଷିତ)

ସଂପାଦନା:

ଶ୍ରୀ ଦୁର୍ଗାଚରଣ ମହାନ୍ତି

ପ୍ରକାଶକ:

ନୀଳାଚଳ ସାରସ୍ୱତ ସଂଘ, ପୁରୀ

କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗ

ପ୍ରଥମ ସଂସ୍କରଣ :
ଅଗ୍ନ୍ୟୁତ୍ସବ, ୨୦୨୦ ମସିହା

ପ୍ରାପ୍ତିସ୍ଥାନ

କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗ

ଏବଂ

ନୀଳାଚଳ କୁଟୀର, ସ୍ୱର୍ଗଦ୍ୱାର, ପୁରୀ

ଏବଂ

ନିଗମ ସ୍ମୃତି କୁଟୀର, ଯୋବ୍ରା, କଟକ

ପ୍ରଚ୍ଛଦ:
ବିଜୟ କୁମାର ପ୍ରଧାନ

ଲିପି ସଂଯୋଜନା:
ଲିପିକାର, କଟକ-୯

ମୁଦ୍ରଣ :
ଗୁରୁପ୍ରସନ୍ନ ପ୍ରେସ୍
ଝୋଲାସାହି (ନିଉ କଲୋନୀ)
କଟକ-୧

ମୂଲ୍ୟ:
ଏକଶହ ସତୁରୀ ଟଙ୍କାମାତ୍ର

PARIBHASA

by

Sri Durga Charana Mohanty

Published by
Nilachala Saraswata Sangha, Puri
Kendra Asana Mandira, Biratunga

First Edition : 2020

Price:

Rs.170/-

ଜୟଗୁରୁ

ମୁଖବନ୍ଧ

ଶ୍ରୀଶ୍ରୀଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଅତ୍ୟନ୍ତ ଆସ୍ଥାଭାଜନ ପଟ୍ଟଶିଷ୍ୟ ତଥା ନୀଳାଚଳ ସାରସ୍ୱତ ସଂଘର ପରିଚାଳକ, ଆମର ଏକାନ୍ତ ଆପଣାର ଭାଇ ଶ୍ରୀ ଦୁର୍ଗାଚରଣ ମହାନ୍ତି ହେଉଛନ୍ତି ଗୁରୁବାଦର ଏକ ଅପ୍ରତିଦ୍ୱନ୍ଦ୍ୱୀ ପ୍ରବକ୍ତା । ଶ୍ରୀଶ୍ରୀ ଠାକୁରଙ୍କ ଅମୃତମୟ ବାଣୀ—"ମୁଁ ଚିରକାଳ ଅଛି ଓ ରହିବି । ମୋର ସମସ୍ତ ଶିଷ୍ୟ ଭକ୍ତମାନଙ୍କର ମୁକ୍ତି ନହେବା ପର୍ଯ୍ୟନ୍ତ ମୁଁ ମୁକ୍ତ ହେବି ନାହିଁ ।"—ଏହି ମହାନ୍ ସତ୍ୟକୁ ଉତ୍କଳର କୋଣେ ଅନୁକୋଣେ ବିତରଣ ନିମିତ୍ତ ଭାଇଙ୍କର ଜୀବନବ୍ୟାପୀ ଉଦ୍ୟମର ପଟାନ୍ତର ନାହିଁ । ତାଙ୍କର ଉତ୍ସର୍ଗୀକୃତ ଜୀବନର ପ୍ରତିଟି ମୁହୂର୍ତ୍ତ ସେ ଯେପରି ଗୁରୁଙ୍କର ମହତ୍ ଇଚ୍ଛାର ପରିପୂରଣରେ ବିନିଯୋଗ କରୁଥିଲେ, ତାହା ତାଙ୍କ ସଂସ୍ପର୍ଶରେ ଆସିଥିବା ପ୍ରତ୍ୟେକ ଭକ୍ତ ଅନୁଭବ କରିଛନ୍ତି ।

ଭାଇ ତାଙ୍କ ଦୀର୍ଘବର୍ଷ ସାଧନାର ସିଦ୍ଧି ରୂପେ ପ୍ରାପ୍ତ ଅନନ୍ତ ଜ୍ଞାନ ଭଣ୍ଡାରରୁ ମାୟାମୋହିତ ଜନଗଣଙ୍କର ମୁକ୍ତିର ଅମୃତ ବିତରଣ ପାଇଁ ଯେଉଁ ଧର୍ମୀୟ ପୁସ୍ତକ ସକଳ ରଚନା କରିଯାଇଛନ୍ତି, ତନ୍ମଧ୍ୟରୁ ତ୍ରୟମାସିକ 'ସଂଘ-ସେବକ' ପୁସ୍ତକ ଅନ୍ୟତମ । ଏହାର ପ୍ରତିଟି ପୃଷ୍ଠା ମୁକ୍ତିକାମୀ ମାନବର ଉର୍ଦ୍ଧ୍ୱଗମନ ନିମିତ୍ତ ଏକ ଏକ ସ୍ୱର୍ଣ୍ଣାଭ ପାବଚ୍ଛ । ଏହାର ପ୍ରତ୍ୟେକ ପ୍ରସଙ୍ଗ ଭିନ୍ନ ଭିନ୍ନ ଆଧ୍ୟାତ୍ମ ଚେତନାରେ ପୁଷ୍କଳ । ମଣିଷ ମନର ଯେକୌଣସି ସନ୍ଦେହ ଓ ସଂଶୟ ନିରସନ ନିମିତ୍ତ ଭାଇ ବେଦ-ବେଦାନ୍ତ ଓ ପୁରାଣଶାସ୍ତ୍ର ପ୍ରଭୃତି ଜ୍ଞାନର ଅଥଳ ସାଗରରୁ ଦୁରୂହ ତତ୍ତ୍ୱଜ୍ଞାନକୁ ଉଦ୍ଧାର କରି ସଂଘ-ସେବକ ମାଧ୍ୟମରେ ଅତି ସରଳ ଓ ସାବଲୀଳ ଭାଷାରେ ସମାଧାନ କରିଦେଇଥାନ୍ତି ।

ବହୁ ବର୍ଷ ତଳର ଅତୀତ ଆଜି ଏହି ଶୁଭଲଗ୍ନ ଅବସରରେ ସ୍ମରଣରେ ମୂର୍ତ୍ତିମନ୍ତ ହୋଇଉଠୁଛି । ଭାଇ ଚାହିଁଥିଲେ, ସଂଘ-ସେବକର ବିଭିନ୍ନ ସଂଖ୍ୟାରୁ 'ପରିଭାଷା', 'ମହାପୁରୁଷ ପ୍ରସଙ୍ଗ', 'ନିଗମ ବଚନ' ଓ 'ମନେରଖ' ପ୍ରସଙ୍ଗକୁ ଉଦ୍ଧାର କରି ଏକ ଏକ ସ୍ୱତନ୍ତ୍ର ପୁସ୍ତକ ରୂପେ ପ୍ରକାଶ କରିବାପାଇଁ । ଏଥିନିମିତ୍ତ ପୁସ୍ତକ ବିଭାଗ ଦାୟିତ୍ୱରେ ଥିବା କେତେକ ଭକ୍ତଙ୍କୁ ଯଥାଯଥ ପ୍ରସ୍ତୁତି ପାଇଁ ସଦୟ ଅନୁମତି

ମଧ୍ୟ ପ୍ରଦାନ କରିଥିଲେ । କିନ୍ତୁ ପରିତାପର ବିଷୟ—ଏହାମଧ୍ୟରେ ଦୀର୍ଘବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ କୌଣସି ଅପରିହାର୍ଯ୍ୟ କାରଣବଶତଃ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିନଥିଲା ।

ଗୁଣୀ ପାଠକମାନେ ଜାଣନ୍ତି, ମହାପୁରୁଷଙ୍କ ବାଣୀ ବା ସଦିଚ୍ଛା କେବେ ବ୍ୟର୍ଥ ଯାଏ ନାହିଁ । ବହୁ ବିଳମ୍ବ ହେଲେ ମଧ୍ୟ ଏହା ନିଶ୍ଚିତ ଭାବେ କାର୍ଯ୍ୟକାରୀ ହୋଇଥାଏ ।

କାର୍ଯ୍ୟକାରୀ ହୋଇଛି ମଧ୍ୟ । ଅତି ଆନନ୍ଦର କଥା, ବିଳମ୍ବ ହେଲେହେଁ ଏତେବର୍ଷ ପରେ ଭାଇଙ୍କର ସଦିଚ୍ଛା ଭକ୍ତମାନଙ୍କ ଅନ୍ତରରେ କ୍ରିୟାଶୀଳ ହୋଇଛି । ସଂଘ-ସେବକର ଚାରିଗୋଟି ସୁଦୃଢ଼ ଗମ୍ବୁଜ (ପରିଭାଷା, ମହାପୁରୁଷ ପ୍ରସଙ୍ଗ, ନିଗମ ବଚନ ଓ ମନେରଖ) ପରି ଅତ୍ୟନ୍ତ ଉପାଦେୟ ପ୍ରସଙ୍ଗମାନଙ୍କ ମଧ୍ୟରୁ ପରିଭାଷା ଶୀର୍ଷକ ପ୍ରସଙ୍ଗ ଗୁଡ଼ିକ ଏକତ୍ରୀକରଣରେ ସ୍ୱୟଂସମ୍ପୂର୍ଣ୍ଣ ଗ୍ରନ୍ଥ ଆକାରରେ ପ୍ରକାଶ କରାଯାଇ ବାଲିକୁଦାସ୍ଥ ୬୯ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଅବସରରେ ଶ୍ରୀଶ୍ରୀ ଠାକୁରଙ୍କ ଚରଣ କମଳରେ ତଥା ପରିଚାଳକଙ୍କ ଶ୍ରୀଚରଣରେ ଅର୍ପଣ କରାଯାଇଛି । ଏହା ବ୍ୟତୀତ ଅନ୍ୟ ତିନୋଟି ଶୀର୍ଷକ, ଗ୍ରନ୍ଥ ଆକାରରେ ପ୍ରକାଶ ପାଇଁ ଶ୍ରୀଯୁକ୍ତ ପରିଚାଳକଙ୍କଠାରୁ ଯଥାବିଧାନରେ ଅନୁମତି ମଧ୍ୟ ଗ୍ରହଣ କରାଯାଇଅଛି ।

'ପରିଭାଷା' ପୁସ୍ତକଟି ଭକ୍ତାଦୃତ ହେଲେ ଆମର ଶ୍ରମ ସାର୍ଥକ ହେବ ।

ଜୟଗୁରୁ ।

ବୀରତୁଙ୍ଗ

ତା୭-୨-୨୦୨୦

ଶ୍ରୀଶ୍ରୀ ଠାକୁରଙ୍କ ଚରଣାଶ୍ରିତ

ପରିଚାଳନା ମଣ୍ଡଳୀ

କେନ୍ଦ୍ରଆସନ ମନ୍ଦିର, ବୀରତୁଙ୍ଗ

ବର୍ଣ୍ଣାନୁକ୍ରମିକ ସୂଚୀ

ବିଷୟ	ବିଷୟସଂଖ୍ୟା
ଅ	
ଅସୁର ବା ନାସ୍ତିକ ମାନବ	୯
ଅଦ୍ୟାଭିଳାଷୀ	୪୦
ଅନର୍ଥ	୪୩
ଅବସ୍ଥାତ୍ରୟ	୫୪
ଅନିତ୍ୟ	୬୪
ଅନ୍ତଃକରଣ	୭୯
ଅନ୍ତଃକରଣର ଧର୍ମ	୮୦
ଅଷ୍ଟସ୍ଥାନ	୭୭
ଅବିଦ୍ୟା	୧୨୧/୩୬୨
ଅବ୍ୟକ୍ତ ମୂଳାପ୍ରକୃତି	୧୫୬/୪୭୪
ଅକର୍ମରେ କର୍ମ	୧୭୪
ଅକର୍ମରେ କୁକର୍ମ	୧୭୭
ଅକର୍ମ	୧୮୪/୫୨୦
ଅହଂତ୍ୱ	୨୦୨/୯୭୬
ଅବିଦ୍ୟା ଶକ୍ତି	୨୦୭/୧୦୨୮
ଅନ୍ତଃପ୍ରାଜ୍ଞ ମନ	୨୪୭
ଅବିଧ୍ୱନି	୨୪୮/୫୪୦/୫୯୪
ଅଲବ୍ଧ ଭୂମିକତ୍ୱ	୨୬୦/୫୪୧ ୫୯୬
ଅଦଭିସ୍ଥିତତ୍ତ୍ୱ	୨୨୧/୫୯୭
ଅଙ୍ଗମେଜୟତ	୨୬୪
ଅକାମ	୨୬୬
ଅଭିଭବ	୨୭୯
ଅବସ୍ଥା ପରିଣାମ	୨୮୬
ଅବ୍ୟପଦେଶ୍ୟ	୨୯୦
ଅନଭିସ୍ୱଙ୍ଗ	୩୪୪
ଅବ୍ୟଭିଚାରିଣୀ ଭକ୍ତି	୩୪୫
ଅଭ୍ୟାସ	୩୫୮/୫୮୩/୭୬୬
ଅସ୍ମିତା	୩୬୩
ଅଷ୍ଟ ପ୍ରକୃତି	୪୦୦/୪୩୯
ଅର୍ଚ୍ଚନା	୪୨୮
ଅଜ୍ଞାନ	୪୫୬
ଅବ୍ୟକ୍ତ ଶକ୍ତି	୪୮୮
ଅବ୍ୟକ୍ତ ପରମଶିବ	୪୯୧
ଅନୁଚିତ କର୍ମ	୫୨୯
ଅସୁର ପ୍ରକୃତି	୫୩୪
ଅବସାଦ ଭାବ	୫୩୬
ପ୍ରଣିଧାନ	୫୪୨
ଅସୁର	୫୫୦/୭୦୨
ଅହଂକାର	୫୨୨
ଅହଙ୍କାରୀ ମାନବ	୫୫୪
ଅନନ୍ତଶାୟୀ ନାରାୟଣ	୫୫୮
ଅଭିଧାନ	୫୮୭
ଅଘାସୁରମର୍ଦ୍ଦନକାରୀ	୬୧୦/୧୦୩୮
ଅନ୍ତରଙ୍ଗ ଚିତ୍‌ଶକ୍ତି	୬୩୫
ଅଭୟପଦ	୭୨୧
ଅକ୍ରୋଧ	୭୨୯
ଅପୈଶୁନ୍ୟ	୭୩୨
ଅଲୋଲୁପତା	୭୩୪
ଅଚାପଲ୍ୟ	୭୩୭
ଅଦ୍ରୋହ	୭୪୨
ଅଭିଷେକ	୭୫୩
ଅଷ୍ଟବସୁ	୭୮୯/୧୧୧୧
ଅବିଦ୍ୟାମାଳିନ	୮୧୬
ଅବିଦ୍ୟା ବୃତ୍ତି	୮୨୦
ଅନିତ୍ୟକୁ ନିତ୍ୟଜ୍ଞାନ	୮୨୧
ଅଶୁଚିକୁ ଶୁଚିଜ୍ଞାନ	୮୨୨
ଅନାତ୍ମକକୁ ଆତ୍ମଜ୍ଞାନ	୮୨୪
ଅନୁରାଗ	୮୩୨
ଅଷ୍ଟାଦଶ ବ୍ୟସନ	୮୫୦
ଅସୁର ମାନବ	୮୭୭

ବିଷୟ	ବିଷୟସଂଖ୍ୟା
ଅବତାର	୮୯୦
ଅଭେଦାବତାର	୮୯୬
ଅଦ୍ୱୈତବାଦ	୯୦୪
ଅଷ୍ଟାଙ୍ଗଯୋଗ	୯୩୬
ଅନ୍ତରଙ୍ଗ ସାଧନା	୯୫୪
ଅଷ୍ଟବିଧ ଆନନ୍ଦ	୯୫୯
ଅଭ୍ୟାସଯୋଗ	୯୬୪
ଅନ୍ନମୟ ଆବରଣ	୯୬୫
ଅଦ୍ୱୈତ ଓ ଦ୍ୱୈତ ଭାବର ସମନ୍ୱୟ	୯୭୩
ଅକ୍ଷର ଓ ପୁରୁଷଭାବ	୯୮୦
ଅପୌରଷେୟ	୯୯୨
ଅମୃତ ଓ ବିଷଲତା	୧୦୦୫
ଅଷ୍ଟଦେବତା	୧୦୦୮
ଅଜ୍ଞାନଚକ୍ଷୁ	୧୦୬୨
ଅହଂଭାବ ନାଶର କୌଶଳ	୧୦୭୮
ଅବିଦ୍ୟାମନ	୧୦୮୭
ଅଷ୍ଟବିଧ ଜଡ଼ଶକ୍ତି	୧୧୧୩
ଅପ୍ରାକୃତ ଶକ୍ତି	୧୦୩୭
ଅଷ୍ଟାଦଶ ପୁରାଣ	୧୧୪୪
ଅନ୍ତରଙ୍ଗା ଶକ୍ତି	୧୦୫୩
ଅଦ୍ୱୈତବାଦ	୧୧୮୮
ଅଚିନ୍ତ୍ୟ ଭେଦାଭେଦ ଜ୍ଞାନ	୧୧୯୭
ଅଧିକାରବାଦ	୧୧୯୯
ଅବିଦ୍ୟା ପ୍ରଭାବ	୧୨୧୧
ଅହଂଜ୍ଞାନ	୧୨୫୬
ଅଦୃଶ୍ୟ ସହାୟ	୧୨୭୪
ଅବତାର ପୁରୁଷ	୧୨୭୭
ଅଭ୍ୟାସର ଶକ୍ତି	୧୩୨୫
ଅଦୃଶ୍ୟାଲୋକ	୧୩୩୫
ଅନନ୍ତ ସୁଖ	୧୩୪୮
ଅନ୍ନମୟକୋଷ	୧୩୫୫
ଅଷ୍ଟସାତ୍ତ୍ୱିକଭାବର ଚତୁରାବସ୍ଥା	୧୩୬୧
ଅନନ୍ୟା	୧୩୬୬
ଅନନ୍ୟଭାବ	୧୩୬୯
ଅହଂଭାବ ନାଶ	୧୩୭୦
ଅହଂଭାବ ଶୁଦ୍ଧି	୧୩୭୧
ଅଷ୍ଟପ୍ରକୃତି	୧୩୭୯
ଅଦମ୍ଭିତ୍ୱମ୍	୧୩୯୭
ଅନହଙ୍କାର	୧୩୯୯
ଅନନ୍ତ	୧୪୦୦
ଅଚିନ୍ତ୍ୟମ୍	୧୪୦୭
ଅଶାନ୍ତଃ	୧୪୦୮
ଅବ୍ୟୟମ୍	୧୪୪୧
ଅହିଂସା	୧୪୬୫

ଆ

ବିଷୟ	ବିଷୟସଂଖ୍ୟା
ଆହ୍ନିକ	୧୭
ଆବଦ୍ଧ ମାନବ	୨୧
ଆଧ୍ୟାତ୍ମିକ	୪୫
ଆତ୍ମା	୬୨
ଆତ୍ମତତ୍ତ୍ୱ	୬୮
ଆନନ୍ଦ ସ୍ୱରୂପ	୮୯
ଆବରଣୀ ଶକ୍ତି	୯୮/୪୯୫
ଆଧ୍ୟାତ୍ମିକତା	୧୩୨
ଆଧିଭୌତିକ ତାପ	୧୩୮
ଆଧିଦୈବିକ ତାପ	୧୩୯
ଆଧ୍ୟାତ୍ମିକ ତାପ	୧୪୦
ଆଦିଶିବ ବା ମହାଶିବ	୧୬୦
ଆତ୍ମନ୍	୨୦୩
ଆଦ୍ୟାଶକ୍ତି	୨୩୦
ଆତ୍ମକର୍ମ	୨୩୩/୩୧୯
ଆଳସ୍ୟ	୨୫୭

ବିଷୟ	ବିଷୟସଂଖ୍ୟା
ଅଧ୍ୟାତ୍ମବିଦ୍ୟା	୨୯୧
ଆତ୍ମାର ସ୍ୱଭାବ	୩୦୨
ଆତ୍ମାଯୁକ୍ତ ଦେହ	୩୦୩
ଆଚାର୍ଯ୍ୟ ଉପାସକ	୩୪୧
ଆତ୍ମବିନିଗ୍ରହ	୩୪୩
ଆପ୍ତବାକ୍ୟ	୩୪୯
ଆତ୍ମସଂଯମ	୪୧୧
ଆତ୍ମଜ୍ଞାନ	୪୧୨/୭୯୬/୯୫୭/ ୧୦୫୪
ଆତ୍ମଜ୍ଞାନ ଲାଭର ତ୍ରିବିଧ ଅବସ୍ଥା	୪୧୩
ଆଧ୍ୟାତ୍ମିକ ଶକ୍ତି	୪୧୫
ଆତ୍ମନିବେଦନ	୪୩୨
ଆତ୍ମାର ଦ୍ୱିବିଧ ଅବସ୍ଥା	୪୪୩
ଆତ୍ମକଲ୍ୟାଣ	୪୪୭
ଆତ୍ମଶୁଦ୍ଧି ନିମିତ୍ତ କର୍ମ	୫୨୫
ଆଳସ୍ୟପରାୟଣ ମାନବ	୫୩୯
ଆତ୍ମଶକ୍ତି	୫୫୫/୬୩୬/୭୮୦
ଆତ୍ମାର ସ୍ୱାଭାବିକ ଧର୍ମ	୫୬୦
ଆଳସ୍ୟ	୫୯୩
ଆତ୍ମସମର୍ପଣ	୬୨୪
ଆଧ୍ୟାତ୍ମିକ ଧର୍ମଭାବ	୬୫୦
ଆତ୍ମଦର୍ଶନର ତ୍ରିବିଧ ସାଧନ	୬୫୧
ଆର୍ଜବ	୭୨୭/୧୩୯୬
ଆତ୍ମତୁଷ୍ଟି	୭୬୧
ଆନନ୍ଦମୟ ଆବରଣ	୯୬୯
ଆସକ୍ତି ଓ ଭକ୍ତିର ସ୍ୱରୂପଲକ୍ଷଣ	୯୮୪
ଆଶ୍ରୟ ଓ ବିଷୟତତ୍ତ୍ୱ	୧୦୧୮
ଆତ୍ମାରାମ	୧୦୧୯
ଆତ୍ମସମର୍ପଣ ଯୋଗ	୧୦୨୪
ଆଧ୍ୟାତ୍ମିକ ଧର୍ମର ସ୍ୱରୂପ	୧୦୫୦

ବିଷୟ	ବିଷୟସଂଖ୍ୟା
ଆତ୍ମଜ୍ଞାନର ଶକ୍ତି	୧୦୭୪
ଆତ୍ମକଲ୍ୟାଣ ଲାଭର ଦଶବିଧ ଉପାୟ ଅନ୍ତରାୟ	୧୦୮୩
ଆତ୍ମଦୋଷ ନାଶର ତ୍ରିବିଧ ଉପାୟ	୧୦୯୪
ଆତ୍ମୋନ୍ନତିର ସାଧନ	୧୧୫୯
ଆତ୍ମଶକ୍ତି ଓ ମାୟାଶକ୍ତି	୧୨୨୦
ଆତ୍ମଜ୍ଞାନ ଲାଭର ସପ୍ତବିଧ ଉପାୟ	୧୨୫୭
ଆଦର୍ଶ ଗୃହସ୍ଥ	୧୨୫୯
ଆତ୍ମଶକ୍ତି	୧୨୬୬
ଆନନ୍ଦ	୧୨୭୧
ଆସକ୍ତିର ପ୍ରଭାବ	୧୨୮୩
ଆମିଷାହାର	୧୨୮୨
ଆଧ୍ୟାତ୍ମିକ ସମ୍ପଦ	୧୩୦୭
ଆତ୍ମନିର୍ଭର	୧୩୨୬
ଆଦ୍ୟାଶକ୍ତି	୧୩୩୭
ଆନନ୍ଦଲାଭ	୧୩୪୩
ଆଚାରଶୁଦ୍ଧି	୧୩୪୭
ଆତ୍ମାନନ୍ଦ	୧୩୫୦
ଆନନ୍ଦମୟ କୋଷ	୧୩୫୯
ଆତ୍ମବନ୍ତମ୍	୧୪୧୮
ଆତ୍ମକର୍ମ	୧୪୨୮
ଆନୁତ୍ତମମ୍	୧୪୪୨
ଆତ୍ମବାନ୍	୧୪୪୭
ଆଧ୍ୟାତ୍ମନିତ୍ୟା	୧୪୫୩
ଇ	
ଇନ୍ଦ୍ରିୟ	୯୯/୧୦୩/୨୯୯
ଇନ୍ଦ୍ରିୟର ଅଧିପତି ଦେବତା	୧୬୫
ଇହାମୁତ୍ରଫଳଭୋଗବିରାଗ	୨୧୧

ବିଷୟ	ବିଷୟସଂଖ୍ୟା
ଇନ୍ଦ୍ରିୟର ତ୍ରିବିଧ ପରିଣାମ	୨୮୩
ଇନ୍ଦ୍ର	୭୯୨
ଈ	
ଈଶ୍ୱରକୋଟୀ ମାନବ	୫
ଈଶ୍ୱର ଚୈତନ୍ୟ	୨୯୩/୬୫୭
ଈଶ୍ୱରଙ୍କର ଦ୍ୱିବିଧଶକ୍ତି	୪୦୬
ଈଶ୍ୱର ବା ବିଷ୍ଣୁ	୪୭୩
ଈଶ୍ୱର ଚୈତନ୍ୟଙ୍କର ସ୍ୱରୂପ	୫୦୫
ଈଶ୍ୱର ଶକ୍ତି	୫୫୬
ଈଶ୍ୱରଭାବ	୫୬୩/୯୦୦/୧୦୮୩/୧୨୯୩
ଈଶ୍ୱର ପ୍ରଣିଧାନ	୮୧୩
ଈଶ୍ୱରଙ୍କ କୃପାଶକ୍ତି	୧୧୩୮
ଈଶ୍ୱରଙ୍କ ଦ୍ୱିବିଧ ଶକ୍ତି	୧୩୮୦
ଉ	
ଉପାସନା	୧୭୮
ଉପରତି	୨୧୭
ଉପକ୍ଲେଶ	୨୫୧
ଉଦ୍ଦିତ	୨୮୯
ଉପନିଷଦମୂଳକ ଧର୍ମ	୭୫୮
ଉପଦେଷନ୍ତି ତେ ଜ୍ଞାନମ୍	୧୩୮୮
ଊ	
ଊର୍ଦ୍ଧ୍ୱରେତା	୩୩୮
ଋ	
ଋଷି	୪୨୦
ଋତମ୍ଭରା ପ୍ରଜ୍ଞା	୮୮୯
ଋକ୍ମିଣୀକାନ୍ତ	୧୦୪୪
ଏ	
ଏକାଗ୍ର	୧୫୧
ଏକାଗ୍ରତା	୨୭୫

ବିଷୟ	ବିଷୟସଂଖ୍ୟା
ଏକାଗ୍ରତା ପରିଣାମ	୨୮୨
ଏକାନ୍ତ କର୍ତ୍ତବ୍ୟ କର୍ମ	୫୨୭
ଏକାଗ୍ର ଭୂମିକା	୫୭୩
ଏକତତ୍ତ୍ୱାଭ୍ୟାସ	୫୯୮
ଏକେନ୍ଦ୍ରିୟ ବୈରାଗ୍ୟ	୭୭୨
ଏକାଦଶ ରୁଦ୍ର	୭୯୦/୧୧୧୨
ଐ	
ଐଶ୍ୱରିକ ଶକ୍ତି	୭୮୧/୧୧୪୮
ଐଶୀକୃପା	୧୧୪୩
ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ	୧୨୨୩
ଓ	
ଓଁ ତତ୍‌ସତ୍	୯୮୯
ଓଁ ନମଃ	୧୦୭୫
କ	
କ୍ଲେଶ	୫୫
କାୟବ୍ୟୁହ ମୂର୍ତ୍ତି	୫୮
କର୍ମେନ୍ଦ୍ରିୟ ପଞ୍ଚକ	୭୮
କଳ୍ପ	୧୬୮
କାଳବିଭାଗ	୧୬୯
କାର୍ପଣ୍ୟଦୋଷ	୧୭୩
କୁକର୍ମରେ ସୁକର୍ମ	୧୭୬
କର୍ମ	୧୮୦/୧୯୮/୫୧୮
କୁକର୍ମ	୧୮୩
କ୍ରିୟମାଣ କର୍ମ	୧୯୨/୪୮୬
କାରଣ ଦେହ	୧୯୬
କୃପାଶକ୍ତି	୧୯୭
କର୍ମସଂସ୍କାର	୧୯୯/୯୩୭
କ୍ରିୟାଯୋଗ	୨୪୦/୩୨୬/୮୧୦/୧୦୨୬/୧୪୩୫
କାମ	୨୬୫

ବିଷୟ	ବିଷୟସଂଖ୍ୟା
କର୍ଣ୍ଣ	୩୩୦
କେଶବ	୩୨୯/୬୧୯/୧୦୪୫
କର୍ମାନନ୍ଦ	୩୭୪
କଳ୍ପସୂତ୍ର	୩୮୬
କୀର୍ତ୍ତନ	୪୨୫
କ୍ରତୁ	୪୬୩
କର୍ତ୍ତବ୍ୟକର୍ମ	୫୨୨
କର୍ମ ବା ଭକ୍ତିଭାବ	୫୬୫
କ୍ଲିଷ୍ଟାବୃତ୍ତି	୫୭୭
କୃଷ୍ଣ	୬୦୦
କମଳଲୋଚନ	୬୦୪/୧୦୩୫
କମଳମାଳୀ	୬୦୫/୧୦୩୬
କମଳନାଭ	୬୦୬
କଂସବଂଶ ଧ୍ୱଂସକାରୀ	୬୦୭/୧୦୩୨
କାରଣ ଧର୍ମଭାବ	୬୩୯
କୂଟସ୍ଥ ଚୈତନ୍ୟ	୬୫୩
କୁମ୍ଭକର୍ଣ୍ଣ	୬୮୭
କାଳୀ	୭୦୩/୧୦୬୭
କାଳୀଙ୍କ ଜିହ୍ୱା	୭୦୫
କାଳୀଙ୍କ ହସ୍ତ	୭୦୬
କରମାଳା	୭୦୯
କାଳୀଙ୍କ ଭୟଙ୍କରୀ ମୂର୍ତ୍ତି	୭୧୦
କର୍ମାଶୟ	୮୨୬
କାମମୟ ଦେହରେ ଚୈତନ୍ୟ ଓ ଶକ୍ତି	୮୪୨
କାମଜ ବ୍ୟସନ	୮୫୧
କ୍ରୋଧଜ ବ୍ୟସନ	୮୫୨
କାମ୍ୟକର୍ମର ଫଳ	୮୫୭
କାମ୍ୟକର୍ମର ତାତ୍ପର୍ଯ୍ୟ	୮୫୮
କର୍ମବୀଜ	୮୫୯
କର୍ମଚକ୍ର	୮୬୦

ବିଷୟ	ବିଷୟସଂଖ୍ୟା
କର୍ମସୂତ୍ର	୮୬୧
କର୍ମତ୍ୟାଗର ବିଧି	୮୬୨
କର୍ମଶକ୍ତିର ତ୍ରିବିଧ ସ୍ୱରୂପ	୯୧୮
କର୍ମଭାବ	୯୩୦
କର୍ମଶକ୍ତି	୯୪୫/୧୨୮୯
କାମ ବା ସ୍ୱାର୍ଥସେବା	୯୬୧
କାରଣଦେହ	୯୪୩
କର୍ମଯୋଗ	୯୬୨/୧୧୬୫/୧୩୦୪/୧୪୨୦
କୃଷ୍ଣ	୧୦୨୯
କୃଷ୍ଣ ଭଜନ	୧୦୩୨
କାଳୀ ବା ନାରାୟଣଙ୍କ ଅନନ୍ତ ଶଯ୍ୟା	୧୧୨୨
କାମବୀଜ ଦ୍ୱାରା ଉପାସନା	୧୨୨୦
କର୍ମଫଳ	୧୨୧୭
କର୍ମର ତ୍ରିବିଧ ଭେଦ	୧୨୧୮
କୁଳକୁଣ୍ଡଳିନୀ ଶକ୍ତି	୧୨୨୭
କୁଣ୍ଡଳିନୀର ଚୈତନ୍ୟ	୧୨୨୮
କୋଷତତ୍ତ୍ୱ	୧୨୯୯
କାଳ ପ୍ରଭାବ	୧୩୨୦
କାରଣ ଜଗତ	୧୩୨୧
କାମପ୍ରେମ	୧୩୨୮
କାମାତ୍ମାନଃ	୧୪୪୪
କାମଃ	୧୪୪୮
କ୍ଷ	
କ୍ଷିପ୍ତ-ବିକ୍ଷିପ୍ତ	୧୫୦
କ୍ଷାନ୍ତି	୩୪୦
କ୍ଷୀପ୍ତ ଭୂମିକା	୫୭୦
କ୍ଷର ପୁରୁଷ	୬୬୪
କ୍ଷମା	୭୩୮/୧୪୧୨
କ୍ଷୁଦ୍ର ବ୍ରହ୍ମାଣ୍ଡ	୧୧୩୨

ବିଷୟ	ବିଷୟସଂଖ୍ୟା
କ୍ଷାନ୍ତିଃ	୧୩୬୬
କ୍ଷିପ୍ରଂ ଭବତି ଧର୍ମାତ୍ମା	୧୪୪୯
ଗ	
ଗଙ୍ଗାସ୍ନାନ	୧୬
ଗୁରୁ	୨୩
ଗୁରୁଭୋଗ ସ୍ପୃହା	୪୮
ଗ୍ୟାନେନ୍ଦ୍ରିୟ	୭୦
ଜ୍ଞାନ	୨୩୮/୬୭୬
ଗୁଣାଧୀଶ ଈଶ୍ୱରଭାଗ	୩୦୮
ଗୁଡ଼ାକେଶ	୩୩୨
ଜ୍ଞାନାନନ୍ଦ	୩୭୫
ଜ୍ଞାନବିଘ୍ନ	୫୦୦
ଗୋବିନ୍ଦ	୬୦୧/୧୦୩୦
ଗୋପୀଜନବଲ୍ଲଭ	୬୧୨/୧୦୩୧
ଗୋପାଳନକାରୀ	୬୧୧/୧୦୩୯
ଗୋପଲଳନାକାନଙ୍କ ସହ ନୃତ୍ୟପରାୟଣା	୬୧୪
ଗୋବର୍ଦ୍ଧନଧାରୀ	୬୧୫/୧୦୪୧
ଜ୍ଞାନବନ୍ଧୁ	୬୮୨
ଜ୍ଞାନୀ	୬୮୩/୭୧୭
ଗୁରୁଶକ୍ତି	୭୮୩/୧୦୮୩
ଗୁହା	୭୯୪
ଗୁଣାବତାର	୮୯୨
ଜ୍ଞାନାବତାର	୮୯୩
ଜ୍ଞାନଭାବ	୯୨୬/୧୦୦୩
ଗୁରୁଙ୍କ ପ୍ରାଥମିକ କର୍ତ୍ତବ୍ୟ	୯୬୦
ଜ୍ଞାନାଲୋକ	୧୦୨୧
ଜ୍ଞାନାବସ୍ଥା	୧୦୬୩
ଜ୍ଞାନଲାଭର ଉପାୟ	୧୦୬୫
ଜ୍ଞାନଯୋଗ	୧୧୬୬
ଜ୍ଞାନସାଧନା	୧୨୭୮
ଜ୍ଞାନୀଭକ୍ତ	୧୩୦୦
ଜ୍ଞାନଭକ୍ତି	୧୩୦୬
ଜ୍ଞାନୀନସ୍ତତ୍ତ୍ୱ ଦର୍ଶନ	୧୩୮୭
ଘ	
ଘ୍ରାଣେନ୍ଦ୍ରିୟ	୭୫/୧୦୯
ଚ	
ଚତୁରଙ୍ଗ ପୂଜା	୧୯
ଚତୁଃସଂଧ୍ୟା	୨୦
ଚତୁଃଭଦ୍ର	୩୬
ଚତୁର୍ବିଧ ଧର୍ମ	୩୮
ଚିତ୍ର ସ୍ୱରୂପ	୮୮
ଚୈତନ୍ୟ	୧୧୮
ଚତୁର୍ଯୁଗ	୧୨୩
ଚିତ୍ତର ଚତୁର୍ବିଧ ଅବସ୍ଥା	୧୪୮
ଚତୁର୍ଦ୍ଦଶ ମନ୍ୱନ୍ତର	୧୬୭
ଚତୁର୍ବିଧ ଶକ୍ତି	୧୭୮
ଚତୁର୍ବିଧ କର୍ମ	୧୮୧
ଚିତ୍ତବୃତ୍ତି	୨୪୨
ଚିତ୍ତ୍ୱ	୨୪୩/୪୫୨/୫୧୬/୧୨୩୧
ଚତୁର୍ବିଧ ଅନ୍ତଃକରଣ	୨୪୫
ଚୈତନ୍ୟ ଶକ୍ତି	୨୪୯
ଚୈତନ୍ୟଙ୍କର ଚତୁର୍ବିଧ ଅବସ୍ଥା	୨୫୦
ଚିତ୍ତସ୍ଥିରର ଚତୁର୍ବିଧ ଉପାୟ	୩୬୪
ଚତୁର୍ବିଧ ମାନବ	୩୭୮
ଚତୁର୍ଦ୍ଦଶ ବିଦ୍ୟା	୩୮୪
ଚତୁର୍ଦ୍ଦଶ ଅଭିଜ୍ଞାନ	୪୦୧
ଚିତ୍ତଶୁଦ୍ଧିର ଚତୁର୍ବିଧ ସୋପାନ	୪୧୪
ଚିତ୍ତର ବୃତ୍ତି	୪୫୩
ଚିତ୍ତର ତ୍ରିଶକ୍ତି	୪୬୧

ବିଷୟ	ବିଷୟସଂଖ୍ୟା
ଚିତ୍ତର ସ୍ୱରୂପ	୪୬୪
ଚିଦାନନ୍ଦ	୫୧୨
ଚତୁର୍ବିଂଶତି ତତ୍ତ୍ୱ	୫୧୫
ଚିତ୍ତଶୁଦ୍ଧି ନିମିତ୍ତ କର୍ମ	୫୨୪
ଚିତ୍ସ୍ୱଭାବ	୫୬୮
ଚିତ୍ତର ଭୂମିକା	୫୬୯
ଚିତ୍ତ ସ୍ଥୈର୍ଯ୍ୟର ନବ ଅନ୍ତରାୟ	୫୮୮
ଚିତ୍ତ ବିକ୍ଷେପର ଚତୁର୍ବିଧ କାରଣ	୫୯୯
ଚୈତନ୍ୟର ଚତୁର୍ବିଧ ବିଭାବ	୬୫୨
ଚିତ୍ତର ଷଡ୍‌ବିଧ କ୍ରିୟା	୭୪୩
ଚିତ୍ତବୃତ୍ତି	୭୪୬
ଚିତ୍ତବୃତ୍ତି ନିରୋଧର ଦ୍ୱିବିଧ ଉପାୟ	୭୬୬
ଚୈତନ୍ୟର ତ୍ରିବିଧ ଅବସ୍ଥା	୭୯୭
ଚିତ୍ତପ୍ରସାଦର ଚତୁର୍ବିଧ ସାଧନ	୮୨୯
ଚକ୍ରଭେଦ	୮୩୫
ଚିତ୍ତଶୁଦ୍ଧିର ଲକ୍ଷଣ	୮୬୯
ଚତୁର୍ବିଧବାଦ	୯୦୫
ଚତୁର୍ଦ୍ଦଶକରଣ	୧୦୦୨
ଚତୁର୍ବିଧ ଦୈବିକ ଶକ୍ତି	୧୦୦୯
ଚତୁର୍ବିଧ ଦର୍ଶନ	୧୦୪୮
ଚତୁର୍ବିଧ ଶକ୍ତି	୧୦୮୪
ଚିତ୍ତଦର୍ପଣ	୧୧୨୪
ଚିତ୍ତଶୁଦ୍ଧିକର ସାଧନ	୧୧୮୫
ଚତୁର୍ଦ୍ଦଶ ଭୁବନ	୧୨୨୨
ଚକ୍ରର ଶକ୍ତି	୧୨୩୦
ଚିତ୍ତବୃତ୍ତି	୧୨୩୨
ଚିଦାଭାସ	୧୨୪୯
ଚିଦାବସ୍ଥା	୧୨୯୧
ଚେତନା	୧୨୯୪
ଜ	
ଜୀବସେବା	୬୬
ଜାଗ୍ରତ	୮୧
ଜୀବାତ୍ମା	୧୩୫
ଜୀବବ୍ରହ୍ମ	୨୨୪
ଜୀବାତ୍ମଚୈତନ୍ୟ	୨୯୪
ଜୀବାତ୍ମଚୈତନ୍ୟଙ୍କର ତ୍ରିବିଧଶକ୍ତି	୨୯୫
ଜୀବଧର୍ମ ଚତୁଷ୍ଟୟ	୩୨୮
ଜ୍ୟୋତିଷ	୩୯୦
ଜାଗ୍ରତ ଅଭିଜ୍ଞାନ	୪୦୫
ଜଗତ	୪୩୪
ଜୀବ	୪୪୪
ଜନଲୋକର ଅବସ୍ଥା	୪୬୮
ଜୀବଚୈତନ୍ୟଙ୍କର ବିକାଶ	୫୦୬
ଜୀବଚୈତନ୍ୟର ବିଭିନ୍ନ ବିକାଶ	୫୦୭
ଜୀବଶକ୍ତି	୫୫୭
ଜାଗତିକ ବା ଦୈବଗତି	୫୬୧
ଜନାର୍ଦ୍ଦନ	୬୨୧
ଜୀବଦେହରେ ପ୍ରାଣଶକ୍ତିର ପରିଚୟ	୬୪୪
ଜୀବଚୈତନ୍ୟ	୬୫୯
ଜୀବଚୈତନ୍ୟର ତ୍ରିବିଧ ଅବସ୍ଥା	୬୬୦
ଜନ୍ମମୃତ୍ୟୁ	୮୦୦
ଜୀବଦେହରେ ଦେବତାଙ୍କ ସ୍ଥାନ	୮୮୧
ଜୀବବ୍ରହ୍ମ ମଧ୍ୟରେ ଅଚିନ୍ତ୍ୟଭେଦାଭେଦ	୯୧୮
ଜୀବାତ୍ମାର ଆବରଣ	୯୩୯
ଜୀବାତ୍ମାଙ୍କର ତ୍ରିବିଧ ଦେହ	୯୪୦
ଜୀବର ତ୍ରିବିଧ ଅବସ୍ଥା	୯୪୪
ଜୀବାତ୍ମାର ସ୍ୱରୂପ	୯୯୦
ଜନାର୍ଦ୍ଦନ	୧୦୪୭
ଜୀବଭାବ ବା ଅହଂଭାବ	୧୦୭୭

ବିଷୟ	ବିଷୟସଂଖ୍ୟା
ଜାଗ୍ରତ ଅହଂଭାବ	୧୦୭୯
ଜଗତ୍‌ଭାବ	୧୦୮୫
ଯୋଗଶକ୍ତି	୧୦୯୦
ଜୀବପ୍ରକୃତିର ଦ୍ୱିବିଧ ଗତି	୧୧୧୭
ଜୀବଦେହସ୍ଥ ସ୍ନାୟୁକେନ୍ଦ୍ର	୧୨୨୯
ଜୀବର ପ୍ରବାସ	୧୨୫୪
ଜନ୍ମାନ୍ତର	୧୩୦୧
ଜୀବଭାବ	୧୩୪୦
ଜୀବର ସ୍ୱରୂପ ଓ ତାହା ଲାଭ କରିବାର ଉପାୟ	୧୩୫୧
ଜୀବଧର୍ମଚତୁଷ୍ଟୟ	୧୪୩୭
ଜଗନ୍ନିବାସ	୧୪୫୨
ତ	
ତ୍ରିବିଧ ମାନବ	୨
ତ୍ରିବିଧ ମୁକ୍ତ ମାନବ	୪
ତପଃ	୨୮/୬୭୦/୭୨୬/୧୪୬୮
ତତ୍ତ୍ୱବିଦ୍	୪୬/୧୩୮୯
ତାପତ୍ରୟ	୬୧/୧୩୭
ତ୍ୱଗେନ୍ଦ୍ରିୟ	୭୨/୧୧୦
ତୈଜସ	୮୫
ତମଗୁଣର ଧର୍ମ	୯୦
ତୈଜସ ଚୈତନ୍ୟ	୧୧୪/୬୬୨
ତତ୍ତ୍ୱ ପ୍ରଳୟ	୧୭୦
ତିତିକ୍ଷା	୨୧୬
ତପସ୍ୟା	୨୩୭
ତ୍ରିବିଧ ଶକ୍ତି	୨୪୧/୯୪୭
ତ୍ରିବିଧ ପ୍ରଣାଳୀ	୩୪୮
ତ୍ରିବିଧ ଆନନ୍ଦ	୩୭୨
ତୁରୀୟ	୪୦୪
ତତ୍ତ୍ୱଜ୍ଞାନ	୪୫୮/୪୬୬/୭୭୪
ତ୍ରିବିଧ କର୍ମ	୫୧୯
ତୁଷ୍ଟି	୫୪୯/୧୪୬୭
ତୃଣାବର୍ତ୍ତ ଧ୍ୱଂସକାରୀ	୬୧୭/୧୦୪୩
ରୁକ୍ମିଣୀକାନ୍ତ	୬୧୮
ତ୍ୟାଗଭାବ	୬୩୭/୭୩୦/୯୭୨
ତ୍ରିପୁଟି	୬୮୪
ତେଜ	୭୩୯
ତ୍ରିବିଧ ଦେହଶୁଦ୍ଧି	୮୧୧
ତନୁ ଅବସ୍ଥା	୮୧୮
ତ୍ରିବିଧ ପୁତ୍ରରଣ	୮୨୭
ତ୍ରିଗୁଣର ଧର୍ମ	୮୭୯
ତ୍ରିବିଧ ସଂସ୍କାର	୯୩୮
ତେଜଶକ୍ତି	୯୪୯
ତ୍ରିବିଧ ଯାନ	୯୫୮
ତ୍ରିବିଧ ଚୈତନ୍ୟ	୯୭୯
ତେତ୍ରିଶ ଦେବତା	୯୯୭
ତେଜୋମୟ ଦେହ ବା ସ୍ୱର୍ଗଲୋକ	୧୦୮୫
ତ୍ରିବିଧ ସତ୍ୟକର୍ମ	୧୦୮୦
ତମୋଗୁଣ	୧୨୬୦
ତ୍ରିଗୁଣାସ୍ଥିତ ଅବସ୍ଥା	୧୨୦୭
ତ୍ୟାଗର ମହିମା	୧୨୧୪
ତ୍ରିବିଧ ଦୁଃଖ	୧୨୬୧
ତ୍ରିବିଧ କର୍ମଫଳ	୧୨୯୦
ତ୍ରିବିଧ ବ୍ରହ୍ମଭାବ	୧୩୧୭
ତପସ୍ୟା ଶକ୍ତି	୧୩୩୯
ତମଃ	୧୩୭୭
ତପୋଯଜ୍ଞାଃ	୧୪୧୭
ଦ	
ଦ୍ୱିବିଧ ମନୁଷ୍ୟ	୩
ଦୋଷ	୨୬/୬୬୭
ଦାନ	୨୭/୬୬୯

ବିଷୟ	ବିଷୟସଂଖ୍ୟା
ଦର୍ଶନେନ୍ଦ୍ରିୟ	୭୩/୧୦୮
ଦୈବଯୁଗ	୧୬୬
ଦୈବଶକ୍ତି	୧୯୫/୯୫୦
ଦମ	୨୧୫
ଦ୍ୱିବିଧ ମନ	୨୪୬
ଦୁଃଖ	୨୬୨/୧୩୯୨
ଦୌର୍ମ୍ମନସ୍ୟ	୨୬୩
ଦେହମୁକ୍ତ ଆତ୍ମା	୩୦୪
ଦ୍ୱିବିଧ କର୍ମ	୩୬୫
ଦ୍ୱିବିଧ ବ୍ରହ୍ମଚର୍ଯ୍ୟ	୪୧୭
ଦାସ୍ୟ	୪୩୦
ଦ୍ୱିବିଧ କର୍ମଶକ୍ତି	୪୮୪
ଦେହରଥ	୪୯୬/୧୩୪୪
ଦ୍ୱିବିଧ ଆନନ୍ଦ	୫୧୧
ଦେହଶୁଦ୍ଧିମୂଳକ କର୍ମ	୫୨୩
ଦୁଃଖୀ ମାନବ	୫୪୭
ଦେବତା	୫୫୧
ଦେବଶକ୍ତି	୬୨୮/୬୮୮
ଦୈବ	୬୫୫
ଦକ୍ଷିଣା	୬୬୨
ଦରିଦ୍ର, କୃପଣ	୬୮୨
ଦଶାନନ	୬୮୬
ଦଶରଥ	୬୯୮
ଦ୍ୱାଦଶ ଆଦିତ୍ୟ	୭୯୧
ଦେବଯାନ ମାର୍ଗ	୮୦୨
ଦୁଃଖକୁ ସୁଖ ଜ୍ଞାନ	୮୨୩
ଦ୍ୱିବିଧ କର୍ମାଶୟ	୮୨୮
ଦ୍ୱୈତବାଦ	୯୦୭
ଦ୍ୱିବିଧ ଭକ୍ତି ସାଧନା	୯୫୨
ଦେହବୀଜ	୯୬୩
ଦ୍ୱିବିଧ ଆତ୍ମଭାବ	୯୭୮
ଦେହାତ୍ମବାଦ	୯୯୪
ଦେବାସୁର ଭାବ	୧୦୧୫
ଦ୍ୱିବିଧ ଜୀବଶକ୍ତି	୧୧୧୫
ଦିବ୍ୟଦୃଷ୍ଟି	୧୧୨୦
ଦୈବ ଓ ପୁରୁଷକାର	୧୧୫୬
ଦ୍ୱୈତବାଦ	୧୧୯୨
ଦ୍ୱୈତାଦ୍ୱୈତବାଦ	୧୧୯୩
ଦୁର୍ଗାଦେବୀ	୧୨୦୨
ଦଶବିଧ କ୍ରିୟା	୧୨୮୫
ଦୁଃଖାନୁଭୂତି	୧୨୯୮
ଦେହଧାରଣର ଉଦ୍ଦେଶ୍ୟ	୧୩୧୬
ଦ୍ୱେଷ	୧୩୯୦
ଦ୍ୱନ୍ଦ୍ୱାତୀତଃ	୧୪୧୫
ଦେବେଶ	୧୪୫୧
ଦୃଢ଼ବ୍ରତାଃ	୧୪୬୨
ଧ	
ଧ୍ୟାନ	୧୫୩/୨୭୧/୭୭୬
ଧର୍ମାଚରଣ	୨୨୦
ଧାରଣା	୨୬୯
ଧର୍ମୀ	୨୮୭
ଧର୍ମଶାସ୍ତ୍ର	୩୯୪
ଧର୍ମର ଦ୍ୱିବିଧ ବିଭାଗ	୪୧୦
ଧର୍ମବିଘ୍ନ	୪୯୯
ଧର୍ମଲାଭର ଚତୁର୍ବିଧ ଅବସ୍ଥା	୬୪୬
ଧର୍ମର ସ୍ଥୂଳଭାବ	୬୪୭
ଧର୍ମର ସୂକ୍ଷ୍ମଭାବର କ୍ରିୟା	୬୪୮
ଧନ	୬୬୮
ଧୃତି	୬୬୬/୭୪୦/୧୩୯୫
ଧର୍ମର ଚତୁର୍ବିଧ ଲକ୍ଷଣ	୭୫୬
ଧର୍ମର ଚତୁଷ୍ପାଦ	୭୬୨
ଧର୍ମର ସାଧନ ପ୍ରଣାଳୀ ଚତୁଃଷ୍ଟୟ	୭୬୩

ବିଷୟ	ବିଷୟସଂଖ୍ୟା
ଧ୍ୟାନଶକ୍ତି	୭୭୭
ଧର୍ମାନୁମୋଦିତ ଅର୍ଥ	୮୮୬
ଧ୍ୟାନଭାବ	୯୨୭
ଧ୍ୟାନଧାରଣା	୯୮୭
ଧର୍ମକର୍ମ	୧୦୦୪
ଧ୍ୟାନଯୋଗ	୧୦୨୫
ଧନ୍ୟକଳି	୧୦୯୯
ଧର୍ମାଧର୍ମ	୧୨୧୫
ଧର୍ମର ତ୍ରିବିଧ ଭେଦ	୧୨୧୬
ଧର୍ମଲାଭର ସାଧନା	୧୨୧୯
ନ	
ନିଷ୍କିଞ୍ଚନ	୪୧
ନବଗୁଣ	୫୨
ନିତ୍ୟ	୬୩
ନୃଶଂସ ବ୍ୟକ୍ତି	୯୫
ନିଷ୍ଠୁର ବ୍ୟକ୍ତି	୯୬
ନବଖଣ୍ଡ	୧୦୫
ନିରୁଦ୍ଧ	୧୫୨
ନିଷ୍କାମ କର୍ମ	୧୭୧/୩୬୭/୮୬୮
ନିତ୍ୟକର୍ମ	୧୮୫
ନୈମିତ୍ତିକ କର୍ମ	୧୮୬
ନିଷିଦ୍ଧ କର୍ମ	୧୮୮
ନିତ୍ୟାନିତ୍ୟ ବସ୍ତୁ ବିବେକ	୨୧୦
ନିର୍ଗୁଣ ବ୍ରହ୍ମ	୨୨୨
ନିରୋଧ ପରିଣାମ	୨୭୭
ନିଦ୍ରା	୩୫୨
ନିତ୍ୟାନନ୍ଦ	୩୭୧
ନାସ୍ତିକ ମାନବ	୩୮୨
ନାସ୍ତିକ ବିଶ୍ୱାସର କୁପରିଣାମ	୩୮୩
ନିରୁକ୍ତ	୩୮୮
ନ୍ୟାୟଦର୍ଶନ	୩୯୨

ବିଷୟ	ବିଷୟସଂଖ୍ୟା
ନବଧା ଭକ୍ତି	୪୨୩
ନରାଧମ	୫୩୨/୮୫୩
ନିରୁଦ୍ଧଭୂମିକ ଚିତ୍ତ	୫୭୪
ନିଦ୍ରାବୃତ୍ତି	୫୭୮/୭୫୧
ନାରାୟଣ	୬୨୦/୧୦୪୬
ନିଷ୍କ୍ରିୟ ଶିବ	୭୦୭
ନିଷ୍ଠା	୭୨୩
ନିତ୍ୟାଚାର	୭୬୪
ନୈମିତ୍ତିକାଚାର	୭୬୫
ନିର୍ଗୁଣ ବ୍ରହ୍ମଚୈତନ୍ୟ୭୮୭	୭୮୭
ନିବୃତ୍ତି ପଥ	୮୦୪
ନିତ୍ୟକର୍ମର ଫଳ	୮୫୫
ନୈମିତ୍ତିକ କର୍ମଫଳ	୮୫୬
ନାସ୍ତିକବାଦ	୯୦୬
ନିରାକାରଭାବ	୯୮୧
ନିତ୍ୟଲୀଳା ଆସ୍ୱାଦନ	୧୦୦୧
ନରକଯନ୍ତ୍ରଣା ବା ପ୍ରେତଲୋକ	୧୦୫୭
ନିରାକାର ଅବ୍ୟକ୍ତ ଭଗବାନଙ୍କ ଉପାସନା	୧୦୬୮
ନୀତିଧର୍ମର ଶ୍ରେଷ୍ଠତା	୧୦୯୭
ନିବୃତ୍ତିପକ୍ଷ	୧୧୩୩
ନନ୍ଦନନ୍ଦନ ଶ୍ରୀକୃଷ୍ଣ	୧୧୪୧
ନିରାକାରବାଦ	୧୧୯୦
ନିୟମ ଓ ଅନିୟମ	୧୨୩୩
ନିତ୍ୟତୃଷ୍ୟନ୍ତି ଚ	୧୪୦୫
ନିରାଶ୍ରୟଃ	୧୪୦୯
ନିତ୍ୟତୃପ୍ତଃ	୧୪୧୦
ନବଦ୍ୱାରେ ପୁରେ	୧୪୨୨
ନିର୍ଦ୍ୱନ୍ଦ୍ୱଃ	୧୪୪୬
ନିରହଙ୍କାରଃ	୧୪୫୮

ପ

ବିଷୟ	ବିଷୟସଂଖ୍ୟା
ପରମପୁରୁଷ	୧/୫୩
ପୂଜା	୧୮
ପଞ୍ଚ ଉପକରଣ	୩୪
ପଞ୍ଚବୃତ୍ତି	୩୫/୭୪୭
ପ୍ରତ୍ୟକ୍ଷବାଦୀ	୪୪
ପ୍ରାଜ୍ଞ	୮୬
ପଞ୍ଚେନ୍ଦ୍ରିୟ	୧୦୬
ପଞ୍ଚବିଧ ଚୈତନ୍ୟ	୧୧୨
ପ୍ରାଜ୍ଞଚୈତନ୍ୟ	୧୧୫/୬୬୧
ପ୍ରଜ୍ଞାଚୈତନ୍ୟ	୧୧୬
ପ୍ରକୃତି	୧୧୯/୪୩୩/୧୨୬୩
ପ୍ରାଣ	୧୪୨/୨୯୮
ପ୍ରଜ୍ଞାଶକ୍ତି	୧୪୪
ପଞ୍ଚପ୍ରକୃତି	୧୬୪
ପ୍ରତ୍ୟବାୟ	୧୮୯
ପ୍ରାୟଶ୍ଚିତ	୧୯୦
ପ୍ରାରବ୍ଧ କର୍ମ	୧୯୪
ପରମାତ୍ମାଚୈତନ୍ୟ	୨୨୯/୬୫୮
ପରାପ୍ରକୃତି	୨୪୮
ପ୍ରମାଦ	୨୫୬/୫୯୨
ପ୍ରାଦୁର୍ଭାବ	୨୮୦
ପରିଣାମ	୨୮୧/୩୧୨
ପରମାତ୍ମଚୈତନ୍ୟ	୨୯୨
ପରମେଶ୍ୱର	୩୦୧/୧୨୩୫/୧୨୯୨
ପୂର୍ଣ୍ଣ ଭଗବାନ	୩୦୭/୪୪୧
ପଞ୍ଚକ୍ଲେଶ	୫୮
ପୁରାଣ	୩୯୩
ପ୍ରାଣଶକ୍ତି	୪୦୯/୬୪୦/୭୭୮/୧୩୮୩
ପଦସେବନ	୪୨୭
ପୁରୁଷ	୪୩୬/୬୫୪
ପ୍ରକୃତିର ଅଷ୍ଟବିଧ ଧର୍ମ	୪୩୮
ପାପପୁଣ୍ୟ	୪୪୮
ପ୍ରାଣମନର କ୍ରିୟା	୪୪୯
ପ୍ରଜ୍ଞାନ	୪୫୫
ପ୍ରଜ୍ଞା	୪୬୭
ପ୍ରଜ୍ଞାଶକ୍ତିଲାଭର ଉପାୟ	୪୬୮
ପରଂବ୍ରହ୍ମଙ୍କ ସ୍ୱରୂପ	୪୬୯
ପୂର୍ଣ୍ଣ ଈଶ୍ୱର ବା ବ୍ରହ୍ମଭାବ	୪୭୦
ପଞ୍ଚାନନ ଶିବ	୪୯୪
ପ୍ରାଥମିକ ପଞ୍ଚବିଧ କର୍ମ	୫୩୦
ପ୍ରମାଦଗ୍ରସ୍ତ ମାନବ	୫୩୮
ପ୍ରଣିଧାନ	୫୫୨/୫୮୬
ପଞ୍ଚବିଂଶତି ସାଧନାଭାବ	୫୫୩
ପ୍ରାକୃତିକ ସ୍ୱଭାବସିଦ୍ଧ ଧର୍ମ	୫୫୯
ପୁରୁଷକାର	୫୬୨
ପ୍ରକୃତିଭାବ	୫୬୪/୯୦୨
ପ୍ରକୃତିର ଶକ୍ତି	୫୭୯
ପରଂବ୍ରହ୍ମ ଭାବର ତ୍ରିବିଧ ଅବସ୍ଥା	୫୮୧
ପରମାତ୍ମ ଭାବ	୫୮୨
ପାର୍ଥସାରଥି	୬୦୮
ପୂତନା ପ୍ରାଣସଂହାରୀ	୬୧୬/୧୦୪୨
ପ୍ରାଣର ତ୍ରିବିଧ ଅବସ୍ଥା	୬୪୧
ପ୍ରାଣର ବୃତ୍ତି ବା ଶକ୍ତି	୬୪୨
ପ୍ରାଣଶକ୍ତିର ପରିଚୟ	୬୪୩
ପ୍ରାଣ ସଂଯମର ଉପାୟ	୬୪୫
ପଣ୍ଡିତ	୬୬୪
ପନ୍ଥା	୬୬୮
ପଞ୍ଚବଟୀ	୬୯୪
ପ୍ରକୃତ ସନ୍ନ୍ୟାସୀ	୭୧୩
ପ୍ରକୃତିର ତ୍ରିଗୁଣ	୭୪୭
ପ୍ରମାଣ	୭୪୮

ବିଷୟ	ବିଷୟସଂଖ୍ୟା
ପ୍ରାଣପ୍ରତିଷ୍ଠା	୭୪୫
ପାପ	୭୫୫
ପରାବୈରାଗ୍ୟ	୭୭୩
ପରମେଶ୍ୱର ଶକ୍ତି	୭୮୪
ପରମାତ୍ମା ଶକ୍ତି	୭୮୨
ପ୍ରଜାପତି	୭୯୩
ପଞ୍ଚକୋଷ	୭୯୫
ପିତୃଯାନ ମାର୍ଗ	୮୦୧
ପ୍ରବୃତ୍ତି ପଥ	୮୦୫
ପ୍ରସୁପ୍ତ ଅବସ୍ଥା	୮୧୭
ପ୍ରଣବ	୮୩୮
ପଞ୍ଚପୁରୁଷ ତତ୍ତ୍ୱ	୮୩୯
ପଞ୍ଚପୁରୁଷରେ ଆତ୍ମଚୈତନ୍ୟଙ୍କ ନାମ	୮୪୦
ପଞ୍ଚରନ୍ଧ୍ର	୮୪୬
ପ୍ରଜ୍ଞାଦେହସ୍ଥ ପୁରୁଷର କାର୍ଯ୍ୟ	୮୪୪
ପରିକର୍ମ ସାଧନା	୮୬୭
ପ୍ରାରବ୍ଧ କର୍ମ	୮୭୦
ପଞ୍ଚଦୋଷଜୟର ଉପାୟ	୮୭୪
ପଞ୍ଚମହାପାତକ	୯୭୬
ପଞ୍ଚଦୋଷ	୯୭୩
ପରମଧର୍ମ	୮୮୪
ପୂର୍ଣ୍ଣ ବା ଲୀଳାବତାର	୮୯୪
ପ୍ରକୃତି ଭାବ	୯୦୨
ପରମସତ୍ତାର ତ୍ରିବିଧ ଅବସ୍ଥା	୯୦୪
ପରଂବ୍ରହ୍ମ ଭାବ	୯୧୨
ପିଣ୍ଡବ୍ରହ୍ମାଣ୍ଡ ଭାବ	୯୧୫
ପ୍ରସ୍ଥାନ ତ୍ରୟ	୯୩୪
ପଞ୍ଚ ପ୍ରାଣଶକ୍ତି	୯୪୮
ପ୍ରାଣମୟ ଆବରଣ	୯୬୬
ପ୍ରଜ୍ଞାର ସ୍ୱରୂପ	୯୮୬

ବିଷୟ	ବିଷୟସଂଖ୍ୟା
ପରଂବ୍ରହ୍ମ ଓ ଶ୍ରୀ ଭଗବାନ	୧୦୧୬
ପ୍ରକୃତି ପୁରୁଷ	୧୦୨୨/ ୧୧୬୯/ ୧୩୩୯
ପ୍ରକୃତି ପୁରୁଷ ଯୋଗ	୧୦୨୩
ପ୍ରେତଦେହ	୧୦୫୬
ପ୍ରଜ୍ଞାଶକ୍ତିର ସ୍ୱରୂପ ସାଧନା	୧୦୭୨
ପୂର୍ଣ୍ଣ ମାନବ ଶକ୍ତି	୧୦୯୧
ପରମହଂସ ସଂହିତା	୧୧୦୧
ପ୍ରାକୃତ ଜୀବଧର୍ମ	୧୧୦୩/୧୧୩୪
ପ୍ରାକୃତ ଚିନ୍ମୟ ଆତ୍ମାର ଧର୍ମ	୧୧୦୩/ ୧୧୩୪
ପ୍ରାକୃତ ଚିନ୍ମୟଆତ୍ମାର ଧର୍ମ	୧୧୦୪
ପ୍ରକୃତିର ବହିରଙ୍ଗା ଶକ୍ତି	୧୧୦୭
ପ୍ରକୃତିର ଅନ୍ତରଙ୍ଗା ଶକ୍ତି	୧୧୦୮
ପରମାତ୍ମାଙ୍କର ତେତିଶଟି ଦେବଶକ୍ତି	୧୧୧୦
ପ୍ରବୃତ୍ତିର ଦ୍ୱିବିଧ ପଥ	୧୧୧୮
ପୁରାଣଶାସ୍ତ୍ର	୧୧୨୮
ପୁରାଣ ଓ ଇତିହାସ	୧୧୩୫
ପରନିନ୍ଦା	୧୧୫୪
ପୁରୁଷ ପ୍ରକୃତି ଭାବ	୧୧୫୫
ପ୍ରାକୃତ ଅହଂଭାବ	୧୧୮୨
ପରିଣାମବାଦ	୧୧୯୪
ପ୍ରକୃତି ତ୍ରିଗୁଣ	୧୨୦୦
ପ୍ରେମଶକ୍ତି	୧୨୩୯
ପରାବିଦ୍ୟା	୧୨୫୩
ପ୍ରେକ୍ଷା	୧୨୬୦
ପୁରାଣବର୍ଣ୍ଣିତ ଦେବଦେବୀ	୧୨୬୮
ପ୍ରକୃତିର ବିକାର	୧୨୬୯

ବିଷୟ	ବିଷୟସଂଖ୍ୟା
ପ୍ରେମଭକ୍ତି	୧୨୮୭
ପ୍ରେମଶକ୍ତି	୧୨୮୮
ପଞ୍ଚବିଧ ଉପାସନା	୧୩୧୩
ପୂର୍ଣ୍ଣଜ୍ଞାନ	୧୩୧୧
ପ୍ରତୀକାଶ୍ରୟ	୧୩୧୪
ପରଲୋକର ଅସ୍ତିତ୍ୱ	୧୩୧୫
ପରମାତ୍ମା	୧୩୩୬
ପ୍ରାଥମିକ ସାଧକ	୧୩୩୮
ପ୍ରାଣମୟ କୋଷ	୧୩୫୬
ପ୍ରଣିପାତେନ	୧୩୮୫
ପରିପ୍ରଶ୍ନେନ	୧୩୮୬
ପରମଧାମ	୧୪୦୧
ପରମ	୧୪୪୦
ପରଂଭାଗମ୍	୧୪୬୧
ବ	
ବଦ୍ଧମାନବ	୮/୩୮୧
ବିଷୟ	୧୫/୨୩/୧୫୫/୩୨୭/୫୧୪/୧୪୩୬
ବନ୍ଧୁ	୩୧/୬୮୦
ବୈଷ୍ଣବଭୋଗୀ	୪୭
ବୁଦ୍ଧିର ଧର୍ମ	୫୧
ବିଳାସ ମୂର୍ତ୍ତି	୫୭
ବାଗେନ୍ଦ୍ରିୟ	୭୬
ବିଶ୍ୱ	୮୪
ବିଶୁଦ୍ଧ ସଦ୍‌ଗୁଣ	୯୨
ବିକ୍ଷେପ ଶକ୍ତି	୯୪
ବୁଦ୍ଧି	୧୦୧
ବୈଶ୍ୱାନର ଚୈତନ୍ୟର କାର୍ଯ୍ୟ	୧୧୩
ବିଶୁଦ୍ଧାତ୍ମା	୧୧୭
ବିବେକଜ୍ଞାନ	୧୨୨/୧୩୦୮
ବ୍ରହ୍ମାଙ୍କ ଦିନର ପରମାୟୁ	୧୨୪
ବ୍ରହ୍ମାଙ୍କ ରାତ୍ରିର ପରମାୟୁ	୧୨୫
ବ୍ରହ୍ମାଙ୍କ ପରମାୟୁ ୧୦୦ବର୍ଷ	୧୨୬
ବିରାଟ	୧୪୭
ବିଭୂତି	୧୫୪
ବିଶ୍ୱର ତ୍ରିବିଧ ଚୈତନ୍ୟ	୧୫୯
ବ୍ୟସନ	୧୭୨
ବ୍ରହ୍ମନ୍	୨୦୪
ବ୍ରହ୍ମ	୨୦୫
ବିଦ୍ୟା	୨୦୮
ବ୍ରହ୍ମଙ୍କର ତ୍ରିବିଧ ସ୍ୱରୂପ	୨୨୧
ବ୍ୟାଧି	୨୫୩/୫୮୯
ବହିରଙ୍ଗ ସାଧନା	୨୭୦
ବ୍ୟୁତ୍‌ଥାନ ସଂସ୍କାର	୨୭୮
ବିକଳ୍ପ	୨୯୬/୭୫୦
ବ୍ରହ୍ମଙ୍କର ସପ୍ତବିଧ ବିଭାବ	୩୦୦
ବାସୁଦେବ	୩୦୬
ବିବର୍ତ୍ତ	୩୧୩
ବିବେକ	୩୨୨/୪୬୫/୧୪୩୧
ବିପର୍ଯ୍ୟୟ	୩୫୦/୭୪୯
ବୈରାଗ୍ୟ	୩୬୦/୫୮୪/୭୬୮/୯୭୫/୧୪୩୨
ବୃତ୍ତିନିରୋଧର ଉପାୟ	୩୫୭
ବ୍ୟାକରଣ	୩୮୭
ବ୍ରହ୍ମଙ୍କର ତ୍ରିଶକ୍ତି	୩୯୫
ବ୍ୟକ୍ତ ପ୍ରକୃତି	୩୯୭
ବ୍ରହ୍ମଚାରୀ	୪୧୮
ବନ୍ଦନା	୪୨୯
ବିଜ୍ଞାନ	୪୫୭
ବିକଳ୍ପ ବୃତ୍ତି	୪୬୦
ବିଷ୍ଣୁଭାବ	୪୭୧

ବିଷୟ	ବିଷୟସଂଖ୍ୟା
ବ୍ୟକ୍ତଗୁଣମୟ ଜଗତ୍	୪୮୩
ବିଦ୍ୟା ଅବିଦ୍ୟା ଶକ୍ତି	୪୮୯
ବ୍ୟକ୍ତଶିବ	୪୯୦
ବ୍ରହ୍ମଙ୍କର ଦ୍ୱିବିଧ ବିଭାଗ	୫୦୨
ବିଷୟାନନ୍ଦ	୫୧୩
ବିଷୟଚିନ୍ତା	୫୧୭
ବିକର୍ମ ବା ଅସତ କର୍ମ	୫୨୧
ବିଶେଷ କର୍ମ	୫୨୬
ବ୍ୟାଧିକବଳିତ ମନୁଷ୍ୟ	୫୩୫
ବୁଦ୍ଧିମାନ	୫୪୪
ବିକ୍ଷିପ୍ତ ଭୂମିକା	୫୭୨
ବୃତ୍ତି ନିରୋଧର ଅବସ୍ଥା	୫୭୬
ବେଣୁ ବାଦକର ଅବସ୍ଥା	୫୭୬
ବେଣୁବାଦକତତ୍ପର	୬୦୯/୧୦୩୭
ବୈଶାନର ଚୈତନ୍ୟ	୬୬୩
ବ୍ରହ୍ମଚୈତନ୍ୟ	୬୫୬
ବୈଦିକ ଧର୍ମ	୬୮୫
ବିଭୀଷଣ	୬୮୯
ବଶିଷ୍ଠ	୭୦୧
ବେଦ	୭୫୭
ବଶୀକାର ବୈରାଗ୍ୟ	୭୬୯
ବ୍ୟତିରେକ ବୈରାଗ୍ୟ	୭୭୧
ବ୍ରହ୍ମଯାନ ମାର୍ଗ	୮୦୩
ବୁଦ୍ଧିର ମଳିନତା	୮୧୪
ବିଚ୍ଛିନ୍ନାବସ୍ଥା	୮୧୯
ବିଜ୍ଞାନମୟ ପୁରୁଷର ଶକ୍ତି	୮୪୩
ବାସନା	୮୬୩
ବାସନାକ୍ଷୟର ଉପାୟ	୮୬୬
ବୃତ୍ତି ନିରୋଧର ଅର୍ଥ	୮୮୭
ବିବେକଶକ୍ତି	୫୮୦/୯୦୩
ବିଶିଷ୍ଟାଦ୍ୱୈତବାଦ	୯୦୮/୧୧୯୬

ବିଷୟ	ବିଷୟସଂଖ୍ୟା
ବୈଷ୍ଣବଧର୍ମର ମତବାଦ	୯୧୦
ବୈଷ୍ଣବ ଧର୍ମବାଦ	୯୨୨
ବହିରଙ୍ଗ ଭକ୍ତିସାଧନା	୯୫୩
ବିଜ୍ଞାନମୟ ଆବରଣ	୯୬୮
ବ୍ୟବସାୟାତ୍ମିକା ବୁଦ୍ଧି	୯୯୫
ବିଶ୍ୱଦେହ	୧୦୭୬
ବିଦ୍ୟାମନ	୧୦୮୮
ବିଶ୍ୱସୃଷ୍ଟି	୧୧୦୦
ବିଶ୍ୱାସର ଶକ୍ତି	୧୧୦୨
ବେଦବର୍ଣ୍ଣିତ ସାଧନା	୧୧୩୦
ବସୁଦେବ ନନ୍ଦନ	୧୧୪୨
ବହିରଙ୍ଗ	୧୧୫୨
ବିଦ୍ୟାଶକ୍ତି	୧୧୭୪
ବିବର୍ତ୍ତନବାଦ	୧୧୯୫
ବେଦବୃକ୍ଷ	୧୨୨୪
ବହିରଙ୍ଗାଶକ୍ତି	୧୨୩୬
ଅନ୍ତରଙ୍ଗାଶକ୍ତି	୧୨୩୭
ବିଷୟସଙ୍ଗ	୧୨୪୩/ ୧୨୫୮
ବସ୍ତ୍ରହରଣ	୧୨୫୫
ବିଶୁଦ୍ଧ ମନ	୧୨୬୨
ବିଷୟର ସ୍ୱରୂପ	୧୨୮୪
ବ୍ରହ୍ମଚର୍ଯ୍ୟ	୧୩୨୨
ବ୍ୟଷ୍ଟିଚୈତନ୍ୟ	୧୩୨୭
ବିଷୟରସ	୧୩୨୯
ବିଷୟ ଓ ଭଗବାନ	୧୩୩୨
ବିଜ୍ଞାନମୟ କୋଷ	୧୩୫୮
ବୋଧୟନ୍ତଃ ପରସ୍ପରମ୍	୧୪୦୪
ବିମତ୍ସରଃ	୧୪୧୪

ଭ

ଭଗବତ୍ ଶକ୍ତି ୧୨୭/୭୮୬/୯୪୬

ବିଷୟ — **ବିଷୟସଂଖ୍ୟା**

ଭ୍ରାନ୍ତି ଦର୍ଶନ ୨୫୯/୫୯୫
ଭଗବାନ ୩୦୫/୩୩୪/୧୨୫୧
ଭାବ ୩୧୬/୧୧୩୧/୧୪୨୫
ଭାବର ତ୍ରିବିଧ ଅର୍ଥ ୩୧୭/୧୨୨୬
ଭଗବତ୍ ପ୍ରାପ୍ତିର ତ୍ରିବିଧ ଉପାୟ ୩୧୮/୧୪୨୭
ଭୋଗାନନ୍ଦ ୩୭୩
ଭୁବନ ୩୯୮
ଭଗବତ୍ ଭାବ ୪୪୫
ଭୁବଲୋକର ତ୍ରିଗୁଣ ୪୮୧/୪୮୨
ଭୋଗବିଘ୍ନ ୪୯୮
ଭୋଜନବିଘ୍ନ ୫୦୧
ଭକ୍ତି ୫୦୮/୭୧୬/ ୧୧୨୫/ ୧୧୩୯/୧୨୫୦
ଭକ୍ତିର ସ୍ୱଭାବସିଦ୍ଧ ଧର୍ମ ୫୦୯
ଭକ୍ତଙ୍କର ସ୍ୱଧର୍ମ ୫୧୦
ଭୂତଭାବ ୫୬୬
ଭଜନ ୬୦୩
ଭଗବତ୍ କରୁଣା ୬୨୩
ଭୂତରେ ଦୟା ୭୩୩
ଭକ୍ତ ୮୩୦
ଭଗବତ୍ ଉପାସନାର ଷଡ଼୍‌ବିଧ ଅଙ୍ଗ ୮୩୭
ଭକ୍ତଙ୍କ ଦଶବିଧ ଲକ୍ଷଣ ୮୪୯
ଭଗବତ୍ କୃପାବାଦ ୯୧୭
ଭେଦାଭେଦବାଦ ୯୨୩
ଭକ୍ତିଭାବ ୯୨୯/୯୭୭
ଭିନ୍ନ ଭିନ୍ନ ସିଦ୍ଧାନ୍ତବାଦ ୯୩୫
ସାଧନାର କ୍ରମ ୯୫୫
ଭକ୍ତ ଓ ଭଗବାନଙ୍କ ଲକ୍ଷଣ ୯୮୫
ଭବରୋଗ ୯୯୯

ବିଷୟ — **ବିଷୟସଂଖ୍ୟା**

ଭଗବତ ପ୍ରାପ୍ତିର ନବବିଧ ପଥ ୧୦୦୦
ଭକ୍ତିଯୋଗ ଦ୍ୱାରା ଉପାସନା ୧୦୬୯
ଭବସାଗର ୧୦୯୮
ଭଗବତ୍ ପ୍ରାପ୍ତିର ତ୍ରିବିଧ ପଥ ୧୧୩୬
ଭଗବତ୍ ନିର୍ଭରତା ୧୧୬୦
ଭକ୍ତିଯୋଗ ୧୧୬୭/୧୨୧୧
ଭକ୍ତିଧର୍ମ ୧୧୭୭
ଭକ୍ତିର ବହିରଙ୍ଗ ସାଧନା ୧୧୮୬
ଭକ୍ତିର ଅନ୍ତରଙ୍ଗ ସାଧନା ୧୧୮୭
ଭକ୍ତିଧର୍ମର ଶ୍ରେଷ୍ଠତା ୧୨୦୯
ଭଗବତ୍ ଗୀତାର ଅଦ୍ୱୈତ ଓ ବିଶିଷ୍ଟାଦ୍ୱୈତବାଦ ୧୨୨୧
ଭଗବତ୍ ସଙ୍ଗ ୧୨୪୨
ଭକ୍ତସଙ୍ଗ ୧୨୪୫
ଭକ୍ତିମାର୍ଗର ସାଧନା ୧୨୭୯
ଭଗବତ୍ କୃପା ୧୩୦୫
ଭକ୍ତିପଥ ୧୩୨୩
ଭଗବତ୍ ରସ ୧୩୩୦
ଭବ ବନ୍ଧନ ୧୩୪୬
ଭବ-କାରାଗାର ଚିତ୍ର ଓ ତହିଁରୁ ଉଦ୍ଧାର ଉପାୟ ୧୩୫୪
ଭାବାଙ୍କୁର ଭକ୍ତଙ୍କ ଅଷ୍ଟ
ଭଗବତ୍ ପ୍ରେମ ଓ ତାହାର ଲକ୍ଷଣ ୧୩୬୨/୧୩୬୩
ଭଜତାଂ ପ୍ରୀତି ପୂର୍ବକମ୍ ୧୪୦୬
ଭକ୍ତ୍ୟା ପ୍ରଯଚ୍ଛତି ୧୪୬୩

ମ

ମୁମୁକ୍ଷୁ ୬
ମୁକ୍ତ ମାନବ ୭/୨୨/୩୭୯
ମର୍ତ୍ତ୍ୟ ୧୧

ବିଷୟ	ବିଷୟସଂଖ୍ୟା
ମୂର୍ଖ	୧୨/୩୦/୫୩୧/୬୭୭
ମନର ଧର୍ମ	୫୦
ମିଶ୍ର ସତ୍ୱଗୁଣ	୯୩
ମନ	୧୦୦/୧୪୩
ମହାପାତକ	୧୦୨
ମନୁଷତ୍ୱ	୧୨୦
ମାୟା	୧୩୬/୮୩୪/୧୦୧୧
ମୂଢ଼	୧୪୯
ମହାମାୟା	୧୫୭/୨୦୬/୧୦୧୦/୧୧୭୫
ମହାବିଷ୍ଣୁ ବା ଆଦିବିଷ୍ଣୁ	୧୬୧
ମହାବ୍ରହ୍ମା ବା ଆଦିବ୍ରହ୍ମା	୧୬୨
ମୁମୁକ୍ଷୁତ୍ୱ	୨୧୨/୩୨୫/୯୭୧/୧୪୩୪
ମହାବିଷ୍ଣୁ	୨୨୫
ମୂଳାପ୍ରକୃତି	୨୨୮/୩୯୬/୭୨୦/୧୧୬୮
ମହାବିଦ୍ୟା	୨୩୧
ମହତ	୨୩୨/୪୭୫
ମନୋବୃତ୍ତି	୨୪୪
ମୋକ୍ଷ	୨୬୭
ମାୟାଧୀନ ଭାବ	୩୦୯
ମାୟାଧୀଶ	୩୧୦
ମାୟାତୀତ ଭାବ	୩୧୧
ମାନବର ତ୍ରିବିଧ ବିଷୟ	୧୪୨/୩୧୪
ମାନବ ଜୀବନର ଦୋଷ	୩୧୫/୧୪୨୪
ମଧୁସୂଦନ	୩୩୩
ମୁକ୍ତ ବ୍ୟକ୍ତିଙ୍କ ଲକ୍ଷଣ	୩୩୬
ମନର ଅବସ୍ଥା ଚତୁଷ୍ଟୟ	୩୫୬
ମନର ତ୍ରିବିଧ ଅବସ୍ଥା	୩୫୪

ବିଷୟ	ବିଷୟସଂଖ୍ୟା
ମାନବର ପ୍ରକୃତ ଧର୍ମ	୩୬୮
ମୁମୁକ୍ଷୁ ମାନବ	୩୮୦
ମୀମାଂସା ଦର୍ଶନ	୩୯୧
ମାନବୋଚିତ କାର୍ଯ୍ୟ	୪୪୬/୧୨୯୪
ମନର କାର୍ଯ୍ୟ	୪୫୧
ମହତତ୍ତ୍ୱ	୪୭୬
ମହଲୋକର ଅବସ୍ଥା	୪୭୯
ମହାଶିବ	୪୯୨
ମାୟାପହୃତ ଜ୍ଞାନ ବା ଅଜ୍ଞାନ	୫୩୩
ମୂଢ଼ ଭୂମିକା	୫୭୧
ମକରକୁଣ୍ଡଳଧାରୀ	୬୧୩/୧୦୪୦
ମଥୁରାମଣ୍ଡଳ ନିବାସୀ	୬୨୨
ମାତୃଶକ୍ତି	୬୩୪
ମନର ଦ୍ୱିବିଧ ଶକ୍ତି	୬୩୮
ମୁଣ୍ଡମାଳ	୭୦୮
ମହାଶ୍ମଶାନ	୭୧୧
ମାନବ ଦେହ ଧାରଣର ଲକ୍ଷ୍ୟ	୨୫୪
ମାନସିକ ଧର୍ମର ସ୍ୱରୂପ	୧୦୫୧
ମାନବର ପ୍ରାକୃତିକ ଧର୍ମ	୧୦୪୯
ମୃତ୍ୟୁ	୧୦୫୫
ମୁକ୍ତଲୋକ	୧୦୫୯
ମନଃଭାବ	୧୦୮୬
ମାନବର ପଞ୍ଚଦେହ	୧୦୯୨
ମାୟା ଓ ଅବିଦ୍ୟା	୧୧୦୫
ମହାଶକ୍ତି	୧୧୦୯
ମାୟାର ଆବରଣୀଶକ୍ତି	୧୧୪୭
ମାନବ ଦେହର ଶ୍ରେଷ୍ଠତ୍ୱ	୧୧୬୨
ମାନସ ଦୃଷ୍ଟି	୧୧୬୪
ମନୁଷ୍ୟର କର୍ତ୍ତବ୍ୟ	୧୧୭୮
ମାୟାବାଦ	୧୧୮୯
ମୋକ୍ଷଲାଭ	୧୨୦୩/୧୩୦୨/ବିଷୟ

ବିଷୟ	ସଂଖ୍ୟା
	୧୩୪୧
ମୁଷ୍ଟିଯୋଗ ତ୍ରୟ	୧୨୦୮
ମାୟାର ମହତ୍ତ୍ୱ	୧୨୫୨
ମୁକ୍ତ ପୁରୁଷ	୧୨୪୮/୧୨୭୫
ମହାପୁରୁଷ	୧୨୭୬
ମାୟାନିଦ୍ରା	୧୨୯୫
ମନୁଷ୍ୟର ସମସ୍ୟା	୧୩୦୯
ମାନବର ସ୍ୱଧର୍ମ	୧୩୧୮
ମଚ୍ଚିତ୍ତା	୧୪୦୨
ମଦ୍‌ଗତ ପ୍ରାଣାଃ	୧୪୦୩
ମାମେବ ସ୍ମରନ୍	୧୪୩୯
ମଦ୍ଭକ୍ତଃ	୧୪୫୫
ମନ୍ମନା ଭବ	୧୪୫୬
ମାଂ ନମସ୍କୁରୁ	୧୪୫୭
ମାଂ ଭଜସ୍ୱ	୧୪୬୪
ମାର୍ଦ୍ଦବ	୭୩୫
ମାନସିକ ଶକ୍ତି	୭୭୯
ମାୟାଶକ୍ତି	୭୮୫/୧୨୩୮
ମନସଂଯମ	୮୦୮
ମନସଂଯମର ଶକ୍ତି	୮୦୯
ମୁକ୍ତ	୮୩୧
ମଳିନ ବାସନା	୮୬୪
ମାୟାର କାର୍ଯ୍ୟ ଓ ମହତ୍ତ୍ୱ	୮୯୭
ମାନବର ସ୍ୱାଧୀନ ଶକ୍ତି	୯୨୦
ମାନବର ଐଶ୍ୱରିକ ଶକ୍ତି	୯୨୧
ମନୋମୟ ଆବରଣ	୯୬୭
ମାତୃଭାବ	୯୮୨
ମନର ଶକ୍ତି	୧୦୮୯
ମାୟାର ସ୍ୱରୂପ	୧୧୬୦
ମହାକାଳ	୧୨୨୫
ମାନବର ଜୀବନ	୧୨୮୦

ବିଷୟ	ବିଷୟସଂଖ୍ୟା
ମନୋମୟ କୋଷ	୧୩୫୭
ଯ	
ଯଜ୍ଞ	୨୯/୧୬୩/୬୭୧/୭୨୫
ଯୋଗମାୟା	୧୫୮/୨୨୭/୪୦୮/୧୦୧୨/୧୨୭୦/୧୩୮୨
ଯୋଗ	୨୩୯/୬୬୫/୮୪୫
ଯୋଗାଙ୍ଗ	୨୬୮
ଯୋଗନିଦ୍ରାଶକ୍ତି	୪୦୭/୧୩୮୧
ଯୋଗୀ	୪୨୧
ଯମୁନାକୂଳଚଞ୍ଚଳ	୬୧୨
ଯତମାନ ବୈରାଗ୍ୟ	୭୭୦
ଯୋଗର ଲକ୍ଷଣ	୮୮୮
ଯୁଗାବତାର	୮୯୧
ଯୋଗଭାବ	୯୨୮
ଯୁଗଧର୍ମ ସାଧନ	୯୫୧
ଯୋଗମାୟାଙ୍କ କାର୍ଯ୍ୟ	୧୦୧୩
ଯୋଗବିଘ୍ନ	୧୦୨୭
ଯୋଗକ୍ଷେମ	୧୧୨୧
ଯୋଗ ଓ ତନ୍ତ୍ରଶାସ୍ତ୍ର	୧୧୨୯
ଯୋଗଶକ୍ତି	୧୨୨୬
ଯୋଗସାଧନ	୧୨୯୭
ଯୋଗକ୍ଷେମଂ ବରାମ୍ୟହମଂ	୧୩୬୮
ଯତ୍‌କରୋସି	୧୩୭୨
ଯଦସ୍ନାସ	୧୩୭୩
ଯଜ୍ଜୁହୋସି	୧୩୭୪
ଯୋଗଯୁକ୍ତଃ	୧୪୨୧
ର	
ରାଗଦ୍ୱେଷ	୩୭
ରସନେନ୍ଦ୍ରିୟ	୭୪/୧୧୧
ରଜୋଗୁଣର ଧର୍ମ	୯୧
ରାବଣର ସେବକଗଣ	୬୯୧

ବିଷୟ	ବିଷୟସଂଖ୍ୟା
ରାବଣ ବଧ	୬୦୦
ରାଗର ତ୍ରିବିଧ ଅବସ୍ଥା	୮୨୫
ରାମାନୁଜଙ୍କ ମତବାଦ	୯୧୬
ରଜୋଗୁଣ	୧୨୦୩/ ୧୩୭୬
ଲ	
ଲକ୍ଷଣ ପରିଣାମ	୨୮୫
ଲଙ୍କାଦ୍ୱୀପ	୬୯୯
ଲଜ୍ଜା	୭୩୬
ଲକ୍ଷ୍ମୀ ବୃଦ୍ଧିର ଅଷ୍ଟ ଉପାୟ	୮୭୮
ଲୟଯୋଗଦ୍ୱାରା ଉପାସନା	୧୦୭୧
ଶ	
ଶୂଦ୍ର	୧୩/୩୨
ଶୂଦ୍ରାଧମ	୧୪
ଶିଷ୍ୟ	୨୪
ଶ୍ରୋତ୍ରିୟ	୩୯
ଶ୍ରୀଗୁରୁଙ୍କ ଅଷ୍ଟବିଳାସ ମୂର୍ତ୍ତି	୫୬
ଶରୀର ତ୍ରୟ	୫୯
ଶରୀର	୬୦
ଶ୍ରୋତ୍ରେନ୍ଦ୍ରିୟ	୭୧
ଶ୍ରବଣେନ୍ଦ୍ରିୟ	୧୦୭
ଶକ୍ତିତ୍ରୟ	୧୪୧
ଶମ	୨୧୪
ଶ୍ରଦ୍ଧା	୨୧୯/୮୩୩
ଶିବ	୨୨୬/୪୮୭/୭୦୪
ଶାନ୍ତ	୨୮୮
ଶାନ୍ତ ପୁରୁଷଙ୍କ ଲକ୍ଷଣ	୩୫୫
ଶ୍ରେୟ	୩୭୭
ଶିକ୍ଷା	୩୮୫
ଶ୍ରବଣ	୪୨୪

ବିଷୟ	ବିଷୟସଂଖ୍ୟା
ଶିବଭାବ	୪୭୨
ଶକ୍ତିଲାଭ	୬୨୬
ଶକ୍ତିସାଧକ	୬୨୭
ଶକ୍ତି ସଞ୍ଚାର	୬୨୯
ଶ୍ରୀରାମ	୬୯୨
ଶିଷ୍ୟର କର୍ତ୍ତବ୍ୟ	୭୧୫
ଶାନ୍ତି	୭୩୧
ଶୌଚ	୭୪୧
ଶକ୍ତିପୂଜା	୮୧୫
ଶ୍ରଦ୍ଧା	୮୩୩
ଶୁଦ୍ଧାବାସନା	୮୬୫
ଶକ୍ତ୍ୟାବେଶ ଅବତାର	୮୯୫
ଶ୍ରୀରାଧାଭାବ	୯୧୩
ଶକ୍ତି ଉପାସନା	୯୫୬
ଶ୍ରୀ ଗୌରାଙ୍ଗଦେବଙ୍କ ପଥ	୯୮୮
ଶାସ୍ତ୍ର	୯୯୧
ଶକ୍ତି	୯୯୩
ଶକ୍ତିବାଦ	୧୦୦୭
ଶିବଭକ୍ତି	୧୦୧୪
ଶ୍ରୀମଦ୍‌ଭାଗବତ	୧୦୧୭
ଶ୍ରୀ କାଳୀମୂର୍ତ୍ତି ତତ୍ତ୍ୱ	୧୦୨୦
ଶୁଦ୍ଧମନ	୧୦୬୬
ଶକ୍ତିର ଅଷ୍ଟବିଧ ସ୍ୱରୂପ	୧୧୧୬
ଶ୍ରୀକୃଷ୍ଣ ତତ୍ତ୍ୱ	୧୧୨୬
ଶ୍ରୀକୃଷ୍ଣ ଲୀଳା	୧୧୨୭/୧୧୪୦
ଶ୍ରୀକୃଷ୍ଣ ଉପାସନା	୧୧୪୯
ଶ୍ରୀରାଧାକୃଷ୍ଣ ତତ୍ତ୍ୱ	୧୧୫୧
ଶକ୍ତିଯୁକ୍ତ ଚୈତନ୍ୟ	୧୧୫୭
ଶତ୍ରୁଭାବର ଉପାସନା	୧୧୮୧
ଶିଷ୍ୟତ୍ୱର ସାଧନା	୧୨୪୭

ବିଷୟ	ବିଷୟସଂଖ୍ୟା
ଶ୍ରୀକୃଷ୍ଣବତାର	୧୩୨୪
ଶରୀରଂକେବଳଂକର୍ମ କୁର୍ବନ୍	୧୪୧୧
ଶରଣାଗତ	୧୪୫୯
ଷ	
ଷଡ଼ଭାବ ବିକାର	୪୯
ଷଡ଼ବିଧ ରାଜନୀତି	୬୭
ଷଡ଼ବିଧ ବିକାର	୧୭୯
ଷଟ୍‌ସମ୍ପତ୍ତି	୩୨୪/୧୪୩୩
ଷଷ୍ଠ ଇନ୍ଦ୍ରିୟଲାଭର ସାଧନା	୧୦୬୦
ଷଡ଼ବିଧ ନିର୍ଜୀବ ଜଡ଼ଶକ୍ତି	୧୧୧୪
ସ	
ସ୍ୱର୍ଗ	୧୦
ସାଧୁ	୨୫
ସ୍ଥୂଳବୁଦ୍ଧି	୪୨
ସେବା	୬୫/୧୩୭୮/୧୪୧୩
ସୂକ୍ଷ୍ମଶରୀର	୬୯
ସ୍ୱପ୍ନ	୮୨/୪୦୩
ସୁଷୁପ୍ତି	୮୩/୪୦୨
ସତ୍‌ସ୍ୱରୂପ	୮୭
ସହୃଦୟ ବ୍ୟକ୍ତି	୯୭
ସପ୍ତଦ୍ୱୀପ	୧୦୪/୩୯୯
ସନ୍ଧିନୀଶକ୍ତି	୧୨୮
ସମ୍ବିତ୍	୧୨୯
ସଚ୍ଚିଦାନନ୍ଦମୟ	୧୩୧
ସତ୍ୟଲାଭର କ୍ରମ	୧୩୩
ସତ୍	୧୩୪
ସୂତ୍ରାତ୍ମା	୧୪୫
ସୁକର୍ମରେ କୁକର୍ମ	୧୭୫
ସୁକର୍ମ	୧୮୨
ସ୍ୱ-କର୍ମଶକ୍ତି	୧୯୧

ବିଷୟ	ବିଷୟସଂଖ୍ୟା
ସଞ୍ଚିତ କର୍ମ	୧୯୩
ସ୍ୱଧର୍ମାଚରଣ ବା ସାଧନ	୨୦୦
ସତ୍ୟଧର୍ମ	୨୦୧
ସାଧନଚତୁଷ୍ଟୟ	୨୦୯/୩୨୧/୧୪୩୦
ସମାଧାନ	୨୧୮
ସଗୁଣ ବ୍ରହ୍ମ	୨୨୩
ସ୍ୱାଧ୍ୟାୟ	୨୩୪/୩୨୦/୧୪୨୯
ସାଧୁସଙ୍ଗ	୨୩୬/୧୪୨୦
ସାଧକର ନବଅନ୍ତରାୟ	୨୫୨/୩୬୧
ସାଧନାର ପଞ୍ଚବିଧ ଉପକରଣ	୨୩୫/୯୨୫
ସ୍ତ୍ୟାନ	୨୫୪/୫୯୦
ସଂଶୟ	୨୫୫/୫୯୧
ସମାଧି	୨୭୨
ସଂଯମ	୨୭୩
ସର୍ବାର୍ଥତା	୨୭୪
ସମାଧି ପରିଣାମ	୨୭୬
ସଂକଳ୍ପ	୨୯୭
ସୁର	୩୩୫/୫୪୩
ସନ୍ନ୍ୟାସୀ	୩୩୭
ସତ୍ୟବାଦୀ	୩୩୯
ସୌର୍ଯ୍ୟ	୩୪୨/୧୩୬୪
ସ୍ମୃତି	୩୫୩/୭୫୨
ସଂସ୍କାର	୩୫୯/୧୧୭୬
ସକାମ କର୍ମ	୩୬୬
ସୁଖ	୩୭୦/୬୭୩/୧୩୯୧
ସାଧନା	୩୬୯/୪୪୨/୯୩୧/୧୨୪୪
ସଂଯମନ	୪୪୬
ସଂକୀର୍ଣ୍ଣ ବ୍ରହ୍ମଚାରୀ	୪୧୯

ବିଷୟ	ବିଷୟସଂଖ୍ୟା
ସାଧୁ	୪୨୨
ସ୍ମରଣ	୪୨୬
ସଂସାର	୪୩୫/୧୨୩୪
ସତ୍ୟପଥରେ ଅଷ୍ଟବିଧ ପ୍ରାକୃତିକ ବାଧା	୪୩୭
ସାକାର ଈଶ୍ୱର	୪୪୦
ସଂସାର ଦର୍ଶନ	୪୫୦
ସଂକଳ୍ପ ଶକ୍ତି	୪୬୨
ସ୍ୱର୍ଗଲୋକରେ ତ୍ରିଗୁଣ	୪୮୦
ସଞ୍ଚିତ ପ୍ରାରବ୍ଧ	୪୮୫
ସାଧନବିଘ୍ନ ଚତୁଷ୍ଟୟ	୪୯୭
ସତ୍‌ସ୍ୱରୂପର ବିଭିନ୍ନ ନାମ	୫୦୩
ସାଧାରଣ କର୍ତ୍ତବ୍ୟ	୫୨୮
ସଂଶୟାକୁଳିତ ମାନବ	୫୩୭
ସପ୍ତ ମହର୍ଷି	୫୪୫
ସୁଖୀ ମାନବ	୫୪୬
ସମଦର୍ଶନ	୫୪୮
ସତ୍‌ଭାବ	୫୬୭
ସଂପ୍ରଜ୍ଞାତ ସମାଧି	୫୭୫
ସ୍ଥିତି	୫୮୫
ସାଧନଶକ୍ତି	୬୨୫
ସଂଘଶକ୍ତି	୬୩୨
ସଗୁଣନିର୍ଗୁଣ ଶକ୍ତି	୬୩୩
ସ୍ଥିରମନର ଶକ୍ତି	୬୨୯
ସାଧକ ବା ଯୋଗୀ	୬୭୫
ସ୍ୱର୍ଗନରକ	୬୭୯
ସୂର୍ପଣଖା	୬୮୮
ସୁବର୍ଣ୍ଣ ଲଙ୍କାପୁରୀ	୬୯୦
ସୀତା	୬୯୩
ସୁଗ୍ରୀବାଦି ଷଡ଼୍‌କପିବର	୬୯୫
ସୁମତୀ	୬୯୬
ସୀତାଙ୍କ ଅଗ୍ନିପରୀକ୍ଷା	୬୯୭
ସ୍ୱାର୍ଥଭାଗ	୭୧୨
ସଦ୍‌ଗୁରୁଙ୍କ କର୍ତ୍ତବ୍ୟ	୭୧୪
ସାଧନାର ଚରମ ଅବସ୍ଥା	୭୧୮
ସ୍ୱାମୀ	୭୧୯
ସତ୍ତ୍ୱ ସଂସିଦ୍ଧି	୭୨୨
ସତ୍ୟ	୭୨୮
ସଂସ୍କାରର କାର୍ଯ୍ୟ	୭୪୫
ସ୍ମୃତି ଓ ସଂସ୍କୃତି	୭୫୯
ସିଦ୍ଧିଲାଭର ପଞ୍ଚବିଧ ଉପାୟ	୭୭୫
ସ୍ୱଭାବର ଶକ୍ତି	୭୯୮
ସ୍ୱାଭାବିକ ସାଧନା	୭୯୯
ସାଧନାର ଲକ୍ଷ୍ୟ	୮୦୬
ସଂସ୍କାରଶକ୍ତି	୮୧୨
ସାକାର ଭଗବାନ	୮୩୬
ସ୍ଥୂଳଦେହସ୍ଥ ଚୈତନ୍ୟର କର୍ମଶକ୍ତି	୮୪୧
ସତ୍‌ସଙ୍ଗର ମହିମା	୮୪୭
ସତ୍‌ସଙ୍ଗ	୮୪୮
ସତ୍ୟର ତ୍ରୟୋଦଶ ସ୍ୱରୂପ	୮୭୧
ସାଧକଙ୍କ ତ୍ରୟୋଦଶ ଦୋଷ	୮୭୨
ସଂସାର-ସମୁଦ୍ର	୮୭୫
ସିଦ୍ଧିର ଚତୁର୍ବିଧ ଉପାୟ	୮୮୦
ସାଧୁବ୍ୟକ୍ତିଙ୍କର ପ୍ରଧାନ ଲକ୍ଷଣ	୮୮୨
ସାଧୁମାନଙ୍କର କର୍ତ୍ତବ୍ୟ	୮୮୩
ସାଧକଙ୍କର ବିଧି ନିଷେଧ	୮୮୫
ସାଧନାନନ୍ଦ	୮୯୮
ସିଦ୍ଧାନନ୍ଦ	୮୯୯
ସୂର୍ଯ୍ୟନାରାୟଣ ବ୍ରହ୍ମ	୯୧୧
ସାଧକ	୯୩୨

ବିଷୟ	ବିଷୟସଂଖ୍ୟା	ବିଷୟ	ବିଷୟସଂଖ୍ୟା
ସାଧ୍ୟବସ୍ତୁ	୯୩୩	ସ୍ଥୂଳଚକ୍ଷୁର ଦର୍ଶନ	୧୧୬୩
ସ୍ଥୂଳଦେହ	୯୪୧	ସ୍ୱଭାବ	୧୧୭୧
ସୂକ୍ଷ୍ମଦେହ	୯୪୨	ସତ୍ୟସ୍ୱରୂପ	୧୧୭୨/୧୩୧୨
ସ୍ୱସ୍ତିବାଚନ	୨୬୨	ସତ୍ୟାଶ୍ରୟ	୧୧୭୩
ସ୍ଥିତପ୍ରଜ୍ଞ	୯୯୬	ସପ୍ତଲୋକ	୧୧୭୯
ସ୍ୱଧର୍ମ	୯୯୮	ସପ୍ତଲୋକର ଅବସ୍ଥିତି	୧୧୮୦
ସତ୍ୟାଗ୍ରହ	୧୦୦୬	ସାଧକମାନଙ୍କର	
ସତ୍ୟଧର୍ମର ସ୍ୱରୂପ	୧୦୫୨	ପ୍ରାଥମିକ କର୍ତ୍ତବ୍ୟ	୧୧୮୩
ସତ୍ୟଧର୍ମର ଅବଲମ୍ବନ	୧୦୫୩	ସାଧୁଚରିତ୍ର	୧୧୮୪
ସର୍ବାନ୍ତିକ ଅଭେଦଜ୍ଞାନ	୧୦୬୪	ସାକାରବାଦ	୧୧୯୧
ସାକାର ଭଗବାନଙ୍କ ଉପାସନା	୧୦୬୭	ସତ୍ତ୍ୱଗୁଣ	୧୨୦୪
ସତ୍ୟସାଧନା	୧୦୭୦	ସାଧକ ଓ ପଣ୍ଡିତ	୧୨୧୦
ସତ୍ୟଧର୍ମ ସାଧନାର ଅଧିକାର		ସହଜ ସାଧନ	୧୨୧୩
ବା ଶୁଦ୍ଧ ଭାବ	୧୦୮୧	ସଦ୍‌ଗୁରୁ ସଂଘ	୧୨୪୧
ସତ୍ୟଧର୍ମରେ ଅନଧିକାରୀ		ସତ୍ୟଲାଭ	୧୨୬୪
ବା ଶୂଦ୍ରଭାବ	୧୦୮୨	ସତ୍ୟପ୍ରତିଷ୍ଠ	୧୨୬୫
ସଦାଚାର ପ୍ରଧାନ ଲକ୍ଷଣ	୧୦୯୫	ସତ୍ୟାନନ୍ଦ	୧୨୭୨
ସ୍ୱଧର୍ମାନୁଷ୍ଠାନ	୧୦୯୬	ସାଧନଜୀବନ	୧୨୮୧
ସପ୍ତଦ୍ୱୀପା ପୃଥିବୀ	୧୧୧୯	ସାଧନବିଘ୍ନ	୧୨୮୬
ସଚ୍ଚିଦାନନ୍ଦ ସ୍ୱରୂପ	୧୧୨୩	ସାଧନପଥ	୧୩୦୩
ସାଧୁତ୍ୱ	୧୧୪୫	ସ୍ୱାଧୀନଚିନ୍ତା	୧୩୧୦
ସତୀତ୍ୱ	୧୧୪୬	ସୂକ୍ଷ୍ମଜଗତ	୧୩୧୯
ସଖୀଭାବର ସାଧନା	୧୧୫୦	ସିଦ୍ଧମହାତ୍ମା	୧୩୩୧
ସାଧନାର ତ୍ରିବିଧ ଅବଲମ୍ବନ	୧୧୫୮	ସାଧନାର ଉଦ୍ଦେଶ୍ୟ	୧୩୩୪

ବିଷୟ	ବିଷୟସଂଖ୍ୟା	ବିଷୟ	ବିଷୟସଂଖ୍ୟା
ସମାଜର ମେରୁଦଣ୍ଡ	୧୩୪୯	ସାତ୍ତ୍ୱିକ ଭାବ	୧୩୨୦
ସ୍ଥୁଳ ସୂକ୍ଷ୍ମ ଓ କାରଣ ଅବସ୍ଥା	୧୨୫୩		ହ
ସତ୍ତ୍ୱଗୁଣ	୧୩୭୫	ହ୍ଲାଦିନୀ	୧୩୦
ସେବୟାଂ	୧୩୮୪	ହିରଣ୍ୟଗର୍ଭ	୧୪୬
ସନ୍ନ୍ୟାସଃ	୧୪୧୬/୧୪୧୯	ହୃଷୀକେଶ	୩୩୧/୧୪୫୦
ସମତା	୧୪୪୩/୧୪୬୬	ହିନ୍ଦୁଧର୍ମଭାବ	୯୨୪
ସ୍ୱର୍ଗପରାଃ	୧୪୪୫	ହିନ୍ଦୁସାଧନ ପଦ୍ଧତି	୧୨୯୬
ସଗୁଣ ନିରାକାର	୧୪୫୪	ହରିଭଜନ	୧୩୪୨
ସଗୁଣ ସାକାର	୧୪୬୦	ହରିନାମ ରହସ୍ୟ	୧୩୫୨

●●



ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ

ପରିଭାଷା

(୧) ପରମପୁରୁଷ: ଯେ ସମସ୍ତ ବିଶ୍ୱକୁ ଜାଣନ୍ତି ଅଥଚ ତାଙ୍କୁ କେହି ଜାଣିପାରନ୍ତି ନାହିଁ ଏବଂ ଯେ ବୁଦ୍ଧିର ପରପାରରେ ସର୍ବଦା ସାକ୍ଷୀଭାବରେ ଅବସ୍ଥାନ କରନ୍ତି ଓ ସମସ୍ତଙ୍କର ଦ୍ରଷ୍ଟା, ତାଙ୍କୁ ପରମପୁରୁଷ କୁହାଯାଏ ।

(୨) ତ୍ରିବିଧ ମାନବ: ମୁକ୍ତ, ମୁମୁକ୍ଷୁ ଓ ବଦ୍ଧ ।

(୩) ଦ୍ୱିବିଧ ମନୁଷ୍ୟ: ଈଶ୍ୱରକୋଟୀ ଓ ଜୀବକୋଟୀ ।

(୪) ତ୍ରିବିଧ ମୁକ୍ତମାନବ: ନିତ୍ୟସିଦ୍ଧ, ସାଧନସିଦ୍ଧ ଓ ସାଧନନିରତ ।

(୫) ଈଶ୍ୱରକୋଟୀ ମାନବ: ଯେଉଁମାନେ ନିତ୍ୟସିଦ୍ଧ, ସେମାନେ କେବଳ ଏହି ବିଶ୍ୱର ସେବା ନିମିତ୍ତ ଏହି ଲୋକରେ ଦେହଧାରଣ କରନ୍ତି; ଅନ୍ୟଥା ସେମାନଙ୍କ ଭୌତିକ ଶରୀର ରହେ ନାହିଁ । ନିତ୍ୟମୁକ୍ତମାନଙ୍କୁ ସାଧନ ଭଜନ କରି ମୁକ୍ତିଲାଭ କରିବାକୁ ପଡ଼େ ନାହିଁ । ସେମାନେ ସ୍ଥୁଳ ଜଗତର କାର୍ଯ୍ୟ ନିମିତ୍ତ କାମିନୀକାଞ୍ଚନ ସଙ୍ଗ କଲେ ମଧ୍ୟ ସେଥିପ୍ରତି ସେମାନଙ୍କର ଅନିତ୍ୟ ଜ୍ଞାନ ସର୍ବଦା ବିଦ୍ୟମାନ ଥାଏ । ସେମାନେ ସାଧାରଣଙ୍କ ପରି ସେଥିରେ ଆସକ୍ତ ହୁଅନ୍ତି ନାହିଁ । ସେମାନେ ଯେଉଁଭାବରେ ବିଷୟସଙ୍ଗ କରନ୍ତି, ସେ ଭାବ ସାଧାରଣ ବୁଦ୍ଧିର ଗମ୍ୟ ନୁହେଁ । ଜଗତର କାର୍ଯ୍ୟସାଧନ ନିମିତ୍ତ ବାଧ୍ୟ ହୋଇ ସେମାନଙ୍କୁ ବିଷୟସଙ୍ଗ କରିବାକୁ ପଡ଼େ । ଈଶ୍ୱରକୋଟୀ ମାନବଗଣ ବିଶ୍ୱନିୟନ୍ତା ଜଗଦ୍‌ଗୁରୁଙ୍କର ଅନ୍ତରଙ୍ଗ ପାର୍ଷଦ । ମାନବସମାଜକୁ ଧର୍ମଶିକ୍ଷା ଦାନ ଏବଂ ଅବତାରମାନଙ୍କ କାର୍ଯ୍ୟକୁ ସୁଗମ କରିବା ନିମିତ୍ତ ସେମାନେ ଦଳବଦ୍ଧ ହୋଇ ଏ ଜଗତକୁ ଆସନ୍ତି । ସେମାନେ ସଂସାରୀ ହେଲେ ମଧ୍ୟ ସ୍ୱକାର୍ଯ୍ୟ ସାଧନ ନିମିତ୍ତ ସେମାନଙ୍କର ସର୍ବଦା ଲକ୍ଷ୍ୟ ଥାଏ । କେବଳ ଲୋକଶିକ୍ଷାରେ ସେମାନେ ନିରତ ହୁଅନ୍ତି । ସେମାନେ କେବଳ ଗୁରୁଦେବଙ୍କର ଜଗତ୍ ହିତକର କାର୍ଯ୍ୟରେ ସହାୟକ ହେଲେ ବିନା ସାଧନାରେ ମଧ୍ୟ ସେମାନେ ମୁକ୍ତିଧାମରେ ଉପନୀତ ହୁଅନ୍ତି । କାରଣ ସେମାନେ ମୁକ୍ତିଧାମର ନିତ୍ୟ ଅଧିବାସୀ ସତ୍ତା । ଭଗବାନଙ୍କଠାରେ ମନକୁ ଯୁକ୍ତ ନ କଲେ ସେମାନଙ୍କର ଭୟଙ୍କର କଷ୍ଟବୋଧ ହୁଏ ବୋଲି ସେମାନେ ଅନ୍ତର ମଧ୍ୟରେ ପ୍ରାଣ ଉପାସନାରେ

ବ୍ରତୀ ହୁଅନ୍ତି । ଏମାନଙ୍କର ସର୍ବସଂଶୟ ଛିନ୍ନ ହୋଇଥିବାରୁ ଏହି ଈଶ୍ୱରକୋଟୀ ମାନବମାନେ ହିଁ ଶିକ୍ଷାଗୁରୁ ଭାବରେ ଜଗତରେ ଶ୍ରୀଗୁରୁଙ୍କ ଭାବଧାରା ପ୍ରଚାର କରି ଅନ୍ୟଠାରୁ ପ୍ରତ୍ୟୁପକାର ଆଶା ରଖନ୍ତି ନାହିଁ । ଉପରୋକ୍ତ ଲକ୍ଷଣଯୁକ୍ତ ବ୍ୟକ୍ତିଙ୍କୁ ନିତ୍ୟମୁକ୍ତ ବୋଲି କୁହାଯାଏ ।

(୬) ମୁମୁକ୍ଷୁ: ଯେଉଁମାନେ ଜଗତକୁ ଅନିତ୍ୟ ଜ୍ଞାନ କରି ସତ୍ୟର ଅନୁସନ୍ଧିତ୍ସୁ, ସେମାନଙ୍କୁ ମୁମୁକ୍ଷୁ କୁହାଯାଇଥାଏ । ନିଜର ସଂଶୟ ବିଦୂରିତ ହୋଇ ନ ଥିବାରୁ ଅପରକୁ ଉପଦେଶ ପ୍ରଦାନ କରିବାର କ୍ଷମତା ସେମାନଙ୍କର ନଥାଏ । ସେମାନେ କାମିନୀକାଞ୍ଚନ ଓ ଇନ୍ଦ୍ରିୟସୁଖର ପ୍ରଲୋଭନ ତ୍ୟାଗ କରିପାରୁ ନାହାନ୍ତି ବୋଲି ମନରେ ବିଶେଷ ଅନୁତାପ କରି ଦୁଃଖ ଅନୁଭବ କରନ୍ତି ଏବଂ ବିଷୟୀମାନଙ୍କ ସଙ୍ଗ ହେତୁ ନିଜକୁ ବିଶେଷ ଭାବରେ ବିପନ୍ନ ମନେକରନ୍ତି ।

(୭) ମୁକ୍ତମାନବ: ମୁକ୍ତମାନବଙ୍କ ମନରେ କୌଣସି ଦୁଃଖ ନ ଥାଏ । ବିଷୟାସକ୍ତ ମାନବଗଣ ଏମାନଙ୍କର ଆଚାର ବ୍ୟବହାର ବୁଝି ନ ପାରି ସେମାନଙ୍କର ଶତ୍ରୁତାଚରଣ କରନ୍ତି ଏବଂ ସେମାନଙ୍କର ନିନ୍ଦା ସମାଲୋଚନା କରିଥାନ୍ତି । ଏମାନେ ଅସତ୍ୟ ମଧ୍ୟରେ ସତ୍ୟ ଦର୍ଶନ କରନ୍ତି । ଏମାନେ ତତ୍ତ୍ୱ ବୁଝି କାର୍ଯ୍ୟରେ ନିଯୁକ୍ତ ହୁଅନ୍ତି । ଏମାନଙ୍କର ପ୍ରଜ୍ଞାଦ୍ୱାର ସର୍ବଦା ଉନ୍ମୁକ୍ତ ଥିବାରୁ ଏମାନେ ପରାନୁକରଣରେ ନିଜକୁ ପରିଚାଳିତ କରନ୍ତି ନାହିଁ; ସତତ ଭଗବାନଙ୍କର ଆଦେଶରେ ପରିଚାଳିତ ହୁଅନ୍ତି ।

(୮) ବଦ୍ଧମାନବ: ଏମାନେ ଅପରର ଅନୁକରଣରେ ଅନ୍ଧ ଭାବରେ ନିଜକୁ ପରିଚାଳିତ କରନ୍ତି । ବଦ୍ଧମାନବମାନଙ୍କ ମଧ୍ୟରୁ ଯେଉଁମାନେ ପଶୁଭାବପରାୟଣ, ସେମାନଙ୍କର ଧର୍ମାଧର୍ମ ବିଷୟରେ ଆଦୌ ଜ୍ଞାନ ନ ଥାଏ । ମୁମୁକ୍ଷୁମାନବଗଣ ଏହି ଶ୍ରେଣୀର ପଶୁମାନଙ୍କ ସଙ୍ଗ କଲେ ସାଧନଚ୍ୟୁତ ହୁଅନ୍ତି ।

(୯) ଅସୁର ବା ନାସ୍ତିକ ମାନବ: ଏମାନେ ପଶୁ ବା ବଦ୍ଧମାନଙ୍କଠାରୁ ଶ୍ରେଷ୍ଠ । ଏମାନେ ପାପ ପୁଣ୍ୟ ଜାଣି ମଧ୍ୟ ପାପାସକ୍ତ ହୋଇ ଜୀବନଯାପନ କରନ୍ତି । ଏମାନଙ୍କର ଧର୍ମଜୀବନ ଯାପନରେ ଅଶ୍ରଦ୍ଧା ଓ ଅବିଶ୍ୱାସ ଥାଏ । ଏହି ନାସ୍ତିକଭାବାପନ୍ନ ମାନବମାନେ ପାପାସକ୍ତ ହେଲେ ମଧ୍ୟ ସେମାନଙ୍କୁ ଧର୍ମପଥକୁ ଆଣିହୁଏ ।

(୧୦) ସ୍ୱର୍ଗ: ସୁ (ସୁଖ) + ରଜ୍ ଧାତୁ(ଗମନ କରିବା)+ଅସ୍ = ସ୍ୱର୍ଗ । ଯେଉଁଠାରେ ଜୀବଗଣ ସପ୍ତପାତାଳ ଓ ନରକ ଅପେକ୍ଷା ଅଧିକ ସୁଖ ଭୋଗ କରନ୍ତି, ତାକୁ ସ୍ୱର୍ଗ କୁହାଯାଏ । ସ୍ୱର୍ଗ ସପ୍ତବିଧ ହେଲେ ମଧ୍ୟ ମର୍ତ୍ତ୍ୟ ଓ ଉଚ୍ଚସ୍ୱର୍ଗ ଭେଦରେ ଦ୍ୱିବିଧ ।

(୧୧) ମର୍ତ୍ତ୍ୟ: ଭୂ, ଭୁବ ଓ ସ୍ୱଃ, ଏହି ତିନି ଲୋକରେ ଜୀବଗଣ ନିରନ୍ତର ମୃତ୍ୟୁର ଅଧୀନ ହୁଅନ୍ତି । ଏହାକୁ ଭବସାଗାର କୁହାଯାଏ । ଜନ୍ମ ମୃତ୍ୟୁର ଅଧୀନ ହେତୁ ଏହି ତ୍ରିଲୋକକୁ ମର୍ତ୍ତ୍ୟ ନାମରେ ଅଭିହିତ କରାଯାଇଅଛି ।

(୧୨) ମୂର୍ଖ: ମୂର୍ଖ ଅର୍ଥ ଅନଭିଜ୍ଞ ନୁହେଁ । ଯେଉଁମାନେ ନିଜର ବିଷୟସମ୍ପତ୍ତି ପ୍ରତି ଅହଂ ଅଭିମାନୀ, ସେମାନଙ୍କୁ ମୂର୍ଖ କୁହାଯାଏ ।

(୧୩) ଶୂଦ୍ର: ଯେଉଁମାନେ ସର୍ବଦା ବିଷୟ କର୍ମ, ବିଷୟ ଚିନ୍ତା ଓ ବିଷୟ ଭୋଗ ନେଇ ସମୟ ଅତିବାହିତ କରନ୍ତି, ଶାସ୍ତ୍ରକାରମାନେ ସେମାନଙ୍କୁ ଶୂଦ୍ର କହିଛନ୍ତି ।

(୧୪). ଶୂଦ୍ରାଧମ: ଯେଉଁମାନେ ବିଷୟ କର୍ମ କରିବାକୁ ଯାଇ ନିଜ ଶରୀରରକ୍ଷା ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ, ସେମାନେ ଶୁଦ୍ରାଧମ ।

(୧୫) ବିଷୟ: ଯାହା ପ୍ରଥମରୁ ସୁଖର ଓ ପରିଣାମରେ ଦୁଃଖ, ଜ୍ୱାଳା ଏବଂ ବନ୍ଧନର କାରଣ, ତାହାର ନାମ ବିଷୟ ।

(୧୬) ଗଙ୍ଗାସ୍ନାନ: ଈଶ୍ୱରଚିନ୍ତନ, ଦର୍ଶନ, ଉପାସନା ଓ ଜ୍ଞାନାନୁଶୀଳନକୁ ଗଙ୍ଗାସ୍ନାନ ବା ତୀର୍ଥସ୍ନାନ କୁହାଯାଏ ।

(୧୭) ଆହ୍ନିକ: ତ୍ରିସନ୍ଧ୍ୟା ଉପାସନା । ପୂଜା, ଧ୍ୟାନ, ଜପ ଓ ସୂର୍ଯ୍ୟାର୍ଘ୍ୟ ପ୍ରଦାନ କରିବାର ନାମ ଆହ୍ନିକ ।

(୧୮) ପୂଜା: ଆହ୍ନିକ ଓ ପୂଜା ଏକ ନୁହେଁ । ପଞ୍ଚତତ୍ତ୍ୱଦ୍ୱାରା ପୂଜା ସମ୍ପନ୍ନ ହୁଏ । ବାହ୍ୟ ଓ ମାନସ ଭେଦରେ ପୂଜା ଦୁଇ ପ୍ରକାର । ପୂଜା ବ୍ୟତୀତ ଜ୍ଞାନ ଓ ଭକ୍ତି ଲାଭ ହୁଏ ନାହିଁ । ମାନସପୂଜାରେ ଦେହସ୍ଥ କ୍ଷିତିତତ୍ତ୍ୱର ଅନୁକଳ୍ପ ଗନ୍ଧ, ଆକାଶତତ୍ତ୍ୱର ଅନୁକଳ୍ପ ପୁଷ୍ପ, ବାୟୁତତ୍ତ୍ୱର ଅନୁକଳ୍ପ ଧୂପ, ତେଜତତ୍ତ୍ୱର ଅନୁକଳ୍ପ ଦୀପ, ସଲୀଳତତ୍ତ୍ୱର ଅନୁକଳ୍ପ ନୈବେଦ୍ୟ—ଏହିପରି ପଞ୍ଚଉପଚାର ସତ୍ୟ ଭାବରେ ପ୍ରଦାନ କରିବାର ନାମ ପୂଜା ।

(୧୯) ଚତୁରଙ୍ଗ ପୂଜା: ଅର୍ଚ୍ଚନା, ଯଜ୍ଞ, ଜପ ଓ ଆତ୍ମବଳି– ଏହାକୁ ଚତୁରଙ୍ଗ ପୂଜା କୁହାଯାଏ । ପୂଜା ବାହ୍ୟ ଓ ମାନସ ଭେଦରେ ଦୁଇ ପ୍ରକାର । ଆତ୍ମାକୁ ବ୍ରହ୍ମରୂପ ଅଗ୍ନିରେ ଆହୁତି ପ୍ରଦାନ କରିବାର ନାମ ଯଜ୍ଞ । କାମାଦି ରିପୁଗଣ ସହ ମନରୂପକ ଅସୁର ବା ପଶୁକୁ ବଳିଦାନପୂର୍ବକ ନିଜେ ମୁକ୍ତ ହେବାକୁ ଆତ୍ମବଳି କହନ୍ତି । ତେଣୁ ବାହ୍ୟପୂଜା ନ କରି ସାଧକମାନେ କେବଳ ମାନସପୂଜା କରି ଆହ୍ନିକ ଶେଷ କରିବେ ।

(୨୦) ଚତୁଃସନ୍ଧ୍ୟା ସ୍ନାନ: ଅର୍ଥ ଚାରିଥର ସ୍ନାନ ନୁହେଁ । ଶାସ୍ତ୍ରାନୁସାରେ ଦୈନିକ ଚାରିଥର ଆହ୍ନିକ କରିବାକୁ ବୁଝାଏ । ଅକ୍ଷମ ପକ୍ଷରେ ତ୍ରିସନ୍ଧ୍ୟା ଉପାସନା କରାଯାଇପାରେ । ଉପରୋକ୍ତ ଭାବରେ ତ୍ରିସନ୍ଧ୍ୟା ସମୟରେ ଯେଉଁମାନେ ଜପ, ଧ୍ୟାନ ଓ ପ୍ରାର୍ଥନାରେ ନିଯୁକ୍ତ ହୁଅନ୍ତି, ସେମାନେ ମୁକ୍ତ ପୁରୁଷ ମଧ୍ୟରେ ଗଣ୍ୟ । ଯେଉଁମାନେ ଦୈନିକ ଚତୁଃସନ୍ଧ୍ୟା ସ୍ନାନ—ଅର୍ଥାତ୍ ପ୍ରାତଃ, ମଧ୍ୟାହ୍ନ, ସାୟାହ୍ନ ଓ ମଧ୍ୟରାତ୍ରରେ ଅନ୍ତତଃ ଏକଦଣ୍ଡକାଳ ଉପାସନାରତ ରହିପାରିବେ, ସେହିମାନେ ହିଁ ତୀର୍ଥସ୍ନାନର ଫଳପ୍ରାପ୍ତ ହୋଇ ମୁକ୍ତିଲାଭ କରି ଧନ୍ୟ ହେବେ । ସମସ୍ତ ବିଷୟକର୍ମ ମଧ୍ୟରେ ସାଧକ ଏହି ସମୟ ଠିକ୍ ରଖି ଉପାସନାନିରତ ରହିପାରିଲେ, ସେ ଯେଉଁ ଆଶ୍ରମ ଅନ୍ତର୍ଭୁକ୍ତ ହେଲେ ମଧ୍ୟ ସିଦ୍ଧ ଦଶାରେ ଉପନୀତ ହୋଇପାରିବେ । ବିଷୟକର୍ମ ସମ୍ପର୍କରେ ବହୁ ଲୋକ ତୁମକୁ ଅପେକ୍ଷା କରିଥିଲେ ମଧ୍ୟ ଏହି ସମୟରେ ତୁମକୁ ନିଶ୍ଚୟ ଉପାସନାରତ ହେବାକୁ ପଡ଼ିବ । ପ୍ରଥମେ ଲୋକେ ଟିକିଏ ବିରକ୍ତି ଭାବ ପୋଷଣ କରିବେ; କିନ୍ତୁ କ୍ରମେ କ୍ରମେ ସେମାନେ ସେଥିରେ ଅଭ୍ୟସ୍ତ ହୋଇଗଲେ କୌଣସି ବିଘ୍ନ ଉପସ୍ଥିତ ହେବ ନାହିଁ ।

(୨୧) ଆବଦ୍ଧ ମାନବ: ଯେ ବିଷୟରେ ଅନୁରାଗ ରଖିଥାନ୍ତି, ତାଙ୍କୁ ଆବଦ୍ଧ ମାନବ କୁହାଯାଏ ।

(୨୨) ମୁକ୍ତ ମାନବ: ଆତ୍ମତତ୍ତ୍ୱଜ୍ଞାନୀ ହିଁ ମୁକ୍ତ ବୋଲି ଅଭିହିତ ।

(୨୩) ଗୁରୁ: ଯେ ପ୍ରକୃତ ହିତ ଉପଦେଶ ପ୍ରଦାନ କରନ୍ତି, ଯେ ବ୍ରହ୍ମ ତତ୍ତ୍ୱଜ୍ଞାନ ଲାଭ କରିଅଛନ୍ତି ଓ ସର୍ବଦା ଭକ୍ତର ହିତସାଧନରେ ତତ୍ପର ହେଉଛନ୍ତି, ସେ ହେଉଛନ୍ତି ପ୍ରକୃତ ଗୁରୁ ।

(୨୪) ଶିଷ୍ୟ: ଯେ ଗୁରୁଦେବଙ୍କୁ ଭକ୍ତି କରେ, ଅର୍ଥାତ୍ ଗୁରୁଭକ୍ତ ହିଁ ଯଥାର୍ଥ ଶିଷ୍ୟ ପଦବାଚ୍ୟ ।*

* ୨୧ ଠାରୁ ୨୪ ପର୍ଯ୍ୟନ୍ତ ଆଚାର୍ଯ୍ୟ ଶଙ୍କରକୃତ ମଣିରତ୍ନମାଳାରୁ ଗୃହୀତ ।

(୨୫) ସାଧୁ: ସମସ୍ତ ବିଷୟରେ ଯେ ମମତ୍ୱଶୂନ୍ୟ ଏବଂ ବ୍ରହ୍ମନିଷ୍ଠ, ତାଙ୍କୁ ସାଧୁ ବୋଲି କହନ୍ତି ।

(୨୬) ଦୋଷ: ଦୋଷ ଅର୍ଥ କେବଳ ମନ୍ଦ, ପାପ ବା ସଦ୍‌ଗୁଣର ଅଭାବ ନୁହେ, ପରନ୍ତୁ ବିଷୟର ଭଲମନ୍ଦ, ଦୋଷଗୁଣ ବିଚାର ନ କରିବାର ନାମ ଦୋଷ ।

(୨୭) ଦାନ : ଦାନର ଅର୍ଥ କେବଳ ଅର୍ଥ ସାହାଯ୍ୟ ନୁହେଁ । ଆତ୍ମତ୍ୟାଗ, ସ୍ୱାର୍ଥତ୍ୟାଗ, ଆତ୍ମାଭିମାନଶୂନ୍ୟତା,ଅପରର ଦ୍ରୋହାଚରଣରୁ ନିବୃତ୍ତ ହେବା ଓ ଗୁରୁଙ୍କ ଇଚ୍ଛାର ଅନୁକୂଳରେ ପରିଚାଳିତ ହେବା ମଧ୍ୟ ଦାନ ପଦବାଚ୍ୟ ।

(୨୮) ତପଃ : ତପ ଅର୍ଥ କେବଳ କଷ୍ଟ ସହ୍ୟ କରିବା ନୁହେ । ଇନ୍ଦ୍ରିୟ-ସଂଯମ, ପ୍ରତ୍ୟାହାର, କାମନାବାସନା ତ୍ୟାଗ ଓ ଷଟ୍ ସମ୍ପତ୍ତି ମଧ୍ୟ ତପ ମଧ୍ୟରେ ଗଣ୍ୟ ।

(୨୯) ଯଜ୍ଞ : ଯଜ୍ଞ କେବଳ ହୋମକୁ ବୁଝାଏ ନାହିଁ । ଆତ୍ମାରେ ଚତୁର୍ବିଂଶତି ତତ୍ତ୍ୱର ଆହୁତି ପ୍ରଦାନର ନାମ ଯଜ୍ଞ । ଆତ୍ମା-ପରମାତ୍ମା ଓ ପ୍ରକୃତି ପୁରୁଷଙ୍କର ସମ୍ମିଳନର ନାମ ଯଜ୍ଞ ।

(୩୦) ମୂର୍ଖ : ମୂର୍ଖ ଅର୍ଥ ଅନଭିଜ୍ଞ ବ୍ୟକ୍ତି ନୁହନ୍ତି । ଯେ ନିଜର ବିଷୟ ସମ୍ପତ୍ତି ପ୍ରତି ଅହଂ ଅଭିମାନୀ ବା ଅହଂକାର ନ୍ୟସ୍ତ କରି ଚଳନ୍ତି, ସେହିମାନେ ହିଁ ମୂର୍ଖ ।

(୩୧) ବନ୍ଧୁ : ସଦ୍‌ଗୁରୁ ହିଁ ଏକମାତ୍ର ବନ୍ଧୁ ପଦବାଚ୍ୟ ।

(୩୨) ଶୂଦ୍ର : ଯେଉଁମାନେ ସର୍ବଦା ବିଷୟ ଚିନ୍ତା ଓ ବିଷୟ ଭୋଗରେ କାଳ କ୍ଷେପଣ କରନ୍ତି, ସେହିମାନେ ହିଁ ଶୂଦ୍ର ପଦବାଚ୍ୟ । ବିଷୟ କର୍ମ କରିବାକୁ ଯାଇ ଯେଉଁମାନେ ନିଜ ଶରୀର ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ, ସେମାନେ ହେଉଛନ୍ତି ଶୂଦ୍ରାଧମ ।

(୩୩) ବିଷୟ : ଯାହା ପ୍ରଥମରୁ ସୁଖକର ମାତ୍ର ପରିଣାମରେ ଦୁଃଖ, ଜ୍ୱାଳା ଓ ବନ୍ଧନର କାରଣ—ତାହାର ନାମ ବିଷୟ ।

(୩୪) ପଞ୍ଚ ଉପକରଣ : ସାଧକମାନେ ସାଧନ କରିବାକୁ ଯିବାବେଳେ ନିମ୍ନୋକ୍ତ ପଞ୍ଚବିଧ ଉପକରଣ ଆବଶ୍ୟକ କରନ୍ତି । (୧)ସାଧୁସଙ୍ଗ,(୨) ଗୁରୁସେବା, (୩) ଗୁରୁଗୃହ ବାସ, (୪) ସଦ୍‌ଗ୍ରନ୍ଥ ପାଠ ଏବଂ (୫) ଭଗବତ୍‌ଲୀଳା ଶ୍ରବଣ ।

(୩୫) ପଞ୍ଚବୃତ୍ତି : (୧) ପ୍ରମାଣ, (୨) ବିପର୍ଯ୍ୟୟ, (୩) ବିକଳ୍ପ, (୪) ନିଦ୍ରା, (୫) ସ୍ମୃତି । ଚିତ୍ତର ଏହି ପଞ୍ଚବୃତ୍ତି ଆତ୍ମଦର୍ଶନରେ ବାଧା ଜାତ କରାନ୍ତି ।

(୩୬) ଚତୁଃଭଦ୍ର : (୧) ପ୍ରିୟବାକ୍ୟ ପ୍ରୟୋଗପୂର୍ବକ ଦାନ, (୨) ଗର୍ବଶୂନ୍ୟ ପାଣ୍ଡିତ୍ୟ, (୩) କ୍ଷମା ସହିତ ଶୌର୍ଯ୍ୟ, (୪) ଦାନ ସହିତ ବିତ୍ତ ।

(୩୭) ରାଗଦ୍ୱେଷ : ମନର ଆତ୍ମବିରୁଦ୍ଧ ଶକ୍ତି । ରାଗ ଅର୍ଥାତ୍ କାମ, ଲୋଭ, ମାତ୍ସର୍ଯ୍ୟ । ‘‘କାମିନୀ କାଞ୍ଚନ ସୁଖକର ହେତୁ, ତାହା ଭୋଗ କରିବାକୁ ହେବ’’—ଏହି ଭାବନାର ନାମ ରାଗ । କ୍ରୋଧ, ମୋହ, ମଦ ଅର୍ଥାତ୍ ‘‘କାମିନୀ କାଞ୍ଚନ ବହୁ ଅନର୍ଥର ହେତୁ’’, ତେଣୁ ତାହା ପରିତ୍ୟଜ୍ୟ—ଏହାର ନାମ ଦ୍ୱେଷ ।

(୩୮) ଚତୁର୍ବିଧ ଧର୍ମ : (କ) ଆଧ୍ୟାତ୍ମିକ (Spiritual), (ଖ) ମାନସିକ (Mental), (ଗ) ଦୈହିକ (Physical) ଏବଂ (ଘ) ସାମାଜିକ (Social or Moral) । ଏହି ଚତୁର୍ବିଧ ଧର୍ମର ନୀତି ପରସ୍ପର ବିରୁଦ୍ଧଭାବାପନ୍ନ ବୋଲି ଧର୍ମତତ୍ତ୍ୱ ଅତୀବ ଗୁହ୍ୟ ।

(କ) ଆଧ୍ୟାତ୍ମିକ ଧର୍ମ : ପୂର୍ଣ୍ଣ ସ୍ଥିରତ୍ୱ, ପୂର୍ଣ୍ଣ ନିଷ୍କ୍ରିୟତ୍ୱ, ପୂର୍ଣ୍ଣ ଅଚଞ୍ଚଳତ୍ୱ । ଯୋଗ, ଧ୍ୟାନ ଏବଂ ଚିତ୍ତ ଏକାଗ୍ର ଓ ନିରୁଦ୍ଧ କରି ଈଶ୍ୱରଙ୍କ ଠାରେ ଦେହ-ମନ-ପ୍ରାଣ ସମର୍ପଣ କରିବାର ନାମ ଲୟ ।

(ଖ) ମାନସିକ ଧର୍ମ : ମନ ଓ ଶରୀରକୁ ଯେତେ ଚାଳନା କରିବ, ଯେତେ ଚିନ୍ତା କରିବ, ବିଜ୍ଞାନର ଯେତେ ଅନୁଶୀଳନ କରିବ, ମନ ବୁଦ୍ଧି ଓ ଇନ୍ଦ୍ରିୟମାନେ ସେତେ ପରିମାଣରେ ପୁଷ୍ଟ ହେବେ । ଜ୍ଞାନ ବିଜ୍ଞାନର ଅନୁଶୀଳନ, ମାନସିକ କର୍ମଚାଞ୍ଚଲ୍ୟ, ମନ ଓ ବୁଦ୍ଧିର ଧର୍ମ ଏବଂ ଉନ୍ନତିର ଉପାୟ । ତେଣୁ ମାନସିକ ଧର୍ମ ଆଧ୍ୟାତ୍ମିକ ଧର୍ମର ବିରୁଦ୍ଧ । ମନବୁଦ୍ଧିର ବିଲୟ ହେଲେ ଚିତ୍ତ ସ୍ଥିରହୁଏ । ମନବୁଦ୍ଧିର ବିକାଶକ୍ରିୟା ଚାଞ୍ଚଲ୍ୟ ସାପେକ୍ଷ ।

(ଗ) ଦୈହିକ ଧର୍ମ : ଶରୀର ଚାଳନା, ଶରୀରକୁ ବିଶ୍ରାମଦାନ, ଯଥୋପଯୁକ୍ତ ଆହାର ଓ ବିହାରରେ ସଂଯମରକ୍ଷା, ନିୟମିତ ଓ ପରିମିତ ପରିଣାମ ଆହାର, ନିଦ୍ରା, ନିୟମିତ ଶ୍ରମ ଓ ନିୟମିତ ବିହାର—ଏହି ଚାରିଗୋଟି ଶରୀରର ପ୍ରଧାନ ଧର୍ମ । ଦୈହିକ ପୁଷ୍ଟି ନିମିତ୍ତ ରଜ ଓ ତମ ଗୁଣାନ୍ୱିତ ଖାଦ୍ୟ ଆବଶ୍ୟକ ହୁଏ । ଏହି ଖାଦ୍ୟଦ୍ୱାରା ଦେହର ପୁଷ୍ଟି ସାଧିତ ହେଲେ ମଧ୍ୟ ମନ, ବୁଦ୍ଧି ଓ ଆତ୍ମବିକାଶ

ପକ୍ଷରେ ଏହା ଅନୁକୂଳ ନୁହେଁ । ତାହା ମାନସିକ ଓ ଆତ୍ମିକ ଧର୍ମର ବିରୋଧୀ । ଦେହଧର୍ମ ପ୍ରତି ଅତିରିକ୍ତ ଦୃଷ୍ଟି ଦେଲେ ସଂସାର, ସମ୍ପତ୍ତି, ମନବୁଦ୍ଧି ଓ ଆତ୍ମାର ହାନି ହୁଏ ।

(N) i ûc ûR K | c ð: ବିଷୟ ବିଭବ, ଖ୍ୟାତି, ପ୍ରତିପତ୍ତି, ଧନ ସମ୍ପତ୍ତି, ସମ୍ମାନପ୍ରତିଷ୍ଠା, ପଦମର୍ଯ୍ୟଦା, ରାଜକୀୟ ସମ୍ମାନ ଲାଭ କରିବାକୁ ହେଲେ ମନକୁ ଅତିଶୟ କୂଟ କପଟ ଓ ଭେଦଜ୍ଞାନସମ୍ପନ୍ନ କରିବାକୁ ହେବ । ଅନ୍ୟକୁ ଶାସନ, ପୀଡ଼ନ ଓ ଦମନ ସମାଜିକ ଧର୍ମ ମଧ୍ୟରେ ଗଣ୍ୟ । ଲୋକେ ଭୟ ନ କଲେ ଅର୍ଥ ଅର୍ଜିତ ଓ ସଂରକ୍ଷିତ ହୋଇପାରେ ନାହିଁ । କିନ୍ତୁ ଏଗୁଡ଼ିକ ଆଧ୍ୟାତ୍ମିକ ଧର୍ମବିରୁଦ୍ଧ କ୍ରିୟା । ଯେଉଁମାନେ ସାମାଜିକ ଧର୍ମରକ୍ଷା ନିମିତ୍ତ ଆସକ୍ତ ହୋଇପଡ଼ିବେ, ସେମାନେ ତତ୍ତ୍ୱଜ୍ଞାନ ଅର୍ଜନରେ ବାଧାପ୍ରାପ୍ତ ହେବେ । ସାମାଜିକ ଧର୍ମ ପ୍ରତି ବିଶେଷ ଦୃଷ୍ଟି ଦେଲେ ସୂକ୍ଷ୍ମ ଆଧ୍ୟାତ୍ମିକ ଜ୍ଞାନର ହାନି ଘଟେ ।

(୩୯) ଶ୍ରୋତ୍ରିୟ : ଯେ ଗୁରୁକୁଳରେ ବାସ କରି ସମସ୍ତ ବେଦର ଅଧ୍ୟୟନ ଶେଷ କରିଥାନ୍ତି, ସେ ଶ୍ରୋତ୍ରିୟବୋଲି ଅଭିହିତ ହୁଅନ୍ତି ।

(୪୦) ଅନ୍ୟାଭିଳାଷୀ : କେବଳ ଭଗବାନଙ୍କ ସେବା ବ୍ୟତୀତ ଯେଉଁମାନଙ୍କର ହୃଦୟରେ ଧର୍ମାର୍ଥ-କାମ-ମୋକ୍ଷାଦି ଆତ୍ମସୁଖ ଚିନ୍ତା ବା ଅନ୍ୟ କାମନା ଅଛି, ସେମାନେ ଅନ୍ୟାଭିଳାଷୀ ।

(୪୧) ନିଷ୍କିଞ୍ଚନ : ଯେଉଁମାନେ ଜାଗତିକ ଧନଜନ ପ୍ରଭୃତି ପାର୍ଥିବ ଭୋଗ୍ୟବସ୍ତୁର ପ୍ରାର୍ଥୀ ନୁହନ୍ତି ।

(୪୨) ସ୍ଥୂଳବୁଦ୍ଧି : ଯେଉଁମାନେ ଜଡ଼ ଦେହକୁ ଆତ୍ମା ବା ମୁଁ ବୋଲି ମନେକରନ୍ତି ଏବଂ ଦେହ ନାଶରେ ତାହାର ବିନାଶ ହେବ ବୋଲି ଧାରଣା ପୋଷଣ କରନ୍ତି ।

(୪୩) ଅନର୍ଥ : ନିମ୍ନଲିଖିତ ଚତୁର୍ବିଧ ଭାବନାକୁ ଅନର୍ଥ କହନ୍ତି । (୧) ନିଜକୁ ଭଗବାନଙ୍କ ଦାସ ବୋଲି ଭୁଲିଯାଇ ଦେହକୁ ଆତ୍ମା ବୋଲି ଜ୍ଞାନ କରିବା । (୨) ଅନିତ୍ୟ ବିଷୟ ଭୋଗ ନିମିତ୍ତ ବଳବତୀ ଇଚ୍ଛା ପୋଷଣ କରିବା । (୩) ମାନସିକ ଦୁର୍ବଳତା । (୪) ଭଗବାନ ଓ ଭକ୍ତଙ୍କୁ ଜାଗତିକ ଲୋକ ବୋଲି ଧାରଣା କରି ସେମାନଙ୍କ ଦ୍ୱାରା ନିଜର ସ୍ୱାର୍ଥସାଧନ କରିବାକୁ ଇଚ୍ଛା କରିବା ।

(୪୪) ପ୍ରତ୍ୟକ୍ଷବାଦୀ : ଯେଉଁମାନେ ପ୍ରାକୃତ ଦେହ-ମନଦ୍ୱାରା ଅପ୍ରାକୃତ ବସ୍ତୁକୁ ପ୍ରତ୍ୟକ୍ଷ କରିହୁଏ ବୋଲି ଧାରଣା କରନ୍ତି ।

(୪୫) ଆଧ୍ୟାତ୍ମିକ : ଯେଉଁମାନେ ଇନ୍ଦ୍ରିୟଜାତ ଜ୍ଞାନ ସାହାଯ୍ୟରେ ଇନ୍ଦ୍ରିୟାତୀତ ଅପ୍ରାକୃତ ବସ୍ତୁକୁ ଲାଭ କରିବାକୁ ଅଭିମାନ ପୋଷଣ କରନ୍ତି ।

(୪୬) ତତ୍ତ୍ୱବିଦ୍ : ଯେ ଭଗବତ୍ ତତ୍ତ୍ୱ, ଭକ୍ତି, ଭକ୍ତ ଓ ମାୟାତତ୍ତ୍ୱ ଅବଗତ ଅଛନ୍ତି ।

(୪୭) ବୈଷ୍ଣବଭୋଗୀ : ଯେଉଁ ବ୍ୟକ୍ତି ଭକ୍ତମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରି ତାଙ୍କ ଦ୍ୱାରା ଜାଗତିକ ସ୍ୱାର୍ଥ ପୂରଣ କରାଇନେବାର ଚେଷ୍ଟା କରନ୍ତି ।

(୪୮) ଗୁରୁ ଭୋଗ ସ୍ପୃହା : ଯେଉଁମାନେ ଗୁରୁଦେବଙ୍କର ସେବା ପରିତ୍ୟାଗ କରି ତାଙ୍କ ଦ୍ୱାରା ଜାଗତିକ ବାସନା ପୂର୍ଣ୍ଣ କରିବାରେ ଇଚ୍ଛା ପୋଷଣ କରନ୍ତି ।

(୪୯) ଷଡ଼୍‌ଭାବ ବିକାର : ଉତ୍ପତ୍ତି ଓ ବିଦ୍ୟମାନତା, ବୃଦ୍ଧି ଓ ବିପରିଣାମ, ଅପକ୍ଷୟ ଓ ବିନାଶ – ଏହା ଦେହକୁ ଅବଲମ୍ବନ କରିଥାଏ । ଏହା ଦେହର ଧର୍ମ ।

(୫୦) ମନର ଧର୍ମ : କାମନା, ସଂକଳ୍ପ, ସଂସ୍କାର, ଶ୍ରଦ୍ଧା, ଧାରଣା, ଅଧାରଣା, ଲଜ୍ୟା, ଧୀ ଓ ଭୟ । ମନ ସହିତ ସମ୍ବନ୍ଧ ଥିବା ପର୍ଯ୍ୟନ୍ତ ଏସବୁ ଅବ୍ୟାହତ ଥାଏ ।

(୫୧) ବୁଦ୍ଧିର ଧର୍ମ : ରାଗ, ଦ୍ୱେଷ, ସୁଖ ଓ ଦୁଃଖ – ଏହା ବୁଦ୍ଧି ବା ଅନ୍ତଃକରଣର ଧର୍ମ ।

(୫୨) ନବଗୁଣ : ବୁଦ୍ଧି, ଅନୁରାଗ, ପ୍ରଯତ୍ନ, ଦ୍ୱେଷ, ସଂସ୍କାର, ଧର୍ମ, ଅଧର୍ମ, ସୁଖ, ଦୁଃଖ—ଏହା ନବଗୁଣ ନାମରେ ଖ୍ୟାତ । ଏହି ନବଗୁଣରୁ ରହିତ ହେଲେ ଆତ୍ମା ସ୍ୱରୂପରେ ଅବସ୍ଥାନ କରେ ।

(୫୩) ପରମପୁରୁଷ : ଯେ ସମସ୍ତ ବିଶ୍ୱକୁ ଜାଣନ୍ତି, ଅଥଚ ତାଙ୍କୁ କେହି ଜାଣପାରନ୍ତି ନାହିଁ । ଦେହଠାରୁ ଇନ୍ଦ୍ରିୟ ଶ୍ରେଷ୍ଠ, ଇନ୍ଦ୍ରିୟଠାରୁ ମନ ଶ୍ରେଷ୍ଠ, ମନଠାରୁ ବୁଦ୍ଧି ଶ୍ରେଷ୍ଠ ଏବଂ ଯେ ଏହି ବୁଦ୍ଧିର ପରପାରରେ ଅବସ୍ଥିତ, ତାଙ୍କୁ ପରମପୁରୁଷ କୁହାଯାଏ; ସେ ସୁପୁପ୍ତିର ଦ୍ରଷ୍ଟା ଓ ଅବସ୍ଥାତ୍ରୟର ସାକ୍ଷୀ ।

(୫୪) ଅବସ୍ଥାତ୍ରୟ : ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ।

(୫୫) କ୍ଳେଶ : ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ ।

(୫୬) ଶ୍ରୀଗୁରୁଙ୍କ ଅଷ୍ଟବିଳାସ ମୂର୍ତ୍ତି : ପୃଥିବୀ, ଅନଳ, ଅନୀଳ, ଜଳ, ଆକାଶ, ସୂର୍ଯ୍ୟ, ପୁରୁଷ ଓ ଶ୍ରୀଗୁରୁ –ଏହି ଅଷ୍ଟ ମୂର୍ତ୍ତିରେ ଗୁରୁଦେବ ଚରାଚର ବ୍ୟାପ୍ତ ।

(୫୭) ବିଳାସ ମୂର୍ତ୍ତି : ଭିତରେ ପ୍ରକୃତ ରୂପ ଓ ବାହ୍ୟରେ ଅନ୍ୟ ରୂପ ଧାରଣର ନାମ ବିଳାସ ମୂର୍ତ୍ତି । ଯଥା– ଶ୍ରୀକୃଷ୍ଣଙ୍କର ବିଳାସ ମୂର୍ତ୍ତି ନାରାୟଣ ।

(୫୮) କାୟବ୍ୟୂହ ମୂର୍ତ୍ତି : ଗୋଟିଏ ଶରୀରରୁ ବହୁ ଶରୀର ପ୍ରକଟ କରିବା ନାମ କାୟବ୍ୟୂହ ମୂର୍ତ୍ତି । ଯଥା– ବ୍ରଜଦେବୀଗଣ ଶ୍ରୀରାଧାଙ୍କର କାୟବ୍ୟୂହ ମୂର୍ତ୍ତି ।

(୫୯) ଶରୀରତ୍ରୟ : ସ୍ଥୁଳ, ସୂକ୍ଷ୍ମ, କାରଣ – ଏହି ତିନୋଟି ଶରୀରକୁ ଶରୀରତ୍ରୟ କହନ୍ତି ।

(୬୦) ଶରୀର : ପଞ୍ଚିକୃତ ପଞ୍ଚମହାଭୂତର କାର୍ଯ୍ୟ ଓ କର୍ମନିମିତ୍ତ ଜନ୍ମାଦି ଷଡ଼୍‌ଭାବ ବିକାରବାନ୍ ପଦାର୍ଥକୁ ଶରୀର କୁହାଯାଏ । ଏହା ସୁଖଦୁଃଖ ଭୋଗର ଆସ୍ପଦ । ବାଲ୍ୟ, କୌମାର, ଯୌବନ ଓ ଜରାଦ୍ୱାରା ଶୀର୍ଣ୍ଣ ହେଉଥିବାରୁ ଏହାର ନାମ ଶରୀର । ଏହା ଭସ୍ମୀଭୂତ ହେଉଥିବାରୁ ଏହାର ନାମ ଦେହ । ବାହ୍ୟ ଅଗ୍ନିଦ୍ୱାରା ଦଗ୍ଧ ହେଉଥିବା କାରଣରୁ ନୁହେଁ, ତ୍ରିତାପଦ୍ୱାରା ସର୍ବଦା ଦଗ୍ଧ ହୁଏ ବୋଲି ଏହାର ଅନ୍ୟ ନାମ ଦେହ ।

(୬୧) ତାପତ୍ରୟ : (୧) ଯେଉଁ ତାପ ବା ଦୁଃଖ ଦେହକୁ ଅଧିକାର କରି ରହିଥାଏ, ତାକୁ ଆଧ୍ୟାତ୍ମିକ ତାପ କହନ୍ତି । (୨) କୌଣସି ଇତର ପ୍ରାଣୀଠାରୁ ସମ୍ଭୂତ ଦୁଃଖକୁ ଆଧିଭୌତିକ ତାପ କୁହାଯାଏ, ଯଥା- ବ୍ୟାଘ୍ରଭୟ ବା ଚୌର ଭୟାଦି । (୩) ଦେବତାମାନଙ୍କ ଠାରୁ ଯେଉଁ ଦୁଃଖ ମିଳେ, ତାହା ଆଧିଦୈବିକ ତାପ, ଯଥା- ବଜ୍ରପାତାଦି ଦୈବିଦୁର୍ବିପାକ ଇତ୍ୟାଦି ।

(୬୨) ଆତ୍ମା : ଯେ ଦେହତ୍ରୟର ଅତିରିକ୍ତ, ଅବସ୍ଥାତ୍ରୟର ସାକ୍ଷୀ ଏବଂ ସଚ୍ଚିଦାନନ୍ଦ ସ୍ୱରୂପ, ସେ ଆତ୍ମା ଅଟନ୍ତି ।

(୬୩) ନିତ୍ୟ : ଏହା ଅଜର, ଅମର, ଚିରସ୍ଥିର ବସ୍ତୁ । ଉତ୍ପତ୍ତି, ବିନାଶ, ସ୍ଥିତି, ହ୍ରାସ, ବୃଦ୍ଧି ଓ ପରିଣାମ– ଏହି ଷଡ଼ବିଧ ବିକାର ଏଥିରେ ନାହିଁ । ଏହା ଚିରସ୍ଥାୟୀ ପରମାନନ୍ଦମୟ ଅବସ୍ଥା । ଏହା ଏକ ପ୍ରକାର ଜ୍ଞାନ, ରସ ବା ଆନନ୍ଦ

ଭାବର ସମଷ୍ଟି । ଏହା ପୂର୍ଣ୍ଣ ଚୈତନ୍ୟ ସ୍ୱରୂପ । ପୂର୍ଣ୍ଣ ଜ୍ଞାନ, ଶକ୍ତି ବା ଆନନ୍ଦ ନିତ୍ୟରେ ନିତ୍ୟ ବିରାଜ କରେ ।

(୬୪) ଅନିତ୍ୟ : ପାର୍ଥିବ ଅର୍ଥ, ଯଶଃ, ବିଷୟ, ସମ୍ପତ୍ତି, ସମ୍ମାନ, ପ୍ରତିପତ୍ତି, ବ୍ୟଷ୍ଟି ଭାବର ପ୍ରତିଷ୍ଠା, ପ୍ରଶଂସା, କର୍ତ୍ତୃତ୍ୱାଭିମାନ, ଲୋକମର୍ଯ୍ୟାଦା, ଆତ୍ମୀୟସ୍ୱଜନ, ଦେହ ଓ ଇନ୍ଦ୍ରିୟ ସୁଖ, ଐଶ୍ୱର୍ଯ୍ୟ, ଶକ୍ତି, କାମ, ଭୋଗ ଇତ୍ୟାଦି ଅସ୍ଥାୟୀ ପଦାର୍ଥ ବା ବିଷୟ ।

(୬୫) ସେବା : ପ୍ରତିଦାନର କୌଣସି ଆଶା ନ ରଖି ଅନ୍ୟ ଜୀବର ସାଧ୍ୟମତେ ଉପକାର କରିବାର ନାମ ସେବା । ଏଥିରେ କର୍ତ୍ତାର କିଛିମାତ୍ର ଅଭିମାନ, ଅହଂକାର, ଆକାଂକ୍ଷା, ବାସନା, ପ୍ରତ୍ୟୁପକାର, ଲାଭେଚ୍ଛା ଏବଂ ଯଶୋଲିପ୍ସା ନଥାଏ ।

(୬୬) ଜୀବସେବା : ଅହଂକାର, ଅଭିମାନ ଓ ଆକାଂକ୍ଷା ବର୍ଜିତ ହୋଇ ଅନ୍ୟ ଜୀବର ଦେହ, ମନ, ପ୍ରାଣ ଓ ଆତ୍ମାର ଉତ୍କର୍ଷ ସାଧନ କରିବା ନିମିତ୍ତ ଯେଉଁ ଅହେତୁକୀ ଚେଷ୍ଟା, ତାହାର ନାମ ଜୀବସେବା ।

(୬୭) ଷଡ଼ବିଧ ରାଜନୀତି : ସନ୍ଧି, ବିଗ୍ରହ, ଯାନ, ଆସନ, ଦ୍ୱୈଧୀଭାବ ଓ ସମାଶ୍ରୟକୁ ଷଡ଼ବିଧ ରାଜନୀତି କୁହାଯାଏ ।

(୬୮) ଆତ୍ମତତ୍ତ୍ୱ : ପଞ୍ଚବିଧ ଶରୀର ଓ ସ୍ଥୁଳ ସୂକ୍ଷ୍ମ କାରଣ ଦେହାତିରିକ୍ତ ଚୈତନ୍ୟକୁ ଆତ୍ମା କହନ୍ତି । ଶରୀର କେବେହେଲେ ଆତ୍ମା ନୁହେଁ । ଏହା ଜଡ଼ପଦାର୍ଥ ସମଷ୍ଟିରେ ନିର୍ମିତ । ମନ ମଧ୍ୟ ଆତ୍ମା ନୁହେଁ, କାରଣ କାମାଦି ରିପୁଙ୍କ ଦ୍ୱାରା ତାହା ଉତ୍ତେଜିତ ହୋଇଥାଏ; ତେଣୁ ତାହାର ବିକାର ଘଟେ । କିନ୍ତୁ ଆତ୍ମା ନିର୍ବିକାର ଚୈତନ୍ୟସ୍ୱରୂପ । ସୁଷୁପ୍ତି ସମୟରେ ବୁଦ୍ଧିର ବିଲୟ ହୁଏ । ସୁତରାଂ ତାହା ମଧ୍ୟ ଆତ୍ମା ନୁହେଁ । ଶରୀର ଆନନ୍ଦମୟ କୋଷରେ ଅବସ୍ଥିତ ଥିଲେ ମଧ୍ୟ ସମାଧି ସମୟରେ ତାହାର ଲୟ ହୋଇଯାଏ । ତେଣୁ ତାହା ମଧ୍ୟ ଆତ୍ମା ନୁହେଁ । ସୁତରାଂ ଏହି ପଞ୍ଚଶରୀରରୁ ଭିନ୍ନ ଏବଂ ବିପରୀତ ଲକ୍ଷଣାକ୍ରାନ୍ତ ଅଖଣ୍ଡ ଚିଦାନନ୍ଦ ସତ୍ତାକୁ ଆତ୍ମା କୁହାଯାଏ । ଆତ୍ମତତ୍ତ୍ୱ ବା ଆତ୍ମଚୈତନ୍ୟକୁ ଆଶ୍ରୟ କରି ଦେହ, ଇନ୍ଦ୍ରିୟ, ମନ, ବୁଦ୍ଧି ସ୍ୱ ସ୍ୱ କାର୍ଯ୍ୟରେ ପ୍ରବୃତ୍ତ ହୋଇଥାଆନ୍ତି । ସତ୍ତା, ଜ୍ଞାନ, ଆନନ୍ଦ, ନିଶ୍ଚଳତା ଏବଂ ନିତ୍ୟତା ଆତ୍ମାର ଗୁଣ ।

(୬୯) ସୂକ୍ଷ୍ମ ଶରୀର : ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚପ୍ରାଣ,

ବାୟୁ, ମନ ଓ ବୁଦ୍ଧି ଏହି—ସପ୍ତଦଶ ଅବୟବଯୁକ୍ତ ଅପଞ୍ଚୀକୃତ ପଞ୍ଚଭୂତ ଜାତ ଶରୀରକୁ ଲିଙ୍ଗ ଶରୀର ବା ସୂକ୍ଷ୍ମ ଶରୀର କୁହାଯାଏ ।

(୭୦) ଜ୍ଞାନେନ୍ଦ୍ରିୟ : କର୍ଣ୍ଣ, ତ୍ୱକ୍, ଚକ୍ଷୁ, ରସନା ଏବଂ ନାସିକା – ଏହି ପାଞ୍ଚଗୋଟିର ନାମ ପଞ୍ଚଜ୍ଞାନେନ୍ଦ୍ରିୟ ।

(୭୧) ଶ୍ରୋତ୍ରେନ୍ଦ୍ରିୟ : ଯାହା କର୍ଣ୍ଣ ନୁହେଁ ଅଥଚ କର୍ଣ୍ଣଯନ୍ତ୍ରକୁ ଆଶ୍ରୟକରି ଶବ୍ଦଗ୍ରହଣ କ୍ଷମତାପନ୍ନ, ତାହା ଶ୍ରୋତ୍ରେନ୍ଦ୍ରିୟ ।

(୭୨) ତ୍ୱଗେନ୍ଦ୍ରିୟ : ଯାହା ତ୍ୱକ୍ ନୁହେଁ ଅଥଚ ତ୍ୱକ୍‌କୁ ଆଶ୍ରୟକରି ସ୍ପର୍ଶଶକ୍ତିମାନ୍, ତାହା ତ୍ୱଗେନ୍ଦ୍ରିୟ ।

(୭୩) ଦର୍ଶନେନ୍ଦ୍ରିୟ : ଯାହା ଚକ୍ଷୁଗୋଲକ ନୁହେ, ଅଥଚ ଚକ୍ଷୁ ଯନ୍ତ୍ରକୁ ଆଶ୍ରୟକରି ଦର୍ଶନକ୍ରିୟା ସମ୍ପାଦନ କରେ, ତାହା ଦର୍ଶନେନ୍ଦ୍ରିୟ ।

(୭୪) ରସନେନ୍ଦ୍ରିୟ : ଯାହା ରସନା ନୁହେ, ଅଥଚ ରସନାକୁ ଆଶ୍ରୟକରି ରସଗ୍ରହଣ ଶକ୍ତିସମ୍ପନ୍ନ, ତାହାର ନାମ ରସନେନ୍ଦ୍ରିୟ ।

(୭୫) ଘ୍ରାଣେନ୍ଦ୍ରିୟ : ଯାହା ନାସିକା ନୁହେ, ଅଥଚ ନାସିକାକୁ ଆଶ୍ରୟକରି ବାୟୁମଣ୍ଡଳରୁ ଗନ୍ଧ ଅନୁଭବକ୍ଷମ ହୋଇଥାଏ, ତାହା ଘ୍ରାଣେନ୍ଦ୍ରିୟ ।

(୭୬) ବାଗେନ୍ଦ୍ରିୟ : ଯାହା ବାକ୍‌ଯନ୍ତ୍ର ନୁହେ, ଅଥଚ ବାକ୍‌ଯନ୍ତ୍ରକୁ ଆଶ୍ରୟକରି ଅଷ୍ଟସ୍ଥାନବର୍ତ୍ତୀ ବାକ୍‌ଉଚ୍ଚାରଣ ଶବ୍ଦସମ୍ପନ୍ନ, ତାହା ବାଗେନ୍ଦ୍ରିୟ ।

(୭୭) ଅଷ୍ଟସ୍ଥାନ : ହୃଦୟ, କଣ୍ଠ, ଶିର, ଊର୍ଦ୍ଧ୍ୱ ଓଷ୍ଠ, ନିମ୍ନ ଓଷ୍ଠ, ତାଲୁ ଦ୍ୱୟ ଏବଂ ଜିହ୍ୱା ।

(୭୮) କର୍ମେନ୍ଦ୍ରିୟ ପଞ୍ଚକ : ଯାହା ହସ୍ତ, ପାଦ, ପାୟୁ, ଉପସ୍ଥ ଓ ବାକ୍ ନୁହେଁ, ଅଥଚ ସେହିମାନଙ୍କୁ ଆଶ୍ରୟକରି ତତ୍‌ତତ୍ କାର୍ଯ୍ୟ ସମ୍ପାଦନ କରନ୍ତି ।

(୭୯) ଅନ୍ତଃକରଣ : ମନ, ବୁଦ୍ଧି, ଚିତ୍ତ, ଅହଂକାର—ଏହି ଚତୁଷ୍ଟୟ ଏକତ୍ର ଅନ୍ତଃକରଣ ନାମରେ ଖ୍ୟାତ ।

(୮୦) ଅନ୍ତଃକରଣର ଧର୍ମ : ସଂଶୟ, ନିଶ୍ଚୟ, ଧାରଣା ଓ ଅଭିମାନ – ଏହି ବୃତ୍ତିଚତୁଷ୍ଟୟ ଅନ୍ତଃକରଣର ଧର୍ମ ଅଟେ ।

(୮୧) ଜାଗ୍ରତ : ଯେତେବେଳେ ଇନ୍ଦ୍ରିୟମାନେ ବିଷୟର ଉପଲବ୍ଧି କରନ୍ତି, ସେ ଅବସ୍ଥାର ନାମ ଜାଗ୍ରତ ଅବସ୍ଥା । ସେତେବେଳେ ବୁଦ୍ଧି ଇନ୍ଦ୍ରିୟ ବ୍ୟାପାର ଅନୁଭବ କରନ୍ତି ।

(୮୨) ସ୍ୱପ୍ନ : ଯେତେବେଳେ ବିଷୟ ସହିତ ଜାଗ୍ରତ ଅବସ୍ଥାର ସଂସ୍କାରଜନିତ ପ୍ରତ୍ୟୟ ହୁଏ, ତାହାକୁ ସ୍ୱପ୍ନ କହନ୍ତି ।

(୮୩) ସୁଷୁପ୍ତି : ସର୍ବବିଷୟକ ଜ୍ଞାନ ଅଭାବର ନାମ ସୁଷୁପ୍ତି ।

(୮୪) ବିଶ୍ୱ : ଜାଗ୍ରତ ଅବସ୍ଥାରେ ସ୍ଥୁଳଶରୀରାଭିମାନୀ ଚୈତନ୍ୟକୁ ବିଶ୍ୱ କହନ୍ତି ।

(୮୫) ତୈଜସ : ସ୍ୱପ୍ନାବସ୍ଥାର ସୂକ୍ଷ୍ମ ଦେହାଭିମାନୀ ଚୈତନ୍ୟକୁ 'ତୈଜସ' କୁହାଯାଏ ।

(୮୬) ପ୍ରାଜ୍ଞ : ସୁଷୁପ୍ତି ଅବସ୍ଥାରେ କାରଣ ଦେହାଭିମାନୀ ଚୈତନ୍ୟର ନାମ ପ୍ରାଜ୍ଞ ।

(୮୭) ସତ୍ ସ୍ୱରୂପ : ଯେ କାହାରି ଦ୍ୱାରା ବାଧିତ ହୁଅନ୍ତି ନାହିଁ ଏବଂ ଯେ ତ୍ରିକାଳରେ ସମଭାବରେ ବିଦ୍ୟମାନ, ତାହାକୁ ସତ୍ ସ୍ୱରୂପ କହନ୍ତି ।

(୮୮) ଚିତ୍ ସ୍ୱରୂପ : ଯେ ଅନ୍ୟ କୌଣସି ସାଧନର ଅପେକ୍ଷା ନ କରି ସ୍ୱୟଂ ପ୍ରକାଶମାନ ଥାଆନ୍ତି, ତାହାଙ୍କୁ ଚିତ୍ ସ୍ୱରୂପ କୁହାଯାଏ ।

(୮୯) ଆନନ୍ଦ ସ୍ୱରୂପ : ଯେ ନିତ୍ୟ ଓ ନିରତିଶୟ ପ୍ରେମାନନ୍ଦରେ ମଗ୍ନ ଥାଆନ୍ତି, ସେ ଆନନ୍ଦସ୍ୱରୂପ ।

(୯୦) ତମୋଗୁଣର ଧର୍ମ : ଗୋଟିଏ ପଦାର୍ଥ ଅନ୍ୟ ପଦାର୍ଥ ରୂପରେ ପ୍ରତୀୟମାନ ହେବା ତମୋଗୁଣର ଧର୍ମ ଅଟେ । ଏହା ଆତ୍ମାକୁ ଆବୃତ କରିଥାଏ । ଅଜ୍ଞାନ, ଆଳସ୍ୟ, ଅନବଧାନତା, ଜାଡ଼୍ୟ, ନିଦ୍ରା, ପ୍ରମାଦ ଓ ମୂଢ଼ତା—ଏହାହିଁ ତମୋଗୁଣର ଧର୍ମ । ଏହି ଗୁଣାନ୍ୱିତ ବ୍ୟକ୍ତି କିଛି ବୁଝିପାରନ୍ତି ନାହିଁ ।

(୯୧) ରଜୋଗୁଣର ଧର୍ମ : କାମ, କ୍ରୋଧ, ଲୋଭ, ଦମ୍ଭ, ଅସୂୟା, ଅହଂକାର, ଈର୍ଷା ଓ ମାତ୍ସର୍ଯ୍ୟ—ଏହି ଗୁଣରୁ ସାଂସାରିକ ପ୍ରବୃତ୍ତି ଜନ୍ମେ, ଏହାରି ହେତୁ ବନ୍ଧନ ସମ୍ଭବ ହୁଏ ।

(୯୨) ବିଶୁଦ୍ଧ ସତ୍ତ୍ୱଗୁଣ : ପ୍ରସନ୍ନତା, ଆତ୍ମାନୁଭବ, ଶାନ୍ତିଭାବ, ସନ୍ତୋଷ, ହର୍ଷ ଏବଂ ନିଷ୍ଠାଭାବ ବିଶୁଦ୍ଧ ସତ୍ତ୍ୱଗୁଣର ଧର୍ମ ।

(୯୩) ମିଶ୍ର ସତ୍ତ୍ୱଗୁଣ : ଅମାନିତା, ଯମ, ନିୟମ, ଶ୍ରଦ୍ଧା, ଭକ୍ତି, ମୁମୁକ୍ଷୁତ୍ୱ, ଅସତ୍ କର୍ମରୁ ନିବୃତ୍ତି – ଏହାସବୁ ମିଶ୍ର ସତ୍ତ୍ୱଗୁଣର ଧର୍ମ ଅଟେ ।

(୯୪) ବିକ୍ଷେପଶକ୍ତି : ଏହା ତମୋଗୁଣରୁ ଜାତ । ଅଭାବନା ବା ବିପରୀତ

ଭାବନା, ସମ୍ଭାବନା ଓ ଅବସ୍ତୁରେ ବସ୍ତୁବୋଧ ତମୋଗୁଣର ବିକ୍ଷେପଶକ୍ତି ଅଟେ ।

(୯୫) ନୃଶଂସ ବ୍ୟକ୍ତି : ଯେଉଁମାନଙ୍କର କୁକର୍ମ କରିବାର ବାସନା ଥାଏ, ଯେଉଁମାନେ ନିରନ୍ତର ପରନିନ୍ଦା କରନ୍ତି, ଯେଉଁମାନେ ସତତ ଆତ୍ମାଭିମାନୀ ଓ ନିଜ ମୁଖରେ ନିଜର ପ୍ରଶଂସା କରନ୍ତି, ସାଧୁମାନଙ୍କର ବିଦ୍ୱେଷ କରନ୍ତି, ନିଜକୁ ମଧ୍ୟ ବିଶ୍ୱାସ କରନ୍ତି ନାହିଁ ଏବଂ ନିଜ ସ୍ୱଭାବ ପରି ଅନ୍ୟ ସମସ୍ତଙ୍କ ସ୍ୱଭାବ ବୋଲି ବିବେଚନା କରି କାହାରିକୁ ବିଶ୍ୱାସ କରି ପାରନ୍ତି ନାହିଁ—ଏହିମାନଙ୍କୁ ନୃଶଂସ ବ୍ୟକ୍ତି କୁହାଯାଏ । ଏମାନେ ଅନ୍ୟର ଅଣୁମାତ୍ର ଦୋଷ ଦର୍ଶନ କଲେ ତତ୍କ୍ଷଣାତ୍ ତାହା ପ୍ରକାଶ କରିଦିଅନ୍ତି; ଅନ୍ୟର ଦୋଷ ନିଜ ଦୋଷ ସଙ୍ଗେ ସମାନ ହେଲେ ମଧ୍ୟ କେବେହେଲେ ତାହା ପ୍ରକାଶ କରନ୍ତି ନାହିଁ । ଉପକାରୀ ବ୍ୟକ୍ତିଙ୍କୁ ଶତ୍ରୁ ବୋଲି ଜ୍ଞାନ କରନ୍ତି ।*

(୯୬) ନିଷ୍ଠୁର ବ୍ୟକ୍ତି : ଯେଉଁମାନେ ସମସ୍ତଙ୍କ ସମକ୍ଷରେ ଏକାକୀ ବିବିଧ ସୁସ୍ୱାଦୁ ଭକ୍ଷଦ୍ରବ୍ୟ ଭୋଜନ କରନ୍ତି, ସେମାନଙ୍କୁ ନିଷ୍ଠୁର କୁହାଯାଏ ।

(୯୭) ସହୃଦୟ ବ୍ୟକ୍ତି : ଯେଉଁମାନେ ଅଗ୍ରଭାଗ ବ୍ରାହ୍ମଣମାନଙ୍କୁ ଅର୍ପଣ କରି ଅବଶିଷ୍ଟ ସୁହୃଦମାନଙ୍କ ସହିତ ଭୋଜନ କରନ୍ତି, ସେହିମାନେ ସହୃଦୟବ୍ୟକ୍ତି ଏବଂ ସେହିମାନେ ଇହକାଳ ଏବଂ ପରକାଳରେ ସୁଖ ଓ ସ୍ୱର୍ଗ ଭୋଗ କରନ୍ତି ।

(୯୮) ଆବରଣୀଶକ୍ତି : ଯାହା ପ୍ରଭାବରେ ଗୋଟିଏ ପଦାର୍ଥ ଅନ୍ୟ ପଦାର୍ଥ ବୋଲି ପ୍ରତୀୟମାନ ହୁଏ, ତାହାକୁ ଆବରଣୀ ଶକ୍ତି କୁହାଯାଏ ।

(୯୯) ଇନ୍ଦ୍ରିୟ : ଚିତ୍ତର ବହିର୍ଜଗତ ଅନୁଭବ କରିବା ଶକ୍ତିକୁ ଇନ୍ଦ୍ରିୟ କହନ୍ତି ।

(୧୦୦) ମନ : ଚିତ୍ତର ବାସନା ବା ଇଚ୍ଛାଶକ୍ତିର ନାମ ମନ ।

(୧୦୧) ବୁଦ୍ଧି : ସଂସ୍କାରାଚ୍ଛନ୍ନ ଚୈତନ୍ୟର ନାମ ବୁଦ୍ଧି ।

(୧୦୨) ମହାପାତକ : ଏହା ପଞ୍ଚବିଧ, ଯଥା- (୧) ସୁରାପାନ, (୨) ବ୍ରହ୍ମହତ୍ୟା, (୩) ଗୁରୁତଳ୍ପ ଗମନ, (୪) ବ୍ରହ୍ମସ୍ୱ ହରଣ, (୫) ସୁବର୍ଣ୍ଣ ହରଣ । ଏହି ମହାପାତକପଞ୍ଚକର ପ୍ରାୟଶ୍ଚିତ ନାହିଁ ।

(୧୦୩) ଇନ୍ଦ୍ରିୟ : ମନର ଶକ୍ତି ଯେଉଁ ଦେହଯନ୍ତ୍ରର ମଧ୍ୟ ଦେଇ ବାହ୍ୟ

* ମହାଭାରତ ଶାନ୍ତିପର୍ବ ୧୬୪ ଅଧ୍ୟାୟ ଦ୍ରଷ୍ଟବ୍ୟ ।

ବସ୍ତୁକ ଅନୁଭବ କରେ, ଲୌକିକ ଭାଷାରେ ତାହାକୁ ଇନ୍ଦ୍ରିୟ କୁହାଯାଏ । ଗୋଟିଏ ଇନ୍ଦ୍ରିୟର ପଞ୍ଚବିଧ ସ୍ୱରୂପର ନାମ ପଞ୍ଚେନ୍ଦ୍ରିୟ । କେବଳ ମନ ହିଁ ଇନ୍ଦ୍ରିୟ ବା ଇନ୍ଦ୍ରିୟଶକ୍ତି ।

(୧୦୪) ସପ୍ତଦ୍ୱୀପ : ଜମ୍ବୁ, ପ୍ଲକ୍ଷ, ଶାଲ୍ମଳ, କୂର୍ମ, କୋଞ୍ଚ, ଶାକ, ପୁଷ୍କର ।

(୧୦୫) ନବଖଣ୍ଡ : ଜମ୍ବୁଦ୍ୱୀପ ନବଖଣ୍ଡରେ ବିଭକ୍ତ; ଯଥା- ଜମ୍ବୁଦ୍ୱୀପ, ଇଳାବୃତବର୍ଷ, କେତୁମାଳବର୍ଷ, ଭଦ୍ରାସ୍ୱ, ହିରଣ୍ୟକ, ହିରଣ୍ମୟ, କରୁ, କିଂ ପୁରୁଷ ଏବଂ ଭାରତବର୍ଷ ।

(୧୦୬) ପଞ୍ଚେନ୍ଦ୍ରିୟ : ମନ ତାହାର ଶକ୍ତିଦ୍ୱାରା ବାହ୍ୟଜଡ଼ଭୂତ ଭାବକୁ ଧାରଣା କରିବାକୁ ଯାଇ ଚୈତନ୍ୟକୁ ଯେଉଁ ପ୍ରକାର ସ୍ଥୁଳଦେହସ୍ଥ ଭୌତିକ ଯନ୍ତ୍ରର ସାହାଯ୍ୟ ଗ୍ରହଣ କରିବାକୁ ହୁଏ, ତାହାକୁ ପଞ୍ଚେନ୍ଦ୍ରିୟ କୁହାଯାଏ । ପଞ୍ଚେନ୍ଦ୍ରିୟ ଗୋଟିଏ ଇନ୍ଦ୍ରିୟର ପାଞ୍ଚପ୍ରକାର ତ୍ରିଗୁଣାତ୍ମକ ଅଭିବ୍ୟକ୍ତି ବା ସ୍ୱରୂପ ମାତ୍ର ।

(୧୦୭) ଶ୍ରବଣେନ୍ଦ୍ରିୟ : ଇନ୍ଦ୍ରିୟ ବା ମନର ଯେଉଁ ଅଂଶରେ ସତ୍ତ୍ୱଗୁଣର ଆଧିକ୍ୟ ବିରାଜିତ, ତାହାକୁ ଶ୍ରବଣେନ୍ଦ୍ରିୟ କୁହାଯାଏ । ମନ + ସତ୍ୱଗୁଣ = ଶ୍ରବଣେନ୍ଦ୍ରିୟ । ତାଡ଼ିତ୍ + ସତ୍ୱଗୁଣ = ଶ୍ରବଣକ୍ରିୟା ।

(୧୦୮) ଦର୍ଶନେନ୍ଦ୍ରିୟ : ମନର ଯେଉଁ ଶକ୍ତିରେ ରଜୋଗୁଣର ଆଧିକ୍ୟ ବିରାଜିତ, ତାହା ଦର୍ଶନେନ୍ଦ୍ରିୟ ନାମରେ ଅଭିହିତ । ତେଜ + ଜ୍ୟୋତିଃ +ରଜଗୁଣ = ଦର୍ଶନକ୍ରିୟା ।

(୧୦୯) ଘ୍ରାଣେନ୍ଦ୍ରିୟ : ମନର ଯେଉଁ ଶକ୍ତିରେ ତମୋଗୁଣର ଆଧିକ୍ୟ ବିରାଜିତ, ତାହାକୁ ଘ୍ରାଣେନ୍ଦ୍ରିୟ କୁହାଯାଏ । କଠିନ ପରମାଣୁ + ତମଗୁଣ = ଘ୍ରାଣେନ୍ଦ୍ରିୟ ।

(୧୧୦) ତ୍ୱଗିନ୍ଦ୍ରିୟ : ମନର ଯେଉଁ ଶକ୍ତିରେ ରଜଃ ଓ ସତ୍ୱଗୁଣର ପ୍ରାଧାନ୍ୟ ବିରାଜିତ, ତାହା ତ୍ୱଗେନ୍ଦ୍ରିୟ ନାମରେ ଅଭିହିତ ।

(୧୧୧) ରସନେନ୍ଦ୍ରିୟ : ମନର ଯେଉଁ ଶକ୍ତିରେ ରଜ ତମ ପ୍ରଧାନ, ସେହି ଶକ୍ତିର ନାମ ରସନେନ୍ଦ୍ରିୟ ।

(୧୧୨) ପଞ୍ଚବିଧ ଚୈତନ୍ୟ : ଶରୀରସ୍ଥ ପଞ୍ଚକୋଷରେ ଚୈତନ୍ୟର ପଞ୍ଚବିଧ ବିକାଶ ହୋଇଥାଏ । ପ୍ରତ୍ୟେକ ଦେହ ବା କୋଷରେ ପୃଥକ୍ ଚୈତନ୍ୟ, ଶକ୍ତି, ସ୍ୱଭାବ, ସ୍ୱାର୍ଥ ଏବଂ ପ୍ରୟୋଜନ ଭିନ୍ନ ଭିନ୍ନ ଭାବରେ ବିଦ୍ୟମାନ । ପଞ୍ଚଦେହସ୍ଥ

ଚୈତନ୍ୟ ପାଞ୍ଚ ଭାଗରେ ବିଭକ୍ତ । ଯଥା- ବୈଶ୍ୱାନର, ତୈଜସ, ପ୍ରାଜ୍ଞ, ପ୍ରଜ୍ଞାନ ଏବଂ ଆତ୍ମଚୈତନ୍ୟ ।

(୧୧୩) ବୈଶ୍ୱାନର ଚୈତନ୍ୟର କାର୍ଯ୍ୟ : ଏହି ଚୈତନ୍ୟ ସ୍ଥୁଳ ଦେହାଧିଷ୍ଠିତ ହୋଇ ସର୍ବଦା ପାନ ଭୋଜନଦ୍ୱାରା ଦେହକୁ ପୁଷ୍ଟକରେ, ଦେହକୁ ଜୀବିତ କରିବା ନିମିତ୍ତ ଚେଷ୍ଟାକରେ ଏବଂ ଦେହରକ୍ଷା ବିଷୟରେ ଯତ୍ନ ନିଏ । ଏହା ହିଁ ଚୈତନ୍ୟର କାର୍ଯ୍ୟ । ଏହି କାର୍ଯ୍ୟ ଉପରେ ଅପର ଚୈତନ୍ୟ ଶକ୍ତିଙ୍କର କୌଣସି କ୍ଷମତା ନାହିଁ । ଏହି ଚୈତନ୍ୟକୁ ଶାସ୍ତ୍ରକାରମାନେ ବୈଶ୍ୱାନର ଚୈତନ୍ୟ ବୋଲି ଅଭିହିତ କରିଅଛନ୍ତି । ଥିଓସଫି ସମ୍ପ୍ରଦାୟ ଏହାକୁ Physical Element ବୋଲି କହନ୍ତି । ଭୟରେ ଚମକି ପଡ଼ିବା, ରୋଗବୀଜାଣୁର ପ୍ରତିରୋଧ କରିବା, ଘୁମାଇପଡ଼ିବା ଏହି ଚୈତନ୍ୟର ସ୍ୱାଭାବିକ ଗୁଣ । ଏହି ଚୈତନ୍ୟ ଅନ୍ନମୟ କୋଷରେ ଅବସ୍ଥାନ କରେ ।

(୧୧୪) ତୈଜସ ଚୈତନ୍ୟ : ଏହି ଚୈତନ୍ୟ ପ୍ରାଣମୟ ଏବଂ ମନୋମୟ ଶରୀରରେ ବିଦ୍ୟମାନ ଥାଏ । କର୍ମମୟ ଓ ବାସନାମୟ ଦେହବିଚ୍ଛିନ୍ନ ଚୈତନ୍ୟର ନାମ ତୈଜସ ଚୈତନ୍ୟ । ଇନ୍ଦ୍ରିୟମାନଙ୍କ ଦ୍ୱାରା କେବଳ ସୁଖଭୋଗରେ ଲିପ୍ତ ରହିବା ଏହି ଚୈତନ୍ୟର କାର୍ଯ୍ୟ । ଏହି ଭୋଗଦ୍ୱାରା ଅପରାପର ଦେହର ଅର୍ଥାତ୍ ସ୍ଥୁଳ ସୂକ୍ଷ୍ମ ଏବଂ କାରଣ ଦେହର ଯେଉଁ କ୍ଷତି ସଂଘଟିତ ହେବ, ସେ ଦିଗକୁ ଏହାର ଲକ୍ଷ୍ୟ କିମ୍ବା ଭ୍ରୂକ୍ଷେପ ନ ଥାଏ । ଏହି ଦେହାଧିଷ୍ଠିତ ଚୈତନ୍ୟ ଅତ୍ୟନ୍ତ ସ୍ୱାର୍ଥପର । ଅନ୍ୟର କ୍ଷତି ହେଲେ ମଧ୍ୟ ନିଜ କାର୍ଯ୍ୟ ସାଧନ କରିବାକୁ ସେ ତତ୍ପର ଥାଏ । ଏହି ଦେହର ନାମ ସୂକ୍ଷ୍ମ ଦେହ । ଯେଉଁସବୁ ବାସନା ଅତ୍ୟନ୍ତ ସଂକୀର୍ଣ୍ଣ ଏବଂ ସ୍ୱାର୍ଥ ମୂଳକ, ସେହି ବାସନାରେ ଲିପ୍ତ ରହିବା ଏହାର ପ୍ରଧାନ ଗୁଣ । ଷଡ଼ରିପୁ ହିଁ ଏହି ଚୈତନ୍ୟର ଶକ୍ତି । ଥିଓସଫିରେ ଏହି ଦେହର ନାମ Astral body ବୋଲି ଅଭିହିତ । ପ୍ରେତ ଏବଂ ନିମ୍ନ ଦେବଗଣଙ୍କର ଏହି ଚୈତନ୍ୟ ବିଶେଷ ଭାବରେ ବିରାଜିତ ।

(୧୧୫) ପ୍ରାଜ୍ଞ ଚୈତନ୍ୟ : ବାସନାର ଅପର ନାମ ମନ । ବିଜ୍ଞାନ ବା ସଂସ୍କାରର ନାମ ବୁଦ୍ଧି । ବୁଦ୍ଧି ଦେହାବଚ୍ଛିନ୍ନ ଚୈତନ୍ୟକୁ ପ୍ରାଜ୍ଞ ଚୈତନ୍ୟ କୁହାଯାଏ । ଏହାର ଇଂରାଜୀ ନାମ Mental Element. ଏହି ଚୈତନ୍ୟ ସାହାଯ୍ୟରେ ଚିନ୍ତା ଏବଂ ବିଚାର କରାଯାଉଥିବାରୁ ଏହାର ନାମ ବିଜ୍ଞାନମୟ । ନିଜର ଅଭିମାନ,

ଅହଂତ୍ୱ, କୃତିତ୍ୱ, ବ୍ୟକ୍ତିତ୍ୱ ଏବଂ ବ୍ୟଷ୍ଟି ଭାବରେ ପ୍ରତିଷ୍ଠିତ ହେବା ନିମିତ୍ତ ଓ ବିଶେଷ ଭାବରେ ବୁଦ୍ଧିର ପ୍ରଖରତା ବୃଦ୍ଧି ନିମିତ୍ତ ସେ ଚେଷ୍ଟା କରିଥାଆନ୍ତି । ନିଜର ଅଭିମାନ ଏବଂ ବ୍ୟକ୍ତିତ୍ୱ ରକ୍ଷା କରିବାକୁ ଯାଇ ଅପରାପର ଶରୀର ଓ ଅନ୍ୟମାନଙ୍କ ପ୍ରତି ସେ ଦୃଷ୍ଟି ଦିଅନ୍ତି ନାହିଁ । ଏହା ହିଁ ଏହି ଚୈତନ୍ୟର ସ୍ୱଭାବ । ସାଧକମାନଙ୍କର ଏହି କୋଷ ପ୍ରବଳ ଥାଏ । ଏହା ବିଜ୍ଞାନମୟ କୋଷାଧିଷ୍ଠିତ ଚୈତନ୍ୟ ।

(୧୧୬) ପ୍ରଜ୍ଞା ଚୈତନ୍ୟ : ଏହା ଆନନ୍ଦମୟ ଏବଂ ପ୍ରତିଭାମୟ ଦେହସ୍ଥ ଚୈତନ୍ୟ । ଏହାକୁ ବିବେକଦେହ କୁହାଯାଏ । ବୁଦ୍ଧିଦେହ ଏବଂ ବିବେକଦେହ କାରଣଦେହର ଅନ୍ତର୍ଗତ ଥିବାରୁ ଏହି ଦେହାଧିଷ୍ଠିତ ଚୈତନ୍ୟର ନାମ ପ୍ରାଜ୍ଞ । ଏ ଦେହ ସ୍ୱାର୍ଥପର ହେଲେ ମଧ୍ୟ ସମଗ୍ର ଜୀବଜଗତର ସ୍ୱାର୍ଥକୁ ନିଜ ସ୍ୱାର୍ଥ ବୋଲି ଧରିନେଇ କାର୍ଯ୍ୟକରେ । ଜଗତର ସେବା, ଉପକାର, ସଂରକ୍ଷଣ, ଉଦ୍ଧାରୀକରଣ ଏବଂ ଜୀବଜଗତର ଉନ୍ନତିର ସ୍ପୃହା ଘେନି ଏହି ଚୈତନ୍ୟ ସର୍ବଦା ବ୍ୟସ୍ତ ଥାଏ । ଜଗତର କାର୍ଯ୍ୟ କରିବାକୁ ଯାଇ ଏ ନିଜ ସ୍ୱାର୍ଥ କିମ୍ବା ଅପରର ସ୍ୱାର୍ଥ ପ୍ରତି ଭ୍ରୂକ୍ଷେପ କରେ ନାହିଁ । ଜଗତର ହିତସାଧନ କରିବା ଉଦ୍ଦେଶ୍ୟ ମୂଳରେ ରଖି ଭେଦବୁଦ୍ଧିସମ୍ମତ କର୍ମଭାବ ଗ୍ରହଣ ଏବଂ ସେଥିପାଇଁ ଅହଂକାର ପ୍ରକାଶ କରିବାରେ ଆତ୍ମାର ବିଶେଷ କ୍ଷତି ହୁଏ ନାହିଁ । ଆନନ୍ଦମୟ କୋଷରେ ଏହି ଚୈତନ୍ୟ ଅଧିଷ୍ଠିତ ଥାଏ । ଏହି କୋଷରେ ଇଷ୍ଟଦେବତାଙ୍କର ଦର୍ଶନ ହୁଏ ।

(୧୧୭) ବିଶୁଦ୍ଧାତ୍ମା : ହିରଣ୍ୟମୟ ଶରୀରରେ ଏହି ଚୈତନ୍ୟ ଅଧିଷ୍ଠିତ ଥିବାରୁ ଏହାର ନାମ ଆତ୍ମଚୈତନ୍ୟ ବୋଲି ଅଭିହିତ କରାଯାଇଅଛି । ଏହି ଚୈତନ୍ୟ ଦ୍ରଷ୍ଟା ଏବଂ ନିର୍ଲିପ୍ତ ଭାବରେ ଅବସ୍ଥାନ କରେ । ଏହି ଶରୀରରେ ପ୍ରକୃତି ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧ କରାଯାଇଥାଏ । ପଞ୍ଚଦେହସ୍ଥ ଚୈତନ୍ୟ ନିଜ ସ୍ୱଭାବବଶତଃ ଯେଉଁସବୁ ବାସନା ଚରିତାର୍ଥ କରିବାକୁ ଚେଷ୍ଟା କରନ୍ତି, ବିନା ବିଚାରରେ ତାହା କରିବାକୁ ଛାଡ଼ି ନ ଦେବା ହିଁ ଏହି ଦେହସ୍ଥ ଚୈତନ୍ୟର କାର୍ଯ୍ୟ । ଏହି ଦେହସ୍ଥ ସାଧକକୁ ସତ୍ୟସାଧକ କୁହାଯାଏ । ସର୍ବଦା ସତର୍କ ରହି ଆତ୍ମଶାସନ ସହ୍ୟ କରିବା ସତ୍ୟସାଧକର କର୍ତ୍ତବ୍ୟ । ଏହି ଦେହରେ ସ୍ଥୂଳ ଦେହ ଧାରଣର ବୀଜ ବା ବାସନା ନିହିତ । ଏହି ଦେହରେ ଷଡ଼ରିପୁ ସଂଯତ ଏବଂ ଦମିତ ହୋଇ ଅବସ୍ଥାନ କରନ୍ତି । ଏହି ଦେହରେ ବିଷୟ ଭୋଗବାସନା ନଥାଏ । ଭେଦବୁଦ୍ଧି, ନାମଲିପ୍ସା ଏବଂ ଅହଂକାରମୂଳକ ଭାବ ଏ ଦେହରେ ରହିପାରେ ନାହିଁ । ସିଦ୍ଧ ଜୀବନ୍ମୁକ୍ତ ସାଧୁମାନେ

ଏହି ଦେହରେ ଅବସ୍ଥାନ କରନ୍ତି । ଏ ଦେହଦ୍ୱାରା ନିତ୍ୟ ସେବା ସାଧିତ ହୁଏ ।

(୧୧୮) ଚୈତନ୍ୟ : ଚୈତନ୍ୟ ନିଜକୁ ଅନୁଭବ କରିପାରନ୍ତି ନାହିଁ । ଚୈତନ୍ୟଙ୍କର ଅନୁଭବ ନିମିତ୍ତ ସୃଷ୍ଟିଲୀଳା । ସୁତରାଂ ପ୍ରକୃତି ରଚିତ ଏହି ଦେହ ଅଛି ବୋଲି ଯେଉଁ ଚୈତନ୍ୟ ଆମର ସ୍ୱରୂପ, ତାହା ଉପଲବ୍ଧ ହେଉଅଛି । ଚୈତନ୍ୟ ସତ୍ତାରେ ଦୃଶ୍ୟ ଓ ଦ୍ରଷ୍ଟାଭାବ ନାହିଁ ।

(୧୧୯) ପ୍ରକୃତି : ପ୍ରକୃତି ଜଡ଼ । ଯେତେବେଳେ ଚୈତନ୍ୟଙ୍କ ଭିତରେ ଜଡ଼ବସ୍ତୁ ଭାସିଉଠନ୍ତି, ସେତେବେଳେ ଜଡ଼ ଦୃଷ୍ଟିଗୋଚର ହୁଏ । ଗୃହରେ ଅସଂଖ୍ୟ ପରମାଣୁ ଭାସମାନ ଥିଲେ ମଧ୍ୟ ସୂର୍ଯ୍ୟରଶ୍ମି ରୂପ ଚୈତନ୍ୟର ବିନା ସାହାଯ୍ୟରେ ତାହା ଦୃଷ୍ଟିଗୋଚର ହୁଏ ନାହିଁ ।

(୧୨୦) ମନୁଷ୍ୟତ୍ୱ : ପଶୁତ୍ୱ + ଦେବତ୍ୱ = ମନୁଷ୍ୟତ୍ୱ; ପ୍ରବୃତ୍ତି + ନିବୃତ୍ତି = ମନୁଷ୍ୟତ୍ୱ; ବାସନା + ବିବେକ = ମନୁଷ୍ୟତ୍ୱ ।

(୧୨୧) ଅବିଦ୍ୟା : ଏହି ଅବିଦ୍ୟା ଆତ୍ମାକୁ ଆଶ୍ରୟ କରି ବିଦ୍ୟମାନ ଥାଏ । ଆତ୍ମା ଏହାର ବିଷୟ । ଏହା ଆତ୍ମାର ଅନୁଭବଗମ୍ୟ ଏବଂ ଆତ୍ମାଦ୍ୱାରା ପ୍ରକାଶିତ । ଏହାକୁ ଅବସ୍ତୁ ଓ ମିଥ୍ୟା ଜ୍ଞାନ କୁହାଯାଏ । ଏହାକୁ ସତ୍ କିମ୍ବା ଅସତ୍ ବୋଲି କୁହାଯାଇ ପାରେ ନାହିଁ । ଏହା ଆତ୍ମସ୍ୱରୂପକୁ ଆଚ୍ଛାଦନପୂର୍ବକ ବିକ୍ଷିପ୍ତ କରିଦିଏ । ଏହାଦ୍ୱାରା ଆତ୍ମା ଆବୃତ୍ତ ଥିବାରୁ ପ୍ରକାଶିତ ହୋଇପାରେ ନାହିଁ । ଦେହାତ୍ମବୋଧରେ ଯେ ଆତ୍ମା ଅଶେଷ ଅନର୍ଥ ଜାଲରେ ନିପତିତ ହୁଏ, ଅବିଦ୍ୟାହିଁ ତାହାର କାରଣ । ଏହା ପ୍ରଭାବରୁ ଜୀବ ହୃଦୟରେ ମୋକ୍ଷ ବାସନାର ଉଦୟ ହୁଏ ନାହିଁ । କୂଟସ୍ଥ ଆତ୍ମା ଅବିଦ୍ୟାଦ୍ୱାରା ଆବୃତ୍ତ ହେବା ସମ୍ଭବ ନ ହେଲେ ମଧ୍ୟ ମନୁଷ୍ୟ ଯେପରି ଇନ୍ଦ୍ରଜାଲ କ୍ରିୟା ଦେଖୁଥିବା ସମୟରେ ତାହା ସବୁ ସତ୍ୟବୋଧ କରିଥାଏ, ଅଳ୍ପ ସମୟ ପରେ ସେ ସମସ୍ତ ମିଥ୍ୟା ବୋଧହୁଏ ଏବଂ ମନୁଷ୍ୟ ଭ୍ରମ ହେତୁ ଯେଉଁ ଜ୍ଞାନ ଫଳରେ ରଜ୍ଜୁକୁ ସର୍ପ ମନେକରେ, ତାହା ହିଁ ଅବିଦ୍ୟା ନାମରେ ଖ୍ୟାତ ।

(୧୨୨) ବିବେକ ଜ୍ଞାନ : ଯେଉଁ ଜ୍ଞାନ ଫଳରେ ଜୀବ ଅବିଦ୍ୟାକୁ ଧ୍ୱଂସ କରିବା ପାଇଁ ସମର୍ଥ ହୁଏ, ତାହା ହିଁ ବିବେକ ଜ୍ଞାନ । ଏହି ଶରୀର ଜଡ଼, ଅନିତ୍ୟ ଏବଂ ଅମଙ୍ଗଳମୟ । ତେଣୁ ତୁମେ ଏ ଶରୀର ନୁହଁ । ଏହି ଶରୀରର ଉତ୍ପତ୍ତି ପୂର୍ବରୁ ତୁମେ ଥିଲ; ଏହି ଶରୀରର ବିନାଶ ପରେ ମଧ୍ୟ ମଧ୍ୟ ତୁମେ ରହିବ ।

ସୁତରାଂ ତୁମେ ଏ ଶରୀର ନୁହ । ଏ ଶରୀର ତୁମର । ତୁମେ ଏ ଦେହର ଦ୍ରଷ୍ଟା । ତୁମେ ଏ ଶରୀରଠାରୁ ସ୍ୱତନ୍ତ୍ର ସତ୍ତା । ଏହି ଜ୍ଞାନର ନାମ ବିବେକ ଜ୍ଞାନ ।

(୧୨୩) ଚତୁର୍ଯୁଗ : ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଏକତ୍ରରେ ଚତୁର୍ଯୁଗବୋଲି ଖ୍ୟାତ । ଗୋଟିଏ ଚତୁର୍ଯୁଗର ପରିମାଣ ଚାରି ଲକ୍ଷ ତିନିଶ କୋଡ଼ିଏ ସହସ୍ର ବର୍ଷ ।

(୧୨୪) ବ୍ରହ୍ମାଙ୍କର ଦିନର ପରମାୟୁ : ୪,୩୨୦,୦୦୦ ବର୍ଷ × ୧୦୦= ୪, ୩୨୦,୦୦୦,୦୦୦ ବର୍ଷରେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ ।

(୧୨୫) ବ୍ରହ୍ମାଙ୍କର ଏକ ରାତ୍ରିର ପରମାୟୁ : ୪,୩୨୦,୦୦୦, ୦୦୦ × ୧୦୦= ୮୬୪୦,୦୦୦,୦୦୦,୦୦ = ଆଠଶହ ଚଉଷଠି କୋଟି ବର୍ଷ ।

(୧୨୬) ବ୍ରହ୍ମାଙ୍କର ପରମାୟୁ ୧୦୦ ବର୍ଷ : ଏକତ୍ରିଂଶ ଲକ୍ଷ, ଦଶ ହଜାର ଚାରିଶ କୋଟି ବର୍ଷ ବ୍ରହ୍ମାଙ୍କର ମୋଟ ପରମାୟୁ ।

(୧୨୭) ଭଗବତ୍ ଶକ୍ତି : ଭଗବାନଙ୍କର ଅନନ୍ତ ଶକ୍ତି । ସେଥିମଧ୍ୟରୁ ତିନୋଟି ଶକ୍ତି ପ୍ରଧାନ—ସତ୍, ଚିତ୍ ଓ ଆନନ୍ଦ ।

(୧୨୮) ସନ୍ଧିନୀ ଶକ୍ତି : ସନ୍ଧା +ଇନ୍ = ସ୍ତ୍ରୀ = ସନ୍ଧିନୀ । ସମ୍ମିଳିତ ଅବସ୍ଥାର ନାମ ସନ୍ଧିନୀ ଶକ୍ତି । ପୁରୁଷଯୁକ୍ତ ପ୍ରକୃତିକୁ, ଆତ୍ମାଯୁକ୍ତ ଭୂତକୁ ମଧ୍ୟ ସନ୍ଧିନୀ କୁହାଯାଏ । ଭଗବାନଙ୍କର ଯେଉଁ ଶକ୍ତି ଆତ୍ମା ଓ ପ୍ରକୃତି ଭିତରେ ଅନୁପ୍ରବେଶ କରି ପ୍ରପଞ୍ଚ ଜଗତ ରୂପରେ ଅଭିବ୍ୟକ୍ତ ହୁଅନ୍ତି, ସେହି ସୃଷ୍ଟିଶକ୍ତିଙ୍କର ନାମ ସନ୍ଧିନୀ । ସଂଯୋଗ ଅବସ୍ଥାକୁ ସନ୍ଧି କହନ୍ତି । ସତ୍ ଶକ୍ତିରୁ ଏପରି ଘଟୁଥିବାରୁ ଏହାର ନାମ ସନ୍ଧିନୀ । ଐଶ୍ୱର୍ଯ୍ୟ ଓ ସାଧନ କରିବା ଶକ୍ତିର ନାମ ସନ୍ଧିନୀ ଶକ୍ତି ।

(୧୨୯) ସମ୍ବିତ୍ : ଈଶ୍ୱରଙ୍କର ଚିତ୍ ଶକ୍ତିର କ୍ରିୟାର ନାମ ସମ୍ବିତ୍ ଶକ୍ତି । ଯେଉଁ ଶକ୍ତିର କ୍ରିୟା ହେତୁ ଆତ୍ମା ନିଜ ପ୍ରତି ଆତ୍ମଜ୍ଞାନପରାୟଣ ହୁଅନ୍ତି, ତାହାଙ୍କ ନାମ ସମ୍ବିତ୍ ଶକ୍ତି । ଏହାକୁ ଅଭେଦ ଆତ୍ମଜ୍ଞାନ ଶକ୍ତି କୁହାଯାଏ । କୌଣସି ବିଷୟରେ ଅଜ୍ଞାନତା ନ ଥିବା ବା ସନ୍ଦେହ ନଥିବା ଅବସ୍ଥାପ୍ରଦ ଶକ୍ତିକୁ ସମ୍ବିତ୍ କହନ୍ତି । ମହାସରସ୍ୱତୀ ଏହି ଶକ୍ତିର ଅଧିଷ୍ଠାତ୍ରୀ ଦେବୀ ।

(୧୩୦) ହ୍ଲାଦିନୀ : ହ୍ଲାଦ୍ + ଘଞ୍ = ହ୍ଲାଦ=ଆନନ୍ଦ, ପ୍ରେମ, କରୁଣା । ଏହି ହ୍ଲାଦ ଯାହାଙ୍କ ଠାରେ ନିତ୍ୟ ବିରାଜିତ, ସେହି ଶକ୍ତିଙ୍କ ନାମ ହ୍ଲାଦିନୀ ।

ଭଗବାନଙ୍କର ଯେଉଁ ଶକ୍ତି ବଶତଃ ସେ ନିଜ ପ୍ରତି ପ୍ରୀତି, ଆନନ୍ଦ ଓ କରୁଣା ପ୍ରକାଶ କରନ୍ତି ଏବଂ ଶକ୍ତି ପ୍ରଭାବରେ ସେ ନିଜେ ସର୍ବଦା ଆନନ୍ଦରେ ଅବସ୍ଥାନ କରନ୍ତି ଓ ପ୍ରେମ ଭାବରେ ପ୍ରସନ୍ନ ଏବଂ ପୁଲକିତ ଥାଇ ଜୀବମାନଙ୍କୁ କୃପା କରିବାକୁ ସକ୍ଷମ ହୁଅନ୍ତି, ସେହି ଶକ୍ତିଙ୍କର ନାମ ହ୍ଲାଦିନୀ ଶକ୍ତି । ସମସ୍ତ ପ୍ରକାର ଦୁଃଖ, କ୍ଲେଶବର୍ଜିତ ଆନନ୍ଦପ୍ରଦ ଶକ୍ତିଙ୍କୁ ହ୍ଲାଦିନୀ କୁହାଯାଏ । ଏହି ଶକ୍ତିଙ୍କ ଅଧିଷ୍ଠାତ୍ରୀ ଦେବୀଙ୍କ ନାମ ଶ୍ରୀରାଧା ।

(୧୩୧) ସଚ୍ଚିଦାନନ୍ଦମୟ : ଏହା ଭଗବାନଙ୍କର ସ୍ୱରୂପ ଶକ୍ତି । ଏହି ଶକ୍ତି ତ୍ରିବିଧ ବିଭକ୍ତ ହୋଇ ସମ୍ବିତ୍, ସନ୍ଧିନୀ ଓ ହ୍ଲାଦିନୀ ନାମରେ ଅଭିହିତ । ସନ୍ଧିନୀ ଶକ୍ତି ପ୍ରଭାବରେ ଭଗବାନ ପ୍ରକୃତି ସଂଯୁକ୍ତ ହୋଇ ଏହି ବିଶ୍ୱ ଜଗତରେ ପ୍ରକଟିତ ହୁଅନ୍ତି । ସମ୍ବିତ୍‌ଶକ୍ତି ପ୍ରଭାବରେ ସେ ନିଜକୁ ଏବଂ ଜଗତକୁ ଜାଣନ୍ତି । ହ୍ଲାଦିନୀ ଶକ୍ତି ବଳରେ ସେ ଜୀବଜଗତ ପ୍ରତି ସର୍ବଦା ପ୍ରେମ, କରୁଣା ଓ ଆନନ୍ଦ ବିତରଣ କରନ୍ତି । ଏହି ତ୍ରିଶକ୍ତିଙ୍କୁ ଭଗବାନଙ୍କର ସ୍ୱରୂପ ଶକ୍ତି କୁହାଯାଏ । ଏହାକୁ ସଚ୍ଚିଦାନନ୍ଦମୟ ଅବସ୍ଥା କୁହନ୍ତି ।

(୧୩୨) ଆଧ୍ୟାତ୍ମିକତା : ସାଧନା ଦ୍ୱାରା କର୍ମଫଳ ଭୋଗରୁ ମୁକ୍ତ ହେଲେ, ଭୋଗବାସନା ସଂଯତ ହେଲେ, ସ୍ୱାର୍ଥଭାବ ତିରୋହିତ ହେଲେ, ଇନ୍ଦ୍ରିୟମାନେ ବଶୀଭୂତ ହେଲେ, ଆତ୍ମା ସ୍ୱରୂପ ଅବସ୍ଥାରେ ଉପନୀତ ହେଲେ— ତାହାକୁ ପ୍ରକୃତ ଆଧ୍ୟାତ୍ମିକତା କୁହାଯାଏ । ଧ୍ୟାନରେ ଦେବଦର୍ଶନକୁ ଆଧ୍ୟାତ୍ମିକତା କହନ୍ତି ନାହିଁ । ବିଶେଷତଃ ଆତ୍ମସ୍ୱରୂପରେ ଅବସ୍ଥାନର ନାମ ଆଧ୍ୟାତ୍ମିକତା । ଜୀବଭାବର ବହୁତ୍ୱ ଭୁଲି ଏକତ୍ୱର ଅନୁଭୂତିର ନାମ ଆଧ୍ୟାତ୍ମିକତା ।

(୧୩୩) ସତ୍ୟଲାଭର କ୍ରମ : (୧) ପ୍ରଥମେ ଜାଣିବା, (୨) ପାଇବା ନିମିତ୍ତ ଚେଷ୍ଟା କରିବା, (୩) ଅନୁଭବ କରିବା, (୪) ତାଙ୍କୁ ଲାଭ କରିବା, (୫) ତତ୍‌ସ୍ୱରୂପରେ ପରିଣତ ହେବା ।

(୧୩୪) ସତ୍ : ଅସ୍ ଧାତୁରୁ ଉତ୍ପନ୍ନ । ଅସ୍ ଅର୍ଥ ବର୍ତ୍ତମାନ ରହିବା । ଯେଉଁ ବସ୍ତୁର ଅସ୍ତିତ୍ୱର କେବେହେଲେ ବ୍ୟଭିଚାର ହୁଏ ନାହିଁ, ଯାହା ଚିରକାଳ ଅଛି ଓ ଥିବ—ତାହା ସତ୍ ।

(୧୩୫) ଜୀବାତ୍ମା : ଅନନ୍ତ ସର୍ବବ୍ୟାପୀ ପରମାତ୍ମାଙ୍କ କିୟଦଂଶ ଯେତେବେଳେ ପ୍ରକୃତିସ୍ଥ ହୋଇ ଜୀବର ଭୂତମୟ ଦେହରେ ସଂଯୁକ୍ତ ହୁଏ, ସେହି ଭୂତଦେହ ସଂଶ୍ଲିଷ୍ଟ ଆତ୍ମାଂଶର ନାମ ଜୀବାତ୍ମା ।

(୧୩୬) ମାୟା : ନିର୍ବିଶେଷ ବ୍ରହ୍ମଙ୍କର ବିଶିଷ୍ଟ ପ୍ରକାଶକ ଶକ୍ତିର ନାମ ମାୟା । ମାୟାର ସମୁଦାୟ ଭାବ ଓ କାର୍ଯ୍ୟାବସ୍ଥାର ନାମ ଜଗତ୍ । କାରଣରେ ଯାହାଙ୍କୁ ପରମେଶ୍ୱର କୁହାଯାଏ, ସୂକ୍ଷ୍ମରେ ସେହି ଶକ୍ତିଙ୍କର ନାମ ମାୟା । ସ୍ଥୂଳରେ ସେହି ମାୟାଶକ୍ତିଙ୍କ ନାମ ଜଗତ୍ । ପରମେଶ୍ୱର ବା ପରମାତ୍ମା ମାୟା, ଜଗତ୍ । ଏମାନେ ବାହ୍ୟିକ ଭାବରେ ଭିନ୍ନ ହେଲେ ମଧ୍ୟ ମୂଳରେ ଏକ । ଜଗତ ଏହି ମାୟାଦ୍ୱାରା ମୁଗ୍ଧ ।

(୧୩୭) ତ୍ରିତାପ : ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ—ଏହା ତ୍ରିତାପ ନାମରେ ଅଭିହିତ ।

(୧୩୮) ଆଧିଭୌତିକ ତାପ : ଦେହ, ସଂସାର, ସମ୍ପତ୍ତି, ଆତ୍ମୀୟସ୍ୱଜନ, ମାନ, ସମ୍ମାନ ଓ ପାରିପାର୍ଶ୍ୱିକ ଅବସ୍ଥା ସମ୍ବନ୍ଧୀୟ କ୍ଷତି ହେତୁ ଯେଉଁ ଦୁଃଖ, ତାପ ବା ବେଦନା ଜାତ ହୁଏ, ତାହାକୁ ଅଧିଭୌତିକ ତାପ କୁହାଯାଏ । ସ୍ୱାସ୍ଥ୍ୟରକ୍ଷା ବିଷୟକ ଅନିୟମ, ଅର୍ଥାର୍ଜନରେ ଶିଥିଳତା ଏବଂ ଆଳସ୍ୟ ଜଡ଼ତାରେ ସମୟ ଅତିବାହିତ କରିବା, ପରିଶ୍ରମବିମୁଖତା, ପରପୀଡ଼ନ, ରାଜକୀୟ ଓ ସାମାଜିକ ବିଧିଲଙ୍ଘନ ପ୍ରଭୃତି କାରଣରୁ ଆଧିଭୌତିକ ତାପର ସୃଷ୍ଟି ହୁଏ । କୌଣସି ପ୍ରାଣୀଠାରୁ ପ୍ରାପ୍ତ ଦୁଃଖ ମଧ୍ୟ ଆଧିଭୌତିକ ତାପ ମଧ୍ୟରେ ଗଣ୍ୟ ।

(୧୩୯) ଆଧିଦୈବିକ ତାପ : ମନ, ବୁଦ୍ଧି ଓ ସ୍ମୃତି ବିଷୟକ ଦୁର୍ବଳତା, ଦୁଃଖ, ବେଦନା ଓ ଅଜ୍ଞାନତା ପ୍ରଭୃତି ଆଧିଦୈବିକ ତାପ । ମନର କପଟତା, ମିଥ୍ୟାଭାବ ପୋଷଣ, କୁଶିକ୍ଷା ଓ ଅଶିକ୍ଷା, କୁସଙ୍ଗ, କୁଚିନ୍ତା, ଷଡ଼ରିପୁର ବ୍ୟବହାର, ଆତ୍ମଜ୍ଞ, ଜ୍ଞାନୀ ଓ ପୂଜନୀୟ ବ୍ୟକ୍ତିଙ୍କ ପ୍ରତି ଅଶ୍ରଦ୍ଧା ଭାବ, ଅନ୍ୟ ପ୍ରତି ବିଦ୍ୱେଷ ଓ ବୈରଭାବ ପୋଷଣ ଇତ୍ୟାଦି ମାନସିକ କାରଣରୁ ଆଧିଦୈବିକ ତାପର ସୃଷ୍ଟି ହୋଇଥାଏ ।

(୧୪୦) ଆଧ୍ୟାତ୍ମିକ ତାପ : ଅବିଦ୍ୟା, ମୋହ, କର୍ମଫଳ ଏବଂ ଜନ୍ମ ମରଣାଦି ଯଥାଭୋଗ ଆଧ୍ୟାତ୍ମିକ ତାପ ମଧ୍ୟରେ ଗଣ୍ୟ । ଆତ୍ମା, ପରମାତ୍ମା ଓ ଈଶ୍ୱରଙ୍କ ପ୍ରତି ଅବିଶ୍ୱାସ, ଅଶ୍ରଦ୍ଧା, ଭେଦଜ୍ଞାନ, ସଂଯମହୀନତା, ସାଧନାର ଅନୁଶୀଳନ ନ କରିବା ଇତ୍ୟାଦି ଆଧ୍ୟାତ୍ମିକ ପାପ ମଧ୍ୟରେ ଗଣ୍ୟ । ଏହି ସମସ୍ତ ପାପ ଫଳରୁ ଆଧ୍ୟାତ୍ମିକ ତାପର ସୃଷ୍ଟି ହୁଏ ।

(୧୪୧) ଶକ୍ତିତ୍ରୟ : ଅନ୍ତରଙ୍ଗା ବା ଚିତ୍‌ଶକ୍ତି, ବହିରଙ୍ଗା ବା ମାୟାଶକ୍ତି, ଏବଂ ତଟସ୍ଥା ବା ଜୀବଶକ୍ତି ।

(୧୪୨) ପ୍ରାଣ : ଆତ୍ମା ନିତ୍ୟସ୍ଥିର ଏବଂ ଅଦ୍ୱୈତ। ଏହି ନିତ୍ୟସ୍ଥିର ଏବଂ ଅଦ୍ୱୈତ ଆତ୍ମା ମାୟାଶକ୍ତି ଦ୍ୱାରା ଚଞ୍ଚଳତା ପ୍ରାପ୍ତ ହେଲାମାତ୍ରେ ଗୁଣର ବିକ୍ଷୋଭ ହେତୁ ପ୍ରାଣଶକ୍ତିର ଉତ୍ପନ୍ନ ହୁଏ। ତେଣୁ ପ୍ରାଣ ହେଉଛି ଆତ୍ମାର ଶକ୍ତି। ପଞ୍ଚବ୍ୟକ୍ତ ଜଗତରେ ପ୍ରାଣର କମ୍ପନ ଚଳିଥାଏ।

(୧୪୩) ମନ : ଆତ୍ମା ଶକ୍ତିଯୁକ୍ତ ବା ପ୍ରାଣଯୁକ୍ତ ହେଲେ ମନର ଉତ୍ପତ୍ତି ହୋଇଥାଏ। ତେଣୁ ମନକୁ ଆତ୍ମାର ଚଞ୍ଚଳ ଅବସ୍ଥା କୁହାଯାଏ। ପ୍ରାଣ ହିଁ ମନର ଚଞ୍ଚଳ ଅବସ୍ଥାର କାରଣ। ପ୍ରାଣ ଓ ମନ ଆତ୍ମାର ଭାବାନ୍ତର ମାତ୍ର। ଆତ୍ମାର ଶକ୍ତିକୁ ପ୍ରାଣ ଓ ଚୈତନ୍ୟକୁ ମନ କୁହାଯାଏ। ପ୍ରାଣ ଓ ମନର ନିତ୍ୟ ସମ୍ବନ୍ଧ ହେତୁ ପ୍ରାଣ ସ୍ଥିର ହେଲେ ମନ ସ୍ଥିରତା ପ୍ରାପ୍ତ ହୋଇଥାଏ।

(୧୪୪) ପ୍ରଜ୍ଞାଶକ୍ତି : ପ୍ରଜ୍ଞା ଆତ୍ମାର ସ୍ୱତଃସିଦ୍ଧ ଜ୍ଞାନଶକ୍ତି। ସାଧାରଣ ମୂଳତତ୍ତ୍ୱଗୁଡ଼ିକ ମାନବ ବୁଦ୍ଧିର ଅଗମ୍ୟ। ପ୍ରଜ୍ଞା ସାହାଯ୍ୟରେ ସେହି ତତ୍ତ୍ୱ ଉପଲବ୍ଧି ହୋଇଥାଏ। ପ୍ରତ୍ୟେକ ପଦାର୍ଥର ମୌଳିକ ତତ୍ତ୍ୱ ଖୋଜି ପ୍ରଜ୍ଞା ଆତ୍ମଜ୍ଞାନରେ ଉପନୀତ କରାଇନିଏ। ଆତ୍ମାର ସହଜାତ ଜ୍ଞାନର ନାମ ପ୍ରଜ୍ଞା। ଅବିଦ୍ୟା ଓ କୁସଂସ୍କାର ଦ୍ୱାରା ଚିତ୍ତ ଆଚ୍ଛନ୍ନ ଥିବାରୁ ଏହି ଶକ୍ତିର ବିକାଶ ହୋଇପାରେ ନାହିଁ। ମୋହ ଅପସାରିତ ହେଲେ ପ୍ରଜ୍ଞାଶକ୍ତି ଆପଣା ମନକୁ ବିକଶିତ ହୋଇଉଠେ। ଇନ୍ଦ୍ରିୟ ଓ ବୁଦ୍ଧିକୁ ପ୍ରଜ୍ଞା ଚାଳନା କରନ୍ତି। ବୁଦ୍ଧିର ଚିତ୍ତର ଅଧୀନ। ଏହି ଚିତ୍ତ ଚୈତନ୍ୟ ପ୍ରଜ୍ଞାଧୀନ। ପ୍ରଜ୍ଞା ହିଁ ଈଶ୍ୱରଙ୍କ ଦ୍ୱାରା ଚାଳିତ। ପ୍ରଜ୍ଞାଶକ୍ତିରେ କୌଣସି ସନ୍ଦେହର ଭାବ ନ ଥାଏ।

(୧୪୫) ସୂତ୍ରାତ୍ମା : ସମଷ୍ଟି କାରଣଜଗତର ଆତ୍ମାର ନାମ ଈଶ୍ୱର ବା ସୂତ୍ରାତ୍ମା।

(୧୪୬) ହିରଣ୍ୟଗର୍ଭ : ସମଷ୍ଟି ସୂକ୍ଷ୍ମଜଗତର ଆତ୍ମାର ନାମ ହିରଣ୍ୟଗର୍ଭ।

(୧୪୭) ବିରାଟ : ସମଷ୍ଟି ସ୍ଥୁଳ ଜଗତର ଆତ୍ମାର ନାମ ବିରାଟ।

(୧୪୮) ଚିତ୍ତର ଚତୁର୍ବିଧ ଅବସ୍ଥା : ମୂଢ଼, କ୍ଷିପ୍ତ, ବିକ୍ଷିପ୍ତ ଏକାଗ୍ର ଏବଂ ନିରୁଦ୍ଧ– ଏହା ଚିତ୍ତର ଚତୁର୍ବିଧ ଅବସ୍ଥା।

(୧୪୯) ମୂଢ଼ : ତମପ୍ରଧାନ ଚିତ୍ତର ନାମ ମୂଢ଼।

(୧୫୦) କ୍ଷିପ୍ତ-ବିକ୍ଷିପ୍ତ : ରଜ ପ୍ରଧାନ ଚିତ୍ତର ନାମ କ୍ଷିପ୍ତ ଓ ବିକ୍ଷିପ୍ତ।

(୧୫୧) ଏକାଗ୍ର : ସତ୍ତ୍ୱପ୍ରଧାନ ଚିତ୍ତର ନାମ ଏକାଗ୍ର।

(୧୫୨) ନିରୁଦ୍ଧ : ଗୁଣତ୍ରୟର ସାମ୍ୟାବସ୍ଥାର ନାମ ନିରୁଦ୍ଧ ।

(୧୫୩) ଧ୍ୟାନ : ଜୀବ ତତ୍ତ୍ୱର ତତ୍ତ୍ୱ ସମୂହର ସ୍ଥିରୀକରଣ ପ୍ରକ୍ରିୟାର ନାମ ଧ୍ୟାନ । ଧ୍ୟାନାବସ୍ଥାରେ ତତ୍ତ୍ୱଗୁଡ଼ିକର ଚଳତ୍‌ଶକ୍ତି କେନ୍ଦ୍ରୀଭୂତ ଓ ସୁଦୃଢ଼ ଭାବ ଧାରଣ କରେ ।

(୧୫୪) ବିଭୂତି : ତତ୍ତ୍ୱସମୂହକୁ ଅସ୍ଥିର, ସକ୍ରୀୟ ଓ କ୍ରିୟାନ୍ୱିତ କରିବା ଶକ୍ତିର ନାମ ବିଭୂତି । ଏହି ଧ୍ୟାନଭାବରୁ ଉତ୍ପନ୍ନ ହେଲେ ମଧ୍ୟ ଏହା ଧ୍ୟାନର ଅନିଷ୍ଟକାରୀ ଶକ୍ତି ।

(୧୫୫) ବିଷୟ : ଯାହା ପ୍ରଥମରୁ ସୁଖକର ଏବଂ ପରିମାଣରେ ଦୁଃଖଜ୍ୱାଳା ପ୍ରଦାନକରି ବନ୍ଧନର କାରଣ ହୋଇଥାଏ, ତାହାର ନାମ ବିଷୟ । ଏହି ବିଷୟଭୋଗବାସନା ଫଳରେ ଜୀବ ନରକଯନ୍ତ୍ରଣା ଭୋଗ କରେ ।

(୧୫୬) ଅବ୍ୟକ୍ତ ମୂଳାପ୍ରକୃତି : ଆତ୍ମା ଓ ଚୈତନ୍ୟର ଶକ୍ତି ବିଶେଷର ନାମ ମାୟା । ଯେଉଁ ମାୟା ପରଂବ୍ରହ୍ମଙ୍କୁ ଆବୃତ କରିଥାଏ, ତାହାର ନାମ ଅବ୍ୟକ୍ତ ମୂଳା ପ୍ରକୃତି ।

(୧୫୭) ମହାମାୟା : ବିଶ୍ୱପ୍ରସବକାରିଣୀ ଶକ୍ତିର ନାମ ମହାମାୟା ।

(୧୫୮) ଯୋଗମାୟା : ଯେଉଁ ଶକ୍ତି ଜୀବଗଣଙ୍କୁ ମୋକ୍ଷ ପ୍ରଦାନ କରନ୍ତି, ତାଙ୍କର ନାମ ଯୋଗାମାୟା ।

(୧୫୯) ବିଶ୍ୱର ତ୍ରିବିଧ ଚୈତନ୍ୟ : ଆଦିବ୍ରହ୍ମା, ଆଦିବିଷ୍ଣୁ ଓ ଆଦିଶିବ– ଏମାନେ ବିଶ୍ୱର ତ୍ରିବିଧ ଚୈତନ୍ୟ ।

(୧୬୦) ଆଦିଶିବ ବା ମହାଶିବ : ଭଗବାନଙ୍କ ଅନନ୍ତ ଶକ୍ତି ମଧ୍ୟରେ ମାୟାଶକ୍ତି ପ୍ରଧାନ । ଏହି ଶକ୍ତି ତିନିଭାଗରେ ବିଭକ୍ତ; (୧) ବିଶୁଦ୍ଧ ତମଃ, (୨) ବିଶୁଦ୍ଧ ରଜଃ ଓ (୩) ବିଶୁଦ୍ଧ ସତ୍ତ୍ୱଃ । ଚୈତନ୍ୟର ବିଶୁଦ୍ଧତମଃ ଗୁଣରେ ଅଧିଷ୍ଠାନର ନାମ ମହାଶିବ ବା ଅକ୍ଷରବ୍ରହ୍ମ ।

(୧୬୧) ମହାବିଷ୍ଣୁ ବା ଆଦିବିଷ୍ଣୁ : ଚୈତନ୍ୟଙ୍କର ବିଶୁଦ୍ଧସତ୍ତ୍ୱଃ ଗୁଣରେ ଅବସ୍ଥାନର ନାମ ମହାବିଷ୍ଣୁ ବା ପରମାତ୍ମା ଚୈତନ୍ୟ ।

(୧୬୨) ମହାବ୍ରହ୍ମା ବା ଆଦିବ୍ରହ୍ମା : ମହାବିଷ୍ଣୁ ଓ ମହାଶିବଙ୍କ ସମ୍ମିଶ୍ରଣରେ ଏହାଙ୍କର ଉତ୍ପତ୍ତି । ପ୍ରକୃତିର ବିଶୁଦ୍ଧ ରଜଃଗୁଣରେ ଅଧିଷ୍ଠାନର ନାମ ମହାବ୍ରହ୍ମା ।

(୧୬୩) ଯଜ୍ଞ : ଋଣ ପରିଶୋଧ ନିମିତ୍ତ ଯେଉଁ ତ୍ୟାଗ, ତାହାର ନାମ

ଯଜ୍ଞ । ସର୍ବଭୂତଙ୍କଠାରୁ ମାନବ ଋଣୀ । ତାହା ପରିଶୋଧ ନିମିତ୍ତ ଯେଉଁ ତ୍ୟାଗାତ୍ମକ କର୍ମନିଷ୍ଠା, ତାହାର ନାମ ଯଜ୍ଞ । ଋଣ ପରିଶୋଧ ନିମିତ୍ତ, ସମାଜସ୍ଥିତି ନିମିତ୍ତ ଓ ଶକ୍ତିପୂରଣ ନିମିତ୍ତ ଯେଉଁ କର୍ମାନୁଷ୍ଠାନ, ତାହାର ନାମ ଯଜ୍ଞ । ଏହା ଦ୍ୱାରା ଦେବତାମାନେ ସନ୍ତୁଷ୍ଟ ହୁଅନ୍ତି ।

(୧୬୪) ପଞ୍ଚପ୍ରକୃତି : ମାନବର ପ୍ରକୃତି ପାଞ୍ଚ ପ୍ରକାର । (୧) ଦେହର ପ୍ରକୃତିର ନାମ ଆକୃତି, (୨) ଇନ୍ଦ୍ରିୟ ପ୍ରକୃତିର ନାମ ଅନୁଭୂତି, (୩) ବାସନା ପ୍ରକୃତିର ନାମ ପ୍ରବୃତ୍ତି, (୪) ସଂସ୍କାର ପ୍ରକୃତିର ନାମ ବୁଦ୍ଧି ବା ବିଜ୍ଞାନ ଏବଂ (୫) କର୍ମ ପ୍ରକୃତିର ନାମ ସ୍ୱଭବା ବା ଅଭ୍ୟାସ । ପ୍ରତ୍ୟେକ ମାନବ ଏହି ପଞ୍ଚ ପ୍ରକୃତିର ଅଧୀନରେ ଥାଆନ୍ତି । ଏହି ପଞ୍ଚବିଧ ପ୍ରକୃତିକୁ ସଂଯମ କରିବାର ନାମ ସାଧନା ।

(୧୬୫) ଇନ୍ଦ୍ରିୟର ଅଧିପତି ଦେବତା : କର୍ଣ୍ଣର ଅଧିପତି ଦେବତା ଦିଗ୍, ତ୍ୱକ୍‌ର ବାୟୁ, ନେତ୍ରର ସୂର୍ଯ୍ୟ, ଜିହ୍ୱାର ବରୁଣ ଏବଂ ନାସିକାର ଅଧିପତି ଦେବତା ଅଶ୍ୱିନୀକୁମାର । ବାକ ଅଧିପତି ଦେବତା ବହ୍ନି, ହସ୍ତର ଇନ୍ଦ୍ର, ପାଦର ଉପେନ୍ଦ୍ର, ପାୟୁର ମୃତ୍ୟୁ, ଉପସ୍ଥର ଚନ୍ଦ୍ର, ମନର ଇନ୍ଦ୍ର, ବୁଦ୍ଧିର ବ୍ରହ୍ମା, ଅହଙ୍କାରର ଶଙ୍କର ଏବଂ ଚିତ୍ତର ଅଧିଷ୍ଠାତା ଦେବତା ଅଚ୍ୟୁତ ।

(୧୬୬) ଦୈବଯୁଗ : ସତ୍ୟ, ତ୍ରେତା, ଦ୍ୱାପର ଓ କଳି—ଏହି ଚାରିଯୁଗରେ ଗୋଟିଏ ଦୈବଯୁଗ । ଏହି ଗୋଟିଏ ଦୈବଯୁଗର ପରିମାଣ ୪୩,୨୦,୦୦୦ (ତେୟାଳିଶ ଲକ୍ଷ କୋଡ଼ିଏ ହଜାର) ବର୍ଷ ।

(୧୬୭) ଚତୁର୍ଦ୍ଦଶ ମନ୍ୱନ୍ତର : ଏକ ହଜାର ଦୈବଯୁଗ ବା ଚାରିଶହ ବତିଶ କୋଟି ବର୍ଷରେ ଚଉଦ ମନ୍ୱନ୍ତର ଭୋଗ ହୋଇଥାଏ । ଏହା ବ୍ରହ୍ମାଙ୍କର ବାରଘଣ୍ଟା ବା ଦିବାଭାଗର ସମୟ । ଏହାକୁ କଳ୍ପ କହନ୍ତି । ଲୀଳାମଣ୍ଡଳ ପୁନରାୟ ଆରମ୍ଭ ହେବାକୁ ଗୋଟିଏ କଳ୍ପ ଲାଗେ ।

(୧୬୮) କଳ୍ପ : ବ୍ରହ୍ମାଙ୍କର ଦିବାଭାଗ । ଚତୁର୍ଦ୍ଦଶ ମନ୍ୱନ୍ତର ବା ଏକ ହଜାର ଦୈବଯୁଗକୁ ବୁଝାଇଥାଏ ।

(୧୬୯) କାଳ ବିଭାଗ : ମାନବର ୩୬୦ ଦିନ ସ୍ୱର୍ଗରେ ଏକ ଦିନ ହୁଏ । ମାନବର ୩୬୦ ବର୍ଷ ଉଚ୍ଚସ୍ୱର୍ଗରେ ଏକ ଦୈବବର୍ଷ । ବାର ହଜାର ଦୈବବର୍ଷରେ ଦେବତାମାନଙ୍କର ଏକ ଯୁଗ ହୁଏ । ଦେବତାମାନଙ୍କର ଏକ

ଯୁଗରେ ମନୁଷ୍ୟର ଚାରିଯୁଗ । ଏକ ହଜାର ଦୈବଯୁଗରେ ୧୪ ମନ୍ୱନ୍ତର– ଏହା ବ୍ରହ୍ମାଙ୍କର ଦିବାଭାଗ । ବର୍ତ୍ତମାନ ସପ୍ତମ ମନୁ ବୈବସ୍ୱତ ରାଜତ୍ୱକାଳର ୨୮ଶ ଚତୁର୍ଯୁଗର କଳିଯୁଗ ଚାଲିଅଛି ।

(୧୭୦) ତତ୍ତ୍ୱ ପ୍ରଳୟ : ବ୍ରହ୍ମାଙ୍କର ଶହେବର୍ଷରେ ଯେଉଁ ପ୍ରଳୟ ହୁଏ, ତାହାକୁ ତତ୍ତ୍ୱପ୍ରଳୟ କହନ୍ତି ।

(୧୭୧) ନିଷ୍କାମ କର୍ମ : ଯେଉଁ କର୍ମ ଏକାବେଳକେ ନିଷ୍ଫଳ ହୁଏ ନାହିଁ, ତାହାର ନାମ ନିଷ୍କାମ କର୍ମ । କର୍ମ ଅସିଦ୍ଧ ହେଲେ ମନସ୍ତାପର କାରଣ ରହେ ନାହିଁ । ମନ ନାନା ଦିଗକୁ ଧାବିତ ହୁଏ ନାହିଁ କିମ୍ବା ପାପ ସଞ୍ଚୟ ହୁଏ ନାହିଁ ।

(୧୭୨) ବ୍ୟସନ : ମନୁଷ୍ୟ ଯେଉଁ ଅବସ୍ଥାରେ ପତିତ ହେଲେ ଶ୍ରେୟ ଲାଭରୁ ବଞ୍ଚିତ ହୁଏ, ତାହାର ନାମ ବ୍ୟସନ । ବ୍ୟସନାସକ୍ତଙ୍କର ବୁଦ୍ଧି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ ।

(୧୭୩) କାର୍ପଣ୍ୟ ଦୋଷ : ଯେଉଁମାନେ ସାମାନ୍ୟ କ୍ଷତି ସହ୍ୟ ନ କରି ମହତ୍‌ଲାଭରୁ ବଞ୍ଚିତ ହୁଅନ୍ତି, ସେମାନଙ୍କୁ କାର୍ପଣ୍ୟ ଦୋଷଯୁକ୍ତ କହନ୍ତି । ବ୍ୟୟସଂକୋଚ କରୁଥିବା ବ୍ୟକ୍ତି କୃପଣ ନୁହନ୍ତି । ମହାବ୍ୟସନୀ ଓ ବିଷୟାସକ୍ତ ଲୋକମାନେ ହିଁ କୃପଣ ପଦବାଚ୍ୟ ।

(୧୭୪) ଅକର୍ମରେ କର୍ମ : ଶିଶୁ ଯେତେବେଳେ ହସ୍ତପଦ ସଞ୍ଚାଳନ କରୁଥାଏ, ତଦ୍ୱାରା କିଛି କାର୍ଯ୍ୟ ନ ହେଉଥିଲେ ମଧ୍ୟ ସେତେବେଳେ ଶିଶୁ ପ୍ରକୃତ କର୍ମ କରୁଥାଏ । ତାହାକୁ ଅକର୍ମରେ କର୍ମ କହନ୍ତି ।

(୧୭୫) ସୁକର୍ମରେ କୁକର୍ମ : ବାହାରେ ମହତ୍ କାର୍ଯ୍ୟ କରି ମନେମନେ କୁବାସନା ପୋଷଣ କରିବାର ନାମ ସୁକର୍ମରେ କୁକର୍ମ । ଜଣେ ମନ୍ଦିରରେ ବସି ଯଦି କାମିନୀ କାଞ୍ଚନ ଚିନ୍ତା କରନ୍ତି, ତେବେ ତାହା ସୁକର୍ମରେ କୁକର୍ମ ।

(୧୭୬) କୁକର୍ମରେ ସୁକର୍ମ : ଜଣେ ବେଶ୍ୟାଳୟରେ ଥାଇ ଯଦି ମନ୍ଦିର କିମ୍ବା ଭଗବତ୍ କଥା ଚିନ୍ତା କରନ୍ତି, ତାହା କୁକର୍ମରେ ସୁକର୍ମ ବୋଲି ଅଭିହିତ । ନରହତ୍ୟାକାରୀକୁ ବିଚାରଦ୍ୱାରା ପ୍ରାଣଦଣ୍ଡ ପ୍ରଦାନ କରିବା କୁକର୍ମ ହେଲେ ମଧ୍ୟ ତାହା ସୁକର୍ମ ମଧ୍ୟରେ ଗଣ୍ୟ ।

(୧୭୭) ଅକର୍ମରେ କୁକର୍ମ : ସତ୍ୟ ଜାଣି ମଧ୍ୟ ଉପଯୁକ୍ତ ସମୟରେ ବା ଉପଯୁକ୍ତ କ୍ଷେତ୍ରରେ ତାହାର ପ୍ରୟୋଗ ନ କରିବାର ନାମ ଅକର୍ମରେ କୁକର୍ମ ।

(୧୭୮) ଚତୁର୍ବିଧ ଶକ୍ତି : ଇନ୍ଦ୍ରିୟ ବା କ୍ରିୟାଶକ୍ତି, ସଂକଳ୍ପ ବା ଇଚ୍ଛାଶକ୍ତି, ବିକଳ୍ପ ବା ଜ୍ଞାନଶକ୍ତି, ଚିତ୍ ବା ଚୈତନ୍ୟ ଆତ୍ମଶକ୍ତି– ଏହି ଶକ୍ତିଚତୁଷ୍ଟୟର ନାମ ଚତୁର୍ବିଧ ଶକ୍ତି ।

(୧୭୯) ଷଡ଼୍‌ବିଧ ବିକାର : ଉତ୍ପତ୍ତି, ବିକାଶ, ବିନାଶ, ରୂପାନ୍ତର, ହ୍ରାସ, ବୃଦ୍ଧି– ଏହାର ନାମ ଷଡ଼୍‌ବିଧ ବିକାର । ଯାହାଙ୍କର ଏହି ଷଡ଼୍‌ବିଧ ବିକାର ନାହିଁ, ସେ ହେଉଛନ୍ତି ସତ୍ୟସତ୍ତା ।

(୧୮୦) କର୍ମ : ଚିନ୍ତା, ବାକ୍ୟ ଓ ଇନ୍ଦ୍ରିୟ କ୍ରିୟା—କର୍ମ ଏହି ତିନି ଭାଗରେ ବିଭକ୍ତ ।

(୧୮୧) ଚତୁର୍ବିଧ କର୍ମ : ନିତ୍ୟ, ନୈମିତ୍ତିକ, ପ୍ରାୟଶ୍ଚିତ ଓ ଉପାସନା । ଏହାର ନାମ ଚତୁର୍ବିଧ କର୍ମ ।

(୧୮୨) ସୁକର୍ମ : ଯେଉଁ କର୍ମରେ ଐହିକ ଓ ପାରତ୍ରିକ ବା ଆଧ୍ୟାତ୍ମିକ କଲ୍ୟାଣ ସାଧିତ ହୁଏ, ତାହାହିଁ ପ୍ରକୃତ ସୁକର୍ମ । ଯଜ୍ଞ, ଦାନ, ତପଃ ଓ ଇନ୍ଦ୍ରିୟସଂଯମ—ଏହି ତ୍ରିବିଧ କର୍ମ ହିଁ ସୁକର୍ମ ମଧ୍ୟରେ ଗଣ୍ୟ ।

(୧୮୩) କୁକର୍ମ : ଯେଉଁ ସମସ୍ତ କର୍ମ ଐହିକ ଓ ପାରତ୍ରିକ ଅକଲ୍ୟାଣର କାରଣ, ଯେଉଁଥିରେ ମାନବର ଦୁଃଖ ଓ ଅଜ୍ଞାନତା ବର୍ଦ୍ଧିତ ହୁଏ, ତାହା ହିଁ କୁକର୍ମ । ଏହି କର୍ମକୁ କୁକର୍ମ ବା ଅସତ୍ କର୍ମ ବୋଲି ମଧ୍ୟ କୁହାଯାଏ । ମିଥ୍ୟା, ପ୍ରବଞ୍ଚନା, ହିଂସା, ପରର ଅନିଷ୍ଟ ଚିନ୍ତା ବା ଅନିଷ୍ଟ ସାଧନ ପ୍ରଭୃତି ଏହି କୁକର୍ମର ଅନ୍ତର୍ଗତ ।

(୧୮୪) ଅକର୍ମ : ଯେଉଁ କର୍ମରେ ଶୁଭାଶୁଭ କୌଣସି ପ୍ରକାର ଫଳ ଉତ୍ପନ୍ନ ହୋଇପାରେ ନାହିଁ, ଯେଉଁ କର୍ମରେ ଜୀବନରେ କୌଣସି ସାର୍ଥକତା ସମ୍ପାଦନ ହୋଇପାରେ ନାହିଁ, ଯେଉଁ କର୍ମ ମାନବର ମନ ଓ ବୁଦ୍ଧିର କିଛିମାତ୍ର ସାହାଯ୍ୟ ଗ୍ରହଣ ନ କରି ଦେହ ଓ ଇନ୍ଦ୍ରିୟଠାରୁ ସ୍ୱତଃ ଉତ୍ପନ୍ନ ହୋଇଥାଏ, ସେହି କର୍ମର ନାମ ଅକର୍ମ । ଶ୍ୱାସ ପ୍ରଶ୍ୱାସାଦି କ୍ରିୟା, ପରିପାକ କ୍ରିୟା, ରକ୍ତସଞ୍ଚଳନ କ୍ରିୟା, ମଳମୂତ୍ରାଦି ତ୍ୟାଗ, ନିଦ୍ରା, ଶୟନ ଏବଂ ବୃଥା ଭ୍ରମଣ ଇତ୍ୟାଦି ଏହାର ଅନ୍ତର୍ଗତ । ମନୁଷ୍ୟ ଅନ୍ୟମନସ୍କଭାବରେ, ଉନ୍ମନା ହୋଇ, ଉନ୍ମତ୍ତ ଭାବରେ, ପୂର୍ଣ୍ଣ ଉଦାସୀନ ଓ ନିର୍ଲିପ୍ତଭାବରେ ଯେଉଁ କର୍ମ କରେ, ତାହା ମଧ୍ୟ ଅକର୍ମ ମଧ୍ୟରେ ଗଣ୍ୟ ।

(୧୮୫) ନିତ୍ୟକର୍ମ : ଯେଉଁ କର୍ମ ମୋକ୍ଷଲାଭର ଉପାୟୀଭୂତ ସତ୍, ସାଧୁ, ସତ୍ୟ ଓ ଆତ୍ମଜ୍ଞାନ ସାଧକ ଏବଂ ଯାହାର ପ୍ରତ୍ୟେକ ସଂସାରୀ ମାନବକୁ ପ୍ରତ୍ୟହ ନିୟମିତ ଭାବରେ ଓ ସମୟ ଅନୁସାରେ ଏବଂ ସ୍ଥିର ଅଭ୍ୟାସ, ଏକନିଷ୍ଠ ଓ ଆନ୍ତରିକ ଶ୍ରଦ୍ଧା ସହକାରେ ଚିତ୍ତଶୁଦ୍ଧି ଉଦ୍ଦେଶ୍ୟରେ କରିବାକୁ ପଡ଼େ, ତାହାହିଁ ନିତ୍ୟକର୍ମ ।

(୧୮୬) ନୈମିତ୍ତିକ କର୍ମ : ଜୀବାତ୍ମାର କଲ୍ୟାଣ ଓ ସ୍ୱର୍ଗାଦି ଉଚ୍ଚଗତି ଲାଭ ନିମିତ୍ତ ସମୟ, ଅବସ୍ଥା ଓ ଘଟନା ଅନୁସାରେ ଯେଉଁ କର୍ମ କରାଯାଏ, ତାହାକୁ ନୈମିତ୍ତିକ କର୍ମ କୁହାଯାଏ । ପୂଜା, ଯଜ୍ଞ ଓ ମହୋତ୍ସବାଦି ନୈମିତ୍ତିକ କର୍ମ ମଧ୍ୟରେ ଗଣ୍ୟ ।

(୧୮୭) ଉପାସନା : ମନେ ମନେ ସର୍ବଦା ଭଗବାନଙ୍କ ଚିନ୍ତା କରିବାର ନାମ ଉପାସନା । ଉପ-ଅସ୍ (ଅବସ୍ଥାନ) + ଅନଟ୍= ଉପାସନା । ଈଶ୍ୱରଙ୍କଠାରେ ଚିତ୍ତକୁ ଯୁକ୍ତ କରିବାର ନାମ ଉପାସନା । ଯୋଗଶାସ୍ତ୍ରରେ ଏହାର ନାମ ଈଶ୍ୱର ପ୍ରଣିଧାନ । ଗୀତାରେ ଏହାକୁ ଯୋଗ କୁହାଯାଇ ଅଛି । ଉପାସନା ଓ ଉପନିଷଦ୍ ଉଭୟ ଶବ୍ଦହିଁ ଈଶ୍ୱରଙ୍କଠାରେ ମନର ଯୁକ୍ତ ଅବସ୍ଥାକୁ ଲକ୍ଷ୍ୟ କରାଯାଇଛି । ପ୍ରାର୍ଥନା ଓ ଆତ୍ମନିବେଦନ ଉପାସନାର ଅଙ୍ଗ ।

(୧୮୮) ନିଷିଦ୍ଧ କର୍ମ : ଯେଉଁ କର୍ମ ନିମିତ୍ତ ପ୍ରାୟଶ୍ଚିତ କରିବାକୁ ପଡ଼େ, ତାହାହିଁ ନିଷିଦ୍ଧ କର୍ମ । ନିଷିଦ୍ଧ କର୍ମକୁ ବିକର୍ମ କହନ୍ତି । ନିତ୍ୟ ନୈମିତ୍ତିକ ଓ ଉପାସନା ରୂପ କର୍ମକୁ ବିଧି ଓ ପ୍ରାୟଶ୍ଚିତାର୍ହ କର୍ମକୁ ନିଷିଦ୍ଧ କର୍ମ କୁହାଯାଏ । ନିଷିଦ୍ଧ କର୍ମ କଲେ ମନରେ ନାନାବିଧ ଅଶାନ୍ତି ଜାତ ହୁଏ ଓ ଅଜ୍ଞାନତା ବର୍ଦ୍ଧିତ ହୁଏ ।

(୧୮୯) ପ୍ରତ୍ୟବାୟ : ବିଧିମୂଳକ କର୍ମଗୁଡ଼ିକ ଅନୁଷ୍ଠାନ ନ କଲେ ପାପ ଓ ପ୍ରତ୍ୟବାୟ ହୁଏ ।

(୧୯୦) ପ୍ରାୟଶ୍ଚିତ : ଯେଉଁ କର୍ମଦ୍ୱାରା ପୂର୍ବାନୁଷ୍ଠିତ ପାପର କ୍ଷୟ ହୁଏ, ତାହାର ନାମ ପ୍ରାୟଶ୍ଚିତ । କୁକର୍ମର ତ୍ୟାଗର ନାମ ପ୍ରାୟଶ୍ଚିତ । ପ୍ର ଉପସର୍ଗ ଇ ଧାତୁ (ଗମନ କରିବା) + ଅସ୍=ପ୍ରାୟଃ । ପ୍ରକୃଷ୍ଟ ଗତିର ନାମ ପ୍ରାୟଃ । ସେହି ପ୍ରାୟୋଃ ଚିତ୍ତ ବା ସଂକଳ୍ପ ସ୍ଥିରକରି ଦୃଢ଼ ପ୍ରତିଜ୍ଞା ସହକାରେ ପୁନଃ କୁକର୍ମ ନ କରିବା ନିମିତ୍ତ ଯେଉଁ ବ୍ରତ ଧାରଣ କରାଯାଏ, ତାହାର ନାମ ପ୍ରାୟଶ୍ଚିତ ।

ଗୀତାର ତପ ଓ ବେଦର ପ୍ରାୟଶ୍ଚିତ ଏକା କଥା । ବୈଧ କର୍ମର ତ୍ୟାଗ ଓ ନିଷିଦ୍ଧ କର୍ମ ଗ୍ରହଣ—ଉଭୟହିଁ ପ୍ରାୟଶ୍ଚିତାର୍ହ ।

(୧୯୧) ସ୍ୱ-କର୍ମଶକ୍ତି : ଜୀବମାତ୍ରକେ ନିତ୍ୟ ସ୍ୱ ସ୍ୱ କର୍ମାଧୀନ । ଜୀବର ଦୁର୍ଦ୍ଦଶା ନିମିତ୍ତ ଅନ୍ୟ କାହାକୁ ଦୋଷ ଦେବାର କୌଣସି ଅଧିକାର ନାହିଁ । ଦୁଃଖ ବା ସୁଖ ଜୀବର ସ୍ୱକର୍ମ ଶକ୍ତିର ଫଳ । କର୍ମ କରିବା ମାତ୍ରକେ ତାହାର ଫଳ ତତ୍‌କ୍ଷଣାତ୍ ଭୋଗ ହୁଏ ନାହିଁ । କର୍ମର ତାରତମ୍ୟ ଅନୁସାରେ କେଉଁ କର୍ମର ଫଳ ଇହଜୀବନରେ, ପୁଣି କେଉଁ କର୍ମଫଳ ପରଜୀବନରେ, ଏପରିକି ଜନ୍ମ-ଜନ୍ମାନ୍ତରରେ ମଧ୍ୟ ଭୋଗ ହୋଇଥାଏ । ଜୀବନର ସ୍ୱକୃତ ଶୁଭାଶୁଭ ସ୍ୱକର୍ମ ଶକ୍ତିଦ୍ୱାରାହିଁ ତାହାର ଜନ୍ମମୃତ୍ୟୁ ଅନୁଶାସିତ ହେଉଅଛି । ଏହି ସ୍ୱକର୍ମଶକ୍ତି ତିନି ଭାଗରେ ବିଭକ୍ତ । କ୍ରିୟମାଣ, ସଞ୍ଚିତ ଓ ପ୍ରାରବ୍‌ଧ ।

(୧୯୨) କ୍ରିୟମାଣ କର୍ମ : ଯେଉଁ କର୍ମ ଏହି ଜନ୍ମରେ କରାଯାଉଅଛି, ଯାହାର ଫଳ ପରେ ଭୋଗ ହେବ, ତାହାକୁ କ୍ରିୟମାଣ କର୍ମ କହନ୍ତି । ବର୍ତ୍ତମାନ ଓ ଭବିଷ୍ୟତରେ ଯେଉଁସବୁ କର୍ମ ସ୍ୱଇଚ୍ଛାରେ ପ୍ରବୃତ୍ତି ବଶରୁ କରାଯାଇଥାଏ, ସେହି କର୍ମକୁ ଓ ସେହି କର୍ମର ଫଳକୁ ମଧ୍ୟ କ୍ରିୟମାଣ କର୍ମ କୁହାଯାଏ ।

(୧୯୩) ସଞ୍ଚିତ କର୍ମ : ଅହଂ କର୍ତ୍ତା ବୁଦ୍ଧିରେ ସ୍ୱସୁଖବାସନା ରଖି ଯେଉଁ କର୍ମ କରାଯାଇଥାଏ, ଯାହାର ଭୋଗ ପୂର୍ବରୁ ଜୀବାତ୍ମା ଦେହ ତ୍ୟାଗ କରେ, ସେହି କର୍ମର ନାମ ସଞ୍ଚିତ କର୍ମ । ଏହି କର୍ମଶକ୍ତି ପ୍ରଭାବରେ ଜୀବର ସ୍ୱଭାବ, ଅଦୃଷ୍ଟ ଓ ମତିଗତି (Predilections and Propensities) ଗଠିତ ହୋଇଥାଏ । ଏହି ସଞ୍ଚିତ କର୍ମକୁ ବାସନା କହନ୍ତି । ଏହି କର୍ମର ଫଳଭୋଗ ନିମିତ୍ତ ଜୀବର ଜନ୍ମ ହୋଇଥାଏ ।

(୧୯୪) ପ୍ରାରବ୍ଧ କର୍ମ : ପୂର୍ବ ପୂର୍ବ ଜନ୍ମକୃତ ଯେଉଁସବୁ କର୍ମର ଫଳଭୋଗ ଆରମ୍ଭ ହୋଇଗଲାଣି, ତାହାହିଁ ପ୍ରାରବ୍‌ଧ କର୍ମ । ଏହି ପ୍ରାରବ୍‌ଧ ଶକ୍ତି ପ୍ରଭାବରେ ଜୀବର ବର୍ତ୍ତମାନ ଜନ୍ମର ପରିବାର, ସମାଜ, ଅର୍ଥ ଓ ସମ୍ମାନ ପ୍ରତିପତ୍ତି ମିଳିଥାଏ । ଅର୍ଥାତ୍ ଅର୍ଥ ଓ କାମ ଏ ପ୍ରାରବ୍‌ଧଦ୍ୱାରା ଅନୁଶାସିତ ହୋଇଥାଏ । ବର୍ତ୍ତମାନ ଜନ୍ମର ଅନେକ କର୍ମ ମଧ୍ୟ ଏହି ଶକ୍ତିଦ୍ୱାରା ନିୟନ୍ତ୍ରିତ ହୁଏ । ନୂତନ ଅନୁଷ୍ଠିତ କର୍ମଦ୍ୱାରା ମଧ୍ୟ ଏହି ଶକ୍ତିକୁ ଦୁର୍ବଳ ବା ପ୍ରବଳ କରାଯାଇପାରେ । ଅତୀତର ସଞ୍ଚିତ କର୍ମ ହିଁ ବର୍ତ୍ତମାନର ପ୍ରାରବ୍‌ଧ ଜ୍ଞାନଦ୍ୱାରା ବା ପୁରୁଷକାରଦ୍ୱାରା ସଞ୍ଚିତ ଓ

କ୍ରିୟମାଣ କର୍ମର କ୍ଷୟ ହେଲେ ମଧ୍ୟ ପ୍ରାରବ୍ଧ କ୍ଷୟ ନ ହେବା ପର୍ଯ୍ୟନ୍ତ ଜୀବନର ମୁକ୍ତିଲାଭ ହୋଇପାରେ ନାହିଁ ।

(୧୯୫) ଦୈବଶକ୍ତି : ଜୀବର ସଞ୍ଚିତ କର୍ମଶକ୍ତିର ନାମ ଦୈବ ହେଲେ ମଧ୍ୟ ତ୍ରିବିଧ ଶକ୍ତିର ଅପ୍ରତିହତ ଫଳ ଜୀବାତ୍ମାର ଚିତ୍ତକ୍ଷେତ୍ରରେ ଏଭଳି ସଂସ୍କାର ଉତ୍ପନ୍ନ କରିଥାଏ ଯେ, ସେହି କର୍ମର ଫଳସମୂହ ଭୋଗ କରିବା ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ଏହା କ୍ଷୟ ହୋଇପାରେ ନାହିଁ । ଲୋକମାନେ କାରଣ ବୁଝି ନ ପାରି ସେହି କର୍ମଶକ୍ତିକୁ ଦୈବ ବୋଲି କହନ୍ତି ।

(୧୯୬) କାରଣଦେହ : ଉପରୋକ୍ତ ତ୍ରିବିଧ କର୍ମଫଳର ଶକ୍ତି ବା କର୍ମସଂସ୍କାର ଜୀବ-ସ୍ୱଭାବର ବୀଜରୂପରେ ଚିତ୍ତକ୍ଷେତ୍ରରେ ଅଙ୍କିତ ହୋଇଯାଏ । ଏହିସବୁ କର୍ମଶକ୍ତି ପୁଞ୍ଜିକୃତ ହୋଇ ଗୋଟିଏ ଆବରଣ ଆକାରରେ ଜୀବାତ୍ମା ସାଙ୍ଗରେ ସଂଯୁକ୍ତ ହୁଏ । ଏହି ଆବରଣକୁ ସ୍ୱଭାବଦେହ ବା କାରଣଶରୀର କୁହାଯାଏ । ଏହି ଆବରଣହିଁ ଜୀବତ୍ମାର ସଙ୍ଗୀ । ଫଳଭୋଗଦ୍ୱାରା ଓ ନୂତନ କର୍ମର ସଞ୍ଚୟଦ୍ୱାରା ଏହି ଦେହର ହ୍ରାସ ବୃଦ୍ଧି ବା ପରିବର୍ତ୍ତନ ହେଉଥିଲେ ମଧ୍ୟ ସହଜରେ ସେହି ଶରୀରର କ୍ଷୟ ସାଧିତ ହୋଇପାରେ ନାହିଁ । କେବଳ ସାଧନଦ୍ୱାରା ଏହି ଶରୀର କ୍ଷୟପ୍ରାପ୍ତ ହୁଏ । ଏହି କାରଣଦେହ ନାଶରେ ଜୀବତ୍ମାର ମୁକ୍ତି ହୋଇଥାଏ । ଏହି କାରଣ ଦେହକୁ ସାଧନ ବା ପୁରୁଷକାର ଦ୍ୱାରା ନଷ୍ଟକଲେ ବା କର୍ମକ୍ଷୟ ହେଲେ ଭଗବତ୍ ପ୍ରାପ୍ତି ଘଟେ ।

(୧୯୭) କୃପାଶକ୍ତି : ଶକ୍ତିଶାଳୀ ମହାପୁରୁଷ ବା ସଦ୍‌ଗୁରୁ କୃପାକରି ଜୀବର ଯାବତୀୟ ସୁଖଦୁଃଖର ଫଳ ବା ଅସହ୍ୟ ଯାତନା ନିଜ ଶରୀରରେ ଭୋଗ ନିମିତ୍ତ ଗ୍ରହଣ କରି ତାଙ୍କର ଏକାନ୍ତ ଆଶ୍ରିତ ଭକ୍ତମାନଙ୍କୁ କର୍ମଫଳରୁ ମୁକ୍ତି ପ୍ରଦାନ କରନ୍ତି । ଯେଉଁ ଶକ୍ତି ପ୍ରଭାବରେ ମହାପୁରୁଷମାନେ ଆଶ୍ରିତ ଭକ୍ତଙ୍କର କର୍ମକ୍ଷୟ କରାଇ ଦିଅନ୍ତି, ସେହି ଶକ୍ତିର ନାମ କୃପାଶକ୍ତି । ତେଣୁ କୃପାଶକ୍ତି ବ୍ୟତୀତ ଜୀବର ସ୍ୱକର୍ମ-ଶକ୍ତିଦ୍ୱାରା ଉଦ୍ଧାରର ଉପାୟ ନାହିଁ । ଭଗବତ୍ ଉଦ୍ଦେଶ୍ୟରେ ରାଗଦ୍ୱେଷବର୍ଜିତ ହୋଇ କର୍ମ କରି ସେହି କର୍ମର ଫଳକୁ ଭଗବତ୍ ଉଦ୍ଦେଶ୍ୟରେ ଅର୍ପଣ କଲେ ଯାଇ କୃପାଶକ୍ତି ଲାଭ ହୁଏ ।

(୧୯୮) କର୍ମ : ଏକାଦଶ ଇନ୍ଦ୍ରିୟଦ୍ୱାରା ଏହି ଜୀବନରେ ଯାହା କିଛି ସାଧନା କରାଯାଏ, ତାହାହିଁ କର୍ମ ନାମରେ ଖ୍ୟାତ । ଚିନ୍ତା, ବାକ୍ୟ, ଆଚରଣ,

ଦର୍ଶନ ଓ ସ୍ପର୍ଶନ ପ୍ରଭୃତି ଇନ୍ଦ୍ରିୟ ସଞ୍ଚାଳନମୂଳକ ଯାବତୀୟ ବିଷୟ ହିଁ କର୍ମପଦବାଚ୍ୟ ।

(୧୯୯) କର୍ମସଂସ୍କାର : କର୍ମ କରିବା ମାତ୍ରକେ ତାହାର ଫଳ ଦୁଇଭାଗରେ ବିଭକ୍ତ ହୋଇଥାଏ । ପ୍ରଥମଶକ୍ତି (Negative) ଏହି ବିଶ୍ୱ ବା ଜଗତର ପରିବର୍ତ୍ତନ ସାଧନ କରେ । ଦ୍ୱିତୀୟ ଶକ୍ତି (Positive) କର୍ମକର୍ତ୍ତା ଜୀବର ଚିତ୍ତକ୍ଷେତ୍ରରେ ଶକ୍ତି ପ୍ରକାଶ କରିଥାଏ; ଅର୍ଥାତ୍ ଚିତ୍ତକ୍ଷେତ୍ରରେ ଏକପ୍ରକାର ଦାଗ (Impression) ଉତ୍ପନ୍ନ କରାଇଥାଏ । ଏହି ଦାଗର ନାମ ସଂସ୍କାର । କର୍ମର ପ୍ରଥମ ପ୍ରକାର ଫଳକୁ objective effect କହନ୍ତି ଏବଂ ଦ୍ୱିତୀୟ ପ୍ରକାର ଫଳକୁ Subjective effect କୁହାଯାଏ । କର୍ମର ଯେଉଁ ଶକ୍ତି ଭୌତିକ ଜଗତରେ କ୍ରିୟାଶୀଳ ହୋଇ ଜଗତର ପରିବର୍ତ୍ତନ ସାଧନ କରେ, ତଦ୍ୱାରା ଜୀବାତ୍ମାର କିଛି କ୍ଷତି ଘଟେ ନାହିଁ; କର୍ମର ଦ୍ୱିତୀୟ ପ୍ରକାର ଫଳ ବା ସଂସ୍କାର ନାଶ ନିମିତ୍ତ ସାଧନା କରିବାକୁ ଦର୍ଶନଶାସ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି । ଏହି ସଂସ୍କାର କ୍ଷୟ ନ ହେଲେ ସ୍ୱରୂପଲାଭ ହୋଇପାରେ ନାହିଁ ।

(୨୦୦) ସ୍ୱଧର୍ମାଚରଣ ବା ସାଧନ : ଉପରୋକ୍ତ ତ୍ରିବିଧ କର୍ମଶକ୍ତିର ସଂସ୍କାରନାଶ ନିମିତ୍ତ ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ ଯେଉଁ କର୍ମ କରାଯାଏ, ତାହାର ନାମ ସାଧନା ବା ସ୍ୱଧର୍ମାଚରଣ । ଜଡ଼ବସ୍ତୁର ଧ୍ୟାନ ତ୍ୟାଗକରି ସର୍ବଦା ଚୈତନ୍ୟଯୁକ୍ତ ଭଗବାନ ବା ଶ୍ରୀଗୁରୁଙ୍କ ଚିନ୍ତା କରିବା ହିଁ ସାଧନା । ପରସ୍ପର ବିରୁଦ୍ଧ ଧର୍ମାତ୍ମକ ଦ୍ୱନ୍ଦ୍ୱଭାବରୁ ଜଡ଼ ଓ ଚୈତନ୍ୟ, ଭୂତ ଓ ଆତ୍ମା ଦୁଇଟି ପ୍ରାନ୍ତ । ଦୁଇ ବିରୁଦ୍ଧ ପ୍ରାନ୍ତର ମଧ୍ୟ ବିନ୍ଦୁରେ ଜୀବର ଅବସ୍ଥାନ । ସେହି ଅବସ୍ଥାନ କ୍ଷେତ୍ରରୁ ବିଷୟ-ବାସନା ପରିତ୍ୟାଗ କରି ଭଗବତ୍ ଅଭିମୁଖରେ ଗତି କରିବାର ନାମ ସାଧନା । ସାଧନ ମଧ୍ୟରେ ସାଧକଙ୍କର ତ୍ରିବିଧ କର୍ମ ସମୂହ ଭୋଗ ହୋଇ କ୍ଷୟପ୍ରାପ୍ତ ହୋଇଯାଏ । ଅତଏବ ସାଧନମାନେ ଧୀରସ୍ଥିର ଭାବରେ କର୍ମଫଳ ଭୋଗକରି ଭଗବତ୍ ଭାବରେ ତନ୍ମୟ ହୋଇ ପାରିଲେ କର୍ମଫଳ ନଷ୍ଟ ହୋଇଯାଏ । କର୍ମବନ୍ଧନରୁ ଜୀବ କେବେହେଲେ ନିଜ ଚେଷ୍ଟାରେ ମୁକ୍ତିଲାଭ କରିପାରିବ ନାହିଁ ବୋଲି ସଦ୍‌ଗୁରୁଙ୍କ ଶରଣ ଗ୍ରହଣ କରିଥାଏ ।

(୨୦୧) ସତ୍ୟଧର୍ମ : (୧) ଅହଂ ବା ମୁଁ (Self) (୨) ଆତ୍ମନ୍ (Soul), (୩) ବ୍ରହ୍ମନ୍ - ଭଗବାନ; ଏହି ତ୍ରିତତ୍ତ୍ୱ ହିଁ ଧର୍ମଶାସ୍ତ୍ରର ସତ୍ୟ ବା ଧର୍ମ । ଉପରୋକ୍ତ ତିନୋଟି ବିଷୟ ଅବ୍ୟକ୍ତ ମୂଳତତ୍ତ୍ୱର ତ୍ରିବିଧ ଅବସ୍ଥା ମାତ୍ର ।

(୨୦୨) ଅହଂତ୍ୱ : ଏହି ଦେହ, ଇନ୍ଦ୍ରିୟ, ମନ, ବୁଦ୍ଧି ଓ ପ୍ରକୃତିର ଅନ୍ତରାଳରେ ଏବଂ ଆଶ୍ରୟ ରୂପରେ ଅବସ୍ଥିତ ମୂଳ ଦ୍ରଷ୍ଟା ବା ଅନୁଭବ କରୁଥିବା ଚିତ୍ ଚୈତନ୍ୟ ସତ୍ତାର ନାମ ଅହଂ ବା Self ।

(୨୦୩) ଆତ୍ମନ୍ : ଯାହାଙ୍କୁ ସମାଶ୍ରୟ କରି ଯାବତୀୟ ଜୀବଜଗତ୍ ସମାବସ୍ଥିତ, ତାଙ୍କର ନାମ ଆତ୍ମନ୍ ବା Soul ।

(୨୦୪) ବ୍ରହ୍ମନ୍ : ପରମେଶ୍ୱର ଅର୍ଥାତ୍ ଯାହାଙ୍କ ଇଙ୍ଗିତରେ ବା ଶକ୍ତିରେ ଏହି ବିଶ୍ୱଚରାଚର ପରିଚାଳିତ ହେଉଅଛି, ତାହାଙ୍କ ନାମ ବ୍ରହ୍ମନ୍ ବା ପରମେଶ୍ୱର । ଶୁଦ୍ଧଚିତ୍ତ ବ୍ୟତୀତ ଏହି ତ୍ରିତତ୍ତ୍ୱର ଅନୁଭୂତି ମିଳେ ନାହିଁ ।

(୨୦୫) ବ୍ରହ୍ମ : ଏହି ବିଶ୍ୱରେ ଉପରୋକ୍ତ, ଅଦ୍ୱିତୀୟ ସତ୍ୟ ବ୍ୟତୀତ ଦ୍ୱିତୀୟ ସତ୍ୟ ନାହିଁ । ଦୁଇ ବା ବହୁତ୍ୱର ଜ୍ଞାନ ମିଥ୍ୟା ବା ମାୟାପ୍ରସୂତ । ଉପରୋକ୍ତ ବିଶ୍ୱକର୍ତ୍ତା ବ୍ରହ୍ମନ୍ ବା ପରଂବ୍ରହ୍ମଙ୍କର ଏକ ବିଶ୍ୱପ୍ରସାଦକାରିଣୀ ଶକ୍ତି ଅଛି । ଏହି ଶକ୍ତି ଅଚିନ୍ତ୍ୟ । ଏହି ଶକ୍ତିକୁ ତାଙ୍କର ଶକ୍ତି ଅଥବା ପ୍ରକୃତି ବା ପରମେଶ୍ୱରଙ୍କ ଗୁଣ ବା ଧର୍ମ ବୋଲି କୁହାଯାଇଛି । ଏହି ଶକ୍ତିଯୁକ୍ତ ପରମାତ୍ମା ହିଁ ବିଶ୍ୱର ଈଶ୍ୱର ବା ବ୍ରହ୍ମ । ଶକ୍ତିର ଅତୀତ ଅବସ୍ଥାଙ୍କୁ ନିର୍ଗୁଣ ବୋଲି ଅଭିହିତ କରାଯାଇଅଛି ।

(୨୦୬) ମହାମାୟା : ବ୍ରହ୍ମଙ୍କର ଯେଉଁ ଶକ୍ତି ଏହି ବିଶ୍ୱ, ଜୀବଜଗତ୍ ଓ ବ୍ରହ୍ମାଣ୍ଡ ନୀତିର ମୂଳ କର୍ତ୍ତା, ତାଙ୍କୁ ମହାମାୟା କୁହାଯାଏ । ଏହି ମହାମାୟା ହିଁ ମାନବମାନଙ୍କର ଆତ୍ମସ୍ୱରୂପକୁ ଆଚ୍ଛନ୍ନ କରି ରଖିଥିବା ହେତୁ ମାନବ ନିଜକୁ ଭିନ୍ନ ବୋଧ କରୁଅଛି । ମାନବ ଉପରେ ଏହି ଆବରଣ ନଥିଲେ ସେ ଅନିତ୍ୟ ସଂସାରରେ ରହି ସଂସାର ଯାତ୍ରା ନିର୍ବାହ କରିବାକୁ ସକ୍ଷମ ହୋଇପାରୁ ନ ଥାନ୍ତା । ଅଜ୍ଞାନରେ ଆବୃତ କରି ଏହି ବିଶ୍ୱସଂସାର ଉତ୍ପାଦନ କରିବା, ଏହାର ସଂରକ୍ଷଣ କରିବା ଏବଂ ଏହାର ବିଲୀନ କରିବା ହିଁ ଉକ୍ତ ମହାମାୟାଙ୍କର କାର୍ଯ୍ୟ । ବିଦ୍ୟା ଓ ଅବିଦ୍ୟା ଭେଦରେ ମାୟାର ଦୁଇଟି ଶକ୍ତି ଅଛି ।

(୨୦୭) ଅବିଦ୍ୟା ଶକ୍ତି : ମାୟା ତା'ର ଅବିଦ୍ୟା ଶକ୍ତିଦ୍ୱାରା ଆତ୍ମାକୁ ଉପରୋକ୍ତ ଅଜ୍ଞାନ ଭାବରେ ସମାବୃତ୍ତ କରି ଜୀବ ବା ଜଗତ୍ ରୂପରେ ଉଦ୍ଭାବନ କରେ । ଏହି ଶକ୍ତି ପ୍ରଭାବରେ ମାନବ ନିଜକୁ ବା ନିଜ ଆତ୍ମାକୁ ଅନୁଭବ କରିବାକୁ ସକ୍ଷମ ହୋଇପାରେ ନାହିଁ । ମାନବ ମନରେ ସର୍ବଦା ଯେଉଁ ଅନନ୍ତ

ପ୍ରକାରର ଭ୍ରାନ୍ତି ବିରାଜିତ, ତାହାହିଁ ମାୟାର ମୋହ ବା ମାୟାର କାର୍ଯ୍ୟ । ଏହି ମୋହାବରଣ ଭେଦ ନ କଲେ କୌଣସି ସାଧନ ପଥରେ ଅଗ୍ରସର ହେବା ସୁଦୂରପରାହତ ।

(୨୦୮) ବିଦ୍ୟା : ମହାମାୟା ଯେଉଁ ଶକ୍ତି ଦ୍ୱାରା ଆତ୍ମାର ଆବରଣ ନାଶ କରି ଜୀବକୁ ମୁକ୍ତି ପ୍ରଦାନ କରନ୍ତି, ସେହି ଶକ୍ତିଙ୍କର ନାମ ବିଦ୍ୟା । ତେଣୁ ବିଦ୍ୟା ହିଁ ମୁକ୍ତିର ମୂଳ କାରଣ ଏବଂ ଅବିଦ୍ୟା ହିଁ ବନ୍ଧନର ହେତୁ । କିନ୍ତୁ ଏହି ବିଦ୍ୟା କୌଣସି ବୈଜ୍ଞାନିକ ବା ଦାର୍ଶନିକଙ୍କ ମନୋମୟ (Theoritical) ଜ୍ଞାନ ନୁହେଁ; ଏହା ଅଭ୍ରାନ୍ତ ସତ୍ୟଜ୍ଞାନ (Practical)କୁ ହିଁ ବୁଝାଇଥାଏ । ଏହି ସତ୍ୟଜ୍ଞାନକୁ କର୍ମ-ଜୀବନରେ ପରିଣତ କରିବାର ନାମ ଧର୍ମ ବା ସ୍ୱଧର୍ମାଚରଣ । କେବଳ ଜାଣିବାର ନାମ ଧର୍ମ ନୁହେଁ । ଧର୍ମଶାସ୍ତ୍ର ବା ପୋଥିଗତ ଜ୍ଞାନ ଏବଂ ଧର୍ମ ମଧ୍ୟରେ ଏହାହିଁ ପ୍ରଭେଦ । ଶମଦମାଦିଦ୍ୱାରା ଚିତ୍ତର ବୃତ୍ତିଗୁଡ଼ିକୁ ଶୁଦ୍ଧ, ସ୍ଥିର ଓ ଏକାଗ୍ର କରିପାରିଲେ ମାୟାର ଜ୍ଞାନାବରଣକାରିଣୀ ଶକ୍ତି ହ୍ରାସ ପାଇଥାଏ । ସାଧନଚତୁଷ୍ଟୟ ସମ୍ପନ୍ନ ହୋଇପାରିଲେ ମାୟାର ଆବରଣୀ ଶକ୍ତିର ବିଲୋପ ଘଟିଥାଏ ।

(୨୦୯) ସାଧନଚତୁଷ୍ଟୟ : ନିତ୍ୟାନିତ୍ୟ ବସ୍ତୁବିବେକ, ଇହାମୂତ୍ର ଫଳଭୋଗ ବିରାଗ, ମୁମୁକ୍ଷୁତ୍ୱ ଏବଂ ଷଟ୍‌ସମ୍ପତ୍ତି—ଏହାର ନାମ ସାଧନ ଚତୁଷ୍ଟୟ । ଏହାହିଁ ପ୍ରଧାନ ସାଧନ ବୋଲି ବେଦାନ୍ତ ଶାସ୍ତ୍ରରେ ଉକ୍ତ ହୋଇଅଛି ।

(୨୧୦) ନିତ୍ୟାନିତ୍ୟ ବସ୍ତୁ ବିବେକ : ସତତ ଏବଂ ସର୍ବାବସ୍ଥାରେ ଓ ସର୍ବବିଧ କର୍ମ କରିବା ସମୟରେ ଏକ ଆତ୍ମସ୍ୱରୂପକୁ ସତ୍ୟ ବୋଲି ଜ୍ଞାନ କରି ଏ ଜଗତର ଯାବତୀୟ ବସ୍ତୁ ବା ଘଟନାକୁ ସ୍ୱପ୍ନ ତୁଲ୍ୟ ଅନିତ୍ୟଜ୍ଞାନ କରିବା ହିଁ ନିତ୍ୟାନିତ୍ୟ ବସ୍ତୁ ବିବେକ ।

(୨୧୧) ଇହାମୁତ୍ର ଫଳଭୋଗ ବିରାଗ : ଇହକାଳରେ ହେଉ ବା ପରକାଳରେ ହେଉ, ନିଜ ଶୁଭାଶୁଭ କର୍ମ ଫଳର ଭୋଗ ଇଚ୍ଛାକୁ ସତ୍ୟରୂପରେ ତ୍ୟାଗ କରିବାର ନାମ ଇହାମୁତ୍ର ଫଳଭୋଗ ବିରାଗ ।

(୨୧୨) ମୁମୁକ୍ଷୁତ୍ୱ : ପୁନଃପୁନଃ ଜନ୍ମ, ମୃତ୍ୟୁ, ବ୍ୟାଧି, ବେଦନା, ଅଜ୍ଞାନ, ସଂଶୟ ଏବଂ ଦୁଃଖକଷ୍ଟରେ କରାଳ କବଳରୁ ପ୍ରକୃତ ଭାବରେ ଉଦ୍ଧାର ପାଇବା ନିମିତ୍ତ ଦୃଢ଼ ଅକପଟ ଇଚ୍ଛାର ନାମ ମୁମୁକ୍ଷୁତ୍ୱ ।

(୨୧୩) ଷଟ୍‌ସମ୍ପତ୍ତି : ଶମ, ଦମ, ତିତିକ୍ଷା, ଉପରତି, ସମାଧାନ ଓ

ଶ୍ରଦ୍ଧା—ଏହି ଛଅଗୋଟି ସାଧନ ସମ୍ପଦ ମଧ୍ୟରେ ଗଣ୍ୟ ।

(୨୧୪) ଶମ : ମନର ବୃତ୍ତିନିଚୟ ବା ବାସନାର ସଂଯମ ବା ଦମନର ନାକ ହିଁ ଶମ ।

(୨୧୫) ଦମ : ବାହ୍ୟିକ ଇନ୍ଦ୍ରିୟ ଅର୍ଥାତ୍ ଚକ୍ଷୁ କର୍ଣ୍ଣାଦି ଏବଂ ଆହାର ନିଦ୍ରାଦିର ଦମନ ବା ସଂଯମ କରିବା ଶକ୍ତିର ନାମ ଦମ ।

(୨୧୬) ତିତିକ୍ଷା : ସୁଖ ଦୁଃଖ, ଶୀତ ଉଷ୍ଣ, କ୍ଷୁଧା ତୃଷ୍ଣା ଓ ନିନ୍ଦା ବନ୍ଦନାଦି ସହ୍ୟ କରିବା ଶକ୍ତି ବା ତଦ୍ଦ୍ୱାରା ବିଚଳିତ ନ ହେବାର ନାମ ତିତିକ୍ଷା ।

(୨୧୭) ଉପରତି : ସଂସାର ଓ ବିଷୟକର୍ମଚାଞ୍ଚଲ୍ୟ ଏବଂ କାମ ଭୋଗାଦିର ବିରତି; ଅର୍ଥାତ୍ କ୍ରମଶଃ ଏଗୁଡ଼ିକର ସଙ୍କୋଚନ କରିବା ଶକ୍ତିର ନାମ ଉପରତି ।

(୨୧୮) ସମାଧାନ : ଶୁଦ୍ଧ ବିଚାର ବୁଦ୍ଧିଦ୍ୱାରା ସତ୍ୟ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବା ଅର୍ଥାତ୍ ବୁଦ୍ଧିର ଦ୍ୱନ୍ଦ୍ୱ ଭାବ ବା ସଂଶୟାଦି ତ୍ୟାଗ ପୂର୍ବକ ସ୍ଥିର ସଂକଳ୍ପ ଅବଲମ୍ବନ କରିବାର ନାମ ସମାଧାନ ।

(୨୧୯) ଶ୍ରଦ୍ଧା : ଅତିନ୍ଦ୍ରିୟ ଆତ୍ମା, ଈଶ୍ୱର, ପରଲୋକ, ଦେବତା ଓ ଗୁରୁଦେବଙ୍କ ଅସ୍ତିତ୍ୱରେ ବିଶ୍ୱାସ ଏବଂ ବେଦାନ୍ତ, ଗୁରୁ, ଜ୍ଞାନୀ ମହାପୁରୁଷଙ୍କ ବାକ୍ୟ ଓ ଶାସ୍ତ୍ରବାକ୍ୟ ମାନ୍ୟକରି ଚଳିବାର ନାମ ଶ୍ରଦ୍ଧା ।

(୨୨୦) ଧର୍ମାଚରଣ : ଆତ୍ମସଂଯମ ଓ ଆତ୍ମଗଠନର ନାମ ଧର୍ମ । ଜ୍ଞାନର ବିଷୟକୁ କର୍ମ ଜୀବନରେ ଆୟତ୍ତ କରିବାର ନାମ ଧର୍ମାଚରଣ । ଧର୍ମ ପଥରେ ଗତି କରିବାକୁ ହେଲେ ମନ ସଂଯମ, ଇନ୍ଦ୍ରିୟ ସଂଯମ ଏବଂ ସତ୍ତ୍ୱଗୁଣ ବର୍ଦ୍ଧନ ନିମିତ୍ତ କ୍ରିୟାପରାୟଣ ହେବା କର୍ତ୍ତବ୍ୟ । ଆତ୍ମଗଠନ ହିଁ ଧର୍ମର ମୁଖ୍ୟ ବିଷୟ । ଶ୍ରଦ୍ଧା, ଭକ୍ତି, ଉପାସନା ପ୍ରଭୃତି ଏହାର ସହାୟକ । ତେଣୁ ଯୋଗ ଓ ବୌଦ୍ଧଶାସ୍ତ୍ରରେ ଆତ୍ମଗଠନ ଉପରେ ବିଶେଷ ଦୃଷ୍ଟି ଦିଆଯାଇ ଏହାକୁ ହିଁ ଧର୍ମାଚରଣ ନାମରେ ଅଭିହିତ କରାଯାଇଅଛି । ଯେଉଁମାନେ ଏହି ଦୁର୍ଲ୍ଲଭ ମାନବଜନ୍ମ ଲାଭ କରି ଧର୍ମାଚରଣ ଅର୍ଥାତ୍ ଚିତ୍ତଶୁଦ୍ଧି, ଚରିତ୍ରଶୁଦ୍ଧି, ଗୁଣଶୁଦ୍ଧି ଏବଂ କର୍ମଶୁଦ୍ଧି ନିମିତ୍ତ ପ୍ରାଣପଣେ ଚେଷ୍ଟା କରନ୍ତି ନାହିଁ, ସେମାନଙ୍କ ଜୀବନ ବୃଥା; ସେମାନେ ନିତାନ୍ତ ଆତ୍ମପ୍ରତାରକ । ଧର୍ମ, ଇହକାଳ ଓ ପରକାଳର ଏକମାତ୍ର ବନ୍ଧୁ ଏବଂ ରକ୍ଷକ । ଧର୍ମ ଅଚେତନ ବା ଦୁର୍ବଳ ପଦାର୍ଥ ନୁହେଁ । ଏହାର ଚେତନା ଓ ଶକ୍ତି ଅଛି ଏବଂ

ଏହା ମାନବକୁ ରକ୍ଷା ଓ ଉଦ୍ଧାର କରିବାକୁ ସକ୍ଷମ ହୋଇଥାଏ । ଗ୍ରାସାଚ୍ଛାଦନର ପରିପାଟୀ ବର୍ଜନପୂର୍ବକ ସର୍ବଦା ସହଜ ଜୀବନଯାପନ ଓ ଉଚ୍ଚଚିନ୍ତାର ଆଶ୍ରୟ ହିଁ ଧର୍ମଲାଭର ଉପାୟ ।

(୨୨୧) ବ୍ରହ୍ମଙ୍କର ତ୍ରିବିଧ ସ୍ୱରୂପ : ପ୍ରଥମରେ ନିରାକାର ବା ନିର୍ଗୁଣ ବ୍ରହ୍ମ, ଦ୍ୱିତୀୟରେ ସାକାର ଅଥବା ସଗୁଣ ବ୍ରହ୍ମ ଏବଂ ତୃତୀୟରେ ଜୀବ ବ୍ରହ୍ମ ।

(୨୨୨) ନିର୍ଗୁଣବ୍ରହ୍ମ : ନିରାକାର ବା ନିର୍ଗୁଣ ବ୍ରହ୍ମ ସମସ୍ତ ଭୂତରେ ଏବଂ ସମୁଦାୟ ଜୀବଙ୍କ ଆତ୍ମା ରୂପରେ ବିଦ୍ୟମାନ ରହିଅଛନ୍ତି । ସୂର୍ଯ୍ୟଦେବ ଯେପରି ବିଭିନ୍ନ ଜଳପାତ୍ରରେ ଭିନ୍ନ ଭିନ୍ନ ଭାବରେ ପ୍ରତିବିମ୍ବିତ ହୋଇ ମଧ୍ୟ ଏକ ଭାବରେ ଅବସ୍ଥାନ କରନ୍ତି, ବ୍ରହ୍ମ ମଧ୍ୟ ସେହିପରି ଭିନ୍ନ ଭିନ୍ନ ଜୀବଙ୍କ ଶରୀରରେ ଅବସ୍ଥାନ କରି ମଧ୍ୟ ଏକ ଏବଂ ପୂର୍ଣ୍ଣରୂପରେ ସତତ ବିରାଜମାନ ଅଛନ୍ତି । ଏହି ବ୍ରହ୍ମଭାବକୁ ଅବ୍ୟୟ ଏବଂ ଅକ୍ଷର ବୋଲି ଶାସ୍ତ୍ର ଅଭିହିତ କରିଛନ୍ତି ।

(୨୨୩) ସଗୁଣବ୍ରହ୍ମ : ତତ୍ପରେ ସୃଷ୍ଟି ପାଳନାଦି ନିମିତ୍ତ, ସ୍ୱୀୟ ଆନନ୍ଦ ଉପଭୋଗ କରିବା ପାଇଁ ଏବଂ ଏହି ବ୍ୟକ୍ତ ବିଶ୍ୱରୂପରେ ଅଭିବ୍ୟକ୍ତ ହେବା ନିମିତ୍ତ ନିର୍ଗୁଣ ବ୍ରହ୍ମ ହିଁ ତ୍ରିଗୁଣ ବା ତାଙ୍କର ପ୍ରକୃତିକୁ ନେଇ ଯେଉଁ ଭାବରେ ବ୍ୟକ୍ତ ହୁଅନ୍ତି, ସେହି ଭାବର ନାମ ଈଶ୍ୱର ବା ସଗୁଣ ବ୍ରହ୍ମ ।

(୨୨୪) ଜୀବବ୍ରହ୍ମ : ସଗୁଣ ବ୍ରହ୍ମ ମାୟାମୟ କର୍ମଦ୍ୱାରା ବ୍ୟବଚ୍ଛେଦ ପ୍ରାପ୍ତ ହୋଇ ଭିନ୍ନ ଭିନ୍ନ ବ୍ୟଷ୍ଟି ଆକାରରେ ଏହି ବିଶ୍ୱରେ ଯେଉଁ ମାୟାମୟ ଖଣ୍ଡ ଦେହ ପରିଗ୍ରହ କରନ୍ତି, ତାହାର ନାମ ଜୀବବ୍ରହ୍ମ । ସେଥିରୁ ଭିନ୍ନ ଭିନ୍ନ ଜୀବବ୍ରହ୍ମର ଏବଂ ଯାବତୀୟ ଭୌତିକ ପଦାର୍ଥର ଉତ୍ପତ୍ତି ହୋଇଥାଏ ।

(୨୨୫) ମହାବିଷ୍ଣୁ : ମହାବିଷ୍ଣୁ ସଚ୍ଚିଦାନନ୍ଦ ସ୍ୱରୂପ, ପରାତ୍ପର, ଦେଶ କାଳାଦିର ଅତୀତ, ସର୍ବବ୍ୟାପୀ, ପୂର୍ଣ୍ଣ ପରଂବ୍ରହ୍ମ ବା ପରମଶିବ, ଅନନ୍ତ ରୂପ ମହାକାଳରେ ଅଧିଷ୍ଠିତ ହେଲେ ଅର୍ଥାତ୍ ଅନନ୍ତ ସମୟ ମଧ୍ୟରେ ପ୍ରବେଶ କଲେ ମହାବିଷ୍ଣୁ ନାମଧାରଣ କରନ୍ତି । ତତ୍ପରେ ତାଙ୍କଠାରୁ ଯୋଗମାୟା ବା ମହତ୍ ପ୍ରକୃତି ଉଦ୍ଭୁତ ହୁଅନ୍ତି । ଏହି ଯୋଗମାୟା ଦ୍ୱାରା ଆଚ୍ଛନ୍ନ ହୋଇ ତାଙ୍କର ସୃଷ୍ଟି ସଂକଳ୍ପ ଉତ୍ପନ୍ନ ହୁଏ ଏବଂ ତାହା ଫଳରେ ତାଙ୍କ ନାଭି-କମଳରୁ ତାଙ୍କର ବାସନା ବା ଇଚ୍ଛା ଶକ୍ତିର ଅବତାର ରୂପୀ ରଜୋଗୁଣେଶ୍ୱର ବ୍ରହ୍ମାଙ୍କର ପ୍ରକାଶ ହୋଇଥାଏ । ପରେ ବ୍ରହ୍ମାଙ୍କ ଠାରୁ ତାଙ୍କର ଚିନ୍ତାଶକ୍ତି ବା ଯୋଗବଳ ପ୍ରଭାବରୁ ଜଗତ୍ ବ୍ରହ୍ମାଣ୍ଡର

ଉଦୟ ହୁଏ । ଏହି ବିଷ୍ଣୁଙ୍କ ସ୍ୱରୂପ ପୂର୍ଣ୍ଣ ବ୍ରହ୍ମ ହେଲେ ମଧ୍ୟ ସେ ନିଜକୁ ଜାଣିବା ନିମିତ୍ତ ସତତ ଯୋଗାବଲମ୍ବନପୂର୍ବକ ଅବସ୍ଥାନ କରନ୍ତି । ଅନନ୍ତ ମହାକାଳ ବା ସମୟ ରୂପ ଅବ୍ୟକ୍ତ ମୂଳା ପ୍ରକୃତି ହିଁ ଅନନ୍ତ ସର୍ପ । ଯୋଗମାୟା ରୂପ ମହାତତ୍ତ୍ୱ ହିଁ ବିଶୁଦ୍ଧ ବିଦ୍ୟା ବା ମହାଲକ୍ଷ୍ମୀ । ବିଶ୍ୱରୂପ ବିରାଟ ଈଶ୍ୱର ହିଁ ବ୍ରହ୍ମା ।

(୨୨୬) **ଶିବ :** ପୂର୍ଣ୍ଣବ୍ରହ୍ମ ରୂପ ପରମଶିବ ନିଜେ ପୁଣି ତମୋଗୁଣାଶ୍ରୟ ପୂର୍ବକ ସୃଷ୍ଟିକୁ ଯେତେବେଳେ ନିଜ ଅଭ୍ୟନ୍ତରକୁ ପ୍ରତ୍ୟାବର୍ତ୍ତନ କରାଇ ବିଲୟ କରନ୍ତି, ତାଙ୍କର ସେହି ତମୋଗୁଣାଧିଷ୍ଠିତ ସ୍ୱରୂପକୁ ଶିବ ନାମ ପ୍ରଦାନ କରାଯାଇଅଛି ।

(୨୨୭) **ଯୋଗମାୟା :** ଅଘଟନ-ଘଟନପଟୀୟସୀ ମହିୟସୀ ଯୋଗମାୟାଙ୍କୁ ଶାସ୍ତ୍ରରେ ମା ଦୁର୍ଗା ବୋଲି ଅଭିହିତ କରାଯାଇଅଛି । ମା' ଦୁର୍ଗା ସର୍ବ ଦେବତାଙ୍କର ଶକ୍ତି ସ୍ୱରୂପା । ଅନ୍ୟ ଦେବତାଙ୍କ କଥା ଛାଡ଼ିଦେଲେ ମଧ୍ୟ ସ୍ୱୟଂ ବିଷ୍ଣୁଙ୍କର ଯାବତୀୟ ମନ୍ତ୍ରର ଅଧିଷ୍ଠାତ୍ରୀ ଦେବୀ ଏହି ଦୁର୍ଗା । ସେ ଏକାଧାରରେ ସାଧକ ଏବଂ ସାଧ୍ୟ ସତ୍ତା । ସେ ଏହି ଉଭୟଙ୍କ ମଧ୍ୟରେ ଯୋଗ ସାଧନ କରି ନ ଦେଲେ କୌଣସି ଉପାୟରେ ସିଦ୍ଧିଲାଭ କରାଯାଇପାରେ ନାହିଁ । ତେଣୁ ଏହି ଶକ୍ତିଙ୍କୁ ଯୋଗମାୟା ବୋଲି କୁହାଯାଏ । ଏହି ଶକ୍ତିଙ୍କ କୃପା ବ୍ୟତୀତ କୌଣସି କାର୍ଯ୍ୟ ସାଧନ କରାଯାଇପାରେ ନାହିଁ । ସୁତରାଂ ଯୋଗମାୟା ସ୍ୱରୂପା ମା ଦୁର୍ଗାଙ୍କ ଉପାସନା କରି ତାଙ୍କୁ ସନ୍ତୁଷ୍ଟ କରିବା ଭଗବତ୍ ସାଧନାର ପ୍ରଧାନ ଅଙ୍ଗ । ଯେଉଁମାନେ ଦୁର୍ଗାଙ୍କ ବ୍ୟତୀତ ସ୍ୱୀୟ ଇଷ୍ଟ ଦେବତାଙ୍କ ଉପାସନା କରନ୍ତି, ସେମାନଙ୍କ ପ୍ରତି ମଧ୍ୟ ଏହି ମାଆଙ୍କ ଦୃଷ୍ଟି ପତିତ ହେବା ଫଳରେ ସେମାନେ ଶୀଘ୍ର ଅଭିଳଷିତ ସିଦ୍ଧି ଲାଭ କରନ୍ତି । ତେଣୁ ବ୍ରହ୍ମ ବା ଭଗବାନଙ୍କର କୃପାଶକ୍ତିର ନାମ ଦୁର୍ଗା । ସେ ସମଗ୍ର ବିଶ୍ୱପ୍ରକୃତି ସ୍ୱରୂପ ଈଶ୍ୱର । ତେଣୁ ତାଙ୍କର ଅନ୍ୟ ନାମ ଉମା । ଏହି ଦୁର୍ଗା ମହାବିଷ୍ଣୁଙ୍କ ଶକ୍ତିସ୍ୱରୂପା । ଏହାଙ୍କର ଅପର ନାମ ଚିତ୍‌ଶକ୍ତି ।

(୨୨୮) **ମୂଳାପ୍ରକୃତି :** ପୂର୍ଣ୍ଣ ବ୍ରହ୍ମ ନିରାକାର ହୋଇ ମଧ୍ୟ ସାକାର । ସାକାର ବ୍ରହ୍ମ ସୃଷ୍ଟି, ସ୍ଥିତି ଓ ଲୟକାରିଣୀ ଶକ୍ତିସମ୍ପନ୍ନ ହୋଇ ଏହି ବିଶ୍ୱରୂପ ଈଶ୍ୱର ରୂପରେ ବିରାଜ କରୁଅଛନ୍ତି । ଜୀବବ୍ରହ୍ମ ତାଙ୍କରି ଅଂଶ ବିଶେଷ । ମାୟା ବା ପ୍ରକୃତି ସେହି ବ୍ରହ୍ମଙ୍କର ଶକ୍ତି । ଭିନ୍ନ ଭିନ୍ନ ଦର୍ଶନ ଶାସ୍ତ୍ରରେ ସେହି ଶକ୍ତିଙ୍କର ନାମ ମାୟା, ପ୍ରକୃତି, ସ୍ୱଭାବ ବା ଶକ୍ତି ବୋଲି ବର୍ଣ୍ଣନା କରାଯାଇଅଛି । କିନ୍ତୁ ଏ ସମସ୍ତ ଏକାର୍ଥବୋଧକ । ବୃକ୍ଷ ଯେପରି ତାହାର ବୀଜ ମଧ୍ୟରେ ନିହିତ ଥାଏ, ଭଗବାନଙ୍କର

ଯେଉଁ ଶକ୍ତି, ତାହା ସେହିପରି ଭାବରେ ପ୍ରଳୟକାଳରେ ବ୍ରହ୍ମରେ ଲୀନ ଥାଆନ୍ତି ଏବଂ ପ୍ରଳୟ ପରେ ବ୍ରହ୍ମଙ୍କ ସୃଷ୍ଟିସଙ୍କଳ୍ପ ଜାଗିଲାକ୍ଷଣି ପୁନରୁଦ୍ଭୂତା ହୁଅନ୍ତି, ତାଙ୍କୁ ଅବ୍ୟକ୍ତା ମୂଳା ପ୍ରକୃତି କୁହାଯାଏ । ଏହି ମୂଳା ପ୍ରକୃତିଙ୍କ ଠାରୁ ମହତ୍‌ତତ୍ତ୍ୱ ଏବଂ ଅହଂତତ୍ତ୍ୱ ପ୍ରଭୃତି ବ୍ୟକ୍ତ ପ୍ରକୃତିର ଉଦ୍ଭବ ହୋଇଅଛି । ଏହି ପ୍ରକୃତିଠାରୁ କ୍ରମଶଃ ମନ ଓ ଇନ୍ଦ୍ରିୟ ତତ୍ତ୍ୱର ଉଦ୍ଭବ ହୋଇଥାଏ । ବଦ୍ଧ ଜୀବଗଣଙ୍କର ପୂର୍ବକଳ୍ପର ସଞ୍ଚିତ କର୍ମ କେବେହେଲେ ବିନାଶପ୍ରାପ୍ତ ହୁଏନାହିଁ । ଏହି କର୍ମଶକ୍ତି ବୀଜ ରୂପରେ ପ୍ରଳୟ କାଳରେ ଅବ୍ୟକ୍ତ ତତ୍ତ୍ୱରେ ମିଶ୍ରିତ ହୋଇ ଅବସ୍ଥାନ କରେ । ପରେ ବିଶ୍ୱ ଉତ୍ପନ୍ନ ହେଲେ ଏହି କର୍ମଶକ୍ତି ରୂପ ବୀଜରୁ ଜୀବଗଣ ଉତ୍ପନ୍ନ ହୁଅନ୍ତି । ତେଣୁ ଜୀବ ସ୍ୱକର୍ମାଧୀନ । ଏହି କର୍ମକୁ କ୍ଷୟ କରିବା ଅଥବା ଈଶ୍ୱରଙ୍କଠାରେ ଏହାକୁ ପୂର୍ଣ୍ଣଭାବରେ ସମର୍ପଣ କରିବା ହିଁ ଜୀବଭାବ ଅବସାନର ପ୍ରଧାନ ଉପାୟ । ଅନ୍ୟଥା ଜୀବର ସୁଖ ଦୁଃଖ ଭୋଗର ଅବସାନ କେବେହେଲେ ହେବ ନାହିଁ ।

(୨୨୯) ପରମାତ୍ମା ଚୈତନ୍ୟ : ବ୍ରହ୍ମଙ୍କର ଅନନ୍ତ ଶକ୍ତି ଏବଂ ଅନନ୍ତ ଗୁଣ । ତାଙ୍କର ଅନନ୍ତ ଶକ୍ତିସମୂହ ମଧ୍ୟରେ ମାୟାଶକ୍ତି ଅନ୍ୟତମ । ଏହି ମାୟାଶକ୍ତି ପ୍ରଧାନତଃ ବିଶୁଦ୍ଧ ସତ୍ତ୍ୱ ଏବଂ ବିଶୁଦ୍ଧ ତମ—ଏହି ଦ୍ୱୈତଭାବ ବା ଗୁଣରେ ବିଭକ୍ତ ହେଲେ ପ୍ରତ୍ୟେକ ଗୁଣରେ ମଧ୍ୟ ପୂର୍ଣ୍ଣବ୍ରହ୍ମଙ୍କର ଅଧିଷ୍ଠାନ ହୋଇଥାଏ । ବିଶୁଦ୍ଧ ସତ୍ତ୍ୱଗୁଣକୁ ମହାବିଷ୍ଣୁ ବା ପରମାତ୍ମଚୈତନ୍ୟ କୁହାଯାଏ । ବିଶୁଦ୍ଧ ତମୋଗୁଣରେ ଚୈତନ୍ୟ ଅଧିଷ୍ଠିତ ହେଲେ ତାଙ୍କୁ ମହାଶିବ ବା ଅକ୍ଷରବ୍ରହ୍ମ କୁହାଯାଏ । ଉପରୋକ୍ତ ମହାବିଷ୍ଣୁ ଏବଂ ମହାଶିବଙ୍କ ମଧ୍ୟରେ ମାୟା ଓ ବ୍ରହ୍ମ ଉଭୟ ବିରାଜିତ ଥାଆନ୍ତି । ମାୟାର ବିଶୁଦ୍ଧ ରଜୋଗୁଣରେ ପରମାତ୍ମଚୈତନ୍ୟଙ୍କ ଅଧିଷ୍ଠାନ ହେଲେ ତାଙ୍କୁ ମହାବ୍ରହ୍ମା କୁହାଯାଏ । ତେଣୁ ଆଦିବ୍ରହ୍ମା, ଆଦିବିଷ୍ଣୁ ଏବଂ ଆଦିଶିବଙ୍କର ପୁରୁଷ ସ୍ତ୍ରୀ ଭେଦଭାବ ନାହିଁ । ସେମାନଙ୍କ ନିଜକୁ ଶକ୍ତିରୂପରେ ଦର୍ଶନ କରନ୍ତି । ଏହି ଆଦିପୁରୁଷଙ୍କ ଠାରୁ ବ୍ୟଷ୍ଟିଜଗତର ଅସଂଖ୍ୟ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର ସୃଷ୍ଟି ହୋଇଅଛି ।

(୨୩୦) ଆଦ୍ୟାଶକ୍ତି : ଅବ୍ୟକ୍ତ ମୂଳା ପ୍ରକୃତିକୁ ଆଦ୍ୟାଶକ୍ତି କୁହାଯାଏ । ମାୟା ହିଁ ପ୍ରଥମ ଏବଂ ପ୍ରଧାନ ତତ୍ତ୍ୱର ସ୍ୱରୂପ । ତାଙ୍କର ବିଶୁଦ୍ଧ ତମୋଗୁଣରୁ ନିଷ୍କ୍ରିୟ ଅଦ୍ୱୈତ ଚୈତନ୍ୟ ଏବଂ ବିଶୁଦ୍ଧ ସତ୍ତ୍ୱଗୁଣରୁ ମହତତ୍ତ୍ୱ ବା ଅଭେଦ ଜ୍ଞାନଶକ୍ତିର ଉତ୍ପତ୍ତି ହୁଏ । ସେହି ଶୁଦ୍ଧଜ୍ଞାନଶକ୍ତିକୁ ବିଦ୍ୟାମାୟା କହନ୍ତି ଏବଂ ବିଶୁଦ୍ଧ

ସତ୍ତ୍ୱଗୁଣାଧିଷ୍ଠିତ ପରଂବ୍ରହ୍ମଙ୍କୁ ମହାବିଷ୍ଣୁ କୁହାଯାଏ । ଏହାଙ୍କର ଅନ୍ୟନାମ ପରମାତ୍ମଚୈତନ୍ୟ ।

(୨୩୧) ମହାବିଦ୍ୟା : ମାୟାର ମିଶ୍ରିତ ତ୍ରିଗୁଣ ଶକ୍ତିଙ୍କୁ ମହାବିଦ୍ୟା ବା ମହାମାୟା କହନ୍ତି ।

(୨୩୨) ମହତ୍ : ବ୍ରହ୍ମ ଏବଂ ତାଙ୍କର ଶକ୍ତି ମାୟା ଭିତରେ କୌଣସି ପ୍ରଭେଦ ନାହିଁ । ଏହି ମାୟା ହେତୁ ବ୍ରହ୍ମ ଜୀବରୂପରେ ଦ୍ୱୈତଭାବ ପ୍ରାପ୍ତ ହୋଇଅଛନ୍ତି । ବ୍ରହ୍ମ ହିଁ ଜଗତ ରୂପ ବିବର୍ତ୍ତନର ଅଧିଷ୍ଠାନ ବା ଅବଲମ୍ବନ । ବ୍ରହ୍ମଙ୍କ ଉପରେ ମାୟା ଅଧିଷ୍ଠିତା ରହି କ୍ରିୟାଶୀଳ ହୁଏ । ବିଶ୍ୱ ହିଁ ମାୟାର କାର୍ଯ୍ୟ । କିନ୍ତୁ ବ୍ରହ୍ମଙ୍କ ବ୍ୟତୀତ ମାୟାର ଅସ୍ତିତ୍ୱ ସ୍ଫୁରିତ ହୋଇପାରେ ନାହିଁ । ତେଣୁ ଯେତେ ପ୍ରକାର ମାୟା କଳ୍ପିତ ହୋଇଅଛି, କେତେଗୁଡ଼ିଏ ବ୍ରହ୍ମଭେଦ କରାଯାଇଅଛି । ସୃଷ୍ଟିକାଳରେ ଏହି ପ୍ରକୃତି ଦେବୀ, ଭଗବତୀ ବା ବିଶ୍ୱପ୍ରକୃତି ରୂପରେ ଅଭିବ୍ୟକ୍ତ ହେଲେ ତାଙ୍କୁ ମହତ୍ ଆଖ୍ୟା ଦିଆଯାଏ । ବ୍ରହ୍ମା, ବିଷ୍ଣୁ ଏବଂ ଶିବ ଏହାଙ୍କଠାରୁ ଜାତ । ତେଣୁ ଏହି ଶକ୍ତି ହେଉଛନ୍ତି ଜଗତର ଜନନୀ । ଶୁଦ୍ଧଚିତ୍ତରେ ଏହି ତତ୍ତ୍ୱର ସମ୍ୟକ୍ ବିକାଶ ହୋଇଥାଏ । ସେଥିପାଇଁ ଆତ୍ମକର୍ମପରାୟଣ ହେବା ଏକାନ୍ତ ଆବଶ୍ୟକ ।

(୨୩୩) ଆତ୍ମକର୍ମ : ପ୍ରାତଃକାଳରୁ ରାତ୍ରିରେ ଶୟନ କରିବା ପର୍ଯ୍ୟନ୍ତ ବେଦ ଓ ଶାସ୍ତ୍ରୋକ୍ତ ଯାବତୀୟ ନିତ୍ୟକର୍ମ ପଦ୍ଧତି ଅନୁସରଣ କରି ଚଳିବା ଏବଂ ଚିତ୍ତ ସ୍ଥିରୀକରଣ ଉପଯୋଗୀ କର୍ମାନୁଷ୍ଠାନସମୂହ ହିଁ ଆତ୍ମକର୍ମ ମଧ୍ୟରେ ଗଣ୍ୟ ।

(୨୩୪) ସ୍ୱାଧ୍ୟାୟ : ସ୍ୱାଧ୍ୟାୟଦ୍ୱାରା ପରାବିଦ୍ୟା ଲାଭ ହୁଏ, ଅର୍ଥାତ୍ ସ୍ୱାଧ୍ୟାୟଦ୍ୱାରା ବ୍ରହ୍ମ, ଆତ୍ମା ଓ ଭଗବାନଙ୍କ ବିଷୟରେ ଯେତେ ଦୂର ସମ୍ଭବ ଜ୍ଞାନଲାଭ ହୋଇଥାଏ । ଏ ସମ୍ବନ୍ଧରେ ସାଧ୍ୟ ଅନୁସାରେ ପ୍ରତିଦିନ କିଛି କିଛି ଚେଷ୍ଟା କରିବାକୁ ହିଁ ସ୍ୱାଧ୍ୟାୟ ବା ଜ୍ଞାନଲାଭର କ୍ରିୟା କୁହାଯାଏ ।

(୨୩୫) ସାଧନାର ପଞ୍ଚବିଧ ଉପକରଣ : ଭଗବାନଙ୍କ ପଦାଶ୍ରୟ ଲାଭ କରିବାକୁ ହେଲେ ମାନବକୁ ପ୍ରଥମେ ଚିତ୍ତଶୁଦ୍ଧି ନିମିତ୍ତ ଚେଷ୍ଟା କରିବାକୁ ହେବ । ସାଧୁସଙ୍ଗ, ଇନ୍ଦ୍ରିୟସଂଯମ, ତପଃ, ଜ୍ଞାନ ଓ ଯୋଗ—ଏହି ପଞ୍ଚବିଧ ପ୍ରକ୍ରିୟାକୁ ସାଧନାର ଉପକରଣ କୁହାଯାଏ । ଏହାଦ୍ୱାରା ଚିତ୍ତଶୁଦ୍ଧି ହୁଏ ।

(୨୩୬) ସାଧୁସଙ୍ଗ : ସଜ୍ଜନ ସଙ୍ଗ, ଗୁରୁସେବା, ଗୁରୁଦେବଙ୍କ ସହିତ

ବାସ, ସଦ୍‌ଗ୍ରନ୍ଥ ପାଠ ଏବଂ ଭଗବତ୍ କଥା ଶ୍ରବଣ ଓ କୀର୍ତ୍ତନ ପ୍ରଭୃତି ସାଧୁସଙ୍ଗର ଅନ୍ତର୍ଗତ ।

(୨୩୭) ତପସ୍ୟା : ଇନ୍ଦ୍ରିୟସଂଯମ, ରିପୁଦମନ ଏବଂ ଶମଦମାଦି ସାଧନକୁ ତପସ୍ୟା କୁହାଯାଏ ।

(୨୩୮) ଜ୍ଞାନ : ତତ୍ତ୍ୱଜ୍ଞାନ ଓ ଆତ୍ମଜ୍ଞାନ ଅର୍ଜନ କରିବା ପାଇଁ ଚେଷ୍ଟା କରିବାର ନାମ ଜ୍ଞାନ ।

(୨୩୯) ଯୋଗ : ଅଭ୍ୟାସ ଓ ଯୋଗଦ୍ୱାରା ସ୍ୱଭାବତଃ କୁପଥଗାମୀ ମନକୁ ସର୍ବଦା ଆତ୍ମା ବା ଈଶ୍ୱରଙ୍କଠାରେ ଯୁକ୍ତ କରିବାର ନାମ ଯୋଗ ।

(୨୪୦) କ୍ରିୟାଯୋଗ : ଇନ୍ଦ୍ରିୟଦ୍ୱାରା ଆତ୍ମକର୍ମ ସାଧନର ଅଭ୍ୟାସ ଗଠନ କରିବାର ନାମ କ୍ରିୟାଯୋଗ । ତପସ୍ୟା, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ—ଏହି ତିନି ପ୍ରକାର କାର୍ଯ୍ୟକୁ ଯୋଗଶାସ୍ତ୍ରରେ କ୍ରିୟାଯୋଗ ନାମରେ ଅଭିହିତ କରାଯାଇଛି । ଶାସ୍ତ୍ରବିଧି ଅନୁସାରେ ବ୍ରତ ନିୟମାଦି ପାଳନ, ଇନ୍ଦ୍ରିୟସଂଯମ, ଆତ୍ମତତ୍ତ୍ୱ ବିଷୟକ ଉପଦେଶ ଗ୍ରହଣ ଓ ଅଧ୍ୟୟନ ଏବଂ ସର୍ବଦା ଈଶ୍ୱରଚିନ୍ତା ହେଉଛି କ୍ରିୟାଯୋଗର ଅର୍ଥ । ଏହାଦ୍ୱାରା ଶକ୍ତି ଲାଭ ହୁଏ ।

(୨୪୧) ତ୍ରିବିଧ ଶକ୍ତି : ସଂସାରାସକ୍ତ ମାନବ ବିନା ଚେଷ୍ଟାରେ ଏବଂ ବିନା ଅଭ୍ୟାସରେ ସଂସାରର କୌଣସି କାର୍ଯ୍ୟରେ କେବେହେଲେ କୃତକାର୍ଯ୍ୟତା ଲାଭ କରିବାକୁ ସକ୍ଷମ ହୋଇପାରେ ନାହିଁ । କାରଣ ଶକ୍ତି ବ୍ୟତୀତ କୌଣସି କାର୍ଯ୍ୟ ସୁସିଦ୍ଧ ହୋଇପାରେ ନାହିଁ । ଉପଯୁକ୍ତ ଚେଷ୍ଟା, ଅଭ୍ୟାସ ଓ କୌଶଳ ହିଁ ସେହି ଶକ୍ତିଲାଭର ଉପାୟ । ଶକ୍ତି ତିନି ପ୍ରକାର—ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କ୍ରିୟାଶକ୍ତି । ମନ ଇଚ୍ଛାଶକ୍ତିର ଆଶ୍ରୟ, ବୁଦ୍ଧି ଜ୍ଞାନଶକ୍ତିର ଆଶ୍ରୟ ଏବଂ ଇନ୍ଦ୍ରିୟଗଣ କର୍ମଶକ୍ତିର ଆଶ୍ରୟ ।

(୨୪୨) ଚିତ୍ତବୃତ୍ତି : ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଏବଂ ତ୍ୱକ୍— ଏମାନେ ନିଜେ ଇନ୍ଦ୍ରିୟ ନୁହନ୍ତି । ଏମାନେ ଇନ୍ଦ୍ରିୟଶକ୍ତିର ପଞ୍ଚବିଧ ଦ୍ୱାର ବା ଯନ୍ତ୍ରବିଶେଷ । ଏହି ଯନ୍ତ୍ରଦ୍ୱାରା ବହିର୍ଜଗତର ପ୍ରତିବିମ୍ବ ବା ସ୍ପନ୍ଦନ ମାନବ ମସ୍ତିଷ୍କକୁ ନୀତ ହୁଏ । ବିଷୟଜଗତର ସତ୍ତା ସ୍ନାୟୁମଣ୍ଡଳଦ୍ୱାରା ମସ୍ତିଷ୍କକୁ ପରିଚାଳିତ ହୁଏ । ତତ୍ପରେ ମନ ଓ ବୁଦ୍ଧି ସାହାଯ୍ୟରେ ଆତ୍ମା ଏହି ଜଗତକୁ ଅନୁଭବ କରନ୍ତି । ଯଦି ମାନବର ଆତ୍ମା, ଅହଂ, ବୁଦ୍ଧି, ମନ ଏବଂ ଇନ୍ଦ୍ରିୟ ନ ଥାନ୍ତା, ତେବେ ଏ ଜଗତର

ସତ୍ତା ଥିଲେ ମଧ୍ୟ 'ନାହିଁ' ବୋଲି ପ୍ରତୀୟମାନ ହେଉଥାଆନ୍ତା । ଚକ୍ଷୁ, କର୍ଣ୍ଣାଦିଠାରୁ ଆରମ୍ଭ କରି ସ୍ନାୟୁ, ମସ୍ତିଷ୍କ, ମନ, ବୁଦ୍ଧି ଓ ଅହଂ ପ୍ରଭୃତିର କାର୍ଯ୍ୟକୁ ଚିତ୍ତବୃତ୍ତି କୁହାଯାଏ ।

(୨୪୩) ଚିତ୍ତ : ଚୈତନ୍ୟ, ପ୍ରକୃତି, ବୁଦ୍ଧି, ଶକ୍ତି ଓ ବାସନା ପ୍ରଭୃତିର ସମଷ୍ଟିଭୂତ ଅବସ୍ଥା ବା ଭାବକୁ ଚିତ୍ତ ବା ଅନ୍ତଃକରଣ କୁହାଯାଏ । ଏହି ଚିତ୍ତ ବା ଚିତ୍ତବୃତ୍ତିର ସତ୍ତାରେ ହିଁ ବାହ୍ୟ ଜଗତ୍ ବା ବିଶ୍ୱର ସତ୍ତା ବିରାଜିତା । ଚିତ୍ତ ନ ଥିଲେ ଦୃଶ୍ୟମାନ ଜଗତର କୌଣସି ଅସ୍ତିତ୍ୱ ନ ଥାନ୍ତା । ଚିତ୍ତର ଗ୍ରହଣଯୋଗ୍ୟ ବସ୍ତୁ ବ୍ୟତୀତ ଏହି ବିଶ୍ୱର ଅନନ୍ତ ପ୍ରକାର ଗ୍ରହଣୀୟ ବିଷୟ ଅଛି । ଚିତ୍ତଠାରୁ ଇନ୍ଦ୍ରିୟ, ମନ, ବୁଦ୍ଧିର କୌଣସି ପାର୍ଥକ୍ୟ ନାହିଁ । ଚିତ୍ତର ବହିର୍ଜଗତ ଅନୁଭବ କରିବାର ଶକ୍ତିକୁ ଇନ୍ଦ୍ରିୟ କହନ୍ତି । ବାସନା ବା ଇଚ୍ଛାଶକ୍ତିକୁ ମନ ଏବଂ ସଂସ୍କାରାଚ୍ଛନ୍ନ ଚୈତନ୍ୟକୁ ବୁଦ୍ଧି କୁହାଯାଏ ।

(୨୪୪) ମନୋବୃତ୍ତି : ମାନବ ମନରେ ଅସଂଖ୍ୟ ପ୍ରକାର ବୃତ୍ତି ବିରାଜିତ । ଏହି ସମସ୍ତ ବୃତ୍ତି ହେଉଛନ୍ତି ମନର କାର୍ଯ୍ୟକାରୀ ଶକ୍ତିର ସ୍ୱରୂପ । ମନ ବୃତ୍ତିର ଅଧୀନ ଥିଲେ ଚଞ୍ଚଳଭାବାପନ୍ନ ଥାଏ । ବୃତ୍ତିଦ୍ୱାରା ମନ ମଧ୍ୟରେ ଚିନ୍ତାର ଉଦୟ ହୁଏ ଅର୍ଥାତ୍ ଚିନ୍ତା ହେଉଛି ମନର ତରଙ୍ଗ ବା ସ୍ପନ୍ଦନର ଅନ୍ୟ ରୂପ । ତେଣୁ ଯେ ଯେତିକି ବିଷୟଚିନ୍ତାପରାୟଣ, ତାଙ୍କର ଚିତ୍ତ ସେତିକି ଅସ୍ଥିର । ବିଷୟଚିନ୍ତା ଭଗବତ୍‌ସାଧନାର ପ୍ରତିକୂଳ । କିନ୍ତୁ ଏହି ଚିନ୍ତାକୁ ଭଗବାନଙ୍କ ପ୍ରତି ଧାବିତ କରିପାରିଲେ ମନ ମଧ୍ୟରେ ଅଦ୍ଭୁତ ଐଶ୍ୱରିକ ଶକ୍ତିର ଉଦ୍ଭବ ହୁଏ । ସେତେବେଳେ ଚିନ୍ତା ତରଙ୍ଗଗୁଡ଼ିକ ଏକମୁଖୀ ହୋଇ ଏକାଗ୍ର ହୁଏ ଏବଂ କ୍ରମେ ସ୍ଥିରଭାବ ଧାରଣ କରେ । ବିଷୟ ଚିନ୍ତାଦ୍ୱାରା ମନର ସ୍ପନ୍ଦନ କ୍ରମେ ବର୍ଦ୍ଧିତ ହୁଏ ଏବଂ ଈଶ୍ୱରଚିନ୍ତାଦ୍ୱାରା ସ୍ପନ୍ଦନ ଏକାଗ୍ର ହୋଇ ସଜ୍ଜିତ ହୋଇଯାଏ । ତେଣୁ ମନୋବୃତ୍ତି ହେଉଛି ଆତ୍ମାର ଚଞ୍ଚଳ ଅବସ୍ଥା ବିଶେଷ । ଆତ୍ମା, ମାୟା ସଂଯୋଗରେ ଚଞ୍ଚଳ ହେଲେ ତାହାର ନାମ ଜୀବାତ୍ମା, ଚିତ୍ତ ବା ମନ ଉପାଧି ଗ୍ରହଣ କରେ । ତେଣୁ ମନର ବିଷୟଚିନ୍ତା ରୂପ ତରଙ୍ଗର ନାମ ମନୋବୃତ୍ତି । ଏହି ଚିନ୍ତାକୁ ସ୍ଥିର କରିପାରିଲେ ସେହି ଚିତ୍ତରେ ଈଶ୍ୱରଙ୍କ ପ୍ରତିବିମ୍ବ ପତିତ ହୁଏ । ତେଣୁ ଚଞ୍ଚଳଭାବାପନ୍ନ ମନ ବା ଚିତ୍ତ ସ୍ଥିର ଭାବାପନ୍ନ ହେଲେ ଆତ୍ମା ନାମରେ ଅଭିହିତ ହୁଏ ।

(୨୪୫) ଚତୁର୍ବିଧ ଅନ୍ତଃକରଣ : ପଞ୍ଚ ସ୍ଥୂଳଭୂତର ସତ୍ତ୍ୱାଂଶରୁ ଅନ୍ତଃକରଣର ଉତ୍ପତ୍ତି ହୋଇଅଛି । ଏହି ଅନ୍ତଃକରଣ ପ୍ରକୃତ ପକ୍ଷରେ ଏକ ହେଲେ ମଧ୍ୟ ବୃତ୍ତି ଭେଦରେ ଚତୁର୍ବିଧ । ଯେଉଁ ସମୟରେ ଅନ୍ତଃକରଣରେ ସଂକଳ୍ପ ଓ ବିକଳ୍ପ ଭାବର ଉଦୟ ହୁଏ, ସେହି ଅବସ୍ଥାର ନାମ ମନ । ନିଶ୍ଚୟାତ୍ମିକା ବୃତ୍ତିର ନାମ ବୁଦ୍ଧି ଏବଂ ଯେତେବେଳେ କୌଣସି ବିଷୟରେ ଅନୁସନ୍ଧାନ ପ୍ରବୃତ୍ତି ଜାତ ହୁଏ, ସେତେବେଳେ ତାହାର ନାମ ଚିତ୍ତ । ଯେତେବେଳେ ପ୍ରକୃତିର କର୍ମକୁ 'ମୋର କର୍ମ' ବୋଲି ଅନୁଭୂତ ହୁଏ, ସେତେବେଳେ ତାହାକୁ ଅହଙ୍କାର କୁହାଯାଏ ।

(୨୪୬) ଦ୍ୱିବିଧ ମନ : ମନ ଦୁଇପ୍ରକାର—ଜ୍ଞାତ ବା ଜାଗ୍ରତ ମନ ଏବଂ ଅଜ୍ଞାନ ବା ଅବ୍ୟକ୍ତ ମନ । ପ୍ରଥମଟି ବାହ୍ୟ ଓ ସଂପ୍ରଜ୍ଞାତ ମନ (conscious mind) ଏବଂ ଦ୍ୱିତୀୟଟି ସର୍ବଜ୍ଞ ଓ ଅଜ୍ଞାତ ସ୍ତରର ମନ (sub-conscious mind) କୁହାଯାଏ ।

(୨୪୭) ଅନ୍ତଃପ୍ରାଜ୍ଞ ମନ : ଏହାକୁ sub-conscious mind କୁହାଯାଏ । ଇନ୍ଦ୍ରିୟମାନେ ଜାଗରିତ ଥିଲେ ଏହି ଅଜ୍ଞାତ ମନ ସ୍ୱାଧୀନ ଭାବରେ ବହିର୍ଜଗତରେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରେ ନାହିଁ ବା ଶକ୍ତିଚାଳନା କରିପାରେ ନାହିଁ । ନିଦ୍ରିତ ଅବସ୍ଥାରେ ଏହି ମନ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ସୁଯୋଗ ପାଏ । ଏହି ଅଜ୍ଞାତ ମନର ଭାବ ଓ କାର୍ଯ୍ୟସମୂହର କାରଣ ଜାଗ୍ରତ ବା ସଂପ୍ରଜ୍ଞାତ ମନ ବୁଝିପାରେ ନାହିଁ । ଯେଉଁ ସାଧକ ଧ୍ୟାନ, ତପସ୍ୟା ଓ ଆତ୍ମକର୍ମଦ୍ୱାରା ଚିତ୍ତ ଶୁଦ୍ଧି କରି ସେହି ମନର ସ୍ୱରୂପ ବୁଝି ପାରନ୍ତି ଏବଂ ଯେ ଦିବ୍ୟ ଦୃଷ୍ଟିଲାଭ କରିଛନ୍ତି, ସେହି କେବଳ ଏହି ଅଜ୍ଞାତ ମନ ସାହାଯ୍ୟରେ ତ୍ରିଭୁବନର ସମ୍ବାଦ ଜାଣିପାରନ୍ତି । ଏହି ଅବ୍ୟକ୍ତ ମନ ହେଉଛି ବାହ୍ୟ ମନର ଏବଂ ଇନ୍ଦ୍ରିୟମାନଙ୍କର ପ୍ରକୃତ ଚାଳକ । ଏହା ଜାଗ୍ରତ ମନ ଅପେକ୍ଷା ଅତି ଅଧିକ ଶକ୍ତିଶାଳୀ । ଜାଗ୍ରତ ମନ ଯେତେବେଳେ ବିଶ୍ରାମ କରେ, ସେତେବେଳେ ଅନ୍ତର ମନ ମାନସ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ସମସ୍ତ ଜଗତକୁ ଅନୁଭବ କରେ ।

(୨୪୮) ପରା ପ୍ରକୃତି : ସାଂଖ୍ୟଶାସ୍ତ୍ରରେ ଯାହାକୁ ମୂଳା ପ୍ରକୃତି କୁହାଯାଏ, ତନ୍ତ୍ରରେ ସେହି ଶକ୍ତିଙ୍କର ନାମ ପରା ପ୍ରକୃତି । ଏହାଙ୍କ ଦ୍ୱାରା ବିଶ୍ୱର ସୃଷ୍ଟି, ସ୍ଥିତି ଓ ଲୟ ସାଧିତ ହୋଇଥାଏ । ଏହାଙ୍କ ଠାରୁ ବ୍ରହ୍ମା, ବିଷ୍ଣୁ ପ୍ରଭୃତିଙ୍କର ଉତ୍ପତ୍ତି ହୋଇଅଛି । ଏହି ପ୍ରକୃତି ନିରାକାର ହୋଇ ମଧ୍ୟ ସାକାର । ପରଂବ୍ରହ୍ମଙ୍କର ସୃଷ୍ଟି

କରିବାର ଇଚ୍ଛାରୂପିଣୀ ମହାଶକ୍ତିଙ୍କର ଅପର ନାମ ପରା ପ୍ରକୃତି। ମହାକାଳ ବା ସମଷ୍ଟିସମୟ ହିଁ ପରାପ୍ରକୃତିର ଅପର ରୂପ। ଏହି ପ୍ରକୃତିର ପୌରାଣିକ ନାମ ମହାକାଳୀ। ଏହି ସ୍ତରର ନାମ ମହାକାରଣ ସମୁଦ୍ର।

(୨୪୯) ଚୈତନ୍ୟ ଶକ୍ତି : ବୀଜ ଭିତରେ ଯେପରି ଦୁଇ ପ୍ରକାର ଶକ୍ତି ଥାଏ ଏବଂ ବୀଜ ରୋପଣ କଲେ ଯେପରି ଏହାର ଗୋଟିଏ ଶକ୍ତି ମୂଳ ରୂପରେ ନିମ୍ନାଭିମୁଖରେ ଅଧୋଗାମୀ ହୋଇ ଅଦୃଶ୍ୟ ଭାବରେ ବିରାଜମାନ ରହେ ଏବଂ ଅପର ଶକ୍ତି ଯେପରି କାଣ୍ଡରୂପରେ ଊର୍ଦ୍ଧ୍ୱଗାମୀ ହୁଏ, ସେହିପରି ଅବ୍ୟକ୍ତ ଶକ୍ତିଙ୍କର ଦୁଇଟି ଭାବ ବିରାଜିତ—ଗୋଟିଏ ବିଦ୍ୟା ବା ଚୈତନ୍ୟ ଭାବ, ଅନ୍ୟଟି ଅବିଦ୍ୟା ବା ଭୂତ ଭାବ। ଚୈତନ୍ୟ ହେଉଛନ୍ତି ଏହି ବିଶ୍ୱରୂପ ବୃକ୍ଷର ମୂଳ ସ୍ୱରୂପ ଏବଂ ଅବିଦ୍ୟା ଶକ୍ତି କାଂଣ୍ଡ ରୂପରେ ବା ବହିର୍ଜଗତ ରୂପରେ ପ୍ରକାଶିତ। ତେଣୁ ମାୟା ନିଜେ ପୁରୁଷ ଓ ପ୍ରକୃତି ଉଭୟ ଭାବାପନ୍ନ ହୁଅନ୍ତି। ଏହି ପୁରୁଷ ହିଁ ଚୈତନ୍ୟ ସ୍ୱରୂପ। ତେଣୁ ପ୍ରତି ଭୂତରେ ଚୈତନ୍ୟ ସତ୍ତା ବିରାଜିତ।

(୨୫୦) ଚୈତନ୍ୟଙ୍କର ଚତୁର୍ବିଧ ଅବସ୍ଥା : ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ–ଚୈତନ୍ୟଙ୍କର ଏହି ଚତୁର୍ବିଧ ଅବସ୍ଥା।

(୨୫୧) ଉପକ୍ଲେଶ : ଲୋଭ, ଦ୍ୱେଷ, କ୍ରୋଧ, ଶତ୍ରୁତା, ବଦ୍ଧବୈରତା, ଈର୍ଷା, ଅସୂୟା, ମାତ୍ସର୍ଯ୍ୟ, ମାୟା, ଶଠତା, ସ୍ତବ୍ଧତା, ମାନ, ଅଭିମାନ, ଅହଙ୍କାର, ପ୍ରମାଦ ପ୍ରଭୃତିକୁ ଉପକ୍ଲେଶ କୁହାଯାଏ। ଏହି ବୃତ୍ତିଗୁଡ଼ିକ ଦ୍ୱାରା ମାନବର ଚିତ୍ତ ମଳିନ ହୋଇଥାଏ।

(୨୫୨) ସାଧକର ନବ ଅନ୍ତରାୟ : ସାଧକଙ୍କର ଜୀବନରେ ନଅ ପ୍ରକାର ଚିତ୍ତବିକ୍ଷେପ ଦେଖା ଦେଇଥାଏ। ଏହି ନବବିଧ ଅନ୍ତରାୟ ନ ଥିଲେ ମାନବ ସ୍ୱରୂପରେ ନିତ୍ୟ ଅବସ୍ଥାନ କରିବାକୁ ସକ୍ଷମ ହେଉଥାଆନ୍ତା, ଚିତ୍ତ ବିକ୍ଷେପ ନ ଥାନ୍ତା। ନିଜେ ଇଚ୍ଛାକରି ଏହି ଅନ୍ତରାୟଗୁଡ଼ିକୁ ପ୍ରଶ୍ରୟ ନ ଦେବାର ନାମ ସାଧନା। ଏହି ନବବିଧ ଅନ୍ତରାୟ ନାମ ହେଉଛି–(୧) ବ୍ୟାଧି (୨) ସ୍ତ୍ୟାନ (୩) ପ୍ରମାଦ(୪) ଅବିରତି (୫) ଆଳସ୍ୟ (୬) ଭ୍ରାନ୍ତିଦର୍ଶନ (୭) ଅଲବ୍ଧଭୂମିକତ୍ୱ (୮) ସଂଶୟ ଏବଂ(୯) ଅନବସ୍ଥିତତ୍ୱ।

(୨୫୩) ବ୍ୟାଧି : ଧାତୁ, ରସ ଏବଂ କରଣର ବୈଷମ୍ୟକୁ ବ୍ୟାଧି କୁହାଯାଏ। ବାତ, ପିତ ଓ କଫ, ଏହି ଧାତୁତ୍ରୟକୁ ତ୍ରିଧାତୁ କୁହାଯାଏ। ଏହା

ହିଁ ଜୀବଦେହର ମୂଳ ଉପାଦାନ ତ୍ରୟ । ସୂକ୍ଷ୍ମରେ ଏହାର ନାମ ତ୍ରିଗୁଣ । ସ୍ଥୂଳରେ ଏହାର ନାମ ତ୍ରିଧାତୁ । ଧାତୁ ହେଉଛି ଜଡ଼ ଉପାଦାନ ।

ରସ– ଆମେ ଯେ ଶରୀରକୁ ଅନୁଭବ କରୁଅଛୁଁ, ସେହି ଅନୁଭବର ନାମ ରସ । ଶରୀର ସୁସ୍ଥ ଥିଲେ ଏହି ଅନୁଭବ ନଥାଏ । ଶରୀର ପୀଡ଼ାଗ୍ରସ୍ତ ହେଲେ ଦେହବୋଧ ଜାଗ୍ରତ ହୁଏ । ରସ ହିଁ ଭୋଗ ସ୍ୱରୂପ ।

କରଣ– ଅର୍ଥାତ୍ ଇନ୍ଦ୍ରିୟ । ଇନ୍ଦ୍ରିୟମାନେ ଆମ ଗତିପଥର ବିଶ୍ରାମସ୍ଥଳ ବା ଷ୍ଟେସନ । ଧାତୁ ଏବଂ ଆତ୍ମା ମଧ୍ୟରେ ଇନ୍ଦ୍ରିୟମାନେ ସେତୁ ସ୍ୱରୂପ କାର୍ଯ୍ୟ କରନ୍ତି । ଏହି ଧାତୁ, ରସ ଏବଂ କରଣରେ ବୈଷବ୍ୟ ଉପସ୍ଥିତ ହେଲେ ବ୍ୟାଧି ଜାତ ହୁଏ । ଶରୀରର ଉପାଦାନ, ଶରୀରର ଅନୁଭବ ଏବଂ ଅନୁଭବର ଉପକରଣ– ଏହି ତିନିଗୋଟି ଏକତ୍ର ହେଲେ ମନୁଷ୍ୟ ନିଜକୁ ସୁସ୍ଥ ବୋଧକରେ । କୌଣସି କାରଣରୁ ଏମାନଙ୍କର ବୈଷମ୍ୟ ଘଟିଲେ ବ୍ୟାଧି ଉତ୍ପନ୍ନହୁଏ । ତେଣୁ ଧାତୁବୈଷମ୍ୟ ଯୋଗୁ ହିଁ ଅସୁସ୍ଥତା-ବୋଧ ଜାଗେ; ଏହା ହିଁ ଆୟୁର୍ବେଦର ସିଦ୍ଧାନ୍ତ ।

(୨୫୪) ସ୍ତ୍ୟାନ : ଚିତ୍ତର ଅକର୍ମଣ୍ୟତାର ନାମ ସ୍ତ୍ୟାନ । ବ୍ୟାଧି ପରେ ଏହା ଆସିବା ସ୍ୱାଭାବିକ ।

(୨୫୫) ସଂଶୟ : ମନର ଦ୍ୱିଧା ଭାବକୁ ସଂଶୟ କହନ୍ତି । ଭଗବାନଙ୍କୁ ପାଇବି ଅଥଚ ସେଥିପାଇଁ ଯେତିକି ତ୍ୟାଗ ଦରକାର ସେତିକି କରିବି ନାହିଁ– ଏହି ଅସ୍ଥିରତ୍ୱ ମୂଳକ ଭାବ ହିଁ ସଂଶୟ । ଅକର୍ମା ଚିତ୍ତରେ ସଂଶୟ ବିଶେଷ ପରିମାଣରେ ଜାଗ୍ରତ ହୁଏ । ଯେଉଁମାନେ କର୍ମଯୋଗୀ, ସେମାନଙ୍କ ମନରେ ବିଶେଷ ଭାବରେ ସଂଶୟ ଦେଖାଦିଏ ନାହିଁ ।

(୨୫୬) ପ୍ରମାଦ : ଚିତ୍ତର ଆତ୍ମଜ୍ଞାନଲାଭ ନିମିତ୍ତ ଯେଉଁ ପ୍ରଚେଷ୍ଟା, ତାହାର ଅଭାବର ନାମ ପ୍ରମାଦ । ନାମ ଜପରେ ଅବହେଳା କରିବାକୁ ନାମପ୍ରମାଦ କୁହାଯାଏ । ଯେଉଁମାନେ ଅଜପା ଜପ ଶିକ୍ଷା କରି ସାଧନାରେ ପ୍ରବୃତ୍ତ ଅଛନ୍ତି, ସେହିମାନେ ହିଁ ଏହି ପ୍ରମାଦବିଘ୍ନରେ ବିଶେଷ ଭାବରେ ନିପତିତ ହୁଅନ୍ତି । ନାମ ଜପ କରୁ କରୁ ହଠାତ୍ ନାମ ବିସ୍ମରଣ ହେଲେ ସେହି ଅବସ୍ଥାକୁ ନାମପ୍ରମାଦ କହନ୍ତି । ପ୍ରମାଦ ମୂଳରେ ଥାଏ ସଂଶୟ ଅର୍ଥାତ୍ ଏକାବେଳକେ ଦୁଇଟି ଦିଗ ରକ୍ଷା କରିବାକୁ ଯିବା ଫଳରେ ଇଷ୍ଟନାମ ବିସ୍ମରଣ ହୋଇଥାଏ । ତେଣୁ ସାଧକମାନେ ଏଥିପ୍ରତି ସାବଧାନ ହେବେ ।

(୨୫୭) ଆଳସ୍ୟ : ଶରୀର ଏବଂ ମନର ନିଶ୍ଚେଷ୍ଟତାର ନାମ ଆଳସ୍ୟ । ପ୍ରମାଦ ବଶତଃ ଇଷ୍ଟନାମ ଭୁଲି ଅନିଷ୍ଟରେ ମନଦେଲେ ହିଁ ଅସଂଯତ ଭୋଗ ଆଡ଼କୁ ମନ ସ୍ୱତଃ ଆକୃଷ୍ଟ ହୋଇଯାଏ । ଅସଂଯତ ଭୋଗ ଫଳରେ ଶରୀର ଏବଂ ମନରେ ଅବସାଦ ଭାବ ଆସି ଆଳସ୍ୟ ଉପସ୍ଥିତ ହୁଏ । ଶରୀର ଭାରାକ୍ରାନ୍ତ ବୋଧ ହେଲେ ଏବଂ ମନରେ ସ୍ଫୂର୍ତ୍ତି ନ ଥିଲେ କର୍ମରେ ଅପ୍ରବୃତ୍ତି ଜନ୍ମେ ।

(୨୫୮) ଅବିରତି : ଭୋଗଲାଳସାର ନାମ ଅବିରତି । ଚିତ୍ତର ବହିର୍ମୁଖୀନତା ବୈରାଗ୍ୟର ବିପରୀତଭାବ । ଶରୀର ତାମସିକ ଭାବାପନ୍ନ ହେଲେ ମନ ସ୍ଫୁର୍ତ୍ତିହୀନ ହୋଇଯିବା ଫଳରେ ଇନ୍ଦ୍ରିୟମାନଙ୍କର ଉତ୍ତେଜନା ବିଶେଷ ଭାବରେ ଦେଖାଦିଏ । ଅସଂଯତ ଭୋଗରେ ବିଷୟତୃଷ୍ଣା ବର୍ଦ୍ଧିତ ହେବାର ନାମ ଅବିରତି ।

(୨୫୯) ଭ୍ରାନ୍ତିଦର୍ଶନ : ବିପରୀତ ବୁଦ୍ଧିକୁ ଭ୍ରାନ୍ତିଦର୍ଶନ କହନ୍ତି । ଯେଉଁମାନେ ଇନ୍ଦ୍ରିୟସୁଖାନୁଭବରେ ଆସକ୍ତ ଚିତ୍ତ, ସେହିମାନଙ୍କର ଚିତ୍ତରେ ସତ୍ୟ ପ୍ରତିଫଳିତ ହୋଇ ନ ପାରିବାରୁ ଭ୍ରାନ୍ତିଦର୍ଶନ ହୋଇଥାଏ ।

(୨୬୦) ଅଲବ୍ଧ ଭୂମିକତ୍ୱ : ପୂର୍ବ ଦୋଷରେ ଲିପ୍ତ ହେବା ଫଳରେ କିମ୍ବା ସାଧକଙ୍କଠାରେ ଉପରୋକ୍ତ ଦୋଷ ଦେଖାଦେଲେ ତାଙ୍କ ମନରେ ନୈରାଶ୍ୟଭାବ ଆସେ ଯେ, "ମୋର ତ ଆଉ ସତ୍ୟଦର୍ଶନ ହେବ ନାହିଁ!" ଏହି ସମାଧାନ ଅଭାବରୁ ସାଧକଙ୍କ ଅନ୍ତରରେ ଯେଉଁ ଅଶ୍ୱସ୍ତି ଜାତ ହୁଏ ବା ନୈରାଶ୍ୟ ଜନ୍ମେ, ସାଧକଙ୍କର ସେହି ଅବସ୍ଥାର ନାମ ଅଲବ୍ଧଭୂମିକତ୍ୱ । ବିପରୀତ ବୁଦ୍ଧି ହେତୁ ଅନିଷ୍ଟ ବିଷୟରେ ଲୋଭ ହୁଏ । ଅନିଷ୍ଟ ବା ଇଷ୍ଟଚିନ୍ତା ବିସ୍ମରଣର ଫଳ ଅଶ୍ୱସ୍ତି । ଏହି ଅବସ୍ଥାରେ ସାଧକ ମନେ କରନ୍ତି, "ମୁଁ ଯାହା ଚାହୁଁଛି, ତାହା ପାଇପାରୁ ନାହିଁ ଏବଂ ଯାହା ପାଉଛି, ସେଥିରେ ତୃପ୍ତି ଆସୁ ନାହିଁ । ଏହି ଭାବ ହିଁ ଅଲବ୍ଧଭୂମିକତ୍ୱ ।

(୨୬୧) ଅନବସ୍ଥିତତ୍ତ୍ୱ : ଯେଉଁ ଅବସ୍ଥାରେ ଅଛ, ସେହି କ୍ଷେତ୍ର ଏବଂ ସେହି ପରିସ୍ଥିତି ମଧ୍ୟରୁ ଉଦ୍ଧାର ପାଇବାର ଚେଷ୍ଟାର ଅଭାବ, ଅର୍ଥାତ୍ ଅବ୍ୟବସ୍ଥିତ ଚିତ୍ତର ଅନ୍ୟ ନାମ ଅନବସ୍ଥିତତ୍ୱ । ଏହା ହିଁ ସାଧକଙ୍କର ଚରମ ଦୋଷ । ଏହି ଭାବ ଆସିଲେ ପ୍ରଥମେ ବିଘ୍ନ ପ୍ରତି ଅର୍ଥାତ୍ ବ୍ୟାଧିପତି ଦୃଷ୍ଟି ଦେଇ ଏହାର ପ୍ରତିକାର କରିବାକୁ ହେବ, ଧାତୁ ସାମ୍ୟ ରଖିବାକୁ ପଡ଼ିବ । ତପ୍ରରେ ଚିତ୍ତ ପ୍ରତି ଲକ୍ଷ୍ୟ ରଖିବାକୁ ହେବ । ଚିତ୍ତ ଅକର୍ମଣ୍ୟ କି ନା, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଧାତୁ ବା ସାମ୍ୟ ଥିଲେ ଚିତ୍ତ ସହଜରେ କାର୍ଯ୍ୟକ୍ଷମ ହୋଇପାରିବ ।

କ୍ରମେ ସଂଶୟ, ପ୍ରମାଦ, ଅବିରତି, ଭ୍ରାନ୍ତି, ଅଭାବ ପ୍ରଭୃତି ସମସ୍ତ ଅନ୍ତରାୟ ବିଦୂରିତ ହୋଇଯିବ। ଏହି ନବବିଧ ବୃତ୍ତି ହିଁ ଚିତ୍ତବିକ୍ଷେପର କାରଣ। ଯୋଗର ଅନ୍ତରାୟ ମନର ମଳିନତା। ଦୁଃଖ, ଦୌର୍ମ୍ମନସ୍ୟ ଏବଂ ଅଙ୍ଗମେଜୟତ୍ୱ– ଚିତ୍ତବିକ୍ଷେପର ଏହି ତିନିଗୋଟି ଉପସର୍ଗ।

(୨୬୨) ଦୁଃଖ : ଦୁଃଖ ତ୍ରିବିଧ– ଆଧାତ୍ମିକ , ଆଧିଦୈବିକ ଏବଂ ଆଧିଭୌତିକ। ଶରୀରରେ ବ୍ୟାଧି ଏବଂ ମନରେ କାମଭୋଗର ଅକାଂକ୍ଷାର ନାମ ଆଧାତ୍ମିକ ଦୁଃଖ। ନାନାବିଧ ପ୍ରାକୃତିକ ବିପର୍ଯ୍ୟୟର ନାମ ଆଧିଦୈବିକ ଦୁଃଖ। ଅପମୃତ୍ୟୁ, ଭୟ ପ୍ରଭୃତି ଆଧିଭୌତିକ ଦୁଃଖ ନାମରେ କୀର୍ତ୍ତିତ। ସାଧକଙ୍କ ଜୀବନରେ ଏହି ତ୍ରିତାପ ବର୍ତ୍ତମାନ।

(୨୬୩) ଦୌର୍ମ୍ମନସ୍ୟ : ଯେକୌଣସି ଇଚ୍ଛାର ବଶବର୍ତ୍ତୀ ହୋଇ ସେଥିରେ ବିଫଳକାମ ହେଲେ ଚିତ୍ତରେ ବିକ୍ଷୋଭ ଉପସ୍ଥିତ ହୁଏ। ଶକ୍ତି ସତ୍ତ୍ୱେ ମନୁଷ୍ୟ ଭିତରେ ଦୁର୍ବଳତା ପ୍ରବେଶ କଲେ ତାହାର ମନ ନିରୁତ୍ସାହିତ ହୋଇପଡ଼େ। ସେହି ଅବସ୍ଥାର ନାମ ଦୌର୍ମ୍ମନସ୍ୟ।

(୨୬୪) ଅଙ୍ଗମେଜୟତ : ଶରୀରକୁ ଯାହା ବିଚଳିତ କରେ, ତାହାର ନାମ ଅଙ୍ଗମେଜୟ। ପାପୀର ଚିତ୍ତରେ ସର୍ବଦା ଭୟ ବର୍ତ୍ତମାନ। ତେଣୁ ତାକୁ ଭୀରୁ, କାପୁରୁଷ କୁହାଯାଇଥାଏ। ତାହାର ହୃତ୍‌କମ୍ପନ ଉପସ୍ଥିତ ହୁଏ। ନିଶ୍ୱାସ ତାଳେ ତାଳେ ଗ୍ରହଣ ନ କରି ସ୍ୱେଚ୍ଛାଚାର ଭାବରେ ଗ୍ରହଣ କଲେ ମଧ୍ୟ ଚିତ୍ତବିକ୍ଷୋଭ ସୃଷ୍ଟି ହୁଏ। ମନ ସ୍ଥିର କରିବାକୁ ହେଲେ ଶ୍ୱାସକୁ ନିୟମିତ ଏବଂ ସ୍ଥିର କରିବାକୁ ହେବ। ଯେଉଁ କାର୍ଯ୍ୟରେ ଅତି ମାତ୍ରାରେ ଶ୍ୱାସ ବ୍ୟୟିତ ହୁଏ, ସେହିପରି କାର୍ଯ୍ୟରୁ ବିରତ ରହିବା ଆବଶ୍ୟକ। ଅସ୍ଥିର ଚିତ୍ତରେ ନାନାବିଧ ଯୋଗବିଘ୍ନ ଉପସ୍ଥିତ ହୁଏ। ଅଭ୍ୟାସ ଏବଂ ବୈରାଗ୍ୟ ସାହାଯ୍ୟରେ ଏହାକୁ ନିବାରଣ କରିବାକୁ ହେବ। ତେଣୁ ଚିତ୍ତବିକ୍ଷେପ ଦୂର କରିବାକୁ ହେଲେ, ଏକାଗ୍ରତାର ଅଭ୍ୟାସ କରିବାକୁ ହେଲେ, ସର୍ବଦା ଗୋଟିଏ ତତ୍ତ୍ୱରେ ମନୋନିବେଶ କରି ଚାଲିଲେ ସହଜରେ ଚିତ୍ତଶୁଦ୍ଧି ହୋଇଯିବ।

(୨୬୫) କାମ : ଅନିତ୍ୟ ଆତ୍ମସୁଖମୂଳକ ଯେଉଁ ଅଭିଳାଷ, ତାହାର ନାମ କାମ। ମୋକ୍ଷବାସନା କାମ ମଧ୍ୟରେ ଗଣ୍ୟ ନୁହେଁ।

(୨୬୬) ଅକାମ : ଅନିତ୍ୟ ସୁଖଲାଭ ନିମିତ୍ତ ଯେଉଁମାନଙ୍କର ଅଭିଳାଷ

ନାହିଁ, ଯେ ଭୋଗ ଇଚ୍ଛା ନ କରି ଜ୍ଞାନଲାଭ ନିମିତ୍ତ ବ୍ୟଗ୍ର, ତାଙ୍କର ସେହି ପ୍ରକାର ଅଭିଳାଷକୁ ଅକାମ କୁହାଯାଏ ।

(୨୬୭) ମୋକ୍ଷ : ବିଦ୍ୟା ବା ଜ୍ଞାନଦ୍ୱାରା ଅବିଦ୍ୟା ତିରୋହିତ ହେଲେ ସାଧକ ଯେଉଁ ସ୍ୱରୂପ ଅବସ୍ଥାରେ ଅବସ୍ଥାନ କରନ୍ତି ସେହି ଅବସ୍ଥାର ନାମ ମୋକ୍ଷ ।

(୨୬୮) ଯୋଗାଙ୍ଗ : ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି ରଚନା– ଏହି ଆଠଗୋଟି ଯୋଗାଙ୍ଗ । ଧାରଣା ଓ ଧ୍ୟାନ ଯୋଗର ଅନ୍ତରଙ୍ଗ; ଅନ୍ୟଗୁଡ଼ିକ ବହିରଙ୍ଗ ।

(୨୬୯) ଧାରଣା : ନାଭିଚକ୍ର, ହୃଦୟକନ୍ଦର, ସହସ୍ରାର, ଜ୍ୟୋତିଃ, ନାସିକାଗ୍ର, ଜିହ୍ୱାଗ୍ର ପ୍ରଭୃତି ସ୍ଥାନରେ ଚିତ୍ତକୁ ବିଷୟାନ୍ତରରୁ ନିବୃତ୍ତ କରି ସ୍ଥିରୀକରଣ କରିବାର ନାମ ଧାରଣା ।

(୨୭୦) ବହିରଙ୍ଗ ସାଧନା : ଧାରଣା ଅଭ୍ୟାସ ପୂର୍ବରୁ ଯେଉଁ ସବୁ ଯୋଗାଙ୍ଗର ସାଧନା କରିବାକୁ ହୁଏ, ସେହି ସାଧନାର ନାମ ବହିରଙ୍ଗ ସାଧନା । ଅର୍ଥାତ୍ ପ୍ରଥମରୁ ମୈତ୍ରୀ, କରୁଣା, ମୁଦିତା ଏବଂ ଉପେକ୍ଷା ରୂପ ପରିକର୍ମ ସାଧନ ପରେ ଯମ ନିୟମ ଅବଲମ୍ବନପୂର୍ବକ ଆସନ ଜୟ କରିବାକୁ ହୁଏ । ଆସନ ପରେ ପ୍ରାଣାୟାମଦ୍ୱାରା ପ୍ରାଣର ବିକ୍ଷେପ ଦୂର କରିବାକୁ ପଡ଼େ ଏବଂ ପ୍ରତ୍ୟାହାରଦ୍ୱାରା ଇନ୍ଦ୍ରିୟସଂଯମ କରିବାକୁ ହୁଏ । ଏହାକୁ ଯୋଗର ବହିରଙ୍ଗ ସାଧନ କହନ୍ତି ।

(୨୭୧) ଧ୍ୟାନ : ଧାରଣା ପରେ ଧ୍ୟାନ କରିବାକୁ ହୁଏ । ସାଧାରଣତଃ ଆତ୍ମଜ୍ଞାନର ଧାରା ଏକାଗ୍ର ରହେ ନାହିଁ । ପ୍ରତିକ୍ଷଣରେ ତାହାର ପରିବର୍ତ୍ତନ ହେଉଥାଏ । ଯେଉଁ ସ୍ଥାନରେ ଚିତ୍ତକୁ ଧାରଣା କରାଯାଇଥିଲା ଏବଂ ଯେଉଁ ବିଷୟକୁ ଧାରଣାର ଅବଲମ୍ବନ ସ୍ୱରୂପ ଗ୍ରହଣ କରାଯାଇଥିଲା, ସେହି ସ୍ଥାନ ଓ ସେହି ବିଷୟରେ ଯଦି ପ୍ରତ୍ୟୟର ବିସଦୃଶ ପରିଣାମ ନ ହୁଏ ଏବଂ ଗୋଟିଏ ବିଷୟରେ ନିରନ୍ତର ପ୍ରତ୍ୟୟର ଉତ୍ପତ୍ତି ହେଉଥାଏ, ସେହି ଅବସ୍ଥାର ନାମ ଧ୍ୟାନ । ମୋଟକଥା, ପ୍ରତ୍ୟୟ ବା ଜ୍ଞାନର ଏକତାନତାର ନାମ ଧ୍ୟାନ ।

(୨୭୨) ସମାଧି : ସମସ୍ତ ବିକ୍ଷେପ ପରିହାରପୂର୍ବକ ମନ ଯେତେବେଳେ ସମ୍ୟକରୂପେ ଏକାଗ୍ର ହୁଏ, ସେହି ଅବସ୍ଥାର ନାମ ସମାଧି । ଚିତ୍ତ ଯେତେବେଳେ ଧ୍ୟେୟ ବିଷୟରେ ନିବିଷ୍ଟ ହୋଇ ସ୍ଥିତି ଲାଭ କରେ, ସେତେବେଳେ ଧ୍ୟେୟର ସ୍ୱରୂପ ଚିତ୍ତକ୍ଷେତ୍ରରେ ଆପଣା ମନକୁ ଫୁଟିଉଠେ, ଅଥଚ ଜ୍ଞାନର ସ୍ୱରୂପ ଅର୍ଥାତ୍

ମୁଁ ଧ୍ୟାନ କରୁଅଛି, ଏହି ଅନୁଭବ ବିଦ୍ୟମାନ ଥାଏ। ଏହି ଧ୍ୟେୟ ପ୍ରକାଶକ ପ୍ରତ୍ୟୟଶୂନ୍ୟ ଅବସ୍ଥାକୁ ସମାଧି କୁହାଯାଏ।

(୨୭୩) ସଂଯମ : ଧ୍ୟାନ, ଧାରଣା ଏବଂ ସମାଧି; ଏହି ଅନ୍ତରଙ୍ଗ ଯୋଗାଙ୍ଗ ତ୍ରୟର ଗୋଟିଏ ପାରିଭାଷିକ ସଂଜ୍ଞା ଅଛି। ଗୋଟିଏ ବିଷୟରେ ଯଦି ଧ୍ୟାନଧାରଣା ଓ ସମାଧି ପ୍ରବର୍ତ୍ତିତ ହୁଏ, ତେବେ ଯୋଗଶାସ୍ତ୍ରରେ ସେହି ଅବସ୍ଥାର ନାମ ସଂଯମ। ସଂଯମ ବଳରେ ପ୍ରଜ୍ଞାଶକ୍ତି ଲାଭହୁଏ। ସେହି ପ୍ରଜ୍ଞା ବଳରେ ସାଧକ ସମସ୍ତ ବିଷୟ ଅବଗତ ହୋଇପାରନ୍ତି।

(୨୭୪) ସର୍ବାର୍ଥତା : ଏହା ଚିତ୍ତର ଧର୍ମ। ସର୍ବାର୍ଥତା ଏବଂ ଏକାଗ୍ରତା ଉଭୟେ ଚିତ୍ତର ଧର୍ମ। ଚିତ୍ତ ଚଞ୍ଚଳ ହେତୁ ନାନାବିଧ ବିଷୟ ଗ୍ରହଣରେ ଉନ୍ମୁଖ ହୁଏ। ସେହି ଅବସ୍ଥାର ନାମ ସର୍ବାର୍ଥତା।

(୨୭୫) ଏକାଗ୍ରତା : ଗୋଟିଏ ବିଷୟକୁ ଅବଲମ୍ବନ କରି ଚିତ୍ତର ଯେଉଁ ସଦୃଶ ପରିଣାମ ଘଟେ, ତାହାର ନାମ ଏକାଗ୍ରତା।

(୨୭୬) ସମାଧି ପରିଣାମ : ଯଦି ଯଥାକ୍ରମେ ସର୍ବାର୍ଥତାଧର୍ମର କ୍ଷୟ (ଅଭିଭବ) ଓ ଏକାଗ୍ରତାଧର୍ମର ଉଦୟ (ପ୍ରାଦୁର୍ଭାବ) ହୁଏ, ଏବଂ ଚିତ୍ତରେ ସତ୍ତ୍ୱ ଗୁଣର ଉଦ୍ରେକ ହୋଇ, ସେହି ଉଭୟଙ୍କ ସହିତ ମିଳିତ ବା ଅନ୍ୱିତ ହୋଇ ଅବସ୍ଥାନ କରେ, ସେହି ଅବସ୍ଥାକୁ ସମାଧି ପରିଣାମ ବୋଲି କୁହାଯାଏ।

(୨୭୭) ନିରୋଧ ପରିଣାମ : ଚିତ୍ତ ସର୍ବଦା ଚଞ୍ଚଳ। ଏହି ଚଞ୍ଚଳତା ଦେଖାଦେଲେ ମନରେ ତାହା ନିରୋଧ କରିବା ନିମିତ୍ତ ଯେଉଁ ସଂସ୍କାର ଜାତ ହୁଏ, ତାହାର ନାମ ନିରୋଧ ସଂସ୍କାର ଏବଂ ଚଞ୍ଚଳ ଅବସ୍ଥାର ନାମ ବ୍ୟୁତ୍‌ଥାନ ସଂସ୍କାର। ନିରୋଧ ଚିତ୍ତର ଗୋଟିଏ ଦିଗରେ ଥାଏ ବ୍ୟୁତ୍‌ଥାନ ସଂସ୍କାର, ଅପର ଦିଗରେ ଥାଏ ନିରୋଧ ସଂସ୍କାର। ଚିତ୍ତର ଯୁଗପତ୍ ଏହି ଉଭୟ ସଂସ୍କାରରେ ଅନ୍ୱିତ ହେଲେ ମନର ସେହି ଅବସ୍ଥାକୁ ନିରୋଧ ପରିଣାମ କୁହାଯାଏ।

(୨୭୮) ବ୍ୟୁତ୍‌ଥାନ ସଂସ୍କାର : ଚିତ୍ତର କ୍ଷିପ୍ତ, ମୂଢ଼ ଏବଂ ବିକ୍ଷିପ୍ତ ଭୂମିତ୍ରୟକୁ ବ୍ୟୁତ୍‌ଥାନ ସଂସ୍କାର କହନ୍ତି। ବ୍ୟୁତ୍‌ଥାନ ଏବଂ ନିରୋଧ—ଉଭୟହିଁ ଚିତ୍ତର ପରିଣାମବିଶେଷ। ସୁତରାଂ ସେଥିରେ ସଂସ୍କାର ଉତ୍ପନ୍ନ ହୁଏ। ଏହା ଚିତ୍ତର ଧର୍ମ। ଅଧୁନାତନ ପ୍ରତ୍ୟୟ ବା ଜ୍ଞାନନିରୋଧ ହେଲେ ମଧ୍ୟ ପୂର୍ବତନ ଜ୍ଞାନ ବା ନିମିତ୍ତକ ସଂସ୍କାରସମୂହ ନିରୁଦ୍ଧ ହେବ ନାହିଁ। ତେଣୁ ଚିତ୍ତନିରୋଧ ସମୟରେ

ଉଭୟ ସଂସ୍କାର ବର୍ତ୍ତମାନ ଥାଏ । ସେତେବେଳେ ବ୍ୟୁତ୍‌ଥାନ ସଂସ୍କାରର ଯେପରି ଅଭିଭବ ଥାଏ, ନିରୋଧ ସଂସ୍କାରର ପ୍ରାଦୁର୍ଭାବ ମଧ୍ୟ ଥାଏ ।

(୨୭୯) **ଅଭିଭବ :** କୌଣସି ବସ୍ତୁ ନିର୍ବୀର୍ଯ୍ୟ ହୋଇ କୌଣସି କାର୍ଯ୍ୟ କରିବାକୁ ଅସମର୍ଥ ହେଲେ ତାହାକୁ ଅଭିଭବ କହନ୍ତି ।

(୨୮୦) **ପ୍ରାଦୁର୍ଭାବ :** ବର୍ତ୍ତମାନ ଅବସ୍ଥାରେ କୌଣସି ଚିନ୍ତାର ଅଭିବ୍ୟକ୍ତ ହୋଇ ଅବସ୍ଥାନ କଲେ ତାହାର ନାମ ପ୍ରାର୍ଦୁଭାବ ।

(୨୮୧) **ପରିଣାମି :** ଚିତ୍ତନିରୋଧ ସମୟରେ ଚିତ୍ତ ବ୍ୟୁତ୍‌ଥାନ ସଂସ୍କାରର ଅଭିଭବ ଏବଂ ନିରୋଧ ସଂସ୍କାରର ପ୍ରାର୍ଦୁଭାବ—ଏହି ଉଭୟଙ୍କ ସହିତ ଯୁଗପତ୍ ଯୁକ୍ତ ଥାଏ ବୋଲି ଚିତ୍ତକୁ ପରିଣାମି କୁହାଯାଏ । ନିରାଧ ସଂସ୍କାର ଅଭ୍ୟାସରେ ଅଭ୍ୟସ୍ତ ହେଲେ ଚିତ୍ତର ପ୍ରଶାନ୍ତବାହିତା ଭାବ ଉତ୍ପନ୍ନ ହୁଏ । ଅର୍ଥାତ୍ କୌଣସି ପ୍ରକାର ବିକ୍ଷେପ ବର୍ତ୍ତମାନ ନ ଥିବାରୁ ଚିତ୍ତ କେବଳ ସଦୃଶ ପ୍ରତ୍ୟୟ ପ୍ରବାହ ଅବଲମ୍ବନ କରି ପରିଣାମୀ ହୋଇଥାଏ । ନିରୋଧ ସଂସ୍କାର ପ୍ରବଳ ନ ହେଲେ ଚିତ୍ତ ବ୍ୟୁତ୍‌ଥାନ ସଂସ୍କାରଦ୍ୱାରା ପୁନରାୟ ଅଭିଭୂତ ହୋଇପଡ଼େ ।

(୨୮୨) **ଏକାଗ୍ରତା ପରିଣାମ :** ସମାହିତ ଚିତ୍ତରେ ଯେଉଁ ଜ୍ଞାନପ୍ରବାହ ଚାଲିଥାଏ, ତା ମଧ୍ୟରେ ଯେପରି ପ୍ରତ୍ୟୟ ଗୋଟିଏ ଶାନ୍ତ ବା ଅତୀତ କକ୍ଷାରେ ପ୍ରବିଷ୍ଟ ହୁଏ, ସେହିପରି ପରୋକ୍ଷରେ ଠିକ୍ ପୂର୍ବ ସଂସ୍କାର ଅନୁସାରେ ଅନ୍ୟ ଗୋଟିଏ ପ୍ରତ୍ୟୟର ଉଦୟ ବା ବର୍ତ୍ତମାନ କକ୍ଷାର ସ୍ଫୁରଣ ହୋଇଥାଏ । ଏକମାତ୍ର ଅବଲମ୍ବନରେ ସମାହିତ ଥାଏ ବୋଲି ଚିତ୍ତ ଏ ଦୁହିଁଙ୍କ ସହିତ ଅନ୍ୱିତ ଥାଏ । ସମାଧି ଭଙ୍ଗ ନ ହେବା ପର୍ଯ୍ୟନ୍ତ ଉପରୋକ୍ତ ପ୍ରକାରର ଶାନ୍ତୋଦିତ ତୁଲ୍ୟଜ୍ଞାନର ଯେଉଁ ପ୍ରବାହ ଲାଗିରହିଥାଏ, ସେହି ଅବସ୍ଥାକୁ ଏକାଗ୍ରତା ପରିଣାମ କୁହାଯାଏ ।

(୨୮୩) **ଇନ୍ଦ୍ରିୟ ତ୍ରିବିଧ ପରିଣାମ :** ଉପରେ ଚିତ୍ତର ଯେଉଁ ତ୍ରିବିଧ ପରିଣାମ କଥା ଉଲ୍ଲେଖ କରାଗଲା, ସେଥିମଧ୍ୟରୁ ସ୍ଥୁଳ ଓ ସୂକ୍ଷ୍ମ ଭୂତ ସମୂହର ଏବଂ ବୁଦ୍ଧି, କର୍ମ ଓ ଅନ୍ତଃକରଣ ଭେଦରେ ଅବସ୍ଥିତ ଇନ୍ଦ୍ରିୟସମୂହର ମଧ୍ୟ ତ୍ରିବିଧ ପରିଣାମ ଦେଖାଦିଏ । ଏହି ପରିଣାମ ପୁଣି ତିନିଗୋଟି । ଧର୍ମ ପରିଣାମ, ଲକ୍ଷଣ ପରିଣାମ ଓ ଅବସ୍ଥା ପରିଣାମ ।

(୨୮୪) **ଧର୍ମପରିଣାମ :** ଯେ କୌଣସି ଧର୍ମୀଙ୍କର ପୂର୍ବ ଧର୍ମ ନିବୃତ୍ତ ହୋଇ ଯେତେବେଳେ ଅପର ଧର୍ମର ଆବିର୍ଭାବ ହୁଏ, ସେତେବେଳେ ସେହି

ଅବସ୍ଥାର ନାମ ଧର୍ମପରିଣାମ । ଯେପରି ମୃତ୍ତିକାରୂପ ଧର୍ମୀ ପିଣ୍ଡରୂପ ଧର୍ମ ପରିତ୍ୟାଗ କରି ଘଟରୂପ ଧର୍ମାନ୍ତର ସ୍ୱୀକାର କରେ, ସେତେବେଳେ ତାହା ଧର୍ମପରିଣାମ ନାମରେ ପରିଚିତ ।

(୨୮୫) ଲକ୍ଷଣ ପରିଣାମ : ଏହି ରୂପାନ୍ତରିତ ମୃତ୍ତିକା ଘଟରେ ପରିଣତ ହୋଇ କାଳଭେଦରେ ଲକ୍ଷଣ ପରିଣାମ ହେଲା । ଘଟ ଭବିଷ୍ୟତ ଗର୍ଭରେ ନିହିତ ଥିଲା । ଉତ୍ପତ୍ତି କାଳରେ ବର୍ତ୍ତମାନ କକ୍ଷାରେ ପ୍ରବେଶ କଲା ଏବଂ ପରମୁହୂର୍ତ୍ତରେ ଅତୀତ କକ୍ଷାରେ ପ୍ରବିଷ୍ଟ ହେଲା । ଘଟର ଏହି କାଳିକ ପରିଣାମ ହିଁ ଲକ୍ଷଣ ପରିଣାମ ।

(୨୮୬) ଅବସ୍ଥା ପରିଣାମ : ଏହି ଘଟକୁ ଯେତେବେଳେ ପ୍ରଥମେ ଦେଖାଗଲା, ସେତେବେଳେ ତାହା ନୂତନ ବୋଲି ପ୍ରତ୍ୟୟ ହେଲା ଏବଂ କିଛି କ୍ଷଣ ପରେ ତାହା ଦର୍ଶକଙ୍କ ନିକଟରେ ପୁରାତନ ବୋଲି ପ୍ରତିଭାତ ହେଲା । ଅଥଚ ପୂର୍ବକ୍ଷଣ ଓ ପରକ୍ଷଣ ଉଭୟ ସଦୃଶ । ଘଟ ଏହା ସହିତ ଅନ୍ୱିତ ଥିବାରୁ ତାହାର ଅବସ୍ଥା ପରିଣାମ ଘଟିଲା । ତେଣୁ ଗୁଣବୃତ୍ତ ବସ୍ତୁମାତ୍ରକେ ଚଞ୍ଚଳ । ସୁତରାଂ ପ୍ରତିକ୍ଷଣରେ ତାହାର ପରିଣାମ ହେଉଥାଏ ।

(୨୮୭) ଧର୍ମୀ : ଶାନ୍ତ, ଉଦିତ ଏବଂ ଅବ୍ୟପଦେଶ୍ୟ-ଧର୍ମର ଯାହା ଅନୁପାତୀ, ତାହାର ନାମ ଧର୍ମୀ ।

(୨୮୮) ଶାନ୍ତ : ନିଜ ନିଜ ବ୍ୟାପାର ସମ୍ପନ୍ନ କରି ଯାହା ଅତୀତ ଗର୍ଭରେ ଅନୁପ୍ରବିଷ୍ଟ ହୋଇଅଛି, ତାହା ଶାନ୍ତ ।

(୨୮୯) ଉଦିତ : ଅନାଗତ କାଳ ପରିତ୍ୟାଗ କରି ଯାହା ବର୍ତ୍ତମାନ ବ୍ୟାପାରରେ ନିଯୁକ୍ତ, ତାହାର ନାମ ଉଦିତ ।

(୨୯୦) ଅବ୍ୟପଦେଶ୍ୟ : ଯାହା ଶକ୍ତି ରୂପରେ ଅବସ୍ଥିତ, ଯାହାଙ୍କୁ କୌଣସି ପ୍ରକାରେ ନିର୍ଦ୍ଦେଶ କରାଯାଇ ପାରେନାହିଁ, ତାହାଙ୍କ ନାମ ଅବ୍ୟପଦେଶ୍ୟ ।*

(୨୯୧) ଆଧ୍ୟାତ୍ମବିଦ୍ୟା : ଅନ୍ତଃକରଣ ବା ମନୋବିଷୟକ ଆତ୍ମସମ୍ବନ୍ଧୀୟ ଅତି ଗୁହ୍ୟତତ୍ତ୍ୱଜ୍ଞାନରାଜିକୁ ଦର୍ଶନ ବା ଆଧ୍ୟାତ୍ମବିଦ୍ୟା କୁହାଯାଏ । ପୂର୍ବଯୁଗର ଋଷିମାନେ ଏହି ଜ୍ଞାନର ସର୍ବପ୍ରଥମ ଦ୍ରଷ୍ଟା ଏବଂ ପ୍ରତିଷ୍ଠାତା ।

---

* ଆର୍ଯ୍ୟଦର୍ପଣ–୧୩୩୦ ସାଲ ଆଷାଢ଼ ସଂଖ୍ୟା ଦ୍ରଷ୍ଟବ୍ୟ ।

(୨୯୨) ପରମାତ୍ମ ଚୈତନ୍ୟ : ଏହି ବିଶ୍ୱମୂଳରେ ଯେଉଁ ଅଖଣ୍ଡ ସର୍ବବ୍ୟାପୀ ଅନନ୍ତ 'ସତ୍ୟ' ଅବସ୍ଥା ନିତ୍ୟ ବିରାଜିତ, ତାହାର ନାମ ପରମାତ୍ମଚୈତନ୍ୟ । ତାହା ପୂର୍ଣ୍ଣ ଏବଂ ଚେତନସତ୍ତା । ତାହା ନିତ୍ୟ ଏବଂ ଅବ୍ୟକ୍ତ । ସେହି ଅବସ୍ଥାକୁ ଭିନ୍ନ ଭିନ୍ନ ଶାସ୍ତ୍ରରେ ବ୍ରହ୍ମ, ପରମାତ୍ମା ଓ ଭଗବାନ ପ୍ରଭୃତି ବିଭିନ୍ନ ନାମରେ ଅଭିହିତ କରାଯାଇଅଛି । ଏହି ଅବସ୍ଥାର ଦ୍ୱିତୀୟ ନ ଥିବାରୁ ତାହା ଅଦ୍ୱୈତ । ସେ ସ୍ଥିର, ନିଷ୍କ୍ରିୟ ଏବଂ ସର୍ବଦ୍ରଷ୍ଟା । ତାଙ୍କଠାରେ ସଂକଳ୍ପ ବିକଳ୍ପ ନାହିଁ । ତାଙ୍କ ଜ୍ଞାନ ଓ ଶକ୍ତିରେ କୌଣସି ଆବରଣ ନଥିବାରୁ ସେ ନିତ୍ୟ ମୁକ୍ତ ।

(୨୯୩) ଈଶ୍ୱରଚୈତନ୍ୟ : ସେହି ପରମାତ୍ମା ଚୈତନ୍ୟ ମାୟାଶକ୍ତିର ଆବରଣରେ ଆବରିତ ହେଲେ ସେଥିରେ ଶକ୍ତି, ସ୍ୱଭାବ ବା ପ୍ରକୃତିର ବିକାଶ ହୋଇଥାଏ । ସେହି ଶକ୍ତି ଏହି ପଞ୍ଚବିଶ୍ୱରୂପ ଦେହ ଧାରଣ କରି ଈଶ୍ୱରଚୈତନ୍ୟ ଭାବରେ ବ୍ୟକ୍ତ ହୁଅନ୍ତି । ସେହି ଈଶ୍ୱରଚୈତନ୍ୟ ସକ୍ରିୟ, ସଗୁଣ, କର୍ତ୍ତା, ପ୍ରଭୁ ଏବଂ କରୁଣାମୟ । ସେ ଜୀବର ହୃଦୟରେ ଅବସ୍ଥାନ କରନ୍ତି ।

(୨୯୪) ଜୀବାତ୍ମଚୈତନ୍ୟ : ଏହି ଈଶ୍ୱରଙ୍କ ଦେହରେ କ୍ଷୁଦ୍ର କଣା ବା ଅଂଶ ମଧ୍ୟରେ ଉପରୋକ୍ତ ସତ୍ୟସ୍ୱରୂପ ପରମଚେତନାର ଆଭାସ ବା ପ୍ରତିବିମ୍ବ ବିରାଜିତ । ଏହି ଚିଦାଭାସଯୁକ୍ତ ଅଂଶ ବା ବ୍ୟକ୍ତି ଦେହରେ ବା ଭୂତରେ ଅବସ୍ଥିତ ଆତ୍ମାକୁ ଜୀବ, ଜୀବାତ୍ମା ବା ଦେହୀ ପ୍ରଭୃତି ନାମରେ ନାମିତ କରାଯାଇଥାଏ । ଜୀବଗଣ ଅବିଦ୍ୟା ମାୟାଛନ୍ନ ଥିବାରୁ ଅଭାବବୋଧଦ୍ୱାରା ପୂର୍ଣ୍ଣ ହୋଇ ବାସନା ବା କର୍ମର ଅଧୀନ ହୁଅନ୍ତି । ଜୀବ ଈଶ୍ୱର କର୍ତ୍ତୃତ୍ୱ ଭୁଲି ଅହଂ କର୍ତ୍ତା ଜ୍ଞାନରେ ପ୍ରକୃତିର ଅଧୀନ ହୋଇ ସୁଖଦୁଃଖ ଭୋଗ କରେ । ଏହି ଭାବରେ ପରମାତ୍ମା ଲୀଳାବଶତଃ ଈଶ୍ୱରଙ୍କ ଦେହରେ ଅନନ୍ତ ଅଂଶରେ ଜୀବଜଗତ ଓ ଭୂତଭାବର ଉଦ୍ଭାବନପୂର୍ବକ ତାହା ଦର୍ଶନ ଏବଂ ଉପଭୋଗକରି ଲୀଳାନନ୍ଦ ଆସ୍ୱାଦନ କରନ୍ତି ।

(୨୯୫) ଜୀବାତ୍ମା ଚୈତନ୍ୟଙ୍କ ତ୍ରିବିଧଶକ୍ତି : ଖଣ୍ଡଦେହସ୍ଥ ଏହି ଜୀବାତ୍ମାଚୈତନ୍ୟଙ୍କର ତ୍ରିବିଧ ଶକ୍ତି ବିରାଜିତ । ସେହି ଶକ୍ତିର ନାମ ଇଚ୍ଛା, କ୍ରିୟା ଏବଂ ଜ୍ଞାନ । ଜ୍ଞାନଶକ୍ତିର ନାମ ବିକଳ୍ପ, ଇଚ୍ଛାଶକ୍ତିର ନାମ ସଂକଳ୍ପ ଏବଂ କ୍ରିୟାଶକ୍ତିର ନାମ ପ୍ରାଣ ଓ ଇନ୍ଦ୍ରିୟ ।

(୨୯୬) ବିକଳ୍ପ : ସଂସାର, ବିଜ୍ଞାନ, ଅନୁଭୂତି, ବୁଦ୍ଧି, ପ୍ରଜ୍ଞା, ବିବେକ, ବିଶ୍ୱାସ, ବିଚାର, ଯୁକ୍ତି, ଧାରଣା, ସ୍ମୃତି ଓ ଚିନ୍ତା ପ୍ରଭୃତି ମନୋବୃତ୍ତିଗୁଡ଼ିକୁ ବିକଳ୍ପ କୁହାଯାଏ । ବିକଳ୍ପ ପର୍ଯ୍ୟାୟଭୁକ୍ତ ମନୋବୃତ୍ତିର ନାମ ବୁଦ୍ଧି ।

(୨୯୭) ସଂକଳ୍ପ : କାମ ବାସନା, ଅନୁରାଗ, ଦ୍ୱେଷ, ଅଭିନିବେଶ, ଆକାଙ୍‌କ୍ଷା, ଇଚ୍ଛା, ଉତ୍ସାହ, ଷଡ଼ରିପୁ, ଉଦ୍ଦେଶ୍ୟ ବା ଅଭିପ୍ରାୟ, ଅଭାବ ଏବଂ ଅଭିମତ ପ୍ରଭୃତି ସଂକଳ୍ପ ପର୍ଯ୍ୟାୟଭୁକ୍ତ । ଏହି ସଂକଳ୍ପପର୍ଯ୍ୟାୟଭୁକ୍ତ ବୃତ୍ତିନିଚୟର ଅପର ନାମ 'ମନ' ।

(୨୯୮) ପ୍ରାଣ : କାମ ବା ସଂକଳ୍ପର କାର୍ଯ୍ୟକାରିଣୀ ଶକ୍ତିକୁ ଅର୍ଥାତ୍ କ୍ରିୟାଶକ୍ତିକୁ ପ୍ରାଣ ଆଖ୍ୟା ଦିଆଯାଇଥାଏ ।

(୨୯୯) ଇନ୍ଦ୍ରିୟ : ଜୀବର କର୍ମଭାବ ପ୍ରଥମେ ବିକଳ୍ପରୁ ଅଙ୍କୁରିତ ହୋଇ ସଂକଳ୍ପର ଅନୁମୋଦନ ଗ୍ରହଣପୂର୍ବକ ପ୍ରାଣର ଆଶ୍ରୟ ଗ୍ରହଣ କରେ ଏବଂ ପରେ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ବାହ୍ୟ ଭୂତଭାବର ବିକୃତସାଧନ କରେ । ବହିକରଣ ବା କର୍ମର ବାହ୍ୟ ଯନ୍ତ୍ରନିଚୟ ସ୍ୱରୂପ ଇନ୍ଦ୍ରିୟବର୍ଗ ଏହି ମନପ୍ରାଣର ବହର୍ବିକାଶାବସ୍ଥା ମାତ୍ର । ଜୀବାତ୍ମା ଏକ ତ୍ରିବିଧ ଶକ୍ତିର ସମଷ୍ଟିଭୂତ ଅବସ୍ଥା । ଏହି ଶକ୍ତିତ୍ରୟରୁ ମୁକ୍ତ ହେଲେ ଜୀବ ସ୍ୱରୂପଲାଭ କରିଥାଏ ।

(୩୦୦) ବ୍ରହ୍ମଙ୍କର ସପ୍ତବିଧ ବିଭାବ : ବ୍ରହ୍ମ, ଆତ୍ମା, ଭଗବାନ, ପୁରୁଷ, ଈଶ୍ୱର, ଜୀବ ଓ ଜଗତ—ଏହି ସାତଗୋଟି ଅବସ୍ଥା ଏକ ବ୍ରହ୍ମଙ୍କର ସପ୍ତବିଧ ବିଭାବ । ଏଥିମଧ୍ୟରୁ ବ୍ରହ୍ମଭାବ ପୂର୍ଣ୍ଣ ଅବ୍ୟକ୍ତ; ଆତ୍ମା, ଈଶ୍ୱର ଏବଂ ପୁରୁଷଭାବ ଆଂଶିକ ବ୍ୟକ୍ତ ଅର୍ଥାତ୍ ବ୍ୟକ୍ତାବ୍ୟକ୍ତ । ଭଗବାନ, ଜୀବ ଓ ଜଗତ ଭାବ ସମ୍ପୂର୍ଣ୍ଣ ବ୍ୟକ୍ତ । ବ୍ରହ୍ମ ଓ ଆତ୍ମା ଭାବ ନିଷ୍କ୍ରିୟ । ଭଗବାନ, ଈଶ୍ୱର, ଜୀବ ଓ ଜଗତ୍‌ଭାବ ସକ୍ରିୟ । କିନ୍ତୁ ପୁରୁଷଭାବ ନିଷ୍କ୍ରିୟ ଅଥଚ ଦ୍ରଷ୍ଟା ମାତ୍ର । ବ୍ରହ୍ମ ଓ ଆତ୍ମା ସ୍ୱରୂପରେ ଆଶରୀରୀ; କିନ୍ତୁ ଈଶ୍ୱର, ଭଗବାନ, ଜୀବ ଓ ଜଗତ ଭୌତିକ କୋଷଯୁକ୍ତ ଓ ଶରୀରୀ । ପୁରୁଷଭାବ ଭୌତିକ କୋଷଯୁକ୍ତ ହେଲେ ମଧ୍ୟ ବିଶୁଦ୍ଧ ସତ୍ତ୍ୱଗୁଣସମ୍ପନ୍ନ ହେତୁ ଚିନ୍ମୟ ଓ ଆନନ୍ଦମୟ ମହତତ୍ତ୍ୱ ରୂପକ ଉପାଧି ଯୁକ୍ତ ସତ୍ତା । ଏହି ସତ୍ତା ହିଁ ସଦ୍‌ଗୁରୁ ପଦବାଚ୍ୟ ।

(୩୦୧) ପରମେଶ୍ୱର : ଦେହଯୁକ୍ତ ଓ ଦେହମୁକ୍ତ ଭେଦରେ ଆତ୍ମା ଦ୍ୱିବିଧ ଅବସ୍ଥାସମ୍ପନ୍ନ ହୋଇଥାଆନ୍ତି । ବ୍ରହ୍ମଙ୍କର ଯେଉଁ ଅବସ୍ଥା ମହତତ୍ତ୍ୱାଦି ଆଖ୍ୟା ଗ୍ରହଣ କରନ୍ତି, ତାହାହିଁ ଆତ୍ମା ପରମାତ୍ମାଙ୍କର ସମଷ୍ଟି ଅବସ୍ଥା । ସମସ୍ତ ବ୍ୟକ୍ତାବ୍ୟକ୍ତ ବିଶ୍ୱର ବା ସମଷ୍ଟି ବିଶ୍ୱର ଯେ ଦ୍ରଷ୍ଟା, ତାଙ୍କୁ ହିଁ ପରମାତ୍ମା କୁହାଯାଏ । ପରମାତ୍ମାଙ୍କ ଅନ୍ୟ ନାମ ପରମେଶ୍ୱର । ଏହାଙ୍କୁ ପୂର୍ଣ୍ଣ ବ୍ରହ୍ମ ମଧ୍ୟ କହନ୍ତି ।

(୩୦୨) ଆତ୍ମାର ସ୍ୱଭାବ : ବ୍ରହ୍ମଙ୍କର ଯେଉଁ ଅବସ୍ଥା ସ୍ୱଇଚ୍ଛାରେ ସ୍ୱରୂପଚ୍ୟୁତ ହୋଇ ବ୍ୟକ୍ତ-ବୁଦ୍ଧି, ମନ, ଇନ୍ଦ୍ରିୟ ଓ ଦେହାଦି ରୂପରେ ପରିଣତ ହୋଇଛନ୍ତି, ତାଙ୍କୁ ଆତ୍ମା କୁହାଯାଏ । ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି, ଅହଙ୍କାର, ଚିତ୍ତ ଏବଂ ପ୍ରକୃତି—ଏଗୁଡ଼ିକ ଆତ୍ମାର ସ୍ୱଭାବ । ବ୍ରହ୍ମ ସ୍ୱରୂପରେ ଭାବାତୀତ ।

(୩୦୩) ଆତ୍ମାଯୁକ୍ତ ଦେହ : ବ୍ରହ୍ମ ସ୍ୱରୂପରେ ଭାବାତୀତ ହେଲେ ମଧ୍ୟ ଭାବ, ସ୍ୱଭାବ ଓ ପ୍ରକୃତି ରୂପରେ ବ୍ରହ୍ମଙ୍କର ଆତ୍ମିକ ଅବସ୍ଥାକୁ ବିବର୍ତ୍ତ ବା ପରିଣତ ଅବସ୍ଥା ବୋଲି କୁହାଯାଏ । ଆତ୍ମାଯୁକ୍ତ ଦେହକୁ ଜୀବ, ଜଗତ୍, ଭଗବାନ ଓ ଈଶ୍ୱର ନାମରେ ଅଭିହିତ କରାଯାଏ ।

(୩୦୪) ଦେହମୁକ୍ତ ଆତ୍ମା : କିନ୍ତୁ ଆତ୍ମା ଯେତେବେଳେ ଦେହମୁକ୍ତ ଅବସ୍ଥାରେ ଅବସ୍ଥାନ କରନ୍ତି, ସେତେବେଳେ ସେହି ଅବସ୍ଥାକୁ ବ୍ରହ୍ମ, ପୁରୁଷ ଓ ଚିଦାତ୍ମା ବୋଲି କୁହାଯାଏ । ଆତ୍ମା ଯେତେବେଳେ ସ୍ଥୁଳ, ସୂକ୍ଷ୍ମ, କାରଣ—ଏହି ତ୍ରିବିଧ ଦେହ ବା ଆଧିଭୌତିକ ଉପାଧି ଧାରଣ କରନ୍ତି, ସେତେବେଳେ ସେହି ଅବସ୍ଥାକୁ ଜୀବାତ୍ମା, ଜୀବ, ଭଗବାନ ଓ ଈଶ୍ୱର ବୋଲି କୁହାଯାଏ ।

(୩୦୫) ଭଗବାନ୍ : ଯେ ସମଗ୍ର ସ୍ଥୁଳ, ସୂକ୍ଷ୍ମ ଓ କାରଣ ବିଶ୍ୱର ଅଧିଷ୍ଠାତା ଏକ ଅଦ୍ୱୈତ ଆତ୍ମା ବା ଚୈତନ୍ୟ ସ୍ୱରୂପ ଏବଂ ନିୟନ୍ତା, ତାଙ୍କୁ ଈଶ୍ୱର ନାମରେ ଅଭିହିତ କରାଯାଏ । ସେହି ଈଶ୍ୱରଙ୍କ ଶକ୍ତି, ଜ୍ଞାନ, ମହିମା ଏବଂ ଐଶ୍ୱର୍ଯ୍ୟ କେତେକାଂଶରେ କୌଣସି ଜୀବଠାରେ ବ୍ୟକ୍ତ ବା ବିକଶିତ ହେଲେ ସେହି ପୁରୁଷଙ୍କୁ ଭଗବାନ ଆଖ୍ୟା ଦିଆଯାଇଥାଏ । ଅଦ୍ୱୈତବ୍ରହ୍ମ ବା ପରମେଶ୍ୱର ସମ୍ପୂର୍ଣ୍ଣ ଅବ୍ୟକ୍ତ, ଈଶ୍ୱର ବ୍ୟକ୍ତାବ୍ୟକ୍ତ ଏବଂ ଭଗବାନ ବ୍ୟକ୍ତ । ପ୍ରତ୍ୟେକ ଜୀବ ଭଗବାନଙ୍କ ଅବତାର ହେଲେ ମଧ୍ୟ ଯେଉଁ ମାନବମାନଙ୍କଠାରେ ଈଶ୍ୱରଙ୍କ ଶକ୍ତି, ଐଶ୍ୱର୍ଯ୍ୟ ଓ ବୀର୍ଯ୍ୟ, ଜ୍ଞାନ, କରୁଣା ବା ପ୍ରେମ ଏବଂ ମହିମା ପ୍ରଭୃତିର ବିକାଶ ହୋଇଥାଏ, ସେମାନଙ୍କୁ ଭଗବାନ୍ କୁହାଯାଏ । ଯେଉଁମାନଙ୍କର ଜ୍ଞାନ ବିସ୍ମୃତ, ସେମାନଙ୍କୁ ଜୀବ କୁହାଯାଏ । ଅତଏବ ବୁଦ୍ଧ, ଶଙ୍କର, ଶ୍ରୀକୃଷ୍ଣ, ଗୌରାଙ୍ଗଦେବ, ବ୍ୟାସ ଓ ବଶିଷ୍ଠ ପ୍ରଭୃତିଙ୍କୁ ଭଗବାନ୍ ବୋଲି କୁହାଯାଇଥାଏ ।

(୩୦୬) ବାସୁଦେବ : ବିଶ୍ୱନିୟନ୍ତା ସକ୍ରିୟ ଈଶ୍ୱର ଚୈତନ୍ୟର ଅନ୍ତଃକରଣକୁ ବା ଚିତ୍ତକୁ ଶାସ୍ତ୍ରରେ ବାସୁଦେବ ବୋଲି କୁହାଯାଇଅଛି । ଅର୍ଥାତ୍ ଈଶ୍ୱରଙ୍କ ମନ ହିଁ ବାସୁଦେବ । ସମଗ୍ର ଜଗତ୍ ବା ସ୍ଥୁଳ, ସୂକ୍ଷ୍ମ ଓ କାରଣ ବିଶ୍ୱ ସମଷ୍ଟିଭାବରେ ଏହି ଈଶ୍ୱରଙ୍କ ଦେହ । ବାସୁଦେବ ଏହାଙ୍କର ମନ ।

(୩୦୭) ପୂର୍ଣ୍ଣ ଭଗବାନ : ଈଶ୍ୱର ହିଁ ପୂର୍ଣ୍ଣ ଭଗବାନ; କିନ୍ତୁ ସେ ସ୍ୱରୂପରେ ସମଗ୍ର ବିଶ୍ୱବ୍ୟାପୀ ହୋଇଥିବାରୁ କ୍ଷୁଦ୍ର ବ୍ୟଷ୍ଟି ଜୀବମାନଙ୍କ ମନ, ବୁଦ୍ଧି ଓ ଇନ୍ଦ୍ରିୟ ପକ୍ଷରେ ଧାରଣାର ଅତୀତ । ତେଣୁ ଭକ୍ତମାନଙ୍କ ପ୍ରତି ଅନୁଗ୍ରହ ପ୍ରଦର୍ଶନ କରି ତାଙ୍କର ଐଶ୍ୱର୍ଯ୍ୟ ଓ ଶକ୍ତିର କେତେକାଂଶ ଉଚ୍ଚସ୍ତରର ଜୀବ ଦେହରେ ପ୍ରତିଫଳିତ ହେଲେ ତାଙ୍କୁ ଭଗବାନ୍ ବୋଲି ଅଭିହିତ କରାଯାଏ । ତେଣୁ ଗୁରୁଦେବଙ୍କୁ ପୂର୍ଣ୍ଣ ଭଗବାନ୍ ବୋଲି ସ୍ତବ କରାଯାଇଥାଏ ।

(୩୦୮) ଗୁଣାଧୀଶ ଈଶ୍ୱର ଭାବ : ଭଗବାନ ଏକ, ଅଦ୍ୱିତୀୟ ହୋଇ ମଧ୍ୟ ବିଶ୍ୱପ୍ରକୃତିର ତ୍ରିଗୁଣର ଅର୍ଥାତ୍ ଗୁଣସମ୍ମତ କ୍ରିୟା ବା କର୍ମ ସାଧନ ନିମିତ୍ତ ବିଶ୍ୱର ନିୟନ୍ତା ଓ କର୍ତ୍ତା ହୋଇ ମଧ୍ୟ ଏହି ଜଗତରେ ପ୍ରକଟିତ ହୁଅନ୍ତି । ସେହି ତ୍ରିଗୁଣର ପୃଥକ ପୃଥକ ନିଅନ୍ତୃ ଶକ୍ତିକୁ ଗୁଣାଧୀଶ ଈଶ୍ୱର ବା ବ୍ରହ୍ମା, ବିଷ୍ଣୁ ଓ ଶିବ କୁହାଯାଏ । ଏମାନେ ବ୍ୟକ୍ତ ଓ ଶରୀରଧାରୀ । ବିଭିନ୍ନ ଖଣ୍ଡ ଜଗତ୍ ନିମିତ୍ତ ଏମାନଙ୍କର ବିଭିନ୍ନ ସ୍ୱରୂପ ଓ ବିଭିନ୍ନ ସ୍ୱଭାବ ହୋଇଥାଏ । ଗୀତାରେ ଏହି ତ୍ରିଗୁଣାଧୀଶ ବିଶ୍ୱାସୀ ଓ ନିୟନ୍ତା ଈଶ୍ୱରଙ୍କୁ ଅଧିଯଜ୍ଞପୁରୁଷ ବୋଲି ବର୍ଣ୍ଣନା କରାଯାଇଅଛି ।

(୩୦୯) ମାୟାଧୀନ ଭାବ : ଜୀବ ଓ ପ୍ରକୃତି ଭାବରେ ବ୍ରହ୍ମ ମାୟାଧୀନ ।

(୩୧୦) ମାୟାଧୀଶ : ଈଶ୍ୱର, ଭଗବାନ ଓ ପୁରୁଷ ଭାବରେ ବ୍ରହ୍ମ ମାୟାଧୀଶ ।

(୩୧୧) ମାୟାତୀତ ଭାବ : ବ୍ରହ୍ମ ଓ ଆତ୍ମା ଭାବରେ ବ୍ରହ୍ମ ମାୟାତୀତ । ମାୟା ଅଛି ବୋଲି ବ୍ରହ୍ମଙ୍କଠାରେ ଉପରୋକ୍ତ ତ୍ରିଭାବର ଉତ୍ପତ୍ତି ହୁଏ ଏବଂ ଜୀବଭାବ ବିଶ୍ୱରେ ବିରାଜ କରେ । ମାୟା ନ ଥିଲେ ଏମାନଙ୍କ ଅସ୍ତିତ୍ୱ ତିରୋହିତ ହୋଇଯାଏ । ଦେଶ, କାଳ, ନିମିତ୍ତ ଓ କାର୍ଯ୍ୟକାରଣ ଭାବ ମାୟାର ସ୍ୱରୂପ । କିନ୍ତୁ ବ୍ରହ୍ମ ଓ ଆତ୍ମା ମାୟାତୀତ ସତ୍ତା । ସେଠାରେ ଦେଶ କାଳ (Time and space) ର ଅସ୍ତିତ୍ୱ ନାହିଁ । ତାହା ସମୟର ଅଧୀନ ନୁହେଁ । ସେହି ସ୍ଥାନରେ ହିଁ ସିନ୍ଧୁ ଭିତରେ ବିନ୍ଦୁ ଏବଂ ବିନ୍ଦୁ ମଧ୍ୟରେ ସିନ୍ଧୁ ଅବସ୍ଥାନ କରିବା ସମ୍ଭବ ହୋଇଥାଏ । ସେଠାରେ ବ୍ୟଷ୍ଟି ସମଷ୍ଟି ଭାବ ନାହିଁ । ତାହା ଦେଶ, କାଳ ଓ ନିମିତ୍ତର ଅତୀତ । ଆତ୍ମଜ୍ଞାନର ବିକାଶ ହେଲେ ଏହି ନିତ୍ୟ ଅବସ୍ଥା ଲାଭ ହୋଇଥାଏ ।

(୩୧୨) ପରିଣାମ : ପୂର୍ବ ରୂପ ତ୍ୟାଗ କରି କାର୍ଯ୍ୟ ରୂପ ଧାରଣ କରିବାକୁ ପରିଣାମ କୁହାଯାଏ, ଯଥା– ଘଟ ମୃତ୍ତିକାର ପରିଣାମ ଏବଂ ଦଧି ଦୁଗ୍ଧର ପରିଣାମ ।

(୩୧୩) ବିବର୍ତ୍ତ : ପୂର୍ବ ରୂପ ତ୍ୟାଗ ନ କରି କାର୍ଯ୍ୟ ରୂପରେ ପ୍ରତିଭାତ ହେବାକୁ ବିବର୍ତ୍ତ କୁହାଯାଏ । ଯଥା, ରଜ୍ଜୁରେ ସର୍ପଭ୍ରମ । ଏହି ଜଗତ୍ ବ୍ରହ୍ମଙ୍କର ବିବର୍ତ୍ତ; ବ୍ରହ୍ମଙ୍କର ଏହା ପରିଣାମ ନୁହେଁ ।

(୩୧୪) ମାନବର ତ୍ରିବିଧ ବିଷୟ : ଦେହ, ମନ ଓ ଆତ୍ମା । ଇନ୍ଦ୍ରିୟ, ବୁଦ୍ଧି, ଅହଙ୍କାର ଓ ଚିତ୍ତ ଏହା ମନର ବିଷୟ । ପଞ୍ଚଭୂତ ଓ ପଞ୍ଚତନ୍ମାତ୍ର ଦେହର ବିଷୟ । ସ୍ୱଭାବ ବା ପ୍ରକୃତି ଆତ୍ମାର ଶକ୍ତି । ଉପରୋକ୍ତ ପ୍ରକାରରେ ଆତ୍ମା, ସ୍ୱଭାବ, ଅହଙ୍କାର, ଚିତ୍ତ, ବୁଦ୍ଧି, ମନ, ଇନ୍ଦ୍ରିୟ ଓ ଦେହକୁ ନେଇ ସମଗ୍ର ମାନବ ଶରୀର ଗଠିତ ।

(୩୧୫) ମାନବ ଜୀବନର ଦୋଷ : କୁଅଭ୍ୟାସ, କୁସଂସ୍କାର, କୁଚିନ୍ତା, କୁକର୍ମ, ଚଞ୍ଚଳତା, ପଲ୍ଲବଗ୍ରାହିତା, କାମକ୍ରୋଧାଦି ଭାବ ଏବଂ ଆତ୍ମାଭିମାନ– ଏଗୁଡ଼ିକ ମାନବ ଜୀବନର ପ୍ରଧାନ ଦୋଷ । ଏହି ଦୋଷ ଯୋଗୁଁ ମାନବ ସତ୍ୟଜ୍ଞାନ ବା ନିତ୍ୟସୁଖ ଲାଭ କରିପାରେ ନାହିଁ । ସୁଖ, ଜ୍ଞାନ, ଶକ୍ତି ଓ ଅମରତ୍ୱ ଲାଭ କରିବାକୁ ହେଲେ ପ୍ରତ୍ୟେକେ ଏହି ଦୋଷଗୁଡ଼ିକଠାରୁ ଦୂରରେ ରହିବା ଆବଶ୍ୟକ ।

(୩୧୬) ଭାବ : 'ଭୂ' ଧାତୁରୁ (ଅସ୍ତି ଅର୍ଥରେ)+ ଘଞ=ଭାବ । ଯାହାର ଅସ୍ତିତ୍ୱ ବା ସତ୍ତା ଅଛି, ତାହାର ନାମ ଭାବ ।

(୩୧୭) ଭାବର ତ୍ରିବିଧ ଅର୍ଥ : ଭାବ ଶବ୍ଦର ବହୁ ଅର୍ଥ ମଧ୍ୟରେ ତିନିଗୋଟି ପ୍ରଧାନ । ସତ୍ତା, ଭାବନା, ସ୍ୱଭାବ । ଚିତ୍ତର ଭାବନାଦ୍ୱାରା ଚୈତନ୍ୟର ଯାହା ଅଧିଗମ୍ୟ ହୁଏ, ତାହାର ନାମ ଭାବ । ଚିତ୍ତଗ୍ରାହ୍ୟ ସତ୍ତାକୁ ଭାବ କୁହାଯାଏ । କର୍ମ ମଧ୍ୟ ଭାବନାର ଅନ୍ତର୍ଗତ । ଯାହା ଯାହାଙ୍କର ଭାବ ବା ଧର୍ମ, ତାହାହିଁ ତାଙ୍କର ସ୍ୱଭାବ ।

(୩୧୮) ଭଗବତପ୍ରାପ୍ତିର ତ୍ରିବିଧ ଉପାୟ : ପ୍ରଥମ ନିତ୍ୟ ଆତ୍ମକର୍ମାନୁଷ୍ଠାନ, ଦ୍ୱିତୀୟ ଜ୍ଞାନାନୁଶୀଳନ ବା ସ୍ୱାଧ୍ୟାୟ, ତୃତୀୟ ସାଧନଚତୁଷ୍ଟୟ ସମ୍ପନ୍ନ ହେବା ।

(୩୧୯) ଆତ୍ମକର୍ମ : ପ୍ରାତଃକାଳଠାରୁ ରାତ୍ରିରେ ଶୟନ ପର୍ଯ୍ୟନ୍ତ ବେଦ ଓ ଶାସ୍ତ୍ରୋକ୍ତ ନିତ୍ୟକର୍ମ ପଦ୍ଧତିରେ ଅନୁସରଣ କରି ଚଳିବା ଏବଂ ଚିତ୍ତ ସ୍ଥିର କରିବା ନିମିତ୍ତ ଯେଉଁ କର୍ମାନୁଷ୍ଠାନ କରାଯାଏ, ତାହାର ନାମ ଆତ୍ମକର୍ମାନୁଷ୍ଠାନ ।

(୩୨୦) ସ୍ୱାଧ୍ୟାୟ (ଜ୍ଞାନାନୁଶୀଳନ) : ବ୍ରହ୍ମ, ଈଶ୍ୱର ଓ ଆତ୍ମଜ୍ଞାନ ଲାଭ ନିମିତ୍ତ ପ୍ରତ୍ୟହ କିଛି କିଛି ଚେଷ୍ଟା କରିବାକୁ ସ୍ୱାଧ୍ୟାୟ ବା ଜ୍ଞାନଲାଭର କ୍ରିୟା କହନ୍ତି ।

(୩୨୧) ସାଧନ ଚତୁଷ୍ଟୟ : (୧) ନିତ୍ୟାନିତ୍ୟ ବସ୍ତୁ ବିବେକ । (୨) ଇହାମୁତ୍ରଫଳଭୋଗ ବିରାଗ । (୩) ଶମଦମାଦି ଷଟ୍ ସମ୍ପତ୍ତି । (୪) ମୁମୁକ୍ଷୁତ୍ୱ । ଉପରୋକ୍ତ ଚତୁର୍ବିଧ ସାଧନକୁ ବେଦାନ୍ତରେ ସାଧନ ଚତୁଷ୍ଟୟ କୁହାଯାଏ ।

(୩୨୨) ବିବେକ : ଏହି ଜଗତରେ କିଏ ନିତ୍ୟ, ସତ୍ ବା ଅନନ୍ତ କାଳ ସ୍ଥାୟୀ ଏବଂ କିଏ ଅନିତ୍ୟ ବା ଅସତ୍—ଏହି ବିଷୟର ସତ୍ୟଜ୍ଞାନକୁ ବିବେକ କୁହନ୍ତି ।

(୩୨୩) ବୈରାଗ୍ୟ : ଇହକାଳରେ ହେଉ ବା ପରକାଳରେ ହେଉ, ସର୍ବବିଧ ସ୍ୱକୃତ ସତ୍ ବା ଅସତ୍ କର୍ମଜନିତ ପାପପୁଣ୍ୟର ଫଳଭୋଗ ପ୍ରତି ଅନିଚ୍ଛାର ନାମ ବୈରାଗ୍ୟ ।

(୩୨୪) ଷଟ୍ ସମ୍ପତ୍ତି : ଶମ, ଦମ, ଉପରତି, ତିତିକ୍ଷା, ଶ୍ରଦ୍ଧା ଓ ସମାଧାନ । ମନର ପ୍ରବୃତ୍ତିସମୂହକୁ ଦମନ କରି ସ୍ଥିର ଓ ଶାନ୍ତ ରଖିବା, ବାହ୍ୟବସ୍ତୁ ପ୍ରତି ଚିତ୍ତଚାଞ୍ଚଲ୍ୟର ବିରତି, ସହିଷ୍ଣୁତା, ଶାସ୍ତ୍ର, ଗୁରୁ ତଥା ନିଜ ଉପରେ ବିଶ୍ୱାସ ରଖିବା ଓ ଭଗବାନଙ୍କଠାରେ ଚିତ୍ତ ସଂସ୍ଥାପିତ କରି ସାଧନନିରତ ହେବା ହିଁ ସାଧକଙ୍କର ଷଟ୍ସମ୍ପତ୍ତି ମଧ୍ୟରେ ଗଣ୍ୟ । ପ୍ରତ୍ୟହ ସାଧକ ଯେକୌଣସି ପ୍ରକାରରେ ଏହି ଷଟ୍ ସମ୍ପତ୍ତି ସାଧନାର ଅଧିକାର ଅର୍ଜନ କରିବା ଉଚିତ ।

(୩୨୫) ମୁମୁକ୍ଷୁତ୍ୱ : ଭଗବାନ ପ୍ରତି ପ୍ରୀତିସମ୍ପନ୍ନ ହୋଇ ତାଙ୍କୁ ଲାଭ କରିବା ନିମିତ୍ତ ତୀବ୍ର ବ୍ୟାକୁଳତା ଓ ନିଷ୍ଠା ସହିତ ତାଙ୍କୁ ପାଇବା ପାଇଁ ସାଧନ କରୁଥିବା ପଥରେ ଅଗ୍ରସର ହେବା ହିଁ ମୁମୁକ୍ଷୁତ୍ୱ ।

(୩୨୬) କ୍ରିୟାଯୋଗ : ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଆତ୍ମକର୍ମପରାୟଣ ହୋଇ ସାଧନର ଅଭ୍ୟାସ ଗଠନ କରିବାକୁ କ୍ରିୟାଯୋଗ କହନ୍ତି । ତପସ୍ୟା, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ—ଏହି ତ୍ରିବିଧ ପନ୍ଥାର ନାମ କ୍ରିୟାଯୋଗ । ଶାସ୍ତ୍ରୋକ୍ତ

ବ୍ରତନିୟମାଦି ପାଳନ ଓ ଇନ୍ଦ୍ରିୟସଂଯମ, ତତ୍ତ୍ୱଜ୍ଞାନ ଅର୍ଜ୍ଜନ ନିମିତ୍ତ ଉପଦେଶ ଗ୍ରହଣ, ସର୍ବଦା ଈଶ୍ୱରଚିନ୍ତନ–ଉରୋପକ୍ତ ପ୍ରକାରରେ ଏହି କ୍ରିୟାଯୋଗ ସମ୍ପନ୍ନ ହୋଇଥାଏ ।

(୩୨୭) ବିଷୟ : ପ୍ରାକୃତ ବସ୍ତୁରେ ବା ଅନିତ୍ୟ ବିଷୟରେ ଯେଉଁ ଆସକ୍ତି ଭାବ, ସେହି ଭାବକୁ ବିଷୟ କହନ୍ତି । କାମିନୀ କାଞ୍ଚନ, ପୁତ୍ର କଳତ୍ର, ଗୃହ, ବନ୍ଧୁ ସ୍ୱଜନ, ମାନ ସମ୍ମାନ, ଯଶ କୀର୍ତ୍ତି, ଲଜ୍ଜା ଓ ଭୟ—ଏହିମାନେ ହି ବିଷୟର ଅନ୍ତର୍ଗତ ।

(୩୨୮) ଜୀବଧର୍ମଚତୁଷ୍ଟୟ : ଆହାର, ନିଦ୍ରା, ଭୟ ଓ ମୈଥୁନ— ଉପରୋକ୍ତ ଚତୁର୍ବିଧ କ୍ରିୟା, ସ୍ଥୁଳ ଦେହର କର୍ମ । ଏହା ଆତ୍ମାର ସ୍ୱଭାବ ନୁହେଁ ।

(୩୨୯) କେଶବ : କ ଅର୍ଥ ବ୍ରହ୍ମା । ଅ ଅର୍ଥ ବିଷ୍ଣୁ । ଈଶ ଅର୍ଥ ଶିବ । ବ ଅର୍ଥ ଗମନାର୍ଥ ବା ଧାତୁଜ । ବ୍ରହ୍ମା ବିଷ୍ଣୁ ଶିବ ବା ତ୍ରିଗୁଣ ସ୍ୱରୂପ ତିନି ଦେବତା ଯାହାଙ୍କ ଶାସନାଧୀନରେ ରହିଛନ୍ତି, ତାଙ୍କୁ କେଶବ କହନ୍ତି ।

(୩୩୦) କର୍ଣ୍ଣ : ଯେଉଁମାନେ ଅପରର ଶୁଣିବା କଥାରେ ବିଶ୍ୱାସ କରନ୍ତି ସେମାନେ କର୍ଣ୍ଣ ।

(୩୩୧) ହୃଷୀକେଶ : ଇନ୍ଦ୍ରିୟମାନେ ଯାହାଙ୍କର ବଶୀଭୂତ ବା ଯେ ଇନ୍ଦ୍ରିୟମାନଙ୍କର ଈଶ୍ୱର—ସେ ହୃଷୀକେଶ ।

(୩୩୨) ଗୁଡ଼ାକେଶ : ଗୁଡ଼ାକା ଅର୍ଥ ନିଦ୍ରା; ଈଶ୍ୱ ଅର୍ଥାତ୍ ଜୟକାରୀ । ଯେ ନିଦ୍ରାକୁ ଜୟ କରିଛନ୍ତି ସେ ଗୁଡ଼ାକେଶ ।

(୩୩୩) ମଧୁସୂଦନ : ମଧୁ ଅର୍ଥ ମାୟା; ସୂଦନ ଅର୍ଥ ବିନାଶକାରୀ । ଯେ ମାୟାର ବିନାଶକ ସେ ମଧୁସୂଦନ ।

(୩୩୪) ଭଗବାନ : ଅଣିମା, ଲଘିମା, ବ୍ୟାପ୍ତି, ପ୍ରାକାମ୍ୟ, ମହିମା ଈଶିତ୍ୱ– ଏହି ଛଅ ପ୍ରକାର ଅବସ୍ଥାପନ୍ନ ଭକ୍ତଙ୍କର ନାମ ଭଗବାନ । ଅର୍ଥାତ୍ ଯେ ନିଜେ ଅଣୁ ଓ ଲଘୁ ହେବାର କ୍ଷମତା ଲାଭ କରିଛନ୍ତି, ଶରୀରକୁ ସ୍ଥୁଳ କରିବାର କ୍ଷମତା ଯାହାଙ୍କର ଅଛି, ଯାହାଙ୍କର ସର୍ବତ୍ର ଗମନ କରିବାର କ୍ଷମତା ଅଛି, ଯାହାଙ୍କର ଇଚ୍ଛାନୁରୂପ ଭୋଗ ପୂର୍ଣ୍ଣ କରିବାର କ୍ଷମତା ଅଛି ଏବଂ ଯେ ସର୍ବଭୂତର ସ୍ୱାମୀତ୍ୱ ଲାଭ କରିଛନ୍ତି—ଏହି ଷଡ଼ୈଶ୍ୱର୍ଯ୍ୟ ବା 'ଭଗ' ଯାହାଙ୍କର ଅଛି, ତାଙ୍କୁ ଭଗବାନ୍ କୁହାଯାଏ ।

(୩୩୫) ସୁର : ଯେ ଅଷ୍ଟ ପ୍ରହର ଇନ୍ଦ୍ରିୟମାନଙ୍କ ସହିତ ଯୁଦ୍ଧ କରନ୍ତି, ତାଙ୍କୁ ସୁର କୁହାଯାଏ ।

(୩୩୬) ମୁକ୍ତବ୍ୟକ୍ତିଙ୍କ ଲକ୍ଷଣ : ଯେଉଁ ସାଧକମାନେ ଦେହ-ତ୍ୟାଗର ପୂର୍ବ ପର୍ଯ୍ୟନ୍ତ କାମ-କ୍ରୋଧ-ଜାତ ବେଗ ସଂଯତ କରିପାରନ୍ତି, ଅର୍ଥାତ୍ ଯୁବତୀ ନାରୀକର୍ତ୍ତୃକ ଆଲିଙ୍ଗିତ ହୋଇ ଏବଂ ପୁତ୍ରାଦିଙ୍କକର୍ତ୍ତୃକ ଦହ୍ୟମାନ ହୋଇ ପ୍ରାଣହୀନ ବ୍ୟକ୍ତି ଯେପରି କାମକ୍ରୋଧର ବେଗ ସହ୍ୟ କରନ୍ତି, ସେହିପରି ଜୀବିତ ଥାଇ ମଧ୍ୟ ଯେ ଇନ୍ଦ୍ରିୟବିକାରଜନିତ ଯାବତୀୟ ଆବେଗ ସହ୍ୟ କରି ପାରନ୍ତି, ତାଙ୍କୁ ହିଁ ମୁକ୍ତ-ପୁରୁଷ ବୋଲି ଜାଣିବ ।

(୩୩୭) ସନ୍ନ୍ୟାସୀ : କର୍ମଫଳ ପ୍ରତି ଲକ୍ଷ୍ୟ ନ ରଖି ଯେଉଁମାନେ ଅବଶ୍ୟ-କର୍ତ୍ତବ୍ୟ ବୋଲି ବିହିତ କର୍ମ କରନ୍ତି, ସେମାନଙ୍କୁ ସନ୍ନ୍ୟାସୀ କୁହାଯାଏ । ଯେଉଁମାନେ କର୍ମବନ୍ଧନ ଭୟରେ ଭୀତ ହୋଇ କର୍ମତ୍ୟାଗ କରି ନିଷ୍କ୍ରିୟ ହୋଇ ଅଳସ୍ୟ ଜଡ଼ତାରେ ସମୟ ଅତିବାହିତ କରନ୍ତି, ସେମାନେ ସନ୍ନ୍ୟାସୀ ପଦବାଚ୍ୟ ନୁହନ୍ତି ।

(୩୩୮) ଊର୍ଦ୍ଧ୍ୱରେତା : ଯେଉଁ ସାଧକମାନେ ଚଞ୍ଚଳ-ପ୍ରାଣକୁ ଊର୍ଦ୍ଧ୍ୱରେ ସ୍ଥିର ରଖିପାରନ୍ତି, ସେମାନଙ୍କୁ ଯଥାର୍ଥ ଊର୍ଦ୍ଧ୍ୱରେତା କୁହାଯାଏ । ରେତଃ ଅର୍ଥ ଶୁକ୍ର । ଶୁକ୍ରହିଁ ପ୍ରାଣ । ସେହି ପ୍ରାଣର ଚଞ୍ଚଳତାକୁ ଯେ ସ୍ଥିର କରିବା ପାଇଁ ଅଭ୍ୟାସ ଗଠନ କରି ଆଜ୍ଞାଚକ୍ରରେ ସ୍ଥିର ରଖିପାରନ୍ତି, ସେ ହେଉଛନ୍ତି ଊର୍ଦ୍ଧ୍ୱରେତା । ଯେଉଁମାନେ କେବଳ ସ୍ତ୍ରୀ ସମ୍ଭୋଗ ତ୍ୟାଗ କରିଛନ୍ତି, ସେମାନେ ବ୍ରହ୍ମଚାରୀ ବା ଊର୍ଦ୍ଧ୍ୱରେତା ପଦବାଚ୍ୟ ନୁହନ୍ତି । କାରଣ ପ୍ରଥମେ ଇନ୍ଦ୍ରିୟମାନଙ୍କୁ ଦମନ କରି ପରେ ସେମାନଙ୍କୁ ନିଗ୍ରହ କରିବା ଉଚିତ । ତେଣୁ ଯେଉଁ ବ୍ୟକ୍ତି ଶୁକ୍ରରୂପୀ ପ୍ରାଣକୁ ଊର୍ଦ୍ଧ୍ୱରେ ସ୍ଥିର ରଖିପାରିଛନ୍ତି, ତାଙ୍କୁ ହିଁ ଊର୍ଦ୍ଧ୍ୱରେତା କହନ୍ତି ।

(୩୩୯) ସତ୍ୟବାଦୀ : ମାନବ ଯାହା କରେ, ଯାହା ଦେଖେ, ଯାହା ଶୁଣେ—ସମସ୍ତ ଭ୍ରମପ୍ରମାଦପୂର୍ଣ୍ଣ ଓ ଅସତ୍ୟ । ଭଗବାନ ହିଁ ପ୍ରକୃତ ସତ୍ୟସ୍ୱରୂପ । ସତ୍ୟ ମୁଖରେ ବ୍ୟକ୍ତ କରାଯାଇପାରେ ନାହିଁ । କାରଣ, ତାହା ଅବ୍ୟକ୍ତ, ଯେଉଁମାନେ ଏହି ଅବ୍ୟକ୍ତ କଥାକୁ କିଞ୍ଚିତ୍ ବ୍ୟକ୍ତ କରନ୍ତି, ସେହିମାନେ ହିଁ ସତ୍ୟବାଦୀ ।

(୩୪୦) କ୍ଷାନ୍ତି : କେହି ଅପକାର କଲେ ମଧ୍ୟ ଯେ ତାଙ୍କୁ କ୍ଷମା କରିପାରନ୍ତି ଅର୍ଥାତ୍ ଅନ୍ୟଠାରୁ ପ୍ରାପ୍ତ କ୍ଲେଶକୁ ଯେ ବିକାରଶୂନ୍ୟ ଭାବରେ ସହ୍ୟ

କରିପାରନ୍ତି ଏବଂ ଶକ୍ତି ଥିଲେ ମଧ୍ୟ ଯେ ଅନ୍ୟର ଅନିଷ୍ଟ ନ କରି କ୍ଷମା କରି ପାରନ୍ତି, ତାଙ୍କର ସେହି ଅବସ୍ଥାର ନାମ କ୍ଷାନ୍ତି । ପୁନଶ୍ଚ ସାଧକ ଯେତେବେଳେ ସାଧନାର ସମସ୍ତ କ୍ଳେଶ ସହିଷ୍ଣୁତାର ସହିତ ସହ୍ୟ କରିପାରନ୍ତି ଅର୍ଥାତ୍ କିଛିଦିନ ଅଭ୍ୟାସଜନିତ କଷ୍ଟ ସହ୍ୟ କରିବା ପରେ ସେଥିରେ କିଛି ହେଲା ନାହିଁ ବୋଲି ଅଥୟ ହୋଇ ତାହା ତ୍ୟାଗ କରି ଅନ୍ୟ ପଥରେ ଗମନ କରନ୍ତି ନାହିଁ; ସେହି ପ୍ରକାର ସହିଷ୍ଣୁତାର ନାମ ଯଥାର୍ଥ କ୍ଷାନ୍ତି । ଏପରି ସହିଷ୍ଣୁତା ସହକାରେ ଯେ ସାଧନ କରନ୍ତି, ତାଙ୍କର ଚିତ୍ତ ଦିନେ ନା ଦିନେ ସ୍ଥିରତା ଲାଭ କରିବ ।

(୩୪୧) ଆଚାର୍ଯ୍ୟ ଉପାସକ : ମୁମୁକ୍ଷୁ ସାଧକମାନେ ପରମାତ୍ମାଙ୍କ ସାକ୍ଷାତ ଉଦ୍ଦେଶ୍ୟରେ ସମିତ୍‌ପାଣି ହୋଇ ଅର୍ଥାତ୍ ଯଥାଯୋଗ୍ୟ ଉପଢ଼ୌକନ ଘେନି ବ୍ରହ୍ମନିଷ୍ଠ ଗୁରୁଙ୍କ ନିକଟକୁ ଗମନ କରିବା ଓ ତାଙ୍କ ଆଦେଶରେ ସେବାପରାୟଣ ହେବାର ନାମ ହେଉଛି ଆଚାର୍ଯ୍ୟ ଉପାସନା । ଗୁରୁ ବ୍ରହ୍ମନିଷ୍ଠ ନ ହେଲେ ତାଙ୍କ ଉପଦେଶରେ ଶିଷ୍ୟ ହୃଦୟର ଅଜ୍ଞାନ-ଅନ୍ଧକାର ବିଦୂରୀତ ହୋଇପାରେ ନାହିଁ । ଗୁରୁଙ୍କର ନିଜର କୌଣସି ପ୍ରୟୋଜନ ନଥାଏ । କିନ୍ତୁ ଯେଉଁ ଶିଷ୍ୟ ଶ୍ରଦ୍ଧାପୂର୍ଣ୍ଣ ଚିତ୍ତରେ ଗୁରୁଦେବଙ୍କଠାରେ ସର୍ବସ୍ୱ ସମର୍ପଣ ଅର୍ଥାତ୍ ଗୁରୁଦେବଙ୍କ ନିମିତ୍ତ ଯେକୌଣସି ତ୍ୟାଗ ସ୍ୱୀକାର କରିବା ପାଇଁ ଯେ ଅଭ୍ୟସ୍ତ ନ ଥିବେ, ସେ ସଦ୍‌ଗୁରୁଙ୍କ ପ୍ରଦର୍ଶିତ ପନ୍ଥାରେ ଚଳିବାର ଅଯୋଗ୍ୟ ବିବେଚିତ ହୁଅନ୍ତି । ଯେଉଁ ଶିଷ୍ୟମାନେ ଗୁରୁଦେବଙ୍କ ନିମିତ୍ତ ଯେତେ ପରିମାଣରେ ତ୍ୟାଗ କରିପାରନ୍ତି, ସେମାନଙ୍କର ସେତିକି ପରିମାଣରେ ଚିତ୍ତଶୁଦ୍ଧି ହୋଇ ପରମାର୍ଥ ଦୃଷ୍ଟିର ଉଦୟ ହୁଏ । ଯେଉଁମାନେ ଶ୍ରୀଗୁରୁଙ୍କ ଉପଦେଶ ଅନୁସାରେ ସାଧନତତ୍ପର, ସେହିମାନେ ହିଁ ଗୁରୁଦେବଙ୍କର ପ୍ରିୟପାତ୍ର । ଯେଉଁମାନେ ଶ୍ରଗୁରୁଙ୍କୁ ହୃଦୟସିଂହାସନ ପ୍ରଦାନ କରି ତାଙ୍କ ସ୍ମରଣମନନ ଏବଂ ତାଙ୍କ ସେବାଶୁଶ୍ରୂଷାରେ ରତ, ସେହିମାନେ ହିଁ ଯଥାର୍ଥ ସମର୍ପଣକାରୀ ସେବକ ପଦବାଚ୍ୟ ଏବଂ ଅଚାର୍ଯ୍ୟ ଉପାସକ ।

(୩୪୨) ସ୍ଥୈର୍ଯ୍ୟ : ଯେଉଁମାନେ ଶ୍ରୀଗୁରୁଙ୍କ ପ୍ରଦତ୍ତ ସାଧନପଥରେ ଅଗ୍ରସର ହେଉଛନ୍ତି, ସେହି ମାର୍ଗରୁ କେବେହେଲେ ବିଚ୍ୟୁତ ହେଉନାହାନ୍ତି, ସେମାନଙ୍କର ଏହି ଭାବର ନାମ ସ୍ଥୈର୍ଯ୍ୟ । ସାଧନପଥରେ ବିଘ୍ନ ଉପସ୍ଥିତ ହେଲେ ଯେଉଁମାନଙ୍କର ପ୍ରଯତ୍ନ-ଶୈଥିଲ୍ୟ ଘଟେ ନାହିଁ, ଅର୍ଥାତ୍ ଯେଉଁମାନେ ଏକନିଷ୍ଠ ଭାବରେ ସାଧନନିରତ, ସେମାନଙ୍କର ସେହି ଅବସ୍ଥାର ନାମ ସ୍ଥୈର୍ଯ୍ୟ । ଯୋଗାଙ୍ଗର ମୁଦ୍ରା ଅଭ୍ୟାସଦ୍ୱାରା ଏହା ଲାଭ ହୁଏ ।

(୩୪୩) ଆତ୍ମବିନିଗ୍ରହ : ଆତ୍ମାକୁ ପରମାତ୍ମାଙ୍କ ସହିତ ଯୋଗଯୁକ୍ତ ରଖିବା ଅର୍ଥାତ୍ ମନକୁ ଅନ୍ୟ ଦିଗରୁ ପ୍ରତ୍ୟାହୃତ କରି ଆତ୍ମସମାହିତଭାବରେ ଅବସ୍ଥାପନ କରିବା, ଦେହ ଓ ଇନ୍ଦ୍ରିୟବର୍ଗଙ୍କର ପ୍ରବୃତ୍ତିକୁ ନିରୁଦ୍ଧ କରି ସତ୍‌ମାର୍ଗରେ ପରିଚାଳିତ କରିବା ଏବଂ ଦେହ ଓ ଇନ୍ଦ୍ରିୟ ଉଭୟକୁ ସଂଯତ କରି ଭଗବାନଙ୍କ ଚିନ୍ତାରେ ଯୁକ୍ତ ରଖିବାର ନାମ ଆତ୍ମ-ବିନିଗହ। ବିଷୟ ପ୍ରତି ଚିତ୍ତର ଯେଉଁ ଆବେଗ, ତାହାର ସାମ୍ୟ ବିଧାନ ନିମିତ୍ତ ଗୋଟିଏ ଦିଗରେ ଭୋଗ୍ୟ ବିଷୟର ଅନିତ୍ୟତା ବିଷୟରେ ଚିନ୍ତା ଓ ଅପର ଦିଗରେ ଦେହ ଇନ୍ଦ୍ରିୟ ସଂଯମ ନିମିତ୍ତ ଆସନ ଓ ପ୍ରାଣାୟମ ଅଭ୍ୟାସର ବ୍ୟବସ୍ଥା କରାଯାଇଅଛି। ଏହାଦ୍ୱାରା ଚିତ୍ତ ସ୍ଥିର ହେଲେ ସେହି ସ୍ଥିରଚିତ୍ତରେ ବା ଶୁଦ୍ଧଚିତ୍ତରେ ଭଗବାନ ସ୍ୱତଃ ଆବିର୍ଭୂତ ହୁଅନ୍ତି।

(୩୪୪) ଅନଭିଷ୍ୱଙ୍ଗ : ସ୍ତ୍ରୀ ପୁତ୍ର ଗୃହାଦିରେ ନିଜର ମମତା ସ୍ୱାଭାବିକ ଭାବରେ ଉତ୍ପନ୍ନ ହୋଇଥାଏ। ସେମାନଙ୍କ ଚିନ୍ତାରେ ନାନାପ୍ରକାର ସଂକଳ୍ପ ବିକଳ୍ପର ତରଙ୍ଗ ଉତ୍ଥିତ ହୋଇ ମନକୁ ଚଞ୍ଚଳ କରେ। ଆତ୍ମୀୟ-ସ୍ୱଜନଙ୍କ ସୁଖଦୁଃଖରେ ନିଜକୁ ସୁଖୀ କିମ୍ବା ଦୁଃଖୀ ବୋଲି ଭାବନା କରିବାକୁ ଅଭିଷ୍ୱଙ୍ଗ କହନ୍ତି। ସେହି ସବୁ ଭାବରୁ ନିବୃତ୍ତ ହେବାର ନାମ ଅନଭିଷ୍ୱଙ୍ଗ।

(୩୪୫) ଅବ୍ୟଭିଚାରିଣୀ ଭକ୍ତି : ନିଜ ଅଭୀଷ୍ଟ ଦେବତାଙ୍କ ଠାରୁ ଅନ୍ୟ କେହି ଶ୍ରେଷ୍ଠ ନାହାନ୍ତି ଏବଂ ଯେ କେବଳ ସାଧକଙ୍କର ଏକମାତ୍ର ଗତି—ଏହି ପ୍ରକାରର ନିଶ୍ଚିତ ବୁଦ୍ଧିକୁ ଅନନ୍ୟଯୋଗ କହନ୍ତି। ଏହି ଅନନ୍ୟଯୋଗ ସହିତ ଯେଉଁ ଭକ୍ତି ବା ଭଜନ, ତାହାର ନାମ ଅବ୍ୟଭିଚାରିଣୀ ଭକ୍ତି। ଭଗବାନଙ୍କ ପ୍ରତି ଏକନିଷ୍ଠଭାବ ନ ହେଲେ ମନରେ ବ୍ୟଭିଚାର ଦୋଷ ପ୍ରବେଶ କରେ। ସାଧକ ଯେତେବେଳେ ଅନୁଭବ କରନ୍ତି ଯେ, ସେ କେବଳ ତାଙ୍କର ସର୍ବସ୍ୱ, ସେତେବେଳେ ସାଧକ ଯେଉଁ ଏକନିଷ୍ଠ ଭାବରେ ତାଙ୍କୁ ଭଜନ କରନ୍ତି, ତାହାର ନାମ ଅବ୍ୟଭିଚାରିଣୀ ଭକ୍ତି। ଭଗବାନଙ୍କ ବ୍ୟତୀତ ଚିତ୍ତର ଅନ୍ୟ ବିଷୟରେ ସାମାନ୍ୟ ଆବେଗ ପରିଲକ୍ଷିତ ହେଲେ ଚିତ୍ତର ପବିତ୍ରତା ନଷ୍ଟ ହୋଇଯାଏ ଏବଂ ଚିତ୍ତ ସେତେବେଳେ ବ୍ୟଭିଚାର ଦୋଷଗ୍ରସ୍ତ ହୁଏ। ମନ ଅନିତ୍ୟ ବିଷୟ ଭୋଗ ପ୍ରତି ଧାବିତ ହେଲେ ସେଥିରେ ଭକ୍ତିର ସ୍ଥାନ ରହେ ନାହିଁ। ଆତ୍ମା ସହିତ ଅନନ୍ୟଯୋଗ ସଂସ୍ଥାପିତ ହେଲେ ଭଗବାନଙ୍କ ସହିତ ପ୍ରକୃତ ସଂଯୋଗ ସ୍ଥାପିତ ହୋଇଥାଏ। ସେହି ଅବସ୍ଥା ଲାଭ ନିମିତ୍ତ ବିବିକ୍ତ ଦେଶସେବିତ୍ୱ ଆବଶ୍ୟକ। ଅର୍ଥାତ୍ ପ୍ରାକୃତ ଜନସଙ୍ଗ ଓ ବିଷୟସଙ୍ଗ

ତ୍ୟାଗପୂର୍ବକ ଚିତ୍ତ ଶୁଦ୍ଧ ଓ ଚିତ୍ତପ୍ରସାଦକର ଅନୁକୂଳ ସ୍ଥାନରେ ଅବସ୍ଥାନ ଏଥିପାଇଁ ବିଶେଷ ଉପକାରୀ ।

(୩୪୬) ପଞ୍ଚକ୍ଲେଶ : ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ, ଅଭିନିବେଶ —ଏହା ହିଁ ପଞ୍ଚକୋଷ ନାମରେ ଖ୍ୟାତ । ଅନିତ୍ୟକୁ ନିତ୍ୟ ଜ୍ଞାନରେ ନିଜକୁ ବୃତ୍ତି ସହିତ ଏକୀଭୂତ ଚିନ୍ତା, ଅନିତ୍ୟ ବିଷୟରେ ଆସକ୍ତି ବା ବିରକ୍ତି ଭାବ ଓ ପୂର୍ବ ସଂସ୍କାର ହେତୁ ମରଣତ୍ରାସରେ ଜୀବ କ୍ଲେଶ ଭୋଗ କରେ ।

(୩୪୭) ପଞ୍ଚବୃତ୍ତି : ପ୍ରମାଣ, ବିପର୍ଯ୍ୟୟ, ବିକଳ୍ପ, ନିଦ୍ରା ଓ ସ୍ମୃତି— ଏହାର ନାମ ପଞ୍ଚବୃତ୍ତି ।

(୩୪୮) ତ୍ରିବିଧ ପ୍ରମାଣ : ଦୁଇଟି ଅନୁଭୂତି ମଧ୍ୟରୁ ଗୋଟିଏ ଅନ୍ୟଟିର ବିରୋଧୀ, ଅର୍ଥାତ୍ ପରସ୍ପର ବିରୋଧୀ ବୋଲି ପ୍ରତୀୟମାନ ନ ହେଲେ, ତାହାର ନାମ ପ୍ରମାଣ । ଏହି ପ୍ରମାଣ ତ୍ରିବିଧ—ପ୍ରତ୍ୟକ୍ଷ, ଅନୁମାନ ଓ ଆପ୍ତବାକ୍ୟ ।

(୩୪୯) ଆପ୍ତବାକ୍ୟ : ଯେଉଁମାନେ ପ୍ରତ୍ୟକ୍ଷ ଭାବରେ ସତ୍ୟଦର୍ଶନ କରିଛନ୍ତି, ସେହିମାନଙ୍କର ପ୍ରତ୍ୟକ୍ଷାନୁଭୂତିକୁ ଆପ୍ତବାକ୍ୟ କହନ୍ତି । ଉପରୋକ୍ତ ସିଦ୍ଧମହାପୁରୁଷମାନଙ୍କ ସିଦ୍ଧାନ୍ତବାକ୍ୟ ହିଁ ପ୍ରମାଣ । ସର୍ବଜ୍ଞ ମହାପୁରୁଷମାନଙ୍କ ବାକ୍ୟ ହିଁ ଶାସ୍ତ୍ର । ତେଣୁ ଶାସ୍ତ୍ରବାକ୍ୟକୁ ପ୍ରମାଣ ବୋଲି ଗ୍ରହଣ କରାଯାଏ । ଯଦି କେହି ଜଣେ ବ୍ୟକ୍ତି ନିଜକୁ ମହାପୁରୁଷ ବୋଲି ପ୍ରଚାର କରି କହନ୍ତି ଯେ, ମୋର ସତ୍ୟଦର୍ଶନ ଘଟିଅଛି, ସେପରି କ୍ଷେତ୍ରରେ ତାଙ୍କ ଆଚାରଶୁଦ୍ଧି, ଚରିତ୍ରଶୁଦ୍ଧି ଦର୍ଶନ କରି ତାଙ୍କୁ ମହାପୁରୁଷ ବୋଲି ସ୍ଥିର କରିବ । କାରଣ ଶୁଦ୍ଧଚିତ୍ତ ବ୍ୟତୀତ ଅନ୍ୟତ୍ର ସତ୍ୟ ପ୍ରତିଫଳିତ ହୋଇପାରେ ନାହିଁ । ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଓ ପବିତ୍ର ଭାବରେ ଜୀବନଯାପନ କରୁଥିବା ବ୍ୟକ୍ତି ହିଁ ଆପ୍ତ ପଦବାଚ୍ୟ । ଯଦି କେହି ସତ୍ୟଲାଭ କରି ମଧ୍ୟ ଅପରକୁ ସେହି ଶକ୍ତି ପ୍ରଦାନ କରିବାର କ୍ଷମତା ଅର୍ଜନ କରି ନଥାନ୍ତି, ତେବେ ତାଙ୍କୁ ମଧ୍ୟ ଆପ୍ତ କୁହାଯିବ ନାହିଁ । ସ୍ୱାର୍ଥ, ଲୋଭ ଓ ଯଶ ଆକାଂକ୍ଷା କରୁଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଆପ୍ତ କୁହାଯାଏ ନାହିଁ । ଏହିସବୁ ଲକ୍ଷଣଯୁକ୍ତ ସଦ୍‌ଗୁରୁଙ୍କ ବାକ୍ୟ ହିଁ ଆପ୍ତବାକ୍ୟ ।

(୩୫୦) ବିପର୍ଯ୍ୟୟ : ରଜ୍ଜୁରେ ସର୍ପ ଭ୍ରମ ପରି ଯାହା ଗୋଟିଏ ବସ୍ତୁକୁ ଅନ୍ୟ ବସ୍ତୁ ବୋଲି ଭ୍ରମଧାରଣା ଜାତ କରାଏ, ତାହାର ନାମ ବିପର୍ଯ୍ୟୟ ।

(୩୫୧) ବିକଳ୍ପ : ଗୋଟିଏ କଥା ଶୁଣିବାମାତ୍ରକେ କୌଣସି ବିଚାର ନ

କରି ଗୋଟିଏ ସିଦ୍ଧାନ୍ତରେ ଉପନୀତ ହେବାର ନାମ ବିକଳ୍ପ। ଏହା ଚିତ୍ତର ଦୁର୍ବଳତା ଓ ଅସଂଯମ ଭାବର ଲକ୍ଷଣ। ସଂଯମ-ଶକ୍ତିହୀନ ବ୍ୟକ୍ତିଙ୍କର ବିଚାରକ୍ଷମତା ଅତି କ୍ଷୀଣ। ତେଣୁ ଏମାନେ କୌଣସି କଥା ଶୁଣିବା ମାତ୍ରେ ବିଚାର ନ କରି ଚିତ୍ତରେ ବିକୃତ ଭାବ ପୋଷଣ କରନ୍ତି। ଏହାର ନାମ ବିକଳ୍ପ।

(୩୫୨) ନିଦ୍ରା : ଯେଉଁ ବୃତ୍ତି ଅଭାବ ପ୍ରତ୍ୟୟକୁ ଅବଲମ୍ବନ କରି ଉତ୍ପନ୍ନ ହୁଏ, ତାହାରି ନାମ ନିଦ୍ରା।

(୩୫୩) ସ୍ମୃତି : ଅନୁଭୂତ ବିଷୟ ଯେତେବେଳେ ମନରୁ ବିସ୍ମରଣ ନ ହୁଏ, ସେହି ଅବସ୍ଥାକୁ ସ୍ମୃତି କୁହାଯାଏ।

(୩୫୪) ମନର ତ୍ରିବିଧ ଅବସ୍ଥିତି : ତାମସିକ, ରାଜସିକ ଓ ସାତ୍ତ୍ୱିକ—ଏହା ମନର ତ୍ରିବିଧ ଅବସ୍ଥିତି। ପ୍ରଥମ ଅବସ୍ଥା ଅନ୍ଧକାରମୟ। ଅର୍ଥାତ୍ ତାମସିକ ଅବସ୍ଥା; ପରର ଅନିଷ୍ଟ ଚିନ୍ତା ବ୍ୟତୀତ ମନର ଏହି ଅବସ୍ଥାରେ ଅନ୍ୟ କୌଣସି କ୍ରିୟା ଲକ୍ଷିତ ହୁଏ ନାହିଁ। ପଶୁ ପ୍ରକୃତି-ବିଶିଷ୍ଟ ମୂର୍ଖମାନଙ୍କର ଏହା ସ୍ୱାଭାବିକ ଭାବରେ ଥାଏ। ଦ୍ୱିତୀୟ ହେଲା ରଜ ବା କ୍ରିୟାଶୀଳ ଅବସ୍ଥା। ଏହି ଅବସ୍ଥାରେ ପ୍ରଭୁତ୍ୱ ଓ ଭୋଗଇଚ୍ଛା ବିଦ୍ୟମାନ ଥାଏ। ତୃତୀୟରେ ଶାନ୍ତ ଅବସ୍ଥା। ଏହା ଜଡ଼ାବସ୍ଥା ନୁହେଁ। ଚୈତନ୍ୟର ଉଚ୍ଚସ୍ତରର ବିକାଶରେ ଏହି ଶାନ୍ତ ଅବସ୍ଥା ଲାଭ ହୁଏ।

(୩୫୫) ଶାନ୍ତପୁରୁଷଙ୍କ ଲକ୍ଷଣ : ଯେଉଁମାନେ ମନର ସମୁଦାୟ ବୃତ୍ତିକୁ ନିଜର ବଶୀଭୂତ କରିପାରିଛନ୍ତି, ସେହିମାନେ ହିଁ ଶାନ୍ତପୁରୁଷ। ଶାନ୍ତ ଓ ଆଳସ୍ୟ ପରାୟଣ, ଉଭୟେ ବାହ୍ୟିକଭାବରେ ଏକାଭଳି ଦେଖାଯାଉଥିଲେ ମଧ୍ୟ ଚେତନା ମଧ୍ୟରେ ବିଶେଷ ପାର୍ଥକ୍ୟ ଥାଏ। କ୍ରିୟାଶୀଳତା ଶକ୍ତିର ନିମ୍ନସ୍ତରର ଅବସ୍ଥା। ଶାନ୍ତଭାବ ଶକ୍ତି ବା ଚେତନାର ଉଚ୍ଚତମ ବିକାଶ। ନିଷ୍କ୍ରିୟତା, ଶକ୍ତିର ଜଡ଼ତ୍ୱର ପରିଚାୟକ; ଏହା ତାମସିକ।

(୩୫୬) ମନର ଅବସ୍ଥାଚତୁଷ୍ଟୟ : ମୂଢ଼, କ୍ଷିପ୍ତ, ବିକ୍ଷିପ୍ତ ଓ ଏକାଗ୍ର—ଏହି ଚତୁର୍ବିଧ ଅବସ୍ଥାରେ ମନ ଚାରି ପ୍ରକାର ରୂପ ଧାରଣ କରିଥାଏ। ମୂଢ଼ ଅବସ୍ଥା ଭୀଷଣ ଅଜ୍ଞାନତାପୂର୍ଣ୍ଣ। ମୂଢ଼ାବସ୍ଥା ଅସୁରମାନଙ୍କର ସ୍ୱାଭାବିକ ବୃତ୍ତି। ମନ ସ୍ୱସ୍ଥାନକୁ ଯିବାକୁ ଇଚ୍ଛା କଲେ ସେହି ଅବସ୍ଥାର ନାମ ବିକ୍ଷିପ୍ତ। ଏହା ଦେବତାମାନଙ୍କର ଅବସ୍ଥା। ଏକାଗ୍ର ଚିତ୍ତଦ୍ୱାରା ଭଗବତ୍ ଦର୍ଶନ ହୋଇଥାଏ। କ୍ଷିପ୍ତ ଓ ବିକ୍ଷିପ୍ତ ମନ ସହିତ ବୁଦ୍ଧିର ଯୋଗ ନ ଥାଏ।

(୩୫୭) ବୃତ୍ତି ନିରୋଧର ଉପାୟ : ଅଭ୍ୟାସ ଓ ବୈରାଗ୍ୟ ଭିନ୍ନ ବୃତ୍ତି ନିରୋଧର ଅନ୍ୟ ଉପାୟ ନାହିଁ ।

(୩୫୮) ଅଭ୍ୟାସ : ପ୍ରତ୍ୟେକ କାର୍ଯ୍ୟ ଶେଷରେ ଚିତ୍ତରେ ଯେଉଁ ସଂସ୍କାର ସମୂହ ଅବଶିଷ୍ଟ ରହେ, ସେହି ସଂସ୍କାରଗୁଡ଼ିକ କ୍ରମଶଃ ଏକ ହୋଇ ଅଭ୍ୟାସରେ ପରିଣତ ହୋଇଯାଏ । ଏହି ଅଭ୍ୟାସ ହିଁ ମାନବର ସ୍ୱଭାବ । ବୃତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବଶୀଭୂତ କରିବାର ଯେଉଁ ଚେଷ୍ଟା, ତାହାର ନାମ ଅଭ୍ୟାସ । ଦୀର୍ଘଦିବସ ଅଭ୍ୟାସ ଫଳରେ ସଂଯମଶକ୍ତି ଲାଭ ହୁଏ ।

(୩୫୯) ସଂସ୍କାର : ମନ ମଧ୍ୟରେ ବିବିଧ ଚିନ୍ତାପ୍ରବାହ ଚାଲୁଥାଏ । ସେହି ଚିନ୍ତା ଚାଲିଗଲା ପରେ ମଧ୍ୟ ମନରେ ତାହାର ଦାଗ (Impression) କିଞ୍ଚିତ୍ ପରିମାଣରେ ରହିଯାଏ । ସେହି ଦାଗର ସମଷ୍ଟିକୁ ସଂସ୍କାର କହନ୍ତି । ମାନବର ଚରିତ୍ର ହେଉଛି ଏହି ସଂସ୍କାରର ସମଷ୍ଟି ସ୍ୱରୂପ । ମନୁଷ୍ୟମନରେ ଯେଉଁ ବୃତ୍ତିର ପ୍ରାବଲ୍ୟ ହୁଏ, ସେହି ବୃତ୍ତିର ପ୍ରବଳ ଆଘାତରେ ମନୁଷ୍ୟ ତଦାକାରାକାରିତ ହୋଇଯାଏ । ତେଣୁ ଅସଦ୍‌ବୃତ୍ତିର ସଂଯମ ନିମିତ୍ତ ସଦ୍‌ବୃତ୍ତିର ଅନୁଶୀଳନ ଏକାନ୍ତ ଆବଶ୍ୟକ । ସଦ୍‌ବୃତ୍ତିର ଅନୁଶୀଳନ ହେଲା ଅସଦ୍‌ବୃତ୍ତି ବିନାଶର ପ୍ରଧାନ ସାଧନା । ଅଶୁଭ ସଂସ୍କାର ନଷ୍ଟ ହେଲେ ମନୁଷ୍ୟର ଚରିତ୍ର ଶୁଦ୍ଧ ହୁଏ ।

(୩୬୦) ବୈରାଗ୍ୟ : ସାଧକମାନେ ଯେଉଁ ଭାବନାଦ୍ୱାରା ମନର ସବୁ ପ୍ରକାର ବିଷୟ ବାସନାକୁ ଦମନ କରିବାକୁ ସମର୍ଥ ହୁଅନ୍ତି, ସେହି ଅବସ୍ଥାର ନାମ ବୈରାଗ୍ୟ ବା ଅନାସକ୍ତିଭାବ । ନିଜର ଅଭିଜ୍ଞତା ଓ ଅପରର ଅନୁଭୂତିରୁ ମନୁଷ୍ୟ ମନରେ ବୃତ୍ତିର ଉଦୟ ହୋଇ ତଦନୁରୂପ କାର୍ଯ୍ୟରେ ପ୍ରବୃତ୍ତି ଜାତ କରାଏ । ସେହି ବୃତ୍ତିର ଦମନକୁ ବୈରାଗ୍ୟ କହନ୍ତି । ଏହାହିଁ ମୁକ୍ତିର ଏକମାତ୍ର ଉପାୟ ।

(୩୬୧) ସାଧନର ନବ ଅନ୍ତରାୟ : ବ୍ୟାଧି, ମାନସିକ ଜଡ଼ତା, ସଂଶୟ, ଉଦ୍ୟମରାହିତ୍ୟ, ଆଳସ୍ୟ, ବିଷୟତୃଷ୍ଣା, ମିଥ୍ୟାନୁଭବ, ମନର ଚଞ୍ଚଳତା, ଉଚ୍ଚ ଅବସ୍ଥାରୁ ପତନ ଅର୍ଥାତ୍ ଶରୀର ସୁସ୍ଥ ନଥିଲେ, ମାନସିକ ଜଡ଼ତା ଉପସ୍ଥିତ ହେଲେ ସାଧନରେ ଆଳସ୍ୟ ଜାତ ହୁଏ । ସାମୟିକ ଭାବରେ କେତେବେଳେ ନିଜକୁ ଖୁବ୍ ଉନ୍ନତ ଓ କେତେବେଳେ ପତିତ ବୋଲି ଧାରଣା ଜନ୍ମେ । କିନ୍ତୁ ସାଧକମାନେ ଏହି ଅନ୍ତରାୟଗୁଡ଼ିକୁ ବିଦୂରିତ କରି ସାଧନପଥରେ ଅଗ୍ରସର ହେବା ଦରକାର ।

(୩୬୨) ଅବିଦ୍ୟା : ଅନିତ୍ୟ, ଅପବିତ୍ର ଓ ଦୁଃଖଜର ବିଷୟକୁ ନିତ୍ୟ, ଶୁଦ୍ଧ ଓ ସୁଖପ୍ରଦ ବୋଲି ଭ୍ରମଧାରଣକୁ ଅବିଦ୍ୟା କୁହାଯାଏ ।

(୩୬୩) ଅସ୍ମିତା : ଦୃକ୍ ଓ ଦର୍ଶନର ଏକୀଭୂତ ଭାବ ହେଉଛି ଅସ୍ମିତା । ଆତ୍ମା ହିଁ ଦ୍ରଷ୍ଟା । ଆତ୍ମା ଶୁଦ୍ଧ, ପବିତ୍ର ଓ ଅମୃତସ୍ୱରୂପ; ଇନ୍ଦ୍ରିୟମାନେ ଆତ୍ମାର ବହିର୍ଜଗତ ଉପଲବ୍ଧିର ଯନ୍ତ୍ରସ୍ୱରୂପ । ଇନ୍ଦ୍ରିୟମାନଙ୍କ କାର୍ଯ୍ୟକୁ ଆତ୍ମା ନିଜର ବୋଲି ଧାରଣା ପୋଷଣ କରି ଦୁଃଖାଭିଭୂତ ହେବାର ନାମ ଅସ୍ମିତା । ଯେତେବେଳେ ମନ ମଧ୍ୟରେ ଉଦ୍‌ବେଗ, ଅଶାନ୍ତି ଓ ଅଭାବବୋଧ ଜାତ ହେବ, ସେତେବେଳେ ସେହି ଅବସ୍ଥାକୁ ପ୍ରାଣମୟ ଦେହର ସ୍ପନ୍ଦନ ବୋଲି ମନେ କରିବ । କେବେହେଲେ ସୁଖ ଦୁଃଖ ଭାବକୁ ନିଜର ବୋଲି ଧାରଣା କରିବ ନାହିଁ ।

(୩୬୪) ଚିତ୍ତ ସ୍ଥିରର ଚତୁର୍ବିଧ ଉପାୟ : ମୈତ୍ରୀ, କରୁଣା, ମୁଦିତା ଓ ଉପେକ୍ଷା—ଏହି ଚତୁର୍ବିଧ ଉପାୟରେ ଚିତ୍ତ ସ୍ଥିର ହୁଏ । ଅର୍ଥାତ୍ ଯଥାକ୍ରମେ ସୁଖ, ଦୁଃଖ, ପୁଣ୍ୟ ଓ ପାପ—ଏହି ଚତୁର୍ବିଧ ଭାବ ପ୍ରତି ବନ୍ଧୁତା, ଦୟା, ଆନନ୍ଦ ଓ ଉପେକ୍ଷା ଭାବର ଅନୁଶୀଳନ କଲେ ଚିତ୍ତ ପ୍ରସନ୍ନତା ଲାଭ କରି ସହଜରେ ସ୍ଥିରଭାବ ଧାରଣ କରେ । ସମସ୍ତଙ୍କ ପ୍ରତି ବନ୍ଧୁଭାବାପନ୍ନ ହୋଇ ଦୀନଦୁଃଖୀଙ୍କପ୍ରତି ଦୟାଭାବ ପ୍ରଦର୍ଶନ କରିବା ଆବଶ୍ୟକ । ସାଧୁସଙ୍ଗ କଲେ ଓ ଅସତ୍ ବ୍ୟକ୍ତିଙ୍କ ପ୍ରତି ଉପେକ୍ଷାପ୍ରଦର୍ଶନ କଲେ ଚିତ୍ତବିକ୍ଷେପ ଦୂର ହୋଇଯାଏ ।

(୩୬୫) ଦ୍ୱିବିଧ କର୍ମ : କର୍ମ ଦ୍ୱିବିଧ—ସକାମ ଓ ନିଷ୍କାମ ।

(୩୬୬) ସକାମ କର୍ମ : ଯେଉଁ କର୍ମର ଫଳକୁ କର୍ତ୍ତା ନିଜେ ଭୋଗ କରିବାକୁ ଇଚ୍ଛା କରନ୍ତି, ସେହି କର୍ମକୁ ସକାମ କର୍ମ କହନ୍ତି । କର୍ମଫଳ ଭୋଗ ପ୍ରତି ସ୍ତୁତି କର୍ମର ଆସକ୍ତି ବା ଅହଂବୋଧ ଥିଲେ ତାହାର ନାମ ସକାମ କର୍ମ । ଏହି କର୍ମକୁ ଅଧର୍ମ କୁହାଯାଏ ।

(୩୬୭) ନିଷ୍କାମ କର୍ମ : ଯେଉଁ କର୍ମର ଫଳକୁ କର୍ତ୍ତା ନିଜେ ଭୋଗ କରିବାକୁ ଇଚ୍ଛା କରନ୍ତି ନାହିଁ, ତାହାହିଁ ନିଷ୍କାମ କର୍ମ । ଭଗବତ୍ ଉଦ୍ଦେଶ୍ୟ ରଖି ଅର୍ଥାତ୍ ସମୂହ ହିତଦୃଷ୍ଟିରୁ ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ ଫଳାକାଙ୍‌କ୍ଷା ରହିତ ହୋଇ ଯେଉଁ କର୍ମ କରାଯାଏ, ତାହା ହିଁ ନିଷ୍କାମ କର୍ମ । ଏହି କର୍ମକୁ ଶାସ୍ତ୍ରରେ ଧର୍ମ ବୋଲି ଅଭିହିତ କରାଯାଇଅଛି ।

(୩୬୮) ମାନବର ପ୍ରକୃତ ଧର୍ମ : ମନୁଷ୍ୟ ସବୁ ଅବସ୍ଥାରେ କେବଳ ସୁଖଭୋଗ କରିବାକୁ ଇଚ୍ଛା କରୁଅଛି । ଯେଉଁ କର୍ମଦ୍ୱାରା ଏହି ସୁଖ ଅନନ୍ତ କାଳ ସ୍ଥାୟୀ ହୁଏ, ସେହି ପ୍ରକାର କର୍ମକୁ ମାନବର ପ୍ରକୃତ ଧର୍ମ ବୋଲି କୁହାଯାଏ । ମନୁଷ୍ୟ ଯେଉଁ ଅବସ୍ଥାରେ ଅନନ୍ତପ୍ରସାରୀ ସ୍ଥାୟୀ ସୁଖରେ ଅବସ୍ଥାନ କରିବାକୁ ସମର୍ଥ ହୁଏ, ସେହି ଅବସ୍ଥାର ନାମ ମୋକ୍ଷ । ଏହି ମୋକ୍ଷଲାଭ ନିମିତ୍ତ ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ ଯେଉଁ କର୍ମ କରାଯାଏ, ତାହା ହିଁ ମାନବର ପ୍ରକୃତ ଧର୍ମ ।

(୩୬୯) ସାଧନା : ସାଧନାର ଅର୍ଥ କୌଶଳଯୁକ୍ତ କର୍ମ । କର୍ମବିହୀନ କୌଣସି ସାଧନା ନାହିଁ । ସାଧାରଣ ମାନବ ନିଜ ସୁଖଲାଭର ପ୍ରକୃତ ପଥ ଅବଗତ ନୁହଁନ୍ତି । ଯେଉଁମାନେ ଏହା ଅବଗତ ଅଛନ୍ତି, ସେମାନେ ପୂର୍ବାଭ୍ୟାସ ହେତୁ ଏବଂ ପାରିପାର୍ଶ୍ୱିକ ଚାପରେ ପଡ଼ି ସେ ପଥରେ ଗତି କରିବାକୁ ଅକ୍ଷମ । କିନ୍ତୁ ଯେଉଁମାନେ ଏହି ନିତ୍ୟ ସୁଖଲାଭ ନିମିତ୍ତ ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ କର୍ମ କରନ୍ତି, ସେମାନଙ୍କର ଏହି କର୍ମର ନାମ ସାଧନା । ଧର୍ମ ଓ ମୋକ୍ଷଲାଭର ଉପାୟ ପୂର୍ବ ସ୍ୱଭାବର ବିରୁଦ୍ଧାଚରଣ କରୁଥିବାରୁ ତାହା ସାଧକଙ୍କୁ କିଞ୍ଚିତ ତାପ ପ୍ରଦାନ କରିଥାଏ । ତେଣୁ ସାଧନାର ଅପର ନାମ ତପସ୍ୟା । ଏହି ତପଶ୍ଚରଣକୁ ଧର୍ମ ସାଧନା କହନ୍ତି ।

(୩୭୦) ସୁଖ : ମନର ଯେଉଁ ଅବସ୍ଥାରେ ଆନନ୍ଦଭାବ ସହିତ ଦୁଃଖ ମିଶ୍ରିତ ଥାଏ, ସେହି ଭାବକୁ ସୁଖ କହନ୍ତି; ଅର୍ଥାତ୍ ଇନ୍ଦ୍ରିୟ ଭୋଗଜନିତ ଆନନ୍ଦର ନାମ ସୁଖ । ଏହା ପ୍ରଥମରୁ ସୁଖବୋଧ ହେଲେ ମଧ୍ୟ ପଶ୍ଚାତ୍ତାପପ୍ରଦ ।

(୩୭୧) ନିତ୍ୟାନନ୍ଦ : ମନରେ ଯେଉଁ ଆନନ୍ଦ ଭାବ ସହିତ ଦୁଃଖ ମିଶ୍ରିତ ନଥାଏ ଅର୍ଥାତ୍ ଯାହାର ପରିଣାମ ଦୁଃଖପ୍ରଦ ନୁହେଁ, ତାହା ହିଁ ପ୍ରସାଦ ବା ନିତ୍ୟାନନ୍ଦ ଅବସ୍ଥା ।

(୩୭୨) ତ୍ରିବିଧ ଆନନ୍ଦ : ଆନନ୍ଦ ବହୁବିଧ ହେଲେ ମଧ୍ୟ ତ୍ରିବିଧ ଆନନ୍ଦ ପ୍ରଧାନ; ଯଥା- ଭୋଗାନନ୍ଦ (ସୁଖ), କର୍ମାନନ୍ଦ ଓ ଜ୍ଞାନାନନ୍ଦ ।

(୩୭୩) ଭୋଗାନନ୍ଦ : ଅନିତ୍ୟ ଜଡ଼ପଦାର୍ଥ ସହିତ ଇନ୍ଦ୍ରିୟମାନଙ୍କ ସଂଯୋଗଜନିତ ଯେଉଁ ଆନନ୍ଦଭାବର ଉଦୟ ହୁଏ, ତାହାର ନାମ ଭୋଗାନନ୍ଦ ବା ସୁଖ । ଏହା ତମୋଗୁଣସମ୍ଭୁତ ଭାବ । ଆତ୍ମୀୟସ୍ୱଜନଙ୍କ ଦେହ ମଧ୍ୟ ଜଡ଼ପଦାର୍ଥ । ପଞ୍ଚତନ୍ମାତ୍ର ଓ ପଞ୍ଚଭୂତ ହିଁ ଭୋଗର ବିଷୟ । ଇନ୍ଦ୍ରିୟମାନେ ସ୍ୱଭାବିକ ଭାବରେ

ଜଡ଼ ପଦାର୍ଥ ପ୍ରତି ଆକୃଷ୍ଟ ହୋଇଥାନ୍ତି । ତେଣୁ ଏହି ଆନନ୍ଦ ବା ସୁଖଲାଭ ଅପେକ୍ଷାକୃତ ସହଜସାଧ । କିନ୍ତୁ ମନୁଷ୍ୟର ଦେହ-ମନ-ପ୍ରାଣ ଦୀର୍ଘ କାଳ ଏହି ଭୋଗସୁଖକୁ ସହ୍ୟ କରିପାରେ ନାହିଁ; ଅପରିମିତ ଭୋଗରେ ଇନ୍ଦ୍ରିୟମାନେ କ୍ଳାନ୍ତ ହୋଇ ଅବସନ୍ନ ହୋଇପଡ଼ନ୍ତି । ଇନ୍ଦ୍ରିୟମାନେ ଅବସନ୍ନ ହେବାକ୍ଷଣି ମନୁଷ୍ୟ ମଧ୍ୟରୁ ଆନନ୍ଦଭାବ ତିରୋହିତ ହୋଇଯାଏ । ତେଣୁ ଭୋଗାନନ୍ଦ ନିକୃଷ୍ଟ ଓ ପଶ୍ଚାତ୍ତାପପ୍ରଦ ।

(୩୭୪) କର୍ମାନନ୍ଦ : ଗୋଟିଏ ଭୋଗ୍ୟ ବିଷୟକୁ ମନ ଦୀର୍ଘକାଳ ଭୋଗ କରି ନ ପାରି ଅନ୍ୟ ବିଷୟ ପ୍ରତି ଆକୃଷ୍ଟ ହୋଇ ନିତ୍ୟ ନୂତନ କର୍ମରେ ଲିପ୍ତ ଥାଏ ।ଏହି ଅବସ୍ଥାକୁ କର୍ମାନନ୍ଦ କୁହାଯାଏ । ଏହା ରଜୋଗୁଣସମ୍ଭୂତ । କାୟମନୋବାକ୍ୟରେ କର୍ମ କରି ଭୋଗ୍ୟବସ୍ତୁ ସଂଗ୍ରହ କଲେ ମଧ୍ୟ ତାହା ଭୋଗ କରି ମାନବ ତୃପ୍ତିଲାଭ କରିପାରେ ନାହିଁ କିମ୍ବା ସେ ସୁଖ ଦୀର୍ଘକାଳ ସ୍ଥାୟୀ ହୋଇପାରେ ନାହିଁ । ମନୁଷ୍ୟ କର୍ମତ୍ୟାଗ କଲେ ମଧ୍ୟ ସହଜରେ ଭୋଗତୃଷ୍ଣା ବା ବିଷୟ-ବାସନା ନଷ୍ଟ ହୋଇପାରେ ନାହିଁ । ତେଣୁ ବାହ୍ୟ ଓ ଭୌତିକ ଦ୍ରବ୍ୟ ପ୍ରତି ଆସକ୍ତି ଥିବାରୁ ମନୁଷ୍ୟ ପୁନଃ ପୁନଃ ଜନ୍ମମୃତ୍ୟୁର କରାଳକବଳରେ ପତିତ ହୋଇ ମହା ଦୁଃଖ ଭୋଗ କରେ । କର୍ମାନନ୍ଦ, ଭୋଗାନନ୍ଦଠାରୁ ସାମାନ୍ୟ କଷ୍ଟଲବ୍ଧ; ସେଥିପାଇଁ କିଞ୍ଚିତ୍ ପରିଶ୍ରମ କରିବାକୁ ପଡ଼ିଥାଏ । ଏହି ଆଚରଣକୁ ସଂଯମ ଓ ତପସ୍ୟା କୁହାଯାଏ । ଏହା ଭୋଗାନନ୍ଦଠାରୁ ଶତଗୁଣରେ ଶ୍ରେଷ୍ଠ ।

(୩୭୫) ଜ୍ଞାନାନନ୍ଦ : ଜ୍ଞାନାନନ୍ଦ ସତ୍ତ୍ୱ ଗୁଣରୁ ଜାତ ଓ ଦୀର୍ଘକାଳସ୍ଥାୟୀ । ଏହି ଆନନ୍ଦ ହିଁ ମୋକ୍ଷଲାଭର ହେତୁ । ନିତ୍ୟାନନ୍ଦ ବା ନିତ୍ୟସୁଖ ଦୁଃଖାବରଣରେ ଆବୃତ୍ତ ଥାଏ । ଏହି ଆବରଣ ଯେତେ ଦୁର୍ଭେଦ୍ୟ ହୁଏ ତାହା ତେତେ ଉଚ୍ଚ ସ୍ତରର ହୋଇଥାଏ । ଏହା କର୍ମଭାବର ଅତୀତ ଅବସ୍ଥା । ଏହା ଦ୍ୱାରା ଶ୍ରେୟ ଲାଭ ହୁଏ ।

(୩୭୬) ପ୍ରେୟ : ଆପାତମନୋରମ ବିଷୟଭୋଗକୁ ପ୍ରେୟ କୁହାଯାଏ । ଏହା ଦେହ ଓ ମନରେ ଅବସାଦ ଆଣେ ଏବଂ ଅନିତ୍ୟ ଦ୍ରବ୍ୟର ବିନାଶ ହେଲେ ଦୁଃଖ ଭୋଗର କାରଣ ହୁଏ ।

(୩୭୭) ଶ୍ରେୟ : ଶ୍ରେୟ ଓ ପ୍ରେୟ ଉଭୟେ ସୁଖସ୍ୱରୂପ । ଅନିତ୍ୟ ବିଷୟଭୋଗକୁ ଅଗ୍ରାହ୍ୟକରି ନିତ୍ୟ ବିଷୟ ପ୍ରତି ମନ ଧାବିତ ହେଲେ ସେହି ଅବସ୍ଥାକୁ ଶ୍ରେୟ କୁହାଯାଏ । ଏହି ଶ୍ରେୟପଥରେ ଗତି କରି ମନୁଷ୍ୟ ମୁକ୍ତିଲାଭ କରେ । ଜ୍ଞାନଯୋଗ, ତପଃ ଓ ଯଜ୍ଞାଦିର ଅନୁଷ୍ଠାନ କରିବାର ନାମ ଶ୍ରେୟ ପଥ ।

(୩୭୮) ଚତୁର୍ବିଧ ମାନବ : ମୁକ୍ତ, ମୁମୁକ୍ଷୁ, ବଦ୍ଧ ଓ ନାସ୍ତିକ ଭେଦରେ ମାନବ ଚତୁର୍ବିଧ ।

(୩୭୯) ମୁକ୍ତ ମାନବ : ଜଗତର ସମସ୍ତ ମନର କେବେହେଲେ ସମାନ ଓ ଏକ ଜାତୀୟ ନୁହନ୍ତି । ମୁକ୍ତମାନବମାନଙ୍କ ମଧ୍ୟରେ ଯେଉଁମାନେ ମୁକ୍ତଭାବାପନ୍ନ, ସେମାନେ ଏହି ସଂସାରରେ ନିର୍ଲିପ୍ତ ଭାବରେ ଅବସ୍ଥାନ କରନ୍ତି । ବହିର୍ଜଗତରେ କୌଣସି ପ୍ରକାର ଦୁଃଖ, ବିପଦ, ବିନାଶ, ଅମଙ୍ଗଳ ଓ ଅଶାନ୍ତିରେ ଏମାନେ ବିଚଳିତ ହୁଅନ୍ତି ନାହିଁ । ଏମାନେ ବିଶ୍ୱନିୟନ୍ତଣକାରୀ ଜଗତ୍‌ଗୁରୁଙ୍କ ସହଚର ବା ସେବକ ବୋଲି ନିଜକୁ ଧାରଣା କରନ୍ତି । ସମଗ୍ର ମାନବ ଜାତିର କଲ୍ୟାଣ ନିମିତ୍ତ ଏମାନେ ଜନ୍ମଗ୍ରହଣ କରିଥାଆନ୍ତି । ଏମାନେ ନିଜ ପାଇଁ କୌଣସି ସାଧନା କରନ୍ତି ନାହିଁ । ବିଶ୍ୱହିତ ନିମିତ୍ତ ଜୀବନ ଉତ୍ସର୍ଗ କରି ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ ନିଜକୁ ପରିଚାଳିତ କରନ୍ତି । ଏହିମାନଙ୍କୁ ମହାପୁରୁଷ ଆଖ୍ୟା ଦିଆଯାଇଥାଏ ।

(୩୮୦) ମୁମୁକ୍ଷୁ ମାନବ : ଏହି ଶ୍ରେଣୀର ମାନବଗଣ ଜଗତକୁ ନିତାନ୍ତ ନଶ୍ୱର ମନେ କରି ସତ୍ୟାନୁସନ୍ଧାନରେ ରତ ରହନ୍ତି । ଏମାନେ ନିଜର ପୂର୍ବ ସଂସ୍କାରଲବ୍ଧ କୁଅଭ୍ୟାସ ବା ସଂସ୍କାର ରୂପ ପ୍ରକୃତିର କୁଶକ୍ତି ସହିତ ସର୍ବଦା ସଂଗ୍ରାମନିରତ ଥାନ୍ତି । ଏହିମାନେ ହିଁ ସାଧକ ପଦବାଚ୍ୟ । ଏମାନଙ୍କ ନିକଟରେ ଏହି ଆତ୍ମକର୍ମ ବା ସ୍ୱଭାବର ଜୟ ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ ବୋଲି ଗଣ୍ୟ ହୁଏ । ଅନ୍ୟାନ୍ୟ ଜୀବଜଗତର ସେବା ଏମାନଙ୍କ ପକ୍ଷରେ ଗୌଣ କର୍ତ୍ତବ୍ୟରେ ପରିଣତ ହୁଏ । ଆତ୍ମାର ମୋକ୍ଷସାଧନ ହିଁ ଏମାନଙ୍କ ନିକଟରେ ମୁଖ୍ୟ ସାଧନ । ମୁକ୍ତ ମାନବମାନଙ୍କର ନିଜ ମୁକ୍ତି ପାଇଁ କୌଣସି ଭାବନା ନଥାଏ; ଜୀବଜଗତର ସେବା ହିଁ ଏମାନଙ୍କ ନିକଟରେ ମୁଖ୍ୟ କର୍ତ୍ତବ୍ୟ ରୂପରେ ପରିଣତ ହୁଏ । କିନ୍ତୁ ମୁମୁକ୍ଷୁମାନଙ୍କ ନିକଟରେ ନିଜ ମୁକ୍ତିଲାଭ ପାଇଁ ପ୍ରକୃତି ସହିତ ସଂଗ୍ରାମ ରୂପ ଧର୍ମାଚରଣ ବା ସାଧନଭଜନ ହିଁ ମୁଖ୍ୟ ଏବଂ ଜୀବଜଗତର ସେବା ଗୌଣ ବୋଧ ହୋଇଥାଏ ।

(୩୮୧) ବଦ୍ଧ ମାନବ : ଏହି ଶ୍ରେଣୀର ମାନବଗଣ ବିଷୟ ସେବାରେ ରତ ରହି ଆତ୍ମା କିମ୍ବା ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥାପନ କରିପାରନ୍ତି ନାହିଁ । ଏମାନେ ନିଜ ଇନ୍ଦ୍ରିୟମାନଙ୍କ ଭୋଗସୁଖ, ସଂସାର, ପରିବାର ଏବଂ ଦେହ ସୁଖ ଓ ବିଷୟକୁ ସତ୍ୟ ଜ୍ଞାନ କରି ସେଥିରେ ଆସକ୍ତ ଥାଆନ୍ତି । ଈଶ୍ୱରଙ୍କ ଅସ୍ତିତ୍ୱ ଓ

ଶ୍ରୀଗୁରୁଙ୍କର ବିଦ୍ୟମାନତାରେ ଏମାନଙ୍କର ସନ୍ଦେହ ଥାଏ । ଏମାନେ ସଂସାରମୁଗ୍ଧ ବଦ୍ଧ ମାନବ ବୋଲି ଅଭିହିତ । ଅନନ୍ତ ମାନବ ଜୀବନ ତୁଳନାରେ ଏମାନେ ଶିଶୁତୁଲ୍ୟ । ଅର୍ଥାତ୍ ତ୍ରିଜଗତବ୍ୟାପୀ ଜୀବନ ବା ପରମାୟୁ ତୁଳନାରେ ଏମାନେ ଶିଶୁ । ମୁମୁକ୍ଷୁ ମାନବ ଯୁବା ଓ ମୁକ୍ତ ମାନବଗଣ ବୃଦ୍ଧତୁଲ୍ୟ ।

(୩୮୨) ନାସ୍ତିକ ମାନବ : ମୁକ୍ତ, ମୁମୁକ୍ଷୁ ଓ ବଦ୍ଧମାନବଙ୍କ ବ୍ୟତୀତ ନାସ୍ତିକ ମାନବଗଣ ଜଗତର ବୈଷମ୍ୟର କାରଣ ସ୍ଥିର କରି ନ ପାରି ମନେ କରନ୍ତି ଯେ ଈଶ୍ୱର ଏ ଜଗତ ସୃଷ୍ଟି କରିଥିଲେ ମଧ୍ଯ ସୃଷ୍ଟି କରିବା ପରେ ଜଗତ୍ ବ୍ୟାପାର ସହିତ ତାଙ୍କର କୌଣସି ସମ୍ବନ୍ଧ ନାହିଁ । ଈଶ୍ୱର ନିଜେ ସୃଷ୍ଟି କରିଥିବା ଜଗତ ବିଷୟରେ ସଂପୂର୍ଣ୍ଣ ଉଦାସୀନ ରହି ନିଶ୍ଚିନ୍ତରେ ନିଷ୍କାମ ଭାବରେ ଅଜ୍ଞାତ ସ୍ଥାନରେ ଅବସ୍ଥାନ କରୁଛନ୍ତି । ସେ ଜୀବନର ସୁଖଦୁଃଖ, ବ୍ୟଥାବେଦନାରେ ସହାନୁଭୂତିହୀନ । ଅନେକଙ୍କର ଧାରଣା ପରମାଣୁପୁଞ୍ଜର ଆକସ୍ମିକ ସଂଘାତରୁ ଏହି ବିଶ୍ୱର ଉତ୍ପତି ହୋଇଅଛି । ଏହିଭଳି ଭାବନା ଫଳରେ ଜଗତରେ ନାନାବିଧ ଅଶାନ୍ତି ଘଟିଥାଏ ।

(୩୮୩) ନାସ୍ତିକ ବିଶ୍ୱାସର କୁପରିଣାମ : ଉପରୋକ୍ତ ନାସ୍ତିକଭାବନା ପାଶ୍ଚାତ୍ୟ ଦେଶରେ ବହୁପରମାଣରେ ପ୍ରଚାର ହେବା ଫଳରେ ସେଠାରେ କେହି ନିଜ ଅବସ୍ଥାରେ ସନ୍ତୁଷ୍ଟ ରହନ୍ତି ନାହିଁ । ସେମାନେ ଭାବନ୍ତି ଯେ, ସୁଖ ସମ୍ପଦରେ ସମସ୍ତଙ୍କର ସମାନ ଅଧିକାର । ଏମାନେ କହନ୍ତି, ଜଣେ ସୁଖଭୋଗ କରିବ ଆଉ ଜଣେ ଦୁଃଖଭୋଗ କରିବ କାହିଁକି ? ଜଣେ ଧନୀ ଓ ଅନ୍ୟ ଜଣେ ନିର୍ଦ୍ଧନ ହେବ ବା କାହିଁକି ? ଜଣେ ପ୍ରଭୁ ଓ ଅନ୍ୟ ଜଣେ ଦାସବୃତ୍ତି ଅବଲମ୍ବନ କରିବାର କାରଣ କ'ଣ ? ଅନ୍ୟ ବ୍ୟକ୍ତିଙ୍କ ସହିତ ସମାନ ହେବାର ଅଧିକାର ସମସ୍ତଙ୍କର ଅଛି । ସମାଜ ଓ ଶାସନ ଭୟରେ ସେ ତାହାର ଅଧିକାର ଲାଭରୁ ବଞ୍ଚିତ; ତେଣୁ ସମାଜ ଓ ଶାସନଶୃଙ୍ଖଳା ଭଙ୍ଗ କରିବାକୁ ସେମାନେ ସର୍ବଦା ତତ୍ପର ହେଉଛନ୍ତି । ଫଳରେ ବିବିଧ ଅନିଷ୍ଟ ସାଧିତ ହେଉଅଛି ଓ ଜନସାଧାରଣ ସର୍ବଦା ନୈରାଶ୍ୟ ଓ ଅଶାନ୍ତିରେ କାଳାତିପାତ କରୁଛନ୍ତି ।

(୩୮୪) ଚତୁର୍ଦ୍ଦଶ ବିଦ୍ୟା : ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ—ଏହି ଷଡ଼ ବେଦାଙ୍ଗ; ଋକ୍, ସାମ, ଯଜୁ ଓ ଅଥର୍ବ—ଏହି ଚାରିବେଦ ଏବଂ ମୀମାଂସା, ନ୍ୟାୟ, ପୁରାଣ ଓ ଧର୍ମଶାସ୍ତ୍ର—ଏହି ଚତୁର୍ଦ୍ଦଶକୁ ଶାସ୍ତ୍ରରେ

ଚତୁର୍ଦ୍ଦଶ ବିଦ୍ୟା ବୋଲି କୁହାଯାଏ । ସାଧକ ବା ଭଗବତ୍ ଭକ୍ତଙ୍କୁ ଏହି ଚତୁର୍ଦ୍ଦଶ ବିଦ୍ୟାର ସାରାଂଶ ଅବଗତ ହୋଇ ସାଧନପଥରେ ଅଗ୍ରସର ହେବାକୁ ପଡ଼େ । ଅନ୍ୟଥା ସାଧନପଥରୁ ବିଚ୍ୟୁତିର ଭୟ ଥାଏ । ଜାତୀୟ ସାହିତ୍ୟର ଉନ୍ନତି ବ୍ୟତୀତ ଏହି ସବୁ ବିଦ୍ୟାର ସମ୍ୟକ୍ ଅନୁଶୀଳନ ସମ୍ଭବପର ନୁହେଁ ।

(୩୮୫) ଶିକ୍ଷା : ଯେଉଁ ଶାସ୍ତ୍ରରେ ବର୍ଣ୍ଣ, ସ୍ୱର ଓ ମାତ୍ରାଭେଦ ପ୍ରଭୃତି ଉଚ୍ଚାରଣର ଜ୍ଞାନ ନିହିତ ଅଛି, ସେହିସବୁ ଶାସ୍ତ୍ରକୁ ଅଧ୍ୟୟନ କରିବାର ନାମ ଶିକ୍ଷା ।

(୩୮୬) କଳ୍ପସୂତ୍ର : ଯେଉଁ ବିଦ୍ୟାଦ୍ୱାରା ଯଜ୍ଞାଦି କର୍ମାନୁଷ୍ଠାନ ହୋଇଥାଏ, ତାହାର ନାମ କଳ୍ପସୂତ୍ର ।

(୩୮୭) ବ୍ୟାକରଣ : ଯେଉଁ ବିଦ୍ୟାଦ୍ୱାରା ସାହିତ୍ୟର ରଚନାବିଜ୍ଞାନ ନିରୂପିତ ଏବଂ ପ୍ରତ୍ୟେକ ଶବ୍ଦର ଗଠନ ଓ ମୌଳିକ ଅର୍ଥ ପ୍ରତିପାଦିତ ହୋଇଥାଏ, ତାହାକୁ ବ୍ୟାକରଣ କୁହାଯାଏ ।

(୩୮୮) ନିରୁକ୍ତ : ବେଦର ଶବ୍ଦସମୂହର ଅଭିଧାନକୁ ନିରୁକ୍ତ କହନ୍ତି ।

(୩୮୯) ଛନ୍ଦ : ବେଦର ମନ୍ତ୍ରରଚନା ପଦ୍ଧତି ଓ ଚତୁଶ୍ଚରଣ ଜ୍ଞାନକୁ ଛନ୍ଦ କୁହାଯାଏ ।

(୩୯୦) ଜ୍ୟୋତିଷ : ସୂର୍ଯ୍ୟଦେବଙ୍କ ଗତିବିଜ୍ଞାନ ଶାସ୍ତ୍ରକୁ ଜ୍ୟୋତିଷ କହନ୍ତି ।

(୩୯୧) ମୀମାଂସା ଦର୍ଶନ : ଆର୍ଯ୍ୟ ଧର୍ମଶାସ୍ତ୍ର ଓ ତତ୍ତ୍ୱ ବିଦ୍ୟା ମଧ୍ୟରେ ସାଧାରଣ ମାନବୀୟ ଜ୍ଞାନରେ ଯେଉଁସବୁ ଅନୈକ୍ୟବୋଧ ଜାତ ହୁଏ, ତାହାର ମୀମାଂସାକୁ ମୀମାଂସା ଦର୍ଶନ କହନ୍ତି । ଯେପରି ଜୈମିନୀକୃତ ପୂର୍ବ ମୀମାଂସା ଦର୍ଶନ ବ୍ୟାସଦେବକୃତ ଉତ୍ତର ମୀମାଂସା ଦର୍ଶନ । ଏହି ଉତ୍ତର ମୀମାଂସାର ଅନ୍ୟ ନାମ ବେଦାନ୍ତ ।

(୩୯୨) ନ୍ୟାୟଦର୍ଶନ : ଯେଉଁ ଶାସ୍ତ୍ରରେ ପ୍ରାକୃତିକ ଜଗତର ଅନିତ୍ୟତ୍ୱ ଏବଂ ବ୍ରହ୍ମ ବା ବ୍ରହ୍ମବିଦ୍ୟାର ନିତ୍ୟତ୍ୱ ପ୍ରମାଣର ଚେଷ୍ଟା କରାଯାଇଅଛି, ତାହାର ନାମ ନ୍ୟାୟଦର୍ଶନ ।

(୩୯୩) ପୁରାଣ : ଯାହାଦ୍ୱାରା ଭଗବାନଙ୍କର ଲୀଳା ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନଲାଭ କରାଯାଏ, ତାହାର ନାମ ପୁରାଣ ।

(୩୯୪) ଧର୍ମଶାସ୍ତ୍ର : ସାଧାରଣ ମାନବର ସଂସାର ବା ବିଷୟ ମଧ୍ୟରେ

ରହି କି ଭବାରେ ଚଳିଲେ ଆଧ୍ୟାତ୍ମିକ ପଥରେ ଅଗ୍ରସର ହୁଏ ଏବଂ କ୍ରମଶଃ ଜ୍ଞାନଲାଭର ଅଧିକାରୀ ହୋଇପାରେ, ଅର୍ଥାତ୍ ସଂସାର, ପରିବାର ଓ ସମାଜ ମଧ୍ୟରେ ରହି ମାନବ ପକ୍ଷରେ କିଭଳି ବିହିତ ଆଚରଣ କର୍ତ୍ତବ୍ୟ, ଯେଉଁ ଶାସ୍ତ୍ର ତାହାର ଶିକ୍ଷା ପ୍ରଦାନ କରନ୍ତି, ତାହାକୁ ହିଁ ଧର୍ମଶାସ୍ତ୍ର କହନ୍ତି ।

(୩୯୫) ବ୍ରହ୍ମଙ୍କର ତ୍ରିଶକ୍ତି : ମାୟା, ପ୍ରକୃତି ଓ ସ୍ୱଭାବ—ବ୍ରହ୍ମଙ୍କର ଏହି ତ୍ରିଶକ୍ତି ।

(୩୯୬) ମୂଳାପ୍ରକୃତି : ଭଗବାନ ବା ସଗୁଣ ବ୍ରହ୍ମଙ୍କର ଯେଉଁ ଶକ୍ତି ପ୍ରଳୟ କାଳରେ ବୃକ୍ଷ ତାହାର ବୀଜ ମଧ୍ୟରେ ନିହିତ ଥିବା ସଦୃଶ ବ୍ରହ୍ମରେ ଲୀନ ଥାଏ; ପ୍ରଳୟ ପରେ ବ୍ରହ୍ମଙ୍କର ସୃଷ୍ଟି ସଂକଳ୍ପ ଜାତ ହେଲେ ଯେଉଁ ଶକ୍ତି ପୁନରାୟ ଉଦ୍ଭୁତା ହୁଅନ୍ତି, ସେହି ଶକ୍ତିଙ୍କୁ ଅବ୍ୟକ୍ତ ଶକ୍ତି ବା ମୂଳାପ୍ରକୃତି କୁହାଯାଏ । ଏଥିରେ ସାମ୍ୟଭାବରେ ତ୍ରିଗୁଣ ବିରାଜିତ ।

(୩୯୭) ବ୍ୟକ୍ତ ପ୍ରକୃତି : ଏହି ମୂଳାପ୍ରକୃତିର ଗୁଣବିକ୍ଷୋଭ ବଶତଃ ମହତତ୍ତ୍ୱ, ଅହଂତତ୍ତ୍ୱ ଓ ବୁଦ୍ଧିତତ୍ତ୍ୱ ପ୍ରଭୃତି ଉଦ୍ଭବ ହେଲେ ତାଙ୍କୁ ବ୍ୟକ୍ତ ପ୍ରକୃତି କହନ୍ତି । ତତ୍ପରେ କ୍ରମଶଃ ମନ ଓ ଅନ୍ୟାନ୍ୟ ତତ୍ତ୍ୱର ଉଦ୍ଭବ ହୁଏ । ଏହାପରେ ପଞ୍ଚମହାଭୂତ ତତ୍ତ୍ୱର ପଞ୍ଚୀକରଣ ଦ୍ୱାରା ସୂକ୍ଷ୍ମ ଭୂତ ଓ ତାହାର ପଞ୍ଚୀକୃତ ଅବସ୍ଥାରୁ ପଞ୍ଚଭୂତର, ପଞ୍ଚକୋଷ ତଥା ଭିନ୍ନ ଭିନ୍ନ ଲୋକର ସୃଷ୍ଟି ହୋଇଥାଏ । ତତ୍ପରେ ଜୀବବ୍ରହ୍ମର ଉତ୍ପତ୍ତି ସମ୍ଭବପର ହୁଏ ।

(୩୯୮) ଭୁବନ : ସପ୍ତଲୋକ ଅର୍ଥାତ୍ ଭୂ, ଭୁବ, ସ୍ୱ, ମହ, ଜନ, ତପ ଓ ସତ୍ୟ ଏବଂ ସପ୍ତପାତାଳ ଅର୍ଥାତ୍ ଅତଳ, ସୁତଳ, ବିତଳ, ତଳାତଳ, ରସାତଳ ଓ ପାତାଳ–ଏହି ଚତୁର୍ଦ୍ଦଶ ଲୋକକୁ ଭୁବନ କହନ୍ତି । ମାନବାତ୍ମା ଭିନ୍ନ ଭିନ୍ନ ଯୋନି ଭ୍ରମଣ କରିବା ସମୟରେ ଏହି ଚତୁର୍ଦ୍ଦଶ ଭୁବନରେ ଯେ କୌଣସି ସ୍ତରରେ ଅବସ୍ଥାନ କରିଥାଏ ।

(୩୯୯) ସପ୍ତଦ୍ୱୀପ : ଭୂଲୋକ—ଜମ୍ବୁ, ଶାକ, କୁଶ, କ୍ରୌଞ୍ଚ, ଶାଲ୍ମଳୀ, ମେଦ ଓ ପୁଷ୍କର—ଏହି ସପ୍ତଭାଗରେ ବିଭକ୍ତ । ଭୂଲୋକରେ ଯେଉଁସବୁ ଜୀବ ବାସ କରନ୍ତି, ସେମାନଙ୍କ ମଧ୍ୟରେ ଏହି ସାତ ପ୍ରକାର ଅବସ୍ଥା ହୁଏ । ଲୋକ ବା ଦ୍ୱୀପ ଭୂପୃଷ୍ଠରେ କୌଣସି ଗ୍ରାମ ବା ସ୍ଥାନର ନାମ ନୁହେଁ । ଏହା ଜୀବଚୈତନ୍ୟର

ଭିନ୍ନ ଭିନ୍ନ ଅବସ୍ଥା ମାତ୍ର । ଜୀବାତ୍ମା ଭିନ୍ନ ଭିନ୍ନ ଅବସ୍ଥାରେ, ଭିନ୍ନ ଭିନ୍ନ ଲୋକରେ ନିଜକୁ ଅନୁଭବ କରିଥାଏ । ଏହିସବୁ ଲୋକ ମିଥ୍ୟା ଓ ମାୟାମୟ ।

(୪୦୦) ଅଷ୍ଟପ୍ରକୃତି : କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ, ମନ, ବୁଦ୍ଧି, ଅହଙ୍କାର—ଏହା ମିଶି ଅଷ୍ଟପ୍ରକୃତି । ଦେହାବସାନରେ ମଧ୍ୟ ଜୀବ ଏହି ଅଷ୍ଟପ୍ରକୃତିର ବଶୀଭୂତ ହୋଇ ଅବସ୍ଥାନ କରିଥାଏ । ଏହି ଅଷ୍ଟପ୍ରକୃତି କର୍ମାନୁସାରେ ଦେହୀର ଅନୁଗମନ କରିଥାଆନ୍ତି । ଏହି ଅଷ୍ଟପ୍ରକୃତି ହିଁ ପ୍ରକୃତିର ଗୁଣ । ଏହି ଗୁଣଦ୍ୱାରା ସକଳ କର୍ମ ସମ୍ପାଦିତ ହୋଇଥାଏ, ଅର୍ଥାତ୍ ରକ୍ତମାଂସ ସହିତ ବାୟୁ ମିଶ୍ରିତ ହୋଇ ଶ୍ୱାସ ପ୍ରଶ୍ୱାସର କର୍ଯ୍ୟ ନିର୍ବାହ କରିଥାଏ । ଗୁଣ ସହିତ ଇନ୍ଦ୍ରିୟଗଣ ଯୁକ୍ତ ହୋଇ ଅପରାପର ସମସ୍ତ କର୍ମ ସମ୍ପାଦନ କରନ୍ତି । ଅର୍ଥାତ୍ ତେଜତତ୍ତ୍ୱ ଚକ୍ଷୁରେ ବିଦ୍ୟମାନ–ତଦ୍ୱାରା ଦର୍ଶନ କର୍ଯ୍ୟ ସମ୍ପାଦିତ ହୁଏ । ବ୍ୟୋମତତ୍ତ୍ୱ ଶ୍ରବଣେନ୍ଦ୍ରିୟ ସହିତ ସମ୍ମିଳିତ ହୋଇ ଶ୍ରବଣ କାର୍ଯ୍ୟ, ଜଳତତ୍ତ୍ୱ ଜିହ୍ୱା ସହିତ ସଂଯୁକ୍ତ ହୋଇ ଆସ୍ୱାଦନ କାର୍ଯ୍ୟ, କ୍ଷିତିତତ୍ତ୍ୱ ନାସିକାଭ୍ୟନ୍ତର ଦେଇ ଘ୍ରାଣକାର୍ଯ୍ୟ ସମ୍ପନ୍ନ କରେ । ଏହି ଭାବରେ ପ୍ରକୃତିର ଗୁଣଦ୍ୱାରା ଏବଂ ଇନ୍ଦ୍ରିୟାଦିଙ୍କ ଦ୍ୱାରା ସକଳ କର୍ମ ସମ୍ପାଦିତ ହୁଏ । କିନ୍ତୁ ଅଭିମାନୀ ଜୀବ ନିଜକୁ କର୍ତ୍ତା ମନେକରି ନାନାବିଧ ତାପ ଭୋଗ କରେ ।

(୪୦୧) ଚତୁର୍ବିଧ ଅଭିଜ୍ଞାନ : ମାନବ ତାହାର ଜ୍ଞାନ ଓ ବୁଦ୍ଧିରେ ଯେତେ ଅଭିଜ୍ଞତା ଉପଲବ୍ଧି କରିପାରେ ଅର୍ଥାତ୍ ମାନସିକ ଜାଗ୍ରତ ଭାବରେ ଥାଇ ଏହି ଜଗତରେ ଯେତେ ଅନୁଭୂତି ଲାଭ କରିଥାଏ, ତାହାକୁ ଅଭିଜ୍ଞାନ କୁହାଯାଏ । ଏହି ଅଭିଜ୍ଞାନ ଚାରି ଭାଗରେ ବିଭକ୍ତ–ସୁଷୁପ୍ତି, ସ୍ୱପ୍ନ, ଜାଗ୍ରତ ଓ ତୁରୀୟ ।

(୪୦୨) ସୁଷୁପ୍ତି : ମାନବ ଯେତେବେଳେ ଗାଢ଼ନିଦ୍ରାଭିଭୂତ ହୋଇ ଏକାବେଳକେ ଅଚେତନବତ୍ ପ୍ରତୀୟମାନ ହୁଏ ଏବଂ ଯେତେବେଳେ ଇନ୍ଦ୍ରିୟ ଓ ମନର କ୍ରିୟା ନଥାଏ, ସେହି ସମୟର ଅବସ୍ଥାକୁ 'ସୁଷୁପ୍ତି' ଅଭିଜ୍ଞାନ କୁହାଯାଏ ।

(୪୦୩) ସ୍ୱପ୍ନ : ମାନବ ନିଦ୍ରିତାବସ୍ଥାରେ ମନଦ୍ୱାରା ଯେଉଁ ଦର୍ଶନ କରେ, ସେହି ଅବସ୍ଥାର ନାମ 'ସ୍ୱପ୍ନ' ଅଭିଜ୍ଞାନ ।

(୪୦୪) ତୁରୀୟ : ଯେଉଁ ଅବସ୍ଥାରେ ମନସହିତ ସମସ୍ତ ଇନ୍ଦ୍ରିୟ ଅନ୍ତର୍ମୁଖୀ ହୋଇ କେବଳ ଆତ୍ମାରେ ଅବସ୍ଥାନ କରନ୍ତି, ସେହି ଅବସ୍ଥାରେ ବାହ୍ୟଜ୍ଞାନ ଲୋପ ହୋଇଯାଏ । ଚୈତନ୍ୟ ସେତେବେଳେ ବ୍ରହ୍ମ, ଆତ୍ମା ଓ ଭଗବାନଙ୍କୁ ନିଜ ଅନ୍ତର

ମଧ୍ୟରେ ଏହି ଦେହରେ ଉପଲବ୍ଧି କରିବାକୁ ସକ୍ଷମ ହୁଏ । ସେତେବେଳେ ସେହି ଅବସ୍ଥାକୁ 'ତୁରୀୟ' ଅଭିଜ୍ଞାନ କୁହାଯାଏ ।

ଏହି ସ୍ଥୂଳଶରୀର ଧରଣା କରିବା ମାତ୍ରକେ ମନୁଷ୍ୟ ସ୍ୱଭାବତଃ ଜାଗ୍ରତ ସ୍ୱପ୍ନ ଓ ସୁଷୁପ୍ତି ଏହି ତ୍ରିବିଧ ଅଭିଜ୍ଞାନର ଅଧିକାରୀ ହୋଇଥାଏ । କିନ୍ତୁ ଏହି ତୁରୀୟ ଅଭିଜ୍ଞାନ ସାଧନା ଦ୍ୱାରା ଲାଭ କରାଯାଇଥାଏ ଏବଂ ସେଥିନିମିତ୍ତ ଜୀବ ସ୍ଥୂଳଦେହ ଧାରଣ କରି ପୃଥିବୀରେ ଜନ୍ମଗ୍ରହଣ କରେ । ସାଧକମାନେ ଏଥିପାଇଁ ଯୋଗ, ଜ୍ଞାନ ଓ ଭକ୍ତିର ଅନୁଶୀଳନ କରିଥାନ୍ତି । ଏହି ଅବସ୍ଥାରେ ଯେଉଁ ଦର୍ଶନ ହୁଏ, ତାହା ସତ୍ୟଜ୍ଞାନ ବୋଲି ବୁଝିବ । ଅନ୍ୟ ତିନୋଟି ଭ୍ରାନ୍ତ ଓ ଅବିଦ୍ୟାପୂର୍ଣ୍ଣ । ଜାଗ୍ରତ ଅବସ୍ଥାରେ ସ୍ୱପ୍ନ ଯେପରି ମିଥ୍ୟା ବୋଲି ପ୍ରତୀୟମାନ ହୁଏ, ସେହିପରି ଏହି ସତ୍ୟଜ୍ଞାନମୟ ତୁରୀୟ ଅବସ୍ଥାରେ ଜଗତ୍ ସ୍ୱପ୍ନ ସଦୃଶ ମିଥ୍ୟା ବୋଲି ବୋଧ ହୁଏ ।

(୪୦୫) ଜାଗ୍ରତ ଅଭିଜ୍ଞାନ : ଇନ୍ଦ୍ରିୟ ଓ ମନର ଜାଗ୍ରତ ଅବସ୍ଥାରେ ଏହି ଜଗତ୍‌ର ଅନୁଭୂତିର ନାମ ଜାଗ୍ରତ ଅଭିଜ୍ଞାନ । ମନ, ଦେହର ଜନ୍ମ ସମୟରେ ଜଗତ୍ ସମ୍ବନ୍ଧୀୟ ସର୍ବବିଧ ଜ୍ଞାନରେ ସଂପୂର୍ଣ୍ଣ ଅନଭିଜ୍ଞ ଥାଏ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ମନ ଇନ୍ଦ୍ରିୟ ସହାୟତାରେ ବ୍ୟାବହାରିକ ଜଗତର ଅଭିଜ୍ଞାନଗୁଡ଼ିକ ସଂଗ୍ରହ କରିନିଏ । ଏହାର ନାମ ଜାଗ୍ରତ ଅଭିଜ୍ଞାନ । ଇନ୍ଦ୍ରିୟବର୍ଗ ଓ ମାନସିକ ଶକ୍ତିର ଉତ୍କର୍ଷ ଅପକର୍ଷ ଉପରେ ଏହି ଅଭିଜ୍ଞାନର ଉତ୍କର୍ଷ ଅପକର୍ଷ ନିର୍ଭର କରେ । କାଳ ପ୍ରଭାବରେ କିମ୍ବା ଦୈବଦୁର୍ଘଟଣାରେ ଇନ୍ଦ୍ରିୟଶକ୍ତି କ୍ରମେ ହ୍ରାସ ପାଇଲେ ଏହି ଅଭିଜ୍ଞାନର ବିକାଶ କ୍ରମେ ସ୍ଥଗିତ ହୋଇଯାଏ । ବୃଦ୍ଧାବସ୍ଥାରେ କିମ୍ବା ମସ୍ତିଷ୍କ ବିକୃତି ଘଟିଲେ ଅଥବା କୌଣସି ଇନ୍ଦ୍ରିୟଶକ୍ତି ବିନଷ୍ଟ ହେଲେ ଜ୍ଞାନର ବିକାଶ ହ୍ରାସ ଲାଭ କରେ ଏବଂ ପୂର୍ବାଭ୍ୟସ୍ତ ଜ୍ଞାନ କ୍ରମେ ବିସ୍ମୃତ ହେବାକୁ ଆରମ୍ଭ କରେ । ମାନବ ଯଦି ଶତାଧିକ ବର୍ଷ ଜୀବିତ ରହୁଥାନ୍ତା, ତେବେ ତାହାର ଇନ୍ଦ୍ରିୟ ଓ ମନର ଶକ୍ତି କ୍ରମେ ହ୍ରାସ ପାଉଥାଆନ୍ତା ଏବଂ ଜୀବିତ ଥିଲେ ମଧ୍ୟ ପୂର୍ବ ସଞ୍ଚିତ ସମସ୍ତ ଜାଗ୍ରତ ଜ୍ଞାନ ଏକାବେଳକେ ବିଲୁପ୍ତ ହେଉଥାଆନ୍ତା । ଏଥିପାଇଁ ଏହି ଅବସ୍ଥାର ଜ୍ଞାନକୁ ମିଥ୍ୟା ମାୟାମୟ ବୋଲି କୁହାଯାଏ । ଯଥା ସମୟରେ ମାନବ ଏହି ମନକୁ ଭୌତିକଜଗତ ଜ୍ଞାନରେ ଅଭ୍ୟସ୍ତ ନ କରାଇ ଯଦି ସାତ୍ତ୍ୱିକ ଭାବାପନ୍ନ କରିପାରନ୍ତା, ତେବେ କ୍ରମେ ତାହା ରଜତମୋଗୁଣରହିତ ହୋଇ ଓ ସତ୍ତ୍ୱଗୁଣରେ ପ୍ରତିଷ୍ଠିତ

ହୋଇ ତୁରୀୟ ଅବସ୍ଥା ଲାଭ କରିପାରନ୍ତା । ସେହି ଅଭିଜ୍ଞାନ ଦ୍ୱାରା ମନୁଷ୍ୟ ଏହି ଦେହରେ, ଏହି ଜଗତରେ ଭଗବାନଙ୍କୁ ଉପଲବ୍ଧ କରିପାରନ୍ତା । ଏହି ଉଦ୍ଦେଶ୍ୟ ସିଦ୍ଧି ନିମିତ୍ତ ସଦ୍‌ଗୁରୁଙ୍କ ଚରଣରେ ଶରଣଗ୍ରହଣ ଏକାନ୍ତ କର୍ତ୍ତବ୍ୟ ।

(୪୦୬) ଈଶ୍ୱରଙ୍କର ଦ୍ୱିବିଧ ଶକ୍ତି : ପରିପୂର୍ଣ୍ଣ ଈଶ୍ୱରଙ୍କର ଦ୍ୱିବିଧଶକ୍ତି ବିଦ୍ୟମାନ—ଯୋଗମାୟା ଶକ୍ତି ଓ ଯୋଗନିଦ୍ରା ଶକ୍ତି । ଭଗବାନଙ୍କର ଆଦ୍ୟଶକ୍ତି ଦ୍ୱିବିଧ ଭାବରେ ବିଭକ୍ତ ହୋଇ ଯୋଗନିଦ୍ରା ଓ ଯୋଗମାୟା ନାମ ଧାରଣ କରି ବିଶ୍ୱର ସୃଜନ, ପାଳନ ଓ ସଂହାର କ୍ରିୟା ସମ୍ପାଦନ କରନ୍ତି । ମା କାଳୀମୂର୍ତ୍ତି ଆଦ୍ୟାଶକ୍ତି ସ୍ୱରୂପା । ତାଙ୍କର ବାମାଙ୍ଗ ଯୋଗନିଦ୍ରା ବା ମହାମାୟା ଏବଂ ଦକ୍ଷିଣାଙ୍ଗ ଯୋଗମାୟା ସ୍ୱରୂପା ।

(୪୦୭) ଯୋଗନିଦ୍ରା ଶକ୍ତି : ଯୋଗନିଦ୍ରା ଶକ୍ତି ଜୀବାତ୍ମାକୁ ବହିର୍ମୁଖୀ ବା ଭୂତାଭିମୁଖୀ କରାଇ ପ୍ରକୃତି ଆଡ଼କୁ ଆକର୍ଷଣ କରେ । ବ୍ରହ୍ମଚୈତନ୍ୟ ନିଜ ଇଚ୍ଛାରେ ଜଗତ୍ ଲୀଳାଭିନୟ କରିବା ନିମିତ୍ତ ନିଜକୁ ତାଙ୍କର ଏହି ଶକ୍ତିଦ୍ୱାରା ଆଚ୍ଛାଦିତ କରି ପ୍ରକୃତି ବା ମାୟାର ଅଧୀନତା ସ୍ୱୀକାର ପୂର୍ବକ ନିଦ୍ରିତାବସ୍ଥାପରି ମୋହାଚ୍ଛନ୍ନ ହୋଇ ଜୀବରୂପରେ ଆବିର୍ଭୂତ ହୁଅନ୍ତି । ଏହା ହିଁ ଏହି ଯୋଗନିଦ୍ରା ଶକ୍ତି ବା ମାୟା ଶକ୍ତିର କ୍ରିୟା । ଏହା ତମୋଗୁଣ ବା ଅବିଦ୍ୟାଚ୍ଛନ୍ନ ଅବସ୍ଥା । ତେଣୁ ଏହାକୁ ଆବରଣୀ ଶକ୍ତି ଓ ବିକ୍ଷେପ ଶକ୍ତିଯୁକ୍ତା ମହାମାୟା ବୋଲି କହନ୍ତି । ବ୍ରହ୍ମ ତାଙ୍କର ସ୍ୱରୂପାନନ୍ଦକୁ ନିଜେ ଏକାକୀ ଉପଭୋଗ କରି ତୃପ୍ତିଲାଭ କରି ନ ପାରିବାରୁ ସେ ଯୋଗନିଦ୍ରାରୂପୀ ଅବିଦ୍ୟାମାୟା ଆଶ୍ରୟରେ ଜୀବରୂପରେ ଅବତୀର୍ଣ୍ଣ ହୁଅନ୍ତି । ଏହି ଶକ୍ତି ଦ୍ୱାରା ସେ ତାଙ୍କର ବିଶ୍ୱଲୀଳା ଅନୁଭବ କରନ୍ତି । ଈଶ୍ୱର ନିଜେ ତାଙ୍କର ମହାମାୟା ଶକ୍ତିଦ୍ୱାରା ବହୁରୂପୀ ଜୀବଭାବରେ ପ୍ରକଟ ହୋଇ ନିଜ ଅନ୍ତରାତ୍ମାରୁ ଏହି ଜୀବମାନଙ୍କୁ ଏକପ୍ରକାର ଦୂରକୁ ପଠାଇ ଦିଅନ୍ତି ଏବଂ ପୁନରାୟ ତାଙ୍କୁ ନିଜର ଅଭ୍ୟନ୍ତରକୁ ଆକର୍ଷଣ କରିବାବେଳେ ଯେଉଁ ଆନନ୍ଦ ଅନୁଭୂତ ହୁଏ, ସେହି ଆନନ୍ଦ ଆସ୍ୱାଦନ ନିମିତ୍ତ ବିଶ୍ୱଲୀଳାର ପ୍ରବର୍ତ୍ତନ । ତେଣୁ ଯୋଗନିଦ୍ରା ଶକ୍ତି ଏହି ବିଶ୍ୱଲୀଳାରେ ସହାୟକ ହେବା ନିମିତ୍ତ ଜୀବକୁ ଅନନ୍ତ ବିଷୟାନଳରେ ଦଗ୍ଧ କରିଥାଆନ୍ତି । ଏହି ଶକ୍ତି ପାପର ଶାସ୍ତିବିଧାନ କରି କର୍ମଫଳ ପ୍ରଦାନ କରନ୍ତି ବୋଲି ଜୀବପକ୍ଷରେ ତାଙ୍କର ରୂପ ଅତିଶୟ ବିପଦଶଙ୍କୁଳ ଏବଂ ଭୟଙ୍କର ।

ତେଣୁ କାଳୀଦେବୀଙ୍କ ବାମାଙ୍ଗ ଓ ବାମହସ୍ତଦ୍ୱୟ ଭୟ ଓ ଶାସ୍ତିର ପ୍ରତୀକ ଭାବରେ ପ୍ରଦର୍ଶନ କରାଯାଇଅଛି ।

(୪୦୮) ଯୋଗମାୟା : ଏହା ଆଦ୍ୟାଶକ୍ତି ମାତା କାଳିକା ଦେବୀଙ୍କର ଦକ୍ଷିଣାଙ୍ଗ ଯୋଗାମାୟା ସ୍ୱରୂପିଣୀ ମୋକ୍ଷଦା ଶକ୍ତି । ଏହି ଶକ୍ତି ଜୀବମାନଙ୍କୁ ଅନ୍ତର୍ମୁଖୀ କରାଇ ଆତ୍ମାଭିମୁଖରେ ଚାଳିତ କରନ୍ତି ଓ ଈଶ୍ୱରଙ୍କ ଦିଗକୁ ଆକର୍ଷଣ କରନ୍ତି । ତେଣୁ ଶଙ୍କର୍ଷଣ ବିଷ୍ଣୁ, ଏହି ଶକ୍ତିରେ ଆବୃତ ଥାଇ ଜୀବମାନଙ୍କୁ ଭଗବାନଙ୍କ ଆଡ଼କୁ ଆକର୍ଷଣ କରିବାରେ ସାହାଯ୍ୟ କରନ୍ତି । ଏହି ଶକ୍ତିକୁ ଚିତ୍‌ଶକ୍ତି ବା ପ୍ରେମଶକ୍ତି କୁହାଯାଏ । ଏହି ଶକ୍ତିଦ୍ୱାରା ଜୀବ ସଂସାରସାଗରରୁ ଉତ୍ତୀର୍ଣ୍ଣ ହୋଇ ମୋକ୍ଷଗତି ଲାଭ କରେ । ସୁତରାଂ ଈଶ୍ୱରଙ୍କର ଯେଉଁ ଶକ୍ତି ଜୀବ ଓ ଭଗବାନଙ୍କୁ ଏକତ୍ର ସମ୍ମିଳିତ କରାଇ ଦେବାର ଚେଷ୍ଟା କରନ୍ତି, ସେହି ଶକ୍ତିଙ୍କ ନାମ ଯୋଗମାୟା । ଏହି ଯୋଗ ବା ସଂଯୋଗ ପଥରେ ଆତ୍ମା ସ୍ୱରୂପାନନ୍ଦ ଭୋଗ କରନ୍ତି । ଈଶ୍ୱରଙ୍କର ଏହି ଶକ୍ତି ଜୀବମାନଙ୍କୁ ଆନନ୍ଦ ଓ ପ୍ରେମ ପ୍ରଦାନ ପୂର୍ବକ ତାଙ୍କର ସ୍ୱଗୃହ ସ୍ୱରୂପ ଭଗବାନଙ୍କ ଧାମକୁ ଉନ୍ନିତ କରନ୍ତି । ତେଣୁ ଏହି ଶକ୍ତି ଜୀବପକ୍ଷରେ ଅତିଶୟ ମନୋରମ ଓ ପ୍ରୀତିପଦ ଏବଂ ସୁଖକର ବୋଲି ତାଙ୍କର ମୂର୍ତ୍ତି ସୁନ୍ଦର ଭାବରେ ଚିତ୍ରିତ କରାଯାଇଅଛି । ଆଦ୍ୟାଶକ୍ତି ମା କାଳିକା ଦେବୀଙ୍କର ଦକ୍ଷିଣାଙ୍ଗ ଓ ଦକ୍ଷିଣ ହସ୍ତଦ୍ୱୟରେ 'ବର' ଓ 'ଅଭୟ' ଶୋଭା ପାଉଅଛି; ଅର୍ଥାତ୍ ଦେବୀଙ୍କ ଦକ୍ଷିଣାଙ୍ଗ ଯୋଗମାୟା ସ୍ୱରୂପ ହୋଇ ଜୀବକୁ ବର ଓ ଅଭୟପ୍ରଦାନ ପୂର୍ବକ ଆନନ୍ଦ ସ୍ୱରୂପ ଦାନ କରୁଛନ୍ତି । କର୍ମଫଳ, ପାପ, ଅବିଦ୍ୟା ଓ ଭେଦଭାବକୁ ସାଂସାରିକଭାବ କୁହାଯାଏ । ଏହା ହିଁ ଜୀବପକ୍ଷରେ ଦୁଃଖ ଓ ଭୟର କାରଣ ବୋଲି ଜୀବର ସଂସାର ଆଗମନ କ୍ରିୟା ଭୀତିପ୍ରଦ । ତେଣୁ ତାଙ୍କ ବାମହସ୍ତରେ ଭୟପ୍ରଦ ଅସ୍ତ୍ରାଦି ପ୍ରଦାନ କରାଯାଇଅଛି । ଭଗବାନଙ୍କ ଆଡ଼କୁ ଚିତ୍ତ ଆକୃଷ୍ଟ ହେବାର ଅବସ୍ଥା ହେଉଛି ଆନନ୍ଦ ଓ ପ୍ରେମର ଅବସ୍ଥା, ତେଣୁ ଦେବୀଙ୍କ ଦକ୍ଷିଣହସ୍ତରେ ବରାଭୟ ଦାନର ଚିତ୍ର ଅଙ୍କିତ ହୋଇଅଛି । ଏହି ଶକ୍ତି ହିଁ ଗୁରୁଶକ୍ତି ସ୍ୱରୂପା । ତେଣୁ ଉଦ୍ଧାର କରିବା ନିମିତ୍ତ ଏହି ଶକ୍ତିଙ୍କ ନିକଟରେ ପ୍ରାର୍ଥନା କରାଯାଇଥାଏ ।

(୪୦୯) ପ୍ରାଣଶକ୍ତି : ସମଗ୍ର ଶକ୍ତି ଜୀବ ଦେହରେ ଆତ୍ମାର ପ୍ରାଣଶକ୍ତି ରୂପରେ ମୂଳାଧାରକମଳରେ କୁଣ୍ଡଳିନୀ ଶକ୍ତିରୂପରେ ବିରାଜିତା । ଏହି ଚିତ୍‌ଶକ୍ତି ବା ଯୋଗାମାୟା ଶକ୍ତିଙ୍କ ଜାଗରଣକୁ କୁଣ୍ଡଳିନୀ ଜାଗରଣ ବୋଲି କହନ୍ତି । ଏହା

ହିଁ ପ୍ରାଣଶକ୍ତିର ଉଦ୍‌ବୋଧନ । ଆମର ପ୍ରାଣଶକ୍ତି ନାଡ଼ିଦ୍ୱାରା ପ୍ରବାହିତ ହୋଇ ଦେହ ମଧ୍ୟରେ ଅବିରତ ସଞ୍ଚରଣ କରୁଅଛି । ସେଥିପାଇଁ ଇନ୍ଦ୍ରିୟବର୍ଗଙ୍କ କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ ହେଉଅଛି । କିନ୍ତୁ ଏହା ପ୍ରାଣର ବହିର୍ମୁଖୀ କ୍ରିୟା । ପ୍ରାଣର ଏହି ବହିର୍ମୁଖୀ କ୍ରିୟାଶକ୍ତିର ଜାଗରଣ ହେତୁ ମନ ଅତିଶୟ ଚଞ୍ଚଳ ଥାଏ ଓ ବିଷୟ ଦିଗଭୁ ଧାବିତ ହୁଏ । ସେହି ମନ ନେଇ ଭଗବତ୍ ଉପାସନା କଲେ ଲକ୍ଷ୍ୟପଥରେ ବିବିଧ ବାଧା ଉପସ୍ଥିତ ହୋଇଥାଏ । ଏହି ମନ ସ୍ଥିର ନ ହେଲେ କେବେହେଲେ ଆତ୍ମସାକ୍ଷାତ୍‌କାର ହେବ ନାହିଁ । ଯୋଗାନୁଷ୍ଠାନ ବ୍ୟତୀତ ସୂକ୍ଷ୍ମନାଡ଼ି ଭିତରେ ସ୍ଥିରବାୟୁ ବା ପ୍ରାଣଶକ୍ତିର ପ୍ରବେଶଲାଭ ସମ୍ଭବ ହୁଏ ନାହିଁ । ପ୍ରାଣକୁ କେଉଁ କେନ୍ଦ୍ରରୁ ନେଇ କେଉଁ କେନ୍ଦ୍ରରେ ରଖିଲେ ସୂକ୍ଷ୍ମମାର୍ଗର ସନ୍ଧାନ ମିଳେ, ତାହା ସେହି କ୍ରିୟାରେ ସନ୍ନିବେଶିତ କରାଯାଇଅଛି । ଚକ୍ଷୁ, କର୍ଣ୍ଣ, ନାସିକା, ଶିର, ଶିଖା, ହୃଦୟ, ନାଭିମୂଳ ଓ ମେରୁଦଣ୍ଡ—ଏହାକୁ ମର୍ମସ୍ଥାନ କହନ୍ତି । ଏହା ହିଁ ଆଧ୍ୟାତ୍ମ୍ୟଶକ୍ତିର ବିଶେଷ ବିକାଶସ୍ଥାନ । ଯେତେବେଳଯାଏ ପ୍ରାଣଶକ୍ତି ସୁଷୁମ୍ନାପଥ ଭେଦକରି ସମସ୍ତ କେନ୍ଦ୍ରସ୍ଥାନଗୁଡ଼ିକୁ ଅତିକ୍ରମ ପୂର୍ବରୁ ମସ୍ତକସ୍ଥିତ ସହସ୍ରାରରେ ପ୍ରବେଶ ନ କରେ, ସେତେବେଳଯାଏ କାହିଁରେ ହେଲେ ଦିବ୍ୟଜ୍ଞାନର ଉନ୍ମେଷ ହୋଇପାରେ ନାହିଁ । ଯେଉଁ ସାଧକଙ୍କର ପ୍ରାଣଶକ୍ତି ସୁଷୁମ୍ନା ଭେଦ କରିପାରିଛି, ତାଙ୍କ ନିକଟରେ ହିଁ ସମଗ୍ର ଅନ୍ତର୍ଜଗତର ରହସ୍ୟ ଉଦ୍‌ଘାଟିତ ହୋଇଥାଏ । ଆମର ଯେଉଁ ଶକ୍ତି ନେଇ ମନୁଷ୍ୟତା ଗଠିତ, ତାହାହିଁ ଏହି ପ୍ରାଣଶକ୍ତି । ଏହା ମସ୍ତିଷ୍କର ଶକ୍ତି । ମସ୍ତିଷ୍କ ବିଶ୍ରାମ କଲେ ମଧ୍ୟ ତାହାର ସମସ୍ତ ଅଂଶ ବିଶ୍ରାମ କରେ ନାହିଁ । ଏହି ସମୟରେ ମଧ୍ୟ ପ୍ରାଣଶକ୍ତି କ୍ରିୟାଶୀଳ ଥାଏ । ଆହାର, ନିଦ୍ରା, ଭୟ ଓ ମୈଥୁନ ନିବୃତ୍ତି ନିମିତ୍ତ ମସ୍ତିଷ୍କର ପ୍ରାଣଶକ୍ତିର ଉଦ୍‌ବୋଧନ ଏକାନ୍ତ ଆବଶ୍ୟକ । ଏହା ମନୁଷ୍ୟର ସ୍ୱତଃ ଉଦବୁଦ୍ଧ ଥାଏ । କିନ୍ତୁ ଆଧ୍ୟାତ୍ମଶକ୍ତି ଉନ୍ମେଷକ କେନ୍ଦ୍ର (cell) ଗୁଡ଼ିକ ପ୍ରାୟ ମୁଦ୍ରିତ ଥାଆନ୍ତି । ଏହି ଶକ୍ତିର ପୂର୍ଣ୍ଣବିକାଶ ହେଲେ ମନୁଷ୍ୟ ଦୈବ ବା ଐଶ୍ୱରିକ ଶକ୍ତି ଲାଭ କରିଥାଏ । ଏହି ଶକ୍ତିକୁ ସାଧନା ଦ୍ୱାରା ଜାଗ୍ରତ କରିବା ହିଁ ସାଧନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ବିଶ୍ୱଲୀଳା ପ୍ରାଣଶକ୍ତିର ଲୀଳା । ପ୍ରାଣ ହିଁ ଜୀବଦେହରେ ମହାଶକ୍ତି ସ୍ୱରୂପା । ଏହି ପ୍ରାଣତତ୍ତ୍ୱ ଅନୁସନ୍ଧାନ ପୂର୍ବକ ଏଥିରେ ସ୍ଥିତିଲାଭ କରିପାରିଲେ ସମଗ୍ର ବିଶ୍ୱର ସମସ୍ତ ଜ୍ଞାନ ସାଧକଙ୍କର ଆୟତ୍ତ ହୋଇପାରିବ । ସମସ୍ତ ଦେବତା ହିଁ ଏହି ପ୍ରାଣର ବିଭିନ୍ନ ଶକ୍ତି ମାତ୍ର । ଏହି ପ୍ରାଣଶକ୍ତି ଈଶ୍ୱରଙ୍କର ଅର୍ଥାତ୍ ବ୍ରହ୍ମା,

ବିଷ୍ଣୁ, ମହେଶ୍ୱରଙ୍କର ଜନନୀ । ଏହି ଶକ୍ତି ହିଁ ଜୀବର ଉପାସ୍ୟ ବା ଇଷ୍ଟଦେବତା ସ୍ୱରୂପା । ଏହି ପ୍ରାଣଶକ୍ତି ଅନ୍ତର୍ମୁଖୀ ହେଲେ ଶିବଶକ୍ତିର ସମ୍ମିଳନ ହୋଇଥାଏ । ସେତେବେଳେ ଜୀବ ପରମପଦ ଲାଭ କରେ । ଶ୍ରୀଗୁରୁଙ୍କ କୃପାରୁ ଏହି ଶକ୍ତି ସମ୍ବନ୍ଧରେ ଜ୍ଞାନଲାଭ ହୋଇଥାଏ ।

(୪୧୦) ଧର୍ମର ଦ୍ୱିବିଧ ବିଭାଗ : ଗୌଣ ଓ ମୁଖ୍ୟ । (କ) ଗୌଣ ସାମ୍ପ୍ରଦାୟିକ ମତବାଦ । ଆଚାର ଅନୁଷ୍ଠାନ, ପୂଜା ପାର୍ବଣ ଓ ପୌରାଣିକ କାହାଣୀ ପ୍ରଭୃତି ସଂଘବଦ୍ଧଭାବ ଧର୍ମର ଗୌଣ ବା ଅସାର ଅଂଶ । ଧର୍ମ ସାଧନ ପଥରେ ଏହା ପ୍ରାଥମିକ ସୋପାନ ଓ କ୍ରମୋନ୍ନତିର ଧାରା । ଏହି ପ୍ରାଥମିକ ଅଂଶକୁ ମୁଖ୍ୟ ବୋଲି ଧାରଣା କଲେ ଆଧ୍ୟାତ୍ମିକ ଅନୁଭୂତି ଲାଭ ହୋଇପାରେ ନାହିଁ । (ଖ) ମୁଖ୍ୟ—ଆତ୍ମସଂଯମ ଓ ଆତ୍ମଜ୍ଞାନ ହିଁ ଧର୍ମର ମୁଖ୍ୟ ଅଂଶ ।

(୪୧୧) ଆତ୍ମସଂଯମ : ନିଜର ପ୍ରକୃତ ସ୍ୱରୂପ ଉପଲବ୍ଧିକୁ ଆତ୍ମଜ୍ଞାନ କୁହାଯାଏ । ସ୍ୱାର୍ଥ ଓ ପଶୁବୃତ୍ତିକୁ ଦମନ କରିବାକୁ ଆତ୍ମସଂଯମ କହନ୍ତି । ଜୀବ ମଧ୍ୟରେ ଗୁପ୍ତଭାବରେ ଅବସ୍ଥିତ ଉନ୍ନନଶକ୍ତିସମୂହର ବିକାଶ ଦ୍ୱାରା ନୀଚ ପ୍ରକୃତି ଅର୍ଥାତ୍ ପଶୁଭାବକୁ ଦମନ କରିବାର ନାମ ମଧ୍ୟ ଆତ୍ମସଂଯମ ।

(୪୧୨) ଆତ୍ମଜ୍ଞାନ : ଯେଉଁ ସମୟରେ ଜୀବାତ୍ମା ବା ଅହଂ ପରମାତ୍ମା ବା ପରମପିତାଙ୍କ ସହିତ ଏକାତ୍ମତା ଲାଭ କରେ, ଜୀବାତ୍ମା ଓ ପରମାତ୍ମାଙ୍କର ଏହି ସମ୍ମିଳିତ ଅବସ୍ଥାର ନାମ ଆତ୍ମଜ୍ଞାନ । ଏହି ଜ୍ଞାନ ଲାଭ ନିମିତ୍ତ ସାଧକଙ୍କୁ ତିନୋଟି ଅବସ୍ଥା ଅତିକ୍ରମ କରିବାକୁ ପଡ଼େ ।

(୪୧୩) ଆତ୍ମଜ୍ଞାନ ଲାଭର ତ୍ରିବିଧ ଅବସ୍ଥା : ପ୍ରଥମରେ ପଶୁଭାବ, ଦ୍ୱିତୀୟରେ ନୈତିକ ପ୍ରକୃତି ବା ଦେବଭାବ, ତୃତୀୟ ହେଉଛି ଭଗବତ୍‌ଭାବ ବା ଆଧ୍ୟାତ୍ମିକ ଭାବ ।

ପଶୁଭାବ– ମନୁଷ୍ୟ ପଶୁସ୍ତରରେ ଅବସ୍ଥାନ କରିବାବେଳେ ସେ ଅତ୍ୟନ୍ତ ସ୍ୱାର୍ଥପର, ବାସନାବଦ୍ଧ ଏବଂ ସଂଯମହୀନ ହୋଇଥାଏ । ଏହି ସମୟରେ ସେ ରିପୁ ଓ ଇନ୍ଦ୍ରିୟମାନଙ୍କ ଦାସ ଭାବରେ ଅବସ୍ଥାନ କରେ । ସେତେବେଳେ ତା ଜୀବନରେ ପୂର୍ଣ୍ଣତା, ସତ୍ୟନିଷ୍ଠା ଓ ନୈତିକତା ନଥାଏ । ଏହି ସମୟରେ ଦୈହିକ ସୁଖ ହିଁ ତା ପକ୍ଷରେ ସର୍ବୋଚ୍ଚ ଆଦର୍ଶ ବୋଲି ପ୍ରତୀୟମାନ ହୁଏ । ଆଧ୍ୟାତ୍ମିକ ବିଷୟକୁ ସେତେବେଳେ ସେ ଘୃଣା କରେ ଓ ଆଧ୍ୟାତ୍ମିକ ଜୀବନଯାପନକୁ ସମୟର

ଅପବ୍ୟବହାର ବୋଲି ଧାରଣା ପୋଷଣ କରିନିଏ। ଦେବଭାବ– ସଦ୍‌ଗୁରୁଙ୍କ କୃପାରୁ ସେହି ମନୁଷ୍ୟ ଯେତେବେଳେ ଅଜ୍ଞାନ-ଅନ୍ଧକାର ବିନାଶ କରି ଜାଗରିତ ହୁଏ, ସେତେବେଳେ ସେ ନୈତିକ ଜୀବନଯାପନ ନିମିତ୍ତ ସଚେଷ୍ଟ ହୁଏ। ଏହା ହିଁ ଭଗବତ୍‌ପ୍ରାପ୍ତିର ପ୍ରଥମ ସୋପାନ। ଏହି ଅବସ୍ଥାରେ ସେ ନୈତିକ ଜୀବନ ଯାପନ କରିବାକୁ ଅଭ୍ୟସ୍ତ ହୁଏ, ନିଜ ସ୍ୱଭାବକୁ ପରୀକ୍ଷା ଓ ବିଶ୍ଳେଷଣ କରେ, ନିଜ ଦୋଷ ଓ ଦୁର୍ବଳତାର ସନ୍ଧାନ ପାଇ ତାହା ସଂଶୋଧନ କରିବାକୁ ଯତ୍ନବାନ ହୁଏ। ଏହା ହିଁ ଚିତ୍ତଶୁଦ୍ଧିମୂଳକ ଅବସ୍ଥା ଓ ଆତ୍ମଜ୍ଞାନ ଲାଭର ଦ୍ୱିତୀୟ ସ୍ତର। ଏହି ଅବସ୍ଥାରେ ମନୁଷ୍ୟ ସାଧକପଦବାଚ୍ୟ ହୁଏ। ଏହି ଅବସ୍ଥାରେ ସାଧକ ଆସୁରିକ ବୃତ୍ତି ସହିତ ସଂଗ୍ରାମ କରି ପଶୁବୃତ୍ତିକୁ ଜୟ କରେ। ଏହାର ପରବର୍ତ୍ତୀ ଅବସ୍ଥା ହେଲା ଭଗବତ୍ ଭାବ ବା ଆଧ୍ୟାତ୍ମିକ ଭାବ।

(୪୧୪) ଚିତ୍ତଶୁଦ୍ଧର ଚତୁର୍ବିଧ ସୋପାନ : ଚିତ୍ତଶୁଦ୍ଧିର ପ୍ରଥମ ସୋପାନ ଆତ୍ମସଂଯମ; ଅର୍ଥାତ୍ ଧାରଣା ବା ଏକାଗ୍ରତା ଅଭ୍ୟାସଦ୍ୱାରା ଇନ୍ଦ୍ରିୟ ଦମନ ଓ ମନ ସଂଯମ। ଦ୍ୱିତୀୟ ସୋପାନ ସତ୍ୟନିଷ୍ଠା। ତୃତୀୟ ସାର୍ବଜନୀନ ନିଃସ୍ୱାର୍ଥ ପ୍ରେମ ଏବଂ ଚତୁର୍ଥ ସୋପାନ ନିଷ୍କାମ କର୍ମ। ଅର୍ଥାତ୍ ଯେଉଁମାନେ ନୀତିପାଳନ କରି ଚଳନ୍ତି, ଇନ୍ଦ୍ରିୟ ଦମନ କରନ୍ତି, ଧାରଣା ଅଭ୍ୟାସ ଦ୍ୱାରା ସତ୍ୟରେ ପ୍ରତିଷ୍ଠିତ ରହନ୍ତି ଏବଂ ସମସ୍ତଙ୍କ ପ୍ରତି ଦୟା ଏବଂ କ୍ଷମାଭାବ ପ୍ରଦର୍ଶନ କରି ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ କର୍ମ କରନ୍ତି, ସେହିମାନେ ହିଁ ଆଧ୍ୟାତ୍ମିକ ଜ୍ଞାନଲାଭ କରି ଧନ୍ୟ ହୁଅନ୍ତି। ଈଶ୍ୱର କିମ୍ବା ଭଗବାନଙ୍କଠାରେ ବିଶ୍ୱାସ ନଥିଲେ ମଧ୍ୟ ଯେ ଆତ୍ମସଂଯମ, ଏକାଗ୍ରତା, ସତ୍ୟନିଷ୍ଠା ଓ ଜୀବସେବାରେ ବ୍ରତୀ, ସେ ହେଉଛନ୍ତି ପ୍ରକୃତ ଧାର୍ମିକ ପଦବାଚ୍ୟ। ଯଦି କେହି ଈଶ୍ୱରବିଶ୍ୱାସୀ ହୋଇ ମଧ୍ୟ ଚିତ୍ତ ଶୁଦ୍ଧିକର ଏହି ସାଧନଚତୁଷ୍ଟସମ୍ପନ୍ନ ନୁହନ୍ତି ଅର୍ଥାତ୍ ଯେଉଁମାନେ ଏହି ଚାରିଗୋଟି ଗୁଣର ଅନୁଶୀଳନରେ ପଶ୍ଚାତ୍‌ପଦ ହୁଅନ୍ତି, ସେମାନେ ସାଧାରଣ ଜୀବଠାରୁ ମଧ୍ୟ ଅଧମ। ଯାହାଙ୍କର ଉପରୋକ୍ତ ଚତୁର୍ବିଧ ଗୁଣର ବିକାଶ ସାଧିତ ହୋଇଅଛି, ସେହି ବ୍ୟକ୍ତିଙ୍କର ଆଧ୍ୟାତ୍ମିକ ଶକ୍ତିର ବିକାଶ ଆରମ୍ଭ ହୋଇଅଛି ବୋଲି ଜାଣିବ।

(୪୧୫) ଆଧ୍ୟାତ୍ମିକ ଶକ୍ତି : ସମସ୍ତ ଶକ୍ତି ଆତ୍ମାରେ ସୁପ୍ତ ଭାବରେ ବିରାଜିତ। ସେହି ସୁପ୍ତଶକ୍ତିର ଜାଗରଣ ହୋଇ ପରମାତ୍ମାଙ୍କ ସହିତ ସମ୍ମିଳିତ ହେଲେ ଆଧ୍ୟାତ୍ମିକ ଶକ୍ତି ଲାଭ ହୋଇଥାଏ। ଯେଉଁମାନେ ରିପୁବଶୀଭୂତ ମାନବ, ସେମାନଙ୍କର ଏହି ଶକ୍ତି ଲାଭ ଅସମ୍ଭବ।

(୪୧୬) ସଂଯମନ : ଯେତେ ଦିନଯାଏ ପ୍ରବୃତ୍ତିଭାବର ଉତ୍ତେଜନା ଥିବ, ସେତେଦିନ ପର୍ଯ୍ୟନ୍ତ ନିୟମଶୃଙ୍ଖଳ ଦ୍ୱାରା ଏମାନଙ୍କୁ ଦମନ କରିବା ପ୍ରବୃତ୍ତିର ନାମ ସଂଯମନ । ଚିତ୍ତ ସ୍ଥିରଭାବ ଧାରଣ କଲେ ଆଉ ବିଧି ନିଷେଧର ଆବଶ୍ୟକତା ନଥାଏ । ବିଧିନିଷେଧ ହିଁ ନିୟମର ବନ୍ଧନ । ସଂସାର-ବିମୁଗ୍ଧ ଚିତ୍ତକୁ ଶାସ୍ତ୍ରୀୟ ବିଧିନିଷେଧ ରୂପ ନିୟମବନ୍ଧନରେ ଆବଦ୍ଧ ନ କଲେ ଏହା କେବେହେଲେ ଆଧ୍ୟାତ୍ମିକ ମାର୍ଗକୁ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇପାରେ ନାହିଁ । ଏଥିପାଇଁ ଅଭ୍ୟାସ ଯୋଗର ଏକାନ୍ତ ଅବଲମ୍ବନ ଆବଶ୍ୟକ । ବିନା ଅଭ୍ୟାସରେ ଜଡ଼ଦେହଧାରୀ ଜୀବ ଉନ୍ନତି ଲାଭ କରିପାରେ ନାହିଁ । ଏହି ଅଭ୍ୟାସକୁ ସାଧନା କୁହାଯାଏ ।

(୪୧୭) ଦ୍ୱିବିଧ ବ୍ରହ୍ମଚର୍ଯ୍ୟ : ବ୍ରହ୍ମଚର୍ଯ୍ୟ ଦ୍ୱିବିଧ—(୧) ଜ୍ଞାନ ମୂଳକ ବା ଉଦାରାର୍ଥକ ଏବଂ (୨) ଅଜ୍ଞାନମୂଳକ ବା ସଂକୀର୍ଣ୍ଣାର୍ଥକ ।

(୪୧୮) ବ୍ରହ୍ମଚାରୀ (ଉଦାରାର୍ଥକ) : ବ୍ରହ୍ମ ଅର୍ଥାତ୍ କ୍ଷୁଦ୍ର ଦେହ, ମନ, ବୁଦ୍ଧି ଓ ପ୍ରକୃତି ଆଦିର ଅତୀତ ସର୍ବବ୍ୟାପୀ ସତ୍ତାଙ୍କଠାରେ ଯେ ନିୟତ ନିଜର ଦେହ-ମନ-ବୁଦ୍ଧିକୁ 'ଚାରଣ' କରନ୍ତି, ତାଙ୍କୁ ପ୍ରକୃତ ବ୍ରହ୍ମଚାରୀ କହନ୍ତି । ଏହି ପ୍ରକାର ବ୍ରହ୍ମଚାରୀଙ୍କର ରିପୁଚରିତାର୍ଥମୂଳକ କର୍ମନିଚୟ ଆପଣା ମନକୁ ସ୍ଥଗିତ ହୋଇଯାଏ, ଏହାଙ୍କୁ ହିଁ ପ୍ରକୃତ ବ୍ରହ୍ମଚାରୀ କୁହାଯାଏ ।

(୪୧୯) ସଂକୀର୍ଣ୍ଣ ବ୍ରହ୍ମଚାରୀ : ଯେଉଁମାନେ କେବଳ ଶୁକ୍ରକ୍ଷୟଜନକ କର୍ମରୁ ବିରତ ରହି ଆଜୀବନ ଅପରାପର ପ୍ରବୃତ୍ତିସମୂହର ଚରିତାର୍ଥମୂଳକ କର୍ମରେ ନିଜକୁ ବ୍ୟାପୃତ ରଖିଥାଆନ୍ତି, ସେମାନଙ୍କୁ ସଂକୀର୍ଣ୍ଣ ବ୍ରହ୍ମଚାରୀ ବା ଅପ୍ରକୃତ ବ୍ରହ୍ମଚାରୀ କହନ୍ତି । ଶୁକ୍ରରକ୍ଷାଦ୍ୱାରା ଦେହ-ମନ-ପ୍ରାଣରେ ଶକ୍ତି ସଞ୍ଜାତ ହୁଏ ସତ୍ୟ; କିନ୍ତୁ ଏହି ଶକ୍ତିକୁ ଆତ୍ମା ବା ଭଗବାନଙ୍କ ଦିଗକୁ ଉତ୍ତୋଳନ କରିବା ଭିନ୍ନ ପ୍ରକ୍ରିୟା । ତେଣୁ ସର୍ବଦା ଭଗବତ୍ ସ୍ମରଣମନନ ପ୍ରତି ଦୃଷ୍ଟି ଦେଇ ଚଳିଲେ ସାଧକ ଆପଣା ମନକୁ ବ୍ରହ୍ମଚର୍ଯ୍ୟରେ ପ୍ରତିଷ୍ଠିତ ହୋଇ ପାରିବେ । ଆତ୍ମସାକ୍ଷାତ୍କାରମୂଳକ କର୍ମରେ ନିରନ୍ତର ବ୍ୟାବୃତ ରହିବା ପ୍ରକୃତ ବ୍ରହ୍ମଚାରୀଙ୍କ ଲକ୍ଷଣ । ରିପୁସଂଯମ ପ୍ରକୃତ ବ୍ରହ୍ମଚାରୀଙ୍କର ଗୌଣ ଓ ସହକାରୀ କର୍ମ ମାତ୍ର ।

(୪୨୦) 'ଋଷି' : 'ଋଷ୍' ଧାତୁର ଅର୍ଥ (୧) ଗମନ କରିବା, (୨) ଦର୍ଶନ କରିବା । ଯେ ଜ୍ଞାନକୁ ଅବଲମ୍ବନ କରି ସର୍ବୋପାଧି ଅତିକ୍ରମ ପୂର୍ବକ ଈଶ୍ୱରତ୍ୱକୁ ଗମନ କରିଛନ୍ତି ବା ଐଶୀଶକ୍ତି ଲାଭ ଅଥବା ଈଶ୍ୱର ତୁଲ୍ୟ ଐଶ୍ୱର୍ଯ୍ୟ

ଲାଭ କରିଛନ୍ତି ଏବଂ ଯେ ଜ୍ଞାନ ସାହାଯ୍ୟରେ ବିଶ୍ୱର ସମଗ୍ର ରହସ୍ୟ ଓ ତତ୍ତ୍ୱଜ୍ଞାନଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ ଦର୍ଶନ କରିଛନ୍ତି ଏବଂ ଉପଲବ୍ଧ କରିଛନ୍ତି, ତାଙ୍କୁ ଋଷି କୁହାଯାଏ ।

(୪୨୧) ଯୋଗୀ : ଯେଉଁ କୌଶଳ ଦ୍ୱାରା ଈଶ୍ୱର କିମ୍ବା ଭଗବାନଙ୍କଠାରେ ମନ ସଂଯୋଗ କରାଯାଏ, ତାହାକୁ ଯୋଗ କୁହାଯାଏ ଏବଂ ସେହି କୌଶଳ ଅବଲମ୍ବନ କରି ଯେଉଁ ସାଧକ ନିଜର ଇନ୍ଦ୍ରିୟ ବୁଦ୍ଧି ଓ ଚିତ୍ତକୁ ଭଗବାନଙ୍କଠାରେ ଏକାଗ୍ର ବା ସ୍ଥିର କରିବାର ଅଭ୍ୟାସ କରନ୍ତି, ତାଙ୍କୁ ଯୋଗୀ କୁହାଯାଏ ।

(୪୨୨) ସାଧୁ : ସ୍ତ୍ରୀ ସଙ୍ଗତ୍ୟାଗୀ ଏବଂ ସଦାଚାରପରାୟଣ ଭକ୍ତଙ୍କୁ ସାଧୁ କହନ୍ତି ।

(୪୨୩) ନବଧା ଭକ୍ତି : ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଏବଂ ଆତ୍ମନିବେଦନ—ଭକ୍ତି ଏହି ନଅ ପ୍ରକାରର ।

(୪୨୪) ଶ୍ରବଣ : ସଦ୍‌ଗୁରୁ ଲାଭ ପୂର୍ବକ ତାଙ୍କ ଉପଦେଶ ଏବଂ ହରି କଥା ଶ୍ରବଣ ଓ ତାଙ୍କ ଆଦେଶ ପ୍ରତିପାଳନର ନାମ ଶ୍ରବଣଭକ୍ତି ।

(୪୨୫) କୀର୍ତ୍ତନ : ଈଶ୍ୱର ଏବଂ ଭଗବାନଙ୍କ ନାମ ବା ମନ୍ତ୍ରଜପ ଏବଂ ଆତ୍ମତତ୍ତ୍ୱ ଆଲୋଚନାର ନାମ କୀର୍ତ୍ତନ । ପ୍ରଥମେ ଶ୍ରବଣ କରି ଜ୍ଞାନଲାଭ କରିବା, ଦ୍ୱିତୀୟରେ ସେହି ଜ୍ଞାନ ଅନୁସାରେ କର୍ମ ସାଧନ କରିବା ଅର୍ଥାତ୍ ଜପାଦିରେ ନିଯୁକ୍ତ ହେବା କର୍ତ୍ତବ୍ୟ । ଏହି ଜ୍ଞାନ ଓ କର୍ମ ହିଁ ଭକ୍ତିର ପ୍ରଥମ ଦୁଇଟି ସ୍ତର ।

(୪୨୬) ସ୍ମରଣ : ଶ୍ରବଣ ଓ କୀର୍ତ୍ତନ ବାହ୍ୟ ଇନ୍ଦ୍ରିୟଦ୍ୱାରା ସମ୍ପନ୍ନ ହୁଏ । କିନ୍ତୁ ଶ୍ରୀଭଗବାନଙ୍କ ରୂପ ଗୁଣ ପ୍ରଭୃତିର ସ୍ମରଣ, ମନନ ଓ ଧ୍ୟାନ ଅନ୍ତରେନ୍ଦ୍ରିୟ ମନଦ୍ୱାରା ସମ୍ପନ୍ନ ହୋଇଥାଏ । ଭଗବାନଙ୍କ ରୂପଚିନ୍ତନ ଓ ନାମର ଅନ୍ତର ଜପ ମଧ୍ୟ ଏହି ସ୍ମରଣଭକ୍ତିର ଅନ୍ତର୍ଗତ । ଏହା ମାନସିକ କର୍ମ ମଧ୍ୟରେ ଗଣ୍ୟ ।

(୪୨୭) ପଦସେବନ : ଭଗବାନଙ୍କ ଶ୍ରୀମୂର୍ତ୍ତି ଥିଲେ ମଧ୍ୟ ସେହି ମୂର୍ତ୍ତି ପ୍ରାଥମିକ ସାଧକଙ୍କ ପକ୍ଷରେ ଦର୍ଶନ ଓ ସ୍ପର୍ଶନର ଅତୀତ; ସୁତରାଂ ପଦସେବନ କିପରି କରାଯିବ? ଏହି ବିଶ୍ୱଜଗତ ହିଁ ତାଙ୍କର ପଦ; ଜଗତର ଯାବତୀୟ ଜୀବଙ୍କ ସେବା ଅର୍ଥାତ୍ ନାରାୟଣ ଜ୍ଞାନରେ ଜୀବ ସେବା ହିଁ ଶ୍ରୀହରିଙ୍କ ପଦସେବନ ମଧ୍ୟରେ ଗଣ୍ୟ । ସମଗ୍ର ଜୀବଜଗତର ନିଷ୍କାମ ସେବା ମଧ୍ୟ ଏହାର ଅନ୍ତର୍ଗତ । ଏହା ହିଁ କର୍ମଯୋଗର ସାଧନ ।

(୪୨୮) ଅର୍ଚ୍ଚନା : ସାଧାରଣତଃ ବାହ୍ୟିକ ଭାବରେ ପତ୍ର, ପୁଷ୍ପ ଦ୍ୱାରା ପୂଜା କରିବାକୁ ଅର୍ଚ୍ଚନା କୁହାଯାଏ ନାହିଁ । ଏହା ବାହ୍ୟ । ଏହି ବାହ୍ୟ ପୂଜାରେ ଯେପରି ଦେବତାଙ୍କୁ ବାହ୍ୟ ଦ୍ରବ୍ୟାଦିଦ୍ୱାରା ଅର୍ଚ୍ଚନା କରାଯାଏ, ମାନସ ପୂଜାରେ ମଧ୍ୟ ସେହିପରି ଭକ୍ତଙ୍କର କାମ, ଆସକ୍ତ ଓ ଲୋଭାଦି ବୃତ୍ତିକୁ ଶ୍ରୀଭଗବାନଙ୍କ ଚରଣ ତଳେ ନିବେଦନ କରି ପୂଜା କରିବାର ନାମ ପ୍ରକୃତ ଅର୍ଚ୍ଚନା । କାମାଦି ଷଡ଼ରିପୁ ଓ ଦଶଇନ୍ଦ୍ରିୟ—ଏହି ଷୋଡ଼ଶ ଉପଚାରରେ ଭକ୍ତମାନେ ଭଗବାନଙ୍କୁ ଅର୍ଚ୍ଚନା କରିଥାନ୍ତି । ଭୌତିକ ଦ୍ରବ୍ୟରୁ ଆସକ୍ତି ତ୍ୟାଗ କରିବା ହିଁ ଅର୍ଚ୍ଚନାର ଉଦ୍ଦେଶ୍ୟ । ପ୍ରିୟବସ୍ତୁ ସମର୍ପଣ ଦ୍ୱାରା ତାହାହିଁ ସାଧିତ ହୋଇଥାଏ ।

(୪୨୯) ବନ୍ଦନା : ବନ୍ଦନା ଅର୍ଥ ପ୍ରଣାମ ଓ ନମସ୍କାର ପ୍ରଭୃତି । ଯେଉଁ ବ୍ୟକ୍ତି ଭଗବାନ କିମ୍ବା ଗୁରୁଦେବଙ୍କ କର୍ମ ନିମିତ୍ତ ନିଜକୁ ସର୍ବତୋଭାବରେ ସମର୍ପଣ କରିପାରନ୍ତି, ସେହି ବ୍ୟକ୍ତି ହିଁ ପ୍ରକୃତ ନତ ବା ପ୍ରଣତ ହେବାର ଯୋଗ୍ୟ । ଏହି ପ୍ରଣତିଭାବକୁ ବନ୍ଦନା କୁହାଯାଏ ।

(୪୩୦) ଦାସ୍ୟ : ଶ୍ରୀଭଗବାନ ଏବଂ ଗୁରୁଦେବଙ୍କ ଆନୁଗତ୍ୟ ପ୍ରକୃତ ଦାସ୍ୟ । ତାଙ୍କ ଭାବଧାରାରେ ସଂପୂର୍ଣ୍ଣ ଅନୁପ୍ରାଣିତ ହୋଇ ତାଙ୍କ ଉଦ୍ଦେଶ୍ୟ ପରିପୂରଣ ପଥରେ ନିଜକୁ ସଂପୂର୍ଣ୍ଣଭାବରେ ନିୟୋଜିତ କରିବାର ନାମ ଦାସ୍ୟ ଭାବର ସାଧନା । ଯେଉଁମାନେ ସେବାଭାବର ଅନୁଶୀଳନ କରନ୍ତି, ସେହିମାନେ ହିଁ ଦାସ୍ୟଭାବର ସାଧକ ।

(୪୩୧) ସଖ୍ୟ : ସଖ୍ୟ ଶବ୍ଦର ଅର୍ଥ ଏକାତ୍ମତା । ଶ୍ରୀଭଗବାନଙ୍କ ସହିତ ଯେ ସବୁ ପ୍ରକାର ଏକାତ୍ମତା ସ୍ଥାପନ କରିପାରିଛନ୍ତି, ତାଙ୍କୁ ହିଁ ସାଖ୍ୟ ଭାବର ସାଧକ କୁହାଯାଏ । ଏହି ଭାବରେ ଶ୍ରୀଭଗବାନଙ୍କ ସହିତ ଏକାତ୍ମତା ସ୍ଥାପନ କରିବାର ନାମ ସଖ୍ୟ ।

(୪୩୨) ଆତ୍ମନିବେଦନ : ଆତ୍ମସମର୍ପଣ ହେଉଛି ଭକ୍ତିର ଚରମ ସୋପାନ । ସାଧକ ନିଜର ବ୍ୟଷ୍ଟି ଦେହ ମନକୁ, ତାହାର ପ୍ରକୃତି ଅଭିମାନ ଓ ବ୍ୟକ୍ତିତ୍ୱକୁ ଶ୍ରୀଭଗବାନଙ୍କ ଚରଣତଳେ ସମର୍ପଣ ପୂର୍ବକ ମନ ବୁଦ୍ଧି ଓ ଅହଙ୍କାରକୁ ଆତ୍ମାର ବଶୀଭୂତ କରି ନ ପାରିଲେ ତାହା କେବେହେଲେ ସମର୍ପଣ କରାଯାଇପାରେ ନାହିଁ । ଏହି ସମର୍ପଣ ପୂର୍ବରୁ ବନ୍ଦନା ପ୍ରଭୃତି ଭକ୍ତିର ଅଙ୍ଗ ଅନୁଶୀଳନ କରାଯାଇଥିଲେ ସାଧକ ଏହି ସାଧନାରେ ସିଦ୍ଧିଲାଭ କରିପାରିବେ ।

(୪୩୩) ପ୍ରକୃତି : ପ୍ର+କୃ+କ୍ତି=ପ୍ରକୃତି । ଏହି ଶବ୍ଦର ଅର୍ଥ କର୍ମ । ପ୍ର ଅର୍ଥାତ୍ ପ୍ରକୃଷ୍ଟ ରୂପରେ ଯେଉଁ କୃତି ଅର୍ଥାତ୍ କର୍ମଶକ୍ତି ବିଶ୍ୱ ଓ ଜୀବଙ୍କଠାରେ ସଂଯୁକ୍ତ ହୁଏ, ସେହି ପ୍ରାକ୍ତନ କର୍ମଶକ୍ତି ଓ ସଂସ୍କାରକୁ ପ୍ରକୃତି କହନ୍ତି । କର୍ମର ଫଳ ଓ ଶକ୍ତିର ନାମ ପ୍ରକୃତି । ଅତଏବ ଗୁଣ, ସ୍ୱଭାବ ଓ କର୍ମ– ଏ ସମସ୍ତଙ୍କୁ ପ୍ରକୃତି କୁହାଯାଏ । ଏହି କର୍ମଶକ୍ତି ହିଁ ଜୀବଶକ୍ତି । ଜୀବ ଈଶ୍ୱରଙ୍କ ତଟସ୍ଥା ଶକ୍ତି । ଦଶ ଇନ୍ଦ୍ରିୟ, ଚାରି ଅନ୍ତଃକରଣ, ପଞ୍ଚକୋଷ ପ୍ରଭୃତି ଏହି ପ୍ରକୃତିରୁ ଜାତ । ପୁରୁଷ ବା ଚୈତନ୍ୟ ଏହି ପ୍ରକୃତିର ସ୍ଥିତିବାନ୍ ଅବସ୍ଥା ।

(୪୩୪) ଜଗତ : ଗମ୍+ଅ ଓ ଚ = ଜଗତ୍; ଅର୍ଥାତ୍ ଯାହା ସର୍ବଦା ପରିବର୍ତ୍ତନଶୀଳ, ତାହା ଜଗତ୍ ।

(୪୩୫) ସଂସାର : ସମ୍+ସୃ+ଅଳ=ସଂସାର; ଅର୍ଥାତ୍ ଯାହା କେବେହେଲେ ସ୍ଥିରହୋଇ ରହେନାହିଁ । ଯାହା ନିୟତ ପରିବର୍ତ୍ତିତ ହେଉଅଛି ; ତାହାର ନାମ ସଂସାର । ଶକ୍ତିର ସକ୍ରୀୟ (Kinetic) ଅବସ୍ଥା । ଶକ୍ତି ପ୍ରକୃତିରେ ବ୍ୟକ୍ତିଭାବାପନ୍ନ ହୋଇ ରହିଥାଏ । ଆତ୍ମାହିଁ ଶକ୍ତିମାନ ସ୍ୱରୂପ ।

(୪୩୬) ପୁରୁଷ : ଆତ୍ମା ଯେତେବେଳେ ନିଷ୍କ୍ରିୟ ଅବସ୍ଥାରେ ରହିଥାଏ, ସେତେବେଳେ ତାହାର ଶକ୍ତି ବା ପ୍ରକୃତି ଅବ୍ୟକ୍ତ ଭାବରେ ଥାଏ । ସତ୍ ଚିତ୍ ଆନନ୍ଦ ଆତ୍ମାର ସ୍ୱରୂପ; ଏହା ତାହାର ସ୍ୱଭାବ ନୁହେଁ । ଚୈତନ୍ୟ ଆତ୍ମାର ସ୍ୱରୂପାବସ୍ଥା । ଏହି ଆତ୍ମା ବା ଚୈତନ୍ୟର ଅପର ନାମ ପୁରୁଷ । ଅର୍ଥାତ୍ ପୁରେ ବା ପ୍ରକୃତିରେ ସେ ନିଷ୍କ୍ରିୟଭାବରେ ଆନନ୍ଦ ସ୍ୱରୂପରେ ନିତ୍ୟ ଅଧିଷ୍ଠିତ ଅଛନ୍ତି, ତାଙ୍କୁ ହିଁ ପୁରୁଷ କହନ୍ତି । ଚୈତନ୍ୟ ସ୍ୱରୂପରେ ଅବସ୍ଥାନ କଲେ ତାହାଙ୍କ ନାମ ଆତ୍ମା ଓ ଚୈତନ୍ୟ ପ୍ରକୃତିରେ ଅବସ୍ଥାନ କଲେ ତାହାଙ୍କ ନାମ ପୁରୁଷ । ଏହି ଜଗତର ପ୍ରତି ଅଣୁରେ ଏହି ପୁରୁଷ ପ୍ରକୃତି, ଚୈତନ୍ୟ ଓ ଜଡ଼ ଭାବରେ ନିତ୍ୟ ସଂଯୁକ୍ତ ହୋଇ ଅବସ୍ଥାନ କରୁଛନ୍ତି । ସୃଷ୍ଟିର ଅତୀତ ଅବସ୍ଥାରେ ପୁରୁଷ ପ୍ରକୃତି ସମ୍ମିଳିତ ହୋଇ ଆତ୍ମାରେ ଅର୍ଥାତ୍ ସ୍ୱରୂପରେ ଅବସ୍ଥାନ କରନ୍ତି । ଅତଏବ ଆତ୍ମା ସୃଷ୍ଟିରେ ସ୍ୱଭାବରେ ଏବଂ ପ୍ରଳୟରେ ସ୍ୱରୂପରେ ଅବସ୍ଥାନ କରେ ।

(୪୩୭) ସତ୍ୟପଥରେ ଅଷ୍ଟବିଧ ପ୍ରାକୃତିକ ବାଧା : ସ୍ୱାର୍ଥପରତା, ଆତ୍ମମ୍ଭରିତା, ଅହଂଭାବ, ତୁଚ୍ଛ ଓ ଅନାବଶ୍ୟକ ବିଷୟର ଚିନ୍ତା, ବିଷୟବାସନା, କଳୁଷିତବାସନା, ମିଥ୍ୟା-କାଳ୍ପନିକ ଓ ଅମୂଳକ ଆଶଙ୍କା ଏବଂ ପରର ଅନିଷ୍ଟ

ଚେଷ୍ଟା– ସତ୍ୟପଥରେ ଏହି ଅଷ୍ଟବିଧ ପ୍ରାକୃତିକ ବାଧା ଉପସ୍ଥିତ ହୁଏ । ଏହି ଅଷ୍ଟବିଧ ବାଧା ନିବାରଣ ନିମିତ୍ତ ପୁରୁଷକାରର ପ୍ରୟୋଜନ । ପୁରୁଷକାରଦ୍ୱାର ପ୍ରାରବ୍ଧର ଶକ୍ତି ପରିବର୍ତ୍ତିତ ହୋଇଥାଏ ।

(୪୩୮) ପ୍ରକୃତିର ଅଷ୍ଟବିଧ ଧର୍ମ : ଅସ୍ତି, ଭାତି, ପ୍ରୀତି, ନାମ, ରୂପ, ଗତି, ଶବ୍ଦ ଓ କ୍ରିୟା—ପ୍ରକୃତିର ଏହି ଅଷ୍ଟବିଧ ଧର୍ମ । ଏଗୁଡ଼ିକ ପ୍ରକୃତିର ସ୍ୱାଭାବିକ ଧର୍ମ ।

(୪୩୯) ଅଷ୍ଟବିଧ ପ୍ରକୃତି : ମନ, ବୁଦ୍ଧି, ଅହଙ୍କାର ଓ ପଞ୍ଚ ତନ୍ମାତ୍ରକୁ ଅଷ୍ଟବିଧ ପ୍ରକୃତି କହନ୍ତି ।

(୪୪୦) ସାକାର ଈଶ୍ୱର : ବ୍ରହ୍ମା, ବିଷ୍ଣୁ, ଶିବ, ଦୁର୍ଗା, କାଳୀ, ଇନ୍ଦ୍ର, ଗଣେଶ ପ୍ରଭୃତି ସତ୍ତାଗଣ ସମସ୍ତେ ସାକାର ଓ ସୂକ୍ଷ୍ମ ଦେହଧାରୀ ମୂର୍ତ୍ତଦେବତା । ଏମାନେ ସମସ୍ତେ ଷଡ଼ୈଶ୍ୱର୍ଯ୍ୟପୂର୍ଣ୍ଣ ମହାସତ୍ତା । ଏମାନେ ସାଧାରଣ ଦେବଗଣ, ପିତୃଗଣ ଓ ଋଷିଗଣଙ୍କଠାରୁ ଶ୍ରେଷ୍ଠ ବୋଲି ଏମାନଙ୍କୁ ଭଗବାନ କୁହାଯାଏ । ଏହିମାନେ ହିଁ ସାକାର ଈଶ୍ୱର ।

(୪୪୧) ପୂର୍ଣ୍ଣ ଭଗବାନ : ଯେଉଁ ଅବସ୍ଥାରେ ଅଦ୍ୱୈତ ଅବ୍ୟକ୍ତ ମହାସତ୍ତା ସର୍ବବ୍ୟାପୀ ପରମାତ୍ମା ଭାବରେ ଏହି ସମଗ୍ର ବିଶ୍ୱଚେତନାରେ ଅବସ୍ଥାନ କରନ୍ତି, ତାଙ୍କର ସେହି ଅବସ୍ଥାକୁ ପୂର୍ଣ୍ଣ ଭଗବାନ ବୋଲି କୁହାଯାଏ । ଅବ୍ୟକ୍ତ ପରଂବ୍ରହ୍ମ ଲୀଳା ନିମିତ୍ତ ପୂର୍ଣ୍ଣ ଭଗବାନ ରୂପରେ ଜଗତ୍ ପରିଚାଳନା କରିଥାଆନ୍ତି । ସେ ସର୍ବଜୀବଙ୍କ ଅସ୍ତିତ୍ୱର ଆଶ୍ରୟ ସ୍ୱରୂପ । ଦେଶକାଳଆଦି ଦ୍ୱାରା ତାଙ୍କର ଅସ୍ତିତ୍ୱ ଖଣ୍ଡିତ ହୋଇପାରେ ନାହିଁ । ସେ ସର୍ବାବସ୍ଥାରେ ନିତ୍ୟସାକ୍ଷୀ ସ୍ୱରୂପ ।

(୪୪୨) ସାଧନା : କେତେଗୁଡ଼ିଏ ସହଜ, ସରଳ ଓ ସାର ସତ୍ୟର ଉପଲବ୍ଧି କରି ସେହି ଗୁଣକୁ କର୍ମଜୀବନରେ ରୂପାୟିତ କରିବା କିମ୍ବା ଜୀବନର ପ୍ରତି କର୍ମରେ ପ୍ରତିଫଳିତ କରିବା ଅଭ୍ୟାସର ନାମ ସାଧନା । 'ମୁଁ କିଏ; କେଉଁଠାରୁ ଆସି କେଉଠି ରହିଛି'—ଏହି ସବୁ ସତ୍ୟ ବିଷୟକ ଚିନ୍ତା କରି ତାହାର ସମାଧାନ କରିବା ପାଇଁ ଯେଉଁ ଚେଷ୍ଟା, ତାହାର ନାମ ସାଧନା ଏବଂ ଅଖଣ୍ଡ ପ୍ରାଣଶକ୍ତିର ଉଦ୍‌ବୋଧନର ନାମ ମଧ୍ୟ ସାଧନା ।

(୪୪୩) ଆତ୍ମାର ଦ୍ୱିବିଧ ଅବସ୍ଥା : ଏହି ବ୍ୟକ୍ତ ଜଗତରେ ବ୍ରହ୍ମ ଓ ଆତ୍ମାର ଦୁଇ ପ୍ରକାର ଅବସ୍ଥା ବିରାଜିତ । ତାହା ହେଉଛି ପୂର୍ଣ୍ଣ ଏବଂ ଅଂଶ, ସମଷ୍ଟି

ଓ ବ୍ୟଷ୍ଟି, ବିଭୁ ଓ ଅଣୁ ଅର୍ଥାତ୍ ଈଶ୍ୱର ଓ ଜୀବଭାବ । ଅଣୁ ବା ଜୀବ ଭାବକୁ ଅହଂ ଏବଂ ବିଭୁ ବା ବୃହତ୍ ଭାବକୁ ତତ୍ ବା ସଃ କୁହାଯାଏ । ଜୀବଭାବରେ ତାହା ସାଧକ, ଉପାସକ, ସେବକ, ଭକ୍ତ, ଯୋଗୀ, ଜ୍ଞାନୀ ଓ କର୍ମୀ ନାମରେ ଅଭିହିତ ଏବଂ ଈଶ୍ୱର ଭାବରେ ସେ ଜୀବର ଉପାସ୍ୟ, ଜ୍ଞେୟ ଓ ସେବ୍ୟ ପ୍ରଭୃତି ନାମରେ ନିତ୍ୟ ପୂଜିତ ।

(୪୪୪) ଜୀବ : ଆତ୍ମା ବା ଜୀବଚୈତନ୍ୟ ଯେଉଁ ଅବସ୍ଥାରେ ଯେତେବେଳଯାଏ ଅବିଦ୍ୟାମାୟା କବଳିତ ହୋଇ ମୋହବଶତଃ ସ୍ଥୂଳସୂକ୍ଷ୍ମ ବିଷୟୀଭୂତ ପ୍ରପଞ୍ଚର ଅର୍ଥାତ୍ ଶବ୍ଦ, ସ୍ପର୍ଶ ଓ ରୂପରସାଦିର ଉପଭୋଗରେ ନିଜକୁ ଆବଦ୍ଧ ରଖନ୍ତି ଏବଂ ଦେହ, ଇନ୍ଦ୍ରିୟ ଓ ମନର ସୁଖଭୋଗ ଲାଳସାରେ ଏହି ବିଶ୍ୱରେ ସଂସାରୀ ଭାବରେ ଅବସ୍ଥାନ କରନ୍ତି, ସେହି ଅବସ୍ଥାରେ ଆତ୍ମାର ନାମ ବା ଜୀବଭାବରେ ସେ ନିଜ କର୍ମଫଳରେ ନିଜକୁ ଆବଦ୍ଧ କରି ସୁଖ ଦୁଃଖ ଭୋଗ କରନ୍ତି ।

(୪୪୫) ଭଗବତ୍ଭାବ : ଶ୍ରୀ ଗୁରୁଙ୍କ କୃପାରୁ ଜୀବର ସ୍ୱରୂପ ଜ୍ଞାନ ଉଦିତ ହେଲେ ସେ ବୁଝିପାରେ ଯେ, ଆତ୍ମା ଓ ପରମାତ୍ମାଙ୍କ ଭିତରେ ପ୍ରକୃତରେ କୌଣସି ପ୍ରଭେଦ ନାହିଁ । ସେତେବେଳେ ସେ ଏହି ଜଗତକୁ ତାଙ୍କର ଲୀଳାବିଳାସ ବୋଲି ଅନୁଭବ କରିଥାଏ । ସ୍ୱପ୍ନରେ ସୁଖ ଦୁଃଖ ବୋଧ କଲା ଭଳି ଏହି ସମୟରେ ସେ ଜଗତର ସୁଖ ଦୁଃଖ ଅନୁଭବ କରେ ଓ ସେଥିରେ ତା'ର ଚିତ୍ତର କୌଣସି ବିକାର ଉତ୍ପନ୍ନ ହୁଏ ନାହିଁ । ଏହି ଜ୍ଞାନ ଲାଭ ହେଲେ ଜୀବ ଭଗବତ୍ତ୍ୱ ପ୍ରାପ୍ତ ହୁଏ । ସେତେବେଳେ ତାଙ୍କୁ ଭଗବାନ କୁହାଯାଏ ।

(୪୪୬) ମାନବୋଚିତ କାର୍ଯ୍ୟ : ଏକ ଈଶ୍ୱର ବା ଭଗବତ୍ ସତ୍ତା ନିତ୍ୟ ଓ ଅବିନଶ୍ୱର—ଏହା ବ୍ୟତୀତ ବିଶ୍ୱର ସମସ୍ତ ପଦାର୍ଥ ନଶ୍ୱର । ସେହି ଈଶ୍ୱରଙ୍କ ଉପରେ ନିର୍ଭର କରି, ତାଙ୍କ ପ୍ରତି ଲକ୍ଷ୍ୟ ସ୍ଥିର ରଖି, ଧୀରସ୍ଥିର ଓ ସ୍ୱାଧୀନ ଭାବରେ ସଂସାରପଥରେ ଚଳି ଏବଂ କେବଳ ସର୍ବମାଙ୍ଗଳିକ ବିଷୟସମୂହ ଚିନ୍ତା କରି ସର୍ବଦା ସାହସ, ବଳ, ଧୈର୍ଯ୍ୟ ଓ ବିଚକ୍ଷଣତାଦି ସଦ୍‌ଗୁଣଦ୍ୱାରା ମନର କାମକ୍ରୋଧାଦି ନିକୃଷ୍ଟ ପଶୁବୃତ୍ତିକୁ ରୂପାନ୍ତର କରି ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ ଯେଉଁ କର୍ମ କରାଯାଏ, ତାହା ହିଁ ମାନବୋଚିତ ଅକର୍ମ ନାମରେ ଅଭିହିତ ।

(୪୪୭) ଆତ୍ମକଲ୍ୟାଣ : ମନକୁ ସର୍ବଦା ଆତ୍ମବଶରେ ରଖି କର୍ମ କରିବା

ପାଇଁ ଅଭ୍ୟାସ ଗଠନ କରିବାକୁ ଆତ୍ମକଲ୍ୟାଣ କହନ୍ତି । ଯେ ନିଜର ସଂସାର ଓ ପରିବାରର ଉନ୍ନତି ସାଧନରେ ଅସମର୍ଥ, ସେ କେବେହେଲେ ସ୍ୱଜାତି ଅଥବା ସ୍ୱଧର୍ମର ଉନ୍ନତି କରିପାରିବେ ନାହିଁ । ଯେ ନିଜ ଦେଶବାସୀଙ୍କର ଉନ୍ନତିସାଧନରେ ଅକ୍ଷମ, ସେ କେବେହେଲେ ବିଶ୍ୱବାସୀଙ୍କର ଉନ୍ନତିସାଧନରେ ସକ୍ଷମ ହୋଇପାରନ୍ତି ନାହିଁ । ସ୍ୱାର୍ଥକୁ ପରମାର୍ଥର ଅଧୀନରେ ପରିଚାଳିତ କରିବା ହିଁ ଆତ୍ମକଲ୍ୟାଣ ଲାଭର ଉପାୟ ।

(୪୪୮) ପାପପୁଣ୍ୟ : ଯାହା ଆତ୍ମାକୁ ସଙ୍କୁଚିତ ବା ସଂକୀର୍ଣ୍ଣ କରେ, ତାହା ହିଁ ହେଉଛି ପାପ ଏବଂ ଯାହା ଆତ୍ମାକୁ ସଂପ୍ରସାରିତ ବା ଉଦାର କରେ, ତାହାହିଁ ପୁଣ୍ୟ ନାମରେ ଅଭିହିତ । ପାପାଚରଣ ଦ୍ୱାରା ଆତ୍ମାର ଅଧୋଗତି ଓ ପୁଣ୍ୟାଚରଣରେ ଉର୍ଦ୍ଧ୍ୱଗତି ଲାଭ ହୋଇଥାଏ । ଯେଉଁ କର୍ମ ଆତ୍ମାକୁ ଦେହ ମନରେ ଆବଦ୍ଧ କରି ପୃଥକ କରି ରଖେ, ତାହା ହିଁ ପାପ ଏବଂ ଯାହା ଆତ୍ମାକୁ ସ୍ୱାର୍ଥମୁକ୍ତ କରି ଏକତ୍ୱ ଆଡ଼କୁ ଉନ୍ନୀତ କରେ, ତାହା ହେଉଛି ପୁଣ୍ୟ । ଯେଉଁ କାର୍ଯ୍ୟରେ ଦେହ ମନରେ ପ୍ରଥମେ ସୁଖ ଓ ପରେ ଦୁଃଖ ଉପସ୍ଥିତ ହୁଏ, ତାହା ପାପ ଓ ଯେଉଁ କର୍ମ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଆନନ୍ଦଦାୟକ, ତାହା ହିଁ ପୁଣ୍ୟ ପଦବାଚ୍ୟ ।

(୪୪୯) ପ୍ରାଣ-ମନର କ୍ରିୟା : ନିଷ୍କ୍ରିୟ ଓ ସ୍ଥିର ଆତ୍ମା ସହିତ ମାୟା ସଂଯୋଗରେ ଯେଉଁ ସକ୍ରିୟ ବା କ୍ରିୟାଶକ୍ତିର ବିକାଶ ହୁଏ, ତାହାର ନାମ ପ୍ରାଣ ଏବଂ ଏହାଦ୍ୱାରା ଯେଉଁ ଜ୍ଞାନ ଇଚ୍ଛାଶକ୍ତି ଲାଭ ହୁଏ, ତାହାର ନାମ ମନ । ତେଣୁ ପ୍ରାଣ ସ୍ଥିର ହେଲେ ମନ ସ୍ଥିର ଓ ମନ ସ୍ଥିର ହେଲେ ପ୍ରାଣ ସ୍ଥିର ହୋଇଥାଏ । ପ୍ରାଣ-ମନ ରୂପ ଆବରଣ କଟିଗଲେ ଆତ୍ମା ସ୍ୱରୂପରେ ଅବସ୍ଥାନ କରେ ।

(୪୫୦) ସଂସାର ଦର୍ଶନ : ପ୍ରାଣର ସ୍ପନ୍ଦନ ବା କ୍ରିୟାଶକ୍ତି ସହିତ ଆତ୍ମଚୈତନ୍ୟର ସମାବେଶ ହେଲାମାତ୍ରେ ଆତ୍ମା ମନ ଉପାଧି ଧାରଣପୂର୍ବକ ଭୋଗବାସନା ଚରିତାର୍ଥ କରିବାକୁ ପ୍ରବୃତ୍ତ ହୁଏ । ଏହାର ନାମ ସଂସାର ।

(୪୫୧) ମନର କାର୍ଯ୍ୟ : ଆତ୍ମାରେ ପ୍ରାଣର ଚାଞ୍ଚଲ୍ୟ ସଂଯୋଗ ହେଲେ ଏହି ଆତ୍ମା ବା ପ୍ରାଣ ହିଁ ମନ ରୂପରେ ବ୍ୟକ୍ତ ହୁଏ । ସ୍ମରଣ, ମନନ, ଚିନ୍ତା, ବିଚାର, ଭୋଗ, ଅନୁଭବ, ଇଚ୍ଛା, ଆକାଙ୍‌କ୍ଷା, କାମନା, ବାସନା ଓ ଆଶା ପ୍ରଭୃତି ମନର କାର୍ଯ୍ୟ । ଏହି ମନର କ୍ରିୟା ନିରୋଧ ହେଲେ ମନ ସ୍ଥିର ହୋଇ ଆତ୍ମାରେ ପରିଣତ ହୋଇଯାଏ ଓ ସାଧକଙ୍କର ଭଗବଦ୍ଦର୍ଶନ ହୁଏ ।

(୪୫୨) ଚିତ୍ତ : ସଂସାରାଚ୍ଛନ୍ନ ମନକୁ ଚିତ୍ତ କୁହାଯାଏ । ଏକମାତ୍ର ଚିତ୍ତରୂପ ବୀଜ ମଧ୍ୟରେ ଜନ୍ମଜନ୍ମାନ୍ତର ରୂପ ବିଷବୃକ୍ଷ ସମୂହ ନିହିତ ଥାଏ । ତେଣୁ ଚିତ୍ତ ଗ୍ରାମୋଫୋନ୍ ରେକର୍ଡ଼ ସହିତ ତୁଳନୀୟ । ଏହି ଚିତ୍ତ ହିଁ ଜନ୍ମମୃତ୍ୟୁର ମୂଳ କାରଣ । ସୁତରାଂ ସର୍ବଦା ସାଧୁସଙ୍ଗ ଓ ସତ୍ତ୍ୱଗୁଣର ଅନୁଶୀଳନପୂର୍ବକ ଚିତ୍ତ ଶୁଦ୍ଧି ସମ୍ପାଦନ କରିପାରିଲେ ଜୀବ ମୁକ୍ତ ହୁଏ । କର୍ମବଦ୍ଧଦେହୀ ଚିତ୍ତରେ ଓ କର୍ମମୁକ୍ତ ଦେହୀ ଆତ୍ମାରେ ଅବସ୍ଥାନ କରନ୍ତି ।

(୪୫୩) ଚିତ୍ତର ବୃତ୍ତି : ସଂଜ୍ଞାନ, ବିଜ୍ଞାନ, ଅଜ୍ଞାନ, ପ୍ରଜ୍ଞାନ, ଅଭିଜ୍ଞାନ, ତତ୍ତ୍ୱଜ୍ଞାନ, କ୍ରତୁ, ମେଧା, ଧୃତି, ସ୍ମୃତି, ମନୀଷା ବା ଅନୁଭୂତି—ଏମାନେ ଚିତ୍ତର ବିକଳ୍ପାତ୍ମକ ବୃତ୍ତି ଅର୍ଥାତ୍ ଜ୍ଞାନଶକ୍ତି ।

(୪୫୪) ସଂଜ୍ଞାନ : 'ମୁଁ ଅଛି' ଏହି ଜ୍ଞାନକୁ ଅର୍ଥାତ୍ ଅହଂବୋଧକୁ ସଂଜ୍ଞାନ କହନ୍ତି ।

(୪୫୫) ପ୍ରଜ୍ଞାନ : 'ମୁଁ' ବିଶୁଦ୍ଧ ସତ୍ତ୍ୱଗୁଣସମ୍ପନ୍ନ ଆତ୍ମା ବା ସଚ୍ଚିଦାନନ୍ଦ ସ୍ୱରୂପ ପୁରୁଷ ଅର୍ଥାତ୍ କୂଟସ୍ଥ ଅକ୍ଷର ଚୈତନ୍ୟ—ଏହି ଧାରଣାକୁ ପ୍ରଜ୍ଞାନ ବା ଆତ୍ମଜ୍ଞାନ କହନ୍ତି ।

(୪୫୬) ଅଜ୍ଞାନ : 'ମୁଁ' ସ୍ଥୂଳଦେହ, ସୂକ୍ଷ୍ମ ଓ କାରଣ ଦେହ, ଇନ୍ଦ୍ରିୟ ଓ ମନ—ଏହି ଜ୍ଞାନକୁ ଅଜ୍ଞାନ କହନ୍ତି ।

(୪୫୭) ବିଜ୍ଞାନ : ପ୍ରାକୃତ ବା ଭୌତିକ ଜଗତର କଳାବିଦ୍ୟା ବା ଅଂଶଜ୍ଞାନ ଅର୍ଥାତ୍ ଖଣ୍ଡ ବିଷୟବୁଦ୍ଧିକୁ ବିଜ୍ଞାନ କହନ୍ତି ।

(୪୫୮) ତତ୍ତ୍ୱଜ୍ଞାନ : ସ୍ୱରୂପ ବା ସୋଽହଂ ଜ୍ଞାନକୁ ତତ୍ତ୍ୱଜ୍ଞାନ ବା ବ୍ରହ୍ମଜ୍ଞାନ କହନ୍ତି ।

(୪୫୯) ମେଧା : ଶାସ୍ତ୍ରାର୍ଥବୋଧକୁ ମେଧା ବା ପାଣ୍ଡିତ୍ୟ ବୋଲି କହନ୍ତି ।

(୪୬୦) ବିକଳ୍ପ ବୃତ୍ତି : ଧୃତି, ମତି, ସ୍ମୃତି, ମନୀଷା ବା ଅନୁଭୂତି ହିଁ ଚିତ୍ତର ବିକଳ୍ପାତ୍ମକ ବୃତ୍ତି । ଏହା ଚିତ୍ତର ଜ୍ଞାନଶକ୍ତି ।

(୪୬୧) ଚିତ୍ତର ତ୍ରିଶକ୍ତି : ଇଚ୍ଛା, କ୍ରିୟା, ଜ୍ଞାନ ଚିତ୍ତର ତ୍ରିବିଧ ।

(୪୬୨) ସଂକଳ୍ପ ଶକ୍ତି : ଚିତ୍ତର ଇଚ୍ଛାଶକ୍ତିକୁ ସଂକଳ୍ପ କହନ୍ତି; ବାସନା ହିଁ ଏହାର କାରଣ ।

(୪୬୩) କ୍ରତୁ : ଚିତ୍ତର କ୍ରିୟାଶକ୍ତିର ଅପର ନାମ କ୍ରତୁ । ଏହାକୁ

ଅଧ୍ୟବସାୟ କହନ୍ତି । ଚିତ୍ତର ଜ୍ଞାନଶକ୍ତିକୁ ବିକଳ୍ପ ଓ ଇଚ୍ଛାଶକ୍ତିକୁ ସଂକଳ୍ପ କହନ୍ତି ।

(୪୬୪) ଚିତ୍ତର ସ୍ୱରୂପ : ଚିତ୍ତ ସ୍ୱୟଂ ଭ୍ରାନ୍ତି ସ୍ୱରୂପ । ଏହା ଅବିଦ୍ୟାସମ୍ଭୂତ ବିଜ୍ଞାନ ଭାବ ମାତ୍ର । ମୋହ, ଅଜ୍ଞାନ ଓ ଭ୍ରାନ୍ତି ହିଁ ଏହାର ସ୍ୱରୂପ ।

(୪୬୫) ବିବେକ : ନିତ୍ୟାନିତ୍ୟ ଜ୍ଞାନର ନାମ ବିବେକ ।

(୪୬୬) ତତ୍ତ୍ୱଜ୍ଞାନ : ଚତୁର୍ବିଂଶତି ତତ୍ତ୍ୱ ବିଷୟକ ଜ୍ଞାନକୁ ତତ୍ତ୍ୱଜ୍ଞାନ କହନ୍ତି । ଚିତ୍ତର ଅଜ୍ଞାନ ଭାବକୁ ଦୂର କରିବାନିମିତ୍ତ ତତ୍ତ୍ୱଜ୍ଞାନାନୁଶୀଳନ ଏକାନ୍ତ ଆବଶ୍ୟକ । ଏହି ଅନୁଶୀଳନର ନାମ ସାଧନା ।

(୪୬୭) ପ୍ରଜ୍ଞା : ଏହି ସ୍ଥୁଳ ଦେହର ଇନ୍ଦ୍ରିୟଗୁଡ଼ିକ ଏହି ସ୍ଥୁଳ ଜଗତର ଭୌତିକ ସ୍ପନ୍ଦନ ଗ୍ରହଣ କରିବାକୁ ସମର୍ଥ । କିନ୍ତୁ ଅନ୍ତର୍ଜଗତର ବା ସୂକ୍ଷ୍ମଜଗତର ସ୍ପନ୍ଦନ ଗ୍ରହଣ କରିବାର ଅଭ୍ୟାସ ଏମାନଙ୍କର ନାହିଁ । ମାନବ ଚେଷ୍ଟା କଲେ ସୂକ୍ଷ୍ମ କାରଣ ମନୋନୟ ଅନ୍ତର୍ଜଗତର ସ୍ପନ୍ଦନ ଗ୍ରହଣ କରିବାକୁ ସକ୍ଷମ ହୋଇପାରେ । ମନ ଅନ୍ତର୍ଜଗତର ବହୁବିଧ ସ୍ପନ୍ଦନ ଅନୁଭବ କଲେ ମଧ୍ୟ ତାହା ସ୍ଥୁଳ ମସ୍ତିଷ୍କ ବା ଜ୍ଞାନ ମନର ଗୋଚରୀଭୂତ ହୋଇପାରେ ନାହିଁ । ଅନ୍ତର୍ମନର ଗୋଚରୀଭୂତ ବିଷୟ ବହିର୍ମନ ଗ୍ରହଣ କରିବାକୁ ସକ୍ଷମ ହେଲେ ତାକୁ ପ୍ରତିଭା ବା ପ୍ରଜ୍ଞାଶକ୍ତି ବୋଲି କୁହାଯାଏ । ଏହା ହିଁ ଆତ୍ମାର ସ୍ୱତଃସିଦ୍ଧ ଜ୍ଞାନ । ଏହାକୁ ପ୍ରେମ ବା ଭାବ ମଧ୍ୟ କହନ୍ତି । ଏହାଦ୍ୱାରା ଅବିଦ୍ୟା ଅପସାରିତ ହୋଇଥାଏ ।

(୪୬୮) ପ୍ରଜ୍ଞାଶକ୍ତି ଲାଭର ଉପାୟ : ଏହି ପ୍ରଜ୍ଞାଶକ୍ତିକୁ ଜାଗ୍ରତ କରିବାର ଅପର ନାମ ସାଧନା । ଯୋଗାଭ୍ୟାସ, ଚିତ୍ତର ଏକାଗ୍ରତା ସାଧନ, ତତ୍ତ୍ୱଜ୍ଞାନର ଅନୁଶୀଳନ, ଭକ୍ତି, ବିନୟ, ସାଧୁତା, ତ୍ୟାଗ, ସଂଯମାଦି ଅର୍ଜନ, ଜନହିତକର କର୍ମ ଅନୁଷ୍ଠାନ, ଶ୍ରୀ ଗୁରୁଙ୍କ ଆଦେଶ ପ୍ରତିପାଳନ ଏବଂ ଗୁରୁଦେବଙ୍କ ସେବା ଦ୍ୱାରା ଏହି ଶକ୍ତିର ବିକାଶ ହୋଇଥାଏ ।

(୪୬୯) ପରଂବ୍ରହ୍ମଙ୍କ ସ୍ୱରୂପ : ସତ୍, ଚିତ୍, ଆନନ୍ଦ ହିଁ ପରଂବ୍ରହ୍ମଙ୍କ ସ୍ୱରୂପ ।

(୪୭୦) ପୂର୍ଣ୍ଣ ଈଶ୍ୱର ବା ବ୍ରହ୍ମଭାବ : ପରଂବ୍ରହ୍ମ ଏହି ସତ୍ ଅଂଶରେ ସନ୍ଧିନୀଶକ୍ତି ରୂପରେ ବ୍ରହ୍ମା ବା ପୂର୍ଣ୍ଣ ଈଶ୍ୱରଭାବରେ ବ୍ୟକ୍ତ ହୋଇ ଏହି ସମଗ୍ର ଜୀବଜଗତ୍ ବା ବ୍ରହ୍ମାଣ୍ଡର ଆଧାର ବା ଆଶ୍ରୟ ରୂପରେ ବିରାଜିତ ଅଛନ୍ତି । ବ୍ରହ୍ମ ଭାବ ହିଁ ବିଶ୍ୱ ସ୍ରଷ୍ଟା । ଏହା ହିଁ ବ୍ରହ୍ମଙ୍କର ଇଚ୍ଛାଶକ୍ତିର ନିୟାମକ ।

(୪୭୧) ବିଷ୍ଣୁଭାବ : ବ୍ରହ୍ମଙ୍କର ଚିତ୍ ଅଂଶରେ ସେ ସମ୍ବିଦ୍ ବା ଜ୍ଞାନଶକ୍ତି ସ୍ୱରୂପ ଆତ୍ମା ରୂପରେ ବା ବିଷ୍ଣୁ ଭାବରେ ପ୍ରତ୍ୟେକ ଭୂତରେ ଅଧିଷ୍ଠାନ କରୁଛନ୍ତି ଏବଂ ଚିତ୍ ଶକ୍ତିଦ୍ୱାରା ଜଗତ୍ ଭୋଗ କରୁଛନ୍ତି। ବିଷ୍ଣୁଭାବ ହେଲା ବିଶ୍ୱନିୟନ୍ତା। ଏହା ବ୍ରହ୍ମଙ୍କର ଜ୍ଞାଶକ୍ତିର ନିୟାମକ।

(୪୭୨) ଶିବଭାବ : ଆନନ୍ଦାଂଶରେ ସେହି ପରଂବ୍ରହ୍ମ ହ୍ଲାଦିନୀଶକ୍ତି ସ୍ୱରୂପ ମହାଶିବ ରୂପରେ ଆବିର୍ଭୂତ ହୋଇ ସାଧକଙ୍କୁ ଉଦ୍ଧାର, ମୋକ୍ଷ ବା ପୂର୍ଣ୍ଣାନନ୍ଦ ଦାନ କରନ୍ତି। ଏହି ଶିବାଭାବ ହିଁ ଜଗଦ୍‌ଗୁରୁ। ଏହା ବ୍ରହ୍ମଙ୍କର କ୍ରିୟାଶକ୍ତିର ନିୟାମକ।

(୪୭୩) ଈଶ୍ୱର ବା ବିଷ୍ଣୁ : ବ୍ରହ୍ମଙ୍କର ଏହି ସତ୍ ଚିତ୍ ସ୍ୱରୂପ ଯେତେବେଳେ ବ୍ୟକ୍ତ ପ୍ରକୃତିରେ ସମ୍ମିଳିତ ହୁଅନ୍ତି, ସେତେବେଳେ ସେମାନେ ପରସ୍ପର ଭାବ ପରିବର୍ତ୍ତନ କରନ୍ତି, ଅର୍ଥାତ୍ ପ୍ରକୃତିଯୁକ୍ତ ସତ୍‌ସ୍ୱରୂପ ବ୍ରହ୍ମଙ୍କୁ ସତ୍ତ୍ୱ ଭାବମୟ ଈଶ୍ୱର ବା ବିଷ୍ଣୁ କୁହାଯାଏ। ପ୍ରକୃତିଯୁକ୍ତ ଚିତ୍ ସ୍ୱରୂପ ବ୍ରହ୍ମଙ୍କୁ ରଜୋଭାବମୟ ଈଶ୍ୱର ବା ବ୍ରହ୍ମା କହନ୍ତି। ପ୍ରଥମୋକ୍ତ ବ୍ରହ୍ମାବିଷ୍ଣୁ ଭାବ ଅବ୍ୟକ୍ତ। ଏହି ବିଷ୍ଣୁ ଭାବ ବ୍ୟକ୍ତ ବା ଶକ୍ତିମୟ ଈଶ୍ୱର।

(୪୭୪) ଅବ୍ୟକ୍ତ ମୂଳା ପ୍ରକୃତି : ସତ୍ତ୍ୱ, ରଜଃ, ତମ—ଏହି ତ୍ରିଗୁଣ ଯେତେବେଳେ ସାମ୍ୟାବସ୍ଥାରେ ଅବସ୍ଥାନ କରେ, ସେତେବେଳେ ଏହି ଭାବକୁ ଅପ୍ରାକୃତ ତ୍ରିଗୁଣ କୁହାଯାଏ। ଏହି ଅବସ୍ଥାବିଶିଷ୍ଟ ପ୍ରକୃତିର ନାମ ଅବ୍ୟକ୍ତ ମୂଳା ପ୍ରକୃତି। ଏହା ହିଁ ସତ୍ୟଲୋକର ଅବସ୍ଥା।

(୪୭୫) ମହତ୍ : ପ୍ରକୃତିର କେବଳ ସତ୍ତ୍ୱ ଗୁଣର ବିକାଶ ହେଲେ, ରଜ ତମୋ ଗୁଣ ଅବ୍ୟକ୍ତ ଏବଂ ଅକ୍ରିୟଭାବରେ ଥିଲେ ପ୍ରକୃତିର ଯେଉଁ ଅଭେଦ ଓ ଅଣୁ ଭାବ ପ୍ରାପ୍ତି ହୁଏ ତାହାକୁ ମହତ୍ କୁହାଯାଏ। ଏହି ମହତ୍ତ୍ୱର ବିକାଶ ହେଲେ ସୃଷ୍ଟିର ବିକାଶ ବା ବ୍ୟକ୍ତତପୋଲୋକର ବିକାଶ ହୁଏ।

(୪୭୬) ମହତତ୍ତ୍ୱ : ଏହା ହିଁ ପ୍ରକୃତିର ବିଶୁଦ୍ଧ ସତ୍ତ୍ୱ ଗୁଣ ଅର୍ଥାତ୍ ରଜ ଓ ତମ ପରି ଶୂନ୍ୟ ସତ୍ତ୍ୱଗୁଣକୁ ମହତତ୍ତ୍ୱ କୁହାଯାଏ। ଏହାକୁ ବିଦ୍ୟାମାୟା ବା ଅଭେଦ ଜ୍ଞାନଶକ୍ତି କହନ୍ତି। ଏହି ମହତ୍ ଅଧିଷ୍ଠିତ ବ୍ରହ୍ମଚୈତନ୍ୟଙ୍କୁ ଆତ୍ମା, ପରମାତ୍ମା, ମହଦାତ୍ମା, ପୁରୁଷ, କ୍ଷେତ୍ରଜ୍ଞ, କୂଟସ୍ଥ, ଚୈତନ୍ୟ ପ୍ରଭୃତି କୁହାଯାଏ। ଏଥିରେ ରଜଃ ତମୋଗୁଣର ବିକାଶ ନାହିଁ, ଏହା ସତ୍ୟ ଓ ତପ ଲୋକର ଅବସ୍ଥା।

(୪୭୭) ପଞ୍ଚବ୍ୟକ୍ତ ଲୋକ : ଭୂ, ଭୁବ, ସ୍ୱ, ମହ, ଜନ—ଏହି ପଞ୍ଚଲୋକଙ୍କୁ ପଞ୍ଚବ୍ୟକ୍ତ ଜଗତ କୁହାଯାଏ । ଏହି ପଞ୍ଚଲୋକରେ ତ୍ରିଗୁଣ ବିଷମ ଭାବରେ ବିରାଜିତ ଥାଏ ।

(୪୭୮) ଜନଲୋକର ଅବସ୍ଥା : ଭୂ, ଭୁବ, ସ୍ୱ, ମହ, ଜନ—ଏହି ପଞ୍ଚଜଗତରେ ପ୍ରତ୍ୟେକ ପଦାର୍ଥରେ ତିନୋଟି ଗୁଣ ପରସ୍ପର ବିଷମ ଭାବରେ ବ୍ୟକ୍ତ ଥାଏ । ତ୍ରିଗୁଣର ବିଷମତା ବ୍ୟତୀତ ସୃଷ୍ଟି ହୋଇପାରେନାହିଁ । ଯେଉଁ ଅବସ୍ଥାରେ ସତ୍ତ୍ୱଗୁଣର ପ୍ରାଧାନ୍ୟ ଥାଏ, ରଜୋଗୁଣର ମଧ୍ୟମାବସ୍ଥା ଥାଏ ଏବଂ ତମୋ ଗୁଣଟି ଅତି କମ୍ ଥାଏ, ତାହାର ନାମ ଜନଲୋକ । ଜୀବର ପ୍ରକୃତି ବା ସ୍ୱଭାବ ସତ୍ତ୍ୱପ୍ରଧାନ ଓ ଅଳ୍ପ ରଜତମଯୁକ୍ତ ହେଲେ ସେହି ଜୀବର ଜନଲୋକ ବାସହୁଏ ।

(୪୭୯) ମହଲୋକର ଅବସ୍ଥା : ସତ୍ତ୍ୱଗୁଣ ପ୍ରଧାନ, ତମୋଗୁଣ ମଧ୍ୟମ ଏବଂ ରଜୋଗୁଣର ନିମ୍ନାବସ୍ଥା ଥିଲେ ତାହାକୁ ମହଲୋକ କୁହାଯାଏ ଏବଂ ଏହି ଅବସ୍ଥାବିଶିଷ୍ଟ ବ୍ୟକ୍ତିଙ୍କର ମହଲୋକ ବାସ ହୁଏ ।

(୪୮୦) ସ୍ୱର୍ଗଲୋକର ତ୍ରିଗୁଣ : ରଜପ୍ରଧାନ, ସତ୍ତ୍ୱ ମଧ୍ୟମ ଓ ତମନିମ୍ନ ଥିଲେ ତାହା ସ୍ୱର୍ଲୋକ ନାମରେ ଅଭିହିତ ହୁଏ ଏବଂ ଏହି ପ୍ରକୃତି ବିଶିଷ୍ଟ ବ୍ୟକ୍ତିଙ୍କର ସ୍ୱର୍ଲୋକ ବାସ ହୁଏ ।

(୪୮୧) ଭୁବଲୋକର ତ୍ରିଗୁଣ : ରଜଗୁଣ ପ୍ରଧାନ, ତମ ଗୁଣ ମଧ୍ୟମ ଓ ସତ୍ତ୍ୱ ଗୁଣର ନ୍ୟୂନତା ହିଁ ଭୁବଲୋକର ଅବସ୍ଥା ।ଏହି ସ୍ୱଭାବବିଶିଷ୍ଟ ବ୍ୟକ୍ତିଙ୍କର ଭୁବଲୋକ ବାସ ହୁଏ ।

(୪୮୨) ଭୂଲୋକର ତ୍ରିଗୁଣ : ଯେଉଁମାନଙ୍କର ତମୋଗୁଣ ପ୍ରଧାନ, ସତ୍ତ୍ୱଗୁଣ ମଧ୍ୟମ ଓ ରଜୋଗୁଣ ନିମ୍ନ—ସେହିପରି ସ୍ୱଭାବବିଶିଷ୍ଟ ଜୀବଗଣ ସ୍ଥୂଳ ମାନବୀୟ ଦେହ ଧାରଣ କରି ଏହି ପୃଥିବୀରେ ବାସ କରନ୍ତି ଏବଂ ଯେଉଁମାନଙ୍କର ତମୋଗୁଣ ପ୍ରଧାନ, ରଜୋଗୁଣ ମଧ୍ୟମ ଏବଂ ସତ୍ତ୍ୱଗୁଣ ନିମ୍ନ, ସେମାନେ ମାନବ ଦେହଧାରୀ ପଶୁ ମାତ୍ର ।

(୪୮୩) ବ୍ୟକ୍ତ ଗୁଣମୟ ଜଗତ୍ : ଉପରୋକ୍ତ ଭାବରେ ତ୍ରିଗୁଣର ଉଚ୍ଚାବସ୍ଥା, ମଧ୍ୟାବସ୍ଥା ଓ ନିମ୍ନାବସ୍ଥା ହେତୁ ପଶୁଜଗତ, ମାନବଜଗତ୍, କାମଜଗତ୍, ବାସନାଜଗତ୍, ବୁଦ୍ଧିଜଗତ୍ ଓ ପ୍ରଜ୍ଞାନଜଗତ୍ର ବିକାଶ ହୋଇଅଛି ।

(୪୮୪) **ଦ୍ୱିବିଧ କର୍ମଶକ୍ତି :** ଦୈବ ଓ ପୁରୁଷାକାର ଏହି ଦ୍ୱିବିଧ ଶକ୍ତି ଦ୍ୱାରା ଜୀବଗଣ ଏ ଜଗତରେ ପରିଚାଳିତ ହୁଅନ୍ତି । ଦୈବ ହେଉଛି ପୂର୍ବ କର୍ମଫଳ ଏବଂ ପୁରୁଷାକାର ବର୍ତ୍ତମାନର କର୍ମଫଳକୁ ବୁଝାଏ । ଏହାକୁ ଅତୀତ ଓ ବର୍ତ୍ତମାନ କହନ୍ତି । ଅତୀତ କର୍ମର ଫଳକୁ ସଞ୍ଚିତ ଓ ଫଳ ଭୋଗକୁ ପ୍ରାରବ୍ଧ କୁହାଯାଏ ।

(୪୮୫) **ସଞ୍ଚିତ ଓ ପ୍ରାରବ୍ଧ :** ଅତୀତ କର୍ମର ଫଳ ସଞ୍ଚିତ ଓ ପ୍ରାରବ୍ଧ ଏହି ଦୁଇ ସ୍ତରରେ ସଜ୍ଜିତ । ସୁଦୀର୍ଘ କାଳ ପରେ ଫଳ ଉତ୍ପାଦନଯୋଗ୍ୟ କର୍ମକୁ ସଞ୍ଚିତ କର୍ମ କୁହାଯାଏ । ଯେଉଁ କର୍ମର ଫଳ ଭୋଗ ଆରମ୍ଭ ହେଲାଣି, ତାହାର ନାମ ପ୍ରାରବ୍ଧ । ଜୀବ ନିଜର କର୍ମଫଳରେ ଆବଦ୍ଧ । କର୍ମଫଳ ଭୋଗ ବିଷୟରେ ଅନ୍ୟ କୌଣସି ଶକ୍ତିର ହାତ ନାହିଁ ।

(୪୮୬) **କ୍ରିୟମାଣ କର୍ମ :** ଯେଉଁସବୁ କର୍ମ ବର୍ତ୍ତମାନ କରାଯାଉଛି ଓ ଭବିଷ୍ୟତକୁ କରାଯିବ, ସେହିସବୁ କର୍ମକୁ କ୍ରିୟମାଣ କର୍ମ କହନ୍ତି । ଅହଂ କର୍ତ୍ତା ବୁଦ୍ଧିରେ ଫଳକାମନା କରି ଯେଉଁସବୁ କର୍ମ କରାଯାଏ, ତାହାର କେତେକାଂଶ ଭବିଷ୍ୟତରେ ପ୍ରାରବ୍ଧ ସୃଷ୍ଟି କରେ, ପୁଣି କେତେକାଂଶ କ୍ରିୟମାଣ କର୍ମ ରୂପରେ ଫଳ ପ୍ରଦାନ କରେ । ଯାହା ଏ ଜୀବନରେ ଫଳ ଦେବାକୁ ଅସମର୍ଥ, ତାହା ସ୍ୱଭାବ ଦେହରେ ସଞ୍ଚିତ ହୁଏ । ତାହା ସଞ୍ଚିତ କର୍ମ । ସବୁ କର୍ମର ସଂସ୍କାର ଚିତ୍ତକ୍ଷେତ୍ରରେ ଅଙ୍କିତ ହୋଇଥାଏ, ଯଥା ସମୟରେ ତାହା ଫଳ ଦିଏ । ଏହି କର୍ମଶକ୍ତିକୁ ଉପେକ୍ଷା କରାଯାଇପାରେ ନାହିଁ । ଦୈବ ପ୍ରତି ବିଶ୍ୱାସ ରଖି ଯଥାସାଧ୍ୟ ବିବେକବଶରେ ପୁରୁଷକାର ସମାଶ୍ରୟପୂର୍ବକ ସାଧନପଥରେ ଅଗ୍ରସର ହେବା ହିଁ ସମସ୍ତଙ୍କର କର୍ତ୍ତବ୍ୟ ।

(୪୮୭) **ଶିବ :** ମଙ୍ଗଳ, ସ୍ୱସ୍ତି, ଶ୍ରୀ, ଶାନ୍ତି ଓ ଆନନ୍ଦ ପ୍ରଭୃତିକୁ ଶିବ କହନ୍ତି । ଅତଏବ ବ୍ରହ୍ମ ହିଁ ଶିବ ନାମରେ ଅଭିହିତ ।

(୪୮୮) **ଅବ୍ୟକ୍ତ ଶକ୍ତି :** ବ୍ରହ୍ମସ୍ୱରୂପ ଶିବ ଅଦ୍ୱୈତ ଏକକ ଓ ପୂର୍ଣ୍ଣ । ସୃଷ୍ଟି ନିମିତ୍ତ ତାଙ୍କ ଭିତରେ ଗୁଣ, ଶକ୍ତି ଓ କ୍ରିୟାଦିର କ୍ରମବିକାଶ ହୋଇଥାଏ । ଶକ୍ତି, ମାୟା, ପ୍ରକୃତି ଓ କର୍ମ—ଏହା ଦ୍ୱୈତତତ୍ତ୍ୱର ବିଭିନ୍ନ ଅବସ୍ଥା ମାତ୍ର । ତେଣୁ ଶକ୍ତି ବା ପ୍ରକୃତି ବ୍ରହ୍ମଙ୍କୁ ଛାଡ଼ି ଅନ୍ୟତ୍ର ନଥାନ୍ତି । ସେ ବ୍ରହ୍ମ ସହିତ ଯୁକ୍ତ ଥିଲେ ତାଙ୍କୁ ଅବ୍ୟକ୍ତ ଶକ୍ତି (Potential energy) କହନ୍ତି । ପରେ ଏହି ଶକ୍ତି ପୁଣି

ବିଦ୍ୟା ଅବିଦ୍ୟା (Positive negative) ଭାବରେ ଦୁଇ ଭାଗରେ ବିଭକ୍ତ ହୁଅନ୍ତି ।

(୪୮୯) ବିଦ୍ୟା ଅବିଦ୍ୟା ଶକ୍ତି : ଏହି ଅବ୍ୟକ୍ତଶକ୍ତି ବ୍ରହ୍ମଙ୍କ ଇଚ୍ଛାରେ ନିଜକୁ ବିଦ୍ୟା ଓ ଅବିଦ୍ୟା ଏହି ଦୁଇ ଭାଗରେ ବିଭକ୍ତ କରନ୍ତି । ଶକ୍ତି ସୃଷ୍ଟି ନିମିତ୍ତ ବିଦ୍ୟା ବା ବିଶୁଦ୍ଧଜ୍ଞାନଶକ୍ତି, ଅବିଦ୍ୟା ବା ଅଶୁଦ୍ଧ ବିଜ୍ଞାନ, ଇଚ୍ଛା ଓ କ୍ରିୟା ଶକ୍ତି ରୂପରେ ଅଭିବ୍ୟକ୍ତ ହୁଅନ୍ତି । ଏହି ଅବିଦ୍ୟା ମାୟା ସ୍ୱରୂପ ବିଜ୍ଞାନଶକ୍ତି, ଇଚ୍ଛାଶକ୍ତି ଓ କ୍ରିୟାଶକ୍ତିର ନିୟନ୍ତା ଚୈତନ୍ୟଙ୍କୁ ଶିବ, ବିଷ୍ଣୁ ଓ ବ୍ରହ୍ମା ନାମ ପ୍ରଦାନ କରାଯାଇଅଛି । ଏହି ବ୍ୟକ୍ତ ବ୍ରହ୍ମା, ବିଷ୍ଣୁ ଓ ଶିବଭାବ ହିଁ ସାଧକଙ୍କର ଗୁରୁ, ଇଷ୍ଟ ଓ ଉପାସ୍ୟ ଏବଂ ଅବ୍ୟକ୍ତ ଶିବ ଜ୍ଞେୟ ବା ନିଜର ସତ୍ୟ ସ୍ୱରୂପ ।

(୪୯୦) ବ୍ୟକ୍ତ ଶିବ : ବ୍ୟକ୍ତ ଶିବ ଜୀବଗଣଙ୍କୁ କର୍ମଫଳରୁ ମୁକ୍ତିଦାନ କରନ୍ତି । ସେ ସର୍ବଶକ୍ତିମାନ୍ ଓ ସର୍ବନିୟନ୍ତା । ଶକ୍ତି ବା ପ୍ରକୃତି ତାଙ୍କର ନିୟମ ମାନି ଚଳନ୍ତି । ସେ ବିଭିନ୍ନ ସମୟରେ ବିଭିନ୍ନ ନାମ ବା ମାନବ ମୂର୍ତ୍ତି ଧରି ଜଗତରେ ବ୍ୟକ୍ତ ହୋଇ ଭଗବାନ ଆଖ୍ୟା ପ୍ରାପ୍ତ ହୁଅନ୍ତି । ବ୍ରହ୍ମା, ବିଷ୍ଣୁ ମଧ୍ୟ କ୍ଷେତ୍ର ଓ ଅବସ୍ଥା ବିଶେଷରେ ଶିବ ବୋଲି ଉକ୍ତ ହୁଅନ୍ତି ।

(୪୯୧) ଅବ୍ୟକ୍ତ ପରମ ଶିବ : ଶକ୍ତିର ଯେ ଆଶ୍ରୟ, ଅଧିଷ୍ଠାନ ବା ଆଧାର, ସେ ବ୍ରହ୍ମସ୍ୱରୂପ ଅବ୍ୟକ୍ତ ପରମ ଶିବ ।

(୪୯୨) ମହାଶିବ : ଶକ୍ତିର ଯେ ଉତ୍ପାଦକ, ଜନକ ବା ଉତ୍ସ, ସେ ମହଦ୍‌ବ୍ରହ୍ମସ୍ୱରୂପ ମହାଶିବ ।

(୪୯୩) ସଦାଶିବ : ଶକ୍ତିର ଯେ ନିୟନ୍ତା, ବିଧାନକର୍ତ୍ତା, ଅଧୀଶ୍ୱର ବା ସ୍ୱାମୀ, ସେ ପୂର୍ଣ୍ଣ ଈଶ୍ୱରଙ୍କ ତୃତୀୟାଂଶ ସ୍ୱରୂପ ସଦାଶିବ । ଏହାଙ୍କୁ ବ୍ୟକ୍ତ ବିଶ୍ୱର ସମଷ୍ଟି ଅଜ୍ଞାନଉପହିତ ବିଶୁଦ୍ଧ ସତ୍ତ୍ୱପ୍ରଧାନ ତମୋଗୁଣାଧୀଶ ଚୈତନ୍ୟ କହନ୍ତି । ସେ ସାକାର ଅଥଚ ଅମୂର୍ତ୍ତ ।

(୪୯୪) ପଞ୍ଚାନନ ଶିବ : ଯେ କର୍ତ୍ତା, ବିଭୁ, ଭଗବାନ ଏବଂ ଗୁରୁ, ସେ ମୂର୍ତ୍ତଦେବତା ସ୍ୱରୂପ ପଞ୍ଚାନନ ଶିବ ।

(୪୯୫) ଆବରଣୀ ଶକ୍ତି : ଆତ୍ମା, ପରମାତ୍ମା, ବ୍ରହ୍ମ, ଈଶ୍ୱର ଓ ଭଗବାନ—ସମସ୍ତେ ମାନବ ଭିତରେ ଅବସ୍ଥାନ କରୁଛନ୍ତି । ଏପରିକି ଆତ୍ମା ହିଁ ଆମର ପ୍ରକୃତ ସ୍ୱରୂପ । ନାନାବିଧ କୁସଂସ୍କାରବଶତଃ ଏହି ସତ୍ୟ ସ୍ୱରୂପ ଉପରେ ଏହି ଚତୁର୍ବିଂଶ-ତତ୍ତ୍ୱର ଚବିଶଟି ଆବରଣ ପତିତ ହୋଇଅଛି । ତେଣୁ ସେହି

ଅନ୍ଧକାରମୟ ଅଜ୍ଞାନ ଆବରଣରେ ଆତ୍ମା ଆଚ୍ଛାଦିତ ହୋଇ ଅଛି । କାରଣ ସୂକ୍ଷ୍ମ ଓ ସ୍ଥୁଳଭାବରେ ଏହି ଚତୁର୍ବିଶଂତିତତ୍ତ୍ୱ ତିନି ଭାଗରେ ବିଭକ୍ତ । ଏମାନଙ୍କର ନାମ ମନ, ବୁଦ୍ଧି, ଅହଙ୍କାର ଓ ସ୍ୱଭାବ । ଏହି ଚାରିଗୋଟି କାରଣ ଆବରଣ, ଦଶଇନ୍ଦ୍ରିୟ ଓ ପଞ୍ଚତନ୍ମାତ୍ର—ଏହି ପନ୍ଦରଗୋଟି ସୂକ୍ଷ୍ମ ଆବରଣ ଏବଂ ପଞ୍ଚଭୂତାତ୍ମକ ଶରୀର ସ୍ଥୁଳ ଉପାଧି ।ଏହି ଉପାଧିଗୁଡ଼ିକର ନାମ ଆବରଣ ଏବଂ ଯେଉଁ ଶକ୍ତିଦ୍ୱାରା ଏହି ଆବରଣ ପତିତ ହୋଇଅଛି, ତାହାର ନାମ ଆବରଣୀଶକ୍ତି ବା ମା କାଳୀ । ଏହି ଆବରଣ ଭେଦ ନିମିତ୍ତ ସାଧନା କରାଯାଏ । ସଦ୍‌ଗୁରୁଙ୍କ ଆଶ୍ରୟ ବ୍ୟତୀତ ଏହି ଆବରଣ ଭେଦ ହୋଇପାରେ ନାହିଁ ।

(୪୯୬) ଦେହରଥ : ଏହି ଦେହଟି ଗୋଟିଏ ରଥ ସ୍ୱରୂପ । ତିନୋଟି ନିମ୍ନଚକ୍ର ଏହାର ନିମ୍ନସ୍ତର । ତଦୁପରି ଦୁଇଟି ଚକ୍ର ଏହାର ମଧ୍ୟସ୍ତର ଏବଂ ଉର୍ଦ୍ଧ୍ୱସ୍ତର । ଏହି ଉର୍ଦ୍ଧ୍ୱସ୍ତର ତଳେ ଆଜ୍ଞା ଚକ୍ରରେ ସ୍ୱୟଂ ଶ୍ରୀକୃଷ୍ଣ ସ୍ୱରୂପ ଜଗନ୍ନାଥଦେବ କୂଟସ୍ଥ ଚୈତନ୍ୟ ନାମରେ ଅଭିହିତ ହୋଇ ନିରନ୍ତର ବିରାଜମାନ କରୁଅଛନ୍ତି ।ଏହି ଚୈତନ୍ୟ ସ୍ୱରୂପ ଆତ୍ମାକୁ ହୃଦୟରେ ଉପଲବ୍ଧ ବା ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏନାହିଁ । ଏହା ହିଁ ''ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମୋ ନ ବିଦ୍ୟତେ'' ମନ୍ତ୍ରର ପ୍ରକୃତ ଅର୍ଥ ।

(୪୯୭) ସାଧନବିଘ୍ନ ଚତୁଷ୍ଟୟ : ସାଧକ ସାଧନପଥରେ ଅଗ୍ରସରହେବା ସମୟରେ ବହୁବିଧ ସାଧନବିଘ୍ନ ଉପସ୍ଥିତ ହୁଏ । ସେଥିମଧ୍ୟରୁ (୧) ଭୋଗବିଘ୍ନ, (୨) ଧର୍ମବିଘ୍ନ, (୩) ଭୋଜନବିଘ୍ନ ଓ (୪) ଜ୍ଞାନବିଘ୍ନ—ଏହି ଚାରିଗୋଟି ବିଘ୍ନପ୍ରଧାନ । ଏହି ବିଘ୍ନ ନିବାରିତ ନ ହେଲେ ସାଧନରେ ଅଗ୍ରସର ହେବା ସୁକଠିନ ।

(୪୯୮) ଭୋଗବିଘ୍ନ : ଭୋଗବିଘ୍ନ ଦଶ ପ୍ରକାର (୧) ପରିବାରବର୍ଗଙ୍କ ଉପର କର୍ତ୍ତୃତ୍ୱ ସ୍ପୃହା, (୨) ସଂସାରର ସମ୍ପତ୍ତି ଉପରେ ଅଧିକାର ଓ କର୍ତ୍ତୃତ୍ୱ ଲାଭ ନିମିତ୍ତି ଆକାଙ୍‌କ୍ଷା (୩) ସାମାଜିକ ଆଧିପତ୍ୟ, ନାମ ଓ ସମ୍ମାନ ଲାଭ ପାଇଁ ଇଚ୍ଛା, (୪) ଇନ୍ଦ୍ରିୟ ଭୋଗସୁଖର କାମନା, (୫) ଐଶ୍ୱର୍ଯ୍ୟ ଓ ଶକ୍ତିଲାଭ ନିମିତ୍ତ ଆକାଙ୍‌କ୍ଷା, (୬) ପ୍ରୟୋଜନାତିକ୍ତ ଅର୍ଥାର୍ଜ୍ଜନ ସ୍ପୃହା, (୭) ମୂଲ୍ୟବାନ୍ ଦ୍ରବ୍ୟ ଓ ଭୋଗସମ୍ଭୋଗ ଇଚ୍ଛା, (୮) ଆତ୍ମୀୟ ସଙ୍ଗ ଓ ସମ୍ଭୋଗ ଅଭିଳାଷ, (୯) କାମଭୋଗ ସ୍ପୃହା, (୧୦) ବ୍ୟାଧି ଆକ୍ରମଣର ଭୟ—ଏହି ଦଶଗୋଟି ଭୋଗବିଘ୍ନ ।

(୪୯୯) ଧର୍ମବିଘ୍ନ : ଧର୍ମବିଘ୍ନ ସାତ ପ୍ରକାର (୧) ଶାସ୍ତ୍ରର ନୀତି ନିୟମ ପାଳନ, (୨) ସାମାଜିକ ଓ କୌଳିକ ଅନୁଷ୍ଠାନ, (୩) ଧର୍ମାଡ଼ମ୍ବର, (୪) ଜ୍ଞାନହୀନ ବ୍ରତ ଉପବାସାଦି, (୫) ଯାଗଯଜ୍ଞାଦି ସକାମ ଉପାସନା, (୬) ବାହ୍ୟପୂଜା ପ୍ରଭୃତି (୭) ଆତ୍ମପ୍ରତିଷ୍ଠାମୂଳକ ପୁଣ୍ୟକର୍ମାଦି ଅନୁଷ୍ଠାନ—ଏହି ସାତଗୋଟି ଧର୍ମବିଘ୍ନ ।

(୫୦୦) ଜ୍ଞାନବିଘ୍ନ : ଏହି ଜ୍ଞାନବିଘ୍ନ ବହୁବିଧ । ତନ୍ମଧ୍ୟରୁ ଚାରି ଗୋଟି ପ୍ରଧାନ (୧) ପାଣ୍ଡିତ୍ୟର ଅଭିମାନ, (୨) ଆତ୍ମମର୍ଯ୍ୟାଦା ସଂରକ୍ଷଣ, (୩) ଶାସ୍ତ୍ରର କୂଟ ସମାଲୋଚନା, (୪) ଅବିନୟ ଭାବ ।

(୫୦୧) ଭୋଜନବିଘ୍ନ : (୧) ଅତିରିକ୍ତ ଅନ୍ନପାନାଦି ଗ୍ରହଣ, (୨) ରଜତମୋଗୁଣୀ ଖାଦ୍ୟ ଗ୍ରହଣ କରିବା, (୩) ରକ୍ତରସ ଓ ମେଦାଧିକ୍ୟକାରକ ଖାଦ୍ୟ ଗ୍ରହଣ କରିବା, (୪) ଅନାହାରରେ ରହିବା, (୫) ଯେତେବେଳେ ଇଚ୍ଛା ସେତେବେଳେ ଓ ଯାହା ଇଚ୍ଛା ତାହା ଆହାର କରିବା, (୬) ଈଶ୍ୱରଙ୍କୁ ସମର୍ପଣ କରିବା ଜ୍ଞାନ ନ ଥାଇ ଭୋଜନ କରିବା—ଏହି ଛଅପ୍ରକାର ଭୋଜନବିଘ୍ନ ଧ୍ୟାନଯୋଗ ଅଭ୍ୟାସଦ୍ୱାରା ବିଦୂରିତ ହୁଏ ।

(୫୦୨) ବ୍ରହ୍ମଙ୍କର ଦ୍ୱିବିଧ ବିଭାଗ : ବ୍ରହ୍ମ ଏକ ଏବଂ ଅଦ୍ୱିତୀୟ ସନାତନ ସତ୍ତା । ସେ ବିଶ୍ୱ ଉତ୍ପତ୍ତି ନିମିତ୍ତ ସତ୍ ଓ ଅସତ୍ ଏହି ଦୁଇ ଭାଗରେ ବିଭକ୍ତ ହେଲେ । ତାଙ୍କର ସତ୍ ସ୍ୱରୂପ ଅଂଶର ନାମ ଆତ୍ମା, ପରମାତ୍ମା ବା ସଗୁଣବ୍ରହ୍ମ ଏବଂ ଅସତ୍ ସ୍ୱରୂପ ଅଂଶର ନାମ ମାୟା, ପ୍ରକୃତି, ଶକ୍ତି ବା ଭୂତ ।

(୫୦୩) ସତ୍‌ସ୍ୱରୂପର ବିଭିନ୍ନ ନାମ : ଚିତ୍, ବିଦ୍ୟା, ସତ୍ତ୍ୱ, ଅକ୍ଷର, ଚୈତନ୍ୟ, ପୁରୁଷ ଓ ଜ୍ଞାନ ପ୍ରଭୃତି (Positive aspects) ସତ୍‌ସ୍ୱରୂପଙ୍କର ବିଭିନ୍ନ ନାମ ।

(୫୦୪) ଅସତ୍ ସ୍ୱରୂପର ନାମ : ଅଚିତ୍, ଅବିଦ୍ୟା, ଭୂତ, ତମଃ, କ୍ଷର, ଜଡ଼, ପ୍ରକୃତି, ଜଗତ ଓ କର୍ମ ପ୍ରଭୃତି (negative aspects) ଅସତ୍ ସ୍ୱରୂପର ନାମ ।

(୫୦୫) ଈଶ୍ୱର ଚୈତନ୍ୟଙ୍କର ସ୍ୱରୂପ : ସତ୍ ଓ ଅସତ୍ ଅଂଶକୁ ଯଥାକ୍ରମେ Positive ଓ Negative ଭାବ କୁହାଯାଏ । ଏହି ଉଭୟ ବିରୁଦ୍ଧ ଭାବର ସାମଞ୍ଜସ୍ୟ ସଂରକ୍ଷଣ ନିମିତ୍ତ ଉପରୋକ୍ତ ଉଭୟ ଭାବର ଗୋଟିଏ ଅଚିନ୍ତ୍ୟ ସଂଯୋଗ ଅବସ୍ଥା ସମନ୍ୱିତ ଈଶ୍ୱରଭାବ ବିକାଶର ପ୍ରୟୋଜନ ହୋଇଥାଏ । ଏହି

ଈଶ୍ୱରଭାବ ଉପରୋକ୍ତ ଉଭୟ ମୂଳ ଭାବର ସାମଞ୍ଜସ୍ୟ ସଂରକ୍ଷଣ କରି ଏହି ଜଗତର ନିୟମନ ଓ ସଂରକ୍ଷଣ କରିଥାନ୍ତି । ତେଣୁ ଏହି ଈଶ୍ୱରଭାବକୁ ସକ୍ରିୟ କର୍ତ୍ତା, ପ୍ରଭୁ ଏବଂ ନିୟନ୍ତା ବୋଲି ଅଭିହିତ କରାଯାଏ । ଏହି ଈଶ୍ୱରଙ୍କର ସ୍ୱରୂପ ବିଶୁଦ୍ଧ ସତ୍ତ୍ୱ ଅର୍ଥାତ୍ ରଜତମୋରୂପ ମାଳିନ୍ୟବର୍ଜିତ, ତେଣୁ ସେ ସକ୍ରିୟ ଦ୍ରଷ୍ଟା ଓ ସାକ୍ଷୀ ସ୍ୱରୂପ ବୋଲି ଅଭିହିତ । ଏହାଙ୍କର ଅଧିଷ୍ଠାନ ମହତ୍ତତ୍ତ୍ୱରେ ।

(୫୦୬) ଜୀବ ଚୈତନ୍ୟର ବିକାଶ : ସେହି ବିଶୁଦ୍ଧ ଚୈତନ୍ୟ ସ୍ୱରୂପ ଈଶ୍ୱର ତାଙ୍କର ଅଂଶକୁ ତମଃସ୍ୱରୂପ ଅବିଦ୍ୟା ବା ପ୍ରକୃତିରେ ନିକ୍ଷେପ କଲେ ରଜୋଗୁଣାତ୍ମକ ଜୀବଚୈତନ୍ୟର ବିକାଶ ଘଟେ । ତତ୍ପରେ ଈଶ୍ୱର ନିଜେ ଉଦାସୀନ ଓ ଦ୍ରଷ୍ଟା ଭାବରେ ରହି ତାଙ୍କର ଏହି ଜୀବମୟ ସ୍ୱରୂପ ଦ୍ୱାରା ବିଶ୍ୱ ନିୟମନ ଓ ପରିଚାଳନା କରନ୍ତି । ବିରାଟ, ହିରଣ୍ୟଗର୍ଭ ଓ କାରଣ ଭେଦରେ ଈଶ୍ୱର ତ୍ରିବିଧ ଭାବରେ ଅଭିବ୍ୟକ୍ତ । ଯାହାଙ୍କର ଜୀବନ, କର୍ମଶକ୍ତି ଓ ବ୍ୟଷ୍ଟିଜ୍ଞାନ ଅଛି, ତାଙ୍କୁ ଜୀବ କୁହାଯାଏ । ଏହି ଜୀବଶକ୍ତି ହିଁ ବିଶ୍ୱଲୀଳାର ପ୍ରଧାନ ଅବଲମ୍ବନ ।

(୫୦୭) ଜୀବ ଚୈତନ୍ୟର ବିଭିନ୍ନ ବିକାଶ : ବ୍ରହ୍ମା, ବିଷ୍ଣୁ ଓ ଶିବ ପ୍ରଭୃତିଙ୍କୁ ଉଚ୍ଚ ଜୀବ କୁହାଯାଏ । ସେହି ପୂର୍ଣ୍ଣ ଈଶ୍ୱର ହିଁ ସମଷ୍ଟି ଚୈତନ୍ୟ ରୂପରେ ବ୍ରହ୍ମା, ବିଷ୍ଣୁ, ଶିବ ଓ ଅନ୍ୟାନ୍ୟ ଦେବତା ସାଜରେ ଏହି ବିଶ୍ୱ ନିୟମନ କରୁଛନ୍ତି । ବ୍ରହ୍ମା, ବିଷ୍ଣୁ, ଶିବ, ଇନ୍ଦ୍ର, ପ୍ରଭୃତି ବିଭିନ୍ନ ପଦର ନାମ । ବିଭିନ୍ନ କଳ୍ପରେ ବିଭିନ୍ନ ମହାତ୍ମାଗଣ ଏହିସବୁ ପଦରେ ଅଧିଷ୍ଠିତ ରହି ଜଗତ ନିୟମନ କରିଥାନ୍ତି । ଅତଏବ ଜୀବଭାବ ହିଁ ଏ ଜଗତର ପ୍ରଧାନ ଉପାଦାନ । କିନ୍ତୁ ଜୀବଭାବ ନିଜର ଅଜ୍ଞାତସାରରେ ସର୍ବଦା ମାୟା ବା ପ୍ରକୃତି ଅଂଶକୁ ତ୍ୟାଗ କରି ସଚ୍ଚିଦାନନ୍ଦ ସ୍ୱରୂପରେ ଅବସ୍ଥାନ କରିବାକୁ ଚେଷ୍ଟା କରୁଅଛି । ଈଶ୍ୱର ମାୟାଶକ୍ତିଦ୍ୱାରା ସେମାନଙ୍କୁ ଅଜ୍ଞାନ ଆବରଣରେ ଆବରିତ କରି ଜୀବଭାବ ସଂରକ୍ଷଣ କରୁଛନ୍ତି; କିନ୍ତୁ ସେ କେବେହେଲେ ଜୀବ ଭାବରେ ଚିରଦିନ ରହିବାକୁ ଇଚ୍ଛା କରୁ ନଥିବାରୁ ସେ ମଧ୍ୟ ଯଥାଶୀଘ୍ର ମୁକ୍ତିଦାନ କରିବାର ବ୍ୟବସ୍ଥା କରିଛନ୍ତି । ଭକ୍ତିଲାଭ ହିଁ ଜୀବଭାବ ମୁକ୍ତିର ପ୍ରଧାନ ଅବଲମ୍ବନ ।

(୫୦୮) ଭକ୍ତି : ଚିତ୍ତର ଏକପ୍ରକାର ଆକର୍ଷଣୀ ଶକ୍ତିର ନାମ ଭକ୍ତି । ଜୀବ ଚୈତନ୍ୟ ବା ଚିତ୍ତ ଯେତେବେଳେ ନାନା କାରଣରୁ ଈଶ୍ୱର ବା ଚିତ୍ ଶକ୍ତି ଆଡ଼କୁ ଅତିମାତ୍ରାରେ ଆକୃଷ୍ଟ ହୋଇପଡ଼େ, ସେହି ଆକର୍ଷଣୀ ଶକ୍ତିର ନାମ ଭକ୍ତି ।

(୫୦୯) ଭକ୍ତିର ସ୍ୱଭାବସିଦ୍ଧ ଧର୍ମ : ଭଗବାନଙ୍କ ପ୍ରତି ଭକ୍ତଙ୍କର

ଅତ୍ୟଧିକ ଆକର୍ଷଣ ହେଲେ ତାହା ଭକ୍ତଙ୍କୁ ଈଶ୍ୱର ବା ଇଷ୍ଟଙ୍କ ନିକଟକୁ ଟାଣି ନିଏ । ତେଣୁ ଭକ୍ତଙ୍କୁ ଭଗବତ୍‌ସ୍ୱରୂପ ପ୍ରଦାନ କରିବା ହିଁ ଭକ୍ତିର ସ୍ୱଭାବସିଦ୍ଧ ଧର୍ମ । ପରେ ଭକ୍ତଙ୍କୁ ଭଗବାନଙ୍କ ସହିତ ସମ୍ମିଳିତ କରିବା ହିଁ ଭକ୍ତିର ଦ୍ୱିତୀୟ ଧର୍ମ । କାରଣ ଦୁଇ ପଦାର୍ଥ ଏକପ୍ରକାର ନ ହେଲେ ସେମାନଙ୍କର ସମ୍ମିଶ୍ରଣ ସମ୍ଭବପର ହୁଏ ନାହିଁ । ଭଗବତ୍ ସ୍ୱରୂପ ଲାଭ ନିମିତ୍ତ ଜ୍ଞାନର ପ୍ରୟୋଜନ ହୁଏ । ତେଣୁ ଭକ୍ତି ବାଧକରି ଭକ୍ତଙ୍କୁ ତତ୍ତ୍ୱଜ୍ଞାନୀ, ଆତ୍ମଜ୍ଞାନୀ ଓ ସତ୍ୟଜ୍ଞାନୀ କରିବାରେ ସାହାଯ୍ୟ କରେ । ଅର୍ଥାତ୍ ଭକ୍ତଙ୍କୁ ସତ୍ୟସ୍ୱରୂପତ୍ୱ ପ୍ରଦାନ କରିବା ହିଁ ଭକ୍ତିର କାର୍ଯ୍ୟ । ତେଣୁ ଭକ୍ତିପଥରେ ଜ୍ଞାନଲାଭ ହିଁ ସାଧକଙ୍କର କାମ୍ୟ ଓ ତାହାହିଁ ଭକ୍ତିର ସ୍ୱଭାବସିଦ୍ଧ ଧର୍ମ । କାରଣ ସମଗୁଣ ଓ ସମଧର୍ମବିଶିଷ୍ଟ ନ ହେଲେ କାହା ସହିତ କାହାର ମିଳନ ହୋଇପାରେ ନାହିଁ । ଏଥିପାଇଁ ଗୀତାକାର କହିଛନ୍ତି, ''ଭକ୍ତ୍ୟା ମାଂ ଅଭିଜାନାତି'' । (୧୮/୫୫)

(୫୧୦) ଭକ୍ତଙ୍କର ସ୍ୱଧର୍ମ : ଭଗବାନଙ୍କ ସହିତ ଭକ୍ତଙ୍କୁ ସମ୍ମିଳିତ କରାଇବା ଭକ୍ତିର ସ୍ୱାଭାବିକ ଧର୍ମ । କିନ୍ତୁ ତା. ସତ୍ତ୍ୱେ ଭକ୍ତ କାଳେ ଭଗବନଙ୍କ ସହିତ ମିଶି ଏକାକାର ହୋଇଯିବେ, ଏଥିପାଇଁ ଭକ୍ତ କେବେହେଲେ ମୁକ୍ତିଲାଭ କରିବାକୁ ଇଚ୍ଛା କରନ୍ତି ନାହିଁ । ଭକ୍ତ ମୁକ୍ତି ବା ମୋକ୍ଷ ଅଥବା ଆନନ୍ଦ କୌଣସି ବିଷୟ କାମନା ନ କରି କେବଳ ଭଗବତ୍ ପଦାରବିନ୍ଦର ସେବା କାମନା କରନ୍ତି । ଭକ୍ତ ଭଗବତ୍‌ସେବା ବ୍ୟତୀତ ଭଗବାନଙ୍କଠାରୁ ଅନ୍ୟ କିଛି ଆଶା କରନ୍ତି ନାହିଁ । ଚିନ୍ତା, ବାକ୍ୟ, କର୍ମ—ସବୁ ସମୟରେ ଭକ୍ତ ଭଗବାନଙ୍କଠାରେ ସର୍ବଦା ନିମଜ୍ଜିତ ରହିବାକୁ ସୁଖ ବୋଧ କରନ୍ତି । ଭକ୍ତ କେବେହେଲେ କୌଣସି ଅବସ୍ଥାରେ କୁସଙ୍ଗ, ଅସତ୍‌ସଙ୍ଗ ଏବଂ ଅସତ୍ କଥାରେ ଆକୃଷ୍ଟ ହୁଅନ୍ତି ନାହିଁ । ସର୍ବଦା ଭଗବତ୍ ପ୍ରସଙ୍ଗରେ, ଭଗବତ୍ ଧ୍ୟାନରେ ଓ ଭଗବାନଙ୍କ ନାମ ଗାନରେ ଭକ୍ତ କାଳାତିପାତ କରନ୍ତି ।

(୫୧୧) ଦ୍ୱିବିଧ ଆନନ୍ଦ : ଜୀବର ଆନନ୍ଦ ପ୍ରଧାନତଃ ଦୁଇ ପ୍ରକାର—ଚିଦାନନ୍ଦ ଓ ବିଷୟାନନ୍ଦ ।

(୫୧୨) ଚିଦାନନ୍ଦ : ଜ୍ଞାନ, ପ୍ରେମ, ଭକ୍ତି, ଭଗବତ୍‌ପ୍ରାପ୍ତି ଓ ଆତ୍ମଜ୍ଞାନ ଲାଭରୁ ଯେଉଁ ଆନନ୍ଦ ଜାତ ହୁଏ, ତାହାକୁ ଚିଦାନନ୍ଦ ବା ପୂର୍ଣ୍ଣାନନ୍ଦ କହନ୍ତି । ଏହି ଆନନ୍ଦ ନିତ୍ୟ । ଏହି ଆନନ୍ଦ ମଧ୍ୟରେ ଦୁଃଖର ଲେଶ ମାତ୍ର ନାହିଁ ।

(୫୧୩) ବିଷୟାନନ୍ଦ : ଇନ୍ଦ୍ରିୟମାନଙ୍କର ବିଷୟ ସଂସର୍ଗରେ ଆସିବା ଫଳରେ ଯେଉଁ ଆନନ୍ଦ ଜାତ ହୁଏ, ତାହା ଜଡ଼ାନନ୍ଦ ବା ବିଷୟାନନ୍ଦ। ସ୍ତ୍ରୀ ସମ୍ଭୋଗ, ରସନା ତୃପ୍ତିକର ଖାଦ୍ୟଗ୍ରହଣ, ନାନାପ୍ରକାର କ୍ରୀଡ଼ା, ସ୍ନେହ-ମମତା, ଅର୍ଥଲାଭ, ମଦ୍ୟପାନ ଓ ସ୍ୱଜନସଙ୍ଗ ପ୍ରଭୃତିରୁ ଯେଉଁ ସୁଖ ଲାଭ ହୁଏ, ତାହା ବିଷୟାନନ୍ଦ ନାମରେ ଅଭିହିତ। ଏହା ଅନିତ୍ୟ, ତେଣୁ ଏହାର ଅପର ନାମ ସୁଖ। ଏହା ପ୍ରଥମରୁ ସୁଖ ଓ ପରେ ଅଶେଷ ତାପ ପ୍ରଦାନ କରେ।

(୫୧୪) ବିଷୟ : ପ୍ରାକୃତ ବସ୍ତୁ ବା ଦ୍ରବ୍ୟରେ (Objects) ଏବଂ ଅନାତ୍ମ ବିଷୟରେ (Subjects) ଯେଉଁ ଆସକ୍ତି, ସେହି ଆସକ୍ତି ଭାବକୁ ଅଧ୍ୟାତ୍ମ ଶାସ୍ତ୍ରରେ ବିଷୟ ବୋଲି କୁହାଯାଇଛି। ପ୍ରକୃତି ଦେବୀଙ୍କର ମୂର୍ତ୍ତିମନ୍ତ ବିଗ୍ରହ ହିଁ ବିଷୟ। ମାୟା ଓ ପ୍ରକୃତି ସମ୍ବନ୍ଧୀୟ ଯାବତୀୟ ବିଷୟ ହିଁ ବିଷୟ ପଦବାଚ୍ୟ। ପ୍ରକୃତିଦେବୀଙ୍କର ଚତୁର୍ବିଂଶତି ତତ୍ତ୍ୱ—କାମିନୀ, କାଞ୍ଚନ, ପୁତ୍ର, ଗୃହ, ପରିଜନ, ମାନ, ସମ୍ମାନ, ଯଶଃ, କୀର୍ତ୍ତି, ଲଜ୍ଜା, ଭୟ ଓ ସଙ୍କୋଚ ଏବଂ ଏକାଦଶ ଇନ୍ଦ୍ରିୟର ବିଷୟୀଭୂତ ଯାବତୀୟ କାର୍ଯ୍ୟ, ପଞ୍ଚତନ୍ମାତ୍ର, ପଞ୍ଚଭୂତରୁ ଜାତ ଯାବତୀୟ ପଦାର୍ଥ ମଧ୍ୟ ବିଷୟ ମଧ୍ୟରେ ଗଣ୍ୟ। ଭଗବାନ୍ ଓ ଆତ୍ମବିଷୟକ ଜ୍ଞାନ ଏବଂ ତାଙ୍କ ନାମ, ଲୀଳା, ବିଗ୍ରହ ଓ ରୂପ ଏବଂ ତତ୍‌ସମ୍ବନ୍ଧୀୟ ଯାବତୀୟ କର୍ମ ବ୍ୟତୀତ ଅନ୍ୟ ସମସ୍ତରେ ଆସକ୍ତି ବା ସୁଖ କଳ୍ପନା ହିଁ ବିଷୟ ପଦବାଚ୍ୟ।

ଭଗବତ୍ ଶକ୍ତି ଓ ମାୟାଶକ୍ତି ମଧ୍ୟରେ ରହି ଜୀବ ନାନାବିଧ କ୍ଲେଶ ଭୋଗ କରେ; କିନ୍ତୁ ପ୍ରଥମ ଓ ଶେଷ ଅବସ୍ଥା କ୍ଲେଶପ୍ରଦ ନୁହେଁ।

(୫୧୫) ଚତୁର୍ବିଶଂତି ତତ୍ତ୍ୱ : ମହାଭୂତ + ପଞ୍ଚତନ୍ମାତ୍ର + ପଞ୍ଚ-ଜ୍ଞାନେନ୍ଦ୍ରିୟ+ପଞ୍ଚକର୍ମେନ୍ଦ୍ରିୟ+ମହତତ୍ତ୍ୱ+ଅହଂତତ୍ତ୍ୱ+ଚିତ୍ତ+ମୂଳାପ୍ରକୃତି= ଚତୁର୍ବିଂଶତି ତତ୍ତ୍ୱରେ ପରିଣତ ହୋଇଛନ୍ତି। ଏହି ତତ୍ତ୍ୱଗୁଡ଼ିକୁ ଆତ୍ମାରେ ଲୟ କରିପାରିଲେ ଭଗବତ୍ ସାକ୍ଷାତକାର ଲାଭ ହୁଏ। ମୂଳାପ୍ରକୃତି ଓ ମହତ୍ତତ୍ତ୍ୱକୁ ଅବ୍ୟକ୍ତ କୁହାଯାଏ। ବେଦାନ୍ତ ମତରେ ଏହି ଅବ୍ୟକ୍ତ ହିଁ ମାୟାଶକ୍ତ।

(୫୧୬) ଚିତ୍ତ : ଏହା କୌଣସି ମୌଳିକ ତତ୍ତ୍ୱ ନୁହେଁ। ଚୈତନ୍ୟ, ପ୍ରକୃତି, ବୁଦ୍ଧିଶକ୍ତି ଓ ବାସନା ପ୍ରଭୃତିର ସମଷ୍ଟିଭୂତ ଅବସ୍ଥାକୁ ଚିତ୍ତ ବା ଅନ୍ତଃକରଣ କୁହାଯାଏ।

(୫୧୭) ବିଷୟଚିନ୍ତା : ଏହି ବିଷୟଚିନ୍ତାର ଶକ୍ତି ଅତିଶୟ ଗୁରୁତର।

ଏହି ଚିନ୍ତା ମନକୁ ଅତିଶୟ ବ୍ୟତିବ୍ୟସ୍ତ ଓ ବିଚଳିତ କରି ଭଗବତ୍ ଚିନ୍ତାରେ ଯେପରି ବାଧା ସୃଷ୍ଟି କରେ, ଅନ୍ୟ କୌଣସି ବିଘ୍ନ ସାଧକଙ୍କୁ ସେପରି କରିପାରେ ନାହିଁ । ଚିତ୍ତ ଆକାଶରେ ବିଷୟଚିନ୍ତା ଯେପରି ସୂର୍ଯ୍ୟ ସ୍ୱରୂପ, ଭଗବତ୍‌ଚିନ୍ତା ଚନ୍ଦ୍ର ସଦୃଶ; ଅର୍ଥାତ୍ ସୂର୍ଯ୍ୟକିରଣରେ ଚନ୍ଦ୍ର ଯେପରି ନିଷ୍ପ୍ରଭ ଥାନ୍ତି, ବିଷୟଚିନ୍ତାପୂର୍ଣ୍ଣ ଚିତ୍ତରେ ଭଗବତ୍ ଚିନ୍ତାର ସେହି ଦଶା । ଚିତ୍ତ ଗୋଟିଏ ବିଷୟରେ ନିଯୁକ୍ତ ଥିଲେ ଅନ୍ୟ କୌଣସି ବିଷୟରେ ନିଯୁକ୍ତ ରହିପାରେ ନାହିଁ । ତେଣୁ ଅନପେକ୍ଷ ଭାବରେ ଭଗବତ୍ ଉପାସନା କରିବା ବିଧେୟ ।

(୫୧୮) କର୍ମ : ଯାହାଦ୍ୱାରା ଦେହ, ମନ, ପ୍ରାଣ ଓ ଆତ୍ମାର ଉତ୍କର୍ଷ ବା ଉନ୍ନତି ସାଧିତ ହୁଏ, ତାହା ହିଁ କର୍ମ ବା କର୍ତ୍ତବ୍ୟ କର୍ମ । ସମସ୍ତ ସାଧନ ପଥରେ କର୍ମ ହିଁ ମୂଳ । କର୍ମ ଭିନ୍ନ କୌଣସି ପ୍ରକାରେ ଭଗବତ୍ ପ୍ରାପ୍ତି ଘଟେ ନାହିଁ । ଏହି କର୍ମ ତ୍ରିବିଧ । ନିଜ ଶକ୍ତିବ୍ୟୟର ନାମ କର୍ମ । ଜୀବ ମଧ୍ୟରେ ଥିବା ଶକ୍ତିର ବିକାଶ ନିମିତ୍ତ ଯେଉଁ ତ୍ୟାଗଧର୍ମର ଅନୁଶୀଳନ, ତାହାର ନାମ କର୍ମ ।

(୫୧୯) ତ୍ରିବିଧ କର୍ମ : କାୟିକ, ବାଚିକ ଓ ମାନସିକ ଭେଦରେ କର୍ମ ତ୍ରିବିଧ । ହସ୍ତପଦାଦି ଇନ୍ଦ୍ରିୟଦ୍ୱାରା ଯାହା କରାଯାଏ, ତାହାଁ କାୟିକ କର୍ମ । ବାକ୍ୟଦ୍ୱାରା ଯାହା କରାଯାଏ, ତାହା ବାଚିକ ଓ ମନ ଦ୍ୱାରା ଅର୍ଥାତ୍ ଚିନ୍ତା, ପାଠ, ଧ୍ୟାନ ଓ ଜପାଦିଦ୍ୱାରା ଯେଉଁ କର୍ମ କରାଯାଏ, ତାହା ମାନସିକ କର୍ମ ମଧ୍ୟରେ ଗଣ୍ୟ । ଗୁଣ ଭେଦରେ ମଧ୍ୟ କର୍ମ ତ୍ରିବିଧ—ସାତ୍ତ୍ୱିକ, ରାଜସିକ ଓ ତାମସିକ । ରାଜସିକ ଓ ତାମସିକ କର୍ମ ଦ୍ୱାରା କର୍ମବନ୍ଧନ ଦୃଢ଼ ହୁଏ । ସାତ୍ତ୍ୱିକ କର୍ମଦ୍ୱାରା ଏହି ବନ୍ଧନ ଶିଥିଳ ହୁଏ ।

(୫୨୦) ଅକର୍ମ : ଏପରି କେତେକ କର୍ମ ଅଛି, ଯାହା ସ୍ଥୂଳ ଦୃଷ୍ଟିରେ କର୍ମ ଭଳି ବୋଧ ହେଉଥିଲେ ମଧ୍ୟ ପ୍ରକୃତ ପକ୍ଷରେ ତାହା କର୍ମ ନୁହେଁ । ସେଥିରେ କୌଣସି ବନ୍ଧନ ସୃଷ୍ଟି ହୁଏ ନାହିଁ । ତନ୍ମଧ୍ୟରୁ ନୈଷ୍କର୍ମ୍ୟାବସ୍ଥା, ଅଳସତା, ଜଡ଼ତା ଓ ନିଶ୍ଚେଷ୍ଟତା ପ୍ରଧାନ । ଶକ୍ତି ଅର୍ଜନ କରି ତଦ୍ୱାରା ପରର ଅନିଷ୍ଟ ଚିନ୍ତା କରିବା ମଧ୍ୟ ଅକର୍ମ ମଧ୍ୟରେ ଗଣ୍ୟ ।

(୫୨୧) ବିକର୍ମ ବା ଅସତ୍ କର୍ମ : ବୃଥା ବାକ୍ୟବ୍ୟୟ, ବୃଥାଚିନ୍ତା, କୁଚିନ୍ତା, ପରଚର୍ଚ୍ଚା, ଅନ୍ୟାୟ, ଆମୋଦପ୍ରମୋଦ ଏବଂ ବିଳାସିତା ପ୍ରଭୃତି ବିକର୍ମ ବା ଅସତ୍ କର୍ମ । କର୍ମ, ଅକର୍ମ, ବିକର୍ମ, ପ୍ରଭୃତିର ଭେଦ ବିଚାର କରି ସାଧନପଥରେ

ଅଗ୍ରସର ହେବା ଦରକାର । ଦେଶ କାଳ ପାତ୍ର ଭେଦରେ କର୍ମ-ଅକର୍ମର ବିଚାର ହୋଇଥାଏ ।

(୫୨୨) କର୍ତ୍ତବ୍ୟ କର୍ମ : ଯେଉଁସବୁ କର୍ମ ପ୍ରଥମରୁ ଦେହଶୁଦ୍ଧି, ଚିତ୍ତଶୁଦ୍ଧି କିମ୍ବା ଆତ୍ମଶୁଦ୍ଧି ସମ୍ପାଦନ କରେ, ତାହା ହିଁ କର୍ତ୍ତବ୍ୟ କର୍ମ । ପ୍ରଥମେ ଆତ୍ମଶୁଦ୍ଧିମୂଳକ କର୍ମ, ତତ୍ପରେ ଚିତ୍ତଶୁଦ୍ଧିଜନକ କର୍ମ, ତାହାପରେ ଦେହ ଓ ପ୍ରାଣଶୁଦ୍ଧିମୂଳକ କର୍ମ ଅବଶ୍ୟ ପାଳନୀୟ ।

(୫୨୩) ଦେହଶୁଦ୍ଧିମୂଳକ କର୍ମ : ସାତ୍ତ୍ୱିକ ଦ୍ରବ୍ୟ ଗ୍ରହଣ କରିବା, ରାଜସିକ ଓ ତାମସିକ ଆହାର ତ୍ୟାଗ କରିବା ଏବଂ ଅନାବଶ୍ୟକ ପାନାହାର ବର୍ଜ୍ଜନ କରିବା ଦେହଶୁଦ୍ଧିକର କର୍ମ । ପାନ, ଗୁଡ଼ାଖୁ, ଗଞ୍ଜେଇ ପ୍ରଭୃତି ମାଦକ ଦ୍ରବ୍ୟ ଦେହ ଓ ମନଶୁଦ୍ଧିର ପ୍ରଧାନ ଅନ୍ତରାୟ । ଏଗୁଡ଼ିକ ତ୍ୟାଗ କରିବା ଏକାନ୍ତ ଆବଶ୍ୟକ । ଆହାରଶୁଦ୍ଧି ଦ୍ୱାରା ଦେହଶୁଦ୍ଧି ଓ ଚିତ୍ତଶୁଦ୍ଧି ସମ୍ପାଦିତ ହୋଇ ଆତ୍ମଶୁଦ୍ଧିରେ ସହାୟତା କରେ ।

(୫୨୪) ଚିତ୍ତଶୁଦ୍ଧିମୂଳକ କର୍ମ : ସାଧୁସଙ୍ଗ, ଶାସ୍ତ୍ରପାଠ, ସଦୁପଦେଶ ଶ୍ରବଣ ଓ ପାଳନ ଏବଂ ସାତ୍ତ୍ୱିକ ଚିନ୍ତାଦ୍ୱାରା ଚିତ୍ତଶୁଦ୍ଧି ଲାଭ ହୁଏ । ଚିତ୍ତ ଶୁଦ୍ଧ ହେଲେ ମନ ନିତ୍ୟବସ୍ତୁର ଅଭାବରେ ବ୍ୟାକୁଳ ହୁଏ ଓ ଅନିତ୍ୟ ବିଷୟ-ସ୍ପୃହା ଦୂରୀଭୂତ ହୋଇଯାଏ ।

(୫୨୫) ଆତ୍ମଶୁଦ୍ଧିମୂଳକ କର୍ମ : ସତ୍ ଅସତ୍ ବିଚାର ବା ବିବେକ ବୈରାଗ୍ୟ, ଶମ, ଦମ, ତିତିକ୍ଷା ପ୍ରଭୃତି ଷଟ୍ ସମ୍ପତ୍ତି, ଯମନିୟମାଦି ପାଳନ, ପ୍ରତ୍ୟାହାର, ଧ୍ୟାନ ଧାରଣା, ମନନ, ଆତ୍ମନିବେଦନ, ପ୍ରାର୍ଥନା, ଭଜନ, ଭଗବତ୍ ଚିନ୍ତା, ଜ୍ଞାନାଲୋଚନା, ନାମ, ଜପ, ପ୍ରଣାମ, ପୂଜା ପ୍ରଭୃତି ଆତ୍ମଶୁଦ୍ଧିମୂଳକ କ୍ରିୟା । ଏହାଦ୍ୱାରା ଆତ୍ମିକ କ୍ଷୁଧାର ନିବୃତ୍ତି ହୁଏ । ଏହା ହିଁ ଆତ୍ମକର୍ମ । ସାଧନକମାନେ ଉପରୋକ୍ତ ତ୍ରିବିଧ କର୍ମ କରି ଆତ୍ମଶୁଦ୍ଧି କରିବେ । ଏହା ହିଁ ସାଧକଙ୍କର ଏକାନ୍ତ କର୍ତ୍ତବ୍ୟ ମଧ୍ୟରେ ଗଣ୍ୟ ।

(୫୨୬) ବିଶେଷ କର୍ମ : ନିଜର ଓ ପୋଷ୍ୟବର୍ଗଙ୍କର ଦେହରକ୍ଷା, ଅପରର ଉପକାର କରିବା ପ୍ରଭୃତି ବିଶେଷ କର୍ମ ମଧ୍ୟରେ ଗଣ୍ୟ । ଏଗୁଡ଼ିକ ଅବସର ସମୟରେ ପାଳନ କରିବା କର୍ତ୍ତବ୍ୟ ।

(୫୨୭) ଏକାନ୍ତ କର୍ତ୍ତବ୍ୟ କର୍ମ : ଆତ୍ମକର୍ମକୁ ଏକାନ୍ତ କର୍ତ୍ତବ୍ୟକର୍ମ କୁହାଯାଏ । ତାହା ପ୍ରଥମେ ପ୍ରତିପାଳନୀୟ ଓ ତତ୍ପରେ ଅନ୍ୟାନ୍ୟ କର୍ତ୍ତବ୍ୟ କରଣୀୟ ।

(୫୨୮) ସାଧାରଣ କର୍ତ୍ତବ୍ୟ : ଦେଶାଚାର, ଲୋକାଚାର ଓ କୁଳାଚାର ପ୍ରକୃତି ସାଧାରଣ କର୍ତ୍ତବ୍ୟଗୁଡ଼ିକ ଯଥାଶକ୍ତି ପାଳନ କରିବା ସାଧାରଣ କର୍ତ୍ତବ୍ୟ ।

(୫୨୯) ଅନୁଚିତ କର୍ମ : ପ୍ରତିଦାନ ଅର୍ଥାତ୍ ପ୍ରତ୍ୟୁପକାର ଆଶା ରଖି କୌଣସି କର୍ମ କରିବା, ଅର୍ଥାତ୍ ଦେଶ, ଜାତି, ସମାଜ, ଧର୍ମ ପ୍ରଭୃତିର ଉପକାର କରିବା ଏକାନ୍ତ ଅନୁଚିତ୍ କର୍ମ । ଏହା ମନ୍ଦ ଭିତରେ ଭଲ ହେଲେ ମଧ୍ୟ ଆତ୍ମଜ୍ଞାନର ସହାୟକ ନୁହେଁ ।

(୫୩୦) ପ୍ରାଥମିକ ପଞ୍ଚବିଧ କର୍ମ : (୧) ଜୀବହିଂସା ବର୍ଜନ ଅର୍ଥାତ୍ ମତ୍ସ୍ୟମାଂସ ଭକ୍ଷଣ ତ୍ୟାଗ କରିବା, (୨) ଶରୀର ଓ ମନର ଶୁଦ୍ଧି ନିମିତ୍ତ ସ୍ନାନ, ଧୌତି ଏବଂ ସତ୍ୟ ସରଳତା ପ୍ରତିପାଳନ କରିବା, (୩) ଯଥା ସମୟରେ, ଯଥା ନିୟମରେ ସନ୍ଧ୍ୟା, ପୂଜା, ଉପାସନା, ଜପ ଧ୍ୟାନାଦି ସମ୍ପାଦନ କରିବା, (୪) ଭଗବତ୍ ତତ୍ତ୍ୱ ବିଷୟକ ପୁସ୍ତକାଦି ଯଥାସାଧ୍ୟ ପାଠ କରିବା, ତଦବିଷୟକ ଚିନ୍ତା ଓ ଆଲୋଚନା କରିବାର ଅଭ୍ୟାସ କରିବା, (୫) କାୟ-ମନ-ବାକ୍ୟ ଓ ଇନ୍ଦ୍ରିୟଦ୍ୱାରା ମିଥ୍ୟା ପ୍ରବଞ୍ଚନା ତ୍ୟାଗପୂର୍ବକ ଷଡ଼ରିପୁର ସଂଯମ କରିବା ।

ସଂସାରୀ ବ୍ୟକ୍ତି ବିଷୟ-ନରକରୁ ଭଗବାନ ରୂପ ସ୍ୱର୍ଗରାଜ୍ୟକୁ ଆରୋହଣ କରିବାକୁ ଇଚ୍ଛା କଲେ ଉପରୋକ୍ତ କର୍ମର ଅଭ୍ୟାସ କରିବାକୁ ଚେଷ୍ଟିତ ହେବା ଦରକାର ।

(୫୩୧) ମୂର୍ଖ : ଆତ୍ମା କିମ୍ବା ଭଗବାନଙ୍କ ସମ୍ବନ୍ଧରେ ଜ୍ଞାନହୀନ ହୋଇ ପଶୁଙ୍କ ପରି ଆହାର, ନିଦ୍ରା, ଭୟ ଓ ମୈଥୁନ ବ୍ୟତୀତ ଅନ୍ୟ କିଛି ବୁଝିବାକୁ ଅନିଚ୍ଛୁକ ବ୍ୟକ୍ତିଙ୍କୁ ମୂର୍ଖ କୁହାଯାଏ ।

(୫୩୨) ନରାଧମ : ଯେଉଁମାନଙ୍କର ଭଗବତ୍ ବିଷୟରେ ସାମାନ୍ୟ ଜ୍ଞାନ ଅଛି; କିନ୍ତୁ ବିଷୟାସକ୍ତି ହେତୁ ଭଗବାନଙ୍କ ଆଡ଼କୁ ଯିବାକୁ ଇଚ୍ଛା ଥିଲେ ମଧ୍ୟ ସେଥିରେ ସେମାନେ ପ୍ରବୃତ୍ତ ହେଉ ନାହାନ୍ତି, ଯେଉଁମାନେ କେବଳ ନିକୃଷ୍ଟ କର୍ମନିରତ ରହି ସାଧନ ନିମିତ୍ତ ଆଦେଶପ୍ରାପ୍ତ ହୋଇ ମଧ୍ୟ ତାହା ଅଭ୍ୟାସ କରନ୍ତି ନାହିଁ, ସେହିମାନଙ୍କୁ ନରାଧମ କହନ୍ତି ।

(୫୩୩) ମାୟାପହୃତ ଜ୍ଞାନ ବା ଅଜ୍ଞାନ : ଯେଉଁମାନେ ସାଧୁ ସଜ୍ଜନସଙ୍ଗ

କରି ଭଗବତ୍ କଥା ଶ୍ରବଣ କରନ୍ତି; ସେହି ସଙ୍ଗ ବା ସାଧୁମାନଙ୍କ ଭାବଧାରାରେ କେଉଁ ସ୍ଥାନରେ କି ଦୋଷ ଅଛି, କେବଳ ସେହି ଦୋଷ ଖୋଜି ବୁଲନ୍ତି ଏବଂ ସାଧୁସଙ୍ଗ ପ୍ରଭାବରୁ ସାଧନଭଜନରେ ଉତ୍ସାହିତ ହେଲେ ମଧ୍ୟ ସାମାନ୍ୟ ଲାଭ ଆଶାରେ ଅନ୍ୟର ଅନିଷ୍ଟ ସାଧନରୁ ନିବୃତ୍ତ ହୁଅନ୍ତି ନାହିଁ, ସେମାନଙ୍କର ଏତାଦୃଶ କାର୍ଯ୍ୟ ମାୟାପହୃତ ଜ୍ଞାନର ଫଳ। ଏହାକୁ ଅଜ୍ଞାନ କହନ୍ତି।

(୫୩୪) ଅସୁର ପ୍ରକୃତି : ଏହି ପ୍ରକୃତିବିଶିଷ୍ଟ ମାନବ ଅତିଶୟ ଅଭିମାନି। ସାଧନ କଲେ ସଦ୍‌ଗତି ଲାଭ ହେବ ବୋଲି ଏମାନେ ଜାଣନ୍ତି, ମାତ୍ର ଗୁରୁଦେବଙ୍କ ନିକଟରେ ନତମସ୍ତକ ହୋଇ ସେହି ଜ୍ଞାନ ଆହରଣ କରିବାକୁ ଏମାନେ ଅନିଚ୍ଛୁକ। ଏମାନେ ଯେଉଁ ବିଷୟ ଜାଣନ୍ତି ନାହିଁ, ସେହି ବିଷୟ ଜାଣନ୍ତି ବୋଲି ଲୋକଙ୍କ ନିକଟରେ ପ୍ରଚାର କରି ନିଜ ଗୌରବ ନିଜ ମୁଖରେ ପ୍ରକାଶ କରନ୍ତି। କେହି ସାଧୁବ୍ୟକ୍ତିଙ୍କୁ ସମ୍ମାନ କରୁଥିବାର ଦେଖିଲେ ଅସୁର ପ୍ରକୃତି ତାହା ସହ୍ୟ କରିପାରେ ନାହିଁ। ସାଧୁ ବ୍ୟକ୍ତିଙ୍କ ସୁନାମ ସହ୍ୟ କରି ନପାରି ଏମାନେ ଅନର୍ଥକ ସାଧୁମାନଙ୍କ ନାମରେ ଅପବାଦ ପ୍ରଚାର କରି ବୁଲନ୍ତି। ସାଧୁମାନଙ୍କ ନାମରେ ମିଥ୍ୟା ଅପବାଦ ରଚନା କରି ମଧ୍ୟ ସେଥିରେ ସାଧୁଙ୍କର ଅନିଷ୍ଟ ନ ହେବା ଦେଖିଲେ ଇର୍ଷାପରାୟଣ ହୋଇ ସାଧୁମାନଙ୍କର ଶତୃତାଚରଣ କରିବାକୁ ମଧ୍ୟ ପଶ୍ଚାତପଦ ହୁଅନ୍ତି ନାହିଁ।*

(୫୩୫) ବ୍ୟାଧିକବଳିତ ମନୁଷ୍ୟ : ଶରୀରଗତ ଧାତୁର ବୈଷମ୍ୟ ହେତୁ ଇନ୍ଦ୍ରିୟମାନଙ୍କର ଯେଉଁ ବିଫଳତା ଏବଂ ସେଥି ସହିତ ଯେଉଁ ଅସୁସ୍ଥତା, ତାହାକୁ ବ୍ୟାଧି କୁହାଯାଏ। ଇନ୍ଦ୍ରିୟମାନଙ୍କର ଅସଂଯମରୁ ଅର୍ଥାତ୍ ଆହାର ବିହାର ଅସଂଯମରୁ ଯାବତୀୟ ବ୍ୟାଧି ଉତ୍ପନ୍ନ ହୁଏ। ଅସଂଯମୀ ମନୁଷ୍ୟକୁ ବ୍ୟାଧିକବଳିତ ବୋଲି କହନ୍ତି।

(୫୩୬) ଅବସାଦ ଭାବ : ଯେଉଁମାନଙ୍କ ମନରେ ଯଥେଷ୍ଟ ଶ୍ରଦ୍ଧା ଭକ୍ତି ଅଛି, ଅଥଚ ସାଧନ ଭଜନ ନିଷ୍ଠାପର ଭାବରେ କରିପାରନ୍ତି ନାହିଁ, ସେହିମାନେ ଅବସାଦଗ୍ରସ୍ତ ମାନବ। ଏହି ଅବସାଦଭାବ ଗୋଟିଏ ରାକ୍ଷସୀବୃତ୍ତି।

(୫୩୭) ସଂଶୟାକୁଳିତ ମାନବ : ସାଧନାରେ ସିଦ୍ଧିଲାଭ ହେବ କି ନାହିଁ ସନ୍ଦେହ, ନିଜର ସାମର୍ଥ୍ୟ ପ୍ରତି ସନ୍ଦେହ, 'ମୋ ଦ୍ୱାରା କ'ଣ ଏ ସବୁ ହୋଇ

---

* ଲହଡ୍ରୀ ଗୀତାଭାଷ୍ୟ ଦ୍ରଷ୍ଟବ୍ୟ।

ପାରିବ ?' ଏଭଳି ଭାବନା, ଭଗବାନଙ୍କ କରୁଣା ପ୍ରତି ସନ୍ଦେହ 'ସତେ କ'ଣ ମୋତେ ସେ କୃପା କରିବେ ?' ଏଭଳି ଦୁଶ୍ଚିନ୍ତା ଯେଉଁମାନଙ୍କର ଅଛି, ସେମାନେ ସଂଶୟାକୁଳିତ ମାନବ । ଗୁରୁ ଏବଂ ଶାସ୍ତ୍ର ପ୍ରତି ଯେଉଁମାନଙ୍କର ଶ୍ରଦ୍ଧା ନ ଥାଏ ସେମାନଙ୍କ ମନରେ ଏହି ପ୍ରକାର ସନ୍ଦେହ ଉପସ୍ଥିତ ହୁଏ । ଏହା ଯୋଗବିଘ୍ନକାରୀ ବୃତ୍ତି ।

(୫୩୮) ପ୍ରମାଦଗ୍ରସ୍ତ ମାନବ : ଯେ ଆତ୍ମବିସ୍ମୃତ, ଯେ ସାଧନ କରୁଥିବାବେଳେ ଅନ୍ୟ କୌଣସି ବିଷୟ ପ୍ରତି ଆସକ୍ତି ହେତୁ ସାଧନାରେ ଶିଥିଳ ଓ ଉଦ୍ୟମହୀନ ହୋଇ ପଡ଼ନ୍ତି ଏବଂ ବାହ୍ୟ ବିଷୟ ନେଇ ମଗ୍ନ ରହନ୍ତି, ସେମାନେ ପ୍ରମାଦଗ୍ରସ୍ତ ମାନବ । ଭରତ ରାଜାଙ୍କର ହରିଣ ଶିଶୁ ପ୍ରତି ଆସକ୍ତି ଏହି ପ୍ରମାଦଭାବର ଅନ୍ତର୍ଗତ ।

(୫୩୯) ଆଳସ୍ୟପରାୟଣ ମାନବ : ଆହାର ବିହାରରେ ଅସଂଯମ ହେତୁ ଶାରୀରିକ କର୍ମ କରିବାକୁ ଯେଉଁମାନେ ଅନିଚ୍ଛୁକ, ସେହିମାନଙ୍କୁ ଆଳସ୍ୟପରାୟଣ କୁହାଯାଏ । ଆହାର ଓ ନିଦ୍ରାରେ ଅସଂଯତ ହେଲେ ଏହି ଭାବ ପ୍ରବଳ ହୁଏ । ବହୁ ବୁଦ୍ଧିମାନ ସାଧକ ଦିବା ନିଦ୍ରା, ରାତ୍ରି ଜାଗରଣ ଓ ଅନିୟମିତ ଆହାର ବିହାର ଦୋଷରୁ ଏହି ବିଘ୍ନରେ ପତିତ ହୁଅନ୍ତି ।

(୫୪୦) ଅବିରତି : ବିଷୟଭୋଗର ଆସକ୍ତି ଦୂରୀଭୂତ ନ ହେବାକୁ ଅବିରତି କୁହାଯାଏ । ମନକୁ ଅନାବଶ୍ୟକ ଚିନ୍ତା କରିବାକୁ ନ ଦେଇ ବିଷୟର ଅନିତ୍ୟତା ବିଚାରପୂର୍ବକ ମନକୁ ଜପରେ ନିଯୁକ୍ତ ରଖିଲେ ଏହି ଅବିରତି ରୂପ ବିଘ୍ନ ଦୂର ହୁଏ ।

(୫୪୧) ଅଲବ୍ଧ ଭୂମିକତ୍ୱ : ଉପଯୁକ୍ତ ସ୍ଥାନରେ ପହଞ୍ଚି ନ ପାରିବା ଅର୍ଥାତ୍ ଯଥେଷ୍ଟ ସାଧନା କରି ସିଦ୍ଧଦଶାରେ ଉପନୀତ ହୋଇ ନ ପାରିବା । ଏହା ପୂର୍ବଜନ୍ମାର୍ଜିତ ଅନ୍ତରାୟ । ସେଥିପାଇଁ ଧୈର୍ଯ୍ୟ ଅବଲମ୍ବନ ପୂର୍ବକ ଫଳାକାଙ୍କ୍ଷାରହିତ ହୋଇ ଶ୍ରୀଗୁରୁଙ୍କ ଉପଦେଶ ମାନି କ୍ରିୟା କରିଯିବା ଉଚିତ ।

(୫୪୨) ପ୍ରଣିଧାନ : ଭଗବତ୍ ଭକ୍ତି ବା ଭଗବାନଙ୍କ ଆଶ୍ରୟ ଗ୍ରହଣ । ଭଗବାନଙ୍କୁ ନିଜର ଆଶ୍ରୟ ରୂପରେ ହୃଦୟଙ୍ଗମ କରିବା ହିଁ ସାଧକଙ୍କର ସର୍ବଶ୍ରେଷ୍ଠ କଲ୍ୟାଣ । ଭଗବାନଙ୍କ ପ୍ରତି ମମତା ନ ଥିଲେ କେହି ତାଙ୍କ ସହିତ ମିଳିତ ହୋଇପାରନ୍ତି ନାହିଁ ।

(୫୪୩) ସୁର : ଯେଉଁମାନେ ଶ୍ରଦ୍ଧାର ସହିତ ନିୟମିତ ଭଗବତ୍ ଭଜନ କରନ୍ତି, ସେହିମାନଙ୍କୁ ସୁର କୁହାଯାଏ ।

(୫୪୪) ବୁଦ୍ଧିମାନ : ଅନ୍ତଃକରଣର ଯେଉଁ ଶକ୍ତି ଦ୍ୱାରା ସଂକଳ୍ପକୁ କାର୍ଯ୍ୟରେ ପରିଣତ କରାଯାଏ, ସେହି ସ୍ଥିରସଂକଳ୍ପର ନାମ ବୁଦ୍ଧି । ଯେଉଁମାନଙ୍କର ମନ ଏକାଗ୍ରତା-ଶକ୍ତିସମ୍ପନ୍ନ, ସେହିମାନେ ହିଁ ବୁଦ୍ଧିମାନ । ଏହା ମନର ବହୁ ସଂକଳ୍ପାତ୍ମକ ବୃତ୍ତିର ବିରୋଧୀ । ଯେଉଁମାନଙ୍କ ମନ ଭଗବତ୍ ଚରଣାରବିନ୍ଦରେ ସଂଲଗ୍ନ ଥାଏ, ସେହିମାନଙ୍କୁ ପ୍ରକୃତ ବୁଦ୍ଧିମାନ୍ ବ୍ୟକ୍ତି କୁହାଯାଏ ।

(୫୪୫) ସପ୍ତ ମହର୍ଷି : ଭୃଗୁ, ମରୀଚି, ଅତ୍ରି, ଅଙ୍ଗିରା, ପୁଲହ, ପୁଲସ୍ତ୍ୟ ଓ କ୍ରତୁ—ଏହି ସାତ ଜଣ ସପ୍ତ ମହର୍ଷି ।

(୫୪୬) ସୁଖୀ ମାନବ : (ସୁଖ)= ସୁନ୍ଦର, ଖ=ଶୂନ୍ୟ । ଯାହାଙ୍କ ଚିତ୍ତରେ ବିଷୟସ୍ପୃହା ନାହିଁ, ଏପରିକି ଯେଉଁମାନେ ବିଷୟ ସ୍ମରଣ କରନ୍ତି ନାହିଁ; ସେହି ବିଷୟରହିତ ଅବସ୍ଥା ବା ନିରୁଦ୍‌ବେଗ ଅବସ୍ଥା ହିଁ ସୁଖ । ଯାହାଙ୍କର ଏଭଳି ଅବସ୍ଥା ଅଛି ସେ ସୁଖୀମାନବ ।

(୫୪୭) ଦୁଃଖୀ ମାନବ : ବାହ୍ୟ ସୁଖକର ଅନିତ୍ୟ ବିଷୟ ପ୍ରତି ମନ ଉତ୍ତେଜିତ ହେଲେ ଚିତ୍ତରେ ଯେଉଁ ଦୁଃଖକର ବୃତ୍ତିର ଉଦୟ ହୁଏ, ସେହି ଅବସ୍ଥାକୁ ଦୁଃଖ କହନ୍ତି ଓ ଯାହାଙ୍କର ଚିତ୍ତ ରଜୋଗୁଣଦ୍ୱାରା ଆବରିତ, ସେ ଦୁଃଖୀମାନବ ।

(୫୪୮) ସମଦର୍ଶନ : ଅହଂ ଅଭିମାନ ନଷ୍ଟ ହେଲେ ସର୍ବତ୍ର ସମଦର୍ଶନ ଭାବର ଉଦୟ ହୁଏ ।

(୫୪୯) ତୁଷ୍ଟି : ସମଦର୍ଶୀ ଅର୍ଥାତ୍ ଆତ୍ମସମାହିତ ମାନବଙ୍କର ମନ ତୁଷ୍ଟ ଥାଏ । ବହିର୍ବିଷୟ ରହିତ ସୁଖର ନାମ ତୁଷ୍ଟି ।

(୫୫୦) ଅସୁର : ଯେଉଁମାନେ ଶାସ୍ତ୍ରର ବିଧି ନିଷେଧ ଅବଗତ ହୋଇ ମଧ୍ୟ ସେଥିପ୍ରତି ଅଶ୍ରଦ୍ଧା ଭାବ ପୋଷଣପୂର୍ବକ ସ୍ୱେଚ୍ଛାନୁସାରେ ନିଜକୁ ପରିଚାଳିତ କରନ୍ତି କିମ୍ବା ସେହିପରି କୌଣସି କର୍ମର ଅନୁଷ୍ଠାନ କରନ୍ତି, ସେମାନେ ଅସୁର ।

(୫୫୧) ଦେବତା : ଯେଉଁମାନେ ଶାସ୍ତ୍ରବିଧି ଜାଣି ତଦନୁସାରେ ଗୁରୁଦେବଙ୍କ ଆଦେଶମତେ କର୍ମ କରନ୍ତି, ସେମାନେ ଦେବତା ।

(୫୫୨) ଅହଙ୍କାର : ତ୍ରିଗୁଣ ସାମ୍ୟାବସ୍ଥାର ନାମ ପ୍ରକୃତି । ପ୍ରକୃତିର

ଗୁଣ ବୈଷମ୍ୟରୁ ମହତତ୍ତ୍ୱର ସୃଷ୍ଟି ହୁଏ। ମହତତ୍ତ୍ୱକୁ ବୁଦ୍ଧିତତ୍ତ୍ୱ କହନ୍ତି। ବୁଦ୍ଧି ହିଁ ପ୍ରକୃତିର ପ୍ରଥମ ବିକାର ବା କାର୍ଯ୍ୟ। ତ୍ରିଗୁଣର ସମଷ୍ଟି ହିଁ ପ୍ରକୃତି, ବୁଦ୍ଧିତତ୍ତ୍ୱର ତିନିପ୍ରକାର ବିଭେଦ। ମହତତ୍ତ୍ୱ ବିକୃତ ହୋଇ ଯେଉଁ ପରିଣାମ ପ୍ରାପ୍ତ ହୁଏ, ତାହା ହିଁ ଅହଙ୍କାର। ଅନ୍ୟଠାରୁ ନିଜକୁ ପୃଥକ ଭାବରେ ଦର୍ଶନ କରିବା ଅହଙ୍କାରର କାର୍ଯ୍ୟ। ନିଜକୁ ସଂକୀର୍ଣ୍ଣବୋଧ କରିବା ମଧ୍ୟ ଏହାର କାର୍ଯ୍ୟ। ଏହା ମଧ୍ୟ ତିନି ଭାଗରେ ବିଭକ୍ତ। ସାତ୍ତ୍ୱିକ ଅହଙ୍କାରରୁ ଇନ୍ଦ୍ରିୟର ଅଧିଷ୍ଠାତୃ ଦେବତା ଓ ମନ ଉତ୍ପନ୍ନ; ରାଜସ ଅହଂକାରରୁ ପଞ୍ଚଜ୍ଞାନେନ୍ଦ୍ରିୟ ଓ ପଞ୍ଚକର୍ମେନ୍ଦ୍ରିୟ ଏବଂ ତାମସ ଅହଙ୍କାରରୁ ପଞ୍ଚତନ୍ମାତ୍ରର ଉଦ୍ଭବ।

(୫୫୩) ପଞ୍ଚବିଂଶତି ସାଧନାଭାବ : ଶ୍ରୀଗୁରୁଙ୍କଠାରେ ଭାଗବତ୍‌ବୁଦ୍ଧି, ଗୁରୁଦେବଙ୍କ ପ୍ରତି ଭକ୍ତି, ଭଗବତ୍ ଅନୁବର୍ତ୍ତନ, ବିଷୟ ବୈରାଗ୍ୟ, ସୁଖଦୁଃଖାଦି ଦ୍ୱନ୍ଦ୍ୱ, ସହିଷ୍ଣୁତା, ଇହପରକାଳରେ ଜୀବର ଦୁଃଖ—ଏହି ଭାବ ପୋଷଣ, ତତ୍ତ୍ୱ ଅବଗତ ହେବାର ଇଚ୍ଛା, ବ୍ରତାଦି ଆଚରଣ, କାମ୍ୟ କର୍ମ ପରିତ୍ୟାଗ, ଭଗବତ୍ ଉଦ୍ଦେଶ୍ୟରେ କର୍ମ ସମ୍ପାଦନ, ସର୍ବଦା ଭଗବତ ପ୍ରସଙ୍ଗ ଆଲୋଚନା, ଭଗବତ୍ ସମାଗମ, ହରିଗୁଣ କୀର୍ତ୍ତନ, ଦ୍ୱେଷଭାବର ଅଭାବ, ସମସ୍ତଙ୍କ ପ୍ରତି ସମତା ଅର୍ଥାତ୍ ପରର ସୁଖ ଦୁଃଖରେ ତୁଲ୍ୟ ଅନୁଭୂତି, ଅକ୍ରୋଧ, ଦେହାତ୍ମବୁଦ୍ଧିର ଅଭାବ, ସ୍ୱାଧ୍ୟାୟ, ପବିତ୍ର ନିର୍ଜ୍ଜନ ସ୍ଥାନ ଆଶ୍ରୟ, ଇନ୍ଦ୍ରିୟ ଜୟ, ପ୍ରାଣ ଜୟ, ଅନ୍ତଃକରଣ ଜୟ, ସାଧୁବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧା, ବ୍ରହ୍ମଚର୍ଯ୍ୟ, ସତତ ସାବଧାନତା, ବାକ୍ୟସଂଯମ, ସର୍ବତ୍ର ଭଗବତ୍ ଭାବର ଦୀପ୍ତି ଅନୁଭବ ଏବଂ ଭଗବତ୍ ବିଷୟରେ ତନ୍ମୟତା—ଏହାର ନାମ ପଞ୍ଚବିଂଶତି ସାଧନ ଭାବ।

ଶ୍ରୀଗୁରୁଙ୍କ ଉପଦେଶ ଅନୁସାରେ ଏହି ପଞ୍ଚବିଂଶତି ସାଧନଭାବର ଅନୁସରଣ କଲେ ଅହଂତ୍ୱର ବିନାଶ ଘଟେ।

(୫୫୪) ଅହଙ୍କାରୀ ମାନବ : ଯେଉଁମାନେ ଆଳସ୍ୟ ଜଡ଼ତାରେ ସମୟ ଅତିବାହିତ କରି ପରମୁଖାପେକ୍ଷୀ ହୋଇ ଜୀବନଯାପନ କରନ୍ତି, ସେହିମାନେ ହିଁ ଅହଙ୍କାରୀ ମାନବ। ସେମାନେ ମନେ କରନ୍ତି ଯେ, ଅନ୍ୟମାନେ ପରିଶ୍ରମ କରି ଅର୍ଥାର୍ଜ୍ଜନପୂର୍ବକ ସେମାନଙ୍କୁ କାହିଁକି ସାହାଯ୍ୟ କରୁ ନାହାନ୍ତି?'' ସେମାନେ ପରର ପରିଶ୍ରମଜନିତ ଅର୍ଥ ଗ୍ରହଣ କରିବାକୁ ସର୍ବଦା ଲାଳସା ରଖନ୍ତି। ଏହିସବୁ ତମୋଗୁଣୀ, ଆଳସ୍ୟପରାୟଣ ଓ ଅଜ୍ଞାନାନ୍ଧ ମାନବ ହିଁ ପୃଥିବୀର ଭାବ ସ୍ୱରୂପ।

(୫୫୫) ଆତ୍ମଶକ୍ତି : ଅବ୍ୟକ୍ତ ଓ ଅଦ୍ୱୈତ ବ୍ରହ୍ମଙ୍କର ବହୁତ୍ୱ ଭାବ ଅର୍ଥାତ୍ ଜାଗତିକ ଭାବର ବିକାଶ ବା ଲୀଳାବିଳାସର ଇଚ୍ଛାମୂଳକ ଶକ୍ତିକୁ ମାୟା ବା ଆତ୍ମଶକ୍ତି କହନ୍ତି । ମାୟା ଜଗତ୍‌ପ୍ରକାଶକାରିଣୀ ଐଶୀଶକ୍ତି । ଏହି ଶକ୍ତି ସତ୍ ଓ ଅସତ୍ ଦୁଇ ଭାଗରେ ବିଭକ୍ତ ।

(୫୫୬) ଈଶ୍ୱର ଶକ୍ତି : ଏହି ମାୟା ବା ଆତ୍ମଶକ୍ତି ଅବ୍ୟକ୍ତ ଅବସ୍ଥାରେ ଏକ ଓ ସମତ୍ୱ ସ୍ୱରୂପ ହୋଇ ମଧ୍ୟ ପ୍ରଥମେ ସତ୍-ଅସତ୍, ସମଷ୍ଟି-ବ୍ୟଷ୍ଟି, ବିଦ୍ୟା-ଅବିଦ୍ୟା ଇତ୍ୟାଦି ଦ୍ୱୈତଭାବ ଯୁକ୍ତ ହୁଅନ୍ତି । ବ୍ରହ୍ମ ବା ପରମାତ୍ମା ସେହି ମାୟାର ସତ୍ ବା ଚିତ୍ ପ୍ରଭୃତି ଅଂଶକୁ ଆଶ୍ରୟ କରି ବ୍ୟକ୍ତ ହେଲେ ବିଶ୍ୱନିୟନ୍ତା ଈଶ୍ୱର ବା ଅନନ୍ତଶାୟୀ ନାରାୟଣ ଆଖ୍ୟା ପ୍ରାପ୍ତ ହୁଅନ୍ତି ।

(୫୫୭) ଜୀବଶକ୍ତି : ବ୍ରହ୍ମ ମାୟାର ଅସତ୍ ଅବିଦ୍ୟା ଶକ୍ତିକୁ ଆଶ୍ରୟ କରି ବ୍ୟକ୍ତ ହେଲେ ତାଙ୍କୁ ଜୀବଶକ୍ତି କୁହାଯାଏ । ତେଣୁ ଈଶ୍ୱରଙ୍କ ସହିତ ଜୀବର ଅଚିନ୍ତ୍ୟ ଭେଦାଭେଦ ଭାବ ବିରାଜିତ ।

(୫୫୮) ଅନନ୍ତଶାୟୀ ନାରାୟଣ : ମୂଳା ପ୍ରକୃତି ବା ଅବ୍ୟକ୍ତ ଶକ୍ତି ସମତ୍ୱର ସାଗର । ଏହି ସମତ୍ୱ ରୂପ ମହାସାଗରରେ ମହତ୍ତତ୍ତ୍ୱରୂପୀ ଭୂତପର୍ବ ସୃଷ୍ଟି ସଂସ୍କାରର ବୀଜ ସହସ୍ର ଫଣାବିଶିଷ୍ଟ ଶେଷନାଗ ବା ଅନନ୍ତନାଗ ରୂପରେ ଭାସମାନ । ସେହି ବିଦ୍ୟାଶକ୍ତି ରୂପ ଶେଷନାଗକୁ ଆଶ୍ରୟକରି ପରମାତ୍ମା ଅର୍ଥାତ୍ ଅବ୍ୟକ୍ତ ନିଷ୍କ୍ରିୟ ବ୍ରହ୍ମ, ଈଶ୍ୱର ବା ନାରାୟଣ ରୂପରେ ନିଦ୍ରା ଯାଇଛନ୍ତି । କାରଣ ସେ ଏହି ବିଶ୍ୱରେ ସକ୍ରିୟ ହୋଇ ମଧ୍ୟ ନିଷ୍କ୍ରିୟ । ଏହାଙ୍କଠାରୁ ବ୍ରହ୍ମାଶକ୍ତି, ବିଷ୍ଣୁଶକ୍ତି ଓ ଶିବଶକ୍ତିଙ୍କର ଉଦ୍ଭବ । ଏହାଙ୍କଦ୍ୱାରା ସୃଷ୍ଟି, ସ୍ଥିତି ଓ ଲୟ ସାଧିତ ହୁଏ ।

(୫୫୯) ପ୍ରକୃତିର ସ୍ୱଭାବସିଦ୍ଧ ଧର୍ମ : କର୍ମ ଓ କର୍ତ୍ତୃତ୍ୱାଦି ଭାବ ପ୍ରକୃତିର ସ୍ୱାଭାବିକ ଧର୍ମ । ତାହା ଆତ୍ମାର ଧର୍ମ ନୁହେଁ ।

(୫୬୦) ଆତ୍ମାର ସ୍ୱାଭାବିକ ଧର୍ମ : କର୍ମ ଓ କର୍ତ୍ତୃତ୍ୱାଭିମାନବିହୀନ ସ୍ଥିର ଓ ନିଷ୍କ୍ରିୟ ଭାବ ହିଁ ଆମାର ସ୍ୱଭାବସିଦ୍ଧ ଧର୍ମ । ଏଥିରେ କର୍ତ୍ତୃତ୍ୱ କର୍ମ ଓ କାର୍ଯ୍ୟକାରଣ ଭାବ ନାହିଁ—ତାହା ଥିଲେ କର୍ମପଥରେ ଆତ୍ମଜ୍ଞାନ ଲାଭ ହେଉଥାନ୍ତା । ନିଷ୍କ୍ରିୟତ୍ୱ, ସ୍ଥିରତ୍ୱ, ସମତ୍ୱ, ପ୍ରଶାନ୍ତି, ଯୋଗ ଓ ବୈରାଗ୍ୟ ହିଁ ଆତ୍ମଲାଭର ପଥ । ଜ୍ଞାନ ଓ ଯୋଗ ଏହାର ଉପାୟ ଏବଂ କର୍ମ ଏହାର ବାଧକ । କୁକର୍ମକୁ ଜୟ କରିବା ନିମିତ୍ତ ପ୍ରଥମେ ସୁକର୍ମର ଆଶ୍ରୟ ଗ୍ରହଣ କରିବାକୁ ପଡ଼ିଥାଏ । ତେଣୁ ଆତ୍ମଶକ୍ତିର ଜାଗରଣ ନିମିତ୍ତ ଚିତ୍ତକୁ ସ୍ଥିର ଓ ଶାନ୍ତ କରିବାକୁ ପଡ଼େ ।

(୫୬୧) ଜାଗତିକ ବା ଦୈବ ଗତି : ଏକ ଅଶରୀରୀ ବ୍ରହ୍ମଙ୍କର ଯେଉଁ ଶରୀର ଧାରଣର ଅବସ୍ଥା ଏବଂ ତାଙ୍କର ଏକ ପ୍ରକାର ଶାରୀରିକ ଭାବର ଯେଉଁ ପୁନଃ ପୁନଃ ଅବଲମ୍ବନ ଓ ଆବର୍ତ୍ତନ, ତାହାକୁ ଜଗତ୍‌ଭାବ ବା ଜାଗତିକ ଗତି କହନ୍ତି । ଜୀବ ଓ ଜଗତର ଗତି ନିର୍ଦ୍ଦିଷ୍ଟ । ଦିବା, ଋତୁ, ବର୍ଷ, ଯୁଗ, ମନ୍ୱନ୍ତର ଓ କଳ୍ପ ଯେପରି ପୁନରାବର୍ତ୍ତନ କରେ, ସମଗ୍ର ବ୍ୟକ୍ତ ବିଶ୍ୱଭାବ ମଧ୍ୟ ସେହିଭଳି ପରିବର୍ତ୍ତିତ ହୋଇଥାଏ । ଏହି ଭାବରେ ଭବିଷ୍ୟତ ସୁନିର୍ଦ୍ଦିଷ୍ଟ ଅଛି ବୋଲି ତ୍ରିକାଳଜ୍ଞ ମହାତ୍ମାମାନେ ତାହା ପ୍ରତ୍ୟକ୍ଷ ଦର୍ଶନ କରିଥାନ୍ତି । ଏହାକୁ ଇଂରାଜୀରେ Predestination Theory କହନ୍ତି । ଏହା ସୁନିର୍ଦ୍ଦିଷ୍ଟ ଥିଲେ ମଧ୍ୟ ବର୍ତ୍ତମାନ କର୍ମଫଳ ସହିତ ନିତ୍ୟ ସମ୍ବନ୍ଧଯୁକ୍ତ । ତେଣୁ ଦୈବ ଓ ପୁରୁଷକାର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଧର୍ମାର୍ଜନ ପୁରୁଷକାରସାପେକ୍ଷ । ଦୈବ ହିଁ ପ୍ରାରବ୍ଧ । ତେଣୁ କେବେହେଲେ ଆଳସ୍ୟ ଜଡ଼ତାରେ ସମୟ ଅତିବାହିତ କରିବା ଉଚିତ ନୁହେଁ ।

(୫୬୨) ପୁରୁଷକାର : ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ ଯେଉଁ ନିବୃତ୍ତିମୂଳକ କର୍ମ କରାଯାଏ, ତାହା ହିଁ ପୁରୁଷକାର । ପୂର୍ବଜନ୍ମର କର୍ମଫଳକୁ ଦୈବ କୁହାଯାଏ ଓ ସାଧନ ଭଜନରେ ଆତ୍ମଶକ୍ତି ପ୍ରୟୋଗକୁ ପୁରୁଷକାର କହନ୍ତି । ଧର୍ମ ଓ ମୋକ୍ଷ ପୁରୁଷକାରସାପେକ୍ଷ । ଅର୍ଥ ଓ କାମ ଦୈବସାପେକ୍ଷ ବା ପୂର୍ବରୁ ଯାହା ନିର୍ଦ୍ଦିଷ୍ଟ ଅଛି ତାହା ହିଁ ପ୍ରାପ୍ୟ । ଭବିଷ୍ୟରେ ଦିନେ ପ୍ରାକୃତିକ ନିୟମରେ ମୋକ୍ଷ ଲାଭ ନିଶ୍ଚୟ ହେବ ବୋଲି ଜାଣି ଯଦି କେହି ନିଶ୍ଚେଷ୍ଟ, ନିଷ୍କ୍ରିୟ ହୋଇ ନିଶ୍ଚିନ୍ତରେ ବସି ରହନ୍ତି, ତେବେ ତାଙ୍କ ଭାଗ୍ୟ ଅତିଶୟ ମନ୍ଦ ବୋଲି ଜାଣିବ । ଯେଉଁମାନେ ଭବିଷ୍ୟତ ସ୍ଥିରନିଶ୍ଚୟ ବୋଲି ଜାଣି ପୁରୁଷକାର ପ୍ରୟୋଗ କରି ଆତ୍ମଜ୍ଞାନ ଲାଭ ପଥରେ ଧାବିତ ହୁଅନ୍ତି, ସେହିମାନେ ହିଁ ଶ୍ରେୟଃ ଲାଭ କରି ଧନ୍ୟ ହୁଅନ୍ତି । ତେଣୁ ଯେଉଁମାନଙ୍କର ଜ୍ଞାନଲାଭ ନିମିତ୍ତ ଶ୍ରଦ୍ଧା ଓ ରୁଚି ଅଛି ଏବଂ ଯେଉଁମାନେ ଗୁରୁବାକ୍ୟ ପ୍ରତିପାଳନ କରନ୍ତ, ସେହିମାନେ ହିଁ ସାଧୁ ମହାପୁରୁଷ ପଦବାଚ୍ୟ ।

(୫୬୩) ଈଶ୍ୱର ଭାବ : ବିଶ୍ୱ ପ୍ରକୃତି ହିଁ ଈଶ୍ୱର ପଦବାଚ୍ୟ, କିନ୍ତୁ ପ୍ରକୃତି କେବେହେଲେ ଈଶ୍ୱରବିହୀନ ହୋଇ ରହିପାରେ ନାହିଁ । ଅତଏବ ଶକ୍ତି, ଜ୍ଞାନ ବା ଚେତନାଯୁକ୍ତ ବିଶ୍ୱପ୍ରକୃତି ହିଁ ଈଶ୍ୱର ପଦବାଚ୍ୟ । ପ୍ରାକୃତ ଜଗତ କେତେଗୁଡ଼ିଏ ପ୍ରାକୃତିକ ଓ ସୁନିର୍ଦ୍ଦିଷ୍ଟ ନୀତି ଉପରେ ପ୍ରତିଷ୍ଠିତ । ପ୍ରାକୃତିକ ବିଧିକୁ

ଶକ୍ତି କୁହାଯାଏ । ଏହି ଶକ୍ତିଯୁକ୍ତ ପ୍ରକୃତି ଜ୍ଞାନଯୁକ୍ତ ବା ଚୈତନ୍ୟଯୁକ୍ତ ହେଲେ ଈଶ୍ୱରଭାବ ପ୍ରାପ୍ତ ହୁଅନ୍ତି ।

(୫୬୪) ପ୍ରକୃତି ଭାବ : କେତେଗୁଡ଼ିଏ ଶକ୍ତିପୂର୍ଣ୍ଣ ନୀତି ନିୟମ, ଶୃଙ୍ଖଳାକୁ ପ୍ରକୃତି କହନ୍ତି । ତେଣୁ ପ୍ରକୃତି ଗୋଟିଏ ଯନ୍ତ୍ରବିଶେଷ । ସେହି ଯନ୍ତ୍ରକୁ ଚାଳନା କରିବା ନିମିତ୍ତ ସେହି ପ୍ରକୃତିରୁ ଯେଉଁ ଶକ୍ତିର ଉଦ୍‌ବୋଧନ ହୁଏ, ତାହାକୁ ବିଜ୍ଞାନ ଶକ୍ତି ବା ପ୍ରକୃତିର ଇଚ୍ଛାଶକ୍ତି କହନ୍ତି ।

(୫୬୫) କର୍ମ ବା ଭକ୍ତିଭାବ : କର୍ମ ବା ଭକ୍ତିଭାବ କେବେହେଲେ ଆତ୍ମା ବା ଭଗବାନଙ୍କୁ ଦେଖାଇଦେବାକୁ ସକ୍ଷମ ନୁହଁନ୍ତି । ସତ୍ୟଜ୍ଞାନ ଲାଭ ନିମିତ୍ତ କର୍ମ ଓ ଭକ୍ତି ଅଙ୍ଗର ଅନୁଶୀଳନ ଏକାନ୍ତ ଆବଶ୍ୟକ । ଜ୍ଞାନଲାଭ ନିମିତ୍ତ କର୍ମ ଓ ଭକ୍ତିର ଆବଶ୍ୟକତା ରହିଛି; ମାତ୍ର କର୍ମ ଓ ଭକ୍ତି ସାକ୍ଷାତ ଭାବରେ ଭଗବତ ଦର୍ଶନ କରାଇପାରନ୍ତି ନାହିଁ । ଭକ୍ତିପଥରେ ଚଳି ଜ୍ଞାନଲାଭ ହେଲେ ଏହି ଜ୍ଞାନ ସାହାଯ୍ୟରେ ଭଗବାନଙ୍କୁ ଲାଭ କରାଯାଏ । ତେଣୁ ଗୁରୁଲାଭ ହେଲେ ଭଗବତ୍ ଦର୍ଶନ ଘଟିଥାଏ । ଶ୍ରୀଗୁରୁ ହିଁ ଜ୍ଞାନମୂର୍ତ୍ତି । ଜ୍ଞାନହୀନ ବ୍ୟକ୍ତିଙ୍କ ପକ୍ଷରେ କର୍ମମୂଳକ ଉପାସନା ବିହିତ ।

(୫୬୬) ଭୂତ ଭାବ : ଭୂ + କ୍ତ=ଭୂତ । ଭୂ ଧାତୁର ଅର୍ଥ ହେବା । ଯାହା ହୋଇଅଛି, ଅର୍ଥାତ୍ ପୂର୍ବରୁ ନ ଥିଲା ବର୍ତ୍ତମାନ ଉତ୍ପନ୍ନ ହୋଇଅଛି ତାହାକୁ ଭୂତ କହନ୍ତି । ଭୂତ ଶବ୍ଦର ଅର୍ଥର ଅନିତ୍ୟତା, ନଶ୍ୱରତାଜ୍ଞାପକ । ଏହା ଅସତ୍ । ପ୍ରକୃତିର କ୍ଷିତି, ଅପ, ତେଜ, ପ୍ରଭୃତି ପାଞ୍ଚ ପ୍ରକାର ଅବସ୍ଥାକୁ ପଞ୍ଚଭୂତ କହନ୍ତି । ପ୍ରକୃତିର ବା ମାୟାର ସତ୍‌ଭାବ ହିଁ ପୁରୁଷ, ଅସତ୍‌ଭାବ ହିଁ ପ୍ରକୃତି ପଦବାଚ୍ୟ । ଭୂତ ବା ପ୍ରକୃତି ଆତ୍ମା ବା ପୁରୁଷକୁ ସର୍ବଦା ଏହି ଅନିତ୍ୟ ପଞ୍ଚଭୂତର ବିଷୟୀଭୂତ ଦ୍ରବ୍ୟ ଆଡ଼କୁ ଆକର୍ଷଣ କରୁଅଛି ଏବଂ ଆତ୍ମଶକ୍ତି ବା ବିଦ୍ୟା ସର୍ବଦା ଭଗବାନଙ୍କ ଆଡ଼କୁ ଆକର୍ଷଣ କରୁଅଛି । ତେଣୁ ଚିତ୍ ଓ ଭୂତ ହିଁ ସୃଷ୍ଟିର ଆଦିତତ୍ତ୍ୱ ।

(୫୬୭) ସତ୍‌ଭାବ : ପ୍ରକୃତିର ଚୈତନ୍ୟ ଭାବକୁ ସତ୍ କହନ୍ତି । ଏହାର ପୁନଃପୁନଃ ଉତ୍ପତ୍ତି ବା ବିନାଶନାହିଁ । ପରମାତ୍ମାଙ୍କ ନିତ୍ୟଭାବକୁ ଓ ଷଡ଼ବିକାରବର୍ଜ୍ଜିତ ଭାବକୁ ସତ୍ କହନ୍ତି । ଏହି ସତ୍‌ଭାବର ଅନ୍ୟ ନାମ ଆତ୍ମା । ଅସତ୍‌ଭାବକୁ ମାୟା ବା ପ୍ରକୃତି କହନ୍ତି ।

(୫୬୮) ଚିତ୍ତ୍ୱଭାବ : ଆଦି ଓ ପରତତ୍ତ୍ୱ ସ୍ୱରୂପରେ ସତ୍ ଓ ଅସତ୍ ଏହି

ଉଭୟ ଭାବର ଅତୀବ ନର୍ବିକାର ଅବସ୍ଥା । ଏହି ବିଶ୍ୱସୃଷ୍ଟି ମୂଳରେ ଚିତ୍ ଓ ଭୂତ ନାମକ ଯେଉଁ ସତ୍ ଓ ଅସତ୍ ପଦାର୍ଥଦ୍ୱୟ ବିଦ୍ୟମାନ, ସେହି ଉଭୟଙ୍କର ସଂଯୋଗ ହେତୁ ବିଶ୍ୱଭାବର ଉତ୍ପତ୍ତି ହୋଇଅଛି । ଜୀବ ହିଁ ସ୍ୱୟଂ ଏହି ଚିତ୍ତ ବା ମନର ସ୍ୱରୂପ । ମନ ହିଁ ଜୀବର ପ୍ରଧାନ ଉପାଦାନ । ଏହି ମନ ଚିତ ବା ଆତ୍ମାର ଏକ ପ୍ରକାର ଅବିଦ୍ୟାସମ୍ଭୂତ ପ୍ରକୃତିସ୍ଥ ଚଞ୍ଚଳ ବା ସକ୍ରିୟ ଅବସ୍ଥାକୁ ବୁଝାଏ । ଏହି ଆତ୍ମା ମନ ବା ଚିତ୍ତ ସାଜରେ ପ୍ରକୃତିକୁ ଉପଭୋଗ କରିଥାଏ । ତେଣୁ କର୍ମଚାଞ୍ଚଲ୍ୟରହିତ ହେଲେ ଆତ୍ମା ସ୍ୱରୂପରେ ଅବସ୍ଥାନ କରିବାକୁ ସକ୍ଷମ ହୁଏ ।

(୫୬୯) ଚିତ୍ତର ଭୂମିକା : ଚିତ୍ତର ସହଜ ଅବସ୍ଥାନକୁ ଚିତ୍ତର ଭୂମିକା କହନ୍ତି । ମୂଢ଼, କ୍ଷିପ୍ତ, ବିକ୍ଷିପ୍ତ, ଏକାଗ୍ର ଓ ନିରୁଦ୍ଧଭେଦରେ ଚିତ୍ତର ଭୂମି ପାଞ୍ଚ ପ୍ରକାର ।

(୫୭୦) କ୍ଷିପ୍ତ ଭୂମିକା : ଯେଉଁ ଚିତ୍ତ ସ୍ୱାଭାବିକ ଭାବରେ ଅସ୍ଥିର, ଆଧ୍ୟାତ୍ମତତ୍ତ୍ୱ ଧାରଣ ପାଇଁ ବା ଆଧ୍ୟାତ୍ମ୍ୟ ଚିନ୍ତା କରିବା ନିମିତ୍ତ ଯେଭଳି ଧୈର୍ଯ୍ୟ ଓ ସ୍ଥୈର୍ଯ୍ୟର ପ୍ରୟୋଜନ, ତାହା ଯେଉଁ ଚିତ୍ତର ନାହିଁ ଏବଂ ଯେଉଁ ଚିତ୍ତ ନିକଟରେ ତତ୍ତ୍ୱଗୁଡ଼ିକର ସତ୍ତା ଅଚିନ୍ତ୍ୟ ବୋଲି ବୋଧ ହୁଏ, ସେହି ଚିତ୍ତକୁ କ୍ଷିପ୍ତଭୂମିକାଗ୍ରସ୍ତ ଚିତ୍ତ କହନ୍ତି । ପ୍ରବଳ ହିଂସାବୃତ୍ତି ଚରିତାର୍ଥ ନିମିତ୍ତ କେବେ କେବେ ସାମୟିକ ଭାବରେ ଏହି ଚିତ୍ତଭୂମିରେ ସମାଧି ପରି ଅବସ୍ଥା ଆସିଥାଏ । ମହାଭାରତ ବର୍ଣ୍ଣିତ ଜୟଦ୍ରଥ ଏହାର ଉଦାହରଣ ସ୍ଥଳ । ପାଣ୍ଡବମାନଙ୍କ ନିକଟରୁ ପରାଜିତ ହୋଇ ପ୍ରବଳ ଦ୍ୱେଷ ହେତୁ ଜୟଦ୍ରଥ ଶିବତତ୍ତ୍ୱରେ ସମାହିତ ହୋଇ ବରଲାଭ କଲେ । ଏହା କ୍ଷିପ୍ତଭୂମିକ ଚିତ୍ତର ସ୍ୱାଭାବିକ ଅବସ୍ଥା ।

(୫୭୧) ମୂଢ଼ ଭୂମିକା : ଯେଉଁ ଚିତ୍ତ ଇନ୍ଦ୍ରିୟ ବିଷୟରେ ମୁଗ୍ଧ ହୋଇ ତତ୍ତ୍ୱ ଚିନ୍ତାରେ ଅଯୋଗ୍ୟ, ତାକୁ ମୂଢ଼ଭୂମିକା ଚିତ୍ତ କହନ୍ତି । କ୍ଷିପ୍ତ ଅପେକ୍ଷା ଏହି ଚିତ୍ତ ଅନିତ୍ୟ ବିଷୟରେ ସହଜରେ ସମାହିତ ହୋଇଯାଏ । ଗୋଟିଏ ପ୍ରକାର ସର୍ପ ଅଛନ୍ତି, ସେମାନେ ନିଜର ଆହାର୍ଯ୍ୟବସ୍ତୁରେ କେତେକ ପରିମାଣରେ ସମାହିତଚିତ୍ତ ହୋଇଯାନ୍ତି ଏବଂ ସେମାନଙ୍କର ଏହି ସମାହିତ ଅବସ୍ଥା ଫଳରେ ଆହାର୍ଯ୍ୟ ଜୀବ ସେମାନଙ୍କ ଆଡ଼କୁ ଆକର୍ଷିତ ହୋଇଆସେ । ଏହା ମୂଢ଼ଭୂମିକ ଚିତ୍ତର ସମାହିତ ହେବାର ଦୃଷ୍ଟାନ୍ତ ।

(୫୭୨) ବିକ୍ଷିପ୍ତ ଭୂମିକା : ଅଧିକାଂଶ ସାଧକଙ୍କର ଅର୍ଥାତ୍ ପ୍ରାଥମିକ

ସାଧକମାନଙ୍କର ଚିତ୍ତ ଏହି ଭୂମିରେ ଅବସ୍ଥାନ କରେ । ଯେଉଁ ଚିତ୍ତ ସାମୟିକ ଭାବରେ ସ୍ଥିର ଓ ସାମୟିକ ଭାବରେ ଅସ୍ଥିର, ତାହାକୁ ବିକ୍ଷିପ୍ତଚିତ୍ତ କୁହାଯାଏ । ସାମୟିକ ସ୍ଥିରତା ହେତୁ ସାଧକମାନେ ଏହି ଭୂମିରେ ସ୍ମରଣମନନ ଓ ଧ୍ୟାନ ସାହାଯ୍ୟରେ ସ୍ୱରୂପ ଅବଧାରଣ କରିବାକୁ ସମର୍ଥ ହୋଇଥାନ୍ତି । ମେଧା ଓ ସଦ୍‌ବୃତ୍ତିଗୁଡ଼ିକ ଅନୁଶୀଳନର ନ୍ୟୂନାଧିକ୍ୟ ହେତୁ ବିକ୍ଷିପ୍ତଚିତ୍ତ ସାଧକଙ୍କର ସାମୟିକ ଅନୁଭୂତି ଲାଭ ଓ ତତ୍ତ୍ୱଦର୍ଶନ ହୋଇଥାଏ । ଏହି ଚିତ୍ତରେ ଭଗବତ୍ ଦର୍ଶନ ହେଲେ ମଧ୍ୟ ତାହା ସ୍ଥାୟୀ ହୁଏ ନାହିଁ ।

(୫୭୩) ଏକାଗ୍ର ଭୂମିକା : ଏକ+ଅଗ୍ର ଅର୍ଥାତ୍ ଯେଉଁ ଚିତ୍ତର ଅବଲମ୍ବନ ମାତ୍ର ଗୋଟିଏ, ତାହାକୁ ଏକାଗ୍ରଚିତ୍ତ କହନ୍ତି ଅର୍ଥାତ୍ ଗୋଟିଏ ବୃତ୍ତିର ନିବୃତ୍ତି ହେଲାକ୍ଷଣି ତତ୍‌ପରେ ଯଦି ଠିକ୍ ତଦନୁରୂପ ବୃତ୍ତିର ଉଦୟ ହୁଏ ଏବଂ ସେହି ଅନୁରୂପ ବୃତ୍ତିପ୍ରବାହ ନିରବଚ୍ଛିନ୍ନ ଭାବରେ ଚାଲେ, ଚିତ୍ତର ସେହି ସହଜ ଅବସ୍ଥାକୁ ଏକାଗ୍ରଭୂମିକା ଚିତ୍ତ କହନ୍ତି । ସେତେବେଳେ ଦିବାରାତ୍ର ଚିତ୍ତର ଅବସ୍ଥା ଏକାପରି ଏକାଗ୍ରଥାଏ, ଏପରିକି ସ୍ୱପ୍ନାବସ୍ଥାରେ ମଧ୍ୟ ଏକାଗ୍ର ସ୍ୱପ୍ନ ଦୃଷ୍ଟହୁଏ, ତାଦୃଶ ଚିତ୍ତ ହିଁ ଏକାଗ୍ର ଶକ୍ତିସମ୍ପନ୍ନ । ଜାଗ୍ରତ ଅବସ୍ଥାରୁ ସ୍ୱପ୍ନ ଦୃଷ୍ଟ ହୁଏ । ଜାଗ୍ରତ ଅବସ୍ଥାରେ ଯଦି ଅବିରତ ସିଦ୍ଧ ନାମ ଭଜନଦ୍ୱାରା ଚିତ୍ତକୁ ଏକାଗ୍ର କରାଯାଏ, ଚିତ୍ତ ସ୍ୱପ୍ନରେ ମଧ୍ୟ ସେହି ଭାବରେ ଅବସ୍ଥାନ କରେ । ଏହାକୁ ଧ୍ରୁବାସ୍ମୃତି କହନ୍ତି, ଏହା ହିଁ ଏକାଗ୍ରତାର ଲକ୍ଷଣ । ଏହାକୁ ଆତ୍ମସ୍ମୃତି ବା ସ୍ୱପ୍ନରେ ଲକ୍ଷ୍ୟ ଠିକ୍ ଅଛି ବୋଲି ମଧ୍ୟ କୁହାଯାଏ । ଏହି ଅବସ୍ଥାରେ ଆତ୍ମବିସ୍ମରଣ ନଥାଏ । ଏଭଳି ଅବସ୍ଥାରେ ସାମୟିକ ଭାବରେ ବିଷୟେନ୍ଦ୍ରିୟମାନେ ଜଡ଼ ଭଳି ଅବସ୍ଥାନ କରନ୍ତି । ଏହି ଭୂମିରେ ସମ୍ପ୍ରଜ୍ଞାତ ସମାଧି ଲାଭ ହୁଏ । ଏହି ଅବସ୍ଥାରେ ଗୁରୁଦେବଙ୍କର ସାକ୍ଷାତ ଦର୍ଶନ ଓ ଦୀକ୍ଷାଲାଭ ହୋଇଥାଏ । ଏହାକୁ ମନ୍ତ୍ରଲାଭ ବା ଦୀକ୍ଷା କହନ୍ତି । ଏହା ହିଁ ପ୍ରକୃତ ଯୋଗ ।

(୫୭୪) ନିରୁଦ୍ଧ ଭୂମିକ ଚିତ୍ତ : ଏହା ହିଁ ଚିତ୍ତର ଶେଷ ପରିଣାମ । ଯେତେବେଳେ ଚିତ୍ତ ଧ୍ୟେୟ ବସ୍ତୁରେ ଅଧିକ ସମୟ ସ୍ଥାୟିତ୍ୱ ଲାଭ କରେ, ସେତେବେଳେ ସେହି ଅବସ୍ଥାକୁ ଚିତ୍ତର ନିରୁଦ୍ଧ ଭୂମିକା କହନ୍ତି । ଏହି ଅବସ୍ଥାରେ ଚିତ୍ତ ସ୍ୱରୂପରେ ଅବସ୍ଥାନ କରି କୈବଲ୍ୟ ପଦ ବା ସେବକ ଦେହ ଲାଭ କରି ଧନ୍ୟ ହୁଏ ।

ଅନ୍ୟାନ୍ୟ ଭୂମିରେ ଚିତ୍ତ ସମାହିତ ହେଲେ ମଧ୍ୟ ସେଥିରେ ପ୍ରକୃତ ଶାନ୍ତି ମିଳେ ନାହିଁ । ତେଣୁ ସେଭଳି ଚିତ୍ତରେ ଭଗବତ୍ ଦର୍ଶନ ହେଲେ ମଧ୍ୟ ପତନ ଘଟେ । ଅପ୍ସରାଙ୍କ ଦର୍ଶନରେ ଋଷିମାନଙ୍କର ପତନ ଏହାର ଦୃଷ୍ଟାନ୍ତ ।

(୫୭୫) ସମ୍ପ୍ରଜ୍ଞାତ ସମାଧି : ଯେଉଁ ଅବସ୍ଥାରେ ବୁଦ୍ଧିଠାରୁ ଭୂତ ପର୍ଯ୍ୟନ୍ତ ତତ୍ତ୍ୱଗୁଡ଼ିକର ସୂକ୍ଷ୍ମାତିସୂକ୍ଷ୍ମ ଜ୍ଞାନ ସମ୍ଭବ ହୁଏ ଓ ସେ ବିଷୟରେ କିଛି ମାତ୍ର ଅଜ୍ଞାନତା ରହେ ନାହିଁ ତାହାକୁ ସମ୍ପ୍ରଜ୍ଞାତ ଯୋଗ କହନ୍ତି । ଏକାଗ୍ର ଭୂମିରେ ଏହା ଲାଭ ହୁଏ । ଏହି ଅବସ୍ଥାରେ ସାଧକଙ୍କର ଚିତ୍ତ ଅଭୀଷ୍ଟ ଦେବତାଙ୍କଠାରେ ବହୁକ୍ଷଣ ଧରି ସଂଲଗ୍ନ ଥାଏ । ଏଥିରେ ଅନ୍ତରରାଜ୍ୟରେ ଇଷ୍ଟଦର୍ଶନ ହୋଇଥାଏ । ଏହାକୁ ମୁକ୍ତି କହନ୍ତି ।

(୫୭୬) ବୃତ୍ତି ନିରୋଧର ଅବସ୍ଥା : ବୃତ୍ତି ନିରୋଧ ହେଲେ ଚିତ୍ତରେ ଅସାଧାରଣ ବଳ ଲାଭ ହୁଏ । ଗୋଟିଏ ବିଷୟରେ ଚିତ୍ତକୁ ସ୍ଥିର ରଖିବାର ନାମ ବୃତ୍ତି-ନିରୋଧ । ଏଥିରେ ମାନସିକବଳ ଲାଭ ହୁଏ । ବୃତ୍ତି-ନିରୋଧ ହେଲେ ଆତ୍ମଜ୍ଞାନ ଲାଭ ହୁଏ । ଏହା ହିଁ ପରମ ଧର୍ମ । ଉପାସନାଦ୍ୱାରା ଏହି ଅବସ୍ଥା ଆସିଥାଏ ।

(୫୭୭) କ୍ଲିଷ୍ଟାବୃତ୍ତି : ଚିତ୍ତର ପଞ୍ଚବିଧ କ୍ଳେଶବୃତ୍ତିକୁ କ୍ଲିଷ୍ଟାବୃତ୍ତି କହନ୍ତି । ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ—ଏହା ମଧ୍ୟରୁ ଯେ କୌଣସି ବୃତ୍ତିକୁ କ୍ଳେଶବୃତ୍ତି କହନ୍ତି । ସେହି ବୃତ୍ତିରୁ ଯେଉଁ ସଂସ୍କାର ଉତ୍ପନ୍ନ ହୁଏ, ତାହାକୁ ହିଁ କ୍ଳେଶବୃତ୍ତି କୁହାଯାଏ । ତାହା ଦୁଃଖପ୍ରଦ ବୃତ୍ତି ବୋଲି ତାହାର ନାମ କ୍ଳେଶବୃତ୍ତି । ଏହି ପଞ୍ଚବିଧ ବୃତ୍ତି ହିଁ ମାନବକୁ ଦୁଃଖ ପ୍ରଦାନ କରିଥାନ୍ତି ।

(୫୭୮) ନିଦ୍ରାବୃତ୍ତି : ଅଭାବ ପ୍ରତ୍ୟୟକୁ ଅବଲମ୍ବନ କରି ନିଦ୍ରା ବୃତ୍ତିର ଉଦୟ ହୁଏ । ଜାଗ୍ରତ ପରେ ଏହାର ସ୍ମରଣ ହୁଏ ବୋଲି ନିଦ୍ରା ଗୋଟିଏ ପ୍ରତ୍ୟୟ ବା ବୃତ୍ତି ବିଶେଷ । ନିଦ୍ରାବସ୍ଥାରେ ମୁଁ ସୁଖରେ କିମ୍ବା ଦୁଃଖରେ ଥିଲି- ଏହି ଭାବ ଜାଗ୍ରତ ଥିବାରୁ ନିଦ୍ରା ଗୋଟିଏ ବୃତ୍ତି । ଜାଗ୍ରତ ସମୟରେ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ସକ୍ରିୟ ଭାବରେ ଜଡ଼ଭାବ ରହିତ ହୋଇ କ୍ରିୟା କରନ୍ତି । ସ୍ୱପ୍ନରେ କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ଜଡ଼ଭାବ ପ୍ରାପ୍ତ ହୁଅନ୍ତି । ସୁଷୁପ୍ତିରେ କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ ଓ ଚିତ୍ତ —ସମସ୍ତ ଜଡ଼ତାପ୍ରାପ୍ତ ହୁଅନ୍ତି । ଅନେକ କ୍ଷେତ୍ରରେ ନିଦ୍ରିତାବସ୍ଥାରେ ଜ୍ଞାନେନ୍ଦ୍ରିୟ ଜାଗ୍ରତ ଥିଲେ ମଧ୍ୟ କର୍ମେନ୍ଦ୍ରିୟ ଜଡ଼ ଥିବାରୁ ସେ ଦେଖିଶୁଣି ପାରୁଥିଲେ ମଧ୍ୟ

ହସ୍ତପଦ ସଂଚାଳନ କରିବାର ତା'ର କ୍ଷମତା ନ ଥାଏ । ଏହି ଜଡ଼ଭାବକୁ 'ତମ' ବା ଅଭାବ ପ୍ରତ୍ୟୟ କହନ୍ତି । ଏହି ତମ ଯେଉଁ ବୃତ୍ତିର ବିଷୟୀଭୂତ, ତାହାକୁ ନିଦ୍ରା କୁହାଯାଏ, ନିଦ୍ରାରେ ତମୋଗୁଣାଚ୍ଛନ୍ନ ହୋଇ ଜ୍ଞାନେନ୍ଦ୍ରିୟ କ୍ରିୟାଶୀଳ ହେଉଥିବାରୁ ଏହାକୁ ଏକପ୍ରକାର ସ୍ଥୈର୍ଯ୍ୟ କୁହାଯାଏ ସତ୍ୟ; ମାତ୍ର ତାହା ସମାଧି ସ୍ଥୈର୍ଯ୍ୟର ବିପରୀତ ବୃତ୍ତି । ନିଦ୍ରା, ଅବଶ ଓ ଅସ୍ୱଚ୍ଛ (ମଳିନ) ସ୍ଥୈର୍ଯ୍ୟ ଏବଂ ସମାଧି ସ୍ୱବଶ ଓ ସ୍ୱଚ୍ଛ ସ୍ଥୈର୍ଯ୍ୟ । ନିଦ୍ରା ସ୍ଥିର ଅଥଚ ସୁପଙ୍କିଳ ଜଳ ଏବଂ ସମାଧି ସ୍ଥିର ଓ ସୁନିର୍ମଳ ଜଳ । ନିଦ୍ରା ସମାଧିର ବିପରୀତ ବୃତ୍ତି । ଚିତ୍ତବୃତ୍ତି ଅର୍ଥ ଏକପ୍ରକାର ଅନୁଭବ ଜ୍ଞାନକୁ ବୁଝାଏ । ତେଣୁ ନିଦ୍ରାରେ ଶ୍ରୀ ଗୁରୁଦେବଙ୍କ ପ୍ରଦତ୍ତ ସିଦ୍ଧମନ୍ତ୍ରର ସ୍ମରଣ ହେଲେ ତାହା ଏକପ୍ରକାର ସମାଧି ଅବସ୍ଥା ଆନୟନ କରେ । ଏହା ତାମସିକ ନୁହେଁ; ସାତ୍ତ୍ୱିକ ବୃତ୍ତିର ଚରମ ଅନୁଭବ । ନିଦ୍ରା ଭିତରେ ଜାଗ୍ରତ ରହିବାର ନାମ ଯୋଗନିଦ୍ରା । ଏହା ହିଁ ସମାଧିର ଗୋଟିଏ ଅଙ୍ଗ ବିଶେଷ । ସଦ୍‌ଗୁରୁଙ୍କ କୃପାରୁ ଏହି ଯୋଗନିଦ୍ରା ଲାଭ ହୋଇଥାଏ ଏବଂ ସେତେବେଳେ ନିଦ୍ରାରେ ଇଷ୍ଟଦେବଙ୍କ ଦର୍ଶନ ଲାଭ ହୁଏ ।

(୫୭୯) ପ୍ରକୃତିର ଶକ୍ତି : ଅହଂଜ୍ଞାନ ଭାବ, ଅହଙ୍କାର, ଅଭିମାନ, ବୁଦ୍ଧି ଚିତ୍ତ, ମନ, ଇନ୍ଦ୍ରିୟ, ବାସନା, ପ୍ରବୃତ୍ତି, ଆଶା, ଆକାଙ୍‌କ୍ଷା, ଉଦ୍ଦେଶ୍ୟ ଓ ଭୋଗଲିପ୍‌ସା—ଉପରୋକ୍ତ ଭାବଯୁକ୍ତ ମନ, ବୁଦ୍ଧି, ବାସନା ଏବଂ ଇନ୍ଦ୍ରିୟାଦି ଜୀବପ୍ରକୃତିର ଭିନ୍ନ ଭିନ୍ନ ଶକ୍ତି । ତେଣୁ ଜୀବ ପ୍ରକୃତିଶକ୍ତିରେ ବାଧ ହୋଇ କର୍ମ କରେ । ପ୍ରକୃତିକୁ ଅତିକ୍ରମ କରି କର୍ମ କରିବାର କ୍ଷମତା ସାଧାରଣ ଜୀବଙ୍କର ନାହିଁ । ଏହାହିଁ ଜୀବର ପ୍ରକୃତି । ଏହା ରଜୋତମୋଗୁଣମୟୀ । ତେଣୁ ବିବେକଶକ୍ତିର ଶରଣ ବ୍ୟତୀତ ଏହି କର୍ମଚକ୍ରରୁ ନିସ୍ତାରର ଅନ୍ୟ ଉପାୟ ନାହିଁ ।

(୫୮୦) ବିବେକ ଶକ୍ତି : ଈଶ୍ୱରଙ୍କର ଯେଉଁ ଶକ୍ତି ଜୀବଦେହରେ ଆତ୍ମଶକ୍ତି ରୂପରେ ବିରାଜିତ, ତାହାରି ନାମ ବିବେକଶକ୍ତି । ସାଧୁସଙ୍ଗ ଏବଂ ସାଧୁବ୍ୟକ୍ତିଙ୍କ ଧ୍ୟାନଫଳରେ ଏହି ଶକ୍ତି ଅନ୍ତର ମଧ୍ୟରେ ଜାଗ୍ରତ ହୋଇଥାଏ । ଏହା ବଳରେ ପ୍ରକୃତି ବଶୀଭୂତ ହୁଏ । ବିବେକବଶତଃ କୃତକର୍ମର ଫଳସମଷ୍ଟି ଈଶ୍ୱରଙ୍କ ପ୍ରକୃତିରେ ଲୀନ ହୁଏ । କାରଣ ବିବେକ ସ୍ୱୟଂ ଈଶ୍ୱର ସ୍ୱରୂପ । ଏ ଜଗତରେ ସମସ୍ତ କର୍ମର ଫଳ ନିଶ୍ଚୟ ଉତ୍ପନ୍ନ ହୁଏ । ପ୍ରକୃତି ବଶୀଭୂତ କର୍ମର ଫଳ ଜୀବାତ୍ମାଠାରେ ଯୁକ୍ତ ହୁଏ ଏବଂ ବିବେକଦ୍ୱାରା ପରିଚାଳିତ ହୋଇ ଯେଉଁ କର୍ମ

କରାଯାଏ, ତାହା ଈଶ୍ୱରଙ୍କଠାରେ ଯୁକ୍ତ ହୁଏ । ଫଳରେ ଈଶ୍ୱରଦର୍ଶନ ଲାଭ ହୁଏ । ଅବିଦ୍ୟାମାୟାକୁ ଜୟ କରିବାର ଏକମାତ୍ର ଉପାୟ ବିବେକଶକ୍ତିର ଶରଣଗ୍ରହଣ ବା ଗୁରୁବାକ୍ୟ ପ୍ରତିପାଳନ । ଏହି ଶକ୍ତି ବାହ୍ୟ ମାନବାକାର ଶରୀରରେ ଆବଦ୍ଧ ହୋଇ ସାଧକଙ୍କ ନିକଟରେ ଗୁରୁରୂପରେ ନିତ୍ୟ ବିରାଜିତ । ତେଣୁ ଗୁରୁକୃପାଲାଭ ନିମିତ୍ତ ପ୍ରଥମେ ଏହି ଶକ୍ତିର ଶରଣ ଗ୍ରହଣ କରିବା ଆବଶ୍ୟକ । ଏହାକୁ ସଂଘର ଶରଣ ଗ୍ରହଣ କୁହାଯାଏ । ତେଣୁ ସଂଘ ହିଁ ଶ୍ରୀଗୁରୁଙ୍କ ସ୍ୱରୂପ । ଏହା ଈଶ୍ୱରଙ୍କ ଶରଣଗ୍ରହଣ ମଧ୍ୟ କହନ୍ତି । ବିବେକଜ୍ଞାନ ବା ଆତ୍ମଜ୍ଞାନ ଲାଭ ହିଁ ଈଶ୍ୱରଙ୍କ ବାଣୀ ବା ମହାବାକ୍ୟ ବା ଦୀକ୍ଷା ମନ୍ତ୍ର ସ୍ୱରୂପ । ଜୀବଶକ୍ତି ରଜୋତମଃ ସ୍ୱରୂପ ଏବଂ ବିବେକଶକ୍ତି ବିଶୁଦ୍ଧ ସତ୍ତ୍ୱମୟ ।

(୫୮୧) ପରମବ୍ରହ୍ମଭାବର ତ୍ରିବିଧ ଅବସ୍ଥା : ବ୍ରହ୍ମ, ଈଶ୍ୱର ଏବଂ ଆତ୍ମା—ଏହି ତିନୋଟି ନାମ ବା ଶବ୍ଦ ପରମବ୍ରହ୍ମ ସତ୍ତାଙ୍କର ତ୍ରିବିଧ ଅବସ୍ଥାକୁ ବୁଝାଏ । ପରଂବ୍ରହ୍ମରେ ଉପାଧିବର୍ଜିତ ଅବସ୍ଥାକୁ ବ୍ରହ୍ମ, ଆଧାରବିରହିତ ଭୌତିକ ଉପାଧିଯୁକ୍ତ ବିଦ୍ୟାମାୟାବରଣଯୁକ୍ତ ଅବସ୍ଥାକୁ ଈଶ୍ୱର ଏବଂ ଭୌତିକ କୋଷଯୁକ୍ତ ବିଦ୍ୟାମାୟା ଯୁକ୍ତ ଅବସ୍ଥାକୁ ଆତ୍ମା କହନ୍ତି । ବ୍ୟଷ୍ଟିଭାବଯୁକ୍ତ ବ୍ରହ୍ମଙ୍କୁ ଆତ୍ମା କୁହାଯାଏ ଏବଂ ସମଷ୍ଟି ପ୍ରକୃତିଯୁକ୍ତ ଅବସ୍ଥାର ନାମ ଈଶ୍ୱର । ନିରୁପାଧି ଅବସ୍ଥାର ନାମ ବ୍ରହ୍ମ । ଖଣ୍ଡଦେହଯୁକ୍ତ ଚୈତନ୍ୟକୁ ଜୀବାତ୍ମା ଏବଂ ସମଷ୍ଟି ବିଶ୍ୱରେ ଅଧିଷ୍ଠିତ ଚୈତନ୍ୟସତ୍ତାର ନାମ ପରମାତ୍ମା, ଚିନ୍ମୟ ଉପାଧିଯୁକ୍ତ ଚୈତନ୍ୟର ନାମ ଆତ୍ମା । ଶରୀରଧାରୀ ଚୈତନ୍ୟର ନାମ ଜୀବାତ୍ମା । ତେଣୁ ଚୈତନ୍ୟଯୁକ୍ତ ଶରୀରକୁ ଈଶ୍ୱର ଓ ଜୀବ କୁହାଯାଏ । ସୁତରାଂ ଈଶ୍ୱର ଓ ଜୀବଭାବ ସାକାର, ଆତ୍ମା ଓ ବ୍ରହ୍ମଭାବ ନିରାକାର । ଈଶ୍ୱର ଓ ଜୀବ ବ୍ୟକ୍ତ ଏବଂ ପ୍ରତ୍ୟକ୍ଷଯୋଗ୍ୟ; କିନ୍ତୁ ଆତ୍ମା ଓ ବ୍ରହ୍ମଭାବ ଅବ୍ୟକ୍ତ ଓ ଅପ୍ରତ୍ୟକ୍ଷ ।

(୫୮୨) ପରମାତ୍ମଭାବ : ବ୍ୟଷ୍ଟିଆତ୍ମାକୁ ଜୀବାତ୍ମା ଏବଂ ସମଷ୍ଟି ଆତ୍ମାକୁ ଅର୍ଥାତ୍ ସମସ୍ତ ବିଶ୍ୱର ସ୍ଥୂଳ-ସୂକ୍ଷ୍ମ-କାରଣ ନାମଧେୟ ବ୍ୟକ୍ତ ବିଶ୍ୱରେ ଉପହିତ ଅଖଣ୍ଡ ଆତ୍ମଚୈତନ୍ୟକୁ ପରମାତ୍ମା କହନ୍ତି । ବ୍ୟକ୍ତବିଶ୍ୱରେ ଯେକୌଣସି ବ୍ୟଷ୍ଟିଅଂଶରେ ଉପହିତ ଚୈତନ୍ୟଙ୍କର ନାମ ଜୀବାତ୍ମା । ଜୀବ ସମଷ୍ଟି ହିଁ ଈଶ୍ୱର ପଦବାଚ୍ୟ । ତେଣୁ ଜୀବ ଈଶ୍ୱରଙ୍କ ଅଂଶ ବା କଳାମାତ୍ର ।

(୫୮୩) ଅଭ୍ୟାସ : ମାନବର ଚିତ୍ତନଦୀ କଲ୍ୟାଣ ଓ ପାପ ଉଭୟ

ଦିଗକୁ ଗତି କରେ । ଅଭ୍ୟାସ ଓ ବୈରାଗ୍ୟ ବ୍ୟତୀତ ଚିତ୍ତର ପ୍ରବାହ ନିରୋଗ ହୋଇପାରେ ନାହିଁ । ତେଣୁ ଅଭ୍ୟାସ ଓ ବୈରାଗ୍ୟ ମୋକ୍ଷ ସାଧନାର ଦ୍ୱିବିଧ ଉପାୟ । ସେ ଯେତେ ପରିମାଣରେ ସଦ୍‌ବୃତ୍ତିର ଅନୁଶୀଳନ କରିବେ ବା ଅଭ୍ୟାସ କରିବେ, ଯେ ସେତିକି ପରିମାଣରେ ଫଳ ଲାଭ କରିପାରିବେ । ଦିନେ ସମସ୍ତେ ଭଗବତ୍ କୃପାରୁ ମୁକ୍ତିଲାଭ କରିବେ, ଏହା ଭାବି ଯେଉଁମାନେ ନିଜକୁ ପ୍ରକୃତି ହସ୍ତରେ ସମର୍ପଣ କରିଦେଇ ନିଶ୍ଚିନ୍ତରେ ବସି ରହନ୍ତି, ଏପରିକି ସଦ୍‌ବୃତ୍ତିର ଅଭ୍ୟାସ ମଧ୍ୟ କରନ୍ତି ନାହିଁ; ସେମାନେ ଘୋର ତାମସିକ ଭିତରେ ଗତି କରୁଛନ୍ତି ବୋଲି ଜାଣିବ । ସଦ୍‌ବୃତ୍ତିର ଅନୁଶୀଳନ ହିଁ ସୁଖ ଓ ଅସଦ୍‌ବୃତ୍ତିର ଅନୁଶୀଳନ ଫଳରେ ଦୁଃଖ ଭୋଗ ହୋଇଥାଏ । ତେଣୁ ସ୍ଥିତି ବିଷୟକ ଯତ୍ନର ନାମ ଅଭ୍ୟାସ ।

(୫୮୪) ବୈରାଗ୍ୟ : କେବଳ ଚିତ୍ତ ଶୁଦ୍ଧ ହେଲେ କୈବଲ୍ୟମୁକ୍ତି ଲାଭ ହୋଇପାରେ ନାହିଁ । ଭଗବତ୍ ପଦାରବିନ୍ଦରେ ଅନୁରକ୍ତି ହିଁ ବୈରାଗ୍ୟ । ଏହି ଅନୁରକ୍ତି ବା ଭକ୍ତି ଯେକୌଣସି ପରିସ୍ଥିରେ ଯଦି ଭାଙ୍ଗି ନ ଯାଏ, ତେବେ ତାହାକୁ ବୈରାଗ୍ୟ କୁହାଯାଏ । ଚିତ୍ତବୃତ୍ତିର ଅଭଙ୍ଗନୀୟ ନିରୋଧ ନିମିତ୍ତ ବୈରାଗ୍ୟର ଅନୁଶୀଳନ ଏକାନ୍ତ କର୍ତ୍ତବ୍ୟ । ତତ୍ତ୍ୱଜ୍ଞାନରୁ ବୈରାଗ୍ୟ ଲାଭ ହୋଇଥାଏ । ବୈରାଗ୍ୟଦ୍ୱାରା ଚିତ୍ତକୁ ବିଷୟରୁ ନିବୃତ୍ତ କରି ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ ଧ୍ୟାନ ଧାରଣାର ଅଭ୍ୟାସ କରିବାକୁ ପଡ଼େ । ଯେଉଁମାନେ ବାହ୍ୟ ବିଷୟରୁ ଚିତ୍ତକୁ ନିବୃତ୍ତ କରି କେବଳ ଶୂନ୍ୟଧ୍ୟାନରେ ଚିତ୍ତ ଲୟ କରନ୍ତି, ସେମାନଙ୍କର ସେହି ବୈରାଗ୍ୟଦ୍ୱାରା ପୂର୍ଣ୍ଣ ଶାନ୍ତି ମିଳେ ନାହିଁ । ସେହିଭଳି ଚିତ୍ତ ନିରୋଧ ମଧ୍ୟ ସହଜରେ ଭାଙ୍ଗି ଯାଇପାରେ । ରାଗ ଓ ବୈରାଗ୍ୟ ବୁଦ୍ଧିର ଧର୍ମ । ବିଷୟ ପ୍ରତି ଅନୁରାଗର ନାମ ରାଗ; ନିତ୍ୟବିଷୟ ପ୍ରତି ଅନୁରାଗର ନାମ ବୈରାଗ୍ୟ । ଶ୍ରବଣ ମନନଦ୍ୱାରା ବିଷୟର ଦୋଷ ଜାଣି ପ୍ରକୃତ ଭାବରେ ବିଷୟର ଦୋଷ ଅନୁଭବ କରିବାର ନାମ ବୈରାଗ୍ୟ । ପରାବୈରାଗ୍ୟ ହିଁ ପୂର୍ଣ୍ଣ ଜ୍ଞାନ । ସାଧକଙ୍କର ଯେ କୌଣସି ଅବସ୍ଥାରେ ଇନ୍ଦ୍ରିୟଲାଳସା ବା ଭୋଗବାସନ ପ୍ରତି ବିତୃଷ୍ଣା ଜାତହେଲେ ସେ ବୈରାଗ୍ୟ ଅଭ୍ୟାସ କରି ସଫଳକାମ ହୋଇପାରିବ ।

(୫୮୫) ସ୍ଥିତି : ରାଜସ ଓ ତାମସ ବୃତ୍ତିଶୂନ୍ୟ ଚିତ୍ତରେ ଯେଉଁ ନିଷ୍ଠଳତା ବା ସାତ୍ତ୍ୱିକ ବୃତ୍ତିର ଅବସ୍ଥାନ, ତାହାକୁ ଶାସ୍ତ୍ରକାରମାନେ ସ୍ଥିତି ଆଖ୍ୟା ପ୍ରଦାନ କରିଛନ୍ତି । ସେହି ସ୍ଥିତି ନିମିତ୍ତ ଯେଉଁ ପ୍ରଯତ୍ନ ଅର୍ଥାତ୍ ଉତ୍ସାହ ଓ ବୀର୍ଯ୍ୟ ଏବଂ

ସେଥିପାଇଁ ଯେଉଁ ସାଧନାର ଅନୁଷ୍ଠାନ, ତାହାର ନାମ ଅଭ୍ୟାସ । ବୃତ୍ତିନିରୋଧର ନାମ ସ୍ଥିତି । ଉତ୍ସାହ, ଧୈର୍ଯ୍ୟ ଓ ନିଶ୍ଚିତ ବିଶ୍ୱାସ ସହିତ ଯେତେ ଅଧିକ ପରିମାଣରେ ଯତ୍ନ କରିଯିବ, ସେତେ ଶୀଘ୍ର ଏହି ଅବସ୍ଥା ଲାଭ ହୋଇପାରିବ । ମୋଟ କଥା, ନିତ୍ୟ ବିଷୟପ୍ରାପ୍ତି ଇଚ୍ଛାର ନାମ ସ୍ଥିତି ଓ ସେଥିପାଇଁ ଯେଉଁ ପ୍ରଯତ୍ନ, ତାହାରି ନାମ ଅଭ୍ୟାସ । ଅଭ୍ୟାସ ଓ ବୈରାଗ୍ୟରେ ଦୃଢ଼ ରୂପରେ ଅବସ୍ଥିତି କରିବା ନିମିତ୍ତ ଯେଉଁ ଯତ୍ନ, ତାହାର ନାମ ସ୍ଥିତି । ଚିତ୍ତ ସର୍ବଦା ପରିବର୍ତ୍ତନଶୀଳ । ତେଣୁ ସାଧକମାନେ ଅଭ୍ୟାସ ବୈରାଗ୍ୟର ଅନୁଶୀଳନ କରିପାରନ୍ତି ନାହିଁ । ଏଥିପାଇଁ ଦୃଢ଼ତାର ସହିତ ସ୍ଥିତି ଲାଭ ନିମିତ୍ତ ଯତ୍ନ କରିବାକୁ ହେବ ।

(୫୮୬) ପ୍ରଣିଧାନ : ନିତ୍ୟବସ୍ତୁ ଭଗବାନଙ୍କ ପ୍ରତି ପରାନୁରକ୍ତିର ନାମ ପ୍ରଣିଧାନ । ହୃଦୟକନ୍ଦରରେ ଭଗବତ୍ ସତ୍ତା ଏବଂ ଶ୍ରୀଗୁରୁଙ୍କ ସତ୍ତା ଅନୁଭବପୂର୍ବକ ତାଙ୍କଠାରେ ଆତ୍ମସମର୍ପଣ କରି ନିଶ୍ଚିନ୍ତରେ ସାଧନପଥରେ ଅଗ୍ରସର ହେବାର ନାମ ପ୍ରଣିଧାନ । ଶ୍ରୀଗୁରୁଙ୍କ ଆଦିଷ୍ଟ କର୍ମକୁ ପ୍ରାଣ ଦେଇ ସମାଧାନ କରିବାର ନାମ ପ୍ରଣିଧାନ । ଶାସ୍ତ୍ର ହିଁ ତାଙ୍କର ଶ୍ରୀମୁଖନିଃସୃତ ବାଣୀ । ତେଣୁ ଶାସ୍ତ୍ରବାକ୍ୟକୁ ଗୁରୁଦେବଙ୍କ ବାକ୍ୟ ବୋଲି ଗ୍ରହଣ କରିବା ବିଧେୟ । ତାଙ୍କ ପ୍ରୀତି ନିମିତ୍ତ ଯେଉଁ ସତ୍ ଅନୁଷ୍ଠାନ କରାଯାଏ, ତାହାର ନାମ ପ୍ରଣିଧାନ । ପ୍ରାଣ ଦେଇ ତାଙ୍କୁ ସୁଖ ପାଇବାର ନାମ ପ୍ରଣିଧାନ । ତାଙ୍କୁ ଚିତ୍ତସମର୍ପଣ କରିବା ପରେ ସେ ଚିତ୍ତକୁ ଆଉ ଅନ୍ୟତ୍ର ଫେରାଇ ନେବାର କଳ୍ପନା କଲେ ଦତ୍ତାପହରଣଜନିତ ପାପ ହୁଏ । ସୁଖ ଦୁଃଖ ଉଭୟକୁ ଭଗବାନଙ୍କ ଦାନ ବୋଲି ସହ୍ୟ କରିଯିବା ଦରକାର ।

(୫୮୭) ଅଭିଧ୍ୟାନ : ଉପରୋକ୍ତ ପ୍ରକାରର ଶରଣାଗତ ଭକ୍ତଙ୍କ ପ୍ରତି ଭଗବାନ ଯେଉଁ ଅନୁଗ୍ରହ ବା ବର ପ୍ରଦାନ କରନ୍ତି ଅର୍ଥାତ୍ ଭକ୍ତଙ୍କୁ ଦର୍ଶନ ଦେଇ 'ତୁମର ଅଭୀଷ୍ଟ ପୂର୍ଣ୍ଣ ହେଉ' ବୋଲି ଆଶୀର୍ବାଦ କରନ୍ତି, ସେହି ଅବସ୍ଥାକୁ ଅଭିଧ୍ୟାନ କହନ୍ତି । ସମାଧିଦ୍ୱାରା ପ୍ରଜ୍ଞାସ୍ଥିତି ଲାଭ ହେଲେ ଭକ୍ତ ପ୍ରତି ଭଗବାନଙ୍କର ଯେଉଁ ପ୍ରସନ୍ନତା ଆସେ, ତାହାର ନାମ ଅଭିଧ୍ୟାନ ।

(୫୮୮) ଚିତ୍ତସ୍ଥୈର୍ଯ୍ୟର ନବ ଅନ୍ତରାୟ : ବ୍ୟାଧି, ସ୍ତ୍ୟାନ, ସଂଶୟ, ପ୍ରମାଦ, ଆଳସ୍ୟ, ଅବିରତି, ଭ୍ରାନ୍ତିଦର୍ଶନ, ଅଲବ୍ଧ ଭୂମିକତ୍ୱ ଓ ଅନବସ୍ଥିତତ୍ୱ— ଏହି ନବବିଧ କାରଣ ଯୋଗୁଁ ଚିତ୍ତର ବିକ୍ଷେପ ବା ଚଞ୍ଚଳତା ଘଟେ । ଏହା ହିଁ ନବବିଧ ଅନ୍ତରାୟ । ଏହିସବୁ ଅନ୍ତରାୟର ବିନାଶ ହେଲେ ଚିତ୍ତ ସ୍ଥିର ଭାବ

ଧାରଣ କରେ ଓ ସେଥିରେ ଆତ୍ମଦର୍ଶନ ବା ଭଗବତ୍ ଦର୍ଶନ ହୋଇଥାଏ ।

(୫୮୯) ବ୍ୟାଧି : ଶରୀର ବ୍ୟାଧିଗ୍ରସ୍ତ ହେଲେ କ୍ରିୟା ଅଭ୍ୟାସ ହୋଇପାରେ ନାହିଁ; ତେଣୁ ନିୟମିତ ଆହାର ବିହାରଦ୍ୱାରା ଶରୀରକୁ ସୁସ୍ଥ ରଖିବା ଦରକାର । ଅନିୟମିତତା ହେତୁ ଶରୀରର ଯେଉଁ ବିକାର, ତାହାକୁ ବ୍ୟାଧି କୁହାଯାଏ ।

(୫୯୦) ସ୍ତ୍ୟାନ : ସାଧନ-ଭଜନ କରିବା କର୍ତ୍ତବ୍ୟ—ଏହା ବୁଝି ମଧ୍ୟ ସାଧନ ଭଜନ ପ୍ରତି ଯେଉଁ ଅପ୍ରବୃତ୍ତି ବା ଶୈଥିଲ୍ୟ ପ୍ରକାଶ ପାଏ, ତାହାର ନାମ ସ୍ତ୍ୟାନ । ଚିତ୍ତର ଅକର୍ମଣ୍ୟତା ଦୋଷରୁ ଏପରି ଘଟେ । ବ୍ରହ୍ମଚର୍ଯ୍ୟପାଳନ ଦ୍ୱାରା ବୀର୍ଯ୍ୟଲାଭ ହେଲେ ଏହି ଅନ୍ତରାୟ ଦୂର ହୁଏ । ଶ୍ରୀ ଗୁରୁଙ୍କ ବାକ୍ୟରେ ଶ୍ରଦ୍ଧା ଓ ନିଷ୍ଠା ଥିଲେ ଏହା ସହଜରେ ଜୟ କରିହୁଏ ।

(୫୯୧) ସଂଶୟ : ମନ ମଧ୍ୟରେ କୌଣସି ବିଷୟରେ ସଂଶୟ ଥିଲେ କାର୍ଯ୍ୟସାଧନରେ ଉତ୍ସାହ ଆସେ ନାହିଁ । ଶ୍ରୀଗୁରୁଙ୍କ ବାକ୍ୟରେ ଦୃଢ଼ବିଶ୍ୱାସ ଓ ବ୍ରହ୍ମଚର୍ଯ୍ୟପରାୟଣ ହୋଇପାରିଲେ ଏବଂ ଜ୍ଞାନାନୁଶୀଳନ କଲେ, ଏହି ଅନ୍ତରାୟ ଦୂର ହୁଏ । ଶ୍ରୀଗୁରୁଙ୍କ ବାକ୍ୟଦ୍ୱାରା ସନ୍ଦେହ ଭଞ୍ଜନ କରିବାକୁ ହୁଏ, ନଚେତ୍ ସାଧନା ହେବ ନାହିଁ । ସଂଶୟ ଜାତ ହେଲେ ସାଧନାରେ ପ୍ରବୃତ୍ତି ଥିଲେ ମଧ୍ୟ ଦୃଢ଼ ନିଷ୍ଠା ରହେ ନାହିଁ । ଶ୍ରୀ ଗୁରୁଦେବଙ୍କ ବାକ୍ୟ ଏବଂ ଶାସ୍ତ୍ରବାକ୍ୟର ଶ୍ରବଣ-ମନନ ଦ୍ୱାରା ଓ ଉପଯୁକ୍ତ ଉପଦେଷ୍ଟାଙ୍କ ସଙ୍ଗଦ୍ୱାରା ଅର୍ଥାତ୍ ସାଧୁସଙ୍ଗଦ୍ୱାରା ଏହି ବିଘ୍ନ ଦୂର ହୁଏ ।

(୫୯୨) ପ୍ରମାଦ : ଚିତ୍ତଶୁଦ୍ଧି ନିମିତ୍ତ ଶ୍ରୀ ଗୁରୁଦେବଙ୍କ ନିକଟରୁ ସାଧନ-ଭଜନର ପ୍ରଣାଳୀ ଅବଗତ ହୋଇ, ବିଷୟରେ ଲିପ୍ତ ରହି ସେହି ଅଭ୍ୟାସ ତ୍ୟାଗ କରିବାର ନାମ ପ୍ରମାଦ, ଅର୍ଥାତ ସ୍ୱରୂପ ବିସ୍ମୃତ ହୋଇ ବିଷୟରସରେ ଲିପ୍ତ ରହିବାର ନାମ ପ୍ରମାଦ । ନିରନ୍ତର ନାମ ସ୍ମରଣ ମନନଦ୍ୱାରା ଏହି ବିଘ୍ନ ଦୂରହୁଏ । ଧ୍ରୁବାସ୍ମୃତି ଏହାର ସାଧନ ବା ପ୍ରତିପକ୍ଷ ।

(୫୯୩) ଆଳସ୍ୟ : କାୟିକ ଓ ମାନସିକ ଜଡ଼ତା ବା ତମୋଗୁଣ ନିମିତ୍ତ ନିୟମିତ ସାଧନ ଅଭ୍ୟାସରେ ଅପ୍ରବୃତ୍ତିର ନାମ ଆଳସ୍ୟ । ଦ୍ୱିତୀୟ ଅନ୍ତରାୟ ସ୍ତ୍ୟାନ ସହିତ ଏହାର ସାମଞ୍ଜସ୍ୟ ବିଦ୍ୟମାନ । ସ୍ତ୍ୟାନଦ୍ୱାରା ଚିତ୍ତ ଅକର୍ମଣ୍ୟ ଥାଏ ଏବଂ ଆଳସ୍ୟଦ୍ୱାରା ଏହା ଜଡ଼ବତ୍ ପ୍ରତୀୟମାନ ହୁଏ । ଅଭ୍ୟାସ ଓ ଉଦ୍ୟମ, ଶ୍ରୀଗୁରୁଙ୍କ ବାକ୍ୟ ପ୍ରତି ଶ୍ରଦ୍ଧା ଓ ମହିମଜ୍ଞାନ, ଶ୍ରୀଗୁରୁଙ୍କ ନିର୍ଦ୍ଦିଷ୍ଟ ନିଷ୍କାମ କର୍ମ ଓ ସାଧୁସଙ୍ଗ ପ୍ରଭାବରୁ ଏହି ଅନ୍ତରାୟ ଦୂର ହୁଏ ।

(୫୯୪) ଅବିରତି : ବିଷୟଚିନ୍ତାରୁ ଦୂରରେ ରହି ବୈଷୟିକ ବିଷୟରେ ସଂକଳ୍ପ ତ୍ୟାଗ କରିବା ପାଇଁ ଅଭ୍ୟାସ ଗଠନ କରିବାର ନାମ ଅବିରତି । ବିଷୟର ସଂକଳ୍ପ ତ୍ୟାଗ ଓ ମହାବାକ୍ୟର ଅନୁଶୀଳନ ଫଳରେ ଏହି ଅନ୍ତରାୟ ଦୂର ହୁଏ ।

(୫୯୫) ଭ୍ରାନ୍ତି ଦର୍ଶନ : ପ୍ରକୃତ ଜ୍ଞାନ ଆଲୋଚନା ଅଭାବରୁ ଉଚ୍ଚସ୍ତରକୁ ନିମ୍ନସ୍ତର ଓ ନିମ୍ନସ୍ତରକୁ ଉଚ୍ଚସ୍ତର ବୋଲି ଭାବି ସେଥିରେ ତୃପ୍ତ ରହିବାର ନାମ ଭ୍ରାନ୍ତିଦର୍ଶନ । ସତ୍ୟକୁ ମିଥ୍ୟା ବୋଲି ଭାବିବା ଏବଂ ମିଥ୍ୟାକୁ ସତ୍ୟ ମନେକରି ସେଥିରେ ଆସକ୍ତ ରହିବାର ନାମ ଭ୍ରାନ୍ତିଦର୍ଶନ । ଦେହାତ୍ମବାଦ, ନଶ୍ୱର ଶରୀରକୁ ସ୍ଥାୟୀ ମନେକରି ସେଥିରେ ଆସକ୍ତି ଏହାର ଫଳ । ସମାନ୍ୟ ଜ୍ୟୋତି ଦର୍ଶନ କିମ୍ବା ଅନୁଭୂତି ଲାଭ କରି "ମୁଁ ଆତ୍ମଜ୍ଞାନ ଲାଭ କରିଛି" ବୋଲି ଧାରଣା କରିବାର ନାମ ଭ୍ରାନ୍ତିଦର୍ଶନ । ଈଶ୍ୱର ଏବଂ ଶ୍ରୀ ଗୁରୁଦେବଙ୍କ ପ୍ରତି ଯଥୋପଯୁକ୍ତ ଭକ୍ତି ସହିତ ଶାସ୍ତ୍ର ଅଧ୍ୟୟନ, ମହାବାକ୍ୟ ଶ୍ରବଣ ମନନ, ନିଦ୍ଧ୍ୟାସନ ଓ ଧ୍ୟାନଦ୍ୱାରା ଏହି ଅନ୍ତରାୟ ଦୂର ହୁଏ ।

(୫୯୬) ଅଲବ୍ଧ ଭୂମିକତ୍ୱ : ଚିତ୍ତର ପଞ୍ଚଭୂମି ମଧ୍ୟରୁ ଉଚ୍ଚଭୂମି ଲାଭ କରି ମଧ୍ୟ ସେଥିରେ ସ୍ଥିତିଲାଭ ନ କରିବାର ନାମ ଅଲବ୍ଧ ଭୂମିକତ୍ୱ । ଲବ୍ଧ ଭୂମିରେ ଚିତ୍ତ ସ୍ଥିର କରିବାକୁ ହେଲେ ତତ୍ତ୍ୱସାକ୍ଷାତ୍‌କାର ଏକାନ୍ତ ଆବଶ୍ୟକ । ଅନ୍ୟଥା ସାଧକ ସେହି ଭୂମିରୁ ନିମ୍ନକୁ ଖସି ଆସିପାରନ୍ତି । ଈଶ୍ୱର ପ୍ରଣିଧାନଦ୍ୱାରା ଏହି ଅନ୍ତରାୟ ଦୂର ହୁଏ ।

(୫୯୭) ଅନବସ୍ଥିତତ୍ୱ : ଲବ୍ଧ ଭୂମିରେ ଚିତ୍ତର ଅପ୍ରତିଷ୍ଠାର ନାମ ଅନବସ୍ଥିତତ୍ୱ । ତତ୍ତ୍ୱସାକ୍ଷାତ୍‌କାର ହେଲେ ଲବ୍ଧ ଭୂମିରେ ଚିତ୍ତ ସ୍ଥିର ରହେ । ଭଜନ ସାଧନ ଦ୍ୱାରା ସର୍ବଦା ଭଗବତ୍ ନାମ ସ୍ମରଣ ମନନ ପରିପାରିଲେ ଓ ନିୟମିତ ନିଷ୍ଠାର ସହିତ କ୍ରିୟା ଅଭ୍ୟାସ କଲେ ଏହି ଅନ୍ତରାୟ ଦୂର ହୁଏ ।

(୫୯୮) ଏକତତ୍ତ୍ୱାଭ୍ୟାସ : ଉପରୋକ୍ତ ନବବିଧ ଅନ୍ତରାୟ ଦୂର କରିବାକୁ ହେଲେ ଗୋଟିଏ ତତ୍ତ୍ୱର ଅଭ୍ୟାସ କରିବାକୁ ପଡ଼େ । ଦୃଢ଼ ନିଷ୍ଠା ସହକାରେ ଶ୍ରୀଗୁରୁଦେବଙ୍କ ଧ୍ୟାନ, ନାମଜପ, ସ୍ମରଣ ମନନ ଏବଂ ତାଙ୍କ ପୂଜାର୍ଚ୍ଚନାର ଅଭ୍ୟାସ କରିବାକୁ ଏକତତ୍ତ୍ୱାଭ୍ୟାସ କୁହାଯାଏ । ବିଷୟକର୍ମ ମଧ୍ୟରେ ଥାଇ ନିଷ୍ଠା ସହିତ ନିରନ୍ତର ନାମ ସ୍ମରଣକୁ ଏକତତ୍ତ୍ୱାଭ୍ୟାସ କୁହାଯାଏ । ଚିତ୍ତ ନାନାପ୍ରକାର ତତ୍ତ୍ୱ ବା ବିଷୟ ଚିନ୍ତା କଲେ ଏକାଗ୍ରତା ଆସେନାହିଁ । ଇଷ୍ଟନିଷ୍ଠା ସହିତ ସାଧନ

ଭଜନ କରିବାକୁ ଏକତତ୍ତ୍ୱାଭ୍ୟାସ କହନ୍ତି । ଯେଉଁ ତତ୍ତ୍ୱରେ ଯାହାଙ୍କର ଦୃଢ଼ବିଶ୍ୱାସ, ସେହି ତତ୍ତ୍ୱରେ ଚିତ୍ତର ସ୍ଥିରତାର ନାମ ଏକତତ୍ତ୍ୱାଭ୍ୟାସ । ଏହି ଏକତତ୍ତ୍ୱାଭ୍ୟାସଦ୍ୱାରା ଚିତ୍ତବିକ୍ଷେପର ଅପରାପର ଅନ୍ତରାୟଗୁଡ଼ିକ ମଧ୍ୟ କ୍ରମେ ଦୂରୀଭୂତ ହୋଇଯାଏ ।

(୫୯୯) ଚିତ୍ତବିକ୍ଷେପର ଚତୁର୍ବିଧ କାରଣ : ଦୁଃଖ, ଦୌର୍ମନସ୍ୟ, ଅଙ୍ଗମେୟତ୍ୱ ଏବଂ ଶ୍ୱାସ ଓ ପ୍ରଶ୍ୱାସ—ଚିତ୍ତବିକ୍ଷେପର ଏହି ଚତୁର୍ବିଧ କାରଣ ବିଦ୍ୟମାନ ।

(୬୦୦) କୃଷ୍ଣ : (କୃଷ+ନ)=କୃଷ୍ଣ । କୃଷ୍ ଧାତୁର ଅର୍ଥ କର୍ଷଣ କରିବା । ଯେ ପାପ କର୍ଷଣ କରି ଜୀବକୁ ତାଙ୍କ ଆଡ଼କୁ ଆକର୍ଷଣ କରନ୍ତି, ସେହି ଶକ୍ତିଙ୍କର ନାମ କୃଷ୍ଣ । ତେଣୁ ସେ ପରମପିତା । କ (ବ୍ରହ୍ମା)+ଅ (ଅନନ୍ତ)+ଷ (ଶିବ)+ନ (ଧର୍ମ) । ଅର୍ଥାତ୍ ଯେ ବ୍ରହ୍ମା ରୂପରେ ସୃଷ୍ଟି କରନ୍ତି, ଯେ ଅନନ୍ତ ବା ସୀମାରହିତ, ଯେ ଶିବ ଅର୍ଥାତ୍ ଯେ ଲୟ କରନ୍ତି ବା ମୁକ୍ତି ପ୍ରଦାନ କରନ୍ତି ଓ ଯେ ଧର୍ମମୟ—ତାହାଙ୍କୁ ହିଁ କୃଷ୍ଣ କୁହାଯାଏ । ଯେ ଭକ୍ତମାନଙ୍କ ପାତକ ନିବାରଣ କରନ୍ତି ସେ କୃଷ୍ଣ ।

(୬୦୧) ଗୋବିନ୍ଦ : (ଗୋ + ବିନ୍ଦ)=ଗୋବିନ୍ଦ । ଗୋ ଶବ୍ଦ ଜ୍ଞାନକୁ ବୁଝାଏ; ବିଦ୍ ଶବ୍ଦର ଅର୍ଥ ଜାଣିବା । ଅର୍ଥାତ୍ ଜ୍ଞାନଦ୍ୱାରା ଯାହାଙ୍କୁ ଜାଣି ହୁଏ, ତାହାଙ୍କୁ ଗୋବିନ୍ଦ କହନ୍ତି । ତେଣୁ ଗୋବିନ୍ଦଙ୍କୁ ମୃତ୍ୟୁ ଭୟ କରେ, ଅର୍ଥାତ୍ ଯାହାଙ୍କୁ ଜାଣିଲେ ମୃତ୍ୟୁ ଭୟ ଦୂର ହୁଏ ସେ ଗୋବିନ୍ଦ ।

(୬୦୨) ଗୋପୀଜନବଲ୍ଲଭ : ଯେ ପରବ୍ରହ୍ମଙ୍କୁ ଗୋପନ ବା ଆବରଣ ରେ ରଖନ୍ତି ତାଙ୍କ ନାମ ଗୋପୀ ଅର୍ଥାତ୍ ମାୟା ବା ପ୍ରକୃତି । ମାୟା ହିଁ ଏହି ପ୍ରପଞ୍ଚ ଉତ୍ପତ୍ତିର କାରଣ । ମାୟାର ଯେ ସ୍ୱାମୀ ତାଙ୍କୁ ଗୋପୀଜନବଲ୍ଲଭ କୁହାଯାଏ ଅର୍ଥାତ୍ ସେ ପରମାତ୍ମା । ସେହି ପରମାତ୍ମାଙ୍କୁ ଯେ ଜାଣନ୍ତି, ତାଙ୍କର ସମସ୍ତ ଜ୍ଞାନ ଲାଭ ହୋଇଥାଏ । ଯେ ଅବିଦ୍ୟାକଳାଶକ୍ତି ସ୍ୱରୂପା ପାଳନଶକ୍ତିର ଅଧୀଶ୍ୱର, ତାଙ୍କ ନାମ ଗୋପୀଜନବଲ୍ଲଭ । ଯେଉଁ ବ୍ୟକ୍ତି ସେହି ରୂପ ଚିନ୍ତା କରନ୍ତି, ତାଙ୍କ ମୂର୍ତ୍ତିର ଅର୍ଚ୍ଚନା କରନ୍ତି, ସେ ଅମୃତତ୍ୱ ଲାଭ କରିଥାନ୍ତି ।

(୬୦୩) ଭଜନ : ଭଗବାନ ଶ୍ରୀକୃଷ୍ଣଙ୍କୁ ଭକ୍ତି କରିବାର ନାମ ଭଜନ । ଐହିକ ପାରତ୍ରିକ ପ୍ରୟୋଜନ ଭୁଲି ଶ୍ରୀକୃଷ୍ଣଙ୍କ ପ୍ରତି ଯେଉଁ ତନ୍ମୟ ଭାବ, ତାକୁ

ହିଁ ଭଜନ କୁହାଯାଏ । କାମନାଶୂନ୍ୟ ହୋଇ ଭଗବାନଙ୍କଠାରେ ଆତ୍ମସମର୍ପଣ କରିବାର ନାମ ଭଜନ ।

(୬୦୪) କମଳଲୋଚନ : କମଳ ଶବ୍ଦର ଅର୍ଥ ସତ୍ତ୍ୱଗୁଣାତ୍ମିକା ମାୟା । ଚକ୍ଷୁ ବ୍ୟତୀତ ଯେପରି କିଛି ଦେଖାଯାଏ ନାହିଁ, ସେହିପରି ମାୟାର ଆଶ୍ରୟ ବ୍ୟତୀତ ଏ ଜଗତ ଦୃଷ୍ଟିଗୋଚର ହୋଇପାରେ ନାହିଁ । ମାୟା ଆଶ୍ରୟରେ ଜଗତ ସୃଷ୍ଟି କରିଥିବା ହେତୁ ତାଙ୍କର ନାମ କମଳଲୋଚନ ।

(୬୦୫) କମଳମାଳୀ : ଆଦ୍ୟା ମାୟାକୁ ମାଳା କହନ୍ତି । ସେହି ଆଦ୍ୟାମାୟା ଯାହାଙ୍କର ମାଳା ସ୍ୱରୂପ, ସେ କମଳମାଳୀ । ମାୟା ଆଶ୍ରୟରେ ବ୍ରହ୍ମ ସମସ୍ତଙ୍କୁ ହୃଦୟଙ୍ଗମ କରୁଥିବାରୁ ସେ କାମଳମାଳୀ । ମାୟାଶ୍ରିତ ହେତୁ ତାଙ୍କର ନାମ ସଗୁଣ ବ୍ରହ୍ମ; ନଚେତ୍ ସେ ନିର୍ଗୁଣ ନିରାକାର ।

(୬୦୬) କମଳନାଭ : ଯାହାଙ୍କର ନାଭିଦେଶରେ କମଳ ଅର୍ଥାତ୍ ମାୟାତ୍ମକ ବିଶ୍ୱ ପ୍ରପଞ୍ଚ ବିଦ୍ୟମାନ, ତାଙ୍କୁ କମଳନାଭ କୁହାଯାଏ । ତେଣୁ ନାଭିଚକ୍ରରେ ସୃଷ୍ଟି-ସ୍ଥିତି-ସଂହାର ଶକ୍ତି ବିଦ୍ୟମାନ । ମାୟାର ଅଧୀଶ୍ୱର ହେତୁ ସେ ମଧ୍ୟ କମଳାପତି ।

(୬୦୭) କଂସବଂଶଧ୍ୱସକାରୀ : ଆତ୍ମତତ୍ତ୍ୱବିରୋଧୀ ମହାମୋହକୁ କଂସ କହନ୍ତି । ବିଷୟବାସନା ହିଁ କଂସର ସହଚର ଅର୍ଥାତ ବିଷୟବାସନା ସକଳ କଂସର ବଂଶ । ଯେ ସେହି ମୋହ ଓ ବିଷୟବାସନା ବିନାଶ କରନ୍ତି, ତାଙ୍କୁ କଂସବଂଶଧ୍ୱଂସକାରୀ କୁହାଯାଏ ।

(୬୦୮) ପାର୍ଥସାରଥୀ : ପାର୍ଥ ଶବ୍ଦରେ ଜୀବାତ୍ମାକୁ ବୁଝାଏ । ରଥ ଶବ୍ଦରେ ଦେହକୁ ବୁଝାଇଥାଏ । ସଂଗ୍ରାମାଦି କାର୍ଯ୍ୟ ପାର୍ଥ ବା ଜୀବାତ୍ମା ସମ୍ପନ୍ନ କରେ । କୃଷ୍ଣ ପରମାତ୍ମା ସଦୃଶ । ଯାହାଙ୍କ ବିଦ୍ୟମାନତା ବା ଇଙ୍ଗିତରେ ରଥ ଚାଳିତ ହେଉଥିଲେ ମଧ୍ୟ ସେ ନିର୍ଲିପ୍ତ ଥାନ୍ତି, ତେଣୁ ତାଙ୍କୁ ପାର୍ଥସାରଥି କୁହାଯାଏ ।

(୬୦୯) ବେଣୁବାଦନତତ୍ପର : ଭଗବାନ ସ୍ୱୟଂ ପ୍ରଣବସ୍ୱରୂପୀ । ପ୍ରବଣଧ୍ୱନିକୁ ବେଣୁବାଦନ କହନ୍ତି । ପ୍ରଣବଧ୍ୱନିରେ ସାଧକଙ୍କ ଚିତ୍ତ ଆକୃଷ୍ଟ ହୋଇଥାଏ । ତେଣୁ ଶ୍ରୀକୃଷ୍ଣଙ୍କ ବେଣୁନାଦରେ ସାଧିକା ବ୍ରଜ ଗୋପୀକୁଳ ଆକୃଷ୍ଟ ହୋଇଥିଲେ । ଯେଉଁସବୁ ସାଧକ ନାଦଧ୍ୱନି ହୃଦୟଙ୍ଗମକରି ଭବାନଙ୍କ ପ୍ରତି ଆକୃଷ୍ଟ ହୁଅନ୍ତି, ସେମାନେ ସହଜରେ ଭଗବାନଙ୍କୁ ଲାଭ କରି ଧନ୍ୟ ହୁଅନ୍ତି ।

ସଂସାରର ସମସ୍ତ ବିଷୟ ସେମାନଙ୍କ ନିକଟରେ ହେୟ ଓ ଅକିଞ୍ଚିତ୍କର ବୋଧ ହୁଏ । ସେହି କାରଣରୁ ଗୋପୀମାନେ ପ୍ରଣବରୂପୀ ବ୍ରହ୍ମଙ୍କର ବେଣୁବାଦନ ଶ୍ରବଣ କରି ଆକୃଷ୍ଟ ହେଉଥିଲେ । ତେଣୁ ଭଗବାନ ସର୍ବଦା ବେଣୁବାଦନତତ୍ପର ବୋଲି କୁହାଯାଉଛି । ଏହାହିଁ ଅନାହତ ଧ୍ୱନି । ଓଁକାର ଗାନ ହିଁ ବେଣୁବାଦନ ।

(୬୧୦) ଅଘାସୁରମର୍ଦ୍ଦନକାରୀ : ପାପକୁ ଅଘ କୁହାଯାଏ । ଜନ୍ମଜନ୍ମାନ୍ତରରୁ ଯେଉଁସବୁ ପାପର ଅନୁଷ୍ଠାନ କରାଯାଇଥାଏ, ତାହାକୁ ଅଘ କହନ୍ତି । ସେହି ପାପରାଶିକୁ ଯେ ବିନାଶ କରନ୍ତି, ସେ ଅଘାସୁରମର୍ଦ୍ଦନକାରୀ । ତେଣୁ ବୈଦିକ ସନ୍ଧ୍ୟାରେ ପାପନାଶ ନିମିତ୍ତ ଅଘମର୍ଷଣ ଶବ୍ଦ ବ୍ୟବହାର କରାଯାଇଛି । ଚିତ୍ତ ଶୁଦ୍ଧ ହେଲେ ମାନବର ସମସ୍ତ ପାପ ଧ୍ୱଂସ ହୁଏ । ଯାହାଙ୍କ ଧ୍ୟାନରେ ଏହା ସମ୍ଭବ ହୁଏ, ସେ ଅଘମର୍ଷଣ ।

(୬୧୧) ଗୋପାଳନକାରୀ : ଗୋ ଶବ୍ଦ ବେଦକୁ ବୁଝାଏ । ଯେ ବେଦକୁ ରକ୍ଷା କରନ୍ତି, ତାଙ୍କୁ ଗୋପାଳ କୁହାଯାଏ । ବେଦ ଅର୍ଥାତ୍ ଓଁ କାରର ସହାୟତା ଭିନ୍ନ ଅଘମର୍ଷଣ ହୋଇପାରେ ନାହିଁ । ତେଣୁ ଶ୍ରୀକୃଷ୍ଣ ଗୋପାଳ ବେଶରେ ଅଘାସୁର ବିନାଶ କରିଥିଲେ ।

(୬୧୨) ଯମୁନାକୂଳଚଞ୍ଚଳ : ଯେ ଯମୁନା କୂଳକୁ ଗମନ କରିବାକୁ ସଦା ଚଞ୍ଚଳ । ଯମୁନା ଜଳ ହିଁ ଭକ୍ତହୃଦୟର ଉଚ୍ଛ୍ୱାସ । ଯେ ଏହି ଭକ୍ତହୃଦୟର ଆବେଗ ଦର୍ଶନ କରି ଚଞ୍ଚଳ ହୋଇଉଠନ୍ତି, ତାଙ୍କୁ ଯମୁନାକୂଳଚଞ୍ଚଳ କୁହାଯାଏ ।

(୬୧୩) ମକରକୁଣ୍ଡଳଧାରୀ : ଯାହାଙ୍କ କର୍ଣ୍ଣରେ ମକର କୁଣ୍ଡଳଦ୍ୱୟ ସର୍ବଦା ଦୋଳୟମାନ । ଏହାର ତାତ୍ପର୍ଯ୍ୟ ହେଉଛି ଯେ, ଯେ ବ୍ରହ୍ମ ସଗୁଣ କିମ୍ବା ନିର୍ଗୁଣ, ଏହି ପ୍ରଶ୍ନର ମୀମାଂସା କରିବାକୁ ସ୍ମୃତି ସମର୍ଥ ହୋଇ ନ ପାରି ସର୍ବଦା ଦୋଳାୟମାନ ହୋଇ ରହିଛି; ଅର୍ଥାତ୍ ମୀମାଂସାରେ ଉପନୀତ ହୋଇପାରି ନାହିଁ । ଏହି କୁଣ୍ଡଳ ମକରାକାର, ଅର୍ଥାତ୍ ମକରର ଯେପରି ରସନା ନାହିଁ, ସ୍ମୃତି ସେହିପରି ଦେବଜିହ୍ୱା ବିରହିତହୋଇ ଭଗବତ୍ ରସ ଆସ୍ୱାଦନ କରିବାକୁ ଅସମର୍ଥ । କ୍ଷର ଓ ଉତ୍ତମକୁ କୁଣ୍ଡଳ କହନ୍ତି । କ୍ଷର ଅର୍ଥ ବ୍ରହ୍ମ; ଉତ୍ତମ ଅର୍ଥ ଜଗତ୍ ।

(୬୧୪) ଗୋପଲଳନାମାନଙ୍କ ସହ ନୃତ୍ୟପରାୟଣ : ମାୟାକୁ ଗୋପଲଳନା କହନ୍ତି । ମାୟା ଆଶ୍ରମରେ ଭଗବାନ ଲୀଳାମୟ ଅର୍ଥାତ୍ ନୃତ୍ୟପରାୟଣ । ସେ ଏହି ବିଶ୍ୱସୃଷ୍ଟିର କାରଣ । ବ୍ରହ୍ମାଣ୍ଡ ତାଙ୍କର ନୃତ୍ୟଭୂମି ।

ନୃତ୍ୟ ଅର୍ଥ ଭଗବାନଙ୍କର ସଂସାରଲୀଳା । ଯେ ମାୟାରୂପ ମାଳା ଧାରଣ କରି ଜୀବମାନଙ୍କୁ ଆନନ୍ଦ କରି ରଖିଛନ୍ତି, ତାଙ୍କୁ ହିଁ ଗୋପଲଳନାଙ୍କ ସହ ନୃତ୍ୟକାରୀ ବୋଲି କୁହାଯାଏ ।

(୬୧୫) ଗୋବର୍ଦ୍ଧନଧାରୀ : ଗୋ ଶବ୍ଦ ବେଦକୁ ବୁଝାଏ । ଯେଉଁ ସ୍ଥାନରେ ଗୋ ଅର୍ଥାତ୍ ଜ୍ଞାନର ବୃଦ୍ଧି ବା ଜ୍ଞାନର ଆଲୋଚନା ହୋଇଥାଏ, ତାହାର ନାମ ଗୋବର୍ଦ୍ଧନ । ଯେ ତାହା ଧାରଣ ବା ସଂରକ୍ଷଣ କରନ୍ତି, ତାଙ୍କୁ ଗୋବର୍ଦ୍ଧନଧାରୀ କହନ୍ତି । ଏଥିପାଇଁ ଯେଉଁ ସ୍ଥାନରେ ବେଦ ପାଠ ହୁଏ, ସେଠାରେ କେହି କିଛି ବିଘ୍ନ ଘଟାଇପାରନ୍ତି ନାହିଁ । ତେଣୁ ଇନ୍ଦ୍ର ବିଘ୍ନ ଉତ୍ପାଦନ କରିବାରୁ ଗୋପୀ ବା ଭକ୍ତମାନଙ୍କୁ ଗୋବର୍ଦ୍ଧନ ଆଶ୍ରୟରେ ବା ଗୋବର୍ଦ୍ଧନ ଧାରଣ କରି ଯେ ରକ୍ଷା କରିଥିଲେ, ତାଙ୍କୁ ଗୋବର୍ଦ୍ଧନଧାରୀ କହନ୍ତି । ସୁତରାଂ ବେଦ ବା ଜ୍ଞାନ ହିଁ ସବୁ ବିପଦ ନାଶ କରିବାକୁ ସମର୍ଥ ।

(୬୧୬) ପୂତନାପ୍ରାଣସଂହାରୀ : ବାହ୍ୟ ପବିତ୍ରତାକୁ ପୂତନା କହନ୍ତି । ବାହାରେ ଯେଉଁମାନେ ପବିତ୍ରଭାବ ଦେଖାଇ ଭିତରେ ରାକ୍ଷସୀ ଭାବ ପୋଷଣ କରନ୍ତି, ସେମାନଙ୍କୁ ପୂତନା କୁହାଯାଏ । ତେଣୁ ପୂତନାର ଆକାର ବାହାରେ ସ୍ନେହମୟୀ ଜନନୀ ପରି ହେଲେ ମଧ୍ୟ ତାହା ଭିତରେ ବିଷପୂର୍ଣ୍ଣ । ଭାଗବତକାର ତାକୁ ବକାସୁରର ଭଗିନୀ ବୋଲି ଉଲ୍ଲେଖ କରିଛନ୍ତି । ବକା ଶବ୍ଦର ଅର୍ଥ କପଟାଚାର ବା କୁଟିଳତା । ପୂତନା ମଧ୍ୟ କପଟାଚାରର ସାକ୍ଷାତ ମୂର୍ତ୍ତିମନ୍ତ ବିଗ୍ରହ । କପଟାଚାର ଧର୍ମପଥର ବିଷମ ବିଘ୍ନ । ଭଗବାନ ସେହି ପକଟାଚାରୀମାନଙ୍କୁ ବିନାଶ କରୁଥିବାରୁ, ସେ ପୂତନାପ୍ରାଣସଂହାରୀ । ଯେଉଁମାନେ ଭିତରେ ଭିନ୍ନ ଉଦ୍ଦେଶ୍ୟ ରଖି ବାହ୍ୟିକ ଭାବରେ ନିଜକୁ ଭକ୍ତ ବୋଲି ଦେଖାଇ ହୁଅନ୍ତି, ସେମାନେ ମଧ୍ୟ ପୂତନାର ବଂଶଧର ।

(୬୧୭) ତୃଣାବର୍ତ୍ତଧ୍ୱଂସକାରୀ : ଘୂର୍ଣ୍ଣିବାୟୁକୁ ତୃଣାବର୍ତ୍ତ କହନ୍ତି । ବାହ୍ୟଜଗତ ଭଳି ଅନ୍ତରରାଜ୍ୟରେ ମଧ୍ୟ ତୃଣାବର୍ତ୍ତ ବିଦ୍ୟମାନ । ଇନ୍ଦ୍ରିୟମାନେ କାମକ୍ରୋଧଦ୍ୱାରା ବିଚଳିତ ହେଲେ ଅନ୍ତରରେ ଏହି ତୃଣାବର୍ତ୍ତରୂପୀ ଘୂର୍ଣ୍ଣିବାୟୁର ସୃଷ୍ଟି ହୋଇଥାଏ । ସଂଯମ ବ୍ୟତୀତ ତାହା ବିନାଶର ଅନ୍ୟ ଉପାୟ ନାହିଁ, ଅର୍ଥାତ୍ ଷଡ଼ରିପୁଦମନକୁ ତୃଣାବର୍ତ୍ତସଂହାର କହନ୍ତି । ଭଗବାନ ଏହି ଆସୁରିକ ବୃତ୍ତିକୁ ବିନାଶ କରନ୍ତି ବୋଲି ତାଙ୍କୁ ତୃଣାବର୍ତ୍ତଧ୍ୱଂସକାରୀ କୁହାଯାଏ ।

(୬୧୮) ରୁକ୍ମିଣୀକାନ୍ତ : ମୂଳା ପ୍ରକୃତିକୁ ରୁକ୍ମିଣୀ କହନ୍ତି । ଯେ ମୂଳା ପ୍ରକୃତିର ଈଶ୍ୱର, ସେ ରୁକ୍ମିଣୀକାନ୍ତ । ଯଥା– କୃଷ୍ଣାତ୍ମିକା ଜଗତ୍‌କୀର୍ତ୍ତି ମୂଳ ପ୍ରକୃତିରୂପିଣୀ ।

(୬୧୯) କେଶବ : କେ ଶବ୍ଦ ନାରାୟଣଙ୍କୁ ବୁଝାଏ । କେ ଅର୍ଥାତ୍ ଜଳରେ ଯେ ଶବ ରୂପରେ ବିରାଜ କରନ୍ତି, ତାଙ୍କୁ ହିଁ କେଶବ କହନ୍ତି । 'କ' ଶବ୍ଦରେ ବ୍ରହ୍ମା, 'ଈଶ' ଶବ୍ଦରେ ରୁଦ୍ରଙ୍କୁ ବୁଝାଇଥାଏ । ଯେ ବ୍ରହ୍ମା ଓ ରୁଦ୍ରଙ୍କୁ ସ୍ୱବଶରେ ରଖିଥାନ୍ତି, ତାଙ୍କର ନାମ କେଶବ ।

(୬୨୦) ନାରାୟଣ : ନରସମୂହକୁ ନାର କହନ୍ତି । ଯେ ନରସମୂହକୁ ଆଶ୍ରୟ କରି ଅବସ୍ଥିତ, ତାଙ୍କୁ ହିଁ ନାରାୟଣ କୁହାଯାଏ । ଆଉ ମଧ୍ୟ ନର ଶବ୍ଦରେ ମୁକ୍ତିକୁ ବୁଝାଇଥାଏ । ଅୟନ ଶବ୍ଦ ପ୍ରାପ୍ତିବାଚକ । ଯାହାଙ୍କ କୃପାରୁ ମୁକ୍ତି ମିଳେ ତାଙ୍କୁ ନାରାୟଣ କହନ୍ତି । ତେଣୁ ଶ୍ରୀଗୁରୁ ହିଁ ନାରାୟଣ । ପୁଣି ନାର ଶବ୍ଦ ଜଳକୁ ବୁଝାଏ । ଅୟନ ଶବ୍ଦର ଅର୍ଥ ସ୍ଥାନ, ଅର୍ଥାତ୍ ଯେ ପ୍ରଳୟ କାଳରେ କ୍ଷୀର ସାଗରରେ ବିରାଜ କରନ୍ତି ତାଙ୍କୁ କୁହାଯାଏ ନାରାୟଣ ।

(୬୨୧) ଜନାର୍ଦ୍ଦନ : ଜନ ଶବ୍ଦରେ ଲୋକସାଧାରଣଙ୍କୁ ବୁଝାଇଥାଏ; ଅର୍ଦ୍ଦନ ଶବ୍ଦରେ ସଂହାର କରିବାକୁ ବୁଝାଏ । ଅର୍ଥାତ୍ ଶିବ ନାମରେ ଯେ ଛେଦନ କରନ୍ତି, ଅର୍ଥାତ୍ ଭକ୍ତମାନଙ୍କ ଜନ୍ମମୃତ୍ୟୁ ବନ୍ଧନ ଯେ ଛେଦନ କରନ୍ତି, ତାଙ୍କୁ ହିଁ ଜନାର୍ଦ୍ଦନ କହନ୍ତି ।

(୬୨୨) ମଥୁରାମଣ୍ଡଳନିବାସୀ : ଶିରସ୍ଥିତ ସହସ୍ରଦଳକମଳ ହିଁ ମଥୁରାମଣ୍ଡଳ । ଏହି ଶିରସ୍ଥିତ ସହସ୍ରଦଳକମଳରେ ଗୁରୁରୂପୀ ପରମାତ୍ମା ନିତ୍ୟବିରାଜିତ । ତେଣୁ ଶ୍ରୀ ଗୁରୁ ହିଁ ମଥୁରାମଣ୍ଡଳ ନିବାସୀ ।

(୬୨୩) ଭଗବତ୍ କରୁଣା : ସାଧକମାନେ ଯେତେବେଳେ ଦେଖିବେ ଯେ, ସେମାନଙ୍କ ଅନ୍ତର ଏକାଗ୍ର ଭାବରେ ଭଗବତ୍ ପଦାରବିନ୍ଦ ଚିନ୍ତାରେ ନିମଗ୍ନ ଏବଂ ସାଧନ, ଭଜନ, ସ୍ମରଣ, ମନନ, ଚିନ୍ତନ କରିବାକୁ ସେମାନଙ୍କ ମନ-ପ୍ରାଣରେ ଟିକିଏ ହେଲେ ଅବସାଦ ଆସୁନାହିଁ, ଯେ କୌଣସି ପରିସ୍ଥିତିରେ ସାଧକମାନେ ଅବିଚଳିତ ରହି କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି, ବରଂ ଗୁରୁଦତ୍ତ ସାଧନ-ଭଜନ ଯେତେ କଷ୍ଟସାଧ୍ୟ ହେଲେ ମଧ୍ୟ ନିଷ୍ଠାର ସହିତ ତାହା ସମ୍ପନ୍ନ କରିବାକୁ ପ୍ରାଣରେ ସତେଜ ପ୍ରେରଣା ଜାତ ହେଉଛି ଏବଂ

ଗୁରୁଦେବଙ୍କ କାର୍ଯ୍ୟ କରୁଛନ୍ତି ବୋଲି ପ୍ରାଣ ଆନନ୍ଦରେ ନାଚି ଉଠୁଛି, ସେତେବେଳେ ବୁଝିବ ଯେ ଏହା ଭଗବତ୍ କରୁଣା। ଆଉ ଯେତେବେଳେ ଜୀବନର ଲକ୍ଷ୍ୟ ଉପଲବ୍ଧିକୁ ଅନ୍ତରରେ ରଖି ବାହ୍ୟିକ ଭାବରେ ସାଧନାଭଜନର କଠିନତାକୁ ବରଣ କରିନେବାକୁ ପ୍ରବଳ ଇଚ୍ଛା ଜାତ ହେଉଛି ଏବଂ ପ୍ରାଣରେ ଭଗବତ୍ ଦର୍ଶନ ନିମିତ୍ତ ବ୍ୟାକୁଳତାର ଉଦୟ ହେଉଛି, ତାହା ହିଁ ଶକ୍ତି ଜାଗରଣର ପୂର୍ଣ୍ଣ ଲକ୍ଷଣ ବା ଭଗବତ୍ କରୁଣାଲାଭ। ଆଜନ୍ମପୋଷିତ କୁସଂସ୍କାରର ଧ୍ୱଂସକୁ ମଧ୍ୟ ଭଗବତ୍ କରୁଣା କୁହାଯାଏ।

(୬୨୪) ଆତ୍ମସମର୍ପଣ : ନିଜର ଅହଙ୍କାର, ଅଭିମାନ, ଖାମଖିଆଲି ଭାବ, ଅନଧିକାର ଚର୍ଚ୍ଚା ପ୍ରଭୃତି ତ୍ୟାଗ କରି ଭକ୍ତି ସହିତ ଭଗବତ୍ ନାମ ସ୍ମରଣ କରିବାର ନାମ ଆତ୍ମସମର୍ପଣ। ଭ୍ରାନ୍ତ ଆତ୍ମବୋଧତ୍ୟାଗ ହିଁ ଆତ୍ମସମର୍ପଣ। ଆତ୍ମସମର୍ପଣକାରୀ ନିଜପାଇଁ କିଛି ଚାହାଁନ୍ତିନାହିଁ କିମ୍ବା ସେବା ବିନିମୟରେ କିଛି ଗ୍ରହଣ କରନ୍ତି ନାହିଁ। ଭଗବାନ୍ ତାଙ୍କୁ ଯେତିକି ଶକ୍ତି ଦାନ କରିଛନ୍ତି, ସେତିକି ଯଦି ତାଙ୍କ ଉଦ୍ଦେଶ୍ୟରେ ଅର୍ଥାତ୍ ତଦଭିମୁଖୀ କରାଯାଇ ପାରିବ, ତେବେ ନିଜକୁ ମହାଶକ୍ତିଙ୍କ ସହିତ ଯୋଗଯୁକ୍ତ ବୋଲି ହୃଦୟଙ୍ଗମ କରିପାରିବେ।

(୬୨୫) ସାଧନଶକ୍ତି : ଆତ୍ମଶକ୍ତିର ଉଦ୍‌ବୋଧନ ବା ଜାଗରଣ ନିମିତ୍ତ ଯେଉଁ ଚେଷ୍ଟା, ତାହାର ନାମ ସାଧନା। ଶକ୍ତି ଜାଗରିତ ହେଲେ ଜୀବନ ମଧୁମୟ ହୋଇଯାଏ। ଯେଉଁମାନେ ଅଦୃଷ୍ଟ ଉପରେ ନିର୍ଭର କରି ଆଳସ୍ୟ ଓ ଜଡ଼ତାରେ ସମୟ ଅତିବାହିତ କରନ୍ତି, ସେମାନେ କେବେହେଲେ ସାଧନ-ଭଜନ କରିପାରନ୍ତି ନାହିଁ। ଶକ୍ତି ଜାଗରଣର ନାମ ହେଉଛି ମନୁଷ୍ୟତ୍ୱ। ଶକ୍ତିକୁ ବଶୀଭୂତ କରିବାର ନାମ ସାଧନା। ଶ୍ରୀଗୁରୁଦେବଙ୍କ ବାକ୍ୟରେ ନିଜକୁ ପ୍ରବୃତ୍ତି ପଥରୁ ଫେରାଇ ଆଣିବାର ନାମ ସାଧନା।

(୬୨୬) ଶକ୍ତିଲାଭ : ଭୋଗ-ଇଚ୍ଛାବିହୀନ ହୋଇ ଅନ୍ତରର ଓ ବାହାରର ଶତ୍ରୁମାନଙ୍କୁ ସଂହାର ବା ବଶୀଭୂତ କରିବା ନିମିତ୍ତ ସାଧକଙ୍କର ଯେଉଁ ଦୁର୍ଦ୍ଦମନୀୟ ପ୍ରଚେଷ୍ଟା ଏବଂ ସେଥି ନିମିତ୍ତ ଯେଉଁ ତୀବ୍ର ସଂବେଗ ତାହାହିଁ ଶକ୍ତିଲାଭ। ଯାହାଙ୍କ ଅନ୍ତରରେ ଭଗବତ୍ ପ୍ରାପ୍ତି ନିମିତ୍ତ ଆବେଗ ବା ଆକୁଳତା ନାହିଁ, ସାଧନ-ଭଜନ ନିମିତ୍ତ ଉତ୍ସାହ, ଧୈର୍ଯ୍ୟ ଓ ବିଶ୍ୱାସ ନାହିଁ, ଯେ ତୌଷିକତାର ମାୟାମନ୍ତ୍ରରେ ମୁଗ୍ଧ, ସେ କେବେହେଲେ ଶକ୍ତିସାଧକ ପଦବାଚ୍ୟ ନୁହଁନ୍ତି। ଯେଉଁମାନେ କର୍ତ୍ତବ୍ୟନିଷ୍ଠ

ଏବଂ ଦେଶ, ସମାଜ ଏବଂ ଧର୍ମରକ୍ଷା ନିମିତ୍ତ ଯେଉଁମାନେ ଆତ୍ମତ୍ୟାଗ କରିପାରନ୍ତି, ସେମାନଙ୍କର ଶକ୍ତିଲାଭ ହୋଇଛି ବୋଲି ଜାଣିବ । ଶକ୍ତିଙ୍କୁ ବାହ୍ୟିକ ଭାବରେ ଦର୍ଶନ କରି ଯେଉଁମାନଙ୍କ ଅନ୍ତରରେ ଏହି ଦୈବୀ ଗୁଣଗୁଡ଼ିକର ସ୍ଫୁରଣ ହୁଏନାହିଁ, ସେମାନେ ଶକ୍ତିସାଧକ ନୁହନ୍ତି; ଶକ୍ତିକବଳିତ ବୋଲି ଜାଣିବ ।

(୬୨୭) ଶକ୍ତିସାଧକ : ଯେଉଁମାନେ ଆନ୍ତରିକ ସତ୍‌ଭାବକୁ ବାହାରେ ରୂପ ଦେଇପାରନ୍ତି, ସେହିମାନେ ହିଁ ଶକ୍ତି ସାଧକ । ଯେଉଁମାନେ ଭାବକୁ କେବଳ ଭାଷାରେ ରୂପ ଦେଇପାରନ୍ତି, ସେମାନେ କବି ଏବଂ ସେହି ଭାବକୁ ଯେଉଁମାନେ ପ୍ରାଣବନ୍ତ ରୂପ ପ୍ରଦାନ କରନ୍ତି, ସେମାନେ ଶକ୍ତିସାଧକ । ଏଥିପାଇଁ ଦୃଢ଼ସଂକଳ୍ପ, ନିଶ୍ଚିତ ବିଶ୍ୱାସ ଓ ଧୈର୍ଯ୍ୟ ଏକାନ୍ତ ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ସାଧନାଦ୍ୱାରା ଏହି ଦୈବୀଗୁଣଗୁଡ଼ିକ ଲାଭ ହୋଇଥାଏ । ତେଣୁ ଅଟଳ ବୀର୍ଯ୍ୟବାନ୍ ଏକନିଷ୍ଠ ସାଧକମାନେ ହିଁ ଯଥାର୍ଥ ଶକ୍ତିସାଧକ ମଧ୍ୟରେ ଗଣ୍ୟ । ଯେଉଁମାନେ ମାନବର ଆତ୍ମଶକ୍ତି ଉଦ୍‌ବୋଧନ ନିମିତ୍ତ ପ୍ରକୃତ ବ୍ୟାକୁଳ, ସେହିମାନେ ହିଁ ଶକ୍ତିସାଧକ । ଆତ୍ମବିଶ୍ୱାସ ହିଁ ଶକ୍ତିସାଧକର ପ୍ରଧାନ ଲକ୍ଷଣ । ଭାବର ବିପରୀତ କର୍ମ ତ୍ୟାଗ କରି ଶକ୍ତି ଅନୁଯାୟୀ ଭକ୍ତି ବା ସ୍ୱଧର୍ମାଚରଣ କରିବା ହିଁ ଯଥାର୍ଥ ଶକ୍ତିସାଧନା ।

(୬୨୮) ଦେବଶକ୍ତି : ଯେଉଁ ଶକ୍ତିଦ୍ୱାରା ସାଧକ ଅନ୍ତର୍ଜଗତ ଉପରେ ପ୍ରଭାବ ବିସ୍ତାର କରିପାରନ୍ତି, ଅର୍ଥାତ୍ ଅନ୍ତର୍ଜଗତକୁ ଜୟ କରିପାରନ୍ତି, ସେହି ଶକ୍ତିର ନାମ ଦେବଶକ୍ତି ଏବଂ ଯେଉଁ ଶକ୍ତିଦ୍ୱାରା ବହିର୍ଜଗତ ଉପରେ ପ୍ରଭାବ ବିସ୍ତାର କରାଯାଏ, ତାହା ପଶୁଶକ୍ତି । ଭୋଗଦ୍ୱାରା ପଶୁଶକ୍ତି ଆୟତ୍ତ ହୁଏ ଏବଂ ତପସ୍ୟା ବା ଯୋଗଦ୍ୱାରା ଦେବଶକ୍ତି ଲାଭ ହୁଏ । ଅନ୍ତରିନ୍ଦ୍ରିୟର ସଂଯମରେ, ବହିର୍ଜଗତ ସହଜରେ ଜୟ କରାଯାଇଥାଏ; କିନ୍ତୁ ବହିର୍ଜଗତ ବଶୀଭୂତ ହେଲେ ଅନ୍ତରରାଜ୍ୟକୁ ଜୟ କରାଯାଇପାରେ ନାହିଁ । ତେଣୁ ଯେଉଁମାନେ ବାହ୍ୟିକ ଧନ ଐଶ୍ୱର୍ଯ୍ୟ ଲାଭ କରିଥାନ୍ତି, ସେମାନଙ୍କ ଅନ୍ତର ଶାନ୍ତି ଲାଭ କରିପାରିବ ନାହିଁ । ଏଥିପାଇଁ ପଶୁଶକ୍ତି ଦେବଶକ୍ତିର ବାହନ । ଶ୍ରୀଗୁରୁଦେବଙ୍କ ବାକ୍ୟରେ ଶ୍ରଦ୍ଧା ହେଲେ ଏହି ଦେବଶକ୍ତି ଲାଭ ହୋଇଥାଏ ।

(୬୨୯) ଶକ୍ତିସଞ୍ଚାର : ନିଜ ଭିତରେ ଶକ୍ତିର ଜାଗରଣ ହେଲେ ସାଧକ ନିଜକୁ ଶକ୍ତିମାନ ବୋଲି ଅନୁଭବ କରନ୍ତି । ସେତେବେଳେ ଅପରକୁ ଉଦ୍‌ବୁଦ୍ଧ କରିବାକୁ ସ୍ୱତଃ ଅନ୍ତରରେ ପ୍ରେରଣା ଜାତ ହୁଏ । ମାନବସମାଜ ପ୍ରତି

ମହାପୁରୁଷଙ୍କର ଯେଉଁ ଅକୃତ୍ରିମ ସ୍ନେହପ୍ରୀତି ଓ ଶିଷ୍ୟର ଉନ୍ନତି ନିମିତ୍ତ ଯେଉଁ ମାନସିକ ଶକ୍ତିର ସଞ୍ଚାରଣ, ତାହାକୁ ଶକ୍ତିସଞ୍ଚାର କୁହାଯାଏ । ମହାପୁରୁଷମାନେ ଇଚ୍ଛା କରି ନିଜର ଭାବକୁ ଅନ୍ୟଠାରେ ସଞ୍ଚାରିତ କରି ଦେଲେ ଶିଷ୍ୟ ଭିତରେ ଭଗବତ୍ ପ୍ରେରଣା ଜାତ ହୁଏ । ନିଜ ଜୀବନରେ ଶାଶ୍ୱତ ସୁଖର ସନ୍ଧାନ ନ ପାଇ ଯେଉଁମାନେ ଅପରକୁ ଉଦ୍ଧାର କରିବାକୁ ଯତ୍ନ କରନ୍ତି, ସେମାନଙ୍କଦ୍ୱାରା ଅପର ମାନବର କଲ୍ୟାଣ ସାଧିତ ହୋଇପାରେ ନାହିଁ । ତେଣୁ ପ୍ରଥମେ ନିଜେ ଆତ୍ମଜ୍ଞାନ ଲାଭ କରି ପରେ ଜୀବ ଉଦ୍ଧାର କରିବାକୁ ପଡ଼େ । ଯେଉଁମାନେ ପ୍ରଥମେ ନିଜ ଜୀବନର ଦ୍ୱନ୍ଦ୍ୱ ବା ସମସ୍ୟା ସମାଧାନ ନ କରି ଅପରକୁ ସାହାଯ୍ୟ କରନ୍ତି, ସେମାନେ ହିତରେ ବିପରୀତ କରିଥାନ୍ତି । ଶକ୍ତିସାଧକମାନଙ୍କ ଭିତରେ ଶକ୍ତିର ବୈଦ୍ୟୁତିକ ପ୍ରବାହ ସର୍ବଦା ସଞ୍ଚାରିତ ହୋଇଥାଏ । ଯେଉଁମାନେ ଗୋଟିଏ ରାତ୍ରରେ ସିଦ୍ଧିଲାଭ କରନ୍ତି, ସେ ସିଦ୍ଧି ଲୋପ ପାଇବାକୁ ମଧ ଗୋଟିଏ ଦିନ ଲାଗେ ନାହିଁ । ଏହି ଶକ୍ତି ସଞ୍ଚାର କ୍ଷମତା ସଦ୍‌ଗୁରୁ ମହାପୁରୁଷଙ୍କର ବିଶେଷତ୍ୱ । ସତ୍ୟଦ୍ରଷ୍ଟା ସଦ୍‌ଗୁରୁଙ୍କ ଦୃଷ୍ଟିଦ୍ୱାରା ସାଧକଙ୍କର ଆତ୍ମଶକ୍ତି ଜାଗ୍ରତ ହୋଇଉଠେ । ଏହି ଶକ୍ତିସଞ୍ଚାରର ଅପର ନାମ ଦୀକ୍ଷା ।

(୬୩୦) ଚରିତ୍ରବଳ : ସାମୟିକ ଯେ କୌଣସି ପରିସ୍ଥିତିରେ ଉତ୍ତେଜିତ କିମ୍ବା ମ୍ରିୟମାଣ ନ ହୋଇ ନିଜ କର୍ତ୍ତବ୍ୟ କର୍ମରେ ଅଚଳ ଅଟଳ ରହିବାର ନାମ ଚରିତ୍ରବଳ । ପ୍ରତିଦିନ ନିୟମିତ ଭାବରେ ନିର୍ଦ୍ଦିଷ୍ଟ ସମୟରେ ସାଧନ ଭଜନ କରିବା ଏବଂ ଦୈନନ୍ଦିନ ଜୀବନରେ ଆହାର ବିହାରର ଅଭ୍ୟାସ କରିବା ହିଁ ଚରିତ୍ରବଳର ନିଦର୍ଶନ । ସାମୟିକ ଭାବରେ ଯେ କେହି କୌଣସି କାରଣ ଉପଲକ୍ଷ୍ୟରେ ସାହସ ଓ ବଳ ପ୍ରଦର୍ଶନ କରିପାରନ୍ତି; କିନ୍ତୁ ତାହା ଚରିତ୍ରବଳର ନିଦର୍ଶନ ନୁହେଁ । ଗୋଟିଏ ନିର୍ଭର କରେ ବାହ୍ୟିକ ପରିସ୍ଥିତି ଉପରେ; ଅପରଟି ନିର୍ଭର କରେ ଚରିତ୍ରବଳ ବା ଦୈନନ୍ଦିନ ସାଧନ ଭଜନ ଉପରେ । ସାମୟିକ ଉତ୍ତେଜନା ଚରିତ୍ର ବଳର ନିଦର୍ଶନ ନୁହେଁ । ଭାବପ୍ରବଣ ଭକ୍ତମାନଙ୍କ ମଧରେ ଭାବପ୍ରଚାର କରିବାକୁ କିମ୍ବା ସେମାନଙ୍କ ଭାବ ଭଙ୍ଗ କରିବାକୁ କେବେହେଲେ ଅଧିକ ସମୟ ଲାଗେନାହିଁ । କିନ୍ତୁ ସେହି ଭାବର ତାତ୍ପର୍ଯ୍ୟ ହୃଦୟଙ୍ଗମ କରି କର୍ମକ୍ଷେତ୍ରରେ ନିଜର କର୍ତ୍ତବ୍ୟରେ ଅଚଳ ଅଟଳ ରହିବା ହିଁ ପ୍ରକୃତ ଚରିତ୍ରବଳ ନିଦର୍ଶନ । କର୍ମକ୍ଷେତ୍ରରେ ଭାବ ସହିତ କର୍ମକୁଶଳତା ବା କର୍ତ୍ତବ୍ୟ ପ୍ରତିପାଳନ

ନିମିତ୍ତ ଦୃଢ଼ସଂକଳ୍ପ ହିଁ ଚରିତ୍ରବଳର ନିଦର୍ଶନ । ମହତ୍ ଜୀବନ ପ୍ରଭାବରେ ଏବଂ ସମ୍ମିଳିତ ଶକ୍ତିଦ୍ୱାରା ସମଷ୍ଟିଜୀବନରେ ଶକ୍ତିସଞ୍ଚାର ହେଲେ ମଧ୍ୟ ସେଥିରେ ବ୍ୟକ୍ତିଗତ ଚରିତ୍ର ଗଠିତ ହୋଇପାରେ ନାହିଁ । ଯେ ଯେଉଁ ସ୍ତରର ଅଧିକାରୀ, ତାଙ୍କୁ ସେହି ସ୍ତରରୁ ସାଧନ-ଭଜନର ପ୍ରଣାଳୀ ପ୍ରଦାନ କରିପାରିଲେ ସେଥିରେ ବ୍ୟଷ୍ଟିଜୀବନର ଚରିତ୍ରବଳ ଲାଭ ହୋଇଥାଏ । ମହାପୁରୁଷମାନଙ୍କ ପ୍ରଭାବରେ ବହୁ ବ୍ୟକ୍ତି ସମୟିକ ଭାବରେ ଉଦ୍‌ବୁଦ୍ଧ ହୁଅନ୍ତି ସତ, ମାତ୍ର ସେହି ଆଦର୍ଶରେ ନିଜକୁ ନିବିଷ୍ଟ କରି ରଖିବା ନିମିତ୍ତ ପ୍ରାଣର ଯେଉଁ ଐକାନ୍ତିକ ପ୍ରଚେଷ୍ଟା, ତାହାକୁ ହିଁ ଚରିତ୍ରବଳ କୁହାଯାଏ । ଯେଉଁମାନେ ଦୈନନ୍ଦିନ ସାଧନନିଷ୍ଠାକୁ ଉପେକ୍ଷା କରି 'ନିୟମିତ ସାଧନଭଜନର ପ୍ରୟୋଜନ ନାହିଁ' କିମ୍ବା 'ଏତେ ସାଧନ ଭଜନ ଏତେ ଦିନ ପର୍ଯ୍ୟନ୍ତ କରି ମଧ୍ୟ ଆମର କିଛି ଫଳ ହେଉ ନାହିଁ,' 'ପ୍ରଭୁ ଆମ ପାଇଁ ସବୁ କରିଦେବେ, ବୋଲି ନିର୍ଭରତା କିମ୍ବା ଅଶ୍ରଦ୍ଧା ଭାବ ପୋଷଣ କରି ନିଶ୍ଚିନ୍ତ ଓ ନିଶ୍ଚେଷ୍ଟଭାବରେ ବସିରହନ୍ତି, ସେମାନଙ୍କର କେବେହେଲେ ଚରିତ୍ରବଳ ଲାଭ ହୋଇପାରେ ନାହିଁ । ପ୍ରଥମେ ଗୋଟିଏ ଲକ୍ଷ୍ୟରେ ମନକୁ ନିବିଷ୍ଟ ରଖି ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶରେ ତଦନୁକୂଳ ଲକ୍ଷ୍ୟରେ ଜୀବନକୁ ଗଠନ କରିପାରିଲେ ସହଜରେ ଚରିତ୍ରବଳ ଲାଭ ହୋଇଥାଏ । ବ୍ୟଷ୍ଟିର ଚରିତ୍ର ପ୍ରଭାବରେ ସମଷ୍ଟିଜଗତ ପରିବର୍ତ୍ତିତ ହୋଇଥାଏ । ତେଣୁ ଯେଉଁମାନେ ନିୟମିତ ଭାବରେ ସ୍ୱଧର୍ମାଚରଣ ବା ନିତ୍ୟକର୍ମରେ ବ୍ରତୀ ଅଛନ୍ତି, ସେହିମାନେ ହିଁ ଚରିତ୍ରବଳରେ ବଳୀୟାନ୍ ।

(୬୩୧) ନିଦ୍ରାଶକ୍ତି : ନିଦ୍ରା ଓ ଆଳସ୍ୟ ପ୍ରମାଦ-ରସ ମଧ୍ୟରେ ଗଣ୍ୟ । ଏହି ପ୍ରମାଦରସ ଆପାତସୁଖକର । କାରଣ ନିଦ୍ରା ସର୍ବସନ୍ତାପ ଗ୍ରହଣ କରି ନୂତନ କର୍ମଶକ୍ତି ଜାଗ୍ରତ କରିଦିଏ । ନିଦ୍ରାଦେବୀ କ୍ଷୁଧାତୁରର କ୍ଷୁଧା, ଶୋକାତୁରର ଶୋକ, ତୃଷିତର ତୃଷା ଭୁଲାଇ ଏକ ପ୍ରକାରର ସୁଖ ପ୍ରଦାନ କରନ୍ତି । ତେଣୁ ପ୍ରମାଦ ବା ଭୁଲିରହିବା ଅବସ୍ଥା ଏକପ୍ରକାର ସୁଖକର ବା ଶାନ୍ତିପ୍ରଦ ଅବସ୍ଥା । କିନ୍ତୁ ଦିନେ ଏହି ଭ୍ରମ ଧାରଣା ଭାଙ୍ଗିଯାଏ ଏବଂ ସାଧକ ପୁନରାୟ ଦୁଃଖାଭିଭୂତ ହୋଇପଡ଼ନ୍ତି । ତେଣୁ ଏହା ଦୁଃଖର ସାମୟିକ ନିବୃତ୍ତି ମାତ୍ର । ସୁତରାଂ ଏହି ସୁଖ ତାମସିକ । ସାଂସାରିକ ସୁଖ ମଧ୍ୟ ଏହାରି ଅନୁରୂପ । ଏହାକୁ ବିଷୟରସ ମଧ୍ୟ କୁହାଯାଏ । ନିଦ୍ରାଭଙ୍ଗ ହେଲେ ପୁନରାୟ ଦୁଃଖାଭିଭୂତ ହେବାକୁ ପଡ଼େ । ମୃତ୍ୟୁପରେ ଏକପ୍ରକାର ମୋହନିଦ୍ରାରେ ଆଚ୍ଛନ୍ନ ହୋଇ ସାଧକ ଅଭିଭୂତ ହୋଇପଡ଼ନ୍ତି । କିନ୍ତୁ ଏହି ମହାଶତ୍ରୁକୁ

ଜୟ କରିପାରିଲେ ବ୍ରହ୍ମାନନ୍ଦ ରସ ବା ଭଗବତ୍ ପଦ ଦର୍ଶନ ସହଜରେ ହୋଇଥାଏ । ତେଣୁ ନିଦ୍ରାଜୟର ସାଧନା ମଧ୍ୟ ଶକ୍ତିସାଧନାର ଅନ୍ତର୍ଗତ । ଜାଗ୍ରତ ଅବସ୍ଥାରେ ଅନ୍ତର-ରାଜ୍ୟରେ ନାମ-ସାଧନାରେ ତନ୍ମୟ ହୋଇପାରିଲେ ନିଦ୍ରାଭିତରେ ମଧ୍ୟ ଜାଗ୍ରତ ରହିବା ସମ୍ଭବପର ହୋଇଥାଏ । ଦେହ ନିଦ୍ରାଭିଭୂତ ହେଉ, କିନ୍ତୁ ମନ ମହାନାମ ଜପରେ ନିଯୁକ୍ତ ରହିଲେ ଯାଇ ସାଧକଙ୍କ ଅନ୍ତରରେ ଜ୍ଞାନାଲୋକ ଫୁଟିଉଠିବ, ବିବେକ-ଚକ୍ଷୁ ଖୋଲିଯିବ, ଭଗବତ୍ ପଦର ଦର୍ଶନ ମିଳିବ । ଆଧ୍ୟାତ୍ମ୍ୟ ପଥର ପଥିକମାନେ ଶ୍ରୀଗୁରୁଙ୍କ ବାକ୍ୟରେ ବିଶ୍ୱାସ ରଖି ତାଙ୍କର ଉପଦେଶ ଅନୁସାରେ ଏହି ବୀର ସାଧନାରେ ବ୍ରତୀ ହେଲେ ସହଜରେ ନିଦ୍ରାଜୟ କରିପାରିବେ ।

(୬୩୨) ସଂଘଶକ୍ତି : ଆତ୍ମପ୍ରତିଷ୍ଠ ସାଧକମାନେ ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟସିଦ୍ଧି ନିମିତ୍ତ ସମବେତ ହୋଇ ଏକ ମନ, ଏକ ପ୍ରାଣରେ କର୍ମ କଲେ ସଂଘଶକ୍ତିର ପ୍ରତିଷ୍ଠା ହୁଏ । ଆତ୍ମଶକ୍ତିର ଉଦ୍‌ବୋଧନ ଅର୍ଥାତ୍ ଆତ୍ମଗଠନ ନ କଲେ ଅପରର ସେବା କରିବାର ଅଧିକାର ଲାଭ ହୋଇପାରେ ନାହିଁ । ଅତୀତର ଦୋଷତ୍ରୁଟିର ସଂଶୋଧନ ଓ ଭବିଷ୍ୟତର ଆଶାକୁ ସମ୍ମିଳିତ କରି ନବଜୀବନ ପଥରେ ଅଗ୍ରସର ହେବା ହିଁ ପ୍ରକୃତ 'ସଂଘଶକ୍ତି' । ରଥସ୍ଥିତ ଜଗନ୍ନାଥ ହିଁ ସଂଘ ଦେବତା; କର୍ମଦ୍ୱାରା 'ସଂଘଶକ୍ତି'ର ପ୍ରତିଷ୍ଠା । କର୍ମ ବ୍ୟତୀତ କେବଳ ଜ୍ଞାନ ନିରର୍ଥକ । ପ୍ରାଣର ଐକାନ୍ତିକ ମିଳନରୁ 'ସଂଘଶକ୍ତି'ର ଆବିର୍ଭାବ ଘଟେ । ବ୍ୟକ୍ତିଗତ କର୍ମ ହିଁ ସମଷ୍ଟିର ସେବାମଧ୍ୟରେ ଗଣ୍ୟ । ଏହା ହିଁ ଭାରତର ଜାତୀୟ ସାଧନା । ଏହି ସଂଘ ସାଧନାଦ୍ୱାରା ଚିତ୍ତ ଶୁଦ୍ଧଭାବ ଧାରଣ କରେ । ନିଜକୁ ଅପର ମଧ୍ୟରେ ବିସ୍ତାରିତ କରିବାହିଁ ଜୀବର ପରିଣତ ଅବସ୍ଥା । ସଂଘ ଏହି ପରିଣତିର ନାମାନ୍ତର । ସଂଘଦେବତା ସାଧକଙ୍କ ଅନ୍ତରରେ ବାହାରେ ନିତ୍ୟ ବର୍ତ୍ତମାନ; ତେଣୁ ସଂଘ ପ୍ରାଣବନ୍ତ । ଅହଂତ୍ୱନାଶରେ ଅମୃତର ସନ୍ଧାନ ମିଳେ । 'ସଂଘଶକ୍ତି' ସାଧନ ଫଳରେ ସେହି ଅହଂତ୍ୱର ବିନାଶ ହୁଏ ଏବଂ ଜୀବ ସ୍ୱରୂପଜ୍ଞାନ ଲାଭ କରି ଧନ୍ୟ ହୁଏ । ବ୍ୟଷ୍ଟିର ପୂର୍ଣ୍ଣତା କର୍ମରେ ଓ ସମଷ୍ଟିର ପୂର୍ଣ୍ଣତା ଜ୍ଞାନରେ । ତେଣୁ ସଂଘ ହିଁ ଜ୍ଞାନ କର୍ମର ମିଳନସ୍ଥଳ । ଏହା ହିଁ ଭାରତର ସନାତନ ଜାତୀୟତା । ଭାରତବାସୀ ଏହି ସନାତନ ଧର୍ମର ଉପାସକ । ସୂକ୍ଷ୍ମର ପ୍ରତୀକ ସ୍ଥୁଳ, ତେଣୁ କର୍ମ ସ୍ଥୁଳ । ସେଥିପାଇଁ କର୍ମ ଶେଷରେ ସ୍ୱରୂପଜ୍ଞାନ ଲାଭ ହୋଇଥାଏ । ଏହି ସ୍ୱରୂପପ୍ରାପ୍ତି ନିମିତ୍ତ ଯେଉଁ ତପସ୍ୟା, ତାହା ହିଁ କର୍ମ । ତେଣୁ ସେବକମାନେ ସ୍ୱରୂପଜ୍ଞାନ ଲାଭ ନିମିତ୍ତ ନୀତି

ନିୟମର ଅନୁସରଣ କରି ଚଳନ୍ତି । 'ସଂଘଶକ୍ତି' ବିରାଟ ପୁରୁଷଙ୍କର ପ୍ରତିଛବି । ମାନବ-ଆଧାର ମାଧ୍ୟମରେ ଭଗବାନଙ୍କ ସ୍ୱରୂପ ପ୍ରକାଶର ଏକମାତ୍ର ସ୍ଥଳ ସଂଘ । ପ୍ରାଣ ବିନିମୟରେ ସଂଘଶକ୍ତିର ପ୍ରତିଷ୍ଠା । ଏଥିପାଇଁ ସେବକମାନେ ଶୂନ୍ୟ ହୃଦୟ ନେଇ ସଂଘଶକ୍ତିର ପ୍ରତିଷ୍ଠା କରିବା ଦରକାର । ଶ୍ରୀ ଗୁରୁଦେବଙ୍କ ନିକଟକୁ ପ୍ରପନ୍ନ ହୋଇ ଯିବାକୁ ପଡ଼େ; ଶୂନ୍ୟ କଳସୀରେ ଜଳ ପୂର୍ଣ୍ଣ କରିବାକୁ ହୁଏ । ତେଣୁ ଶୂନ୍ୟ ବା ଶୁଦ୍ଧ ହୃଦୟରେ ଶ୍ରୀ ଗୁରୁଦେବଙ୍କ କୃପାବାରି ପୂର୍ଣ୍ଣ ହୋଇ ହୃଦୟକ୍ଷେତ୍ରକୁ ଉର୍ବର କରିଦିଏ । ଏଥିପାଇଁ ଗୁରୁଦେବ କେବଳ ମାନବ ନୁହନ୍ତି, ସେ ମାନବରୂପଧାରୀ ପରଂବ୍ରହ୍ମ, ସେ ଜଗନ୍ନାଥ ବା ସଂଘଦେବତା । ପ୍ରତି ଜୀବ ହୃଦୟରେ ତାଙ୍କ କରୁଣାର ଧାରା ନିତ୍ୟ ପ୍ରବହମାନ । ଗୁରୁଦେବ କରୁଣା ଓ ପ୍ରେମର ଘନମୂର୍ତ୍ତି । ସଂଘରେ କର୍ମ, ଜ୍ଞାନ ଓ ପ୍ରେମର ମିଳନ ଘଟୁଥିବାରୁ ସଂଘ ପ୍ରାଣବନ୍ତ । ଶ୍ରୀ ଗୁରୁଦେବଙ୍କ ସ୍ଥୂଳ ବିଗ୍ରହ ହିଁ ସଂଘ । ତେଣୁ ଗୁରୁ ଓ ସଂଘ ଅଭିନ୍ନ । ଶ୍ରୀ ଗୁରୁଦେବ ପ୍ରତି ଜୀବର ହୃଦୟକନ୍ଦରରେ ଚିନ୍ମୟ ସ୍ୱରୂପରେ ବିଦ୍ୟମାନ ଥିବାରୁ ସଂଘ ହିଁ ଶ୍ରୀ ଗୁରୁଙ୍କ ସ୍ଥୂଳ ରୂପ । ଏହାହିଁ ବ୍ୟଷ୍ଟିଦ୍ୱାରା ସମଷ୍ଟିର ପରିପୁଷ୍ଟି । ଏହାହିଁ ସୂକ୍ଷ୍ମରୁ ସ୍ଥୂଳକୁ ବିବର୍ତ୍ତନ । ଏହା ହେଉଛି ବେଦର ଓଁକାରର ପ୍ରତୀକ । ତେଣୁ ସମସ୍ତେ ସଂହତି ପଥରେ ଗତି କଲେ ସିଦ୍ଧମନୋରଥ ହୋଇପାରିବେ । ତୀବ୍ର ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ଜଡ଼ତ୍ୱର ବିଲୋପସାଧନ ସଂଘର ଲକ୍ଷ୍ୟ । ଜ୍ଞାନୀମାନେ ଦ୍ରଷ୍ଟା ଆସନରେ ବସି ସଂଘରେ ଲୀଳାନନ୍ଦ ଭୋଗ କରନ୍ତି । ବୈଦିକ ପ୍ରାର୍ଥନାରେ 'ନଃ' ଅର୍ଥାତ୍ ଆମ୍ଭମାନଙ୍କର, 'ବଃ' ଅର୍ଥାତ୍ ତୁମ୍ଭମାନଙ୍କର ପଦ ବ୍ୟବହାର ଥିବାରୁ ସଂଘଶକ୍ତିର ପ୍ରମାଣ ମିଳେ । ବୁଦ୍ଧଦେବ ମଧ୍ୟ ସଂଘଶକ୍ତିର ମହିମା କୀର୍ତ୍ତନ କରି ଯାଇଛନ୍ତି । ପୌରାଣିକ ଯୁଗରେ ମଧ୍ୟ ସଂଘଶକ୍ତିର ପ୍ରତିଷ୍ଠା ଥିଲା । ଚଣ୍ଡୀଗ୍ରନ୍ଥ ଏହାର ପ୍ରମାଣ । ତୀବ୍ର ପ୍ରଚେଷ୍ଟାଦ୍ୱାରା ନିଜ ଭିତରେ ଶକ୍ତିର ଉଦ୍‌ବୋଧନ ହେଉଛି ଏହାର ବିଶେଷତ୍ୱ । ବ୍ୟଷ୍ଟି ପ୍ରାଣରେ ଯେଉଁ ଶକ୍ତିର ସ୍ଫୁରଣ ହେବ, ସମଷ୍ଟି ହିତରେ ତାହାର ଉତ୍ସର୍ଗ ହିଁ ସଂଘଶକ୍ତି ।* ସଂଘସାଧନା ହିଁ ଶକ୍ତିର ଉପାସନା ମଧ୍ୟରେ ଗଣ୍ୟ ।

(୬୩୩) ସଗୁଣ ନିର୍ଗୁଣ ଶକ୍ତି : ଜଗତ ମୂଳରେ ଶକ୍ତି । ଅହରହ ପରିବର୍ତ୍ତନକୁ ଜଗତ କୁହାଯାଏ । ଯଦି ପରିବର୍ତ୍ତନ ଅଛି ତେବେ ତାହା ମୂଳରେ

*୧୩୩୪ ସାଲ, ୧୩୩୫ ସାଲ ଓ ୧୩୩୭ ସାଲ 'ଆର୍ଯ୍ୟଦର୍ପଣ' ଦ୍ରଷ୍ଟବ୍ୟ ।

ଅପରିବର୍ତ୍ତନୀୟ ଅବସ୍ଥା ନିଶ୍ଚୟ ଅଛି । ଚଞ୍ଚଳତାର ନାମ ଗୁଣ ବା ବିକ୍ଷୋଭ । ଅଚଞ୍ଚଳତାର ନାମ ନିର୍ଗୁଣ ବା ନିର୍ବିକାର । ଏହାକୁ ବେଦାନ୍ତ ପରିଭାଷାରେ କହନ୍ତି ବ୍ରହ୍ମ ବା ନିର୍ଗୁଣ ଶିବ । ଶକ୍ତି ସଗୁଣ । ଏହା ଗୋଟିଏ ତତ୍ତ୍ୱର ଦୁଇଟି ବିଭାବ । ଅବିଦ୍ୟା ମାୟା ଶକ୍ତି ପ୍ରଭାବରୁ ଏହି ଏକ ତତ୍ତ୍ୱ ଦୁଇଟି ବୋଲି ପ୍ରତୀୟମାନ ହୋଇଥାଏ । ବ୍ରହ୍ମ ଓ ଶକ୍ତି, ନିର୍ଗୁଣ ଓ ସଗୁଣ, ସ୍ଥୈର୍ଯ୍ୟ ଓ ଚଞ୍ଚଳତା, ମେଘ ଓ ବିଦ୍ୟୁତ୍ ପରସ୍ପର ସଂଲଗ୍ନ—ଏହିପରି ଅନୁଭବକୁ ଅଦ୍ୱୈତ ଜ୍ଞାନ କୁହାଯାଏ । ଅଦ୍ୱୈତ ଅର୍ଥ ସବୁ ଏକାକାର ନୁହେଁ । ଉଭୟଙ୍କର ସମ୍ମେଳନରେ ଯେଉଁ ପୂର୍ଣ୍ଣତା, ତାହାରି ନାମ ଅଦ୍ୱୈତ ଜ୍ଞାନ । ମିଳନର ତତ୍ତ୍ୱ ଅଦ୍ୱୈତ, ବିଚ୍ଛେଦ ପ୍ରତିଭାସର ନାମ ଦ୍ୱୈତ ଭ୍ରମ । ରାସଲୀଳାର ଚିତ୍ର ଅଦ୍ୱୈତ ବିଳାସର ପ୍ରତିଚ୍ଛବି । ହର ପାର୍ବତୀ ଅଦ୍ୱୈତ ଭାବର ଘନବିଗ୍ରହ ।

(୬୩୪) ମାତୃଶକ୍ତି : ସଗୁଣ ଶକ୍ତିକୁ ଶାସ୍ତ୍ରକାରମାନେ ମା ବୋଲି ସମ୍ବୋଧନ କରିଛନ୍ତି । ଏହି ଶକ୍ତି ବା ମା ନିଖିଳ ବିଶ୍ୱର କାରଣଭୂତା । ସେ ଏହି ଜଗତ୍ ସୃଷ୍ଟି କରି, ପାଳନ କରି ଏବଂ ସଂହାର କରି ଅନନ୍ତ ଆନନ୍ଦରସରେ ନିତ୍ୟ ମଗ୍ନ ଅଛନ୍ତି । ସେ ନିଜେ ସୃଷ୍ଟି ଓ ସୃଷ୍ଟିକାରିଣୀ, ଲୀଳା ଓ ନିତ୍ୟ ସ୍ୱରୂପିଣୀ । ସେହିହିଁ ଅନନ୍ତ ଭାବମୟୀ, ଅନନ୍ତ ପ୍ରେମମୟୀ, ଅନନ୍ତ ତତ୍ତ୍ୱମୟୀ, ଅନନ୍ତ ଶକ୍ତିମୟୀ । ସେ ଅନନ୍ତରୂପା, ପୁରୁଷ ପ୍ରକୃତିସ୍ୱରୂପା, ସର୍ବଉପାଧି ବର୍ଜିତା, ନାମରୂପବିହୀନା, ନିରାକାରା, ଭାବର ଅତୀତା ଓ ଗୁଣର ଅତୀତା, ବ୍ରହ୍ମ ସ୍ୱରୂପିଣୀ । ତାଙ୍କୁ ହିଁ ମା ଜଗଜ୍ଜନନୀ କୁହାଯାଏ । ସେ ଆତ୍ମସ୍ୱରୂପରେ ପ୍ରତି ଜୀବ ଦେହରେ ଚିତ୍‌କଣ ରୂପରେ ବିରାଜିତା । ଜଗତର ଯେତେ ରୂପ ସବୁ ତାଙ୍କରି, ତେଣୁ ସେ ନିରାକାର, ଅର୍ଥାତ୍ ନିର୍ଦ୍ଦିଷ୍ଟ ଆକାରହୀନା । ତାଙ୍କର ସାକାର ମୂର୍ତ୍ତି ନିତ୍ୟଲୋକରେ ନିତ୍ୟ ବର୍ତ୍ତମାନା । ସେହି ମାତୃମୂର୍ତ୍ତି ଏପରି ଉପାଦାନରେ ଗଠିତା ଯେ, ସେ ମୂର୍ତ୍ତି ଦେଖିଲେ ପଶୁପକ୍ଷୀ, ଦେବତା, ଅସୁର, ମାନବ, ସମସ୍ତେ ତାଙ୍କୁ ମା' ବୋଲି ସମ୍ବୋଧନ କରିବେ । ସେ ସ୍ଥୂଳ ଇନ୍ଦ୍ରିୟଗ୍ରାହ୍ୟ ହୋଇ ନ ଥିବାରୁ ନିରାକାରା ବୋଲି କଥିତା । ତାଙ୍କର ଅନ୍ତର ସ୍ୱରୂପ ସାନ୍ତ ଭକ୍ତ ଧାରଣ କରିବାକୁ କ୍ଷମ ନୁହନ୍ତି ବୋଲି ସେ ମନୋମୟୀ ରୂପରେ ସାଧକଙ୍କୁ ଦର୍ଶନ ଦାନ କରିଥାନ୍ତି । ଦଶଭୂଜା ମୂର୍ତ୍ତି ତାଙ୍କର ତତ୍ତ୍ୱମୟୀ ରୂପ । ଆତ୍ମବତ୍ ସେବା ହେଉଛି ମାତୃପୂଜା । ଏହି ମା'ଙ୍କୁ ନିଜ ଅନ୍ତରରେ ଅନୁଭବ କରିବାକୁ ପଡ଼େ । ସନ୍ତାନ ଯେପରି କ୍ଷୁଧା ଓ

ଭୟ ମାଧ୍ୟମରେ ମା'କୁ ନିଜ ହୃଦୟରେ ଅନୁଭବ କରିଥାଏ, ଭକ୍ତମାନେ ସେହିପରି ଭକ୍ତିବଳରେ ତାଙ୍କ ଦର୍ଶନଲାଭ କରିଥାନ୍ତି। ଭୀତତ୍ରସ୍ତ, ବୁଭୁକ୍ଷିତ ସନ୍ତାନ ମା ମା ବୋଲି ବ୍ୟାକୁଳ ହୋଇଉଠେ। ସେହି ବ୍ୟାକୁଳତା ଘନୀଭୂତ ହୋଇ କରୁଣାଘନ ମାତୃମୂର୍ତ୍ତିରେ ଆବିର୍ଭୂତ ହୋଇ ମମତାର ସୁକୋମଳ ବେଷ୍ଟନୀରେ ସନ୍ତାନକୁ ଦର୍ଶନ ଦାନ କରିଥାନ୍ତି। ଏହି ଶକ୍ତି ପ୍ରତ୍ୟକ୍ଷ ହୁଅନ୍ତି ନାହିଁ। ଅନ୍ତରର କାର୍ଯ୍ୟଦ୍ୱାରା ତାଙ୍କ କାର୍ଯ୍ୟ ପ୍ରତ୍ୟକ୍ଷୀଭୂତ ହୋଇଥାଏ। ତାଙ୍କର ଅସ୍ତିତ୍ୱ କାର୍ଯ୍ୟଦ୍ୱାରା ଜଣାପଡ଼େ। ତେଣୁ ଶକ୍ତି ଅନୁଭବଗମ୍ୟା। ଜଗତର କାର୍ଯ୍ୟ ଦେଖି ତାହାର କର୍ତ୍ତା ଅନୁମାନ କରାଯାଏ। ସେହି କର୍ତ୍ତା ହିଁ ଈଶ୍ୱର ପଦବାଚ୍ୟ। ଏହି ଈଶ୍ୱର ମଧ୍ୟ ଶକ୍ତିବିଶେଷ। ଏହି ଶକ୍ତିକୁ ବହିରଙ୍ଗା ସକ୍ରିୟ ଶକ୍ତି କୁହାଯାଏ।

(୬୩୫) ଅନ୍ତରଙ୍ଗ ଚିତ୍‌ଶକ୍ତି : ଭଗବାନଙ୍କର ଅନନ୍ତ ଶକ୍ତି। ସେଥି ମଧ୍ୟରେ ତିନୋଟି ଶକ୍ତି ପ୍ରଧାନ। ପ୍ରଥମ ହେଉଛି ମାୟାଶକ୍ତି ବା ମାତୃଶକ୍ତି। ଏହି ଶକ୍ତି ବହିରଙ୍ଗା ଶକ୍ତି। ଦ୍ୱିତୀୟ ଶକ୍ତିର ନାମ ଅନ୍ତରଙ୍ଗା ଚିତ୍‌ଶକ୍ତି ଏବଂ ତୃତୀୟ ଶକ୍ତି ହେଲା ତଟସ୍ଥା ବା ଆତ୍ମଶକ୍ତି। ଶକ୍ତି ନିରାକାରା। କାର୍ଯ୍ୟ ଦେଖି ଶକ୍ତିର ଅନୁମାନ କରାଯାଇଥାଏ ମାତ୍ର। କିନ୍ତୁ ମାନବଶରୀରରେ ଶକ୍ତି ନିତ୍ୟ ବିରାଜିତ ଥିଲେ ମଧ୍ୟ ତାହା ସୁପ୍ତ। ଅଭିନୟଦ୍ୱାରା ଦର୍ଶକମାନଙ୍କ ମଧ୍ୟରେ ରସବୋଧ ଜାଗ୍ରତ ହୁଏ, ଅର୍ଥାତ୍ ନିଜେ ସ୍ଥିର ହୋଇ ବସିଥିଲେ ମଧ୍ୟ ଅଭିନେତାଙ୍କ ଅଭିନୟଭଙ୍ଗୀ ଦର୍ଶନ କରି ଦର୍ଶକଙ୍କ ଭିତରେ ଅନୁରୂପ କ୍ରିୟା ଜାଗ୍ରତ ହୋଇଥାଏ। କିନ୍ତୁ ଦର୍ଶକମାନେ ନିଜକୁ ସଞ୍ଚତ କରି ରଖିଥାନ୍ତି ଏବଂ ଅନ୍ତରର ଅନୁଭୂତିକୁ ବାହାରେ ଅଭିବ୍ୟକ୍ତ କରିବାକୁ ଦିଅନ୍ତି ନାହିଁ। ତେଣୁ ଅଭିନେତା ସକ୍ରିୟ ଶକ୍ତି ଏବଂ ଦର୍ଶକ ନିଷ୍କ୍ରିୟ ଶକ୍ତି। କିନ୍ତୁ ଦର୍ଶକଙ୍କ ଭିତରେ ଅଭିନେତାଙ୍କ ଭାବଭଙ୍ଗୀର ପୁନରାବୃତ୍ତି ହେଉଥାଏ। ଉଭୟଙ୍କ ମଧ୍ୟରେ ଗୋଟିଏ ଶକ୍ତି କାର୍ଯ୍ୟ କରୁଥିଲେ ମଧ୍ୟ ଅଭିନେତାଙ୍କ ମଧ୍ୟରେ ସେହି ଶକ୍ତି ସକ୍ରିୟ ଏବଂ ଦର୍ଶକଙ୍କ ମଧ୍ୟରେ ନିଷ୍କ୍ରିୟ ଭାବରେ କାର୍ଯ୍ୟ କରେ। ଅଥଚ ଦର୍ଶକମାନେ ରସ ଆସ୍ୱାଦନ କରନ୍ତି; କିନ୍ତୁ ଅଭିନେତା ରସ ଆସ୍ୱାଦନରୁ ବଞ୍ଚିତ। ଦର୍ଶକ ଅଭିନେତାଙ୍କ ସମସ୍ତ ଭାବ ପାଇଁ ମଧ୍ୟ ନିର୍ବିକାର। ଅଭିନେତାଙ୍କ ମଧ୍ୟରେ ଶକ୍ତି ସ୍ଫୁରିତ ଓ ଦର୍ଶକଙ୍କ ମଧ୍ୟରେ ଶକ୍ତି ସମାହିତ। ଶାସ୍ତ୍ରମତରେ ଏହାହିଁ ଶକ୍ତିର ଅନ୍ତରଙ୍ଗ ଅନୁଭୂତି। ତେଣୁ ବାହ୍ୟଶକ୍ତିକୁ ଅନ୍ତରରେ ଅନୁଭବ କରିବା ହେଉଛି ଶକ୍ତିର ଅନ୍ତରଙ୍ଗ ଲୀଳାବିଳାସ। ମା ସନ୍ତାନର କ୍ଷୁଧାର

ଅନ୍ନ, ପିପାସାର ଜଳ ଏବଂ ପରମ ଓ ଚରମ ଆଶ୍ରୟ । ମା ଶିଶୁର ସମସ୍ତ ଅଭାବ ଓ ବ୍ୟାକୁଳତାର ଚିର ଶାନ୍ତ ମୂର୍ତ୍ତି । ତେଣୁ ସନ୍ତାନ କ୍ଷୁଧିତ, ପିପାସିତ,ଭୀତ ଓ ଅଭାବଜଡ଼ିତ ଏବଂ ନିରନ୍ତର ବ୍ୟାକୁଳଚିତ୍ତ ।' ମା' ତାହାର ଅନ୍ନଜଳ ଆଶ୍ରୟର ପ୍ରତ୍ୟକ୍ଷ ପ୍ରତିମୂର୍ତ୍ତି । ଏହି ଉଭୟ ଭାବର ସମ୍ମିଳନ ହିଁ ସିଦ୍ଧି, ଅର୍ଥାତ୍ ଶକ୍ତିଙ୍କର ଅନ୍ତରଙ୍ଗ ଅନୁଭୂତି । ଶକ୍ତି ବା ଭଗବତ୍ ସ୍ୱରୂପ ଲାଭନିମିତ୍ତ ପ୍ରାଣର ଯେଉଁ ଐକାନ୍ତିକ ବ୍ୟାକୁଳତା, ତାହା ହିଁ ମା' ଦେବୀଙ୍କର ଅନ୍ତରଙ୍ଗ ଚିତ୍‌ଶକ୍ତି । ଏହି ଭାବର ଅନୁଭୂତି ହିଁ ଅନ୍ତରରେ ମା'ଙ୍କର ଦର୍ଶନ । ଯେଉଁଠାରେ ଭକ୍ତି ବା ବ୍ୟାକୁଳଳତା, ସେହିଠାରେ ତୃପ୍ତି । ଶିଶୁ ବା ଭକ୍ତ ବ୍ୟାକୁଳତାର ପ୍ରତିମୂର୍ତ୍ତି । ମା' ଶାନ୍ତି-ତୃପ୍ତି-ସ୍ୱରୂପିଣୀ ଅସହାୟତା ଓ ଏକାନ୍ତ ନିର୍ଭରଶୀଳତା ଶିଶୁର ସ୍ୱଭାବ । କରୁଣା, ମମତା, ମା'ଙ୍କର ଅନ୍ତରଙ୍ଗା ମାତୃମୂର୍ତ୍ତି । ତେଣୁ ଯଥାର୍ଥ ଶିଶୁ ସନ୍ତାନ ବା ଭକ୍ତ ମା'ଙ୍କୁ ଅନ୍ତରଙ୍ଗ ଭାବରେ ଲାଭ କରିବାରେ କିଛି ବାଧା ନ ଥାଏ । ଏହି ଭାବର ଅନୁଭୂତିକୁ ଅର୍ଥାତ୍ ଅନ୍ତରରେ ଭଗବାନଙ୍କୁ ଦର୍ଶନ କରିବା ଅନ୍ତରଙ୍ଗା ଚିତ୍‌ଶକ୍ତିର କ୍ରିୟା ।

(୬୩୬) ଆତ୍ମଶକ୍ତି : ଭଗବାନଙ୍କର ଯେଉଁ ଅଂଶ ଜୀବ ଭିତରେ କ୍ରିୟାଶୀଳ, ତାହା ହିଁ ଆତ୍ମଶକ୍ତି । ବହ୍ମାଣ୍ଡରେ ଏହି ଶକ୍ତିର ପୂର୍ଣ୍ଣ ବିକାଶ ହେଲେ ମଧ୍ୟ ମାନବ ଶରୀରରେ ଏହି ଶକ୍ତି ସୁପ୍ତ । ଏହାକୁ ଚିତ୍‌କଣ ବା କୁଣ୍ଡଳିନୀ ଶକ୍ତି କୁହାଯାଏ । ସମସ୍ତ ଶକ୍ତି ଏହି ଆତ୍ମଶକ୍ତିରେ ନିହିତ ଥାଏ, ସମୟ ହେଲେ ତାହାର ବିକାଶ ହୋଇଥାଏ । ଜ୍ଞାନ, ଶ୍ରଦ୍ଧା, ଭକ୍ତି, ପ୍ରୀତି—ଏ ସମସ୍ତ ଆତ୍ମାରେ ନିହିତ । ଉପଯୁକ୍ତ କ୍ଷେତ୍ର ପାଇଲେ ଶ୍ରୀଗୁରୁଦେବଙ୍କ କୃପାରୁ ତାହା ଜାଗ୍ରତ ହୋଇଥାଏ । ଯେତେବେଳେ ମାୟାଶକ୍ତି ପ୍ରଭାବରେ ତାହା ବିକୃତ ଭାବରେ ପ୍ରକାଶ ପାଏ, ସେତେବେଳେ ତାହାର ନାମ ରିପୁ ଅର୍ଥାତ୍ ଇନ୍ଦ୍ରିୟଦ୍ୱାରା କୁକାର୍ଯ୍ୟ କରାଗଲେ ତାହାକୁ ରିପୁ କୁହାଯାଏ । ସୁକର୍ମ ସମୟରେ ସେମାନେ ପୁଣି ବନ୍ଧୁ ହୋଇଥାନ୍ତି । ଆତ୍ମସୁଖର ନାମ କାମ, ଭଗବତ୍ ସୁଖ ନିମିତ୍ତ ଯେଉଁ କର୍ମ ତାହାର ନାମ ପ୍ରେମ ।

ଆତ୍ମସ୍ୱରୂପରେ ଆତ୍ମା ରୂପରେ ଭଗବାନ ଆମ ଅନ୍ତରରେ ନିତ୍ୟ ବିରାଜିତ । କିନ୍ତୁ ଆମେ ବାସନା ଜାଲରେ ତାଙ୍କର ପ୍ରକାଶ ପଥ ରୁଦ୍ଧ କରି ଦେଇଥିବାରୁ ତାହା ବିକଶିତ ହୋଇପାରୁ ନାହିଁ । ତେଣୁ ଜୀବର ଦୁଃଖଭୋଗ ଓ ଦୁର୍ଦ୍ଦଶା । ଏହା ହିଁ ମାୟାଶକ୍ତିର କାର୍ଯ୍ୟ । ତୁମେ ଶ୍ରୀଗୁରୁଦେବଙ୍କ ବାକ୍ୟରେ ବିଶ୍ୱାସ କରିପାରିଲେ

ଆତ୍ମବିଶ୍ୱାସ ଲାଭ ହେବ । ଯେଉଁମାନେ ଦୁର୍ଲ୍ଲଭ ମାନବଜନ୍ମ ଲାଭ କରି ଆତ୍ମଜ୍ଞାନ ଲାଭ ନିମିତ୍ତ ଚେଷ୍ଟା କରନ୍ତି ନାହିଁ, ସେହିମାନେ ହିଁ ଆତ୍ମଘାତୀ । ଶ୍ରୀଗୁରୁଦେବଙ୍କ ବାକ୍ୟ ପ୍ରତି ଶ୍ରଦ୍ଧା-ଭକ୍ତିଦ୍ୱାରା ଏହି ଜ୍ଞାନ ଲାଭ ହୋଇଥାଏ ।

(୬୩୭) ତ୍ୟାଗ ଭାବ : ତ୍ୟାଗ ଶବ୍ଦର ଅର୍ଥ ସଂସାରତ୍ୟାଗକୁ ବୁଝାଏ ନାହିଁ (୧) କର୍ମଫଳର କାମନାପୂର୍ବକ ଉପଭୋଗର ତ୍ୟାଗ, (୨) ଭୋଗାସକ୍ତି ତ୍ୟାଗ, (୩) କର୍ମଫଳର ଆଶା ତ୍ୟାଗ, (୪) କାମନା-ବାସନା ତ୍ୟାଗ,(୫) ଦେହାତ୍ମାବୁଦ୍ଧି ତ୍ୟାଗ, (୬) ଅହଂ ଅଭିମାନ ତ୍ୟାଗ, (୭) ଜୀବପ୍ରକୃତିର ସଂସ୍କାର ତ୍ୟାଗ—ଏହି ସାତ ପ୍ରକାର ଭାବନାର ତ୍ୟାଗକୁ ପ୍ରକୃତ ତ୍ୟାଗ କୁହାଯାଏ ।

(୬୩୮) ମନର ଦ୍ୱିବିଧ ଶକ୍ତି : ପ୍ରତ୍ୟେକ ମାନବ ମଧ୍ୟରେ ଦୁଇଟି ମନ ବାସକରେ । ଗୋଟିଏ ମନ ଏହି ବାହ୍ୟ ଜଗତ, ସଂସାର ବିଷୟ ସମ୍ପତ୍ତି ଏବଂ ଦେହ ଇନ୍ଦ୍ରିୟ, ସୁଖ ଦୁଃଖ ଓ ବାସନା ଚରିତାର୍ଥ ନେଇ ନିରନ୍ତର ବ୍ୟସ୍ତ ବା ଚଞ୍ଚଳ ଥାଏ । ପୁଣି ଅପର ମନଟି ସେହି ଚଞ୍ଚଳତାର ଅନ୍ତରାଳରେ ସ୍ଥିର ହୋଇ ବସି ରହି ଏହାର ଲୀଳା ବା କ୍ରୀଡ଼ା ଦେଖି ମନେ ମନେ ଅତ୍ୟନ୍ତ ଆନନ୍ଦିତ ହୋଇ ଲୀଳାନନ୍ଦରେ ବିଭୋର ଥାଏ । ଏହି ମନକୁ ସ୍ଥିର-ମନ ବା ସାକ୍ଷୀ-ମନ କୁହାଯାଏଁ । ଏହି ମନଟି ସାଧାରଣ ମାନବର ଜ୍ଞାନ, ବୁଦ୍ଧି, ବିଜ୍ଞାନ ଓ ସ୍ମୃତିଶକ୍ତିର ସୀମା ବାହାରେ ଅବସ୍ଥାନ କରିଥାଏ । ନିମ୍ନ ମନର କୌଣସି ସଂସ୍କାର ଏହି ସ୍ଥିର-ମନକୁ ଟିକିଏହେଲେ ସ୍ପର୍ଶ କରିପାରେ ନାହିଁ ।

(୬୩୯) ସ୍ଥିର ମନର ଶକ୍ତି : ନିମ୍ନମନର ଚାଞ୍ଚଲ୍ୟଦ୍ୱାରା ଏହି ସ୍ଥିର ମନ ଆବୃତ ହୋଇ ରହିଛି । କାମନା, ବାସନା, ରାଗ, ଦ୍ୱେଷ ନିମ୍ନମନର କ୍ରିୟା । ତେଣୁ କାମନା, ବାସନା ଓ ଇନ୍ଦ୍ରିୟମାନଙ୍କ କ୍ରିୟାକୁ ଯେତେ ସଂଯତ କରିବ, ସେହି ପରିମାଣରେ ଏହି ଉଚ୍ଚ ମନର ଶକ୍ତି ଜାଗ୍ରତ ହୋଇଉଠିବ । ଚଞ୍ଚଳ ମନଟି ଯେଉଁପରିମାଣରେ ସ୍ଥିର ଭାବ ଧାରଣ କରିବ, ଏହି ସ୍ଥିର ମନର ଶକ୍ତି ସେତିକି ପରିମାଣରେ ଜାଗ୍ରତ ହେବ । ସ୍ଥିର ମନର ପୂର୍ଣ୍ଣ ଜାଗରଣ ହେଲେ ମାନବ ପୂର୍ଣ୍ଣାନନ୍ଦର ଅଧିକାରୀ ହୋଇ ପାରିବ । ବ୍ୟଷ୍ଟିଜୀବ ଦେହରେ ଏହି ସ୍ଥିର ମନର ନାମ ଆତ୍ମା । ଏହି ଆତ୍ମଶକ୍ତିର ଜାଗରଣ ହେଲେ ଭଗବତ୍ ଦର୍ଶନ ହୋଇଥାଏ । ଏହି ଆତ୍ମଶକ୍ତି ସାଧାରଣ ମାନବ ଭିତରେ ସୁପ୍ତ । ଏହି ଶକ୍ତିର ଜାଗରଣ ନିମିତ୍ତ ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣପୂର୍ବକ ଶିଷ୍ୟତ୍ୱର ସାଧନାରେ ବ୍ରତୀ ହେବାକୁ ପଡ଼ିବ ।

ଇନ୍ଦ୍ରିୟ ସଂଯମ ଅଭ୍ୟାସ, ଧ୍ୟାନ ଧାରଣା ଓ ନିଷ୍କାମ କର୍ମ ସାହାଯ୍ୟରେ ଏହି ଚଞ୍ଚଳମନ ସ୍ଥିରଭାବ ଧାରଣ କରେ ।

(୬୪୦) ପ୍ରାଣଶକ୍ତି : ଅଦ୍ୱୈତ, ଅବ୍ୟକ୍ତ, ନିଷ୍କ୍ରିୟ ଓ ଅଚଞ୍ଚଳ ଆତ୍ମାର ବ୍ୟକ୍ତ ସକ୍ରିୟ ଓ ଚଞ୍ଚଳ ଅବସ୍ଥାକୁ ପ୍ରାଣ ଏବଂ ବ୍ୟକ୍ତାବ୍ୟକ୍ତ ଅବସ୍ଥାକୁ ମନ କହନ୍ତି । ପ୍ର + ଅନ୍ (ଜୀବାର୍ଥକ) +କ=ପ୍ରାଣ । ଯାହା ଜୀବିତ ଓ ମୃତ ହୁଏ, ଯାହା କ୍ଷର, ବିକାରୀ ଓ ପରିଣାମୀ, ତାହା ହିଁ ପ୍ରାଣ ନାମରେ ଖ୍ୟାତ । ଏହି ପ୍ରାଣ ବ୍ୟକ୍ତ୍ୟବିଶ୍ୱର ଈଶ୍ୱର ଏବଂ ପ୍ରତ୍ୟେକ ଜୀବଜଗତ୍, ଭୂତ ଓ ପରମାଣୁରେ ନିତ୍ୟ ପ୍ରତିଷ୍ଠିତ ରହି ସେମାନଙ୍କୁ ଉତ୍ପତ୍ତି, ସ୍ଥିତି, ଲୟ, ହ୍ରାସ, ବୃଦ୍ଧି ଓ ପରିଣାମାଦି ଷଡ଼ବିକାର ମଧ୍ୟ ଦେଇ ପରିଚାଳିତ କରୁଅଛି । ଆତ୍ମାରେ ଯେପରି ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପତା ସ୍ୱାଭାବିକ ଭାବରେ ବିରାଜିତ ଥାଏ ଏବଂ ପ୍ରକୃତିରେ ଯେପରି ସତ୍ୱ, ରଜଃ, ତମଃ—ଏହି ତ୍ରିଭାବ ବା ତ୍ରିଗୁଣ ନିୟତ ଅବସ୍ଥାନ କରେ, ପ୍ରାଣର ମଧ୍ୟ ସେହିପରି ତ୍ରିବିଧ ଅବସ୍ଥା ବିଦ୍ୟମାନ ।

(୬୪୧) ପ୍ରାଣର ତ୍ରିବିଧ ଅବସ୍ଥା : ଆତ୍ମାର କୌଣସି ବ୍ୟକ୍ତଭାବ ବା ପ୍ରକାଶ ଏ ଜଗତରେ ନାହିଁ । ତାହା ପ୍ରକୃତିର ସତ୍ତ୍ୱ, ରଜଃ, ତମଃ—ଏହି ତ୍ରିଗୁଣରେ ଅଧିଷ୍ଠିତ ରହି ବୁଦ୍ଧି, ମନ ଓ ଇନ୍ଦ୍ରିୟ ରୂପରେ କେତେକ ପରିମାଣରେ ବ୍ୟକ୍ତଭାବାପନ୍ନ ହୋଇଥାଏ ଏବଂ ଜଗତର ସବୁ କର୍ମର କର୍ତ୍ତା, ଜ୍ଞାତା ଓ ଭୋକ୍ତା ପ୍ରଭୃତି ରୂପରେ ଜୀବଭାବର ଲୀଳା କରେ । ସେହିପରି ଆତ୍ମାର ସକ୍ରିୟଭାବାତ୍ମକ ଅବସ୍ଥା ସ୍ୱରୂପ ପ୍ରାଣ ମଧ୍ୟ ପ୍ରକୃତିର ସତ୍ତ୍ୱଗୁଣରେ ଜ୍ୟୋତି, ରଜୋଗୁଣରେ ଗତି ଏବଂ ତମୋଗୁଣରେ ଧ୍ୱନି ବା ଶବ୍ଦ ରୂପରେ ତ୍ରିଧା ବିଭକ୍ତ ହୋଇ ଜଗତକୁ ପ୍ରକାଶିତ କରୁଅଛି । ଆତ୍ମାର ଉପରୋକ୍ତ ଚୈତନ୍ୟ ଭାବାତ୍ମକ ତ୍ରିବିଧ ଅବସ୍ଥା ସ୍ୱରୂପ ବୁଦ୍ଧିମାନ ଇନ୍ଦ୍ରିୟକୁ ଅନ୍ତଃକରଣ କହନ୍ତି । ପଞ୍ଚ ଜ୍ଞାନେନ୍ଦ୍ରିୟ ଅନ୍ତଃକରଣ ଓ ବହିଃକରଣର ସେତୁ ସ୍ୱରୂପ । ଜ୍ଞାନେନ୍ଦ୍ରିୟ ଆତ୍ମଚୈତନ୍ୟର ତମୋଗୁଣାତ୍ମକ ପ୍ରକାଶ । ବାସନା ବା ମନ ରଜୋଗୁଣାତ୍ମକ ଏବଂ ବୁଦ୍ଧି ତାହାର ସତ୍ତ୍ୱଗୁଣାତ୍ମକ ପ୍ରକାଶ । ଏହି ତ୍ରିତତ୍ତ୍ୱର ସମଷ୍ଟୀଭୂତ ଅବସ୍ଥାକୁ ମନ କୁହାଯାଏ । ଏହି ମନ ବା ଚିତ୍ତ ସହିତ ପ୍ରାଣର ବହୁବିଧ ସମ୍ବନ୍ଧ ବା ସାମଞ୍ଜସ୍ୟ ବିଦ୍ୟମାନ ।

ଆତ୍ମାର ଚିତ୍ ସ୍ୱରୂପକୁ ଅବଲମ୍ବନ କରି ଯେପରି ମନର ଅଭିବ୍ୟକ୍ତି, ଆତ୍ମାର ସତ୍ ବା ଜୀବନସ୍ୱରୂପତାକୁ ଅବଲମ୍ବନ କରି ଯେପରି ଏହି ବ୍ୟକ୍ତବିଶ୍ୱରେ

ପ୍ରାଣର ଅଭିବ୍ୟକ୍ତି ଘଟେ, ସେହିପରି ଆତ୍ମାର ଜ୍ଞାନବିଜ୍ଞାନ କ୍ରିୟା ଚିତ୍ତଦ୍ୱାରା ଏବଂ ଶକ୍ତିର କ୍ରିୟା ପ୍ରାଣଦ୍ୱାରା ସମ୍ପନ୍ନ ହୋଇଥାଏ । ତେଣୁ ଚିତ୍ତ ଓ ପ୍ରାଣ ସର୍ବଦା ଶକ୍ତିର ଅଧିଷ୍ଠାନ କ୍ଷେତ୍ର । ଆତ୍ମା ନିଜ ସ୍ୱରୂପରେ ଅବ୍ୟକ୍ତ ଓ ନିଷ୍କ୍ରିୟ; କିନ୍ତୁ ପ୍ରାଣ ଓ ମନ ଏହି ଆତ୍ମାର ବ୍ୟକ୍ତ ଓ ସକ୍ରିୟ ଅବସ୍ଥା ମାତ୍ର । ପ୍ରାଣ ବାହାରର ଓ ମନ ଭିତରର କ୍ରିୟାଶକ୍ତି ।

(୬୪୨) ପ୍ରାଣର ବୃତ୍ତି ବା ଶକ୍ତି : ଚିତ୍ତ ବା ମନରେ ଯେପରି ପ୍ରମାଣ, ବିପର୍ଯ୍ୟୟ, ବିକଳ୍ପ, ସ୍ମୃତି ଓ ନିଦ୍ରା ନାମଧେୟ ପଞ୍ଚ ବୃତ୍ତି ବିରାଜିତ, ସେହିପରି ଅପାନ, ସମାନ, ଉଦାନ ଓ ବ୍ୟାନ—ଏହି ପଞ୍ଚବିଧ କ୍ରିୟାଶକ୍ତି ପ୍ରାଣରେ ନିତ୍ୟ ବିରାଜିତ ରହି ଜୀବଜଗତକୁ ନିତ୍ୟ ପରିଚାଳିତ କରୁଅଛି । ଏହିସବୁ ପ୍ରାଣମୟ ବୃତ୍ତିର ନାମ କ୍ରିୟାଶକ୍ତି । ମନ ଓ ପ୍ରାଣର ବିଭିନ୍ନ ପ୍ରକାର କ୍ରିୟାଶକ୍ତି ହିଁ ବିଭିନ୍ନ ପ୍ରକାର ବୃତ୍ତି ନାମରେ ଅଭିହିତ । ଅତଏବ ବୃତ୍ତିଗୁଡ଼ିକ ଶକ୍ତିର ବିଭିନ୍ନ ଅବସ୍ଥା ମାତ୍ର । ପ୍ରାଣ, ମନ ବା ଚିତ୍ତ—ଉଭୟ ହିଁ ଆତ୍ମାର ସଚଳ ଅବସ୍ଥାର ନିଦର୍ଶନ । ଆତ୍ମା କିନ୍ତୁ ନିଶ୍ଚଳ, ନିଷ୍କ୍ରିୟ ଓ ନର୍ବିକାର ଏବଂ ଆନନ୍ଦ ସ୍ୱରୂପ । ଆତ୍ମାର ବହିର୍ଜଗତରେ ପ୍ରକାଶିତ ହେବା ନିମିତ୍ତ ଯେଉଁ କ୍ରିୟାଶକ୍ତି, ତାହା ପ୍ରାଣର ଅନ୍ତର୍ଗତ ଶକ୍ତି ଏବଂ ଅନ୍ତର୍ଜଗତରେ ଯାହା କ୍ରିୟାଶୀଳ, ତାହା ମନ ବା ଚିତ୍ତର ଅନ୍ତର୍ଗତ । ଶକ୍ତି ଚିତ୍ତର ବୃତ୍ତି ଜ୍ଞାନ ଦିଗକୁ ଏବଂ ପ୍ରାଣର ବୃତ୍ତି କର୍ମସାଧନ ଦିଗରେ ସର୍ବଦା ବ୍ୟାପୃତ ଥାଏ ।

(୬୪୩) ପ୍ରାଣଶକ୍ତିର ପରିଚୟ : ସତ୍ତ୍ୱଗୁଣରୁ ଜ୍ୟୋତିଃ, ରଜୋଗୁଣରୁ ଗତି ଏବଂ ତମୋଗୁଣରୁ ଶବ୍ଦ ନାମକ ପ୍ରାଣର ତ୍ରିବିଧ ଅବସ୍ଥା ବିଷୟ ପୂର୍ବରୁ କୁହାଯାଇଛି । ସେଥିରୁ ସମଷ୍ଟି ଜଗତରେ ଯଥାକ୍ରମେ (୧) ବିଦ୍ୟୁତ, ଅଗ୍ନି ଓ ଆଲୋକ, (୨) ତେଜଶକ୍ତି ଓ କର୍ମ, (୩) ଆକାଶ, ଭୂତ ଓ ଆକାରର ପ୍ରକାଶ ହୋଇଅଛି, ଅର୍ଥାତ୍ ପ୍ରାଣର ଶବ୍ଦସ୍ୱରୂପତାକ୍ ଅବଲମ୍ବନ କରି ବିଶ୍ୱାକାଶ, ଭୂତ ଓ ମୂର୍ତ୍ତି; ଗତିସ୍ୱରୂପତାକୁ ଅବଲମ୍ବନ କରି ତେଜଃଶକ୍ତି ଓ କ୍ରିୟା ଏବଂ ଜ୍ୟୋତିଃକ୍ ଅବଲମ୍ବନ କରି ଆଲୋକ, ଅଗ୍ନି ଓ ବିଦ୍ୟୁତ୍ ଅର୍ଥାତ୍ ବିଶ୍ୱଦର୍ଶନର ଉପାୟ ସ୍ୱରୂପ ଜ୍ୟୋତିଃ ଏ ଜଗତରେ ପ୍ରକାଶିତ ହୋଇଅଛି ।

ସମଷ୍ଟି ପ୍ରାଣଶକ୍ତି ବହିର୍ବ୍ରହ୍ମାଣ୍ଡରେ ଶବ୍ଦ, ଗତି ଓ ଜ୍ୟୋତିଃଶକ୍ତିରୁ ଯଥାକ୍ରମେ ଆକାଶ, ତେଜ ଓ ଆଲୋକ ରୂପରେ ବ୍ୟକ୍ତ ହୋଇ ସୂର୍ଯ୍ୟଦେବ ରୂପରେ ଏହି

ବିଶ୍ୱରେ ବିରାଜିତ ଅଛନ୍ତି ।

(୬୪୪) ଜୀବ ଦେହରେ ପ୍ରାଣଶକ୍ତିର ପରିଚୟ : ଜୀବଦେହ ଗୋଟିଏ କ୍ଷୁଦ୍ର ବ୍ରହ୍ମାଣ୍ଡ ସ୍ୱରୂପ । ତେଣୁ ଏହି ପିଣ୍ଡରେ ପ୍ରାଣଶକ୍ତି, (୧) ଚକ୍ଷୁର ଦୃକ୍‌ଶକ୍ତି, (୨) ଶରୀରର ଉତ୍ତାପ, (୩) ଦେହସ୍ଥ ଧ୍ୱନି ବା ବାକ୍ ରୂପରେ ବ୍ୟକ୍ତ ହୋଇ ବିରାଜିତ ଅଛି । ଚକ୍ଷୁର ଆଖି ଗୋଲକଦ୍ୱୟ ପ୍ରାଣର ଜ୍ୟୋତଃଶକ୍ତିରୁ ଉତ୍ପନ୍ନ । ପଞ୍ଚ ପ୍ରାଣବାୟୁ ପ୍ରାଣଶକ୍ତିର ତେଜ ବା ରକ୍ତର ତାପରୁ ଉତ୍ପନ୍ନ ଶକ୍ତି ଏବଂ ନାଦ ବା ଧ୍ୱନିକୁ ଅବଲମ୍ବନ କରି ଆତ୍ମା, ପ୍ରାଣ ଓ ମନ ରୂପରେ ଏହି ଜଗତରେ କ୍ରିୟାଶୀଳ । ଏହି ପ୍ରାଣ, ମନ, ଚିତ୍ତ ଅବିଦ୍ୟାର ଅନୁଚର । ଏହାଦ୍ୱାରା ଆତ୍ମା ଆଚ୍ଛାଦିତ ଥାଏ । ଏହି କାରଣରୁ ପ୍ରାଣକୁ ସ୍ଥିର କରିପାରିଲେ ଆତ୍ମଜ୍ଞାନ ଲାଭ ହୋଇଥାଏ, ଅର୍ଥାତ୍ ଆତ୍ମଦର୍ଶନ ବା ଭଗବତ୍ ଦର୍ଶନ ଘଟେ । ମନ ପ୍ରାଣର ସ୍ଥିରତ୍ୱ ସମ୍ପାଦନରୂପ କ୍ରିୟାଭ୍ୟାସ ନ କଲେ ପ୍ରକୃତ ସତ୍ୟଦର୍ଶନ ଘଟେ ନାହିଁ । ପ୍ରାଣର ସଂଯମକ୍ରିୟାକୁ ଯୋଗମାର୍ଗ ଏବଂ ଚିତ୍ତସଂମକ୍ରିୟାକୁ ଜ୍ଞାନମାର୍ଗ କହନ୍ତି । ଆତ୍ମାରୂପ ସ୍ଥିର ବିନ୍ଦୁକୁ କେନ୍ଦ୍ର କରି ପ୍ରାଣ ମନ ରୂପ ପରିଧିଦ୍ୱୟ ଅତି ଦ୍ରୁତଗତିରେ ଘୂରୁଅଛି ।

(୬୪୫) ପ୍ରାଣସଂଯମର ଉପାୟ : ସଦାଚଞ୍ଚଳ ଭାବାତ୍ମକ ବା ନୃତ୍ୟପରାୟଣ ପ୍ରାଣ ମନକୁ କେନ୍ଦ୍ରସ୍ଥ ଆତ୍ମାରେ ବା ଭଗବତ୍ ଚରଣାରବିନ୍ଦରେ ସ୍ଥାପନ କରିପାରିଲେ ପ୍ରକୃତ ପ୍ରାଣସଂଯମ ହୋଇଥାଏ । ମନ-ପ୍ରାଣ ସ୍ଥିର ହେଲେ ଚିତ୍ତ ଶୁଦ୍ଧଭାବ ଧାରଣ କରେ । ଏହି ଶୁଦ୍ଧ ଚିତ୍ତରେ ଭଗବତ୍ ଦର୍ଶନ ହୁଏ । ତେଣୁ ଧ୍ୟାନ ସାହାଯ୍ୟରେ ଚିତ୍ତକୁ ଆତ୍ମାରେ ନିରୁଦ୍ଧ କରିବା ନିମିତ୍ତ ଅଭ୍ୟାସ କରିବାକୁ ହେବ । ଲୟଯୋଗଦ୍ୱାରା ପ୍ରାଣ ସ୍ଥିର ହୁଏ । ସମଷ୍ଟି ବିଶ୍ୱଚିତ୍ତକୁ ବିଷ୍ଣୁ ଏବଂ ସମଷ୍ଟି ବିଶ୍ୱପ୍ରାଣକୁ ଶିବ କୁହାଯାଏ । ତେଣୁ ଯେଉଁ ବସ୍ତୁରେ ଶକ୍ତିର ବିକାଶ ନାହିଁ, ତାହା ଜଡ଼ । ବ୍ୟକ୍ତ ଓ ସକ୍ରିୟ ଚିତ୍ତକୁ ପ୍ରାଣ କହନ୍ତି । ଅବ୍ୟକ୍ତ ଓ ନିଷ୍କ୍ରିୟ ଆତ୍ମା ସ୍ଥିର ହେତୁ ସେଥିରେ ପ୍ରାଣ ନିଷ୍କ୍ରିୟ ଅବସ୍ଥାରେ ଥାଏ । ଅବ୍ୟକ୍ତ ଅବସ୍ଥାରେ ଚୈତନ୍ୟ ଓ ଶକ୍ତିର ବିକାଶ ନଥାଏ ।

(୬୪୬) ଧର୍ମଲାଭର ଚତୁର୍ବିଧ ଅବସ୍ଥା : ସ୍ଥୁଳ, ସୂକ୍ଷ୍ମ, କାରଣ ଓ ଆତ୍ମିକ ଭେଦରେ ପ୍ରତ୍ୟେକ ମାନବର ଧର୍ମ ଚାରିଭାଗରେ ବିଭକ୍ତ ।

(୬୪୭) ଧର୍ମର ସ୍ଥୁଳଭାବ : ଐହିକ କଲ୍ୟାଣ ଲାଭ, ସ୍ଥୁଳଦେହର ସୁସ୍ଥତା ଓ ନୀରୋଗତା ସମ୍ପାଦନ, ନିଜର ପରିବାର, ସଂସାର, ସ୍ୱଜାତି, ସ୍ୱଦେଶ

ଓ ସ୍ୱସଂପ୍ରଦାୟଭୁକ୍ତ ମାନବଙ୍କର ଅର୍ଥ, ପ୍ରଭୁତ୍ୱ, ସୁଖ ଓ ଶାନ୍ତି ବର୍ଦ୍ଧନର ଚେଷ୍ଟାମୂଳକ କ୍ରିୟାଗୁଡ଼ିକ ମାନବର ସ୍ଥୁଳଧର୍ମଭାବର ନିଦର୍ଶନ । ଏହାକୁ ପଞ୍ଚଯଜ୍ଞର ଅନୁଶୀଳନ କୁହାଯାଏ ।

(୬୪୮) ଧର୍ମର ସୂକ୍ଷ୍ମ ଭାବର କ୍ରିୟା : ଅନ୍ତଃକରଣ ଉତ୍କର୍ଷ, ଉଦାରତା, ସ୍ୱାର୍ଥଭାବନା ଓ ବିଷୟାସକ୍ତିର ସଙ୍କୋଚନ, ପରଲୋକ ଓ ଈଶ୍ୱରଙ୍କର ସମ୍ବନ୍ଧୀୟ ସତ୍ୟଜ୍ଞାନର ଆଲୋଚନା, ଯଜ୍ଞ, ଦାନ, ବ୍ରତ ଓ ଜୀବ-ସେବା ଅର୍ଥାତ୍ ସକାମ ପୁଣ୍ୟଜନକ କ୍ରିୟାଗୁଡ଼ିକ ମାନବର ସୂକ୍ଷ୍ମ ବା ପାରତ୍ରିକ ଧର୍ମ ନାମରେ ଅଭିହିତ ।

(୬୪୯) କାରଣ ଧର୍ମଭାବ : ସୂକ୍ଷ୍ମ ଓ ଅତୀନ୍ଦ୍ରିୟ ବିଷୟକ ଚିନ୍ତାଶକ୍ତି ଓ ବିଚାରଶକ୍ତିର ଅଭ୍ୟାସ ଏବଂ ତଦ୍‌ବିଷୟକ ଜ୍ଞାନ ଅର୍ଜନ । ପ୍ରତ୍ୟାହାର ଅର୍ଥାତ୍ ଇନ୍ଦ୍ରିୟମାନଙ୍କୁ ବାହ୍ୟ ବିଷୟରୁ ନିବୃତ୍ତ କରିବା; କ୍ଷୁଦ୍ର ସ୍ୱାର୍ଥସିଦ୍ଧିମୂଳକ କାମନା ବାସନା ବର୍ଜନ, ବିଷୟଚିନ୍ତା ତ୍ୟାଗ, ପ୍ରବୃତ୍ତି, ଭୋଗବାସନା ପ୍ରଭୃତି ସଂକୀର୍ଣ୍ଣତା ତ୍ୟାଗ; ରିପୁସଂଯମ, ନିଷ୍କାମକର୍ମର ଅନୁଷ୍ଠାନ; ସ୍ୱାର୍ଥପରତା ତ୍ୟାଗ; ଜ୍ଞାନୀ ଗୁରୁ, ଋଷି, ସତ୍‌ପୁରୁଷ ତଥା ପୂର୍ଣ୍ଣଭଗବାନଙ୍କ ପ୍ରତି ଶ୍ରଦ୍ଧାଭକ୍ତିପୋଷଣ ଏବଂ ସତ୍ୟଜ୍ଞାନର ନିୟମିତ ଅନୁଶୀଳନ ପ୍ରଭୃତି କ୍ରିୟାଗୁଡ଼ିକ କାରଣ-ଧର୍ମଭାବ ।

(୬୫୦) ଆଧ୍ୟାତ୍ମିକ ଧର୍ମଭାବ : ଦେହାତ୍ମବୁଦ୍ଧି ତ୍ୟାଗ, ଜୀବ, ଜଗତ, ଈଶ୍ୱର, ଦେବତା, ବ୍ରହ୍ମ, ଭଗବାନ୍, ସାଧନା ଓ ସତ୍ୟଜ୍ଞାନ ଆହରଣ, ମନର ଏକାଗ୍ରତା ବା ଲୟସାଧନା, ବିଶ୍ୱଜଗତକୁ ଅନିତ୍ୟବୋଧ ଏବଂ ଅଦ୍ୱୈତଭାବର ଅନୁଶୀଳନକୁ ଆଧ୍ୟାତ୍ମିକ ଧର୍ମଭାବ କୁହାଯାଏ । ଏହି ଚତୁର୍ଥ ଜାତିର ଧର୍ମଭାବର ନାମ ପୁରୁଷକାର । ଏହି ଧର୍ମରେ ଦୀକ୍ଷିତହୋଇ ସିଦ୍ଧମନୋରଥ ହୋଇପାରିଲେ ପୂର୍ଣ୍ଣତ୍ୱ ଲାଭ ହୋଇଥାଏ । ପ୍ରତ୍ୟେକ ମାନବ ପୂର୍ଣ୍ଣ ସଚ୍ଚିଦାନନ୍ଦଙ୍କର ଅଂଶ ବୋଲି ସ୍ପଷ୍ଟ ଅନୁଭବ କରପାରନ୍ତି ।

(୬୫୧) ଆତ୍ମଦର୍ଶନର ତ୍ରିବିଧ ସାଧନ : ଧ୍ୟାନଯୋଗ, ବିଚାର ଓ କର୍ମ—ଆତ୍ମଦର୍ଶନର ଏହି ତିନି ପ୍ରକାର ସାଧନ ।

(୬୫୨) ଚୈତନ୍ୟର ଚତୁର୍ବିଧ ବିଭାବ : ବ୍ରହ୍ମଚୈତନ୍ୟ, ଈଶ୍ୱରଚୈତନ୍ୟ, କୂଟସ୍ଥଚୈତନ୍ୟ ଓ ଜୀବଚୈତନ୍ୟ– ଚୈତନ୍ୟଙ୍କର ଏହି ଚତୁର୍ବିଧ ବିଭାବ ।

(୬୫୩) କୂଟସ୍ଥ ଚୈତନ୍ୟ : କୂଟ ଶବ୍ଦର ଅର୍ଥ (୧) ଜାଲ, (୨) କପଟ ବା ମାୟା, (୩) ନିଶ୍ଚଳ, (୪) କର୍ମକାର ବା କମାରଯନ୍ତ୍ର । ଯେଉଁ

ଚୈତନ୍ୟର ସତ୍ତା ଅସଂଖ୍ୟ କର୍ମଜାଲରେ ଜଡ଼ିତ ହୋଇ ମଧ୍ୟ ସ୍ଥିର ଭାବରେ ଅବସ୍ଥାନ କରନ୍ତି । (୨) ଯେଉଁ ଚୈତନ୍ୟ ମିଥ୍ୟା ମାୟା ସମ୍ପର୍କରେ ଆସି ମଧ୍ୟ ନିଜ ସ୍ୱରୂପରେ ଅବସ୍ଥାନ କରନ୍ତି, ଏବଂ ସତ୍ୟଜ୍ଞାନରୁ ବିଚ୍ୟୁତ ହୁଅନ୍ତି ନାହିଁ, (୩) ଯେ ସର୍ବାବସ୍ଥାରେ ସ୍ଥିର, ନିଶ୍ଚଳ ଓ ନିଷ୍କ୍ରିୟଦ୍ରଷ୍ଟା ରୂପରେ ଜୀବର ଅନ୍ତଃକରଣରେ ଚିରକାଳ ବିରାଜିତ, (୪) କମାରଶାଳର ଚୁଲାଦ୍ୱାରା ଧାତୁପଦାର୍ଥ ଅସଂଖ୍ୟ ପଦାର୍ଥରେ ରୂପାନ୍ତରିତ ହେଲେ ମଧ୍ୟ ଯେପରି ଆଉଟିଲେ ତାହାର କୌଣସି ପରିବର୍ତ୍ତନ ଘଟେ ନାହିଁ, ସେହିପରି ଯେଉଁ ଚୈତନ୍ୟଙ୍କ ସମ୍ମୁଖ ଦେଇ ଜୀବର ଅସଂଖ୍ୟ ଜନ୍ମ, ମୃତ୍ୟୁ, ଭୋଗ, ସୁଖ ଇତ୍ୟାଦି ଭାବ ପ୍ରବାହିତ ହେଲେ ମଧ୍ୟ ଯେ ଟିକିଏ ହେଲେ ବିଚଳିତ ନହୋଇ ସ୍ଥିର ରହନ୍ତି, ସେହି ଚୈତନ୍ୟ ବା ଦ୍ରଷ୍ଟା ଆତ୍ମାକୁ ଶାସ୍ତ୍ରରେ କୂଟସ୍ଥ ଚୈତନ୍ୟ ବୋଲି କୁହାଯାଇଛି । ଏହାଙ୍କର ଅପର ନାମ କୂଟସ୍ଥ ଅକ୍ଷର ପୁରୁଷ । ଏହାଙ୍କୁ ଅଧିଦୈବ ମଧ୍ୟ କୁହାଯାଏ । ବ୍ରହ୍ମା, ବିଷ୍ଣୁ, ଶିବ ରୂପ ଆଦି ଦେବତାଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକ ଜୀବାଣୁରେ କୂଟସ୍ଥ ଚୈତନ୍ୟଙ୍କର ଅଧିଷ୍ଠାନ ଅଛି । ଏହି ଚୈତନ୍ୟ ସାଙ୍ଖ୍ୟଦର୍ଶନରେ 'ପୁରୁଷ' ନାମରେ ଅଭିହିତ ।

(୬୫୪) ପୁରୁଷ : ଯେ 'ପୁର'ରେ ଅର୍ଥାତ୍ ଦେହାଦି ପ୍ରକୃତିରେ ଅବସ୍ଥାନ କରନ୍ତି, ସେ ହେଉଛନ୍ତି ପୁରୁଷ ।

(୬୫୫) ଦୈବ : ଦୈବ ଶବ୍ଦର ଅର୍ଥ ଭାଗ୍ୟ, କର୍ମଫଳ । ଜୀବନର ବ୍ୟକ୍ତସ୍ୱଭାବ ଏବଂ ଦେବଲୋକର କାରଣ ଦେହ । ମହଃ, ଜନଲୋକଙ୍କୁ ଦେବଲୋକ କହାଯାଏ ।

(୬୫୬) ବ୍ରହ୍ମଚୈତନ୍ୟ : ଯାହାଙ୍କ ଅଧିଷ୍ଠାନରେ ମାୟା ବା ପ୍ରକୃତି ନିଜ ସତ୍ତା ସଂରକ୍ଷଣରେ ସମର୍ଥ ହୋଇପାରେ ନାହିଁ, ତାଙ୍କୁ ହିଁ ବ୍ରହ୍ମଚୈତନ୍ୟ କୁହାଯାଏ । ଏହାଙ୍କଠାରେ ଦ୍ୱୈତଭ୍ରମ ନାହିଁ । ଏହାଙ୍କର ଅପର ନାମ ଅବ୍ୟକ୍ତ ଓ ଅକ୍ଷର ।

(୬୫୭) ଈଶ୍ୱରଚୈତନ୍ୟ : ଯେଉଁ ଚୈତନ୍ୟ ସତ୍ତା ବିଶ୍ୱରୂପ ବ୍ୟକ୍ତ ଓ ସମଷ୍ଟି ପ୍ରକୃତିରେ ଅଧିଷ୍ଠାନ କରନ୍ତି, ଯାହାଙ୍କଠାରେ ବିଦ୍ୟା ମାୟା ଓ ଅବିଦ୍ୟା ମାୟାର ସ୍ଥାନ ଅଛି, ତାଙ୍କୁ ହିଁ ଈଶ୍ୱରଚୈତନ୍ୟ କୁହାଯାଏ ଏବଂ ତାଙ୍କୁ ଅକ୍ଷର ପୁରୁଷ କୁହା ନ ଯାଇ ପୁରୁଷୋତ୍ତମ ମଧ୍ୟ କୁହାଯାଏ ।

(୬୫୮) ପରମାତ୍ମଚୈତନ୍ୟ : ଅବ୍ୟକ୍ତ ପୂର୍ଣ୍ଣବ୍ରହ୍ମଙ୍କର ଯେଉଁ ବିଭାବ ସମଷ୍ଟି ମହତତ୍ତ୍ୱରେ ଅଧିଷ୍ଠାନ କରନ୍ତି, ତାଙ୍କୁ ହିଁ ପରମାତ୍ମଚୈତନ୍ୟ କୁହାଯାଏ, ସଦ୍‌ଗୁରୁଙ୍କ ସତ୍ତା ଏଥିରେ ବିରାଜିତ ।

(୬୫୯) ଜୀବଚୈତନ୍ୟ : ଉପରୋକ୍ତ କୂଟସ୍ଥ ଚୈତନ୍ୟଙ୍କର ଯେଉଁ ଆଭାସ ବା ପ୍ରତିବିମ୍ବ ଜୀବର ଶୁଦ୍ଧଚିତ୍ତରେ ପତିତହୁଏ, ତାହାଙ୍କୁ ଜୀବଚୈତନ୍ୟ କୁହାଯାଏ ।

(୬୬୦) ଜୀବଚୈତନ୍ୟର ତ୍ରିବିଧ ଅବସ୍ଥା : ପ୍ରାଜ୍ଞ, ତୈଜସ୍ ଓ ବୈଶ୍ୱାନର—ଜୀବଚୈତନ୍ୟର ଏହି ତ୍ରିବିଧ ଅବସ୍ଥା ।

(୬୬୧) ପ୍ରାଜ୍ଞ ଚୈତନ୍ୟ : କୂଟସ୍ଥ ଆତ୍ମାର ଯେଉଁ ପ୍ରତିଚ୍ଛାୟା ଜୀବର କାରଣ ଦେହରେ ପତିତ ହୁଏ, ତାହାକୁ ପ୍ରାଜ୍ଞଚୈତନ୍ୟ ବା ପ୍ରଜ୍ଞାନାତ୍ମା କୁହାଯାଏ । ଏହା ମହଲୋକସ୍ଥ ଚୈତନ୍ୟ ।

(୬୬୨) ତୈଜସ ଚୈତନ୍ୟ : କୂଟସ୍ଥ ପୁରୁଷଙ୍କର ଯେଉଁ ପ୍ରତିବିମ୍ବ ଜୀବର ସୂକ୍ଷ୍ମଦେହ ବା କୋଷରେ ପତିତ ହୁଏ, ତାହାର ନାମ ତୈଜସ ଚୈତନ୍ୟ । ଏମାନେ ସୂକ୍ଷ୍ମଦେହୀ ଭୂ ଓ ଭୁବଲୋକବାସୀ ଦେବଗଣ ଓ ପିତୃଗଣ ।

(୬୬୩) ବୈଶାନର ଚୈତନ୍ୟ : କୂଟସ୍ଥ ଆତ୍ମାର ଯେଉଁ ପ୍ରତିବିମ୍ବ ଜୀବର ସ୍ଥୁଳଦେହରେ ବା ଅନ୍ନମୟ କୋଷରେ ପତିତ ହୁଏ, ତାହାକୁ ବୈଶ୍ୱାନର ଚୈତନ୍ୟ କୁହାଯାଏ ।

(୬୬୪) କ୍ଷରପୁରୁଷ : ଏହି ପ୍ରଜ୍ଞାନ ବା ପ୍ରଜ୍ଞା, ତୈଜସ ଓ ବୈଶ୍ୱାନର ଚୈତନ୍ୟର ସମଷ୍ଟିଭୂତ ଅବସ୍ଥାକୁ ଜୀବଚୈତନ୍ୟ, ଜୀବାତ୍ମା, କ୍ଷରପୁରୁଷ, ଅଧିଭୂତ ବା ଚିତ୍ତଚୈତନ୍ୟ କୁହାଯାଏ । ଏହି କ୍ଷରପୁରୁଷ ନିଜକୁ କର୍ତ୍ତାମାନେ କରି ସୁଖଦୁଃଖ, ଜନ୍ମମୃତ୍ୟୁ ପ୍ରଭୃତି ନାନାବିଧ ଯନ୍ତ୍ରଣା ଭୋଗ କରନ୍ତି । ଏହି ଜୀବାତ୍ମା ବା ଜୀବଚୈତନ୍ୟଯୁକ୍ତ ଜୀବପ୍ରକୃତିକୁ ପୂର୍ଣ୍ଣଜୀବ କୁହାଯାଏ ।

(୬୬୫) ଯୋଗ : ଈଶ୍ୱରପ୍ରାପ୍ତିର ପ୍ରତ୍ୟେକ ଉପାୟକୁ ଶାସ୍ତ୍ରରେ ଯୋଗ ନାମରେ ଅଭିହିତ କରାଯାଇଛି; ଯେପରି ବିଷାଦଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ପ୍ରଭୃତି ।

(୬୬୬) ଧୃତି : ଧୃତି ଅର୍ଥ ଧୈର୍ଯ୍ୟ ବା ସହିଷ୍ଣୁତା ନୁହେଁ । ଚିତ୍ତ ବା ମନକୁ କୌଣସି ସ୍ଥିରଦ୍ରବ୍ୟରେ ଜ୍ଞାନରେ ବା ଭାବରେ ସଂଯୋଗ କରି ରଖିବାର ନାମ ଧୃତ ।

(୬୬୭) ଦୋଷ : ଦୋଷ ଅର୍ଥ କେବଳ ମନ୍ଦ କାର୍ଯ୍ୟ ବା ପାପ ନୁହେଁ ।

ଯେ କୌଣସି କାର୍ଯ୍ୟର ଭଲମନ୍ଦ, ଦୋଷଗୁଣ ବିଚାର ଓ ଅନୁସନ୍ଧାନ ନ କରିବାର ନାମ ଦୋଷ।

(୬୬୮) ଧନ : ଧନ ଅର୍ଥ ଐଶ୍ୱର୍ଯ୍ୟ ସମ୍ପତ୍ତି ନୁହେଁ। ଯେକୌଣସି ବିଷୟର ରସ, ସ୍ୱାଦ, ଗୁଣ, ଫଳ ବା ଶକ୍ତିର ନାମ ଧନ, ଅର୍ଥାତ୍ ଯାହା ଗ୍ରହଣ କରାଯାଏ, ତାହା ହିଁ ଧନ।

(୬୬୯) ଦାନ : ଦାନ ଅର୍ଥ କେବଳ ସାହାଯ୍ୟ ବା ଅନ୍ନଦାନ ନୁହେଁ। ଆତ୍ମତ୍ୟାଗ, ସ୍ଥାନତ୍ୟାଗ, ଆତ୍ମାଭିମାନଶୂନ୍ୟତା, ଅପର ପ୍ରତି ଦ୍ରୋହାଚରଣ ନ କରିବା ଏବଂ ଅନ୍ୟ ଇଚ୍ଛାର ଆନୁକୂଲ୍ୟ ସାଧନ କରିବା ସ୍ୱଭାବର ନାମ ଦାନ ଭାବ।

(୬୭୦) ତପଃ : ତପଃ ଅର୍ଥ କେବଳ କଷ୍ଟ ସହ୍ୟ କରିବା ନୁହେଁ। ଇନ୍ଦ୍ରିୟମାନଙ୍କର ସଂଯମ ପ୍ରତ୍ୟାହାର ଏବଂ କାମନା ବାସନା ତ୍ୟାଗକୁ ତପଃ କୁହାଯାଏ। ଶମ ଦମ ମଧ ତପଃ ମଧ୍ୟରେ ଗଣ୍ୟ।

(୬୭୧) ଯଜ୍ଞ : ଯଜ୍ଞ ଅର୍ଥ ହୋମ ନୁହେଁ। ଆତ୍ମାରେ ବା ଭଗବତ୍ ସତ୍ତାରେ ନିଜର ଚତୁର୍ବିଂଶତି ତତ୍ତ୍ୱ ବିସର୍ଜ୍ଜନ, ସମର୍ପଣ ବା ପୂର୍ଣ୍ଣାହୂତି ତଥା ପ୍ରକୃତି ପୁରୁଷରେ ନିମଜ୍ଜନର ନାମ ଯଜ୍ଞ।

(୬୭୨) ଦକ୍ଷିଣା : ଦକ୍ଷିଣା ଅର୍ଥ ପାରିଶ୍ରମିକ ନୁହେଁ, ଜ୍ଞାନର ଉପଦେଶ ହିଁ ଦକ୍ଷିଣା।

(୬୭୩) ସୁଖ : ସୁଖ ଅର୍ଥ ଇନ୍ଦ୍ରିୟର ଅନୁକୂଳ ଭୋଗ ନୁହେଁ। ସୁଖ-ଦୁଃଖ ପ୍ରତି ଯେଉଁ ଅନିଚ୍ଛା ଭାବ, ତାହା ହିଁ ସୁଖ।

(୬୭୪) ପଣ୍ଡିତ : ପଣ୍ଡିତ ଅର୍ଥରେ କେବଳ ଶାସ୍ତ୍ରଜ୍ଞଙ୍କୁ ବୁଝାଏ ନାହିଁ। ଯେ ଆତ୍ମମୁକ୍ତି ଲାଭର ପ୍ରକୃତ ପନ୍ଥା ଅବଗତ ଅଛନ୍ତି, ତାଙ୍କୁ ହିଁ ପଣ୍ଡିତ କୁହାଯାଏ।

(୬୭୫) ସାଧକ ବା ଯୋଗୀ : ଯେଉଁମାନେ ମୁକ୍ତିଲାଭର ପ୍ରକୃତି ପନ୍ଥା ସଦ୍‌ଗୁରୁଙ୍କଠାରୁ ଅବଗତ ହୋଇ ସେହି ପନ୍ଥାରେ ନିଜକୁ ପରିଚାଳିତ କରି ତଦନୁଯାୟୀ କର୍ମ କରନ୍ତି, ସେହିମାନଙ୍କୁ ସାଧକ ବା ଯୋଗୀ କୁହାଯାଏ।

(୬୭୬) ଜ୍ଞାନ : ଆତ୍ମକର୍ମରେ ରତ ରହି ସେଥିରେ କେତେକ ପରିମାଣରେ ଦକ୍ଷ ବା ସିଦ୍ଧ ହେଲେ ତାଙ୍କୁ ତତ୍ତ୍ୱଦ୍ରଷ୍ଟା ଜ୍ଞାନୀ କୁହାଯାଏ। ଏହିମାନେ ହିଁ ଜ୍ଞାନୀଗୁରୁ ପଦବାଚ୍ୟ। ଏମାନଙ୍କ ବ୍ୟତୀତ ଅନ୍ୟ କେହି ଗୁରୁ ହୋଇପାରନ୍ତି ନାହିଁ।

(୬୭୭) ମୂର୍ଖ : ମୂର୍ଖ ଅର୍ଥ ବର୍ଣ୍ଣଜ୍ଞାନହୀନଙ୍କୁ ବୁଝାଏ ନାହିଁ । ଯେଉଁ ବ୍ୟକ୍ତି ନିଜର ଦେହ, ଗୃହ ସମ୍ପତ୍ତି ପ୍ରଭୃତି ଉପାର୍ଜନ ମୂଳକ କର୍ମରେ ନିଜର ଅହଂବୁଦ୍ଧି ବା କର୍ତ୍ତାବୁଦ୍ଧି ପୋଷଣ କରନ୍ତି, ଶାସ୍ତ୍ରାନୁସାରେ ସେହିମାନେ ହିଁ ମୂର୍ଖ ପଦବାଚ୍ୟ ।

(୬୭୮) ପନ୍ଥା : କେବଳ ପଥ ଚାଲିବା ମାର୍ଗକୁ ପନ୍ଥା କୁହାଯାଏ ନାହିଁ; ନିବୃତ୍ତିମାର୍ଗକୁ ଶାସ୍ତ୍ରରେ ପନ୍ଥା ବୋଲି କୁହାଯାଇଛି ।

(୬୭୯) ସ୍ୱର୍ଗ ନରକ : ସତ୍ତ୍ୱଗୁଣକୁ ସ୍ୱର୍ଗ ଏବଂ ତମୋଗୁଣକୁ ନର୍କ କୁହାଯାଏ ।

(୬୮୦) ବନ୍ଧୁ : ବନ୍ଧୁ ଅର୍ଥରେ ନିଜର ଆତ୍ମୀୟ ସ୍ୱଜନ ବନ୍ଧୁ ନୁହନ୍ତି; ଏକମାତ୍ର ସଦ୍‌ଗୁରୁହିଁ ପରମ ବନ୍ଧୁ ।

(୬୮୧) ଦରିଦ୍ର, କୃପଣ : ଅର୍ଥହୀନଙ୍କୁ ଦରିଦ୍ର କୁହାଯାଏ ନାହିଁ । ଯାହାଙ୍କର ଚିତ୍ତ ସର୍ବଦା କାମନା, ବାସନା ଓ ଆଶାରେ ପରିପୂର୍ଣ୍ଣ, ତାଙ୍କୁ ହିଁ ଦରିଦ୍ର କୁହାଯାଏ । ଅଜିତେନ୍ଦ୍ରିୟ ବ୍ୟକ୍ତି ହିଁ କୃପଣ ।

(୬୮୨) ଜ୍ଞାନବନ୍ଧୁ : (୧) ଯେଉଁମାନେ ଶାସ୍ତ୍ର ପାଠ କରନ୍ତି, ଶାସ୍ତ୍ର ବ୍ୟାଖ୍ୟା କରନ୍ତି; କିନ୍ତୁ ଶାସ୍ତ୍ରବର୍ଣ୍ଣିତ ବିହିତ କର୍ମାନୁଷ୍ଠାନରେ ଯତ୍ନବାନ ନୁହନ୍ତି, କେବଳ ଅର୍ଥ ଉପାର୍ଜ୍ଜନ କିମ୍ବା ପ୍ରତିଷ୍ଠା ଲାଭ ନିମିତ୍ତ ଅଭିନେତାଙ୍କ ପରି ଶାସ୍ତ୍ର ବ୍ୟାଖ୍ୟା ଓ ଶାସ୍ତ୍ର ପାଠ କରିଥାନ୍ତି—ସେମାନଙ୍କୁ ବଶିଷ୍ଠଦେବ ଜ୍ଞାନବନ୍ଧୁ ବୋଲି ଅଭିହିତ କରିଛନ୍ତି ।

(୨) ଯେଉଁମାନେ ଗତାନୁଗତିକ ପ୍ରଥାନୁସାରେ ଧର୍ମକର୍ମାଦିର ଆଚରଣ କରୁଛନ୍ତି ଅଥଚ ତାହାର ତତ୍ତ୍ୱ ଅବଗତ ନୁହନ୍ତି କିମ୍ବା କୌଣସି ବିଶେଷ ଲକ୍ଷ୍ୟସାଧନ ନିମିତ୍ତ ସେହି କର୍ମର ଅନୁଷ୍ଠାନ-ତତ୍ପର ନୁହନ୍ତି, ସେମାନେ ମଧ୍ୟ ଜ୍ଞାନବନ୍ଧୁ । କାରଣ ଅଜ୍ଞାନପୂର୍ବକ ବିହିତ କର୍ମର ଅନୁଷ୍ଠାନ ଫଳରେ ସାଧକଙ୍କର ଚିତ୍ତଶୁଦ୍ଧିଲାଭର ସମ୍ଭାବନା ଥାଏ । ଫଳରେ ଜ୍ଞାନଲାଭ ନିମିତ୍ତ ପିପାସା ଜାତ ହୁଏ । ତେଣୁ ପ୍ରଥମ 'ଜ୍ଞାନବନ୍ଧୁ'ଠାରୁ ଦ୍ୱିତୀୟ ସାମାନ୍ୟ ଉନ୍ନତ ।

(୬୮୩) ଜ୍ଞାନୀ : ଯେଉଁ ଜ୍ଞାନରେ ପ୍ରକୃତ ଭଗବତ୍ ରସର ଉପଲବ୍ଧି ହୁଏ, ତାହା ହିଁ ଜ୍ଞାନପଦବାଚ୍ୟ । ଜ୍ଞାନୀମାନଙ୍କର ଧାରଣା, ପ୍ରାଣଧାରଣ ନିମିତ୍ତ ବିଷୟ ଗ୍ରହଣ ଏବଂ ଜ୍ଞାନଲାଭ ନିମିତ୍ତ ପ୍ରାଣ ଧାରଣ ।

(୬୮୪) ତ୍ରିପୁଟୀ : ଜ୍ଞାନମାର୍ଗ ତ୍ରିପୁଟୀ ସୀମାରେ ଆବଦ୍ଧ । ତ୍ରିପୁଟୀ

ଅର୍ଥାତ୍ ଅଧ୍ୟାତ୍ମ, ଅଧିଭୂତ ଓ ଅଧିଦୈବ। ପ୍ରତ୍ୟେକ ଜ୍ଞାନର ବିଷୟ ହିଁ ଅଧିଭୂତ। ସେହି ବିଷୟ ଗ୍ରହଣ କରିବା ନିମିତ୍ତ ଯେଉଁ ଅନ୍ତରିନ୍ଦ୍ରିୟ ଓ ବହିରିନ୍ଦ୍ରିୟର ଆବଶ୍ୟକ, ତାହା ହିଁ ଆଧ୍ୟାତ୍ମ ଏବଂ ସେହି ଇନ୍ଦ୍ରିୟର ଅଧିଷ୍ଠାତା ବା ସହକାରୀ ଦେବତା ହିଁ ଅଧିଦୈବ ନାମରେ ଖ୍ୟାତ। ଆମେ ଯେଉଁ କର୍ମେନ୍ଦ୍ରିୟଦ୍ୱାରା କାର୍ଯ୍ୟ କରୁଁ, ତାହା ଆଧ୍ୟାତ୍ମ୍ୟ ଏବଂ ଯାହା କର୍ମେନ୍ଦ୍ରିୟର ବିଷୟ, ତାହା ଅଧିଭୂତ ଏବଂ ଆମ କର୍ମର ସହାୟକ ଦେବତାମାନେ ଅଧିଦୈବ। ତେଣୁ ଆମେ ଯାହା କିଛି କରୁଁ ଏବଂ ଯାହା ଜାଣୁ, ତାହା ଆମର ଇନ୍ଦ୍ରିୟ ଶକ୍ତି ଓ ଦେବତାଙ୍କ ସାହାଯ୍ୟସାପେକ୍ଷ।

(୬୮୫) ବୈଦିକ ଧର୍ମ : ମାନବଗଣ ଯେତେଦିନ ପର୍ଯ୍ୟନ୍ତ ଏହି ବ୍ରହ୍ମାଣ୍ଡ ମଧ୍ୟରେ ରହନ୍ତି, ସେମାନଙ୍କୁ ସେହି ବ୍ରହ୍ମାଣ୍ଡର ଅଧିକାରଭୁକ୍ତ ଧର୍ମର ଅନୁସରଣ କରିବାକୁ ପଡ଼ିଥାଏ। ସେ ବ୍ରହ୍ମାଣ୍ଡର ତ୍ରିପୁଟୀ ଅର୍ଥାତ୍ କାଳ, କର୍ମ ଓ ସ୍ୱଭାବର ବଶବର୍ତ୍ତୀ ହୋଇ ଚଳିବାକୁ ହୁଏ। ବ୍ରହ୍ମାଣ୍ଡପତି ବ୍ରହ୍ମା ମଧ୍ୟ କାଳ (Time), କର୍ମ (Casuality), ସ୍ୱଭାବ (Space), ଏହି ତ୍ରିପୁଟୀର ଅଧୀନ। ବ୍ରହ୍ମଲୋକବାସୀ ଜୀବନମାନଙ୍କୁ ବ୍ରହ୍ମା ମୁକ୍ତ ହେବା ପର୍ଯ୍ୟନ୍ତ ଉକ୍ତ କାଳଧର୍ମ ଅନୁସାରେ ସେହି ଲୋକରେ ଅବସ୍ଥାନ କରିବାକୁ ପଡ଼ିଥାଏ ଏବଂ ବ୍ରହ୍ମାଣ୍ଡବାସୀ ଜୀବମାନଙ୍କ ନିମିତ୍ତ ସେ ଅତ୍ୟନ୍ତ କ୍ଳେଶ ଅନୁଭବ କରନ୍ତି। ବ୍ରହ୍ମାଙ୍କର ମୁକ୍ତି ହେଲେ ସାଧକ ସେହି ଲୋକର ସୀମା ଅତିକ୍ରମ କରନ୍ତି; କିନ୍ତୁ ବ୍ରହ୍ମଲୋକବାସୀ ଜୀବ ବ୍ରହ୍ମାଙ୍କ ଜ୍ଞାନଠାରୁ ଅଧିକ ଜ୍ଞାନ ବା ଅଧିକ ଆନନ୍ଦ ଲାଭ କରିପାରନ୍ତି ନାହିଁ। ଏହି ବ୍ରହ୍ମାଣ୍ଡଧର୍ମର ଅପର ନାମ ବୈଦିକଧର୍ମ ବା ଯୋଗମାର୍ଗ। ବ୍ରହ୍ମାଙ୍କ ଶିକ୍ଷାରୁ ଯେତିକି ଜଣାଯାଏ, ତାହା ହିଁ ବେଦରେ ବର୍ଣ୍ଣିତ ଅଛି। ବେଦରେ ଭଗବାନଙ୍କ ସ୍ୱରୂପ ବର୍ଣ୍ଣିତ ହୋଇଅଛି। ବେଦର ଯେଉଁଠାରେ ଶେଷ, ଭାଗବତର ସେହିଠାରୁ ଆରମ୍ଭ।

(୬୮୬) ଦଶାନନ : ଜୀବ ମାତ୍ରକେ ଦଶାନନ ପଦବାଚ୍ୟ। କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ, ଦ୍ୱେଷ, ହିଂସା ଓ ପୈଶୁନ୍ୟ—ଏହି ଦଶ ବଦନଦ୍ୱାରା ଜୀବ ବିଶ୍ୱ ସଂସାର ଭୋଗ କରିବାକୁ ବ୍ୟାକୁଳ। ଜୀବର ଦଶଟି ମୁଖ ସହିତ ବିଂଶ ହସ୍ତ ମଧ୍ୟ ଅଛି। କାମ କ୍ରୋଧାଦି ବୃତ୍ତିର ସତ୍ ଓ ଅସତ୍—ଏହି ଉଭୟର ବ୍ୟବହାର ଦେଖାଯାଏ। ଧର୍ମାନୁମୋଦିତ କାମଦ୍ୱାରା ଜଗତର ମଙ୍ଗଳ ସାଧିତ ହୁଏ ଏବଂ ଧର୍ମବିରୁଦ୍ଧ କାମ ଅଶେଷ ମଙ୍ଗଳର ଆକର। ଅନ୍ୟାନ୍ୟ ରିପୁମାନଙ୍କ ସମ୍ବନ୍ଧରେ ମଧ୍ୟ ବ୍ୟବହାର ଅନୁସାରେ ମଙ୍ଗଳ କିମ୍ବା ଅମଙ୍ଗଳର

କାରଣ ହୋଇଥାଏ । ଏହି ସତ୍ ଓ ଅସତ୍ ବ୍ୟବହାର ହିଁ ଜୀବର ବିଂଶତି ହସ୍ତସଦୃଶ ।

(୬୮୭) କୁମ୍ଭକର୍ଣ୍ଣ : ଅଜ୍ଞ ଜୀବର ତମୋଗୁଣହିଁ ଦଶାନନର ଭ୍ରାତା କୁମ୍ଭକର୍ଣ୍ଣ । ତମୋଗୁଣ ପ୍ରାଧାନ୍ୟରେ ଜୀବର ଅହଂଜ୍ଞାନ ବର୍ଦ୍ଧିତ ହୁଏ । ଅହଙ୍କାର ବୃହଦାକାର । ଏହା ଅଜ୍ଞାନର ପ୍ରତିରୂପ । ତେଣୁ ନିଦ୍ରା ହିଁ ତାହାର ଧର୍ମ ।

(୬୮୮) ସୂର୍ପଣଖା : ଜୀବ ଦେହରେ ଗୋଟିଏ ପରମାତ୍ମା-ବିରୋଧିନୀ ଶକ୍ତି ଅଛି । ଏହି ଶକ୍ତି ରାମ-ରାବଣ ଅର୍ଥାତ୍ ଜୀବ-ପରମ ମଧ୍ୟରେ କଳହ ଉପସ୍ଥିତ କରାଇଥାଏ ।

(୬୮୯) ବିଭୀଷଣ : ଜୀବ-ଦେହରେ ଯେଉଁ ଶକ୍ତି ଜୀବ ଓ ପରମ ମଧ୍ୟରେ ମିତ୍ରତା ସ୍ଥାପନ କରିବାକୁ ପ୍ରେରଣା ଦାନ କରେ; ସେହି ଶକ୍ତିର ନାମ ବିଭୀଷଣ । ଯେତେବେଳେ ଜୀବାତ୍ମାରୂପୀ ରାବଣ କୌଣସି ଧର୍ମବିରୁଦ୍ଧ କାର୍ଯ୍ୟ କରିବାକୁ ସଂକଳ୍ପ କରେ, ବିବେକରୂପୀ ବିଭୀଷଣ ସେଥିରେ ବାଧା ପ୍ରଦାନ କରିଥାଏ । ଜୀବ ମୋହବଶରୁ ବିବେକର ଉପଦେଶ ଗ୍ରହଣ ନକରି ବିପଦରେ ପତିତ ହୁଏ । ଶେଷରେ ମୋହାନ୍ଧ ଜୀବରୂପୀ ରାବଣ ବିବେକ ପରିତ୍ୟାଗପୂର୍ବକ ପରମାତ୍ମାଙ୍କର ଆଶ୍ରୟ ଗ୍ରହଣ କରିବାକୁ ବାଧ୍ୟ ହୁଏ । ରିପୁମାନଙ୍କର ବିନାଶ ଅଛି; କିନ୍ତୁ ବିବେକ ଶକ୍ତି ଅମର ।

(୬୯୦) ସୁବର୍ଣ୍ଣ ଲଙ୍କାପୁରୀ : ଏହି ଶୋଭନବର୍ଣ୍ଣ ସୁବର୍ଣ୍ଣକାନ୍ତି ଦେହ ହିଁ ସୁବର୍ଣ୍ଣପୁରୀ ଲଙ୍କା । ଜୀବ ଭିତରେ ହିଁ ଦେବ-ଦାନବ-ଭାବ ବିଦ୍ୟମାନ । ବ୍ରହ୍ମ ଓ ମାୟାଙ୍କଠାରୁ ଜୀବର ଉତ୍ପତ୍ତି । ମାୟା ହିଁ ରାକ୍ଷସୀସ୍ୱରୂପା ।

(୬୯୧) ରାବଣର ସେବକଗଣ : ଦେବତାମାନେ ରାବଣର ସେବକ । ଦେହସ୍ଥ ଇନ୍ଦ୍ରିୟମାନେ ହିଁ ଦେବତା ସ୍ଥାନୀୟ, ତେଣୁ ଇନ୍ଦ୍ରିୟମାନେ ସର୍ବଦା ଜୀବାତ୍ମାର ସେବା କରିଥାନ୍ତି । ବରୁଣ ଦେହ ମାର୍ଜ୍ଜନ କରନ୍ତି । ପବନ ନିଃଶ୍ୱାସ-ପ୍ରଶ୍ୱାସରୂପେ ଦେହରେ ଶୁଦ୍ଧତା ଆନୟନ କରନ୍ତି । ମନ ହିଁ ଦେହର ଚନ୍ଦ୍ରସ୍ୱରୂପ । ମସ୍ତକସ୍ଥ ଦ୍ୱିଦଳ ପଦ୍ମରେ ତାଙ୍କର ଅଧିଷ୍ଠାନ । ତେଣୁ ଚନ୍ଦ୍ର ଦେବତା ରାବଣ ମସ୍ତକରେ ଛତ୍ର ଧାରଣ କରନ୍ତି । ଚକ୍ଷୁ ହିଁ ଦେହର ସୂର୍ଯ୍ୟସ୍ୱରୂପ । ଏହାଦ୍ୱାରା ଦର୍ଶନ କାର୍ଯ୍ୟ ସମାହିତ ହୁଏ । ତେଣୁ ସୂର୍ଯ୍ୟ ଦେବତା ରାବଣପୁରୀଦର୍ଶକ ଦ୍ୱାରପାଳଭାବରେ ନିଯୁକ୍ତ । ଜୀବ ପ୍ରଥମେ ଗୁରୁଦେବଙ୍କଠାରୁ ଜ୍ଞାନ ଲାଭ କରେ । ତେଣୁ ବ୍ରହ୍ମା ହିଁ ଲଙ୍କାରେ ଗୁରୁ ।

(୬୯୨) ଶ୍ରୀରାମ : ଶ୍ରୀରାମ ପରମାତ୍ମା ସ୍ୱରୂପ । ପରମାତ୍ମାଙ୍କର ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ—ଏହି ଚାରିଗୋଟି ଅବସ୍ଥା । ଲକ୍ଷ୍ମଣ ହିଁ ଜାଗ୍ରତ ଅବସ୍ଥା । ସ୍ୱପ୍ନାବସ୍ଥା ଶତ୍ରୁଘ୍ନ । ସୁଷୁପ୍ତାବସ୍ଥା ଅନିରୁଦ୍ଧାଖ୍ୟ ଆତ୍ମା ଭରତ ।

(୬୯୩) ସୀତା : ମୂଳା ପ୍ରକୃତିରୂପିଣୀ ପରାବିଦ୍ୟା ହିଁ ସୀତା । ସୀତା ଭୂମିରୁ ଜାତ । ଏହି ପୃଥିବୀ ହିଁ ସବୁ ଧର୍ମର ଆଧାରସ୍ୱରୂପା । ଏହି ଦେହରେ ଥାଇ ଚିତ୍ତଶୁଦ୍ଧି ଲାଭ କରିବାକୁ ହୁଏ । ଚିତ୍ତ ଶୁଦ୍ଧ ନ ହେଲେ ବିଦ୍ୟା ଲାଭ ହୋଇପାରେ ନାହିଁ ଏବଂ ଶାସ୍ତ୍ରନିର୍ଦ୍ଦିଷ୍ଟ ପଞ୍ଚଯଜ୍ଞାଦି କାର୍ଯ୍ୟ ସମ୍ପନ୍ନ ନ କଲେ ଚିତ୍ତ ଶୁଦ୍ଧଭାବ ଧାରଣ କରେ ନାହିଁ । ତେଣୁ ଯଜ୍ଞଭୂମି ଏହି ଦେହର କର୍ଷଣ ବା ସାଧନାରୂପ ଯଜ୍ଞାନୁଷ୍ଠାନଦ୍ୱାରା ବିଦ୍ୟା ବା ସୀତାଙ୍କର ଜନ୍ମଲାଭ । ପରମଯୋଗୀ ରାଜର୍ଷି ଜନକ ବିହିତ କର୍ମାନୁଷ୍ଠାନ କରି ସାଧନ ପ୍ରଭାବରେ ଜ୍ଞାନସ୍ୱରୂପା ସୀତାଙ୍କୁ ଲାଭ କରିଥିବାରୁ ସେ ପରମାତ୍ମାରୂପୀ ଶ୍ରୀରାମଚନ୍ଦ୍ରଙ୍କର ଦର୍ଶନ ଲାଭ କରିଥିଲେ ।

(୬୯୪) ପଞ୍ଚବଟୀ : ନିମ୍ବ, ଆମଳକୀ, ଶ୍ରୀଫଳ, ବଟ ଓ ଅଶ୍ୱତ୍ଥ । ଏହି ପାଞ୍ଚ ବୃକ୍ଷର ସମାରୋହରେ ପଞ୍ଚବଟୀ । ଏହା ଯୋଗୀମାନଙ୍କ ଯୋଗସିଦ୍ଧିର ପ୍ରଧାନ ସ୍ଥାନ । ଏପରି ସ୍ଥାନରେ ଯୋଗୀମାନେ ସର୍ବଦା ଯୋଗଭ୍ୟାସ କରନ୍ତି । ତେଣୁ ଏହି ସ୍ଥାନରେ ଯୋଗୀମାନଙ୍କ ଧ୍ୟେୟ ଶ୍ରୀରାମଚନ୍ଦ୍ର ଓ ସୀତଦେବୀଙ୍କର ଅବସ୍ଥାନ । ଶ୍ରୀରାମଚନ୍ଦ୍ର ପଞ୍ଚବଟୀ ତ୍ୟାଗ କରି ଅନ୍ୟତ୍ର ଗମନ କଲାମାତ୍ରେ ଦେବୀ ସୀତା ରାବଣକର୍ତ୍ତୃକ ଅପହୃତା ହେଲେ, ଅର୍ଥାତ୍ ଯୋଗୀମାନେ ପରମାତ୍ମାଙ୍କଠାରୁ ବିଚ୍ଛିନ୍ନ ହେଲେ ସେମାନଙ୍କ ଜ୍ଞାନ ଅପହୃତ ହୁଏ । ଯେଉଁମାନେ କପଟ ସନ୍ନ୍ୟାସୀ ଅର୍ଥାତ୍ ସନ୍ନ୍ୟାସୀ ବେଶ ଧାରଣ କରି ବିଷୟଚିନ୍ତା କରନ୍ତି; ସେହିମାନେ କେବଳ ଜ୍ଞାନ ଅପହରଣ କରନ୍ତି ।

(୬୯୫) ସୁଗ୍ରୀବାଦି ଷଡ଼କପିବର : ଆସନ, ପ୍ରତ୍ୟାହାର, ପ୍ରାଣାୟାମ, ଧ୍ୟାନ, ଧାରଣା, ସମାଧି—ଏହିମାନେ ହିଁ ଜ୍ଞାନଲାଭରେ ପରମାତ୍ମାଙ୍କୁ ସାହାଯ୍ୟ କରିଥାନ୍ତି । ତେଣୁ ସୁଗ୍ରୀବାଦି ପ୍ରଧାନ କପିବୃନ୍ଦ ଶ୍ରୀରାମଚନ୍ଦ୍ରଙ୍କୁ ଦେବୀ ସୀତାଙ୍କୁ ଲାଭ କରିବାକୁ ସହାୟତା କରିଥିଲେ । (୧) ସୁଗ୍ରୀବ ହିଁ ସମାଧିଯୋଗ । ଏହି ଅବସ୍ଥାରେ ଜୀବ ଓ ବ୍ରହ୍ମର ଏକାତ୍ମତା ଲାଭ ହୁଏ । ତେଣୁ ଶ୍ରୀରାମଚନ୍ଦ୍ର ଓ ସୁଗ୍ରୀବ ଅଭେଦାତ୍ମା । ସୁତରାଂ ଜ୍ଞାନରୂପା ସୀତାଙ୍କ ଉଦ୍ଧାର ନିମିତ୍ତ ସମାଧିଯୋଗର ଏକାନ୍ତ ପ୍ରୟୋଜନ । ଆସନ ଆୟତ୍ତ ନ କଲେ କେହି ଯୋଗସାଧନାରେ ଅଗ୍ରସର

ହୋଇପାରନ୍ତି ନାହିଁ । ଏହା ହିଁ ଯୋଗୀମାନଙ୍କର ଭବସାଗର ପାର ହେବାର ସେତୁ । **ନଳ** ହିଁ ଆସନସ୍ଥାନୀୟ । ସେ ସେତୁ ପ୍ରସ୍ତୁତ କରିଥିଲେ । ପ୍ରତ୍ୟାହାରଦ୍ୱାରା ମୋହାଦି ଦମନ କରାଯାଏ । ତେଣୁ ପ୍ରତ୍ୟାହାରରୂପୀ **ନଳ ବାନର** ଦଶାନନର ଶିରରେ ପଦାଘାତ କଲା । **ହନୁମାନ ପ୍ରାଣାୟାମ-ସ୍ଥାନୀୟ** । ଏହାଦ୍ୱାରା ଭବ-ସମୁଦ୍ର ଉତ୍ତୀର୍ଣ୍ଣ କରାଯାଇପାରେ ଏବଂ ତଦ୍ୱାରା ଜ୍ଞାନଲାଭ ହୁଏ । ଯେଉଁମାନେ ନିଃଶ୍ୱାସ ପ୍ରଶ୍ୱାସ ସାହାଯ୍ୟରେ ଅର୍ଥାତ୍ ନିଃଶ୍ୱାସର ତାଳେ ତାଳେ ନାମ ଜପ ସାଧନ କରିପାରନ୍ତି, ସେହିମାନେ ହିଁ ଭଗବାନଙ୍କର ନିଜ ପ୍ରିୟଜନ । ସେହିମାନଙ୍କଦ୍ୱାରା ଭଗବାନଙ୍କର ଅସାଧ ସାଧନ ହୋଇଥାଏ । ସେହିମାନେ ହିଁ ଯଥାର୍ଥ ହନୁମାନ ବା ପବନନନ୍ଦନ । **ଅଙ୍ଗଦ ଧାରଣା ସ୍ଥାନୀୟ** । ଧାରଣାସମ୍ପନ୍ନ ସାଧକଙ୍କ ନିକଟରେ ରିପୁମାନେ ସର୍ବଦା ଲାଞ୍ଛିତ ଓ ତିରସ୍କୃତ ହୋଇଥାନ୍ତି । ତେଣୁ ଅଙ୍ଗଦକର୍ତ୍ତୃକ ରାବଣ ତିରସ୍କୃତ ହୋଇଥିଲା । **ସୁଷେଣ** ଧ୍ୟାନସ୍ୱରୂପ । ଧ୍ୟାନ ପରାୟଣ ସାଧକ ରୋଗଦ୍ୱାରା ଆକ୍ରାନ୍ତ ହୁଅନ୍ତି ନାହିଁ । ଧ୍ୟାନ ହିଁ ଭବରୋଗର ବୈଦ୍ୟସ୍ୱରୂପ ।

(୬୯୬) ସୁମତି : ବିବେକରୂପୀ ବିଭୀଷଣଙ୍କ ପତ୍ନୀଙ୍କ ନାମ ସୁମତି । ବିବେକଦ୍ୱାରା ପରିଚାଳିତ ହୋଇ ସୁମତି ସର୍ବଦା ଜ୍ଞାନର ସେବା କରିଥାଆନ୍ତି । ବିଭୀଷଣ ପତ୍ନୀ ସୁମତି ଓ ସରମା ଅଶୋକ ବନରେ ଦେବୀ ସୀତାଙ୍କର ପରିଚର୍ଯ୍ୟା କରିଥିଲେ । ସୁମତି ଯେମିତି ଜ୍ଞାନର ପରିଚର୍ଯ୍ୟା କରନ୍ତି, ସେହିପରି କୁମତି ଈର୍ଷା ଓ ଅସୂୟା ପ୍ରଭୃତି ଅନ୍ୟାନ୍ୟ ଅସୁରୀମାନେ ଜ୍ଞାନକୁ କୁପଥକୁ ନେବା ପାଇଁ ଚେଷ୍ଟା କରନ୍ତି । ତେଣୁ ଅଶୋକବନରେ ରାବଣର ଅନୁଚରୀମାନେ ସୀତାଙ୍କୁ ରାବଣର ବଶୀଭୂତା କରିବାକୁ ଚେଷ୍ଟା କରିଥିଲେ ।

(୬୯୭) ସୀତାଙ୍କ ଅଗ୍ନିପରୀକ୍ଷା : କାମକ୍ରୋଧାଦି ସମ୍ପର୍କରେ ଆସିଲେ ଜୀବର ଅର୍ଥାତ୍ ଜ୍ଞାନର କିଞ୍ଚିତ୍ ମଳିନତା ଆସେ । ଦେବୀ ସୀତା ଜ୍ଞାନସ୍ୱରୂପା ହେଲେ ମଧ୍ୟ ମୋହରୂପ ରାବଣ ଗୃହରେ ବାସ କରିଥିବା ହେତୁ ଶ୍ରୀରାମଚନ୍ଦ୍ର ତାଙ୍କୁ ଅଗ୍ନି ପରୀକ୍ଷା କରାଇଥିଲେ । ଏହାର ଭାବାର୍ଥ ହେଉଛି ଯେ, ଜୀବ ରିପୁମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ମଧ୍ୟ ନାମ ସ୍ମରଣ କରୁଥିଲେ ଜ୍ଞାନ ଆଚ୍ଛନ୍ନ ହୁଏ ନାହିଁ ।

(୬୯୮) ଦଶରଥ : ଧର୍ମର ଦଶଟି ଲକ୍ଷଣ । ଜୀବ ଧର୍ମାନୁଶୀଳନ ଦ୍ୱାରା ଭଗବାନଙ୍କୁ ଦର୍ଶନ କରିଥାଏ । ଧୃତି, କ୍ଷମା, ଦମ, ଅସ୍ତେୟ, ଶୌଚ, ଇନ୍ଦ୍ରିୟନିଗ୍ରହ,

ଧୀଃ, ବିଦ୍ୟା, ସତ୍ୟ, ଅକ୍ରୋଧ—ଏହା ହିଁ ଧର୍ମର ଦଶବିଧ ଲକ୍ଷଣ । ଏହି ଦଶବିଧ କର୍ମାନୁଷ୍ଠାନକାରୀ ବ୍ୟକ୍ତି ହିଁ ସାତ୍ତ୍ୱିକ ଭାବାପନ୍ନ ଦଶରଥ ସଦୃଶ । ରାଜା ଦଶରଥ ଏହି ଧର୍ମ ପ୍ରତିପାଳନ କରି ପରମାତ୍ମାଙ୍କୁ ପୁତ୍ରରୂପରେ ଲାଭ କରିଥିଲେ ।

(୬୯୯) ଲଙ୍କାଦ୍ୱୀପ : ଭବସାଗରରେ ଭାସମାନ ଦେହ ହିଁ ଲଙ୍କାଦ୍ୱୀପ । ଏହି ଦେହର ରିପୁମାନେ ଅର୍ଥାତ୍ ପ୍ରବୃତ୍ତିସକଳ ସର୍ବଦା ଇନ୍ଦ୍ରିୟମାନଙ୍କୁ ବାଧ୍ୟ କରି ଜୀବକୁ ପରମାତ୍ମାଙ୍କଠାରୁ ବିଚ୍ୟୁତ କରୁଛନ୍ତି; କିନ୍ତୁ ଜୀବ ବିବେକବୁଦ୍ଧି ଓ ଯୋଗାଙ୍ଗ ସାହାଯ୍ୟରେ ଅସଦ୍‌ବୃତ୍ତିକୁ ଦମନ କରି ପରମାତ୍ମାଙ୍କ ସହିତ ମିଳନ ଲାଭ କରିବାକୁ ସକ୍ଷମ ହୁଏ ।

(୭୦୦) ରାବଣ ବଧ : ଏହି ଅହଙ୍କାରର ବିନାଶ ନ ହେଲେ ସୀତାଙ୍କ ଉଦ୍ଧାର ହୋଇପାରେ ନାହିଁ ଅର୍ଥାତ୍ ମୋହନାଶଭିନ୍ନ ତତ୍ତ୍ୱଜ୍ଞାନର ଉଦ୍ଧାର ସମ୍ଭବ ହୁଏ ନାହିଁ ।

(୭୦୧) ବଶିଷ୍ଠ : ଯାହାଙ୍କ ହୃଦୟରେ ଇଷ୍ଟଙ୍କର ବାସସ୍ଥାନ, ସେ ବଶିଷ୍ଠ ଅର୍ଥାତ୍ ଶ୍ରୀଗୁରୁଦେବ ହିଁ ବଶିଷ୍ଠସ୍ୱରୂପ ।

(୭୦୨) ଅସୁର : ଆତ୍ମାଭିମାନୀ ଅହଙ୍କାର ପରାୟଣ ବ୍ୟକ୍ତିମାନେ ହିଁ ଅସୁର ପଦବାଚ୍ୟ । ସେମାନେ କଲ୍ୟାଣପଥ ଅବଗତ ହୋଇ ମଧ୍ୟ ଅଭିମାନରେ ଆଘାତ ଲାଗିବା ଭୟରେ ସେହି ପଥକୁ ଯିବାକୁ ଇଚ୍ଛା କରନ୍ତି ନାହିଁ । ସେଭଳି ବ୍ୟକ୍ତିମାନେ ସାଧୁମାନଙ୍କ ପ୍ରଶଂସା ସହ୍ୟ କରିପାରନ୍ତି ନାହିଁ । ସେମାନେ ନିଜକୁ ଭଗବାନ ବୋଲି ମଧ୍ୟ ପ୍ରଚାର କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । କେହି ଯଦି ଏମାନଙ୍କ ଉପଦେଶ ଗ୍ରହଣ ନ କରି ଭଗବତ୍ ଭଜନ କରୁଛନ୍ତି ବୋଲି ଶୁଣନ୍ତି, ତେବେ ଏମାନେ ଅତିଶୟ କ୍ରୋଧାନ୍ୱିତ ହୁଅନ୍ତି । ଏମାନେ ରାବଣପରି ଧର୍ମକର୍ମ ପୂଜାନୁଷ୍ଠାନରେ ରତ ରହନ୍ତି, ଅଥଚ ଅଧର୍ମକାର୍ଯ୍ୟରୁ ମଧ୍ୟ ବିରତ ହୁଅନ୍ତି ନାହିଁ । ଏମାନେ ଆତ୍ମଦୃଷ୍ଟିଶୂନ୍ୟ ହୋଇ କର୍ମ କରିଥାନ୍ତି ।

(୭୦୩) କାଳୀ : କାଳ ବା ସମୟ ଯାହାଙ୍କଠାରେ ବିରାଜିତ ଥାଏ, ତାଙ୍କୁ କାଳୀ କୁହାଯାଏ । ଅତଏବ କାଳ, କାଳୀ, ବିଶ୍ୱ, ଶକ୍ତି, କ୍ରିୟା, ସ୍ଥାନ ଏବଂ ପ୍ରକୃତି ହିଁ କାଳୀପଦବାଚ୍ୟ । ଏହା ନିତ୍ୟ ଚଞ୍ଚଳ ଓ ଶକ୍ତିର ସକ୍ରିୟ ରୂପ ।

(୭୦୪) ଶିବ : ଯେଉଁ ସ୍ଥିର ସତ୍ତାକୁ ଅବଲମ୍ବନ କରି ଶକ୍ତି ନିତ୍ୟ କ୍ରିୟାଶୀଳା, ସେହି ଏକ ଅଦ୍ୱୈତ, ସର୍ବବ୍ୟାପୀ, ସ୍ଥିର, ଅଚଞ୍ଚଳ, ଜ୍ଞାନ, ଆନନ୍ଦ

ବା ମଙ୍ଗଳସ୍ୱରୂପଙ୍କୁ ଶିବ କୁହାଯାଏ । ଶିବ କାଳାତୀତସତ୍ତା । ବିଶ୍ୱରେ ଅଚଞ୍ଚଳ ବୋଲି କିଛି ନ ଥିଲେ ଚଞ୍ଚଳତାର ଉଦ୍ଭବ ହୋଇ ପାରନ୍ତା ନାହିଁ । ଚଞ୍ଚଳତା ମାତ୍ରକେ ଉତ୍ପତ୍ତି-ବିନାଶଶୀଳ ସତ୍ତା । ଏହାର ଆଶ୍ରୟ ସ୍ୱରୂପରେ, ଆଦିରେ ଓ ଅନ୍ତରେ ଯେଉଁ ଅଚଞ୍ଚଳ ସତ୍ତା ନିତ୍ୟ ବିରାଜିତ, ତାକୁ ହିଁ ଶିବ କୁହାଯାଏ । ତେଣୁ ଶିବଙ୍କ ଉପରେ କାଳୀ ନୃତ୍ୟ ପରାୟଣା । ସେହି ଅଚଞ୍ଚଳ ଅବସ୍ଥାକୁ ବିଭିନ୍ନ ଶାସ୍ତ୍ରରେ ବ୍ରହ୍ମ, ଆତ୍ମା, ଜ୍ଞାନ, ଶିବ ଅଥବା ଚୈତନ୍ୟ ପୁରୁଷ ଆଖ୍ୟା ଦିଆଯାଇଛି । ଜ୍ଞାନ ହିଁ ଶିବ; ଚିତ୍ତ ସ୍ଥିର ହେଲେ ଜ୍ଞାନଲାଭ ହୋଇ ଶକ୍ତି ଲାଭ ହୋଇଥାଏ । ତେଣୁ ଶକ୍ତି ବା ପ୍ରକୃତି ସ୍ଥିରତ୍ୱରୂପ ଶିବଙ୍କର ବଶୀଭୂତା । ସମୟ ବା କାଳଗତି ପ୍ରତି ମନଯୋଗ ନ ଦେଇ ସତ୍ୟଜ୍ଞାନ ସ୍ୱରୂପରେ ସ୍ଥିତି ଲାଭ କଲେ କାଳକୁ ଅତିକ୍ରମ କରି ଶାନ୍ତି ଓ ଆନନ୍ଦ ମିଳେ ।

(୭୦୫) କାଳୀଙ୍କ ଜିହ୍ୱା : କାଳକୁ ଅତିକ୍ରମ କରିବାର ଏକମାତ୍ର ଉପାୟ ବାସନାର ସଂଯମ । ବାସନା ଅଛି ବୋଲି ମନ ପ୍ରକୃତି ଆଡ଼କୁ ବା ଶକ୍ତିଦିଗକୁ ଧାବିତ ହୁଏ । ମନରେ ବାସନା ଥିଲେ ମନ କେବେହେଲେ ସ୍ଥିର ଭାବ ଧାରଣ କରିପାରେ ନାହିଁ । ମନ ସ୍ଥିର ନ ହେଲେ ଜ୍ଞାନ କିମ୍ବା ଆନନ୍ଦ ଲାଭ ହୋଇପାରେ ନାହିଁ । ଏହି ବାସନା ଶକ୍ତି ହିଁ ମା କାଳୀଙ୍କର ଲେଲିହାନ ଜିହ୍ୱା । ମା'ଙ୍କର ଦନ୍ତରୂପ ବିବେକାସ୍ତ୍ର ଦ୍ୱାରା ଏହି ଜିହ୍ୱା ବା ବାସନାଶକ୍ତିକୁ ଚାପି ରଖିବାକୁ ହୁଏ ।

(୭୦୬) କାଳୀଙ୍କ ହସ୍ତ : ମା' କାଳୀଙ୍କ ଦକ୍ଷିଣ ଅଙ୍ଗ ବା ଦକ୍ଷିଣ ହସ୍ତ ବିଦ୍ୟାଶକ୍ତିସ୍ୱରୂପ ଏବଂ ବାମାଙ୍ଗ ବା ବାମହସ୍ତ ଅବିଦ୍ୟାଶକ୍ତିବିଶେଷ । ବିଦ୍ୟା ବା ଜ୍ଞାନଶକ୍ତି ସ୍ୱଭାବତଃ ବରାଭୟଦାୟିନୀ । ତେଣୁ ଏହି ହସ୍ତରେ ସେ ଅଭୟ ପ୍ରଦାନ କରୁଛନ୍ତି ଏବଂ ଦକ୍ଷିଣହସ୍ତରେ ଖର୍ପର ଧାରଣ କରିଛନ୍ତି । ଅବିଦ୍ୟାଶକ୍ତି ତମଃ ବା ଭକ୍ତଦୁଃଖସ୍ୱରୂପ । ତେଣୁ ମାନବ ମା' କାଳୀଦେବୀଙ୍କ ବାମାଙ୍ଗ କିମ୍ବା ଦକ୍ଷିଣାଙ୍ଗ ଆଶ୍ରୟ କରି ଭୋଗ ଅଥବା ମୋକ୍ଷପ୍ରାପ୍ତ ହୋଇପାରନ୍ତି । ଏହା ମାନବର ସ୍ୱାଧୀନ ଇଚ୍ଛାଉପରେ ନିର୍ଭର କରେ । ଏହା ହିଁ ପ୍ରବୃତ୍ତି ଓ ନିବୃତ୍ତି ପଥ । ଦକ୍ଷିଣାଙ୍ଗ ମୋକ୍ଷସ୍ୱରୂପ ଏବଂ ବାମାଙ୍ଗ ସଂସାରସ୍ୱରୂପ । ସଂସାରର ସ୍ୱଭାବ ନୃତ୍ୟ, ନାଶ ଓ ମୃତ୍ୟୁ । ଏହାର ଚିହ୍ନସ୍ୱରୂପ ଖଡ଼ଗ ଓ ନୃମୁଣ୍ଡ ମା'ଙ୍କର ବାମ ହସ୍ତରେ ବିଦ୍ୟମାନ ଏବଂ ଆତ୍ମା ବା ମୋକ୍ଷସ୍ୱରୂପ ଜ୍ଞାନ ଓ ଆନନ୍ଦ ତାଙ୍କ ଦକ୍ଷିଣହସ୍ତରେ ବର ଓ ଅଭୟ ରୂପରେ ବିରାଜିତ ।

(୭୦୭) ନିଷ୍କ୍ରିୟ ଶିବ : ମା' କାଳୀ ସକ୍ରୀୟ ଶକ୍ତି; ତାଙ୍କର ଆଧାର, ଆଶ୍ରୟ ବା ଉପାଦାନ ନିଷ୍କ୍ରିୟ ଜ୍ଞାନ ମା' କାଳୀଙ୍କ ପଦତଳସ୍ଥ ଶିବ । ନିଷ୍କ୍ରିୟ ଓ ସ୍ଥିର ବୋଲି ସେ ଶିବରୂପରେ ଅବସ୍ଥାପିତ । ତେଣୁ ଶିବଯୁକ୍ତ ଶକ୍ତି ହିଁ ପୂର୍ଣ୍ଣଈଶ୍ୱର ଭାବର ପ୍ରତୀକ ।

(୭୦୮) ମୁଣ୍ଡମାଳା : ନିତ୍ୟ ମୃତ୍ୟୁ ବା ନାଶ ହିଁ ଏହି ଜଗତର ସ୍ୱଭାବ ବୋଲି ମା' ମୁଣ୍ଡମାଳା ମଣ୍ଡିତା ।

(୭୦୯) କରମାଳା : କର୍ମ ହିଁ ଏହି ବିଶ୍ୱର ବା ଜଗତର ବନ୍ଧନଶକ୍ତି ଓ ପ୍ରାଣସ୍ୱରୂପ ବୋଲି ସେହି କର୍ମର ଚିହ୍ନସ୍ୱରୂପ ଛିନ୍ନ କରମାଳା ମା'ଙ୍କ କଟିଦେଶରେ ବିଭୂଷିତ ।

(୭୧୦) କାଳୀଙ୍କର ଭୟଙ୍କରୀ ମୂର୍ତ୍ତି : ଶକ୍ତିଙ୍କର ଦୁଇଟି ରୂପ । ବିଦ୍ୟାରୂପରେ ଶକ୍ତି ଜଗତକୁ ତ୍ରାଣ ବା ମୁକ୍ତ କରନ୍ତି ଏବଂ ଅବିଦ୍ୟାରୂପରେ ଶକ୍ତି ବ୍ରହ୍ମଙ୍କୁ ଜୀବଭାବରେ ବନ୍ଧନ କରନ୍ତି । ଅବିଦ୍ୟା ନିତ୍ୟ ନଶ୍ୱର ବା ମୃତ୍ୟୁର ଅଧୀନ ବୋଲି ଏହା ଭୟଙ୍କରୀ । ଅହଂକାର, ଅଭିମାନ ହିଁ କାଳୀଙ୍କର ଅନୁଚର । ଏହି ଅବିଦ୍ୟାରୂପ ଅହଂକାରକୁ ନାଶ କଲେ ମୃତ୍ୟୁକୁ ଜୟ କରାଯାଏ ।

(୭୧୧) ମହାଶ୍ମଶାନ : ଏହି ଜଗତ୍ ହିଁ କାଳୀଙ୍କ ଅଧିଷ୍ଠାନକ୍ଷେତ୍ର ମହାଶ୍ମଶାନ ସଦୃଶ । ମାନବ ଏହି ଅସ୍ଥିର କାଳ ଓ ମୃତ୍ୟୁ ଉପରେ ସ୍ଥିର ବୁଦ୍ଧି ରଖି ସଂସାର କରି ସେଥିରେ ଆସକ୍ତ ହୁଏ । ତେଣୁ କାଳ ତାହାକୁ ମୁହୂର୍ତ୍ତକରେ ନାଶ କରିଥାଏ । ଜଗତ ନିୟତ ଜନ୍ମମୃତ୍ୟୁ କବଳରେ କବଳିତ । ତେଣୁ ଏହି ବ୍ୟକ୍ତ ସକ୍ରିୟ ଜଗତ୍ ହିଁ ଶ୍ମଶାନ କ୍ଷେତ୍ର । ଏହି ଜଗତ୍‌ପୁରୁଷ ଶ୍ମଶାନ କ୍ଷେତ୍ରରେ ଏକମାତ୍ର ସତ୍ୟସ୍ୱରୂପ ମହାକାଳ ଭୈରବ ହିଁ ସତ୍ୟପୁରୁଷ ବା ନିତ୍ୟ ।

(୭୧୨) ସ୍ୱାର୍ଥଭାବ : ସ୍ୱାର୍ଥର ଅର୍ଥ ବିଷୟ ଅର୍ଥାତ୍ କ୍ଷୁଦ୍ର- ଦେହ, ମନ, ଇନ୍ଦ୍ରିୟ ଓ ପ୍ରାଣର ସୁଖ ଓ ସୁବିଧାକୁ ବୁଝାଏ । ସ୍ୱାର୍ଥହିଁ ଦୁଃଖର ମୂଳ କାରଣ । ସ୍ୱାର୍ଥ ତ୍ୟାଗ କରିପାରିଲେ ମାନବର ଦୁଃଖ, ପରାଜୟ, ଅପମାନ ଓ ଶୋକାଦି କିଛି ରହିବ ନାହିଁ । ନିଃସ୍ୱାର୍ଥପରତା ହିଁ ସୁଖ । ତେଣୁ ସ୍ୱାର୍ଥ ଓ କାମକୁ ତ୍ୟାଗପୂର୍ବକ ନିଃସ୍ୱାର୍ଥ ପ୍ରେମ-ପଥ ଅବଲମ୍ବନ କରିବା ହିଁ ଆନନ୍ଦଲାଭର ଉପାୟ । ସ୍ୱାର୍ଥ ଅବିଦ୍ୟାର କ୍ରିୟା ।

(୭୧୩) ପ୍ରକୃତ ସନ୍ନ୍ୟାସୀ : ଅର୍ଥାଭାବ, ମନସ୍ତାପ, ଦୁଃଖ-ଶୋକାଦି

ସ୍ୱାର୍ଥଭାବର ତାଡ଼ନାରେ ବିରକ୍ତ ହୋଇ ଯେ ସଂସାର ତ୍ୟାଗ କରନ୍ତି, ତାଙ୍କୁ ସନ୍ନ୍ୟାସୀ କୁହାଯାଏ ନାହଁ। ଯାହାଙ୍କର କୌଣସି ଅଭାବ ନାହିଁ, ବ୍ୟାଧି ନାହିଁ, ମନରେ ପାପ-ବାସନା ନାହିଁ, ସଂସାରରେ କୌଣସି ପ୍ରକାର ଦୁଃଖଯନ୍ତ୍ରଣାର କାରଣ ନାହିଁ ଏବଂ ଯେ ସର୍ବଦା ସଂସାର-ସୁଖରେ କାଳାତିପାତ କରୁଥିଲେ ମଧ୍ୟ ଭଗବାନଙ୍କ ପ୍ରତି ଅନୁରାଗବଶରୁ ଏହି ସ୍ୱାର୍ଥ ବା ଭୋଗବିଳାସ ତ୍ୟାଗପୂର୍ବକ ଅର୍ଥାତ୍ ଏହାକୁ ଅନିତ୍ୟ ଜ୍ଞାନରେ ତ୍ୟାଗ କରି ନିତ୍ୟକୁ ଆଶ୍ରୟ କରନ୍ତି, ସେ ହେଉଛନ୍ତି ପ୍ରକୃତ ସନ୍ନ୍ୟାସୀ।

(୭୧୪) ସଦ୍‌ଗୁରୁଙ୍କ କର୍ତ୍ତବ୍ୟ : ସଦଗୁରୁ ଶିଷ୍ୟମାନଙ୍କୁ ମୁଖରେ ପ୍ରତ୍ୟକ୍ଷ ଭାବରେ କୌଣସି ସତ୍ୟର ଉପଦେଶ ପ୍ରଦାନ କରନ୍ତି ନାହିଁ। ଚିତ୍ତ ଶୁଦ୍ଧ ଶାନ୍ତଭାବ ଧାରଣ କଲେ ସତ୍ୟ ସ୍ୱତଃ ପ୍ରତିଫଳିତ ହୁଏ। ତେଣୁ ଗୁରୁ ଶିଷ୍ୟର ଚଞ୍ଚଳ ଚିତ୍ତକୁ ସ୍ଥିର କରିବାନିମିତ୍ତ ଜପ, ଧ୍ୟାନ ଓ ନିଷ୍କାମ କର୍ମରେ ନିୟୋଜନ କରନ୍ତି ଏବଂ ସେହି ଶିକ୍ଷା ପ୍ରଦାନ କରନ୍ତି।

(୭୧୫) ଶିଷ୍ୟର କର୍ତ୍ତବ୍ୟ : ଯେଉଁ ସାଧକ ଶ୍ରୀଗୁରୁଦେବଙ୍କ ପ୍ରତି ବିଶ୍ୱାସୀ, ଶ୍ରଦ୍ଧାବାନ୍ ଓ ସର୍ବଦା ତତ୍‌ସେବାପରାୟଣ ଏବଂ ଯେଉଁ ସାଧକ ତାଙ୍କ ଉପଦିଷ୍ଟ ସାଧନପଥରେ ଗତି କରନ୍ତି, ସେହି ସାଧକ-ଶିଷ୍ୟ ସ୍ୱତଃ ସତ୍ୟଲାଭ କରି ଧନ୍ୟ ହୁଅନ୍ତି।

(୭୧୬) ଭକ୍ତି : ଏହା ଏକପ୍ରକାର ତୀବ୍ର ଯୋଗଯୁକ୍ତ ଅବସ୍ଥା। ଭଗବାନଙ୍କ ପ୍ରତି ତୀବ୍ର ବ୍ୟାକୁଳତା ଓ ତାଙ୍କୁ ଅନ୍ତରରେ ଅନୁଭବ କରିବା ନିମିତ୍ତ ଯେଉଁ ଉତ୍କଟ ପିପାସା, ତାହାର ନାମ ଭକ୍ତି। ଈଶ୍ୱରଙ୍କ ସହିତ ସର୍ବଦା ଯୋଗଯୁକ୍ତ ହୋଇ ଅବସ୍ଥାନ କରିବା ହିଁ ଭକ୍ତିର କାର୍ଯ୍ୟ। ଈଶ୍ୱରଙ୍କ ନିମିତ୍ତ ଉତ୍କଟ ପିପାସା ହିଁ ପ୍ରକୃତ ଭକ୍ତିର ଲକ୍ଷଣ।

(୭୧୭) ଜ୍ଞାନୀ : ଯେ ସର୍ବଦା ନିଜକୁ ଭଗବାନଙ୍କ ସହିତ ଯୋଗଯୁକ୍ତ ବୋଲି ଅନୁଭବ କରନ୍ତି, ତାଙ୍କୁ ହିଁ ଜ୍ଞାନୀ କୁହାଯାଏ। ତେଣୁ ଭକ୍ତମାନଙ୍କ ଅପେକ୍ଷା ଜ୍ଞାନୀମାନେ ଉଚ୍ଚସ୍ତରରେ ଅବସ୍ଥାନ କରନ୍ତି। ଆତ୍ମା, ଈଶ୍ୱର, ଭଗବାନ୍ ଏବଂ ଜୀବଭାବର ଜ୍ଞାନ ନଥିଲେ ଭକ୍ତି ସ୍ଥିର ରହିପାରେ ନାହିଁ କିମ୍ବା ଭକ୍ତ କେବେହେଲେ ଭଗବାନଙ୍କୁ ଲାଭ କରିପାରନ୍ତି ନାହିଁ। ଜ୍ଞାନର ଅଭାବହେତୁ

ସଂସାରରେ କପଟ ଭକ୍ତଙ୍କ ସଂଖ୍ୟାବୃଦ୍ଧି ପାଇଅଛି ଓ ହେଉଅଛି । ତେଣୁ ପ୍ରକୃତ ଜ୍ଞାନୀ ହିଁ ଭକ୍ତପଦବାଚ୍ୟ ।

(୭୧୮) ସାଧନାର ଚରମ ଅବସ୍ଥା : ଭକ୍ତିଯୋଗ, ଜ୍ଞାନଯୋଗ, ରାଜଯୋଗ ଓ କର୍ମଯୋଗ—ସମସ୍ତ ପନ୍ଥା ହିଁ ଏକ ଇଷ୍ଟଦେବତାଙ୍କର ବା ଲକ୍ଷ୍ୟସତ୍ତା ସ୍ୱରୂପରେ ବିଶ୍ରାମ ଲାଭକୁ ବୁଝାଇଥାଏ । ଏହା ହିଁ ସବୁପ୍ରକାର ସାଧନର ଚରମ ଅବସ୍ଥା । ଭଗବାନଙ୍କୁ ପାଇବା ଅର୍ଥ ତାଙ୍କ ସହିତ ସମ୍ମିଳିତ ହୋଇ ରହିବା ଅଥବା ତାଙ୍କରି ସ୍ୱରୂପରେ ଅଭିନ୍ନ ଭାବରେ ଅବସ୍ଥାନ କରିବା । ଅତଏବ ମିଳନ ବା ସଂଯୋଗ ଭିନ୍ନ ସାଧନାର ଅନ୍ୟ ଲକ୍ଷ୍ୟ ନାହିଁ । ପାଇବା ଅର୍ଥ ଅନ୍ତରରେ ଉପଲବ୍ଧ କରିବା ବା ତତ୍ ସ୍ୱରୂପରେ ଅବସ୍ଥାନ କରବାକୁ ବୁଝାଏ । ଏହାହିଁ ଚତୁର୍ବିଧା ମୁକ୍ତି ।

(୭୧୯) ସ୍ୱାମୀ : ପ୍ରକୃତି ବା ସ୍ୱଭାବର ବିଜେତା ବା ପ୍ରବୃତ୍ତିର ଦମନକର୍ତ୍ତାଙ୍କୁ ସ୍ୱାମୀ କୁହାଯାଏ । ଯେ ନିଜର ସ୍ୱଭାବ, ପ୍ରକୃତି, କାମନା, ବାସନା, ଇନ୍ଦ୍ରିୟ, ମନ ଓ ପ୍ରବୃତ୍ତିକୁ କେତେକ ପରିମାଣରେ ନିଜ ଆୟତ୍ତାଧୀନରେ ରଖିବାକୁ ସମର୍ଥ ହୋଇଛନ୍ତି, ତାଙ୍କୁ ହିଁ ସ୍ୱାମୀ କୁହାଯାଏ ।

(୭୨୦) ମୂଳା ପ୍ରକୃତି : ଯେପରି ବୀଜ ମଧ୍ୟରେ ବୃକ୍ଷ ଗୁପ୍ତଭାବରେ ଥାଏ, ଯେପରି ସୂକ୍ଷ୍ମ ଭିତରେ ସ୍ଥୁଳ ଗୁପ୍ତ ଭାବରେ ଥାଏ, ସେହିପରି ଯାହାଙ୍କ ଭିତରେ ଏହି ବିଶ୍ୱ ଅର୍ଥାତ୍ ତ୍ରିଜଗତ୍ ଅବ୍ୟକ୍ତଭାବରେ ଅବସ୍ଥାନ କରେ, ତାଙ୍କର ନାମ ଅବ୍ୟକ୍ତ । ଏହାଙ୍କର ଅପର ନାମ ମୂଳା ପ୍ରକୃତି । ମୂଳ ଅର୍ଥ ବୀଜ ବା ଚେର । ବୀଜରେ ବୃକ୍ଷ ଯେପରି ଅବ୍ୟକ୍ତ ଭାବରେ ଅବସ୍ଥାନ କରେ, ମୂଳା ପ୍ରକୃତିରେ ବିଶ୍ୱ ସେହିପରି ଅବ୍ୟକ୍ତଭାବରେ ଅବସ୍ଥାନ କରିଥାଏ ।*

(୭୨୧) ଅଭୟପଦ : ଭଗବାନ୍‌ଙ୍କ ବ୍ୟତୀତ ଅନ୍ୟ କେହି ଭୟତ୍ରାତା ନାହାନ୍ତି, ଏହି ଜ୍ଞାନରେ ତାଙ୍କର ପରମପଦ ଆଶ୍ରୟ କରିବା ହିଁ ଅଭୟ-ପଦରେ ଆଶ୍ରୟଗ୍ରହଣ । ଯାହା ଲାଭ କଲେ ଚିତ୍ତ ବିଷୟାଭିମୁଖୀ ହୋଇପାରିବ ନାହିଁ, ତାହା ହିଁ ଅଭୟପଦ । ସବୁ ସ୍ଥାନରେ ଭଗବାନ୍‌ଙ୍କୁ ଉପଲବ୍ଧ କଲେ ଏହି ପଦ ଲାଭ ହୋଇଥାଏ । ଜୀବର ମୃତ୍ୟୁଭୟ ସର୍ବାପେକ୍ଷା ପ୍ରଧାନ ଭୟ । ଭଗବାନଙ୍କ

* ଯୋଗବ୍ରହ୍ମବିଦ୍ୟା—୩ୟ ଖଣ୍ଡ, ୨ୟ ମଣ୍ଡଳର ଅନୁସରଣରେ

ଅଭୟପଦରେ ମନ ଥିଲେ, ଏହି ମୃତ୍ୟୁ ଭୟ ଦୂର ହୁଏ । ଜୀବର ଆଶଙ୍କା ଅର୍ଥାତ୍, 'ମୋତେ ପୀଡ଼ା ହେଲେ କିଏ ଦେଖିବ, କାଲେ ମୋର ବିପଦ ଘଟିବ' ଇତ୍ୟାଦି ଆଶଙ୍କାଜନିତ ଭୟ, ଉଦ୍‌ବେଗ ଦୂର ହୋଇଯିବ ।

(୭୨୨) ସତ୍ତ୍ୱସଂଶୁଦ୍ଧି : ଅନ୍ତରରେ ଏବଂ ବାହାରେ ସମାନ ଭାବ ରକ୍ଷା କରି ଆତ୍ମପ୍ରବଞ୍ଚନା, ମିଥ୍ୟା ବ୍ୟବହାର ପରିତ୍ୟାଗ କଲେ ବୁଦ୍ଧି ନିର୍ମଳ ହୁଏ ଏବଂ ସେହି ଅବସ୍ଥାକୁ କୁହାଯାଏ ସତ୍ତ୍ୱସଂଶୁଦ୍ଧି ।

(୭୨୩) ନିଷ୍ଠା : ଜ୍ଞାନ ଓ ଯୋଗ ବିଷୟରେ ତତ୍ପରତା ଏବଂ ଏକାଗ୍ରତା ହିଁ ନିଷ୍ଠା ନାମରେ ଖ୍ୟାତ । ଏହା ହିଁ ଦୈବୀ ସମ୍ପଦ ମଧ୍ୟରେ ଗଣ୍ୟ । ଭଗବାନ୍‌ଙ୍କ ପ୍ରତି ଭକ୍ତମାନଙ୍କର ଯେଉଁ ଶ୍ରଦ୍ଧା-ଭକ୍ତି ଅଛି, ତାହା ଭାଙ୍ଗିବାର କାରଣ ଉପସ୍ଥିତ ହେଲେ ଯଦି ଭାଙ୍ଗି ନ ଯାଏ, ତେବେ ତାହାର ନାମ ନିଷ୍ଠା । ଏହି ନିଷ୍ଠାଫଳରେ ପ୍ରେମ ଲାଭ ହୁଏ ।

(୭୨୪) ଦାନ : ନିଜ ଦ୍ରବ୍ୟପ୍ରତି ଆସକ୍ତି ତ୍ୟାଗ କରି ତାହା ଉପଯୁକ୍ତ ପାତ୍ରରେ, ଭଗବତ୍ ଉଦ୍ଦେଶ୍ୟରେ ପ୍ରଦାନ କରିବା ହିଁ ଦାନ । ଯେତେଦିନ୍‌ଯାଏ ଅପରନିମିତ୍ତ ଅର୍ଥାତ୍ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ନିଜର ଚିତ୍ତ, ଶକ୍ତି ଓ ସାମର୍ଥ୍ୟକୁ ଦାନ କରି ନପାରିବା, ସେତେଦିନ ଯାଏ ଚିତ୍ତ ସ୍ୱାର୍ଥପୂର୍ଣ୍ଣ ଥିବ । ଏହା କଳୁଷିତ ଭାବ । କଳୁଷିତ ଚିତ୍ତରେ କେବେ ହେଲେ ଭଗବତ୍‌ନିଷ୍ଠା କିମ୍ବା ଗୁରୁନିଷ୍ଠା ସ୍ଥାୟୀ ହୁଏ ନାହିଁ । ଜୀବକୁ ଭଗବତ୍‌ପଥ ପ୍ରଦର୍ଶନ କରାଇବା ହିଁ ସର୍ବାପେକ୍ଷା ବଡ଼ ଦାନ । ଉପଯୁକ୍ତ ମୁମୁକ୍ଷୁ ସାଧକଙ୍କୁ କ୍ରିୟାଦାନ ହିଁ ସର୍ବଶ୍ରେଷ୍ଠ ଦାନ ।

(୭୨୫) ଯଜ୍ଞ : ବେଦବିହିତ ପଞ୍ଚଯଜ୍ଞର ନାମ ଯଜ୍ଞ । ମାନବ ଜନ୍ମମାତ୍ରକେ ପାଞ୍ଚପ୍ରକାର ଋଣରେ ଋଣୀ । ପଞ୍ଚଯଜ୍ଞଦ୍ୱାରା ଏହି ପଞ୍ଚଋଣରୁ ମୁକ୍ତି ମିଳେ । ସନ୍ଧ୍ୟାବନ୍ଦନା ପରେ ଦେବଯଜ୍ଞ ସମାପନ କରିବା ବିଧି । ଦେବଯଜ୍ଞ ଅର୍ଥ ନିଜ ନିଜ ଇଷ୍ଟଦେବତାଙ୍କ ପୂଜାକୁ ବୁଝାଏ । ପଞ୍ଚଦେବତାଙ୍କ ପୂଜା ମଧ୍ୟ ଦେବଯଜ୍ଞର ଅନ୍ତର୍ଗତ । ଗୃହସ୍ଥ ବ୍ୟକ୍ତି ନିଜ ଗୃହରେ ଧୂପ, ଦୀପ, ଗନ୍ଧ, ପୁଷ୍ପ ଓ ନୈବେଦ୍ୟଦ୍ୱାରା ଗୃହଦେବତାଙ୍କ ପୂଜା କରିବା ବିଧେୟ । ଶାସ୍ତ୍ରାଧ୍ୟୟନ ଓ ଅଧ୍ୟାପନାଦ୍ୱାରା ଋଷିଯଜ୍ଞ, ତର୍ପଣ ଓ ଶ୍ରାଦ୍ଧାଦିଦ୍ୱାରା ପିତୃଯଜ୍ଞ ସମ୍ପନ୍ନ କରିବାକୁ ହୁଏ । ପଶୁ-ପକ୍ଷୀମାନଙ୍କୁ ଅନ୍ନଦାନ ଏବଂ ଅତିଥିସେବା ହିଁ ଭୂତଯଜ୍ଞ । ଏହିସବୁ କାର୍ଯ୍ୟ ପଞ୍ଚଯଜ୍ଞର ଅନ୍ତର୍ଗତ ।

(୭୨୬) ତପଃ : ତପଃ ଅର୍ଥ ଶରୀରର କ୍ଲେଶ । ପ୍ରବୃତ୍ତିର ନିବୃତ୍ତି-ରୂପ

ସଂଯମସାଧନା । ବ୍ରହ୍ମଚର୍ଯ୍ୟ ହିଁ ଉତ୍କୃଷ୍ଟ ତପସ୍ୟା । ଶ୍ରୀଭଗବାନଙ୍କ ପାଦପଦ୍ମରେ ମନର ସ୍ଥିତି ହିଁ ପ୍ରକୃତ ବ୍ରହ୍ମଚର୍ଯ୍ୟ । କେବଳ ଶୁକ୍ରଧାରଣକୁ ବ୍ରହ୍ମଚର୍ଯ୍ୟ କୁହାଯାଏ ନାହିଁ । ଯାହା କ୍ରମାଗତ ବହିର୍ଗତ ହୁଏ, ତାହା ହିଁ ରେତଃ । ଚିତ୍ତ ଊର୍ଦ୍ଧ୍ୱକୁ ନୀତ ହୋଇ ଶ୍ରୀଗୁରୁଦେବଙ୍କ ଧ୍ୟାନରେ ତନ୍ମୟ ରହିଲେ, ସ୍ୱାଭାବିକ ଭାବରେ ରେତଃ ଊର୍ଦ୍ଧ୍ୱଗାମୀ ହୋଇଥାଏ । ଏହା ହିଁ ବ୍ରହ୍ମଚର୍ଯ୍ୟ । ଏହି ସଂଯମସାଧନାକୁ ତପସ୍ୟା କୁହାଯାଏ ।

(୭୨୭) ଆର୍ଜ୍ଜବ : ଆର୍ଜ୍ଜବ ଅର୍ଥ ସରଳତା । ବାସନା-କାମନା-ଯୁକ୍ତ ଅଶୁଦ୍ଧଚିତ୍ତ ବ୍ୟକ୍ତି କେବେ ହେଲେ ସରଳ ହୋଇପାରିବେ ନାହିଁ । ଲୋଭାତୁରଚିତ୍ତ ସରଳତାପରିଶୂନ୍ୟ ।

(୭୨୮) ସତ୍ୟ : ଯେଉଁ ବସ୍ତୁ ଯାହା, ତାହାକୁ ସେହିଭାବରେ ପ୍ରକାଶ କରିବା ହିଁ ସତ୍ୟ । ଅପ୍ରିୟ ସତ୍ୟ ଏବଂ ଯାହା ଅନ୍ୟର ଅନିଷ୍ଟକାରକ, ତାହା ସତ୍ୟ ହେଲେ ମଧ୍ୟ ଅସତ୍ୟମଧ୍ୟରେ ଗଣ୍ୟ । ଭଗବାନ୍ କେବଳ ସତ୍ୟବସ୍ତୁ । ଜଗତ୍‌ର ଯାବତୀୟ ବିଷୟ ମିଥ୍ୟା । ଏହାହିଁ ସତ୍ୟର ଯଥାର୍ଥ ପ୍ରୟୋଗ ।

(୭୨୯) ଅକ୍ରୋଧ : ଅନ୍ୟଦ୍ୱାରା ଅପମାନିତ ହେଲେ ମଧ୍ୟ ମନରେ କ୍ରୋଧଭାବ ପୋଷଣ ନ କରିବାର ନାମ ଅକ୍ରୋଧ । ଆତ୍ମ-ପରଭେଦ ଲୋପ ହୋଇ ପରମାତ୍ମାଙ୍କ ସହିତ ଏକାତ୍ମଭାବ ବା ପରମାତ୍ମାଙ୍କ ପ୍ରତି ପ୍ରବଳ ଅନୁରାଗ ଜାତ ହେଲେ ଏହି ଭାବ ସ୍ଥାୟୀ ହୁଏ ।

(୭୩୦) ତ୍ୟାଗ : ସମସ୍ତ କର୍ମ କରି ମଧ୍ୟ ତାହାର ଫଳକୁ ଭଗବାନଙ୍କ ଜଗତ୍‌ହିତକର କର୍ମନିମିତ୍ତ ତ୍ୟାଗ କରିବାକୁ ତ୍ୟାଗ କୁହାଯାଏ । ଏହାହିଁ ପ୍ରକୃତ ସନ୍ନ୍ୟାସ । ସାଂସାରିକ ବିଷୟଭୋଗପ୍ରତି ଆସକ୍ତି ତ୍ୟାଗକୁ ହିଁ କୁହାଯାଏ ତ୍ୟାଗ ।

(୭୩୧) ଶାନ୍ତି : ମନର ସଂକଳ୍ପ-ବିକଳ୍ପଭାବ ତ୍ୟାଗ କରି ମନକୁ ଦ୍ୱନ୍ଦ୍ୱଶୂନ୍ୟ କରିପାରିଲେ ଅର୍ଥାତ୍ ପରମାତ୍ମାଙ୍କଠାରେ ମନର ଲୟ ସାଧନ କରିପାରିଲେ ଚିତ୍ତରେ ଶାନ୍ତି ଆସିବ ।

(୭୩୨) ଅପୈଶୂନ୍ୟ : ଅନ୍ୟ ନିକଟରେ ଅପରର ଛିଦ୍ର ପ୍ରକାଶ ନ କରିବାର ନାମ ଅପୈଶୂନ୍ୟ ଅର୍ଥାତ୍ ଅନ୍ୟର ଦୋଷ କୀର୍ତ୍ତନ ନ କରିବାର ନାମ ଅପୈଶୂନ୍ୟ । ଖଳସ୍ୱଭାବ ବ୍ୟକ୍ତିମାନଙ୍କର ଏହି ପରନିନ୍ଦା ନିତ୍ୟ ଅଭ୍ୟାସରେ ପରିଣତ ।

(୭୩୩) ଭୂତରେ ଦୟା : ବ୍ୟଥିତ ପ୍ରାଣୀପ୍ରତି ଯଥାଶକ୍ତି ସହାନୁଭୂତି

ପ୍ରକାଶ କରିବାକୁ ଏବଂ ସମସ୍ତେ ଯେପରି ଭଗବତ୍‌ଭକ୍ତି ଲାଭ କରନ୍ତୁ, ଏହି ଭାବନାକୁ ହିଁ ପ୍ରକୃତ ସାଧାରଣଙ୍କପ୍ରତି ଦୟା ବୋଲି କୁହାଯାଏ । ଦାନଦ୍ୱାରା ବାହ୍ୟିକଅଭାବ ପୂରଣ ହୋଇପାରେ । ମନ ଓ ଆତ୍ମାର ଶାନ୍ତିବିଧାୟକ ସାଧନା-କୌଶଳ ଶିକ୍ଷା ଦେବା ହିଁ ଭୂତରେ ଦୟାମଧ୍ୟରେ ଗଣ୍ୟ ।

(୭୩୪) ଅଲୋଲୁପତା : ବିଷୟସମ୍ପର୍କରେ ଆସିଲେ ମଧ୍ୟ ଇନ୍ଦ୍ରିୟମାନଙ୍କର ଯେଉଁ ଅବିକୃତଭାବ, ତାହା ହିଁ ଆଲୋଲୁପତା ।

(୭୩୫) ମାର୍ଦ୍ଦବ : ମାର୍ଦ୍ଦବ ଅର୍ଥ ମୃଦୁତା, ଅକ୍ରୂରତା । ଦାମ୍ଭିକତାର ବିପରୀତ ବୃତ୍ତି ମାର୍ଦ୍ଦବ । ସାମାନ୍ୟ କାରଣରେ ରାଗାନ୍ୱିତ ନ ହେବାର ନାମ ମାର୍ଦ୍ଦବ ।

(୭୩୬) ଲଜ୍ଜା : ଅକାର୍ଯ୍ୟ କରିବାପାଇଁ ସଙ୍କୋଚଭାବକୁ ଲଜ୍ଜା କୁହାଯାଏ । ଲଜ୍ଜା ନ ଥିଲେ ମାନବ ପଶୁଠାରୁ ହୀନ ହୋଇଯାଏ । କୌଣସି କୁକାର୍ଯ୍ୟ କରିବାପାଇଁ ଲଜ୍ଜାହୀନ ବ୍ୟକ୍ତିଙ୍କ ଚିତ୍ତରେ ଟିକିଏ ହେଲେ ଦ୍ୱିଧା ଆସେ ନାହିଁ । 'ଯାହାଙ୍କ କୃପାଲାଭ ନିମିତ୍ତ ବ୍ୟାକୁଳ, ତାଙ୍କରି ପ୍ରିୟ କାର୍ଯ୍ୟସାଧନରେ ତତ୍ପର ନ ହୋଇ ଅକାର୍ଯ୍ୟରେ ପ୍ରବୃତ୍ତ ହେଲେ ତାଙ୍କ ନିକଟରେ କିଭଳି ମୁଖ ଦେଖାଇବି' ଏହି ଭାବନା ମଧ୍ୟ ଲଜ୍ଜାର ଅନ୍ତର୍ଗତ । ଯାହାଙ୍କର ଲଜ୍ଜା ଥାଏ, ତାଙ୍କଠାରେ ଶ୍ରୀ ଓ ସୌନ୍ଦର୍ଯ୍ୟ ଚିରଦିନ ବିରାଜିତ ଥାଏ । ତେଣୁ ଏହା ଗୋଟିଏ ବିଶେଷ ଶକ୍ତି ।

(୭୩୭) ଅଚାପଲ୍ୟ : ବିନା ପ୍ରୟୋଜନରେ ବାକ୍-ପାଣି-ପାଦ ପ୍ରଭୃତିର ବ୍ୟବହାର ନ କରିବାର ନାମ ଅଚାପଲ୍ୟ । ମାନବର ମନ, ଇନ୍ଦ୍ରିୟ ଓ ଅଙ୍ଗ ପ୍ରତ୍ୟଙ୍ଗାଦି ସର୍ବଦା ବ୍ୟାପାରଯୁକ୍ତ । କାହିଁକି, କି ଉଦ୍ଦେଶ୍ୟରେ ଏମାନେ କର୍ମ କରୁଛନ୍ତି, ତାହା ସେମାନେ ବୁଝିପାରନ୍ତି ନାହିଁ । ପାଗଳପରି ଏ ଜଗତରେ ସମସ୍ତେ କେବଳ କର୍ମ କରିବାରେ ବ୍ୟସ୍ତ । ତେଣୁ କ୍ରିୟାବାନ୍ ସ୍ୱଧର୍ମାଚରଣପରାୟଣ ସାଧକଙ୍କର ଏହି ଚାପଲ୍ୟ ଧୀରେ ଧୀରେ ରହିତ ହୋଇଯାଏ । ଚିତ୍ତ ସ୍ଥିର ହେଲେ ଧ୍ୟାନ ହୁଏ । ଧ୍ୟାନ ଗାଢ଼ ହେଲେ ଭଗବତ୍ ପଦାରବିନ୍ଦରେ ମନ ନିବିଷ୍ଟ ହୋଇଯାଏ ।

(୭୩୮) କ୍ଷମା : କେହି ନିନ୍ଦା କିମ୍ବା ତାଡ଼ନା କଲେ ପ୍ରତିକାରର ସାମର୍ଥ୍ୟ ଥାଇ ମଧ୍ୟ ତାହା ସହ୍ୟ କରିବା ଏବଂ ମନରେ କ୍ରୋଧଭାବକୁ ପ୍ରଶ୍ରୟ ନ ଦେବା ହିଁ କ୍ଷମା ।

(୭୩୯) ତେଜ : ମାନସିକ ବଳ ବା ସାହସର ନାମ ତେଜ । ହୃଦୟର

ବଳ ବା ଉତ୍ସାହକୁ ତେଜ କୁହାଯାଏ । ଏହି ତେଜ ଯେଉଁ ସାଧକଙ୍କର ଥାଏ, ସେ କେବେହେଲେ କାମ-ଲୋଭଦ୍ୱାର ପ୍ରଭାବିତ ହୁଅନ୍ତି ନାହିଁ । ସେଭଳି ବ୍ୟକ୍ତିମାନେ ନାନାବିଧ ପ୍ରତିକୂଳ ପରିସ୍ଥିତିରେ ପଡ଼ି ମଧ୍ୟ ଧର୍ମପଥ ବା ସତ୍ୟପଥରୁ ବିଚ୍ୟୁତ ହୁଅନ୍ତି ନାହିଁ । ଏହି ତେଜ ବର୍ଦ୍ଧିତ ହେଲେ ତାହାକୁ ଆତ୍ମବଳ ବା ଯୋଗବଳ କୁହାଯାଏ । ସେତେବେଳେ ସାଧକଙ୍କର ଅଦୃଶ୍ୟ ଓ ଅପ୍ରାପ୍ୟ ହୋଇ କିଛି ରହେନାହିଁ ।

(୭୪୦) ଧୃତି : ଯେଉଁ ବୃତ୍ତିଦ୍ୱାରା ଦେହ ଓ ଇନ୍ଦ୍ରିୟମାନେ ଅବସନ୍ନ ହୁଅନ୍ତି ନାହିଁ, ସେହି ବୃତ୍ତି ହିଁ ଧୃତି । ଯୋଗଧାରଣାକୁ ମଧ୍ୟ ଧୃତି କୁହାଯାଏ । ମନର ବିକ୍ଷେପଶୂନ୍ୟ ଅବସ୍ଥା ହିଁ ଧୃତି ।

(୭୪୧) ଶୌଚ : ବାହ୍ୟ-ଅଭ୍ୟନ୍ତରଭେଦରେ ଏହା ଦୁଇ ପ୍ରକାର । ମୃତ୍ତିକା ଓ ଜଳଦ୍ୱାରା ଯେଉଁ ଶୌଚ କରାଯାଏ, ତାହାର ନାମ ବାହ୍ୟିକ ଶୌଚ ଏବଂ ଚିତ୍ତଶୁଦ୍ଧତାକୁ ଆଭ୍ୟନ୍ତର ଶୌଚ କୁହାଯାଏ ।

(୭୪୨) ଅଦ୍ରୋହ : ଲୋକମାନଙ୍କ ସହିତ ବିରୋଧ ନ କରିବା ଓ ଅପରର ଅନିଷ୍ଟ କରିବାରୁ ନିବୃତ୍ତ ହେବା, ଏପରିକି ଅନ୍ୟର ଅନିଷ୍ଟଚିନ୍ତାରୁ ବିରତ ରହିବା ହିଁ ଅଦ୍ରୋହ ।

(୭୪୩) ଚିତ୍ତର ଷଡ଼୍‌ବିଧ କ୍ରିୟା : ଗ୍ରହଣ, ଧାରଣ, ଉହ, ଅପୋହ, ତତ୍ତ୍ୱଜ୍ଞାନ ଓ ଅଭିନିବେଶ—ଚିତ୍ତର ଏହି ଷଡ଼୍‌ବିଧ କ୍ରିୟା ।

(କ) ଗ୍ରହଣ– ଚକ୍ଷୁ, କର୍ଣ୍ଣ ପ୍ରଭୃତି ଇନ୍ଦ୍ରୟଦ୍ୱାରଦେଇ ଯେଉଁ ରୂପ ଓ ଶବ୍ଦ ପ୍ରଭୃତି ବିଷୟ ଆମଭିତରେ ପ୍ରବେଶକରେ, ତାହାର ନାମ ଗ୍ରହଣ ।

(ଖ) ଧାରଣ– ସେହି ରୂପ ଓ ଶବ୍ଦର ବିଷୟକୁ ଚିତ୍ତମଧ୍ୟରେ ସଞ୍ଚିତ ରଖିବାର ନାମ ଧାରଣ ।

(ଗ) ଉହ– ସେହି ଧୃତ ବା ସଞ୍ଚିତ ବିଷୟକୁ ପୁନରାୟ ପ୍ରକାଶିତ କରିବା ହେଲା ଉହ ।

(ଘ) ଅପୋହ– ସେହି ପ୍ରକାଶିତ ବିଷୟଗୁଡ଼ିକ ମଧ୍ୟରୁ କେତୋଟି ନିର୍ବାଚନ କରିନେବା ଅପୋହର କାର୍ଯ୍ୟ ।

(ଙ) ତତ୍ତ୍ୱଜ୍ଞାନ– ନିର୍ବାଚିତ ବିଷୟକୁ ଉତ୍ତମରୂପେ ବୋଧନ କରିବାର ନାମ ତତ୍ତ୍ୱଜ୍ଞାନ ।

(ଚ) ଅଭିନିବେଶ– ବିଷୟରେ ନିଶ୍ଚୟ-ବୁଦ୍ଧିକୁ ଅଭିନିବେଶ କୁହାଯାଏ ।

ଏହି ଷଡ଼୍‌ବିଧ କ୍ରିୟା ହିଁ ଚିତ୍ତର ବୃତ୍ତି ନାମରେ ଅଭିହିତ । ସେହି ବୃତ୍ତିର ନିରୋଧ ହେଲେ ତାହାକୁ ଚିତ୍ତଲୟ କୁହାଯାଏ ।

(୭୪୪) ପ୍ରକୃତିର ତ୍ରିଗୁଣ : ପ୍ରକୃତିର ତିନୋଟି ଗୁଣ । ଚିତ୍ତ ଏହି ତ୍ରିଗୁଣରେ ନିର୍ମିତ । ସୁତରାଂ, ଚିତ୍ତମଧ୍ୟରେ ତ୍ରିଗୁଣ ବିଦ୍ୟମାନ । ସତ୍ତ୍ୱଗୁଣ ପ୍ରକାଶକ ବା ପ୍ରଖ୍ୟା ବା ପ୍ରେରଣାଦାୟକ । ରଜୋଗୁଣ ଚେଷ୍ଟା ବା ପ୍ରବୃତ୍ତି । ତମୋଗୁଣ ଆବରଣ ବା ସ୍ଥିତି । ପ୍ରବୃତ୍ତି=ଚେଷ୍ଟା । ସ୍ଥିତି=ସଂସ୍କାର । ପ୍ରଖ୍ୟା=ଜ୍ଞାନ ।

(୭୪୫) ସଂସ୍କାରର କାର୍ଯ୍ୟ : ଏହି ସଂସ୍କାରରୁ ପ୍ରବୃତ୍ତିର ବୋଧ ଉତ୍ପନ୍ନ ହୁଏ । ରାଗ-ଦ୍ୱେଷ, ଇଚ୍ଛା-ଅନିଚ୍ଛା ଏହି ସମୁଦାୟ ବୋଧ ହିଁ ସଂସ୍କାରରୁ ଉତ୍ପନ୍ନ । ଆମ ଭିତରେ ଯେଉଁ ଭାବର ଉଦୟ ହୁଏ, ତାହା ସଂସ୍କାରବଶରୁ ହିଁ ହୋଇଥାଏ । ଚିତ୍ତର ସଂସ୍କାର, କାର୍ଯ୍ୟ ବା ମନୋଭାବରୁ ଜଣାପଡ଼େ ।

(୭୪୬) ଚିତ୍ତବୃତ୍ତି : ସଂସ୍କାରବଶରୁ ଯେଉଁସବୁ ବୋଧ ବା ଜ୍ଞାନ ଜାତ ହୁଏ, ତାହାକୁ ପ୍ରତ୍ୟହ ବା ଖଣ୍ଡଜ୍ଞାନ କୁହାଯାଏ । ଏହା ହିଁ ଚିତ୍ତର ବୃତ୍ତି । ସୁତରାଂ, ବୃତ୍ତିନିରୋଧ ଅର୍ଥାତ୍ ପ୍ରତ୍ୟହଶୂନ୍ୟ କରିବା ହିଁ ସାଧନାର ଉଦ୍ଦେଶ୍ୟ । ଏହି ପ୍ରତ୍ୟହ ହିଁ ଚିତ୍ତକୁ ଅସ୍ଥିର କରେ । ଏଥିପାଇଁ ଦୁଃଖର ଆବିର୍ଭାବ ଘଟେ । ଚିତ୍ତ ସ୍ଥିର ହେଲେ ଦୁଃଖ ନାଶ ହୋଇଥାଏ ।

(୭୪୭) ପଞ୍ଚବୃତ୍ତି : ବୃତ୍ତି ପାଞ୍ଚ ପ୍ରକାର– ପ୍ରମାଣ, ବିପର୍ଯ୍ୟୟ, ବିକଳ୍ପ, ନିଦ୍ରା ଓ ସ୍ମୃତି, ଏହା ପାଞ୍ଚପ୍ରକାର ବୃତ୍ତି । ପ୍ରମାଣ ଅର୍ଥ ଯଥାର୍ଥ ଭୂତବୋଧ । ବିପର୍ଯ୍ୟୟ ଅର୍ଥ ଅଯଥାର୍ଥ ବୋଧ । ଅବସ୍ତୁବିଷୟକ ବୋଧକୁ ବିକଳ୍ପ କୁହାଯାଏ । ରୁଦ୍ଧାବସ୍ଥାର ଅସ୍ଫୁଟବୋଧକୁ ନିଦ୍ରା, ରୁଦ୍ଧଭାବର ପୁନର୍ବୋଧକୁ ସ୍ମୃତି କୁହାଯାଏ ।

(୭୪୮) ପ୍ରମାଣ : ପ୍ରମାଣଜ୍ଞାନ ତିନିପ୍ରକାର–ପ୍ରତ୍ୟକ୍ଷ, ଅନୁମାନ ଓ ଆଗମ । ପ୍ରମାଣରୁ ଯେଉଁ ଜ୍ଞାନ ହୁଏ, ତାହା ହିଁ ଯଥାର୍ଥ ଜ୍ଞାନ । ପ୍ରମାଣର ବିପରୀତକୁ ବିପର୍ଯ୍ୟୟ କୁହାଯାଏ । ଆତ୍ମାବ୍ୟତୀତ କେହିଁ 'ମୁଁ' ନୁହେଁ, ଏହା ହିଁ ଯଥାର୍ଥ ପ୍ରମାଣ । ଅନୁମାନ ଓ ପ୍ରତ୍ୟକ୍ଷଦ୍ୱାରା ଯେଉଁ ଜ୍ଞାନ ହୁଏ, ତାହା ମଧ୍ୟ ପ୍ରମାଣ । ଅନ୍ଧକାର ରାତ୍ରିରେ ଦଉଡ଼ି ଦେଖି ସର୍ପଭ୍ରମ ହେଲା, ତାହା ବିପର୍ଯ୍ୟୟ ଏବଂ ଆଲୋକର ପ୍ରକାଶଦ୍ୱାରା ଯେତେବେଳେ ବସ୍ତୁର ଯଥାର୍ଥଜ୍ଞାନ ହେଲା, ସେତେବେଳେ ତାହା ପ୍ରତ୍ୟକ୍ଷ ପ୍ରମାଣ । ମନମଧ୍ୟରେ ଯେଉଁ ସୁଖ-ଦୁଃଖର ବା ହର୍ଷ ବା ବିଷାଦର ଅନୁଭବରୁ ପ୍ରମାଣଜ୍ଞାନ ହୋଇଥାଏ ଏବଂ ସ୍ମୃତିସାହାଯ୍ୟରେ

ଯେଉଁ ଅନୁଭବ ହୁଏ, ତାହାକୁ ମଧ୍ୟ ପ୍ରତ୍ୟକ୍ଷଜ୍ଞାନ କୁହାଯାଏ । ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶଦ୍ୱାରା ମଧ୍ୟ ପ୍ରତ୍ୟକ୍ଷଜ୍ଞାନ ଉତ୍ପନ୍ନ ହୋଇଥାଏ । ଆଗମ ମଧ୍ୟ ଗୋଟିଏ ପ୍ରମାଣ । ଆପ୍ତ ବା ମହାପୁରୁଷଙ୍କ ମୁଖରୁ ଯେଉଁ ବାକ୍ୟ ଉଚ୍ଚାରିତ ହୁଏ, ତାହା ହିଁ ଆଗମ । ଆପ୍ତପୁରୁଷଙ୍କ ବାକ୍ୟରେ ଏପରି ଶକ୍ତି ଅଛି, ଯାହା ଆମର ଅନ୍ତଃକରଣ ଭେଦ କରିଥାଏ । ତଦ୍ୱାରା ବସ୍ତୁବିଷୟରେ ଯଥାର୍ଥ ଜ୍ଞାନ ଉତ୍ପନ୍ନ ହୋଇଥାଏ । ମହାପୁରୁଷ, ସଦ୍‌ଗୁରୁଙ୍କ ବାକ୍ୟର ଏଭଳି ଶକ୍ତି ଅଛି ଯେ, ସେହି ବାକ୍ୟ ଶ୍ରବଣମାତ୍ରକେ ସ୍ୱରୂପବିଷୟରେ ନିଶ୍ଚୟାତ୍ମିକାଜ୍ଞାନ ଲାଭ ହୋଇଥାଏ । ନିତ୍ୟସିଦ୍ଧ ମହାପୁରୁଷଙ୍କ ବାକ୍ୟ ହିଁ ପ୍ରମାଣ; କାରଣ, ଶ୍ରୀଗୁରୁଦେବଙ୍କ ଶ୍ରୀମୁଖନିଃସୃତ ବାଣୀ ଶିଷ୍ୟମାନଙ୍କ ପ୍ରାଣରେ ଅଭୂତପୂର୍ବ ବଳ ସଞ୍ଚାର କରେ । ସଦ୍‌ଗୁରୁଙ୍କ ବାକ୍ୟ ଶ୍ରବଣ କରି ଆମ ହୃଦୟରେ ଯେଉଁ ନିଶ୍ଚୟାତ୍ମିକା ବୁଦ୍ଧିର ଉଦୟ ହୁଏ, ତାହାକୁ ଆଗମ ପ୍ରମାଣ କୁହାଯାଏ ।

(୭୪୯) ବିପର୍ଯ୍ୟୟ : ବିପର୍ଯ୍ୟୟ ଅର୍ଥ ଭ୍ରାନ୍ତିଜ୍ଞାନ । ଯେଉଁ ଜ୍ଞାନଦ୍ୱାରା ମାନବ ସ୍ୱରୂପକୁ ଚ୍ୟୁତ ହୁଏ, ତାହା ହିଁ ବିପର୍ଯ୍ୟୟ । ସତ୍ୟବିଷୟରେ ଯଥାର୍ଥ ଜ୍ଞାନ ଥିଲେ ମାନବ କେବେହେଲେ କଷ୍ଟ ବୋଧ କରନ୍ତା ନାହିଁ । ଦେହକୁ ଆତ୍ମା ବୋଲି ଭ୍ରାନ୍ତଧାରଣା ପୋଷଣ ହିଁ ବିପର୍ଯ୍ୟୟ । ମଳିନଚିତ୍ତରେ ଏହି ଜ୍ଞାନ ଦେଖା ଦେଇଥାଏ । ଯେଉଁ ଜ୍ଞାନଦ୍ୱାରା ମାନବ ସତ୍‌କୁ ଅସତ୍ ବୋଲି ଭ୍ରମଧାରଣା ପୋଷଣ କରେ, ତାହାକୁ ବିପର୍ଯ୍ୟୟ କୁହାଯାଏ । ଏହି ଜ୍ଞାନର ନାମ ଅବିଦ୍ୟା ବା ଅଜ୍ଞାନ । ଯେଉଁ ଶିକ୍ଷାରେ ଆତ୍ମଜ୍ଞାନ ଜାଗ୍ରତ ହୁଏ ନାହିଁ, ତାହା ହିଁ କୁଶିକ୍ଷା । ଯେଉଁ ଶିକ୍ଷାଦ୍ୱାରା ଆମର ଚରିତ୍ର ଗଠନ ହୁଏ, ଯେଉଁ ଶିକ୍ଷାପ୍ରଭାବରେ ସାଧକଙ୍କ ଅନ୍ତରରେ ସ୍ୱାର୍ଥତ୍ୟାଗ, ଗୁରୁଜନଙ୍କପ୍ରତି ଭକ୍ତିର ଉଦୟ ହୁଏ, ଅନ୍ତରରୁ ହିଂସା ଦ୍ୱେଷ ଦୂର ହୁଏ । ତାହା ହିଁ ପ୍ରକୃତ ଶିକ୍ଷା । ସତ୍‌ଶିକ୍ଷାଦ୍ୱାରା ଚିତ୍ତ ଶୁଦ୍ଧ ହୁଏ ଏବଂ ବିପର୍ଯ୍ୟୟବୋଧ ନଷ୍ଟ ହୁଏ ।

(୭୫୦) ବିକଳ୍ପ : ଶବ୍ଦ ଅଛି, ବସ୍ତୁ ନାହିଁ; ଏହାର ନାମ ବିକଳ୍ପ– ଯଥା, ଆକାଶକୁସୁମ । ଆକାଶକୁସୁମ ବୋଲି ଶବ୍ଦ ଅଛି, ମାତ୍ର ଏପରି ବସ୍ତୁ ନାହିଁ ।

(୭୫୧) ନିଦ୍ରାବୃତ୍ତି : ଆମର ଅବସ୍ଥା ତିନୋଟି—ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି । ନିଦ୍ରା ବୋଲି ସ୍ୱତନ୍ତ୍ର ଅବସ୍ଥା ନାହିଁ । ଜାଗ୍ରତ ଓ ସ୍ୱପ୍ନାବସ୍ଥାର ଅଭାବ ହେଲାକ୍ଷଣି ଆମେ ତାହାକୁ ନିଦ୍ରା ବୋଲି କହୁ । ଜାଗ୍ରତ ଅବସ୍ଥାରେ ଜୀବାତ୍ମା ବାହ୍ୟିକ ଯନ୍ତ୍ରଦ୍ୱାରା ଜାଗତିକ କାର୍ଯ୍ୟ ସମ୍ପନ୍ନ କରେ ଅର୍ଥାତ୍ ଜାଗ୍ରତାବସ୍ଥାରେ

ଜୀବାତ୍ମା ଦଶ ଇନ୍ଦ୍ରିୟରେ ଅଧିଷ୍ଠାନ କରେ । ଜୀବାତ୍ମା ଯେତେବେଳେ ଯେଉଁଥିରେ ଅବସ୍ଥାନ କରେ, ସେତେବେଳେ ସେହି ଇନ୍ଦ୍ରିୟ କାର୍ଯ୍ୟ ଅନୁଭୂତ ହୁଏ । ଜୀବାତ୍ମା ଚକ୍ଷୁରେ ଅଧିଷ୍ଠାନ କଲେ ଆମେ ଦର୍ଶନ କରୁ; କିନ୍ତୁ ଚକ୍ଷୁର ଦର୍ଶନଶକ୍ତି ନାହିଁ । ଦର୍ଶନଶକ୍ତି ଜୀବାତ୍ମାର । ଯେତେବେଳେ ଜୀବାତ୍ମା ଏହି ଚକ୍ଷୁକୁ ତ୍ୟାଗ କରି ଭିତରକୁ ପ୍ରବେଶ କରେ, ସେତେବେଳେ ଜାଗ୍ରତ ଅବସ୍ଥାର ଅଭାବ ହୁଏ । ଜୀବାତ୍ମା ପଞ୍ଚକର୍ମେନ୍ଦ୍ରିୟ ଓ ପଞ୍ଚଜ୍ଞାନେନ୍ଦ୍ରିୟ ତ୍ୟାଗ କରି ଭିତରେ ପ୍ରବେଶ କଲେ, ଇନ୍ଦ୍ରିୟମାନେ ନିଦ୍ରାଭିଭୂତ ହୋଇପଡ଼ନ୍ତି । ଅର୍ଥାତ୍ ଏମାନଙ୍କର କାର୍ଯ୍ୟର ଅଭାବ ହୁଏ । ଏହି ଅଭାବକୁ ଆମେ କହୁ ନିଦ୍ରା । ତେଣୁ ସୁଷୁପ୍ତି ହିଁ ନିଦ୍ରା । ସ୍ୱପ୍ନକୁ ନିଦ୍ରା କୁହାଯାଏ ନାହିଁ । ଜୀବାତ୍ମା ଅନ୍ତରର୍ ସଂସ୍କାରକୁ ଆଶ୍ରୟ କଲେ ସ୍ୱପ୍ନ ଦର୍ଶନ ହୁଏ । ସ୍ୱପ୍ନ, ଚିତ୍ତର ସଂସ୍କାରରୁ ଉତ୍ପନ୍ନ । ସ୍ୱପ୍ନ ଦେଖିଲାବେଳେ ତାହା ସ୍ୱପ୍ନବୋଲି ବୋଧ ହୁଏନାହିଁ । ଜାଗ୍ରତାବସ୍ଥାରେ ସ୍ୱପ୍ନପ୍ରତି ମିଥ୍ୟାଜ୍ଞାନ ଜାତ ହୁଏ । ଆମର ଏହି ଜାଗ୍ରତାବସ୍ଥା ମଧ୍ୟ ଏକପ୍ରକାର ସ୍ୱପ୍ନ ବା ନିଦ୍ରା । ଏହା ମଧ୍ୟ ସ୍ୱପ୍ନଦର୍ଶନ ପରି ବାସ୍ତବ ନୁହେଁ । ତାହା ଚିତ୍ତର ସଂସ୍କାରର ଦୃଶ୍ୟ ଭିନ୍ନ ଅନ୍ୟ କିଛି ନୁହେଁ । ଜୀବାତ୍ମା ବହିରିନ୍ଦ୍ରିୟ ନେଇ ଲୀଳା କଲେ ତାହା ଜାଗ୍ରତ ଅବସ୍ଥା, ଅନ୍ତରିନ୍ଦ୍ରିୟ ନେଇ ରହିଲେ ତାହା ସ୍ୱପ୍ନାବସ୍ଥା ଏବଂ ଉଭୟ ଅବସ୍ଥା ତ୍ୟାଗ କରି ବିଶ୍ରାମ କଲେ ତାହା ସୁଷୁପ୍ତି ଅବସ୍ଥା । କାର୍ଯ୍ୟର ଅଭାବକୁ ନିଦ୍ରା କୁହାଯାଏ । ସେହି ଅଭାବକୁ ଅବଲମ୍ବନ କରି ଚିତ୍ତର ଯେଉଁ ବୃତ୍ତି ପ୍ରବାହିତ ହୁଏ, ତାହାକୁ ଦର୍ଶନଶାସ୍ତ୍ରରେ ନିଦ୍ରାବୃତ୍ତି କୁହାଯାଏ । ତମୋଗୁଣ ଜଡ଼ତା ଆନୟନ କରି ଜୀବାତ୍ମାର ଏହି ଅଭାବ ଉତ୍ପାଦନ କରେ ।

ନିଦ୍ରା ତିନିପ୍ରକାର—ସାତ୍ତ୍ୱିକ, ରାଜସିକ ଓ ତାମସିକ । ସାତ୍ତ୍ୱିକ ନିଦ୍ରାରେ ମନ ପ୍ରସନ୍ନ ହୁଏ । ରାଜସିକ ନିଦ୍ରାରେ ମନରେ ସୁଖ ନ ଥାଏ । ମନରେ ବିବିଧ ଚିନ୍ତାସ୍ରୋତ, ଆଶଙ୍କା, ଭୟ, ଉଦ୍‌ବେଗ ହେତୁ ମନ ଦୁଃଖ ଭୋଗ କରେ । ତାମସିକ ନିଦ୍ରାପରେ ମନ କିଭଳି ଅଭିଭୂତ ହେଲାପରି ବୋଧହୁଏ । ବିଛଣାରୁ ଉଠିବାକୁ ମନ ହୁଏ ନାହିଁ । ନିଦ୍ରାରେ ଚିତ୍ତ ସ୍ଥିର ଥିଲେ ମଧ୍ୟ ତାହା ପୂର୍ଣ୍ଣ ଅଜ୍ଞାନ ଅବସ୍ଥା । ନିଦ୍ରା ମଳିନତାପୂର୍ଣ୍ଣ । ସମାଧି ମଳିନତାଶୂନ୍ୟ । ଏହି ନିଦ୍ରାରେ ଜାଗ୍ରତ ରହିପାରିଲେ ସମାଧିସୁଖ ଅନୁଭୂତ ହୁଏ । ନାମର ସିଦ୍ଧ ଅବସ୍ଥାରେ ଏହି ସମାଧିସୁଖ ଅନୁଭୂତ ହୋଇଥାଏ ।* ଏହାର ନାମ ସବିକଳ୍ପ ସମାଧି—ଏଥିରେ ଇଷ୍ଟଦେବତାଙ୍କର ଦର୍ଶନମିଳେ ।

* ଏହି ନିଦ୍ରାର ସାଧନ 'ସଂସାରପଥେ' ପୁସ୍ତକରେ ବର୍ଣ୍ଣିତ ହୋଇଛି ।

(୭୫୨) ସ୍ମୃତି : ଆମେ ଯେଉଁ ବିଷୟ ଦର୍ଶନ କରୁ ଓ ଯାହା ଶ୍ରବଣ କରୁ, ତାହା ଚିତ୍ତରେ ସଂସ୍କାରରୂପରେ ବଦ୍ଧମୂଳ ହୋଇଯାଏ । ଏହି ସଂସ୍କାରରୁ ଆମ ଭିତରେ ବିଷୟର ସ୍ମୃତି ଉତ୍‌ଥିତ ହୁଏ । ସେହି ବିଷୟର ସ୍ମରଣ କରିବାକୁ ସ୍ମୃତି କୁହାଯାଏ । ଚିତ୍ତର ଏହି ପଞ୍ଚବିଧ ବୃତ୍ତିଦ୍ୱାରା 'ସୁଖଦୁଃଖ ଓ ମୋହ'ର ଉଦୟ ହୁଏ ।

(୭୫୩) ଅଭିଷେକ : ଅଭିଷେକ ଅର୍ଥ ମାନି ନେବା । ଅଭୀଷ୍ଟ ଦେବଦେବୀଙ୍କ ନିମିତ୍ତ ଯେଉଁ ନିର୍ଦ୍ଦିଷ୍ଟ ଆସନ, ବେଦି ଓ ମନ୍ଦିର ଆଦି ନିର୍ମିତ ହୋଇଥାଏ, ଦେବତାଙ୍କୁ ସେହି ଆସନରେ ପ୍ରତିଷ୍ଠିତ କରିବା ହେଲା ବାହ୍ୟିକ ଅଭିଷେକ; କିନ୍ତୁ କୌଣସି ଦେବତାଙ୍କୁ ପ୍ରଥମେ ନିଜ ହୃଦୟଆସନରେ ଭକ୍ତି ଓ ପ୍ରେମମନ୍ତ୍ରରେ ଅଭିଷିକ୍ତ କରି ବସାଇବାକୁ ଯଥାର୍ଥ ଅଭିଷେକ କୁହାଯାଏ । ପରେ ସେହି ହୃଦୟାସନରୁ ଦେବତାଙ୍କୁ ଆଣି ଘଟରେ ବା ପଟରେ ଉପସ୍ଥାପିତ କରି ପୂଜା କରିବାର ନାମ ଅଭିଷେକ । ମନ ହିଁ ଜ୍ଞାନର ଆଳୟ ଓ ମୁକ୍ତିର ସୋପାନ । ଯେ କୌଣସି ଦେବଦେବୀଙ୍କୁ ଜ୍ଞାନରୂପ ମନ୍ତ୍ରରେ, ଭକ୍ତି ଓ ପ୍ରେମରୂପ ନୈବେଦ୍ୟ ସହଯୋଗରେ, ମନରୂପ ମନ୍ଦିରରେ, ହୃଦୟରୂପ ସିଂହାସନରେ ବସାଇ ଉପାସନା କରିବା ହିଁ ପ୍ରକୃତି ଅଭିଷେକ ।

(୭୫୪) ପ୍ରାଣପ୍ରତିଷ୍ଠା : ଯେତେବେଳେ ଇଷ୍ଟଦେବତାଙ୍କୁ ବା ଯେ କୌଣସି ଦେବଦେବୀଙ୍କୁ ନିଜ ପ୍ରାଣ ସହିତ ଅଭିନ୍ନ ଭାବରେ ମିଶାଇ ଦିଆଯାଇ ଭକ୍ତି ସହିତ ଅର୍ଚ୍ଚନା କରାଯାଏ, ସେତେବେଳେ ତାହାକୁ ପ୍ରାଣପ୍ରତିଷ୍ଠା କୁହାଯାଏ । ଦେବତାଙ୍କୁ ପ୍ରଥମେ ନିଜ ପ୍ରାଣରେ ପ୍ରତିଷ୍ଠା କରି ନ ପାରିଲେ କେବେହେଲେ ଦେବତାଙ୍କ ପ୍ରାଣପ୍ରତିଷ୍ଠା ହୋଇପାରେ ନାହିଁ । ଯେତେବେଳେ ଦେବତାଙ୍କୁ ନିଜଠାରୁ ଅଭିନ୍ନ ବୋଧ ହେବ ଅର୍ଥାତ ସମ୍ପୂର୍ଣ୍ଣ ନିଜର ବୋଲି ଦୃଢ଼ଧାରଣା ଜାତ ହେବ ଏବଂ ଅପର ପ୍ରାଣୀଠାରେ ସେହି ଇଷ୍ଟଦେବତାଙ୍କ ଅସ୍ତିତ୍ୱ ଦର୍ଶନ କରି ସାଧକ ମୁଗ୍ଧ ହେବେ, ସେତେବେଳେ ଦେବତାଙ୍କର ପ୍ରକୃତ ପ୍ରାଣପ୍ରତିଷ୍ଠା ହୋଇଛି ବୋଲି ଜାଣିବ । ଯେପରି ନିଜ ପୁତ୍ରର ଅନୁପସ୍ଥିତି ସମୟରେ ପୁତ୍ରର ବ୍ୟବହୃତ ସମସ୍ତ ବସ୍ତୁ ମଧ୍ୟରେ ସେହି ପୁତ୍ରର ଅସ୍ତିତ୍ୱ ଉପଲବ୍ଧ ହୁଏ, ସେହିପରି ଜଗତ୍‌ପିତା ଜଗଦିଶ୍ୱରଙ୍କୁ ସୁଖ ପାଇ ଆପଣାର କରିପାରିଲେ, ତାଙ୍କ ସୃଷ୍ଟ ସମସ୍ତ ବସ୍ତୁ ମାଧ୍ୟମରେ ତାଙ୍କ ଅସ୍ତିତ୍ୱର ଦର୍ଶନ ହୋଇପାରିବ । ତେଣୁ ଭକ୍ତଙ୍କ ଅନ୍ତରରେ

ପ୍ରେମଭକ୍ତି ନ ଥିଲେ କେବେହେଲେ ପ୍ରାଣପ୍ରତିଷ୍ଠା ସମ୍ଭବପର ହେବ ନାହିଁ ।

(୭୫୫) ପାପ : କାମକ୍ରୋଧାଦି ରିପୁ ବଶୀଭୂତ ହୋଇ ନିଜ ସୁଖନିମିତ୍ତ ଯେଉଁ ଅସତ୍ କାର୍ଯ୍ୟ ଲୋକଚକ୍ଷୁର ଅନ୍ତରାଳରେ କରାଯାଏ, ତାହାକୁ ପାପ କୁହାଯାଏ । ଭଗବାନ୍‌ଙ୍କ ପ୍ରଭୁତ୍ୱ ଅସ୍ୱୀକାର କରି ଯେ ନିଜେ 'ଅହଂକର୍ତ୍ତା' ସାଜି ଆତ୍ମାଭିମାନୀ ହୋଇ କର୍ମ କରନ୍ତି, ତାଙ୍କର ସେହି କାର୍ଯ୍ୟକୁ ପାପ କୁହାଯାଏ ।

(୭୫୬) ଧର୍ମର ଚତୁର୍ବିଧ ଲକ୍ଷଣ : ବେଦ, ସ୍ମୃତି ଓ ସଂସ୍କୃତି, ସଦାଚାର ଏବଂ ଆତ୍ମତୁଷ୍ଟି—ଏହି ଚତୁର୍ବିଧ ଲକ୍ଷଣଦ୍ୱାରା ଧର୍ମାଧର୍ମ ନିର୍ଣ୍ଣିତ ହୋଇଥାଏ । ଏହା ହିଁ ଧର୍ମର ବିଶ୍ୱସ୍ତ ପ୍ରମାଣ । ଏହାକୁ ଅବଲମ୍ବନ କରି ମାନବ ଧର୍ମପଥରେ ଅଗ୍ରସର ହୋଇଥାଏ । ଯାହା ବେଦ ଓ ସ୍ମୃତିଶାସ୍ତ୍ର, ସଦାଚାର ଓ ବିବେକବୁଦ୍ଧିର ଅପ୍ରିୟକର, ତାହା ହିଁ ନିଷିଦ୍ଧ କର୍ମ ବା ଅଧର୍ମ । ଶୀଳ ଅର୍ଥ ସଦ୍‌ବୃତ୍ତି ଓ ସଚ୍ଚରିତ୍ରକୁ ବୁଝାଇଥାଏ ।

(୭୫୭) ବେଦ : ବେଦ ଶବ୍ଦର ଅର୍ଥ ଜ୍ଞାନ । ବେଦ ଚାରି ଭାଗରେ ବିଭକ୍ତ । ପୁଣି ଏହା ଜ୍ଞାନକାଣ୍ଡ ଓ କର୍ମକାଣ୍ଡ, ଏହି ଦୁଇ ଭାଗରେ ବିଭକ୍ତ । ବେଦର ଯେଉଁ ଅଂଶରେ ବ୍ରହ୍ମବିଦ୍ୟା, ଆଧ୍ୟାତ୍ମିକ ତତ୍ତ୍ୱରାଶି ଓ ଜୀବ ଈଶ୍ୱରଙ୍କ ସମ୍ବନ୍ଧରେ ଆଲୋଚନା କରାଯାଇଛି, ତାହାକୁ କୁହାଯାଏ ଜ୍ଞାନକାଣ୍ଡ । ଆଉ ଯେଉଁ ଖଣ୍ଡରେ ଯାଗଯଜ୍ଞାଦି ବିଧି ନିୟମ ଓ ଅର୍ଥାଦି ଲିପିବଦ୍ଧ କରାଯାଇଛି, ତାହା କର୍ମକାଣ୍ଡ ନାମରେ ଖ୍ୟାତ । ବ୍ୟାକରଣ, ଜ୍ୟୋତିଷ, ଆୟୁର୍ବେଦ ପ୍ରଭୃତି ଲୌକିକ ବିଜ୍ଞାନଶାସ୍ତ୍ର ମଧ୍ୟ ବେଦର ଅଙ୍ଗ । ସତ୍‌ବିଦ୍ୟା ମାତ୍ରକେ ବେଦର ଅନ୍ତର୍ଗତ । ଯେଉଁ ବେଦବିଦ୍ୟା ଜୀବାତ୍ମାକୁ ପରମାତ୍ମାଙ୍କ ସମୀପରେ ଉପନୀତ କରାଏ, ତାହାର ନାମ ଉପନିଷଦ । ବେଦାନ୍ତର୍ଗତ ଈଶାଦି ଦ୍ୱାଦଶ ଉପନିଷତ୍ ବେଦର ଅନ୍ତଭାଗରେ ସ୍ଥାପିତ ହୋଇଥିବାଯୋଗୁଁ ଏହାର ନାମ ବେଦାନ୍ତ । ଜୀବାତ୍ମା ସହିତ ସଗୁଣ ଲୀଳାତ୍ମକ ଈଶ୍ୱର ଏବଂ ଗୁଣାତୀତ ତୁରୀୟ ବ୍ରହ୍ମଙ୍କ ସମ୍ବନ୍ଧରେ ଯେଉଁ ତିନି ପ୍ରକାରର ସିଦ୍ଧାନ୍ତ କରାଯାଇଛି, ତାହାର ନାମ ଦ୍ୱୈତ, ବିଶିଷ୍ଟାଦ୍ୱୈତ ଓ ଅଦ୍ୱୈତ । ଦ୍ୱୈତମତରେ ଈଶ୍ୱର ଓ ଜୀବ ଭିନ୍ନ-ଭିନ୍ନ ପଦାର୍ଥ; ଅଦ୍ୱୈତ ମତରେ ଜୀବାତ୍ମା ପରମାତ୍ମା ଅଭିନ୍ନ; ଦ୍ୱୈତାଦ୍ୱିତ ମତରେ ଏମାନେ ଏକ ହୋଇ ମଧ୍ୟ ଭିନ୍ନ, ଏମାନଙ୍କର ଭେଦାଭେଦ ଅଚିନ୍ତନୀୟ । ଏହା ମୁକ୍ତିପଥର ତ୍ରିବିଧ ସୋପାନ ।

ସାଧକ କ୍ରମୋନ୍ନତି ଫଳରେ ଦ୍ୱୈତରୁ ବିଶିଷ୍ଟାଦ୍ୱୈତ ମଧ୍ୟ ଦେଇ ଶେଷରେ ଅଦ୍ୱୈତତତ୍ତ୍ୱରେ ସମ୍ମିଳିତ ହୋଇଥାନ୍ତି ।

(୭୫୮) ଉପନିଷଦ୍‌ମୂଳକ ଧର୍ମ : ହିନ୍ଦୁ ଧର୍ମର ବ୍ରହ୍ମବାଦ ଉପନିଷଦ୍-ମୂଳକ । ଉପନିଷଦ୍ ମତରେ ବ୍ରହ୍ମ ମନ ଓ ବାକ୍ୟର ଅତୀତ; ବୃହତ୍‌ରୁ ବୃହତ୍ତମ, ନିକଟରୁ ନିକଟତମ, ଦୂରରୁ ଦୂରତମ । ସେ ସର୍ବ ଶକ୍ତିମାନ୍, ସର୍ବଜ୍ଞ ଏବଂ ସର୍ବତ୍ର ସମଭାବରେ ବିଦ୍ୟମାନ । ସେ ସୃଷ୍ଟି-ସ୍ଥିତି ଲୟର ଏକମାତ୍ର କର୍ତ୍ତା । ସେ ସତ୍ୟ, ଜ୍ଞାନ, ଶିବ, ସୁନ୍ଦର, ଆନନ୍ଦ ଓ ଅନନ୍ତ ସ୍ୱରୂପ ।

ସେ ଏକାଧାରରେ ସଗୁଣ ଓ ନିର୍ଗୁଣ; ସାକାର ଓ ନିରାକାର; ଏକ ହୋଇ ମଧ୍ୟ ସେ ବହୁ ନାମରୂପବିଶିଷ୍ଟ । ସେ ନିରିନ୍ଦ୍ରିୟ ଅଥଚ ଇନ୍ଦ୍ରିୟ ତାଙ୍କରି ଦ୍ୱାରା ଚାଳିତ । ସେ ନିରୀହ ଅଥଚ ଇଚ୍ଛାମୟ; ନିର୍ଲିପ୍ତ ଅଥଚ କର୍ମମୟ; ନିର୍ବିକାର ଅଥଚ କର୍ମଫଳଭୋକ୍ତା । ସେ ନ୍ୟାୟବାନ୍ ଶାସ୍ତା ହୋଇ ମଧ୍ୟ କୃପାମୟ କରୁଣାନିଧାନ । ସେ ସମସ୍ତଙ୍କର ଆତ୍ମା । ସମସ୍ତ ଆତ୍ମା ସେହି 'ପୂର୍ଣ୍ଣ' ସ୍ୱରୂପଙ୍କର ମାୟାଚ୍ଛନ୍ନ ଅଂଶ । ତାଙ୍କରି ଅଂଶ ମଧ୍ୟରେ 'ପୂର୍ଣ୍ଣ' ବିରାଜିତ । ସେ ସର୍ବମୟ । ସେ କେବଳ ଅନୁଭୂତ୍ୟାଦିଗମ୍ୟ; ସାଧାରଣ ବିଦ୍ୟାବୁଦ୍ଧିର ଅଗୋଚର । ଅବିଦ୍ୟା ବା ଅଜ୍ଞାନବଶରୁ ସେ ଅପ୍ରତ୍ୟକ୍ଷ ବୋଲି ପ୍ରତୀୟମାନ ହୁଅନ୍ତି । ତେଣୁ ତାଙ୍କୁ ଅଜ୍ଞେୟ ଓ ସଂଶୟିତ ବୋଲି କୁହାଯାଏ । ବେଦ ସେହି ଅଜ୍ଞାତବସ୍ତୁର ଜ୍ଞାପକ ଓ ପ୍ରତିପାଦକ । ଏହା ହିଁ ବେଦର ଆଧ୍ୟାତ୍ମ୍ୟ ବିଜ୍ଞାନ । ବିଶ୍ୱର ସୃଷ୍ଟିରହସ୍ୟ, ଆତ୍ମାର ଅମରତ୍ୱ, ଜୀବାତ୍ମାର ଜନ୍ମମୃତ୍ୟୁଚକ୍ରରେ ଭ୍ରମଣ, କର୍ମତତ୍ତ୍ୱ ଓ ଶୁଭାଶୁଭଫଳଭୋଗ-ରହସ୍ୟ ପ୍ରଭୃତି ଦାର୍ଶନିକ ତତ୍ତ୍ୱଗୁଡ଼ିକ ବେଦରେ ପ୍ରତିଷ୍ଠିତ ରହିଛି । ଏହି ତତ୍ତ୍ୱର ବିଭିନ୍ନ ଦିଗ ଷଡ଼୍‌ଦର୍ଶନରେ ଲିପିବଦ୍ଧ ଅଛି । ଯେ ବେଦ ନ ମାନନ୍ତି ତାଙ୍କୁ ନାସ୍ତିକ କୁହାଯାଏ ।

(୭୫୯) ସ୍ମୃତି ଓ ସଂସ୍କୃତି : ସ୍ମୃତି ଓ ସଂସ୍କୃତି ଧର୍ମର ଦ୍ୱିତୀୟ ଲକ୍ଷଣ । ସ୍ମୃତି ପୁଣି କଳ୍ପସୂତ୍ର ଓ ଧର୍ମସଂହିତା—ଏହି ଦୁଇ ଭାଗରେ ବିଭକ୍ତ । ପ୍ରାଚୀନ ବୈଦିକ ଯୁଗର ଅବସାନପରେ ଯେତେବେଳେ ଆର୍ଯ୍ୟମାନେ କଳ୍ପସୂତ୍ରବର୍ଣ୍ଣିତ ଧର୍ମକୁ ସମ୍ୟକ୍‌ରୂପେ ଆଚରଣ କରିବାକୁ ଅଶକ୍ତ ହୋଇପଡ଼ିଲେ, ଲୋକସଂଖ୍ୟା ଓ ବାସଭୂମି ବର୍ଦ୍ଧିତ ହେବାଫଳରେ ସମାଜରେ ନାନାପ୍ରକାର ଜଟିଳ ସମସ୍ୟାର ଉଦ୍ଭବ ହେଲା, ଶାସ୍ତ୍ରକାରମାନେ ବେଦକୁ ଭିତ୍ତିକରି ଯୁଗୋପଯୋଗୀ ଭାବରେ ସ୍ମୃତି, ପୁରାଣ ଓ

ଆଗମାଦି ବିଭିନ୍ନ ଧର୍ମଶାସ୍ତ୍ର ପ୍ରଣୟନ କଲେ । ରାମାୟଣ, ମହାଭାରତ ଇତିହାସ ପ୍ରଧାନ ହେଲେ ମଧ୍ୟ ବେଦର ବ୍ୟାଖ୍ୟା ଉଦ୍ଦେଶ୍ୟରେ ରଚିତ ସ୍ମୃତିଶାସ୍ତ୍ରର ଅନ୍ତର୍ଗତ । ମନୁ ପ୍ରଭୃତି ଅଷ୍ଟାଦଶ ସଂହିତା ମଧ୍ୟ ଏହି ସ୍ମୃତି ଶାସ୍ତ୍ରର ଅନ୍ତର୍ଗତ । ବେଦୋକ୍ତ ଈଶ୍ୱର, ସୃଷ୍ଟିକ୍ରମ, ମାନବର ଦୈନନ୍ଦିନ କର୍ତ୍ତବ୍ୟସମୂହ, ସଂସ୍କାର, ଯଜ୍ଞ, ବ୍ରତ, ନିୟମ ଏବଂ ନୈତିକ, ସାମାଜିକ ଓ ରାଜନୈତିକ ବିଷୟର ବ୍ୟବହାରବିଧି ସ୍ମୃତିଶାସ୍ତ୍ରରେ ଅବଧାରିତ ହୋଇଅଛି । ସ୍ମୃତି ମତ ହେଉଛି ଯେ ମାନବର ସମଗ୍ର ଜୀବନ ଓ କର୍ମ ଏକଧର୍ମର ଅନ୍ତର୍ଗତ । ଧର୍ମ ଅର୍ଥ କର୍ମ ଏବଂ ଈଶ୍ୱର; ଯେଉଁ କର୍ମଦ୍ୱାରା ଈଶ୍ୱରତ୍ୱ ଲାଭ ହୁଏ, ସେହି ବେଦବର୍ଣ୍ଣିତ କର୍ମକୁ ମାନି ଚଳିବାକୁ ହେବ । ପ୍ରତି କାର୍ଯ୍ୟରେ ଭଗବତ୍ ସ୍ମରଣ ମନନ କରି ଧର୍ମରକ୍ଷା କରିବାକୁ ପଡ଼ିବ । ବ୍ରାହ୍ମଣ, ଗୋ, ରାଜା ଏବଂ ଗୁରୁଜନଙ୍କୁ ଅଶ୍ରଦ୍ଧାଚକ୍ଷୁରେ ଦର୍ଶନ କରିବା ଉଚିତ ନୁହେଁ । ପରିଜନ, ଭୃତ୍ୟ, ପ୍ରତିବେଶୀ, ସମାଜସ୍ଥ ଲୋକ, ଏପରି କି ଇତର ପ୍ରାଣୀମାନଙ୍କର ସହିତ ସତତ ସୌହାର୍ଦ୍ଦ୍ୟ, ଦୟା, କ୍ଷମା ଓ ସେବା ଭାବର ବ୍ୟବହାର କରିବାକୁ ହେବ । ଏହା ହିଁ ନୀତିଧର୍ମ । ଆହାର ବିହାର, ବାକ୍ୟ, ସଂସର୍ଗାଦି ବିଷୟରେ ସଂଯମ ଓ ଶୁଚିତା ରକ୍ଷା କରିବାକୁ ପଡ଼ିବ । ଏହି ସ୍ମୃତିଶାସ୍ତ୍ର ବର୍ଣ୍ଣିତ କର୍ତ୍ତବ୍ୟ ପାଳନ କଲେ ଚିତ୍ତ ଶୁଦ୍ଧ ହୋଇ ତତ୍ତ୍ୱଜିଜ୍ଞାସା ଓ ମୁମୁକ୍ଷୁତ୍ୱ ଜାଗ୍ରତ ହୁଏ ।

ଦେବତା ଆରାଧନା ହିନ୍ଦୁଶାସ୍ତ୍ରର ବିଶେଷତ୍ୱ । ସ୍ମୃତିବର୍ଣ୍ଣିତ ସୃଷ୍ଟିତତ୍ତ୍ୱରେ ଏହି ଦେବତା-ତତ୍ତ୍ୱ ବର୍ଣ୍ଣିତ ହୋଇଅଛି । ଈଶ୍ୱରବାଦପରି ଦେବତାତତ୍ତ୍ୱ ମଧ୍ୟ ବେଦର ମୌଳିକ ସତ୍ୟ ତଥ୍ୟ । ବେଦମତରେ ଆତ୍ମା ହିଁ ସମୁଦାୟ ଦେବତା । ସତ୍ ଅସତ୍ ସମସ୍ତ ଜଗତ୍ ଏକ ଆତ୍ମାରେ ଅବସ୍ଥିତ । ଆତ୍ମା ହିଁ ଜୀବମାନଙ୍କର କର୍ମପ୍ରେରକ ଓ ପାଳକ । ସେହି ଆତ୍ମାରୂପ ସଦ୍‌ବସ୍ତୁକୁ କେହି ଅଗ୍ନି, କେହି ବରୁଣ, କେହି ଇନ୍ଦ୍ର ବା ପ୍ରାଣ, କେହି ଇନ୍ଦ୍ରିୟମାନଙ୍କର ଅଧିପତି ଦେବତାରୂପେ, କେହି ବା ସଚ୍ଚିଦାନନ୍ଦ ବିଗ୍ରହ ପରମେଶ୍ୱରଙ୍କ ମୂର୍ତ୍ତିରେ ଦର୍ଶନ କରନ୍ତି । ସ୍ରଷ୍ଟାସ୍ୱରୂପରେ ସେ ବ୍ରହ୍ମା, ପିତାରୂପରେ ସେ ବିଷ୍ଣୁ, ସଂହର୍ତ୍ତାରୂପରେ ସେ ଶିବ, ଶକ୍ତିରୂପରେ ସେ ମହାଦେବୀ, ବିଦ୍ୟାରୂପରେ ସେ ସରସ୍ୱତୀ, ସିଦ୍ଧିଦାତାରୂପରେ ସେ ଗଣେଶ ଏବଂ ଅନ୍ଧକାର ନାଶ ନିମିତ୍ତ ସେ ସୂର୍ଯ୍ୟ ନାମ ଧାରଣ କରନ୍ତି । ତେଣୁ ହିନ୍ଦୁର ଦିବ୍ୟଦୃଷ୍ଟିରେ ପ୍ରତ୍ୟେକ ବସ୍ତୁରେ ସେ ଅଳ୍ପାଧିକ ପରିମାଣରେ ଚୈତନ୍ୟାଧିଷ୍ଠିତ ଦେବତାରୂପରେ

ଦୃଷ୍ଟିଗୋଚର ହୁଅନ୍ତି । ଏହି ଦେବତାତତ୍ତ୍ୱରେ ଆସ୍ଥାବାନ୍ ନ ହେବାରୁ ହିନ୍ଦୁମାନେ ଦେବତାତତ୍ତ୍ୱ ବା ବିଭିନ୍ନ ଦେବଦେବୀ ମୂର୍ତ୍ତିରେ ସନ୍ଦିହାନ୍ ହୋଇପଡୁଛନ୍ତି । ସ୍ମୃତିଶାସ୍ତ୍ରରେ ଧର୍ମର ବିଧାନ ଏବଂ ତାହାର ଜୀବନ୍ତ ପ୍ରତୀକ ଦେବତା ଓ ମହାପୁରୁମାନଙ୍କ ଲୀଳା କାହାଣୀ ବର୍ଣ୍ଣିତ ହୋଇଅଛି ଏବଂ ତାହା ସାଧାରଣଙ୍କୁ ସତ୍ୟପଥରେ ଗତି କରାଉଛି । ଯେଉଁମାନେ ବେଦର ଅବିରୋଧୀ ଯୁକ୍ତିଦ୍ୱାରା ସତ୍ୟାନୁସନ୍ଧାନ କରନ୍ତି, ସତ୍ୟଧର୍ମ ସେମାନଙ୍କ ନିକଟରେ ପ୍ରକାଶିତ ହୋଇଥାଏ ।

(୭୬୦) ସଦାଚାର : ଧର୍ମର ତୃତୀୟ ଲକ୍ଷଣ ସଦାଚାର ଅର୍ଥାତ୍ ସତ୍‌ପୁରୁଷମାନଙ୍କର ଆଚରିତ ଦୃଷ୍ଟାନ୍ତ ଅଥବା ସୁନୀତି ସମ୍ମତ, ସତ୍‌ସମାଜରେ ପ୍ରଚଳିତ ରୀତି-ନୀତସମୂହ । ବେଦ ଓ ସ୍ମୃତିଶାସ୍ତ୍ରରେ ସାଧାରଣଭାବରେ ଧର୍ମର ବିସ୍ତାରିତ ବ୍ୟବସ୍ଥା ଥିଲେ ମଧ ମାନବ ଜୀବନରେ ଏପରି ସବୁ ବିଶେଷ ଅବସ୍ଥା ଘଟେ ଯେ ଯାହା ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିବା ସମ୍ଭବ ନୁହେଁ; ଥିଲେ ମଧ ସମସ୍ତଙ୍କ ପକ୍ଷରେ ତାହା ଜାଣିବା ଅସମ୍ଭବ । ଧର୍ମର ସାରମର୍ମ କ'ଣ ? ଶାସ୍ତ୍ରବିଧିର ପ୍ରକୃତ ଅଭିପ୍ରାୟ, କିପରି ସ୍ଥଳରେ କିଭଳି ଆଚରଣ ନ୍ୟାଯ୍ୟ, କେଉଁଟି ବା ଅନ୍ୟାୟ କାର୍ଯ୍ୟ ତାହା ସାଧାରଣ ବ୍ୟକ୍ତି ବୁଝିପାରନ୍ତି ନାହିଁ । ତେଣୁ ସାଧୁ ମହାତ୍ମାମାନଙ୍କ କର୍ମର ଦୃଷ୍ଟାନ୍ତ ଅନୁସରଣ କରିବା ହିଁ ଧର୍ମର ପ୍ରମାଣ । କଥିତ ଅଛି—

ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ
ମହାଜନୋ ଯେନ ଗତଃ ସ ପନ୍ଥା ।

ଅର୍ଥାତ୍ ଧର୍ମର ପ୍ରକୃତ ତାତ୍ପର୍ଯ୍ୟ ଅତୀବ ଦୁର୍ବୋଧ ହେତୁ ମହାଜନମାନେ ଯେଉଁ ପନ୍ଥାରେ ଗତି କରି ସତ୍ୟଲାଭ କରିଛନ୍ତି, ତାହା ହିଁ ପଥ ଏବଂ ତାହାର ନାମ ସଦାଚାର ।

(୭୬୧) ଆତ୍ମତୁଷ୍ଟି : ଧର୍ମର ଚତୁର୍ଥ ଲକ୍ଷଣ ଆତ୍ମତୁଷ୍ଟି ଅର୍ଥାତ୍ ଆତ୍ମା ବା ପ୍ରାଣର ପରିତୋଷ । ମୂଳତଃ ମନୁଷ୍ୟ ଅର୍ଥାତ୍ ତା'ର ଆତ୍ମା ସତ୍-ଚିତ-ଆନନ୍ଦସ୍ୱରୂପ ଭଗବାନ୍‌ଙ୍କର ପ୍ରତିରୂପ । ତେଣୁ ମାନବ ନିଜ ଅନ୍ତରରେ ଯାହା ସତ୍‌ରୂପରେ ସତ୍ୟଭାବରେ ଉପଲବ୍ଧି କରି ନ ପାରେ, ଚିତ୍‌ରୂପରେ ଯାହା ଶ୍ରେୟଃ ବୋଲି ପ୍ରତୀୟମାନ ନ ହୁଏ ଏବଂ ଆନନ୍ଦ ସ୍ୱରୂପରେ ଯାହା ତାହାର ହୃଦୟର ପ୍ରୀତିକର ହୁଏ ନାହିଁ, ତାହା ସେ ଶ୍ରଦ୍ଧା ବିଶ୍ୱାସ ସହିତ ଧର୍ମ ବୋଲି ଗ୍ରହଣ କରିପାରେ

ନାହିଁ । ପରନ୍ତୁ ଯାହା ସତ୍ୟ ଏବଂ ବିବେକଜ୍ଞାନସମ୍ମତ, ତାହା ହିଁ ତାହାର ପ୍ରିୟ, ଆନନ୍ଦଜନକ । ଆତ୍ମାର ଯାହା ପ୍ରିୟ, ତାହା ହିଁ ତାହାର ତୁଷ୍ଟି; ଯାହା ଆତ୍ମାର ଅପ୍ରିୟ ସେଥିରେ ତା'ର ବିରକ୍ତି । ସଚ୍ଚିଦାନନ୍ଦସ୍ୱରୂପ ଆତ୍ମା ଜୀବର ଅନ୍ତରରେ ଈଶ୍ୱରଙ୍କ ଛାୟାରୂପରେ ଶୁଦ୍ଧଅନ୍ତଃକରଣରେ ପ୍ରତିଫଳିତ ହୋଇ କିଏ ତାହାର ପ୍ରିୟ, କିଏ ଅପ୍ରିୟ, ପାପ କ'ଣ, ପୁଣ୍ୟ କ'ଣ, ଭଲ କ'ଣ, ମନ୍ଦ କ'ଣ ପ୍ରଭୃତି ଜଣାଇଦିଏ । ଏହା ହିଁ ବିବେକରୂପୀ ଶ୍ରୀଗୁରୁଦେବଙ୍କ ବାଣୀ । ବିବେକର ଅନୁବର୍ତ୍ତନରେ ହୃଦୟରେ ଯେଉଁ ବିମଳ ପ୍ରସନ୍ନତା ଜାତ ହୁଏ, ତାହାର ନାମ ଆତ୍ମତୁଷ୍ଟି । ତାହାହିଁ ଧର୍ମର ଅପରୋକ୍ଷ ଶ୍ରେଷ୍ଠ ପ୍ରମାଣ ।

(୭୬୨) ଧର୍ମର ଚତୁଷ୍ପାଦ : ମାନବ ପ୍ରକୃତରେ ମୁକ୍ତସ୍ୱଭାବ ଓ ଆନନ୍ଦମୟ । ଦୁର୍ଭେଦ୍ୟ କର୍ମଜାଲରେ ବଦ୍ଧ ହୋଇ ମାନବ ନିଜକୁ ନିରାନନ୍ଦ ଓ ଅସହାୟ ମନେକରେ । କର୍ମାଧୀନ ଆତ୍ମା ନିରାନନ୍ଦ, ସଙ୍କୁଚିତ ଓ ସୀମାବଦ୍ଧ ହୋଇ ମୁକ୍ତିନିମିତ୍ତ ବ୍ୟାକୁଳ ହୁଏ; କିନ୍ତୁ ମୁକ୍ତି ଯେ ତା ନିଜ ଅନ୍ତରରେ ଅବସ୍ଥିତ ! ତାହା ଅନ୍ତରର ଧର୍ମଜ୍ଞାନ ବା ବିବେକ, ଶାସ୍ତ୍ର ଓ ସଦାଚାର ପ୍ରଭୃତି ବାହ୍ୟ ବିଷୟ ପ୍ରତି ଅନପେକ୍ଷ । ଏହା ସ୍ୱାଧୀନ ଆତ୍ମାକୁ ଆନନ୍ଦରାଜ୍ୟକୁ ନେଇଯାଏ । ବିବେକ ଆଦେଶ ମାନ୍ୟ କରି ଚଳିଲେ ସତ୍ୟପଥରୁ ଭ୍ରଷ୍ଟ ହେବାର ଭୟ ରହେ ନାହିଁ; ସୁତରାଂ ପ୍ରଥମେ ପରମେଶ୍ୱରଙ୍କ ଆଦେଶ ବା ବେଦବାଣୀ, ଦ୍ୱିତୀୟରେ ସାଧୁ ମହାପୁରୁଷଙ୍କ ପ୍ରଣୀତ ଶାସ୍ତ୍ରବାଣୀ ବା ଆପ୍ତବାକ୍ୟ, ତୃତୀୟରେ ସିଦ୍ଧ ମହାପୁରୁଷଙ୍କ ଆଚରିତ ଦୃଷ୍ଟାନ୍ତ ବାଣୀ ଏବଂ ଚତୁର୍ଥରେ ହୃଦୟସ୍ଥ ଆତ୍ମଦେବତାଙ୍କ ତୃପ୍ତିବାଣୀ– ଏହି ବାଣୀ ଚତୁଷ୍ଟୟର ପ୍ରମାଣରେ ଧର୍ମାର୍ଥକାମମୋକ୍ଷରୂପ ଚତୁଷ୍ପାଦ ଧର୍ମର ପୂର୍ଣ୍ଣତା ପ୍ରତିପାଦିତ ହୁଏ ।

(୭୬୩) ଧର୍ମର ସାଧନ ପ୍ରଣାଳୀ ଚତୁଷ୍ଟୟ : ଦେବର୍ଷି ଓ ମହର୍ଷିମାନେ ସେମାନଙ୍କ ତପସ୍ୟା, ଗଭୀର ଗବେଷଣା ଓ ବୈଜ୍ଞାନିକ ସମୀକ୍ଷା ଫଳରେ କର୍ମ, ଯୋଗ, ଭକ୍ତି ଓ ଜ୍ଞାନ—ଏହି ଚତୁର୍ବିଧ ଧର୍ମ ସାଧନପ୍ରଣାଳୀ ନିରୂପଣ କରିଛନ୍ତି । ଏହା ପରମେଶ୍ୱରଙ୍କ ଇଚ୍ଛା, କ୍ରିୟା, ଭାବ ଓ ଜ୍ଞାନ—ଏହି ଚତୁର୍ଦ୍ଧା ପ୍ରସୂତ ଶକ୍ତି ବିଭୂତିର ପ୍ରସ୍ରବଣ । ଏହା ଜୀବ ସହିତ ଈଶ୍ୱରଙ୍କୁ ଏବଂ ଜୀବାତ୍ମା ସହିତ ପରମାତ୍ମାଙ୍କୁ ସଂଯୁକ୍ତ କରାଏ । ଏହାକୁ କର୍ମଯୋଗ, ରାଜଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗ ଆଖ୍ୟା ଦିଆଯାଏ । ଏଗୁଡ଼ିକ ମଧ୍ୟରୁ ଯେ କୌଣସି ଉପାୟ ଅବଲମ୍ବନ କରି ଜୀବ ଚରମ ଲକ୍ଷ୍ୟସ୍ଥଳରେ ଉପନୀତ ହୋଇଥାଏ ।

(୭୬୪) ନିତ୍ୟାଚାର : କ୍ରିୟା ବ୍ୟତୀତ ଜ୍ଞାନ ନିଷ୍ଫଳ । ଅନୁକୂଳ କ୍ରିୟାରୁ ଜ୍ଞାନରେ ପ୍ରାଣ ସଞ୍ଚାରିତ ହୋଇଥାଏ । ଶବ୍ଦଜ୍ଞାନ ଜୀବନ୍ତ ପ୍ରତ୍ୟକ୍ଷ ଅନୁଭୂତିରେ ପରିଣତ ହୋଇଯାଏ । ନଚେତ୍ କେବଳ କେତେଗୁଡ଼ିଏ ତତ୍ତ୍ୱ ଜାଣିଲେ କିଛି ଫଳ ଲାଭ ହୋଇପାରେ ନାହିଁ । ତେଣୁ ଅଧିକାଂଶ କ୍ଷେତ୍ରରେ ଜ୍ଞାନଯୁକ୍ତ କର୍ମକୁ ଧର୍ମ କୁହାଯାଏ । ତେଣୁ ହିନ୍ଦୁମାନଙ୍କ ଜୀବନ ଧର୍ମକର୍ମମୟ । ଧର୍ମର କ୍ରିୟାଂଶ ତିନି ଭାଗରେ ବିଭକ୍ତ—ଆଚାର, ସଂସ୍କାର ଓ କ୍ରିୟାକଳାପ । ଆଚାରଦ୍ୱାରା କର୍ମ ନିୟମାନୁଗତ ହୁଏ, ଦେହ ଏବଂ ମନର ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ଲାଭ ହୁଏ । ତେଣୁ ସଦାଚାର ପାଳନରୁ ଧର୍ମର ଉତ୍ପତ୍ତି ବୋଲି ଶାସ୍ତ୍ରକାରମାନେ "ଆଚାର ପ୍ରଭବୋ ଧର୍ମଃ" ବୋଲି ଅଭିହିତ କରିଛନ୍ତି । ଏହି ଆଚାର ଦ୍ୱିବିଧ ନିତ୍ୟ ଓ ନୈମିତ୍ତିକ । ଯେଉଁସବୁ କର୍ମ ଅବଶ୍ୟ କର୍ତ୍ତବ୍ୟ, ନ କଲେ ପ୍ରତ୍ୟବାୟ ବା ଦୋଷ ହୁଏ, ତାହା ନିତ୍ୟାଚାର । ସ୍ମୃତିବର୍ଣ୍ଣିତ ପଞ୍ଚମହାଯଜ୍ଞ ପ୍ରଧାନ ନିତ୍ୟକର୍ମ । ଅଧ୍ୟୟନ ଅଧ୍ୟାପନ ବ୍ରହ୍ମଯଜ୍ଞ, ଶ୍ରାଦ୍ଧତର୍ପଣ ପିତୃଯଜ୍ଞ, ହୋମପୂଜାଦି ଦେବଯଜ୍ଞ, ଅତିଥିସେବା ଓ ପୋଷ୍ୟପାଳନ ମନୁଷ୍ୟ-ଯଜ୍ଞ ବା ନୃଯଜ୍ଞ ଏବଂ ଗୋସେବା ଓ ଭୂମିକର୍ଷଣାଦି ଭୂତଯଜ୍ଞ । ଗୃହସ୍ଥମାନଙ୍କର ଏହା ନିତ୍ୟ କରଣୀୟ । ଇନ୍ଦ୍ରିୟ-ସଂଯମ ନ ଥିଲେ ଏହା ପାଳନ କରାଯାଇପାରେ ନାହିଁ । ତେଣୁ ସ୍ୱାସ୍ଥ୍ୟ ଓ ସଂଯମ ଧର୍ମର ପ୍ରଧାନ ସାଧନ । ଆହାର ବିହାରରେ ସଂଯମରକ୍ଷା ଏହି ନିତ୍ୟାଚାରର ଅନ୍ତର୍ଗତ । ତମୋଗୁଣସମ୍ପନ୍ନ ବ୍ୟକ୍ତିମାନଙ୍କ ସଙ୍ଗତ୍ୟାଗ ମଧ୍ୟ ଏହି ଆଚରର ଅନ୍ତର୍ଗତ । ମାନବ ଦେହଟି ଦେବମନ୍ଦିର ସଦୃଶ । ସ୍ନାନ, ଆହାର ଓ ପରିଚର୍ଯ୍ୟାଦି ବାହ୍ୟଶୁଦ୍ଧି ଏବଂ ତ୍ରିସନ୍ଧ୍ୟା ଉପାସନା ହିଁ ଅନ୍ତଃଶୁଦ୍ଧିକର କର୍ମ । ନିତ୍ୟ ଉପାସନା ଆନ୍ତରିକତା ସହିତ ସମ୍ପନ୍ନ କଲେ ଚିତ୍ତ ଶୁଦ୍ଧଭାବ ଧାରଣ କରେ । ଏହି ଆଚାର ପାଳନଦ୍ୱାରା ଲକ୍ଷ୍ୟ ସ୍ଥିର, ହୃଦୟ ସରସ ଓ ଚିତ୍ତ ନିର୍ମଳ ହୁଏ । ଏହି ନିତ୍ୟକର୍ମଦ୍ୱାରା ଧର୍ମର ମୂଳ ରକ୍ଷା ହୁଏ ।

(୭୬୫) ନୈମିତ୍ତିକାଚାର : ବିଶେଷ ତିଥି, ବାର, ପର୍ବ ଉପଲକ୍ଷରେ କିମ୍ବା ସଙ୍କଳ୍ପିତ କାମନାସିଦ୍ଧିନିମିତ୍ତ ଦୈବ, ପୈତ୍ର୍ୟ ଓ ମାନୁଷ୍ୟକ୍ରିୟା ଅନୁଷ୍ଠିତ ହୁଏ । ତାହା ହିଁ ନୈମିତ୍ତିକ କର୍ମ । ନିତ୍ୟକର୍ମ ନିଷ୍କାମ, ତହିଁରେ କର୍ତ୍ତବ୍ୟବୋଧ ହିଁ ମୁଖ୍ୟ । ନୈମିତ୍ତିକ କର୍ମ ସକାମ । ପ୍ରାୟଶ୍ଚିତ୍ତ, ବ୍ରତ, ଉପବାସ, ତୀର୍ଥଗମନ, ଦାନ, ଆପଦରୁ ଉଦ୍ଧାରନିମିତ୍ତ ପୂଜା, ଶାନ୍ତିପାଠ ପ୍ରଭୃତି ନୈମିତ୍ତିକ, କର୍ମ ।

ଦେବାର୍ଚ୍ଚନା, ପୂଜା, ନାରୀମାନଙ୍କର ବ୍ରତନିୟମ, ପିତା-ପିତାମହଙ୍କନିମିତ୍ତ ଶ୍ରାଦ୍ଧତର୍ପଣ, ପୁଣ୍ୟସଞ୍ଚୟ ନିମିତ୍ତ ତୀର୍ଥଭ୍ରମଣ, ଭୋଜନଦାନ, ଦେବାଳୟ ଜଳାଶୟ ପ୍ରତିଷ୍ଠା, ବିଦ୍ୟାଳୟ, ଚିକିତ୍ସାଳୟ ସ୍ଥାପନ ଓ ବୃକ୍ଷାଦି ରୋପଣ, ଜନ୍ମତିଥି ପାଳନ —ଏ ସମସ୍ତ ନୈମିତ୍ତିକ କର୍ମ ମଧ୍ୟରେ ଗଣ୍ୟ ।

ରାମନବମୀ, ଜନ୍ମାଷ୍ଟମୀ, ଏକାଦଶୀ, ଶିବରାତ୍ରି, ମହାଷ୍ଟମୀ, ଦୁର୍ଗାପୂଜା, କାଳୀ, ଲକ୍ଷ୍ମୀ, ଗଣେଶପୂଜା ଇତ୍ୟାଦି ମଧ୍ୟ ନୈମିତ୍ତିକ କର୍ମର ଅନ୍ତର୍ଗତ । ଏହାଦ୍ୱାରା ନିଜର ମଙ୍ଗଳ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ଏବଂ ସମାଜର ପରମ ମଙ୍ଗଳ ସାଧିତ ହୋଇଥାଏ । ପୂଜା ହିଁ ପୂର୍ଣ୍ଣାଙ୍ଗ ଉପାସନା । ଏଥିରେ ଆସନଶୁଦ୍ଧି, ଦ୍ରବ୍ୟଶୁଦ୍ଧି, ଆତ୍ମଶୁଦ୍ଧି, ଆବାହନ, ଧ୍ୟାନ ଉପଚାରପ୍ରଦାନ, ଅର୍ଘ୍ୟଦାନ, ଜପ, ସ୍ତୋତ୍ରପାଠ, ନୃତ୍ୟଗୀତାଦି, ପ୍ରଣାମ, ପ୍ରସାଦସେବନ ପ୍ରଭୃତି କରଣ ଦ୍ୱାରା ମନଃଶକ୍ତିର ସ୍ଥିରତାରୂପ ଯୋଗ, ମନ୍ତ୍ରାତ୍ମକ ଦେବଦେବୀଙ୍କ ଭାବରେ ଭାବିତ ହେବାଦ୍ୱାରା ଜ୍ଞାନ, ଧ୍ୟାନ, ଜପ, ସଙ୍ଗୀତାଦି ରୂପ ଭକ୍ତିପ୍ରସ୍ରବଣ ଏବଂ ଦ୍ରବ୍ୟ ନିବେଦନ ରୂପ କର୍ମ-ଧର୍ମର ଏହି ଚତୁର୍ବିଧ ଅଙ୍ଗର ସମ୍ମିଳନ ହୋଇଥାଏ । ହିନ୍ଦୁମାନଙ୍କର ଦଶବିଧ ସଂସ୍କାର କ୍ରିୟା ହିଁ ଏହି ନୈମିତ୍ତିକ ଧର୍ମର ଅନ୍ତର୍ଗତ ।

(୭୬୬) ଚିତ୍ତବୃତ୍ତିନିରୋଧର ଦ୍ୱିବିଧ ଉପାୟ : ଅଭ୍ୟାସ ଓ ବୈରାଗ୍ୟ ଚିତ୍ତବୃତ୍ତିନିରୋଧର ଦୁଇଟି ଉପାୟ ।

(୭୬୭) ଅଭ୍ୟାସ : ଅଭ୍ୟାସ ବ୍ୟତୀତ ଜଗତରେ କୌଣସି କାର୍ଯ୍ୟ ସିଦ୍ଧ ହୋଇପାରେ ନାହିଁ । ଯୋଗସିଦ୍ଧି ମଧ୍ୟ ଅଭ୍ୟାସ ସାପେକ୍ଷ । ଯୋଗସାଧନ ହିଁ ମାନବ-ଜୀବନର ଏକମାତ୍ର କର୍ତ୍ତବ୍ୟ । ଏହି ଯୋଗ ଅଭ୍ୟାସଦ୍ୱାରା ସୁଖ ମିଳେ । ବାଳକ, ଯୁବା, ବୃଦ୍ଧ, ଯେ କେହି ହୁଅନ୍ତୁ, ଅଭ୍ୟାସବଳରେ ସେମାନେ ସମସ୍ତ ଲାଭ କରିପାରିବେ । ଯେଉଁମାନେ କିଛିଦିନ ଅଭ୍ୟାସ କରି 'ମୋଦ୍ୱାରା ସାଧନା ହେବ ନାହିଁ, ବୋଲି ତାହା ତ୍ୟାଗ କରନ୍ତି, ସେମାନେ ଧୈର୍ଯ୍ୟହୀନ ଓ ଅହଙ୍କାରୀ । ଯେଉଁମାନେ ଅଭ୍ୟାସ କରିବାର ସାମର୍ଥ୍ୟ ହରାଇ ବସିଛନ୍ତି, ସେମାନେ ମନେ ମନେ ଚିନ୍ତା କଲେ ମଧ୍ୟ ଆଶାତୀତ ଫଳ ଲାଭ କରିପାରିବେ । କେବଳ ଅଭ୍ୟାସ ନୁହେଁ, ତା ସଙ୍ଗେ ସଙ୍ଗେ ବିଷୟ ବୈରାଗ୍ୟ ଥିବା ଆବଶ୍ୟକ ।

(୭୬୮) ବୈରାଗ୍ୟ : ବିଷୟଲାଳସା ତ୍ୟାଗପୂର୍ବକ ଭଗବତ୍ ସେବାଭିଳାଷର ନାମ ବୈରାଗ୍ୟ । ଇନ୍ଦ୍ରିୟମାନେ ପଞ୍ଚବିଷୟପ୍ରତି ଧାବିତ ହୁଅନ୍ତି । ସେମାନଙ୍କୁ

ସେଥିରୁ ନିବୃତ୍ତି କରି ଭଗବତ୍-ଉଦ୍ଦେଶ୍ୟରେ ନିୟୋଗ କରିବାର ନାମ ଯୋଗଶାସ୍ତ୍ରରେ ବୈରାଗ୍ୟ ବୋଲି ଉଲ୍ଲେଖ କରାଯାଇଛି । ଯଦି କେହି ଇନ୍ଦ୍ରିୟର ଦାସ ହୋଇ ବାହ୍ୟିକ ବିଷୟ ତ୍ୟାଗ କରିଥାନ୍ତି, ଅଥଚ ତାଙ୍କର ମନର ଲାଳସା ପୂର୍ଣ୍ଣମାତ୍ରାରେ ଥାଏ, ତେବେ ସେହି ବୈରାଗ୍ୟ ପ୍ରକୃତ-ବୈରାଗ୍ୟ ନୁହେଁ । ଯଦି କେହି ଇନ୍ଦ୍ରିୟସଂଯମଶକ୍ତି ହରାଇ ସାଧନ-ଭଜନ କରନ୍ତି, ତେବେ ବିବିଧ ଅନିଷ୍ଟ ସାଧିତ ହୋଇଥାଏ । ଯେଉଁମାନେ ଇନ୍ଦ୍ରିୟଲାଳସା ତ୍ୟାଗ କରିପାରନ୍ତି, ସେହିମାନେ ହିଁ ଭଗବତ୍ ଉପାସନାର ଯୋଗ୍ୟ ଅଧିକାରୀ । ଯଦି କେହି ଦୁର୍ଲ୍ଲଭ ମାନବଜନ୍ମ ଲାଭ କରି ପାଶବିକ ବୃତ୍ତିର ଅଭ୍ୟାସ ତ୍ୟାଗ କରିପାରନ୍ତି ନାହିଁ, ତେବେ ତାଙ୍କର ଦେହକୁ ପଶୁଦେହ ହିଁ କୁହାଯିବ । ସୁତରାଂ ଅଭ୍ୟାସ ଓ ବୈରାଗ୍ୟ ସିଦ୍ଧିଲାଭପକ୍ଷରେ ଏକାନ୍ତ ଆବଶ୍ୟକ । ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ଆଳସ୍ୟ ଓ ବିଳାସିତାକୁ ଜୟ କରିବାକୁ ହେବ । ଆଳସ୍ୟ ଓ ବିଳାସିତା ତମୋଗୁଣର ଧର୍ମ । ତମୋଗୁଣରୁ ଆଳସ୍ୟ, ଜଡ଼ତା, ନିଦ୍ରା, ପ୍ରମାଦ ଓ ମୋହ ଜାତ ହୋଇଥାଏ । ଅଳସତା ଓ ନିଦ୍ରା ବୃତ୍ତିର ଅନୁଚିତ ଅନୁଶୀଳନରେ ମାନବ ପଶୁଠାରୁ ଅଧମ ହୋଇଥାଏ । ଅଭ୍ୟାସ ଓ ବୈରାଗ୍ୟ ଦୀର୍ଘକାଳ ଅନୁଶୀଳନ କରିବାକୁ ହେବ । ଏହି ବୈରାଗ୍ୟର ପୁଣି ଚତୁର୍ବିଧ ଅବସ୍ଥା ଅଛି । ତାହାର ନାମ ଯତମାନ ବୈରାଗ୍ୟ, ବ୍ୟତିରେକ ବୈରାଗ୍ୟ, ଏକେନ୍ଦ୍ରିୟ ବୈରାଗ୍ୟ ଓ ବଶୀକାର ବୈରାଗ୍ୟ ।

(୭୬୯) ବଶୀକାର ବୈରାଗ୍ୟ : ଦୃଷ୍ଟ ଏବଂ ଆନୁଶ୍ରବିକ ବିଷୟରେ ଚିତ୍ତ ବିତୃଷ୍ଣ ହେଲେ ଅର୍ଥାତ୍ ଏହି ଉଭୟ ବିଷୟପ୍ରତି ଚିତ୍ତରେ ତୃଷ୍ଣା ବା ଆସକ୍ତି ନ ଥିଲେ, ତାହାର ନାମ ବଶୀକାର ବୈରାଗ୍ୟ । ବିଷୟର ଦୋଷ ଦର୍ଶନ କଲେ, ବିଷୟରେ ଆସକ୍ତି ଜାତ ହୁଏ ନାହିଁ । ବିଷୟରେ କୌଣସି ଅବସ୍ଥାରେ ସୁଖ ନ ଥାଏ । ଚକ୍ଷୁଦ୍ୱାରା କୌଣସି ସୁନ୍ଦର ରୂପର ଦର୍ଶନ ହେଲା । ସେହି ରୂପକୁ ସ୍ପର୍ଶ କରିବା ନିମିତ୍ତ ମନରେ ତୃଷ୍ଣା ଜାଗ୍ରତ ହେଲା । ସେହି ତୃଷ୍ଣା ମନକୁ ଦଗ୍ଧ କରିବାକୁ ଲାଗିଲା । ତେଣୁ ସେ ସେହି ରୂପକୁ ଲାଭ କରିବାନିମିତ୍ତ ଚେଷ୍ଟା କଲା । ପ୍ରାଣପଣେ ଚେଷ୍ଟା କରି ଯଦି ସେ ରୂପର ପ୍ରାପ୍ତି ନ ଘଟେ, ତେବେ ତାହା ଚିତ୍ତରେ ସଂସ୍କାର ଆକାରରେ ଅଙ୍କିତ ହୋଇଯାଏ । ଫଳରେ ତାହାର ସ୍ମୃତି ମନଭିତରେ ଜାଗ୍ରତ ହୋଇଉଠେ ଏବଂ ଜୀବନ ଦୁଃଖମୟ ହୋଇଯାଏ । ଦୃଷ୍ଟାନ୍ତସ୍ୱରୂପ ଶିଶୁର ରୂପରେ ପିତାମାତା ମୁଗ୍ଧ ହୋଇଗଲେ । ବାଳକର ସ୍ୱର ଶୁଣି

ମଧ୍ୟ ସେମାନେ ଅତ୍ୟଧିକ ମୋହିତ ହେଲେ । ଶିଶୁଟି ପାଞ୍ଚବର୍ଷ ରହି ଇହଧାମ ତ୍ୟାଗ କଲା । ତାହାର ରୂପ ଓ ସ୍ୱର ଅଦୃଶ୍ୟ ହେଲା; କିନ୍ତୁ ରୂପ ଓ ସ୍ୱରର ସଂସ୍କାର ପିତା-ମାତାଙ୍କ ଚିତ୍ତ ଧାରଣ କରି ରଖିଥିଲା । ଫଳରେ ପିତା-ମାତା ଏହି ସଂସ୍କାରଦ୍ୱାରା ଆଜୀବନ ଦଗ୍ଧ ହେଲେ । ରାଗଦ୍ୱେଷପୂର୍ଣ୍ଣ ଚିତ୍ତ ସଂସ୍କାର ଦୋଷରେ ମଳିନ । ତେଣୁ ରାଗଦ୍ୱେଷପୂର୍ଣ୍ଣ ଚିତ୍ତ ସର୍ବତ୍ର ବିପର୍ଯ୍ୟୟ ଦର୍ଶନ କରିଥାଏ । ଏଭଳି ଲୋକେ ବିଷୟ-ବିଷ ପାନ କରି ନରକଯନ୍ତ୍ରଣା ଭୋଗ କରନ୍ତି । ତେଣୁ ଆସକ୍ତି ତ୍ୟାଗ କରିପାରିଲେ ବୈରାଗ୍ୟପଥରେ ଅଗ୍ରସର ହୋଇପାରିବ ।

ଆନୁଶ୍ରବିକ ବିଷୟରେ ମଧ୍ୟ ଆସକ୍ତି ତ୍ୟାଗ କରିବାକୁ ହେବ । ଯାହା କେବେ କେହି ଦର୍ଶନ କରି ନାହାନ୍ତି କିମ୍ବା ସେ ବିଷୟରେ କିଛି ଶୁଣି ନାହାନ୍ତି ଅଥବା ଯାହା ପଞ୍ଚେନ୍ଦ୍ରିୟଗ୍ରାହ୍ୟ ନୁହେଁ, ସେ ବିଷୟରେ ଆସକ୍ତିତ୍ୟାଗ ଏହି ବୈରାଗ୍ୟର ଅନ୍ତର୍ଗତ—ଯେପରି ସ୍ୱର୍ଗଲାଭ କିମ୍ବା ସ୍ୱର୍ଗୀୟ ଅପ୍ସରାଙ୍କ ସଙ୍ଗ-ସୁଖଲାଭର କାମନା । ସ୍ୱର୍ଗଭୋଗ ମଧ୍ୟ ଦୋଷଦୁଷ୍ଟ । ତେଣୁ ବଶୀକାର ବୈରାଗ୍ୟ ସବୁଠାରୁ ଶ୍ରେଷ୍ଠ । ଚିତ୍ତରେ ରଜ ଓ ତମୋଗୁଣ ଥିଲେ ଏହି ବୈରାଗ୍ୟ ଲାଭ ହୋଇପାରେ ନାହିଁ ।

(୭୭୦) ଯତମାନ ବୈରାଗ୍ୟ : ସାଧକ ଯେତେବେଳେ ପ୍ରତିଜ୍ଞା କରନ୍ତି ଯେ 'ଇନ୍ଦ୍ରିୟମାନଙ୍କୁ ମୁଁ ଆଉ କେବେ ବିଷୟଦିଗକୁ ଛାଡ଼ିଦେବି ନାହିଁ', ସେତେବେଳେ ସେହି ଅବସ୍ଥାର ନାମ ଯତମାନ ବୈରାଗ୍ୟ । ଏହି ଅବସ୍ଥାରେ ସାଧକ ପ୍ରାଣପଣେ ଇନ୍ଦ୍ରିୟ ସଂଯମ କରନ୍ତି । ସାଧାରଣ ମାନବ ଇନ୍ଦ୍ରିୟର ଦାସ । ସାଧକ ଇନ୍ଦ୍ରିୟମାନଙ୍କୁ ନିଜର ଦାସ ବୋଲି ମନେ କରନ୍ତି । ଚକ୍ଷୁ ସାଧାରଣ ବ୍ୟକ୍ତିକୁ ବିଷୟଦିଗକୁ ଆକର୍ଷଣ କରିନିଅନ୍ତି । ଏହି କାର୍ଯ୍ୟଦ୍ୱାରା ଜୀବନରେ ସୁଖ ହେବ କି ଦୁଃଖ ହେବ, ସାଧାରଣ ଲୋକେ ତାହା ବିଚାର କରିପାରନ୍ତି ନାହିଁ । ସେମାନେ ଇନ୍ଦ୍ରିୟର କାର୍ଯ୍ୟରେ ବାଧା ଦେଇପାରନ୍ତି ନାହିଁ । ତେଣୁ ସେମାନେ ଇନ୍ଦ୍ରିୟ-ଲମ୍ପଟ; କିନ୍ତୁ ବୈରାଗ୍ୟ ସାଧକ କେବେହେଲେ କୁପଥକୁ ଯିବାକୁ ଇନ୍ଦ୍ରିୟମାନଙ୍କୁ ଛାଡ଼ିଦିଅନ୍ତି ନାହିଁ । ସାଧକଙ୍କର ଏହି ଅବସ୍ଥାର ନାମ ଯତମାନ ବୈରାଗ୍ୟ ।

(୭୭୧) ବ୍ୟତିରେକ ବୈରାଗ୍ୟ : ଇନ୍ଦ୍ରିୟ ସଂଯମ ଫଳରେ କ୍ରମଶଃ ସାଧକଙ୍କର ବିଷୟାଶକ୍ତି ହ୍ରାସ ହୁଏ । କ୍ରମେ ସାଧକଙ୍କର କେତେକ ବିଷୟରୁ ଆସକ୍ତି କମିଯାଏ; ପୁଣି ଅନ୍ୟ ବିଷୟରେ ଆସକ୍ତି ଥାଏ । ସାଧକ ଅବଶିଷ୍ଟ

ବଳବତୀ ଆସକ୍ତିର ବିଷୟଗୁଡ଼ିକୁ କ୍ଷୀଣ କରିବାନିମିତ୍ତ ଯେଉଁ ପ୍ରବଳ ଅଭ୍ୟାସଯୋଗର ଆଶ୍ରୟ ଗ୍ରହଣ କରନ୍ତି, ଶାସ୍ତ୍ରରେ ତାହାର ନାମ ବ୍ୟତିରେକ ବୈରାଗ୍ୟ । ବହୁକାଳ ଧରି ଯତ୍ନର ସହିତ ଅଭ୍ୟାସ କରିବାଫଳରେ ସାଧକଙ୍କର ସଂଯମଶକ୍ତି ଲାଭ ହୋଇଥାଏ । ସାଧକ ସେତେବେଳେ ପଶୁତ୍ୱରୁ ମୁକ୍ତି ଲାଭ କରି ମନୁଷ୍ୟତ୍ୱ ଲାଭପୂର୍ବକ ଧନ୍ୟ ହୁଅନ୍ତି । ଯେଉଁମାନେ ଏହି ବୈରାଗ୍ୟସମ୍ପନ୍ନ ନୁହନ୍ତି, ସେମାନେ ନରଦେହଧାରୀ ପଶୁ । ଯେପର୍ଯ୍ୟନ୍ତ ମାନବ ଇନ୍ଦ୍ରିୟର ଦାସ, ସେପର୍ଯ୍ୟନ୍ତ ସେ ଯେତେ ଗୁଣବାନ୍ ହେଲେ ମଧ ପଶୁ । ଶିକ୍ଷାର ଉଦ୍ଦେଶ୍ୟ ଚରିତ୍ର ଗଠନ । ଇନ୍ଦ୍ରିୟସଂଯମ ହିଁ ଶିକ୍ଷାର ଭିତ୍ତି । ଯେଉଁ ଶିକ୍ଷାଦ୍ୱାରେ ମାନବର ଚରିତ୍ର ଗଠିତ ହୁଏ ନାହିଁ, ତାହା ଶିକ୍ଷାପଦବାଚ୍ୟ ନୁହେଁ । ଶିକ୍ଷକମାନଙ୍କ ମଧ୍ୟରେ ଯେଉଁମାନେ ମନୁଷ୍ୟ, ସେହିମାନେ ହିଁ ଅପରକୁ ଶିକ୍ଷା ଦାନ କରିବା ଦରକାର । କେବଳ ସେହିମାନେ ହିଁ ଛାତ୍ରମାନଙ୍କୁ ଗଠନ କରିପାରିବେ । ବର୍ତ୍ତମାନର ଶିକ୍ଷକମାନେ ଛାତ୍ରମାନଙ୍କୁ ଇନ୍ଦ୍ରିୟର ଦାସ ହେବାକୁ ଶିକ୍ଷା ଦେଉଛନ୍ତି । ଶିକ୍ଷକମାନେ ରିପୁଜୟୀ ଜିତେନ୍ଦ୍ରିୟ ନ ହେଲେ କେବେହେଲେ ସତ୍‌ଶିକ୍ଷାଦାନର ବ୍ୟବସ୍ଥା ହୋଇପାରିବ ନାହିଁ । ସୁତରାଂ ସମସ୍ତଙ୍କୁ ବୈରାଗ୍ୟ ଅଭ୍ୟାସ କରିବାକୁ ପଡ଼ିବ ।

(୭୭୨) ଏକେନ୍ଦ୍ରିୟ ବୈରାଗ୍ୟ : ଅଭ୍ୟାସ-ଯୋଗ ଓ ବିଚାର ପଥ ଅବଲମ୍ବନ କରି ସାଧକମାନେ ଅଭ୍ୟାସ-ଯୋଗ ଆଶ୍ରୟରେ ଇନ୍ଦ୍ରିୟମାନଙ୍କୁ ବିଷୟରୁ ସମ୍ୟକ ନିବୃତ୍ତ କରିପାରିଲେ ଏବଂ ଆସକ୍ତିର ସାମାନ୍ୟ ସଂସ୍କାର କେବଳ ମନମଧ୍ୟରେ ଥିଲେ, ସେହି ଅବସ୍ଥାକୁ ଏକେନ୍ଦ୍ରିୟ ବୈରାଗ୍ୟ କୁହାଯାଏ । ପଞ୍ଚଇନ୍ଦ୍ରିୟ ପରେ ମନ ହେଉଛି ଷଷ୍ଠ ଇନ୍ଦ୍ରିୟ । ମନ ହିଁ ଇନ୍ଦ୍ରିୟମାନଙ୍କର ଅଧିପତି । ମନ ଓ ପଞ୍ଚେନ୍ଦ୍ରିୟ ମିଶି ଆମର ଇନ୍ଦ୍ରିୟ ଷଡ଼୍‌ବିଧ । ଯୋଗୀଙ୍କର ଯେତେବେଳେ ମନ ଆୟତ୍ତାଧୀନ ହୁଏ ଅର୍ଥାତ୍ ମନ ମଧ୍ୟରୁ ଯେତେବେଳେ ବିଷୟର ସଂସ୍କାର ଦୂର ହୁଏ, ସେତେବେଳେ ସେ ଆଉ ମନୁଷ୍ୟ ହୋଇ ରହନ୍ତି ନାହିଁ । ସେ ଦେବତ୍ୱ ଓ ଈଶ୍ୱରତ୍ୱ ଲାଭ କରିଥାଆନ୍ତି । ଏହାର ନାମ ବଶୀକାର ବୈରାଗ୍ୟ । ସେତେବେଳେ ପୂର୍ଣ୍ଣ ବିବେକଜ୍ଞାନର ଉଦୟ ହୁଏ । ଏହି ସମୟରେ ବୈରାଗ୍ୟ ମଧ ପୂର୍ଣ୍ଣତା ଲାଭ କରେ । ପୂର୍ଣ୍ଣ ବିବେକୀ ବା ବୈରାଗ୍ୟବାନ୍ ସାଧକଙ୍କର ବିଷୟସଂସ୍ପର୍ଶ ଯନ୍ତ୍ରଣାଦାୟକ ବୋଲି ଅନୁଭୂତ ହୁଏ । ସାଧକ ସର୍ବଦା ଭଗବତ୍ ବିରହରେ ବ୍ୟାକୁଳ ହୁଅନ୍ତି ।

(୭୭୩) ପରାବୈରାଗ୍ୟ : ଭଗବାନ୍‌ଙ୍କଠାରେ ପ୍ରବଳ ଅନୁରକ୍ତି ହିଁ

ପରାଭକ୍ତି ନାମରେ ଖ୍ୟାତ । ସେତେବେଳେ ସାଧକ ପ୍ରକୃତିର କୌଣସି ଗୁଣରେ ମୁଗ୍ଧ ନ ହୋଇ ଭଗବତ୍ ଗୁଣାନୁବାଦରେ ସୁଖ ଲାଭ କରନ୍ତି । କଣ୍ଠରେ ତୁଳସୀମାଳା କିମ୍ବା ନାମାବଳି ଥିଲେ କାହାକୁ ବୈରାଗୀ କୁହାଯାଏ ନାହିଁ । ବୈରାଗ୍ୟ ପରମ ଧନ । ଯେ ସେହି ଭକ୍ତିଧନର ଅଧିକାରୀ, ସେ ହିଁ ବୈରାଗୀ ପଦବାଚ୍ୟ । ଯେଉଁମାନେ ବୈରାଗ୍ୟ ଲାଭ ନ କରି ବାହ୍ୟଚିହ୍ନ ଧାରଣ କରନ୍ତି, ସେମାନେ ପ୍ରତାରକ । ସେମାନଙ୍କୁ କେବେହେଲେ ବିଶ୍ୱାସ କରିବା ଉଚିତ ନୁହେଁ । ସେମାନଙ୍କ ସଙ୍ଗ ତ୍ୟାଗ କରିବା ବିଧେୟ । ପରମପୁରୁଷଙ୍କ ସହିତ ସାକ୍ଷାତ ହେଲେ ବିଷୟାସକ୍ତି ନଷ୍ଟ ହୁଏ । ଭ୍ରାନ୍ତିଜ୍ଞାନ ତିରୋହିତ ହୁଏ । ପୁରୁଷଙ୍କ ସାକ୍ଷାତ୍ ଲାଭ ନ ହେଲେ ପ୍ରକୃତି ଉପରୁ ଆସକ୍ତି ତ୍ୟାଗ ହୋଇପାରେ ନାହିଁ । ଦୃଢ଼ ଅଭ୍ୟାସ ଓ ବୈରାଗ୍ୟର ସାଧନାଦ୍ୱାରା ପୁରୁଷଙ୍କ ଦର୍ଶନ ଲାଭ ହୁଏ । ଏହି ପରାବୈରାଗ୍ୟକୁ ପରାଜ୍ଞାନ, ପରାଭକ୍ତି ଓ କୈବଲ୍ୟପଦ ବୋଲି କୁହାଯାଏ । ଏଥିପାଇଁ ତତ୍ତ୍ୱଜ୍ଞାନ ଆବଶ୍ୟକ ।

(୭୭୪) ତତ୍ତ୍ୱଜ୍ଞାନ : ଆସକ୍ତିର ପୂର୍ଣ୍ଣ ତ୍ୟାଗପାଇଁ ବା ଚିତ୍ତର କାମନା-ବାସନା ସଂସ୍କାର ନଷ୍ଟନିମିତ୍ତ ତତ୍ତ୍ୱଜ୍ଞାନର ଅନୁଶୀଳନ ଏକାନ୍ତ ଆବଶ୍ୟକ । ତତ୍ତ୍ୱଜ୍ଞାନ ବ୍ୟତୀତ କେବେହେଲେ ଆସକ୍ତି ଦୂର ହୁଏ ନାହିଁ । କେବଳ ପ୍ରକୃତିର ତତ୍ତ୍ୱ ଆଲୋଚନା କଲେ ଚଳିବ ନାହିଁ । ପୁରୁଷତତ୍ତ୍ୱ ଆଲୋଚନାଦ୍ୱାରା ପ୍ରକୃତିକୁ ବଶୀଭୂତା କରିବା ଶକ୍ତି ଲାଭ ହୋଇଥାଏ । ପୁରୁଷଙ୍କ ଆଦେଶରେ ପ୍ରକୃତି ପରିଚାଳିତା ହେଲେ ଆତ୍ମଜ୍ଞାନ ଲାଭହୁଏ । ପୁରୁଷତତ୍ତ୍ୱଜ୍ଞାନକୁ ପୁରୁଷସାକ୍ଷତ୍କାର ବା ପୁରୁଷଖ୍ୟାତ କୁହାଯାଏ । ଆତ୍ମତତ୍ତ୍ୱ ଓ ପୁରୁଷତ୍ତ୍ୱଜ୍ଞାନ ନ ହେଲେ ମୁକ୍ତିଲାଭ ହୋଇପାରେ ନାହିଁ । ଏହି ତତ୍ତ୍ୱଜ୍ଞାନଲାଭନିମିତ୍ତ ବୈରାଗ୍ୟ ଅବଲମ୍ବନ ଆବଶ୍ୟକ । ବୈରାଗ୍ୟ ଭିନ୍ନ ତତ୍ତ୍ୱଜ୍ଞାନ ଏବଂ ତତ୍ତ୍ୱଜ୍ଞାନ ବ୍ୟତୀତ ବୈରାଗ୍ୟ ଲାଭ ହୁଏ ନାହିଁ ।

(୭୭୫) ସିଦ୍ଧିଲାଭର ପଞ୍ଚବିଧ ଉପାୟ : ଶ୍ରଦ୍ଧା, ବୀର୍ଯ୍ୟ, ସ୍ମୃତି, ସମାଧି ଓ ପ୍ରଜ୍ଞା—ସିଦ୍ଧିଲାଭରେ ଏହି ପଞ୍ଚବିଧ ଉପାୟ ବିଦ୍ୟମାନ ।

(୭୭୬) ଧ୍ୟାନ : ଯେ କୌଣସି ଚୈତନ୍ୟମୟ ଉପାସ୍ୟ ବସ୍ତୁଙ୍କୁ କିମ୍ବା କୌଣସି ଜଟିଳ ତତ୍ତ୍ୱବିଦ୍ୟାକୁ ମନ ସମ୍ମୁଖରେ ଧାରଣ କରି ସେଥିରେ ତନ୍ମୟ ବା ଏକାଗ୍ର ହୋଇ ସ୍ଥିରଭାବରେ ଅବସ୍ଥାନ କରିବାର ନାମ ଧ୍ୟାନ । ଏକାଗ୍ରତା ଏହାର ଉପାୟ, ଧ୍ୟାନ ହିଁ ଲକ୍ଷ୍ୟ । ଧ୍ୟାନରେ ଉପନୀତ ହେବାନିମିତ୍ତ ଏକାଗ୍ରତାରୂପ ଉପାୟ ଅବଲମ୍ବନ କରିବାକୁ ହୁଏ ।

(୭୭୭) ଧ୍ୟାନଶକ୍ତି : ଯେଉଁମାନଙ୍କର ଚିତ୍ତ ଏକାଗ୍ର, ସ୍ଥିର ଏବଂ ଅନ୍ତର୍ମୁଖ, ସେମାନଙ୍କର ସେହି ଚିତ୍ତରେ ଭଗବାନ ପ୍ରକାଶିତ ହୁଅନ୍ତି; କାରଣ, ମାନବ ଭଗବାନଙ୍କ ଅଂଶ ବା ପ୍ରତିବିମ୍ବ । ଧ୍ୟାନଫଳରେ ମାନବ ଅନ୍ତରରେ ଅଭୂତପୂର୍ବ ଶାନ୍ତି, ବଳ ଓ ଉତ୍ସାହ ଅବତରଣ କରେ । ଫଳରେ ସଂସାରକ୍ଷେତ୍ରରେ ସେହିମାନେ କର୍ମବୀର ବୋଲି ସମ୍ମାନିତ ହୁଅନ୍ତି । ସେମାନେ ଧୀରସ୍ଥିର ଏବଂ ପରିଣାମଦର୍ଶୀ ହୋଇ କର୍ମ କରନ୍ତି । ସେମାନେ କେବେହେଲେ ଆଳସ୍ୟ ଜଡ଼ତାରେ ସମୟ ଅତିବାହିତ କରନ୍ତି ନାହିଁ କିମ୍ବା ଶକ୍ତିର ବୃଥା ଅପଚୟ କରନ୍ତି ନାହିଁ; ବରଂ ଶକ୍ତିକୁ ଧାରଣ କରି ରଖିବାର ଚେଷ୍ଟା କରନ୍ତି । ବିଶ୍ୱପ୍ରାଣ ସହିତ ଏକାତ୍ମତା ସ୍ଥାପିତ ହେବାଫଳରେ ବିଶ୍ୱଶକ୍ତି ତାଙ୍କ ମାଧ୍ୟମରେ ପ୍ରକାଶିତ ହୁଏ । ଧ୍ୟାନର ଚରମ ଅବସ୍ଥାରେ ଧ୍ୟାତା, ଧ୍ୟାନ ଓ ଧ୍ୟେୟ ଏକ ହୋଇଯିବାରୁ ଅହଂତ୍ୱ ଲୋପ ପାଇଯାଏ । ଏହି ତିନି ଅବସ୍ଥା ହିଁ ଏକ ଅର୍ଥାତ୍ ଧ୍ୟାତା, ଧ୍ୟାନ ଓ ଧ୍ୟେୟ ଏକ ଭଗବାନଙ୍କ ଭିନ୍ନ ଭିନ୍ନ ରୂପ ।

(୭୭୮) ପ୍ରାଣଶକ୍ତି : ପ୍ରାଣଶକ୍ତି ଆମ ଦେହଭାଣ୍ଡ ଓ ବ୍ରହ୍ମାଣ୍ଡ ମଧ୍ୟରେ ଅଖଣ୍ଡ ଭାବରେ ବିଦ୍ୟମାନ । ଅନ୍ତର୍ଜଗତରେ ଯେଉଁ ଶକ୍ତି ଜୀବର ଜୀବନୀ ଶକ୍ତି, ଚିନ୍ତାଶକ୍ତି, ଦୈହିକଶକ୍ତି ଆଦି ନାମରେ ଅଭିହିତ, ବହିଃଜଗତରେ ସେହି ଶକ୍ତି ମାଧ୍ୟାକର୍ଷଣ ଶକ୍ତି, ତାଡ଼ିତାକର୍ଷଣ ବା ଚୌମ୍ବକଶକ୍ତି ଇତ୍ୟାଦି ନାମରେ ଖ୍ୟାତ । ଅନ୍ତର୍ଜଗତରେ ଦେହଭାଣ୍ଡରେ ଯାହାକୁ ପ୍ରାଣ କୁହାଯାଏ, ବ୍ରହ୍ମାଣ୍ଡରେ ତାହାର ନାମ ଶକ୍ତି । ଶ୍ୱାସ ପ୍ରଶ୍ୱାସ ହିଁ ସେହି ପ୍ରାଣର ବର୍ହିବିକାଶ । ଏହି ପ୍ରାଣ ବା ଶକ୍ତିସଂଯମକୁ ହିଁ ପ୍ରାଣାୟାମ କୁହାଯାଏ । ଏହି ପ୍ରାଣଶକ୍ତି ଶରୀରର ସ୍ନାୟୁକୋଷଗୁଡ଼ିକୁ ପରିଚାଳନା କରିଥାଏ । ଏହା ପାଞ୍ଚଭାଗରେ ବିଭକ୍ତ ହୋଇ ପଞ୍ଚପ୍ରାଣ ନାମରେ ଅଭିହିତ ହେଲେ ମଧ୍ୟ ମୂଳରେ ପ୍ରାଣଶକ୍ତି ଏକ । ପରମପୁରୁଷଙ୍କଠାରୁ ପ୍ରାଣର ଉତ୍ପତ୍ତି; ତେଣୁ ପ୍ରାଣ ତାଙ୍କୁ ଆଶ୍ରୟ କରି ଅବସ୍ଥାନ କରେ । ସୁଷୁମ୍ନା ନାଡ଼ି ମଧ୍ୟସ୍ଥ ମୂଳାଧାରଚକ୍ରରେ ଏହି ପ୍ରାଣଶକ୍ତି ପୁଞ୍ଜୀକୃତ । ଏହାର ନାମ ବ୍ରହ୍ମଦ୍ୱାର । ଏହା ନିମ୍ନ ମୂଳାଧାର; ଉର୍ଦ୍ଧ୍ୱ ସହସ୍ରାର । ତେଣୁ ପ୍ରାଣଶକ୍ତିର ଅନ୍ତର୍ମୁଖୀଶକ୍ତିର ନାମ କୁଣ୍ଡଳିନୀଶକ୍ତି ଏବଂ ସହସ୍ରାରରେ ସେ ମହାକୁଣ୍ଡଳିନୀ ବା ମହାଶକ୍ତି ନାମ ଧାରଣ କରନ୍ତି । ଗୁରୁକୃପାରୁ ଶ୍ୱାସ ପ୍ରଶ୍ୱାସରେ ନାମଜପକ୍ରିୟା ଅବଗତ ହୋଇ ଏହି ଶକ୍ତିର ଜାଗରଣ କରିପାରିଲେ ବିବିଧ ଶକ୍ତି ଲାଭ ହୋଇଥାଏ ।

(୭୭୯) ମାନସିକ ଶକ୍ତି : ମନ ଅତିଶୟ ଶକ୍ତିଶାଳୀ। ତେଣୁ ମନ ସମସ୍ତଙ୍କୁ ବଶିଭୂତ କରି ନିଜ ଅଧୀନରେ ପରିଚାଳିତ କରିବାକୁ ଇଚ୍ଛାକରେ। ମନକୁ ନିଜ ଇଚ୍ଛା ଅନୁସାରେ ପରିଚାଳନା କରିବାର ନାମ ମନଃସଂଯମ। ବୃଥା ଚିନ୍ତା ତ୍ୟାଗ କରି ଶମ, ଦମ, ତିତିକ୍ଷା, ଉପରତି ପ୍ରଭୃତି ଷଟ୍‌ସମ୍ପତ୍ତିର ଅନୁଶୀଳନ ଦ୍ୱାରା ମଧ୍ୟ ମନଃ ସଂଯମ ଅଭ୍ୟାସ କରାଯାଇଥାଏ। ମନ ସଂଯତ ଥିଲେ ସାଧକ ଲକ୍ଷ୍ୟପଥର ସମସ୍ତ ବାଧା ଅତିକ୍ରମ କରିବାକୁ ସକ୍ଷମ ହୋଇଥାନ୍ତି। ସେତେବେଳେ ଯେକୌଣସି ଦୁସ୍ଥ ପରିସ୍ଥିତିକୁ ସାଧନପଥରେ ବାଧା ବୋଲି ବୋଧହୁଏ ନାହିଁ ଓ ମନରେ ଶ୍ରଦ୍ଧାଭକ୍ତିର ଉଦୟ ହୋଇଥାଏ। ଫଳରେ ଶ୍ରଦ୍ଧାଦେବୀ ସାଧକଙ୍କ ଅନ୍ତରରେ ପ୍ରବିଷ୍ଟ ହୋଇ ସମସ୍ତ କାର୍ଯ୍ୟ କରାଇନିଅନ୍ତି। ମନର ସଂଶୟ ତିରୋହିତ ହୁଏ। ଭଗବାନ ବା ଅଜ୍ଞାନ ବସ୍ତୁର ବିଦ୍ୟମାନତା ବିଷୟରେ ସନ୍ଦେହକୁ ସଂଶୟ କୁହାଯାଏ ନାହିଁ। ତାହା ଅନୁସନ୍ଧିତ୍ସା; କିନ୍ତୁ ସାଧକ ଯେଉଁ ପଥ ଧରି ଗତି କରୁଛନ୍ତି, ସେହି ପଥର ନିଶ୍ଚୟତା ବିଷୟରେ ସନ୍ଦେହକୁ ସଂଶୟ କୁହାଯାଏ। ସାଧକ ନିଜ ସାଧନପଥର ଗତିସମ୍ବନ୍ଧରେ କେବେହେଲେ ସନ୍ଦେହ ପୋଷଣ କରିବା ଉଚିତ ନୁହେଁ। ସନ୍ଦେହରୁ ଅନୁସନ୍ଧିତ୍ସାବୃତ୍ତି ଜାଗେ। ଲକ୍ଷ୍ୟପଥରେ ସଂଶୟ ହେଲେ ସୂକ୍ଷ୍ମଦେହର ବିନାଶ ହୁଏ। ତେଣୁ ସାଧକ ଲକ୍ଷ୍ୟପଥରେ ସଂଶୟଶୂନ୍ୟ ହୋଇ ସାଧନଭଜନ କରିବା ବିଧେୟ।

ମନ ସ୍ଥିରହେଲେ ସମସ୍ତ କୁସଂସ୍କାର ଦୂର ହୋଇଯାଏ। ମିଥ୍ୟାକୁ ସତ୍ୟ ବୋଲି ଭ୍ରମଧାରଣା ପୋଷଣ କରିବା ଗୋଟିଏ କୁସଂସ୍କାର। ଜ୍ଞାନଦ୍ୱାରା ତାହା ଦୂର ହୋଇଥାଏ। ମନଃସଂଯମ ହେଲେ ତତ୍ତ୍ୱଜ୍ଞାନ, ବିଚାରଶକ୍ତି ଓ ଚରିତ୍ରବଳ ଅତିମାତ୍ରାରେ ବୃଦ୍ଧିପ୍ରାପ୍ତ ହୁଏ, ଆତ୍ମଜ୍ଞାନ ଜାଗ୍ରତ ହୁଏ ଅର୍ଥାତ୍ ଅନ୍ୟସହିତ ନିଜର ସ୍ୱାତନ୍ତ୍ର୍ୟବୋଧ ଲୋପ ପାଇଯାଏ। ପ୍ରତ୍ୟେକଙ୍କର ଦେହ ପୃଥକ୍ ଏବଂ ମନଃପ୍ରାଣ ଏକ। ତେଣୁ ପ୍ରତ୍ୟେକଙ୍କୁ ଆପଣାର ବୋଲି ମନେ ହେବାଫଳରେ ଅନ୍ତରରେ ପ୍ରେମ-ପ୍ରୀତିଭାବରେ ଉଦୟ ହୋଇଥାଏ। ରାଗଦ୍ୱେଷ ଦୂର ହୁଏ। ପାର୍ଥିବ ବସ୍ତୁର ଅନିତ୍ୟତାବୋଧ ଜାଗ୍ରତ ହୁଏ ଏବଂ ଭଗବତ୍ ପଦରେ ମନ ସମର୍ପିତ ହୁଏ। ମନଃସଂଯମ ହିଁ ଚିତ୍ତସଂଯମର ପୂର୍ବାବସ୍ଥା।

(୭୮୦) ଆତ୍ମଶକ୍ତି : ଆତ୍ମଶକ୍ତି ହିଁ ସତ୍ୟ। ଆତ୍ମାର ଚଞ୍ଚଳ ଅବସ୍ଥାର ନାମ ମନ। ତେଣୁ ଶକ୍ତି ସ୍ଥିର। ନିଷ୍କ୍ରିୟ ବା ସ୍ଥିର ଆତ୍ମାସହ ମାୟାର ଚଞ୍ଚଳତା

ସଂଯୁକ୍ତ ହେଲେ ଯେଉଁ କ୍ରିୟାଶକ୍ତିର ଉଦ୍ଭବ ହୁଏ, ତାହାର ନାମ ପ୍ରାଣ ଏବଂ ଏହାଫଳରେ ଯେଉଁ ଜ୍ଞାନଶକ୍ତିର ଉଦ୍ଭବ ହୁଏ, ତାହାର ନାମ ମନ । ତେଣୁ ପ୍ରାଣ, ମନ ସ୍ଥିର ହେଲେ ଆତ୍ମଶକ୍ତି ଜାଗ୍ରତ ହୁଏ । ଆତ୍ମଶକ୍ତି ବଳରେ ଆତ୍ମଦର୍ଶନ ଘଟେ । ଏହି ଆତ୍ମାରେ ପରମାତ୍ମାଙ୍କ ପ୍ରତିବିମ୍ବ ପତିତ ହେଲେ ଭଗବତ୍ ଦର୍ଶନ ବା ଗୁରୁଦର୍ଶନ ହୁଏ । ଏହି ଆତ୍ମଶକ୍ତିର ଅପର ନାମ ପ୍ରଜ୍ଞା । ତେଣୁ ଆତ୍ମା ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତିରେ ମଧ୍ୟ ଦ୍ରଷ୍ଟାଭାବରେ ବିଦ୍ୟମାନ ଥାଏ; କିନ୍ତୁ ଆତ୍ମାର ଦ୍ରଷ୍ଟା କେହି ନାହିଁ । ଯେପରି ଚକ୍ଷୁ ସମସ୍ତଙ୍କୁ ଦର୍ଶନ କଲେ ମଧ୍ୟ ନିଜକୁ ଦେଖିପାରେ ନାହିଁ, ଯେପରି ନିଜ ମୁଖକୁ ଦର୍ଶନ କରିବାକୁ ଦର୍ପଣ ଆବଶ୍ୟକ, ସେହିପରି ଶୁଦ୍ଧଚିତ୍ତରେ ତାଙ୍କର ପ୍ରତିବିମ୍ବ ପତିତ ହେଲେ ତାହାକୁ ଆତ୍ମଦର୍ଶନ ବା ଆତ୍ମଶକ୍ତିର ଉଦ୍‌ବୋଧନ କୁହାଯାଏ ।

(୭୮୧) ଐଶ୍ୱରିକ ଶକ୍ତି : ଏକ ଏବଂ ଅଦ୍ୱୈତ ପରଂବ୍ରହ୍ମ ଏକମାତ୍ର ସତ୍ୟ । ସେହି ସତ୍ୟ ସମ୍ପୂର୍ଣ୍ଣ ଅବ୍ୟକ୍ତ, ନିରାକାର ଏବଂ ନିର୍ବିକାର । ସେହି ବିକାରରହିତ ବ୍ରହ୍ମ ଲୀଳାନିମିତ୍ତ ନିଜକୁ ଦ୍ୱିଧା ବିଭକ୍ତ କରିଛନ୍ତି । ସେହି ଦ୍ୱୈତାବସ୍ଥାର ନାମ ସତ୍-ଅସତ୍, ପ୍ରକୃତି-ପୁରୁଷ, ଆତ୍ମା ଓ ଭୂତ, ସତ୍ତ୍ୱ ଓ ତମଃ । ଏହି ଉଭୟ ବିରୁଦ୍ଧତତ୍ତ୍ୱର ସାମଞ୍ଜସ୍ୟ ରକ୍ଷାନିମିତ୍ତ ଗୋଟିଏ ତୃତୀୟ ତତ୍ତ୍ୱର ପ୍ରୟୋଜନ ହେଲା; ଯେଉଁ ଶକ୍ତି କି ଉଭୟଙ୍କ ସଂଯୋଜିତ ଶକ୍ତିଭାବରେ ଅବସ୍ଥାନ କରିବ । ଏହି ଉଭୟ ତତ୍ତ୍ୱର ଅଂଶଦ୍ୱାରା ସେହି ଶକ୍ତିର ଉଦ୍ଭବ । ଏହି ତୃତୀୟ ଶକ୍ତିର ନାମ ସକ୍ରିୟ ଐଶ୍ୱରିକ ଶକ୍ତି । ତେଣୁ ଈଶ୍ୱରତତ୍ତ୍ୱ ପ୍ରକୃତି ପୁରୁଷମଧ୍ୟରେ ଅବସ୍ଥିତ । ତ୍ରିଗୁଣ ଭିତରେ ସେ ରଜୋଗୁଣସ୍ୱରୂପ । ଚୈତନ୍ୟ ଓ ଜଡ଼ ମଧ୍ୟରେ ସେ କ୍ରିୟାଶକ୍ତିସ୍ୱରୂପ । ଗୀତାବର୍ଣ୍ଣିତ ଶ୍ରୀକୃଷ୍ଣ ଏହି ଈଶ୍ୱରତତ୍ତ୍ୱ । ବ୍ରହ୍ମ ଚୈତନ୍ୟଙ୍କ ଆଭାସ ବା ପ୍ରତିବିମ୍ବ ମାୟାରୂପ ଦର୍ପଣରେ ପତିତ ହେଲେ ତାଙ୍କୁ ଈଶ୍ୱର କୁହାଯାଏ ଏବଂ ଈଶ୍ୱରଙ୍କ ପ୍ରତିବିମ୍ବ ଅବିଦ୍ୟାମାୟାରେ ନିପତିତ ହେଲେ ଜୀବଆଖ୍ୟା ପ୍ରାପ୍ତ ହୁଏ । ତେଣୁ ଜୀବ ଓ ଈଶ୍ୱରଙ୍କ ପ୍ରତିବିମ୍ବ ଏକ । ଗୀତାବର୍ଣ୍ଣିତ ଶ୍ରୀକୃଷ୍ଣ ବିଶ୍ୱାତ୍ମା ସକ୍ରିୟ ଏବଂ ବ୍ୟକ୍ତ । ସେ ତ୍ରିଗୁଣାଧୀଶ । ତେଣୁ ଅବ୍ୟକ୍ତ ପୁରୁଷ ବ୍ୟକ୍ତା ପ୍ରକୃତି ଯୁକ୍ତ ହେଲେ ତାଙ୍କୁ ବ୍ୟକ୍ତ ପୂର୍ଣ୍ଣ ଈଶ୍ୱର କୁହାଯାଏ ।

(୭୮୨) ପରମାତ୍ମା ଶକ୍ତି : ଅବ୍ୟକ୍ତ, ଅଖଣ୍ଡ, ତ୍ରିଗୁଣାତୀତ, ପୂର୍ଣ୍ଣଅକ୍ଷର ବ୍ରହ୍ମସନାତନ ହିଁ ପରମାତ୍ମ ପଦବାଚ୍ୟ । ତାଙ୍କୁ ହିଁ କୁହାଯାଏ ନିତ୍ୟଲୋକର ଶ୍ରୀକୃଷ୍ଣ

ବା ସେ ସ୍ୱୟଂ ଭଗବାନଙ୍କ ସ୍ୱରୂପଶକ୍ତି । ସେ ହେଉଛନ୍ତି ଅଦ୍ୱୟ ଜ୍ଞାନତତ୍ତ୍ୱ ବ୍ରଜେନ୍ଦ୍ରନନ୍ଦନ । ସେ ଦ୍ରଷ୍ଟାପୁରୁଷ, ବିଶ୍ୱର ସେ କର୍ତ୍ତା । ସେ ସ୍ରଷ୍ଟା, ପାତା କିମ୍ବା ସଂହାରକର୍ତ୍ତା ନୁହନ୍ତି । ତାଙ୍କରି ମାୟାଶକ୍ତି ଈଶ୍ୱରଙ୍କ ଉପରେ ସୃଷ୍ଟି-ସ୍ଥିତି-ଲୟ କ୍ଷମତା ବର୍ତ୍ତମାନ । ପରବ୍ୟୋମୀ ନାରାୟଣ ଏହାଙ୍କର ବାହ୍ୟ ବିଳାସମୂର୍ତ୍ତି । ଭଗବାନ୍ ଶ୍ରୀକୃଷ୍ଣ ଚିତ୍‌ଶକ୍ତି, ଶ୍ରୀରାଧା ହ୍ଲାଦିନୀ ଶକ୍ତି । ଏହି ପରମାତ୍ମ ପୁରୁଷ ହିଁ ନିତ୍ୟଲୋକର ନିତ୍ୟପୁରୁଷ ।

(୭୮୩) ଗୁରୁଶକ୍ତି : ପରମାତ୍ମା ଶ୍ରୀକୃଷ୍ଣଙ୍କ ସାକାର ରୂପକୁ ଗୁରୁ କୁହାଯାଏ । ସେ ହିଁ ଆତ୍ମଜ୍ଞାନ ଦାନ କରିବାକୁ ସମର୍ଥ । ଗୁରୁ ଶ୍ରୀଗଭବାନଙ୍କର ବ୍ୟକ୍ତ ସାକାର ସ୍ୱରୂପ । ଶିଷ୍ୟମାନେ ସତ୍ତ୍ୱଗୁଣସମ୍ପନ୍ନ ନ ହେଲେ ତାଙ୍କୁ ଲାଭ କରିପାରିବେ ନାହିଁ । ଶିଷ୍ୟମାନଙ୍କର ଉପଯୁକ୍ତତା ନ ଥିଲେ ସଦ୍‌ଗୁରୁ ମିଳିଲେ ମଧ ତାଙ୍କ ମହିମା ସେମାନେ କିଛି ମାତ୍ର ଉପଲବ୍ଧି କରିପାରିବେ ନାହିଁ । ଗୁରୁସେବାଦ୍ୱାରା ହିଁ ଆତ୍ମଜ୍ଞାନ ଲାଭ ହୋଇ ଭଗବତ୍ ଦର୍ଶନ ଘଟେ । ଏହି ଗୁରୁଦେବ ହିଁ ଭକ୍ତମାନଙ୍କର ସାକ୍ଷାତ୍ ପରମାତ୍ମାସ୍ୱରୂପ ବା ଭଗବାନ୍ । ଯେଉଁସବୁ ମହାତ୍ମାମାନେ ସାଧନଦ୍ୱାରା ସିଦ୍ଧିଲାଭ କରି ଗୁରୁତତ୍ତ୍ୱରେ ପ୍ରତିଷ୍ଠିତ ଅଛନ୍ତି, ସେମାନଙ୍କୁ କୁହାଯାଏ ସଦ୍‌ଗୁରୁ । ସେମାନଙ୍କୁ ଅର୍ଥାତ୍ ସେମାନଙ୍କ ନାମରୂପକୁ ଭଗବତ୍‌ଜ୍ଞାନରେ ସେବା କଲେ ଜ୍ଞାନ ଲାଭ ହୁଏ । ଭଗବତ୍‌କୃପା ଶ୍ରୀଗୁରୁଦେବଙ୍କ ମାଧମରେ ବର୍ହିପ୍ରକାଶ ହୋଇଥାଏ ।

(୭୮୪) ପରମେଶ୍ୱର ଶକ୍ତି : ଅବ୍ୟକ୍ତ ପୁରୁଷ ଅବ୍ୟକ୍ତା ପ୍ରକୃତିଯୁକ୍ତ ହେଲେ ତାଙ୍କୁ କୁହାଯାଏ ସଗୁଣ ବ୍ରହ୍ମଶକ୍ତି । ତାଙ୍କର ଅନ୍ୟ ନାମ ଅବ୍ୟକ୍ତ ଅକ୍ଷରବ୍ରହ୍ମ ବା ପରମେଶ୍ୱର ।

(୭୮୫) ମାୟାଶକ୍ତି : ବ୍ରହ୍ମ ବା ସତ୍ ଯାହାଦ୍ୱାରା ଆବରିତ, ତାହାର ନାମ ମାୟାଶକ୍ତି । ଶକ୍ତି ମାୟା ଓ ପ୍ରକୃତି ଅସତ୍ । ଆତ୍ମଜ୍ଞାନ ଓ ଚେତନ୍ୟ ସତ୍ । ବିଶ୍ୱ ହେଉଛି ଆତ୍ମଶକ୍ତିର କାର୍ଯ୍ୟ, ମାୟା ବା ପ୍ରକୃତି ଏହାର କାରଣ । କାରଣକୁ କାର୍ଯ୍ୟରେ ପରିଣତ କରିବାପାଇଁ ଶକ୍ତିର ପ୍ରୟୋଜନ ହୁଏ ।

(୭୮୬) ଭଗବତ୍ ଶକ୍ତି : ଯାହାଙ୍କର ସତ୍ତା ବିଦ୍ୟମାନ, ସେ ସତ୍ ଏବଂ ଯାହାଙ୍କର ଅସ୍ତିତ୍ୱ ନାହିଁ, ତାହା ଅସତ୍ । ଜ୍ଞାନ ଚୈତନ୍ୟ ପୁରୁଷ ସତ୍, ଶକ୍ତି ମାୟା ପ୍ରକୃତି ଅସତ୍ । ବ୍ରହ୍ମ ବା ଜ୍ଞାନ ଆଲୋକସଦୃଶ; ମାୟା ଅନ୍ଧକାର ସ୍ୱରୂପା । ଏହି ଆଲୋକ-ଅନ୍ଧକାରର ମଧ୍ୟବର୍ତ୍ତୀ ଅବସ୍ଥାର ନାମ ଭଗବାନ୍ । ଯେପରି ଗୃହମଧ୍ୟସ୍ଥ

ଅବସ୍ଥା—ଆଲୋକ କିମ୍ବା ଅନ୍ଧକାର କିଛି ନାହିଁ। ମନେକର, କୁମ୍ଭକାର ବ୍ରହ୍ମ ଚିତ୍; ମୃତ୍ତିକା ପ୍ରକୃତି ବା ଉପାଦାନ-କାରଣ। କୁରାଳଚକ୍ର ନିମିତ୍ତ କାରଣ। ତଦ୍ୱାରା ଯେଉଁ ଘଟ ପ୍ରସ୍ତୁତ ହେଲା, ତାହା ହିଁ ଭଗବାନ୍। ସେ ସର୍ବଶକ୍ତିମାନ୍। ପ୍ରକୃତିଯୁକ୍ତ ବ୍ରହ୍ମ ହେଉଛନ୍ତି ଭଗବାନ; କିନ୍ତୁ ଗୁରୁକୃପାବଳରେ ଜ୍ଞାନ ଲାଭ ନ ହେଲେ କେହି କେବେ ଭଗବଦ୍ଦର୍ଶନ କଲେ ମଧ୍ୟ ତାଙ୍କୁ ଜାଣିପାରିବେ ନାହିଁ। ଭଗବଦ୍ଦର୍ଶନ କରି ତାଙ୍କୁ ଚିହ୍ନିବାନିମିତ୍ତ ଜ୍ଞାନଚକ୍ଷୁ ବା ଦିବ୍ୟଚକ୍ଷୁ ଆବଶ୍ୟକ। ସାଧକଙ୍କର ଏହି ଚକ୍ଷୁ ଗୁରୁକୃପା ପ୍ରଭାବରେ ବିକଶିତ ହେଲେ ଭଗବଦ୍ଦର୍ଶନ, ଜ୍ଞାନ, ପ୍ରେମ ସମସ୍ତ ଲାଭ ହୁଏ। ଭଗବାନଙ୍କୁ ବହୁ ସାଧକ ଦର୍ଶନ କରି ମଧ୍ୟ ଜ୍ଞାନ ଅଭାବରୁ ଶାନ୍ତି ବା ଆନନ୍ଦ ଲାଭ କରିପାରି ନାହାନ୍ତି। ଭଗବତ୍ ଦର୍ଶନରେ ପରମାନନ୍ଦ ଲାଭ ହୁଏ। ଭଗବାନ ଆମରି ଭିତରେ ସର୍ବଦା ଘୂରିବୁଲୁଛନ୍ତି। କାରଣ ଭଗବାନ୍ ମନୁଷ୍ୟରୂପରେ ନ ଆସିଲେ ଆମେ ତାଙ୍କୁ ଉପଲବ୍ଧି କରିପାରିବା ନାହିଁ। ତେଣୁ ପ୍ରତ୍ୟେକ ଜୀବଙ୍କୁ ଭଗବତ୍‌ଜ୍ଞାନରେ ସେବା କରିବାକୁ ହେବେ। ଅସ୍ତି, ଭାତି, ପ୍ରୀତି ଏହି ତ୍ରିତତ୍ତ୍ୱ ମଧ୍ୟରେ ସେ ନିତ୍ୟ ଅବସ୍ଥାନ କରନ୍ତି। ତେଣୁ ଯେଉଁଠାରେ ଆନନ୍ଦ ଓ ଦୀପ୍ତି ବିଦ୍ୟମାନ, ସେ ସ୍ଥାନରେ ଭଗବାନ୍ ନିତ୍ୟ ବିରାଜିତ। ସୂର୍ଯ୍ୟ ବ୍ରହ୍ମଙ୍କର ପ୍ରତୀକ। ସୂର୍ଯ୍ୟରଶ୍ମିର ଆଭା ହିଁ ଭଗବାନ୍। ତେଣୁ ଭଗବାନ୍‌ଙ୍କ ଅଙ୍ଗପ୍ରଭା ହିଁ ବ୍ରହ୍ମପଦବାଚ୍ୟ।

(୭୮୭) **ନିର୍ଗୁଣ ବ୍ରହ୍ମଚୈତନ୍ୟ :** ବିଶ୍ୱ ନ ଥିଲେ ବା ଶକ୍ତି ନ ଥିଲେ ମଧ୍ୟ ସେ ସର୍ବଦା ନିତ୍ୟ ଭାବରେ ଅବସ୍ଥାନ କରନ୍ତି। ସେହି ସତ୍ତାଙ୍କର ନାମ ନିର୍ଗୁଣ ବ୍ରହ୍ମଚୈତନ୍ୟ। ମାୟାଶକ୍ତି ପ୍ରଭାବରେ ଜୀବ ଏହି ବ୍ରହ୍ମଙ୍କୁ ଜଗତ୍‌ରୂପରେ ଦର୍ଶନ କରେ। ଶ୍ରୀଗୁରୁଦେବ ହିଁ ପରଂବ୍ରହ୍ମଙ୍କର ସାକାର ମୂର୍ତ୍ତି। ବ୍ରହ୍ମଚୈତନ୍ୟ ବ୍ୟତୀତ ପ୍ରକୃତି ବା ଜଡ଼ବସ୍ତୁ ଦୃଷ୍ଟିଗୋଚର ହୁଏ ନାହିଁ। କେବଳ ଚୈତନ୍ୟସତ୍ତାରେ ଦୃଶ୍ୟଦ୍ରଷ୍ଟାଭାବ ନାହିଁ। ବ୍ରହ୍ମଚୈତନ୍ୟଙ୍କର ଆତ୍ମାନୁଭବ (Self-realisation) ନିମିତ୍ତ ସୃଷ୍ଟିଲୀଳା। ତେଣୁ ପ୍ରକୃତି ରଚିତ ଜଡ଼ଦେହ ଥିବାହେତୁ ବ୍ରହ୍ମଚୈତନ୍ୟ ଉପଲବ୍ଧ ହୋଇଥାନ୍ତି। ଏହି ଚୈତନ୍ୟ ମାୟାଦ୍ୱାରା ଆବରିତ ହେଲେ ଈଶ୍ୱର ନାମରେ ଅଭିହିତ ହୁଅନ୍ତି।

(୭୮୮) **ଦେବଶକ୍ତି :** ପ୍ରକୃତିର ଶାସକ, ପ୍ରଜାପାଳକ, ସର୍ବବ୍ୟାପକ, ସର୍ବାଧିପତି ପରମାତ୍ମାଙ୍କର ତେତିଶଗୋଟି ଭୌତିକ ଶକ୍ତି ଅଛି। ତାହା ହିଁ ତେତିଶ

ଦେବତା । ଏହି ଦେବତାମାନେ ଈଶ୍ୱରଙ୍କ ମହିମା ବା ଅସ୍ତିତ୍ୱର ପ୍ରମାଣ ପ୍ରଦାନ କରନ୍ତି । ଅଷ୍ଟବସୁ, ଏକାଦଶ ରୁଦ୍ର, ଦ୍ୱାଦଶ ଆଦିତ୍ୟ, ଇନ୍ଦ୍ର ଓ ପ୍ରଜାପତି— ଏହିମାନେ ହିଁ ତେତିଶ ଦେବତା ପଚବାଚ୍ୟ ।

(୭୮୯) ଅଷ୍ଟବସୁ : (୧) ଅଗ୍ନି (Heated cosmic bodies), (୨) ପୃଥିବୀ (Planets), (୩) ବାୟୁ (Atmospheres), (୪) ଅନ୍ତରୀକ୍ଷ (Saperterrestrial force), (୫) ଆଦିତ୍ୟ (Suns), (୬) ଦ୍ୟୌ (Rays of Etherial pace), (୭) ଚନ୍ଦ୍ର (Satellites) ଓ (୮) ନକ୍ଷତ୍ର (Stars) ହେଉଛନ୍ତି ଅଷ୍ଟବସୁ ।

(୭୯୦) ଏକାଦଶ ରୁଦ୍ର : ଦଶ ପ୍ରାଣ (ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ ପ୍ରଭୃତି) + ଜୀବାତ୍ମା (The Human spirit) ହେଉଛନ୍ତି ଏକାଦଶ ରୁଦ୍ର ।

(୭୯୧) ଦ୍ୱାଦଶ ଆଦିତ୍ୟ : ଦ୍ୱାଦଶ ମାସର ଅଧିପତି ଦେବତାମାନେ ହିଁ ଦ୍ୱାଦଶ ଆଦିତ୍ୟ ।

(୭୯୨) ଇନ୍ଦ୍ର : ବିଦ୍ୟୁତ୍‌ଶକ୍ତି (Electricity ବା Forces)ଙ୍କର ନାମ ଇନ୍ଦ୍ର ।

(୭୯୩) ପ୍ରଜାପତି : ଯଜ୍ଞ ବା ଶୁଭକର୍ମର ପ୍ରତୀକ ହେଲେ ପ୍ରଜାପତି ।

(୭୯୪) ଗୁହା : ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ ଏହି ପଞ୍ଚକୋଷ ବା ପଞ୍ଚ ଆବରଣକୁ ଗୁହା କୁହାଯାଏ । ଆତ୍ମା ଏହି ଗୁହାଠାରୁ ଭିନ୍ନ ଏବଂ ଗୁହାଦ୍ୱାରା ବିହିତ ବୋଲି ଆତ୍ମାର ଅପର ନାମ ଗୁହାହିତ । ଏହି ସ୍ଥୁଳଦେହରେ ଥାଇ ମାନବ ଏହି ପଞ୍ଚକୋଷ-ତତ୍ତ୍ୱର ସନ୍ଧାନ ଓ ସମ୍ବାଦ ଜାଣିପାରେ ଏବଂ ଆତ୍ମଜ୍ଞାନ ଲାଭ କରିପାରେ ।

(୭୯୫) ପଞ୍ଚକୋଷ : ମାନବର କାମରାଗାଦି ନିକୃଷ୍ଟ ପ୍ରବୃତ୍ତିସମୂହର ନାମ ପ୍ରାଣମୟ କୋଷ, ବାସନାର ନାମ ମନମୟ କୋଷ, ବୁଦ୍ଧିବୃତ୍ତିର ନାମ ବିଜ୍ଞାନମୟ କୋଷ ଏବଂ ପ୍ରଜ୍ଞାର ନାମ ହେଉଛି ଆନନ୍ଦମୟ କୋଷ । ଯେଉଁ ଜ୍ଞାନ ବା ଚୈତନ୍ୟବଳରେ ମାନବ ଏହି ପଞ୍ଚକୋଷ ବା ପଞ୍ଚଦେହର ସତ୍ତା ଅନୁଭବ କରିପାରେ ତାହା ସ୍ୱୟଂ ଆତ୍ମା । ତେଣୁ ମାନବ ସହଜରେ ଆତ୍ମଜ୍ଞାନ ଲାଭ କରିପାରେ ନାହିଁ ।

(୭୯୬) ଆତ୍ମଜ୍ଞାନ : କୌଣସି ଗୋଟିଏ ବିଷୟ ଜାଣିବାକୁ ହେଲେ ଜ୍ଞାତା, ଜ୍ଞାନ ଓ ଜ୍ଞେୟ ପରସ୍ପର ପୃଥକ୍ ନ ହେଲେ ଜ୍ଞାନର କାର୍ଯ୍ୟ ସମ୍ପନ୍ନ ହୋଇପାରେ ନାହିଁ । ଆତ୍ମାଦ୍ୱାରା ଆତ୍ମାକୁ ଜଣାଯାଏ । ଆତ୍ମାକୁ ଜାଣିବାନିମିତ୍ତ ଏହି ତ୍ରିଭାବର ପ୍ରାର୍ଥକ୍ୟ ରକ୍ଷା କରାଯାଇପାରେ ନାହିଁ । ଏଥିପାଇଁ ମାନବ ସହଜରେ ଆତ୍ମଜ୍ଞାନ ଲାଭ କରିପାରେ ନାହିଁ । ସମାଧି ବା ତୁରୀୟ ଅବସ୍ଥା ଲାଭ ନ କଲେ ଆତ୍ମଜ୍ଞାନଲାଭର ସମ୍ଭାବନା ରହେ ନାହିଁ । ଆତ୍ମା ବା ଚୈତନ୍ୟ ପଞ୍ଚକୋଷସହିତ ମିଶ୍ରିତ ହେଲେ ତାହା ଚୈତନ୍ୟରେ ରୂପାନ୍ତରିତ ହୋଇଯାଏ । ତେଣୁ ପଞ୍ଚଦେହରେ ପାଞ୍ଚ ପ୍ରକାର ଚୈତନ୍ୟର ଆଭାସ ମିଳେ । ଆତ୍ମା ସ୍ୱୟଂ ଜ୍ଞାତା ଓ ଜ୍ଞାନର ସ୍ୱରୂପ । ପଞ୍ଚକୋଷାତୀତ ଚୈତନ୍ୟର ନାମ ଆତ୍ମା । ଚିତ୍ତଦର୍ପଣରେ ଏହାର ପ୍ରତିବିମ୍ବ ପତିତ ହେଲେ ତାହାକୁ ଆତ୍ମଦର୍ଶନ କୁହାଯାଏ ।

(୭୯୭) ଚୈତନ୍ୟର ତ୍ରିବିଧ ଅବସ୍ଥା : ସ୍ଥୁଳଦେହ ବା ଅନ୍ନମୟ କୋଷାଧିଷ୍ଠିତ ଚୈତନ୍ୟର ନାମ ବୈଶ୍ୱାନର ଚୈତନ୍ୟ ବା ଜୀବ, ମନ ଓ ପ୍ରାଣମୟ କୋଷାଧିଷ୍ଠିତ ସୂକ୍ଷ୍ମଦେହାବଚ୍ଛିନ୍ନ ଚୈତନ୍ୟର ନାମ ତୈଜସ ଚୈତନ୍ୟ ବା ମନୋମୟ କୋଷ । ଜ୍ଞାନ ଓ ଆନନ୍ଦମୟ କାରଣଦେହସ୍ଥ ଚୈତନ୍ୟର ନାମ ପ୍ରଜ୍ଞା । ତେଣୁ ପ୍ରଜ୍ଞାଦ୍ୱାରା ଜ୍ଞାନ ଅନୁଭୂତ ହୁଏ ।

(୭୯୮) ସ୍ୱଭାବର ଶକ୍ତି : ଜ୍ଞାନର ବିଷୟ ଶ୍ରବଣ କରି ସେହି ଜ୍ଞାନକୁ ଜୀବନର ଦୈନନ୍ଦିନ କର୍ମରେ ପରିଣତ କରିବା ହିଁ ଧର୍ମ ଲାଭର ପ୍ରଧାନ ସାଧନ; ଅନ୍ୟଥା, କର୍ମହୀନ ଜ୍ଞାନଦ୍ୱାରା କେବେହେଲେ ମୋକ୍ଷ ଲାଭ ହୁଏ ନାହିଁ । ଶାସ୍ତ୍ରବାକ୍ୟ ଶ୍ରବଣ, ମନନ, ପଠନ ଓ କୀର୍ତ୍ତନଫଳରେ ଅନ୍ତରରେ ଯେଉଁ ଜ୍ଞାନ ଲାଭ ହୁଏ, ତାହା ପ୍ରଥମେ କାର୍ଯ୍ୟକାରୀ ଶକ୍ତିବିହୀନ (Unpractical) ହୋଇଥାଏ । ଏହି ଜ୍ଞାନ କେବଳ ମାନସିକ କାରଣ-ଦେହର ସୁସ୍ଥତା ଆନୟନ କରେ । ଯେ କୌଣସି କାରଣରୁ ମନ ଖରାପ ହେଲେ ସେହି ଜ୍ଞାନ ବିଲୁପ୍ତ ହୋଇଯାଏ । ଏହା କେବଳ ସଂସ୍କାର ଉତ୍ପନ୍ନ ବ୍ୟତୀତ ଅନ୍ୟ କିଛି କରିପାରେ ନାହିଁ; କିନ୍ତୁ ସେହି ଜ୍ଞାନକୁ ବାସ୍ତବ ଜୀବନର କର୍ମରେ ଅଭ୍ୟାସ କରିପାରିଲେ ବା ସାଧନାରେ ପରିଣତ କରିପାରିଲେ ଏହା କେବଳ ମନ ମଧ୍ୟରେ ନୁହେଁ—ଦେହ, ମନ, ପ୍ରାଣ, ଦଶ ଇନ୍ଦ୍ରିୟ, ବୁଦ୍ଧି, ଶକ୍ତି, ସ୍ୱଭାବ ଏବଂ ଆତ୍ମା ଉପରେ ପ୍ରଭାବ ବିସ୍ତାର ପୂର୍ବକ ସେହି ତତ୍ତ୍ୱଗୁଡ଼ିକ ଜୀବନ୍ତ ମୂର୍ତ୍ତି ଧାରଣ କରିଥାଏ ଏବଂ ଦେହାବସାନରେ ମଧ୍ୟ ସେହି

ଧର୍ମ ଦେହୀ ସଙ୍ଗରେ ଯାଏ । ଏହି କାର୍ଯ୍ୟକାରୀ ଜ୍ଞାନକୁ ଶାସ୍ତ୍ରରେ ସ୍ୱଭାବ ଶକ୍ତି କୁହାଯାଏ । ଏହି ସ୍ୱଭାବ ଶକ୍ତିର ଅନନ୍ତ ମହିମା । ଏହି ଶକ୍ତି ସଦ୍‌ଗୁରୁ ଏବଂ ଇଷ୍ଟଦେବତାଙ୍କ ମୂର୍ତ୍ତିରେ ସାଧକଙ୍କୁ ଦର୍ଶନ ଦାନ କରି ଆତ୍ମଜ୍ଞାନ ପ୍ରଦାନପୂର୍ବକ କୃତାର୍ଥ କରିଥାନ୍ତି । ତେଣୁ କେବଳ ଜ୍ଞାନାଲୋଚନା ନୁହେଁ; ହୃଦୟକୁ ଉଦାର କରି କର୍ମଦ୍ୱାରା ତାହାକୁ ଅଭ୍ୟାସ କରିବାର ନାମ ଶକ୍ତିସାଧନା ।

(୭୯୯) ସ୍ୱାଭାବିକ ସାଧନା : ଜ୍ଞାନାଲୋଚନା କରିବା ସଙ୍ଗେ ସଙ୍ଗେ ହୃଦୟକୁ ପ୍ରଶସ୍ତ ବା ଉଦାର କରିବାକୁ ହେବ ଏବଂ କର୍ମଶକ୍ତିର ବିକାଶ କରି ସତ୍ୟ, ଅହିଂସା, ଦୟା, ନିଷ୍କାମତା, ନିଃସ୍ୱାର୍ଥ ପରୋପକାର ଓ ଦାନ, ସେବା ପ୍ରଭୃତି ସତ୍‌କର୍ମର ମହତ୍ତ୍ୱ ହୃଦୟଙ୍ଗମ କରିବାକୁ ହେବ । କେବଳ ଏହିସବୁ ସତ୍‌କର୍ମର ମହତ୍ତ୍ୱ ଜାଣିଲେ ହେବ ନାହିଁ, ଏଗୁଡ଼ିକ ଜୀବନରେ ଅନୁଶୀଳନ କରିବାନିମିତ୍ତ ସତ୍‌ସଙ୍ଗରେ ଯୋଗଦାନ କରିବାକୁ ହେବ ଏବଂ ଏଗୁଡ଼ିକୁ ଜୀବନର ବାସ୍ତବ କ୍ଷେତ୍ରରେ ଅଭ୍ୟାସ କରିବାକୁ ପଡ଼ିବ । ଏଥିରେ ଅବହେଳା କଲେ ଚଳିବ ନାହିଁ । ଏହି ସଦ୍‌ବୃତ୍ତିଗୁଡ଼ିକ ସୁଖସ୍ୱରୂପ ଭଗବାନଙ୍କର ହସ୍ତପଦ ପ୍ରଭୃତି ବିଭିନ୍ନ ଅବୟବ ସଦୃଶ । ଯେଉଁମାନେ ଉପରୋକ୍ତ ସଦ୍‌ବୃତ୍ତିଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରିପାରନ୍ତି ଏବଂ ସେଗୁଡ଼ିକୁ ନିଜ ସ୍ୱଭାବସହିତ ମିଶାଇପାରନ୍ତି, ଭଗବାନ ସେହି ସାଧକମାନଙ୍କ ନିକଟରେ ଆତ୍ମପ୍ରକାଶ କରିଥାନ୍ତି । ସେ ସାକ୍ଷାତ ଦର୍ଶନ ଦାନ ନ କରି କେବେହେଲେ ଗୁପ୍ତ ବା ଅପ୍ରକାଶିତ ରହିପାରନ୍ତି ନାହିଁ ।

(୮୦୦) ଜନ୍ମମୃତ୍ୟୁ ତତ୍ତ୍ୱ : ଜୀବର ଜନ୍ମ ଥରେ ହୁଏ, ମୃତ୍ୟୁ ମଧ୍ୟ ଥରେ ହୁଏ । ଜୀବର ସ୍ଥୂଳ, ସୂକ୍ଷ୍ମ, କାରଣଦେହ ବା ତ୍ରିଦେହର ବିନାଶ ହିଁ ଜୀବର ପ୍ରକୃତ ମୃତ୍ୟୁପଦବାଚ୍ୟ । ଜୀବର ତ୍ରିବିଧ ଦେହ ନାଶ ହୋଇ ସ୍ୱରୂପରେ ଅବସ୍ଥାନ କରିବା ହିଁ ପ୍ରକୃତ ଜୀବଭାବର ବିନାଶ ବା ଅହଂତ୍ୱର ମୃତ୍ୟୁ । ମାତୃଗର୍ଭରୁ ଜନ୍ମ ଏବଂ ସ୍ଥୂଳଦେହନାଶକୁ ଜନ୍ମମୃତ୍ୟୁ କୁହାଯାଏ ନାହିଁ । ଭୂମିଷ୍ଠ ହେବାପୂର୍ବରୁ ଜୀବର ଦେହ, ମନ, ପ୍ରାଣ, ପ୍ରକୃତି, କର୍ମଫଳ ଏବଂ ବୈଶିଷ୍ଟ୍ୟ ବିଦ୍ୟମାନ ଥାଏ । ପୁଣି ସ୍ଥୂଳଦେହର ଅବସାନରେ ମଧ୍ୟ ତାହା ନାଶ ହୁଏ ନାହିଁ । ପ୍ରଚଳିତ ଭାଷାରେ ଦେହନାଶକୁ ଯେଉଁ ମୃତ୍ୟୁ କହନ୍ତି, ତାହା ମୃତ୍ୟୁ ନୁହେଁ; ତାହା ଅବସ୍ଥାନ୍ତର, ଲୋକାନ୍ତର ବା ଦେହାନ୍ତର ମାତ୍ର । ଏହି ପଞ୍ଚଭୌତିକ ଦେହଯନ୍ତ୍ରଟି ମନ-ବୁଦ୍ଧି-ଇନ୍ଦ୍ରିୟ-ବିଶିଷ୍ଟ ଜୀବର ନିବାସଯୋଗ୍ୟ ନ ହେଲେ ଜୀବ ଏହି ଯନ୍ତ୍ର ବା ଗୃହ ପରିତ୍ୟାଗ କରି

ଅନ୍ୟ ଗୋଟିଏ ଦେହ ବା ଯନ୍ତ୍ର ଆଶ୍ରୟ କରେ । ସ୍ଥୁଳ ଦେହର ଅବସାନପରେ ଜୀବର ଧର୍ମାଧର୍ମ, କର୍ମଫଳ, ଅଦୃଷ୍ଟ, ମନ, ବୁଦ୍ଧି, ସୂକ୍ଷ୍ମ-ଭୂତପଞ୍ଚକ, ଦଶ ଇନ୍ଦ୍ରିୟବର୍ଗ, ସମସ୍ତ ସୂକ୍ଷ୍ମଦେହରେ ବିରାଜିତ ଥାଏ । ଏହି ନିଃସଙ୍ଗ ଦେହ ପରଲୋକ ଭୋଗ କରେ । ତେଣୁ ସ୍ଥୁଳଦେହର ଅବସାନକୁ ମୃତ୍ୟୁ କୁହାଯାଏ ନାହିଁ ।

(୮୦୧) ପିତୃଯାନ ମାର୍ଗ : ଜୀବ ସ୍ଥୁଳଦେହର ଅବସାନ ପରେ ନିଜ କର୍ମ, ଜ୍ଞାନ, ମନ ଓ ଇନ୍ଦ୍ରିୟକୁ ସଙ୍ଗରେ ନେଇ ସୂକ୍ଷ୍ମ ଦେହରେ ଆତ୍ମବିସ୍ମୃତ ହୋଇ ପ୍ରଥମେ ଭୁବର୍ଲୋକର କଷ୍ଟ ଭୋଗ କରିବା ପରେ ସ୍ୱର୍ଲୋକରେ ପୁଣ୍ୟ ଫଳ ଭୋଗ କରେ । ପୁଣ୍ୟଫଳ ଭୋଗ ଶେଷରେ ପୁନରାୟ କାମଭୋଗନିମିତ୍ତ ଏହି ଭୂଲୋକରେ ଜନ୍ମଗ୍ରହଣ କରେ । ଏହାକୁ ପିତୃଯାନ କୁହାଯାଏ । ବିଷୟାସକ୍ତ ଜୀବର ମନ ପ୍ରାଣ ମାନବ-ଦେହର ବାମପଦାଙ୍ଗୁଷ୍ଠଠାରୁ ମସ୍ତକ ପର୍ଯ୍ୟନ୍ତ ବିସ୍ତୃତ ଇଡ଼ାନାମ୍ନୀ ଚନ୍ଦ୍ରଗୁଣାତ୍ମିକା ନାଡ଼ୀକୁ ଆଶ୍ରୟ କରି ଏହି ପିତୃଯାନ ଗତି ପ୍ରାପ୍ତ ହୁଏ ।

(୮୦୨) ଦେବଯାନ ମାର୍ଗ : ସତ୍ୟପଥ ବା ନିବୃତ୍ତିପଥର ସାଧକମାନେ ଅର୍ଥାତ ଯେଉଁମାନେ ସତ୍‌ସଙ୍ଗରେ ରହି ସଦ୍‌ବୃତ୍ତିର ସକ୍ରିୟ ଅନୁଶୀଳନ କରନ୍ତି, ସେମାନଙ୍କ ମନ ପିଙ୍ଗଳାନାଡ଼ୀରେ ଆବଦ୍ଧ ଥିବାରୁ ସୋମାନେ ସେହି ପଥକୁ ଆଶ୍ରୟ କରି ଯେଉଁ ଗତି କରନ୍ତି, ସେହି ମାର୍ଗକୁ ଦେବଯାନ ମାର୍ଗ କୁହାଯାଏ । ସତ୍ୟପଥର ସାଧକମାନେ ଅର୍ଥାତ୍ ଯେଉଁମାନେ ସଦ୍‌ଗୁରୁ-ଚରଣାଶ୍ରିତ, ସେମାନେ ଏହି ଯାନପଥରେ ଗମନ କରିଥାନ୍ତି । ସେମାନେ ପରମସୁଖରେ ଅବସ୍ଥାନ କଲେ ସୁଦ୍ଧା ସେମାନଙ୍କ ଜୀବତ୍ୱ ବା ଅହଂତ୍ୱର ବିନାଶ ହୁଏ ନାହିଁ । ତେଣୁ ସେମାନେ ପୁଣ୍ୟକ୍ଷୟ ପରେ ପୁନରାୟ ଜନ୍ମ ଗ୍ରହଣ କରିବାକୁ ବାଧ୍ୟ ହୁଅନ୍ତି ।

(୮୦୩) ବ୍ରହ୍ମଯାନ ମାର୍ଗ : ଯେଉଁ ସାଧକମାନେ ଦେବଯାନ ଓ ପିତୃଯାନ ମାର୍ଗ ପରିତ୍ୟାପୂର୍ବକ ଇଡ଼ା ଓ ପିଙ୍ଗଳା ନାଡ଼ୀ ପଥ ପରିତ୍ୟାଗ କରି ସୁଷୁମ୍ନା ନାଡ଼ୀ ଅନ୍ତର୍ଗତ ବ୍ରହ୍ମନାଡ଼ୀରେ ଅବସ୍ଥିତ ଭଗବତ୍ ଚରଣାରବିନ୍ଦ ଆଶ୍ରୟପୂର୍ବକ ଷଟ୍‌ଚକ୍ର ଭେଦ କରି ପରମାତ୍ମାଙ୍କ ସହ ସମ୍ମିଳିତ ହୋଇଥାନ୍ତି, ସେମାନେ ସବୁପ୍ରକାର ସୁଖଦୁଃଖାତୀତ ଅଖଣ୍ଡ ଆନନ୍ଦସ୍ୱରୂପ ଲାଭ କରି ଧନ୍ୟ ହୁଅନ୍ତି । ତେଣୁ ସାଧକମାନେ ପ୍ରଥମେ ଶୁଦ୍ଧାଚାର ପଥ ଅବଲମ୍ବନପୂର୍ବକ ଅସଦ୍‌ବୃତ୍ତିର ସଂଯମ କରିବା ଆବଶ୍ୟକ । ଏହାପରେ ସାଧକମାନେ ସତ୍ତ୍ୱଗୁଣ ଅଭ୍ୟାସ କରି ସଦ୍‌ବୃତ୍ତିର ଅନୁଶୀଳନପୂର୍ବକ ସେହି ଉଭୟ ବୃତ୍ତିକୁ ଭଗବତ୍‌ମୁଖୀ କରିବା ବିଧେୟ । ଏପରି କରିପାରିଲେ

ସାଧକମାନେ ବ୍ରହ୍ମଯାନ ମାର୍ଗରେ ଗମନ କରିପାରିବେ । ଭକ୍ତିପଥରେ ଗମନ କରି ସେହି ଭକ୍ତିକୁ କର୍ମରେ ପରିଣତ କଲେ ଜ୍ଞାନଲାଭ ହୋଇ ବ୍ରହ୍ମମାର୍ଗ ପରିଷ୍କାର ହେବ । ଯେଉଁ ସାଧକମାନେ ଏହି ସ୍ଥୁଳ ଦେହରେ ଥାଇ ବ୍ରହ୍ମମାର୍ଗରେ ଗମନ କରିବାକୁ ଅଭ୍ୟାସ କରନ୍ତି, ସେହିମାନେ ହିଁ ଜୀବନ୍ମୁକ୍ତ ଏବଂ ସେହିମାନେ ହିଁ ପରେ ନିର୍ବାଣମୁକ୍ତି ଲାଭ କରିଥାନ୍ତି ।

(୮୦୪) ନିବୃତ୍ତିପଥ : ଚିତ୍ତବୃତ୍ତିଗୁଡ଼ିକୁ ଅର୍ଥାତ୍ ଅଗଣ୍ୟ ପ୍ରବୃତ୍ତିସମୂହକୁ କ୍ରମେ ପ୍ରଶାନ୍ତ, ସ୍ଥିର, ଦମିତ ଓ ସଂଯତ କରିବାର ନାମ ନିବୃତ୍ତି । ନିବୃତ୍ତି ବ୍ୟତୀତ ସାଧନା ହୁଏ ନାହିଁ ।

(୮୦୫) ପ୍ରବୃତ୍ତି ପଥ : କାମାଦି ଷଡ଼ରିପୁ, ସକାମ ଇନ୍ଦ୍ରିୟ ସୁଖକର କର୍ମ, ସକାମ ଭାବ ଓ ରାଗଦ୍ୱେଷାଦି ଭାବ ପ୍ରବୃତ୍ତିପଥର ଅନ୍ତର୍ଗତ ।

(୮୦୬) ସାଧନାର ଲକ୍ଷ୍ୟ : ନିବୃତ୍ତି ବା ନିରୋଧ ହିଁ ସମସ୍ତ ସାଧନମାର୍ଗର ଲକ୍ଷ୍ୟ । ପ୍ରବୃତ୍ତିଭାବ ସ୍ୱାଭାବିକ । ଇନ୍ଦ୍ରିୟମାନେ ଆତ୍ମାର ଆବରଣୀ ଶକ୍ତି । ତେଣୁ ପ୍ରବୃତ୍ତି ବା ବାସନାଦ୍ୱାରା ସାଧନାର କ୍ଷତି ହୁଏ । ଆତ୍ମାର ସ୍ୱତଃସିଦ୍ଧ ଶକ୍ତି ବା ଆନନ୍ଦକୁ ଅହଂଜ୍ଞାନ ଆଚ୍ଛନ୍ନ କରି ରଖିଛି । ଏହି ଅହଂତ୍ୱର ବିନାଶ ହିଁ ସାଧନାର ଲକ୍ଷ୍ୟ । ପ୍ରବୃତ୍ତିର ସଂଯମ ଏବଂ ନିବୃତ୍ତି ବା ସଦ୍‌ବୃତ୍ତିର ଅନୁଶୀଳନ ଫଳରେ ମାନବର ମନ ବୁଦ୍ଧି ବା ଅହଂ ବିନାଶପ୍ରାପ୍ତ ହେଲେ ମେଘବିମୁକ୍ତ ସୂର୍ଯ୍ୟପରି ଆତ୍ମଜ୍ଞାନ ସ୍ୱତଃ ପ୍ରକାଶିତ ହୁଏ । ଫଳରେ ସାଧକ ଏହି ଜଗତରେ, ଏହି ସ୍ଥୁଳଦେହରେ ଥାଇ ମଧ୍ୟ ପୂର୍ଣ୍ଣଶାନ୍ତି, ପୂର୍ଣ୍ଣ ଆନନ୍ଦ ଓ ପୂର୍ଣ୍ଣ ଶକ୍ତିଲାଭ କରି ଧନ୍ୟ ହୁଅନ୍ତି । ଏତିକିରେ ସଂଶୟରୂପ ଅନ୍ଧକାର ବିନଷ୍ଟ ହୁଏ । ପାପବନ୍ଧନ, ଦୁଃଖ ଓ କର୍ମଫଳ ନଷ୍ଟ ହୁଏ । ଏହା ହିଁ ମାନବର ବନ୍ଧନଦଶାରୁ ମୁକ୍ତି । ଆତ୍ମା ହିଁ ସୂର୍ଯ୍ୟ; ଚିତ୍ତ ମେଘସ୍ୱରୂପ ଏବଂ ସାଧନା ହିଁ ବାୟୁସ୍ୱରୂପ । ତେଣୁ ସାଧନାର ଲକ୍ଷ୍ୟ ଅହଂତ୍ୱର ବିନାଶ ।

(୮୦୭) ସଂସ୍କାର ଶକ୍ତି : ମାନବର ମନ ତାହାର ପ୍ରବୃତ୍ତି ବା ବାସନା ଶକ୍ତିର କେନ୍ଦ୍ର, ବୁଦ୍ଧି ହିଁ ଚିନ୍ତା ବା ବିରାଗ ଶକ୍ତିର କେନ୍ଦ୍ର ଏବଂ ଚିତ୍ତ ସଂସ୍କାର ବା ଜ୍ଞାନଶକ୍ତିର କେନ୍ଦ୍ର । ବାହ୍ୟଜଗତର ଜ୍ଞାନ-ତରଙ୍ଗ ଇନ୍ଦ୍ରିୟଦ୍ୱାର ଦେଇ ଚିତ୍ତକ୍ଷେତ୍ରରେ ପ୍ରବେଶକରି ସେଥିରେ ବିଚିତ୍ର ସଙ୍କେତମାନ ଅଙ୍କନ କରିଥାଏ । ଏହାର ନାମ ବିଜ୍ଞାନ ବା ସଂସ୍କାର । ତତ୍ପରେ ଚିତ୍ତକ୍ଷେତ୍ରରେ ଏହି ଜ୍ଞାନ ସ୍ଥିରଭାବ

ଧାରଣ କରି ବୁଦ୍ଧି, ବିବେକ ଓ ବିଚାର ଶକ୍ତିସାହାଯ୍ୟରେ ଚିନ୍ତା ବା ଅନୁଭୂତି ଉତ୍ପାଦନ କରେ । ଏହାର ନାମ ଅନୁଭୂତି ବା feeling । ଏହାପରେ ମନ ଇଚ୍ଛା ଶକ୍ତିଦ୍ୱାରା ଇନ୍ଦ୍ରିୟମାନଙ୍କ କ୍ରିୟାଶକ୍ତି ଉତ୍ପାଦନକରେ ଏବଂ ତାହା ବହିର୍ଜ୍ଜଗତରେ ପ୍ରକାଶିତ ହୋଇ କ୍ରମେ willing, Thinking, knowing and action ବା ଇଚ୍ଛା, ଜ୍ଞାନ ଓ କ୍ରିୟା—ମନର ଏହି ତ୍ରିବିଧ ଶକ୍ତିରେ ରୂପାନ୍ତରିତ ହୋଇଥାଏ । ଏହାକୁ ଜ୍ଞାନଶକ୍ତି କୁହାଯାଏ ।

(୮୦୮) ମନସଂଯମ : ପ୍ରତ୍ୟେକ ସାଧକଙ୍କୁ ପ୍ରଥମେ ମନସଂଯମ ଅଭ୍ୟାସ କରିବାକୁ ପଡ଼େ । ମନସଂଯମ ଦୁଇ ପ୍ରକାର । ସାଧାରଣଭାବରେ ମନସଂଯମ ଅର୍ଥ କାମାଦି ରିପୁମାନଙ୍କୁ ସଂଯତ ବା ବଶୀଭୂତ କରିବା ଓ ପ୍ରବୃତ୍ତି ବା ବାସନା ସଂଯତ କରିବାକୁ ବୁଝାଇଥାଏ । ଇନ୍ଦ୍ରିୟଦମନ ମଧ୍ୟ ଏହାର ଅନ୍ତର୍ଗତ । ସାଧାରଣ ସଂସାରୀଙ୍କ ପକ୍ଷରେ ଏତିକି ଯଥେଷ୍ଟ; କିନ୍ତୁ ସାଧକଙ୍କପକ୍ଷରେ ଅସଦ୍‌ବୃତ୍ତିକୁ ପ୍ରଥମେ ସଂଯତ କରି ପରେ ସେହି ଶକ୍ତିରୁ ଜାତ ଇଚ୍ଛାଶକ୍ତି, ଚିନ୍ତାଶକ୍ତି, ଅନୁଭବଶକ୍ତି ଏବଂ ଜ୍ଞାନଶକ୍ତି ପ୍ରଭୃତି ବିବିଧ ଶକ୍ତିକୁ ଦୃଢ଼ୀଭୂତ ଓ ଏକାଗ୍ର କରି ପରେ ଆତ୍ମା ବା ଭଗବାନଙ୍କଠାରେ ନିରୁଦ୍ଧ କରିପାରିଲେ ପ୍ରକୃତପକ୍ଷରେ ମାନସଂଯମ ସାଧିତ ହେବ । ଏହି ସଂଯମଫଳରେ ମନ ଆତ୍ମାରେ ପରିଣତ ହୋଇଯିବ । ସେହି ଆତ୍ମା ପରମାତ୍ମାଙ୍କୁ ଦର୍ଶନ କରିବାକୁ ସମର୍ଥ ହେବ ।

(୮୦୯) ମନସଂଯମର ଶକ୍ତି : ଏତିକି ଅଭ୍ୟାସ ଗଠନ କରିପାରିଲେ ସାଧକ ବାହ୍ୟିକଭାବରେ କୌଣସି ଇନ୍ଦ୍ରିୟ କର୍ମ ନ କରି ମଧ୍ୟ କିମ୍ବା କୌଣସି ବାକ୍ୟ ବ୍ୟୟ ନ କରି ସୁଦ୍ଧା ଚିନ୍ତାଶକ୍ତିଦ୍ୱାରା ଜଗତର ବିବିଧ ପରିବର୍ତ୍ତନ କରିବାକୁ ସମର୍ଥ ହୋଇଥାନ୍ତି । ତେଣୁ ପ୍ରଥମେ ଏହି ଇଚ୍ଛା ବା ଜ୍ଞାନଶକ୍ତିକୁ ଅଭ୍ୟାସ ଓ ବୈରାଗ୍ୟ ସାହାଯ୍ୟରେ କ୍ରମେ-କ୍ରମେ ବର୍ଦ୍ଧିତ କରିବା ଆବଶ୍ୟକ ଏବଂ ପରେ ଚିତ୍ତକୁ ଯେ କୌଣସି ସତ୍, ସାଧୁ କିମ୍ବା ଆଧାତ୍ମିକ ଓ ଜନହିତକର ବିଷୟରେ ଏକାଗ୍ର ଓ ତନ୍ମୟ କରିବାପାଇଁ ଅଭ୍ୟାସ ଗଠନ କରିବାକୁ ହେବ । ବାହ୍ୟଜଗତ ଏବଂ ଅନ୍ୟ ମାନବର କୁଚିନ୍ତାର ସ୍ପନ୍ଦନଦ୍ୱାରା କେବେହେଲେ ନିଜକୁ ବିଚଳିତ କରିବା ଉଚିତ ନୁହେଁ । ତଦ୍ୱାରା ଚିତ୍ତ ଆଲୋଡ଼ିତ ଓ ଅଭିଭୂତ ହୋଇଥାଏ । ତତ୍ପରେ ଚିନ୍ତାଶକ୍ତି ସୃଷ୍ଟିକ୍ଷମ କ୍ଷମତାକୁ ଶ୍ରୀଗୁରୁଦେବଙ୍କ ନିର୍ଦ୍ଦିଷ୍ଟ ସାଧନମାର୍ଗଦ୍ୱାରା ଉନ୍ନତ ବା ବର୍ଦ୍ଧିତ କରିବାକୁ ହେବ । ସେହି ବର୍ଦ୍ଧିତ ଇଚ୍ଛାଶକ୍ତିଦ୍ୱାରା ଭୌତିକ ସୃଷ୍ଟି

କରିବାର କ୍ଷମତା ଜନ୍ମେ ଏବଂ ଆତ୍ମା ପରମାତ୍ମାଙ୍କ ସାନ୍ନିଧ ଲାଭ କରିବାକୁ ସକ୍ଷମ ହୁଏ ।

(୮୧୦) କ୍ରିୟାଯୋଗ : ତପଃ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନକୁ କ୍ରିୟାଯୋଗ କୁହାଯାଏ । କ୍ରିୟାଯୋଗ ବ୍ୟତୀତ ଯେଉଁ ଜ୍ଞାନ, ତାହା ଜ୍ଞାନପଦବାଚ୍ୟ ନୁହେଁ । କର୍ମର ଅନୁଷ୍ଠାନ ଭିନ୍ନ ଜ୍ଞାନର ମୂଲ୍ୟ କିଛିନାହିଁ । ଜ୍ଞାନପୂର୍ବକ କର୍ମାନୁଷ୍ଠାନର ନାମ କ୍ରିୟାଯୋଗ । ଶ୍ରୀଗୁରୁଦେବଙ୍କ ନିର୍ଦ୍ଦିଷ୍ଟ ନିଷ୍କାମ କର୍ମର ଅନୁଷ୍ଠାନଦ୍ୱାରା ଜ୍ଞାନ ସ୍ଥାୟୀ ହୁଏ । ଏହି ଜ୍ଞାନଲାଭନିମିତ୍ତ ନିତ୍ୟକ୍ରିୟାର ଆବଶ୍ୟକ । ଋଷି ପତଞ୍ଜଳିଙ୍କ ମତରେ କ୍ରିୟାଯୋଗ ତିନିଗୋଟି । ତପଃଦ୍ୱାରା ଶରୀର ଓ ଇନ୍ଦ୍ରିୟବର୍ଗ ଶୁଦ୍ଧଭାବ ଧାରଣ କରନ୍ତି, ସ୍ୱାଧ୍ୟାୟଦ୍ୱାରା ମନ, ଅହଙ୍କାର ଓ ବୁଦ୍ଧି ପରିମାର୍ଜିତ ହୁଏ ଏବଂ ଈଶ୍ୱରପ୍ରଣିଧାନଦ୍ୱାରା ଚିତ୍ତ ଶୁଦ୍ଧଭାବ ଧାରଣ କରେ । କ୍ରିୟାଯୋଗ ଅବଲମ୍ବନ ବ୍ୟତୀତ ସାଧନପଥରେ ଅଗ୍ରସର ହେବା ଅତିଶୟ କଠିନ । କ୍ରିୟାଯୋଗ ସାହାଯ୍ୟରେ ତ୍ରିବିଧ ଦେହ ଶୁଦ୍ଧି ଲାଭ କରେ ।

(୮୧୧) ତ୍ରିବିଧ ଦେହଶୁଦ୍ଧି : ସ୍ଥୂଳଦେହ, ସୂକ୍ଷ୍ମଦେହ ଓ କାରଣଦେହକୁ ତ୍ରିବିଧ ଦେହ କୁହାଯାଏ । ଆମେ ଯେଉଁ ଉପାଧି ବା ଉପକରଣ ନେଇ ଦେହ ଧାରଣ କରିଛୁ, ସେହି ଉପକରଣଗୁଡ଼ିକ ପରିଶୁଦ୍ଧ ନ ହେଲେ ଏହି ଦେହସ୍ଥିତି କାଳରେ ଜ୍ଞାନ ଲାଭ ହୋଇପାରିବ ନାହିଁ । ଅନ୍ନଦ୍ୱାରା ସ୍ଥୂଳଦେହ ନିର୍ମିତ ଏବଂ ପ୍ରାଣ-ମନ-ବୁଦ୍ଧି-ଦ୍ୱାରା ସୂକ୍ଷ୍ମଦେହ ନିର୍ମିତ । ଏହାକୁ ଯଥାକ୍ରମେ ପ୍ରାଣମୟ, ମନୋମୟ ଓ ବିଜ୍ଞାନମୟ କୋଷ କୁହାଯାଏ । କୋଷ ଅର୍ଥ ଆବରଣ ବା ଉପାଧି । ଅସ୍ମିତାଦ୍ୱାରା ଆନନ୍ଦମୟ କୋଷ ନିର୍ମିତ । ଏହା ହିଁ ଜୀବର କାରଣଦେହ । ଏହି ପଞ୍ଚକୋଷର ଆବରଣରୁ ମୁକ୍ତି ଲାଭ କଲେ ଜୀବାତ୍ମା ସ୍ୱୀୟ ସ୍ୱରୂପରେ ଅବସ୍ଥାନ କରେ । ବାହାରେ ଅନ୍ନମୟ କୋଷ, ତା' ମଧ୍ୟରେ ପ୍ରାଣମୟ କୋଷ, ତା' ଭିତରେ ମନୋମୟ କୋଷ ଓ ବିଜ୍ଞାନମୟ କୋଷ ଓ ସମସ୍ତଙ୍କ ଅଭ୍ୟନ୍ତରରେ ଆନନ୍ଦମୟ କୋଷ ବିଦ୍ୟମାନ । ଏହି କୋଷଗୁଡ଼ିକର ମଳିନତା ଅର୍ଥାତ୍ ବିଷୟାଭିମୁଖୀନତା ଦୂର ନ ହେଲେ ଭଗବତ୍ ଅନୁଭୂତି ପ୍ରତ୍ୟକ୍ଷଭାବରେ ଲାଭ ହୋଇପାରେ ନାହିଁ । ତେଣୁ ସ୍ଥୂଳଦେହର ସଂସ୍କାରନିମିତ୍ତ ତପଃ ଅର୍ଥାତ୍ ଆହାର ବିହାରରେ ନିୟମିତତା, କର୍ମଚେଷ୍ଟା, ଅର୍ଥାର୍ଜ୍ଜନ ପ୍ରଭୃତି ପରିଶ୍ରମଜନକ କାର୍ଯ୍ୟ ଓ ଗୁରୁନିର୍ଦ୍ଦିଷ୍ଟ ନିଷ୍କାମ କର୍ମ ସାଧନ; ସୂକ୍ଷ୍ମଦେହର ଶୁଦ୍ଧି ନିମିତ୍ତ ସ୍ୱାଧ୍ୟାୟ ଓ ଧ୍ୟାନ-

ଧାରଣା ଏବଂ କାରଣଦେହର ଶୁଦ୍ଧିନିମିତ୍ତ ଈଶ୍ୱରପ୍ରଣିଧାନ ବା ଜ୍ଞାନାଲୋଚନା ଆବଶ୍ୟକ । ସମସ୍ତଙ୍କ ନିମିତ୍ତ ଏହି ସଂସ୍କାର ସମାନଭାବରେ ଆବଶ୍ୟକ । ଏହି ସଂସ୍କାର କାର୍ଯ୍ୟ ବ୍ୟତୀତ ଆମର ତ୍ରିବିଧ ଦେହ ଅସୁସ୍ଥ ହୋଇଥାଏ । ଫଳରେ ଜୀବ ଦୁଃଖ ଭୋଗ କରେ । ଦୁର୍ବୃତ୍ତ ଇନ୍ଦ୍ରିୟ-ରୂପ ଅଶ୍ୱ ସୁଶିକ୍ଷିତ ଓ ସୁସଂସ୍କୃତ ନ ହେଲେ ସେମାନେ ଦେହ-ରଥାରୂଢ଼ ଆରୋହୀଙ୍କୁ ବିନାଶ କରି ନରକପଥକୁ ଘେନିଯାଆନ୍ତି । ଅସଂସ୍କୃତ ମନଦ୍ୱାରା ପାପଚିନ୍ତା ହୁଏ । ଅଶୁଦ୍ଧ ବୁଦ୍ଧିଦ୍ୱାରା ସର୍ବଦା ପ୍ରବୃତ୍ତିପଥକୁ ମନ ଧାବିତ ହୁଏ । ତେଣୁ କ୍ରିୟାଯୋଗଦ୍ୱାରା ତାହାର ଶୋଧନ କରିବା ଦରକାର । ଶୁଦ୍ଧ ଜୀବନରେ ଆନନ୍ଦ ଲାଭ ହୋଇଥାଏ । ଶ୍ରୀଗୁରୁଦେବଙ୍କ ଆଶ୍ରୟରେ ଏହି ସାଧନା କରିବାକୁ ହୁଏ ।

(୮୧୨) ସ୍ୱାଧ୍ୟାୟର ଫଳ : ସ୍ୱାଧ୍ୟାୟଦ୍ୱାରା ସୂକ୍ଷ୍ମଦେହର ଅର୍ଥାତ୍ ବାସନା-କାମନା ବା ପ୍ରାଣ, ମନ, ବୁଦ୍ଧିର ମଳିନତା ଦୂର ହୁଏ । ଇଷ୍ଟମନ୍ତ୍ର ଜପ ଏବଂ ଆଧ୍ୟାତ୍ମ୍ୟତତ୍ତ୍ୱମୂଳକ ଗ୍ରନ୍ଥ ପାଠ ଏବଂ ଆଲୋଚନାକୁ ସ୍ୱାଧ୍ୟାୟ କୁହାଯାଏ । ପ୍ରାଣ-ମନ-ବୁଦ୍ଧିର ଗତି ସର୍ବଦା ବାହ୍ୟବିଷୟପ୍ରତି ଧାବିତ । ବିଷୟାସକ୍ତି ହିଁ ମଳିନତା । ବିଷୟ ବିଷସ୍ୱରୂପ । ଏହି ଆସକ୍ତି ତ୍ୟାଗନିମିତ୍ତ ମନକୁ ଆଉ ଗୋଟିଏ ଆସକ୍ତିମୂଳକ ଦ୍ରବ୍ୟ ଦେବାକୁ ହେବ । ଭଗବାନଙ୍କ ପ୍ରତି ମନ ସ୍ୱତଃ ଧାବିତ ହେଲେ ମନର ଏହି ଗତି ନିବୃତ୍ତିମୁଖୀ ହେବ । ବିଷୟ ବାହାରେ ଥାଏ । ଭଗବାନ୍ ଅନ୍ତରରେ ବିରାଜିତ । ବାହ୍ୟବିଷୟରେ ସୁଖ ଅଛି; ପୁଣି ଅନ୍ତର-ବିଷୟରେ ମଧ୍ୟ ସୁଖ ନିହିତ; କିନ୍ତୁ ବାହ୍ୟସୁଖ ଅନିତ୍ୟ ଏବଂ ଅନ୍ତର-ସୁଖ ବା ଭଗବତ୍‌ସୁଖ ନିତ୍ୟ । ଆତ୍ମାର ଏହି ମହିର୍ମୁଖୀ ଗତି ନିବାରଣ କରି ଅନ୍ତର୍ମୁଖୀ ବା ଭଗବତ୍‌ମୁଖୀ କରିବାନିମିତ୍ତ ସ୍ୱାଧ୍ୟାୟର ଆବଶ୍ୟକତା । ଧ୍ୟାନ, ଧାରଣା ଉପାସନା, ମଧ୍ୟ ସ୍ୱାଧ୍ୟାୟର ଅନ୍ତର୍ଗତ ।

(୮୧୩) ଈଶ୍ୱରପ୍ରଣିଧାନ : ଭବାନଙ୍କ ଠାରେ ସବୁକର୍ମ ସମର୍ପଣପୂର୍ବକ ନିଷ୍କାମଭାବରେ ତାଙ୍କ ଉଦ୍ଦେଶ୍ୟ ବୁଝି କର୍ମ କରିବାର ନାମ ଈଶ୍ୱରପ୍ରଣିଧାନ । ଈଶ୍ୱରଙ୍କ ବିଷୟ ଆଲୋଚନାଦ୍ୱାରା ତତ୍ତ୍ୱଜ୍ଞାନରେ ପ୍ରତିଷ୍ଠିତ ହୋଇ 'ତାଙ୍କରି ଉଦ୍ଦେଶ୍ୟରେ ସେ ଆମଭିତରେ ରହି ସମସ୍ତ କରାଉଛନ୍ତି' ଏହି ଭାବକୁ ଦୃଢ଼ ବିଶ୍ୱାସ କରି, ବାସନା ନ ରଖି କର୍ମ କରିବାର ନାମ ଈଶ୍ୱରପ୍ରଣିଧାନ । ପ୍ରାରବ୍ଧର ସଂସ୍କାରହେତୁ ଆମକୁ କର୍ମ କରିବାକୁ ହେବ । ସେହି କାର୍ଯ୍ୟଦ୍ୱାରା ସୁଖ-ଦୁଃଖ ଉଭୟ ଲାଭ ହେବ । ସେହି ସୁଖ-ଦୁଃଖ ସ୍ୱକର୍ମର ଫଳ । ବହୁ ଜନ୍ମର କର୍ମସଂସ୍କାର

ବା ଦାଗ ଆମ ଅନ୍ତରରେ ଲିପିବଦ୍ଧ ରହିଛି । ଏହି ଜୀବନରେ ପ୍ରାରବ୍ଧ ସଂସ୍କାର ଭୋଗ କରିବାକୁ ହେବ । ଫଳ-କାମନା ହିଁ ଚିତ୍ତର ସଂସ୍କାର । ବାସନାଶୂନ୍ୟ ହୋଇ ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟରେ ଯେଉଁ କର୍ମ କରାଯାଏ, ସେଥିରେ ଚିତ୍ତରେ ଅଶୁଦ୍ଧ ସଂସ୍କାର ପଡ଼େ ନାହିଁ । ତେଣୁ ସେଥିରେ ଚିତ୍ତ ଶୁଦ୍ଧ ହୋଇଥାଏ । ସୁତରାଂ, ଜ୍ଞାନଲୋଚନାଦ୍ୱାରା ତତ୍ତ୍ୱ ଅବଗତ ହୋଇ ଭଗବାନଙ୍କଠାରେ ସମସ୍ତ କର୍ମର ଫଳ ଅର୍ପଣ କରିବା ବିଧେୟ । ନିଜ ଇନ୍ଦ୍ରିୟତୃପ୍ତିନିମିତ୍ତ କର୍ମ କଲେ ତାହା ଇନ୍ଦ୍ରିୟ ବା ଅସୁରମାନେ ଭୋଗ କରନ୍ତି । ଭଗବତ୍ ପ୍ରୀତି ନିମିତ୍ତ କର୍ମ କଲେ ସେହି ଫଳ ଭଗବାନଙ୍କଠାରେ ଉପନୀତ ହୁଏ । ବିଷୟ ସୁଖ-ଦୁଃଖର କାରଣ । ତେଣୁ ସୁଖ-ଦୁଃଖ ସହ୍ୟ କରି ଭଗବତ୍ ଭାବରେ ବିଭୋର ହୋଇ କର୍ମ କରିବାକୁ ଈଶ୍ୱରପ୍ରଣିଧାନ କୁହାଯାଏ । ଏହାଦ୍ୱାରା ଚିତ୍ତ ସ୍ଥିର ଅର୍ଥାତ୍ ଶୁଦ୍ଧଭାବ ଧାରଣ କରେ । ଚିତ୍ତ ସ୍ଥିର କରିବା ହେଉଛି ଯୋଗର ମୂଳ ଉଦ୍ଦେଶ୍ୟ । ଏହି କ୍ରିୟାଯୋଗଦ୍ୱାରା ଚିତ୍ତର ଅନନ୍ତ ଶକ୍ତି ଜାଗରିତ ହୋଇଥାଏ ।

(୮୧୪) ବୁଦ୍ଧିର ମଳିନତା : ରଜୋତମଃ ହିଁ ଚିତ୍ତର ମଳିନତାସ୍ୱରୂପ । ଯୋଗଦ୍ୱାରା ସେହି ରଜଃ ଓ ତମୋଗୁଣ ବିଦୂରିତ ହେଲେ ଚିତ୍ତର ଶକ୍ତି ବାହାରେ ପ୍ରକାଶିତ ହୁଏ । ଆମର ଅନ୍ତର୍ନିହିତ ଶକ୍ତି ବୁଦ୍ଧି ରୂପରେ ପ୍ରକାଶିତ । ଶକ୍ତି ମୂଳତଃ ଏକ । ଯେଉଁ ଶକ୍ତିଦ୍ୱାରା ଆମେ ଭଲ କାର୍ଯ୍ୟ କରୁଁ, ସେହି ଶକ୍ତିରେ ହିଁ ଆମଦ୍ୱାରା ମନ୍ଦ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ତେଣୁ ଆମେ ସୁଖ-ଦୁଃଖ ଭୋଗ କରୁଁ । ଯାହାଙ୍କର ବୁଦ୍ଧି ଯେପରି, ସେ ସେହିପରି କାର୍ଯ୍ୟ କରିଥାନ୍ତି । ଯାହାଙ୍କର ବୁଦ୍ଧି ସତ୍, ତାଙ୍କର ହିତାହିତ ଜ୍ଞାନ ଥାଏ; କିନ୍ତୁ ଯାହାଙ୍କର ବୁଦ୍ଧି ରଜୋତମଃଦ୍ୱାରା ମଳିନତାପ୍ରାପ୍ତ, ତାଙ୍କ ବୁଦ୍ଧି ଅସତ୍‌ପଥକୁ ଧାବିତ ହୁଏ । ସେ ହିତାହିତ ବୁଝିପାରନ୍ତି ନାହିଁ । ପ୍ରକୃତିବଶରେ ଅବଶ ହୋଇ ନିର୍ବିଚାରଭାବରେ ସେ କାର୍ଯ୍ୟ କରିଯାନ୍ତି; ଫଳରେ ନିଜକୁ ଅଧଃପତିତ କରନ୍ତି । କ୍ରିୟାଯୋଗଦ୍ୱାରା ବୁଦ୍ଧିର ମଳିନତ୍ୱ ନଷ୍ଟ ହୁଏ; ତେଣୁ ଦୃଢ଼ ଯତ୍ନ ଓ ଅଧ୍ୟବସାୟଦ୍ୱାରା ଏହି ଯୋଗର ଅନୁଷ୍ଠାନ କରିବା ବିଧେୟ । ବୁଦ୍ଧି ଶୁଦ୍ଧ ହେଲେ ଆମେ ସମସ୍ତ ବିଷୟ ଉତ୍ତମରୂପେ ବିଚାର କରିବାର ଶକ୍ତି ଲାଭ କରୁଁ । ଏବଂ ତା' ଫଳରେ ଯେଉଁ ଶକ୍ତି ଉଦ୍‌ବୁଦ୍ଧ ହୁଏ, ସେହି ଶକ୍ତିକୁ ଉନ୍ନତିମୂଳକ କର୍ମରେ ନିୟୋଜିତ କରିଥାଉଁ । ଏହା ହିଁ ମହାଶକ୍ତିଙ୍କର ବାହ୍ୟ ସ୍ଥୂଳପୂଜା । ଶକ୍ତି ଜାଗରିତା ହେଲେ, ସେହି ଶକ୍ତିକୁ ଜନହିତକର କର୍ମରେ ନିୟୋଗ କଲେ ହିଁ ଶକ୍ତିପୂଜା ସାଧିତ ହୁଏ ।

(୮୧୫) ଶକ୍ତିପୂଜା : ବୁଦ୍ଧି ଶୁଦ୍ଧ ହେଲେ ଅନ୍ତରରେ ଯେଉଁ ଶକ୍ତିଙ୍କର ଉଦ୍‌ବୋଧନ ହେବ, ସେହି ଶକ୍ତିଙ୍କୁ ନୀଚକାର୍ଯ୍ୟରେ ପ୍ରୟୋଗ ନ କରି ସତ୍‌କାର୍ଯ୍ୟ ଅର୍ଥାତ୍ ଭଗବତ୍ କାର୍ଯ୍ୟରେ, ଶ୍ରୀଗୁରୁଦେବଙ୍କ କାର୍ଯ୍ୟରେ ପ୍ରୟୋଗ କଲେ ତାହାକୁ ଶକ୍ତିପୂଜା କୁହାଯାଏ; ଅନ୍ୟଥା ଶକ୍ତିଙ୍କର ଅବମାନନା ହୁଏ । ଯେଉଁମାନେ ତତ୍ତ୍ୱ ନ ବୁଝି ଶକ୍ତିପୂଜା କରନ୍ତି, ସେଥିରେ ପ୍ରକୃତ ଶକ୍ତିପୂଜା ହୁଏ ନାହିଁ । କ୍ରିୟାଯୋଗର ଅନୁଷ୍ଠାନ ହିଁ ଶକ୍ତିପୂଜା । ଏହାର ନିୟମିତ ଅଭ୍ୟାସ କଲେ ମାନବ ଶକ୍ତିଶାଳୀ ହୁଏ । ଅବିଦ୍ୟା-ମାଳିନ୍ୟ ଥିଲେ ମହାବିଦ୍ୟାଙ୍କର ପୂଜା ହୁଏ ନାହିଁ ।

(୮୧୬) ଅବିଦ୍ୟା-ମାଳିନ୍ୟ : (୧) ପ୍ରସୁପ୍ତ, (୨) ତନୁ, (୩) ବିଚ୍ଛିନ୍ନ, (୪) ଉଦାର ଅବିଦ୍ୟାର ଏହି ଚତୁର୍ବିଧ କ୍ଷେତ୍ର । ଏହି ଚତୁର୍ବିଧ ଅବସ୍ଥାରେ କ୍ଳେଶ ବିଦ୍ୟମାନ ।

(୮୧୭) ପ୍ରସୁପ୍ତ ଅବସ୍ଥା : ପ୍ରସୁପ୍ତ ଅବସ୍ଥାର ଅର୍ଥ ନିଦ୍ରିତ ଅବସ୍ଥା । ନିଦ୍ରିତାବସ୍ଥାରେ ମଧ୍ୟ ଅବିଦ୍ୟା ବା ଅଜ୍ଞାନହେତୁ କ୍ଳେଶ ଅନୁଭୂତ ହୁଏ । ନିଦ୍ରିତାବସ୍ଥାରେ କ୍ଳେଶର ସଂସ୍କାର ମଧ୍ୟ ଥାଏ । ଜାଗ୍ରତ ହେଲେ ଉଦାର ଅବସ୍ଥା ଲାଭ ହୁଏ । ପ୍ରସୁପ୍ତ ଅବସ୍ଥାରେ କ୍ଳେଶ ମଧ୍ୟ ସୁପ୍ତ ଥାଏ । ଜାଗ୍ରତ ଅବସ୍ଥାରେ ତାହା କ୍ଳେଶ ଦାନ କରେ; କିନ୍ତୁ ଜ୍ଞାନ ଆଲୋଚନାପରେ କ୍ରିୟାଯୋଗଦ୍ୱାରା ସେହି ପ୍ରସୁପ୍ତ କ୍ଳେଶର ସଂସ୍କାର ଦଗ୍ଧ ହୋଇଥାଏ । ଫଳରେ କ୍ଳେଶର ଉତ୍ପତ୍ତି ହୁଏ ନାହିଁ । ତେଣୁ ମୁକ୍ତପୁରୁଷମାନଙ୍କ ନିକଟରେ ଜାଗତିକ କ୍ଳେଶ ଉପସ୍ଥିତ ହେଲେ ମଧ୍ୟ ସେମାନେ ସେଥିରେ ବିଚଳିତ ହୁଅନ୍ତି ନାହିଁ । ସେହିମାନେ ହିଁ ବିଷୟମଧ୍ୟରେ ନିର୍ଲିପ୍ତ ରହିପାରନ୍ତି । ପ୍ରସୁପ୍ତ ଅବସ୍ଥା କ୍ଳେଶ-ଉତ୍ତେଜକ କାରଣ ପାଇଲେ ଜାଗରିତ ହୁଏ ଏବଂ ଜ୍ଞାନାଗ୍ନିଦ୍ୱାରା ଓ କ୍ରିୟାଯୋଗ ସାହାଯ୍ୟରେ ଦଗ୍ଧବୀଜହେତୁ କାରଣ ଉପସ୍ଥିତିରେ ମଧ୍ୟ ତାହା କ୍ଳେଶ ଦାନ କରିପାରେ ନାହିଁ ।

(୮୧୮) ତନୁ ଅବସ୍ଥା : ସାଧନର ପ୍ରାରମ୍ଭିକ ଅବସ୍ଥାରେ ଅବିଦ୍ୟାଜନିତ କ୍ଳେଶ ବୃତ୍ତିଗୁଡ଼ିକ କ୍ଷୀଣ ହୋଇଯାଏ, ଏକାବେଳକେ ମରିଯାଏ ନାହିଁ । ଫଳରେ ତାହା ପ୍ରବଳଭାବରେ କାର୍ଯ୍ୟ କରେ ନାହିଁ । ଉତ୍ତେଜକ କାରଣ ପାଇଲେ ପୁଣି ଜାଗ୍ରତ ହୁଏ । ସେଥିପାଇଁ ପ୍ରାରମ୍ଭିକ ସାଧକମାନେ ପ୍ରତିକୂଳ କ୍ଷେତ୍ର ବର୍ଜ୍ଜନ କରି କ୍ରିୟାଯୋଗ ଅଭ୍ୟାସ କରିବାପାଇଁ ଯତ୍ନବାନ୍ ହେବା ବିଧେୟ ।

(୮୧୯) ବିଚ୍ଛିନ୍ନାବସ୍ଥା : ଆମ ଚିତ୍ତରେ କାମ, ଲୋଭ, କ୍ରୋଧ, ଦ୍ୱେଷ,

ରାଗ, କ୍ଷମା, ଦୟା ପ୍ରଭୃତି ଶୁଭ ଓ ଅଶୁଭ ବୃତ୍ତିର ସଂସ୍କାର ଅଛି । କିନ୍ତୁ ଏକ ସମୟରେ ଶୁଭ-ଅଶୁଭ ଦୁଇଟିଯାକ ସଂସ୍କାର କାର୍ଯ୍ୟକାରୀ ହୁଏ ନାହିଁ । ଯେତେବେଳେ ରାଗ-ସଂସ୍କାର କାର୍ଯ୍ୟ କରେ, ସେତେବେଳେ ଦ୍ୱେଷ ସଂସ୍କାର ବିଚ୍ଛିନ୍ନ ଥାଏ । ପୁଣି ଯେତେବେଳେ ଦ୍ୱେଷ-ସଂସ୍କାରର ଉଦୟ ହୁଏ, ସେତେବେଳେ ରାଗ ଚାଲିଯାଏ । ଗୋଟିଏ ବୃତ୍ତି କାର୍ଯ୍ୟକାରୀ ହେବାସମୟରେ ଅନ୍ୟଟି ବିଚ୍ଛିନ୍ନ ଥାଏ । ଅନୁରାଗ ବୃତ୍ତିର ଉଦୟରେ ଆମେ ଯେଉଁ ସ୍ତ୍ରୀକୁ ପ୍ରାଣ ଅପେକ୍ଷା ଅଧିକ ସୁଖ ପାଇଥାଉଁ, ପୁଣି ସାମାନ୍ୟ କାରଣରୁ କିମ୍ବା ସ୍ତ୍ରୀକୁ ଅସତ୍‌ଚରିତ୍ରା ଦେଖିଲାମାତ୍ରେ ସେହି ସ୍ତ୍ରୀପ୍ରତି ଦ୍ୱେଷ ଭାବର ଉଦୟ ହୁଏ । ସେତେବେଳେ ତାହା ପ୍ରତି ନାନା ପ୍ରକାର ଅତ୍ୟାଚାର କରିଥାଉଁ । ଅନୁରାଗ ସମୟରେ ଦ୍ୱେଷ ସଂସ୍କାର ବିଚ୍ଛିନ୍ନ ଥାଏ । ସାଧକମାନେ ରାଗଦ୍ୱେଷ ଭାବରୁ ମୁକ୍ତ ରହି ଭଗବତ୍ ବୁଦ୍ଧିରେ ଉପସ୍ଥିତ କର୍ତ୍ତବ୍ୟ କର୍ମ କରିଯିବା ଦରକାର ।

(୮୨୦) ଅବିଦ୍ୟାବୃତ୍ତି : (୧) ଅନିତ୍ୟକୁ ନିତ୍ୟଜ୍ଞାନ,(୨) ଅଶୁଚିକୁ ଶୁଚିଜ୍ଞାନ, (୩) ଦୁଃଖକୁ ସୁଖଜ୍ଞାନ, (୪) ଅନାତ୍ମବିଷୟକୁ ଆତ୍ମଜ୍ଞାନ ବୋଲି ଧାରଣା କରିବାକୁ ଅବିଦ୍ୟା ବୃତ୍ତି କୁହାଯାଏ ।

(୮୨୧) ଅନିତ୍ୟକୁ ନିତ୍ୟଜ୍ଞାନ : ଦେହ ଅନିତ୍ୟ । ଏହା ଚିରକାଳ ରହିବ ନାହିଁ; କିନ୍ତୁ ଆମର ଧାରଣା, 'ଏହି ଦେହ ହିଁ ଆମେ' ଏବଂ ଏହା ଯେପରି ଚିରକାଳ ରହିବ । ଅବିଦ୍ୟାପ୍ରଭାବରେ ଆମେ ଏପରି ଅନ୍ଧ ଯେ, ଅତି ବୃଦ୍ଧ ମଧ୍ୟ ନିଜକୁ ଅମର ବୋଲି ଜ୍ଞାନ କରନ୍ତି ଏବଂ ଅହଙ୍କାର, ଅଭିମାନ, ବିଷୟାସକ୍ତି ଓ କାମ-କ୍ରୋଧର ବଶୀଭୂତ ହୋଇ କାର୍ଯ୍ୟ କରନ୍ତି । ଏହା ହିଁ ଅବିଦ୍ୟାର ସଂସ୍କାର ।

(୮୨୨) ଅଶୁଚିକୁ ଶୁଚିଜ୍ଞାନ : ଏହି ବାହ୍ୟଦେହ ସର୍ବଦା ଅଶୁଚିମୟ । ଏଥିରୁ ସର୍ବଦା ଅଶୁଚିକର ଗନ୍ଧ ବର୍ହିଗତ ହେଉଅଛି । ଅଥଚ ଯେଉଁମାନେ ଏହି ଦେହକୁ ନିତ୍ୟ ଓ ଶୁଚି ପବିତ୍ର ବୋଲି ଭାବି ଉପଭୋଗ କରନ୍ତି, ସେମାନେ ଅଜ୍ଞାନ ।

(୮୨୩) ଦୁଃଖକୁ ସୁଖଜ୍ଞାନ : ବିଷୟରୁ ସୁଖଭୋଗ ଇଚ୍ଛା ସବୁଦୁଃଖର ମୂଳକାରଣ । ବିଷୟ ଅର୍ଥାତ୍ ରୂପ, ରସ, ଗନ୍ଧ, ଶବ୍ଦ, ସ୍ପର୍ଶଜନିତ ସୁଖ ପ୍ରଥମେ ସୁଖକର ପ୍ରତୀୟମାନ ହୁଏ; ମାତ୍ର ପରେ ତାହା ଦୁଃଖର କାରଣ ହୁଏ । ଏହି

ବିଷୟ ଅର୍ଜନରେ ଦୁଃଖ, ରକ୍ଷଣରେ ଦୁଃଖ, କ୍ଷୟ ଓ ବ୍ୟୟରେ ମଧ୍ୟ ଦୁଃଖ । ତେଣୁ ଏହା ଦୁଃଖମୟ । ଏହି ଦୁଃଖବହୁଳ ବିଷୟକୁ ସୁଖ ମନେ କରି ସେଥିରେ ଲିପ୍ତ ରହିବା ଅବିଦ୍ୟାର କାର୍ଯ୍ୟ ।

(୮୨୪) ଅନାତ୍ମକୁ ଆତ୍ମଜ୍ଞାନ : ଦେହ, ଇନ୍ଦ୍ରିୟ, ମନ, ବୁଦ୍ଧି ପ୍ରଭୃତି ଆତ୍ମାର ଆବରକ ବୃତ୍ତିକୁ ଆତ୍ମା ବୋଲି ଜ୍ଞାନ କରିବା ଓ ତାହାର କାର୍ଯ୍ୟକୁ ନିଜ କାର୍ଯ୍ୟ ବୋଲି ଜ୍ଞାନ କରି ଦୁଃଖ ଭୋଗ କରିବା ଅଜ୍ଞାନର କାର୍ଯ୍ୟ ।

(୮୨୫) ରାଗର ତ୍ରିବିଧ ଅବସ୍ଥା : ରାଗ, ଦ୍ୱେଷ, ଅବିଦ୍ୟାର କ୍ଳେଶକର ବୃତ୍ତି । ଏହା ଚିତ୍ତର ସଂସ୍କାର । ପୂର୍ବସଂସ୍କାରବଶରୁ ପ୍ରଥମେ ଇଚ୍ଛା ଜାତ ହୁଏ । ଏହି ଇଚ୍ଛା ପ୍ରବଳ ହେଲେ ସେଥିପ୍ରତି ତୃଷ୍ଣା ଏବଂ ତୃଷ୍ଣାଦ୍ୱାରା ପୀଡ଼ିତହେତୁ ସାଧକ ସେହି ବିଷୟରେ ଲୋଭପରବଶ ହୁଅନ୍ତି । ତେଣୁ ଇଚ୍ଛା, ତୃଷ୍ଣା, ଲୋଭ ରାଗର ତ୍ରିବିଧ ଅବସ୍ଥା । ଲୋଭ-ପରବଶ ହୋଇ ସାଧକ ପାପକାର୍ଯ୍ୟ କରନ୍ତି । ତେଣୁ ଏହି ବୃତ୍ତି କଷ୍ଟଦାୟକ । ଏହି ବୃତ୍ତି ଅବିଦ୍ୟାରୁ ଜାତ । ଚିତ୍ତର ସଂସ୍କାରବଶରୁ କ୍ଳେଶ ଉତ୍ପନ୍ନ ହୁଏ । ସଂସ୍କାରରୁ ଆସକ୍ତି ଜାତ ହୁଏ । ଏହି ଆସକ୍ତି ହିଁ ଅବିଦ୍ୟାବନ୍ଧନ; ତେଣୁ ଏହା ଅଶୁଦ୍ଧିକର । ଚିତ୍ତ ହିଁ ଇଷ୍ଟଦେବତାଙ୍କ ଆସନ । ଚିତ୍ତ ପରିଷ୍କାର ହେଲେ ତାହା ଇଷ୍ଟଦେବତାଙ୍କର ବସିବାଯୋଗ୍ୟ ହୁଏ । ସେହି ଶୁଦ୍ଧଚିତ୍ତରେ ପରମାତ୍ମାଙ୍କ ପ୍ରତିବିମ୍ବ ପ୍ରତିଫଳିତ ହୁଏ । ଏହାହିଁ ଇଷ୍ଟଦର୍ଶନ । କାମନା ଥିବାପର୍ଯ୍ୟନ୍ତ ତାହା ଚିତ୍ତ । ସେହି କାମନାସ୍ରୋତ ନିବୃତ୍ତ ହେଲେ ତାହା ସତ୍ତ୍ୱ ନାମରେ ଅଭିହିତ ହୁଏ । ''ଧ୍ୟାନ ହେୟାସ୍ତଦ୍‌ବୃତ୍ତୟଃ ॥'' ତେଣୁ କର୍ମାଶୟ ଅର୍ଥାତ୍ କର୍ମର ସଂସ୍କାର ମଧ୍ୟ କ୍ଳେଶଦାୟକ ।

(୮୨୬) କର୍ମାଶୟ : କର୍ମର ଭଣ୍ଡାର ଯେଉଁ ଗୃହରେ ସଞ୍ଚିତ ଥାଏ, ସେହି ଗୃହକୁ କର୍ମାଶୟ କୁହାଯାଏ । ତୁମେ କୌଣସି ରମଣୀକୁ ମୁହୂର୍ତ୍ତକନିମିତ୍ତ ଦର୍ଶନ କଲ । ତୁମ ଚିତ୍ତରେ ସେହି ରମଣୀମୂର୍ତ୍ତିର ସଂସ୍କାର ପତିତ ହେଲା । ରମଣୀମୂର୍ତ୍ତି ତୁମ ସମ୍ମୁଖରେ ନ ଥିଲେ ମଧ୍ୟ ସେହି ମୂର୍ତ୍ତିକୁ ତୁମ ଚିତ୍ତ ଅଙ୍କିତ କରିନେଲା । ରମଣୀର ବାହ୍ୟମୂର୍ତ୍ତି ତୁମ ସମ୍ମୁଖରୁ ଅପସାରିତ ହେଲା ସତ୍ୟ; ମାତ୍ର ତୁମ ଚିତ୍ତକ୍ଷେତ୍ରରେ ତାହା ଦୃଢ଼ଭାବରେ ଅଙ୍କିତ ହୋଇରହିଲା । ଏହି ସଂସ୍କାରକୁ କର୍ମାଶୟ କୁହାଯାଏ । ବର୍ତ୍ତମାନ ବାହାରର ରମଣୀମୂର୍ତ୍ତି ତୁମର ଅନିଷ୍ଟ କରିବ ନାହିଁ; କିନ୍ତୁ ତୁମ ଚିତ୍ତରେ ଅଙ୍କିତ ଥିବା ସେହି ମୂର୍ତ୍ତି ତୁମର ଧ୍ୱଂସ ସାଧନ କରିବ;

ଚିତ୍ତକୁ ଅଶୁଦ୍ଧ କରିଦେବ। ଏହି ଅଙ୍କିତ ମୂର୍ତ୍ତି ହିଁ ତୁମର କର୍ମାଶୟ। ସେହି କର୍ମାଶୟରୁ ତୁମ ମନରେ ରମଣୀମୂର୍ତ୍ତିର ପୁନଃ ଦର୍ଶନ ଇଚ୍ଛା ବା ବାସନା ଜାଗ୍ରତ ହେବ। ସେହି ବାସନା ବା କର୍ମାଶୟ ହିଁ ତୁମର ସର୍ବନାଶ କରିବ। ବାହ୍ୟିକ ବିଷୟ ଆମର କିଛି ଅନିଷ୍ଟ କରେ ନାହିଁ। ସେହି ଆଭ୍ୟନ୍ତରୀଣ କର୍ମାଶୟ ହିଁ ଇଷ୍ଟ-ଅନିଷ୍ଟର କାରଣ ହୁଏ। ଏହି କର୍ମାଶୟ ହିଁ ଆମର କ୍ଳେଶର ମୂଳ। ଆମର କୁସଂସ୍କାର ହିଁ ଆମ କଷ୍ଟର କାରଣ। ସୁତରାଂ, ସାଧକମାନେ ଯେ କଷ୍ଟଭୋଗ କରନ୍ତି, ତାହା ସେମାନଙ୍କର କର୍ମଫଳ। ଏହାହିଁ ଅଦୃଷ୍ଟ। ଯେଉଁଗୁଡ଼ିକୁ ଆମେ ଇହଜନ୍ମକୃତ ବୋଲି ଜାଣିପାରୁ ତାହା 'ଦୃଷ୍ଟ ଜନ୍ମବେଜନୀୟ' ଏବଂ ଯାହା ଇହଜନ୍ମକୃତ ନୁହେଁ, ତାହା 'ଅଦୃଷ୍ଟ ଜନ୍ମବେଜନୀୟ' ନାମରେ ଅଭିହତ। ତେଣୁ ଆମର ସଞ୍ଚିତ କର୍ମାଶୟ ହିଁ ଆମର ଶତ୍ରୁ। ଜ୍ଞାନାଲୋଚନାଦ୍ୱାରା ଏହି ସଂସ୍କାର କ୍ଷୀଣ ହୁଏ। ସଂସାରରେ ପଞ୍ଚଯଜ୍ଞ ପାଳନଦ୍ୱାରା କର୍ମାଶୟ କ୍ଷୀଣ ହୁଏ। ସଂସାରର କର୍ତ୍ତବ୍ୟ ପ୍ରତିପାଳନ କଲେ ଅତି ଶୀଘ୍ର ପଞ୍ଜରଣରୁ ମୁକ୍ତି ମିଳେ ଏବଂ କର୍ମାଶୟ କ୍ଷୀଣ ହୁଏ।

(୮୨୭) ତ୍ରିବିଧ ପୁତ୍ରଋଣ : ପୁତ୍ର ଯେପରି ପିତା-ମାତାଙ୍କର ନିକଟରେ ଋଣୀ, ପିତା-ମାତା ମଧ୍ୟ ସେହିପରି ପୁତ୍ରଋଣରେ ଋଣୀ। ପ୍ରତ୍ୟେକ ପିତା-ମାତା ପୁତ୍ରନିକଟରେ ପୂର୍ବରୁ ଋଣୀ ଥାଆନ୍ତି। ଏହି ଜନ୍ମରେ ତୁମ ପୁତ୍ର ତୁମଠାରୁ ତା'ର ପ୍ରାପ୍ୟ ଆଦାୟ କରିବାନିମିତ୍ତ ତୁମ ନିକଟକୁ ଆଗମନ କରିଛି। ପୂର୍ବଜନ୍ମରେ ପୁତ୍ର ତୁମର ସାଧନପଥରେ ସହାୟକ ଥିଲା, ଏହି ଜନ୍ମରେ ମଧ୍ୟ ତୁମର ସହାୟକ ହେବ। ତେଣୁ ପୁତ୍ର-କନ୍ୟା ତିନି ଶ୍ରେଣୀରେ ବିଭକ୍ତ– (୧) ଋଣଦାତା ପୁତ୍ର, (୨) ମିତ୍ର ପୁତ୍ର, (୩) ଉଦାସୀନ ପୁତ୍ର। ଋଣଦାତା ପୁତ୍ର ପିତାଙ୍କ ନିକଟରୁ ତା' ପ୍ରାପ୍ୟ ଆଦାୟ କରିନିଏ; ପିତାଙ୍କୁ କିଛି ଦିଏ ନାହିଁ। ମିତ୍ର ପୁତ୍ର ପିତାଙ୍କୁ ସବୁ ବିଷୟରେ ସାହାଯ୍ୟ କରେ। ତୃତୀୟ ଶ୍ରେଣୀ ଉଦାସୀନ ପୁତ୍ର। ସେ ପିତାମାତାଙ୍କ ଭଲ-ମନ୍ଦରେ କିଛି ମାତ୍ର ସାହାଯ୍ୟ ନକରି ଉଦାସୀନ ରହେ। ଏହିଭାବରେ ପୁତ୍ର-କନ୍ୟା, ପ୍ରତିବେଶୀ, ଆତ୍ମୀୟ ସ୍ୱଜନଙ୍କସହିତ ପୂର୍ବରୁ ସମ୍ବନ୍ଧ ଅଛି। ସେମାନଙ୍କ ଋଣ ଶୋଧ ନ କଲେ ଚିତ୍ତରେ ସେହି ସଂସ୍କାରର ଦାଗ ରହିଯିବ। ତେଣୁ ଚିତ୍ତ ଶୁଦ୍ଧ ହେବ ନାହିଁ। ସୁତରାଂ, ତୁମ ଚତୁର୍ଦ୍ଦିଗରେ ଯେଉଁ ଆତ୍ମୀୟ-ସ୍ୱଜନମାନେ ଅଛନ୍ତି, ସେମାନଙ୍କ ଋଣ ଶୋଧ କରିଦେବାକୁ ହେବ। ତୁମେ କାହା ନିକଟରେ

ସେବାଋଣରେ ଋଣୀ ଥିଲେ ଶୀଘ୍ର ସେ ଋଣରୁ ମୁକ୍ତହୁଅ, କାହା ନିକଟରେ ଅର୍ଥଋଣରେ ଋଣୀ ଥିଲେ ତାଙ୍କର ସେବା କରି ସେ ଋଣରୁ ମୁକ୍ତ ହୁଅ । ଯେଉଁମାନଙ୍କ ଅନ୍ନରେ ତୁମେ ପ୍ରତିପାଳିତ, ସେମାନଙ୍କୁ ଅନ୍ନ ଦାନ କରି ସେହି ଋଣ ଶୋଧ କର । ତେଣୁ ଭଗବତ୍‌ଜ୍ଞାନରେ ସମସ୍ତଙ୍କର ସେବା କରିଗଲେ ଭଗବତ୍‌ସେବାନନ୍ଦ ଭୋଗ କରି ଧନ୍ୟହେବ । ଭାବିବ, ତୁମେ ଭଗବାନଙ୍କର ସେବକ; ତାଙ୍କରି ସେବା କରୁଅଛ । କେବେହେଲେ ସେବା କରି ଫଳ ଆଶା କରିବ ନାହିଁ । ଏପରି ଆଶା ଥିଲେ ଚିତ୍ତରେ ରାଗ-ଦ୍ୱେଷର ସଂସ୍କାର ଉତ୍ପନ୍ନ ହେବ । ସଂସ୍କାର କ୍ଷୟନିମିତ୍ତ ତୁମର ସାଧନା—ସଂସ୍କାର ସଞ୍ଚୟନିମିତ୍ତ ନୁହେଁ । ସୁତରାଂ, ଶତ୍ରୁ-ମିତ୍ରଙ୍କସହିତ ଯଥୋପଯୁକ୍ତ ବ୍ୟବହାର କର । ସେମାନଙ୍କପ୍ରତି କର୍ତ୍ତବ୍ୟ ପାଳନ କଲେ ତୁମେ ସେମାନଙ୍କ ଋଣରୁ ମୁକ୍ତ ହେବ । ତୁମର ସଂସ୍କାରଜନିତ କର୍ମ କ୍ଷୟ ହେବ । ବୃଦ୍ଧ ପିତା-ମାତାଙ୍କୁ ଅସହାୟ ଅବସ୍ଥାରେ ପକାଇ ସେମାନଙ୍କଠାରୁ ଋଣ ମୁକ୍ତ ନ ହୋଇ ସନ୍ନ୍ୟାସ ଅବଲମ୍ବନ କର ନାହିଁ । କର୍ତ୍ତବ୍ୟକର୍ମଭିତରେ ରହି ଆତ୍ମସୁଖ ଅକ୍ଷୁଣ୍ଣ ରଖି ସୁଖ-ଦୁଃଖରେ ନିର୍ବିକାର ହୋଇ କର୍ମ କଲେ ଶୀଘ୍ର ଋଣମୁକ୍ତ ହେବ । ବାହ୍ୟଜଗତ୍ ଆମ ବନ୍ଧନର କାରଣ ନୁହେଁ । ଚିତ୍ତରେ ସଞ୍ଚିତ କର୍ମସଂସ୍କାର ହିଁ ବନ୍ଧନର କାରଣ । ରାଗ-ଦ୍ୱେଷହିଁ ସଂସ୍କାରର କାରଣ । 'ବିଷୟ ମୋର', 'ଏହି ଦେହ ମୁଁ'–ଏହାର ନାମ ଅସ୍ମିତା । ସେହି କ୍ଲେଶନିବୃତ୍ତିନିମିତ୍ତ "ଏହି ସମସ୍ତ ଭଗବାନଙ୍କର; ମୁଁ ଭଗବାନଙ୍କର ନିତ୍ୟ ସେବକ"—ଏହି ଭାବ ଦୃଢ଼ଭାବରେ ପୋଷଣ କରିବା ଆବଶ୍ୟକ । ଜ୍ଞାନୀଗୁରୁଙ୍କ ସେବା କରି ଆତ୍ମଜ୍ଞାନ ଲାଭ କଲେ ଏହି ସଂସ୍କାର ଦୂର ହୋଇ ଋଣରୁ ମୁକ୍ତି ମିଳେ ।

(୮୨୮) ଦ୍ୱିବିଧ କର୍ମାଶୟ : କର୍ମାଶୟ ଦ୍ୱିବିଧ—ପୁଣ୍ୟକର୍ମାଶୟ ଓ ପାପକର୍ମାଶୟ । ତେଣୁ ବିପରୀତ ବୃତ୍ତିର ଅନୁଶୀଳନ କରି ସେହି ସଂସ୍କାରରୁ ମୁକ୍ତି ଲାଭ କରିବାକୁ ହେବ । ହିଂସାବୃତ୍ତିକୁ ଅହିଂସାଦ୍ୱାରା, ରାଗ-ଦ୍ୱେଷକୁ ଅନୁରାଗଦ୍ୱାରା, କ୍ରୋଧକୁ କ୍ଷମାଦ୍ୱାରା, କାମକୁ ପ୍ରେମଦ୍ୱାରା, ମିଥ୍ୟାକୁ ସତ୍ୟଦ୍ୱାରା ଏବଂ ଲୋଭକୁ ଦାନଦ୍ୱାରା ଜୟ କରିବା ଆବଶ୍ୟକ । ସଂସ୍କାରରୁ କାର୍ଯ୍ୟ-ଇଚ୍ଛା ଜାତ ହୁଏ । ମାନବ ନିଜ ବୃତ୍ତିର ନିବୃତ୍ତି କରିପାରିଲେ ସହଜରେ ମୁକ୍ତ ହୋଇପାରିବ । ତେଣୁ ବନ୍ଧନ ବା ମୋକ୍ଷ ସାଧକଙ୍କର ସ୍ୱ-ଇଚ୍ଛା ଉପରେ ନିର୍ଭର କରେ ।

(୮୨୯) ଚିତ୍ତପ୍ରସାଦର ଚତୁର୍ବିଧ ସାଧନ : ସୁଖୀ, ଦୁଃଖୀ, ପୁଣ୍ୟବାନ୍

ଓ ଅପୁଣ୍ୟବାନ୍ ଜୀବଙ୍କପ୍ରତି ମୈତ୍ରୀ, କରୁଣା, ମୁଦିତା ଓ ଉପେକ୍ଷାକୁ ପରିକର୍ମସାଧନ କୁହାଯାଏ । ଏହା ଅଭ୍ୟାସ କଲେ ଚିତ୍ତ ନିର୍ମଳ ହୋଇ ସ୍ଥିତିପଦ ଲାଭ କରେ ।

(୮୩୦) ଭକ୍ତ : ଯେ ଭଗବାନଙ୍କଠାରେ ଅନୁରକ୍ତ, ମୁକ୍ତ ଏବଂ ଭଗବାନଙ୍କ ନିର୍ଦ୍ଦେଶରେ ପରିଚାଳିତ ଅର୍ଥାତ୍ ଭଗବାନ ବା ଶ୍ରୀଗୁରୁଦେବ ଯାହାଙ୍କ ଉପରେ କର୍ତ୍ତୃତ୍ୱ କରନ୍ତି, ତାଙ୍କୁ ଭକ୍ତ କୁହାଯାଏ । ଈଶ୍ୱରଙ୍କଠାରେ ଅନୁରକ୍ତିର ନାମ ଭକ୍ତି । ନିତ୍ୟସତ୍ତାଙ୍କ ପ୍ରତି ଶ୍ରଦ୍ଧା ଓ ପ୍ରୀତିର ନାମ ଭକ୍ତି । ନିରବଚ୍ଛିନ୍ନଭାବରେ ଆଦର୍ଶର ସେବା କରିବାର ଯେଉଁ କର୍ମମୟ ଏକମୁଖୀ ଭାବ—ତାହାକୁ ଭକ୍ତି କୁହାଯାଏ । କର୍ମ ଓ ଚରିତ୍ରମାଧ୍ୟମରେ ଭକ୍ତି ବାହାରେ ଆତ୍ମପ୍ରକାଶ କରେ । ଭକ୍ତଙ୍କ ଚରିତ୍ରରେ ଅହଂକାର ନଥାଏ । ବରଂ ତାଙ୍କଠାରେ ସର୍ବଦା ସତ୍‌ଚିନ୍ତା, ସତ୍‌ବ୍ୟବହାର ଓ ଉଦାରତା ବିରାଜିତ ଥାଏ । ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ । ତେଣୁ ଭକ୍ତଙ୍କ ଚରିତ୍ରରେ ଭକ୍ତିର ଲକ୍ଷଣଗୁଡ଼ିକ ସ୍ୱତଃ ଫୁଟିଉଠେ । ଶ୍ରୀଗୁରୁଦେବଙ୍କ ପ୍ରତି ଏକାନ୍ତ ଅନୁରକ୍ତି ହିଁ ଭକ୍ତି । ଏହି ଭକ୍ତି କର୍ମହୀନ ନ ହୋଇ କର୍ମଶୀଳ ହେବା ଉଚିତ । ଯେ ଯାହା ପ୍ରତି ଅନୁରକ୍ତ, ସେ ତାହାଙ୍କ ନିମିତ୍ତ କିଛି କର୍ମ କରିଥାଆନ୍ତି ।

(୮୩୧) ମୁକ୍ତ : ମୁକ୍ତ ଅର୍ଥ ନିଷ୍କୃତି ନୁହେଁ । ଜୀବଜଗତର ସମସ୍ତ ତତ୍ତ୍ୱ ଓ ନିଜର ପରିଚୟ ଜାଣିବା ହିଁ ମୁକ୍ତି ।

(୮୩୨) ଅନୁରାଗ : ବିଷୟପ୍ରତି ଆସକ୍ତିହୀନ ହୋଇ ଭଗବାନଙ୍କ ପ୍ରତି ପ୍ରେମପ୍ରୀତିଭାବ ରଖିବାର ନାମ ଅନୁରାଗ । ବିଷୟପ୍ରତି ଆକର୍ଷଣ ନଷ୍ଟ ହୋଇ ଭଗବାନଙ୍କ ପ୍ରତି ଯେଉଁ ଆକର୍ଷଣ, ତାହାର ନାମ ଅନୁରାଗ । ଭଗବାନଙ୍କ ପ୍ରତି ଜୀବାତ୍ମାର ସ୍ୱାଭାବିକ ଅନୁରାଗ ଅଛି । ବିଷୟବାସନା ସେଥିରେ ବାଧା ପ୍ରଦାନ କରୁଛି । ଯେତେବେଳେ କୌଣସି ସାଧକ ପାର୍ଥିବ ବାସନା-କାମନା ପ୍ରତ୍ୟାହାର କରି ତାଙ୍କୁ ଏକନିଷ୍ଠଭାବରେ ସୁଖ ପାଆନ୍ତି, ସେତେବେଳେ ତାହାକୁ ଅନୁରାଗ କୁହାଯାଏ । ଭକ୍ତିରସ ଆସ୍ୱାଦନର ନାମ ପ୍ରେମ ।

(୮୩୩) ଶ୍ରଦ୍ଧା : କାହାରି ସଦ୍‌ଗୁଣ ଓ ସତ୍କାର୍ଯ୍ୟରେ ଯେଉଁ ଚିତ୍ତ-ପ୍ରସାଦ ଓ ଦୃଢ଼ ବିଶ୍ୱାସ, ତାହାକୁ ଶ୍ରଦ୍ଧା କୁହାଯାଏ । ଶ୍ରଦ୍ଧାପରେ ଯେଉଁ ଅନୁରକ୍ତି, ତାହାର ନାମ ଭକ୍ତି ।

(୮୩୪) ମାୟା : ମାୟା ଶବ୍ଦରେ ଦୁଇଟି ଅକ୍ଷର ଅଛି । ଗୋଟିଏ 'ମା' ଓ ଅପରଟି 'ୟା' । 'ମା' ଶବ୍ଦର ଅର୍ଥ ନିଷେଧାତ୍ମକ ଅର୍ଥାତ୍ 'ନା' 'ୟା' ଶବ୍ଦର

ଅର୍ଥ ପ୍ରାପ୍ତି ଅର୍ଥାତ୍ ଯାହା ମିଳିଲେ ମଧ୍ୟ ଅଳ୍ପ କ୍ଷଣ ସ୍ଥାୟୀ ହୁଏ କିମ୍ବା ରହେ ନାହିଁ; ତାହାକୁ ମାୟା କୁହାଯାଏ ।

(୮୩୫) ଚକ୍ରଭେଦ : ବାଷ୍ପ ଯେପରି ପ୍ରଥମେ ଜଳ ହେବାପରେ ବରଫ ଆକାର ଧାରଣ କରେ, ସେହିପରି ଶୁଦ୍ଧ ଚୈତନ୍ୟସତ୍ତା ଧୀରେ ଧୀରେ ପରିବର୍ତ୍ତିତ ହୋଇ ଏହି ଜଡ଼ରୂପ ଧାରଣ କରିଅଛନ୍ତି । ଏହି ପରିବର୍ତ୍ତନ ଅବସ୍ଥାକୁ ସ୍ତର ବା ଭୂମି କୁହାଯାଏ । ବାଷ୍ପକୁ ଯେପରି ବରଫରେ ପରିଣତ ହେବାପାଇଁ ଦୁଇଟି ପରିବର୍ତ୍ତନ ମଧ୍ୟ ଦେଇ ଆସିଛି, ଚୈତନ୍ୟସତ୍ତା ସେହିପରି ଜଡ଼ରେ ପରିଣତ ହେବାକୁ ବହୁ ପରିବର୍ତ୍ତନ ମଧ୍ୟ ଦେଇ ଆସିଛନ୍ତି । ଏହି ସ୍ତର ଗୋଟିକପରେ ଗୋଟିଏ ନୁହେଁ । ବରଫ ମଧ୍ୟରେ ହିଁ ବାଷ୍ପ ଓ ଜଳ ସୂକ୍ଷ୍ମ ଓ କାରଣ ଅବସ୍ଥାରେ ବିଦ୍ୟମାନ—ବରଫ ସ୍ଥୂଳ, ଜଳ ସୂକ୍ଷ୍ମ ଓ ବାଷ୍ପ କାରଣ ସ୍ତର । ଯେପରି ବରଫଭିତରେ ଜଳ ଓ ବାଷ୍ପ ଓତଃପ୍ରୋତଭାବରେ ଅନ୍ତର୍ନିହିତ, ସେହିପରି ଜଡ଼ମଧ୍ୟରେ ତାହାର ସୂକ୍ଷ୍ମତ୍ୱ ଓ କାରଣତ୍ୱ ଓତଃପ୍ରୋତଭାବରେ ବିଦ୍ୟମାନ ଅଛି । ସାଧନାଦ୍ୱାରା ଗୋଟିଏ ଗୋଟିଏ ସ୍ତର ବା ଅବସ୍ଥାକୁ ଅତିକ୍ରମ କରିବାର ନାମ ଚକ୍ରଭେଦ । ମାନବ ଏହି ଜଡ଼ଦେହମଧ୍ୟରେ ତାହାର ସୂକ୍ଷ୍ମ ଓ କାରଣ ଅବସ୍ଥା ଅନୁଭବ କରିପାରିବ । ଏହାକୁ ଜାଣିବାକୁ ଚକ୍ରଭେଦ ବା ସ୍ୱରୂପଜ୍ଞାନ କୁହାଯାଏ । କାରଣର ଅଭିବ୍ୟକ୍ତି ହିଁ ସୂକ୍ଷ୍ମ (Development) ଏବଂ ସୂକ୍ଷ୍ମର ଅଭିବ୍ୟକ୍ତି ହିଁ ସ୍ଥୂଳ । କାରଣରେ ଯାହା ଥାଏ, ସ୍ଥୂଳ-ସୂକ୍ଷ୍ମରେ ତାହା ରହେ । ସ୍ଥୂଳ ଜଡ଼, ସୂକ୍ଷ୍ମ ମନ ଓ କାରଣ ଚୈତନ୍ୟ । ତେଣୁ ଏହାକୁ ଶାସ୍ତ୍ରୀୟ ପରିଭାଷାରେ କୁହାଯାଏ ଦେହ, ମନ ଓ ଆତ୍ମା । ଚକ୍ର ଏହି ଜଡ଼ଦେହର ଅନ୍ତର୍ଗତ । ଏହା ମେରୁଦଣ୍ଡରେ ସୁଷୁମ୍ନା ନାଡ଼ିମଧ୍ୟରେ ଅନ୍ତର୍ନିହିତ । ଚକ୍ରଭେଦ ହେଲେ ସାକାର ଭଗବାନଙ୍କ ଦର୍ଶନ ମିଳେ ।

(୮୩୬) ସାକାର ଭଗବାନ : ବସ୍ତୁକୁ ପରିତ୍ୟାଗ କରି କେବେହେଲେ ଜ୍ଞାନଲାଭ ହୋଇପାରେ ନାହିଁ । ବେଦରେ ଭଗବାନଙ୍କୁ ବ୍ରହ୍ମ ବୋଲି କୁହାଯାଇଛି । ବ୍ରହ୍ମ ନିରାକାର, ନିର୍ଗୁଣ । ତେଣୁ ଆମ ଧାରଣାର ଅତୀତ । ସେ ପ୍ରକାର ନିରାକାର, ନିର୍ଗୁଣ ଭଗବାନ ଚିରକାଳ ବିଦ୍ୟମାନ ଥିଲେ ମଧ୍ୟ ମାନବ ତାହାଙ୍କୁ ଅନୁଭବ କରିପାରେ ନାହିଁ । ଯେଉଁ ବସ୍ତୁ ଇନ୍ଦ୍ରିୟଦ୍ୱାରା ଅନୁଭୂତ ହୋଇପାରେ, ତାହା ପାଇବାକୁ କେବେହେଲେ ଲୋଭ ଜାତ ହେବ ନାହିଁ କିମ୍ବା ବ୍ୟାକୁଳତା ଆସିବ

ନାହିଁ । ଯେଉଁ ବିଶିଷ୍ଟ ମାନବ ଗୁରୁଙ୍କ ନିକଟରେ ଆମେ ଏହି ନିରାକାର, ନିର୍ଗୁଣଙ୍କ ତତ୍ତ୍ୱ ଅବଗତ ହୋଇଥାଉଁ, ସେ ହିଁ ଆମ ନିକଟରେ ସାକାର ଭଗବାନ । ସେ ମାନବର ଇନ୍ଦ୍ରିୟଗୋଚର ହେବାନିମିତ୍ତ ନିରାକାର ହୋଇ ମଧ୍ୟ ସାକାରରେ ଆବିର୍ଭୂତ ହୋଇଛନ୍ତି । ଯାହାଙ୍କଠାରୁ ଆମେ ଭଗବାନଙ୍କ ସମ୍ବାଦ ଲାଭ କରିଥାଉଁ, ସେ ହେଉଛନ୍ତି ଆମର ସଦ୍‌ଗୁରୁ ବା ସାକାର ଭଗବାନ । ନିରାକାରତ୍ୱ ତାଙ୍କରି ଅପର ଦିଗ (Aspect) । ସେହି ସସୀମଙ୍କୁ କେନ୍ଦ୍ର କରି ତାଙ୍କର ଅସୀମତ୍ୱ ବୋଧ ଆମ ଭିତରେ ଜାଗ୍ରତ ହୋଇଉଠେ ଅର୍ଥାତ୍ ସଦ୍‌ଗୁରୁ ସସୀମ ମଧ୍ୟ ଦେଇ ଅସୀମରୂପରେ ଭଗବାନଭାବରେ ଉପଲବ୍ଧ ହୁଅନ୍ତି । ଭଗ ଅର୍ଥାତ୍ ସର୍ବବିଧ ଐଶ୍ୱର୍ଯ୍ୟ । ଏହି ସର୍ବବିଧ ଐଶ୍ୱର୍ଯ୍ୟ ଯାହାଙ୍କଠାରେ ବିଦ୍ୟମାନ, ସମସ୍ତ ଜ୍ଞାନ, ପ୍ରେମ, କର୍ମ ଯାହାଙ୍କଠାରୁ ଉତ୍ସରିତ, ଯାହାଙ୍କୁ ସୁଖ ପାଇଲେ ଜୀବର ସମସ୍ତ ବିରୋଧର ସମାଧାନ ହୁଏ, ତାଙ୍କୁ ହିଁ କୁହାଯାଏ ଭଗବାନ । ତାଙ୍କୁ ହିଁ କହନ୍ତି ସଦ୍‌ଗୁରୁ । ତେଣୁ ଜୀବନ୍ତ ସଦ୍‌ଗୁରୁଙ୍କୁ କେନ୍ଦ୍ର କରି ତାଙ୍କ ଉପଦେଶ ଅନୁସାରେ ପରିଚାଳିତ ହେଲେ ଭଗବାନଙ୍କୁ ସାକାରଭାବରେ ଉପଲବ୍ଧି କରିହୁଏ । ସାକାରଙ୍କୁ ପରିତ୍ୟାଗ କରି କେବେହେଲେ ନିରାକାର ଜ୍ଞାନ ଲାଭ କରିହୁଏ ନାହିଁ । ଯେପରି ସନ୍ଦେଶ ସାହାଯ୍ୟରେ ମିଷ୍ଟତ୍ୱ ଉପଲବ୍ଧି କରିହୁଏ, ସେହିପରି ନିରାକାର ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତାଙ୍କ ବିଶିଷ୍ଟ ସାକାରମୂର୍ତ୍ତି ଶ୍ରୀଗୁରୁଦେବଙ୍କ ଭିତରେ ହିଁ ତାହା ଉପଲବ୍ଧି କରିବାକୁ ପଡ଼େ । ତେବେ ସେହି ସଦ୍‌ଗୁରୁଙ୍କଠାରେ ପୂର୍ଣ୍ଣ ଭଗବତ୍‌ଶକ୍ତିର ବିକାଶ ଥିବା ଦରକାର । ଶ୍ରୀଗୁରୁଦେବଙ୍କ ଦେହ ନିରାକାରଙ୍କ ଦର୍ପଣସ୍ୱରୂପ । ଭଗବାନ ସଦ୍‌ଗୁରୁଙ୍କଠାରେ ପୂର୍ଣ୍ଣଭାବରେ ପ୍ରକାଶିତ । ସଦ୍‌ଗୁରୁଙ୍କ ଉପାସନା ହି ସାକାର ଭଗବାନଙ୍କ ଉପାସନା ଏବଂ ଭଗବତ୍‌ଲାଭର ଶ୍ରେଷ୍ଠ ଉପାୟ ।

(୮୩୭) ଭଗବତ୍ ଉପାସନାର ଷଡ଼୍‌ବିଧ ଅଙ୍ଗ : (୧) ସଦ୍‌ଗୁରୁଙ୍କ ପ୍ରତି ଭକ୍ତି ବିଶ୍ୱାସ, (୨) ସଦ୍‌ଗୁରୁଙ୍କ ପ୍ରଦତ୍ତ ନାମ ଜପ, (୩) ସଦ୍‌ଗୁରୁଙ୍କ ଧ୍ୟାନ, (୪) ତାଙ୍କ ସ୍ତବ ବନ୍ଦନା ଭଜନ ପ୍ରଭୃତିର ଅଭ୍ୟାସ, (୫) ସଦ୍‌ଗୁରୁଙ୍କ ସେବା, (୬) ନାମକୀର୍ତ୍ତନ ବା ତାଙ୍କ ଗୁଣର ଆଲୋଚନା ହେଉଛି ଭଗବତ୍ ଉପାସନାର ଷଡ଼ବିଧ ଅଙ୍ଗ ।

ନାମ-ଭଜନ, ନାମ-କୀର୍ତ୍ତନ ଓ ଧ୍ୟାନଫଳରେ ମସ୍ତିଷ୍କର ଶକ୍ତି ବୃଦ୍ଧି ପାଏ ।

ଧାରଣାଶକ୍ତି ବର୍ଦ୍ଧିତ ହୁଏ ଏବଂ ସ୍ନାୟୁକୋଷଗୁଡ଼ିକ ଭାବଗ୍ରହଣକ୍ଷମ (Sensitive and receptive) ହୁଅନ୍ତି । ସେଥିରେ ମନ ନିର୍ମଳ ହୁଏ । ସେଥିରେ ପ୍ରକୃତ ଜ୍ଞାନ ଉପଲବ୍ଧ ହୁଏ । ସଦ୍‌ଗୁରୁଙ୍କ ପ୍ରତି ଭକ୍ତି ବିଶ୍ୱାସ ବଢ଼େ ଏବଂ ନାମ ଓ ନାମୀ ଅଭିନ୍ନ ବୋଲି ବୋଧ ଜାତ ହୁଏ । ବିଶ୍ୱାସ ପରିପକ୍ୱ ହୁଏ ।

ଏହି ଷଡ଼ାଙ୍ଗ ମଧ୍ୟ ଦେଇ ସାଧକ ସଦ୍‌ଗୁରୁଙ୍କୁ ଭଗବାନ ବୋଲି ଉପଲବ୍ଧି କରନ୍ତି । ସଦ୍‌ଗୁରୁଙ୍କୁ ପ୍ରଥମେ ଆତ୍ମୀୟ ଜ୍ଞାନରେ ସୁଖ ପାଇବା ଦରକାର । ତା'ପରେ ସଖା ବୋଲି ଭାବି ତାଙ୍କ ଉପଦେଶ ଅନୁସାରେ ପରିଚାଳିତ ହେବା ଆବଶ୍ୟକ ଏବଂ ତତ୍ପରେ ଭଗବାନ ବୋଲି ଉପଲବ୍ଧି କରିବା କର୍ତ୍ତବ୍ୟ । ତେଣୁ ପ୍ରଥମେ ଆତ୍ମଜ୍ଞାନ; ପରେ ବ୍ରହ୍ମଜ୍ଞାନ; ଶେଷରେ ଭଗବତ୍ ବା ପୁରୁଷୋତ୍ତମଜ୍ଞାନ ଲାଭ କରିବାକୁ ହେବ । କେହି ବ୍ରହ୍ମ ଦର୍ଶନ କରିବାକୁ ଇଚ୍ଛା କଲେ ସଦ୍‌ଗୁରୁଙ୍କ ଦେହରେ ତାହା ଦର୍ଶନ କରିପାରିବେ; କାରଣ ଶ୍ରୀଗୁରୁଦେବ ହିଁ ବ୍ରହ୍ମଙ୍କର ପ୍ରତିଷ୍ଠା ବା ଆଧାର । ଏହି ପନ୍ଥା ବ୍ୟତୀତ ସାଧନାର ଅନ୍ୟ ସହଜ ପନ୍ଥା ନାହିଁ ।

(୮୩୮) ପ୍ରଣବ : ପ୍ରଣବ ଅର୍ଥ ଓଁକାର । ଅ, ଉ, ମ ଏକତ୍ର ହୋଇ ଓଁକାର ରୂପ ଧାରଣ କରିଛି । ଅକାର ଅର୍ଥ ବିଷ୍ଣୁସ୍ୱରୂପ; ଉକାର ଅର୍ଥ ଶିବସ୍ୱରୂପ ଓ ମକାର ଅର୍ଥ ବ୍ରହ୍ମାସ୍ୱରୂପ । କେହି କେହି 'ଅ ଉ ମ'କୁ ବ୍ରହ୍ମା ବିଷ୍ଣୁ ମହେଶ୍ୱର ବୋଲି କହିଥାନ୍ତି । 'ଅ' କାରକୁ ନାଦ, 'ଉ' କାରକୁ ବିନ୍ଦୁ ଓ 'ମ' କାରକୁ କଳା କୁହାଯାଏ । ଶୀର୍ଷସ୍ଥ ଚନ୍ଦ୍ରବିନ୍ଦୁର ବିନ୍ଦୁ ହିଁ ପରମଶିବଭାବଙ୍କ ପ୍ରତୀକ । ଚନ୍ଦ୍ରକଳା ହିଁ ନାଦ ବା ମହତତ୍ତ୍ୱ । ସମ୍ପୂର୍ଣ୍ଣ ପ୍ରଣବ ପଞ୍ଚଦେବତାଙ୍କର ପ୍ରତୀକ । ଅ, ଉ, ମ ଅର୍ଥ ବିଷ୍ଣୁ, ଶିବ, ବ୍ରହ୍ମା; ନାଦରୂପା ମହାମାୟା ଏବଂ ତ୍ରିକଣାର ବିନ୍ଦୁସ୍ୱରୂପ ସୂର୍ଯ୍ୟ ନାରାୟଣ ବ୍ରହ୍ମଦେବସ୍ୱରୂପ । ଅତଏବ ଶିବ, ଭାସ୍କର, ଅଗ୍ନି (ବ୍ରହ୍ମା), କେଶବ ଓ କୈଶିକୀ—ଏହି ପଞ୍ଚଦେବତା ହିଁ ପ୍ରଣବର ପଞ୍ଚଶକ୍ତିସ୍ୱରୂପ । ବ୍ରହ୍ମା, ବିଷ୍ଣୁ ଓ ଶିବଶକ୍ତିଙ୍କର ସଂଯୁକ୍ତ ଅବସ୍ଥାର ନାମ ଗାୟତ୍ରୀ ।

(୮୩୯) ପଞ୍ଚପୁରୁଷତତ୍ତ୍ୱ : ପ୍ରତ୍ୟେକ ମାନବଦେହରେ ପରସ୍ପର ସ୍ୱାଧୀନ, ଜୀବନ୍ତ, ଚେତନ, ଶକ୍ତିମାନ ଓ ଜ୍ଞାନସମ୍ପନ୍ନ—ଏହି ପାଞ୍ଚ ପ୍ରକାର ପାଞ୍ଚ ଜଣ ମନୁଷ୍ୟ ବିରାଜିତ ଅଛନ୍ତି । ସାଧକ ତାଙ୍କ ନିଜ ଭିତରେ ଏବଂ ଏହି ଜଗତର ପ୍ରତ୍ୟେକ ମନୁଷ୍ୟମଧ୍ୟରେ ଅବସ୍ଥିତ ଉକ୍ତ ପଞ୍ଚପୁରୁଷଙ୍କୁ ଜାଣି ଏବଂ ତାଙ୍କ ପ୍ରତି ସର୍ବଦା ଧ୍ୟାନଯୁକ୍ତ ରହି ଏ ଜଗତରେ ନିଜକୁ ପରିଚାଳିତ କରିବା ଆବଶ୍ୟକ ।

ତେବେଯାଇ ସେ ସାଧନାର ଉଚ୍ଚସ୍ତରକୁ ଗତି କରିପାରିବେ । ଯେଉଁ ପଞ୍ଚବିଧ ସ୍ୱଭାବ, ପ୍ରକୃତି ବା ଶକ୍ତି ଚୈତନ୍ୟଯୁକ୍ତ ହୋଇ ମାନବଭିତରେ ବିରାଜିତ, ସେହିମାନେ ହିଁ ପଞ୍ଚପୁରୁଷ । ଏହି ପଞ୍ଚପୁରୁଷ ପଞ୍ଚବ୍ୟକ୍ତଲୋକର ପଞ୍ଚବିଧ ପୃଥକ ସତ୍ତା ଅର୍ଥାତ୍ ଭୂଃ, ଭୁବଃ, ସ୍ୱଃ, ମହଃ, ଜନ—ଏହି ପଞ୍ଚଲୋକର ଅଧିକାରୀ । ପାଞ୍ଚ ଜଣ ପୃଥକ୍ ପୃଥକ ମାନବଙ୍କୁ ଏକତ୍ର ସଂଯୁକ୍ତ ଓ ସମ୍ମିଳିତ କରି ଏହି ପୂର୍ଣ୍ଣ ସ୍ଥୁଳ ମାନବଦେହ ସୃଜନ କରିଛନ୍ତି । ଏହି ସ୍ଥୁଳମାନବ-ଅଭ୍ୟନ୍ତରରେ ତାଙ୍କରି ଅଂଶରୂପରେ ଏହି ପଞ୍ଚପୁରୁଷ ବାସ କରନ୍ତି । ସେହି ପଞ୍ଚ ଦେହର ନାମ—ଅନ୍ନମୟ, କାମମୟ, ମନୋମୟ (ବାସନାମୟ), ବୁଦ୍ଧି ବା ଚିନ୍ତାମୟ, ପ୍ରଜ୍ଞା ବା ଆନନ୍ଦମୟ ଦେହ । ଏହି ପାଞ୍ଚ ପ୍ରକାରର ଦେହ ପରସ୍ପର ସ୍ୱାଧୀନ ଏବଂ ଏମାନଙ୍କର ପୃଥକ ପୃଥକ ଚୈତନ୍ୟ, ଆତ୍ମା, ଜ୍ଞାନ, ଶକ୍ତି, ସ୍ୱଭାବ ଏବଂ କର୍ମ ବିଦ୍ୟମାନ ।

(୮୪୦) ପଞ୍ଚପୁରୁଷରେ ଆତ୍ମଚୈତନ୍ୟଙ୍କ ନାମ : ପ୍ରାଚ୍ୟ ସନାତନ ଧର୍ମଶାସ୍ତ୍ର ଅନୁସାରେ ଅନ୍ନମୟ ଦେହସ୍ଥ ଆତ୍ମାକୁ ବୈଶ୍ୱାନର ଚୈତନ୍ୟ ବା ଭୋକ୍ତାଚୈତନ୍ୟ; କାମନାମୟ ଓ ବାସନାମୟ ଦେହସ୍ଥ ଚୈତନ୍ୟ ଆତ୍ମାକୁ ତୈଜସ୍ ଅର୍ଥାତ୍ ଗଂଜୋଗୁଣୀ ଚୈତନ୍ୟ; ଜ୍ଞାନମୟ ଓ ଆନନ୍ଦମୟ ଦେହର ଚୈତନ୍ୟର ନାମ ପ୍ରାଜ୍ଞ ଚୈତନ୍ୟ । କାମମୟ ଓ ବାସନାମୟ ଦେହ ଗୋଟିଏ ସୂକ୍ଷ୍ମଲୋକର ଅଧିବାସୀ ସତ୍ତା । ତେଣୁ ଏହି ଦେହର ନାମ ସୂକ୍ଷ୍ମଦେହ । ବିଜ୍ଞାନ ଓ ଆନନ୍ଦମୟ ଦେହ କାରଣଲୋକର ଅଧିବାସୀ ସତ୍ତା । ତେଣୁ ସୂକ୍ଷ୍ମଦେହର ଆତ୍ମାକୁ ତୈଜସ ଓ କାରଣ ଦେହସ୍ଥ ଆତ୍ମାକୁ ପ୍ରାଜ୍ଞ କୁହାଯାଏ । ଉଚ୍ଚସ୍ତରର ଲୋକଙ୍କ ଦେହ ଓ ଚେତନାଗୁଡ଼ିକ ନିମ୍ନସ୍ତରର ଲୋକଙ୍କ ଦେହ ଓ ଚେତନାର ପଶ୍ଚାତ୍‌ଭାଗରେ ବିରାଜିତ । ପ୍ରତ୍ୟେକ ଦେହସ୍ଥ ଚୈତନ୍ୟଙ୍କ ସହିତ ଅପରଦେହସ୍ଥ ଚୈତନ୍ୟଙ୍କର ସ୍ୱାର୍ଥର କେତେକ ସ୍ଥଳରେ ଐକ୍ୟ ଓ କେତେକ କ୍ଷେତ୍ରରେ ବିରୋଧ ଥାଏ । ଆଉ ମଧ୍ୟ ପ୍ରତ୍ୟେକ ଚେତନାର କାର୍ଯ୍ୟରେ ସମୟ ସମୟରେ ବାଧା ଦାନ କରେ ଏବଂ ସାମୟିକ ସାହାଯ୍ୟ କରେ ଏବଂ ଜଣେ ଅନ୍ୟର ପରିଚାଳକ ମଧ୍ୟ ହୋଇଥାଏ ।

(୮୪୧) ସ୍ଥୁଳଦେହସ୍ଥ ଚୈତନ୍ୟର କର୍ମଶକ୍ତି : ଏହି ସ୍ଥୁଳ ଅନ୍ନମୟ ଦେହର ପ୍ରଧାନ କାର୍ଯ୍ୟ ଭୋଗ କରିବା ଅର୍ଥାତ୍ ଆହାର, ନିଦ୍ରା, ଭୟ ଓ ମୈଥୁନ ଏବଂ ଆତ୍ମରକ୍ଷା କରିବା । ତେଣୁ ଏହାକୁ ଭୋଗଦେହ ଏବଂ ଏହି ଦେହସ୍ଥ ଆତ୍ମଚୈତନ୍ୟକୁ ଭୋକ୍ତା ଚୈତନ୍ୟ ବା ବୈଶ୍ୱାନର ଚୈତନ୍ୟ କୁହାଯାଏ । ଏହି

ଚୈତନ୍ୟ ଏହି ସ୍ଥୂଳଦେହ ସାହାଯ୍ୟରେ କେବଳ ଭୂତକଣା ନିର୍ମିତ ଭୌତିକ ଦ୍ରବ୍ୟସମୂହର ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଅର୍ଥାତ୍ ପଞ୍ଚବିଷୟ ଭୋଗ କରିଥାନ୍ତି । ଭୋଗନିମିତ୍ତ ଏହି ଦେହର ଜନ୍ମ । ଏହି ଦେହ କ୍ଷୁଧା, ତୃଷା ଓ ନିଦ୍ରାଦି ବୃତ୍ତି ଚରିତାର୍ଥ ଦ୍ୱାରା ଏବଂ ରୋଗ ବୀଜାଣୁର ବିନାଶସାଧନଦ୍ୱାରା ସର୍ବଦା ଆତ୍ମରକ୍ଷା କରେ । ଏହି ଭୋଗମୟ ସ୍ଥୂଳଦେହ ମଧ୍ୟରେ ଓ ଅନ୍ତରାଳରେ ଗୋଟିଏ କାମଦେହ ବିରାଜିତ । କାମ, କ୍ରୋଧ, ଲୋଭ, ମୋହ, ମଦ ଏବଂ ମାତ୍ସର୍ଯ୍ୟ— ଏହି ଷଡ଼ବିଧ ଉତ୍କଟ ଭୋଗମୂଳକ ବାସନା ବା ପ୍ରବୃତ୍ତି ହିଁ ଏହି କାମଦେହର ଶକ୍ତି ବା ସ୍ୱଭାବ ।

(୮୪୨) କାମମୟ ଦେହର ଚୈତନ୍ୟ ଓ ଶକ୍ତି : ଏହି କାମନା-ବାସନାମୟ ଷଡ଼ରିପୁଯୁକ୍ତ ପ୍ରବୃତ୍ତି ହିଁ କାମଦେହର ଶକ୍ତି ବା ସ୍ୱଭାବ । ଶକ୍ତି ବା ସ୍ୱଭାବଯୁକ୍ତ କାମଦେହର ପୃଥକ ଚେତନା ଅଛି । ଏହି କାମମୟ ପୁରୁଷ ସର୍ବଦା ଏହି ସ୍ଥୂଳଦେହକୁ କାମ ଓ କ୍ରୋଧାଦି ଭାବରେ ଅବଶ କରି ବୃତ୍ତି ଚରିତାର୍ଥ କରିବାକୁ ବାଧ୍ୟ କରୁଅଛି ଏବଂ ଏହି ପୁରୁଷ ନିଜେ ମଧ୍ୟ ସର୍ବଦା ଏହିସବୁ ପ୍ରବୃତ୍ତିର ତାଡ଼ନାରେ ଅସ୍ଥିର ହୋଇ ବିରାଜିତ ଅଛି । ଏହି ଅସ୍ଥିରତା ସ୍ଥୂଳଦେହରେ ସଂକ୍ରାମିତ ହେଲେ ଭୋଗମୟ ପୁରୁଷ ମଧ୍ୟ କାମାଦି ବଶରେ ଆତ୍ମହରା ହୋଇ ପଶୁଙ୍କପରି ଆଚରଣ କରୁଥାନ୍ତି । ଏହାପରେ ଏହି ସ୍ଥୂଳଦେହ ମୃତ ହେଲେ ଯେତେବେଳେ ଏହି କାମମୟ ପୁରୁଷ ସ୍ୱାଧୀନ ଓ ଉନ୍ମୁକ୍ତ ହୁଅନ୍ତି, ସେତେବେଳେ ସେ ସ୍ଥୂଳଦେହ ଅଭାବରେ ଅତିଶୟ ଜ୍ୱାଳା ଅନୁଭବ କରନ୍ତି । ଏହାକୁ ନରକ-ଯାତନା ବା ନରକଭୋଗ କୁହାଯାଏ । ଏହି କାମମୟ ପୁରୁଷଙ୍କ ଅନ୍ତରାଳରେ ମନୋମୟ ଦେହ ବା ପୁରୁଷ ବିଦ୍ୟମାନ । ଏହି ଭୋଗ-ବାସନାର ଉପାୟ ବା କରଣକୁ ଇନ୍ଦ୍ରିୟ କୁହାଯାଏ । ତେଣୁ ଇନ୍ଦ୍ରିୟମାନେ ହିଁ ମନର ବା ବାସନାର ଶ୍ରେଷ୍ଠ ଅନୁଚର ଏବଂ ଇନ୍ଦ୍ରିୟ ସାହାଯ୍ୟରେ ମନ ଭୋଗ-ବାସନା ଚରିତାର୍ଥ କରେ ।

(୮୪୩) ବିଜ୍ଞାନମୟ ପୁରୁଷ ଶକ୍ତି : ଏହି ଇନ୍ଦ୍ରିୟମୟ ମାନସଦେହ ବା ପୁରୁଷଙ୍କ ଅନ୍ତରାଳରେ ବିଜ୍ଞନମୟ ବା ଭେଦଜ୍ଞାନମୟ ପୁରୁଷ ବିରାଜିତ ଅଛି । ବ୍ୟଷ୍ଟିତ୍ୱର ପ୍ରତିଷ୍ଠା, ଯଶଃ, ସମ୍ମାନ, ଆତ୍ମମର୍ଯ୍ୟଦା, ଅହଙ୍କାର, ଅଭିମାନ, ଜିଦ୍, ପ୍ରତିହିଂସା, ପ୍ରତିଯୋଗିତା ଏବଂ ଚିତ୍ତର ବହିର୍ମୁଖିନତା ନେଇ ଏହି ପୁରୁଷ ବ୍ୟସ୍ତ ଥାଆନ୍ତି । ଏହି ଚୈତନ୍ୟଙ୍କ ନାମ ପ୍ରାଜ୍ଞଚୈତନ୍ୟ । ଚିନ୍ତା, ବିଚାର ଏବଂ ସ୍ମରଣ

ଆଦି ଏହି ପୁରୁଷଙ୍କ କାର୍ଯ୍ୟ । ବ୍ୟଷ୍ଟିତ୍ୱର ଅଭିମାନ ଏହି ପୁରୁଷଠାରେ ପ୍ରବଳ । ଉପରୋକ୍ତ କାମ, ମନ ଓ ବୁଦ୍ଧି ଦେହସ୍ଥ ଚୈତନ୍ୟର କର୍ମଭେଦର ଗୋଟିଏ ଦୃଷ୍ଟାନ୍ତ ହେଉଛି ଯେ, ଅଧିକ ଖାଇବା କାମଦେହର, ସୁସ୍ୱାଦୁ ଆହାର ଗ୍ରହଣ ମାନସ ଦେହର ଓ ମିତାହାର ବୁଦ୍ଧି ଦେହର କାର୍ଯ୍ୟ ବା ଶକ୍ତି । ସମଗ୍ର ବା ପୂର୍ଣ୍ଣ ମାନବର ହିତାହିତ ବା ଶୁଭାଶୁଭପ୍ରତି ମଧ୍ୟ ଏହି ବୁଦ୍ଧିଦେହର ଦୃଷ୍ଟି ବା ଲକ୍ଷ୍ୟ ଅଛି, କିନ୍ତୁ ପରବର୍ତ୍ତୀ ଦେହର ଚୈତନ୍ୟ ପୁରୁଷ ଏଥିପ୍ରତି ବିଶେଷ ଲକ୍ଷ୍ୟ ଦେଇଥାଆନ୍ତି ।

(୮୪୪) ପ୍ରଜ୍ଞାଦେହସ୍ଥ ପୁରୁଷର କାର୍ଯ୍ୟ : ଏହି ଦେହସ୍ଥ ଚୈତନ୍ୟ ପୁରୁଷଙ୍କ ନାମ ପ୍ରଜ୍ଞାନ ଚୈତନ୍ୟ । ଏହି ଦେହର ନାମ ଆନନ୍ଦମୟ ଦେହ । ଏହି ପୁରୁଷଙ୍କର ଜ୍ଞାନ, ପ୍ରଜ୍ଞା, ଅଭିଜ୍ଞତା ଓ ପ୍ରତିଭା ସବୁଠାରେ ଅଧିକ । ନିତ୍ୟାନିତ୍ୟ ବିଚାରଶକ୍ତି ବା ବିବେକ ଚୈତନ୍ୟ ଏହି ଦେହରେ ସମଧିକ ବିରାଜିତ । ଏହି ଦେହ ଭେଦଜ୍ଞାନମୂଳକ ହେଲେ ମଧ୍ୟ ଏହି ଚୈତନ୍ୟ ଯଥାସାଧ୍ୟ ଅଭେଦଜ୍ଞାନର ଅନୁଶୀଳନ ଆନନ୍ଦ ମନରେ ସମ୍ପନ୍ନ କରନ୍ତି । ତେଣୁ ବିଶ୍ୱପ୍ରେମ, ଜୀବସେବା, ବିଶ୍ୱନିୟମନ, ଜଗତରୁ ଉଦ୍ଧାର, ପରୋପକାର ଏବଂ ଜୀବଜଗତର ଉନ୍ନତି ସାଧନ କରିବା ଏହି ପୁରୁଷଙ୍କର ବିଶିଷ୍ଟ ଧର୍ମ ଏବଂ ଶକ୍ତି, ସ୍ୱଭାବ ଓ କର୍ମ । ଏହି ଦେହସ୍ଥ ପୁରୁଷ ନିଜ କ୍ଷୁଦ୍ର ସ୍ୱାର୍ଥକୁ ଓ ସୁଖଭୋଗକୁ ତୁଚ୍ଛ କରି ଓ ତାହା ଭୁଲିଯାଇ ଏବଂ ଅଗ୍ରାହ୍ୟ କରି ପରହିତବ୍ରତରେ ଅଥବା ସମଗ୍ର ଜଗତର କଲ୍ୟାଣସାଧନାରେ ଓ ବିଶ୍ୱପ୍ରେମ ଶକ୍ତିରେ ନିତ୍ୟ ଅନୁପ୍ରାଣିତ ଓ ନିରତ ରହିଛନ୍ତି । ଅଧିକାଂଶ ବଶ୍ୱନିୟନ୍ତା ଜଗଦ୍‌ଗୁରୁଙ୍କଠାରେ ଏହି ପୁରୁଷଙ୍କ ଶକ୍ତି ଅଧିକ ପରିମାଣରେ ଦେଖାଯାଏ । ଏହି ସ୍ଥୂଳଦେହଧାରୀ ମାନବଙ୍କମଧ୍ୟରୁ ଯେଉଁମାନେ ସ୍ୱାର୍ଥତ୍ୟାଗୀ ଓ ସଂଯମୀ ଏବଂ ଯେଉଁମାନେ ଅପର ଜୀବଜଗତର ହିତକାମୀ ହୋଇ ସେବାନିରତ, ସେହିମାନଙ୍କଠାରେ ପ୍ରଜ୍ଞାନ ଚୈତନ୍ୟ ପୁରୁଷଙ୍କ ଶକ୍ତି ସମଧିକ ବିଦ୍ୟମାନ ।

(୮୪୫) ଯୋଗ : (ଯୁଜ୍ ଧାତୁ—ଯୁକ୍ତ ହେବା+ଅ) ଯେ କୌଣସି ନିତ୍ୟ ବସ୍ତୁରେ ଚିତ୍ତସଂଯୋଗ ବା ଏକମୁଖୀ ଭାବରେ ଆସକ୍ତଚିତ୍ତତାର ନାମ ଯୋଗ । ଆମେ ଯେଉଁବିଷୟକ ଜ୍ଞାନ ଲାଭ କରିବାକୁ ଇଚ୍ଛା କରୁଁ, ଆମର ମନ ସେହି ବସ୍ତୁସହିତ ଯୁକ୍ତ ହୁଏ । ତେଣୁ ଭଗବତ୍‌ଲାଭନିମିତ୍ତ ସଦ୍‌ଗୁରୁ, ସତ୍‌ନାମ ଓ ସତ୍‌ସଙ୍ଗରେ ବିଶେଷଭାବରେ ଯୋଗଦେବା ବା ଯୁକ୍ତ ହେବା ଦରକାର । ଅଯୁକ୍ତ ବା ଯୋଗହୀନ ବ୍ୟକ୍ତିଙ୍କର ବୁଦ୍ଧିର ବିକାଶ ହୋଇପାରେ ନାହିଁ । ବୁଦ୍ଧି ବା

ବିଚାରଶକ୍ତି ନ ଥିଲେ ଧ୍ୟାନ କରିବା ସମ୍ଭବପର ନୁହେଁ । ଧ୍ୟାନଧାରଣା ବ୍ୟତୀତ ଜୀବନରେ କେବେହେଲେ ଶାନ୍ତି ମିଳେ ନାହିଁ । ଶାନ୍ତିହୀନ ବ୍ୟକ୍ତି ଚିରଦୁଃଖୀ । ସୁତରାଂ ଯୋଗଯୁକ୍ତ ସାଧକମାନେ ହିଁ ଏ ଜଗତରେ ଯଥାର୍ଥ ସୁଖ ଅନୁଭବ କରିଥାନ୍ତି ।

(୮୪୬) ପଞ୍ଚରତ୍ନ : (୧) ସାଧୁସଙ୍ଗ, (୨) ସଦ୍‌ଗୁରୁଙ୍କ ଶରଣ ଗ୍ରହଣ, (୩) ଦୟା, (୪) ଦୀନତା ଓ (୫) ପରମେଶ୍ୱରଜ୍ଞାନରେ ଅନ୍ୟର ଯଥାଶକ୍ତି ଉପକାର କରିବାର ନାମ ପଞ୍ଚରତ୍ନ । ଗୃହରେ ରହି ସତ୍‌ଚିନ୍ତା କଲେ ସାଧୁସଙ୍ଗର ଫଳ ଲାଭ ହୁଏ; କିନ୍ତୁ ସାଧୁମାନଙ୍କସହିତ ରହି ବିଷୟାଳାପ କଲେ ତାହା ସତ୍‌ସଙ୍ଗମଧ୍ୟରେ ଗଣ୍ୟ ହୁଏ ନାହିଁ ।

(୮୪୭) ସତ୍‌ସଙ୍ଗର ମହିମା : ଯେଉଁଠାରେ ଭଗବତ୍ ନାମ ଓ ଭଗବତ୍ ଗୁଣଗାନ ହୁଏ, ତାହା ହିଁ ସତ୍‌ସଙ୍ଗ ମଧ୍ୟରେ ଗଣ୍ୟ । ସଙ୍ଗରୁ ଶ୍ରଦ୍ଧା, ଶ୍ରଦ୍ଧାରୁ ଚରିତ୍ରଶୁଦ୍ଧି, ଶୁଦ୍ଧିରୁ ବିଶ୍ୱାସ, ବିଶ୍ୱାସରୁ ନିର୍ବିଚାରରେ ଆଜ୍ଞା ପାଳନ ପ୍ରତି ଉତ୍ସାହ, ଉତ୍ସାହରୁ ବୀର୍ଯ୍ୟ, ବର୍ଯ୍ୟରୁ ସ୍ମୃତି, ସ୍ମୃତିରୁ ପ୍ରେମ ଓ ପ୍ରେମରୁ ଆତ୍ମସମର୍ପଣଭାବ ଜାତ ହୁଏ ।

(୮୪୮) ସତ୍‌ସଙ୍ଗ : ଯାହାଙ୍କର ଅସ୍ତିତ୍ୱ ନିତ୍ୟବର୍ତ୍ତମାନ ଏବଂ ଭକ୍ତମାନଙ୍କ ହୃଦୟରେ ଯାହାଙ୍କର ପ୍ରକାଶ ପ୍ରତିଫଳିତ ହୁଏ, ସେ ହେଉଛନ୍ତି ସତ୍ ପଦବାଚ୍ୟ । ଅନିତ୍ୟ ବା ନିତ୍ୟପରିବର୍ତ୍ତନଶୀଳ ବସ୍ତୁର ଅସ୍ତିତ୍ୱ ଓ ପ୍ରକାଶ ଥିଲେ ମଧ୍ୟ ତାହା ସତ୍ ପଦବାଚ୍ୟ ନୁହେଁ । ଯାହାଙ୍କଠାରୁ ଏ ବିଶ୍ୱବ୍ରହ୍ମାଣ୍ଡର ଉତ୍ପତ୍ତି ସେ କେବଳ ସତ୍ । ଯେ ସେହି ପରଂବ୍ରହ୍ମଙ୍କୁ ଜାଣନ୍ତି, ସେ ହିଁ ବ୍ରହ୍ମସ୍ୱରୂପ ବା ସତ୍‌ସ୍ୱରୂପରେ ପରିଣତ ହୋଇଯାନ୍ତି । ତେଣୁ ଗୁରୁବ୍ରହ୍ମଙ୍କର ସଙ୍ଗ କରିବା ହିଁ ସତ୍‌ସଙ୍ଗମଧ୍ୟରେ ଗଣ୍ୟ । ତାଙ୍କ ଭକ୍ତମାନଙ୍କ ସଙ୍ଗ ହିଁ ସତ୍‌ସଙ୍ଗମଧ୍ୟରେ ଗଣ୍ୟ । ତାଙ୍କ ପ୍ରତିମୂର୍ତ୍ତି ଦର୍ଶନ, ତାଙ୍କ ନାମ ସ୍ମରଣ, ମନନ, କୀର୍ତ୍ତନ, ତାଙ୍କ ବାଣୀର ଅନୁଶୀଳନ ପ୍ରଭୃତି ମଧ୍ୟ ସତ୍‌ସଙ୍ଗର ଅନ୍ତର୍ଗତ ।

(୮୪୯) ଭକ୍ତଙ୍କର ଦଶବିଧ ଲକ୍ଷଣ : ଧୃତି (ଶାନ୍ତଭାବ), କ୍ଷମା, ଦମ (ଇନ୍ଦ୍ରିୟସଂଯମ), ଅସ୍ତେୟ, ଶୌଚ, ଶମ, ବିଦ୍ୟା, ସତ୍ୟ, ଅକ୍ରୋଧ ବା ଉତ୍ତେଜନାବିହୀନ ଭାବ, ଧୀ (ବିଶୁଦ୍ଧଜ୍ଞାନ) ଏହା ହିଁ ଭକ୍ତଙ୍କର ଦଶବିଧ ଲକ୍ଷଣ । ଶୁଶ୍ରୂଷା (ଜାଣିବାର କୌତୂହଳ), ଶ୍ରବଣ, ଗ୍ରହଣ, ଧାରଣ, ଉହ (ନ୍ୟାୟ),

ଅପୋହ (ସ୍ୱରୂପ ନିରୁପଣ), ଅର୍ଥ ଜ୍ଞାନ (ଅନୁଭୂତି), ତତ୍ତ୍ୱଜ୍ଞାନ ବା ସତ୍ୟଜ୍ଞାନ—ବିଶୁଦ୍ଧଜ୍ଞାନର ଏହି ଆଠ ପ୍ରକାର ଗୁଣ। ଉପରୋକ୍ତ ଲକ୍ଷଣ ସମ୍ପନ୍ନ ଭକ୍ତଙ୍କ ପ୍ରାଣରେ ଭଗବାନଙ୍କର ନିତ୍ୟ ଅଧିଷ୍ଠାନ। ତାଙ୍କରି ସେବା ହିଁ ଭଗବତ୍‌ସେବା ମଧ୍ୟରେ ଗଣ୍ୟ।

(୮୫୦) ଅଷ୍ଟାଦଶ ବ୍ୟସନ : କାମଜ ଓ କ୍ରୋଧଜ ଭେଦରେ ବ୍ୟସନ ବା ବିଳାସିତା ଅଷ୍ଟାଦଶ ପ୍ରକାରର। କାମଜ ଦଶ ପ୍ରକାର ଓ କ୍ରୋଧଜ ଆଠ ପ୍ରକାର।

(୮୫୧) କାମଜ ବ୍ୟସନ : (୧) ଶିକାର କରିବା, (୨) ଜୁଆ ଖେଳିବା, (୩) ଦିବାନିଦ୍ରା ଯିବା, (୪) ପରନିନ୍ଦା କରିବା, (୫) ଅନୁଚିତ ସ୍ତ୍ରୀ ସଙ୍ଗ କରିବା। (୬) ମଦ ଖାଇବା, (୭) ଭଗବତ୍‌ଭକ୍ତିବିରହିତ ହୋଇ ଭଗବତ୍‌ପ୍ରୀତିବର୍ଜ୍ଜିତ ଗୀତ, (୮) ବାଦ୍ୟ, (୯) ନୃତ୍ୟରେ ଆସକ୍ତ ହେବା ଓ (୧୦) ବ୍ୟସନ ବା ବିଳାସିତାରେ ଆସକ୍ତ ହୋଇ କର୍ତ୍ତବ୍ୟ କର୍ମରେ ଅବହେଳା କରିବା—ଏହି ଦଶପ୍ରକାର ବ୍ୟସନ କାମଜ।

(୮୫୨) କ୍ରୋଧଜ ବ୍ୟସନ : (୧) ଅନ୍ୟ ନାମରେ ଚୁଗୁଲି କରିବା (ପିଶୁନତା), (୨) ଦୁଃସାହସ ପ୍ରକାଶ କରିବା, (୩) ବିଦ୍ରୋହାଚରଣ କରିବା, (୩) ଈର୍ଷାପରାୟଣ ହେବା, (୫) ଅସୂୟାପରାୟଣ ହେବା, (ଗୁଣରେ ଦୋଷଦର୍ଶନ କରିବା), (୬) ଅର୍ଥ ଦୂଷଣ ପରାୟଣ ହେବା, (୭) ନିଷ୍ଠୁର ଭାଷଣ କରିବା ଏବଂ (୮) ପରର ଅନିଷ୍ଟ କରିବାର ନାମ କ୍ରୋଧକ ବ୍ୟସନ। ଶତ୍ରୁଙ୍କୁ ବିଜୟ କରିବା ବ୍ୟତୀତ ଅନ୍ୟତ୍ର ଏହିସବୁ ଦୋଷଦୃଷ୍ଟ ହେଲେ ତାହା ବିଳାସିତା ମଧ୍ୟରେ ଗଣ୍ୟ ହୁଏ।

(୮୫୩) ନରାଧମ : ଯେଉଁମାନେ ବନ୍ଧୁ-ବାନ୍ଧବ ଓ ପରିବାର-ପରିଜନଙ୍କୁ ନ ଦେଇ ଏକାକୀ ମିଷ୍ଟଦ୍ରବ୍ୟ ଭୋଜନ କରନ୍ତି, ସେମାନେ ନରାଧମ; ଯେଉଁମାନେ ପିତା-ମାତା, ଗୁରୁ, ଆଚାର୍ଯ୍ୟ, ମାମୁଁ, ମାଇଁ ପ୍ରଭୃତିଙ୍କୁ ଅପମାନ କରନ୍ତି, ସେମାନେ ନରାଧମ; ଯେ ତ୍ରିସନ୍ଧ୍ୟା ଉପାସନା କରନ୍ତି ନାହିଁ, ସେ ନରାଧମ; ଯେ ପଞ୍ଚଯଜ୍ଞବିରହିତ ଓ ଶ୍ରାଦ୍ଧ-ତର୍ପଣବିମୁଖ ସେ ନରାଧମ ଏବଂ ଯେଉଁମାନେ ଦେବ-ଦ୍ୱିଜଙ୍କପ୍ରତି ଭକ୍ତିହୀନ, ସେମାନଙ୍କୁ ନରାଧମ କୁହାଯାଏ।

(୮୫୪) ପଞ୍ଚବିଧ କର୍ମ : ନିତ୍ୟ, ନୈମିତ୍ତିକ, କାମ୍ୟ, ସ୍ୱାଭାବିକ ଓ

ନିଷିଦ୍ଧ—ଏହା ହିଁ ଦେବବର୍ଣ୍ଣିତ ପଞ୍ଚବିଧ କର୍ମ ।*

(୮୫୫) ନିତ୍ୟକର୍ମର ଫଳ : ନିତ୍ୟ-ନୈମିତ୍ତିକାଦି କର୍ମ—ଯାହା କର୍ତ୍ତବ୍ୟ ବୋଲି ବେଦ ବିଧାନ କରିଛନ୍ତି, କେବଳ ତାହା ହିଁ ବିହିତ । ବେଦ ଯେଉଁସବୁ କର୍ମ ନିଷେଧ କରିଛନ୍ତି, ତାହା ନିଷିଦ୍ଧକର୍ମ । ପାନ, ଭୋଜନ, ମଳମୂତ୍ରାଦି ବିସର୍ଜ୍ଜନ ଇତ୍ୟାଦି ଦୈହିକ କର୍ମ ଜୀବର ସ୍ୱାଭାବିକ କର୍ମ ମଧ୍ୟରେ ଗଣ୍ୟ । ସନ୍ଧ୍ୟା-ବନ୍ଦନାଦି, ଯାହା ଚିତ୍ତଶୁଦ୍ଧିନିମିତ୍ତ ଅବଶ୍ୟ କର୍ତ୍ତବ୍ୟ ବୋଲି ବେଦରେ ବର୍ଣ୍ଣିତ ହୋଇଅଛି ଏବଂ ଯାହା ପାଳନ ନ କଲେ ପ୍ରତ୍ୟବାୟ ହୁଏ ତାହାକୁ ନିତ୍ୟକର୍ମ କୁହାଯାଏ । କେହି କେହି କହନ୍ତି ନିତ୍ୟକର୍ମର କୌଣସି ଫଳ ନାହିଁ । ନିତ୍ୟକର୍ମରେ କାମ୍ୟକର୍ମପରି କୌଣସି ଫଳ ନ ଥିଲେ ମଧ୍ୟ ତଦ୍ଦ୍ୱାରା ଚିତ୍ତ ଶୁଦ୍ଧଭାବ ଧାରଣ କରେ । ଯେପରି ଶ୍ରବଣ, ମନନ, ନିଦିଧ୍ୟାସନର ଫଳ ତତ୍ତ୍ୱଜ୍ଞାନଲାଭ, ସେହିପରି ନିତ୍ୟକର୍ମଦ୍ୱାରା ଦେବଯାନ ଗତି ଲାଭ ହୁଏ ଏବଂ ଚିତ୍ତଶୁଦ୍ଧି ହିଁ ଏହାର ଫଳ । ନିତ୍ୟକର୍ମ କଲେ ସେଥିରେ କୌଣସି କର୍ମଫଳ ଉଦୟ ହୁଏ ନାହିଁ ।

ଭୋଗାସକ୍ତିହେତୁ କାମ୍ୟ କର୍ମର ଅନୁଷ୍ଠାନଦ୍ୱାରା ଐହିକ ଓ ପାରଲୌକିକ ସୁଖ-ସମ୍ଭୋଗରୂପ ଯେଉଁ ଫଳ ଅଥବା ନିଷିଦ୍ଧକର୍ମର ଅନୁଷ୍ଠାନରେ ପ୍ରାପ୍ତ ଐହିକ ଓ ପାରଲୌକିକ ଦୁଃଖଭୋଗରୂପ ଫଳକୁ ପ୍ରକୃତ କର୍ମଫଳ କୁହାଯାଏ ।

ନିଷ୍ଫଳ କର୍ମ କର୍ତ୍ତବ୍ୟ ମଧ୍ୟରେ ଗଣ୍ୟ ନୁହେଁ । ଫଳ ଆଶା ନଥିଲେ ସେଥିରେ ପ୍ରବୃତ୍ତି ଜାତ ହୁଏ ନାହିଁ ଏବଂ ପ୍ରବୃତ୍ତି ନ ଥିଲେ କୌଣସି କର୍ମର ଆଚରଣରେ ଉତ୍ସାହ ଆସେ ନାହିଁ । ନିତ୍ୟକର୍ମର ଫଳ ଚିତ୍ତଶୁଦ୍ଧି । ତାହା ନିଷ୍ଫଳ କର୍ମ ନୁହେଁ । ତଦ୍ଦ୍ୱାରା ଦେବଯାନ ଗତି ଲାଭ ହୁଏ ।

"ନିତ୍ୟେ ନୈବ ଦେବଲୋକଂ ତଥୈବ ବୁଦ୍ଧିଶୋଧନମ୍ ।"

ଯେଉଁ କର୍ମ ନ କଲେ ପ୍ରତ୍ୟବାୟ ହୁଏ ଅର୍ଥାତ୍ ପାପଫଳ ଉତ୍ପନ୍ନ ହୁଏ, ସେହି କର୍ମ ନିତ୍ୟ ଅନୁଷ୍ଠାନ କଲେ ତାହାର ବିପରୀତ ଶୁଭଫଳ ଅବଶ୍ୟ ଲାଭ ହେବ ।

(୮୫୬) ନୈମିତ୍ତିକ କର୍ମଫଳ : 'ନିମିତ୍ତ' ନିମନ୍ତେ ଯେଉଁ କର୍ମ ବିହିତ,

---

* ନିତ୍ୟଂ ନୈମିତ୍ତିକଂ କାମ୍ୟଂ ସ୍ୱାଭାବ୍ୟଞ୍ଚ ନିଷେଧିତମ୍
ଏତତ୍ ପଞ୍ଚବିଧଂଳ କର୍ମବିଶେଷଂ ଶୃଣୁକଥ୍ୟତେ । (ଶାନ୍ତିଗୀତା-୨୦)

ତାହାର ନାମ ନୈମିତ୍ତିକ କର୍ମ । ପୁତ୍ରଜନ୍ମାଦି ଉପଲକ୍ଷ୍ୟରେ ଜାତେଷ୍ଟି, ଅନ୍ନପ୍ରାଶନ ଓ ବିବାହାଦି ଉପଲକ୍ଷରେ ଯେଉଁ ବୈଦିକ କର୍ମ, ପିତୃମାତୃଶ୍ରାଦ୍ଧ, ଗ୍ରହଣ ଉପଲକ୍ଷରେ ଦାନ, ଶ୍ରାଦ୍ଧ ତର୍ପଣାଦି ଯାହା କରାଯାଏ ତାହା ନୈମିତ୍ତିକ କର୍ମ ମଧ୍ୟରେ ଗଣ୍ୟ । ଏହାଦ୍ୱାରା ମଧ୍ଯ ଚିତ୍ତଶୁଦ୍ଧି ଲାଭ ହୁଏ ।

(୮୫୭) କାମ୍ୟକର୍ମର ଫଳ : ସ୍ୱର୍ଗାଦି ସୁଖସମ୍ଭୋଗ-ଇଚ୍ଛାରେ ଏବଂ ଐହିକ ଧନାଗମ ଲକ୍ଷ୍ୟରେ, ସୁଖ ସମୃଦ୍ଧି ଲାଭପାଇଁ, କୁଶଳ ଓ ଜୟଲାଭ ଇତ୍ୟାଦି କାମନାର ବଶବର୍ତ୍ତୀ ହୋଇ ଯେଉଁ କର୍ମର ଅନୁଷ୍ଠାନ କରାଯାଏ, ତାହା ହିଁ କାମ୍ୟକର୍ମ । ଦେହାତ୍ମ ବୁଦ୍ଧିବଶରୁ ଯେଉଁ କର୍ମ କରାଯାଏ, ତାହା ହିଁ ସଂସାର ବନ୍ଧନର କାରଣ । ଅତଏବ କାମ୍ୟ ଓ ନିଷିଦ୍ଧ କର୍ମ ସର୍ବଥା ପରିତ୍ୟାଗ କରିବା ବିଧେୟ । କାମ୍ୟକର୍ମ ହେୟ ବୋଲି ତ୍ୟାଗ କରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଅଧିକାରୀଭେଦରେ ଏହା ଉପଯୋଗୀ । କାମ୍ୟକର୍ମର ଅନୁଷ୍ଠାନଫଳରେ କାମନାସିଦ୍ଧି ହୋଇଥାଏ । ଯେଉଁମାନେ ବେଦବିହିତ କର୍ମରୁ ବିମୁଖ, ଦୁରାଚାର ଓ ଦୁର୍ବୃତ୍ତ, ସେହିସବୁ ପାମର ଲୋକଙ୍କୁ ପ୍ରଲୋଭନ ଦେଖାଇ ସତ୍ ପ୍ରବୃତ୍ତିର ଉନ୍ମେଷ କରିବା ଏବଂ ଦୁଷ୍ପ୍ରବୃତ୍ତିର ନିବାରଣ କରିବା କାମ୍ୟକର୍ମର ଉଦ୍ଦେଶ୍ୟ । କାମ୍ୟକର୍ମର ଫଳ ଭୋଗ ହେଲେ କାମନାପୂରଣ ହେତୁ ଚିତ୍ତଶୁଦ୍ଧ ହୁଏ । ଏହାର ଫଳ ମୋକ୍ଷଲାଭ । ସକାମ କର୍ମ କରୁ କରୁ କ୍ରମେ ସତ୍ତ୍ୱଗୁଣର ଆବିର୍ଭାବହେତୁ ନିଷ୍କାମ କର୍ମରେ ପ୍ରବୃତ୍ତି ଜାତ ହୁଏ ।

(୮୫୮) କାମ୍ୟକର୍ମର ତାତ୍ପର୍ଯ୍ୟ : ଈଶ୍ୱର ଆରାଧନାରୂପ ଦୁଗ୍ଧରେ କାମନାରୂପ ଜଳ ମିଶ୍ରିତ କରି ବୈରାଗ୍ୟରୂପ ଅନଳ ତାପରେ ସେହି ଜଳକୁ ପରିଶୋଷଣ କରିବାକୁ ହେବ । ଅବଶେଷରେ ଯେତେବେଳେ କେବଳ ଈଶ୍ୱର-ଆରାଧନାରୂପ ଦୁଗ୍ଧ ଅବଶିଷ୍ଟ ରହିବ, ସେତେବେଳେ ସେହି କର୍ମର ଅନୁଷ୍ଠାନ କଲେ ହିଁ ଚିତ୍ତ ଶୁଦ୍ଧ ହେବ । ଏହା ହିଁ କାମ୍ୟକର୍ମର ତାତ୍ପର୍ଯ୍ୟ ।

(୮୫୯) କର୍ମବୀଜ : ଗୋଟିଏ କର୍ମବୀଜରୁ ଦୁଇଟି ଅଙ୍କୁର ଉତ୍ପନ୍ନ ହୁଏ । ତନ୍ମଧ୍ୟରୁ ଗୋଟିଏ ଅପୂର୍ବ ଅର୍ଥାତ୍ ପାପପୁଣ୍ୟ ଓ ଅପରଟି ବାସନା । ଅପୂର୍ବରୁ କର୍ମଫଳର ଅର୍ଥାତ୍ ପାପପୁଣ୍ୟର ଭୋଗ ହୋଇଥାଏ । ଭୋଗ ପ୍ରଦାନ କରି ସେହି କର୍ମବୀଜ ନଷ୍ଟ ହୋଇଯାଏ । ବାସନା ଶୁଭାଶୁଭ ଭେଦରେ ବହୁବିଧ କର୍ମର ସୃଷ୍ଟିର କରେ । ତେଣୁ ବାସନା ହିଁ ପୁନର୍ଜନ୍ମର କାରଣ । ଶୁଭାଶୁଭ କର୍ମର

ଫଳ ଜୀବ ସ୍ୱର୍ଗ ବା ନରକରେ ଭୋଗ କରେ ସତ୍ୟ; ମାତ୍ର ଏହି ବାସନାବୀଜକୁ ଅବଲମ୍ବନ କରି ଜୀବ ପୁନରାୟ ଦେହ ଧାରଣକରେ ।

(୮୬୦) କର୍ମଚକ୍ର : ବାସନାରୁ କର୍ମର ଉତ୍ପତ୍ତି; ପୁଣି କର୍ମରୁ ବାସନାର ସୃଷ୍ଟି । ଏହିଭାବରେ ବୀଜରୁ ଅଙ୍କୁର ଏବଂ ଅଙ୍କୁରରୁ ବୀଜର ଉତ୍ପତ୍ତିସଦୃଶ ବାସନା ଓ କର୍ମସୂତ୍ରରେ ଜୀବସକଳ ଆବଦ୍ଧ ହୋଇ ଜନ୍ମ-ମରଣରୂପ ସଂସାରମାର୍ଗରେ ନିୟତ ଭ୍ରମଣ କରୁଛନ୍ତି । ସେହି କର୍ମରୁ କେବେହେଲେ ନିବୃତ୍ତି ଲାଭ କରିପାରୁ ନାହାନ୍ତି । ତେଣୁ କର୍ମ ହିଁ କେବଳ ଦୁଃଖର କାରଣ ଏବଂ ଜୀବର ସ୍ୱଚ୍ଛନ୍ଦଗତିରେ ଶୃଙ୍ଖଳସ୍ୱରୂପ । ଭିନ୍ନ ଭିନ୍ନ ବ୍ୟକ୍ତିଙ୍କର ବାସନା ଭିନ୍ନ ଭିନ୍ନ । ସେହି ଅନୁସାରେ ଅନ୍ତଃକରଣର ବୃତ୍ତି ମଧ୍ୟ ଭିନ୍ନ ଭିନ୍ନ । ତା'ଫଳରେ ବିଭିନ୍ନ ଚିନ୍ତାଦୋଷରୁ ବିଭିନ୍ନ ପ୍ରକାର ଦୁଃଖ ଭୋଗ ହୋଇଥାଏ । ସୁତରାଂ ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟରେ ଯେଉଁ କର୍ମ କରାଯାଏ ତାହାକୁ ନିଷ୍କାମ କର୍ମ କୁହାଯାଏ । ସେହି ନିଷ୍କାମ କର୍ମ ବା ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶରେ ଅଥବା ତାଙ୍କରି ସେବାଲକ୍ଷ୍ୟରେ ଯେଉଁ କର୍ମ ପ୍ରେରଣାବଶରୁ କରାଯାଏ ତାହାକୁ 'ସବୁ କର୍ମ ତ୍ୟାଗ କରି ଏକମାତ୍ର ତାଙ୍କର ଶରଣ ଗ୍ରହଣ' ବୋଲି କୁହାଯାଏ । ସ୍ୱସୁଖ ବାସନା ତ୍ୟାଗପୂର୍ବକ ତାଙ୍କ ପ୍ରୀତିନିମିତ୍ତ ଯେଉଁ କର୍ମ ସାଧନ, ତାହା ହିଁ କର୍ମସମର୍ପଣ ବା କର୍ମତ୍ୟାଗ ।

(୮୬୧) କର୍ମସୂତ୍ର : ସମସ୍ତ କର୍ମ ତ୍ୟାଗ କରି ଏକମାତ୍ର ଭଗବାନଙ୍କ ଶରଣାପନ୍ନ ହୋଇ ତାଙ୍କରି ଉଦ୍ଦେଶ୍ୟରେ କର୍ମ କରିଯିବାହିଁ ଯଥାର୍ଥ କର୍ମ ସନ୍ନ୍ୟାସ । ତେଣୁ କର୍ମସନ୍ନ୍ୟାସପୂର୍ବକ ସମସ୍ତ ତ୍ୟାଗ କରିବା ଦରକାର । ସମସ୍ତ କର୍ମ ଏବଂ ତତ୍‌ବିଷୟକ ଚିନ୍ତା ତ୍ୟାଗକରି ସର୍ବଦା ସଂଯତଚିତ୍ତ ହୋଇ ଏକମାତ୍ର ଶ୍ରୀଗୁରୁଦେବଙ୍କୁ ଭଗବତ୍‌ଜ୍ଞାନରେ ଚିନ୍ତା ଓ ତାଙ୍କର ପ୍ରିୟ କର୍ମର ଅନୁଷ୍ଠାନ କରିବା ବିଧେୟ । ସ୍ୱରୂପଧ୍ୟାନରୁ କେବେହେଲେ ବିଚ୍ୟୁତ ହେବା ଉଚିତ ନୁହେଁ । ବିବେକବଶରୁ ଅର୍ଥାତ୍ ଜ୍ଞାନପୂର୍ବକ ବିହିତ କର୍ମର ବିଧିପୂର୍ବକ ତ୍ୟାଗକୁ ସନ୍ନ୍ୟାସ କୁହାଯାଏ । ସ୍ୱେଚ୍ଛାପୂର୍ବକ ବିଧିବିବର୍ଜିତଭାବରେ କର୍ମ ତ୍ୟାଗ କଲେ ପାପରେ ଲିପ୍ତ ହେବାକୁ ପଡ଼େ । ସମସ୍ତ ପ୍ରକାର ତ୍ୟାଗକୁ ସନ୍ନ୍ୟାସ କୁହାଯାଏ । ଆତ୍ମଜ୍ଞାନଲାଭ ପୂର୍ବରୁ କର୍ମ ତ୍ୟାଗ କଲେ ସେଥିରେ ପତନ ହୁଏ । ଆତ୍ମଜ୍ଞାନ ଲାଭ ନ କରି କର୍ମ ତ୍ୟାଗ କଲେ କିମ୍ବା କର୍ମ ସମର୍ପଣ କରି ନିଶ୍ଚିନ୍ତରେ ନିଷ୍କ୍ରିୟଭାବରେ ବସିରହିଲେ ଜଗତର ବିବିଧ ଅନିଷ୍ଟ ସାଧିତ ହୋଇଥାଏ । ଶ୍ରୀଗୁରୁଦେବଙ୍କଠାରୁ ତତ୍ତ୍ୱଜ୍ଞାନ ଲାଭ ନ କରି

କର୍ମ ତ୍ୟାଗ କଲେ କର୍ମ ଓ ବ୍ରହ୍ମ ଉଭୟରୁ ଭ୍ରଷ୍ଟ ହୋଇ ଅହଙ୍କାରରୂପ ଭୀଷଣ କୁମ୍ଭୀରକର୍ତ୍ତୃକ କବଳିତ ହୋଇ ବିନଷ୍ଟ ହେବାକୁ ପଡ଼େ ।

ଆତ୍ମଜ୍ଞାନ ବିନା ନ୍ୟାସଂ ପତିତାୟୈବ କଳ୍ପତେ
କର୍ମ ବ୍ରହ୍ମୋଭୟ ଭ୍ରଷ୍ଟଃ ନାନ୍ୟଂ ଦ୍ୱିକୂଳବର୍ଜ୍ଜିତଃ
ଅହଙ୍କାର ମହାଗ୍ରାହ ଗ୍ରସ୍ୟମାନୋ ବିନଶ୍ୟତି ।୪୨। —ଶାନ୍ତିପର୍ବ

ଦେହ, ପ୍ରାଣ, ଇନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ, ଅହଙ୍କାର, ବାସନା, ଚେଷ୍ଟା ଓ ଦୈବ– ଏହିମାନେ ହିଁ କର୍ମର ସଙ୍ଗୀ ।

(୮୬୨) କର୍ମତ୍ୟାଗ ବିଧି : ଯେଉଁମାନେ ଉଦର ପୂରଣ ନିମିତ୍ତ ବିଶେଷ ଅନୁପଯୁକ୍ତ, ଦ୍ରବ୍ୟସଞ୍ଚୟରେ ଆସକ୍ତ, ଯେଉଁମାନେ ଆତ୍ମ-ତତ୍ତ୍ୱହୀନ ହୋଇ କର୍ମ ତ୍ୟାଗ କରି ସନ୍ନ୍ୟାସୀ ହୁଅନ୍ତି, ସେମାନଙ୍କ ଜୀବନ ବିଡ଼ମ୍ବନା ମାତ୍ର । ଅତଏବ ବୈରାଗ୍ୟଯୁକ୍ତ ଭଗବତ୍‌ପ୍ରୀତି ନିମିତ୍ତ ଅର୍ଥାତ୍ ଶ୍ରୀଗୁରୁଦେବଙ୍କ ସେବାନିମିତ୍ତ ଯେଉଁ କାମ୍ୟ କର୍ମତ୍ୟାଗ, ତାହାହିଁ ପ୍ରକୃତ କର୍ମତ୍ୟାଗ । ତତ୍ତ୍ୱଜ୍ଞାନ ଅନଭିଜ୍ଞ ବ୍ରହ୍ମଚାରୀ, ଗୃହସ୍ଥ, ସନ୍ନ୍ୟାସୀ ବର୍ଣ୍ଣାଶ୍ରମଧର୍ମ ମାର୍ଗରେ ବିଧିନିଷେଧ ମଧ୍ୟଦେଇ ଗତି କରିବା ଆବଶ୍ୟକ । ପରେ ଜ୍ଞାନ ଲାଭ ହେଲେ ଏମାନେ ସର୍ବବିଧ କର୍ମବନ୍ଧନରୁ ମୁକ୍ତି ଲାଭ କରିପାରିବେ ।

(୮୬୩) ବାସନା : ପୂର୍ବାପର ବିଚାର ନ କରି ଦୃଢ଼ ଭାବନା ସହିତ ପଦାର୍ଥର ପ୍ରାପ୍ତିବିଷୟକ ଇଚ୍ଛାକୁ ବାସନା କୁହାଯାଏ । ଏହା ଶୁଦ୍ଧା ଓ ମଳିନା ଭେଦରେ ଦ୍ୱିବିଧ । ମଳିନ ବାସନା ଜୀବର ଜନ୍ମର କାରଣ ହୁଏ ଏବଂ ଶୁଦ୍ଧ ବାସନା ଜୀବର ଜନ୍ମ ନିରୋଧ କରେ ।

(୮୬୪) ମଳିନ ବାସନା : ଘୋର ଅଜ୍ଞାନତାବଶରୁ ରଜ-ତମଗୁଣଶାଳିନୀ ଅହଙ୍କାରଯୁକ୍ତ ଯେଉଁ ବାସନା, ତାହାକୁ ପଣ୍ଡିତମାନେ ମଳିନ ବାସନା କହନ୍ତି ।

(୮୬୫) ଶୁଦ୍ଧା ବାସନା : ମଳିନ ବାସନା ପରିତ୍ୟାଗ କରି କେବଳ ଦେହଧାରଣ ଉପଯୋଗୀ କର୍ମାଦିଦ୍ୱାରା ଜ୍ଞେୟବସ୍ତୁନିମିତ୍ତ ଯେଉଁ ଜ୍ଞାନଲାଭ ବାସନା ତାହା ହିଁ ଶୁଦ୍ଧା ବାସନା । ବିଷୟାଭିଳାଷ ହିଁ ମଳିନ ବାସନା ଏବଂ ବିବେକବଶରୁ ସେଥିରେ ଦୋଷ ଦର୍ଶନ କରି ତାହାର ସାନ୍ନିଧ ତ୍ୟାଗ କଲେ ଏବଂ ତାହାର ସଙ୍ଗ ତ୍ୟାଗ କଲେ ତଦ୍‌ବିପରୀତ ଶୁଦ୍ଧା ବାସନା ଉତ୍ପନ୍ନ ହୋଇଥାଏ ।

(୮୬୬) ବାସନାକ୍ଷୟର ଉପାୟ : ଅନାତ୍ମବିଷୟକ ଚିନ୍ତା ତ୍ୟାଗ କରି

ଆତ୍ମବାସନା ଜାଗ୍ରତ କରିପାରିଲେ ଅର୍ଥାତ୍ ଲୋକବାସନା, ଦେହବାସନା, ଶାସ୍ତ୍ରବାସନାରୂପ ଯେଉଁ ସଂସାରଜାଲରେ ଆତ୍ମବାସନା ଆବୃତ ହୋଇରହିଛି, ଶ୍ରୀଗୁରୁଦେବଙ୍କ ନିକଟରୁ ଆତ୍ମାଜ୍ଞାନ ଲାଭ କରି ଆତ୍ମନିଷ୍ଠ ହେଲେ ସେହି ସଂସାରଜାଲରୁ ଜୀବ ମୁକ୍ତିଲାଭ କଲେ । ସେତେବେଳେ ଆତ୍ମା ସ୍ୱପ୍ରକାଶରୂପରେ ପ୍ରତୀୟମାନ ହୁଏ । ସତ୍ସଙ୍ଗ ଓ ଆତ୍ମନିଷ୍ଠାଦ୍ୱାରା ତତ୍ତ୍ୱଜ୍ଞାନ ଲାଭ ହେଲେ ବାସନା କ୍ଷୟ ହୁଏ । ଜନ୍ମର ଦୁଃଖ, ଜରାର ଦୁଃଖ ସ୍ମରଣ କଲେ ମଧ ବାସନା କ୍ଷୟ ହୁଏ । ମାତୃଗର୍ଭରୂପକ ନରକବାସ, ବାଲ୍ୟଜୀବନର ବିବିଧ ବୃଥା ଭୟ, ଯୌବନର ନାନାବିଧ ସୁଖମିଶ୍ରିତ ଦୁଃଖ, ଜରାବସ୍ଥାରେ ବଳବୀର୍ଯ୍ୟହୀନ ଜୀର୍ଣ୍ଣଶରୀର, ପଳିତକେଶ, ଲୋଳିତଚର୍ମ, ଗଳିତଦନ୍ତ, ଶ୍ୱାସକାଶାଦି ବ୍ୟାଧିଗ୍ରସ୍ତ ହୋଇ ପରାଧୀନ ଅବସ୍ଥାରେ ନିରୂପାୟ ଭାବରେ ଅବସ୍ଥାନ କରିବାର ଭୟଙ୍କର ଦୁଃଖ, ତା'ପରେ ମୃତ୍ୟୁଯନ୍ତ୍ରଣା ଓ ନରକ ଯନ୍ତ୍ରଣାଦି କଥା ବିଚାର କଲେ ବାସନା ସ୍ୱତଃ କ୍ଷୟିତ ହୁଏ । ସ୍ତ୍ରୀ ସଙ୍ଗ ଏବଂ ସ୍ତ୍ରୀ ସଙ୍ଗୀଙ୍କ ସଙ୍ଗ ତ୍ୟାଗ କରିପାରିଲେ ସଂସାର-ବାସନା କ୍ଷୟ ହୁଏ । କାମିନୀ କାଞ୍ଚନ, ବସନ ଓ ଦ୍ରବ୍ୟ ଉପଭୋଗନିମିତ୍ତ ଲୁବ୍ଧ, ବିବେକହୀନ ବ୍ୟକ୍ତି ଅନଳରେ ପତଙ୍ଗସଦୃଶ ବିନଷ୍ଟ ହୁଅନ୍ତି । ତେଣୁ ମଳିନ ବାସନା ତ୍ୟାଗ କରି ମୈତ୍ରୀଭାବନା ଅଭ୍ୟାସ କରିବା ବିଧେୟ ।

(୮୬୭) **ପରିକର୍ମ ସାଧନ :** ମୈତ୍ରୀ, କରୁଣା, ମୁଦିତା ଏବଂ ଉପେକ୍ଷା— ଏହା ହିଁ ଚତୁର୍ବିଧ ମୈତ୍ରୀ ବାସନା । ସୁଖୀମାନଙ୍କୁ ଦର୍ଶନ କରି ଈର୍ଷାପରାୟଣ ନ ହୋଇ ସେମାନଙ୍କ ସୁଖରେ ସୁଖୀ ହେବା ବିଧେୟ । ଦୁଃଖୀମାନଙ୍କୁ ଦେଖି ତାହା ସେମାନଙ୍କର ପାପର ଫଳ ବୋଲି ମନେ ନ କରି ସେମାନଙ୍କପ୍ରତି ଯଥାଯଥ କରୁଣା ପ୍ରଦର୍ଶନ କରିବା ଆବଶ୍ୟକ । ପୁଣ୍ୟଶୀଳ ବ୍ୟକ୍ତିମାନଙ୍କୁ ଦେଖି ଆନନ୍ଦିତ ହେବା ବିଧେୟ ଏବଂ ଖଳ, ପାପାଚାରୀ ବ୍ୟକ୍ତିମାନଙ୍କୁ ଉପେକ୍ଷା କରିବା ଦରକାର ଅର୍ଥାତ୍ ସେମାନଙ୍କ ସଙ୍ଗ ତ୍ୟାଗ କରିବା ବିଧେୟ; ଏହା ହିଁ ଉପେକ୍ଷା ମଧରେ ଗଣ୍ୟ । ଏହି ସାଧନାର ନାମ ପରିକର୍ମ ସାଧନା । ଏହାଦ୍ୱାରା ମାତ୍ସର୍ଯ୍ୟାଦି ତମୋଗୁଣ ବଶୀଭୂତ ହୋଇ ଚିତ୍ତ ପ୍ରସନ୍ନଭାବ ଧାରଣ କରେ ।

(୮୬୮) **ନିଷ୍କାମକର୍ମ :** ଜ୍ଞାନୀମାନଙ୍କ ବ୍ୟତୀତ ତାର୍କିକମାନଙ୍କର କେବେହେଲେ ଜ୍ଞାନ ଲାଭ ହୁଏ ନାହିଁ । କେବଳ ସଦ୍ଗୁରୁଙ୍କ କୃପାରୁ ଜ୍ଞାନ ଲାଭ ହୁଏ । ଯେଉଁମାନେ ସମସ୍ତ କର୍ମ ତ୍ୟାଗ କରି ଶ୍ରୀଗୁରୁଦେବଙ୍କ ଶରଣାପନ୍ନ ହୋଇ

ତାଙ୍କ ଉପଦେଶ ପାଳନରୂପ ସାଧନାରେ ବ୍ରତୀ ହୁଅନ୍ତି ଏବଂ ତାଙ୍କ ପ୍ରୀତିନିମିତ୍ତ ସମସ୍ତ କର୍ମ ସମ୍ପାଦନ କରନ୍ତି, ସେମାନଙ୍କର ସେହିସବୁ କର୍ମକୁ ନିଷ୍କାମକର୍ମ କୁହାଯାଏ । ତାହାଫଳରେ ସେମାନଙ୍କର ଚିତ୍ତଶୁଦ୍ଧି ଲାଭ ହୁଏ ।

(୮୬୯) **ଚିତ୍ତଶୁଦ୍ଧିର ଲକ୍ଷଣ :** ଚିତ୍ତ ଶୁଦ୍ଧଭାବ ଧାରଣ କଲେ ବିବେକବୁଦ୍ଧିର ଉଦୟ ହୁଏ ଅର୍ଥାତ୍ ବିଚାର କରିବା ଶକ୍ତି ଲାଭ ହୁଏ । ବିବେକର ଉଦୟ ହେଲେ ଯଥାସାଧ୍ୟ ସାଧନ-ଭଜନରେ ପ୍ରବୃତ୍ତି ଓ ନାମରେ ରୁଚି ଜାତ ହୁଏ । ଆତ୍ମବାସନାର ଉଦୟ ହୁଏ; ଭଗବାନଙ୍କୁ, ସଦ୍‌ଗୁରୁଙ୍କୁ ଲାଭ କରିବାନିମିତ୍ତ ଚିତ୍ତ ବ୍ୟାକୁଳ ହୁଏ । ସତ୍‌କର୍ମରେ ପ୍ରବୃତ୍ତି ଜାତ ହୁଏ । ସେତେବେଳେ ଭଗବାନଙ୍କୁ ପାଇବାପାଇଁ ଏବଂ ଆତ୍ମଜ୍ଞାନଲାଭନିମିତ୍ତ ଚିତ୍ତରେ ସ୍ୱତଃ ଜ୍ଞାନୀଗୁରୁଙ୍କ ଅନୁସନ୍ଧାନ କରିବାକୁ ଏବଂ ସାଧୁସଙ୍ଗଲାଭନିମିତ୍ତ ପ୍ରବୃତ୍ତି ଜାତ ହୁଏ । ଏହା ହେଲେ ସାଧକ ଦମ୍ଭ, ଅଭିମାନ, ଅହଙ୍କାର ତ୍ୟାଗ କରି ସଦ୍‌ଗୁରୁଙ୍କ ଆଶ୍ରୟ ଗ୍ରହଣ କରନ୍ତି ଏବଂ ଶ୍ରୀଗୁରୁଦେବଙ୍କ ଚରଣାଶ୍ରିତ ହୋଇ ସର୍ବକର୍ମ ସମର୍ପଣପୂର୍ବକ ତାଙ୍କ ସେବାରେ ନିଯୁକ୍ତ ହୁଅନ୍ତି । ତାଙ୍କର ଭଗବତ୍ ବ୍ୟାକୁଳତା ଜାତ ହୁଏ । ସାଧକ ଶ୍ରୀଗୁରୁଦେବଙ୍କୁ ଭଗବତ ଜ୍ଞାନ କରି ସେବାନିରତ ଥାଇ ତାଙ୍କ ତୁଷ୍ଟିନିମିତ୍ତ ଆନନ୍ଦରେ କର୍ମ କରିଯାଆନ୍ତି । ଏପରି କରିପାରିଲେ ଶ୍ରୀଗୁରୁଦେବଙ୍କ କୃପାରୁ ତତ୍ତ୍ୱଜ୍ଞାନ ଲାଭ ହୋଇଥାଏ । ଶ୍ରୀଗୁରୁଦେବ ପ୍ରସନ୍ନ ହେଲେ ପରତତ୍ତ୍ୱ ଲାଭ ହୋଇଥାଏ । ଶ୍ରୀଗୁରୁଦେବଙ୍କଠାରୁ ଜ୍ଞାନ ଲାଭ କରି ସେହି ଗୁରୁଦେବଙ୍କର ବାକ୍ୟ ପୁନଃ ପୁନଃ ସ୍ମରଣ, ମନନ ଓ ନିଦିଧ୍ୟାସନ କରି ସେହି ଭଗବାନକୁ ପୁଷ୍ଟ କରିବାକୁ ହୁଏ ।

(୮୭୦) **ପ୍ରାରବ୍ଧ କର୍ମ :** ମାନବର ବାସନା, ଇଚ୍ଛା ଓ ପ୍ରବୃତ୍ତି ପ୍ରାରବ୍ଧ କର୍ମଦ୍ୱାରା ନିୟନ୍ତ୍ରିତ ହୁଏ । ପ୍ରବୃତ୍ତି ବା ନିବୃତ୍ତି ବିଷୟରେ ପ୍ରାରବ୍ଧ ବଳବାନ । ଶରୀରରେ ଭୋଗ ଓ ଜ୍ଞାନ ଉଭୟ ହିଁ ପ୍ରାରବ୍ଧ । ଭୋଗଦାତା ପ୍ରାରବ୍ଧ, କର୍ମ ଭୋଗ ପ୍ରଦାନ କରି ଶରୀର ସହିତ ନଷ୍ଟ ହୋଇଯାଏ; କିନ୍ତୁ ନିବୃତ୍ତିମୂଳକ ଅର୍ଥାତ୍ ଜ୍ଞାନଉତ୍ପାଦନ ପ୍ରାରବ୍ଧ ଜ୍ଞାନ ଲାଭପରେ ମଧ୍ୟ ଶରୀରକୁ ଭୋଗ ପ୍ରଦାନ କରିଥାଏ । ଜ୍ଞାନ ଉତ୍ପନ୍ନ ହେଲେ ମଧ୍ୟ ଶରୀର ଥିବାପର୍ଯ୍ୟନ୍ତ ପ୍ରାରବ୍ଧ କର୍ମର ବିନାଶ ହୁଏ ନାହିଁ । ଜ୍ଞାନାଗ୍ନି ସର୍ବକର୍ମ ବିନାଶ କରିବାକୁ ସମର୍ଥ । ଜ୍ଞାନାଗ୍ନି ପ୍ରାରବ୍ଧ କର୍ମ ବ୍ୟତୀତ ସଞ୍ଚିତ ଓ କ୍ରିୟମାଣ କର୍ମର ବିନାଶ ମଧ୍ୟ କରିଥାଏ । ଜ୍ଞାନୀମାନେ ପ୍ରାରବ୍ଧବଶରୁ ବିଷୟ ଭୋଗ କଲେ ମଧ୍ୟ ସେଥିରେ ଲିପ୍ତ ହୁଅନ୍ତି ନାହିଁ । ତେଣୁ ପ୍ରାରବ୍ଧ ସେମାନଙ୍କର କିଛି ଅନିଷ୍ଟ କରିପାରେ ନାହିଁ ।

(୮୭୧) ସତ୍ୟର ତ୍ରୟୋଦଶ ସ୍ୱରୂପ : ଅପକ୍ଷପାତିତ୍ୱ ବା ନିରପେକ୍ଷ ଭାବ, ଇନ୍ଦ୍ରିୟନିଗ୍ରହ, ଅମତ୍ସରତା, କ୍ଷମା, ଲଜ୍ଜା, ତିତିକ୍ଷା, ଅନସୂୟା, ତ୍ୟାଗ, ଧ୍ୟାନ, ସରଳତା, ଧୈର୍ଯ୍ୟ, ଦୟା ଓ ଅହିଂସା—ଏହି ବୃତ୍ତିଗୁଡ଼ିକ ସତ୍ୟର ତ୍ରୟୋଦଶ ସ୍ୱରୂପ ।

(୮୭୨) ସାଧକଙ୍କ ତ୍ରୟୋଦଶ ଦୋଷ : କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ଈର୍ଷା, ଶୋକ, ନିନ୍ଦା, ଅକାର୍ଯ୍ୟରେ ପ୍ରବୃତ୍ତି, ଅସୂୟା, ଅନ୍ୟକୁ ଅନୁଗ୍ରହ, ଭୟ, ପ୍ରତିଶୋଧ ଇଚ୍ଛା—ଏହା ହିଁ ସତ୍ୟପଥଗାମୀ ସାଧକଙ୍କର ଦୋଷ ବା ସତ୍ୟପଥର ବିଘ୍ନ ।

(୮୭୩) ପଞ୍ଚଦୋଷ : କାମ, କ୍ରୋଧ, ଭୟ, ନିଦ୍ରା ଓ ଶ୍ୱାସ-ପ୍ରଶ୍ୱାସ—ପ୍ରତ୍ୟେକ ପ୍ରାଣୀ ଶରୀରରେ ଏହି ପଞ୍ଚଦୋଷ ବିଦ୍ୟମାନ ।

(୮୭୪) ପଞ୍ଚଦୋଷ ଜୟର ଉପାୟ : କ୍ଷମାଦ୍ୱାରା କ୍ରୋଧକୁ, ସଂକଳ୍ପ ଜୟଦ୍ୱାରା କାମକୁ: ସତ୍ତ୍ୱଗୁଣାବଲମ୍ବୀ ହେଲେ ନିଦ୍ରାକୁ, ଅପ୍ରମତ୍ତତାଦ୍ୱାରା ଭୟକୁ ଏବଂ ମିତାହାର ବିହାରଦ୍ୱାରା ଶ୍ୱାସକୁ ଜୟ କରାଯାଏ ।

(୮୭୫) ସଂସାର-ସମୁଦ୍ର : ଦୁଃଖ ସଂସାର-ସମୁଦ୍ରର ଜଳ; ଚିନ୍ତା ଏବଂ ଶୋକ ଏହାର ହ୍ରଦ; ବ୍ୟାଧି ଓ ମୃତ୍ୟୁ ଏହାର ଜଳଜନ୍ତୁ । ଭୟ ଏହାର ସର୍ପ; ତମୋଗୁଣ ହେଉଛି କୂର୍ମ; ରଜୋଗୁଣ ମତ୍ସ୍ୟ; ସ୍ନେହମମତା ପଙ୍କ; ଜରା ହେଉଛି ଦୁର୍ଗମସ୍ଥାନ; କର୍ମ ଏହାର ଗଭୀରତା; ସତ୍ୟ ଏହା ତଟ । ହିଂସା ଏହାର ତରଙ୍ଗ । ବିବିଧ ରସ ଓ ପ୍ରୀତି ଏହାର ରତ୍ନ । ବାସନା ବାୟୁ; ତୃଷ୍ଣା ଆବର୍ତ୍ତ । ଦାନ ଏହାର ମୁକ୍ତା । ହାସ୍ୟ ଓ ଚିତ୍କାର ଏହାର ମହାତରଙ୍ଗ । ଅହିଂସା ଓ ସତ୍ୟ ଏହାର ସୀମା । ଜ୍ଞାନ ଏହାର ଉତ୍ତାପ ଏବଂ ମୋକ୍ଷ ଏହାର ଦୁର୍ଲ୍ଲଭବସ୍ତୁ ।

(୮୭୬) ପଞ୍ଚ ମହାପାତକ : ସୁରାପାନ, ବ୍ରହ୍ମହତ୍ୟା, ଗୁରୁତଳ୍ପଗାମୀତ୍ୱ; ବ୍ରହ୍ମସ୍ୱ ହରଣ; ସୁବର୍ଣ୍ଣ ଚୋରୀ– ଏହା ହିଁ ପଞ୍ଚ ମହାପାତକ ।

(୮୭୭) ଅସୁର ମାନବ : ଯେଉଁମାନେ କାୟମନୋବାକ୍ୟରେ ସମସ୍ତଙ୍କର ପ୍ରତିକୂଳ ଆଚରଣ କରନ୍ତି, ଯେଉଁମାନେ ହିଂସ୍ରୁକ, ଚୋର, ଧୂର୍ତ୍ତ, ପରସ୍ତ୍ରୀଗାମୀ ନୀଚକର୍ମପରାୟଣ, ଶୌଚ ସଦାଚାରବିହୀନ, ପବିତ୍ରତା ପ୍ରତି ଦ୍ୱେଷପରାୟଣ, ଯେଉଁମାନେ ସାଧୁମାନଙ୍କ ଚରିତ୍ର ଉପରେ କଳଙ୍କ ଆରୋପକାରୀ, ଅନ୍ୟର ଉଦ୍‌ବେଗକାରୀ, ପରନିନ୍ଦୁକ, ନିଜ ପ୍ରଶଂସାରତ, ଯେଉଁମାନେ ନିଜ ଧର୍ମାଚରଣ

କଥା ଗୋପନ ନ ରଖି ଅନ୍ୟତ୍ର ପ୍ରକାଶ କରନ୍ତି; ଯେଉଁମାନେ ସାଧୁମାନଙ୍କୁ ସମାଜର ଶତ୍ରୁ ବୋଲି ଧାରଣା କରନ୍ତି, ଉପକାରୀବ୍ୟକ୍ତିଙ୍କର ଅପକାର କରିବାକୁ ଯେଉଁମାନେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ ଏବଂ ଯେଉଁମାନେ ଏକାକୀ ମିଷ୍ଟଦ୍ରବ୍ୟ ଭୋଜନକରନ୍ତି; ସେହିମାନେ ହିଁ ମାନବମାନଙ୍କ ମଧ୍ୟରେ ଅସୁର ବୋଲି ଜାଣିବ ।

(୮୭୮) **ଲକ୍ଷ୍ମୀବୃଦ୍ଧିର ଅଷ୍ଟଉପାୟ :** ଧୈର୍ଯ୍ୟ, ଦକ୍ଷତା, ଲୋଭସଂଯମ, ବୁଦ୍ଧି ଶୁଦ୍ଧି, ଶାରୀରିକ ପଟୁତା, ଗାମ୍ଭୀର୍ଯ୍ୟ, ଶୌର୍ଯ୍ୟ ଏବଂ ସାବଧାନତା ସହିତ ଦେଶକାଳ ପର୍ଯ୍ୟବେକ୍ଷଣ—ଏହି ଅଷ୍ଟବିଧବୃତ୍ତି ଲକ୍ଷ୍ମୀବୃଦ୍ଧିର ପ୍ରଧାନ କାରଣ ।

(୮୭୯) **ତ୍ରିଗୁଣର ଧର୍ମ :** ହର୍ଷ, ପ୍ରୀତି, ଆନନ୍ଦ ଓ ପ୍ରଶାନ୍ତଚିତ୍ତତା ହେଉଛି ସତ୍ତ୍ୱଗୁଣର ଲକ୍ଷଣ । ଅସନ୍ତୋଷ, ପରିତାପ, ଶୋକ, ଲୋଭ ଓ ଅକ୍ଷମା ହେଲା ରଜୋଗୁଣର ଧର୍ମ ଏବଂ ଅପମାନ, ମୋହ, ପ୍ରମାଦ, ସ୍ୱପ୍ନ ଓ ତନ୍ଦ୍ରା–ଏହାର ତମୋଗୁଣର ଧର୍ମ ବା ଲକ୍ଷଣ ।

(୮୮୦) **ସିଦ୍ଧିର ଚତୁର୍ବିଧ ଉପାୟ :** ଜ୍ଞାନାଲୋଚନା, ତପାନୁଷ୍ଠାନ, ଇନ୍ଦ୍ରିୟସଂଯମ ଓ ତ୍ୟାଗ ହେଉଛି ସିଦ୍ଧିର ପ୍ରଧାନ ଉପାୟ ।

(୮୮୧) **ଜୀବଦେହରେ ଦେବତାଙ୍କ ସ୍ଥାନ :** ଜୀବର ଚରଣରେ ବିଷ୍ଣୁ, ପାଦତଳରେ ବଳୀ, ହସ୍ତରେ ଇନ୍ଦ୍ର, ଉଦରରେ ଅଗ୍ନି, କର୍ଣ୍ଣରେ ଦିଗ୍‌ପାଳ, ଜିହ୍ୱାରେ ବରୁଣ, କଣ୍ଠରେ ସରସ୍ୱତୀ, ହୃଦୟରେ ଜୀବାତ୍ମା ଓ ମସ୍ତକରେ ପରମାତ୍ମାଙ୍କ ସ୍ଥାନ ।

(୮୮୨) **ସାଧୁବ୍ୟକ୍ତିଙ୍କର ପ୍ରଧାନ ଲକ୍ଷଣ :** ଶାନ୍ତପ୍ରକୃତି, ଜିତେନ୍ଦ୍ରିୟ, ଧ୍ୟାନନିଷ୍ଠ, ଭଗବତ୍‌ଅନୁରକ୍ତ, ଗୁରୁଚରଣରେ ଐକାନ୍ତିକ ନିଷ୍ଠାପରାୟଣ ବା ଗୁରୁସେବକ, ଶାସ୍ତ୍ରତତ୍ତ୍ୱଜ୍ଞ, କାମ-କ୍ରୋଧ ଲୋଭ-ଭୟ ଓ ନିଦ୍ରାଜୟୀ, ଏବଂ ଆଚାର୍ଯ୍ୟଙ୍କ ଶ୍ରୀମୁଖରୁ ଜ୍ଞାନଲାଭେଚ୍ଛୁ ବ୍ୟକ୍ତିମାନେ ହିଁ ସାଧୁ । ଏମାନେ ଶାନ୍ତ ଗୁଣର ଅଭ୍ୟାସଦ୍ୱାରା କ୍ରୋଧ, ସଂକଳ୍ପତ୍ୟାଗ ଦ୍ୱାରା କାମ ଏବଂ ସତ୍ତ୍ୱଗୁଣର ଅନୁଶୀଳନଦ୍ୱାରା ନିଦ୍ରା ଜୟ କରିଥାନ୍ତି । ଏମାନେ ଧୈର୍ଯ୍ୟଦ୍ୱାରା କାମନା; ଚକ୍ଷୁ ଓ ହସ୍ତପଦାଦିଦ୍ୱାରା ଜ୍ଞାନଲାଭ ଇଚ୍ଛାରେ ଗୁରୁଶୁଶ୍ରୂଷା କରିବାହେତୁ ଦମ୍ଭକୁ ଜୟ କରି ସାଧୁଭାବରେ ଅବସ୍ଥାନ କରନ୍ତି । ଏହିଭଳି ବ୍ୟକ୍ତିଙ୍କ ସଙ୍ଗ ସାଧୁସଙ୍ଗ ମଧ୍ୟରେ ଗଣ୍ୟ ।

(୮୮୩) **ସାଧୁମାନଙ୍କର କର୍ତ୍ତବ୍ୟ :** ମନକଷ୍ଟକାରକ ହିଂସାଯୁକ୍ତ ଅପ୍ରିୟବଚନ ତ୍ୟାଗ କରି ମିଷ୍ଟଭାଷୀ ହେବା, ଗୁରୁ-ବ୍ରାହ୍ମଣଙ୍କ ସେବା କରିବା ଓ

ଦେବତାମାନଙ୍କୁ ପ୍ରଣାମ କରିବା ଏବଂ ନିନ୍ଦା-ପ୍ରଶଂସାରେ ଅବିଚଳିତ ରହିବା ହିଁ ସାଧୁମାନଙ୍କର କର୍ତ୍ତବ୍ୟ ।

(୮୮୪) ପରମଧର୍ମ : ବୁଦ୍ଧିଦ୍ୱାରା ଇନ୍ଦ୍ରିୟମାନଙ୍କର ସଂଯମ ସାଧନା କରି ଏକାଗ୍ରତା ଅଭ୍ୟାସ କରିବା, ମନ ଓ ଇନ୍ଦ୍ରିୟମାନଙ୍କୁ ଭଗବତ୍‌ମୁଖୀ କରାଇବା; ଆତ୍ମଜ୍ଞାନରୂପ ପ୍ରଦୀପଦ୍ୱାରା ପରମାତ୍ମାଙ୍କ ସ୍ୱରୂପ ଦର୍ଶନ କରିବା ସାଧୁମାନଙ୍କର ପରମଧର୍ମ ।

(୮୮୫) ସାଧକଙ୍କର ବିଧିନିଷେଧ : ମିତ୍ରଙ୍କ ପ୍ରତି ଅନୁଗ୍ରହ, ଶତ୍ରୁଙ୍କ ପ୍ରତି ନିଗ୍ରହ, ତ୍ରିବର୍ଗ ସଂଗ୍ରହ, ପାପରୁ ନିବୃତ୍ତି, ପୁଣ୍ୟସଞ୍ଚୟ, ସାଧୁସେବା, ସର୍ବଭୂତରେ ଦୟା ଅର୍ଥାତ୍ ପଞ୍ଚଯଜ୍ଞପରାୟଣତା, ସତ୍ୟଜ୍ଞାନ ଆଲୋଚନା, ଅହଙ୍କାର ତ୍ୟାଗ, ସାବଧାନତା, ସନ୍ତୋଷ, ଈଶ୍ୱର ଉପାସନା, ଜ୍ଞାନାଲୋଚନା, ଶାସ୍ତ୍ରଜିଜ୍ଞାସା ହେଉଛି ସାଧକଙ୍କର ଅବଶ୍ୟକରଣୀୟ କର୍ତ୍ତବ୍ୟ ।

ଦିବାନିଦ୍ରା ଓ ଆଳସ୍ୟ-ଜଡ଼ତାରେ ସମୟ ଅତିବାହିତ କରିବା, ଶଠତା, ପରନିନ୍ଦା, ଅହଙ୍କାର; ନିଜ ଗୁଣ କୀର୍ତ୍ତନ କରିବା ଓ ପରନିନ୍ଦା କରିବା ସାଧକମାନେ ତ୍ୟାଗ କରିବେ । ବିନା କାରଣରେ, ବିନା ଆହ୍ୱାନରେ ସାଧକମାନେ ଅନ୍ୟତ୍ର ଯିବେ ନାହିଁ; କିମ୍ବା କେହି ପ୍ରଶ୍ନ ନ କଲେ ଉପାଯାଚକ ହୋଇ କିଛି ଉପଦେଶ ପ୍ରଦାନ କରିବେ ନାହିଁ । ଯେଉଁ ସ୍ଥାନରେ ଗୁରୁଦେବ ଶିଷ୍ୟମାନଙ୍କୁ ଭୟ କରି ଚଳନ୍ତି କିମ୍ବା ଲୋଭହେତୁ ଶିଷ୍ୟମାନଙ୍କର ଅବଜ୍ଞାସୂଚକ ପ୍ରଶ୍ନର ଉତ୍ତର ପ୍ରଦାନକରନ୍ତି, ସାଧକମାନେ ସେ ସ୍ଥାନ ତ୍ୟାଗ କରିବେ । ଯେଉଁଠାରେ ଶାସ୍ତ୍ରବିଧି ଅନୁସାରେ ଅଧ୍ୟୟନ-ଅଧ୍ୟାପନା ହୁଏ, ତାହା ହିଁ ପ୍ରକୃତ ସତ୍‌ଶିକ୍ଷାକ୍ଷେତ୍ର । ସାଧକମାନେ ସେପରି କ୍ଷେତ୍ର କେବେହେଲେ ତ୍ୟାଗ କରିବେ ନାହିଁ । ଅର୍ଥ ଉପାର୍ଜ୍ଜନନିମିତ୍ତ ଧର୍ମର ଅନୁଷ୍ଠାନ କରିବେ ନାହିଁ । ଧର୍ମକାର୍ଯ୍ୟରେ ବ୍ୟୟନିମିତ୍ତ ଅର୍ଥୋପାର୍ଜ୍ଜନ କରିବା ବିଧେୟ । ଧର୍ମଲବ୍ଧ ଅର୍ଥରେ ଗୁରୁସେବା କରିବା କର୍ତ୍ତବ୍ୟ ।

(୮୮୬) ଧର୍ମାନୁମୋଦିତ ଅର୍ଥ : ଦାନଦ୍ୱାରା ପ୍ରାପ୍ତ ଅର୍ଥ ବ୍ରାହ୍ମଣମାନଙ୍କର ଧର୍ମାନୁମୋଦିତ ଅର୍ଥ, ଜୟରୁପ୍ରାପ୍ତ ଅର୍ଥ କ୍ଷତ୍ରିୟମାନଙ୍କର ଧର୍ମାନୁମୋଦିତ, ବୈଶ୍ୟମାନେ ଉପାର୍ଜ୍ଜନ କରିଥିବା ଅର୍ଥ, ଏବଂ ଶୁଦ୍ରମାନଙ୍କର ଶୁଶ୍ରୂଷାଦ୍ୱାରା ପ୍ରାପ୍ତ ଅର୍ଥ ଧର୍ମାନୁମୋଦିତ ବୋଲି ଜାଣିବ ।

(୮୮୭) ବୃତ୍ତିନିରୋଧର ଅର୍ଥ : ଚିତ୍ତବୃତ୍ତିର ନିରୋଧ ଅର୍ଥ ଗୋଟିଏ

ମାତ୍ର ଜ୍ଞାନକୁ ମନରେ ଉଦିତ ରଖି ଅନ୍ୟସମସ୍ତ ବୃତ୍ତିକୁ ତଦଭିମୁଖୀ କରିବା । ପୁନଃ ପୁନଃ ଚେଷ୍ଟାଦ୍ୱାରା ସ୍ୱେଚ୍ଛାଧୀନଭାବରେ ଯେଉଁ ବୃତ୍ତି ନିରୋଧ ତାହାକୁ ଯୋଗ କୁହାଯାଏ । ଚେଷ୍ଟା ନ କରି ଅନେକ ସମୟରେ ମନରେ ଯେଉଁ ନିରୋଧ ବା ସ୍ତବ୍ଧଭାବ ଆସେ, କିମ୍ବା ସାମୟିକ ଅନୁଭୂତି ଦ୍ୱାରା ଭଗବତ୍‌ଦର୍ଶନ ହୁଏ, ତାହା ବୃତ୍ତିନିରୋଧରୂପ ଯୋଗ ନୁହେଁ । ଏକ ଜ୍ଞାନବୃତ୍ତିକୁ ଅଳ୍ପକ୍ଷଣନିମିତ୍ତ ସ୍ଥାୟୀ କରିପାରିଲେ, ତାହାକୁ ଧ୍ୟାନଯୋଗ କୁହାଯାଏ । ସେହି ଏକତାନତା ବୃଦ୍ଧିପ୍ରାପ୍ତ ହୋଇ ଯେତେବେଳେ କେବଳ ଧ୍ୟେୟବସ୍ତୁରେ ଚିତ୍ତ ସ୍ଥିରଭାବ ଧାରଣ କରେ, ସ୍ୱେଚ୍ଛାଧୀନ ଏହି ସ୍ଥୈର୍ଯ୍ୟ ଅବସ୍ଥାକୁ ସମାଧି କୁହାଯାଏ । ବାହ୍ୟ ଜ୍ଞାନଶୂନ୍ୟ ଅବସ୍ଥାକୁ କେବେହେଲେ ସମାଧି କୁହାଯାଏ ନାହିଁ । ବୃତ୍ତି ନିରୋଧ ହେଲେ ତ୍ରିବିଧ ଦୁଃଖର ନିବୃତ୍ତି ହୁଏ । କେବଳ ବୃତ୍ତି ନିରୋଧକୁ ଯୋଗ କୁହାଯାଏ ନାହିଁ । ଗ୍ରାହ୍ୟ, ଗ୍ରହଣ, ଗ୍ରହୀତା ଆଦି ଯେ କୌଣସି ତତ୍ତ୍ୱରେ ଇଚ୍ଛାପୂର୍ବକ ମନକୁ ସ୍ଥିର ରଖିବାଦ୍ୱାରା ଯେଉଁ ବୃତ୍ତି ନିରୋଧ ହୁଏ, ତାହାହିଁ ଯୋଗ । ବୃତ୍ତିସମଷ୍ଟିର ନାମ ଚିତ୍ତ । ଚିତ୍ତର ସହଜଅବସ୍ଥାର ନାମ ଚିତ୍ତଭୂମି । ଚିତ୍ତଭୂମି ପଞ୍ଚବିଧ—କ୍ଷିପ୍ତ (ଅତ୍ୟନ୍ତ ଅସ୍ଥିର), ମୂଢ଼ (ଆସକ୍ତଚିତ୍ତ ଅର୍ଥାତ୍ ଯେ କୌଣସି ବିଷୟରେ ମୁଗ୍ଧ), ବିକ୍ଷିପ୍ତ (କେବେ ସ୍ଥିର ପୁଣି କେବେ ଅସ୍ଥିର), ଏକାଗ୍ର (ଅଭ୍ୟାସ ଦ୍ୱାରା ସ୍ଥିତିପ୍ରାପ୍ତ ଚିତ୍ତ ଅର୍ଥାତ୍ ଇଚ୍ଛା କଲେ ଯେଉଁ ଚିତ୍ତ ଭଗବତ୍ ସ୍ମରଣ-ମନନ କରିପାରେ) ଏବଂ ନିରୁଦ୍ଧ (ଇଚ୍ଛା କରି ଚିତ୍ତକୁ ଦ୍ରଷ୍ଟା ଆସନରେ ଉପବେଶନ କରାଇବା ଶକ୍ତି) । ଏକାଗ୍ର ନିରୁଦ୍ଧ ଚିତ୍ତ ହିଁ ମୋକ୍ଷ-ସାଧନର ଅଧିକାରୀ । ଅତଏବ ଅଭୀଷ୍ଟବୃତ୍ତି ବ୍ୟତୀତ ଅନ୍ୟ ସମସ୍ତ ବୃତ୍ତିର ନିରୋଧକୁ ଯୋଗ କୁହାଯାଏ ।

(୮୮୮) **ଯୋଗର ଲକ୍ଷଣ :** ପ୍ରଜ୍ଞାସ୍ଥିତି ବା ସମାପତ୍ତି ହିଁ ଯୋଗର ପ୍ରଧାନ ଲକ୍ଷଣ । ଯେପରି ବିଶୁଦ୍ଧ ସ୍ଫଟିକମଣି ନିକଟସ୍ଥ ଦ୍ରବ୍ୟଦ୍ୱାରା ଉପରଞ୍ଜିତ ହୋଇ ତତ୍‌ସ୍ୱରୂପତ୍ୱ ପ୍ରାପ୍ତ ହୁଏ, ସେହିପରି ସାଧକଙ୍କର ଏକାଗ୍ରଭୂମିକଚିତ୍ତ ଅଭୀଷ୍ଟ ଦେବତାଙ୍କ ପ୍ରତି ଅନୁରକ୍ତ ହେଲେ ଏବଂ ଇଷ୍ଟଦେବତାଙ୍କ ବ୍ୟତୀତ ଅନ୍ୟଚିନ୍ତାର ଉଦୟ ନ ହେଲେ, ତାଙ୍କ ଚିତ୍ତର ସେହି ଅବସ୍ଥାକୁ ସମାପତ୍ତି ବା ପ୍ରଜ୍ଞା କୁହାଯାଏ । ସାଧକ ଯେତେବେଳେ ଗ୍ରହୀତା, ଗ୍ରହଣ ଓ ଗ୍ରାହ୍ୟ ବିଷୟକ ଅବଲମ୍ବନରେ ସ୍ଥିତିଲାଭ କରନ୍ତି; ସେତେବେଳେ ତାହା ହିଁ ଚିତ୍ତର ସମାହିତ ଅବସ୍ଥା । ଗ୍ରହୀତା ଅର୍ଥ ମୁଁ ଜ୍ଞାତା, ବିଶୁଦ୍ଧ ଅହଂଜ୍ଞାନ ବା ବୁଦ୍ଧି । ଗ୍ରହଣ ହେଲା ଅନ୍ତଃକରଣ ମନ,

ଅହଂ । ବାହ୍ୟକାରଣ ହେଉଛି ପଞ୍ଚଜ୍ଞାନେନ୍ଦ୍ରିୟ ଓ ପଞ୍ଚକର୍ମେନ୍ଦ୍ରିୟ । ଗ୍ରାହ୍ୟ ହେଉଛି ପଞ୍ଚସ୍ଥୂଳଭୂତ ଓ ପଞ୍ଚତନ୍ମାତ୍ର ।

(୮୮୯) **ଋତମ୍ଭରା ପ୍ରଜ୍ଞା :** ସ୍ଥୂଳଭୂତର ସୂକ୍ଷ୍ମବିଷୟକୁ ତନ୍ମାତ୍ର କୁହଯାଏ । ଅର୍ଥାତ୍ ତନ୍ମାତ୍ର ହିଁ ସୂକ୍ଷ୍ମଭୂତ । ତନ୍ମାତ୍ରର ସୂକ୍ଷବିଷୟ ଅହଙ୍କାର । ଅହଙ୍କାରର ସୂକ୍ଷ୍ମବିଷୟ ବୁଦ୍ଧି । ବୁଦ୍ଧିର ସୂକ୍ଷ୍ମ ବିଷୟ ଅଲିଙ୍ଗ ବା ପ୍ରକୃତି । ଏହି ସବୁ ସୂକ୍ଷ୍ମବିଷୟକ ଜ୍ଞାନ ହିଁ ସବିଚାରା ଓ ନିର୍ବିଚାରା ସମାପତ୍ତି ଭାବରେ ଚିତ୍ତରେ ପ୍ରତିଷ୍ଠିତ ଥାଏ । ପୁରୁଷ ବା ଦ୍ରଷ୍ଟା ବିଷୟର ନିମିତ୍ତକାରଣ; ପ୍ରକୃତି ଉପାଦାନକାରଣ । ଯେଉଁ ପ୍ରଜ୍ଞା ସାହାଯ୍ୟରେ ଚରମ ସତ୍ୟଜ୍ଞାନ ଅନୁଭୂତ ହୋଇଥାଏ ତାହା ହିଁ ଋତମ୍ଭରା ପ୍ରଜ୍ଞା । ଋତ ଅର୍ଥ ଅଧିଗତ ସତ୍ୟ । ଏହି ଅଧିଗତ ସତ୍ୟ ଦ୍ୱାରା ଯେଉଁ ପ୍ରଜ୍ଞା ପରିପୂର୍ଣ୍ଣ, ତାହାହିଁ ଋତୁମ୍ଭରା ପ୍ରଜ୍ଞା । ସେହି ପ୍ରଜ୍ଞା ଶ୍ରୁତି ଓ ଅନୁମାନର ଅତୀତ । ସମାଧିଦ୍ୱାରା ସାକ୍ଷାତ୍‌ଦର୍ଶନ ଲାଭ ହୁଏ । ଏହି ଜ୍ଞାନକୁ ପ୍ରତ୍ୟକ୍ଷ ଅନୁଭବ ଜ୍ଞାନ କୁହାଯାଏ ।

(୮୯୦) **ଅବତାର :** ପୂର୍ଣ୍ଣବ୍ରହ୍ମ ଭଗବାନ ଲୀଳାଛଳରେ ସ୍ୱଧାମଚ୍ୟୁତ ହୋଇ ମର୍ତ୍ତ୍ୟମାନବର ଗୋଚରୀଭୂତ ହେବାନିମିତ୍ତ ଅବତରଣ କଲେ, ତାଙ୍କୁ ଅବତାର କୁହାଯାଏ । ଭଗବାନ ବା ପୂର୍ଣ୍ଣଈଶ୍ୱର ଅଥବା ଯେଉଁ ମହାଶକ୍ତିସମ୍ପନ୍ନ ସତ୍ତା କୌଣସି ବିଶେଷ ଅଭିପ୍ରାୟରେ ଦେବାସୁର, ଗନ୍ଧର୍ବ-କିନ୍ନରାଦି ଲୋକରେ ଏବଂ ପୃଥିବୀରେ ରାଜା, ମୁନି, ଋଷି ଏବଂ ସାଧାରଣ ଭକ୍ତଙ୍କ ଅଂଶ ସେବା ଛଳରେ ମାନବ ଆକାରରେ ସଞ୍ଜାତ ହୁଅନ୍ତି, ତାଙ୍କୁ ଅବତାର କୁହାଯାଏ । ଭଗବାନଙ୍କର ଅବତାର ଅସଂଖ୍ୟ । ତନ୍ମଧ୍ୟରେ ଯୁଗାବତାର, ଗୁଣାବତାର, ଜ୍ଞାନାବତାର, ବୈଭବାବତାର ପୁରୁଷାବତାର, ଲୀଳାବତାର, ମନ୍ୱନ୍ତରାବତାର, ଅଂଶାବତାର, ପୂର୍ଣ୍ଣାବତାର ଓ ଶକ୍ତ୍ୟାବେଶ ଅବତାର ପ୍ରଭୃତି ପ୍ରଧାନ ।

(୮୯୧) **ଯୁଗାବତାର :** ଭୂ-ଭାର ହରଣନିମିତ୍ତ ଭଗବାନଙ୍କର ସୃଷ୍ଟିର କ୍ରମବିକାଶ ସୂଚିତ ଯେଉଁ ଦଶାବତାର, ତାହାକୁ ଯୁଗାବତାର କୁହାଯାଏ । ସତ୍ୟଯୁଗରେ ମତ୍ସ୍ୟ, କୂର୍ମ, ବରାହ ଓ ନୃସିଂହ; ତ୍ରେତାଯୁଗରେ ବାମନ, ପର୍ଶୁରାମ ଓ ଶ୍ରୀରାମ; ଦ୍ୱାପରଯୁଗରେ ବଳରାମ ଓ ବୁଦ୍ଧ ଏବଂ କଳିଯୁଗରେ କଲ୍କି ଅବତାର—ଏହି ଦଶାବତାର ହିଁ ଯୁଗାବତାର ।

(୮୯୨) **ଗୁଣାବତାର :** ବିଷ୍ଣୁ, ବ୍ରହ୍ମା ଓ ଶିବ ଏମାନେ ଈଶ୍ୱରଙ୍କ ଗୁଣାବତାର । ପୂର୍ଣ୍ଣବ୍ରହ୍ମ ସନାତନ ଜଗଦୀଶ୍ୱର ତାଙ୍କର ତ୍ରିଗୁଣ ଶକ୍ତିକୁ ଆଶ୍ରୟ କରି

ବିଶ୍ୱର ସୃଷ୍ଟି, ସ୍ଥିତି ଓ ଲୟନିମିତ୍ତ ରଜୋଗୁଣରେ ବ୍ରହ୍ମା, ସତ୍ୱଗୁଣରେ ବିଷ୍ଣୁ ଓ ତମୋଗୁଣରେ ଶିବନାମ ଧାରଣ କରି ବ୍ୟକ୍ତ ହୁଅନ୍ତି । ଏହି ଭାବରେ ଉକ୍ତ ତିନିଗୋଟି କାର୍ଯ୍ୟ ନିମିତ୍ତ ତ୍ରିଗୁଣାଧୀଶ ହୋଇ ତ୍ରିବିଧ ଅବତାର ଗ୍ରହଣ କରନ୍ତି; ଏମାନେ ଗୁଣାବତାର ।

(୮୯୩) **ଜ୍ଞାନାବତାର :** ନାରଦ, ବ୍ୟାସ ପ୍ରଭୃତି ମହର୍ଷିଗଣ ଭଗବାନଙ୍କ ଜ୍ଞାନାବତାର । ଇନ୍ଦ୍ର ପ୍ରଭୃତି ଦେବଗଣ ତାଙ୍କର ବୈଭବାବତାର ଏବଂ ସ୍ୱାୟମ୍ଭୁବ ପ୍ରଭୃତି ମନୁଗଣ ତାଙ୍କର ମନ୍ୱନ୍ତରାବତାର । ମା ଦୁର୍ଗା, ମା କାଳୀ, ମା ଲକ୍ଷ୍ମୀ, ଗଣେଶ ଓ ସୂର୍ଯ୍ୟଦେବ ମଧ୍ୟ ଅବତାର ମଧ୍ୟରେ ଗଣ୍ୟ ।

(୮୯୪) **ପୂର୍ଣ୍ଣ ବା ଲୀଳାବତାର :** କାରଣ-ସମୁଦ୍ରଶାୟୀ ଭଗବାନ ବିଷ୍ଣୁ ତାଙ୍କର ପୁରୁଷାବତାର ଏବଂ ଶ୍ରୀକୃଷ୍ଣ ତାଙ୍କର ପୂର୍ଣ୍ଣାବତାର ଓ ଲୀଳାବତାର । ସାଧାରଣଇନ୍ଦ୍ରିୟ ଦ୍ୱାରା ଭଗବାନଙ୍କର ଉପରୋକ୍ତ ଅବତାରଙ୍କର ଶ୍ରୀମୂର୍ତ୍ତି ଦର୍ଶନ ହୋଇଥାଏ । ପୂର୍ଣ୍ଣଭଗବାନ କେବଳ ଅନୁଭବଗମ୍ୟ । କୌଣସି ସୂକ୍ଷ୍ମଦେହୀ ଦେବତା ବା ଋଷିମାନେ ମଧ୍ୟ ତାଙ୍କୁ ସମ୍ୟକ୍ ଦର୍ଶନ କରିପାରନ୍ତି ନାହିଁ । ସେମାନେ ଭଗବାନଙ୍କ ସତ୍ତା ଅନ୍ତରରେ ଅନୁଭବ କରିଥାନ୍ତି । ଭଗବାନଙ୍କର ଯେ କୌଣସି ଅବତାରକୁ ଅବଲମ୍ବନ କରି ଉପାସନା କଲେ ସେହି ସର୍ବବ୍ୟାପୀ ଭଗବାନଙ୍କୁ ଭକ୍ତ ଲାଭ କରିଥାନ୍ତି । ଈଶ୍ୱର ମାନବର ଅତି ନିକଟରେ ଅବସ୍ଥାନ କରୁଥିବାରୁ ତାଙ୍କୁ ଅନୁଭବ ବ୍ୟତୀତ ଦର୍ଶନ କରିବା ସମ୍ଭବପର ହୁଏ ନାହିଁ । ସୂର୍ଯ୍ୟଦେବତା ମଧ୍ୟ ଭଗବାନଙ୍କର ଅଂଶସ୍ୱରୂପ । ତେଣୁ ତାଙ୍କୁ ଅବଲମ୍ବନ କରି ଉପାସନା କରିବାର ବିଧି ପ୍ରଚଳିତ ଅଛି । ଏହି କଳିଯୁଗର ପ୍ରଥମରୁ ଭଗବାନ ଶ୍ରୀକୃଷ୍ଣରୂପରେ ପୂର୍ଣ୍ଣଭାବରେ ଅବତୀର୍ଣ୍ଣ ହୋଇଥିଲେ । ଅନ୍ୟାନ୍ୟ ଅବତାର ମଧ୍ୟରୁ ବିଶେଷ ଭାବରେ ଐଶ୍ୱରୀୟ ଗୁଣ, ଶକ୍ତି, ଜ୍ଞାନ ଓ ମହିମା ଶ୍ରୀକୃଷ୍ଣଙ୍କଠାରେ ବ୍ୟକ୍ତ ହେବାଫଳରେ ତାଙ୍କୁ ଶାସ୍ତ୍ରରେ ପୂର୍ଣ୍ଣାବତାର କୁହାଯାଇଅଛି । ଉପରୋକ୍ତ ଅବତାର ଭାବରେ ଚିତ୍ତ-ସଂଯୋଗ କରି ଭଗବତ୍ ଉପାସନା କରିବା ହିଁ ସତ୍ୟ ବା ସିଦ୍ଧିଲାଭର ଉପାୟ ।

(୮୯୫) **ଶକ୍ତ୍ୟାବେଶ ଅବତାର :** ମାନବ ବାହ୍ୟବିଜ୍ଞାନ ମୋହରେ ଶ୍ରୀକୃଷ୍ଣ ଅବତାରର ପ୍ରକୃତ ଉଦ୍ଦେଶ୍ୟ ଓ ମହିମା ଭୁଲି ଯାଇଥିଲା । ସେହି ଭ୍ରମ ସଂଶୋଧନ କରିବା ନିମିତ୍ତ ଏବଂ ଶ୍ରୀକୃଷ୍ଣବତାରର ଗୁରୁତ୍ୱ କଳିଯୁଗର ପାପମତି, ଅଧମ ଓ କ୍ଷୀଣାୟୁସମ୍ପନ୍ନ ମାନବମାନଙ୍କୁ ଅବଗତ କରାଇବା ପାଇଁ ଶ୍ରୀମନ୍ ମହାପ୍ରଭୁ

ଗୌରାଙ୍ଗଦେବଙ୍କ ମୂର୍ତ୍ତିରେ ଆବିର୍ଭୂତ ହେଲେ । ଯେଉଁସବୁ ମହାତ୍ମାଙ୍କ ଠାରେ ଐଶ୍ୱରିକ ଜ୍ଞାନ ଓ ଶକ୍ତିର ସାମୟିକ ଆବେଶ ହୋଇଥାଏ ଏବଂ ଯେଉଁସବୁ ମହାପୁରୁଷଙ୍କ ଦେହକୁ ଅବଲମ୍ବନ କରି ତାଙ୍କ ଗୁଣ ଓ ଶକ୍ତିର ପ୍ରକାଶ ହୋଇଥାଏ, ସେମାନେ ଭଗବାନଙ୍କର ଶକ୍ତ୍ୟାବେଶ ଅବତାର ।

(୮୯୬) **ଅଭେଦାବତାର :** ବ୍ରହ୍ମା, ବିଷ୍ଣୁ, ଶିବ, ଦୁର୍ଗା, କାଳୀ, ସୂର୍ଯ୍ୟ, ବରୁଣ, ବାୟୁ ପ୍ରଭୃତି ଏମାନେ ଦେବତା । ମାନବ ସାଧାରଣତଃ ଏମାନଙ୍କୁ ସ୍ୱର୍ଗଲୋକବାସୀ ବୋଲି ମନରେ ଧାରଣ କରିଥାଏ; କିନ୍ତୁ ତତ୍ତ୍ୱଜ୍ଞାନଦ୍ୱାରା ଜଣାଯାଏ ଯେ, ଯାହାଙ୍କ ହୃଦୟରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ବିରାଜିତ, ସେହି ବିରାଟ ପୁରୁଷ ବ୍ରହ୍ମା ଏବଂ ଯାହାଙ୍କଠାରୁ ବ୍ରହ୍ମାଙ୍କର ଉତ୍ପତ୍ତି; ଯେ ସର୍ବବ୍ୟାପୀ, ଅନନ୍ତ, ଏକ ଏବଂ ଅଦ୍ୱୈତ ପରମସତ୍ତା ବିଷ୍ଣୁ ଓ ମୋକ୍ଷଦାତା ଶିବ; ସେ କେବେହେଲେ ସାମାନ୍ୟ ସ୍ୱର୍ଗଲୋକବାସୀ ଦେବତା ନୁହନ୍ତି । ଯେଉଁ କାଳୀ ବା ଦୁର୍ଗା ନିର୍ଗୁଣ ପରଂବ୍ରହ୍ମଙ୍କ ଶକ୍ତିସ୍ୱରୂପା, ସେ ସାମାନ୍ୟ ଦେବୀ ନୁହନ୍ତି । ତତ୍ତ୍ୱଜ୍ଞାନଦ୍ୱାରା ଚିତ୍ତ ଶୁଦ୍ଧିଲାଭ କଲେ ସାଧକ ସ୍ପଷ୍ଟ ଅନୁଭବ କରିପାରନ୍ତି ଯେ, ନିରାକାର ପୂର୍ଣ୍ଣବ୍ରହ୍ମ ସନାତନ ପୁରୁଷ ଓ ତାଙ୍କ ଶକ୍ତି ବା ବିଭୂତିସ୍ୱରୂପ ବିଷ୍ଣୁ, ବ୍ରହ୍ମା, ଶିବଙ୍କ ମଧ୍ୟରେ ଏବଂ ତାଙ୍କ ମାୟା ବା ସ୍ୱଭାବସ୍ୱରୂପ କାଳୀ, ଦୁର୍ଗା, ସୂର୍ଯ୍ୟଦେବ; ତଥା ତାଙ୍କର ବିଶ୍ୱନିୟାମକ ଶକ୍ତିସ୍ୱରୂପ ବରୁଣ, ବାୟୁ, ଇନ୍ଦ୍ର, ଚନ୍ଦ୍ର ପ୍ରଭୃତିଙ୍କ ମଧ୍ୟରେ କୌଣସି ଭେଦ ବିଦ୍ୟମାନ ନାହିଁ । ଏମାନେ ସମସ୍ତେ ଏକ । କେବଳ ନାମ, ଭାବ ଓ କ୍ରିୟାଭେଦ ହେତୁ ସାଧାରଣଙ୍କ ମନରେ ଭେଦଭାବର ଉଦୟ ହୋଇଥାଏ । ଗୋଟିଏ ସତ୍ତା ଓ ଶକ୍ତି ଭିନ୍ନ ଭିନ୍ନ କାର୍ଯ୍ୟନିମିତ୍ତ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ନାମ ଓ ବିଭିନ୍ନ ଭାବ ଧାରଣ କରିଥାନ୍ତି । ସାଧନାଦ୍ୱାରା ଚିତ୍ତ ଶୁଦ୍ଧଭାବ ଧାରଣ ନ କଲେ କେବେହେଲେ ଏହି ତତ୍ତ୍ୱ ଉପଲବ୍ଧ ହୋଇପାରେ ନାହିଁ । ମାନବର ମାୟାଭିଭୂତ ମନ ଜାଣେ ଯେ 'ଜଣେ ବ୍ୟକ୍ତି କେବେହେଲେ ଦୁଇଜଣ ବ୍ୟକ୍ତିଙ୍କର ରୂପ ଧାରଣ କରିପାରେ ନାହିଁ । ରାମ ନାମକ ମାନବ ଗୋଟିଏ ସ୍ଥାନରେ ଥିଲାବେଳେ କେବେହେଲେ ଅନ୍ୟ ସ୍ଥାନରେ ଅବସ୍ଥାନ କରି ନ ପାରେ କିମ୍ବା ଭିନ୍ନ ଭିନ୍ନ ରୂପ ଧାରଣ କରି ଭିନ୍ନ ଭିନ୍ନ ନାମରେ ନାମିତ ହୋଇ ନ ପାରେ ।'

ଉପରୋକ୍ତ ମାନବୀୟ ସଂକୀର୍ଣ୍ଣ ଧାରଣ ଈଶ୍ୱରଙ୍କ ନିକଟରେ ଅସତ୍ୟ ଓ ଭ୍ରମାତ୍ମକ । ନିତ୍ୟସତ୍ତା ଏକ ହୋଇ ମଧ୍ୟ ଇଚ୍ଛା ମାତ୍ରକେ ବହୁ ଓ ଅନନ୍ତରୂପ

ଧାରଣ କରିପାରନ୍ତି । ତେଣୁ ଏକ ଈଶ୍ୱର ନିଜ ସ୍ୱରୂପରେ ଅବସ୍ଥାନ କରି ମଧ୍ୟ ଇଚ୍ଛା ମାତ୍ରକେ ବ୍ରହ୍ମା, ବିଷ୍ଣୁ, ଶିବ, ଦୁର୍ଗା, କାଳୀ, ସୂର୍ଯ୍ୟ, ବାୟୁ ପ୍ରଭୃତି ରୂପ ଧାରଣ କରିପାରନ୍ତି ।ଏହି ସତ୍ତା ସ୍ଥୁଳ-ସୂକ୍ଷ୍ମ-କାରଣ ଜଗତର ଯେକୌଣସି ଆକୃତି ଅର୍ଥାତ୍ ସ୍ଥୁଳଜଗତ ଉପଯୋଗୀ ଯେ କୌଣସି ଦେବତା, ଋଷି ଓ ମାନବମାନଙ୍କ ସହିତ ମିଶି କାର୍ଯ୍ୟ ମଧ୍ୟ କରିପାରନ୍ତି । ଜନଲୋକ ଓ ବ୍ରହ୍ମଲୋକବାସୀ ମହାତ୍ମାଗଣ ଐଶୀଶକ୍ତି ସମ୍ପନ୍ନ । ତେଣୁ ଏହି ଲୋକରେ ବ୍ରହ୍ମା, ବିଷ୍ଣୁ ଓ ଶିବ ମୂର୍ତ୍ତ ଭାବରେ ବିଦ୍ୟମାନ ଥାଇ ଲୀଳା କରିଥାନ୍ତି । ଶାସ୍ତ୍ରରେ ସେମାନଙ୍କ ବିଚରଣ ପ୍ରଦାନ କରାଯାଇଛି । କୈଳାଶେଶ୍ୱର ଶିବ, ହିମାଳୟ କନ୍ୟା ଦୁର୍ଗା, ଦକ୍ଷକନ୍ୟା ସତୀଙ୍କ ଠାରୁ ଆଦିଶିବ ପୃଥକ୍ । ଯେଉଁ ମୂଳସତ୍ତାର ଅଂଶ ନେଇ ଯେଉଁ ସତ୍ତା ସ୍ଥୁଳଦେହ ଧାରଣ କରନ୍ତି, ତାଙ୍କୁ ସେହି ଦେବତା ବୋଲି କୁହାଯାଇଥାଏ । ସ୍ୱରୂପରେ ବ୍ରହ୍ମା, ବିଷ୍ଣୁ, ଶିବ ନିତ୍ୟ ବିରାଜିତ ଥାଇ ଭକ୍ତଙ୍କ ପ୍ରାର୍ଥନାରେ ରୂପ ପରିଗ୍ରହ କଲେ ତାଙ୍କୁ ଦେବତା କୁହାଯାଏ । ସେହି ସତ୍ତା ମଧ୍ୟ ଆମମାନଙ୍କ ମଧ୍ୟରେ ଜନ୍ମଗ୍ରହଣ କରିଥାନ୍ତି । ମାନବର ଜ୍ଞାନ ଅତ୍ୟନ୍ତ ସଂକୀର୍ଣ୍ଣ ବୋଲି ସେ ଏହି ଅଭେଦ ତତ୍ତ୍ୱଜ୍ଞାନ ଉପଲବ୍ଧି କରିପାରେ ନାହିଁ। ଶ୍ରୀଗୁରୁଦେବଙ୍କ କୃପାରୁ ତତ୍ତ୍ୱଜ୍ଞାନ ଲାଭପୂର୍ବକ ଚିତ୍ତ ଶୁଦ୍ଧ ହେଲେ ଅଭେଦ ଜ୍ଞାନ ଅନୁଭୂତ ହୋଇଥାଏ । ମାୟା ଆବରଣହେତୁ ଅଭେଦସତ୍ତା ଭେଦ ଭାବରେ ପ୍ରତୀୟମାନ ହୁଅନ୍ତି ।

(୮୯୭) **ମାୟାର କାର୍ଯ୍ୟ ଓ ମହତ୍ତ୍ୱ :** ପରମ ଦୟାଳୁ ଭଗବାନ ଜୀବକୁ ଆନନ୍ଦ ଆସ୍ୱାଦନ କରାଇବା ନିମିତ୍ତ ମାୟାର ସୃଷ୍ଟି କରିଛନ୍ତି । ବାମନରୂପୀ ଭଗବାନ ଯେତେବେଳେ ବଳି ନିକଟକୁ ଭିକ୍ଷା ନିମିତ୍ତ ଗମନ କଲେ, ସେତେବେଳେ ଜଣେ ଭିକ୍ଷୁକ ବ୍ରାହ୍ମଣ ତାଙ୍କୁ ନଦୀ ପାର କରାଇଥିଲେ । ସେତେବେଳେ ସେହି ବ୍ରାହ୍ମଣ ମାୟା ଆବରଣବଶତଃ ବାମନ ଦେବଙ୍କୁ ଚିହ୍ନି ପାରି ନଥିଲେ । ବ୍ରାହ୍ମଣ ପାରି କରିବାର ମୂଲ୍ୟ ପ୍ରାର୍ଥନା କରିବାରୁ "ମୁଁ ଭିକ୍ଷୁକ, ମୋର କିଛି ମାତ୍ର ସମ୍ବଳ ନାହିଁ; ତୁମେ ଯେପରି ମୋତେ ବିନାମୂଲ୍ୟରେ ନଦୀ ପାର କରାଇଲ, ମୁଁ ମଧ୍ୟ ଦିନେ ତୁମକୁ ସେପରି ପାର କରାଇବି" ବୋଲି ବାମନ କହିଲେ । ବ୍ରାହ୍ମଣ ସେତେବେଳେ ଅଜ୍ଞାନ ହେତୁ କିଛି ବୁଝିପାରିଲି ନାହିଁ; ପରେ ଗୃହକୁ ଗମନ କରି ଯେତେବେଳେ ପରମ ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ, ସେତେବେଳେ ସେ ଜାଣିଲେ ଯେ ସେହି ଭିକ୍ଷୁକ ସ୍ୱୟଂ ଭଗବାନ । ସେତେବେଳେ ତାଙ୍କ ଚିତ୍ତ ଅନିର୍ବଚନୀୟ

ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ମାୟା ଆବରଣୀ ଶକ୍ତି ନଥିଲେ ଭିକ୍ଷୁକ ବ୍ରାହ୍ମଣ ବାମନଙ୍କୁ ଭଗବାନ ବୋଲି ଜାଣିପାରିଥାନ୍ତେ ଏବଂ ସେଥିରେ ତାଙ୍କର ଆନନ୍ଦ ଓ ପ୍ରୀତି ଜାତ ହୋଇଥାନ୍ତା ସତ୍ୟ; ମାତ୍ର ପ୍ରତ୍ୟକ୍ଷ ଆନନ୍ଦ ପାଇବାଠାରୁ ଭଗବାନଙ୍କୁ ଦେଖି ପରେ ଜାଣିବାରୁ ସେ ସେହି ଆନନ୍ଦ ଆସ୍ୱାଦନ କଲେ । ମାୟା ଆବରଣ ହେତୁ ସାଧନ ତାଙ୍କୁ ପାଇବାକୁ ଚେଷ୍ଟା କରୁଛନ୍ତି ଏବଂ ଭଗବାନ ଆତ୍ମସ୍ୱରୂପ ହୋଇ ମଧ୍ୟ ତାଙ୍କ ଭାଇଙ୍କ ନିକଟରେ ଯେଉଁ ସାମୟିକ ଆତ୍ମପ୍ରକାଶ କରି ପରେ ଅନ୍ତର୍ଦ୍ଧାନ ହେଲେ, ତତ୍ପରେ ପୁଣି ତାଙ୍କର ମିଳନ ହେଲା; ଏହା ଭକ୍ତମାନଙ୍କ ପକ୍ଷରେ ସମଧିକ ଆନନ୍ଦପ୍ରଦ ହୋଇଥାଏ । ଭକ୍ତ ଓ ଭଗବାନ ଯଦି ପ୍ରଥମରୁ ଇଚ୍ଛା କରିବା ମାତ୍ରକେ ପରସ୍ପର ପ୍ରତ୍ୟକ୍ଷୀଭୂତହୋଇ ଅବସ୍ଥାନ କରନ୍ତେ, ଯଦି ମାୟା ଆବରଣ ନଥାନ୍ତା, ତେବେ ଭକ୍ତ-ଭଗବାନଙ୍କର ମିଳନଜନିତ ଆନନ୍ଦ କେବେହେଲେ ଅନୁଭୂତ ହୁଅନ୍ତ ନାହିଁ । ମାୟାର କାର୍ଯ୍ୟହେତୁ ଭଗବାନ ଜୀବ ନିକଟରେ ଥାଇ ମଧ୍ୟ ଅଦୃଶ୍ୟ ଓ ଦୁଷ୍ପ୍ରାପ୍ୟ ହୋଇ ରହିଛନ୍ତି । ସେ କେବେ ଅପ୍ରାପ୍ୟ ନୁହନ୍ତି । ସହଜପ୍ରାପ୍ୟ । ଇଚ୍ଛା କଲା ମାତ୍ରକେ ପ୍ରାପ୍ୟବସ୍ତୁ ମିଳିଲେ ଯେତେ ଆନନ୍ଦ ହୁଏ, ଦୁଷ୍ପ୍ରାପ୍ୟ ବସ୍ତୁ ଲାଭ କଲେ ତଦପେକ୍ଷା ଅତିଶୟ ଆନନ୍ଦ ବର୍ଦ୍ଧିତ ହୋଇଥାଏ । ତେଣୁ ଭଗବାନଙ୍କୁ ଦୁଷ୍ପ୍ରାପ୍ୟ ବୋଲି ଜାଣି ତାଙ୍କୁ ପାଇବା ପଥରେ ଅର୍ଥାତ୍ ଭଜନ ପଥରେ ଗତି କରିବାବେଳେ ଭକ୍ତଙ୍କର ଯେଉଁ ଆନନ୍ଦ ହୁଏ, ସେ ଆନନ୍ଦ ତାଙ୍କୁ ପାଇବା ଆନନ୍ଦଠାରୁ ଶତଗୁଣରେ ଶ୍ରେଷ୍ଠ । ତାଙ୍କୁ ପାଇବାନିମିତ୍ତ ଯେଉଁ ଚେଷ୍ଟା, ସେ ପଥରେ ବିଶେଷ ଆନନ୍ଦ ବିଦ୍ୟମାନ । ଭଗବାନଙ୍କ ଅନୁଭୂତି ଲାଭ କରି ତାହା ଯେତେବେଳେ ମାୟା ଆବରଣ ହେତୁ ଚାଲିଯାଏ, ଭକ୍ତ ଯେତେବେଳେ ପୁନରାୟ ସେହି ବସ୍ତୁ ଲାଭନିମିତ୍ତ ବ୍ୟାକୁଳ ହୋଇ ଅନ୍ତରରେ ଧ୍ୟାନ-ଜପରେ ନିଯୁକ୍ତ ରହନ୍ତି, ସେତେବେଳେ ସେ ଅବସ୍ଥା ମଧ୍ୟ ବିଶେଷ ଆନନ୍ଦପ୍ରଦ । ତେଣୁ ବିରହ ମଧ୍ୟ ଏକପ୍ରକାର ଆନନ୍ଦର ଆସ୍ୱାଦନ । ମାୟାର ଅବସ୍ଥାନ ହେତୁ ସାଧନ ପଥରେ ଆନନ୍ଦ ଲାଭ ହୁଏ ଏବଂ ତାଙ୍କୁ ପାଇଲେ ମନରେ ଅପାର ଆନନ୍ଦ ମିଳେ । ମାୟା ନଥିଲେ ଜୀବ କେବେହେଲେ ଏହି ଆନନ୍ଦର ଆସ୍ୱାଦନ ଲାଭ କରିପାରନ୍ତା ନାହିଁ । ସୁତରାଂ ଭଗବାନ ମାୟା ମୋହାଚ୍ଛନ୍ନ କରିଛନ୍ତି ବୋଲି ଭକ୍ତ ତାଙ୍କୁ ଦୋଷାରୋପ କରି କେବେହେଲେ ପ୍ରାର୍ଥନା କରିବା ଉଚିତ୍ ନୁହେଁ ।

(୮୯୮) **ସାଧନାନନ୍ଦ :** ସାଧନପଥର ଆନନ୍ଦ ଏବଂ ସିଦ୍ଧାବସ୍ଥାର ଆନନ୍ଦ;

ଅର୍ଥାତ୍ ଭଗବାନଙ୍କୁ ଲାଭ କଲେ ଯେଉଁ ଆନନ୍ଦ ଓ ତାଙ୍କ ଉପଲବ୍ଧି କରିବା ନିମିତ୍ତ ସାଧନ-ଭଜନପଥରେ ଯେଉଁ ଆନନ୍ଦ, ସେଥିରେ ବିଶେଷ ପାର୍ଥକ୍ୟ ବିଦ୍ୟମାନ । ସିଦ୍ଧାବସ୍ଥାର ଆନନ୍ଦ ସଚ୍ଚିଦାନନ୍ଦଙ୍କର ସ୍ୱରୂପାସ୍ୱାଦନଲବ୍ଧ, ଏହା ନିତ୍ୟ ଏବଂ ଏକରସାତ୍ମକ । କିନ୍ତୁ ଲୀଳା ବା ସାଧନାନନ୍ଦ କ୍ରମବର୍ଦ୍ଧିଷ୍ଣୁ ଏବଂ କ୍ରମବିକାଶ ଭାବାତ୍ମକ । ସ୍ନେହମୟୀ ଜନନୀ, ଦୟାବାନ୍ ପିତା, ପ୍ରିୟତମା ପତ୍ନୀ ଏବଂ ସ୍ନେହର ପୁତ୍ତଳି ପୁତ୍ର-କନ୍ୟା-ପରିବେଷ୍ଟିତ ଶାନ୍ତର ନିଳୟ ତ୍ୟାଗ କରି ଯଦି କେହି ବିଷୟ କାର୍ଯ୍ୟନିମିତ୍ତ ଦୂର ଦେଶକୁ ଗମନ କରନ୍ତି ଏବଂ ଦୀର୍ଘକାଳ ପ୍ରବାସକଷ୍ଟ ଭୋଗ ପରେ କାର୍ଯ୍ୟ-ଉଦ୍ଧାର କରି ଧନ ସଞ୍ଚୟପୂର୍ବକ ଗୃହକୁ ପ୍ରତ୍ୟାଗମନ ନିମିତ୍ତ ଆୟୋଜନ କରନ୍ତି ଓ ଗୃହରେ ଉପନୀତ ହେବା ପର୍ଯ୍ୟନ୍ତ ତାଙ୍କର ଅନ୍ତରରେ ଯେଭଳି ସୁଖ ଅନୁଭୂତ ହୁଏ, ସାଧନାନନ୍ଦ କେତେକାଂଶରେ ସେହି ଆନନ୍ଦ ସହିତ ତୁଳନୀୟ । ତଥାପି ସାଧନାନନ୍ଦ ସିଦ୍ଧାନନ୍ଦ ଅପେକ୍ଷା ବିଶେଷ ତୃପ୍ତିଦାୟକ । ତତ୍ପରେ ଗୃହରେ ପ୍ରବେଶ କରି ଦୀର୍ଘପ୍ରବାସୀମାନବ ଆତ୍ମୀୟ ସ୍ୱଜନଙ୍କ ସଙ୍ଗ-ସୁଖହେତୁ ଯେଉଁ ଆନନ୍ଦ ଲାଭ କରେ, ସିଦ୍ଧାବସ୍ଥାର ଆନନ୍ଦ କେତେକ ପରିମାଣରେ ସେହି ଆନନ୍ଦସହିତ ତୁଳନୀୟ । ସିଦ୍ଧସାଧକମାନେ ହିଁ ସାଧନ ପଥର ଆନନ୍ଦ ବିଶେଷଭାବରେ ଆସ୍ୱାଦନ କରିଥାନ୍ତି । ସାଧନ ପଥର ଆନନ୍ଦ ଆସ୍ୱାଦନ କରିବା ନିମିତ୍ତ ସିଦ୍ଧମାନେ ମଧ୍ୟ ମାନବ ଦେହ ଧାରଣ କରିବାକୁ ଇଚ୍ଛା କରିଥାନ୍ତି ।

(୮୯୯) ସିଦ୍ଧାନନ୍ଦ : ସାଧକମାନେ ମାୟାମୟ ସଂସାରରେ କାର୍ଯ୍ୟ ସିଦ୍ଧିର କେତେକ କୌଶଳ ଅବଗତ ହୋଇ ସାଧନପଥରେ ଗଢ଼ି କରିବା ଆବଶ୍ୟକ । ଏହି ଜଗତରେ ସିଦ୍ଧି ସିଦ୍ଧିକୁ ଓ ଅସିଦ୍ଧି ଅସିଦ୍ଧିକୁ ହିଁ ଆକର୍ଷଣ କରିଥାଏ । ଏ ଜଗତରେ ସିଦ୍ଧାନନ୍ଦ ଲାଭକରିବାକୁ ଇଚ୍ଛା କଲେ,କ୍ଷୁଦ୍ର ହେଉ କିମ୍ବା ବୃହତ୍ ହେଉ, କ୍ରମେ ଦୁଇ ଚାରିଗୋଟି କର୍ମରେ ନିଜ ଅଧ୍ୟବସାୟ ଓ ଆତ୍ମବିଶ୍ୱାସ ବଳରେ ସିଦ୍ଧିଲାଭ କରିବାକୁ ହେବ । ତାହାହେଲେ ଦେଖିପାରିବ ଯେ ତୁମ ନିକଟରେ ଅସାଧ୍ୟ ବିଷୟ ମଧ୍ୟ ଆୟତ୍ତ ଭିତରକୁ ଆସି ଯାଇଛି । ଅପର ପକ୍ଷରେ କେହି ଯଦି ନିଜକୁ ଅଭାବ-ଅସୁବିଧା ମଧ୍ୟରେ ପଡ଼ିଛନ୍ତି ବୋଲି ଅନୁଭବ କରନ୍ତି, ତେବେ ତାଙ୍କର ଯାବତୀୟ ବିଷୟରେ ମଧ୍ୟ ସେହି ଅଭାବବୋଧ ଓ ବିଫଳତା ସ୍ୱତଃ ଉପସ୍ଥିତ ହେବ । ତେଣୁ ଏ ସଂସାରରେ ଅଭାବ ଅଭାବକୁ, ବିପଦ ବିପଦକୁ,

ସମ୍ପଦ ସମ୍ପଦକୁ ହିଁ ଆକର୍ଷଣ କରିଥାଏ । ମାନବ ଯେ ପରିମାଣରେ ଅର୍ଥ ସଞ୍ଚୟ କରିବ, ସେ ସେହି ପରିମାଣରେ ଅର୍ଥାଗମ କରି ତାହାର ସଞ୍ଚିତ ଅର୍ଥକୁ ବର୍ଦ୍ଧିତ କରିବ । Money brigs money, work brings works and man brings man. ଅର୍ଥାତ୍ ଧନ ଅର୍ଜନ କଲେ ଧନ, ଜନ ଅର୍ଜନ କଲେ ଜନ ଏବଂ କର୍ମ କଲେ କର୍ମଶକ୍ତି ବର୍ଦ୍ଧିତ ହୁଏ । ଯାହାଙ୍କର ଯେଉଁ ବିଷୟରେ ଅଭାବବୋଧ ଥାଏ, ତାଙ୍କ ପକ୍ଷରେ ପ୍ରଥମେ ତାହା ପୂରଣ କରିବା ଏକପ୍ରକାର କଷ୍ଟସାଧ ହୋଇଥାଏ । ନିଜର ବିଶ୍ୱାସ ଓ ଅଧବସାୟ ବଳରେ ଥରେ ସେହି ଅଭାବ ପୂରଣ ହୋଇଗଲେ ଦେଖାଯିବ ଯେ, ସମଜାତୀୟ ଦ୍ରବ୍ୟ ବିନା ପରିଶ୍ରମରେ ତାଙ୍କ ନିକଟରେ ସ୍ୱତଃ ଉପସ୍ଥିତ ହେବ । ସେହିପରି ଭାବରେ ଦୁଃଖ ଦୁଃଖକୁ, ବିଷାଦ ବିଷାଦକୁ, ସୁଖ ସୁଖକୁ, ଧର୍ମ ଧର୍ମକୁ, ଜ୍ଞାନ ଜ୍ଞାନକୁ, ଶକ୍ତି ଶକ୍ତିକୁ, ସମ୍ମାନ ସମ୍ମାନକୁ, ପାପ ପାପକୁ, ପୁଣ୍ୟ ପୁଣ୍ୟକୁ ଏବଂ ସିଦ୍ଧି ସିଦ୍ଧିକୁ ଆକର୍ଷଣ କରିଥାଏ । ଫଳତଃ 'ସମଃ ସମଂ ଆକର୍ଷୟତି'—ଏ ଜଗତରେ ଏହି ସୂତ୍ର ସବୁ ବିଷୟରେ ପ୍ରଯୁଜ୍ୟ ହୋଇଥାଏ । ତେଣୁ ନିଜକୁ ସିଦ୍ଧବୋଲି ଭାବି ସାଧନ ପଥରେ ଗତି କରିବା ବିଧେୟ ଏବଂ ପାପକୁ ଦୂର କରି ପୁଣ୍ୟମୟଙ୍କ ସନ୍ଧାନରେ ଅଗ୍ରଗତି କଲେ, ଭଗଭାବଙ୍କ କୃପାଶକ୍ତିର ସୀମା ଭିତରେ ପ୍ରବେଶପୂର୍ବକ ସାଧକ ସିଦ୍ଧାନନ୍ଦ ଭୋଗକରି ଧନ୍ୟ ହୁଅନ୍ତି । ଯେଉଁମାନେ ଇହ ଜଗତରେ ସିଦ୍ଧାନନ୍ଦ ଉପଲବ୍ଧି କରିନାହାନ୍ତି, ସେମାନେ ପରକାଳରେ ମଧ୍ୟ ତାହା ପ୍ରାପ୍ତ ହୋଇପାରିବେ ନାହିଁ । ଭୋଗ୍ୟବସ୍ତୁ ସଂଗ୍ରହ କରିଛି, ଭୋଗ କରୁଛି, କିନ୍ତୁ ତୃପ୍ତିଲାଭ କରି ନାହିଁ; ଏହି ପ୍ରକାର ଅତୃପ୍ତ ବାସନାକୁ ସାଧକ ପରକାଳରେ ଭୋଗ କରନ୍ତି ।

(୯୦୦) ଈଶ୍ୱର ଭାବ : ପ୍ରକୃତି ଯେତେବେଳେ ପୁରୁଷ ବା ଆତ୍ମାର ଅଧୀନ ଥାଏ, ସେତେବେଳେ ତାକୁ ଈଶ୍ୱର ଭାବ କୁହାଯାଏ । ପୁରୁଷ ଅର୍ଥାତ୍ ଆତ୍ମାଯୁକ୍ତ ସତ୍ତ୍ୱଗୁଣାତ୍ମକ ସମଷ୍ଟି ବିଶ୍ୱ ପ୍ରକୃତିର ନାମ ଈଶ୍ୱର । ଏହି ଐଶୀଶକ୍ତି ସର୍ବବ୍ୟାପୀ, ଏକ, ଅଦ୍ୱୈତ ଏବଂ ଅଭେଦ ଜ୍ଞାନସମ୍ପନ୍ନ । ଆମେ, ତୁମେ ଓ ସେ ଯେପରି ଅଛନ୍ତି, ଈଶ୍ୱର ତଦପେକ୍ଷା ସତ୍ୟ, ଧ୍ରୁବ ଓ ସ୍ଥାୟୀ ଭାବରେ ଆମରି ଭିତରେ ଅବସ୍ଥାନ କରୁଛନ୍ତି । ସେ ଆମ ସମ୍ମୁଖରେ ବିରାଜିତ ଅଛନ୍ତି । କିନ୍ତୁ ଆମର ତଦ୍‌ବିଷୟକ ଜ୍ଞାନର ଅଭାବ ହେତୁ ତାଙ୍କୁ ଉପଲବ୍ଧି କରିପାରୁ ନଥାଉଁ । ଆମର ବୁଦ୍ଧି ଓ ଅନ୍ତଃକରଣ ନିତାନ୍ତ ସଂକୀର୍ଣ୍ଣ, ବ୍ୟଷ୍ଟିଭାବାପନ୍ନ, ଅବିଦ୍ୟାବୃତ,

ମୋହାଚ୍ଛନ୍ନ ଏବଂ ବ୍ୟଷ୍ଟିପ୍ରକୃତିର ଅଧୀନ ହେତୁ ଏହି ଅଶୁଦ୍ଧ ମନ ବୁଦ୍ଧିଦ୍ୱାରା ଆମେ ଈଶ୍ୱରଙ୍କୁ ଉପଲବ୍ଧି କରିପାରୁ ନଥାଉଁ । ଆମର ପ୍ରାକୃତ ବୁଦ୍ଧିକୁ ଜ୍ଞାନ ବଳରେ ଅବିଦ୍ୟା କବଳରୁ ମୁକ୍ତ କରିପାରିଲେ ଏବଂ ଏହାକୁ ଅଭେଦ ଆତ୍ମଜ୍ଞାନରେ ପ୍ରତିଷ୍ଠିତ କରିପାରିଲେ, ଶୁଦ୍ଧଚୈତନ୍ୟ ନିଜର ଆତ୍ମଚକ୍ଷୁ ସାହାଯ୍ୟରେ ସର୍ବତ୍ର ଈଶ୍ୱରସତ୍ତା ଅନୁଭବ ପରିପାରିବେ । ସାଧାରଣ ବ୍ୟକ୍ତିଙ୍କ ମନ ବୁଦ୍ଧି ଓ ଇନ୍ଦ୍ରିୟ ପ୍ରକୃତି ବଶୀଭୂତ ଥିବାରୁ ଓ ଭେଦଭାବରେ ଅଭ୍ୟସ୍ତ ଥିବା ହେତୁ ଈଶ୍ୱର ସମ୍ମୁଖରେ ଥିଲେ ମଧ୍ୟ ସେ ତାଙ୍କୁ ଉପଲବ୍ଧି କରିପାରନ୍ତି ନାହିଁ । ଅଦ୍ୱୈତ ଭାବ ବ୍ୟତୀତ ଈଶ୍ୱରଙ୍କୁ ଉପଲବ୍ଧି କରିବାର ଅନ୍ୟ ଉପାୟ ନାହିଁ । ଏହାଙ୍କୁ ଦୁଷ୍ଟ ପୁରୁଷ ମଧ୍ୟ କୁହାଯାଏ । ନିର୍ଗୁଣ ବା ତ୍ରିଗୁଣାତୀତ ପରମାତ୍ମା ବ୍ରହ୍ମ ବା ପରମେଶ୍ୱରଙ୍କ ପ୍ରକୃତିରେ ଅଧିଷ୍ଠିତ ଓ ବିଶୁଦ୍ଧ ସତ୍ତ୍ୱଗୁଣଯୁକ୍ତ ମହତ୍ତତ୍ତ୍ୱ ଅବସ୍ଥାକୁ ପୁରୁଷ ଏବଂ ଈଶ୍ୱର କୁହାଯାଏ ।

(୯୦୧) ଅଦ୍ୱୈତ ଭାବ : ଏହି ବିଶ୍ୱରେ ଜଣେ ମାତ୍ର ସତ୍ୟ, ଅନ୍ୟ ସବୁ ଅସତ୍ୟ । ଏହି ବିଶ୍ୱରେ ଏକ ହିଁ ସତ୍ୟ, ବହୁ ମିଥ୍ୟା । ଏକମାତ୍ର ଈଶ୍ୱର ହିଁ ଏ ଜଗତରେ ସତ୍ୟ ଓ ପ୍ରକୃତ ଅଧିଷ୍ଠାତା ବା ଅଧିବାସୀ ମହାତ୍ମା । ଅଭେଦ ଜ୍ଞାନ ହିଁ ସତ୍ୟ । ଭେଦ ବା ଦ୍ୱୈତଜ୍ଞାନ ମିଥ୍ୟା । ଭେଦଜ୍ଞାନ ମାୟା ଓ କୁସଂସ୍କାର ମାତ୍ର । ଅବିଦ୍ୟା ଓ ଅଜ୍ଞାନଜନିତ କୁସଂସ୍କାର ପଳରେ ଆତ୍ମା ଆଚରିତ ହୋଇଥାନ୍ତି । ଆତ୍ମାର ଅନ୍ୟ ନାମ ଚିତ୍ ଏବଂ ସଂସ୍କାର ସମଷ୍ଟିକୁ ଚିତ୍ତ ଆଖ୍ୟା ଦିଆଯାଏ । ଚିତ୍ତର ଏହି ସଂସ୍କାର ବଶରୁ ଭେଦ ବୁଦ୍ଧିର ଉଦୟ ହୁଏ । ପରେ ଏହି ବ୍ୟଷ୍ଟିଜ୍ଞାନରୁ ମନ ଓ ଇନ୍ଦ୍ରିୟ, ଇନ୍ଦ୍ରୟରୁ ଭୂତ ଓ ଦେହ, ଦେହରୁ କର୍ମ ଏବଂ କର୍ମରୁ ଭୋଗ ଅର୍ଥାତ୍ ଜୀବାତ୍ମା ଉପରେ ଜନ୍ମ ମୃତ୍ୟୁ, ସୁଖ ଦୁଃଖ ପ୍ରଭୃତି ଦ୍ୱନ୍ଦ୍ୱ ଭାବ ଆବରଣ ରୂପେ ପତିତ ହୋଇ ତାକୁ ଆଚ୍ଛନ୍ନ କରେ । କିନ୍ତୁ ତାହା ସବୁ ମିଥ୍ୟା ଓ ଅଭିଦ୍ୟାର କଳ୍ପନା । ବିବେକଜ୍ଞାନର ଶରଣ ବ୍ୟତୀତ ଏହି ଭେଦଭାବର ଲୋପ ସାଧନ ହୋଇପାରେ ନାହିଁ । ଏହି ବିବେକ ଶକ୍ତି ହିଁ ଆମର ଗୁରୁଶକ୍ତି । ଏହି ଶକ୍ତି ମାନବାକାର ଗୁରୁଦେବଙ୍କ ଦେହରେ ପ୍ରବିଷ୍ଟହୋଇ ସାଧକଙ୍କୁ ମୁକ୍ତିପଥ ପ୍ରଦର୍ଶନ କରାଇଥାନ୍ତି । ଗୁରୁଶକ୍ତିଙ୍କ ଶରଣ ଗ୍ରହଣପୂର୍ବକ ସାଧକ ଅନ୍ତରସ୍ଥିତ ବିବେକ ଶକ୍ତିର ଶରଣ ଗ୍ରହଣ କରି ଶ୍ରୀଗୁରୁଦେବଙ୍କ ସେବାନିରତ ହେଲେ ତାଙ୍କ କୃପାରୁ ଅଭେଦଜ୍ଞାନ ଲାଭ ହୋଇଥାଏ । ସୁତରାଂ ଶ୍ରୀ ଗୁରୁଦେବଙ୍କୁ ସାକ୍ଷାତ୍ ଈଶ୍ୱର ଜ୍ଞାନରେ ଚିନ୍ତାକରି ତାଙ୍କ ପାଦପଦ୍ମରେ ଶରଣାପନ୍ନ ହେଲେ ସାଧକ ଏହି ତତ୍ତ୍ୱଜ୍ଞାନ ଲାଭ କରି ଈଶ୍ୱରଭାବ ପ୍ରାପ୍ତ ହୁଅନ୍ତି ।

(୯୦୨) ପ୍ରକୃତି ଭାବ : ପୁରୁଷ ବା ଆତ୍ମା ଯେତେବେଳେ ନିଜକୁ ପ୍ରକୃତି ବା ସ୍ୱଭାବର ଅଧୀନରେ ପରିଚାଳିତ କରନ୍ତି, ଅର୍ଥାତ୍ ପ୍ରକୃତିର ଅଧୀନ ହୁଅନ୍ତି, ସେତେବେଳେ ତାକୁ ଜୀବ ବା ପ୍ରକୃତିକବଳିତ ମାନବ କୁହାଯାଏ। ପ୍ରକୃତିର ପ୍ରାଧାନ୍ୟ ବା ପ୍ରବୃତ୍ତି ବଶକୁ ଜୀବ ଯେଉଁ କର୍ମ କରେ, ତଦ୍ଦ୍ୱାରା ସେ ଆବଦ୍ଧ ହୁଏ। କିନ୍ତୁ ପୁରୁଷ ବା ଶ୍ରୀଗୁରୁଦେବଙ୍କ ଆଦେଶରେ ଅର୍ଥାତ୍ ପୁରୁଷ ପ୍ରାଧାନ୍ୟରେ ପ୍ରକୃତି ଯେଉଁ କର୍ମ କରନ୍ତି, ତଦ୍ଦ୍ୱାରା ସେ କର୍ମରେ ଆବଦ୍ଧ ହୁଅନ୍ତି ନାହିଁ। ଚିନ୍ତା, ବାକ୍ୟ ଓ କ୍ରିୟା ଭେଦରେ କର୍ମ ତ୍ରିବିଧ। ଏ ଜଗତରେ ଯାବତୀୟ କର୍ମର କର୍ତ୍ତା ପ୍ରକୃତି। ପୁରୁଷ ଦ୍ରଷ୍ଟା ମାତ୍ର। ପୁରୁଷ କିଛି କର୍ମ କରନ୍ତି ନାହିଁ। ତାଙ୍କର କର୍ମରେ କିଛି ମାତ୍ର ଆବଶ୍ୟକତା ନାହିଁ। ପୁରୁଷ କର୍ମର ଅକର୍ତ୍ତା, ଦ୍ରଷ୍ଟା ଓ ନିଷ୍କ୍ରିୟ ହେଲେମଧ୍ୟ ତାଙ୍କର ଗୋଟିଏ ଶକ୍ତି ଅଛି। ତାହାର ନାମ ବିବେକ ଶକ୍ତି। ସାଧାରଣ ଜୀବ ଓ ଅଜ୍ଞ ମାନବବୃନ୍ଦ ସେମାନଙ୍କର ସ୍ୱାଭାବିକ କାମନାବାସନା ଓ ପ୍ରକୃତିବଶରେ କର୍ମ କରିଥାଆନ୍ତି। ସାଧାରଣ ଜୀବ ସେମାନଙ୍କର ଅହଂଭାବ, ଅଭିମାନ, ବୁଦ୍ଧି, ଚିତ୍ତ, ମନ, ଆଶା, ଆକାଙ୍‌କ୍ଷା, ଉଦ୍ଦେଶ୍ୟ, ଭୋଗଲିପ୍‌ସା ଏବଂ କାମନାଦ୍ୱାରା ଚାଳିତ ହୋଇ କର୍ମ କରନ୍ତି। ଏହି ମନ ବୁଦ୍ଧି ହିଁ ଜୀବର ବିଭିନ୍ନ ପ୍ରକୃତି। ଜୀବ ପ୍ରକୃତି ରଜଃ ତମୋମୟୀ। ତେଣୁ ଜୀବ ବାସନାମୂଳକ କର୍ମ କରି କର୍ମଫଳରେ ଆବଦ୍ଧ ହୁଅନ୍ତି।

(୯୦୩) ବିବେକ ଶକ୍ତି : ଉପରୋକ୍ତ ପୁରୁଷ ବା ଈଶ୍ୱରଙ୍କର ଯେଉଁ ଶକ୍ତି ସ୍ୱୀୟ ପ୍ରକୃତି ବା ସ୍ୱଭାବର କାର୍ଯ୍ୟ ଉପରେ ପ୍ରାଧାନ୍ୟ ବିସ୍ତାର କରିବାକୁ ସମର୍ଥ ହୁଅନ୍ତି, ତାଙ୍କୁ କୁହାଯାଏ ଆତ୍ମଶକ୍ତି, ବିଶୁଦ୍ଧ ସତ୍ତ୍ୱଗୁଣ; ମହତତ୍ତ୍ୱ, ସତ୍ୟଜ୍ଞାନ, ଅଭେଦ ଜ୍ଞାନଶକ୍ତି ବା ବିବେକଶକ୍ତି। ଏହି ଆତ୍ମଶକ୍ତି ପ୍ରତ୍ୟେକ ଜୀବ ଅନ୍ତରରେ ଅଳ୍ପାଧିକ ପରିମାଣରେ ବିରାଜିତ। ସେହି ବିବେକ ଶକ୍ତି ହିଁ ବାହାରେ ଗୁରୁଶକ୍ତି ଭାବରେ ଅଧିଷ୍ଠିତ ରହି ଶିଷ୍ୟ ଭକ୍ତମାନଙ୍କୁ ପରିଚାଳିତ କରନ୍ତି। ସେହି ବିବେକ ଶକ୍ତି ବା ଆତ୍ମଶକ୍ତି ଯେତେବେଳେ ପ୍ରକୃତିକୁ ବାଧ କରି କର୍ମରେ ନିୟୋଜିତ କରନ୍ତି, ସେତେବେଳେ ସେହି କର୍ମକୁ ପୁରୁଷକାର କୁହାଯାଏ। ଏହାର ଅନ୍ୟ ନାମ ସାଧନା। ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ଏହି ଶକ୍ତି ଅନ୍ତର୍ନିହିତ ଥିଲେ ମଧ୍ୟ ଏହା ନିଷ୍କ୍ରିୟ ଅବସ୍ଥାରେ ଅବସ୍ଥାନ କରେ। ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ, ସତ୍‌ଶାସ୍ତ୍ର, ସାଧୁସଙ୍ଗ ତଥା ଭଗବତ୍ ତତ୍ତ୍ୱ ଆଲୋଚନା ଦ୍ୱାରା ଏବଂ ଶ୍ରୀଗୁରୁଦେବଙ୍କ ଆଦେଶ

ପାଳନ ରୂପକ ସାଧନାଦ୍ୱାରା ଏହି ଶକ୍ତିକୁ କ୍ରମେ ଜାଗ୍ରତ କରିବାକୁ ପଡ଼େ । ଜୀବ ତାହାର ପ୍ରକୃତିବଶରୁ ତଦନୁଗତ ହୋଇ ଦେହ ଓ ଇନ୍ଦ୍ରିୟ ପଥରେ ନିରନ୍ତର କର୍ମସାଧନ କରିଥାଏ । ପ୍ରକୃତିକୁ ଅତିକ୍ରମ କରି କର୍ମ କରିବାର କ୍ଷମତା ସାଧାରଣଙ୍କର ନାହିଁ । ତେଣୁ ପ୍ରକୃତି କର୍ମର ନିୟନ୍ତା ବୋଲି ତାକୁ କର୍ତ୍ତା କୁହାଯାଏ । କିନ୍ତୁ ବିବେକବାଣୀ ବା ଶ୍ରୀଗୁରୁଙ୍କ ଉପଦେଶ ପ୍ରକୃତିର ଉପରୋକ୍ତ ସ୍ୱାଭାବିକ କର୍ମରେ ବାଧା ପ୍ରଦାନ କରି କ୍ରମେ ପ୍ରକୃତିକୁ ଦମନ କରେ ଏବଂ ପୁରୁଷ ବା ଶ୍ରୀଗୁରୁଦେବଙ୍କୁ ଅଧୀନ କରିବାର ଶକ୍ତି ଧାରଣ କରେ । ଏହି ବିବେକଶକ୍ତି ବା ଗୁରୁଶକ୍ତିର ଶରଣାପନ୍ନ ହୋଇ ପ୍ରକୃତି ବା ସ୍ୱଭାବକୁ ଜୟ କରିବା ହିଁ ସର୍ବଶାସ୍ତ୍ରସମ୍ମତ ସାଧନପଦ୍ଧତି । ଜୀବ ତାହାର ସ୍ୱାଭାବିକ୍ ବାସନାଦ୍ୱାରା ଚାଳିତ ହୋଇ ଯେଉଁ କର୍ମ କରେ, ତାହାର ନାମ ସଂସାର କର୍ମ । ସେହି କର୍ମ ଜୀବାତ୍ମା ଉପରେ ପ୍ରଭାବ ବିସ୍ତାର କରିଥାଏ । ଫଳରେ ଜୀବ ସୁଖ, ଦୁଃଖ ବେଦନା, ଅଭାବ ଓ ଶୋକ ପ୍ରଭୃତି ବିବିଧ ତାପ ଭୋଗ କରିବାକୁ ବାଧ୍ୟ ହୁଏ । ସାଧୁସଙ୍ଗ ଓ ସତ୍‌ଚିନ୍ତା ଫଳରେ ବିବେକ ବା ସତ୍ୟଜ୍ଞାନକୁ ଜାଗ୍ରତ କରିପାରିଲେ ଏବଂ ତଦ୍ୱାରା ଏହି ପ୍ରକୃତିକୁ ବଶୀଭୂତ କରିବାକୁ କ୍ଷମ ହେଲେ ଜୀବ ମୁକ୍ତିର ଆସ୍ୱାଦନ ଲାଭ କରେ । ବିବେକ ବା ଶ୍ରୀଗୁରୁଦେବଙ୍କ ଆଦେଶରେ କର୍ମ କଲେ ତାହାର ଫଳସମଷ୍ଟି ବିଶ୍ୱପ୍ରକୃତିରେ ଅର୍ଥାତ୍ ଈଶ୍ୱରପ୍ରକୃତିରେ ସଂଯୁକ୍ତ ହୁଏ, କାରଣ ଅନ୍ତର୍ଜଗତରେ ଯାହାକୁ ବିବେକ କୁହାଯାଏ, ବହିର୍ଜଗତରେ ତାହାର ନାମ ଈଶ୍ୱର । ଅଜ୍ଞାନକୃତ କର୍ମ ବା ସ୍ୱାଭାବିକ ପ୍ରବୃତ୍ତିମୂଳକ କର୍ମର ଫଳ ଜୀବପ୍ରକୃତିରେ ପର୍ଯ୍ୟବସିତ ହୁଏ । ଶ୍ରୀ ଗୁରୁଦେବଙ୍କ ଉପଦେଶରେ ଯେଉଁ କର୍ମ କରାଯାଏ ତାହାର ଫଳ ଅର୍ଥାତ୍ ପୁରୁଷ ଶକ୍ତି ବା ବିବେକବଶରେ କୃତକର୍ମର ଫଳ ଈଶ୍ୱରଙ୍କ ଠାରେ ଯୁକ୍ତ ହୁଏ । ତେଣୁ ଈଶ୍ୱର ସ୍ୱରୂପ ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ ପୂର୍ବକ ବିବେକକୁ ଜାଗ୍ରତ କରିବା ଏକାନ୍ତ କର୍ତ୍ତବ୍ୟ । ଜୀବର ବିବେକ ଜ୍ଞାନ ହିଁ ଐଶ୍ୱରିକ ଶକ୍ତି ବା ପ୍ରେରଣା ବୋଲି ଜାଣିବ । ବିବେକ ଶକ୍ତିର ଆଶ୍ରୟ ଗ୍ରହଣ କରି ସାଧକ ଯେତେବେଳେ ସହସ୍ର ବାଧାବିଘ୍ନକୁ ଅତିକ୍ରମ କରି, ଶତ ବିପଦ ସହ୍ୟ କରି ମଧ୍ୟ ସାଧନପଥରେ ଅଗ୍ରସର ହୁଅନ୍ତି, ସେତେବେଳେ ବିବେକ ପ୍ରକୃତି ଉପରେ ପ୍ରାଧାନ୍ୟ ବିସ୍ତାର କରିବାକୁ ସମର୍ଥ ହୁଏ । ଜୀବ ବିବେକବଶରୁ ପ୍ରକୃତିକୁ ନିଜ ବଶୀଭୂତ କରିପାରନ୍ତି । ସେତେବେଳେ ତାଙ୍କ ଅନ୍ତରରେ ଐଶ୍ୱରିକ ଭାବର ଉନ୍ମେଷ ହୋଇଥାଏ । ଜୀବ

ଅବିଦ୍ୟା ସ୍ୱରୂପ, ଈଶ୍ୱର ବିଦ୍ୟା ସ୍ୱରୂପ; ଅତଏବ ଶ୍ରୀଗୁରୁଦେବଙ୍କ ଆଦେଶରେ ଯେଉଁ ସାଧନ-ଭଜନ କରାଯାଏ, ତାହା ବିଦ୍ୟାମୂଳକ ହୋଇଥିବାରୁ ଅବିଦ୍ୟାଛନ୍ନ ଜୀବ ପ୍ରକୃତିରେ ମିଶିପାରେ ନାହିଁ। ଏହା ଐଶୀଶକ୍ତିରେ ପରିଣତ ହୋଇଯାଏ। ଜୀବ-ପ୍ରକୃତି ବାସନା ଅର୍ଥାତ୍ ଭେଦଜ୍ଞାନରୂପ କର୍ମ ଅଭାବ ହେତୁ କ୍ରମେ କ୍ଷୀଣତର ହୋଇଯାଏ। ଜୀବ ମୁକ୍ତି ଲାଭ କରି କୃତାର୍ଥ ହୁଅନ୍ତି।

(୯୦୪) ପରମସତ୍ତାର ତ୍ରିବିଧ ଅବସ୍ଥା : ବ୍ରହ୍ମ, ଆତ୍ମା ଏବଂ ଈଶ୍ୱର– ପରମସତ୍ତାର ତ୍ରିବିଧ ଅବସ୍ଥା। ସର୍ବ ଉପାଧିବର୍ଜିତ ଅବସ୍ଥାକୁ ବ୍ରହ୍ମ, ଭୌତିକ ଆଧାର ବିରହିତ ବିଦ୍ୟାମାୟାଯୁକ୍ତ ଚୈତନ୍ୟକୁ ଆତ୍ମା ବା ପରମାତ୍ମା ଏବଂ ସମଷ୍ଟି ବିଶ୍ୱରୂପ ଅଖଣ୍ଡ ଭୌତିକ ଉପାଧିଯୁକ୍ତ ବ୍ରହ୍ମଙ୍କର ନାମ ଈଶ୍ୱର। ଅର୍ଥାତ୍ ସମଗ୍ର ବିଶ୍ୱରୂପ ଦେହକୁ ସକ୍ରିୟ ଈଶ୍ୱର ବା କର୍ତ୍ତା ଈଶ୍ୱର କୁହାଯାଏ। ଆତ୍ମାଯୁକ୍ତ ଖଣ୍ଡଦେହସ୍ଥ ଚୈତନ୍ୟକୁ ଜୀବ କୁହାଯାଏ। ତେଣୁ ଜୀବସମଷ୍ଟି ହିଁ ଈଶ୍ୱର ଏବଂ ଜୀବ ଈଶ୍ୱରଙ୍କ ଅଂଶ। ଈଶ୍ୱର ଜୀବସମଷ୍ଟି ହେଲେ ମଧ ସମଗ୍ର ଜୀବଜଗତର ଗୁଣ ଓ ଶକ୍ତିଠାରୁ ଜୀବ ଈଶ୍ୱରଙ୍କ ଶକ୍ତି ମାତ୍ରାରେ ଅଧିକ। ଯେପରି ଉଦ୍‌ଜାନ ଓ ଅମ୍ଳଜାନ ନାମକ ବାଷ୍ପଦ୍ୱୟର ସମଷ୍ଟି ଅପେକ୍ଷା ଜଳର ଶକ୍ତି ଓ ପ୍ରକୃତି ସ୍ୱତନ୍ତ୍ର, ସେହିପରି ସମଷ୍ଟି ଜୀବ ଚୈତନ୍ୟର ଗୁଣ ଓ ଶକ୍ତିଠାରୁ ଈଶ୍ୱରଙ୍କ ଶକ୍ତି ସ୍ୱତନ୍ତ୍ର। ଯେପରି ଜୀବାତ୍ମାର ଭୌତିକ ଅଂଶକୁ ଦେହ କୁହାଯାଏ ଓ ତାଙ୍କର ଇନ୍ଦ୍ରିୟ ଅଗୋଚର ଚୈତନ୍ୟାଂଶକୁ ଆତ୍ମା କୁହାଯାଏ, ସେହିପରି ଈଶ୍ୱରଙ୍କ ପଞ୍ଚଭୌତିକ ଦେହାଂଶକୁ ବିଶ୍ୱଜଗତ ବା ବିଶ୍ୱପ୍ରକୃତି କୁହାଯାଏ ଏବଂ ତାଙ୍କର ଆତ୍ମିକ ଅଂଶକୁ ବ୍ରହ୍ମ, ଆତ୍ମା ବା ପରମାତ୍ମା କୁହାଯାଏ।

ତେଣୁ ଆତ୍ମା, ପରମାତ୍ମା, ଜୀବାତ୍ମା ଏକ ଆତ୍ମାର ଅଭେଦ ସ୍ୱରୂପ ହେଲେ ମଧ ବ୍ୟଷ୍ଟି-ସମଷ୍ଟି ଭେଦରେ ପାର୍ଥକ୍ୟ ପ୍ରଦର୍ଶନ କରାଯାଇଛି। ଦେହ ଭେଦ ହେତୁ ଚୈତନ୍ୟଙ୍କର ବ୍ୟକ୍ତ ଅବସ୍ଥାର ଅର୍ଥାତ୍ ଚିତ୍ ବା ମନୋଭାବର ଭେଦ ହେଲେ ମଧ ତଦନ୍ତର୍ଗତ ଆତ୍ମାର କୌଣସି ପରିବର୍ତ୍ତନ ହୁଏ ନାହିଁ। ଆର୍ଯ୍ୟ ସନାତନ ଧର୍ମଶାସ୍ତ୍ର ଏହି ତ୍ରିବିଧ ତତ୍ତ୍ୱକୁ ଓଁ ତତ୍‌ସତ୍ ଏହି ବାକ୍ୟରେ ପ୍ରକାଶ କରିଛନ୍ତି। ଓଁ ହେଉଛନ୍ତି ଈଶ୍ୱର ଭାବ, ତତ୍ ହେଲା ନିର୍ଗୁଣବ୍ରହ୍ମ ଏବଂ ସତ୍ ସଗୁଣବ୍ରହ୍ମ।

(୯୦୫) ଚତୁର୍ବିଧବାଦ : ପରତତ୍ତ୍ୱ ବା ପରମେଶ୍ୱରଙ୍କ ସମ୍ବନ୍ଧରେ

ମାନବମାନଙ୍କ ଧାରଣା ବହୁବିଧ । ତନ୍ମଧ୍ୟରେ (୧) ନାସ୍ତିକବାଦ (୨) ଦ୍ୱୈତବାଦ (୩) ବିଶିଷ୍ଟାଦ୍ୱୈତବାଦ ଓ (୪) ଅଦ୍ୱୈତବାଦ—ଏହି ଚାରିଗୋଟି ଧାରଣା ପ୍ରଧାନ ।

(୯୦୬) ନାସ୍ତିକବାଦ : ନାସ୍ତିକବାଦୀମାନଙ୍କର ଧାରଣା ଈଶ୍ୱର ବୋଲି କେହି ନାହାନ୍ତି । ଯାହାଙ୍କୁ ଭଗବାନ ବୋଲି କୁହାଯାଇଛି, ମାନବର ଜନ୍ମ ଓ କର୍ମାଦିର ସେହି ନିୟନ୍ତା ଓ ଅଦୃଶ୍ୟ ଶାସନକର୍ତ୍ତା ବୋଲି କେହି ନାହାନ୍ତି । ମୃତ୍ୟୁପରେ ମାନବର କୌଣସି ଅସ୍ତିତ୍ୱ ରହେ ନାହିଁ । ପରଲୋକ ବୋଲି କିଛି ନାହିଁ । ସ୍ୱର୍ଗ-ନରକ କବିମାନଙ୍କର କଳ୍ପନା । ପ୍ରାକୃତିକ ନିୟମରେ ମାନବ-ଜଗତର ସୃଷ୍ଟି ହୋଇଛି ଏବଂ ଦିନେ ତାହା ଚିରକାଳ ନିମିତ୍ତ ବିନଷ୍ଟ ହୋଇଯିବ । ଏହି ବିନାଶ ପରେ ଅବଶେଷ କିଛି ରହିବ ନାହିଁ । ଏହାକୁ ନାସ୍ତିକଭାବ କୁହାଯାଏ । ଇହସର୍ବସ୍ୱବାଦ ବା ବିଷୟାସକ୍ତ ଏହାର ଗୋଟିଏ ଅଂଶ । ନାସ୍ତିକମାନଙ୍କର ଧାରଣା, ସୁଖଭୋଗ ନିମିତ୍ତ ମାନବର ଜନ୍ମ । ତେଣୁ ଇହ ସଂସାରରେ ଯେତେ ପ୍ରକାରର ସୁଖ ଅଛି ତାହା ଭୋଗ କରିଯିବା ମାନବର କର୍ତ୍ତବ୍ୟ । ଭବିଷ୍ୟତ ଚିନ୍ତା କରି ଉଦ୍‌ବିଗ୍ନ ହେବା କିମ୍ବା ଭୋଗସୁଖରୁ ବିରତ ହେବା କଦାପି ଉଚିତ ନୁହେଁ । ଏହି ଶ୍ରେଣୀର ମାନବଗଣ ଚିନ୍ତାଶୀଳ ନୁହନ୍ତି । ଏମାନଙ୍କର ଚିତ୍ତ ଅତିଶୟ ସଂକୀର୍ଣ୍ଣ । ଏମାନଙ୍କୁ ଜଡ଼ବାଦୀ (Materialist), ପ୍ରତ୍ୟକ୍ଷବାଦୀ ବା ନିରୀଶ୍ୱରବାଦୀ ମଧ୍ୟ କୁହାଯାଏ । ଏହି ଶ୍ରେଣୀର ମାନବମାନଙ୍କର ଗଭୀର ଚିନ୍ତା କରିବାର ଶକ୍ତି ନାହିଁ । ଏମାନେ କେବଳ ବାହ୍ୟିକ ଭାବରେ ଚଳନ୍ତି ଏବଂ କେବଳ ଯୁକ୍ତିତର୍କ, ନ୍ୟାୟ ଓ ଜଡ଼ବିଜ୍ଞାନ ଚର୍ଚ୍ଚାନେଇ ବ୍ୟସ୍ତ ଥାନ୍ତି ।

(୯୦୭) ଦ୍ୱୈତବାଦ : ସମସ୍ତଙ୍କ ମୂଳରେ ଈଶ୍ୱରଙ୍କ ଅସ୍ତିତ୍ୱ ବିଦ୍ୟମାନ ଥିବାହେତୁ ଏହି ଜଡ଼ବସ୍ତୁ ଚୈତନ୍ୟଶୀଳ ବୋଲି ବୋଧ ହେଉଅଛି । ସେ ଯେପରି ପ୍ରକୃତି ମଧ୍ୟ ସେହିପରି । ଈଶ୍ୱର ପୁରୁଷ ଏବଂ ଜୀବ ପ୍ରକୃତି । ଈଶ୍ୱର ନିମିତ୍ତ କାରଣ, ପ୍ରକୃତି ଉପାଦାନ କାରଣ । ଏହି ଦୁଇ ସତ୍ତା ପରସ୍ପର ପୃଥକ୍ ଓ ସ୍ୱତନ୍ତ୍ର । ଉଭୟେ ଅନାଦି, ଅନନ୍ତ ଓ ସତ୍ୟ । ଈଶ୍ୱର ଜୀବକୁ ଅର୍ଥାତ୍ ଏହି ଭୌତିକ ବିଶ୍ୱବ୍ରହ୍ମାଣ୍ଡକୁ ଏହି ପ୍ରକୃତି ସାହାଯ୍ୟରେ ସୃଷ୍ଟି କରି ଶାସନ ଓ ପାଳନ କରୁଛନ୍ତି । ପ୍ରକୃତି (Nature) ଅର୍ଥାତ୍ ସମସ୍ତ ଜଡ଼ ପଦାର୍ଥ, ଜଡ଼ ଜଗତ, ବିଶ୍ୱବ୍ରହ୍ମାଣ୍ଡ ଏବଂ ଜୀବଶ୍ରେଣୀ– ଏମାନେ ମଧ୍ୟ ଈଶ୍ୱରଙ୍କ ପରି ନିତ୍ୟ ଓ ସତ୍ୟ ଏବଂ ଈଶ୍ୱରଙ୍କ ଠାରୁ

ପୃଥକ୍ ଭାବରେ ଅବସ୍ଥାନ କରନ୍ତି । ବ୍ୟଷ୍ଟିର ବା ଜୀବାତ୍ମାର ନାଶ ନାହିଁ । ଏହା ପ୍ରଳୟ ଅବସ୍ଥାରେ ସ୍ୱୀୟ ବାସନା, କାମନା, ସଂସ୍କାର ବୀଜ ଓ କର୍ମଫଳ ନେଇ ଅବ୍ୟକ୍ତ ବା ମୂଳ ପ୍ରକୃତିରେ ଅବସ୍ଥାନ କରେ । ସ୍ୱର୍ଗର ଏହି ବ୍ୟଷ୍ଟି ଜୀବ ଭାବ ହିଁ ବିଶ୍ୱରେ ବ୍ୟକ୍ତ ହୋଇଥାଏ । ଜୀବାତ୍ମା ହେଉଛନ୍ତି ପ୍ରକୃତିର ସୂକ୍ଷ୍ମ ଅଂଶ । ଏହି ଜୀବାତ୍ମା ଯେତେବେଳେ ମୁକ୍ତିଲାଭ କରନ୍ତି, ସେତେବେଳେ ଏହା ଶ୍ରୀ ଭଗବାନଙ୍କ ସହିତ ସାଯୁଜ୍ୟ ଓ ସାମୀପ୍ୟାଦି ଅବସ୍ଥା ପ୍ରାପ୍ତ ହେଲେ ମଧ୍ୟ ନିଜ ସତ୍ତାର ବିନାଶ ବା ବିଲୋପ ସାଧନ କରେ ନାହିଁ । ସୂର୍ଯ୍ୟ ସହିତ ସୂର୍ଯ୍ୟ କିରଣର, ଅଗ୍ନି ସହିତ ଅଗ୍ନି ସ୍ଫୁଲିଙ୍ଗର ଯେଉଁ ସମ୍ବନ୍ଧ, ଜୀବାତ୍ମା ସହିତ ପରମାତ୍ମାଙ୍କର ସେହି ସମ୍ବନ୍ଧ ବିଦ୍ୟମାନ । ଈଶ୍ୱରଙ୍କ ଅଂଶ ଓ ପ୍ରକୃତିର ଅଂଶ ନେଇ ଜୀବାତ୍ମା ଉତ୍ପନ୍ନ ହୋଇଛନ୍ତି । ପରମାତ୍ମା ପ୍ରେମଶକ୍ତିଦ୍ୱାରା ଜୀବାତ୍ମାକୁ ନିଜ ନିକଟକୁ ନେଇ ତାହାର ଅଜ୍ଞାନ ସମ୍ଭୁତ ଦୁଃଖ ଓ କର୍ମଫଳ ଭୋଗର ଅବସାନ କରିଦିଅନ୍ତି । ଜୀବାତ୍ମା ବ୍ୟଷ୍ଟିଚୈତନ୍ୟ ଏବଂ ପରମାତ୍ମା ସମଷ୍ଟି ଚୈତନ୍ୟ । ତେଣୁ ଭଗବାନଙ୍କ ସହିତ ମାନବର ପିତା-ପୁତ୍ର, ମାତା-ପୁତ୍ର, ସ୍ୱାମୀ-ସ୍ତ୍ରୀ ଓ ପ୍ରଭୁ-ଦାସ ସମ୍ବନ୍ଧ ବିଦ୍ୟମାନ । ଏହିସବୁ ଭାବରେ ଜୀବାତ୍ମା ପରମାତ୍ମାଙ୍କୁ ଲାଭ କରିପାରେ । ଏହା ହିଁ ଦ୍ୱୈତବାଦ ।

(୯୦୮) ବିଶିଷ୍ଟାଦ୍ୱୈତବାଦ : ଯେଉଁ ମତରେ ପୁରୁଷ ଓ ପ୍ରକୃତି, ଜୀବାତ୍ମା ଓ ପରମାତ୍ମା ସମ୍ପୂର୍ଣ୍ଣ ସ୍ୱାଧୀନ ଓ ସ୍ୱତନ୍ତ୍ରସତ୍ତା ଏବଂ ଉଭୟେ ନିତ୍ୟ, ଅନାଦି ଓ ସତ୍, ସେହି ମତବାଦକୁ ବା ଧାରଣାକୁ ଦ୍ୱୈତବାଦ କୁହାଯାଏ । କିନ୍ତୁ, ଯେତେବେଳେ ସାଧକଙ୍କର ଧାରଣା ହୁଏ ଯେ ଦ୍ୱୈତବାଦର ଜୀବ, ଜୀବାତ୍ମା, ଜଡ଼ଭୂତ, ଜଡ଼ ଜଗତ, ବିଶ୍ୱବ୍ରହ୍ମାଣ୍ଡ, ଚତୁର୍ବିଂଶତିତତ୍ତ୍ୱ ଏବଂ ପ୍ରକୃତି—ଏମାନେ ପରମାତ୍ମାଙ୍କ ଠାରୁ ପୃଥକ୍ ସତ୍ତା ହେଲେ ମଧ୍ୟ ମୂଳରେ ଏ ସମସ୍ତେ ପରମେଶ୍ୱରଙ୍କ ଠାରୁ ଉଦ୍ଭୁତ ହୋଇଅଛନ୍ତି ଏବଂ ପରିଶେଷରେ ସେହି ଏକ ପରମେଶ୍ୱରଙ୍କ ଠାରେ ସମ୍ମିଳିତ ହେବେ, ସେତେବେଳେ ଏହି ଧାରଣା ବା ଦ୍ୱୈତବାଦ ବିଶିଷ୍ଟାଦୈତବାଦରେ ପରିଣତ ହୋଇଥାଏ । ବିଶିଷ୍ଟାଦୈତବାଦ ମତାନୁସାରେ ଜୀବ ଓ ପ୍ରକୃତି ଈଶ୍ୱରଙ୍କଠାରୁ ପୃଥକ୍ ହେଲେ ମଧ୍ୟ ଏହି ପୃଥକତ୍ୱ ଅଗ୍ନି ଓ ତାହାର ଦାହିକାଶକ୍ତି ପରି ଦୃଶ୍ୟତଃ (Apparently) ସ୍ଥୁଳତଃ (Really) ପ୍ରଭେଦ ନୁହେଁ । ଈଶ୍ୱରଙ୍କ ମାୟାଶକ୍ତିର କାର୍ଯ୍ୟବଶରୁ ଏହି ଦୃଶ୍ୟମାନ ବିଶ୍ୱପ୍ରପଞ୍ଚ ଓ ଜୀବଭାବର ଉଦ୍ଭବ ହୋଇଅଛି । ଜୀବ, ପ୍ରକୃତି, ଭୂତ ଓ ମାୟା ଏକ ବ୍ରହ୍ମଙ୍କର ଶକ୍ତି ଏବଂ

ମାୟା ତାଙ୍କର ବହିରଙ୍ଗା ଶକ୍ତି । ଜୀବ ଓ ବ୍ରହ୍ମ ଉଭୟେ ନିତ୍ୟବସ୍ତୁ । ଜୀବ କେବେହେଲେ ବ୍ରହ୍ମରେ ପରିଣତ ହେବ ନାହିଁ । ଦୃଶ୍ୟମାନ ଜଗତ୍ ମିଥ୍ୟା ନୁହେଁ । ଏହା ପାରମାର୍ଥିକ ଭାବରେ ମିଥ୍ୟା ହେଲେ ମଧ୍ୟ ବ୍ୟାବହାରିକ ସତ୍ୟ । ପରମାତ୍ମାଙ୍କ କୌଣସି ଅଂଶରେ ମାୟା କ୍ଷୋଭବଶରୁ ଚାଞ୍ଚଲ୍ୟର ଉଦୟ ହେଲେ ଜୀବ-ବ୍ରହ୍ମଙ୍କର ଚତୁର୍ବିଂଶତି ତତ୍ତ୍ୱର, ମୂଳା ପ୍ରକୃତିର ଏବଂ ଏହି ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ହୋଇଥାଏ । କିନ୍ତୁ ଏହି ସୃଷ୍ଟି ବା ଉତ୍ପତ୍ତି ନିତ୍ୟ । ପ୍ରଳୟରେ ମଧ୍ୟ ଏହାର ଏକାନ୍ତ ବିନାଶ ନାହିଁ । ପରମାତ୍ମା ବା ପରଂବ୍ରହ୍ମ, ଜୀବାତ୍ମା ବା ଜୀବବ୍ରହ୍ମ ଓ ବିଶ୍ୱବ୍ରହ୍ମାଣ୍ଡରୁ ପୃଥକ ଭାବରେ ଅବସ୍ଥାନ କରନ୍ତି ନାହିଁ । ସେ ଏହାର ଅଭ୍ୟନ୍ତରରେ ରହି ଦ୍ରଷ୍ଟା ଓ ଶ୍ରୋତାରୂପରେ କାର୍ଯ୍ୟ କରିଥାନ୍ତି । ସମଗ୍ର ବିଶ୍ୱ ଏକ ବ୍ରହ୍ମାଙ୍କଠାରୁ ଉତ୍ପନ୍ନ ହୋଇ ସେହି ବ୍ରହ୍ମରେ ଅବସ୍ଥାନ କରୁଅଛି । ଏହି ଜୀବ ଦେହରେ ମଧ୍ୟ ଜୀମାତ୍ମା ପରମାତ୍ମା ଉଭୟଙ୍କର ଅବସ୍ଥିତି ରହିଛି । ପରମାତ୍ମା ବା ଈଶ୍ୱର ମାୟାଧୀନହୋଇ ନିର୍ଲିପ୍ତଭାବରେ ଏହି ଦେହର ଅଭ୍ୟନ୍ତରରେ ବିରାଜିତ । ଜୀବାତ୍ମା ମାୟାଧୀନହେତୁ ସଂସାର ଭୋଗ କରନ୍ତି ଏବଂ ସୁଖଦୁଃଖର ଅଧୀନ ହୁଅନ୍ତି । ଏହି ମତ ଅନୁସାରେ ମାୟାର ଶକ୍ତିବଶରୁ ବ୍ରହ୍ମ ଜଗଦାକାରରେ ବ୍ୟକ୍ତ ବା ପରିଣତ ହୋଇଛନ୍ତି । ତେଣୁ ଏହି ବାଦକୁ ପରିଣାମବାଦ ବା ବିକାରବାଦ ମଧ୍ୟ କୁହାଯାଏ । ମାୟାଶକ୍ତି ମଧ୍ୟ କିଛି ନୁହେଁ । ଏହା ପରଂବ୍ରହ୍ମଙ୍କର ଇଚ୍ଛାଶକ୍ତି ଅର୍ଥାତ୍ ସ୍ୱଭାବ ବା ପ୍ରକୃତି ଏବଂ ତାଙ୍କରି ଇଚ୍ଛା ଅନୁସାରେ ଉକ୍ତ ମାୟାଶକ୍ତି ବ୍ରହ୍ମଙ୍କରଂ କୌଣସି ଅଂଶକୁ ନିତ୍ୟ ଓ ଶାଶ୍ୱତକର ନିମିତ୍ତ ଏହି ବିଶ୍ୱଜଗତ ଓ ଜୀବ ଆକାରରେ ପରିଣତ କରିଛନ୍ତି । ବ୍ରହ୍ମ, ଜୀବ ଓ ମାୟା—ଏହି ତ୍ରିସତ୍ୟ ପରସ୍ପର ପୃଥକ୍ ହେଲେ ମଧ୍ୟ ସ୍ୱରୂପତା ଏକ ଏବଂ ଅଦ୍ୱିତୀୟ । ତଥାପି ବିଶ୍ୱଭାବରେ ଏମାନେ ସ୍ୱତନ୍ତ୍ର । ଅଚିନ୍ତ୍ୟ ଭେଦାଭେଦ ଭାବ ଏହି ବିଶିଷ୍ଟାଦ୍ୱୈତବାଦର ଅନ୍ତର୍ଗତ । ଚିରକାଳ କିନ୍ତୁ ଜୀବ, ଜଗତ ଓ ଚତୁର୍ବିଂଶତିତତ୍ତ୍ୱ ଅଦ୍ୱୈତବାଦ ମତରେ ଅପରିଣାମୀ, ଏକ ଓ ନିତ୍ୟ ବ୍ରହ୍ମଙ୍କର ମାୟାମୟ ବିବର୍ତ୍ତ (Illusion) ମାତ୍ର । ବିଶିଷ୍ଟାଦ୍ୱୈତବାଦ ମତରେ ଏହା ଆତ୍ମାର ପରିଣତି ବା ପରିଣାମ ବା ବିକାର ମାତ୍ର ।

(୯୦୯) ଅଦ୍ୱୈତବାଦ : ଅଦ୍ୱୈତବାଦୀମାନଙ୍କର ଧାରଣା ଏକ ଅଦ୍ୱୈତ, ଚିନ୍ମୟ ଓ ପରାତ୍ପର ପରଂବ୍ରହ୍ମ ହିଁ ନିତ୍ୟ, ସତ୍ୟ, ଆଦି, ଅବ୍ୟୟ, ଅକ୍ଷୟ ବା ଅକ୍ଷର, ଦେଶ କାଳାତୀତ ଏବଂ ସତ୍-ଚିତ୍-ଆନନ୍ଦସ୍ୱରୂପ ଅବ୍ୟକ୍ତ ସତ୍ତା । ତାଙ୍କ

ବ୍ୟତୀତ ଏହି ବିଶ୍ୱରେ ଜୀବ, ଜଗତ, ପଞ୍ଚଭୂତ, ଜଡ଼ ପଦାର୍ଥ ବା ବିଶ୍ୱ ବୋଲି କୌଣସି ସତ୍ୟ ପଦାର୍ଥ ନାହିଁ । ଯାହା ଦୃଶ୍ୟମାନ ଅର୍ଥାତ୍ ଯାହା ପଞ୍ଚଇନ୍ଦ୍ରିୟ ମନଦ୍ୱାରା ପ୍ରତ୍ୟକ୍ଷ କରାଯାଇଅଛି ତାହା ସ୍ୱପ୍ନଦୃଷ୍ଟ ଅବସ୍ଥାପରି ସର୍ବଦା ମିଥ୍ୟା, କୁସଂସ୍କାର ଜାତ, ଅବିଦ୍ୟାସମ୍ଭୂତ ମାୟା ରଚିତ ଓ ଭୋଜବାଜୀ ତୁଲ୍ୟ । ଏହି ଦୃଶ୍ୟମାନ ପ୍ରପଞ୍ଚ-ଜଗତ୍ ଅସ୍ତିତ୍ୱହୀନ ସଂସ୍କାର ମାତ୍ର । ମରୀଚିକାରେ ଜଳଭ୍ରମ ସଦୃଶ ଏହା ମାୟାଭ୍ରମ ଜନିତ ଅବାସ୍ତବ ଅନୁଭୂତି ମାତ୍ର । ବ୍ରହ୍ମଙ୍କ ପ୍ରତି ସ୍ୱୟଂ ବ୍ରହ୍ମଙ୍କର ଯେଉଁ ପୃଥକ୍ ଅନୁଭୂତି, ତାହା ହିଁ ଜଗତ୍ ଓ ଜୀବ । ଜୀବ ବ୍ରହ୍ମ ଅଭେଦ । ଜୀବ ଓ ବୁଦ୍ଧି ମାୟା ଭ୍ରମ ମାତ୍ର । ଏହି ବିଶ୍ୱ ହିଁ ବ୍ରହ୍ମଙ୍କର ସ୍ଥୁଳ ବିରାଟ ଦେହ । ଈଶ୍ୱର ବା ବିଶ୍ୱନିୟାମକ ବ୍ରହ୍ମଶକ୍ତି ମଧ୍ୟ ମାୟାମୟ ଅବସ୍ଥା ମାତ୍ର । ଏହି ବ୍ରହ୍ମଶକ୍ତି ବା ମାୟା—ଅର୍ଥାତ୍ ବ୍ରହ୍ମା ତାଙ୍କ ମାୟାଜାଲ ବିସ୍ତାର କରି ବା ଯୋଗବଳରେ ଏହି ବିଶ୍ୱକୁ ତାଙ୍କ ଚିତ୍ତ ମଧ୍ୟରେ ଧାରଣ କରି ରଖିଛନ୍ତି । ଯେ ପର୍ଯ୍ୟନ୍ତ ଏହି ମାୟା ସ୍ୱରୂପ ବ୍ରହ୍ମାଙ୍କର ଧ୍ୟାନ ଥାଏ, ସେ ପର୍ଯ୍ୟନ୍ତ ସ୍ୱର୍ଗ ବା କଳ୍ପର ଅସ୍ତିତ୍ୱ ବିଦ୍ୟମାନ ଥାଏ । ଧ୍ୟାନ ଭଙ୍ଗ ହେଲେ ସମଗ୍ର ବିଶ୍ୱ ବ୍ରହ୍ମରେ ବିଲୀନ ହୋଇଯାଏ । ଜୀବାତ୍ମା ପରଂବ୍ରହ୍ମଙ୍କର ଅବିଦ୍ୟା ଆବରଣଯୁକ୍ତ ଭ୍ରାନ୍ତ ଅବସ୍ଥା ମାତ୍ର । ପରଂବ୍ରହ୍ମଙ୍କୁ ଯେ ଆବୃତ୍ତି କରିଛନ୍ତି ତାଙ୍କୁ ଯୋଗମାୟା କୁହାଯାଏ । ବ୍ରହ୍ମାଣ୍ଡପତି ବିଷ୍ଣୁଙ୍କ ଆବରଣୀ ଶକ୍ତିଙ୍କର ନାମ ମହାମାୟା ଏବଂ ବ୍ରହ୍ମାଣ୍ଡପତି ବ୍ରହ୍ମାଙ୍କ ଆବରଣୀ ଶକ୍ତିଙ୍କର ନାମ ମାୟା ଓ ଜୀବର ଆବରଣ ଶକ୍ତିଙ୍କୁ ଅଜ୍ଞାନତା ବା ଅବିଦ୍ୟା କୁହାଯାଏ । ମାୟା-ଦର୍ପଣରେ ପ୍ରତିଫଳିତହୋଇ ପରଂବ୍ରହ୍ମ ସର୍ବଦା ଜୀବାତ୍ମାରୂପରେ ଅବସ୍ଥାନ କରନ୍ତି । ପରମାତ୍ମା, ପରଂବ୍ରହ୍ମ, ପରମେଶ୍ୱର, ଈଶ୍ୱର ଏବଂ ବ୍ରହ୍ମ—ଏହାସବୁ ଏକ ଏବଂ ପୂର୍ଣ୍ଣସତ୍ତା ବିଶିଷ୍ଟ । ପୂର୍ଣ୍ଣସତ୍ତା ଅନନ୍ତ ବିଚିତ୍ରାକାରରେ ମାୟାଦ୍ୱାରା ବିଭାସିତ ହେଲେ ମଧ୍ୟ ତାଙ୍କର ପୂର୍ଣ୍ଣତ୍ୱର କୌଣସି କ୍ଷତି ହୁଏ ନାହିଁ । ସପ୍ତବିଂଶତି ତତ୍ତ୍ୱ ଅର୍ଥାତ୍ ମାୟା, ମୂଳା ପ୍ରକୃତି ବା ଅବ୍ୟକ୍ତ ମହତତ୍ତ୍ୱ, ଅହଂ, ବୁଦ୍ଧି, ଚିତ୍ତ, ମନ, ଇନ୍ଦ୍ରିୟଗଣ, ତନ୍ମାତ୍ର ଏବଂ ପଞ୍ଚଭୂତ—ଏହି ସମସ୍ତ ହିଁ ଏକମାତ୍ର ବ୍ରହ୍ମଙ୍କ ବ୍ୟତୀତ ଅନ୍ୟ କିଛି ସ୍ୱତନ୍ତ୍ର ବସ୍ତୁ ନୁହନ୍ତି । ମାନବ ଜ୍ଞାନ ଓ ଯୋଗବଳରେ ଅବିଦ୍ୟା ନିରାକରଣ ନିମିତ୍ତ ଅଗ୍ରଣୀ ହେଲେ ତାଙ୍କର ଏହି ମାୟାମୟ ଦର୍ଶନ ଅନ୍ତର୍ହିତ ହୁଏ । ସେତେବେଳେ ସାଧକ ସ୍ୱରୂପ ଜ୍ଞାନ ଲାଭ କରି ଧନ୍ୟ ହୁଅନ୍ତି ଏବଂ ନିଜକୁ ବ୍ରହ୍ମ ବୋଲି ଉପଲବ୍ଧି କରନ୍ତି । ବିଶିଷ୍ଟାଦ୍ୱୈତବାଦ ମତାନୁସାରେ

ଜୀବ ବ୍ରହ୍ମଭାବରେ ମିଶିଗଲେ ମଧ୍ୟ ଜୀବର ସତ୍ତା ବିଲୁପ୍ତ ହୁଏ ନାହିଁ । ମୋକ୍ଷପ୍ରାପ୍ତ ଜୀବ ବ୍ରହ୍ମପଦ ଲାଭ କରି ମଧ୍ୟ ଏହି ବିଶ୍ୱକୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରିଥାନ୍ତି । ତାଙ୍କର ତ୍ରିକାଳ ଭେଦରୂପ ଆବରଣ ନଥାଏ । କିନ୍ତୁ ଅଦ୍ୱୈତବାଦ ମତରେ ଜୀବ ପରଂବ୍ରହ୍ମଙ୍କ ଠାରେ ନିର୍ବାଣପ୍ରାପ୍ତ ହେଲେ ତାହାର ମିଥ୍ୟାଜ୍ଞାନ ତିରୋହିତ ହୋଇଯାଏ ଏବଂ ଜୀବଚୈତନ୍ୟ ସମଗ୍ର ବିଶ୍ୱକୁ ବ୍ରହ୍ମରୂପରେ ଦର୍ଶନ କରେ । ଏହି ଅଦ୍ୱୈତବାଦ ହିଁ ଏକମାତ୍ର ସତ୍ୟ ଈଶ୍ୱରବାଦ । ଏହା ହିଁ ପୂର୍ଣ୍ଣ ସତ୍ୟ । ଦ୍ୱୈତବାଦ ଆଂଶିକ ସତ୍ୟ ଏବଂ ଅଦ୍ୱୈତବାଦର ଗୋଟିଏ ଅଂଶ ମାତ୍ର ।

(୯୧୦) ବୈଷ୍ଣବ ଧର୍ମର ମତବାଦ : ଦ୍ୱୈତ, ଅଦ୍ୱୈଦ ଓ ବିଶିଷ୍ଟଦ୍ୱୈତ ଏହି ତିନିଗୋଟି ବାଦର ସାରାଂଶକୁ ନେଇ ଶ୍ରୀଚୈତନ୍ୟ ଦେବଙ୍କ ବୈଷ୍ଣବ ଧର୍ମବାଦ ଉଦ୍ଭୁତ ହୋଇଅଛି । ଭଗବାନ ପୂର୍ଣ୍ଣବ୍ରହ୍ମ ଈଶ୍ୱର କ୍ଷୀଣାୟୁ ଅଳ୍ପବୁଦ୍ଧି କଳିଯୁଗର ମାନବମାନଙ୍କ ପ୍ରତି ଦୟାପରବଶ ହୋଇ ଶ୍ରୀମନ୍ ମହାପ୍ରଭୁ ଚୈତନ୍ୟଦେବଙ୍କ ରୂପରେ ଆବିର୍ଭୂତ ହୋଇଥିଲେ ଏବଂ ଭକ୍ତି ଧର୍ମର ପ୍ରତିଷ୍ଠା କରିଥିଲେ । ଏହି ଧର୍ମ ଅଦ୍ୱୈତବାଦକୁ ଉଚ୍ଚରେ ରଖି ଦ୍ୱୈତବାଦର ସାରାଂଶ ଗ୍ରହଣ ପୂର୍ବକ ଜୀବକୁ ଦ୍ୱୈତ ମଧ୍ୟଦେଇ ଅଦ୍ୱୈତ ତତ୍ତ୍ୱରେ ପ୍ରତିଷ୍ଠିତ କରାଇଥାଏ । ପରମ ଭାଗବତ ଜ୍ଞାନୀ ବୈଷ୍ଣବମାନେ ସ୍ୱୀକାର କରନ୍ତି ଯେ ଅବ୍ୟକ୍ତ, ପୂର୍ଣ୍ଣ, ଅଦ୍ୱୈତ ଓ 'ସର୍ବଭୂତର ପରମେଶ୍ୱର ହିଁ ଏକମାତ୍ର ସତ୍ୟସତ୍ତା । ତାଙ୍କଠାରୁ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ଅର୍ଥାତ୍ ଜଡ଼, ଚେତନ, ସ୍ଥାବର ଜଙ୍ଗମାଦି ଯାବତୀୟ ପଦାର୍ଥ, ଜୀବ, ଜଗତ ଓ ଚତୁର୍ବିଂଶତି ତତ୍ତ୍ୱର ଉତ୍ପତ୍ତି ହୋଇ ତାଙ୍କରିଠାରେ ଅବସ୍ଥାନ କରେ ଏବଂ ସେଥିରେ ହିଁ ଲୟପ୍ରାପ୍ତ ହୁଏ । ମାୟା ହିଁ ଏହି ସୃଷ୍ଟି-ସ୍ଥିତି-ଲୟର କାରଣ । ଜୀବ ମାତ୍ରେ ଯେ ଦିନେ ବ୍ରହ୍ମତ୍ୱରେ ଲୀନ ହେବେ, ତାହା ମଧ୍ୟ ସେମାନେ ଅବଗତ ଅଛନ୍ତି । କିନ୍ତୁ କଳିଯୁଗର ମୂଢ଼, ଅଜ୍ଞାନାନ୍ଧ ପଶୁପ୍ରକୃତିବିଶିଷ୍ଟ ମାନବ ଏହି ଚରମ ଅଦ୍ୱୈତ ତତ୍ତ୍ୱର ଧାରଣ ଓ ପାଳନ କରିବାକୁ ନିତାନ୍ତ ଅସମର୍ଥ ବୋଲି ଉପଲବ୍ଧି କରି ସାଧକମାନଙ୍କୁ ମାନବାକାର ଭଗବାନଙ୍କ ଉପାସନାର ବିଧାନ ପ୍ରଦାନ କରିଥିଲେ । ଯେହେତୁ ସମସ୍ତ ଜୀବଜଗତ୍ ବ୍ରହ୍ମମୟ, ତେଣୁ ଉପାସ୍ୟ ମୂର୍ତ୍ତି ଭଗବାନ କେବେହେଲେ ଅଦ୍ୱୈତ ବ୍ରହ୍ମରୁ ଭିନ୍ନ ନୁହନ୍ତି । ଏ ବିଷୟରେ କୌଣସି ସନ୍ଦେହ ନାହିଁ । ସେହି ବ୍ରହ୍ମତତ୍ତ୍ୱର ଈଶ୍ୱର, କାଳୀ, କୃଷ୍ଣ, ବିଷ୍ଣୁ ଓ ଶିବଙ୍କ ମୂର୍ତ୍ତି ଧାରଣ କରି ଭକ୍ତ-ଉଦ୍ଧାରନିମିତ୍ତ ବ୍ୟକ୍ତ ଜଗତରେ ଆବିର୍ଭୂତ ହୁଅନ୍ତି । ଏହିସବୁ

ଈଶ୍ୱରଙ୍କ ଅବତାର ରୂପଧାରୀ ଭଗବାନଙ୍କ ଉପାସନା ଦ୍ୱାରା ସେମାନଙ୍କ କୃପା ଆକର୍ଷଣ କରିପାରିଲେ ସେମାନେ ଏହି ଉପାସକମାନଙ୍କୁ ଅଦ୍ୱୈତ ତତ୍ତ୍ୱରେ ପ୍ରତିଷ୍ଠିତ କରାଇଥାନ୍ତି । କିନ୍ତୁ ଉପାସନା ସମୟରେ ସେହିସବୁ ମୂର୍ତ୍ତ-ଭଗବାନଙ୍କ ପ୍ରତି ବ୍ରହ୍ମବୁଦ୍ଧି ପୋଷଣ କରିବାକୁ ପଡ଼େ । ସେମାନଙ୍କୁ ମାନବଠାରୁ ସ୍ୱତନ୍ତ୍ର ଜ୍ଞାନରେ ଉପାସନା ନ କଲେ ଭକ୍ତିରେ ବାଧା ଜାତ ହୁଏ । ବିଷୟବିମୂଢ଼ ପ୍ରାଥମିକ ଉପାସକମାନଙ୍କ ପକ୍ଷରେ ଉକ୍ତ ମାନବ ରୂପଧାରୀ ଭଗବାନ କିମ୍ବା ଗୁରୁଦେବଙ୍କୁ ଲାଭ କରିବା ହିଁ କଳିଯୁଗର ଲୋକଙ୍କ ପକ୍ଷରେ ଶ୍ରେଷ୍ଠ ସାଧନା । ଏହା ହିଁ ଯୁଗଧର୍ମ । ତାଙ୍କୁ ଲାଭ କଲେ ପୂର୍ଣ୍ଣ ପରଂବ୍ରହ୍ମ ମଧ୍ୟ ଲାଭ ହୋଇଥାନ୍ତି । ଭଗବାନଙ୍କର ନରାକାର ବା ମାନବରୂପଧାରୀ କୌଣସି ଜୀବନ୍ତ ଓ ଚୈତନ୍ୟମୟ ସତ୍ତାକୁ ଚିତ୍ତରେ ନିତ୍ୟ ଭାବରେ ପ୍ରଥମେ ଲାଭ କରିବା ବ୍ୟତୀତ ଏବଂ ତାଙ୍କ ସେବା ବ୍ୟତୀତ ଏ ଯୁଗରେ ଅଳ୍ପ ସମୟ ମଧ୍ୟରେ ଗୋଟିଏ ଜୀବନରେ, ସଂସାର କର୍ମ ମଧ୍ୟରେ ଥାଇ ଯୋଗ, ଜପ, ତପ ଓ ଆତ୍ମଜ୍ଞାନ ଲାଭ କରିବା ଏକାବେଳକେ ଅସମ୍ଭବ । ପୂର୍ଣ୍ଣ ବା ଶ୍ରୀଭଗବାନ ଯଦିଓ ସ୍ୱରୂପତଃ ନିରାକାର ଚୈତନ୍ୟ ସ୍ୱରୂପ, ତଥାପି ତାଙ୍କର ଅବତାର କିମ୍ବା ଶ୍ରୀଗୁରୁଦେବଙ୍କ ମୂର୍ତ୍ତିର ଉପାସନା ଓ ଧ୍ୟାନ ପ୍ରଭୃତି ଦ୍ୱାରା ତନ୍ମୟ ଅବସ୍ଥା ଲାଭ କରିପାରିଲେ, ସେହି ଏକ ଏବଂ ପୂର୍ଣ୍ଣବ୍ରହ୍ମ ଈଶ୍ୱର ହିଁ ସେହି ସାଧକଙ୍କ ପ୍ରତି କୃପାବିଷ୍ଟ ହୋଇ ମୋକ୍ଷ ବା ଉଚ୍ଚ ଅବସ୍ଥା ପ୍ରଦାନ କରିଥାନ୍ତି । ନିରାକାର ଅବ୍ୟକ୍ତ ସତ୍ତାକୁ ସାକାର ଭାବରେ ଉପାସନା କରିବାକୁ ଅବର ଜ୍ଞାନ କୁହାଯାଏ । ଭଗବାନ ସାକାର ଓ ନିରାକର ଉଭୟବିଧ ଭାବରେ ସତ୍ୟ । ଭଗବାନ ମାନବକୁ ଯେଉଁ ଶକ୍ତି ପ୍ରଦାନ କରିଛନ୍ତି ତଦନୁଯାୟୀ ତାହାର ଯେତିକି ସାଧ୍ୟ ସେତିକି ସେବା ଅକପଟ ଭାବରେ କରିପାରିଲେ ସେ ପ୍ରକଟ ହୋଇ ସାଧକଙ୍କୁ ଜ୍ଞାନ ପ୍ରଦାନ କରନ୍ତି । ତେଣୁ ଏହି ସାଧକମାନେ ଶ୍ରୀ ଭଗବାନଙ୍କ ନାମ ରୂପର ଉପାସନା କରି ଅଦ୍ୱୈତ ତତ୍ତ୍ୱଜ୍ଞାନ ଲାଭ କରିଥାନ୍ତି । ଶୈବ, ସୌର ପ୍ରଭୃତି ଜ୍ଞାନୀ ବୈଷ୍ଣବ ଶ୍ରେଣୀର ଅନ୍ତର୍ଗତ ।

ମାନବ ମନରେ ଯେତେଗୁଡ଼ିଏ ଉଚ୍ଚ ଦୈବୀଶକ୍ତି ଅଛି, ତନ୍ମଧ୍ୟରେ ଭକ୍ତି ଓ ପ୍ରେମ ନାମକ ଶକ୍ତିଦ୍ୱୟ ସର୍ବଶ୍ରେଷ୍ଠ । ସେହି ନାମକୁ ଭକ୍ତିପୂର୍ବକ ଜପ କରି ସେମାନେ ବଳପୂର୍ବକ ଅଦ୍ୱୈତତତ୍ତ୍ୱକୁ ଦ୍ୱୈତ ସତ୍ତାରେ ପରିଣତ ବା ଅବତୀର୍ଣ୍ଣ କରାଇପାରନ୍ତି । ଉପରୋକ୍ତ ପଥରେ ସାଧନା କରି ଭକ୍ତମାନେ ଭଗବାନଙ୍କୁ ନିଜ

ଅନ୍ତରରେ ଉପଲବ୍ଧି କରନ୍ତି । ଏହି ଉପଲବ୍ଧିକୁ ସବିକଳ୍ପ ସମାଧି କୁହାଯାଏ । ଯୋଗବଳରେ ପରଂବ୍ରହ୍ମତ୍ୱ ଲାଭ ହିଁ ନିର୍ବିକଳ୍ପ ସମାଧି । ବୈଷ୍ଣବମାନଙ୍କ ମତରେ ନିର୍ବିକଳ୍ପ ଅବସ୍ଥାଠାରୁ ପ୍ରେମଭକ୍ତି ଦ୍ୱାରା ମୂର୍ତ୍ତ ଭଗବାନଙ୍କୁ ଲାଭ କରିବା ହିଁ ଶ୍ରେଷ୍ଠ ଓ ଆନନ୍ଦପ୍ରଦ । ପ୍ରେମ ଓ ଭକ୍ତିଦ୍ୱାରା ସାଧକ ନାନା ଭାବରେ ଉପାସନା କରିଥାନ୍ତି । ତନ୍ମଧ୍ୟରେ ପଞ୍ଚଭାବ ପ୍ରଧାନ । ମଧୁର ଭାବର ସାଧନା ସବୁଠାରୁ ଶ୍ରେଷ୍ଠ । ମାନବ ନିଜକୁ ପ୍ରକୃତି ଭାବରେ ଭାବନା କରି ସେହି ଭାବର ସାଧନା କରିଥାନ୍ତି । ଯୋଗଜ୍ଞାନ ଦ୍ୱାରା ଭଗବାନ ନିରାକାର ଭାବରେ ଉପଲବ୍ଧ ହୋଇଥାନ୍ତି । କିନ୍ତୁ ନାମ ଓ ରୂପବିଶିଷ୍ଟ ସାକାର ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରି ନାମ ଭଜନଦ୍ୱାରା ତାଙ୍କୁ ଲାଭ କରିବା ହିଁ ଏ ଯୁଗର ଶ୍ରେଷ୍ଠ ସାଧନା । ଏହା ହିଁ ବୈଷ୍ଣବ ଧର୍ମର ମତ । ଏହି ପଥର ପ୍ରେମିକ ଭକ୍ତ ଭଗବାନଙ୍କର ଅନ୍ତରଙ୍ଗ । ପ୍ରକୃତ ବୈଷ୍ଣବ ଧର୍ମ ସହିତ ଅଦ୍ୱୈତବାଦର କୌଣସି ଅସାମଞ୍ଜସ୍ୟ ନାହିଁ । ବରଂ ଅଦ୍ୱୈତ ତତ୍ତ୍ୱରେ ପ୍ରତିଷ୍ଠିତ ହେବା ନିମିତ୍ତ ଏହି ଧର୍ମ ହିଁ ଶ୍ରେଷ୍ଠ ସାଧନ ପଥ । କେବଳ ସାଧନ ପଥର ପାର୍ଥକ୍ୟ ନେଇ କିଞ୍ଚିତ୍ ଭେଦ ବିଦ୍ୟମାନ, ନଚେତ୍ ସ୍ୱରୂପତଃ ଏହା ଅଭିନ୍ନ । ଏହା ହିଁ ଶ୍ରୀ ଗୁରୁଦେବଙ୍କ ଭାଷାରେ ଶଙ୍କରଙ୍କ ମତ ଓ ଶ୍ରୀ ଗୌରାଙ୍ଗ ଦେବଙ୍କ ପଥର ସାମଞ୍ଜସ୍ୟ ବା ଜ୍ଞାନ ଭକ୍ତିର ସମନ୍ୱୟୀ ପନ୍ଥା ବୋଲି ସ୍ୱୀକୃତ ।

(୯୧୧) ସୂର୍ଯ୍ୟନାରାୟଣ ବ୍ରହ୍ମ : ଈଶ୍ୱର ବା ବ୍ରହ୍ମଙ୍କର ଯେଉଁ ସର୍ବଶ୍ରେଷ୍ଠ ସ୍ୱରୂପ ସାଧାରଣ ମାନବର ସ୍ଥୂଳ ଇନ୍ଦ୍ରିୟଗ୍ରାହ୍ୟ ହୋଇ ଦର୍ଶନ ଦାନ କରନ୍ତି, ତାଙ୍କରି ନାମ ସୂର୍ଯ୍ୟନାରାୟଣ ବ୍ରହ୍ମ । ଏହି ସୌର ଜଗତ ହିଁ ବୃହତ୍ ବ୍ରହ୍ମାଣ୍ଡ ଏବଂ ମାନବ ଦେହ କ୍ଷୁଦ୍ର ବ୍ରହ୍ମାଣ୍ଡ । ସୂର୍ଯ୍ୟ, ଗ୍ରହ, ଉପଗ୍ରହ, ବାୟୁ, ଆକାଶ, ତେଜଃ, ଶକ୍ତି ଓ ଜ୍ୟୋତିର ସମଷ୍ଟିଭୂତ ଅବସ୍ଥାରୁ ହିଁ ଭିନ୍ନ ଭିନ୍ନ ଲୋକର ସୃଷ୍ଟି ହୋଇ ବୃହତ୍ ବ୍ରହ୍ମାଣ୍ଡ ନାମରେ ଅଭିହିତ ହୋଇଅଛି । ଏହାକୁ କୁହାଯାଏ ବ୍ରହ୍ମା ବା ବିରାଟ ଶରୀର । ଏହାଙ୍କର ଅପର ନାମ ସୂର୍ଯ୍ୟ ଦେବତା । ଗୋଟିଏ ମାନବର ସମଗ୍ର ଦେହକୁ କ୍ଷୁଦ୍ର ବ୍ରହ୍ମାଣ୍ଡ କୁହାଯାଏ । ବ୍ରହ୍ମାଣ୍ଡରେ ଯାହାସବୁ ଅଛି ସେ ସମସ୍ତ ଏହି ଦେହ ଭାଣ୍ଡରେ ନିତ୍ୟ ବିରାଜିତ । କ୍ଷୁଦ୍ର ମାନବୀୟ ଦେହଭାଣ୍ଡରେ ଯାହା ଅଛି, ତାହା ମଧ୍ୟ ବିଶ୍ୱବ୍ରହ୍ମାଣ୍ଡରେ ବିଦ୍ୟମାନ । ମାନବୀୟ ଦେହ ମଧ୍ୟରେ ଯେପରି ଚତୁର୍ବିଂଶତି ତତ୍ତ୍ୱ ଜୀବାତ୍ମା ପରମାତ୍ମା ନିବାସ କରନ୍ତି, ସେହିପରି ବ୍ରହ୍ମାଣ୍ଡରେ ମଧ୍ୟ ପରମେଶ୍ୱର, ପ୍ରକୃତି ପୁରୁଷ ବିରାଜିତ । ମାନବ ଦେହ ଓ ସୂର୍ଯ୍ୟଦେବଙ୍କ ମଧ୍ୟରେ

ବ୍ୟଷ୍ଟି ସମଷ୍ଟି ସମ୍ବନ୍ଧ ବିଦ୍ୟମାନ । ତେଣୁ ସୂର୍ଯ୍ୟନାରାୟଣ ବ୍ରହ୍ମ ଜଡ଼ପଦାର୍ଥ ନୁହଁନ୍ତି । ସୂର୍ଯ୍ୟଦେବଙ୍କ ମଧ୍ୟରେ ପଞ୍ଚଭୂତ, ପଞ୍ଚତନ୍ମାତ୍ର, ଏକାଦଶ ଇନ୍ଦ୍ରିୟ, ଅହଂଭାବ, ପ୍ରକୃତି ପୁରୁଷ ଭାବ ମଧ୍ୟ ଅନ୍ତର୍ନିହିତ । ତେଣୁ ମାନବ ତାଙ୍କଠାରୁ ଉତ୍ପନ୍ନ ହୋଇଥିବାରୁ ସେହି ମାନବ ଦେହରେ ସମସ୍ତ ବୀଜାକାରରେ ବିଦ୍ୟମାନ ଅଛି । ସୂର୍ଯ୍ୟଦେବଙ୍କର ପଞ୍ଚ ଇନ୍ଦ୍ରିୟ ଅପେକ୍ଷା ବିଶେଷ ଇନ୍ଦ୍ରିୟ ବର୍ତ୍ତମାନ । ସୂର୍ଯ୍ୟଦେବଙ୍କର ମନ, ଚକ୍ଷୁ ଓ କର୍ଣ୍ଣ ଅଛି । ତେଣୁ ସେ ମାନବର ସମସ୍ତ କଥା ବୁଝିପାରନ୍ତି । ଦେହ ଦେହୀ ମଧ୍ୟରେ ଯେତିକି ବ୍ୟବଧାନ, ସୂର୍ଯ୍ୟ ଓ ବ୍ରହ୍ମାଙ୍କ ମଧ୍ୟରେ ସେତିକି ବ୍ୟବଧାନ । ସତ୍ୟ ଲୋକେଶ୍ୱର ଅବ୍ୟକ୍ତ ଚୈତନ୍ୟ ସୂର୍ଯ୍ୟଦେବଙ୍କର ପରମାତ୍ମା । ସୂର୍ଯ୍ୟଦେବ ମାନବୀୟ ଜ୍ଞାନରେ ବୃହତ୍ ବୋଲି ପ୍ରତୀୟମାନ ହେଲେ ମଧ୍ୟ ତାହା ପୂର୍ଣ୍ଣବ୍ରହ୍ମଙ୍କର ସାମାନ୍ୟ ଛାୟା ମାତ୍ର । ଈଶ୍ୱରଭାବ ବ୍ରହ୍ମଭାବର ପ୍ରତିବିମ୍ବ । ସୂର୍ଯ୍ୟଭାବ ପୂର୍ଣ୍ଣ ଈଶ୍ୱର ଭାବର ଅଂଶ । ତେଣୁ ସୂର୍ଯ୍ୟମଣ୍ଡଳର ଉପାସନା ଦ୍ୱାରା ଜ୍ଞାନ ଓ ଶକ୍ତି ଲାଭ ହୋଇଥାଏ । ଜ୍ଞାନ ହିଁ ସୂର୍ଯ୍ୟଦେବଙ୍କ ପ୍ରତୀକ ।

(୯୧୨) ପରଂବ୍ରହ୍ମ ଭାବ : ଏହି ବ୍ରହ୍ମଜ୍ଞାନ ଉପନିଷଦ୍ ଶାସ୍ତ୍ରରେ ବର୍ଣ୍ଣିତ ଅଛି । ସେ କୌଣସି ବିଶେଷଣ ଦ୍ୱାରା ପ୍ରକାଶଯୋଗ୍ୟ ନ ହେବାରୁ ତାଙ୍କର ନାମ ନିର୍ବିଶେଷ । ଉକ୍ତ ପରଂବ୍ରହ୍ମଙ୍କୁ ଜ୍ଞାନଯୋଗୀମାନେ ଅବ୍ୟକ୍ତ ଓ ଅକ୍ଷରବ୍ରହ୍ମ ଭାବରେ, ରାଜଯୋଗୀମାନେ ପରମାତ୍ମା ସ୍ୱରୂପରେ, ଭକ୍ତିଯୋଗୀମାନେ ପୂର୍ଣ୍ଣ ଈଶ୍ୱର ବା ଶ୍ରୀ ଭଗବାନ ରୂପରେ ସାକ୍ଷାତକାର ଲାଭ କରିଥାଆନ୍ତି । ଶ୍ରୀକୃଷ୍ଣ ହିଁ ସେହି ମୂଳ ଭଗବାନଙ୍କର ଅବତାର । ସମଗ୍ର ବିଶ୍ୱ ଭଗବାନଙ୍କର ସ୍ଥୂଳଦେହ । ଭକ୍ତମାନଙ୍କ ଉପାସ୍ୟ ଭଗବାନ ଈଶ୍ୱର ବା ପରବ୍ରହ୍ମଙ୍କର ସ୍ୱରୂପ ପ୍ରକାଶ । ଏହି ପରଂବ୍ରହ୍ମଙ୍କର ଅପର ନାମ ଶ୍ରୀକୃଷ୍ଣ । ଏହି ଭଗବାନଙ୍କର ତ୍ରିବିଧ ଶକ୍ତି—ଅନ୍ତରଙ୍ଗୀ, ବହିରଙ୍ଗା ଓ ତଟସ୍ଥା । ଯେଉଁ ଶକ୍ତିଦ୍ୱାରା ସେ ନିଜକୁ ସ୍ୱରୂପରେ ଅର୍ଥାତ୍ ବ୍ରହ୍ମ ଭାବରେ ପ୍ରତିଷ୍ଠିତ କରନ୍ତି, ସେହି ସଚ୍ଚିଦାନନ୍ଦ ଶକ୍ତି ହିଁ ଅନ୍ତରଙ୍ଗା ଚିତ୍‌ଶକ୍ତି । ଯେଉଁ ଶକ୍ତି ବଶରୁ ସ୍ୱୀୟ ମାୟା ପ୍ରଭାବରେ ସେ ନିଜକୁ ବ୍ୟକ୍ତ ବିଶ୍ୱରୂପରେ ପ୍ରକାଶ କରନ୍ତି ତାହାକୁ ବହିରଙ୍ଗା ମାୟାଶକ୍ତି ଅର୍ଥାତ୍ ଭଗବତ୍ ଶକ୍ତି ବା ଐଶୀ ଶକ୍ତି କୁହାଯାଏ । ଯେଉଁ ଶକ୍ତି ପ୍ରଭାବରେ ସେ ଅବିଦ୍ୟାବିମୋହିତ ଜୀବଶକ୍ତି ଭାବରେ ଲୀଳା କରନ୍ତି, ତାଙ୍କୁ କୁହାଯାଏ ଜୀବଶକ୍ତି ବା ତଟସ୍ଥା ଶକ୍ତି । ସେ ଏକ ହୋଇ ମଧ୍ୟ ଶକ୍ତିକୁ ଅବଲମ୍ବନ କରି ବହୁ ଭାବରେ ବ୍ୟକ୍ତ ହୋଇଅଛନ୍ତି । ଜୀବ ବ୍ରହ୍ମ ହୋଇ

ମଧ୍ୟ ମାୟାଶକ୍ତି ଦ୍ୱାରା ଆବରିତ ଥିବାରୁ ନିଜକୁ ଉପଲବ୍ଧି କରିପାରନ୍ତି ନାହିଁ । ଜୀବମାୟା ଓ ଗୁଣମାୟା ଭେଦରେ ମାୟା ଦ୍ୱିବିଧ । ଜୀବମାୟା ବଶରୁ ସେ ନିଜକୁ ଭୁଲିଯାନ୍ତି ଏବଂ ଜୀବର ଜୀବତ୍ୱ ବା ଅହଂତ୍ୱ ଏହି ଜୀବମାୟା ପ୍ରଭାବରେ ହୋଇଥାଏ । ଖଣ୍ଡ ବିଷୟ ଜ୍ଞାନ ଏହି ମାୟାର କାର୍ଯ୍ୟ । ଗୁଣମାୟାଦ୍ୱାରା ଜୀବ ବିଷୟ ଭୋଗ କରେ । ଜୀବ-ମାୟା ସତ୍ତ୍ୱଗୁଣକୁ ଆଶ୍ରୟ କଲେ ଜ୍ଞାନ ଲାଭ ହୁଏ । ଗୁଣମାୟା ମଧ୍ୟ ଗୁଣକୁ ଆଶ୍ରୟ କଲେ ଐଶ୍ୱର୍ଯ୍ୟ ଲାଭ ହୁଏ । ଏହି ମାୟା ତମୋଗୁଣକୁ ଅବଲମ୍ବନ କଲେ ସଂସାରରେ ମୋହ ବା ବିଷୟାଶକ୍ତି ଉତ୍ପନ୍ନ ହୋଇଥାଏ । ସାଧନାଦ୍ୱାରା ଜୀବର ଆବରଣ ଭେଦ ହୋଇଥାଏ । ଜୀବର କାହିଁରେ ମଙ୍ଗଳ ହେବ, ସେ ଅନ୍ଧ ହେତୁ ତାହା ବୁଝିପାରେ ନାହିଁ । ତେଣୁ କୃପାପରବଶ ହୋଇ ଭଗବାନ ଜ୍ଞାନାଲୋଚନା ନିମିତ୍ତ ଶାସ୍ତ୍ର ଗ୍ରନ୍ଥାଦି ପ୍ରଦାନ କରିଛନ୍ତି । ଏହି ଶାସ୍ତ୍ର ଗ୍ରନ୍ଥ ମଧ୍ୟରେ ବେଦ ପ୍ରଧାନ । ତାହା ମଧ୍ୟ ତିନି ଭାଗରେ ବିଭକ୍ତ— କର୍ମକାଣ୍ଡ, ଦେବତାକାଣ୍ଡ ଓ ଜ୍ଞାନକାଣ୍ଡ । କର୍ମ କାଣ୍ଡରେ ଯଜ୍ଞର ବିଧାନ, ଦେବତା କାଣ୍ଡରେ ଦେବଦେବୀଙ୍କର ଉପାସନା ଓ ଜ୍ଞାନ କାଣ୍ଡରେ ପୂଜା ପ୍ରଭୃତିର ଉଦ୍ଦେଶ୍ୟ ବର୍ଣ୍ଣିତ ହୋଇଅଛି । ସବୁ ମତ ଓ ସବୁ ସମ୍ପ୍ରଦାୟ ଏହି ବେଦରୁ ଉତ୍ପନ୍ନ । ବେଦ ନିତ୍ୟ ସନାତନ ଓ ସତ୍ୟ । ଅନ୍ୟ ସମସ୍ତ ଧର୍ମ ଅନିତ୍ୟ ।

(୯୧୩) ଶ୍ରୀରାଧାଭାବ : ଶ୍ରୀରାଧିକା ସାଧରଣ ଜୀବ ବା ସାଧକ ନୁହନ୍ତି । ସେ ଭଗବତ୍ ପ୍ରେମର ବିଳାସରୂପିଣୀ ହ୍ଲାଦିନୀ ଶକ୍ତି । ସଚ୍ଚିଦାନନ୍ଦ ଶକ୍ତି ଓ ପରମାତ୍ମା ଚୈତନ୍ୟ ସ୍ୱରୂପ ଶ୍ରୀରାଧା ଓ ଶ୍ରୀକୃଷ୍ଣ ତତ୍ତ୍ୱ ଏକ ହୋଇ ମଧ୍ୟ ଲୀଳା ନିମିତ୍ତ ଭିନ୍ନ ଦେହରେ ଆବିର୍ଭୂତ ହୋଇଥିଲେ । ଶ୍ରୀରାଧାକୃଷ୍ଣ ଏକ ହେଲେ ସଚ୍ଚିଦାନନ୍ଦ ବ୍ରହ୍ମରେ ପରିଣତ ହୋଇଯାନ୍ତି । ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗ ଦେବ ଶ୍ରୀରାଧା-କୃଷ୍ଣଙ୍କର ମିଳିତ ବିଗ୍ରହ ହେତୁ ସେ ପୂର୍ଣ୍ଣ ବ୍ରହ୍ମ ସନାତନ ଭାବରେ ପୂଜିତ । ସେ ହିଁ ସାକ୍ଷାତ ଭଗବାନ । ଶ୍ରୀ ରାଧିକା ହ୍ଲାଦିନୀ ଶକ୍ତିର ପ୍ରକଟାବସ୍ଥା । ଭଗବାନଙ୍କ ଅନନ୍ତ ଶକ୍ତି ମଧ୍ୟରୁ ଏହି ଆନନ୍ଦ ଶକ୍ତି ତାଙ୍କ ସ୍ୱରୂପ ଶକ୍ତିର ଅନ୍ତର୍ଗତ । ଶ୍ରୀ ରାଧିକା ପ୍ରେମର ସାର ମହାଭାବ ସ୍ୱରୂପା । ଭଗବତ୍ ପ୍ରେମ ବିଷୟରେ ସେ ହେଉଛନ୍ତି ବିଶ୍ୱର ଗୁରୁ । ତେଣୁ ତାଙ୍କର ସ୍ୱରୂପ ଶିବ । ତାଙ୍କରି ଠାରୁ ସମସ୍ତେ ଭଗବତ୍ ପ୍ରେମ ତତ୍ତ୍ୱ ଶିକ୍ଷା କରି ଧନ୍ୟ ହୋଇଛନ୍ତି ।

(୯୧୪) ପୂର୍ଣ୍ଣ ବ୍ରହ୍ମଙ୍କ ଲୀଳାଭାବ : ପୂର୍ଣ୍ଣବ୍ରହ୍ମ ସନାତନ ଶ୍ରୀକୃଷ୍ଣଙ୍କ

ଲୀଳା କାମଗନ୍ଧହୀନ । କାରଣ ଆତ୍ମିକ ରାଜ୍ୟରେ କାମର କୌଣସି ଅସ୍ତିତ୍ୱ ନାହିଁ । ସେଠାରେ ପୁରୁଷ ସ୍ତ୍ରୀ ଭେଦ ନାହିଁ । ତାହା ଅଦ୍ୱୈତ ତତ୍ତ୍ୱର ଲୀଳାବିଳାସ । ଶ୍ରୀକୃଷ୍ଣ ପୂର୍ଣ୍ଣବ୍ରହ୍ମ ସ୍ୱରୂପ, ଶ୍ରୀରାଧା ତାଙ୍କର ସ୍ୱରୂପଶକ୍ତି । ଶ୍ରୀକୃଷ୍ଣ ଏକାଦଶ ବର୍ଷ ବୟସରେ ମଥୁରା ଯାତ୍ରା କରିଥିଲେ । ଲୀଳାସହଚରୀମାନେ ସାଧାରଣ ମାନବୀ ନଥିଲେ । ସେମାନେ ସମସ୍ତେ ଜଣେ ଜଣେ ସିଦ୍ଧ ସାଧକ । ଶ୍ରୀକୃଷ୍ଣଙ୍କ ସଖୀ ସଖାମାନେ ମଧ୍ୟ ତାଙ୍କ ସ୍ୱରୂପ ଶକ୍ତିର ଅନ୍ତର୍ଗତ । ସେମାନେ ଭଗବାନଙ୍କର ଅଂଶବିଶେଷ । ସୁତରାଂ ଭଗବାନଙ୍କ ତୁଲ୍ୟ ଶକ୍ତିଶାଳୀ । ଦ୍ୱିତୀୟ ଶ୍ରେଣୀର ଗୋପିକାମାନେ ନିତ୍ୟସିଦ୍ଧ ମହାପୁରୁଷ ଓ ମୁକ୍ତ ଚିଦାତ୍ମାଗଣ । ତୃତୀୟ ଶ୍ରେଣୀର ଗୋପୀମାନେ ସାଧନ ସିଦ୍ଧ । ଚତୁର୍ଥ ଶ୍ରେଣୀର ଗୋପୀମାନେ ସାଧନପ୍ରିୟ । ଋଷି ମୁନିମାନେ ଲୀଳା ସହାୟକ ଭାବରେ ଅବତୀର୍ଣ୍ଣ ହୋଇଥିଲେ । ସେମାନେ ପୂର୍ଣ୍ଣବ୍ରହ୍ମ ସନାତନ ଶ୍ରୀକୃଷ୍ଣଙ୍କର ପ୍ରେମାନନ୍ଦ ଆସ୍ୱାଦନ ନିମିତ୍ତ ସ୍ୱେଚ୍ଛାରେ ବୃନ୍ଦାବନରେ ଗୋପୀରୂପ ଧାରଣ କରିଥିଲେ । ପଞ୍ଚମ ଶ୍ରେଣୀର ଗୋପୀମାନେ ଦେବପତ୍ନୀ ଥିଲେ । ସେମାନେ ଶ୍ରୀକୃଷ୍ଣଙ୍କୁ ପତିରୂପରେ ପାଇବା ନିମିତ୍ତ ସାଧନା କରୁଥିଲେ । ଆନନ୍ଦ ଏକାକୀ ଉପଭୋଗ କରାଯାଏ ନାହିଁ । ତେଣୁ ଭଗବାନ ତାଙ୍କରି ଅଂଶ ସ୍ୱରୂପା ପୂର୍ଣ୍ଣବ୍ରହ୍ମ ଭଗବାନ ଶ୍ରୀରାଧା ଓ ଗୋପୀମାନଙ୍କୁ ନିଜ ଶରୀରରୁ ଆବିର୍ଭୂତ କରାଇ ତାଙ୍କ ସହିତ ସ୍ୱୀୟ ଆନନ୍ଦର ଆସ୍ୱାଦନ କରିଥିଲେ । ମାନବର କଲ୍ୟାଣନିମିତ୍ତ ଭଗବାନ ନିତ୍ୟ ଲୀଳାକୁ ମର୍ତ୍ତ୍ୟରେ ପ୍ରକଟ କରିଥିଲେ ମାତ୍ର । ତେଣୁ ଏହି ଲୀଳା ପ୍ରତି ଜୀବହୃଦୟରେ ନିତ୍ୟ ଅନୁଷ୍ଠିତ ହେଉଅଛି । ସ୍ୱରୂପାନନ୍ଦର ଆସ୍ୱାଦନ, ଜୀବ ଉଦ୍ଧାର ଓ ଭକ୍ତମାନଙ୍କ ବାଞ୍ଛା ପୂରଣ ନିମିତ୍ତ ଭଗବାନଙ୍କର ଏହି ଲୀଳାର ଅବତାରଣା ।

(୯୧୫) ପିଣ୍ଡ ବ୍ରହ୍ମାଣ୍ଡ ଭାବ : ବିଶ୍ୱନିୟନ୍ତା ଦେବଗଣ, ଋଷିଗଣ ଓ ପିତୃଗଣ ଯେପରି ବାହ୍ୟ ଭାବରେ ବ୍ରହ୍ମାଣ୍ଡ ବା ବହିର୍ବିଶ୍ୱରେ ଅବସ୍ଥାନ ପୂର୍ବକ ବ୍ରହ୍ମାଣ୍ଡ ପରିଚାଳନା କରନ୍ତି, ସେହିପରି ଅନ୍ତର ରାଜ୍ୟରେ ପ୍ରତି ଜୀବ ଓ ପ୍ରତି ମାନବ ଦେହ ମଧ୍ୟରେ ସମସ୍ତ ଦେବତା ଓ ପିତୃଗଣ ଅବସ୍ଥାନ କରି ଦେହଭାଣ୍ଡକୁ ପରିଚାଳନା କରୁଛନ୍ତି । ତେଣୁ ଦେବତା, ଈଶ୍ୱର ଓ ଋଷିମାନଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ବିନୟ ଭାବ ବ୍ୟତୀତ ସାଧନାରେ ସିଦ୍ଧିଲାଭ କରାଯାଇ ପାରେ ନାହିଁ । ବ୍ରହ୍ମାଣ୍ଡରେ ଯାହା ଲୋକ ବୋଲି ବର୍ଣ୍ଣିତ, ପିଣ୍ଡରେ ତାହାର ନାମ ଚକ୍ର ।

ପରମଦେବତା ସଚ୍ଚିଦାନନ୍ଦ ଅନାଦି ଅନନ୍ତ ପୂର୍ଣ୍ଣବ୍ରହ୍ମ ମାନବଦେହର ସର୍ବୋଚ୍ଚ ଶୀର୍ଷସ୍ଥାନ ସହସ୍ରାର ଚକ୍ରରେ ଅବସ୍ଥାନ କରନ୍ତି । ସୂର୍ଯ୍ୟଦେବ ଯେପରି ସୂର୍ଯ୍ୟମଣ୍ଡଳରେ ଅବସ୍ଥାନ କରି ମଧ୍ୟ ସମଗ୍ର ସୌରଜଗତରେ ବିରାଜିତ ଅଛନ୍ତି, ବ୍ରହ୍ମ ମଧ୍ୟ ସେହିପରି ସହସ୍ରାର ଚକ୍ରରେ ଅବସ୍ଥାନ କରି ମଧ୍ୟ ସମଗ୍ର ଦେହବ୍ୟାପୀ ବିଦ୍ୟମାନ ଥାନ୍ତି । ଏହାକୁ ପରମଶିବ କୁହାଯାଏ । ଏହା ବ୍ୟତୀତ ଅନନ୍ତଶାୟୀ ମହାବିଷ୍ଣୁ ନାମକ ପରମାତ୍ମା ବା ଜୀବର ଆତ୍ମଚୈତନ୍ୟ ଆଜ୍ଞାଚକ୍ରରେ ଅର୍ଥାତ୍ ଭ୍ରୂମଧ୍ୟସ୍ଥ କୂଟ ସ୍ଥାନରେ ଅବସ୍ଥାନ କରୁଛନ୍ତି । ସେହି ପରମାତ୍ମା ସ୍ୱରୂପ ମହାବିଷ୍ଣୁଙ୍କ ଠାରୁ ଉତ୍ପନ୍ନ ବିଶ୍ୱସ୍ରଷ୍ଟା ଈଶ୍ୱର ବା ଜୀବର ନିୟନ୍ତା ବ୍ରହ୍ମା ପ୍ରତି ଜୀବର ହୃଦୟପଦ୍ମରେ ଅବସ୍ଥାନ କରନ୍ତି, ଅର୍ଥାତ୍ ଅନାହତ ଓ ବିଶୁଦ୍ଧ ଚକ୍ରର ମଧ୍ୟସ୍ଥାନରେ ଅବସ୍ଥାନ କରନ୍ତି । ଏହାପରେ ଦେବାକାର ବ୍ରହ୍ମା, ବିଷ୍ଣୁ ଓ ଶିବ ଯଥାକ୍ରମେ ନିମ୍ନ ତିନିଚକ୍ରରେ ଅବସ୍ଥାନ କରି ଜୀବ ଦେହର ସୃଷ୍ଟି, ସ୍ଥିତି ଓ ଲୟ ସାଧନ କରିଥାନ୍ତି । ସେହିଭଳି ମହାଶକ୍ତି ମା'ଦୁର୍ଗା ଦେବୀଙ୍କର ତ୍ରିବିଧ ସ୍ୱରୂପ । ସେ ଅବ୍ୟକ୍ତ ମୂଳା ପ୍ରକୃତି ରୂପରେ ସହସ୍ରାରରେ ପରମ ଶିବଙ୍କ ସହିତ ସଚ୍ଚିଦାନନ୍ଦ ସ୍ୱରୂପା ଆତ୍ମଶକ୍ତି ରୂପରେ ଆଜ୍ଞାଚକ୍ରରେ ଆତ୍ମାରୂପ ଶିବଙ୍କ ସହିତ ଏବଂ ମୂଳାଧାରରେ କୁଣ୍ଡଳିନୀ ରୂପରେ ବିରାଜିତା । ମା ଲକ୍ଷ୍ମୀ ତାଳୁମୂଳର ଲଳନା ନାମକ ଚକ୍ରରେ ବିରାଜିତ ଅଛନ୍ତି । ଦେବଗଣ ମାନବର ଉର୍ଦ୍ଧ୍ୱଦେହରେ, ଋଷିଗଣ ମଧ୍ୟ ଦେହରେ ଓ ପିତୃଗଣ ନିମ୍ନ ଦେହରେ ଅବସ୍ଥାନ କରୁଛନ୍ତି । ଜୀବ ଦେହର କେନ୍ଦ୍ରସ୍ଥଳ ନାଭିପଦ୍ମ—ଏହା ହିଁ ଆଦିସ୍ଥାନ । ଏହାହିଁ ଜୀବର ଉତ୍ପତ୍ତିସ୍ଥଳ ବା ବୀଜସ୍ଥାନ । ବ୍ରହ୍ମାଣ୍ଡର କେନ୍ଦ୍ରରେ ଯେପରି ସୂର୍ଯ୍ୟଦେବ ଅବସ୍ଥାନ କରି ଜଗତ୍ ନିୟନ୍ତ୍ରଣ କରନ୍ତି, ସେହିପରି ଜୀବ ଦେହର କେନ୍ଦ୍ରସ୍ଥଳ ନାଭିପଦ୍ମରେ ଅଗ୍ନି ରୂପରେ ଜୀବର ପ୍ରାଣଶକ୍ତି ବାସ କରୁଛନ୍ତି । ଏହିସବୁ ତତ୍ତ୍ୱ ଜାଣି କ୍ରିୟା କରିବା ହିଁ ଆଧ୍ୟାତ୍ମିକ ସାଧନା ମଧ୍ୟରେ ଗଣ୍ୟ ।

(୯୧୬) ରାମାନୁଜଙ୍କ ମତବାଦ : ରାମାନୁଜଙ୍କ ମତରେ ମୋକ୍ଷ ଜୀବର ଜୀବତ୍ୱର ବିନାଶ ନୁହେଁ; ପୂର୍ଣ୍ଣତମ ବିକାଶ । ସେଥିପାଇଁ ମୋକ୍ଷ ସମୟରେ ଜୀବ ଆତ୍ମସ୍ୱରୂପ ଲାଭ କରି ଧନ୍ୟ ହୁଏ । ସେହି ଆତ୍ମସ୍ୱରୂପ ଲାଭ ହିଁ ବ୍ରହ୍ମସ୍ୱରୂପ ଲାଭ । ମୁକ୍ତଜୀବ ବ୍ରହ୍ମ ହେଲେ ମଧ୍ୟ ପୂର୍ଣ୍ଣବ୍ରହ୍ମଙ୍କଠାରୁ ଭିନ୍ନ ହୋଇ ତାଙ୍କ ସେବା କରିଥାନ୍ତି । ତାଙ୍କ ମତରେ ବ୍ରହ୍ମସାରୂପ୍ୟ ଅର୍ଥ ବ୍ରହ୍ମ ସାଦୃଶ୍ୟ ଲାଭ । ନିଜ ସ୍ୱରୂପ ଓ ଗୁଣର ପୂର୍ଣ୍ଣ ବିକାଶ ହେଲେ ମୁକ୍ତଜୀବ ବ୍ରହ୍ମଙ୍କ ପରି ସଚ୍ଚିଦାନନ୍ଦସ୍ୱରୂପ ହୋଇଥାନ୍ତି ।

ତଥାପି ବ୍ରହ୍ମଙ୍କ ସହିତ ତାଙ୍କର ଭେଦ ରହିଯାଏ । ବ୍ରହ୍ମ ବିଭୁ; ମୁକ୍ତଜୀବ ତାଙ୍କ ତୁଳନାରେ ଅଣୁ । ବ୍ରହ୍ମ ଜଗତର ସୃଷ୍ଟି-ସ୍ଥିତି-ଲୟର କାରଣ । ମୁକ୍ତଜୀବର ସେ ଶକ୍ତି ସମ୍ପୂର୍ଣ୍ଣ ନାହିଁ । ତୃତୀୟ ହେଲା ମୁକ୍ତ ଜୀବ ବ୍ରହ୍ମାଶ୍ରିତ, ବ୍ରହ୍ମ ପରିଚାଳିତ ଓ ପରଂବ୍ରହ୍ମଙ୍କର ନିତ୍ୟଦାସ । ରାମାନୁଜଙ୍କ ମତରେ ସାଧନ ପଥରେ ପ୍ରଥମେ ଚିତ୍ତଶୁଦ୍ଧିର ପ୍ରୟୋଜନ; ନିଷ୍କାମକର୍ମ ସାଧନଦ୍ୱାରା ଏହି ଚିତ୍ତଶୁଦ୍ଧି ଲାଭ ହୋଇଥାଏ । ତତ୍ପରେ ଶାସ୍ତ୍ର ଓ ଶ୍ରୀଗୁରୁଦେବଙ୍କ ସାହାଯ୍ୟରେ ନିଗୂଢ଼ତମ ବ୍ରହ୍ମଜ୍ଞାନ ଲାଭ ହୁଏ । କିନ୍ତୁ ଭକ୍ତିବିବର୍ଜିତ ଶୁଷ୍କଜ୍ଞାନରେ କେବେହେଲେ ମୁକ୍ତିଲାଭ ହୋଇପାରେ ନାହିଁ । ଭକ୍ତି ଶବ୍ଦର ଅର୍ଥ ଧ୍ୟାନ ଓ ଉପାସନା । ଭକ୍ତଙ୍କର ନିଷ୍କାମକର୍ମ, ଜ୍ଞାନ ଓ ଧ୍ୟାନରେ ପ୍ରୀତ ହୋଇ ସ୍ୱୟଂ ଭଗବାନ ତାଙ୍କର ଅମୃତ ସ୍ୱରୂପ ସେହି ଭକ୍ତଙ୍କ ନିକଟରେ ପ୍ରକଟିତ କରନ୍ତି । ଏହା ହିଁ ବ୍ରହ୍ମସାକ୍ଷାତ୍‌କାର ବା ମୁକ୍ତି । ଏହି ମୁକ୍ତି ହିଁ ମାନବ ଜୀବନର ଚରମ ଉଦ୍ଦେଶ୍ୟ । ଏହାକୁ ଭେଦାଭେଦବାଦ କୁହାଯାଏ । ଶଙ୍କରଙ୍କ ମତାବାଦ ବିରୁଦ୍ଧରେ ରାମାନୁଜଙ୍କ ପ୍ରଦତ୍ତ ଯୁକ୍ତିଠାରୁ ଆଉ ଶ୍ରେଷ୍ଠ ଯୁକ୍ତି ନାହିଁ । ରାମାନୁଜ ଏକେଶ୍ୱରବାଦୀ ବେଦାନ୍ତ ସମ୍ପ୍ରଦାୟର ପ୍ରତିଷ୍ଠାତା ।

(୯୧୭) ଭଗବତ୍ କୃପାବାଦ : ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସକୁ ବିଶ୍ୱାସ କୁହାଯାଏ ନାହିଁ । ଯେଉଁମାନଙ୍କର ଭଗବତ୍ କୃପା ଉପରେ ବିଶ୍ୱାସ ଥାଏ, ସେହିମାନେ ହିଁ ପ୍ରକୃତ ଭକ୍ତ । କୃପା ଶବ୍ଦର ଅର୍ଥ ଭଗବତ୍ ଅନୁଗ୍ରହ ଲାଭ । ଏହି ଅନୁଗ୍ରହ ପ୍ରତି ଯେଉଁମାନଙ୍କର ଆଗ୍ରହ ଥାଏ ବା ଶ୍ରଦ୍ଧା ଥାଏ, ସେହିମାନେ ହିଁ ପ୍ରକୃତ ଭକ୍ତ । ଜୀବ ଭଗବାନଙ୍କ ତଟସ୍ଥାଶକ୍ତି; ଅର୍ଥାତ୍ ଜୀବର ପ୍ରାକୃତ ଓ ଅପ୍ରାକୃତ ଉଭୟ ରାଜ୍ୟରେ ପ୍ରବେଶ କରିବାର ଶକ୍ତି ଅଛି । ପ୍ରାକୃତ ଜଗତରେ ଜୀବ ମାୟାଛନ୍ନ ହୋଇପଡ଼ିଛି । ଜୀବକୁ ବିଷୟାଭିମୁଖୀ କରି ରଖିବା ମାୟାର କାର୍ଯ୍ୟ । ଅର୍ଥାତ୍ ଭକ୍ତ ଭଗବାନଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି କରିବା ମାୟାର କାର୍ଯ୍ୟ । ଜୀବ ମାୟାଧୀନ ରହୁ, ଏହା ଭଗବାନଙ୍କର ଇଚ୍ଛା ନୁହେଁ । କିନ୍ତୁ ଏହି ମାୟା ମଧ୍ୟ ଭଗବତ ଆଶ୍ରିତା । ତେଣୁ ଏକମାତ୍ର ଭଗବତ୍‌ଶକ୍ତି ବା କୃପାଶକ୍ତିଦ୍ୱାରା ଏହି ମାୟାର ଅପସାରଣ ହୋଇଥାଏ । ସାଧକଙ୍କ ଶୁଦ୍ଧଶାନ୍ତ ନିର୍ମଳ ଚିତ୍ତରେ ଯେତେବେଳେ ମାୟା ଅତିକ୍ରମପୂର୍ବକ ଭଗବତ୍ ସେବାପ୍ରତି ପ୍ରବଳ ଆଗ୍ରହ ସୃଷ୍ଟିହୁଏ, ସେହି ଆଗ୍ରହକୁ ଆତ୍ମଶକ୍ତି ବା ଆତ୍ମକୃପା କୁହାଯାଏ । ଯେତେବେଳେ ଭକ୍ତଙ୍କର ଆମକୃପା ଲାଭ ହୁଏ ଅର୍ଥାତ୍ ଭଗବତ୍ ସେବାନିମିତ୍ତ ପ୍ରବଳ ଆକାଙ୍‌କ୍ଷା ଜାଗ୍ରତ ହୁଏ, ସେତେବେଳେ

ଭଗବତ୍ କୃପାଶକ୍ତି ସାଧକ ଭକ୍ତଙ୍କର ସେହି ଚୈତନ୍ୟମୟ ଦେହରେ କ୍ରିୟାଶୀଳ ହୋଇଥାଏ । ଏହାକୁ ଭଗବତ୍ କୃପା କୁହାଯାଏ । ଏହି କୃପାଶକ୍ତି ଉପରେ ବିଶ୍ୱାସକୁ ଭଗବତ୍ ବିଶ୍ୱାସ କୁହାଯାଏ । ଭକ୍ତଙ୍କ ଶୁଦ୍ଧ ଚୈତନ୍ୟମୟ ଦେହ ଉପରେ ଏହି ଶକ୍ତିର କ୍ରିୟା ହୋଇଥାଏ । ଭକ୍ତିଶାସ୍ତ୍ର ଅନୁସାରେ କେବଳ ଆତ୍ମଶକ୍ତିଦ୍ୱାରା ମାୟାକୁ ଜୟ କରାଯାଇପାରେ ନାହିଁ । ତେଣୁ ଭଗବାନ ଭକ୍ତଙ୍କ ଦୁଃଖରେ ସର୍ବଦା ଦୁଃଖ ଅନୁଭବ କରନ୍ତି । ସେ ମାୟାଭିଭୂତ ଜୀବର କଷ୍ଟ ଦେଖି ନିଜେ କଷ୍ଟ ଅନୁଭବ କରନ୍ତି । କିନ୍ତୁ ଶ୍ରୀଗୁରୁଦେବଙ୍କ କୃପାରୁ ଯେତେବେଳେ ଭକ୍ତଙ୍କର ଭଗବତ୍ ସେବାଭିଳାଷ ଜାଗ୍ରତ ହୁଏ ଏବଂ ସେ ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶରେ ପରିଚାଳିତ ହୁଅନ୍ତି, ଭଗବତ୍ କୃପାଶକ୍ତି ସେତେବେଳେ ତାଙ୍କ ଅନ୍ତରରେ ଅବତରଣ କରି ତାଙ୍କୁ ସ୍ୱଧାମକୁ ନେଇଯାଆନ୍ତି । ତେଣୁ ଭଗବତ୍ କୃପାର ଯୋଗ୍ୟଭାବରେ ନିଜକୁ ଗଠନ କରିବା ହିଁ ଭକ୍ତଙ୍କର ଯଥାର୍ଥ ସାଧନା ବା ଶ୍ରୀଗୁରୁଦେବଙ୍କ ଚରଣାଶ୍ରିତ ହେବାର ଉଦ୍ଦେଶ୍ୟ ।

(୯୧୮) ଜୀବ ବ୍ରହ୍ମ ମଧ୍ୟରେ ଅଚିନ୍ତ୍ୟ ଭେଦାଭେଦବାଦ : ଜଗତର ପ୍ରତି ଜୀବକୁ ସର୍ବଦା କିଏ ପରିବର୍ଦ୍ଧନ, ପରିପୋଷଣ ଓ ପରିବର୍ତ୍ତନ କରୁଛନ୍ତି ? କୌଣସି ବାହ୍ୟଶକ୍ତି ଏମାନଙ୍କୁ ପରିପୁଷ୍ଟ, ପରିବର୍ଦ୍ଧିତ ଓ ପରିବର୍ତ୍ତିତ କରେ ନାହିଁ । ଏମାନଙ୍କ ନିୟନ୍ତା ଏମାନଙ୍କ ଅଭ୍ୟନ୍ତରରେ ବିରାଜିତ । ଜୀବର ଅନ୍ତର ମଧ୍ୟରେ ତା'ର ନିୟନ୍ତ୍ରଣକାରୀ ଶକ୍ତି ନିତ୍ୟ ବିରାଜିତ ଅଛନ୍ତି । ବହିଃସ୍ଥ ଶକ୍ତିଦ୍ୱାରା କେହି କେବେ ପରିଚାଳିତ ହୁଅନ୍ତି ନାହିଁ । କିନ୍ତୁ ବହିର୍ଦୃଷ୍ଟି-ପରାୟଣ ମାନବ ସର୍ବଦା ମନରେ ଧାରଣା ପୋଷଣ କରନ୍ତି ଯେ ଭଗବାନ, ଈଶ୍ୱର କିମ୍ୱା ମହାପୁରୁଷମାନେ ଆମ ବାହାରେ ଅବସ୍ଥାନ କରନ୍ତି ଏବଂ ବାହାରୁ କୌଣସି ଶକ୍ତି ଆସି ଅପରଜୀବ ବା ମାନବଙ୍କୁ ସୁଖ-ଦୁଃଖ-ଉନ୍ନତି-ଅବନତିରେ ସାହାଯ୍ୟ କରନ୍ତି ଏବଂ ଉପକାର ଓ ଅପକାର ମଧ୍ୟ କରିଥାନ୍ତି । ଏହି ଧାରଣାବଶରୁ ସମସ୍ତେ ଜଣେ ସ୍ୱତନ୍ତ୍ର ଈଶ୍ୱର ବୋଲି କଳ୍ପନା କରି ତାଙ୍କୁ ହିଁ ସୁଖ-ଦୁଃଖର କାରଣ ବୋଲି ଭାବି ନେଇଥାଆନ୍ତି ଏବଂ ନିଜର ସୁଖ-ଦୁଃଖ ଭଲ-ମନ୍ଦ ନିମିତ୍ତ ତାଙ୍କୁ ହିଁ ଦାୟୀ କରି ନିଜେ ଦ୍ରଷ୍ଟା ସ୍ୱରୂପରେ ଅବସ୍ଥାନ କରିବାକୁ ସୁଖବୋଧ କରନ୍ତି । ମାନବର ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ବିଶ୍ୱନିୟମନନିମିତ୍ତ ଜଣେ ସ୍ୱତନ୍ତ୍ର ଈଶ୍ୱର ଅଛନ୍ତି ସତ୍ୟ, କିନ୍ତୁ ତାଙ୍କର ନିବାସସ୍ଥାନ ବାହାରେ ନୁହେଁ; ତାଙ୍କର ନିବାସ ପ୍ରତ୍ୟେକଙ୍କ ଅନ୍ତରରେ । ଏହି

କଥାକୁ ସହଜରେ କେହି ବିଶ୍ୱାସ କରନ୍ତି ନାହିଁ । ନିୟନ୍ତା ବା ନିୟନ୍ତ୍ରଣକାରୀ ଶକ୍ତିଙ୍କୁ ଈଶ୍ୱର କୁହାଯାଏ । କିନ୍ତୁ ସେହି ଶକ୍ତି ଅଚେତନ ନୁହେଁ । ସେ ମାନବଠାରୁ କୋଟିଗୁଣ ଚେତନସତ୍ତା । ସେହି ଶକ୍ତି ଆତ୍ମା ବା ବ୍ରହ୍ମଭଳି କେବଳ ଦ୍ରଷ୍ଟା ନୁହଁନ୍ତି; ସେ କର୍ତ୍ତା ଓ ପ୍ରଭୁ । ସେହି ଶକ୍ତି ମାନବ ଭଳି ଦୁର୍ବଳ ଓ ଅଜ୍ଞ ନୁହନ୍ତି । ସେ ଅସୀମ ଓ ସର୍ବାନ୍ତର୍ଯ୍ୟାମୀ । ସେହି ଶକ୍ତି ଯେ କିଭଳି ବହୁ ହୋଇ ମଧ୍ୟ ଏକ ଏବଂ ଏକ ହୋଇ ମଧ୍ୟ ବହୁ ଭାବରେ ବିରାଜିତ, ତାହା ମାନବ ବୁଦ୍ଧିର ସର୍ବଦା ଅଗମ୍ୟ । ସେଥିପାଇଁ ଏହି ବାଦରୁ ଅଚିନ୍ତ୍ୟ-ଭେଦାଭେଦବାଦ କୁହାଯାଏ । ଅର୍ଥାତ୍ ଯେ ସମଗ୍ର ବିଶ୍ୱର ନିୟନ୍ତା, ସେ ହିଁ ଖଣ୍ଡ ବା ବ୍ୟଷ୍ଟି ଜୀବଭାବର ନିୟନ୍ତା । ଚୈତନ୍ୟଯୁକ୍ତ ଶକ୍ତିଙ୍କର ସମସ୍ତ ନିୟମନକାରୀ ଶକ୍ତି ଥାଏ । କେବଳ ଶକ୍ତି କିମ୍ବା କେବଳ ଚୈତନ୍ୟର ଐଶ୍ୱରିକଶକ୍ତି ନ ଥାଏ । ତତ୍ତ୍ୱତଃ ଶକ୍ତି ଏବଂ ଚୈତନ୍ୟ ଅଭେଦଭାବରେ ବିରାଜିତ ଥିଲେ ବ୍ୟାବହାରିକ କ୍ଷେତ୍ରରେ ଚୈତନ୍ୟ ଯେତେବେଳେ ସ୍ୱରୂପରେ ଅବସ୍ଥାନ କରନ୍ତି, ସେତେବେଳେ ଶକ୍ତିର ଅଭିବ୍ୟକ୍ତି ନ ଥାଏ ଏବଂ ତମୋଗୁଣାବସ୍ଥିତ ଜଡ଼ଶକ୍ତିରେ ଚୈତନ୍ୟଙ୍କର ବିକାଶ ପରିଲକ୍ଷିତ ହୁଏ ନାହିଁ । ତେଣୁ ସମଗ୍ର ଜଗତରେ ଶକ୍ତି ଓ ଚୈତନ୍ୟ ଅଖଣ୍ଡଭାବରେ ବିରାଜିତ ଥାନ୍ତି; କିନ୍ତୁ ମାୟା ପ୍ରଭାବରୁ ଖଣ୍ଡ ବୋଲି ପ୍ରତୀୟମାନ ହୁଅନ୍ତି । ଏହି ଖଣ୍ଡ ଓ ଅଖଣ୍ଡ ମଧ୍ୟରେ ନିତ୍ୟ ଯୋଗ ଥାଏ । ଯେପରି ଆକାଶ ଓ ଘଟାକାଶ, ଅଗ୍ନି ଓ ସ୍ଫୁଲିଙ୍ଗ, ଅଥବା ବିମ୍ବ ଓ ପ୍ରତିବିମ୍ବ । ସେହିପରି ଜୀବାତ୍ମା ଓ ପରମାତ୍ମଙ୍କ ମଧ୍ୟରେ, ଜୀବଶକ୍ତି ଓ ଈଶ୍ୱରଶକ୍ତି ମଧ୍ୟରେ, ଜୀବପ୍ରକୃତି ଓ ଈଶ୍ୱରପ୍ରକୃତି ମଧ୍ୟରେ ଯେଉଁ ଅଚିନ୍ତ୍ୟ ନିତ୍ୟଯୋଗ ବିରାଜିତ, ତାହା ହିଁ ଅଚିନ୍ତ୍ୟ ଭେଦାଭେଦବାଦ ନାମରେ ଖ୍ୟାତ । ଏହି ଭାବଯୋଗୁଁ ଏହି ଜଗତ ପରିଚାଳିତ ହେଉଅଛି । ଜୀବ ଦେହର ଯେଉଁ ଶକ୍ତି ଓ ଚେତନା ସେହି ମହାଶକ୍ତିଙ୍କ ଶକ୍ତି ଓ ଚେତନା ସହିତ ଅଭିନ୍ନ, ତାହା ମଧ୍ୟ ଏହି ବାଦର ଅନ୍ତର୍ଗତ । ଈଶ୍ୱର ବା ପରମାତ୍ମା ପ୍ରତ୍ୟେକ ଜୀବର ଅଭ୍ୟନ୍ତରସ୍ଥ ଆତ୍ମା ବା ଚୈତନ୍ୟର ସ୍ୱରୂପ ବୋଲି ସେ ସକଳ ଜୀବର ଅନ୍ତର୍ଯ୍ୟାମୀ । ଚୈତନ୍ୟ ସ୍ୱରୂପରେ ଜ୍ଞାତା ଓ ନିଷ୍କ୍ରିୟ ଏବଂ ଏହି ଆତ୍ମଚୈତନ୍ୟକୁ ଯେ କର୍ତ୍ତୃତ୍ୱଶକ୍ତି ପ୍ରଦାନ କରନ୍ତି ତାଙ୍କୁ କୁହାଯାଏ ପ୍ରକୃତି । ଏହି ପ୍ରକୃତି ହିଁ ଜୀବଜଗତର ସମଷ୍ଟି କର୍ମଶକ୍ତି ଭିନ୍ନ ଅନ୍ୟ କିଛି ନୁହେଁ । ଖଣ୍ଡପ୍ରକୃତି ହିଁ ପ୍ରତ୍ୟେକ ଜୀବର କର୍ମକର୍ତ୍ତା । ଏହି ଖଣ୍ଡ ପ୍ରକୃତିର ସମଷ୍ଟିଭୂତ ଅବସ୍ଥା ଅଖଣ୍ଡ ବିଶ୍ୱପ୍ରକୃତିରୂପରେ ଆତ୍ମଚୈତନ୍ୟକୁ ବିଶ୍ୱନିୟମନ

କ୍ଷମତା ପ୍ରଦାନ କରନ୍ତି । ତାହାଙ୍କ ନାମ ଈଶ୍ୱର । ଅତଏବ ଜୀବନମାନେ ଯେଉଁ କର୍ମ କରନ୍ତି, ତାହାରି ଯୋଗୁ ବିଶ୍ୱପ୍ରକୃତିର ବା କର୍ତ୍ତାଈଶ୍ୱରଙ୍କ ଅସ୍ତିତ୍ୱର କାରଣ ସ୍ୱୀକାର୍ଯ୍ୟ । ଅର୍ଥାତ୍ ଜୀବମାନଙ୍କର ସ୍ୱକୃତ କର୍ମ-ସମଷ୍ଟି ହିଁ ଚୈତନ୍ୟଯୁକ୍ତ ହୋଇ ବିଶ୍ୱନିୟନ୍ତା ଈଶ୍ୱରରୂପରେ ପରିଣତ ହୁଅନ୍ତି ଏବଂ ସେ ମଧ୍ୟ ଜୀବକୁ କର୍ମଫଳ ପ୍ରଦାନ କରନ୍ତି । ଚୈତନ୍ୟ+କର୍ମ=ଜୀବ । ଚୈତନ୍ୟ+କର୍ତ୍ତା=ଈଶ୍ୱର । ପୁନଶ୍ଚ ସେହି ଈଶ୍ୱର ହିଁ ଜୀବ ଅନ୍ତରରେ ରହି କର୍ମର ପ୍ରେରଣା ପ୍ରଦାନ କରନ୍ତି । ଏହି ଚକ୍ରାକାର ଭାବର ନାମ ଅଚିନ୍ତ୍ୟ-ଭେଦାଭେଦବାଦ । ଅତଏବ କର୍ମ ହିଁ ପ୍ରକୃତି, କର୍ମ ହିଁ ଶକ୍ତି ଏବଂ କର୍ମ ହିଁ ଈଶ୍ୱର ।

(୯୧୯) କର୍ମଶକ୍ତିର ତ୍ରିବିଧ ସ୍ୱରୂପ : କର୍ମଶକ୍ତିର ସ୍ୱରୂପ—ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କ୍ରିୟାଶକ୍ତି—ଏହି ତିନିଭାଗରେ ବିଭକ୍ତ । କିୟାଶକ୍ତି ପୁଣି ତିନିଭାଗରେ ବିଭକ୍ତ—ଚିନ୍ତା, ବାକ୍ୟ ଓ କର୍ମ । ଅତଏବ ପ୍ରତ୍ୟେକ ମାନବର ନିଜର ଇନ୍ଦ୍ରିୟକର୍ମନିଚୟ (କ୍ରିୟାଶକ୍ତି) ବାକ୍ୟ ଓ ଚିନ୍ତାସମୂହ (ଜ୍ଞାନଶକ୍ତି) ତାହାର ବାସନା ବା ସଂକଳ୍ପ (ଇଚ୍ଛାଶକ୍ତି) ଏବଂ ତାହାର ଜ୍ଞାନ, ବିଶ୍ୱାସ ଓ ସଂସ୍କାର ପ୍ରଭୃତି ଜୀବର ଭବିଷ୍ୟତ ଅବସ୍ଥାର ସ୍ରଷ୍ଟା ଓ ନିରୂପକ ହୋଇଥାଏ । ମାନବ ଯାହା ଚିନ୍ତା କରେ, ବିଶ୍ୱାସ କରେ ଓ ଦୃଢ଼ଭାବରେ ଇଚ୍ଛା କରେ, ଯେଉଁ ବିଶ୍ୱାସକୁ ସେ ସତ୍ୟ ବୋଲି ଜାଣେ ଓ ଇନ୍ଦ୍ରିୟଦ୍ୱାରା ଆଚରଣ କରେ ତାହା ହିଁ ଚୈତନ୍ୟ ଓ ଶକ୍ତିର ରୂପ ଧାରଣ କରି ଈଶ୍ୱର କିମ୍ବା ଈଶ୍ୱରଙ୍କ ଅଂଶ କୌଣସି ଦେବତାଙ୍କ ରୂପରେ ପରିଣତ ହୋଇଥାଏ । ସେହି ଦେବତା କିମ୍ବା ଈଶ୍ୱର ପୁଣି କର୍ମଫଳଦାତା ହିସାବରେ ସେହି ଜୀବକୁ ନିୟନ୍ତ୍ରଣ କରିଥାନ୍ତି । ଏହି କାରଣରୁ ବିଶ୍ୱବିଧାତାଙ୍କର ଅଲଘଂନୀୟ ନିୟତି ଅନୁସାରେ ସାଧକ ସୁଦୃଢ଼ଭାବରେ ଦୀର୍ଘକାଳ ଧରି ଯେଉଁ ବିଷୟର ଚିନ୍ତା, ଇଚ୍ଛା ଅଥବା ପ୍ରାର୍ଥନା କରନ୍ତି, ସେ ତାହା ହିଁ ଅନୁଭବ କରି ତାଙ୍କୁ ଲାଭ କରି ତତ୍ସ୍ୱରୂପରେ ପରିଣତ ହୋଇଯାଆନ୍ତି । ତେଣୁ ପ୍ରତ୍ୟେକ ସାଧକ ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ କରି ଗୁରୁଦେବଙ୍କ ଆଦେଶରେ କର୍ମ କଲେ ଏହି କର୍ମବନ୍ଧନରୁ ମୁକ୍ତିଲାଭ କରିଥାନ୍ତି ।

(୯୨୦) ମାନବର ସ୍ୱାଧୀନ ଶକ୍ତି : ମାନବ ମନର ଅଭ୍ୟନ୍ତରରେ ଗୋଟିଏ ବିବେକଶକ୍ତି ବା ସତ୍ୟଜ୍ଞାନଯୁକ୍ତ ଶକ୍ତି ବିଦ୍ୟମାନ । ମାନବର କର୍ମ ଓ ଭବିଷ୍ୟତ ଅବସ୍ଥାର ନିୟନ୍ତା ତାହାର ସ୍ୱାଭାବିକ ଜ୍ଞାତ ମନ ନୁହେଁ । ମାନବର

ଭେଦବୁଦ୍ଧି ହେତୁ ତାହାର ଜ୍ଞାନ ଓ ବୁଦ୍ଧି ନିତାନ୍ତ ସଂକୀର୍ଣ୍ଣ। ଏହି ସଂକୀର୍ଣ୍ଣ ଭେଦବୁଦ୍ଧିଯୁକ୍ତ ଶକ୍ତି ତାହାର ନିୟନ୍ତା ନୁହେଁ। ମାନବର ଅଜ୍ଞାତ ମନର ଶକ୍ତି ଏହାର ନିୟନ୍ତା। ମାନବର ମନ, ବୁଦ୍ଧି, ଜ୍ଞାନ ଓ ଶକ୍ତିର ଅଭ୍ୟନ୍ତରରେ ଦୁଇଟି ଶକ୍ତି ବିଦ୍ୟମାନ। ଗୋଟିଏ ଜ୍ଞାତସ୍ୱରୂପ ଓ ଅନ୍ୟଟି ଅଜ୍ଞାତସ୍ୱରୂପ। ମାନବର ଜ୍ଞାତ ବିଚାରବୁଦ୍ଧି ଅଧୀନରେ ସେହି ଶକ୍ତି ବିରାଜିତ ନୁହେଁ। ମାନବର ଗୋଟିଏ ଭାଗରେ ସେପରି ଜ୍ଞାତମନ, ଜ୍ଞାତବୁଦ୍ଧି, ଜ୍ଞାତଶକ୍ତି ଓ ଜ୍ଞାତଇଚ୍ଛା ବିଦ୍ୟମାନ, ସେହିପରି ତାହାର ଅନ୍ୟ ଭାଗରେ ଗୋଟିଏ ଅସୀମ ଅଜ୍ଞାତ ମନ, ଅଜ୍ଞାତ ବୁଦ୍ଧି, ଅଜ୍ଞାତ ଶକ୍ତି ଏବଂ ଅଜ୍ଞାତ ଇଚ୍ଛା ଅବସ୍ଥାନ କରିଥାଏ। ଏହି ଅଜ୍ଞାତ ମନ, ବୁଦ୍ଧି ଓ ଇଚ୍ଛା ଉପରେ ସାଧକଙ୍କର କୌଣସି ଜ୍ଞାନକୃତ ଅଧିକାର ନାହିଁ, ଅଥଚ ଏହି ଜ୍ଞାତମନଯୁକ୍ତ ମାନବ ଏହି ଅଜ୍ଞାତ ମନବୁଦ୍ଧିର ସମ୍ପୂର୍ଣ୍ଣ ଅଧୀନ। ଏହି ଅଜ୍ଞାତ ମନବୁଦ୍ଧି, ବାସନା ଓ ଶକ୍ତିକୁ ଅବ୍ୟକ୍ତ ଆତ୍ମଚୈତନ୍ୟ ବା ପ୍ରଜ୍ଞାଶକ୍ତି କୁହାଯାଏ। ଏହି ଅଜ୍ଞାତ ଆତ୍ମଶକ୍ତି ଏବଂ ତାହାର ବିବେକ ଶକ୍ତିର ସମଷ୍ଟିଭୂତ ଅବସ୍ଥାର ନାମ ଈଶ୍ୱର। ମାନବ ଏହି ଅଜ୍ଞାତ ଓ ସମଷ୍ଟିଭୂତ ଆତ୍ମା। ପ୍ରଜ୍ଞାଶକ୍ତି ଅର୍ଥାତ୍ ବିବେକଶକ୍ତି ବା ଈଶ୍ୱରଙ୍କ ଅଧୀନରେଁ ଏହି ଜଗତର ଉତ୍ପତ୍ତି, ସ୍ଥିତି ଓ ବିଲୟ ସାଧିତ ହେଉଅଛି। ଏହି ଅଜ୍ଞାତ, ସତ୍ୟ, ଅଭେଦ, ଅବାଙ୍‌ମାନସଗୋଚର ଅଥବା ସମଷ୍ଟିଭୂତ ଶକ୍ତି, ଜ୍ଞାନ ଓ ବାସନାକୁ ମାନବର ସ୍ୱାଧୀନ ଇଚ୍ଛା କୁହାଯାଏ। ମାନବ ସେହି ସ୍ୱାଧୀନ ଇଚ୍ଛାଶକ୍ତି ବଳରେ ତାହାର ଭବିଷ୍ୟତ ଜନ୍ମ, କର୍ମ, ଭାବ, ଜ୍ଞାନ, ଶକ୍ତି, ଅବସ୍ଥା ଓ ଭାଗ୍ୟ ଲାଭ କରେ। କିନ୍ତୁ ମାନବ ତାହାର ଜ୍ଞାତମନର ସଂକୀର୍ଣ୍ଣ ବୁଦ୍ଧିଯୁକ୍ତ ଶକ୍ତିକୁ ଯଦି ସ୍ୱାଧୀନ ଇଚ୍ଛା ବୋଲି ଭ୍ରମଧାରଣା ପୋଷଣ କରି ପ୍ରବୃତ୍ତି ପଥରେ ଗତି କରେ ଏବଂ ନିଜକୁ ସ୍ୱାଧୀନ ବୋଲି ଜ୍ଞାନ କରେ, ତେବେ ସେ ପ୍ରତିପଦରେ ପ୍ରତାରିତ ହୋଇଥାଏ। ମାନବର ସଂକୀର୍ଣ୍ଣ ସ୍ୱାଧୀନ ଇଚ୍ଛା, ସ୍ୱାଧୀନ ଜ୍ଞାନ ଓ ଶକ୍ତି ଅତ୍ୟନ୍ତ ଦୁର୍ବଳ ଏବଂ ତମୋଗୁଣାବୃତ। ତେଣୁ ପ୍ରତ୍ୟେକ ସାଧକ ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ କରି ନିଜର ଅଜ୍ଞାତ ମନର ସ୍ୱାଧୀନ ଇଚ୍ଛାକୁ ତାଙ୍କ ପଦରେ ବଳି ଦେଇ ତାଙ୍କରି ନିର୍ଦ୍ଦେଶରେ ନିଜକୁ ପରିଚାଳିତ କରି ତାଙ୍କରି ନାମ ରୂପ ଧ୍ୟାନରେ ଚିତ୍ତ ଲୟ କରିପାରିଲେ ଅଜ୍ଞାତ ମନ ବା ପ୍ରଜ୍ଞାଶକ୍ତି ଲାଭ କରି ଧନ୍ୟ ହେବେ। ସୁତରାଂ ଯେଉଁମାନେ ଶ୍ରୀଗୁଦେବଙ୍କ ନିର୍ଦ୍ଦେଶରେ ନିଜକୁ ପରିଚାଳିତ କରନ୍ତି, ସେହିମାନେ ହିଁ ସ୍ୱାଧୀନ ଏବଂ ସେହିମାନଙ୍କର ଐଶୀଶକ୍ତି ଲାଭ ହୋଇଥାଏ।

(୯୨୧) ମାନବର ଐଶ୍ୱରିକ ଶକ୍ତି : ସାଧକମାନେ ଯେତେବେଳେ ତାଙ୍କ ନିଜର ଅଜ୍ଞାତ ସ୍ୱାଧୀନ ଇଚ୍ଛାଶକ୍ତିରୂପ ଆତ୍ମପ୍ରକୃତି ଅଥବା ଐଶୀଶକ୍ତିର ଅନୁଶାସନରେ ନିଜକୁ ପରିଚାଳିତ କରନ୍ତି, ତାଙ୍କରି ନିର୍ଦ୍ଦେଶରେ କ୍ରିୟାଦି ସାଧନ କରନ୍ତି, ଏବଂ ସୁଖ-ଦୁଃଖାଦି ଆବରଣ ଭେଦ କରି ସାଧନ ପଥରେ ଗତି କରନ୍ତି; ମାନବ ଯେତେବେଳେ ନିଜର ଏହି କ୍ଷୁଦ୍ର ଅବିଦ୍ୟାଚ୍ଛନ୍ନ ବୃଦ୍ଧିର ଅଧୀନସ୍ଥ ଇଚ୍ଛା, ଜ୍ଞାନ ଓ କର୍ମକୁ ତାହାର ଏହି ଅଜ୍ଞାତ, ପୂର୍ଣ୍ଣ ଓ ସତ୍ୟ ଜ୍ଞାନଶକ୍ତି, ଇଚ୍ଛା ଏବଂ କର୍ମ ଅଧୀନରେ ପରିଚାଳିତ କରିବାକୁ ସମର୍ଥ ହୁଏ, ସେତେବେଳେ ତାହା ହିଁ ଯଥାର୍ଥ ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ ଓ ଈଶ୍ୱରଙ୍କଠାରେ ଆତ୍ମସମର୍ପଣ । ସେତେବେଳେ ସେମାନେ କର୍ମଫଳରୁ ପରିତ୍ରାଣ ଲାଭକରି ଐଶ୍ୱରିକଶକ୍ତିସମ୍ପନ୍ନ ହୋଇଥାନ୍ତି । ମାନବର ଏହି ଅଜ୍ଞାତ ଓ ଆତ୍ମିକ ମନ, ଜ୍ଞାନ, ଶକ୍ତି ହିଁ ପ୍ରକୃତ ଈଶ୍ୱର ପଦବାଚ୍ୟ ଓ ତାହାର ନିୟନ୍ତା । ଏହି ଈଶ୍ୱର ଗୋଟିଏ ଭାବରେ ଯେପରି ସମଗ୍ର ବିଶ୍ୱବ୍ୟାପୀ ଅବସ୍ଥାନ କରନ୍ତି, ସେହି ପୁଣି ଅନ୍ୟ ଭାବରେ ପ୍ରତି ଜୀବର ହୃଦୟ କନ୍ଦରରେ ଅବସ୍ଥାନ କରି ପ୍ରତି ମାନବକୁ ପରିଚାଳିତ କରନ୍ତି । ସେହି ଈଶ୍ୱର ପ୍ରତି ଜୀବ ଦେହରେ ଚୈତନ୍ୟରୂପରେ ବିରାଜିତ । ଅର୍ଥାତ୍ ଶକ୍ତିଯୁକ୍ତ ଚୈତନ୍ୟ ହିଁ ଈଶ୍ୱର ପଦବାଚ୍ୟ । ସେହି ଏକ ଐଶ୍ୱରିକ ଶକ୍ତି ବ୍ୟଷ୍ଟି ଓ ସମଷ୍ଟି ଭାବରେ ଏକମାତ୍ର ନିୟନ୍ତା । ସେହି ଏକ ଏବଂ ଅଦ୍ୱୈତ ଈଶ୍ୱର ପ୍ରତ୍ୟେକ ଜୀବର ଅଭ୍ୟନ୍ତରରେ ତାହାର ଅଜ୍ଞାତ ମନ, ଅଜ୍ଞାତ ଶକ୍ତି ଏବଂ ଆତ୍ମା ବା ପୁରୁଷ ପ୍ରଭୃତି ନାମରେ ଅଭିହିତ ହୋଇ ନିତ୍ୟ ଅବସ୍ଥାନ କରନ୍ତି । ତେଣୁ ଏହି ଶକ୍ତିକୁ ଅନ୍ତରଙ୍ଗା ଚିତ୍‌ଶକ୍ତି କୁହାଯାଏ । ସେହିହେତୁ ଈଶ୍ୱର ପ୍ରତ୍ୟେକଙ୍କର ଅନ୍ତରଙ୍ଗ । ସେ ସମଷ୍ଟି ହୋଇ ମଧ୍ୟ ବ୍ୟଷ୍ଟି ଏବଂ ବ୍ୟଷ୍ଟି ହୋଇ ସମଷ୍ଟି । ସେହି ଏକ ଈଶ୍ୱର ପ୍ରତି ଜୀବର ଅଭ୍ୟନ୍ତରରେ ରହି ନିଜେ ନିଜର କର୍ମ ସମ୍ପାଦନ କରୁଛନ୍ତି ଏବଂ ସେହି କର୍ମଫଳରେ ସେ ପୁନଶ୍ଚ ବ୍ୟଷ୍ଟି ଭାବରେ ପରିପୁଷ୍ଟ ହେଉଛନ୍ତି । ସେହି ଈଶ୍ୱର ହିଁ ଜୀବ ଚୈତନ୍ୟରେ ଚିତ୍ତରୂପକ ଯନ୍ତ୍ର ସାହାଯ୍ୟରେ ଜୀବର ସବୁ କର୍ମର ଏକମାତ୍ର କର୍ତ୍ତା ଏବଂ ନିୟନ୍ତା ହୋଇ ଜଗତ୍‌ଯନ୍ତ୍ର ପରିଚାଳନା କରୁଛନ୍ତି । ତେଣୁ ସେହି ଏକମାତ୍ର ଈଶ୍ୱର ହିଁ ସତ୍ୟ, ସ୍ୱାଧୀନ ଏବଂ ପୂର୍ଣ୍ଣ ମାନବ । ସେହି ଭଗବାନ ମଧ୍ୟ ପୂର୍ଣ୍ଣ ମାନବରୂପରେ ଅବତୀର୍ଣ୍ଣ ହୋଇ କେବଳ ତାଙ୍କରି ଇଚ୍ଛା ପରିପୂରଣର ଯନ୍ତ୍ରଭଳି କର୍ମସାଧନ କରନ୍ତି । କିନ୍ତୁ ଦୃଶ୍ୟମାନ ଅସଂଖ୍ୟ ବ୍ୟଷ୍ଟିଜୀବ ତାଙ୍କରି ଛାୟା, ମାୟା, ଅଂଶ ବା ଯନ୍ତ୍ର ଭିନ୍ନ ଅନ୍ୟ କିଛି

ସ୍ୱତନ୍ତ ପଦାର୍ଥ ନୁହନ୍ତି । ଜୀବର ଉପରୋକ୍ତ ତତ୍ତ୍ୱଜ୍ଞାନ ଶ୍ରୀଗୁରୁଦେବଙ୍କ କୃପାରୁ ଲାଭ ହେଲେ ମାନବ ସର୍ବବିଧ ଦୁଃଖରୁ ପରିତ୍ରାଣ ଲାଭ କରେ ଏବଂ ପୂର୍ଣ୍ଣାନନ୍ଦ ଲାଭ କରି ଧନ୍ୟ ହୁଏ । ସାଧାରଣ ମାନବ ଏହି ତତ୍ତ୍ୱଜ୍ଞାନ ଅବଗତ ନ ଥିବାରୁ ଏବଂ ତାହାର ସତ୍ୟଜ୍ଞାନ ଅବିଦ୍ୟାରୁ ଆଚ୍ଛନ୍ନ ଥିବାର ଜୀବ କର୍ମଫଳ ଭୋଗକରେ ଏବଂ ବିବିଧ କାଳ୍ପନିକ ସୁଖ ଦୁଃଖ, ଜନ୍ମ-ମୃତ୍ୟୁ ଯନ୍ତ୍ରଣା ଭୋଗ କରିବାକୁ ବାଧ୍ୟ ହୁଏ ।

(୯୨୨) ବୈଷ୍ଣବ ଧର୍ମବାଦ : 'ବୈଷ୍ଣବ' ଏହି ଶବ୍ଦ ମଧ୍ୟରେ ଏହି ବୈଷ୍ଣବ ଧର୍ମର ତତ୍ତ୍ୱ ବିଶେଷ ଭାବରେ ନିହିତ ଅଛି । ବିଷ୍ଣୁ ବିଷୟକ ଉପାସନା ଓ ସାଧନ ପଦ୍ଧତିକୁ ସତ୍ୟ ବୈଷ୍ଣବ ଧର୍ମ କୁହାଯାଏ । ବିଷ୍ଣୁ + ଅ = ବୈଷ୍ଣବ । ବିଷ୍ଣୁ କାହା କହନ୍ତି? ବିଶ୍‌ଧାତୁ (ବ୍ୟାପିରହିବା) + ଣୁ=ବିଷ୍ଣୁ । ଅଥବା ବିଶ୍ (ପ୍ରବେଶ କରିବା)+ଣୁ=ବିଷ୍ଣୁ । ଯେ ସର୍ବଦା ବ୍ୟାପ୍ତହୋଇ ଅବସ୍ଥାନ କରୁଛନ୍ତି, ଯେ ବିଶ୍ୱରେ ସର୍ବତ୍ର ଅନୁପ୍ରବିଷ୍ଟ, ତାଙ୍କୁ ବିଷ୍ଣୁ କୁହାଯାଏ । ଏହି ସର୍ବବ୍ୟାପକ ସତ୍ତାଙ୍କୁ ଶାସ୍ତ୍ରରେ ପରମାତ୍ମା, ସଗୁଣବ୍ରହ୍ମ, ଈଶ୍ୱର ବା ନାରାୟଣ କୁହାଯାଇଛି । ତେଣୁ ବିଷ୍ଣୁ ଅର୍ଥ ସର୍ବବ୍ୟାପୀ, ନିତ୍ୟ, ଅମୂର୍ତ୍ତ, ଅବ୍ୟକ୍ତ ଏବଂ ଅଦ୍ୱୈତ ଆତ୍ମାଙ୍କୁ ହିଁ ବୁଝାଏ । ସେହି ଅଦ୍ୱୈତ ପରମାତ୍ମା ମହାବିଷ୍ଣୁ ହିଁ ବୈଷ୍ଣବମାନଙ୍କର ଉପାସ୍ୟ, ଲକ୍ଷ୍ୟ, ଧ୍ୟେୟ ଓ ଇଷ୍ଟ । କିନ୍ତୁ ଏହି ନାରାୟଣ ନିର୍ଗୁଣ ପରଂବ୍ରହ୍ମଙ୍କଠାରୁ ସ୍ୱତନ୍ତ୍ର । କେବଳ ବୈଷ୍ଣବ ନୁହନ୍ତି, ବୌଦ୍ଧ, ଖ୍ରୀଷ୍ଟୀୟାନ୍ ଓ ମୁସଲମାନମାନେ ଏହି ସତ୍ତାଙ୍କୁ ଈଶ୍ୱର କହିଥାନ୍ତି । କିନ୍ତୁ ଆର୍ଯ୍ୟ, ସନାତନ ହିନ୍ଦୁଧର୍ମ ସହିତ କଥିତ ଭେଦାଭେଦ ବିଦ୍ୟମାନ ।

(୯୨୩) ଭେଦାଭେଦବାଦ : ସନାତନ ଧର୍ମଶାସ୍ତ୍ର ଅର୍ଥାତ୍ ବେଦ, ଉପନିଷଦ୍ ପ୍ରଭୃତି ପରମତତ୍ତ୍ୱଙ୍କୁ ନିର୍ଗୁଣ, ନିରାକାର, ଅବ୍ୟକ୍ତ, ଅଶରୀରୀ ଓ ସର୍ବାତୀତ ବୋଲି ପ୍ରକାଶ କରିଛନ୍ତି । ଗୋଟିଏ କଥାରେ ଶାସ୍ତ୍ର ଏହି ସତ୍ତାଙ୍କୁ ପରଂବ୍ରହ୍ମ ବୋଲି ପ୍ରକାଶ କରିଛନ୍ତି ଏବଂ ଏହାକୁ ସତ୍ କୁହାଯାଏ । କିନ୍ତୁ ବ୍ରହ୍ମ କେବଳ ସତ୍ କିମ୍ବା କେବଳ ଅସତ୍ ନୁହନ୍ତି; ସେ ଦ୍ୱନ୍ଦ୍ୱାତୀତ ସତ୍ତା । ସେହି ପରଂବ୍ରହ୍ମ ସତ୍ତା ଏପରି ନ ହୋଇଥିଲେ ପରସ୍ପର ବିରୁଦ୍ଧ ଧର୍ମ ଓ ଶକ୍ତିସମ୍ପନ୍ନ ଜଗତ୍ କେବେହେଲେ ସ୍ଥିର ରହିପାରନ୍ତା ନାହିଁ । ସେ ଯଦି କେବଳ ସତ୍ କିମ୍ବା ଚିତ୍‌ସ୍ୱରୂପ ହୋଇଥାନ୍ତେ ତେବେ ଏହି ବିଶ୍ୱରେ ଅସତ୍, ଅସାଧୁ, ଅସୁର, ଦୈତ୍ୟ

ଓ ଜଡ଼ଭାବର ଅସ୍ତିତ୍ୱ ନ ଥାନ୍ତା । ଏହି ଅସତ୍‌ଭାବଗୁଡ଼ିକ ସେହି ସତ୍‌କୁ ଆଶ୍ରୟ କରି ଅବସ୍ଥାନ କରୁଛନ୍ତି । ଏଥିପାଇଁ ସତ୍ୟଦ୍ରଷ୍ଟା ଋଷିମାନେ ସିଦ୍ଧାନ୍ତ କରିଛନ୍ତି ଯେ ସେହି ଆଦି ସତ୍ତା କେବଳ ନିର୍ଗୁଣ, ନିଷ୍କ୍ରିୟ, ଅକର୍ତ୍ତା ବା ଜ୍ଞାତା ନୁହଁନ୍ତି; ସେ ମଧ୍ୟ ସଗୁଣ, ସକ୍ରିୟ ଓ କର୍ତ୍ତାଭାବ ଧାରଣ କରନ୍ତି । ସେହି ହିସାବରେ ଭଗବତ୍ ସତ୍ତା ସତ୍ ଓ ଅସତ୍‌ର ସମଷ୍ଟୀଭୂତ ନିର୍ଗୁଣ ଅବସ୍ଥା ମାତ୍ର । ଅର୍ଥାତ୍ ପରଂବ୍ରହ୍ମ ସତ୍ତା ବା ପରମେଶ୍ୱର ସର୍ବାତୀତ ହୋଇ ମଧ୍ୟ ସର୍ବଗତ । ସେ ନିର୍ଗୁଣ ନିରାକାର ହୋଇ ମଧ୍ୟ ସଗୁଣ ସାକାର ଭାବରେ ନିତ୍ୟ ବିଦ୍ୟମାନ । ପରମେଶ୍ୱର ସତ୍ ଓ ଅସତ୍ ଏହି ଉଭୟ ସ୍ୱରୂପରେ ବିରାଜିତ । ସେ ସ୍ୱରୂପରେ ଅବ୍ୟକ୍ତ ପରଂବ୍ରହ୍ମ ହେଲେ ମଧ୍ୟ ତାଙ୍କର ନାମ, ରୂପ, ଲୀଳା, ବିଗ୍ରହ ମାଧ୍ୟମରେ ଅବରବ୍ରହ୍ମ ଭାବରେ ବ୍ୟକ୍ତରୂପରେ ଏହି ପୃଥିବୀରେ ଅବସ୍ଥାନ କରୁଛନ୍ତି । ସୁତରାଂ ସେ ନିରାକାର ହୋଇ ମଧ୍ୟ ସାକାର । ସେ ନିଷ୍କ୍ରିୟ ହୋଇ ମଧ୍ୟ ଈଶ୍ୱର ଭାବରେ ସମସ୍ତଙ୍କର ପ୍ରଭୁ । ସେ ଅକର୍ତ୍ତା, ବ୍ରହ୍ମ ହୋଇ ମଧ୍ୟ ଈଶ୍ୱର ଭାବରେ ବ୍ୟକ୍ତ, କର୍ତ୍ତା, ସକ୍ରିୟ, ପ୍ରଭୁ, ଦ୍ରଷ୍ଟା, ନିୟନ୍ତା, ଭର୍ତ୍ତା, ପାତା, ସଂହର୍ତ୍ତା, ସ୍ରଷ୍ଟା ଓ ବିଧାତା । ନିର୍ଗୁଣ ଅବ୍ୟକ୍ତ ପରଂବ୍ରହ୍ମଙ୍କର ସଗୁଣ ସକ୍ରିୟ ଅଂଶକୁ ଯେଉଁମାନେ ଉପାସନା କରନ୍ତି, ସେମାନେ ହେଲେ ଅବରବ୍ରହ୍ମଭାବର ଉପାସକ ଆଧୁନିକ ବୈଷ୍ଣବସମାଜ । ସେମାନେ ପରମେଶ୍ୱରଙ୍କ ସଗୁଣ ସକ୍ରିୟ ପୁରୁଷ ଭାବର ଉପାସକ । ପ୍ରେମାସ୍ୱାଦନ ହିଁ ଭଗବାନଙ୍କର ସ୍ୱାଭାବିକ ବୃତ୍ତି । ଉଦାହରଣ ସ୍ୱରୂପ ଜଣେ ନିଜର ମୃତ ଆତ୍ମୀୟସ୍ୱଜନଙ୍କୁ ବା ନିଜର ମୃତ ପ୍ରଣୟନୀଙ୍କୁ ଯଦି ହଠାତ୍ ଜୀବିତ ବା କ୍ରିୟାଶୀଳ ଜୀବନ୍ତ ଅବସ୍ଥାରେ ଦେଖନ୍ତେ, ତେବେ ସେ ପୁନଃ, ପ୍ରାପ୍ତିଜନିତ ଆନନ୍ଦ ଆବେଗରେ ଅଧୀର ହୋଇଉଠନ୍ତେ । ସେହିପରି ସେହି ଅବ୍ୟକ୍ତ ନିରାକାରଙ୍କର ସାକାର ମୂର୍ତ୍ତି ଦର୍ଶନ କରି ଭକ୍ତମାନେ ଆତ୍ମହରା ହୋଇଯାଆନ୍ତି ଏବଂ ସେମାନଙ୍କ ହୃଦୟ ଭକ୍ତିଭାବରେ ପୂର୍ଣ୍ଣ ହୋଇଯାଏ । ନିଷ୍କ୍ରିୟ ଶବରୂପୀ ଶିବଙ୍କୁ ବା ପରମେଶ୍ୱରଙ୍କୁ ଭକ୍ତ ଯେତେବେଳେ ତାଙ୍କ ନାମ-ରୂପ-ଲୀଳାଦିର ଅନୁଶୀଳନଫଳରେ ବାହାରେ ସ୍ପଷ୍ଟଭାବରେ ଅନୁଭବ କରନ୍ତି ଏବଂ ତାଙ୍କରି କଥା ପ୍ରସଙ୍ଗରେ ତନ୍ମୟ ହୋଇ ସେହି ସତ୍ତାଙ୍କୁ ପରମପ୍ରେମାସ୍ପଦ ବୋଲି ବୁଝିପାରି ସେହି ଅବ୍ୟକ୍ତ ପରମ ସତ୍ତାଙ୍କୁ ବ୍ୟକ୍ତ ଭାବରେ ହୃଦୟରେ ଅନୁଭବ କରିଥାଆନ୍ତି, ସେତେବେଳେ ସେ ପ୍ରାଣର ଆବେଗ ପ୍ରଶମିତ କରି ନ ପାରି ବ୍ୟାକୁଳ ଭାବରେ ଆନନ୍ଦାଶ୍ରୁ ବିସର୍ଜନ କରିଥାନ୍ତି । ଏହି ଆସ୍ୱାଦନ ସ୍ୱାଭାବିକ ।

ତେଣୁ ବୈଷ୍ଣବ ଧର୍ମର ଭେଦାଭେଦ ବାଦ ମତାନୁସାରେ ଈଶ୍ୱର ନିଷ୍କ୍ରିୟ ହୋଇ ମଧ୍ୟ ସକ୍ରିୟ ଓ ସଗୁଣ । ସେ ପ୍ରେମମୟ ଓ ଭକ୍ତମାନଙ୍କପ୍ରତି କୃପାପ୍ରବଣ । ସେ ରକ୍ଷାକର୍ତ୍ତା, ପାଳନକର୍ତ୍ତା ହେତୁ ପିତା-ମାତା । ସମଗ୍ର ବିଶ୍ୱଜଗତ ତାଙ୍କରି ଦେହ ବା ବାହ୍ୟିକ ରୂପ ଏବଂ ସେ ଅନ୍ତରସ୍ଥିତ ଚୈତନ୍ୟମୟ କର୍ତ୍ତା ବା ପ୍ରଭୁ ।

କିନ୍ତୁ ଆଧୁନିକ ବୈଷ୍ଣବମାନେ ଜ୍ଞାନ ଆଲୋଚନା ନ କରିବା ଫଳରେ ସ୍ୱରୂପଚ୍ୟୁତ ହୋଇପଡୁଥିବା ହେତୁ ଶକ୍ତିହୀନ ହୋଇପଡୁଛନ୍ତି । ସେମାନେ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ସ୍ୱୀକାର କରୁଛନ୍ତି; କିନ୍ତୁ ଭଗବାନ ଯେ ଶ୍ରୀକୃଷ୍ଣ ରୂପରେ ଆବିର୍ଭୂତ ହୋଇଥିଲେ ଏବଂ ନାରାୟଣ ଋଷିଙ୍କ ଦେହକୁ ଆଶ୍ରୟ କରି ଲୀଳା କରିଥିଲେ, ଏକଥାରେ ସନ୍ଦେହ ପ୍ରକାଶ କରିଥାନ୍ତି । ଭଗବାନଙ୍କର ବାହ୍ୟମୂର୍ତ୍ତି କେବେହେଲେ ଭଗବାନ ନୁହନ୍ତି । ଭଗବାନ ସତ୍ୟଧର୍ମ ସ୍ଥାପନନିମିତ୍ତ ଶ୍ରୀକୃଷ୍ଣରୂପରେ ଅବତୀର୍ଣ୍ଣ ହୋଇଥିଲେ । ଏହା ହିଁ ପ୍ରକୃତ ବୈଷ୍ଣବ ଦର୍ଶନ ବା ଭେଦାଭେଦବାଦ । ଜ୍ଞାନାଲୋଚନା ଅଭାବରୁ ବର୍ତ୍ତମାନ ସବୁ ଧର୍ମରେ ଗ୍ଲାନି ଉପସ୍ଥିତ ହୋଇଛି ।

(୯୨୪) ହିନ୍ଦୁ ଧର୍ମଭାବ : 'ହିନ୍ଦୁ' କୌଣସି ବ୍ୟକ୍ତି, ବଂଶ ବା କୁଳର ନାମ ନୁହେଁ । ଏହା ଗୋଟିଏ ଧର୍ମଭାବର ନାମ ।

(୧) ଯେଉଁମାନେ ସ୍ୱଭାବତଃ ଅତୀନ୍ଦ୍ରିୟ ବ୍ରହ୍ମ, ଆତ୍ମା, ଈଶ୍ୱର, ଦେବତା, ପରଲୋକ ଓ ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରି ତାଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ; (୨) ଯେଉଁମାନେ ବେଦ ବେଦାନ୍ତ ଓ ଦର୍ଶନ ଶାସ୍ତ୍ର ପ୍ରତି ଶ୍ରଦ୍ଧାସମ୍ପନ୍ନ ଏବଂ ସ୍ୱାଧ୍ୟାୟନିରତ; (୩) ଯେଉଁମାନେ ମନକୁ ଭଗବତ୍ ପଦାରବିନ୍ଦରେ ସ୍ଥିର ରଖିବାକୁ ସର୍ବଦା ସାଧନନିରତ ଏବଂ (୪) ଯେଉଁମାନେ ସତ୍ତ୍ୱଗୁଣ ଅନୁଶୀଳନରେ ସଚେଷ୍ଟ ରହି ଶୁଦ୍ଧାଚାର ପରାୟଣ ଓ ଅଭିମାନଶୂନ୍ୟ ହୋଇ ବିଶ୍ୱସେବକ ହେବାକୁ ଅଭିଳାଷ କରନ୍ତି, ସେହିମାନେ ହିଁ ହିନ୍ଦୁଧର୍ମାବଲମ୍ବୀ ବୋଲି ଜାଣିବ । ଯାହାଙ୍କଠାରେ ଏହି ଲକ୍ଷଣ ବିଦ୍ୟମାନ ଥାଏ, ସେ ହିନ୍ଦୁଧର୍ମାବଲମ୍ବୀ ବୋଲି ପରିଚିତ ହୋଇଥାନ୍ତି ।

ଯେଉଁମାନେ ହିନ୍ଦୁ ସେମାନେ ବେଦ ମାନନ୍ତି ଏବଂ ବେଦବେଦାନ୍ତ ପ୍ରତି ବିଶ୍ୱାସବାନ୍ । ସେମାନଙ୍କର ଈଶ୍ୱର, ଦେବତା, ପରକାଳ, ପରଲୋକ ପ୍ରତି ଶ୍ରଦ୍ଧା ବିଶ୍ୱାସ ଥାଏ । ଏହିମାନେ ହିଁ ପ୍ରକୃତ ହିନ୍ଦୁ । ଉପରୋକ୍ତ ଭାବ ପ୍ରତି ବିଶ୍ୱାସ ସ୍ଥାପନ ନ କରି କେବଳ ପ୍ରତିମା ପୂଜାକୁ ବିଶ୍ୱାସ କଲେ ତାହାକୁ ହିନ୍ଦୁ କୁହାଯିବ ନାହିଁ । କାରଣ ବୌଦ୍ଧମାନେ ମଧ୍ୟ ମୂର୍ତ୍ତିପୂଜା କରନ୍ତି, ମୁସଲମାନମାନଙ୍କର ମଧ୍ୟ

ନାମ, ଜପ ଓ ପ୍ରାର୍ଥନା ଅଛି । ଈଶ୍ୱର ଏବଂ ପରକାଳ ବିଶ୍ୱାସ ନ କରି କୌଣସି ବୈଷୟିକ ସିଦ୍ଧିଲାଭ ଆଶାରେ ଦେବତାଙ୍କ ଆଶ୍ରୟ କିମ୍ବା ସିଦ୍ଧ ସାଧୁ-ମହାପୁରୁଷଙ୍କ ଶିଷ୍ୟତ୍ୱ ସ୍ୱୀକାର କରିବା ହିନ୍ଦୁତ୍ୱର ପରିଚାୟକ ନୁହେଁ ।

ଈଶ୍ୱର ଓ ପରକାଳକୁ ଆନ୍ତରିକ ଭାବରେ ବିଶ୍ୱାସ କରିବା ବେଦବାକ୍ୟ ଓ ଶ୍ରୀଗୁରୁଦେବଙ୍କ ବାକ୍ୟରେ ବିଶ୍ୱାସ କରିବା ଏବଂ ଯୋଗଜ୍ଞାନର ଅନୁଶୀଳନ କରିବା—ଏହି ତ୍ରିସତ୍ୟ ପ୍ରତି ଶ୍ରଦ୍ଧା ହିଁ ହିନ୍ଦୁତ୍ୱର ନିଦର୍ଶନ । ଆହାର ବିହାର, ଆଚାର, ନୀତିନିୟମ ଓ ମୂର୍ତ୍ତିପୂଜା ଯଦି କେବଳ ହିନ୍ଦୁତ୍ୱର ଚିହ୍ନ ହୋଇଥାନ୍ତା, ତେବେ ସିଦ୍ଧଯୋଗୀ ଜ୍ଞାନୀମାନଙ୍କୁ କେବେହେଲେ ହିନ୍ଦୁ କୁହାଯାଆନ୍ତା ନାହିଁ । ଦେବାଶ୍ରିତ ଈଶ୍ୱର ତତ୍ତ୍ୱଜ୍ଞାନ, ଆତ୍ମଜ୍ଞାନ ଏବଂ ଯୋଗଶକ୍ତି ସମ୍ପନ୍ନ ହେଲେ ହିନ୍ଦୁତ୍ୱ ଅକ୍ଷୁଣ୍ଣ ଥାଏ ।

(୯୨୫) ସାଧନାର ପଞ୍ଚବିଧ ଅଙ୍ଗ : (୧) ଜ୍ଞାନ, (୨) ଧ୍ୟାନ, (୩) ଯୋଗସାଧନ, (୪) ଭକ୍ତିଧର୍ମର ଅନୁଶୀଳନ, (୫) ଭଗବତ୍ ସେବାମୂଳକ କର୍ମ—ସତ୍ୟସାଧନର ଏହି ପଞ୍ଚବିଧ ପ୍ରଧାନ ଅଙ୍ଗ ବିଦ୍ୟମାନ । ଏହି ପଞ୍ଚବିଧ ଅଙ୍ଗର ଅନୁଶୀଳନକୁ ପ୍ରକୃତ ସାଧନା କୁହାଯାଏ । ଏହି ପଞ୍ଚବିଧ ସାଧନାଙ୍ଗ ଏକ ଏବଂ ପରସ୍ପର ସମ୍ବନ୍ଧଯୁକ୍ତ । ଜ୍ଞାନ ମଧ୍ୟରେ ଜ୍ଞାନାନୁଶୀଳନରୂପ କର୍ମ ବିଦ୍ୟମାନ; ଜ୍ଞାନାନୁଶୀଳନ ଓ ଜ୍ଞାନୀମାନଙ୍କ ପ୍ରତି ଶ୍ରଦ୍ଧାକୁ ଭକ୍ତି କୁହାଯାଏ ଏବଂ ସେଥିପ୍ରତି ନିଷ୍ଠାକୁ ଯୋଗ ଓ ସେହିମାନଙ୍କ ସେବାକୁ ହିଁ କର୍ମ କୁହାଯାଏ ।

(୯୨୬) ଜ୍ଞାନ ଭାବ : ଜ୍ଞାନ ଅସଂଖ୍ୟ ପ୍ରକାରର । ତନ୍ମଧ୍ୟରେ ତତ୍ତ୍ୱଜ୍ଞାନ ଓ ଆଧ୍ୟାତ୍ମଜ୍ଞାନ ହିଁ ସବୁ ଧର୍ମର ସାର । ଏହି ଅଧ୍ୟାତ୍ମଜ୍ଞାନକୁ ତ୍ୟାଗ କରି କେହି କେବେ ଧର୍ମପଥରେ ଗତି କରିପାରନ୍ତି ନାହିଁ । "ମୁଁ କିଏ ଓ କେଉଁଠାରୁ କି ଉଦ୍ଦେଶ୍ୟ ସାଧନନିମିତ୍ତ ଏ ଜଗତକୁ ଆସିଛି ? ପୁଣି କେଉଁ କର୍ମ ଶେଷରେ କେଉଁ ଧାମକୁ କିଭଳି ଗତି କରିବି ଏବଂ ସେହି ଧାମରେ ମୋର କର୍ତ୍ତବ୍ୟ କର୍ମ କ'ଣ ?" ଇତ୍ୟାଦି ସ୍ୱରୂପତତ୍ତ୍ୱର ଆଲୋଚନାକୁ ଜ୍ଞାନ ଭାବ କୁହାଯାଏ । ତତ୍ତ୍ୱଜ୍ଞାନ ମଧ୍ୟ ବିବିଧ ପ୍ରକାରର । ତନ୍ମଧ୍ୟରେ ଆତ୍ମା, ବ୍ରହ୍ମ ଏବଂ ଈଶ୍ୱରଙ୍କ ସମ୍ବନ୍ଧୀୟ ସତ୍ୟଜ୍ଞାନାଲୋଚନାକୁ ତତ୍ତ୍ୱଜ୍ଞାନ କୁହାଯାଏ । ସେହି ପରଂବ୍ରହ୍ମ ଆତ୍ମସ୍ୱରୂପରେ ଅନ୍ତରରାଜ୍ୟରେ ଅବସ୍ଥାନ କରୁଛନ୍ତି । ତାଙ୍କୁ ଈଶ୍ୱର କୁହାଯାଏ । ଏହି ବିଶ୍ୱରେ ବ୍ରହ୍ମ, ଆତ୍ମା ଓ ଭଗବାନ ଏକ ତତ୍ତ୍ୱର ବିଭିନ୍ନ ବିକାଶ । ବ୍ରହ୍ମା, ବିଷ୍ଣୁ, ଶିବ ମଧ୍ୟ

ଉକ୍ତ ତ୍ରିତତ୍ତ୍ୱର ନାମାନ୍ତର ମାତ୍ର । ସମଗ୍ର ବିଶ୍ୱରୂପ ବିଶ୍ୱାତ୍ମା ଓ ସର୍ବଗତ ପୂର୍ଣ୍ଣ ଈଶ୍ୱରଙ୍କୁ ବ୍ରହ୍ମା କୁହାଯାଏ; ସର୍ବବ୍ୟାପୀ ଆତ୍ମଚୈତନ୍ୟଙ୍କୁ ବିଷ୍ଣୁ ଏବଂ ଅବ୍ୟକ୍ତ, ନିଷ୍କ୍ରିୟ ଓ ତ୍ରିଗୁଣାତୀତ ବ୍ରହ୍ମଚୈତନ୍ୟଙ୍କୁ ଶିବ କୁହାଯାଏ । ଜୀବ, ଜଗତ୍, ସାଧନା ପ୍ରକୃତି, ଚତୁର୍ବିଂଶତି ତତ୍ତ୍ୱାଦି ଯାବତୀୟ ସତ୍ୟଜ୍ଞାନାଲୋଚନାକୁ ତତ୍ତ୍ୱଜ୍ଞାନ କୁହାଯାଏ । ଯେଉଁମାନେ ଜ୍ଞାନାଲୋଚନା ତ୍ୟାଗ କରି ସାଧନପଥରେ ଅଗ୍ରସର ହୁଅନ୍ତି, ସେମାନେ କେବେହେଲେ ସଫଳକାମ ହୋଇପାରନ୍ତି ନାହିଁ ।

(୯୨୭) **ଧ୍ୟାନଭାବ :** ଜ୍ଞାନ ଆଲୋଚନା ପରେ ସେହି ଜ୍ଞାନକୁ ନିଜ ଅନ୍ତରରେ ଉପଲବ୍ଧି କରିବା ନିମିତ୍ତ ଧ୍ୟାନଭାବ ଅବଲମ୍ବନ ଏକାନ୍ତ ଆବଶ୍ୟକ । ଧ୍ୟାନର ମଧ୍ୟ ଦୁଇଟି ଶ୍ରେଷ୍ଠ ଭାବ ଅଛି । ଗୋଟିଏ ଅମୂର୍ତ୍ତି ନିରାକାର ଧ୍ୟାନଭାବ ଓ ଅପରଟି ମୂର୍ତ୍ତ ସାକାର ଧ୍ୟାନଭାବ । ଏହି ସମଗ୍ର ବିଶ୍ୱର ଯେ ଆତ୍ମଚୈତନ୍ୟ, ସେ କୂଟସ୍ଥ ଚୈତନ୍ୟ ରୂପରେ ପ୍ରତି ଜୀବ ଦେହରେ ଅବସ୍ଥିତ । ସେହି ଆତ୍ମଚୈତନ୍ୟଙ୍କଠାରେ ସ୍ଥିର ଭାବରେ ମନ-ସଂଯୋଗକୁ ନିରାକାର ଧ୍ୟାନ କୁହାଯାଏ । ଏହି ଧ୍ୟାନକୁ ଅବ୍ୟକ୍ତ ଧ୍ୟାନ ମଧ୍ୟ କୁହାଯାଏ । ପ୍ରାଥମିକ ସାଧକମାନଙ୍କ ପକ୍ଷରେ ଏହି ଧ୍ୟାନ ଟିକିଏ କଷ୍ଟସାଧ୍ୟ । କିନ୍ତୁ କୌଣସି ବ୍ୟକ୍ତମୂର୍ତ୍ତି ଅର୍ଥାତ୍ ଭଗବାନ ଅଥବା ତାଙ୍କ ପ୍ରତୀକଙ୍କର, ଇଷ୍ଟ-ଦେବତାଙ୍କର, ପ୍ରତ୍ୟକ୍ଷ ଅପ୍ରତ୍ୟକ୍ଷ ଯେ କୌଣସି ସାକାର ଦେବତାଙ୍କର, ଶ୍ରୀଗୁରୁଦେବଙ୍କର ମାନସ ପ୍ରତିମୂର୍ତ୍ତି ପ୍ରତି ମନର ଯେଉଁ ଅବିରାମ ଚିନ୍ତାଧାରା ଅଥବା ନିରବଚ୍ଛିନ୍ନ ତୈଳଧାରାସଦୃଶ ଯେଉଁ ଅବିରାମ ମନସଂଯୋଗ, ତାହାକୁ ସାକାର ଧ୍ୟାନଭାବ କୁହାଯାଏ । ଧ୍ୟାନ ବ୍ୟତୀତ ଚିତ୍ତ ସ୍ଥିର ଓ ଏକାଗ୍ର ହୁଏ ନାହିଁ । ଏକାଗ୍ରଚିତ୍ତ ହିଁ ସାଧନାରେ ଉନ୍ନତିଲାଭର ଲକ୍ଷଣ ।

(୯୨୮) **ଯୋଗଭାବ :** ଜ୍ଞାନ, ଧ୍ୟାନ ପରେ ଯୋଗଭାବ ମଧ୍ୟ ଦୁଇ ଭାଗରେ ବିଭକ୍ତ । ଯୋଗ ଅର୍ଥ ମନର ଯୋଗ, ଦ୍ୱିତୀୟରେ ସ୍ଥିରତ୍ୱ । ଯାହାଙ୍କ ସହିତ ମନର ଯୋଗସାଧନ କରିବାକୁ ହେବ, ସାଧକଙ୍କର ସେହି ଅଭୀଷ୍ଟ ଦେବତା ହିଁ ଯୋଗର ଆଶ୍ରୟ । ଧ୍ୟାନ ଗୋଟିଏ ଯୋଗ ହେଲେ ମଧ୍ୟ ଯୋଗର ବିଭିନ୍ନ ଭେଦଅଛି । ଚିନ୍ତା ହିଁ ଧ୍ୟାନ ଓ ଯୋଗ—ଏହି ଉଭୟର ସଂଯୋଗସ୍ଥଳ । ଏକନିଷ୍ଠ ଓ ଏକାଗ୍ର ଭାବର ଚିନ୍ତାପ୍ରବାହର ନାମ ଯୋଗ । ମନର ଯାବତୀୟ ଶକ୍ତିକୁ ଏକତ୍ର ସଂଯୁକ୍ତ କରି ସତ୍ୟବସ୍ତୁଙ୍କ ପ୍ରତି ନିୟୋଜିତ କରିବାର ନାମ ଯୋଗ ବା ମନୋଯୋଗ । ଯେପରି କଠିନ ଗଣିତ କଷିବା ସମୟରେ ଅଥବା ଜ୍ୟାମିତି

ଅନୁଶୀଳନ ସମାଧାନ (Solve) ସମୟରେ ମନକୁ ଏକାଗ୍ର ଭାବରେ ତନ୍ମୟ ଓ ଚିନ୍ତାଯୁକ୍ତ କରିବାକୁ ପଡ଼େ, ସେହିପରି ସାଧନା ସମୟରେ ସମୟେ ସମୟେ ମନ ସହିତ ଆତ୍ମାର ଐକ୍ୟସାଧନ କରିବାକୁ ହୁଏ । ଏହି ପ୍ରକାରର ମନର ଶକ୍ତି ସଂଯୁକ୍ତ ଆତ୍ମବିଷୟକ ଚିନ୍ତା ଏବଂ ଇଷ୍ଟ ଓ ଲକ୍ଷ୍ୟ ବସ୍ତୁର ଚିନ୍ତା ବା ସ୍ମରଣ-ମନନରୂପ ମନୋଯୋଗ ଧ୍ୟାନଠାରୁ ସ୍ୱତନ୍ତ୍ର । ଜ୍ଞାନଯୋଗୀମାନେ ଏହି ଆତ୍ମଯୋଗର ଅନୁଶୀଳନ କରିଥାନ୍ତି ।

ଆତ୍ମା, ବ୍ରହ୍ମ, ଈଶ୍ୱର, ଜୀବ ଓ ଜଗତର ସ୍ୱରୂପ ଚିନ୍ତନର ନାମ ଆତ୍ମଯୋଗ ଏବଂ ଯେଉଁମାନେ ଭକ୍ତିମାର୍ଗର ଉପାସକ, ସେମାନେ ନିଜ ଇଷ୍ଟଦେବତାଙ୍କ ଚିନ୍ତାରେ ମନ ସଂଯୋଗ କରନ୍ତି । ମନର ଶକ୍ତିସମୂହକୁ ଦୃଢ଼ଭାବରେ ଇଷ୍ଟଦେବତାଙ୍କ ସତ୍ତାରେ ଅର୍ଥାତ୍ ଭଗବାନଙ୍କଠାରେ ନିବିଷ୍ଟ କରି ତାଙ୍କୁ ଚିନ୍ତା କରିବାକୁ ପଡ଼େ । ଏହା ମଧ୍ୟ ଏହି ଯୋଗଭାବର ଅନ୍ତର୍ଗତ ଏବଂ ପ୍ରାଣାୟାମ କୁମ୍ଭକ ପ୍ରଭୃତି ଦ୍ୱାରା ପ୍ରାଣର ନିରୋଧକୁ ମଧ୍ୟ ଯୋଗ କୁହାଯାଏ । ଏହାର ନାମ ରାଜଯୋଗ ।

(୯୨୯) ଭକ୍ତିଭାବ : ଭକ୍ତିଭାବ ମଧ୍ୟ ବହୁବିଧ । ତନ୍ମଧ୍ୟରେ ଦୁଇଟି ପ୍ରଧାନ । ଭକ୍ତିର ସାଧାରଣ ଅର୍ଥ ମୁମୁକ୍ଷୁତ୍ୱ । ଆଉ ମଧ୍ୟ ଶ୍ରୀଭଗବାନଙ୍କ ପ୍ରତି ଏକାନ୍ତ ଅନୁରକ୍ତି ଓ ଆଗ୍ରହର ସହିତ ନାମଭକ୍ତି ସାଧନାରେ ଯେଉଁମାନଙ୍କର ଆନ୍ତରିକ ପିପାସା ଜାଗ୍ରତ ହୋଇଛି, ସେମାନଙ୍କୁ ଭକ୍ତ କୁହାଯାଏ । ଏହା ହିଁ ସାଧାରଣ ଭାବ । ଭକ୍ତିର ବିଶେଷ ଅର୍ଥ ମନର ବ୍ୟାକୁଳତା । ମୂର୍ତ୍ତ ଭଗବାନଙ୍କ ଦର୍ଶନ ଓ ସେବା ପ୍ରତି ମନର ଯେଉଁ ଆତ୍ୟନ୍ତିକ ବ୍ୟାକୁଳତା, ତାହାକୁ ମଧ୍ୟ ଭକ୍ତି କୁହାଯାଏ । ସୁତରାଂ ପ୍ରାଣର ବ୍ୟାକୁଳତା ଓ ଉତ୍କଟ ଆଗ୍ରହକୁ ଭକ୍ତିଭାବ କୁହାଯାଏ । ଭକ୍ତିର ଦୁଇଟି ଭାବ, ଗୋଟିଏ ସ୍ଥିର ଓ ଶାନ୍ତଭାବ, ଯାହାକୁ ଯୋଗ କୁହାଯାଏ ଏବଂ ଅପରଟି ଅଶାନ୍ତଭାବ, ତାହା ରତି ବା ପ୍ରେମ ନାମରେ ଖ୍ୟାତ । ସ୍ଥିର ଓ ଯୋଗଭାବାପନ୍ନ ଜ୍ଞାନପୂର୍ଣ୍ଣ ଭକ୍ତିକୁ ବା ଶାନ୍ତଭକ୍ତିକୁ ପରାଭକ୍ତି କୁହାଯାଏ ଏବଂ ଅସ୍ଥିର ଆବେଗପୂର୍ଣ୍ଣ ଭକ୍ତି ରାଗାନୁଗାଭକ୍ତି ନାମରେ ଅଭିହିତ । ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର ଭେଦରେ ରାଗାନୁଗା ଭକ୍ତି ଚାରି ପ୍ରକାର । ରାଗମୟ ଭକ୍ତି ଯେ କୌଣସି ମୂର୍ତ୍ତ-ଭଗବାନଙ୍କ ପ୍ରତି, ଦେବତା, ମହାପୁରୁଷ ଅଥବା ଶ୍ରୀଗୁରୁଦେବଙ୍କ ପ୍ରତି ଉଦ୍ଭୂତ ହୋଇଥାଏ । କିନ୍ତୁ ନିରାକାର ଅବ୍ୟକ୍ତ ଆତ୍ମା ପ୍ରତି ଏହି ଭକ୍ତିର ସଂଜାତ ହୁଏ ନାହିଁ । କାରଣ, ସ୍ୱରୂପରେ ଆତ୍ମାଠାରେ କିଛିମାତ୍ର ଅସ୍ଥିରତା ନାହିଁ ।

କିନ୍ତୁ ଏହି ଅଶାନ୍ତ ଭାବର ଅଭ୍ୟନ୍ତରରେ ମଧ୍ୟ ମନର ଭଗବତ୍ ଚରଣରେ ନିତ୍ୟଯୋଗ ଓ ଧ୍ୟାନଭାବ ସ୍ଥିର ଥାଏ । ତେଣୁ ଜ୍ଞାନ, ଧ୍ୟାନ ଓ ଯୋଗ ଭାବକୁ ତ୍ୟାଗ କରି ଶାନ୍ତଦାସ୍ୟାଦି ଭକ୍ତି ଭାବ ରହିପାରେ ନାହିଁ । ରାମାନନ୍ଦ ରାୟଙ୍କ କଥିତ ସାଧ୍ୟସାଧନ ନିର୍ଣ୍ଣୟରେ ଏହା ବିଶେଷ ଭାବରେ ବର୍ଣ୍ଣିତ ହୋଇଅଛି ।

(୯୩୦) କର୍ମଭାବ : ଉପରୋକ୍ତ ଜ୍ଞାନ, ଧ୍ୟାନ ଓ ଯୋଗ କେବେହେଲେ କର୍ମବିହୀନ ହୋଇ ରହିପାରେ ନାହିଁ । ଆତ୍ମଶକ୍ତି ମାନବ ଭିତରେ ସୁପ୍ତ । ଏହି ସୁପ୍ତଶକ୍ତିର ଉଦ୍‌ବୋଧନନିମିତ୍ତ ଶ୍ରୀଗୁରୁଦେବଙ୍କ ଉପଦେଶ ଅନୁସାରେ ଯେଉଁ ଆତ୍ମକର୍ମର ଅନୁଶୀଳନ କରାଯାଏ, ତାହାକୁ କର୍ମ କୁହାଯାଏ ଏବଂ ଜୀବଜଗତ୍ ଓ ଭଗବାନଙ୍କନିମିତ୍ତ ନିଃସ୍ୱାର୍ଥ, ନିଷ୍କାମ ଭାବାପନ୍ନ କର୍ମ ସେବାଧର୍ମ ନାମରେ ଅଭିହିତ । ସାଧକମାନଙ୍କ ପକ୍ଷରେ ଉଭୟ କର୍ମ ହିଁ ପ୍ରୟୋଜନୀୟ । ନିଃସ୍ୱାର୍ଥ ଓ ନିଷ୍କାମ ଭାବରେ ଅପର ଜୀବ ପ୍ରତି ସେବାମୂଳକ କର୍ମଦ୍ୱାରା ବାସନା-କାମନା ବିଦୂରିତ ହୋଇ ଚିତ୍ତ ଶାନ୍ତ ଭାବ ଧାରଣ କରେ ଏବଂ ଆତ୍ମକର୍ମ ସତ୍ୟସାକ୍ଷାତଲାଭର ସହାୟକ ହୁଏ । ଅତଏବ ଦ୍ୱିବିଧ କର୍ମଭାବ, ଲକ୍ଷ୍ୟ ବା ଆଦର୍ଶ ପ୍ରତି ଶ୍ରଦ୍ଧା ଓ ଭକ୍ତିଭାବ, ତତ୍‌ବିଷୟକ ଏକାଗ୍ର ଚିନ୍ତା ଓ ମନୋଯୋଗ, ସେହି ବିଷୟର ଧ୍ୟାନ ଓ ତତ୍‌ବିଷୟକ ତତ୍ତ୍ୱଜ୍ଞାନ ବ୍ୟତିରେକେ କେବେହେଲେ କେହି ସତ୍ୟ-ସାଧନାରେ ଅଗ୍ରସର ହୋଇପାରିବେ ନାହିଁ ।

(୯୩୧) ସାଧନା : ବ୍ୟାକୁଳତା ସହିତ ଏକାଗ୍ର ଭାବରେ କୌଣସି ନିତ୍ୟବସ୍ତୁ ଲାଭ ନିମିତ୍ତ ଯେଉଁ ତପସ୍ୟା ବା ତାପସହିଷ୍ଣୁତା ଏବଂ ସେହି ବସ୍ତୁର ପୁନଃ ପୁନଃ ସ୍ମରଣ-ମନନର ନାମ ସାଧନା ।

(୯୩୨) ସାଧକ : ଯାହାଙ୍କ ପ୍ରାଣରେ ସର୍ବଦା ଅର୍ଥାତ୍ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତିରେ ସର୍ବଦା ସାଧ୍ୟବସ୍ତୁର ଚିନ୍ତା ଅବ୍ୟାହତ ଥାଏ, ତାହାଙ୍କୁ ସାଧକ କୁହାଯାଏ ।

(୯୩୩) ସାଧ୍ୟବସ୍ତୁ : ଆତ୍ମା ଯେଉଁ ନିତ୍ୟବସ୍ତୁକୁ ଆକାଙ୍‌କ୍ଷା କରନ୍ତି, ତାହା ହିଁ ସାଧ୍ୟବସ୍ତୁ । ସତ୍-ଚିତ୍-ଆନନ୍ଦ ସ୍ୱରୂପବ୍ରହ୍ମ ହିଁ ନିତ୍ୟବସ୍ତୁ । ସେ ଆନନ୍ଦମୟ । ସାଧକ ସେହି ଆନନ୍ଦମୟଙ୍କୁ ଲାଭ କଲେ ହିଁ ଜୀବନ ସାର୍ଥକ ହୁଏ । ତେଣୁ ଆନନ୍ଦ ହିଁ ସାଧ୍ୟବସ୍ତୁ ।

(୯୩୪) ପ୍ରସ୍ଥାନତ୍ରୟ : ଉପନିଷଦ, ବେଦାନ୍ତଦର୍ଶନ ଏବଂ ଶ୍ରୀମଦ୍ ଭଗବତ୍ ଗୀତା—ଏହା ହିନ୍ଦୁ ଶାସ୍ତ୍ରାନୁମୋଦିତ ପ୍ରସ୍ଥାନତ୍ରୟ ମଧ୍ୟରେ ଗଣ୍ୟ । ବ୍ରହ୍ମ,

ଈଶ୍ୱର, ଜୀବ ଓ ଜଗତ୍—ଏହି ଚତୁର୍ବିଧ ତତ୍ତ୍ୱ ନିରୂପଣ ପ୍ରସ୍ଥାନତ୍ରୟର ପ୍ରତିପାଦ୍ୟ । ଏହି ପ୍ରସ୍ଥାନତ୍ରୟର ଆଦର୍ଶ ପ୍ରତିଷ୍ଠାରେ ଭାଷ୍ୟକାରଗଣ ଏକମତ ହୋଇ ନ ପାରି ନିଜ ନିଜ ଅନୁଭୂତି ଅନୁଯାୟୀ ଭିନ୍ନ ଭିନ୍ନ ସିଦ୍ଧାନ୍ତବାଦର ପ୍ରଚାର କରିଛନ୍ତି ।

(୯୩୫) ଭିନ୍ନ ଭିନ୍ନ ସିଦ୍ଧାନ୍ତବାଦ : ଆଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତ ଅଦ୍ୱୈତବାଦ । ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତ ବିଶିଷ୍ଟାଦ୍ୱୈତବାଦ । ମାଧ୍ୱାଚାର୍ଯ୍ୟଙ୍କ ସିଦ୍ଧାନ୍ତ ହେଲା ଦ୍ୱୈତବାଦ । ନିମ୍ବାର୍କଦେବଙ୍କ ସିଦ୍ଧାନ୍ତ ହେଉଛି ଦ୍ୱୈତାଦ୍ୱୈତବାଦ ଏବଂ ବଳଦେବଙ୍କ ସିଦ୍ଧାନ୍ତର ନାମ ଅଚିନ୍ତ୍ୟ ଭେଦାଭେଦବାଦ ।

(୯୩୬) ଅଷ୍ଟାଙ୍ଗଯୋଗ : ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି—ଏହାର ନାମ ଅଷ୍ଟାଙ୍ଗଯୋଗ । ରାଜଯୋଗର ନିୟମାନୁସାରେ ପ୍ରଥମ ପାଞ୍ଚଗୋଟି ଅର୍ଥାତ୍ ଯମ, ନିୟମ, ଆସନ, ପ୍ରାଣାୟାମ ଓ ପ୍ରତ୍ୟାହାର କର୍ମଯୋଗର ଅନ୍ତର୍ଗତ । ଦ୍ୱିତୀୟ ଧାରଣା ଓ ଧ୍ୟାନ ହେଲା ଭକ୍ତିଯୋଗର ଅନ୍ତର୍ଗତ ଏବଂ ତୃତୀୟ ବା ଶେଷ ସମାଧି ହେଉଛି ଜ୍ଞାନଯୋଗର ଅନ୍ତର୍ଗତ । ଇନ୍ଦ୍ରିୟ ଓ ମନର ସଂଯମ, ଧ୍ୟାନ ଏବଂ ବିଧିନିଷେଧ ପାଳନ ଏହି ଯୋଗର ଅନ୍ତର୍ଗତ । ବିଧିନିଷେଧ ବିଶେଷ ଭାବରେ ପ୍ରତିପାଳନ ନ କରି କେବଳ ଧାରାଣା ପରିବର୍ତ୍ତନ କରି ସାଧନା କଲେ ତାହାକୁ ରାଜଯୋଗ ବୋଲି କୁହାଯିବ । ଏହା ଅତି ଅଳ୍ପାୟାସରେ ସିଦ୍ଧ ହୁଏ । ତତ୍ତ୍ୱ ବିଚାର ହିଁ ରାଜଯୋଗ ସାଧନାର ପ୍ରଧାନ ଅବଲମ୍ବନ ।

(୯୩୭) କର୍ମସଂସ୍କାର : ଗୋଟିଏ ଗ୍ରାମୋଫୋନ୍ ରେକର୍ଡ଼ ଯେପରି ଶବ୍ଦସଂସ୍କାର ଧାରଣ କରି ରଖେ ଏବଂ ଅବସ୍ଥାନୁସାରେ ସେହି ଶବ୍ଦଗତ ଅଭିବ୍ୟକ୍ତିର ସ୍ଫୁରଣ କରିବାକୁ ସକ୍ଷମ ହୁଏ, ସେହିପରି ଜୀବଜଗତ ବ୍ୟଷ୍ଟି କାରଣ ଦେହ କର୍ମସଂସ୍କାର ଧାରଣ କରି ଅବସ୍ଥାନୁସାରେ ତଦନୁକୂଳ ଅଭିବ୍ୟକ୍ତିର ସ୍ଫୁରଣ କରିବାକୁ ସକ୍ଷମ ହୁଏ । ଯେ କୌଣସି କର୍ମ ପୁନଃ ପୁନଃ କୃତ ହୋଇ ଅଭ୍ୟାସରେ ପରିଣତ ହୋଇ ତାହାର ସଂସ୍କାର ସଞ୍ଚିତ ହୁଏ । ସଞ୍ଚିତ କର୍ମସଂସ୍କାର ଫଳରେ ବ୍ୟଷ୍ଟିକାରଣ ଦେହର ପ୍ରତିଷ୍ଠା । ବ୍ୟଷ୍ଟିକାରଣ ଦେହର ନାମାନ୍ତର ବ୍ୟଷ୍ଟିଜୀବ ପ୍ରକୃତି ।

କର୍ମସଂସ୍କାରର ବିଶେଷତ୍ୱ ହେଉଛି ଯେ ସଂସ୍କାର ଉତ୍ପନ୍ନ ହେଲେ କର୍ମ କର୍ତ୍ତାଙ୍କ ଭୋଗ୍ୟ ମାଧ୍ୟମରେ ଫଳ ରୂପରେ ଅଭିବ୍ୟକ୍ତ ହୋଇ ଉପସଂହୃତ ହେବ । ଏହି ସଂସ୍କାର କ୍ରିୟମାଣ, ସଞ୍ଚିତ ଓ ପ୍ରାରବ୍ଧ ଭେଦରେ ତ୍ରିବିଧ । ଯେଉଁ ସଂସ୍କାର

ପ୍ରଭାବରେ ବର୍ତ୍ତମାନ ଦେହର ଆରମ୍ଭ ହୋଇଅଛି, ତାହାର ନାମ ପ୍ରାରବ୍ଧ। ବର୍ତ୍ତମାନ ଦେହର ଚଳିତ କର୍ମସଂସ୍କାରର ନାମ କ୍ରିୟମାଣ। ପ୍ରାରବ୍ଧ ବ୍ୟତୀତ ପୂର୍ବବର୍ତ୍ତୀ ଜନ୍ମ ପର୍ଯ୍ୟନ୍ତ କର୍ମସଂସ୍କାରର ନାମ ସଞ୍ଚିତ। ଶାସ୍ତ୍ରରେ ଏହିଭଳି ଭାବରେ ତ୍ରିବିଧ କର୍ମସଂସ୍କାରର ସଂଜ୍ଞା ବର୍ଣ୍ଣିତ ହୋଇଅଛି।

(୯୩୮) ତ୍ରିବିଧ ସଂସ୍କାର : ଭକ୍ତି, ପ୍ରୀତି, ଦୟା, ଉଦାରତା ଭାବବ୍ୟଞ୍ଜକ। ଏହା ଉପଦ୍ରବରହିତ ଏବଂ ପ୍ରକାଶକ। ଏହା ସତ୍ତ୍ୱଗୁଣାତ୍ମକ ସଂସ୍କାର। ରଜୋଗୁଣାତ୍ମକ ଶ୍ରେଣୀଭୁକ୍ତ କର୍ମସଂସ୍କାର ପ୍ରବୃତ୍ତିମୂଳକ ଓ ବିକ୍ଷେପକ। କାମ, କ୍ରୋଧ, ଲୋଭ, ରାଗ, ଦ୍ୱେଷ ଏହାର ଭାବବ୍ୟଞ୍ଜକ ସଂସ୍କାର। ତମଃ ଶ୍ରେଣୀଭୁକ୍ତ କର୍ମସଂସ୍କାର ଜଡ଼ତାମୂଳକ ଓ ଆବରକ। ମୋହ, ପ୍ରମାଦ, ଅନବଧାନତା, ଜଡ଼ତା, ନିଦ୍ରା ଏହାର ଭାବବ୍ୟଞ୍ଜକ ସଂସ୍କାର। ସତ୍ତ୍ୱ, ରଜ ଓ ତମ—ଏହି ଗୁଣତ୍ରୟ ହେଉଛନ୍ତି ଏହି ଶ୍ରେଣୀତ୍ରୟର ଶାସ୍ତ୍ରୀୟ ସଂଜ୍ଞା। ପରସ୍ପର ପରସ୍ପରକୁ ଅଭିଭୂତ କରି ସ୍ୱକୀୟ ପ୍ରାଧାନ୍ୟ ସ୍ଥାପନ କରିବା ଗୁଣତ୍ରୟର ଧର୍ମ। ସମାଜ ଦେହରେ ମାନବର ପରସ୍ପରର ପରସ୍ପର ଉପରେ ପ୍ରାଧାନ୍ୟବିସ୍ତାରର ଯେଉଁ ପ୍ରବୃତ୍ତି, ତାହା ଏହି ଗୁଣତ୍ରୟର ଧର୍ମରୁ ହିଁ ଘଟିଥାଏ। ସୌଭାଗ୍ୟବଶରୁ ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହେଲେ ପ୍ରାରବ୍ଧ ବ୍ୟତୀତ ଅନ୍ୟ କର୍ମସଂସ୍କାରଦ୍ୱୟ କ୍ଷୟ ହୁଏ। ସୁତରାଂ ମୃତ୍ୟୁପରେ ଆଉ ଜନ୍ମ ହୁଏ ନାହିଁ।

(୯୩୯) ଜୀବାତ୍ମାର ଆବରଣ : ଜୀବାତ୍ମା ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ। କିନ୍ତୁ ଏହି ସ୍ୱରୂପ ଚୈତନ୍ୟ ପଞ୍ଚକୋଷଦ୍ୱାରା ଆବରିତ ଏବଂ ଦେହ ତିନିଗୋଟି ପ୍ରକୋଷ୍ଠ ସମନ୍ୱୟରେ ଗଠିତ। କୋଷ ଶବ୍ଦର ଅର୍ଥ ଆବରକ। ଦୋଷ ପାଞ୍ଚଗୋଟି– ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ। ଅନ୍ନମୟ କୋଷର ଅଭ୍ୟନ୍ତରରେ ପ୍ରାଣମୟ, ପ୍ରାଣମୟ କୋଷ ଭିତରେ ମନ, ମନୋମୟ କୋଷ ଭିତରେ ବିଜ୍ଞାନମୟ ଏବଂ ତା' ଭିତରେ ଆନନ୍ଦମୟ କୋଷ ବିଦ୍ୟମାନ। ଅନ୍ନରସଦ୍ୱାରା ଗଠିତହେତୁ ଏହି କୋଷର ନାମ ଅନ୍ନମୟ କୋଷ ଏବଂ ଏହି କୋଷାଧିଷ୍ଠିତ ଚୈତନ୍ୟଙ୍କର ନାମ ବୈଶ୍ୱାନର ଚୈତନ୍ୟ। ପଞ୍ଚକର୍ମେନ୍ଦ୍ରିୟଯୁକ୍ତ ପଞ୍ଚପ୍ରାଣକୁ ପ୍ରାଣମୟ କୋଷ କୁହାଯାଏ। ପଞ୍ଚଜ୍ଞାନେନ୍ଦ୍ରିୟଯୁକ୍ତ ମନର ନାମ ମନୋମୟ କୋଷ। ଏହି କୋଷ ଅନ୍ତର ମଧ୍ୟରେ ଓ ବାହାରେ ଗମନାଗମନକ୍ଷମ। ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ବୁଦ୍ଧି ମିଳିତ ହୋଇ ବିଜ୍ଞାନମୟ କୋଷର

ସୃଷ୍ଟି । ପ୍ରିୟ, ମୋଦ, ପ୍ରମୋଦ, ବୃତ୍ତିମାନ ଅବ୍ୟକ୍ତ ଜୀବ ପ୍ରକୃତି ଅର୍ଥାତ୍ ସଞ୍ଚିତ କର୍ମସଂସ୍କାରର ନାମ ଆନନ୍ଦମୟ କୋଷ । ପ୍ରିୟର ଅର୍ଥ ଅଭିଳଷିତବସ୍ତୁ ଦର୍ଶନଜନିତ ସୁଖ । ମୋଦର ଅର୍ଥ ହେଲା ପୌନପୁନିକ ଭାବରେ ଜାତ ସୁଖ । ପ୍ରମୋଦ ଅର୍ଥାତ୍ ଆନନ୍ଦର ବିକାର ବା ବହିଃପ୍ରକାଶ ।

ଆନନ୍ଦମୟ କୋଷର ଅଭ୍ୟନ୍ତରରେ ହୃଦୟ କନ୍ଦରରେ ଜୀବାତ୍ମା ନିବାସ କରନ୍ତି । ତେଣୁ ଜୀବର ହୃଦୟ କନ୍ଦର ବ୍ୟତୀତ ଅନ୍ୟତ୍ର ଜ୍ଞାନର ଉପଲବ୍ଧି ହୋଇପାରେ ନାହିଁ । ଏହି କୋଷାଭିମାନୀ ଚୈତନ୍ୟଙ୍କର ନାମ ପ୍ରାଜ୍ଞ ଏବଂ ମନୋମୟ, ପ୍ରାଣମୟ ଓ ବିଜ୍ଞାନମୟ କୋଷର ଅଧିପତି ଚୈତନ୍ୟଙ୍କର ନାମ ତୈଜସ । ଜାଗ୍ରତ ଅବସ୍ଥାରେ ଜ୍ଞାନସ୍ୱରୂପ ଜୀବାତ୍ମାଙ୍କର ଚାରିଗୋଟି କୋଷର ଅଭିମାନ ପ୍ରବଳ ହୋଇଥାଏ । ଏହି ଅଭିମାନକୁ ବିଶ୍ୱ କୁହାଯାଏ । ସ୍ୱପ୍ନାବସ୍ଥାରେ ଅନ୍ନମୟ କୋଷ ଓ ଇନ୍ଦ୍ରିୟ ବ୍ୟତୀତ ଅବଶିଷ୍ଟ ଚତୁର୍ବିଧ କୋଷର ଅଭିମାନ ବିଦ୍ୟମାନ ଥିବାରୁ ସେହି ଅଭିମାନକୁ ତୈଜସ କୁହାଯାଏ । ଏହି ପଞ୍ଚକୋଷ ମାଧ୍ୟମରେ ଅଭିମାନାତ୍ମକ ଅଭିବ୍ୟକ୍ତିକୁ ଅର୍ଥାତ୍ ପ୍ରାଜ୍ଞ, ତୈଜସ ଓ ବିଶ୍ୱଭାବକୁ ଜୀବଭୂତ କୁହାଯାଏ । ଏହି ଜୀବଭୂତକୁ ଗୀତାରେ ପରାପ୍ରକୃତି କୁହାଯାଇଛି । ଏହି ଜୀବଭୂତ ଜଗତର ପ୍ରତିଷ୍ଠା ସାଧନ କରେ । ସାଧନାଦ୍ୱାରା ଏହି ଦେହକୁ ଲୟ କରାଯାଏ ସତ୍ୟ; ମାତ୍ର ସ୍ଥୂଳଦେହ ବ୍ୟତୀତ ସାଧନା ସମ୍ଭବ ନୁହେଁ । ତେଣୁ ଏହି ପୃଥିବୀ ଏବଂ ସ୍ଥୂଳଦେହ ହିଁ ସାଧନାର ଉପଯୁକ୍ତ କ୍ଷେତ୍ର ।

(୯୪୦) ଜୀବାତ୍ମାଙ୍କର ତ୍ରିବିଧ ଦେହ : ସ୍ଥୂଳ, ସୂକ୍ଷ୍ମ, କାରଣ ଭେଦରେ ଜୀବାତ୍ମାଙ୍କର ତିନିଗୋଟି ପ୍ରକୋଷ୍ଠ ବିଦ୍ୟମାନ । ଏହି ପ୍ରକୋଷ୍ଠତ୍ରୟ ପଞ୍ଚକୋଷଦ୍ୱାରା ଆବୃତ । ସ୍ଥୂଳଦେହ ଅନ୍ନମୟ କୋଷଦ୍ୱାରା, ସୂକ୍ଷ୍ମଦେହ ପ୍ରାଣମୟ, ମନୋମୟ ଓ ବିଜ୍ଞାନମୟ କୋଷଦ୍ୱାରା ଏବଂ କାରଣ ଦେହ ଆନନ୍ଦମୟ କୋଷଦ୍ୱାରା ଆବୃତ ।

(୯୪୧) ସ୍ଥୂଳଦେହ : ପଞ୍ଚୀକୃତ ପଞ୍ଚମହାଭୂତରୁ ସ୍ଥୂଳଦେହ ଗଠିତ ହୋଇଅଛି । ପଞ୍ଚୀକୃତ ପଞ୍ଚମହାଭୂତ ଏକତ୍ର ସମ୍ମିଳିତ ହୋଇ ଇନ୍ଦ୍ରିୟ ଅଧିଷ୍ଠାନ ଓ ଭୋଗର କ୍ଷେତ୍ରସ୍ୱରୂପ ଗୋଟିଏ ପଦାର୍ଥର ସୃଷ୍ଟି ହୁଏ । ଏହା ହିଁ ସ୍ଥୂଳଦେହ ନାମରେ ଅଭିହିତ । ଏହା ବ୍ୟଷ୍ଟି ସମଷ୍ଟି ଭେଦରେ ଦୁଇ ପ୍ରକାର । ପ୍ରତ୍ୟେକ ଜୀବଦେହକୁ ବ୍ୟଷ୍ଟି ଦେହ ଏବଂ ସମଷ୍ଟି ସ୍ଥୂଳଦେହକୁ ବିରାଟ ଦେହ କୁହାଯାଏ ।

(୯୪୨) ସୂକ୍ଷ୍ମଦେହ : ଅପଞ୍ଚୀକୃତ ପଞ୍ଚମହାଭୂତର ସଂଯୋଜନ ଓ ସଞ୍ଚିତ

କର୍ମସଂସ୍କାରମୂଳକ କାରଣ ଦେହରୁ ପ୍ରାରବ୍ଧ ସଂସ୍କାର ପ୍ରଭାବରେ ସୂକ୍ଷ୍ମଦେହ ଗଠିତ ହୁଏ । ଏହା ସପ୍ତଦଶ ଅବୟବଯୁକ୍ତ । ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚପ୍ରାଣ, ମନ ଓ ବୁଦ୍ଧି—ଏହି ସବୁ ମିଶି ସୂକ୍ଷ୍ମଦେହ ବା ଲିଙ୍ଗ ଦେହ ଗଠିତ । ଏହି ଦେହ ମଧ୍ୟ ତ୍ରିଗୁଣରେ ଗଠିତ । ଏହାର ଭୂତଗୁଡ଼ିକ ନିରାକାରହେତୁ ଏହି ଦେହ ମଧ୍ୟ ଅମୂର୍ତ୍ତ । ସୂକ୍ଷ୍ମଦେହ ବ୍ୟଷ୍ଟି ସମଷ୍ଟି ଭେଦରେ ଦୁଇପ୍ରକାର । ପ୍ରତ୍ୟେକ ଜୀବର ସୂକ୍ଷ୍ମ ଦେହକୁ ତୈଜସ ଓ ସମଷ୍ଟି ସୂକ୍ଷ୍ମ ଶରୀରକୁ ହିରଣ୍ୟଗର୍ଭ କୁହାଯାଏ ।

(୯୪୩) କାରଣ ଦେହ : ସ୍ଥୁଳ ଓ ସୂକ୍ଷ୍ମଦେହର ଅବ୍ୟକ୍ତ ଜୀବ ପ୍ରକୃତିକୁ କାରଣ ଦେହ ଅର୍ଥାତ୍ ସଞ୍ଚିତ କର୍ମସଂସ୍କାରକୁ କାରଣ ଦେହ କୁହାଯାଏ । ଏହି ଦେହ ମଧ୍ୟ ବ୍ୟଷ୍ଟି ସମଷ୍ଟି ଭେଦରେ ଦୁଇ ପ୍ରକାର । ପିଣ୍ଡରେ ବ୍ୟଷ୍ଟି ଦେହ ଓ ବ୍ରହ୍ମାଣ୍ଡରେ ଏହାର ନାମ 'ଅବ୍ୟାକୃତ' । ପ୍ରକୃତି ଶବ୍ଦର ଅର୍ଥ ବ୍ୟକ୍ତ କାର୍ଯ୍ୟୋତ୍ପତ୍ତିର ଯାହା ଅବ୍ୟକ୍ତ କାରଣ । ଏହି ଦେହର ପ୍ରାରବ୍ଧ ବାସନାରୁ ସୂକ୍ଷ୍ମଦେହର ଉତ୍ପତ୍ତି, ସୂକ୍ଷ୍ମକାର୍ଯ୍ୟ । କାରଣ ଦେହ ଏହାର କାରଣ ବା ମୂଳ । ପୁଣି ସୂକ୍ଷ୍ମଦେହର କାରଣ ରୂପରେ ରହି ସ୍ଥୁଳର ଉତ୍ପତ୍ତି । ଏହି ପ୍ରକାରରେ କାର୍ଯ୍ୟ କାରଣରୂପରେ ଜୀବ ପ୍ରକୃତି ଅର୍ଥାତ୍ ସଞ୍ଚିତ କର୍ମସଂସ୍କାର ଅବସ୍ଥିତ । ଜୀବର ଜନ୍ମ ସମୟରେ ଏହି କାରଣ ଦେହ ପ୍ରାରବ୍ଧ ସଂସ୍କାରରୁ ସୂକ୍ଷ୍ମଦେହକୁ ନେଇ ସ୍ଥୁଳଦେହରେ ପ୍ରବେଶ କରେ ଏବଂ ମୃତ୍ୟୁ ସମୟରେ ପ୍ରାରବ୍ଧ କ୍ଷୟହେତୁ କାରଣ ଦେହ ସ୍ଥୁଳଦେହ ତ୍ୟାଗ କରି ନୂତନ ପ୍ରାରବ୍ଧମୂଳକ ସୂକ୍ଷ୍ମଦେହକୁ ସଙ୍ଗରେ ଧରି ଉପରକୁ ଉଠେ । କାରଣ ଦେହକୁ ଛାଡ଼ି ସୂକ୍ଷ୍ମଦେହ କେବେ ହେଲେ ରହିପାରେ ନାହିଁ ।

ଯେପରି କ୍ଷୁଦ୍ର ବୀଜରୁ ବୃହତ୍ ବୃକ୍ଷର ଉତ୍ପତ୍ତି, ସେହିପରି କାରଣ ଦେହରୁ କ୍ରମେ ସୂକ୍ଷ୍ମଦେହ ଏବଂ ସୂକ୍ଷ୍ମ ଦେହରୁ ସ୍ଥୁଳଦେହର ଉତ୍ପତ୍ତି ବିସ୍ତାର ଘଟିଥାଏ । ପ୍ରତିଦିନ ସୁଷୁପ୍ତି ଅବସ୍ଥାରେ ସୂକ୍ଷ୍ମ ଦେହ କାରଣ ଦେହରେ ସୁପ୍ତ ହୁଏ ଏବଂ ଜାଗ୍ରତ ଅବସ୍ଥାରେ ପୁନରାୟ ପ୍ରକାଶିତ ହୁଏ । ଏହି କାରଣ ଦେହକୁ ଗୀତାରେ ଅନାଦି କୁହାଯାଇଛି । ଅନାଦି ହେଲେ ମଧ୍ୟ ଏହି ଦେହ ଅନନ୍ତ ନୁହେଁ । ସାଧନାଦ୍ୱାରା ଆତ୍ମାସାକ୍ଷାତ୍କାର ଲାଭ ହେଲେ ଏହି ଦେହର ଲୟ ହୁଏ ।

(୯୪୪) ଜୀବର ତ୍ରିବିଧ ଅବସ୍ଥା : ଇନ୍ଦ୍ରିୟ ମାଧ୍ୟମରେ ବାହ୍ୟବିଷୟପ୍ରତୀତିର ନାମ ଜାଗ୍ରତାବସ୍ଥା । ଇନ୍ଦ୍ରିୟ ବାହ୍ୟ ବିଷୟଗ୍ରହଣରୁ ବିରତ ହୋଇ ଜାଗ୍ରତର ସଂସ୍କାର ସମୁଦ୍ଭୂତ ପ୍ରତୀତ ହେଲେ ବିଷୟ ସହିତ ସେହି

ପ୍ରତୀତିକୁ ସ୍ୱପ୍ନାବସ୍ଥା କୁହାଯାଏ । ସବୁ ପ୍ରକାର ପ୍ରତୀତି ଉପସଂହୃତ ହେଲେ ପ୍ରାରବ୍ଧ ସଂସ୍କାରମୂଳକ ଅନ୍ତଃକରଣର ସ୍ୱୀୟ କାରଣ ଦେହର ସୁପ୍ତ ଭାବରେ ଅବସ୍ଥିତିକୁ ସୁଷୁପ୍ତି ଅବସ୍ଥା କୁହାଯାଏ । ଜାଗ୍ରତ, ସ୍ୱପ୍ନ, ପ୍ରାରବ୍ଧ ସଂସ୍କାରରୁ ଏବଂ ସୁଷୁପ୍ତି ସଞ୍ଚିତ ସଂସ୍କାରରୁ ଘଟିଥାଏ । ଜାଗ୍ରତରେ ମନର ଯେଉଁ ଅଭିବ୍ୟକ୍ତି, ତାହାକୁ କୁହାଯାଏ ବିଶ୍ୱ, ସ୍ୱପ୍ନାବସ୍ଥାର ଅନୁଭବ ଶକ୍ତିର ନାମ ତୈଜସ ଏବଂ ସୁଷୁପ୍ତିର ଅଭିବ୍ୟକ୍ତ ଚୈତନ୍ୟକୁ ପ୍ରାଜ୍ଞ ବୋଲି ଜାଣିବ ।

(୯୪୫) କର୍ମଶକ୍ତି : ଏ ଜଗତରେ କର୍ମଫଳର ଶକ୍ତି ଅନିବାର୍ଯ୍ୟ । ଏହି କର୍ମସୂତ୍ରକୁ ଅବଲମ୍ବନ କରି ଏ ଜଗତ ପରିଚାଳିତ ହେଉଅଛି । ବିଶ୍ୱ ପ୍ରକୃତିର ନିୟମରେ ବାଧ ହୋଇ ମନୁଷ୍ୟ ସ୍ୱକୃତ କର୍ମଫଳ ଭୋଗ କରିଥାଏ । ସ୍ୱକର୍ମ ପ୍ରତିକୂଳ ଥିଲେ କେହି ବାହାରୁ କିଛି ସାହାଯ୍ୟ କଲେ ମଧ ତାହା ସାଧକ ଭୋଗ କରିପାରନ୍ତି ନାହିଁ । ସ୍ୱକର୍ମ ପ୍ରତିକୂଳ ଥିଲେ କେବଳ ପ୍ରାର୍ଥନାଦ୍ୱାରା କେହି କିଛି ଲାଭ କରିପାରନ୍ତି ନାହିଁ । କେହି ଦୟା କରି କିଛି ପ୍ରଦାନ କଲେ ସାଧକ ତାହା ଗ୍ରହଣ କରିବାକୁ ଇଚ୍ଛା କରନ୍ତି ନାହିଁ । ଗ୍ରହଣ କଲେ ମଧ ସାଧକ ତାହା ଧରି ରଖିପାରନ୍ତି ନାହିଁ । ତେଣୁ ମାନବ ତାହାର କର୍ମଫଳରୁ ଭାଗ୍ୟ, ଅର୍ଥ, ଯଶଃ, ସୁଖ, ଉନ୍ନତି, ଅବନତି, ଶାନ୍ତି ଭୋଗ କରିଥାଏ ଏବଂ ପାରିପାର୍ଶ୍ୱିକ ଅବସ୍ଥା ଲାଭ କରିଥାଏ । ସୌଭାଗ୍ୟ, ମୁକ୍ତି, ମୋକ୍ଷ ସମସ୍ତ କର୍ମଫଳସାପେକ୍ଷ । ତେଣୁ ଅପରର ଦୋଷକୀର୍ତ୍ତନ ଅଜ୍ଞତାର ପରିଚାୟକ । ଭଗବତ୍ ପ୍ରାର୍ଥନା ମଧ ଏକପ୍ରକାରର କର୍ମ । ସେହି ପ୍ରାର୍ଥନା ଫଳରେ ସକାମ ପ୍ରାର୍ଥୀର କାମନା ପୂର୍ଣ୍ଣ ହୁଏ । ତେଣୁ କର୍ମର ଶକ୍ତି ଅବିନଶ୍ୱର । କିନ୍ତୁ କର୍ମଫଳର କ୍ଷୟ ଅଛି । ସଞ୍ଚିତ କର୍ମ ସାଧନାଦ୍ୱାରା, ପ୍ରାରବ୍ଧ କର୍ମଫଳ ଭୋଗଦ୍ୱାରା ଏବଂ କ୍ରିୟାମାଣ କର୍ମ ତ୍ୟାଗ ଓ ସଂଯମଦ୍ୱାରା କ୍ଷୟ ପ୍ରାପ୍ତ ହୁଏ । ଏହି ଭାବରେ ଜୀବ ତ୍ରିବିଧ କର୍ମଶକ୍ତିରୁ ମୁକ୍ତିଲାଭ କରି ସ୍ୱରୂପ ଲାଭ କରିଥାଏ । ଯେ ପର୍ଯ୍ୟନ୍ତ କର୍ମକ୍ଷୟ ନ ହୋଇଛି ସେପର୍ଯ୍ୟନ୍ତ ଜୀବର ବନ୍ଧନ ଅଛି । କର୍ମକ୍ଷୟ ହେଲେ ମୋକ୍ଷ ଲାଭ ହୁଏ । ତେଣୁ ଶ୍ରୀଗୁରୁଦେବଙ୍କ ଆଦେଶରେ କର୍ମ କରି ଗୁଣ କ୍ଷୟ କରିବା ଉଚିତ୍ ।

(୯୪୬) ଭଗବତ୍‌ଶକ୍ତି : ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶଃ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ—ଏହି ଷଡ଼ଗୁଣ ବା ଧର୍ମ ଯାହାଙ୍କଠାରେ ବିଦ୍ୟମାନ ଥାଏ, ତାଙ୍କୁ ଭଗବାନ କୁହାଯାଏ । ତେଣୁ ଯେକୌଣସି ମାନବାକାର ଦେବତା, ଋଷି ବା

ମହାତ୍ମାଙ୍କୁ ଭଗବାନ କୁହାଯାଏ । ପୂର୍ଣ୍ଣ ଈଶ୍ୱରଙ୍କୁ ଭଗବାନ କୁହାଯାଏ ନାହିଁ । କାରଣ ସେ ଅମୂର୍ତ୍ତ, ସେ ବ୍ରହ୍ମାଣ୍ଡରେ ରୂପବିଶିଷ୍ଟ ହେଲେ ମଧ୍ୟ ମାନନୀୟ ଭାବରେ ନିରାକାର ହୋଇ ଅବସ୍ଥାନ କରନ୍ତି । ଈଶ୍ୱରଙ୍କର ରୂପ, ଗୁଣ, ଶକ୍ତି, ଭାବ ଓ ମୂର୍ତ୍ତି ସାଧାରଣ ମାନବ ବାହ୍ୟ ଇନ୍ଦ୍ରିୟ ବା ବୃଦ୍ଧିଦ୍ୱାରା ଅନୁଭବ କରିପାରନ୍ତି ନାହିଁ । ଉକ୍ତ ଷଡ଼ୈଶ୍ୱର୍ଯ୍ୟ ଈଶ୍ୱରଙ୍କଠାରେ ପୂର୍ଣ୍ଣମାତ୍ରାରେ ଏପରି ବିସ୍ତୃତ ଭାବରେ ବିରାଜିତ ଯେ ତାହା ମାନବ ବୁଦ୍ଧିର ଅଗମ୍ୟ । ପୂର୍ଣ୍ଣ ଈଶ୍ୱର ତ ଦୂରର କଥା ! ଆମମାନଙ୍କର ସୂର୍ଯ୍ୟ-ନାରାୟଣ ଶକ୍ତି ଓ ଐଶ୍ୱର୍ଯ୍ୟ ଏତେ ବିରାଟ ଯେ ତାହା ମାନବବୁଦ୍ଧିରେ ଜଡ଼ପିଣ୍ଡ ବୋଲି ବୋଧହୁଏ । ତେଣୁ ଈଶ୍ୱରଙ୍କୁ ବ୍ୟକ୍ତ ଭଗବାନ କୁହାଯାଏ ନାହିଁ । ତାଙ୍କୁ ପୂର୍ଣ୍ଣ ଭଗବାନ, ସତ୍ୟ ଓ ଅବ୍ୟକ୍ତ ଭଗବାନ ବୋଲି ଶାସ୍ତ୍ର କୀର୍ତ୍ତନ କରିଛନ୍ତି । ଉପରୋକ୍ତ ଷଡ଼ବିଧ ଭଗବତ୍ ଶକ୍ତି ଓ ଐଶ୍ୱର୍ଯ୍ୟ କୌଣସି ଦେହଧାରୀ ଋଷି, ଗୁରୁ କିମ୍ବା ମହାପୁରୁଷଙ୍କଠାରେ ଦେଖାଦେଲେ ଏବଂ ତାହା ମାନବୀୟ ଜ୍ଞାନରେ ଅନୁଭୂତ ହେଲେ ତାଙ୍କୁ ଭଗବାନ କୁହାଯାଏ । ଅତଏବ ପରମାତ୍ମ ଚୈତନ୍ୟଙ୍କୁ ପୂର୍ଣ୍ଣ ଭଗବାନ ବା ଅବ୍ୟକ୍ତ ନିରାକାର ଭଗବାନ ଏବଂ ମାନବାକାର ମହାପୁରୁଷମାନଙ୍କୁ ପ୍ରକୃତ ଭଗବାନ କୁହାଯାଏ । କିନ୍ତୁ ଯେଉଁମାନେ ଭକ୍ତ ଓ ସାଧକ, ସେମାନଙ୍କୁ ଭଗବାନ କୁହାଯାଏ ନାହିଁ । ଯେଉଁ ମହାତ୍ମା ଜ୍ଞାନ, ଯୋଗ, ତନ୍ତ୍ର, ପ୍ରେମ ପ୍ରଭୃତି ଚତୁର୍ବିଧ ସାଧନାରେ ସିଦ୍ଧ, ସେହି ମହାତ୍ମାଙ୍କୁ ଶାସ୍ତ୍ରରେ ପ୍ରକୃତ ଭଗବାନ ଆଖ୍ୟା ପ୍ରଦାନ କରାଯାଇଛି । ସେ ବ୍ରହ୍ମବିଦ୍ ଏବଂ ବ୍ରହ୍ମଙ୍କ ସହିତ ଅଭିନ୍ନ ଭାବରେ ବିରାଜିତ ରହି ଜୀବହିତ ନିମିତ୍ତ କର୍ମ କରନ୍ତି, ତାଙ୍କୁ ଭଗବାନ କୁହାଯାଏ । ତେଣୁ ଜ୍ଞାନୀଗୁରୁ ହିଁ ଭଗବାନ ପଦବାଚ୍ୟ । ଯେ ସମାଧିରେ ଧ୍ୟାନ ଭାବରେ ପ୍ରତିଷ୍ଠିତ, ଯେ ସ୍ଥିତପ୍ରଜ୍ଞ ଏବଂ ଯେ ଅଣିମାଦି ଅଷ୍ଟ ଐଶ୍ୱର୍ଯ୍ୟ ଲାଭ କରି ଗୁରୁଭାବରେ ଜୀବ ଉଦ୍ଧାର କରନ୍ତି, ତାଙ୍କୁ କୁହାଯାଏ ଭଗବାନ । ଐଶ୍ୱର୍ଯ୍ୟ ଓ ଜ୍ଞାନ ଏହି ଦୁଇଟି ଶ୍ରେଷ୍ଠ ଧର୍ମ । ପୁନଶ୍ଚ ଶକ୍ତି ଲାଭ କରି ଯେ ଜୀବହିତରେ ନିୟତ କର୍ମ କରନ୍ତି, ତାଙ୍କୁ ମଧ୍ୟ କୁହାଯାଏ ଭଗବାନ । ଯୋଗରେ ଶକ୍ତି ଲାଭ କରି ସେହି ଶକ୍ତିଙ୍କୁ ଲୋକହିତ ନିମିତ୍ତ ପ୍ରୟୋଗ କଲେ ସେଥିରେ ଯଶ ଓ ଶ୍ରୀ ଲାଭ ହୁଏ । ଶ୍ରୀ ଅର୍ଥ ମଙ୍ଗଳ, ପ୍ରେମ ଓ କରୁଣାକୁ ବୁଝାଏ । ଯେ ସର୍ବଦା ବିଶ୍ୱଜଗତର କଲ୍ୟାଣ କର୍ମରେ ନିରତ, ଯେ ଜଗଦ୍‌ଗୁରୁଙ୍କ ଗଣ, ଯେ ଜୀବ ପ୍ରତି ପରମ ପ୍ରେମମୟ ଓ କରୁଣାମୟ, ତାଙ୍କୁ ଭଗବାନ କୁହାଯାଏ ।

ଯଶ, ଶ୍ରୀ ଓ ବୀର୍ଯ୍ୟ ସହିତ ଜ୍ଞାନ ଓ ବୈରାଗ୍ୟ ଯାହାଙ୍କଠାରେ ନାହିଁ, ତାଙ୍କୁ ଭଗବାନ କୁହାଯାଏ ନାହିଁ । ଅତଏବ ଭଗବାନଙ୍କର ଶ୍ରେଷ୍ଠ ଗୁଣ ହେଉଛି ଭକ୍ତିଜନିତ ପରମ ବୈରାଗ୍ୟ ବା ଈଶ୍ୱରାନୁରାଗ । ଯାହାଙ୍କର ଈଶ୍ୱରଙ୍କଠାରେ ଭକ୍ତି; ବ୍ରହ୍ମ, ଆତ୍ମା ଓ ଈଶ୍ୱରଙ୍କ ପ୍ରତି ପ୍ରୀତି, ଶ୍ରଦ୍ଧା ଓ ବିନୟଯୁକ୍ତ ଆତ୍ମସମର୍ପଣ ନାହିଁ, ସେ ଭଗବାନ ହୋଇପାରନ୍ତି ନାହିଁ । ଅତଏବ ଆତ୍ମଜ୍ଞାନର, ଯୋଗଶକ୍ତିର, ଭକ୍ତି ଏବଂ ପ୍ରେମପୂର୍ଣ୍ଣ ବିଶ୍ୱପ୍ରେମର ପରାକାଷ୍ଠା ଯେଉଁ ମହାତ୍ମାଙ୍କଠାରେ ବିଦ୍ୟମାନ, ତାଙ୍କୁ ଭଗବାନ କୁହାଯାଏ ଏବଂ ତାଙ୍କ ଶକ୍ତିକୁ କୁହାଯାଏ ଭଗବତ୍ ଶକ୍ତି ।

(୯୪୭) ତ୍ରିବିଧଶକ୍ତି : ଶାସ୍ତ୍ରରେ ଭୂତଭାବ (କାରଣ), ଜଗତ୍‌ଭାବ (ସୂକ୍ଷ୍ମ), ଜୀବ ଦେହଭାବ (ସ୍ଥୂଳ) ଅର୍ଥାତ୍ ସ୍ଥୂଳ, ସୂକ୍ଷ୍ମ ଓ କାରଣ ଏହି ତ୍ରିବିଧ ଶକ୍ତି ବିଷୟ ଉଲ୍ଲେଖ ଅଛି । ପ୍ରଥମତଃ ସୂକ୍ଷ୍ମଶକ୍ତି ଅର୍ଥ କ୍ଷୁଦ୍ରଶକ୍ତି ନୁହେଁ । ଯାହା ଅଣୁ ବା ଅତି କ୍ଷୁଦ୍ର ହୋଇ ମଧ୍ୟ ତରଳ, ଲଘୁ ଓ କୋମଳ, ତାହାକୁ ସୂକ୍ଷ୍ମ କୁହାଯାଏ । ଅତଏବ ଅଣୁଭାବ, ଲଘୁଭାବ, ଦୁର୍ବଳଭାବ, କୋମଳଭାବ ଏବଂ ତରଳଭାବ—ଏହି ପଞ୍ଚବିଧ ଅବସ୍ଥାକୁ ସୂକ୍ଷ୍ମଶକ୍ତି କୁହାଯାଏ । ସ୍ଥୂଳ ଭାବ ସୂକ୍ଷ୍ମଭାବର ବିପରୀତ । ଯାହା ବୃହତ୍, ଭାରୀ, ଯାହା ଶକ୍ତ ବା କଠିନ ଏବଂ ଯାହା ଘନ, ତାହାକୁ ସ୍ଥୂଳ କୁହାଯାଏ । ଭୂତ ବା ଦେହର ଯେଉଁ ଅଂଶ ଜଡ଼, ତାକୁ ସ୍ଥୂଳ କୁହାଯାଏ । ତାପରେ ଯାହାଙ୍କଠାରୁ ସ୍ଥୂଳ-ସୂକ୍ଷ୍ମ ଭାବର ଉତ୍ପତ୍ତି, ତାଙ୍କର ନାମ କାରଣ । ପୁନଶ୍ଚ, କାରଣ ଶବ୍ଦର ଅର୍ଥ— କର୍ମ, ସ୍ୱଭାବ, ପ୍ରକୃତି ଅର୍ଥାତ୍ ସୁସୂକ୍ଷ୍ମ ଶକ୍ତି । ଅତଏବ ସ୍ୱଭାବ ଦେହ ସୁସୂକ୍ଷ୍ମ, ଭୌତିକ ଦେହ ସ୍ଥୂଳ ଏବଂ ସ୍ଥୂଳ-ସୂକ୍ଷ୍ମର ଆଶ୍ରୟସ୍ୱରୂପ କର୍ମମୟ ଦେହକୁ କାରଣ ଦେହ କୁହାଯାଏ । ଏହି ତ୍ରିବିଧ ଦେହକୁ ତ୍ରିବିଧଶକ୍ତି କୁହାଯାଏ ।

(୯୪୮) ପଞ୍ଚପ୍ରାଣଶକ୍ତି : ପ୍ରାଣ=ପ୍ର (ଉତ୍କୃଷ୍ଟ)+ଅନ୍‌ଧାତୁ (ବଞ୍ଚିରହିବା)+ଅଲ୍= ଯେଉଁ ବାୟୁ ସାହାଯ୍ୟରେ ମନୁଷ୍ୟ ପ୍ରାଣ ଧାରଣ କରେ ତାହାର ନାମ ପ୍ରାଣବାୟୁ । ଅପାନ=ଅପ୍ (ନିମ୍ନ, ନିକୃଷ୍ଟ, ଉତ୍ସର୍ଜନ)+ ଅନ୍ (ବଞ୍ଚିବା)+ଅଲ୍= ଯେଉଁ ବାୟୁ ଶରୀରର ନିମ୍ନପ୍ରଦେଶରେ ଅବସ୍ଥାନ କରେ, ଯେଉଁ ବାୟୁର ତ୍ୟାଗଦ୍ୱାରା ଜୀବନ ରକ୍ଷା ହୁଏ, ଯେଉଁ ବାୟୁ ଗ୍ରହଣ କରି ଜୀବନ ଧାରଣ କରାଯାଏ, ତାହାର ନାମ ପ୍ରାଣ ଏବଂ ଯେଉଁ ବାୟୁ ତ୍ୟାଗଦ୍ୱାରା ଜୀବର ପ୍ରାଣରକ୍ଷା ହୁଏ, ତାହାକୁ ଅପାନ କୁହାଯାଏ । ପ୍ରାଣବାୟୁ କେବେହେଲେ ନାଭିତଳକୁ ଏବଂ ଅପାନବାୟୁ

କେବେହେଲେ ନାଭି ଉପରକୁ ଯାଇପାରେ ନାହିଁ । କାରଣ, ନାଭିରେ ସମାନବାୟୁ ଅବସ୍ଥାନ କରି ଏମାନଙ୍କୁ ପରସ୍ପର ପୃଥକ୍ କରିଦିଏ । ଯେତେବେଳେ ଏହି ମଧ୍ୟସ୍ଥ ସମାନ ବାୟୁର ଶକ୍ତି ହ୍ରାସପ୍ରାପ୍ତ ହୁଏ, ସେତେବେଳେ ପ୍ରାଣ ଓ ଅପାନ ମିଶିଯାଇ ଜୀବର ମୃତ୍ୟୁ ସଂଘଟନ କରନ୍ତି । କୌଣସି କୌଣସି ଶାସ୍ତ୍ରରେ ନିଶ୍ୱାସକୁ ପ୍ରାଣବାୟୁ ଏବଂ ପ୍ରଶ୍ୱାସକୁ ଅପାନବାୟୁ ବୋଲି ଅଭିହିତ କରାଯାଇଅଛି । ତେଣୁ ପଞ୍ଚପ୍ରାଣଶକ୍ତିଦ୍ୱାରା ଜୀବନ ପରିଚାଳିତ ହେଉଅଛି ।

(୯୪୯) ତୈଜଶକ୍ତି : ଭୁବଃ ଓ ସ୍ୱ ନାମକ ସୂକ୍ଷ୍ମଲୋକଦ୍ୱୟ ତତ୍ରତ୍ୟ ଭୂତପଞ୍ଚକ, ଜୀବଦେହର ଗଠନ ଏବଂ ପଦାର୍ଥଗୁଡ଼ିକ ଶକ୍ତିମୟ, ତେଜୋମୟ । ମହଃ ଓ ଜନଲୋକକୁ କାରଣଲୋକ କୁହାଯାଏ । ସେ ସ୍ଥାନରେ ଦେହ ଓ ପଦାର୍ଥ ଜ୍ୟୋତିର୍ମୟ । ତେଣୁ ସୂକ୍ଷ୍ମ ଲୋକବାସୀଙ୍କ ଆତ୍ମାକୁ ତୈଜସାତ୍ମା ଏବଂ କାରଣଲୋକବାସୀ ଜୀବଗଣଙ୍କ ଆତ୍ମାକୁ ଦେବତା କୁହାଯାଏ । ତେଜଃ+ଷ=ତୈଜସ୍ । ଯେଉଁଥିରେ ତେଜ ଅର୍ଥାତ୍ ଉତ୍ତାପ ବିଦ୍ୟମାନ, ତାହାକୁ ତୈଜସ୍ କୁହାଯାଏ । ତେଜ ଶବ୍ଦର ଅର୍ଥ ଶକ୍ତି, ସ୍ପନ୍ଦନ, କର୍ମ ବା କ୍ରିୟା, ଉତ୍ତାପ ଏବଂ ରଜୋଗୁଣକୁ ବୁଝାଏ । ସୂକ୍ଷ୍ମଲୋକବାସୀ ପ୍ରାଣୀମାନଙ୍କର ଏବଂ ସେ ସ୍ଥାନର ପଦାର୍ଥମାନଙ୍କରେ ଏହି ପଞ୍ଚ ଅବସ୍ଥା ବିଦ୍ୟମାନ । ତେଣୁ ସୂକ୍ଷ୍ମଲୋକବାସୀଙ୍କ ଦେହ ରଜୋଗୁଣ ହେତୁ ଅତିଶୟ ବିକ୍ଷିପ୍ତ ଓ ରିପୁତାଡ଼ନାରେ ଅସ୍ଥିର ଥାଏ ।

(୯୫୦) ଦୈବଶକ୍ତି : ଦିନ୍ + ଷ୍ଣ = ଦୈବ । ଦିବ୍ ଏହି ଶକ୍ତିର ଅର୍ଥ– (୧) ଦ୍ୟୁତି ବା ଜ୍ୟୋତିଃ, (୨) ଜ୍ଞାନାଲୋକ, (୩) ସ୍ଥିରକ୍ରିୟା ଭାବ ଓ (୪) ସତ୍ତ୍ୱଗୁଣ । କାରଣଲୋକବାସୀ ସତ୍ତାମାନଙ୍କର ଦେହ ଏହି ଚାରି ଭାବସମ୍ପନ୍ନ ବୋଲି ସେମାନେ ସର୍ବଦା ସ୍ଥିର ଭାବରେ କର୍ମନିରତ ଥାନ୍ତି ଏବଂ ବହୁବିଧ ସୂକ୍ଷ୍ମତତ୍ତ୍ୱଜ୍ଞାନ ଓ ଆତ୍ମଜ୍ଞାନଦ୍ୱାରା ପୂର୍ଣ୍ଣ ରହିଛନ୍ତି । ତେଣୁ କାରଣଲୋକବାସୀମାନଙ୍କୁ ଦେବତା ଏବଂ ସୂକ୍ଷ୍ମଲୋକବାସୀମାନଙ୍କୁ ପ୍ରେତ କୁହାଯାଏ । ପ୍ର+ଇ (ଗମନକରିବା) +କ୍ତ=ପ୍ରେତ । ଯେଉଁମାନଙ୍କର ସ୍ୱଭାବ ଚଞ୍ଚଳ, ସେମାନଙ୍କୁ ପ୍ରେତ କୁହାଯାଏ । ସେମାନେ ଚଞ୍ଚଳତା ହେତୁ ଯନ୍ତ୍ରଣା ଭୋଗ କରନ୍ତି ଏବଂ ସ୍ୱର୍ଲୋକବାସୀ ସୁଖଭୋଗରେ ମତ୍ତ ଥାଇ ଅସ୍ଥିର ଭାବରେ ବିରାଜିତ ରହନ୍ତି । ତେଣୁ ଚଞ୍ଚଳତା ହିଁ ଅଜ୍ଞାନ ଓ ଦୁଃଖର ମୂଳ କାରଣ । କାମାଦି ଷଡ଼ରିପୁଙ୍କର ପ୍ରଭାବ ଚିତ୍ତଚାଞ୍ଚଲ୍ୟର ପ୍ରଧାନ କାରଣ ହେତୁ ରିପୁବଶୀଭୂତ ମାନବଗଣ ମୃତ୍ୟୁପରେ ପ୍ରେତ କଷ୍ଟ ଭୋଗ କରନ୍ତି ।

ଯେଉଁମାନଙ୍କ ରିପୁ ବଶିଭୂତ, ସେମାନେ ସ୍ୱର୍ଲୋକ ଏବଂ ଜ୍ଞାନୀ ଯୋଗୀମାନେ କାରଣଲୋକ ବା ଉଚ୍ଚସ୍ୱର୍ଗ ଭୋଗ କରନ୍ତି ।

(୯୫୧) ଯୁଗଧର୍ମ ସାଧନ : ସାଧାରଣ ସାଧକମାନେ ନିଜକୁ ଭକ୍ତିଭାବରେ ପ୍ରତିଷ୍ଠିତ ରଖି ନିମ୍ନଲିଖିତ ସାଧନାଚାରଗୁଡ଼ିକ ଅନୁଶୀଳନ କରିବା କର୍ତ୍ତବ୍ୟ । ଏହା ହିଁ ବର୍ତ୍ତମାନର ଯୁଗଧର୍ମ ମଧ୍ୟରେ ଗଣ୍ୟ ।

(କ) ଯେକୌଣସି ସଦ୍‌ଗୁରୁଙ୍କ ଶରଣ ଗ୍ରହଣପୂର୍ବକ ସେହି ମହାପୁରୁଷଙ୍କର ଆଧ୍ୟାତ୍ମିକ ଉପାଦେଶାବଳୀ ପାଠକରିବା ଓ ଶ୍ରବଣ କରିବା ।

(ଖ) ସତ୍‌ସଙ୍ଗରେ ଯୋଗଦାନ ପୂର୍ବକ ନିଜର ଆଚରଣ ସଂଶୋଧନ କରିବା;

(ଗ) ଉପାସ୍ୟ ଭଗବନଙ୍କ ଠାରେ ଚିତ୍ତ ସମର୍ପଣ କରିବା;

(ଘ) ତାଙ୍କର ନାମ-ରୂପ-ଲୀଳାଦିର ଚିନ୍ତନ ଓ ଶ୍ରବଣ କୀର୍ତ୍ତନ କରିବା;

(ଙ) ଧ୍ୟାନଦ୍ୱାରା ଅନ୍ତରରେ ଦେବତାଙ୍କ ଦର୍ଶନ ଲାଭ କରିବା ପାଇଁ ଚେଷ୍ଟା କରିବା;

(ଚ) ନିର୍ଜ୍ଜନରେ ଭଗବତ୍ ଉପାସନା, ପ୍ରାର୍ଥନା, ବନ୍ଦନା କରିବା;

(ଛ) ତାଙ୍କୁ ଅନ୍ତରରେ ଲାଭ କରିବା ନିମିତ୍ତ ବ୍ୟାକୁଳତା ଅଭ୍ୟାସ କରିବା;

(ଜ) ତାଙ୍କ ଉଦ୍ଦେଶ୍ୟରେ ଜୀବସେବା ଓ ଶ୍ରୀବିଗ୍ରହଙ୍କର ପୂଜାର୍ଚ୍ଚନା କରିବା;

(ଝ) ଭଗବତ୍ ସ୍ୱରୂପ ଏବଂ ଆତ୍ମସ୍ୱରୂପ ନିରୂପଣ କରିବା;

(ଞ) ଜୀବ, ଜଗତ୍, ଈଶ୍ୱର, ସାଧନା, ବ୍ରହ୍ମ, ଆତ୍ମା ଓ ଭଗବତ୍ ବିଷୟକ ତତ୍ତ୍ୱାଲୋଚନା କରିବା;

(ଟ) ସଦ୍‌ଗୁରୁଙ୍କ ଉପଦେଶ ପ୍ରତିପାଳନ କରିବା;

(ଠ) ଇନ୍ଦ୍ରିୟସଂଯମ ଅଭ୍ୟାସ କରିବା;

(ଡ) ତାଙ୍କ ଦର୍ଶନ ନିମିତ୍ତ ଚିତ୍ତଶୁଦ୍ଧିମୂଳକ କର୍ମାନୁଷ୍ଠାନ କରିବା;

(ଢ) ସର୍ବଭୂତରେ ଭଗବତ୍ ଦର୍ଶନ ନିମିତ୍ତ ଚେଷ୍ଟା କରିବା;

(ଣ) ଧ୍ୟାନଧାରଣାର ଅଭ୍ୟାସ କରିବା;

(ତ) ନାମଜପାନୁଷ୍ଠାନ କରିବା ପ୍ରଭୃତି ଏହି ଆଚାରର ଅନ୍ତର୍ଗତ ।

(୯୫୨) ଦ୍ୱିବିଧ ଭକ୍ତି ସାଧନା : ଅନ୍ତରଙ୍ଗ ଓ ବହିରଙ୍ଗ ଭେଦରେ ଭକ୍ତି ସାଧନା ଦୁଇ ଭାଗରେ ବିଭକ୍ତ ।

(୯୫୩) ବହିରଙ୍ଗ ଭକ୍ତି ସାଧନା : ଭକ୍ତିଲାଭ ନିମିତ୍ତ ବା ଭଗବତ୍ ପ୍ରାପ୍ତି ନିମିତ୍ତ ଯେଉଁସବୁ ବାହ୍ୟାନୁଷ୍ଠାନ ବା ଆଚରଣ କରାଯାଏ, ତାହାକୁ ବହିରଙ୍ଗ ଭକ୍ତି ସାଧନ କୁହାଯାଏ । ଭଗବତ୍ ବିଷୟକ କଥା ଶ୍ରବଣ, କୀର୍ତ୍ତନ, ଅହିଂସା, ଦୟା, କ୍ଷମା, ସରଳତା, ସେବା, ଗୁରୁଶୁଶ୍ରୂଷା, ସାଧୁସଙ୍ଗ, ସତ୍ୟନିଷ୍ଠା, ଜ୍ଞାନାଲୋଚନା, ତତ୍ତ୍ୱାଲୋଚନା, ଶ୍ରୀବିଗ୍ରହସେବା, ଭକ୍ତସେବା, ଶାସ୍ତ୍ର ପ୍ରଚାର ବା ଶାସ୍ତ୍ର ପାଠ ପ୍ରଭୃତି ବହିରଙ୍ଗ ଭକ୍ତି ସାଧନାର ଅନ୍ତର୍ଗତ । ସଂକ୍ଷେପରେ ଦେହ, ମନ ଓ ଆତ୍ମାକୁ ଉନ୍ନତ ଓ ଭକ୍ତି ଲାଭର ଉପଯୋଗୀ କରି ଗଠନ କରିବା ଉଦ୍ଦେଶ୍ୟରେ ଯେଉଁସବୁ ସାଧୁଶାସ୍ତ୍ର ସମ୍ମତ ଆଚରଣ କରାଯାଏ, ତାହାହିଁ ବହିରଙ୍ଗ ଭକ୍ତିସାଧନା । ପୂଜା ପ୍ରାର୍ଥନା, ସ୍ତୋତ୍ରବନ୍ଦନା ପ୍ରଭୃତି ବହିରଙ୍ଗ ସାଧନାର ଅନ୍ତର୍ଗତ ।

(୯୫୪) ଅନ୍ତରଙ୍ଗ ସାଧନା : ବହିରଙ୍ଗ ସାଧନା ବ୍ୟତୀତ ଭକ୍ତ ସାଧକଙ୍କର ଅବଶ୍ୟ-କର୍ତ୍ତବ୍ୟ କେତେଗୁଡ଼ିଏ ଉପାସନାମୂଳକ କାର୍ଯ୍ୟ ଅଛି । ତାହାହିଁ ଅନ୍ତରଙ୍ଗ ସାଧନା । ତନ୍ମଧ୍ୟରେ (୧) ଭଗବାନଙ୍କର ଯେ କୌଣସି ନାମ ପ୍ରତି ଏକନିଷ୍ଠ ଭକ୍ତିଭାବ ରଖି ନାମର ମାନସ ଜପ କରିବା, (୨) ଭଗବାନଙ୍କର ଯେ କୌଣସି ରୂପ, ଯେଉଁଥିରେ ମନ-ପ୍ରାଣ ଆକୃଷ୍ଟ ହୁଏ, ତାହାର ନିରନ୍ତର ଧ୍ୟାନ ଓ ସ୍ମରଣ-ମନନ କରିବା, (୩) ଭଗବତ୍ ଶରଣାଗତି ଅର୍ଥାତ୍ ଭଗବତ୍ ନାମ-ରୂପ-ଲୀଳାଦିର ଶରଣ ଗ୍ରହଣ କରିବା ଏବଂ (୪) ଭଗବାନଙ୍କ ଠାରେ ମମତ୍ୱବୋଧ ବା ତାଙ୍କୁ ନିଜର ବୋଲି ଜାଣି ତାଙ୍କ ଲୀଳାଦିର ଆସ୍ୱାଦନ କରିବା ପ୍ରଧାନ ।

(୯୫୫) ଭକ୍ତିସାଧନାର କ୍ରମ : ଭକ୍ତିସାଧନ ପଥରେ ପ୍ରଥମେ ଭଗବାନଙ୍କ ପ୍ରତି ଶ୍ରଦ୍ଧାର ଉନ୍ମେଷ ହୁଏ । ଶ୍ରଦ୍ଧାର ଉଦୟ ହେଲେ ସାଧୁସଙ୍ଗ କରିବାକୁ ମନ ସ୍ୱତଃ ଧାବିତ ହୁଏ । ସେତେବେଳେ ସାଧକମାନେ ଚେଷ୍ଟା କରି ସାଧୁସଙ୍ଗ ଲାଭ କରନ୍ତି । ସାଧୁସଙ୍ଗ ପ୍ରଭାବରୁ ସାଧନାରେ ଉତ୍ସାହ ଓ ରୁଚି ଜାତ ହୁଏ । ଏହାଦ୍ୱାରା ଅସଦ୍‌ବୃତ୍ତିର ସଂଯମ ଓ ସଦ୍‌ବୃତ୍ତିର ଅନୁଶୀଳନ ହୋଇଥାଏ । ଏଥିରେ ସାଧନବିଘ୍ନ କ୍ରମଶଃ ଦୂରୀଭୂତ ହୋଇଥାଏ । ସାଧନାରେ ବିରୁଦ୍ଧ ପ୍ରକୃତି ବଶୀଭୂତ ହେଲେ ସାଧକଙ୍କର ଭଗବାନଙ୍କ ପ୍ରତି ରୁଚି ବା ଆସକ୍ତି ଜାତ ହୁଏ । ଏହାର ନାମ ଭକ୍ତି । ଭକ୍ତି ଅଙ୍ଗ ଅନୁଶୀଳନ କଲେ କ୍ରମେ ଭାବ ଲାଭ ହୁଏ । ଏହି ଭାବରେ ଅଭ୍ୟସ୍ତ ହେଲେ ତାହା ପ୍ରେମରେ ପରିଣତ ହୋଇଯାଏ । ଏହି ପ୍ରେମଦ୍ୱାରା ହିଁ ଭଗବତ୍‌ପ୍ରାପ୍ତି ଘଟିଥାଏ ।

(୯୫୬) ଶକ୍ତି ଉପାସନା : ନିର୍ଗୁଣ ବ୍ରହ୍ମଚୈତନ୍ୟଙ୍କ ଉପାସନା ସମ୍ଭବପର ନୁହେଁ । ଯେତେ ପ୍ରକାର ଉପାସନା, ସମସ୍ତ ଶକ୍ତିଙ୍କର । ଗଭବାନଙ୍କୁ ଯେଉଁମାନେ ଉପାସନା କରନ୍ତି, ପ୍ରକୃତ ପକ୍ଷରେ ସେମାନେ ଭଗବତ୍ ଶକ୍ତିଙ୍କରହିଁ ଉପାସନା କରିଥାନ୍ତି । ଭଗବାନଙ୍କ ଶକ୍ତି ହିଁ ପ୍ରକୃତ ଭଗବାନଙ୍କ ସ୍ୱରୂପ । ଭଗବାନଙ୍କର ଯେଉଁ ଶକ୍ତିମତ୍ତା ବା କାର୍ଯ୍ୟକାରୀ କ୍ଷମତା, ତାହା ହିଁ ଭକ୍ତମାନଙ୍କର ଉପାସ୍ୟ । ତେଣୁ ଶକ୍ତି ଉପାସନା ବ୍ୟତୀତ ସଂସାରରେ କୌଣସି ଉପାସନା ନାହିଁ । କେହି ଅଚେତନରେ ଉପାସନା କରନ୍ତି ନାହିଁ । ସମସ୍ତେ ଶକ୍ତିଲାଭ ନିମିତ୍ତ ବ୍ୟଗ୍ର । କିନ୍ତୁ ଶକ୍ତିଲାଭ କରିବାକୁ ହେଲେ ପ୍ରଥମେ ଶକ୍ତି ସଞ୍ଚୟ କରିବା ଆବଶ୍ୟକ । ଶକ୍ତି ସଞ୍ଚୟ ବ୍ୟତୀତ କେବେହେଲେ ଚୈତନ୍ୟ ଲାଭ ହୋଇପାରେ ନାହିଁ । ଏହି ପଥରେ ଇନ୍ଦ୍ରିୟ ଓ ମନର ସଂଯମ ଦ୍ୱାରା ଶକ୍ତିଲାଭ ହୋଇଥାଏ । ଇନ୍ଦ୍ରିୟ ଓ ମନକୁ ଯଥେଚ୍ଛା ଭାବରେ ପ୍ରଶ୍ରୟ ଦାନ କଲେ ସେଥିରେ ଅଯଥା ଶକ୍ତିକ୍ଷୟ ହୋଇଥାଏ । ଜ୍ଞାନ-ବିଜ୍ଞାନ, ସୁଖ-ଶାନ୍ତି, ରାଜତ୍ୱ ପ୍ରଭୃତି ଲାଭ କରିବାକୁ ହେଲେ ଶକ୍ତିର ପ୍ରୟୋଜନ । ସୁତରାଂ ଶକ୍ତିର ଆରାଧନା ଏକାନ୍ତ କର୍ତ୍ତବ୍ୟ । ପ୍ରଥମେ ଶ୍ରଦ୍ଧାର ସହିତ ତାଙ୍କର ଆବାହନ, ପୂଜା, ଧ୍ୟାନ, ଜପ କରିବାକୁ ପଡ଼ିବ ଏବଂ ସେଥି ନିମିତ୍ତ ସ୍ୱାର୍ଥତ୍ୟାଗଦ୍ୱାରା ମହାଶକ୍ତିଙ୍କର ଉଦ୍‌ବୋଧନ କରିବାକୁ ହେବ । ତେବେ ଯାଇ ଦେବୀ ପ୍ରସନ୍ନା ହେବେ । ଶକ୍ତିକ୍ଷୟ ନିବାରିତ ହେଲେ ସାଧକଙ୍କ ଅନ୍ତରରେ ଅଦ୍ଭୁତ ଶକ୍ତିର ସ୍ଫୁରଣ ହୋଇଥାଏ । ଶକ୍ତିକ୍ଷୟ ନିବାରଣ ନିମିତ୍ତ ବ୍ରହ୍ମଚର୍ଯ୍ୟ, ପ୍ରତ୍ୟାହାର, ସଂଯମ, ତପସ୍ୟା, ଧ୍ୟାନ, ଯମ, ନିୟମ, ଶମ, ଦମ, ତିତିକ୍ଷା ପ୍ରଭୃତିର ଅନୁଶୀଳନ କରିବା ଏକାନ୍ତ ପ୍ରୟୋଜନ । ଏହାଦ୍ୱାରା କ୍ଷୟ ନିବାରଣ ହୁଏ ଏବଂ ଶକ୍ତି ସଞ୍ଚୟ ହୋଇଥାଏ । ବଳି ଅର୍ଥାତ୍ ସ୍ୱାର୍ଥତ୍ୟାଗଦ୍ୱାରା ସେହି ଶକ୍ତି ଘନୀଭୂତ ହୋଇ ସାଧକଙ୍କ ଅନ୍ତରରେ ପ୍ରତ୍ୟକ୍ଷ ଭାବରେ ଦର୍ଶନ ଦାନ କରିଥାନ୍ତି । ଶକ୍ତିଙ୍କର ଉପାସନା ନିମିତ୍ତ ତ୍ରିବିଧ ଉପଚାର ଆବଶ୍ୟକ । ଶକ୍ତିଙ୍କର ଉପାସନା ନିମିତ୍ତ ସଂଯମ, ଅର୍ଚ୍ଚନା, ହୋମ ଓ ବଳିଦାନ ଏକାନ୍ତ ଆବଶ୍ୟକ । ସଂଯମ ଦ୍ୱାରା ଶକ୍ତିକ୍ଷୟ ନିବାରିତ ହୁଏ । ଉପାସନା, ଧ୍ୟାନ ଓ ଅର୍ଚ୍ଚନାଦ୍ୱାରା ଶକ୍ତି ସଞ୍ଚିତ ହୋଇଥାଏ । ସ୍ୱାର୍ଥତ୍ୟାଗଦ୍ୱାରା ଶକ୍ତି ପ୍ରସନ୍ନତା ଲାଭ କରନ୍ତି । ଶକ୍ତିକ୍ଷୟ ନିବାରଣ, ଶକ୍ତିସଞ୍ଚୟ ଓ ଶକ୍ତିଙ୍କର ପ୍ରସନ୍ନତା ଲାଭ—ଏହି ତ୍ରିବିଧ ଭାବରେ ଉପାସନା ହିଁ ଶକ୍ତି ଆରାଧନାର ମୁଖ୍ୟ ଅଙ୍ଗ । ଶକ୍ତି ଲାଭ କରିବାକୁ ହେଲେ ପ୍ରଥମେ ଶ୍ରଦ୍ଧାର ସହିତ ଯମ, ନିୟମ

ଓ ଷଟ୍ ସମ୍ପତ୍ତିର ଅନୁଶୀଳନ, ଶ୍ରଦ୍ଧାର ସହିତ ଇଷ୍ଟଦେବତାଙ୍କ ପୂଜାର୍ଚ୍ଚନା ଏବଂ ଶେଷରେ ନିଜ ପ୍ରିୟବସ୍ତୁର ସମର୍ପଣ। ପ୍ରିୟବସ୍ତୁ ସମର୍ପଣର ନାମ ବଳିଦାନ ବା ଭଗବତ୍ ଚରଣରେ ଆତ୍ମବଳିଦାନ। ବିଷୟବାସନାତ୍ୟାଗ ହିଁ ଏହାର ଅନ୍ତର୍ଗତ।

(୯୫୭) ଆତ୍ମଜ୍ଞାନ : ଆତ୍ମଜ୍ଞାନ ଅର୍ଥାତ୍ ଆତ୍ମିକ ଅବସ୍ଥା, ଯାହା ଦେଶ, କାଳ ଓ ନିମିତ୍ତର ଅତୀତ। ଏହି ଅବସ୍ଥାରେ ବ୍ୟଷ୍ଟିସମଷ୍ଟି ଭେଦ ରହେ ନାହିଁ ଅର୍ଥାତ୍ ସେହି ଅବସ୍ଥାରେ ବିନ୍ଦୁରେ ସିନ୍ଧୁ ଏବଂ ସିନ୍ଧୁରେ ବିନ୍ଦୁର ଅଧିଷ୍ଠାନ ଥାଏ। ସେଠାରେ ପ୍ରତ୍ୟେକ ଅଣୁ ପୂର୍ଣ୍ଣ ସ୍ୱରୂପରେ ବିରାଜ କରେ।

(୯୫୮) ତ୍ରିବିଧ ଯାନ : ମାନବ ଦେହତ୍ୟାଗ କଲେ ନିଜର କର୍ମଫଳ ଅନୁଯାୟୀ ତ୍ରିବିଧ ଯାନରେ ଗମନ କରିଥାଏ। ପ୍ରଥମେ ପିତୃଯାନ; ଏହା ନିଜର କର୍ମଦ୍ୱାରା ଲାଭ ହୁଏ। ଯେ ଯେପରି କର୍ମ କରନ୍ତି, ସେ ସେହିପରି ଫଳ ପାଆନ୍ତି। ଜ୍ଞାନ ବା ତତ୍ତ୍ୱଜ୍ଞାନଦ୍ୱାରା ଦେବଲୋକ ଏବଂ ଅଭେଦ ଜ୍ଞାନଦ୍ୱାରା ଆତ୍ମିକଲୋକ ଜୟ ହୋଇଥାଏ।

(୯୫୯) ଅଷ୍ଟବିଧ ଆନନ୍ଦ : ଆନନ୍ଦ ବହୁ ପ୍ରକାର ଏବଂ ଆନନ୍ଦର କାରଣ ମଧ୍ୟ ବହୁ ପ୍ରକାର। ତନ୍ମଧ୍ୟରେ ଅଷ୍ଟବିଧ ଆନନ୍ଦ ପ୍ରଧାନ—ଜ୍ଞାନାନନ୍ଦ, ପ୍ରେମାନନ୍ଦ, କର୍ମାନନ୍ଦ, ଭୋଗାନନ୍ଦ, ଲାଭାନନ୍ଦ, ଜୟାନନ୍ଦ, ସେବାନନ୍ଦ ଏବଂ ସ୍ଥୁଳ ଭୋଗାନନ୍ଦ। ଏହି ଆନନ୍ଦର କାରଣ ମଧ୍ୟ ଅଷ୍ଟବିଧ—କୌଣସି ସନ୍ଦେହ ବା ଅଜ୍ଞାନ ଦୂରୀଭୂତ ହେଲେ, କାହାକୁ ସୁଖ ଦେଲେ, କୌଣସି କାର୍ଯ୍ୟ ସୁସମ୍ପନ୍ନ ହେଲେ, କୌଣସି ଇନ୍ଦ୍ରିୟର ବାସନା ଚରିତାର୍ଥ କଲେ, କିଛି ପାଇଲେ, ଶତ୍ରୁଜୟ କଲେ, ନିଜର ଯଶସୌରଭ ବିକୀର୍ଣ୍ଣ ହେଲେ ଏବଂ କାହାର କିଛି ଭୌତିକ ଉପକାର କଲେ ଅଥବା ସ୍ୱେଚ୍ଛାରେ କାହାକୁ କିଛି ଦାନ କଲେ, ଚିତ୍ତରେ ପ୍ରସାଦ ବା ଆନନ୍ଦର ଉଦ୍ରେକ ହୁଏ। ତନ୍ମଧ୍ୟରେ ଜ୍ଞାନାନନ୍ଦ, ପ୍ରେମାନନ୍ଦ ଓ ସତ୍ୟାନନ୍ଦ ସର୍ବଶ୍ରେଷ୍ଠ। କର୍ମାନନ୍ଦ ଓ ସେବାନନ୍ଦ ମଧ୍ୟମ ଏବଂ ଭୋଗନନ୍ଦ ଓ ଜୟାନନ୍ଦ ପ୍ରଭୃତି ଅଧମ ଶ୍ରେଣୀର ଅନ୍ତର୍ଗତ।

(୯୬୦) ଗୁରୁଙ୍କର ପ୍ରାଥମିକ କର୍ତ୍ତବ୍ୟ : ଜ୍ଞାନକର୍ମ ନେଇ ଗୁରୁଶିଷ୍ୟଙ୍କର ପ୍ରଥମ ସମ୍ବନ୍ଧ। ଶିଷ୍ୟଙ୍କର ସ୍ୱଭାବ, ପ୍ରକୃତି, ପ୍ରବୃତ୍ତି, ସ୍ୱାଭାବିକ କର୍ମପଦ୍ଧତି ଏବଂ ସ୍ୱାଭାବିକ ଇଚ୍ଛା ଓ ଆଚରଣ ନେଇ ଗୁରୁ-ଶିଷ୍ୟଙ୍କ ମଧ୍ୟରେ ସୂକ୍ଷ୍ମ ସମ୍ବନ୍ଧ ବିରାଜିତ। ଶିଷ୍ୟର ଯାହା ସ୍ୱଭାବ ଅର୍ଥାତ୍ ଉପଦେଶ, ଗ୍ରହୀତାଙ୍କର ଯାହା ସ୍ୱାଭାବିକ ଇଚ୍ଛା,

ଚେଷ୍ଟା, ଆଚରଣ, ପ୍ରବୃତ୍ତି, ପ୍ରକୃତି, ଗୁଣ ଓ ତାହାର ଦୋଷ ତ୍ରୁଟି ଦେଖାଇ ଦେଇ ସେହି ପ୍ରକୃତିର ବିରୁଦ୍ଧାଚରଣ ପୂର୍ବକ ଅର୍ଥାତ୍ ସ୍ୱଭାବର ବିପରୀତ ଭାବରେ ଶିଷ୍ୟକୁ ଚଳାଇନେବା ହିଁ ଗୁରୁଙ୍କର ପ୍ରଥମ କର୍ତ୍ତବ୍ୟ । ଶିଷ୍ୟଙ୍କ ପ୍ରକୃତିରେ ଯାହା ଉନ୍ନତିର ଅନୁକୂଳ, ଗୁରୁ ସେଥିରେ ହସ୍ତକ୍ଷେପ କରନ୍ତି ନାହିଁ । ଶିଷ୍ୟଙ୍କ ପ୍ରକୃତିର ମନ୍ଦ ଓ ଅପରାଧମୂଳକ କ୍ରିୟାଗୁଡ଼ିକର ପରିବର୍ତ୍ତନ କରିବା ହିଁ ଗୁରୁଙ୍କର କାର୍ଯ୍ୟ । ଗୁରୁ ସ୍ୱାଭାବିକ ଭାବରେ ଶିଷ୍ୟଙ୍କର ମିତ୍ର ଓ ସହାୟକ । ପିତା, ମାତା, ଜ୍ୟେଷ୍ଠଭ୍ରାତା, ଜ୍ଞାନୀ ଓ ବହୁଦର୍ଶୀ ନିକଟ ଆତ୍ମୀୟ ମାତ୍ରକେ ସ୍ୱଭାବତଃ ଗୁରୁ ପଦବାଚ୍ୟ । ଉପରୋକ୍ତ ନିକଟାତ୍ମୀୟ ଗୁରୁଗଣ ସେମାନଙ୍କ ଅନୁଗତମାନଙ୍କର ସତତ କଲ୍ୟାଣ କାମନା କରିଥାନ୍ତି । କିନ୍ତୁ ଚରିତ୍ର ସଂଶୋଧନ କରିବାକୁ ହେଲେ ସ୍ୱାଭାବିକ ଭାବରେ ପୁତ୍ର ବା ଶିଷ୍ୟଙ୍କର ଇଚ୍ଛା ଓ କର୍ମର ସାମୟିକ ବିରୁଦ୍ଧାଚରଣ କରିବାକୁ ହୁଏ । ଏଥିରେ ଯଦି ପୁତ୍ର ବା ଶିଷ୍ୟମାନେ ସ୍ୱାଭାବିକ ଗୁରୁ ଗୁରୁଜନମାନଙ୍କ ପ୍ରତି ବିରକ୍ତ ହୋଇ ଅସୂୟାଭାବ ପୋଷଣ କରନ୍ତି ଅର୍ଥାତ୍ ସେମାନଙ୍କ ଗୁଣରେ ଦୋଷଦର୍ଶନ କରନ୍ତି, ତେବେ ପରିଣାମ ଭୟାଭୟ ହୋଇଥାଏ । ଗୁରୁ ଅବମାନନା ଫଳରେ ଭୀଷଣ ବିପଦଗ୍ରସ୍ତ ହେବାକୁ ପଡ଼େ । ସୁତରାଂ ଯେଉଁମାନେ ଗୁରୁଜନଙ୍କର ଅବାଧ ହୁଅନ୍ତି, ସେମାନେ ସଂସାରରେ ବିବିଧ ଦୁଃଖ ଭୋଗ କରିଥାନ୍ତି । ଯେଉଁମାନେ ଗୁରୁଜନଙ୍କର ପ୍ରକୃତ ସେବକ ବା ଅନୁଗତ ନୁହଁନ୍ତି, ସେମାନେ ଜୀବନରେ ବିବିଧ ଦୁଃଖ ଭୋଗ କରିଥାନ୍ତି । ତେଣୁ କେବେହେଲେ ଗୁରୁଜନମାନଙ୍କ ପ୍ରତି ଅବଜ୍ଞା କିମ୍ବା ଅସୂୟାଭାବ ପୋଷଣ କରିବା ଉଚିତ୍ ନୁହେଁ । ଏହି ଭାବ ଥିଲେ ପୁତ୍ର ବା ଶିଷ୍ୟମାନଙ୍କର କେବେହେଲେ ମଙ୍ଗଳ ହୁଏ ନାହିଁ ।

(୯୬୧) କାମ ବା ସ୍ୱାର୍ଥସେବା : ସ୍ୱଦେହର ସେବା, ଇନ୍ଦ୍ରିୟର ସେବା, ବାସନାର ସେବା, କାମର ସେବା, ରିପୁମାନଙ୍କର ସେବା ଓ ମନର ସେବା ଅର୍ଥାତ୍ ଏହିମାନଙ୍କ ଇଚ୍ଛା ଅନୁଯାୟୀ ନିଜକୁ ପରିଚାଳିତ କରିବାର ନାମ—କାମ ବା ସ୍ୱାର୍ଥସେବା । ଏହାସବୁ ବ୍ୟଷ୍ଟିସଂକୀର୍ଣ୍ଣ ଭାବର ଅନ୍ତର୍ଗତ । ସ୍ୱଦେହ ଇନ୍ଦ୍ରିୟାଦିର ଆନୁଗତ୍ୟ ଏବଂ ଏମାନଙ୍କ ନିମିତ୍ତ କର୍ମ କରିବା ହିଁ କାମ ନାମରେ ଅଭିହିତ । ଏହି ସ୍ୱାର୍ଥକାମ ହିଁ ମାନବକୁ ଭଗବାନଙ୍କ ଠାରୁ ବିଚ୍ଛିନ୍ନ କରି ରଖିଅଛି । ସାଧକମାନେ ଏହି ସ୍ୱାର୍ଥସେବା ତ୍ୟାଗକରି ପରମାର୍ଥ ସେବାରେ ନିଜକୁ ନିୟୋଜିତ କଲେ ସଚ୍ଚିଦାନନ୍ଦ ଅର୍ଥାତ୍ ଅମରତ୍ୱ, ପୂର୍ଣ୍ଣଜ୍ଞାନ ଓ ଦୁଃଖରହିତ ଆନନ୍ଦ ଅର୍ଥାତ୍ ନିତ୍ୟାନନ୍ଦ

ଲାଭ କରି ଧନ୍ୟ ହେବେ। ଏହା ହିଁ ପରମ ପୁରୁଷାର୍ଥ। ସ୍ୱାର୍ଥଭାବ ନିତ୍ୟ ଅଜ୍ଞାନତା, ସଂଶୟ ଓ ଦୁଃଖପୂର୍ଣ୍ଣ। ଏହାକୁ ଜୀବଭାବ କୁହାଯାଏ। ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶିତ ପଥ ନିଃସ୍ୱାର୍ଥ ସେବାପଥ। ଏହା ହିଁ ଶିବଭାବ ବା ଆତ୍ମସ୍ୱରୂପ ଲାଭ। ସ୍ୱାର୍ଥକାମ ବଶୀଭୂତ ହେଲେ, ଦୁଃଖ, ଅଜ୍ଞାନତା ଲାଭ ହୁଏ। ଆତ୍ମସ୍ୱରୂପ ଲାଭ କରିବାକୁ ହେଲେ ଶ୍ରୀଗୁରୁଦେବଙ୍କ ଆଦିଷ୍ଟ ନିଷ୍କାମ କର୍ମ କରିଯିବାକୁ ହେବ। ଏହା ସ୍ୱାର୍ଥସେବାର ବିପରୀତ, ପରମାର୍ଥ ଭାବ।

(୯୬୨) କର୍ମଯୋଗ : ଆତ୍ମସ୍ୱରୂପରେ ପ୍ରତିଷ୍ଠିତ ହେବା ନିମିତ୍ତ ମନୁଷ୍ୟକୁ କ୍ରମେ କ୍ରମେ ନିଃସ୍ୱାର୍ଥ ଭାବରେ କର୍ମ କରିବାକୁ ପଡ଼ିବ। ଅଶୁଦ୍ଧ କାମପଥ ତ୍ୟାଗକରି ଅର୍ଥାତ୍ ସ୍ୱାର୍ଥଭାବ ତ୍ୟାଗପୂର୍ବକ କ୍ରମେ ଉଦାରଭାବ ବା ଶୁଦ୍ଧ ବାସନାକୁ ଆଶ୍ରୟ କରି ସେବା କରିବାକୁ ପଡ଼ିବ। ଏହାକୁ ବିଶ୍ୱପ୍ରେମ କୁହାଯାଏ। ଏହି ବିଶ୍ୱପ୍ରେମକୁ ହିଁ ଆଶ୍ରୟ କରି ତଦନୁଯାୟୀ କର୍ମ କରିଯିବାକୁ ପଡ଼ିବ। ଯୋଗ ବ୍ୟତୀତ କେବଳ ଜ୍ଞାନ ଜୀବକୁ ମୁକ୍ତିଦାନ କରିବାକୁ ସମର୍ଥ ହୋଇପାରେ ନାହିଁ। କର୍ମ ବା ଆଚରଣ ବ୍ୟତୀତ କେବଳ ଅବ୍ୟବସାୟୀ (unpractical) ବୁଦ୍ଧି ବା ଜ୍ଞାନ କେବେହେଲେ ମୁକ୍ତିଦାନ କରିବାକୁ ସମର୍ଥ ହୋଇପାରିବ ନାହିଁ। ତେଣୁ ଜ୍ଞାନର ସାଧନପଥ ହିଁ ଯୋଗ। ବିଦ୍ୟାଶିକ୍ଷା ସହିତ ଅନୁଶୀଳନ ବା କର୍ମ ଆବଶ୍ୟକ। ଏହି 'ଜଗତ ମିଥ୍ୟା—ବ୍ରହ୍ମ ସତ୍ୟ' ଏହା କେବଳ ଜାଣିଲେ ହେବ ନାହିଁ। ଏଥି ନିମିତ୍ତ କର୍ମଯୋଗ ଆବଶ୍ୟକ। ଜୀବ ଅଜ୍ଞାନଜନିତ କର୍ମଫଳ ହେତୁ ଜୀବଭାବକୁ ଖସିଆସିଛି। ପୁନରାୟ ଶ୍ରୀ ଗୁରୁଦେବଙ୍କ କୃପାରୁ ଜ୍ଞାନ ଆଲୋଚନା ଦ୍ୱାରା ଆତ୍ମଜ୍ଞାନରେ ପ୍ରତିଷ୍ଠିତ ଥାଇ ଗୁରୁ ନିର୍ଦ୍ଦିଷ୍ଟ ସାଧନାପଥରେ ଗତି କଲେ ସାଧକମାନେ ପୁନରାୟ ଶିବଭାବରେ ପ୍ରତିଷ୍ଠିତ ହୋଇପାରିବେ। ଶ୍ରୀ ଗୁରୁଦେବଙ୍କ ଆଦିଷ୍ଟ ସାଧନାର ନାମ 'କର୍ମଯୋଗ'। ତେଣୁ କର୍ମଯୋଗ ବା ଅଭ୍ୟାସଯୋଗ ଅବଲମ୍ବନ ପୂର୍ବକ ଆତ୍ମଜ୍ଞାନ ଲାଭ କରିବାକୁ କର୍ମଯୋଗ କୁହାଯାଏ। ସୁତରାଂ ଯୋଗପଥରେ କ୍ରମେ ଅଭ୍ୟସ୍ତ ହେବାକୁ ପଡ଼େ। ପ୍ରଥମେ କାମକୁ ତଡ଼ିବାକୁ ହେଲେ ପ୍ରେମର ଅନୁଶୀଳନ କରିବାକୁ ହେବ ଏବଂ ରଜଃଦ୍ୱାରା କ୍ରମେ ତମଃକୁ ଅଭିଭୂତ କରି ସତ୍ତ୍ୱଗୁଣରେ ଆରୋହଣ କରବାକୁ ପଡ଼ିବ ଏବଂ ଜ୍ଞାନାଲୋଚନା ବା ବିଜ୍ଞାନଦ୍ୱାରା ଅଜ୍ଞାନର ବିନାଶ କରିବାକୁ ହେବ। ଅର୍ଥାତ୍ ନିଃସ୍ୱାର୍ଥମୂଳକ ସ୍ପୃହାଦ୍ୱାରା ଓ କର୍ମସାଧନ ଦ୍ୱାରା ସ୍ୱାର୍ଥକାମକୁ ଦମନ କରି ପରେ ସର୍ବ ଭାବାତୀତ ଆତ୍ମିକ ରାଜ୍ୟରେ

ଉପନୀତ ହେବାକୁ ପଡ଼ିବ । ଏହା ହିଁ 'ସାଧକଙ୍କର ଚରମ ଆଦର୍ଶମୂଳକ କର୍ମଯୋଗ' । କର୍ମଯୋଗଦ୍ୱାରା ଦେହବୀଜ ନଷ୍ଟ ହୁଏ ନାହିଁ ।

(୯୬୩) ଦେହବୀଜ : ମୃତ୍ୟୁ ପରେ ଆତ୍ମା ମରେ ନାହିଁ । ସ୍ଥୂଳ ଦେହଯନ୍ତ୍ର ନଷ୍ଟ ହୋଇଗଲେ ମଧ୍ୟ ଦେହବୀଜ ମରେ ନାହିଁ । ଦେହବୀଜ ସୂକ୍ଷ୍ମଭାବରେ ଅଦୃଶ୍ୟ ଜଗତରେ ବିଚରଣ କରେ । ଆତ୍ମା କ୍ରମେ ବିବର୍ତ୍ତିତ ହୋଇ ଜୀବଭାବ ଧାରଣ କରିଛି । କ୍ରମ ଅଭ୍ୟାସ ବା ବିପରୀତ ଅଭ୍ୟାସ ବଳରେ ଦେହବୀଜ ନଷ୍ଟ ହେଲେ ଜୀବ ମୁକ୍ତି ଲାଭ କରେ । ଆତ୍ମହତ୍ୟା ଦ୍ୱାରା ଦେହ ହଠାତ୍ ନଷ୍ଟ ହେଲେ ଏହାର ବୀଜ ବାସନା ଆକାରରେ ରହିଯାଏ ଏବଂ ଅନୁକୂଳ ଅବସ୍ଥା ପାଇଲେ ପୁଣି ଅଙ୍କୁରିତ ହୋଇଉଠେ । ଏଥିପାଇଁ ଆତ୍ମହତ୍ୟା ମହାପାପ ମଧ୍ୟରେ ଗଣ୍ୟ; ତେଣୁ ଦେହକୁ ବଳପୂର୍ବକ ନାଶ ନ କରି ଦେହବୀଜକୁ ନଷ୍ଟ କରିବା ହିଁ କର୍ତ୍ତବ୍ୟ । ଦେହବୀଜକୁ ଶ୍ରୀଗୁରୁଦେବଙ୍କ ଆଦିଷ୍ଟ ସାଧନାଦ୍ୱାରା କୌଶଳକ୍ରମେ ଧ୍ୱଂସ କରିବା ହିଁ ଦେହଧାରଣର ଉଦ୍ଦେଶ୍ୟ, ଅର୍ଥାତ୍ ଏହି ଦେହ ସାହାଯ୍ୟରେ ଦେହବୀଜକୁ ନଷ୍ଟ କରିବାକୁ ହେବ । ଏହା ହିଁ ଦେହଧାରଣର ଉଦ୍ଦେଶ୍ୟ । ଅଭ୍ୟାସଯୋଗଦ୍ୱାରା ଏହା ସହଜରେ ସାଧିତ ହୁଏ ।

(୯୬୪) ଅଭ୍ୟାସଯୋଗ : ଅଭ୍ୟାସଶକ୍ତିରେ ଏହି ଜଗତ ପ୍ରତିଷ୍ଠିତ । ଅଭ୍ୟାସଶକ୍ତି ଦ୍ୱାରା ଆତ୍ମା ଜୀବଭାବ ଧାରଣ କରିଛି । ପୁନରାୟ ବିବରୀତ ଅଭ୍ୟାସଦ୍ୱାରା ଜୀବ ଆତ୍ମସ୍ୱରୂପରେ ପ୍ରତିଷ୍ଠିତ ହୋଇପାରିବ; କିନ୍ତୁ ସେହି ଅଭ୍ୟାସ ପ୍ରତ୍ୟେକ ଜୀବ ପକ୍ଷରେ ଭିନ୍ନ ଭିନ୍ନ । ଜଗତ୍‌ସ୍ରଷ୍ଟାଙ୍କର ଏପରି ଆଶ୍ଚର୍ଯ୍ୟ ଶକ୍ତି ଯେ ଜଣକର ଆକୃତି ପ୍ରକୃତି ସହିତ ଆଉ ଜଣଙ୍କର କୌଣସି ପ୍ରକାର ସାଦୃଶ୍ୟ ନାହିଁ; ତେଣୁ ଯାବତୀୟ ଭୌତିକ ଅବସ୍ଥା ଅଭ୍ୟାସଶକ୍ତିବଶରୁ ଉତ୍କର୍ଷ ଲାଭ କରିଥାଏ । ଅଭ୍ୟାସଦ୍ୱାରା ପ୍ରବୃତ୍ତିକୁ ନିବୃତ୍ତି ପଥରେ ରୂପାନ୍ତରିତ କରିପାରିଲେ ଜୀବ ମୋକ୍ଷପଦ ଲାଭ କରେ । ଏହାସବୁ ଅଭ୍ୟାସବଳରେ ସାଧିତ ହୋଇଥାଏ । ଦେହ ସାହାଯ୍ୟରେ ଦେହବୀଜକୁ ନଷ୍ଟ କରିବା ନିମିତ୍ତ ଏତେ କଷ୍ଟ ସ୍ୱୀକାର କରି ଜୀବ ହି ଦେହ ଧାରଣ କରିଛି । ଦେହ ନଷ୍ଟ ହୋଇଗଲେ ମଧ୍ୟ ଦେହବୀଜ କେବେ ହେଲେ ନଷ୍ଟ ହୁଏ ନାହିଁ । ଏହି ସ୍ଥୂଳ ଦେହରେ ଥାଇ ନିଜର ଅନୁକୂଳ ଯୋଗ ଅବଲମ୍ବନ କରି ଦେହବୀଜ ନଷ୍ଟ କରିବାକୁ ହେବ । ବିଭିନ୍ନ ମାନବ ବିଭିନ୍ନ ଭାବରେ ଅଭ୍ୟସ୍ତ । କ୍ରମ ଅଭ୍ୟାସ ବଳରେ ତମୋଗୁଣରୁ ରଜୋଗୁଣ ଓ ପରେ ସତ୍ତ୍ୱଗୁଣ ଅଭ୍ୟାସ

କରିବାକୁ ହେବ । ଏହି ପୁନଃ ପୁନଃ ଚେଷ୍ଟାକୁ ଅଭ୍ୟାସ ଯୋଗ କୁହାଯାଏ ।

(୯୬୫) ଅନ୍ନମୟ ଆବରଣ : ମାନବ ସ୍ୱଭାବତଃ ଆତ୍ମଭାବରେ ପ୍ରତିଷ୍ଠିତ ଥିଲେ ମଧ୍ୟ ତାହାର ଦେହ ପାଞ୍ଚଗୋଟି ଆବରଣରେ ଆବୃତ । ପ୍ରଥମ ଆବରଣର ନାମ ସ୍ଥୁଳ ଦେହ ବା ଅନ୍ନମୟ ଆବରଣ ବା ଅନ୍ନମୟ କୋଷ ବା ଶରୀର । ସ୍ଥୁଳ ଦେହଟି ଗୋଟିଏ ଜଡ଼ ପିଣ୍ଡ । ହସ୍ତ, ପଦ, ଉଦର, ବକ୍ଷ ଓ ମସ୍ତକ ଏହାର ଅଙ୍ଗପ୍ରତ୍ୟଙ୍ଗ । ଆହାର, ନିଦ୍ରା, ଭୟ ଓ ମୈଥୁନ ଏହାର ବୃତ୍ତି । ଏହି ବୃତ୍ତିମାନଙ୍କର ସଂଯମଦ୍ୱାରା ଏହି ଶରୀର ରକ୍ଷା ହୋଇଥାଏ ।

(୯୬୬) ପ୍ରାଣମୟ ଆବରଣ : ଟିକିଏ ଲକ୍ଷ୍ୟ କଲେ ଜଣାଯିବ ଯେ ଏହି ସ୍ଥୁଳ ଦେହକୁ ତାହାର ପ୍ରାଣ ବା ଜୀବନୀ ଶକ୍ତି ପରିଚାଳିତ କରୁଅଛି । ପ୍ରାଣର କ୍ରିୟା ପଞ୍ଚପ୍ରାଣ ରୂପରେ ଅର୍ଥାତ୍ ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ ନାମରେ ଅଭିହିତ ହୋଇ ମାନବର କର୍ମେନ୍ଦ୍ରିୟର ଚାଳକ ଶକ୍ତି ରୂପରେ ବିଦ୍ୟମାନ ଥାଇ କ୍ରିୟା ସାଧନ କରୁଅଛି । ତେଣୁ ପ୍ରାଣମୟ ଦେହଟି ଅତିଶକ୍ତ ସୂକ୍ଷ୍ମବାୟୁ ଦେହ । ପ୍ରାଣ ଅପାନାଦି ଏହି ଦେହର ଅଙ୍ଗପ୍ରତ୍ୟଙ୍ଗ । ଏହି ଦେହ ସମଗ୍ର ଭୌତିକ ବାହ୍ୟ ସ୍ଥୁଳ ଦେହକୁ ଅବଲମ୍ବନ କରି ଅବସ୍ଥାନ କରେ । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ—ଏହି ଷଡ଼ରିପୁ ଏବଂ ହିଂସା, ଈର୍ଷା, ଦ୍ୱେଷ, ଅନୁରାଗ ଓ ମମତା ପ୍ରଭୃତି ମନୋଭାବ ଏହି ପ୍ରାଣମୟ ଦେହର କ୍ରିୟାଶକ୍ତି । ମନୋବୃତ୍ତି ଚରିତାର୍ଥ କରିବା ଏହି ପ୍ରାଣମୟ ଦେହର ସ୍ୱଭାବ ଓ କାର୍ଯ୍ୟ । କ୍ଷୁଧା, ତୃଷା ଓ ଯନ୍ତ୍ରଣା ପ୍ରକାଶ ଯେପରି ସ୍ଥୁଳଦେହର ସ୍ୱଭାବ, ସେହିପରି ସଞ୍ଚାଳନ, ସଙ୍କୋଚନ ଓ ଅପସାରଣ ପ୍ରଭୃତି ଏହି ଦେହର ସ୍ୱଭାବ । ମୃତ୍ୟୁପରେ ଏହି ଦେହ ନରକ ଯନ୍ତ୍ରଣା ଭୋଗ କରେ । ପ୍ରେତତତ୍ତ୍ୱବିଜ୍ଞାନୀମାନେ ଏହି ଦେହକୁ କାମମୟ ଦେହ କହନ୍ତି । ଇଂରାଜୀରେ ଏହାର ନାମ Desire body ବା Astral body) ଏହି ଦେହ ମୃତ୍ୟୁ ପରେ ବାହ୍ୟ ସ୍ଥୁଳ ଦେହକୁ ଛାଡ଼ି ସ୍ୱାଧୀନ ଭାବରେ ବିରାଜମାନ ଥାଏ । ଏହି ଦେହର ବୃତ୍ତି ଗୁଡ଼ିକର ସଂଯମ କଲେ ଏହି କୋଷର ଲୟ ହୁଏ । ସ୍ଥୁଳ ଦେହରେ ଥାଇ ଯେଉଁମାନଙ୍କର ଏହି କୋଷର ଲୟ ହୋଇଛି ସେମାନଙ୍କର ନରକ ଯନ୍ତ୍ରଣା ଭୋଗ ହୁଏ ନାହିଁ ।

(୯୬୭) ମନୋମୟ ଆବରଣ : ଆହୁରି ସୂକ୍ଷ୍ମ ବିଚାର କଲେ ଜଣାଯାଏ ଯେ ଏହି ପ୍ରାଣଶକ୍ତି ମୂଳରେ ଆଉ ଗୋଟିଏ ଅଧିକତର ଚେତନଶକ୍ତି ଅଛି ।

ତାହାରି ନାମ ମନ । ଉପରୋକ୍ତ ହିଂସାଦି ବୃତ୍ତିର ଆଧାର-ଦେହକୁ ମନ କୁହାଯାଏ । ମନ ବାସନାଶକ୍ତିର କେନ୍ଦ୍ର । ଯାବତୀୟ ବାସନା ଓ ମନୋବୃତ୍ତି ଏକତ୍ର ହୋଇ ଅତି ସୂକ୍ଷ୍ମ ମନୋମୟ ଦେହ ରଚନା କରେ । ଏହି ଆବରଣଟି ଏକ ପ୍ରକାର ଅଦୃଶ୍ୟ ସୂକ୍ଷ୍ମ ଦେହ । ଏହି ଦେହ ବାହ୍ୟ ସ୍ଥୁଳ ଦେହକୁ ତ୍ୟାଗ କରି ମଧ୍ୟ ସ୍ୱାଧୀନ ଭାବରେ ଅବସ୍ଥାନ କରିବାକୁ ସକ୍ଷମ ହୁଏ । ପ୍ରାଣମୟ କୋଷକୁ ତ୍ୟାଗ କରି ମଧ୍ୟ ଏହି ଦେହ ସ୍ୱାଧୀନ ଭାବରେ ଅବସ୍ଥାନ କରିପାରେ । ଏହି ଭୂଲୋକରେ ସ୍ଥୁଳ ଦେହରେ ନାମ କର୍ମେନ୍ଦ୍ରିୟ ପ୍ରଧାନ ଭୌତିକ ଦେହ । ଭୂଲୋକରେ ଏହାର ନାମ ପ୍ରାଣଶକ୍ତିପ୍ରଧାନ ସୂକ୍ଷ୍ମ ଭୌତିକ ଦେହ, ସ୍ୱର୍ଲୋକରେ ଏହା ମନଃଶକ୍ତିପ୍ରଧାନ ସୂକ୍ଷ୍ମତର ଭୌତିକ ଦେହରୂପରେ ବିରାଜିତ । ବାସନା ବା ଇଚ୍ଛା (willing) ପ୍ରକାଶ କରିବା ଏହି ମନୋମୟ ଦେହର ପ୍ରଧାନ କାର୍ଯ୍ୟ । ତପଃ, ସଂଯମ ଓ ସାଧନା ବ୍ୟତୀତ ଏହି ମନୋମୟ ଦେହର ଲୟ ହୁଏ ନାହିଁ । ଏହି ମନୋମୟ ଦେହ ଲୟପ୍ରାପ୍ତ ହେଲେ ଜୀବନର କର୍ମବନ୍ଧନ ଛିନ୍ନ ହୁଏ । ପଞ୍ଚକର୍ମେନ୍ଦ୍ରିୟ ଯେପରି ସ୍ଥୁଳଦେହର ପ୍ରଧାନ ଅବଲମ୍ବନ, ସେହିପରି ଇନ୍ଦ୍ରିୟଶକ୍ତି ହିଁ ପ୍ରାଣମୟ ଦେହର ଏବଂ ବାସନାଶକ୍ତି ମନୋମୟ ଦେହର ପ୍ରଧାନ ଅବଲମ୍ବନ । ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତିରେ ଏହି ତିନି ଦେହର ଅବସ୍ଥାନ୍ତର ଘଟେ । ମନ ସଂଯତ ହୋଇ ଲୟପ୍ରାପ୍ତ ହେଲେ ସାଧକମାନେ ସ୍ୱର୍ଗସୁଖ ଲାଭ କରିଥାନ୍ତି ।

(୯୬୮) ବିଜ୍ଞାନମୟ ଆବରଣ : ଏହି ଦେହ, ମନ ଓ ପ୍ରାଣ ବ୍ୟତୀତ ମାନବ ଦେହ ଅଭ୍ୟନ୍ତରରେ ଆଉ ଏକ ପ୍ରକାର ବିଜ୍ଞାନମୟ ଦେହ ବିରାଜିତ । ଏହାକୁ ବୁଦ୍ଧି ଦେହ ମଧ୍ୟ କୁହାଯାଏ । ବୁଦ୍ଧିର ଦୁଇଟି ସ୍ତର । ନିମ୍ନସ୍ତରରେ ଚଞ୍ଚଳ ବୁଦ୍ଧି ମନବାସନା ମୂଳରେ ବିରାଜିତ । ତା' ଫଳରେ ମାନବ ସ୍ୱବାସନାନୁରୂପ ଚିନ୍ତା କରେ, ବିଚାର କରେ, ସ୍ମରଣ କରେ ଓ ଅନୁଭବ କରେ । ଉଚ୍ଚସ୍ତରର ବୁଦ୍ଧି, ଯାହା କି ମନ ଲୟ ହେଲେ ସାଧକମାନଙ୍କ ଅନ୍ତରରେ ବିବେକ ରୂପରେ ପ୍ରକାଶିତ ହୁଏ, ତାହା ପ୍ରଜ୍ଞା ନାମ ଧାରଣ କରିଥାଏ । ଏହି ପ୍ରଜ୍ଞାଦ୍ୱାରା ସାଧକମାନେ ନଶ୍ୱର ଜଗତ୍ ଅତିକ୍ରମ ପୂର୍ବକ ନିତ୍ୟ ଆତ୍ମଭାବରେ ଆରୋହରଣ କରିବାକୁ ଚେଷ୍ଟା କରନ୍ତି । ତେଣୁ ଉପରୋକ୍ତ ବିବେକ ଜ୍ଞାନ ପ୍ରଜ୍ଞା ଅର୍ଥାତ୍ ସ୍ୱତଃସିଦ୍ଧ ଜ୍ଞାନ ଓ ସ୍ମୃତି ଯାହାକୁ ଆତ୍ମସଂସ୍କାର କୁହାଯାଏ, ସେହି ଆତ୍ମସଂସ୍କାରର ଆଶ୍ରିତ ବୁଦ୍ଧିଶକ୍ତିଯୁକ୍ତ ଭୌତିକ ଦେହକୁ ବିଜ୍ଞାନମୟ କୋଷ ବୋଲି କୁହାଯାଏ । ଏହି କୋଷ ଅଂସଖ୍ୟ

ପ୍ରକାରର ସଂସ୍କାର ବା ଜ୍ଞାନଦ୍ୱାରା ରଚିତ । ବିଚାରଦ୍ୱାରା ସିଦ୍ଧାନ୍ତରେ ଉପନୀତ ହେବା ଏହି ଦେହର କ୍ରିୟା । ଜ୍ଞାନ ବିଚାର ଏବଂ ଶ୍ରୀଗୁରୁଦେବଙ୍କ ଉପଦେଶ ଅନୁସାରେ ସାଧନା କଲେ ଏହି ଶରୀରର ଲୟ ସାଧିତ ହୁଏ । ମାନବର ଯେତେପ୍ରକାର ଜ୍ଞାନ, ସମସ୍ତ ଏହି ବିଜ୍ଞାନମୟ ଶରୀରରେ ହିଁ ହୋଇଥାଏ । ମାନବ ଯେତେପ୍ରକାର ଆଲୋଚନା, ଚିନ୍ତା, ଭଜନ, ସ୍ମରଣ, ମନନ, ଉପଦେଶ ଶ୍ରବଣ ଓ କୀର୍ତ୍ତନ ପ୍ରଭୃତି କରିଥାଏ, ସେସବୁ ଏହି ବିଜ୍ଞାନମୟ ଶରୀର ହିଁ କରିଥାଏ ।

(୯୬୯) ଆନନ୍ଦମୟ ଆବରଣ : ତତ୍ପରେ ଏହି ବିଜ୍ଞାନମୟ ଦେହର ଅଭ୍ୟନ୍ତରରେ ଅତି ସୂକ୍ଷ୍ମତର ଆନନ୍ଦମୟ ଦେହ ବିଦ୍ୟମାନ । ଏହି ଦେହକୁ ପ୍ରଜ୍ଞାନମୟ ପୁରୁଷ ବୋଲି କୁହାଯାଏ । ଏହା ବିଜ୍ଞାନମୟ କୋଷକୁ ଚାଳିତ କରୁଥିବାରୁ ଏହି କୋଷ ସବୁଠାରୁ ଶ୍ରେଷ୍ଠ । ଏହି କୋଷରୁ ସତ୍ୟ ଜ୍ଞାନରାଜି ସର୍ବଦା ସଂଜାତ ହୋଇଥାଏ । ଉଚ୍ଚ ଜ୍ଞାନୀମାନଙ୍କ ବ୍ୟତୀତ ଅନ୍ୟ ସାଧାରଣଙ୍କର ଏହି ଦେହ ନଥାଏ । ପଞ୍ଚଲୋକରେ ଏହି ଭୌତିକ ଦେହ ବିରାଜିତ, କିନ୍ତୁ ଲୋକର ତାରତମ୍ୟ ଅନୁସାରେ ଏହି ଦେହ ସବଳ ଅଥବା ଦୁର୍ବଳ ଥାଏ । ପ୍ରତ୍ୟେକ ମାନବର ସମ୍ପୂର୍ଣ୍ଣ ଅଜ୍ଞାତସାରରେ ଏହି ବିଜ୍ଞାନମୟ ଦେହକୁ ସାଧାରଣ ମନପ୍ରାଣ ଦେହ ଜାଣିବାକୁ ଇଚ୍ଛା କରିଥାଏ । ମାନବ ଶୈଶବରୁ ସେହି ଜ୍ଞାନ ଅର୍ଜନ କରିବାକୁ ଚେଷ୍ଟା କରୁଥାଏ । ଏହା ବିଜ୍ଞାନମୟ ଦେହର କାର୍ଯ୍ୟ । ଅଦୃଶ୍ୟ ଜଗତ୍, ଆଶ୍ଚର୍ଯ୍ୟ ଘଟଣାବଳୀ ଦେଖିଲେ ମାନବ ମନ ସ୍ୱତଃ ଆନନ୍ଦଯୁକ୍ତ ହୋଇଥାଏ । ମାନବ ସ୍ୱଭାବତଃ ସୂକ୍ଷ୍ମତର ଦେହଗୁଡ଼ିକର ଜ୍ଞାନ ଗ୍ରହଣ ଓ ଆଦେଶ ପାଳନରେ ବିଶେଷ ଆଗ୍ରହ ପ୍ରକାଶ କରିଥାଏ । ମାନବ ସୂକ୍ଷ୍ମ ଦେହର ପୁଷ୍ଟିସାଧନରେ ତତ୍ପରେ ଥିବା ହେତୁ ସେ ସର୍ବଦା ଜ୍ଞାନ ସଂଗ୍ରହ କରିବା ନିମିତ୍ତ ଆଗ୍ରହାନ୍ୱିତ ଥାଏ । ଏହି ପ୍ରଜ୍ଞାନ ଦେହର ଅଭ୍ୟନ୍ତରରେ ଆନନ୍ଦମୟ ଦେହ ବିରାଜିତ । ଏହି କୋଷଟି ସାଧାରଣ ବିଷୟୀ ମାନବଙ୍କ ନିକଟରେ ଅଧିକାଂଶ କ୍ଷେତ୍ରରେ ଅବିକଶିତ ଅବସ୍ଥାରେ ଥାଏ । କିନ୍ତୁ ଏହି କୋଷର କ୍ଷୁଧାବୋଧ ଅଧିକାଂଶ ସମୟରେ ଜାଗ୍ରତ ହୋଇଥାଏ । ତେଣୁ ମାନବ ସୁଖ ବା ଆନନ୍ଦ ଲାଭ ନିମିତ୍ତ ଲାଳାୟିତ ହୋଇଥାଏ । ମାନବ ସର୍ବଦା ଦୁଃଖବର୍ଜିତ ସୁଖ ଲାଭ କରିବାକୁ ଇଚ୍ଛା କରେ । କାରଣ, ଜୀବ ମାତ୍ରକେ ଆନନ୍ଦରୁ ଜାତ । ଆନନ୍ଦମୟ ଦେହ ତାହାର ଅଂଶ । ତେଣୁ ମାନବ ଆନନ୍ଦ ଲାଭ

ନିମିତ୍ତ ସର୍ବଦା ଚେଷ୍ଟା କରୁଥାଏ। କ୍ଷଣିକ ଇନ୍ଦ୍ରିୟଭୋଗଜନିତ ସୁଖକୁ ଆନନ୍ଦ କୁହାଯାଏ ନାହିଁ। ମାନବ ନିଜ ଅଜ୍ଞାତସାରରେ ନିତ୍ୟ ଆନନ୍ଦର ଅଭିଳାଷ କରିଥାଏ। କିନ୍ତୁ ଅଜ୍ଞାନତା ହେତୁ ମାନବ ବିଷୟରୁ ସେହି ଆନନ୍ଦ ଆସ୍ୱାଦନ କରିବାକୁ ଇଚ୍ଛା କରି ପ୍ରତାରିତ ହୁଏ। ନିତ୍ୟାନନ୍ଦ ରସାସ୍ୱାଦନ ଅଭାବରୁ ମାନବ ବିଷୟ ରସରେ ବୁଡ଼ିଯାଏ। ଶ୍ରୀଗୁରୁଦେବଙ୍କ କୃପାରୁ ସାଧକମାନେ ଯଦି ଜାଣିପାରନ୍ତି ଯେ ଆତ୍ମାନନ୍ଦ ବିଷୟାନନ୍ଦଠାରୁ ସହସ୍ର ଗୁଣ ଅଧିକ ତୃପ୍ତିଦାୟକ ଏବଂ ଏହି ଆତ୍ମାନନ୍ଦ ମାନବର ଅଭ୍ୟନ୍ତରରେ ବିରାଜିତ, ତେବେ ମାନବ ସେହି ଆନନ୍ଦର ଅଧିକାରୀ ହୋଇପାରନ୍ତା। ଏହି କୋଷ ହିଁ ମାନବକୁ ସୁଖ ଅନ୍ୱେଷଣ ନିମିତ୍ତ ବାଧ୍ୟ କରିଥାଏ। (କ) ମାନବର ସ୍ଥୁଳ ଅନ୍ନମୟ କୋଷ ଅଛି ବୋଲି ସେ ସ୍ୱଭାବତଃ ଅନ୍ନ ଭକ୍ଷଣ କରି ପ୍ରାଣ ଧାରଣ କରିବାକୁ ଇଚ୍ଛା କରେ, (ଖ) ପ୍ରାଣମୟ କୋଷ ପ୍ରବଳ ଥିବାରୁ ମାନବ ସର୍ବଦା କାମାଦି ବୃତ୍ତି ଚରିତାର୍ଥ କରିବା ନିମିତ୍ତ ସୁଖବୋଧ କରେ, (ଗ) ମନୋମୟ କୋଷ ଥିବାରୁ ମାନବ ଭୋଗବାସନା ଦିଗକୁ ଆକୃଷ୍ଟ ହୋଇଥାଏ, (ଘ) ବିଜ୍ଞାନମୟ କୋଷ ଥିବାରୁ ମାନବ ଜ୍ଞାନାଲୋଚନା ଏବଂ ଭଗବତ୍ ନାମ ସ୍ମରଣ ମନନ କରିବା ପାଇଁ ଲାଳାୟିତ ହୁଏ ଏବଂ (ଙ) ଆନନ୍ଦମୟ କୋଷର କ୍ଷୁଧା ନିବୃତ୍ତି ନିମିତ୍ତ ମାନବ ଆନନ୍ଦରସ ଓ ସୁଖର ସନ୍ଧାନରେ ବ୍ୟସ୍ତ ରହେ। ଏହି ପଞ୍ଚଦେହକୁ ସାଧାରଣତଃ ସ୍ଥୁଳ, ସୂକ୍ଷ୍ମ ଓ କାରଣ ଦେହ କୁହାଯାଏ। ଏହି ପଞ୍ଚକୋଷର ଅପର ନାମ ଗୁହା। ମାନବର ଆତ୍ମା ଏହି ପଞ୍ଚକୋଷର ଅତୀତ ସତ୍ତା। ସର୍ବବ୍ୟାପୀ ପୂର୍ଣ୍ଣବ୍ରହ୍ମ ଏହି ପଞ୍ଚକୋଷବ୍ୟାପୀ ଖଣ୍ଡଆଧାରରେ ଆବଦ୍ଧ ହୋଇ ଜୀବ ଆଖ୍ୟା ଧାରଣ କରିଛନ୍ତି। ଏହି ଆତ୍ମା ହିଁ ମାନବର ପ୍ରକୃତ ଅହଂ। ସତ୍, ଚିତ୍ ଓ ଆନନ୍ଦ ଏହି ଆତ୍ମାର ସ୍ୱରୂପ। ସୁତରାଂ ମାନବ ସ୍ୱରୂପତଃ ଅମୃତର ସନ୍ତାନ। ଏହି କାରଣରୁ ମାନବ ଜ୍ଞାନ, ଶକ୍ତି ଓ ସୁଖଲାଭ ନିମିତ୍ତ ଆଶା କରେ।

(୯୭୦) ମାନବର ଦେହଧାରଣର ଲକ୍ଷ୍ୟ : ମାନବ ଦେହ ଧାରଣ କରି ଯେପରି ଏହି ପଞ୍ଚକୋଷ ଅତିକ୍ରମ ପୂର୍ବକ ଆତ୍ମାର ସ୍ୱରୂପ ଜ୍ଞାନ ଲାଭ କରିବା ପାଇଁ ସକ୍ଷମ ହେବ, ସେହି ଉଦ୍ଦେଶ୍ୟରେ ସେ ମାନବଦେହ ଧାରଣ କରି ଜନ୍ମଗ୍ରହଣ କରିଅଛି। ମାନବ ଅଜ୍ଞାନତା ହେତୁ କୁକର୍ମ କରି ସଂସାରବନ୍ଧନରେ ଆବଦ୍ଧ ହେଉଅଛି। ସେହି ଦୁଃଖମୟ ଓ ଭେଦ ଜ୍ଞାନପୂର୍ଣ୍ଣ ସଂସାରକୁ ଅତିକ୍ରମ କରି ବର୍ତ୍ତମାନ ଜନ୍ମରେ ଏହି ମନୁଷ୍ୟ ଦେହ ସାହାଯ୍ୟରେ, ଅର୍ଥାତ୍ ଅନ୍ନମୟ କୋଷ

ସାହାଯ୍ୟରେ ଶ୍ରୀଗୁରୁଦେବଙ୍କ କୃପାରୁ ଅନ୍ୟାନ୍ୟ କୋଷର ଆବରଣ ସାଧନାଦ୍ୱାରା ଭେଦକରି ଯେପରି ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହୋଇପାରିବ, ଏହା ହିଁ ମାନବ ଦେହଧାରଣର ଉଦ୍ଦେଶ୍ୟ । ତେଣୁ ମନୁଷ୍ୟ ଦେହ ରୂପ ସେତୁଦ୍ୱାରା ଜୀବାତ୍ମା ଭବସାଗର ପାର ହୋଇ ଭଗବତ୍ ରାଜ୍ୟରେ ପ୍ରବେଶ କରିବାକୁ ସକ୍ଷମ ହୋଇଥାଏ । ଅତଏବ ବିଷୟର ଅନ୍ଧକାରରୁ ଆତ୍ମଜ୍ଞାନ ରୂପ ଆଲୋକ ରାଜ୍ୟକୁ ଗମନ କରିବା, ପଞ୍ଚକୋଷରୁ ଅହଂବୁଦ୍ଧି ତ୍ୟାଗ କରି ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହେବା ଏବଂ ସଚ୍ଚିଦାନନ୍ଦ ସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହେବା ନିମିତ୍ତ ମାନବ ଏହି ଦେହ ଧାରଣ କରିଅଛି । ସୁତରାଂ ସାଧକମାନେ କିପରି ତ୍ରିଗୁଣ ଅତିକ୍ରମକରି ତ୍ରିଗୁଣାତୀତ ଅବସ୍ଥା ଲାଭପୂର୍ବକ ଭଗବତ୍ ସେବାନନ୍ଦ ଭୋଗ କରିପାରିବେ, ଏହା ହିଁ ମାନବଜୀବନର ଚରମ ଲକ୍ଷ୍ୟ । ଏହି ଲକ୍ଷ୍ୟସାଧନ ନିମିତ୍ତ ହିଁ ମାନବର ଏହି ଦେହଧାରଣ ।

(୯୭୧) ମମୁକ୍ଷୁତ୍ୱ : ଜ୍ଞାନଲାଭ ନିମିତ୍ତ ପିପାସା ବା ଜିଜ୍ଞାସା ବୃତ୍ତି ନ ଜାଗିଲେ ମାନବର କେବେହେଲେ ଆତ୍ମଚୈତନ୍ୟ ବା ଆତ୍ମଶକ୍ତି, ଯାହା ମାନବ ଭିତରେ ସୁପ୍ତ ଅଛି, ତାହାର ଜାଗରଣ ହୁଏ ନାହିଁ । ତେଣୁ ସାଧକମାନେ କେବେହେଲେ ମୁକ୍ତିପଥରେ ଅଗ୍ରସର ହୋଇପାରନ୍ତି ନାହିଁ । ବିଷୟ ପ୍ରତି ଅନାଶକ୍ତି ଜାତ ନ ହେଲେ କେବେହେଲେ ସତ୍ୟନିମିତ୍ତ ଜ୍ଞାନପିପାସା ବା ଜିଜ୍ଞାସା ବୃତ୍ତିର ଉଦୟ ହୁଏ ନାହିଁ । ଭୋଗବାସନା ଥିବା ପର୍ଯ୍ୟନ୍ତ କେବେହେଲେ ସେବାଭିଳାଷ ଜାଗେ ନାହିଁ । ଭୋଗବାସନାର ଉତ୍ତେଜନା ହ୍ରାସପ୍ରାପ୍ତ ହେଲେ ଜ୍ଞାନ କର୍ମ ନିମିତ୍ତ ଅର୍ଥାତ୍ ଶ୍ରୀଗୁରୁଦେବଙ୍କୁ ଲାଭ କରି ତାଙ୍କ ସେବା କରିବା ନିମିତ୍ତ ଯେଉଁ ସତ୍ୟପିପାସା ଜାତ ହୁଏ ବା ତାଙ୍କ ସେବା ନିମିତ୍ତ ଯେଉଁ ଉତ୍କଟ ଆକାଙ୍କ୍ଷା ଜାଗେ, ତାହାର ନାମ ମୁମୁକ୍ଷୁତ୍ୱ । ମୁମୁକ୍ଷୁତ୍ୱ ଜାଗ୍ରତ ହେଲା ପରେ ପ୍ରକୃତ ସତ୍ୟକର୍ମର ଅନୁଷ୍ଠାନ କରିହୁଏ । ସତ୍‌କର୍ମର ଅନୁଷ୍ଠାନ କରିବା ଫଳରେ ସତ୍‌ଜ୍ଞାନ ଲାଭ ହୋଇଥାଏ । ଏହାକୁ ମୋକ୍ଷଲାଭ କୁହାଯାଏ । ମାନବ ମନରେ ମୁମୁକ୍ଷୁତ୍ୱ ଜାତ ହେଲେ ବିଷୟବାସନା ସୁଖକର ବୋଧହୁଏ ନାହିଁ କି ଇନ୍ଦ୍ରିୟ ସୁଖବୋଧ ସୁଖକର ବୋଧହୁଏ ନାହିଁ । ଭଗବତ୍ ପଥରେ ଗତି କରିବାବେଳେ ସାମାଜିକ ବ୍ୟକ୍ତିମାନଙ୍କ ନିନ୍ଦା ପ୍ରଶଂସାରେ ସେମାନେ ବିଚଳିତ ହୁଅନ୍ତି ନାହିଁ । ସାଧାରଣ ଲୋକେ ମୁମୁକ୍ଷୁ ସାଧକଙ୍କୁ ଯେତେ ପ୍ରକାରେ ହିଂସା ନିନ୍ଦା କଲେ ମଧ୍ୟ ସେଥିରେ ସେମାନେ ବିଚଳିତ ହୋଇ ସତ୍ୟପଥରୁ ଭ୍ରଷ୍ଟ ହୁଅନ୍ତି ନାହିଁ । ସେମାନଙ୍କର ବୈଷୟିକ ଉଚ୍ଚ

ଐଶ୍ୱର୍ଯ୍ୟ ଲାଭ ହେଲେ ସେମାନେ ତାହା ଭଗବାନଙ୍କ ଦାନ ବୋଲି ଭାବି ଐଶ୍ୱର୍ଯ୍ୟଦ୍ୱାରା ଭଗବାନଙ୍କ ସେବା କରିଥାନ୍ତି । ସେଥିରେ ମୁଗ୍‌ଧ ହୋଇ ସତ୍ୟପଥରୁ ଭ୍ରଷ୍ଟ ହୁଅନ୍ତି ନାହିଁ । ଯେଉଁମାନେ ସାଂସାରିକ ବ୍ୟକ୍ତିଙ୍କ ମନ ଯୋଗାଇ ଚଳନ୍ତି, ସେମାନେ ସାଧାରଣ ବ୍ୟକ୍ତି ବୋଲି ଜାଣିବ ।

(୯୭୨) ତ୍ୟାଗ : ସଂସାରତ୍ୟାଗକୁ ତ୍ୟାଗ ବୋଲି କୁହାଯାଏ ନାହିଁ । ତ୍ୟାଗ, ଅର୍ଥ– (୧) ଭୋଗର, ଭୋଗମୂଳକ କର୍ମର ଓ ଭୋଗବାସନାର ତ୍ୟାଗ (୨) ସେହି ଭୋଗ ପ୍ରତି ରାଗଦ୍ୱେଷ ଭାବର ତ୍ୟାଗ (୩) କର୍ମଫଳ ଭୋଗର ବାସନା ତ୍ୟାଗ, (୪) ଦେହାତ୍ମବୁଦ୍ଧି ତ୍ୟାଗ, (୫) ଅହଙ୍କାର ତ୍ୟାଗ ଏବଂ (୬) ଜୀବପ୍ରକୃତିର ଅନୁଶୀଳନ ତ୍ୟାଗ । ପ୍ରଥମ କର୍ମଫଳ ଭୋଗବାନର ତ୍ୟାଗ, ଦ୍ୱିତୀୟ କର୍ମଫଳ ତ୍ୟାଗ, ତୃତୀୟ କର୍ମ ତ୍ୟାଗ (ଗୀତାରେ ଏହି ତ୍ରିବିଧ ତ୍ୟାଗଭାବ ବର୍ଣ୍ଣିତ ହୋଇଅଛି) । ପରବର୍ତ୍ତୀ ତ୍ୟାଗର ନାମ ସନ୍ନ୍ୟାସ । ସାଧନ ମାର୍ଗରେ ଏହି ତ୍ୟାଗ ଅନୁଶୀଳନ ନାମର—(୧) ପ୍ରକୃତିଜୟ, (୨) ବାସନାଜୟ (୩) ମନୋଜୟ, (୪) ବୃତ୍ତିନିରୋଧ, (୫) କାମଜୟ, (୬) ଅବିଦ୍ୟାନାଶ (୭) ଅହଂନାଶ, (୮) ଇନ୍ଦ୍ରିୟ ସଂଯମ, (୯) ରିପୁଦମନ ଓ (୧୦) ସ୍ୱଭାବର ଲୟ ।

(୯୭୩) ଅଦ୍ୱୈତ ଓ ଦ୍ୱୈତଭାବର ସମନ୍ୱୟ : ମନେକର ତୁମେ ଏକା ନା ଦୁଇ ଜଣ ? ପ୍ରକୃତପକ୍ଷରେ ମନୁଷ୍ୟ ଏକ ଆତ୍ମା ! ପୁଣି ତୁମେ ଯେତେବେଳେ ମନେ ମନେ ଚିନ୍ତା କର, କଥା କୁହ, ପ୍ରଶ୍ନୋତ୍ତର ଆଦାନ ପ୍ରଦାନ କର, ନିଜକୁ ବୁଝାଇ ସାନ୍ତ୍ୱନା ଦାନ କର, ସେତେବେଳେ ଜଣାପଡ଼େ ତୁମେ ଯେପରି ବାହାରେ ଜଣେ ହୋଇ ମଧ୍ୟ ଭିତରେ ଆଉ ଜଣେ—ଏଭଳି ଦୁଇଜଣ । ଯେପରି ଆମ ନିଜ ଭିତରେ ଦୁଇ ଭାବ ବିରାଜିତ, ସେହିପରି ବିଶ୍ୱବ୍ରହ୍ମାଣ୍ଡର ଅଭ୍ୟନ୍ତରରେ ମଧ୍ୟ ସେହି ଭାବ ଓ ସତ୍ୟ ବିଦ୍ୟମାନ । ପ୍ରକୃତପକ୍ଷରେ ଆମେ ଏକ ଆତ୍ମା । କିନ୍ତୁ ବ୍ୟାବହାରିକ ଭାବରେ କର୍ମକ୍ଷେତ୍ରରେ ଜାଗତିକ ଭାବରେ ଆମେ ଏକ ହୋଇ ମଧ୍ୟ ପୁରୁଷ ଓ ପ୍ରକୃତି, ସତ୍ୟଚୈତନ୍ୟ ଓ ମନ, ପରମାତ୍ମା ଓ ଜୀବାତ୍ମା—ଏହିପରି ଦୁଇ ଭାଗରେ ବିଭକ୍ତ ହୋଇଥାଉଁ । ସେହିପରି ସମଗ୍ର ବିଶ୍ୱର ଆତ୍ମା ଏକ ଏବଂ ଅଦ୍ୱିତୀୟ ହୋଇ ମଧ୍ୟ କର୍ମ ନିମିତ୍ତ, ଲୀଳା ନିମିତ୍ତ, ଆନନ୍ଦରସ ଆସ୍ୱାଦନ ନିମିତ୍ତ ଦୁଇଜଣ ବୋଲି ପ୍ରତୀତ ହେଉଛନ୍ତି । ଏହି ଦ୍ୱୈତଭାବର ନାମ ଈଶ୍ୱର ଓ

ବିଶ୍ୱପ୍ରକୃତି, ସଗୁଣବ୍ରହ୍ମ ଓ ମାୟା, ପରମାତ୍ମା, ଆତ୍ମା ବା ଶିବଶକ୍ତି, ସତ୍ ଓ ଅସତ୍ ଉଭୟ । ତେଣୁ ପରଂବ୍ରହ୍ମ ଏକ ହୋଇ ମଧ୍ୟ ଲୀଳା ନିମିତ୍ତ ଦ୍ୱୈତସାଜରେ ସଜ୍ଜିତ ହୋଇ ଲୀଳାବିଳାସ କରୁଛନ୍ତି ।

(୯୭୪) ଅବିଦ୍ୟାର ସ୍ୱରୂପ : କ୍ଷୁଧା, ତୃଷା, ରୋଗ ବେଦନା, ବାସନା, କାମନା, ଆଶା ଆକାଙ୍କ୍ଷା, ଲାଭକ୍ଷତି, ଜୟପରାଜୟ, ସିଦ୍ଧି ଅସିଦ୍ଧି, ମାନ ଅପମାନ, ଶୀତ ଗ୍ରୀଷ୍ମ, ସୁଖ ଦୁଃଖ—ଏସବୁ କାହାର ? ଏହାସବୁ ଏହି ଦେହମନ ରୂପ ପ୍ରକୃତିର । ଏସବୁ ଆମର ଅର୍ଥାତ୍ ଆମ ଆତ୍ମାର ନୁହେଁ । ଯେଉଁ ଶକ୍ତିଦ୍ୱାରା ଏହାକୁ ଆମେ ନିଜର ବୋଲି ଭ୍ରମଧାରଣା ପୋଷଣ କରୁଁ, ସେହି ଶକ୍ତିର ନାମ ଅବିଦ୍ୟା । ଏହା କୁସଂସ୍କାର ମାତ୍ର । ଏଥିପାଇଁ ମାନବ ବିବିଧ ଦୁଃଖଯନ୍ତ୍ରଣା ଭୋଗ କରିବାକୁ ବାଧ୍ୟ ହୁଏ । ମନେକର ଜଣେ ଲୋକ ଘୋଡ଼ା ଉପରେ ଚଢ଼ି ଦୂରକୁ ଗମନ କରୁଛି । ହଠାତ୍ ଘୋଡ଼ାଟି କ୍ଷୁଧା-ତୃଷାରେ କାତର ହୋଇପଡ଼ିଲା । ସେ କର୍ତ୍ତବ୍ୟବୋଧରେ ଘୋଡ଼ାରୁ ଅବତରଣ କରି ତାହାର କ୍ଷୁଧା ତୃଷା ନିବାରଣ ନିମିତ୍ତ ଖାଦ୍ୟ ପାନୀୟ ପ୍ରଦାନ କଲା ଏବଂ ଘୋଡ଼ାର ବଞ୍ଚିବା ନିମିତ୍ତ ଯେତିକି ଦରକାର, ଯେତିକି ବିଶ୍ରାମର ବ୍ୟବସ୍ଥା କରି ପୁଣି ସେହି ଯାନରେ ଆରୋହଣ ପୂର୍ବକ ଗନ୍ତବ୍ୟ ସ୍ଥାନକୁ ଗମନ କଲା । କିନ୍ତୁ ଅବିଦ୍ୟାବଶରୁ ଘୋଡ଼ାର କ୍ଷୁଧା ତୃଷାରେ ନିଜର କ୍ଷୁଧାତୃଷା ଜାଗୁଛି ବୋଲି ଭାବି ଅସ୍ଥିର ହୋଇପଡ଼ିବା ମାୟାର କାର୍ଯ୍ୟ । ଆତ୍ମା ଯେତେବେଳେ ନିଜକୁ ଦେହ-ମନ ସହିତ ଏକାକାର ବୋଲି ଅନୁଭବ କରେ ଓ ଭୋଗ କରିବାକୁ ଅଗ୍ରସର ହୁଏ, ସେତେବେଳେ ତାପ ବୋଧ ହୁଏ । ଆତ୍ମା ନିଜେ ଅଜର, ଅମର । କାମନା-ବାସନା ପ୍ରକୃତିର । ସେହି ପ୍ରକୃତି ଅଜ୍ଞାନ । ତେଣୁ ଅବିଦ୍ୟାବଶରୁ ପାର୍ଥିବ ଦ୍ରବ୍ୟ ନାଶରେ ତାହାର ପୁନଃ ପ୍ରାପ୍ତି ନିମିତ୍ତ ଆମର ମନ ବ୍ୟାକୁଳ ହୁଏ । କିନ୍ତୁ ଆତ୍ମାର କୌଣସି ଅଭାବ ନାହିଁ । ସେ ନିତ୍ୟପୂର୍ଣ୍ଣ । ଏହି ମନକୁ, ପ୍ରକୃତିକୁ ଶ୍ରୀଗୁରୁଦେବଙ୍କ ଉପଦେଶ ଅନୁସାରେ ଜୟ କରିପାରିଲେ ଆତ୍ମସ୍ୱରୂପଦର୍ଶନ ବା ଭଗବତ୍ ଦର୍ଶନ ହୋଇଥାଏ । ଶ୍ରୀଗୁରୁଦେବଙ୍କ କୃପା ବ୍ୟତୀତ କେବେହେଲେ ଅଜ୍ଞାନ ନାଶ ହୁଏ ନାହିଁ । ତେଣୁ ସର୍ବଦା ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣପୂର୍ବକ ତାଙ୍କୁ ଆଶ୍ରୟ କରି ବିବେକ ଜ୍ଞାନର ଅନୁଶୀଳନ କରିବା ବିଧେୟ । ଏପରି କଲେ ଯାଇ ଅବିଦ୍ୟା ଜୟ ହୋଇପାରିବ ଓ ସାଧକମାନେ ଆତ୍ମଜ୍ଞାନ ଲାଭ କରିପାରିବେ ।

(୯୭୫) ବୈରାଗ୍ୟ : ଅର୍ଥାଭାବ, ମନସ୍ତାପ, ରୋଗଯାତନା, ଦୁଃଖଶୋକାଦି ତାଡ଼ନାରେ ବିରକ୍ତ ହୋଇ ଯେଉଁ ସଂସାରତ୍ୟାଗ—ତାହାକୁ ବୈରାଗ୍ୟ କୁହାଯାଏ ନାହିଁ । ତାହା ଭୋଗବାସନାର ପ୍ରଚ୍ଛନ୍ନ ରୂପ । ଯାହାଙ୍କର ସଂସାରରେ କୌଣସି ଅଭାବ ନାହିଁ, ଶରୀରରେ ବ୍ୟାଧି ନାହିଁ, ମନରେ ପାପଚିନ୍ତା ନାହିଁ, ସଂସାରରେ କୌଣସି ଦୁଃଖଯନ୍ତ୍ରଣାର କାରଣ ନାହିଁ ଏବଂ ଯେ ଏହି ପାର୍ଥିବ ସଂସାରରେ ସୁଖରେ ଲାଳିତ ପାଳିତ ହୋଇ ମଧ୍ୟ ସଂସାରର ଅନିତ୍ୟତା, ଭୋଗର ଅସାରତା ଅନୁଭବ କରି ଭଗବତ୍ ସଙ୍ଗସୁଖ ଲାଭ ନିମିତ୍ତ ବ୍ୟଗ୍ର ହୋଇ ଶ୍ରୀଗୁରୁଦେବଙ୍କ ସେବା ନିମିତ୍ତ ତାଙ୍କ ଆଶ୍ରୟ ଗ୍ରହଣ କରନ୍ତି ଏବଂ ପ୍ରଣିପାତ, ପରିପ୍ରଶ୍ନ ଓ ସେବାଦ୍ୱାରା ପ୍ରକୃତ ଭଗବତ୍‌ଜ୍ଞାନ ଲାଭ କରିବା ଉଦ୍ଦେଶ୍ୟରେ ସୁଖର ସଂସାର ପ୍ରତି ମମତ୍ୱବୋଧ ତ୍ୟାଗପୂର୍ବକ ଶ୍ରୀଗୁରୁଦେବଙ୍କ ସଂସାରକୁ ନିଜର ବୋଲି ଜ୍ଞାନ କରିଥାନ୍ତି, ସେମାନଙ୍କୁ ପ୍ରକୃତ ବୈରାଗୀ ବା ଅନୁରାଗୀ ଭକ୍ତ କୁହାଯାଏ । ଯେଉଁମାନେ ବୈରାଗ୍ୟ ଉଦୟ ହେବାରୁ ଶ୍ରୀଗୁରୁଦେବଙ୍କ ଆଶ୍ରୟରେ ରହି ତାଙ୍କ ସେବା ରୂପ କର୍ମ ମାଧ୍ୟମରେ ଚିତ୍ତକୁ ଶୁଦ୍ଧ କରନ୍ତି, ସେମାନଙ୍କର ଜ୍ଞାନ ସ୍ୱତଃ ଲାଭ ହୋଇଥାଏ । ଶିଷ୍ୟମାନେ ଯଦି ଶ୍ରୀଗୁରୁଦେବଙ୍କ ପ୍ରତି ବିଶ୍ୱାସୀ ଓ ଶ୍ରଦ୍ଧାବାନ୍ ହୋଇ ସର୍ବଦା ତାଙ୍କ ସେବାପରାୟଣ ହୁଅନ୍ତି ଏବଂ ତାଙ୍କ ଆଦେଶ ପାଳନ କରନ୍ତି, ତେବେ ଜ୍ଞାନ ସ୍ୱତଃ ପ୍ରସ୍ଫୁଟିତ ହୁଏ ।

(୯୭୬) ଅହଂତ୍ୱ : ଅହଂ ଅଭିମାନ ହିଁ ମମତା ଆକାରରେ ଦେଖାଯାଏ । ତେଣୁ ସଂସାରରେ ମମତ୍ୱବୋଧ ହିଁ ଦୁଃଖର ଜନନୀ । ବିଦ୍ୟା ବା ଜ୍ଞାନ ରୂପ କୁଠାରକୁ ସତ୍‌ସଙ୍ଗ ରୂପ ପଥରରେ ଶାଣିତ କରି ଅବିଦ୍ୟାରୂପ ମମତାବୃକ୍ଷ ଛେଦନ କରିବାକୁ ହେବ । ଅହଂତ୍ୱର ବିନାଶ ହେଲେ ଅର୍ଥାତ୍ ସଂସାରର ଯାବତୀୟ ପଦାର୍ଥରୁ ମମତ୍ୱବୋଧ ଅପସାରିତ ହେଲେ ବା 'ମୋର' ବୋଲ ଯେଉଁ ଭାବନା ତାହା ଦୂରୀଭୂତ ହେଲେ, ସାଧନକମାନଙ୍କର ପ୍ରଜ୍ଞାଦୃଷ୍ଟି ଖୋଲିଯାଏ । ଅହଂତ୍ୱ ବା ମମତ୍ୱବୋଧ ଅପସାରଣ ହେଲେ ଦୁଃଖନାଶ ହୁଏ । ଦୁଃଖନାଶ ହେଲେ ଜ୍ଞାନଲାଭ ହୁଏ । ଜ୍ଞାନଲାଭରୁ ଯୋଗ ଏବଂ ଯୋଗରୁ ମୋକ୍ଷଲାଭ ହୋଇଥାଏ । ଜ୍ଞାନ ଲାଭହେଲେ ପୂର୍ଣ୍ଣରୂପେ ଅହଂତ୍ୱ ନାଶ ହୁଏ ଓ ପରାବୈରାଗ୍ୟ ଲାଭ ହୁଏ । ଗୋଟିଏ ଅନ୍ୟଟିର ପରିପୋଷକ । ଅହଂତ୍ୱ ନାଶ ହେଲେ ଜ୍ଞାନ ଲାଭ ହୁଏ ଏବଂ ଜ୍ଞାନ ଲାଭ ହେଲେ ଅହଂତ୍ୱର ବିନାଶ ହୋଇଥାଏ । ପାପଚିନ୍ତା ସତ୍ୟବସ୍ତୁର

ଧାରଣାଦ୍ୱାରା, ଆସକ୍ତି ପ୍ରତ୍ୟାହାରଦ୍ୱାରା ଓ ଜୀବ ଭାବ ଧ୍ୟାନଦ୍ୱାରା ନଷ୍ଟ ହୁଏ । ତେଣୁ ସାଧକମାନେ ଅହଂତ୍ୱ ବିନାଶ କରି ଶ୍ରୀଗୁରୁଦେବଙ୍କ ସେବାରେ ବ୍ରତୀ ହେବା ବିଧେୟ ।

(୯୭୭) ଭକ୍ତିଭାବ : ଈଶ୍ୱର କିମ୍ବା ତାଙ୍କର ନିତ୍ୟ ସତ୍ୟ ସ୍ୱରୂପ ଶ୍ରୀଗୁରୁଦେବ ଏବଂ ଭଗବାନଙ୍କ ନିମିତ୍ତ ଯେଉଁ ଶ୍ରଦ୍ଧାଯୁକ୍ତ ଭାବ ବା ଅନୁରାଗ, ତାଙ୍କର ନାମ, ରୂପ, ଲୀଳା ଏବଂ ତାଙ୍କ ଭକ୍ତମାନଙ୍କ ସେବା ପ୍ରତି ଯେଉଁ ଆନ୍ତରିକ ଆଗ୍ରହ ଓ ତାଙ୍କ ସେବା ନିମିତ୍ତ ଅନ୍ତରର ଯେଉଁ ତୀବ୍ର ପିପାସା, ତାହାକୁ ଭକ୍ତିଭାବ କୁହାଯାଏ । ଭଗବାନଙ୍କ ସହିତ ମନର ଯୋଗସାଧନା ହିଁ ଭକ୍ତିର କାର୍ଯ୍ୟ । ଆତ୍ମା, ଈଶ୍ୱର, ଭଗବାନ, ଦେବତା ଓ ଗୁରୁତତ୍ତ୍ୱ ବିଷୟରେ ଜ୍ଞାନ ନ ଥିଲେ ଭକ୍ତିଭାବ କେବେହେଲେ ସ୍ଥାୟୀ ହୋଇପାରିବ ନାହିଁ । ତେଣୁ ଜ୍ଞାନାଲୋଚନାଦ୍ୱାରା ଭକ୍ତିରେ ନିଷ୍ଠା ଜାତ ହୁଏ । ଜ୍ଞାନାଲୋଚନା ଅଭାବରୁ ସଂସାରରେ କପଟୀ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଅଛି । ଭକ୍ତମାନଙ୍କ ସହିତ ତତ୍ତ୍ୱଜ୍ଞାନର ମିଶ୍ରଣ ନ ଥିଲେ ଅର୍ଥାତ୍ କର୍ମ ମଧ୍ୟରେ ସତ୍ୟଜ୍ଞାନ ଓ ବିବେକ ଜାଗ୍ରତ ନ ହେଲେ ଏବଂ କର୍ମନିଷ୍ଠାର ଅଭାବ ହେଲେ ତଦ୍ଦ୍ୱାରା ଭକ୍ତି ସ୍ଥାୟୀ ହୋଇପାରେ ନାହିଁ; ସୁତରାଂ ଭଗବତ୍ ସେବାଭିଳାଷ ବା ନିତ୍ୟ ସେବକ ଦେହପ୍ରାପ୍ତିକୁ ସ୍ୱରୂପରେ ଲୟ ବୋଲି କୁହାଯାଇଅଛି । ଏହି ଭାବରେ ନିଷ୍ଠା ଥିଲେ ଭଗବାନ ଭାବରୂପରେ ଅନ୍ତରରେ ଦର୍ଶନ ଦାନ କରିଥାନ୍ତି । ଭୋଗ ଓ ଐଶ୍ୱର୍ଯ୍ୟଲାଭର ଇଚ୍ଛା ଭକ୍ତିପଥର ଅନ୍ତରାୟ । ଗୁରୁ ମହାପୁରୁଷମାନେ ଭଗବତ୍‌ଭାବରେ ପ୍ରତିଷ୍ଠିତ ଥାଇ ମୋତେ 'ସୁଖ ପାଅ' ବୋଲି କହିଥିବାରୁ, ତାଙ୍କୁ ସୁଖ ପାଇ, ତାଙ୍କ ନିର୍ଦ୍ଦେଶରେ କର୍ମ କଲେ ଭକ୍ତିଭାବ ଅନ୍ତରରେ ଜାଗ୍ରତ ହେବ ।

(୯୭୮) ଦ୍ୱିବିଧ ଆତ୍ମଭାବ : ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଦ୍ୱିବିଧ ଆତ୍ମଭାବ ବା ଅହଂଭାବ ବିରାଜିତ । ପ୍ରଥମ ଅହଂଭାବକୁ କୁହାଯାଏ ଆତ୍ମା ବା ପୁରୁଷଭାବ । ଦ୍ୱିତୀୟ ଅହଂଭାବକୁ କୁହାଯାଏ ମନ ଓ ପ୍ରକୃତି । ଏହି ମାୟାଚ୍ଛନ୍ନ ପ୍ରାକୃତ ଅହଂଭାବ ପଞ୍ଚଲୋକଭେଦରେ ପଞ୍ଚଧା ବିଭକ୍ତ ହୋଇ କର୍ମ ସମ୍ପାଦନ କରିଥାଏ । ଜୀବ ଯେତେବେଳେ ଯେଉଁ ଲୋକରେ ଅବସ୍ଥାନ କରେ, ସେତେବେଳେ ଏହି ପ୍ରାକୃତ ଅହଂଭାବ ତଦ୍‌ଭାବାପନ୍ନ ହୋଇ ଅବସ୍ଥାନ କରେ । ଏହି ପ୍ରାକୃତ

ଅହଂଭାବକୁ 'ଚୈତନ୍ୟ' ନାମରେ ଅଭିହିତ କରାଯାଇଛି । କାର୍ଯ୍ୟଭେଦରେ ଏହାର ତ୍ରିବିଧ ନାମ ମଧ୍ୟ ଅଛି ।

(୯୭୯) ତ୍ରିବିଧ ଚୈତନ୍ୟ : ମାନବ ଯେତେବେଳେ ଜଗତରେ ସ୍ଥୂଳଦେହରେ ଥାଏ, ସେତେବେଳେ ଏହି ସ୍ଥୂଳଦେହସ୍ଥ ଚୈତନ୍ୟଙ୍କର ନାମ 'ବୈଶ୍ୱାନର ଚୈତନ୍ୟ' । ଦେହସ୍ଥ ମୂଳଧାର ଚକ୍ର ହିଁ ଏହି ଚୈତନ୍ୟଙ୍କର ସ୍ଥାନ । ଏହି ଭାବରେ ଭୁବଃ ଓ ସ୍ୱର୍ଲୋକର ଚୈତନ୍ୟଙ୍କୁ 'ତୈଜସ ଚୈତନ୍ୟ' କୁହାଯାଏ । ଏହା ହିଁ ଭୁବଃ ଓ ସ୍ୱର୍ଲୋକର ଆଧାତ୍ମିକ ଅବସ୍ଥା । ଜୀବଦେହର ମଣିପୁର ଓ ସ୍ୱାଧିଷ୍ଠାନ ଚକ୍ରରେ ଏହି ଚୈତନ୍ୟ ଅଧିଷ୍ଠିତ ଥାଇ ସେହି ଦେହକୁ ଚାଳିତ କରନ୍ତି । ତତ୍ପରେ ଦେହର ବିଜ୍ଞାନମୟ କୋଷସ୍ଥ ଅହଂକାର ଅନାହତ ଚକ୍ରରେ ଏବଂ ଜନଲୋକସ୍ଥ ଚୈତନ୍ୟ ବିଶୁଦ୍ଧ ଚକ୍ରରେ ଅବସ୍ଥାନ କରିଥାନ୍ତି । ଏହି ଚୈତନ୍ୟଙ୍କର ନାମ 'ପ୍ରାଜ୍ଞ ଚୈତନ୍ୟ' । ଉପରୋକ୍ତ ତ୍ରିବିଧ ଚୈତନ୍ୟ ବୈଶ୍ୱାନର, ତୈଜସ ଓ ପ୍ରାଜ୍ଞ ନାମରେ ପଞ୍ଚକୋଷ ମଧ୍ୟରେ ଅବସ୍ଥାନ କରନ୍ତି । ଏହି ତ୍ରିବିଧ ଚୈତନ୍ୟରେ ଅଳ୍ପାଧିକ ପରିମାଣରେ ଅବିଦ୍ୟା, ପ୍ରକୃତି ଶକ୍ତି ଓ ମାୟା ବା ଅହଙ୍କାର ବିଦ୍ୟମାନ ଥାଏ । ଏହି ଅହଂ ଭୋକ୍ତା ବା ଅଜ୍ଞାନାନ୍ଧ । ଏହାକୁ ସାଧାରଣତଃ ପଞ୍ଚମନ ଏବଂ ବେଦାନ୍ତଶାସ୍ତ୍ରାନୁସାରେ ତଳ ଡାଳରେ ବସିଥିବା ପକ୍ଷୀ କୁହାଯାଏ । ବିବେକ ଜ୍ଞାନଦ୍ୱାରା ଏହି ଚୈତନ୍ୟଙ୍କର ଲୟ ସାଧିତ ହୋଇଥାଏ । ଏହି ତ୍ରିବିଧ ଚୈତନ୍ୟଙ୍କୁ ପ୍ରାକୃତ ଅହଂଭାବ ମଧ୍ୟ କୁହାଯାଏ ।

(୯୮୦) ଅକ୍ଷର-ପୁରୁଷଭାବ : ପ୍ରତ୍ୟେକ ମାନବ ମଧ୍ୟରେ ଆଉ ଗୋଟିଏ ପ୍ରକାର ସ୍ଥିର ଅହଂଭାବ ବିରାଜମାନ । ଏହା ନିତ୍ୟ ସତ୍ୟ ଭାବ ଓ ଅପ୍ରାକୃତ; ଏ ହେଉଛନ୍ତି ସର୍ବଜ୍ଞ, ଦ୍ରଷ୍ଟାପୁରୁଷ ଓ ମାୟାତୀତ । କିନ୍ତୁ ଏହି ଚୈତନ୍ୟ ସମସ୍ତଙ୍କ ଭିତରେ ସମଭାବରେ ଜାଗ୍ରତ ନ ଥାନ୍ତି । ଏହି ଅପ୍ରାକୃତ ସ୍ଥିର ଅହଂଭାବ ମଧ୍ୟ ଦ୍ୱିବିଧ । ଏହି ଅହଂ ଯେତେବେଳେ ଏକ ହୋଇ ମଧ୍ୟ ବହୁଭାବରେ ପ୍ରତୀୟମାନ ହୁଅନ୍ତି, ସେତେବେଳେ ତାହାଙ୍କୁ ଅଭେଦ ଅକ୍ଷର ପୁରୁଷ ବା ଆତ୍ମା କୁହାଯାଏ । ଏହି ଚୈତନ୍ୟ ସ୍ୱରୂପରେ ଅବସ୍ଥାନ କଲେ ତାଙ୍କର ନାମ ହୁଏ ପରମାତ୍ମା । ଏହାଙ୍କୁ ଅକ୍ଷରବ୍ରହ୍ମ ବା ପରମେଶ୍ୱର କୁହାଯାଏ । ଆତ୍ମାର ସ୍ଥାନ ଆଜ୍ଞାଚକ୍ରରେ ଏବଂ ପରମାତ୍ମାଙ୍କ ସ୍ଥାନ ଜୀବଦେହର ସହସ୍ରାରରେ । ଏହାଙ୍କୁ ବେଦାନ୍ତଶାସ୍ତ୍ରରେ ଦ୍ରଷ୍ଟା ପୁରୁଷ ବା ସ୍ଥିରପକ୍ଷୀ କୁହାଯାଇଛି । ନିମ୍ନସ୍ଥ ପ୍ରାକୃତ ଅହଂ ଭୋକ୍ତା ଏବଂ

ଦ୍ରଷ୍ଟା ଆତ୍ମା ନିଷ୍କ୍ରିୟ । ଏହାଙ୍କର ସମଷ୍ଟିଭାବାପନ୍ନ ଅବସ୍ଥାକୁ ପରମେଶ୍ୱର କୁହାଯାଏ । ଏ ହେଉଛନ୍ତି ପ୍ରକୃତିର ନିୟନ୍ତା । ଏହି ଈଶ୍ୱରଙ୍କ ଛାୟା ଜୀବର ହୃଦୟପଦ୍ମରେ ପତିତ ହେଲେ ତାଙ୍କ ନାମ ହୁଏ ଈଶ୍ୱର । ଈଶ୍ୱର ଜୀବମାନଙ୍କୁ ଯନ୍ତ୍ରବତ୍ ପରିଚାଳନା କରନ୍ତି । ଏହାଙ୍କୁ ଭଗବାନଙ୍କ ଶ୍ରୀହରି ବୋଲି କୁହାଯାଏ । ହରି ଓ ହରଙ୍କ ଏକତ୍ର ସମ୍ମିଳିତ ଭାବକୁ ହିଁ ଭଗବାନ କୁହାଯାଏ । (୧) ନିରୁପାଧି ବ୍ରହ୍ମଭାବ ବା ଦ୍ରଷ୍ଟା ଅବ୍ୟକ୍ତ ଭାବ, (୨) ବ୍ୟକ୍ତ ପରମାତ୍ମା ଭାବ, (୩) ସକ୍ରିୟ ଈଶ୍ୱରଭାବ– ବ୍ରହ୍ମଙ୍କର ଏହି ତ୍ରିବିଧ ଭାବ ବିଦ୍ୟମାନ । ଶ୍ରୀଗୁରୁଦେବଙ୍କ ନିର୍ଦ୍ଦିଷ୍ଟ କ୍ରିୟାଯୋଗ ଅଭ୍ୟାସ କଲେ ଏହି ଭାବ ଅନୁଭୂତ ହୋଇଥାଏ ।

(୯୮୧) ନିରାକାର ଭାବ : ନିରାକାର ଅର୍ଥାତ୍ ଆକାରଶୂନ୍ୟ ଭାବ । ଯେପରି ଜଳ ଯେଉଁ ପାତ୍ରରେ ରଖାଯାଏ, ତାହା ସେହି ପାତ୍ରର ଆକାର ଧାରଣ କରେ, ସେହିପରି ଭଗବାନଙ୍କୁ ଯେ ଯେଉଁ ଭାବରେ ଭାବନ୍ତି, ସେ ସେହି ଭାବରେ ପ୍ରତୀୟମାନ ହୁଅନ୍ତି । ନିରାକାର ଅର୍ଥ, ତାଙ୍କର ନିର୍ଦ୍ଦିଷ୍ଟ ଆକାର ନାହିଁ । ଅନ୍ୟ ଅର୍ଥରେ ନିଶ୍ଚୟ ଆକାର ଯାହାଙ୍କର ଅଛି ସେ ନିରାକାର । ତେଣୁ ସେ ନରାକାର । ସମସ୍ତ ନରନାରୀଙ୍କ ମଧ୍ୟରେ ତାଙ୍କର ଅବସ୍ଥାନ । ସୁତରାଂ ନର ହିଁ ନାରାୟଣଙ୍କ ଅଧିଷ୍ଠାନ କ୍ଷେତ୍ର; ନରନାରୀଙ୍କ ସେବା ହିଁ ଯଥାର୍ଥ ନାରାୟଣ-ସେବା । ନିରାକାର ନରରୂପରେ ବିରାଜିତ । ଏଥିପାଇଁ ନାରାୟଣ ଜ୍ଞାନରେ ନରମାନଙ୍କ ସେବା ହିଁ ଶ୍ରେଷ୍ଠ ଭଗବତ୍ ଉପାସନା ମଧ୍ୟରେ ଗଣ୍ୟ । ଯଦି ସେ ନରାକାର, ତେବେ ସେ ସ୍ତ୍ରୀ ନା ପୁରୁଷ ? ସେ ପ୍ରକୃତି-ପୁରୁଷଙ୍କ ମିଳିତ ବିଗ୍ରହ; ଅର୍ଥାତ୍ ଶ୍ରୀଗୌରାଙ୍ଗଦେବଙ୍କ ସ୍ୱରୂପ । ଶ୍ରୀଗୁରୁଦେବ ହିଁ ଶ୍ରୀ ଗୌରାଙ୍ଗଦେବଙ୍କ ସ୍ୱରୂପ । ତେଣୁ ଶ୍ରୀଗୁରୁଦେବଙ୍କ ସେବା ହିଁ ଭଗବତ୍‌ସେବା ମଧ୍ୟରେ ଗଣ୍ୟ ।

(୯୮୨) ମାତୃଭାବ : ପ୍ରତ୍ୟେକ ନରନାରୀ ବାତ୍ସଲ୍ୟଭାବରେ ଅର୍ଥାତ୍ ସନ୍ତାନକୁ ଜନନୀ ଯେପରି ସ୍ନେହଚକ୍ଷୁରେ ଦର୍ଶନ କରି ସେବା କରେ, ସେହି ଭାବରେ ଅପର ନରନାରୀଙ୍କ ସେବା, ଗୁରୁସେବା, ସ୍ୱାମୀସେବା କରିବାକୁ ମାତୃଭାବ କୁହାଯାଏ । ଏହା ହିଁ ସେବକମାନଙ୍କର ଶ୍ରେଷ୍ଠ ସାଧନା । ସ୍ନେହ ଓ ପ୍ରେମ ନାରୀ-ପ୍ରକୃତିର ବୈଶିଷ୍ଟ୍ୟ । ନାରୀମାନଙ୍କଠାରୁ ପୁରୁଷମାନେ ଏହି ସୁଖ ପାଇବା ଶିକ୍ଷା କରିବା ଉଚିତ । ସୁଖ ପାଇବା ବୃତ୍ତି ନାରୀମାନଙ୍କର ସ୍ୱଭାବସିଦ୍ଧ । ଆତ୍ମୋତ୍ସର୍ଗ ହିଁ ସ୍ନେହ-ପ୍ରେମର ମୌଳିକ ଲକ୍ଷଣ । ପ୍ରତିଦାନ ବାଞ୍ଛାଶୂନ୍ୟ ନିର୍ମଳ ପ୍ରେମର ଦୃଷ୍ଟାନ୍ତ କେବଳ ମାତୃଭାବରେ ଦେଖାଯାଏ । ସନ୍ତାନର ଅକୃତଜ୍ଞତା ଓ ଅବୁଝା ଭାବରେ

ମଧ୍ୟ ମାତୃଭାବ ହ୍ରାସ ହୋଇଯାଏ ନାହିଁ । ତେଣୁ ମର୍ତ୍ତ୍ୟପ୍ରେମ ବା ପ୍ରାକୃତ ପ୍ରେମର ଚରମସୀମା ମାତୃତ୍ୱ । ସେବାସୁଖ ସମ୍ପାଦନ ଯଦି ସତୀମାନଙ୍କ ପତିପ୍ରେମ ବୋଲି ଧରିନିଆଯାଏ, ତେବେ ବୁଝିବାକୁ ହେବ ଯେ, ସେତେବେଳେ ସତୀ ବାତ୍ସଲ୍ୟ ଭାବରେ ପ୍ରତିଷ୍ଠିତା । ସନ୍ତାନକୁ କୋଳରେ ଧରିବା ମାତ୍ରକେ ଜନନୀ ମଧ୍ୟରେ ସହିଷ୍ଣୁତା, କରୁଣା, କ୍ଷମା, ସେବାଯତ୍ନର ଆକାଙ୍‌କ୍ଷା ଓ ଆତ୍ମସୁଖ ବିସର୍ଜନ ଦେଇ ସୁଖ ପାଇବାର ପ୍ରେରଣା ଜାଗିଉଠେ । ସେତେବେଳେ ପ୍ରତ୍ୟେକ ଜନନୀ ଦେବୀ ଆସନରେ ଉପବିଷ୍ଟା । ଯେ କେବଳ ନିଜ ସନ୍ତାନକୁ ସୁଖ ପାଇ ଅନ୍ୟ ସନ୍ତାନ ପ୍ରତି ନିଷ୍ଠୁର ଆଚରଣ ପ୍ରଦର୍ଶନ କରନ୍ତି, ସେ ଜନନୀ ହୋଇଥିଲେ ମଧ୍ୟ ତାଙ୍କଠାରେ ମାତୃଭାବ ନାହିଁ । ତାଙ୍କୁ ସାଧାରଣ ରମଣୀ ବୋଲି କୁହାଯାଏ । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଯେଉଁ ଭାବ, ତାହା ସଖ୍ୟଭାବର ଅନ୍ତର୍ଗତ ।

ଶିବ ପାର୍ବତୀଙ୍କ ମଧ୍ୟରେ ଯେଉଁ ପ୍ରେମପ୍ରୀତିଭାବ, ତାହା ଏହି ବାତ୍ସଲ୍ୟଭାବର ଅନ୍ତର୍ଗତ । ଅଷ୍ଟବର୍ଷୀୟା ଗୌରୀଦେବୀଙ୍କୁ ସୁଖ ପାଇଛନ୍ତି ଅତି ବୃଦ୍ଧ ଶିବ । ଗୌରୀ ଦେବୀ ମଧ୍ୟ ଶିବଙ୍କୁ ପୁତ୍ରଦୃଷ୍ଟିରେ ଦେଖି ଅନ୍ନ ବିତରଣ କରିଛନ୍ତି । ସେ ବିଶ୍ୱଜନନୀ; ସେ ଶିବଙ୍କୁ ମଧ୍ୟ ପ୍ରସବ କରିଛନ୍ତି; ସୁତରାଂ ସେ ମାତୃତ୍ୱରେ ପ୍ରତିଷ୍ଠିତ ରହି କେବଳ ବିଶ୍ୱକୁ ପ୍ରସବ କରି ନାହାନ୍ତି, ସେ ଶିବଙ୍କର ମଧ୍ୟ ଜନନୀ । ଦେବୀ-ସୂକ୍ତରେ ଏହାର ଉଲ୍ଲେଖ ଅଛି । ପରମା ପ୍ରକୃତିଙ୍କର ଏହି ବିଶ୍ୱବ୍ୟାପ୍ତ ମାତୃମୂର୍ତ୍ତି ହିଁ ତାଙ୍କର ଅନ୍ନପୂର୍ଣ୍ଣା ବିଗ୍ରହ । ଶିବ ମଧ୍ୟ ତାଙ୍କ ନିକଟରେ ପ୍ରେମଭିଖାରି ଭାବରେ ଦଣ୍ଡାୟମାନ । ବାତ୍ସଲ୍ୟଭାବର ସାଧକମାନେ ଜଗଦ୍‌ବାସୀଙ୍କୁ ତାଙ୍କର ପୁତ୍ରକନ୍ୟା ବୋଲି ଭାବି ସେବାନିରତ ଥା'ନ୍ତି । ମା'ମାନେ ଯଦି ସେହି ଆଦିମାତାଙ୍କ ଆଦର୍ଶରେ ନିଜକୁ ଗଠନ କରିପାରିବେ, ତେବେଯାଇ ସେମାନେ ମାତୃଭାବରେ ପ୍ରତିଷ୍ଠିତା ହୋଇ ନରନାରାୟଣଙ୍କ ସେବା କରିପାରିବେ । ସେତେବେଳେ ଯାଇ ଯଥାର୍ଥରେ ନାରୀପ୍ରଗତି ସାର୍ଥକ ହେବ ।*

(୯୮୩) ସ୍ୱସ୍ତିବାଚନ : ମନୁଷ୍ୟ ସମାଜରେ ଜନ୍ମଗ୍ରହଣ କରିବା ମାତ୍ରେ ନାନାପ୍ରକାର ଶକ୍ତି ଓ ସାହାଯ୍ୟ ନାନା ସ୍ଥାନରୁ ପ୍ରାପ୍ତ ହୋଇ ଜୀବନପଥରେ ଅଗ୍ରସର ହୋଇଥାଏ । ଏଥିନିମିତ୍ତ ମନୁଷ୍ୟକୁ ସମସ୍ତଙ୍କ ନିକଟରୁ ପ୍ରାପ୍ତ ଉପକାରର ସ୍ମରଣପୂର୍ବକ ଯଥାଶକ୍ତି ସମସ୍ତଙ୍କ ଋଣ ପରିଶୋଧ କରିବାକୁ ପଡ଼ିବ । ଉପକାରୀମାନଙ୍କର ଉପକାର ସ୍ମରଣପୂର୍ବକ କୃତଜ୍ଞତା ପ୍ରକାଶ କଲେ ସେମାନଙ୍କ

* ଶ୍ରୀଯୁକ୍ତା ନାରାୟଣୀ ଦେବୀଙ୍କ ସୌଜନ୍ୟରୁ ପ୍ରାପ୍ତ

ଋଣ ପରିଶୋଧ ହୋଇଥାଏ। ପୁଣି ନିଜ ଅହଂଭାବ ମଧ୍ୟ ହ୍ରାସପ୍ରାପ୍ତ ହୁଏ। ଚରିତ୍ରରେ ବିନୟ ଓ ନମ୍ରତା ଦେଖାଦିଏ। ଗୁରୁ, ଗୁରୁଜନମାନଙ୍କଠାରୁ ଜ୍ଞାନ ଏବଂ ପିତାମାତାଙ୍କଠାରୁ କ୍ଷୁଧା ଓ ଭୟରୁ ତ୍ରାଣ ମିଳେ। ଫଳରେ ଶରୀର ରକ୍ଷା ହୁଏ। ବନ୍ଧୁବାନ୍ଧବମାନେ ନାନାଭାବରେ ସାହାଯ୍ୟ ସହାନୁଭୂତି ପ୍ରଦାନ କରନ୍ତି। ଦେବତାମାନଙ୍କଠାରୁ ଶକ୍ତି, ନାରାୟଣଙ୍କଠାରୁ ଧନ ଓ ଐଶ୍ୱର୍ଯ୍ୟ ଲାଭ ହୋଇଥାଏ। ସୁତରାଂ ବ୍ୟଷ୍ଟି ଭାବରେ ପଞ୍ଚଯଜ୍ଞ ଅନୁଷ୍ଠାନ ଦ୍ୱାରା ଏବଂ ସମଷ୍ଟି ଭାବରେ ବିଶ୍ୱ ଦେବତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନଦ୍ୱାରା ସେମାନଙ୍କ ଋଣ ପରିଶୋଧ ହୋଇଥାଏ। ସ୍ୱସ୍ତିବାଚନ ସେହି କୃତଜ୍ଞତା ପ୍ରକାଶର ବାହ୍ୟରୂପ। ସମସ୍ତଙ୍କୁ ସନ୍ତୁଷ୍ଟ ରଖି ଶୁଭକାର୍ଯ୍ୟରେ ସମସ୍ତଙ୍କର ଆଶୀର୍ବାଦ ପ୍ରାର୍ଥନା କରିବା ମନୁଷ୍ୟର ଅବଶ୍ୟ କର୍ତ୍ତବ୍ୟ। ସ୍ୱସ୍ତିବାଚନଦ୍ୱାରା କୃତଜ୍ଞତା ପ୍ରକାଶ କରିବା ଆର୍ଯ୍ୟଧର୍ମର ପ୍ରଧାନ ଅଙ୍ଗ। ଯେ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ତୁମ ଉପରେ ଅସନ୍ତୁଷ୍ଟ ଥିବେ କିମ୍ବା ଜଣେ ହେଲେ ତୁମଦ୍ୱାରା ମର୍ମପୀଡ଼ା ପ୍ରାପ୍ତ ହେଉଥିବେ; ସେ ପର୍ଯ୍ୟନ୍ତ ତୁମେ ଭଗବତ୍‌ଧାମରେ ପ୍ରବେଶ କରିପାରିବ ନାହିଁ। ଏହି ଋଣ ପରିଶୋଧ ନିମିତ୍ତ ସାଧକଙ୍କୁ ବାରମ୍ବାର ଧରାଧାମକୁ ଆସିବାକୁ ପଡ଼ିବ। ତେଣୁ ସ୍ୱସ୍ତିବାଚନଦ୍ୱାରା ସମସ୍ତଙ୍କ ଋଣପରିଶୋଧର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ମୁଖରୁ ତୁମ ପ୍ରତି ଆଶୀର୍ବାଦ ସ୍ୱରୂପ ତୁମର ଶୁଭ କାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ ହେଉ—ଏହି ବାକ୍ୟ ଉଚ୍ଚାରଣ କରାଇବାକୁ ପଡ଼ିବ। 'ସ୍ୱ' ଅର୍ଥ ମଙ୍ଗଳ, 'ଅସ୍ତି' ଅର୍ଥ ହେଉ—'ତୁମର ମଙ୍ଗଳ ହେଉ' ଏହା ଆର୍ଯ୍ୟ ସଭ୍ୟତାର ବିଶିଷ୍ଟ ଅଙ୍ଗ। ଯେଉଁ ଋଷିମାନଙ୍କଠାରୁ ଆମେ ଜ୍ଞାନ ଲାଭ କରିଛୁ, ସ୍ୱାଧ୍ୟାୟ ବା ଜ୍ଞାନାଲୋଚନାଦ୍ୱାରା ସେହି ଋଣ ପରିଶୋଧ କଲେ ସେମାନଙ୍କଠାରୁ ଆଶୀର୍ବାଦ ମିଳିଥାଏ।

(୯୮୪) ଆସକ୍ତି ଓ ଭକ୍ତିର ସ୍ୱରୂପ ଲକ୍ଷଣ : ସାଧାରଣତଃ ପୁତ୍ରସ୍ନେହ, ପତିପ୍ରେମ, ପିତୃମାତୃଭକ୍ତି ଏବଂ ଈଶ୍ୱରପ୍ରୀତି ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ଗୋଟିଏ ବୃତ୍ତି ଯଥା ରାଗ, ଅନୁରାଗ, ଆସକ୍ତି ବା ମନର ଆକର୍ଷଣ ବିଭିନ୍ନ ପାତ୍ର ଭେଦରେ ସ୍ନେହ, ମମତା, ପ୍ରୀତି, ଭକ୍ତି ବା ପ୍ରେମ ପ୍ରଭୃତି ବିଭିନ୍ନ ନାମ ଧାରଣ କରେ। ସେହି ରାଗ ବା ଆସକ୍ତି ମଧ୍ୟରେ ଯେଉଁ କ୍ଷେତ୍ରରେ ସ୍ୱାର୍ଥ, କାମ, ଭୋଗବାସନା ବା ଇନ୍ଦ୍ରିୟପରିତୃପ୍ତିର ଇଚ୍ଛା ବିଦ୍ୟମାନ ଥାଏ, ତାହାକୁ ରାଗ କୁହାଯାଏ। ଯେଉଁଠାରେ ରାଗ, ତାହାରି ପଛରେ ଦ୍ୱେଷଭାବ ପ୍ରଚ୍ଛନ୍ନ ଭାବରେ ବିରାଜିତ। ବୈଷୟିକ

ଦେହାତ୍ମବୋଧ ମୂଳକ ଇଚ୍ଛାକୁ କାମରାଗ କୁହାଯାଏ । କାମରାଗ ଥିବାରୁ ଦ୍ୱେଷଭାବ ମଧ୍ୟ ସେଠାରେ ଲୁକ୍‌କାୟିତ ଭାବରେ ଥାଏ । ପୁତ୍ର ଯଦି ପିତାଙ୍କୁ ଅବମାନନା କରି କଷ୍ଟ ପ୍ରଦାନ କରେ, ତାହେଲେ ପିତା ପୁତ୍ରସ୍ନେହ ବିସର୍ଜନ ଦେଇଥାଆନ୍ତି । ଏ କ୍ଷେତ୍ରରେ ପୁତ୍ର ପ୍ରତି ସ୍ନେହ, ଦ୍ୱେଷରେ ପରିଣତ ହୋଇଯାଏ । ଉପରୋକ୍ତ ଭାବରେ ଭୌତିକ ରାଗ ମଧ୍ୟରେ ଦ୍ୱେଷ ପ୍ରଚ୍ଛନ୍ନ ଭାବରେ ବିଦ୍ୟମାନ ଥାଏ । ଏହି ଭୌତିକ ଦେହାତ୍ମବୋଧମୂଳକ ପ୍ରୀତିକୁ ଆସକ୍ତି କୁହାଯାଏ । ଏହା ପରାନୁରକ୍ତି ନୁହେଁ । ଏହି ଆସକ୍ତି ସ୍ୱାର୍ଥାଭିସନ୍ଧିମୂଳକ ଏକପ୍ରକାରର ମାୟାମୟ ବିକୃତ ଆକର୍ଷଣ । ଏହି ଦେହାଭିମାନ ରୂପ ଆସକ୍ତିରୁ ବିବିଧ ଅନିଷ୍ଟ ସାଧିତ ହୋଇଥାଏ ।

କିନ୍ତୁ ଈଶ୍ୱରାନୁରକ୍ତି, ଭଗବତ୍ ଭକ୍ତି ଓ ଆଧ୍ୟାତ୍ମିକ ପ୍ରେମଭାବ ଏହାର ସମ୍ପୂର୍ଣ୍ଣ ବିପରୀତ । ଦ୍ୱେଷଲେଶହୀନ ଅନୁରାଗକୁ ଭକ୍ତି ବା ପ୍ରୀତି କୁହାଯାଏ । ଏହା ହିଁ ଭକ୍ତିର ଯଥାର୍ଥ ଲକ୍ଷଣ । ଏହାକୁ ପରାନୁରକ୍ତି କୁହାଯାଏ । ପ୍ରେମ ମଧ୍ୟରେ ସ୍ୱସୁଖବାଞ୍ଛା ନ ଥାଏ । ତେଣୁ ଭକ୍ତି ଓ ପ୍ରେମର ସ୍ୱାଭାବିକ ଲକ୍ଷଣ ହେଉଛି ପୂର୍ଣ୍ଣ ନିଷ୍କାମ । ତାହା ଅହେତୁକୀ ଏବଂ ସ୍ୱତଃସିଦ୍ଧା ପରାପ୍ରକୃତି । ଦ୍ୱେଷଯୁକ୍ତ ରାଗଭାବ ହିଁ ଏ ଜଗତରେ ଯାବତୀୟ ଦୁଃଖର ମୌଳିକ କାରଣ । କାରଣ ସ୍ୱାର୍ଥରେ ସାମାନ୍ୟ ଆଘାତ ଲାଗିଲେ ଅନୁରାଗ ଦ୍ୱେଷରେ ପରିଣତ ହୋଇଯାଏ । ଅତଏବ ଦ୍ୱେଷଯୁକ୍ତ ରାଗକୁ ବୈଷୟିକ ଆସକ୍ତି ବା କାମ ଏବଂ ଦ୍ୱେଷମୁକ୍ତ ଅନୁରକ୍ତିକୁ ଭକ୍ତି କୁହାଯାଏ ।

(୯୮୫) ଭକ୍ତ ଓ ଭଗବାନଙ୍କର ଲକ୍ଷଣ : ଭଗବତ୍ ଭକ୍ତିଭାବ ମନ ମଧ୍ୟରେ ଉଦିତ ହେଲେ ଭକ୍ତଙ୍କର କୌଣସି ପ୍ରକାର ଦୁଃଖଯନ୍ତ୍ରଣା, ମନୋବେଦନା, କ୍ଲେଶ, ବାସନା, ଉଦ୍‌ବେଗ, ଅଶାନ୍ତି ଓ ମନଚାଞ୍ଚଲ୍ୟର କାରଣ ରହେ ନାହିଁ । ଭଗବାନଙ୍କଠାରେ କ୍ଲେଶ (ସୁଖ ଦୁଃଖ ଭାବ), କର୍ମ (ବାସନାମୂଳକ କର୍ମଫଳ), ବିପାକ (ବାଧାବିଘ୍ନ ବିପଦ) ଓ ଆଶୟ (ବାସନା, ଆଶା ଆକାଙ୍କ୍ଷା) ନ ଥାଏ । ସୁତରାଂ ଯେଉଁ ମହାପୁରୁଷଙ୍କ ଅନ୍ତରରେ କ୍ଲେଶ, କର୍ମ, ବିପାକ ଓ ଆଶୟ ନ ଥାଏ, ତାଙ୍କୁ ହିଁ ଭଗବାନ କୁହାଯାଏ । ପ୍ରକୃତ ଭକ୍ତ ଭଗବତ୍ ନାମ-ରୂପ-ଗୁଣ-ଲୀଳାରେ ଭଜନକରିବା ଫଳରେ ସେହି ଭକ୍ତଙ୍କ ଭିତରେ କ୍ରମେ ଭଗବତ୍ ଶକ୍ତି ପ୍ରବେଶ କରି ତାଙ୍କୁ ଉପରୋକ୍ତ ଭଗବତ୍ ଗୁଣର କିଞ୍ଚିତ ଅଧିକାରୀ କରିଥାଏ । ତେଣୁ ଭକ୍ତି, ଭକ୍ତ ଓ ଭଗବାନଙ୍କର ସ୍ୱରୂପ ଏକ ଏବଂ ଅଭିନ୍ନ । ଭଗବାନଙ୍କଠାରେ ଯାହା ପୂର୍ଣ୍ଣଭାବରେ ବିଦ୍ୟମାନ, ଭକ୍ତଙ୍କ ମଧ୍ୟରେ ତାହାର ଅଂଶ ବିଦ୍ୟମାନ ଥିବାରୁ ତାଙ୍କୁ ଭକ୍ତ କୁହାଯାଏ ।

(୯୮୬) **ପ୍ରଜ୍ଞାର ସ୍ୱରୂପ :** ପ୍ରଜ୍ଞା ଆତ୍ମାର ଶକ୍ତି; ତାହାର ଅପର ନାମ ପ୍ରଜ୍ଞାନ, ପ୍ରଜ୍ଞାନାତ୍ମା, ପ୍ରାଜ୍ଞ, ବିବେକ ଓ ପ୍ରତିଭା । ଏହା ଏକାର୍ଥବାଚକ ଶବ୍ଦ । ଆତ୍ମାର ଅଭ୍ୟନ୍ତରସ୍ଥିତ ସ୍ୱାଭାବିକ ଓ ସ୍ୱତଃସିଦ୍ଧ ଜ୍ଞାନଭାବକୁ ପ୍ରଜ୍ଞା କୁହାଯାଏ । ଅର୍ଥାତ୍ ପ୍ରଜ୍ଞାଦ୍ୱାରା ଆତ୍ମଜ୍ଞାନ ଉପଲବ୍ଧ ହୋଇଥାଏ ।

ପୁନଶ୍ଚ ଯେତେବେଳେ ସାଧକ ବିବେକଚ୍ୟୁତ ହୋଇ ଭେଦ ବିଷୟ ଜ୍ଞାନକୁ ଖସିଆସନ୍ତି, ସେତେବେଳେ ତାହାର ନାମ ବୁଦ୍ଧି । ଯେଉଁ ଅଜ୍ଞାନାନ୍ଧ ଶକ୍ତି ସାହାଯ୍ୟରେ ମନ ବୁଦ୍ଧି ବିଷୟ ଗ୍ରହଣ କରେ, ତାହାର ନାମ ଇନ୍ଦ୍ରିୟ । ତେଣୁ ଇନ୍ଦ୍ରିୟଦ୍ୱାରା ଯାହା ଉପଲବ୍ଧ ହୁଏ, ତାହା ମିଥ୍ୟା ମାୟା ବା ଅବିଦ୍ୟା । ଇନ୍ଦ୍ରିୟଜ୍ଞାନଦ୍ୱାରା ପ୍ରଜ୍ଞାଶକ୍ତି ଆବୃତ ଥିବାରୁ ମାନବ ଆତ୍ମଜ୍ଞାନ ଲାଭ କରିପାରେ ନାହିଁ ।

(୯୮୭) **ଧ୍ୟାନ ଧାରଣା :** ସାଧନମାର୍ଗରେ ଧ୍ୟାନଧାରଣା, ଧୃତି, ଶ୍ରଦ୍ଧା, ସମାଧାନ ଓ ସମାଧି ଏକାର୍ଥବାଚକ ଶବ୍ଦ । ପରମାତ୍ମା ଓ ପରମେଶ୍ୱରଙ୍କଠାରେ ମନ, ବୁଦ୍ଧି ଓ ଚିତ୍ତର ଯେଉଁ ଧାରଣା ବା ନିତ୍ୟ ସଂଯୋଗ, ତାହାର ନାମ ଧାରଣା ।

ଧୃ ଧାତୁରୁ ଅନଟ୍ + ସ୍ତ୍ରୀଲିଙ୍ଗରେ ଆ ପ୍ରତ୍ୟୟ = ଧାରଣା । ଧୈ + ଆନଟ୍ = ଧ୍ୟାନ । ସମ୍ + ଆ + ଧ + ଅନଟ୍ = ସମାଧାନ । ସମ୍ + ଆ + ଧ + ନି = ସମାଧି । ସତ୍ + ଧା + ଙ + ସ୍ତ୍ରୀଲିଙ୍ଗରେ ଆ = ଶ୍ରଦ୍ଧା ।

ଅତଏବ ସାଧନାର ମୂଳମନ୍ତ୍ର ଏହି ଧା ଓ ଧୃ ଧାତୁରେ ଅନ୍ତର୍ନିହିତ । ଜ୍ଞାନଯୋଗରେ ଯାହାକୁ ସମାଧି କୁହାଯାଏ, ଭକ୍ତିଯୋଗରେ ତାହାର ନାମ ଶ୍ରଦ୍ଧା । ରାଜଯୋଗରେ ତାହାର ନାମ ଧ୍ୟାନ ଧାରଣା ଓ ବେଦାନ୍ତ ମତରେ ତାହାର ନାମ ସମାଧାନ ବା ଏକନିଷ୍ଠତା । ପରମାତ୍ମାଙ୍କଠାରେ ସାଧକଙ୍କ ଆତ୍ମା ଓ ମନର ଯେଉଁ ନିତ୍ୟସଂଯୋଗ ଭାବ, ତାହା ହିଁ ଶାସ୍ତ୍ର ମତାନୁସାରେ ସାଧନା ବୋଲି ଉଲ୍ଲେଖ କରାଯାଇଛି ।

(୯୮୮) **ଶ୍ରୀ ଗୌରାଙ୍ଗଦେବଙ୍କ ପଥ :** ଶ୍ରୀ ଗୌରାଙ୍ଗଦେବଙ୍କ ଭକ୍ତିପଥରେ (୧) ନାମ ଭକ୍ତିର ପ୍ରଚାର, (୨) ପ୍ରେମଭକ୍ତି ଭାବ ଓ (୩) ରସାସ୍ୱାଦନ ଶିକ୍ଷା—ଏହି ତ୍ରିବିଧ ଭାବ ନିହିତ । ପ୍ରଥମ ହେଲା ନାମର ଶରଣ ଗ୍ରହଣ, ଭୌତିକ ବିଷୟରେ ନାମ ନାମୀ ଭିନ୍ନ ଓ ଆତ୍ମିକ ବିଷୟରେ ନାମ ନାମୀ ଅଭିନ୍ନ । ତେଣୁ ପ୍ରାଥମିକ ସାଧକମାନେ ତୃଣଠାରୁ ନୀଚ ହୋଇ ତରୁ ପରି ସହିଷ୍ଣୁ

ଆଚରଣ କରି, ଅମାନୀ ଓ ମାନବ ହୋଇ ନାମର ଶରଣ ଗ୍ରହଣ କରିବା ବିଧି । ନାମସାଧନ ଫଳରେ ମାନବ ଅନ୍ତରରେ ନିତ୍ୟ ବିଷୟ ପ୍ରତି ଶ୍ରଦ୍ଧା ଜାଗ୍ରତ ହେଲେ ସେ ସର୍ବଜୀବଙ୍କ ଠାରେ ଏକାତ୍ମ ଭାବ ଦର୍ଶନ କରି ପ୍ରେମପ୍ରବଣ ହୋଇଯାନ୍ତି । ଏହାକୁ ବିଶ୍ୱପ୍ରେମ ବା ଜ୍ଞାନଯୁକ୍ତ ରସ ଭାବ କୁହାଯାଏ । ସେଭଳି ଭାବ ଜାଗ୍ରତ ହେଲେ ସାଧକମାନେ ବାହ୍ୟ ବିଷୟକର୍ମରୁ ମୁକ୍ତିଲାଭ କରି ସ୍ୱରୂପରେ ତନ୍ମୟ ହୋଇଯାନ୍ତି । ତତ୍ପରେ ସାଧକମାନଙ୍କର ଭାବଦେହ ଲାଭ ହେଲେ ବା ଭାବଦେହ ଜାଗ୍ରତ ହେଲେ ସେମାନେ ଭଗବତ୍ ରସାସ୍ୱାଦନର ଅଧିକାର ଲାଭ କରିଥାନ୍ତି । ରସାସ୍ୱାଦନର ଅଧିକାରୀ ହେଲେ ଅନ୍ତରରେ ଯେଉଁ ଭାବର ଉଦୟ ହୁଏ, ତାହାକୁ ମହାଭାବ କୁହାଯାଏ । ମହାଭାବରେ ମଗ୍ନ ରହି ଭଗବତ୍ ରସ ଆସ୍ୱାଦନ କରାଯାଏ । ସାଧକମାନେ ବାହ୍ୟଜ୍ଞାନରହିତ ନ ହେଲେ ମହାଭାବର ସ୍ଫୁରଣ ହୁଏ ନାହିଁ । ଏହି ମହାଭାବର ଅନ୍ୟ ନାମ ବିଶ୍ୱପ୍ରେମ । ସାଧକମାନେ ପ୍ରଥମେ ଭଗବତ୍‌ଜ୍ଞାନ ଆଲୋଚନା ଏବଂ ତାଙ୍କ ନାମ ରୂପ ଲୀଳାର ଶରଣ ଗ୍ରହଣ ଓ ତାଙ୍କ ଭକ୍ତମାନଙ୍କର ଗହଣରେ ତାଙ୍କ ପ୍ରଦର୍ଶିତ ପନ୍ଥାର ଆଲୋଚନାରେ ରତ ହେବା କର୍ତ୍ତବ୍ୟ । ଚିତ୍ତଶୁଦ୍ଧି, ନାମକୀର୍ତ୍ତନ ଓ ଭକ୍ତିଲାଭ ନିମିତ୍ତ ପ୍ରଥମେ ଜ୍ଞାନୀ ଗୁରୁଙ୍କର ଶରଣ ଗ୍ରହଣ ଏକାନ୍ତ ଆବଶ୍ୟକ । ଜ୍ଞାନକର୍ମର ସିଦ୍ଧ ଦଶାରେ ରସ ବା ଅଭେଦ ଆତ୍ମଜ୍ଞାନ ଲାଭ ହୁଏ । ଏହାକୁ ପରାନୁରକ୍ତି କୁହାଯାଏ । ଶ୍ରୀ ଗୌରାଙ୍ଗଦେବଙ୍କ ପଥରେ ଗତି କଲେ ଏହି ପରାଭକ୍ତି ଭାବ ବା ଅଦ୍ୱୈତ ଜ୍ଞାନ ଲାଭ ହୋଇଥାଏ ।

(୯୮୯) ଓଁ ତତ୍ ସତ୍ : ଏହା ପୂର୍ଣ୍ଣବ୍ରହ୍ମ ସନାତନଙ୍କର ଗୋଟିଏ ନାମ । ବ୍ରହ୍ମ ନିର୍ଗୁଣ ନିର୍ବିଶେଷ, ପୁଣି ସଗୁଣ ସବିଶେଷ ! ବ୍ରହ୍ମ ସଗୁଣ ସବିଶେଷ ହୋଇ ମଧ୍ୟ ଅବ୍ୟକ୍ତ, ନିଷ୍କ୍ରିୟ ଓ ଅଶରୀରୀ । ପୁଣି ସେ ବ୍ୟକ୍ତ ସଗୁଣ ଓ ଶରୀରଧାରୀ, ସେହି ସତ୍ତାଙ୍କୁ ଓଁକାର କୁହାଯାଏ । ସଗୁଣ ଅକ୍ଷର ବ୍ରହ୍ମ ସଚ୍ଚିଦାନନ୍ଦ ସ୍ୱରୂପ ପରମାତ୍ମାଙ୍କୁ ସତ୍ କୁହାଯାଏ । ବିଶ୍ୱାତୀତ ନିର୍ଗୁଣ ବ୍ରହ୍ମ ତତ୍ ପଦବାଚ୍ୟ । ଭଗବାନଙ୍କର ଉକ୍ତ ତ୍ରିବିଧ ସ୍ୱରୂପକୁ ଓଁ ତତ୍‌ସତ୍ କୁହାଯାଏ । କାରଣ ଏକ ପରଂବ୍ରହ୍ମ ହିଁ ନିର୍ଗୁଣ ହୋଇ ମଧ୍ୟ ସଗୁଣ, ସେ ନିରାକାର ହୋଇ ମଧ୍ୟ ସାକାର, ପୁଣି ସେ ସ୍ୱରୂପରେ ନିରାକାର ହୋଇ ମଧ୍ୟ ବ୍ରହ୍ମାଣ୍ଡରେ ବ୍ରହ୍ମା, ବିଷ୍ଣୁ, ଶିବାଦି ରୂପରେ ବ୍ୟକ୍ତ ଓ ମୂର୍ତ୍ତିମନ୍ତ । ତେଣୁ ପୂର୍ଣ୍ଣ ଈଶ୍ୱର = ବ୍ରହ୍ମା + ବିଷ୍ଣୁ + ଶିବ = ଓଁ = (ବ୍ରହ୍ମା + ବିଷ୍ଣୁ + ଶିବ = କାଳୀ + କୃଷ୍ଣ + ରାମ + ସୂର୍ଯ୍ୟ) = ହରି । ଏହି ପୂର୍ଣ୍ଣ ଈଶ୍ୱର

ପ୍ରତି ଜୀବର ହୃଦୟକନ୍ଦରରେ ବାସ କରୁଛନ୍ତି । ଯେଉଁ ସାଧକ ତତ୍ତ୍ୱଜ୍ଞାନରେ ପ୍ରତିଷ୍ଠିତ ଥାଇ ଉପରୋକ୍ତ ଦେବତାମାନଙ୍କ ମଧ୍ୟରୁ ଯେ କୌଣସି ସତ୍ତାଙ୍କୁ ଇଷ୍ଟଜ୍ଞାନରେ ଧ୍ୟାନ କରନ୍ତି, ତାଙ୍କୁ ନିତ୍ୟଯୁକ୍ତ ସାଧକ କୁହାଯାଏ ।

(୯୯୦) ଜୀବାତ୍ମାର ସ୍ୱରୂପ : ଜୀବାତ୍ମା ତଟସ୍ଥା ଶକ୍ତି ଓ ସ୍ୱରୂପତଃ ଚିତ୍‌କଣ । ତେଣୁ ସେ ନିତ୍ୟ ଭଗବତ ଦାସ ବା ଭଗବାନଙ୍କର ସେବକ । ଅପ୍ରାକୃତ ଚିନ୍ମୟ ଭଗବତ୍ ବିଷୟର ସେବନ ହିଁ ତାହାର ସ୍ୱଧର୍ମ । ଦେହାତ୍ମ ବୁଦ୍ଧି ରୂପ ମାୟା ଆବରଣ ହେତୁ ଜୀବର ଆତ୍ମବିସ୍ମୃତି ଘଟେ । ତେଣୁ ସେ ଦେହ ସମ୍ବନ୍ଧୀୟ ବିଷୟକୁ ମୁଁ ଓ ମୋର ବୋଲି ଧାରଣା କରି, ତତ୍ ପ୍ରୟୋଜନ ସାଧନକୁ ଧର୍ମ ବୋଲି ଜ୍ଞାନ କରି ପ୍ରତାରିତ ହୁଏ । ଏଥିପାଇଁ ଚରିତ୍ରାମୃତକାର ବର୍ଣ୍ଣନା କରିଛନ୍ତି–

ଜୀବର ସ୍ୱରୂପ କୃଷ୍ଣ ଦାସ ଅଭିମାନ
ଦେହେ ଆତ୍ମଜ୍ଞାନେ ଆଚ୍ଛାଦିତ ସେହି ଜ୍ଞାନ ।

ଅତଏବ୍ ଆବରଣୀଶକ୍ତିଦ୍ୱାରା ଆତ୍ମବିସ୍ମୃତି ଘଟିଲେ ବହିର୍ଜଗତରେ ବିପଦ ଓ ବିଶୃଙ୍ଖଳାର ଉଦ୍ଭବ ହୋଇଥାଏ । କାଳଧର୍ମ ପ୍ରଭାବରେ ମନୁଷ୍ୟର ଦେହାତ୍ମବୋଧ ଯେଉଁ ପରିମାଣରେ ପ୍ରବଳହୁଏ, ସେହି ପରିମାଣରେ ସେ ଆତ୍ମା ଓ ଆତ୍ମିକ ବିଷୟ ପ୍ରତି ଉପେକ୍ଷା ଓ ଅନାଦରପୂର୍ବକ ଦେହେନ୍ଦ୍ରିୟର ତୋଷଣ ଓ ପୋଷଣକୁ ନିଜର ପୁଷ୍ଟି ବୋଲି ମନେ କରେ । ତେଣୁ ତାହାର ବିବିଧ ଦୁଃଖ ଅନୁଭୂତ ହୋଇଥାଏ । ଜଡ଼ ବିଷୟଭୋଗଦ୍ୱାରା କେବେହେଲେ ଆତ୍ମାର କ୍ଷୁଧା ନିବାରିତ ହୁଏ ନାହିଁ । ତେଣୁ ସେ ଅପରିସୀମା ବିଷୟ ଭୋଗ କଲେ ମଧ୍ୟ ତା ଅନ୍ତରର ଶାନ୍ତି ଲାଭ ହୋଇପାରେ ନାହିଁ । ସୁତରାଂ ବର୍ତ୍ତମାନ କାଳର ବିଶ୍ୱବ୍ୟାପୀ ମାନବ ଅନ୍ତର ମଧ୍ୟରୁ ଅବିଶ୍ରାନ୍ତ ଭାବରେ ଯେଉଁ ବାସନାବହ୍ନିର ଶିଖା ଉତ୍‌ଥିତ ହେଉଅଛି, ତାହା ଦେହଇନ୍ଦ୍ରିୟର ଅଭାବଜନିତ କ୍ଷୁଧା ନୁହେଁ । ଏହା ସେହି ଦେହାତ୍ମବୁଦ୍ଧି ବିଭ୍ରାନ୍ତ ଆତ୍ମବଞ୍ଚିତ ମାନବାତ୍ମାର ଚିନ୍ମୟ ବିଷୟ ପ୍ରାପ୍ତି ନିମିତ୍ତ ଅବ୍ୟକ୍ତ ଅଭିଯୋଗ ବୋଲି ବୁଝିବାକୁ ହେବ । କଳିଯୁଗ ପ୍ରଭାବରେ ମାନବର ପ୍ରଗାଢ଼ ଦେହାତ୍ମବୁଦ୍ଧି ରୂପ ଆବରଣରେ ମନୁଷ୍ୟର ଚିତ୍‌ଆତ୍ମବୋଧ ଆବୃତ ହୋଇଥିବା ଫଳରେ "ମୁଁ ଜଡ଼ ଦେହ ନୁହେଁ, ମୁଁ ଭଗବାନଙ୍କର ନିତ୍ୟ ସେବକ, ଭଗବତ୍ ରସ ବା ତାଙ୍କର ଅଭାବବୋଧ ଜନିତ ରସ ଆସ୍ୱାଦନ ନିମିତ୍ତ ମୁଁ ଜଡ଼ ଦେହକୁ ଆଶ୍ରୟ କରିଛି—

ଏହି ଭାବ ବିସ୍ମୃତ ହୋଇ ମୁଁ ଜଣେ ଧନୀ, ମୁଁ ଜଣେ ଗରିବ, ମୁଁ ବ୍ରାହ୍ମଣ, ମୁଁ ଶୂଦ୍ର, ମୁଁ ଶ୍ରମିକ, ମୁଁ ମୁନିବ, ମୁଁ ପୁରୁଷ, ମୁଁ ନାରୀ, ମୁଁ ଗୃହସ୍ଥ, ମୁଁ ସନ୍ନ୍ୟାସୀ, ମୁଁ ହିନ୍ଦୁ, ମୁଁ ମୁସଲମାନ, ମୁଁ ଜୈନ, ମୁଁ ଖ୍ରୀଷ୍ଟିୟାନ୍ ଇତ୍ୟାଦି ବିବିଧ ପ୍ରକାର ଦେହାତ୍ମବାଦଜନିତ ଭେଦବୁଦ୍ଧିରୂପ ଜଡ଼ତା ବର୍ଦ୍ଧିତ ହୋଇଉଠୁଛି । ମାନବ ଅନ୍ତରରେ ଭକ୍ତିଭାବ ଜାଗ୍ରତ ହେଲେ ଆନ୍ତରିକ ସାମ୍ୟ ପ୍ରତିଷ୍ଠିତ ହୋଇପାରିବ । ଜଡ଼ବାଦମୂଳକ ଶିକ୍ଷା ଓ ସଭ୍ୟତା ଅତି ଅଳ୍ପ ସମୟ ମଧ୍ୟରେ ପୂର୍ଣ୍ଣତାପ୍ରାପ୍ତ ହୋଇ ଜଡ଼ ବିଜ୍ଞାନର ଆବିଷ୍କୃତ ଅଶନିଦ୍ୱାରା ଏହି ସଭ୍ୟତା ଆପଣା ମନକୁ ଧ୍ୱଂସପ୍ରାପ୍ତ ହେବ । ସେହି ଧ୍ୱଂସାବଶେଷ ମଧ୍ୟରୁ ଯାହା ଅବଶିଷ୍ଟ ରହିବ ତାହାର ନାମ ଚିତ୍‌ବିଜ୍ଞାନ ।''

(୯୯୧) ଶାସ୍ତ୍ର : ପରମେଶ୍ୱରଙ୍କ ବାକ୍ୟ ସ୍ୱରୂପ ଯାହା ଅନାଦି ଓ ଅପୌରୁଷେୟ, ସେହିସବୁ ଓ ତଦନୁଗତ ଗ୍ରନ୍ଥଗୁଡ଼ିକୁ ଶାସ୍ତ୍ର ବୋଲି କୁହାଯାଏ ।

ଋଗ୍‌ଯଜୁଃ ସାମାଥର୍ବଣ୍ଚ ଭାରତଂ ପଞ୍ଚରାତ୍ରକମ୍
ମୂଳ ରାମାୟଣଞ୍ଚୈବ ଶାସ୍ତ୍ରମିତ୍ୟ ଭିଧୟତେ । (ସ୍କନ୍ଦପୁରାଣ)

ଋକ୍, ଯଜୁଃ, ସାମ ଓ ଅଥର୍ବ ବେଦ, ଭାରତ (ଇତିହାସ ପୁରାଣ) ପଞ୍ଚରାତ୍ର ଓ ରାମାୟଣ ଏହି ଗ୍ରନ୍ଥଗୁଡ଼ିକୁ ଶାସ୍ତ୍ର କୁହାଯାଏ । ବେଦ ସ୍ୱୟଂ ବ୍ରହ୍ମାଙ୍କ କର୍ତ୍ତୃକ ରଚିତ ହୋଇ ନାହିଁ । ତାହା ପରମେଶ୍ୱରଙ୍କଦ୍ୱାରା କଥିତ; କିନ୍ତୁ ପ୍ରତି କଳ୍ପରେ ବ୍ରହ୍ମାଙ୍କ କର୍ତ୍ତୃକ ଏହାର ସ୍ମରଣ ହୋଇ ଜଗତରେ ପ୍ରଚାରିତ ହୋଇଥାଏ । କେବଳ ସେତିକି ନୁହେଁ, ସୃଷ୍ଟିର ପ୍ରଥମରୁ ଶ୍ରୀ ଭଗବାନ ବ୍ରହ୍ମାଙ୍କୁ ପ୍ରାଦୁର୍ଭୂତ କରାଇ ପରେ ତାଙ୍କୁ 'ବେଦ' ଉପଦେଶ ପ୍ରଦାନପୂର୍ବକ ସ୍ଥୂଳ ସୃଷ୍ଟି ବିଷୟରେ ସାମର୍ଥ୍ୟ ପ୍ରଦାନ କରିଥିଲେ । (ଯୋ ବ୍ରାହ୍ମଣଂ ବିଦଧାତି ପୂର୍ବଂ–ଗୋପାଳତାପନୀ) ସୁତରାଂ ବ୍ରହ୍ମା ଯେପରି ଶାସ୍ତ୍ରର ପ୍ରଚାରକ, ବିଶ୍ୱାମିତ୍ର ପ୍ରମୁଖ ଋଷିମାନଙ୍କ ନାମରେ ଯେଉଁ ବୈଦିକ ସୂକ୍ତ ଦେଖାଯାଏ, ସେମାନେ ମଧ୍ୟ ସେହିପରି ଏହାର କାରକ ନୁହନ୍ତି, ସ୍ମାରକ ଓ ପ୍ରଚାରକ । (ବ୍ରହ୍ମାଦ୍ୟା ଋଷିପର୍ଯ୍ୟନ୍ତାଃ ସ୍ମାରକାଃ ନ ତୁ କାରକାଃ) ଅର୍ଥାତ୍ ଶିବଙ୍କଠାରୁ ଆରମ୍ଭ କରି ଋଷିଗଣ ପର୍ଯ୍ୟନ୍ତ ସମସ୍ତେ ଧର୍ମଶାସ୍ତ୍ରଗୁଡ଼ିକର ସ୍ମାରକ ବା ସ୍ମରଣକର୍ତ୍ତା ଭିନ୍ନ କେହି ତାହାର ପ୍ରଣେତା ନୁହନ୍ତି ।

(୯୯୨) ଅପୌରୁଷେୟ : ଅନାଦି ସିଦ୍ଧ ସନାତନ ବେଦାଦି ଶାସ୍ତ୍ର ସକଳ ସାକ୍ଷାତ ସନାତନ ପରମେଶ୍ୱର ବାଣୀ ସ୍ୱରୂପ । ପରମେଶ୍ୱରଙ୍କ ବ୍ୟତୀତ ଏହାସବୁ ଅନ୍ୟ କୌଣସି ପୁରୁଷକର୍ତ୍ତୃକ ପ୍ରଣୀତ ନୁହେଁ ବୋଲି ବେଦାଦି ଶାସ୍ତ୍ରକୁ ଅପୌରୁଷେୟ କୁହାଯାଏ । ଏହା ହିଁ ସନାତନ ଧର୍ମର ବୈଶିଷ୍ଟ୍ୟ ।

(୯୯୩) ଶକ୍ତି : କାର୍ଯ୍ୟ ମାତ୍ରକେ କାରଣ ଥାଏ । କାରଣ ଭିନ୍ନ କୌଣସି କାର୍ଯ୍ୟ ସମ୍ପାଦିତ ହୁଏ ନାହିଁ । ଯାହା କାରଣକୁ ଆଶ୍ରୟ କରି କାର୍ଯ୍ୟ ଉତ୍ପାଦନରେ ସମର୍ଥ ହୁଏ, ତାହାକୁ ଶକ୍ତି କୁହାଯାଏ । ଯାହା କାରଣରୁ ଆତ୍ମଭୂତ ଅର୍ଥାତ୍ ଯାହା କାରଣ-ଅବଲମ୍ବିତ, ତାହାକୁ ଶକ୍ତି କୁହାଯାଏ । ଯାହା ଶକ୍ତିରୁ ଅଭିବ୍ୟକ୍ତ ହୁଏ ତାହାକୁ କାର୍ଯ୍ୟ କୁହାଯାଏ । କାରଣକୁ ଆଶ୍ରୟ କରି ଶକ୍ତି କାର୍ଯ୍ୟକୁ ନିୟନ୍ତ୍ରଣ କରେ । ଶକ୍ତି କାରଣରେ ଆତ୍ମଭୂତ ଥାଏ ବୋଲି କାରଣକୁ ଶକ୍ତିମାନ୍ କୁହାଯାଏ ।

(୯୯୪) ଦେହାତ୍ମବାଦ : ସାଧାରଣତଃ ଆମେ ଆମ ଦେହକୁ 'ମୁଁ' ବୋଲି ମନେ କରିଥାଉଁ । ନିଜ ଦେହ ସହିତ ଆତ୍ମାକୁ ଅଭିନ୍ନ ମନେକରୁ । ଦେହର ଅନିଷ୍ଟକୁ ନିଜର ଅନିଷ୍ଟ ବୋଲି ମନେକରୁ । ଦେହ ନଷ୍ଟ ହେଲେ 'ମୁଁ ନଷ୍ଟ ହେଲି' ବୋଲି ଭ୍ରମ ଧାରଣା ପୋଷଣ କରିଥାଉଁ । ଦେହର କ୍ଷୁଧାକୁ ଆତ୍ମାର କ୍ଷୁଧା ବୋଲି ଜ୍ଞାନ କରୁଁ । ଏହା ହିଁ ଜୀବର ମୂଳ ଅଜ୍ଞାନ । 'ମୁଁ; ଏହି ସ୍ଥୂଳଦେହ ନୁହେଁ, ପରନ୍ତୁ ମୁଁ ଦେହୀ ଅର୍ଥାତ୍ ଦେହଧାରୀ ଆତ୍ମା'—ଏହା ବୁଝି ନ ପାରିବା ହିଁ ମୂଳ ଅଜ୍ଞାନ । କାରଣ ଦେହ ନଷ୍ଟ ହେଲେ ଦେହୀ ନଷ୍ଟ ହୁଏ ନାହିଁ ।

(୯୯୫) ବ୍ୟବସାୟାତ୍ମିକା ବୁଦ୍ଧି : ପ୍ରତ୍ୟେକ କର୍ମାରମ୍ଭ ପୂର୍ବରୁ କେତେଗୁଡ଼ିଏ ମାନସିକ କ୍ରିୟା ହୋଇଥାଏ । ପ୍ରଥମେ ବାହ୍ୟ ଇନ୍ଦ୍ରିୟର ଅନୁଭୂତିକୁ ଜ୍ଞାନେନ୍ଦ୍ରିୟଗଣ ଅନ୍ତରରାଜ୍ୟକୁ ପ୍ରେରଣ କରନ୍ତି । ତତ୍ପରେ ମନ ତାକୁ ବୁଦ୍ଧି ସମ୍ମୁଖରେ ଉପସ୍ଥାପିତ କରେ । ବୁଦ୍ଧି ବିଚାର ପୂର୍ବକ ତାହା ଗ୍ରାହ୍ୟ କି ତ୍ୟାଜ୍ୟ ନିର୍ଣ୍ଣୟ କରେ । ବୁଦ୍ଧିର ଏହି କାର୍ଯ୍ୟକୁ ଶାସ୍ତ୍ରରେ ବ୍ୟବସାୟ ବା ଅଧ୍ୟବସାୟ କୁହାଯାଏ । ତେଣୁ ବୁଦ୍ଧିକୁ ବ୍ୟବସାୟାତ୍ମିକା ବୃତ୍ତି କୁହାଯାଏ । ବୁଦ୍ଧି ଅନ୍ୟାନ୍ୟ ଶାରୀରିକ ବୃତ୍ତି ପରି ଗୋଟିଏ ବୃତ୍ତି । ସଂସ୍କାର ସଂସର୍ଗ ଓ ଆହାରାଦି ଭେଦରେ ଓ ତ୍ରିଗୁଣ ଭେଦରେ ବୁଦ୍ଧି ଶୁଦ୍ଧି ନ ଥାଏ । ତେଣୁ ବୁଦ୍ଧି ସଂସ୍କାରର ଅନୁରୂପ ହୋଇଥାଏ । କେବଳ ସାତ୍ତ୍ୱିକ ବୁଦ୍ଧିଦ୍ୱାରା ଯେଉଁ କର୍ତ୍ତବ୍ୟ ନିର୍ଣ୍ଣୟ କରାଯାଏ, ତାହାର ନାମ ଶୁଦ୍ଧ ବୁଦ୍ଧି ବା ବିବେକ । ଏହି ବୁଦ୍ଧିର ଅଭାବ ହେଲେ ଅନ୍ତରରେ ସ୍ୱସୁଖବାସନାତ୍ମିକା ବୁଦ୍ଧିର ତରଙ୍ଗ ଉତ୍‌ଥିତ ହୋଇ କୁକାର୍ଯ୍ୟକୁ ସୁକାର୍ଯ୍ୟବୋଧ ହୁଏ ଓ ତଦନୁଷ୍ଠାନରେ ପ୍ରବୃତ୍ତି ଜନ୍ମେ । ତେଣୁ ବିବେକଦ୍ୱାରା ଯାହା ସ୍ଥିର ହୁଏ, ତାହା ହିଁ ସ୍ଥିରବୁଦ୍ଧି । କର୍ମଯୋଗଦ୍ୱାରା ବ୍ୟବସାୟାତ୍ମିକା ଶୁଦ୍ଧବୁଦ୍ଧିରେ ସାଧକ ପ୍ରତିଷ୍ଠିତ ଥାଇ ବାସନାତ୍ମିକା ବୁଦ୍ଧିକୁ ଶୁଦ୍ଧ କରନ୍ତି । ଶୁଦ୍ଧବୁଦ୍ଧିଦ୍ୱାରା ଯେଉଁମାନେ ଚାଳିତ,

ସେହିମାନେ ହିଁ ପ୍ରକୃତ ମନୁଷ୍ୟ ପଦବାଚ୍ୟ । ମନୁଷ୍ୟର ଯାହା ମନୁଷ୍ୟତ୍ୱ, ତାହା ହିଁ ବିବେକ । ଯେଉଁମାନେ ଭଗବତ୍ ସେବାଭିଳାଷୀ, ସେମାନଙ୍କ ମନ ଶୁଦ୍ଧ । ଯେଉଁମାନଙ୍କ ମନ ଚତୁର୍ବର୍ଗ ଲାଭପ୍ରୟାସୀ ବା ଅର୍ଥକାମୀ, ସେମାନଙ୍କଠାରେ ମନୁଷ୍ୟତ୍ୱର ସ୍ଥାନ ନାହିଁ । କର୍ତ୍ତବ୍ୟଜ୍ଞାନ, ସତ୍ୟନିଷ୍ଠା, ଇନ୍ଦ୍ରିୟସଂଯମ, ସମଦୃଷ୍ଟି, ସ୍ୱାର୍ଥତ୍ୟାଗ, ପ୍ରେମପ୍ରୀତିଭାବ, ସାହସ, ଧୈର୍ଯ୍ୟ, କାର୍ଯ୍ୟକୁଶଳତା, ଦୟା, ଭକ୍ତି ପ୍ରଭୃତି ଦୈବୀବୃତ୍ତିଗୁଡ଼ିକର ମୂଳ ହେଲା ଏହି ବ୍ୟବସାୟାତ୍ମିକା ବୁଦ୍ଧି । ଦିନେ ଭାରତରେ ତାହା ଥିଲା ଏବଂ ଗୁରୁଗୃହରେ ଛାତ୍ରମାନେ ସେହି ଶିକ୍ଷା ଲାଭକରି ଧନ୍ୟ ହେଉଥିଲେ । ଫଳରେ ଦେଶରେ ଜ୍ଞାନ, ଐଶ୍ୱର୍ଯ୍ୟ, ଗୌରବ, ସତ୍ୟନିଷ୍ଠା, ବିଶ୍ୱାସ, ଶ୍ରଦ୍ଧା, ଭକ୍ତି ସମସ୍ତ ଲାଭ ହେଉଥିଲା । ବର୍ତ୍ତମାନ ଅନେକେ ସଂସାରକୁ ମିଥ୍ୟା ପ୍ରତିପନ୍ନ କରିବାକୁ ଚେଷ୍ଟା କରୁଛନ୍ତି । ସେମାନେ କହୁଛନ୍ତି—'ବିଷୟକର୍ମ ପାପ; ସଂସାରତ୍ୟାଗ ହିଁ ପୁଣ୍ୟ । ନିର୍ବାଣ ତାହାର ଫଳ ।' ସଂସାର ତ ଛାଡ଼ିପାରିଲେ ନାହିଁ, ଅଥଚ କେବଳ କର୍ମ ଛାଡ଼ି ଦେଇ ନିଜକୁ ଅତିଶୟ ଗୌରବାନ୍ୱିତ ମନେକରି ସେଭଳି ଲୋକେ ଘୋର ତମସାଛନ୍ନ ହୋଇ ପଡୁଛନ୍ତି । ଫଳରେ ସାତ୍ତ୍ୱିକବୁଦ୍ଧି ଲୋପପାଇ ଅଜ୍ଞାନ, ଆଳସ୍ୟ, ଜଡ଼ତା, ପ୍ରମାଦ ଓ ମୋହ ପ୍ରଭୃତି ତାମସୀବୃତ୍ତିରେ ପଡ଼ି ସେମାନଙ୍କର ନିର୍ବାଣ ଲାଭ ତ ହେଉ ନାହିଁ; କେବଳ ମନୁଷ୍ୟତ୍ୱର ବିଲୟ ସାଧିତ ହେଉଅଛି । ଦେଶ ତମୋଗୁଣରେ ଆଚ୍ଛାଦିତ ହୋଇ ନିମ୍ନଗାମୀ ହୋଇଯାଉଛି । ଧୈର୍ଯ୍ୟ, ଉତ୍ସାହ, ତେଜୋ ବୀର୍ଯ୍ୟ ପ୍ରଭୃତି ସତ୍ତ୍ୱଗୁଣର ବିକାଶ ଦେଶରେ ଆଉ ବିକଶିତ ହେଉନାହିଁ ।

(୯୯୬) ସ୍ଥିତପ୍ରଜ୍ଞ : ସାଧନାରେ କାମର କାଳିମା ବା ବିଷୟାଭିଳାଷ ଦୂରୀଭୂତ ହେଲେ ଚିତ୍ତ ଶୁଦ୍ଧବୁଦ୍ଧିଯୁକ୍ତ ବା ବ୍ୟବସାୟାତ୍ମିକା ବୁଦ୍ଧି ଯୁକ୍ତ ହୁଏ । ତା ଫଳରେ ହୃଦୟରେ ଯେଉଁ ଜ୍ଞାନର ବିକାଶ ହୋଇଥାଏ, ତାହାର ନାମ ପ୍ରଜ୍ଞା । ଯେଉଁ ପ୍ରଜ୍ଞାରେ ବିଷୟାଭିଳାଷ ନ ଥାଇ ଭଗବତ୍ ସେବାଭିଳାଷ ବିଦ୍ୟମାନ ଥାଏ, ବାସନାର ମଳିନତା ନ ଥାଏ, ତାହାକୁ ସ୍ଥିତପ୍ରଜ୍ଞ କୁହାଯାଏ । ବ୍ୟବସାୟାତ୍ମିକା ବୁଦ୍ଧିର ଫଳ ଏହି ପ୍ରଜ୍ଞା । ଯେଉଁମାନେ ରାଗ, ଦ୍ୱେଷ-ବିଷାଦର ବଶୀଭୂତ ନୁହନ୍ତି, ଯେଉଁମାନେ ନିରପେକ୍ଷ, ସେମାନଙ୍କୁ ସ୍ଥିତପ୍ରଜ୍ଞ କୁହାଯାଏ ।

(୯୯୭) ତେତ୍ରିଶ ଦେବତା : ଦେବତାମାନେ ପ୍ରାକୃତିକ ପଦାର୍ଥସମୂହର ଅନ୍ତର୍ନିହିତ ବିଶିଷ୍ଟ ଭାବଯୁକ୍ତ ଚୈତନ୍ୟପ୍ରବାହ । ଅଷ୍ଟ ବସୁ, ଏକାଦଶ ରୁଦ୍ର, ଦ୍ୱାଦଶ

ଆଦିତ୍ୟ, ଇନ୍ଦ୍ର ଓ ପ୍ରଜାପତି, ଏମାନେ ମିଶି ତେତ୍ରିଶ ଦେବତା । ଅଗ୍ନି, ପୃଥିବୀ, ବାୟୁ, ଅନ୍ତରୀକ୍ଷ, ଆଦିତ୍ୟ, ଦ୍ୟୌ (ଆକାଶ), ଚନ୍ଦ୍ରମା, ରସ ଓ ନକ୍ଷତ୍ରମଣ୍ଡଳ ଏମାନେ ଅଷ୍ଟବସୁ । ଏକାଦଶ ରୁଦ୍ର ହେଲା ଦଶ ପ୍ରାଣ ବା ଦଶ ଇନ୍ଦ୍ରିୟଯୁକ୍ତ ମନ । ବର୍ଷର ଦ୍ୱାଦଶ ମାସର ଅଧିପତି ଆଦିତ୍ୟମାନେ ଦ୍ୱାଦଶ ଆଦିତ୍ୟ । ଏମାନେ ଆୟୁ ଦାନ କରନ୍ତି । ଇନ୍ଦ୍ର ଅର୍ଥ ଅଶନି ଓ ବିଦ୍ୟୁତ୍ । ଯଜ୍ଞ ହିଁ ପ୍ରଜାପତି । ଉକ୍ତ ପ୍ରାକୃତିକ ଶକ୍ତି ବା ଦେବତାମାନଙ୍କର ପୁଷ୍ଟି ସାଧିତ ହେଲେ ମାନବର ବିବିଧ ସୁଖ ଲାଭ ହୁଏ । ଯଜ୍ଞଦ୍ୱାରା ଆମେମାନେ ଦେବତାମାନଙ୍କ କର୍ମଶକ୍ତି ବର୍ଦ୍ଧନରେ ସହାୟକ ହୋଇଥାଉଁ । ଫଳରେ ଆମର ସୁଖ, ସ୍ୱାସ୍ଥ୍ୟ ଓ ଆୟୁବୃଦ୍ଧି ହୁଏ । ବର୍ତ୍ତମାନ ଦେଶରେ ଆଉ ସେ ଯୁଗର ଯଜ୍ଞ ଅନୁଷ୍ଠିତ ହେଉ ନ ଥିବାରୁ ଦେବଯଜ୍ଞ ବର୍ତ୍ତମାନ ବାହ୍ୟିକ ପ୍ରତିମାପୂଜା ଓ ଆଡ଼ମ୍ବରରେ ପରିଣତ ହୋଇଗଲାଣି ।

(୯୯୮) ସ୍ୱଧର୍ମ : ସ୍ୱ ଅର୍ଥ ସ୍ୱରୂପ । ଧର୍ମ ଅର୍ଥ ଯାହା ଧାରଣ କରେ । ତେଣୁ ଲୋକମାନଙ୍କର ସ୍ୱାଭାବିକ ଅବସ୍ଥାର ନାମ ଧର୍ମ ବା ନିତ୍ୟସ୍ୱଭାବ । ତଦନୁରୂପ କାର୍ଯ୍ୟକୁ ସ୍ୱଧର୍ମ କୁହାଯାଏ । ନିଜ ଦେଶ ବା ସମାଜ ପ୍ରଚଳିତ ଶାସ୍ତ୍ରାନୁଯାୟୀ ଆଚାର ପ୍ରତିପାଳନର ନାମ ସ୍ୱଧର୍ମ । ସ୍ୱଦେଶ ଓ ସ୍ୱଜାତି ପ୍ରଚଳିତ ନୀତି ଅନୁସାରେ ଉପାସନାର ନାମ ସ୍ୱଧର୍ମ । ଇଂରାଜୀରେ ଏହାର ନାମ Religion । କର୍ତ୍ତବ୍ୟ ପ୍ରତିପାଳନ ବା ଯାହାଙ୍କ ଉପରେ ଯେଉଁ ଦାୟିତ୍ୱ ଅର୍ପିତ ହୋଇଅଛି, ତାହା ଯଥାଯଥ ଭାବରେ ପ୍ରତିପାଳନର ନାମ ସ୍ୱଧର୍ମ । ଇଂରାଜୀରେ ଏହାକୁ Duty କୁହାଯାଏ । ଯେଉଁଥିରେ ନିଜ ଦେଶ ବା ସମାଜର ସ୍ଥିତି ରକ୍ଷା ହୁଏ, ତାହା ମଧ୍ୟ ସ୍ୱଧର୍ମ । ଇଂରାଜୀରେ ଏହାର ନାମ Patriotism; ସମାଜ ବ୍ୟବସ୍ଥାର ଅନୁକୂଳରେ ଯେଉଁ କର୍ମ କରାଯାଏ, ତାହା ମଧ୍ୟ ସ୍ୱଧର୍ମ ।

(୯୯୯) ଭବରୋଗ : ଅବିଦ୍ୟା ବା ଅଜ୍ଞାନଦ୍ୱାରା ଆତ୍ମବିସ୍ମୃତ ଜୀବର ନିରନ୍ତର ଜଡ଼ବିଷୟ କାମନାର ଅପର ନାମ ଭବରୋଗ । ବିଷୟାଭିଳାଷ ବା ବିଷୟରୁ ସୁଖପ୍ରାପ୍ତିର ଇଚ୍ଛା ଭବରୋଗ ମଧ୍ୟରେ ଗଣ୍ୟ । ଏହା ଫଳରେ ଆନନ୍ଦର ନିତ୍ୟସେବକ ଜୀବକୁ ସଂସାରର ଆତୁରାଳୟରେ ଚିରଶାୟିତ ହେବାକୁ ପଡ଼ୁଛି । ଅନିତ୍ୟ ବିଷୟରେ ଆସକ୍ତି ହିଁ ଭବରୋଗର ହେତୁ । ଆନନ୍ଦ ବା ଭଗବତ୍ ଅଭିଳାଷ ହିଁ ଚିଦାନନ୍ଦମୟ ଏବଂ ଏହା ସତ୍ୟ ଓ ନିତ୍ୟ । ସତ୍ ଓ ନିତ୍ୟର ସେବାଭିଳାଷ ତ୍ୟାଗକରି ଜଡ଼ ବିଷୟାଭିଳାଷରେ ଚିତ୍ ମଗ୍ନ ହେଲେ ଅନ୍ତରରେ

ଯେଉଁ ଆସକ୍ତି ଜାତ ହୁଏ, ତାହା ହିଁ ଭବରୋଗ। ଦେହ, ବିଷୟ ବା ଗୃହାଦି ଜଡ଼ବସ୍ତୁରେ ମମତ୍ୱବୋଧ ହିଁ ଭବରୋଗର ପ୍ରଧାନ କାରଣ। ସ୍ୱରୂପ ଭ୍ରାନ୍ତ ଜୀବ ଅନାଦି କାଳରୁ ଦେହରେ ଆତ୍ମବୁଦ୍ଧି ଆରୋପ କରିବା ଫଳରେ ତାହାର ସ୍ୱଧର୍ମ ବା ଭଗବତ୍ ସେବନ ବୃତ୍ତି ଦେହାତ୍ମବୋଧର ଆବରଣରେ ଆଚ୍ଛାଦିତ ହୋଇ ବହିର୍ମୁଖୀନତା ପ୍ରାପ୍ତ ହେଉଅଛି। ତେଣୁ ଚିତ୍ତ ଅଶୁଦ୍ଧ ହୋଇ ଭଗବତ ସେବାଭିଳାଷ ସ୍ଥଳରେ ବିଷୟବାସନା ଉଦିତ ହେଉଅଛି। ଏହା ହିଁ ଭବରୋଗ। ଦେହାତ୍ମବୋଧ ହେତୁରୁ ନିତ୍ୟଭଗବତ୍‌ଦାସ ମାୟାର ଦାସତ୍ୱ କରୁଅଛି।

(୧୦୦୦) ଭଗବତ୍ ପ୍ରାପ୍ତିର ନବବିଧ ପଥ : (୧) ଚିତ୍ତ ଭଗବତ୍ ପଦରେ ଲୟ ବା ମନୋଲୟ, (୨) ଧ୍ୟାନଯୋଗ ବା ଚିତ୍ତର ଏକାଗ୍ରତା ସାଧନ, (୩) ବ୍ରହ୍ମବିଦ୍ୟା ବା ସତ୍ୟଜ୍ଞାନାଲୋଚନା, (୪) ଶ୍ରୀ ଭଗବାନଙ୍କ ପ୍ରତି ଅନୁରାଗ ବା ପରାନୁରକ୍ତି, (୫) ନାରାୟଣ ଜ୍ଞାନରେ ସମଗ୍ର ଜୀବଜଗତର ସେବା, (୬) ଶ୍ରୀ ଭଗବାନଙ୍କ ନାମ ଜପ, (୭) ଭଗବତ୍ ପ୍ରୀତି ନିମିତ୍ତ ତପସ୍ୟାଚରଣ, (୮) ପ୍ରେମଭକ୍ତିପଥର ଅନୁସରଣ ଏବଂ (୯) ଗୁରୁସେବା ଓ ଶ୍ରୀଗୁରୁଦେବଙ୍କ ଭକ୍ତମାନଙ୍କ ସେବା—ଏହି ନବବିଧ ପଥମଧ୍ୟରୁ ପ୍ରଥମ ସପ୍ତ ସଂଖ୍ୟା ପର୍ଯ୍ୟନ୍ତ ବହିରଙ୍ଗ ଅନୁଭୂତି ଏବଂ ଶେଷ ଦୁଇଟି ଅନ୍ତରଙ୍ଗ ଅନୁଭୂତି ଲାଭ ନିମିତ୍ତ ଉଦ୍ଦିଷ୍ଟ।

ପ୍ରେମଭକ୍ତି ପଥରେ ଭଗବାନଙ୍କୁ ଲାଭ କଲେ ଯେପରି ଆନ୍ତରିକ ତୃପ୍ତି ଓ ଆନନ୍ଦରେ ଚିତ୍ତ ପରିପୂର୍ଣ୍ଣ ହୋଇଯାଏ, ବହିରଙ୍ଗସାଧନ ସପ୍ତକରେ ସେପରି ତୃପ୍ତିଲାଭ ହୋଇପାରେ ନାହିଁ। ପୂର୍ବୋକ୍ତ ସପ୍ତବିଧ ପଥର ସାଧକମାନେ ଭଗବାନଙ୍କ କର୍ମଚାରୀ ସଦୃଶ ଏବଂ ପ୍ରେମ ଭକ୍ତିପଥର ସାଧକମାନେ ଭଗବାନଙ୍କର ଅନ୍ତରଙ୍ଗପ୍ରିୟ ଆତ୍ମୀୟସ୍ୱଜନ। ପ୍ରେମପଥରେ ଭଗବାନ ଯେ ପରିମାଣରେ ଆସ୍ୱାଦିତ ହୁଅନ୍ତି, ସେଥିରେ ଆସ୍ୱାଦନର ସ୍ପୃହା ସେତିକି ବର୍ଦ୍ଧିତ ହେଉଥାଏ। ଭକ୍ତିପଥରେ ଏତେ ଆନନ୍ଦ ମିଳେ, ଯେ ଭକ୍ତମାନେ ତାହାର ଆସ୍ୱାଦନ କରାଇବା ନିମିତ୍ତ ବ୍ୟଗ୍ର ହୋଇପଡ଼ନ୍ତି। ଶେଷରେ ଭକ୍ତମାନେ ଭଗବତ୍ ଭାବରେ ବୁଡ଼ି ରହି ଆତ୍ମହରା ହୋଇଯାନ୍ତି।

(୧୦୦୧) ନିତ୍ୟଲୀଳା ଆସ୍ୱାଦନ : ବୃନ୍ଦାବନର ନିତ୍ୟଲୀଳା ପ୍ରାକୃତ ଭୌତିକ ଲୀଳାବିଳାସ ନୁହେଁ। ଏହା ଅପ୍ରାକୃତ। ଏହା ଦେଶ ଓ କାଳ (Time & space) ର ଅନ୍ତର୍ଗତ ନୁହେଁ। ଏହା ନିତ୍ୟ ଅବ୍ୟୟ ଓ ଅକ୍ଷର। ଏହା

ସବୁଠାରେ, ସବୁ ସମୟରେ, ସମଭାବରେ ଅନୁଷ୍ଠିତ ହେଉଅଛି । ଏହା ଅନ୍ତର୍ଜଗତ ଓ ବହିର୍ଜଗତର ନିତ୍ୟ ଘଟଣା । ସାଧନାର ଉଚ୍ଚ ସ୍ତରକୁ ଗତି କଲେ ଶ୍ରୀଗୁରୁଦେବଙ୍କ କୃପାରୁ ଏହି ଲୀଳା ଅନ୍ତରରେ ଉପଲବ୍ଧ ହୋଇଥାଏ । ପ୍ରେମଭକ୍ତି ପଥରେ ଏହି ଅପ୍ରାକୃତ ଲୀଳାର ଆସ୍ୱାଦନ ହୋଇଥାଏ । ପଞ୍ଚଭାବର ରସିକମାନେ ହିଁ ଏହି ଲୀଳା ଆସ୍ୱାଦନ କରି ଧନ୍ୟ ହୁଅନ୍ତି । ଶାନ୍ତ ଓ ଦାସ୍ୟ ଭାବରେ 'ମୁଁ ତାଙ୍କର' ଏବଂ ବାତ୍ସଲ୍ୟ ସଖ୍ୟ ଭାବରେ 'ସେ ମୋର' ଓ ମଧୁର ଭାବରେ 'ସେ ମୋର' ଓ 'ମୁଁ ତାଙ୍କର'—ଏହି ଉଭୟବିଧ ରସର ଆସ୍ୱାଦନ ମିଳେ । ଶାନ୍ତ, ଦାସ୍ୟ ଭାବରେ 'ମୁଁ' ଥିବାରୁ ତାହା ବ୍ରଜରସର ଅନ୍ତର୍ଗତ ନୁହେଁ । ପ୍ରେମଭକ୍ତିରେ ଐଶ୍ୱର୍ଯ୍ୟ ଜ୍ଞାନ ଆବୃତ ଥିବାରୁ ଭକ୍ତମାନେ ଭଗବାନଙ୍କୁ ମନୁଷ୍ୟଜ୍ଞାନରେ ସୁଖ ପାଆନ୍ତି । ତେଣୁ ମନୁଷ୍ୟଭାବରେ ଏହି ଲୀଳା ଆସ୍ୱାଦିତ ହୋଇଥାଏ । ଋଷିମାନେ ଶାନ୍ତଭାବର, ହନୁମାନ ଦାସ୍ୟଭାବର ଭକ୍ତ । ଶ୍ରୀରାମଚନ୍ଦ୍ରଙ୍କ କାର୍ଯ୍ୟ କରିବାବେଳେ ହନୁମାନଙ୍କର ସିଂହତୁଲ୍ୟ ପରାକ୍ରମ ଦେଖାଦେଇଥାଏ । ସ୍ତ୍ରୀଭାବ ମଧ୍ୟ ଦାସ୍ୟ ଓ ବାତ୍ସଲ୍ୟ ଭାବର ଅନ୍ତର୍ଗତ । ଯଶୋଦାଙ୍କର ବାତ୍ସଲ୍ୟଭାବ ଏବଂ ପତିବ୍ରତା ନାରୀଙ୍କର ମଧ୍ୟ ଏହି ଭାବ । ମଧୁର ଭାବ ଏକମାତ୍ର ଶ୍ରୀମତୀ ରାଧାଙ୍କଠାରେ ବିଦ୍ୟମାନ । ଏଥିରେ ଅନ୍ୟ ସମସ୍ତ ଭାବ ଅନ୍ତର୍ନିହିତ ।

ଭଗବାନଙ୍କୁ ପ୍ରାକୃତ ଦେହ-ମନ ନେଇ ଆସ୍ୱାଦନ କରାଯାଇପାରେ ନାହିଁ କିମ୍ବା ତାଙ୍କୁ ଏହି ସ୍ଥୂଳ ଚକ୍ଷୁ ଓ ସ୍ଥୂଳ ଇନ୍ଦ୍ରିୟଦ୍ୱାରା ଦର୍ଶନ-ସ୍ପର୍ଶନ କରାଯାଇ ପାରେ ନାହିଁ । ଶ୍ରୀଗୁରୁଦେବଙ୍କ କୃପାରୁ ଭକ୍ତମାନେ ସାଧନ କରୁ କରୁ ସେମାନଙ୍କର ପ୍ରେମଶରୀର ବା ଅପ୍ରାକୃତ ସିଦ୍ଧ ଦେହ ଲାଭ ହୋଇଥାଏ । ଏହାକୁ ଅନ୍ତଶ୍ଚିନ୍ତିତାଭୀଷ୍ଟ ସିଦ୍ଧ ଦେହ କୁହାଯାଏ । ଏହି ପ୍ରେମ ଶରୀରରେ ପ୍ରେମଚକ୍ଷୁଦ୍ୱାରା ତାଙ୍କର ଦର୍ଶନ ଓ ଆସ୍ୱାଦନ ହୋଇଥାଏ । ସେହି ପ୍ରେମଚକ୍ଷୁରେ ତାଙ୍କୁ ଦର୍ଶନ ଓ ପ୍ରେମକର୍ଣ୍ଣଦ୍ୱାରା ତାଙ୍କର ବାଣୀ ଶ୍ରବଣ କରାଯାଏ । ପ୍ରେମ ଇନ୍ଦ୍ରିୟଦ୍ୱାରା ଆତ୍ମା ପରମାତ୍ମାଙ୍କର ଅପ୍ରାକୃତ ରମଣ ମଧ୍ୟ ଆସ୍ୱାଦିତ ହୋଇଥାଏ । ଭଗବାନଙ୍କ ପ୍ରତି ପ୍ରଗାଢ଼ ପ୍ରେମ ଜାତ ନ ହେଲେ ଏପରି ଅବସ୍ଥା ସମ୍ଭବ ନୁହେଁ ।

(୧୦୦୨) ଚତୁର୍ଦ୍ଦଶ କରଣ : କରଣ ଚତୁର୍ଦ୍ଦଶ ପ୍ରକାରର । ଅନ୍ତଃକରଣ ଚାରି ପ୍ରକାର ଏବଂ ବହିଃକରଣ ଦଶ ପ୍ରକାର । ମନ, ବୁଦ୍ଧି, ଅହଂ, ଚିତ୍ତକୁ ଅନ୍ତଃକରଣ କୁହାଯାଏ ଓ ଦଶ ଇନ୍ଦ୍ରିୟକୁ ବହିଃକରଣ କୁହାଯାଏ । ଏହି ଚତୁର୍ଦ୍ଦଶ

କରଣଯୁକ୍ତ ଶରୀରକୁ କାରଣ ଶରୀର କୁହାଯାଏ । ଏହି କାରଣ ଶରୀରରେ ଯେଉଁ ଦଶ ଇନ୍ଦ୍ରିୟମାନେ ଥାନ୍ତି, ସେହି ଶରୀରରେ ଇନ୍ଦ୍ରିୟଶକ୍ତି ଅତି ଦୁର୍ବଳ ହେତୁ ସେମାନେ ବିଶେଷ କାର୍ଯ୍ୟକ୍ଷମ ହୋଇପାରନ୍ତି ନାହିଁ । ସ୍ଥୁଳ ଦେହରେ ପଞ୍ଚ କର୍ମେନ୍ଦ୍ରିୟ ଶକ୍ତିପ୍ରଧାନ ଓ ସୂକ୍ଷ୍ମ ଦେହରେ ପଞ୍ଚଜ୍ଞାନେନ୍ଦ୍ରିୟ ଶକ୍ତି ପ୍ରବଳ । କାରଣ ଦେହରେ ଅନ୍ତଃକରଣ ଚତୁଷ୍ଟୟ ଅର୍ଥାତ୍ ମନ ବୁଦ୍ଧି ଚିତ୍ତ ଅହଂର ଶକ୍ତି ପ୍ରବଳ ଥାଏ । କାରଣ ଦେହ ଏହି ଅନ୍ତଃକରଣ ଶକ୍ତିବଳରେ ଚାଳିତ ହୁଏ । ତେଣୁ କରଣଶରୀରଯୁକ୍ତ ସୁସୂକ୍ଷ୍ମ ଭୌତିକ ଦେହକୁ କାରଣ-ଶରୀର କୁହାଯାଏ ।

(୧୦୦୩) ଜ୍ଞାନଭାବ : ତତ୍ତ୍ୱଜ୍ଞାନର ଆଲୋଚନା, ବିଚାର ବିତର୍କ ଓ ବୁଦ୍ଧିର ଚାଳନାଦ୍ୱାରା ସାଧନାପଥରେ କିଛି ଦୂର ଅଗ୍ରସର ହେବା ପରେ ଏହି ଜ୍ଞାନ ଯେତେବେଳେ କର୍ମବିମୁଖ ହୋଇଯାଏ, ସେତେବେଳେ କର୍ମଯୋଗର ପ୍ରୟୋଜନ ହୁଏ । ସାଧୁ ଓ ସତ୍‌କର୍ମ ଅନୁଷ୍ଠାନଦ୍ୱାରା ଚିତ୍ତ ଶୁଦ୍ଧ ଓ ଏକାଗ୍ରଭାବ ଧାରଣ କଲେ ସେହି ଚିତ୍ତରେ ଶ୍ରୀଗୁରୁଦେବଙ୍କ ଉପଦିଷ୍ଟ ସତ୍ୟ ଜ୍ଞାନର ପ୍ରତିବିମ୍ବ ପତିତ ହୁଏ । ତତ୍ପରେ ସେହି ଚିତ୍ତରେ ଭଗବତ୍ ରସ ଆସ୍ୱାଦିତ ହୋଇଥାଏ । ସୁତରାଂ କର୍ମ ବା ଭକ୍ତିଯୋଗ ହିଁ ସତ୍ୟଜ୍ଞାନର ଜନନୀ । ତେଣୁ ଏହାକୁ ସତ୍ୟଜ୍ଞାନ କୁହାଯାଏ । ଚିତ୍ତଶୁଦ୍ଧି ପୂର୍ବରୁ ଯେଉଁ ଶାସ୍ତ୍ର ବିଚାରମୂଳକ ଜ୍ଞାନାଲୋଚନା, ତାହା ଜ୍ଞାନର ଆଭାସ ମାତ୍ର । ସେଥିରେ ରକ୍ଷିରଣରୁ ମୁକ୍ତି ମିଳେ । ତାହା ଚିତ୍ତଶୁଦ୍ଧିରେ ସହାୟକ ହୋଇଥାଏ । ଜ୍ଞାନଭାସ ସଂଶୟକାଳିମାଯୁକ୍ତ, ପାଣ୍ଡିତ୍ୟପୂର୍ଣ୍ଣ ଓ ଅଭିମାନଜନକ ଥିବାରୁ ତାହା ଏକାବେଳକେ ଅଜ୍ଞାନ ନ ହେଲେ ମଧ୍ୟ ଜ୍ଞାନାଭାସ ବୋଲି ଅଭିହିତ ।

(୧୦୦୪) ଧର୍ମକର୍ମ : ଯାହାଙ୍କର ଯେଉଁଥିରେ ବିଶେଷ ଅଭିଜ୍ଞତା ବା ଜ୍ଞାନ ଥାଏ, ତାଙ୍କ ପକ୍ଷରେ ସେହି କର୍ମ ଅତି ସହଜସାଧ୍ୟ । ଯେ ଅଜ୍ଞାନୀ, ତାଙ୍କ ନିକଟରେ ସବୁ କର୍ମ କଠିନ ବୋଲି ପ୍ରତୀୟମାନ ହୁଏ । ଯେ କୌଣସି କର୍ମ ଭଗବତ୍ ଉଦ୍ଦେଶ୍ୟରେ ସମ୍ପାଦିତ ହେଲେ ତାହା ଧର୍ମକର୍ମ ମଧ୍ୟରେ ଗଣ୍ୟ ହୁଏ । ଯେକୌଣସି ସମସ୍ୟାପୂରଣରେ ଜ୍ଞାନ ବା ଧର୍ମ ହିଁ କର୍ମକୁ ସହଜ, ଅନାୟାସ, ରୁଚିକର ଓ ସିଦ୍ଧଯୁକ୍ତ କରେ । ତେଣୁ ଜ୍ଞାନ ହିଁ କର୍ମର ପ୍ରଧାନ ସହାୟକ । ଏ ଜଗତ ଜ୍ଞାନୀଙ୍କ ଚକ୍ଷୁରେ ସୁନ୍ଦର ଓ ମଧୁର ଏବଂ ଅଜ୍ଞାନୀ ଆଳସ୍ୟପରାୟଣ । ତମୋଗୁଣୀ ମାନବଙ୍କ ଦୃଷ୍ଟିରେ ଭୀଷଣ ଭବକାରାଗାର ବା ଭବସାଗର ସଦୃଶ

ଭୟଙ୍କର ବୋଧ ହୁଏ। ଜ୍ଞାନମୂଳକ କର୍ମ ହିଁ ଧର୍ମ ନାମରେ ଅଭିହିତ। ତେଣୁ ଧର୍ମକର୍ମ ହିଁ ସାଧକମାନଙ୍କୁ ସିଦ୍ଧଦଶାରେ ଉପନୀତ କରାଇଥାଏ।

(୧୦୦୫) ଅମୃତ ଓ ବିଷଲତା : ଏହି ସଂସାର ଗୋଟିଏ ଭୀଷଣ ଅରଣ୍ୟ ସଦୃଶ। ଏହି ଅରଣ୍ୟରେ ଅମୃତଲତା ଓ ବିଷଲତା ଉଭୟ ବିଦ୍ୟମାନ। ଜ୍ଞାନୀମାନେ ଜ୍ଞାନ ବଳରେ ଅମୃତଲତା ଗ୍ରହଣ କରିବା ଫଳରେ ସାଂସାରିକ ଦୁଃଖରୁ ଉଦ୍ଧାର ଲାଭ କରନ୍ତି ଓ ଅଜ୍ଞାନୀମାନେ ଆପାତମଧୁର ବିଷଲତା ସଦୃଶ ବିଷୟ ବିଷରସ ପାନ କରି ବିବିଧ ଅଶାନ୍ତି ଭୋଗ କରନ୍ତି। ଅମୃତଲତା ପ୍ରଥମରୁ ତିକ୍ତ ଓ ପରିଣାମରେ ମଧୁମୟ। ବିଷଲତା ପ୍ରଥମେ ମଧୁର, କିନ୍ତୁ ପରିଣାମରେ ଅଶୁଭପ୍ରଦ। ଅମୃତଲତାକୁ ଭାଗବତ ରସ ଓ ବିଷଲତାକୁ ବିଷୟରସ କୁହାଯାଏ। ଅଜ୍ଞାନୀମାନେ ବିଷୟର ବାହ୍ୟ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସେଥିପ୍ରତି ଆକୃଷ୍ଟ ହୋଇପଡ଼ନ୍ତି। ଏହା ଜଗତ୍ପାଳିକା ମହାମାୟାଙ୍କ ପ୍ରଭାବରୁ ଘଟିଥାଏ। କାମିନୀକାଞ୍ଚନ, ସ୍ୱାର୍ଥଭୋଗ, କାମ, ବିଷୟସଂସାର ଓ କ୍ଷଣିକ ଇନ୍ଦ୍ରିୟସୁଖ ପ୍ରଭୃତି ସଂସାର ଅରଣ୍ୟର ବିଷଲତା ସଦୃଶ। ଅଜ୍ଞାନୀମାନେ ଏଥିରେ ଆସକ୍ତ ହୋଇ ବିପନ୍ନ ହୁଅନ୍ତି। କିନ୍ତୁ ଜ୍ଞାନୀମାନେ ସଦ୍‌ଗୁରୁଙ୍କ କୃପାରୁ ବିବେକ ବଳରେ ସମସ୍ତ ଅବଗତ ହୋଇ, ବିଷୟରସପାନରୁ ବିରତ ହୋଇ ନିତ୍ୟାନନ୍ଦ ରସରେ ମଗ୍ନ ହୁଅନ୍ତି। ଜ୍ଞାନୀମାନଙ୍କ ପକ୍ଷରେ ସତ୍ୟ ଜ୍ଞାନ, ପ୍ରେମ ଭକ୍ତି ଏବଂ ସାଧନ ଭଜନ ପ୍ରଭୃତି ଅମୃତଲତା ସଦୃଶ। ତେଣୁ ଏ ଜଗତରେ ଜ୍ଞାନୀମାନେ ହିଁ ପ୍ରକୃତ ଭକ୍ତ। ଏହି ଜ୍ଞାନ ସତ୍‌କୁ ଆଶ୍ରୟ କରି ଅବସ୍ଥାନ କରେ; ତେଣୁ ଜ୍ଞାନଯୁକ୍ତ କର୍ମର ନାମ ସତ୍ୟାଗ୍ରହ।

(୧୦୦୬) ସତ୍ୟାଗ୍ରହ : ଜ୍ଞାନ ଉପରେ ଧର୍ମ ପ୍ରତିଷ୍ଠିତ ହେଲେ ମଧ୍ୟ ସେହି ଜ୍ଞାନସତ୍ତାକୁ ଆଶ୍ରୟ କରି ଅର୍ଥାତ୍ ସତ୍‌ସ୍ୱରୂପ ଶ୍ରୀଗୁରୁ ଭଗବାନଙ୍କୁ ଆଶ୍ରୟ କରି ଧର୍ମ ଅବସ୍ଥାନ କରେ। ଶ୍ରୀଗୁରୁଦେବଙ୍କ ପ୍ରତି ଲକ୍ଷ୍ୟ ରଖି ତାଙ୍କରି ଆଦେଶରେ କର୍ମ କଲେ ସେହି କର୍ମ ସ୍ୱଧର୍ମରେ ପ୍ରତିଷ୍ଠିତ ବୋଲି ଜ୍ଞାନ ହୁଏ। ସତ୍ୟସ୍ୱରୂପ ଶ୍ରୀଗୁରୁଦେବଙ୍କ ପ୍ରତି ଲକ୍ଷ୍ୟପୂର୍ବକ ଯେଉଁ ଆଲୋଚନା, ସେଥିପ୍ରତି ସାଧକ ଶିଷ୍ୟ ଭକ୍ତଙ୍କର ଯେଉଁ ଆଗ୍ରହ ବା ଆନ୍ତରିକ ଅଭିଳାଷ—ତାହାର ନାମ ସତ୍ୟାଗ୍ରହ। ସତ୍ୟ ସଦୃଶ ଶ୍ରୀଗୁରୁ ଭଗବାନଙ୍କୁ ତ୍ୟାଗକରି କେବେହେଲେ ଜ୍ଞାନଲାଭ ହୁଏ ନାହିଁ। ଜ୍ଞାନବିହୀନ କର୍ମରେ ବନ୍ଧନ ସୃଷ୍ଟି ହୁଏ। ଯାହା ସତ୍ୟ ତାହା ନିତ୍ୟ ଓ

ଆନନ୍ଦ ପରିପୂର୍ଣ୍ଣ । ସତ୍ୟ ସର୍ବଦା ଏକ ଏବଂ ଅପରିବର୍ତ୍ତନୀୟ । ଭଗବତ୍ ଲାଭର ଅଭିଳାଷ ନ ରଖି କେବଳ ଜ୍ଞାନାଲୋଚନା କଲେ ସେଥିରେ ବିବିଧ ବିଘ୍ନ ଉତ୍ପନ୍ନ ହୁଏ । ତେଣୁ ସତ୍ୟ ବା ଶ୍ରୀଗୁରୁଦେବଙ୍କୁ ଲାଭ କରିବା ନିମିତ୍ତ ଅଭିଳାଷ ବା ଆଗ୍ରହ ଉପରେ ଜ୍ଞାନ ଏବଂ ଜ୍ଞାନଲାଭ ପରେ ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟରେ ଯେଉଁ କର୍ମ କରାଯାଏ, ତାହା ହିଁ ପ୍ରକୃତ କର୍ମ ମଧ୍ୟରେ ଗଣ୍ୟ । ଏହି କର୍ମ ହିଁ ଧର୍ମ ନାମରେ ଅଭିହିତ । ଏହି ଧର୍ମ ବା ଭଗବତ୍ ସେବାଭିଳାଷ ଜାଗ୍ରତ ହେଲେ ଭଗବାନ ଭକ୍ତମାନଙ୍କୁ ନିଜ କୋଳରେ ଧାରଣ କରନ୍ତି । ସୁତରାଂ ଯାହା ଧାରଣ କରେ, ତାହାକୁ ଧର୍ମ ବୋଲି କୁହାଯାଇଛି । ଏହି ସତ୍ୟଧର୍ମ ପ୍ରତି ଯେଉଁ ଆଗ୍ରହ, ତାହାକୁ ସତ୍ୟାଗ୍ରହ କୁହାଯାଏ ।

(୧୦୦୭) ଶକ୍ତିବାଦ : ଶକ୍ତିବାଦ ତନ୍ତ୍ରବିଜ୍ଞାନର ବିରାଟ ଅବଦାନ । ବେଦାନ୍ତ ସିଦ୍ଧାନ୍ତର ନାମ ବ୍ରହ୍ମବାଦ ଏବଂ ତନ୍ତ୍ର ସିଦ୍ଧାନ୍ତରେ ନାମ ଶକ୍ତିବାଦ । ବେଦାନ୍ତର ଚରମତତ୍ତ୍ୱ ବ୍ରହ୍ମ ଏବଂ ତନ୍ତ୍ରର ଚରମତତ୍ତ୍ୱ ଶକ୍ତି । ବେଦ ଓ ତନ୍ତ୍ର ଅର୍ଥାତ୍ ଦର୍ଶନ ଓ ବିଜ୍ଞାନର ମିଳନ ଭାରତର ଜାତୀୟ ଜୀବନରେ ମହାଗୌରବର ସୂଚନା ଦେଇଛି । ଶକ୍ତିବାଦର ପ୍ରଥମ ସିଦ୍ଧାନ୍ତ– ଜଗତରେ କେବଳ ଶକ୍ତିର ଲୀଳା ଚାଲିଛି । ବ୍ରହ୍ମ, ଆତ୍ମା ଓ ଭଗବାନ ଅଛନ୍ତି, ତାହା ସାଧାରଣଙ୍କ ଅନୁଭବର ଅତୀତ । ଜ୍ଞାନ ବିଚାରଦ୍ୱାରା ତାହା ହୃଦୟଙ୍ଗମ ହୋଇଥାଏ । କିନ୍ତୁ ଶକ୍ତିବାଦ ଅଖଣ୍ଡନୀୟ । ପାଶ୍ଚାତ୍ୟ ବୈଜ୍ଞାନିକମାନେ ବର୍ତ୍ତମାନ ଶକ୍ତିକୁ ସ୍ୱୀକାର କଲେ ମଧ୍ୟ ସେମାନେ ଶକ୍ତିକୁ ଚୈତନ୍ୟମୟୀ ବୋଲି ବିଶ୍ୱାସ କରିପାରି ନାହାନ୍ତି । ପାଶ୍ଚାତ୍ୟ ବିଜ୍ଞାନ ମତରେ ଏହି ଶକ୍ତି ଜଡ଼ ଶକ୍ତି । ମାତ୍ର ତନ୍ତ୍ର ମତରେ ଏହି ଶକ୍ତି କରୁଣାମୟୀ ମାତୃରୂପରେ ଅବସ୍ଥିତା । ସୁତରାଂ ପାଶ୍ଚାତ୍ୟ ବୈଜ୍ଞାନୀମାନଙ୍କର ମସ୍ତିଷ୍କର ଅନୁଶୀଳନ ଯଥେଷ୍ଟ ବୃଦ୍ଧି ପାଇଥିଲେ ମଧ୍ୟ ସେମାନଙ୍କ ହୃଦୟବତ୍ତାର ବିଶେଷ ଅଭାବ । ଅଥଚ ସେମାନଙ୍କର ଶକ୍ତି ଅଛି, ଶିବ ବା ହୃଦୟ ନାହିଁ । ଶକ୍ତିକୁ ଅଧୀନ କରି ତାହା ନିଜ ଭୋଗରେ ପ୍ରୟୋଗ କଲେ ବିବିଧ ଅନିଷ୍ଟ ସାଧିତ ହୋଇଥାଏ । ପରନ୍ତୁ, ଶକ୍ତିଙ୍କୁ ଜାଣି ତାଙ୍କର ଅନୁଗତ ହୋଇ ପୂଜାକଲେ ତାଙ୍କ କୃପାରୁ ବିଶ୍ୱର ସମସ୍ତ ସମ୍ପଦର ଅଧିକାର ମିଳେ । ଶକ୍ତି ଭୋଗର ବସ୍ତୁ ନୁହେଁ, ତାହା ମାତୃରୂପା ଓ ସମସ୍ତ ଦେବତାଙ୍କର ପୂଜ୍ୟା ।

ଦେବୀଙ୍କୁ ମାତୃଭାବରେ ପୂଜା କଲେ ମାନବ ସର୍ବସମ୍ପଦର ଅଧିକାରୀ ହୁଏ ଏବଂ ଶକ୍ତିଙ୍କୁ ଭୋଗ କରିବାର ଇଚ୍ଛା କଲେ ତାହା ଆସୁରିକ ଶକ୍ତିରେ ପରିଣତ

ହୋଇଯାଏ । ମହାଶକ୍ତିଙ୍କ ସହିତ ଯୋଗସୂତ୍ର ସ୍ଥାପନର ନାମ ପୂଜା । ମହାଶକ୍ତିଙ୍କ ସହିତ ଯୁକ୍ତ ହେଲେ ସୁଖ ଶାନ୍ତି ମିଳେ ଏବଂ ଏହି ଯୁକ୍ତତା ନଷ୍ଟ ହେଲେ ଜୀବ ଦୁଃଖ ଓ ଅଶାନ୍ତି ଭୋଗ କରିଥାଏ ।

(୧୦୦୮) ଅଷ୍ଟଦେବତା : ରୁଦ୍ର, ବସୁ, ଆଦିତ୍ୟ, ବିଶ୍ୱଦେବ, ଇନ୍ଦ୍ର, ଅଗ୍ନି ଓ ଅଶ୍ୱିନୀକୁମାର ଯୁଗଳ ଏମାନେ ହେଲେ ଅଷ୍ଟଦେବତା । ।

ରୁଦ୍ର– ରୁଦ୍ର ହେଉଛନ୍ତି ଏକତ୍ୱାଭିମୁଖୀ ଶକ୍ତି । ଯେ ଏହି ବିଶ୍ୱ ବ୍ରହ୍ମାଣ୍ଡରୁ ସମସ୍ତ ବହୁତ୍ୱ ଲୋପ କରି ଏକତ୍ୱ ଦିଗକୁ ଚାଳିତ କରନ୍ତି, ତାଙ୍କୁ କୁହାଯାଏ ରୁଦ୍ର ।

ବସୁ– ଯେ ବହୁ ପ୍ରକାଶ ଶକ୍ତି ରୂପରେ ନାନା ବିଚିତ୍ରତାପୂର୍ଣ୍ଣ ଜଗତକୁ ବ୍ୟକ୍ତ କରନ୍ତି, ତାଙ୍କୁ ବସୁ କୁହାଯାଏ ।

ଆଦିତ୍ୟ– ଏକତ୍ୱର ଧାରକ ହେଉଛନ୍ତି ଆଦିତ୍ୟ ।

ବିଶ୍ୱଦେବ– ବିଶ୍ୱଦେବ ବହୁତ୍ୱର ଧାରକ । ବ୍ୟକ୍ତ ବହୁତ୍ୱକୁ ସେ ଆଦିତ୍ୟ ରୂପରେ ଧାରଣ କରିଥାଆନ୍ତି । ଯେ ବହୁ ହୋଇ ମଧ୍ୟ ପ୍ରତ୍ୟେକ ବସ୍ତୁରେ ପୂର୍ଣ୍ଣ ରୂପରେ ବିରାଜିତ, ସେ ହେଉଛନ୍ତି ବିଶ୍ୱଦେବ ।

ମିତ୍ର ଓ ବରୁଣ ନୀତି ଓ ଶୃଙ୍ଖଳାର ଦେବତା । ମିତ୍ର ବହିର୍ଜଗତର ଶୃଙ୍ଖଳା ରକ୍ଷାକାରୀ ଶକ୍ତି ଏବଂ ବରୁଣ ଅନ୍ତର୍ଜଗତର ଶୃଙ୍ଖଳା ରକ୍ଷା କରିଥାନ୍ତି । ଜଡ଼ ଓ ଚିତ୍‌ଜଗତ୍ ତାଙ୍କରି ଶକ୍ତିରେ ସୁନିୟନ୍ତ୍ରିତ ହୋଇଥାଏ । ଯେଉଁ ଶକ୍ତି ବିରାଜିତ ବା ସ୍ଥିତ ଅଛନ୍ତି, ତାଙ୍କର ନାମ ଇନ୍ଦ୍ର । ଯେଉଁ ଶକ୍ତି ଗତିମାନ୍ ହୋଇ କାର୍ଯ୍ୟ କରନ୍ତି, ତାଙ୍କର ନାମ ଅଗ୍ନି । ସେ ସ୍ଥିତିମାନ୍ ଓ ଗତିମାନ୍—ଉଭୟବିଧ ଶକ୍ତି ରୂପରେ ବିଦ୍ୟମାନ । ଜଗତର ସୁଖ-ଦୁଃଖ, ଶୁଭାଶୁଭ, ଆଲୋକ-ଅନ୍ଧକାର, ଦିବାରାତ୍ରି ଯେଉଁ ଶକ୍ତିଦ୍ୱାରା ସମ୍ପନ୍ନ ହେଉଛି, ତାଙ୍କୁ କୁହାଯାଏ ଅଶ୍ୱିନୀକୁମାର ଯୁଗଳ ।

(୧୦୦୯) ଚତୁର୍ବିଧ ବୈଦିକଶକ୍ତି : ସୋମ, ପୂଷା, ତ୍ୱଷ୍ଟା ଓ ଭର୍ଗ । ଜୀବ ଓ ଜଗତ ମଧ୍ୟରେ ନିରନ୍ତର କ୍ଷୟ ଲାଗି ରହିଛି । ଏହି କ୍ଷୟରୂପ ଶକ୍ତି କବଳରୁ ଯେଉଁ ଶକ୍ତି ସର୍ବଦା ରକ୍ଷା କରି ପୁଷ୍ଟିବିଧାନ କରନ୍ତି, ତାଙ୍କୁ କୁହନ୍ତି ସୋମ । ଚିତ୍ ଜଗତର ପୋଷଣକାରୀ ଶକ୍ତିଙ୍କୁ ସୋମ ଓ ଜଡ଼ ଜଗତର ପୋଷଣକାରୀ ଶକ୍ତିଙ୍କୁ ପୂଷା କୁହାଯାଏ । ପ୍ରତ୍ୟେକ ଛୋଟ ବଡ଼ ବସ୍ତୁକୁ ଯେଉଁ ଶକ୍ତି ତତ୍‌ତତ୍ ରୂପ ପ୍ରଦାନ କରନ୍ତି, ତାଙ୍କୁ କୁହାଯାଏ ତ୍ୱଷ୍ଟା । ସେ ହେଉଛନ୍ତି

ବିଶ୍ୱକର୍ମା । ଭର୍ଗଦେବ ଜ୍ୟୋତି ସ୍ୱରୂପ । ଯେ ସାଧକଙ୍କୁ ଯୋଗ୍ୟଫଳ ପ୍ରଦାନ କରନ୍ତି, ତାଙ୍କୁ କୁହାଯାଏ ଭର୍ଗଦେବ ।

(୧୦୧୦) ମହାମାୟା : ଏହାଙ୍କର ଅପର ନାମ ଦେବୀ ଭଗବତୀ । ଜଗତ୍‌ପତି ଶ୍ରୀହରି ଏହି ମହାମାୟାଙ୍କଦ୍ୱାରା ଆଚ୍ଛନ୍ନ । ଏହାଙ୍କୁ ଯୋଗନିଦ୍ରା ମଧ୍ୟ କୁହାଯାଏ । ମହାମାୟା ଏ ଜଗତକୁ ମୋହିତ କରି ରଖିଛନ୍ତି । ସେ ଜ୍ଞାନୀମାନଙ୍କ ଚିତ୍ତକୁ ମୁଗ୍‌ଧ କରନ୍ତି । ସେ ଯେତେବେଳେ ଶ୍ରୀହରିଙ୍କୁ ମୋହିତ କରନ୍ତି, ସେତେବେଳେ ତାଙ୍କ ନାମ ଯୋଗମାୟା । ପୁଣି ଜଗତକୁ ମୁଗ୍‌ଧ କରିବାବେଳେ ତାଙ୍କ ନାମ ଅବିଦ୍ୟାମାୟା ଓ ଯେଉଁ ଶକ୍ତି ଜ୍ଞାନୀମାନଙ୍କୁ ଆଚ୍ଛନ୍ନ କରିଥାନ୍ତି, ତାଙ୍କୁ କୁହାଯାଏ ବିଦ୍ୟାମାୟା । ଏହାଙ୍କଦ୍ୱାରା ଆବୃତ ହୋଇ ଭଗବାନଙ୍କ ଜନ୍ମଗ୍ରହଣ କରନ୍ତି । ସେ ଯୋଗମାୟା ସମାବୃତ ବୋଲି ତାଙ୍କୁ କେହି ଦେଖିପାରନ୍ତି ନାହିଁ । ଏହି ମହାମାୟାଙ୍କର ଦ୍ୱିବିଧା ଶକ୍ତି– ବହିରଙ୍ଗା ଓ ଅନ୍ତରଙ୍ଗା । ବହିରଙ୍ଗା ଶକ୍ତିଙ୍କ ନାମ ମାୟା ଏବଂ ଅନ୍ତରଙ୍ଗା ଶକ୍ତିଙ୍କ ନାମ ଯୋଗମାୟା ।

(୧୦୧୧) ମାୟା : ଯେଉଁ ଶକ୍ତି ଜୀବର ସ୍ୱରୂପ ଜ୍ଞାନକୁ ଆବୃତ କରି ମିଥ୍ୟାକୁ ସତ୍ୟ ରୂପରେ ଦେଖାଇଥାନ୍ତି, ସେହି ଶକ୍ତିଙ୍କର ନାମ ମାୟା । ଯାହା ସତ୍ୟ ତାକୁ ଆବୃତ କରିବା ଏବଂ ଯାହା ନାହିଁ ତାକୁ ସତ୍ୟ ରୂପରେ ପ୍ରତୀୟମାନ କରାଇବା ମାୟାର କାର୍ଯ୍ୟ । ଏ ଜଗତରେ ସମସ୍ତ ବ୍ରହ୍ମମୟ । କିନ୍ତୁ ମାୟା ଏହି ସତ୍ୟକୁ ମିଥ୍ୟା ପ୍ରତିପନ୍ନ କରେ । ଫଳରେ ଆମେମାନେ ଜଡ଼ ଦେହକୁ ଆତ୍ମା ବୋଲି ଭ୍ରମ ଧାରଣା ପୋଷଣ କରିଥାଉଁ । ତେଣୁ ଗୁଣମୟ ଜୀବ ମାୟାର ଅଧୀନ । ଜୀବଜଗତ୍ ଏହି ମାୟାଦ୍ୱାରା ମୁଗ୍ଧ ହୋଇ ବିବିଧ ଦୁଃଖ ଭୋଗ କରନ୍ତି । ମାୟା ଜୀବର ସତ୍ୟ ଜ୍ଞାନକୁ ଆବୃତ କରେ, ଭଗବାନଙ୍କୁ ଆବୃତ କରିପାରେନାହିଁ । ତେଣୁ ଭଗବାନ ମାୟାଧୀଶ, ଜୀବ ମାୟାଧୀନ । କିନ୍ତୁ ସ୍ୱୟଂ ଭଗବାନଙ୍କୁ ଯେଉଁ ଶକ୍ତି ଆବରଣ କରନ୍ତି, ତାଙ୍କ ନାମ ଯୋଗମାୟା ।

(୧୦୧୨) ଯୋଗମାୟା : ଏହି ଶକ୍ତିଦ୍ୱାରା ଭଗବାନ ନିଜକୁ ଆଚ୍ଛନ୍ନ କରି ଲୀଳାବିଳାସ କରନ୍ତି । ଏହି ଶକ୍ତିଦ୍ୱାରା ଭଗବାନ ନିଜକୁ ଓ ଭକ୍ତମାନଙ୍କୁ ବିମୋହିତ କରନ୍ତି । ଏହି ଯୋଗମାୟଙ୍କୁ ଅଘଟନ-ଘଟନ-ପଟୀୟସୀ ବୋଲି କୁହାଯାଏ । ଏହାଙ୍କ ଦ୍ୱାରା ଭଗବତ୍ ଲୀଳାବିଳାସ ସଂଘଟିତ ହୁଏ । ଏହା ଶ୍ରୀକୃଷ୍ଣଙ୍କର

ଅନ୍ତରଙ୍ଗା ମାୟା । ଏହା ଭଗବାନଙ୍କଠାରୁ ଅଭିନ୍ନା । ଏହି ମାୟ ପ୍ରଭାବରେ ସଚ୍ଚିଦାନନ୍ଦ ବିଗ୍ରହ ଶ୍ରୀକୃଷ୍ଣ ଓ ଚିତ୍‌ଶକ୍ତିରୂପିଣୀ ଦୁର୍ଗାଙ୍କର ଅଭେଦତ୍ୱ ସ୍ଥାପିତ ହୋଇଅଛି । ଶକ୍ତି ଓ ଶକ୍ତିମାନଙ୍କ ଅଭେଦନୀତି ଅନୁସାରେ ଅନ୍ତରଙ୍ଗା ଚିତ୍‌ଶକ୍ତିରୂପା ଯୋଗମାୟା ଓ ଶ୍ରୀକୃଷ୍ଣ ଅଭିନ୍ନ । ଶ୍ରୀଭଗବାନଙ୍କ ସହିତ ଯୋଗଯୁକ୍ତ ହେବା ନିମିତ୍ତ ତାଙ୍କର ଯେଉଁ କୃପାଶକ୍ତି, ତାହାରି ନାମ ଯୋଗମାୟା । ଏହି ଶକ୍ତି ମହାମାୟାଙ୍କର ଅନ୍ତରଙ୍ଗା ଶକ୍ତି । ଏହା ଶ୍ରୀଭଗବାନ ଏବଂ ଭକ୍ତମାନଙ୍କଠାରେ କ୍ରିୟାଶୀଳ । ବହିରଙ୍ଗାଶକ୍ତି ମାୟା ରୂପରେ ଭଗବତ୍ ବିମୁଖ ଜନଙ୍କଠାରେ ଆବରଣୀ ଓ ବିକ୍ଷେପଶକ୍ତି ରୂପରେ କ୍ରିୟାଶୀଳା । ଯୋଗମାୟା ଶକ୍ତି ଗୁଣାତୀତା । ଅତଏବ ସତ୍ୟକୁ ଆବରଣପୂର୍ବକ ଭଗବତ୍ ବିମୁଖଜନଙ୍କୁ ବିଷୟଜନିତ ସୁଖାଭାସ ଓ ଦୁଃଖଦାନ ମହାମାୟାଙ୍କ ବହିରଙ୍ଗା ଶକ୍ତିର କାର୍ଯ୍ୟ ଏବଂ ଶ୍ରୀଭଗବାନଙ୍କ ମାଧୁର୍ଯ୍ୟଲୀଳାର ପ୍ରକଟନ ଓ ଭକ୍ତମାନଙ୍କୁ ପରମାନନ୍ଦର ଆସ୍ୱାଦନ ଦାନ ହିଁ ଯୋଗମାୟା ବା ଅନ୍ତରଙ୍ଗା ଚିତ୍ତଶକ୍ତିଙ୍କର କାର୍ଯ୍ୟ । ଶ୍ରୀଭଗବାନ ଯେଉଁ ଶକ୍ତିଦ୍ୱାରା ନିଜକୁ ଆବରଣ କରି ମନୁଷ୍ୟ ପରି ଲୀଳା କରନ୍ତି, ସେହି ଶକ୍ତିଙ୍କ ନାମ ଯୋଗମାୟା ।

(୧୦୧୩) ଯୋଗମାୟାଙ୍କ କାର୍ଯ୍ୟ : ଶ୍ରୀଭଗବାନ ନିଜ ମାଧୁର୍ଯ୍ୟ ଆସ୍ୱାଦନ ନିମିତ୍ତ ନରଲୀଳାଭିନୟ କରନ୍ତି । ଏହି ଲୀଳା, ମଧୁର ଲୀଳା । ଯଦି ଏ ଜଗତକୁ ଆସି ତାଙ୍କ ଐଶ୍ୱର୍ଯ୍ୟ ବା ଭଗବତ୍ତା ସର୍ବଦା ପ୍ରକାଶମାନ ଥାନ୍ତି, ତେବେ ଲୀଳା ଆସ୍ୱାଦନ ହୋଇପାରନ୍ତା ନାହିଁ । ଭଗବାନ ସର୍ବଜ୍ଞ ଓ ସର୍ବଶକ୍ତିମାନ୍ । ଯଦି ସବୁ ସମୟରେ ତାଙ୍କର ସର୍ବଶକ୍ତିମତ୍ତା ପ୍ରକାଶିତ ହେଉଥାନ୍ତା, ତେବେ ମାନବଲୀଳା ଅସମ୍ଭବ ହୋଇପଡ଼ନ୍ତା । ତେଣୁ ସର୍ବଜ୍ଞ ହେଲେ ମଧ୍ୟ ତାଙ୍କୁ ଅଜ୍ଞବତ୍ ଆଚରଣ କରିବାକୁ ପଡ଼ିଥାଏ । ଏହି ସର୍ବଜ୍ଞଙ୍କୁ ଯେଉଁ ଶକ୍ତି ଅଜ୍ଞବତ୍ କରିଦିଅନ୍ତି, ସର୍ବଶକ୍ତିମାନଙ୍କୁ ଯେ ଶକ୍ତିହୀନ ପରି ବାହାରକୁ ଦେଖାନ୍ତି, ସେ ହେଉଛନ୍ତି ଯୋଗାମାୟା । ଯୋଗମାୟା ସର୍ବାଶ୍ରୟଙ୍କୁ ନିରାଶୟ କରିପାରନ୍ତି, ଜଗନ୍ନାଥଙ୍କୁ ଅନାଥ ଶିଶୁ ଭଳି କରିପାରନ୍ତି । ଶ୍ରୀଭଗବାନ ଏଇ ଶକ୍ତିଙ୍କ ଅଧୀନରେ ଥାଇ ଲୀଳାକରନ୍ତି । ଏହି ଶକ୍ତି ତାଙ୍କର ସ୍ୱରୂପ ଶକ୍ତି ହୋଇଥିବାରୁ ଏଥିରେ ତାଙ୍କ ସାର୍ବଭୌମତ୍ୱର ହାନି ଘଟେ ନାହିଁ । ଶକ୍ତି ତାଙ୍କର ଆଜ୍ଞାଧୀନ । ଆଜ୍ଞାଧୀନ ଭୃତ୍ୟର ଅଧୀନତାରେ ମାଧୁର୍ଯ୍ୟ ଅଛି, ଅଥଚ ଏଥିରେ ତାଙ୍କ ଐଶ୍ୱର୍ଯ୍ୟର ହାନି ଘଟେ ନାହିଁ । ଆତ୍ମମାୟା ଅର୍ଥ ସ୍ୱକୀୟା ଆଜ୍ଞାଧୀନା ଶକ୍ତି । ଏହି ମାୟା ଶ୍ରୀକୃଷ୍ଣଙ୍କର ଆଜ୍ଞାବହ ହେଲେ ମଧ୍ୟ ସବୁ ସମୟରେ

ସେ ଆଜ୍ଞା ନେଇ ସବୁ କାର୍ଯ୍ୟ କରନ୍ତି ନାହିଁ । ଲୀଳା କିପରି ସୌଷ୍ଠବଯୁକ୍ତ ହେବ, ତାହା ସେ ଆଦେଶ ନ ନେଇ ମଧ ସମ୍ପନ୍ନ କରନ୍ତି । ତେଣୁ ତାଙ୍କୁ ଅଘଟନ-ଘଟନ-ପଟିୟସୀ ବୋଲି କୁହାଯାଏ । ଶ୍ରୀଭଗବାନଙ୍କ ଇଚ୍ଛାରେ ସବୁ ଘଟୁଛି ସତ୍ୟ; ମାତ୍ର ଯାହା ଶ୍ରୀକୃଷ୍ଣ ଇଚ୍ଛା କରି ନାହାନ୍ତି ବା ଜାଣନ୍ତି ନାହିଁ, ତାହା ହିଁ ଅଘଟନ । ଯୋଗମାୟା ଯେତେବେଳେ ଏହି ଅଘଟନ ଘଟାନ୍ତି, ସେତେବେଳେ ପରମ ମାଧୁର୍ଯ୍ୟରସର ସୃଷ୍ଟି ହୁଏ । ଅଧିକାଂଶ କ୍ଷେତ୍ରରେ ଭଗବାନ ଜାଣନ୍ତି ନାହିଁ ଯେ, ଯୋଗମାୟା ଏହା ପରେ କି ଲୀଳାବିଳାସ ସମ୍ପନ୍ନ କରିବେ । ସେତେବେଳେ ସେ ଲୀଳା ନିମିତ୍ତ ଯୋଗାମାୟାଙ୍କ ହସ୍ତର କ୍ରୀଡ଼ନକ ମାତ୍ର । ଏହି ସମୟରେ ଶ୍ରୀକୃଷ୍ଣଙ୍କ ଇଚ୍ଛା ବ୍ୟତୀତ ଯାହା ଘଟେ, ତାହା ଅଘଟନ । ଶ୍ରୀଭଗବାନ ସବୁ ସମୟରେ ଯୋଗମାୟାଙ୍କ ଆଶ୍ରୟରେ ଲୀଳାକରନ୍ତି; କିନ୍ତୁ ଯେଉଁ ଲୀଳାରେ ବିଶେଷ ଅଘଟନ ଘଟିବ, ସେ କ୍ଷେତ୍ରରେ ସେ ଆଶ୍ରିତ ନ ହୋଇ ଯୋଗାମାୟାଙ୍କ ଉପାଶ୍ରିତ ହୁଅନ୍ତି । ଉପାଶ୍ରିତ ଅର୍ଥ ହେଲା, ସେ ସବୁ ପ୍ରକାରରେ ନିଜକୁ ତାଙ୍କ ଇଚ୍ଛା ଉପରେ ଛାଡ଼ି ଦିଅନ୍ତି । ସେ ଯାହା କରାନ୍ତି, ସେ ତାହା ହିଁ କରନ୍ତି । ରାମ ଲୀଳାରେ ଭଗବାନ୍ ଶ୍ରୀକୃଷ୍ଣ ଯୋଗମାୟାଙ୍କ ଉପାଶ୍ରିତ ଭାବରେ ରହି ଲୀଳାର ସମସ୍ତ ଭାର ତାଙ୍କ ଉପରେ ଅର୍ପଣ କରିଥିଲେ ।*

(୧୦୧୪) ଶିବଭକ୍ତି : ମହାଶକ୍ତିଙ୍କର ଆତ୍ମସମାହିତ ଭାବକୁ ଶିବ କୁହାଯାଏ । ସେହି ଶିବଙ୍କଠାରେ ନିତ୍ୟସମାହିତ ରହି ମହାଶକ୍ତି ନିଜକୁ ବିଶ୍ୱ ମଧରେ ଅନନ୍ତ ଭାବରେ ଲୀଳାୟିତ କରିଛନ୍ତି । ତେଣୁ ଶିବଙ୍କ ବକ୍ଷସ୍ଥଳରୁ ତାଙ୍କର ଚରଣ କେବେହେଲେ ସ୍ଖଳିତ ହୁଏନାହିଁ । ଅଥଚ ତାଙ୍କର ଆତ୍ମସମାହିତ ପରମ ଭାବରୁ ସେ ବିଚ୍ୟୁତ ନ ହୋଇ ମଧ ବିଶ୍ୱଲୀଳା ସୁସମ୍ପନ୍ନ କରନ୍ତି । ସ୍ୱ ସ୍ୱରୂପରେ ସମାଧି ଓ ବିଚିତ୍ର ରୂପରେ ଆତ୍ମାଭିବ୍ୟକ୍ତି– ଏହା ହିଁ ବିଶ୍ୱଜନନୀ ମହାଶକ୍ତିଙ୍କର ନିତ୍ୟ ସ୍ୱଭାବ । ଏହା ହିଁ ପରଂବ୍ରହ୍ମଙ୍କର ଐଶ୍ୱରିକ ଭାବ । ତାଙ୍କର ଦୈବ ଭାବର ଆତ୍ମପ୍ରକାଶରେ ଆମେ ତାଙ୍କ ଆଡ଼କୁ ଆକୃଷ୍ଟ ହୋଇଥାଉ ଏବଂ ତାଙ୍କର ଆସୁରିକ ଭାବର ଆତ୍ମପ୍ରକାଶରେ ଆମେ ଭୀତତ୍ରସ୍ତ ହେଉ । ତାଙ୍କର ଦୈବଭାବ ଆମମାନଙ୍କୁ ତାଙ୍କ ଆଡ଼କୁ ଆକର୍ଷିତ କରେ ଓ ଆସୁରିକ ଭାବ ଦେଖି ଆମ ମନରେ ଭୟର ସଞ୍ଚାର ହୁଏ । ତେଣୁ ସେ ହିଁ ଦେବତା ଓ ଅସୁରଙ୍କର ଜନନୀ । ତଥାପି ଆମେ ତାଙ୍କୁ ଅସୁରବିନାଶିନୀ ମୂର୍ତ୍ତିରେ ଦର୍ଶନ କରିବାକୁ ପ୍ରାର୍ଥନା କରିଥାଉଁ ।

---

* ଶ୍ରୀଯୁକ୍ତ ମହାନାମବ୍ରତ ବ୍ରହ୍ମଚାରୀଙ୍କ କୃତ ଶ୍ରୀମଭାଗବତ ଟୀକା ଦ୍ରଷ୍ଟବ୍ୟ ।

(୧୦୧୫) ଦେବାସୁର ଭାବ : ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ, ପାରୁଷ୍ୟ, ଭୋଗଲାଳସା, ପ୍ରଭୁତ୍ୱପ୍ରିୟତା ଆଦି ଭାବକୁ ଆସୁରିକ ଭାବ କୁହାଯାଏ । କିନ୍ତୁ ଯେଉଁଠାରେ ଅମାନିତ୍ୱ, ଅଦମ୍ଭିତ୍ୱ, ଅହିଂସା, କ୍ଷମା, ସରଳତା, ତ୍ୟାଗ ଓ ସେବାଭିଳାଷ ବିଦ୍ୟମାନ, ସେଠାରେ ଦୈବଭାବ ପ୍ରବଳ ହୋଇଥାଏ । ଭଗବତୀ ମହାମାୟା ସୃଷ୍ଟିଲୀଳା ନିମିତ୍ତ ଉକ୍ତ ଦ୍ୱିବିଧ ଭାବକୁ କେତେବେଳେ ପୋଷଣ, ପୁଣି କେତେବେଳେ ନିର୍ଯ୍ୟାତିତ କରିଥାନ୍ତି, ତାହା ସାଧାରଣ ବୁଦ୍ଧିର ଅଗୋଚର । ଆସୁରିକ ଭାବ ବର୍ଦ୍ଧିତ ହେଲେ ଜଗତରେ ବିଶୃଙ୍ଖଳା ଓ ଅଶାନ୍ତି, ଅବିଚାର ଓ ଅତ୍ୟାଚାର ପ୍ରବଳ ଭାବ ଧାରଣ କରେ; ଧର୍ମର ମର୍ଯ୍ୟାଦା ନଷ୍ଟହୁଏ ଓ ପରମ ତତ୍ତ୍ୱର ଅନୁସନ୍ଧାନ ପ୍ରତି ଆଗ୍ରହ ହ୍ରାସପ୍ରାପ୍ତ ହୁଏ । ତେଣୁ ଶାନ୍ତିଶୃଙ୍ଖଳା ପିପାସୁ ଧାର୍ମିକମାନେ ସର୍ବଦା ଆସୁରିକ ଭାବର ପରାଭବ ଓ ଦୈବଭାବ ବା ସତ୍ ଭାବର ବୃଦ୍ଧି କାମନାରେ ଭଗବତୀଙ୍କର ଉପାସନା କରିଥାନ୍ତି । ତାଙ୍କୁ ଅସୁର ବିନାଶ ନିମିତ୍ତ ଆବିର୍ଭୂତ ହେବାକୁ ପ୍ରାର୍ଥନା କରିଥାନ୍ତି ଏବଂ ହୃଦୟ-ମନ୍ଦିରରେ ତାଙ୍କର ପୂଜା କରିଥାନ୍ତି । ସେମାନେ ନିଜର ଆସୁରିକ ଭାବ ସମୂହକୁ ତାଙ୍କ ପଦରେ ବଳି ପ୍ରଦାନ କରିଥାନ୍ତି । ଏହି ପୂଜା ଫଳରେ ସାଧକଙ୍କ ଅନ୍ତରରେ ତତ୍ତ୍ୱଜ୍ଞାନର ଉଦୟ ହୁଏ । ଏହି ଜ୍ଞାନ ପ୍ରଭାବରେ ସାଧକ ଯଥାର୍ଥ ଭାବରେ ଦେବୀଙ୍କୁ ଉପଲବ୍ଧି କରିଥାନ୍ତି ।

(୧୦୧୬) ପରଂବ୍ରହ୍ମ ଓ ଶ୍ରୀ ଭଗବାନ : ପରବ୍ରହ୍ମଂ ବିଶୁଦ୍ଧ ସୁବର୍ଣ୍ଣ ଗୋଲକ ଏବଂ ଶ୍ରୀ ଭଗବାନ ସୁବର୍ଣ୍ଣ ନିର୍ମିତ କଣ୍ଠହାର ସଦୃଶ । ସ୍ୱର୍ଣ୍ଣଗୋଲକ ସିନ୍ଦୁକରେ ଅର୍ଥାତ୍ ଅନ୍ତରମନ୍ଦିରସ୍ଥ ନିଭୃତ କୋଣରେ ସାଇତି ରଖିବାର ବସ୍ତୁ । କିନ୍ତୁ ସୁବର୍ଣ୍ଣହାର କଣ୍ଠଭୂଷଣ ସଦୃଶ । ପରଂବ୍ରହ୍ମ ଯେପରି ସଚ୍ଚିଦାନନ୍ଦ ସ୍ୱରୂପ ସୁବର୍ଣ୍ଣ ଗୋଲକ ଓ ଶ୍ରୀ ଭଗବାନ ଯେପରି ସୁବର୍ଣ୍ଣ ନିର୍ମିତ ନାନାବିଧ ଅଙ୍ଗାଭରଣ ସଦୃଶ । ପରଂବ୍ରହ୍ମଙ୍କଠାରେ କରୁଣା ଶକ୍ତି ଅବ୍ୟକ୍ତ ବା ଅପ୍ରକାଶିତ; ଶ୍ରୀ ଭଗବାନଙ୍କଠାରେ ତାହା ପ୍ରକାଶିତ । ଶକ୍ତି ଅବ୍ୟକ୍ତ ଥିଲେ ତାହା ପରଂବ୍ରହ୍ମ ଏବଂ ତାହା କୃପାଶକ୍ତିଦ୍ୱାରା ବିଗଳିତ ହେଲେ ତାଙ୍କୁ ଶ୍ରୀ ଭଗବାନ କୁହାଯାଏ । ପରଂବ୍ରହ୍ମ ସ୍ଥିର ସତ୍ତା– ଶ୍ରୀ ଭଗବାନ କ୍ରିୟାଶୀଳ ସତ୍ତା । ବେଦର ପ୍ରତିପାଦ୍ୟ ତତ୍ତ୍ୱ ପରଂବ୍ରହ୍ମ, ଭାଗବତର ପ୍ରତିପାଦ୍ୟ ତତ୍ତ୍ୱ ଶ୍ରୀ ଭଗବାନ । ଜ୍ଞାନୀମାନଙ୍କ ଦୃଷ୍ଟିରେ ବେଦାନ୍ତ ଓ ଭାଗବତ ବ୍ରହ୍ମ ଓ ଶ୍ରୀ ଭଗବାନ ଏକ ହେଲେ ମଧ୍ୟ ଭକ୍ତମାନେ ବେଦାନ୍ତକୁ ବା ଜ୍ଞାନକୁ

ଶିରୋଧାର୍ଯ୍ୟ କରିଥାନ୍ତି ଏବଂ ଶ୍ରୀ ଭାଗବତ ବା ଭଗବାନଙ୍କୁ ହୃଦୟରେ ଧାରଣ କରିଥାନ୍ତି ।

(୧୦୧୭) ଶ୍ରୀମଦ୍ଭାଗବତ : ଶ୍ରୀମତ୍‌ଭାଗତ ମହାପୁରାଣ । ଏହାର ଆଲୋଚ୍ୟ ବିଷୟ ଦଶଗୋଟି । ସର୍ଗ, ବିସର୍ଗ, ସ୍ଥାନ, ପୋଷଣ, ଭାତି, ମନ୍ୱନ୍ତର, ଈଶାନୁକଥା, ନିରୋଧ, ମୁକ୍ତି ଓ ଆଶ୍ରୟ । (୧) ପୁରୁଷଙ୍କର ଦକ୍ଷିଣରେ ପ୍ରକୃତିଙ୍କର ପରିଣତିର ନାମ- ସର୍ଗ । (୨) ବ୍ରହ୍ମାଙ୍କ କର୍ତ୍ତୃଙ୍କ ବ୍ରହ୍ମାଣ୍ଡର ସୃଷ୍ଟି—ବିସର୍ଗ । (୩) ସୃଷ୍ଟ ପଦାର୍ଥର ଯଥାଯୋଗ୍ୟ ମର୍ଯ୍ୟାଦା–ସ୍ଥିତି । (୪) ଶ୍ରୀ ଭଗବାନଙ୍କର ଭକ୍ତମାନଙ୍କ ପ୍ରତି ଅନୁଗ୍ରହର ନାମ- ପୋଷଣ । (୫) ଅନାଦି କର୍ମପ୍ରବାହର ନାମ- ଭାତି । (୬) ମନ୍ୱନ୍ତରାଧିପତିମାନଙ୍କର ପାଳନୀୟ ଧର୍ମର ନାମ—ମନ୍ୱନ୍ତର । (୭) ଅବତାର ଓ ଭକ୍ତମାନଙ୍କର କଥାର ନାମ- ଈଷାନୁକଥା । (୮) ମାୟା ଓ ଜୀବର ଈଶ୍ୱରଙ୍କଠାରେ ଲୟ ହେବାକୁ ନିରୋଧ କୁହାଯାଏ । (୯) ଜୀବର ସ୍ୱରୂପରେ ଅବସ୍ଥାନ ନାମ-ମୁକ୍ତି । (୧୦) ଶ୍ରୀପରଂବ୍ରହ୍ମ ପରମାତ୍ମା ଶ୍ରୀଭଗବାନଙ୍କ ଆଶ୍ରୟତତ୍ୱ । ଜୀବର ଆଶ୍ରୟତତ୍ତ୍ୱ ଶ୍ରୀ ଭଗବାନ । ଏହି ତତ୍ତ୍ୱକୁ ବୁଝାଇବା ନିମିତ୍ତ ଉକ୍ତ ନବତତ୍ତ୍ୱର ଅବତାରଣା । ଆଶ୍ରୟତତ୍ତ୍ୱ ଶ୍ରୀ ଭଗବାନ । ଶ୍ରୀ ଭାଗବତର ନବମସ୍କନ୍ଧ ପର୍ଯ୍ୟନ୍ତ ଉକ୍ତ ନଅଗୋଟି ବିଷୟର ଆଲୋଚନା କରାଯାଇଅଛି । ଦଶମ ସ୍କନ୍ଧରେ ଆଶ୍ରୟତତ୍ତ୍ୱର ଆଲୋଚନା କରାଯାଇଅଛି । ବିଷୟ ଓ ଆଶ୍ରୟତତ୍ତ୍ୱ ନେଇ ଲୀଳାର ସୂତ୍ରପାତ ।

(୧୦୧୮) ଆଶ୍ରୟ ଓ ବିଷୟତତ୍ତ୍ୱ : ଆଶ୍ରୟ ଶ୍ରୀଭଗବାନ । ଆଶ୍ରୟ ଥିଲେ ଆଶ୍ରିତ ରହିବା ସ୍ୱାଭାବିକ । ଆଶ୍ରିତଙ୍କର ଶାସ୍ତ୍ରୀୟ ନାମ 'ବିଷୟ' । ଦର୍ଶନଶାସ୍ତ୍ର, ମତରେ ଜ୍ଞାତା ହିଁ ଆଶ୍ରୟତତ୍ତ୍ୱ । ବିଷୟ ଜ୍ଞେୟ । ଆଶ୍ରୟ ଓ ବିଷୟ ପରସ୍ପର ସମ୍ବନ୍ଧଯୁକ୍ତ । ଭାଗବତଶାସ୍ତ୍ର ମତରେ ରସ ଯେଉଁ ଆଧାରକୁ ଅବଲମ୍ବନ କରି ଅବସ୍ଥାନ କରେ, ତାହାକୁ ଆଶ୍ରୟ ଏବଂ ଯାହାକୁ ଅବଲମ୍ବନ କରି ରସର ସୃଷ୍ଟି ହୁଏ, ତାହାକୁ ବିଷୟ କୁହାଯାଏ । ଆଶ୍ରୟ, ବସ୍ତୁକୁ ଧରି ରଖେ । ଯେଉଁ ପଲଙ୍କରେ ଆମେ ଶୟନ କରୁଛୁଁ ସେ ଆମର ଆଶ୍ରୟ ଏବଂ ସେହି ପଲଙ୍କ ଯାହା ଉପରେ ଆଶ୍ରୟ କରଛି ସେହି ପୃଥିବୀ ଆମର ପରମାଶ୍ରୟ । ତେଣୁ ଶ୍ରୀଭଗବାନ ଶ୍ରୀକୃଷ୍ଣଙ୍କ ପରମ ଆଶ୍ରୟ । ସ୍ୱରୂପ ଶକ୍ତି, ମାୟା ଶକ୍ତି ଓ ତଟସ୍ଥା ଶକ୍ତି—ଏହି ତ୍ରିଶକ୍ତି ହିଁ ଶ୍ରୀ ଭଗବାନଙ୍କ ଆଶ୍ରିତ । ତେଣୁ ଆତ୍ମାରାମ ଶ୍ରୀକୃଷ୍ଣ ହିଁ ଭକ୍ତମାନଙ୍କର ପରମ ଆଶ୍ରୟ ସ୍ୱରୂପ ।

(୧୦୧୯) ଆତ୍ମାରାମ : ସାଧାରଣ ଜୀବ ଇନ୍ଦ୍ରିୟଭୋଗଜନିତ ସୁଖରେ ସୁଖୀ । ବାହ୍ୟ ବିଷୟ ସହିତ ସମ୍ବନ୍ଧ ନ ଥିଲେ ଅପୂର୍ଣ୍ଣ ଜୀବର ସୁଖାସ୍ୱାଦନ ବା ସୁଖାନୁଭବ ହୋଇପାରେ ନାହିଁ । ଆତ୍ମାରାମ ଶ୍ରୀ ଭବାନଙ୍କର ସେହିପରି ହୁଏ ନାହିଁ । ସେ ଆତ୍ମାରେ ରମଣ କରନ୍ତି । ଦେହ ଓ ଇନ୍ଦ୍ରିୟର ଅତୀତ ଯେଉଁ ଆତ୍ମିକ ସତ୍ତା ସମସ୍ତଙ୍କଠାରେ ବିଦ୍ୟମାନ, ସେହି ଆତ୍ମାରେ ହିଁ ଯେ ସର୍ବଦା ରମଣ କରି ସମସ୍ତ ଆନନ୍ଦ ଆସ୍ୱାଦନ କରନ୍ତି, ତାଙ୍କୁ ଆତ୍ମାରାମ କୁହାଯାଏ । ଆତ୍ମାରାମ ସର୍ବଦା ସ୍ୱରୂପାନନ୍ଦରେ ପରିପୂର୍ଣ୍ଣ । ଶ୍ରୀ ଭଗବାନ ସ୍ୱୟଂ ଆନନ୍ଦ ସ୍ୱରୂପ । ତେଣୁ ଶ୍ରୀଭଗବାନ ସର୍ବଦା ପୂର୍ଣ୍ଣ । ଇନ୍ଦ୍ରିୟସର୍ବସ୍ୱ ଜୀବ ଇନ୍ଦ୍ରିୟାରାମ ହୋଇଥିବାରୁ ସର୍ବଦା ଅପୂର୍ଣ୍ଣ । ତେଣୁ ଜୀବ ଅଭାବ ତାଡ଼ନାରେ କର୍ମକରେ; ଶ୍ରୀଭଗବାନ ପୂର୍ଣ୍ଣତା ବା ଆନନ୍ଦର ପ୍ରେରଣାରେ ଲୀଳା କରନ୍ତି । ଶକ୍ତିର ଆତିଶଯ୍ୟରେ ସେ କ୍ରୀଡ଼ା କରନ୍ତି । ତାଙ୍କର ଏକ ପାଦ ଶକ୍ତିରେ ଏହି ବିଶ୍ୱ ପରିଚାଳିତ । ଏକ ପାଦ ଅର୍ଥ ଚାରି ଭାଗରୁ ଭାଗେ । ଅବଶିଷ୍ଟ ତ୍ରିପାଦ ଅମୃତ । ସେହି ତ୍ରିପାଦ ଶକ୍ତିଦ୍ୱାରା ସେ ଆନନ୍ଦମୟ କ୍ରୀଡ଼ା କରନ୍ତି । ରାସରେ ନୃତ୍ୟ କରନ୍ତି । ତେଣୁ ଆତ୍ମାରାମ ମୁନିମାନେ ଶ୍ରୀଭଗବାନଙ୍କୁ ଅହେତୁକୀ ଭାବରେଁ ଭଜନ କରିଥାନ୍ତି । ଶ୍ରୀଭଗବାନ ଆତ୍ମାରାମ ହେଲେ ମଧ୍ୟ ଭକ୍ତାଧୀନ । ଜୀବମାନଙ୍କର ସୁଖ ଇନ୍ଦ୍ରିୟରେ ସୀମାବଦ୍ଧ । ଶ୍ରୀଭଗବାନଙ୍କ ସୁଖ ଆତ୍ମାରେ ଅବରୁଦ୍ଧ । ସୁତରାଂ ଜୀବ ଇନ୍ଦ୍ରିୟାରାମ ଓ ଶ୍ରୀଭଗବାନ ଆତ୍ମାରାମ । ତେଣୁ ଶ୍ରୀଭଗବାନ ଆନନ୍ଦର ଘନୀଭୂତ ମୂର୍ତ୍ତି । ଆତ୍ମାରାମ ହିଁ ପ୍ରକୃତ ଆନନ୍ଦ ଆସ୍ୱାଦନ କରିଥାନ୍ତି । ଶ୍ରୀଭଗବାନଙ୍କର ଦେହଦେହୀ ଅଭିନ୍ନ । ଶ୍ରୀଭଗବାନ ଯେଉଁ ଗୋପୀମାନଙ୍କ ସହିତ ଲୀଳା କରିଥିଲେ, ସେମାନେ ଶ୍ରୀ ଭଗବାନଙ୍କର ପ୍ରତିବିମ୍ବ ସ୍ୱରୂପ । ଶ୍ରୀକୃଷ୍ଣଙ୍କ ଚିତ୍‌ଶକ୍ତି-ରୂପ ଦର୍ପଣରେ ହ୍ଲାଦିନୀ ଶକ୍ତି ପ୍ରତିବିମ୍ବିତ ହେଲେ ଶ୍ରୀରାଧା ନାମ ଧାରଣ କରନ୍ତି । ଶ୍ରୀ ଭଗବାନଙ୍କର ପ୍ରତିବିମ୍ବି ମଧ୍ୟ ଚିନ୍ମୟ ବା ଚିର ସତ୍ୟ । ଶିଶୁମାନେ ଯେପରି ତାଙ୍କ ପ୍ରତିବିମ୍ବ ସହିତ କ୍ରୀଡ଼ା କରନ୍ତି, ଆତ୍ମାରାମ ଶ୍ରୀକୃଷ୍ଣ ସେହିପରି ନିଜ ପ୍ରତିବିମ୍ବ ସହିତ ନାନା ନୃତ୍ୟ କରିବାକୁ ସୁଖବୋଧ କରନ୍ତି । ଗୋପୀମାନେ ଶ୍ରୀକୃଷ୍ଣଙ୍କଠାରୁ ଭିନ୍ନ ହୋଇ ମଧ୍ୟ ଅଭିନ୍ନ । ରାସଲୀଳା ଶ୍ରୀଭଗବାନଙ୍କର ଆତ୍ମକ୍ରୀଡ଼ା । ଏହି ଆତ୍ମକ୍ରୀଡ଼ା ଯେ କରନ୍ତି ସେ ଆତ୍ମାରାମ । ତାଙ୍କର ଭକ୍ତମାନେ ଆତ୍ମାରାମ ହେଲେ ମଧ୍ୟ ଶ୍ରୀଭଗବାନ ଶ୍ରୀକୃଷ୍ଣ ଆତ୍ମାରାମ-ଶିରୋମଣି । ଭଗବାନ ଓ ତାଙ୍କ ନାମ ଅଭିନ୍ନ ।

(୧୦୨୦) ଶ୍ରୀକାଳୀମୂର୍ତ୍ତିତତ୍ତ୍ୱ : ମହାପ୍ରକୃତିର ପରିପୂର୍ଣ୍ଣ ଚିତ୍ର କାଳୀମୂର୍ତ୍ତି । ଏହା ମହାକାଳଙ୍କର ଶକ୍ତିମୂର୍ତ୍ତି ବା ସକ୍ରିୟ ଅବସ୍ଥା । ମହାଶକ୍ତିଙ୍କର ଦ୍ୱିବିଧ ବିକାଶ— ସୃଷ୍ଟି ଓ ଧ୍ୱଂସ ଅର୍ଥାତ୍ ପ୍ରକାଶ ଓ ବିନାଶ । ମୃତ୍ୟୁ ମଧ୍ୟଦେଇ ଅମୃତର ଆସ୍ୱାଦନ । ପ୍ରାଚୀନ ଋଷୀମାନେ ଧ୍ୱଂସ ମଧ୍ୟରେ ଯେଉଁ କରୁଣାର ନିଦର୍ଶନ ପ୍ରତ୍ୟକ୍ଷ କରିଛନ୍ତି, ସେ ସମସ୍ତ କାଳୀମୂର୍ତ୍ତି ମଧ୍ୟରେ ବିଦ୍ୟମାନ । ବିଶ୍ୱର ସୃଜନ, ପାଳନ ଓ ବିଲୟ ଯାବତୀୟ ଶକ୍ତି କାଳୀମୂର୍ତ୍ତିରେ ବିରାଜିତ । ତାଙ୍କର ଚାରି ହାତ, ଦୁଇ ହାତରେ ସୃଜନ ଓ ଅନ୍ୟ ଦୁଇ ହାତରେ ନିଧନ । ବାମ ଦିଗର ଖଡ଼୍ଗ ଓ ମୁଣ୍ଡ ଧ୍ୱଂସର ପ୍ରତୀକ । ଦକ୍ଷିଣ ହସ୍ତର ବରାଭୟ ପରମ କଲ୍ୟାଣ ଚିହ୍ନିତ । ମୁଣ୍ଡମାଳା ଜ୍ଞାନଶକ୍ତିର ପ୍ରତୀକ । ମହା ପଞ୍ଚାଶତ୍ ବର୍ଣ୍ଣମାଳାର ପ୍ରତୀକ । ଏହା ହିଁ ମନ୍ତ୍ରଶକ୍ତିର ଚିହ୍ନ । ତାଙ୍କର କେଶରାଶିଦ୍ୱାରା ଏହା ସୂଚିତ ହେଉଛି ଯେ ଜଗତର ପଶ୍ଚାତ୍ ବା ଅନ୍ତରାଳ ରହସ୍ୟାବୃତ । ଆଦିରେ ଜଗତ୍ ଅନ୍ଧକାର ଥିଲା, ତେଣୁ ଆଦ୍ୟାଶକ୍ତିଙ୍କର ବର୍ଣ୍ଣ କୃଷ୍ଣ । କାଳୀ ଦିଗମ୍ବରୀ । ସେ ଦେଶକାଳର ବନ୍ଧନରେ ଆବଦ୍ଧ ନୁହନ୍ତି । ହସ୍ତ କର୍ମଶକ୍ତିର ପ୍ରତୀକ । ରକ୍ତବର୍ଣ୍ଣ ଜିହ୍ୱା ରଜୋଗୁଣର ପ୍ରତୀକ । ଶୁଭ୍ରତା ସତ୍ତ୍ୱଗୁଣର । ତେଣୁ ଶୁଭ୍ରଦନ୍ତଦ୍ୱାରା ରସନା ଦଂଶନ ଅର୍ଥ ସତ୍ତ୍ୱ ଗୁଣଦ୍ୱାରା ରଜୋଗୁଣର ସଂଯମ କରିବାକୁ ସେ ଶିକ୍ଷା ଦେଉଛନ୍ତି । ଶବର ବାସସ୍ଥାନକୁ ଶ୍ମଶାନ କୁହାଯାଏ । ତେଣୁ ତାଙ୍କର ବାସସ୍ଥାନ ଶ୍ମଶାନ । ବ୍ରହ୍ମ ବା ଶିବ ଚରଣତଳେ ରହିଛନ୍ତି ଅର୍ଥାତ୍ ଶିବଙ୍କୁ ଅବଲମ୍ବନ କରି ଶକ୍ତି କ୍ରିୟାଶୀଳା । ତେଣୁ ପୁରୁଷ ଦ୍ରଷ୍ଟା, ଶକ୍ତି କ୍ରୀଡ଼ାପରାୟଣା । ସୁତରାଂ ଶିବ ହିଁ ଶକ୍ତିଙ୍କର ଅଧିଷ୍ଠାନ କ୍ଷେତ୍ର । ଘନୀଭୂତ ଜ୍ୟୋତି କୃଷ୍ଣବର୍ଣ୍ଣ ଦେଖାଯାଏ ।

(୧୦୨୧) ଜ୍ଞାନାଲୋକ : ବାହାରେ ଯେଉଁ ଆଲୋକ ଦେଖାଯାଉଛି, ତାହା ପ୍ରକୃତ ଆଲୋକ ନୁହେଁ । ଅନ୍ତରର ଜ୍ଞାନ ହିଁ ପ୍ରକୃତ ଆଲୋକ । ଭିତରେ ଯେତେ ପରିମାଣରେ ଦିବ୍ୟଜ୍ଞାନର ବିକାଶ ହେବ, ବାହାରର ଆଲୋକ ସେତିକି ଉଜ୍ଜ୍ୱଳ ହୋଇ ଦେଖାଦେବ । ଏହି ଜ୍ଞାନାଲୋକଦ୍ୱାରା ବିଶ୍ୱେଶ୍ୱରଙ୍କର ଦର୍ଶନ ଲାଭ ହୁଏ । ବାହାରେ ଯେଉଁ ଚନ୍ଦ୍ରସୂର୍ଯ୍ୟଙ୍କ ଆଲୋକରେ ବିଶ୍ୱ ଆଲୋକିତ, ସଦ୍ୟଜାତ ଶିଶୁ ସେହି ଆଲୋକଦ୍ୱାରା କ'ଣ ବସ୍ତୁ ଦର୍ଶନ କରିପାରେ? ଚକ୍ଷୁ ଉପରେ ବାହ୍ୟଦ୍ରବ୍ୟର ପ୍ରତିବିମ୍ବପାତ ହେଲେ ମଧ୍ୟ ଦୃଷ୍ଟିଜ୍ଞାନ ଲାଭ ହୋଇପାରେ ନାହିଁ । ଦର୍ଶନସିଦ୍ଧ ହେବାକୁ ହେଲେ ଚିତ୍ତର ତଦଭିମୁଖୀ ବିକାଶ ହେବା ଦରକାର । ଚିତ୍ତ ଯେ ପରିମାଣରେ ଯୋଗ ଓ ଜ୍ଞାନ ଆଲୋଚନା ବା ଅଭ୍ୟାସ ବୈରାଗ୍ୟଦ୍ୱାରା

ଏକାଗ୍ର ହୁଏ, ସେତିକି ସହଜରେ ସେ ବିଶ୍ୱେଶ୍ୱରଙ୍କୁ ଅନ୍ତରର ଜ୍ଞାନନେତ୍ରଦ୍ୱାରା ଦର୍ଶନ କରିଥାଏ । ଯାହାଙ୍କର ଜ୍ଞାନ ଯେତେ ଗଭୀର, ସେ ସେହି ପରିମାଣରେ ବିଶ୍ୱଦେବତାଙ୍କୁ ଅନୁଭବ କରିଥାନ୍ତି । ବାହାର ଆଲୋକ ଭିତରେ ଜ୍ଞାନର ପ୍ରତିବିମ୍ବ ମାତ୍ର । ପୁନଶ୍ଚ ଏକାଗ୍ରତା ବଳରେ ଯେଉଁମାନେ ଦିବ୍ୟଦୃଷ୍ଟି (clairovoyance) ସମ୍ପନ୍ନ ବ୍ୟକ୍ତି, ସେମାନେ କେଉଁ ଆଲୋକରେ ସୂକ୍ଷ୍ମଜଗତକୁ ଅନୁଭବ କରିଥାନ୍ତି ? ସେମାନେ ଏହି ଆଭ୍ୟନ୍ତରୀଣ ଆଲୋକରେ ସୂକ୍ଷ୍ମଜଗତକୁ ପ୍ରତ୍ୟକ୍ଷ କରିଥାନ୍ତି । ସ୍ୱପ୍ନରେ ଯେପରି ବିନା ଆଲୋକରେ ବାହ୍ୟ ଜଗତ୍ ଦୃଷ୍ଟ ହୁଏ, ସେହିପରି ଜ୍ଞାନଦୃଷ୍ଟିବଳରେ ଭଗବାନଙ୍କ ସ୍ୱରୂପ ଉପଲବ୍‌ଧ ହୋଇଥାଏ । ଏଥିପାଇଁ ଜ୍ଞାନାଲୋଚନା ଏକାନ୍ତ ପ୍ରୟୋଜନ ।

(୧୦୨୨) ପ୍ରକୃତି ପୁରୁଷ : ପୂର୍ବ ଅଭ୍ୟାସକୁ ପ୍ରକୃତି କୁହାଯାଏ । ସେହି ପ୍ରକୃତିବଦ୍ଧ ଚୈତନ୍ୟ ହିଁ ସାଧାରଣ ଜୀବ । ଏହା ହିଁ ସାଧାରଣ ଜ୍ଞାନ ବା ଅଜ୍ଞାନ । ସତ୍ୟଜ୍ଞାନକୁ ପୁରୁଷ କୁହାଯାଏ । ପୁରୁଷ କେବେହେଲେ ପ୍ରକୃତିରୁ ଜାତ ନୁହଁନ୍ତି । ତେଣୁ ପୁରୁଷ ଜ୍ଞାନ ଓ ପ୍ରକୃତି ଅଜ୍ଞାନ । ପୁରୁଷ ବା ଚୈତନ୍ୟ ଯେତେବେଳେ ପ୍ରକୃତିର ଅଧୀନ ରହନ୍ତି, ସେତେବେଳେ ସେହି ପୁରୁଷଙ୍କୁ ଜୀବ କୁହାଯାଏ । କିନ୍ତୁ ମାନବ ପୁରୁଷ ବା ଗୁରୁବାକ୍ୟ ପ୍ରତିପାଳନଦ୍ୱାରା ପ୍ରକୃତିକୁ ବଶୀଭୂତ କରିପାରିଲେ, ସେତେବେଳେ ସେ ଆତ୍ମସ୍ୱରୂପ ଲାଭ କରି ମୁକ୍ତି ଲାଭ କରିଥାଏ । ନିକୃଷ୍ଟ ପ୍ରବୃତ୍ତିର ବଶୀଭୂତ ହେବା ପ୍ରକୃତିର କାର୍ଯ୍ୟ ଏବଂ ବିବେକ ଜ୍ଞାନର କାର୍ଯ୍ୟ । ସୁଖକର ପ୍ରିୟଦ୍ରବ୍ୟ ଓ ଖାଦ୍ୟ ସମ୍ଭୋଗ ପ୍ରକୃତିର କାର୍ଯ୍ୟ । ତ୍ୟାଗ, ସଂଯମ ଓ ପ୍ରତ୍ୟାହାର ବିବେକର କାର୍ଯ୍ୟ । ସାମାଜିକ ମାନବଙ୍କୁ ଦେଖି ପ୍ରବୃତ୍ତି ପଥରେ ଗତି କରିବା ପ୍ରକୃତିର କାର୍ଯ୍ୟ ଏବଂ ଗୁରୁବାକ୍ୟ ଅନୁସାରେ ଜ୍ଞାନଯୋଗ ବା ତ୍ୟାଗପଥରେ ଗତି କରିବା ପୁରୁଷଙ୍କର କାର୍ଯ୍ୟ । ତେଣୁ ବିବେକ ବା ଅନ୍ତର୍ଯ୍ୟାମୀ ଶ୍ରୀଗୁରୁଦେବଙ୍କ ବାକ୍ୟ ପ୍ରତି ଦୃଷ୍ଟି ରଖି ଚଳିଲେ ପ୍ରକୃତି ବଶୀଭୂତା ହୁଅନ୍ତି । ଏହି ପ୍ରକୃତିଙ୍କୁ ବଶୀଭୂତ କରି ପୁରୁଷଙ୍କ ସେବାରେ ନିୟୋଗ କରିବା ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ । ଏହି ପୁରୁଷଙ୍କ ନାମ ଜ୍ଞାନ ବା ଆତ୍ମା । ସୁତରାଂ ଆତ୍ମା ଅମର । ପ୍ରକୃତିର ବାସନା, ଆଶା, ଆକାଙ୍‌କ୍ଷା, ଲାଳସା ଦୂରୀଭୂତ ହେଲେ ଆତ୍ମାର ମୁକ୍ତି ଲାଭ ହୋଇଥାଏ । ପ୍ରକୃତି ହିଁ ପୁନଃପୁନଃ ଦେହ ଧାରଣ କରି ଜନ୍ମମୃତ୍ୟୁର ଅଧୀନ ହୁଏ । ଆତ୍ମାର କେବେହେଲେ ଭାବାନ୍ତର ଘଟେ ନାହିଁ । ତେଣୁ ସ୍ୱସୁଖବାସନା ତ୍ୟାଗ କରି

ଭଗବତ୍ ସେବାଭିଳାଷ ପୋଷଣପୂର୍ବକ କାର୍ଯ୍ୟ କଲେ ସହଜରେ ଜୀବାତ୍ମାର ମୁକ୍ତି ଲାଭ ହୋଇଥାଏ ।

(୧୦୨୩) ପ୍ରକୃତିପୁରୁଷଯୋଗ : ପ୍ରକୃତିକୁ ପୁରୁଷ ବା ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶରେ ପରିଚାଳିତ କରିପାରିଲେ ଯେଉଁ ଶକ୍ତି ଲାଭ ହୁଏ, ତାହା ହିଁ ଯୋଗଶକ୍ତି । ସୁତରାଂ ଯୋଗ ଭିନ୍ନ ସାଧନା ନାହିଁ । ପ୍ରକୃତିଙ୍କୁ ପୁରୁଷ ବା ଶ୍ରୀଗୁରୁଦେବଙ୍କ ସେବାରେ ନିୟୋଜିତ କରିବା ହିଁ ଯୋଗ । ଏଥିପାଇଁ ଯୋଗ ହିଁ ସବୁପ୍ରକାର ସାଧନାର ମେରୁଦଣ୍ଡ ସ୍ୱରୂପ । ଯୋଗ ଅର୍ଥ ମନକୁ ଆତ୍ମା ଓ ପରମାତ୍ମା ବା ଭଗବାନଙ୍କ ସହିତ ସଂଯୋଗ କରିବାକୁ ବୁଝାଏ । ସୁତରାଂ ଯୋଗ କହିଲେ ମନଯୋଗକୁ ବୁଝାଇଥାଏ । ମନର ଅବସ୍ଥା ପାଞ୍ଚ ପ୍ରକାର– ମୂଢ଼, କ୍ଷିପ୍ତ, ବିକ୍ଷିପ୍ତ, ଏକାଗ୍ର ଓ ନିରୁଦ୍ଧ । ଏହି ପାଞ୍ଚ ଅବସ୍ଥା ମଧ୍ୟରୁ ମୂଢ଼ ଅବସ୍ଥା ତମୋଗୁଣଦ୍ୱାରା, କ୍ଷିପ୍ତ ଓ ବିକ୍ଷିପ୍ତ ଅବସ୍ଥା ରଜୋଗୁଣଦ୍ୱାରା ଆବୃତ ଥିବାରୁ ସେହି ମନକୁ ଅଯୋଗ ଅବସ୍ଥା କୁହାଯାଏ । ଏହା ହିଁ ବିୟୋଗାବସ୍ଥା ବା ସଂସାରାବସ୍ଥାକୁ ବୁଝାଏ । ଏକାଗ୍ର ଓ ନିରୁଦ୍ଧ ଅବସ୍ଥା ହିଁ ସତ୍ତ୍ୱଗୁଣାବୃତ । ଏହାକୁ ଯୋଗାବସ୍ଥା କୁହାଯାଏ । ଏକାଗ୍ର ଭାବକୁ ନମ୍ନ ଯୋଗାବସ୍ଥା କୁହାଯାଏ । ନିରୁଦ୍ଧ ଭାବ ହିଁ ପ୍ରକୃତ ଯୋଗାବସ୍ଥା । ଏକାଗ୍ର ଯୋଗ ଫଳରେ ସାଧକ ଇଷ୍ଟଦେବତାଙ୍କ ମୂର୍ତ୍ତି ଦର୍ଶନ କରି ସାଲୋକ୍ୟ ଓ ସମୀପ୍ୟ ମୁକ୍ତି ଲାଭ କରିଥାନ୍ତି । ଯେଉଁ କୌଶଳ ଅବଲମ୍ବନ କଲେ ମନକୁ ଏକାଗ୍ର ଓ ନିରୁଦ୍ଧ କରାଯାଏ, ତାହାର ନାମ ଯୋଗ । ଧ୍ୟାନ ହିଁ ଯୋଗର ଶ୍ରେଷ୍ଠ ସାଧନ । ଯେ କୌଣସି ଉପାୟରେ ଦେହ, ଇନ୍ଦ୍ରିୟ, ପ୍ରାଣ ଓ ମନକୁ ସ୍ଥିର କରିବାର ନାମ ଯୋଗ । ଯୋଗସାଧନଦ୍ୱାରା ଚିତ୍ତ ସ୍ଥିର ଓ ଏକାଗ୍ର ନ ହେଲେ ଅନ୍ତରରେ ଅତୀନ୍ଦ୍ରିୟ ଜଗତ୍, ପରଲୋକ, ଦେବତା ଏବଂ ଶ୍ରୀଗୁରୁଦେବଙ୍କ ସାକ୍ଷାତ୍କାର ଲାଭ ହୋଇପାରେ ନାହିଁ । ଜ୍ଞାନ ଅପେକ୍ଷା ଯୋଗର ଶ୍ରେଷ୍ଠତା ଅଧିକ । ଯେଉଁମାନଙ୍କର ଯୋଗ ସମ୍ବନ୍ଧରେ ଜ୍ଞାନ ନାହିଁ ସେମାନେ ଜ୍ଞାନ, ଭକ୍ତି ଓ କର୍ମ କରି ମଧ୍ୟ କୌଣସି ସୁଫଳ ଲାଭ କରିପାରନ୍ତି ନାହିଁ । ଯୋଗାଭ୍ୟାସ ବ୍ୟତୀତ ଏହି ଶକ୍ତି ଲାଭ ହୋଇପାରେ ନାହିଁ । ଯୋଗରୂପ କର୍ମ ହିଁ ସାଧନାରେ ଶକ୍ତି ସଞ୍ଚାର କରେ । ଯୋଗହୀନ ଚିତ୍ତ ସର୍ବଦା ବାସନାଦ୍ୱାରା ଚଞ୍ଚଳ ଥାଏ । ସେହି ଚଞ୍ଚଳଚିତ୍ତ ହିଁ ଅଶୁଦ୍ଧ । ତେଣୁ ଅଶୁଦ୍ଧ ଚିତ୍ତରେ କୌଣସି ସୂକ୍ଷ୍ମଜ୍ଞାନ ପ୍ରତିବିମ୍ବିତ ହୋଇପାରେ ନାହିଁ । ସୁତରାଂ ସାଧକମାନେ ଯୋଗସମ୍ମତ ଉପାୟରେ ଆସନଦ୍ୱାରା

ଦେହକୁ, ପ୍ରତ୍ୟାହାରଦ୍ୱାରା ଇନ୍ଦ୍ରିୟମାନଙ୍କୁ, ପ୍ରାଣାୟାମଦ୍ୱାରା ବାୟୁକୁ ଏବଂ ଏକାଗ୍ରତା ଅଭ୍ୟାସଦ୍ୱାରା ମନକୁ ସ୍ଥିର କରିବାକୁ ଚେଷ୍ଟା କରିବା ବିଧେୟ ।

ଉପରୋକ୍ତ ଅଭ୍ୟାସ ଗଠନ ନ କଲେ କେବଳ ପୂଜା, ଜପ, ଉପାସନା, ଜ୍ଞାନାଲୋଚନା ଏବଂ ଜୀବହିତକର ନିଷ୍କାମ କର୍ମ ଯେତେ କଲେ ମଧ୍ୟ ସାଧକ କେବେହେଲେ ସିଦ୍ଧମନୋରଥ ହୋଇପାରିବେ ନାହିଁ । ଗୀତାର ପ୍ରତ୍ୟେକ ଅଧ୍ୟାୟରେ ଏହି ଯୋଗର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଛି । ଗୀତାର ବହୁମନ୍ତ୍ରରେ ଚିତ୍ତକୁ ସ୍ଥିର କରି ତାହା ନିତ୍ୟବସ୍ତୁ ଶ୍ରୀଗୁରୁ ଭଗବାନଙ୍କ ଧ୍ୟାନରେ ନିରୁଦ୍ଧ କରିପାରିଲେ ସାଧକ ସ୍ୱପ୍ରକୃତିକୁ ଶ୍ରୀଭଗବାନଙ୍କ ସେବାରେ ନିୟୋଗ କରି ସିଦ୍ଧମନୋରଥ ହୋଇଥାଆନ୍ତି ବୋଲି ଶ୍ରୀଭଗବାନ ନିଜ ମୁଖରେ ବ୍ୟକ୍ତ କରିଛନ୍ତି ।

(୧୦୨୪) ଆତ୍ମସମର୍ପଣଯୋଗ : ଅନ୍ତରର ସୂକ୍ଷ୍ମଶକ୍ତି ଜାଗ୍ରତ ହେଲେ ଅନ୍ଧକାର ମଧ୍ୟ ଆଲୋକମୟ ହୋଇଯାଏ । ଶ୍ରୀଗୁରୁଦେବଙ୍କ କୃପାଶକ୍ତି ବଳରେ ଏହି ଶକ୍ତିର ଜାଗରଣ ହୁଏ । ଶକ୍ତି ଜାଗ୍ରତ ହେବାପରେ ପରମଶିବଙ୍କ ସହିତ ଯୋଗ ହେବା ନିମିତ୍ତ ଆତ୍ମକୃପା ଓ ଭଗବତ୍‌କୃପା ଏକାନ୍ତ ଆବଶ୍ୟକ । ତାଙ୍କ କୃପାଶକ୍ତି ବଳରେ ଅତୀନ୍ଦ୍ରିୟ ଅଦୃଶ୍ୟ ଜଗତ୍ ଦୃଶ୍ୟ ହୋଇଥାଏ । ଶ୍ରୀଭଗବାନ ସମସ୍ତଙ୍କୁ କୃପା କଲେ ମଧ୍ୟ ତାଙ୍କ କୃପା ସମସ୍ତେ ଅନୁଭବ କରିପାରନ୍ତି ନାହିଁ । ଯେ ତାଙ୍କ କୃପା ପାଇବାକୁ ଆନ୍ତରିକ ଭାବରେ ଇଚ୍ଛା କରନ୍ତି ଓ ଭଗବତ୍ ବିଷୟକ ଆଲୋଚନା ଏବଂ ଆତ୍ମସମର୍ପଣପୂର୍ବକ ତାଙ୍କ କୃପାଲାଭ ନିମିତ୍ତ ପ୍ରାର୍ଥନା କରନ୍ତି, ସେ ହିଁ ତାହା ଅନୁଭବ କରିପାରନ୍ତି । ଦେହ, ମନ, ପ୍ରାଣ ତାଙ୍କ ଶ୍ରୀଚରଣରେ ସମର୍ପଣ ପୂର୍ବକ ତାଙ୍କ ଅନୁଗତ ହୋଇ ସେବା କଲେ ସେହି କୃପା ଲାଭ ହୋଇଥାଏ ।

ଏହି ଅନିତ୍ୟ ଅନ୍ଧକାରମୟ ଜଗତରେ ଥାଇ ନିତ୍ୟାନନ୍ଦର ଅନୁଭୂତି ଲାଭ ନିମିତ୍ତ ତାଙ୍କ ପାଦପଦ୍ମରେ ପୂର୍ଣ୍ଣ ଶରଣାଗତି ଭାବ ଥିବା ଏକାନ୍ତ ଆବଶ୍ୟକ । ଯେଉଁମାନେ ମନେ କରନ୍ତି ଯେ 'ଭଗବାନ ଆପଣା ମନକୁ କୃପା କରିବେ, ଆମର କିଛି କରିବାର ନାହିଁ'—ସେହିମାନେ ହିଁ ଭ୍ରାନ୍ତ । ଯେପର୍ଯ୍ୟନ୍ତ ଅହଂ ବୁଦ୍ଧି ବିଦ୍ୟମାନ ଥିବ, ସେପର୍ଯ୍ୟନ୍ତ ଯୋଗସାଧନ, ଜ୍ଞାନାଲୋଚନା ଓ ଭକ୍ତି ଅଙ୍ଗର ଅନୁଶୀଳନ ଏକାନ୍ତ ପ୍ରୟୋଜନ । ଏହି ଭାବରେ ସାଧନ କରୁ କରୁ ଯେତେବେଳେ ଶ୍ରୀ ଗୁରୁଦେବଙ୍କ କୃପାରୁ ଅହଂତ୍ୱର ବିନାଶ ହେବ, ସେତେବେଳେ ଭଗବାନ

ସାଧକଙ୍କ ଭିତର ଦେଇ ସମସ୍ତ କର୍ମ ସମ୍ପାଦନ କରୁଛନ୍ତି ବୋଲି ସାଧକଙ୍କର ଅନୁଭବ ହେବ । ସେତେବେଳେ ମନେ ହେବ ସେହି କେବଳ ଅଛନ୍ତି; ଆମ ଦେହ ଯନ୍ତ୍ର ମାତ୍ର । ଏହି ଅବସ୍ଥା ସାଧାରଣ ମାନବୀୟ ଭାବର ଅତୀତ । ଏହା ହିଁ ଶରଣାଗତି ବା ଆତ୍ମସମର୍ପଣ ଯୋଗ । ଏହି ସମର୍ପଣ ଯୋଗର ଅନୁଶୀଳନ ବ୍ୟତୀତ ତାଙ୍କର କୃପା ସହଜରେ ଅନୁଭୂତ ହୁଏ ନାହିଁ । ତେଣୁ ତାଙ୍କ କୃପା ଆକର୍ଷଣ ନିମିତ୍ତ ସମର୍ପଣ ଯୋଗର ଅନୁଶୀଳନ ଏକାନ୍ତ କର୍ତ୍ତବ୍ୟ । ତାଙ୍କରି ଧ୍ୟାନରେ ରତ ରହିପାରିଲେ, ଭକ୍ତମାନଙ୍କ ସଙ୍ଗରେ ତାଙ୍କ କଥାର ଆଲୋଚନା କଲେ ଏବଂ ତାଙ୍କରି ଅଭୀପ୍ସିତ କର୍ମରେ ଆତ୍ମନିୟୋଗ କଲେ, ସାଧକଙ୍କର ମନ, ପ୍ରାଣ ତାଙ୍କ ଆଡ଼କୁ ଉନ୍ମୁଖ ରଖିପାରିଲେ ଏବଂ ତାଙ୍କୁ ଦେଖିବା ନିମିତ୍ତ, ବୁଝିବା ନିମିତ୍ତ ଚେଷ୍ଟା କଲେ ଏବଂ ମନକୁ ସଦା ତଦ୍‌ଗତ କରି ରଖିଲେ ଏହି ଯୋଗ ସିଦ୍ଧ ହୁଏ । ବାହାରେ ସର୍ବଜୀବଙ୍କ ପ୍ରତି ଭଗବତ୍ ଜ୍ଞାନ ରଖି ତାଙ୍କୁ ସୁଖି ପାଇପାରିଲେ, କାହାରି ଅନିଷ୍ଟ ଚିନ୍ତା ନ କରି ଇଷ୍ଟ ଚିନ୍ତାରେ ତନ୍ମୟ ହେଲେ ଏବଂ ସାଂସାରିକ କର୍ତ୍ତବ୍ୟକୁ ତାଙ୍କ ସେବା ଜ୍ଞାନରେ ସମ୍ପନ୍ନ କରି ସାଧୁସଙ୍ଗ, ଗୁରୁସେବା, ଭଗବତ୍ ନାମ ଓ ତାଙ୍କ କଥା ଶ୍ରବଣରେ କାଳାତିପାତ କଲେ ସହଜରେ ସମର୍ପଣଯୋଗ ସିଦ୍ଧ ହୋଇ ଭଗବତ୍ କୃପା ଉପଲବ୍ଧି ହୋଇପାରିବ ।

(୧୦୨୫) ଧ୍ୟାନଯୋଗ : ଜ୍ଞାନ, ଧ୍ୟାନ ଓ ଆତ୍ମସମର୍ପଣ ଯୋଗ ସାହାଯ୍ୟରେ ସାଧକମାନେ ପରମେଶ୍ୱରଙ୍କୁ ଉପଲବ୍ଧି କରିଥାନ୍ତି । ଧ୍ୟାନଯୋଗକୁ ମନୋଯୋଗ, ଭକ୍ତିଯୋଗ ଓ ଏକାଗ୍ରଯୋଗ କୁହାଯାଏ । ଆତ୍ମସମର୍ପଣ ଯୋଗକୁ କର୍ମଯୋଗ ବୋଲି ଶାସ୍ତ୍ରକାରମାନେ ଉଲ୍ଲେଖ କରିଛନ୍ତି । ସାଧାରଣତଃ ଯାହାକୁ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ବୋଲି କୁହାଯାଏ, ଯୋଗଶାସ୍ତ୍ରରେ ତାହା ହିଁ ଆତ୍ମସମର୍ପଣ ଯୋଗ ବା ଧ୍ୟାନଯୋଗ । ଜ୍ଞାନଯୋଗର କାର୍ଯ୍ୟ, ବୁଦ୍ଧି ଓ ବିଜ୍ଞାନକୁ ନେଇ, ଧ୍ୟାନଯୋଗ ମନ, ଚିତ୍ତ ଓ ଭାବନାକୁ ନେଇ ଏବଂ କର୍ମଯୋଗ କାର୍ଯ୍ୟ ଇନ୍ଦ୍ରିୟ, ପ୍ରାଣ, କର୍ମ ଓ ବ୍ୟବହାରକୁ ନେଇ କ୍ରିୟାଶୀଳ ହୋଇଥାଏ । ମନୁଷ୍ୟ ମଧ୍ୟରେ ଦେହ, ଇନ୍ଦ୍ରିୟ, ମନ, ବୁଦ୍ଧି ଓ ପ୍ରକୃତି ଏହି ପଞ୍ଚ ବିଷୟ ପ୍ରଧାନ । ଈଶ୍ୱରଙ୍କ ଦେହ ଏହି ବିରାଟ ବିଶ୍ୱକୁ ଆଶ୍ରୟ କରି ବିରାଜମାନ । ପ୍ରକୃତି ମଧ୍ୟ ସେହି ବିଶ୍ୱପ୍ରକୃତିର ଅଂଶ । କିନ୍ତୁ ଇନ୍ଦ୍ରିୟ, ମନ ଓ ବୁଦ୍ଧି କେବଳ ଈଶ୍ୱରଙ୍କୁ ଛାଡ଼ି ବିଷୟସଂସାରରେ ଆସକ୍ତ ରହିଥାନ୍ତି । ଏହି ଇନ୍ଦ୍ରିୟ ମନ-ବୁଦ୍ଧିକୁ ଚେଷ୍ଟା କରି

ଭଗବାନଙ୍କ ସହିତ ଯୋଗ କରିଦେବାକୁ ଧ୍ୟାନଯୋଗ କହନ୍ତି । ଇନ୍ଦ୍ରିୟ କର୍ମକୁ ତାଙ୍କ ଉଦ୍ଦେଶ୍ୟରେ ସମ୍ପନ୍ନ କରିବାକୁ କର୍ମଯୋଗ ବା ଆତ୍ମସମର୍ପଣ ଯୋଗ କହନ୍ତି । ମନ ଓ ଚିତ୍ତକୁ ତାଙ୍କ ଚରଣରେ ଯୋଗଯୁକ୍ତ କରିବାର ନାମ ଧ୍ୟାନଯୋଗ । ତେଣୁ କର୍ମ, ଚିନ୍ତା ଓ ବିଜ୍ଞାନ ବା ବିଚାର ସାହାଯ୍ୟରେ ଉକ୍ତ ତ୍ରିବିଧ ଯୋଗର ଅନୁଶୀଳନ କରିବାକୁ ହେବ । ଚିତ୍ତରେ ସ୍ମରଣମନନ ପୂର୍ବକ ବ୍ୟଷ୍ଟିମନକୁ ସମଷ୍ଟି ସ୍ୱରୂପ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ସମର୍ପଣ କରିଦେଲେ ତାହା ଭକ୍ତିଯୋଗରେ ପରିଣତ ହୋଇଯାଏ । ଧ୍ୟାନ ଅର୍ଥାତ୍ ମନର ଏକାଗ୍ର ଭାବନା ହିଁ ଏହି ଯୋଗର ପ୍ରଧାନ ଅବଲମ୍ବନ ।

(୧୦୨୬) କ୍ରିୟାଯୋଗ : ଦାନ, ଯଜ୍ଞ, ଆତ୍ମସମର୍ପଣ ଏବଂ ଗୁରୁସେବା ହିଁ କ୍ରିୟାଯୋଗର ଆଶ୍ରୟ । ''ମୋ ଘର, ମୋ ସଂସାର ଏବଂ ମୋ ବିଷୟ ସମ୍ପତ୍ତି, ମୋ ସୁଖ''—ଇତ୍ୟାଦି ଭାବନା ହିଁ ଅଯୋଗର ଲକ୍ଷଣ । ଏହି ଅହଂଭାବ ବା 'ମୁଁ, 'ମୋର' ଭାବ ଯାବତୀୟ ଦୁଃଖର ମୂଳ କାରଣ । ଏହି ସତ୍ୟ ଶ୍ରୀଗୁରୁଦେବଙ୍କ ନିକଟରୁ ଅବଗତ ହୋଇ ଏକ ଭଗବାନଙ୍କୁ ଏକମାତ୍ର ଲକ୍ଷ୍ୟ ବା ଇଷ୍ଟ ବୋଲି ହୃଦୟଙ୍ଗମ କରି, ଅହଂଭାବ ବିସର୍ଜନ ଦେଇ ଭଗବାନଙ୍କ ସଂସାର ବୋଲି ଜ୍ଞାନ କରି ଯେଉଁ କର୍ମ କରାଯାଏ, ତାହା ହିଁ କ୍ରିୟାଯୋଗ । ଭଗବାନଙ୍କୁ ସର୍ବସ୍ୱ ମନେକରି, ତାଙ୍କୁ ନିଜର ବୋଲି ଯାହା କିଛି ବିଷୟବସ୍ତୁ, ସମସ୍ତ ସମର୍ପଣ କରିବା ହିଁ ଏହି ଯୋଗର ସାରମର୍ମ । ''ଏ ଜଗତ ତାଙ୍କରି, ମୁଁ ତାଙ୍କରି ଓ ସେ ମୋର''—ଏହି ଜ୍ଞାନରେ ନିଜକୁ ଯନ୍ତ୍ର ମନେ କରି ତାଙ୍କରି ଧ୍ୟାନ ଧାରଣାରେ ରତ ରହି ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶରେ ନିଜ ଜୀବନକୁ ପରିଚାଳିତ କରିବା ହିଁ କ୍ରିୟାଯୋଗ । 'ମୁଁ ତାଙ୍କର ସେବକ, ସେ ଆମର କର୍ତ୍ତା—ଏହି ଭାବକୁ ସତ୍ୟ ଭାବରେ ଅନୁଭବ କରି ତାଙ୍କୁ ସର୍ବଦା ସ୍ମରଣ ମନନପୂର୍ବକ ସମସ୍ତ କର୍ମଫଳ ତାଙ୍କ ଶ୍ରୀଚରଣରେ ସମର୍ପଣ କରି ତାଙ୍କରି ଉଦ୍ଦେଶ୍ୟରେ ଏବଂ ତାଙ୍କୁ ହିଁ ଲକ୍ଷ୍ୟ ରଖି ସମ୍ପୂର୍ଣ୍ଣ ଅନାସକ୍ତ ଭାବରେ ତାଙ୍କରି କର୍ମଜ୍ଞାନରେ ଜୀବନର ଯାବତୀୟ କର୍ମ ଅନୁଷ୍ଠାନ କରିବା ହିଁ କ୍ରିୟାଯୋଗ । କେବେ ମୁହଁରେ ତୁମେ କର୍ତ୍ତା ବୋଲି କହି ନିଶ୍ଚିନ୍ତରେ ନିର୍ଭୟରେ ବସି ବିଷୟ ଚିନ୍ତା ଓ ବିଷୟ ଭୋଗ କରିବାକୁ କ୍ରିୟାଯୋଗ କିମ୍ବା ଆତ୍ମସମର୍ପଣ ଯୋଗ କୁହାଯାଏ ନାହିଁ ।

(୧୦୨୭) ଯୋଗବିଘ୍ନ : ବିଷୟଚିନ୍ତା, ବିଷୟଭାବନା ବା ବିଷୟାସକ୍ତି

ବିଶେଷ ଭାବରେ ଥିଲେ କେବେହେଲେ କୌଣସି ସାଧନ ଭଜନ ହୋଇପାରେ ନାହିଁ । ଭଗବାନଙ୍କ ଠାରେ ମନ ସଂଯୁକ୍ତ ଥାଇ ବିଷୟକର୍ମ କରିଯିବାକୁ ଯୋଗ କୁହାଯାଏ । କିନ୍ତୁ ସେହି ମନ ଯେତେବେଳେ ବିଷୟ, ବିଷୟକର୍ମ ଓ ବିଷୟଭୋଗ ବାସନାରେ ଚିନ୍ତାପରାୟଣ ଥାଏ, ସେତେବେଳେ ତାହା ଭଗବାନଙ୍କଠାରେ ବା ଈଶ୍ୱରଙ୍କ ଠାରେ ଯୋଗଯୁକ୍ତ ନଥାଏ । ସର୍ବବ୍ୟାପୀ ବିଶ୍ୱାତ୍ମା ଚୈତନ୍ୟଙ୍କୁ ଈଶ୍ୱର କୁହାଯାଏ । ବିଷୟକର୍ମର ଦାୟିତ୍ୱ ନିଜର ବୋଲି ଭାବିଲେ ମନ ସେଥିରେ ଭାବିତ ହେବାକୁ ସୁଖବୋଧ କରେ । ବିଷୟକର୍ମ କରିବାକୁ ପୂର୍ବରୁ ବିଷୟଚିନ୍ତା ଓ ବିଷୟକର୍ମ ପରେ ମଧ୍ୟ ସେହି ବିଷୟର ସଂସ୍କାର ମନ ମଧ୍ୟରେ ଉଦିତ ହୋଇ ମନରୁ ଯୋଗଭ୍ରଷ୍ଟ କରିଦିଏ । ବିଷୟକର୍ମର ଅବସାନରେ ପୁନରାୟ ନୂତନ ଭାବନା ଆସି ମନକୁ ଅଧିକାର କରେ । ତେଣୁ ବିଷୟଚିନ୍ତା, ସ୍ୱାର୍ଥପର ଭାବ ଏବଂ ଭୋଗର ସୁଖ କଳ୍ପନା ହିଁ ଯୋଗବିଘ୍ନକର ଅବସ୍ଥା । ଯେଗୀମାନଙ୍କ ପକ୍ଷରେ ଏଗୁଡ଼ିକୁ ସର୍ବଦା ପରିତ୍ୟାଗ କରି ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶରେ ପରିଚାଳିତ ହେବା କର୍ତ୍ତବ୍ୟ । ଗୀତାରେ ଯଜ୍ଞ, ଦାନ ଓ ତପସ୍ୟାକୁ ସାଧନାର ପ୍ରାଥମିକ ଅବସ୍ଥାରେ କର୍ତ୍ତବ୍ୟ ବୋଲି କୁହାଯାଇଛି । ଏହା ଯୋଗର ଆରୋହଣର ପୂର୍ବାବସ୍ଥା । ଏହି ଯଜ୍ଞ, ଦାନ ଓ ତପସ୍ୟା ମାନବମନର ପାବନ ଶକ୍ତି ଅର୍ଥାତ୍ ଚିତ୍ତଶୁଦ୍ଧି ନିମିତ୍ତ ଯୋଗ ପୂର୍ବରୁ ଏହା ଅନୁଷ୍ଠିତ ହେବା ବିଧି । କିନ୍ତୁ ଯୋଗାରୂଢ଼ ବ୍ୟକ୍ତି ବିଷୟକର୍ମ ତ୍ୟାଗ କରି କ୍ରିୟାଯୋଗର ଅଭ୍ୟାସ କରିଯିବା କର୍ତ୍ତବ୍ୟ । ବିଷୟକର୍ମ, ବିଷୟକଥା ଓ ବିଷୟଚିନ୍ତା—ଏହି ତ୍ରିବିଧ କର୍ମ ହିଁ ବିଷୟକର୍ମ ମଧ୍ୟରେ ଗଣ୍ୟ । ବିଷୟକଥା ଶ୍ରବଣ ମଧ୍ୟ ବିଷୟକର୍ମ ମଧ୍ୟରେ ଗଣ୍ୟ । ତେଣୁ ବିଷୟୀମାନଙ୍କ ସଙ୍ଗକୁ ଯୋଗପଥର ବିଘ୍ନ ବୋଲି ଧରାଯାଇଛି । ସୁତରାଂ ସାଧକମାନେ ବିଷୟସଙ୍ଗ ତ୍ୟାଗ କରି ସାଧୁ ଭକ୍ତମାନଙ୍କର ସହିତ ଭଗବତ୍ କଥା ପ୍ରସଙ୍ଗରେ କାଳାତିପାତ କରିବା କର୍ତ୍ତବ୍ୟ । ଏହାଦ୍ୱାରା ସାଧୁସଙ୍ଗର ଫଳ ଲାଭ ହୋଇଥାଏ । ବିଷୟ ଚିନ୍ତା ତ୍ୟାଗକରି ଭଗବତ୍ ବିଷୟକ ଆଲୋଚନା କଲେ ଯୋଗବିଘ୍ନ ଦୂର ହୋଇଥାଏ ।

(୧୦୨୮) ଅବିଦ୍ୟାଶକ୍ତି : ଆତ୍ମା, ଈଶ୍ୱର, ଜୀବ ଓ ଜଗତ୍ ପ୍ରଭୃତିର ତତ୍ତ୍ୱଜ୍ଞାନହୀନତା ବା ତତ୍ତ୍ୱବିଷୟକ ଅଜ୍ଞାନତା ଓ ସତ୍ୟଜ୍ଞାନବିହୀନତାକୁ ଅବିଦ୍ୟା କୁହାଯାଏ । ଏହି ଅବିଦ୍ୟାଶକ୍ତି ଜୀବର ଜ୍ଞାନଚକ୍ଷୁକୁ ଆବୃତ୍ତ କରି ରଖିଥିବାରୁ ଜୀବ ସତ୍ୟଜ୍ଞାନ ଉପଲବ୍ଧ କରିପାରେନାହିଁ । ଏହି ଆବରଣ ଭାବକୁ ଅବିଦ୍ୟା କୁହାଯାଏ ।

ସତ୍ୟଜ୍ଞାନକୁ କେବଳ ଯେ ଏହି ଅବିଦ୍ୟାଶକ୍ତି ଆବରଣ କରି ରଖିଛି, ସେତିକି ନୁହେଁ, ସତ୍ୟଜ୍ଞାନ ବିପରୀତ ଭାବ ହିଁ ସାଧକମାନଙ୍କ ଅନ୍ତରରେ ବିରାଜିତ ଥାଏ । ସତ୍ୟଜ୍ଞାନର ବିପରୀତ ଭ୍ରାନ୍ତି ଓ ଅସତ୍ୟ ଇତ୍ୟାଦି କୁସଂସ୍କାରଗୁଡ଼ିକ ଅବିଦ୍ୟାଶକ୍ତିର ଅନ୍ତର୍ଗତ ବା ଅବିଦ୍ୟାର ସ୍ୱରୂପ । ଏହି ଅବିଦ୍ୟା ଶକ୍ତି ହେତୁ ଜଗତ୍ ପରିଚାଳିତ ହେଉଅଛି । ସୁତରାଂ ବିଷୟ, ସଂସାର, ଭୋଗ, ଐଶ୍ୱର୍ଯ୍ୟ, ବ୍ୟବସାୟ, ବାଣିଜ୍ୟ, ରାଜତ୍ୱ ଓ ଶିକ୍ଷାଦି ଯାବତୀୟ ସାଂସାରିକ ଭାବ ହିଁ ଏହି ଅବିଦ୍ୟାଶକ୍ତିର ଅନ୍ତର୍ଗତ । ଶ୍ରୀଗୁରୁଦେବଙ୍କଠାରୁ ଜ୍ଞାନ ଲାଭ ହେଲେ ମାନବର ଏହି ଆବରଣ ଅପସାରିତ ହୋଇଥାଏ । ସେତେବେଳେ ମାନବ ସର୍ବତ୍ର ଜ୍ଞାନାଲୋକ ବଳରେ ବିଶ୍ୱ ଅନ୍ତରାଳରେ ବିଶ୍ୱେଶ୍ୱରଙ୍କୁ ଦର୍ଶନ କରି ଆତ୍ମହରା ହୋଇଯାନ୍ତି । ଏହି ଆବରଣୀ ଶକ୍ତି ମା କାଳୀ ବୋଲି ତନ୍ତ୍ରଶାସ୍ତ୍ରରେ ଉଲ୍ଲେଖ ଅଛି । ଏହି ଅବିଦ୍ୟା ନାଶ ନିମିତ୍ତ ଯେଉଁ ସାଧନା, ତାହା ହିଁ ତନ୍ତ୍ର ମତରେ କାଳୀ ସାଧନା ।

(୧୦୨୯) କୃଷ୍ଣ : କୃଷ୍ ଧାତୁର ଅର୍ଥ କର୍ଷଣ କରିବା । ଯେ ପାପ କର୍ଷଣ କରନ୍ତି, ତାଙ୍କୁ କୃଷ୍ଣ କୁହାଯାଏ । ତେଣୁ ସେ ପରମ ଦେବତା । କୃଷ୍ଣ=କୂଟସ୍ଥ=ଆତ୍ମା । ଯେ ଜୀବମାନଙ୍କର ଆତ୍ମସ୍ୱରୂପରେ ନିତ୍ୟବର୍ତ୍ତମାନ, ତାଙ୍କୁ କୃଷ୍ଣ କୁହାଯାଏ । ପୁନଶ୍ଚ କ= ବ୍ରହ୍ମା, ଋ=ଅନନ୍ତ, ଷ=ଶିବ, ନ=ଧର୍ମ । ଅର୍ଥାତ ଯେ ବ୍ରହ୍ମା ରୂପରେ ସୃଷ୍ଟି କରନ୍ତି, ଯେ ଅସୀମ ଏବଂ ଯେ ଶିବ ରୂପରେ ସଂହାର କରନ୍ତି ଓ ଯେ ଧର୍ମମୟ, ତାଙ୍କୁ କୃଷ୍ଣ କୁହାଯାଏ ।

(୧୦୩୦) ଗୋବିନ୍ଦ : 'ଗୋ' ଶବ୍ଦଦ୍ୱାରା ଜ୍ଞାନ ଓ 'ବିଦ୍' ଶବ୍ଦଦ୍ୱାରା ଜାଣିବାକୁ ବୁଝାଇଥାଏ । ଅର୍ଥାତ୍ ଜ୍ଞାନଦ୍ୱାରା ଯାହାଙ୍କୁ ଜାଣି ହୁଏ, ତାଙ୍କ ନାମ ଗୋବିନ୍ଦ । ତେଣୁ ଗୋବିନ୍ଦଙ୍କୁ ଜାଣିଲେ ମୃତ୍ୟୁଭୀତି ଦୂର ହୋଇଥାଏ । ସୁତରାଂ ଗୋପୀଜନବଲ୍ଲଭ ଗୋବିନ୍ଦଙ୍କୁ ଜାଣିପାରିଲେ ସମସ୍ତ ଭୟ ଦୂର ହୋଇଥାଏ । ଆହୁରି ମଧ୍ୟ ବେଦ ଅଧ୍ୟୟନଦ୍ୱାରା ଯାହାଙ୍କୁ ଜଣାଯାଏ ତାଙ୍କ ନାମ ଗୋବିନ୍ଦ ।

(୧୦୩୧) ଗୋପୀଜନବଲ୍ଲଭ : ଯେ ପରଂବ୍ରହ୍ମଙ୍କୁ ଗୋପନ ବା ଆବରଣ କରିରଖନ୍ତି, ତାଙ୍କର ନାମ ଗୋପୀ ଅର୍ଥାତ୍ ମାୟା ବା ପ୍ରକୃତି । ମାୟା ହିଁ ଏହି ପ୍ରପଞ୍ଚ ଉତ୍ପତ୍ତିର କାରଣ । ମାୟାର ଯେ ସ୍ୱାମୀ, ତାଙ୍କୁ କୁହାଯାଏ ଗୋପୀଜନବଲ୍ଲଭ । ସେହି ପରମାତ୍ମାଙ୍କୁ ଯେ ଜାଣିପାରନ୍ତି, ତାଙ୍କର ସମସ୍ତ ଜ୍ଞାନ ଲାଭ ହୋଇଥାଏ । ଯେ ଅବିଦ୍ୟାମାୟା ବା ପାଳିନୀ ଶକ୍ତିର ଅଧୀଶ୍ୱର, ତାଙ୍କ ନାମ ଗୋପୀଜନବଲ୍ଲଭ ।

ବନମାଳୀ ଶବ୍ଦର ଅର୍ଥ ହେଉଛି, ବନେ ଅର୍ଥାତ୍ ନିର୍ଜନରେ ଯେ ଭକ୍ତମାନଙ୍କ ନିକଟରେ ଆବିର୍ଭୂତ ହୁଅନ୍ତି ତାଙ୍କ ନାମ ବନମାଳୀ ।

(୧୦୩୨) କୃଷ୍ଣଭଜନ : ସେହି ଭଗବାନଙ୍କୁ ଭକ୍ତି କରିବାର ନାମ ହିଁ ଭଜନ । ଐହିକ ପାରତ୍ରିକ ପ୍ରୟୋଜନ ବିସର୍ଜନ ଦେଇ ଶ୍ରୀକୃଷ୍ଣଙ୍କଠାରେ ଯେଉଁ ତନ୍ମୟ ଭାବ, ତାହାକୁ ହିଁ ଭଜନ କୁହାଯାଏ । ଏହା ହିଁ ପ୍ରକୃତ ଭଜନ । ଇହକାଳ ଓ ପରକାଳରେ ସୁଖର ଆଶା ନ ରଖି ଯେ ଶ୍ରୀକୃଷ୍ଣଙ୍କଠାରେ ଆତ୍ମସମର୍ପଣ କରନ୍ତି, ତାହା ହିଁ ତାଙ୍କର ଭଜନ ବୋଲି ଜାଣିବ । ନାନା ଭାବରେ ସେହି କୃଷ୍ଣଙ୍କର ଭଜନ ହୋଇଥାଏ । ସେହି ଶ୍ରୀକୃଷ୍ଣ ନିତ୍ୟବସ୍ତୁସମୂହ ମଧ୍ୟରେ ନିତ୍ୟ । ଚେତନ ପଦାର୍ଥ ମଧ୍ୟରେ ଚେତନ । ସେ ଏକ ହୋଇ ମଧ୍ୟ ଅସଂଖ୍ୟ ବାସନା ପୂର୍ଣ୍ଣ କରନ୍ତି । ଯେଉଁମାନେ ଏହିଭଳି ଭାବରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଜାଣି ତାଙ୍କରି ଉପାସନା କରନ୍ତି, ସେମାନେ ସିଦ୍ଧିଲାଭ କରିଥାନ୍ତି । ଏହି କୃଷ୍ଣ ହିଁ ବିଷ୍ଣୁଙ୍କ ପରମପଦ । ଯେଉଁମାନେ ଏହି ପରମପଦ ଉପାସନା କରନ୍ତି ଏବଂ ବିଷୟବାସନା ରଖନ୍ତି ନାହିଁ, ସେମାନଙ୍କ ଭଜନରେ ତୃପ୍ତ ହୋଇ ଶ୍ରୀକୃଷ୍ଣ ଚିନ୍ମୟରୂପରେ ସେମାନଙ୍କୁ ଦର୍ଶନ ଦାନ କରିଥାନ୍ତି । ଯେ ସୃଷ୍ଟି ପ୍ରାରମ୍ଭରେ ବ୍ରହ୍ମାଙ୍କୁ ସୃଷ୍ଟି କରିଥିଲେ ଏବଂ ତାଙ୍କୁ ବେଦ ପ୍ରଦାନ ଅର୍ଥାତ୍ ବେଦର ଉପଦେଶ ଦାନ କରିଥିଲେ, ସେହି ଆତ୍ମବୁଦ୍ଧି ପ୍ରକାଶକ ବା ସ୍ୱପ୍ରକାଶ ଶ୍ରୀକୃଷ୍ଣଙ୍କର ଗୁଣ ଗ୍ରହଣ କରି ଭଜନ କରିବା ବିଧେୟ । ଭକ୍ତମାନଙ୍କର କ୍ଲେଶ ଓ ପାତକରାଶି ଯେ କର୍ଷଣ କରନ୍ତି ବା ଦୂର କରନ୍ତି, ତାଙ୍କରି ନାମ କୃଷ୍ଣ । ଗୋପୀ ଅର୍ଥ ପ୍ରକୃତି ବା ମାୟା । ସେ ମାୟାର ଅଧୀଶ୍ୱର ହେତୁ ଗୋପୀବଲ୍ଲଭ । ଏହି କୃଷ୍ଣ କଂଶବଂଶଧ୍ୱଂସକାରୀ ଥିଲେ ।

(୧୦୩୩) କଂସବଂଶଧ୍ୱଂସକାରୀ : ଆତ୍ମତତ୍ତ୍ୱବିରୋଧୀ ମହାମୋହ ବା ଅହଂତ୍ୱକୁ କଂସ କୁହାଯାଏ । ଯେ ଆତ୍ମତତ୍ତ୍ୱଜ୍ଞାନଦ୍ୱାରା ସେହି ମାୟାମୋହ ବା ଅହଂତ୍ୱକୁ ବିନାଶ କରନ୍ତି, ତାଙ୍କୁ କୁହାଯାଏ କଂସବଂଶଧ୍ୱଂସକାରୀ ଶ୍ରୀକୃଷ୍ଣ । ମାୟା ମୋହ ଯେଉଁଠାରେ ବିଦ୍ୟମାନ, ସେଠାରେ ତାହାର ସହଚରମାନେ ବିବିଧ ବିଷୟବାସନା ମୂର୍ତ୍ତି ଧରି ବିରାଜିତ ଥାନ୍ତି । ଶ୍ରୀକୃଷ୍ଣ ହିଁ ଏସବୁକୁ ଧ୍ୱଂସ କରନ୍ତି ।

(୧୦୩୪) ପାର୍ଥସାରଥି : ପାର୍ଥ ଶବ୍ଦ ଜୀବାତ୍ମାକୁ ବୁଝାଏ । ରଥ ଶବ୍ଦଦ୍ୱାରା ଦେହକୁ ବୁଝାଯାଏ । ଯେ ଏହି ଦେହରଥରେ ସାରଥି ବା ସାକ୍ଷୀ ଭାବରେ ଓ ଚାଳକ ଭାବରେ ବିଦ୍ୟମାନ, ସେ ହିଁ ପାର୍ଥସାରଥି । ସଂଗ୍ରାମାଦି ସମସ୍ତ କାର୍ଯ୍ୟ

ଜୀବାତ୍ମା ସମ୍ପନ୍ନ କରନ୍ତି । କୃଷ୍ଣ ପରମାତ୍ମା ସ୍ୱରୂପ । ତାଙ୍କର ବିଦ୍ୟମାନତାରେ ରଥ ଚାଳିତ ହେଉଥିଲେ ମଧ୍ୟ ସେ ନିର୍ଲିପ୍ତ ଭାବରେ ଅବସ୍ଥାନ କରିଥାନ୍ତି । ସେ ସ୍ୱୟଂ କୌଣସି କର୍ମ କରନ୍ତି ନାହିଁ । ତେଣୁ ତାଙ୍କର ନାମ ପାର୍ଥସାରଥି । ସେ ସାକ୍ଷୀ ଭାବରେ ଥାଇ ସମସ୍ତ ପରିଚାଳନା କରନ୍ତି ।

(୧୦୩୫) କମଳନେତ୍ର : କମଳ ଶବ୍ଦର ଅର୍ଥ ସତ୍ତ୍ୱଗୁଣାତ୍ମିକା ମାୟା । ଚକ୍ଷୁ ବ୍ୟତୀତ ଯେପରି ଅନ୍ୟ କିଛି ଦେଖାଯାଏ ନାହିଁ, ସେହିପରି ମାୟାର ଆଶ୍ରୟ ବ୍ୟତୀତ ଏହି ଜଗତ ପ୍ରପଞ୍ଚ ସୃଷ୍ଟ ହୋଇପାରେ ନାହିଁ । ମାୟା-ଆଶ୍ରୟରେ ବ୍ରହ୍ମଙ୍କର ପ୍ରପଞ୍ଚ ଜଗତର ସୃଷ୍ଟି । ତେଣୁ ସେ କମଳନେତ୍ର ।

(୧୦୩୬) କମଳମାଳୀ : ଆଦ୍ୟାମାୟାଙ୍କୁ ମାଳା କୁହାଯାଏ । ସେହି ଆଦ୍ୟାଶକ୍ତି ଯାହାଙ୍କର ମାଳା ସ୍ୱରୂପ, ତାଙ୍କୁ କମଳମାଳୀ କୁହାଯାଏ । ମାଳା ଧାରଣ କଲେ ଯେପରି ସୁଶ୍ରୀ ଦେଖାଯାଏ, ସେହିପରି ମାୟା ଆଶ୍ରୟରେ ବ୍ରହ୍ମ ମଧ୍ୟ ସମସ୍ତଙ୍କ ହୃଦୟ ରଞ୍ଜନ କରିଥାନ୍ତି । ମାୟାଙ୍କ ଆଶ୍ରୟ ହେତୁ ସେ ସଗୁଣ ବ୍ରହ୍ମ । ନଚେତ୍ ସେ ନିର୍ଗୁଣ ନିରାକାର । ମାଳା ଶବ୍ଦ ଯେ ଆଦ୍ୟାମାୟାଙ୍କୁ ବୁଝାଏ, ଏହା ଶାସ୍ତ୍ରସିଦ୍ଧ । "କଣ୍ଠସ୍ଥ ନିର୍ଗୁଣଂ ପ୍ରୋକ୍ତଂ ମାଳା ତେ ଆଦ୍ୟାୟାଽଜୟା ।" କଣ୍ଠକୁ ନିର୍ଗୁଣ ବ୍ରହ୍ମ କୁହାଯାଏ । ସେହି କଣ୍ଠକୁ ପ୍ରପଞ୍ଚ ରୂପ ବିଭୂଷଣଦ୍ୱାରା ଯେ ବିଭୂଷିତ କରିଛନ୍ତି, ସେହି ମାୟା ଆଦ୍ୟାମାୟା ମାଳା ନାମରେ ଅଭିହିତ ।

(୧୦୩୭) ବେଣୁବାଦନତତ୍ପର : ଶ୍ରୀ ଭଗବାନ ସ୍ୱୟଂ ପ୍ରଣବରୂପୀ । ପ୍ରଣବଧ୍ୱନିକୁ ବଂଶୀବାଦନ କୁହାଯାଏ । ଯେଉଁମାନେ ସାଧକ, ପ୍ରଣବଧ୍ୱନିରେ ସେମାନଙ୍କ ଚିତ୍ତ ଆକୃଷ୍ଟ ହୋଇଥାଏ । ସେହି ହେତୁ ବ୍ରଜପୁରର ଗୋପୀମାନେ ଶ୍ରୀକୃଷ୍ଣଙ୍କ ବେଣୁନାଦରେ ଆକୃଷ୍ଟ ହୋଇଥିଲେ । ଯେଉଁମାନେ ଏହି ପ୍ରଣବଧ୍ୱନି ଅନ୍ତରରେ ଶ୍ରବଣ କରିପାରନ୍ତି, ସେମାନେ କୌଣସି ବାଧା ପ୍ରତିବନ୍ଧକ ନ ମାନି ଭଗବତ୍ ସମୀପରେ ଉପନୀତ ହୋଇଥାନ୍ତି । ପତି, ପୁତ୍ର, ସ୍ୱଜନ ସେମାନଙ୍କୁ ବାଧା ଦେବାକୁ ସମର୍ଥ ହୋଇପାରନ୍ତି ନାହିଁ । ବେଣୁବାଦନ ଅର୍ଥାତ୍ ବେଦର ସ୍ୱରୂପ ଓଁକାର ଗାନକୁ ବୁଝାଏ । ତେଣୁ ସେଥିରେ ପ୍ରକୃତ ସାଧକମାନେ ଆକୃଷ୍ଟ ହୋଇଥାନ୍ତି । ସମଷ୍ଟି ସ୍ୱରୂପ ଶ୍ରୀକୃଷ୍ଣଙ୍କର ବ୍ୟଷ୍ଟିଜୀବକୁ ସମଷ୍ଟି କାର୍ଯ୍ୟରେ ଆତ୍ମନିୟୋଗ କରିବାକୁ ଯେଉଁ ଆହ୍ୱାନ, ତାହା ହିଁ ବେଣୁନାଦ ।

(୧୦୩୮) ଅଘାସୁରମର୍ଦ୍ଦନକାରୀ : ପାପକୁ 'ଅଘ' କୁହାଯାଏ । ସାଧକ

ଜନ୍ମଜନ୍ମାନ୍ତରରୁ ଯେଉଁସବୁ ପାପକର୍ମ କରିଥାନ୍ତି, ତାହାରି ନାମ ଅଘ । ସେହି ପାପରାଶିକୁ ଯେ ବିନାଶ କରନ୍ତି, ସେ ହିଁ ଅଘାସୁରମର୍ଦ୍ଦନକାରୀ । ଏହି ପାପକୁ ଦୂର କରିବା ନିମିତ୍ତ ଆମର ବୈଦିକ ସନ୍ଧ୍ୟା ଉପାସନାରେ 'ଅଘମର୍ଷଣ' ନାମକ ଗୋଟିଏ ଅଂଶ ଅଛି । ଗାୟତ୍ରୀ ଜପ, ଆଚମନ, ପ୍ରାଣାୟାମାଦି ଯେପରି ସନ୍ଧ୍ୟାର ଅଂଶ, 'ଅଘମର୍ଷଣ' ମଧ୍ୟ ସେହିପରି । ଏହି ଅଘମର୍ଷଣଦ୍ୱାରା ଚିତ୍ତ ଶୁଦ୍ଧ ଭାବ ଧାରଣ କରେ । ଶୁଦ୍ଧ ଚିତ୍ତରେ ସନ୍ଧ୍ୟା-ବନ୍ଦନା କଲେ ସମସ୍ତ ପାପ ନାଶ ହୋଇଥାଏ ।

(୧୦୩୯) ଗୋପାଳନକାରୀ : 'ଗୋ ଶବ୍ଦଦ୍ୱାରା ବେଦକୁ ବୁଝାଇଥାଏ । ଯେ ବେଦ ଜ୍ଞାନକୁ ରକ୍ଷା କରନ୍ତି, ତାଙ୍କୁ ଗୋପାଳନକାରୀ କୁହାଯାଏ । ବେଦ ଅର୍ଥାତ୍ ପ୍ରଣବର ସହାୟତା ଭିନ୍ନ ଅଘମର୍ଷଣ ସମ୍ଭବ ନୁହେଁ । ତେଣୁ 'ଗୋପାଳ' ବେଶରେ ସେ ଅଘାସୁରକୁ ବିନାଶ କରିଥିଲେ । ଯମୁନାକୂଳକୁ ଗମନ କରିବାକୁ ସେ ସର୍ବଦା ଇଚ୍ଛୁକ । ଏହାର ତାତ୍ପର୍ଯ୍ୟ ହେଲା ଯେ ଭକ୍ତମାନଙ୍କ ହୃଦୟ ଭାବ-ଉଚ୍ଛ୍ୱାସକୁ ଯମୁନାଜଳ କୁହାଯାଏ । ଯେ ସେହ ଉଚ୍ଛ୍ୱାସଦର୍ଶନ ନିମିତ୍ତ ଉତ୍ସୁକଥାନ୍ତି, ତାଙ୍କୁ ଯମୁନାକୂଳବିହାରୀ ବୋଲି ଅଭିହିତ କରାଯାଏ ।'

(୧୦୪୦) ମକରକୁଣ୍ଡଳଧାରୀ : ଯେ ଦୋଳାୟମାନ କୁଣ୍ଡଳ ଧାରଣ କରିଥାନ୍ତି, ସେ ମକରକୁଣ୍ଡଳଧାରୀ । ବ୍ରହ୍ମ ସଗୁଣ କିମ୍ବା ନିର୍ଗୁଣ, ଏହି ପ୍ରଶ୍ନର ମୀମାଂସା କରିବାକୁ ବେଦ ସମର୍ଥ ହୋଇ ନ ପାରି ଶ୍ରୁତି ଦୋଳାୟମାନ ଅର୍ଥାତ୍ ସନ୍ଦିଗ୍ଧ ହୋଇଛନ୍ତି । ଦୋଳାୟମାନ ଅର୍ଥ ସନ୍ଦିଗ୍ଧ । ଏହି କୁଣ୍ଡଳ ମକରାକାର ଅର୍ଥାତ୍ ଏହାର ରସନା ନାହିଁ । ବେଦ ଯେପରି ବ୍ରହ୍ମଙ୍କର ସଗୁଣ ନିର୍ଗୁଣ ସ୍ୱରୂପ ନିର୍ଣ୍ଣୟ କରିବାକୁ ଅସମର୍ଥ ହେତୁ ଦୋଳାୟମାନ, ବେଦର ଭଗବତ୍‌ରସ ଆସ୍ୱାଦନ କରିବା କ୍ଷମତା ନ ଥିବାରୁ ସେ ରସନାହୀନ । କ୍ଷର ଓ ଅକ୍ଷରକୁ କୁଣ୍ଡଳ ଯୁଗଳ ବୋଲି କଳ୍ପନା କରାଯାଇଛି । କ୍ଷର ଓ ଅକ୍ଷରଦ୍ୱାରା ଜଗତ୍ ଓ ବ୍ରହ୍ମଙ୍କୁ ବୁଝାଇଥାଏ । ପୁନଶ୍ଚ ସାଂଖ୍ୟ ଓ ବେଦାନ୍ତ—ଏହା ହିଁ କୁଣ୍ଡଳ ଯୁଗଳ । ତେଣୁ ଶ୍ରୀକୃଷ୍ଣ ମକରକୁଣ୍ଡଳଧାରୀ ।

(୧୦୪୧) ଗୋବର୍ଦ୍ଧନଧାରୀ : 'ଗୋ' ଅର୍ଥଦ୍ୱାରା ବେଦକୁ ବୁଝାଇଥାଏ । ଯେଉଁ ସ୍ଥାନରେ ବେଦ ବା ଜ୍ଞାନର ଆଲୋଚନା ହୋଇ ଜ୍ଞାନ ବୃଦ୍ଧି ହୁଏ, ତାହାରି ନାମ ଗୋବର୍ଦ୍ଧନ । ଯେ ଏହାକୁ ଧାରଣ କରିଛନ୍ତି, ସେହି ଭଗବାନ ଶ୍ରୀକୃଷ୍ଣ ହିଁ ଗୋବର୍ଦ୍ଧନଧାରୀ । ଯେଉଁ ସ୍ଥାନରେ ବେଦଧ୍ୱନି ହୁଏ, ସେ ସ୍ଥାନରେ କୌଣସି ବିଘ୍ନ

ଉପସ୍ଥିତ ହୁଏ ନାହିଁ। ତେଣୁ ଏକମାତ୍ର ଜ୍ଞାନ ହିଁ ସାଂସାରିକ ବିପଦ ନାଶ କରିବା ପାଇଁ ସମର୍ଥ। ତେଣୁ ଇନ୍ଦ୍ରଙ୍କ କର୍ତ୍ତୃକ ଯଜ୍ଞଭଙ୍ଗ ନିମିତ୍ତ ଘୋର ବର୍ଷାରେ ଗୋପୀମାନଙ୍କର କୌଣସି କ୍ଷତି ହୋଇନାହିଁ।

(୧୦୪୨) ପୁତନାସଂହାରକାରୀ : ବାହ୍ୟ ପବିତ୍ରତା ଓ ଅନ୍ତରର ପବିତ୍ରତାକୁ ପୂତନା କୁହାଯାଏ। ପୂତନା ଶବ୍ଦ ପବିତ୍ରତାକୁ ବୁଝାଉ ଥିଲେ ମଧ୍ୟ ଏହା ବାହ୍ୟତଃ ବୁଝିବାକୁ ହେବ; ଆନ୍ତରିକ ଭାବରେ ନୁହେଁ। ତେଣୁ ପୂତନାର ଆକାର ବହ୍ୟତଃ ସ୍ନେହମୟୀ ଜନନୀ ସଦୃଶ ଥିଲା, କିନ୍ତୁ ଅନ୍ତରରେ ତାହାର ଗରଳରାଶି ବିଦ୍ୟମାନ ଥିଲା। ଶ୍ରୀମଦ୍‌ଭାଗବତରେ ଲେଖାଅଛି, ପୂତନା ହେଉଛି ବକାସୁରର ଭଗ୍ନୀ। କପଟାଚାର ଓ କୁଟିଳତାକୁ 'ବକ' କୁହାଯାଏ। ପୂତନା କପଟତାରର ପ୍ରତ୍ୟକ୍ଷ ମୂର୍ତ୍ତି। କପଟାଚାର ଧର୍ମପଥର ବିଶେଷ ବିଘ୍ନକାରକ। ଏହାକୁ ବିନାଶ ନ କଲେ ଧର୍ମପଥରେ ବିବିଧ ବିଘ୍ନ ଉପସ୍ଥିତ ହୋଇଥାଏ। ଶ୍ରୀଭଗବାନ ସେହିଭଳି କପଟାଚାରକୁ ବିନାଶ କରିଥାନ୍ତି। ସୁତରାଂ ଶ୍ରୀକୃଷ୍ଣ ପୂତନାସଂହାରକାରୀ।

(୧୦୪୩) ତୃଣାବର୍ତ୍ତଧ୍ୱଂସକାରୀ : ଘୂର୍ଣ୍ଣିତ ବାୟୁକୁ ତୃଣାବର୍ତ୍ତ କୁହାଯାଏ। ବାହ୍ୟଜଗତରେ ଯେପରି ତୃଣାବର୍ତ୍ତ ଦୃଷ୍ଟ ହୁଏ, ଅନ୍ତର୍ଜଗତରେ ମଧ୍ୟ ସେହିପରି ତୃଣାବର୍ତ୍ତ ବିଦ୍ୟମାନ। ଇନ୍ଦ୍ରିୟମାନେ ଯେତେବେଳେ ବାହ୍ୟ ବିଷୟ ଚିନ୍ତାରେ ବିଚଳିତ ହୋଇପଡ଼ନ୍ତି, ସେହି ସମୟରେ ଅନ୍ତରରେ ଆବର୍ତ୍ତ ଉପସ୍ଥିତ ହୁଏ। ଇନ୍ଦ୍ରିୟସଂଯମ ବ୍ୟତୀତ ଏହାକୁ ବିନାଶ କରିବାର ଅନ୍ୟ ଉପାୟ ନାହିଁ। ତେଣୁ ଷଡ଼ରିପୁସଂଯମକୁ ତୃଣାବର୍ତ୍ତ ଉଦ୍ଧାର ବା ସଂହାର କୁହାଯାଏ। ଶ୍ରୀଭଗବାନଙ୍କ କୃପାରୁ ଏହିଭଳି ରିପୁର ସଂହାର ଘଟେ। ତେଣୁ ଭଗବାନ ଶ୍ରୀକୃଷ୍ଣଙ୍କୁ ତୃଣାବର୍ତ୍ତଧ୍ୱଂସକାରୀ ବୋଲି ଅଭିହିତ କରାଯାଇଅଛି।

(୧୦୪୪) ରକ୍ମିଣୀକାନ୍ତ : ମୂଳା ପ୍ରକୃତିକୁ ରକ୍ମିଣୀ କୁହାଯାଏ। ଯେ ମୂଳା ପ୍ରକୃତିର ଈଶ୍ୱର, ତାଙ୍କୁ କୁହାଯାଏ ରକ୍ମିଣୀକାନ୍ତ। ରକ୍ମିଣୀ ଯେ ମୂଳା ପ୍ରକୃତି, ଶାସ୍ତ୍ରରେ ତାହାର ଉଲ୍ଲେଖ ଅଛି। ''କୃଷ୍ଣାତ୍ମିକା ଜଗତ୍‌କର୍ତ୍ତ୍ରୀ ମୂଳା ପ୍ରକୃତି ରକ୍ମିଣୀ।''

(୧୦୪୫) କେଶବ : 'କ' ଅର୍ଥ ଜଳ। 'କେ' ଅର୍ଥାତ୍ ଜଳରେ ଯେ ଶବବତ୍ ଅବସ୍ଥାନ କରନ୍ତି, ତାଙ୍କୁ କେଶବ କୁହାଯଏ। ଅର୍ଥାତ୍ ପ୍ରଳୟକାଳରେ

ଯେ କ୍ଷୀରସାଗର ଜଳରେ ଶୟନ କରିଥାନ୍ତି ତାଙ୍କୁ କୁହାଯାଏ କେଶବ। ପୁନଶ୍ଚ 'କ' ଶବ୍ଦଦ୍ୱାରା ବ୍ରହ୍ମା, ଈଶ ଶବ୍ଦଦ୍ୱାରା ରୁଦ୍ରଙ୍କୁ ବୁଝାଇଥାଏ। ଯେ ପ୍ରଳୟକାଳରେ ଏହି ଦୁଇ ମୂର୍ତ୍ତିଙ୍କୁ ଆପଣାଠାରେ ଲୀନ କରି ସ୍ୱରୂପରେ ଅବସ୍ଥାନ କରନ୍ତି, ତାଙ୍କୁ କେଶବ କୁହାଯାଏ।

(୧୦୪୬) ନାରାୟଣ : ନରସମୂହକୁ ନାର କୁହାଯାଏ। ଯେ ନରସମୂହ ବା ସମଷ୍ଟି ଜନଶକ୍ତିକୁ ଆଶ୍ରୟ କରି ଅବସ୍ଥାନ କରନ୍ତି, ସେ ହିଁ ନାରାୟଣ। ଆହୁରି ମଧ୍ୟ ନାର ଶବ୍ଦଦ୍ୱାରା ମୁକ୍ତି ଓ ଅୟନ ଶବ୍ଦଦ୍ୱାରା ପ୍ରାପ୍ତକୁ ବୁଝାଇଥାଏ। ଅର୍ଥାତ ଯାହାଙ୍କଦ୍ୱାରା ମୁକ୍ତିଲାଭ ହୋଇଥାଏ, ସେ ନାରାୟଣ। ପୁନଶ୍ଚ ନାର ଶବ୍ଦ ଜଳକୁ ବୁଝାଇଥାଏ। ଅୟନ ଅର୍ଥ ସ୍ଥାନ। ସୁତରାଂ ଯେ ପ୍ରଳୟକାଳରେ କ୍ଷୀରସମୁଦ୍ରରେ ବିରାଜମାନ ଥାନ୍ତି, ତାଙ୍କୁ ନାରାୟଣ କୁହାଯାଏ।

(୧୦୪୭) ଜନାର୍ଦ୍ଦନ : ଜନ ଅର୍ଥ ଲୋକସମୂହ। ଅର୍ଦ୍ଦନ ଅର୍ଥ ସଂହାର, ଅର୍ଥାତ୍ ଯେ ଶିବ ରୂପରେ ଅନ୍ତିମକାଳରେ ଜନସମୂହକୁ ଉଦ୍ଧାର କରନ୍ତି, ସେ ଜନାର୍ଦ୍ଦନ। ପୁଣି ଜନ ଅର୍ଥ ଜନ୍ମ; ଅର୍ଦ୍ଦନ ଅର୍ଥ ସଂହାର। ତେଣୁ ଯେ ଜନସାଧାରଣଙ୍କୁ ଜନ୍ମକ୍ଲେଶରୁ ଦୂର କରି ମୁକ୍ତିଦାନ କରନ୍ତି ତାଙ୍କୁ ଜନାର୍ଦ୍ଦନ କୁହାଯାଏ। ପୁନଶ୍ଚ ଜନ ଶବ୍ଦଦ୍ୱାରା ଲୋକ ଓ ଅର୍ଦ୍ଦନ (ଅର୍ଦ୍ଦ୍ୟତେ) ଶବ୍ଦ ଦ୍ୱାରା ପ୍ରାର୍ଥନାକୁ ବୁଝାଇଥାଏ। ଅର୍ଥାତ୍ ମାନବଗଣ ଯାହାଙ୍କ ନିକଟରେ ପୁରୁଷାର୍ଥ ପ୍ରାର୍ଥନା କରନ୍ତି, ତାଙ୍କୁ ଜନାର୍ଦ୍ଦନ କୁହାଯାଏ। ତେଣୁ ଶ୍ରୀକୃଷ୍ଣ ହିଁ ପରମ ଦେବତା। ତାଙ୍କୁ ତ୍ରିବିଧ ଭାବରେ ଭଜନ କରାଯାଏ–ଧ୍ୟାନ, ଭଜନ ଓ ଯାଜନ। ଓଁ ତତ୍ ସତ୍ ଏହି ତିନୋଟି ଶବ୍ଦଦ୍ୱାରା ସେ ପ୍ରତିପାଦିତ ହୋଇଥାନ୍ତି।

(୧୦୪୮) ଚତୁର୍ବିଧ ଦର୍ଶନ : ଏହି ବିଶ୍ୱର ଦର୍ଶନ ବା ଅନୁଭୂତି ଚାରି ପ୍ରକାର। ପ୍ରଥମ ହେଲା ଇନ୍ଦ୍ରିୟ ସାହାଯ୍ୟରେ ଦର୍ଶନ, ଦ୍ୱିତୀୟ ହେଉଛି ମନଦ୍ୱାରା ଦର୍ଶନ, ତୃତୀୟ ହେଲା ବୁଦ୍ଧି ବା ବିଚାରଦ୍ୱାରା ଦର୍ଶନ ଏବଂ ଚତୁର୍ଥ ହେଉଛି ଆତ୍ମିକ ଦର୍ଶନ।

(୧) ଇନ୍ଦ୍ରିୟଦ୍ୱାରା ଦର୍ଶନ– ଇନ୍ଦ୍ରିୟଦ୍ୱାରା ବାହ୍ୟ, ସ୍ଥୂଳ ଓ ସୂକ୍ଷ୍ମଜଗତର ଦର୍ଶନଲାଭ ହୋଇଥାଏ। ମନଦ୍ୱାରା ଚିତ୍ତାକାଶସ୍ଥ ଚିନ୍ତା-ମୟ-ମାନସ ଜଗତର କଳ୍ପନାମୂଳକ ଓ ସ୍ୱପ୍ନମୟ ଦର୍ଶନ ହୁଏ। ବୁଦ୍ଧିଦ୍ୱାରା ଜ୍ଞାନର ଅର୍ଥାତ୍ ବିଶ୍ୱବିଜ୍ଞାନର ଦର୍ଶନ ହୁଏ ଏବଂ ଆତ୍ମାଦ୍ୱାରା ତ୍ରିକାଳାତୀତ, ପୂର୍ଣ୍ଣ ଓ ଦେଶ, କାଳ, ନିମିତ୍ତ, ରୂପ

ଓ ଭେଦବିହୀନ ଆତ୍ମିକ ବିଶ୍ୱର ଦର୍ଶନ ଲାଭ ହୋଇଥାଏ । ସାଧାରଣ ମାନବ ପ୍ରଥମ ତିନି ପ୍ରକାର ଦର୍ଶନର ଅଧିକାରୀ । କିନ୍ତୁ ଆତ୍ମିକ ଦର୍ଶନ ଲାଭ କରିବା ନିମିତ୍ତ ସମାଧିଯୋଗ ଅବଲମ୍ବନ କରିବାକୁ ହୁଏ ।

(୨) ମନଦ୍ୱାରା ଦର୍ଶନ– ଇନ୍ଦ୍ରିୟଦ୍ୱାର ରୁଦ୍ଧ କରି ମଧ୍ୟ ମନଦ୍ୱାରା ଅର୍ଥାତ୍ ଚିନ୍ତା ବା ଧ୍ୟାନଦ୍ୱାରା ଯାହା ଦର୍ଶନ ବା ଅନୁଭୂତ ହୁଏ, ତାହା ମନଦ୍ୱାରା ଦର୍ଶନ । ଏହି ଦର୍ଶନ ଏକାବେଳକେ କାଳ୍ପନିକ ନୁହେଁ । କିନ୍ତୁ ମାନବ ଏହି ଦର୍ଶନରେ ଅଭ୍ୟସ୍ତ ନ ଥିବାରୁ ପ୍ରଥମେ ସେଗୁଡ଼ିକୁ ମିଥ୍ୟା ବୋଲି ମନେକରେ । ସେଥିରେ ଅଭ୍ୟସ୍ତ ହୋଇଗଲେ ମାନସ ଦର୍ଶନ ଇନ୍ଦ୍ରିୟଜ ଦର୍ଶନ ଅପେକ୍ଷା ସ୍ପଷ୍ଟ ଓ ସତ୍ୟ ବୋଲି ପ୍ରତୀୟମାନ ହୁଏ । ସ୍ୱପ୍ନ ହିଁ ମାନସ ଦର୍ଶନର ଉଦାହରଣ । ପରଲୋକରେ ମାନସ ଦର୍ଶନ ଅତିଶୟ ଶକ୍ତିଶାଳୀ ହୋଇ ସୂକ୍ଷ୍ମ ଇନ୍ଦ୍ରିୟମାନଙ୍କଦ୍ୱାରା ସୂକ୍ଷ୍ମ ଆଧିଭୌତିକ ଜଗତ୍ ପରିଦୃଷ୍ଟ ହୁଏ । ସୂକ୍ଷ୍ମ ଓ କାରଣ ଜଗତରେ ମନୋମୟ ଶକ୍ତି ଏ ଜଗତ ଅପେକ୍ଷା ଅଧିକ ହୋଇଥିବାରୁ ଏହି ଦର୍ଶନଦ୍ୱାରା ସମସ୍ତ ଅନୁଭୂତି ପ୍ରତ୍ୟକ୍ଷ ଭଳି ବୋଧଗମ୍ୟ ହୋଇଥାଏ । ସ୍ୱର୍ଲୋକରେ ଚିନ୍ତାଶକ୍ତି ଅତିମାତ୍ରାରେ ବୃଦ୍ଧି ପାଇବା ହେତୁ ସେଠାରେ ଚିନ୍ତା ଅନୁଯାୟୀ ଭୌତିକ ବସ୍ତୁର ଉପଭୋଗ ହୋଇଥାଏ । ସେହି ମାନସ ଦର୍ଶନ ମିଥ୍ୟା ବୋଲି ଅନୁଭବ ହୁଏ ନାହିଁ । ଏ ଜଗତରେ ଭୌତିକି ଦର୍ଶନକୁ ଯେପରି କୌଣସି ପ୍ରକାରରେ ମିଥ୍ୟା ଜ୍ଞାନ କରାଯାଇପାରେ ନାହିଁ, ସୂକ୍ଷ୍ମ ମାନସ ଜଗତରେ ମଧ୍ୟ ତାହା ଏ ଜଗତ୍‌ପରି ପ୍ରତୀୟମାନ ହୋଇଥାଏ ।

(୩) ବୁଦ୍ଧିଦ୍ୱାରା ଦର୍ଶନ– ସପ୍ତଲୋକର ଭୂଲୋକରେ ଭୌତିକ ଦର୍ଶନ, ଭୁବ ଓ ସ୍ୱଃ ଲୋକରେ ମାନସ ଦର୍ଶନ ଏବଂ ମହ ଓ ଜନ ଲୋକରେ ବୁଦ୍ଧିଦ୍ୱାରା ଦର୍ଶନ ଲାଭ ହୋଇଥାଏ । ବୁଦ୍ଧିଦ୍ୱାରା ଯେଉଁ ଯେଉଁ ଜଗତର ଦର୍ଶନ ହୁଏ, ତାହାର ନାମ ବିଜ୍ଞାନମୟ ଦର୍ଶନ । ଜ୍ଞାନ ବିଚାର ଓ ଅନୁମାନ ପ୍ରମାଣଦ୍ୱାରା ଯାହା ଜଣାଯାଏ, ତାହାକୁ ମଧ୍ୟ ବୁଦ୍ଧିଦ୍ୱାରା ଦର୍ଶନ ବୋଲି କୁହାଯାଏ । ଏହି ସ୍ଥୁଳ ଜଗତରେ ଥାଇ ମଧ୍ୟ ବହୁବିଧ ବୈଜ୍ଞାନିକ ସତ୍ୟ ଯାହା ବାହ୍ୟ ଇନ୍ଦ୍ରିୟ ଓ ମନଦ୍ୱାରା ଜଣାଯାଏ ନାହିଁ, ତାହା ଆମେ ବୁଦ୍ଧିଦ୍ୱାରା ଦର୍ଶନ କରିପାରୁଥାଇଁ । ଏହାଦ୍ୱାରା ଜଗତର ଯେଉଁସବୁ ମୌଳିକ ସତ୍ୟ ଓ ନିୟମ (Truths & Rules) ବିଦ୍ୟମାନ ଅଛି ତାହା ବୁଦ୍ଧିଦ୍ୱାରା ସ୍ପଷ୍ଟ ଦୃଷ୍ଟ ହୁଏ । ତେଣୁ କାରଣ ଜଗତର ଦର୍ଶନ

ବୁଦ୍ଧିଦ୍ୱାରା ହୋଇଥାଏ । ସ୍ଥୁଳ ଭୌତିକ ଜଗତରେ ଇନ୍ଦ୍ରିୟ ଶକ୍ତି ପ୍ରବଳ, ସୂକ୍ଷ୍ମ ଜଗତରେ ମନ ପ୍ରବଳ ଏବଂ କାରଣ ଜଗତରେ ବୁଦ୍ଧି ବା ଜ୍ଞାନଶକ୍ତି ପ୍ରବଳ ବୋଲି ଜାଣିବ । ସ୍ଥୁଳ ଜଗତରେ ମନ ବୁଦ୍ଧି ଇନ୍ଦ୍ରିୟ ଅଧୀନରେ ରହି ଜ୍ଞାନ ଆହରଣ କରନ୍ତି ଏବଂ ସୂକ୍ଷ୍ମ ଓ କାରଣ ଜଗତରେ ମନ ବୁଦ୍ଧିଦ୍ୱାରା ଇନ୍ଦ୍ରିୟମାନେ ଆହାର ଗ୍ରହଣ କରନ୍ତି । ତେଣୁ ଏହି ଜଗତ୍‌ବାସୀ ମୁକ୍ତ ମହାପୁରୁଷ ଓ ମହାତ୍ମାମାନେ ସ୍ଥୁଳ ଜଗତର ହିତ ନିମିତ୍ତ ସ୍ଥୁଳ ଦେହ ଧାରଣ କଲେ ସେମାନଙ୍କ ବୁଦ୍ଧିଦ୍ୱାରା ଯେଉଁ ସତ୍ୟ ଦର୍ଶନ ହୁଏ, ତାହାଦ୍ୱାରା ମାନବର ବିବିଧ ହିତ ସାଧିତ ହୋଇଥାଏ । ସୁତରାଂ ମହାପୁରୁଷମାନଙ୍କ ଉପଦେଶ ଅନୁସାରେ ଚଳିଲେ ମାନବର ନାନାବିଧ ଉନ୍ନତି ଲାଭ ହୋଇଥାଏ ।

(୪) ଆତ୍ମିକ ଦର୍ଶନ– ଆତ୍ମିକ ଦର୍ଶନକୁ ଯୋଗଶାସ୍ତ୍ରରେ ଅପରୋକ୍ଷାନୁଭୂତି କୁହାଯାଏ । ଆତ୍ମା ଇନ୍ଦ୍ରିୟ-ମନ-ବୁଦ୍ଧିର ବିନା ସାହାଯ୍ୟରେ ଆତ୍ମଦୃଷ୍ଟି ବଳରେ ଯେଉଁ ଦର୍ଶନ ବା ଅନୁଭୂତି ଲାଭ କରେ, ତାହାକୁ ଆତ୍ମିକ ଦୃଷ୍ଟି କୁହାଯାଏ । ଏହାକୁ ଗୀତାରେ ଆତ୍ମାଦ୍ୱାରା ଆତ୍ମଦର୍ଶନ ବୋଲି କୁହାଯାଇଛି । ଏହି ଆତ୍ମଦର୍ଶନ ନିକଟରେ ସ୍ଥାନ କାଳର ବ୍ୟବଧାନ ନାହିଁ । ଏହି ଦୃଷ୍ଟି ନିକଟରେ ଭୂତ, ଭବିଷ୍ୟ ଓ ବର୍ତ୍ତମାନ ସମସ୍ତ ଏକାକାର । ତେଣୁ ମହାତ୍ମାମାନଙ୍କୁ ତ୍ରିକାଳଜ୍ଞ କୁହାଯାଏ । ଆତ୍ମା କେବଳ ସତ୍ୟ ଦର୍ଶନ କରେ । ଏହି ଆତ୍ମଦର୍ଶନ ଅବସ୍ଥା ଏଠାରେ ଥାଇ ବୁଝାଯାଏ ନାହିଁ ବୋଲି ଏହି ଦର୍ଶନକୁ ଅବ୍ୟକ୍ତ ଦର୍ଶନ କୁହାଯାଏ । ତପଃ ଓ ସତ୍ୟଲୋକରେ ଆତ୍ମା ସ୍ୱରୂପରେ ପ୍ରତିଷ୍ଠିତ ଥିବାରୁ ବିଶ୍ୱକୁ ସତ୍ୟରୂପରେ ଅନୁଭବ କରେ । ଏଠାରେ ଆତ୍ମା ଦ୍ରଷ୍ଟା ଭାବରେ ଅବସ୍ଥାନ କରେ । ଏହି ଅବ୍ୟକ୍ତ ଲୋକରେ ଅବିଦ୍ୟାର ପ୍ରଭାବ ନ ଥିବାରୁ ସେଠାରେ କାର୍ଯ୍ୟ ବୋଲି କିଛି ନଥାଏ । ତେଣୁ ଏଠାରେ ଆତ୍ମା ସ୍ଥିର ନିସ୍ତରଙ୍ଗ ଭାବରେ ଅବସ୍ଥାନ କରେ । ଏଥିପାଇଁ ଆତ୍ମା ସର୍ବଜ୍ଞ ସର୍ବଦ୍ରଷ୍ଟା ଭାବରେ ବିଶ୍ୱ ଦର୍ଶନ କରିଥାଏ । ଏହି ଅବସ୍ଥା ଦ୍ୱନ୍ଦ୍ୱାତୀତ ଅର୍ଥାତ୍ ସତ୍ ଓ ଅସତ୍‌ର ଅତୀତ । ଏହି ଅବ୍ୟକ୍ତ ହିଁ ପଞ୍ଚ ଭୌତିକ ଲୋକରେ ସୂକ୍ଷ୍ମ କାରଣ ଭେଦରେ ବ୍ୟକ୍ତ ହୋଇଛନ୍ତି । ତେଣୁ ମାନବର ଧର୍ମଭାବ ଦ୍ୱିବିଧ– (୧) ଆତ୍ମିକ ବା ଆଧ୍ୟାତ୍ମିକ, (୨) ପ୍ରାକୃତିକ ବା ସ୍ୱାଭାବିକ ।

(୧୦୪୯) ମାନବର ପ୍ରାକୃତିକ ଧର୍ମ : ପ୍ରାକୃତିକ ଧର୍ମ ପ୍ରଧାନତଃ ଦେହ, ସଂସାର, ସମାଜ, ପରିବାର, ମନ, ବୃଦ୍ଧି ଓ ଶକ୍ତି ଭେଦରେ ବିବିଧ ।

ଦୈହିକ, ସାମାଜିକ, ରାଷ୍ଟ୍ରୀୟ, ମାନସିକ, ବୌଦ୍ଧିକ ପ୍ରଭୃତି ବିବିଧ ଭାବ ଉପରୋକ୍ତ ପ୍ରାକୃତିକ ଧର୍ମର ଅନ୍ତର୍ଗତ । ଉପରୋକ୍ତ ବିଭିନ୍ନ ପ୍ରକାର ଭାବ ମଧ୍ୟରେ ପରସ୍ପର ବିଭିନ୍ନତା ବିରାଜିତ ଥିବାରୁ ଧର୍ମର ତତ୍ତ୍ୱ ଜଟିଳ ହୋଇପଡ଼ିଛି । ତେଣୁ ସାଧକମାନେ ବହୁବିଧ ଧର୍ମଭାବ ମଧ୍ୟରୁ ପ୍ରଥମେ ଆଧ୍ୟାତ୍ମିକ, ଦ୍ୱିତୀୟରେ ମାନସିକ, ତୃତୀୟରେ ଦୈହିକ ଓ ଚତୁର୍ଥରେ ସାମାଜିକ ବା ସାଂସାରିକ—ଏହି ଚତୁର୍ବିଧ ଧର୍ମଭାବ ଗ୍ରହଣ କରିବା କର୍ତ୍ତବ୍ୟ । ଉକ୍ତ ଚତୁର୍ବିଧ ଧର୍ମ ବା ପ୍ରକୃତିର ସ୍ୱରୂପ ଚିନ୍ତାଦ୍ୱାରା ନିରୂପଣ କରି ପ୍ରତ୍ୟେକ ମାନବର ଜୀବନଯାତ୍ରା ନିର୍ବାହ କରିବା ଆବଶ୍ୟକ । ଉକ୍ତ ଚତୁର୍ବିଧ ଧର୍ମ ମଧ୍ୟ ପରସ୍ପର ଭିନ୍ନଭାବ ସମ୍ପନ୍ନ । ଆଧ୍ୟାତ୍ମିକ (Religious or Spiritual), ମାନସିକ (Mental), ଦୈହିକ (Physical), ସାମାଜିକ (Social, or Moral), ନୀତି, ଧର୍ମ ଓ ଶାସ୍ତ୍ରଗୁଡ଼ିକ ପରସ୍ପର ଭିନ୍ନ ହେତୁ ଧର୍ମତତ୍ତ୍ୱ ଅତୀବ ଗୁହ୍ୟ ।

(୧୦୫୦) ଆଧ୍ୟାତ୍ମିକ ଧର୍ମର ସ୍ୱରୂପ: ଆଧ୍ୟାତ୍ମିକ ଧର୍ମର ସ୍ୱରୂପ ପୂର୍ଣ୍ଣ ସ୍ଥିରତ୍ୱ ବା ଅଚଞ୍ଚଳ ଭାବ; ଯୋଗ, ଧ୍ୟାନ, ଚିତ୍ତସ୍ଥିରତା, ଚିତ୍ତର ଏକାଗ୍ରତା, ଚିତ୍ତନିରୋଧ, ନିଶ୍ଚିନ୍ତତା ଏବଂ ଭଗବାନଙ୍କଠାରେ ଦେହ-ମନ-ପ୍ରାଣର ସମର୍ପଣ ବା ସମ୍ୟକ ଲୟସାଧନ; ସବୁପ୍ରକାର ମାନସିକ ଓ ଶାରୀରିକ କର୍ମଚଞ୍ଚଳତାର ତ୍ୟାଗ । କିନ୍ତୁ ମାନସିକ ଧର୍ମର ଲକ୍ଷଣ ସେପରି ନୁହେଁ ।

(୧୦୫୧) ମାନସିକ ଧର୍ମର ସ୍ୱରୂପ : ମନକୁ ଓ ଶରୀରକୁ ଯେତେ, ପରିମାଣରେ ଚାଳନା କରିବ, ଯେତେ ପରିମାଣରେ ଜ୍ଞାନର ଆଲୋଚନା କରିବ, ସଦ୍‌ବୃତ୍ତିର ଯେତିକି ଅନୁଶୀଳନ ବା ଅଭ୍ୟାସ କରିବ, ମନ, ବୁଦ୍ଧି, ଦେହ ସେହି ପରିମାଣରେ ପୁଷ୍ଟିଲାଭ କରିବ ଓ ଶକ୍ତିମାନ୍ ହୋଇଉଠିବ । ଅତଏବ ଜ୍ଞାନ-ବିଜ୍ଞାନର ଅନୁଶୀଳନ, ଚିନ୍ତା, ତପସ୍ୟା ଓ ମାନସିକ କର୍ମଚାଞ୍ଚଲ୍ୟ ହିଁ ମନ-ବୁଦ୍ଧି ଉତ୍କର୍ଷର ପ୍ରଧାନ ଲକ୍ଷଣ । ତେଣୁ ମାନସିକ ଧର୍ମ ସତ୍ୟ ଆଧ୍ୟାତ୍ମିକ ଧର୍ମର ପ୍ରତିକୂଳ । କାରଣ ଆଧ୍ୟାତ୍ମିକତା ପୂର୍ଣ୍ଣ ସ୍ଥିରତ୍ୱ ବା ଅଚଞ୍ଚଳ ସ୍ୱରୂପ । ପୁଣି ମନ-ବୁଦ୍ଧିର ବିକାଶ କ୍ରିୟାଚାଞ୍ଚଲ୍ୟସାପେକ୍ଷ । ସଂସାର, ସମ୍ପତ୍ତି, ସମାଜ, ବିଷୟ ମଧ୍ୟ ଦେହମନ ପରି ଅଭ୍ୟାସସାପେକ୍ଷ । କର୍ମ ବା ଅଭ୍ୟାସ ହିଁ ଧର୍ମର ଉନ୍ନତିର ଉପାୟ । ତେଣୁ ଦେହ-ମନ-ପ୍ରାଣ-ଉତ୍କର୍ଷସାଧନ ରୂପ ଧର୍ମ, ଆଧ୍ୟାତ୍ମିକ ଧର୍ମର ପ୍ରତିକୂଳ । ଶରୀରର ଚାଳନା ହିଁ ଶରୀରର ଧର୍ମ । ଶରୀର ଚାଳନା, ବିଶ୍ରାମ, ଯଥୋପଯୁକ୍ତ ଖାଦ୍ୟ

ଗ୍ରହଣ ଓ ନିୟମିତ ମୈଥୁନ ହିଁ ଶରୀରର ଧର୍ମ। ନିୟମିତ ଆହାର, ନିୟମିତ ନିଦ୍ରା, ନିୟମିତ ଶ୍ରମ ଏବଂ ଶାସ୍ତ୍ରବିଧି ମୁତାବକ ମୈଥୁନ ସଂଯମ ହିଁ ଶରୀରରକ୍ଷାର ପ୍ରଧାନ ଉପାୟ। ରଜଃ ଓ ତମ ଗୁଣାତ୍ମକ ଆହାରଦ୍ୱାରା ଶରୀରର ପୁଷ୍ଟି ସାଧିତ ହେଲେ ମଧ୍ୟ ସେଥିରେ ମନ-ବୁଦ୍ଧି-ଆତ୍ମାର ବିକାଶ ପକ୍ଷରେ ବାଧା ସୃଷ୍ଟି ହୁଏ। ପୁଣି ଅତିରିକ୍ତ ଆହାର, ନିଦ୍ରା, ଶ୍ରମ ଓ ମୈଥୁନରେ ଶରୀରର ବିଶେଷ କ୍ଷତି ଘଟେ। ଅତିରିକ୍ତ ସଂଯମ ଶରୀର ପକ୍ଷରେ ଅହିତ ହେଲେ ମଧ୍ୟ ମନବୁଦ୍ଧି ପକ୍ଷରେ ହିତକର। ଅତ୍ୟଧିକ ବିଶ୍ରାମ, ଭୋଗ, ବିଳାସ, ସେବା, ଯତ୍ନ ଏବଂ ଅତିଶୟ ଶୁଶ୍ରୂଷାଦ୍ୱାରା ଦେହର ସୁଖବର୍ଦ୍ଧିତ ହେଲେ ମଧ୍ୟ ମନ, ବୁଦ୍ଧି ଓ ଆତ୍ମାର ଉନ୍ନତି ବିଶେଷତଃ ଆତ୍ମିକ ଉନ୍ନତି ପକ୍ଷରେ କ୍ଷତିକାରକ।

ମାନସିକ ଧର୍ମର ଉନ୍ନତିରେ ଆତ୍ମିକ ଧର୍ମରେ ବାଧା ଜାତ ହୁଏ। ଅର୍ଥାତ ମନର ବିଷୟ ଚିନ୍ତା, ବିଚାର, ସ୍ମୃତି, ସଂକଳ୍ପ-ବିକଳ୍ପ ରୂପ ବୃତ୍ତିଗୁଡ଼ିକ ଅନୁଶୀଳନରେ ସର୍ବଦା ବ୍ୟଗ୍ର ଥିଲେ ଆତ୍ମଜ୍ଞାନ ଅନୁଶୀଳନରେ ବାଧା ଜାତ ହୁଏ। ସାଂସାରିକ ଉନ୍ନତି ନିମିତ୍ତ ଯତ୍ନ କଲେ ଚିତ୍ତ ବିକ୍ଷିପ୍ତ ନ ହୋଇ ରହିପାରେ ନାହିଁ। ବିଷୟ ସମ୍ପତ୍ତି, ସ୍ୱାର୍ଥ, ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଓ ରାଜକୀୟ ଉଚ୍ଚପଦବୀ ଲାଭ କରିବାକୁ ଇଚ୍ଛାକଲେ ମନ-ବୁଦ୍ଧିକୁ ଅତିଶୟ କୁଟିଳ, ଭେଦଜ୍ଞାନପୂର୍ଣ୍ଣ କରିବାକୁ ପଡ଼ିଥାଏ। ଅନ୍ୟକୁ ପୀଡ଼ନ ଓ ଶାସନ ନ କଲେ ଅର୍ଥର ଉନ୍ନତି ଘଟେ ନାହିଁ। ଲୋକଭୟ ନ ଥିଲେ ଅର୍ଥ ଅର୍ଜିତ ହେଲେ ମଧ୍ୟ ତାହା ସଂରକ୍ଷିତ ହୋଇପାରେ ନାହିଁ। ଫଳରେ ଏଗୁଡ଼ିକ ଆଧ୍ୟାତ୍ମିକ ପଥରେ ବାଧା ସୃଷ୍ଟି କରନ୍ତି। ଉପରୋକ୍ତ ଲୌକିକ ଧର୍ମ ରକ୍ଷା କରିବାକୁ ଗଲେ ତତ୍ତ୍ୱଜ୍ଞାନ ଅନୁଶୀଳନରେ ମଧ୍ୟ ବାଧା ଜାତ ହୋଇଥାଏ। ସେଥିରେ ମାନସିକ ଧର୍ମପାଳନରେ ମଧ୍ୟ ବାଧା ଘଟେ। ଏହି କାରଣରୁ ଜ୍ଞାନୀ ସାଧୁ ମହାତ୍ମାମାନଙ୍କର ବୈଷୟିକ ଉନ୍ନତି ହୁଏ ନାହିଁ। ତେଣୁ ସାମାଜିକ ପାପ ପୁଣ୍ୟ ଓ ଧର୍ମାଧର୍ମଠାରୁ ଆଧ୍ୟାତ୍ମିକ ପାପ ପୁଣ୍ୟ ପୃଥକ୍। ଦେହ-ମନର ବିକାଶ ପକ୍ଷରେ ଯାହା ଅନ୍ତରାୟ, ତାହା ହିଁ ଦୈହିକ ଓ ମାନସିକ ଅଧର୍ମ। ହିଂସାଦ୍ୱେଷ, ଭେଦଭାବ ଓ ଅତ୍ୟାଚାର ସାମାଜିକ ଓ ଆଧ୍ୟାତ୍ମିକ ଅଧର୍ମ। ଜଣେ ମାନବ ଏ ଜଗତରେ ବିଶିଷ୍ଟ ଜ୍ଞାନୀ, ମେଧାବୀ ଓ ସର୍ବଶାସ୍ତ୍ରରେ ପଣ୍ଡିତ ହୋଇ ମଧ୍ୟ ମିଥ୍ୟାବାଦୀ, ଅତ୍ୟାଚାରୀ ଓ କାମୁକ ପ୍ରକୃତିବିଶିଷ୍ଟ ହୋଇପାରନ୍ତି। ତେଣୁ ଏ ଜଗତରେ ଗୁଣ ଓ ଚରିତ୍ର ପରସ୍ପର ଭିନ୍ନ। ସୁତରାଂ ଏ ଜଗତରେ ଜ୍ଞାନ ଓ

ଯୋଗରେ, ବୁଦ୍ଧି ଓ ଚରିତ୍ରରେ ବିଶେଷ ପ୍ରଭେଦ ଦେଖାଯାଏ । ଜ୍ଞାନୀ, ଯୋଗୀ ଓ ସାଧୁ ମହାତ୍ମାଙ୍କ ପ୍ରତି ଏବଂ ଗୁରୁଜନମାନଙ୍କ ପ୍ରତି ଅଶ୍ରଦ୍ଧାଭାବ ପୋଷଣ କରି ମଧ୍ୟ ଜଣେ ଧନ ଓ ପଦମର୍ଯ୍ୟାଦା ଲାଭ କରିପାରେ; କିନ୍ତୁ ସେଥିରେ ଆଧ୍ୟାତ୍ମିକ ଅକଲ୍ୟାଣ ସାଧିତ ହୋଇଥାଏ । ଆଧ୍ୟାତ୍ମିକ ଅକଲ୍ୟାଣ ଫଳରେ ତାହାର ଦୈବୀ ବିପତ୍ତି ଘଟେ । ଅତଏବ ଆତ୍ମଜ୍ଞାନ ପଥରେ, ସତ୍ୟପଥରେ ଯିବାକୁ ଇଚ୍ଛା ଥିଲେ ଉପରୋକ୍ତ ଦେହ-ମନ-ପ୍ରାଣ ସମାଜ ଓ ସ୍ୱଜନଙ୍କୁ କ୍ରମେ ତ୍ୟାଗ କରି ଧର୍ମପଥରେ ଅଗ୍ରସର ହେବାକୁ ପଡ଼ିବ ।

(୧୦୫୨) ସତ୍ୟଧର୍ମର ସ୍ୱରୂପ : ଯାହା ଯାହାଙ୍କୁ ତାଙ୍କର ନିଜର ସ୍ୱରୂପରେ ଧାରଣ, ସଂରକ୍ଷଣ ଓ ଚିହ୍ନିତ କରେ, ତାହା ହିଁ ତାଙ୍କର ଧର୍ମ । ତେଣୁ ଧର୍ମର ଅର୍ଥ ଗୁଣ, ସ୍ୱଭାବ ଓ ଶକ୍ତିକୁ ବୁଝାଇଥାଏ । ଯେପରି ଜ୍ୟୋତି ଓ ତେଜ ଅଗ୍ନିର ଧର୍ମ, ଶୈତ୍ୟ ଓ ତାରଲ୍ୟ ଜଳର ଧର୍ମ, ଆହାର ଓ ନିଦ୍ରା ଦେହର ଧର୍ମ, ସଂକଳ୍ପ ବିକଳ୍ପ ମନର ଧର୍ମ । ଏହା ସମସ୍ତ ବାହ୍ୟ ବିଜ୍ଞାନ ଧର୍ମରେ ଗଣ୍ୟ । କିନ୍ତୁ ମାନବର ନିଜସ୍ୱ ଧର୍ମ କ'ଣ ତାହା ନ ଜାଣିଲେ ତାହାର ପ୍ରକୃତ କଲ୍ୟାଣ ସାଧିତ ହୋଇପାରେ ନାହିଁ । ମାନବର ଦେହ, ଇନ୍ଦ୍ରିୟ, ସ୍ୱଭାବ ପ୍ରଭୃତି ମାନବ ନୁହେଁ । କାରଣ ମାନବର ପ୍ରକୃତି ସର୍ବଦା ଏକ ଭାବରେ ରହେ ନାହିଁ । ଯାହା ଅପରିବର୍ତ୍ତନୀୟ ତାହା ହିଁ ଆତ୍ମା । ମାନବର ଦେହ, ମନ, ପ୍ରାଣ, ବିଷୟ, ଐଶ୍ୱର୍ଯ୍ୟ, ସମାଜ, ସମ୍ପଦ, ସୁଖ ଅଳ୍ପ ଦିନ ମଧ୍ୟରେ କେତେବେଳେ ଯେ ଉଭାଇଯିବ ତାହା ନିରୂପଣ କରାଯାଇପାରେ ନାହିଁ । ମନ-ଇନ୍ଦ୍ରିୟ-ବୁଦ୍ଧି ଯେ ଏହାକୁ ଭୋଗ କରନ୍ତି, ତାହା ମଧ୍ୟ କ୍ଷଣସ୍ଥାୟୀ । ତେଣୁ ଇନ୍ଦ୍ରିୟପରାୟଣ ମାନବଗଣ ନିଜର ସ୍ୱରୂପ ଉପଲବ୍ଧି କରିପାରନ୍ତି ନାହିଁ । ଜନ୍ମଗ୍ରହଣ, ଅର୍ଥାର୍ଜ୍ଜନ, ଖାଦ୍ୟ ଆହରଣ, ସନ୍ତାନ ଉତ୍ପାଦନ, ପରିବାର ପୋଷଣ ଏବଂ ଦେହତ୍ୟାଗ—ଏ ସମସ୍ତ କେବେହେଲେ ମାନବର ଧର୍ମ ନୁହେଁ । ଏହା ସବୁ ଦେହର ଧର୍ମ । ଦେହାତିରିକ୍ତ ଚୈତନ୍ୟ ହିଁ ପ୍ରକୃତ ମାନବର ସ୍ୱରୂପ ।

ଅତଏବ ଉପରୋକ୍ତ ଦେହଭାବ, ମନୋଭାବ, ଇନ୍ଦ୍ରିୟଭାବ, ବୁଦ୍ଧିଭାବ ଏବଂ ପ୍ରକୃତି ବା ସ୍ୱଭାବକୁ ଅତିକ୍ରମ କରି ମଧ୍ୟ ମାନବର ଯେଉଁ ଚୈତନ୍ୟ ନିତ୍ୟ ବିରାଜିତ, ତାହା ହିଁ ତାହାର ପ୍ରକୃତ ସ୍ୱରୂପ । ଶାସ୍ତ୍ରରେ ଏହି ସ୍ୱରୂପକୁ ଆତ୍ମା, ପୁରୁଷ ବା ପରଂବ୍ରହ୍ମ ବୋଲି କୁହାଯାଇଛି । ତେଣୁ 'ସେ' କହିଲେ ବା 'ମନୁଷ୍ୟ'

କହିଲେ ତାହା ଅନ୍ତରସ୍ଥ ଆତ୍ମସ୍ୱରୂପ ଶ୍ରୀଭଗବାନଙ୍କୁ ହିଁ ବୁଝାଇଥାଏ । ଏହି ଆତ୍ମାର ଯାହା ଧର୍ମ ତାହା ହିଁ ସତ୍ୟଧର୍ମ । ଯେଉଁ ସାଧକ ସେହି ଆତ୍ମାଙ୍କୁ ବୁଝି ବା ଆତ୍ମଜ୍ଞାନ ଲାଭ କରି ସର୍ବଦା ସେହି ଆତ୍ମଭାବରେ ନିଜକୁ ପ୍ରତିଷ୍ଠିତ ରଖି କର୍ମ କରନ୍ତି, ସେ ହେଉଛନ୍ତି ଧର୍ମନିଷ୍ଠ । ବ୍ରତ, ଦାନ, ସେବା, ଯଜ୍ଞ, ଧ୍ୟାନ, ଜପ, ପୂଜା, ପ୍ରାର୍ଥନା, ଉପାସନା, ଜ୍ଞାନାଲୋଚନା ଓ ନାମକୀର୍ତ୍ତନ—ଏହା ସବୁ ସତ୍ୟ ଧର୍ମର ବିଭିନ୍ନ ଅଙ୍ଗ । ନିତ୍ୟ ଆନନ୍ଦ ସ୍ୱଭାବ ହିଁ ମାନବର ସତ୍ୟଧର୍ମ । ଏଥିପାଇଁ ପ୍ରତ୍ୟେକ ସାଧକ ଏହି ସୁଖ, ଜ୍ଞାନ, ଆନନ୍ଦ ଓ ଅମରତ୍ୱ ଲାଭ ନିମିତ୍ତ ତୀବ୍ରଭାବରେ ଇଚ୍ଛା କରନ୍ତି ।

(୧୦୫୩) ସତ୍ୟ ଧର୍ମର ଅବଲମ୍ବନ : ଏହି ବିଶ୍ୱର ବ୍ରହ୍ମ, ଆତ୍ମା ଓ ଶ୍ରୀଭଗବାନ ହିଁ ନିତ୍ୟ ପଦାର୍ଥ । ତାଙ୍କୁ ସତ୍ୟ ଭାବରେ ଅବଲମ୍ବନ ନ କଲେ କେବେହେଲେ ମାନବର ଦୁଃଖ-ଅଜ୍ଞାନତା ଦୂରୀଭୂତ ହୋଇପାରିବ ନାହିଁ । ଯେଉଁମାନେ ବାହ୍ୟ ଦେହ, ଇନ୍ଦ୍ରିୟ, ମନ ଓ ବିଷୟ ସମ୍ପଦର ଉତ୍କର୍ଷ ନିମିତ୍ତ ଅର୍ଥାତ୍ ଅନିତ୍ୟ ସୁଖ ନିମିତ୍ତ ଧର୍ମର ଆଶ୍ରୟ ଗ୍ରହଣ କରନ୍ତି, ସେମାନେ ପ୍ରକୃତ ଧାର୍ମିକ ନୁହଁନ୍ତି । ସେମାନେ ଆତ୍ମପ୍ରତାରକ ଏବଂ ନିଜର କ୍ଷତିକାରକ । ଆତ୍ମଜ୍ଞାନ ବ୍ୟତୀତ ପ୍ରକୃତ ଧର୍ମାନୁଶୀଳନ ହୋଇପାରେ ନାହିଁ । ଯେଉଁମାନେ ଅନିତ୍ୟ ବିଷୟର ଉତ୍କର୍ଷସାଧନ ନିମିତ୍ତ ନିତ୍ୟବସ୍ତୁର ଆଶ୍ରୟ ଗ୍ରହଣ କରନ୍ତି ଓ ଅନିତ୍ୟ ବସ୍ତୁ ଲାଭ ନିମିତ୍ତ ପ୍ରାର୍ଥନା କରନ୍ତି ଏବଂ ଜଗତରେ ଧାର୍ମିକ ବୋଲି ପରିଚିତ ହେବାକୁ ଚେଷ୍ଟା କରନ୍ତି, ସେହିମାନେ ହିଁ ଆତ୍ମପ୍ରତାରକ । ଯେଉଁମାନେ ପାର୍ଥିବ ଉନ୍ନତି ନିମିତ୍ତ କିମ୍ବା ନିଜ ଦେହମନାଦିର ସୁଖ ନିମିତ୍ତ ଅଥବା ପରକାଳରେ ସୁଖଲାଭ ନିମିତ୍ତ ଧର୍ମାନୁଷ୍ଠାନ କରନ୍ତି, ସେମାନେ ମଧ୍ୟ ପ୍ରକୃତ ଧାର୍ମିକ ନୁହଁନ୍ତି । ଅନିତ୍ୟ ଲୋକହିତକର କର୍ମକୁ ମଧ୍ୟ ପ୍ରକୃତ ଧର୍ମ କୁହାଯାଏ ନାହିଁ । ଏହା ଲୌକିକ ଓ ସାମାଜିକ ଧର୍ମ ମଧ୍ୟରେ ଗଣ୍ୟ । ଧର୍ମ ନିଜ ଅନ୍ତର ମଧ୍ୟରେ ଥାଏ । କିନ୍ତୁ ସେହି ଧର୍ମପ୍ରବୃତ୍ତିର ଜାଗରଣ ନିମିତ୍ତ ସାଧୁସଙ୍ଗ କରିବା ଏକାନ୍ତ କର୍ତ୍ତବ୍ୟ । ବର୍ତ୍ତମାନ ସମାଜରେ ହିନ୍ଦୁଧର୍ମ, ମୁସଲମାନଧର୍ମ, ବୌଦ୍ଧଧର୍ମ, ଶୈବ, ଶାକ୍ତ, ବୈଷ୍ଣବଧର୍ମ ପ୍ରଭୃତି ଯେଉଁସବୁ ସାମାଜିକ ଧର୍ମ ପ୍ରଚଳିତ ଅଛି, ତାହା ମଧ୍ୟ ଲୌକିକ ବା ଲୋକାଚାର ଧର୍ମ । ଏକମାତ୍ର ଆତ୍ମା ହିଁ ପ୍ରକୃତ ଧର୍ମ । ଏହି ଭୌତିକ ଜଗତର ଅନ୍ତରାଳରେ ଯେଉଁ ଅଖଣ୍ଡ ଆତ୍ମଚୈତନ୍ୟ ବିରାଜିତ, ସେହି ସଚ୍ଚିଦାନନ୍ଦ ପରମାତ୍ମାଙ୍କୁ

ଜାଣିବା, ବୁଝିବା, ତାଙ୍କୁ ଲାଭ କରିବା ଏବଂ ତତ୍ସ୍ୱରୂପରେ ପ୍ରତିଷ୍ଠିତ ହେବା ହିଁ ପ୍ରକୃତ ଧର୍ମାନୁଶୀଳନତା । ପ୍ରତ୍ୟେକ ମନୁଷ୍ୟ ସେହି ଆତ୍ମଭାବରୁ ବିଚ୍ୟୁତ ହେବା ହେତୁ ବିବିଧ ଦୁଃଖଭୋଗ କରୁଛନ୍ତି । ସେହି ଆତ୍ମଚୈତନ୍ୟ ମାନବ ଅନ୍ତରରେ ସୁପ୍ତ । ସେହି ଶକ୍ତିଙ୍କୁ ଜାଗ୍ରତ କରି ପରମପୁରୁଷଙ୍କ ସହିତ ସମ୍ମିଳିତ କରିବା ହିଁ ପ୍ରକୃତ ଧର୍ମସାଧନା । ସେହି ଶକ୍ତିଙ୍କର ଜାଗରଣ ହିଁ ଧର୍ମ ।

(୧୦୫୪) ଆତ୍ମଜ୍ଞାନ : ଆତ୍ମା କାହାକୁ କହନ୍ତି ଏବଂ ତାହା କିପରି ? ଏହି ପ୍ରଶ୍ନର ଉତ୍ତର ପ୍ରାକୃତ ମନ-ବୁଦ୍ଧି ସାହାଯ୍ୟରେ ଆଲୋଚନା କରାଯାଇପାରେ ନାହିଁ ବୋଲି ତାହାକୁ ଅବ୍ୟକ୍ତ କୁହାଯାଏ । ଏହା କେବଳ ଶ୍ରୀଗୁରୁଦେବଙ୍କ କୃପାରୁ ନିଜ ଅନ୍ତରରେ ଅନୁଭବ ହୋଇଥାଏ ମାତ୍ର । ଏହି ଆତ୍ମାକୁ ଅନ୍ୟ କେହି ଦେଖାଇଦେଇ ପାରନ୍ତି ନାହିଁ । ସାଧକମାନେ ଶ୍ରୀଗୁରୁଦେବଙ୍କ କୃପାରୁ ନିଜ ଅନ୍ତର-ମନ୍ଦିରରେ ହିଁ ତାଙ୍କୁ ଅନୁଭବ କରିଥାନ୍ତି । ସାଧାରଣଙ୍କର ମନ-ବୁଦ୍ଧି ଓ ଇନ୍ଦ୍ରିୟଗଣ ସସୀମ ସାକାର ଦ୍ରବ୍ୟ ଅନୁଭବ କରିବାରେ ଅଭ୍ୟସ୍ତ । କିନ୍ତୁ ଆତ୍ମା ପୂର୍ଣ୍ଣ ସମଷ୍ଟି ଓ ନିରାକାର । ଭୂତ ଭାବ ଗ୍ରହଣରେ ଅଭ୍ୟସ୍ତ ଇନ୍ଦ୍ରିୟମାନଙ୍କ ଦ୍ୱାରା ଭୂତାତୀତ ଅପ୍ରାକୃତ ଆତ୍ମା କେବେହେଲେ ଅନୁଭବଗମ୍ୟ ହୋଇପାରନ୍ତି ନାହିଁ । ଚିତ୍ତର କଳ୍ପନା ଉପରେ ସାଧାରଣ ମାନବୀୟ ଜ୍ଞାନବିଜ୍ଞାନ ଭାବ ପ୍ରତିଷ୍ଠିତ । କିନ୍ତୁ ଆତ୍ମା ସର୍ବବିଧ କଳ୍ପନାର ଅତୀତ । ସଂସ୍କାର ଓ କଳ୍ପନାକୁ ଛାଡ଼ି ମାନବ ଅନ୍ତଃକରଣ ତିଳେମାତ୍ର ଅଗ୍ରସର ହୋଇପାରେ ନାହିଁ । ସଂସ୍କାର ଯେଉଁଠି ଯେତେ ପ୍ରବଳ, ସେଠାରେ ଭେଦଭାବ ସେତିକି ବିଦ୍ୟମାନ । ସଂକଳ୍ପ ବିକଳ୍ପ ଭାବରୁ କଳ୍ପନା କୁହାଯାଏ । ସଂକଳ୍ପ ଅର୍ଥାତ୍ ବାସନା, ଇଚ୍ଛା, ଅଭିପ୍ରାୟ ପ୍ରଭୃତି ଏବଂ ବିକଳ୍ପ ଅର୍ଥ ବିଜ୍ଞାନ, ସଂସ୍କାର (ବଦ୍ଧମୂଳ ଧାରଣା) ଓ ସ୍ମୃତି ପ୍ରଭୃତିକୁ ବୁଝାଇଥାଏ । ଏମାନଙ୍କୁ ଛାଡ଼ି ମନ କିଛି କାର୍ଯ୍ୟ କରିପାରେ ନାହିଁ । ତେଣୁ ଆତ୍ମା ହିଁ ଆତ୍ମାଦ୍ୱାରା ବୋଧଗମ୍ୟ ହୁଅନ୍ତି । ଅବିଦ୍ୟା ଆବରଣ ମୁକ୍ତ ହେଲେ ଆତ୍ମଜ୍ଞାନ ସ୍ୱତଃ ପ୍ରକାଶିତ ହୋଇଥାଏ । ଆତ୍ମା ପୂର୍ଣ୍ଣ ଜ୍ଞାନ ସ୍ୱରୂପ । ଆତ୍ମା ଯେତେବେଳେ ସ୍ୱଇଚ୍ଛାରେ ଅଜ୍ଞାନଦ୍ୱାରା ଆବୃତ ହୁଅନ୍ତି, ସେତେବେଳେ ଆତ୍ମଜ୍ଞାନର ପ୍ରୟୋଜନ ହୁଏ । ଏହା ହିଁ ଆତ୍ମାର ଜୀବଭାବ । ସ୍ୱରୂପରେ ପ୍ରତିଷ୍ଠିତ ହେଲେ ଆତ୍ମାର କିଛି ଜ୍ଞେୟ, କରଣୀୟ ବା ଅଭାବ ରହେ ନାହିଁ । ତେଣୁ ଆତ୍ମଜ୍ଞାନ ବ୍ୟତୀତ ଜୀବର ଅଭାବ କେବେହେଲେ ଦୂର ହୋଇପାରି ନାହିଁ । ଏହି ଆତ୍ମଜ୍ଞାନ ଲାଭ ନ କରି ଯେ କୌଣସି ସାଧନା କଲେ ତାହା

ଫଳବତୀ ହୁଏ ନାହିଁ । ସମସ୍ତ ଧର୍ମ ଏହି ଆତ୍ମଜ୍ଞାନ ଭିତରେ ନିହିତ ଥିବା କଥା । ଶାସ୍ତ୍ରରେ ବର୍ଣ୍ଣିତ ହୋଇଅଛି–ଧର୍ମତତ୍ତ୍ୱ ନିଜ ଅନ୍ତର-ରାଜ୍ୟରେ ନିହିତ । ଶ୍ରୀଗୁରୁଦେବଙ୍କ କୃପାରୁ ତାହା ବୋଧଗମ୍ୟ ହୋଇଥାଏ । ସୁତରାଂ ସାଧୁସଙ୍ଗ ଏକାନ୍ତ ପ୍ରୟୋଜନ ।

(୧୦୫୫) ମୃତ୍ୟୁ : ଏହି ଭୂଲୋକବାସୀ ଜୀବମାନଙ୍କର ଏହି ସ୍ଥୁଳ ଦେହକ୍ଷିତିତତ୍ତ୍ୱ ପ୍ରଧାନ ପଞ୍ଚତତ୍ତ୍ୱରେ ଗଠିତ । ଏହି ଦେହ ସ୍ଥୁଳଦ୍ରବ୍ୟ ସମୂହର ସ୍ପନ୍ଦନ ଗ୍ରହଣରେ ସମର୍ଥ । ଏହି ଦେହ ସ୍ଥୁଳ । ସ୍ଥୁଳ ଦ୍ରବ୍ୟ ସମୂହର ସ୍ପନ୍ଦନ ଗ୍ରହଣ ଉପଯୋଗୀ ଅବୟବମାନେ କର୍ମର ଅଯୋଗ୍ୟ ହେଲେ ପ୍ରକୃତିର ନିୟମାଧୀନତାରେ ଦେହୀ ବା ଜୀବାତ୍ମା ନିଜେ ଏହି ଦେହ ତ୍ୟାଗ ବା ପରିବର୍ତ୍ତନ କରି ସୂକ୍ଷ୍ମ ପଞ୍ଚଭୌତିକ ଦେହ ଧାରଣା କରିବାକୁ ବାଧ୍ୟ ହୁଏ । ଏହି ସୂକ୍ଷ୍ମ ପଞ୍ଚଭୌତିକ ଦେହକୁ ଏହି ସ୍ଥୁଳ ଦେହରୁ ଜୀବାତ୍ମା କ୍ରମଶଃ ଗଠନ କରି ନେଇଥାଏ । ତେଣୁ ସ୍ଥୁଳଦେହ ତ୍ୟାଗପୂର୍ବକ ଜୀବାତ୍ମାର ସୂକ୍ଷ୍ମଦେହ ଧାରଣକୁ ପ୍ରଚଳିତ ଭାଷାରେ ମୃତ୍ୟୁ କୁହାଯାଏ ।

(୧୦୫୬) ପ୍ରେତଦେହ : ସାଧାରଣ ମୃତ୍ୟୁ ସମୟାରେ ଜୀବାତ୍ମା ସୂକ୍ଷ୍ମ ଦେହରୁ ନିର୍ଗତ ହୋଇ ଜଳତତ୍ତ୍ୱ ବା ଅପ୍‌ତତ୍ତ୍ୱର ସ୍ପନ୍ଦନ ଗ୍ରହଣ ଉପଯୋଗୀ ସୂକ୍ଷ୍ମ ଦେହକୁ ରଚନା ଓ ଗ୍ରହଣ କଲେ ତାହାକୁ ପ୍ରେତଦେହ କୁହାଯାଏ ।

(୧୦୫୭) ନରକଯନ୍ତ୍ରଣା ବା ପ୍ରେତଲୋକ : ସ୍ଥୁଳରେ ଅତ୍ୟଧିକ ଆସକ୍ତି ହେତୁ ମାନବ ମୃତ୍ୟୁ ପରେ ପ୍ରଥମେ ଭୁବଲୋକର ଅବସ୍ଥାନ କରେ । ଏହି ଲୋକରେ ତାହାର ଭୂଲୋକରେ ଅବସ୍ଥାନକାଳୀନ ଯାବତୀୟ ଅସତ୍ ଭଗବତ୍ ବିରୁଦ୍ଧ ତଥା ଜୀବହିଂସାମୂଳକ କୁକାର୍ଯ୍ୟ ବା ପାପସମୂହ ମୂର୍ତ୍ତିମାନ ହୋଇ ପାପୀକୁ ବିବିଧ ପ୍ରକାରରେ ଦୁଃଖ ବା ଯନ୍ତ୍ରଣାଭୋଗ କରାଏ । ଏହାକୁ ନରକ ଯନ୍ତ୍ରଣା କୁହାଯାଏ ।

(୧୦୫୮) ତେଜୋମୟ ଦେହ ବା ସ୍ୱର୍ଗଲୋକ : ଉପରୋକ୍ତ ପ୍ରକାରରେ ପାପର ତୀବ୍ର ଯନ୍ତ୍ରଣାଦାୟକ ଫଳଭୋଗ ଶେଷ ହେଲେ କିଛିଦିନ ପିତୃଲୋକରେ ବାସ କରିବା ପରେ ସେ ଏହି ଅପ୍‌ତତ୍ତ୍ୱର ସ୍ପନ୍ଦନ ଗ୍ରହଣ ଉପଯୋଗୀ ସୂକ୍ଷ୍ମଭୂତ ନିର୍ମିତ ଦେହକୁ ମଧ୍ୟ ତ୍ୟାଗ କରେ ଓ ତେଜତତ୍ତ୍ୱର ସ୍ପନ୍ଦନ ଗ୍ରହଣ ଉପଯୋଗୀ ସୂକ୍ଷ୍ମଭୂତ ନିର୍ମିତ ତେଜତତ୍ତ୍ୱ ପ୍ରଧାନ ତେଜୋମୟ ଦେହ ଧାରଣ କରେ ଏବଂ ସେହି ଦେହ ସାହାଯ୍ୟରେ ସ୍ୱର୍ଗଲୋକକୁ ଗମନ କରି ପୂର୍ବକୃତ

ପ୍ରାରବ୍ଧ ପୁଣ୍ୟ କର୍ମର ଫଳ ଭୋଗ କରେ । ଉପରୋକ୍ତ ପ୍ରକାରରେ ପୁଣ୍ୟ ଫଳ ଭୋଗ ଶେଷ ହେଲେ ପୁଣି ଭୋଗ ବାସନାମୟ କର୍ମ ଶକ୍ତିଦ୍ୱାରା ବାଧ୍ୟ ହୋଇ ପୂର୍ବ ସଂସ୍କାର ବଶରୁ ଏହି କର୍ମଭୂମି ଭୂ-ଲୋକରେ ଜନ୍ମଗ୍ରହଣ କରେ । କିନ୍ତୁ ଭୋଗବାସନା ଓ କୁକର୍ମମୁକ୍ତ ସାଧକମାନେ କ୍ରମମୁକ୍ତିପଥରେ ଦେବଯାନରେ ମହ ଓ ଜନଲୋକର ଊର୍ଦ୍ଧ୍ୱକୁ ଗମନ କରନ୍ତି ।

(୧୦୫୯) ମୁକ୍ତଲୋକ : ଭୂ-ଲୋକଠାରୁ ଜନଲୋକ ପର୍ଯ୍ୟନ୍ତ ନିମ୍ନ ପଞ୍ଚଲୋକର ପ୍ରତ୍ୟେକ ଲୋକରେ ହିଁ ପଞ୍ଚ ମହାଭୂତ ରଚିତ ପଞ୍ଚୀକୃତ ଦେହ ଥାଏ । କିନ୍ତୁ ଦେହୀର ଯେତେ ଊର୍ଦ୍ଧ୍ୱଗତି ହୁଏ ସେହି ପଞ୍ଚୀକୃତ ଦେହ କ୍ରମେ ସୂକ୍ଷ୍ମଭାବ ଧାରଣ କରି ଶେଷରେ ପଞ୍ଚଭୌତିକ ସୂକ୍ଷ୍ମ ଦେହର ଲୟ ସାଧିତ ହୁଏ । ପରେ ତପ ଓ ସତ୍ୟଲୋକର ଜୀବାତ୍ମା ପଞ୍ଚଭୌତିକ ଦେହବନ୍ଧନରୁ ଏକାବେଳକେ ମୁକ୍ତିଲାଭ କରି କେବଳ ଚିଦାତ୍ମାରେ ପରିଣତ ହୁଅନ୍ତି । କ୍ରମୋର୍ଦ୍ଧ୍ୱ ପଞ୍ଚଲୋକ (ଭୂ.ଭୁବଃ.ସ୍ୱ,ମହ,ଜନ) ସୂକ୍ଷ୍ମରୁ ସୂକ୍ଷ୍ମତର, ସୂକ୍ଷ୍ମତମ ଅବସ୍ଥାଯୁକ୍ତ ପଞ୍ଚଭୂତର ପଞ୍ଚୀକରଣ ଦ୍ୱାରା ଗଠିତ ଦେହ ଧାରଣ ହୋଇଥାଏ । ପଞ୍ଚଜ୍ଞାନେନ୍ଦ୍ରିୟଦ୍ୱାରା ଏହି ସୂକ୍ଷ୍ମଦେହଗୁଡ଼ିକର ଦର୍ଶନ ହୋଇପାରେ ନାହିଁ । ସାଧନସିଦ୍ଧ ମହାପୁରୁଷମାନେ ଷଷ୍ଠ ଇନ୍ଦ୍ରିୟଦ୍ୱାରା ସେହି ସୂକ୍ଷ୍ମଦେହୀ ଆତ୍ମିକମାନଙ୍କୁ ଦର୍ଶନ କରି ସେମାନଙ୍କ ସହିତ ଭାବ ବିନିମୟ କରିଥାନ୍ତି ।

(୧୦୬୦) ଷଷ୍ଠଇନ୍ଦ୍ରିୟ ବା ଅତୀନ୍ଦ୍ରିୟ ଦର୍ଶନ : ଆମମାନଙ୍କର ଭୌତିକ ଦର୍ଶନ ଯୋଗ୍ୟ ଇନ୍ଦ୍ରିୟ ପାଞ୍ଚଗୋଟି—ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱକ୍ ।ଏମାନେ ଯଥାକ୍ରମେ ଦର୍ଶନେନ୍ଦ୍ରିୟ, ଶ୍ରବଣେନ୍ଦ୍ରିୟ, ଘ୍ରାଣେନ୍ଦ୍ରିୟ,ରସନେନ୍ଦ୍ରିୟ ଓ ସ୍ପର୍ଶେନ୍ଦ୍ରିୟ ନାମରେ ଖ୍ୟାତ । କିନ୍ତୁ ଶ୍ରୀଭଗବାନ କୃପାକରି ଏହି ସ୍ଥୁଳ ଶରୀରରେ ଆଉ ଗୋଟିଏ ଇନ୍ଦ୍ରିୟ ପ୍ରଦାନ କରିଛନ୍ତି । ତାହାର ନାମ ଷଷ୍ଠ ଇନ୍ଦ୍ରିୟ । ଏହି ଇନ୍ଦ୍ରିୟ ବା ଜ୍ଞାନଚକ୍ଷୁଦ୍ୱାରା ସୂକ୍ଷ୍ମ ପରଲୋକ ଦର୍ଶନ ହୋଇଥାଏ । ଚକ୍ଷୁ ନ ଥିଲେ ଯେପରି ଏ ଜଗତରେ ଆଲୋକ ଥିଲେ ମଧ୍ୟ ଅନ୍ଧକାର ଦିଶେ ଏବଂ ଚକ୍ଷୁହୀନ ବ୍ୟକ୍ତିଙ୍କ ନିକଟରେ ଜଗତରେ ରୂପ ସୌନ୍ଦର୍ଯ୍ୟ ବୋଲି କିଛି ନାହିଁ ଅର୍ଥାତ୍ ଏ ଜଗତ୍ ଚକ୍ଷୁହୀନ ବ୍ୟକ୍ତିଙ୍କ ନିକଟରେ ଯେଉଁ ଭାବରେ ପ୍ରକଟିତ ହୁଅନ୍ତା, ଚକ୍ଷୁଷ୍ମାନ ବ୍ୟକ୍ତିଙ୍କ ଗୋଚରରେ ସେହି ଜଗତ୍ ଅନ୍ୟ ଭାବରେ ବିଶାଳ ବୋଲି ପ୍ରତୀୟମାନ ହୋଇଥାଏ । ସେହିପରି ଷଷ୍ଠ ଇନ୍ଦ୍ରିୟବିଶିଷ୍ଟ ଜ୍ଞାନୀବ୍ୟକ୍ତିମାନେ ଏ ଜଗତରେ ଥାଇ

ସୂକ୍ଷ୍ମ ଜଗତକୁ ସ୍ପଷ୍ଟ ଭାବରେ ଅନୁଭବ କରିଥାନ୍ତି । ତେଣୁ ସେମାନେ ମୃତ୍ୟୁ ଓ ପରବର୍ତ୍ତୀ ଜୀବନକୁ ସ୍ପଷ୍ଟ ଭାବରେ ଦେଖିପାରୁଥିବାରୁ ସାଧାରଣ ମୃତ୍ୟୁରେ ସେମାନେ ଶୋକାକୁଳିତ ହୁଅନ୍ତି ନାହିଁ । ସେହି ଇନ୍ଦ୍ରିୟ ସାହାଯ୍ୟରେ ସେମାନେ ସୂକ୍ଷ୍ମ ପରଲୋକବାସୀଙ୍କ ସହିତ ଭାବ ବିନିମୟ କରିଥାନ୍ତି । ଏହି ଇନ୍ଦ୍ରିୟ ସାହାଯ୍ୟରେ ଜ୍ଞାନୀ ମହାପୁରୁଷମାନେ ଭୂତ ଭବିଷ୍ୟତକୁ ବର୍ତ୍ତମାନ କାଳ ପରି ପ୍ରତ୍ୟକ୍ଷ କରିଥାନ୍ତି ।

ଏହି ଦୃଷ୍ଟିଶକ୍ତି ଲାଭ ହଲେ ମାନବଗଣ କେବେହେଲେ ଭୌତିକ ବିଷୟରେ ଆବଦ୍ଧ ନ ହୋଇ ଅନ୍ତରରେ ଭଗବତ୍ ଅସ୍ତିତ୍ୱ ସ୍ପଷ୍ଟ ଭାବରେ ହୃଦୟଙ୍ଗମ କରି ଭଗବତ୍ ଉପାସନାରେ କାଳାତିପାତ କରିପାରନ୍ତେ । ତେଣୁ ସଦ୍‌ଗୁରୁଙ୍କ ଶରଣ ଗ୍ରହଣପୂର୍ବକ ପ୍ରଣିପାତ, ପରିପ୍ରଶ୍ନ ଓ ସେବାଦ୍ୱାରା ଏହି ଜ୍ଞାନଚକ୍ଷୁ ବା ଦିବ୍ୟଚକ୍ଷୁ ଲାଭ କରିବା ଏକାନ୍ତ କର୍ତ୍ତବ୍ୟ ।

(୧୦୬୧) ଷଷ୍ଠ ଇନ୍ଦ୍ରିୟଲାଭର ସାଧନା : ମାନବ ମାତ୍ରକେ ଏହି ଜ୍ଞାନଚକ୍ଷୁ ଲାଭ କରିବା ନିମିତ୍ତ ସର୍ବଦା ଚେଷ୍ଟା କରିବା କର୍ତ୍ତବ୍ୟ । ଶ୍ରୀଭଗବାନଙ୍କ ଉପାସନା, ଯୋଗ, ଇନ୍ଦ୍ରିୟ ସଂଯମ, ତପସ୍ୟା ଅର୍ଥାତ୍ ଶ୍ରୀଗୁରୁଦେବଙ୍କ ବାକ୍ୟ ପ୍ରତିପାଳନ, ଆତ୍ମଜ୍ଞାନର ଆଲୋଚନା, ନାମଜପ ଓ ଭଗବତ୍ ପ୍ରସଙ୍ଗର ଆଲୋଚନା କରିବା କର୍ତ୍ତବ୍ୟ । ଏହି ଷଷ୍ଠଇନ୍ଦ୍ରିୟ ଲାଭ ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ବହୁବିଧ ଇନ୍ଦ୍ରିୟଶକ୍ତି ଲାଭ ହୋଇଥାଏ । ସପ୍ତମ ଇନ୍ଦ୍ରିୟ ଲାଭ ହେଲେ ଅନ୍ତର୍ଯ୍ୟାମୀତ୍ୱ ଶକ୍ତି ଲାଭ ହୁଏ । ଏହି ସାଧନା ନିମିତ୍ତ ନିର୍ଜନ ତପୋବନ ଏକାନ୍ତ ଆବଶ୍ୟକ । ଗୁରୁଗୃହରେ ରହି ସାଧନଭଜନ କଲେ ଏହି ଶକ୍ତି ଅତି ସହଜରେ ଲାଭ ହୋଇଥାଏ । ଏହାକୁ ଆତ୍ମଜ୍ଞାନ ବା ଦିବ୍ୟଦୃଷ୍ଟିଲାଭ କୁହାଯାଏ । ଶ୍ରୀଗୁରୁଦେବଙ୍କ କୃପାରୁ ଏହି ଜ୍ଞାନଦୃଷ୍ଟି ଲାଭ ହୋଇଥାଏ ।

(୧୦୬୨) ଅଜ୍ଞାନ ଚକ୍ଷୁ : ଜଗତ୍ କର୍ତ୍ତା ଈଶ୍ୱର ମାନବକୁ କେବଳ ମାତ୍ର ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ ପ୍ରଦାନ କରି ମଧ୍ୟ ସେହି ଇନ୍ଦ୍ରିୟମାନଙ୍କୁ ବହିର୍ମୁଖୀକରି ଗଠନ କରିଛନ୍ତି । ତେଣୁ ସେହି ଇନ୍ଦ୍ରିୟଗୁଡ଼ିକ ଅନ୍ତରର ଜିନିଷ ଦେଖିପାରନ୍ତି ନାହିଁ । ଆତ୍ମା ଓ ମନ ମଧ୍ୟରେ ପ୍ରବେଶ କରିବା ତ ଦୂରର କଥା, ଏପରିକି ଏମାନେ ଆମ ଶରୀର ଭିତରେ କ'ଣ ଅଛି ତାହା ମଧ୍ୟ ଦେଖିପାରନ୍ତି ନାହିଁ । ଆମ ଦର୍ଶନେନ୍ଦ୍ରିୟ ଶରୀରର ଆଭ୍ୟନ୍ତରୀଣ ଜିନିଷ ଦେଖିବାକୁ ଅକ୍ଷମ । କର୍ଣ୍ଣ ମଧ୍ୟ ଭିତରେ ଅନାହତ ଶବ୍ଦ ଶୁଣିପାରେ ନାହିଁ- ଇତ୍ୟାଦି । ଇନ୍ଦ୍ରିୟମାନଙ୍କର ଏହି

ବହିର୍ମୁଖୀନ ଭାବ ହିଁ ଜୀବର ଅଜ୍ଞାନ ଅବସ୍ଥା । ଏହି ଇନ୍ଦ୍ରିୟମାନଙ୍କର ବହିର୍ମୁଖୀ ଭାବକୁ ପରିବର୍ତ୍ତିତ କରି ସେମାନଙ୍କୁ ଅନ୍ତର୍ମୁଖୀ ବା ଭଗବତ୍‌ମୁଖୀ କରିପାରିଲେ ତାହାକୁ କୁହାଯାଏ ଜ୍ଞାନାବସ୍ଥା ବା ଜ୍ଞାନଦୃଷ୍ଟି ।

(୧୦୬୩) ପୂର୍ଣ୍ଣ ଜ୍ଞାନାବସ୍ଥା : ଇନ୍ଦ୍ରିୟମାନଙ୍କର ଅନ୍ତର୍ମୁଖୀନତା ବା ଭଗବତ୍ ଅଭିମୁଖୀନତାକୁ ପୂର୍ଣ୍ଣ ଜ୍ଞାନାବସ୍ଥା କୁହାଯାଏ । ମନ ଅନ୍ତର୍ମୁଖୀହେଲେ ଇନ୍ଦ୍ରିୟମାନେ ସ୍ୱତଃ ଅନ୍ତର୍ମୁଖୀ ହୋଇଥାନ୍ତି । ବିଶ୍ୱର ସମସ୍ତ ଜ୍ଞାନ ଏହି ଦେହରୂପ କ୍ଷୁଦ୍ର ବ୍ରହ୍ମାଣ୍ଡର ଅଭ୍ୟନ୍ତରରେ ବିରାଜିତ । ଜ୍ଞାନ କେବେହେଲେ ବାହାରେ ନଥାଏ । ପରମାତ୍ମା, ଜୀବାତ୍ମା, ମନ, ବୁଦ୍ଧି, ଅହଂକାରାଦି, ସ୍ୱର୍ଗାଦିଲୋକ ଏବଂ ମାନବର ଯାବତୀୟ ଜ୍ଞାତବ୍ୟ ବିଷୟ ଏହି ପିଣ୍ଡ ଅଭ୍ୟନ୍ତରରେ ଅବସ୍ଥାନ କରେ । ଶ୍ରୀଗୁରୁଦେବଙ୍କ ଉପଦେଶ ଅନୁସାରେ ଜ୍ଞାନେନ୍ଦ୍ରିୟମାନଙ୍କୁ ଅନ୍ତର୍ମୁଖୀ କରିବାର କୌଶଳ ଶିକ୍ଷା କରି ତଦନୁଯାୟୀ ସାଧନ ଅଭ୍ୟାସ କଲେ, ଆଧ୍ୟାତ୍ମିକ ବିଷୟକ ପୂର୍ଣ୍ଣଜ୍ଞାନ ଶ୍ରୀଗୁରୁଦେବଙ୍କ କୃପାରୁ ଲାଭ ହୋଇଥାଏ ।

(୧୦୬୪) ସର୍ବାନ୍ତିକ ଅଭେଦ ଜ୍ଞାନ : ଏହି ଦୃଶ୍ୟମାନ ସ୍ଥୁଳ ଜଗତ୍‌ଟି ପୂର୍ଣ୍ଣ ଭାବରେ ଏହି ଶରୀରସ୍ଥ ଚିତ୍ତ ମଧ୍ୟରେ ଅବସ୍ଥାନ କରେ । ଅନ୍ତର୍ମୁଖୀ ଜ୍ଞାନାଲାଭ ହେଲେ ବିଷୟରେ ବୈରାଗ୍ୟ ଓ ଭଗବତ୍ ଅନୁରାଗ ଜାତ ହୋଇଥାଏ । ସେହି ଅନୁରାଗରୁ ଆତ୍ମଜ୍ଞାନ, ପ୍ରେମ ଏବଂ ଶ୍ରୀଭଗବାନଙ୍କ ଦର୍ଶନ ମିଳେ । ଭକ୍ତି ଓ ଜ୍ଞାନର ଚରମ ଅବସ୍ଥାରେ ଜ୍ଞାନଭକ୍ତି ସମ୍ମିଳିତ ହୋଇ ଏକ ଏବଂ ଅଦ୍ୱୈତଜ୍ଞାନ ଉତ୍ପନ୍ନ କରିଥାଏ । ଫଳରେ ଭେଦଜ୍ଞାନ ରୂପ ମୃତ୍ତିକା ଭକ୍ତିରୂପ ଜଳରେ ମିଳାଇଯାଏ । ଏହା ଫଳରେ ସର୍ବାନ୍ତିକ ଅଖଣ୍ଡ ଅଭେଦ ଜ୍ଞାନ ଜାଗ୍ରତ ହୋଇଥାଏ । ଜ୍ଞାନାଭିମାନହୀନ ଭକ୍ତିଯୋଗଦ୍ୱାରା ଶ୍ରୀଭଗବାନଙ୍କ ଦର୍ଶନ ମିଳେ ।

(୧୦୬୫) ଜ୍ଞାନଲାଭର ଉପାୟ : ଦେବତାମାନଙ୍କର ଅର୍ଚ୍ଚନାହିଁ ଭକ୍ତିଲାଭର ପ୍ରଧାନ ଉପାୟ । ଦେବତାମାନଙ୍କ ପୂଜାର୍ଚ୍ଚନାଦ୍ୱାରା ଚିତ୍ତ ଶୁଦ୍ଧ ଭାବ ଧାରଣ କରେ ଏବଂ ଦେବ, ଦ୍ୱିଜ ଓ ଶ୍ରୀଭଗବାନଙ୍କଠାରେ ଭକ୍ତିର ଉଦୟ ହୋଇଥାଏ । ଦ୍ୱିଜ ଅର୍ଥ ବ୍ରହ୍ମ, ସାଧୁ ମହାତ୍ମା ବା ସଦ୍‌ଗୁରୁ । ଶ୍ରୀଗୁରୁଦେବଙ୍କ ପୂଜାଦ୍ୱାରା ଇଷ୍ଟଦେବତା ତୁଷ୍ଟ ହୋଇ ସାଧକମାନଙ୍କର ଅଭୀଷ୍ଟ ପୂରଣ କରିଥାନ୍ତି । ଭଗବାନଙ୍କ ଭକ୍ତମାନେ କେବେହେଲେ ବାହ୍ୟ ସ୍ଥୁଳ ପୂଜାକୁ ଅବହେଳା କରନ୍ତି ନାହିଁ । ପୂଜା ଉପାସନା ବ୍ୟତୀତ କୌଣସି ଦେବତା ତୁଷ୍ଟ ହୁଅନ୍ତି ନାହିଁ । ନାସ୍ତିକ

ବ୍ୟକ୍ତିମାନେ ମଧ୍ୟ ନାନା ପ୍ରକାରରେ ସେମାନଙ୍କର ଉର୍ଦ୍ଧ୍ୱତନ କର୍ମଚାରୀଙ୍କୁ ତୁଷ୍ଟ କରିବାକୁ ଚେଷ୍ଟା କରିଥାନ୍ତି । ବାସନା ଥିବା ପର୍ଯ୍ୟନ୍ତ ପୂଜାବନ୍ଦନା ନିଶ୍ଚୟ ରହିବ । ସିଦ୍ଧମାନେ ମଧ୍ୟ ପୂଜା ତ୍ୟାଗ କରନ୍ତି ନାହିଁ । ପୂର୍ଣ୍ଣ ଭଗବାନଙ୍କୁ ସେମାନେ ଧ୍ୟାନାଦି ମାନସିକ ଉପଚାରଦ୍ୱାରା ପୂଜା କରିଥାନ୍ତି । ସକାମ ଉପାସନାର ନାମ ପୂଜା ଏବଂ ନିଷ୍କାମ ଭାବରେ ପୂଜାର ନାମ ସେବା । ଏହି କାରଣରୁ ପୂଜା, ବନ୍ଦନା,କୀର୍ତ୍ତନ, ଭଜନ ଓ ଭଗବତ୍ ପ୍ରସଙ୍ଗ ଦ୍ୱାରା ଚିତ୍ତଶୁଦ୍ଧି ଲାଭ କରିବାକୁ ଯତ୍ନକରିବା ପ୍ରାଥମିକ ସାଧକମାନଙ୍କର କର୍ତ୍ତବ୍ୟ ।

(୧୦୬୬) **ଶୁଦ୍ଧମନ :** ସାଧାରଣ ମାନବର ମନ ଜାଗ୍ରତ ଅବସ୍ଥାରେ ସ୍ଥୁଳ ଜାଗତିକ ଦେହଦ୍ୱାରା ସ୍ଥାନର କାଳ ଓ ସେହି କାଳର ଇନ୍ଦ୍ରିୟଗ୍ରାହ୍ୟ ପ୍ରାକୃତ ଭୌତିକ ବିଷୟ ଏବଂ ଆତ୍ମୀୟ ବନ୍ଧୁମାନଙ୍କୁ ପ୍ରତ୍ୟକ୍ଷ ଅନୁଭବ କରିବାକୁ ସକ୍ଷମ ହୋଇଥାଏ । ଅନ୍ୟ ସ୍ଥାନ ଓ ଅନ୍ୟ କାଳର ବିଷୟକୁ ଅନୁଭବ କରିବାର ଶକ୍ତି ଜାଗ୍ରତ ମନର ନାହିଁ । ପରେ ମନର ସ୍ମୃତି ଓ ବିଚାରଶକ୍ତି ନାମକ ରଜଃସତ୍ତ୍ୱଭାବାତ୍ମକ ଅସ୍ପଷ୍ଟ ବୃତ୍ତିମାନଙ୍କଦ୍ୱାରା ମାନବ କେତେକ ପରିମାଣରେ ସ୍ଥାନ ଓ କାଳର ଅତୀତ ବିଷୟ ଅନୁଭବ କରିବାକୁ ସମର୍ଥ ହୋଇଥାଏ, ଏହାକୁ ପରୋକ୍ଷଜ୍ଞାନ କୁହାଯାଏ । କିନ୍ତୁ ମନ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥା ତ୍ୟାଗ କରି ଯେତେବେଳେ ତୁରୀୟ ବା ଏକାଗ୍ର ଭୂମିକୁ ଅତିକ୍ରମ ପୂର୍ବକ ଆତ୍ମଭାବରେ ମଗ୍ନ ରହେ, ସେତେବେଳେ ବିଶ୍ୱର ସମସ୍ତ ଜ୍ଞାନ ତାହାର ଗୋଚରୀଭୂତ ହୋଇଥାଏ । ମନର ଏହି ଅବସ୍ଥାକୁ ଶୁଦ୍ଧମନ କୁହାଯାଏ । ଏହି ଶୁଦ୍ଧମନଦ୍ୱାରା ଜାଗତିକ ତ୍ରିକାଳର ବିଷୟସବୁ ମହାବର୍ତ୍ତମାନ କାଳ ପରି ଅନୁଭୂତ ହୋଇଥାଏ । ଏହି ଅବସ୍ଥାରେ ମନ କେବେହେଲେ ତୁଚ୍ଛ ଅନିତ୍ୟ ବିଷୟଭୋଗ ପ୍ରତି ଆକୃଷ୍ଟ ହୋଇପାରେ ନାହିଁ । ସେତେବେଳେ ମନ କେବଳ ଭଗବତ୍ ଅଭାବଜନିତ ଆନନ୍ଦରେ ବୁଡ଼ି ରହି ନିତ୍ୟାନନ୍ଦ ଭୋଗ କରିଥାଏ । ଏହି ଶୁଦ୍ଧମନଦ୍ୱାରା ସର୍ବଦା ଭଗବତ୍ ପ୍ରସଙ୍ଗରେ ରତି ଓ ଆତ୍ମତୃପ୍ତି ଲାଭ ହୋଇଥାଏ । ଏହି ଅବସ୍ଥାରେ ମନ ଆତ୍ମସମାହିତ ହୋଇ ନିରବଚ୍ଛିନ୍ନ ସୁଖ ଭୋଗ କରି ଆତ୍ମାରାମ ହୋଇଯାଏ । ପିପାସାର୍ତ୍ତ ବ୍ୟକ୍ତି ଜଳ ପାଇଲେ ଯେପରି ସବୁ ତ୍ୟାଗ କରି କେବଳ ଜଳପାନ କରନ୍ତି, ଭୋଗଲିପ୍ସୁ ବ୍ୟକ୍ତି ରାଜପ୍ରସାଦ ପାଇଲେ ଯେପରି ନିଜର ଜୀର୍ଣ୍ଣକୁଟୀର ତ୍ୟାଗ କରନ୍ତି, ସେହିପରି ଶୁଦ୍ଧମନ ଭଗବତ୍‌ପଦମକରନ୍ଦ ମଧୁ ଥରେ ପାନ କଲେ ଭୂତପ୍ରକୃତିକୁ ସ୍ୱପ୍ନ

ଜ୍ଞାନରେ ତ୍ୟାଗ କରିଥାଏ । ଏହି ଅବସ୍ଥାରେ ସାଧକମାନେ ପ୍ରଥମେ ନିଜକୁ ଅର୍ଥାତ୍ ନିଜ ସ୍ୱରୂପକୁ, ପରେ ଈଶ୍ୱରଙ୍କୁ ଓ ତତ୍ପରେ ପରଂବ୍ରହ୍ମସ୍ୱରୂପ ଶ୍ରୀଗୁରୁଦେବଙ୍କୁ ସତ୍ୟରୂପରେ, ଜ୍ଞାନଘନ ବିଗ୍ରହ ରୂପରେ ଦେଖିବାକୁ ସକ୍ଷମ ହୋଇଥାନ୍ତି ଏବଂ ପରିଶେଷରେ ଏହି ଶୁଦ୍ଧମନଦ୍ୱାରା ତାଙ୍କରି ମହିମା ଉପଲବ୍ଧି କରି ସେହି ଭାବରେ ତନ୍ମୟ ହେବା ଫଳର ତତ୍ସ୍ୱରୂପରେ ଲୀନ ହୋଇଯାନ୍ତି । ଏହି ଅବସ୍ଥାରେ ସେହି ସାଧକମାନେ ସ୍ୱରୂପରେ ନିତ୍ୟ ଅବସ୍ଥାନ କରୁଥିବାରୁ ସେମାନଙ୍କର ଅନ୍ୟକୁ ଦର୍ଶନ କରିବା ବା ପାଇବା ବୋଲି କିଛି ରହେ ନାହିଁ । ସ୍ୱରୂପରେ ପ୍ରତିଷ୍ଠିତ ନ ହେବା ପୂର୍ବରୁ ଅନୁଭୂତିର କ୍ରିୟା ଥାଏ । ସେତେବେଳେ ଶୁଦ୍ଧମନ ବା ସ୍ଥିରମନ ଆତ୍ମାରେ ପରିଣତ ହୋଇଥିବାରୁ ତାଙ୍କର ଅଭାବ ବୋଲି କିଛି ରହେ ନାହିଁ । ତେଣୁ କଥିତ ଅଛି ଯେ ଆତ୍ମା ଆତ୍ମାଦ୍ୱାରା ହିଁ ପରମାତ୍ମାଙ୍କୁ ଦର୍ଶନ କରିଥାଏ ।

(୧୦୬୭) ସାକାର ଭଗବାନଙ୍କ ଉପାସନା : ବ୍ରହ୍ମା, ବିଷ୍ଣୁ, ଶିବ, ଦୁର୍ଗା, କାଳୀ, ଇନ୍ଦ୍ର, ଗଣେଶ, ପଞ୍ଚଦେବତା ସମସ୍ତେ ସାକାର ଓ ସୂକ୍ଷ୍ମଦେହଧାରୀ ମୂର୍ତ୍ତ ଦେବତା । ଏମାନେ ସମସ୍ତେ ଷଡ଼ୈଶ୍ୱର୍ଯ୍ୟଯୁକ୍ତ ମହାସତ୍ତା । ଏମାନେ ସାଧାରଣତଃ ଦେବଗଣ, ଋଷିଗଣ ଓ ପିତୃଗଣଙ୍କ ଅପେକ୍ଷା ଶ୍ରେଷ୍ଠ ଏବଂ ଉଚ୍ଚସ୍ତରର ବୋଲି ଏମାନଙ୍କୁ ଭଗବାନ କୁହାଯାଏ । ଏମାନଙ୍କୁ ମୂର୍ତ୍ତ ବା ସାକାର ଈଶ୍ୱର ବୋଲି ମଧ୍ୟ କୁହାଯାଏ । ଏମାନେ ସାକାର ଓ ଦ୍ୱୈତସତ୍ତା । ଏମାନେହେଲେ ବ୍ୟକ୍ତସତ୍ତା ।

(୧୦୬୮) ନିରାକାର ଅବ୍ୟକ୍ତ ଭଗବାନଙ୍କ ଉପାସନା : ଯେ ଅଦ୍ୱୈତ, ପୂର୍ଣ୍ଣ, ଅବ୍ୟକ୍ତ, ସର୍ବବ୍ୟାପୀ ଓ ପରମାତ୍ମାସ୍ୱରୂପ ପରଂବ୍ରହ୍ମ, ସେ ହିଁ ସମ୍ପୂର୍ଣ୍ଣ ନିରାକାର ସତ୍ତା ଏବଂ ସେ ସର୍ବଦା ଅବ୍ୟକ୍ତ ଭାବରେ ଅବସ୍ଥାନ କରନ୍ତି । ସେହି ନିରାକାର ଅବ୍ୟକ୍ତ ପୂର୍ଣ୍ଣସତ୍ତା ଯେଉଁ ଅବସ୍ଥାରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ରୂପ ବିରାଟ ଦେହରେ ଅବସ୍ଥାନ କରନ୍ତି, ତାଙ୍କର ସେହି ଅବସ୍ଥାକୁ ପୂର୍ଣ୍ଣ ଈଶ୍ୱର, ଶ୍ରୀଭଗବାନ ଅଥବା ପୂର୍ଣ୍ଣ ଭଗବାନ ବୋଲି କୁହାଯାଏ । ସେ ଏକ ହୋଇ ମଧ୍ୟ ମାୟାଦ୍ୱାରା ଅନନ୍ତ ଚେତନ ଓ ଜୀବନ୍ତ ମୂର୍ତ୍ତିରେ ଏହି ଜଗତରେ ବ୍ୟକ୍ତ ହୋଇଛନ୍ତି । ଏହି ବିଶ୍ୱରୂପ ଈଶ୍ୱର ବା ଅବ୍ୟକ୍ତ ପରଂବ୍ରହ୍ମଙ୍କର ବ୍ରହ୍ମଭାବ କେତେକ ପରିମାଣରେ ବିରାଜିତ ବୋଲି ସେହି ବ୍ରହ୍ମାଦି ଦେବତାମାନଙ୍କୁ ମଧ୍ୟ ଭଗଭାବ ନାମରେ ଅଭିହିତ କରାଯାଇଥାଏ ।

ସେହି ଏକ ଅବ୍ୟକ୍ତ ନିରାକାର ପରଂବ୍ରହ୍ମ ଲୀଳା ନିମିତ୍ତ ବହୁଧା ବିଭକ୍ତ

ହୋଇ ଅନନ୍ତ ବ୍ୟକ୍ତ ମୂର୍ତ୍ତଶରୀର ଧାରୀ ଜୀବ ରୂପରେ ପ୍ରକଟ ହୋଇଛନ୍ତି । ଏହି ଭାବରେ ଅଧିଷ୍ଠିତ ମହାତ୍ମାମାନଙ୍କ ଭିତରେ ମଧ୍ୟ କୌଣସି ଭେଦଭାବ ପରିଲକ୍ଷିତ ହୁଏ ନାହିଁ । ତେଣୁ ବ୍ରହ୍ମା, ବିଷ୍ଣୁ, ଶିବ, ଦୁର୍ଗା, କାଳୀ, କୃଷ୍ଣ, ଜଗନ୍ନାଥ, ସୂର୍ଯ୍ୟଦେବ ଓ ଗଣେଶ, ନାରାୟଣ ଦଶାବତାର, ଶ୍ରୀଗୌରାଙ୍ଗଦେବ ପରଂବ୍ରହ୍ମ ସ୍ୱରୂପ ଗୁରୁଦେବଙ୍କର ବ୍ୟକ୍ତ ସତ୍ତା । ଏମାନେ ସମସ୍ତେ ସ୍ୱରୂପରେ ଏକ ଏବଂ ଅଦ୍ୱିତୀୟ । ଏହି ଭାବରେ ଉପାସନାର ନାମ ନିରାକାର ଉପାସନା । ଦେବତା ଓ ଆଚାର୍ଯ୍ୟମାନେ ସ୍ୱରୂପରେ ବ୍ରହ୍ମ ହେଲେ ମଧ୍ୟ ବାହାରେ ବହୁ ଭାବରେ ବ୍ୟକ୍ତ । ସତ୍ୟ ଜ୍ଞାନସମ୍ପନ୍ନ ସିଦ୍ଧମହାତ୍ମାମାନେ ସେମାନଙ୍କର ବାହ୍ୟ ବହୁତ୍ୱ ଭାବ ଭିତର ଦେଇ ନିଜକୁ ଏକ ଆତ୍ମସ୍ୱରୂପରେ ଅବଲୋକନ କରୁଥିବାରୁ ସେମାନଙ୍କ ଉପାସନା ମଧ୍ୟ ନିରାକାର ଉପାସନା ମଧ୍ୟରେ ଗଣ୍ୟ । ସେହି ଅବ୍ୟକ୍ତଙ୍କ ବ୍ୟକ୍ତସ୍ୱରୂପ ସଦ୍‌ଗୁରୁ ଭଗବାନଙ୍କ ଉପାସନାରେ ସିଦ୍ଧ ହୋଇପାରିଲେ ଚରମରେ ସେହି ପୂର୍ଣ୍ଣ ଈଶ୍ୱରଙ୍କୁ ଲାଭ କରାଯାଇଥାଏ । ଶୁଦ୍ଧମନଦ୍ୱାରା ଧ୍ୟାନଯୋଗ ସାହାଯ୍ୟରେ ଉପାସନା କରିବାକୁ ହେଲେ ଭକ୍ତସାଧକମାନଙ୍କୁ ସେହି ପରଂବ୍ରହ୍ମ ସ୍ୱରୂପ ଗୁରୁଦେବଙ୍କୁ ଇଷ୍ଟରୂପ ଭଗବତ୍ ଭାବରେ ତନ୍ମୟ ରହି ଅନ୍ତର-ମନ୍ଦିରରେ ଧ୍ୟାନଯୋଗଦ୍ୱାରା ଉପାସନା କରିବାକୁ ହୁଏ । ଏହ ଭାବରେ ଉପାସନା କରି ଜ୍ଞାନୀଭକ୍ତମାନେ ନିଜର ଇଷ୍ଟଦେବତାଙ୍କୁ ଭଗବତ୍ ସ୍ୱରୂପରେ ଦର୍ଶନ କରିବାକୁ ସକ୍ଷମ ହୋଇଥାନ୍ତି ।

(୧୦୬୯) ଭକ୍ତିଯୋଗଦ୍ୱାରା ଉପାସନା : ଏ ଜଗତରେ ମନର ଅସାଧ୍ୟ ବା ଅପ୍ରାପ୍ୟ ବୋଲି କିଛି ନାହିଁ । ମନ ଯେଉଁଥିରେ ଦୃଢ଼ ଭାବରେ ତନ୍ମୟ ହେବ, ସେ ତାହା ଦିନେ ନିଶ୍ଚୟ ଲାଭ କରିପାରିବ । ସାଧାରଣ ବିଷୟୀ ମନଦ୍ୱାରା ନିରାକାର ଅବ୍ୟକ୍ତ ବ୍ରହ୍ମଙ୍କର ଚିନ୍ତା ହୋଇପାରେ ନାହିଁ । ତେଣୁ ପ୍ରଥମେ ସାକାର ମୂର୍ତ୍ତ ଭଗବାନ ଶ୍ରୀଗୁରୁଦେବଙ୍କ ମୂର୍ତ୍ତିରେ ଧ୍ୟାନନଯୋଗଦ୍ୱାରା ଚିତ୍ତକୁ ଏକାଗ୍ର କରି ମନକୁ ବ୍ରହ୍ମଭାବରେ ନିରୁଦ୍ଧ କରିବାକୁ ହେବ । ଏହା ହିଁ ସହଜ ସାଧନ ପନ୍ଥା । ଏହି ପଥକୁ ଗୀତାଦି ବହୁଶାସ୍ତ୍ର ପ୍ରଶସ୍ତ ବୋଲି କୀର୍ତ୍ତନ କରିଛନ୍ତି । ଏହି ପଥରେ ଭକ୍ତିଯୋଗଦ୍ୱାରା ସାକାର ମୂର୍ତ୍ତ ଭଗବାନ ସଦ୍‌ଗୁରୁଙ୍କ ଉପାସନା ସମୟରେ ଯେପରି ତାଙ୍କର ପରଂବ୍ରହ୍ମ ସନାତନ ଅଦ୍ୱୈତ ସ୍ୱରୂପ କଥା ସାଧକମାନେ ଭୁଲି ନଯାନ୍ତି, ସେଥିପ୍ରତି ଲକ୍ଷ୍ୟ ଠିକ୍ ରଖି ଉପାସନାନିରତ ହେବା ଆବଶ୍ୟକ । ଅର୍ଥାତ୍ ସର୍ବଦା ବୁଦ୍ଧିଯୋଗଦ୍ୱାରା ସେହି ଅଦ୍ୱୈତ ସତ୍ୟ ଓ ପୂର୍ଣ୍ଣବ୍ରହ୍ମଙ୍କୁ ଲକ୍ଷ୍ୟ ରଖି ଇଷ୍ଟଚିନ୍ତା

କରି ଜ୍ଞାନ, ଯୋଗ ଓ ଭକ୍ତିପଥରେ ନିଜକୁ ପରିଚାଳିତ କରିବା ବିଧେୟ । ଭକ୍ତି ଅର୍ଥ ଯୋଗ ବା ଶ୍ରୀଭଗବାନଙ୍କଠାରେ ମନକୁ ଯୁକ୍ତ ରଖିବା । ମୂର୍ତ୍ତ ବା ସାକାର ଭାବକୁ କିମ୍ୱା ନାମ-ରୂପ-ଗୁଣ ଲୀଳାକୁ ତ୍ୟାଗ କରି ଏକାବେଳକେ ନିର୍ଗୁଣ ନିରାକାରଙ୍କ ଉପାସନା ଅତୀବ କଷ୍ଟସାଧ୍ୟ । ଏହି ପନ୍ଥା ସାଧାରଣଙ୍କ ପକ୍ଷରେ କଷ୍ଟସାଧ୍ୟ ହେଲେ ମଧ୍ୟ ଉଚ୍ଚଶକ୍ତିସମ୍ପନ୍ନ ଜ୍ଞାନୀ ମହାତ୍ମାମାନେ ଏବଂ ବ୍ରହ୍ମାଦି ଦେବତାମାନେ ସମସ୍ତେ ଧ୍ୟାନଯୋଗଦ୍ୱାରା ଅବ୍ୟକ୍ତ ପରଂବ୍ରହ୍ମଙ୍କ ଉପାସନା ସମ୍ପନ୍ନ କରିଥାନ୍ତି । ସେହି ଅବସ୍ଥାରେ ସେମାନେ ପରସ୍ପରକୁ ପୂର୍ଣ୍ଣ ଭଗବାନ ଜ୍ଞାନରେ ଶ୍ରଦ୍ଧା ଭକ୍ତି କରିଥାନ୍ତି । ଏଥିପାଇଁ ଶାସ୍ତ୍ରରେ ବ୍ରହ୍ମା ଓ ବିଷ୍ଣୁ ଶିବଙ୍କୁ, ବିଷ୍ଣୁ ଓ ଶିବ ବ୍ରହ୍ମାଙ୍କୁ ଏବଂ ବ୍ରହ୍ମା ଓ ଶିବ ବିଷ୍ଣୁଙ୍କ ପରମେଶ୍ୱରଜ୍ଞାନରେ ଉପାସନା କରିଥାନ୍ତି । ସମସ୍ତ ଜ୍ଞାନୀ ସାଧକ ଅନ୍ତରରେ ପୂର୍ଣ୍ଣ ଅଦ୍ୱୈତ ଭାବରେ ପ୍ରତିଷ୍ଠିତ ଥାଇ ମଧ୍ୟ ପରସ୍ପରକୁ ଭଗବତ୍ ଦୃଷ୍ଟିରେ ଦେଖି ତଦନୁରୂପ ଆଚରଣ କରିଥାନ୍ତି ବୋଲି ଉଲ୍ଲେଖ ଅଛି । କାରଣ ସେହି ଏକ ଏବଂ ଅଦ୍ୱିତୀୟ ସତ୍ୟ ହିଁ ପ୍ରତ୍ୟେକ ଜୀବ ଭିତରେ ପୂର୍ଣ୍ଣ ରୂପରେ ପ୍ରତିଷ୍ଠିତ ଅଛନ୍ତି । ଯେଉଁ ଯୋଗୀମାନେ ସର୍ବଦା ଆତ୍ମଧ୍ୟାନରେ ମଗ୍ନ, ସେମାନେ ମଧ୍ୟ ପରସ୍ପରକୁ ଭଗବତ୍ ଜ୍ଞାନରେ ଶ୍ରଦ୍ଧାଭକ୍ତି କରିଥାନ୍ତି । ଯେତେବେଳେ ଯେଉଁ ଦେବତାଙ୍କ ଉପାସନା କରାଯାଏ, ସେତେବେଳେ ତାଙ୍କୁ ଭଗବାନଙ୍କ ସହିତ ଅଭିନ୍ନ ବୋଲି ଜ୍ଞାନ କରିବାକୁ ଭକ୍ତିଯୋଗ କୁହାଯାଏ । ଏହି କଳିଯୁଗରେ ମାନବଗଣ ଜଡ଼ବୁଦ୍ଧି ବିଷୟସର୍ବସ୍ୱ ଏବଂ କ୍ଷଣଜୀବୀ ହେତୁ ସେମାନଙ୍କ ପକ୍ଷରେ ଭକ୍ତିଯୋଗଦ୍ୱାରା ଯେକୌଣସି ଭଗବତ୍ ମୂର୍ତ୍ତିଙ୍କୁ ବା ମନ୍ତ୍ରକୁ ପ୍ରତୀକଭାବରେ ଆଶ୍ରୟ କରି ଯୋଗ ଜ୍ଞାନ ଦ୍ୱାରା ସେହି ପରମାତ୍ମା ପରଂବ୍ରହ୍ମଙ୍କୁ ଲକ୍ଷ୍ୟ ରଖି ଉପାସନା କରିବା ହିଁ ଭକ୍ତିଯୋଗଦ୍ୱାରା ଉପାସନା ବା ସାଧନାର ସହଜ ସରଳ ପଥ ।

(୧୦୭୦) ସତ୍ୟସାଧନା : ଭକ୍ତିଯୋଗର ଉପାସନା ମାର୍ଗରେ ଉନ୍ନତି ଲାଭ କରିବାକୁ ହେଲେ ଏକ ଏବଂ ଅଦ୍ୱୈତ ଭଗବାନଙ୍କ ଉପାସନା କରିବା କର୍ତ୍ତବ୍ୟ । ଦୁଇ ବା ବହୁ ମୂର୍ତ୍ତ ଭଗବାନଙ୍କ ଉପସାନା କରିବାଦ୍ୱାରା ଚିତ୍ତର ଏକାଗ୍ରତା ଶକ୍ତି ନଷ୍ଟ ହୋଇଯାଏ । ସାଧନପଥରେ ମନର ସ୍ଥିରତା ରହେ ନାହିଁ । ତେଣୁ ସବୁ ମହାତ୍ମା, ସମସ୍ତ ଋଷି, ସମସ୍ତ ଗୁରୁ, ସମସ୍ତ ଜ୍ଞାନୀ, ସମସ୍ତ ସାଧକ, ସବୁ ଭଗବାନ ସେହି ଏକ ପୂର୍ଣ୍ଣବ୍ରହ୍ମ ପରମାତ୍ମାଙ୍କ ମୂର୍ତ୍ତ ବିଗ୍ରହ ଜ୍ଞାନରେ ସେମାନଙ୍କ ପ୍ରତି ଆନ୍ତରିକ ଶ୍ରଦ୍ଧାଭକ୍ତି ରଖି ଯେ କୌଣସି ନିର୍ଦ୍ଦିଷ୍ଟ ନାମରୂପ ବା ଭାବ ପ୍ରତି

ମନକୁ ଏକାଗ୍ର ବା ତନ୍ମୟ କରିଥାନ୍ତି । ଏହା ହିଁ ଶ୍ରେଷ୍ଠ ଉପାସନା । ଏହାକୁ କୁହାଯାଏ ସତ୍ୟସାଧନା ।

(୧୦୭୧) ଲୟଯୋଗଦ୍ୱାରା ଉପାସନା : ଚିତ୍ତ ବା ମନ ଏକାଗ୍ର କରିବାକୁ ଯେପରି ସତ୍‌ସାଧନା ଆବଶ୍ୟକ, ସେହିପରି ସତ୍ୟସାଧନା ପଥରେ ମନୋଲୟର ସାଧନା କରିବାକୁ ଲୟଯୋଗଦ୍ୱାରା ଉପାସନା ବୋଲି କୁହାଯାଏ । ଆମର ପ୍ରାଣ ହିଁ ଜୀବନୀଶକ୍ତି । ଏହି ଜୀବନୀଶକ୍ତି ଚିତ୍ତ ବା ମନର ଭାବାନ୍ତର ମାତ୍ର । ପ୍ରାଣଶକ୍ତିର ନିରୋଧରେ ମନ ଲୟପ୍ରାପ୍ତ ହୁଏ । ପ୍ରାଣଶକ୍ତିରେ ମନରେ ଅନୁଭୂତି ଲାଭ ହୋଇଥାଏ । ପ୍ରାଣଶକ୍ତି ବା କ୍ରିୟାଶକ୍ତି ସହିତ ଆତ୍ମଚୈତନ୍ୟଙ୍କର ସମାବେଶ ହେଲେ ଆତ୍ମା ମନ ଉପାଧି ଧାରଣ କରେ । ମନଦ୍ୱାରା ବିଷୟଭୋଗ ହୋଇଥାଏ । ଏହି ବିଷୟଭୋଗ ବାସନା ହେତୁ ମନ ସଂସାର ଭୋଗ କରି ସେଥିରେ ଆସକ୍ତ ହୁଏ । ଆତ୍ମାରେ ପ୍ରାଣଚାଞ୍ଚଲ୍ୟର ସଂଯୋଗ ହେଲେ ଅର୍ଥାତ୍ ଆତ୍ମା ଚଞ୍ଚଳଭାବ ଧାରଣ କଲେ ତାହାକୁ ମନ ବୋଲି କୁହାଯାଏ । ମନଦ୍ୱାରା ସ୍ମରଣ, ମନନ, ଚିନ୍ତନ୍, ବିଚାର, ଭୋଗ, ଅନୁଭବ, ଇଚ୍ଛା, ଆକାଙ୍‌କ୍ଷା, କାମନା, ବାସନା ଓ ଆଶା ପ୍ରଭୃତି ଭାବର ଉଦୟ ହୋଇଥାଏ । ଆତ୍ମା ସାନ୍ନିଧ୍ୟରେ ସାଧକଙ୍କ ନିଜ ପ୍ରକୃତିର ବା ମାୟାଶକ୍ତିର କମ୍ପନକୁ ପ୍ରାଣଶକ୍ତି କୁହାଯାଏ । ଅତଏବ ନିଷ୍କ୍ରିୟ ସ୍ଥିର ଆତ୍ମା ସହିତ ମାୟା ସଂଯୋଗ ହେଲେ ଯେଉଁ କ୍ରିୟାଶକ୍ତିର ବିକାଶ ହୁଏ, ତାହାରି ନାମ ପ୍ରାଣ ଏବଂ ତଦ୍ୱାରା ଯେଉଁ ଇଚ୍ଛାଶକ୍ତିର ଉଦ୍ଭବ ହୁଏ, ତାହା ହିଁ ମନ ବା ଚିତ୍ତ । ଅତଏବ ପ୍ରାଣ ସ୍ଥିର ହେଲେ ମନ ଲୟ ହୁଏ । ପ୍ରାଣମନର କ୍ରିୟା ରୁଦ୍ଧ ହେଲେ ଭୌତିକ ଦୃଶ୍ୟପ୍ରପଞ୍ଚର ଲୟ ସାଧିତ ହୋଇଥାଏ, ଅର୍ଥାତ୍ ମନ ତାହା ଅନୁଭବ କରିପାରେ ନାହିଁ । ଏହାକୁ ଲୟଯୋଗର ସାଧନା କୁହାଯାଏ । ଇଷ୍ଟଦେବତାଙ୍କ ପଦରେ ମନ ଲୟ ବା ଏକାଗ୍ର ହେଲେ ସହଜରେ ଲୟଯୋଗର ସାଧନା ହୋଇଥାଏ । ସେତେବେଳେ ଆତ୍ମସ୍ୱରୂପରେ ଅବସ୍ଥାନ କରୁଥିବାରୁ ଇନ୍ଦ୍ରିୟାତୀତ ଦିବ୍ୟଦର୍ଶନ ସାଧିତ ହୋଇଥାଏ । ମେଘ କଟିଗଲେ ଯେପରି ଶାରଦୀୟ ନୈଶ ଆକାଶ ନିର୍ମଳ ହୋଇ ଶୋଭାବର୍ଦ୍ଧନ କରେ, ସେହିପରି ଆତ୍ମା ଉପରୁ ପ୍ରାଣ ଓ ମନରୂପକ ମେଘ କଟିଗଲେ ଆତ୍ମାରେ ବିଶ୍ୱର ସମସ୍ତ ସୌନ୍ଦର୍ଯ୍ୟଯୁକ୍ତ ସତ୍ୟସ୍ୱରୂପଙ୍କ ମୂର୍ତ୍ତି ସୁସ୍ପଷ୍ଟଭାବରେ ସତ୍ୟରୂପରେ ପରିଦୃଷ୍ଟ ହୋଇଥାଏ ।

(୧୦୭୨) ପ୍ରଜ୍ଞାଶକ୍ତିର ସ୍ୱରୂପ ସାଧନା : ମନ ସ୍ଥିର ଓ ଶାନ୍ତ ହେଲେ

ଅନ୍ତରରେ ଯେଉଁ ସତ୍ୟଦର୍ଶନ ହୁଏ, ତାହା ହିଁ ପ୍ରଜ୍ଞାଶକ୍ତି । ଏହି ଶକ୍ତି ବଳରେ ମାନବ ବୁଝିପାରେ ଯେ ଏକ ଈଶ୍ୱର ହିଁ ସମସ୍ତ ତତ୍ତ୍ୱର ଆଶ୍ରୟ । ଏହି ତତ୍ତ୍ୱ ଭିତର ଦେଇ ଅପରାପର ଅସଂଖ୍ୟ ତତ୍ତ୍ୱ ପରସ୍ପର ସଂଯୁକ୍ତ ବୋଲି ବୋଧଗମ୍ୟ ହୁଏ । ଯେଉଁମାନେ ବିଶ୍ୱର ଯାବତୀୟ ତତ୍ତ୍ୱକୁ ଏକ ଈଶ୍ୱରଙ୍କ ସହିତ ନିତ୍ୟସଂଯୁକ୍ତ ଓ ସଂସ୍ଥିତ ବୋଲି ଅନୁଭବ କରନ୍ତି, ସେହିମାନେ ହିଁ ନିତ୍ୟମୁକ୍ତ ସାଧକ । ପ୍ରଜ୍ଞାଶକ୍ତିଦ୍ୱାରା ମାନବ ଏହି ତତ୍ତ୍ୱ ବୁଝିବାକୁ ସକ୍ଷମ ହୁଏ । ପରମାତ୍ମାରୂପ ଈଶ୍ୱର, ଜୀବାତ୍ମାରୂପ ବିଷୟୀ ଏବଂ ବହିର୍ଜଗତରୂପ ବିଷୟ—ଏହି ତ୍ରିତତ୍ତ୍ୱର ଅସ୍ତିତ୍ୱ ମାନବର ଆତ୍ମପ୍ରତ୍ୟୟ ଉପରେ ନିର୍ଭର କରେ । 'ମୁଁ ଅଛି' ଏବଂ ମୋର କର୍ତ୍ତାଭାବରେ ଶ୍ରୀଗୁରୁଭଗବାନ ଅଛନ୍ତି, ଏହି ତତ୍ତ୍ୱବୋଧ ହିଁ ସବୁ ବୋଧର ମୂଳଭିତ୍ତି । ଇନ୍ଦ୍ରିୟ-ମନ-ବୁଦ୍ଧି ଯେପରି ବିଷୟ ଓ ବିଷୟୀଙ୍କର ମଧ୍ୟସ୍ଥ ସଂଯୋଗ ପଦାର୍ଥ, ସେହିପରି ପ୍ରଜ୍ଞା ହେଲା ଈଶ୍ୱର ବା ଆତ୍ମା ଓ ମନର ଅନ୍ତର୍ଗତ ସଂଯୋଜକ ଶକ୍ତି । ପ୍ରଜ୍ଞାଶକ୍ତିଦ୍ୱାରା ଆତ୍ମା ବା ଈଶ୍ୱର ଏହି ଜଗତ୍ ନିୟନ୍ତ୍ରଣ କରୁଛନ୍ତି ବୋଲି ବୋଧହୁଏ । ଜୀବବୁଦ୍ଧିରେ ଏହି ପ୍ରଜ୍ଞା କେତେକ ପରିମାଣରେ ସହଜଜ୍ଞାନ (Instinct) ରୂପରେ ପ୍ରକାଶିତ ହୁଏ । ବିଷୟୀ ମାନବ ପ୍ରାଣମନର ଚଞ୍ଚଳତାବଶରୁ ଆତ୍ମବିସ୍ମୃତ ହୋଇ ସ୍ଥିରଭାବରେ ବିଚାର କରିବାର ଅବସର ପାଏ ନାହିଁ । ତେଣୁ ଚଞ୍ଚଳତା ହେତୁ ଅହଂ କର୍ତ୍ତା ବୁଦ୍ଧିରେ ଅର୍ଥ ସଞ୍ଚୟ କରେ, ଖାଦ୍ୟ ସଞ୍ଚୟ କରେ ଓ ସମ୍ମାନ ଯଶଲାଭରେ ଆଶାୟୀ ହୁଏ ଏବଂ ଆଶାଭଙ୍ଗରେ ବିବିଧ ଦୁଃଖଦୁର୍ଦ୍ଦଶା ଭୋଗକରେ । କିନ୍ତୁ ପ୍ରଜ୍ଞାବାନ ବ୍ୟକ୍ତିମାନେ ଏହା ସବୁ ଶ୍ରୀଭଗବାନଙ୍କର ଦାନ ବୋଲି ମନେକରି ଏହି ଅନିତ୍ୟ ବିଷୟ ମଧ୍ୟରେ ନିତ୍ୟସୁଖ ଭୋଗ କରନ୍ତି । ବିଷୟ ପରାଧୀନ, ବିଷୟୀ ସ୍ୱାଧୀନ—ମାନବ ଏହି ସତ୍ୟ ପ୍ରଜ୍ଞାଶକ୍ତି ବଳରେ ଅନୁଭବ କରି ବିଷୟରେ ଲିପ୍ତ ହୁଅନ୍ତି ନାହିଁ । ସେମାନେ ଅନିତ୍ୟ ବସ୍ତୁରୁ ନିତ୍ୟସୁଖ ଆଶା ତ୍ୟାଗ କରି ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ କରନ୍ତି । ପ୍ରଜ୍ଞା ବିବେକର ବାଣୀ ଉପରେ ଦେଖାଇଦିଏ ଯେ, ''ଏହି ବିଷୟର କର୍ତ୍ତା ଶ୍ରୀଗୁରୁ ଭଗବାନ, ତୁମେ ତାଙ୍କର ସେବକ, ତୁମର କୌଣସି ଅଭାବ ନାହିଁ । ତୁମେ ବିଷୟର ଅଧୀନ ନୁହଁ ।'' ଏହି ଭାବରେ ପ୍ରଜ୍ଞାବାନ୍ ବ୍ୟକ୍ତି ଶ୍ରୀଗୁରୁଦେବଙ୍କ ବାକ୍ୟକୁ ସତ୍ୟ ମନେକରି ସତ୍ୟପଥରେ ଚାଳିତ ହୁଅନ୍ତି ।

(୧୦୭୩) ଗୁରୁଶକ୍ତି : ପ୍ରଜ୍ଞା ସମସ୍ତ ପଥ ଦେଖାଇଦେଲେ ମଧ୍ୟ ସେ ନିଜେ କେଉଁ ପଥରେ ଯିବ, ତାହା ସାଧକ ଉପଲବ୍ଧି କରିପାରନ୍ତି ନାହିଁ ।

ପ୍ରଜ୍ଞାଶକ୍ତି ଥିଲେ ମଧ୍ୟ ମାନବ ଦଶମଦଶା ଭୋଗ କରେ । ଯେପରି ଦଶଜଣ ବ୍ୟକ୍ତି ନଦୀପାର ହେଉଥିଲେ, କିନ୍ତୁ ସମସ୍ତେ ନିଜକୁ ବାଦ୍ ଦେଇ ଗଣିବା ଫଳରେ ନଅ ଜଣ ବୋଲି ଅନୁଭବ କରି ଅନ୍ୟ ଜଣକୁ ହରାଇ ବସିଛୁଁ ଭାବି ଦୁଃଖ କରିବାକୁ ଲାଗିଲେ, ସେହି ଜଣକର କଳ୍ପିତ ଅଭାବଜନିତ ଦୁଃଖରେ ସମସ୍ତେ କାନ୍ଦି ଆକୁଳ ହେଲେ, ସେହିପରି ବିଷୟୀ ମାନବ ଆତ୍ମସ୍ୱରୂପ ଶ୍ରୀଗୁରୁଦେବଙ୍କୁ ହରାଇ ବସିଛି ବୋଲି କଳ୍ପିତ ଧାରଣା କରି କେବଳ ବାହ୍ୟସଂସାର, ବିତ୍ତ, ସମ୍ମାନ, ସୁଖ, ଆତ୍ମୀୟ, ଦେହ, ଇନ୍ଦ୍ରିୟ, ଭୋଗବାସନା ଓ ବୁଦ୍ଧି ରୂପ ନଅଜଣ ସଙ୍ଗୀଙ୍କୁ ଦର୍ଶନ କରି ସେହି ଏକ ଆତ୍ମାର କଳ୍ପିତ ଅଭାବ ଜ୍ଞାନରେ ଦୁଃଖ ଭୋଗ କରେ । ମୋହଗ୍ରସ୍ତ ମାନବର କର୍ତ୍ତାବୁଦ୍ଧି ହିଁ ଆତ୍ମଜ୍ଞାନକୁ ଆବୃତ୍ତ କରି ଦେହକୁ ଆତ୍ମା ବୋଲି ଭ୍ରମଧାରଣା କରାଇଥାଏ । ଗୁରୁଶକ୍ତି ବିବେକ ରୂପରେ ଅନ୍ତରରେ ଏହି ମୋହନାଶ କରନ୍ତି । ଗୁରୁବାକ୍ୟକୁ ସତ୍ୟଜ୍ଞାନ କରି ପ୍ରଜ୍ଞା ଯେତେବେଳେ ବୁଝାଇଦେବ ଯେ "ତୁମ ଦଶ ଜଣଙ୍କ ମଧ୍ୟରେ ଗୁରୁଦେବ ଆତ୍ମସ୍ୱରୂପରେ ନିତ୍ୟ ବିରାଜିତ ଅଛନ୍ତି, ବିଷୟର ନାଶ ହେଲେ ବା ବିଷୟ ନ ଥିଲେ ମଧ୍ୟ ତୁମେ ରହିବ ଓ ସେହି ଗୁରୁଭଗବାନ ତୁମର ନିତ୍ୟ ସଙ୍ଗୀ", ସେତେବେଳେ ଶୋକ ମୋହରୁ ମୁକ୍ତ ହୋଇ ମାନବ ପରମାନନ୍ଦ ଭୋଗ କରିବ । ଏହାକୁ କୁହାଯାଏ ଆତ୍ମଜ୍ଞାନ । ସଦ୍‌ଗୁରୁ ଏହି ଜ୍ଞାନ ପ୍ରଦାନ କରିଥାନ୍ତି ।

(୧୦୭୪) ଆତ୍ମଜ୍ଞାନର ଶକ୍ତି : ସଦ୍‌ଗୁରୁ ସାଧୁସଜ୍ଜନ ପ୍ରଜ୍ଞାବାନ୍ ଶିଷ୍ୟଭକ୍ତଙ୍କ ପ୍ରାଣରେ ଶାନ୍ତି ପ୍ରଦାନ କରିବା ନିମିତ୍ତ ଉପଦେଶ ଦେଇଥାନ୍ତି ଯେ, "ମାନବ ! ତୁମେ ନିଜ ଆତ୍ମା ପ୍ରତି ଦୃଷ୍ଟିପାତ କର । ତୁମର ଭଗବାନ ତୁମ ଅନ୍ତର-ମନ୍ଦିରରେ ଆତ୍ମସ୍ୱରୂପରେ କର୍ତ୍ତାଭାବରେ ଉପବେଶନ କରି, ତୁମକୁ ସତ୍ୟପଥରେ ପରିଚାଳିତ କରୁଛନ୍ତି; ତୁମର କୌଣସି ଅଭାବ ନାହିଁ ।" ଶ୍ରୀଗୁରୁଦେବଙ୍କ ବାଣୀରେ ସାଧକମାନେ ଯେତେବେଳେ ବୁଝିପାରନ୍ତି ଯେ ସେମାନେ ଦେହ ନୁହଁନ୍ତି; ଏହି ଦେହ ସେହି ଆତ୍ମସ୍ୱରୂପ ଶ୍ରୀଗୁରୁ ଭଗବାନଙ୍କର, ବିଷୟ ସମ୍ପତ୍ତି ମଧ୍ୟ ତାଙ୍କରି ଦାନ, ସେ ନିତ୍ୟ ସନାତନ ଏବଂ ସେ ତାଙ୍କର ସନ୍ତାନ ହେତୁ ଚିନ୍ମୟ ସତ୍ତା, ସେତେବେଳେ ସତ୍ୟଜ୍ଞାନର ଉଦୟରେ ଦେହଜ୍ଞାନ ଦୂର ହୋଇଯାଏ । ସାଧକମାନଙ୍କର ଆତ୍ମଜ୍ଞାନ ଲାଭ ହୁଏ । ସେତେବେଳେ ସାଧକ ମୃତ୍ୟୁଞ୍ଜୟ ହୋଇଯାନ୍ତି । ତାଙ୍କର ବାହ୍ୟ ଦର୍ଶନ ପ୍ରବୃତ୍ତି ତିରୋହିତ ହୋଇଯାଏ । ସେତେବେଳେ

ଶ୍ରୀଗୁରୁଭଗବାନ ଅନ୍ତର-ମନ୍ଦିରରେ ନିତ୍ୟବିରାଜିତ ବୋଲି ସାଧକ ସ୍ପଷ୍ଟ ଅନୁଭବ କରନ୍ତି । ସେ ଆତ୍ମଜ୍ଞାନ ପୁନଃ ପ୍ରାପ୍ତ ହୋଇ ହରାଇଥିବା ଧନ ପାଇଲେ ଯେପରି ମନ ଆନନ୍ଦିତ ହୁଏ, ସେହିପରି ନିତ୍ୟାନନ୍ଦ ଉପଲବ୍ଧି କରନ୍ତି । ସେତେବେଳେ ସେ ଜାଣନ୍ତି ଯେ ଏହି ସଂସାରରୂପ ମହାସାଗର ଈଶ୍ୱର ରୂପ ପ୍ରାଚୀରଦ୍ୱାରା ଘେରା । ଏହି ପ୍ରାଚୀର ହିଁ ସମୁଦ୍ରର ତଟଦେଶ । ଏହି କୂଳ ପାଇବାର ଚେଷ୍ଟା ହିଁ ମାନବର ସାଧନା । ପ୍ରଥମେ ଆତ୍ମଜ୍ଞାନ ଲାଭ କରି, ପରେ ପରମାତ୍ମାରୂପ ଈଶ୍ୱରଙ୍କ ସନ୍ଧାନ ନେଇ, ସେହି ଈଶ୍ୱର ରୂପ କୂଳ ପାଇବାକୁ ହେବ । ଏହି ସଂସାରରେ ବହୁ ଅହଂକାରୀ ଜୀବ ଅଛନ୍ତି । ସେହି ଅହଂଜୀବ ମଧ୍ୟରେ ଯେଉଁ ନିତ୍ୟସତ୍ତା ବିରାଜିତ, ସେ ହିଁ ଆମର ଈଶ୍ୱର । ସେ ହିଁ କର୍ତ୍ତା । ସେ ହିଁ ଜୀବାତ୍ମାର ଅନ୍ତରାତ୍ମା, ପ୍ରାଣର ପ୍ରାଣ । ତେଣୁ ଜୀବାତ୍ମା ଅପୂର୍ଣ୍ଣ, ସେ ପୂର୍ଣ୍ଣ । ଜୀବାତ୍ମା ଚିତ୍‌କଣ, ସେ କିନ୍ତୁ ଚିତ୍‌ସତ୍ତା । ସେହି ପୂର୍ଣ୍ଣସ୍ୱରୂପ ଶ୍ରୀଗୁରୁ ଭଗବାନଙ୍କୁ ଲାଭ କରିବା ନିମିତ୍ତ ଚେଷ୍ଟା କରି ତାଙ୍କୁ ପାଇଲେ ଜୀବର ସମସ୍ତ ଅଭାବ ନାଶ ହେବ ।

(୧୦୭୫) ଓଁ ନମଃ : 'ଓଁ ନମଃ' ଏହି ଦୁଇଟି ମାତ୍ର ଶବ୍ଦ ମଧ୍ୟରେ ଶ୍ରୀ ଭଗବାନଙ୍କ ନିକଟରେ ସାଧକଙ୍କର ଯାବତୀୟ ସତ୍ୟ ପ୍ରାର୍ଥନା ନିହିତ ଅଛି । ଏହି ସମଗ୍ର ବିଶ୍ୱର ଯେ ଏକମାତ୍ର ଈଶ୍ୱର ବା କର୍ତ୍ତା, ତାଙ୍କର ନାମ ଓଁ ବା ପ୍ରଣବ । ସେହି ଈଶ୍ୱରଙ୍କୁ କର୍ତ୍ତା ମନେ କରି ତାଙ୍କ ପାଦପଦ୍ମରେ ଯେଉଁ ଆତ୍ମନିବେଦନ ଭାବ, ତାହାରି ନାମ 'ଓଁ ନମଃ' । କାହାର ନିବେଦନ ? ସାଧକଙ୍କ 'ଅହଂକାର'ର ଅର୍ଥାତ୍ ଅଭିମାନୀ ଦେହ, ମନ, ପ୍ରାଣ, ବୁଦ୍ଧି, ଇନ୍ଦ୍ରିୟ ଓ ପ୍ରକୃତି ଆଦିର ଯେଉଁ ସର୍ବତୋଭାବରେ ସମର୍ପଣ, ତାହା ହିଁ 'ନମଃ' ଶବ୍ଦର ଅର୍ଥ । ଅର୍ଥାତ୍ ପୂର୍ଣ୍ଣ ଶରଣାଗତି ଭାବକୁ ନମଃ କୁହାଯାଏ । ଈଶ୍ୱରଙ୍କ ଠାରେ ସର୍ବସ୍ୱ ସମର୍ପଣକୁ କୁହାଯାଏ 'ନମଃ' । ଏହି କାରଣରୁ ସମୁଦାୟ ଦେବଦେବୀଙ୍କ ଅର୍ଚ୍ଚନାମନ୍ତ୍ର ପୂର୍ବରୁ 'ଓଁ ନମଃ' ଏହି ବାକ୍ୟ ଯୋଗ କରି ପୂଜା କରିବାର ପ୍ରଥା ଅଛି । ଏହାର କାରଣ ପ୍ରଥମେ ସେହି ପରମେଶ୍ୱରଙ୍କୁ ଆତ୍ମନିବେଦନ କରିବା ପରେ ଅନ୍ୟ ଦେବତାଙ୍କ ପୂଜା ପ୍ରାର୍ଥନା କରିବା ବିଧି । ଏ ଜଗତରେ ସେହି ଈଶ୍ୱର ହିଁ ଏକମାତ୍ର କର୍ତ୍ତା; ଜୀବ ଅକର୍ତ୍ତା ବା ସେବକ । ଈଶ୍ୱର ହିଁ ଏ ଜଗତର ଏକମାତ୍ର ଅଧିବାସୀ ସତ୍ତା ।

(୧୦୭୬) ବିଶ୍ୱଦେହ : ଏକ ପରମେଶ୍ୱର ନିଜର କୌଣସି ଗୂଢ଼ ଉଦ୍ଦେଶ୍ୟ ସାଧନ ନିମିତ୍ତ ବିଶ୍ୱଦେହ ଧାରଣ କରିଛନ୍ତି । ସୁତରାଂ ଏ ଜଗତ୍

ଈଶ୍ୱରଙ୍କ ସ୍ଥୂଳଦେହ । ସୃଷ୍ଟି ଅର୍ଥ, ତାଙ୍କର ଏହି ବିଶ୍ୱରୂପ ଦେହ ପରିଗ୍ରହ । ଆମର ଦେହ, ମନ, ପ୍ରାଣ ବୋଲି ସ୍ୱତନ୍ତ୍ର କିଛି ନାହିଁ । ସମସ୍ତ ତାଙ୍କରି ଅଂଶ ମାତ୍ର । ସେ ନିଜେ କର୍ତ୍ତା ଭାବରେ ଅନ୍ତରର ଚୈତନ୍ୟ ରୂପରେ ସ୍ଥୂଳ ଶରୀର ଅଭ୍ୟନ୍ତରରେ ବିରାଜିତ ଥାଇ ଦେହମନାଦି ମାଧ୍ୟମରେ ଜଗତରେ ସ୍ୱକାର୍ଯ୍ୟ ସାଧନ କରିଯାଉଛନ୍ତି । ଅଥଚ ତାଙ୍କର ଗୋଟିଏ ଶକ୍ତି ଯାହାକୁ ମାୟାଶକ୍ତି କୁହାଯାଏ, ତାହାରି ପ୍ରଭାବରେ ଏକ ଈଶ୍ୱରଙ୍କ ଅଖଣ୍ଡ ଦେହର ଭିନ୍ନ ଭିନ୍ନ ଅଂଶ ବା ପରମାଣୁଗୁଡ଼ିକ ଅହଂଭାବାପନ୍ନ ଓ ଚେତନାଯୁକ୍ତ ହୋଇପଡ଼ୁଛନ୍ତି । ଏହାକୁ ଜୀବଭାବ କୁହାଯାଏ ।

(୧୦୭୭) ଜୀବଭାବ ବା ଅହଂଭାବ : ମାୟାଶକ୍ତି ଅନ୍ତର୍ଗତ ଅବିଦ୍ୟାରାକ୍ଷସୀର ପ୍ରଭାବରେ ଅଜ୍ଞାନାଚ୍ଛନ୍ନ ହୋଇ ଈଶ୍ୱରଙ୍କ ଦେହର ବିଭିନ୍ନ ଅଂଶ ବା ଅଣୁଗୁଡ଼ିକ ପ୍ରତ୍ୟେକେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପ୍ରକୃତିବିଶିଷ୍ଟ ଜୀବ ବୋଲି ନିଜକୁ ଭ୍ରମଧାରଣା ପୋଷଣ କରନ୍ତି । ସେଥିରେ ମନ, ବୁଦ୍ଧି ଓ ଇନ୍ଦ୍ରିୟମାନେ ଯୋଗ ଦେବା ଫଳରେ ଗୋଟିଏ ଅହଂକାରମୂଳକ ଲୀଳା ଆରମ୍ଭ ହୁଏ । ଏହି ଖେଳର ପରିଣାମ ବଶବର୍ତ୍ତୀ ହୋଇ ଜୀବ ସୁଖ-ଦୁଃଖ ଭୋଗ କରିବାକୁ ବାଧ୍ୟ ହୁଏ । ସେଥିରେ ଜଗତ୍‌କର୍ତ୍ତା ଏକପ୍ରକାର ହାସ୍ୟପୂର୍ଣ୍ଣ ଆନନ୍ଦରସ ଉପଭୋଗ କରିଥାନ୍ତି । ସୁତରାଂ ଅହଂବୁଦ୍ଧି ହିଁ ଜୀବର ଯାବତୀୟ ସୁଖ-ଦୁଃଖ ଜ୍ଞାନ-ଅଜ୍ଞାନର ମୂଳ କାରଣ । ଏହି ଅହଂକାରକୁ ନିତ୍ୟ ଈଶ୍ୱର ଦ୍ରୋହୀ ସଇତାନ ବା ଅସୁର ବୋଲି କୁହାଯାଏ । ଭଗବତ୍ ଶରଣାଗତି ବ୍ୟତୀତ ଏହି ଆସୁରିକ ଭାବ କେବେହେଲେ ଦୂର ହୋଇପାରେ ନାହିଁ । ଏହି ହେତୁରୁ ସତ୍ୟସ୍ୱରୂପ ଈଶ୍ୱରଭାବ ନିକଟରେ ଏହି ମିଥ୍ୟା ଅହଂକୁ ବା ପ୍ରକୃତିକୁ ବଳି ବା ସମର୍ପଣ କରିବାକୁ ପଡ଼େ ।

(୧୦୭୮) ଅହଂଭାବ ନାଶର କୌଶଳ : ଅଂହଭାବ ନାଶ ହେଉ ବୋଲି କେବଳ ଭାବିଲେ ତାହା ସହଜରେ ଚାଲିଯାଏ ନାହିଁ । ସେଥିପାଇଁ ଭାବନାର କୌଶଳ ଅଛି । ସୁଦୃଢ଼ ଚିନ୍ତା ଓ ଏକାଗ୍ର ଭାବରେ ଶ୍ରୀଭଗବାନଙ୍କ ଚରଣରେ ବୁଦ୍ଧିଯୁକ୍ତ ପ୍ରାର୍ଥନା ବ୍ୟତୀତ ତାହା ସହଜରେ ଦୂର ହୁଏ ନାହିଁ । ତେଣୁ ସାଧକମାନେ ମନେ ମନେ ଚିନ୍ତା କରିବେ ଯେ 'ମୁଁ' ବୋଲି ଗୋଟିଏ ସ୍ୱତନ୍ତ୍ର ସତ୍ତା ନାହିଁ । ଆମ ଦେହ, ମନ, ପ୍ରାଣ, ଯନ୍ତ୍ର ମାତ୍ର । ଏହି ଯନ୍ତ୍ରର ଏକମାତ୍ର ଚାଳକ ଓ ମାଲିକ ବା ଯନ୍ତ୍ରୀ ସେହି ଏକ ଈଶ୍ୱର । ଏକମାତ୍ର ସେ ହିଁ କର୍ତ୍ତା । ସେ ହିଁ ଏହି ଦେହ ସମୂହରେ କର୍ତ୍ତା ରୂପରେ ଅବସ୍ଥାନ କରିଛନ୍ତି । ସେହି କର୍ତ୍ତା ଭଗବାନଙ୍କ ନିକଟରେ

ଭକ୍ତମାନେ ପ୍ରାର୍ଥନା କରିଥାନ୍ତି ଯେ ସେ ଆମର ଜୀବଭାବ ବା ଅହଂଭାବକୁ ଗ୍ରହଣ କରି ତାଙ୍କୁ ହିଁ ସେବକ ଭାବରେ ତାଙ୍କରି ନିତ୍ୟସେବାରେ ନିୟୋଜିତ କରନ୍ତୁ । ଏହି ଅହଂରୂପ ଅସୁର ଅବୈଧଭାବରେ ଜୀବପ୍ରକୃତିକୁ ଦଖଲ କରି ବସିଛି । ସେହି ଅସୁରଙ୍କୁ ବିନାଶ କରି ସେହି କର୍ତ୍ତା-ଭଗବାନ ତାଙ୍କ ଆସନରେ ଉପବିଷ୍ଟ ହୁଅନ୍ତୁ ଏବଂ ସେହି ଦେହ, ମନ, ପ୍ରାଣକୁ ବିଶ୍ୱହିତରେ ନିଯୁକ୍ତ କରନ୍ତୁ । ତାଙ୍କରି ଜିନିଷକୁ ସେ ପୁଣି ଗ୍ରହଣ କରନ୍ତୁ । ଏହା ହିଁ ସତ୍ୟ ସାଧକଙ୍କର ନିତ୍ୟ ପ୍ରାର୍ଥନା । ଏହା ହିଁ ସଂକ୍ଷେପରେ 'ଓଁ' 'ନମଃ'ର ମର୍ମାର୍ଥ । ଏହି ଭାବନା ଓ ସାଧନା ଫଳରେ ସାଧକମାନେ ଭଗବତ୍ ସାରୂପ୍ୟ ଲାଭ କରିଥାନ୍ତି । ସେମାନଙ୍କର ଦେହାତ୍ମବାଦ ଲୋକ ପାଇଥାଏ ଏବଂ ଆତ୍ମଜ୍ଞାନ ଫୁଟି ଉଠେ ।

(୧୦୭୯) ଜାଗ୍ରତ ଅହଂଭାବ : ଆମର ବ୍ୟଷ୍ଟିଭାବାପନ୍ନ ଦେହ, ଇନ୍ଦ୍ରିୟ, ମନ ଓ ବୁଦ୍ଧି ପ୍ରଭୃତି ସେହି ଈଶ୍ୱରଙ୍କ ବହିର୍ଗମନର ଦ୍ୱାର ସ୍ୱରୂପ । ଅହଂଭାବାପନ୍ନ ଅସୁର ସେହି ଦ୍ୱାରଗୁଡ଼ିକ ରୁଦ୍ଧ କରି ଈଶ୍ୱରଙ୍କ ଆସନରେ ଉପବିଷ୍ଟ ଥିବାରୁ ଜୀବର ବିବିଧ ଦୁଃଖ କଷ୍ଟ ଭୋଗ ହୋଇଥାଏ । ଯେତେବେଳେ ଜୀବଚୈତନ୍ୟ ସ୍ପଷ୍ଟ ଭାବରେ ଏହି କଥା ବୁଝିପାରନ୍ତି ଯେ ପ୍ରକୃତିରୂପ ଅସୁର, ଆତ୍ମା-ଚୈତନ୍ୟରୂପ ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରିଛି, ସେତେବେଳେ ତାଙ୍କର ପ୍ରକୃତ ଆତ୍ମଶକ୍ତି ଜାଗ୍ରତ ହୁଏ । ଶକ୍ତିର ଜାଗରଣକୁ ଜାଗ୍ରତ ଅହଂଭାବ କୁହାଯାଏ । ପ୍ରକୃତ ଆତ୍ମଚେତନାର ଜାଗ୍ରତ ଅବସ୍ଥାକୁ କୁଣ୍ଡଳିନୀ ଚୈତନ୍ୟ କୁହାଯାଏ । ଏହି ଜାଗ୍ରତ ଅହଂଭାବ ହିଁ ସେବକ ଭାବ । ଏହି ଭାବରେ ପ୍ରତିଷ୍ଠିତ ଥାଇ ପ୍ରାର୍ଥନା ବନ୍ଦନା ଓ ଭଜନ ସ୍ମରଣ କରିବା ଫଳରେ ସାଧକ ଭଗବତ୍ ସାରୂପ୍ୟ ଲାଭ କରନ୍ତି । ସେତେବେଳେ ତାଙ୍କର ଜୀବଭାବ ବା କର୍ତ୍ତା ଅହଂଭାବ ଦୂର ହୋଇଯାଏ । ଦେହାତ୍ମବୁଦ୍ଧି ଲୋପ ପାଇଯାଏ । ସେତେବେଳେ ସେ ସତ୍ୟ ଭାବରେ ଜାଗ୍ରତ ହୋଇ ଉଠନ୍ତି । ସେତେବେଳେ ଏହି ସାଧକମାନଙ୍କୁ ଭଗବାନ ଆଖ୍ୟା ଦିଆଯାଇଥାଏ । ସୁତରାଂ ଅବତାର ମହାପୁରୁଷ ଓ ସଦ୍‌ଗୁରୁମାନେ ଭଗବତ୍ ଭାବରେ ନିଜକୁ ପ୍ରତିଷ୍ଠିତ କରି ଓ ଭଗବତ୍ ଦୃଷ୍ଟିରେ ଶିଷ୍ୟଭକ୍ତଙ୍କୁ ଦର୍ଶନ କରି ଉପଦେଶ ଦେଇଥାନ୍ତି । ଏମାନେ ପୂର୍ଣ୍ଣଜ୍ଞାନରେ ପ୍ରତିଷ୍ଠିତ ଥାଇ ଉପଦେଶ ଦେଇଥିବାରୁ ଏମାନଙ୍କୁ ଭଗବତ୍ ସ୍ୱରୂପରେ ଦର୍ଶନ କରାଯାଇଥାଏ । ଏମାନଙ୍କର ସେହି ଅବସ୍ଥାକୁ କୁହାଯାଏ 'ବ୍ରହ୍ମସତ୍ତା' ।

(୧୦୮୦) ତ୍ରିବିଧ ସତ୍ୟକର୍ମ : ଆତ୍ମଚୈତନ୍ୟ ବିଶୁଦ୍ଧ ସତ୍ତ୍ୱ । ସେଥିରେ ମାୟାରୂପ ମଳିନତା ପ୍ରବେଶ କରିବା ଫଳରେ ଜୀବ ନିଜକୁ ଅଜ୍ଞାନ ବୋଧକରେ । ଏହି ମଳିନତା ଦୂର କରିବା ନିମିତ୍ତ ତ୍ରିବିଧ କର୍ମ ଏକାନ୍ତ ଆବଶ୍ୟକ । ବସ୍ତୁର ମଳିନତା ଦୂର କରିବା ନିମିତ୍ତ ଯେପରି ଖାରର ପ୍ରୟୋଜନ, ସେହିପରି ତପଃ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ-ରୂପ ତ୍ରିବିଧ ସତ୍ୟକର୍ମଦ୍ୱାରା ସେହି ମଳିନତା ଦୂର କରିବାକୁ ପଡ଼େ । ଆତ୍ମଲାଭର ପ୍ରଧାନ ଓ ଏକମାତ୍ର ଉପାୟ ଜ୍ଞାନ ହେଲେ ମଧ୍ୟ କର୍ମ ବା ଭକ୍ତିଭାବ ଚିତ୍ତର ଅଜ୍ଞାନ ଆଚରଣକୁ ଉନ୍ମୋଚିତ କରିଥାଏ । ତେଣୁ ଜ୍ଞାନଲାଭ ନିମିତ୍ତ ଭକ୍ତି ବା ସେବା-ରୂପ କର୍ମପଥ ଅବଲମ୍ବନ କରିବାକୁ ହୋଇଥାଏ । ତପଃ, ସ୍ୱଧ୍ୟାୟ ଓ ଈଶ୍ୱରପ୍ରଣିଧାନ ବା ଭକ୍ତିଦ୍ୱାରା ଚିତ୍ତଦର୍ପଣ ସମ୍ମାର୍ଜିତ ହୋଇଥାଏ । ଫଳରେ ସେହି ଚିତ୍ତଦର୍ପଣରେ ଆତ୍ମାର ପ୍ରତିବିମ୍ବ ପତିତ ହୁଏ । ଶୁଦ୍ଧଚିତ୍ତକୁ କୁହାଯାଏ ଚିତ୍ । ଭୌତିକ ଦ୍ରବ୍ୟରୁ ଆସକ୍ତି ଦୂର ନ ହେଲେ ଚିତ୍ତ ମଳିନ ହୁଏ ଏବଂ ସେହି ମଳିନତା ଦୂର କରିବା ନିମିତ୍ତ ଭକ୍ତି, ଜ୍ଞାନ ଓ କ୍ରିୟା ଯୋଗର ଅନୁଶୀଳନ କରିବାକୁ ପଡ଼େ । ଫଳରେ ସହଜରେ ଆତ୍ମଜ୍ଞାନ ଲାଭ ହୁଏ । ଏଥିପାଇଁ ତ୍ରିବିଧ କ୍ରିୟା ଯୋଗର ଅଭ୍ୟାସ ଏକାନ୍ତ ଆବଶ୍ୟକ । ସେଥିରେ ସତ୍, ଚିତ୍ ଓ ଆନନ୍ଦସ୍ୱରୂପତ୍ୱ ଲାଭ ହୋଇଥାଏ । ତେଣୁ ବିବେକୀ ସାଧକଙ୍କୁ ବିଷୟ ପ୍ରତି ରାଗ, ଦ୍ୱେଷ, ଅଭିନିବେଶ ଓ କାମାଦିଶୂନ୍ୟ ହୋଇ ନିସ୍ତରଙ୍ଗ ଏକାଗ୍ର ଚିତ୍ତଦ୍ୱାରା ଆତ୍ମଦର୍ଶନ ନିମିତ୍ତ ଚେଷ୍ଟା କରିବାକୁ ହେବ । ଆତ୍ମଦର୍ଶନ ନିମିତ୍ତ ଯେତେ କ୍ରିୟା ଅଛି, ତନ୍ମଧ୍ୟରେ ଏହି ତ୍ରିବିଧ କ୍ରିୟାଯୋଗ ଶ୍ରେଷ୍ଠ । ତପଃ କର୍ମାନ୍ତକତପଃ ଅର୍ଥାତ୍ ଭଗବତ୍ ସେବା ନିମିତ୍ତ ଦ୍ୱନ୍ଦ୍ୱ ସହିଷ୍ଣୁ ହେବା; ସ୍ୱାଧ୍ୟାୟ ଜ୍ଞାନାତ୍ମକ ଅର୍ଥାତ୍ ଜ୍ଞାନର ଆଲୋଚନା କରିବା ଏବଂ ଈଶ୍ୱର ପ୍ରଣିଧାନ ବା ଉପାସନା ଭକ୍ତିମୂଳକ । ତଦନନ୍ତର ଶମଦମାଦି ସାଧନ, ଷଟ-ସମ୍ପତ୍ତି ଏବଂ ରାଜଯୋଗର ଯମନିୟମାଦି ତପଃ କ୍ରିୟାର ଅନ୍ତର୍ଗତ । ପ୍ରାଣାୟମ ମଧ୍ୟ ଏହି କ୍ରିୟାର ଅନ୍ତର୍ଗତ । ତପଃ ଦ୍ୱାରା ଇନ୍ଦ୍ରିୟ ମନ ବଶୀଭୂତ ହୁଅନ୍ତି । ସ୍ୱାଧ୍ୟାୟ ଏହି ତପଙ୍କୁ ବିଶେଷ ସାହାଯ୍ୟ କରେ । ତତ୍ପରେ ଧାରଣା, ଧ୍ୟାନ ଓ ସମାଧିଦ୍ୱାରା ଚିତ୍ତ ସ୍ଥିର ଭାବ ଧାରଣ କଲେ, ଚିତ୍ତ ନିର୍ମଳ ଭାବ ଧାରଣ କରି ଚିତ୍ସ୍ୱରୂପ ହୋଇଯାଏ । ଏହାକୁ ଆଧ୍ୟାତ୍ମଯୋଗ କୁହାଯାଏ । ଏହାକୁ ହିଁ ଈଶ୍ୱର ପ୍ରଣିଧାନ ମଧ୍ୟ କୁହାଯାଏ ।

ଏହାର ଅପର ନାମ ଭକ୍ତିଯୋଗ । ଏହାକୁ ଆତ୍ମସ୍ୱରୂପତା ପ୍ରାପ୍ତ ମଧ୍ୟ କୁହାଯାଏ । ଏହା ହିଁ ମୋକ୍ଷଲାଭ, ଏହା ହିଁ ଜୀବଭାବର ଶେଷ ଅବସ୍ଥା ।

(୧୦୮୧) ସତ୍ୟଧର୍ମ ସାଧନାର ଅଧିକାର ବା ଶୁଦ୍ଧଭାବ : ଯେଉଁମାନଙ୍କର ବେଦ ବା ଧର୍ମ ସାଧନାରେ ଅଧିକାର ନାହିଁ; ସେମାନେ ଶୁଦ୍ର ପଦବାଚ୍ୟ । ଯେଉଁମାନେ ଏହି ତପଃ, ସ୍ୱାଧ୍ୟାୟ ଓ ଭଗବତ୍ ଉପାସନା କରନ୍ତି ନାହିଁ, ସେହିମାନେ ହିଁ ଶୂଦ୍ର । ଏହି ସହଜଭାବକୁ ବିକୃତ କରି ପ୍ରକାଶ କରାଯାଇଚି ଯେ ବେଦରେ ଶୂଦ୍ରମାନଙ୍କର ଅଧିକାର ନାହିଁ । ପୂର୍ବଯୁଗରେ ଗୁଣ କର୍ମ ଅନୁସାରେ ଜାତି ନିର୍ଣ୍ଣୟ କରାଯାଉଥିଲା । କାଳକ୍ରମେ ମାନବମାନଙ୍କ ମଧ୍ୟରେ ପରସ୍ପର ପ୍ରେମପ୍ରୀତି ଭାବ, ଅଭେଦଜ୍ଞାନ ଓ ଏକାତ୍ମବୁଦ୍ଧିର ଅଭାବ ହେତୁ ପରସ୍ପର ମଧ୍ୟରେ ସଂକୀର୍ଣ୍ଣତା, ଭେଦଜ୍ଞାନ, ସ୍ୱାର୍ଥପରତା ଓ କାମୁକତା ବର୍ଦ୍ଧିତ ହେଲା । ଯେଉଁମାନଙ୍କର ସ୍ୱଭାବ ଉଦାର, ଯେଉଁମାନେ ବିଶ୍ୱପ୍ରେମିକ, ତ୍ୟାଗୀ, ସଂଯମୀ, ସତ୍ୟଧର୍ମପରାୟଣ, ଯୋଗୀ, ଜ୍ଞାନୀ ଓ ଈଶ୍ୱରାଧନାନିରତ, ସେହିମାନେ ହିଁ ବ୍ରାହ୍ମଣ । ଉକ୍ତ ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ରଜୋଗୁଣୀ ଧନୀ ଓ ଶକ୍ତିଶାଳୀ ମାନବଗଣ ମାନ୍ୟ କରିଥାନ୍ତି । ଆସକ୍ତିଚିତ୍ତ ମାନବଙ୍କ ମଧ୍ୟରୁ କ୍ରମେ ତ୍ୟାଗ, ସଂଯମ, ପ୍ରେମ, ଜ୍ଞାନ ଓ ଉଦାରତା ଲୋପ ପାଇଯାଏ । ତେଣୁ ସମାଜକୁ ଉନ୍ନତ କରିବାକୁ ହେଲେ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସତ୍‌ଶିକ୍ଷା ଦାନ କରି ପ୍ରତ୍ୟେକଙ୍କର ସତ୍‌ଚରିତ୍ର ଗଠନ କରିବା ନିମିତ୍ତ ଉଦ୍ୟମ ଓ ଅଭ୍ୟାସ ଏକାନ୍ତ ବାଞ୍ଛନୀୟ । ବ୍ୟକ୍ତିଗତ ଶିକ୍ଷାଦାନ ଫଳରେ ସମାଜରୁ ଭେଦଭାବ ଦୂର ହୋଇଯିବ । ଏଥିପାଇଁ ପ୍ରଥମରୁ ବାଳକମାନଙ୍କୁ ସତ୍‌ଶିକ୍ଷା ଦେଇ ଧର୍ମସାଧନାର ଅଧିକାର ଅର୍ଜନ କରାଇନେବାକୁ ପଡ଼ିବ । ଛାତ୍ରମାନେ ବାଲ୍ୟକାଳରୁ ତ୍ୟାଗୀ, ସଂଯମୀ, ଆତ୍ମଜ୍ଞାନୀ, ପ୍ରେମିକ, ଯୋଗୀ ଓ ବ୍ରହ୍ମଚାରୀ ଭାବରେ ଗଠିତ ହେବା ଆବଶ୍ୟକ । ସେଥିପାଇଁ ବୟସ୍କ ପ୍ରବୀଣ ଶିକ୍ଷକଙ୍କର ଏକାନ୍ତ ପ୍ରୟୋଜନ । ବିନା ମୂଲ୍ୟରେ କିମ୍ବା ଅତି ଅଳ୍ପ ମୂଲ୍ୟରେ ଶିକ୍ଷାର ବ୍ୟବସ୍ଥା କରିବାକୁ ହେବ । ତାହାହେଲେ ସତ୍ୟଧର୍ମରେ ସମସ୍ତଙ୍କର ଅଧିକାର ଲାଭ ହୋଇ ଜୀର୍ଣ୍ଣସମାଜର ରୂପାନ୍ତର ଘଟିବ ।

(୧୦୮୨) ସତ୍ୟଧର୍ମରେ ଅନଧିକାରୀ ବା ଶୂଦ୍ରଭାବ : ପ୍ରତ୍ୟେକ ମାନବର ପୂର୍ବଜନ୍ମର ସୁକୃତି ଅନୁସାରେ ତାହାର ଭାଗ୍ୟ, ଅର୍ଥ, ଆୟୁ, ବୁଦ୍ଧି, ଶକ୍ତି ଓ ବଂଶ ନିରୂପିତ ହୋଇଥାଏ । ମାନବ ଜନ୍ମଗ୍ରହଣ କରିବା ମାତ୍ରକେ ତାହାର

ପୂର୍ବଗୁଣ ଓ ଶକ୍ତିର ସମ୍ୟକ୍ ବିକାଶ ହୋଇପାରେ ନାହିଁ । ଜନ୍ମଗ୍ରହଣ ପରେ ପ୍ରତ୍ୟେକ ମାନବର ସ୍ୱାଭାବିକ ଗୁଣ ଶୂଦ୍ରତ୍ୱ । ପରେ ଗୁରୁକୂଳରେ ସଂସ୍କାରର ପରିବର୍ତ୍ତନ ଘଟିଲେ, ମାନବ ଉତ୍ତମ, ମଧ୍ୟମ ଓ ଅଧମ ଦ୍ୱିଜଭାବ ପ୍ରାପ୍ତ ହୁଏ । ଏହି ତ୍ରିବିଧ ଭାବକୁ ବ୍ରାହ୍ମଣତ୍ୱ, କ୍ଷତ୍ରିୟତ୍ୱ ଓ ବୈଶ୍ୟତ୍ୱ କୁହାଯାଏ । ନୀଚକୂଳ ସମ୍ଭୂତ ମାନବ ଶିକ୍ଷା ଓ ପୁରୁଷାକାର ବଳରେ ଉଚ୍ଚବର୍ଣ୍ଣତ୍ୱ ଲାଭ କରିପାରନ୍ତି । କାଳପ୍ରଭାବରେ ମନୁଷ୍ୟ ସମାଜରେ ଅତ୍ୟାସକ୍ତି, ଅଜ୍ଞାନତା, ଶରୀର ମନର ଦୁର୍ବଳତା ଓ ଅନ୍ନାଭାବ ହେତୁ ଓ ସୁବିବେଚକ ରାଜଶକ୍ତି ଅଭାବରୁ ଗୁଣକର୍ମାନୁଯାୟୀ ବର୍ଣ୍ଣଭେଦ ସ୍ଥଳରେ ଜାଗତିକ ପ୍ରଥା ପ୍ରାଧାନ୍ୟଲାଭ କରିଅଛି । ଏ ଜଗତରେ ପ୍ରତ୍ୟେକ ବ୍ୟକ୍ତିଙ୍କର ସାଧନ-ଭଜନ ଦ୍ୱାରା ଆତ୍ମୋନ୍ନତି କରିବାର ଅଧିକାର ଅଛି । ପ୍ରତ୍ୟେକ ମାନବ ଏକ ଈଶ୍ୱରଙ୍କ ଅଂଶ । ତେଣୁ ବେଦଶାସ୍ତ୍ରରେ ସମସ୍ତଙ୍କର ଅଧିକାର ଥିବା ସତ୍ତ୍ୱେ ଯେଉଁମାନେ ସେ ପଥରେ ଅଗ୍ରସର ହେବାକୁ ଅସମର୍ଥ, ସେହିମାନେ ହିଁ ଶୂଦ୍ର ପଦବାଚ୍ୟ । ଅଧିକାଂଶ ମାନବ କର୍ମଦୋଷରେ ବା ବିବିଧ କାରଣରୁ ବେଦ ଓ ଆତ୍ମଜ୍ଞାନରେ ଅନଧିକାରୀ ହୋଇପାରନ୍ତି । ତନ୍ମଧ୍ୟରୁ ଯେଉଁମାନେ ଅତିଶୟ ପାପମତି, ପାପାଚରଣରେ ଆସକ୍ତ, ଅସତ୍ୟପରାୟଣ, ଅସଂଯମପରାୟଣ, ଅଭିମାନୀ, ଅହଙ୍କାରୀ, ଲିଖନ ପଠନରେ ଅନଭିଜ୍ଞ, ଦୁଷ୍ଟ ପ୍ରକୃତିବିଶିଷ୍ଟ, ଅବିଶ୍ୱାସ ଓ ଅଶ୍ରଦ୍ଧାପରାୟଣ ଏବଂ ତମୋଗୁଣାତ୍ମକ ସ୍ୱଭାବବିଶିଷ୍ଟ ଅର୍ଥାତ୍ ଯେଉଁମାନେ ପ୍ରମାଦ, ଆଳସ୍ୟ ଓ ଅନିୟମିତ ନିଦ୍ରାର ଅନୁଶୀଳନ କରନ୍ତି, ମାଦକସେବନ କରନ୍ତି, ସେହିମାନଙ୍କ ଅନ୍ତର ଶୂଦ୍ରଭାବାପନ୍ନ ହେତୁ ସେହିମାନେ ହିଁ ଜ୍ଞାନାଲୋଚନା ଏବଂ ଅଧ୍ୟାତ୍ମସାଧନ-ପଥର ଅନଧିକାରୀ । ଏହି ଭାବରେ ବେଦ ବା ଜ୍ଞାନସ୍ୱରୂପ ଶ୍ରୀଭଗବାନ ବା ସାଧନା ସେମାନଙ୍କ ପାଇଁ ବାରିତ ହେତୁ ସେମାନେ ଶୂଦ୍ର । ଅର୍ଥାତ୍ ଯେଉଁମାନେ ବେଦଜ୍ଞାନର ଆଲୋଚନା କରିବାକୁ ଅନଧିକାରୀ, ସେମାନେ ଶୂଦ୍ର । ଯେଉଁମାନଙ୍କର ବେଦଜ୍ଞାନରେ ପ୍ରବେଶାଧିକାର ବା ସାମର୍ଥ୍ୟ ନାହିଁ, ସେହିମାନେ ହିଁ ଶୂଦ୍ର ପଦବାଚ୍ୟ । ମାନବମାନଙ୍କ ମଧ୍ୟରେ ପ୍ରେମ, ଅଭେଦଜ୍ଞାନ ଓ ଏକାତ୍ମବୁଦ୍ଧିର ଅଭାବ ହେତୁ ସଂକୀର୍ଣ୍ଣତା, ସ୍ୱାର୍ଥପରତା, କାମୁକତା ବୃଦ୍ଧି ହେଲେ ମାନବ ଶୂଦ୍ରତ୍ୱ ପ୍ରାପ୍ତି ହୁଏ । ଉଦାର ସ୍ୱଭାବ, ବିଶ୍ୱପ୍ରେମିକ, ତ୍ୟାଗୀ, ସଂଯମୀ, ସତ୍ୟଧର୍ମପରାୟଣ, ଯୋଗୀ, ଜ୍ଞାନୀ ସାଧୁ ମହାତ୍ମାମାନଙ୍କର ସଂଖ୍ୟା ଯେପରିମାଣରେ ବୃଦ୍ଧି ହେବ, ସମାଜରୁ ବୈଷମ୍ୟ ଓ ଭେଦଭାବ ସେହି ପରିମାଣରେ ଦୂର ହୋଇ କ୍ରମେ

ଶୂଦ୍ରଭାବ ତିରୋହିତ ହେବ। କାମାସକ୍ତ, ଭୋଗାସକ୍ତ, ସ୍ୱାର୍ଥପର ଓ ସଂକୀର୍ଣ୍ଣଚେତା ମାନବ କେବେହେଲେ ଜ୍ଞାନ, ପ୍ରେମ ରୂପ ନିଷ୍କାମତା ଓ ଉଦାରତା ଅର୍ଜନ କରିବା ପାଇଁ ସକ୍ଷମ ହେବେ ନାହିଁ।

(୧୦୮୩) ଈଶ୍ୱରଭାବ : ଯେଉଁ ଶକ୍ତିବଳରେ ଏହି ବିଶ୍ୱରେ ଯାବତୀୟ ପଦାର୍ଥର ପରିବର୍ଦ୍ଧନ ଓ ପରିବର୍ତ୍ତନ ହେଉଅଛି, ସେହିସବୁ ଶକ୍ତି ବାହାରେ ନାହିଁ। ଅର୍ଥାତ୍ ବାହାର କୌଣସି ଶକ୍ତି ଏହାକୁ ପରିଚାଳିତ କରେ ନାହିଁ। ଏସବୁର ନିୟନ୍ତ୍ରଣକାରୀ ଶକ୍ତି ଏହାରି ଅଭ୍ୟନ୍ତରରେ ବିରାଜିତ। ସୁତରାଂ ଜୀବର ନିଜ ଭିତରେ ତାହାର ଯାବତୀୟ ଅବସ୍ଥାର ନିୟମନକାରୀ ଶକ୍ତି ଅବସ୍ଥିତ। ବହିସ୍ଥ ଶକ୍ତିଦ୍ୱାରା କେହି କେବେ ପରିଚାଳିତ ହୁଅନ୍ତି ନାହିଁ। କିନ୍ତୁ ସାଧାରଣ ଅଜ୍ଞାନୀମାନେ ମନେ କରନ୍ତି, ବାହାରର କୌଣସି ଐଶୀଶକ୍ତି ଜୀବମାନଙ୍କୁ ନିୟନ୍ତ୍ରଣ କରୁଅଛି। ଏହି ଅଜ୍ଞାନତାର ବଶୀଭୂତ ହୋଇ ଜୀବର ଜଣେ କେହି ସ୍ୱତନ୍ତ୍ର ଈଶ୍ୱର ଅଛନ୍ତି ଓ ସେ ସୃଷ୍ଟି-ସ୍ଥିତି ଲୟର କର୍ତ୍ତା—ଏକଥା ମାନବଗଣ ଅନୁମାନ କରିଥାନ୍ତି। ବିଶ୍ୱ-ନିୟାମକ ଈଶ୍ୱର ଅଛନ୍ତି ଏ କଥା ସତ୍ୟ; କିନ୍ତୁ ତାଙ୍କର ନିବାସ ସର୍ବଜୀବଙ୍କ ଅନ୍ତର-ମନ୍ଦିରରେ। ନିୟନ୍ତାଶକ୍ତିଙ୍କୁ ଈଶ୍ୱର କୁହାଯାଏ। ସେହି ଶକ୍ତି ଅଚେତନ ନୁହନ୍ତି; ସେହି ଈଶ୍ୱର ବ୍ରହ୍ମଙ୍କ ପରି ନିଷ୍କ୍ରିୟ ନୁହନ୍ତି। ସେ କର୍ତ୍ତା ବା ପ୍ରଭୁ। ସେହି ଶକ୍ତି ସର୍ବଜ୍ଞ ଓ ସର୍ବାନ୍ତର୍ଯ୍ୟାମୀ। ଚୈତନ୍ୟଯୁକ୍ତ ଶକ୍ତିଙ୍କର ହିଁ ବିଶ୍ୱନିୟମନ ଶକ୍ତି ବିଦ୍ୟମାନ। କେବଳ ଶକ୍ତି କିମ୍ବା କେବଳ ଚୈତନ୍ୟର ନିୟମନକାରୀ ଶକ୍ତି ନଥାଏ। ଜୀବମାନଙ୍କର କର୍ମ ସମଷ୍ଟି ହିଁ ଚୈତନ୍ୟଯୁକ୍ତ ହୋଇ ବିଶ୍ୱନିୟନ୍ତା ଈଶ୍ୱର ନାମରେ ଅଭିହିତ ହୁଅନ୍ତି। ପୁଣି ସେହି ଈଶ୍ୱର ହିଁ ଜୀବର ଆତ୍ମା ହୋଇ ଜୀବଭିତରେ ଅବସ୍ଥାନ କରନ୍ତି। ତେଣୁ କର୍ମ ହିଁ ଈଶ୍ୱର, କର୍ମ ହିଁ ପ୍ରକୃତି ଏବଂ କର୍ମ ହିଁ ଶକ୍ତି। ମାନବର ଅଜ୍ଞାତ ମନ, ଜ୍ଞାନ ଓ ଶକ୍ତି ହିଁ ପ୍ରକୃତ ଈଶ୍ୱର ପଦବାଚ୍ୟ। ଏହି ଈଶ୍ୱର ଏକଭାବରେ ଯେପରି ସମଗ୍ର ବିଶ୍ୱବ୍ୟାପୀ, ପୁନଶ୍ଚ ଅନ୍ୟଭାବରେ ସେହିପରି ପ୍ରତ୍ୟେକ ଜୀବ-ଅନ୍ତରରେ ଚୈତନ୍ୟ ରୂପରେ ଅବସ୍ଥାନ କରନ୍ତି। ସେହି ଈଶ୍ୱରଙ୍କର ଅନ୍ୟ ନାମ ପୁରୁଷ। ତେଣୁ ସେ ସମସ୍ତଙ୍କର ଅନ୍ତରଙ୍ଗ ଓ ଅନ୍ତରଜ୍ଞ। ସେ ଚିତ୍ତରୂପ ଯନ୍ତ୍ର ସାହାଯ୍ୟରେ ଜୀବର ସବୁ କର୍ମର ଏକମାତ୍ର କର୍ତ୍ତା ଓ ନିୟନ୍ତା। ସେ ତାଙ୍କ ଶକ୍ତିଦ୍ୱାରା ଜଗତ୍ ନିୟନ୍ତ୍ରିତ କରନ୍ତି।

(୧୦୮୪) ଚତୁର୍ବିଧ ଶକ୍ତି : ଏକ ବ୍ରହ୍ମଚୈତନ୍ୟ ତାଙ୍କର ଚତୁର୍ବିଧ

ଶକ୍ତିକୁ ଆଶ୍ରୟ କରି ଏହି ସପ୍ତଲୋକସମ୍ପନ୍ନ ବିଶ୍ୱରେ କ୍ରିୟାଶୀଳ ହୋଇ ଲୀଳା କରୁଛନ୍ତି । ଏହି ଲୀଳା ବା ସଂସ୍ରବ ଫଳରେ ସମଗ୍ର ବିଶ୍ୱରେ ପ୍ରଧାନତଃ ଚାରିପ୍ରକାର ଅଭିଜ୍ଞାନ, ଚାରି ପ୍ରକାର ଜଗଦ୍‌ଭାବ ଓ ଚାରି ପ୍ରକାର ଶକ୍ତିର ଆବିର୍ଭାବ ହୋଇଥାଏ । ଅର୍ଥାତ୍ ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି—ଏହି ଚାରିପ୍ରକାର ଅଭିଜ୍ଞାନ; ସ୍ଥୂଳ, ସୂକ୍ଷ୍ମ, କାରଣ ଓ ଆତ୍ମିକ ବା ଇନ୍ଦ୍ରିୟ ଜଗତ୍, ମାନସ ଜଗତ, ବୁଦ୍ଧି ଜଗତ୍ ଓ ଅଧ୍ୟାତ୍ମ ଜଗତ—ଏହି ଚାରିପ୍ରକାର ଜଗଦ୍‌ଭାବ । ଏହି ଚତୁର୍ବିଧ ଶକ୍ତିର ନାମ (୧) ଇନ୍ଦ୍ରିୟ ବା କ୍ରିୟାଶକ୍ତି, (୨) ସଂକଳ୍ପ, ବାସନା ବା ଇଚ୍ଛାଶକ୍ତି, (୩) ବିକଳ୍ପ ବା ବିଜ୍ଞାନ ବୁଦ୍ଧି ବା ଜ୍ଞାନଶକ୍ତି, (୪) ଚୈତନ୍ୟ ବା ଆତ୍ମଶକ୍ତି । ଏହି ଆତ୍ମଶକ୍ତି ଐଶୀଶକ୍ତି ବୋଲି କଥିତ । କର୍ମମୟ-ଜଗତ୍, ଜ୍ଞାନମୟ-ଜଗତ୍ ଓ ମନୋମୟ-ଜଗତ୍—ଏହି ତ୍ରିଜଗତକୁ ଭୌତିକ-ଜଗତ୍, ଏବଂ ଆତ୍ମିକ ଜଗତକୁ ଆଧ୍ୟାତ୍ମିକ ଚିନ୍ମୟ-ଜଗତ କୁହାଯାଏ । ଏଥିରେ ଭୌତିକ ଦ୍ରବ୍ୟ କିଛି ନଥାଏ । ଇନ୍ଦ୍ରିୟ, ବାସନା, ବୁଦ୍ଧି, ଜଡ଼ ଚୈତନ୍ୟ ଏକ ହେଲେ ମଧ୍ୟ ପ୍ରତ୍ୟେକ ଦୁଇ ଭାଗରେ ବିଭକ୍ତ । ଇନ୍ଦ୍ରିୟଶକ୍ତି ହିଁ କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ଭେଦରେ ଦୁଇ ଭାଗରେ ବିଭକ୍ତ । ଇଚ୍ଛାଶକ୍ତି ପାପ-ବାସନା ଓ ପୁଣ୍ୟ-ବାସନା, ବୁଦ୍ଧି ବିଜ୍ଞାନ ଓ ପ୍ରଜ୍ଞାନ ଭାବରେ ଏବଂ ଚୈତନ୍ୟ ଆତ୍ମଚୈତନ୍ୟ ଓ ବ୍ରହ୍ମଚୈତନ୍ୟ ଭାବରେ ଦ୍ୱିଧା ବିଭକ୍ତ ହୋଇ ସମଗ୍ର ବିଶ୍ୱକୁ ନିୟମନ କରୁଛନ୍ତି ।

(୧୦୮୫) ଜଗତ୍‌ଭାବ : ଏହି ଜଗତ୍ ଭେଦମୟ ଓ ବିଚିତ୍ର । ଏହା କେବଳ ଚିତ୍ତ ବା ମନର କଳ୍ପନା ମାତ୍ର । ତେଣୁ ମନ ବାହାରେ ଜଗତ୍ ନାହିଁ । ଜଗତ୍ ମନ ମଧ୍ୟରେ ହିଁ ଅବସ୍ଥାନ କରେ । କିନ୍ତୁ ଦେହ ବାହାରେ ଜଗତ୍ ବିଦ୍ୟମାନ ଥାଏ । ସ୍ଥୂଳ ଇନ୍ଦ୍ରିୟସମଷ୍ଟି ହିଁ ସ୍ଥୂଳ ଦେହଯନ୍ତ୍ର । ସୂକ୍ଷ୍ମ ଓ କାରଣ ଇନ୍ଦ୍ରିୟସମଷ୍ଟି ହିଁ ସୂକ୍ଷ୍ମ ଓ କାରଣ ଦେହ ଯନ୍ତ୍ର ବୋଲି ଅଭିହିତ । ତେଣୁ ଦେହ ଦଶ ଇନ୍ଦ୍ରିୟର ସମଷ୍ଟି ଏବଂ ସେମାନଙ୍କୁ ପରିଚାଳିତ କରୁଥିବା ଶକ୍ତି ମନ ବ୍ୟତୀତ ଅନ୍ୟ କିଛି ନୁହେଁ । ଭୌତିକ ଜଗତ୍ ଏହି ଦେହ ଓ ଇନ୍ଦ୍ରିୟମାନଙ୍କ ବାହାରେ ଅବସ୍ଥାନ କରୁଥିବାରୁ ଏମାନଙ୍କ ସହିତ ଦେହର ବାହ୍ୟଭାବରେ ସମ୍ପର୍କ ବିଦ୍ୟମାନ ଥାଏ । ଏହି ଭାବକୁ ଜଗତ୍‌ଭାବ କୁହାଯାଏ ।

(୧୦୮୬) ମନଃଭାବ : ଆମେ ଯେତେବେଳେ ଚକ୍ଷୁ ମୁଦ୍ରିତ କରି ମନେ ମନେ କଳ୍ପନା ସାହାଯ୍ୟରେ କାଳ୍ପନିକ କାଗଜରେ କିଛି ଲେଖୁଁ ଏବଂ ସେହି

ଲେଖାକୁ ମନେ ମନେ ଦର୍ଶନ ଓ ପାଠ କରୁଁ, ସେତେବେଳେ ସେହି ଲେଖା ବା କାଗଜ ବାହାରେ ଅବସ୍ଥାନ କରେ ନାହିଁ। ସେତେବେଳେ ଆମର ଏକ ମନ ହିଁ କାଗଜ ଓ ଲେଖା ରୂପରେ ମନ ମଧ୍ୟରେ ଦର୍ଶନ ଦାନ କରିଥାଏ। ଦେହ ଓ ଇନ୍ଦ୍ରିୟର ବାହାରେ ଥିବା ବସ୍ତୁ ବା ବିଷୟ ଇନ୍ଦ୍ରିୟଦ୍ୱାରା ଅନୁଭୂତ ହୋଇଥାଏ ମାତ୍ର। କିନ୍ତୁ ମନର ଅଭ୍ୟନ୍ତରସ୍ଥ ବିଷୟ କେବେହେଲେ ଇନ୍ଦ୍ରିୟମାନେ ଅନୁଭବ କରିପାରନ୍ତି ନାହିଁ। ତାହା କେବଳ ମନ ଅନୁଭବ କରିଥାଏ। ମନର ଏହି ଭାବନାକୁ ମନୋଭାବ କୁହାଯାଏ। ଏହି ମନୋଭାବକୁ ଚିତ୍ତ ମଧ୍ୟ କହନ୍ତି। ଏହା ଦୁଇ ଭାବରେ ଅବସ୍ଥାନ କରେ। ଏହି ଦ୍ୱିବିଧ ଭାବର ନାମ—(୧) ବିଦ୍ୟମାନ, (୨) ଅବିଦ୍ୟାମନ ଅର୍ଥାତ୍ ସତ୍ୟମନ ଓ ମିଥ୍ୟାମନ, ମାୟାମୁକ୍ତ ମନ ଓ ମାୟାଯୁକ୍ତ ମନ। ଏହା ହିଁ ସର୍ବଜ୍ଞ ମନ ଓ ଅଜ୍ଞାନାଚ୍ଛନ୍ନ ବା ସଂଶୟାତ୍ମିକା ମନ ଅଥବା ସ୍ଥିରମନ ଓ ଚଞ୍ଚଳମନ। ପ୍ରଥମ ଭାବର ନାମ ଆତ୍ମା ବା ଚିତ୍ ଓ ଦ୍ୱିତ୍ୱୀୟ ମନର ନାମ ଅନ୍ତଃକରଣ। ଏହା ହିଁ ସାଧାରଣ ଚଞ୍ଚଳମନର ଅନ୍ତର୍ଗତ। ଏହି ଅନ୍ତଃକରଣ ଅହଙ୍କାର, ବୁଦ୍ଧି, ମନ ଓ ଇନ୍ଦ୍ରିୟଶକ୍ତି ପ୍ରଭୃତି ବିବିଧ ଭାବରେ ବିଭକ୍ତ। ଏହା ଆତ୍ମାର ମାୟାଚ୍ଛନ୍ନ ଅବସ୍ଥା।

(୧୦୮୭) ଅବିଦ୍ୟାମନ : ଏହି ମନ ଇନ୍ଦ୍ରିୟ ସାହାଯ୍ୟରେ ଆହାର ଗ୍ରହଣ କରେ। ଏହି ମନ ଇନ୍ଦ୍ରିୟ ସାହାଯ୍ୟରେ ଥରେ ଯାହା ଦର୍ଶନ କରେ, ତଦାକାରରେ ପରିଣତ ହୋଇଯାଏ। ଏହି ମନ ମାୟାଶକ୍ତିଙ୍କର ବଶୀଭୂତ ହେତୁ ସର୍ବଦା ଭ୍ରାନ୍ତିଦର୍ଶନ କରିଥାଏ। ସାଧାରଣଙ୍କ ଠାରେ ଏହି ମନ ଜାଗ୍ରତ ଥାଇ ସେମାନଙ୍କୁ ସାଂସାରିକ ଭାବରେ ନିତ୍ୟ କ୍ରିୟାପରାୟଣ କରୁଅଛି। ଅବିଦ୍ୟାମନ ଇନ୍ଦ୍ରିୟ ସାହାଯ୍ୟରେ ଥରେ ଯାହା ଅନୁଭବ କରୁଛି, ତାହା ଭୁଲ ହେଉ ବା ଠିକ୍ ହେଉ, ତତ୍ସ୍ୱରୂପରେ ପରିଣତ ହୋଇଯାଉଛି। ତେଣୁ ବୁଦ୍ଧିଦ୍ୱାରା ସେହି ଭାବକୁ ସ୍ପର୍ଶ କଲେ ତାହାର ନାମ ହୁଏ ଚିନ୍ତା, ସ୍ମୃତି ବା କଳ୍ପନା। ମନର ବିଶିଷ୍ଟ ପ୍ରକାର କଳ୍ପନାକୁ ଅର୍ଥାତ୍ ମନର ପୂର୍ବାବସ୍ଥାକୁ ସ୍ମୃତି କୁହାଯାଏ। ଏହାକୁ କହନ୍ତି ବିକଳ୍ପ। ମନର ସଂଗଠନ ଶକ୍ତିକୁ କୁହାଯାଏ ସଂକଳ୍ପ। ଏହା ହିଁ ବାସନା ନାମରେ ଖ୍ୟାତ। ଏହି ମନ ସଂକଳ୍ପ-ବିକଳ୍ପଯୁକ୍ତ ସଂସ୍କାରର ସମଷ୍ଟି ଭିନ୍ନ ଅନ୍ୟ କିଛି ନୁହେଁ। ଏହି ମନ ଅବିଦ୍ୟାଚ୍ଛନ୍ନ। ତେଣୁ ଅବିଦ୍ୟା ହିଁ କର୍ମର ମୂଳ କାରଣ। ମନର କାର୍ଯ୍ୟ ନିମିତ୍ତ ଏହି ଦେହର ଆବଶ୍ୟକତା। ମନର ବାହ୍ୟ ଅନୁଭୂତି ନିମିତ୍ତ ଯେଉଁ ଯନ୍ତ୍ର

ଆବଶ୍ୟକ, ତାହାକୁ ବହିଃକରଣ ବା ବହିରିନ୍ଦ୍ରିୟ ଏବଂ ଆଭ୍ୟନ୍ତରୀଣ ଅର୍ଥାତ୍ ଅନ୍ତରରେ ସଂକଳ୍ପ-ବିକଳ୍ପ ସାଧନ ନିମିତ୍ତ ଯେଉଁ ଯନ୍ତ୍ର ଆବଶ୍ୟକ, ତାହାକୁ ଅନ୍ତଃକରଣ କୁହାଯାଏ। ମନର ଏହି ବୃତ୍ତି ଚରିତାର୍ଥ କରିବା ନିମିତ୍ତ ଏହି ଦେହର ପ୍ରୟୋଜନ। ତେଣୁ ଅବିଦ୍ୟାମନରେ ଅଜ୍ଞାତ ଓ ଅପ୍ରାପ୍ତ ବିଷୟ ବହୁ ପରିମାଣରେ ବିଦ୍ୟମାନ ଥାଏ। ଆତ୍ମା ବା ବିଦ୍ୟାମନ ଉପରେ ଅବିଦ୍ୟା ଆବରଣ ପତିତ ନ ହେଲେ ଅଥବା ଅଜ୍ଞାନତାଦ୍ୱାରା ସତ୍ୟଜ୍ଞାନ ଆବୃତ୍ତ ନ ହେଲେ ଜଗତ୍ ଚଳିପାରେ ନାହିଁ। ଏହି ଅବିଦ୍ୟାମନ ମନେକରେ, ସେ ଯେପରି ଏହି ଦେହ ଓ ଇନ୍ଦ୍ରିୟ ସାହାଯ୍ୟର ଏହି ବିଶ୍ୱର ସମସ୍ତ ବିଷୟ ଉପଭୋଗ କରୁଛି ! ଦେହ ଓ ଇନ୍ଦ୍ରିୟ ନ ଥିଲେ ସେ କିଛି ଭୋଗ କରିପାରନ୍ତା ନାହିଁ। ଏହି ଭାବକୁ ଅହଂଭାବ କୁହାଯାଏ। ଏହି ମନ ଦେହ ଓ ଇନ୍ଦ୍ରିୟଦ୍ୱାରା ଦ୍ରବ୍ୟପ୍ରାପ୍ତିକୁ ପ୍ରକୃତ ପ୍ରାପ୍ତି ବୋଲି ଧାରଣା କରିଥାଏ। ଦେହ ଓ ଇନ୍ଦ୍ରିୟ ଦ୍ୱାରା କୌଣସି ବସ୍ତୁ ସ୍ପର୍ଶ କରି ନ ପାରିଲେ ତାହାକୁ ସତ୍ୟ ବୋଲି ଧାରଣା କରେ ନାହିଁ। ତେଣୁ ଏହି ମନ ଭାବେ, ଦେହ ଓ ଇନ୍ଦ୍ରିୟ ନ ଥିଲେ ମୁଁ ରହିପାରିବି ନାହିଁ ଏବଂ ମୃତ୍ୟୁ ପରେ ମୋର ସତ୍ତା ମଧ୍ୟ ରହିବ ନାହିଁ। ସୁତରାଂ କେବଳ ଇନ୍ଦ୍ରିୟଦ୍ୱାରା ପାଇବାକୁ—ପାଇବା କୁହାଯାଏ ନାହିଁ। ଅତଏବ ପାଇବାର ଅନ୍ତ ନାହିଁ। ଶରୀରତଃ ପାଇବା ଅଧିକାମ୍ବରେ ପାଇବା ଅର୍ଥାତ୍ ସାମାଜିକ, ଲୌକିକ ଓ ରାଷ୍ଟ୍ରୀୟ ବିଧିଦ୍ୱାରା ପାଇବାକୁ ସାଧାରଣତଃ ପାଇବା କୁହାଯାଇଥାଏ। ଫଳରେ ଇନ୍ଦ୍ରିୟମାନଙ୍କ ଅବସ୍ଥା ଓ ଶକ୍ତି ଉପରେ ଭୌତିକ ଜଗତର ଅସ୍ତିତ୍ୱ ନିର୍ଭର କରୁଅଛି। ତେଣୁ ଏହି ମନ ନିକଟରେ ଏହି ଜଗତ୍ ସତ୍ୟ ବୋଲି ପ୍ରତୀତ ହୋଇଥାଏ। ଏହି ମନକୁ ସାଧନାଦ୍ୱାରା ବଶୀଭୂତ କରି ବିଦ୍ୟାମନରେ ପରିଣତ କରିବାକୁ ହେବ।

(୧୦୮୮) ବିଦ୍ୟାମନ : ଏହି ମନରେ ଅବିଦ୍ୟା, ସଂଶୟ, କୁସଂସ୍କାର ପ୍ରଭୃତି କିଛି ନାହିଁ। ଏହି ବିଶ୍ୱ, ଏହି ମନ ନିକଟରେ ସତ୍ୟସ୍ୱରୂପରେ ପ୍ରତିଭାତ ହୋଇଥାଏ। ସାଧାରଣଙ୍କଠାରେ ଏହି ମନର ବିକାଶ ପରିଦୃଷ୍ଟ ହୁଏ ନାହିଁ। ସମଗ୍ର ଜଗତ୍‌କୁ ଯେଉଁ ଦୃଷ୍ଟିରେ ଦେଖିବା ଦରକାର, ବିଦ୍ୟାମନ ତାହାକୁ ଠିକ୍ ସେହି ଭାବରେ ଦର୍ଶନ କରିଥାଏ। ଏହି ମନକୁ ସତ୍ୟ ସ୍ୱରୂପ ଆତ୍ମା ବା ସ୍ଥିରମନ କୁହାଯାଏ। ଏଥିରେ କୁସଂସ୍କାର ବା ସଂଶୟ ନାହିଁ। ଏହି ମନଭିତରେ ସମଗ୍ର ଜଗତ୍ ଅବସ୍ଥିତ। ଏହି ମନରେ କଳ୍ପନା ଜଳ୍ପନା ନାହିଁ। ଏହି ମନ ସର୍ବବ୍ୟାପୀ

ପୂର୍ଣ୍ଣ ଭଗବାନଙ୍କ ଅଧିଷ୍ଠାନ କ୍ଷେତ୍ର । ବିଦ୍ୟାମନର ଅବିଦ୍ୟାମନ ପରି ଆହାର ଗ୍ରହଣ, ଦର୍ଶନ, ସ୍ପର୍ଶନ ପ୍ରଭୃତି ଇନ୍ଦ୍ରିୟ ସାହାଯ୍ୟରେ ସମ୍ପନ୍ନ ହୁଏ ନାହିଁ । ଏହି କାରଣରୁ ବିଦ୍ୟାମନ ବା ଆତ୍ମାର ବିଷୟ ଗ୍ରହଣ ନିମିତ୍ତ ଇନ୍ଦ୍ରିୟର ପ୍ରୟୋଜନ ହୁଏ ନାହିଁ । ଏହି ମନକୁ ଆତ୍ମାରାମ କୁହାଯାଏ । ବିଶ୍ୱର ଯାବତୀୟ ବିଷୟ ଏହି ବିଦ୍ୟାମନର ଅଭ୍ୟନ୍ତରରେ ବିରାଜିତ । ଏହି ମନ ଇନ୍ଦ୍ରିୟ ଯନ୍ତ୍ରର ବିନା ସାହାଯ୍ୟରେ ସମସ୍ତ ଅବଗତ ହୋଇପାରେ ଓ ଇନ୍ଦ୍ରିୟର ବିନା ସାହାଯ୍ୟରେ ସମସ୍ତ ଦେଖିପାରେ, ଶୁଣିପାର ଓ ଅନୁଭବ କରିପାରେ । ତେଣୁ ଏହି ମନର କୌଣସି କର୍ମ ନାହିଁ । ଏହି ମନ ସର୍ବଦା ନିଶ୍ଚଳ ଭାବରେ ଅବସ୍ଥାନ କରୁଥିଲେ ମଧ୍ୟ ସର୍ବଜ୍ଞ, ସର୍ବକର୍ମଦକ୍ଷ ଓ ସର୍ବଦ୍ରଷ୍ଟା କର୍ତ୍ତାପୁରୁଷ । କର୍ମ ନିମିତ୍ତ, ଲୀଳା ନିମିତ୍ତ, ଆତ୍ମା ବା ବିଦ୍ୟାମନ ସ୍ୱେଚ୍ଛାରେ ନିଜକୁ ଅବିଦ୍ୟା ଆବରଣରେ ଆବରିତ କରି ଏହି ବିଶ୍ୱକୁ ଅନୁଭବ କରିଥାଏ । ଆତ୍ମା ସ୍ୱୟଂ ଏହି ବିଶ୍ୱରୂପ । ଏହି ମନ ହିଁ ଅବିଦ୍ୟାମନ ସାଜି ସେହି ପୂର୍ଣ୍ଣ ବା ବିଦ୍ୟାମନକୁ ଲାଭ କରିବା ନିମିତ୍ତ ଏହି ବିଶ୍ୱପଥରେ ସାଧନାରତ । ଏହି ସାଧନପଥରେ ମନ ବିବିଧ ବିଷୟ ଲାଭ କଲେ ମଧ୍ୟ ସେଥିରୁ ତୃପ୍ତ ହୋଇପାରେ ନାହିଁ । କିନ୍ତୁ ବିଦ୍ୟାମନରେ ସେଭଳି ଅତୃପ୍ତି ନାହିଁ । ବିଦ୍ୟାମନର ପ୍ରାପ୍ତି କାଳ୍ପନିକ ହେଲେ ମଧ୍ୟ ତାହା ଅସ୍ପଷ୍ଟ ବା ମିଥ୍ୟା ନୁହେଁ । ତାହା ସତ୍ୟଭାବରେ ମନ ମଧ୍ୟରେ ଅନୁଭୂତ ହୋଇଥାଏ । ସ୍ୱପ୍ନ ସମୟରେ ମନର କଳ୍ପିତ ସ୍ୱପ୍ନାନୁଭବଠାରୁ ଏହା ଅଧିକତର ସତ୍ୟଭାବରେ ଅନୁଭୂତ ହୋଇଥାଏ । ବିଦ୍ୟାମନର କଳ୍ପନା ଭୌତିକ ଜଗତ୍‌ଠାରୁ ଅଧିକତର ସତ୍ୟ ଓ ସ୍ଥାୟୀ ।

(୧୦୮୯) ମନର ଶକ୍ତି : ଏହି ଦୃଶ୍ୟମାନ ଭୌତିକ ଜଗତ ମନର କଳ୍ପନା ହେଲେ ମଧ୍ୟ ସାଧାରଣ ମାନବ ଏହାକୁ ସତ୍ୟ ବୋଲି ଅନୁଭବ କରୁଅଛି । ଯେ ପର୍ଯ୍ୟନ୍ତ ମାନବ ତାହାର କଳ୍ପନାକୁ ଇନ୍ଦ୍ରିୟ ଗ୍ରାହ୍ୟ ଭୌତିକ ଜଗତ ଆକାରରେ ପରିଣତ କରି ନ ପାରିଛି, ସେପର୍ଯ୍ୟନ୍ତ ସେଥିରେ ତାହାର ବିଶ୍ୱାସ ଜାତ ହୁଏ ନାହିଁ । କଳ୍ପନା ସାହାଯ୍ୟରେ ବହୁ ବିଷୟ ଅନୁଭୂତ ହୋଇପାରେ ସତ୍ୟ; ମାତ୍ର କି ଉପାୟରେ ତାହା ଇନ୍ଦ୍ରିୟଗ୍ରାହ୍ୟ ହୋଇପାରେ ? ଏହା ହିଁ ପ୍ରକୃତ ସମସ୍ୟା । ଏହି ପ୍ରଶ୍ନର ଉତ୍ତର ଦେବାକୁ ହେଲେ ସ୍ୱପ୍ନଜଗତର ସହାଯ୍ୟ ଗ୍ରହଣ କରିବାକୁ ପଡ଼ିବ । ସ୍ୱପ୍ନରେ ଯେତେବେଳେ ଆମେ କିଛି ଅନୁଭବ କରୁଁ, ସେତେବେଳେ ତାହା ଦେହ ଓ ତଇନ୍ଦ୍ରିୟଦ୍ୱାରା ପାଇବା ଭଳି ଅନୁଭବ ହୋଇଥାଏ । କିନ୍ତୁ ସ୍ୱପ୍ନ ଭାଙ୍ଗିଗଲେ

ତାହା ମିଥ୍ୟା ହୋଇଯାଏ । କାରଣ ମନ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ସ୍ୱପ୍ନ ଦର୍ଶନ କରେ । ଇନ୍ଦ୍ରିୟମାନେ ସୂକ୍ଷ୍ମ ଶକ୍ତିବିଶେଷ । ଏହି ସୂକ୍ଷ୍ମ ଇନ୍ଦ୍ରିୟଗୁଡ଼ିକର ବହିର୍ଦ୍ଵାରଗୁଡ଼ିକ ସ୍ଥୂଳ ଚକ୍ଷୁ କର୍ଣ୍ଣାଦି ରୂପରେ ଏହି ଦେହରେ ସ୍ଥୂଳ ଭାବରେ ବ୍ୟକ୍ତ ହୁଅନ୍ତି । ତେଣୁ ଦେହ ନ ଥିଲେ ମଧ୍ୟ ଇନ୍ଦ୍ରିୟ ଓ ମନ ବିଦ୍ୟମାନ ଥାଏ ଏବଂ ଏହାର କ୍ରିୟା ମଧ୍ୟ ଥାଏ । ମନ ସ୍ୱପ୍ନାବସ୍ଥାରେ ଏହି ସୂକ୍ଷ୍ମ ଇନ୍ଦ୍ରିୟଦ୍ୱାରା ସମସ୍ତ ଦର୍ଶନ, ସ୍ପର୍ଶନ ଓ ଆସ୍ୱାଦନ କରିଥାଏ । ମନ ଏହି ସୂକ୍ଷ୍ମ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ସ୍ୱପ୍ନ ଅବସ୍ଥାରେ ଆହାର ଗ୍ରହଣ କରିଥାଏ । କିନ୍ତୁ ଜାଗ୍ରତାବସ୍ଥାରେ ତାହାର ସେହି ସୂକ୍ଷ୍ମଜ୍ଞାନ ତିରୋହିତ ହୋଇଯାଏ । କାରଣ ମନ ଏ ଜଗତରେ ସ୍ଥୂଳଭାବରେ ଅନୁଭବ କରିବାରେ ଅଭ୍ୟସ୍ତ ଥାଏ । ଏଠାରେ ସ୍ୱପ୍ନକୁ ଜାଗ୍ରତ କରିବାର ଅଭ୍ୟାସ କଲେ ସୂକ୍ଷ୍ମଶକ୍ତି ଜାଗ୍ରତ ହୋଇଉଠେ । ସ୍ଥୂଳ ବ୍ୟତୀତ ସୂକ୍ଷ୍ମଶକ୍ତି ଉପରେ ବିଶ୍ୱାସ ନ ଥିବାରୁ ସ୍ୱପ୍ନ ମିଥ୍ୟା ହୋଇଯାଏ । ପ୍ରକୃତପକ୍ଷରେ ସ୍ୱପ୍ନରେ ପାଇବା ଏକାବେଳକେ ମିଥ୍ୟା ନୁହେଁ । ତେବେ ସ୍ୱପ୍ନକୁ ଯଦି ମିଥ୍ୟା କୁହାଯିବ, ଏହି ଜାଗ୍ରତାବସ୍ଥା ମଧ୍ୟ ମୃତ୍ୟୁ ପରେ ମିଥ୍ୟା ହୋଇଯିବ । ସ୍ୱପ୍ନ ସମୟରେ ସ୍ୱପ୍ନ ପ୍ରତି ଯେପରି ମିଥ୍ୟା ଜ୍ଞାନ ଜାତ ହୁଏ ନାହିଁ, ସେହିପରି ଜାଗ୍ରତ ଅବସ୍ଥାର ପରିବର୍ତ୍ତନରେ ମଧ୍ୟ ଏହା ମିଥ୍ୟା ବୋଲି ପ୍ରତୀତି ଜାତ ହୁଏ ନାହିଁ । ଜୀବର ବିଦ୍ୟାମନ ବା ଆତ୍ମଜ୍ଞାନ ହେଲେ ଏହି ଜଗତ୍, ସ୍ୱପ୍ନ ଜଗତ୍, ପରଲୋକ ଓ ବ୍ରହ୍ମଲୋକ ମଧ୍ୟ ସ୍ୱପ୍ନତୁଲ୍ୟ ମିଥ୍ୟାବୋଧ ହୁଏ । ସାଧାରଣ ମୃତ୍ୟୁରେ ଜାଗ୍ରତ ଅଭିଜ୍ଞାନ ପ୍ରତି ମିଥ୍ୟା ଜ୍ଞାନ ଆସେ ନାହିଁ । ମନ ଜାଗ୍ରତ ଅବସ୍ଥାରେ ଯେପରି ଇନ୍ଦ୍ରିୟପଥ ଦେଇ ଯାହା ପାଏ ତାହା ସତ୍ୟ ବୋଧ କରେ, ପରକାଳରେ ଥାଇ ମଧ୍ୟ ତାହାକୁ ସେହିପରି ସତ୍ୟବୋଧ କରେ । ଅଦୃଶ୍ୟ ସୂକ୍ଷ୍ମବସ୍ତୁ ସ୍ଥୂଳ ଅବୟବ ଗ୍ରାହ୍ୟ ନ ହେବା ପର୍ଯ୍ୟନ୍ତ ସ୍ଥୂଳ ଇନ୍ଦ୍ରିୟମାନେ ତାକୁ ପାଇବା ବୋଲି ବିଶ୍ୱାସ କରନ୍ତି ନାହିଁ । ସ୍ଥୂଳ ଦ୍ରବ୍ୟକୁ ମନ ଗ୍ରହଣ କରେ ନାହିଁ; ସେ ପାଏ ମନୋମୟ ଦ୍ରବ୍ୟ । ପ୍ରଥମେ ସ୍ଥୂଳ ଅବୟବମାନେ ନିଜ ଭାବ ଅନୁରୂପ ପଦାର୍ଥ ପାଇ ତାହା ମନକୁ ପ୍ରଦାନ କରନ୍ତି; ମନ ବୁଦ୍ଧିକୁ ଏବଂ ବୁଦ୍ଧି ତାହା ଆତ୍ମଚୈତନ୍ୟକୁ ପ୍ରଦାନ କରେ । ତାହାହେଲେ ଯାଇ ଆମେ ତାହା ସତ୍ୟ ଭାବରେ ଗ୍ରହଣ କରିଥାଉଁ । ଏହା ହିଁ ସାଧାରଣ ପାଇବା ।

କିନ୍ତୁ ଏହି ଭାବ ଯେଉଁ ଦିନ ପରିବର୍ତ୍ତିତ ହୋଇଯିବ, ଅର୍ଥାତ୍ ଯେଉଁ ଦିନ ଆତ୍ମା ସେହି ଦ୍ରବ୍ୟ ବୁଦ୍ଧିକୁ, ବୁଦ୍ଧିମନକୁ ଏବଂ ମନ ଇନ୍ଦ୍ରିୟମାନଙ୍କୁ ପ୍ରଦାନ

କରିବେ, ସେହିଦିନ କଳ୍ପନା ଜାଗ୍ରତ ବା ସତ୍ୟଭାବରେ ଦେଖାଦେବ । ସେତେବେଳେ କୌଣସି ସ୍ଥୁଳ ଭୌତିକ ଦ୍ରବ୍ୟ ନିମିତ୍ତ କିମ୍ବା ରାଜ୍ୟଲାଭ ବା ସାଂସାରିକ ସୁଖସମୃଦ୍ଧି ନିମିତ୍ତ କେବଳ ମନରେ ଇଚ୍ଛାକଲେ ତାହା ଇନ୍ଦ୍ରିୟମାନେ ସ୍ଥୁଳଭାବରେ ପ୍ରାପ୍ତ ହୋଇପାରିବେ । ଯେଉଁଦିନ ମନର ଏହି ଇଚ୍ଛାଶକ୍ତି (Will force) ଜାଗ୍ରତ ହେବ, ସେହିଦିନ ଭୌତିକ ଦ୍ରବ୍ୟ ପ୍ରାପ୍ତି ନିମିତ୍ତ ଆଉ ବ୍ୟଗ୍ରତା ରହିବ ନାହିଁ ।

ମନର ଏହି ଶକ୍ତି ଜାଗ୍ରତ ହେଲେ ସେ ମନୋମାୟ ଦ୍ରବ୍ୟକୁ ଭୌତିକ ପରମାଣୁପୁଞ୍ଜଦ୍ୱାରା ଆବୃତ କରି ଭୌତିକ ଅବୟବ ପ୍ରଦାନରେ ସମର୍ଥ ହୋଇପାରିବ । ମନର ଏହି ଶକ୍ତି ଅଛି । କିନ୍ତୁ ଅବିଦ୍ୟାମନରେ ଏହି ଶକ୍ତିର ବିକାଶ ନାହିଁ । ଆତ୍ମା ବା ବିଦ୍ୟାମନର ଏହା ହିଁ ସ୍ୱାଭାବିକୀ ଶକ୍ତି । କିନ୍ତୁ ଏହି ଅବିଦ୍ୟାଯୁକ୍ତ ଚଞ୍ଚଳମନ ବିଦ୍ୟାମନ ପ୍ରତି କିଞ୍ଚିତ ଅଗ୍ରସର ହେଲେ ଏପରି ଆଶ୍ଚର୍ଯ୍ୟ ଶକ୍ତି ଲାଭ ହୋଇଥାଏ । ମନକୁ ଏକାଗ୍ର ଓ ଶୁଦ୍ଧ କରିପାରିଲେ ଏବଂ ଶ୍ରୀଗୁରୁ ଭଗବତ୍ ପଦରେ ମନ ସ୍ଥିର ରଖି କର୍ମ କଲେ ଏହି ଶକ୍ତି ସହଜରେ ଲାଭ ହୋଇଥାଏ । ମନର ସ୍ଥୁଳ ଓ ସୂକ୍ଷ୍ମପରମାଣୁ ଆହରଣର କ୍ଷମତା ଅଛି । ଏହି କାର୍ଯ୍ୟ ନିମିତ୍ତ ଯୋଗଯୁକ୍ତ ମନ ଦରକାର । ଏହି ଇଚ୍ଛାଶକ୍ତିର ଦୃଢ଼ତାଦ୍ୱାରା ଜଗତର ସମସ୍ତ ଅସମ୍ଭବ ସମ୍ଭବ ହୋଇପାରେ । ମନର ଏହି ଶକ୍ତିକୁ ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶରେ ପରିଚାଳିତ କରିପାରିଲେ ମନ ପଞ୍ଚଭୂତରୁ ଅତି ବୈଦ୍ୟୁତିକ ବେଗରେ ପରମାଣୁ ସଂଗ୍ରହ କରି ସ୍ଥୁଳଦ୍ରବ୍ୟ ରଚନା କରିଦେଇପାରେ । ଏହି ଶକ୍ତି ଲାଭ କରି ଭାରତୀୟ ଋଷିମାନେ ବିବିଧ ଯୋଗୈଶ୍ୱର୍ଯ୍ୟ ପ୍ରଦର୍ଶନ କରିଥାନ୍ତି । ଏହି ଶକ୍ତି ଥିବାରୁ ମହାପୁରୁଷମାନେ ଶିଷ୍ୟଭକ୍ତମାନଙ୍କୁ ସ୍ଥୁଳଭାବରେ ଦର୍ଶନ ଦାନ କରିଥାନ୍ତି । ମନରୁ ଏହି ଶକ୍ତିକୁ ଜାଗ୍ରତ କରିବାକୁ ହେଲେ ସଦ୍‌ଗୁରୁଙ୍କ ଠାରୁ କ୍ରିୟାଦି ଶିକ୍ଷା କରି ମନକୁ ଯୋଗଯୁକ୍ତ କରିବାକୁ ପଡ଼ିବ ।

(୧୦୯୦) ଯୋଗଶକ୍ତି : ଯୋଗପ୍ରକ୍ରିୟା ଦ୍ୱାରା ମନର ଶକ୍ତି ଜାଗ୍ରତ ହେଲେ ଦୁର୍ବଳମନ ବା ଅବିଦ୍ୟାମନ ବିଦ୍ୟାମନରେ ପରିଣତ ହୋଇଯାଏ । ଦୁର୍ବଳ ମନ ସୁଦୃଢ଼ ବା ଏକାଗ୍ର ହେଲେ ଏବଂ ମନର ବିକ୍ଷିପ୍ତ ଶକ୍ତିସମୂହ ଏକତ୍ର ସଂଯୁକ୍ତ ହେଲେ (Concentration of mind) ସହଜରେ ଏହି ଶକ୍ତିଲାଭ ହୋଇଥାଏ । ଏହି କ୍ରିୟା ଅତି ଧୀରେ ଧୀରେ ସ୍ୱାଭାବିକ ପ୍ରଣାଳୀରେ ଅଭ୍ୟାସ କରିବା ଆବଶ୍ୟକ । କିନ୍ତୁ ସାଧକମାନେ ଶକ୍ତିଲାଭ ନିମିତ୍ତ କେବେହେଲେ ଯୋଗ ସାଧନ କରିବେ

ନାହିଁ । ମନକୁ ଶ୍ରୀଗୁରୁଦେବଙ୍କ ଚରଣରେ ସଂଲଗ୍ନ କରି ଧ୍ୟାନ କଲେ ହିଁ ସେହି ଶକ୍ତି ସ୍ୱତଃ ଲାଭ ହୋଇଥାଏ ।

ସାଧକମାନେ ଅବିଦ୍ୟାମନକୁ ବିଦ୍ୟାମନରେ ପରିଣତ କରିବାକୁ ଚେଷ୍ଟା କରିବେ, ଅର୍ଥାତ୍ ଭଗବତ୍ ଧ୍ୟାନଧାରଣାରେ ମନୋନିବେଶ କରିବେ । ଏହି ସାଧନନପଥରେ ମନର ପରମାଣୁ ଆହରଣ ଶକ୍ତି ସ୍ୱତଃ ଲାଭ ହୋଇଥାଏ ।

ଯୋଗସାଧନ ପଥରେ ସାଧକମାନନେ ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ ପୂର୍ବକ ତାଙ୍କ ଉପଦେଶରେ କ୍ଷୁଦ୍ର କାମନା ବାସନା, ଭୋଗବିଳାସ, ଲିପ୍ସା, ସ୍ୱାର୍ଥପରତା, ସଂକୀର୍ଣ୍ଣତା, ଅଭିମାନ, ଅସତ୍ ଅଭିପ୍ରାୟ, ପ୍ରତିହିଂସା, ରିପୁମାନଙ୍କ ଉତ୍ତେଜନା, ପରର ଅନିଷ୍ଟଚିନ୍ତା, ଦେହାସକ୍ତି ଏବଂ ଭୌତିକ ଦ୍ରବ୍ୟରେ ଆକାଙ୍କ୍ଷା ପ୍ରଭୃତି ତ୍ୟାଗ କରି, ଭଗବତ୍ ଧ୍ୟାନରେ ରତ ରହି ସାଧନା କରିବେ । ଉପରୋକ୍ତ ବୃତ୍ତି ସମୂହ ବିଦ୍ୟମାନ ଥିଲେ ସାଧନ ଭଜନ ନିମିତ୍ତ ରୁଚି ଜାତ ହୁଏ ନାହିଁ । ମନର ବହିର୍ମୁଖୀନତାକୁ ଏକମୁଖୀ କରିପାରିଲେ ମନର ଏହି ଶକ୍ତି ବୃଦ୍ଧି ପାଇଥାଏ ।

(୧୦୯୧) ପୂର୍ଣ୍ଣ ମାନବର ଶକ୍ତି : ପ୍ରତ୍ୟେକ ମାନବ ମଧ୍ୟରେ ବିବିଧ ଶକ୍ତି ବିରାଜିତ । ତନ୍ମଧ୍ୟରେ ଦେହ, ମନ ଓ ଆତ୍ମା ହିଁ ପ୍ରଧାନ । ଏକାଦଶ ଇନ୍ଦ୍ରିୟ, ବୁଦ୍ଧି, ଅହଙ୍କାର, ଚିତ୍ତ—ଏହା ମନର ଅଂଶ । ପଞ୍ଚଭୂତ ଓ ପଞ୍ଚତନ୍ମାତ୍ର–ଏହା ଦେହର ଅଂଶ ଏବଂ ଜୀବର ସ୍ୱଭାବ ବା ପ୍ରକୃତି ଆତ୍ମଶକ୍ତିର ଅନ୍ତର୍ଗତ । ଅତଏବ ଆତ୍ମା, ସ୍ୱଭାବ, ଅହଙ୍କାର, ଚିତ୍ତ, ବୁଦ୍ଧି, ମନ, ଇନ୍ଦ୍ରିୟ ଓ ଦେହର ସମଷ୍ଟି ହିଁ ଗୋଟିଏ ପୂର୍ଣ୍ଣ ମାନବ ।

(୧୦୯୨) ମାନବର ପଞ୍ଚଦେହ : 'ଭୂଃ' ଠାରୁ 'ଜନ' ପର୍ଯ୍ୟନ୍ତ ପଞ୍ଚଲୋକରେ ଏହି ମାନବର ପଞ୍ଚପ୍ରକାର ଦେହ ବିଦ୍ୟମାନ । ସେଥିମଧ୍ୟରୁ ଅନ୍ନମୟ ଦେହ ସ୍ଥୁଳ ଏବଂ ଅନ୍ୟ ଚାରି ପ୍ରକାର ଦେହ ଅର୍ଥାତ୍ ପ୍ରାଣମୟ ଦେହ, ମନୋମୟ ଦେହ, ବିଜ୍ଞାନମୟ ଦେହ ଓ ଆନନ୍ଦମୟ ଦେହ ସୂକ୍ଷ୍ମ । ସୂକ୍ଷ୍ମଦେହର ମଧ୍ୟ ଇନ୍ଦ୍ରିୟଶକ୍ତି ଅଛି । ସେହି ସୂକ୍ଷ୍ମ ଇନ୍ଦ୍ରିୟଶକ୍ତିଦ୍ୱାରା ସୂକ୍ଷ୍ମଜଗତ୍ ଓ ସ୍ଥୁଳଇନ୍ଦ୍ରିୟବର୍ଗଦ୍ୱାରା ସ୍ଥୁଳଜଗତ ଅନୁଭୂତ ହୋଇଥାଏ ।

(୧୦୯୩) ଆତ୍ମକଲ୍ୟାଣଲାଭରେ ଦଶବିଧ ଅନ୍ତରାୟ : ମାନବଜୀବନର ବିବିଧ ଦୋଷ ମଧ୍ୟରୁ ନିମ୍ନଲିଖିତ ଦଶବିଧ ଦୋଷ ବା ଅନ୍ତରାୟ ପ୍ରଧାନ । ଏହି ଦୋଷଗୁଡ଼ିକ ମାନବ ଜୀବନର ନିତ୍ୟସୁଖ, ସତ୍ୟଜ୍ଞାନ ଓ ଅମରତ୍ୱଲାଭର ପ୍ରଧାନ

ଅନ୍ତରାୟ । ଅତଏବ ଐଶ୍ୱରିକ ଶକ୍ତି, ନିତ୍ୟସୁଖ ଓ ସତ୍ୟଜ୍ଞାନ ଲାଭ କରିବାକୁ ହେଲେ ପ୍ରତ୍ୟେକ ସାଧକଙ୍କୁ ନିମ୍ନୋକ୍ତ ଦୋଷସମୂହ ତ୍ୟାଗ କରିବାକୁ ହେବ ।

କୁଚିନ୍ତା ଅର୍ଥାତ୍ ବିଷୟଚିନ୍ତା, କୁକର୍ମ ଅର୍ଥାତ୍ ନିଜ ସୁଖ ନିମିତ୍ତ ଯେଉଁ କର୍ମ ଚଞ୍ଚଳତା, ପଲ୍ଲବଗ୍ରାହିତା, କାମକ୍ରୋଧାଦି ଷଡ଼ ରିପୁର ଅନୁଶୀଳନ, ଆତ୍ମାଭିମାନ, ଅହଂକାର, ସଦାଚାରହୀନତା, କୁସଂସ୍କାର, କୁଅଭ୍ୟାସ ବା ପ୍ରବୃତ୍ତିପଥରେ ଧାବିତ ହେବା ପ୍ରଭୃତି ଦୋଷ ତ୍ୟାଗ କରି ସଦାଚାରଶୀଳତାର ଅନୁଶୀଳନ କରିବାକୁ ହେବ । ଗୁରୁ ଓ ଗୁରୁଜନମାନଙ୍କ ପ୍ରତି ଶ୍ରଦ୍ଧା-ଭକ୍ତି, ଦେବତା ଓ ଭଗଦତ୍‌ଭକ୍ତି, ଅନସୂୟତା, ଅପାରୁଷ୍ୟ ବା କଠୋର ଭାଷଣତ୍ୟାଗ ଓ ମଧୁର ଭାଷଣ, କୃତଜ୍ଞତା, ପବିତ୍ରତା (ଶୌଚଦ୍ୱାରା ବାହ୍ୟ ଓ ଛଳକପଟଶୂନ୍ୟତା ଦ୍ୱାରା ଅନ୍ତରଶୌଚ), ସହନଶୀଳତା, ମୌନ, ସରଳତା, ଅହିଂସା, ବ୍ରହ୍ମଚର୍ଯ୍ୟ ଓ ତିତିକ୍ଷା ପ୍ରଭୃତି ସଦାଚାରର ଅନ୍ତର୍ଗତ ।*

(୧୦୯୪) ଆତ୍ମଦୋଷନାଶର ତ୍ରିବିଧ ଉପାୟ : ଉପରୋକ୍ତ ଦୋଷଗୁଡ଼ିକ ତ୍ୟାଗ ନ କରି ସଦ୍‌ବୃତ୍ତିର ଅନୁଶୀଳନକରିବା ସହଜସାଧ୍ୟ ନୁହେଁ । ଏହି କୁଅଭ୍ୟାସତ୍ୟାଗର ତ୍ରିବିଧ କୌଶଳ ବିଦ୍ୟମାନ । (୧) ଆତ୍ମଦୋଷାନୁଦର୍ଶନ ଅର୍ଥାତ୍ ଏହିଗୁଡ଼ିକ ଯେ ନିଜର ପ୍ରକୃତ ପକ୍ଷରେ ଦୋଷ, ଏହା ବିଚାରଦ୍ୱାରା ସ୍ଥିର କରି ସର୍ବଦା ଭଗବତ୍‌ଚିନ୍ତା ଓ ଜ୍ଞାନର ଅନୁଶୀଳନ କରିବାକୁ ହେବ (୨) ଦୋଷଗୁଡ଼ିକର କ୍ରମ ସଂଯମ ଅଭ୍ୟାସ—ଅତ୍ୟଧିକ ଚିନ୍ତା, ମନୋଯୋଗ ଓ କଷ୍ଟ ସ୍ୱୀକାର କରି ଏହାର ସଂଯମ ଧୀର ଭାବରେ ଅଭ୍ୟାସ କରିବା କର୍ତ୍ତବ୍ୟ । ଏହି କ୍ରମ ଅଭ୍ୟାସକୁ ନିବୃତ୍ତି ପଥ ଓ ତପସ୍ୟା କୁହାଯାଏ । ଯଦି ତପସ୍ୟାଦ୍ୱାରା ଏହି ଦୋଷ ନାଶ ନ ହୁଏ, ତେବେ ସ୍ୱାଭାବିକ ନିୟମରେ ନାନା ଦିଗରୁ ଦୁଃଖ, ଯନ୍ତ୍ରଣା, ବ୍ୟାଧି, ବିପଦ, ମନସ୍ତାପ, ଅତ୍ୟାଚାର ଓ ଅନ୍ୟାୟ ଶାସନ ଦ୍ୱାରା ପ୍ରପୀଡ଼ିତ ହେବା ଫଳରେ ଦୋଷର ଶାସ୍ତି ଭୋଗ କରି ଶେଷରେ ଶ୍ରୀଗୁରୁଦେବଙ୍କ କୃପାରୁ ଜୀବ କଳୁଷମୁକ୍ତ ହୋଇଥାଏ । ତେଣୁ (୧) ଉଗ୍ର ଶାସନନୀତି, (୨) ମୃଦୁ ସଂଯମ ନୀତି ଏବଂ ଜ୍ଞାନନୀତି ବା (୩) ଭଗବତ୍ ଶରଣାଗତି ଦ୍ୱାରା ଦୋଷସମୂହ ପ୍ରଶମିତ ହେଲେ ଆତ୍ମକଲ୍ୟାଣ ଲାଭ ହୋଇଥାଏ ।

---

* ଏହାର ବିଶଦ ବିବରଣୀ ସଂସାରପଥେ ସିଦ୍ଧିଯୋଗରେ ପ୍ରଦତ୍ତ ହୋଇଅଛି ।

(୧୦୯୫) ସଦାଚାରର ପ୍ରଧାନ ଲକ୍ଷଣ : ଉତ୍ତମ ଆଚରଣକୁ ସଦାଚାର କୁହାଯାଏ । ଏହା ପ୍ରଧାନତଃ ଦ୍ୱାତ୍ରିଂଶ ଆଚାରରେ ବିଭକ୍ତ । (୧) ଶ୍ରୀଗୁରୁଦେବ ଓ ବ୍ରାହ୍ମଣମାନଙ୍କ ପ୍ରତି ଭକ୍ତି, (୨) ଦେବତା ଓ ପିତୃମାତୃଭକ୍ତି, (୩) ପିଶୁନତା ବା ଖଳବୁଦ୍ଧି ତ୍ୟାଗ, (୪) ଅସୂୟା ବା ଅନ୍ୟର ଗୁଣରେ ଦୋଷଦର୍ଶନ ତ୍ୟାଗ, (୫) ଅପାରୁଷ୍ୟ ଅର୍ଥାତ୍ କଠୋର ନ ହେବା, (୬) ମୈତ୍ରୀ, (୭) ମଧୁର ଭାଷଣ, (୮) କୃତଜ୍ଞତା, (୯) ଶରଣ୍ୟତା ଅର୍ଥାତ୍ ଶରଣାଗତକୁ ରକ୍ଷା, (୧୦) କାରୁଣ୍ୟ ଭାବ, (୧୧) ପ୍ରଶାନ୍ତି, (୧୨) କୋମଳ ବ୍ୟବହାର, (୧୩) ଯମ ନିୟମ ପାଳନ ଅର୍ଥାତ୍ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ ଏବଂ ଶୌଚ, ସନ୍ତୋଷ, ତପଃ, ସ୍ୱାଧ୍ୟାୟ ଓ ଭଗବତ୍ ଉପାସନାପରାୟଣ ହେବା, (୧୪) ସଂସାରରେ ଅନାସକ୍ତି, (୧୫) ଭଗବତ୍ ନାମ-ରୂପ-ଲୀଳା ଏବଂ ତାଙ୍କ ଭକ୍ତମାନଙ୍କ ପ୍ରତି ପ୍ରୀତିଭାବ ପୋଷଣ, (୧୬) ପ୍ରାଣୀମାନଙ୍କ ପ୍ରତି ଯଥାଯୋଗ୍ୟ ଦୟା, (୧୭) ମୈତ୍ରୀ, କରୁଣା, ମୁଦିତା ଓ ଉପେକ୍ଷା ଭାବର ଅନୁଶୀଳନ, (୧୮) ବାହ୍ୟ ଓ ଅନ୍ତରର ପବିତ୍ରତା ରକ୍ଷା, (୧୯) ସ୍ୱଧର୍ମାନୁଷ୍ଠାନ ଓ ଅନ୍ୟଧର୍ମର ନିନ୍ଦା ତ୍ୟାଗ, (୨୦) ଛଳ କପଟତା-ରହିତ କର୍ମସାଧନ, (୨୧) ସହନଶୀଳତା, (୨୨) ମୌନ ଓ ସତ୍ୟ-ସରଳତା ପାଳନ, (୨୩) ଦ୍ୱନ୍ଦ୍ୱ ସହିଷ୍ଣୁତା, (୨୪) ଶୁଦ୍ଧ ଆହାର-ବିହାରପରାୟଣତା, (୨୫) ଭଗବତ୍ ଭାବରେ ପ୍ରତିଷ୍ଠିତ ରହି କର୍ମ କରିବା, (୨୬) ଶମଦମାଦି ଷଟ୍ ସମ୍ପତ୍ତି ଅର୍ଜନ, (୨୭) ସ୍ୱାବଲମ୍ବୀ ଓ ସ୍ୱଦୋଷ ଦର୍ଶନ, (୨୮) କର୍ତ୍ତବ୍ୟନିଷ୍ଠା (୨୯) ଧୈର୍ଯ୍ୟ ବା ଧୃତି, (୩୦) ଆତ୍ମପ୍ରଶଂସା ଓ ପରନିନ୍ଦା ତ୍ୟାଗ, (୩୧) ବିଶ୍ୱହିତ ନିମିତ୍ତ ପଞ୍ଚଯଜ୍ଞାନୁଷ୍ଠାନ (୩୨) ସଦ୍‌ଗୁରୁଙ୍କ ଧ୍ୟାନ ଓ ବାକ୍‌ସଂଯମ ।

(୧୦୯୬) ସ୍ୱଧର୍ମାନୁଷ୍ଠାନ : ମାନବର ସ୍ୱାଭାବିକ ଧର୍ମ ଅର୍ଥାତ୍ ସ୍ୱଭାବରୁ ଉତ୍ପନ୍ନ କର୍ମକୁ ଶାସ୍ତ୍ରରେ ସ୍ୱକର୍ମ ବା ସ୍ୱଧର୍ମ ବୋଲି ଅଭିହିତ କରାଯାଇଛି । କୁକର୍ମ ବା ଅନ୍ୟାୟ କର୍ମକୁ ଶାସ୍ତ୍ରରେ କର୍ମ ବୋଲି ଧରାଯାଇ ନାହିଁ । ଯେଉଁ ଆଚରଣଦ୍ୱାରା ଜୀବର ଊର୍ଦ୍ଧ୍ୱଗତି ଲାଭ ହୁଏ, ତାହା ହିଁ କର୍ମ । ଯେଉଁ କର୍ମଦ୍ୱାରା ଜୀବତ୍ୱର ଅଧୋଗତି ହୁଏ, ତାହା ବିକର୍ମ ବା କୁକର୍ମ ନାମରେ ଅଭିହିତ । ସ୍ୱ ଅର୍ଥ ଆତ୍ମଭାବ ବା ସତ୍ୟଭାବ । ସୁତରାଂ ସ୍ୱଭାବସମ୍ମତ କୁକର୍ମ କେବେହେଲେ ସ୍ୱଧର୍ମ ନୁହେଁ । ସ୍ୱଭାବସମ୍ମତ ସୁକର୍ମ ବା ସଦାଚାରକୁ ସ୍ୱଧର୍ମ କୁହାଯାଏ । ମାନବର ସ୍ୱଭାବଗତ

ଗୁଣ ଓ ସ୍ୱଭାବଗତ ଆତ୍ମକର୍ମ ବା ସତ୍‌କର୍ମକୁ ସ୍ୱଧର୍ମ କୁହାଯାଏ । ସେହି ସ୍ୱଧର୍ମ ସାହାଯ୍ୟରେ ମାନବ ସତ୍ୟଲାଭ କରିବାକୁ ସକ୍ଷମ ହୁଏ ବୋଲି ଶାସ୍ତ୍ରକାରମାନେ ସ୍ୱଧର୍ମାଚରଣରେ ଭକ୍ତିଲାଭ ହେଉଥିବା ଉଲ୍ଲେଖ କରିଛନ୍ତି । ଯେଉଁସବୁ ସତ୍‌କର୍ମ କୌଣସି ବିଶିଷ୍ଟ ମାନବଙ୍କ ଗୁଣସମ୍ମତ ନୁହେଁ, ତାହା ହିଁ ପରମଧର୍ମ ।

(୧୦୯୭) ନୀତିଧର୍ମର ଶ୍ରେଷ୍ଠତା : ନୈତିକ ଧର୍ମପାଳନ ହିଁ ଆଧ୍ୟାତ୍ମିକତାର ଭିତ୍ତି । ଯେ କୌଣସି ବ୍ୟକ୍ତି ପୂର୍ଣ୍ଣ ଭାବରେ ନୀତି ସମ୍ପନ୍ନ ନ ହେଲେ ଆଧ୍ୟାତ୍ମିକ ରାଜ୍ୟରେ ତାଙ୍କର ପ୍ରବେଶାଧିକାର ନାହିଁ । ନୀତିବିରୁଦ୍ଧ ଆଚାରଶୀଳ ବ୍ୟକ୍ତି କେବେହେଲେ ସାଧକ ପଦବାଚ୍ୟ ହୋଇ ପାରନ୍ତି ନାହିଁ । ତେଣୁ ପ୍ରଥମେ ନୈତିକ ଧର୍ମପାଳନ ଫଳରେ ଚିତ୍ତ ଶୁଦ୍ଧ ହେଲେ ଧର୍ମରାଜ୍ୟରେ ପ୍ରବେଶାଧିକାର ଲାଭ ହୋଇଥାଏ । ଚିତ୍ତକ୍ଷେତ୍ର ମାର୍ଜିତ ବା ଶୁଦ୍ଧ ନ ହେଲେ ସେହି ଅଶୁଦ୍ଧ ଚିତ୍ତରେ ଜ୍ଞାନଭକ୍ତିର ସ୍ଥାନ ନାହିଁ । ପ୍ରଥମେ ନୀତିଶାସ୍ତ୍ର ମଧ୍ୟ ଦେଇ ଅଧ୍ୟାତ୍ମରାଜ୍ୟରେ ପ୍ରବେଶ କରିବାକୁ ହୋଇଥାଏ । ଏହି ହେତୁ ପରଦ୍ରବ୍ୟ ହରଣ ପ୍ରବୃତ୍ତି ନେଇ, ପରପୀଡ଼ନରେ ନିରତ ଥାଇ, ହୃଦୟକୁ ସ୍ୱାର୍ଥରେ ପୂର୍ଣ୍ଣ କରି, ଷଡ଼ରିପୁଙ୍କ ଅଧୀନରେ ରହି ଓ ହିଂସାଦ୍ୱେଷ ପ୍ରଭୃତି ଅସତ୍‌ବୃତ୍ତିର ଅନୁଶୀଳନ କରି କେହି କେବେ ଧର୍ମପଥରେ ଅଗ୍ରସର ହୋଇପାରନ୍ତି ନାହିଁ । ମନର ଅସତ୍ ପ୍ରବୃତ୍ତି-ସମୂହର ବିନାଶ ହୋଇ ମନ ସ୍ଥିର ହେଲେ ଅଧ୍ୟାତ୍ମବିଦ୍ୟା ମନଦର୍ପଣରେ ପ୍ରତିଫଳିତ ହୋଇ ଭଗବତ୍ ସାକ୍ଷାତ୍‌କାର କରାଇଥାଏ । ମନର ଶୁଦ୍ଧତା ନ ଥିଲେ ସେହି ମଳିନ ଚିତ୍ତରେ ସତ୍ୟର ପ୍ରତିବିମ୍ବ ପ୍ରତିଫଳିତ ହୁଏ ନାହିଁ । ଶ୍ରୀଭଗବାନ ଶୁଦ୍ଧମନର ଗୋଚରୀଭୂତ । ତେଣୁ ନିତ୍ୟାନିତ୍ୟ ବିଚାର କରି ଧର୍ମପଥରେ ଗତି କରିବା ବିଧେୟ । ମନ ସ୍ଥିର ହୋଇ ଆତ୍ମାରେ ଲୟପ୍ରାପ୍ତ ନ ହେଲେ କେବେହେଲେ ଭଗବତ୍ ସାକ୍ଷାତ୍‌କାର ଲାଭ ହୁଏ ନାହିଁ । ମନଶୁଦ୍ଧି ନିମିତ୍ତ ନୀତିଧର୍ମ ପାଳନ ଏକାନ୍ତ କର୍ତ୍ତବ୍ୟ ।

(୧୦୯୮) ଭବସାଗର : ଆତ୍ମାର ଜଗତ୍‌ଦର୍ଶନ ଅବସ୍ଥାକୁ ଭବ କୁହାଯାଏ; ଅର୍ଥାତ୍ ଯେଉଁ ଅବସ୍ଥାରେ ମାୟାତୀତ ପୂର୍ଣ୍ଣବ୍ରହ୍ମ ମାୟାଧୀନ ହୋଇ ଜୀବରୂପରେ ବିଶ୍ୱରେ ଉଦ୍‌ଭୂତ ହୁଅନ୍ତି, ସେହି ଅବସ୍ଥାରେ ଜୀବକୁ ଭବବନ୍ଧନଯୁକ୍ତ କୁହାଯାଏ । ତନ୍ମଧ୍ୟରେ ଭୂ, ଭୁବଃ, ସ୍ୱ—ଏହି ତ୍ରିଲୋକ ମର୍ତ୍ତ୍ୟଲୋକ । ଏହି ଭବ ରୂପ ଆଧିଭୌତିକ ପଞ୍ଚଜଗତକୁ ଏପାର ଏବଂ ଆତ୍ମିକ ତପଃ, ସତ୍ୟଲୋକକୁ ପରପାର କୁହାଯାଏ । ଜୀବ ଭବସାଗର ପାର ହୋଇ ଆତ୍ମସ୍ୱରୂପରେ ପରିଣତ ହେଲେ

ଭବବନ୍ଧନରୁ ମୁକ୍ତ ହୁଏ । ତେଣୁ କୌଣସି ଦେହଧାରୀ ମାୟାଧୀନ ଜୀବର ଭବସାଗର ପାର କରାଇବାର କ୍ଷମତା ନାହିଁ । ଭବ ଶବ୍ଦର ଅନ୍ୟ ଅର୍ଥ ହେଉଛି ବ୍ୟକ୍ତିଜଗତରେ ଜନ୍ମଗ୍ରହଣ ଓ ଦେହଧାରଣ । ଏହି ଦେହବନ୍ଧନରୁ ମୁକ୍ତିଦାତା ହେଉଛନ୍ତି ସେହି ପୂର୍ଣ୍ଣ ଭଗବାନ ସ୍ୱରୂପ ସଦ୍‌ଗୁରୁ । ଏହାଙ୍କୁ ଶ୍ରୀହରି କୁହାଯାଏ । ଅବିଦ୍ୟା-ମାୟାର ରାଜ୍ୟରୁ ଉତ୍ତୀର୍ଣ୍ଣ ହେବାର ନାମ ଭବସାଗର ପାର । ଜ୍ଞାନଯୋଗ ସାହାଯ୍ୟରେ ସଦ୍‌ଗୁରୁଙ୍କ କୃପାରୁ ବିଶୁଦ୍ଧ ଆତ୍ମଜ୍ଞାନ ଲାଭ ହେଲେ ଭବସାଗରରୁ ନିସ୍ତାର ମିଳିଥାଏ । ମାୟା ଈଶ୍ୱରଙ୍କ ଜଗତ୍ ସୃଜନକାରୀ ଶକ୍ତିବିଶେଷ । ଯେ ଈଶ୍ୱରଙ୍କୁ ଜାଣନ୍ତି, ସେ ମାୟାକୁ ଅତିକ୍ରମ କରିବାକୁ ସକ୍ଷମ ହୋଇଥାନ୍ତି । ସଦ୍‌ଗୁରୁଙ୍କ କୃପାବଳରେ ସେହି ଈଶ୍ୱରଙ୍କ ସନ୍ଧାନ ମିଳିଥାଏ । ଏହି ଭଗବତ୍ କୃପାଲାଭ କରିବାକୁ ହେଲେ ଦୀନାତିଦୀନ ଭାବରେ ଚିତ୍ତଶୁଦ୍ଧିର ସାଧନାରେ ବ୍ରତୀ ହେବାକୁ ପଡ଼ିବ ।

(୧୦୯୯) ଧନ୍ୟକଳି : ଯେଉଁ ଯୁଗର ପ୍ରଥମରୁ ପୂର୍ଣ୍ଣବ୍ରହ୍ମ କୃପାବତାର ଧାରଣ କରନ୍ତି, ସେହି କଳିଯୁଗ ଧନ୍ୟ । ବିଶ୍ୱେଶ୍ୱରପୂର୍ଣ୍ଣ ଭଗବାନ ଶ୍ରୀକୃଷ୍ଣ ରୂପ ମାଧୁର୍ଯ୍ୟ ଅବଲମ୍ବନପୂର୍ବକ ତାଙ୍କର ସମସ୍ତ ଭକ୍ତ, ଅନୁଚର ଓ ପାର୍ଷଦମାନଙ୍କୁ ନେଇ ଶ୍ରୀବୃନ୍ଦାବନ ଧାମରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ମାନବକୁ ପ୍ରେମଭକ୍ତି ଦାନ କରି ଭବସାଗରରୁ ଉତ୍ତୀର୍ଣ୍ଣ ହେବାର ସହଜ ଉପାୟ ପ୍ରଦର୍ଶନ କରିଥିଲେ । କି ପ୍ରକାରରେ ଏହି ସଂସାରରେ ଥାଇ ମଧ୍ୟ ଭକ୍ତିଧର୍ମ ଅବଲମ୍ବନ କରି ଶ୍ରୀଭଗବାନଙ୍କୁ ଲାଭ କରାଯାଇପାରିବ, ତାହାର ପଥପ୍ରଦର୍ଶକ ରୂପରେ ଋଷିମାନେ ଗୋପୀମୂର୍ତ୍ତି ଧାରଣ କରି ଶ୍ରୀବୃନ୍ଦାବନରେ ଆବିର୍ଭୂତ ହୋଇଥିଲେ । ପୁନଶ୍ଚ ଯୋଗସିଦ୍ଧ ଓ ଭଗବତ୍‌ଭକ୍ତ ମହାପୁରୁଷମାନେ ଆବିର୍ଭୂତ ହୋଇ ଏହି ଗୋପୀଭାବ ପ୍ରଚାର କରି ମାନବକୁ ଭବସାଗରରୁ ଉତ୍ତୀର୍ଣ୍ଣ ହେବାର ବିବିଧ ଉପାୟ ପ୍ରଦର୍ଶନ କରିଥିଲେ । ତେଣୁ ଗୋପୀମାନେ ଏ ଯୁଗରେ ସାଧନପଥ ପ୍ରଦର୍ଶକ ଗୁରୁସ୍ଥାନୀୟ । ଏମାନଙ୍କ ମଧ୍ୟରେ ଶ୍ରୀରାଧା ମାନବର ପରମଗୁରୁ ଓ ମହାଗୁରୁ । ଏହି ଗୋପୀମାନଙ୍କ ଅନୁଗତ ହୋଇ ସାଧନ-ଭଜନ କଲେ ଶ୍ରୀଭଗବତ୍ ଚରଣାରବିନ୍ଦ ସହଜରେ ଲାଭ ହୋଇଥାଏ । ଏହାଙ୍କ ପରେ ବହୁ ମହାତ୍ମା କଳି ଦୁଃଖରେ କାତର ହୋଇ ସତ୍ୟପଥ ପ୍ରଦର୍ଶନ ନିମିତ୍ତ ଏହି ପୃଥିବୀରେ ଆବିର୍ଭୂତ ହୋଇଥିଲେ । ଭଗବାନ ବୁଦ୍ଧଦେବ ଓ ଆଚାର୍ଯ୍ୟ ଶଙ୍କରଙ୍କ ପରେ ମହାପ୍ରଭୁ ଶ୍ରୀଗୌରାଙ୍ଗଦେବ ଏହି ଯୁଗରେ ଆବିର୍ଭୂତ ହୋଇ କଳିଯୁଗକୁ ଧନ୍ୟ କରିଥିଲେ ।

କଳିଯୁଗର ପ୍ରାରମ୍ଭରୁ ଭାରତବାସୀଙ୍କର ଆତ୍ମବିସ୍ମୃତି ଓ ଧର୍ମର ବିପର୍ଯ୍ୟୟ ଘଟିଥିବାରୁ ଦେବତାମାନେ କଳିମାନବମାନଙ୍କ ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇଥିଲେ । ଭାରତର ଏହି ଅନ୍ଧକାରମୟ ଯୁଗରେ ଯେତେବେଳେ ଭାରତବାସୀମାନେ ଶ୍ରୀଭଗବାନଙ୍କୁ ଭୁଲି ବିଷୟସେବାରେ ମନୋନିବେଶ କଲେ, ଠିକ୍ ସେତିକିବେଳେ ଦେଶବାସୀଙ୍କୁ ପ୍ରେମଭକ୍ତି ପାନ କରିବା ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଚୈତନ୍ୟରୂପରେ ଅବତୀର୍ଣ୍ଣ ହୋଇ ଜନସାଧାରଣଙ୍କୁ ପ୍ରେମଭକ୍ତି ରସ ଆସ୍ୱାଦନ କରାଇଥିଲେ । ଶ୍ରୀକୃଷ୍ଣ ଚୈତନ୍ୟଙ୍କଠାରେ ଭକ୍ତିଭାବ ଓ ଭଗବତ୍‌ଭାବ ଉଭୟର ସମାବେଶ ହୋଇଥିଲା । ସେ ଶ୍ରୀରାଧା ଓ ଶ୍ରୀକୃଷ୍ଣ ଭାବରେ ଆବିଷ୍ଟ ହୋଇ ଧର୍ମଶିକ୍ଷା ଦାନ କରିଥିଲେ । ଜଣେ ବ୍ୟକ୍ତିଙ୍କଠାରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ଯୁଗପତ୍ ଆବିର୍ଭାବ ଏ ଯୁଗର ନୂତନ ଧାରା ହେତୁ ଏହି ଯୁଗକୁ ଧନ୍ୟକଳି କୁହାଯାଇଥାଏ । ଏହ ହେତୁ କଳିଯୁଗ ଧନ୍ୟ ।

(୧୧୦୦) ବିଶ୍ୱସୃଷ୍ଟି : ପୂର୍ଣ୍ଣବ୍ରହ୍ମ ସନାତନ ନିରାକାର ହେଲେ ମଧ୍ୟ ବିଶ୍ୱସୃଷ୍ଟି ନିମିତ୍ତ ବିଶ୍ୱରୂପ ଈଶ୍ୱରାକାରରେ ବ୍ୟକ୍ତ ହୁଅନ୍ତି । ପରେ ମାୟାସଂଯୋଗରେ ବ୍ରହ୍ମାଦି ଦେବତାମାନଙ୍କର ବିକାଶ ଘଟେ । ଏହି ପୂର୍ଣ୍ଣବ୍ରହ୍ମଙ୍କଠାରୁ ବିଶ୍ୱର କାରଣରୂପା ଅବ୍ୟକ୍ତା ମୂଳାପ୍ରକୃତିର ଏବଂ ମହତ୍ତତ୍ତ୍ୱଶାୟୀ ପରମାତ୍ମରୂପ ମହାବିଷ୍ଣୁଙ୍କର ଉତ୍ପତ୍ତି ହୋଇଅଛି । ସେହି ମହାବିଷ୍ଣୁ ମହତ୍ତତ୍ତ୍ୱରୂପ କାରଣାର୍ଣ୍ଣବରେ ନିଦ୍ରାଭିଭୂତ ଥାଆନ୍ତି । ମୂଳାପ୍ରକୃତି ବା ଅବ୍ୟକ୍ତା ମହାମାୟାଙ୍କର ବିଦ୍ୟାଶକ୍ତି । ଏହାଙ୍କୁ ଯୋଗମାୟା କୁହାଯାଏ । ଏହି ଶକ୍ତି ଦୁର୍ଗା ବା ମହାଲକ୍ଷ୍ମୀ ରୂପରେ ବିଷ୍ଣୁଙ୍କ ପଦତଳେ ରହି ତାଙ୍କୁ ଯୋଗନିଦ୍ରାରୁ ଜାଗ୍ରତ କରନ୍ତି । ଏହି ମହାବିଷ୍ଣୁଙ୍କଠାରୁ ବ୍ରହ୍ମା ନାମଧାରୀ ବିଶ୍ୱରୂପ ପୂର୍ଣ୍ଣ ଈଶ୍ୱରଙ୍କର ଉତ୍ପତ୍ତି ହେଲା । ଏହି ଈଶ୍ୱର ବା ବ୍ରହ୍ମା ତପଃ ବା ଧ୍ୟାନବଳରେ ପଞ୍ଚବ୍ୟକ୍ତଜଗତର ସୃଷ୍ଟି କଲେ । ଏହାକୁ ବିଶ୍ୱସୃଷ୍ଟି କୁହାଯାଏ । ଏହି ପୂର୍ଣ୍ଣବ୍ରହ୍ମଙ୍କୁ ପରମଶିବ କୁହାଯାଏ । ବିଶ୍ୱ ସୃଷ୍ଟି ହେଲେ ମଧ୍ୟ ତାଙ୍କ ପୂର୍ଣ୍ଣତାରେ ହାନି ଘଟେନାହିଁ । ପୂର୍ଣ୍ଣରୁ ପୂର୍ଣ୍ଣ ନିର୍ଗତ ହେଲେ ମଧ୍ୟ ପୂର୍ଣ୍ଣ ହିଁ ଅବଶିଷ୍ଟ ରହେ । ବ୍ରହ୍ମାଙ୍କ ଚିନ୍ତାଶକ୍ତିଦ୍ୱାରା ସୃଷ୍ଟି ଓ ଜୀବର ମାୟାମୟ ବିକାଶ ସଂଘଟିତ ହୋଇଥାଏ । ଭକ୍ତମାନେ ପୂର୍ଣ୍ଣଈଶ୍ୱରଙ୍କ ଉପାସନା କରିଥାନ୍ତି ।

(୧୧୦୧) ପରମହଂସ ସଂହିତା : କାମ ଓ ପ୍ରେମ ବିଷୟକ ତତ୍ତ୍ୱଜ୍ଞାନ ସମ୍ୟକ୍ ଭାବରେ ଉପଲବ୍ଧ ନ ହେଲେ ଅର୍ଥାତ୍ କାମପ୍ରେମର ସ୍ୱରୂପ ଓ ପରସ୍ପରର

ପାର୍ଥକ୍ୟ ସୁବିଦିତ ନ ହେଲେ କେହି କେବେ ଗୋପଲୀଳା ବୁଝିବାକୁ ଚେଷ୍ଟା କରିବା ଉଚିତ ନୁହେଁ। ସାଧାରଣ ଲୌକିକ ଭାବରେ ଏହି ଲୀଳାକୁ ବୁଝିଲେ ମାନବ ମହାପାପପଙ୍କରେ ନିମଜ୍ଜିତ ହୁଏ। ପ୍ରେମତତ୍ତ୍ୱ ନ ବୁଝିଲେ ବୃନ୍ଦାବନ ଲୀଳା କେବେହେଲେ ହୃଦୟଙ୍ଗମ ହୁଏ ନାହିଁ। ଶ୍ରୀକୃଷ୍ଣ ସ୍ୱୟଂ ପୂର୍ଣ୍ଣବ୍ରହ୍ମ ଭଗବାନ। ସେ ସବୁପ୍ରକାର ଇନ୍ଦ୍ରିୟସେବାର ଅତୀତ ପରମହଂସ ସତ୍ତା। ବାଳକ ଯେପରି କାମ ବିଷୟରେ ଅନଭିଜ୍ଞ, ପରମହଂସମାନେ ମଧ୍ୟ ସେହିଭଳି ବାଳକଙ୍କ ସଦୃଶ। ଗୋପୀମାନେ ସମସ୍ତେ ଯୋଗୀଋଷି ଓ ନିତ୍ୟମୁକ୍ତ ମହାପୁରୁଷ ଥିଲେ। ସେହିସବୁ ମହାପୁରୁଷମାନେ ନାରୀ ଦେହରେ ଗୋପୀଭାବରେ ଅବତୀର୍ଣ୍ଣ ହୋଇଥିଲେ। ସୁତରାଂ ଗୋପୀମାନେ ପ୍ରତ୍ୟେକେ ପରମହଂସ ଓ ପରମଭାଗବତ ସିଦ୍ଧପୁରୁଷ। ଯେଉଁମାନେ ଗୋପୀଲୀଳା ଶ୍ରବଣ ଓ କୀର୍ତ୍ତନ କରନ୍ତି, ସେମାନେ ମଧ୍ୟ ପରହଂସ ସ୍ୱଭାବରେ ଅବସ୍ଥାନ କରି ଏହି ଲୀଳା ଶ୍ରବଣ-କୀର୍ତ୍ତନ କରିବା ଉଚିତ। ତେଣୁ ଭାଗବତକୁ ପରମହଂସ ସଂହିତା ବୋଲି ଅଭିହିତ କରାଯାଇଛି। ସୁତରାଂ ସାଧକମାନେ ସେହି ବାକ୍ୟ ଅନୁସରଣ କରି ଭାଗବତ ପାଠ କରିବା କର୍ତ୍ତବ୍ୟ।

(୧୧୦୨) ବିଶ୍ୱାସର ଶକ୍ତି : ମାନବର ଧର୍ମଜୀବନର ମୂଳ ସ୍ୱରୂପ ଯେଉଁ ବିଷୟ ବିରାଜିତ, ତାହାରି ନାମ ବିଶ୍ୱାସ। ଜ୍ଞାନ, ଭକ୍ତି, କର୍ମ, ଯୋଗ, ପୂଜା ଓ ଯଜ୍ଞ ପ୍ରଭୃତି ଯାବତୀୟ ଉପାୟ ମୂଳରେ ଏକମାତ୍ର ବିଶ୍ୱାସ ହିଁ କାର୍ଯ୍ୟ କରେ। ବିଶ୍ୱାସ ହିଁ ସାଧନାର ମୂଳଭିତ୍ତି। ବିଶ୍ୱାସ ହିଁ ସାଧନବୃକ୍ଷର ମୂଳ। ଜ୍ଞାନ-ଭକ୍ତି ପ୍ରଭୃତି ଏହାର ଶାଖା ପ୍ରଶାଖା। ଯାହାଙ୍କର ଶ୍ରୀଗୁରୁ ଭଗବାନଙ୍କ ଅସ୍ତିତ୍ୱରେ ଯେତିକି ପରିମାଣରେ ବିଶ୍ୱାସ ଓ ନିର୍ଭରତା ଦୃଢ଼, ତାଙ୍କର ସାଧନା ସେତିକି ଉଚ୍ଚ ଅଗ୍ରଗାମୀ। ଶ୍ରୀଗୁରୁ ଭଗବାନଙ୍କ ଅସ୍ତିତ୍ୱରେ ସନ୍ଦେହଶୂନ୍ୟ ବିଶ୍ୱାସ ହିଁ ଭଗବତ୍‌ ଦର୍ଶନର ପ୍ରଧାନ ଉପାୟ। ଯେଉଁଦିନ ଶ୍ରୀଭଗବାନଙ୍କଠାରେ ଐକାନ୍ତିକ ବିଶ୍ୱାସ ଜାତ ହେବ, ସେହିଦିନ ସାଧକ ଜ୍ଞାନ-ଭକ୍ତି ଲାଭ କରି ଅପ୍ରାକୃତ ଜଗତରେ ପ୍ରବେଶ କରିବେ। ଅଟଳ ବିଶ୍ୱାସ ବଳରେ ତାଙ୍କର ଜ୍ଞାନଦୀପ ପ୍ରଜ୍ୱଳିତ ହୋଇ ଅଜ୍ଞାନ-ଅନ୍ଧକାର ବିନାଶ କରିବ। ବିଶ୍ୱାସରେ ଜ୍ଞାନ ଓ ଜ୍ଞାନାଲୋକରେ ଭଗବତ୍‌ ଦର୍ଶନ ହୋଇଥାଏ। ସଧନାଦ୍ୱାରା ଏହି ବିଶ୍ୱାସ ଦୃଢ଼ୀଭୂତ ହୁଏ। ଏହି ବିଶ୍ୱର ଜଣେ ଚାଳକ ବା କର୍ତ୍ତା ଅଛନ୍ତି ଏବଂ ତାଙ୍କ କୃପାରୁ ଜୀବର ସବୁ ପ୍ରକାର ଦୁଃଖର ଅବସାନ ଘଟେ। ଏହି ବିଶ୍ୱାସକୁ ଧର୍ମବିଶ୍ୱାସ କୁହାଯାଏ। ଏହି ଧର୍ମବିଶ୍ୱାସ

ବଳରେ ମାନବ ସାଧନପଥରେ ଅଗ୍ରସର ହୋଇଥାଏ । ମାୟା ପ୍ରଭାବରେ ମାନବ ବିଷୟଭୋଗବାସନା ପୋଷଣ କରିଥାଏ । ତେଣୁ ସାଧନ-ଭଜନ ପୂର୍ବରୁ ଶ୍ରୀଗୁରୁ ଭଗବାନଙ୍କଠାରେ ଯେପରି ଦୃଢ଼ ବିଶ୍ୱାସ ଉତ୍ପନ୍ନ ହୁଏ, ସେଥିପ୍ରତି ଯତ୍ନବାନ୍ ହେବା ବିଧେୟ ।

(୧୧୦୩) ପ୍ରାକୃତ ଜୀବଧର୍ମ : ଆହାର, ନିଦ୍ରା, ଭୟ ଓ ମୈଥୁନ— ଏହି ଚତୁର୍ବିଧ କାର୍ଯ୍ୟକୁ ଜୀବଧର୍ମ କୁହାଯାଏ । ଏହା ଜୀବର ସ୍ଥୂଳ ପ୍ରାକୃତ ଦେହର ସ୍ୱାଭାବିକ ଧର୍ମ । ଜୀବଜଗତରେ ସ୍ଥୂଳଦେହଧାରୀ ପ୍ରାଣୀମାତ୍ରକେ ଏହି ଜୀବଧର୍ମ ଚତୁଷ୍ଟୟ ଅବଲମ୍ବନ କରି ଅବସ୍ଥାନ କରନ୍ତି । ଯାହାଙ୍କର ଏହି ଜୀବଧର୍ମ ଚତୁଷ୍ଟୟ ନାହିଁ, ସେ ଏ ଜଗତରେ ବାସ କରିପାରନ୍ତି ନାହିଁ ।

(୧୧୦୪) ପ୍ରାକୃତ ଚିନ୍ମୟ ଆତ୍ମାର ଧର୍ମ : ସୂକ୍ଷ୍ମଲୋକବାସୀ ସତ୍ତାମାନଙ୍କୁ ଉକ୍ତ ଜୀବଧର୍ମ ଅବଲମ୍ବନ କରିବାକୁ ପଡ଼େ ନାହିଁ । ସେମାନଙ୍କ ପକ୍ଷରେ ଉକ୍ତ କାର୍ଯ୍ୟ ସଂପୂର୍ଣ୍ଣ ଇଚ୍ଛାଧୀନ । କିନ୍ତୁ ଅପ୍ରାକୃତ ଆତ୍ମିକ ଜଗତରେ ଏହି ଚାରିଗୋଟି ଧର୍ମ ଏକାବେଳକେ ନାହିଁ । ତେଣୁ ଶ୍ରୀରାଧା ଶ୍ରୀକୃଷ୍ଣ, ଶିବ ଦୁର୍ଗା, ଲକ୍ଷ୍ମୀ ନାରାୟଣ ପ୍ରଭୃତିଙ୍କର ଏହି ଜୀବଧର୍ମ ଚତୁଷ୍ଟୟ ବା ଏହାର କ୍ରିୟାର ସାମାନ୍ୟ ଅସ୍ତିତ୍ୱ ମଧ୍ୟ ନଥାଏ । ଭୌତିକ ଦେହରକ୍ଷା ନିମିତ୍ତ ଆହାରାଦି ପ୍ରୟୋଜନ, କିନ୍ତୁ ବିଦେହରାଜ୍ୟ ବା ଅପ୍ରାକୃତ ରାଜ୍ୟରେ ସ୍ଥୂଳଶରୀର ନ ଥିବାରୁ ଶରୀରରକ୍ଷା ନିମିତ୍ତ ସେଠାରେ ଆହାରାଦିର ଆବଶ୍ୟକ ହୁଏ ନାହିଁ । ଉଚ୍ଚସ୍ୱର୍ଗବାସୀ ସତ୍ତାଗଣ ମନଦ୍ୱାରା ଆତ୍ମାରେ ରମଣ କରିଥାନ୍ତି । ବିଷ୍ଣୁ, ଦୁର୍ଗା, ଶିବ ପ୍ରଭୃତି ଯେପରି ସାଧାରଣ ନରନାରୀ ଧର୍ମର ଅତୀତ ସତ୍ତା, ସେହିପରି ଚିନ୍ମୟ ଶ୍ରୀକୃଷ୍ଣ ଓ ଚିନ୍ମୟ ଅପ୍ରାକୃତ ଶ୍ରୀରାଧାଦି ଅପ୍ରାକୃତ ସତ୍ତା ମଧ୍ୟ ଜୀବଧର୍ମର ଅତୀତ ।

(୧୧୦୫) ମାୟା ଓ ଅବିଦ୍ୟା : ଅପରାପ୍ରକୃତିର ଉତ୍କର୍ଷ ଅବସ୍ଥାକୁ ମାୟା ଏବଂ ଅପକର୍ଷ ଅବସ୍ଥାକୁ ଅବିଦ୍ୟା କୁହାଯାଏ । ଶୁଦ୍ଧସତ୍ତ୍ୱ-ପ୍ରଧାନା ପ୍ରକୃତିକୁ ମାୟା ଓ ମଳିନ ସତ୍ତ୍ୱପ୍ରଧାନା ପ୍ରକୃତିକୁ ଅବିଦ୍ୟା କୁହାଯାଏ । ମାୟା ଆବରଣ ହେଲେ ମଧ୍ୟ ତାହା ମାୟାଶ୍ରିତ ଆତ୍ମାକୁ ଆବୃତ୍ତ କରେ ନାହିଁ । ଉପାଧି ଭଳି କାର୍ଯ୍ୟ କରେ । ମାୟା ସ୍ୱଚ୍ଛ ଆବରଣ ଓ ଅବିଦ୍ୟା ଗାଢ଼ ତିମିରାବରଣ । ମାୟା ପ୍ରତିବିମ୍ବିତା ଚୈତନ୍ୟଙ୍କର ନାମ ଈଶ୍ୱର ଏବଂ ଅବିଦ୍ୟା ପ୍ରତିବିମ୍ବିତ ଚୈତନ୍ୟଙ୍କର ନାମ ଜୀବ । ଅବିଦ୍ୟା ସ୍ୱରୂପକୁ ଆବୃତ କରେ ଏବଂ ମାୟା ସ୍ୱଚ୍ଛ ଦର୍ପଣ ସଦୃଶ ସ୍ୱରୂପପ୍ରକାଶ ବା ଆତ୍ମାର ପ୍ରକାଶରେ ବାଧାସ୍ୱରୂପ ନ ହୋଇ ଆତ୍ମଶକ୍ତି ପ୍ରକାଶରେ

ସହାୟକ ହୁଏ । ଏହି ହେତୁ ମହାପୁରୁଷ ଓ ଅବତାରମାନେ ଦୈବୀମାୟା ବା ଯୋଗମାୟାଙ୍କୁ ଆଶ୍ରୟ କରି ସମସ୍ତ କାର୍ଯ୍ୟ କରିଥାନ୍ତି । ମାୟା ସାଧନପଥର ପ୍ରତିବନ୍ଧକ ନୁହେଁ; କିନ୍ତୁ ଅବିଦ୍ୟା ବା ଅଜ୍ଞାନତା ସାଧନପଥର ଘୋର ପ୍ରତିବନ୍ଧକ । ପ୍ରକୃତିର ଅପକର୍ମ ଦିଗକୁ ଅବିଦ୍ୟା କୁହାଯାଏ । ଏହି ଅବିଦ୍ୟା ଅଂଶ ଯେଉଁଠାରେ ଚୈତନ୍ୟରେ ପ୍ରତିବିମ୍ବିତ ହୋଇ ଜୀବ ଆଖ୍ୟା ପ୍ରାପ୍ତ ହୁଏ, ତାହାକୁ ଗ୍ରନ୍ଥି କୁହାଯାଏ । ଗ୍ରନ୍ଥି ଅର୍ଥ ବଦ୍ଧମୂଳ ସଂସ୍କାର । ସେହି ଗ୍ରନ୍ଥି ଭେଦ କରିପାରିଲେ ଜୀବ ସ୍ୱରୂପ ଜ୍ଞାନ ଲାଭ କରେ । ଅବିଦ୍ୟା ଆବରଣରେ ଆବୃତ ହେଲେ ଚୈତନ୍ୟଙ୍କର ପ୍ରକାଶ ଶକ୍ତି ରହେ ନାହିଁ । ଏହି ଅବିଦ୍ୟା ରାହୁ କବଳରୁ ମୁକ୍ତ ହେଲେ ଜୀବ ପୂର୍ଣ୍ଣଶଶଧର ସଦୃଶ ଜ୍ୟୋତିର୍ମ୍ମୟ ଆତ୍ମାର ଦର୍ଶନଲାଭ କରେ । ଅବିଦ୍ୟା ଆବରଣ ଦେହତ୍ରୟାଭିମାନୀ ବଶରୁ ତିନିଗୋଟି ନାମଧାରଣ କରେ । କାରଣ ଦେହାଭିମାନୀ ଜୀବକୁ ପ୍ରାଜ୍ଞ, ସୂକ୍ଷ୍ମଦେହାଭିମାନୀ ଜୀବକୁ ତୈଜସ ଏବଂ ସ୍ଥୁଳଦେହାଭିମାନୀ ଜୀବକୁ ବିଶ୍ୱ କୁହାଯାଏ । ପ୍ରକୃତିର ଉତ୍କର୍ଷ ହିଁ ମାୟା ଓ ଅପକର୍ଷ ହିଁ ଅବିଦ୍ୟା । ଊର୍ଦ୍ଧ୍ୱସ୍ତରରେ ମାୟାର ପ୍ରତିଫଳନ ହେତୁ ଈଶ୍ୱରଙ୍କର ସୃଷ୍ଟି ଏବଂ ନିମ୍ନସ୍ତରରେ ଚୈତନରେ ଅବିଦ୍ୟାର ପ୍ରତିଫଳନ ହିଁ ଜୀବର ସୃଷ୍ଟି । ଏହି ହେତୁ ଜୀବକୁ ତଟସ୍ଥାଶକ୍ତି କୁହାଯାଏ । ଏହି ଶକ୍ତିବଳରେ ଜୀବ ଗୁରୁକୃପାରୁ ଓ ଆତ୍ମଚେଷ୍ଟାଦ୍ୱାରା ଅବିଦ୍ୟାଗ୍ରନ୍ଥି ଭେଦ କରିବାକୁ ସମର୍ଥ ହୋଇଥାଏ । ଆଧାର ବ୍ୟତୀତ ଚୈତନ୍ୟଙ୍କର ସ୍ଫୂର୍ତ୍ତି ହୁଏ ନାହିଁ । ତେଣୁ ଚୈତନ୍ୟ ମାୟାକୁ ଅବଲମ୍ବନ କରିଥାନ୍ତି । ଅବିଦ୍ୟାକବଳିତ ଚୈତନ୍ୟଙ୍କୁ ଅଜ୍ଞାନୀ ଜୀବ କୁହାଯାଏ । ଏହା ହିଁ ସବୁ ଦୁଃଖର ଆଶ୍ରୟ । ଏହି କାରଣରୁ ସାଧାରଣ ଜୀବ ଦୁଃଖଶୋକଗ୍ରସ୍ତ । ମଳିନା ପ୍ରକୃତିକୁ ସତ୍ତ୍ୱପ୍ରଧାନ ପ୍ରକୃତିରେ ପରିଣତ କରିବା ନିମିତ୍ତ ଯୋଗସାଧନାର ପ୍ରୟୋଜନ । ଜୀବ ସାଧନାଦ୍ୱାରା ହିଁ ପ୍ରକୃତିର ପରିବର୍ତ୍ତନ କରିପାରେ । ପ୍ରକୃତିର ପରିବର୍ତ୍ତନ ହେଲେ ମନୁଷ୍ୟ ସର୍ବଜ୍ଞ ଓ ସର୍ବଶକ୍ତିମାନ ହୋଇଥାଏ । କିନ୍ତୁ ଆଧାରର ଶୁଦ୍ଧି-ଅଶୁଦ୍ଧି ଭେଦରେ ଚୈତନ୍ୟର ବିକାଶରେ ତାରତମ୍ୟ ଘଟିଥାଏ । ଏହି ଆଧାରକୁ ବିଭିନ୍ନ ଶାସ୍ତ୍ର ବିଭିନ୍ନ ନାମକରଣ କରିଛନ୍ତି । ଏଗୁଡ଼ିକୁ କୋଷ ବା ଚକ୍ର କୁହାଯାଏ । ଏଗୁଡ଼ିକ ଚୈତନ୍ୟବିକାଶର କେନ୍ଦ୍ରସ୍ଥଳ । ଶୁଦ୍ଧ ଆଧାର ପାଇଲେ ଚୈତନ୍ୟଙ୍କର ଅପୂର୍ବ ବିକାଶ ହୋଇଥାଏ । ଲୀଳା ନିମିତ୍ତ ଚୈତନ୍ୟଙ୍କର ଏହି ଅଂଶ ଗ୍ରହଣ । ମନେରଖିବ, ପ୍ରକୃତିର ଅବିଦ୍ୟାଅଂଶରୁ ଦୁଃଖ ଅଶାନ୍ତିର ଉତ୍ପତ୍ତି ଓ ବିଦ୍ୟାଅଂଶରେ ଆନନ୍ଦ ବା ଶାନ୍ତିର

ସ୍ଥିତି । ଗୋଟିଏ ପ୍ରକୃତିକୁ ବା ଅବିଦ୍ୟାକୁ ଆଶ୍ରୟ କରି ଜୀବ ଦୁଃଖଭୋଗ କରେ ଏବଂ ମାୟାକୁ ଆଶ୍ରୟ କରି ମୁକ୍ତିଲାଭ କରିଥାଏ ।

(୧୧୦୬) ଈଶ୍ୱର : ମାୟା-ପ୍ରତିବିମ୍ବିତ ଚୈତନ୍ୟଙ୍କର ନାମ ଈଶ୍ୱର । ଏହାଙ୍କର ଆତ୍ମାଜ୍ଞାନ କେବେହେଲେ ଆବୃତ୍ତ ହୁଏ ନାହିଁ । ତେଣୁ ସେ ସର୍ବଶ୍ରେଷ୍ଠ, ସର୍ବକର୍ତ୍ତା ଏବଂ ସେ ସମସ୍ତଙ୍କ ପ୍ରତି ଅନୁଗ୍ରହ କରିବାକୁ ସମର୍ଥ । କେବଳ ଚୈତନ୍ୟଦ୍ୱାରା କୌଣସି କାର୍ଯ୍ୟ ସାଧିତ ହୋଇପାରେ ନାହିଁ । ଚୈତନ୍ୟ ଯେତେବେଳେ ମାୟାର ଆବରଣରେ ଆବୃତ ହୁଅନ୍ତି, ସେ ଶକ୍ତିଶାଳୀ ପୁରୁଷ ବା ଈଶ୍ୱର ନାମ ଧାରଣ କରନ୍ତି । ଏହି ଈଶ୍ୱର ମଧ୍ୟ ଦେହତ୍ରୟାଭିମାନୀ ହୋଇ ତ୍ରିବିଧ ନାମ ଧାରଣ କରନ୍ତି । ଏହି ଈଶ୍ୱର କାରଣଦେହାଭିମାନୀ ହେତୁ ଈଶ, ସୂକ୍ଷ୍ମ ଦେହାଭିମାନୀ ହେତୁ ସୂତ୍ର ଓ ସ୍ଥୂଳ ଦେହାଭିମାନୀ ହେତୁ ବିରାଟ ନାମ ଧାରଣ କରନ୍ତି । ଅର୍ଥାତ୍ ଏହି ବିରାଟ ବିଶ୍ୱ ହିଁ ତାଙ୍କର ସ୍ଥୂଳଦେହ । ଜୀବ ବ୍ୟଷ୍ଟିଦେହ ତ୍ରୟାଭିମାନୀ ଏବଂ ଈଶ୍ୱର ସମଷ୍ଟି ଦେହ ତ୍ରୟାଭିମାନୀ । ଈଶ୍ୱର ଦେହତ୍ରୟାଭିମାନୀ ହୋଇ ମଧ୍ୟ ମୁକ୍ତ । କାରଣ ଊର୍ଦ୍ଧ୍ୱସ୍ତରରେ ଚୈତନ୍ୟଙ୍କର ପ୍ରତିଫଳନ ହେତୁ ଈଶ୍ୱରଙ୍କର ସୃଷ୍ଟି । ତେଣୁ ଜୀବ ସାଧନାବଳରେ ଈଶ୍ୱରତ୍ୱ ଲାଭ କରିପାରେ । ସାଧନା ଗୁରୁକୃପାସାପେକ୍ଷ । ଏହି ମାୟା ହିଁ ଶକ୍ତି । ଶିବ ବା ଚୈତନ୍ୟ ଯେତେବେଳେ ଶକ୍ତିଯୁକ୍ତ, ସେତେବେଳେ ସେ ଶିବ ଏବଂ ଶକ୍ତିହୀନ ହେଲେ ଜୀବ ବା ଶବ ଆଖ୍ୟା ପ୍ରାପ୍ତ ହୁଅନ୍ତି । ଚୈତନ୍ୟ ମାୟାଯୁକ୍ତ ହେଲେ ସର୍ବଶକ୍ତିମାନ ମହାପୁରୁଷରେ ପରିଣତ ହୋଇଯାନ୍ତି । ପ୍ରକୃତି ବିଶୁଦ୍ଧ ହେଲେ ଜୀବ ମଧ୍ୟ ଈଶ୍ୱରତ୍ୱ ଲାଭ କରିପାରେ । ଦେହମଧ୍ୟରେ ଚୈତନ୍ୟ ନିମ୍ନଚକ୍ରରେ ଆବଦ୍ଧ ହେଲେ ଜୀବ ଓ ଊର୍ଦ୍ଧ୍ୱଚକ୍ରକୁ ଉଠିଲେ ଈଶ୍ୱର ପଦବୀ ଲାଭ କରନ୍ତି । ମାୟାପ୍ରତିବିମ୍ବିତ ଚୈତନ୍ୟ ହିଁ ଶିବ ବା ଈଶ୍ୱର । ସେ ପ୍ରକୃତିର ବିଦ୍ୟାଂଶଦିଗ ।

(୧୧୦୭) ପ୍ରକୃତିର ବହିରଙ୍ଗା ଶକ୍ତି : ପ୍ରକୃତିର ବହିରଙ୍ଗ ଦିଗକୁ ବିହରଙ୍ଗା ମାୟାଶକ୍ତି କୁହାଯାଏ । ସେହି ମାୟାଶକ୍ତି ଚାରି ଭାଗରେ ବିଭକ୍ତ–(୧) ଯୋଗମାୟା (୨) ମହାମାୟା, (୩) ମାୟା, (୪) ଅବିଦ୍ୟା । ମୂଳ ଚୈତନ୍ୟସତ୍ତା ଶିବଙ୍କୁ ଯୋଗମାୟା, ବ୍ରହ୍ମାଣ୍ଡପତି ବିଷ୍ଣୁଙ୍କୁ ମହାମାୟା ଓ ପ୍ରଜାପତି ବ୍ରହ୍ମାଙ୍କୁ ମାୟା ଆବରଣ କରିଥାଏ । ଏହି ତ୍ରିଦେବଙ୍କ ସମଷ୍ଟ ହିଁ ଈଶ୍ୱର । ଜୀବକୁ ଅବିଦ୍ୟା ମାୟା ଆବରଣ କରିଛି । ଏହା ପ୍ରକୃତିର ବହିରଙ୍ଗା ଶକ୍ତି ।

(୧୧୦୮) ପ୍ରକୃତିର ଅନ୍ତରଙ୍ଗା ଶକ୍ତି : ପ୍ରକୃତିର ଅନ୍ତରଙ୍ଗା ଶକ୍ତିକୁ ଚିତ୍‌ଶକ୍ତି କୁହାଯାଏ । ସେଥିରେ ମାୟା ଆବରଣ ନାହିଁ । ବୈଷ୍ଣବଦର୍ଶନରେ ଏହି ଶକ୍ତିର ବିଶେଷ ବିବରଣ ପ୍ରଦତ୍ତ ହୋଇଅଛି । ସେହି ଚିତ୍‌ଶକ୍ତି ତ୍ରିଧା ବିଭକ୍ତ– ସତ୍, ଚିତ୍ ଓ ଆନନ୍ଦ । ସତ୍‌ରୁ ସନ୍ଧିନୀ, ଚିତ୍‌ରୁ ସମ୍ବିତ୍ ଓ ଆନନ୍ଦରୁ ହ୍ଲାଦିନୀଶକ୍ତିଙ୍କର ଉଦ୍ଭବ ହୋଇଅଛି । ଏହି ହେତୁ ଚୈତନ୍ୟରୂପିଣୀ ମହାଶକ୍ତି ବା ଶ୍ରୀକୃଷ୍ଣଙ୍କର ହ୍ଲାଦିନୀଶକ୍ତିକୁ ରାଧା କୁହାଯାଏ । ଶ୍ରୀରାଧା ହିଁ ଶ୍ରୀକୃଷ୍ଣଙ୍କର ସ୍ୱରୂପଶକ୍ତି । ଏହି ଅନ୍ତରଙ୍ଗା ଚିତ୍‌ଶକ୍ତିଙ୍କ ସହିତ ହ୍ଲାଦିନୀଶକ୍ତିଙ୍କର ନିତ୍ୟସମ୍ବନ୍ଧ ବିଦ୍ୟମାନ । ତାଙ୍କ ସାହଚର୍ଯ୍ୟରେ ପରମପୁରୁଷଙ୍କର ଆନନ୍ଦ ପୂର୍ଣ୍ଣାଙ୍ଗପ୍ରାପ୍ତ ହୁଏ । ଯୋଗଶାସ୍ତ୍ର ଏହି ଶକ୍ତିଙ୍କର ସନ୍ଧାନ ପାଇ ନାହାନ୍ତି । ପରମପୁରୁଷଙ୍କୁ ଆନନ୍ଦରସ ଆସ୍ୱାଦନ ପ୍ରଦାନ କରିବା ହିଁ ଶ୍ରୀରାଧାଙ୍କର କାର୍ଯ୍ୟ । "ହ୍ଲାଦିନୀ କରାନ୍ତି କୃଷ୍ଣେ ରସ ଆସ୍ୱାଦନ" । ତେଣୁ ଅନ୍ତରଙ୍ଗା ଚିତ୍‌ଶକ୍ତି ବା ସ୍ୱରୂପାନନ୍ଦ ଶକ୍ତିଙ୍କ ସହିତ ପରମପୁରୁଷଙ୍କର ମିଳିତ ହେବାର ଆକାଙ୍‌କ୍ଷା ନିତ୍ୟବିଦ୍ୟାମାନ । ଏହି ନିର୍ମଳା ଚିତ୍‌ଶକ୍ତିଙ୍କର କୃପାଲାଭ ନିମିତ୍ତ ଜଗତର ସମସ୍ତ ଜୀବ ଲାଳାୟିତ । ଚିତ୍‌ଶକ୍ତି ଜଡ଼ା ନୁହନ୍ତି, ସେ ପ୍ରାଣମୟୀ ଓ ନିତ୍ୟା । ନିର୍ମଳ ଚିତ୍ତଦର୍ପଣରେ ପରମପୁରୁଷଙ୍କ ପ୍ରତିଛବି କେବଳ ପତିତ ହୁଏ । ତେଣୁ ଶ୍ରୀରାଧା କୃଷ୍ଣ ଏକ ଆତ୍ମା । ପରମପୁରୁଷ ଚିତ୍‌ଶକ୍ତି ରୂପ ସ୍ୱଚ୍ଛ ଦର୍ପଣରେ ନିଜକୁ ହିଁ ପ୍ରତିବିମ୍ବିତ ଦର୍ଶନ କରି ଆତ୍ମହରା ହୋଇଯାନ୍ତି ।

ଏହି ଚିତ୍‌ଶକ୍ତି ଦର୍ପଣ ସଦୃଶ ସ୍ୱଚ୍ଛ । ପ୍ରାକୃତ ଜଗତ ନେଇ ଯୋଗ ଓ ତନ୍ତ୍ର ଶାସ୍ତ୍ର ବିଚାର କରନ୍ତି; ଯୋଗ ଶାସ୍ତ୍ର ଓ ତନ୍ତ୍ର ଶାସ୍ତ୍ର ଅପ୍ରାକୃତ ଦିଗର ସନ୍ଧାନ ପାଇ ନାହାନ୍ତି । ପ୍ରାକୃତ ଜଗତର ଊର୍ଦ୍ଧ୍ୱକୁ ଉଠି ନ ପାରିଲେ ଅପ୍ରାକୃତ ତତ୍ତ୍ୱ ହୃଦୟଙ୍ଗମ ହୋଇପାରେ ନାହିଁ । ଜୀବକୁ ତଟସ୍ଥା ଶକ୍ତି କୁହାଯାଏ । ଏହି ତଟସ୍ଥା ଶକ୍ତି ହିଁ ସଖୀଭାବରେ ଶ୍ରୀରାଧାକୃଷ୍ଣଙ୍କର ସେବା କରିଥାନ୍ତି ।

(୧୧୦୯) ମହାଶକ୍ତି : ଏହି ବିଶ୍ୱରେ ଯାବତୀୟ ବସ୍ତୁ, ବିଷୟ ଓ କ୍ରିୟା ମଧ୍ୟ ଦେଇ ସର୍ବତ୍ର ଯେଉଁ ଶକ୍ତିର କ୍ରିୟା ପରିଦୃଷ୍ଟ ହେଉଅଛି, ତାହାର ସମଷ୍ଟି ଶକ୍ତିକୁ ମହାଶକ୍ତି କୁହାଯାଏ । ଶକ୍ତି ପ୍ରଭାବରେ ସର୍ଷପତୁଲ୍ୟ ବୀଜ ମଧ୍ୟରେ ପ୍ରକାଣ୍ଡ ବୃକ୍ଷ ନିହିତ ଥାଏ ଏବଂ କ୍ଷୁଦ୍ରାଦପି କ୍ଷୁଦ୍ର ଅଣୁ ପରିମାଣ ମାନବ ମନରେ ସମଗ୍ର ଜଗତର ଜ୍ଞାନର ସଂସ୍ଥିତି ଦେଖିବାକୁ ମିଳେ । କ୍ଷୁଦ୍ର ଜଡ଼ପିଣ୍ଡ ସଦୃଶ ମାନବ ଦେହ ମଧ୍ୟରେ ସମଗ୍ର ଜଗତ୍ ନିୟାମକ ବୁଦ୍ଧି ଶକ୍ତି ଅବସ୍ଥାନ କରିଥାଏ । ସେହି ଶକ୍ତି

ଯେପରି ନିରୂପମା ପରମାସୁନ୍ଦରୀ ନାରୀ ସଦୃଶ । ତାଙ୍କର ମାୟାଶକ୍ତି ପ୍ରଭାବରେ ବିଶ୍ୱର ସୃଜନ, ପାଳନ, ସଂହାର ହୋଇଥାଏ । ଏହି ଶକ୍ତିଙ୍କର କେବେହେଲେ ହ୍ରାସ ବୃଦ୍ଧି ବା ବିନାଶ ନାହିଁ । ଏହି ଶକ୍ତି ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ଶରୀର ଓ ମନକୁ ଆଶ୍ରୟ କରି ବ୍ୟକ୍ତଭାବ ଧାରଣପୂର୍ବକ ନିଜର ସତ୍ତା ପ୍ରକାଶ କରନ୍ତି ଏବଂ ନିଜର ସ୍ୱରୂପ ଓ ପ୍ରକୃତ ଜ୍ଞାନ ତାଙ୍କରି ମାଧ୍ୟମରେ ଜଗତରେ ପ୍ରଚାର କରନ୍ତି, ସେତେବେଳେ ମାନବଗଣ ସେହି ବ୍ୟକ୍ତିଙ୍କୁ ଅବତାର ବା ମହାପୁରୁଷ ବୋଲି ଅଭିହିତ କରିଥାନ୍ତି । ଜ୍ଞାନ ଓ ଶକ୍ତିର ଭାବ ଏକା ପ୍ରକାରର, କିନ୍ତୁ ଆତ୍ମଜ୍ଞାନ ବିଶୁଦ୍ଧ ଚୈତନ୍ୟସ୍ୱରୂପ । ଯେଉଁ ଶକ୍ତି ଶ୍ରୀରାମଚନ୍ଦ୍ର ପ୍ରଭୃତି ଅବତାରମାନଙ୍କ ମଧ୍ୟରେ ବ୍ୟକ୍ତ ହୋଇଥିଲା, ସେହି ଶକ୍ତି ମଧ୍ୟ ଅନ୍ୟାନ୍ୟ ମହାପୁରୁଷଙ୍କଠାରେ ପ୍ରକାଶିତ ହୋଇଥିଲା । ଜଗତରେ ଶକ୍ତି ଏକ ଓ ଅଦ୍ୱିତୀୟ । ସେହି ଚେତନାମୟୀ ମହାଶକ୍ତି ହିଁ ଜଗତ୍‌କାରଣ ମହାମାୟା, ମା' ଦୁର୍ଗା ପ୍ରଭୃତି ବିଭିନ୍ନ ମୂର୍ତ୍ତିରେ ପ୍ରକାଶିତା ହୋଇଥାନ୍ତି । ଶକ୍ତି ଓ ଶକ୍ତିମାନ୍‌ଙ୍କ ମଧ୍ୟରେ ଅଭେଦଭାବ ବିରାଜିତ । ସେହି ମହାଶକ୍ତିଙ୍କୁ ଈଶ୍ୱର, ଶିବ, ଭଗବାନ, ପ୍ରକୃତିପୁରୁଷ ଓ ବ୍ରହ୍ମ ପ୍ରଭୃତି ବିଭିନ୍ନ ନାମରେ ଉପାସନା କରାଯାଇଥାଏ । ସେହି ଶକ୍ତିଙ୍କର ବ୍ୟକ୍ତାବସ୍ଥା ଭଗବାନ ଓ ଅବ୍ୟକ୍ତାବସ୍ଥା ପରଂବ୍ରହ୍ମ ବା ପରମଶିବ ସ୍ୱରୂପ । ଚୈତନ୍ୟଯୁକ୍ତ ଶକ୍ତିଙ୍କର ବ୍ୟକ୍ତଭାବ ହିଁ ଈଶ୍ୱର ଓ ଅବ୍ୟକ୍ତଭାବ ହେଲା ପରମଶିବ ବା ପରଂବ୍ରହ୍ମ । ତେଣୁ ଈଶ୍ୱର ଓ ଭଗବାନ କେବଳ ଉପାସ୍ୟ, ସେବ୍ୟ, ପୂଜ୍ୟ ଓ ପ୍ରେମର ପାତ୍ର ଏବଂ ବ୍ରହ୍ମ କେବଳ ଜ୍ଞାନର ବିଷୟ ।

ଭଗବତ୍ ଉପାସନା ନିମିତ୍ତ ଭକ୍ତିଯୋଗ ଓ ଅନ୍ୟର ଉପାସନା ନିମିତ୍ତ ଜ୍ଞାନଯୋଗ ନିର୍ଦ୍ଦିଷ୍ଟ ହୋଇଅଛି । ଏହି ଶକ୍ତିସାଧନ ପଥ ବିଭିନ୍ନ ହେଲେ ମଧ୍ୟ ଲକ୍ଷ୍ୟସ୍ଥାନ ଏକ ଓ ଅଦ୍ୱିତୀୟ । କେଉଁ ପଥରେ ଗତି କଲେ କାହାର ଶ୍ରେୟଃ ଲାଭ ହେବ, ତାହା ନିରୂପଣ କିରବା ସଦ୍‌ଗୁରୁଙ୍କର କାର୍ଯ୍ୟ । ବର୍ତ୍ତମାନ ଯୁଗରେ ଜ୍ଞାନମିଶ୍ରା ଭକ୍ତିଯୋଗ ହିଁ ଉପଯୁକ୍ତ ସାଧନପଥ । ଯେଉଁମାନେ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିରେ ଭଗବତୀଙ୍କର ଉପାସନା କରିବେ, ସେମାନେ ଭକ୍ତିପଥ ଅବଲମ୍ବନ କରି ପଞ୍ଚଭାବର ଆଶ୍ରୟରେ ଗତି କରିବା ବିଧେୟ । ଯେଉଁମାନେ ଦୁର୍ଗା, କାଳୀ ପ୍ରଭୃତିଙ୍କ ଉପାସନା କରିବେ, ସେମାନେ ମାତୃଭାବରେ ଏବଂ ଯେଉଁମାନେ ଶିବମୂର୍ତ୍ତିରେ ଭଗବତୀଙ୍କର ପୂଜା କରିବେ, ସେମାନେ ପିତୃଭାବରେ ସାଧନା କରିବେ ।

ଅତଏବ ଶକ୍ତିଙ୍କର ବିକାଶ ନିମିତ୍ତ ସାଧନାର ପ୍ରୟୋଜନ । ଶକ୍ତିଙ୍କଠାରୁ ଭକ୍ତି, ଜ୍ଞାନ ଓ ମୋକ୍ଷଲାଭ ହୋଇଥାଏ । ଏକନିଷ୍ଠ ଭାବରେ ସାଧନଦ୍ୱାରା ଶକ୍ତିଲାଭ ହୁଏ । ଯେଉଁ ମହାଶକ୍ତିଙ୍କ ବିଷୟ ଆଲୋଚିତ ହେଲା, ସେହି ଅନନ୍ତଶକ୍ତି ପ୍ରଧାନତଃ ତିନି ଭାଗରେ ବିଭକ୍ତ—ପ୍ରଥମା ମହାଶକ୍ତି ବା ସୃଷ୍ଟିସ୍ଥିତିସଂହାରିଣୀଶକ୍ତି । ସେହି ଶକ୍ତିଙ୍କଦ୍ୱାରା ସୃଷ୍ଟିଲୀଳା ସମ୍ପାଦିତ ହୁଏ । ଦ୍ୱିତୀୟା—ଅନ୍ତରଙ୍ଗା ଚିତ୍‌ଶକ୍ତି । ତଦ୍ୱାରା ନିତ୍ୟଲୀଳା ସମ୍ପନ୍ନ ହୁଏ ଏବଂ ତୃତୀୟ ଶକ୍ତି ତଟସ୍ଥା ବା ଜୀବଶକ୍ତିଙ୍କୁ ନେଇ ଭଗବାନ ସଂସାରଲୀଳା ସମ୍ପାଦନ କରନ୍ତି । ସେହି ସମଗ୍ର ଶକ୍ତି ମାନବର ଦେହଭାଣ୍ଡର ମୂଳାଧାରପଦ୍ମରେ କୁଣ୍ଡଳିନୀ ଆକାରରେ ନିଦ୍ରାତ ଅଛନ୍ତି ।

(୧୧୧୦) ପରମାତ୍ମାଙ୍କର ତେତିଶଟି ଦେବଶକ୍ତି : ଦେବତାମାନେ ପରମାତ୍ମା ପରମପୁରୁଷଙ୍କର ମହିଁମା ପ୍ରକାଶ କରିଥାଆନ୍ତି । ଅଷ୍ଟ ବସୁ, ଏକାଦଶ ରୁଦ୍ର, ଦ୍ୱାଦଶ ଆଦିତ୍ୟ, ଇନ୍ଦ୍ର ଓ ପ୍ରଜାପତି ମିଶି ତେତିଶ ଦେବତା । ବାର ମାସର ଅଧିଷ୍ଠାତା ଦେବତାଙ୍କୁ ଦ୍ୱାଦଶ ଆଦିତ୍ୟ କୁହାଯାଏ ।

(୧୧୧୧) ଅଷ୍ଟବସୁ : (୧) ଅଗ୍ନି (Heated cosmic bodies), (୨) ପୃଥିବୀ (Planets), (୩) ବାୟୁ (Atmosphere) (୪) ଅନ୍ତରୀକ୍ଷ (Superterrestrial space), (୫) ଆଦିତ୍ୟ (Suns), (୬) ଦ୍ୟୌ (Rays of etherial space), (୭) ଚନ୍ଦ୍ର (Sattelites), (୮) ନକ୍ଷତ୍ର (Stars)—ଏମାନଙ୍କୁ ଅଷ୍ଟବସୁ କୁହାଯାଏ ।

(୧୧୧୨) ଏକାଦଶ ରୁଦ୍ର : ଦଶ ପ୍ରାଣ (ପ୍ରାଣ, ଅପାନ, ସମାନ, ଉଦାନ, ବ୍ୟାନ, ନାଗ, କୂର୍ମ, କୃକର, ଦେବଦତ୍ତ ଓ ଧନଞ୍ଜୟ—ଏହା ହିଁ ଦଶ ପ୍ରାଣ) (Nerveousic force) ଏବଂ ଜୀବାତ୍ମା (The Human Spirit) ଏମାନେ ଏକତ୍ର ହେଲେ ଏକାଦଶ ରୁଦ୍ର ନାମରେ ଅଭିହିତ ହୁଅନ୍ତି । ଇନ୍ଦ୍ର ଅର୍ଥାତ୍ ବିଦ୍ୟୁତ୍ (Electric force) ପ୍ରଜାପତି ଅର୍ଥାତ୍ ଯଜ୍ଞ ବା ଶୁଭକର୍ମ ।

(୧୧୧୩) ଅଷ୍ଟବିଧ ଜଡ଼ଶକ୍ତି : ଧର୍ମଶାସ୍ତ୍ର, ଦର୍ଶନଶାସ୍ତ୍ର ଏବଂ ପ୍ରାକୃତିକ ବିଜ୍ଞାନଶାସ୍ତ୍ର—ଏଭଳି ତ୍ରିବିଧ ମତରେ ଶକ୍ତି ଆଠ ପ୍ରକାର । ପ୍ରଥମେ ବିଜ୍ଞାନ ମତ ଅନୁସାରେ ଷଡ଼ବିଧ ଜଡ଼ଶକ୍ତି ଓ ଦ୍ୱିବିଧ ଜୀବଶକ୍ତିକୁ ଯଥାକ୍ରମେ ନିର୍ଜୀବ (Inorganic) ଓ ସଜୀବ (Organic) ଶକ୍ତି କୁହାଯାଏ ।

(୧୧୧୪) ଷଡ଼ବିଧ ନିର୍ଜୀବ ଜଡ଼ଶକ୍ତି : ଉତ୍ତାପ (Heat), ଜ୍ୟୋତିଃ

(Light), ତଡ଼ିତ୍ (Electricity), ଚୁମ୍ବକ (Magnetism), ରାସାୟନିକ ଶକ୍ତି (Chemical Affinity), ଗତିଶକ୍ତି (Motion), –ଏହା ହିଁ ଷଡ଼ବିଧ ଜଡ଼ଶକ୍ତି । ଶବ୍ଦ (Sound) ଏହା ଗତି ଶକ୍ତିର ଅନ୍ତର୍ଗତ ।

(୧୧୧୫) ଦ୍ୱିବିଧ ଜୀବଶକ୍ତି : (୧) ପ୍ରାଣ ବା ଜୀବନୀଶକ୍ତି (Vital energy) ଏବଂ (୨) ମାନସ ଶକ୍ତି (Mental ବା Psychical force) । ଏହି ଦ୍ୱିବିଧ ଶକ୍ତିକୁ ଜୀବଶକ୍ତି ବା (Organic force) କୁହାଯାଏ । ବୈଜ୍ଞାନିକ ପ୍ରକ୍ରିୟା ସାହାଯ୍ୟରେ ଏହି ଅଷ୍ଟପ୍ରକାର ଶକ୍ତିର ପରସ୍ପର ରୂପାନ୍ତର ସଂଘଟନ କରାଯାଇଥାଏ ।

(୧୧୧୬) ଶକ୍ତିର ଅଷ୍ଟବିଧ ସ୍ୱରୂପ : ଶାସ୍ତ୍ର ଅନୁସାରେ ମହାମାୟା ଭଗବତୀ ଦୁର୍ଗାଙ୍କର ଅଷ୍ଟବିଧ ଭୌତିକ ଶକ୍ତି ବିଦ୍ୟମାନ । (୧) ଉଗ୍ରଚଣ୍ଡା, (୨) ପ୍ରଚଣ୍ଡା, (୩) ଚଣ୍ଡୋଗ୍ରା, (୪) ଚଣ୍ଡନାୟିକା, (୫) ଚଣ୍ଡା, (୬) ଚଣ୍ଡବତୀ, (୭) ଚଣ୍ଡରୂପା, (୮) ଚଣ୍ଡିକା । ଶ୍ରୀଭଗବତୀ ଦୁର୍ଗାଙ୍କ ଧ୍ୟାନରେ ଏହି ଅଷ୍ଟଶକ୍ତିଙ୍କ ନାମ ଅଛି । ଏହି ଅଷ୍ଟଶକ୍ତିଙ୍କର ମଧ୍ୟ ଅନ୍ୟ ଅଷ୍ଟବିଧ ନାମ ଅଛି—ସଙ୍କଟା, ବିଜୟା, କାମଦା, ଦୁଃଖହାରିଣୀ, ସର୍ବାଣୀ, କାତ୍ୟାୟିନୀ, ଭୀମନୟନା ଓ ସର୍ବରୋଗହରା । ଅନ୍ୟ ଶାସ୍ତ୍ରରେ ଏହି ଅଷ୍ଟବିଧ ଦୈବୀଶକ୍ତିର ନାମ–ବ୍ରହ୍ମାଣୀ, ମାହେଶ୍ୱରୀ, ବୈଷ୍ଣବୀ, ବାରାହୀ, ନରସିଂହୀ, କୌମାରୀ, ଇନ୍ଦ୍ରାଣୀ ଓ ଚାମୁଣ୍ଡା । ଋଷିମାନଙ୍କ ନିକଟରେ ଶକ୍ତିତତ୍ତ୍ୱ ଅବିଦିତ ନ ଥିଲା । ସେମାନେ ଶକ୍ତିଜ୍ଞାନରେ ସିଦ୍ଧ ଥିଲେ ।

ଯୋଗଶାସ୍ତ୍ରରେ ଏହାକୁ ଅଷ୍ଟ ଐଶ୍ୱର୍ଯ୍ୟ କୁହାଯାଏ । ଅଣିମା, ଲଘିମା, ମହିମା, ଗରିମା, ଈଶିତ୍ୱ, ବଶୀତ୍ୱ, ପ୍ରାକାମ୍ୟ ଓ ପ୍ରାପ୍ତି ।

ଜ୍ଞାନଯୋଗରେ ମଧ୍ୟ ଏହି ଅଷ୍ଟବିଧ ଶକ୍ତିର ଜ୍ଞାନ ଲାଭ ହୋଇଥାଏ । ଜ୍ଞାନଶକ୍ତି, ଇଚ୍ଛାଶକ୍ତି ଓ କ୍ରିୟାଶକ୍ତି ଏବଂ ପଞ୍ଚଭୂତର ପଞ୍ଚବିଧ ଶକ୍ତି । (କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ ଶକ୍ତି) । ସେଥିରେ ମଧ୍ୟ ପାଞ୍ଚଗୋଟି ଜଡ଼ଶକ୍ତି ଓ ତିନିଗୋଟି ଜୀବଶକ୍ତି ବିଦ୍ୟମାନ ।

ଗୀତାବର୍ଣ୍ଣିତ ଅଷ୍ଟବିଧ ପ୍ରକୃତି ହେଉଛି—ପଞ୍ଚଭୂତ ଏବଂ ମନ, ବୁଦ୍ଧି ଓ ଅହଂ । ଏହା ଅଷ୍ଟବିଧ ଅପରା ପ୍ରକୃତି ବା ଅଷ୍ଟବିଧ ଶକ୍ତି ।

(୧୧୧୭) ଜୀବପ୍ରକୃତିର ଦ୍ୱିବିଧ ଗତି : ଜୀବର ଗତିପଥ (Direction) ଦ୍ୱିବିଧ—ଗୋଟିଏ ସଂସାରାଭିମୁଖୀ, ଅନ୍ୟଟି ଆତ୍ମାଭିମୁଖୀ । ଗୋଟିଏ ପ୍ରବୃତ୍ତି ବା

ଗ୍ରହଣ ଦିଗ ଓ ଅନ୍ୟଟି ନିବୃତ୍ତି ବା ତ୍ୟାଗ ଦିଗ । ଗୋଟିଏ ଅହଂତ୍ୱ ଦିଗ ଓ ଅନ୍ୟଟି ସୋଽହଂତ୍ୱର ଦିଗ । ପ୍ରଥମଟି ପ୍ରକାଶ ଦିଗକୁ ଓ ଦ୍ୱିତୀୟଟି ଲୟ ଦିଗକୁ । ଏହି ଦୁଇ ପଥ ବ୍ୟତୀତ କୌଣସି ତୃତୀୟ ପଥ ନାହିଁ । କେତେ ଲୋକ ନିଶ୍ଚୟ ସଂସାରପଥରେ ଗତି କରିବେ ଏବଂ ଅନ୍ୟ କେତେକ ନିଶ୍ଚୟ ତ୍ୟାଗପଥରେ ଗତି କରିବେ । ଯେ ଯେଉଁ ପଥରେ ଗତି କଲେ ମଧ୍ୟ ଦିନେ ସମସ୍ତେ ଆତ୍ମସ୍ୱରୂପରେ ଲୟପ୍ରାପ୍ତ ହେବେ । ନିବୃତ୍ତିପଥର ପଥିକମାନେ ଅର୍ଥାତ୍ ନିବୃତ୍ତି ପଥଗାମୀ ନଦୀଗୁଡ଼ିକ ସହଜ ସରଳ ଭାବରେ ଶୀଘ୍ର ଆତ୍ମରୂପ ସମୁଦ୍ରରେ ମିଳିତ ହୁଅନ୍ତି । ପ୍ରବୃତ୍ତି ନଦୀ ସଂସାରପଥରେ ବହୁଜନ୍ମ ଧରି ବିଭିନ୍ନ ପଥରେ ଘୂରିବୁଲି ଶେଷରେ ଭବତ୍ସ୍ୱରୂପ ମହାସମୁଦ୍ରରେ ଲୀନ ହୁଏ । ପ୍ରବୃତ୍ତିପଥରେ ଗତିକଲେ ବିବିଧ ଦୁଃଖ ଭୋଗ କରିବାକୁ ପଡ଼େ; କିନ୍ତୁ ନିବୃତ୍ତିପଥ ନିତ୍ୟ ଆନନ୍ଦମୟ । ଯେଉଁମାନେ ଆତ୍ମସ୍ୱରୂପ ଭୁଲି ସଂସାରପଥରେ ବା ପ୍ରବୃତ୍ତିପଥରେ ବୃଥା ଘୂରିବୁଲନ୍ତି, ସେହିମାନେ ପ୍ରକୃତିର ନିୟମରେ (Natural course) ସୁଖ-ଦୁଃଖ ଭୋଗ କରିବାକୁ ବାଧ ହୋଇଥାନ୍ତି । ତଥାପି ବହୁ କଷ୍ଟ ବୃଥା ଭ୍ରମଣ କରି ଦିନେ ସେମାନେ ମଧ୍ୟ ଆତ୍ମସ୍ୱରୂପ ଲାଭ କରିବେ । କିନ୍ତୁ ନିବୃତ୍ତିପଥର ପଥିକମାନେ ଅତି ଅଳ୍ପ ସମୟ ମଧ୍ୟରେ ନିଜ ସ୍ୱରୂପ ଲାଭ କରି ଧନ୍ୟ ହୋଇଥାନ୍ତି ।

(୧୧୧୮) ପ୍ରବୃତ୍ତିର ଦ୍ୱିବିଧ ପଥ : ପ୍ରବୃତ୍ତିମାର୍ଗରେ ମଧ୍ୟ ଦୁଇଟି ପଥ ବିଦ୍ୟମାନ । ଯେଉଁମାନେ ଜ୍ଞାନମୂଳକ ନିବୃତ୍ତିମାର୍ଗରେ ଚଳିବାକୁ ଅସମର୍ଥ, ସେମାନେ ପ୍ରବୃତ୍ତି ଭିତରଦେଇ ନିବୃତ୍ତିମାର୍ଗରେ ଉପନୀତ ହୋଇଥାନ୍ତି । ତେଣୁ ପ୍ରବୃତ୍ତି ଓ ପ୍ରକୃତି ପଥ ଭେଦରେ ତାହା ଦୁଇ ଭାଗରେ ବିଭକ୍ତ । ପ୍ରବୃତ୍ତିପଥରେ ଚଳିଲେ ଦ୍ୱିବିଧ ଶକ୍ତିଲାଭ ହୋଇଥାଏ । ତେଣୁ ତାକୁ ଶକ୍ତିପଥ ଓ ପ୍ରକୃତିପଥକୁ ଅଜ୍ଞାନପଥ ବୋଲି କୁହାଯାଏ । ନିବୃତ୍ତି ପଥର ନାମ ଜ୍ଞାନପଥ । ଯେଉଁମାନେ ଭୋଗମଧ୍ୟରେ ଥାଇ ତ୍ୟାଗପଥରେ ଗତି କରନ୍ତି, ସେମାନେ ଅସାଧାରଣ ଶକ୍ତିସମ୍ପନ୍ନ ମହାପୁରୁଷ ହେତୁ ସେମାନଙ୍କୁ ଶକ୍ତିଶାଳୀ ସାଧକ କୁହାଯାଏ । ଯେଉଁମାନେ ପ୍ରକୃତି ଅଧୀନରେ ପରିଚାଳିତ ହୁଅନ୍ତି, ସେମାନେ ବିଷୟଭୋଗ କରି ଅଜ୍ଞାନ ଅବସ୍ଥାରେ ନିପତିତ ହୁଅନ୍ତି । ଏହି ଅଜ୍ଞାନ ନାଶ ନିମିତ୍ତ ଧ୍ୟାନଧାରଣା ଓ ସଂଯମାଦିର ଅଭ୍ୟାସ ଏକାନ୍ତ ପ୍ରୟୋଜନ ।

(୧୧୧୯) ସପ୍ତଦ୍ୱୀପା ପୃଥିବୀ : ସମଗ୍ର ବିଶ୍ୱରେ ସାତଗୋଟି ସ୍ତର

ବିଦ୍ୟମାନ । ତାହାକୁ ସପ୍ତଲୋକ କୁହାଯାଏ । ଯେପରି ଭୂ, ଭୁବ, ସ୍ୱ, ମହ, ଜନ, ତପ ଓ ସତ୍ୟ– ଏହି ସପ୍ତଲୋକ ବିଦ୍ୟମାନ, ସେହିପରି ଏହି ପୃଥିବୀରେ ମଧ୍ୟ ସାତଗୋଟି ସ୍ତର ବିଦ୍ୟମାନ । ପୁରାଣରେ ତାହାର ନାମ ସପ୍ତଦ୍ୱୀପ ବୋଲି ବର୍ଣ୍ଣନା କରାଯାଇଛି । ଏହି ସପ୍ତସ୍ତରରେ ଜୀବର ସାତ ପ୍ରକାରର ଅବସ୍ଥା ହୁଏ । ଏହାର ପ୍ରତ୍ୟେକ ଅବସ୍ଥା ଜୀବର ଇନ୍ଦ୍ରିୟ ସଂଖ୍ୟା ଉପରେ ନିର୍ଭର କରେ । ସପ୍ତମ ଶ୍ରେଣୀର ଜୀବଙ୍କଠାରେ ପ୍ରାୟ ଗୋଟିଏ ଇନ୍ଦ୍ରିୟ ବା ଜ୍ଞାନର ଦ୍ୱାର ଉନ୍ମୁକ୍ତ ଥାଏ । ଷଷ୍ଠ ଶ୍ରେଣୀର ଜୀବଙ୍କ ମଧ୍ୟରେ ଦୁଇଟି ଇନ୍ଦ୍ରିୟ ଉନ୍ମୁକ୍ତ ଥାଏ । ଏହି କ୍ରମରେ ପ୍ରଥମ ଶ୍ରେଣୀର ମାନବଙ୍କଠାରେ ସାତଗୋଟି ଇନ୍ଦ୍ରିୟ ବା ଜ୍ଞାନର ଦ୍ୱାର ଉନ୍ମୁକ୍ତ ଥାଏ । ସାଧାରଣ ବିଷୟୀ ମାନବମାନଙ୍କର ପାଞ୍ଚଗୋଟି ଇନ୍ଦ୍ରିୟଦ୍ୱାର ଖୋଲାଥାଏ । ତେଣୁ ସେମାନଙ୍କୁ ତୃତୀୟ ଶ୍ରେଣୀ ମାନବ କୁହାଯାଏ । ସାଧାରଣତଃ ଭୂ ର୍ଭୁବ ସ୍ୱଃ ଏହି ତ୍ରିଲୋକରେ ମାନବର ମଧ୍ୟ ପଞ୍ଚଇନ୍ଦ୍ରିୟ ଥାଏ । କିନ୍ତୁ ମହର୍ଲୋକବାସୀ ବିଜ୍ଞ ମାନବଗଣ ଏହି ଜଗତରେ ଜନ୍ମଗ୍ରହଣ କଲେ ସେମାନଙ୍କର ଆଉ ଗୋଟିଏ ଅଧିକ ଇନ୍ଦ୍ରିୟ ଶକ୍ତିର ବିକାଶ ହୋଇଥାଏ ଏବଂ ଉଚ୍ଚସ୍ତରର ଦେବତାମାନେ ଏ ଜଗତକୁ ଆସିଲେ ବା ଜନ୍ମଗ୍ରହଣ କଲେ ସେମାନଙ୍କର ଆଉ ଦୁଇଗୋଟି ଇନ୍ଦ୍ରିୟ ବିକଶିତ ହୁଏ । ଏହି ଦୁଇଟି ଇନ୍ଦ୍ରିୟଙ୍କର ନାମ ବିବେକ ଓ ପ୍ରଜ୍ଞା । ସାଧାରଣ ମାନବଙ୍କର ସାଧନା ଦ୍ୱାରା ଏହି ଷଷ୍ଠ ଓ ସପ୍ତମ ଇନ୍ଦ୍ରିୟର ବିକାଶ ହୋଇଥାଏ । ଏହାକୁ ଦିବ୍ୟଦୃଷ୍ଟି କୁହାଯାଏ ।

(୧୧୨୦) ଦିବ୍ୟଦୃଷ୍ଟି : ଏହି ସୂକ୍ଷ୍ମଇନ୍ଦ୍ରିୟଦ୍ୱାରା ସାଧକମାନେ ଏହି ବିଶ୍ୱର ସୂକ୍ଷ୍ମବିଶ୍ୱ, ଭାବଜଗତ, ଆତ୍ମା ଓ ପରମେଶ୍ୱରଙ୍କ ତତ୍ତ୍ୱଜ୍ଞାନସମୂହ ପ୍ରତ୍ୟକ୍ଷ ଭାବରେ ଜ୍ଞାନଚକ୍ଷୁ ସାହାଯ୍ୟରେ ଦର୍ଶନ ଓ ଅନୁଭବ କରିଥାନ୍ତି । ଏହିସବୁ ଜ୍ଞାନମୟ ଦୃଷ୍ଟି ସାଧକମାନଙ୍କ ଅନ୍ତରରେ ସୂକ୍ଷ୍ମଭାବରେ ବିଦ୍ୟମାନ ଥାଏ । ଏହା ବାହାରକୁ ଦେଖାଯାଏ ନାହିଁ । ଏହି ଦିବ୍ୟଦୃଷ୍ଟିସମ୍ପନ୍ନ ମାନବମାନଙ୍କ ସଂଖ୍ୟା ଅଧିକ ହେଲେ, କ୍ରମେ ଏପରି ଯୁଗ ଆସିଯିବ, ଯେଉଁ ଯୁଗରେ ସ୍ଥୁଳ ଇନ୍ଦ୍ରିୟଦ୍ୱାର ଭଳି ଷଷ୍ଠ ଇନ୍ଦ୍ରିୟଦ୍ୱାର ସ୍ଥୁଳଭାବରେ ବିକଶିତ ହୋଇଉଠିବ । ଭଗବତ୍ ପ୍ରଦତ୍ତ ପଞ୍ଚଇନ୍ଦ୍ରିୟଶକ୍ତିଙ୍କୁ ସଂଯତ କରି ନିତ୍ୟ ବିଷୟ ପ୍ରତି ଏକାଗ୍ର କରିପାରିଲେ ସେହି ଏକାଗ୍ରତ ଫଳରେ ଯେଉଁ ଦୈବୀଶକ୍ତି ଲାଭ ହେବ, ତାହାକୁ ନିରୁଦ୍ଧ କଲେ ଅର୍ଥାତ୍ ଭଗବତ୍ମୁଖୀ କଲେ ଜୀବ ସହଜରେ ଶିବତ୍ୱ ଲାଭ କରି ଧନ୍ୟ ହେବ ।

(୧୧୨୧) ଯୋଗକ୍ଷେମ : ଯେଉଁ ସାଧକମାନେ ସେମାନଙ୍କ ଲକ୍ଷ୍ୟ ସତ୍ତାରେ କ୍ରମେ ତନ୍ମୟତା ଲାଭ କରିବାକୁ ସକ୍ଷମ ହୁଅନ୍ତି, ସେମାନଙ୍କ ପକ୍ଷରେ ନିଜ ଦେହକୁ ରକ୍ଷା କରିବା ଏକ ପ୍ରକାର ଅସମ୍ଭବ ହୋଇପଡ଼େ। କାରଣ ସେମାନଙ୍କର ନିଜ ଦେହ ପ୍ରତି ଯତ୍ନ ନେବା ସମ୍ଭବପର ହୋଇପାରେ ନାହିଁ। ସାଧକଙ୍କର ନିଜ ଦେହରକ୍ଷା ପ୍ରତି ଯଦି ଏହିପରି ଉଦାସୀନ ମନୋଭାବ ବିଦ୍ୟମାନ ହୁଏ ସେପରି କ୍ଷେତ୍ରରେ ସେମାନଙ୍କ ପରିବାରପରିଜନଙ୍କ ପ୍ରତି ଯେ କିଭଳି ମନୋଭାବ ଥିବ, ତାହା ସହଜରେ ଅନୁମେୟ। ସେପରି କ୍ଷେତ୍ରରେ ସେହି ପ୍ରେମମୟ ଶ୍ରୀଗୁରୁ ଭଗବାନ ହିଁ ଏଭଳି ସାଧକଙ୍କର ଦେହ, ମନ, ପ୍ରାଣ ଓ ତାଙ୍କର ପରିବାରବର୍ଗଙ୍କୁ ରକ୍ଷା କରିଥାନ୍ତି। ତେଣୁ ସାଧନା ଅର୍ଥାତ୍ ଭକ୍ତଙ୍କର ଭାବ ସରଳ ଓ ଅକପଟ ହେଲେ ଶ୍ରୀଭଗବାନ ସାଧକଙ୍କୁ ସବୁ କ୍ଷେତ୍ରରେ ରକ୍ଷା କରିଥାନ୍ତି। ଭଗବାନ ଏହି ଭାବରେ ରକ୍ଷା କରୁ ନ ଥିଲେ ସାଧକମାନେ କେବେହେଲେ ସାଧନ ପଥରେ ଅଗ୍ରସର ହୋଇପାରନ୍ତେ ନାହିଁ। ଶ୍ରୀଭଗବାନ ସାଧକଙ୍କୁ ଯେଉଁଭଳି ଭାବରେ ରକ୍ଷା କରନ୍ତି, ତାହାରି ନାମ ଯୋଗକ୍ଷେମ ବହନ।

(୧୧୨୨) କାଳୀ ବା ନାରାୟଣଙ୍କ ଅନନ୍ତଶଯ୍ୟା : 'କାଳୀମୂର୍ତ୍ତି ଓ ନାରାୟଣଙ୍କ ଅନନ୍ତଶଯ୍ୟାର ଚିତ୍ରଦ୍ୱୟ ସପ୍ତଲୋକସମ୍ପନ୍ନ ବିଶ୍ୱର ମାନଚିତ୍ର (Symbol) ସଦୃଶ। ଏହି ଦୁଇ ଚିତ୍ରରେ ଚିତ୍ରିତ ନିଦ୍ରିତ ପରମଶିବ ମହାକାଳ ଏବଂ ନାରାୟଣ ହିଁ ସତ୍ୟଲୋକସ୍ଥ ଅବ୍ୟକ୍ତ ପରମପୁରୁଷ। ଅବ୍ୟକ୍ତ ପରମପୁରୁଷଙ୍କୁ ସଗୁଣ ବ୍ରହ୍ମ କୁହାଯାଏ। ଏହାଙ୍କର ଅପର ନାମ ପରମେଶ୍ୱର। ତେଣୁ ଚିତ୍ରରେ ତାଙ୍କୁ ସର୍ବଦା ନିଦ୍ରିତ ବୋଲି ସୂଚନା ଦିଆଯାଇଛି। ସେହି ଅବ୍ୟକ୍ତ ପ୍ରକୃତିଙ୍କଠାରୁ ଏହି ବ୍ୟକ୍ତ ପଞ୍ଚଜଗତ୍ ରୂପ କାଳୀ ବା ବ୍ରହ୍ମା ଫୁଟି ଉଠିଛନ୍ତି। ମହେଶ୍ୱରଙ୍କର ଅଙ୍ଗଭୂଷଣ ଓ ନାରାୟଣଙ୍କର ଅନନ୍ତଶଯ୍ୟା ହିଁ କାଳ (Time) ର ପ୍ରତୀକ। ବ୍ରହ୍ମା ବା କାଳୀମାତା ସ୍ୱୟଂ ଏହି ବ୍ୟକ୍ତ ପଞ୍ଚଜଗତ୍ ସ୍ୱରୂପ। ସେମାନେ ଏହି ଜଗତର ଆତ୍ମା ରୂପରେ ପ୍ରତି ଜୀବ ଦେହରେ ଅବସ୍ଥାନ କରନ୍ତି। ତେଣୁ ସେମାନେ ସୃଜନ, ପାଳନ ଓ ସଂହାର କାର୍ଯ୍ୟର ଆଧାର। କାଳୀମାତାଙ୍କର ବାମାଙ୍ଗ ସୃଜନଶକ୍ତି, ଦକ୍ଷିଣାଙ୍ଗ ସଂହାରଶକ୍ତି ଏବଂ ବକ୍ଷ ଓ କଟିଦେଶ ପାଳନଶକ୍ତିର ପ୍ରତୀକ। ଶାସ୍ତ୍ରରେ ବ୍ରହ୍ମାଙ୍କୁ ପୂର୍ଣ୍ଣ ଈଶ୍ୱର କୁହାଯାଏ। ଏହି ବ୍ରହ୍ମାଙ୍କର ଗୋଟିଏ ଦିନକୁ କଳ୍ପ କୁହାଯାଏ ଏବଂ ଏହି ଭାବରେ ତାଙ୍କର ଶତବର୍ଷ ପରମାୟୁ। ବ୍ରହ୍ମାଙ୍କ ଧ୍ୟାନଶକ୍ତି ପ୍ରଭାବରେ

ଜଗତର ଅସ୍ତିତ୍ୱ ଥାଏ । ଧ୍ୟାନଭଙ୍ଗ ହେଲେ ପ୍ରଳୟ ଉପନୀତ ହୁଏ । ନାରାୟଣଙ୍କ ନିକଟରେ ଥିବା ଦେବୀ ଅବ୍ୟକ୍ତା ମୂଳାପ୍ରକୃତି ବା ଆଦ୍ୟାଶକ୍ତି । ସେ ହିଁ ବ୍ରହ୍ମାଙ୍କୁ ସୃଷ୍ଟି କ୍ଷମତା ପ୍ରଦାନ କରିଥାନ୍ତି ।

(୧୧୨୩) ସଚ୍ଚିଦାନନ୍ଦ ସ୍ୱରୂପ : ଆତ୍ମା କେବଳ ସୁଖ ବା ପ୍ରେମପୂର୍ଣ୍ଣ ନୁହନ୍ତି । ସେ ଜ୍ଞାନ ଓ ଜୀବନୀଶକ୍ତିପୂର୍ଣ୍ଣ । କାରଣ ଆତ୍ମା ସଚ୍ଚିଦାନନ୍ଦ ସ୍ୱରୂପ । ସତ୍ ଅର୍ଥ ଅମର ଜୀବନ ଓ ନିତ୍ୟତ୍ୱ, ଚିତ୍ ଅର୍ଥ ଜ୍ଞାନ ଓ ଶକ୍ତି ଏବଂ ଆନନ୍ଦ ଅର୍ଥ ପ୍ରେମପ୍ରୀତି ଭାବ । ତେଣୁ ଜଡ଼ ଭଳି ନିତାନ୍ତ ଦୁର୍ବଳ ହୋଇ ଓ ଅଜ୍ଞାନ-ଅନ୍ଧକାରରେ ନିଜକୁ ବୁଡ଼ାଇ ରଖି କେବଳ ପ୍ରେମଭକ୍ତି ଏବଂ ରସ ପଥରେ ଚଳିଲେ କେବେହେଲେ ସ୍ୱରୂପଜ୍ଞାନ ଲାଭ ହୋଇପାରିବ ନାହିଁ । କାରଣ ଜ୍ଞାନ ଓ ଶକ୍ତିଯୁକ୍ତ ଆନନ୍ଦ ହିଁ ଭଗବାନ । ଜ୍ଞାନହୀନ, ଶକ୍ତିହୀନ ଓ ଜୀବନୀଶକ୍ତିହୀନ ପ୍ରେମ ବା ଆନନ୍ଦ କେବେହେଲେ ଭଗବତ୍ ଭାବ ହୋଇପାରେ ନାହିଁ । ସୁତରାଂ କର୍ମ, ଜ୍ଞାନ, ଶକ୍ତି ବ୍ୟତୀତ ଭକ୍ତିର ସାଧନା ହୋଇପାରେ ନାହିଁ । ଜ୍ଞାନ ଓ ଶକ୍ତି ସାଂସାରିକ ଅନିତ୍ୟ ଜ୍ଞାନ ଓ ଶକ୍ତି ନୁହେଁ ।

(୧୧୨୪) ଚିତ୍ତଦର୍ପଣ : ଆତ୍ମା ସ୍ୱକୀୟ ଦେହ ଓ ଇନ୍ଦ୍ରିୟବର୍ଗର ବିକାଶ ଓ ଉତ୍କର୍ଷ ସାଧନ ନିମିତ୍ତ ଏବଂ ମନବୁଦ୍ଧିର ଶୁଦ୍ଧି ସମ୍ପାଦନ ନିମିତ୍ତ ସ୍ଥୂଳ ଜାଗତିକ ଜୀବନ ଗ୍ରହଣ ଓ ଧାରଣ କରିଅଛି । କିନ୍ତୁ ଜୀବନଧାରଣର ଉଦ୍ଦେଶ୍ୟ ଭୁଲି ଏହି ଅମୂଲ୍ୟ ଜୀବନକୁ କେବଳ ଅର୍ଥ ଉପାର୍ଜ୍ଜନକାରୀ ଓ ସଞ୍ଚୟକାରୀ ଗୋଟିଏ ଯନ୍ତ୍ର ରୂପରେ ପରିଣତ କରିଦେବା ଫଳରେ ବିବିଧ ଅଶାନ୍ତି ମଧ୍ୟଦେଇ ଚିତ୍ତ ଅଶୁଦ୍ଧ ଭାବ ଧାରଣ କରୁଅଛି । ମନ, ବୁଦ୍ଧି, ଚିତ୍ତ ଓ ଅହଂର ବିକାଶ ବା ଶୁଦ୍ଧି ମାନବଜୀବନର ଏକମାତ୍ର ଉଦ୍ଦେଶ୍ୟ । ଏହି ଶୁଦ୍ଧି ବା ଚିତ୍ତ-ଦର୍ପଣକୁ ମାର୍ଜିତ କରିବା ନିମିତ୍ତ ସତ୍‌ଚିନ୍ତା, ସତ୍‌ସଙ୍ଗ ଓ ସତ୍‌ଶାସ୍ତ୍ରାଲୋଚନା ଏକାନ୍ତ ଆବଶ୍ୟକ । ଗୁରୁଲାଭ ବା ଭଗବତ୍‌ପ୍ରାପ୍ତି ସେହି ସତ୍‌ସଙ୍ଗର ଉଚ୍ଚ ଅବସ୍ଥା ମାତ୍ର । ଈଶ୍ୱରତ୍ୱ ଲାଭ, ଭଗବତ୍‌ଦର୍ଶନ, ମୁକ୍ତିମୋକ୍ଷ, ଗୁରୁଲାଭ, ସାଧନଭଜନ, ଉପାସନା, ଜପତପଃ, ଶାସ୍ତ୍ରଚର୍ଚ୍ଚା, ସତ୍‌ସଙ୍ଗ ଓ ଚିତ୍ତର ଏକାଗ୍ରତା ପ୍ରଭୃତି ଏକମାତ୍ର ଚିତ୍ତକୁ ସ୍ୱଚ୍ଛ, ଶୁଦ୍ଧ ମସୃଣ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥାଏ । ଆତ୍ମଜ୍ଞାନ ହିଁ ଜୀବକୁ ପରମେଶ୍ୱରଙ୍କ ସ୍ୱରୂପରେ ପରିଣତ କରେ । ସେହି ଆତ୍ମଜ୍ଞାନୀ ମହାପୁରୁଷଙ୍କ ସହିତ ଦୈହିକ, ମାନସିକ ଓ ଆତ୍ମିକ ଯୋଗଦ୍ୱାରା ସାଧିତ ହୁଏ ବା ଲାଭ

ହୋଇଥାଏ । ଏହି ଯୋଗ ସାଧନ ଦ୍ୱାରା ଚିତ୍ତ-ରୂପ ଦର୍ପଣ ମାର୍ଜିତ ହେଲେ ସେଥିରେ ବିଶ୍ୱର ଯାବତୀୟ ଜ୍ଞାନ ପ୍ରତିଫଳିତ ହୋଇଥାଏ । ଚିତ୍ତ ମସୃଣ, ସମତଳ ଓ ସରଳ ହେଲେ ତାହା ସ୍ୱାଭାବିକ ଭାବରେ ସ୍ୱଚ୍ଛତା ଲାଭ କରେ ଏବଂ ତାହା ହିଁ ଚିତ୍ତର ପ୍ରତିବିମ୍ୱ ଗ୍ରହଣକାରିଣୀ ଶକ୍ତି । ଏହା ହିଁ ଚିତ୍ତର ସମତ୍ୱ ଅବସ୍ଥା । ସ୍ୱଚ୍ଛ ସରଳ ନିର୍ମଳ ଅର୍ଥ—ନିରତିଶୟ ମସୃଣତା ବା Homogenious । ମସୃଣ ସ୍ୱରୂପ ଭଗବାନ ବା ଆତ୍ମା ସହିତ ଯେଉଁ ସଂଯୋଗ ବା ତାଙ୍କ ଧ୍ୟାନଚିନ୍ତା, ପ୍ରକୃତିର ଅନୁଶୀଳନ ଓ ତାଙ୍କ ସହିତ ଭକ୍ତି ସାହାଯ୍ୟରେ ଯେଉଁ ଘର୍ଷଣ, ତାହା ଫଳରେ ଚିତ୍ତ ସ୍ୱଚ୍ଛ ଶୁଦ୍ଧ ହୋଇ ମସୃଣତାପ୍ରାପ୍ତ ହୁଏ ।

(୧୧୨୫) ଭକ୍ତି : ଭକ୍ତି ଦୁଇ ପ୍ରକାର—ହେତୁକୀ ଓ ଅହେତୁକୀ । କ୍ଷୁଦ୍ର କାମନା-ବାସନାର ବଶୀଭୂତ ହୋଇ ଯେଉଁ ଭଜନ ବା ଆରାଧନା କରାଯାଏ, ତାହାକୁ ହେତୁକୀ ଭକ୍ତି କୁହାଯାଏ । ବିଷୟ ପ୍ରାର୍ଥନା ହେତୁକୀ ଭକ୍ତିର ଅନ୍ତର୍ଗତ । ଅହେତୁକୀ ଭକ୍ତିକୁ ନିଷ୍କାମ ଭକ୍ତି କୁହାଯାଏ । ନିଜ ସ୍ୱାର୍ଥସାଧନର କୌଣସି ଇଚ୍ଛା, ବାସନା ବା କାମନା ନ ରଖି, ନିଜ ସ୍ୱାର୍ଥଭାବକୁ ମନରେ ସ୍ଥାନ ନ ଦେଇ ଏବଂ ନିଜର ଭକ୍ତିପାତ୍ରଙ୍କର ସଂପୂର୍ଣ୍ଣ ଅନୁଗତ ହୋଇ ଅଭୀଷ୍ଟ ଦେବତାଙ୍କ ପ୍ରତି ଯେଉଁ ସ୍ୱାଭାବିକ ଅନୁରକ୍ତି ଭାବ, ତାହା ନିଷ୍କାମ ଭକ୍ତି ନାମରେ ଅଭିହିତ । ଏହି ନିଷ୍କାମ ଭକ୍ତି ବା ଅହେତୁକୀ ଭକ୍ତି ହିଁ ଶ୍ରେଷ୍ଠ । ଏହି ପ୍ରକାର ଭକ୍ତିଦ୍ୱାରା ହିଁ ଶ୍ରୀଭଗବାନଙ୍କୁ ଲାଭ କରାଯାଇଥାଏ । ପ୍ରଥମେ କେହି ଅହେତୁକୀ ଭକ୍ତି ଲାଭ କରିପାରନ୍ତି ନାହିଁ । ସାଧକ ସଂସାରରେ ରହି ପ୍ରଥମେ ସକାମ ଭକ୍ତିବଳରେ ଶ୍ରୀଭଗବାନଙ୍କୁ ଡାକି ଡାକି କ୍ରମେ ତାଙ୍କର ସମୀପବର୍ତ୍ତୀ ହୁଅନ୍ତି । ଏହି ଭାବରେ କ୍ରମେ କ୍ରମେ ତାଙ୍କ ଚିତ୍ତର କାଳିମା ଦୂର ହୋଇଯାଏ । ଏହାପରେ ଶ୍ରୀଭଗବତ୍ ଗୁଣ ଶକ୍ତିର ଚିନ୍ତନ ଓ ଆରାଧନା ଫଳରେ ଚିତ୍ତ ଶୁଦ୍ଧି ଲାଭ କଲେ ବିଷୟରେ ସ୍ୱତଃ ବୈରାଗ୍ୟ ଜାତ ହୁଏ । ତତ୍ପରେ ନିଷ୍କାମ ଭକ୍ତି ଅନୁଶୀଳନଦ୍ୱାରା ଶ୍ରୀଭଗବାନ ଲାଭ ହୋଇଥାନ୍ତି । ଏହି ଭାବରେ ସାଧକମାନେ ନିଷ୍କାମ ଭକ୍ତି ଲାଭ କରି ଧନ୍ୟ ହୋଇଥାନ୍ତି ।

(୧୧୨୬) ଶ୍ରୀକୃଷ୍ଣତତ୍ତ୍ୱ : ଶ୍ରୀକୃଷ୍ଣତତ୍ତ୍ୱ କୌଣସି ଦେବତା, ଋଷି ବା ଜୀବଭାବର ଅନ୍ତର୍ଗତ ନୁହେଁ । ମହାଶକ୍ତି ତାଙ୍କର ଗୂଢ଼ ଅଭିପ୍ରାୟ ସାଧନ ନିମିତ୍ତ ସ୍ଥାନ-କାଳର ଅନ୍ତର୍ଭୁକ୍ତ କରି ନିଜକୁ କଳିଯୁଗର ପ୍ରାରମ୍ଭରେ ପ୍ରକଟ କରିଥିଲେ । ଏହି କାରଣରୁ ଶ୍ରୀକୃଷ୍ଣଙ୍କୁ ପୂର୍ଣ୍ଣତତ୍ତ୍ୱ ମୂର୍ତ୍ତି କୁହାଯାଏ । କାଳାତୀତ ଅବ୍ୟକ୍ତ ସତ୍ତାଙ୍କୁ

ଦେଶ-କାଳ ମଧ୍ୟରେ ପ୍ରକାଶ କରିବା ହିଁ ଶ୍ରୀକୃଷ୍ଣ ଅବତାରର ତାତ୍ପର୍ଯ୍ୟ । ଏହି ଲୀଳା କୌଣସି ଐତିହାସିକ ବା ପାର୍ଥିବ ଲୀଳା ନୁହେଁ । ଶ୍ରୀକୃଷ୍ଣଲୀଳା ହିଁ ନିତ୍ୟଲୀଳା ।

(୧୧୨୭) ଶ୍ରୀକୃଷ୍ଣଲୀଳା : ଯେଉଁମାନେ ଆତ୍ମଜ୍ଞାନ ଲାଭ କରିନାହାନ୍ତି, ସେମାନେ ଭକ୍ତିତତ୍ତ୍ୱ ଓ ଲୀଳାରହସ୍ୟ ଉପଲବ୍ଧି କରିପାରନ୍ତି ନାହିଁ । ଶ୍ରୀରାଧାକୃଷ୍ଣଙ୍କ ଲୀଳା ମଧ୍ୟରେ ଯେତିକି ଲୌକିକଭାବ ଅଛି, ସେତିକି ମାତ୍ର ସାଧାରଣ ଜନଗଣ ବୁଝିପାରନ୍ତି । ଯଦି ଶ୍ରୀରାଧାକୃଷ୍ଣଲୀଳା ସାଧାରଣ ଲୋକାଚାର ହୋଇଥାନ୍ତା, ତେବେ ଆତ୍ମନିଷ୍ଠ ବ୍ରହ୍ମଚାରୀ ଯୋଗୀଋଷୀ ମନୀଷୀମାନେ ଓ ମହାପୁରୁଷଗଣ କେବେହେଲେ ନିଜ ନିଜ ମନକୁ ସେହି ରାଧାକୃଷ୍ଣଙ୍କ ପାଦପଦ୍ମରେ ଯୋଗଯୁକ୍ତ କରି ରଖିପାରନ୍ତେ ନାହିଁ କିମ୍ବା ବେଦବ୍ୟାସ ପ୍ରଭୃତି ଋଷିଗଣ ଓ ଶୁକଦେବ ପ୍ରଭୃତି ମହାତ୍ମାମାନେ କେବେହେଲେ ଶ୍ରୀକୃଷ୍ଣଲୀଳା ମହାତ୍ମ୍ୟ ଜଗତରେ ପ୍ରଚାର କରି ନ ଥାନ୍ତେ ।

(୧୧୨୮) ପୁରାଣ ଶାସ୍ତ୍ର : ପୁରାଣ ଶାସ୍ତ୍ର ଏହି ବିଶ୍ୱବ୍ରହ୍ମାଣ୍ଡକୁ ପ୍ରକାଶ କରିବାକୁ ଚେଷ୍ଟା କରିଛି । ପୁରାଣ ସମୁଦାୟ ବିଶ୍ୱର ବୃତ୍ତାନ୍ତ ଓ ବିଶ୍ୱରୂପ ଈଶ୍ୱରଙ୍କର ଭିନ୍ନ ଭିନ୍ନ ଲୋକରେ ଅବସ୍ଥାନକାଳୀନ ଜନ୍ମକର୍ମାଦିର ବିବରଣ ଏବଂ କର୍ମକାରଣ ପ୍ରଭୃତିର ବିବରଣ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି । ସାଧକ ନିଜର ସୂକ୍ଷ୍ମାଦି ଦେହରେ ଭିନ୍ନ ଭିନ୍ନ ବାହ୍ୟ ଲୋକକୁ ଗମନାଗମନ କରି କି ଭାବରେ ଅନନ୍ତଶକ୍ତି ସ୍ୱରୂପ ଶ୍ରୀଭଗବାନଙ୍କୁ ଲାଭ କରିପାରନ୍ତି ତଥା ପୂର୍ଣ୍ଣ ବ୍ରହ୍ମଲୋକକୁ ଗମନ କରିପାରନ୍ତି, ପୁରାଣ ହିଁ ତାହାର ବୃତ୍ତାନ୍ତ ବର୍ଣ୍ଣନା କରି ସାଧକଙ୍କୁ ବାହିକ୍ୟଭାବରେ ଭଗବତ୍‌ପ୍ରାପ୍ତିର ଉପାୟ ପ୍ରଦର୍ଶନ କରିଛନ୍ତି ।

(୧୧୨୯) ଯୋଗ ଓ ତନ୍ତ୍ରଶାସ୍ତ୍ର : ଏହି କ୍ଷୁଦ୍ର ନରଦେହ ମଧ୍ୟରେ କିଭଳି ପୂର୍ଣ୍ଣବ୍ରହ୍ମ ନାରାୟଣ ଆତ୍ମସ୍ୱରୂପରେ ଅବସ୍ଥାନ କରୁଛନ୍ତି, ତାହାର ତତ୍ତ୍ୱଜ୍ଞାନ ଓ ତାଙ୍କରି ସ୍ଥାନ ପ୍ରଭୃତି ଏବଂ ସଗୁଣ ଈଶ୍ୱର, ସମସ୍ତ ଦେବତା, ସମସ୍ତ ଲୋକ ଓ ସମସ୍ତ ତତ୍ତ୍ୱହିଁ ଏହି ଦେହରେ କିଭଳି ବିରାଜିତ ଏବଂ କିଭଳି ସାଧନଦ୍ୱାରା ଏହି ଦେହଯନ୍ତ୍ର ଭିତରେ ହିଁ ତାଙ୍କୁ ଲାଭ କରାଯାଇପାରିବ, ତାହାର ସାଧନପ୍ରଣାଳୀ ଯୋଗ ଓ ତନ୍ତ୍ରଶାସ୍ତ୍ରରେ ବିବୃତ ହୋଇଅଛି । ଯୋଗ ଓ ତନ୍ତ୍ରଶାସ୍ତ୍ରର ମତ ହେଉଛି ଯେ, ଶ୍ରୀଭଗବାନଙ୍କୁ ବାହାରେ ଅନୁସନ୍ଧାନ ନ କରି କେବଳ ଅନ୍ତରରେ ଉପଲବ୍ଧି ନିମିତ୍ତ ଗୁରୁନିର୍ଦ୍ଦିଷ୍ଟ ସାଧନପଥ ଅବଲମ୍ବନ କରିବା କର୍ତ୍ତବ୍ୟ । ତେଣୁ ନିଜ ଦେହରେ ଅନୁସନ୍ଧାନ କଲେ ହିଁ ସାଧକ ସମସ୍ତ ତତ୍ତ୍ୱଜ୍ଞାନ ବା ଭଗବତ୍‌ଦର୍ଶନ ଲାଭ କରିପାରନ୍ତି ।

ଏପରିକି ମୋକ୍ଷଧାମ ମଧ୍ୟ ଏହି ଦେହ ମଧ୍ୟରେ ବିରାଜିତ ଅଛି । ସାଧକ ନିଜର ଅନ୍ତରସ୍ଥ ସହସ୍ରାରଧାମରେ ଉପନୀତ ହୋଇପାରିଲେ ସମସ୍ତ ତତ୍ତ୍ୱ ଉପଲବ୍ଧ କରିବାକୁ ସକ୍ଷମ ହୋଇଥାନ୍ତା ।

(୧୧୩୦) ବେଦବର୍ଣ୍ଣିତ ସାଧନା : ବେଦ ଉପରୋକ୍ତ ଉଭୟ ମତର ସାମଞ୍ଜସ୍ୟ କରିଦେଇଛନ୍ତି । ସାଧକମାନେ ପୁରାଣ କିମ୍ବା ତନ୍ତ୍ରମତରେ ଉପାସନା କଲେ ମଧ୍ୟ ବେଦ ଉଭୟ ପନ୍ଥାକୁ ସମର୍ଥନ କରିଛନ୍ତି । ବେଦବର୍ଣ୍ଣିତ ସାଧନାଦ୍ୱାରା ଉଭୟ ମତର ସାଧନପ୍ରଣାଳୀ ସୁସ୍ପଷ୍ଟଭାବରେ ଚିତ୍ତରେ ପ୍ରତିଭାତ ହୋଇଥାଏ ଏବଂ ସାଧନପଥର ସୌନ୍ଦର୍ଯ୍ୟ ସମ୍ପାଦିତ ହୋଇଥାଏ । ବେଦ ହିଁ ନିତ୍ୟ ସତ୍ୟ ଶାଶ୍ୱତ ଓ ଅମାନୁଷିକ ଜ୍ଞାନ । ବେଦ କୌଣସି ଋଷିପ୍ରଣୀତ ଶାସ୍ତ୍ର ନୁହେଁ । ପୂର୍ଣ୍ଣବ୍ରହ୍ମ ସ୍ୱୟଂ ବେଦ ରୂପରେ ପ୍ରକାଶିତ ହୋଇଛନ୍ତି । ବେଦ କଳ୍ପତରୁ ସଦୃଶ । ଯେଉଁ ମତ ଓ ଯେଉଁ ଧର୍ମର ସାଧକ ହେଲେ ମଧ୍ୟ ବେଦ ତାଙ୍କର ସାଧନପଥରେ ସହାୟ ହୋଇଥାଏ । ବେଦ ପୃଥିବୀର ସବୁ ସଂପ୍ରଦାୟଙ୍କର ଆଦରଣୀୟ ଗ୍ରନ୍ଥ । ବେଦ ସମୁଦାୟ ଧର୍ମର ନିଜସ୍ୱ । ବେଦ ଯାବତୀୟ ଧର୍ମବିଜ୍ଞାନର ସାରବସ୍ତୁ । It is the science of all religion । ତେଣୁ ସବୁ ମତର ସାଧକମାନଙ୍କର ବେଦାଶ୍ରୟ ଏକାନ୍ତ କର୍ତ୍ତବ୍ୟ । ବେଦ ହିଁ ନିତ୍ୟ ସତ୍ୟ ଜ୍ଞାନସ୍ୱରୂପ । ବେଦରେ ଥିବା ଅଭ୍ରାନ୍ତ ଭଗବତ୍‌ତତ୍ତ୍ୱ ଯୁକ୍ତି ବିଜ୍ଞାନର ଅଗୋଚର ଓ ଅନଧିଗମ୍ୟ ।

(୧୧୩୧) ଭାବ : ଭୂ ଧାତୁରୁ ଅସ୍ତି ଅର୍ଥରେ ଯଙ୍=ଭାବ । ଯାହାର ଅସ୍ତିତ୍ୱ ବା ସତ୍ତା ଅଛି, ତାହାରି ନାମ ଭାବ । ତଥାପି ଏହାର ତତ୍ତ୍ୱ ସମ୍ୟକ୍ ପ୍ରକାଶିତ ହୋଇପାରେ ନାହିଁ । ଭାବ ଶବ୍ଦର ବହୁ ଅର୍ଥ ମଧ୍ୟରେ ତିନୋଟି ଅର୍ଥ ପ୍ରଧାନ– (୧) ସତ୍ତା, (୨) ଭାବନା ବା ଚିନ୍ତା, (୩) କର୍ମ ବା ସ୍ୱଭାବ । ସତ୍ତା ଅର୍ଥରେ ବ୍ୟବହୃତ ହେଲେ ତାହା ଭାବର ମାୟାମୟ ସ୍ୱରୂପକୁ ବୁଝାଏ । ତେଣୁ ଆତ୍ମା, ବ୍ରହ୍ମ ବା ଚୈତନ୍ୟ ପ୍ରତି ଭାବ ଶବ୍ଦ ବ୍ୟବହୃତ ହୋଇପାରେ ନାହିଁ । ଚିତ୍ତର ଭାବନାଦ୍ୱାରା ଚୈତନ୍ୟରେ ଯାହା ଅନୁଭୂତ ହୁଏ, ତାହାର ନାମ ଭାବ । କର୍ମ ମଧ୍ୟ ଭାବର ଅନ୍ତର୍ଗତ । ଯାହାର ଯାହା ଭାବ ବା ଧର୍ମ, ତାହା ହିଁ ତାହାର ସ୍ୱଭାବ । ଭାବ ଶବ୍ଦରୁ ସ୍ୱଭାବ ଶବ୍ଦର ଉତ୍ପତ୍ତି । ସତ୍ ବା ଭଗବତ୍ ଭାବନା ହିଁ ଭାବର ଅନ୍ତର୍ଗତ ।

(୧୧୩୨) କ୍ଷୁଦ୍ର ବ୍ରହ୍ମାଣ୍ଡ : ମାନବ ଦେହ ହିଁ କ୍ଷୁଦ୍ର ବ୍ରହ୍ମାଣ୍ଡ ସଦୃଶ ।

ପ୍ରତ୍ୟେକ ମାନବର ମନ ହିଁ ଧୃତରାଷ୍ଟ୍ର । ଧୃତରାଷ୍ଟ୍ର ବା ମନ ସର୍ବଦା ବିଷୟଲୋଭରେ ଅନ୍ଧ ଥାଏ । ଦଶ ଇନ୍ଦ୍ରିୟ ଏହି ମନର ଅଂଶ । ପ୍ରତ୍ୟେକ ଇନ୍ଦ୍ରିୟର ଦଶ ଦଶଟି ପ୍ରବୃତ୍ତି ଅଛି । ତେଣୁ ଧୃତରାଷ୍ଟ୍ରଙ୍କର ଏକ ଶତପୁତ୍ର ବୋଲି କୁହାଯାଇଛି । ଦୁର୍ଯ୍ୟୋଧନାଦି ଧୃତରାଷ୍ଟ୍ରଙ୍କର ଏକ ଶତ ସନ୍ତାନ ଏକଶତ ପ୍ରବୃତ୍ତି ସଦୃଶ । ଏମାନେ ପ୍ରବୃତ୍ତିପକ୍ଷୀୟ । ପ୍ରବୃତ୍ତି ସହିତ ନିବୃତ୍ତିର ସଂଗ୍ରାମ ହିଁ ମହାଭାରତ ଯୁଦ୍ଧ ।

(୧୧୩୩) ନିବୃତ୍ତିପକ୍ଷ : ଏହି ଶତ ପ୍ରବୃତ୍ତି ବିରୁଦ୍ଧରେ ମାନବ ଅନ୍ତର ମଧ୍ୟରେ ସର୍ବଦା ନିବୃତ୍ତିପକ୍ଷୀୟ ପଞ୍ଚବିଧ ତତ୍ତ୍ୱଜ୍ଞାନର ସଂଘର୍ଷ ଚାଲୁଅଛି । ପଞ୍ଚପାଣ୍ଡବ ହିଁ ପଞ୍ଚବିଧ ତତ୍ତ୍ୱଜ୍ଞାନ । ଯୁଧିଷ୍ଠିର କ୍ଷିତିତତ୍ତ୍ୱ, ଭୀମ ଅପତତ୍ତ୍ୱ, ଅର୍ଜ୍ଜୁନ ତେଜତତ୍ତ୍ୱ, ନକୁଳ ବାୟୁତତ୍ତ୍ୱ ଓ ସହଦେବ ଆକାଶତତ୍ତ୍ୱ । ଏଠାରେ ତତ୍ତ୍ୱ ଅର୍ଥ ପଞ୍ଚଜ୍ଞାନେନ୍ଦ୍ରିୟର ବିବେକଶକ୍ତି । ମନର ପ୍ରବୃତ୍ତି ସହିତ ଏହିସବୁ ନିବୃତ୍ତିର ସଂଘର୍ଷ ଘଟେ । ତତ୍ତ୍ୱ ହିଁ ବିବେକ । ତତ୍ତ୍ୱ ହିଁ ଜ୍ଞାନେନ୍ଦ୍ରିୟର ସତ୍ତ୍ୱଭାବ । ମନର ଏକ ଶତ ପ୍ରବୃତ୍ତି ସହିତ ଏହିସବୁ ନିବୃତ୍ତିର ସଂଘର୍ଷ ଘଟେ । ଯୁଧିଷ୍ଠିର ବିବେକ, ଭୀମ ବୀର୍ଯ୍ୟ, ଅର୍ଜ୍ଜୁନ ପ୍ରଜ୍ଞା, ନକୁଳ ବୈରାଗ୍ୟ ଓ ସହଦେବ ପ୍ରତିଭା । ଏହି ପଞ୍ଚବିବେକର ଚାଳକ ଭଗବାନ ଶ୍ରୀକୃଷ୍ଣ । ସେ କୂଟସ୍ଥଚୈତନ୍ୟ ବା ଆତ୍ମା । ସଞ୍ଜୟ ଦବ୍ୟଦୃଷ୍ଟି । ଭୀଷ୍ମ ଦ୍ରୋଣାଦି ସଂସ୍କାର ଓ ବାସନା । ଶ୍ରୀରାଧିକା ଦେହୀ ବା ଜୀବାତ୍ମା । ଏହି କାରଣରୁ ଶ୍ରୀରାଧା ବା ଦେହୀ ପରମାତ୍ମାଙ୍କ ସହିତ ମିଳନ ନିମିତ୍ତ ଉତ୍କଣ୍ଠିତା । ମନର ସଦ୍‌ବୃତ୍ତିସମୂହ ହିଁ ସଖୀ ସଦୃଶ ।

(୧୧୩୪) ପରମହଂସ ସଂହିତା : ଭାଗବତର ବକ୍ତା ମହାତ୍ମା ଶୁକଦେବ । ଶୁକଦେବଙ୍କର ଲିଙ୍ଗଭେଦ ଜ୍ଞାନ ନଥିଲା । ଶୁକଦେବ ଛ'ମାସର ଶିଶୁ ପରି କାମହୀନ । ଉପରୋକ୍ତ ପ୍ରକାରରେ ପରମହଂସ ଭାବାତ୍ମକ ଶୁକଦେବଙ୍କ ମୁଖରୁ ମହାରାଜ ପରୀକ୍ଷିତ ଭାଗବତ ଶ୍ରବଣ କରିଥିଲେ । ଭାଗବତର ଶ୍ରୋତା ହେଉଛନ୍ତି ମହାପଣ୍ଡିତ, ଈଶ୍ୱରାନୁରକ୍ତ, ଭକ୍ତ, ରାଜା ଓ ଶ୍ରୀକୃଷ୍ଣଙ୍କ ବଂଶଜାତ ତଥା ବ୍ରହ୍ମଶାପହତ ଏବଂ 'ଆଗାମୀ ଦିନ ମୋର ମୃତ୍ୟୁ ହେବ'—ଏହି ଭାବରେ ଆବିଷ୍ଟ ମହାରାଜ ପରୀକ୍ଷିତ । ଅପର ଶ୍ରୋତାମଣ୍ଡଳୀଙ୍କ ମଧ୍ୟରେ ଦେଶର ଯାବତୀୟ ମହର୍ଷି, ବ୍ରହ୍ମର୍ଷି ଓ ଋଷିଗଣ ମଧ୍ୟ ଅବସ୍ଥାନ କରୁଥିଲେ । ଏହି ପରିସ୍ଥିତିରୁ ଭାଗବତରେ ଶ୍ରୀକୃଷ୍ଣଲୀଳାର ଗୁରୁତ୍ୱ, ଗାମ୍ଭୀର୍ଯ୍ୟ ଓ ଆତ୍ମିକତା ଜ୍ଞାନୀମାନେ ସହଜରେ ଅବଗତ ହୋଇପାରିବେ । ଭାଗବତ କେବେହେଲେ ପ୍ରାକୃତ କାମଲୀଳାର ଗ୍ରନ୍ଥ ନୁହେଁ । ଏହା ପୂର୍ଣ୍ଣବ୍ରହ୍ମଙ୍କର ଅପ୍ରାକୃତ ପ୍ରେମବିଳାସ-ରସାଣିତ ଗ୍ରନ୍ଥ ।

(୧୧୩୫) ପୁରାଣ ଓ ଇତିହାସ : ହିନ୍ଦୁଶାସ୍ତ୍ର ଅନୁସାରେ ପୁରାଣଶାସ୍ତ୍ର ଓ ଆଧୁନିକ ସଭ୍ୟଜଗତର ଇତିହାସ ମଧ୍ୟରେ ନାନାବିଧ ତାରତମ୍ୟ ପରିଲକ୍ଷିତ ହୁଏ। ଇତିହାସ ସାଧାରଣ ଲୋକଦୃଷ୍ଟ ଘଟଣାବଳୀର ବର୍ଣ୍ଣନା ମାତ୍ର। କିନ୍ତୁ ପୁରାଣ ସେପରି ଭାବର ଇତିହାସ ନୁହେଁ। ପୁରାଣ କେବଳ ଏହି ଭୂଲୋକର କିମ୍ବା ଏକ ସଂକୀର୍ଣ୍ଣ କାଳର ଇତିହାସ ନୁହେଁ। ପୁରାଣବର୍ଣ୍ଣିତ ଘଟଣାବଳୀର କାରଣ ପୂର୍ବଯୁଗ ବା କଳ୍ପରେ କିମ୍ବା ଅନ୍ୟାନ୍ୟ ଲୋକରେ ସଂଘଟିତ ହୋଇଥିଲା। ଋଷିମାନେ ଦିବ୍ୟଦୃଷ୍ଟି ବଳରେ ତାହା ଦର୍ଶନ କରି ପୁରାଣରେ ଲିପିବଦ୍ଧ କରିଛନ୍ତି। ପୁରାଣ କେବଳ ପାର୍ଥିବ ଘଟଣା ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ ରଚିତ ନୁହେଁ। ପୁରାଣର ଉଦ୍ଦେଶ୍ୟ ଧର୍ମଶିକ୍ଷା ଓ ନୀତିଶିକ୍ଷା ପ୍ରଦାନ। ମାନବକୁ ଧର୍ମନୀତି ଶିକ୍ଷା ଦେବା, ଧର୍ମଭାବ ବର୍ଦ୍ଧିତ କରିବା ଓ ସାଧନପଥରେ ଚଳିବା ନିମିତ୍ତ ନିର୍ଦ୍ଦେଶ ଦେବା ପୁରାଣର ମୁଖ୍ୟ ଉଦ୍ଦେଶ୍ୟ। ପୁରାଣର ଉଦ୍ଦେଶ୍ୟରୁ କିଞ୍ଚିତ୍ ମାତ୍ର ଆଧୁନିକ ଇତିହାସରେ ନାହିଁ। ପୁରାଣକୁ ଅନ୍ତର୍ଦୃଷ୍ଟିରେ ଦର୍ଶନ କରି ଇତିହାସକୁ ବାହ୍ୟିକଭାବରେ ଗ୍ରହଣ କରିବାକୁ ହେବ।

(୧୧୩୬) ଭଗବତ୍ପ୍ରାପ୍ତିର ତ୍ରିବିଧ ପଥ : ଶ୍ରୀଭଗବାନଙ୍କୁ ଲାଭ କରିବା ନିମିତ୍ତ ତ୍ରିବିଧ ପଥ ନିର୍ଦ୍ଦିଷ୍ଟ। ଭକ୍ତିମାର୍ଗ, ଜ୍ଞାନମାର୍ଗ ଓ କର୍ମମାର୍ଗ ଏହାର ଅନ୍ତର୍ଗତ। ଭକ୍ତିଦ୍ୱାରା ଚିତ୍ତର ଆକର୍ଷଣୀ ଶକ୍ତି ଲାଭ ହୁଏ। ସେହି ଶକ୍ତିବଳରେ ଭକ୍ତମାନେ ନିଜ ଅନ୍ତର ମନ୍ଦିରରେ ଶ୍ରୀଭଗବାନଙ୍କୁ ଦର୍ଶନ କରିପାରନ୍ତି। ଜ୍ଞାନପଥରେ ଶାସ୍ତ୍ରବିଧି ଅନୁସାରେ ମନ-ବୁଦ୍ଧିକୁ ଶୁଦ୍ଧ କରି ଆତ୍ମସ୍ୱରୂପ ଉପଲବ୍ଧି କରାଯାଇଥାଏ। କର୍ମମାର୍ଗରେ ଚିତ୍ତ ଶୁଦ୍ଧି ସାଧିତ ହୁଏ। ତା'ଫଳରେ କର୍ମବନ୍ଧନ ଛିନ୍ନ ହୋଇଯାଏ। ଏହି ତ୍ରିବିଧମାର୍ଗରେ ତ୍ରିବିଧଭାବର ଉପଲବ୍ଧି ହେଲେ ମଧ୍ୟ ଏହା ପରସ୍ପର ପୃଥକ୍ ନୁହେଁ। ଏହି ତ୍ରିବିଧପଥ ମଧ୍ୟରୁ ଯେଉଁ ସାଧକ ଯେଉଁ ସ୍ତରର ଶେଷସୀମାକୁ ଯାଆନ୍ତି, ସେ ଶେଷରେ ଏକ ତତ୍ତ୍ୱ ହିଁ ଉପଲବ୍ଧି କରିଥାନ୍ତି। ଭକ୍ତିପଥର ସାଧକମାନେ ଭକ୍ତିଲାଭ ନିମିତ୍ତ ଯେପରି ଚିତ୍ତଶୁଦ୍ଧିକର ସାଧନାର ଅଭ୍ୟାସ କରନ୍ତି ଏବଂ ଭକ୍ତିପଥର ବାଧା ଦୂରୀକରଣ ନିମିତ୍ତ ସାଧନା କରନ୍ତି, ଜ୍ଞାନୀମାନେ ମଧ୍ୟ ସେହିପରି ଜ୍ଞାନ ଅର୍ଜ୍ଜନ ନିମିତ୍ତ ନିଷ୍କାମ କର୍ମର ଅନୁଷ୍ଠାନ କରି ଚିତ୍ତଶୁଦ୍ଧି କରିଥାନ୍ତି। ଚିତ୍ତଶୁଦ୍ଧି ବ୍ୟତୀତ ଜ୍ଞାନ ଭକ୍ତିପଥରେ କେବେହେଲେ ଅଗ୍ରସର ହେବା ସମ୍ଭବ ନୁହେଁ। ସୁତରାଂ ସାଧନାପନ୍ଥାଗୁଡ଼ିକ ପରସ୍ପର ଭିନ୍ନ ନୁହେଁ।

(୧୧୩୭) ଅପ୍ରାକୃତ ଶକ୍ତି : ଜଡ଼ ଓ ଚେତନଜୀବ ମଧ୍ୟରେ ସ୍ୱରୂପରେ କୌଣସି ପାର୍ଥକ୍ୟ ନାହିଁ । ଭେଦ କେବଳ ଜ୍ଞାନର ମାତ୍ରା ବା ଲଘୁତା ଓ ଗୁରୁତା ନେଇ (Consciousness) । ଅନ୍ୟଥା ଜଡ଼ରେ ଯେଉଁ ଚୈତନ୍ୟ ନିହିତ, ଜୀବ ମଧ୍ୟରେ ମଧ୍ୟ ସେହି ଚୈତନ୍ୟ ବିରାଜିତ । ଉଭୟଙ୍କର ଚୈତନ୍ୟ ଅବ୍ୟକ୍ତ । ଚେତନଜୀବ ଆହାର, ନିଦ୍ରା ଓ ଭୟାଦିର ଅଧୀନ ଥାଇ ଏହି ଜଗତର ସତ୍ତା ଯତ୍‌କିଞ୍ଚିତ୍ ଅନୁଭବ କରିଥାଏ ମାତ୍ର । କିନ୍ତୁ ଏହି ଚେତନ ସତ୍ତାବିଶିଷ୍ଟ ଜୀବ ଜ୍ଞାନଲାଭ ନ କଲେ ତାହାର ଚେତନତ୍ୱ ବୃଥା ହୋଇଯାଏ । ଜୀବର ବିଶ୍ୱ ବିଷୟରେ ଯେଉଁ ଧାରଣା, ତାହା ସତ୍ୟଚୈତନ୍ୟର ପରିଚାୟକ ନୁହେଁ । କାରଣ ଜୀବର ବିଶ୍ୱଦର୍ଶନ ଅଜ୍ଞାନ ଓ ଭ୍ରାନ୍ତିମୂଳକ । ଅଜ୍ଞାନ ମାନବ ଯେପରି ବୃଥାରେ ଜୀବନଲୀଳା ଶେଷ କରେ, ପଶୁପକ୍ଷୀମାନେ ମଧ୍ୟ ସେହିଭଳି ଜୀବନଯାପନ କରନ୍ତି । ମାନବମାନଙ୍କ ପରି ପଶୁମାନେ ମଧ୍ୟ ସୁଖ ଦୁଃଖ ଭୋଗ କରିଥାନ୍ତି । ଜଡ଼ ଓ ଚେତନ ସମସ୍ତେ କର୍ମଶକ୍ତିର ଅଧୀନ ହେତୁ ମାୟାମୋହରେ ଅଜ୍ଞାନ ହୋଇ କାଳସ୍ରୋତରେ ନିଜକୁ ଭସାଇ ଦିଅନ୍ତି । ଏହି କାରଣରୁ ଜୀବ ସଦ୍‌ଗୁରୁଙ୍କ ଆଶ୍ରୟ ଗ୍ରହଣପୂର୍ବକ ନିଜର ସ୍ୱରୂପଜ୍ଞାନ ଲାଭ କରିବାକୁ ଯତ୍ନବାନ୍ ହୋଇଥାଏ । ଚେତନଜୀବ ଯଦି ସ୍ୱରୂପଜ୍ଞାନ ଲାଭ କରି ନ ପାରିଲା, ତେବେ ତ ସେ ଜଡ଼ ସହିତ ସମାନ । କେବଳ ଜୀବଧର୍ମର ଅଧୀନ ଥିଲେ ସେ ଚେତନସତ୍ତା ନୁହେଁ । ଚେତନ ମନୁଷ୍ୟ ହେବାକୁ ହେଲେ ତାହାର ଭାବନା ଚିନ୍ତାବିଶିଷ୍ଟ ଆଧାର ଓ ଉଚ୍ଚଶକ୍ତିସମ୍ପନ୍ନ ହେବା ଦରକାର । ଏହାକୁ ହିଁ ଅପ୍ରାକୃତ ଶକ୍ତି କୁହାଯାଏ ।

(୧୧୩୮) ଈଶ୍ୱରଙ୍କ କୃପାଶକ୍ତି : ଈଶ୍ୱରତ୍ୱ କହିଲେ ଅନନ୍ତଜ୍ଞାନ, ଅନନ୍ତଶକ୍ତି ଓ ଅନନ୍ତ ଇନ୍ଦ୍ରିୟବିଶିଷ୍ଟ ସତ୍ତା ବୋଲି ବୁଝିବାକୁ ହେବ । ଈଶ୍ୱରଙ୍କ ଅନନ୍ତଶକ୍ତି ଓ ଜ୍ଞାନର ତାତ୍ପର୍ଯ୍ୟ ପଞ୍ଚଇନ୍ଦ୍ରିୟବିଶିଷ୍ଟ ଜୀବ କେବେହେଲେ ହୃଦୟଙ୍ଗମ କରିପାରେ ନାହିଁ । ତେଣୁ ଈଶ୍ୱରଙ୍କ କୃପାଶକ୍ତି ଉପରେ ନିର୍ଭର କରିବା ବ୍ୟତୀତ ଜୀବର ଅନ୍ୟ ଉପାୟ ନାହିଁ । ବିଷୟସମ୍ପଦ ପ୍ରଭୃତି ମାୟାର ସ୍ୱପ୍ନମାତ୍ର । ନିଜର କାହିଁରେ ହିତ ହୁଏ, ସେ ଜ୍ଞାନ ସାଧାରଣ ମାନବର ନାହିଁ । ତେଣୁ ଜୀବ ଈଶ୍ୱରଙ୍କ ଉପରେ ନିର୍ଭର କରି ତାଙ୍କ କୃପାଶକ୍ତି ଲାଭ ନିମିତ୍ତ ତାଙ୍କ ନିକଟରେ ପ୍ରାର୍ଥନା କରିବା କର୍ତ୍ତବ୍ୟ । ଜୀବ ଜଡ଼ପଦାର୍ଥ ପରି ସଂପୂର୍ଣ୍ଣ ଅଜ୍ଞାନ ଓ ଅଚଳ । ଜୀବର

ଏତିକି ମାତ୍ର ଜ୍ଞାନ ଥିଲେ ଜୀବ ତାଙ୍କ କୃପାରୁ ଭଗବତ୍ ଉପଲବ୍ଧି କରିବାକୁ ସକ୍ଷମ ହୋଇଥାଏ ।

(୧୧୩୯) ଭକ୍ତି : ଭକ୍ତି ଦ୍ୱିବିଧ—ହେତୁକୀ ଭକ୍ତି ଓ ଅହେତୁକୀ ଭକ୍ତି । କ୍ଷୁଦ୍ର କାମନା-ବାସନାର ବଶୀଭୂତ ହୋଇ ଯେଉଁ ଭଜନ ବା ଆରାଧନା କରାଯାଏ, ତାହାକୁ ହେତୁକୀ ଭକ୍ତି କୁହାଯାଏ । ଭଗବାନଙ୍କ ନିକଟରେ ବିଷୟ ବୃଦ୍ଧି ନିମିତ୍ତ ପ୍ରାର୍ଥନା ହେତୁକୀ ଭକ୍ତିର ଅନ୍ତର୍ଗତ । ଅହେତୁକୀ ଭକ୍ତିକୁ ନିଷ୍କାମ ଭକ୍ତି କୁହାଯାଏ । ନିଜ ସ୍ୱାର୍ଥସାଧନର କୌଣସି ପ୍ରତ୍ୟାଶା ନ ରଖି, ସ୍ୱାର୍ଥଭାବ ଭୁଲି ନିଜକୁ ଭକ୍ତିପାତ୍ରଙ୍କର ସଂପୂର୍ଣ୍ଣ ଅଧୀନ ଜ୍ଞାନ କରି ଅଭୀଷ୍ଟ ଈଶ୍ୱରଙ୍କ ପ୍ରତି ବା ଦେବତାଙ୍କ ପ୍ରତି ଯେଉଁ ସ୍ୱାଭାବିକ ଅନୁରକ୍ତି, ତାହା ହିଁ ନିଷ୍କାମ ଭକ୍ତି ବୋଲି କଥିତ । ଉଭୟବିଧ ଭକ୍ତି ମଧ୍ୟରେ ଅହେତୁକୀ ଭକ୍ତି ହିଁ ଶ୍ରେଷ୍ଠ । ଏହି ଭକ୍ତିଦ୍ୱାରା ଶ୍ରୀଭଗବାନ ଲାଭ ହୋଇଥାନ୍ତି । କିନ୍ତୁ ପ୍ରଥମରୁ ସାଧକମାନେ କେବେହେଲେ ଅହେତୁକୀ ଭକ୍ତିଲାଭ କରିପାରନ୍ତି ନାହିଁ । ପ୍ରଥମେ ସକାମ ଭାବରେ ଶ୍ରୀଭଗବାନଙ୍କ ଉପାସନା କରିବା ଫଳରେ ଚିତ୍ତ ଶୁଦ୍ଧଭାବ ଧାରଣ କଲେ କ୍ରମେ ନିଷ୍କାମ ଭକ୍ତିର ଉଦୟ ହୋଇଥାଏ । ତେଣୁ ନିଷ୍କାମ ଭକ୍ତି ଲାଭ ଟିକିଏ କଷ୍ଟସାଧ୍ୟ । ପ୍ରଥମେ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନନିଷ୍ଠ ହୋଇ ଭଗବାନଙ୍କ ଉପାସନା କରୁ କରୁ କ୍ରମେ ଅହେତୁକୀ ଭକ୍ତି ଲାଭ ହୋଇଥାଏ । ଜ୍ଞାନୀ ଭକ୍ତମାନେ ହିଁ ଏହାର ଆଦର୍ଶ ।

(୧୧୪୦) ଶ୍ରୀକୃଷ୍ଣଲୀଳା : ସାଧକମାନେ ସାଧନାର ଉଚ୍ଚସ୍ତରକୁ ଉନ୍ନୀତ ହେଲେ ସେମାନଙ୍କ ଭିତରେ ଆଧ୍ୟାତ୍ମ-ଜ୍ଞାନର ଉଦୟ ହୁଏ । ଯେତେବେଳେ ସେମାନେ ପ୍ରେମଭକ୍ତିତତ୍ତ୍ୱ କେନ୍ଦ୍ରସ୍ଥଳରେ ଉପନୀତ ହୁଅନ୍ତି, ସେତେବେଳେ ବୁଝିପାରନ୍ତି ଯେ ଶ୍ରୀକୃଷ୍ଣଲୀଳା ପୂର୍ଣ୍ଣବ୍ରହ୍ମ ସନାତନଙ୍କର ନିତ୍ୟଲୀଳାର ଅନ୍ତର୍ଗତ; ଶ୍ରୀକୃଷ୍ଣ ପ୍ରେମଭକ୍ତିର ସ୍ୱରୂପାବତାର । କାମ ଓ ବ୍ୟଭିଚାର ପ୍ରଭୃତି ଅସତ୍‌ଭାବ ଏହି ଲୀଳାର ବହୁ ଦୂରରେ ଅବସ୍ଥିତ । ଶ୍ରୀରାଧାକୃଷ୍ଣ ଓ ଗୋପୀମାନଙ୍କ ମଧ୍ୟରେ ଇନ୍ଦ୍ରିୟ-ପ୍ରୀତି ଇଚ୍ଛା ନ ଥିଲା ଓ ସେଥିରେ ସଂଯମ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ଥିଲା । ଏହି ଲୀଳା ସୁବିମଳ ପ୍ରେମାନନ୍ଦରେ ପରିପୂର୍ଣ୍ଣ, କାମଗନ୍ଧହୀନ, ଶୁଦ୍ଧ, ସରଳ, ଭଗବତ୍ ପ୍ରୀତିପ୍ରଦ ଆନନ୍ଦର ପରିପୂର୍ଣ୍ଣ ବିଳାସ ମାତ୍ର । ସାଧକମାନେ ଏହି ଲୀଳାତତ୍ତ୍ୱ ଅବଗତ ହୋଇ ନିଜ ଅନ୍ତରକୁ ପରମାନନ୍ଦରେ ପୂର୍ଣ୍ଣ କରିଦିଅନ୍ତି । ଗୋପୀମାନେ ସମସ୍ତେ ପୂର୍ବଯୁଗ ଅଥବା କଳ୍ପର ଯୋଗସିଦ୍ଧ ମହାପୁରୁଷ । ସ୍ୱାମୀସେବା

ବ୍ୟତୀତ ସେମାନଙ୍କର ଅନ୍ୟ କୌଣସି ଅଭିଳାସ କିମ୍ବା ସମ୍ବନ୍ଧ ନ ଥିଲା । ଗୋପୀମାନେ ସର୍ବଦା କୃଷ୍ଣସେବାତତ୍ପରା ଥିଲେ ।

(୧୧୪୧) ନନ୍ଦନନ୍ଦନ ଶ୍ରୀକୃଷ୍ଣ : ସ୍ୱୟଂ ଭଗବାନ ଭକ୍ତମାନଙ୍କ ମନୋବାଞ୍ଛା ପୂରଣ କରିବା ନିମିତ୍ତ ପୂର୍ଣ୍ଣ ଈଶ୍ୱର ନନ୍ଦନନ୍ଦନ ଶ୍ରୀକୃଷ୍ଣ ରୂପରେ ଆବିର୍ଭୂତ ହୋଇଥିଲେ । ଦେବକୀସୁତ ଶ୍ରୀକୃଷ୍ଣଙ୍କ ଦେହରେ ପୂର୍ଣ୍ଣ ଈଶ୍ୱର ଆବିଷ୍ଟ ହୋଇ ଭକ୍ତମାନଙ୍କ ସଙ୍ଗରେ ବୃନ୍ଦାବନରେ ପ୍ରେମାନନ୍ଦ ବା ମାଧୁର୍ଯ୍ୟଲୀଳାର ବିକାଶ କରିଥିଲେ ଓ ଗୋଲୋକର ଦ୍ୱିଭୁଜ ମୁରଲୀଧର ଶ୍ରୀକୃଷ୍ଣ ମୂର୍ତ୍ତିରେ ଭକ୍ତି ଓ ମୁକ୍ତି ସ୍ୱରୂପରେ ଅବସ୍ଥାନ କରିଥିଲେ । ତେଣୁ ଶ୍ରୀକୃଷ୍ଣଙ୍କୁ ଶ୍ରୀରାଧାକାନ୍ତ କୁହାଯାଏ । ସେ ପ୍ରେମଭକ୍ତିର ଲୀଳା ନିମିତ୍ତ ଭକ୍ତମାନଙ୍କ ପ୍ରାର୍ଥନା ପୂରଣ ଉଦ୍ଦେଶ୍ୟରେ ନନ୍ଦାଳୟରେ ଶ୍ରୀକୃଷ୍ଣଙ୍କ ଦେହରେ ଆବିଷ୍ଟ ହୋଇଥିଲେ । ପୂର୍ଣ୍ଣ ଈଶ୍ୱର ଶ୍ରୀକୃଷ୍ଣ ନିଜର ମାୟାକୁ ଆଶ୍ରୟ କରି ଲୀଳା କରିଥିଲେ । ପୂର୍ଣ୍ଣବ୍ରହ୍ମ ସନାତନଙ୍କୁ ବ୍ୟକ୍ତ କରି ସ୍ୱଧାମକୁ ପ୍ରସ୍ଥାନ କରିବା ମହାମାୟାଙ୍କର କାର୍ଯ୍ୟ । କାରଣ ଭଗବତ୍ ରାଜ୍ୟରେ ମାୟାର ଆଧିପତ୍ୟ ନାହିଁ । କେବଳ ଭଗବାନ ଶ୍ରୀକୃଷ୍ଣଦ୍ୱାରା ନିତ୍ୟଲୀଳା ସଂଘଟିତ ହୋଇଥିଲା । ସେ ସର୍ବଦା ଆନନ୍ଦ ଓ ପ୍ରେମ ଆସ୍ୱାଦନ କରୁଥିଲେ । ସେ ବୃନ୍ଦାବନ ତ୍ୟାଗ କରି କେବେହେଲେ ଅନ୍ୟତ୍ର ଗମନ କରୁ ନ ଥିଲେ । ସେ ସର୍ବଦା ବୃନ୍ଦାବନରେ ବିହାର କରୁଥିଲେ । ପ୍ରଭାସମିଳନ ସମୟରେ ସେ ଶ୍ରୀରାଧାଙ୍କ ସହ ନିତ୍ୟଧାମକୁ ଗମନ କଲେ ।

(୧୧୪୨) ବସୁଦେବନନ୍ଦନ : ବିଶ୍ୱର ପାଳନକର୍ତ୍ତା ଭଗବାନ ବିଷ୍ଣୁ ଶ୍ରୀଭଗବାନଙ୍କ ଐଶ୍ୱର୍ଯ୍ୟଶକ୍ତିର ବିକାଶପୂର୍ବକ ଓ ଅସୁରାଦି ସଂହାର କରି ଭୂଭାର ହରଣ ଓ ଧର୍ମସଂସ୍ଥାପନ ନିମିତ୍ତ ନାରାୟଣ ଋଷିଙ୍କ ଶକ୍ତିକୁ ଆଶ୍ରୟ ଓ ତଦୀୟ ଦେହପରିଗ୍ରହପୂର୍ବକ ବସୁଦେବଙ୍କ ପୁତ୍ରରୂପରେ ଦେବକୀଙ୍କ ଗର୍ଭରେ ଜନ୍ମଗ୍ରହଣ କରିଥିଲେ । ଏହାର ଉତ୍ପତ୍ତିସ୍ଥଳ ବୈକୁଣ୍ଠ । ବୈକୁଣ୍ଠପତି ବିଷ୍ଣୁ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣପୂର୍ବକ ସତ୍ତ୍ୱଗୁଣାଧିଷ୍ଠିତ ହୋଇ ବିଶ୍ୱକୁ ରକ୍ଷା କରୁଛନ୍ତି । ଶ୍ରୀବିଷ୍ଣୁଙ୍କର ଲକ୍ଷ୍ମୀ ଓ ସରସ୍ୱତୀ ଦୁଇ ଶକ୍ତି । ତେଣୁ ସେ ଲକ୍ଷ୍ମୀକାନ୍ତ । ବିଶ୍ୱପାଳକ ଶ୍ରୀବିଷ୍ଣୁ ଭୂଭାର ହରଣ ନିମିତ୍ତ ଦେବତାମାନଙ୍କ ପ୍ରାର୍ଥନାରେ ବସୁଦେବ ଗୃହରେ ଜନ୍ମଗ୍ରହଣ କରିଥିଲେ । ବସୁଦେବ ନିଜ ପୁତ୍ର ବିଷ୍ଣୁଙ୍କୁ ନେଇ ଯଶୋଦାଙ୍କ ଗୃହରେ ପ୍ରବେଶ କରିଥିଲେ ଓ ବସୁଦେବନନ୍ଦନ ଯଶୋଦାନନ୍ଦନଙ୍କ ଦେହରେ ଆବିଷ୍ଟ ହୋଇଥିଲେ ।

ତେଣୁ ଶ୍ରୀକୃଷ୍ଣଙ୍କ ଦେହରେ ପୂର୍ଣ୍ଣ ଈଶ୍ୱରଙ୍କ ଆବିର୍ଭାବ ଘଟିଥିଲା । ପୂତନା ଓ ଯାମଳାର୍ଜ୍ଜୁନ ଉଦ୍ଧାର ବସୁଦେବନନ୍ଦନଙ୍କ କାର୍ଯ୍ୟ । ତତ୍ପରେ ଏହି ବସୁଦେବନନ୍ଦନ ବିଷ୍ଣୁ ବହୁ ଅସୁର ବିନାଶ କରି ମଥୁରା ଓ ଦ୍ୱାରକାରେ ରାଜତ୍ୱ କରିଥିଲେ । ଯଦୁବଂଶ ଧ୍ୱଂସ ପରେ ସେ ବ୍ୟାଧଶରରେ ଆହତ ହୋଇ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ କଲେ । ବୈକୁଣ୍ଠ ଅର୍ଥ ତପଃ ଓ ସତ୍ୟଲୋକ ।

(୧୧୪୩) ଐଶୀକୃପା : ମାନବାତ୍ମା ପରମାତ୍ମାଙ୍କ ସ୍ଫୁଲିଙ୍ଗ ସତ୍ତା । ପରମାତ୍ମାଙ୍କ ସ୍ୱଗୃହ ମାନବର ନିଜ ଗୃହ । ପରମାତ୍ମା ହିଁ ମାନବର ପିତା-ମାତା ଓ ଏକମାତ୍ର ଆଶ୍ରୟସ୍ଥଳ । ମାନବର ଯେଉଁ ଅହଂଭାବ, ତାହା ତାଙ୍କରି ଲୀଳାପ୍ରକାଶର ଉପାଦାନ । ମାନବ ତାଙ୍କରି ମାୟା ଶକ୍ତିରେ ଅଭିଭୂତ ହୋଇ ତାଙ୍କୁ ଭୁଲି ଅନିତ୍ୟ ଜଗତର ପିତାମାତାଙ୍କୁ ପ୍ରକୃତ ପିତାମାତା ମନେକରି ଜଗତରେ ଅବିଦ୍ୟାର ଲୀଳାଭିନୟ କରୁଅଛି । ପାର୍ଥିବ ଦ୍ରବ୍ୟ ଉପରେ ଆସକ୍ତି ହେତୁ ମାନବ ଐଶୀକୃପାଲାଭରୁ ବଞ୍ଚିତ ହେଉଅଛି । ଭଗବତ୍‌କୃପା ବ୍ୟତୀତ କେବେହେଲେ ଆସକ୍ତିବନ୍ଧନ ଛିନ୍ନ ହୁଏ ନାହିଁ । ଅନିତ୍ୟ ପ୍ରତି ଆସକ୍ତି ବା ମୋହ କଟିଗଲେ ଜୀବ ସହଜରେ ସ୍ୱଧାମକୁ ଗତି କରିଥାଏ । ଜୀବ ଯେତେବେଳେ ଭଗବତ୍‌କୃପାରୁ ତାଙ୍କ ଆଡ଼କୁ ଆକୃଷ୍ଟ ହେବ, ଶ୍ରୀଭଗବାନ ମଧ୍ୟ ଜୀବକୁ ଉଦ୍ଧାର କରିବା ନିମିତ୍ତ ସେତେବେଳେ ଜୀବ ଆଡ଼କୁ ଅଗ୍ରସର ହେବେ । ଏହି ଭାବରେ ପରସ୍ପରଙ୍କର ଶୁଭ ସମ୍ମେଳନ ସଂଘଟିତ ହେବ । ଏହି କାରଣରୁ ସାଧନା ନ କଲେ ଭଗବତ୍ କୃପା ଉପଲବ୍ଧ ହୁଏ ନାହିଁ ଏବଂ କୃପାଲାଭ ନ ହେଲେ ସିଦ୍ଧି ଲାଭ ମଧ୍ୟ ସମ୍ଭବ ହୁଏ ନାହିଁ । ଏହା ହିଁ ପରୀକ୍ଷାସିଦ୍ଧ ସତ୍ୟ । ଜୀବ ସାଧନା ମାଧ୍ୟମରେ ଶ୍ରୀ ଭଗବାନଙ୍କୁ ଖୋଜି ଖୋଜି ତାଙ୍କ କୃପା ଆକର୍ଷଣ କରେ । ଭକ୍ତଙ୍କର ଅନ୍ତରସ୍ଥ ଦୋଷତ୍ରୁଟି ଓ ଅହଂକାରାଦି ବିଷୟରୁ ତାଙ୍କୁ ମୁକ୍ତ କରିବା ହିଁ ଭଗବତ୍ କୃପାଶକ୍ତିର କାର୍ଯ୍ୟ । ଏହି ଭାବରେ ସାଧକଙ୍କ ଦୋଷ ତ୍ରୁଟି ବିନାଶପୂର୍ବକ ଭଗବତ୍ ସାକ୍ଷାତ୍‌କାରଲାଭର ଅନ୍ତରାୟଗୁଡ଼ିକୁ ନିଜ କୃପାଶକ୍ତିଦ୍ୱାରା ଦୂର କରିଦେଲେ ସାଧକ ପବିତ୍ର ବିଶୁଦ୍ଧ ହୋଇ ତାଙ୍କୁ ଲାଭ କରି ଧନ୍ୟ ହୋଇଥାନ୍ତି ।

(୧୧୪୪) ଅଷ୍ଟାଦଶ ପୁରାଣ : ପୁରାଣ ଅସଂଖ୍ୟ । ମହାମୁନି ବେଦବ୍ୟାସଙ୍କ ରଚିତ ପୁରାଣସମୂହ ମଧ୍ୟରେ ଅଷ୍ଟାଦଶ ପୁରାଣ, ମହାଭାରତ ଓ ଶ୍ରୀମଦ୍ ଭାଗବତ ପ୍ରସିଦ୍ଧ । ପୁରାଣର ନାମ– (୧) ବ୍ରହ୍ମ ପୁରାଣ, (୨) ବ୍ରହ୍ମାଣ୍ଡ ପୁରାଣ, (୩)

ବ୍ରହ୍ମବୈବର୍ତ୍ତ ପୁରାଣ, (୪) ମାର୍କଣ୍ଡେୟ ପୁରାଣ, (୫) ଭବିଷ୍ୟ ପୁରାଣ, (୬) ବାମନ ପୁରାଣ (୭) ବରାହ ପୁରାଣ (୮) ବିଷ୍ଣୁ ପୁରାଣ (୯) ନାରଦ ପୁରାଣ, (୧୦) ଅଗ୍ନି ପୁରାଣ, (୧୧) ଗରୁଡ଼ ପୁରାଣ, (୧୨) ମତ୍ସ୍ୟପୁରାଣ, (୧୩) କୂର୍ମ ପୁରାଣ, (୧୪) ବାୟୁ ପୁରାଣ, (୧୫) ପଦ୍ମପୁରାଣ, (୧୬) ଲିଙ୍ଗ ପୁରାଣ, (୧୭) ସ୍କନ୍ଦ ପୁରାଣ, (୧୮) ଶିବ ପୁରାଣ ଓ କଲ୍‌କି ପୁରାଣ। ଭାଗବତ ଦୁଇ ପ୍ରକାର—ବିଷ୍ଣୁ ଭାଗବତ ଓ ଦେବୀ ଭାଗବତ। ଏହା ବ୍ୟତୀତ ମହାଭାରତ ମଧ୍ୟ ପୁରାଣର ଅନ୍ତର୍ଗତ। ଗୀତା ମହାଭାରତର ଅନ୍ତର୍ଗତ। ବ୍ୟାସଦେବଙ୍କ ଆଧ୍ୟାତ୍ମ-ରାମାୟଣ ପ୍ରଭୃତି ପୁରାଣ ଭାବେ ପରିଚିତ। ସାଧାରଣ ଗୃହସ୍ଥମାନେ ଉପରୋକ୍ତ ଗ୍ରନ୍ଥଗୁଡ଼ିକ ନିଜ ନିଜ ଗୃହରେ ରଖିବା ଅବଶ୍ୟ କର୍ତ୍ତବ୍ୟ। କାରଣ ପୁରାଣସମୂହ ପାଠ କଲେ ହୃଦୟ ପ୍ରଶସ୍ତ ହୋଇ ଶ୍ରୀଭଗବାନଙ୍କଠାରେ ବିଶ୍ୱାସ ଉତ୍ପନ୍ନ ହୋଇଥାଏ।

(୧୧୪୫) ସାଧୁତ୍ୱ : ସାଧୁତ୍ୱ ଅର୍ଜ୍ଜନ କରିବାକୁ ହେଲେ କେତେଗୁଡ଼ିଏ ସଦ୍‌ଗୁଣ, ସଦାଚାର ଓ ସତ୍‌କାମନାର ଆଧାରବିଶିଷ୍ଟ ହେବା ଦରକାର। ପୁରୁଷମାନଙ୍କର ସାଧୁତା ଓ ସ୍ତ୍ରୀମାନଙ୍କର ସତୀତ୍ୱ ପରସ୍ପର ଏକ ଭାବର ବିଷୟ। ପ୍ରକୃତ ସାଧୁ-ମାନବ ଗୃହସ୍ଥ ଆଶ୍ରମରେ ଥାଇ ପ୍ରଥମରୁ ଶ୍ରୀଭଗବାନଙ୍କ ପ୍ରତି ଭକ୍ତିଭାବ ପୋଷଣ କରନ୍ତି, ପରେ ନିର୍ମଳ ଚିତ୍ତରେ ସବୁପ୍ରକାର ପାପବିରହିତ ହୋଇ ଜିତେନ୍ଦ୍ରିୟ ହୁଅନ୍ତି ଏବଂ ବିବିଧ ସତ୍‌କର୍ମର ଅନୁଷ୍ଠାନ କରନ୍ତି ଅଥଚ କର୍ମଯୋଗୀ ହୋଇ ଆଦର୍ଶ ଗୃହସ୍ଥ ଜୀବନଯାପନ କରନ୍ତି।

(୧୧୪୬) ସତୀତ୍ୱ : ପୁରୁଷମାନଙ୍କର ଯେଉଁ ଗୁଣ ଥିଲେ ସେମାନଙ୍କୁ ସାଧୁ କୁହାଯିବ, ନାରୀମାନଙ୍କଠାରେ ସେହି ସଦ୍‌ଗୁଣ, ସତ୍‌ବାସନା ଓ ସାଧନା ଥିଲେ ସେମାନଙ୍କୁ ସତୀ କୁହାଯାଏ। ପ୍ରକୃତ ସତୀ ହେବାକୁ ହେଲେ ସ୍ତ୍ରୀଲୋକଙ୍କୁ ପ୍ରଥମରୁ ଭଗବତ୍ ଭକ୍ତ ହେବାକୁ ପଡ଼ିବ ଏବଂ ସେମାନଙ୍କର ଭଗବାନଙ୍କ ପ୍ରତି ଏକନିଷ୍ଠ ଭାବ ଥିବା ଏକାନ୍ତ ଆବଶ୍ୟକ। ନିର୍ମଳ ଓ ସାଧୁଭାବାପନ୍ନା, ସବୁପ୍ରକାର କୁଚିନ୍ତା ଓ କୁକାର୍ଯ୍ୟ-ତ୍ୟାଗିନୀ, ସବୁ ପାପକର୍ମରୁ ବିରତା, ଜିତେନ୍ଦ୍ରିୟା ଏବଂ ପରୋପକାର ବ୍ରତରେ ବ୍ରତିନୀ ଏବଂ ନିଜର ସ୍ୱାମୀଙ୍କ ଅନୁରକ୍ତା ସହଧର୍ମିଣୀଙ୍କୁ ସତୀ କୁହାଯାଏ। କେବଳ ମାତ୍ର ପତିଶୁଶ୍ରୂଷାରେ ନିରତ ଥାଇ ଶ୍ରୀଭଗବାନଙ୍କ ଠାରେ ଚିତ୍ତ ସମର୍ପଣ କରି ଏବଂ ପତିଙ୍କୁ ଭଗବତ୍ ଜ୍ଞାନରେ ସେବା କରିପାରିଲେ

ତାଙ୍କୁ ସତୀ କୁହାଯାଏ। ତେଣୁ ସତୀ ହେବା ସହଜ କଥା ନୁହେଁ। କେବଳ ପରପୁରୁଷଙ୍କ ପ୍ରତି ମନ ନ ଦେଲେ ଯେ ତାଙ୍କୁ ସତୀ କୁହାଯିବ, ଏପରି ନୁହେଁ। ନାରୀମାନଙ୍କୁ ସାଧୁତା, ସାଧୁଭାବ ଓ ସାଧୁକାର୍ଯ୍ୟସମୂହ ଅବଲମ୍ବନ କରିବାକୁ ପଡ଼ିବ। ସତୀ ନିଜ ପତିଙ୍କ ପ୍ରତି ଆସକ୍ତ ହୋଇ ସେବା କରିବେ ନାହିଁ। କେବଳ ମାତ୍ର ପତିସେବାନିରତା ଥାଇ ପତିଙ୍କୁ ଭଗବତ୍ ଜ୍ଞାନରେ ସେବା କରିବେ। ଏହି ବିଶ୍ୱରେ ଶ୍ରୀଭଗବାନ ହିଁ ବିଶ୍ୱପତି। ତେଣୁ ପତି ଏକମାତ୍ର ଜଣେ। ସେହି ପରମ ପତିଙ୍କ ସେବା କରି ଦ୍ରୌପଦୀ, ତାରା, କୁନ୍ତୀ ଓ ଅନ୍ୟାନ୍ୟ ଆର୍ଯ୍ୟରମଣୀମାନେ ସତୀ ପଦବୀରେ ଭୂଷିତା ହୋଇଥିଲେ। ସାଧୁପ୍ରକୃତି, ସତ୍ତ୍ୱଗୁଣ ଓ ସାଧନାଦ୍ୱାରା ସ୍ତ୍ରୀଜାତି ପ୍ରକୃତ ସତୀ ହୋଇଥାଆନ୍ତି। ଏହି କାରଣରୁ ଅହଲ୍ୟା ପ୍ରଭୃତି ପଞ୍ଚକନ୍ୟାମାନେ ସତୀ ମଧ୍ୟରେ ଗଣ୍ୟା ଓ ପ୍ରାତଃସ୍ମରଣୀୟା ହୋଇଛନ୍ତି। ଏହି ସତୀମାନଙ୍କ କଥା ଚିନ୍ତାକଲେ କାମାଦି ଅସତ ପ୍ରବୃତ୍ତି ଶାନ୍ତ ହୋଇଥାଏ।

ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ମନ୍ଦୋଦରୀସ୍ତଥା
ପଞ୍ଚକନ୍ୟାଂ ସ୍ମରେ ନ୍ନିତ୍ୟଂ ମହାପାତକନାଶନମ୍ ॥

(୧୧୪୭) ମାୟାର ଆବରଣୀ ଶକ୍ତି : ସାଧକମାନେ ପ୍ରଥମରୁ ବ୍ରହ୍ମ ଓ ମାୟା ଶକ୍ତି ସମ୍ବନ୍ଧରେ ଜ୍ଞାନ ଅର୍ଜନ ନ କଲେ ସ୍ୱରୂପଜ୍ଞାନ ଲାଭ କରିପାରିବେ ନାହିଁ। ତେଣୁ ପ୍ରଥମେ ମାୟାର ସ୍ୱରୂପ ଅବଗତ ହେବା ଦରକାର। କାରଣ ମାୟା ଅତିକ୍ରମ ନ କଲେ ସ୍ୱରୂପ ଶକ୍ତିର ସନ୍ଧାନ ମିଳେ ନାହିଁ। ତ୍ରିଗୁଣାତିତ ପରବ୍ରହ୍ମ ସୃଷ୍ଟିପାଳନାଦି କ୍ରିୟା କରନ୍ତି ନାହିଁ। ପୂର୍ଣ୍ଣ ଈଶ୍ୱର ହିଁ ସୃଷ୍ଟି, ସ୍ଥିତି, ଲୟ କ୍ରିୟା ସମ୍ପାଦନ କରନ୍ତି। ସେତେବେଳେ ମାୟାର ଗୁଣତ୍ରୟକୁ ଆଶ୍ରୟ କରି ଉର୍ଣ୍ଣନାଭ ଜାଲଦ୍ୱାରା ନିଜକୁ ଆବୃତ କଲାପରି ଈଶ୍ୱର ବିଶ୍ୱରୂପ ଜାଲଦ୍ୱାରା ନିଜକୁ ଆଚ୍ଛାଦନ କରି ବିଶ୍ୱାକାରରେ ବ୍ୟକ୍ତ ହୁଅନ୍ତି। ମାୟା ହିଁ ଏହି ଅଘଟନ-ଘଟନ-ପଟ୍ଟୀୟସୀ ଐନ୍ଦ୍ରଜାଲିକ ଶକ୍ତି। ଜଗତ୍ ନିତାନ୍ତ ଅଳୀକ ହେଲେ ମଧ୍ୟ ଏହାକୁ ସତ୍ ବୋଲି ପ୍ରତୀୟମାନ କରିବା ମାୟାର ମୋହକାରୀ କାର୍ଯ୍ୟ। କୌଣସି ବ୍ୟକ୍ତିକୁ ସମ୍ମୋହନ କଲେ ସେ ଯେପରି ସମ୍ମୋହନକାରୀଙ୍କର ଇଚ୍ଛାନୁସାରେ ନିଜକୁ ଅନୁଭବ କରନ୍ତି ଏବଂ ସେ ସେହି ସମ୍ମୋହନ ଶକ୍ତିରୁ ମୁକ୍ତ ହେଲେ ସେହି ଗୁଣକୁ ଯେପରି ଅନୁଭବ କରିପାରନ୍ତି ନାହିଁ, ସେହିପରି ଜଗତର ମୋହଉତ୍ପାଦିକା ଶକ୍ତି ବଳରେ ଜଗତ୍ ନ ଥିଲେ ମଧ୍ୟ ଜୀବ ଚିତ୍ତରେ ଜଗଦଭ୍ରାନ୍ତି ଉପନୀତି ହୋଇଥାଏ। ମାୟା

ପ୍ରଭାବରୁ ଜୀବ, ଜଗତକୁ ସତ୍ୟ ଓ ନିତ୍ୟ ଜ୍ଞାନ କରେ, ଫଳରେ ବିବିଧ ସାଂସାରିକ ଦୁଃଖ ଅନୁଭବ କରିଥାଏ । ଏହି ପ୍ରକାରେ ମାୟା ଅବ୍ୟକ୍ତଙ୍କୁ ବ୍ୟକ୍ତ କରନ୍ତି । ମାୟାର ମୋହଉତ୍ପାଦନକାରିଣୀ ଶକ୍ତିକୁ subjective ଓ ବସ୍ତୁପ୍ରକାଶକାରିଣୀ ଶକ୍ତିକୁ objective ଶକ୍ତି କୁହାଯାଏ । ସୃଷ୍ଟି ଆରମ୍ଭରୁ ମାୟାର କାର୍ଯ୍ୟ ଆରମ୍ଭ ହୁଏ ।

(୧୧୪୮) ଐଶ୍ୱରିକ ଶକ୍ତି : ଉପରୋକ୍ତ ମାୟା ଶକ୍ତିର ଚୈତନ୍ୟମୟ ଅବସ୍ଥାନର ନାମ ଈଶ୍ୱର । ସଂସ୍କାର-ଶକ୍ତି ମାୟାଶକ୍ତି କର୍ତ୍ତୃକ ପ୍ରବୁଦ୍ଧ ହୋଇ ଐଶ୍ୱରିକ ଶକ୍ତି ଲୀଳା ପ୍ରକାଶ କରିଥାଏ । ଯେ ଉପରୋକ୍ତ ମାୟାଶକ୍ତି ଓ ଐଶ୍ୱରିକ ଶକ୍ତି ହୃଦୟଙ୍ଗମ କରିପାରିବେ, ସେ ସହଜରେ ତତ୍ତ୍ୱଜ୍ଞାନ ଲାଭ କରିପାରିବେ ଏବଂ ତାଙ୍କର ଆତ୍ମସାକ୍ଷାତ୍‌କାର ଲାଭ ହୋଇପାରିବ ।

(୧୧୪୯) ଶ୍ରୀକୃଷ୍ଣ ଉପାସନା : ଐଶ୍ୱର୍ଯ୍ୟ ଜ୍ଞାନରେ ଶ୍ରୀକୃଷ୍ଣଙ୍କ ଉପାସନା କରିବା ଉଚିତ ନୁହେଁ । ଶ୍ରୀକୃଷ୍ଣଙ୍କ ଉପାସନା ଗୋପୀ ଅନୁଗତ ହୋଇ କରିବାକୁ ପଡ଼େ । ଶ୍ରୀରାଧାଙ୍କ ଅନୁକରଣରେ କୃଷ୍ଣ ଉପାସନା କରିବାର ଅଧିକାର ସାଧାରଣଙ୍କର ନାହିଁ । ଶ୍ରୀରାଧା ଭକ୍ତମାନଙ୍କର ସାଧନଗୁରୁ ସ୍ଥାନୀୟା । ତେଣୁ ଭକ୍ତମାନେ ଗୋପୀ ଅନୁଗତ ହୋଇ ଉପାସନା କରିବା ବିଧେୟ । ଶ୍ରୀକୃଷ୍ଣଙ୍କ ମାଧୁର୍ଯ୍ୟ ଭାବରେ ଉପାସକମାନେ 'ସେ ମୋର ମୁଁ ତାଙ୍କର', 'ସେ ମୋ ଭିତରେ ଅଛନ୍ତି ଓ ମୁଁ ତାଙ୍କଠାରେ ନିତ୍ୟ ବିରାଜିତ'—ଏହି ଭାବରେ ଭାବିତ ହୋଇ ଚଳିବା ଆବଶ୍ୟକ । ଶ୍ରୀକୃଷ୍ଣଙ୍କ ସହିତ ସଖୀମାନଙ୍କର ସମ୍ଭୋଗ ବାଞ୍ଛା ନ ଥାଏ । ଶ୍ରୀକୃଷ୍ଣ ସ୍ୱୟଂ ରସରାଜ ଓ ପରମାତ୍ମାସ୍ୱରୂପ । ଶ୍ରୀରାଧା ତାଙ୍କର ଅନୁସଙ୍ଗିନୀ ହ୍ଲାଦିନୀ ଶକ୍ତି । ସେ ପ୍ରେମକଳ୍ପଲତିକା ସଦୃଶ । ସଖୀମାନେ ସେହି ପ୍ରେମଲତାର ପତ୍ର-ପୁଷ୍ପ-ଫଳ ସଦୃଶ । ତେଣୁ ରସରାଜ ଶ୍ରୀକୃଷ୍ଣଙ୍କ ସହିତ ନିତ୍ୟ ଆଲିଙ୍ଗନରେ ମୂଳଲତିକା ଶ୍ରୀରାଧାଙ୍କର ଏକମାତ୍ର ଅଧିକାର । କିନ୍ତୁ ନିତ୍ୟ ଆଲିଙ୍ଗନରେ ଶ୍ରୀରାଧାଙ୍କର ଯେଉଁ ଆନନ୍ଦ ହୁଏ, ତାହା ଅପେକ୍ଷା ଏହି କଳ୍ପଲତିକାର ପତ୍ର-ପୁଷ୍ପ-ଫଳମାନେ ଅଧିକ ଆନନ୍ଦ ଅନୁଭବ କରିଥାନ୍ତି ।

(୧୧୫୦) ସଖୀଭାବର ସାଧନା : ଶ୍ରୀରାଧାକୃଷ୍ଣଙ୍କ ମିଳନଜନିତ ଆନନ୍ଦ ଆସ୍ୱାଦନ କରିବା ସଖୀମାନଙ୍କର କାର୍ଯ୍ୟ । ସଖୀମାନେ କେବେହେଲେ ଶ୍ରୀକୃଷ୍ଣଙ୍କ ସହିତ ମିଳନ ବାଞ୍ଛା କରନ୍ତି ନାହିଁ । ଏହି ଗୋପୀଭାବର ଭଜନ ହିଁ ସାଧାରଣ

ମାନବ ପକ୍ଷରେ କୃଷ୍ଣପ୍ରାପ୍ତିର ସହଜ ଉପାୟ । ଭକ୍ତମାନେ କେବେହେଲେ ଶ୍ରୀରାଧାକୃଷ୍ଣ ହେବାକୁ ଇଚ୍ଛା କରନ୍ତି ନାହିଁ । ସେମାନେ ଶ୍ରୀରାଧାକୃଷ୍ଣଙ୍କଠାରୁ ପୃଥକ୍ ଭାବରେ ରହି ଅର୍ଥାତ୍ ସଖୀ ଭାବରେ ଅବସ୍ଥାନପୂର୍ବକ ପ୍ରେମାନନ୍ଦ ଆସ୍ୱାଦନ କରିଥାନ୍ତି । ଶକ୍ତି ଓ ଶକ୍ତିମାନ୍ ଯେଭଳି ଅଭିନ୍ନ, ସେହିଭଳି ଶ୍ରୀରାଧା ଓ ଶ୍ରୀକୃଷ୍ଣ ଏକ ଏବଂ ଅଦ୍ୱିତୀୟ ବସ୍ତୁ । ଏହି ହେତୁରୁ ଭକ୍ତମାନେ ଶ୍ରୀରାଧାକୃଷ୍ଣ ହେବାକୁ ଇଚ୍ଛା ନ କରି ସଖୀଭାବ ଅବଲମ୍ବନ କରିଥାନ୍ତି । ଶ୍ରୀରାଧାକୃଷ୍ଣ ଏକ ଏବଂ ଅଭିନ୍ନ, କିନ୍ତୁ ସଖୀମାନେ ସ୍ୱତନ୍ତ୍ର । ଉପାସକ ଭକ୍ତମନେ ଉପାସ୍ୟ-ଭଗବାନଙ୍କ ଅନ୍ତର୍ଭୁକ୍ତ ହେଲେ ମଧ୍ୟ ଉପାସନା ହେତୁ ପାର୍ଥକ୍ୟ ଅନୁଭବ କରିଥାନ୍ତି । ସୁତରାଂ ଗୋପୀଭାବ ଦ୍ୱୈତାଦ୍ୱୈତ ଭାବର ଅନ୍ତର୍ଗତ ।

(୧୧୫୧) ଶ୍ରୀରାଧାକୃଷ୍ଣ ତତ୍ତ୍ୱ : ଶ୍ରୀକୃଷ୍ଣ ପୂର୍ଣ୍ଣ ଈଶ୍ୱର ଓ ସଚ୍ଚିଦାନନ୍ଦ ସ୍ୱରୂପ ପରମାତ୍ମା । ଶ୍ରୀରାଧା ତାଙ୍କର ଆନନ୍ଦ ଶକ୍ତିର ସ୍ୱରୂପ । ଶ୍ରୀଭଗବାନଙ୍କର ଅନନ୍ତ ଶକ୍ତି ମଧ୍ୟରୁ ତିନିଗୋଟି ଶକ୍ତି ପ୍ରଧାନ । (୧) ବହିରଙ୍ଗା ମାୟାଶକ୍ତି ବା ଐଶ୍ୱର୍ଯ୍ୟଶକ୍ତି, (୨) ଅନ୍ତରଙ୍ଗା ଚିତ୍‌ଶକ୍ତି ବା ସ୍ୱରୂପଶକ୍ତି । ଏହା ସତ୍, ଚିତ୍ ଓ ଆନନ୍ଦଶକ୍ତି । (୩) ତଟସ୍ଥାଶକ୍ତି ବା ଜୀବଶକ୍ତି । ସମଷ୍ଟିର ବ୍ୟଷ୍ଟିଭାବରେ ପ୍ରକାଶର ନାମ ତଟସ୍ଥାଶକ୍ତି । ଏହି ଶକ୍ତିକୁ ପରାପ୍ରକୃତି କୁହାଯାଏ । ସାଧକମାନେ ଏହି ତଟସ୍ଥାଶକ୍ତି ବା ସଖୀଭାବରେ ଥାଇ ଉପାସନା କରିବା କର୍ତ୍ତବ୍ୟ ।

(୧୧୫୨) ବହିରଙ୍ଗା ଶକ୍ତି : ଶ୍ରୀଭଗବାନଙ୍କର ଏହି ବହିରଙ୍ଗା ଶକ୍ତିକୁ ମାୟାଶକ୍ତି କୁହାଯାଏ । ଏହି ବହିରଙ୍ଗା ଶକ୍ତିରୁ ମହାଜ୍ଞାନୀ, ମହାମାୟା, ବ୍ରହ୍ମା, ବିଷ୍ଣୁ, ଶିବ ପ୍ରଭୃତି ଉଦ୍ଭବ । ମହାଶକ୍ତି ମଧ୍ୟ ବହିରଙ୍ଗା ଶକ୍ତି । ଏହି ଶକ୍ତି ଜୀବସୃଷ୍ଟିର ନିୟମ ଓ ନିୟାମକ ଉଭୟ । ଜୀବର ଜନ୍ମ ମୃତ୍ୟୁ ଓ ପରମାଣୁର ସ୍ପନ୍ଦନ ପ୍ରଭୃତି ବହିରଙ୍ଗା ଶକ୍ତିର କ୍ରିୟା । ସୃଷ୍ଟି, ସ୍ଥିତି ଓ ଲୟ ମଧ୍ୟ ଏହି ଶକ୍ତିର କ୍ରିୟା ।

(୧୧୫୩) ଅନ୍ତରଙ୍ଗା ଶକ୍ତି : ସାଧକମାନେ ଏହି ଅନ୍ତରଙ୍ଗା ଚିତ୍‌ଶକ୍ତିର ସାଧନ-ଭଜନ କରିଥାନ୍ତି । ଏହି ସତ୍, ଚିତ୍, ଆନନ୍ଦର ଉପାସକ ହେତୁ ଭକ୍ତମାନେ ଶ୍ରୀଭଗବାନଙ୍କର ପ୍ରିୟ । ଏହି ଅନ୍ତରଙ୍ଗା ଶକ୍ତି ମଧ୍ୟରେ ଶ୍ରୀରାଧାଭାବ ଶ୍ରେଷ୍ଠତମ । ଶ୍ରୀରାଧା ଈଶ୍ୱରଙ୍କର ବିଶୁଦ୍ଧା ଅଙ୍କରଙ୍ଗା ଶକ୍ତି । କିନ୍ତୁ ସାଧକମାନେ ବା ଗୋପୀମାନେ ତାଙ୍କର ତଟସ୍ଥା ଶକ୍ତି । ତେଣୁ ଗୋପୀମାନେ ଶ୍ରୀରାଧାକୃଷ୍ଣଙ୍କ ଉପାସକ । ଗୋପୀଭାବର ସାଧନାରେ କ୍ରମଶଃ ଶ୍ରୀରାଧାକୃଷ୍ଣଙ୍କ ଭାବ ଫୁଟି ଉଠିଥାଏ ।

(୧୧୫୪) ପର ନିନ୍ଦା : ଅନ୍ୟର କାର୍ଯ୍ୟରେ ଦୋଷ ଦର୍ଶନ କରିବା ଓ ଅନ୍ୟର ବ୍ୟବହାରର ଦୋଷ କୀର୍ତ୍ତନ କରିବାର ନାମ ପରନିନ୍ଦା । ପର ନିନ୍ଦାଦ୍ୱାରା ନିଜ ଆତ୍ମାକୁ ସଂକୀର୍ଣ୍ଣ କରାଯାଏ ଓ ଚିତ୍ତକୁ ଦୂଷିତ କରାହୁଏ । ନିନ୍ଦୁକ ନିନ୍ଦାର ପାତ୍ରକୁ ନିର୍ବୋଧ ଓ ନିକୃଷ୍ଟ ବୋଲି ଏବଂ ନିଜକୁ ସର୍ବାପେକ୍ଷା ବୁଦ୍ଧିମାନ୍ ଓ ମହତ୍ ବୋଲି ପ୍ରଚାର କରିବା ଫଳରେ ଅଧଃପତିତ ହୋଇଥାନ୍ତି । ଯେଉଁ ବ୍ୟକ୍ତି ଅପରର ଯେତେ ଦୋଷ କୀର୍ତ୍ତନ କରନ୍ତି, ସେହି ଦୋଷ ଅଲକ୍ଷିତ ଭାବରେ ନିନ୍ଦୁକଙ୍କ ଭିତରେ ପ୍ରବେଶ କରେ । ନିନ୍ଦୁକ ତାହାର ନିନ୍ଦାପାତ୍ରର ଅସଂଖ୍ୟ ଗୁଣ ପ୍ରତି ଦୃଷ୍ଟି ନ ଦେଇ ନିନ୍ଦାଦ୍ୱାରା ନିଜ ଆତ୍ମାକୁ ହିଁ କଳୁଷିତ କରିଥାନ୍ତି । ନିନ୍ଦୁକ ଅପରକୁ ନିନ୍ଦା କରିବା ଫଳରେ ନିଜକୁ ହିଁ ବୁଦ୍ଧିହୀନ ବୋଲି ପ୍ରଚାର କରିଥାନ୍ତି । ଜଗତରେ ଏକାନ୍ତ ଦୋଷଯୁକ୍ତ ବା ଏକାନ୍ତ ଦୋଷମୁକ୍ତ ଓ ସଂପୂର୍ଣ୍ଣ ଗୁଣଯୁକ୍ତ ବୋଲି କେହି ନାହାନ୍ତି । ଅତଏବ ପରନିନ୍ଦାର କୌଣସି ସାର୍ଥକତା ନାହିଁ । ତେଣୁ ସାଧକମାନେ କେବେହେଲେ ପରନିନ୍ଦା କରିବା ଉଚିତ ନୁହେଁ ଏବଂ ପରନିନ୍ଦାର ସ୍ଥାନ, କ୍ଷେତ୍ର ଓ ପରନିନ୍ଦୁକ ବ୍ୟକ୍ତିଠାରୁ ଦୂରରେ ଅବସ୍ଥାନ କରିବା କର୍ତ୍ତବ୍ୟ ।

(୧୧୫୫) ପୁରୁଷପ୍ରକୃତି ଭାବ : ପ୍ରକୃତିଭାବାପନ୍ନ ହୋଇ ସାଧକମାନେ ପୁରୁଷ ବା ପରଂବ୍ରହ୍ମଙ୍କର ଉପାସନା କରିବା ବିଧେୟ । ପୁରୁଷଭାବ ଅଦ୍ୱୈତ । ଏଥିପାଇଁ ପୁରୁଷଭାବାପନ୍ନ ସାଧକଙ୍କର ପରମପୁରୁଷଙ୍କ ଉପାସନାର ଅଧିକାର ନାହିଁ । ପୁରୁଷତ୍ୱର ଅଭିମାନ ନେଇ ଭଗବତ୍‌ବିଷୟକ ଜ୍ଞାନ ସହଜରେ ହୃଦୟଙ୍ଗମ କରି ହୁଏ ନାହିଁ । ଏହି ହେତୁ ନିଜକୁ ପ୍ରକୃତି ଜ୍ଞାନ କରି ପୁରୁଷଙ୍କର ଉପାସନା କରିବା ବିଧେୟ । ପୁରୁଷଜ୍ଞାନରେ ଉପାସନାନିରତ ହେଲେ ପୁରୁଷଙ୍କର ଦର୍ଶନ ମିଳେ ନାହିଁ । ତେଣୁ ସାଧକମାନେ ବ୍ରହ୍ମଙ୍କୁ ପୁରୁଷ ଏବଂ ଜୀବମାତ୍ରକୁ ପ୍ରକୃତିଙ୍କର ସ୍ୱରୂପ ବୋଲି ଜ୍ଞାନ କରି ଉପାସନା କରିବା କର୍ତ୍ତବ୍ୟ ।

(୧୧୫୬) ଦୈବ ଓ ପୁରୁଷକାର : ଦୈବ ଓ ପୁରୁଷକାର—ଉଭୟକୁ ସ୍ୱୀକାର କରିବାକୁ ହେବ । ଏକ କର୍ମଶକ୍ତି ଦୁଇ ଭାଗରେ ବିଭକ୍ତ ହୋଇ ଦୈବ ଓ ପୁରୁଷକାର ନାମରେ ନାମିତ ହୋଇଅଛି । ଜୀବର ଅତୀତ କାଳର କର୍ମଶକ୍ତିକୁ ଦୈବ ଏବଂ ବର୍ତ୍ତମାନ ଓ ଭବିଷ୍ୟତ କର୍ମଶକ୍ତିକୁ ପୁରୁଷକାର ବୋଲି ଅଭିହିତ କରାଯାଇଛି । ଜୀବର ସ୍ୱକୃତ କର୍ମଫଳର ଶକ୍ତିସମୂହ ହିଁ ତାହାର ଅଦୃଷ୍ଟ ବା ଦୈବରୂପରେ ଶକ୍ତିଧାରଣ କରି ଭବିଷ୍ୟତ ଅବସ୍ଥାର ନିୟନ୍ତା ହୋଇଥାଏ । ଜୀବର

ସ୍ୱଭାବ ବା ପ୍ରକୃତିକୁ ଦୈବ, ଅଦୃଷ୍ଟ ବା ସଞ୍ଚିତ କର୍ମଶକ୍ତି କୁହାଯାଏ ।

ଏହି ଦୈବଶକ୍ତି ବା ପୂର୍ବକୃତ କର୍ମଶକ୍ତି ବଳରେ ଜୀବଭାବର ସୃଷ୍ଟି ହୁଏ ଏବଂ ଏହା ଈଶ୍ୱରତ୍ୱଠାରୁ ପୃଥକ୍ ବୋଲି ପ୍ରତୀୟମାନ ହୋଇଥାଏ । ଦୈବଦ୍ୱାରା ହିଁ ଜୀବର ସ୍ୱଭାବ ବା ବିଶେଷତ୍ୱ ନିରୂପିତ ହୋଇଥାଏ । ଏହି ଦୈବ ବା ଅତୀତ କର୍ମଶକ୍ତିରୂପ ରଜ୍ଜୁଦ୍ୱାରା ଜୀବଚୈତନ୍ୟ ଆବଦ୍ଧ ହୋଇ ଯନ୍ତ୍ରରୂପରେ ପରିଚାଳିତ ହୋଇଥାନ୍ତି । ଏହି ଦୈବରଜ୍ଜୁରେ ଆବଦ୍ଧ ହୋଇ ମଧ୍ୟ ଦୈବଠାରୁ କିଞ୍ଚିତ ଦୂରରେ ଅବସ୍ଥାନ କରିବାର ଯେଉଁ ସ୍ୱାଧୀନ ଅଧିକାର ଅଛି, ତାହାକୁ ପୁରୁଷକାର କୁହାଯାଏ । କିନ୍ତୁ ଦୈବରଜ୍ଜୁକୁ ନିଜେ ଛିନ୍ନ କରି ଅନନ୍ତ ପଥରେ ଗତି କରିବାର ସାଧ୍ୟ ଜୀବର ନାହିଁ । ଏଥିପାଇଁ ଜୀବ ପୁରୁଷକାର ଦୈବର ଅଧୀନ । କିନ୍ତୁ ଏହି ପୁରୁଷକାର ବା ଆତ୍ମଚେଷ୍ଟା ହିଁ ଜୀବର ସାଧନା । ପୁରୁଷକାର ପ୍ରଭାବରେ ଦୈବଶକ୍ତି କ୍ଷୀଣ ହୋଇଥାଏ । ପୁରୁଷକାର ବଳରେ ସେହି ଦୈବବନ୍ଧନକୁ ଅତିକ୍ରମ କରିବାର ଚେଷ୍ଟା କଲେ କରୁଣାମୟ ଭଗବାନ ଜୀବକୁ ଦୈବବନ୍ଧନ ଅତିକ୍ରମ କରିବାରେ ସାହାଯ୍ୟ କରିଥାନ୍ତି । ଏହି ଭାବରେ ଜୀବ କର୍ମବନ୍ଧନ ଛିନ୍ନ କରି ପୁରୁଷକାର ବଳରେ ଆତ୍ମଜ୍ଞାନ ଲାଭ କରିଥାଏ ।

(୧୧୫୭) ଶକ୍ତିଯୁକ୍ତ ଚୈତନ୍ୟ : ଭକ୍ତମାନଙ୍କ ଉପାସ୍ୟ ସତ୍ତାଙ୍କୁ ଭଗବାନ କୁହାଯାଏ । ସେ ସ୍ୱରୂପରେ ନିରାକାର ହୋଇଥିଲେ ମଧ୍ୟ ଭକ୍ତମାନଙ୍କ ନିକଟରେ ସାକାର ଭାବରେ ଧରା ଦେଇଥାନ୍ତି । ନିରାକାର ଭଗବାନଙ୍କଠାରେ ଶକ୍ତି ଅବ୍ୟକ୍ତ (Potentially) ଭାବରେ ଅବସ୍ଥାନ କରେ । କିନ୍ତୁ କାର୍ଯ୍ୟକାରିଣୀ ବା ଶକ୍ତିଯୁକ୍ତ ଚୈତନ୍ୟ ହିଁ ମାନବର ଉପାସ୍ୟ । ସେହି ନିରାକାର ପରଂବ୍ରହ୍ମ ଭକ୍ତମାନଙ୍କ ଉପାସନା ନିମିତ୍ତ ସାକାର ଭାବରେ ବ୍ୟକ୍ତ ହୋଇଥାନ୍ତି । ସେହି ଶକ୍ତି ଭକ୍ତମାନଙ୍କୁ ଉଦ୍ଧାର କରନ୍ତି । ସୁତରାଂ ଶକ୍ତିଯୁକ୍ତ ଚୈତନ୍ୟ ହିଁ ଭକ୍ତମାନଙ୍କର ଭଗବାନ । ସେ ବିଶ୍ୱର କର୍ତ୍ତା ହେତୁ ଭକ୍ତମାନଙ୍କୁ କୃପା କରି ଉଦ୍ଧାର କରିଥାଆନ୍ତି ।

(୧୧୫୮) ସାଧନାର ତ୍ରିବିଧ ଅବଲମ୍ବନ : ସାଧନ ପଥରେ ଜ୍ଞାନ, ବିଶ୍ୱାସ ଓ ଭକ୍ତି ଏହି ତ୍ରିବିଧ ସମ୍ବଳ ଆବଶ୍ୟକ । ଏହି ତ୍ରିବିଧ ସମ୍ବଳକୁ ଯଥାଯଥ ଭାବରେ ଅବଲମ୍ବନ କରି ଚଳିପାରିଲେ ସହଜରେ କାର୍ଯ୍ୟ ସିଦ୍ଧିଲାଭ ହୁଏ । ଉପରୋକ୍ତ ତ୍ରିବିଧ ସମ୍ବଳ ମଧ୍ୟରେ ଜ୍ଞାନ ହିଁ ଶ୍ରେଷ୍ଠ । ସେଥିରେ ସାମାନ୍ୟ ଆତ୍ମମ୍ଭରିତା ବିଦ୍ୟମାନ ଥାଏ । ବିଶ୍ୱାସ ଶ୍ରେଷ୍ଠ ହେଲେ ମଧ୍ୟ ସେଥିରେ ସାମାନ୍ୟ ସଂକୀର୍ଣ୍ଣତା

ବିଦ୍ୟମାନ । ଭକ୍ତି ଶ୍ରେଷ୍ଠ ହେଲେ ମଧ୍ୟ ତାହା ଜ୍ଞାନ ଅଭାବରେ ସତ୍ୟକୁ ଆବୃତ କରିଥାଏ ।

ଉକ୍ତ ତ୍ରିବିଧ ଅନିଷ୍ଟକାରୀ ଶକ୍ତି–ଆତ୍ମମ୍ଭରିତା, ସଂକୀର୍ଣ୍ଣତା ଓ ଅଜ୍ଞାନଠାରୁ ଦୂରରେ ରହି ଯେପରି ଉକ୍ତ ତ୍ରିବିଧପଥ ମଧ୍ୟରେ ସାମଞ୍ଜସ୍ୟ ରହିପାରିବ, ସେଥିନିମିତ୍ତ ଗୁରୁଦେବଙ୍କ ନିକଟରୁ ଏହାର ତତ୍ତ୍ୱ ଅବଗତ ହୋଇ ସେହି ପଥରେ ଅଗ୍ରସର ହେବା କର୍ତ୍ତବ୍ୟ । ଶ୍ରୀଗୁରୁଦେବଙ୍କ କୃପାରୁ ତତ୍ତ୍ୱଜ୍ଞାନ ଲାଭ ହେଲେ ଅନ୍ତରରେ ପୂର୍ଣ୍ଣ ପରାର୍ଥପରତା, ନିଃସ୍ୱାର୍ଥତା ଓ ତ୍ୟାଗଭାବ ପ୍ରକାଶିତ ହୋଇଥାଏ । ଏହା ହିଁ ଉଦାର ସାର୍ବଭୌମ ପଥ । ଏଥିରେ ସଂକୀର୍ଣ୍ଣତା ନାହିଁ । ଯଥାର୍ଥ ତତ୍ତ୍ୱଜ୍ଞାନ ଲାଭ ନିମିତ୍ତ ଶ୍ରୀଗୁରୁଦେବଙ୍କ କୃପା ହିଁ ଏକମାତ୍ର ସମ୍ବଳ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବ୍ୟକ୍ତିଗତ ବିଶେଷତ୍ୱ ବଳରେ ସାଧାନ ପଥରେ ଗତି କରି ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ବିଧେୟ ।

(୧୧୫୯) ଆତ୍ମୋନ୍ନତି ସାଧନ : ମାନବ କ୍ରମେ ବହୁତ୍ୱଭାବ ଅତିକ୍ରମପୂର୍ବକ ଏକତ୍ୱ ଦିଗକୁ ଅଗ୍ରସର ହେଲେ ତାହାର ଅଂହଭାବ ବିନଷ୍ଟ ହୁଏ । ଫଳରେ ଏତାଦୃଶ ସାଧକ ଦ୍ୱନ୍ଦାତୀତ ଅବସ୍ଥା ଲାଭ କରିଥାନ୍ତି । ଭେଦଜ୍ଞାନ ହିଁ ଆତ୍ମୋନ୍ନତି ସାଧନାର ଅନ୍ତରାୟ । ହିଂସା, ଦ୍ୱେଷ, ଶୋକ, ମୋହ, ଜ୍ୱାଳା, ଯନ୍ତ୍ରଣା ପ୍ରଭୃତି ସମସ୍ତ ଭେଦଜ୍ଞାନମୂଳକ ଅବସ୍ଥା । ଅହଂତ୍ୱ ନାଶ ହେଲେ ଏହି ଭେଦଜ୍ଞାନ ଦୂରୀଭୂତ ହୁଏ । ଅହଂଜ୍ଞାନ ହିଁ ଅବିଦ୍ୟାର ଆବରଣ । ସୁତରାଂ ଏହି ଆବରଣ ବା ଅହଂଜ୍ଞାନ ଦୂର ହେଲେ ଚିତ୍ତ ଲୟ ହୁଏ ଏବଂ ଆତ୍ମଜ୍ଞାନ ଲାଭ ହୋଇଥାଏ । ବହୁତ୍ୱରୁ ଏକତ୍ୱ ଦିଗକୁ କ୍ରମେ ଅଗ୍ରସର ହେବା ହିଁ ସବୁପ୍ରକାର ସାଧନ-ଭଜନର ମୂଳକଥା । ଏକତ୍ୱ ଭାବର ସାଧନ ପଥରେ ଗତି କଲେ ସହଜରେ ଆତ୍ମଜ୍ଞାନ ଲାଭ ହୋଇଥାଏ ।

(୧୧୬୦) ମାୟାର ସ୍ୱରୂପ : ମାୟା ହିଁ ଏହି ଜଗତର କାରଣ । ମାୟା ସ୍ୱରୂପରେ ଅନାଦି ଅନନ୍ତ ହେଲେ ମଧ୍ୟ ସ୍ୱରୂପରେ ସତ୍‌ସ୍ୱରୂପଙ୍କ ସହିତ ଅଭିନ୍ନ ଭାବରେ ବିରାଜିତା । ମାୟା ବ୍ରହ୍ମଙ୍କର ଶକ୍ତିସ୍ୱରୂପା । ସମଗ୍ର ବ୍ରହ୍ମଙ୍କର କିୟଦଂଶ ମାତ୍ର ନେଇ ମାୟା ତାହାର ଲୀଳା ସମ୍ପାଦନ କରେ । ମାୟାର ପ୍ରଧାନ କାର୍ଯ୍ୟ ଅଧ୍ୟାସ । ସତ୍ୟବସ୍ତୁ ପ୍ରତି ମିଥ୍ୟାଭାବ ଆରୋପର ନାମ ଅଧ୍ୟାସ । ଯାହାର ଯାହା ପ୍ରକୃତ ସ୍ୱରୂପ ନୁହେଁ, ସେହି ବସ୍ତୁଠାରେ ତାହାର ଆରୋପ କରି ଭ୍ରମଧାରଣା

ଉତ୍ପାଦନ କରିବାହିଁ ମାୟାର କାର୍ଯ୍ୟ । ମାୟା ପ୍ରଭାବରେ ଦେହାତ୍ମବୁଦ୍ଧିର ଉଦୟ ହୁଏ । ଜୀବ ସ୍ୱରୂପରେ ନିତ୍ୟମୁକ୍ତ କିନ୍ତୁ ତାହାର ଜୀବଭାବ ମାୟାର ଅଧ୍ୟାସ ବା ଭ୍ରମ ମାତ୍ର । ଜୀବ ଦେହରୁ ମାୟା ଭ୍ରମ ଦୂର କରିବା ହିଁ ସାଧନାର ଉଦ୍ଦେଶ୍ୟ ।

(୧୧୬୧) ଭଗବତ ନିର୍ଭରତା : ଏ ଜଗତରେ କର୍ମଫଳ ନୀତି ଅବ୍ୟର୍ଥ ଓ ଅଖଣ୍ଡନୀୟ । ଭଗବାନଙ୍କର ଏହି ନୀତି ସାଧାରଣ ମାନବ ବୁଝିପାରେ ନାହିଁ । ଜ୍ଞାନୀମାନେ ଭଗବାନଙ୍କ କାର୍ଯ୍ୟକୁ ପ୍ରତ୍ୟକ୍ଷ କରିଥାନ୍ତି । ଭଗବାନ ସର୍ବଜ୍ଞ ଓ ସର୍ବଶକ୍ତିମାନ । ସେ ଆତ୍ମସ୍ୱରୂପରେ ପ୍ରତି ଜୀବ ଦେହରେ ଅବସ୍ଥାନ କରୁଛନ୍ତି । ଜୀବର ଯେ କୌଣସି କର୍ମ ତାଙ୍କ ଅଜ୍ଞାତରେ ହୁଏନାହିଁ । ସେ ବିଶ୍ୱତଃଚକ୍ଷୁ । ତାଙ୍କର ଦୃଷ୍ଟି ସର୍ବଦା ଜୀବ ଉପରେ ନିବଦ୍ଧ । ଭକ୍ତମାନଙ୍କ ପ୍ରତି କୌଣସି ଅତ୍ୟାଚାର ଉତ୍ପୀଡ଼ନ ହେଲେ ଭକ୍ତମାନେ ଯଦି ନିଜ ହାତରେ ଅତ୍ୟାଚାରୀ ବା ଉତ୍ପୀଡ଼କଙ୍କର ବିଚାରଭାର ନିଜେ ଗ୍ରହଣ କରି ତାହାର ଦଣ୍ଡବିଧାନ କରନ୍ତି, ତେବେ ବିଶ୍ୱପ୍ରକୃତି ବା ଈଶ୍ୱର ସେହି ଦୋଷୀ ବ୍ୟକ୍ତିକୁ ପୁନରାୟ ଦଣ୍ଡ ଦିଅନ୍ତି ନାହିଁ । ସାଧକ ବା ଉତ୍ପୀଡ଼ିତ ବ୍ୟକ୍ତି ନିଜେ ପ୍ରତିଶୋଧ ନେବାକୁ ଚେଷ୍ଟା କଲେ ଈଶ୍ୱର ସେ ବିଷୟରେ ନୀରବ ରହନ୍ତି । କିନ୍ତୁ କ୍ଷତିଗ୍ରସ୍ତ ଭଗବାନଙ୍କ ଉପରେ ନିର୍ଭର ରଖି ନିଜେ ନିର୍ବିକାର ଓ ନୀରବ ରହିଲେ ତାହାର ବିଚାରଭାର ଭଗବାନ ସ୍ୱହସ୍ତରେ ଗ୍ରହଣ କରନ୍ତି । କିନ୍ତୁ ସାଧାରଣ ମାନବ ଉପରୋକ୍ତ ସୂକ୍ଷ୍ମତତ୍ତ୍ୱ କିଛିମାତ୍ର ବୁଝି ନ ପାରି ସର୍ବଦା ପ୍ରତିକାରଚେଷ୍ଟାପରାୟଣ ହୋଇ ଅକାରଣ ଚିନ୍ତା ଅନଳରେ ଜଳି ପୋଡ଼ି ଜ୍ୱାଳାଯନ୍ତ୍ରଣା ଭୋଗ କରିଥାଏ ।

(୧୧୬୨) ମାନବ ଦେହର ଶ୍ରେଷ୍ଠତ୍ୱ : ଏହି ମାନବ ଦେହ ମୁକ୍ତିଲାଭ ନିମିତ୍ତ ଯୋଗ୍ୟ ଆଧାର । ଏହା ଆତ୍ମାର ଅଧିଷ୍ଠାନ ନିମିତ୍ତ ଉପଯୁକ୍ତ ଯନ୍ତ୍ର । ଏହି ସ୍ଥୂଳ ଦେହ ସାହାଯ୍ୟରେ ଇନ୍ଦ୍ରିୟ, ମନ ଓ ପ୍ରାଣର ଚାଞ୍ଚଲ୍ୟ ଯେତେ ସହଜରେ ନିରୁଦ୍ଧ କରାଯାଇପାରେ, ପରଲୋକସ୍ଥ ସୂକ୍ଷ୍ମ ଓ କାରଣ ଦେହ ଦ୍ୱାରା ସେତେ ସହଜରେ ତାହା କରାଯାଇ ପାରେନାହିଁ । କେବଳ ମାନବଦେହରେ ସାଧନ-ଭଜନ ସମ୍ଭବପର ହୋଇଥାଏ । ତେଣୁ ଦେହକୁ ଯଥାସାଧ୍ୟ ରକ୍ଷା କରି ତଦ୍ଦ୍ୱାରା ଭଗବତ ଭଜନ-ସ୍ମରଣ ରୂପ ସାଧନା କରିବାକୁ ପଡ଼େ । ଦେହକୁ ନାନା ଉପାୟରେ ସଂଯତ ଓ ଶାନ୍ତ କରି ସେହି ଦେହ ସାହାଯ୍ୟରେ ହିଁ ଆତ୍ମୋପଲବ୍ଧି କରିବାକୁ ପଡ଼ିବ । ଦେହର କୁପ୍ରବୃତ୍ତି ବା ଆସୁରିକ ଭାବକୁ ଦମନ କରି ସତ୍‌ପଥରେ

ପରିଚାଳିତ କରିବାକୁ ପଡ଼େ । ଜ୍ଞାନର ବିକାଶ ନ ହେଲେ ଶୁଭାଶୁଭ ନିରୂପଣ କରାଯାଇପାରେ ନାହିଁ । ନିଜ ସ୍ୱଭାବ ବିରୁଦ୍ଧରେ ମନ ବୁଦ୍ଧିକୁ ଆତ୍ମସାକ୍ଷାତ୍କାର ଦିଗକୁ ପୁନଃ ପୁନଃ ଅଭ୍ୟାସଯୋଗଦ୍ୱାରା ଆକର୍ଷଣ କରି ଆତ୍ମାର ବଶୀଭୂତ କରିବାକୁ ପଡ଼େ । ଫଳରେ ପ୍ରକୃତି ପୁରୁଷଙ୍କର ବଶୀଭୂତ ହେଲେ ଆତ୍ମାର ସଚ୍ଚିଦାନନ୍ଦ ଭାବ ବିକଶିତ ହୁଏ । ଦେହସ୍ଥିତ କାଳରେ ଏହି ଭାବର ବିକାଶ ହେଲେ ତାହାକୁ ମୁକ୍ତି କୁହାଯାଏ । ଦେହସ୍ଥିତି କାଳରେ ପ୍ରତ୍ୟାହାରଦ୍ୱାରା ଇନ୍ଦ୍ରିୟମାନଙ୍କୁ, ପ୍ରାଣାୟାମଦ୍ୱାରା ପ୍ରାଣ ବା କାମାଦି ରିପୁମାନଙ୍କୁ ଏବଂ ଧ୍ୟାନାଦିଦ୍ୱାରା ମନ ଓ ବୁଦ୍ଧିକୁ ସଂଯତ କରିବାକୁ ହୁଏ । ଦର୍ଶନ ଶାସ୍ତ୍ରରେ ଯାହାର ନାମ କାମ, ଯୋଗଶାସ୍ତ୍ରରେ ତାହାକୁ ପ୍ରାଣ କୁହାଯାଏ । କାମ ହିଁ ମାନବର ଶତ୍ରୁ । ଏହାକୁ ଅସୁର କୁହାଯାଏ । ଆସକ୍ତି, ରାଗ, ଦ୍ୱେଷ, କ୍ରୋଧ, ସ୍ୱାର୍ଥ, ଲୋଭ ପ୍ରଭୃତି ସମସ୍ତେ କାମର ଅନୁଚର । ସୁତରାଂ କାମ ହିଁ ସ୍ୱଭାବର ପ୍ରଧାନ ଅନୁଚର । ଏହି କାମ ଜୟଦ୍ୱାରା ହିଁ ସ୍ୱଭାବ ବା ପ୍ରକୃତିକୁ ଜୟ କରାଯାଇଥାଏ । ତା ଫଳରେ ଆତ୍ମଶକ୍ତିର ବିକାଶ ହୁଏ । କିନ୍ତୁ ସ୍ଥୁଳ ଦେହ ବ୍ୟତୀତ ଏହି ସାଧନ ସମ୍ଭବପର ହୁଏ ନାହିଁ । ଏହି ଭୂଲୋକରେ ଥାଇ ସ୍ଥୁଳ ଦେହର ସାହାଯ୍ୟରେ ହିଁ ଏହି ସାଧନା ସମ୍ଭବପର ହେତୁ ଏହି ଦେହ ଓ ଇହଲୋକର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୋଇଅଛି ।

(୧୧୬୩) ସ୍ଥୁଳଚକ୍ଷୁର ଦର୍ଶନ : ସ୍ଥୁଳଭାବର ସ୍ୱଭାବ ସଂକୀର୍ଣ୍ଣତା । ସ୍ଥୁଳଚକ୍ଷୁ ସାହାଯ୍ୟରେ ଈଶ୍ୱରଙ୍କ ବିରାଟ ଶରୀର ଦର୍ଶନ ସମ୍ଭବପର ନୁହେଁ । ବୃହତ୍ଦ୍ରବ୍ୟ ଦର୍ଶନ କିମ୍ବା ଅତି କ୍ଷୁଦ୍ର ଦ୍ରବ୍ୟ ଦର୍ଶନ କିମ୍ବା ଦୂରଦର୍ଶନର କ୍ଷମତା ସ୍ଥୁଳଚକ୍ଷୁର ନାହିଁ । ସ୍ଥୁଳଚକ୍ଷୁ ସମ୍ମୁଖରେ କ୍ଷୁଦ୍ର ଆକାର ଧାରଣ କରି କୌଣସି ବିଶାଳଦ୍ରବ୍ୟ ଦୃଷ୍ଟିଗୋଚର ହେଲେ ଦର୍ଶକର ଚକ୍ଷୁ ତାହାହିଁ ମାତ୍ର ଦର୍ଶନ କରିଥାଏ । କିନ୍ତୁ ମନର ସୂକ୍ଷ୍ମ ଦର୍ଶନକ୍ଷମତା ବିଶେଷ ଭାବରେ ବିଦ୍ୟମାନ ।

(୧୧୬୪) ମାନସଦୃଷ୍ଟି : ସ୍ଥୁଳଦୃଷ୍ଟିଠାରୁ ମାନସଦୃଷ୍ଟି ବିସ୍ତୀର୍ଣ୍ଣ ଓ ବିଶାଳ । ଏହି ଦୃଷ୍ଟି ସ୍ଥୁଳଦୃଷ୍ଟି ଠାରୁ ବିଶେଷ ଶକ୍ତିଶାଳୀ । ସ୍ଥୁଳ ଚକ୍ଷୁଦ୍ୱାରା ସ୍ଥୁଳବସ୍ତୁ ଯେପରି ସୁସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୁଏ, କାଳ୍ପନିକ ଦୃଷ୍ଟିରେ ଦ୍ରବ୍ୟସବୁ ସେପରି ଦୃଷ୍ଟିଗୋଚର ହୁଏ ନାହିଁ । ଏହା ସତ୍ୟ ହେଲେ ମଧ୍ୟ ଅଭ୍ୟାସବଶରେ ଏପରି ଘଟିଥାଏ । ସ୍ଥୁଳନାଶରେ ଯେତେବେଳେ ସୂକ୍ଷ୍ମବସ୍ତୁ ଦର୍ଶନର ଅଭ୍ୟାସ ହୋଇଯିବ, ସେତେବେଳେ ଅନୁଭବ କରିହେବ ଯେ, ଏହି ସୂକ୍ଷ୍ମମୂର୍ତ୍ତି ଗୁଡ଼ିକ ସ୍ଥୁଳମୂର୍ତ୍ତି ଅପେକ୍ଷା

ଅଧିକତର ସତ୍ୟ ଓ ସୁସ୍ପଷ୍ଟ, ଏହି ଜଗତରେ ସୂକ୍ଷ୍ମଦୃଷ୍ଟି ବା ମାନସଦୃଷ୍ଟିର ଅଭ୍ୟାସ ଥିଲେ ସ୍ଥୁଳନାଶରେ ମନରେ ତାହା ବିଶେଷ ଆନନ୍ଦପ୍ରଦ ହେବ ।

(୧୧୬୫) କର୍ମଯୋଗ : କର୍ମଯୋଗ ସାଧନପଥରେ ପ୍ରତିଯୋଗିତା ଓ ସହଯୋଗିତା ଉଭୟ ଏକାନ୍ତ ଆବଶ୍ୟକ । ଏହା ହିଁ କର୍ମରକୌଶଳ । ଅନ୍ୟଠାରୁ ଅଧିକ କର୍ମ କରିବି—ଏହି ବୁଦ୍ଧିରେ କର୍ମ କରିବାକୁ ପ୍ରତିଯୋଗିତା (Competition) ଏବଂ ଅନ୍ୟକୁ ସାହାଯ୍ୟ କରିବି ଓ ଅନ୍ୟଠାରୁ ସାହାଯ୍ୟ ଗ୍ରହଣ କରିବି, ଏହାର ନାମ ସହଯୋଗିତା (Co-operation) । ସମଭାବାପନ୍ନ କର୍ମୀମାନଙ୍କ ସଙ୍ଗ ନ ମିଳିଲେ ଅର୍ଥାତ୍ ଗୁରୁ କିମ୍ବା ଗୁରୁଭାଇମାନଙ୍କ ସଙ୍ଗବିହୀନ ହେଲେ କର୍ମରେ ଅଗ୍ରସର ହେବା ସୁକଠିନ । କର୍ମ ଚିତ୍ତଚାଞ୍ଚଲ୍ୟ ଉତ୍ପାଦନ କରୁଥିଲେ ମଧ୍ୟ କର୍ମ ଅବଲମ୍ବନ ବ୍ୟତୀତ କର୍ମାତୀତ ଅବସ୍ଥା ଲାଭ କରିବା କେବେହେଲେ ସମ୍ଭବ ହୁଏ ନାହିଁ । ଏହି କାରଣରୁ କର୍ମକୁ କର୍ମଯୋଗରେ ପରିଣତ କରି କର୍ମ କରିବାକୁ ପଡ଼ିବ । କିନ୍ତୁ ସେହି କର୍ମ ଆତ୍ମଶକ୍ତିର ବିକାଶ ଓ ଆତ୍ମସ୍ୱରୂପତ୍ୱ ଉପଲବ୍ଧି ନିମିତ୍ତ ଉଦ୍ଦିଷ୍ଟ ହେବା ଆବଶ୍ୟକ । ଏହାର ନାମ ସାଧନା । ସୁତରାଂ କର୍ମଯୋଗ ସାଧନ ସମୟରେ ସହଯୋଗିତା ଓ ପ୍ରତିଯୋଗିତା ସର୍ବଦା ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ ।

(୧୧୬୬) ଜ୍ଞାନଯୋଗ : ଜ୍ଞାନକୁ ଛାଡ଼ି ଭକ୍ତି କେବେ ସମ୍ଭବ ହୁଏ ନାହିଁ । ଅଜ୍ଞାନ ଅବସ୍ଥାରେ ଭକ୍ତିର ବିକାଶ ହୋଇପାରେ ନାହିଁ । ସୁତରାଂ ଭକ୍ତମାତ୍ରକେ ଜ୍ଞାନୀ । ଜ୍ଞାନବିହୀନ ଭକ୍ତିରେ ମାୟା ମିଶ୍ରିତ ଥାଏ । ସ୍ନେହ, ମାୟା, ମମତା ଓ ଅଭିମାନକୁ ଆଶ୍ରୟ କରି ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଥାଏ । ଏହା ଭାବର ବହିରାବଣ ମାତ୍ର । ସୁତରାଂ କ୍ରନ୍ଦନ ସମ୍ବରଣ ହିଁ ଜ୍ଞାନଯୋଗର ପ୍ରଧାନ ଲକ୍ଷଣ । ପ୍ରକୃତ ସାଧକମାନେ ଅନ୍ତର-ମନ୍ଦିରରେ ଭଗବତ୍ଦର୍ଶନ ପାଇଁ କାନ୍ଦି ଆକୁଳ ହୁଅନ୍ତି; କିନ୍ତି ବାହ୍ୟିକ ଭାବରେ ସେମାନେ ଧୀର, ସ୍ଥିର, ଗମ୍ଭୀର ଓ ଅଚଞ୍ଚଳ ଭାବରେ ଅବସ୍ଥାନ କରନ୍ତି । ଜ୍ଞାନୀମାନେ ଭଗବତ୍ ଲାଭ ନିମିତ୍ତ ଅନ୍ତରରେ ବ୍ୟାକୁଳ ରହନ୍ତି ଓ ଭକ୍ତମାନଙ୍କ ବ୍ୟାକୁଳତା ବାହାରେ ପ୍ରକାଶ ପାଇଥାଏ । ଏହି ହେତୁରୁ ବାହ୍ୟିକ କ୍ରନ୍ଦନ ଦେଖି ଭକ୍ତଙ୍କୁ ଶ୍ରେଷ୍ଠ ମନେ କରିବା ଓ ଜ୍ଞାନୀଙ୍କୁ ଉପେକ୍ଷା କରିବା ଉଚିତ୍ ନୁହେଁ ।

(୧୧୬୭) ଭକ୍ତିଯୋଗ : ତୀବ୍ର ଯୋଗଯୁକ୍ତ ଅବସ୍ଥାକୁ ଭକ୍ତି କୁହାଯାଏ ।

ଭଗବାନଙ୍କ ନିମିତ୍ତ ଯେଉଁ ତୀବ୍ର ବ୍ୟାକୁଳତା, ତାଙ୍କ ପ୍ରତି ଯେଉଁ ତୀବ୍ର ଅନୁରାଗ ବା ତାଙ୍କୁ ଲାଭ କରିବା ନିମିତ୍ତ ଯେଉଁ ଉତ୍କଟ ପିପାସା, ତାହାର ନାମ ଭକ୍ତି । ଈଶ୍ୱରଙ୍କ ସହିତ ମନଃ ସଂଯୋଗର ନାମ ଭକ୍ତି । ସୁତରାଂ ଭଗବତ୍ ସ୍ୱରୂପ ଲାଭ ନିମିତ୍ତ ଉତ୍କଟ ପିପାସାର ନାମ ଭକ୍ତି । ଅତଏବ ଭକ୍ତମାନେ ହିଁ ପ୍ରକୃତ ଜ୍ଞାନୀ । ଯେଉଁମାନେ ଅନ୍ତରରେ ଭଗବତ୍ ଲାଭ ନିମିତ୍ତ ଉତ୍କଟ ପିପାସା ବିଦ୍ୟମାନ, ସେହିମାନେ ହିଁ ଭକ୍ତ ।

(୧୧୬୮) ମୂଳାପ୍ରକୃତି : ଯେପରି ବୀଜ ମଧ୍ୟରେ ବୃକ୍ଷ ପ୍ରଚ୍ଛନ୍ନ ଭାବରେ ଅବସ୍ଥାନ କରିଥାଏ, ସେହିପରି ଯାହା ମଧ୍ୟରେ ତ୍ରିଜଗତର ବୀଜ ଅବ୍ୟକ୍ତ ଭାବରେ ଅବସ୍ଥାନ କରେ, ତାହାର ନାମ ମୂଳାପ୍ରକୃତି । ମୂଳ ଅର୍ଥ ବୀଜ ବା ଚେର । ଏହା ବିଶ୍ୱ ପ୍ରକୃତିର ବିକୃତି ବା ପ୍ରକୃତିର ପରିଣତ ଅବସ୍ଥା ମାତ୍ର । ପ୍ରକୃତି ଦ୍ୱିବିଧ— ବ୍ୟକ୍ତ ପ୍ରକୃତି ଓ ଅବ୍ୟକ୍ତ ପ୍ରକୃତି । ପ୍ରକୃତିର ଅବ୍ୟକ୍ତ ଅବସ୍ଥାର ନାମ ମୂଳାପ୍ରକୃତି । ପ୍ରକୃତିର ବ୍ୟକ୍ତାବସ୍ଥା ଜନ ଓ ତପଃ ଲୋକରେ ଏବଂ ଅବ୍ୟକ୍ତାବସ୍ଥା ସତ୍ୟଲୋକରେ ବିରାଜିତ । ମୂଳାପ୍ରକୃତିର ଅବ୍ୟକ୍ତାବସ୍ଥାକୁ ପରମେଶ୍ୱର କୁହାଯାଏ ।

(୧୧୬୯) ପ୍ରକୃତି-ପୁରୁଷ : ଯାହା ଅନିତ୍ୟ, ଅସତ୍, ଭେଦଜ୍ଞାନଯୁକ୍ତ, ଯାହା ବ୍ୟଷ୍ଟିମାନବର କ୍ଷୁଦ୍ରସ୍ୱାର୍ଥସମ୍ପର୍କିତ, ଯାହା ଦୁଃଖ-ସୁଖ ସ୍ୱରୂପ ଯୋଗଗନ୍ଧଯୁକ୍ତ, ଯାହା ନିରନ୍ତର ପରିଣାମଦଶାଗ୍ରସ୍ତ ବା ମୃତ୍ୟୁସ୍ୱରୂପ, ତାହା ହିଁ ପ୍ରକୃତି । କିନ୍ତୁ ଯାହା ସର୍ବବ୍ୟାପୀ, ନିତ୍ୟ, ସତ୍, ତାହା ହିଁ ଆତ୍ମା ବା ପୁରୁଷ ନାମରେ ଅଭିହିତ । ସେହି ସତ୍ ଅବସ୍ଥା ଜ୍ଞାନ ବା ଧର୍ମ ବୋଲି କଥିତ । ତାହା ହିଁ ଅମୃତ ବା ଅମରତ୍ୱ ବା ଆନନ୍ଦାବସ୍ଥା । ଉପରୋକ୍ତ ବିଷୟ-ଭାବ ପ୍ରକୃତିର ସ୍ୱରୂପ ଏବଂ ଆତ୍ମଭାବ ପୁରୁଷର ସ୍ୱରୂପ । ଆତ୍ମା ବା ପୁରୁଷ ସତ୍, ଚିତ୍, ଆନନ୍ଦସ୍ୱରୂପ ଏବଂ ପ୍ରକୃତି ବା ବିଷୟ ଅନିତ୍ୟ, ଅସତ୍; ସୁତରାଂ ନିରାନନ୍ଦ ସ୍ୱରୂପ ଓ ନିତ୍ୟଅଭାବଗ୍ରସ୍ତ । ଆତ୍ମାର କୌଣସି ଅଭାବ ନ ଥିବାରୁ ତାହାର କୌଣସି କର୍ମର ଆବଶ୍ୟକତା ନାହିଁ । ଆତ୍ମାର କୌଣସି ବାସନା ନାହିଁ, ତେଣୁ କର୍ମ ମଧ୍ୟ ନାହିଁ । କିନ୍ତୁ ବିଷୟଭାବାପନ୍ନ ଖଣ୍ଡରୂପା ପ୍ରକୃତିର ଅବିଦ୍ୟା, ଅଭାବ ଓ ଭୋଗବାସନା ଥିବାରୁ ତାହାର କର୍ମ ଅଛି, କର୍ତ୍ତବ୍ୟ ଅଛି ଓ ପ୍ରୟୋଜନ ମଧ୍ୟ ଅଛି । ପ୍ରକୃତି ଅଚେତନା ଓ ପଞ୍ଚଭୂତ ସ୍ୱରୂପା । କିନ୍ତୁ ପ୍ରକୃତି ଅଧିଷ୍ଠିତ ଚୈତନ୍ୟ ଅଚେତନ ନୁହନ୍ତି କିମ୍ବା ସମ୍ପୂର୍ଣ୍ଣ ଚେତନ ମଧ୍ୟ ନୁହନ୍ତି । ପ୍ରକୃତି ଅଧିଷ୍ଠିତ ଚୈତନ୍ୟକୁ ଚିଦାଭାସ ବା ଜୀବ ଭାବ କୁହାଯାଏ । ସେ ହିଁ ସୁଖ

ଦୁଃଖର ଅନୁଭବକର୍ତ୍ତା । ପ୍ରକୃତି କର୍ତ୍ତା, କର୍ମ ଓ କ୍ରିୟା—ଏହି ତ୍ରିବିଧ ସ୍ୱରୂପା । ପ୍ରକୃତି ହିଁ ମୋକ୍ଷକର୍ତ୍ତା ଓ ଭୋକ୍ତା । ପୁରୁଷ ପ୍ରକୃତିର ଅଧୀନରେ ଥାଇ ପ୍ରକୃତି ପ୍ରତି ଅହଂଜ୍ଞାନ ପୋଷଣ କରିବା ଫଳରେ ପ୍ରକୃତିର ସୁଖ-ଦୁଃଖ ଭୋଗ କରିଥାନ୍ତି । ଏହା ହିଁ ଅବିଦ୍ୟା । ଏହି ଅବିଦ୍ୟା ବା ଅଜ୍ଞାନରୁ ପୁରୁଷ ମୁକ୍ତ ହେଲେ ତାଙ୍କର ଆଉ କର୍ମଫଳ ଭୋଗ ହୁଏ ନାହିଁ । ସେତେବେଳେ ସେ ଦ୍ରଷ୍ଟାଭାବରେ ଅବସ୍ଥାନ କରନ୍ତି । ଏହି ଦ୍ରଷ୍ଟା ଭାବ ହିଁ ପୁରୁଷର ସ୍ୱକୀୟ ଅବସ୍ଥା । ପ୍ରକୃତି ସହଯୋଗରେ ପୁରୁଷ ଭୋକ୍ତା ସାଜି ସୁଖ-ଦୁଃଖ ଅନୁଭବ କରିଥାନ୍ତି ମାତ୍ର; ପ୍ରକୃତି ମଧ୍ୟପୁରୁଷ ସହଯୋଗରେ କର୍ତ୍ତା-କର୍ମ-କ୍ରିୟା ଭାବ ଅବଲମ୍ବନ କରି ଜାଗତିକ ଲୀଳା ସମ୍ପାଦନ କରିଥାନ୍ତି । ସେହି ଏକ ଏବଂ ସମଷ୍ଟି ବିଶ୍ୱପ୍ରକୃତିଙ୍କୁ ଈଶ୍ୱର କୁହାଯାଏ । ଆତ୍ମାଯୁକ୍ତ ସମଷ୍ଟି ବିଶ୍ୱପ୍ରକୃତି ଈଶ୍ୱର ପଦବାଚ୍ୟ । ଏହି ଦେହ ନ ଥାଇ ମଧ୍ୟ ମୁଁ ରହିବି, ଏହି ଜ୍ଞାନରେ ପ୍ରଥମେ ପ୍ରତିଷ୍ଠିତ ରହି ପ୍ରକୃତିକୁ ଜୟ କରିବାକୁ ଚେଷ୍ଟା କରିବା କର୍ତ୍ତବ୍ୟ । ପ୍ରକୃତିକୁ ଜୟ କରିବା ହିଁ ସତ୍ୟପଥର ସାଧନା ।

(୧୧୭୦) ଆତ୍ମଜ୍ଞାନ : ମାନବ ଏ ଜଗତରେ ସର୍ବଦା ବଞ୍ଚିରହିବାର ବାସନା ପୋଷଣ କରେ । ମନୁଷ୍ୟର ଏହି ବାସନା ଅନ୍ତରାଳରେ ତାହାର ସତ୍‌ସ୍ୱରୂପତା ବିଦ୍ୟମାନ । ମାନବ ମାତ୍ରକେ ଅନ୍ୟ ନିକଟରେ ଜ୍ଞାନୀ ଓ ଶ୍ରେଷ୍ଠ ବୋଲି ପରିଚିତ ହେବାର ଇଚ୍ଛା ପୋଷଣ କରିଥାନ୍ତି । ଏହାର ମୂଳରେ ରହିଛି ଆତ୍ମାର ଚିତ୍‌ସ୍ୱରୂପତା । ମନୁଷ୍ୟ କେବେହେଲେ ଦୁଃଖ ଇଚ୍ଛା କରେ ନାହିଁ । ମନୁଷ୍ୟର ଏହି ସୁଖପିପାସାର ଅନ୍ତରାଳରେ ତାହାର ଆନନ୍ଦସ୍ୱରୂପତା ବିଦ୍ୟମାନ । ଏହି ସ୍ୱରୂପ ଅବିଦ୍ୟା ଆବରଣରେ ଆବୃତ୍ତ ଥିବାରୁ ଜୀବ ସ୍ୱରୂପାବସ୍ଥାରେ ପୁନଃପ୍ରାପ୍ତି ନିମିତ୍ତ କର୍ମପରାୟଣ ହୁଏ । ମାନବର ଏହି ସତ୍ ଚିତ୍ ଓ ଆନନ୍ଦ ଭାବାତ୍ମକ ସ୍ୱରୂପାବସ୍ଥାର ନାମ ଆତ୍ମା ଏବଂ ଯେଉଁ ଜ୍ଞାନ ଦ୍ୱାରା ଏହି ଆତ୍ମସ୍ୱରୂପର ଉପଲବ୍ଧି ହୋଇଥାଏ, ସେହି ଜ୍ଞାନର ନାମ ଆତ୍ମଜ୍ଞାନ ।

(୧୧୭୧) ସ୍ୱଭାବ : ସ୍ୱ ଶବ୍ଦର ଅର୍ଥ ଆତ୍ମା । ତାହାର ଯେଉଁ ଭାବ, ତାହାର ନାମ ସ୍ୱଭାବ । ଏହାକୁ ମହତ୍ ମଧ୍ୟ କୁହାଯାଏ । ଏହି ମହତ୍‌ରେ ଅଧିଷ୍ଠିତ ଚୈତନ୍ୟଙ୍କୁ ଆତ୍ମା ବା ପୁରୁଷ କୁହାଯାଏ ।

(୧୧୭୨) ସତ୍ୟସ୍ୱରୂପ : ସଚ୍ଚିଦାନନ୍ଦହିଁ ସତ୍ୟର ସ୍ୱରୂପ । ସତ୍+ଜ୍ଞାନ+ଆନନ୍ଦ=ସଚ୍ଚିଦାନନ୍ଦ ହିଁ ଆତ୍ମସ୍ୱରୂପ । ଯାହା ସତ୍‌ପଦାର୍ଥ, ତାହାର

କେବେ ଉତ୍ପତି ବା ବିନାଶ ନାହିଁ । ଏହାକୁ ହିଁ ସତ୍ୟ ପ୍ରାଣଶକ୍ତି ଓ ଅମରଜୀବନ କୁହାଯାଏ । ଏହି ମହାପ୍ରାଣ ବା ଆତ୍ମିକ ଜୀବନ ହିଁ ଏକମାତ୍ର ସତ୍ୟ ନାମରେ ଅଭିହିତ । ଏହା ହିଁ ସତ୍‌ପଦାର୍ଥ । ଏହା ପୂର୍ଣ୍ଣ ଆନନ୍ଦସ୍ୱରୂପ । ଏହି ଆନନ୍ଦ ହିଁ ଜ୍ଞାନ ଓ ଜୀବନ । ଏହା ହିଁ ସତ୍ୟର ସ୍ୱରୂପ ।

(୧୧୭୩) ସତ୍ୟାଶ୍ରୟ : ଏକମାତ୍ର ସତ୍ୟାଶ୍ରୟ ହିଁ ମାନବର ଧର୍ମ । ସତ୍ୟହୀନ ହୋଇ ଯେଉଁ ସାଧନା କରାଯାଏ, ତାହା ପ୍ରାଣହୀନ ବୋଧ ହୋଇଥାଏ । ଧ୍ୟାନ, ଜପ, ପୂଜା, କୀର୍ତ୍ତନ, ସେବା, ଉପାସନା, ଚିନ୍ତା, ତପସ୍ୟା ଓ ଯୋଗ ପ୍ରଭୃତି ଯଦି ସତ୍ୟହୀନ ହୁଏ, ତେବେ ତାହା ମଧ୍ୟ ଅଧର୍ମ ରୂପରେ ପରିଣତ ହୋଇଥାଏ । ଏହା ନିଜର ଆତ୍ମଚିନ୍ତା ଦ୍ୱାରା ଅନୁଭୂତ ହୋଇଥାଏ । ଜୀବନର ପ୍ରତିକ୍ଷେତ୍ରରେ ସତ୍ୟକୁ ଆଶ୍ରୟ କରି ଚଳିପାରିଲେ ମାନବର ପ୍ରକୃତ ଧର୍ମାଚରଣ ହୋଇଥାଏ ।

(୧୧୭୪) ବିଦ୍ୟାଶକ୍ତି : ଯେ ପୂର୍ଣ୍ଣବ୍ରହ୍ମ ସ୍ୱରୂପିଣୀ ଓ ଅବ୍ୟକ୍ତା ମୂଳା ପ୍ରକୃତି (Latent and Potential) ବା ଅବ୍ୟକ୍ତା ଆଦ୍ୟଶକ୍ତି, ସେ ପ୍ରଥମେ ବିଶ୍ୱଉତ୍ପାଦନ ନିମିତ୍ତ ମହାମାୟା ରୂପରେଂ ବ୍ୟକ୍ତଭାବ ପରିଗ୍ରହ କରନ୍ତି । ସେହି ମହାମାୟାହିଁ ମହାଶକ୍ତି ସ୍ୱରୂପା ହୋଇ ନିଜ ମାୟା ପ୍ରଭାବରେ ଏହି ବିଶ୍ୱ ଉତ୍ପାଦନ କରି ସେହି ମାୟା ସାହାଯ୍ୟରେ ହିଁ ବିଶ୍ୱସଂରକ୍ଷଣ କରିଥାନ୍ତି ଏବଂ ପୁଣି ସେହି ମାୟାଦ୍ୱାରା ବିଶ୍ୱର ଲୟ କରିଥାନ୍ତି । ଯେ ଯେଉଁ ଶକ୍ତି ପ୍ରଭାବରେ ପୂର୍ଣ୍ଣଜ୍ଞାନ ସ୍ୱରୂପ ବ୍ରହ୍ମଙ୍କୁ ଅଜ୍ଞାନ ରୂପ ବିଶ୍ୱ ବା ଜୀବ ରୂପରେ ପରିଣତ କରନ୍ତି, ସେହି ଶକ୍ତିଙ୍କୁ ତାଙ୍କର ଅବିଦ୍ୟାଶକ୍ତି ଏବଂ ଯେଉଁ ଶକ୍ତି ପ୍ରଭାବରେ ସେ ଜୀବକୁ ପୁନରାୟ ବ୍ରହ୍ମଭାବରେ ପରିଣତ କରନ୍ତି, ତାହା ବିଦ୍ୟାଶକ୍ତି ନାମରେ ଅଭିହିତ ।

(୧୧୭୫) ମହାମାୟା : ସମଷ୍ଟି ଈଶ୍ୱରଙ୍କର କାମନାବାସନା ରୂପୀ ଶକ୍ତିଙ୍କୁ ମହାମାୟା କୁହାଯାଏ । ଏହି ଶକ୍ତିଙ୍କ ପ୍ରଭାବରେ ସେ ଏହି ବିଶ୍ୱକୁ ଧାରଣ ଓ ପାଳନ କରିଥାନ୍ତି । ଏହାଙ୍କର ଅବିଦ୍ୟାଶକ୍ତି ବା ଖଣ୍ଡ ସୃଷ୍ଟିକାରିଣୀ ଶକ୍ତିଙ୍କୁ ବ୍ରହ୍ମା, ପାଳନକାରୀ ଶକ୍ତିଙ୍କୁ ବିଷ୍ଣୁ ଓ ସଂହାରିଣୀ ଶକ୍ତିଙ୍କୁ ରୁଦ୍ର ନାମରେ ଅଭିହିତ କରାଯାଇଛି । ଏହି ଶକ୍ତିଙ୍କୁ ଶାସ୍ତ୍ରରେ ମହାମାୟା କୁହାଯାଇଛି । ଏହି ମହାମାୟା ତ୍ରିଦେବଙ୍କୁ ଆଚ୍ଛନ୍ନ କରି ସୃଷ୍ଟିଲୀଳା କରିଥାନ୍ତି । ସେ ହିଁ ନାରାୟଣଙ୍କ ଯୋଗନିଦ୍ରା ସଦୃଶ । ସେ ହିଁ ଦୁର୍ଗା ବା ଦୁର୍ଗମ ଭବସାଗରର ତରଣୀସ୍ୱରୂପା । ଶୁମ୍ଭ ନିଶୁମ୍ଭ ବଧ

ସମୟରେ ଏହି ଶକ୍ତିଙ୍କର ପ୍ରଥମ ଆବିର୍ଭାବ ହୋଇଥିଲା । ଏହି ଅବ୍ୟକ୍ତା ମହାମାୟା ବିଦ୍ୟାଙ୍ଗନା ରୂପରେ ଆବିର୍ଭୂତା ହୋଇ ମହିଷାସୁରର ସୈନ୍ୟ, ବଳ ଓ ସେନାପତିମାନଙ୍କୁ ବିନାଶ କରି ଶେଷରେ ମହିଷାସୁରକୁ ମଧ୍ୟ ବିନାଶ କରିଥିଲେ । ତତ୍ପରେ ସେ କୌଶିକୀ ମୂର୍ତ୍ତିରେ ଆବିର୍ଭୂତା ହୋଇ କାଳିକା ରୂପରେ ଶୁମ୍ଭ ନିଶୁମ୍ଭ ବଧ କରିଥିଲେ । ପରେ ସେ ଦୁର୍ଗମ ନାମକ ଅସୁର ବିନାଶ କରି ଦୁର୍ଗା ନାମ ଧାରଣ କଲେ । ଏହି ମହାଶକ୍ତିଯୁକ୍ତ ଚୈତନ୍ୟଙ୍କ ନାମ ସଗୁଣବ୍ରହ୍ମ ବା ପରମେଶ୍ୱର ।

(୧୧୭୬) ସଂସ୍କାର : କର୍ମ କହିଲେ ସାଧାରଣତଃ ପାପପୁଣ୍ୟ ବା ସୁଖଦୁଃଖପ୍ରଦ କର୍ମ ବ୍ୟତୀତ ବହୁ କର୍ମକୁ ବୁଝାଇଥାଏ । ସୁଖ ଦୁଃଖ ନିରପେକ୍ଷ ବାସନାମୂଳକ କର୍ମକୁ ମଧ୍ୟ କର୍ମ କୁହାଯାଏ । ସୁଖଭୋଗ ବାସନାହିଁ ଦୁଃଖର କାରଣ । ସୁଖଲାଭ ଆଶାରେ ମାନବ ଯେଉଁ କର୍ମ ଅର୍ଥାତ୍ ହିଂସା ବା ଅନିଷ୍ଟମୂଳକ କର୍ମାଦି କରେ, ତାହାହିଁ ପାପ ବୋଲି ଅଭିହିତ ହୁଏ । ପାପାଚରଣ ଓ ଜନ୍ମଗ୍ରହଣ —ଏହି ଉଭୟର ମଧ୍ୟବର୍ତ୍ତୀ କେତେକ ବ୍ୟବସ୍ଥା ଅଛି । ଏକମାତ୍ର ବାସନାହିଁ ଦେହଧାରଣର ମୂଳ କାରଣ । ଅବିଦ୍ୟା ବିମୋହିତ ମାନବ କର୍ମଫଳ ପ୍ରତି ଅତ୍ୟଧିକ ଆଗ୍ରହାନ୍ୱିତ ହୋଇଥାଏ । ମାନବଚିତ୍ତର ଏହି ଆଗ୍ରହ ବା ଆକାଙ୍କ୍ଷା ତାହାର ଚିତ୍ତରେ ଗୋଟିଏ ସୁଦୃଢ଼ ଦାଗ ଆକାରରେ ଅଙ୍କିତ ହୋଇ ରହିଯାଏ । ଏହି ଦାଗକୁ ସଂସ୍କାର କୁହାଯାଏ ।

(୧୧୭୭) ଭକ୍ତିଧର୍ମ : ସାଧନଭଜନରେ ଅଧିକାର ଲାଭ ପୂର୍ବକ ଭକ୍ତିର ଆବଶ୍ୟକ ହୋଇଥାଏ । ଭକ୍ତି ପରେ ଯୋଗ, ଯୋଗ ପରେ ଜ୍ଞାନ ଓ ଜ୍ଞାନ ପରେ ଦର୍ଶନ ବା ମୋକ୍ଷ । ଆତ୍ମା ଓ ଈଶ୍ୱରଙ୍କ ପ୍ରତି ପ୍ରାଣର ଐକାନ୍ତିକ ଆକର୍ଷଣକୁ ହିଁ ଭକ୍ତି କୁହାଯାଏ । ଭଗବାନଙ୍କୁ ଲାଭ କରିବା ନିମିତ୍ତ ଉତ୍କଟ ପିପାସାର ନାମ ଭକ୍ତି । ଭକ୍ତି ଅର୍ଥ ମୁମୁକ୍ଷୁତ୍ୱ । ଭକ୍ତି କେବେ ସାଧ୍ୟ ସହିତ ସାଧକଙ୍କୁ ମିଳନ କରାଇପାରେ ନାହିଁ । ଭକ୍ତି ଏହି ମିଳନ ନିମିତ୍ତ ଆତ୍ମଜ୍ଞାନର ଅପେକ୍ଷା ରଖେ । ଯୋଗ ଅର୍ଥ କ୍ରିୟାଯୋଗ । ଧ୍ୟାନ, ଜପ, ତ୍ୟାଗ, ସଂଯମ ଓ ଷଟ୍ ସମ୍ପତ୍ତି ଏହାର ଅନ୍ତର୍ଗତ । କ୍ରିୟାଯୋଗ ଫଳରେ ଚିତ୍ତ ସ୍ଥିରଭାବ ଧାରଣ କରେ । ମିଳନ ପୂର୍ବରୁ ମିଳନ ବିଷୟକୁ ଜାଣିବା ମଧ୍ୟ ଏହି ମିଳନର ଅନ୍ତର୍ଗତ । ଜ୍ଞାନ ବ୍ୟତୀତ ଏହି ମିଳନ ସମ୍ଭବପର ହୁଏ ନାହିଁ । ଜ୍ଞାନଲାଭର ପ୍ରକ୍ରିୟାକୁ ଯୋଗ କୁହାଯାଏ । ଭକ୍ତ ହିଁ ଏହି ଯୋଗର ଅଧିକାରୀ । ତେଣୁ ଭକ୍ତିଧର୍ମ ଶ୍ରେଷ୍ଠ ବୋଲି ବର୍ଣ୍ଣିତ ହୋଇଅଛି ।

(୧୧୬୮) ମନୁଷ୍ୟର କର୍ତ୍ତବ୍ୟ : ମନୁଷ୍ୟକୁଳରେ ଜନ୍ମଗ୍ରହଣ କରି ମନୁଷ୍ୟ କାହାକୁ କହନ୍ତି ଏବଂ କେଉଁଠାରେ କି ଉଦ୍ଦେଶ୍ୟ ସାଧନ ନିମିତ୍ତ ମନୁଷ୍ୟର ଜନ୍ମଗ୍ରହଣ ଓ ଏହି ସ୍ଥାନରେ ମନୁଷ୍ୟର ସତ୍ୟ କର୍ତ୍ତବ୍ୟ କ'ଣ, ମୃତ୍ୟୁପରେ ତାଙ୍କୁ କେଉଁଠାକୁ ଯିବାକୁ ହେବ ଓ ସେ ଜଗତରେ ମନୁଷ୍ୟର କି ଦଶା ଘଟିବ, ଏହା ସମ୍ୟକ୍ ପରିଜ୍ଞାତ ହେବା କର୍ତ୍ତବ୍ୟ । ଯଥାର୍ଥ ସତ୍ୟ ଜାଣି ଜୀବନରେ ତାହାର ପ୍ରତିପାଳନ କିଭଳି ଭାବରେ କରିବାକୁ ହେବ, ସେହିସବୁ ବିଷୟ ସମ୍ୟକ୍ ଅବଗତ ହେବା ହିଁ ମନୁଷ୍ୟଜୀବନର ଯଥାର୍ଥ ସାର୍ଥକତା । ମନୁଷ୍ୟ ଯଦି ଜନ୍ମଗ୍ରହଣର ପ୍ରକୃତ ଉଦ୍ଦେଶ୍ୟ ନ ବୁଝି କେବଳ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ଭୋଗରେ ଓ ପରିବାର ପ୍ରତିପୋଷଣରେ କାଳକ୍ଷେପଣ କରେ, ତେବେ ମନୁଷ୍ୟଦେହଧାରଣ ବ୍ୟର୍ଥ ହୋଇଯିବ । କାରଣ ପଶୁପକ୍ଷୀ ପ୍ରଭୃତି ଇତରପ୍ରାଣୀମାନେ ମଧ୍ୟ ନିଜର ଏବଂ ନିଜ ସନ୍ତାନମାନଙ୍କର ସେବାକରିଥାନ୍ତି । ସୁତରାଂ ଆତ୍ମଜ୍ଞାନଲାଭ ହିଁ ମନୁଷ୍ୟ ପକ୍ଷରେ ଦେହଧାରଣର ପ୍ରଧାନ ଉଦ୍ଦେଶ୍ୟ ।

(୧୧୬୯) ସପ୍ତଲୋକ : ବିଶ୍ୱବ୍ରହ୍ମାଣ୍ଡ ଭୂଃ, ଭୁବଃ, ସ୍ୱଃ, ମହଃ, ଜନ, ତପଃ ଓ ସତ୍ୟ—ଏହି ସପ୍ତଲୋକରେ ବିଭକ୍ତ । ଏହା ପୁଣି ବ୍ୟକ୍ତ ଓ ଅବ୍ୟକ୍ତ ଭେଦରେ ଦୁଇ ଭାଗରେ ବିଭକ୍ତ । ଭୂଃ ଠାରୁ ଜନ ପର୍ଯ୍ୟନ୍ତ ବ୍ୟକ୍ତ ଜଗତ୍ ଏବଂ ତପଃ ଓ ସତ୍ୟଲୋକ ଅବ୍ୟକ୍ତ ଜଗତ୍ ନାମରେ ଅଭିହିତ । ଏହି ବ୍ୟକ୍ତ ପଞ୍ଚଲୋକବାସୀ ଜୀବମାନଙ୍କର ପ୍ରତ୍ୟେକଙ୍କର ଗୋଟିଏ ଗୋଟିଏ ଶରୀର ଅଛି । ତାହାକୁ କୋଷ କୁହାଯାଏ । ଭୂର୍ଲୋକରେ କ୍ଷିତିତତ୍ତ୍ୱପ୍ରଧାନ ପଞ୍ଚଭୂତରେ ନିର୍ମିତ ସ୍ଥୂଳଦେହ । ଭୁବର୍ଲୋକରେ ଅପ୍‌ତତ୍ତ୍ୱପ୍ରଧାନ ଓ ସ୍ୱର୍ଲୋକରେ ତେଜତତ୍ତ୍ୱପ୍ରଧାନ ସୂକ୍ଷ୍ମଦେହ ଏବଂ ମହଃ ଜନଲୋକରେ ମରୁତ୍ ଓ ବ୍ୟୋମତତ୍ତ୍ୱରେ ଗଠିତ କାରଣ ଦେହ ବିଦ୍ୟମାନ । ଏହି ପଞ୍ଚଲୋକର ପଞ୍ଚଦେହକୁ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ କୋଷ କୁହାଯାଏ । ପ୍ରତ୍ୟେକ ଦେହରେ ଇନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ ଓ ସ୍ୱଭାବ ବିରାଜିତ ଥାଏ । ତପଃ ଓ ସତ୍ୟଲୋକରେ ଦେହମନର ଭେଦ ନାହିଁ । ସେଥିରେ ଆତ୍ମା ସ୍ୱମହିମାରେ ବିରାଜିତ ଥାଏ । ଉପରୋକ୍ତ ଅବ୍ୟକ୍ତ ଲୋକକୁ ଆତ୍ମିକଲୋକ, ମହଃ ଓ ଜନଲୋକକୁ କାରଣଲୋକ, ଭୁବଃ ଓ ସ୍ୱର୍ଲୋକକୁ ସୂକ୍ଷ୍ମଲୋକ ଏବଂ ଏହି ଭୂର୍ଲୋକକୁ ସ୍ଥୂଳଜଗତ୍ କୁହାଯାଏ । ମନୁଷ୍ୟତ୍ୱର ବିକାଶ ଘଟିବା ସଙ୍ଗେ ସଙ୍ଗେ ସାଧକମାନେ ଉଚ୍ଚସ୍ତରୀୟ ଲୋକଗୁଡ଼ିକୁ ଉପଲବ୍ଧି କରିଥାନ୍ତି ।

(୧୧୮୦) ସପ୍ତଲୋକର ଅବସ୍ଥିତି : ପରଲୋକ ଅର୍ଥାତ୍ ସପ୍ତଲୋକ ଏପରି ଭାବରେ ଗଠିତ ଯେ, ଏହା ପରସ୍ପର ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ଓତଃପ୍ରୋତ ଭାବରେ ବିରାଜିତ । ଏହି ଲୋକଗୁଡ଼ିକରେ ଗୋଟିଏ ଲୋକରେ ଅନ୍ୟ ଗୋଟିଏ ଦେହ ବିଦ୍ୟମାନ, ଅର୍ଥାତ୍ ଭୂର୍ଲୋକ ମଧ୍ୟରେ ହିଁ ଭୁବର୍ଲୋକ ଓ ଭୁବର୍ଲୋକ ମଧ୍ୟରେ ହିଁ ସ୍ୱର୍ଲୋକ ଅବସ୍ଥାନ କରିଥାଏ । ଯେପରି ଦେହ ଭିତରେ ମନ ଅଛି, କିନ୍ତୁ ସେଥିପାଇଁ ପୃଥକ୍ ସ୍ଥାନର ଆବଶ୍ୟକତା ନାହିଁ, ସେହିପରି ସ୍ଥୁଳ ମଧ୍ୟରେ ସୁକ୍ଷ୍ମଲୋକ ଓ ସୂକ୍ଷ୍ମମଧ୍ୟରେ କାରଣଲୋକ ଓତଃପ୍ରୋତ ଭାବରେ ବିରାଜିତ ଅଛି । ଏଥିପାଇଁ ଯୋଗସିଦ୍ଧ ଋଷିମାନେ ଭିନ୍ନ ଭିନ୍ନ ଲୋକରେ ଅବସ୍ଥାନ କଲେ ମଧ୍ୟ ସେମାନଙ୍କ ନିମିତ୍ତ ସ୍ଥାନଭାବ ହୁଏ ନାହିଁ ।

(୧୧୮୧) ଶତ୍ରୁଭାବର ଉପାସନା : ଭଗବାନଙ୍କୁ ଲାଭ କରିବାର ପନ୍ଥା ଦ୍ୱିବିଧ—ଅନୁକୂଳ ପନ୍ଥା ଓ ପ୍ରତିକୂଳ ପନ୍ଥା । ଏହାକୁ ମିତ୍ରଭାବର ଓ ଶତ୍ରୁଭାବର ଆରାଧନା ମଧ୍ୟ କୁହାଯାଏ । ମିତ୍ର ଭାବର ଉପାସନା ଠାରୁ ଶତ୍ରୁଭାବର ଉପାସନା ଅତିଶୟ କଷ୍ଟସାଧ୍ୟ । ଶତ୍ରୁକୁ ଅନ୍ତରରେ ଚିନ୍ତା କରି ଅବସ୍ଥାନ କରିବାର ନାମ ଶତ୍ରୁଭାବର ଉପାସନା । କାରଣ ସାଧକମାନେ ସେମାନଙ୍କର ଶତ୍ରୁର ପ୍ରକୃତି, ମନୋଭାବ, କ୍ରିୟାକର୍ମାଦି ଜାଣିବା ନିମିତ୍ତ ଅତିଶୟ ବ୍ୟଗ୍ର ହୁଅନ୍ତି ଓ ଶତ୍ରୁ ପ୍ରତି ବିଶେଷ ଭାବରେ ତନ୍ମୟ ହୋଇଥାନ୍ତି । ଶେଷରେ ଶତ୍ରୁ ହିଁ ସେମାନଙ୍କର ଜ୍ଞାନ, ଧ୍ୟାନ ଓ ଚିନ୍ତାର ବିଷୟ ହୋଇଯାଇଥାଏ । ଏହି କାରଣରୁ ଶତ୍ରୁଭାବର ଉପାସନା ଶ୍ରେଷ୍ଠ । ଶତ୍ରୁଭାବର ଉପାସକ ହିରଣ୍ୟକଶିପୁ, ରାବଣ ଓ କଂସ ପ୍ରଭୃତି । ସେମାନେ ଏହି ଭାବର ସାଧକ ହୋଇଥିବାରୁ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି ।

(୧୧୮୨) ପ୍ରାକୃତ ଅହଂଭାବ : ବିବିଧ ଆବରଣଦ୍ୱାରା ଅନ୍ତରର ଅପ୍ରାକୃତ ସତ୍ୟଜ୍ଞାନ ଆବୃତ ରହିଛି । ପ୍ରକୃତ ଅହଂଭାବ ସତ୍ୟ ପରାତ୍ମର ଆତ୍ମାକୁ ହିଁ ବୁଝାଇଥାଏ । ଏହି ଆତ୍ମଭାବ ପ୍ରାକୃତ ଅହଂ ଭାବଦ୍ୱାରା ଆବୃତ ହୋଇଛି । ସେହି ପ୍ରାକୃତ ଅହଂଭାବ ରଜ ଓ ତମୋଗୁଣଦ୍ୱାରା ଆଚ୍ଛନ୍ନ ହୋଇଥିବାରୁ ସତ୍ୟଜ୍ଞାନ ବିକଶିତ ହୋଇପାରେ ନାହିଁ । ପ୍ରକୃତ ଅହଂ ମାୟାର ଆବରଣ, ବାସନାଜାଲ ଓ ପ୍ରକୃତିର ଚତୁର୍ବିଂଶତି ତତ୍ତ୍ୱଦ୍ୱାରା ଆବରିତ । ଅହଂଭାବର ଆବରଣ ଦୂର ହେଲେ କ୍ରମେ ଜ୍ଞାନ, ପ୍ରେମ, ଭକ୍ତି ଓ ସେବା ସାହାଯ୍ୟରେ ପ୍ରକୃତ ଆତ୍ମଜ୍ଞାନ ଲାଭ ଓ ପ୍ରାକୃତ ଅହଂଭାବ ଦୂରୀଭୂତ ହୋଇଯିବ । ଅହଂଭାବ ଦୂର ହେଲେ ଅନ୍ତରରେ

ପରମ ଆନନ୍ଦ ପ୍ରେମ, ଅଭେଦ ଜ୍ଞାନ ଓ ଅମରତ୍ୱ ପ୍ରଭୃତି ଆତ୍ମଶକ୍ତି ଜାଗରିତ ହୋଇ ଆତ୍ମାକୁ ପରମ ଆନନ୍ଦ ପଥରେ ନେଇ ପୂର୍ଣ୍ଣତ୍ୱରେ ପ୍ରତିଷ୍ଠିତ କରିଦେବ ।

(୧୧୮୩) ସାଧକମାନଙ୍କର ପ୍ରାଥମିକ କର୍ତ୍ତବ୍ୟ : ସାଧକମାନେ ସାଧନାର ପ୍ରାଥମିକ ଅବସ୍ଥାରେ ପାପପୁଣ୍ୟ, ଧର୍ମାଧର୍ମ ପ୍ରଭୃତି ବିଚାର କରି ଚଳିବା ଆବଶ୍ୟକ । ସାଧନାର ପ୍ରାଥମିକ ଅବସ୍ଥାରେ ଯଦି ଅପବିତ୍ରତା, ଅନ୍ୟାୟ, ଅଧର୍ମ ଓ କୁକାର୍ଯ୍ୟ ପ୍ରତି ଆନ୍ତରିକ ଘୃଣା ନ ରହେ, ତେବେ ଭଗବତ୍‌ଶକ୍ତି ସହଜରେ ସାଧକଙ୍କୁ ସାଧନଚ୍ୟୁତ କରାଇଦିଅନ୍ତି । ତତ୍ପରେ ସାଧକ ଜ୍ଞାନଭକ୍ତି ଲାଭକରି ସେହି ପଥରେ ପରିଚାଳିତ ହେଲେ ଏବଂ ସାଧକମାନଙ୍କ ଚିତ୍ତ ଭଗବତ୍ ଭକ୍ତିରେ ପୂର୍ଣ୍ଣ ହେଲେ, ସେହି ଶକ୍ତି ପୁନରାୟ ସାଧକଙ୍କୁ ମୁକ୍ତିପଥରେ ପରିଚାଳିତ କରନ୍ତି । ଫଳରେ ସାଧକଙ୍କଠାରେ ଭଗବତ୍ ଅନୁରାଗର ଉଦୟ ହୁଏ । ତେଣୁ ପ୍ରାଥମିକ ସାଧକମାନେ ଭେଦଜ୍ଞାନକୁ ଅଗ୍ରାହ୍ୟ କରିବେ ନାହିଁ କିମ୍ବା ସାଧନାର ପ୍ରାଥମିକ ଅବସ୍ଥାକୁ କଷ୍ଟକର ବୋଲି ବୋଧ କରିବେ ନାହିଁ ।

(୧୧୮୪) ସାଧୁଚରିତ୍ର : ମିଥ୍ୟା, କପଟତା, ସଂକୀର୍ଣ୍ଣତା ଓ ସ୍ୱାର୍ଥପରତା ପ୍ରଭୃତି ଅସାଧୁ ଚରିତ୍ରର ଅଭ୍ୟାସଦ୍ୱାରା କେବେହେଲେ ମହତ୍ କର୍ମ ସମ୍ପାଦିତ ହୋଇପାରେ ନାହିଁ । ତେଣୁ ସଚ୍ଚରିତ୍ର ହିଁ ଶ୍ରେଷ୍ଠ ଶକ୍ତି । ଅସତ୍ ଚରିତ୍ର ବ୍ୟକ୍ତିମାନେ କେବେହେଲେ ସାଧନାରେ ସିଦ୍ଧିଲାଭ କରିପାରନ୍ତି ନାହିଁ । ଏହି କାରଣରୁ ପ୍ରଥମରୁ ଚରିତ୍ର ଗଠନ କରି ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବା କର୍ତ୍ତବ୍ୟ । ଚରିତ୍ରବାନ୍ ବ୍ୟକ୍ତି ହିଁ ସାଧନପଥରେ ଅଗ୍ରସର ହେବାକୁ ସମର୍ଥ । ସୁତରାଂ ଅକପଟତା, ଉଦାରତା, ତ୍ୟାଗ ଓ ପ୍ରେମଭାବ ହିଁ ସାଧୁଚରିତ୍ରର ଅନ୍ତର୍ଗତ । ଗୃହସଂସାର ଓ ପରିବାର ପରିଜନଙ୍କ ପ୍ରତିପାଳନ ଗୌଣ ଧର୍ମର ଅନ୍ତର୍ଗତ । ଆତ୍ମଧର୍ମ ପ୍ରତିପାଳନ ହିଁ ଯଥାର୍ଥ ସାଧୁଚରିତ୍ରର ଅନ୍ତର୍ଗତ । ଯେଉଁମାନଙ୍କ ଗୃହରେ ଅନ୍ନାଭାବ ଅଛି ଅଥଚ କର୍ମ କରିବାକୁ ସେମାନଙ୍କର ଅନିଚ୍ଛା ବା ଅଶକ୍ତି ବିଦ୍ୟମାନ, ସେଭଳି ବ୍ୟକ୍ତି ଯେତେ ବାହ୍ୟ ଧର୍ମାଚରଣ କଲେ ମଧ୍ୟ ସାଧୁପଦବାଚ୍ୟ ନୁହନ୍ତି । ସେମାନଙ୍କ ସଙ୍ଗ ସାଧୁସଙ୍ଗର ଅନ୍ତର୍ଗତ ନୁହେଁ । ଗୃହରେ ଅର୍ଥାଭାବ ନାହିଁ ଅଥଚ ଭଗବାନଙ୍କ ପ୍ରତି ଭକ୍ତି ଓ ନିଷ୍ଠା ଅଛି, ଏତାଦୃଶ ଗୃହସ୍ଥ ବ୍ୟକ୍ତିମାନେ ହିଁ ସାଧୁ ପଦବାଚ୍ୟ । ସେମାନଙ୍କ ସଙ୍ଗ ହିଁ ପ୍ରକୃତ ସାଧୁସଙ୍ଗ ।

(୧୧୮୫) ଚିତ୍ତଶୁଦ୍ଧିକର ସାଧନା : ସତ୍‌ଶାସ୍ତ୍ରର ପଠନ, ଶ୍ରବଣ, ଚିନ୍ତନ,

ଅନୁଶୀଳନ ଏବଂ ଏକାଗ୍ର ମନରେ ନିଦିଧ୍ୟାସନ, ସ୍ୱହସ୍ତର ଦେବାର୍ଚ୍ଚନା ଓ ବ୍ରତ ନିୟମାଦି ପାଳନ ସାଧାରଣ ସାଧକମାନଙ୍କର ଅବଶ୍ୟ ପାଳନୀୟ କର୍ତ୍ତବ୍ୟ । ଏହି ସାଧନ ଅଭ୍ୟାସ ଫଳରେ ଚିତ୍ତ ଶୁଦ୍ଧଭାବ ଧାରଣ କରିବା ସଙ୍ଗେ ସଙ୍ଗେ ଭଗବାନଙ୍କ ପ୍ରତି ଶ୍ରଦ୍ଧା ବିଶ୍ୱାସ ବର୍ଦ୍ଧିତ ହୁଏ । ଏହି ସାଧନା ଅଭ୍ୟାସଦ୍ୱାରା ପାପକାର୍ଯ୍ୟ ପ୍ରତି ଘୃଣା ଆସେ ଓ ସତ୍କାର୍ଯ୍ୟ ପ୍ରତି ଉତ୍ସାହ ଜାତ ହୁଏ । କ୍ରମେ ବିଷୟାସକ୍ତି ହ୍ରାସପ୍ରାପ୍ତ ହେବା ଫଳରେ ଧୀରେ ଧୀରେ ମୁକ୍ତିପଥ ପରିଷ୍କାର ହୋଇଯାଏ । ଏହାକୁ ପ୍ରାଥମିକ ସାଧନାବସ୍ଥା କୁହାଯାଏ । ଏହି ଅବସ୍ଥା କ୍ରମେ ବର୍ଦ୍ଧିତ ହେଲେ ସାଧକମାନେ ସିଦ୍ଧଦଶାରେ ଉପନୀତ ହୁଅନ୍ତି ।

(୧୧୮୬) ଭକ୍ତିର ବହିରଙ୍ଗ ସାଧନା : ଭକ୍ତିସାଧନା ଦୁଇ ଭାଗରେ ବିଭକ୍ତ—ଅନ୍ତରଙ୍ଗ ଓ ବହିରଙ୍ଗ । ଭଗବତ୍ପ୍ରାପ୍ତି ଉଦ୍ଦେଶ୍ୟରେ ଯେଉଁସବୁ ବାହ୍ୟ ଅନୁଷ୍ଠାନ କରାଯାଏ, ତାହା ହିଁ ବହିରଙ୍ଗ ସାଧନାର ଅନ୍ତର୍ଗତ । ଶ୍ରବଣ, କୀର୍ତ୍ତନ, ଅହିଂସା ଆଚରଣ, ଦୟା, କ୍ଷମା, ସରଳତା, ସେବା, ଗୁରୁଶୁଶ୍ରୂଷା, ସାଧୁସଙ୍ଗ, ସତ୍ୟନିଷ୍ଠା, ଜ୍ଞାନାଲୋଚନା, ଭଗବତ୍ ତତ୍ତ୍ୱାଲୋଚନା, ଇଷ୍ଟସେବା ଓ ଶାସ୍ତ୍ରପାଠାଦିଦ୍ୱାରା ଦେହ, ମନ ଓ ଆତ୍ମାକୁ ଭକ୍ତିଲାଭର ଅନୁକୂଳ ବା ଉନ୍ନତ କରିବା ଉଦ୍ଦେଶ୍ୟରେ ଯେଉଁ ବାହ୍ୟ ଆଚରଣ କରାଯାଏ, ତାହା ହିଁ ଭକ୍ତିର ବହିରଙ୍ଗ ସାଧନା ମଧ୍ୟରେ ଗଣ୍ୟ ।

(୧୧୮୭) ଭକ୍ତିର ଅନ୍ତରଙ୍ଗ ସାଧନା : ଉପାସନାମୂଳକ କର୍ମକୁ ଭକ୍ତିର ଅନ୍ତରଙ୍ଗ ସାଧନା କୁହାଯାଏ । ଏହା ଚାରି ଭାଗରେ ବିଭକ୍ତ । (୧) ଶ୍ରୀଭଗବାନଙ୍କର ଯେ କୌଣସି ନାମଜପର ଅଭ୍ୟାସ ଗଠନ । (୨) ଶ୍ରୀ ଭଗବାନଙ୍କର ଯେ କୌଣସି ରୂପ, ଯେଉଁଥିରେ ସାଧକଙ୍କର ମନପ୍ରାଣ ଆକୃଷ୍ଟ ହୁଏ, ସେହି ମୂର୍ତ୍ତିର ଧ୍ୟାନ ଅର୍ଥାତ୍ ମନେ ମନେ ସ୍ମରଣ । (୩) ଶ୍ରୀଭଗବାନଙ୍କ ନାମ ଓ ମୂର୍ତ୍ତିରେ ଏବଂ ତାଙ୍କ ଭାବରେ ଚିତ୍ତକୁ ବୁଡ଼ାଇ ଦେଇ ଶରଣାଗତି ବା ଆତ୍ମସମର୍ପଣପୂର୍ବକ ଭଜନ । (୪) ଶ୍ରୀଭଗବାନଙ୍କୁ ନିଜର ଅନ୍ତରଙ୍ଗ ବୋଲି ଜ୍ଞାନ କରି ତାଙ୍କ ପ୍ରତି ମାନସିକ ପ୍ରୀତି ବା ପ୍ରେମଭାବ ସ୍ଥାପନ ।

ଉପରୋକ୍ତ ଅନ୍ତରଙ୍ଗ ସାଧନା ବ୍ୟତୀତ କେବଳ ବହିରଙ୍ଗ ସାଧନାଦ୍ୱାରା ଭଗବତ୍ରସ ଆସ୍ୱାଦିତ ହୋଇପାରେ ନାହିଁ । ସୁତରାଂ ବହିରଙ୍ଗ ସାଧନା ସଙ୍ଗେ ସଙ୍ଗେ ଅନ୍ତରଙ୍ଗ ସାଧନପଥରେ ଭକ୍ତମାନେ ଅଗ୍ରସର ହେବା ବିଧେୟ ।

(୧୧୮୮) ଅଦ୍ୱୈତବାଦ : ଏହି ସମଗ୍ର ବିଶ୍ୱରେ ଏକ, ଅନନ୍ତ ଓ ନିରାକାର ବ୍ରହ୍ମଙ୍କ ବ୍ୟତୀତ ଦ୍ୱିତୀୟ ସତ୍ତା ନାହିଁ । ଏହି ଦୃଶ୍ୟମାନ ଜୀବଜଗତ୍ ଅବିଦ୍ୟାକଳ୍ପିତ ଭ୍ରାନ୍ତି ମାତ୍ର । ଏହି ଅବିଦ୍ୟାଶ୍ରୟ ରୂପ କାରଣକୁ ମାୟା କୁହାଯାଏ । ଏହି ଜ୍ଞାନରେ ପ୍ରତିଷ୍ଠିତ ରହି ସାଧନା କରିବା ଅତିଶୟ କଷ୍ଟସାଧ୍ୟ ।

(୧୧୮୯) ମାୟାବାଦ : ମାୟା କୌଣସି ତତ୍ତ୍ୱ, ବସ୍ତୁ କିମ୍ବା ସତ୍ତା ନୁହେଁ । ଏହା ଏକପ୍ରକାର ଅବିଦ୍ୟା ଶକ୍ତି । ଏହି ବିଶ୍ୱ ଓ ଜୀବଜଗତ୍ ମାୟାକଳ୍ପିତ । ଏହି ଭ୍ରାନ୍ତି ବା ମାୟା ଯେ କାହିଁକି ଉତ୍ପନ୍ନ ହୋଇଛି, ତାହା ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ଏହି ଅବିଦ୍ୟାକଳ୍ପିତ ଦୃଷ୍ଟିକୁ ଜ୍ଞାନଦ୍ୱାରା ଦୂର କରାଯାଇଥାଏ । କର୍ମଭାବ, ଇନ୍ଦ୍ରିୟ ଚାଞ୍ଚଲ୍ୟ ଓ ତ୍ରିଗୁଣ ଭାବ ପ୍ରଭୃତି ଚୈତନ୍ୟର ମାୟାମୟ ସ୍ୱପ୍ନ ମାତ୍ର । କର୍ମ, ଶକ୍ତି, କର୍ତ୍ତା ଓ ଉପାଦାନ ପ୍ରଭୃତି କେବଳ ମାୟିକ ଜଗତର ବିଷୟ । ସତ୍ୟ ରାଜ୍ୟରେ ଏହାର କୌଣସି ଅସ୍ତିତ୍ୱ ନାହିଁ ।

(୧୧୯୦) ନିରାକାରବାଦ : ଏହା ଅଦ୍ୱୈତବାଦର ଗୋଟିଏ ଭାବ । ଏହା ସୂକ୍ଷ୍ମ ଓ ଅଚିନ୍ତ୍ୟ ବିଷୟ । ଏହି ଉଭୟବାଦ ମଧ୍ୟରେ ଏତିକି ବିଶେଷତ୍ୱ ଯେ ନିରାକାର ବାଦର ପରତତ୍ତ୍ୱ ନିରାକାର । ଅଦ୍ୱୈତବାଦରେ ବ୍ରହ୍ମ ସାକାର, ନିରାକାର ବା ସଗୁଣ ନିର୍ଗୁଣ ନୁହନ୍ତି ।

(୧୧୯୧) ସାକାରବାଦ : ସାକାରବାଦରେ ପରତତ୍ତ୍ୱର ନିଶ୍ଚୟ ଆକାର ଅଛି । ନିର୍ଗୁଣ ବ୍ରହ୍ମ ଶକ୍ତିବିହୀନ ହେତୁ ତାହା ସାକାର ଈଶ୍ୱରଙ୍କର ଅଙ୍ଗପ୍ରଭା ମାତ୍ର । ସାକାରଈଶ୍ୱର ବା ଭଗବତ୍ ତତ୍ତ୍ୱ ହିଁ ଆଦିମୂଳ ତତ୍ତ୍ୱ । ଅଦ୍ୱୈତବାଦର ଈଶ୍ୱର କୌଣସି ସୃଷ୍ଟି କରନ୍ତି ନାହିଁ । ଶକ୍ତିର କୌଣସି କାର୍ଯ୍ୟ ତାଙ୍କଠାରେ ନଥିବାରୁ ସେ ନିଷ୍କ୍ରିୟ । କିନ୍ତୁ ସାକାରଈଶ୍ୱର ସମସ୍ତ ସୃଷ୍ଟି କରିଥାନ୍ତି ।

(୧୧୯୨) ଦ୍ୱୈତବାଦ : ଜୀବଜଗତ୍ ପୂର୍ଣ୍ଣପରତତ୍ତ୍ୱରୁ ଉତ୍ପନ୍ନ ହୁଅନ୍ତି ନାହିଁ । ବିଶ୍ୱରେ ପୂର୍ଣ୍ଣ ଚୈତନ୍ୟମୟ ବ୍ରହ୍ମ ସତ୍ତା ବ୍ୟତୀତ ତାଙ୍କରି ଭଳି ସ୍ୱାଧୀନ ଓ ସ୍ୱତନ୍ତ୍ର ଅନ୍ୟ ଗୋଟିଏ ସତ୍ତା ବିଦ୍ୟମାନ । ସେହି ତତ୍ତ୍ୱର ନାମ ମୂଳାପ୍ରକୃତି ବା ଆଦିଶକ୍ତି । ବ୍ରହ୍ମରୂପ ଜ୍ଞାନ ଓ ପ୍ରକୃତିରୂପ, ଭାବ, ଏ ଦୁଇଟି ମିଶି ପରତତ୍ତ୍ୱ । ସେମାନଙ୍କ ପରସ୍ପର ସଂଯୋଗ ହେତୁ ଜଗତ୍ ଉତ୍ପନ୍ନ ହୋଇଅଛି । ବ୍ରହ୍ମ ସତ୍ ସ୍ୱରୂପ ଏବଂ ପ୍ରକୃତି ଅସତ୍ ହେଲେ ମଧ୍ୟ ଦୁଇ ବସ୍ତୁର ସଂଯୋଗରେ ବିଶ୍ୱର ଉତ୍ପତ୍ତି ହୋଇଅଛି । ସାଂଖ୍ୟଦର୍ଶନ ଦ୍ୱୈତବାଦମୂଳକ । ଦ୍ୱୈତବାଦୀମାନେ ପରତତ୍ତ୍ୱକୁ

ଏକ ବୋଲି ସ୍ୱୀକାର ନ କରି ଦୁଇଟିକୁ ପରସ୍ପର ସ୍ୱାଧୀନ ଓ ପୃଥକ ତତ୍ତ୍ୱ ରୂପରେ ବର୍ଣ୍ଣନା କରିଛନ୍ତି ।

(୧୧୯୩) ଦ୍ୱୈତାଦ୍ୱୈତବାଦ : ଏହି ବାଦ ଅନୁସାରେ ଏକ, ଅଖଣ୍ଡ, ଅଦ୍ୱୈତ, ପୂର୍ଣ୍ଣ ଓ ଆଦି ପରତତ୍ତ୍ୱକୁ ସତ୍ୟ ବା ସତ୍ ବୋଲି ସ୍ୱୀକାର କରି ସୃଷ୍ଟି ନିମିତ୍ତ ଦୁଇଟିକୁ ଆଦି ଅନ୍ତ ଭାବରେ ବର୍ଣ୍ଣନା କରାଯାଇଛି । ଏହି ତତ୍ତ୍ୱଦ୍ୱୟର ନାମ ସତ୍ ଓ ଅସତ୍, ବ୍ରହ୍ମ ଓ ମାୟା, ପୁରୁଷ ଓ ପ୍ରକୃତି, ଚୈତନ୍ୟ ଓ ଜଡ଼ ଏବଂ ଆତ୍ମା ଓ ଭୂତ ଇତ୍ୟାଦି । ଏହି ଦ୍ୱୈତାଦ୍ୱୈତବାଦ ମତରେ ଏକ ଓ ଆଦି ପରତତ୍ତ୍ୱ ସ୍ୱରୂପ ବ୍ରହ୍ମ ନିର୍ବିକାର, ନିର୍ଗୁଣ ଓ ନିଷ୍କ୍ରିୟ ସତ୍ତା । ସେ କିଛି କରନ୍ତି ନାହିଁ । ତେଣୁ ତାଙ୍କଦ୍ୱାରା ଜଗତର କୌଣସି କାର୍ଯ୍ୟ ସାଧିତ ହୋଇପାରେ ନାହିଁ । ସେ ଏକ ହୋଇ ମଧ୍ୟ ସୃଷ୍ଟି ନିମିତ୍ତ ଦ୍ୱୈତଭାବାପନ୍ନ ହୋଇଛନ୍ତି । ଯେପରି ଗୋଟିଏ ପଦାର୍ଥକୁ ବୁଝାଇବାକୁ ସଂଯୋଜକ (Positive) ଓ ବିଯୋଜକ (Negative) ଦୁଇ ଭାବରେ ପ୍ରଦର୍ଶନ କରାଯାଇଛି, ସେହିପରି ସେହି ଅଦ୍ୱୈତ ପରତତ୍ତ୍ୱ ହିଁ ପୁରୁଷ ପ୍ରକୃତି ନାମ ଧାରଣ କରି ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି । ପୁରୁଷ -ପ୍ରକୃତି ସମ୍ମିଶ୍ରଣରେ କାର୍ଯ୍ୟକାରୀ ଶକ୍ତିର ଉତ୍ପତ୍ତି ହୋଇଅଛି । ପୁରୁଷ କେବଳ ଚୈତନ୍ୟ ଏବଂ ଶକ୍ତି ଚୈତନ୍ୟର ଧର୍ମ । ଚୈତନ୍ୟର ସ୍ଥିତିଶକ୍ତି (Potential energy) କାର୍ଯ୍ୟକାରୀ ଶକ୍ତିରେ (Kinetic energy) ପରିଣତ ହୋଇ ଜଗତ୍ ସୃଜନ କରନ୍ତି । ଦୁଇ ପଦାର୍ଥର ରାସାୟନିକ ସଂଯାଗରେ ଜଗତର ବିବିଧ ପ୍ରକାର ଶକ୍ତିର ଉଦ୍ଭବ ହୋଇଅଛି । ଏହା ହିଁ ଦ୍ୱୈତାଦ୍ୱୈତ ମତ ।

(୧୧୯୪) ପରିଣାମବାଦ : ଅଦ୍ୱୈତବାଦ ମତରେ ବ୍ରହ୍ମ ଅପରିଣାମୀ । ସୃଷ୍ଟିତତ୍ତ୍ୱରେ ବିକାର ଓ ପରିଣାମ ମାନିନେବାକୁ ପଡ଼େ । ବ୍ରହ୍ମଶକ୍ତିରୂପା ପ୍ରକୃତିର ବିକାର ହେତୁ ଏହି ଜଗତ୍ ଉତ୍ପନ୍ନ ହୋଇଅଛି । ଏକ ମୂଳା ପ୍ରକୃତି ନିଜକୁ କ୍ରମେ ଚତୁର୍ବିଂଶତି ତତ୍ତ୍ୱରେ ପରିଣତ କରି ଶେଷରେ ସ୍ଥୂଳଭୂତରେ ପରିଣତ ହୋଇଛନ୍ତି । ଏହିସବୁ ସ୍ଥୂଳ ସୂକ୍ଷ୍ମ ଜଗତ୍ ପ୍ରକୃତିର ବିକାର ମାତ୍ର । କାରଣ ହିଁ କାର୍ଯ୍ୟ ରୂପରେ ପରିଣତ ହେବାକୁ ପରିଣାମବାଦ କୁହାଯାଏ । ସୂକ୍ଷ୍ମହିଁ ସ୍ଥୂଳରେ ପରିଣତ ହୋଇଥାଏ । ଅବ୍ୟକ୍ତରୁ ବ୍ୟକ୍ତର ଉଦ୍ଭବ ହୋଇଥାଏ । ବ୍ୟକ୍ତ ହେବାର ଅବସ୍ଥାକୁ ଅଭିବ୍ୟକ୍ତି ବା ବିକାଶ କୁହାଯାଏ । ବୀଜ, ବୃକ୍ଷରେ ପରିଣତ ହେଲେ ତାହାକୁ ବ୍ୟକ୍ତ ବା ପ୍ରକାଶିତ ବୋଲି କୁହାଯାଇଥାଏ ଏବଂ ବୃକ୍ଷ ଯେତେବେଳେ ବୀଜରେ ପରିଣତ

ହୁଏ, ସେତେବେଳେ ତାହା ଅବ୍ୟକ୍ତ ନାମରେ ଅଭିହିତ ହୁଏ । ଏହି ଭାବରେ ଜଗତର ସୃଷ୍ଟି, ସ୍ଥିତି, ଲୟ କ୍ରିୟା ଚାଲୁଅଛି । ଏହି ଭାବରେ ପରିବର୍ତ୍ତିତ ହୋଇ ବ୍ରହ୍ମ ଜୀବରୂପରେ ପରିଣତ ହୋଇଛନ୍ତି । ସୃଷ୍ଟିର ଅବସାନରେ ପ୍ରକୃତି ଦିନେ ପୁରୁଷଠାରେ ଲୟପ୍ରାପ୍ତ ହେବ । ଏହି ଭାବରୁ ପରିଣାମବାଦ କୁହାଯାଏ । ଜଗତର ଯାବତୀୟ ସତ୍ତା ହିଁ ମୂଳରେ ଏକ ଭାବରେ ଅବସ୍ଥାନ କରି ମଧ୍ୟ ସାମୟିକ ଭାବରେ ବ୍ୟକ୍ତ ଓ ଅବ୍ୟକ୍ତ ଭାବରେ ନିରନ୍ତର ପରିବର୍ତ୍ତିତ ହେଉଅଛି । ସେଥିରେ ବିଶ୍ୱର ଉତ୍ପତ୍ତି, ସ୍ଥିତି ଓ ଲୟ କ୍ରିୟା ସଂସାଧିତ ହେଉଅଛି । ସେହି ମତ ଅନୁସାରେ ଏକ ବ୍ରହ୍ମପ୍ରକୃତି ହିଁ ପରିଣାମଗ୍ରସ୍ତ ହୋଇ ଜୀବଜଗତ୍ ରୂପରେ ପ୍ରକାଶିତ ହୋଇଅଛି । ପ୍ରଳୟକାଳରେ ଜୀବଜଗତ୍ ପରିଣାମପ୍ରାପ୍ତ ହୋଇ ଅବ୍ୟକ୍ତ ଓ ଏକଭାବବିଶିଷ୍ଟ କାରଣରୂପୀ ଅଦ୍ୱୈତବ୍ରହ୍ମରେ ଲୟପ୍ରାପ୍ତ ହେବ ।

(୧୧୯୫) ବିବର୍ତ୍ତନବାଦ : ଭଗବାନ ଶଙ୍କରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ମାୟାବାଦକୁ ବିବର୍ତ୍ତନବାଦ କୁହାଯାଏ । ଏହି ବିବର୍ତ୍ତନବାଦ ଅଦ୍ୱୈତବାଦର ଅନ୍ତର୍ଭୁକ୍ତ । ପରିଣାମବାଦଠାରୁ ଏହାର ପାର୍ଥକ୍ୟ ହେଉଛି ଯେ,. ଏହି ବାଦରେ କାରଣ କାର୍ଯ୍ୟରୂପରେ ପରିଣତ ହୋଇଅଛି ବୋଲି ସ୍ୱୀକାର କରାଯାଇନାହିଁ । କାରଣ ଯେ କାର୍ଯ୍ୟର ମିଥ୍ୟାବୋଧ ବା ଅଧ୍ୟାସ, ତାହା ହିଁ ବିବର୍ତ୍ତନବାଦର ପ୍ରଧାନ ମତ । କାରଣ ବା ସ୍ୱରୂପ ଅପରିବର୍ତ୍ତିତ ଥାଏ । କାର୍ଯ୍ୟରୂପରେ ଯେଉଁ ରୂପାନ୍ତର ଦେଖାଯାଏ, ତାହା ଜୀବଚିତ୍ତର ମିଥ୍ୟା ଦୃଷ୍ଟି ବା ଭ୍ରାନ୍ତି ମାତ୍ର । ଅବିଦ୍ୟାମାୟା ହିଁ ଏହି ଭ୍ରାନ୍ତିର କାରଣ । କାର୍ଯ୍ୟ ସତ୍ୟ ନୁହେଁ । କାରଣ ହିଁ ମାୟାବୃତ୍ତ ଚୈତନ୍ୟରେ କାର୍ଯ୍ୟରୂପରେ ପ୍ରତିଭାତ ହୋଇଥାଏ । କାରଣ ଉପରେ କାର୍ଯ୍ୟର ଗୋଟିଏ ପ୍ରତିଭାସିକ ଅସ୍ତିତ୍ୱ ଆରୋପିତ ହୁଏ । ଯେଉଁ ବସ୍ତୁର ସ୍ୱରୂପ ଯାହା ନୁହେଁ, ତାକୁ ମିଥ୍ୟାରେ ତାହା ବୋଲି ବୋଧ କରିବାକୁ ଅଧ୍ୟାସ କୁହାଯାଏ । ସାଦା ବା ଧଳା କାଗଜକୁ ନୀଳବର୍ଣ୍ଣର ଚଷମା ପିନ୍ଧି ଦେଖିଲେ, ସେହି ଧଳାକାଗଜ ନୀଳ ଦେଖାଯାଏ । ତାହାବୋଲି ତ କାଗଜ ନୀଳ ନୁହେଁ ! ଏହି ଦେଖାକୁ ଅଧ୍ୟାସ କୁହାଯାଏ । ଯେପରି ଜଗତ୍ ଓ ଜୀବର ପ୍ରକୃତିସ୍ୱରୂପ ବ୍ରହ୍ମ ମାୟାଭ୍ରମବଶରୁ ଜୀବ ଓ ଜଗତ୍ ବୋଲି ଅନୁଭୂତ ହେଉଅଛି, ତାହା ହିଁ ଏହି ଅଧ୍ୟାସ । କିନ୍ତୁ ବ୍ରହ୍ମ କେବେହେଲେ ଜଗତ୍‌ରୂପରେ ପରିଣତ ହୋଇନାହାନ୍ତି । ସେ ସ୍ୱରୂପରେ ଏକଭାବରେ ହିଁ ଅବସ୍ଥାନ କରୁଛନ୍ତି । ମାୟାରୂପ ଚଷମା ସାହାଯ୍ୟରେ ଏପରି ଦେଖାଯାଉଛି ମାତ୍ର । ବ୍ରହ୍ମଙ୍କର ସ୍ୱକୀୟ

ସ୍ଥିତିର ପରିବର୍ତ୍ତନ ବା ପରିଣାମ ଘଟେ ନାହିଁ । ତେଣୁ ଜଗତ୍ ଓ ଜୀବ ବ୍ରହ୍ମଭାବର ବିବର୍ତ୍ତ । ଏହି ବିବର୍ତ୍ତବାଦ ସେହି ଅଦ୍ୱୈତବାଦର ଭାବାନ୍ତର ମାତ୍ର । ମାୟା ହିଁ ଜୀବଭାବର ପ୍ରଭାବକାରିଣୀ ଶକ୍ତି । ମାୟା ହିଁ ଭେଦବୁଦ୍ଧିର କାରଣ । ଏ ମାୟାକୁ ଦୂର କରିବା ନିମିତ୍ତ ସାଧନାର ପ୍ରୟୋଜନ । ଅବିଦ୍ୟା ଆବରଣରେ ଆବରିତ ହୋଇ ବ୍ରହ୍ମ ଜୀବଭାବ ପ୍ରାପ୍ତ ହୋଇଛନ୍ତି । ସମଷ୍ଟି ଜୀବଶକ୍ତି ହିଁ ଈଶ୍ୱର । ମାୟା ପ୍ରଭାବରେ ଚୈତନ୍ୟଙ୍କ ଠାରେ ଶକ୍ତିର ଉଦ୍ଭବ ହୋଇଥାଏ ।

(୧୧୯୬) ବିଶିଷ୍ଟାଦ୍ୱୈତବାଦ : ଏହି ବିଶିଷ୍ଟାଦ୍ୱୈତବାଦ ଅନୁସାରେ ବ୍ରହ୍ମଙ୍କର ଉପରୋକ୍ତ ସମସ୍ତ ଅବସ୍ଥା ସ୍ୱୀକାର କରି ମଧ୍ୟ ତାହା ମଧ୍ୟରେ ସାମାନ୍ୟ ବିଶେଷତ୍ୱ ସ୍ଥାପନ କରାଯାଇଥାଏ । ଏହି ମତ ଅନୁସାରେ ନିରାକାର ବ୍ରହ୍ମ ଏକ ରସବିଶିଷ୍ଟ, ଶକ୍ତିହୀନ ଓ କ୍ରିୟାହୀନ । ଭଗବତ୍ ତତ୍ତ୍ୱ ବହୁରସ ବିଶିଷ୍ଟ, ସର୍ବଶକ୍ତି ସମନ୍ୱିତ, କ୍ରିୟାଯୁକ୍ତ ଏବଂ ବିଚିତ୍ର ଭାବରେ ପରିପୂର୍ଣ୍ଣ ! ତେଣୁ ଭଗବତ୍‌ଭାବ ହିଁ ଶ୍ରେଷ୍ଠତତ୍ତ୍ୱ । ସାକାର ବ୍ରହ୍ମ ହିଁ ଆଦି ପରତତ୍ତ୍ୱ । ନିରାକାର ଭାବ ତାହାର ଗୋଟିଏ ଭାବ । ସାକାରବ୍ରହ୍ମ ହିଁ ଜୀବପକ୍ଷରେ ପ୍ରକୃତ ଆରାଧ୍ୟ ସତ୍ତା । ବିଶ୍ୱରେ ସେହି ଭଗବାନଙ୍କ ବ୍ୟତୀତ ଦ୍ୱିତୀୟ ସତ୍ତା ନାହିଁ । ବ୍ରହ୍ମ ସେହି ସତ୍ୟସ୍ୱରୂପ ଭଗବାନଙ୍କର ନିରାକାର ସତ୍ତା ମାତ୍ର । ସେହି ଭଗବାନଙ୍କ ଠାରେ ଅନନ୍ତ ପ୍ରକାର ଶକ୍ତି ବିଦ୍ୟମାନ । ତନ୍ମଧ୍ୟରେ ତାଙ୍କର ତ୍ରିବିଦ ଅନ୍ତରଙ୍ଗାଶକ୍ତି ପ୍ରଧାନ । ତାହା ହେଉଛି (୧) ବହିରଙ୍ଗା ମାୟାଶକ୍ତି (୨) ଅତରଙ୍ଗା ଚିତ୍‌ଶକ୍ତି ଓ (୩) ତଟସ୍ଥାଶକ୍ତି । ଏହି ତଟସ୍ଥାଶକ୍ତି ମାଧ୍ୟମରେ ଜୀବଶକ୍ତି କ୍ରିୟାଶୀଳ ହୋଇଥାଏ ।

ଶ୍ରୀଭଗବାନଙ୍କ ସଚ୍ଚିଦାନନ୍ଦ ସ୍ୱରୂପରୁ ଏହି ତ୍ରିଶକ୍ତିର ଉଦ୍ଭବ ହୋଇଅଛି । ସତ୍ ଅଂଶରେ ସନ୍ଧିନୀ, ଚିତ୍ ଅଂଶରେ ସମ୍ୱିତ୍ ବା ଜ୍ଞାନଶକ୍ତି ଏବଂ ଆନନ୍ଦରୁ ହ୍ଲାଦିନୀଶକ୍ତିର ଉଦ୍ଭବ ହୋଇଅଛି । ଏହିସବୁ ଅନ୍ତରଙ୍ଗା ଶକ୍ତିକୁ ଆଶ୍ରୟ କରି ତାଙ୍କର ଜୀବଶକ୍ତି ନାମଧେୟ ତଟସ୍ଥା ଶକ୍ତି ଜଗତରେ ବିଚିତ୍ର ଲୀଳାବିଳାସ କରିଥାନ୍ତି । ଜୀବଶକ୍ତି ତାଙ୍କରି ଶକ୍ତି ହେଲେ ମଧ୍ୟ ସେହି ଶକ୍ତି ଶ୍ରୀଶୀଶକ୍ତିଙ୍କଠାରୁ ପୃଥକ୍‌ଭାବରେ ଅବସ୍ଥାନ କରନ୍ତି । ଜୀବଶକ୍ତି ସେହି ଅନ୍ତରଙ୍ଗାଶକ୍ତିଙ୍କ ସାହାଯ୍ୟ ବ୍ୟତୀତ ଶ୍ରୀଭଗବାନଙ୍କଠାରେ ଆଶ୍ରୟଲାଭ କରିପାରନ୍ତି ନାହିଁ । ତେଣୁ ଅନ୍ତରଙ୍ଗାଶକ୍ତି ଜୀବଶକ୍ତିର ଗୁରୁସ୍ୱରୂପା । ପୁନଶ୍ଚ ଏହି ଶକ୍ତିକୁ ଆଶ୍ରୟ କରି ଶ୍ରୀଭଗବାନଙ୍କର ମାୟାଶକ୍ତି କ୍ରିୟାଶୀଳ । ମାୟା ଜୀବକୁ ଆଶ୍ରୟ କରି ଈଶ୍ୱରଙ୍କଠାରେ ଅବସ୍ଥାନ

କରେ । ଜୀବ ନଥିଲେ ମାୟା ରହିପାରେ ନାହିଁ । ତେଣୁ ମାୟାଶକ୍ତି ଜୀବଶକ୍ତିଠାରେ ସର୍ବଦା ଯୁକ୍ତ ଥାଏ । ଏହି ମାୟାକୁ ଜାଣିବା ନିମିତ୍ତ ସାଧନାର ଆବଶ୍ୟକତା । ଅନ୍ତରଙ୍ଗା ଗୁରୁଶକ୍ତିଙ୍କ ଆଶ୍ରୟ ବା କୃପା ବ୍ୟତୀତ ଜୀବର ମାୟାଶକ୍ତି ତ୍ୟାଗ କରିବାର ଅନ୍ୟ ଉପାୟ ନାହିଁ । ଜୀବଶକ୍ତିଠାରୁ ମାୟା ଅପସୃତ ହେଲେ ଜୀବ ଭଗବତ୍ ସାକ୍ଷାତକାର ଲାଭ କରେ ।

ଶ୍ରୀଭଗବାନଙ୍କ ଅନନ୍ତ ଭାବ ମଧ୍ୟରେ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟଭାବ ପ୍ରଧାନ । ସେହି ଭଗବାନ ଯେତେବେଳେ ଗୁଣଶୂନ୍ୟ, ସେତେବେଳେ ତାଙ୍କର ନାମ ବ୍ରହ୍ମ । ଯେତେବେଳେ ସେ ସର୍ବଭୂତସ୍ଥ ହୁଅନ୍ତି, ସେତେବେଳେ ତାଙ୍କରି ନାମ ହୁଏ ଭଗବାନ । ଅଗ୍ନି ଓ ତାଙ୍କର ଦାହିକା ଶକ୍ତି ମଧ୍ୟରେ ଯେଉଁ ପ୍ରଭେଦ, ଈଶ୍ୱର ଓ ତାଙ୍କ ଶକ୍ତି ମଧ୍ୟରେ ସେହି ପ୍ରଭେଦ ବିଦ୍ୟମାନ । ଏହା ହିଁ ବିଶିଷ୍ଟାଦ୍ୱୈତବାଦର ମତ ।

(୧୧୯୭) ଅଚିନ୍ତ୍ୟଭେଦାଭେଦବାଦ : ଯେଉଁ ମତରେ ପ୍ରକୃତି ଓ ପୁରୁଷ ମଧ୍ୟରେ ଏବଂ ଜୀବ ଓ ବ୍ରହ୍ମ ମଧ୍ୟରେ ଭେଦ ମାନି ମଧ୍ୟ ତାହାଙ୍କୁ ଅଭେଦ ବୋଲି ସ୍ୱୀକାର କରାଯାଏ, ସେହି ମତକୁ ଅଚିନ୍ତ୍ୟ ଭେଦାଭେଦବାଦ କୁହାଯାଏ । ଏହି ବାଦର ମତ ଅନୁସାରେ ପ୍ରକୃତି ବ୍ରହ୍ମଙ୍କର ସ୍ୱଭାବ ମାତ୍ର । ଏହି ସ୍ୱଭାବ ବା ଶକ୍ତିରୂପ ଜୀବ ବ୍ରହ୍ମଙ୍କଠାରୁ ଭିନ୍ନ ହେଲେ ମଧ୍ୟ ସତ୍ତା ରୂପରେ ଉଭୟେ ଅଭିନ୍ନ । ଶକ୍ତି ଓ ଶକ୍ତିମାନଙ୍କ ପରି ପ୍ରକୃତି ଓ ପୁରୁଷ ପରସ୍ପର ଭେଦାଭେଦ ସମ୍ବନ୍ଧ । ବ୍ରହ୍ମଙ୍କଠାରେ ଯେଉଁ ସ୍ୱରୂପଶକ୍ତି ଅବ୍ୟକ୍ତ ଭାବରେ ବିରାଜିତ, ଭଗବାନଙ୍କଠାରେ ତାହା ବ୍ୟକ୍ତଭାବ ଗ୍ରହଣ କରିଥାଏ । ବ୍ରହ୍ମ, ଆତ୍ମା ଓ ଭଗବାନ—ଗୋଟିଏ ପରମସତ୍ତାର ତିନିଗୋଟି ଅବସ୍ଥା ମାତ୍ର । ଏମାନେ ପରସ୍ପର ଭିନ୍ନ ହୋଇ ମଧ୍ୟ ଅଭିନ୍ନ । ଏହି ଅଭିନ୍ନଭାବାତ୍ମକ ପୁରୁଷଶକ୍ତିଙ୍କ ବ୍ୟତୀତ ଅନ୍ୟ କାହାରି ପୁରୁଷଶକ୍ତିଙ୍କୁ ପ୍ରକାଶ କରିବାର ସାଧ୍ୟ ନାହିଁ । ଅର୍ଥାତ୍ ସେହି ଅଭିନ୍ନଭାବାତ୍ମକ ସ୍ୱରୂପଶକ୍ତିଙ୍କ ବ୍ୟତୀତ ଅନ୍ୟ କାହାରି ଭଗବାନଙ୍କୁ ପ୍ରକାଶ କରିବାର ସାଧ୍ୟ ନାହିଁ । ସୁତରାଂ ବ୍ରହ୍ମ, ଆତ୍ମା ଓ ଭଗବାନ ପୂର୍ଣ୍ଣ ଓ ଅଦ୍ୱୈତ ବା ଅଦ୍ୱିତୀୟ ସତ୍ତା । ଏହି ହେତୁ ଭଗବାନ ସର୍ବାବସ୍ଥାରେ ସ୍ୱଗତ ଭାବଯୁକ୍ତ । ତାଙ୍କ ନିକଟରେ ପର ବା ଦ୍ୱିତୀୟ ସତ୍ତା କେହି ନାହାନ୍ତି । ସେ ସର୍ବଦା ନିଜ ସ୍ୱରୂପରେ ଅଭିନ୍ନ ଭାବରେ ବିରାଜିତ ଥିବାରୁ ବା ଅଭେଦ ଥିବାରୁ ସ୍ୱଗତ । ପରେ ତାଙ୍କର ଯେଉଁ ଜୀବ ଓ ଜଗତ୍ ଭାବ, ତାହା

ସ୍ୱଗତ ଭାବର ଅନ୍ତର୍ଗତ । ଏହି ବିଶିଷ୍ଟାଦ୍ୱୈତବାଦକୁ ବୈଷ୍ଣବମାନେ ଗ୍ରହଣ କରି ଭକ୍ତି ପଥରେ ଭଗବାନଙ୍କୁ ଲାଭ କରିବା ନିମିତ୍ତ ସାଧନା କରିଥାନ୍ତି । ରାମାନୁଜାଚାର୍ଯ୍ୟ ପ୍ରମୁଖ ମହାତ୍ମାଗଣ ଏହି ବିଶିଷ୍ଟାଦ୍ୱୈତବାଦର ପ୍ରଚାରକ । ଶାସ୍ତ୍ରରେ ବିଭିନ୍ନ ମତବାଦ ଥିଲେ ମଧ୍ୟ ସର୍ବାପେକ୍ଷା ଅଦ୍ୱୈତଭାବ ହିଁ ଶ୍ରେଷ୍ଠତମ । ଦ୍ୱୈତ ଓ ଅଦ୍ୱୈତ ଏହି ଉଭୟ ବାଦର ସମ୍ମିଶ୍ରଣରେ ବିଭିନ୍ନ ମତବାଦର ସୃଷ୍ଟି ହୋଇଅଛି । ତାହା ସାଧାରଣଙ୍କ ପକ୍ଷରେ ଅତି ଉପାଦେୟ ଓ ସୁଯୁକ୍ତିପୂର୍ଣ୍ଣ ।

(୧୧୯୮) ଗୁରୁବାଦ : ଯେଉଁ ମହାତ୍ମା ମାୟାର ସମସ୍ତ ରହସ୍ୟ ଅବଗତ ହୋଇ ସେହି ମାୟାକୁ ଅତିକ୍ରମ କରି ଆତ୍ମବିତ୍ ହୋଇଛନ୍ତି, ଯେ ତତ୍ତ୍ୱଜ୍ଞ ହୋଇ ଭଗବତ୍ ତତ୍ତ୍ୱରେ ଅଭିନ୍ନ ଭାବରେ ପ୍ରତିଷ୍ଠିତ, ଯେ କେବଳ ଈଶ୍ୱରଙ୍କ ଠାରେ ପ୍ରତିଷ୍ଠିତ ଥାଇ ଜୀବହିତ ନିମିତ୍ତ ନିଜର ମୋକ୍ଷଦାୟକ କର୍ମ ତ୍ୟାଗ କରି ସର୍ବଦା ଦୈବୀ ପ୍ରକୃତି ଆଶ୍ରୟପୂର୍ବକ ବିଶ୍ୱହିତ ନିମିତ୍ତ ଏ ଜଗତରେ ଅବସ୍ଥାନ କରନ୍ତି ଏବଂ ଜୀବନ ଧାରଣ କରନ୍ତି । ଯେ ସର୍ବସିଦ୍ଧି ଲାଭ କରି ମଧ୍ୟ କେବଳ ଜନହିତ ନିମିତ୍ତ ଯୁଗପତ୍ ସ୍ଥୁଳ ଓ ସୂକ୍ଷ୍ମଲୋକରେ ବିଚରଣ କରନ୍ତି ଏବଂ ଯେ ଯଥାର୍ଥରେ ଜୀବନ୍ମୁକ୍ତ ମହାତ୍ମା; ତାଙ୍କୁ ହିଁ ସଦ୍‌ଗୁରୁ କୁହାଯାଏ । ସେ ହିଁ ପ୍ରକୃତ ଭାବରେ ମନୁଷ୍ୟ ନିକଟରେ ସାକ୍ଷାତ୍ ଭଗବାନ୍ ।

ଉପରୋକ୍ତ ଭାବର ସଦ୍‌ଗୁରୁମାନେ ସର୍ବଦା ଏହି ଜଗତରେ ଅବସ୍ଥାନ କରି ଜୀବମାନଙ୍କୁ ଉଦ୍ଧାର କରିବା ନିମିତ୍ତ ଯତ୍ନବାନ୍ ଅଛନ୍ତି । ସାଧାରଣ ସାଧକମାନେ ସାଧନାଦ୍ୱାରା ଚିତ୍ତଶୁଦ୍ଧି କଲେ ସଦ୍‌ଗୁରୁଙ୍କ ଦର୍ଶନ କରିଥାନ୍ତି । ଉପଯୁକ୍ତ ଅବସ୍ଥା ଆସିଲେ ସେହି ଗୁରୁଦେବ ଶିଷ୍ୟମାନଙ୍କର ଦୃଷ୍ଟିଗୋଚର ହୋଇଥାନ୍ତି । ସେହି ସଦ୍‌ଗୁରୁ ସାଧକ ଶିଷ୍ୟମାନଙ୍କ ନିକଟରେ ସର୍ବଦା ଅଦୃଶ୍ୟ ଭାବରେ ଅବସ୍ଥାନ କରୁଛନ୍ତି । କିନ୍ତୁ ସଦ୍‌ଗୁରୁଙ୍କୁ ସାକ୍ଷାତ୍ କରିବାକୁ ହେଲେ ସତ୍‌ଶିଷ୍ୟ ହେବାକୁ ପଡ଼ିବ ।

(୧୧୯୯) ଅଧିକାରବାଦ: ସଦ୍‌ଗୁରୁଙ୍କ ଦର୍ଶନ ଲାଭ କରିବାକୁ ହେଲେ ସାଧକମାନଙ୍କୁ ଉପଯୁକ୍ତ ଭାବରେ ଶିଷ୍ୟତ୍ୱର ଅଧିକାର ଅର୍ଜନ କରିବାକୁ ହେବ । ଉଚ୍ଚସାଧକମାନେ ପ୍ରତ୍ୟହ ସୂକ୍ଷ୍ମଭାବରେ ସଦ୍‌ଗୁରୁଙ୍କ ଦର୍ଶନ ଓ ଉପଦେଶ ପ୍ରାପ୍ତ ହୋଇଥାନ୍ତି । କିନ୍ତୁ ସୂକ୍ଷ୍ମଦେହରୁ ସ୍ଥୁଳଦେହକୁ ଆସିବା ସମୟରେ ଶିଷ୍ୟମାନେ ତାହା ସ୍ମରଣ ରଖିପାରନ୍ତି ନାହିଁ । ସୁତରାଂ ସଦ୍‌ଗୁରୁଙ୍କ ଦର୍ଶନ ଲାଭ କରିବାକୁ

ହେଲେ ଶିଷ୍ୟମାନଙ୍କୁ ସତ୍‌କର୍ମନିରତ ଥାଇ ସାଧନ ଭଜନା କରିବାକୁ ପଡ଼ିବ । ଚିତ୍ତଶୁଦ୍ଧିକର ସାଧନ ଅଭ୍ୟାସ କରି ଶିଷ୍ୟତ୍ୱର ଅଧିକାର ଅର୍ଜନ କରିବାକୁ ହେବ । ନିଜ ଅନ୍ତରରୁ ଅହଂକାର, ଅଭିମାନ, ସ୍ୱାର୍ଥପରତା, ଆଳସ୍ୟ, ଜଡ଼ତା ଓ କାମନା ବାସନା ପ୍ରଭୃତି ବିଦୂରିତ କରି ଗୁରୁନାମର ଭଜନ ସ୍ମରଣ କରିବାକୁ ହେବ । ନିଃସ୍ୱାର୍ଥ ପରୋପକାର ଓ ନିଷ୍କାମ କର୍ମ ସାଧନ କରି ଚିତ୍ତ ଶୁଦ୍ଧି କରିବାକୁ ପଡ଼ିବ ଏବଂ ବେଦାନ୍ତ ବର୍ଣ୍ଣିତ ସାଧନଚତୁଷ୍ଟୟର ଅଭ୍ୟାସ ମଧ୍ୟ କରିବାକୁ ହେବ । ତାହା ହେଲେ ଯାଇ ସେହି ସାଧକଙ୍କ ନିକଟରେ ସଦ୍‌ଗୁରୁ ଆବିର୍ଭୂତ ହୋଇ ତାଙ୍କୁ ଚିରଶାନ୍ତି ପ୍ରଦାନ କରିବେ । ଅତଏବ ସାଧକମାନେ ଶିଷ୍ୟତ୍ୱର ଅଧିକାର ଅର୍ଜନ ନିମିତ୍ତ ସତତ ଯତ୍ନବାନ୍ ହେବା ବିଧେୟ ।

(୧୨୦୦) ପ୍ରକୃତି ତ୍ରିଗୁଣ : ଗୁଣ ଦୁଇ ପ୍ରକାର; ପ୍ରାକୃତ ଓ ଅପ୍ରାକୃତ । ପ୍ରାକୃତ ଗୁଣ ତ୍ରିବିଧ ଏବଂ ଅପ୍ରାକୃତ ଗୁଣ ଦ୍ୱିବିଧ । ସତ୍ତ୍ୱ, ରଜଃ ଓ ତମଃ– ଏହି ତିନିଗୋଟି ହେଉଛି ପ୍ରାକୃତ ଗୁଣ ଏବଂ ବିଶୁଦ୍ଧ ସତ୍ତ୍ୱ ଓ ବିଶୁଦ୍ଧ ତମଃ ଏହି ଦୁଇଟି ହେଉଛି ଅପ୍ରାକୃତ ଗୁଣ । ଏହି ଅପ୍ରାକୃତ ଗୁଣ ଦ୍ୱୟକୁ ତ୍ରିଗୁଣାତୀତ କୁହାଯାଏ । କାରଣ ଏହା ମଧ୍ୟରେ ତ୍ରିଗୁଣ ନାହିଁ ।

ଭୂଃ ଠାରୁ ଜନ ପର୍ଯ୍ୟନ୍ତ ଏହି ବ୍ୟକ୍ତ ତ୍ରିଜଗତରେ ସତ୍ତ୍ୱ, ରଜଃ ଓ ତମ ଏହି ପ୍ରାକୃତ ଗୁଣତ୍ରୟ ବିରାଜିତ । ବ୍ୟକ୍ତ ଜଗତରେ ଯାହାକୁ ସତ୍ତ୍ୱଗୁଣ କୁହାଯାଏ, ପ୍ରକୃତ ପକ୍ଷରେ ତାହା ସତ୍ତ୍ୱ ପ୍ରଧାନ ତ୍ରିଗୁଣ ମାତ୍ର । ତମୋଗୁଣର ପ୍ରାଧାନ୍ୟରେ ଏହି ଭୂର୍ଲୋକ, ରଜୋଗୁଣର ପ୍ରାଧାନ୍ୟରେ ଭୁବ ଓ ସ୍ୱର୍ଲୋକ ଏବଂ ସତ୍ତ୍ୱଗୁଣ ପ୍ରାଧାନ୍ୟରେ ମହଃ ଓ ଜନ ଲୋକ ଗଠିତ । ଏହି ମିଶ୍ରିତ ତ୍ରିଗୁଣାବସ୍ଥାକୁ ଅବିଦ୍ୟାମାୟା ଏବଂ ଅମିଶ୍ର ସତ୍ତ୍ୱଗୁଣକୁ ବିଦ୍ୟାମାୟା କୁହାଯାଏ । ଭକ୍ତିଯୋଗଦ୍ୱାରା ଭଗବତ୍ ଉପାସନା କଲେ ସାଧକମାନେ ଏହି ତ୍ରିଗୁଣ ପ୍ରଭାବରୁ ମୁକ୍ତି ଲାଭ କରିଥାନ୍ତି ।

(୧୨୦୧) କାମବୀଜ ଦ୍ୱାରା ଉପାସନା : ଶାସ୍ତ୍ରାନୁସାରେ ବାସନାବୀଜ ଦଗ୍ଧ ନ ହେଲେ ଚିତ୍ତ ଶୁଦ୍ଧଭାବ ଧାରଣ କରିପାରେ ନାହିଁ, କିମ୍ବା ସେହି ଚିତ୍ତରେ ଭଗବାନଙ୍କ ପ୍ରତିବିମ୍ବ ନିପତିତ ହୁଏ ନାହିଁ । କିନ୍ତୁ ଭକ୍ତି ଶାସ୍ତ୍ରରେ ଏହି ଉପାସନାର ବିଶେଷତ୍ୱ ବର୍ଣ୍ଣିତ ହୋଇଅଛି । ଭକ୍ତି ଶାସ୍ତ୍ରମତରେ ସେହି ବୀଜକୁ ଭଗବାନଙ୍କ ଉଦ୍ଦେଶ୍ୟରେ ଅନୁରାଗ-ସଲୀଳ ଦାନ ଦ୍ୱାରା ନିର୍ମଳ ଚିତ୍ତ କ୍ଷେତ୍ରରେ ରୋପଣ କରିପାରିଲେ ସେହି ବୀଜ ଅଙ୍କୁରିତ ହୋଇ ଭଗବତ୍ ଭକ୍ତି ରୂପ ବୃକ୍ଷରେ ପରିଣତ

ହୁଏ ଏବଂ ସେଥିରେ ପ୍ରେମ ଫଳ ଫଳେ । ବିଶୁଦ୍ଧ କାମନା ଅର୍ଥ ଭଗବତ୍ କାମନା । ଭୋଗ ବାସନା ହିଁ ପ୍ରାକୃତ କାମ ବାସନା । କିନ୍ତୁ ଭଗବତ୍-ସେବାମୂଳକ ବାସନା ଅପ୍ରାକୃତ । ଭକ୍ତିପଥରେ ଭଗବାନଙ୍କ ନିମିତ୍ତ ବ୍ୟାକୁଳତା କେବେହେଲେ ସାଧନବିରୋଧୀ ନୁହେଁ ।

(୧୨୦୨) ଦୁର୍ଗାଦେବୀ : ମାୟା ଦୁଇ ଭାବରେ ବିଭକ୍ତ—ବିଦ୍ୟାମାୟା ଓ ଅବିଦ୍ୟାମାୟା । ବିଦ୍ୟାମାୟାଙ୍କୁ ମହାମାୟା ବା ଯୋଗମାୟା କୁହାଯାଏ । ଅବିଦ୍ୟାମାୟାଙ୍କୁ ମାୟା କୁହାଯାଏ । ମାୟା ହିଁ ବ୍ରହ୍ମାଣ୍ଡ ରଚନା କରି ତାହା ଆତ୍ମାଙ୍କୁ ଦର୍ଶନ କରାଇଥାନ୍ତି । ସେହି ମାୟା ହିଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଜନନୀ । ସେହି ମାୟାଙ୍କୁ ଅତିକ୍ରମ କରିବା ଦୁଷ୍କର ହେତୁ ତାଙ୍କର ଅନ୍ୟ ନାମ ଦୁର୍ଗା । ତେଣୁ ବିଶୁଦ୍ଧ ସତ୍ତ୍ୱଗୁଣ-ରୂପା ଯୋଗମାୟାଙ୍କ ଉପାସନା କରିବା ନିମିତ୍ତ ଶାସ୍ତ୍ରରେ ଉପଦେଶ ପ୍ରଦାନ କରାଯାଇଛି । ସେହି ମାୟାଦ୍ୱାରା ହିଁ ମହାବିଷ୍ଣୁ ଯୋଗନିଦ୍ରାରେ ଅଭିଭୂତ ଅଛନ୍ତି । ବ୍ରହ୍ମାଙ୍କ ଶକ୍ତି ସାବିତ୍ରୀ ଦେବୀ, ବେଦମାତା ଗାୟତ୍ରୀ ଦେବୀ ଏବଂ ବିଷ୍ଣୁଙ୍କ ଶକ୍ତି ଲକ୍ଷ୍ମୀ ଦେବୀ ଓ ସରସ୍ୱତୀ ଦେବୀ ଏବଂ ଶିବଙ୍କ ଶକ୍ତି ଗୌରୀଦେବୀ ଏକମାତ୍ର ସେହି ଦୁର୍ଗାଦେବୀଙ୍କର ବିଭିନ୍ନ ବିଭୂତି । ସେମାନେ ପରସ୍ପର କାର୍ଯ୍ୟର ସହାୟତାକାରିଣୀ ଶକ୍ତିଭାବରେ ବର୍ଣ୍ଣିତ । ଏହି ଦୁର୍ଗାଦେବୀ ମଧ୍ୟ ଜୀବର ମୋକ୍ଷଦାନ କ୍ରିୟାରେ ସହାୟତାକାରିଣୀ ଶକ୍ତି । ସେହିଭାବରେ ମା ଲକ୍ଷ୍ମୀ ବିଶ୍ୱପାଳିନୀଶକ୍ତିର ପ୍ରତୀକ ଏବଂ ସାବିତ୍ରୀ ଦେବୀ ବା ଗାୟତ୍ରୀଦେବୀ ବ୍ରହ୍ମାଙ୍କ ସୃଷ୍ଟିକାରିଣୀ ଶକ୍ତିରୂପରେ ବିଦିତ । ମାତ୍ର ସମସ୍ତ ଦୈବୀଶକ୍ତି ମା ଦୁର୍ଗାଦେବୀଙ୍କର ଅଂଶସ୍ୱରୂପା ।

(୧୨୦୩) ମୋକ୍ଷଲାଭ : ତ୍ରିଗୁଣାତୀତ ବ୍ରହ୍ମ ମାୟାଶକ୍ତିର କ୍ରିୟାଦ୍ୱାରା ଚାଞ୍ଚଲ୍ୟଭାବ ପ୍ରାପ୍ତହୋଇ ପୁରୁଷ ପ୍ରକୃତି ଭେଦରେ ଦ୍ୱିଧା ବିଭକ୍ତ ହୋଇଥାନ୍ତି । ସେହିଠାରୁ ତ୍ରିଗୁଣର ଅଭିବ୍ୟକ୍ତି ହୁଏ । ପୁରୁଷ ବ୍ୟତୀତ ଯାବତୀୟ ଶକ୍ତି ତ୍ରିଗୁଣାତ୍ମକ । ମୂଳ ବ୍ରହ୍ମସତ୍ତାରେ ରଜଃ ଓ ତମୋଗୁଣର ବିକାଶ ନାହିଁ । ତାଙ୍କଠାରେ ବିଶୁଦ୍ଧ ସତ୍ତ୍ୱଗୁଣ ବିରାଜିତ । ଜୀବମଧ୍ୟରେ ଥିବା ପୁରୁଷାଖ୍ୟ ଆତ୍ମା ରଜଃ ଓ ତମୋଗୁଣରୁ ମୁକ୍ତ ହେଲେ ପରମାତ୍ମାଙ୍କ ସ୍ୱରୂପାବସ୍ଥା ଲାଭ କରିଥାନ୍ତି । ଜଗତର ପ୍ରତ୍ୟେକ ପଦାର୍ଥରେ ପୁରୁଷ ପ୍ରକୃତି ଭେଦ ବିଦ୍ୟମାନ । ଜୀବ ମଧ୍ୟରୁ ପ୍ରକୃତିଭାବ ଧ୍ୱଂସପ୍ରାପ୍ତ ହେଲେ ଜୀବ ଆତ୍ମସ୍ୱରୂପରେ ଅବସ୍ଥାନ କରେ । ଏହି ଅବସ୍ଥାକୁ ମାୟାମୁକ୍ତ ଅବସ୍ଥା ବା ମୋକ୍ଷଲାଭ କୁହାଯାଏ । ତ୍ରିଗୁଣାବସ୍ଥାରୁ ମୁକ୍ତ ହେଲେ ଏହି ମୋକ୍ଷାବସ୍ଥା ଲାଭ

ହୋଇଥାଏ । ଭକ୍ତିଯୋଗରେ ଭଗବତ୍ ଉପାସନା ଦ୍ୱାରା ଓ ତ୍ରିଗୁଣର ସ୍ୱରୂପ ଅବଗତ ହେଲେ ସାଧକମାନେ ଗୁଣତ୍ରୟରୁ ମୁକ୍ତିଲାଭପୂର୍ବକ ମୋକ୍ଷାବସ୍ଥା ପ୍ରାପ୍ତ ହୋଇଥାନ୍ତି । ଅତଏବ ଗୁଣତ୍ରୟର ପ୍ରକୃତି ଅବଗତ ହୋଇ ତ୍ରିଗୁଣାତୀତଭାବରେ ଅବସ୍ଥାନ କରିପାରିଲେ ମୋକ୍ଷଲାଭ ହୋଇଥାଏ ।

(୧୨୦୪) ସତ୍ତ୍ୱଗୁଣ : ସତ୍ତ୍ୱଗୁଣ ସ୍ୱଚ୍ଛ ଓ ନିର୍ମଳ । ଏଥିରୁ ଶାନ୍ତି ଓ ସ୍ଥୈର୍ଯ୍ୟର ପ୍ରକାଶ ହୁଏ । ଏହା ସ୍ଥିରତ୍ୱ, ଜ୍ଞାନ, ଶକ୍ତି ଓ ଆନନ୍ଦର ସ୍ୱରୂପ । ସମସ୍ତ ସତ୍ୟକୁ ପ୍ରକାଶ କରିବା ସତ୍ତ୍ୱଗୁଣର ପ୍ରଧାନକାର୍ଯ୍ୟ । ଏହି ସତ୍ତ୍ୱଗୁଣାନ୍ୱିତ ବ୍ୟକ୍ତିମାନଙ୍କର ବିବେକ ସହଜରେ ଜାଗ୍ରତ ହୋଇଥାଏ । ଏହି କାରଣରୁ ସତ୍ତ୍ୱଗୁଣାନ୍ୱିତ ବ୍ୟକ୍ତିମାନଙ୍କ ନିକଟରେ ବିଶ୍ୱର ଯାବତୀୟ ଜ୍ଞାନ ସୁସ୍ପଷ୍ଟଭାବରେ ପ୍ରକାଶିତ ହୋଇଥାଏ । ମାନବ ମଧ୍ୟରେ ଏହି ସତ୍ତ୍ୱଗୁଣର ଅଂଶ ବିଦ୍ୟମାନ । କିନ୍ତୁ ଯେଉଁ ମାନବ ସତ୍ତ୍ୱଗୁଣଜନିତ ସ୍ଥିରତ୍ୱ, ଜ୍ଞାନ ଓ ସୁଖ—ଏହି ତ୍ରିବିଧ ଅବସ୍ଥା ଲାଭ ନମିତ୍ତ ବ୍ୟଗ୍ର, ସେମାନଙ୍କୁ ହିଁ ଜ୍ଞାନୀ କୁହାଯାଏ । ସତ୍ତ୍ୱଗୁଣ ପ୍ରବଳ ଥିବା ଅବସ୍ଥାରେ ମୃତ୍ୟୁ ହେଲେ ମାନବ ଦେବଲୋକ ଓ ଋଷିଲୋକ ପ୍ରାପ୍ତ ହୁଏ । ଏହି ସତ୍ତ୍ୱଗୁଣ ପ୍ରଭାବରେ ମାନବ ସୁଖ ଓ ଜ୍ଞାନରେ ଆବଦ୍ଧ ହୋଇଥାଏ ।

(୧୨୦୫) ରଜୋଗୁଣ : ରଜଃଗୁଣରୁ ଅନୁରାଗ ଓ ଆସକ୍ତି ଜାତ ହୁଏ । ଏହି ଗୁଣର କାର୍ଯ୍ୟ ବାସନା, କାମନା, ଆକାଙ୍‌କ୍ଷା, ପ୍ରାର୍ଥନା ଓ ତୃଷ୍ଣା ପ୍ରଭୃତି ଦ୍ୱାରା ଜୀବ ଚଞ୍ଚଳତାପ୍ରାପ୍ତ ହୋଇଥାଏ । ଏହି ଗୁଣ ପ୍ରଭାବରେ ଜୀବ ସର୍ବଦା ଅନ୍ୟଜୀବମାନଙ୍କ ସହିତ ସଙ୍ଗ କରିବାକୁ ସୁଖବୋଧ କରିଥାଏ । ଏହି କାରଣରୁ ଜୀବ ଆତ୍ମୀୟଜନଙ୍କ ସଙ୍ଗକୁ ଅତ୍ୟନ୍ତ ପ୍ରୀତିକର ବୋଲି ଜ୍ଞାନକରି ସେଥିରେ ଆସକ୍ତ ହୋଇପଡ଼େ । ରଜୋଗୁଣଦ୍ୱାରା ଆକ୍ରାନ୍ତ ହୋଇ ଜୀବ କର୍ମଚଞ୍ଚଳ ହୋଇଥାଏ । ରଜୋଗୁଣ ଅସ୍ଥିରତା, ଭେଦଜ୍ଞାନ ଓ ଦୁଃଖମିଶ୍ରିତ ସୁଖ ସ୍ୱରୂପ । କର୍ମ, ଚିନ୍ତା ଓ ବାକ୍ୟ ରଜୋଗୁଣର ଶକ୍ତି । ରଜୋଗୁଣଦ୍ୱାରା ମାନବ କର୍ମରେ ଆବଦ୍ଧ ହୋଇଥାଏ ।

(୧୨୦୬) ତମୋଗୁଣ : ସତ୍ତ୍ୱ ଓ ରଜୋଗୁଣର କାର୍ଯ୍ୟ ଯେଉଁ ସମୟରେ ସ୍ଥଗିତ ଥାଏ, ସେହି ସମୟରେ ତମୋଗୁଣ ପ୍ରବଳ ହୋଇଥାଏ । ସେତେବେଳେ ଜୀବ ଜଡ଼ଭାବ, ଆଳସ୍ୟ ଓ ନିଦ୍ରାରେ ଆଚ୍ଛନ୍ନ ହୋଇପଡ଼େ । ଜଡ଼ତ୍ୱ, ସ୍ଥିରତ୍ୱ, ଆସକ୍ତି, ଦୁଃଖ ଓ ଅଜ୍ଞାନତାହିଁ ତମୋଗୁଣର ସ୍ୱରୂପ । ତମୋଗୁଣରୁ ଅଜ୍ଞାନତାର

ଉତ୍ପତ୍ତି । ତମୋଗୁଣ ପ୍ରଭାବରେ ମାନବ ଅଜ୍ଞାନତାରେ ଆବଦ୍ଧ ହୋଇପଡ଼େ ଓ କର୍ମରେ ଅନିଚ୍ଛା ପ୍ରକାଶ କରେ ଏବଂ ସୁଖ ଦୁଃଖରେ ଆଚ୍ଛନ୍ନ ହୋଇ ବିବିଧ ଦୁଃଖ କଷ୍ଟ ଅନୁଭବ କରେ । ଅତଏବ ଅଜ୍ଞାନତା ବୋଧ, ସନ୍ଦେହ, ସଂଶୟ, ଆଳସ୍ୟତା, ଜଡ଼ତା ଓ ଭ୍ରାନ୍ତି ପ୍ରଭୃତି ତମୋଗୁଣର କ୍ରିୟା ।

(୧୨୦୭) ତ୍ରିଗୁଣାତୀତ ଅବସ୍ଥା : ତ୍ରିଗୁଣର ସ୍ୱରୂପ ଅବଗତ ହୋଇ ସେହି ତ୍ରିଗୁଣର କ୍ରିୟାରେ ବିଚଳିତ ନ ହୋଇ ତାହାର କ୍ରିୟାରୁ ମୁକ୍ତ ରହି ଭକ୍ତମାନେ ତ୍ରିଗୁଣର ଦ୍ରଷ୍ଟାଭାବରେ ଅବସ୍ଥାନପୂର୍ବକ ଭଗବତ୍‌ଭଜନ କରିପାରିଲେ ସେହି ଭକ୍ତ ସାଧକମାନେ ତ୍ରିଗୁଣାତୀତ ହୋଇ ମୋକ୍ଷଲାଭ କରିଥାନ୍ତି । ଏତାଦୃଶ ସାଧକମାନେ ହିଁ ସୁଖଦୁଃଖରେ ବିଚଳିତ ନ ହୋଇ ସମଚିତ୍ତତ୍ୱ ଅବଲମ୍ବନ ପୂର୍ବକ ଭଗବତ୍ ଭଜନ କରିଥାନ୍ତି । ସେମାନେ ନିନ୍ଦା ପ୍ରଶଂସାରେ ବିଷାଦ କିମ୍ବା ହର୍ଷ ଅନୁଭବ କରନ୍ତି ନାହିଁ । ସେମାନେ ସୁଖ-ଦୁଃଖ ପ୍ରଭୃତି ଦ୍ୱନ୍ଦ୍ୱଭାବରେ ପ୍ରଭାବିତ ନ ହୋଇ ଭଗବତ୍‌ଭାବରେ ବିଭୋର ରହିଥାନ୍ତି । ଏହିଭଳି ଅବସ୍ଥା ଲାଭକୁ ତ୍ରିଗୁଣାତୀତ ଅବସ୍ଥା କୁହାଯାଏ । ଏହି ଅବସ୍ଥାଲାଭ ପୂର୍ବରୁ ରଜଃ ଓ ତମୋଗୁଣର କ୍ଷୟସାଧନ କରି ସତ୍ତ୍ୱଗୁଣରେ ଅଧିଷ୍ଠିତ ରହିବା ଆବଶ୍ୟକ ।

(୧୨୦୮) ମୁଷ୍ଟିଯୋଗ ତ୍ରୟ : ପ୍ରାତଃକାଳରେ ସୂର୍ଯ୍ୟୋଦୟ ପୂର୍ବରୁ ଭ୍ରମଣ, ସ୍ନାନ ଓ ଜଳପାନର ଅଭ୍ୟାସ ଗଠନ କରିପାରିଲେ ସାଧକମାନେ ଶରୀରରେ ଓ ମନରେ ଅସଂଖ୍ୟପ୍ରକାର ଉପକାରିତା ଲାଭ କରିଥାନ୍ତି । କାରଣ, ରାତ୍ରିକାଳରେ ବାୟୁମଣ୍ଡଳରେ ଓ ଜଳ ମଧ୍ୟରେ ଏକପ୍ରକାର ନୈସର୍ଗିକ ଶକ୍ତିର ସଞ୍ଚାର ହୋଇଥାଏ ଏବଂ ମାନବଶରୀରସ୍ଥ ସ୍ନାୟୁମଣ୍ଡଳୀରେ ଧାତୁର ଉଗ୍ରତା ବର୍ଦ୍ଧିତ ହୋଇଥାଏ । ଏହି ସମୟରେ ଅର୍ଥାତ୍ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନକଲେ ଉତ୍ତାପର ଶକ୍ତି ମାନବଦେହରେ ସମଭାବରେ ସଞ୍ଚାରିତ ହୋଇଥାଏ । ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ଜଳରୁ ରାତ୍ରି-ଲବ୍ଧ-ଶକ୍ତି ତିରୋହିତ ହୋଇଯାଏ । ଏହି କାରଣରୁ ଉଷା-ସ୍ନାନାଦି ଫଳରେ ମାନବ ଶରୀରରେ ବିବିଧ ଆଧ୍ୟାତ୍ମିକଶକ୍ତି ସାଧନାର ସୁବିଧାଲାଭ ହୋଇଥାଏ । ପ୍ରାତଃସ୍ନାନଦ୍ୱାରା ଭଗବତନିଷ୍ଠା ବର୍ଦ୍ଧିତ ହୋଇଥାଏ । କ୍ରମେ ସମସ୍ତ ସାଧନ ବିଘ୍ନ ଅପସାରିତ ହୋଇ ସାଧନ ସାମର୍ଥ୍ୟ ଲାଭ ହୁଏ ।

(୧୨୦୯) ଭକ୍ତିଧର୍ମରେ ଶ୍ରେଷ୍ଠତା : ଦେହ ଓ ଇନ୍ଦ୍ରିୟମାନଙ୍କର ଶକ୍ତି ସସୀମ । ସମଗ୍ର ବିଶ୍ୱର ଅତି କ୍ଷୁଦ୍ର ଅଂଶ ଜ୍ଞାନ ଦ୍ୱାରା ଜଣାଯାଇଥାଏ । ସେହି କ୍ଷୁଦ୍ର

ଜ୍ଞାନ ଦ୍ୱାରା ଭଗବାନଙ୍କର ଅନନ୍ତମହିମା ଉପଲବ୍ଧ ହୋଇପାରେ ନାହିଁ । ଏହିହେତୁ ମାନବପକ୍ଷରେ ଐଶ୍ୱରିକ ଜ୍ଞାନଲାଭ କରିବା ସହଜସାଧ୍ୟ ହୁଏନାହିଁ । ଜୀବଭାବ ଓ ଈଶ୍ୱରଭାବ ପରସ୍ପର ବିପରୀତ ଭାବାପନ୍ନ । ସତ୍ୟଜ୍ଞାନର ଯେତିକି ଅଂଶ ମାନବର ଜ୍ଞାନଗମ୍ୟ ହୋଇ ରହିଛି, ମାନବ ସାଧନଦ୍ୱାରା ସେତିକି ମାତ୍ର ଅନୁଭବ କରିପାରେ । ଯୋଗୀ ଋଷି ଓ ବ୍ରହ୍ମା, ବିଷ୍ଣୁ, ଶିବ ମଧ୍ୟ ତାଙ୍କୁ ଜାଣିବା ନିମିତ୍ତ ଧ୍ୟାନନିରତ । ସୁତରାଂ ମାନବର ଜ୍ଞାନାଭିମାନ ବୃଥା । ଅତଏବ ସମସ୍ତ ଆଶା ଆକାଙ୍‌କ୍ଷା ଭଗବାନଙ୍କୁ ସମର୍ପଣ କରି କେବଳ ତାଙ୍କୁ ଲାଭ କରିବା ନିମିତ୍ତ ତାଙ୍କ ନିକଟରେ ଭକ୍ତିଭାବରେ ପ୍ରାର୍ଥନା କରିବା ଦରକାର । ଭକ୍ତିଯୁକ୍ତ ଚିତ୍ତରେ, ଆବେଗଭରା ପ୍ରାଣରେ ତାଙ୍କୁ ଡାକିଲେ ସେ କୃପାକରି ଭକ୍ତମାନଙ୍କୁ ଦର୍ଶନ ଦାନ କରିଥାନ୍ତି । ତାଙ୍କ କୃପାରେ ସେ ସାଧକମାନଙ୍କର ଜ୍ଞାନ-ଗମ୍ୟ ହୋଇଥାନ୍ତି । ଅତଏବ ଭକ୍ତିଧର୍ମ ବ୍ୟତୀତ ଭଗବତ୍‌ଲାଭର ଅନ୍ୟ ଉପାୟ ନାହିଁ ।

(୧୨୧୦) ସାଧକ ଓ ପଣ୍ଡିତ : ସାଧକ ଓ ପଣ୍ଡିତଙ୍କ ମଧ୍ୟରେ ଦିବାରାତ୍ରି ଭଳି ପ୍ରଭେଦ ବିଦ୍ୟମାନ । ପଣ୍ଡିତ ଶାସ୍ତ୍ରଦ୍ରଷ୍ଟା ଓ ସାଧକ ଶାସ୍ତ୍ରସ୍ରଷ୍ଟା । ସାଧାରଣ ବ୍ୟକ୍ତି ଶାସ୍ତ୍ର ପାଠ କରି ପଣ୍ଡିତ ହୁଅନ୍ତି ଏବଂ ସାଧକ ଶାସ୍ତ୍ରର ସାରମର୍ମ ଅନୁଭବ କରନ୍ତି । ପାଣ୍ଡିତ୍ୟ କୃତ୍ରିମ ଓ ପ୍ରାକୃତ; ପୁଣି ସାଧନା ସ୍ୱାଭାବିକ ଓ ଅପ୍ରାକୃତ । ପଣ୍ଡିତ ପରମୁଖାପେକ୍ଷୀ ଏବଂ ସାଧକ ସ୍ୱତନ୍ତ୍ରପନ୍ଥାବଲମ୍ବୀ । ପଣ୍ଡିତମାନେ ସେମାନଙ୍କ ଭାବକୁ ବିଭିନ୍ନ ଭାବରେ ପ୍ରକାଶ କରନ୍ତି; କିନ୍ତୁ ସ୍ୱଭାବକୁ ଏକ ଭାବରେ ଜାଗ୍ରତ ରଖିବା ହିଁ ସାଧକଙ୍କର ଲକ୍ଷ୍ୟ । ସାଧକ ଋଷିବାକ୍ୟ ଓ ଶାସ୍ତ୍ରବାକ୍ୟ ମଧ୍ୟରେ ନିତ୍ୟ ସାମଞ୍ଜସ୍ୟ ଅନୁଭବ କରି ସାଧନାରେ ଅଗ୍ରସର ହୁଅନ୍ତି । କିନ୍ତୁ ପଣ୍ଡିତମାନେ ଶାସ୍ତ୍ରମଧ୍ୟରେ ପରସ୍ପର ଭେଦ ଦର୍ଶନ କରିଥାନ୍ତି । ସାଧକମାନେ ସମସ୍ତ ପଥ ମଧ୍ୟରେ ଐକ୍ୟ ଭାବ ଅନୁଭବ କରି ସେହି ପଥରେ ଗତି କରନ୍ତି । ପଣ୍ଡିତମାନେ ଜୀବ ଓ ଈଶ୍ୱରଙ୍କ ମଧ୍ୟରେ ନିତ୍ୟ ଭେଦ ଦର୍ଶନ କରନ୍ତି; କିନ୍ତୁ ସାଧକମାନଙ୍କ ଚକ୍ଷୁରେ ସେପରି ଭେଦ ଦର୍ଶନ ନାହିଁ । ପଣ୍ଡିତମାନେ ସାଧନପଥର ବାହାରେ ରହି ବିଚାର କରି କହନ୍ତି 'ଭକ୍ତ ହେବାକୁ ହେଲେ ଉପାସକଙ୍କୁ ଉପାସ୍ୟଙ୍କଠାରୁ ନିତ୍ୟ ଭିନ୍ନ ଭାବରେ ରହିବାକୁ ପଡ଼ିବ । ତତ୍ତ୍ୱମସି ପ୍ରଭୃତି ମହାବାକ୍ୟ ଭକ୍ତମାନଙ୍କ ନିମିତ୍ତ ନୁହେଁ'– ଇତ୍ୟାଦି । କିନ୍ତୁ ସାଧକମାନେ ନିଜ ଭିତରେ ପରମେଶ୍ୱରଙ୍କୁ ଅନୁଭବ କରି ଦ୍ୱୈତ ଭାବରେ ତାଙ୍କ ଉପାସନା କରିବାକୁ ଇଚ୍ଛା କରନ୍ତି । ମହାପ୍ରଭୁ ଶ୍ରୀ

ଗୌରାଙ୍ଗ ଦେବ ସର୍ବଦା ଅନ୍ତରରେ ଭଗବତ୍ ଭାବରେ ବିଭୋର ଓ ଅଦ୍ୱୈତ ଭାବରେ ପ୍ରତିଷ୍ଠିତ ରହି ମଧ୍ୟ ଦ୍ୱୈତ ଭାବରେ ଉପାସନା କରୁଥିଲେ ।

(୧୨୧୧) ଭକ୍ତିଯୋଗ : ଭକ୍ତିର ସର୍ବଶ୍ରେଷ୍ଠ ଉପକରଣ ଶରଣାଗତି । ପୂର୍ଣ୍ଣ ଭାବରେ ଆତ୍ମସମର୍ପଣର ନାମ ଶରଣାଗତି । ଭକ୍ତମାନଙ୍କ ଅନ୍ତରରେ ସ୍ୱ-ସୁଖ-ବାସନା ନଥାଏ । ଭକ୍ତମାନେ ଭବାନଙ୍କ ଇଚ୍ଛା ପୂରଣ ନିମିତ୍ତ ସର୍ବଦା ସଚେଷ୍ଟ । ଭଗବାନଙ୍କଠାରୁ ନିଜର କୌଣସି ସ୍ୱତନ୍ତ୍ରତା ନାହିଁ ବୋଲି ଭକ୍ତମାନେ ଅନୁଭବ କରନ୍ତି । ପ୍ରେମାସ୍ପଦ ଭଗବାନଙ୍କ ମୁଖ ହିଁ ପ୍ରେମିକ ଭକ୍ତଙ୍କର ଆକାଙ୍‌କ୍ଷାର ବସ୍ତୁ । ଭକ୍ତ ସେବକ ଭାବ ରକ୍ଷା ନିମିତ୍ତ ସଦାତତ୍ପର ଥାଆନ୍ତି । ଭକ୍ତ ଭୋଗସୁଖପ୍ରତି ଆକୃଷ୍ଟ ନୁହନ୍ତି । ଭକ୍ତଙ୍କ ଅନ୍ତରରେ ଦୈନ୍ୟ, ନିରଭିମାନତା ଓ ଭଗବାନଙ୍କ ପ୍ରତି ଦୃଢ଼ ବିଶ୍ୱାସ ବିଦ୍ୟମାନ ଥାଏ । ଭକ୍ତମାନେ ଭକ୍ତି ଲାଭ ନିମିତ୍ତ ଅନୁକୂଳ କର୍ମ ସମ୍ପାଦନ କରନ୍ତି ଓ ଭକ୍ତିର ପ୍ରତିକୂଳ ଭାବ ତ୍ୟାଗ କରିଥାନ୍ତି । ଏବଂବିଧ ଭକ୍ତି-ଭାବର ଅନୁଶୀଳନକୁ ଭକ୍ତିଯୋଗ କୁହାଯାଏ । ଭକ୍ତନିକଟରେ ଏକମାତ୍ର ଶ୍ରୀ ଭଗବାନ ହିଁ ବିରାଜିତ ଥାଆନ୍ତି । ଏହାହିଁ ଭକ୍ତି ଯୋଗର ବୈଶିଷ୍ଟ୍ୟ ।

(୧୨୧୨) ଅବିଦ୍ୟା ପ୍ରଭାବ : ଏ ଜଗତରେ ଆତ୍ମା ହିଁ ଏକମାତ୍ର ସତ୍ୟବସ୍ତୁ । ଦେହ-ମନ-ପ୍ରାଣ ଇନ୍ଦ୍ରିୟାଦି ଆତ୍ମାର ଆବରଣୀ ଶକ୍ତି । ସୁତରାଂ ଏଗୁଡ଼ିକ ମିଥ୍ୟା । ଏହା ସତ୍ୟ ହେଲେ ମଧ୍ୟ ଦେହଧାରୀ ଜୀବବୁଦ୍ଧି ନିକଟରେ ଏହି ସତ୍ୟ-ଜ୍ଞାନ କେବେହେଲେ ପ୍ରକାଶିତ ହୁଏ ନାହିଁ । ଏହି ସବୁ ଅନିତ୍ୟ ଦେହମନାଦି ବିଷୟ-ସଂସାର ପ୍ରଭୃତି ଯେ ପ୍ରକୃତ ପକ୍ଷରେ ଅସତ୍ୟ ହୋଇ ମଧ୍ୟ ସତ୍ୟ ବୋଲି ପ୍ରତିଭାତ ହୁଏ, ଏହା ହିଁ ପରମେଶ୍ୱରଙ୍କ ମୋହକାରିଣୀ ଅବିଦ୍ୟା ଶକ୍ତିର କ୍ରିୟା । ତେଣୁ ଜୀବ ଭାବରେ ଅବସ୍ଥାନ କରି ଆତ୍ମତତ୍ତ୍ୱ ପ୍ରକୃତ ଭାବରେ ଉପଲବ୍ଧି କରାଯାଇପାରେ ନାହିଁ । ମହାପୁରୁଷମାନେ କହନ୍ତି ଯେ ଆତ୍ମା ଭିନ୍ନ ଅନ୍ୟ ସମସ୍ତ ମିଥ୍ୟା । ସାଧାରଣଙ୍କ ଅନ୍ତଃକରଣ ଅବିଦ୍ୟାଶକ୍ତି ଦ୍ୱାରା ଆବୃତ ଥିବାରୁ ତାହା ସେ ବିଶ୍ୱାସ କରି ପାରନ୍ତି ନାହିଁ । ଏହା ହିଁ ଆଶ୍ଚର୍ଯ୍ୟ କଥା । ଏହି ଅବିଦ୍ୟାଶକ୍ତି ହେତୁ ସାଧାରଣ ମାନବ କେବେ ହେଲେ ଧର୍ମାଧର୍ମ ଓ କର୍ମାକର୍ମର ରହସ୍ୟ ସମ୍ବନ୍ଧରେ ସହଜରେ ବୋଧଗମ୍ୟ କରିପାରନ୍ତି ନାହିଁ । ତେଣୁ ସେମାନେ ବିଷୟ-ନରକରେ ପଡ଼ି ବିବିଧ ଦୁଃଖ ଭୋଗ କରିଥାନ୍ତି । ସୁତରାଂ ସାଧକମାନେ ସମସ୍ତ ଉପଦେଶ ଗୁଡ଼ିକୁ ନିଜ ବିବେକ-ଶକ୍ତି ବଳରେ ବିଚାର କରି ଆତ୍ମଚିନ୍ତାପରାୟଣ ହେଲେ

ଏହି ଅବିଦ୍ୟାଶକ୍ତି ବଶୀଭୂତ ହୋଇଥାଏ । ଯେଉଁମାନେ ଏହି ଆତ୍ମଚିନ୍ତାମୂଳକ କର୍ମରେ ଅସମର୍ଥ, ସେହିମାନେ ହିଁ ଅବିଦ୍ୟା କବଳିତ ହୋଇ ବିବିଧ କଷ୍ଟ ଭୋଗ କରିଥାନ୍ତି । ଅତଏବ ସାଧକମାନେ ନିଜର ଅନ୍ତରସ୍ଥ ଗୁରୁଶକ୍ତିଙ୍କ ଶରଣାପନ୍ନ ହୋଇ ଅବିଦ୍ୟା କବଳରୁ ମୁକ୍ତିଲାଭ କରିବା ହିଁ ପରମ କର୍ତ୍ତବ୍ୟ ।

(୧୨୧୩) ସହଜ ସାଧନ : ଜୀବନରେ ବିବିଧ ରିପୁଙ୍କ ଅତ୍ୟାଚର ସର୍ବଦା ଲାଗି ରହିଥାଏ । କିନ୍ତୁ ସାଧକ ସେମାନଙ୍କ ମଧ୍ୟରୁ ଗୋଟିଏ ରିପୁକୁ ଜୟ କରିବାକୁ ଚେଷ୍ଟା କରିବା ଆବଶ୍ୟକ । ସେଥିରେ ଅନ୍ୟ ସମସ୍ତ ରିପୁ ବା ପାପ ପ୍ରବୃତ୍ତି କ୍ରମେ ଦୂରୀଭୂତ ହୋଇଯାଏ । ଯେପରି ସୂର୍ଯ୍ୟ ଉଦିତ ହେଲା ମାତ୍ରେ ଅନ୍ଧକାର ଦୂରକୁ ପଳାୟନ କରେ, ସେହିପରି ଜ୍ଞାନସୂର୍ଯ୍ୟଙ୍କ ଉଦୟରେ ସମସ୍ତ ଅଜ୍ଞାନତା ଦୂର ହୋଇଯାଏ । ଏହି ଭାବରେ କିଛି ଦିନ ସାଧନ ଅଭ୍ୟାସ କଲେ ମାନବ ଅନ୍ତରରେ ପ୍ରଜ୍ଞାଲୋକ ସହଜରେ ଉଦିତ ହୋଇ ଅନ୍ତରକୁ ଶୁଦ୍ଧ ଭାବରେ ପୂର୍ଣ୍ଣ କରିଦିଏ । ତେଣୁ ସମସ୍ତ ରିପୁ ଜୟ କରିବା ପାଇଁ ଚେଷ୍ଟା ନ କରି ସେହି ରିପୁମାନଙ୍କ ମଧ୍ୟରୁ ଗୋଟିକୁ ଜୟ କରିବା ନିମିତ୍ତ ଚେଷ୍ଟା କରିବା ହିଁ ସହଜ ସାଧନା ନାମରେ ପରିଗଣିତ ।

(୧୨୧୪) ତ୍ୟାଗର ମହିମା : ତ୍ୟାଗର ମହିମା ଅତି ଦୁର୍ବୋଧ୍ୟ । ବାହ୍ୟ ଧନସମ୍ପଦରୁ ଯେଉଁ ଆଂଶିକ ଦାନ, ତାହା କପଟତ୍ୟାଗ । ଆନ୍ତରିକ ତ୍ୟାଗ ହିଁ ପ୍ରକୃତ ତ୍ୟାଗ ମଧ୍ୟରେ ଗଣ୍ୟ । ଆସକ୍ତି ମାତ୍ରକେ ଦୁର୍ବଳତା ଏବଂ ତ୍ୟାଗ ହିଁ ଶକ୍ତି ଓ ତ୍ୟାଗ ହିଁ ଐଶ୍ୱର୍ଯ୍ୟ । ଯେଉଁମାନେ ଆସକ୍ତ, ସେହିମାନେ ଦୁର୍ବଳ । ସ୍ୱାର୍ଥ ହିଁ ରାଗର ନାମାନ୍ତର । ଦେହ ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଆତ୍ମାକୁ ମିଶାଇବାର ନାମ ରାଗ ବା ଆସକ୍ତି । ଅବିଦ୍ୟା ମାୟା ହେତୁ ଏଭଳି ଭ୍ରାନ୍ତବୁଦ୍ଧିର ଉଦୟ ହୋଇଥାଏ । ଅଜ୍ଞାନତାର ଅନ୍ୟ ନାମ ଅବିଦ୍ୟା । ଜ୍ଞାନଦ୍ୱାରା ଏହି ଅଜ୍ଞାନର ବିନାଶ ହୁଏ । କେବଳ ଶାସ୍ତ୍ରାଲୋଚନା ଦ୍ୱାରା ଅବିଦ୍ୟା ଦୂର ହୁଏ ନାହିଁ । କାରଣ ସେହି ଅବିଦ୍ୟା ହିଁ ଆତ୍ମାର ଗୋଟିଏ ଶକ୍ତି । ଯେଉଁ ଶକ୍ତି ସାହାଯ୍ୟରେ ସେ ବିଶ୍ୱ ପରିଚାଳନା କରନ୍ତି, ସେହି ଶକ୍ତିର ନାମ ମାୟା । ଏକମାତ୍ର ଆତ୍ମଶକ୍ତି ବା ଗୁରୁଶକ୍ତି ପ୍ରଭାବରେ ଏହି ମାୟାଶକ୍ତି ଜୟ ହେଲେ ଅନ୍ତରରେ ତ୍ୟାଗର ମହିମା ଫୁଟି ଉଠେ । ଅତଏବ ଭଗବତ୍ ଶରଣାଗତି ଫଳରେ ଅନ୍ତରରେ ତ୍ୟାଗର ମହିମା ବିକଶିତ ହୋଇଥାଏ ।

(୧୨୧୫) ଧର୍ମାଧର୍ମ : ଯେଉଁ ବ୍ୟକ୍ତି କର୍ମରେ ଅକର୍ମ ଓ ଅକର୍ମରେ କର୍ମ ଦର୍ଶନ କରନ୍ତି; ସେ ହିଁ ପ୍ରକୃତ ଧାର୍ମିକ। ରୋଗୀର ଯାହା ଧର୍ମ, ସୁସ୍ଥ ବ୍ୟକ୍ତିଙ୍କ ପକ୍ଷରେ ତାହା ଅଧର୍ମ। ସଂସାରୀ ମାନଙ୍କର ଯାହା ଧର୍ମ ସାଧକମାନଙ୍କ ପକ୍ଷରେ ତାହା କେବେ ଧର୍ମ ନୁହେଁ। ତେଣୁ ଏ ଜଗତରେ ବିଭିନ୍ନ ବ୍ୟକ୍ତିଙ୍କ ଧର୍ମ ବା ଆଚରଣୀୟ କର୍ମ ସବୁ ପରସ୍ପରଠାରୁ ଭିନ୍ନ। ଅତଏବ ସଂସାରୀମାନଙ୍କର ଯାହା ଧର୍ମ, ସନ୍ନ୍ୟାସୀମାନଙ୍କ ପକ୍ଷର ସେପରି କର୍ମ ହିଁ ଅଧର୍ମ। ସଂସାର କରିବା, ବାହ୍ୟପୂଜା କରିବା, ବିଷୟୀ ପକ୍ଷରେ ଧର୍ମ ହେଲେ ମଧ ସାଧୁବ୍ୟକ୍ତିଙ୍କ ପକ୍ଷରେ ତାହା ଅଧର୍ମ। ଗୋଟିଏ ଅବସ୍ଥାରେ ଯାହା ଧର୍ମ, ଅନ୍ୟ ଅବସ୍ଥାରେ ତାହା ଅଧର୍ମ। ଯେତେ ପ୍ରକାର ଧର୍ମାଧର୍ମ ଅଛି, ତନ୍ମଧରେ ପରହିତବ୍ରତ, ଇନ୍ଦ୍ରିୟ ସଂଯମ, ଜ୍ଞାନଭକ୍ତିର ଅନୁଶୀଳନ ପ୍ରଭୃତି ସର୍ବବାଦୀ ସମ୍ମତ ଧର୍ମ ଓ ତାହା ସମସ୍ତଙ୍କର କରଣୀୟ। ତେଣୁ ଶାସ୍ତ୍ରରେ ଧର୍ମତତ୍ତ୍ୱକୁ ଗୋପନୀୟ ବୋଲି କୁହାଯାଇଛି। ଉପରୋକ୍ତ ଭାବକୁ ବିଚାର କରି ମହାପୁରୁଷମାନେ ଧର୍ମକୁ ତିନି ଶ୍ରେଣୀରେ ବିଭକ୍ତ କରିଛନ୍ତି।

(୧୨୧୬) ଧର୍ମର ତ୍ରିବିଧ ଭେଦ : ଧର୍ମ, କର୍ମ ଓ କର୍ତ୍ତବ୍ୟ ତିନି ଭାଗରେ ବିଭକ୍ତ। (୧) ଆତ୍ମା ଓ ପରମେଶ୍ୱର ବିଷୟକ କର୍ତ୍ତବ୍ୟ ହିଁ ଏକାନ୍ତ କର୍ତ୍ତବ୍ୟ। (୨) ବିଷୟ ସଂକ୍ରାନ୍ତ ବୁଦ୍ଧି ବିଦ୍ୟାର ଅର୍ଜନ, ସମ୍ପତ୍ତି ଓ ଅର୍ଥ ସଞ୍ଚୟ, ପରିବାର ପ୍ରତିପାଳନ ଓ ନୀତିଶିକ୍ଷା ପ୍ରଭୃତି କର୍ମ ବିଶେଷ କର୍ତ୍ତବ୍ୟ। (୩) ଦେଶାଚାର, କୁଳାଚାର ଓ ସମାଜ ନୀତି ମାନ ଚଳିବା, ଆମୋଦ ପ୍ରମୋଦ କରିବା ଓ ଗ୍ରାସାଚ୍ଛାଦନରେ ପରିପାଟ୍ୟ ସାଧନ ଇତ୍ୟାଦି କର୍ମ ସାଧାରଣ କର୍ତ୍ତବ୍ୟ ମଧରେ ଗଣ୍ୟ। ଯେ ବିଶେଷ କର୍ତ୍ତବ୍ୟ ପାଳନରେ ନିରତ, ତାଙ୍କ ପକ୍ଷରେ ସାଧାରଣ କର୍ତ୍ତବ୍ୟର ହେଳାରେ ପାପ ହୁଏ ନାହିଁ। ତେଣୁ ସାଧକମାନେ ନିଜ ନିଜ ଜୀବନର ଅବସ୍ଥାନୁସାରେ ଧର୍ମ, କର୍ମ ଓ କର୍ତ୍ତବ୍ୟର ବ୍ୟବସ୍ଥା ନିରୂପଣ କରି ତଦନୁଯାୟୀ ସାଧନପଥରେ ଅଗ୍ରସର ହେବା ବାଞ୍ଛନୀୟ।

(୧୨୧୭) କର୍ମଫଳ : ଜୀବର ଜନ୍ମମରଣ ଦଶା ବର୍ତ୍ତମାନର ଅନୁମାନ ବା ଯୁକ୍ତି ଉପରେ ପ୍ରତିଷ୍ଠିତ ଜ୍ଞାନ ନୁହେଁ। ଏହା ପ୍ରତ୍ୟକ୍ଷ ସିଦ୍ଧ ବ୍ୟାପାର। ଆଉ କର୍ମମାତ୍ରକେ ଫଳ ନିଶ୍ଚୟ ଅଛି। ଜୀବ ବାସନା ଓ ଆସକ୍ତି ସହିତ ଏ ଜଗତରେ ଯେଉଁ ପ୍ରକାର କର୍ମ କରେ, ସେହି କର୍ମର ଫଳ ଦିନେ ତାକୁ ନିଶ୍ଚୟ ଭୋଗ

କରିବାକୁ ହୋଇଥାଏ । ଇହଜୀବନର କର୍ମଫଳ ଭୋଗ ପୂର୍ବରୁ ଯଦି ଜୀବ ସ୍ଥୁଳ ଦେହ ତ୍ୟାଗ କରେ, ତେବେ କର୍ମଫଳରେ ଶକ୍ତି ନଷ୍ଟ ନ ହୋଇ ସଞ୍ଚିତ ହୋଇଯାଏ । ସେହି ସଞ୍ଚିତ ଶକ୍ତିବଳରେ ଜୀବ ପୁନରାୟ ଜନ୍ମ ଗ୍ରହଣ କରି ସେହି କର୍ମର ଫଳ ଭୋଗ କରିଥାଏ । ଏହିଭଳି କର୍ମଫଳ ଭୋଗକୁ ପ୍ରାରବ୍ଧ କୁହାଯାଏ । ଏହି ନିୟମରେ ଜୀବର କର୍ମଫଳ ଭୋଗ ଚଳି ଆସୁଛି । କର୍ମଫଳ ପ୍ରଧାନତଃ ଦ୍ୱିବିଧ ଭାବରେ ଜୀବକୁ ଅଭିଭୂତ କରିଥାଏ । ଅର୍ଥାତ୍ ସୁଖ ଓ ଦୁଃଖ ଏହି ଦୁଇ ଭାବରେ ଜୀବର କର୍ମଫଳ ଭୋଗ ହୋଇଥାଏ । ଜୀବର ଆତ୍ମା ସୁଖ ଦୁଃଖ ରହିତ । ତେଣୁ ଆତ୍ମାର ଜନ୍ମ ମୃତ୍ୟୁ ପ୍ରଭୃତି କିଛି ନାହିଁ । ଆତ୍ମା ଜୀବ ଦେହରେ ଅଧିଷ୍ଠିତ ହେଲେ ତାହାକୁ କୂଟସ୍ଥ ଚୈତନ୍ୟ କୁହାଯାଏ । ସେହି ଚୈତନ୍ୟ ଜୀବର କର୍ମଫଳ ସହିତ ଯୁକ୍ତହୋଇ ଜୀବାତ୍ମା ନାମ ଧାରଣ କରେ । ଜୀବ ମାୟା ପ୍ରଭାବରେ ଆବଦ୍ଧ ହୋଇ କର୍ମଫଳ ଭୋଗ କରେ । ଜୀବର ମନକୁ ସଂକୀର୍ଣ୍ଣ ବିଷୟ ଦିଗରେ ଆକର୍ଷଣ କରିବା ମାୟାର କାର୍ଯ୍ୟ । ଏଥିପାଇଁ ଜୀବ ବିବିଧ ଦୁଃଖ କଷ୍ଟ ଭୋଗ କରିଥାଏ । ଅତଏବ ବୁଦ୍ଧି ଓ ବିଚାର ଦ୍ୱାରା ମନକୁ ସଂକୀର୍ଣ୍ଣ ବିଷୟ ଦିଗରୁ ପ୍ରତ୍ୟାହୃତ କରି ଭଗବତ୍‌ଧ୍ୟାନରେ ତନ୍ମୟ କରିପାରିଲେ କର୍ମଫଳରୁ ମୁକ୍ତି ମିଳେ । ତେଣୁ ଭଗବାନଙ୍କଠାରେ କର୍ମଫଳ ସମର୍ପଣ ପୂର୍ବକ ସମ୍ପୂର୍ଣ୍ଣ ଅନାସକ୍ତ ଭାବରେ କର୍ମ କରିବା ନିମିତ୍ତ ଗୀତାରେ ଉପଦେଶ ପ୍ରଦାନ କରାଯାଇଛି । ଈଶ୍ୱର ତୁଲ୍ୟ ମହାପୁରୁଷମାନେ ହିଁ ଭଗବାନ । ଐଶୀଶକ୍ତି ମନୁଷ୍ୟାକାର ଧାରଣ କଲେ ତାଙ୍କୁ ହିଁ ଭଗବାନ କୁହାଯାଏ । ତାଙ୍କରି ଉଦ୍ଦେଶ୍ୟରେ କର୍ମସାଧନ ଅଭ୍ୟାସର ନାମ କର୍ମ ଯୋଗ । ଏହି କର୍ମଯୋଗ ଆଶ୍ରୟରେ ହିଁ କର୍ମଫଳରୁ ମୁକ୍ତି ମିଳିଥାଏ ।

(୧୨୧୮) କର୍ମର ତ୍ରିବିଧ ଭେଦ : କାୟିକ, ବାଚିକ ଓ ମାନସିକ ଭେଦରେ କର୍ମ ତିନି ପ୍ରକାର । ସ୍ଥୁଳ କର୍ମେନ୍ଦ୍ରିୟ ଦ୍ୱାରା ଯେଉଁ କର୍ମ କରାଯାଏ, ତାହା କାୟିକ କର୍ମ । ବାକ୍ୟ ଉଚ୍ଚାରଣ ଦ୍ୱାରା ଯେଉଁ କର୍ମ, ତାହା ବାଚିକ ଏବଂ ମନେ ମନେ ଚିନ୍ତାଦ୍ୱାରା ଯେଉଁ କର୍ମ, ତାହା ମାନସିକ କର୍ମ ନାମରେ ଅଭିହିତ । କାମନା ବାସନା ମଧ୍ୟ ଚିନ୍ତାର ଅନ୍ତର୍ଗତ । ଚିନ୍ତା, ବାକ୍ୟ ଓ କର୍ମ—ଏହି ତ୍ରିବିଧ ଶକ୍ତିର ଫଳ ଜୀବ ଭୋଗ କରିଥାଏ ।

(୧୨୧୯) ଧର୍ମଲାଭର ସାଧନା : ଜ୍ଞାନ ଲାଭ ପରେ ଜ୍ଞାନର ଭାବନା ଗୁଡ଼ିକୁ କର୍ମରେ ପରିଣତ କରିବା ହିଁ ଧର୍ମଲାଭର ସାଧନା । କର୍ମହୀନ ଜ୍ଞାନ ଦ୍ୱାରା

କେବେ ହେଲେ ମୋକ୍ଷଲାଭ ହୁଏନାହିଁ । ଶ୍ରବଣ, ପଠନ ଦ୍ୱାରା ଯେଉଁ ଜ୍ଞାନ ଲାଭ ହୁଏ, ତାହା କାର୍ଯ୍ୟକାରୀ ଶକ୍ତିବିହୀନ (Unpractical) । ସେହି ଜ୍ଞାନ କେବଳ ମନ ମଧ୍ୟରେ ବିରାଜିତ ଥାଏ । ତେଣୁ ସେହି ଜ୍ଞାନ ଅସ୍ପଷ୍ଟ (Faint & Vague) ସଂସ୍କାର ଭାବରେ କାର୍ଯ୍ୟ କରେ । କିନ୍ତୁ ସେହି ଜ୍ଞାନକୁ କର୍ମ ମଧ୍ୟରେ ଅଭ୍ୟାସରେ ପରିଣତ କରିପାରିଲେ, ସେହି ଶକ୍ତି ମୃତ୍ୟୁ ପରେ ମଧ୍ୟ ଜୀବର ଅନୁଗମନ କରେ । ସେହି କ୍ରିୟାଶୀଳ ଜ୍ଞାନ Practical Knowledge ଜୀବକୁ ମୋକ୍ଷ ପ୍ରଦାନ କରିଥାଏ । ଉକ୍ତ କାର୍ଯ୍ୟକାରୀ ଜ୍ଞାନକୁ ଶାସ୍ତ୍ରରେ ସ୍ୱଭାବ ବୋଲି ଅଭିହିତ କରାଯାଇଛି । ସେହି ଜୀବନ୍ତ ଜ୍ଞାନଶକ୍ତି ସାଧକଙ୍କୁ ସଦ୍‌ଗୁରୁ ରୂପରେ ଅଥବା ବିଭିନ୍ନ ଇଷ୍ଟମୂର୍ତ୍ତିରେ ଦର୍ଶନ ଦାନ କରି ଉଦ୍ଧାର କରିଥାନ୍ତି । ତେଣୁ ସାଧକ ଜ୍ଞାନକୁ କେବଳ କଣ୍ଠସ୍ଥ ନ କରି କର୍ମ ଜୀବନରେ ସେଇ ଅଭ୍ୟାସ ବା ଅନୁଶୀଳନ କଲେ ତାହାକୁ ହିଁ ଧର୍ମ ଜୀବନରେ ସାଧନା ନାମରେ ଅଭିହିତ କରାଯାଇଥାଏ । ଜ୍ଞାନ ଆଲୋଚନା ଫଳରେ କେବଳ ମସ୍ତିଷ୍କର ଶକ୍ତି ବୃଦ୍ଧିଲାଭ କରେ । ମସ୍ତିଷ୍କର ଶକ୍ତି ବୃଦ୍ଧି ସଙ୍ଗେ ସଙ୍ଗେ ହୃଦୟର ଏବଂ କର୍ମଶକ୍ତିର ବିକାଶ ନିମିତ୍ତ ସାଧନା ଆବଶ୍ୟକ । ସତ୍ୟ, ଦୟା, ଅହିଂସା, ନିଷ୍କାମତା, ନିଃସ୍ୱାର୍ଥ ପରୋପକାର ଓ ଦାନ ପ୍ରଭୃତି ସତ୍ କର୍ମର ଅନୁଷ୍ଠାନ ହିଁ ଧର୍ମଲାଭର ସାଧନା ।

(୧୨୨୦) ଆତ୍ମଶକ୍ତି ଓ ମାୟାଶକ୍ତି : ଜ୍ଞାନ, ଚୈତନ୍ୟ ଓ ଆତ୍ମା ଏକ ଜାତୀୟ ଏବଂ ଶକ୍ତି, ମାୟା ଓ ପ୍ରକୃତି ଅନ୍ୟ ଜାତୀୟ । ଜ୍ଞାନ, ଚୈତନ୍ୟ ଓ ଆତ୍ମା—ଏ ଗୁଡ଼ିକ ଧର୍ମୀ ବା ଗୁଣୀ ଏବଂ ଶକ୍ତି, ମାୟା ବା ପ୍ରକୃତି, ଏ ଗୁଡ଼ିକ ଧର୍ମ ବା ଗୁଣ । ଯାହାର ସତ୍ତା ଅଛି, ତାକୁ କୁହାଯାଏ ସତ୍ ଏବଂ ଯାହାର ସତ୍ତା ନାହିଁ ତାହା ଅସତ୍ । ତେଣୁ ଶକ୍ତି, ମାୟା ବା ପ୍ରକୃତି ଅସତ୍ । ଶକ୍ତି ଅବସ୍ତୁ; ସୁତରାଂ ତାହା ଅସତ୍ ହେଲେ ମଧ୍ୟ କର୍ମରେ ତାହାର ଅସ୍ତିତ୍ୱ ଅନୁଭୂତ ହୋଇଥାଏ । କର୍ମ ନ ଥିଲେ ଶକ୍ତି ନାହିଁ । କାରଣକୁ କାର୍ଯ୍ୟରେ ପରଣତ କରିବା ନିମିତ୍ତ ଶକ୍ତିର ଆବଶ୍ୟକ । ନଚେତ୍ କାର୍ଯ୍ୟ ବା ବିଶ୍ୱ ନ ଥିଲେ ଶକ୍ତି ଅନୁଭୂତ ହୁଅନ୍ତା ନାହିଁ । କାର୍ଯ୍ୟ କାରଣ ରୂପ ଶକ୍ତି ନ ଥିଲେ ମଧ୍ୟ ଜ୍ଞାନ ବା ଚୈତନ୍ୟ ସ୍ୱରୂପ ଆତ୍ମା ନିତ୍ୟ ବିରାଜିତ । ଗୋଟିଏ ବସ୍ତୁକୁ ଅନ୍ୟ ଆକାରରେ ପ୍ରକାଶ କରିବାରେ କର୍ତ୍ତା ହେଉଛି ମାୟାର ଶକ୍ତି । ବ୍ରହ୍ମକୁ ଜଗତ୍ ରୂପରେ, ସମଷ୍ଟିକୁ ବ୍ୟଷ୍ଟି ଭାବରେ ପ୍ରକାଶ କରିବା ନିମିତ୍ତ ମାୟାଶକ୍ତି ଆବଶ୍ୟକ । ଜଗତ୍ ଓ ଜଗତ୍ କର୍ତ୍ତା ଈଶ୍ୱର ଏକ ବା ଏକତ୍ୱ

ସ୍ୱରୂପ (Simultaneous) ଜଗତ୍‌ରୂପତା ବ୍ରହ୍ମ ବା ଆତ୍ମାର ଗୋଟିଏ ଭାବ । ବ୍ରହ୍ମ ସ୍ୱରୂପରେ ନିର୍ଗୁଣ ହେଲେ ମଧ୍ୟ ସୃଷ୍ଟି ତାଙ୍କର ଗୁଣ । ଆତ୍ମାସ୍ୱରୂପ କିପରି ଭାବମୟ, ତାହା ସାଧାରଣ ବୁଦ୍ଧିର ଅଗମ୍ୟ । ତେଣୁ ବ୍ରହ୍ମା, ବିଷ୍ଣୁ ଓ ଶିବ ତାଙ୍କୁ ନିତ୍ୟ ଧ୍ୟାନ କରିଥାନ୍ତି ।

(୧୨୨୧) ଭଗବତ୍ ଗୀତାର ଅଦ୍ୱୈତ ଓ ବିଶିଷ୍ଟାଦ୍ୱୈତବାଦ : ଶ୍ରୀମଦ୍ ଭଗବତ୍ ଗୀତା ବେଦାନ୍ତର ଅଦ୍ୱୈତବାଦ ବା ଜ୍ଞାନମାର୍ଗ ଏବଂ ଶ୍ରୀମଦ୍ ଭାଗବତର ବିଶିଷ୍ଟାଦ୍ୱୈତବାଦ ବା ଭକ୍ତିମାର୍ଗର ଅନ୍ତର୍ଗତ ସେତୁ ସ୍ୱରୂପ । ଗୀତାରେ ଯେପରି ଜ୍ଞାନ ମାର୍ଗର ପ୍ରତିପାଦ୍ୟ ପୂର୍ଣ୍ଣ ଅଦ୍ୱୈତ ବ୍ରହ୍ମଚୈତନ୍ୟଙ୍କ ବିବରଣ ପ୍ରଦତ୍ତ ହୋଇଅଛି, ସେହିପରି କର୍ମ ବା ଯୋଗମାର୍ଗର ଭେଦ ବା ଜୀବ-ଈଶ୍ୱରଙ୍କ ଭେଦ ପ୍ରଦର୍ଶନ ପୂର୍ବକ ଯୋଗ ସାଧନର ଉପାୟ ମଧ୍ୟ ପ୍ରଦତ୍ତ ହୋଇଅଛି । ସଧାରଣ ବିଷୟୀ ମାନବ ପକ୍ଷରେ ଅଦ୍ୱୈତବାଦ ପ୍ରଥମେ ଗ୍ରହଣୀୟ ନୁହେଁ । ତେଣୁ ଭଗବାନ ଗୀତାର ପ୍ରଥର ଛଅ ଅଧ୍ୟାୟରେ କର୍ମ ଯୋଗର ପ୍ରଶଂସା କରି ଚିତ୍ତ ଶୁଦ୍ଧିର ଉପାୟ ପ୍ରଦର୍ଶନ କରିଛନ୍ତି । ଚିତ୍ତ ଶୁଦ୍ଧ ନ ଥିଲେ ତଦ୍ୱାରା ଭଗବତ୍‌ତତ୍ତ୍ୱ ହୃଦୟଙ୍ଗମ କରାଯାଇପାରେ ନାହିଁ । ପ୍ରଥମ ଉପଦେଶ ଷଟକ ଅନୁସାରେ ଚଳି ଚିତ୍ତ ଶୁଦ୍ଧଭାବ ଧାରଣ କଲେ ଦ୍ୱିତୀୟ ଷଟକ ବା ଭକ୍ତି ଯୋଗରେ ଆରୋହଣ କରିବାକୁ ପଡ଼େ । ସେହି ସାଧନ ପଥରେ ସମଷ୍ଟି ଈଶ୍ୱର ଚୈତନ୍ୟ ସ୍ୱରୂପ କର୍ତ୍ତା ଭଗବାନଙ୍କର ସନ୍ଧାନ ମିଳିଥାଏ । ସେହି ଅବସ୍ଥାରେ ଧ୍ୟାନ, ପୂଜା, ପ୍ରାର୍ଥନାର ଅଧିକାର ଲାଭ ହୋଇଥାଏ । ଏହି ଭାବରେ ଭକ୍ତି ଲାଭ ହେଲେ ପରାବିଦ୍ୟା ସାଧନାର ଅଧିକାର ଜାତ ହୁଏ । ତେଣୁ ଗୀତାର ତୃତୀୟ ଷଟକରେ ଅଦ୍ୱୈତବାଦର ଚରମ ଉପଦେଶ ପ୍ରଦତ୍ତ ହୋଇଅଛି ।

(୧୨୨୨) ଚତୁର୍ଦ୍ଦଶ ଭୁବନ : ସନାତନ ଧର୍ମଶାସ୍ତ୍ରେରେ ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ ଓ ସତ୍ୟ ଲୋକ ଏବଂ ଅତଳ, ବିତଳ, ସୁତଳ ତଳାତଳ, ରସାତଳ, ମହାତଳ ଓ ପାତାଳ– ଏହାକୁ ଚତୁର୍ଦ୍ଦଶ ଭୁବନ କୁହାଯାଏ । ସପ୍ତଲୋକକୁ ବିଶ୍ୱର ସପ୍ତସ୍ତର ବୋଲି କହନ୍ତି । ଏହି ସବୁ ଲୋକ ଆତ୍ମା ଓ ଚିତ୍ତର ଅର୍ଥାତ୍ ମାୟାମୟ ଚୈତନ୍ୟଙ୍କର ଦୃଶ୍ୟାବସ୍ଥା ମାତ୍ର । ସତ୍ୟ ଓ ତପଲୋକ ବ୍ୟତୀତ ଅନ୍ୟ କୌଣସି ଲୋକର ପାରମାର୍ଥିକ ଅସ୍ତିତ୍ୱ ନାହିଁ । ବିଶ୍ୱର ସପ୍ତସ୍ତର ଅଂଶକୁ ଭୁବନ କୁହାଯାଏ । ପ୍ରତ୍ୟେକ ଲୋକର ବିଭିନ୍ନ ଭୁବନ ଅଛି ।

(୧୨୨୩) ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ : ବୈଷୟିକ ଭାବ ଐଶ୍ୱର୍ଯ୍ୟ ଭାବାତ୍ମକ

ଏବଂ ଆଧ୍ୟାତ୍ମିକ ଭାବ ମାଧୁର୍ଯ୍ୟ ଭାବାତ୍ମକ । ପ୍ରେମ ପ୍ରୀତି, ଆନନ୍ଦ, ରସ ଓ ଏକାତ୍ମତା ମାଧୁର୍ଯ୍ୟର ସ୍ୱରୂପ । ଭଗବାନଙ୍କ ସହିତ ଜୀବର ମାଧୁର୍ଯ୍ୟ ସମ୍ବନ୍ଧ ବିଦ୍ୟମାନ । ବିଷୟ ସମ୍ବନ୍ଧରେ ଉଚ୍ଚ ନୀଚ ଭାବ ବା ଭେଦ ଭାବ ନିହିତ । ତେଣୁ ସାଧକମାନେ ଈଶ୍ୱରଙ୍କୁ ମହତ୍ ମହୀୟାନ୍ ବୋଧରେ ମାନ୍ୟ କରନ୍ତି ଏବଂ ମାଧୁର୍ଯ୍ୟ ଭାବ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ଶ୍ରୀଭଗବାନ ହିଁ ମନୁଷ୍ୟର ପରମାତ୍ମା ବା ଆତ୍ମାର ଆତ୍ମା । ଯେ ପର୍ଯ୍ୟନ୍ତ ଏହି ଏକାତ୍ମବୋଧର ଉପଲବ୍ଧି ହୋଇ ନଥାଏ, ସେତେଦିନ ଯାଏ ସାଧକ ସାଧନାକୁ ନୀରସ ବୋଧ କରିଥାନ୍ତି ।

(୧୨୨୪) ବେଦ ବୃକ୍ଷ : ସନାତନ ଧର୍ମର ବେଦଶାସ୍ତ୍ର ସୁବିଶାଳ ମହୀରୂହ ସଦୃଶ । ବ୍ରହ୍ମ, ଆତ୍ମା ଓ ଭଗବାନ ଏହାର ମୂଳ ବା ଆଶ୍ରୟ । ବେଦ ଚତୁଷ୍ଟୟ ଏହାର ବିସ୍ତୀର୍ଣ୍ଣ ଶାଖା । ବେଦର ଛନ୍ଦ ସେହି ବୃକ୍ଷର ପତ୍ର ସ୍ୱରୂପ । ବେଦ ଅନ୍ତର୍ଗତ ଭକ୍ତିଭାବ ଜ୍ଞାନ ଓ ଯୋଗମୂଳକ ସାଧନ-କୌଶଳ ସେହି ବୃକ୍ଷର ପୁଷ୍ପ ସଦୃଶ । ଏହି ଧର୍ମ ବୃକ୍ଷର ପୁଷ୍ପରୁ ଚତୁର୍ବର୍ଗଫଳ ଲାଭ ହୁଏ । ତେଣୁ ସାଧକମାନେ ଏହି ଫଳର ରସାସ୍ୱାଦନ କରି ପରମ ତୃପ୍ତି ଲାଭ କରିଥାନ୍ତି ।

(୧୨୨୫) ମହାକାଳ : ଆମର ଯେପରି ବାରଘଣ୍ଟାରେ ଗୋଟିଏ ଦିନ ଓ ବାରଘଣ୍ଟାରେ ଗୋଟିଏ ରାତ୍ରି ଗଣାହୁଏ, ସେହିପରି ପିତୃପୁରୁଷମାନଙ୍କର କୃଷ୍ଣପକ୍ଷରେ ଦିନ ଓ ଶୁକ୍ଳପକ୍ଷରେ ରାତି ହୁଏ । ସେହି ଅନୁସାରେ ଉତ୍ତରାୟଣ ଛଅମାସ ଦେବତାମାନଙ୍କର ଗୋଟିଏ ଦିନ ଏବଂ ଦକ୍ଷିଣାୟନ ଛଅମାସ ଏକରାତ୍ରି ହୁଏ । ଅର୍ଥାତ୍ ଆମର ବର୍ଷକରେ ସେମାନଙ୍କର ଏକ ଅହୋରାତ୍ର ହୁଏ । ଆମର ତିନିଶହ ପଞ୍ଚଷଠି ବର୍ଷରେ ଦେବତାମାନଙ୍କର ଗୋଟିଏ ବର୍ଷ ହୋଇଥାଏ । ତାହାକୁ ଦେବବର୍ଷ କୁହାଯାଏ ।

ଦେବତାମାନଙ୍କର ଚାରିହଜାର ବର୍ଷରେ ଗୋଟିଏ ସତ୍ୟଯୁଗ ହୁଏ । ଏହା ଆମର ଚଉଦଲକ୍ଷ ଷାଠିଏ ହଜାର ବର୍ଷ । ପ୍ରତି ଯୁଗର ପୂର୍ବବର୍ତ୍ତୀ କାଳକୁ ସନ୍ଧ୍ୟା କୁହାଯାଏ । ସତ୍ୟଯୁଗରେ ସନ୍ଧ୍ୟାର ପରିମାଣ ଚାରିଶତ ଦୈବବର୍ଷ । ସତ୍ୟଯୁଗର ଉଭୟ ସଂଧ୍ୟାର ପରିମାଣ ଆଠଶତ ଦୈବବର୍ଷ । ଅର୍ଥାତ୍ ଆମର ଦୁଇଲକ୍ଷ ବୟାନବେ ହଜାର ବର୍ଷ ।

ତ୍ରେତାଯୁଗର ପରିମାଣ ହେଉଛି ତିନିହଜାର ଦୈବବର୍ଷ । ଅର୍ଥାତ୍ ଆମର ଦଶ ଲକ୍ଷ ପଞ୍ଚାନବେ ହଜାର ବର୍ଷ । ତ୍ରେତାଯୁଗସନ୍ଧ୍ୟାର ପରିମାଣ ତିନିଶତ

ଦୈବବର୍ଷ । ଅର୍ଥାତ୍ ଉଭୟ ସନ୍ଧ୍ୟା ଛ'ଶତ ଦୈବବର୍ଷ ପରିମିତ । ତାହା ଆମର ଦୁଇଲକ୍ଷ ଉଣେଇଶ ହଜାର ବର୍ଷ । ତେଣୁ ତ୍ରେତାଯୁଗର ପରିମାଣ ହେଉଛି ତିନି ହଜାର ଛଅଶତ ଦୈବବର୍ଷ, ଅର୍ଥାତ୍ ଆମର ତେରଲକ୍ଷ ଚଉଦହଜାର ବର୍ଷ ।

ଦ୍ୱାପରଯୁଗର ପରିମାଣ ଦୁଇହଜାର ଦୈବବର୍ଷ; ଅର୍ଥାତ୍ ଆମର ସାତଲକ୍ଷ ତିରିଶହଜାର ବର୍ଷ । ଦ୍ୱାପରଯୁଗର ଗୋଟିଏ ସନ୍ଧ୍ୟାର ପରିମାଣ ଦୁଇଶତ ଦୈବବର୍ଷ ଓ ଉଭୟ ସନ୍ଧ୍ୟା ଚାରିଶତ ଦୈବବର୍ଷ । ଅର୍ଥାତ୍ ଆମର ଏକଲକ୍ଷ ଛୟାଳିଶହଜାର ବର୍ଷ । ଦ୍ୱାପରଯୁଗର ମୋଟ ପରିମାଣ ଆଠଲକ୍ଷ ଛଅସ୍ତରିହଜାର ମାନୁଷୀବର୍ଷ ।

କଳିଯୁଗର ପରିମାଣ ଏକହଜାର ବୈଦବର୍ଷ; ଅର୍ଥାତ୍ ଆମର ତିନିଲକ୍ଷ ପଞ୍ଚଷଠି ହଜାର ବର୍ଷ । କଳି ସନ୍ଧ୍ୟା ଗୋଟିକର ପରିମାଣ ଏକଶତ ଦୈବବର୍ଷ ହିସାବରେ ଉଭୟ ସନ୍ଧ୍ୟାର ପରିମାଣ ଦୁଇଶତ ଦୈବବର୍ଷ ବା ଆମର ତେସ୍ତରିହଜାର ବର୍ଷ । ଅର୍ଥାତ୍ କଳିଯୁଗର ମୋଟ ପରିମାଣ ଦୁଇହଜାର ଦୁଇଶତ ଦୈବବର୍ଷ ବା ଆମର ଚାରିଲକ୍ଷ ଅଠତ୍ରିଶ ହଜାର ବର୍ଷ ।

ଉକ୍ତ ଚାରିଯୁଗ ଏବଂ ତାହାର ସନ୍ଧ୍ୟାଂଶ ଆଠଗୋଟିର ମୋଟ ପରିମାଣ ହେଉଛି ବାରହଜାର ଦୈବବର୍ଷ ବା ଆମର ତେୟାଳିଶ ଲକ୍ଷ ଅଶୀହଜାର ବର୍ଷ । ଏହି ତେୟାଳିଶ ଲକ୍ଷ ଅଶୀହଜାର ମାନବବର୍ଷରେ ଗୋଟିଏ ଚତୁର୍ଯୁଗ ଭୋଗ ହୁଏ । ଏହିଭଳି ଏକହଜାର ଚତୁର୍ଯୁଗରେ ବ୍ରହ୍ମାଙ୍କର ଗୋଟିଏ ଦିନ ଓ ଦୁଇ ହଜାର ଚତୁର୍ଯୁଗ ବର୍ଷରେ ବ୍ରହ୍ମାଙ୍କର ଗୋଟିଏ ଅହୋରାତ୍ର ହୁଏ । ଏହି ଭାବରେ ବାରକୋଟି ଦୈବବର୍ଷରେ ବା ଚାରି ହଜାର ତିନି ଶତ ଅଶୀ ହଜାର କୋଟି ମାନବବର୍ଷରେ ବ୍ରହ୍ମାଙ୍କର ଗୋଟିଏ ଦିନ ଭୋଗ ହୁଏ । ଏହିଭାବରେ ଚବିଶକୋଟି ଦୈବବର୍ଷ ବା ଆଠହଜାର ସାତଶହ ଷାଠିଏ କୋଟି ମାନବବର୍ଷରେ ବ୍ରହ୍ମାଙ୍କର ଗୋଟିଏ ଦିନ ଓ ଗୋଟିଏ ରାତ୍ରି ଭୋଗ ହୋଇଥାଏ ।

ବ୍ରହ୍ମାଙ୍କ ଦିବସରେ ସୃଷ୍ଟି ସ୍ଥିର ଥାଏ ଏବଂ ରାତ୍ରିରେ ପ୍ରଳୟ ହୁଏ । ବ୍ରହ୍ମାଙ୍କର ଗୋଟିଏ ଦିନରେ ଚଉଦ ମନ୍ୱନ୍ତର ଭୋଗ ହୁଏ । (୧) ସ୍ୱାୟମ୍ଭୁବ (୨) ସ୍ୱରୋଚିତ (୩) ଉତ୍ତମ, (୪) ତାମସ, (୫) ରୈବତ, (୬) ଚାକ୍ଷୁଷ, (୭) ବୈବସ୍ୱତ, (୮) ସାବର୍ଣ୍ଣି, (୯) ଦକ୍ଷସାବର୍ଣ୍ଣି, (୧୦) ବ୍ରହ୍ମସାବର୍ଣ୍ଣି, (୧୧) ଧର୍ମସାବର୍ଣ୍ଣି (୧୨) ରୁଦ୍ରସାବର୍ଣ୍ଣି, (୧୩) ଦେବସାବର୍ଣ୍ଣି, (୧୪) ଇନ୍ଦ୍ରସାବର୍ଣ୍ଣି— ଏମାନେ ହେଲେ ଚତୁର୍ଦ୍ଦଶ ମନୁ । ଏହି ହିସାବରେ—

ମାନବର ଦୁଇପକ୍ଷ = ପିତୃପୁରୁଷଙ୍କର ଏକ ଅହୋରାତ୍ର

ମାନବର ଦୁଇ ଅୟନ = ଦେବତାମାନଙ୍କର ଗୋଟିଏ ଅହୋରାତ୍ର
୩୬୫ ମାନବ ବର୍ଷ = ଏକ ଦେବବର୍ଷ
୧୨୦୦ ଦୈବବର୍ଷ = ଏକ ଚତୁର୍ଯୁଗ
୧୦୦୦ ଚୁତୁର୍ଯୁଗ = ବ୍ରହ୍ମାଙ୍କର ଗୋଟିଏ ଦିନ
୩୬୫ ବ୍ରହ୍ମାଙ୍କ ଦିନ = ଏକ ବ୍ରହ୍ମାବର୍ଷ
ବ୍ରହ୍ମାଙ୍କ ୧୦୦ ବର୍ଷ = ବ୍ରହ୍ମାଙ୍କ ପରମାୟୁ ।

ବ୍ରହ୍ମାଙ୍କ ପରମାୟୁ ବା ବ୍ରହ୍ମାଙ୍କ ଶତବର୍ଷରେ ମହାବିଷ୍ଣୁଙ୍କର ଗୋଟିଏ ନିଃଶ୍ୱାସ ପରିମିତ କାଳ । ପ୍ରଳୟ ଦୁଇପ୍ରକାର– ବ୍ରହ୍ମାଙ୍କର ରାତ୍ରିକାଳରେ ଯେଉଁ ପ୍ରଳୟ ହୁଏ, ସେଥିରେ ବ୍ରହ୍ମା ବିଦ୍ୟମାନ ଥାନ୍ତି । ଜଣେ ବ୍ରହ୍ମାଙ୍କ ଜୀବିତାବସ୍ଥାରେ ଏହି ପ୍ରଳୟ ଛତିଶହଜାର ପାଞ୍ଚଶତ ଥର ହୁଏ । ଉପରୋକ୍ତ ବ୍ରହ୍ମାଙ୍କ ନିତ୍ୟ ପ୍ରଳୟକୁ ଖଣ୍ଡପ୍ରଳୟ କୁହାଯାଏ । ଏହି ଖଣ୍ଡ ପ୍ରଳୟ ଏକହଜାର ଚତୁର୍ଯୁର୍ଗ ବା ବାରହଜାର ଦୈବବର୍ଷ ବା ଚାରିହଜାର ତିନିଶତ ଅଶୀକୋଟି ମାନବବର୍ଷରେ ଥରେ ହୁଏ । ବ୍ରହ୍ମାଙ୍କ ପରମାୟୁ ଶହେବର୍ଷ ଅର୍ଥାତ୍ ୧୫୯, ୮୭୦୦୦ କୋଟି ମାନବ୍ବର୍ଷ । ଏହି ସମୟ ପରେ ମହାପ୍ରଳୟ ହୁଏ । ମହାବିଷ୍ଣୁ ଯେତେବେଳେ ନିଃଶ୍ୱାସ ଗ୍ରହଣ କରନ୍ତି, ସେତେବେଳେ ମହାପ୍ରଳୟ ହୁଏ । ସେତେବେଳେ ବ୍ରହ୍ମା ମଧ୍ୟ ନଥାନ୍ତି । ମହାବିଷ୍ଣୁ ପୁନରାୟ ନିଃଶ୍ୱାସ ତ୍ୟାଗ କଲେ ସୃଷ୍ଟି ହୁଏ । ମାନବ ନିଃଶ୍ୱାସ ଭଳି ମହାବିଷ୍ଣୁଙ୍କ ନିଃଶ୍ୱାସର ଅନ୍ତ ନାହିଁ । ତେଣୁ କାଳ କେଡ଼େ ବିଶାଳ ! ଏହି କାଳକୁ ମହାକାଳ କୁହାଯାଏ । ତଥାପି ଏହି ମହାକାଳ ଈଶ୍ୱରଙ୍କର ଗୋଟିଏ ପାଦ ବା ଏକଚତୁର୍ଥାଂଶ । ଏହି ତ୍ରିପାଦର ଖବର ସାଧାରଣତଃ ମିଳେନାହିଁ । ଏହି ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ଅନନ୍ତକୋଟି ବ୍ରହ୍ମାଣ୍ଡ ବିଦ୍ୟମାନ । କାଳର ତୁଳନାରେ ବ୍ରହ୍ମାଣ୍ଡ କେତେ ବିଶାଳ, ତାହା ସହଜରେ ଅନୁମେୟ ଏବଂ ସେହି ବ୍ରହ୍ମାଣ୍ଡ ତୁଳନାରେ ମାନବ କେତେ କ୍ଷୁଦ୍ର ! ତଥାପି ମାନବର ଅହଂକାରର ସୀମା ନାହିଁ ।*

(୧୨୨୬) ଯୋଗଶକ୍ତି : ଭଗବାନଙ୍କୁ ଲାଭ କରିବାକୁ ହେଲେ ମାନବର ସମସ୍ତ ଶକ୍ତିକୁ ଏକତ୍ର କରି ଏକମୁଖୀ କରିବାକୁ ହେବ । ମାନବର ଶକ୍ତି ବିଭିନ୍ନ ପ୍ରକାର ହେଲେ ମଧ୍ୟ ସେହିସବୁ ଶକ୍ତିକୁ ଏକତ୍ର ଯୋଗକରି ଏକମୁଖୀ କରିବା ହିଁ ଏକାଗ୍ରତାର ସାଧନା । ଏହା ହିଁ ମନର ଅନ୍ତର୍ମୁଖୀ କ୍ରିୟା । ଶରୀର, ଇନ୍ଦ୍ରିୟଗଣ, ସ୍ନାୟୁମଣ୍ଡଳୀ ଓ ପ୍ରାଣ—ଏହି ସବୁ ଶକ୍ତିକୁ ଏକତ୍ର ଯୋଗକରି ଏହା ସହିତ ମନର

* ଆର୍ଯ୍ୟଦର୍ପଣ ୧୩୪୨ ସାଲ ଶ୍ରାବଣ ସଂଖ୍ୟା ଦ୍ରଷ୍ଟବ୍ୟ ।

ଯେଉଁ ସଂଯୋଗ ଅର୍ଥାତ୍ ଜୀବର ସର୍ବଶକ୍ତିର ସଂଯୋଗକୁ ଶାସ୍ତ୍ରରେ ଯୋଗ କୁହାଯାଇଛି । ଏହି ଯୋଗସାଧନ ବ୍ୟତୀତ କେବେହେଲେ ଭଗବତ୍ ସାକ୍ଷାତ୍କାର ଲାଭ ହୋଇପାରେ ନାହିଁ ।

(୧୨୨୭) କୁଳକୁଣ୍ଡଳିନୀ ଶକ୍ତି : କୌଣସି ବ୍ୟଷ୍ଟିଜୀବନର ସମଗ୍ର ଆତ୍ମପ୍ରକୃତିକୁ ଅର୍ଥାତ୍ ଜୀବଶକ୍ତିଯୁକ୍ତ ଜୀବଚୈତନ୍ୟକୁ କୁଳକୁଣ୍ଡଳିନୀଶକ୍ତି କୁହାଯାଏ । ଏହା ସାଧାରଣ ମାନବ ଦେହ ମଧ୍ୟରେ ସୁଷୁମ୍ନାନାଡ଼ିଭିତରେ ଅବସ୍ଥାନ କରେ । ଏହାର ଦୁଇଟି ମୁଖ । ଗୋଟିଏ ମୁଖଦ୍ୱାରା ସେ ଜଗତର ଭେଦମୂଳକ କର୍ମ କରେ । ବିଷୟାନ୍ଧ ମାନବର ସୁଷୁମ୍ନା ଦ୍ୱାର ରୁଦ୍ଧ ଥାଏ । ତେଣୁ ସେ ଇଡ଼ାପିଙ୍ଗଳାପଥରେ ଗତି କରି ବହିର୍ଜଗତର ସ୍ପନ୍ଦନ ଅନୁଭବ କରେ । ଅତଏବ ଇନ୍ଦ୍ରିୟ ଓ ସ୍ନାୟୁମଣ୍ଡଳୀ (Nervals System) ମସ୍ତିଷ୍କ ପ୍ରଭୃତିର ସହାୟତା ବ୍ୟତୀତ ସାଧାରଣ ମାନବ ବିଶ୍ୱଜଗତର ବାହ୍ୟ ଜ୍ଞାନ ଓ କର୍ମଶକ୍ତି ଲାଭ କରିବାକୁ ସମର୍ଥ ହୋଇପାରେ ନାହିଁ । କିନ୍ତୁ ଯୋଗମୂଳକ କ୍ରିୟାଭ୍ୟାସ ଦ୍ୱାରା କୁଣ୍ଡଳିନୀ ଶକ୍ତିକୁ ଜାଗରିତ କରିବାକୁ ପଡ଼େ । କୁଣ୍ଡଳିନୀ ସୁଷୁମ୍ନାଦ୍ୱାର ଭେଦ କଲେ ଆଧ୍ୟାତ୍ମିକ ଜ୍ଞାନ ଲାଭ ହୋଇଥାଏ ।

ଜୀବ ଦେହ ମଧ୍ୟରେ ମେରୁଦଣ୍ଡ ଭିତରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ି ବିଦ୍ୟମାନ । ଇଡ଼ା ପିଙ୍ଗଳା ନାଡ଼ିର ମଧ୍ୟ ଦେଇ ସିଧାଭାବରେ ସୁଷୁମ୍ନା ନାଡ଼ି ଅବସ୍ଥିତ । ସାଧାରଣ ମାନବର ସୁଷୁମ୍ନା ନାଡ଼ି ଅତିଶୟ ଅପ୍ରଶସ୍ତ । ଏହି ନାଡ଼ି ଏତେ ସୂକ୍ଷ୍ମ ଯେ, ଶକ୍ତିଶାଳୀ ଅଣୁବୀକ୍ଷଣ ଯନ୍ତ୍ରଦ୍ୱାରା ମଧ୍ୟ ଦୃଷ୍ଟିଗୋଚର ହୁଏ ନାହିଁ । ସଦ୍‌ଗୁରୁଙ୍କ ପ୍ରଦତ୍ତ ଯୋଗ ସାଧନା ଦ୍ୱାରା ଏହି ସୁଷୁମ୍ନାପଥ ଉନ୍ମୁକ୍ତ ହେଲେ ଏହି ଶକ୍ତି ଜାଗ୍ରତ ହୋଇ ସେହିପଥରେ ମସ୍ତିଷ୍କକୁ ଗମନ କରେ ।

(୧୨୨୮) କୁଣ୍ଡଳିନୀର ଚୈତନ୍ୟ : ଜୀବ ଦେହରେ କୁଣ୍ଡଳିନୀ ଶକ୍ତି ସୁପ୍ତ । ଶ୍ରୀଗୁରୁଦେବଙ୍କ ଆଦେଶ ଅନୁସାରେ କ୍ରିୟାଦ୍ୱାରା ଏହି ଶକ୍ତିଙ୍କର ଚୈତନ୍ୟ ସମ୍ପାଦନ କରିବାକୁ ହୁଏ । ନିମ୍ନଲିଖିତ ଅଭ୍ୟାସଦ୍ୱାରା କୁଣ୍ଡଳିନୀର ଚୈତନ୍ୟ ସମ୍ପାଦିତ ହୋଇଥାଏ । (୧) ଆଧ୍ୟାତ୍ମଜ୍ଞାନ ଓ ତତ୍ତ୍ୱଜ୍ଞାନର ଅନୁଶୀଳନ ଦ୍ୱାରା (୨) ଭଗବତ୍ ଉପାସନା, ଧ୍ୟାନ, ଜପ, ସ୍ମରଣ, ମନନ ଓ ପ୍ରାର୍ଥନାଦି ଦ୍ୱାରା (୩) ରାଜଯୋଗ ସମ୍ମତ କ୍ରିୟାଭ୍ୟାସ ଦ୍ୱାରା (୪) ଶମ, ଦମ, ତିତିକ୍ଷା, ନିୟମ ସଂଯମ, ତ୍ୟାଗ ବୈରାଗ୍ୟର ଅଭ୍ୟାସଦ୍ୱାରା ଏହି ଶକ୍ତି ଜାଗ୍ରତ ହୋଇଥାଏ । ଏହାକୁ ଶାସ୍ତ୍ରରେ ଜ୍ଞାନଯୋଗ ଓ ଭକ୍ତିଯୋଗ, ରାଜଯୋଗ ଓ କର୍ମଯୋଗ କୁହାଯାଏ । ରାଜଯୋଗ

ଓ କର୍ମଯୋଗର ଅଭ୍ୟାସଦ୍ୱାରା ମାନବର ଅନ୍ତର ଓ ବାହ୍ୟପ୍ରକୃତି ବଶୀଭୂତା ହୁଏ । ପ୍ରକୃତିକୁ ଜୟ କରି ବା ଅତିକ୍ରମ କରି ଶକ୍ତିକୁ ଶକ୍ତିମାନ୍ ପରମପୁରୁଷଙ୍କ ସହିତ ସମ୍ମିଳିତ କରିବାକୁ ଯୋଗ ସାଧନା କୁହାଯାଏ ।

(୧୨୨୯) ଜୀବ ଦେହସ୍ଥ ସ୍ନାୟୁକେନ୍ଦ୍ର : ସୁଷୁମ୍ନା ନାଡ଼ି ମଧ୍ୟରେ ଅତି ସୂକ୍ଷ୍ମ କେତେ ଗୁଡ଼ିଏ ସ୍ନାୟୁକେନ୍ଦ୍ର ବିଦ୍ୟମାନ । ସମଗ୍ର ଦେହସ୍ଥିତ ସ୍ନାୟୁଜାଲ ଗୁଡ଼ିକ ପୁଞ୍ଜୀକୃତ ବା ଏକତ୍ର ହୋଇ ଗ୍ରନ୍ଥିଭଳି ସୁଷୁମ୍ନା ନାଡ଼ିମଧ୍ୟରେ ସ୍ନାୟୁକେନ୍ଦ୍ର ରୂପରେ ବିରାଜିତ । ଏହି କେନ୍ଦ୍ରଗୁଡ଼ିକ ବିଭିନ୍ନ ପ୍ରକାର ଜୀବ-ଚେତନାର ବା ଜୀବଶକ୍ତିର ଆଧାରସ୍ଥାନ (Station) ମାତ୍ର । ଏହାର ଶାସ୍ତ୍ରୀୟ ନାମ ଚକ୍ର ବା ପଦ୍ମ । ସେଗୁଡ଼ିକ ମୂଳାଧାର, ସ୍ୱାଧୀଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ ଓ ଆଜ୍ଞା ନାମରେ ଅଭିହିତ ହୋଇଅଛି । ଏହି ପଦ୍ମଗୁଡ଼ିକ ଯଥାକ୍ରମେ ଗୁହ୍ୟମୂଳ, ଲିଙ୍ଗମୂଳ, ନାଭିମୂଳ, ହୃଦଯନ୍ତ୍ର, କଣ୍ଠ ଏବଂ ଭ୍ରୂମଧ୍ୟରେ ଅବସ୍ଥାନ କରୁଛି । ଉପରୋକ୍ତ ଷଟ୍‌ସ୍ଥାନ ଆମଦେହର ପଶ୍ଚାତ୍‌ଭାଗରେ ମେରୁଦଣ୍ଡ ମଧ୍ୟରେ ସୁଷୁମ୍ନା ନାଡ଼ି ଭିତରେ ବିରାଜିତ । ଏହି ଚକ୍ରଗୁଡ଼ିକ ଜୀବର ସବୁ ପ୍ରକାର ଚୈତନ୍ୟ ଓ ଶକ୍ତିର ଆକର । ଏହାର ବୈଜ୍ଞାନିକ ନାମ ସ୍ନାୟୁପ୍ରବାହ କେନ୍ଦ୍ର ବା ଶକ୍ତି ବହନ କେନ୍ଦ୍ର । ଉପରୋକ୍ତ ଭିନ୍ନ ଭିନ୍ନ କେନ୍ଦ୍ର ବା ଶକ୍ତି ସାହାଯ୍ୟରେ ଆତ୍ମା, ପ୍ରକୃତି ଓ ଚିତ୍ତ୍ୱଠାରୁ ଶକ୍ତି ବା ଅଭିଜ୍ଞାନ ଲାଭ କରେ । ବିଭିନ୍ନ ପ୍ରକାର ଚକ୍ରରୁ ବିଭିନ୍ନପ୍ରକାର ଅଭିଜ୍ଞାନ ବା କ୍ରିୟାଶକ୍ତିର ଉଦ୍ଭବ ହୋଇ ତାହା ସ୍ନାୟୁମଣ୍ଡଳ ଓ ମସ୍ତିଷ୍କକୁ ଏବଂ ସେଥି ସହିତ ଦେହ ଯନ୍ତ୍ରକୁ ପରିଚାଳନା କରେ ।

(୧୨୩୦) ଚକ୍ରର ଶକ୍ତି : ଉପରୋକ୍ତ ସ୍ନାୟୁକେନ୍ଦ୍ର ଗୁଡ଼ିକର ଶକ୍ତିସାହାଯ୍ୟରେ ସାଧାରଣ ମାନବ ବିଭିନ୍ନ ଇନ୍ଦ୍ରିୟଦ୍ୱାର ଦେଇ ବହିର୍ଜଗତରୁ ସ୍ପନ୍ଦନ ବା ଜ୍ଞାନ ଆହରଣ କରେ । ଆଜ୍ଞାଚକ୍ରରୁ ବୁଦ୍ଧି, ବିଚାର ଓ ଚିନ୍ତାଶକ୍ତି, ବିଶୁଦ୍ଧଚକ୍ରରୁ ବାକ୍‌ଶକ୍ତି, ଅନାହତଚକ୍ରରୁ ରକ୍ତ ସଞ୍ଚାଳନ ଶକ୍ତି, ମଣିପୁରଚକ୍ରରୁ ପରିପାକଶକ୍ତି, ସ୍ୱାଧିଷ୍ଠାନଚକ୍ରରୁ ଜନନଶକ୍ତି ଏବଂ ମୂଳାଧାରରୁ ପଞ୍ଚ ପ୍ରାଣବାୟୁର କ୍ରିୟାଶକ୍ତିର ଉଦ୍ଭବ ହୋଇଅଛି । ଏହା ହିଁ ଶକ୍ତିର କ୍ରିୟା । ଉପରୋକ୍ତ ସ୍ନାୟୁକେନ୍ଦ୍ରର ଶକ୍ତିଦ୍ୱାରା ମାନବ ବିଭିନ୍ନ ଇନ୍ଦ୍ରିୟ ସାହାଯ୍ୟରେ ବହିର୍ଜଗତ୍ ନିକଟକୁ ସ୍ପନ୍ଦନ ବା ଜ୍ଞାନ ଆହରଣ କରିଥାଏ । ଇନ୍ଦ୍ରିୟମାନେ ମନ ଓ ବୁଦ୍ଧିକୁ କେବେହେଲେ ଜଗତର ସତ୍ୟସମ୍ବାଦ ପ୍ରଦାନ କରନ୍ତି ନାହିଁ । ତେଣୁ ଯୋଗବଳରେ ସୁଷୁମ୍ନାଦ୍ୱାର ଖୋଲି ଗଲେ ଜୀବାତ୍ମା ଇନ୍ଦ୍ରିୟର ସାହାଯ୍ୟ ବ୍ୟତୀତ ଯାବତୀୟ ସତ୍ୟଜ୍ଞାନ ଗ୍ରହଣ କରିବାକୁ

ସମର୍ଥ ହୋଇଥାଏ । ଏହିଭଳି ସାଧକ ନିଜମଧ୍ୟରେ ସର୍ବବିଧ ଶକ୍ତିର କ୍ରିୟା ସମ୍ପାଦନ କରିବାକୁ ସମର୍ଥ ହୋଇଥାନ୍ତି । ତାଙ୍କର ଦୂରଦୃଷ୍ଟି, ଦୂରଶ୍ରୁତି, ଦିବ୍ୟଦୃଷ୍ଟି, ଅତୀନ୍ଦ୍ରିୟ ଦର୍ଶନ ପ୍ରଭୃତି ସମସ୍ତ ଶକ୍ତିର ବିକାଶ ହୋଇଥାଏ । କୁଣ୍ଡଳିନୀର ଶକ୍ତି ଜାଗରଣ ଓ ଷଟ୍‌ଚକ୍ର ଭେଦ ମଧ୍ୟ ହୋଇଥାଏ । ଏହି ପ୍ରକାରରେ ସାଧକମାନେ ଅତୀନ୍ଦ୍ରିୟ ଅନୁଭୂତି ଲାଭ କରିଥାନ୍ତି ।

(୧୨୩୧) ଚିତ୍ତ : ଜୀବ ଦେହସ୍ଥ ଆତ୍ମାକୁ ଚିତ୍ କୁହାଯାଏ । ଏହା ଏକମାତ୍ର ସ୍ୱାଧୀନତତ୍ତ୍ୱ । ଏହାକୁ ଚୈତନ୍ୟ ବା ଜ୍ଞାନ ମଧ୍ୟ କୁହାଯାଏ । ଭୂତ ଏହାର ବିପରୀତ ଶକ୍ତି । ଚିତ୍ତ ଏହି ଭୂତ ଓ ଚିତ୍‌ର ଅନ୍ତର୍ଗତ ଶକ୍ତିବିଶେଷ । ଅର୍ଥାତ୍ ଚିତଯୁକ୍ତ ପ୍ରକୃତିକୁ ଚିତ୍ତ କୁହାଯାଏ । ଜଣେ ମନୁଷ୍ୟ ମଧ୍ୟରେ ଆତ୍ମା ବା ପୁରୁଷ ହିଁ ମୂଳତତ୍ତ୍ୱ ଏବଂ ତାହାର ଚିତ୍ତ, ଅନ୍ତଃକରଣ ବା ମନ ସେହି ଆତ୍ମାକୁ ଦେହ ସହିତ ସଂଯୋଗ କରିବା ନିମିତ୍ତ ଯନ୍ତ୍ରସ୍ୱରୂପ । ଆତ୍ମା ସହିତ ଭୂତର ସଂଯୋଗ ଘଟାଇବା ନିମିତ୍ତ ଚିତ୍ତରୂପକ ଯନ୍ତ୍ରର ପ୍ରୟୋଜନ । ଏହି ଚିତ୍ତ ରୂପ ଯନ୍ତ୍ରଟି ବିନଷ୍ଟ ହେଲେ ଚୈତନ୍ୟମୟ ପୁରୁଷ ସ୍ୱରୂପକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଆତ୍ମା ବା ପୁରୁଷହିଁ ଜୀବର ପ୍ରକୃତ ସ୍ୱରୂପ । ଆତ୍ମାର କାର୍ଯ୍ୟ ସଂପାଦନ ନିମିତ୍ତ ଭୂତ ସହିତ ଆତ୍ମାର ମିଳନ ଆବଶ୍ୟକ ହୋଇଥାଏ । ଏହି କାରଣରୁ ଚିତ୍ତରୂପ ଯନ୍ତ୍ରର ଆବଶ୍ୟକ ହୁଏ । ଏହା ଫଳରେ ଚିତ୍ତ ସକ୍ରିୟ ବୋଲି ଅନୁଭୂତ ହୁଏ । ଚେତନା ଓ ଶକ୍ତି ଆତ୍ମାର ନିଜସ୍ୱ ସମ୍ପତ୍ତି । ଏହି ଶକ୍ତି ଚିତ୍ତ ବା ମନର ଅନ୍ତରାଳରେ ଥିବାରୁ ମନ ଚେତନ ବୋଲି ଅନୁଭବ ହୋଇଥାଏ । ଚିତ୍ ଯେପରି ଅଗ୍ନି, ଭୂତ ହେଉଛି ଲୌହପିଣ୍ଡ ଏବଂ ଚିତ୍ତ ଯେପରି ଅଗ୍ନିର ଆଭା ଅର୍ଥାତ୍ ଚିତ୍ତ ଯେପରି ଅଗ୍ନିଯୁକ୍ତ ଉତ୍ତପ୍ତ ଲୌହପିଣ୍ଡ । ଇନ୍ଦ୍ରିୟ ସାହାଯ୍ୟରେ ଚିତ୍ତ ଯେଉଁ ବାହ୍ୟବିଷୟ ସହିତ ସଂସ୍ପର୍ଶ ରକ୍ଷା କରେ, ସେ ସେହି ବିଷୟର ଆକାର ଧାରଣ କରେ । ଏହାକୁ ଅଭିଜ୍ଞାନ କୁହାଯାଏ । ଏହାର ମୂଳରେ ଆତ୍ମା ବା ଚୈତନ୍ୟମୟ ପୁରୁଷ ବିରାଜିତ । ପ୍ରକୃତି ଓ ଇନ୍ଦ୍ରିୟଗୁଡ଼ିକ ଏକତ୍ର ହୋଇ ଯେଉଁ ଶକ୍ତିମୟ ଯନ୍ତ୍ର ରୂପରେ ଅନ୍ତରରେ ବିଦ୍ୟମାନ, ତାହାକୁ ଅନ୍ତଃକରଣ ଚିତ୍ତ ବା ମନ କୁହାଯାଏ । ସଂକଳ୍ପ, ବିକଳ୍ପ ଅର୍ଥାତ୍ ବାସନା କାମନା ଓ ସଂସ୍କାରହିଁ ଚିତ୍ତର ବୃତ୍ତି । ଚିତ୍ତର ବିକଳ୍ପ ଶକ୍ତିକୁ ଚିନ୍ତା କୁହାଯାଏ । କାମନା, ବାସନା, ରାଗ-ଦ୍ୱେଷ ପ୍ରଭୃତି ଅନ୍ୟ ଜାତୀୟ ବୃତ୍ତି । ଏହାର ନାମ ସଂକଳ୍ପ । ସୁତରାଂ ଚିତ୍ତ ଯେପରି ଗୋଟିଏ ସରୋବରର ଜଳଭାଗ ସଦୃଶ ।

ବୃତ୍ତିଗୁଡ଼ିକ ଏହାର ତରଙ୍ଗ । ଆକାଶ ବା ଭୂତ ଯେପରି ପବନ । ସରୋବରର ତଳଦେଶ ଯେପରି ଆତ୍ମା । ପ୍ରକୃତି ଜୀବର ସ୍ୱଭାବ । ପ୍ରକୃତିଠାରେ ତ୍ରିଗୁଣ ବିଦ୍ୟମାନ । ଗୋଳିଆ ପାଣି ତମୋଗୁଣାତ୍ମକ । ତରଙ୍ଗାୟିତ ସରୋବର ରଜୋଗୁଣାତ୍ମକ, ସ୍ଥିର ସରୋବର ସତ୍ତ୍ୱଗୁଣାତ୍ମକ ଚିତ୍ତର ଉପମା ସ୍ଥଳ । ଏଥିପାଇଁ ସାଧନାଦ୍ୱାରା ଚିତ୍ତ ସ୍ଥିର କରିପାରିଲେ ଜ୍ଞାନ ସ୍ୱତଃ ପ୍ରକାଶିତ ହୁଏ ।

(୧୨୩୨) ଚିତ୍ତ ବୃତ୍ତି : ଚିତ୍ତର ସ୍ୱାଭାବିକ ବୃତ୍ତିଗୁଡ଼ିକ ଅତି ଦୁର୍ଦ୍ଦାନ୍ତ ଅଶ୍ୱସ୍ୱରୂପ । ଏହି ବୃତ୍ତିଗୁଡ଼ିକ ଚିତ୍ତକୁ କର୍ମରୂପ ଚାଞ୍ଚଲ୍ୟରେ ନିକ୍ଷେପ କରୁଛନ୍ତି । ରଜୋଗୁଣ ଚିତ୍ତର କ୍ଷିପ୍ତାବସ୍ଥା; ତମୋଗୁଣ ମୂଢ଼ାବସ୍ଥା । ଚିତ୍ତର ଯେଉଁ ଶକ୍ତି କ୍ଷିପ୍ତାବସ୍ଥାକୁ ଶାନ୍ତ କରିବାକୁ ଚେଷ୍ଟା କରେ, ତାହାକୁ ସତ୍ତ୍ୱଗୁଣାତ୍ମକ ଶକ୍ତି କୁହାଯାଏ । ତେଣୁ ଶମ, ଦମ, ତିତିକ୍ଷା, ଉପରତି, ସମାଧି, ବିବେକ, ବୈରାଗ୍ୟ, ଇନ୍ଦ୍ରିୟ ସଂଯମ, ଅଷ୍ଟାଙ୍ଗଯୋଗ ଏବଂ ରାଗଦ୍ୱେଷ, ତ୍ୟାଗ, ରିପୁଜୟ ପ୍ରଭୃତି ସତ୍ତ୍ୱଗୁଣାତ୍ମକ ଶକ୍ତିର କ୍ରିୟା । ସତ୍ତ୍ୱଗୁଣର ଦୁଇଟି ଶକ୍ତି । ଏହାର ଯେଉଁ ଭାବ ରଜୋଗୁଣର ବିନାଶକ, ତାହାକୁ ବିକ୍ଷିପ୍ତ ଭାବ ଏବଂ ଯାହା ସ୍ଥିର ଶାନ୍ତ ବା ଶୁଦ୍ଧଭାବ ଓ ଜ୍ଞାନପୂର୍ଣ୍ଣ; ତାହାକୁ ଏକାଗ୍ରଭାବ କୁହାଯାଏ । ଶକ୍ତି ତମୋଗୁଣରେ ଜଡ଼ଭାବରେ, ରଜୋଗୁଣରେ କ୍ରିୟାଶୀଳଭାବରେ ଓ ସତ୍ତ୍ୱଗୁଣରେ ପ୍ରଶାନ୍ତଭାବରେ ଅବସ୍ଥାନ କରେ । ଚିତ୍ତ ଯେପରି ଘୋଡ଼ାଗାଡ଼ି ସଦୃଶ ଓ ବୃତ୍ତିଗୁଡ଼ିକ ଏହାର ଅଶ୍ୱ ସଦୃଶ । ବୃତ୍ତିରୂପ ଅଶ୍ୱଗୁଡ଼ିକୁ ଚିତ୍ତ ସହିତ ସଂଯୁକ୍ତ କରି ଛାଡ଼ିଦିଆଯାଇଛି । ଫଳରେ ଚିତ୍ତରୂପ ଗାଡ଼ି ଚାଲୁଛି । ସତ୍ତ୍ୱଗୁଣରେ ଅବସ୍ଥିତ ଚିତ୍ତର ଶକ୍ତି ଅତି ଅଧିକ । ଏଥିପାଇଁ ତାହା ସହଜରେ ଚଞ୍ଚଳ ହୁଏ ନାହିଁ । ଏହି କାରଣରୁ ପ୍ରବୃତ୍ତି ଅପେକ୍ଷା ନିବୃତ୍ତିର, ଭୋଗ ଅପେକ୍ଷା ସଂଯମର, ଗ୍ରହଣ ଅପେକ୍ଷା ତ୍ୟାଗର ଏବଂ ରଜସ୍ତମୋ ଅପେକ୍ଷା ସତ୍ତ୍ୱର ଶକ୍ତି ଅଧିକ । ସତ୍ତ୍ୱଗୁଣ ଅର୍ଥାତ୍ ତ୍ୟାଗ ସଂଯମମୂଳକ ଶକ୍ତିକୁ ଆଶ୍ରୟ କରି ଚିତ୍ତରୂପ ସରୋବର ସ୍ଥିର ବା ଶୁଦ୍ଧ ହେଲେ ଆତ୍ମସାକ୍ଷାତ୍କାର ଘଟେ । ଅର୍ଥାତ୍ ଆତ୍ମା ସ୍ୱରୂପରେ ଅବସ୍ଥାନ କରେ । ଏହାକୁ ଚିତ୍ତବୃତ୍ତିର ନିରୋଧ କୁହାଯାଏ । ଏହି ଅବସ୍ଥା ଲାଭ ନିମିତ୍ତ ଜୀବର ସ୍ଥୂଳଦେହ ଧାରଣ ।

(୧୨୩୩) ନିୟମ ଓ ଅନିୟମ : ବେଦ, ସ୍ମୃତି ଓ ଦର୍ଶନାଦି ଶାସ୍ତ୍ର, ଋଷି ଓ ମହାପୁରୁଷଙ୍କ ବାକ୍ୟ, ଦେଶାଚାର ଓ କୁଳାଚାର ବିଧିକୁ ନିୟମ କୁହାଯାଏ । କେବଳ ସେହି ବାକ୍ୟକୁ ମାନି ଚଳିବା ସତ୍ୟଲାଭର ଏକମାତ୍ର ପନ୍ଥା ନୁହେଁ ।

ନିୟମ ମଧ୍ୟରେ ଅନିୟମ ପାଳନ ଏବଂ ଅନିୟମ ମଧ୍ୟରେ ଯେଉଁ ନିୟମ ପାଳନ; ତାହା ହିଁ ସତ୍ୟଲାଭର ପଥ । ଅନିୟମ ଶବ୍ଦର ଅର୍ଥ ନିୟମର ବିପରୀତ ଆଚରଣ ନୁହେଁ । ଯେଉଁ ସବୁ ବିଧି କୌଣସି ଶାସ୍ତ୍ରରେ ବର୍ଣ୍ଣିତ ହୋଇ ନାହିଁ, ଅଥଚ ସାଧକଙ୍କର ବ୍ୟକ୍ତିଗତ ଶ୍ରଦ୍ଧା ଅନୁରୂପ ସତ୍ୟ, ଏବଂ ସାଧକଙ୍କପକ୍ଷରେ ଯାହା ସହଜ ସାଧ୍ୟ ଓ ଯାହା ଶାସ୍ତ୍ରବିଧିର ସମ୍ପୂର୍ଣ୍ଣ ବିପରୀତ ନୁହେଁ; ତାହା ହିଁ ଅନିୟମ । ତେଣୁ ଶାସ୍ତ୍ରବର୍ଣ୍ଣିତ ସଦାଚାରକୁ ନିୟମ ଓ ଯାହା ଶାସ୍ତ୍ରରେ ବର୍ଣ୍ଣିତ ହୋଇନାହିଁ ବା ଶାସ୍ତ୍ରରେ ଯାହା ନିଷିଦ୍ଧ ହୋଇନାହିଁ, ଅଥଚ ଗୁରୁଦେବଙ୍କ ଉପଦେଶ ଅନୁସାରେ ସାଧକମାନଙ୍କ ପକ୍ଷରେ ଅନୁକୂଳ ଓ ପ୍ରିୟ, ତାହାକୁ ଅନିୟମ କୁହାଯାଏ । ତେଣୁ ନୀତିନିୟମ ମଧ୍ୟରେ ଥାଇ ଯେଉଁ ଅନିୟମ ପାଳନ, ତାହା ହିଁ ସତ୍ୟର ପଥ । ନିୟମଗୁଡ଼ିକ ସତ୍ୟଲାଭର ପନ୍ଥା ମାତ୍ର । ନୀତିନିୟମ ବା ଅନିୟମଗୁଡ଼ିକୁ ପାଳନ କରିବା ସମୟରେ ତାହାକୁ ଲକ୍ଷ୍ୟପଥର ଅନୁକୂଳ ବୋଲି ଭାବି ଗୁରୁଦେବଙ୍କ ଉପଦେଶ ଅନୁସାରେ ଗ୍ରହଣ କରିବା ବିଧେୟ । ଏଥିପାଇଁ ଏକାଗ୍ରତା, ଏକନିଷ୍ଠା, ଅଭେଦଭାବ, ଉଦାରତା, ବିବେକ, ବୈରାଗ୍ୟ, ତ୍ୟାଗ୍ୟ, ସଂଯମ, ଯୋଗ, ଜ୍ଞାନ ଇତ୍ୟାଦି ସାଧନ ସହିତ ସାମଞ୍ଜସ୍ୟ ରଖି ନୀତିନିୟମ ଓ ଅନିୟମ ନିର୍ଣ୍ଣୟ କରି ଶ୍ରୀଗୁରୁଦେବଙ୍କ ଅନୁମତିରେ ଅଭ୍ୟାସ କରିବା କର୍ତ୍ତବ୍ୟ । ତତ୍ତ୍ୱଜ୍ଞାନ ହିଁ ସତ୍ୟପଥର ଆଲୋକ ସଦୃଶ । ସେହି ତତ୍ତ୍ୱଜ୍ଞାନ ଲକ୍ଷ୍ୟରେ ନୀତିନିୟମ ଓ ଅନିୟମ ପାଳନ କରିବା ବିଧେୟ ।

(୧୨୩୪) ସଂସାର : ଜଡ଼ଦେହ ସହିତ ଜୀବ ଚୈତନ୍ୟ ଓ ଶକ୍ତି କେବେ ଚିରଦିନ ଯୁକ୍ତ ହୋଇ ରହିପାରନ୍ତି ନାହିଁ । ତେଣୁ ଜୀବ ମାତ୍ରକେ ମୃତ୍ୟୁର ଅଧୀନ । ସୁତରାଂ ଏହାର ନାମ ସଂସାର ବା ଜୀବଦେହର ବାସସ୍ଥାନର ନାମ ସଂସାର । ଯାହା ଅଳ୍ପସମୟ ପରେ ଅପସାରିତ ହୁଏ ଏବଂ ଯାହା ରୂପାନ୍ତରପ୍ରାପ୍ତ ହୁଏ, ତାହାର ନାମ ସଂସାର । ଏହି କାରଣରୁ ଏହି ସ୍ଥୂଳଜଗତକୁ ସଂସାର କୁହାଯାଇଛି । ସ୍ଥୂଳଜଗତର କୌଣସି ପଦାର୍ଥ ସ୍ଥିର ନୁହେଁ । ଚୈତନ୍ୟ ଓ ଶକ୍ତି ବାହ୍ୟେନ୍ଦ୍ରିୟଦ୍ୱାରା ଦର୍ଶନ କରାଯାଇ ପାରେ ନାହିଁ । ମାନବ ଯେଉଁସବୁ ବସ୍ତୁରେ ଏହି ଚେତନା ଓ ଶକ୍ତିର ଅବସ୍ଥିତି ବୁଝିପାରେ, ତାହାକୁ ଜୀବଦେହ କୁହାଯାଏ । ସଂସାର ଏହି ଜୀବଦେହର ବାସସ୍ଥାନ । ପ୍ରାଣ ବା ଜୀବନକୁ ଆଶ୍ରୟ କରି ଜଡ଼ଦେହରେ ଚୈତନ୍ୟ ଓ ଶକ୍ତି ସଂକ୍ରମିତ ହୋଇ କର୍ମ ବା କ୍ରିୟା ସାହାଯ୍ୟରେ

ଏହି ଜୀବରୂପରେ ସଂସାରରେ ମାନବର ଇନ୍ଦ୍ରିୟଗୋଚର ହୋଇଥାଏ । ଅସଂଖ୍ୟ ଜୀବାଣୁ ବା ପରମାଣୁର ଶକ୍ତିଯୁକ୍ତ ଚେତନାକୁ ଜୀବାତ୍ମା କୁହାଯାଏ । ସେହି ଜୀବାତ୍ମାର ବାସସ୍ଥାନ ଏହି ସଂସାର । ଏହି ଜୀବାତ୍ମାର ଶାସ୍ତ୍ରୀୟ ନାମ କ୍ଷେତ୍ରଜ୍ଞ, ପୁରୁଷ ଓ ଆତ୍ମା ପ୍ରଭୃତି । ଏହି ସଂସାରରେ ଥାଇ ଜୀବାତ୍ମା ସାଧନ, ଭଜନ ଦ୍ୱାରା ପରମାତ୍ମାଙ୍କୁ ଅନୁଭବ କରିଥାଏ । ଅତଏବ ସଂସାରରେ ସ୍ଥୂଳଦେହ ଧାରଣ କରି ସର୍ବଦା ଭଜନ-ସ୍ମରଣ ମନନରେ ଅଭ୍ୟସ୍ତ ହେବା ଜୀବର ପ୍ରଧାନ ଧର୍ମ ମଧ୍ୟରେ ଗଣ୍ୟ । ଆଉ ଜଗତର ଯାବତୀୟ ବ୍ୟଷ୍ଟିପଦାର୍ଥ ଓ ବିଷୟକୁ ସଂସାର କୁହାଯାଇଥାଏ । ଜଗତର ଯାବତୀୟ ପଦାର୍ଥ ପ୍ରତି ସ୍ନେହମମତାକୁ ଆସକ୍ତି ଏବଂ ସଂସାରକୁ ଭୋଗକରିବା ନିମିତ୍ତ ଯେଉଁ ତୀବ୍ର ପିପାସା, ତାହାକୁ ସଂସାରାସକ୍ତି ନାମରେ ଅଭିହିତ କରାଯାଏ । ସଂସାର ପ୍ରତି ଯେଉଁ ରାଗଦ୍ୱେଷଭାବ, ତାହା ଭଗବତ୍ ପ୍ରସଙ୍ଗ ଦ୍ୱାରା ଦୂରୀଭୂତ ହୁଏ । ମାୟାହେତୁ ଅନିତ୍ୟ ସଂସାରପ୍ରତି ଆସକ୍ତି ଜାତ ହୁଏ । ଏହି ଆସକ୍ତିକୁ ଭଗବତ୍ ଅଭିମୁଖୀ କରିପାରିଲେ ତାହା ଭକ୍ତିନାମ ଧାରଣ କରି ଜୀବକୁ ମୋକ୍ଷ ପ୍ରଦାନ କରିଥାଏ ।

(୧୨୩୫) ପରମେଶ୍ୱର : ଯାହା ଅବ୍ୟକ୍ତ ହୋଇ ମଧ୍ୟ ବ୍ୟକ୍ତ, ନିର୍ଗୁଣ ହୋଇ ମଧ୍ୟ ସଗୁଣ, ପ୍ରକୃତି ଓ ଇନ୍ଦ୍ରିୟାତୀତ ହୋଇ ମଧ୍ୟ ଯାହା ଇନ୍ଦ୍ରିୟଗ୍ରାହ୍ୟ, ନିରାକାର ହୋଇ ମଧ୍ୟ ଯାହା ସାକାର ଏବଂ ଭାବାତୀତ ହୋଇ ମଧ୍ୟ ଯାହା ଭାବସମ୍ପନ୍ନ; ତାହାଙ୍କୁ ହିଁ ପରମେଶ୍ୱର କୁହାଯାଏ । ତାଙ୍କର ସ୍ୱରୂପ ମାନବବୁଦ୍ଧିର ଅଗମ୍ୟ । କିନ୍ତୁ ତାଙ୍କର ତିନିଗୋଟି ମାତ୍ର ଭାବଦ୍ୱାରା ସେ ଅନୁଭୂତ ହୋଇଥାନ୍ତି । ସେହି ଶକ୍ତିଙ୍କର ନାମ ଅନ୍ତରଙ୍ଗା ଶକ୍ତି ଓ ବହିରଙ୍ଗା ଶକ୍ତି । ସେ ସତ୍, ଚିତ୍ ଓ ମ୍ନରୂପ । ତାଙ୍କର ନିତ୍ୟ ଅମର ନିର୍ବିକାର ଶକ୍ତିକୁ ସତ୍ କୁହାଯାଏ । ସେ ଚିତ୍ ଅର୍ଥାତ୍ ପୂର୍ଣ୍ଣ ଜ୍ଞାନ ସ୍ୱରୂପ । ସେ ମଧ୍ୟ ଆନନ୍ଦସ୍ୱରୂପରେ ନିତ୍ୟବର୍ତ୍ତମାନ । ତେଣୁ ସଚ୍ଚିଦାନନ୍ଦ ହିଁ ତାଙ୍କର ଅନ୍ତରଙ୍ଗା ଶକ୍ତି ସ୍ୱରୂପ ଏବଂ ସମଗ୍ର ବିଶ୍ୱପ୍ରକୃତି ତାଙ୍କର ବହିରଙ୍ଗାଶକ୍ତି ବା ପ୍ରକୃତି । ସେ ନିଜ ଅନ୍ତରରେ ସତ୍, ଚିତ୍ ଓ ଆନନ୍ଦସ୍ୱରୂପ ହେଲେ ମଧ୍ୟ ବାହ୍ୟ ବା ବହିରଙ୍ଗାଭାବରେ ଅସତ୍, ଜଡ଼ ବା ନିରାନନ୍ଦସ୍ୱରୂପ । ଏହାକୁ ମାୟା କୁହାଯାଏ । ଆଉ ଏହି ଅନ୍ତରଙ୍ଗା ଓ ବହିରଙ୍ଗା ମିଶ୍ରିତ ଉଭୟ ଭାବାତ୍ମକ ଶକ୍ତିକୁ ତଟସ୍ଥା ଶକ୍ତି ବା ଜୀବଶକ୍ତି କୁହାଯାଏ । ପରମେଶ୍ୱରଙ୍କ ଅନ୍ତରଙ୍ଗା ସଚ୍ଚିଦାନନ୍ଦଭାବକୁ ଅର୍ଥାତ୍ ତାଙ୍କର ସମ୍ବିତ୍, ସନ୍ଧିନୀ ଓ ହ୍ଲାଦିନୀଶକ୍ତି ତ୍ରୟକୁ

ସ୍ୱରୂପଶକ୍ତି, ଅନ୍ତରଙ୍ଗା ଶକ୍ତି ବା ବିଦ୍ୟାଶକ୍ତି କୁହାଯାଏ । ଆତ୍ମା ହିଁ ବିଦ୍ୟାଶକ୍ତି ବା ସଚ୍ଚିଦାନନ୍ଦଶକ୍ତି । ପରମେଶ୍ୱରଙ୍କ ବହ୍ୟପ୍ରକୃତି ବା ବାହ୍ୟଜଗତ୍‌ଭାବ ହିଁ ସଂସାର । ଅଗ୍ନିରେ ଯେପରି ତେଜ ଓ ପ୍ରଭା ଏହି ଦୁଇଶକ୍ତି ବିଦ୍ୟମାନ, ସେହିପରି ପରମେଶ୍ୱରଙ୍କର ଦୁଇ ଶକ୍ତି ଅନ୍ତରଙ୍ଗା ଓ ବହିରଙ୍ଗା ନାମରେ ଖ୍ୟାତ । ଆତ୍ମା ହିଁ ପରମେଶ୍ୱରଙ୍କର ଅନ୍ତରଙ୍ଗା ଶକ୍ତି । ଏହି କାରଣରୁ ଆତ୍ମା ସର୍ବଦା ପରମାତ୍ମାଙ୍କ ସହିତ ସଂଯୁକ୍ତ ହେବାକୁ ଚେଷ୍ଟାକରେ । ମାୟାହିଁ ପରମେଶ୍ୱରଙ୍କ ବହିରଙ୍ଗା ଶକ୍ତି ଏବଂ ଜ୍ଞାନ, ସତ୍ୟ ଓ ପ୍ରେମ ତାଙ୍କର ଅନ୍ତରଙ୍ଗାଶକ୍ତି । ଏଥିପାଇଁ ଅନ୍ତରଙ୍ଗାଶକ୍ତି କେବେହେଲେ ପରମାତ୍ମାଙ୍କୁ ଭୁଲି ରହିପାରେ ନାହିଁ । କିନ୍ତୁ ବହିରଙ୍ଗା ମାୟାଶକ୍ତି ସର୍ବଦା ପରମେଶ୍ୱରଙ୍କୁ ଭୁଲି ଦୂରରେ ଅବସ୍ଥାନ କରେ । ଫଳରେ ମାନବଗଣ ଭଗବାନଙ୍କୁ ଭୁଲି ସଂସାରରେ ମୁଗ୍ଧ ହୋଇ ରହନ୍ତି । ଅନ୍ତରଙ୍ଗାଶକ୍ତିକୁ ସାଧନଶକ୍ତି ବା ପୁରୁଷାକାର ଏବଂ ବହିରଙ୍ଗା ଶକ୍ତିକୁ କର୍ମଶକ୍ତି ବା ଦୈବୀଶକ୍ତି କୁହାଯାଏ । ଅବିଦ୍ୟାଶକ୍ତିକୁ ଅପରାପ୍ରକୃତି ଓ ବିଦ୍ୟାଶକ୍ତିକୁ ମୂଳାପ୍ରକୃତି ଏବଂ ଜୀବ ପ୍ରକୃତିକୁ ତଟସ୍ଥାଶକ୍ତି କୁହାଯାଏ । ଅସଂଖ୍ୟ ଭାବଯୁକ୍ତ ହେତୁ ଜୀବାତ୍ମାକୁ ଅଣୁ କୁହାଯାଏ । ଅନ୍ୟଥା ଜୀବାତ୍ମା ପରମାତ୍ମା ସ୍ୱରୂପରେ ଏକ ଓ ଅଦ୍ୱୈତ । ପରମେଶ୍ୱରଙ୍କର ତ୍ରିଶକ୍ତି ହିଁ ବିଶ୍ୱର କାରଣ ଓ ସମଷ୍ଟିଭାବରେ ଈଶ୍ୱର ନାମରେ ଅଭିହିତ । ବିଦ୍ୟାଶକ୍ତିକୁ ଆଶ୍ରୟ କରି ମାନବ ଅବିଦ୍ୟା ଅତିକ୍ରମ ପୂର୍ବକ ସ୍ୱରୂପରେ ପରମେଶ୍ୱରଙ୍କୁ ଉପଲବ୍ଧି କରିଥାଏ ।

(୧୨୩୬) ବହିରଙ୍ଗାଶକ୍ତି : ଅବିଦ୍ୟାମାୟା ଓ ପ୍ରକୃତିହିଁ ପରମେଶ୍ୱରଙ୍କର ବହିରଙ୍ଗା ବା ବାହ୍ୟଶକ୍ତି । ଏହି ଶକ୍ତି ଜୀବକୁ ପରମେଶ୍ୱରଙ୍କଠାରୁ ଦୂରକୁ ନେଇଯାଏ । ଫଳରେ ବିଶ୍ୱଜଗତ୍ ତମୋଗୁଣରେ ମୁଗ୍ଧ ହୋଇ ଅଜ୍ଞାନାନ୍ଧ ଓ ଦୁଃଖଭାରାକ୍ରାନ୍ତ ହୁଏ । ଏହି ଶକ୍ତିପ୍ରଭାବରେ ଜୀବ ସଂସାରକୁ ସତ୍ୟ ଜ୍ଞାନକରି ସେଥିରେ ମୁଗ୍ଧ ହୋଇଯାଏ । ଏହି ଶକ୍ତି ଐଶୀଶକ୍ତି କେନ୍ଦ୍ରରୁ ବାହାରି କ୍ରମେ ବହିର୍ଜଗତରେ ବ୍ୟାପ୍ତ ହୋଇ ଜୀବମାନଙ୍କୁ ସଂସାରରେ ଆସକ୍ତ କରେ । ଏହି ଶକ୍ତି ପ୍ରଭାବରେ ଜୀବ ଭଗବାନଙ୍କଠାରୁ ଦୂରରେ ଅବସ୍ଥାନ କରେ । ଏହି ଶକ୍ତିକୁ କର୍ମଶକ୍ତି ବା ଭାଗ୍ୟଶକ୍ତି କୁହାଯାଏ । ଏହାର ଅନ୍ୟ ନାମ ଅପରାପ୍ରକୃତି ।

(୧୨୩୭) ଅନ୍ତରଙ୍ଗାଶକ୍ତି : ଅନ୍ତରଙ୍ଗାଶକ୍ତି ଆତ୍ମଜ୍ଞାନ, ସାଧନା ଓ ଭଗବାନଙ୍କ ପ୍ରତି ଭକ୍ତିପ୍ରୀତି ଓ ଆକର୍ଷଣ ବୃଦ୍ଧି କରିଥାଏ । ଏହି ଶକ୍ତି ପ୍ରଭାବରେ

ଜୀବ ଭଗବାନଙ୍କ ପ୍ରତି ଆକର୍ଷିତ ହୁଏ । ଗୀତାରେ ଏହି ଶକ୍ତିକୁ ମୂଳାପ୍ରକୃତି ବା ପରାପ୍ରକୃତି ବୋଲି ବର୍ଣ୍ଣନା କରାଯାଇଛି ।

(୧୨୩୮) ମାୟାଶକ୍ତି : ଜୀବ ମାୟାଶକ୍ତି ପ୍ରଭାବରେ ପ୍ରଭାବିତ ହୋଇ ଅନ୍ୟପ୍ରତି ସ୍ନେହ, ମାୟା, ହିଂସା, ଦ୍ୱେଷ ପ୍ରଣୋଦିତ କାର୍ଯ୍ୟ କରିଥାଏ । ଏହି ମାୟାଶକ୍ତିର ଭାବ ତିନିଗୋଟି– ସତ୍ତ୍ୱଭାବ, ରଜଃ ଭାବ ଓ ତମୋଭାବ । ଏହି ମାୟାଶକ୍ତିର ତମୋଗୁଣ ପ୍ରଭାବରେ ଜୀବ ହିଂସା ଦ୍ୱେଷାଦି କାର୍ଯ୍ୟ କରେ । ରଜୋଗୁଣ ପ୍ରଭାବରେ କାମ, ରାଗ ଅର୍ଥାତ୍ ବିଷୟ ସଂସାରରେ ମୁଗ୍ଧ ହୋଇ ଆତ୍ମତତ୍ତ୍ୱ ଭୁଲି କାର୍ଯ୍ୟ କରିଥାଏ । ଏହାକୁ ଭୋଗବାସନା କହନ୍ତି । ଏହି ଶକ୍ତିର ସତ୍ତ୍ୱଗୁଣ ପ୍ରଭାବରେ ଜୀବ ଅନ୍ୟଜୀବ ପ୍ରତି ଦୟା ଏବଂ ଅନ୍ୟର ସେବା ଓ ଉପକାର କରିଥାଏ । ଏହି ସତ୍ତ୍ୱଗୁଣାତ୍ମକ ଶକ୍ତିରୁ ପ୍ରେମର ଉଦ୍ଭବ ହୋଇଥାଏ ।

(୧୨୩୯) ପ୍ରେମଶକ୍ତି : ଏହି ଶକ୍ତି ମାନବର ସ୍ୱାର୍ଥଲେଶବର୍ଜିତ ଆନ୍ତରିକ ଶ୍ରଦ୍ଧାଯୁକ୍ତ ଐକାନ୍ତିକ ଆକର୍ଷଣ । ମାନବ ମାନବ ମଧ୍ୟରେ ଏହି ଆକର୍ଷଣକୁ ପ୍ରାକୃତ ପ୍ରେମ କୁହାଯାଏ ଏବଂ ମାନବର ଭଗବାନଙ୍କ ପ୍ରତି ଏତାଦୃଶ ଆକର୍ଷଣହିଁ ଅପ୍ରାକୃତ ପ୍ରେମ ନାମରେ ଖ୍ୟାତ । ଶାସ୍ତ୍ରରେ ମଧ୍ୟ ଏହି ଅପ୍ରାକୃତ ଆକର୍ଷଣକୁ ଅର୍ଥାତ୍ ଭଗବତ୍ ସମ୍ବନ୍ଧୀୟ ଭାବକୁ ଅପ୍ରାକୃତ ପ୍ରେମ ବୋଲି କୁହାଯାଇଛି । ଏହା ଜୀବ ଓ ଭଗବାନଙ୍କ ମଧ୍ୟରେ ପରସ୍ପର ଆକର୍ଷଣୀ ଶକ୍ତି ବିଶେଷ । କାମ ଓ ପ୍ରେମ ମଧ୍ୟରେ ସ୍ୱର୍ଗ ନରକ ଭେଦ ବିଦ୍ୟମାନ ।

(୧୨୪୦) ସାଧୁସଙ୍ଗ : ଗୃହରେ କୌଣସି ଅଭାବ ନାହିଁ, ଅଥଚ ଧର୍ମ ପଥରେ ବା ଭଗବାନଙ୍କଠାରେ ଅକପଟ ଭକ୍ତି ଅଛି—ଏହି ପ୍ରକାର ମହାତ୍ମାମାନେ ସାଧୁ ପଦବାଚ୍ୟ । ସାଧକମାନେ ତାଦୃଶ ସାଧୁଙ୍କ ସଙ୍ଗସୁଖ ଲାଭ କରି ଧର୍ମ ପଥରେ ଅଗ୍ରସର ହେବା କର୍ତ୍ତବ୍ୟ । ବିଷୟ ପ୍ରତି ଆସକ୍ତି ତ୍ୟାଗହିଁ ସାଧୁତ୍ୱର ପ୍ରଧାନ ବାହ୍ୟ ଲକ୍ଷଣ । ତେଣୁ ଗୃହାସକ୍ତ ବ୍ୟକ୍ତିମାନେ ଯେତେ ଧର୍ମାଚରଣ କଲେ ମଧ୍ୟ ସାଧୁ ପଦବାଚ୍ୟ ନୁହନ୍ତି ।

(୧୨୪୧) ସଦ୍‌ଗୁରୁ ସଙ୍ଗ : ଅତି ସରଳ ଅକପଟ ଭାବରେ ମନକୁ ଭଗବତ୍ ଭାବରେ ନିମଜ୍ଜିତ ରଖି ପ୍ରେମ ଓ ଭାବବନ୍ୟାରେ ନିଜ ଅନ୍ତରକୁ ଭସାଇ ଦେଇ ପାରିଲେ ଭଗବତ୍ ସାକ୍ଷାତ୍‌କାର ଲାଭ ହୋଇଥାଏ । ଏଥିପାଇଁ ସଦ୍‌ଗୁରୁଙ୍କ ଆଶ୍ରୟ ଲାଭ କରିବାକୁ ପଡ଼େ । ଗୁରୁଲାଭ ହେଲେ ତାଙ୍କ କୃପାରୁ ସ୍ୱରୂପ ଜ୍ଞାନ

ଓ ଆତ୍ମଜ୍ଞାନ ଲାଭ ହୋଇଥାଏ । ଶ୍ରଦ୍ଧା, ବିଶ୍ୱାସ, ବିନୟ, ନମ୍ରତା, ବାଧ୍ୟତା ଓ ଶିଷ୍ୟଜନୋଚିତ୍ ସଦ୍‌ଗୁଣାବଳୀ ଅର୍ଜନ କରି ସେହି ଗୁଣଗୁଡ଼ିକୁ ଗୁରୁଦେବଙ୍କ ଶ୍ରୀଚରଣରେ ସମର୍ପଣ ପୂର୍ବକ ତାଙ୍କ ଚରଣାଶ୍ରିତ ହେବାକୁ ପଡ଼େ । ପ୍ରଥମେ ଶ୍ରଦ୍ଧା ବିଶ୍ୱାସ ପ୍ରଭୃତି ଦୈବୀଶକ୍ତି ଲାଭ କରି ସଦ୍‌ଗୁରୁଙ୍କ ଆଶ୍ରୟ ଗ୍ରହଣ କରିବାକୁ ହୁଏ, ମନ, ବୁଦ୍ଧି ଓ ଚିନ୍ତାଶକ୍ତିକୁ ଏକାଗ୍ର କରି ଗୁରୁଦେବଙ୍କ ପ୍ରତି ସେ ସବୁକୁ ନ୍ୟସ୍ତ କରିବା ନିମିତ୍ତ ଅଭ୍ୟାସ ଗଠନ କରି ନ ପାରିଲେ ଭକ୍ତି ଲାଭ ହୁଏ ନାହିଁ । ସାଧୁଗୁରୁସଙ୍ଗ ବା ସଦ୍‌ଗୁରୁଙ୍କ ନିକଟରେ ଶରଣ ଗ୍ରହଣ ଫଳରେ ମାନସିକ ଶକ୍ତି ସମୂହ ଏକମୁଖୀ ବା ଏକାଗ୍ର ହୋଇଥାଏ । ଶାସ୍ତ୍ରପାଠ ଓ କୀର୍ତ୍ତନ, ଭଗବତ୍ ଗୁଣ ଶ୍ରବଣ, ମନନ, କୀର୍ତ୍ତନ ପ୍ରଭୃତି ସାଧୁସଙ୍ଗର ଅନ୍ତର୍ଗତ । ବିଷୟ ସଙ୍ଗଦ୍ୱାରା ଅନ୍ତର ଶୁଦ୍ଧ ନହୋଇ କଳୁଷିତ ହୋଇଯାଏ । ଏହି କାରଣରୁ ବିଷୟ ଚିନ୍ତା ତ୍ୟାଗ କରି ସାତ୍ତ୍ୱିକ ଭାବ ଅବଲମ୍ବନ ପୂର୍ବକ ଶ୍ରୀଗୁରୁଦେବଙ୍କ ଶରଣାପନ୍ନ ହୋଇ ଭଗବତ୍ ବିଷୟକ ଆଲୋଚନା କରିବା ବିଧେୟ ।

(୧୨୪୨) ଭଗବତ୍‌ସଙ୍ଗ : ସୂର୍ଯ୍ୟଦେବ ସକାଳେ ଉଦିତ ହୋଇ ସନ୍ଧ୍ୟା ସମୟରେ ଅସ୍ତ ହୁଅନ୍ତି । ଏଥିରେ ମାନବର ଆୟୁ କ୍ଷୟ ହୋଇଥାଏ । କିନ୍ତୁ ଯେଉଁମାନେ ଭଗବତ୍ ସଙ୍ଗ କରନ୍ତି, ଅର୍ଥାତ୍ ଯେଉଁମାନେ ସର୍ବଦା ଭଗବାନଙ୍କ ଧ୍ୟାନ, ପୂଜା, ଉପାସନାଦି କରନ୍ତି, ସେମାନଙ୍କର ଆୟୁ କ୍ଷୟ ହୁଏନାହିଁ । ଭଗବତ ପ୍ରସଙ୍ଗ ଆଲୋଚନା ଓ ତାଙ୍କ ନାମ ଜପରେ ସମୟ ଅତିବାହିତ ହେଲେ ଭଗବତ୍ ସଙ୍ଗ ଲାଭ ହୋଇଥାଏ । ଭଗବତ୍‌ପ୍ରସଙ୍ଗ ଭିନ୍ନ ଅନ୍ୟ କଥାପ୍ରସଙ୍ଗରେ ସମୟ ଅତିବାହିତ ହେଲେ ସେଥିରେ ଆୟୁ ବୃଥାକ୍ଷୟ ହୁଏ । ଭୋଗସୁଖରେ ଦିନ କାଟିଲେ ଆୟୁକ୍ଷୟ ହୁଏ ଏବଂ ଭଗବତ୍ ପ୍ରସଙ୍ଗରେ ଆୟୁ ବୃଦ୍ଧି ଘଟେ । ମାନବ ଜୀବନର ଭବିଷ୍ୟତ କାଳ ଅନନ୍ତ । ତେଣୁ ସାଧକମାନେ ଅନନ୍ତଭବିଷ୍ୟତ ଜୀବନ ପ୍ରତି ଲକ୍ଷ୍ୟ ରଖି ଭଗବତ୍ ପ୍ରସଙ୍ଗ ଓ ତାଙ୍କ ନାମ ସ୍ମରଣ-ମନନରେ କାଳଯାପନ କଲେ ଭଗବତ୍ ସଙ୍ଗସୁଖ ଲାଭ କରିପାରିବେ ।

(୧୨୪୩) ବିଷୟସଙ୍ଗ : ବିଷୟସଙ୍ଗ ବା ବିଷୟ ଚିନ୍ତାହିଁ ଭଗବତ୍‌ସଙ୍ଗର ବିରୋଧୀଭାବ । ବିଷୟ ଚିନ୍ତା ଯେତେ କମ୍ କରାଯିବ, ସେତେ ଅଧିକ ଭଗବତ୍ ଚିନ୍ତା ହୋଇପାରିବ । ବିଷୟ ଚିନ୍ତାରେ ଚିତ୍ତ ମଗ୍ନ ଥିଲେ ଭଗବତ୍‌ଚିନ୍ତା ସମ୍ଭବ ହୋଇପାରେ ନାହିଁ । ସୁତରାଂ ବିଷୟଚିନ୍ତା ବା ବିଷୟ ସଙ୍ଗର ପ୍ରଭାବ

ଭଗବତ୍‌ଚିନ୍ତାର ପ୍ରତିକୂଳ ଶକ୍ତି । ବିଷୟ କର୍ମ ଭିତରେ ଥାଇ ଭଗବତ୍ ଚିନ୍ତା କରିବା କର୍ତ୍ତବ୍ୟ । ଚିତ୍ତରୂପକ ଆକାଶରେ ବିଷୟ ଚିନ୍ତାରୂପକ ସୂର୍ଯ୍ୟ ଉଦିତ ହେଲେ ଭଗବତ୍‌ଚିନ୍ତା ତିରୋହିତ ହୋଇଯାଏ । ସୂର୍ଯ୍ୟ ଉଦିତ ହେଲେ ଚନ୍ଦ୍ରର ଜ୍ୟୋତ୍ସ୍ନା ଯେପରି ହ୍ରାସ ପ୍ରାପ୍ତ ହୁଏ, ସେହିପରି ବିଷୟଚିନ୍ତା ଥିଲେ ଭଗବତ୍‌ସଙ୍ଗ ହୋଇପାରେ ନାହିଁ । ବିଷୟଚିନ୍ତାରେ ମନ ଅତିଶୟ ଚଞ୍ଚଳ ହୁଏ । ସେପରି ଚଞ୍ଚଳ ଚିତ୍ତକୁ ଭଗବାନଙ୍କଠାରେ ଅର୍ପଣ ସମ୍ଭବପର ହୁଏ ନାହିଁ । ଚିତ୍ତ ଭଗବତ୍ ସମର୍ପିତ ନ ହେଲେ ସେଥିରେ ତତ୍ତ୍ୱଜ୍ଞାନର ଉଦୟ ସମ୍ଭବ ହୁଏ ନାହିଁ । ତେଣୁ ବିଷୟଚିନ୍ତା ଭଗବତ୍‌ଚିନ୍ତା ପରସ୍ପର ବିରୋଧୀ । ଏଥିପାଇଁ ବିଷୟସଙ୍ଗ ତ୍ୟାଗକରି ଅର୍ଥାତ୍ ବିଷୟ ଭିତରେ ଥାଇ ମଧ୍ୟ ମନକୁ ଭଗବତ୍ ଚିନ୍ତାରେ ମଗ୍ନ ରଖିଲେ, ବିଷୟସଙ୍ଗର ଅଭାବ ହେତୁ ମନ ଭଗବାନଙ୍କଠାରେ ଲୟପ୍ରାପ୍ତ ହୁଏ ।

(୧୨୪୪) ସାଧନା : ମାନବ ବ୍ରହ୍ମ, ଆତ୍ମା, ଭଗବାନ, ପରଲୋକ, ଦେବତା ପ୍ରଭୃତି ଆଧ୍ୟାତ୍ମିକ ତତ୍ତ୍ୱ ସମୂହର ସୁବିସ୍ତୃତ ଜ୍ଞାନ ଅର୍ଜନ କଲେ ମଧ୍ୟ ଯେ ପର୍ଯ୍ୟନ୍ତ ସେହି ଜ୍ଞାନକୁ କର୍ମଜୀବନରେ ଅଭ୍ୟାସ ବା ସ୍ୱଭାବରେ ପରିଣତ କରି ନ ପାରିଛି, ସେ ପର୍ଯ୍ୟନ୍ତ ସେହି ଜ୍ଞାନକୁ ଆଧ୍ୟାତ୍ମ ଜ୍ଞାନ କୁହାଯାଇ ପାରିବ ନାହିଁ । ଉପରୋକ୍ତ ବିଷୟରେ ଜ୍ଞାନ ଲାଭକରି କ୍ରମଶଃ ଆତ୍ମଚିନ୍ତା, ବିବେକ-ବୈରାଗ୍ୟ, କର୍ମଯୋଗ ବା ଅଭ୍ୟାସଯୋଗ ଦ୍ୱାରା ଏଗୁଡ଼ିକୁ ଅକପଟ ଓ ଦୃଢ଼ନିଷ୍ଠ ଭାବରେ ଅଭ୍ୟାସରେ ପରିଣତ କରିବାକୁ ପଡ଼େ । କର୍ମହିଁ ସତ୍ୟଜ୍ଞାନ ଓ ଅକପଟ ବିଶ୍ୱାସର ପ୍ରମାଣ । ସତ୍ୟଜ୍ଞାନକୁ କ୍ରିୟାରେ ପରିଣତ କରି ନ ପାରିଲେ ଜ୍ଞାନ ବିଶ୍ୱାସ ଦୃଢ଼ମୂଳ ହୁଏନାହିଁ । ସତ୍ୟଜ୍ଞାନ ଓ ବିଶ୍ୱାସକୁ କାର୍ଯ୍ୟରେ ପରିଣତ କରିପାରିଲେ ସାଧକଙ୍କର ଅତି ତୀବ୍ର ଅନୁଭୂତି ଲାଭ ହୁଏ । ସେଥିରେ ଆତ୍ମଜ୍ଞାନ ସ୍ୱତଃ ଫୁଟି ଉଠେ । କାମନାବାସନା-ବୀଜ ଦଗ୍ଧ କରି ନ ପାରିଲେ ଅର୍ଥାତ୍ ବିଷୟ ବାସନା ଥିଲେ ଆତ୍ମାନୁଭୂତି ଲାଭ ହୋଇପାରେ ନାହିଁ । ଆତ୍ମାର ସ୍ୱାଭାବିକ ଅଭେଦଜ୍ଞାନ ଉପରେ ଭୂତ ପ୍ରକୃତିର ଆସକ୍ତି ଓ ବାସନାମୂଳକ ଭେଦଜ୍ଞାନର ଗୋଟିଏ ଆବରଣ ପତିତ ହୋଇ ସ୍ଥୂଳ ସୂକ୍ଷ୍ମାଦି ତ୍ରିଜଗତ୍ ଦର୍ଶନ ହୋଇଥାଏ । ଏହି କାମନା-ବାସନାମୂଳକ ଅଜ୍ଞାନ ଅନ୍ଧକାରକୁ ଓ ଜଡ଼ଭୂତ ବା ପ୍ରକୃତିବିଷୟକ ଭେଦବସ୍ତୁଜ୍ଞାନକୁ ତିରୋହିତ କରି ଅଭେଦ ଆତ୍ମାରଜ୍ଞାନର କ୍ରମପ୍ରତିଷ୍ଠା ନିମିତ୍ତ ଯେଉଁ ଚେଷ୍ଟା କରାଯାଏ ତାହାକୁ ସାଧନା କୁହାଯାଏ ।

(୧୨୪୫) ଭକ୍ତସଙ୍ଗ : ଜ୍ଞାନମାର୍ଗର ସାଧକମାନେ ସବୁଠାରେ ସମସ୍ତଙ୍କୁ ବ୍ରହ୍ମ ବୋଲି ଧାରଣା କରି ସାଧନ ପଥରେ ଅଗ୍ରସର ହୁଅନ୍ତି । କିନ୍ତୁ ଭକ୍ତିମାର୍ଗର ସାଧକମାନଙ୍କ ମତରେ ସ୍ୱପ୍ନାବସ୍ଥାର ସ୍ୱପ୍ନଦର୍ଶନ ଯେପରି ଅସତ୍ୟ ହେଲେ ମଧ୍ୟ ତାହା ସତ୍ୟ ବୋଲି ବୋଧ ହୁଏ, ସେହିପରି ଏହି ବିଶ୍ୱଜଗତ୍ ଅସତ୍ୟ ହୋଇଥିଲେ ମଧ୍ୟ ତାହା ଅସତ୍ୟ ବୋଲି ବୋଧ ହୁଏନାହିଁ । ତେଣୁ ଭକ୍ତ-ସାଧକମାନେ ଏହି ଜଗତକୁ ସତ୍ୟ ବୋଲି ଗ୍ରହଣ କରି ଏହି ଜଗତରେ ଥାଇ ସର୍ବଶକ୍ତିମାନ କରୁଣାମୟ ଭଗବାନଙ୍କ ଉପରେ ନିର୍ଭର କରି ଭକ୍ତି ଓ ପ୍ରେମର ସାଧନ ଦ୍ୱାରା ବାହ୍ୟଜଗତର ବିଚିତ୍ରତା ମଧ୍ୟରେ ଏକମାତ୍ର ଭଗବାନ ଯେ ସତ୍ୟ—ଏହି ଧାରଣାରେ ତାଙ୍କରିଠାରେ ମନଲୟ ଓ ପ୍ରାଣଲୟ ସାଧନରେ ବ୍ରତୀ ରହନ୍ତି । ଭଗବାନଙ୍କଠାରେ ଭକ୍ତିବଳରେ ଚିତ୍ତଲୟ କରିପାରିଲେ ପରେ ବିଶ୍ୱର ସମସ୍ତ ତତ୍ତ୍ୱ ଭକ୍ତଙ୍କ ନିକଟରେ ଉଦ୍‌ଘାଟିତ ହୋଇଯାଏ । ଏହି ଭାବରେ ଭକ୍ତମାନେ ମନଦ୍ୱାରା ଇଷ୍ଟଦେବଙ୍କୁ ଗ୍ରହଣ ପୂର୍ବକ ଚିତ୍ତକୁ ଏକାଗ୍ର କରି ସେହି ଇଷ୍ଟଦେବଙ୍କଠାରେ ମନୋଲୟ କରିଥାନ୍ତି । ଏହି ଭାବରେ ସେ ତାଙ୍କ ବ୍ୟଷ୍ଟିମନକୁ ସମଷ୍ଟି ମନରେ ହିଁ ଲୟ କରିଥାନ୍ତି । ସେଥିରେ ଅହଂତ୍ୱର ବିଲୟ ହୁଏ । ଭଗବତ୍ ଧ୍ୟାନ ଫଳରେ ଭକ୍ତମାନେ ତାଙ୍କ ଇଷ୍ଟଦେବତାଙ୍କୁ ସର୍ବମୟ ଦର୍ଶନ କରି ଭେଦଜ୍ଞାନ ଲୋପ କରିଥାନ୍ତି । ସୁତରାଂ ସାଧାରଣ ମାନବମାନଙ୍କ ପକ୍ଷରେ ଅଦ୍ୱୈତଜ୍ଞାନଠାରୁ ବିଶିଷ୍ଟାଦ୍ୱୈତ ବା ଭକ୍ତିସାଧନାହିଁ ସହଜସାଧ୍ୟ । ଭକ୍ତିପଥରେ ଭଗବାନ ଜୀବକୁ ଉଦ୍ଧାର କରିଥାନ୍ତି । ସେହି ଭଗବାନଙ୍କ ଉପାସନା ଭକ୍ତମାନଙ୍କର ଲକ୍ଷ୍ୟ । ଉପାସନା ସମୟରେ ଭକ୍ତମାନେ ଉପାସ୍ୟ-ଉପାସକ ଭେଦ ମାନି ନେଇଥାନ୍ତି । ଭକ୍ତମାନେ ନିଜକୁ ଶ୍ରୀଭଗବାନଙ୍କ ସେବକ ବୋଲି ଜ୍ଞାନ କରନ୍ତି । ସେହିଭଳି ଭକ୍ତମାନଙ୍କ ସଙ୍ଗ ଫଳରେ ଭକ୍ତ-ସାଧାରଣଙ୍କ ଭାବ ପୁଷ୍ଟିଲାଭ କରେ । ଭଗବତ୍ ସାକ୍ଷାତ୍‌କାର ଲାଭ ହେଲେ ସ୍ୱତଃ ଜ୍ଞାନ ଲାଭ ହୋଇଥାଏ । ଭଗବତ୍ ସାକ୍ଷାତ୍‌କାରରେ ଦ୍ୱୈତଭାବ ଥାଏ । ଏଥିପାଇଁ ଜ୍ଞାନୀମାନେ ମଧ୍ୟ ଭକ୍ତିପଥରେ ଭଗବତ୍ ଆସ୍ୱାଦନ କରିଥାନ୍ତି । ଭଗବତ୍ ପ୍ରାର୍ଥନା ବନ୍ଦନା ଓ ସାଧୁ ସେବାଦ୍ୱାରା ଭଗବାନଙ୍କ ଦର୍ଶନ ମିଳେ । ସୁତରାଂ ସାଧୁସଙ୍ଗ ବା ଭକ୍ତସଙ୍ଗ ଶ୍ରେଷ୍ଠ ।

(୧୨୪୬) ପ୍ରବର୍ତ୍ତକ ସାଧକ : ଯେଉଁ ସାଧକମାନେ ଏହି ସଂସାର ମଧ୍ୟରେ ରହି ମନକୁ ଭଗବତ୍‌ମୁଖୀ କରିବାକୁ ଚେଷ୍ଟା କରନ୍ତି, ସେମାନଙ୍କୁ ପ୍ରବର୍ତ୍ତକ ସାଧକ କୁହାଯାଏ । ମନକୁ ବିଷୟ ଦିଗରୁ କ୍ରମଶଃ ସଂକୋଚ କରି ଭଗବାନଙ୍କ

ସାଧନାରେ ନିୟୋଜିତ କରିବାକୁ ହେବ । ବିଷୟମମତା ଆଧ୍ୟାତ୍ମିକ ସାଧନାର ପ୍ରତିକୂଳ ହେଲେ ମଧ୍ୟ ବିଷୟ ଭିତରେ ଥାଇ ସାଧକମାନେ ପ୍ରଥମେ ତାହା ଅନୁଭବ କରି ନିତ୍ୟ ସ୍ୱରୂପଙ୍କ ଚିନ୍ତା କରିବାପାଇଁ ଅଭ୍ୟାସ ଗଠନ କରନ୍ତି । ସେଥିରେ ସାଧକମାନଙ୍କ ଆନ୍ତରିକ ଆଗ୍ରହ ଓ ଭଗବତ୍ ପ୍ରାପ୍ତିର ଆକାଙ୍କ୍ଷା ବୃଦ୍ଧି ଲାଭ କରେ । ତେଣୁ ପ୍ରାଥମିକ ସାଧକମାନଙ୍କୁ ପ୍ରବର୍ତ୍ତକ-ସାଧନ ବୋଲି କୁହାଯାଇଥାଏ ।

(୧୨୪୭) ଶିଷ୍ୟତ୍ୱର ସାଧନା : ସଦ୍‌ଗୁରୁଙ୍କ ଶରଣ ଗ୍ରହଣ କରିବାକୁ ହେଲେ ସାଧକମାନଙ୍କୁ ଶିଷ୍ୟତ୍ୱ ସାଧନାରେ ସିଦ୍ଧିଲାଭ କରିବାକୁ ପଡ଼େ । ଏହି ସାଧନାରେ ସିଦ୍ଧି ନ ହେଲେ ସଦ୍‌ଗୁରୁସଙ୍ଗ ଲାଭ ହେଲେ ମଧ୍ୟ ସାଧକମାନେ ତାହା ଅନୁଭବ କରିବାକୁ ସମର୍ଥ ହୁଅନ୍ତି ନାହିଁ । ସେହି ପ୍ରାଥମିକ ସାଧନା ହେଉଛି—(୧) ବିବେକ (୨) ବୈରାଗ୍ୟ (୩) ଶମଦମାଦି ଷଟ୍ ସମ୍ପତ୍ତି (୪) ମୁମୁକ୍ଷୁତ୍ୱ । ଉପାସକ ଶିଷ୍ୟ ଏହି ଚତୁର୍ବିଧ ଅବସ୍ଥାକୁ ଅଭ୍ୟାସ ଦ୍ୱାରା ଆୟତ୍ତାଧୀନ କରିଥାନ୍ତି । ବିବେକକୁ ମନର ଭଜନ ଦ୍ୱାରା, ବୈରାଗ୍ୟକୁ ପରିକାମ୍ୟ ବା ଭଗବତ୍ କାମନା ଦ୍ୱାରା, ଷଟ୍‌ସମ୍ପତ୍ତିକୁ ଚରିତ୍ର ଗଠନ ଦ୍ୱାରା ଅର୍ଥାତ୍ ଶମକୁ ମନୋଜୟ ଦ୍ୱାରା, ଦମକୁ ବଶ୍ୟତା ବା କର୍ମ ସଂଯମ ଦ୍ୱାରା ଲାଭ କରିଥାନ୍ତି । ଉପରତିକୁ ସନ୍ତୋଷ, ତିତିକ୍ଷାକୁ ସହିଷ୍ଣୁତା, ସମାଧାନକୁ ଚିତ୍ତର ଏକାଗ୍ରତା ସାଧନ ଓ ଶ୍ରଦ୍ଧାକୁ ବିନୟଯୁକ୍ତ ବିଶ୍ୱାସ କହନ୍ତି ଏବଂ ମୁମୁକ୍ଷୁତ୍ୱକୁ ପ୍ରେମପ୍ରୀତି ଓ ଏକାତ୍ମତା କୁହାଯାଏ । ଏହି ଗୁଣ ନ ଥିଲେ ଶିଷ୍ୟର ଗୁରୁଦେବଙ୍କଠାରୁ ଦୀକ୍ଷାଗ୍ରହଣ ଅଧିକାର ଲାଭ ହୁଏ ନାହିଁ । ଉପରୋକ୍ତ ଗୁଣ ସମୂହରେ ଅଭ୍ୟସ୍ତ ହେଲେ ଗୁରୁପଦରେ ଶରଣଗ୍ରହଣର ଅଧିକାର ଲାଭ ହୋଇଥାଏ । ଏଥିପାଇଁ ସଦ୍‌ଗୁରୁଙ୍କ ଶରଣ ଗ୍ରହଣ ପୂର୍ବରୁ ସାଧକମାନେ ଶିଷ୍ୟତ୍ୱ ସାଧନାରେ ବ୍ରତୀ ହେବା ଆବାଶ୍ୟକ ।

(୧୨୪୮) ମୁକ୍ତପୁରୁଷ : ଯାହାଙ୍କର କାମକ୍ରୋଧାଦି ଷଡ଼ରିପୁ ସଂଯତ, ସେମାନେ ସଂସାରରେ ମୁକ୍ତପୁରୁଷ ନାମରେ ଅଭିହିତ । ଯେଉଁମାନେ ବିଷୟ ସଂସାରର ମାୟାରେ ଆବଦ୍ଧ ନୁହନ୍ତି, ଯାହାଙ୍କର ଷଡ଼ରିପୁ ସଂଯତ ବା ଭଗବତ ସେବାରେ ନିଯୁକ୍ତ, ସେହିମାନେ ହିଁ ମୁକ୍ତପୁରୁଷ । ବିଷୟାସକ୍ତି ଥିଲେ କେବେହେଲେ ଭଗବତ ସାକ୍ଷାତକାର ଲାଭ ହୁଏ ନାହିଁ । ଯେଉଁମାନେ ବିଷୟ, ସଂସାର, ବାସନା, ଆସକ୍ତି ଓ ସ୍ୱାର୍ଥ-ଭୋଗରେ ଆସକ୍ତ, ସେମାନେ କେବେହେଲେ ମୁକ୍ତ

ନୁହନ୍ତି । ସଂସାରରେ ଅଧିକାଂଶ ବ୍ୟକ୍ତି କାମିନୀ କାଞ୍ଚନରେ ଆସକ୍ତ । ସେ ଆସକ୍ତିରେ ଯେଉଁମାନେ ଆବଦ୍ଧ, ସେମାନେ ଘୋର ସଂସାରୀ । ସଂସାରର ଆସକ୍ତି ତ୍ୟାଗ କରି ଯେଉଁମାନେ ଭଗବାନଙ୍କ ସଂସାରରେ ଆବଦ୍ଧ, ସେହିମାନଙ୍କୁ ମୁକ୍ତପୁରୁଷ କୁହାଯାଏ ।

(୧୨୪୯) ଚିଦାଭାସ : ବ୍ରହ୍ମ ବ୍ୟତୀତ ଏହି ବିଶ୍ୱରେ ଦ୍ୱିତୀୟ ସତ୍ୟସତ୍ତା ନାହିଁ । ବ୍ରହ୍ମ ଅଖଣ୍ଡ, ପୂର୍ଣ୍ଣ ଓ ମାୟାତୀତ । ସେହି ବ୍ରହ୍ମ ମାୟା ଆଶ୍ରୟରେ ଭୂତ, ଜଗତ୍, ବ୍ରହ୍ମାଣ୍ଡ ଓ ଜୀବପ୍ରକୃତି ରୂପରେ ପ୍ରକଟିତ ହୁଅନ୍ତି । ସେହି ପ୍ରକଟ ଅବସ୍ଥାରେ ମଧ୍ୟ ତାଙ୍କ ସ୍ୱରୂପରେ ହ୍ରାସ ବୃଦ୍ଧି ହୁଏନାହିଁ । ତେଣୁ ସେହି ବ୍ରହ୍ମ ହିଁ ସର୍ବତ୍ର ସମଭାବରେ ଅବସ୍ଥାନ କରନ୍ତି । ତାଙ୍କର ପୂର୍ଣ୍ଣଜ୍ଞାନ ଓ ବୈଚିତ୍ର୍ୟର କିଞ୍ଚିତ୍ ଆଭାସ ବା ପ୍ରତିବିମ୍ବରୁ ଖଣ୍ଡଜୀବମୟ ବିଶ୍ୱ କଳ୍ପିତ ହୋଇଅଛି । ଏଥିପାଇଁ ଜୀବଜଗତ ବ୍ରହ୍ମଙ୍କର ଚିଦାଭାସ ସ୍ୱରୂପ । ଚିଦାଭାସ ସ୍ୱରୂପ ଜୀବ ଓ ଜଗତ୍ ଏହି ପ୍ରକାରରେ ବ୍ୟକ୍ତ ହେଲେ ମଧ୍ୟ ବ୍ରହ୍ମ ଏହାର ଅଭ୍ୟନ୍ତରରେ ବିରାଜିତ । ସୁଦୀର୍ଘ ବ୍ରହ୍ମାଣ୍ଡମାଳ ମଧ୍ୟରେ ସୂତ୍ରସ୍ୱରୂପରେ ବ୍ରହ୍ମହିଁ ବିଦ୍ୟମାନ । ବ୍ରହ୍ମଙ୍କର ସେହି ଅବସ୍ଥାକୁ ପ୍ରାଣ ଓ ଆତ୍ମା କହନ୍ତି । ତେଣୁ ଜୀବ ବ୍ୟଷ୍ଟିଚୈତନ୍ୟ । ଈଶ୍ୱର ସମଷ୍ଟି ଚୈତନ୍ୟ ହେତୁ ଚିତ୍ସ୍ୱରୂପ; କିନ୍ତୁ ଜୀବ ଚିଦାଭାସ ମାତ୍ର । ବ୍ରହ୍ମ ମାୟାଯୁକ୍ତ ହେଲେ ଜୀବ ଓ ମାୟାମୁକ୍ତ ହେଲେ ଶିବ ଅର୍ଥାତ୍ ସ୍ୱରୂପରେ ଅବସ୍ଥାନ କରନ୍ତି । ଅତଏବ ଜୀବ ବ୍ରହ୍ମ ସ୍ୱରୂପଙ୍କ ପ୍ରତିବିମ୍ବ । ସେହି ପ୍ରତିବିମ୍ବ ସ୍ୱରୂପ ଜୀବକୁ ଚିତ୍ତର ଆଭାସ ବା ଚିଦାଭାସ କୁହାଯାଏ ।

(୧୨୫୦) ଭକ୍ତି : ଭକ୍ତି ଦ୍ୱିଧା ବିଭକ୍ତ—ହୈତୁକୀ ଭକ୍ତି ଓ ଅହୈତୁକୀ ଭକ୍ତି । ଅହୈତୁକୀ ଭକ୍ତି ସାଧାରଣ ମାନବ ମଧ୍ୟରେ ପ୍ରଥମରୁ ଉଦୟ ହୁଏ ନାହିଁ । ହୈତୁକୀ ଭକ୍ତି ସକାମ ଉପାସନାମୂଳକ । ଅଧିକାଂଶ ମାନବଙ୍କ ମଧ୍ୟରେ ସାଧାରଣତଃ ଏହି ହୈତୁକୀ ଭକ୍ତିର ଉଦୟ ହୋଇଥାଏ । ଭଗବାନଙ୍କ ନିକଟରେ ନିଜ ସୁଖ ନିମିତ୍ତ ଯାହା ପ୍ରାର୍ଥନା କରାଯାଏ, ତାହାକୁ ସକାମ ଭକ୍ତି ବା ହୈତୁକୀ ଭକ୍ତି କୁହାଯାଏ । ଯେତେବେଳେ ମାନବ ମନରେ ଭଗବତ ଭକ୍ତିଲାଭ ବ୍ୟତୀତ ଅନ୍ୟ କିଛି ପ୍ରାର୍ଥନା କରିବାକୁ ପ୍ରବୃତ୍ତି ଜାତ ହୁଏ ନାହିଁ, ସେତେବେଳେ ସେହି ଭକ୍ତି ନିଷ୍କାମ ବା ଅହୈତୁକୀ ଭକ୍ତି ଆଖ୍ୟାପ୍ରାପ୍ତ ହୁଏ । ଭଗବତ୍ପ୍ରାପ୍ତି ମୂଳକ ପ୍ରାର୍ଥନା ସ୍ୱାର୍ଥ ସଂଯୁକ୍ତ ପ୍ରାର୍ଥନା ନୁହେଁ । ଆର୍ତ୍ତ, ଜିଜ୍ଞାସୁ ଓ ଅର୍ଥାର୍ଥୀଭକ୍ତମାନେ ହୈତୁକୀ ଭକ୍ତିର ଏବଂ ଜ୍ଞାନୀମାନେ ଅହୈତୁକୀ ଭକ୍ତିର ଅନୁଶୀଳନ କରିଥାନ୍ତି ।

(୧୨୫୧) ଭଗବାନ : ଜ୍ଞାନୀମାନଙ୍କ ଜ୍ଞେୟ ବସ୍ତୁଙ୍କର ନାମ ବ୍ରହ୍ମ, ଯୋଗୀମାନଙ୍କ ଜ୍ଞେୟ ବସ୍ତୁଙ୍କର ନାମ ଆତ୍ମା ଏବଂ ଭକ୍ତମାନଙ୍କ ଉପାସ୍ୟ ବସ୍ତୁଙ୍କୁ ଭଗବାନ କୁହାଯାଏ । ଏହି ଭଗବାନ, ବ୍ରହ୍ମ ଓ ଆତ୍ମାଠାରୁ ପୃଥକ ସତ୍ତା ନୁହନ୍ତି । ଭକ୍ତଙ୍କ ଦୃଷ୍ଟିରେ ସମୁଦାୟ ବିଶ୍ୱ ଭଗବତସତ୍ତା ବିଶିଷ୍ଟ ବୋଲି ବୋଧହୁଏ । ଭକ୍ତ ସବୁଠାରେ ଭଗବାନଙ୍କୁ ହିଁ ଉପଲବ୍ଧି କରିଥାଆନ୍ତି । ଭଗବାନ ଶ୍ରୀମନ୍ ଗୌରାଙ୍ଗ ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହରେ ତାଙ୍କର ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରୁଥିଲେ । ଭଗବାନଙ୍କ ଉପାସକମାନେ ନିଜକୁ ତୃଣଠାରୁ ନୀଚ ବୋଲି ଜ୍ଞାନ କରି ଆତ୍ମାଭିମାନ ତ୍ୟାଗ ପୂର୍ବକ ଭଗବାନଙ୍କ ଉପାସନା କରିଥାନ୍ତି ।

(୧୨୫୨) ମାୟାର ମହତ୍ତ୍ୱ : ପରମ ଦୟାଳୁ ଭଗବାନ ମାୟା ସୃଷ୍ଟି କରି ନିଜକୁ ଉପଲବ୍ଧି କରିବାର କୌଶଳ ପ୍ରଦର୍ଶନ କରିଛନ୍ତି । ମାୟାର ଅସ୍ତିତ୍ୱ ଥିବାରୁ ସାଧକମାନେ ଭଗବତ୍ ଉପଲବ୍ଧି କରିଥାନ୍ତି । ଏହି ବିଶ୍ୱରେ ମାୟାର ଅସ୍ତିତ୍ୱ ହେତୁ ଜୀବ ଈଶ୍ୱରଙ୍କ ସମ୍ମେଳନରେ ସାଧକମାନେ ଅପାର ଆନନ୍ଦ ଭୋଗ କରନ୍ତି । ଜୀବ ଯେ ସର୍ବଦା ଭଗବାନଙ୍କୁ ଦର୍ଶନ କରିପାରୁ ନାହିଁ—ଏହା ମହାମାୟାଙ୍କ କୃପା । ଜୀବ ଭଗବାନଙ୍କ ସନ୍ଧାନରେ ବ୍ୟସ୍ତ ରହିବା ହିଁ ତାହାର ସାଧନା । ଭକ୍ତମାନେ ଭଗବାନଙ୍କୁ ଲାଭ କରିବା ନିମିତ୍ତ ଯେଉଁ ଆକାଂକ୍ଷା ପୋଷଣ କରନ୍ତି ତାହା ହିଁ ମାୟାକୃପାରୁ ସମ୍ଭବ ହୁଏ । ଭଗବତ୍ ବିରହରେ ଭକ୍ତଙ୍କ ଅନ୍ତରରେ ଯେଉଁ ଆନନ୍ଦର ଆସ୍ୱାଦନ ଲାଭ ହୁଏ, ତାହାହିଁ ମହାମାୟାଙ୍କର କୃପା । ସର୍ବଦା ଭଗବଦ୍ଦର୍ଶନ ମିଳୁଥିଲେ ଭକ୍ତମାନଙ୍କର ଆନନ୍ଦ ବୃଦ୍ଧି ହୁଅନ୍ତା ନାହିଁ । ମାୟାର ଆବରଣୀ ଶକ୍ତି ପ୍ରଭାବରେ ଜୀବ ଭଗବାନଙ୍କୁ ଦେଖିପାରେ ନାହିଁ । ତଥାପି ଭଗବାନଙ୍କ ପ୍ରତି ବ୍ୟାକୁଳତା ହେତୁ ମାୟାଶକ୍ତି ତିରୋହିତ ହୋଇ ଭଗବତ୍ ଦର୍ଶନ ଘଟାଇଥାଏ । ଭଗବାନଙ୍କୁ ଲାଭ କରିବା ପଥରେ ଯେଉଁ ଆନନ୍ଦ, ଅର୍ଥାତ୍ ଭକ୍ତିପଥରେ ଯେଉଁ ଆନନ୍ଦ ଆସ୍ୱାଦନ, ଭଗବାନଙ୍କୁ ଲାଭକରେ ସେ ଆନନ୍ଦ ଆସ୍ୱାଦିତ ହୋଇପାରେ ନାହିଁ । ଏହି କାରଣରୁ ଭଗବତ୍ ବିରହ ଏକ ବିଶେଷ ପ୍ରକାର ଆନନ୍ଦର ଆସ୍ୱାଦନ । ମାୟା ପ୍ରଭାବରୁ ହିଁ ଏହି ଆନନ୍ଦର ଆସ୍ୱାଦନ ଲାଭ ହୋଇଥାଏ ।

(୧୨୫୩) ପରାବିଦ୍ୟା : ବିଦ୍ୟା ଦୁଇ ପ୍ରକାର । ପରାବିଦ୍ୟା ଓ ଅପରାବିଦ୍ୟା । ଏକମାତ୍ର ଈଶ୍ୱର ଓ ପରଂବ୍ରହ୍ମ ବିଷୟକ ତତ୍ତ୍ୱଜ୍ଞାନକୁ ଓ ତତ୍ପ୍ରତି

ଭକ୍ତି ପ୍ରୀତି ବିଦ୍ୟାକୁ ପରାବିଦ୍ୟା ବା ବ୍ରହ୍ମବିଦ୍ୟା କୁହାଯାଏ । ଏହା ବ୍ୟତୀତ ଅନ୍ୟ ଯାବତୀୟ ବିଦ୍ୟା, ଅପରାବିଦ୍ୟାର ଅନ୍ତର୍ଭୁକ୍ତ । ଅପରାବିଦ୍ୟାର ଅପରନାମ ଅବିଦ୍ୟା । ବର୍ତ୍ତମାନ ସମୟରେ ଯେଉଁ ବିଦ୍ୟାଶିକ୍ଷା ଦିଆଯାଉଛି, ସେ ସମସ୍ତ ଅପରାବିଦ୍ୟା ଭିନ୍ନ ଅନ୍ୟ କିଛି ନୁହେଁ । ଏହି ଅପରାବିଦ୍ୟାର ଅଭ୍ୟାସ ଫଳରେ ମାନବ ଅନ୍ତର ରଜୋଗୁଣରେ ପୂର୍ଣ୍ଣ ହୋଇଯାଉଛି । ପରାବିଦ୍ୟାର ଉନ୍ନତି ନିମିତ୍ତ ଯଦି ଅପରାବିଦ୍ୟା ଶିକ୍ଷା ଦିଆଯାଉଥାଆନ୍ତା, ତେବେ ବିଶେଷ କ୍ଷତି ହୁଅନ୍ତା ନାହିଁ । ପରାବିଦ୍ୟା ସାହାଯ୍ୟରେ ମାନବର ଆଧ୍ୟାତ୍ମିକ ଉନ୍ନତି ସାଧିତ ହୋଇଥାଏ ଏବଂ ପରାବିଦ୍ୟା ଅଭ୍ୟାସ ସଙ୍ଗେ ସଙ୍ଗେ ଅପରାବିଦ୍ୟା ସ୍ୱତଃ ଅଭ୍ୟସ୍ତ ହୋଇଥାଏ ।

(୧୨୫୪) ଜୀବର ପ୍ରବାସ : ଏହି ଆଧିଭୌତିକ ପଞ୍ଚ ପ୍ରାକୃତ ଜଗତ୍ ଜୀବର ପ୍ରବାସ ବା ବିଦେଶ ସ୍ୱରୂପ ଏବଂ ଭଗବାନ ହିଁ ତାହାର ସ୍ୱଦେଶ । ଜୀବର ପ୍ରବାସ ବାସର କାରଣ ହେଲା ଯେ ଜୀବ ଦୀର୍ଘଦିନ ବିଦେଶ ବାସପରେ ଯେତେବେଳେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ, ସେତେବେଳେ ସେହି ପ୍ରତ୍ୟାବର୍ତ୍ତନ ପଥରେ ଯେଉଁ ଅନିର୍ବଚନୀୟ ଆନନ୍ଦ, ସେହି ଆନନ୍ଦ ଆସ୍ୱାଦନର ସୁଯୋଗ ଲାଭ କରିପାରିବ । ସେହି ଆନନ୍ଦ ଆସ୍ୱାଦନ ନିମିତ୍ତ ଜୀବର ପ୍ରବାସ । ସେହି ଆନନ୍ଦ ଆସ୍ୱାଦନ ନିମିତ୍ତ ଜୀବ ଅବ୍ୟକ୍ତ ବ୍ରହ୍ମଙ୍କଠାରୁ ବିଛିନ୍ନ ହୋଇ ବ୍ୟକ୍ତ ପ୍ରକୃତି ରାଜ୍ୟକୁ ଆଗମନ କରେ । ଜୀବ ଦୀର୍ଘ ପ୍ରବାସ କାମନା କରେ ନାହିଁ କିମ୍ବା ପ୍ରକୃତି ରାଜ୍ୟରେ ଦୀର୍ଘଦିନ ରହିବାକୁ ଇଚ୍ଛା କରେ ନାହିଁ । ମହାମାୟାଙ୍କ ଶକ୍ତିରେ ଆବଦ୍ଧ ହୋଇ ଜୀବ ଦୀର୍ଘ ସମୟ ଧରି ଏହି ପ୍ରବାସରେ ବାସ କରିଥାଏ । କିନ୍ତୁ ଭଗବାନଙ୍କ କୃପାରୁ ଏହି ମାୟା ଭେଦ କରି ଜୀବ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥାଏ । ଜୀବ, ବିଷୟ ପ୍ରତି ଉଦାସୀନ ହେଲେ ସ୍ୱଦେଶ ପ୍ରତ୍ୟାଗମନ ପଥରେ ଅଗ୍ରସର ହୋଇଥାଏ । ସାଧନା ସାହାଯ୍ୟରେ ଜୀବ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଏ । ସାଧନା ଅଭ୍ୟାସ କାଳରେ ସାଧକମାନେ ଯେଉଁ ଆନନ୍ଦ ଆସ୍ୱାଦନ କରିଥାନ୍ତି, ସେହି ଆନନ୍ଦ ଭଗବତ୍ ପ୍ରାପ୍ତିରେ ମିଳେ ନାହିଁ । ଭଗବତ୍ ପଥରେ ଆନନ୍ଦର ଆସ୍ୱାଦନ ନିମିତ୍ତ ଜୀବର ପ୍ରବାସ କଷ୍ଟ ସ୍ୱୀକାର । ମାନବ ଅନିତ୍ୟ ବିଷୟର କ୍ଷଣିକ ସୁଖରେ ଆବଦ୍ଧ ହୋଇ ନିତ୍ୟାନନ୍ଦରୁ ବଞ୍ଚିତ ହୁଏ । ଏଥିପାଇଁ ସେ ବିଷୟ ସୁଖରେ ମତ୍ତ ରହି ଭଗବତ୍ ଧ୍ୟାନଜନିତ ଆନନ୍ଦ ଅନୁଭବ କରିପାରେ ନାହିଁ । ଦୀର୍ଘଦିନ ପ୍ରବାସ ଫଳରେ ମାନବର ଏହି ଅଭ୍ୟାସ ଗଠିତ ହୋଇଯାଇଛି ।

ସୁତରାଂ ଭଗବତ୍ ପ୍ରାପ୍ତିଠାରୁ ତାଙ୍କୁ ଲାଭ କରିବା ପଥରେ ଯେ କିଭଳି ଆନନ୍ଦ ନିହିତ, ତାହାରି ଆସ୍ୱାଦନ ନିମିତ୍ତ ଜୀବର ସ୍ୱବାସ ତ୍ୟାଗ ଓ ପ୍ରବାସ ବାସ। ଅତଏବ ଧୀରସ୍ଥିର ଭାବରେ ସାଧନ ଅଭ୍ୟାସ ଫଳରେ ଏହି ପ୍ରତ୍ୟାବର୍ତ୍ତନ ପଥରେ ଚଳିବାକୁ ହୋଇଥାଏ।

(୧୨୫୫) ବସ୍ତ୍ରହରଣ : ଆବରଣ ଶକ୍ତିକୁ ବସ୍ତ୍ର କୁହାଯାଏ। ପ୍ରାକୃତ କାମଭାବ ହିଁ ଆବରଣୀ ଶକ୍ତି। ସେହି ଆବରଣୀ ଶକ୍ତିକୁ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କଠାରୁ ଦୂରୀଭୂତ କରିଦେଇଥିଲେ। ଗୋପୀମାନେ ଭଗବତ୍ ଜ୍ଞାନରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାପରେ ଭଗବାନ ପ୍ରସନ୍ନ ହୋଇ ସେମାନଙ୍କୁ ବସ୍ତ୍ର ପ୍ରତ୍ୟର୍ପଣ କରିଥିଲେ। ଦ୍ୱୈତବାଦ ଦୂର ହେବାରୁ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ପରମପୁରୁଷ ଜ୍ଞାନରେ ଦର୍ଶନ କରିଥିଲେ। ଏହି ବସ୍ତ୍ରହରଣ ଘଟନା ଆତ୍ମସମର୍ପଣ ଓ ଶରଣାଗତି ଭାବକୁ ବୁଝାଇଥାଏ। ନାରୀ ଭାବରେ ଆବରଣମୁକ୍ତ ହୋଇ ଭଗବତ୍ ଉପାସନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଯୋଗସିଦ୍ଧ ମହାତ୍ମାମାନେ ଭଗବତ୍ ଉପାସନା ନିମିତ୍ତ ବ୍ରଜଧାମରେ ଗୋପୀ ଦେହ ଧାରଣ କରିଥିଲେ। ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପ୍ରକୃତିର ଅନ୍ତର୍ଗତ। ଶ୍ରୀ ଭଗବାନ ହିଁ ଏକମାତ୍ର ପୁରୁଷ। ସୁତରାଂ ଗୋପୀମାନଙ୍କ ଆଦର୍ଶରେ ଶ୍ରୀକୃଷ୍ଣଙ୍କୁ ଏକମାତ୍ର ପରମପୁରୁଷ ଜ୍ଞାନରେ ଉପାସନା କରିବା କର୍ତ୍ତବ୍ୟ। ଗୋପୀମାନେ ହିଁ ସାଧକମାନଙ୍କ ଗୁରୁସ୍ଥାନୀୟ।

(୧୨୫୬) ଅହଂଜ୍ଞାନ : ପରଂବ୍ରହ୍ମ ଚିତ୍ ସ୍ୱରୂପ। ତାଙ୍କ ମାୟାଶକ୍ତିରୁ ଅହଂଜ୍ଞାନର ଉଦ୍ଭବ। ଏହି ଅହଂଜ୍ଞାନର ଉଦୟ ହେଲେ ତାହାକୁ ଜୀବ କୁହାଯାଏ। କ୍ରମେ ବୁଦ୍ଧି ଓ ମନର ବିକାଶ ହେତୁ ତାହାକୁ କାରଣ ଦେହ, ସୂକ୍ଷ୍ମ ଓ ସ୍ଥୂଳ ଦେହ ଧାରଣ କରିବାକୁ ପଡ଼େ। ଆତ୍ମାର ଅହଂତ୍ୱକୁ ଜୀବ କହନ୍ତି, ଏହା ହିଁ ଚୈତନ୍ୟର ଧର୍ମ। ଏହି ହେତୁରୁ ଅହଂଜ୍ଞାନର ବିନାଶହେଲେ ଜୀବ ଆତ୍ମସ୍ୱରୂପ ଲାଭ କରିଥାଏ। ଅହଂଜ୍ଞାନ ବିଶିଷ୍ଟ ଜୀବର ଯେଉଁ ଜୀବତ୍ୱ, ତାହା ଅନୁଭବର ବିଷୟ। ଜ୍ଞାନର ପୂର୍ଣ୍ଣତାରେ ଆତ୍ମାର ବିକାଶ। ଅହଂଜ୍ଞାନ ନାଶ ହେଲେ ଜୀବର ପୂର୍ଣ୍ଣତା ଆସିଥାଏ। ତେଣୁ ଅହଂଜ୍ଞାନ ବା ଭେଦଜ୍ଞାନ ଚିତ୍‌ଶକ୍ତିର ଆଂଶିକ ରୂପାନ୍ତର ମାତ୍ର। ମାୟା ହିଁ ଏହାର କାରଣ। ମାୟା ପ୍ରଭାବରେ ଏହି ଭେଦଜ୍ଞାନର ଉତ୍ପତ୍ତି। ଏହି ଅହଂଜ୍ଞାନ ଅପସାରିତ ହେଲେ ଜୀବ ସ୍ୱରୂପରେ ଅବସ୍ଥାନ କରେ। 'ମୁଁ' ଭାବ ଆତ୍ମଜ୍ଞାନର ଆବରକ ଓ ମାନସିକ ବିକୃତିର ସ୍ୱରୂପ। ଏହି ଅହଂଜ୍ଞାନ ସ୍ୱପ୍ନଦର୍ଶନ ତୁଲ୍ୟ। ଏହି

ଅହଂଜ୍ଞାନ ଥିବା ପର୍ଯ୍ୟନ୍ତ ଜୀବ କେବେହେଲେ ଆତ୍ମଜ୍ଞାନ ଲାଭ କରିପାରେ ନାହିଁ କିମ୍ବା ଜନ୍ମମୃତ୍ୟୁ କବଳରୁ ଜୀବର ଉଦ୍ଧାର ହୁଏ ନାହିଁ। ଅହଂଜ୍ଞାନ ଶୂନ୍ୟ ଜୀବ ହିଁ ଆତ୍ମଜ୍ଞାନ ଲାଭ କରି ମୁକ୍ତ ହୁଏ।

(୧୨୫୭) ଆତ୍ମଜ୍ଞାନ ଲାଭର ସପ୍ତବିଧ ଉପାୟ :

(୧) ନିତ୍ୟ ସତ୍ୟ ସ୍ୱରୂପଙ୍କ ଧାରଣା ଧାନରେ ଅଭ୍ୟାସ।

(୨) ନିଜ ଇଷ୍ଟଦେବତାଙ୍କ ସ୍ମରଣ ମନନ ଓ ତାଙ୍କ ଉଦ୍ଦେଶ୍ୟରେ କର୍ମ ସମାପନ।

(୩) ଅହଂଭାବ ବର୍ଜନ କରି କର୍ମ ଅଭ୍ୟାସ ନିମିତ୍ତ ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶରେ ପରିଚାଳିତ ହେବା।

(୪) ସାଧୁ ଭକ୍ତମାନଙ୍କ ସହିତ ଅର୍ଥାତ୍ ସତ୍‌ସଙ୍ଗରେ ରହି ସର୍ବଦା ଭଗବତ୍ ସ୍ମରଣ ମନନ କରିବା ଏବଂ ସେମାନଙ୍କ ଆଚରଣର ଅନୁସରଣ କରିବା ଓ ଅନୁଶୀଳନ କରିବା।

(୫) ନିଜ ଅନ୍ତର ମନ୍ଦିରରେ ଭଗବାନଙ୍କୁ ଦର୍ଶନ କରିବାର ଅଭ୍ୟାସ ଗଠନ କରିବା।

(୬) ସର୍ବଭୂତରେ ଭଗବତ୍-ଅନୁଭବପୂର୍ବକ ସେବାର ଅନୁଶୀଳନ କରିବା ଏବଂ

(୭) ସର୍ବଭୂତରେ ଭଗବତ୍ ଜ୍ଞାନରେ ନିଃସ୍ୱାର୍ଥ ସୁଖ ପାଇବାର ଅଭ୍ୟାସ ଗଠନ କରିବା।—ଏହା ହିଁ ଆତ୍ମଜ୍ଞାନ ଲାଭର ସପ୍ତବିଧ ଉପାୟ।

(୧୨୫୮) ବିଷୟସଙ୍ଗ : ବିଷୟସଙ୍ଗ ବହିରଙ୍ଗ। ଏହି ବିଷୟସଙ୍ଗ ଭଗବତ୍‌ସଙ୍ଗର ବିରୋଧୀ। କାରଣ ଭଗବତ୍‌ସଙ୍ଗ ଅନ୍ତରଙ୍ଗ। ସଂସାରରେ ବନ୍ଧୁ, ସଖା, ପରିବାର, ପରିଜନ, ବିଷୟ, ସମ୍ପତ୍ତି, ଯଶ, ସମ୍ମାନ ପ୍ରଭୃତି ବହିରଙ୍ଗ। ଭଗବତ୍ ଆକର୍ଷଣ, ବିଷୟର ବିପରୀତ ଦିଗ; ବିଷୟ ଭିତରେ ଥାଇ ଭଗବତ୍ ଭଜନ କୀର୍ତ୍ତନ କରିବା ନିମିତ୍ତ ବିଷୟସଙ୍ଗର ଆବଶ୍ୟକତା। ଅନ୍ୟଥା ବିଷୟ ନିମିତ୍ତ ବିଷୟସଙ୍ଗ ହିଁ ବନ୍ଧନର ହେତୁ।

(୧୨୫୯) ଆଦର୍ଶ ଗୃହସ୍ଥ : ହରପାର୍ବତୀଙ୍କୁ ଆଦର୍ଶ କରି ସଂସାରୀ ସାଧକମାନେ ଗୃହସ୍ଥ ଜୀବନଯାପନ କରିବା କର୍ତ୍ତବ୍ୟ। ସ୍ତ୍ରୀ ବା ପ୍ରକୃତି ପାର୍ବତୀଙ୍କ

ପରି ଏବଂ ପୁରୁଷ ଶିବଙ୍କୁ ଆଦର୍ଶ କରି ସଂସାର କରିବା ବିଧେୟ। ସ୍ତ୍ରୀ ଲକ୍ଷ୍ମୀ ସ୍ୱରୂପା, ବୁଦ୍ଧିମତୀ ଓ ବିନୟାଦି ଗୁଣସମ୍ପନ୍ନ ହେବା ଆବଶ୍ୟକ। ଗୃହକୁ ସାଧନ ଭଜନର ଅନୁକୂଳ ଓ ମନୋରମ କରି ସଜ୍ଜିତ କରିବା ବିଧେୟ। ସାଧକମାନେ ଗୃହରେ ରହି ଅନ୍ନାଦିଦାନ, ଯଜ୍ଞ, ପୂଜା, କୀର୍ତ୍ତନ, ଗୀତା, ଭାଗବତାଦି ପାଠ, ମହୋତ୍ସବ ପ୍ରଭୃତି ଅନୁଷ୍ଠାନ କରିବା କର୍ତ୍ତବ୍ୟ। ଦରିଦ୍ର ସାଧକ ସଂସାରରେ ଥିଲେ ଧନୀ ସାଧକଙ୍କର ଆଶ୍ରୟରେ ଚଳିବେ। ଅତି ଅଳ୍ପ ବ୍ୟୟରେ ନିରାଡ଼ମ୍ବର ଭାବରେ ସଂସାର ଯାତ୍ରା ନିର୍ବାହ କରିବେ। ସମସ୍ତ ଧର୍ମ କର୍ମ କରି ମଧ୍ୟ ନିଜେ ନିର୍ଲିପ୍ତ ରହିବେ। ଭକ୍ତି, ଦୟା, ପରୋପକାର, ସ୍ୱାର୍ଥତ୍ୟାଗର ଅନୁଶୀଳନ ସଙ୍ଗେ ସଙ୍ଗେ ସାଧୁସଙ୍ଗରେ ଭଜନ କୀର୍ତ୍ତନର ଅଭ୍ୟାସ କରିବେ। ସଂସାରର ସବୁ କାର୍ଯ୍ୟ ଭିତରେ ଥାଇ ଭଗବାନଙ୍କଠାରେ ମନରଖି ତାଙ୍କରି ନାମର ସ୍ମରଣମନନ ରୂପ ପରମ କର୍ମସମ୍ପାଦନ ହିଁ ଆଦର୍ଶ ଗୃହସ୍ଥମାନଙ୍କର କର୍ତ୍ତବ୍ୟ।

(୧୨୬୦) ପ୍ରେକ୍ଷା : ଶୁଦ୍ଧବୁଦ୍ଧି ନ ଥିଲେ ଶାସ୍ତ୍ରର ମର୍ମ ବୁଝି ହୁଏ ନାହିଁ। ଯେଉଁ ମାର୍ଜିତ ବୁଦ୍ଧି ସାହାଯ୍ୟରେ ଶାସ୍ତ୍ରର ତାତ୍ପର୍ଯ୍ୟ ବୁଝିହୁଏ, ତାହାରି ପାରିଭାଷିକ ନାମ ହେଲା ପ୍ରେକ୍ଷା; ଯେଉଁ ବୁଦ୍ଧିରେ ସତ୍ୟ ମିଥ୍ୟାର ପାର୍ଥକ୍ୟ ନିରୂପଣ କରାଯାଏ ଏବଂ ଯେଉଁ ବୁଦ୍ଧିର ଉଦୟ ହେଲେ ଅଜ୍ଞାନ ନାଶ ହୁଏ, ତାହାକୁ ଏହି ପ୍ରେକ୍ଷା କୁହାଯାଏ। ଯାହାଙ୍କର ଏହି ପ୍ରେକ୍ଷା ଅଛି, ସେ ଶାସ୍ତ୍ରର ମର୍ମାର୍ଥ ହୃଦୟଙ୍ଗମ କରିବାର ଯଥାର୍ଥ ଅଧିକାରୀ। ତେଣୁ ସେହି ପ୍ରେକ୍ଷାବାନ ବ୍ୟକ୍ତିଙ୍କ ନିକଟରେ ଶାସ୍ତ୍ରବ୍ୟାଖ୍ୟା କରିବା ଆବଶ୍ୟକ। ଯାହା ଜାଣିଲେ ପରମପୁରୁଷାର୍ଥ ସିଦ୍ଧ ହୁଏ, ପ୍ରେକ୍ଷାବାନ ଶ୍ରୋତା ସେହି ବିଷୟ ଜାଣିବା ନିମିତ୍ତ ଆଗ୍ରହୀ ହୋଇଥାନ୍ତି।

(୧୨୬୧) ତ୍ରିବିଧ ଦୁଃଖ : ଦୁଃଖ ତିନି ପ୍ରକାର–ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ। ଆଧ୍ୟାତ୍ମିକ ଦୁଃଖ ଦୁଇ ପ୍ରକାର—(୧) ଶାରୀରିକ, (୨) ମାନସିକ। ବାତ, ପିତ୍ତ, କଫ—ଏହି ତ୍ରିଧାତୁର ବୈଷମ୍ୟ ଉପସ୍ଥିତ ହେଲେ ଶରୀରରେ ଯେଉଁ ପୀଡ଼ା ବୋଧହୁଏ, ତାହା ଏକପ୍ରକାର ଆଧ୍ୟାତ୍ମିକ ଦୁଃଖ। ଆଉ କାମ, କ୍ରୋଧ, ଲୋଭ, ମୋହ, ଭୟ, ଈର୍ଷା, ବିଷାଦ ଓ କାହାକୁ ନ ଦେଖିବା ହେତୁ ଯେଉଁ ଦୁଃଖ, ତାହା ଆଧ୍ୟାତ୍ମିକ-ମାନସ ଦୁଃଖ। ଶାରୀରିକ ଓ ମାନସିକ ଦୁଃଖକୁ ଆଧ୍ୟାତ୍ମିକ ଦୁଃଖ ବୋଲି କୁହାଯିବାର କାରଣ ହେଲା ଯେ, ଜୀବର ସ୍ଥୂଳଶରୀର ଓ ସୂକ୍ଷ୍ମ ଶରୀର ଉପରେ ଏହା ନିର୍ଭରେ କରେ। ବାହ୍ୟ ଉପାୟ ଦ୍ୱାରା

ଯେଉଁ ଦୁଃଖର ନିବୃତ୍ତି ହୁଏ, ତାହାକୁ ଆଧିଭୌତିକ ଓ ଆଧିଦୈବିକ ଏହି ଦୁଇ ଭାଗରେ ବିଭକ୍ତ କରାଯାଇଛି। ଦୈବକାରଣ ଯୋଗୁଁ ଯେଉଁ ଦୁଃଖ ତାହା ଆଧିଦୈବିକ। ଯକ୍ଷ, ରାକ୍ଷସ ଓ ଗ୍ରହଦୋଷ, ବ୍ରଜପାତ ପ୍ରଭୃତିରୁ ଉତ୍ପନ୍ନ ଦୁଃଖ ମଧ୍ୟ ଆଧିଦୈବିକ। ମନୁଷ୍ୟ, ପଶୁ, ପକ୍ଷୀ ଓ ସ୍ଥାବରାଦିଙ୍କର ଯେଉଁ ଦୁଃଖ ଉତ୍ପନ୍ନ ହୁଏ ତାହା ଆଧିଭୌତିକ।

(୧୨୬୨) ବିଶୁଦ୍ଧ ମନ : ଆତ୍ମା ସ୍ୱପ୍ରକାଶ ଓ ଜ୍ୟୋତିର୍ମୟ। ସେହି ଆତ୍ମାରୁ ସର୍ବଦା ଜ୍ୟୋତି ବହିର୍ଗତ ହେଉଅଛି। ଅନ୍ତରରେ କୁଭାବର ଉଦୟ ହେଲେ ଜୀବ ଆତ୍ମସାନ୍ନିଧ ତେଜରୁ ବିଯୁକ୍ତ ହୁଏ। ଅନ୍ତରରେ ହୀନ ଭାବର ଉଦୟ ହେଲେ ଆତ୍ମବିସ୍ମରଣ ହୁଏ। ଏହି ଆତ୍ମବିସ୍ମରଣ ହେତୁ ସଂସ୍କାର ଉତ୍ପନ୍ନ ହୁଏ। ତାହାର ଘନୀଭୂତ ସମଷ୍ଟି ହିଁ ମନ ନାମରେ ଅଭିହିତ। ଏହି ମନ ହିଁ ମାନବର ବନ୍ଧନ ଓ ମୋକ୍ଷର କାରଣ। ମନର ସ୍ୱଭାବ ହେଉଛି ଚଞ୍ଚଳତା; ଚିନ୍ତା ହିଁ ଏହାର ଧର୍ମ। କୌଣସି ବିଷୟରେ ମନ ଅଧିକ ସମୟ ସଂଲଗ୍ନ ହୋଇ ରହିପାରେ ନାହିଁ। ଏହା ହିଁ ମନର ବିଶେଷତ୍ୱ। ବିଷୟ ସଙ୍ଗ ହେତୁ ମନ ଅସୁସ୍ଥ ହୁଏ। ବିଷୟବାସନା ମୁକ୍ତ ପ୍ରଶାନ୍ତ ମନକୁ ଶୁଦ୍ଧ ମନ କୁହାଯାଏ। ଜପ, ତପ, ଧ୍ୟାନ, ଧାରଣା, ଭକ୍ତି, ପୂଜା ପ୍ରଭୃତି ଏହି ମନକୁ ସ୍ଥିର କରେ। ସ୍ଥିର ମନକୁ ଶୁଦ୍ଧ ମନ କୁହାଯାଏ।

(୧୨୬୩) ପ୍ରକୃତି : ଯାହା ପ୍ରକୃତ ରୂପରେ କିଛି କରେ, ତାହାକୁ ପ୍ରକୃତି କୁହାଯାଏ। ଶାସ୍ତ୍ରରେ ପ୍ରକୃତିର ଅପର ନାମ ପ୍ରଧାନ। ଏହା ଗୁଣତ୍ରୟର ସାମ୍ୟାବସ୍ଥା। ପ୍ରକୃତି କାହାରି ବିକାରରୁ ଉତ୍ପନ୍ନ ନୁହେଁ। ଆମେ ଏହି ଜଗତର କାର୍ଯ୍ୟ ପ୍ରତ୍ୟକ୍ଷ ଦେଖୁଅଛୁ। କିନ୍ତୁ ସମସ୍ତ କାର୍ଯ୍ୟର ଯେଉଁ ଚରମ କାରଣ, ତାହାକୁ କୁହାଯାଏ ମୂଳ-ପ୍ରକୃତି। ତ୍ରିଗୁଣର ଲୀଳାକୁ ପ୍ରକାଶ, ପ୍ରବୃତ୍ତି ଓ ଆବରଣ କୁହାଯାଏ। ପ୍ରକୃତିରେ କୌଣସି ବୈଷମ୍ୟ ନଥାଏ।

(୧୨୬୪) ସତ୍ୟଲାଭ : ଜୀବନର ଏକମାତ୍ର ଲକ୍ଷ୍ୟ ସତ୍ୟ ଲାଭ। ଏହି ସତ୍ୟ, ଧର୍ମ ଉପରେ ପ୍ରତିଷ୍ଠିତ। ଯାହା ଯାହାର ସତ୍ତା ପକ୍ଷରେ ପ୍ରୟୋଜନ, ତାହା ହିଁ ତାହାର ଧର୍ମ। ଅର୍ଥାତ୍ ଯାହାର ଯାହା ନ ହେଲେ ନ ଚଳେ ତାହାହିଁ ତାହା ପକ୍ଷରେ ଧର୍ମ। ଏହି ହେତୁରୁ ସମସ୍ତଙ୍କର ଧର୍ମ ଏକ ହୋଇପାରେ ନାହିଁ। ସବୁ ଧର୍ମ ମୂଳରେ ସତ୍ୟ ନିହିତ। ତେଣୁ ସତ୍ୟ ଏକ ଭିନ୍ନ ଦୁଇ ନୁହେଁ। ଧର୍ମର

ଯେତେବେଳେ ଚରମ ପରିଣତି ଲାଭ ହେବ, ସେତେବେଳେ ତାହା ସତ୍ୟ ସହିତ ଅଭିନ୍ନ ହୋଇଯିବ । ଏହି ସତ୍ୟ ଧର୍ମ ଲାଭକୁ ସତ୍ୟଲାଭ ବୋଲି କୁହାଯାଏ । ଏହା ହିଁ ସମସ୍ତଙ୍କର ଆଦର୍ଶ । ଏହି ଆଦର୍ଶରେ ଉପନୀତ ହେବା ନିମିତ୍ତ ଯେଉଁ ଉପାୟ ନିରୂପିତ ହୋଇଅଛି, ତାହାକୁ ନୀତି କୁହାଯାଏ । ନୀତି ଅଭ୍ୟସ୍ତ ହେଲେ ଆଚାର ନାମ ଧାରଣ କରେ, ସୁତରାଂ ସଦାଚାର ହିଁ ଧର୍ମର ସ୍ୱରୂପ । ଧର୍ମର ଆଚରଣରେ ଯେ ଆତ୍ମାର ତୃପ୍ତି ହୁଏ, ତାହା ହିଁ ସତ୍ୟଲାଭ । ଆତ୍ମା ହିଁ ସତ୍-ଚିତ୍-ଆନନ୍ଦସ୍ୱରୂପ । ଏହି ଆନନ୍ଦ ସ୍ୱରୂପରେ ଅବସ୍ଥାନକୁ ସତ୍ୟଲାଭ କୁହାଯାଏ । ତୀବ୍ର ଆକାଙ୍କ୍ଷା ଥିଲେ ସତ୍ୟ ଲାଭ ହୋଇଥାଏ । ସତ୍ୟ ଲାଭ ନିମିତ୍ତ ଶ୍ରଦ୍ଧା ଓ ନିଷ୍ଠା ଏକାନ୍ତ ପ୍ରୟୋଜନ ।

(୧୨୬୫) ସତ୍ୟପ୍ରତିଷ୍ଠ : ଭୋଗରେ ଶକ୍ତି କ୍ଷୟ ହୁଏ ଓ ତ୍ୟାଗରେ ଶକ୍ତି ସଞ୍ଚୟ ହୋଇଥାଏ । ସତ୍ୟରେ ପ୍ରତିଷ୍ଠିତ ନ ଥିଲେ ସେହି ସଞ୍ଚିତ ଶକ୍ତି ଭୋଗ ପଥରେ କ୍ଷୟ ହୋଇଯାଏ । ଏହାକୁ ଶକ୍ତିର ଅପବ୍ୟୟ ବା ଅପଚୟ କୁହାଯାଏ । ତେଣୁ ସତ୍ୟପ୍ରତିଷ୍ଠ ଥାଇ ଅସୀମ ଧୈର୍ଯ୍ୟର ସହିତ ସାଧନ ପଥରେ ଅଗ୍ରସର ହେବା ବ୍ୟକ୍ତି ହିଁ ଶ୍ରେଷ୍ଠ ।

(୧୨୬୬) ଆତ୍ମଶକ୍ତି : ନିଜ ଶକ୍ତିର ଅଭିମାନ ତ୍ୟାଗ କରି ନିଜ ଚେଷ୍ଟା ଦ୍ୱାରା ଇନ୍ଦ୍ରିୟ ସଂଯତ କରି ଭଗବାନଙ୍କ ଉଦ୍ଦେଶ୍ୟରେ ଭଗବାନଙ୍କ ସହିତ ଯୁକ୍ତ ହୋଇ କର୍ମ ସମ୍ପାଦନ କରିବାର ନାମ ଆତ୍ମଶକ୍ତି । ଅଭିମାନର ଜୟହେଲେ ଏହି ଆତ୍ମଶକ୍ତିର ଉଦ୍‌ବୋଧନ ହୋଇଥାଏ । ଆତ୍ମଶକ୍ତିର ଅନୁଭବ ନଥିଲେ ମନୁଷ୍ୟ ଜୀବନ ସଂଗ୍ରାମରେ ଜୟୀ ହୋଇପାରିବ ନାହିଁ । ଭଗବତ୍‌ଭାବରେ ପ୍ରତିଷ୍ଠିତ ଥାଇ ଯେଉଁ କର୍ମ ସମ୍ପାଦନ କରାଯାଏ, ତାହା ହିଁ ଆତ୍ମଶକ୍ତି । ଅଭିମାନ ଥିଲେ ଏହି ଶକ୍ତି ଲାଭ ହୋଇପାରେ ନାହିଁ । ଆତ୍ମଶକ୍ତି କହିଲେ ଆମେ ତାହାକୁ ଭଗବାନଙ୍କର ଶକ୍ତି ବୋଲି ଧାରଣା ନ କରି ଦେହ-ଇନ୍ଦ୍ରିୟ ଶକ୍ତି ବୋଲି ବୁଝିଥାଉଁ । ଏହି ଭ୍ରମ ଧାରଣା ହେତୁ ଆତ୍ମବିଶ୍ୱାସ ଦେହାଭିମାନରେ ପରିଣତ ହୋଇଯାଏ । ତଦ୍ଦ୍ୱାରା ଅନ୍ତରରେ ଅହଙ୍କାର, ଅଭିମାନ ଜାତ ହୁଏ । ଏହି କାରଣରୁ ଭଗବାନଙ୍କ ଉପରେ ନିର୍ଭର କରି କର୍ମ କରିବାକୁ ଆତ୍ମଶକ୍ତି କୁହାଯାଏ ।

(୧୨୬୭) କାଳୀ : କାଳର ଶକ୍ତିକୁ କାଳୀ କୁହାଯାଏ । କାଳ ହିଁ ସେହି ଶକ୍ତିର ଅଧିଷ୍ଠାନ କ୍ଷେତ୍ର । ଜଗତରେ ଦୁଇଟି ଶକ୍ତି କ୍ରିୟାଶୀଳ– ଗୋଟିଏ ଚଞ୍ଚଳ,

ଅନ୍ୟଟି ଅଚଞ୍ଚଳ । ଅଚଞ୍ଚଳ ସତ୍ତା ଅଦ୍ୱୈତ ଭୂମିରେ ପ୍ରତିଷ୍ଠିତ । ତାହାର ଅନ୍ୟ ନାମ ଶିବ । ଏହାକୁ କହନ୍ତି ଅଧିଷ୍ଠାନ ଏବଂ ଚଞ୍ଚଳତାର ନାମ ଶକ୍ତି ବା କାଳୀ; ତେଣୁ ଅଚଞ୍ଚଳ ତତ୍ତ୍ୱରେ ପ୍ରତିଷ୍ଠିତ ନଥିଲେ ଚଞ୍ଚଳତ୍ୱ ବା ଶକ୍ତିତତ୍ତ୍ୱ ବୁଝି ହୁଏ ନାହିଁ । ଅଚଞ୍ଚଳ ଶିବ ହିଁ ଶକ୍ତିତତ୍ତ୍ୱ ବୁଝିପାରନ୍ତି । ଅର୍ଥାତ୍, ଅଚଞ୍ଚଳ ଶିବ ହିଁ କାଳୀଙ୍କୁ ବୁଝିପାରନ୍ତି । କାଳ ଜ୍ଞାନର ସ୍ୱରୂପ । ସେହି ଅଧିଷ୍ଠାନ ରୂପୀ କାଳରେ ଅବସ୍ଥାନ କରିବା ହିଁ ମାନବ ଜୀବନର ଲକ୍ଷ୍ୟ । ବାସନା ହିଁ ଶକ୍ତିର ଅବିଦ୍ୟା ଆବରଣ । ଅବିଦ୍ୟା ନାଶ ନିମିତ୍ତ ବିଦ୍ୟାର ଉପାସନା ପ୍ରୟୋଜନ । ଅବିଦ୍ୟା ରୂପରେ ଶକ୍ତି ବନ୍ଧନର ହେତୁ ଏବଂ ବିଦ୍ୟା ରୂପରେ ଏହି ଶକ୍ତି ମୋକ୍ଷ ପ୍ରଦାନକାରିଣୀ । ତେଣୁ ବିଦ୍ୟା ବା କାଳୀଙ୍କର ଉପାସନା ପ୍ରୟୋଜନ । ଯେଉଁ ଶକ୍ତି ମୋକ୍ଷର କାରଣ, ତାଙ୍କୁ ମହାବିଦ୍ୟା କୁହାଯାଏ । କାଳୀ ସେହି ମହାବିଦ୍ୟା । ଅଚଞ୍ଚଳ ସତ୍ତା କାଳ ସ୍ୱରୂପ; ସୁତରାଂ ଗୁଣାତୀତ । ସେହି ଗୁଣାତୀତ ସତ୍ତାଙ୍କ ଶକ୍ତିଙ୍କୁ କାଳୀ କୁହାଯାଏ । ତେଣୁ ଶକ୍ତି ଅବିଦ୍ୟା ଓ ବିଦ୍ୟାରୂପିଣୀ । ଅବିଦ୍ୟାର ଉପାସନାରେ ବାସନାର ବୃଦ୍ଧି ହୁଏ, ସୁତରାଂ ବନ୍ଧନ ଏବଂ ବିଦ୍ୟାର ଉପାସନାରେ ବାସନାର ଲୟ ବା ମୋକ୍ଷ ହୁଏ । ମୁକ୍ତିପଥକୁ ପ୍ରଳୟ ପଥ କୁହାଯାଏ । ଅତଏବ ବାସନା ବନ୍ଧନରୁ ମୁକ୍ତିଲାଭ କରିବାକୁ ହେଲେ ପ୍ରଳୟରୂପିଣୀ କାଳୀଙ୍କର ଉପାସନା ହିଁ କର୍ତ୍ତବ୍ୟ ।

(୧୨୬୮) ପୁରାଣ ବର୍ଣ୍ଣିତ ଦେବଦେବୀ : ପୁରାଣବର୍ଣ୍ଣିତ ଦେବଦେବୀ ଆଧ୍ୟାତ୍ମିକ ଭାବରେ ସ୍ତ୍ରୀ ପୁରୁଷ ନୁହନ୍ତି । ଏମାନେ ସ୍ତ୍ରୀ ପୁରୁଷ ଭେଦର ଅତୀତ ସତ୍ତା । ଏମାନେ ଭଗବାନଙ୍କ ସ୍ୱରୂପ ଶକ୍ତିର ଅନ୍ତର୍ଗତ । ମାନବର ଅନ୍ତର ମଧ୍ୟସ୍ଥ ବୃତ୍ତି ନିଚୟକୁ ଦେବତା କୁହାଯାଏ । ଆଧ୍ୟାତ୍ମିକ ମାର୍ଗର ତତ୍ତ୍ୱଜ୍ଞାନ ସହିତ ମାନବୀୟ ବ୍ୟବହାର ସମ୍ମିଶ୍ରଣ କରି ପୁରାଣ ରଚିତ ହୋଇଅଛି । ସଂସାରୀ ବ୍ୟକ୍ତିମାନଙ୍କୁ ଧର୍ମଶିକ୍ଷା ଦାନ ହିଁ ପୁରାଣର ଉଦ୍ଦେଶ୍ୟ । ସାଧାରଣ ମାନବମାନଙ୍କ ମନରେ ଦେବତା ଓ ଭଗବାନ ପ୍ରତି ଶ୍ରଦ୍ଧା ଉତ୍ପାଦନ ନିମିତ୍ତ ପୁରାଣର ଉତ୍ପତ୍ତି । ଆଧ୍ୟାତ୍ମିକ ଓ ମାନସିକ ଭାବ ସ୍ମରଣ ନିମିତ୍ତ ଏବଂ ଭଗବାନଙ୍କ ପ୍ରତି ଭକ୍ତି ଉତ୍ପାଦନ ନିମିତ୍ତ ପୁରାଣର ସୃଷ୍ଟି । ଯେପରି ଭଗବାନ ଶ୍ରୀକୃଷ୍ଣ ପରମାତ୍ମା ଓ ଶ୍ରୀମତୀ ରାଧିକା ଜୀବାତ୍ମା ସ୍ୱରୂପ ଇତ୍ୟାଦି । ପୁରାଣ ବର୍ଣ୍ଣିତ ତତ୍ତ୍ୱଜ୍ଞାନ ଏବଂ ଧର୍ମୋପଦେଶ ଭକ୍ତିଲାଭ ନିମିତ୍ତ ଯେତିକି ପ୍ରୟୋଜନ, ସେତିକି ମାତ୍ର ଗ୍ରହଣ କରିବା କର୍ତ୍ତବ୍ୟ ।

ପୁରାଣ ଅପେକ୍ଷା ଦର୍ଶନଶାସ୍ତ୍ର ନିରସ ବୋଧହୁଏ । କାରଣ, ଅତ୍ୟଧିକ ଜ୍ଞାନପିପାସା ନଥିଲେ ଉପନିଷଦ ପ୍ରଭୃତି ଦର୍ଶନଶାସ୍ତ୍ର ବୁଝି ହୁଏ ନାହିଁ । ଯେଉଁମାନେ ସତ୍ୟଲାଭ କରିଛନ୍ତି, ସେମାନେ ବେଦ, ବେଦାନ୍ତ, ଉପନିଷଦ୍ ପ୍ରଭୃତି ପାଠ କରିବା ପରେ ପୁରାଣ ଶାସ୍ତ୍ର ହୃଦୟଙ୍ଗମ କରିପାରିବେ ।

(୧୨୬୯) ପ୍ରକୃତିର ବିକାର : ପ୍ରକୃତିର ଆଦି ବିକାରର ନାମ ମହତତ୍ତ୍ୱ । ବୁଦ୍ଧି ଏହି ମହତତ୍ତ୍ୱର ଅପର ନାମ । ଜଗତରେ ଯେଉଁ ସମସ୍ତ କାର୍ଯ୍ୟ ଦେଖିବାକୁ ମିଳେ, ତାହା ଅଖଣ୍ଡ ସ୍ଥିରବସ୍ତୁ ନୁହେଁ, ପ୍ରକୃତିର ବିଭିନ୍ନ ପରିଣାମରେ ତାହା କ୍ରମେ ଆବର୍ତ୍ତିତ ହୋଇ ଚଳୁଛି । ଏହି ପ୍ରକୃତିର ଦୁଇଟି ପରିଣାମ– ଗୋଟିଏ ଉପାଦାନ କାରଣ; ଅନ୍ୟଟି ନିମିତ୍ତ କାରଣ । ବେଦାନ୍ତ ଏହାର ଦୁଇଟି ନାମକରଣ କରିଛନ୍ତି । ଉପାଦାନ କାରଣକୁ ଶକ୍ତି ଓ ନିମିତ୍ତ କାରଣରକୁ ଚୈତନ୍ୟ ବୋଲି ବେଦାନ୍ତରେ କୁହାଯାଇଛି । ସୁତରାଂ ଚୈତନ୍ୟ ଓ ଶକ୍ତି ଏହି ଯୁଗଳର ଆନନ୍ଦଧାରା ଜଗତର ନିମ୍ନସ୍ତର ପର୍ଯ୍ୟନ୍ତ ଚଳିଆସୁଛି । ଉପାଦାନ କାରଣ ହିଁ ଶକ୍ତି । ଏହି ଶକ୍ତିରୁ ଜଡ଼ ଜଗତର ଉଦ୍‌ଭବ ହୋଇଅଛି । ପ୍ରକୃତିର ନିଜ ସ୍ୱାର୍ଥ ନାହିଁ । ପୁରୁଷକୁ ଭୋଗ ଓ ଅପବର୍ଗ ପ୍ରଦାନ କରିବା ହିଁ ପ୍ରକୃତିର ପ୍ରବୃତ୍ତି । ସାଙ୍ଖ୍ୟ, ବ୍ୟଷ୍ଟି ନେଇ ବିଚାର କରିଛନ୍ତି, ବେଦାନ୍ତ ସମଷ୍ଟି ନେଇ ବିଚାର କରିଛନ୍ତି, ଏତିକି ମାତ୍ର ପାର୍ଥକ୍ୟ ।

(୧୨୭୦) ଯୋଗମାୟା : ପ୍ରତ୍ୟେକ ମାନବ ମଧ୍ୟରେ ଆଦ୍ୟାଶକ୍ତି ରୂପରେ ଭଗବତ୍‌ଶକ୍ତି ନିହିତ ଅଛି । ସେହି ମହାବିଦ୍ୟା ସ୍ୱରୂପା ଭଗବତ୍ ଶକ୍ତି ଜୀବଭାବ ଓ ବ୍ରହ୍ମଭାବ—ଏହି ଉଭୟ ବିରୁଦ୍ଧଭାବର ସଂଯୋଜକ ଶକ୍ତି ରୂପରେ ପ୍ରତ୍ୟେକ ମାନବ ମଧ୍ୟରେ ବିଦ୍ୟମାନ । ଏହି ଭ଼ଗବତ ଶକ୍ତିଙ୍କୁ ଜୀବ ଓ ବ୍ରହ୍ମଙ୍କ ସଂଯୋଗ ସାଧନକାରିଣୀ ମହାଶକ୍ତି ରୂପ ମହାବିଦ୍ୟା ବା ମା' ଯୋଗମାୟା କୁହାଯାଏ । ଚିତ୍‌ଶକ୍ତି, ବିଦ୍ୟମାୟା, ବିଶୁଦ୍ଧ ସତ୍ତ୍ୱ ବା ଅଭେଦ ଜ୍ଞାନ ଶକ୍ତିକୁ ଯୋଗମାୟା କୁହାଯାଏ । ଏହି ଭଗବତ୍‌ଶକ୍ତି ପ୍ରଭାବରେ ଜୀବ ବ୍ରହ୍ମରେ ପରିଣତ ହୋଇଥାଏ । ତେଣୁ ସାଧକମାନେ ନିଜ ନିଜର ଭେଦମୂଳକ ପ୍ରବୃତ୍ତି ଓ ଜ୍ଞାନଶକ୍ତିକୁ ଏକତ୍ର କରି ଯଦି ଅଭେଦ ଜ୍ଞାନସ୍ୱରୂପ ଭଗବତ୍ ଶକ୍ତି ସହିତ ମିଶାଇ ଦେଇପାରନ୍ତି ଏବଂ ସମସ୍ତ ଶକ୍ତି ତାଙ୍କ ଚରଣରେ ସମର୍ପଣ ପୂର୍ବକ ସେହି ଶକ୍ତି ସହିତ କର୍ମକୁ ଅଭିନ୍ନ ବୋଲି ଜ୍ଞାନ କରନ୍ତି, ତେବେ ସେହି ଶକ୍ତି ଜୀବନ୍ତ ବ୍ରହ୍ମତ୍ୱ ପ୍ରଦାନ କରିଥାନ୍ତି ।

(୧୨୭୧) ଆନନ୍ଦ : ଚିଦାନନ୍ଦ ଓ ଜଳାନନ୍ଦ ଭେଦରେ ଆନନ୍ଦ ଦ୍ୱିବିଧ ।

ଜ୍ଞାନ, ପ୍ରେମ,. ଭକ୍ତି, ଭଗବତ୍‌ପ୍ରାପ୍ତି, ଆତ୍ମସାକ୍ଷାତକାର, ଈଶ୍ୱରତ୍ୱ ଓ ବ୍ରହ୍ମତ୍ୱ ପ୍ରାପ୍ତିରେ ଯେଉଁ ଆନନ୍ଦ, ତାହାର ନାମ ଚିଦାନନ୍ଦ ବା ପୂର୍ଣ୍ଣାନନ୍ଦ । ଚିଦାନନ୍ଦ ଲାଭ ହେଲେ ତାହାର ବିରାମ ହୁଏ ନାହିଁ, ଲେଶ ମାତ୍ର ଦୁଃଖ ରହେନାହିଁ । ଇନ୍ଦ୍ରିୟମାନଙ୍କ ବିଷୟସଙ୍ଗ ହେତୁ ଯେଉଁ ଆନନ୍ଦ, ତାହା ଜଡ଼ାନନ୍ଦ । ଜଡ଼ାନନ୍ଦର ଅପରନାମ ସୁଖ । କାମ ଭୋଗ, ସୁମିଷ୍ଟ ଖାଦ୍ୟ ଗ୍ରହଣ, ନାନା ପ୍ରକାର ଖେଳ, କୌତୁକ, ଭୋଗବିଳାସ, ସ୍ନେହମମତା, ଅର୍ଥଲାଭ, ସ୍ୱଜନ ସଙ୍ଗ, ନିଶାସେବନ ପ୍ରଭୃତି ସୁଖ ନାମରେ ଅଭିହିତ । ଜଡ଼ାନନ୍ଦର ପରିଣାମରେ ଦୁଃଖ ଭୋଗ କରିବାକୁ ପଡ଼େ । ଚିନାନନ୍ଦ ଦୁଃଖର ଅତୀତ । ଏହି ଆନନ୍ଦ ଅନନ୍ତ, ଅକ୍ଷୟ ।

(୧୨୭୨) ସତ୍ୟାନନ୍ଦ : ଉପରୋକ୍ତ ଚିଦାନନ୍ଦ ଭାବକୁ ସତ୍ୟ ଓ ଆନନ୍ଦଭାବ କୁହାଯାଏ । ସାଧନଭକ୍ତି ଓ ପ୍ରେମଭକ୍ତି ଦ୍ୱାରା ଏହି ଚିଦାନନ୍ଦ ଲାଭ ହୋଇଥାଏ । ଭଗବାନଙ୍କ ପ୍ରତି ରୁଚି ଓ ପ୍ରୀତି ଜାତ ହେଲେ ଏହି ଆନନ୍ଦର ସନ୍ଧାନ ମିଳେ । ଅନ୍ନଜଳ ଦ୍ୱାରା ଯେପରି ଦେହର ପୁଷ୍ଟି ସାଧିତ ହୁଏ, ସେହିପରି ଭୌତିକ ଜ୍ଞାନଶକ୍ତି ଦ୍ୱାରା ମନର ପୁଷ୍ଟି ସାଧିତ ହୋଇଥାଏ । ସାଧୁ ମହାତ୍ମାଙ୍କ ସଙ୍ଗ ଓ ଉପଦେଶରେ ଆତ୍ମାନନ୍ଦ ଲାଭ ହୁଏ । ଦେହଶୁଦ୍ଧି, ମନଶୁଦ୍ଧି, ଆତ୍ମଶୁଦ୍ଧି ସମ୍ପାଦନ ପୂର୍ବକ ସବୁ ପାପରୁ ମୁକ୍ତ ରହିପାରିଲେ ସତ୍ୟାନନ୍ଦ ଲାଭ ହୁଏ ।

(୧୨୭୩) ଅଦୃଶ୍ୟ ସହାୟକ : ଜୀବମାନେ କେବଳ ନିଜ ଶକ୍ତି ଦ୍ୱାରା ଯେ ସବୁକର୍ମ ସମ୍ପାଦନ କରନ୍ତି– ଏପରି ନୁହେଁ । ମାନବର ବହୁ କାର୍ଯ୍ୟରେ ଅଦୃଶ୍ୟ ସହାୟକ ଗଣ ସାହାଯ୍ୟ କରିଥାନ୍ତି । ସେହି ଅଦୃଶ୍ୟ ସହାକମାନେ ବିଶ୍ୱର ସର୍ବତ୍ର ଅବସ୍ଥାନ କରି ଜୀବସେବାରେ ବ୍ରତୀ ଅଛନ୍ତି । ସ୍ୱର୍ଗାଦି ଉଚ୍ଚଲୋକରେ ମଧ୍ୟ ଏହି ମହାତ୍ମାମାନେ କାର୍ଯ୍ୟ କରିଥାନ୍ତି । ଭୂଲୋକରେ ଓ ଭୁବଲୋକରେ ମଧ୍ୟ ଏହି ଅଦୃଶ୍ୟ ସହାୟକମାନେ ମାନବର ବିବିଧ ଉପକାର କରିଥାନ୍ତି । ଉକ୍ତ ଅଦୃଶ୍ୟ ସହାୟକମାନେ ପ୍ରଧାନତଃ ଚାରିଭାଗରେ ବିଭକ୍ତ ।

(୧) ଉଚ୍ଚ ସ୍ୱର୍ଗବାସୀ ଦେବତାଗଣ, ଋଷିଗଣ, ପିତୃଗଣ ।

(୨) ଚତୁର୍ବିଧ ଦୀକ୍ଷାପ୍ରାପ୍ତ ସିଦ୍ଧଗଣ ବା ମହାତ୍ମାଗଣ ।

(୩) ସ୍ୱର୍ଲୋକ, ଭୁବଲୋକ ଓ ଭୂଲୋକ ଅଧିବାସୀ ସ୍ଥୁଳ ସୂକ୍ଷ୍ମ ଦେହଧାରୀ ସାଧୁଗଣ ।

(୪) ମୃତ ଆତ୍ମୀୟଗଣ ।—ଏହି ଚତୁର୍ବିଧ ଅଦୃଶ୍ୟ ସହାୟକମାନେ ବିବିଧ ଭାବରେ ସାଧକମାନଙ୍କର ଉପକାର କରିଥାନ୍ତି ।

(୧୨୭୪) ଅଦୃଶ୍ୟ ସହାୟକଙ୍କ ସେବା : ଯେଉଁ ଅଦୃଶ୍ୟ ସହାୟକମାନେ ଜୀବସେବା ବା ଜଗତ୍ ହିତକର କର୍ମର ବ୍ରତୀ ଅଛନ୍ତି, ସେମାନେ ସମସ୍ତେ ଜଗତ୍‌ଗୁରୁଙ୍କ ସେବକ । ଏମାନେ ସୂକ୍ଷ୍ମ ଦେହରେ ଅବସ୍ଥାନ କରି ତ୍ରୈଲୋକ୍ୟ ସେବାରେ ନିରତ ଅଛନ୍ତି । ଜୀବଜଗତର ସେବା କରିବା ଏମାନଙ୍କର ସାଧନା । ଏମାନେ ସାଧକମାନଙ୍କୁ ସାଧନପଥରେ ନାନାବିଧ ସାହାଯ୍ୟ କରନ୍ତି । ଏମାନେ ଅଜ୍ଞାନମାନଙ୍କୁ ଜ୍ଞାନଦାନ କରନ୍ତି । ଅଦୃଶ୍ୟ ସହାୟକମାନେ ଅତିଶୟ ସାଧୁ ଓ ସଜ୍ଜନ । ମୃତ ଅଥଚ ସତ୍ ଚରିତ୍, ଜ୍ଞାନୀ, ପରୋପକାରୀ ଓ ଶକ୍ତିଶାଳୀ ଆତ୍ମିକଗଣ, ଯେଉଁମାନେ ପିତୃଲୋକରେ ବାସ କରନ୍ତି, ଏମାନେ ଚତୁର୍ଥ ଶ୍ରେଣୀର ଅଦୃଶ୍ୟ ସହାୟକ । ଏ ଜଗତରେ ସାଧୁ, ସଚ୍ଚରିତ୍ର, ପରୋପକାରମତିସମ୍ପନ୍ନ ସାଧକ ଓ ଜ୍ଞନୀ ହୋଇ ନଥିଲେ କେହି ଚତୁର୍ଥ ଶ୍ରେଣୀୟ ଅଦୃଶ୍ୟ ସହାୟକ ହୋଇପାରନ୍ତି ନାହିଁ । ଅଦୃଶ୍ୟ ସହାୟକମାନଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ନମ୍ରତା ପ୍ରଦର୍ଶନପୂର୍ବକ ସେମାନଙ୍କ ସାହାଯ୍ୟ ଗ୍ରହଣ କରିବାକୁ ପଡ଼େ ।

(୧୨୭୫) ମୁକ୍ତ ପୁରୁଷ : ମୁକ୍ତଲୋକବାସୀ ମହାତ୍ମାଗଣ, ସଦ୍‌ଗୁରୁଗଣ, ଅବତାରଗଣ ସ୍ଥୁଳଦେହ ଧାରଣ କରି ଜନସେବାରେ ବ୍ରତୀ ହେଲେ ସେମାନଙ୍କୁ ମୁକ୍ତପୁରୁଷ କୁହାଯାଏ । ମହାତ୍ମା ଓ ଗୁରୁଗଣ, ମୁକ୍ତ ଦେବଗଣ କେବେହେଲେ କର୍ମବଦ୍ଧ ଜୀବ ନୁହନ୍ତି । କର୍ମଫଳର ଶକ୍ତି ସେମାନଙ୍କ ଉପରେ କାର୍ଯ୍ୟ କରିବାକୁ ସମର୍ଥ ହୁଏ ନାହିଁ । ଏମାନେ ନିଜ ଇଚ୍ଛାରେ ବିଶ୍ୱର ହିତ ନିମିତ୍ତ ଜନ୍ମ ଗ୍ରହଣ କରନ୍ତି । ଜନହିତ ନିମିତ୍ତ ମୁକ୍ତଲୋକରୁ ଏମାନଙ୍କର ଅବତରଣ । କାର୍ଯ୍ୟ ଶେଷରେ ଏମାନେ ନିଜ ନିଜର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଏମାନେ ମୁକ୍ତ ଓ ସିଦ୍ଧ ଥିବାରୁ ପୁନଃ ପୁନଃ ଜନ୍ମ ମୃତ୍ୟୁ କବଳରେ ପତିତ ହୁଅନ୍ତି ନାହିଁ ।

(୧୨୭୬) ମହାପୁରୁଷ : ସାଧାରଣ ମାନବଙ୍କ ପରି ମହାପୁରୁଷମାନେ କେତେକ ପରିମାଣରେ କର୍ମବଦ୍ଧ । ଏମାନେ ଲୋକହିତ ନିମିତ୍ତ ପୁନଃ ପୁନଃ ଜନ୍ମ ଗ୍ରହଣ କରିଥାନ୍ତି । ସାଧନା, ଜ୍ଞାନ ଓ ଶକ୍ତି ଦ୍ୱାରା ମହତ୍ତ୍ୱ, ସାଧୁତା ଓ ଶ୍ରେଷ୍ଠତ୍ୱ ଲାଭ କରି ଯେଉଁମାନେ ମୁକ୍ତି ସୋପାନରେ ଆରୋହଣ କରନ୍ତି, ସେହିମାନଙ୍କୁ ମହାପୁରୁଷ କୁହାଯାଏ । ମହାପୁରୁଷମାନେ ସାଧନା ଦ୍ୱାରା ମୁକ୍ତି ଲାଭ କରିବା

ନିମିତ୍ତ ଏ ଜଗତକୁ ଅବତରଣ କରନ୍ତି । ଅବତାରମାନେ ପୂର୍ବଜନ୍ମ ସିଦ୍ଧ । ସେମାନେ ନିଜ ପାଇଁ ଏ ଜଗତକୁ ଆସନ୍ତି ନାହିଁ । ଅବତାରମାନେ ମୁକ୍ତାତ୍ମା ଓ ସିଦ୍ଧ । କିନ୍ତୁ ମହାପୁରୁଷମାନେ ମୁମୁକ୍ଷୁ ଓ ସାଧକ । ଅବତାର ଓ ମହାପୁରୁଷମାନେ ସ୍ଥୁଳ ଦେହର ଶକ୍ତିରେ ସଂକୀର୍ଣ୍ଣତା ପ୍ରାପ୍ତହେଲେ ମଧ୍ୟ ଯେଉଁମାନେ ତାଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କରନ୍ତି, ସେମାନେ ବିଶେଷ ଅକଲ୍ୟାଣ ଲାଭ କରନ୍ତି । କାରଣ ସେମାନେ ସ୍ଥୁଳ ଦେହରେ ସଂକୀର୍ଣ୍ଣ ବୋଧ ହେଉଥିଲେ ମଧ୍ୟ ଅନନ୍ତ ଶକ୍ତିଶାଳୀ ।

(୧୨୭୭) ଅବତାରପୁରୁଷ : ମହାପୁରୁଷ ଓ ଅବତାରମାନଙ୍କ ମଧ୍ୟରେ କିଞ୍ଚିତ ପାର୍ଥକ୍ୟ ବିଦ୍ୟମାନ । ଅବତରମାନେ ପୂର୍ବଜନ୍ମରୁ ସିଦ୍ଧ ଓ ମୁକ୍ତପୁରୁଷ । ଏମାନେ କାରଣ ଲୋକବାସୀ ମହାତ୍ମା । ଏମାନେ ନିଜ ପାଇଁ ଅବତରଣ କରନ୍ତି ନାହିଁ । ଏମାନେ ମୁକ୍ତ ହେଲେ ମଧ୍ୟ ସ୍ଥୁଳ ଜଗତରେ ଦେହଧାରଣ କରିବା ହେତୁ ଏମାନଙ୍କର ସ୍ୱାଭାବିକ ଚୈତନ୍ୟ, ଜ୍ଞାନ, ମନ, ଚିନ୍ତା, ସ୍ମୃତି ପ୍ରଭୃତିର କେତେକ ପରିମାଣରେ ଆବରଣ ବା ସଙ୍କୋଚନ ଘଟିଥାଏ । ସ୍ଥୁଳ ଭୌତିକ ଜଗତରେ ଦେହ ଧାରଣ କଲେ ସ୍ଥୁଳ ଜାଗତିକ ନିୟମରେ କେତେକ ପରିମାଣରେ ବାଧ୍ୟ ହେବାକୁ ପଡ଼େ । ଆହାର, ନିଦ୍ରା ଓ ଦୈହିକ ନୀତି ନିୟମ ବିହୀନ ହୋଇ କୌଣସି ସତ୍ତା ଏ ଜଗତରେ ରହିପାରନ୍ତି ନାହିଁ । ଅବତାରମାନେ ଉଚ୍ଚଜାତୀୟ ଚୈତନ୍ୟସତ୍ତା ହୋଇଥିଲେ ମଧ୍ୟ ସ୍ଥୁଳ ଦେହ ଧାରଣ ହେତୁ ସେହି ଜ୍ଞାନ ଓ ଚୈତନ୍ୟ ପ୍ରକାଶିତ ହେବାକୁ ଏମାନଙ୍କୁ କେତେକ ପରିମାଣରେ ବେଗ ସହ୍ୟ କରିବାକୁ ପଡ଼ିଥାଏ । ତେଣୁ ଏ ଜଗତରେ କେହି ସେମାନଙ୍କର ପ୍ରକୃତ ସ୍ୱରୂପ ବିଦିତ ହୋଇପାରନ୍ତି ନାହିଁ । ଶକ୍ତି ଓ ଚୈତନ୍ୟ ପ୍ରକୃତିର ବୀଜ ସେମାନଙ୍କ ଠାରେ ଅସାଧାରଣ ଭାବରେ ଥିବାରୁ ସେମାନେ ସ୍ଥୁଳଦେହରେ ଥାଇ ମଧ୍ୟ ଆବରଣୀ ଶକ୍ତିକୁ କେତେକ ପରିମାଣରେ ଜୟ କରିଥାନ୍ତି । ପୂର୍ବ ଜନ୍ମର ବିବିଧ ଘଟଣା ଓ ସତ୍‌କର୍ମର ସ୍ମୃତିସମୂହ ସଂଯୁକ୍ତ ହୋଇ ଗୋଟିଏ ପୂର୍ଣ୍ଣମାନବ ଗଠନ କରେ । କିନ୍ତୁ ସେହି ମାନବ ଦେହବଦ୍ଧ ଅବସ୍ଥାରେ ତାହାର ପୂର୍ବ ଜ୍ଞାନ ଓ ଶକ୍ତି ସମ୍ପୂର୍ଣ୍ଣ ଉପଲବ୍ଧି କରିପାରେ ନାହିଁ । ସ୍ଥୁଳଭାବ ଗ୍ରହଣ କରିବା ହେତୁ ପୂର୍ବଜ୍ଞାନ ବହୁ ପରିମାଣରେ ବିସ୍ମୃତ ହୋଇଯାଏ । ତେଣୁ ଅବତାରମାନେ ଉକ୍ତ ଶକ୍ତିସମ୍ପନ୍ନ ହୋଇଥିଲେ ମଧ୍ୟ ନିଜର ସ୍ୱରୂପ ବିସ୍ମୃତ ହୋଇଯାନ୍ତି । ଶ୍ରୀ ରାମଚନ୍ଦ୍ର ଭଗବାନ ବିଷ୍ଣୁଙ୍କର ଅବତାର ହୋଇ ମଧ୍ୟ ଏ ଜଗତରେ ତାଙ୍କର ସମଗ୍ରଶକ୍ତି ପ୍ରକାଶ କରିପାରି ନାହାନ୍ତି ।

ଭଗବାନ ଶ୍ରୀକୃଷ୍ଣ ପୂର୍ଣ୍ଣାବତାର ହୋଇ ମଧ୍ଧ ତାଙ୍କ ଐଶ୍ୱରିକ ଶକ୍ତି ଏ ଜଗତରେ ପୂର୍ଣ୍ଣମାତ୍ରାରେ ପ୍ରକାଶ କରିପାରି ନାହାନ୍ତି । ସେହି ହେତୁ ଦେହଯୁକ୍ତ ଭଗବାନ ବିଦେହୀ ପୂର୍ଣ୍ଣ ଭଗବାନଙ୍କ ଠାରୁ କେତେକ ପରିମାଣରେ ସଂକୀର୍ଣ୍ଣ ହୋଇପଡ଼ନ୍ତି । କାରଣ, ମାନବ ନ ହେଲେ ମାନବର କଲ୍ୟାଣ ସାଧନ କରିହୁଏ ନାହିଁ ।

(୧୨୭୮) ଜ୍ଞାନସାଧନା : ସତ୍‌ସ୍ୱରୂପ ପରମାତ୍ମାଙ୍କ ଅବଧାରଣା କରିବା ଜ୍ଞାନସାଧନାର ପ୍ରଥମ ସୋପାନ । ପରମାତ୍ମା ଏକ, ଅଦ୍ୱିତୀୟ ଓ ସତ୍-ଚିତ୍-ଆନନ୍ଦ ସ୍ୱରୂପ । ସେହି ପରମାତ୍ମାଙ୍କୁ ବହୁ ମଧ୍ୟରେ ଏକ ବୋଲି ଅନୁଭବ କରିବାକୁ ଜ୍ଞାନ ସାଧନା କୁହାଯାଏ । ବହୁତ୍ୱ ମଧ୍ୟରେ ଏକତ୍ୱର ଦର୍ଶନ ହିଁ ଜ୍ଞାନ ସାଧନାର ଶ୍ରେଷ୍ଠତ୍ୱ । ବହୁ ମଧ୍ୟରେ ଜଣକର ଅବସ୍ଥାନ ଅନୁଭବକୁ ଜ୍ଞାନ କହନ୍ତି । ଅବିଦ୍ୟା ବଶରୁ ବହୁତ୍ୱର ଅନୁଭୂତି ହୋଇଥାଏ । ଏକ ଅଦ୍ୱୈତ ପରମେଶ୍ୱରଙ୍କ ବ୍ୟତୀତ ଏ ଜଗତରେ ବହୁତ୍ୱର ସତ୍ତା ନାହିଁ । ଏହି ଅନୁଭବକୁ ଜ୍ଞାନ କୁହାଯାଏ । ବହୁତ୍ୱର ଅନୁଭୂତିକୁ ଜ୍ଞାନ ଦ୍ୱାରା ଦୂର କରିପାରିଲେ ଚିନ୍ମୟସତ୍ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ଲାଭ ହୋଇଥାଏ । ବହୁତ୍ୱ ଜ୍ଞାନର ତିରୋଧାନ ଓ ଏକତ୍ୱ ଜ୍ଞାନର ବିକାଶକୁ ପ୍ରକୃତ ଜ୍ଞାନ କୁହାଯାଏ । ବିବେକ-ରୂପ ପବନ ଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ରୂପ ମେଘକୁ ବିତାଡ଼ିତ କରିପାରିଲେ ଜ୍ଞାନ ଲାଭ ହୁଏ । ଆତ୍ମା ଉପରେ ପଡ଼ିଥିବା ଆବରଣକୁ ବିନାଶ କଲେ ଜ୍ଞାନ ଲାଭ ହୋଇଥାଏ ।

(୧୨୭୯) ଭକ୍ତିମାର୍ଗର ସାଧନା : ଭକ୍ତିପଥ ସାଧନାର ବିଶେଷତ୍ୱ ହେଉଛି ପରମାତ୍ମା ସ୍ୱରୂପ ଶ୍ରୀ ଭଗବାନଙ୍କ ସମୀପରେ ଆତ୍ମସମାଗମ; କିନ୍ତୁ ଏହି ସମାଗମ ମଧ୍ୟରେ ଭଗବାନଙ୍କ ସହିତ ଭକ୍ତଙ୍କର ପୂର୍ଣ୍ଣମିଳନ ବା ଏକତ୍ୱ ନାହିଁ । ଏହି ପଥରେ ଉଭୟଙ୍କ ମଧ୍ୟରେ ଉପାସ୍ୟ ଉପାସକ ସମ୍ବନ୍ଧ ବିଦ୍ୟମାନ । ପ୍ରେମଲାଭ ହିଁ ଭକ୍ତିମାର୍ଗରେ ସାଧନର ପ୍ରଧାନ ଉଦ୍ଦେଶ୍ୟ । ସେହି ଐଶୀପ୍ରୀତି ବଳରେ ଭକ୍ତମାନେ ଭଗବାନଙ୍କୁ ଲାଭ କରନ୍ତି । ଭକ୍ତମାନେ ନିଜଠାରୁ ଭଗବାନଙ୍କୁ ଅଧିକ ମହତ୍ତର ସତ୍ତାଭାବରେ ଉପଲବ୍ଧି କରନ୍ତି । ଏହି ହେତୁରୁ ସେହି ସତ୍ତା ଗୁରୁ ଭାବରେ ଉପଲବ୍ଧ ହୋଇଥାନ୍ତି । ପରାନୁରକ୍ତି ଫଳରେ ଭକ୍ତମାନେ ଭଗବାନଙ୍କର ସମଭାବାପନ୍ନ ହୋଇଥାନ୍ତି । ଭକ୍ତମାନଙ୍କ ନିକଟରେ ପ୍ରତ୍ୟେକ ଜୀବ ଭଗବାନଙ୍କ ସଦୃଶ ଶ୍ରଦ୍ଧାର ପାତ୍ରବୋଲି ବୋଧ ହୁଅନ୍ତି ଓ ଭକ୍ତମାନେ ଜୀବମାନଙ୍କୁ ଭଗବତ୍‌ଜ୍ଞାନରେ ସେବା କରନ୍ତି । ଏହି ପ୍ରୀତିଦ୍ୱାରା ବୈଷୟିକ ଲାଭ ହୁଏ ନାହିଁ । ଅନ୍ୟର ଉପକାର ସାଧନ

ମାଧ୍ୟମରେ ନିଜକୁ ଭଗବାନଙ୍କ ଯନ୍ତ୍ର ବୋଲି ଅନୁଭବ କରିବା ଭକ୍ତି ସାଧନର ଉଦ୍ଦେଶ୍ୟ । ସେହି ଅଦ୍ୱିତୀୟ ପରମାତ୍ମା ଭଗବାନ ହିଁ ଭକ୍ତମାନଙ୍କର ପୂର୍ଣ୍ଣ-ଈଶ୍ୱର । ଭଗବାନଙ୍କ ଠାରୁ ଜୀବ ରୂପ ଚିତ୍‌କଣ ସ୍ଫୁଲିଙ୍ଗ ସଦୃଶ ସର୍ବଦା ବହିର୍ଗତ ହେଉଅଛି । ତନ୍ମଧ୍ୟରୁ ଯେଉଁ ମହାତ୍ମାମାନେ ପୂର୍ବଜନ୍ମରେ ସିଦ୍ଧିଲାଭ କରିଥାନ୍ତି, ସେମାନେ ସଦ୍‌ଗୁରୁ ଭାବରେ ଅବସ୍ଥାନ କରି କିମ୍ବା ଆବଶ୍ୟକ ହେଲେ ପୃଥିବୀକୁ ଆସି ଭକ୍ତମାନେ ଭଗବାନ ଭାବରେ ପୂଜିତ ହୁଅନ୍ତି । ସେବାର ସାଧନା ନିମିତ୍ତ ଭକ୍ତମାନଙ୍କର ଭଗବାନଙ୍କ ନିକଟରେ ଜ୍ଞାନଭକ୍ତି ପ୍ରାର୍ଥନା କରିଥାନ୍ତି । ତ୍ୟାଗ ବ୍ରତ ସାଧନ ବ୍ୟତୀତ ଭକ୍ତିଲାଭ ହୁଏ ନାହିଁ । ଭକ୍ତମାନଙ୍କର ସମସ୍ତ କର୍ମଫଳ ଗୁରୁଦେବଙ୍କ ଇଷ୍ଟସ୍ୱରୂପରେ ଲୟପ୍ରାପ୍ତ ହୋଇଥାଏ । ଭକ୍ତମାନେ ଗୁରୁଦେବଙ୍କ ବାକ୍ୟରେ ପରିଚାଳିତ ହୁଅନ୍ତି । ସେମାନେ ଗୁରୁଦେବଙ୍କ ଆଦେଶରେ ଭକ୍ତ ସ୍ୱରୂପ ଭଗବାନଙ୍କ ସେବାରେ ନିଯୁକ୍ତ ହୁଅନ୍ତି । ଭକ୍ତମାନେ ସର୍ବଦା ଭଗବତ୍‌ଶକ୍ତିରେ ଶକ୍ତିମାନ ହୋଇ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । ଅଦୃଷ୍ଟ ଭାବରେ ଗୁରୁଦେବ ଭକ୍ତମାନଙ୍କ ସହିତ ଅବସ୍ଥାନ କରନ୍ତି । ଏଥିପାଇଁ ଭକ୍ତମାନେ ଭୟରହିତ ହୋଇ ସେବାଧର୍ମରେ ଆତ୍ମନିୟୋଗ କରିଥାନ୍ତି । ଭକ୍ତମାନେ ନାନା ଭାବରେ ଶ୍ରୀଗୁରୁଙ୍କ ନିକଟରୁ ଜ୍ଞାନଭକ୍ତି ଲାଭ କରି ପ୍ରେମ ସ୍ୱରୂପରେ ପ୍ରତିଷ୍ଠିତ ହୁଅନ୍ତି । ଅନ୍ୟର ସେବା ନିମିତ୍ତ ଭକ୍ତମାନେ ଅଦୃଶ୍ୟ ସହାୟକମାନଙ୍କ କୃପା ଲାଭ କରିଥାନ୍ତି । ଏହି ଭାବରେ ଭକ୍ତମାନେ ଭକ୍ତିପଥରେ ଚଳି ଜ୍ଞାନ ଲାଭ କରିଥାନ୍ତି । ବିଶ୍ୱସେବା ହିଁ ଭକ୍ତମନଙ୍କର ଧର୍ମ ।

(୧୨୮୦) ମାନବର ଜୀବନ: ଆହାର, ନିଦ୍ରା, ଭୟ ଓ ମୈଥୁନ ମାନବ ଜୀବନର ଲକ୍ଷ୍ୟ ନୁହେଁ । ଏହି ବୃତ୍ତିଚତୁଷ୍ଟୟର ଅନୁଶୀଳନ ପଶୁଜୀବନ ସହିତ ସମାନ । ସଂସାର ଧର୍ମ ପ୍ରତିପାଳନ, ପରିବାର ପ୍ରତିପାଳନ, ବିଷୟ କାର୍ଯ୍ୟର ପରିଚାଳନା ଓ ସ୍ଥୁଳ ଦେହ ସଂକ୍ରାନ୍ତ ଯାବତୀୟ କାର୍ଯ୍ୟ ହିଁ ଜୀବଧର୍ମର ଅନ୍ତର୍ଗତ । ମନୁଷ୍ୟ ଓ ପଶୁ କେବେ ଏକ ଜାତୀୟ ଜୀବ ନୁହଁନ୍ତି । ମାନବ ମଧ୍ୟରେ ଯେତିକି ବିଶେଷତ୍ୱ ଅଛି ତାହା ପଶୁଠାରେ ନାହିଁ, ମାନବର ଆଧ୍ୟାତ୍ମିକ ପ୍ରକୃତି ହିଁ ତାହାର ପ୍ରଧାନ ବିଶେଷତ୍ୱ । ମାନବ ଦେହରେ ଯେଉଁ ଆଧ୍ୟାତ୍ମିକ କେନ୍ଦ୍ରମାନ ଅଛି, ତାହା ପଶୁ ଦେହରେ ନାହିଁ । ଏହି କାରଣରୁ ମାନବ ଇଚ୍ଛା କଲେ ଧର୍ମ, ଈଶ୍ୱର ବା ଆତ୍ମାକୁ ପ୍ରତ୍ୟକ୍ଷ ଅନୁଭବ କରିପାରେ । ତପଃ ପ୍ରଭାବରେ ତ୍ରିତାପରୁ ମୁକ୍ତିଲାଭ କରିପାରେ ଓ ଆନନ୍ଦର ଅଧିକାରୀ ହୋଇପାରେ । ମାନବ ଇଚ୍ଛା କଲେ

ତାହାର ଇନ୍ଦ୍ରିୟ, ମନ ଓ ବୁଦ୍ଧିବୃତ୍ତି ସମୂହକୁ ସ୍ୱବଶରେ ରଖିପାରେ ଏବଂ ଅଜ୍ଞାନତା ଓ ମୃତ୍ୟୁଠାରୁ ନିଜକୁ ରକ୍ଷା କରିପାରେ । କିନ୍ତୁ ଏହି କାର୍ଯ୍ୟଗୁଡ଼ିକ ସାଧନସାପେକ୍ଷ । ଏହି ସାଧନଶକ୍ତି ହିଁ ମନୁଷ୍ୟକୁ ପଶୁଠାରୁ ଶ୍ରେଷ୍ଠ ଓ ସ୍ୱତନ୍ତ୍ର କରି ରଖିଛି । ଏହି ସାଧନା ବା ଭଗବତ୍ ସାକ୍ଷାତକାର ଓ ଆତ୍ମଜୟ ଏବଂ ଜୀବାତ୍ମାର ବିଶୁଦ୍ଧି ସମ୍ପାଦନ ପ୍ରଭୃତି ମାନବର ପ୍ରଧାନ କର୍ତ୍ତବ୍ୟ । ଯେଉଁମାନେ ଏହି କର୍ତ୍ତବ୍ୟ ସମ୍ପାଦନ ନିମିତ୍ତ ଚେଷ୍ଟା କରନ୍ତି ନାହିଁ, ସେମାନେ ତଦ୍ଦ୍ୱାରା ଆତ୍ମହାନି ଘଟାଇଥାନ୍ତି । ବିଷୟ ବିମୁଗ୍ଧ ବ୍ୟକ୍ତିମାନଙ୍କ ପକ୍ଷରେ ଏହି ସାଧନ ମାର୍ଗରେ ଚଳିବା ବିଶେଷ ଦୁର୍ଗମ ବୋଲି ବୋଧ ହୋଇଥାଏ । ମାୟା-ସ୍ୱପ୍ନମୁଗ୍ଧ ଜୀବର ନାନାବିଧ ମୋହଭ୍ରାନ୍ତିଭେଦବୁଦ୍ଧି ଜନିତ କ୍ଳେଶ ଓ ତ୍ରିତାପାଦି ଜାତ ହୋଇଥାଏ । ଏହି ମାୟା ହିଁ ଜୀବକୁ ସାଧନପଥ କଠୋର ବୋଲି ଧାରଣା ଦେଇଥାଏ । କିନ୍ତୁ ସାଧନପଥ ମାନବର ସ୍ୱାଭାବିକ, ସରଳ ଓ ଅନୁକୂଳ କଥା । ମାନବ ମୁକ୍ତିପଥର ପଥିକ । ସଂସାର ବା ବିଷୟପଥ ମାନବର ଅପରିଚିତ । ଭଗବାନ ବା ଆତ୍ମା ହିଁ ମାନବର ଅବାସସ୍ଥଳ । ଜଗତ୍ ବା ବିଶ୍ୱଧାମ ଜୀବର ପ୍ରବାସଭୂମି । ମାନବ ସାଧନ୍ ପଥ ଅବଲମ୍ବନ କରି ପ୍ରବାସରୁ ସ୍ୱଧାମକୁ ଫେରିଯାଏ ଏବଂ ଚରମରେ ସଚ୍ଚିଦାନନ୍ଦ ସ୍ୱରୂପ ଲାଭ କରେ ।

(୧୨୮୧) ସାଧନ ଜୀବନ : ଆଧ୍ୟାତ୍ମ ବିଷୟବସ୍ତୁରେ ସତ୍ୟ ଜ୍ଞାନ ବା ସ୍ଥୁଳ ବିଷୟ ପ୍ରତି ଆତ୍ମବୋଧ ବା ମୁଁ ଓ ମୋର ଜ୍ଞାନ ନିତାନ୍ତ ଭ୍ରମାତ୍ମକ ଓ ଏହା ମାୟାସମ୍ଭୁତା—ଏହି ଜ୍ଞାନ ଥିଲେ ମୁକ୍ତି ସୁଦୂରପରାହତ । ବିବେକବୁଦ୍ଧି ଦ୍ୱାରା ଏହି ଅନାତ୍ମ ଜ୍ଞାନକୁ ଛେଦନ କରିବାକୁ ହୁଏ । ଦେହାତ୍ମବୁଦ୍ଧିର ଅବସାନ ନ ହେଲେ ବିଶ୍ୱଜଗତର ପ୍ରକୃତ ସ୍ୱରୂପ ବା ଆତ୍ମାର ସଚ୍ଚିଦାନନ୍ଦ ସ୍ୱରୂପତ୍ୱ ଉପଲବ୍ଧ ହୁଏ ନାହିଁ । ଏହି ଭ୍ରାନ୍ତ ଦେହାତ୍ମବୁଦ୍ଧିକୁ ବିଦୂରିତ କରିବା ନିମିତ୍ତ ସାଧନାର ପ୍ରୟୋଜନ । ଧ୍ୟାନ, ଜ୍ଞାନ, ଯୋଗ, ଭକ୍ତି, ତପସ୍ୟାଦି ଦ୍ୱାରା ଏହାକୁ ଦୂର କରାଯାଇଥାଏ । ଏହି ମୋହ ଦୂର ନ ହେଲେ ଅନ୍ତରରେ ଶାସ୍ତ୍ରର ସାରମର୍ମ ବୋଧଗମ୍ୟ ହୁଏ ନାହିଁ । ମାନବ ଭୌତିକ ବିଦ୍ୟାରେ ଯେତେ ପାରଦର୍ଶୀ ହେଲେ ମଧ୍ୟ ସେହି ବିଦ୍ୟା-ଅବିଦ୍ୟା ମୋହ ଦୂର କରିବାକୁ ସମର୍ଥ ହୁଏ ନାହିଁ କିମ୍ବା ସେହି ବିଦ୍ୟା ଦ୍ୱାରା ଶାସ୍ତ୍ରର ମର୍ମ ଉଦ୍‌ଘାଟନ କରିବା ସମ୍ଭବ ହୁଏ ନାହିଁ । ଏମମାତ୍ର ତପଃ, ସଂଯମ, ଯୋଗ ଓ ଜ୍ଞାନାର୍ଜ୍ଜନ ବିନା ଏହି ମୋହ ଅପସାରିତ ହୁଏ ନାହିଁ । ସାଧନା ଦ୍ୱାରା ମାନବର ଅନ୍ଧଦୃଷ୍ଟି ସ୍ଥାନରେ ସତ୍ୟ ଜ୍ଞାନ ବା ସତ୍ୟ ଦୃଷ୍ଟିର ଉଦୟ ହୁଏ ଏବଂ

ତଦ୍ୱାରା ମାନବ ଭଗବାନଙ୍କ ସହାନୁଭୂତି ଲାଭ କରି ପରଲୋକ ଓ ସୂକ୍ଷ୍ମ ଲୋକବାସୀ ମହାତ୍ମାମାନଙ୍କ ପ୍ରତ୍ୟକ୍ଷ ଦର୍ଶନ କରିଥାଏ ।

(୧୨୮୨) ଆମିଷାହାର : ଆମିଷ ଖାଦ୍ୟ ରଜୋତମ ଗୁଣାତ୍ମକ ହେତୁ ଅଧ୍ୟାତ୍ମିକ କ୍ଷେତ୍ରରେ ବିଶୁଦ୍ଧ ଖାଦ୍ୟ ରୂପରେ ପରିଗଣିତ ହୋଇଅଛି । ବିଶ୍ୱପ୍ରେମ, ସାର୍ବଜନୀନ ପ୍ରୀତି ବା ଭଗବତ୍ ପ୍ରେମ ଏବଂ ହିଂସାମୂଳକ ରଜସ୍ତମବର୍ଦ୍ଧକ ଖାଦ୍ୟ ମଧ୍ୟରେ ବିପରୀତ ସମ୍ବନ୍ଧ ବିଦ୍ୟମାନ । ଏହି ବିଶ୍ୱରେ ବିଧିବଦ୍ଧ ଶୃଙ୍ଖଳା ବିରାଜିତ । ହିଂସା ଓ ପ୍ରେମ କେବେହେଲେ ଏକତ୍ର ଅବସ୍ଥାନ କରିପାରେ ନାହିଁ । ଖଣିଜ, ଉଦ୍ଭିଜ, କୀଟପତଙ୍ଗ, ପଶୁ, ପକ୍ଷୀ, ମାନବ, ଦେବତା, ମୁନି, ଋଷି, ପିତୃପୁରୁଷ, ସିଦ୍ଧମହାତ୍ମା ଓ ଭଗବାନ ଗଣ ସମସ୍ତେ ଏହି ବିରାଟ ଅଭିଭକ୍ତ ଶୃଙ୍ଖଳାର ଭିନ୍ନ ଭିନ୍ନ ଗ୍ରନ୍ଥି ଅଧିକାର କରି ଜୀବନ ଧାରଣ କରନ୍ତି । ତେଣୁ ସବୁ ମନୁଷ୍ୟ କେବେହେଲେ ସମାନ ନୁହନ୍ତି । କେବଳ ମାନବ ଜାତୀୟ ଜୀବ ଉକ୍ତ ଶୃଙ୍ଖଳର ବହୁଗ୍ରନ୍ଥି ଅଧିକାର କରି ଅବସ୍ଥାନ କରେ । ଯେଉଁ ମାନବମାନେ ନିମ୍ନତର ଗ୍ରନ୍ଥିରେ ଆବଦ୍ଧ, ସେହିମାନେ ହିଁ ମତ୍ସ୍ୟାଦି ଖାଦ୍ୟରେ ଆସକ୍ତ । ଯେଉଁମାନେ ଉଚ୍ଚତର ଶୃଙ୍ଖଳାରେ ଆବଦ୍ଧ, ସେମାନେ କେବେହେଲେ ପ୍ରାଣୀ ହିଂସାର୍ଜନକ ଖାଦ୍ୟରେ ଆସକ୍ତ ହୁଅନ୍ତି ନାହିଁ । ଉଚ୍ଚସ୍ତରୀୟ ମାନବର ଅନ୍ତରରେ ଭେଦବୁଦ୍ଧି କିମ୍ବା ହିଂସାଭାବ ନଥାଏ । ତେଣୁ ଆମିଷ ଖାଦ୍ୟ ବର୍ଜନ ଉଚ୍ଚତର ପ୍ରାନ୍ତ ଅଭିମୁଖରେ ଅଗ୍ରସର ହେବାର ପରିଚାୟକ । ଆମିଷ ଗ୍ରହଣ ଜୀବ ପକ୍ଷରେ ଅଭିବ୍ୟକ୍ତିର ଅନ୍ତରାୟ । ଆମିଷ ଗ୍ରହଣ ଫଳରେ ଜୀବର ସୂକ୍ଷ୍ମ କ୍ଷମତାଗୁଡ଼ିକ ନଷ୍ଟ ହୋଇଯାଏ ଏବଂ ହିଂସା ଦ୍ୱେଷ ବର୍ଦ୍ଧିତ ହୋଇ ସଂଯମଶକ୍ତି ନାଶ କରେ । ହିଂସା ଦ୍ୱାରା କେବେହେଲେ ଆତ୍ମୋନ୍ନତି ସାଧିତ ହୁଏ ନାହିଁ । ଜୀବହତ୍ୟାକୁ ପ୍ରଶ୍ରୟ ଦେଲେ କ୍ରମୋନ୍ନତିପଥ ରୁଦ୍ଧ ହୋଇଥାଏ । ଏହି କାରଣରୁ ଆମିଷାହାର ଆଧ୍ୟାତ୍ମିକ ମାର୍ଗାଚାରୀମାନଙ୍କ ପକ୍ଷରେ କ୍ଷତିକାରକ ବୋଲି ବିବେଚିତ ।

(୧୨୮୩) ଆସକ୍ତିର ପ୍ରଭାବ : କୌଣସି ବସ୍ତୁ ପ୍ରତି ନିତ୍ୟଜ୍ଞାନ ଜାତ ନ ହେଲେ ସେଥିରେ ଆସକ୍ତି ଜାଗେ ନାହିଁ । ଯଥା- ପୁତ୍ର, କଳତ୍ର, ଧନ, ଐଶ୍ୱର୍ଯ୍ୟ ପ୍ରଭୃତି ସମସ୍ତ ମମତାର ବିଷୟ ନଶ୍ୱର–ଏହା ବୁଝିପାରିଲେ ମଧ୍ୟ ମାନବ ସେହି ଜ୍ଞାନକୁ ଆଧ୍ୟାତ୍ମିକ ରୂପରେ ବୋଧ କରିପାରେ ନାହିଁ । ଆତ୍ମିକ ଭାବରେ ଅନିତ୍ୟ ବୋଲି ବୁଝିପାରିଲେ ଆସକ୍ତି ଦୂର ହୋଇଥାଏ । ଆତ୍ମା ନିଜ ସ୍ୱଭାବ ଅନୁଯାୟୀ

ସମସ୍ତଙ୍କୁ ନିତ୍ୟ ଜ୍ଞାନ କରୁଥିବାରୁ ଆତ୍ମାର ଆସକ୍ତି ଜାତ ହୁଏ । ଯେପରି ଚୋର ମନେକରେ ଜଗତରେ ସମସ୍ତେ ଚୋର, ପାଗଳ ମନେକରେ ଯେ ବିଶ୍ୱରେ ସମସ୍ତେ ପାଗଳ, ଅଜ୍ଞାନୀ ମନେ କରେ ଜଗତରେ ସମସ୍ତେ ଅଜ୍ଞାନ, ଏକମାତ୍ର ସେ ହିଁ ଜ୍ଞାନୀ; ସେହିପରି ନିତ୍ୟ ଆତ୍ମା ନିକଟରେ ସମସ୍ତ ବସ୍ତୁ ନିତ୍ୟ ବୋଧ ହୋଇଥାଏ; ତେଣୁ ଅନାତ୍ମ ବସ୍ତୁ ପ୍ରତି ତାହାର ଆସକ୍ତି ଜାତ ହୁଏ । ସେହି ଆତ୍ମାକୁ ସାଧନା ଦ୍ୱାରା ଜାଗ୍ରତ କରିପାରିଲେ ବ୍ୟଷ୍ଟି ସ୍ୱରୂପରେ ନଶ୍ୱରତାବୋଧ ଜାଗ୍ରତ ହୁଏ । ଏଥିପାଇଁ ବ୍ୟଷ୍ଟି ସ୍ୱରୂପ ପ୍ରତି ନିତ୍ୟ ଜ୍ଞାନକୁ ଆସକ୍ତି କୁହାଯାଏ ।

(୧୨୮୪) ବିଷୟର ସ୍ୱରୂପ : ଧନ, ପୁତ୍ର, ସ୍ତ୍ରୀ ଐଶ୍ୱର୍ଯ୍ୟ, ସମ୍ମାନ ପ୍ରଭୃତିକୁ ବିଷୟ ବୋଲି କୁହାଯାଏ । ଏହା ସୁଖର କାରଣ ନୁହେଁ । ମାୟାଚ୍ଛନ୍ନ ମନ ନିକଟରେ ଏହାସବୁ ସୁଖକର ବୋଧ ହୋଇଥାଏ । ଏହାକୁ ସୁଖକର ବୋଲି ଦୃଢ଼ଧାରଣା କରିବା ଫଳରେ ମାନବ ଦୁଃଖ ଭୋଗ କରେ । ବିଷୟର ଅଭାବ ହିଁ ଦୁଃଖ । ସୁଖ ପାଇଲେ ମଧ୍ୟ ତାହା ଯେତେବେଳେ ରହେ ନାହିଁ କିମ୍ବା ନଷ୍ଟ ହୋଇଯାଏ, ସେତେବେଳେ ମନରେ ଭୀଷଣ ଦୁଃଖ ଜାତ ହୁଏ । ବିଷୟ ପ୍ରାପ୍ତ ହେଲେ ତାହାର ବିନାଶ ଭୟରେ ଦୁଃଖ ଜାତ ହୁଏ । ଏହି କାରଣରୁ ଜ୍ଞାନୀମାନେ ବିଷୟପ୍ରାପ୍ତିକୁ ସୁଖକର ବୋଲି ବୋଧ କରନ୍ତି ନାହିଁ । ବିଷୟ ଅର୍ଜନରେ ଦୁଃଖ, ରକ୍ଷଣାବେକ୍ଷଣରେ ଦୁଃଖ, ବିଷୟର ସ୍ଥାୟିତ୍ୱ ନଷ୍ଟ ହେବା ଆଶଙ୍କାରେ ଦୁଃଖ, ନଷ୍ଟ ହେଲେ ମଧ୍ୟ ଦୁଃଖ । ଅତଏବ ବିଷୟରୁ ସୁଖ ଆଶା କରିବା ମୂର୍ଖତା ଭିନ୍ନ ଅନ୍ୟ କିଛି ନୁହେଁ । ତେଣୁ ବିଷୟରୁ ସୁଖ ଆଶା ପରିତ୍ୟାଗପୂର୍ବକ ବିଷୟ ଭିତରେ ଥାଇ ଭଗବତ୍ ଭଜନ ସ୍ମରଣ ଦ୍ୱାରା ପ୍ରକୃତ ସୁଖର ଅନ୍ୱେଷଣ କରିବା ମାନବର କର୍ତ୍ତବ୍ୟ ।

(୧୨୮୫) ଦଶବିଧ କ୍ରିୟା : ଭକ୍ତିଲାଭ କରି ଭଗବତ୍‌ଧ୍ୟାନ କରିବା ପୂର୍ବରୁ ସାଧକଙ୍କର କେତେଗୁଡ଼ିଏ ପ୍ରାଥମିକ କର୍ତ୍ତବ୍ୟ ଅଛି । ଏହି ଅବଶ୍ୟ କର୍ତ୍ତବ୍ୟ ମଧ୍ୟରେ (୧) ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟାତ୍ୟାଗ ଅର୍ଥାତ୍ ସୂର୍ଯ୍ୟୋଦୟର ଦେଢ଼ଘଣ୍ଟା ପୂର୍ବରୁ ଶଯ୍ୟାତ୍ୟାଗର ଅଭ୍ୟାସଗଠନ ପ୍ରଧାନ । କାରଣ, ଉଚ୍ଚସ୍ୱର୍ଗବାସୀ ଦେବତା, ମୁନି, ଋଷି ଓ ମହାପୁରୁଷମାନେ ସେହି ସମୟରେ ଏ ଜଗତକୁ ସ୍ୱତଃ ଆଗମନ କରି ସାଧକମାନଙ୍କୁ ବିଶେଷ ଭାବରେ ସାହାଯ୍ୟ କରିଥାଆନ୍ତି । ସେହି ସମୟରେ ଭଗବତ୍ ଧ୍ୟାନଧାରଣା ଅଭ୍ୟାସ କରିବାକୁ ହୁଏ । ତେଣୁ ସୂର୍ଯ୍ୟୋଦୟ ପୂର୍ବରୁ

ସାଧକକମାନେ ଶଯ୍ୟାତ୍ୟାଗ କରି ନିତ୍ୟକର୍ମ ଓ ପ୍ରାତଃସ୍ନାନ ପରେ ଧ୍ୟାନଧାରଣା ଅଭ୍ୟାସ କରିବା ଏକାନ୍ତ କର୍ତ୍ତବ୍ୟ ।

(୨) ନିତ୍ୟକର୍ମ ଓ ପ୍ରାତଃସ୍ନାନ ଶେଷରେ ନିୟମିତ ଧ୍ୟାନ ଧାରଣା ଉପାସନା କର୍ତ୍ତବ୍ୟ ।

(୩) ଉପାସନାଗୃହ ନିର୍ବାଚନ କରି ଉପାସନା ନିମିତ୍ତ ସେଠାରେ ସମସ୍ତ ଉପକରଣ ସଜାଇ ରଖିବା ଆବଶ୍ୟକ ।

(୪) ତତ୍ପରେ ସାଂସାରିକ କର୍ମର ସୁବ୍ୟବସ୍ଥା କରିବାରେ ନିଯୁକ୍ତ ହେବା ପୂର୍ବରୁ ସାମାନ୍ୟ ନୈବେଦ୍ୟ ସେବନ କର୍ତ୍ତବ୍ୟ ।

(୫) ପୂର୍ବାହ୍ନକାର୍ଯ୍ୟ ଶେଷ କରି ମଧ୍ୟାହ୍ନ କର୍ତ୍ତବ୍ୟ ନିମିତ୍ତ ଯଥାସାଧ୍ୟ ଚେଷ୍ଟାକରି ଉପାସନା ନିରତ ହେବାପରେ ମଧ୍ୟାହ୍ନ ଭୋଜନ କରିବା ବିଧେୟ ।

(୬) ସାତ୍ତ୍ୱିକ ଆହାର ଦିନ ବାରଟାମଧ୍ୟରେ ଶେଷ କରିବା ଉଚିତ୍ ।

(୭) ଅପରାହ୍ନ କର୍ମ ଶେଷରେ ସନ୍ଧ୍ୟାପୂଜାର ଆୟୋଜନ ଓ ସନ୍ଧ୍ୟାପୂଜା ଶେଷ କରିବା ବିଧେୟ ।

(୮) ସନ୍ଧ୍ୟାପୂଜା ପରେ ଭକ୍ତମାନଙ୍କ ସହିତ ଭଗବତ ବିଷୟକ ଆଲୋଚନା କରି ରାତ୍ରିପ୍ରହରକ ମଧ୍ୟରେ ରାତ୍ରିଭୋଜନ ଓ ବିଶ୍ରାମ ଗ୍ରହଣ କରିବା କର୍ତ୍ତବ୍ୟ ।

(୯) ରାତ୍ରି ଦଶଟାଠାରୁ ସକାଳ ଚାରିଟା ପର୍ଯ୍ୟନ୍ତ ବିଶ୍ରାମ ଗ୍ରହଣ କରି ମନେ ମନେ ଗୁରୁ ଓ ଇଷ୍ଟଚିନ୍ତା କରିବା ବିଧେୟ ।

(୧୦) ସାଧକମାନେ କେବେହେଲେ ଦିବାଦିଦ୍ରା ଅଭ୍ୟାସ କରିବା ଉଚିତ୍ ନୁହେଁ । ମଧ୍ୟାହ୍ନ ଭୋଜନ ପରେ ବିଶ୍ରାମ ଗ୍ରହଣ କରିବା ବିଧି; କିନ୍ତୁ ଏହି ବିଶ୍ରାମ ଯେପରି ଦିବାନିଦ୍ରାରେ ପରିଣତ ନ ହୁଏ, ସେଥିପ୍ରତି ସଜାଗ ରହିବା ଉଚିତ୍ । ଯଥାସାଧ୍ୟ ସଂଯମ ଅଭ୍ୟାସ କରି ଶୁକ୍ରକ୍ଷୟ ନିବାରଣ କରିବା ବିଧେୟ ।

ସାଧନା ସମୟରେ ଉପରୋକ୍ତ ନୀତିନିୟମ ଗୁଡ଼ିକ ଅବଶ୍ୟ ପାଳନୀୟ । ସମୟ ଓ ସାଧନପଦ୍ଧତି ଗୁରୁଦେବଙ୍କ ଠାରୁ ଶ୍ରବଣ କରି ଅଭ୍ୟାସ କରିବା କର୍ତ୍ତବ୍ୟ ।

(୧୨୮୬) ସାଧନବିଘ୍ନ : ଅଧିକାଂଶ ସାଧକ ସାଧନ ପଥରେ ଗତି କରିବାବେଳେ ଉପଯୁକ୍ତ ଉପଦେଷ୍ଟା ବା ଗୁରୁଙ୍କ ସନ୍ଧାନ ପାଇପାରନ୍ତି ନାହିଁ; ପାଇଲେ ମଧ୍ୟ ତାଙ୍କଠାରୁ ଉପଦେଶ ଗ୍ରହଣ କରି ଚଳିବାକୁ ଚେଷ୍ଟା କରନ୍ତି ନାହିଁ; ସେ ପଥରେ ଉପଯୁକ୍ତ ସଙ୍ଗୀ ମଧ୍ୟ ମିଳନ୍ତି ନାହିଁ । ତେଣୁ ସଦ୍‌ଗୁରୁଙ୍କ ଉପଦେଶ, ନିର୍ଦ୍ଦେଶ ବ୍ୟତୀତ ସାଧନପଥରେ ଅଗ୍ରସର ହେଲେ ବିବିଧ ବାଧାବିଘ୍ନ ଦେଖା ଦେଇଥାଏ । ଗୁରୁଦେବ ମିଳିଲେ ମଧ୍ୟ ସାଧକ ଅନଭ୍ୟାସ ହେତୁ ତାଙ୍କ ନିର୍ଦ୍ଦେଶିତ ପଥରେ ଚଳିପାରନ୍ତି ନାହିଁ । ସାଧକମାନେ ପ୍ରଥମେ ଭଗବତ୍ ଅନୁକୂଳ ପଥରେ ଗତି କରପାରନ୍ତି ନାହିଁ । ତେଣୁ ଭଗବତ୍‌ସେବା ସେମାନଙ୍କ ପକ୍ଷରେ କଷ୍ଟକର ବୋଧ ହୁଏ । ଏଥିପାଇଁ ସାଧନା ଆରମ୍ଭ ପୂର୍ବରୁ ସତର୍କ ରହି ଶ୍ରୀଗୁରୁଭଗବାନଙ୍କ ଚରଣାଶ୍ରୟ ପୂର୍ବକ ସାଧନବିଘ୍ନ ଦୂର କରିବା ନିମିତ୍ତ ପ୍ରାର୍ଥନାନିରତ ହେବା କର୍ତ୍ତବ୍ୟ ।

(୧୨୮୭) ପ୍ରେମଭକ୍ତି : ଭଗବାନଙ୍କ ସହିତ ଜୀବର ସଂଯୋଜକ ଶକ୍ତିକୁ ପ୍ରେମ କୁହାଯାଏ । ପ୍ରେମ ଏକପ୍ରକାର ଆକର୍ଷଣୀଶକ୍ତି । ଏହି ଶକ୍ତି ଭଗବାନ ଓ ମାନବ ମଧ୍ୟରେ କ୍ରିୟାଶୀଳ । ଏହି ପଥର ପଥିକମାନେ ବୈଷୟିକ ଭେଦଜ୍ଞାନ ଓ କର୍ମ ପ୍ରଭୃତିରୁ ଦୂରରେ ରହି ଭକ୍ତିର ଅନୁଶୀଳନ କରିବା କର୍ତ୍ତବ୍ୟ । ଯେଉଁମାନେ ଅହଂକାରର ବଶବର୍ତ୍ତୀ ହୋଇ କ୍ରିୟାକରନ୍ତି ଓ ମୁଁ ଏବେ 'ସାଧନଭଜନ କରୁଛି' ବୋଲି ଅଭିମାନ ପୋଷଣ କରନ୍ତି, ସେମାନଙ୍କ ମଧ୍ୟରେ ପ୍ରେମର ବିକାଶ ହୋଇପାରେ ନାହିଁ । ମନରେ ସାମାନ୍ୟ ଅହଂକାରଭାବ ଥିଲେ ପ୍ରେମଭକ୍ତି ଲାଭ ସମ୍ଭବ ହୁଏ ନାହିଁ । ତେଣୁ ପ୍ରେମଲାଭ ପଥରେ ଅହଙ୍କାରରୂପ ବାଧା ଅତିକ୍ରମ କରି ସାଧନନିରତ ହେବା ବିଧେୟ ।

(୧୨୮୮) ପ୍ରେମଶକ୍ତି : ମାୟାଶକ୍ତିର ରଜୋଗୁଣାତ୍ମକ ଭାବକୁ ଭୋଗବାସନା କୁହାଯାଏ । ଏହି ମାୟାଶକ୍ତିର ସତ୍ତ୍ୱଗୁଣାତ୍ମକ ଭାବକୁ ଦୟାଦାକ୍ଷିଣ୍ୟ, ସେବା ଓ ପରୋପକାର କୁହାଯାଏ । ପ୍ରେମଶକ୍ତି ଏହି ସତ୍ତ୍ୱଗୁଣାତ୍ମକ ନିଃସ୍ୱାର୍ଥ ମାୟାଶକ୍ତିର ସାରବସ୍ତୁ । ଅର୍ଥାତ୍ ଏହି ଶକ୍ତିରୁ ପ୍ରେମର ଉଦ୍ଭବ ହୋଇଥାଏ । ମାନବ ମାନବ ମଧ୍ୟରେ ଏହି ଶକ୍ତି ସକ୍ରିୟ ହେଲେ ତାହାର ନାମ ହୁଏ ପ୍ରାକୃତ ପ୍ରେମ ଏବଂ ମାନବ ଓ ଭଗବାନଙ୍କ ମଧ୍ୟରେ ଏହି ଶକ୍ତି କ୍ରିୟଶୀଳ ହେଲେ ତାହା ହୁଏ ଅପ୍ରାକୃତ ପ୍ରେମ । ଶାସ୍ତ୍ରରେ ପ୍ରେମ ଶବ୍ଦକୁ ଅପ୍ରାକୃତପ୍ରେମ ବୋଲି ନିର୍ଦ୍ଦେଶ

କରାଯାଇଛି । ମାନବୀୟ ପ୍ରେମକୁ ପ୍ରେମ ବୋଲି କୁହାଯାଏ ନାହିଁ । ତାହାର ନାମ କାମ । ଅତଏବ ପ୍ରେମ ଶୁଦ୍ଧ ସତ୍ତ୍ୱସ୍ୱରୂପ ଓ ଈଶ୍ୱରଙ୍କ ଉଦ୍ଦେଶ୍ୟମୂଳକ । ଆସକ୍ତି ବା କାମ ହିଁ ଏହାର ବିପରୀତ ଭାବ । ଆସକ୍ତିର ଅନ୍ୟନାମ କାମ-କାମନା । ଏହାର ତମୋଗୁଣ ଜନିତ କାର୍ଯ୍ୟ ହିଂସାଦ୍ୱେଷମୂଳକ । କାମ ଓ ପ୍ରେମ ମଧ୍ୟରେ ସ୍ୱର୍ଗନରକ ସମ୍ବନ୍ଧ ବିଦ୍ୟମାନ । ପ୍ରେମ ଅଭେଦାତ୍ମକ, ମାତ୍ର କାମ ଭେଦଜ୍ଞାନଯୁକ୍ତ । ପ୍ରେମ ପରିତୃପ୍ତିରେ ବିକାଶ ଓ କାମ ପରିତୃପ୍ତିରେ ବିନାଶ । ପ୍ରେମ ସତ୍ୟ ଓ ଅବିନଶ୍ୱର ଏବଂ କାମ ମିଥ୍ୟାମୟ ଓ ପ୍ରବଞ୍ଚନାପୂର୍ଣ୍ଣ । ତେଣୁ ପ୍ରେମ ଅପେକ୍ଷା ସୁନ୍ଦରଭାବ ଜଗତରେ ଅନ୍ୟ କିଛି ନାହିଁ । ପ୍ରେମ, ଆତ୍ମାସହିତ ଚୈତନ୍ୟର ଆକର୍ଷଣୀଶକ୍ତିବିଶେଷ । ତେଣୁ କାମ-ପ୍ରେମର ତତ୍ତ୍ୱ ପ୍ରକାଶ କରିବା କଷ୍ଟକର । କାମ ପ୍ରେମ ଭିତରେ ବିଶେଷ ପ୍ରଭେଦ ଥିଲେ ମଧ୍ୟ କାମ ଭଗବତ୍ ଉଦ୍ଦେଶ୍ୟରେ ପରିଚାଳିତ ହେଲେ ପ୍ରେମନାମରେ ଅଭିହିତ ହୁଏ ।

(୧୨୮୯) କର୍ମଶକ୍ତି : ଜୀବନକାଳ ମଧ୍ୟରେ ସାଧାରଣ ମାନବ ତାହାର ଏକାଦଶ ଇନ୍ଦ୍ରିୟସାହାଯ୍ୟରେ ଯାହା କିଛି କରେ, ତାହାକୁ କର୍ମଶକ୍ତି କୁହାଯାଏ । ଚିନ୍ତା, ବାକ୍ୟ, ଆଚରଣ, ଦର୍ଶନ, ସ୍ପର୍ଶନ ପ୍ରଭୃତି ଇନ୍ଦ୍ରିୟ ସଞ୍ଚାଳନମୂଳକ ଯାବତୀୟ ବିଷୟ ହିଁ କର୍ମପଦବାଚ୍ୟ । ଏହି କର୍ମଶକ୍ତି ଦୁଇଦିଗକୁ ପରିଚାଳିତ ହୁଏ । ପ୍ରଥମଶକ୍ତି ହେଉଛି ଏହାର Negative ଅଂଶ, ଯାହାକି ବାହ୍ୟ ଜଗତର ରୂପାନ୍ତର ସମ୍ପାଦନ କରେ ଏବଂ ଦ୍ୱିତୀୟଶକ୍ତି Positive ଅଂଶ ଯାହାଙ୍କ କର୍ତ୍ତା ଜୀବର ଚିତ୍ତ ଉପରେ ଶକ୍ତି ପ୍ରକାଶ କରେ; ଅର୍ଥାତ୍ ଗୋଟିଏ ପ୍ରକାର ଦାଗ ବା ସଂସ୍କାର ସୃଷ୍ଟି କରେ । ଏହି ସଂସ୍କାର ଚିତ୍ତ ଉପରେ କ୍ରିୟାକରେ ବୋଲି ସେହି ସଂସ୍କାର ନାଶର ଉପାୟ ପ୍ରଦର୍ଶନ କଲ୍ପେ ଦର୍ଶନଶାସ୍ତ୍ରର ସୃଷ୍ଟି ହୋଇଅଛି । ଜ୍ଞାତସାରରେ ହେଉ କିମ୍ବା ଅଜ୍ଞାତସାରରେ ହେଉ, କର୍ମ ପ୍ରଭାବରେ କର୍ତ୍ତାର ମନୋମୟ କୋଷରେ ଗୋଟିଏ ପ୍ରକାର ସ୍ପନ୍ଦନ ହୁଏ । ସେହି ସ୍ପନ୍ଦନ ବା କମ୍ପନ ସହଜରେ ସ୍ଥିର ହୁଏ ନାହିଁ । ଅଜ୍ଞାତଭାବରେ ସେହି ସ୍ପନ୍ଦନ ଚିତ୍ତକ୍ଷେତ୍ରରେ ସଂସ୍କାରରୂପ ଦାଗ ସୃଷ୍ଟି କରିଥାଏ । ଭୋଗବ୍ୟତୀତ କର୍ମସ୍ମୃତି ଲୋପ ପାଏ ନାହିଁ । ସେହି କର୍ମଫଳ ତ୍ରିବିଧ ।

(୧୨୯୦) ତ୍ରିବିଧ କର୍ମଫଳ : କର୍ମଫଳର ଶକ୍ତି ସାଧାରଣତଃ ତିନିପ୍ରକାରରେ ଭୋଗ ହୋଇଥାଏ । ତାହାର ନାମ ସଞ୍ଚିତକର୍ମ, କ୍ରିୟମାଣକର୍ମ ଓ ପ୍ରାରବ୍ଧ କର୍ମ । କର୍ମ କରିବା ମାତ୍ରକେ ଯାହାର ଫଳ ତତ୍କ୍ଷଣାତ୍ ଭୋଗ ହୁଏ

ତାହା କ୍ରିୟମାଣ। ବହୁପୂର୍ବରୁ ଅନୁଷ୍ଠିତ ହୋଇଥିବା କର୍ମର ଯେଉଁ ସଂସ୍କାର ଚିତ୍ତକ୍ଷେତ୍ରରେ ଅଙ୍କିତ ହୋଇରହିଛି, ଅଥଚ ଯାହାର ଫଳ-ଭୋଗ ହୋଇନାହିଁ, ତାହାର ନାମ ସଞ୍ଚିତ। ଯେଉଁକର୍ମ ଫଳ ସଞ୍ଚିତ ଥିଲା, ତାହାର ଭୋଗ ଆରମ୍ଭ ହୋଇଗଲେ ତାହାର ନାମହୁଏ ପ୍ରାରବ୍ଧ। ସଞ୍ଚିତ କର୍ମଫଳରୁ କର୍ତ୍ତାର ସ୍ୱଭାବ ଗଠିତ ହୁଏ। ଏହାକୁ କୁହାଯାଏ ଦୈବ। ମାନବର ବର୍ତ୍ତମାନ ଜୀବନର ବା ଭବିଷ୍ୟତ ଜୀବନର ଅବସ୍ଥା, ମତିଗତି, ସୁଖଦୁଃଖାଦି ସଞ୍ଚିତ କର୍ମଫଳ ଉପରେ ନିର୍ଭର କରେ। ଏହାହିଁ କର୍ମର ଅବ୍ୟକ୍ତକାରଣ। ଏହାକୁ ଶାସ୍ତ୍ରରେ କାରଣ-ଶରୀର ନାମ ଦିଆଯାଇଛି। କର୍ମ ହିଁ ଜୀବତ୍ୱର ମୂଳକାରଣ। ସାଧନା ଦ୍ୱାରା ଏହି କର୍ମଶକ୍ତିକୁ ନିୟନ୍ତ୍ରଣ ଓ ଅତିକ୍ରମ କରାଯାଇପାରେ। ଭଗବାନଙ୍କ ଲକ୍ଷ୍ୟରେ କର୍ମକଲେ ଏହି ସଞ୍ଚିତ କର୍ମଫଳ ନଷ୍ଟ ହୋଇଯାଏ। ନିଜର କର୍ମଶକ୍ତିକୁ ବିଷୟ ଦିଗରୁ ପ୍ରତ୍ୟାହୃତ କରି ଭଗବାନଙ୍କ ଆଡ଼କୁ ନେଇଯିବାକୁ କୁହାଯାଏ ସାଧନା। ଏହି ସାଧନାର ନାମ ଧର୍ମ। ଏହି ସାଧନାକଲେ ଜୀବର ଅନ୍ତର ଭଗବାନଙ୍କ ସହିତ ଯୁକ୍ତହୁଏ। ଫଳରେ ଚିତ୍ତ ସ୍ଥିରଭାବ ଧାରଣ କରେ। ଭଗବାନଙ୍କ ଲକ୍ଷ୍ୟରେ କର୍ମ କରାଗଲେ ସଞ୍ଚିତ ଓ କ୍ରିୟାମାଣ କର୍ମ ନଷ୍ଟ ହୋଇଯାଏ; କିନ୍ତୁ ପ୍ରାରବ୍ଧ କର୍ମ ଭୋଗବ୍ୟତୀତ କ୍ଷୟ ହୁଏ ନାହିଁ। ସଞ୍ଚିତ କର୍ମ ଭଗବାନଙ୍କଠାରେ ସମର୍ପିତ ହେଲେ ଲୟ ହୋଇଯାଏ। ଏହି କର୍ମ ସମର୍ପଣକୁ ଲୟସାଧନା କୁହାଯାଏ। ସମର୍ପଣଯୋଗ ଦ୍ୱାରା କର୍ମବନ୍ଧନରୁ ମୁକ୍ତିଲାଭ କରିବା ସଙ୍ଗେ ସଙ୍ଗେ ସାଧନାରେ ସିଦ୍ଧିଲାଭ ହୋଇଥାଏ। ଭଗବାନଙ୍କ ଠାରେ କର୍ମ ସମର୍ପଣ ବ୍ୟତୀତ ଅନ୍ୟ ଉପାୟରେ କର୍ମଫଳ କେବେହେଲେ କ୍ଷୟିତ ହୁଏନାହିଁ।

(୧୨୯୧) ଚିଦାବସ୍ଥା : ମାନବୀୟଜ୍ଞାନ ବିବିଧ ଉପାୟରେ ଲାଭ କରାଯାଇଥାଏ। ମାନବ ତାହାର ଏକାଦଶ ଇନ୍ଦ୍ରିୟଦ୍ୱାରା ଜ୍ଞାନ ଆହରଣ ଓ ସଞ୍ଚୟ କରେ। ଏକାଦଶ ଇନ୍ଦ୍ରିୟଙ୍କର ବିଭିନ୍ନ ଭାବରେ ସମ୍ମେଳନ ବା ସମବାୟ (Combination) ଦ୍ୱାରା ଜ୍ଞାନ ଅର୍ଜିତ ହୋଇଥାଏ। ଜ୍ଞାନ ତିନି ପ୍ରକାରରେ ଅର୍ଜିତ ହୁଏ—ଜାଣିଶୁଣି, ପ୍ରତ୍ୟକ୍ଷଭାବରେ ଦେଖି ଓ କର୍ମଦ୍ୱାରା। ପଢ଼ିଶୁଣି ଯେଉଁ ଜ୍ଞାନ ଆହରଣ କରାଯାଏ ତାହା ନିକୃଷ୍ଟ। ଯେଉଁ ସାଧନ ଉପଦେଶ କର୍ମଜୀବନରେ ରୂପାୟିତ ହୁଏ ତାହା ଶ୍ରେଷ୍ଠ। ଯେ ସଂସାରମୋହ ତ୍ୟାଗ କରି ସାଧନନିରତ, ତାଙ୍କ ଜ୍ଞାନ ଉଚ୍ଚସ୍ତରର। ଯେଉଁମାନେ ତତ୍ତ୍ୱ-ସାକ୍ଷାତ୍କାର ଲାଭ କରିଛନ୍ତି ସେମାନଙ୍କ

ଜ୍ଞାନ ଅଧିକ ଉଚ୍ଚସ୍ତରର । ଏହି ଶେଷୋକ୍ତ ଜ୍ଞାନକୁ ଚିଦାବସ୍ଥା କୁହାଯାଏ । ସାଧନା ଦ୍ୱାରା ଯେଉଁ ଜ୍ଞାନ ଲାଭ ହୁଏ, ତାହା ହିଁ ପ୍ରକୃତ ଜ୍ଞାନ ।

(୧୨୯୨) ପରମେଶ୍ୱର : ପରଂବ୍ରହ୍ମଙ୍କର ଅବ୍ୟକ୍ତଭାବକୁ ନିର୍ଗୁଣ ପରମେଶ୍ୱର କହନ୍ତି । ଏହି ଅଭ୍ୟକ୍ତଭାବରୁ ବ୍ୟକ୍ତ ଭାବର ଉତ୍ପତ୍ତି ହୋଇଥାଏ । ନିର୍ଗୁଣ ନିରାକାରଙ୍କଠାରୁ ସଗୁଣ ସାକାରଭାବର ଉଦ୍ଭବ ହୁଏ । ନିର୍ଗୁଣଭାବକୁ ଜୀବଚିତ୍ତ ଧାରଣ କରିବାକୁ ସକ୍ଷମ ନୁହେଁ । ଯେ କୌଣସି ବିଷୟ ଜାଣିବାକୁ ହେଲେ ଜ୍ଞାତା, ଜ୍ଞେୟ, ଜ୍ଞାନ—ଏହି ତିନିଭାବର ପାର୍ଥକ୍ୟ ଆବଶ୍ୟକ ହୁଏ । ଯେତେବେଳେ ଜ୍ଞାତା, ଜ୍ଞେୟଙ୍କଠାରେ ଲୟ ପ୍ରାପ୍ତ ହୁଅନ୍ତି, ସେତେବେଳେ ଏହି ତ୍ରିବିଧଭାବ ଆଉ ରହେନାହିଁ । ଏଥିପାଇଁ କୁହାଯାଇଛି—ବ୍ରହ୍ମବିତ୍ ବ୍ରହ୍ମ ହୋଇଥାଆନ୍ତି । ତ୍ରିବିଧଭାବର ଅତୀତ ଅବସ୍ଥାରେ ମନ ବୁଦ୍ଧିର କାର୍ଯ୍ୟ ଲୋପ ପାଇଯାଏ । ଏହି ଅବସ୍ଥାରେ ଦ୍ୱୈତଭାବର ସାମ୍ୟାବସ୍ଥା ବିଦ୍ୟମାନ ଥାଏ ।

(୧୨୯୩) ଈଶ୍ୱରଭାବ : ନିରାକାର ପରମତତ୍ତ୍ୱ ସୃଷ୍ଟିଲୀଳା ନିମିତ୍ତ ମାୟାଶକ୍ତିକୁ ଆବରଣ ରୂପରେ ଗ୍ରହଣ କରି ଦେହସ୍ଥ ହୋଇ ପୂର୍ଣ୍ଣଈଶ୍ୱର ଭାବ ଅବଲମ୍ବନ କରନ୍ତି । ଯେକୌଣସି ଉଦ୍ଦେଶ୍ୟରେ ହେଉ ନା କାହିଁକି, ସେ ସ୍ୱରୂପରେ ନିରାକାର ଥାଇ ମଧ୍ୟ ଗୋଟିଏ ଅଂଶରେ ସଗୁଣ ସାକାର ଭୌତିକ ବିଶ୍ୱଭାବ ପରିଗ୍ରହ କରନ୍ତି । ସେହି ଅବସ୍ଥାକୁ ଈଶ୍ୱରଭାବ ବା ଭଗବତ୍‌ଭାବ କୁହାଯାଏ । ନିରାକାର ନିର୍ଗୁଣସତ୍ତାଙ୍କ ବ୍ୟକ୍ତଭାବକୁ ଈଶ୍ୱରଭାବ କୁହାଯାଏ । ଏହି ଭଗବାନଙ୍କୁ ଲାଭ କରିବାର ଉପାୟକୁ ସାଧନା କୁହାଯାଏ । ମନକୁ ନିରୁଦ୍ଧ କରିବାପୂର୍ବରୁ ପୂର୍ଣ୍ଣବିଶ୍ୱରୂପ ଈଶ୍ୱରଙ୍କଠାରେ ତନ୍ମୟ ହେବାକୁ ପଡ଼େ । ସେଥିରେ ଭଗବତ୍ ସାକ୍ଷାତ୍କାର ଲାଭ ହୋଇଥାଏ । ମନରେ ଅହଂଭାବ ଥିଲେ ଈଶ୍ୱରଦର୍ଶନ ହୁଏନାହିଁ । ମନୋଲୟ ହୋଇ ଆତ୍ମସ୍ୱରୂପ ଲାଭକଲେ ସେହି ଆତ୍ମାଦ୍ୱାରା ପରମାତ୍ମଦର୍ଶନ ସହଜଲଭ୍ୟ ହୋଇଥାଏ । ଜୀବ କ୍ରମେ ଈଶ୍ୱରସ୍ୱରୂପତ୍ୱ ବା ଶିବତ୍ୱ ଲାଭକରେ । ସେବ୍ୟ-ସେବକଭାବ ବା ଦ୍ୱୈତଭାବ ଥିଲେ ଜୀବ ବ୍ରହ୍ମସ୍ୱରୂପତ୍ୱ ଲାଭ କରି ପାରେନାହିଁ । ସେବ୍ୟସେବକ ଭାବରେ ଜୀବର କେବଳ ସବିକଳ୍ପଭୂମି ଲାଭ ହୋଇଥାଏ ।

(୧୨୯୪) ମନୁଷ୍ୟୋଚିତ କର୍ମ : ଯେଉଁମାନେ ପ୍ରଚଳିତ ଜୈବ ଧର୍ମ ପ୍ରତିପାଳନ କରି ଜୀବନ ଅତିବାହିତ କରନ୍ତି, ସେମାନଙ୍କ କର୍ମଜୀବନ ଓ ଜୀବନ

ଧାରଣ ମନୁଷ୍ୟୋଚିତ ନୁହେଁ । ଏହା ଅଚେତନ ବା ଜଡ଼ର ଧର୍ମ । ଯେଉଁ ଜୀବନରେ ଉତ୍ସାହ, ଉଦ୍ୟମ, ନୂତନତ୍ୱ ବା ନିତ୍ୟ ନବ ନବ ଭାବର ଉଦ୍ଭାବନ ନାହିଁ, ତାହା ସାଧାରଣ ଭାବରେ ଜଡ଼-ଅଚେତନ ଜୀବନ । ଏହା ନିର୍ଜୀବ ଯନ୍ତ୍ରସ୍ୱରୂପ । ଏଭଳି ଲୋକେ ସଂସାରରେ ଅନୁକରଣପ୍ରିୟ ହୋଇ କିଛି ନୂତନକାର୍ଯ୍ୟ କରିପାରନ୍ତି ନାହିଁ । ଯେଉଁମାନେ ନିଜ ଉଦ୍ୟମରେ ଅଭିନବ ଶକ୍ତି, ଜ୍ଞାନ କୌଶଳ ଉଦ୍ଭାବନରେ ନିଯୁକ୍ତ, ସେହିମାନେ ହିଁ ପ୍ରକୃତ ମନୁଷ୍ୟ ପଦବାଚ୍ୟ । ସେମାନଙ୍କ ଜୀବନ ନିତ୍ୟନୂତନତାରେ ପୂର୍ଣ୍ଣ । ତେଣୁ ସେଭଳି ମନୁଷ୍ୟଙ୍କ କର୍ମକୁ ମନୁଷ୍ୟୋଚିତ କର୍ମ କୁହାଯାଏ ।

ଜ୍ଞାନୀ ଓ ଶକ୍ତିମାନ୍ ମନୁଷ୍ୟ ମାତ୍ରକେ ଜଗତରେ ନୂତନଭାବର କର୍ମ ପ୍ରଦର୍ଶନ କରିବା ଉଚିତ୍ । ଯେଉଁ ଜୀବନରେ ଅଭିନବ ଘଟଣାସମ୍ବଳିତ କର୍ମସମୂହ ଦେଖାନଯାଏ, ତାହାକୁ ଚୈତନ୍ୟମୟ ମନୁଷ୍ୟଜୀବନ ଆଖ୍ୟା ଦିଆଯାଇ ପାରିବ ନାହିଁ । ଯେଉଁମାନେ ଏହି ସଂସାର ଭିତରେ ଥାଇ ଆତ୍ମଜ୍ଞାନ-ଅନୁଶୀଳନ କରନ୍ତି, ସେହିମାନଙ୍କ ଜୀବନ ହିଁ ପ୍ରକୃତ ମନୁଷ୍ୟ ଜୀବନ ।

(୧୨୯୫) ମାୟାନିଦ୍ରା : ମାନବର ପ୍ରକୃତି ସ୍ୱରୂପ ଅର୍ଥାତ୍ ସେ କିଏ ଓ କାହିଁକି ପୃଥିବୀକୁ ଆଗମନ କଲା, ତାହା କାହାରି ସହସା ବୋଧଗମ୍ୟ ହୁଏନାହିଁ । ସେହି ଅବସ୍ଥାକୁ ମାୟାନିଦ୍ରା କହନ୍ତି । ଜୀବନ-ସ୍ୱପ୍ନ ଭଙ୍ଗ ନ ହେଲେ ମାନବ ଜୀବନର ପ୍ରକୃତ ସ୍ୱରୂପ ବୋଧଗମ୍ୟ ହୁଏ ନାହିଁ । ଆତ୍ମଜ୍ଞାନର ଉଦୟ ନ ହେଲେ ଏହି ମାୟାନିଦ୍ରା କେବେ ଭାଙ୍ଗେ ନାହିଁ । ଯେପରି ସ୍ୱପ୍ନାବସ୍ଥାରେ ସ୍ୱପ୍ନଦୃଷ୍ଟ ଅବସ୍ଥା ପ୍ରତି ଭ୍ରମଧାରଣ ହୁଏ ନାହିଁ; ସେହିପରି ଜାଗ୍ରତାବସ୍ଥାରେ ମଧ୍ୟ ଜାଗ୍ରତ ଦର୍ଶନ ମିଥ୍ୟା ବୋଲି ବୋଧ ହୁଏ ନାହିଁ । ନିଦ୍ରାଭଙ୍ଗ ହେଲେ ସ୍ୱପ୍ନ ଯେପରି କ୍ଷଣସ୍ଥାୟୀ ବା ମିଥ୍ୟା ପ୍ରତିପନ୍ନ ହୁଏ, ସେହିପରି ମାୟା ଅପସାରିତ ହେଲେ ଜ୍ଞାନ ସହଜରେ ଉତ୍ପନ୍ନ ହୋଇଥାଏ । ତେଣୁ ଏ ଜଗତର ସୁଖଦୁଃଖାଦି ଲୀଳା ସ୍ୱପ୍ନ ଦର୍ଶନ ପରି ମିଥ୍ୟା । ତ୍ରିଗୁଣାତୀତ ଚୈତନ୍ୟ ମାୟାସମୁଦ୍ରରେ ବୁଡ଼ି ବିଶ୍ୱଦର୍ଶନ କରନ୍ତି ଏବଂ ନିଜକୁ କର୍ମବଦ୍ଧ ମନେକରି ସୁଖ ଦୁଃଖ ଭୋଗ କରିଥାନ୍ତି । ସେହି ମାୟାସାଗରରୁ ଉଦ୍ଧାର ପାଇବା ନିମିତ୍ତ ମାୟାନିଦ୍ରା ଭଙ୍ଗମୂଳକ ସାଧନା ପ୍ରୟୋଜନ । ବର୍ତ୍ତମାନ

ଜୀବନର ଅବସ୍ଥାକୁ ସ୍ୱପ୍ନବୋଲି ମନେ କରି ଭଗବତ୍ ଉଦ୍ଦେଶ୍ୟରେ କର୍ମ କରିବା ଓ କର୍ମ ଭିତରେ ଭଗବାନଙ୍କ ନାମ ସ୍ମରଣ ମନନ କରିବା ଦ୍ୱାରା ମାୟାନିଦ୍ରା ଅପସାରିତ ହୋଇଥାଏ ।

(୧୨୯୬) ହିନ୍ଦୁସାଧନ ପଦ୍ଧତି : ହିନ୍ଦୁସାଧନ ପଦ୍ଧତି ଅନୁସାରେ ପ୍ରଥମତଃ ଯେକୌଣସି ବ୍ୟକ୍ତି ସ୍ୱ ଆତ୍ମାର ଉନ୍ନତି ବିଧାନ କରିବା ପରେ ଜଗତ୍‌ହିତକର୍ମରେ ଯୋଗଦେବା କର୍ତ୍ତବ୍ୟ । ତେଣୁ ହିନ୍ଦୁମାନଙ୍କ ସାଧନା ଯୋଗମୂଳକ ଏବଂ ଏହିଯୋଗ ହିଁ ହିନ୍ଦୁଧର୍ମର ପ୍ରାଣ । ସେହି ସାଧନା ବ୍ୟକ୍ତିଗତ ଭାବରେ ଅଭ୍ୟାସ କରି ସେଥିରେ ସିଦ୍ଧ ହେବା ପରେ ସଂଘ ସାଧନା ଆରମ୍ଭ କରିବା ଉଚିତ୍ । ସମାଜର ସମସ୍ତ ଲୋକ ଗୋଟିଏ ପ୍ରକାରର ଅଧିକାରୀ ନୁହନ୍ତି । କାହା ପ୍ରକୃତି ରଜୋତମଃ ଗୁଣ ପ୍ରଧାନ ତ କାହାର ସ୍ୱପ୍ନଗୁଣ ପ୍ରଧାନ । ଏଥିପାଇଁ ପ୍ରତ୍ୟେକଙ୍କ ଅସନପଦ୍ଧତି ବିଭିନ୍ନ । ପ୍ରାଥମିକ ସ୍ତରରେ ଏହି କାରଣରୁ ସମସ୍ତେ କେବେ ସମାନ ସ୍ତରର ସାଧନା କରିପାରିବେ ନାହିଁ । ଭେଦବୈଚିତ୍ର୍ୟ ମଧ୍ୟଦେଇ ପ୍ରାଥମିକ ସାଧକମାନେ ସେମାନଙ୍କ ନିର୍ଦ୍ଦିଷ୍ଟ ସାଧନପଥରେ ଗତି କରିବେ । ବିକ୍ଷିପ୍ତ ଚିତ୍ତରେ କେବେ ଭଗବାନଙ୍କ ପ୍ରତିବିମ୍ବ ପତିତ ହୁଏ ନାହିଁ । ତେଣୁ ବ୍ୟକ୍ତିଗତ ସାଧନାରେ ଚିତ୍ତ ସ୍ଥିରଭାବ ଧାରଣ କଲେ ସଂଘସାଧନାରେ ବ୍ରତୀ ହେବା କର୍ତ୍ତବ୍ୟ । ଏହି ବ୍ୟକ୍ତିଗତ ସାଧନାକୁ ଶ୍ରୀଶ୍ରୀ ଠାକୁର ଆଦର୍ଶ ଗୃହସ୍ଥ ଜୀବନ ଗଠନ ବୋଲି ଅଭିହିତ କରିଛନ୍ତି । ଆଦର୍ଶ ଗୃହସ୍ଥମାନେ ହିଁ ସଂଘବଦ୍ଧ ହେଲେ ଯଥାର୍ଥ ଉପାସନା କରିପାରିବେ । ଅନ୍ୟଥା ବିଭିନ୍ନ ପ୍ରକୃତିର, ବିଭିନ୍ନ ପଥର ବ୍ୟକ୍ତିଙ୍କୁ ନେଇ କେବେ ସଂଘସାଧନା ସଫଳ ହୁଏ ନାହିଁ । ତେଣୁ ପ୍ରାଥମିକ ସ୍ତରରେ ସ୍ୱ ସ୍ୱ ଅଧିକାର ଅନୁଯାୟୀ ଧର୍ମପାଳନ କରିବା ପରେ ସମାଜ ହିତ ନିମିତ୍ତ ସଂଘବଦ୍ଧ ଉପାସନା କର୍ତ୍ତବ୍ୟ । ସାଧାରଣ ବ୍ୟକ୍ତିଙ୍କୁ ଆଚରଣ ପ୍ରଭାବରେ ଶିକ୍ଷା ଦେବାର ବ୍ୟବସ୍ଥା ଶାସ୍ତ୍ରରେ ଅଛି । ତେଣୁ ସାଧୁମାନେ ଆଚରଣଦ୍ୱାରା ଶିକ୍ଷା ଦାନ କରିଥାନ୍ତି । ଏହା ହିଁ ହିନ୍ଦୁମାନଙ୍କର ସାଧନପଦ୍ଧତି ।

(୧୨୯୭) ଯୋଗସାଧନ : ଆତ୍ମସାକ୍ଷାତ୍‌କାର ବା ଭଗବାନଙ୍କୁ ଲାଭ କରିବାକୁ ହେଲେ ମାନବର ସମଗ୍ର ଶକ୍ତିକୁ ଏକତ୍ର ଯୋଗ କରି ଏକମୁଖୀ କରିବାକୁ ପଡ଼େ । ସେହି ଏକମୁଖୀ କେନ୍ଦ୍ରୀଭୂତ ଶକ୍ତିଦ୍ୱାରା ଭଗବତ୍ ଦର୍ଶନ ହୋଇଥାଏ । ମାନବର ଶକ୍ତି ବିଭିନ୍ନ ପ୍ରକାରର । ତନ୍ମଧ୍ୟରେ ମନର ଶକ୍ତି ହିଁ

ପ୍ରଧାନ । ମନର ଯାବତୀୟ ବିକ୍ଷିପ୍ତ ଶକ୍ତିକୁ ଏକତ୍ର କରି ଏକମୁଖୀ କରିବା ହିଁ ସାଧନାର ଉଦ୍ଦେଶ୍ୟ । ଏହା ମନର ଅନ୍ତର୍ମୁଖୀ କ୍ରିୟା । ଶରୀର ଅଙ୍ଗପ୍ରତ୍ୟଙ୍ଗ, ଇନ୍ଦ୍ରିୟଗଣ, ସ୍ନାୟୁମଣ୍ଡଳ ଓ ପ୍ରାଣ—ଏହି ଶକ୍ତିଗୁଡ଼ିକୁ ଏକତ୍ର ଯୋଗ କରି ମନଃସଂଯମ କରିବା ଯୋଗ ସାଧନାର ଉଦ୍ଦେଶ୍ୟ । ଏହି ଯୋଗ ବିବିଧ ଉପାୟରେ ସାଧିତ ହୁଏ । ତନ୍ମଧ୍ୟରେ ଅଷ୍ଟାଙ୍ଗ ଯୋଗ ହିଁ ପ୍ରଧାନ । ତତ୍ପରେ ଭଗବାନଙ୍କ ଠାରେ ତନ୍ମୟତା ଓ ଏକନିଷ୍ଠ ଭାବଦ୍ୱାରା ଭକ୍ତିଲାଭ ହୁଏ । ତତ୍ପରେ ଚିନ୍ତା, ବିଚାର, ଜ୍ଞାନାଲୋଚନା ଓ ସଦ୍‌ଗୁରୁଙ୍କ ଉପଦେଶ ପ୍ରତିପାଳନଦ୍ୱାରା ଯୋଗ ସାଧିତ ହୋଇଥାଏ । ମାନବ ଦେହବିଷୟକ ଜ୍ଞାନ ମଧ୍ୟ ଯୋଗ ସାଧନାର ଅନ୍ତର୍ଗତ । ଏହି ମାନବ ଦେହ ଅଭ୍ୟନ୍ତରରେ ଶକ୍ତି ଓ ଚୈତନ୍ୟ ବିରାଜମାନ । ପରାପ୍ରକୃତି କୁଣ୍ଡଳିନୀ ଶକ୍ତି ରୂପରେ ମୂଳାଧାରରେ ବିରାଜିତା । ସେହି ଶକ୍ତିଙ୍କୁ ସହସ୍ରାରକୁ ନେଇ ପରମଶିବଙ୍କ ସହିତ ମିଳିତ କରାଇପାରିଲେ ତାଙ୍କର ସଂଯୋଗ ସାଧିତ ହୁଏ । ଏହା ମଧ୍ୟ ଯୋଗର ଅନ୍ତର୍ଗତ । ସାଧାରଣ ବ୍ୟକ୍ତିଙ୍କର ଉଡ଼ାପିଙ୍ଗଳା ବ୍ୟତୀତ ସୁଷୁମ୍ନାପଥ ଉନ୍ମୁକ୍ତ ନଥାଏ । ସ୍ନାୟୁଶକ୍ତିର ଗତିପଥ ରୋଧ କରି ସେହି ଶକ୍ତିକୁ ସୁଷୁମ୍ନାପଥରେ ଚାଳିତ କରି ଶିବଙ୍କ ସହିତ ଯୋଗ କରିପାରିଲେ ସିଦ୍ଧିଲାଭ ହୁଏ । ସ୍ଥିରଭାବରେ ଉପବେଶନ କରି ମନର ଦୃଢ଼ ସଂକଳ୍ପ ଓ ଚିନ୍ତାଶକ୍ତିଦ୍ୱାରା ଏବଂ ସଦ୍‌ଗୁରୁଙ୍କ ଉପଦେଶ ଅନୁସାରେ ଏହି କାର୍ଯ୍ୟ ସାଧନ କରିବାକୁ ପଡ଼େ । ମୂଳାଧାର ଶକ୍ତି ସହିତ ଚୈତନ୍ୟର ସଂଯୋଗରେ ଅନ୍ତରରେ ଅମୃତାନନ୍ଦ ଲାଭ ହୁଏ । ମୂଳାଧାରସ୍ଥ ଶକ୍ତି ନିଦ୍ରିତ ଥାଏ, ଅର୍ଥାତ୍ ଜଡ଼ଭାବରେ (Inactive) ବିଦ୍ୟମାନ ଥାଏ । ଏହି ଶକ୍ତିକୁ ଚିନ୍ତା ବା ଧ୍ୟାନ ଦ୍ୱାରା ଜାଗରିତା କରିବାକୁ ପଡ଼େ । ସେହି ଶକ୍ତିକୁ ଜାଗ୍ରତ କରି ସୁଷୁମ୍ନାପଥରେ ଚାଳିତ କଲେ, ଶେଷରେ ଶିବଶକ୍ତିଙ୍କ ମିଳନ ହୁଏ । ଏହି ମିଳନ ସାଧନରୂପକ ଯୋଗଦ୍ୱାରା ଜୀବ ମୋକ୍ଷପଦ ଲାଭ କରେ ।

(୧୨୯୮) **ଦୁଃଖାନୁଭୂତି :** ଏ ଜଗତରେ ପ୍ରକୃତ ଭାବରେ ଦୁଃଖ ନାହିଁ । ଦୁଃଖ କେବଳ ମନର ଚଞ୍ଚଳତା ବଶତଃ ଅନୁଭୂତ ହୋଇଥାଏ । ସାଧାରଣ ଅଜ୍ଞାନମନ ମୋହଗ୍ରସ୍ତ ହୋଇ ନାନାପ୍ରକାର କଳ୍ପନା କରି ଦୁଃଖ ଅନୁଭବ କରେ । ଯେଉଁମାନେ ଜ୍ଞାନ ଲାଭ କରନ୍ତି, ସେମାନେ ଜାଣନ୍ତି, ଏ ଜଗତରେ ଦୁଃଖ ବୋଲି କିଛି ନାହିଁ । ଏହି ବିଶ୍ୱ ପରମେଶ୍ୱରଙ୍କ ଆନନ୍ଦନିକେତନ । ଆନନ୍ଦହିଁ ସୃଷ୍ଟିର କାରଣ । ଆନନ୍ଦରେ ତାହାର ଅବସ୍ଥାନ ଏବଂ ଆନନ୍ଦରେ ତାହାର ଲୟ । ତେଣୁ

ଜଗତରେ ଦୁଃଖର ସ୍ଥାନ ନାହିଁ । ସମଗ୍ର ଜଗତ ପ୍ରତି ଦୃଷ୍ଟି ନଦେଇ କୌଣସି ଅଂଶ ପ୍ରତି ଲକ୍ଷ୍ୟ ରଖିଲେ ଦୁଃଖ ଅନୁଭୂତ ହୋଇଥାଏ । ସମଗ୍ର ଜଗତ୍ ଗୋଟିଏ କଳ ସ୍ୱରୂପ, ଭିନ୍ନ ପରିବାର ଏହାର ବିଭିନ୍ନ ଅଂଶ । ଏହି ଅଂଶଗୁଡ଼ିକୁ ଆବଶ୍ୟକ ଅନୁସାରେ ପରିବର୍ତ୍ତନ ଓ ସଂଶୋଧନ କରିବା ଈଶ୍ୱରଙ୍କ ଅଭିପ୍ରାୟ । ଶରୀରର ସୁସ୍ଥତା ନିମିତ୍ତ ଯେପରି କଟୁ ଔଷଧ ସେବନ କର୍ତ୍ତବ୍ୟ, ସେହିପରି ସୁଖଲାଭର ନିଦାନ ହେଲା ଦୁଃଖ । ଯେପରି ପରିବାରରେ କେହି ମରିଗଲେ ଦୁଃଖାନୁଭବ ହୋଇଥାଏ, ସେହିପରି ଜଗତର ଦୁଃଖ—ସୁଖ ନିମିତ୍ତ ହୋଇଥାଏ । ଜୀବ ଭଗବାନଙ୍କ ମହତ୍ ଉଦ୍ଦେଶ୍ୟରେ ଦୁଃଖ ଅନୁଭବ କରେ । ଜ୍ଞାନ ଲାଭ ହେଲେ ଏହି ଦୁଃଖ ସହଜରେ ଦୂର ହୋଇଯାଏ । ଏହି ତତ୍ତ୍ୱ ନ ବୁଝି ମୋହାଚ୍ଛନ୍ନ ଜୀବଗଣ ବିବିଧ ଦୁଃଖ ଭୋଗ କରିଥାନ୍ତି । ଏହି ସଂକୀର୍ଣ୍ଣଦୃଷ୍ଟି ଦୂର କରିବା ହିଁ ସାଧନର ଉଦ୍ଦେଶ୍ୟ ।

(୧୨୯୯) କୋଷତତ୍ତ୍ୱ : ଏହି ଯେଉଁ ପରିଦୃଶ୍ୟମାନ ସ୍ଥୂଳବିଶ୍ୱକୁ ଆମେ ଏହି ସ୍ଥୂଳ ନୟନରେ ଯେପରି ଦର୍ଶନ କରୁଁ, ତାହାର ସ୍ୱରୂପ ସେପରି ନୁହେଁ । ଏହି ସ୍ଥୂଳଦୃଶ୍ୟ-ଅନ୍ତରାଳରେ ଏହାର କାରଣ ରୂପରେ ସୂକ୍ଷ୍ମ କାରଣ ଓ ଆତ୍ମିକ ସତ୍ତା ବିଦ୍ୟମାନ । ତାହାକୁ କୋଷ ବା ସ୍ତର କୁହାଯାଏ । କିନ୍ତୁ ତାହା ଏହି ଇନ୍ଦ୍ରିୟଦ୍ୱାରା ପ୍ରତ୍ୟକ୍ଷ କରାଯାଇପାରେ ନାହିଁ । ଏହି କୋଷ ବା ଲୋକଗୁଡ଼ିକ ପରସ୍ପର ଓତଃପ୍ରୋତ ଭାବରେ ଗୋଟିଏ ଭିତରେ ଅନ୍ୟଟି ଏକଭାବରେ ବିଦ୍ୟମାନ । ସାଧାରଣ ମାନବୀୟ ଜ୍ଞାନଦ୍ୱାରା ଦୁଇଟି ମାତ୍ର ସ୍ତର ଜଣାଯାଏ । ସେଥିମଧ୍ୟରୁ ଗୋଟିଏ ବାୟବୀୟ ଓ ଅନ୍ୟଟି ଇଥର ସ୍ତର । ବାୟୁର ଭିତର ସ୍ତରରେ ଇଥର ବିଦ୍ୟମାନ । ଏହି ଇଥର ସ୍ତର ମଧ୍ୟଦେଇ ଆଲୋକତରଙ୍ଗ ପରିଚାଳିତ ହୁଏ । ବାୟୁତରଙ୍ଗ ଅଧିକଦୂର ବିସ୍ତୃତ ନୁହେଁ । ଇଥର ସାହାଯ୍ୟରେ ଅଗଣିତ ତାରକାମଣ୍ଡଳୀ ପରିଦୃଷ୍ଟ ହୁଅନ୍ତି । ବାୟୁତରଙ୍ଗ ସାହାଯ୍ୟରେ କର୍ଣ୍ଣ ଶବ୍ଦ ଗ୍ରହଣ କରେ । ବୈଦ୍ୟୁତିକ ଶକ୍ତିଦ୍ୱାରା ବାୟୁ ଓ ଇଥର ତରଙ୍ଗ ଉଭୟେ ସ୍ପନ୍ଦିତ ହୁଅନ୍ତି । ଉକ୍ତ ଦୁଇ ସ୍ତର ମଧ୍ୟଦେଇ ଯେଉଁ ଆଲୋଡ଼ନ ହୁଏ, ତାହା ମାନବ ଦୁଇଟି ଇନ୍ଦ୍ରିୟଦ୍ୱାରା ଅନୁଭବ କରେ । ଏହି ଦୁଇଟି ସ୍ତର ବ୍ୟତୀତ ବିବିଧ କୋଷ ବିଦ୍ୟମାନ । ତାହା ମାନବର ଧାରଣାତୀତ । ଏହି ଇଥର ମଧ୍ୟରେ କାମମୟ ଓ ମନୋମୟ ନାମକ ଦୁଇଟି ସ୍ତର ଅଛି । ତାକୁ ଅନ୍ତର୍ଜ୍ଜଗତ କହନ୍ତି । କାମ ଓ ମନ ମଧ୍ୟରେ ବିବିଧ ସ୍ପନ୍ଦନ ଉତ୍ଥିତ

ହେଉଛି । କାମ, ଲୋଭ, ଶୋକ, ହର୍ଷ, ହାସ୍ୟ, ସୁଖ, ଦୁଃଖ, କରୁଣା ପ୍ରଭୃତି ମନୋମୟ ସମୁଦ୍ରର ତରଙ୍ଗ ସଦୃଶ । ବ୍ୟଷ୍ଟିଜୀବର ମନୋମୟ କୋଷରେ ସମଷ୍ଟିଜଗତର ସ୍ପନ୍ଦନ ଅନୁଭୂତ ହୋଇଥାଏ । କିନ୍ତୁ ସମଷ୍ଟିଜଗତର ଘଟଣା ବ୍ୟଷ୍ଟିମନ ବିଶେଷ ଭାବରେ ଗ୍ରହଣ କରିପାରେ ନାହିଁ । ସେହି ଅଖଣ୍ଡ ମନୋମୟ କୋଷର ତତ୍ତ୍ୱ ସ୍ଥୁଳଦେହୀ ମାନବ ଅପେକ୍ଷା ସୁକ୍ଷ୍ମ ଓ କାରଣ ଜଗତ୍‌ବାସୀ ଦେବତାମାନେ ବିଶେଷ ଭାବରେ ଅନୁଭବ କରିପାରନ୍ତି । କାମମୟ ଓ ମନୋମୟ କୋଷ ମଧ୍ୟରେ ପ୍ରକୃତି ବା ସ୍ୱଭାବର ଦୁଇଟି ସୂକ୍ଷ୍ମସ୍ତର ବିଦ୍ୟମାନ । ଏହା ବ୍ୟତୀତ ଅନ୍ୟାନ୍ୟ ସ୍ତର ମଧ୍ୟ ଅଛି । ସେହି ସ୍ତରକୁ କହନ୍ତି ଭୁବଲୋକ, ସ୍ୱର୍ଲୋକ, ମହର୍ଲୋକ ଓ ଜନଲୋକ । ଏମାନଙ୍କ ମଧ୍ୟରେ ପରସ୍ପର ଘନିଷ୍ଠ ସମ୍ବନ୍ଧ ବିଦ୍ୟମାନ । ମନର ପ୍ରଗାଢ଼ ଚିନ୍ତାଦ୍ୱାରା ମନୋମୟ କୋଷରେ ତରଙ୍ଗ ଉତ୍‌ଥିତ ହେଲେ ତାହା ସମସ୍ତ କୋଷକୁ ମଧ୍ୟ ସ୍ପନ୍ଦିତ କରିଥାଏ । ସୂକ୍ଷ୍ମ-ଲୋକବାସୀ ଦେବତାମାନେ ସେହି ତରଙ୍ଗ ଗ୍ରହଣ କରିବାକୁ ସମର୍ଥ ହୁଅନ୍ତି । ସାଧକର ଉପାସନା, ପ୍ରାର୍ଥନା, ଧ୍ୟାନ, ଜପ ଓ ଚିନ୍ତାଶକ୍ତି ମନୋମୟ କୋଷରେ ସ୍ପନ୍ଦନ ସୃଷ୍ଟି କରେ । ତାହା ଉଚ୍ଚସ୍ତରର ଦେବତାମାନେ ଜାଣିପାରନ୍ତି । ତେଣୁ ସାଧକଙ୍କ ଉପାସନା ଓ ଭକ୍ତିଜନିତ ଶକ୍ତି ବର୍ଦ୍ଧିତ ହେଲେ ସେଥିରେ ବିଶ୍ୱସ୍ପନ୍ଦିତ ହୋଇଥାଏ । ସେଥିରେ ଦେବତାମାନେ ଆକୃଷ୍ଟ ହୋଇ ସାଧକର ମନୋବାଞ୍ଛା ପୂରଣ କରନ୍ତି । ସାଧକର ମନୋମୟ କୋଷର ସ୍ପନ୍ଦନ ବା ଆକର୍ଷଣରେ ଦେବତାମାନେ ଆକୃଷ୍ଟ ହୋଇ ଭକ୍ତ ମନୋବାଞ୍ଛା ପୂରଣ କରିଥାନ୍ତି । ଏହାକୁ ସୂକ୍ଷ୍ମଦୈବଶକ୍ତିର ସ୍ଥୁଳ ଅବତରଣ (Materialisation) କହନ୍ତି । ସେତେବେଳେ ସାଧକ ତାଙ୍କର ଅନୁଭୂତି ଲାଭ କରନ୍ତି । ଏହା ହିଁ ନିର୍ବିକଳ୍ପ ସମାଧି ଅବସ୍ଥା । ଏହି ଭାବର ଅନୁଭବ ହେଲେ ଭକ୍ତର ସମସ୍ତ ଦୁଃଖ ଦୂର ହୁଏ । ତେଣୁ ଉଚ୍ଚ ଦେବଗଣ ମାନବର ସମସ୍ତ ଅଭୀଷ୍ଟ ପୂରଣ କରିଥାନ୍ତି ।

(୧୩୦୦) ଜ୍ଞାନୀଭକ୍ତ : ଏହି ଚରାଚର ବିଶ୍ୱ ଓ ଏହାର ବିଭିନ୍ନ ଲୋକ ବା ପ୍ରକୃତି ଈଶ୍ୱରଙ୍କ ଠାରୁ ପୃଥକ୍ ନୁହେଁ । ଦ୍ୱୈତ, ଅଦ୍ୱୈତ, ଦ୍ୱୈତାଦ୍ୱୈତ, ବିଶିଷ୍ଟାଦ୍ୱୈତ ମୂଳକ ସମସ୍ତ ଶାସ୍ତ୍ରରେ ଏକ ବ୍ରହ୍ମସତ୍ତା ବ୍ୟତୀତ ଦ୍ୱିତୀୟ ସତ୍ତା ନାହିଁ । ବିଭିନ୍ନ ମତ କେବଳ ପଣ୍ଡିତମାନଙ୍କ ପାଣ୍ଡିତ୍ୟ ମାତ୍ର । ବେଦଠାରୁ ଉପନିଷଦ ପର୍ଯ୍ୟନ୍ତ ଦର୍ଶନ ଶାସ୍ତ୍ର ଓ ଋଷିମାନଙ୍କ ମତ ମଧ୍ୟରେ ବିଭିନ୍ନତା ଥିଲେ ମଧ୍ୟ ସମସ୍ତେ ସେହି ଏକ ଭଗବାନଙ୍କ କଥା ବିଭିନ୍ନ ଭାବରେ ବ୍ୟକ୍ତ କରିଛନ୍ତି । ସେହି ଅନନ୍ତ

ଭାବଯୁକ୍ତ ଈଶ୍ୱରଙ୍କୁ ଏମାନେ ବିଭିନ୍ନ ଦିଗରୁ ବିଭିନ୍ନ ଭାବରେ ବିଚାର କରିଛନ୍ତି। ସେହି ସବୁ ଭାବର ସାମଞ୍ଜସ୍ୟ ଯେ ଉପଲବ୍ଧି କରିପାରନ୍ତି, ସେହି କେବଳ ଜ୍ଞାନୀଭକ୍ତ ଓ ଯଥାର୍ଥ ସାଧକ ପଦବାଚ୍ୟ। ଏହି ଜ୍ଞାନୀଭକ୍ତ ପ୍ରକୃତପକ୍ଷରେ ଈଶ୍ୱର ଦର୍ଶନ କରିଥାନ୍ତି। ଯେଉଁମାନେ ଏଥିରେ ଭେଦଦର୍ଶନ କରନ୍ତି, ସେମାନେ ତମୋଗୁଣଯୁକ୍ତ। ଯେଉଁମାନେ ଜ୍ଞାନୀଭକ୍ତ ସେମାନେ ସବୁ ମତ ମଧ୍ୟରେ ସାମଞ୍ଜସ୍ୟ ରଖି ଚଳନ୍ତି। ଯେଉଁମାନେ ମତ ପଥ ମଧ୍ୟରେ ସାମଞ୍ଜସ୍ୟ ବିଧାନ ନିମିତ୍ତ ତର୍କ ବା ସମାଲୋଚନାର ଆଶ୍ରୟ ଗ୍ରହଣ କରନ୍ତି, ସେମାନଙ୍କ ଅନ୍ତର ଅଶୁଦ୍ଧ ଅର୍ଥାତ୍ ରଜସ୍ତମୋଯୁକ୍ତ। ସେମାନଙ୍କର ଭଗବତ୍ ଦର୍ଶନ କେବେ ସମ୍ଭବ ନୁହେଁ। ଏଥିପାଇଁ ଚରିତାମୃତକାର କହିଛନ୍ତି—"ବଶ୍ୱାସେ ମିଲୟ ହରି ତର୍କେ ବୁହୁଦୂର"।

(୧୩୦୧) ଜନ୍ମାନ୍ତର : ମାନବର ସ୍ଥୁଳଦେହ ଅବସାନରେ ଯେଉଁ ମୃତ୍ୟୁ ହୁଏ, ତାହା ଜୀବନର ଶେଷ ନୁହେଁ। ଉକ୍ତ ସାଧାରଣ ମୃତ୍ୟୁ ପରେ ମଧ୍ୟ ମାନବର ଅନନ୍ତ ଜୀବନ ବିଦ୍ୟମାନ। କର୍ମଫଳର ଅବସାନକୁ ମୁକ୍ତି କୁହାଯାଏ। ସେହି ମୁକ୍ତିଲାଭ ନ ହେବା ପର୍ଯ୍ୟନ୍ତ ଜୀବର ଜୀବନ କାଳର ଅବସାନ ହୁଏ ନାହିଁ। ସାଧାରଣ ମୃତ୍ୟୁରେ ଏହି ସ୍ଥୁଳଦେହର ବିନାଶ ଘଟେ। ତତ୍ପରେ ଜୀବ ନୂତନ ସୂକ୍ଷ୍ମଦେହ ଗ୍ରହଣ କରେ। ପରେ ନିଜ କର୍ମାନୁଯାୟୀ ଦେହ ଧାରଣ କରିଥାଏ। ସ୍ଥୁଳ ଓ ସୂକ୍ଷ୍ମଦେହ ଉଭୟେ ପଞ୍ଚଭୌତିକ ପଦାର୍ଥ। ଚୈତନ୍ୟ ଏହାଠାରୁ ସ୍ୱତନ୍ତ୍ର। ପରଲୋକତତ୍ତ୍ୱରୁ ଜଣାଯାଏ ଯେ, ସ୍ଥୁଳଦେହ ନାଶରେ ଚୈତନ୍ୟର ବିନାଶ ହୁଏ ନାହିଁ। ସ୍ଥୁଳଦେହ ନାଶରେ ଚୈତନ୍ୟ ସୂକ୍ଷ୍ମଦେହକୁ ଆଶ୍ରୟ କରି ଅଦୃଶ୍ୟ ଜଗତରେ ଅବସ୍ଥାନ କରେ। କାଳକ୍ରମେ ସେହି ଚୈତନ୍ୟ ନୂତନ ଦେହ ଧାରଣ କରି ଜନ୍ମଲାଭ କରେ। ଏକଜାତୀୟ ଜୀବ ମୃତ୍ୟୁପରେ ଯେ ପୁନରାୟ ସେହିଜାତୀୟ ଜୀବ ହୋଇ ଜନ୍ମଗ୍ରହଣ କରିବ, ଏହାର କୌଣସି ନିଶ୍ଚୟତା ନାହିଁ। ଜୀବ ସ୍ୱ ସ୍ୱ କର୍ମାନୁସାରେ ମାନବ ଅଥବା ଇତର ଯୋନିରେ ଜନ୍ମଗ୍ରହଣ କରିପାରେ। ଜନ୍ମାନ୍ତରବାଦ ସତ୍ୟ ହୋଇ ନଥିଲେ ଜଗତରେ ଅନନ୍ତପ୍ରକାର ଭେଦ ବା ବୈଷମ୍ୟ ନଥାନ୍ତା। ପୂର୍ବକୃତ କର୍ମଫଳଶକ୍ତିର ବିଭିନ୍ନତା ହେତୁ ବିଭିନ୍ନ ବ୍ୟକ୍ତିଙ୍କର କର୍ମାନୁଯାୟୀ ବିଭିନ୍ନ କର୍ମଫଳ ବିଦ୍ୟମାନ ଥାଏ। ମାନବଙ୍କ ମଧ୍ୟରେ କେତେକ ସ୍ଥଳରେ ପୂର୍ବଜନ୍ମ ସ୍ମୃତି ମଧ୍ୟ ବିଦ୍ୟମାନ ଥାଏ। ପୂର୍ବଜନ୍ମ ସ୍ମୃତି ଜାଗ୍ରତ ନ ରହିବାର କାରଣ ଏହି ଯେ, ମୃତ୍ୟୁପରେ ପରଲୋକରେ ଅଜ୍ଞାନତା ରୂପକ

ଅନ୍ଧକାର ମଧ୍ୟଦେଇ ଗମନ କରିବାକୁ ପଡ଼େ । ତେଣୁ ଦୀର୍ଘକାଳର ଘଟଣା ସ୍ମରଣ ହୁଏ ନାହିଁ । ପୂର୍ବଜନ୍ମର ଘଟଣା ସ୍ମରଣ ରଖିବାକୁ ହେଲେ ସାଧନା ପ୍ରୟୋଜନ ।

(୧୩୦୨) ମୋକ୍ଷଲାଭ : ମାନବର ଜ୍ଞାନ ଓ ଚୈତନ୍ୟ ଏ ଜଗତରେ ବିକୃତ ଭାବରେ ଅବସ୍ଥାନ କରେ । ତେଣୁ ଏ ଜଗତରେ ଆତ୍ମଭାବ ପ୍ରକାଶିତ ହୋଇପାରେ ନାହିଁ କି ମାନବ ଏ ଜଗତରେ ନିଜକୁ ପ୍ରକୃତ ଭାବରେ ଉପଲବ୍ଧି କରିପାରେ ନାହିଁ । ମାନବର ଆତ୍ମଶକ୍ତି ସୁପ୍ତଭାବରେ ଅବସ୍ଥାନ କରେ । ତେଣୁ ମାନବ ଅଜ୍ଞାନାନ୍ଧ ହୋଇ ଏ ଜଗତରେ ବାସ କରେ । ସେହି ଅବସ୍ଥାକୁ ସମ୍ମୋହିତ ଅବସ୍ଥା କହନ୍ତି । ମାନବ ସେହିଭଳି ସମ୍ମୋହିତ ହୋଇ ଅନ୍ୟର ଇଚ୍ଛାରେ ଚାଳିତ ହୋଇଥାଏ । ମହାମାୟାଙ୍କ ଇଚ୍ଛାଶକ୍ତିରେ ସମ୍ମୋହିତ ହେତୁ ମାନବର ସ୍ୱରୂପଜ୍ଞାନ ଆବୃତ ଥାଏ । ମାନବ ପୁନରାୟ ସ୍ୱରୂପ ଜ୍ଞାନପ୍ରାପ୍ତ ହେଲେ ତାହାର ଭଗବତ୍‌ପ୍ରାପ୍ତି ଘଟେ । ଏହି ଅବସ୍ଥାକୁ ମୋକ୍ଷଲାଭ କହନ୍ତି । ଏହା ଏକପ୍ରକାର ଆଧ୍ୟାତ୍ମିକ ସମ୍ପତ୍ତି । ବିଶ୍ୱପ୍ରେମ, ଅଭେଦ ଆତ୍ମଜ୍ଞାନ, ପରାଭକ୍ତି, ବିଶ୍ୱାସ, ବୈରାଗ୍ୟ, ବିବେକ, ସାଧନା, ଭଗବାନଙ୍କ ପ୍ରତି ଆଗ୍ରହ ପ୍ରଭୃତିକୁ ଆଧ୍ୟାତ୍ମିକ ସମ୍ପତ୍ତି କୁହାଯାଏ । ଉପରୋକ୍ତ ସମ୍ପତ୍ତି ମୋକ୍ଷଲାଭ ପରେ ଲାଭ ହୁଏ । ବିବେକଦ୍ୱାରା ସେହି ମୋକ୍ଷଲାଭର ଅବସ୍ଥା ବୁଝି ହୁଏ ।

(୧୩୦୩) ସାଧନପଥ : ଅନନ୍ତ ବିଶ୍ୱବ୍ରହ୍ମାଣ୍ଡ ଗୋଟିଏ ଅଲଙ୍ଘ୍ୟ ନିୟମ ଅଧୀନରେ ପରିଚାଳିତ ହେଉଅଛି । ବିଶ୍ୱର ପ୍ରତ୍ୟେକ ପରମାଣୁ କ୍ରମୋନ୍ନତି ପଥରେ ଗତି କରୁଛି । ପ୍ରତ୍ୟେକ ପ୍ରାଣୀ ଉନ୍ନତି ଲାଭର ଆକାଙ୍‌କ୍ଷା ନେଇ ସାଧନପଥରେ ପରିଚାଳିତ ହେଉଛନ୍ତି । ଧନ, ମାନ, ଜ୍ଞାନ, ଆନନ୍ଦ, ଦେହ, ମନ, ପ୍ରାଣ, ଆତ୍ମା—ସବୁ ବିଷୟରେ ସମସ୍ତେ ଉନ୍ନତି କରିବା ନିମିତ୍ତ ଆକାଙ୍‌କ୍ଷିତ । ଜୀବ ଯେତେ ପାଏ, ତେତେ ଆଶା କରେ ଆହୁରି ପାଇବାକୁ । ଐଶ୍ୱର୍ଯ୍ୟରେ, ଜ୍ଞାନରେ, କର୍ମରେ ସମସ୍ତେ ଈଶ୍ୱରଙ୍କ ସମାନ ହେବାକୁ ଇଚ୍ଛା କରନ୍ତି । ଜୀବ ପୂର୍ଣ୍ଣର ଅଂଶ– ସଚ୍ଚିଦାନନ୍ଦଙ୍କର ଚିତ୍‌କଣ । ତେଣୁ ସେ ସେ ଭଗବତ୍ ସ୍ୱରୂପରେ ପ୍ରତିଷ୍ଠିତ ହେବାକୁ ଇଚ୍ଛା କରେ । ସେହି ଲକ୍ଷ୍ୟରେ ସେ କର୍ମ କରେ । କିନ୍ତୁ ଅବିଦ୍ୟାନ୍ଧ ହେତୁ ବିପଥରେ ଘୂରିବୁଲେ । ପୂର୍ବ ସ୍ୱଭାବ ଓ ଅଭ୍ୟାସ ହିଁ ତାକୁ ଅଜ୍ଞାନରେ ଆବଦ୍ଧ କରେ । ତେଣୁ ପ୍ରଥମେ ସମସ୍ତ ବିଷୟରେ ଜ୍ଞାନଲାଭ କରି ପରେ ସାଧକ ତାହାର ସ୍ୱଭାବ, ଅଭ୍ୟାସ, ଅଜ୍ଞାନ ଓ କୁସଂସ୍କାରରୁ ମୁକ୍ତିଲାଭ

ନିମିତ୍ତ ଯେଉଁ ଚେଷ୍ଟା କରେ, ତାହାକୁ କହନ୍ତି ସାଧନପଥ । ପ୍ରଥମେ ରଜୋଗୁଣର ଉତ୍କର୍ଷ ସାଧନ ଦ୍ୱାରା ତମୋଗୁଣକୁ, ପରେ ସତ୍ତ୍ୱଗୁଣର ଉତ୍କର୍ଷରେ ରଜୋଗୁଣକୁ ଅତିକ୍ରମ କରିବା ନିମିତ୍ତ ସାଧନପଥ ଅବଲମ୍ବନ କରାଯାଏ । ଏହି ତ୍ରିଗୁଣ ଅତିକ୍ରମ କରିବା ନିମିତ୍ତ ସାଧନା ପ୍ରୟୋଜନ । ଅବିଦ୍ୟା ଦୂର କରିବା ନିମିତ୍ତ ଯେଉଁ ଚେଷ୍ଟା, ତାହାକୁ କହନ୍ତି ସାଧନପଥ ।

(୧୩୦୪) କର୍ମଯୋଗ : ମାନବ କର୍ମଭୂମି ଭୂଲୋକରେ ଜନ୍ମଗ୍ରହଣ କରି ସୁଖ-ଅନ୍ୱେଷଣ ଅର୍ଥାତ୍ ସ୍ୱ ସ୍ୱ ଅଭିବ୍ୟକ୍ତି ସାଧନରେ ବ୍ୟସ୍ତ ରହେ । ନିଜର ଓ ପରିବାରର ଭରଣପୋଷଣ, ସୁଖାନ୍ୱେଷଣ, ଧନ, ଜନ, ଐଶ୍ୱର୍ଯ୍ୟ, ମାନ, ବିଦ୍ୟା, ଆଧିପତ୍ୟ ପ୍ରଭୃତି ଅର୍ଜନ ନିମିତ୍ତ ମାନବ କର୍ମ କରେ । ତାହାର କର୍ମ କେବଳ ଶରୀରରକ୍ଷା ବ୍ୟତୀତ ଅନ୍ୟ କିଛି ଉଦ୍ଦେଶ୍ୟ ସାଧନ କରେ ନାହିଁ । ତାହାର ଏହି କ୍ଷୁଦ୍ର ସ୍ୱାର୍ଥ ଯେତେ ସିଦ୍ଧ ହୁଏ, ସେ ତେତେ ଅଧିକମାତ୍ରାରେ ତାହା ଆକାଙ୍‌କ୍ଷା କରେ, ସେଥିରେ କାମନାର ନିବୃତ୍ତି ନ ହୋଇ କ୍ରମଶଃ ତାହା ବୃଦ୍ଧି ପାଏ । ଫଳରେ ମନ ଅଶୁଦ୍ଧ ହୋଇଯାଏ । ଚିତ୍ତ ସେଥିରେ ତୃପ୍ତି ଲାଭ କରିପାରେ ନାହିଁ । କ୍ରମେ ମାନବ ଅନ୍ତରରେ ଭଗବତ୍ ସଙ୍ଗସୁଖ ଲାଭର ଆକାଙ୍‌କ୍ଷା ଜାଗ୍ରତ ହୁଏ, ସେତେବେଳେ ସାଧକ ଯେଉଁ ସାଧନପନ୍ଥା ଅବଲମ୍ବନ କରି ଭଗବତ୍ ଉଦ୍ଦେଶ୍ୟରେ ଅଗ୍ରସର ହୁଏ, ତାହାର ନାମ କର୍ମଯୋଗ । କ୍ଷୁଦ୍ର କାମନାମୂଳକ କର୍ମରେ କ୍ଳାନ୍ତି ଅଥବା ବିରକ୍ତି ଉତ୍ପନ୍ନ ହୁଏ । ସାଧନାର ପ୍ରଥମାବସ୍ଥାରେ ସାଧକ ଯେଉଁ ସଂଯମପଥରେ ଭଗବତ୍ ଉଦ୍ଦେଶ୍ୟରେ ଗତି କରେ, ତାକୁ କହନ୍ତି କର୍ମଯୋଗ । ବାହ୍ୟ ଇନ୍ଦ୍ରିୟମାନଙ୍କୁ କର୍ମରୁ ନିବୃତ୍ତ କରି ମାନବ ଶାନ୍ତ ହୋଇପାରେ ନାହିଁ । କାରଣ, ଚିନ୍ତାଦ୍ୱାରା କର୍ମ ସାଧିତ ହୋଇଥାଏ । ତେଣୁ ସାଧକ ବାହ୍ୟକର୍ମ ତ୍ୟାଗ କରି ଭଗବତ୍ ସ୍ମରଣ ମନନ ରୂପ କର୍ମ କରେ । ସେହି କର୍ମକୁ କହନ୍ତି କର୍ମଯୋଗ । ସେହି କର୍ମରେ କ୍ଷୁଦ୍ରସ୍ୱାର୍ଥ ନ ଥାଏ । ସେହି କର୍ମ ପୂର୍ଣ୍ଣଜ୍ଞାନଯୁକ୍ତ, ଯୋଗଯୁକ୍ତ, ନିର୍ମଳ, ନିଃସ୍ୱାର୍ଥ ଓ ଜଗତହିତ ନିମିତ୍ତ ଭଗବତ୍ ଜ୍ଞାନମୂଳକ ସେବା । ସାଧକମାନେ ଆତ୍ମସଂଯମଯୁକ୍ତ ହୋଇ ଉତ୍ସାହ, ଧୈର୍ଯ୍ୟ ଓ ବିଶ୍ୱାସ ନେଇ ଭଗବତ୍ ଉପାସନା କରନ୍ତି । ସେମାନେ ଭଗବତ୍ ଉଦ୍ଦେଶ୍ୟ ବ୍ୟତୀତ ଫଳଆଶାରେ କର୍ମ କରନ୍ତି ନାହିଁ । କେବଳ ଭଗବତ୍ ଉଦ୍ଦେଶ୍ୟରେ ଭଗବାନଙ୍କୁ ସ୍ମରଣ କରି କର୍ମ କରିବାକୁ କର୍ମଯୋଗ କହନ୍ତି । ସେଥିରେ କର୍ମ କରି ମଧ୍ୟ ଫଳଲାଭର ଆସକ୍ତି ନ

ଥାଏ । ସେହି କର୍ମଯୋଗ ସାଧନରେ ସାଧକ-ଅନ୍ତରରୁ ଅହଂଭାବ ଦୂର ହେବା ଫଳରେ ସାଧକ ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହୁଅନ୍ତି, ଏହାହିଁ କର୍ମଯୋଗର ସିଦ୍ଧାବସ୍ଥା । ଏଥିରେ ଜ୍ଞାନଚକ୍ଷୁ ଖୋଲିଯାଏ । ସେହି ଜ୍ଞାନଚକ୍ଷୁ ଦେଇ ସାଧକ ସର୍ବତ୍ର ଇଷ୍ଟଦର୍ଶନ କରନ୍ତି । କର୍ମଯୋଗୀ ଜୀବ ଭିତରେ ଶିବଙ୍କୁ ପ୍ରତ୍ୟକ୍ଷ କରି ସେବାନିରତ ହୁଅନ୍ତି ଏବଂ ଅଦ୍ୱୈତଜ୍ଞାନ ଲାଭ କରି ପରମାନନ୍ଦ ପ୍ରାପ୍ତ ହୋଇ, ସେହି ଆନନ୍ଦରେ ମଗ୍ନ ରହନ୍ତି ।

(୧୩୦୫) ଭଗବତ୍ କୃପା : ସାଧନାର ଉଚ୍ଚସୋପାନରେ ଆରୋହଣ କଲେ ଭଗବତ୍ କୃପାଦୃଷ୍ଟିପାତରେ ସାଧକ-ଅନ୍ତର ପୂର୍ଣ୍ଣ ହୁଏ । ଅନ୍ତର ଭଗବତ୍ ଭାବରେ ପୂର୍ଣ୍ଣ ଥିଲେ ବିଷୟ ପ୍ରତି ମନ ଧାବିତ ହୁଏ ନାହିଁ । ଏ ଜଗତରେ ସାଧକର ଯାହା ଆବଶ୍ୟକ ହୁଏ, ଭଗବତ୍ କୃପାରୁ ତାହା ପୂର୍ଣ୍ଣ ହୋଇଥାଏ । ତେଣୁ ଜ୍ଞାନୀଭକ୍ତ ନିରର୍ଥକ ଅର୍ଥଚିନ୍ତା କରନ୍ତି ନାହିଁ । କିନ୍ତୁ ପ୍ରାଥମିକ ସାଧକମାନେ ପ୍ରଥମାବସ୍ଥାରେ ଅର୍ଥଚିନ୍ତା ତ୍ୟାଗ କରିପାରନ୍ତି ନାହିଁ । ବିଷୟଚିନ୍ତା ଥିଲେ ଭଗବତଚିନ୍ତା ହୋଇପାରେ ନାହିଁ, ତେଣୁ ବିଷୟ-କର୍ମ କର, କିନ୍ତୁ ବିଷୟଚିନ୍ତା କରନାହିଁ— ଏହାହିଁ ଶାସ୍ତ୍ରର ଉପଦେଶ । ଅନ୍ତରରେ ଭଗବତ୍ ଚିନ୍ତା କରି କର୍ମ କଲେ ସହଜରେ ଭଗବତ୍ କୃପା ଲାଭ ହୋଇଥାଏ । ତେଣୁ ବିଷୟଚିନ୍ତା ତ୍ୟାଗ କରି କର୍ମ ମଧ୍ୟରେ ଥାଇ ଭଗବତ୍ ଚିନ୍ତା କରିପାରିଲେ ଭଗବତ୍‌କୃପା ଉପଲବ୍ଧ ହୋଇଥାଏ ।

(୧୩୦୬) ଜ୍ଞାନଭକ୍ତି : ଜ୍ଞାନ ଓ ଭକ୍ତିପଥର ସାଧକମାନଙ୍କ ଲକ୍ଷ୍ୟ ଏକ । ଜ୍ଞାନୀମାନଙ୍କର ଲକ୍ଷ୍ୟ ପରଂବ୍ରହ୍ମ– ଭକ୍ତମାନଙ୍କର ଲକ୍ଷ୍ୟ ଭଗବାନ । ଜ୍ଞାନୀ ଓ ଭକ୍ତ ଏକ ହେଲେ ମଧ୍ୟ ଉଭୟଙ୍କ ଉପାସନା ପଦ୍ଧତିରେ ତାରତମ୍ୟ ବିଦ୍ୟମାନ । ନିର୍ଗୁଣବ୍ରହ୍ମ ଜ୍ଞାନୀମାନଙ୍କର ଉପାସ୍ୟ—ସଗୁଣବ୍ରହ୍ମ ବା ଭଗବାନହିଁ ଭକ୍ତମାନଙ୍କର ଉପାସ୍ୟ । ଜ୍ଞାନୀର ଲକ୍ଷ୍ୟ ବ୍ରହ୍ମସାରୂପ୍ୟ ଲାଭ– ଭକ୍ତର ଲକ୍ଷ୍ୟ ଭଗବତସେବା । ତେଣୁ ଭକ୍ତମାନେ ଭଗବାନଙ୍କ ସହିତ ମିଶିଯିବାକୁ ଇଚ୍ଛା କରନ୍ତି ନାହିଁ । ଭକ୍ତର ଭଗବାନ ସଚ୍ଚିଦାନନ୍ଦ ସ୍ୱରୂପ ପୂର୍ଣ୍ଣଈଶ୍ୱର । ଜ୍ଞାନୀମାନେ ନିର୍ଗୁଣ ସ୍ୱରୂପକୁ ବ୍ରହ୍ମ ଓ ସଗୁଣ ସାକାରବ୍ୟକ୍ତ ସ୍ୱରୂପକୁ ଭଗବାନ ବୋଲି କହନ୍ତି । ଭକ୍ତମାନଙ୍କ ପ୍ରତି କୃପାବଶତଃ ଦର୍ଶନ ଦାନ କରିବାପାଇଁ ନିରାକାର ସାକାର ବା ନରାକାର ଧାରଣ କରନ୍ତି । ମାନବରୂପଧାରୀ ଭଗବାନ ହିଁ ଭକ୍ତମାନଙ୍କର ଉପାସ୍ୟ । ଈଶ୍ୱରଙ୍କୁ ମାନବାକାରରେ ଚିନ୍ତା କରି ଭକ୍ତମାନେ ତାଙ୍କ ଉପାସନା କରିଥାନ୍ତି । ଭକ୍ତମାନେ

ସେହି ଇଷ୍ଟମୂର୍ତ୍ତି ମାଧ୍ୟମରେ ଈଶ୍ୱର ଉପଲବ୍ଧି କରିଥାନ୍ତି । ଇଷ୍ଟମୂର୍ତ୍ତିଙ୍କ ସ୍ମରଣ ମନନହିଁ ଭକ୍ତଙ୍କର ନିତ୍ୟ କାର୍ଯ୍ୟ । ଭକ୍ତପ୍ରାଣ ଭଗବତ୍ ବିରହବ୍ୟଥାରେ ନିରନ୍ତର ବ୍ୟଥିତ ହେଉଥାଏ । ଏକମାତ୍ର ଇଷ୍ଟଚିନ୍ତା ବ୍ୟତୀତ ଭକ୍ତର ଅନ୍ୟ କିଛି ଚିନ୍ତା ନ ଥାଏ । ତେଣୁ ଭକ୍ତ ଆତ୍ମାରାମ ଭାବରେ ଅବସ୍ଥାନ କରନ୍ତି । ଭକ୍ତ-ସାଧକ ଅଭ୍ୟାସଯୋଗ ଦ୍ୱାରା ନିଜ ଦେହମନକୁ ବିଶୁଦ୍ଧ, ସ୍ଥିର, ଏକାଗ୍ର କରିବା ନିମିତ୍ତ ଭଜନ ସାଧନରେ ପ୍ରବୃତ୍ତ ହୁଅନ୍ତି । ତେଣୁ ସାଧନ ସୁବିଧା ନିମିତ୍ତ ସେମାନେ ମତ୍ସ୍ୟ, ମାଂସାଦି ଅଖାଦ୍ୟ ବର୍ଜ୍ଜନ କରନ୍ତି । ଆମିଷ ଖାଦ୍ୟ ଗ୍ରହଣରେ ଶରୀର ଅଶୁଦ୍ଧ ହୁଏ । ଶରୀର ସହିତ ମନପ୍ରାଣର ସମ୍ବନ୍ଧ ଥିବାରୁ ମନପ୍ରାଣ ମଧ୍ୟ ଅଶୁଦ୍ଧ ହୋଇଯାଏ । ସୁତରାଂ ନିରାମିଷ ଭୋଜନ ଭକ୍ତିସାଧନାର ଏକାନ୍ତ ପ୍ରୟୋଜନୀୟ ବସ୍ତୁ । ଯେହେତୁ ଆମିଷାହାର ରିପୁ ଉତ୍ତେଜନାର ସହାୟକ, ଯେହେତୁ ମନ ମଧ୍ୟରେ କାମକ୍ରୋଧାଦି ରିପୁମାନଙ୍କ ସଂଯମ ନିମିତ୍ତ ଆମିଷାହାର ତ୍ୟାଗ ନ କଲେ ଭକ୍ତିପଥରେ ଗତି କରିବା କଷ୍ଟକର ହୁଏ, ତେଣୁ ଭକ୍ତ-ସାଧକମାନେ ଖାଦ୍ୟ ବିଚାର କରି ରିପୁସଂଯମପଥରେ ଅଗ୍ରସର ହେବେ ।

ସାଧକମାନେ ବିଷୟାସଙ୍ଗ, ବିଷୟ-ଆଲୋଚନା, କୁକାର୍ଯ୍ୟ, କୁଚିନ୍ତା ତ୍ୟାଗ କରି ସର୍ବଦା ଭଗବାନଙ୍କ ଚିନ୍ତା, ପୂଜା, ଉପାସନା, ପ୍ରାର୍ଥନା ବନ୍ଦନାଦି କରିବେ । ସେଥିରେ ଭକ୍ତ ଅନ୍ତରରେ ସାତ୍ତ୍ୱିକଭାବ ବୃଦ୍ଧି ପାଇବ । ସର୍ବଦା ଭଗବାନଙ୍କ ନାମ ନେବାକୁ ଅଭ୍ୟାସ କରିବା ଭକ୍ତମାନଙ୍କର କର୍ତ୍ତବ୍ୟ । ଭକ୍ତମାନେ ଅସାଧୁସଙ୍ଗ ତ୍ୟାଗ କରି ସାଧୁ ସଙ୍ଗରେ ଭଗବତ ଆଲୋଚନା କରିବେ । ସଂସାରର ଦୁଶ୍ଚିନ୍ତାରୁ ମୁକ୍ତ ରହି ନିରନ୍ତର ସାଧୁସଙ୍ଗରେ ଭଗବତ୍ କଥା ପ୍ରସଙ୍ଗରେ ଭକ୍ତମାନେ କାଳାତିପାତ କରିବେ । ସର୍ବଦା ଭଗବତ୍ ତତ୍ତ୍ୱଜ୍ଞାନ-ଆଲୋଚନା, ତାଙ୍କ ଚିନ୍ତା ଓ ତାଙ୍କ ନାମ ସ୍ମରଣ କରିବେ । ଭକ୍ତିଅଙ୍ଗ-ଅନୁଶୀଳନ ଫଳରେ ଭକ୍ତ ଅନ୍ତର ଆନନ୍ଦଘନ ଶ୍ରୀଭଗବାନଙ୍କ ଭାବରେ ପୂର୍ଣ୍ଣ ହୋଇଯାଏ । ଭକ୍ତ ଅନ୍ତରରେ ଜୀବେ ଦୟା ଓ ଭଗବତ୍ ପ୍ରୀତି ବର୍ଦ୍ଧିତ ହୁଏ । ଭକ୍ତ ଭଗବାନଙ୍କୁ ଉପଲବ୍ଧି କରି ବିଶ୍ୱମୟ ଭଗବତ୍ପ୍ରୀତି ଅନୁଭବ କରନ୍ତି । ଭଗବତ୍ ଦୃଷ୍ଟିରେ ଜଗତକୁ ଦେଖିବା ଫଳରେ ଭକ୍ତଙ୍କ ଦିବ୍ୟଦୃଷ୍ଟି ଖୋଲିଯାଏ । ଭକ୍ତ ଏହି ଭାବରେ ଭଗବତ୍ ସ୍ମରଣ କରି କରି ପରିଣାମରେ ଭଗବତ୍ ସ୍ୱରୂପରେ ଲୀନ ହୋଇଯାଆନ୍ତି । ସେତେବେଳେ ଭଗବତ୍ଭାବ ବିଭୋରତା ହେତୁ ଜୀବତ୍ୱ ଶିବତ୍ୱରେ ଲୟପ୍ରାପ୍ତ ହୁଏ ।

(୧୩୦୭) ଆଧ୍ୟାତ୍ମିକ ସମ୍ପଦ : ଏ ଜଗତରେ ଅବସ୍ଥାନ କରୁଥିବା ସାଧାରଣ ମାନବର ଜ୍ଞାନ ବା ଚୈତନ୍ୟ ବିକୃତ ଅବସ୍ଥାରେ ଥାଏ । ଏଠାରେ ମାନବର ପ୍ରକୃତ ସ୍ୱରୂପ ପ୍ରଥମରୁ ପ୍ରକାଶିତ ହୋଇପାରେ ନାହିଁ । ତାହା ଜୀବ ନିକଟରେ ଅପ୍ରକାଶ୍ୟ ଭାବରେ ଥାଏ । ଏହି ହେତୁରୁ ମାନବ ଏ ଜଗତରେ ମୋହମୁଗ୍ଧ ଭାବରେ ବାସ କରେ । ଜଗତର ଜୀବ-ସାଧାରଣ ମାୟାର କ୍ରୀଡ଼ନକ ମାତ୍ର । ମାନବର ସ୍ୱରୂପଜ୍ଞାନ ଏଠାରେ ବିଲୁପ୍ତ । କିନ୍ତୁ ମାନବ ଚେଷ୍ଟା କଲେ ଅଜ୍ଞାନରୁ ମୁକ୍ତ ହୋଇ ଭଗବତ୍ ପ୍ରାପ୍ତି, ଭଗବଦ୍ଦର୍ଶନ ବା ଆତ୍ମସାକ୍ଷାତ୍କାର ଲାଭ କରିପାରେ । ଏହାକୁ ମୋକ୍ଷଲାଭ କହନ୍ତି । ମୋକ୍ଷଲାଭ ପଥରେ କେତେକ ଆଧ୍ୟାତ୍ମିକ ସମ୍ପଦ ପ୍ରୟୋଜନ । ବିଶ୍ୱପ୍ରେମ, ଈଶ୍ୱରପ୍ରେମ, ଆତ୍ମଜ୍ଞାନ, ପରାଭକ୍ତି, ଭଗବତ୍ ବିଶ୍ୱାସ, ବିଷୟ ବୈରାଗ୍ୟ ଓ ଭଗବତ୍ ଅନୁରାଗ, ସ୍ୱାର୍ଥତ୍ୟାଗ ଓ ପରାର୍ଥେସେବା, ତପସ୍ୟା, ମୁମୁକ୍ଷା ପ୍ରଭୃତି ଆଧ୍ୟାତ୍ମିକ ସମ୍ପଦ ନାମରେ ଅଭିହିତ । ମାନବ ଏହି ସମ୍ପଦ ସାହାଯ୍ୟରେ ଭଗବତ୍ ସାକ୍ଷାତ୍କାର ଲାଭ କରେ । ମାନବ ବିଚାର ସାହାଯ୍ୟରେ ଆଧ୍ୟାତ୍ମିକ ସମ୍ପଦ ଲାଭ ଦିଗରେ ଯତ୍ନକଲେ ସେହି ସମ୍ପଦର ଅଧିକାରୀ ହୁଏ । ସାଧକମାନେ ସେହି ସମ୍ପଦଲାଭ ଇଚ୍ଛାରେ ମନ ଓ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିବାକୁ ଚେଷ୍ଟା କରନ୍ତି । ମାନବ ବିଷୟଦିଗରୁ ମନକୁ ପ୍ରତ୍ୟାବୃତ୍ତ କରି ସାଧନପଥରେ ଚଳିଲେ ତାହାର ପ୍ରତ୍ୟାହାର, ଶମ, ଦମ, ତିତିକ୍ଷା, ଷଟ୍‌ସମ୍ପତ୍ତି ପ୍ରଭୃତି ଆଧ୍ୟାତ୍ମିକ ସମ୍ପଦ ଲାଭ ହୋଇଥାଏ । ସାଧକମାନେ ଏହି କାର୍ଯ୍ୟ ସାଧନ ନିମିତ୍ତ ଅଭ୍ୟାସଯୋଗ ଅବଲମ୍ବନ କରିବେ ଏବଂ ପ୍ରାର୍ଥନା, ଧ୍ୟାନ, ଜ୍ଞାନ ଓ ଯୋଗସାଧନ ଫଳରେ ସତ୍ୟଲାଭର ଅଧିକାରୀ ହୋଇପାରିବେ ।

(୧୩୦୮) ବିବେକ ଜ୍ଞାନ : ନିତ୍ୟାନିତ୍ୟ ବସ୍ତୁବୋଧକୁ ବିବେକ କହନ୍ତି । ବିବେକ ଲାଭ ହେଲେ ଅନ୍ତରରେ ବିଷୟ ପ୍ରତି ବୈରାଗ୍ୟ ଜାତ ହୋଇଥାଏ । ବିବେକ ବୈରାଗ୍ୟ ଲାଭ ହେଲେ ଭଗବତ୍ ବିଶ୍ୱାସ ଉତ୍ପନ୍ନ ହୁଏ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱରେ ଯେଉଁ ସଂଶୟ ଥାଏ, ତାହା ତିରୋହିତ ହୁଏ । ଫଳରେ ସଦ୍‌ଗୁରୁଙ୍କ ଦର୍ଶନ ମିଳେ ଓ ତାଙ୍କ କୃପାରୁ ଆତ୍ମଜ୍ଞାନ ଲାଭ ହୁଏ । ସେତେବେଳେ ସାଧକର ଭେଦଜ୍ଞାନ ଅନ୍ତର୍ହିତ ହୁଏ । ବିବେକଜ୍ଞାନ ଫଳରେ ଭଗବତ୍ ବିଶ୍ୱାସ, ଏକାତ୍ମଭାବ ଓ ଆତ୍ମଦର୍ଶନ ଲାଭ ହୋଇଥାଏ ।

(୧୩୦୯) ମନୁଷ୍ୟର ସମସ୍ୟା : ମନୁଷ୍ୟ ଆକାର ଧାରଣ କରି ଜନ୍ମଗ୍ରହଣକଲେ ତାକୁ ମନୁଷ୍ୟ କୁହାଯାଏ ନାହିଁ । ମୁଁ କିଏ ? କେଉଁ ସ୍ଥାନରୁ ମୁଁ ଏ ଜଗତକୁ ଆସିଛି ? କାହିଁକି ବା ଆସିଲି ? ଏଠାରେ ମୋର ପ୍ରକୃତ କର୍ମ କ'ଣ ? କି କାର୍ଯ୍ୟ କରି ମୁଁ ଏ ଜୀବନକୁ କଟାଇ ଦେବି ? ଏହି ଦେହର ମୃତ୍ୟୁ ହେଲେ ମୁଁ କେଉଁଠାରୁ ଯିବି ? ଏବଂ ସେଠାରେ ମୋର କିଭଳି ଦଶା ଘଟିବ ? ଏହି ସବୁ ଆବଶ୍ୟକୀୟ ପ୍ରଶ୍ନର ମିମାଂଶା ନ ହେଲେ ଏହି ଦେହ ଧାରଣ ନିରର୍ଥକ । ପଶୁପକ୍ଷୀମାନେ ଜନ୍ମଗ୍ରହଣ କରନ୍ତି । ସ୍ୱାଧୀନ ଭାବରେ ସନ୍ତାନ ଉତ୍ପାଦନ ଓ ପାଳନ କରିଥାନ୍ତି ଓ ଶେଷରେ ମୃତ୍ୟୁ ମୁଖରେ ପଡ଼ନ୍ତି । ମନୁଷ୍ୟହୋଇ ଯଦି ସୁଖରେ ବାସ କରିବା, ଇନ୍ଦ୍ରିୟ ଚରିତାର୍ଥ କରିବା, ପୁତ୍ରକନ୍ୟାମାନଙ୍କୁ ପାଳନ କରିବା, ଅର୍ଥ ଉପାର୍ଜନ କରିବା, ତେବେ ପଶୁଠାରୁ ମନୁଷ୍ୟର ବିଶେଷତ୍ୱ କ'ଣ ? ଜୀବ ଜଗତର ସେବାଠାରୁ ମାନବର ଉଚ୍ଚତର କର୍ତ୍ତବ୍ୟ ଅଛି । ସେହି କର୍ତ୍ତବ୍ୟ ଅବଗତ ହୋଇ ସତ୍ୟଲାଭ ନିମିତ୍ତ ପିପାସା ନ ଜାଗିଲେ ସେହି ମନୁଷ୍ୟକୁ ପ୍ରକୃତ ମନୁଷ୍ୟ କୁହାଯାଇ ପାରିବ ନାହିଁ । ପଶୁ ଦେହରେ ଜ୍ଞାନ, କର୍ମ, ଭକ୍ତିର ସାଧନ କରାଯାଇ ପାରିବ ନାହିଁ । ମାନବଦେହ ସେହି ସାଧନ ନିମିତ୍ତ ଉପଯୁକ୍ତ କ୍ଷେତ୍ର । ସେଥିପ୍ରତି ଶ୍ରଦ୍ଧାଭକ୍ତି ଉତ୍ପନ୍ନ ହେବା ନିମିତ୍ତ ସାଧୁସଙ୍ଗ ଆବଶ୍ୟକ । ସେଥିରେ ଆତ୍ମଚିନ୍ତା ଜାଗ୍ରତ ହୋଇ ଆତ୍ମଜ୍ଞାନ ଲାଭ ନିମିତ୍ତ ଆକାଂକ୍ଷା ଜାଗ୍ରତ ହୁଏ । ଆତ୍ମଜ୍ଞାନ ଲାଭ ପରେ ଜଗତ ସେବାରେ ଆତ୍ମନିୟୋଗ କରିବାର ମନୁଷ୍ୟର କର୍ତ୍ତବ୍ୟ ।

(୧୩୧୦) ସ୍ୱାଧୀନ ଚିନ୍ତା : ଆତ୍ମବିଶ୍ୱାସ ଓ ଆତ୍ମ ନିର୍ଭରତା କ୍ରମେ ଦେଶରୁ ଅନ୍ତର୍ହିତ ହୋଇଯାଉଛି । ମାନବ ସର୍ବଦା ବିଷୟ ଚିନ୍ତାଯୁକ୍ତ ଭାବରେ ଅବସ୍ଥାନ କରି ସ୍ୱରୂପ ଚିନ୍ତା ଭୁଲିଯିବାକୁ ବସିଲାଣି । ଆଧ୍ୟାତ୍ମ ବିଷୟକ ଚିନ୍ତା କରିବାର ଅବସର ମଧ୍ୟ ଲୋକମାନଙ୍କର ନାହିଁ । ପୂର୍ବ ପୁରୁଷମାନଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତା ବଳବତୀ ଥିଲା । ତେଣୁ ଏ ଦେଶରେ ଅନନ୍ତ ଧର୍ମ ଶାସ୍ତ୍ର ଗଢ଼ି ଉଠିଛି । ଋଷିମାନେ ନିଜ ସ୍ୱାଧୀନ ଚିନ୍ତାବଳରେ ବିବିଧ ଶାସ୍ତ୍ର ପ୍ରଣୟନ କରିଛନ୍ତି । ତେଣୁ ଏ ଦେଶରେ ଋଷି ଓ ଶାସ୍ତ୍ର ଅନନ୍ତ । ସେହି ଋଷିମାନେ ସେମାନଙ୍କ ସ୍ୱାଧୀନ ଭାବ, ଜ୍ଞାନ ଓ ଦର୍ଶନ ଅନୁଯାୟୀ ଶବ୍ଦ ସୃଷ୍ଟିକରି ପୁରାତନ ଶବ୍ଦର ନୂତନ ଭାବାର୍ଥ କରି ଯାଇଛନ୍ତି । ଅଧିକାଂଶଙ୍କ ମନଭାବ ସ୍ୱାଧୀନ ଥିବାରୁ ଦେଶ ମଧ୍ୟ ସ୍ୱାଧୀନ

ଥିଲା । ଅନ୍ୟକୁ ଦେଖି ଚଳିବା ଓ ଧର୍ମ କର୍ମ କରିବା ସ୍ୱାଧୀନ ଭାବର ପରିଚୟ ନୁହେଁ । ସତ୍ୟ ଚିରଦିନ ସତ୍ୟଭାବରେ ବିରାଜିତ ।

ସତ୍ୟଲାଭର ପିପାସାହିଁ ଏହି ରାଜ୍ୟର ଦ୍ୱାର । ଆତ୍ମଚିନ୍ତାହିଁ ସ୍ୱାଧୀନ ଚିନ୍ତାର ନାମାନ୍ତର । ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନ କର୍ମ ହିଁ ସତ୍ୟଜ୍ଞାନର ସହାୟକ ।

(୧୩୧୧) ପୂର୍ଣ୍ଣଜ୍ଞାନ : ପ୍ରତ୍ୟେକ ମାନବର ଗୁହ୍ୟ ଦେଶର ଉପରଠାରୁ ମସ୍ତକ ପର୍ଯ୍ୟନ୍ତ ପୃଷ୍ଠର ମଧ୍ୟଭାଗ ଦେଇ ମେରୁଦଣ୍ଡ ମଧ୍ୟରେ ଗୋଟିଏ ଛିଦ୍ର ବିଦ୍ୟମାନ । ସେହି ଛିଦ୍ରର ନାମ ସୁଷୁମ୍ନା । ସୁସୁଷମ୍ନା ମଧ୍ୟରେ ଶ୍ୱେତବର୍ଣ୍ଣ ବଜ୍ରା । ତନ୍ମଧ୍ୟରେ ସବୁଜ ବର୍ଣ୍ଣ ଚିତ୍ରା—ଚିତ୍ରାମଧ୍ୟରେ ରକ୍ତବର୍ଣ୍ଣ ବ୍ରହ୍ମନାଡ଼ି ବିଦ୍ୟମାନ । ଏହି ସୁଷୁମ୍ନା ମଧ୍ୟରେ ଷଡ଼ଚକ୍ର ବିଦ୍ୟମାନ । କୁଣ୍ଡଳିନୀ ନାମକ ଜୀବଚୈତନ୍ୟ ଅଚେତନ ଭାବରେ ମୂଳାଧାର ଚକ୍ରମଧ୍ୟରେ କର୍ମ ଭୋଗ ବାସନା ରୂପ ସ୍ୱୟମ୍ଭୂଲିଙ୍ଗକୁ ଆଶ୍ରୟ କରି ବିରାଜ କରେ । ସାଧନା ଜ୍ଞାନ ଓ ଯୋଗ ଦ୍ୱାରା ଏହି ଶକ୍ତିକୁ ଜାଗ୍ରତ କରାଇ, ଷଡ଼ଚକ୍ର ମଧ୍ୟରେ ନେଇ ସହସ୍ରାରରେ ପରମ ଶିବଙ୍କ ସହିତ ମିଳନ କରାଇବାକୁ ପଡ଼େ । ଏହି ଭାବରେ ସାଧନ ଦ୍ୱାରା ପୂର୍ଣ୍ଣଜ୍ଞାନ ଲାଭହୁଏ ।

(୧୩୧୨) ସତ୍ୟସ୍ୱରୂପ : ଏହି ସମଗ୍ର ବିଶ୍ୱରୂପ ଦେହର ଯେ ଆତ୍ମା ବା ଉଦ୍ଧାର କର୍ତ୍ତା, ତାହା ଏକ ଏବଂ ଅଦ୍ୱୈତ ସତ୍ତା । ସେଥିରେ ଦ୍ୱୈତଭାବ ନାହିଁ । ସେ ନିତ୍ୟ ଏକ ଭାବରେ ଅଧିଷ୍ଠିତ । ତାଙ୍କର ଗୋଟିଏ ବିଭାବ ପଞ୍ଚବ୍ୟକ୍ତ ଜଗତ 'ଭୂ'ଠାରୁ 'ଜନ' ପର୍ଯ୍ୟନ୍ତ ବିରାଜ କରେ । ସେହି ସ୍ୱରୂପକୁ ଈଶ୍ୱର ବା ଭଗବାନ କହନ୍ତି । ପୂର୍ବ ବର୍ଣ୍ଣିତ ସ୍ୱରୂପକୁ ବ୍ରହ୍ମ କହନ୍ତି । ସେହି ବ୍ରହ୍ମଙ୍କର ଯେଉଁ ସ୍ୱରୂପ ଜୀବ ଜଗତରେ ବିରାଜକରେ ତାକୁ କହନ୍ତି ପରମାତ୍ମା । ସେହି ପରମାତ୍ମା ଜୀବ ଦେହରେ ଆତ୍ମଚୈତନ୍ୟ ରୂପରେ ବିରାଜିତ । ପୂର୍ଣ୍ଣଈଶ୍ୱର ବ୍ରହ୍ମଙ୍କଠାରୁ ଅଭିନ୍ନ ହେଲେ ମଧ୍ୟ ଭିନ୍ନଭାବରେ ବିରାଜିତ ଥାଆନ୍ତି । ଈଶ୍ୱର ଏହି ଆତ୍ମିକ ମାୟାମହ ଦେହର କର୍ତ୍ତା ହୋଇ ମଧ୍ୟ ସ୍ୱତନ୍ତ୍ର ଭାବରେ ସତ୍ୟସ୍ୱରୂପରେ ଅବସ୍ଥାନ କରନ୍ତି । ପ୍ରତ୍ୟେକ ମାନବ ଦେହ ଏହି ସତ୍ୟ ସ୍ୱରୂପଙ୍କ ଅଂଶ ମାତ୍ର । ଭୌତିକ ପଦାର୍ଥ ଭଳି ଆତ୍ମାର ଅଂଶ ବା ଭାଗ ନାହିଁ । ତେଣୁ ସବୁ ଜୀବ ଦେହରେ ଆତ୍ମା ଅଖଣ୍ଡ ଭାବରେ ବିରାଜ କରନ୍ତି । ସେହି ଭାବକୁ ସତ୍ୟ ସ୍ୱରୂପ କୁହାଯାଏ ।

(୧୩୧୩) ପଞ୍ଚବିଧ ଉପାସନା : ଉପାସନା ପଞ୍ଚବିଧ । ପ୍ରଥମ—ଅବ୍ୟକ୍ତ ବ୍ରହ୍ମ ବା ଆତ୍ମାର ଉପାସନା । ଦ୍ୱିତୀୟ—ବ୍ୟକ୍ତ ଈଶ୍ୱରଙ୍କ ଉପାସନା ।

ତୃତୀୟ—ସୂକ୍ଷ୍ମଦେହଧାରୀ ଦେବଗଣ, ଭଗବାନ ଗଣଙ୍କର ଉପାସନା । ଚତୁର୍ଥ—ଶକ୍ତିଶାଳୀ ସତ୍ତାମାନଙ୍କର ଉପାସନା । ପଞ୍ଚମ—ଋଷିମାନଙ୍କର ଉପାସନା ।

ଏହାହିଁ ଉପାସନାର ପଞ୍ଚବିଧ ଭାବ । ତନ୍ମଧ୍ୟରେ ପ୍ରଥମ ଦୁଇଟି ଉପାସନା ନିଷ୍କାମ ଭାବର । ଶେଷ ତିନୋଟି ଉପାସନା ସକାମ ଭାବର ଅନ୍ତର୍ଗତ । ପ୍ରଥମ ଦୁଇଟି ବେଦର ଜ୍ଞାନ କାଣ୍ଡ ଏବଂ ଶେଷ ତିନୋଟି ବେଦର କର୍ମକାଣ୍ଡର ଅନ୍ତର୍ଗତ । ପ୍ରଥମ ଦୁଇଟି ଉପାସନାରେ ମୋକ୍ଷ ପ୍ରାପ୍ତି ଘଟେ । ଶେଷ ତିନୋଟି ଉପାସନାରେ ଚିତ୍ତ ଶୁଦ୍ଧଭାବ ଧାରଣ କରେ । ଶୁଦ୍ଧ ଚିତ୍ତ ହେଲେ ସାଧନ ପଥର ବିଘ୍ନ ଅପସାରିତ ହୋଇଥାଏ । ସାଧକ ନିଜ ଚେଷ୍ଟା ଦ୍ୱାରା ସାଧନ ପଥରେ ଅଗ୍ରସର ହେଲେ ଶକ୍ତିଶାଳୀ ସାଧକ ବା ଗୁରୁଦେବ ସହାୟ ହୋଇଥାନ୍ତି ।

(୧୩୧୪) ପ୍ରତୀକାଶ୍ରୟ : ସାଧକମାନେ ପୂର୍ଣ୍ଣ ଈଶ୍ୱରଙ୍କ ଉପାସନା କରନ୍ତି ସତ୍ୟ କିନ୍ତୁ ପ୍ରାଥମିକ ସାଧକମାନେ ସେହି ପୂର୍ଣ୍ଣ ଈଶ୍ୱରଙ୍କ ଧାରଣା କରି ପାରନ୍ତି ନାହିଁ । ତେଣୁ ସେମାନେ ବ୍ୟଷ୍ଟିଭାବକୁ ଅବଲମ୍ବନ କରି ସାଧନା କରିଥାନ୍ତି । ଯେଉଁ କ୍ଷୁଦ୍ର ସତ୍ତାଙ୍କ ମାଧ୍ୟମରେ ପୂର୍ଣ୍ଣ ସତ୍ତାଙ୍କର ଉପାସନା କରିବାକୁ ହୁଏ, ତାଙ୍କୁ ଶାସ୍ତ୍ରରେ ପ୍ରତୀକ କହନ୍ତି । ଏହି ବିଚାରରେ ପ୍ରତ୍ୟେକ ଜୀବ ଓ ସମଗ୍ର ଦେବତା ସେହି ପୂର୍ଣ୍ଣ ଈଶ୍ୱରଙ୍କ ପ୍ରତୀକ । ଯାହାଙ୍କଠାରେ ଐଶୀଭାବର ସ୍ଫୁରଣ ହୁଏ ତାଙ୍କୁ ଭଗବାନ କହନ୍ତି । ସାଧାରଣ ମାନବ ପକ୍ଷରେ ଭଗବାନ ହିଁ ଶ୍ରେଷ୍ଠ ପ୍ରତୀକ । ଭଗବତ୍ ଜ୍ଞାନରେ ଯେଉଁ ବସ୍ତୁର ଉପାସନା ହୁଏ ତାହା ମଧ୍ୟ ପ୍ରତୀକ ଉପାସନାର ଅନ୍ତର୍ଗତ ।

(୧୩୧୫) ପରଲୋକର ଅସ୍ତିତ୍ୱ : ଦେବତା, ସ୍ୱର୍ଗ, ପରଲୋକ, ସୂକ୍ଷ୍ମଲୋକ, ଏହି ସବୁ ଜାଣି ବିଧାନାନୁଯାୟୀ ନିଜକୁ ଗଠନ କରିବା କର୍ତ୍ତବ୍ୟ । ପ୍ରତ୍ୟକ୍ଷ, ଅନୁମାନ ଓ ମହାପୁରୁଷମାନଙ୍କ ବାକ୍ୟ ଦ୍ୱାରା ଏମାନଙ୍କର ଅସ୍ତିତ୍ୱ ଉପଲବ୍ଧି କରିବାକୁ ପଡ଼େ । ଋଷିମାନେ ଦେବତା ଓ ପରଲୋକବାସୀ ସତ୍ତାମାନଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିପାରୁଥିଲେ । ଆଧୁନିକ ଯୁଗରେ ପାଶ୍ଚାତ୍ୟ ପଣ୍ଡିତମାନେ ବୈଜ୍ଞାନିକ ଓ ଦାର୍ଶନିକ ଉପାୟରେ ଏପରିକି ନାସ୍ତିକ ମନିଷୀମାନେ ଏହାର ଗବେଷଣା କରି ପରଲୋକର ଅସ୍ତିତ୍ୱ ବିଷୟରେ ନିଃସନ୍ଦେହ ହୋଇଛନ୍ତି । ଅନୁମାନ ପ୍ରମାଣ ଦ୍ୱାରା ଏମାନଙ୍କର ଅସ୍ତିତ୍ୱ ଉପଲବ୍ଧି ହୁଏ । ହିନ୍ଦୁ ଋଷିମାନେ ମଧ୍ୟ ଏହାର

ବିବିଧ ପ୍ରମାଣ ପ୍ରଦର୍ଶନ କରିଛନ୍ତି । ସେହି ଉକ୍ତିଗୁଡ଼ିକ ଆପ୍ତବାକ୍ୟ ଭାବରେ ପ୍ରମାଣିତ ।

(୧୩୧୬) ଦେହଧାରଣର ଉଦ୍ଦେଶ୍ୟ : ସୂକ୍ଷ୍ମ ଓ କାରଣ ଦେହର ଉନ୍ନତି ନିମିତ୍ତ ଦେହୀର ଦେହ ଧାରଣ । ମନକୁ ଭଗବାନଙ୍କ ଦିଗକୁ ଆକର୍ଷଣ କରିବାର ସାଧନା ନିମିତ୍ତ ଦେହୀର ଦେହ ଧାରଣ । ଭଗବତ୍ ସାଧନ ବ୍ୟତୀତ ଦେହଧାରଣର ଅନ୍ୟ ଉଦ୍ଦେଶ୍ୟ ନାହିଁ । ତେଣୁ ଭଗବତ୍ ସାଧନ ନିମିତ୍ତ ଚେଷ୍ଟା କରିବା ଓ ସେଥି ନିମିତ୍ତ ଦେହକୁ ସାଧନରେ ନିଯୁକ୍ତ କରିବା କର୍ତ୍ତବ୍ୟ । ଦେହ ରକ୍ଷା ଓ ଭଗବତ୍ ସାଧନ କରିବା ଦେହ ଧାରଣର ଉଦ୍ଦେଶ୍ୟ । ଭଗବତ୍ ସାଧନ ଦେହ ଧାରଣର ମୁଖ୍ୟ ଉଦ୍ଦେଶ୍ୟ । ସେହି ଏକାନ୍ତ କର୍ତ୍ତବ୍ୟ ବ୍ୟତୀତ ମାନବର ବିଳାସ ଲାଳସା ଓ ଭୋଗ ବାସନା ପ୍ରଭୃତି ମନୁଷ୍ୟର କର୍ତ୍ତବ୍ୟ ମଧ୍ୟରେ ଗଣ୍ୟ ନୁହେଁ ।

(୧୩୧୭) ତ୍ରିବିଧ ବ୍ରହ୍ମଭାବ : ପୂର୍ଣ୍ଣ ବ୍ରହ୍ମ ସ୍ୱୟଂ ଆବଶ୍ୟକ ବଶତଃ ଭିନ୍ନ ଭିନ୍ନ ଆକାରରେ, ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଅନ୍ତି । ପରମବ୍ରହ୍ମଙ୍କ ସ୍ୱରୂପ ତିନି ପ୍ରକାରରେ ପ୍ରକଟିତ । (୧) ନିରାକାର ନିର୍ଗୁଣ ବ୍ରହ୍ମ, (୨) ସାକାର ଓ ସଗୁଣ ବ୍ରହ୍ମ, (୩) ଜୀବ ବ୍ରହ୍ମଭାବ । ନିର୍ଗୁଣ ବ୍ରହ୍ମ ସମସ୍ତ ଜୀବଙ୍କ ମଧ୍ୟରେ ଆତ୍ମାରୂପରେ ବିଦ୍ୟମାନ । ସୂର୍ଯ୍ୟଦେବ ସମସ୍ତ ଜଗତରେ ବିଭିନ୍ନ ଭାବରେ କ୍ରିୟା କଲେ ମଧ୍ୟ ଏକ ଭାବରେ ଅବସ୍ଥାନ କରନ୍ତି, ଯେପରି ପରମବ୍ରହ୍ମ ବିଭିନ୍ନ ଜୀବମଧ୍ୟରେ ଆତ୍ମାସ୍ୱରୂପରେ ଅବସ୍ଥାନ କରି ମଧ୍ୟ ଏକ ଭାବରେ ଅବସ୍ଥାନ କରନ୍ତି । ଏହା ତାଙ୍କର ନିର୍ଗୁଣ ଅବସ୍ଥା । ତତ୍‌ପରେ ସୃଷ୍ଟି ପାଳନ ନିମିତ୍ତ, ଆନନ୍ଦ ଉପଭୋଗ ନିମିତ୍ତ, ନିର୍ଗୁଣ ବ୍ରହ୍ମ ପ୍ରକୃତି ସମନ୍ୱିତ ହୋଇ ଈଶ୍ୱର ଭାବରେ ବ୍ୟକ୍ତ ହୁଅନ୍ତି । ସେହି ଅବସ୍ଥାର ନାମ ସଗୁଣ ଭାବ । ତତ୍‌ପରେ ବ୍ରହ୍ମ ମାୟା ଦ୍ୱାରା ଆବୃତ୍ତ ହୋଇ ବ୍ୟଷ୍ଟିଦେହ ପରିଗ୍ରହ କଲେ ସେଥିରୁ ଭୌତିକ ଦେହର ଉତ୍ପତ୍ତି ହୋଇଥାଏ ।

(୧୩୧୮) ମାନବର ସ୍ୱଧର୍ମ : ଏହି ବିଶ୍ୱରେ ମାନବର ପଞ୍ଚଇନ୍ଦ୍ରିୟ ବିଦ୍ୟମାନ । ସେହି ଇନ୍ଦ୍ରିୟ ଦ୍ୱାରା ମାନବ ଅତି ସାମାନ୍ୟ ଜ୍ଞାନ ଅନୁଭବ କରେ । କିନ୍ତୁ ମାନବର ଇନ୍ଦ୍ରିୟ ଅଗୋଚର ଅତି ଅଧିକ ବିଷୟ ଜାଣିବାର ଅଛି । ତାକୁ ଅତିନ୍ଦ୍ରିୟ ଜ୍ଞାନ କହନ୍ତି । ଜନ୍ମ ପୂର୍ବର ଜ୍ଞାନ, ମୃତ୍ୟୁପରେ ଜୀବନ, ଭବିଷ୍ୟତ

ଘଟଣା ଜ୍ଞାନ, ପରକାଳ ଜ୍ଞାନ ପ୍ରଭୃତି ମନୁଷ୍ୟର ନାହିଁ । ମନୁଷ୍ୟ ଏହି ଜ୍ଞାନ ଲାଭ କଲେ ସେ ଏହି ଜଗତରେ ଥାଇ ମଧ୍ୟ ଅନ୍ୟପ୍ରକାର ଜୀବ ହୋଇ ପାରନ୍ତା । ସେ ସେହି ଧର୍ମର ଅନୁଶୀଳନ କଲେ ସପ୍ତଲୋକର ଜ୍ଞାନ ଆହରଣ କରିପାରନ୍ତା । କିନ୍ତୁ ସାଧାରଣ ମାନବର ସେହି ଶକ୍ତି ନାହିଁ । ଶକ୍ତିର ବୃଦ୍ଧି ନିମିତ୍ତ ସାଧନାର ଏକାନ୍ତ ପ୍ରୟୋଜନ । ତାହା ହିଁ ମାନବର ସ୍ୱଧର୍ମ ମଧ୍ୟରେ ଗଣ୍ୟ । ଋଷିମାନେ ସାଧନା ବଳରେ ଉଚ୍ଚସ୍ତରକୁ ଉନ୍ନିତ ହୋଇ ଯେଉଁ ଜ୍ଞାନ ପ୍ରକାଶ କରିଛନ୍ତି, ତାହା ମଧ୍ୟ ମାନବ ହୃଦୟଙ୍ଗମ କରିପାରୁନାହିଁ । ତେଣୁ ସେହି ଯେ ସବୁ ଜଗତର ଶ୍ରେଷ୍ଠ ଜ୍ଞାନୀ, ସେହି ଭଗବାନଙ୍କୁ ଅବଗତ ହେବା ନିମିତ୍ତ ଚେଷ୍ଟା ବା ସାଧନା କରିବା ମାନବର ପ୍ରଧାନ କର୍ତ୍ତବ୍ୟ ।

(୧୩୧୯) ସୂକ୍ଷ୍ମ ଜଗତ : ଏହି ସ୍ଥୁଳ ଦେହ ବ୍ୟତୀତ ଆତ୍ମାର କେତେଗୋଟି କୋଷଭଳି ସୂକ୍ଷ୍ମ ଦେହ ଏହି ସ୍ଥୁଳ ଦେହ ଭିତରେ ବିରାଜ କରେ । ପଞ୍ଚଭୂତର ମଧ୍ୟ ପଞ୍ଚ ପ୍ରକାର ଅବସ୍ଥା ଅଛି । କ୍ଷିତିଭୂତ ଯେପରି କଠିନ ଓ ସ୍ଥୁଳ ଭାବରେ ବିରାଜମାନ ଅଛି, ସେପରି ଅପ୍‌ଭୂତ ତରଳଭାବରେ, ବାୟୁଭୂତ ବାଷ୍ପିୟଭାବରେ, ଆକାଶ ଇଥର୍ ଭାବରେ ବିଦ୍ୟମାନ । ଅପଭୂତ ମଧ୍ୟ ବରଫ ଓ ଅନ୍ୟାନ୍ୟ ଭାବରେ ବିରାଜ କରେ । ପଞ୍ଚଭୂତ ଯେତେବେଳେ କ୍ଷିତିତତ୍ତ୍ୱର ଅବସ୍ଥାପନ୍ନ ହୁଏ, ସେତେବେଳେ ତାହା ଆମ ସ୍ଥୁଳ ଇନ୍ଦ୍ରିୟଗ୍ରାହ୍ୟ ହୁଏ । ସେହି ଅବସ୍ଥାରେ ଭୂଲୋକର ଯାବତୀୟ ଜୀବ ଦେହ ଓ ଜଡ଼ ଦେହ ରଚିତ ହୁଏ । କ୍ଷିତିତତ୍ତ୍ୱ ଭାବାପନ୍ନ ପଞ୍ଚଭୂତ ଆମସ୍ତକ ଇନ୍ଦ୍ରିୟଗ୍ରାହ୍ୟ ହୁଏ । ପଞ୍ଚଭୂତର ଅନ୍ୟ ଚାରିପ୍ରକାର ଅବସ୍ଥାକୁ ସୂକ୍ଷ୍ମାବସ୍ଥା କହନ୍ତି । ପଞ୍ଚତତ୍ତ୍ୱର ପ୍ରତ୍ୟେକଙ୍କର ପାଞ୍ଚଟି ସ୍ତର ବିଦ୍ୟମାନ, ଅପ୍‌ତତ୍ତ୍ୱର ପଞ୍ଚଭୂତରେ ଅବସ୍ଥାନକୁ ସ୍ଥୁଳଦେହୀ ମାନବ ଅନୁଭବ କରିପାରେ ନାହିଁ । ଏହି ଅପ୍‌ତତ୍ତ୍ୱର ପଞ୍ଚତତ୍ତ୍ୱ ଦ୍ୱାରା ଭୂବଲୋକ ଗଠିତ । ଏହି ଜଗତର ଅବସ୍ଥା ମୃତ୍ୟୁ ପରେ ଜଣାଯାଏ । ପଞ୍ଚଭୂତର ତେଜ ସ୍ତରରେ ଅର୍ଥାତ୍ ତେଜୋମୟ ଅବସ୍ଥାକୁ ସ୍ୱର୍ଗଲୋକ କହନ୍ତି । ଏହି ସ୍ଥୁଳ ଜଗତ ମଧ୍ୟରେ ସୂକ୍ଷ୍ମଲୋକ ବିରାଜିତ । ବିଭିନ୍ନ ଲୋକ ଭିନ୍ନ ଭିନ୍ନ କୋଷରେ ବିଦ୍ୟମାନ ଥାନ୍ତି ଏବଂ ମାନବ ସେହି କୋଷ ଦ୍ୱାରା ସେହି ଲୋକ ଅନୁଭବ କରିବାକୁ ସକ୍ଷମ ହୁଏ । ଅପ୍‌ତତ୍ତ୍ୱରେ ଯେଉଁ ଭୁବଲୋକ ବିଦ୍ୟମାନ, ତେଜତତ୍ତ୍ୱରେ ଯେଉଁ ସ୍ୱର୍ଗ ଅବସ୍ଥିତ, ସେହି ଦେହକୁ ପ୍ରାଣମୟ ବା ସୂକ୍ଷ୍ମ ଦେହ କହନ୍ତି । ଏହି ଦେହ ସ୍ଥୁଳ ଇନ୍ଦ୍ରିୟଗ୍ରାହ୍ୟ ନୁହେଁ । ତାହା

ସୂକ୍ଷ୍ମ ଦୃଷ୍ଟିଶକ୍ତିର ଅନ୍ତର୍ଗତ । ସ୍ୱର୍ଲୋକର ଜୀବ ଯେଉଁ ଚେତନାମୟ ଦେହରେ ବାସ କରନ୍ତି ତାହା ମଧ୍ୟ ସୂକ୍ଷ୍ମ ଦେହର ଅନ୍ତର୍ଗତ । ଏହାକୁ ମନୋମୟ ବା ତେଜୋମୟ ଦେହ କହନ୍ତି । ସୂକ୍ଷ୍ମଦେହ ବ୍ୟତୀତ ଜୀବାତ୍ମା ବ୍ୟକ୍ତ ଜଗତରେ ଅବସ୍ଥାନ କରିପାରେ ନାହିଁ । ଏହି ସୂକ୍ଷ୍ମ ଦେହ ମଧ୍ୟରେ ଜୀବର କାରଣ ଦେହ ବିଦ୍ୟମାନ ଥାଏ । ଏହି ଦେହରେ କର୍ମଫଳ ରଚିତ ଶକ୍ତିମୟ ସ୍ୱଭାବ ଦେହ ବିଦ୍ୟମାନ । ସେହି ଦେହକୁ କାରଣ ବା ବୀଜ ଦେହ କୁହାଯାଏ । ଜୀବର ଜନ୍ମାଜନ୍ମାନ୍ତରର ବାସନା, ଭାବନା ଓ କର୍ମାଦି ଶକ୍ତିଭାବାପନ୍ନ ହୋଇ ବୀଜ ରୂପରେ କାରଣ ଦେହ ରଚନା କରନ୍ତି । ଏହି କାରଣ ଦେହ କ୍ଷୟ ହେଲେ ଜୀବର ମୁକ୍ତିଲାଭ ହୁଏ । ଏହି କାରଣ ଦେହ ଏକପ୍ରକାର ବୀଜ ସଦୃଶ । ବୀଜ ଭିତରେ ବୃକ୍ଷ ସୁପ୍ତାବସ୍ଥାରେ ଥିବାଭଳି ସେହି ଦେହରେ ଶକ୍ତି ପୁଞ୍ଜିକୃତ ଭାବରେ ଅବସ୍ଥାନ କରେ । ଏହି ଦେହରେ ସବୁ ପ୍ରକାର କର୍ମଶକ୍ତି ବୀଜ ରୂପରେ ନିହିତ ଥାଏ । ଏହି କାରଣ ଦେହ ଏକପ୍ରକାର ପୁଞ୍ଜିକୃତ ଶକ୍ତିବିଶେଷ । କିନ୍ତୁ ଏହି ଶକ୍ତି ଭଗବତ୍ ସାକ୍ଷାତ୍କାରୀ ଶକ୍ତିର ବିରୁଦ୍ଧ ଶକ୍ତି । ସାଧନା ଦ୍ୱାରା ଏହି ଶକ୍ତିକୁ ଜୟ ନ କଲେ ସାଧନ ଶକ୍ତି ଅର୍ଜନ ହୋଇପାରେ ନାହିଁ । ଏହି କାରଣ ଦେହଯୁକ୍ତ ସୂକ୍ଷ୍ମ ବ୍ୟୋମତତ୍ତ୍ୱର ଦେହକୁ ଶାସ୍ତ୍ରରେ କାରଣ ଦେହ ବା ସୂକ୍ଷ୍ମ ଦେହ କହନ୍ତି । ଏହି ଦେହ ଯେଉଁଠାରେ ବାସ କରେ, ସେହି ସ୍ଥାନକୁ ସୂକ୍ଷ୍ମ ଜଗତ କହନ୍ତି ।

(୧୩୨୦) କାଳ ପ୍ରଭାବ : ଏହି ଭୂଲୋକରେ ଯେଉଁଭଳି କାଳର ପ୍ରଭାବ ଚଳେ, ଭଗବାନଙ୍କ ଆବିର୍ଭାବ ସମୟରେ ସେହି କାଳ ପ୍ରଭାବ ସ୍ଥଗିତ ଥିଲା । ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର—ସମସ୍ତେ ସେ ସମୟରେ ଗତିହୀନ ସ୍ଥିର ଭାବରେ ଅବସ୍ଥାନ କରୁଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କର ଆବିର୍ଭାବ ସମୟରେ ସ୍ଥାନ କାଳର ପ୍ରଭାବ ସ୍ଥଗିତ ଥିଲା । (There was total suspension of action of time and space) । ସେହି କାଳର ପ୍ରଭାବ ସାଧାରଣ ମାନବମାନଙ୍କର ବୋଧଗମ୍ୟ ହୁଏନାହିଁ । ସମାଧିସ୍ଥ ଋଷିମାନେ ସେହି କାଳର ପ୍ରଭାବ ଅନୁଭବ କରିବାକୁ ସମର୍ଥ ହୁଅନ୍ତି । ସାଧାରଣ ମାନବ ସେହି କାଳର ପ୍ରଭାବ ଅନୁଭବ କରିପାରନ୍ତି ନାହିଁ । ବିଶ୍ୱର ଗତିକୁ କାଳ କହନ୍ତି । ଏହା ମାୟାଶକ୍ତିର କାର୍ଯ୍ୟ । ମହାମାୟାଙ୍କ ଶକ୍ତିରେ ମାନବ ବିଶ୍ୱକୁ ଗତିଶୀଳ ଭାବରେ ଅନୁଭବ କରେ । ଏହି ବିଶ୍ୱ ତୁରୀୟଭାବାପନ୍ନ ମହାତ୍ମାଙ୍କ ନିକଟରେ ନିଷ୍କ୍ରିୟ ବ୍ରହ୍ମଭାବରେ ଏବଂ ସିଦ୍ଧ

ଜ୍ଞାନୀ ସାଧକମାନଙ୍କ ନିକଟରେ ଅଖଣ୍ଡ ଈଶ୍ୱର ଭାବରେ ପରିଦୃଷ୍ଟ ହୁଅନ୍ତି । ପରମେଶ୍ୱରଙ୍କ ଖଣ୍ଡକାଳ ସ୍ଥାନର ଅତୀତ । କାଳ ଓ ସ୍ଥାନ ଭେଦ ସେହି ଭଗବାନଙ୍କର ବିଭୂତି ମାତ୍ର । ଭଗବାନ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ସମୟରେ ସ୍ଥାନ କାଳ ନିଶ୍ଚଳ ଭାବ ଧାରଣ କରିଥିଲା । ନନ୍ଦାଳୟରେ ସ୍ଥାପନ ପରେ ପୁଣି କାଳର କ୍ରିୟା ଆରମ୍ଭ ହୋଇଥିଲା ।

(୧୩୨୧) କାରଣ ଜଗତ : ବିଶ୍ୱରେ ଯେ ସମସ୍ତ ଘଟଣା ଘଟେ,ସେ ସବୁର କାରଣ ଥାଏ । ଭୌତିକ ଜଗତରେ କାରଣ ବ୍ୟତୀତ କାର୍ଯ୍ୟ ନାହିଁ । କାରଣ ଓ କାର୍ଯ୍ୟ ଈଶ୍ୱରଙ୍କ ନିୟମାଧୀନରେ ପରସ୍ପର ସମ୍ବନ୍ଧଯୁକ୍ତ ହୋଇ ଅବସ୍ଥାନ କରେ । ମାନବ ସାଧାରଣ ଜ୍ଞାନରେ ଯେଉଁ ସବୁ ସୁଖ, ଦୁଃଖ, ଯୁଦ୍ଧବିଗ୍ରହ ଘଟଣା ଏହି ପୃଥିବୀରେ ଥାଇ ଅନୁଭବ କରେ, ତାହାର ସବୁ କାରଣ ବିଦ୍ୟମାନ ଥାଏ । ବିନା କାରଣରେ କୌଣସି କାର୍ଯ୍ୟ ହୁଏ ନାହିଁ । ବର୍ତ୍ତମାନ ଜଗତରେ ଯେଉଁସବୁ ଯୁଦ୍ଧବିଗ୍ରହ, ରାଷ୍ଟ୍ରବିପ୍ଳବ, ଜଳପ୍ଲାବନାଦି ସଂଘଟିତ ହେଉଛି, ତାହାର କାରଣ ମାନବ ଖୋଜି ପାଏ ନାହିଁ । ଯୁଦ୍ଧ ବିଗ୍ରହରେ ଲୋକକ୍ଷୟ ଘଟିଲା, କେତେ ବଞ୍ଚିଲେ, କିଏ ଜିତିଲା କିଁଏ ହାରିଲା, ତାହାର କାରଣ ଏ ଜଗତରେ ଜଣା ନ ପଡ଼ିଲେ ମଧ୍ୟ ସୂକ୍ଷ୍ମ ଜଗତରେ ତାହାର କାରଣ ଥାଏ । ଯୋଗୀ, ଋଷି ତାହାର କାରଣ ବୁଝିପାରନ୍ତି । ସେମାନେ ଭିନ୍ନ କକ୍ଷରେ ଏହାର କାରଣ ବୁଝି ପାରନ୍ତି । କାରଣ ସୂକ୍ଷ୍ମଲୋକରେ ମାୟାଶକ୍ତି ମଧ୍ୟରେ ଏହା ବିରାଜିତ ଥାଏ । ଏହି କାରଣବଶତଃ ବିଶ୍ୱର ସୃଷ୍ଟି, ସ୍ଥିତି, ଲୟ ସାଧିତ ହୋଇଥାଏ । ଗୋଟିଏ କକ୍ଷ ପରେ ପୁନରାୟ ତାହା ସଂଘଠିତ ହୁଏ । କାରଣ କେବେ ଧ୍ୱଂସପ୍ରାପ୍ତ ହୁଏ ନାହିଁ । ତେଣୁ ପ୍ରତ୍ୟେକ କାର୍ଯ୍ୟର କାରଣ ଥାଏ । ତେଣୁ ଜଗତର ପ୍ରତ୍ୟେକ ଘଟଣାର କାରଣ ଥାଏ । ସେହି କାରଣ ଭିନ୍ନ ଭିନ୍ନ ଲୋକର, କକ୍ଷର ସୁଦୀର୍ଘ ସମୟ ମଧ୍ୟ ଦେଇ ପ୍ରବାହିତ ହୋଇଥାଏ ।

(୧୩୨୨) ବ୍ରହ୍ମଚର୍ଯ୍ୟ : ଭଗବତ୍ ଭକ୍ତି ଲାଭ କରିବାକୁ ହେଲେ ସାଧକ ବ୍ରହ୍ମଚର୍ଯ୍ୟ ପ୍ରତିପାଳନ ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବେ । ସାଧକ କାମ ଉତ୍ତେଜକ ଦ୍ରବ୍ୟ ବ୍ୟବହାର ଠାରୁ ଦୂରରେ ରହିବେ । ଶୁକ୍ରକ୍ଷୟ ମାନବର ମାନବତ୍ୱ ବିନାଶ କରେ । ଏହା ଫଳରେ ମାନବ ନିସ୍ତେଜ, ଅଜ୍ଞ ଓ ଜ୍ଞାନହୀନ ହୋଇଯାଏ । ମାନବ ବୁଦ୍ଧିଶକ୍ତି ହରାଇ ଦୁର୍ବଳ ହୋଇଯାଆନ୍ତି । ମାନବ ପଶୁ ସ୍ୱଭାବ ବଶତଃ ଭଗବାନଙ୍କ

ସମୀପକୁ ଅଗ୍ରସର ହୋଇପାରନ୍ତି ନାହିଁ । ଶୁକ୍ରକ୍ଷୟବଶତଃ ହିନ୍ଦୁ ଜାତି ରସାତଳକୁ ଗମନ କରୁଛନ୍ତି । ବିଳାସ ବ୍ୟସନ ବଶତଃ ମାନବ ନିଜ ପତନକୁ ନିଜେ ଡାକି ଆଣିଥାଏ । ଶୁକ୍ରକ୍ଷୟ ହେତୁ ମାନବ ବିବିଧ ସଂକ୍ରାମକ ରୋଗର ଅଧୀନ ହୋଇପଡୁଛି । ନାନାବିଧ ରୋଗ ଶୁକ୍ରଧାତୁର ଦୁର୍ବଳତାବଶତଃ ଉତ୍ପନ୍ନ ହୋଇଥାଏ । ବ୍ରହ୍ମଚର୍ଯ୍ୟ ପାଳନରେ ମାନବକୁ ହଠାତ୍ ବ୍ୟାଧି ଆକ୍ରମଣ କରିପାରେ ନାହିଁ । ତେଣୁ ସମସ୍ତ ସାଧକ ଶୁକ୍ରକ୍ଷୟର କାରଣ ଅବଗତ ହୋଇ ଅତି ଯତ୍ନରେ ବ୍ରହ୍ମଚର୍ଯ୍ୟ ପାଳନ କରିବେ ଓ ସର୍ବଦା ଗୁରୁଜନଙ୍କ ଧ୍ୟାନରେ ତନ୍ମୟ ରହି କର୍ମ କରିବା ହିଁ ଏହାର ପ୍ରଧାନ ସାଧନ । ଶୁକ୍ର ହିଁ ମାନବର ମନୁଷ୍ୟତ୍ୱ ଉତ୍ପାଦନକାରୀ ଶକ୍ତିବିଶେଷ । ସେ ଶକ୍ତିର ଅପଚୟରେ ମନୁଷ୍ୟ ପଶୁତ୍ୱ ପ୍ରାପ୍ତ ହୁଏ ।

(୧୩୨୩) ଭକ୍ତିପଥ : ଭଗବତ୍ ପ୍ରାପ୍ତି ପକ୍ଷରେ କର୍ମ ଅପେକ୍ଷା ଭକ୍ତି ଶ୍ରେଷ୍ଠ । କିନ୍ତୁ ଜ୍ଞାନହୀନ ଭକ୍ତି ନିରର୍ଥକ । ଜ୍ଞାନ ଅପେକ୍ଷା ଯୋଗ ବା ପ୍ରେମ ହିଁ ଶ୍ରେଷ୍ଠ । କିନ୍ତୁ ଭକ୍ତି ପଥରେ କର୍ମର ଶୁଦ୍ଧି ପ୍ରାଥମିକ ସ୍ତରରେ ବିଶେଷ ଆବଶ୍ୟକ । କର୍ମର ଆଶ୍ରୟ ଗ୍ରହଣ ନକଲେ କୌଣସି ପଥ ଶ୍ରେଷ୍ଠ ହୋଇପାରେ ନାହିଁ । ଚିତ୍ତଶୁଦ୍ଧିମୂଳକ କର୍ମ ହିଁ ଭଗବତ୍ ସାକ୍ଷାତ୍କାର ଲାଭର ଉପାୟ । ଭଗବତ୍ ଉଦ୍ଦେଶ୍ୟରେ କର୍ମ ହିଁ ପ୍ରକୃତ କର୍ମ ମଧ୍ୟରେ ଗଣ୍ୟ । ଚିତ୍ତ ନିର୍ମଳ ହେଲେ ଭକ୍ତି ସ୍ୱାଭାବିକ ଭାବରେ ଉଦୟ ହୋଇ ଭକ୍ତକୁ ଭକ୍ତିପଥରେ ଅଗ୍ରସର କରାଇଥାଏ । ଶୁଦ୍ଧ ଚିତ୍ତରେ ଜ୍ଞାନ ସ୍ୱତଃ ଲାଭ ହୁଏ । ଆନନ୍ଦ ପ୍ରୀତିଯୁକ୍ତ ଜ୍ଞାନ ଭକ୍ତି ପଥରେ ଲାଭ ହୁଏ । ତେଣୁ ସାଧକ ଚିତ୍ତଶୁଦ୍ଧି ନିମିତ୍ତ ଭକ୍ତିପଥରେ ଚାଲିବା ଏକାନ୍ତ କର୍ତ୍ତବ୍ୟ ।

(୧୩୨୪) ଶ୍ରୀକୃଷ୍ଣାବତାର : ଶ୍ରୀକୃଷ୍ଣ ତତ୍ତ୍ୱ କୌଣସି ଦେବତା, ମାନବ କିମ୍ବା ଜୀବ ଭାବର ଅନ୍ତର୍ଗତ ନୁହେଁ । ଏହା ଦେଶ, କାଳ ଓ ନିମିତ୍ତର ଅତୀତ ସତ୍ତା । ଯୋଗମାୟା ସେହି ଅଦ୍ୱୟ ତତ୍ତ୍ୱକୁ ତାଙ୍କରି ଉଦ୍ଦେଶ୍ୟ ସାଧନ ନିମିତ୍ତ ଦେଶ କାଳ ପାତ୍ରର ଅନ୍ତର୍ଗତ କରି କଳିଯୁଗର ଆଗମନରେ ପ୍ରକଟ କରିଥିଲେ । "ସେହି ତତ୍ତ୍ୱ ମୂର୍ତ୍ତିଙ୍କୁ ପୂର୍ଣ୍ଣତତ୍ତ୍ୱ କୁହାଯାଏ । କାଳାତୀତ ଅବ୍ୟକ୍ତ ସତ୍ତାଙ୍କୁ ଦେଶକାଳ ମଧ୍ୟରେ ପ୍ରକାଶ କରିବା ଶ୍ରୀକୃଷ୍ଣ ଅବତାରର ଉଦ୍ଦେଶ୍ୟ । ସେହି ପରମତତ୍ତ୍ୱକୁ ଅଧିକାଂଶ ମହାତ୍ମା ବୁଝିପାରନ୍ତି ନାହିଁ । ସେ ଜୀବ ଉଦ୍ଧାର ନିମିତ୍ତ ନରାକାରରେ ଭୂଲୋକରେ ଅବତୀର୍ଣ୍ଣ ହୋଇଥିଲେ । ଶ୍ରୀକୃଷ୍ଣ ଲୀଳା ନିତ୍ୟ ଲୀଳାର ଅନ୍ତର୍ଗତ ।

ଏହି ଲୀଳା ବର୍ତ୍ତମାନ ସୁଦ୍ଧା ଚାଲିଛି ଓ ସିଦ୍ଧ ଋଷିମାନେ ଅନୁଭବ କରୁଛନ୍ତି। ପ୍ରେମଭକ୍ତି ଲାଭ ପରେ ପରାବିଦ୍ୟା ସାହାଯ୍ୟରେ ମୁକ୍ତିଲାଭ କରିପାରିଲେ ମାନବ ଏହି ଲୀଳା ଅନୁଭବ କରିପାରେ। ଚିତ୍ତଶୁଦ୍ଧି ବ୍ୟତୀତ ଏହି ଲୀଳା ଅନୁଭବ ହୋଇପାରେ ନାହିଁ। ଯଦି କୃଷ୍ଣଲୀଳା କାମକ୍ରୀଡ଼ା ହୋଇଥାନ୍ତା, ତେବେ ଆତ୍ମନିଷ୍ଠ ବ୍ରହ୍ମଚାରୀ, ପରମ ଭାଗବତ, ପରମହଂସ ସିଦ୍ଧ ଜ୍ଞାନୀମାନେ ବା ମହାପୁରୁଷମାନେ ସେଥିରେ ଯୋଗଯୁକ୍ତ ହୋଇ ଅବସ୍ଥାନ କରିପାରନ୍ତେ ନାହିଁ କିମ୍ବା ବ୍ୟାସ ଓ ଶୁକଦେବ ପ୍ରଭୃତି ମହାତ୍ମାମାନେ ଏହାର ପ୍ରଚାର କରିବାକୁ ଆଗ୍ରହ ପ୍ରକାଶ କରି ନଥାନ୍ତେ।

(୧୩୨୫) ଅଭ୍ୟାସର ଶକ୍ତି : ଅଧ୍ୟାତ୍ମ ଶକ୍ତି ଅପେକ୍ଷା ପଞ୍ଚଭୌତିକ ପ୍ରକୃତି ମାନବର ଅତି ନିକଟରେ ଅବସ୍ଥିତ। ସ୍ୱାଭାବିକ ଭାବରେ ଇନ୍ଦ୍ରିୟମାନଙ୍କୁ ଏହି ବିଷୟ ଶକ୍ତି ଆଘାତ କରୁଅଛି। ବିଷୟ ମୋହରେ ଅଭ୍ୟସ୍ତ ହୋଇ ମାନବ ଆଧ୍ୟାତ୍ମ୍ୟ ତତ୍ତ୍ୱ ପ୍ରତି ଆକୃଷ୍ଟ ହୋଇପାରେ ନାହିଁ। ଆଧ୍ୟାତ୍ମ୍ୟ ବୁଝିବାକୁ ହେଲେ ସୁଦୀର୍ଘ ଧ୍ୟାନ ଯୋଗର ଅଭ୍ୟାସଗଠନ ପାଇଁ ଚେଷ୍ଟା କରିବାକୁ ହେବ। ଦିନ ଭିତରେ ବ୍ରାହ୍ମ ମୁହୂର୍ତ୍ତରୁ କିଛି ସମୟ ନିମିତ୍ତ ଆଧ୍ୟାତ୍ମ୍ୟ ଧ୍ୟାନର ଅଭ୍ୟାସ ଗଠନ କରିବାକୁ ହେବ। ଧାରାବାହିକ ସୁଶୃଙ୍ଖଳ ନିୟମ ଅଭ୍ୟାସ ହିଁ ଏହି ପଥର ଶ୍ରେଷ୍ଠ ସାଧନା। ଯେତେ ଅସୁବିଧା ପଡ଼ିଲେ ମଧ୍ୟ କେବେ ନିୟମର ବ୍ୟତିକ୍ରମ କରିବେ ନାହିଁ। ଏହା ଅଭ୍ୟାସ ବଳରେ ଲାଭ ହୋଇଥାଏ। ମାନବ ତାହାର ଜୀବନ ଧାରଣ ନିମିତ୍ତ ଖାଦ୍ୟ ସଂଗ୍ରହ ପୂର୍ବକ କର୍ତ୍ତବ୍ୟରେ ତାହାର ଆଧ୍ୟାତ୍ମିକ ସାଧନପଥରେ ବାଧା ହୁଏ ନାହିଁ। ଉତ୍କଟ ବିଳାସ ବ୍ୟସନ ଭୋଗ କରିବା ଅଭ୍ୟାସ ହିଁ ମାନବର ସାଧନପଥର ଅନ୍ତରାୟ।

(୧୩୨୬) ଆତ୍ମନିର୍ଭର : ସାଧନାରେ ସିଦ୍ଧି ଲାଭ ନିମିତ୍ତ ଆତ୍ମନିର୍ଭର ଶକ୍ତି ଏକାନ୍ତ ଆବଶ୍ୟକ। ସ୍ୱାଧୀନ ଭାବରେ ଜୀବନଯାପନ ସାଧକମାନଙ୍କର ଅବଶ୍ୟ କର୍ତ୍ତବ୍ୟ। ଯେଉଁମାନେ ଜୀବନ ଧାରଣ ନିମିତ୍ତ ପର ଉପରେ ନିର୍ଭର କରନ୍ତି, ସେମାନେ ପରାଧୀନ। ପରାଧୀନ ଭାବରେ ଚଳିଲେ ଅହଂ ଭାବର ବୃଦ୍ଧି ହୁଏ। ପିତାମାତାଙ୍କ ଦୋଷରୁ ବାଳକ ବାଳିକାଗଣ ଆତ୍ମ ନିର୍ଭରଶୀଳତା ହରାଇ ଅକର୍ମଣ୍ୟ ଶ୍ରମ ବିମୁଖ ପ୍ରଭୃତି ଅସତ୍ ବୃତ୍ତିର ଅଧୀନ ହୋଇ ପଡୁଛନ୍ତି। ଫଳରେ ସାଧକମାନେ ଆତ୍ମନିର୍ଭରଶୀଳ ହୋଇପାରୁନାହାନ୍ତି। ଶ୍ରମଶୀଳ ମାନବ ବ୍ୟାଧି ମୁକ୍ତ

ହୋଇ ସୁଖରେ ବାସ କରନ୍ତି । ତେଣୁ ଆତ୍ମନିର୍ଭରଶୀଳ ହୋଇ ସଂସାରର କର୍ମ କରିବା ଆବଶ୍ୟକ ।

(୧୩୨୭) ବ୍ୟଷ୍ଟ ଚୈତନ୍ୟ : ପୂର୍ଣ୍ଣବ୍ରହ୍ମ ନିରାକାର ହୋଇ ମଧ୍ୟ ସାକାର । ସାକାର ବ୍ରହ୍ମ ସୃଷ୍ଟି-ସ୍ଥିତି-ଲୟକାରିଣୀ ଶକ୍ତିସମ୍ପନ୍ନ ହୋଇ ବିଶ୍ୱରୂପ ଈଶ୍ୱର ଭାବରେ ବିରାଜ କରନ୍ତି । ଜୀବବ୍ରହ୍ମ ତାଙ୍କରି ଅଂଶ । ଏହି ଜୀବବ୍ରହ୍ମଙ୍କୁ ବ୍ୟଷ୍ଟି ଚୈତନ୍ୟ କୁହାଯାଏ । ମାୟା, ପ୍ରକୃତି, ସ୍ୱଭାବ ଏକ ବ୍ରହ୍ମଙ୍କର ଶକ୍ତିମାତ୍ର । ଭଗବାନଙ୍କର ଯେଉଁ ଶକ୍ତି ପ୍ରଳୟ ଆରମ୍ଭରେ ବ୍ରହ୍ମରେ ଲୀନ ଥାଏ; ପରେ ବ୍ରହ୍ମଙ୍କର ସୃଷ୍ଟି ସଂକଳ୍ପରୁ ପୁନରାୟ ଉଦ୍ଭୁତ ହୁଅନ୍ତି, ତାକୁ ମୂଳା ପ୍ରକୃତି କହନ୍ତି । ଏହି ତତ୍ତ୍ୱରୁ ମହାତତ୍ତ୍ୱ ପ୍ରଭୃତିର ଉଦ୍ଭବ ହୁଏ । ଏହି ପ୍ରକାର ଚତୁର୍ବିଂଶତି ତତ୍ତ୍ୱରୁ ପଞ୍ଚତତ୍ତ୍ୱ, ପଞ୍ଚକୋଷ ଓ ବିଷୟ ତତ୍ତ୍ୱର ଉଦ୍ଭବ ହୋଇଥାଏ । ଏହି ମାନଙ୍କ ଭିତରେ ଜୀବ ବ୍ରହ୍ମଙ୍କର ଉଦ୍ଭବ ହୁଏ । କର୍ମଶକ୍ତିର ବୀଜରୁ ଜୀବ ଉତ୍ପନ୍ନ ହୁଏ । ଜୀବ କର୍ମାଧୀନ । କର୍ମକ୍ଷୟ କରିବା ନିମିତ୍ତ ଜୀବ ବ୍ୟଷ୍ଟି ଭାବରେ ରୂପ ପରିଗ୍ରହ କରି ଜନ୍ମଗ୍ରହଣ କଲେ ସେହି ଜୀବକୁ ବ୍ୟଷ୍ଟି ଚୈତନ୍ୟ କୁହାଯାଏ ।

(୧୩୨୮) କାମ ପ୍ରେମ : ଯେଉଁ ଶକ୍ତି ଦ୍ୱାରା ସାଧକ ଭଗବାନଙ୍କୁ ପ୍ରାପ୍ତ ହୁଅନ୍ତି, ତାହାର ନାମ ପ୍ରେମ ବା ପ୍ରୀତି । ଭକ୍ତି, ପ୍ରେମ, ପ୍ରୀତି ଲାଭ କରିପାରିଲେ ଭଗବାନଙ୍କୁ ପ୍ରାପ୍ତି ହୁଏ । ସାଧାରଣତଃ ଜୀବ ଅନ୍ତରରେ ଭଗବାନ ପ୍ରେମ ପ୍ରଦାନ ନ କରି କାମ ପ୍ରଦାନ କରିଥିବାରୁ ପ୍ରଥମେ ପ୍ରେମ ପ୍ରୀତି ଲାଭ ହୋଇପାରେ ନାହିଁ । କିନ୍ତୁ କାମ, ପ୍ରେମର ଆଦି କାରଣ । କାମ ପ୍ରେମ ପରସ୍ପର ସଂଯୁକ୍ତ । ସେହି ସଂଯୋଗ ସୂତ୍ରର ନାମ ଭକ୍ତି । ଭକ୍ତି ସୂତ୍ରର ଗୋଟିଏ ପ୍ରାନ୍ତରେ କାମ ଓ ଶେଷ ପ୍ରାନ୍ତରେ ପ୍ରେମ ବିରାଜିତ । ନିଜ ସୁଖ ନିମିତ୍ତ ପ୍ରୟୋଗ ହେଲେ ତାହାର ନାମ କାମ । ଭଗବତ୍ ସୁଖ ଉଦ୍ଦେଶ୍ୟରେ ପ୍ରୟୋଗ ହେଲେ ତାହା ପ୍ରେମ ନାମରେ ଅଭିହତ ହୁଏ । ଭକ୍ତି କ୍ରମେ ପ୍ରେମରେ ପରିଣତ ହୁଏ । ଅତଏବ କାମ ବୀଜରୁ ଭକ୍ତି ବୃକ୍ଷ ଉତ୍ପନ୍ନ ହୋଇ ପ୍ରେମପୁଷ୍ପ ଓ ଭଗବାନ ସ୍ୱରୂପ ମୋକ୍ଷଫଳ ପ୍ରଦାନ କରେ ।

(୧୩୨୯) ବିଷୟ ରସ : ସଂସାରର ଅନନ୍ତ ପ୍ରକାର କୋଳାହଳ ମଧ୍ୟରେ ଥାଇ ଭଗବତ୍ ଭଜନ ଗୁରୁକୃପା ବ୍ୟତୀତ ସହଜସାଧ୍ୟ ନୁହେଁ । ସଂସାରରେ ଥାଇ ସାଧନା ଅଭ୍ୟାସ କଲେ ମନ ମାୟାମୋହରେ ଥାଇ ବିକ୍ଷିପ୍ତ ହୋଇଥାଏ । ତେଣୁ

ଭଗବତ୍ ଭାବରେ ଅନୁପ୍ରାଣିତ ଥାଇ ସଂସାର ବା ବିଷୟ ରସ ଭୋଗ କର। ବିଷୟରସ ଭିତରେ ଥାଇ ଭଗବତ୍ ଆସ୍ୱାଦନ ସମ୍ଭବପର ନୁହେଁ। ବିଷୟ ରସ ତ୍ୟାଗ କରି ଭଗବତ୍ ରସରେ ବୁଡ଼ି ରହିବା ସାଧକର କର୍ତ୍ତବ୍ୟ। ସଂସାର ରସରେ ବୁଡ଼ି ଭଗବତ୍ ରସ ଆସ୍ୱାଦନ କରାଯାଇପାରେ ନାହିଁ। ସାଂସାରିକ ମୋହ ଯେତେ କମ୍ ହେବ ସାଧକ ସେତେ ପରିମାଣରେ ଭଗବତ୍ ରସ ଆସ୍ୱାଦନ କରିପାରିବେ।

(୧୩୩୦) ଭଗବତ୍ ରସ : ମାନବ ନିଜ ଭିତରେ ଭଗବତ୍ ରସ ଆସ୍ୱାଦନ କରିଥାଏ। ବିଷୟ ରସରେ ଥାଇ ଭଗବତ୍ ଆସ୍ୱାଦନ କରାଯାଇପାରେ ନାହିଁ। ସାଧକ ଅନ୍ତରରେ ଭଗବାନ କୃପାକରି ଭକ୍ତି ପ୍ରୀତି ଭାବ, ଜ୍ଞାନ ଓ ଆନନ୍ଦ ପ୍ରଦାନ କରିଥିବାରୁ ସାଧକ ସେହିକଥା ଅନ୍ୟ ନିକଟରେ ପ୍ରକାଶ କରି ନିଜେ ଆନନ୍ଦ ଅନୁଭବ କରେ। ତାଙ୍କ କୃପାରୁ ଭକ୍ତ ଭଗବାନଙ୍କର ଅନିର୍ବଚନୀୟ ସ୍ନେହ, ଭଲପାଇବା ଓ ମହିମା ବ୍ୟକ୍ତ କରିବାକୁ ଚେଷ୍ଟା କରେ। କିନ୍ତୁ ସାଧକର ପରିପକ୍ୱ ଅବସ୍ଥାରେ ସାଧକ ସେହି ଅନିର୍ବଚନୀୟ ଭାବକୁ ବ୍ୟକ୍ତ କରିପାରେ ନାହିଁ। ସେ ଯେତେବେଳେ ଅନ୍ତର ମଧ୍ୟରେ ସେହି ରସ ଆସ୍ୱାଦନ କରେ, ସେତେବେଳେ ତାଙ୍କର ଚିତ୍ତ ସ୍ଥିର ହୋଇ ଅହଂଭାବ ଦୂରହୁଏ। ସେ ନିଜ ମଧ୍ୟରେ ଭଗବତ୍ ରସ ଉପଲବ୍ଧ କରି ତୃପ୍ତ ହୁଅନ୍ତି।

(୧୩୩୧) ସିଦ୍ଧ ମହାତ୍ମା : ସାଧକମାନଙ୍କ ପକ୍ଷରେ ସିଦ୍ଧ ଯୋଗୀ, ମୁକ୍ତାତ୍ମା ପୁରୁଷଗଣ କେବେହେଲେ ଗ୍ରନ୍ଥ ପ୍ରଣୟନ କରି ଉପଦେଶ ପ୍ରଦାନ କରନ୍ତି ନାହିଁ। ସେମାନେ ଭଗବାନଙ୍କୁ ଆତ୍ମା ମଧ୍ୟରେ ଅନୁଭବ କରି ତୃପ୍ତ ରହନ୍ତି। ସାଧାରଣଙ୍କ ଉପଦେଶ ନିମିତ୍ତ ଶାସ୍ତ୍ର ପୁରାଣ, ତନ୍ତ୍ର, ଉପନିଷଦ ସମୂହ ଗ୍ରନ୍ଥ ଆକାରରେ ବିଦ୍ୟମାନ ଅଛି। ମାନବ ଇଚ୍ଛାକଲେ ସେହି ସବୁ ଗ୍ରନ୍ଥ ସାହାଯ୍ୟରେ ଭଗବତ୍ ପଥରେ ଅଗ୍ରସର ହୋଇପାରନ୍ତି। ତେଣୁ ସିଦ୍ଧ ସାଧକ ଓ ଭଗବାନ ସଦୃଶ ମହାତ୍ମାମାନେ ଶାସ୍ତ୍ରଗ୍ରନ୍ଥ ପ୍ରକାଶ କରିବାକୁ ଇଚ୍ଛା କରନ୍ତି ନାହିଁ। ସିଦ୍ଧ ମହାତ୍ମାମାନେ ନିଜ ଭିତରେ ଆନନ୍ଦ ଉପଲବ୍ଧି ବ୍ୟତୀତ ସାଧାରଣ ବ୍ୟକ୍ତିଙ୍କୁ ଉପଦେଶ ପ୍ରଦାନ କରିବାକୁ ଇଚ୍ଛା କରନ୍ତି ନାହିଁ ଏବଂ ଗ୍ରନ୍ଥରଚନା ଆତ୍ମ ହାନିକର କାର୍ଯ୍ୟ ଓ ଗ୍ରନ୍ଥ ପାଠଦ୍ୱାରା ସାଧାରଣଙ୍କୁ ଭଗବତ୍ ଉପଲବ୍ଧି କରାଯାଇପାରେ ନାହିଁ ବୋଲି ଭାବନ୍ତି।

ତେଣୁ ଗ୍ରନ୍ଥ ରଚନାଦ୍ୱାରା ଭଗବତ୍ ଆରାଧନାରେ ବାଧା ଜାତ ହୁଏ । ଫଳରେ ସିଦ୍ଧ ମହାତ୍ମାମାନେ ଭଗବତ୍ ରସରେ ବୁଡ଼ିରହି ଭଗବତ୍ ଧ୍ୟାନ ଧାରଣାରେ ମଜ୍ଜିବାକୁ ଇଚ୍ଛା କରନ୍ତି । ସମଭାବାପନ୍ନ ସାଧକ ମିଳିଲେ ସେମାନଙ୍କ ସହିତ ଭଗବତ୍ ରସର ଆସ୍ୱାଦନ ବ୍ୟତୀତ ଏହାର. ପ୍ରଚାର କରନ୍ତି ନାହିଁ । ଏହା ହିଁ ସିଦ୍ଧମହାତ୍ମାଙ୍କ ଲକ୍ଷଣ । ମହାମୁନି ବ୍ୟାସ, ବଶିଷ୍ଠ, ବାଲ୍ମୀକି ପ୍ରଭୃତି ଭଗବତ୍ ଆଦେଶରେ ଗ୍ରନ୍ଥ ରଚନା କରିଥିଲେ ।

(୧୩୩୨) ବିଷୟ ଓ ଭଗବାନ : ବିଷୟ ଓ ଭଗବାନ ପରସ୍ପର ବିରୁଦ୍ଧ ଭାବାତ୍ମକ । ଯେପରି ଅନ୍ଧକାର ଓ ଆଲୋକ ପରସ୍ପର ବିରୁଦ୍ଧ ଧର୍ମାତ୍ମକ, ସେହିପରି ବିଷୟ ଓ ଭଗବାନ ପରସ୍ପର ବିରୁଦ୍ଧ ଭାବାତ୍ମକ । ଯେପରି ବ୍ୟଷ୍ଟି ଭାବାତ୍ମକ ବିଷୟ ଦର୍ଶନ ଥିଲେ ସମଷ୍ଟି ପୂର୍ଣ୍ଣ ଭାବାତ୍ମକ ଆତ୍ମା ବା ଈଶ୍ୱରଙ୍କ ଦର୍ଶନ ସମ୍ଭବ ନୁହେଁ, ସେପରି ବିଷୟ ଦୃଷ୍ଟିଥିଲେ ଭଗବତ୍ ଦର୍ଶନ ହୋଇପାରେ ନାହିଁ । ବିଷୟ ଓ ଭଗବାନ, ପରସ୍ପର ବିରୁଦ୍ଧ ଭାବାତ୍ମକ ବିଷୟ । ଭଗବାନ ଆଲୋକ ହେଲେ ବିଷୟ ଅନ୍ଧକାର ସଦୃଶ । ବିଷୟ ରସରେ ମଗ୍ନଥିଲେ ଭଗବତ୍ ରସ ଉପଲବ୍ଧି କରାଯାଇପାରେ ନାହିଁ । ତେଣୁ ସାଧକମାନେ କ୍ରମେ ବିଷୟରସରୁ ମନକୁ ପ୍ରତିହତ କରି ଭଗବତ୍ ବିଷୟରେ ସଂଲଗ୍ନ ରହିବା ନିମିତ୍ତ ଚେଷ୍ଟା କରନ୍ତି । ବିଷୟ କହିଲେ ପ୍ରାକୃତ ବସ୍ତୁ ଅର୍ଥାତ୍ ଧନସମ୍ପଦ, ମାନମର୍ଯ୍ୟାଦା, ଆତ୍ମୀୟସ୍ୱଜନ, କାମନା-ବାସନାକୁ ବିଷୟ କୁହନ୍ତି । ସେହି ବିଷୟ ସଙ୍ଗରୁ ଗୁରୁକୃପା ବଳରେ ଦୂରରେ ରହି ଭଗବତ୍ ସଂଗସୁଖ ଲାଭ କରିବେ । ବିଷୟ ସଙ୍ଗରେ ଥାଇ ଭଗବତ୍ ଉପାସନା କରିବା ସାଧ୍ୟ ସାଧାରଣ ମନାବର ନାହିଁ । ତେଣୁ ଗୁରୁକୃପା ପ୍ରଭାବରେ ସାଧନ ପଥରେ ଅଗ୍ରସର ହେବାକୁ ପଡ଼ିବ ଓ ଭଗବତ୍ ଭାବରେ ଅନୁପ୍ରାଣିତ ହୋଇ ବିଷୟ ଭିତରେ ବାସ କରିବ ।

(୧୩୩୩) ପ୍ରକୃତି ପୁରୁଷ : ପୁରୁଷ ବ୍ୟତୀତ ବିଶ୍ୱରେ ଦ୍ୱିତୀୟ ସତ୍ତା ନାହିଁ । ଚଳିତ ଭାଷାରେ ଯେଉଁମାନେ ପୁରୁଷ ବୋଲି ପରିଚିତ, ସେମାନେ ପୁରୁଷ ନୁହନ୍ତି । ସ୍ତ୍ରୀ, ପୁରୁଷ ପ୍ରଭୃତି ଯାବତୀୟ ବିଷୟ ପ୍ରକୃତିର ଅନ୍ତର୍ଗତ । ପୁରୁଷ ଏକମାତ୍ର ପରମେଶ୍ୱର । ତେଣୁ ସମସ୍ତ ପୁରୁଷାତ୍ମାଭିମାନକୁ ବିସର୍ଜନ ଦେଇ, ଆତ୍ମାକୁ ପ୍ରକୃତି ଭାବାପନ୍ନ କରି ଏକମାତ୍ର ଭଗବାନଙ୍କୁ ପୁରୁଷ ଜ୍ଞାନରେ ମଧୁର ଭାବରେ ଉପାସନା କରିପାରିଲେ ଭଗବାନଙ୍କୁ ଉପଲବ୍ଧି କରିପାରିବ । ଶ୍ରୀ

ଗୌରାଙ୍ଗଦେବ ରାଧା ଭାବରେ ବିଭୋର ଥାଇ, ଶ୍ରୀକୃଷ୍ଣ ଉପାସନା କରୁଥିଲେ । ତେଣୁ ସାଧକମାନେ ସର୍ବଦା କୃଷ୍ଣ ବା ପୁରୁଷ ଉପାସନା କରିବା କର୍ତ୍ତବ୍ୟ । ଏହି ବିଶ୍ୱ ସମସ୍ତ ପ୍ରକୃତି ଭାବାପନ୍ନ । ପୁରୁଷ ଏକମାତ୍ର ଶ୍ରୀକୃଷ୍ଣ । ପୁରୁଷ ଅଭିମାନରେ ଭଗବତ୍ ପ୍ରାପ୍ତି ସମ୍ଭବ ନୁହେଁ । ତେଣୁ ଗୋପୀଭାବ ସାଧକ ଭକ୍ତର ଶ୍ରେଷ୍ଠଭାବ । ଗୋପୀମାନେ ସାଧକ ମାନଙ୍କର ଗୁରୁ ଓ ଶ୍ରୀରାଧା ସେମାନଙ୍କର ପରମଗୁରୁ । ତେଣୁ ଶ୍ରୀରାଧାକୃଷ୍ଣ ଉପାସନାରେ ଅଦ୍ୱୈତ ଜ୍ଞାନ ଲାଭ ହୋଇଥାଏ ।

(୧୩୩୪) ସାଧନାର ଉଦ୍ଦେଶ୍ୟ : ପାରମାର୍ଥିକ ଜ୍ଞାନରେ ଏହି ଜଗତ ମିଥ୍ୟାବୋଲି ଅନୁଭୂତ ହୁଏ । ସ୍ୱପ୍ନଦୃଷ୍ଟ ବସ୍ତୁ ଜାଗ୍ରତାବସ୍ଥାରେ ମିଥ୍ୟାବୋଧ ହୋଇଥାଏ । କିନ୍ତୁ ପ୍ରକୃତ ପକ୍ଷରେ ରଜ୍ଜୁ ଓ ସର୍ପ ମିଥ୍ୟାବୋଲି ଜଣାଯାଏ । ଆତ୍ମଜ୍ଞାନ ଉଦୟ ହେଲେ ଏକ ଆତ୍ମା ବ୍ୟତୀତ ଅନ୍ୟ ସମସ୍ତ ଖଣ୍ଡ ବସ୍ତୁର ଲୟ ହୁଏ । ସ୍ୱପ୍ନ ଅବସ୍ଥାର ଭ୍ରାନ୍ତି ନିଦ୍ରାଦି ଦୋଷ ଜନିତ ଏବଂ ଜାଗ୍ରତାବସ୍ଥାର ଭ୍ରାନ୍ତି ଅବିଦ୍ୟା ଦୋଷରୁ ଘଟେ । ଅବିଦ୍ୟା ଦୋଷ ପଞ୍ଚ ଜଗତରେ ବିଦ୍ୟମାନ ଥାଏ । ଅବିଦ୍ୟା ନାଶ ହେଲେ ଜୀବ ପଞ୍ଚଜଗତ ଭେଦ କରି ସ୍ୱରୂପରେ ଉପନୀତ ହୁଏ । ତେଣୁ ଅବିଦ୍ୟା ନାଶ ନିମିତ୍ତ ଏହି ଜଗତରେ ସ୍ଥୁଳ ଦେହରେ ଥାଇ ସାଧନା ଅଭ୍ୟାସ କରିବା ସାଧନାର ଉଦ୍ଦେଶ୍ୟ ।

(୧୩୩୫) ଅଦୃଶ୍ୟ ଲୋକ : ଏହି ଜଗତର ଦୃଶ୍ୟପ୍ରାଣୀ ବା ଜୀବ କେବଳ ଏହି ଜଗତର ସତ୍ତା ନୁହନ୍ତି । ଜୀବ ଭିତରେ ଦେବ, ମାନବ ଓ ଭଗବାନଙ୍କ ଅସ୍ତିତ୍ୱ ବିରାଜିତ । ଜୀବ କେବଳ ଏହି ଜନ୍ମର ବା ଏହି କଳ୍ପର ନୁହେଁ । ଭିନ୍ନ ଭିନ୍ନ କଳ୍ପରେ, ବିଭିନ୍ନ ଭାବରେ ଜୀବ କ୍ରମବିକାଶ ଲାଭ କରିଛି । କାରଣସମୁଦ୍ରରେ ଏମାନଙ୍କର ଅବସ୍ଥାନ । ତେଣୁ ଜୀବ ଓ ଜୀବନକୁ କାର୍ଯ୍ୟ କାରଣ ସମ୍ବନ୍ଧ ଯୁକ୍ତ ଭାବରେ ବୁଝିବାକୁ ହୁଏ । ଏହାର କାରଣ ଗୁଡ଼ିକ ଅଦୃଶ୍ୟ ଲୋକରେ ବିରାଜ କରେ । ଅଦୃଶ୍ୟଲୋକ ଅର୍ଥାତ୍ ଦେବ ଓ ପିତୃ ଲୋକର ଅବସ୍ଥା ସହିତ କାର୍ଯ୍ୟ କାରଣ ସମ୍ବନ୍ଧ ଯୁକ୍ତ ହୋଇ ଜଗତରେ ନାନାବିଧ ଘଟଣା ଘଟୁଅଛି । ସେ ସବୁର କାରଣ ଅଦୃଶ୍ୟ ଲୋକରେ ବିରାଜିତ । ପୁରାଣ ପ୍ରଭୃତିରେ ଏହି ଅଦୃଶ୍ୟ ଲୋକର ବିଷୟ ବର୍ଣ୍ଣିତ ହୋଇଥାଏ ।

(୧୩୩୬) ପରମାତ୍ମା ଚୈତନ୍ୟ : ଅବ୍ୟକ୍ତ ଅକ୍ଷର ପୂର୍ଣ୍ଣବ୍ରହ୍ମ ସମସ୍ତଙ୍କର ମୂଳ ବା ଆଦିସତ୍ତା । ସେହି ଭାବକୁ ଅନାଦି ଓ ଅନନ୍ତ କୁହାଯାଏ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଈଶ୍ୱର, ଯୋଗାମାୟା ପ୍ରଭୃତି ପରମବ୍ରହ୍ମଙ୍କର ବିକାଶ ମାତ୍ର । ସେମାନେ

ବ୍ରହ୍ମଙ୍କର ଅନନ୍ତ ଶକ୍ତି ବା ଗୁଣ । ଅନନ୍ତ ଶକ୍ତି ମଧ୍ୟରେ ବ୍ରହ୍ମଙ୍କର ମାୟାଶକ୍ତି ହିଁ ସର୍ବପ୍ରଧାନ, ସେହି ମାୟାଶକ୍ତିର ତ୍ରିଗୁଣ ଭେଦରେ ମହାବିଷ୍ଣୁ ବା ପରମାତ୍ମ ଚୈତନ୍ୟଙ୍କର ବିକାଶ ହୁଏ । ତାଙ୍କର ଶକ୍ତି ହିଁ ମାୟା ନାମରେ ଅଭିହିତ । ମାୟା ଓ ପ୍ରକୃତି ଅଭେଦ ।

(୧୩୩୭) ଆଦ୍ୟାଶକ୍ତି : ମାୟା ବ୍ରହ୍ମଙ୍କର ଶକ୍ତି ବା ଅଂଶ । ତେଣୁ ସ୍ୱରୂପତଃ ଉଭୟେ ଅଭିନ୍ନ । ଏହି ଶକ୍ତି ମାୟା ଓ ପ୍ରକୃତି ଶବ୍ଦ ସ୍ତ୍ରୀ ଲିଙ୍ଗାତ୍ମକ ବୋଲି ଶାସ୍ତ୍ରରେ ନାରୀ ଭାବରେ ବର୍ଣ୍ଣିତ ଅଛି । କିନ୍ତୁ ସେମାନେ ସ୍ତ୍ରୀ କିମ୍ୱା ପୁରୁଷ ନୁହନ୍ତି । ପୂର୍ଣ୍ଣବ୍ରହ୍ମ ଓ ମାୟାରୁ ମହାଶିବ, ମହାବିଷ୍ଣୁ ଓ ସେମାନଙ୍କ ସମ୍ମିଳନରେ ରଜୋଗୁଣ ବା ପୂର୍ଣ୍ଣବ୍ରହ୍ମାଙ୍କର ଉଦ୍ଭବ ହୋଇଅଛି । ଏମାନଙ୍କ ମଧ୍ୟରେ ଅର୍ଥାତ୍ ବ୍ରହ୍ମା, ବିଷ୍ଣୁ ମଧ୍ୟରେ ପୁରୁଷ ସ୍ତ୍ରୀ ଭେଦ ନାହିଁ । ସେମାନେ ପୂର୍ଣ୍ଣ ବ୍ରହ୍ମଙ୍କ ସହିତ ଅଭେଦ ଭାବାପନ୍ନ । ପରଂବ୍ରହ୍ମ ସ୍ୱୟଂ ସତ୍ୟଲୋକରେ ଆଦି ପରମ ଶିବ ନାମରେ ଅଧିଷ୍ଠିତ ଓ ତାଙ୍କ ଶକ୍ତିକୁ ଆଦ୍ୟାଶକ୍ତି କହନ୍ତି । ମାୟା ହିଁ ପ୍ରଧାନ ତତ୍ତ୍ୱର ସ୍ୱରୂପ । ତାଙ୍କରି ଠାରୁ ଯେଉଁ ଅଭେଦ ଜ୍ଞାନ ଶକ୍ତି ଉତ୍ପନ୍ନ ହୁଏ, ସେହି ଚିତ୍‌ଶକ୍ତିକୁ ବିଦ୍ୟାମାୟା ବା ପରମାତ୍ମା କୁହାଯାଏ । ତତ୍‌ପରେ ମିଶ୍ରିତ ତ୍ରିଗୁଣ ଶକ୍ତିକୁ ମାହାମାୟା କହନ୍ତି । ତାଙ୍କରି ଠାରୁ ବ୍ୟକ୍ତ ବିଶ୍ୱର ଉଦ୍ଭବ । ସେହି ମହାମାୟାଙ୍କ ଠାରୁ ପୂର୍ଣ୍ଣ ଈଶ୍ୱରଙ୍କର ଉଦ୍ଭବ । ତାଙ୍କରି ଠାରୁ ବ୍ୟକ୍ତ ବିଶ୍ୱର ଉଦ୍ଭବ ହୋଇଛି । ସେହି ପୂର୍ଣ୍ଣ ଈଶ୍ୱରଙ୍କ ଠାରୁ ପଞ୍ଚ ବ୍ୟକ୍ତ ଲୋକର ଉଦ୍ଭବ ହୋଇଛି । ତାଙ୍କରି ଠାରୁ ତ୍ରିଦେବତା ଉତ୍ପନ୍ନ ହୋଇ ଚରାଚର ବିଶ୍ୱର ସୃଷ୍ଟି, ସ୍ଥିତି ଓ ଲୟକ୍ରିୟା ସଂପାଦନ କରନ୍ତି । ସେହି ମୂଳ ଶକ୍ତିଙ୍କୁ ଆଦ୍ୟାଶକ୍ତି କହନ୍ତି ।

(୧୩୩୮) ପ୍ରାଥମିକ ସାଧକ : ପ୍ରାଥମିକ ସାଧକ ପ୍ରଥମେ ସଂସାରରେ ଥାଇ ସତ୍ୟ, ଶୁଦ୍ଧ ଓ ଧର୍ମ ସମ୍ମତ ଉପାୟରେ ସାଧନ ଅଭ୍ୟାସ କରିବେ । କିନ୍ତୁ ପରେ ଉଚ୍ଚ ସାଧନାର ଅଧିକାର ଲାଭ କରିବେ । ମାନବ ଦେହରକ୍ଷା ସମୟରେ ଯେଉଁସବୁ ସାଧାରଣ କର୍ତ୍ତବ୍ୟ ଅଛି, ତାହା ପାଳନ କରି ନ ପାରିଲେ, ଉଚ୍ଚ ସାଧନ ଅଭ୍ୟାସ କରିହୁଏ ନାହିଁ । ଦେହରକ୍ଷାମୂଳକ ନିୟମାବଳୀ ଅତି ସହଜସାଧ୍ୟ । ତେଣୁ ପ୍ରାଥମିକ ଅବସ୍ଥାରେ ସେହି ପଥରେ ଚଳିବା କର୍ତ୍ତବ୍ୟ । ସେହି ପ୍ରାଥମିକ ସହଜ ସାଧନ ଅଭ୍ୟାସ ନଥିଲେ ସାଧନ ଭଜନ ସହଜସାଧ୍ୟ ହୁଏ ନାହିଁ । ଆତ୍ମଜ୍ଞାନରେ ପ୍ରତିଷ୍ଠିତ ଥାଇ ସଂସାର କର୍ତ୍ତବ୍ୟ ପାଳନ କରାଯାଇପାରେ, କିନ୍ତୁ ସଂସାର ଭାବରେ

ଯୁକ୍ତ ଥାଇ ଆତ୍ମଚିନ୍ତା କରାଯାଇପାରେ ନାହିଁ । ତେଣୁ ପ୍ରାଥମିକ ସାଧକ ସଂସାରରେ ଥାଇ ଆତ୍ମକର୍ମ ଅଭ୍ୟାସ କରିବେ । ସେଥିରେ କ୍ରମେ ଭକ୍ତିଲାଭ ହୋଇଥାଏ । ଅର୍ଥଚିନ୍ତାରେ ଭଗବତ୍ ଅଭାବବୋଧ ଜାଗ୍ରତ ହୁଏ ନାହିଁ । ତେଣୁ ସଂସାରରେ ଥାଇ ସଂସାର ବୈରାଗ୍ୟ ଅଭ୍ୟାସପୂର୍ବକ ସାଧନପଥରେ ଅଗ୍ରସର ହେବା ପ୍ରାଥମିକ ସାଧକର କର୍ତ୍ତବ୍ୟ ।

(୧୩୩୯) ତପସ୍ୟା ଶକ୍ତି : ସାଧକମାନଙ୍କର ତପସ୍ୟା ହିଁ ଏକମାତ୍ର ସଂବଳ । ସପସ୍ୟାଭିନ୍ନ ଶକ୍ତିଲାଭ ହୋଇପାରେ ନାହିଁ । ତପସ୍ୟା ବ୍ୟତୀତ କୌଣସି ଫଳ ମିଳେ ନାହଁ । ଈଶ୍ୱର ଲାଭ, ପ୍ରେମ, ପ୍ରୀତି, ଭକ୍ତି, ଆତ୍ମଜ୍ଞାନ ପ୍ରଭୃତି ଯେ କୌଣସି ନିତ୍ୟ ବିଷୟ ଲାଭ ନିମିତ୍ତ ଦେହ ଇନ୍ଦ୍ରୟକୁ ତାପ ସହ୍ୟ କରାଇବା ଶକ୍ତିକୁ ତପସ୍ୟା କହନ୍ତି । ତପସ୍ୟା ବ୍ୟତୀତ କୌଣସି ଶକ୍ତିଲାଭ ହୋଇପାରେ ନାହିଁ । ତପସ୍ୟା ହିଁ ଏ ଜଗତ ମୂଳରେ ସିଦ୍ଧି ଭାବରେ ବିଦ୍ୟମାନ । ତପସ୍ୟା ହିଁ ବିଶ୍ୱର ପ୍ରାଣ ସ୍ୱରୂପ । ତପସ୍ୟା ନଥିଲେ ବିଶ୍ୱ ଲୟ ହୋଇଯିବ । ପରଂବ୍ରହ୍ମଙ୍କ ସୃଷ୍ଟି ବାସନା ହିଁ ଆଦ୍ୟାଶକ୍ତି । ପରମାତ୍ମା ସ୍ୱରୂପ ପୂର୍ଣ୍ଣ ଈଶ୍ୱରଙ୍କଠାରୁ ବିରାଟ ବିଶ୍ୱର ବା ଆଦିବ୍ରହ୍ମାଙ୍କର ଆବିର୍ଭାବ ହୁଏ । ସେ ବିଶ୍ୱରଚଂନା ନିମିତ୍ତ ଉପାୟ ନପାଇ ଦୈବବାଣୀ ଶ୍ରବଣ କଲେ—ତପସ୍ୟା କର । ତଦନୁଯାୟୀ ତପସ୍ୟା ଦ୍ୱାରା ବିଶ୍ୱ ରଚନା କଲେ । ତାଙ୍କର ତପସ୍ୟା ବା ଧ୍ୟାନ ଭଙ୍ଗ ହେଲେ ଜୀବଜଗତର ଲୟ ହୋଇଥାଏ । ତେଣୁ ତପସ୍ୟା ହିଁ ସୃଷ୍ଟିର ମୂଳ । ପ୍ରକୃତ ଆତ୍ମା ଜୀବ ଭିତରେ ସର୍ବଦା ତପସ୍ୟାନିରତ । ସାଧନ ଭଜନର ସାଧାରଣ ନାମ ତପଃ । ତପକଷ୍ଟ ସହ୍ୟକରି ଏକାଗ୍ର ମନରେ ଭଗବତ୍ ଚିନ୍ତନରେ ଅଭ୍ୟସ୍ତ ହେଲେ ମାନବର ଦୁଷ୍ପ୍ରାପ୍ୟ ହୋଇ କିଛି ରହେ ନାହିଁ । ସାଧାରଣ ସଂସାରୀଲୋକ ଯଦି ଅର୍ଥଲାଭ, ବିଦ୍ୟା କିମ୍ବା ଯଶ ଲାଭ କରିବାକୁ ଇଛା କରନ୍ତି, ତେବେ ସେମାନେ ସେହି ଲାଭ ନିମିତ୍ତ ଯେତେ ଚେଷ୍ଟା କରନ୍ତି, ତାହାହିଁ ତପସ୍ୟା । ଭଗବତ୍ କୃପା ମଧ୍ୟ ତପଃଶକ୍ତି ବଳରେ ମିଳିଥାଏ । ଭଗବତ୍ ଧ୍ୟାନ, ପ୍ରାର୍ଥନା ମଧ୍ୟ ତପସ୍ୟାର ଅନ୍ତର୍ଗତ । କ୍ରମେ ନୀଚ ପ୍ରାର୍ଥନା ବା ତପସ୍ୟା ତ୍ୟାଗ କରି ଭଗବତ୍ ପ୍ରାପ୍ତି ନିମିତ୍ତ ଆକାଂକ୍ଷା କରି ତପସ୍ୟାନିରତ ହେଲେ ସବୁ ଜାଣି ପାରିବ ।

(୧୩୪୦) ଜୀବଭାବ : ସାଧାରଣ ସଂସାରୀ ମନରେ ଜୀବଭାବ ସମ୍ବନ୍ଧରେ ବିବିଧ ପ୍ରଶ୍ନ ଉଦିତ ହୁଏ । ସେମାନେ ମନେ କରନ୍ତି ଜୀବଭାବ ଅନାଦି

ଓ ଅନନ୍ତ। କିନ୍ତୁ ସାଧକ, ଭକ୍ତ, ଜ୍ଞାନୀ, ବିଶ୍ୱାସୀମାନଙ୍କ ଚିତ୍ତରେ ଏହି ସଂଶୟ ସ୍ଥାନ ପାଏ ନାହିଁ। ଜଗତର ସମସ୍ତ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ଜୀବର ସମସ୍ତଭାବ ଗୋଲାକାର ଓ ଏହାର ଆଦି ଅନ୍ତ ଭାବ ନାହିଁ। ସମସ୍ତ ଗୋଲାକାର ଭାବରେ ଭ୍ରମଣ କରନ୍ତି। ଜୀବର ଜୀବତ୍ୱ ବା ଜୀବଭାବ ଜନ୍ମମୃତ୍ୟୁ ଦ୍ୱାରା ଶେଷ ହୋଇଯାଏ ନାହିଁ। ପରକାଳର ଅସ୍ତିତ୍ୱ ଜୀବଭାବରେ ଥାଇ ଅବଗତ ନହେଲେ ଅନ୍ୟତ୍ର ବୁଝାଯାଇ ପାରେନାହିଁ।

(୧୩୪୧) ମୋକ୍ଷଲାଭ : ପରମାତ୍ମାଙ୍କଠାରୁ ଜୀବାତ୍ମାର ଉତ୍ପତ୍ତି। ଏହି ଉତ୍ପତ୍ତିର କାରଣ ମାୟା। ଗୋଟିଏ ସୂର୍ଯ୍ୟ ସମସ୍ତ ଜଳ ପାତ୍ରରେ ପ୍ରତିବିମ୍ବିତ ହେଲେ ଯେପରି ସହସ୍ର ପ୍ରକାର ଦେଖାଯାଏ, କିନ୍ତୁ ମୂଳ ସୂର୍ଯ୍ୟର କୌଣସି ପରିବର୍ତ୍ତନ ହୁଏନାହିଁ ଏବଂ ଦୀପଶିଖାରୁ ସହସ୍ର ଦୀପଶିଖା ଜାଳିଲେ ମଧ୍ୟ ଦୀପଶିଖାର କ୍ଷୟ ବୃଦ୍ଧି ନଥାଏ, ସେପରି ମୂଳ ବ୍ରହ୍ମସତ୍ତାରୁ ଅନନ୍ତ କୋଟି ଜୀବାତ୍ମାର ଉତ୍ପତ୍ତି ହେଲେ ମଧ୍ୟ ମୂଳ ପରମାତ୍ମାଙ୍କର ସେପରି କ୍ଷୟ ବୃଦ୍ଧି ହୋଇପାରେ ନାହିଁ। ସେ ଯେପରି ଥିଲେ ସେପରି ରହନ୍ତି। ମାୟା ସଂସ୍ପର୍ଶରେ ଜୀବଭାବର ଉତ୍ପତ୍ତି ହୁଏ। ସେହି ମାୟା ଅପସାରିତ ହେଲେ ଜୀବର ମୋକ୍ଷପ୍ରାପ୍ତି ଘଟେ। ଯୋଗ ହିଁ ମୋକ୍ଷର ପଥ। ଯୋଗର ପୂର୍ଣ୍ଣ ଅବସ୍ଥାକୁ ମୋକ୍ଷ କହନ୍ତି। ଅଷ୍ଟାଙ୍ଗ ଯୋଗ ସାହାଯ୍ୟରେ ଜୀବାତ୍ମା ପରମାତ୍ମାଙ୍କଠାରେ ମୋକ୍ଷଲାଭ କରେ। ମୋକ୍ଷ ଓ ମୁକ୍ତିରେ କିଞ୍ଚିତ ପାର୍ଥକ୍ୟ ଏହି ଯେ ଜୀବାତ୍ମା ଓ ପରମାତ୍ମାଙ୍କ ସଂଯୁକ୍ତ ଅବସ୍ଥାର ନାମ ମୋକ୍ଷ। ମୁକ୍ତିତ୍ୱ ସ୍ୱରୂପ ହେଉଛି ସଂସାର ବନ୍ଧନର ଅର୍ଥାତ୍ ମୃତ୍ୟୁ ଦୁଃଖ ଅଜ୍ଞାନତାରୁ ମୁକ୍ତିକୁ ମୁକ୍ତିଲାଭ କହନ୍ତି। ମୁକ୍ତି ହିଁ କାମନାର ଶେଷ ଅବସ୍ଥା। ନାନା ଭାବରେ ସାଧକ ମୁକ୍ତିଲାଭ କରିଥାନ୍ତି। ଭଗବତ୍ ସେବାଧିକାର ଲାଭ ମୁକ୍ତିର ଅନ୍ତର୍ଗତ। ବ୍ୟକ୍ତ ପ୍ରକୃତି ଭାବରୁ ଜୀବାତ୍ମା ମୁକ୍ତ ହେଲେ ସାରୂପ୍ୟ ମୁକ୍ତି ଲାଭ କରନ୍ତି। ଜୀବ ସବୁ ଉପାଧିରୁ ମୁକ୍ତ ହୋଇ ବ୍ରହ୍ମରେ ସଂଯୁକ୍ତ ହେଲେ ତାକୁ ସାଯୁଜ୍ୟ ମୋକ୍ଷ କହନ୍ତି। ଏହାକୁ ନିର୍ବାଣ ମୁକ୍ତି କହନ୍ତି। ଏହାହିଁ ପ୍ରକୃତ ମୋକ୍ଷ ବା ମୁକ୍ତି ଲାଭର ଚରମ ଅବସ୍ଥା।

(୧୩୪୨) ହରିଭଜନ : ମାନବ ଜୀବନରେ ହରିନାମ ଭଜନ ଶ୍ରେଷ୍ଠ କର୍ତ୍ତବ୍ୟ। ବାଲ୍ୟ କାଳରୁ ଏହି ବୀଜ ରୋପଣ କରିବା କର୍ତ୍ତବ୍ୟ। ପ୍ରଥମରୁ ହରି ଭକ୍ତି ଶିକ୍ଷା କରିବେ। ମାନବ ଜୀବନ ଅନିତ୍ୟ। ତେଣୁ ପ୍ରଥମ ଅବସ୍ଥାରୁ ହରି

ଭଜନ ଅଭ୍ୟାସ ଏକାନ୍ତ କର୍ତ୍ତବ୍ୟ । କାଳ କବଳରୁ ରକ୍ଷା ପାଇବା ନିମିତ୍ତ ପ୍ରଥମରୁ ହରି ଭଜନ ଅଭ୍ୟାସ ଏକାନ୍ତ କର୍ତ୍ତବ୍ୟ । ମୃତ୍ୟୁ ଚିନ୍ତାକରି ହରିଭଜନରେ ତତ୍ପର ହେବେ ।

(୧୩୪୩) ଆନନ୍ଦଲାଭ : ଜୀବର ଆନନ୍ଦ ତାହାର ଦେହ ମଧ୍ୟରେ ବିରାଜ କରେ । ଜୀବ ନାନାପ୍ରକାର ମୋହରେ ଆଚ୍ଛନ୍ନ ଥିବାରୁ ଏବଂ ତାହାର ଚିତ୍ତ ନାନା ପ୍ରକାର ବିଷୟରେ ଆଚ୍ଛନ୍ନ ଥିବାରୁ ସେହି ଆନନ୍ଦ ପ୍ରକାଶିତ ହୋଇପାରେ ନାହିଁ । ଜୀବର ସ୍ୱରୂପ ଆନନ୍ଦ । ଜୀବ ଆନନ୍ଦର ସନ୍ତାନ । ଆନନ୍ଦ ହିଁ ଜୀବର ସ୍ୱାଭାବିକ ଅବସ୍ଥା । ମାୟାଦ୍ୱାରା ତାହା ଆଚ୍ଛନ୍ନ ଥିବାରୁ ଜଗତ୍ ପରିଚାଳିତ ହେଉଛି । ସେହି ଆବରଣ ଦୂର କରିବା ନିମିତ୍ତ ସାଧନାର ପ୍ରୟୋଜନ । ଆବରଣ ଦୂର ହେଲେ ଜୀବ ଆନନ୍ଦରେ ଅବସ୍ଥାନ କରିଥାଏ । ଅବିଦ୍ୟା ମୋହ ଦୂର ହେଲେ ରଜୋଗୁଣ ରୂପକ ପାପାଦି ଦୂର ହୋଇ ଜୀବ ଆନନ୍ଦ ଲାଭ କରେ । ସେହି ଆନନ୍ଦ ଲାଭ ନିମିତ୍ତ ସାଧକମାନେ ତପ ଆଚରଣ କରନ୍ତି । ତପସ୍ୟା ହିଁ ଆନନ୍ଦ ଲାଭର ଶ୍ରେଷ୍ଠ ପନ୍ଥା ।

(୧୩୪୪) ଦେହରଥ : ଦେହୀର ଏକମାତ୍ର ଗନ୍ତବ୍ୟସ୍ଥାନ ହେଉଛି ଭଗବତ୍ ସ୍ୱରୂପ ଲାଭ । ସେହି ସ୍ଥାନରେ ଉପନୀତ ହେବା ନିମିତ୍ତ ସେ ଇନ୍ଦ୍ରିୟଯୁକ୍ତ ଦେହ ଧାରଣ କରିଛି । ସେ ଗନ୍ତବ୍ୟ ସ୍ଥାନରେ ଉପନୀତ ହେବା ନିମିତ୍ତ ଦେହ ରଥରେ ଇନ୍ଦ୍ରିୟ ରୂପକ ଅଶ୍ୱମାନଙ୍କୁ ସଂଯୁକ୍ତ କରିଛି । ଏହି ଦେହ ହିଁ ରଥ । ଇନ୍ଦ୍ରିୟମାନେ ଅଶ୍ୱ ସ୍ୱରୂପ । ମନ ଏହି ଅଶ୍ୱମାନଙ୍କର ରଜ୍ଜୁ । ଦେହୀ ରୂପକ ଆରୋହୀ ଦେହ ରଥରେ ଆରୋହଣ କରି ଲଗାମଦ୍ୱାରା ଇନ୍ଦ୍ରିୟମାନଙ୍କୁ ଚାଳିତ କରେ । କିନ୍ତୁ ଯଥେଚ୍ଛା ଭାବରେ ଇନ୍ଦ୍ରିୟମାନଙ୍କୁ ଚାଳିତ କଲେ ଚଳିବ ନାହିଁ ଜୀବର ଲକ୍ଷ୍ୟ ସ୍ୱରୂପ ଲାଭ । ଅତଏବ ମନୁଷ୍ୟର କର୍ତ୍ତବ୍ୟ ତାହାର ବିବିଧ ରିପୁ ଓ କାମନା ବାସନାକୁ ଦମନ କରି ଭଗବତ୍ ଲକ୍ଷ୍ୟରେ ପରିଚାଳିତ କରିବା । ସେଥିରେ ଦେହରଥ ଲକ୍ଷ୍ୟ ସ୍ଥାନରେ ଉପନୀତ ହେବ ।

(୧୩୪୫) ଜୀବର ସ୍ୱରୂପ : ଏହି ପୃଥିବୀର ସ୍ଥୁଳ ଚକ୍ଷୁରେ ଜୀବ ଦୁଇ ଶ୍ରେଣୀରେ ବିଭକ୍ତ । ଏହାକୁ ଚଳିତ ଭାଷାରେ ପୁରୁଷ ଓ ସ୍ତ୍ରୀ ଜାତି କହନ୍ତି । କିନ୍ତୁ ଆଧ୍ୟାତ୍ମିକ ଭାବରେ ଗୋଟିଏ ପ୍ରକୃତି ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି ମାତ୍ର । ଆଧ୍ୟାତ୍ମିକ ଦୃଷ୍ଟିରେ ଜୀବ ମାତ୍ରକେ ପ୍ରକୃତି ଜାତୀୟ । ଏହି ବିଶ୍ୱରେ ପ୍ରକୃତି ଭିନ୍ନ

ପୁରୁଷ ବୋଲି କୌଣସି ଜୀବକୁ ଆଖ୍ୟା ଦିଆଯାଇ ପାରେନାହିଁ । ଆଧ୍ୟାତ୍ମିକ ଭାବରେ ଏକମାତ୍ର ପୁରୁଷ ହେଉଛନ୍ତି ପରମେଶ୍ୱର । ବ୍ରହ୍ମାଣ୍ଡ ଓ ବ୍ରହ୍ମାଣ୍ଡବାସୀ ଜୀବମାନେ ପ୍ରକୃତି ଭାବାପନ୍ନ । ଏହାହିଁ ଧର୍ମ ଜଗତର ମୂଳତତ୍ତ୍ୱ । ଏହି ଭାବକୁ ବଦ୍ଧମୂଳ କରି ଉପାସନା ନିରତ ହେବେ । ନିଜକୁ ପୁରୁଷ ଭାବିଲେ ସାଧନ ପଥରେ ଅଗ୍ରସର ହୋଇ ପାରିବ ନାହିଁ । ଶ୍ରୀହରି ହିଁ ପ୍ରକୃତିର ସ୍ୱାମୀ । ସେହି ହରି ହିଁ ମୋର ଧ୍ୟେୟ । 'ମୁଁ ପ୍ରକୃତି' ଏହି ଭାବନା ନ ରହିଲେ କେବେହେଲେ ସାଧକ ବ୍ରହ୍ମଚର୍ଯ୍ୟରେ ପ୍ରତିଷ୍ଠିତ ହୋଇ ପାରିବେ ନାହିଁ । ପ୍ରକୃତି ଭାବରେ ପ୍ରତିଷ୍ଠିତ ହୋଇ ପରମ ପୁରୁଷଙ୍କ ଲକ୍ଷ୍ୟରେ ଅଗ୍ରସର ହେଲେ ସାଧକ ଅନ୍ତରରୁ ସ୍ତ୍ରୀ ପୁରୁଷ ଭେଦଭାବ ଅନ୍ତର୍ହିତ ହୁଏ । ତେଣୁ ଜୀବ ସ୍ୱରୂପରେ ପ୍ରତିଷ୍ଠିତ ଥାଇ ଭଗବତ୍ ଉପାସନାର ଅଧିକାର ଲାଭ କରନ୍ତି ।

(୧୩୪୬) ଭବ ବନ୍ଧନ : ପଞ୍ଚତନ୍ମାତ୍ର ଅର୍ଥାତ୍ ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ—ଏହି ପଞ୍ଚ ପ୍ରଣାଳୀରେ ଜୀବ ବଦ୍ଧ ଥାଏ । ଏହି ପଞ୍ଚ ବିଷୟ ଗ୍ରହଣ ନିମିତ୍ତ ପଞ୍ଚଇନ୍ଦ୍ରିୟ ବିଦ୍ୟମାନ । ଏହା ଜୀବାତ୍ମାକୁ ସ୍ଥୁଳ ଜଗତପ୍ରତି ଆକୃଷ୍ଟ କରାଇ ବାସନା ସୃଷ୍ଟି କରେ । ଷଡ଼ରିପୁହିଁ ମାନବର ସଂସାର ବନ୍ଧନର କାରଣ । ରିପୁମାନେ ପରାଜିତ ହେଲେ ସଂସାର ବନ୍ଧନ ଛିନ୍ନ ହୁଏ । ଯେଉଁମାନେ ସଂସାର ବିଷୟରେ ଆବଦ୍ଧ ନୁହନ୍ତି, ସେମାନଙ୍କ ଭିତରେ ଷଡ଼ରିପୁର କ୍ରିୟା ନାହିଁ । ବିଷୟ ସଂସାର ଥିଲେ କାମ କ୍ରୋଧ ନିଶ୍ଚୟ ରହିବ । ରିପୁମାନଙ୍କ ପ୍ରଭାବରେ ମାନବ ମନରେ ଭେଦ ବୁଦ୍ଧିର ଉଦୟ ହୁଏ । ଭଗବତ୍ କୃପାରୁ ସାଧକର ଭେଦବୁଦ୍ଧି ଦୂର ହେଲେ ସେ ସାଧନ ପଥରେ ଅଗ୍ରସର ହୋଇଥାଏ । ଯେଉଁମାନେ ଭାବନ୍ତି ସଂସାର କରିବି ଓ ଭଗବାନଙ୍କୁ ଲାଭ କରିବି, ସେମାନଙ୍କ ଧାରଣା ଭୁଲ ହେତୁ ସେମାନେ ଭବବନ୍ଧନ ଭୋଗ କରନ୍ତି । ଯେଉଁମାନଙ୍କର ସଂସାର ଭୋଗ ଇଚ୍ଛା ବଳବତୀ ଥାଏ, ସେମାନେ କେବେ ମୁକ୍ତିର ଆସ୍ୱାଦ ଲାଭକରି ପାରନ୍ତି ନାହିଁ । ମୁକ୍ତ ବ୍ୟକ୍ତିମାନେ ହିଁ ଆଦର୍ଶ ସଂସାରୀ ଜୀବନ ଲାଭ କରିଥାନ୍ତି । ବିଷୟ ସଂସାର, ବାସନା-କାମନା ଭୋଗ ଭେଦବୁଦ୍ଧି ଥିଲେ କେବେ ମୁକ୍ତିଲାଭ ହୁଏ ନାହିଁ । ଜୀବ ଭବ ବନ୍ଧନରେ ଆବଦ୍ଧ ହୁଏ । ମୁକ୍ତିଲାଭ ନ ହେଲେ ଭଗବତ୍ ଦର୍ଶନ ହୁଏ ନାହିଁ । ଭେଦବୁଦ୍ଧିର ଅଧୀନ ରହିବା ହିଁ ବିଷୟ ବନ୍ଧନ । ଏହାକୁ ଦାସତ୍ୱ କହନ୍ତି । ଏହି ଦାସତ୍ୱ ବନ୍ଧନରୁ ମୁକ୍ତିର ନାମ ସ୍ୱାଧୀନତା ।

(୧୩୪୭) ଆଚାର ଶୁଦ୍ଧି : ଧ୍ୟାନ, ଜ୍ଞାନ ଓ ସଦାଚାର ପାଳନ ବ୍ୟତୀତ କେବଳ ମୁଖରେ ନାମ ଉଚ୍ଚାରଣ କରି ସାଧନ ପଥରେ ଗତି କରାଗଲେ ମଧ୍ୟ ସେହି ପଥରେ ବିବିଧ ବାଧାବିଘ୍ନ ଘଟେ । ଆଚାର ଶୁଦ୍ଧି ନଥିଲେ କ୍ରମେ ସାଧକ ନାମଜପ ପ୍ରତି ବୀତସ୍ପୃହ ହୋଇ ପଡ଼ନ୍ତି । ତେଣୁ ଆଚାର ଶୁଦ୍ଧିପ୍ରତି ବିଶେଷ ଦୃଷ୍ଟିଦେଇ ଚଳିବ । ଆଚାର ଶୁଦ୍ଧି ଥିଲେ ଯୋଗବିଘ୍ନ ଉପସ୍ଥିତ ହୁଏ ନାହିଁ । ତେଣୁ ନାମଜପ ସଙ୍ଗେ ସଙ୍ଗେ ଇଷ୍ଟ ମୂର୍ତ୍ତି ଧ୍ୟାନର ଅଭ୍ୟାସ ଗଠନ, ଆଚାର ଶୁଦ୍ଧିକରଣ ଓ ଅନ୍ୟାନ୍ୟ ସଦାଚାର ପାଳନ ଅବଶ୍ୟ କର୍ତ୍ତବ୍ୟ ।

(୧୩୪୮) ଅନନ୍ତ ସୁଖ : ଆହାର ନିଦ୍ରା ପ୍ରଭୃତି ପଶୁଜୀବର ଉଦ୍ଦେଶ୍ୟ ହୋଇପାରେ, କିନ୍ତୁ ଯେଉଁମାନଙ୍କର ଲକ୍ଷ୍ୟ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ଏବଂ ବୁଦ୍ଧି, ବିବେକ ଓ ବିଚାର ପ୍ରଭୃତି ବୃତ୍ତିନେଇ ଯେଉଁମାନଙ୍କର ଆବିର୍ଭାବ, ସେମାନେ ଚେଷ୍ଟାକଲେ ଇନ୍ଦ୍ରିୟାତୀତ ଦେବତା, ଋଷି, ଆତ୍ମା ଓ ଈଶ୍ୱର ପ୍ରଭୃତିଙ୍କ ଜ୍ଞାନଲାଭ କରପାରନ୍ତି ।

ଇହକାଳ ଭୋଗରେ ମତ୍ତରହି ଅମୂଲ୍ୟ ମାନବ ଜୀବନ ନଷ୍ଟ କରିବା କେବେହେଲେ ଉଚିତ ନୁହେଁ । ମାନବର ଭୋଗ ସୁଖ ଇହକାଳରେ ଶେଷ ହୋଇଯାଏ । ତେଣୁ କ୍ଷଣିକ ସୁଖରେ ରତରହି ଅନନ୍ତ ଜୀବନର ସୁଖରୁ ବଞ୍ଚିତ ହେବା କର୍ତ୍ତବ୍ୟ ନୁହେଁ । ଏଠାରେ ଯେଉଁ ସୁଖ, ତାହା ମୃତ୍ୟୁ ପର୍ଯ୍ୟନ୍ତ । ମୃତ୍ୟୁପରେ ଏଠାର ସୁଖ ସମାପ୍ତ ହୋଇଯାଏ । ମାନବ ଇହକାଳର ସୁଖ ସୁବିଧା ମୃତ୍ୟୁ ପରେ ପାଏ ନାହିଁ । କିନ୍ତୁ ତ୍ୟାଗୀ ସଂଯମୀମାନେ ମୃତ୍ୟୁ ପରେ ଅନନ୍ତ ସୁଖଶାନ୍ତି ଭୋଗ କରନ୍ତି । ଏହି କ୍ଷଣସ୍ଥାୟୀ ମାନବ ଜୀବନର ଭୋଗବାସନା ତ୍ୟାଗ ହିଁ ଅନନ୍ତ ଜୀବନର ସୁଖ ଶାନ୍ତିର ଆକର । ତ୍ୟାଗ ସଂଯମରେ ଅନନ୍ତ ସୁଖ, ଶାନ୍ତି ବିରାଜ କରେ । ଭୋଗ ମଧ୍ୟରେ ତାହାର କଣାମାତ୍ର ନାହିଁ । ତେଣୁ ଇହ ଜୀବନରେ ତ୍ୟାଗ ସଂଯମର ଅଭ୍ୟାସ ହିଁ ଅନନ୍ତ ସୁଖ ଶାନ୍ତିର ଆକର ।

(୧୩୪୯) ସମାଜର ମେରୁଦଣ୍ଡ : ଭାରତବାସୀ ସମାଜର ମେରୁଦଣ୍ଡ ହେଉଛି ବ୍ରହ୍ମଚର୍ଯ୍ୟ, ସଂଯମ ଓ ଯୋଗାଭ୍ୟାସ । ଯେଉଁ ବ୍ୟକ୍ତି ଯେଉଁ କାର୍ଯ୍ୟର ଅଧିକାରୀ, ସେହି ବ୍ୟକ୍ତିକୁ ସେହି ଅଧିକାର ପ୍ରଦାନ କଲେ ଏବଂ ଆହାର ବିହାର ବିଷୟରେ ନୀତି ନିୟମ ପ୍ରତିପାଳନ କଲେ ତାହା ଭାରତୀୟ ସମାଜ ପକ୍ଷରେ ହିତକର ହେବ । ପୁରାତନର ମୂଳ ଠିକ୍ ରଖି, ଦେଶ-କାଳ-ପାତ୍ର ଓ ଅବସ୍ଥା

ବିଚାରକରି ପରିବର୍ତ୍ତନ ଯୋଗ୍ୟ ଅଂଶକୁ କ୍ରମେ ପରିବର୍ତ୍ତନ କଲେ ସମାଜର ଉନ୍ନତି ହୋଇଥାଏ । ପଚିଶ ବର୍ଷ ବୟସ୍କ ପୁରୁଷକୁ ଷୋଡ଼ଶ ବର୍ଷ ବୟସ୍କା ସ୍ତ୍ରୀ ସହିତ ବିବାହଦେବା କର୍ତ୍ତବ୍ୟ । ଗ୍ରୀଷ୍ମପ୍ରଧାନ ଦେଶରେ ଅନ୍ତତଃ ଦୁଇଥରରୁ ଅଧିକ ଆହାର ଗ୍ରହଣ କରିବେ ନାହିଁ । ପାଶ୍ଚାତ୍ୟ ଦେଶ ଶୀତପ୍ରଧାନ, ତେଣୁ ମାଦକ ଓ ଗୁରୁପାକ ଦ୍ରବ୍ୟ ଭୋଜନ କରାଯାଇପାରେ । ଏହି ଗ୍ରୀଷ୍ମ ପ୍ରଧାନ ଦେଶରେ ମଦ୍ୟ ମାଂସାଦି ତୀବ୍ର ଖାଦ୍ୟ ଗ୍ରହଣ ନିଷେଧ । ହିନ୍ଦୁମାନଙ୍କ ପକ୍ଷରେ ସନ୍ଧ୍ୟା ବନ୍ଦନା ପ୍ରଭୃତି ନ କରି ବିଷୟକର୍ମ କରିବା ଉଚିତ ନୁହେଁ । ଆତ୍ମକର୍ମ ଶେଷରେ ବିଷୟକର୍ମ କରିବା କର୍ତ୍ତବ୍ୟ । ଗୁରୁଜନ ଓ ମହାପୁରୁଷଙ୍କ ବାକ୍ୟରେ ବିଶ୍ୱାସ ହିଁ ସମାଜର ମେରୁଦଣ୍ଡ ସ୍ୱରୂପ । ଏ ଦେଶର ବାଳକ ବାଳିକାମାନଙ୍କୁ ବ୍ରହ୍ମଚର୍ଯ୍ୟ ପାଳନ ଶିକ୍ଷାଦେବା କର୍ତ୍ତବ୍ୟ । ସମାଜର ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ସମାଜର ଧର୍ମନୀତି ଓ ଅର୍ଥର ଉନ୍ନତି ନିର୍ଭର କରେ । ପରିବାର ମାନଙ୍କୁ ସମାଜର ଧନୀ ଓ ଦରିଦ୍ରଙ୍କ ଅତ୍ୟାଚାରରୁ ରକ୍ଷା କରିବା ସମାଜର ମଧ୍ୟବିତ୍ତମାନଙ୍କର କର୍ତ୍ତବ୍ୟ ।

(୧୩୫୦) ଆତ୍ମାନନ୍ଦ : ଜୀବଧର୍ମ ମାନବର ସ୍ୱାଭାବିକ ଧର୍ମ । ଏହା ଆତ୍ମାର ଧର୍ମ ନୁହେଁ । ଜୀବଧର୍ମ ଚରିତାର୍ଥ କଲେ ମାନବ ଚିରଦିନ ଦ୍ୱନ୍ଦ୍ୱ ଭାବରେ ଆବଦ୍ଧ ଥାଏ । ଜୀବଧର୍ମର ଯଥେଚ୍ଛାଚାର ହେତୁ ମାନବ କ୍ରମେ ନିମ୍ନାଭିମୁଖୀ ଗତିଲାଭ କରେ । ଜୀବଧର୍ମର ସଂକୋଚନରେ ମନୁଷ୍ୟତ୍ୱ ଏବଂ ତାହାହିଁ ସଂଯମବୋଲି ଅବିହିତ । ଧର୍ମପଥରେ ଏହି ଜୀବଧର୍ମର ସଂଯମ ହିଁ ପ୍ରଥମ କାର୍ଯ୍ୟ । ଏହି ସଂଯମକୁ ତପଃ, ତ୍ୟାଗଃ ଓ ନିବୃତ୍ତି ଧର୍ମ କହନ୍ତି । ଏହାର ବିପରୀତ ଧର୍ମକୁ ପ୍ରବୃତ୍ତି ଧର୍ମ କହନ୍ତି । ପ୍ରବୃତ୍ତି ଧର୍ମଠାରୁ ଆତ୍ମାର ଧର୍ମ ସ୍ୱତନ୍ତ୍ର । ମାନବ ନିବୃତ୍ତି ପଥରେ ଗତି କରିବା ହିଁ କର୍ତ୍ତବ୍ୟ । ଜୀବଧର୍ମକୁ ସଂକୁଚିତ ଓ ସଂଯତ କରି ତ୍ୟାଗସାଧନା ଦ୍ୱାରା ମନର ସୁଖ ଭୋଗକୁ ସଂପୂର୍ଣ୍ଣ ଭାବରେ ବିସର୍ଜନ କରି ଆତ୍ମାନନ୍ଦ ଲାଭ କରିବା କର୍ତ୍ତବ୍ୟ । ବ୍ରହ୍ମଚର୍ଯ୍ୟ ହିଁ ଏହାର ମୂଳ ଏବଂ ଜୀବ ଧର୍ମର ସଂକୋଚନ ହିଁ ସାଧନ ପଥର ଅବଲମ୍ବନ ।

(୧୩୫୧) ଜୀବର ପ୍ରକୃତ ସ୍ୱରୂପ ଓ ତାହା ଲାଭ କରବାର ଉପାୟ : ମୁଁ ସର୍ବଦା ଚିରସ୍ଥିର ଭାବରେ ସତ୍ୟର ନିତ୍ୟ ଆସନରେ ସୁପ୍ରତିଷ୍ଠିତ ଥାଇ ସ୍ୱପ୍ନ ବଶରୁ ଏହିସବୁ ବିଚିତ୍ର ଆଧିଭୌତିକ ଜଗତ୍ ବା ସଂସାର ଅର୍ଥାତ୍ ଇହଲୋକ ଓ ପରଲୋକ ଦର୍ଶନ କରି ବିଚରଣ କରୁଅଛି । ଯେପରିକି ମୁଁ ସ୍ୱପ୍ନ ଦର୍ଶନ କାଳରେ

କୌଣସି ଏକ ପ୍ରାନ୍ତରରେ ପରିଭ୍ରମଣ କରୁଥିବା ବେଳେ ଜଣେ ଦସ୍ୟୁ ଆସି ମୋତେ ମାରିବାକୁ ଆରମ୍ଭ କଲା; ଫଳରେ ସ୍ୱପ୍ନକୁ ସତ୍ୟ ମନେ କରି ବିଚଳିତ ହୋଇ ପଡ଼ିଲି ଏବଂ ମୋର ହଠାତ୍ ସ୍ୱପ୍ନ ଭଙ୍ଗ ହେଲା; ସେତେବେଳେ ଆଉ ସେ ପ୍ରାନ୍ତର ନାହିଁ, ସେ ଦସ୍ୟୁ ନାହିଁ ଏବଂ ମୁଁ ମଧ୍ୟ ସେଠାରେ ନାହିଁ। ମୁଁ ଅଛି ମୋର ଗୃହର ସୁଖ ଶଯ୍ୟାରେ ଶାୟିତ। ଠିକ୍ ସେହପରି ମୋର ସ୍ଥୁଳ ଓ ସୂକ୍ଷ୍ମ ଜଗତ ଦର୍ଶନ ହେଉଛି। ମୁଁ ନିତ୍ୟ, ସତ୍ୟ, ଅଜର, ଅମର, ଚିନ୍ମୟ ଓ ସଚ୍ଚିଦାନନ୍ଦ ସ୍ୱରୂପ ଆତ୍ମା ରୂପରେ ନିତ୍ୟ ଅଧିଷ୍ଠିତ ଥିଲେ ମଧ୍ୟ ଅବିଦ୍ୟାକୁହୁକରେ ବୁଡ଼ି ଚିତ୍ତର ସଂସ୍କାର ଓ ବାସନା ବଶରୁ ଏହି ଅନିତ୍ୟ ଓ କ୍ଷଣଭଙ୍ଗୁର ସଂସାର ଦର୍ଶନ ଓ ଉପଭୋଗ କରି ବୃଥାରେ ଜନ୍ମ, ମୃତ୍ୟୁ, ସୁଖ, ଦୁଃଖ, ଲାଭ, କ୍ଷତି, ଜୟ, ପରାଜୟଦ୍ୱାରା ଅଭିଭୂତ ହୋଇ ପଡୁଛି। ଏହିସବୁ ମାୟାଜାଲ ସଂପୂର୍ଣ୍ଣ ସ୍ୱପ୍ନବତ୍ ଅଳୀକ। କୁସଂସ୍କାର ଓ ଅବିଦ୍ୟାସଂଭୂତ ଦେହ-ଭ୍ରାନ୍ତି ବା ଦେହାତ୍ମବୋଧ ହିଁ ଏହିସବୁ ଅଶାନ୍ତିର ମୂଳ କାରଣ। ଏଇଥିଯୋଗୁ ଜୀବ ହର୍ଷବିଷାଦ ଅନୁଭବ କରେ। ସ୍ଥିରବୁଦ୍ଧିରେ ସତ୍ୟଜ୍ଞାନ ଅବଧାରଣ କଲେ ମାୟା ଭ୍ରାନ୍ତିର କ୍ରମଶଃ ଅପନୋଦନ ହୋଇଥାଏ। ଏହିପରି ଭାବରେ ସତ୍ୟଜ୍ଞାନ ଓ ଆତ୍ମଜ୍ଞାନର ଅନୁଶୀଳନଦ୍ୱାରା ଅଜ୍ଞାନରୂପ ଭ୍ରମ ଦୂର ହେଲେ ଜୀବଚୈତନ୍ୟରେ ଜଗତ-ସ୍ୱପ୍ନ-ଦର୍ଶନ ତିରୋହିତ ହୁଏ। ସେତେବେଳେ ଜୀବଚୈତନ୍ୟ ମୂଳ ଆତ୍ମସତ୍ତାରେ ଜାଗ୍ରତ ହୋଇ ପୂର୍ଣ୍ଣଜ୍ଞାନ, ଅମରତ୍ୱ ଓ ଆନନ୍ଦସ୍ୱରୂପତ୍ୱ ଅନୁଭବ କରି ସ୍ୱସତ୍ୟ ସ୍ୱରୂପରେ ଅବସ୍ଥାନ କରେ। ଏଥିଯୋଗୁ ଜ୍ଞାନୀ ଭକ୍ତ ସର୍ବଦା ନିଜକୁ ବିଶ୍ୱମୟ ପରିବ୍ୟାପ୍ତ ଚେତନା ବୋଲି ଭାବି ମହାପ୍ରାଣର ଅଖଣ୍ଡ ଅଂଶ ରୂପେ ଉପଲବ୍ଧି କରିବେ। ସେ ଏହି ଖଣ୍ଡ ଓ କ୍ଷୁଦ୍ର ରକ୍ତ ମାଂସ ବିଶିଷ୍ଟ ସାମାନ୍ୟ ନଶ୍ୱର ଦେହରେ ନିବଦ୍ଧ ନୁହନ୍ତି ବୋଲି ବୁଝି ପାରିବେ।

(୧୩୫୨) ହରିନାମ ରହସ୍ୟ : ହରତି ଆହ୍ରୀୟତେ ବା ଇତି ହରିଃ।

ଯେ ସକଳ ଦୁଃଖ ଓ ଅଜ୍ଞାନ ହରଣ କରି ଜୀବକୁ ଆକର୍ଷଣ କରି ସ୍ୱ ସଚ୍ଚିଦାନନ୍ଦ ସ୍ୱରୂପରେ ପ୍ରତିଷ୍ଠିତ କରାନ୍ତି, ସେ ହରି। ହରି = ଆଲ୍ଲା = God; ଭୂଃ, ଭୁବଃ, ସ୍ୱଃ, ମହଃ ଓ ଜନ ନାମକ ଓ ସ୍ଥୁଳ, ସୂକ୍ଷ୍ମ ଓ କାରଣନାମକ ପଞ୍ଚବ୍ୟକ୍ତ ବିଶ୍ୱର ଯେ ଅନ୍ତରାତ୍ମା, ସେହି ସମଗ୍ର ବ୍ୟକ୍ତ ବିଶ୍ୱରୂପକ ପୂର୍ଣ୍ଣ ଦେହସ୍ଥ ଚୈତନ୍ୟକୁ ଆର୍ଯ୍ୟ ସନାତନଧର୍ମରେ ପୂଣ୍ଣ ଈଶ୍ୱର ବା ବ୍ରହ୍ମ ବୋଲି ବର୍ଣ୍ଣନା କରାଯାଇଥାଏ।

ସେହି ଏକ, ଅଦ୍ୱୈତ, ଅଖଣ୍ଡ, ସମଷ୍ଟି, ପୂର୍ଣ୍ଣ, ସର୍ବଜ୍ଞ, କରୁଣାମୟ ସର୍ବାନ୍ତର୍ଯ୍ୟାମୀ ଏବଂ ସର୍ବନିୟନ୍ତା ପୂର୍ଣ୍ଣ ଈଶ୍ୱର ହିଁ ଯେପରି ମୁସଲମାନ ଧର୍ମରେ 'ଆଲ୍ଲା' ନାମରେ ଏବଂ ଖ୍ରୀଷ୍ଟ ଧର୍ମରେ God (ଗଡ୍) ନାମରେ ଅଭିହିତ ହୋଇ ଉପାସ୍ୟ ହୋଇଥାନ୍ତି, ସେହିପରି ଏକ ସର୍ବଭୂତସ୍ଥ ଚୈତନ୍ୟ ସ୍ୱରୂପ ପୂର୍ଣ୍ଣଈଶ୍ୱର ହିଁ ସମଗ୍ର ହିନ୍ଦୁ ଧର୍ମରେ ଏହି 'ହରି' ନାମରେ ଆଖ୍ୟାତ ହୋଇ ସମସ୍ତ ପ୍ରକାର ହିନ୍ଦୁ ସଂପ୍ରଦାୟର ଉପାସ୍ୟ ହୋଇଥାନ୍ତି । ହିନ୍ଦୁ ଧର୍ମରେ ଅସଂଖ୍ୟ ସଂପ୍ରଦାୟ ଭେଦ ଥିଲେ ମଧ୍ୟ ସେ ସମସ୍ତଙ୍କର ଉପାସ୍ୟ ଈଶ୍ୱର ଉପର୍ଯ୍ୟୁକ୍ତ ବିଶ୍ୱାତ୍ମା ଓ ବିଶ୍ୱରୂପପୂର୍ଣ୍ଣ ଈଶ୍ୱର ବା 'ଶ୍ରୀହରି' । ଶ୍ରୀହରି ସେହି ପୂର୍ଣ୍ଣ ଈଶ୍ୱରଙ୍କ ନାମବାଚକ । 'ଓଁ' ଯେପରି ତାଙ୍କର ଜ୍ଞାନ-ଜନ-ସମାଦୃତ ଓ ଉପାସ୍ୟ ନାମ, 'ହରି' ମଧ୍ୟ ତାଦୃଶ ତାଙ୍କର ସାଧାରଣ ଓ ସର୍ବଜନୀନ ବାଚନୀୟ ନାମ । ତେଣୁ ହିନ୍ଦୁ ଧର୍ମର ଯାବତୀୟ ସଂପ୍ରଦାୟ ଅର୍ଥାତ୍ କି ଶୈବ, ଶାକ୍ତ, ସୌର, ଗାଣପତ୍ୟ ଓ ବୈଷ୍ଣବ ଏବଂ ଏପରିକି ବୌଦ୍ଧ, ଜୈନ ଓ ବ୍ରାହ୍ମ ପ୍ରଭୃତି ସକଳ ଶ୍ରେଣୀର ଉପାସକଗଣ ଏହି ଏକ ହରିନାମ ଆଶ୍ରୟ କରି ଉପାସନା କରିବାରେ ଏବଂ ମୁସଲମାନଙ୍କ ପରି ସଂପ୍ରଦାୟ ନିର୍ବିଶେଷରେ ଏକତ୍ର ସମବେତ, ସମ୍ମିଳିତ ଓ ଏକ ସୂତ୍ରରେ ଗ୍ରଥିତ ହୋଇ ପାରନ୍ତି । ଏକମାତ୍ର ଶ୍ରୀହରି ବା ପୂର୍ଣ୍ଣ ଈଶ୍ୱର ହିଁ ପୃଥିବୀର ସର୍ବ ଧର୍ମ ଓ ସକଳ ସଂପ୍ରଦାୟର ଉପାସ୍ୟ ସତ୍ତା । ସେ ସକ୍ରିୟ, ବିଭୁ, ପ୍ରଭୁ, ଜୀବର ମୋକ୍ଷ ଦାତା ଓ କଲ୍ୟାଣକର୍ତ୍ତା ଈଶ୍ୱର । ସେ ସର୍ବଭୂତସ୍ଥ ଅଦ୍ୱୈତ ଆତ୍ମା କିନ୍ତୁ ଭୂତାତୀତ, ଚିନ୍ମୟ ବା ବିଦେହ ପରମାତ୍ମା ଏବଂ ବ୍ରହ୍ମକର୍ତ୍ତା ବା ନିୟନ୍ତା ହୋଇ ନଥିବାରୁ ପରମେଶ୍ୱରଙ୍କର ଏହି ଦୁଇ ବିଭାବ ମାନବର ଉପାସ୍ୟ ନୁହନ୍ତି । ତାହା ଜ୍ଞାନଗମ୍ୟ ମାତ୍ର । ଏହି ହରି, ଈଶ୍ୱର, ଆଲ୍ଲା ବା ଗଡ୍ କୌଣସି ସସୀମ ବିଶିଷ୍ଟ ଏବଂ ବ୍ୟଷ୍ଟି ଦେହସ୍ଥ ଦେବତା ବା ବ୍ୟକ୍ତି ନୁହନ୍ତି । ସମଗ୍ର ସମଷ୍ଟି ପଞ୍ଚ ଜଗତ ହିଁ ତାଙ୍କର ଦେହ, ରୂପ ବା ମୂର୍ତ୍ତି । ଶିବ, ବିଷ୍ଣୁ, ବ୍ରହ୍ମା ଓ କୃଷ୍ଣ ପ୍ରଭୃତି ବ୍ୟଷ୍ଟି ଦେହସ୍ଥ ମୂର୍ତ୍ତ ଦେବତା ବା ଭଗବାନ୍‌ଗଣଙ୍କ ପରି ଉପରୋକ୍ତ 'ଶ୍ରୀହରି' କୌଣସି ମୂର୍ତ୍ତଦେବତା ବା ଭଗବାନ ନୁହନ୍ତି । ପୁନଶ୍ଚ ଏହି 'ହରି' ନାମଧେୟ ସର୍ବାତ୍ମା ପୂର୍ଣ୍ଣ ଈଶ୍ୱର ହିଁ ବିଭିନ୍ନ ସଂପ୍ରଦାୟ କର୍ତ୍ତୃକ ନାରାୟଣ, ବିଷ୍ଣୁ, ଶିବ, କୃଷ୍ଣ, ବ୍ରହ୍ମା, ଦୁର୍ଗା, କାଳୀ, କେଶବ, ହଂସ ପ୍ରଭୃତି ନାମରେ କଥିତ ହୋଇ ଉପାସ୍ୟ ହୋଇଥାନ୍ତି । ତେଣୁ ପୃଥିବୀର ଯାବତୀୟ ଧର୍ମସମୂହର ଉପାସ୍ୟ ଈଶ୍ୱର ଏକ ଓ ଅଦ୍ୱିତୀୟ । ମୁସଲମାନମାନେ ତାଙ୍କୁ

'ଆଲ୍ଲା', ଖ୍ରୀଷ୍ଟାନମାନେ ତାଙ୍କୁ ଗଡ଼, ବ୍ରାହ୍ମମାନେ ତାଙ୍କୁ ବ୍ରହ୍ମ, ଶୈବମାନେ ତାଙ୍କୁ ଶିବ, ବୈଷ୍ଣବମାନେ ତାଙ୍କୁ ବିଷ୍ଣୁ, ଶାକ୍ତମାନେ ତାଙ୍କୁ ଦୁର୍ଗା ବା କାଳୀ ଏବଂ ଆର୍ଯ୍ୟ ସନାତନ ଧର୍ମର ସକଳ ସମ୍ପ୍ରଦାୟ ତାଙ୍କୁ ଶ୍ରୀହରି, ଓଁ ଅଥବା ଈଶ୍ୱର ବୋଲି କହିଥାନ୍ତି ।

(୧୨୫୩) ସ୍ଥୂଳ, ସୂକ୍ଷ୍ମ ଓ କାରଣ ଅବସ୍ଥା : ଶାସ୍ତ୍ରରେ ଭୂତଭାବ, ଜଗତ୍‌ଭାବ ଏବଂ ଜୀବଦେହଭାବର ସ୍ଥୂଳ, ସୂକ୍ଷ୍ମ ଓ କାରଣ ଏହି ତିନି ଅବସ୍ଥାର କଥା ବର୍ଣ୍ଣିତ ହୋଇଅଛି । ପ୍ରଥମତଃ ସୂକ୍ଷ୍ମ ଶବ୍ଦର ଅର୍ଥ କେବଳ ଛୋଟ ବା କ୍ଷୁଦ୍ର ନୁହେଁ । ଯାହା ଅଣୁ ବା ଅତିକ୍ଷୁଦ୍ର ହୋଇ ମଧ୍ୟ ଲଘୁ ବା ଖୁବ୍ ପତଳା, ଖୁବ୍ କୋମଳ ଏବଂ ଖୁବ୍ ତରଳ (Volatile) ତାର ନାମ ସୂକ୍ଷ୍ମ । ସୁତରାଂ ଅଣୁଭାବ, ଲଘୁଭାବ, ଦୁର୍ବଳଭାବ, କୋମଳଭାବ ଏବଂ ତରଳ ଭାବ, ଏହି ପଞ୍ଚବିଧ ଭାବ ବା ଅବସ୍ଥା ଏହି ସୂକ୍ଷ୍ମଶବ୍ଦଦ୍ୱାରା ଲକ୍ଷିତ ହୋଇଥାଏ । ସ୍ଥୂଳଭାବ ଏହି ସୂକ୍ଷ୍ମଭାବର ବିପରୀତ, ସୁତରାଂ ଯାହା ବଡ଼, ଯାହା ଭାରି ବା ଗୁରୁ, ଯାହା ଶକ୍ତ ବା ଦୃଢ଼, ଯାହା କଠିନ ଏବଂ ଯାହା ଘନ, ତାହାହିଁ ସ୍ଥୂଳ । ଭୂତର ବା ଦେହର ଯେଉଁ ଅବସ୍ଥା ଘନ, କଠିନ, ଦୃଢ଼, ଭାରି ଏବଂ ବଡ଼, ତାକୁ ସ୍ଥୂଳ କୁହାଯାଏ ଏବଂ ଯେଉଁ ଅବସ୍ଥା ତରଳ, କୋମଳ, ଦୁର୍ବଳ, ପତଳା ଓ ଛୋଟ, ତାହାକୁ ସୂକ୍ଷ୍ମ କୁହାଯାଏ । ଏହାପରେ କାରଣ ଶବ୍ଦର ଅର୍ଥ କେବଳ ମାତ୍ର ମୂଳ ବା ଉତ୍ସ ନୁହେଁ । ଯେଉଁଥିରୁ ଏହି ସ୍ଥୂଳ ସୂକ୍ଷ୍ମ ଭୂତଭାବ ରୂପକ କାର୍ଯ୍ୟର ଉତ୍ପତ୍ତି ହୁଏ, ତାହାକୁ କାରଣ କୁହାଯାଏ । କାରଣର ଏହା ଗୋଟିଏ ପ୍ରକାରର ଅର୍ଥ । ଏହାଛଡ଼ା କାରଣ ଶବ୍ଦର ଅର୍ଥ କର୍ମ, ସ୍ୱଭାବ ଏବଂ ସୁସୂକ୍ଷ୍ମ, ଅର୍ଥାତ୍ ଯାହା ସୂକ୍ଷ୍ମଠାରୁ ସୂକ୍ଷ୍ମ ବା ଅଣୁ, ଯାହା ସ୍ଥୂଳ ଓ ସୂକ୍ଷ୍ମ ଭାବରେ କର୍ମର ଶକ୍ତି ବା ଫଳସ୍ୱରୂପ, ଯାହା କାର୍ଯ୍ୟରୂପ ସ୍ଥୂଳ ଓ ସୂକ୍ଷ୍ମର ସ୍ୱଭାବ ବା ପ୍ରକୃତି ଏବଂ ଯାହା ଏହି ସ୍ଥୂଳ ଓ ସୂକ୍ଷ୍ମର ମୂଳ ଉତ୍ସ ବା ଆଦି, ତାହାକୁ କାରଣ କହନ୍ତି । ସୁତରାଂ ସ୍ୱଭାବ ଦେହ, ସୁସୂକ୍ଷ୍ମ ଭୌତିକ ଦେହ ଏବଂ ସ୍ଥୂଳ-ସୂକ୍ଷ୍ମର ଆଶ୍ରୟସ୍ୱରୂପ କର୍ମମୟ ଦେହକୁ କାରଣ ଦେହ କୁହାଯାଏ ।

(୧୩୫୪) ଭବ କାରାଗାର ଚିତ୍ର ଓ ତହିଁରୁ ଉଦ୍ଧାର ଉପାୟ : ଏ ସଂସାର ଏକ ଭୟଙ୍କର କାରାଗୃହ । ଭୋଗାସକ୍ତିରୂପକ ଦୁର୍ଭେଦ୍ୟ ପ୍ରାଚୀରଦ୍ୱାରା ଏହି ସଂସାର କାରାଗାରଟି ଖୁବ୍ ଦୃଢ଼ଭାବରେ ପରିବେଷ୍ଟିତ ରହିଛି । ରୋଗ, ଶୋକ, ତ୍ରିତାପ, ଦୁଃଖ, ଯନ୍ତ୍ରଣା, ମନୋବେଦନା, ଜ୍ୱାଳା ଏବଂ ଅଭାବ ନାମକ

ଅସଂଖ୍ୟ ପ୍ରକାର ହିଂସ୍ର ଜନ୍ତୁଗଣ ଅଶେଷ ପ୍ରକାରରେ ଏହି ଭବ କାରାଗାରରେ ବନ୍ଦୀ ଜୀବଗଣଙ୍କୁ କଷ୍ଟ ପ୍ରଦାନପୂର୍ବକ ସେମାନଙ୍କ ରକ୍ତ ମାଂସକୁ ଟିକିଟିକି କରି ଖାଉଛନ୍ତି। ସ୍ନେହ, ମାୟା, ମମତା, ଅଭିମାନ, ମୋହ ଏବଂ ସଂଶୟ ନାମକ ଦାରୁଣ ଅନ୍ଧକାର ବନ୍ଦୀଗଣଙ୍କୁ ନାନାପ୍ରକାର ଭୟ ପ୍ରଦର୍ଶନ କରୁଛନ୍ତି। କାମନା, ବାସନା, ଆଶା ଓ ଆକାଂକ୍ଷା ଆଦି ଅସଂଖ୍ୟ ପ୍ରକାର ଶୃଙ୍ଖଳଦ୍ୱାରା ଏହି ବନ୍ଦୀଗଣଙ୍କୁ ବାନ୍ଧି କଷ୍ଟ ଦିଆଯାଉଛି। ପୁନଶ୍ଚ ଷଡ଼ରିପୁରୂପକ ଅଙ୍କୁଶ ଆଘାତରେ ଏମାନେ ଜର୍ଜରିତ ହୋଇ ଅବିରତ ବିପନ୍ନ ହୋଇ ପଡୁଛନ୍ତି। ଏପରି ଏକ ଭୀଷଣ କାରାଗାରରେ ମାନବ ଆତ୍ମାକୃତ ମହାପାପର ଶାସ୍ତିସ୍ୱରୂପ ଆବଦ୍ଧ ହୋଇ ରହିଛି। କାମରୂପକ ଦୁର୍ଜୟ ପାପରେ ଆସକ୍ତ ଜୀବ ଏହି କାରାଗାରରେ ବଦ୍ଧ ହୋଇ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଏହି ତ୍ରିବିଧ ଅବସ୍ଥାରେ ନିରନ୍ତର ବ୍ୟସ୍ତ ଓ ଚଞ୍ଚଳ ହୋଇ ଦୁଃଖପ୍ରାପ୍ତ ହେଉଅଛି। ଏତେ କଷ୍ଟ ଭୋଗକରି ମଧ୍ୟ କ୍ଷଣିକ ଇନ୍ଦ୍ରିୟ ତୃପ୍ତିର ପ୍ରଲୋଭନରେ ମୁଗ୍ଧ ରହି ମାନବ ଏହି କାରାଗାରରୁ ମୁକ୍ତିଲାଭର କୌଣସି ଚେଷ୍ଟା କରୁନାହିଁ। ମୁକ୍ତ ହେବାର ଚେଷ୍ଟା ଦୂରେ ଥାଉ, ଏହି ସଂସାର ପ୍ରତି ଉପର୍ଯ୍ୟୁକ୍ତ ଭୀଷଣ ଓ କଷ୍ଟପ୍ରଦ କାରାଗାର ବୁଦ୍ଧିର ତା' ମନରେ ଉଦୟ ହେଉନାହିଁ। ବିଷୟ ମୋହରେ ମାନବ ଏତେ ଚଞ୍ଚଳ ହୋଇ ଜୀବନ ଯାତ୍ରା ନିର୍ବାହ କରୁଛି ଯେ ଏହି ସଂସାରର ଅସଂଖ୍ୟ ପ୍ରକାର ଦୁଃଖ ଦେଖି ମଧ୍ୟ ଆଖିବୁଜି ଦେଇ ସେଥିରେ ମାତିଯାଉଛି। ଭାଗ୍ୟବଶରୁ କ୍ୱଚିତ୍ ଜଣେ ଦୁଇଜଣଙ୍କର ଏହି କାରାଗାରରୁ ମୁକ୍ତିପିପାସା ଜାଗିଲେ ମଧ୍ୟ ତା'ର ଉପାୟ ପାଇପାରୁ ନାହାନ୍ତି। ଏକ ତ୍ରିଭୁଜାକାର କ୍ଷେତ୍ରରୂପ ଭବ କାରାଗାରଟି (୧) କର୍ମଫଳ (୨) ଅବିଦ୍ୟା ଓ (୩) ଭୋଗବାସନା ନାମକ ତିନୋଟି ବାହୁ ବା ଭୁଜ ଅର୍ଥାତ୍ ତିନିଟି ପ୍ରାଚୀରଦ୍ୱାରା ପରିବେଷ୍ଟିତ। ଏହି ତିନିଟି ପ୍ରାଚୀରର ମଧ୍ୟସ୍ଥଳରେ ତିନୋଟି ମାତ୍ର ଦ୍ୱାର ଅଛି; ଯଦ୍ୱାରା ବନ୍ଦୀଗଣ ଏହି କାରାଗାରରୁ ବାହାରିବାକୁ ସମର୍ଥ ହେବେ। ସେହି ତିନୋଟି ଦ୍ୱାରର ନାମ ଯଥାକ୍ରମେ (୧) ତପଃ (୨) ଜ୍ଞାନ ଓ (୩) ଯୋଗ। ଏହି ତିନୋଟି ଦ୍ୱାରରେ ପହଞ୍ଚିବାକୁ ତିନିଟି ପଥ ଅଛି; ସେଗୁଡ଼ିକର ନାମ ଯଥାକ୍ରମେ (୧) ସାଧନା (୨) ସତ୍‌ଶାସ୍ତ୍ର ଓ (୩) ସତ୍‌ସଙ୍ଗ। ଏହି ତ୍ରିପଥ ଓ ତ୍ରିଦ୍ୱାର ଭିନ୍ନ ଭବକାରାଗାରରୁ ମୁକ୍ତହୋଇ ମୁକ୍ତ ଆନନ୍ଦଧାମକୁ ପ୍ରବେଶ କରିବାର ଅନ୍ୟ ଉପାୟ ନାହିଁ। ତପଃ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନରୂପକ ଉପରୋକ୍ତ ଦ୍ୱାରତ୍ରୟ ଲାଭ କରିବାର ଉପାୟ

ଏହି ସାଧନ, ଶାସ୍ତ୍ର, ଏବଂ ସଂଯୋଗ ବା ମହଦାଶ୍ରୟ। (୧) ସାଧନା ଅର୍ଥ ସଂଯମ, ଶମ, ଦମ, ପ୍ରତ୍ୟାହାର ଏବଂ ବୈରାଗ୍ୟାଭ୍ୟାସ। ଏହିସବୁ ତପସ୍ୟାମୂଳକ କ୍ରିୟା ସୁଦୃଢ଼ ଅଭ୍ୟାସସାକ୍ଷେପ। ସ୍ୱାର୍ଥତ୍ୟାଗ, ଆସକ୍ତିତ୍ୟାଗ, ପରୋପକାର ବ୍ରତସାଧନ, ଜପ ଏବଂ ଉପାସନାଦି ତପସ୍ୟା ବା ସାଧନାର ବିଷୟ। ଫଳରେ ଯାହାଦ୍ୱାରା ଚିତ୍ତଶୁଦ୍ଧ, ଏକାଗ୍ର, ସଂଯତ ଓ ନିରୁଦ୍ଧ ହୁଏ, ତାହା ହିଁ ସାଧନା ବା ତପସ୍ୟା। (୨) ଅନନ୍ତର ଦର୍ଶନ ଓ ଉପନିଷଦାଦି ସତ୍‌ଶାସ୍ତ୍ର ସକଳ ପାଠ, ଚିନ୍ତା ଓ ଅନୁଶୀଳନ କରୁକରୁ ତତ୍ତ୍ୱଜ୍ଞାନ ଓ ଆତ୍ମଜ୍ଞାନ ସମୁଦିତ ହୋଇ ସଂସାର ମୋହ କ୍ରମଶଃ ଦୂର ହୋଇଯାଏ। (୩) ତତ୍ପରେ ସାଧୁ, ମହାତ୍ମା, ଜ୍ଞାନୀ ଓ ଯୋଗୀଜନଙ୍କର ସଙ୍ଗରେ ବାସ କଲେ ଭକ୍ତି ଓ ଯୋଗ ଶିକ୍ଷାଲାଭପୂର୍ବକ ସଂସାର ବନ୍ଧନ ଛିନ୍ନ ହୋଇଥାଏ। ଏହିପରି ଭାବରେ (୧) ତପଃ ଓ ସାଧନରୂପକ କର୍ମଯୋଗ (୨) ଶାସ୍ତ୍ର ଓ ସ୍ୱାଧ୍ୟାୟରୂପକ ଜ୍ଞାନଯୋଗ ଏବଂ (୩) ସତ୍‌ସଂଗରୂପକ ଭକ୍ତିଯୋଗ ସହାୟରେ ମାନବ କ୍ରମଶଃ ଦୁଃଖପୂର୍ଣ୍ଣ ପୁନଃ ପୁନଃ ଜନ୍ମ ମୃତ୍ୟୁରୂପ ଭବ କାରାଗାରରୁ ନିସ୍ତାର ଲାଭକରେ।

(୧୩୫୫) ଅନ୍ନମୟ କୋଷ : ଅନ୍ନରୁ ଜାତ ହୋଇଥିବା ଏହି ଶରୀରହିଁ ଅନ୍ନମୟ କୋଷ ଅଟେ। ଏହା ଅନ୍ନ ଦ୍ୱାରା ହିଁ ଜୀବିତ ହୁଏ। ଅନ୍ନବିନା ନଷ୍ଟ ହୁଏ। ଏହି ଶରୀର ଚର୍ମ, ତ୍ୱକ, ମାଂସ, ରକ୍ତ, ହାଡ଼, ମଳ ଆଦି ନଶ୍ୱର ପଦାର୍ଥର ସମୂହ ଅଟେ। ଏହା କେବେହେଲେ ନିଜେ ଆତ୍ମା ନୁହେଁ।

(୧୩୫୬) ପ୍ରାଣମୟ କୋଷ : ପାଞ୍ଚଟି କର୍ମେନ୍ଦ୍ରିୟ ଯୁକ୍ତ ଏହି ପ୍ରାଣହିଁ ପ୍ରାଣମୟ କୋଷ ବୋଲି କଥିତ। ଏହି ପ୍ରାଣମୟ କୋଷ ଆତ୍ମା ନୁହେଁ। ପବନ ପରି ଏହା ମଧ୍ୟ ଭିତରକୁ ଯାଏ ଏବଂ ବାହାରକୁ ଆସେ। ଏହା ସଦା ପରାଧୀନ ଥାଏ। ଏହା କେବେହେଲେ ଇଷ୍ଟ-ଅନିଷ୍ଟ ଆପଣା-ପର ଜାଣିପାରେ ନାହିଁ।

(୧୩୫୭) ମନୋମୟ କୋଷ : ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ମନ—'ମୁଁ' 'ମୋର' ଆଦି ବିକଳ୍ପ ଗୁଡ଼ିକର କାରଣ ଏହି କୋଷ ଅଟେ। ଏହା ପୂର୍ବ କୋଷ ଗୁଡ଼ିକୁ ବ୍ୟାପି ରହିଥାଏ। ଏହା ମଧ୍ୟ ଆତ୍ମା ନୁହେଁ।

(୧୩୫୮) ବିଜ୍ଞାନମୟ କୋଷ : ଚକ୍ଷୁ, କର୍ଣ୍ଣ, ନାସା ଆଦି ଜ୍ଞାନେନ୍ଦ୍ରିୟମାନଙ୍କ ସହ ବିଭିନ୍ନ ବ୍ୟାପାରଯୁକ୍ତା ବୁଦ୍ଧି ହିଁ କର୍ତ୍ତାପଣିଆ ଦେଖାଉଥିବା ସ୍ୱଭାବ ବିଶିଷ୍ଟ ବିଜ୍ଞାନମୟ କୋଷ ଅଟେ। ଏହା ବ୍ୟକ୍ତିର ଜନ୍ମ-ମରଣଶୀଳ ସଂସାରର କାରଣ ଅଟେ। ଏହା ମଧ୍ୟ ଆତ୍ମା ନୁହେଁ।

(୧୩୫୯) ଆନନ୍ଦମୟ କୋଷ : ଆନନ୍ଦ ସ୍ୱରୂପ ଆତ୍ମାର ପ୍ରତିବିମ୍ବରେ ବ୍ୟାପିଥିବା ତଥା ତମୋଗୁଣ ଦ୍ୱାରା ପ୍ରକଟିତ ହେଉଥିବା ବ୍ୟାପାର ହିଁ ଆନନ୍ଦମୟ କୋଷ ଅଟେ। ଏହା ମଧ୍ୟ ଆତ୍ମା ନୁହଁ। କାରଣ ଏହା ଉପାଧିଯୁକ୍ତ ଅଟେ। ପ୍ରକୃତିର ବିକାର ଅଟେ। ପ୍ରିୟ ପ୍ରମୋଦ ଏବଂ ପ୍ରମୋଦରୂପ ଅବୟବ ଗୁଡ଼ିକର ସମଷ୍ଟିରେ ନିର୍ମିତ ଅଟେ।

ଭାବାଙ୍କୁର ଜାତ ଭକ୍ତର ଲକ୍ଷଣ

ମୁସଲମାନମାନଙ୍କ ଧର୍ମଗ୍ରନ୍ଥରେ ଲିଖିତ ଅଛି, ଏକଦା ମୂଷା ପୟଗମ୍ବର ଭଗବାନଙ୍କୁ କହିଲେ, ''ପ୍ରଭୁ, ଭକ୍ତମାନେ ଆପଣଙ୍କର ସର୍ବସ୍ୱ ସଂଭୋଗ କରୁଛନ୍ତି, ଲୁଟି ନେଉଛନ୍ତି। ଆପଣ ମୋତେ ଭକ୍ତ ଭାବରେ ପରିଗଣିତ କରି ଗ୍ରହଣ କରନ୍ତୁ।'' ଭଗବାନ କହିଲେ, ''ତୁମକୁ ପୟଗମ୍ବର ପଦ ପ୍ରଦାନ କରିଛି, ତାହାହିଁ ତ' ଯଥେଷ୍ଟ। ମୁଁ ଜଗତର ଜଣ ଜଣଙ୍କୁ ଗୋଟିଏ ଗୋଟିଏ ଭାବ ପ୍ରଦାନ କରିଛି, ତାହା ସଂପାଦନ କଲେ ହିଁ ସେ ମୋର ଭକ୍ତ। ତେବେ ଏହା ଅପେକ୍ଷା ଭକ୍ତ ହେବା ବଡ଼ କଠିନ। ଯଦି ସେ ପ୍ରକାର ଭକ୍ତ ଦେଖିବାକୁ ଚାହଁ ତେବେ ଅପେକ୍ଷା କର। ''ମୂଷା! ମୋର ଏକ ପା' ମାଂସ ପ୍ରୟୋଜନ। ଗୋଟିଏ କଥା କର—ଚାରିଆଡ଼େ ଘୋଷଣା କରିଦିଅ ଯେ ପରମେଶ୍ୱରଙ୍କର ଏକ ପା' ମାଂସ ପ୍ରୟୋଜନ। ଯଦି କେହି ପରମେଶ୍ୱରଙ୍କର ପ୍ରିୟ ଭକ୍ତ ଥାଅ, ତେବେ ନିଜର ଜଂଘରୁ ଏକ ପା' ମାଂସ ପ୍ରଦାନ କର।'' ଏତଦ୍ୱାରା ପ୍ରଥମେ ମୂଷାଙ୍କର ପରୀକ୍ଷା ହେଲା। କାରଣ ସେ ନିଜେ ସେହି ମାଂସ ଦେଇ ଭଗବତ୍ ଭକ୍ତଙ୍କ ପରି ନିଜ ପ୍ରଭୁଙ୍କର ଇଚ୍ଛା ପୂର୍ଣ୍ଣ କରିବାକୁ ସମର୍ଥ ହେଲେ ନାହିଁ। ଏହିପରି ଭାବରେ ଯେତେବେଳେ ମୂଷା ସ୍ଥାନେ ସ୍ଥାନେ ଘୋଷଣା କରିବାକୁ ଲାଗିଲେ, ସମସ୍ତେ ବୁଝିଲେ ଏ ମୂଷା ପାଗଳ ହୋଇ ଯାଇଛି। ମୂଷା ଯେତେବେଳେ ଚିତ୍କାର କରି ପରମେଶ୍ୱରଙ୍କ ନାମରେ ମାଂସ ଚାହୁଁଥିଲେ, ସେହି ସମୟରେ ଜୀର୍ଣ୍ଣ କମ୍ବଳରେ ଆବୃତ୍ତ ଜଣେ ବୃଦ୍ଧ ବାହାରି ପଡ଼ି ହୁଙ୍କାର କରି କହିବାକୁ ଲାଗିଲେ, ''କିଏରେ ମୋର ପ୍ରଭୁଙ୍କ ନାମ ଶୁଣାଇଲା? ଏ କିଏରେ ମୋର ପ୍ରିୟତମଙ୍କ କଥା କହୁଛି !! ତୁ ଧନ୍ୟ! କିଏ ମୂଷା? ତୁ ମୋର ପ୍ରିୟତମଙ୍କ ନାମ ଗାନ କରୁଛୁ, ତୁ ଧନ୍ୟ! ଆଚ୍ଛା ମୂଷା, ମୋ ପ୍ରିୟତମ ମାଂସ ଚାହୁଁଛନ୍ତି? ଏ ତ' ବଡ଼ ଆନନ୍ଦର କଥା! ତୁମେ ଶୀଘ୍ର ଅସ୍ତ୍ର ଆଣ; କେଜାଣି ବା ହଠାତ୍ ମୋ' ମନ ପରିବର୍ତ୍ତନ ହୋଇଯାଇ

ପାରେ, ବିଳମ୍ବ ଉଚିତ ନୁହେଁ।'' ମୂଷା ଅସ୍ତ୍ର ବାହାର କରିବାମାତ୍ରେ ସେହି ବୃଦ୍ଧ ନିଜର ଜଂଘ ପାତିଦେଲେ। ମୂଷା ମାଂସ ଉତ୍ତୋଳନ କରିବାକୁ ଆରମ୍ଭ କଲେ। ଜଂଘର ସମସ୍ତ ମାଂସ ଏକ ପା' ହେଲାନାହିଁ। ତେଣୁ ବୃଦ୍ଧ ଏ ଅଙ୍ଗ, ସେ ଅଙ୍ଗ ଦେବାକୁ ଲାଗିଲେ। ତଥାପି ଏକ ପା' ହେଲା ନାହିଁ। ବର୍ତ୍ତମାନ ଭଗବାନଙ୍କ ପ୍ରିୟ ଭକ୍ତ କହିଲେ, ''ମୂଷା! ମୁଁ ମୋର ସମଗ୍ର ଶରୀର ପ୍ରଦାନ କଲି, ତୁମେ ବର୍ତ୍ତମାନ ଗ୍ରହଣ କର।'' ଏପରି ସମୟରେ ପରମେଶ୍ୱର ପ୍ରକାଶିତ ହୋଇ ମୂଷାଙ୍କୁ କହିଲେ, ''ଦେଖ, ମୂଷା, ତୁମେ ସମଗ୍ର ପୃଥିବୀରେ ଘୋଷଣାକରି ମଧ୍ୟ ଏପରି ଜଣେ ପାଇଲ ନାହିଁ, ଯେ ମୋ' ପାଇଁ ମାଂସ ଦାନ କରି ପାରିବ— କିନ୍ତୁ ଏ ବ୍ୟକ୍ତି ତା'ର ସମଗ୍ର ଶରୀର ଦାନକଲା। କହ ତ' ମୂଷା! ଯେ ମୋ ପାଇଁ ନିଜର ସମସ୍ତ ଶରୀର କାଟି ଦାନ କରିପାରେ, ତା'ର ସର୍ବସ୍ୱ ଦାନକରେ, ମୋ' ପାଇଁ ତା'ର ଦେହ ମନ ପ୍ରାଣ ସମର୍ପଣ କରିପାରେ, ତାକୁ କ'ଣ ଦେଇ ମୁଁ ତା'ର ଋଣ ପରିଶୋଧ କରିପାରିବି? ତେଣୁ ତାକୁ ମୁଁ ନିଜକୁ ପୂର୍ଣ୍ଣରୂପେ ଅର୍ପଣ କରି ତା'ର ଅଧୀନ ହୋଇଥାଏ। ମୁଁ ଯନ୍ତ୍ର, ସେ ମୋର ଯନ୍ତ୍ରୀ ହୋଇଥାଏ।''

ଆମେ ଉପାସନା କରୁ, ମୁହଁରେ କହୁ ଆମେ ପରମେଶ୍ୱରଙ୍କୁ ଭଲପାଉ, କିନ୍ତୁ କାର୍ଯ୍ୟରେ ନୁହେଁ। ପରମେଶ୍ୱରଙ୍କଠାରେ ଯାହାଙ୍କର ପ୍ରେମ ହୁଏ, ତାଙ୍କର ପ୍ରଥମରୁ ହିଁ ସ୍ୱାର୍ଥବୋଧ ନାଶ ହୁଏ। ଯଦି ତାଙ୍କୁ ମୁଁ ମୋର ପ୍ରିୟ ମନେ କରେ ତେବେ ଅନ୍ୟ ମମତାରେ କ'ଣ ମୋ' ମନ ଆବଦ୍ଧ ହୋଇପାରେ? ଆମେ ଯଦି ଦେଖୁ ଆମେ କେବଳ ରିପୁ ସେବା କରୁଛୁ, କିପରି ବା ଆମେ କହିପାରିବା ଆମେ ତାଙ୍କୁ ଭଲପାଉ? ତାଙ୍କୁ ଭଲ ପାଇବାର ଲକ୍ଷଣ ହେଉଛି ତାଙ୍କୁ ଭଲ ପାଇଲେ, ସେ ଯାହା ଭଲ ପାଆନ୍ତି ସେ ସମସ୍ତଙ୍କୁ ଭଲ ପାଇବା। ତସ୍ମିନ୍‌ପ୍ରୀତି ତତ୍ ପ୍ରିୟ କାର୍ଯ୍ୟ ସାଧନଂଚ ତଦୁପାସନା ଏବ।' ପୀରତି ଲକ୍ଷଣ ପ୍ରିୟ କର୍ମ ସାଧନ। ଆମେ ଖାଲି ମୁହଁରେ ଭକ୍ତି କଥା କହିଲେ କ'ଣ ହେବ? କ'ଣ ନାଁ, ଆମେ ନୃତ୍ୟ କରୁ, ଗୀତ ବୋଲୁ, ଡେଉଁ, କୁଦୁ, ତାଙ୍କ କାମକରୁ, ଏହାକୁ କ'ଣ ଭକ୍ତି କହନ୍ତି? ଭକ୍ତି କ'ଣ? ଭକ୍ତି ଅନନ୍ୟଭାବେ ପରମେଶ୍ୱରଙ୍କୁ ଭଲ ପାଇବା—

ଅନ୍ୟେ ମମତା ବିଷ୍ଣୌ ମମତା ପ୍ରେମ ସଂଗତ।
ଭକ୍ତି ରିତ୍ୟୁଚ୍ୟତେ ଭୀଷ୍ମ ନାରଦୋଦ୍ଧବ ପ୍ରହ୍ଲାଦୈ।

—ବିଷ୍ଣୁ ପୁରାଣ

ପ୍ରେମସ୍ତୁ ପ୍ରଥମାବସ୍ଥା ଭାବରିତ୍ୟଭିଧୀୟତେ

—ଭକ୍ତି ରସାମୃତ ସିନ୍ଧୁ

ପ୍ରେମର ପ୍ରଥମାବସ୍ଥାକୁ ଭାବ କୁହାଯାଏ । ସମଗ୍ର ଶରୀର ମନ ତାଙ୍କୁ ଉତ୍ସର୍ଗ ଗଲେ ଯାଇ ଭକ୍ତି ହେବ । ଯାହାଙ୍କର ପ୍ରାଣରେ ଭାବର ଅଙ୍କୁର ମାତ୍ର ଜନ୍ମିଛି, ତାଙ୍କଠାରେ କି କି ଲକ୍ଷଣ ଉପଲକ୍ଷିତ ବା ଉଦିତ ହୁଏ, ଶ୍ରୀରୂପ ଗୋସ୍ୱାମୀ ସେ ସମ୍ବନ୍ଧରେ କହୁଛନ୍ତି–

''କ୍ଷାନ୍ତିରବ୍ୟର୍ଥ କାଳତ୍ୱଂ ବିରକ୍ତି ମାନ ଶୂନ୍ୟତା,
ଆଶାବନ୍ଧ ସମୁତ୍କଣ୍ଠା ନାମଗାନେ ସଦା ରୁଚି
ଆସକ୍ତି ସ୍ତଦ୍‌ଗୁଣାଖ୍ୟାନେ ପ୍ରୀତିସ୍ତଦ୍ ବସତି ସ୍ଥଳେ
ଇତ୍ୟାଦୟୋଽନୁଭାବାଃ ସ୍ୟୁର୍ଜାତ ଭାବାଙ୍କୁରେ ଜନେ ।

—ଭକ୍ତି ରସାମୃତ ସିନ୍ଧୁ

''ଯାହାଙ୍କର ଭାବାଙ୍କୁର ଜନ୍ମିଛି, ତାଙ୍କଠାରେ କ୍ଷାନ୍ତି, ଅବ୍ୟର୍ଥ କାଳତ୍ୱ, ବିରକ୍ତି, ମାନଶୂନ୍ୟତା, ଆଶାବନ୍ଧ, ସମୁତ୍କଣ୍ଠା ନାମେଗାନେ ସଦା ରୁଚି, ଭଗବାନଙ୍କର ଗୁଣ ବର୍ଣ୍ଣନାରେ ଆସକ୍ତି, ଏବଂ ତାଙ୍କର ବସତି ସ୍ଥଳରେ ପ୍ରୀତି ପ୍ରଭୃତି ଗୁଣ ଦେଖାଯାଏ ।''

(କ) କ୍ଷାନ୍ତି—କ୍ଷାନ୍ତି କ'ଣ ?

କ୍ଷୋଭ ହେତାବପି ପ୍ରାନ୍ତେ କ୍ଷାନ୍ତି ରକ୍ଷୁ ଭିତାତ୍ମତା ''କ୍ଷୋଭର ହେତୁ ଅର୍ଥାତ୍ ରୋଗ, ଶୋକ, ବିପଦ ପ୍ରଭୃତି ଉପସ୍ଥିତ ହେଲେ ମଧ୍ୟ ଚିତ୍ତରେ ଯେଉଁ ଅକ୍ଷୋଭିତ ଭାବ, ତାହାର ନାମ କ୍ଷାନ୍ତି ।''

ପ୍ରଥମତଃ ଯଦି ଭାବର ଅଙ୍କୁର ହୁଏ ତେବେ ସେ କ୍ଷୋଭ ରହିତ, କ୍ଷମାଶୀଳ ହେବେ । ସେ ମୋର ପ୍ରଭୁ, ଚରାଚର ବ୍ରହ୍ମାଣ୍ଡ– ଏହି ସମସ୍ତ ନରନାରୀ ତାଙ୍କର, ମୋର ପ୍ରିୟତମଙ୍କର, ମୋର ପ୍ରଭୁଙ୍କର, ଏହିପରି ଜ୍ଞାନ ହେଲେ ଯଦି କେହି ମୋତେ ନିର୍ଯ୍ୟାତନା ଦିଏ, ଅପମାନ ଦିଏ, ତେବେ ମୁଁ କହିବି ଖୁବ୍ କର; ତୁମେ ଯେ ମୋ' ପ୍ରିୟତମଙ୍କର, ମୁଁ ତୁମକୁ କ'ଣ କିଛି କହିପାରିବି, ସେହି ବିଶ୍ୱରୂପ ଜଗନ୍ନାଥ ତ' ତୁମ ମଧ୍ୟରେ କୋମଳ ବା କଠୋର ବ୍ୟବହାର କରୁଛନ୍ତି; ତେଣୁ ତୁମ ଇଚ୍ଛା ତୁମେ ଯେପରି ବ୍ୟବହାର ମୋତେ କରିପାର, ସେଥିରେ

ମୋର ଆପତ୍ତି ବା ଦୁଃଖ ବା କ୍ଷୋଭ ନାହିଁ। ମନ ହେଉଛି ତ', ଯେତେ ନିର୍ଯ୍ୟାତନା, ପ୍ରହାର ଖୁବ୍ କର, ସେଥିରେ ଯଦି ତୁମେ ପ୍ରୀତ।

(ଖ) ଅବ୍ୟର୍ଥ କାଳତ୍ୱ– ଦ୍ୱିତୀୟତଃ ଭାବୁକ ଭକ୍ତ ସର୍ବଦା ଭଗବତ୍ ସ୍ମରଣ, ମନନ ପ୍ରଭୃତି କରେ। ବୃଥା ଚିନ୍ତା ବା କର୍ମରେ ସମୟର ଅପଚୟ କରେ ନାହିଁ। ଯେଉଁଥିରେ ଯେଉଁ କାମରେ ପ୍ରଭୁଙ୍କର ନାମ ନାହିଁ, ସେବା ନାହିଁ, ଅର୍ଚ୍ଚନା ନାହିଁ, ଏପରି କାର୍ଯ୍ୟ ସେ କରିପାରନ୍ତି ନାହିଁ। ଏପରିକି ଏକ ଶ୍ୱାସ ପ୍ରଶ୍ୱାସ ମଧ୍ୟ ବ୍ୟର୍ଥ ହେବାକୁ ଦିଅନ୍ତି ନାହିଁ। ସଂସାରର ସମସ୍ତ କର୍ମରେ ଲିପ୍ତ ଥିଲେ ମଧ୍ୟ ପଦ୍ମପତ୍ରରେ ଜଳପରି ନିର୍ଲିପ୍ତ ଭାବରେ ସମସ୍ତ କାର୍ଯ୍ୟ କରି ଭଗବାନଙ୍କୁ କେବେହେଲେ ଭୁଲିଯା'ନ୍ତି ନାହିଁ। ସର୍ବାବସ୍ଥାରେ ବିଭୁ ସ୍ମୃତିରେ ଭରପୂର—ସତ୍‌ସଙ୍ଗ, ଧର୍ମଗ୍ରନ୍ଥପାଠ, ସାଧୁସେବା, ନାରାୟଣ ଜ୍ଞାନରେ ଜୀବ ସେବା ପ୍ରଭୃତି ପ୍ରଭୁ ସେବାରେ ସର୍ବଦା ଲାଗିଥା'ନ୍ତି। ଜୀବେଦୟା, ନାମେ ରୁଚି ଓ ବୈଷ୍ଣବ ସେବାରେ ସମସ୍ତ ସମୟ ବ୍ୟୟ କରନ୍ତି।

(ଗ) ବିରକ୍ତି—ବିରକ୍ତିରିନ୍ଦ୍ରିୟାର୍ଥନାଂ ସ୍ୟାଦରୋଚକତା ସ୍ୱୟଂ "ଇନ୍ଦ୍ରିୟଭୋଗ୍ୟ ବିଷୟଗୁଡ଼ିକ ପ୍ରତି ଯେଉଁ ଅରୁଚି ତାହାରି ନାମ 'ବିରକ୍ତି' ବା ବୈରାଗ୍ୟ।"

ଯାହାଙ୍କର ଭାବ ଜନ୍ମିଛି ତାଙ୍କ ଚିତ୍ତରେ ଭୋଗଲିପ୍‌ସା ରହିପାରେ ନାହିଁ, ସେ ଶ୍ରୀଭଗବାନଙ୍କର ଦାସ ସ୍ୱରୂପରେ ଯେତିକି ମାତ୍ର କର୍ତ୍ତବ୍ୟ, ସେତିକି ଇନ୍ଦ୍ରିୟ ବିଷୟ ଭୋଗ କରିଥାନ୍ତି। ତୃତୀୟତଃ ତାଙ୍କ ଜୀବନ ବୈରାଗ୍ୟମୟ ହୋଇଯାଏ। ଯେ ସର୍ବଦା ଭାବିଥାଆନ୍ତି—"ଆଉ ସବୁ ଅସାର, ମୋର ପ୍ରଭୁହିଁ ସାର, ମୁଁ ତାଙ୍କଛଡ଼ା ଆଉକିଛି ଅଛି ବୋଲି ବୁଝେ ନାହିଁ। ସବୁ ତାଙ୍କର ସୃଷ୍ଟି; ବଣକୁ ଯିବା, ଗୈରିକ ବସ୍ତ୍ର ପିନ୍ଧିବା, ଅଙ୍ଗରେ ଭସ୍ମ ଲେପନ କରିବା, କୌପିନ ପିନ୍ଧିବା ବୈରାଗ୍ୟ ନୁହେଁ। ଗୋସ୍ୱାମୀମାନେ ଏହାକୁ ମର୍କଟ ବୈରାଗ୍ୟ ବୋଲି ନିନ୍ଦା କରିଛନ୍ତି। ବସ୍ତୁତଃ ବୈରାଗ୍ୟ କ'ଣ? ତାହା ଅନାସକ୍ତି। ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ ପଦାର୍ଥରେ ନାଶଶୀଳ ଜ୍ଞାନରେ ବିତାନୁରାଗ।

(ଘ) ମାନଶୂନ୍ୟତା– ଭାବୁକ ଭକ୍ତଙ୍କ ମଧ୍ୟରେ ଅଭିମାନ ରହିପାରେ ନାହିଁ। ଚତୁର୍ଥତଃ ଭାବୁକ ଭକ୍ତଙ୍କ ଜୀବନରେ ମାନଶୂନ୍ୟତା ପରିଲକ୍ଷିତ ହୋଇଥାଏ। ଯାହାଙ୍କ ଦୃଷ୍ଟି ଅନନ୍ତ ଅସୀମଙ୍କପ୍ରତି, ସେ ନିଜକୁ ଧୂଳିଠାରୁ ବି ଲଘୁ ମନେ କରିଥାନ୍ତି। ଯେ ଏପରି ଭାବର ବଶବର୍ତ୍ତୀ ନୁହଁନ୍ତି, ସେ ନିଜକୁ ବଡ଼ ମନେ

କରନ୍ତି । ଯେ ଅନନ୍ତ ମଧ୍ୟରେ ସବୁ ଡୁବିଯିବା ଦେଖନ୍ତି ସେ ତାଙ୍କୁ ମର୍ଯ୍ୟାଦା ଦାନ କରନ୍ତି । ସେ ନିଜକୁ ଦେଖନ୍ତି ନାହିଁ, ସମସ୍ତଙ୍କୁ ଦେଖନ୍ତି । ତେଣୁ ଅହଂକାର ତାଙ୍କ ଅନ୍ତରରେ ସ୍ଥାନ ପାଏ ନାହିଁ ।

(ଙ) ଆଶାବନ୍ଧ—ଆଶାବନ୍ଧୋ ଭଗବତ୍‌ପ୍ରାପ୍ତି ସମ୍ଭାବନା ଦୃଢ଼ା 'ମୁଁ ନିଶ୍ଚୟ ଭଗବାନଙ୍କୁ ପାଇବି, ଏହିପରି ଦୃଢ଼ ଆଶାର ନାମ ଆଶା ବନ୍ଧ ।'

ପଞ୍ଚମତଃ ଭାବୁକ ଭକ୍ତଭାବେ ''ଏହି ତ' ମୋର ପ୍ରିୟତମ, ଏହି ଯେ ପ୍ରଭୁ ମୋ ସମ୍ମୁଖରେ, ଆଉ ଭୟ କ'ଣ ? ସେ ତ ମାଭୈ ବାଣୀ ଶୁଣାଉଛନ୍ତି, ତେବେ ମୁଁ ତ' ନିଶ୍ଚିନ୍ତ !'' ସେ ନିଜପାଇଁ ପ୍ରଭୁଙ୍କ ପାଖରେ କିଛି କହନ୍ତି ନାହିଁ । ପ୍ରଭୁ ମୋତେ ଖାଇବାକୁ ପିନ୍ଧିବାକୁ ଦିଅ ବୋଲି ଏପରି କିଛି ପ୍ରାର୍ଥନା କରନ୍ତି ନାହିଁ । ବୃକ୍ଷ ଯେପରି ବୃଷ୍ଟି, ରୌଦ୍ର ପ୍ରଭୃତି ଅତ୍ୟାଚାର ସହି ସ୍ଥିର ଥାଏ, ସେ ମଧ୍ୟ ସେହିପରି ଦୁଃଖ ବିପଦରେ ଅଟଳ ଅଚଳ ହୋଇଥାଆନ୍ତି । 'ଆନନ୍ଦଂ ବ୍ରହ୍ମଣୋ ବିଦ୍ୱାନ୍ ନ ବିଭେତି କୁତଶ୍ଚନ'—ଏ କଥା ଋଷିମାନେ ଉପନିଷଦରେ କହିଛନ୍ତି । ତାଙ୍କ ଆନନ୍ଦର ପରିସୀମା ନାହିଁ, ସେ ପ୍ରଭୁଙ୍କ ପ୍ରତୀକ୍ଷାରେ ଦୃଢ଼ ଆଶା ବାନ୍ଧି ତାଙ୍କରି ମିଳନ ପଥକୁ ଚାହିଁ ବସିଥାନ୍ତି । ଏହି ଆଶାରେ ପ୍ରାଣ ଭସାଇ ରାମପ୍ରସାଦ ଗାଇଥିଲେ ।

''ଯଦି ଡୁବଲ ନା, ଡୁବାଏ ବା, ଓରେ ମନନେଏ
ମନ ହାଲ ଛେଡ଼ନା, ଭରସା ବାଂଧ ପାରବେ
ଯେତେ ବେୟେ ।''

ପଞ୍ଜାବର ବିଖ୍ୟାତ ସାଧୁସ୍ୱାମୀ ରାମତୀର୍ଥ ଆଶାବନ୍ଧର କି ଦୃଢ଼ତ୍ୱ ଦେଖାଇଛନ୍ତି !! ତାଙ୍କ ପଞ୍ଜାବୀ କବିତାର ଭାବ ହେଉଛି– ''ଆସନ ଜମାଇ ବସିଛି, ଦ୍ୱାର ଛାଡ଼ି ଯିବି ନାହିଁ, ମୁଁ ହେବି ''ମଜନୁ'', ତୁମକୁ କରିବି ଲୈଲୀ, (ମଜନୁର ଅର୍ଥ ପାଗଳ, ଲୈଲା ନାମକ ଏକ ସ୍ତ୍ରୀ ଲୋକକୁ ଦେଖି ଏକ ବ୍ୟକ୍ତି ପ୍ରେମରେ ଉନ୍ମୁଖ ହୋଇଥିଲେ, ତେଣୁ ତାଙ୍କୁ ମଜନୁ ବୋଲି କହିଥାନ୍ତି) । ମୁଁ ମୁଣ୍ଡରେ କଫନ୍ ବାନ୍ଧି ତୁମ ନିକଟରେ ବସିଅଛି (ମୃତ ବ୍ୟକ୍ତିକୁ ଯେଉଁ ବସ୍ତ୍ରଦ୍ୱାରା ଆବୃତ୍ତ କରାଯାଏ, ତାକୁ 'କଫନ୍' କହନ୍ତି । ଅର୍ଥାତ୍ ମରିବାପାଇଁ ପ୍ରସ୍ତୁତ ହୋଇ ଆସିଅଛି ।) ତୁମକୁ ଛାଡ଼ି ଉଠିବି ନାହିଁ, ଯାହାକୁ ଇଚ୍ଛା ଉଠାଇନିଅ । ମୋତେ

ଉଠାଇ ପାରିବ ନାହିଁ । ତୁମ ଦ୍ୱାରରେ ବସି ରହିଛି, କିଛି କରି ତେବେ ଯାଇ ଉଠିବି, ହୁଏତ ତୁମ ସହ ମିଳନ ହେବ, ନଚେତ୍ ମରିବି ।

(ଚ) ସମୁତ୍କଣ୍ଠା– ସମୁତ୍କଣ୍ଠା ନିଜାଭିଷ୍ଟ ଲାଭାୟ ଗୁରୁ ଲୁବ୍ଧତା– ତାହାର ନିଜ ଅଭୀଷ୍ଟ ଲାଭପାଇଁ ଯେଉଁ ଅତ୍ୟନ୍ତ ଲୋଭ ତାହାର ନାମ ସମୁତ୍କଣ୍ଠା । ଭାବୁକ ଭକ୍ତ ଷଷ୍ଠତଃ ପ୍ରଭୁଙ୍କ ପ୍ରତୀକ୍ଷାରେ ସମୁତ୍ କଣ୍ଠିତ ପ୍ରାଣରେ ଚାହିଁ ରହିଥା'ନ୍ତି, ତାଙ୍କ ପ୍ରାଣରେ ଇଷ୍ଟଦେବତାଙ୍କଠାରେ ପ୍ରବଳ ଲୋଭ ଓ ତୀବ୍ର ଉତ୍କଣ୍ଠା ନିତ୍ୟ ବର୍ତ୍ତମାନ ଥାଏ ।

(ଛ) ନାମଗାନେ ସଦା ରୁଚି– ସପ୍ତମତଃ ଭଗବାନଙ୍କ ନାମ ଗାନରେ ତାଙ୍କର ସର୍ବଦା ରୁଚି । ନାମ କରିବାକୁ ହେବ ବୋଲି ସେ ନାମ କରନ୍ତି ନାହିଁ । ତାଙ୍କର ଏହା ସ୍ୱାଭାବିକ ରୁଚି । ସେ ଅତି ପ୍ରେମ ସହିତ ରୁଚିରଖି ନାମ କୀର୍ତ୍ତନ କରନ୍ତି । ସ୍ୱର ମିଳିଲା ନାହିଁ, ବାଦ୍ୟ ହେଲା ନାହିଁ, ଏସବୁ ପ୍ରତି ଦୃଷ୍ଟି ନାହିଁ; କେବଳ ନାମହିଁ ଲକ୍ଷ୍ୟ । ଏପରିକି ପଥ ମଧ୍ୟରେ ଗଲାବେଳେ ମୋଟିଆ ବା ମୂଲିଆ, ସାଧାରଣ ଲୋକ ଯେଉଁ ନାମ କରନ୍ତି, ତାହା ଶୁଣି ସେ ଆକୃଷ୍ଟ ହୋଇ ପଡ଼ନ୍ତି । 'ଆରେ କିଏ ମୋ ପ୍ରଭୁଙ୍କ ନାମ କଲାରେ' କହି ଅତି ବିସ୍ମୟରେ ମୋହିତ ହୋଇ ପଡ଼ନ୍ତି ।

(ଜ) ତାଙ୍କ ଗୁଣାଖ୍ୟାନରେ ଆସକ୍ତି– ଅଷ୍ଟମତଃ ସେ ସର୍ବଦା ଭଗବାନଙ୍କ ଗୁଣ ବର୍ଣ୍ଣନରେ ଆସକ୍ତ ଥାଆନ୍ତି । ସେ ଦେଖନ୍ତି, ଏହି ପାହାଡ଼ ପର୍ବତ, ନଦୀ ସମୁଦ୍ର, ଏହି ତରୁଲତା, ପଶୁପକ୍ଷୀ, ଏହି ଆକାଶ ବତାସ, କେତେ ଚନ୍ଦ୍ର ତାରା, ସମସ୍ତ ଚରାଚର; କେତେ ଯୋଗୀନ୍ଦ୍ର, ମୁନୀନ୍ଦ୍ର ସର୍ବଦା ତାଙ୍କର ସ୍ତବ କରୁଛନ୍ତି । ସେ ପ୍ରଭୁଙ୍କର ଯେତେ ଗୁଣଗାନ କରନ୍ତି, ଆହୁରି ଅଧିକ ଗୁଣଗାନ କରିବାକୁ ମନ ବଳେ, ଯେତେ ତାଙ୍କ ଗୁଣଗାନ କଲେବି ଆଶା ମେଣ୍ଟେ ନାହିଁ ।

(ଝ) ତତ୍‌ବସତି ସ୍ଥଳେ ପ୍ରୀତି– ନବମତଃ ସେହି ଭକ୍ତି ଭଗବାନଙ୍କର ତୀର୍ଥସ୍ଥାନ, ଦେବସ୍ଥାନ ଦର୍ଶନରେ ବା ବାସରେ ପ୍ରୀତି ପ୍ରଦର୍ଶନ କରନ୍ତି । ପ୍ରଥମେ ଭକ୍ତଙ୍କର ତୀର୍ଥାଦି ସ୍ଥାନରେ ପ୍ରୀତି ହୁଏ, ପରେ ଯେ ପରିମାଣରେ ଭଗବାନଙ୍କର ସର୍ବବ୍ୟାପିତା ହୃଦୟଙ୍ଗମ ହୁଏ, ସେତେବେଳେ ସବୁ ସ୍ଥାନରେ ପ୍ରଭୁଙ୍କର ବସତି ଉପଲବ୍ଧି କରି ଭକ୍ତ ବିମୁଗ୍ଧ ହୁଅନ୍ତି, ଭକ୍ତ ଭଗବାନଙ୍କର ବାସସ୍ଥାନ ବିଶ୍ୱବ୍ରହ୍ମାଣ୍ଡକୁ

ପ୍ରାଣାଧିକ ଭଲ ପାଇଥାଆନ୍ତି । ମୁଁ ସ୍ୱ ଚକ୍ଷୁରେ ଦେଖିଛି, କୌଣସି ବ୍ୟକ୍ତି ବୃକ୍ଷର ଡାଳ ଭାଙ୍ଗୁଥିଲେ, ତାକୁ ଦେଖି ପରମେଶ୍ୱରଙ୍କର ଜଣେ ଭକ୍ତ ନିଜର ଅଙ୍ଗ ଛେଦନ କଲେ ଯେପରି ଶବ୍ଦ ବାହାରେ, ସେହିପରି "ଓହୋ ଓହୋ" କହି ଚିତ୍କାର କରି ଉଠିଲେ ।

ଯେତେବେଳେ ମନୁଷ୍ୟର ଏପରି ଅବସ୍ଥା ଆସେ ସେତେବେଳେ କ'ଣ ପାପ କୁକୁରର ଆଉ ସ୍ଥାନ ଥାଏ ? ଋଷିମାନେ କହିଯାଇଛନ୍ତି—

ଯବିରତୋ ଦୁଶ୍ଚରିତା ନ୍ନାଶାନ୍ତେ ନାସମାହିତଃ
ଯଶାନ୍ତ ମାନସୋବାପି ପ୍ରଜ୍ଞାନେନୈବ ପ୍ରାପ୍ନୁୟାତ୍

—ଉପନିଷଦ

ଯଦି ଅର୍ଥାର୍ଥ ଭଗତ୍ ପ୍ରେମର ଉନ୍ମେଷ ହୁଏ ତେବେ ଆପେ ଆପେ ପ୍ରାଣ ଶାନ୍ତ ହୋଇଯାଏ । 'ମୁଁ କିଛି ସାଧନ କରିବି' ଏପରି ଚିତ୍ତବୃତ୍ତି ଥିଲେ ସାଧନ ହୁଏ ନାହିଁ । ଅଶାନ୍ତ ମାନସରେ ଭଗବାନଙ୍କର ସ୍ଥାନ ନାହିଁ । ଭଗବାନ ମୋ ମଧ୍ୟରେ ତାଙ୍କ ନାମ ଭଜନ କରୁଛନ୍ତି । ଏପରି ମୋର 'ମୁଁତ୍ୱ' ମଧ୍ୟ ତାଙ୍କରି ଶକ୍ତି ଓ ପ୍ରେରଣା । ତାଙ୍କଛଡ଼ା ମୋର ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । ସେ ମୋର ପ୍ରାଣର ପ୍ରାଣ, ଅନ୍ତରର ଅନ୍ତସ୍ତମ ଅନ୍ତର୍ଯ୍ୟାମୀ । ସେ କର୍ତ୍ତା, ମୁଁ ମିଥ୍ୟା ଯଥାର୍ଥ ଅକର୍ତ୍ତା । ଏହି ଅବବୋଧରେ ଆରୂଢ଼ ଚିତ୍ତହିଁ ତାଙ୍କ ଧ୍ୟାନ ଓ ନାମ ଭଜନର ଉପଯୁକ୍ତ କ୍ଷେତ୍ର । ଏପରି କ୍ଷେତ୍ର ବା ଆଧାରରେ ଭଗବଦ୍ଦର୍ଶନ ଓ ଆସ୍ୱାଦନ ସମ୍ଭବ । ଅନ୍ୟଥା ଅସମ୍ଭବ । ହେ ପ୍ରାଣପ୍ରିୟ ପ୍ରଭୁ, ମୋ ସକଳ ଅହଂକାରକୁ ଚକ୍ଷୁ ଜଳରେ ଧୋଇ ଏ କ୍ଷୁଦ୍ର ହୃଦୟ ଅଧିକାର କରି ବସ । ତୁମର ପରମ ରମଣୀୟ ପ୍ରେମରୂପ ଦର୍ଶନ କରି ମୁଁ ସଂପୂର୍ଣ୍ଣ ଆତ୍ମହରା ହୋଇଯାଏ; ଏତଦ୍‌ଭିନ୍ନ ମୋର ଆଉ କିଛି କାମନା ନାହିଁ ।*

(୧୩୬୦) ଭାବାଙ୍କୁର ଭକ୍ତର ଅଷ୍ଟ ସାତ୍ତ୍ୱିକ ଭାବ : ଯେଉଁ ଭାଗ୍ୟବାନ ବ୍ୟକ୍ତିର ହୃଦୟରେ ପୂର୍ବଖଣ୍ଡ ବର୍ଣ୍ଣିତ ଭାବାଙ୍କୁର ଜନ୍ମେ, ସେ ପୂର୍ବୋଲ୍ଲିଖିତ ଗୁଣାବଳିଦ୍ୱାରା ଅଳଂକୃତ ହୋଇଥାନ୍ତି ଏବଂ ଶ୍ରୀ ଭଗବାନଙ୍କର ସ୍ମରଣ, କୀର୍ତ୍ତନ ଓ ମନନାଦିରେ ତାଙ୍କର—

---

* ଶ୍ରୀ ବିଜୟକୃଷ୍ଣ ଗୋସ୍ୱାମୀଙ୍କ 'ବକ୍ତୃତା ଓ ଉପଦେଶ' ତଥା ଅଶ୍ୱିନୀବାବୁଙ୍କ 'ଭକ୍ତିଯୋଗ' ଅବଲମ୍ବନରେ ଲିଖିତ ।

ସାତ୍ତ୍ୱିକାଃ ସ୍ୱଳ୍ପମାତ୍ରାଃସ୍ୟୁରତ୍ରାଶ୍ରୁ ପୁଲକାଦୟଃ ।

—ଭକ୍ତ ରସାମୃତ ସିନ୍ଧୁ

ଅଶ୍ରୁ, ପୁଲକାଦି ସାତ୍ତ୍ୱିକ ଭାବରାଜି ଅଳ୍ପ ମାତ୍ରାରେ ଉଦୟ ହୁଏ ।

ତେ ସ୍ତମ୍ଭସ୍ୱେଦରୋମାଞ୍ଚାଃ ସ୍ୱରଭେଦେଽଥପେପଥୁଃ ।

ବୈବର୍ଣ୍ଣ୍ୟମଶ୍ରୁ ପଲ୍ଲୟଇତ୍ୟଷ୍ଟୌ ସାତ୍ତ୍ୱିକାଃ ସ୍ମୃତାଃ ॥

—ଭକ୍ତି ରସାମୃତ ସିନ୍ଧୁ

ସାତ୍ତ୍ୱିକଭାବ ଆଠ ପ୍ରକାର—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱର ଭେଦ, କମ୍ପ, ବୈବର୍ଣ୍ଣ୍ୟ, ଅଶ୍ରୁ ଓ ପ୍ରଳୟ ।

(କ) ସ୍ତମ୍ଭ–

ସ୍ତମ୍ଭୋ ହର୍ଷଭୟାଶ୍ଚର୍ଯ୍ୟବିଷାଦାମର୍ଷ ସମ୍ଭବଃ ।

ତତ୍ର ବାଣାଦିରାହିତ୍ୟଂ ନୈଶ୍ଚଲ୍ୟ ଶୂନ୍ୟତାଦୟଃ ॥

''ହର୍ଷ, ଭୟ, ଆଶ୍ଚର୍ଯ୍ୟ, ବିଷାଦ ଏବଂ ଅମର୍ଷ ବା କ୍ରୋଧାଦିରୁ ସ୍ତମ୍ଭ ଉତ୍ପନ୍ନ ହୁଏ; ସ୍ତମ୍ଭ ହେଲେ ବାକ୍ୟାଦି କହିବାର ଶକ୍ତି ରହେ ନାହିଁ, ଶରୀର ନିଶ୍ଚଳ ହୁଏ ଏବଂ ବାହାରର ଇନ୍ଦ୍ରିୟ ବ୍ୟାପାର ନିରୁଦ୍ଧ ହୁଏ ।''

ହର୍ଷ, ଭୟ ଓ ବିସ୍ମୟ ପ୍ରଭୃତି ନାନା କାରଣରୁ ହୋଇପାରେ । ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦେଖନ୍ତୁ । ଶ୍ରୀ ଭଗବାନଙ୍କର ମଧୁରତ୍ୱ ମନରେ ଉଦୟ ହେଲେ ହର୍ଷ ଉତ୍ପନ୍ନ ହୋଇପାରେ । ଆଉ ଭୟ ବି ହୋଇପାରେ, ଭଗବାନ ସମ୍ଭବତଃ ମୋତେ ଆଉ ଦେଖାଦେବେ ନାହିଁ । ବିସ୍ମୟ ହୋଇପାରେ, ତାଙ୍କର ଲୀଳା କୌଶଳ ଦର୍ଶନ କରି । ବିଷାଦ ହୋଇପାରେ, ତାଙ୍କର ବିରହ ବା ଅଭାବବୋଧ ଚିନ୍ତାକରି । ପୁନଶ୍ଚ ଅମର୍ଷ ବା କ୍ରୋଧ ହୋଇପାରେ ତାଙ୍କର ନିନ୍ଦୁକ ପ୍ରତି କିମ୍ବା ଅନେକ ଡାକିଲେ ତଥାପି କୃପା ହେଲା ନାହିଁ, ଇତ୍ୟାଦି ଭାବି ତାଙ୍କ ନିଜପ୍ରତି ମଧ୍ୟ ଅମର୍ଷ ବା କ୍ରୋଧ ଉତ୍ପନ୍ନ ହୋଇପାରେ ।

(ଖ) ସ୍ୱେଦ–

ସ୍ୱେଦୋ ହର୍ଷ ଭୟକ୍ରୋଧାଧିଜଃ କ୍ଲେଦକରସ୍ତନୋଃ

''ହର୍ଷ, ଭୟ ଓ କ୍ରୋଧାଦି ଜନିତ ଶରୀରରେ ଯେଉଁ କ୍ଲେଦ ହୁଏ ତାହାର

ନାମ ସ୍ୱେଦ ବା ଘର୍ମ୍ମ ।''

(ଗ) ରୋମାଞ୍ଚ—

ରୋମାଞ୍ଚୋଽୟଂ କିଳାଶ୍ଚର୍ଯ୍ୟୌ ହର୍ଷୋତ୍ସାହ ଭୟାଦିଜଃ ।

ରୋମ୍ଣାମଭ୍ୟୁଦ୍ ଗମସ୍ତତ୍ର ଗାତ୍ର ସଂସ୍ପର୍ଶନାଦୟଃ ॥

ବିସ୍ମୟ, ହର୍ଷ, ଉତ୍ସାହ ଓ ଭୟାଦିରୁ ରୋମାଞ୍ଚ ହୁଏ ।

(ଘ) ସ୍ୱରଭେଦ—

ବିଷାଦବିସ୍ମୟମର୍ଷହର୍ଷଭିତ୍ୟାଦି ସମ୍ଭବଃ

ବୈସ୍ୱର୍ଯ୍ୟଂ ସ୍ୱରଭେଦଃ ସ୍ୟାଦେଷ ଗଦ୍‌ଗଦିକାଦିକୃତ୍ ॥

''ବିଷାଦ, ବିସ୍ମୟ, କ୍ରୋଧ, ଆନନ୍ଦ ଓ ଭୟାଦିରୁ ସ୍ୱରଭେଦ ଉତ୍ପନ୍ନ ହୁଏ; ସ୍ୱରଭେଦ ହେବାରୁ ବାକ୍ୟ ଗଦ୍‌ଗଦ ହୋଇଥାଏ ।

(ଙ) କମ୍ପ–

''ତ୍ରାସ୍, କ୍ରୋଧ ଓ ହର୍ଷାଦିରୁ କମ୍ପ ହୁଏ । ତଦ୍ଦ୍ୱାରା ଗାତ୍ରରେ ଚାଞ୍ଚଲ୍ୟ ଜନ୍ମିଥାଏ ।

(ଚ) ବୈବର୍ଣ୍ଣ୍ୟ–

''ବିଷାଦ, କ୍ରୋଧ ଓ ଭୟାଦିରୁ ଯେଉଁ ବର୍ଣ୍ଣବିକାର ଜନ୍ମେ, ତାହାର ନାମ ବୈବର୍ଣ୍ଣ୍ୟ । ଭାବଜ୍ଞ ବ୍ୟକ୍ତିଗଣ କହନ୍ତି, ଏଥିଯୋଗୁ ମଳିନତା ଓ କୃଶତାଦି ଉତ୍ପନ୍ନ ହୋଇଥାଏ ।''

(ଛ) ଅଶ୍ରୁ–

''ହର୍ଷ, କ୍ରୋଧ ଓ ବିଷାଦାଦିଦ୍ୱାରା ନେତ୍ରରେ ଯେଉଁ ଜଳୋଦ୍‌ଗମ ହୁଏ, ତାହାର ନାମ ଅଶ୍ରୁ ।

ହର୍ଷ ଜନିତ ଅଶ୍ରୁ ଶୀତଳ ଏବଂ ରୋଷାଦି ଜନିତ ଅଶ୍ରୁ ଉଷ୍ଣ । ସର୍ବପ୍ରକାର ଅଶ୍ରୁଦ୍ୱାରା ନୟନର ଚାଞ୍ଚଲ୍ୟ ଓ ରକ୍ତିମା ଏବଂ ସଂମାର୍ଜନା ଘଟିଥାଏ ।''

(ଜ) ପ୍ରଳୟ–

''ସୁଖ କିମ୍ବା ଦୁଃଖ ଯୋଗୁଁ ଯେଉଁ ଇନ୍ଦ୍ରିୟ ଚେଷ୍ଟା ଏବଂ ଜ୍ଞାନ ସଂପୂର୍ଣ୍ଣ ରୂପରେ ଲୋପ ପାଏ, ତାହାର ନାମ ପ୍ରଳୟ; ଏଥିରୁ ଭୂମିରେ ପତନ ଇତ୍ୟାଦି ଲକ୍ଷଣ ସକଳ ବର୍ଣ୍ଣିତ ହୋଇଥାଏ ।''

ଏହି ଯେଉଁ ଆଠ ପ୍ରକାର ସାତ୍ତ୍ୱିକ ଭାବ କଥିତ ହେଲା, ଯାହାଙ୍କ ହୃଦୟରେ ଭାବାଙ୍କୁର ହୋଇଛି, ତାଙ୍କଠାରେ ଯଦିବା ଏହି ସମସ୍ତ ଭାବରାଜି ବିକାଶ ପାଏ ନାହିଁ; ତେବେ ଏ ଗୁଡ଼ିକର କିଞ୍ଚିତ୍ ପାଇଥାଏ ।

(୧୩୬୧) ଅଷ୍ଟସାତ୍ତ୍ୱିକ ଭାବର ଚତୁରାବସ୍ଥା : ଶ୍ରୀରୂପ ଗୋସ୍ୱାମୀ ଏହି ସାତ୍ତ୍ୱିକ ଭାବ ଗୁଡ଼ିକର ବିକାଶର ଚାରୋଟି •ସ୍ତର ଦେଖାଇଛନ୍ତି—

"ଏ ଭାବଗୁଡ଼ିକ ଉତ୍ତରୋତ୍ତର ବୃଦ୍ଧିପ୍ରାପ୍ତ ହେଉ ହେଉ କ୍ରମେ ଧୂମାୟିତ, ଜ୍ୱଳିତ, ଦୀପ୍ତ ଓ ଉଦ୍ଦୀପ୍ତ- ଏହି ଚାରିପ୍ରକାର ଅବସ୍ଥା ପ୍ରାପ୍ତି ହୁଏ ।"

(୧) ଧୂମାୟିତ ଅବସ୍ଥା—

"ଯେତେବେଳେ ଗୋଟିଏ ବା ଦୁଇଟି ମାତ୍ର ଭାବ ଅତ୍ୟନ୍ତ ପ୍ରକାଶ ପାଏ ଏବଂ ତାହା ଗୋପନ କରି ହୁଏ, ସେହି ସମୟାଭାବର ଅବସ୍ଥାକୁ ଧୂମାୟିତ ଆଖ୍ୟା ଦିଆଯାଏ ।"

ଏହାର ଦୃଷ୍ଟାନ୍ତ ଶ୍ରୀ ରୂପ ଗୋସ୍ୱାମୀ ଦେଇଛନ୍ତି—

"ପାପବୈରୀ ଶ୍ରୀହରିଙ୍କ ପାପନାଶିନୀ କୀର୍ତ୍ତି ଶ୍ରବଣ କରୁ କରୁ ଯାଗକର୍ତ୍ତା ପୁରୋହିତଙ୍କର ଚକ୍ଷୁର ପକ୍ଷ୍ମାଗ୍ର ଅଳ୍ପ ଅଶ୍ରୁ ମିଶ୍ରିତ ହୁଏ ଏବଂ ତାଙ୍କର କପୋଳ ପୁଲକିତ ଓ ନାସିକା ଘର୍ମାକ୍ତ ହୋଇଥାଏ ।"

(୨) ଜ୍ୱଳିତ ଅବସ୍ଥା-

"ଯେତେବେଳେ ଦୁଇ ବା ତିନୋଟି ସାତ୍ତ୍ୱିକ ଭାବ ଏକ ସମୟରେ ପ୍ରକାଶିତ ହୁଏ ଏବଂ ତାହା ଅତି କଷ୍ଟରେ ଗୋପନ କରାଯାଇପାରେ, ସେ ସମୟର ଭାବର ଅବସ୍ଥାକୁ ଜ୍ୱଳିତ ଆଖ୍ୟା ଦିଆଯାଏ—ଏହାର ଦୃଷ୍ଟାନ୍ତ ପ୍ରଦତ୍ତ ହୋଇଛି ।

"ହେ ସଖୀ, ଗିରିଗହ୍ୱରରେ ସଂକେତଦୂତ ସ୍ୱରୂପ ବେଣୁର ଶବ୍ଦ ହେଲେ ଯଦିବା ମୁଁ ବାଷ୍ପରାଶିରୋଧ ଏବଂ ଲଜ୍ଜା ନିବନ୍ଧନ ଗଦ୍‌ଗଦ ବାକ୍ୟ ଗୋପନ କରିଥିଲି, କିନ୍ତୁ ଗାତ୍ରକଂପ ନିବାରଣ କରିପାରି ନାହିଁ, ତେଣୁ ବୁଦ୍ଧିମାନ୍ ପରିଜନବର୍ଗ, 'ମୁଁ କୃଷ୍ଣାନୁରକ୍ତ ହୋଇଛି', ଏହିପରି ସନ୍ଦେହ କରିଥିଲେ ।"

(୩) ଦୀପ୍ତ ଅବସ୍ଥା-

"ଯେତେବେଳେ ଭାବକ୍ରମ ବର୍ଦ୍ଧିଷ୍ଣୁ ହୋଇ ତିନି ଚାରି ବା ପାଞ୍ଚ ସାତ୍ତ୍ୱିକ

ଭାବ ଏକ ସମୟରେ ପ୍ରକାଶ ପାଏ ଏବଂ ତାହା ସମ୍ବରଣ କରିବାର ଶକ୍ତି ନଥାଏ, ସେହି ଭାବାବସ୍ଥାକୁ ପଣ୍ଡିତଗଣ ଦୀପ୍ତ ବୋଲି କହିଥାନ୍ତି । ଦୃଷ୍ଟାନ୍ତ–

''ନାରଦ ଋଷି ସମ୍ମୁଖସ୍ଥ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ଏପରି ବିବଶାଙ୍ଗ ହେଲେ ଯେ, କମ୍ପ ନିବନ୍ଧନ ବୀଣାବାଦନରେ ଅଶକ୍ତ ହୋଇ ପଡ଼ିଲେ, କଣ୍ଠରୋଧ ହେତୁ ବାକ୍ୟ ଗଦ୍‌ଗଦ୍ ହେବାରୁ ସ୍ତବ କରିପାରିଲେ ନାହିଁ, ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଯିବାରୁ ଦର୍ଶନ କରିବାର କ୍ଷମତା ରହିତ ହେଲା ।''

(୪) ଉଦ୍ଦୀପ୍ତ ଅବସ୍ଥା–

''ଯେତେବେଳେ ପାଞ୍ଚ, ଛ' ଅଥବା ସମସ୍ତ ଭାବଗୁଡ଼ିକ ଏକ ସମୟରେ ପ୍ରକଟିତ ହୋଇ ପରମୋତ୍କର୍ଷ ପ୍ରାପ୍ତ ହୁଅନ୍ତି, ସେହି ଭାବର ଅବସ୍ଥାକୁ ଉଦ୍ଦୀପ୍ତ କୁହାଯାଏ ।

ଶ୍ରୀଜଗନ୍ନାଥଦେବଙ୍କ ରଥାଗ୍ରରେ ଯେତେବେଳେ ଶ୍ରୀଚୈତନ୍ୟ ମହାପ୍ରଭୁ ନୃତ୍ୟ କରୁଥିଲେ, ସେ ସମୟର ତାଙ୍କର ଭାବ ଲକ୍ଷ୍ୟ କରନ୍ତୁ—

ଉଦ୍ଦଣ୍ଡ ନୃତ୍ୟେ ପ୍ରଭୁର ଅଦ୍ଭୁତ ବିକାର,
ଅଷ୍ଟ ସାତ୍ତ୍ୱିକ ଭାବ ଉଦୟ ସମ କାଳ ।
ମାଂସ ବ୍ରଣ ସହ ରୋମବୃନ୍ଦ ପୁଲକିତ,
ଶିମୂଳୀର ବୃକ୍ଷ ଯେନ କଣ୍ଟକେ ବେଷ୍ଟିତ ।
ଏକେକ ଦନ୍ତେର କଂପ ଦେଖିତେ ଲାଗେ ଭୟ,
ଲୋକେ ଜାନେ ଦନ୍ତସବ ଖସିଆ ପଡ଼ୟ ।
ସର୍ବାଙ୍ଗେ ପ୍ରସ୍ୱେଦ ଛୁଟେ ତାତେ ରକ୍ତୋଦ୍‌ଗମ୍,
ଜଜ୍, ଗଗ, ଜଜ, ଗଗ, ଗଦ୍‌ଗଦ ବଚନ ।
ଜଲଯନ୍ତ୍ର ଧାରା ଯୈଛେ ବହେ ଅଶ୍ରୁଜଳ,
ଆଶପାଶ ଲୋକ ଯତ ଭିଜିଲ ସକଳ ।
ଦେହକାନ୍ତି ଗୌର, କଭୁ ଦେଖିୟେ ଅରୁଣ,
ଗୌରକାନ୍ତି ଦେଖି ଯେନ ମଲ୍ଲିକା ପୁଷ୍ପ ସମ ।
କଭୁ ସ୍ତମ୍ଭ ପ୍ରଭୁ କଭୁ ଭୂମିତେ ଲୋଟାୟ,

ଶୁଷ୍କକାଷ୍ଠସମ ପଦହସ୍ତ ନା ଚଲୟ ।

—ଚୈତନ୍ୟ ଚରିତାମୃତ

ଶ୍ରୀ ଗୌରାଙ୍ଗଙ୍କ ଶରୀରରେ ଅଷ୍ଟ ସାତ୍ତ୍ୱିକ ଭାବ ସମସ୍ତ ଯୁଗପତ୍ ପ୍ରକାଶ ପାଉଅଛି ।

ଯେତେବେଳେ ହୃଦୟ ପ୍ରେମରେ ବୁଡ଼ିଯାଏ, ସେତେବେଳେ ଏହିପରି ଭାବ ପ୍ରକାଶ ପାଏ; କିନ୍ତୁ ଯେତେବେଳେ ମାତ୍ର ଭାବର ଅଙ୍କୁର ଜନ୍ମେ, ସେତେବେଳେ ଏହି ସାତ୍ତ୍ୱିକ ଭାବଗୁଡ଼ିକର କିଛି କିଛ ଆଭାସ ଦେଖାଯାଏ । ଅର୍ଥାତ୍ ଧୂମାୟିତ ଅବସ୍ଥାର ଉଦୟ ହୁଏ । ତା' କ୍ରମେ ଗାଢ଼ ହୋଇ ପ୍ରେମରେ ପରିଣତ ହୁଏ । ସେ ସମୟରେ ଉତ୍ତରୋତ୍ତର ସାତ୍ତ୍ୱିକ ଭାବରାଜି ଜ୍ୱଳିତ, ଦୀପ୍ତ ଓ ଉଦ୍ଦୀପ୍ତାବସ୍ଥା ପ୍ରାପ୍ତ ହୁଏ ।

ଭାବହେବାରୁ ପ୍ରେମ ଉତ୍ପନ୍ନ ହୁଏ । ଭାବ ଚାଳନା ହେଲେ ଅଲୌକିକ ବିଭୁପ୍ରେମ ଉପସ୍ଥିତ ହୁଏ ।

—କ୍ରମଶଃ

(୧୩୬୨) ଭଗବତ୍ ପ୍ରେମ ଓ ତାହାର ଲକ୍ଷଣ :

ସମ୍ୟଗ୍ ମସୃଣିତ ସ୍ୱାନ୍ତେ,
ମମତ୍ୱାତିଶୟାଙ୍କିତ,
ଭାବଃ ସ ଏବ ସାନ୍ଦ୍ରାତ୍ମା
ବୁଧୈଃ ପ୍ରେମା ନିଗଦ୍ୟତେ

—ଭକ୍ତି ରସାମୃତ ସିନ୍ଧୁ

''ଯାହାଦ୍ୱାରା ଅନ୍ତଃକରଣ ସମ୍ୟକ୍ ରୂପେ ନିର୍ମଳ ହୁଏ, ଯାହା ଅତିଶୟ ମମତାଯୁକ୍ତ ଏବଂ ଯାହା ଅତିଶୟ ଘନୀଭୂତ, ଏତାଦୃଶ ଯେଉଁ ଭାବ, ତାହାକୁ ପଣ୍ଡିତଗଣ 'ପ୍ରେମ' ବୋଲି କହିଥାନ୍ତି ।''

'ନାରଦ ପଂଚରାତ୍ର' ଗ୍ରନ୍ଥରେ ଅଛି, ''ଅନ୍ୟ କୌଣସି ବିଷୟରେ ମମତା ନଥାଇ ଏକମାତ୍ର ବିଷ୍ଣୁଙ୍କଠାରେ ଯେଉଁ ପ୍ରେମଯୁକ୍ତା ମମତା, ତାହାକୁ ହିଁ ଭକ୍ତଶ୍ରେଷ୍ଠ ଭୀଷ୍ମ, ପ୍ରହଲ୍ଲାଦ, ଉଦ୍ଧବ ଓ ନାରଦ ଯଥାର୍ଥ ପ୍ରେମଭକ୍ତି ବୋଲି କହିଛନ୍ତି ।''

ନାରଦ 'ଭକ୍ତିସୂତ୍ର'ରେ ଭକ୍ତିର ସଂଜ୍ଞା କହିଛନ୍ତି— 'ସା କସ୍ମୈ ପରମ

ପ୍ରେମ ରୂପା'; ଶାଣ୍ଡିଲ୍ୟ ସ୍ୱୀୟ ଭକ୍ତିସୂତ୍ରରେ କହିଛନ୍ତି– 'ସା ପରାନୁରକ୍ତିରୀଶ୍ୱରେ' । କାହାଠାରେ ପରମ ପ୍ରେମ ବା ଈଶ୍ୱରଙ୍କ ଠାରେ ପରାନୁରକ୍ତି ହିଁ ଭକ୍ତି ।

ଯେଉଁମାନେ ପ୍ରେମିକ ଅର୍ଥାତ୍ ଭାଗବତ୍ତୋତମ ଭକ୍ତ ଶ୍ରେଷ୍ଠ, ସେମାନଙ୍କର ହୃଦୟ କିପରି ନିର୍ମଳ ହୁଏ, ଚରିତ୍ର କେଉଁ ଗୁଣମାନଙ୍କରେ ବିଭୂଷିତ ହୁଏ ଏବଂ ସର୍ବଭୂତଙ୍କ ପ୍ରତି କିପରି ଭାବ ହୁଏ, ତାହା ଶ୍ରୀମଦ୍‌ଭାଗବତରେ ଜନକ ରାଜାଙ୍କୁ ଋଷଭ ନନ୍ଦନ ହବି ଯାହା କହିଛନ୍ତି, ଭକ୍ତ ଲକ୍ଷଣ ପ୍ରସଙ୍ଗରେ ଉତ୍ତମ, ମଧ୍ୟମ ଓ ପ୍ରାକୃତ ଭକ୍ତଙ୍କ ଲକ୍ଷଣ ପୂର୍ବରୁ ସଂଘ ସେବକରେ ଆଲୋଚିତ ହୋଇଛି । ବର୍ତ୍ତମାନ ପ୍ରେମ ଭକ୍ତିର ସଂଚାର ହେଲେ ଭଗବାନଙ୍କ ସହିତ ଭକ୍ତର ସମ୍ବନ୍ଧ କିପରି ହୁଏ ତାହା ଭକ୍ତି ଗ୍ରନ୍ଥ ଅବଲମ୍ବନରେ ଆଲୋଚିତ ହୋଇଛି ।

ପୂର୍ବରୁ କୁହାଯାଇଛି—ରାଗ ଗାଢ଼ ହୋଇ ପ୍ରେମରେ ପରିଣତ ହେଲେ କ୍ରମଶଃ ଜ୍ୱଳିତ, ଦୀପ୍ତ ଓ ଉଦ୍ଦୀପ୍ତାବସ୍ଥା ପ୍ରାପ୍ତ ହୁଏ ।

ଏହି ଭାବଗୁଡ଼ିକୁ ଲକ୍ଷ୍ୟକରି ମହର୍ଷି ଶାଣ୍ଡିଲ୍ୟ ତଦୀୟ ଭକ୍ତିମୀମାଂସାରେ ଲେଖିଛନ୍ତି–

ତତ୍‌ପରି ଶୁଦ୍ଧିଶ୍ଚଗମ୍ୟାଲୋକ ବଲ୍ଲିଙ୍ଗେଭ୍ୟଃ– ଶାଣ୍ଡିଲ୍ୟ ସୂତ୍ର

ଯେପରି ସାଧାରଣତଃ କୌଣସି ବ୍ୟକ୍ତିଙ୍କ ପ୍ରତି କାହାର କିପରି ଅନୁରାଗ, ତାହା ପ୍ରିୟ ବ୍ୟକ୍ତି ସମ୍ବନ୍ଧୀୟ ପ୍ରସଙ୍ଗ ପଡ଼ିଲେ ଅନୁରାଗୀର ଅଶ୍ରୁପୁଲକାଦି ଭାବର ବିକାର ଦ୍ୱାର ଜଣାଯାଏ, ଭଗବାନ ସମ୍ବନ୍ଧୀୟ ଭକ୍ତି ପରିଶୁଦ୍ଧି ମଧ୍ୟ ତାଦୃଶ ତାଙ୍କ ପ୍ରସଙ୍ଗରେ ଭକ୍ତଙ୍କଠାରେ ଅଶ୍ରୁ ପୁଲକାଦି ଦ୍ୱାରା ଜଣାଯାଏ ।

ଭଗବାନଙ୍କ ପ୍ରତି ଭକ୍ତର ଅନୁରାଗ ପରୀକ୍ଷା ପାଇଁ ଶାଣ୍ଡିଲ୍ୟ କେତେକ ଲକ୍ଷଣର ଉଲ୍ଲେଖ କରିଛନ୍ତି–

''ସମ୍ମାନ ବହୁମାନ ପ୍ରୀତି ବିରହେତର ବିଚିକିତ୍ସା ମହିମ ଖ୍ୟାତି ତଦର୍ଥପ୍ରାଣସ୍ଥାନ ତଦୀୟତା ସର୍ବତହଭାବା ପ୍ରୀତି କୂଲ୍ୟାଦୀନି ଚ ସ୍ମରଣେଭ୍ୟୋ ବାହୁଲ୍ୟାତ୍ ।''

– ଶାଣ୍ଡିଲ୍ୟ ସୂତ୍ର

''ସ୍ମୃତି ଶାସ୍ତ୍ର ମାନଙ୍କରେ ଅନେକ ଲକ୍ଷଣ ଜାଣିବାକୁ ମିଳେ, ଯଥା- ସମ୍ମାନ, ବହୁମାନ, ପ୍ରୀତି, ବିରହ, ଇତରବିଚିକିତ୍ସା, ମହିମାଖ୍ୟାତି, ତଦର୍ଥପ୍ରାଣସ୍ଥାନ, ତଦୀୟତା, ସର୍ବତ୍ରଭାବ, ଅପ୍ରାତିକୂଲ୍ୟ ।''

ଶାଣ୍ଡିଲ୍ୟ ସୂତ୍ରର ଭାଷ୍ୟକାର ସ୍ୱପ୍ନେଶ୍ୱର ପ୍ରତ୍ୟେକ ଲକ୍ଷଣର ଦୃଷ୍ଟାନ୍ତ ଦେଇଛନ୍ତି–

(୧) ସମ୍ମାନ– ଅର୍ଜୁନଙ୍କର ସମ୍ମାନ–

ପ୍ରତ୍ୟୁତ୍‌ଥାନଂ ତୁ କୃଷ୍ଣସ୍ୟ ସର୍ବାବସ୍ଥୋ ଧନଞ୍ଜୟଃ,
ନ ଲଂଘୟତି ଧର୍ମାତ୍ମା ଭକ୍ତ୍ୟା ପ୍ରେମ୍ଣାଚ ସର୍ବଦା ।

ମହାଭାରତ ଦ୍ରୋଣପର୍ବ । ୧୮/୩

"ଧର୍ମାତ୍ମା ଧନଞ୍ଜୟ ସର୍ବଦା ଓ ସକଳ ଅବସ୍ଥାରେ ଶ୍ରୀକୃଷ୍ଣଙ୍କ ଆଗମନମାତ୍ରେ ଭକ୍ତି ଓ ପ୍ରେମର ସହିତ ପ୍ରତ୍ୟୁଥାନ କରିଥାଆନ୍ତି, କେବେହେଲେ ତାହା ଲଂଘନ କରନ୍ତି ନାହିଁ ।"

(୨) ଇକ୍ଷ୍ୱାକୁଙ୍କର ବହୁମାନ–

ପକ୍ଷପାତେନ ତନ୍ନାମ୍ନି ମୃଗେ ପଦ୍ମେ ଚ ତାଦୃଶି ।
ବଭାର ମେଘେ ତଦ୍‌ବର୍ଣ୍ଣେ ବହୁମାନମତିଂ ନୃପଃ ।।

ନୃସିଂହପୁରାଣ ୨୫/୨୨

'ଇକ୍ଷ୍ୱାକୁ ଭଗବାନଙ୍କର ପକ୍ଷପାତୀ ହୋଇ ତାଙ୍କର ନାମ, ତାଦୃଶ ମୃମ, ପଦ୍ମ ଏବଂ ତଦ୍‌ବର୍ଣ୍ଣ ବିଶିଷ୍ଟ ମେଘରେ ବହୁ ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

(୩) ବିଦୁରଙ୍କର ପ୍ରୀତି–

ଯା ପ୍ରୀତିଃ ପୁଣ୍ଡରୀକାକ୍ଷ ତବାଗମନ କାରଣାତ୍ ।
ସା କିମାଖ୍ୟୟତେ ତୁଭ୍ୟ ମନ୍ତରାତ୍ମାସି ଦେହିନାମ୍ ।।

ମହାଭାରତ–ଉଦ୍ୟୋଗପର୍ବ ୮୯/୨୪

"ହେ ପୁଣ୍ଡରୀକାକ୍ଷ, ତୁମର ଆଗମନରେ ମୋର ଯେପରି ପ୍ରୀତି ହୋଇଛି, ତାହା ବା ଆଉ କ'ଣ ତୁମକୁ କହିବି ? ତୁମେ ତ ଦେହୀମାନଙ୍କର ଅନ୍ତରାତ୍ମା, ସବୁ ଜାଣିଛ ।" ବିଦୁରଙ୍କ ହୃଦୟରେ ଆନନ୍ଦ ଉଚ୍ଛୁଳି ପଡ଼େ ।

(୧୩୬୩) ଭଗବତ୍ ପ୍ରେମ ଓ ତାହାର ଲକ୍ଷଣ :

(୪) ଗୋପୀମାନଙ୍କର ବିରହ–

ଗୁରୁଣାମଗ୍ରତୋ ବକ୍ତୁଂ କିଂ ବ୍ରବୀମି ନ ନଃ କ୍ଷମମ୍ ।

ଗୁରବଃ କିଂ କରିଷ୍ୟନ୍ତି ଦଗ୍ଧାନାଂ ବିରହାଗ୍ନିନା ॥

– ବିଷ୍ଣୁ ପୁରାଣ ୫।୧୮

ଗୁରୁଜନମାନଙ୍କ ସମ୍ମୁଖରେ ଆମର କଥା କହିବାର କ୍ଷମତା ନାହିଁ– କ'ଣ ବା କହିବୁ? ଆମେ ତ ବିରହାଗ୍ନିରେ ଦଗ୍ଧ ହେଉଛୁ, ଗୁରୁଗଣ ଆମର କ'ଣ କରିବେ?

(୫) ଉପମନ୍ୟୁଙ୍କର ଇତର ବିଚିକିତ୍ସା– ଇତର ବିଚିକିତ୍ସାର ଅର୍ଥ ଭଗବାନଙ୍କ ବ୍ୟତୀତ ଅପର କାହାକୁ ଗ୍ରାହ୍ୟ ନ କରିବା।

ଅପି କୀଟଃ ପତଙ୍ଗୋ ବା ଭବେୟଂ ଶଙ୍କରାଜ୍ଞୟା।

ନ ତୁ ଶକ୍ର ତ୍ୱୟାଦତ୍ତଂ ତ୍ରୈଲୋକ୍ୟମପି କାମୟେ ॥

–ମହାଭାରତ ୧୪।୧୮

ଶଙ୍କରଙ୍କର ଆଜ୍ଞାରେ ବରଂ ମୁଁ କୀଟ ବା ପତଙ୍ଗ ହେବି, ତଥାପି ହେ ଇନ୍ଦ୍ର, ତୁମ ପ୍ରଦତ୍ତ ତ୍ରିଭୁବନର ଆଧିପତ୍ୟ ମୁଁ ଚାହେଁ ନାହିଁ।

(୬) ମହିମଖ୍ୟାତି– ଶ୍ରୀଭଗବାନଙ୍କ ମାହାତ୍ମ୍ୟ ବର୍ଣ୍ଣନ। ଧର୍ମନନ୍ଦନ ଯମ ଭଗବାନଙ୍କ ମହିମା ବର୍ଣ୍ଣନ କରିବାକୁ ଯାଇ କହୁଛନ୍ତି—

ନରକେ ପଚ୍ୟମାନସ୍ତୁ ଯମେନ ପରିଭାଷିତଃ।

 କିଂ ତ୍ୱୟା ନାର୍ଚ୍ଚିତୋ ଦେବଃ କେଶବଃ କ୍ଳେଶନାଶନଃ ॥

–ନୃସିଂହପୁରାଣ ୮।୨

...ରେ ସଢୁଥିବା ବ୍ୟକ୍ତିଙ୍କୁ ଯମ କହିଲେ, ତୁମେ କ'ଣ କ୍ଳେଶ ନାଶକ ...ବଙ୍କ ଅର୍ଚ୍ଚନା କରି ନାହିଁ?

...ପୁରୁଷମଭିବୀକ୍ଷ୍ୟ ପାଶହସ୍ତଂ

ବଦତି ଯମଃ କିଲ ତସ୍ୟ କର୍ଣ୍ଣମୂଳେ।

ପରିହର ମଧୁସୂଦନ ପ୍ରପନ୍ନାନ୍

ପ୍ରଭୁରହମନ୍ୟନୃଣାଂ ନ ବୈଷ୍ଣବାନାମ୍ ॥

–ବିଷ୍ଣୁପୁରାଣ ୩।୭

ଯମ ନିଜ ଦୂତକୁ ପାଶହସ୍ତ ଦେଖି ତାହାର କର୍ଣ୍ଣମୂଳରେ କହିଲେ, ତୁମେ

ମଧୁସୂଦନ ଆଶ୍ରିତ ବ୍ୟକ୍ତିମାନଙ୍କୁ ଛାଡ଼ିଦେବ, ମୁଁ ଅନ୍ୟ ଲୋକମାନଙ୍କର ପ୍ରଭୁ, କିନ୍ତୁ ବୈଷ୍ଣବମାନଙ୍କର ପ୍ରଭୁ ନୁହେଁ ।

(୭) ତଦର୍ଥ ପ୍ରାଣସ୍ଥାନଂ– ତାଙ୍କ ପାଇଁ ଜୀବନଧାରଣ । ଏହି ଲକ୍ଷଣ ପୂର୍ଣ୍ଣ ମାତ୍ରାରେ ଶ୍ରୀହନୁମାନଜୀଙ୍କଠାରେ ପରିଦୃଷ୍ଟ ହୁଏ ।

ଯାବତ୍ ତବ କଥା ଲୋକେ ବିଚରଷ୍ୟତି ପାବନୀ ।
ତାବତ୍ ସ୍ଥାସ୍ୟାମି ମେଦିନ୍ୟାଂ ତବାଜ୍ଞାମନୁପାଳୟନ୍ ॥

ଯେ ପର୍ଯ୍ୟନ୍ତ ତୁମର ପାବନୀ କଥା ଏହି ଲୋକରେ ପ୍ରଚାରିତ ହେଉଥିବ, ସେ ପର୍ଯ୍ୟନ୍ତ ତୁମର ଆଜ୍ଞା ପାଳନ କରି ଏହି ପୃଥିବୀରେ ରହିବି ।

(୮) ତଦୀୟତା– ଉପରିଚର ବସୁଙ୍କ ପରି ମୋର ସମସ୍ତ ଭଗବାନ୍‌ଙ୍କର ଏହି ଜ୍ଞାନ–

ଆତ୍ମରାଜ୍ୟଂ ଧନଂ ଚୈବ କଳତ୍ରଂ ବାହନଂ ତଥା ।
ଏତଦ୍‌ଭାଗବତଂ ସର୍ବମିତି ତତ୍ ପ୍ରେକ୍ଷତେ ସଦା ॥

–ମହାଭାରତ, ଶାନ୍ତି ପର୍ବ ୩୩୫।୨୪

ଉପରିଚର ବସୁ ନିଜର ରାଜ୍ୟ, ଧନ, ସ୍ତ୍ରୀ ଓ ବାହାନାଦି ନିଜସ୍ୱ ଦ୍ରବ୍ୟ ସକଳକୁ ସର୍ବଦା ଭଗବାନଙ୍କର ବୋଲି ମନେ କରିଥାନ୍ତି ।

(୯) ପ୍ରହ୍ଲାଦଙ୍କର ସର୍ବତଦ୍‌ଭାବ (ସର୍ବତ୍ର ଭଗବତ୍ ସ୍ଫୂର୍ତ୍ତି)

ଏବଂ ସର୍ବେଷୁଭୂତେଷୁ ଭକ୍ତିରବ୍ୟଭିଚାରିଣୀ ।
କର୍ତ୍ତବ୍ୟା ପଣ୍ଡିତୈର୍ଜ୍ଞାତ୍ୱା ସର୍ବଭୂତମୟଂହରିମ୍ ॥

–ବିଷ୍ଣୁପୁରାଣ ୧।୧୯

ପ୍ରହ୍ଲାଦ କହିଛନ୍ତି– ହରିଙ୍କୁ ସର୍ବଭୂତମୟ ଜାଣି ପଣ୍ଡିତଗଣ ସର୍ବଭୂତଠାରେ ଅଚଳା ଭକ୍ତି କରିବା କର୍ତ୍ତବ୍ୟ ।

(୧୦) ଭୀଷ୍ମଙ୍କର ଅପ୍ରାତିକୂଲ୍ୟ (ଅର୍ଥାତ୍ ଭଗବାନ ଯାହା କରନ୍ତି ତାହାହିଁ ଭଲ, ତାହାକୁ ହିଁ ଆଦର ସହିତ ଗ୍ରହଣ କରିବାକୁ ହେବ ।)

ଯେତେବେଳେ କୃଷ୍ଣ ଭୀଷ୍ମଦେବଙ୍କୁ ବିନାଶ କରିବାକୁ ଅଗ୍ରସର ହେଲେ, ଭୀଷ୍ମ ଦେବ କହିଲେ—

ଏହ୍ୟେହି ଦେବେଶ ଜଗନ୍ନିବାସ
ନମୋଽସ୍ତୁତେ ଶାର୍ଙ୍ଗଗଦାସି ପାଣେ ।
ପ୍ରସହ୍ୟ ମାଂ ପାତୟଲୋକନାଥ
ରଥାଦୁଦଗ୍ରାଦଭୁତ ଶୌର୍ଯ୍ୟ ସଂଖ୍ୟେ ॥

– ମହାଭାରତ, ଭୀଷ୍ମପର୍ବ ୫୯।୯୬

ଆସ, ଆସ, ହେ ଦେବେଶ ଜଗନ୍ନିବାସ, ହେ ଶାର୍ଙ୍ଗଗଦାସିଧାରୀ, ତୁମକୁ ନମସ୍କାର, ହେ ଲୋକନାଥ ଏହି ଘୋର ଯୁଦ୍ଧରେ ତୁମେ ମୋତେ ବଳପୂର୍ବକ ରଥରୁ ନିପତିତ କର ।

ଉକ୍ତ ଭକ୍ତ ଲକ୍ଷଣ ଗୁଡ଼ିକର ବିସ୍ତର ଦୃଷ୍ଟାନ୍ତ ଏବଂ ଶାନ୍ତଦାସ୍ୟାଦି ପଂଚ ଃାବରେ ପରିଚୟ ପରବର୍ତ୍ତୀ ଖଣ୍ଡରେ ଆଲୋଚନା କରାଯିବ ।

(୧୩୬୪) ସ୍ଥୈର୍ଯ୍ୟ : ସ୍ଥିରତା ଅର୍ଥାତ୍ ବିଚଳିତ ନ ହେବାର ନାମ ସ୍ଥୈର୍ଯ୍ୟ । ଯାହା ଥରେ ବିଚାର କରି ନିଆଗଲା ଓ ନିଜର ଲକ୍ଷ୍ୟ ରୂପେ ଧାର୍ଯ୍ୟ କରାଗଲା, ସେଥିରୁ ବିଚଳିତ ନ ହେବାକୁ ସ୍ଥୈର୍ଯ୍ୟ କୁହାଯାଏ । ତତ୍ତ୍ୱଜ୍ଞାନ ପ୍ରାପ୍ତ କରିବାର ଦୃଢ଼ ନିଶ୍ଚୟ କରିବା ଏବଂ ବାଧାବିଘ୍ନ ଆସିଲେ ମଧ୍ୟ ବିଚଳିତ ନ ହୋଇ ନିଜର ନିଶ୍ଚୟାନୁସାରେ ତତ୍ପରତା ପୂର୍ବକ ସାଧନାରେ ଲାଗି ରହିବା । ଗୁରୁସେବା ଶିଷ୍ୟର ପରମ କର୍ତ୍ତବ୍ୟ । ଶ୍ରୀଗୁରୁଙ୍କ ସେବା କରିବା ସମୟରେ ବହୁ ବାଧା ବିଘ୍ନ ଉପସ୍ଥିତ ହୁଏ । ଗୁରୁ ସେବକ ଏହି ବାଧାବିଘ୍ନ ସବୁ ଅତିକ୍ରମ କରି ଯେ ଠିକ୍ ଠିକ୍ ସେବା କରି ପାରିଲା, ଏହାହିଁ ସ୍ଥୈର୍ଯ୍ୟ । ପ୍ରତିକୂଳ ପରିସ୍ଥିତିରେ ସେବକ ବିଚଳିତ ନ ହୋଇ ଗୁରୁଜନଙ୍କ ସେବା ଓ ଯଥାସମୟରେ ନାମ ଭଜନ ସାଧନ କରିବା, ଏହାହିଁ ସ୍ଥୈର୍ଯ୍ୟ ।

(୧୩୬୫) ଅହିଂସା : କାୟମନୋବାକ୍ୟରେ କେବେ କାହାକୁ କିଞ୍ଚିତ ମାତ୍ର ଦୁଃଖ ନ ଦେବାର ନାମ ଅହିଂସା । କର୍ତ୍ତା ଭେଦରେ ହିଂସା ତିନି ପ୍ରକାରର, ଯଥା-କୃତ (ନିଜେ ହିଂସା କରିବା), କାରିତ (ଅନ୍ୟ ଦ୍ୱାରା ହିଂସା କରାଇବା) ଓ ଅନୁମୋଦିତ (ହିଂସାର ଅନୁମୋଦନ ବା ସମର୍ଥନ କରିବା)

ଉପର୍ଯ୍ୟୁକ୍ତ ତିନି ପ୍ରକାର ହିଂସା ତିନୋଟି କାରଣରୁ ହୁଏ ଯଥା—କ୍ରୋଧରୁ, ଲୋଭରୁ ଓ ମୋହରୁ । ତାତ୍ପର୍ଯ୍ୟ ହେଲା କ୍ରୋଧ ହେତୁ ମଧ୍ୟ କୃତ, କାରିତ ଓ

ଅନୁମୋଦିତ ହିଂସା ହୁଏ; ଲୋଭ ହେତୁ ମଧ୍ଧ କୃତ, କାରିତ ଓ ଅନୁମୋଦିତ ହିଂସା ହୁଏ ଏବଂ ମୋହ ହେତୁ ମଧ୍ଧ କୃତ କାରିତ ଓ ଅନୁମୋଦିତ ହିଂସା ହୁଏ। ଏହି ରୂପେ ହିଂସା ନଅ ପ୍ରକାରର ହୋଇଥାଏ।

ଉପର୍ଯ୍ୟୁ ନଅ ପ୍ରକାରର ହିଂସାରେ ପ୍ରତ୍ୟେକର ତିନୋଟି ଲେଖାଏଁ ମାତ୍ରା ବା ପରିମାଣ ଥାଏ, ଯଥା- ମୃଦୁମାତ୍ରା, ମଧ୍ଧମାତ୍ରା ଓ ଅଧିମାତ୍ରା। କାହାକୁ ସାମାନ୍ୟ ଦୁଃଖ ଦେବା ମୃଦୁମାତ୍ରାର ହିଂସା, ମୃଦୁମାତ୍ରାରୁ ଅଧିକ ଦୁଃଖ ଦେବା ମଧ୍ଧମାତ୍ରାର ହିଂସା ଏବଂ ଅଧିକ ଆହତ କରିବା ବା ମାରିଦେବା ଅଧିମାତ୍ରାର ହିଂସା ଅଟେ। ଏହିପରି ମୃଦୁ, ମଧ୍ଧ ଓ ଅଧିମାତ୍ରା ଭେଦରେ ହିଂସା ସତାଇଶ ପ୍ରକାରର ହୋଇଥାଏ। ଏହି ସତାଇଶ ପ୍ରକାର ହିଂସା ଶରୀର, ବାଣୀ ଓ ମନ ନାମକ ତିନୋଟି କାରଣ ଦ୍ୱାରା ହୁଏ। ଏହିରୂପେ ହିଂସା ଏକୋଇଶି ପ୍ରକାରର ହୋଇଥାଏ। ଏହି ସମସ୍ତ ହିଂସା ମଧ୍ଧରୁ କୌଣସି ହିଂସା ନ କରିବା ହିଁ 'ଅହିଂସା' ଅଟେ।

ଅହିଂସା ମଧ୍ଧ ଚାରି ପ୍ରକାରର। ଯଥା- ଦେଶଗତ, କାଳଗତ, ସମୟଗତ ଓ ବ୍ୟକ୍ତିଗତ। ଅମୁକ ତୀର୍ଥରେ, ଅମୁକ ମନ୍ଦିରରେ, ଅମୁକ ସ୍ଥାନରେ କାହାକୁ ଦୁଃଖ ନ ଦେବା ଦେଶଗତ ଅହିଂସା। ଅମାବାସ୍ୟା, ପୂର୍ଣ୍ଣିମା ଇତ୍ୟାଦି ପର୍ବଦିନରେ କାହାକୁ ଦୁଃଖ ନ ଦେବା କାଳଗତ ଅହିଂସା। ସନ୍ଥଙ୍କ ମିଳନ ଅବସରରେ, ପୁତ୍ରର ଜନ୍ମଦିନରେ, ପିତାଙ୍କ ଶ୍ରାଦ୍ଧ ଦିନରେ କାହାକୁ ଦୁଃଖ ନ ଦେବା ସମୟଗତ ଅହିଂସା। ଗାଈ, ହରିଣ ଆଦିଙ୍କୁ ଏବଂ ଗୁରୁଜନ, ପିତାମାତା, ବାଳକ ପ୍ରଭୃତିଙ୍କୁ ଦୁଃଖ ନ ଦେବା ବ୍ୟକ୍ତିଗତ ଅହିଂସା।

କୌଣସି ଦେଶ କାଳ ଇତ୍ୟାଦିରେ କ୍ରୋଧ, ଲୋଭ ଓ ମୋହ ପୂର୍ବକ କାହାକୁ କାୟମନୋବାକ୍ୟରେ କିଞ୍ଚିନ୍ମାତ୍ର ଦୁଃଖ ନ ଦେବାକୁ ସାର୍ବଭୌମ ଅହିଂସା 'ମହାବ୍ରତ' କୁହାଯାଏ।

(୧୩୬୬) କ୍ଷାନ୍ତିଃ : ସହନଶୀଳତା ବା କ୍ଷମାକୁ କ୍ଷାନ୍ତି କୁହାଯାଏ। ନିଜଠାରେ ସାମର୍ଥ୍ୟ ଥିଲେ ମଧ୍ଧ ଅପରାଧୀ ବ୍ୟକ୍ତିକୁ କେବେ କୌଣସିମତେ କିଞ୍ଚିନ୍ମାତ୍ର ଦଣ୍ଡ ନ ମିଳିବାର ଭାବନା ରଖିବା ତଥା ପ୍ରତିଶୋଧ ନେବାର ଅଥବା ଅନ୍ୟ କାହା ଦ୍ୱାରା ତାକୁ ଦଣ୍ଡିତ କରିବାର ଭାବନା ନରଖିବା ହିଁ 'କ୍ଷାନ୍ତି'।

(୧୩୬୭) ଅନନ୍ୟାଃ : ସେମାନଙ୍କର ସାଧନ ଓ ସାଧ୍ୟ କେବଳ ଭଗବାନ୍, କେବଳ ଭଗବାନଙ୍କର ଶରଣ ଯିବା, ତାଙ୍କୁ ଚିନ୍ତା କରିବା, ତାଙ୍କ ଉପାସନା କରିବା ଓ ତାଙ୍କୁ ପ୍ରାପ୍ତ କରିବା ହିଁ ସେମାନଙ୍କର ଦୃଢ଼ ଭାବ । ଭଗବାନଙ୍କ ବ୍ୟତୀତ ସେମାନଙ୍କର କୌଣସି ଭାବ ନଥାଏ, କାରଣ ଭଗବାନଙ୍କର ସବୁ କିଛି ନାଶବାନ । ସେମାନଙ୍କ ମନରେ ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସି ଇଚ୍ଛା ନଥାଏ, ଏପରିକି ନିଜ ଜୀବନ ନିର୍ବାହର ଇଚ୍ଛା ମଧ୍ୟ ନଥାଏ । ତେଣୁ ସେମାନେ ଅନନ୍ୟ । ସେମାନେ ଖିଆପିଆ, ଚାଲବୁଲ, କଥାବାର୍ତ୍ତା, କାରବାର ଇତ୍ୟାଦି ଯାହା କିଛି କର୍ମ କରନ୍ତି, ସେଗୁଡ଼ିକ ଭଗବାନଙ୍କର ଉପାସନା, କାରଣ ସେମାନେ ସମସ୍ତ କର୍ମ ଭଗବାନଙ୍କର ପ୍ରସନ୍ନତା ନିମନ୍ତେ ହିଁ କରନ୍ତି ।

(୧୩୬୮) ଯୋଗକ୍ଷେମଂ ବହାମ୍ୟହମଂ : ଅପ୍ରାପ୍ତ ବସ୍ତୁ ପ୍ରାପ୍ତି କରାଇବାକୁ 'ଯୋଗ' ଏବଂ ପ୍ରାପ୍ତ ସାମଗ୍ରୀକୁ ରକ୍ଷା କରିବାକୁ 'କ୍ଷେମ' କୁହାଯାଏ । ଭଗବାନ କହୁଛନ୍ତି ମୋ ସହିତ ନିତ୍ୟଯୁକ୍ତ ଭକ୍ତଙ୍କର ଯୋଗକ୍ଷେମ ମୁଁ ବହନ କରେ ।

ବସ୍ତୁତଃ ଦେଖିବାକୁ ଗଲେ ଅପ୍ରାପ୍ତ ବସ୍ତୁ ପ୍ରାପ୍ତି କରାଇବା ମଧ୍ୟ 'ଯୋଗ'ର ବହନ ଏବଂ ପ୍ରାପ୍ତି ନ କରାଇବା ମଧ୍ୟ 'ଯୋଗ'ର ବହନ । କାରଣ ଭଗବାନ ନିଜ ଭକ୍ତର ହିତ ଦେଖନ୍ତି ଏବଂ ଯେଉଁଥିରେ ଭକ୍ତର ହିତ ହୁଏ, ସେହି କାମ କରନ୍ତି । ସେହିପରି ପ୍ରାପ୍ତ ବସ୍ତୁ ରକ୍ଷା କରିବା ମଧ୍ୟ 'କ୍ଷେମ'ର ବହନ । ଯଦି ଭକ୍ତର ଭକ୍ତିବୃଦ୍ଧି ହୁଏ ଓ ହିତ ହୁଏ, ତେବେ ଭଗବାନ ପ୍ରାପ୍ତିର ରକ୍ଷା କରିବେ, କାରଣ ଏଥିରେ ତାହାର 'କ୍ଷେମ' ନିହିତ । ଯଦି ପ୍ରାପ୍ତିର ରକ୍ଷା କରିବା ଦ୍ୱାରା ତା'ର ଭକ୍ତି ବୃଦ୍ଧି ନ ହୁଏ ଓ ହିତ ନ ହୁଏ, ତେବେ ଭଗବାନ ସେହି ପ୍ରାପ୍ତ ବସ୍ତୁକୁ ନଷ୍ଟ କରିଦେବ; କାରଣ ନଷ୍ଟ କରାଇବାରେ ହିଁ ତାହାର 'କ୍ଷେମ' ନିହିତ । ତେଣୁ ଭଗବାନଙ୍କ ଭକ୍ତ ଅନୁକୂଳ ଓ ପ୍ରତିକୂଳ ଉଭୟ ପରିସ୍ଥିତିରେ ଅତ୍ୟନ୍ତ ପ୍ରସନ୍ନ ରହନ୍ତି । ଭଗବାନଙ୍କ ଉପରେ ନିର୍ଭର କରିଥିବାରୁ ତାଙ୍କର ଦୃଢ଼ ବିଶ୍ୱାସ ହୁଏ ଯେ, ଯାହା ପରିସ୍ଥିତି ଆସୁଛି, ସବୁ ଭଗବତ ପ୍ରଦତ୍ତ । ତେଣୁ ଅନୁକୂଳ ପରିସ୍ଥିତି ଭଲ ଓ ପ୍ରତିକୂଳ ପରିସ୍ଥିତି ଖରାପ, ସେମାନଙ୍କର ଏ ଭାବ ନଷ୍ଟ ହୋଇଯାଏ । ସେମାନେ ଭାବନ୍ତି—'ଭଗବାନ' ଯାହା କରିଛନ୍ତି ତାହା ଠିକ୍ ଏବଂ ଯାହା କରି

ନାହାନ୍ତି ତାହା ମଧ୍ୟ ଠିକ୍, ଏଇଥିରେ ଆମର ମଙ୍ଗଳ । 'ଏମିତି ହେବା ଉଚିତ ଓ ଏମିତି ନହେବା ଉଚିତ' ଆମର ବିଚାର କରିବାର ତିଳେମାତ୍ର ଆବଶ୍ୟକତା ନାହିଁ । କାରଣ ଆମେ ସର୍ବଦା ଭଗବାନଙ୍କ ହାତରେ ଏବଂ ଭଗବାନ ସର୍ବଦା ଆମର ହିତ କରୁଛନ୍ତି । ତେଣୁ କଦାପି ଆମର ଅହିତ ହୋଇପାରେ ନାହିଁ । ତାତ୍ପର୍ଯ୍ୟ ହେଲା ଭକ୍ତର ମନ ମୁତାବକ ହେଲେ ବି କଲ୍ୟାଣ, ନ ହେଲେ ବି କଲ୍ୟାଣ । ଭକ୍ତର ଇଚ୍ଛା ଓ ଅନିଚ୍ଛାର କୌଣସି ମୂଲ୍ୟ ନାହିଁ, ମୂଲ୍ୟ କେବଳ ଭଗବାନଙ୍କ ବିଧାନର । ତେଣୁ ଯଦି କେହି ଅନୁକୂଳତାରେ ପ୍ରସନ୍ନ ଏବଂ ପ୍ରତିକୂଳତାରେ ଅପ୍ରସନ୍ନ ରହେ, ତେବେ ସେ ଭଗବାନଙ୍କ ଦାସ ନୁହେଁ, ବରଂ ନିଜ ମନର ଦାସ ।

ବାସ୍ତବରେ ଭଗବାନଙ୍କ ସହିତ ସମ୍ବନ୍ଧର ନାମ 'ଯୋଗ' ଏବଂ ଜୀବନର କଲ୍ୟାଣ ନାମ 'କ୍ଷେମ' । ଏ ଦୃଷ୍ଟିରୁ ଭଗବାନ ଭକ୍ତର ସମ୍ବନ୍ଧକୁ ନିଜ ସହିତ ଦୃଢ଼ କଲେ ଭକ୍ତର 'ଯୋଗ' ହୁଏ ଏବଂ ଭକ୍ତର କଲ୍ୟାଣ ପାଇଁ ଚେଷ୍ଟାକଲେ ଭକ୍ତର 'କ୍ଷେମ' ହୁଏ ।

(୧୩୬୯) ଅନନ୍ୟଭାବ : ମୁଁ ଭଗବାନଙ୍କର ଏବଂ ଭଗବାନ ମୋର, ଏହି ଭାବ ରଖି ନିଜଭାବକୁ ପରିବର୍ତ୍ତନ କରିଦେବା । ଅହଂଭାବ ପରିବର୍ତ୍ତନ କଲେ ଯେତେ ଶୀଘ୍ର ପବିତ୍ରତା ଆସେ; ଜପ, ତପ, ଦାନ ଆଦି କ୍ରିୟା ଦ୍ୱାରା ସେତେ ଶୀଘ୍ର ପବିତ୍ରତା ଆସେ ନାହିଁ ।

(୧୩୭୦) ଅହଂଭାବ ନାଶ : ଜ୍ଞାନ ଯୋଗରେ ଅହଂଭାବ ନାଶହୁଏ । ଯେଉଁ ପ୍ରକାଶରେ 'ଅହମ' (ମୁଁ ଭାବ) ଦୃଶ୍ୟମାନ ହେଉଛି, ସେହି ପ୍ରକାଶ ମୋର ସ୍ୱରୂପ ଏବଂ ସଂକୀର୍ଣ୍ଣରୂପେ ପ୍ରତୀତ ହେଉଥିବା 'ଅହମ' ମୋର ସ୍ୱରୂପ ନୁହେଁ । କାରଣ 'ଅହମ୍' ଦୃଶ୍ୟ ହୁଏ ଏବଂ ଯିଏ ଦୃଶ୍ୟ ହୁଏ ତାହା ନିଜର ସ୍ୱରୂପ ନୁହେଁ । ଏହି ପ୍ରକାରେ ଦୁଇଟିକୁ ବିଭାଜନକରି ନିଜର ଜ୍ଞାପ୍ତିମାତ୍ର ସ୍ୱରୂପରେ ସ୍ଥିତ ରହିଲେ ଅହଂଭାବ ନାଶହୁଏ ।

(୧୩୭୧) ଅହଂଭାବ ଶୁଦ୍ଧ : କର୍ମ ଯୋଗରେ ଅହଂଭାବ ଶୁଦ୍ଧ ହୁଏ । ଯଦି କେହି କହେ ଯେ ମୁଁ ପୁତ୍ର ଏବଂ ଏ ମୋର ପିତା, ତେବେ ଏହାର ତାତ୍ପର୍ଯ୍ୟ ହେଉଛି, କେବଳ ପିତାଙ୍କର ସେବା କରିବା ତା'ର କର୍ତ୍ତବ୍ୟ, କାରଣ ପିତା ଓ

ପୁତ୍ରର ସମ୍ବନ୍ଧ କେବଳ କର୍ତ୍ତବ୍ୟ ପାଳନ ପାଇଁ ଉଦ୍ଦିଷ୍ଟ । ପିତା ତାକୁ ନିଜର ପୁଅ ବୋଲି ନ ମାନିଲେ, ତାକୁ ଦୁଃଖ ଦେଲେ ଏବଂ ତାହାର ଅହିତ କଲେ ବି ପିତାଙ୍କର ସେବା କରିବା ଓ ତାଙ୍କୁ ସୁଖ ଦେବା ତା'ର କର୍ତ୍ତବ୍ୟ । ସେହିପରି ମାଆ, ଭାଇ, ଭାଉଜ, ସ୍ତ୍ରୀ, ପୁତ୍ର ଓ ପରିବାର ପ୍ରତି ମଧ୍ୟ ତାକୁ କେବଳ କର୍ତ୍ତବ୍ୟ ପାଳନ କରିବାକୁ ହେବ । ସେମାନେ ତା ପ୍ରତି ଓ ଦୁନିଆ ପ୍ରତି କ'ଣ କରୁଛନ୍ତି, ସେମାନଙ୍କର କର୍ତ୍ତବ୍ୟ ଆଡ଼କୁ ଦେଖିବା ତା ପକ୍ଷରେ ଉଚିତ ନୁହେଁ; କାରଣ ଅନ୍ୟମାନଙ୍କ କର୍ତ୍ତବ୍ୟକୁ ଦେଖୁଥିବା ବ୍ୟକ୍ତି ନିଜ କର୍ତ୍ତବ୍ୟରୁ ଚ୍ୟୁତହୋଇଯାଏ । ସେମାନଙ୍କର ତା'ଉପରେ ପୂରା ଅଧିକାର ଅଛି । ମାତ୍ର ସେମାନଙ୍କୁ ତା ମନୋବଳରେ ଚାଲିବାକୁ ବାଧ କରିବା ପାଇଁ ତାର ଅଧିକାର ନାହିଁ । ଏହିଭଳି ଅନ୍ୟର କର୍ତ୍ତବ୍ୟ ନ ଦେଖି କେବଳ ନିଜର କର୍ତ୍ତବ୍ୟ ପାଳନ କଲେ ଅହଂଭାବ ଶୁଦ୍ଧ ହୁଏ । କାରଣ ନିଜ ସୁଖ ସୁବିଧାର କାମନା ଯୋଗୁ ହିଁ ଅହଂଭାବ ଅଶୁଦ୍ଧ ହୋଇଯାଏ ।

(୧୩୭୨) ଯତ୍‌କରୋଷି : ଏହି ପଦଟି ଏତେ ବ୍ୟାପକ ଯେ ଏଥିରେ ଶାସ୍ତ୍ରୀୟ, ଶାରୀରିକ, ବ୍ୟବହାରିକ, ସାମାଜିକ, ପାରମାର୍ଥିକ ଇତ୍ୟାଦି ଯାବତୀୟ କ୍ରିୟା ଅନ୍ତର୍ଭୁକ୍ତ । ଭଗବାନ କହୁଛନ୍ତି, ତୁମେ ଏ ସମସ୍ତ କ୍ରିୟାକୁ ମୋତେ ଅର୍ପଣ କରିଦିଅ, ଅର୍ଥାତ୍ ତୁମେ ନିଜେ ମୋ ନିକଟରେ ଅର୍ପିତ ହୋଇଯାଅ, ତାହେଲେ ତୁମର ସମସ୍ତ କ୍ରିୟା ସ୍ୱତଃ ଭଗବାନଙ୍କ ନିକଟରେ ଅର୍ପିତ ହୋଇଯିବ ।

(୧୩୭୩) ଯଦଶ୍ନାସ : ଏହି ପଦରେ ସମସ୍ତ ଶାରୀରିକ କ୍ରିୟା ଅନ୍ତର୍ଭୁକ୍ତ ଅର୍ଥାତ୍ ଶରୀର ପାଇଁ ତୁମେ ଭୋଜନ କରୁଛ, ପାଣି ପିଉଛ, କୁ-ପଥ୍ୟ ତ୍ୟାଗକରି ପଥ୍ୟ ସେବନ କରୁଛ, ଔଷଧ ସେବନ କରୁଛ, ବସ୍ତ୍ର ପରିଧାନ କରୁଛ, ଥଣ୍ଡା ଓ ଗରମରୁ ଶରୀରକୁ ରକ୍ଷା କରୁଛ, ସ୍ୱାସ୍ଥ୍ୟପାଇଁ ସମୟାନୁସାରେ ଶୋଉଛ ଓ ଉଠୁଛ, ଚାଲବୁଲ କରୁଛ, ଶୌଚସ୍ନାନ କରୁଛ, ସେ ସମସ୍ତ କ୍ରିୟାକୁ ତୁମେ ଭଗବାନଙ୍କୁ ଅର୍ପଣ କରିଦିଅ ।

(୧୩୭୪) ଯଜ୍ଜୁହୋସି : ଏହି ପଦରେ ଯଜ୍ଞ ସମ୍ବନ୍ଧୀୟ ସମସ୍ତ କ୍ରିୟା ଅନ୍ତର୍ଭୁକ୍ତ ଅର୍ଥାତ୍ ଶାବଲ୍ୟ ସମାଗ୍ରୀ ଏକତ୍ର କରିବା, ଅଗ୍ନି ପ୍ରକଟ କରିବା, ମନ୍ତ୍ର ପଢ଼ିବା, ଆହୁତି ଦେବା ଇତ୍ୟାଦି ଶାସ୍ତ୍ରୀୟ କ୍ରିୟା ଭଗବାନଙ୍କୁ ଅର୍ପଣ କରିବା ।

(୧୩୭୫) ସତ୍ତ୍ୱଗୁଣ : ସତ୍ତ୍ୱଗୁଣ ସାଧକକୁ ସୁଖରେ ଲିପ୍ତ କରି ବିଜୟୀ କରାଏ । ଅର୍ଥାତ୍ ସାଧକକୁ ନିଜର ବଶୀଭୂତ କରେ । ତାତ୍ପର୍ଯ୍ୟ ହେଲା, ସାତ୍ତ୍ୱିକ ସୁଖ ମିଳିଲେ ସାଧକ ସେଥିରେ ଆସକ୍ତ ହୋଇଯାଏ । ସୁଖରେ ଆସକ୍ତ ହୋଇଗଲେ ତାହା ସାଧକକୁ ବାନ୍ଧିଦିଏ ଅର୍ଥାତ୍ ତା'ର ସାଧନାକୁ ଆଉ ଅଗ୍ରସର ହେବାକୁ ଦିଏ ନାହିଁ । ଫଳରେ ସାଧକ ଗୁଣରୁ ଊର୍ଦ୍ଧ୍ୱକୁ ଉଠିପାରେ ନାହିଁ, ଅର୍ଥାତ୍ ଗୁଣାତୀତ ହୋଇପାରେ ନାହିଁ । ସତ୍ତ୍ୱଗୁଣୀମାନେ ସୁଖଶାନ୍ତିରେ ବାସ କରନ୍ତି । ଏହାର ତାତ୍ପର୍ଯ୍ୟ ହେଲା ବାସ୍ତବରେ ସାଧକ ସୁଖାସକ୍ତି ଯୋଗୁ ହିଁ ବାନ୍ଧି ହୋଇଯାଏ । ଜ୍ଞାନ ହେଲେ ସାଧକଠାରେ ଏକ ପ୍ରକାର ଅଭିମାନ ଆସେ ଯେ 'ମୁଁ କେଡ଼େ ଜ୍ଞାନୀ'—ଏହି ଅଭିମାନରୁ ମଧ୍ୟ ଏକପ୍ରକାର ସୁଖ ମିଳେ, ଫଳରେ ସାଧକ ବାନ୍ଧି ହୋଇଯାଏ । ତେଣୁ ମୁକ୍ତାବସ୍ଥାକୁ ଯାଇପାରେ ନାହିଁ ।

(୧୩୭୬) ରଜଃଗୁଣ : ରଜଃଗୁଣ ମନୁଷ୍ୟକୁ କର୍ମରେ ଲିପ୍ତ କରି ବିଜୟୀ ହୁଏ । ତାତ୍ପର୍ଯ୍ୟ ହେଲା କର୍ମ କରିବା ମନୁଷ୍ୟକୁ ଭଲ ଲାଗେ, ପ୍ରିୟ ଲାଗେ । ଛୋଟ୍ ଶିଶୁ ଯେପରି ଶୋଇ ରହି ହାତ ଗୋଡ଼ ହଲାଇବାକୁ ଭଲପାଏ ଏବଂ ହାତଗୋଡ଼ ହଲାଇବା ଯଦି କେହି ବନ୍ଦ କରିଦିଏ, ସେ ରାହାଧରି କାନ୍ଦି ଉଠେ, ଠିକ୍ ସେହିପରି ମନୁଷ୍ୟ କର୍ମ କରିବାକୁ ଭଲପାଏ ଏବଂ ମଝିରେ ଯଦି କେହି ତାର କର୍ମ ବନ୍ଦ କରିଦିଏ, ତାହାଲେ ତାକୁ ଖରାପ ଲାଗେ । ଏହାହିଁ କର୍ମ ପ୍ରତି ଆସକ୍ତି ବା ପ୍ରିୟତ୍ୱ ଏବଂ ଏଇଥିପାଇଁ ହିଁ ରଜୋଗୁଣ ମନୁଷ୍ୟ ଉପରେ ବିଜୟ ହେଉଛି । କର୍ମଫଳରେ ତୁମର ଅଧିକାର ନାହିଁ ଇତ୍ୟାଦି ଜାଣି, ଫଳରେ ଆସକ୍ତି ନ ରଖିବା କଥାପ୍ରତି ତ ସାଧକର ଦୃଷ୍ଟିଯାଏ, କିନ୍ତୁ କର୍ମରେ ଆସକ୍ତି ନ ରଖିବା କଥାପ୍ରତି ତା'ର ଦୃଷ୍ଟି ଯାଏନାହିଁ । ତୁମର କର୍ମ କରିବାରେ ହିଁ ଅଧିକାର ଅଛି, କର୍ମ ନକରିବାରେ ତୁମର ଆସକ୍ତି ନ ହେଉ । ଯେ ଯୋଗାରୂଢ଼ ହେବାକୁ ଚାହେଁ, ତା'ପାଇଁ ରଜଗୁଣ ଦେହ ସହିତ ସମ୍ବନ୍ଧ ସ୍ଥାପନ କରୁଥିବା ଦେହୀକୁ ହିଁ କର୍ମର ସୁଖାସକ୍ତି ଦ୍ୱାରା ଆବଦ୍ଧ କରେ । ସକାମ ଭାବରେ କର୍ମ କଲେ ମଧ୍ୟ ଏକ ପ୍ରକାରେ ସୁଖ ମିଳେ ଏବଂ କର୍ମର ଅମୁକ ଫଳ ଭୋଗ କରିବି ଏହି ଫଳାସକ୍ତିରୁ ମଧ୍ୟ ଏକପ୍ରକାର ସୁଖ ମିଳେ । କର୍ମ ଓ କର୍ମଫଳର ଏହି ସୁଖାସକ୍ତି ଦ୍ୱାରା ମନୁଷ୍ୟ ବାନ୍ଧି ହୋଇଯାଏ ।

(୧୩୭୭) ତମଃ : ଏହି ତମୋଗୁଣ ଅଜ୍ଞାନରୁ ଅର୍ଥାତ୍ ନିର୍ବୋଧତା ବା ମୂଢ଼ତାରୁ ସୃଷ୍ଟି ହୁଏ ଏବଂ ସମସ୍ତ ଦେହଧାରୀଙ୍କୁ ମୋହିତ କରିଦିଏ । ଏହା ସତ-ଅସତ୍ ଓ କର୍ତ୍ତବ୍ୟ-ଅକର୍ତ୍ତବ୍ୟର ଜ୍ଞାନ ବିବେକ ହେବାକୁ ଦିଏ ନାହିଁ । କେବଳ ସେତିକି ନୁହେଁ, ଏହା ସାଂସାରିକ ସୁଖଭୋଗ ଓ ସଂଗ୍ରାମରେ ମଧ୍ୟ ପ୍ରବୃତ୍ତ ହେବାକୁ ଦିଏ ନାହିଁ ଅର୍ଥାତ୍ ସାତ୍ତ୍ୱିକ ସୁଖ କଥା ଦୂରେ ଥାଉ, ରାଜସ ସୁଖରେ ମଧ୍ୟ ଏହା ପ୍ରବୃତ୍ତ ହେବାକୁ ଦିଏ ନାହିଁ । ବାସ୍ତବରେ ତମୋଗୁଣ ଦ୍ୱାରା ମୋହିତ ହେବା କଥା କେବଳ ମନୁଷ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ; କାରଣ ଅନ୍ୟ ପ୍ରାଣୀମାନେ ତ ସ୍ୱାଭାବିକ ଭାବେ ତମୋଗୁଣରେ ମୋହିତ, ତଥାପି ଯେଉଁ ମନୁଷ୍ୟଙ୍କର ସତ୍-ଅସତ୍ ଓ କର୍ତ୍ତବ୍ୟ-ଅକର୍ତ୍ତବ୍ୟର ଜ୍ଞାନ (ବିବେକ) ନାହିଁ, ସେମାନେ ମନୁଷ୍ୟ ହୋଇଥିଲେ ମଧ୍ୟ ଚଉରାଶୀ ଲକ୍ଷ ଯୋନିରେ ପଡ଼ିଥିବା ପ୍ରାଣୀମାନଙ୍କ ସହିତ ସମାନ ଅର୍ଥାତ୍ ପଶୁପକ୍ଷୀ ପ୍ରଭୃତି ଯେପରି ଖାଇପିଇ ଶୋଇଯାଆନ୍ତି, ସେମାନେ ମଧ୍ୟ ସେହିପରି ଜୀବନ ଅତିବାହିତ କରନ୍ତି । ଏହି ତମୋଗୁଣ ପ୍ରମାଦ, ଆଳସ୍ୟ ଓ ନିଦ୍ରାଦ୍ୱାରା ସମସ୍ତ ଦେହଧାରୀଙ୍କୁ ବନ୍ଧନରେ ପକାଏ । ଅନ୍ତଃକରଣରେ ଏବଂ ଇନ୍ଦ୍ରିୟମାନଙ୍କରେ ଜ୍ଞାନଶକ୍ତିର ଅଭାବ କରାଇ ଦେଇ ସେମାନଙ୍କଠାରେ ମୋହ ଉତ୍ପନ୍ନ କରିଦେବା ହିଁ ତମୋଗୁଣ ସମସ୍ତ ଦେହାଭିମାନୀଙ୍କୁ ମୋହିତ କରିଦେବ । ଯେଉଁମାନଙ୍କର ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କ ସହିତ ସମ୍ବନ୍ଧ ରହିଛି ତଥା ଯେଉଁମାନଙ୍କର ଶରୀର ପ୍ରତି ଅହଂତ୍ୱ ବା ମମତ୍ୱ ରହିଛି, ସେମାନେ ସମସ୍ତେ ନିଦ୍ରାଦି ସମୟରେ ଅନ୍ତଃକରଣରେ ଓ ଇନ୍ଦ୍ରିୟମାନଙ୍କରେ ମୋହ ଉତ୍ପନ୍ନ ହେଲେ ନିଜକୁ ମୋହିତ ବୋଲି ଧରିନିଅନ୍ତି । କିନ୍ତୁ ଯେଉଁମାନଙ୍କର ଅନ୍ତଃକରଣରେ ଓ ଇନ୍ଦ୍ରିୟମାନଙ୍କ ସମେତ ଶରୀରରେ ଅଭିମାନ ନଥାଏ, ସେପରି ଜୀବନ୍ମୁକ୍ତ ପୁରୁଷମାନେ ସେମାନଙ୍କ ସହିତ ନିଜର କୌଣସି ସମ୍ବନ୍ଧ ସ୍ୱୀକାର କରନ୍ତି ନାହିଁ । ତେଣୁ ଏଠାରେ ତମୋଗୁଣ ସମସ୍ତ ଦେହାଭିମାନୀଙ୍କୁ ମୋହିତ କରେ ।

(୧୩୭୮) ସେବା : ଯେ ନିଜ ପାଇଁ କେବେ କିଛି ନଚାହେଁ, ସେହି ବ୍ୟକ୍ତି ହିଁ ସେବା କରିପାରେ । ସେବା କରିବା ନିମନ୍ତେ ଧନାଦି ପଦାର୍ଥ ଚାହିଁବା ତ କାମନା । ଏପରିକି ସେବା କରିବାର ଇଚ୍ଛାମଧ୍ୟ କାମନା । କାରଣ ସେବା କରିବାର ଇଚ୍ଛା ହେବାରୁ ହିଁ ଧନାଦି ପଦାର୍ଥର କାମନା ହୁଏ । ତେଣୁ ଅବସର

ବା ସୁଯୋଗ ମିଳିଲେ ଓ ଯୋଗ୍ୟତା ଥିଲେ ସେବା କରିବା ଉଚିତ। କିନ୍ତୁ ସେବାପାଇଁ କାମନା କରିବା ଅନୁଚିତ।

ଅନ୍ୟକୁ ସୁଖଦେଇ ସୁଖୀହେବା, ମୋ ଦ୍ୱାରା ଲୋକକୁ ସୁଖ ମିଳୁଛି—ଏପରି ଭାବନା ରଖିବା, ସେବା ପ୍ରତିବଦଳରେ ସାମାନ୍ୟ ବି ମାନ ବଡ଼ିମା ଚାହିଁବା ଓ ମାନ ବଡ଼ିମା ମିଳିଲେ ଖୁସିହେବା ପ୍ରଭୃତି ବାସ୍ତବରେ ଭୋଗ—ସେବା ନୁହେଁ। କାରଣ ଏପରିକଲେ ସେବା ସୁଖଭୋଗରେ ପରିଣତ ହୋଇଯାଏ ଅର୍ଥାତ୍ ସେବା ନିଜ ସୁଖନିମନ୍ତେ ହୋଇଯାଏ। ସେବାକରି ଯଦି କିଞ୍ଚିତ୍‌ମାତ୍ର ବି ସୁଖ ନିଆଯାଏ ତେବେ ତାହା ଧନାଦି ପଦାର୍ଥର ମହତ୍ତ୍ୱ ବୁଦ୍ଧି ସୃଷ୍ଟି କରେ ଯଦ୍ୱାରା କ୍ରମଶଃ ମମତା ଓ କାମନାର ଉତ୍ପତ୍ତି ହୁଏ।

ମୁଁ କାହାକୁ କିଛି ଦେଇଛି—ଯାହାର ଏପରି ଭାବ ଅଛି, ତାକୁ ଏକଥା ବୁଝାପଡ଼େନାହିଁ। ଏବଂ କେହି ତାକୁ ବୁଝାଇ ମଧ୍ୟ ପାରେ ନାହିଁ ଯେ— ଯାହାଙ୍କର ସେବା କରାଯାଉଛି, ସେବା ଉପଯୋଗୀ ପଦାର୍ଥ ଗୁଡ଼ିକ ହିଁ ସେହିମାନଙ୍କର। ସେମାନଙ୍କର ବସ୍ତୁ ଯଦି ଆମେ ସେମାନଙ୍କୁ ଦେଇଦେଲେ, ତେବେ ପ୍ରତିବଦଳରେ କିଛି ପାଇବାର ଅଧିକାର ଆମର କେଉଁଠୁ ଆସିଲା? ସେମାନଙ୍କ ବନ୍ଧକଦ୍ରବ୍ୟ ସେମାନଙ୍କୁ ଫେରାଇ ଦେଇ କି ଉପକାର ବା କରାଗଲା? ନିଜ ହାତରେ ନିଜ ମୁହଁ ଧୋଇଲେ ଆମେ କ'ଣ ପ୍ରତିବଦଳରେ କିଛି ଚାହୁଁଛେ?

ସନ୍ଦେହ—ସେବା ତ ଧନାଦି ବସ୍ତୁଦ୍ୱାରା ହିଁ ହୁଏ। ବସ୍ତୁବିନା ସେବା ହେବ କିପରି? ସେବା କରିବାପାଇଁ ବସ୍ତୁର ଇଚ୍ଛା ନକରିବାର ତାତ୍ପର୍ଯ୍ୟ କ'ଣ?

ସମାଧାନ—ସ୍ଥୁଳବସ୍ତୁଦ୍ୱାରା ସେବା କରିବା ତ ବହୁତ ସ୍ଥୁଳ ଦୃଷ୍ଟିଭଙ୍ଗୀ। ବାସ୍ତବରେ ସେବା ହେଉଛି ଭାବ—କର୍ମ ନୁହେଁ। କର୍ମରୁ ବନ୍ଧନହୁଏ ଓ ସେବାରୁ ମୁକ୍ତିହୁଏ। ସେବାଭାବ ହେଲେ ନିଜପାଖରେ ଥିବା ବସ୍ତୁଗୁଡ଼ିକ ଆପେ ଆପେ ସେବାରେ ଲାଗିଯାଏ। ଭାବ ଥିଲେ ନିଜପାଖରେ ଯେତିକି ବସ୍ତୁ ଥାଏ, ତାହାଦ୍ୱାରା ପୂର୍ଣ୍ଣ ସେବା ହୋଇଯାଏ। ଏଣୁ ଆଉ ଅଧିକ ବସ୍ତୁ ଇଚ୍ଛା କରିବାର ଆବଶ୍ୟକତା ନାହିଁ।

ବସ୍ତୁପ୍ରତି ମହତ୍ତ୍ୱ ବୁଦ୍ଧି ନ ରହିଲେ ହିଁ ପ୍ରକୃତ ସେବା ସମ୍ଭବ ହୁଏ। ଯାହାର ବସ୍ତୁ ପ୍ରତି ମହତ୍ତ୍ୱବୁଦ୍ଧି ନାହିଁ, ସେହି ବ୍ୟକ୍ତି ହିଁ ସ୍ଥୁଳବସ୍ତୁଦ୍ୱାରା ସେବା କରିପାରିବ।

ବସ୍ତୁରେ ମହତ୍ତ୍ୱବୁଦ୍ଧି ରଖି ସେବାକଲେ ସେବା କରିବାର ଅଭିମାନ ଆସେ । କେହି ଜାଣନ୍ତୁ ବା ନଜାଣନ୍ତୁ ଅନ୍ତଃକରଣରେ ବସ୍ତୁର ମହତ୍ତ୍ୱ ଥିବାପର୍ଯ୍ୟନ୍ତ ସେବକଠାରେ ଭୋଗବୁଦ୍ଧି ଅବଶ୍ୟ ରହିଥାଏ ।

ପ୍ରକୃତରେ ଭାବଦ୍ୱାରା ହିଁ ସେବା ହୁଏ । ବସ୍ତୁଦ୍ୱାରା ନୁହେଁ । ବସ୍ତୁଦ୍ୱାରା କେବଳ କର୍ମହୁଏ,—ସେବା ନୁହେଁ; ଏଣୁ କେବଳ ବସ୍ତୁ ଦେଇଦେବା ସେବା ନୁହେଁ । ଦୋକାନୀ ମଧ୍ୟ ବସ୍ତୁ ଦିଏ; କିନ୍ତୁ ପ୍ରତିବଦଳରେ ନେବାର ଭାବନା ଥିବାରୁ ତଦ୍ୱାରା ତା'ର ପୁଣ୍ୟ ହୁଏନାହିଁ ।

ସେହିପରି ପ୍ରଜାଗଣ ରାଜାଙ୍କୁ କରରୂପେ ଧନ ଦେଉଥିଲେ ମଧ୍ୟ ତାହା ଦାନ ବୋଲାଏ ନାହିଁ । କାହାକୁ ଜଳ ପିଆଇଲାପରେ 'ମୁଁ ତାକୁ ଜଳ ପିଆଇବାରୁ ସେ ସୁଖୀହେଲା' ଏପରି ଭାବନା ରଖିବା ମଧ୍ୟ ଦୋକାନଦାରି । ଆମେ ମାନ ବଡ଼ିମା ଚାହୁଁନଥିଲେ ବି ଯଦି ଜଳ ପିଆଇଲେ ପୁଣ୍ୟହେବ, ଅଥବା ଦାନ ଦେଲେ ପୁଣ୍ୟହେବ—ଏପରି ଭାବନା ଥାଏ, ତେବେ ଫଳସହିତ ସମ୍ବନ୍ଧ ରହୁଥିବାରୁ ଅନ୍ତଃକରଣରେ ଜଳ, ଧନ ଇତ୍ୟାଦି ବସ୍ତୁର ମହତ୍ତ୍ୱ ଅଙ୍କିତ ହୋଇଯାଏ । ଜାଣ ବା ନଜାଣ, ବସ୍ତୁର ମହତ୍ତ୍ୱ ଅଙ୍କିତ ହୋଇଗଲେ ବାସ୍ତବିକ ସେବା ହୋଇପାରେ ନାହିଁ । ବରଂ ନେବାର ଭାବ ଥିବାରୁ ତା ସହିତ ସମ୍ବନ୍ଧ ରହିଯାଏ । ଅତଏବ ବସ୍ତୁଗୁଡ଼ିକୁ ଦାନ ପୁଣ୍ୟ ଉଦ୍ଦେଶ୍ୟରେ ଅନ୍ୟର ସେବାରେ ଲଗାଇବା ଉଚିତ ନୁହେଁ । ବରଂ ସେହି ବସ୍ତୁଗୁଡ଼ିକରୁ ନିଜର ସମ୍ବନ୍ଧ- ବିଚ୍ଛେଦ କରିବା ଉଚିତ । ବାସ୍ତବରେ ଯିଏ ବସ୍ତୁର ଅଧିକାରୀ ଅର୍ଥାତ ସେହି ବସ୍ତୁଟି ଯାହାର, ତାକୁହିଁ ଆମଦ୍ୱାରା ପ୍ରଦତ୍ତ ବସ୍ତୁ ମିଳିପାରିବ । ତାକୁ ତା ବସ୍ତୁ ଦେଇଦେଲେ ଆମ ଉପରେ ଥିବା ଋଣର ପରିଶୋଧ ହୋଇଯାଏ । କାହାର ଯଦି କୌଣସି ବସ୍ତୁ ଆମଠାରୁ ଅଧିକ ଆବଶ୍ୟକ, ତେବେ ସେ ବ୍ୟକ୍ତି ସେ ବସ୍ତୁର ଅଧିକାରୀ । ଅନ୍ୟମାନେ କେବଳ ସେମାନଙ୍କ ଅଧିକାରର ବସ୍ତୁ ହିଁ ନିଅନ୍ତି । ଆମ ଅଧିକାରର ବସ୍ତୁ ସେମାନେ ନେଇ ପାରିବେ ନାହିଁ ।

ଯଦୃଚ୍ଛାଲାଭ ସନ୍ତୁଷ୍ଟଃ

କର୍ମଯୋଗୀ ନିଷ୍କାମଭାବରେ ସୁଚାରୁରୂପେ ସମସ୍ତ କର୍ତ୍ତବ୍ୟ କର୍ମ କରନ୍ତି । **ଫଳପ୍ରାପ୍ତି ଉଦ୍ଦେଶ୍ୟ ନଥିବାରୁ ପରିଣାମରେ ତାଙ୍କୁ ଅନୁକୂଳତା ପ୍ରତିକୂଳତା, ଲାଭକ୍ଷତି, ମାନଅପମାନ, ପ୍ରଶଂସାନିନ୍ଦା ଇତ୍ୟାଦି ଯାହା କିଛି ମିଳେ, ସେଥିରେ**

ତାଙ୍କ ଅନ୍ତଃକରଣରେ କୌଣସି ଅସନ୍ତୋଷ ଉତ୍ପନ୍ନ ହୁଏନାହିଁ । ସେ ଯଦି ବ୍ୟବସାୟ କରୁଛନ୍ତି, ତେବେ ବ୍ୟବସାୟରେ ଲାଭ ବା କ୍ଷତିହେଲେ ତାଙ୍କ ଅନ୍ତଃକରଣରେ ତା'ର କୌଣସି ପ୍ରକାର ପ୍ରଭାବ ପଡ଼େନାହିଁ, ସେ ପ୍ରତ୍ୟେକ ପରିସ୍ଥିତିରେ ସମାନଭାବରେ ସନ୍ତୁଷ୍ଟ ରହନ୍ତି । କାରଣ ତାଙ୍କ ମନରେ ଫଳେଚ୍ଛା ନଥାଏ । ତାତ୍ପର୍ଯ୍ୟହେଲା, ବ୍ୟବସାୟରେ ତାଙ୍କୁ ଲାଭ ଓ କ୍ଷତିର ଜ୍ଞାନହୁଏ ଏବଂ ସେ ତଦନୁସାରେ ଯଥୋଚିତ ଚେଷ୍ଟା ବି କରନ୍ତି । କିନ୍ତୁ ପରିଣାମରେ ସେ ସୁଖୀ ବା ଦୁଃଖୀ ହୁଅନ୍ତି ନାହିଁ । ଯଦି ସାଧକର ଅନ୍ତଃକରଣରେ କଦାଚିତ୍ ଅନୁକୂଳତା ଓ ପ୍ରତିକୂଳତାର କିଛି ପ୍ରଭାବ ପଡ଼ିଥାଏ, ତଥାପି ସେ ବିବ୍ରତ ହେବା ଅନୁଚିତ । କାରଣ ସାଧକର ଅନ୍ତଃକରଣରେ ସେହି ପ୍ରଭାବ ସ୍ଥାୟୀହୋଇ ରହେନାହିଁ, ତାହା ଖୁବ୍ ଶୀଘ୍ର ଦୂର ହୋଇଯାଏ ।

ଉପର୍ଯ୍ୟୁକ୍ତ ପଦରେ ବ୍ୟବହୃତ 'ଲାଭ' ଶବ୍ଦର ଅର୍ଥ ପ୍ରାପ୍ତି । ଏହି ଦୃଷ୍ଟିରୁ କେବଳ ଲାଭ ବା ଅନୁକୂଳତା ପ୍ରାପ୍ତି ହେବା ଲାଭ ନୁହେଁ । ବରଂ ଲାଭକ୍ଷତି ଅନୁକୂଳତା ପ୍ରତିକୂଳତା ପ୍ରଭୃତି ଯାହା କିଛି ପ୍ରାପ୍ତ ହେଉଛି, ସେସବୁ ଲାଭ ଶବ୍ଦ ଅନ୍ତର୍ଗତ ।

ବିମତ୍ସରଃ—କର୍ମଯୋଗୀ ସମସ୍ତ ପ୍ରାଣୀଙ୍କ ସହିତ ନିଜର ଏକତ୍ୱ ସ୍ୱୀକାର କରନ୍ତି । ସର୍ବଭୂତାତ୍ମ ଭୂତାତ୍ମା (ଗୀତା ୫/୭) । ତେଣୁ ତାଙ୍କ ଅନ୍ତରରେ କୌଣସି ପ୍ରାଣୀପ୍ରତି କିଞ୍ଚିନ୍ମାତ୍ରା ବି ଈର୍ଷାଭାବ ରହେନାହିଁ ।

ବିମତ୍ସରଃ ପଦ ପୃଥକଭାବେ ବ୍ୟବହାର କରିବାର ଉଦ୍ଦେଶ୍ୟ ହେଲା, ନିଜ ଅନ୍ତରରେ ଯେପରି କୌଣସି ପ୍ରାଣୀପ୍ରତି ଈର୍ଷାଭାବ ଜାତ ନହେବ, ସେ ବିଷୟରେ କର୍ମଯୋଗୀ ବିଶେଷ ସାବଧାନ ରହନ୍ତି ।

କର୍ମଯୋଗୀଙ୍କର ସମସ୍ତ କ୍ରିୟା ପ୍ରତ୍ୟେକ ପ୍ରାଣୀଙ୍କର ହିତ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୁଏ । ଯଦି ତାଙ୍କ ଅନ୍ତରରେ କିଞ୍ଚିନ୍ମାତ୍ର ଈର୍ଷାଭାବ ରହେ, ତେବେ ତାଙ୍କର ସମସ୍ତ କ୍ରିୟା ଅନ୍ୟମାନଙ୍କ ହିତ ଉଦ୍ଦେଶ୍ୟରେ ହୋଇପାରିବ ନାହିଁ । ଈର୍ଷାରୂପକ ଦୋଷ ଅତି ସୂକ୍ଷ୍ମ । ଧରାଯାଉ ଦୁଇଜଣ ଦୋକାନୀଙ୍କର ପରସ୍ପର ମଧ୍ୟରେ ମିତ୍ରତା ଅଛି । ସେଥିମଧ୍ୟରୁ ଜଣଙ୍କର ଦୋକାନ ଭଲ ଚାଲିଲେ ଅନ୍ୟଜଣଙ୍କ ମନରେ ସାମାନ୍ୟ ଈର୍ଷା ଜାତ ହୁଏ ଯେ, ତା ଦୋକାନ ଭଲ ଚାଲିଲା, ହେଲେ

ମୋ ଦୋକାନ ମାନ୍ଦା ହୋଇଗଲା । ଏହି ଈର୍ଷାରୂପକ ଦୋଷଯୋଗୁ ମିତ୍ର ମିତ୍ର ଭିତରେ ଜଣେ ଅନ୍ୟର ଉନ୍ନତି ସହିପାରେନାହିଁ ।

(୧୩୭୯) ଅଷ୍ଟପ୍ରକୃତି : କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ୍, ମନ, ବୁଦ୍ଧି, ଅହଙ୍କାର– ଏହା ମିଶି ଅଷ୍ଟପ୍ରକୃତି । ଦେହାବସାନରେ ମଧ୍ୟ ଜୀବ ଏହି ଅଷ୍ଟପ୍ରକୃତିର ବଶୀଭୂତ ହୋଇ ଅବସ୍ଥାନ କରିଥାଆନ୍ତି । ଏହି ଅଷ୍ଟପ୍ରକୃତି କର୍ମାନୁସାରେ ଦେହୀର ଅନୁଗମନ କରିଥାଆନ୍ତି । ଏହି ଅଷ୍ଟପ୍ରକୃତି ହିଁ ପ୍ରକୃତିର ଗୁଣ । ଏହି ଗୁଣଦ୍ୱାରା ସକଳ କର୍ମ ସମ୍ପାଦିତ ହୋଇଥାଏ, ଅର୍ଥାତ୍ ରକ୍ତମାଂସ ସହିତ ବାୟୁ ମିଶ୍ରିତ ହୋଇ ଶ୍ୱାସ ପ୍ରଶ୍ୱାସର କାର୍ଯ୍ୟ ନିର୍ବାହ କରିଥାଏ । ଗୁଣ ସହିତ ଇନ୍ଦ୍ରିୟଗଣ ଯୁକ୍ତ ହୋଇ ଅପରାପର ସମସ୍ତ କର୍ମ ସମ୍ପାଦନ କରନ୍ତି । ଅର୍ଥାତ୍ ତେଜତତ୍ତ୍ୱ ଚକ୍ଷୁରେ ବିଦ୍ୟମାନ—ତଦ୍ଦ୍ୱାରା ଦର୍ଶନ କାର୍ଯ୍ୟ ସମ୍ପାଦିତ ହୁଏ । ବ୍ୟୋମତତ୍ତ୍ୱ ଶ୍ରବଣେନ୍ଦ୍ରିୟ ସହିତ ସମ୍ମିଳିତ ହୋଇ ଶ୍ରବଣ କାର୍ଯ୍ୟ, ଜଳତତ୍ତ୍ୱ ଜିହ୍ୱା ସହିତ ସଂଯୁକ୍ତ ହୋଇ ଆସ୍ୱାଦନ କାର୍ଯ୍ୟ, କ୍ଷିତିତତ୍ତ୍ୱ ନାସିକାଭ୍ୟନ୍ତର ଦେଇ ଘ୍ରାଣକାର୍ଯ୍ୟ ସମ୍ପନ୍ନ କରେ । ଏହି ଭାବରେ ପ୍ରକୃତିର ଗୁଣଦ୍ୱାରା ଏବଂ ଇନ୍ଦ୍ରିୟାଦିଙ୍କଦ୍ୱାରା ସକଳକର୍ମ ସମ୍ପାଦିତ ହୁଏ । କିନ୍ତୁ ଅଭିମାନୀ ଜୀବ ନିଜକୁ କର୍ତ୍ତା ମନେ କରି ନାନାବିଧ ତାପ ଭୋଗ କରେ ।

(୧୩୮୦) ଈଶ୍ୱରଙ୍କର ଦ୍ୱିବିଧ ଶକ୍ତି : ପରିପୂର୍ଣ୍ଣ ଈଶ୍ୱରଙ୍କର ଦ୍ୱିବିଧଶକ୍ତି ବିଦ୍ୟମାନ । ଯୋଗମାୟା ଶକ୍ତି ଓ ଯୋଗନିଦ୍ରା ଶକ୍ତି । ଭଗବାନଙ୍କର ଆଦ୍ୟାଶକ୍ତି ଦ୍ୱିବିଧ ଭାବରେ ବିଭକ୍ତ ହୋଇ ଯୋଗନିଦ୍ରା ଓ ଯୋଗମାୟା ନାମ ଧାରଣ କରି ବିଶ୍ୱର ସୃଜନ, ପାଳନ ଓ ସଂହାର କ୍ରିୟା ସମ୍ପାଦନ କରନ୍ତି । ମା କାଳୀମୂର୍ତ୍ତି ଆଦ୍ୟଶକ୍ତି ସ୍ୱରୂପା । ତାଙ୍କର ବାମାଙ୍ଗ ଯୋଗନିଦ୍ରା ବା ମହାମାୟା ଏବଂ ଦକ୍ଷିଣାଙ୍ଗ ଯୋଗମାୟା ସ୍ୱରୂପା ।

(୧୩୮୧) ଯୋଗନିଦ୍ରା ଶକ୍ତି : ଯୋଗନିଦ୍ରା ଶକ୍ତି ଜୀବାତ୍ମାକୁ ବହିର୍ମୁଖୀ ବା ଭୂତାଭିମୁଖୀ କରାଇ ପ୍ରକୃତି ଆଡ଼କୁ ଆକର୍ଷଣ କରେ । ବ୍ରହ୍ମ ଚୈତନ୍ୟ ନିଜ ଇଚ୍ଛାରେ ଜଗତ୍ ଲୀଳାଭିନୟ କରିବା ନିମିତ୍ତ ନିଜକୁ ତାଙ୍କର ଏହି ଶକ୍ତିଦ୍ୱାରା ଆଚ୍ଛାଦିତ କରି ପ୍ରକୃତି ବା ମାୟାର ଅଧୀନତା ସ୍ୱୀକାର ପୂର୍ବକ ନିଦ୍ରିତାବସ୍ଥାପରି ମୋହାଚ୍ଛନ୍ନ ହୋଇ ଜୀବରୂପରେ ଆବିର୍ଭୂତ ହୁଅନ୍ତି । ଏହା ହିଁ ଏହି ଯୋଗନିଦ୍ରା

ଶକ୍ତି ବା ମାୟା ଶକ୍ତିର କ୍ରିୟା । ଏହା ତମୋଗୁଣ ବା ଅବିଦ୍ୟାଚ୍ଛନ୍ନ ଅବସ୍ଥା । ତେଣୁ ଏହାକୁ ଆବରଣୀ ଶକ୍ତି ଓ ବିକ୍ଷେପ ଶକ୍ତିଯୁକ୍ତା ମହାମାୟା ବୋଲି କହନ୍ତି । ବ୍ରହ୍ମ ତାଙ୍କର ସ୍ୱରୂପାନନ୍ଦକୁ ନିଜେ ଏକାକୀ ଉପଭୋଗ କରି ତୃପ୍ତିଲାଭ କରି ନ ପାରିବାରୁ ସେ ଯୋଗନିଦ୍ରାରୂପୀ ଅବିଦ୍ୟାମାୟା ଆଶ୍ରୟରେ ଜୀବରୂପରେ ଅବତୀର୍ଣ୍ଣ ହୁଅନ୍ତି । ଏହି ଶକ୍ତି ଦ୍ୱାରା ସେ ତାଙ୍କର ବିଶ୍ୱଲୀଳା ଅନୁଭବ କରନ୍ତି । ଈଶ୍ୱର ନିଜେ ତାଙ୍କର ମହାମାୟା ଶକ୍ତିଦ୍ୱାରା ବହୁରୂପୀ ଜୀବଭାବରେ ପ୍ରକଟ ହୋଇ ନିଜ ଅନ୍ତରାତ୍ମାରୁ ଏହି ଜୀବମାନଙ୍କୁ ଏକପ୍ରକାର ଦୂରକୁ ପଠାଇ ଦିଅନ୍ତି ଏବଂ ପୁନରାୟ ତାଙ୍କୁ ନିଜର ଅଭ୍ୟନ୍ତରକୁ ଆକର୍ଷଣ କରିବାବେଳେ ଯେଉଁ ଆନନ୍ଦ ଅନୁଭୂତ ହୁଏ, ସେହି ଆନନ୍ଦ ଆସ୍ୱାଦନ ନିମିତ୍ତ ବିଶ୍ୱଲୀଳାର ପ୍ରବର୍ତ୍ତନ । ତେଣୁ ଯୋଗନିଦ୍ରା ଶକ୍ତି ଏହି ବିଶ୍ୱଲୀଳାରେ ସହାୟକ ହେବା ନିମିତ୍ତ ଜୀବକୁ ଅନନ୍ତ ବିଷୟାନଳରେ ଦଗ୍ଧ କରିଥାଆନ୍ତି । ଏହି ଶକ୍ତି ପାପର ଶାସ୍ତିବିଧାନ କରି କର୍ମଫଳ ପ୍ରଦାନ କରନ୍ତି ବୋଲି ଜୀବପକ୍ଷରେ ତାଙ୍କର ରୂପ ଅତିଶୟ ବିପଦଶଙ୍କୁଳ ଏବଂ ଭୟଙ୍କର । ତେଣୁ କାଳୀଦେବୀଙ୍କ ବାମାଙ୍ଗ ଓ ବାମହସ୍ତଦ୍ୱୟ ଭୟ ଓ ଶାସ୍ତିର ପ୍ରତୀକ ଭାବରେ ପ୍ରଦର୍ଶନ କରାଯାଇଅଛି ।

(୧୩୮୨) ଯୋଗମାୟା : ଏହା ଆଦ୍ୟାଶକ୍ତି ମାତା କାଳିକା ଦେବୀଙ୍କର ଦକ୍ଷିଣାଙ୍ଗ ଯୋଗମାୟ । ସ୍ୱରୂପିଣୀ ମୋକ୍ଷଦା ଶକ୍ତି । ଏହି ଶକ୍ତି ଜୀବମାନଙ୍କୁ ଅନ୍ତର୍ମୁଖୀ କରାଇ ଆତ୍ମାଭିମୁଖରେ ଚାଳିତ କରନ୍ତି ଓ ଈଶ୍ୱରଙ୍କ ଦିଗକୁ ଆକର୍ଷଣ କରନ୍ତି । ତେଣୁ ଶଙ୍କର୍ଷଣ ବିଷ୍ଣୁ ଏହି ଶକ୍ତିରେ ଆବୃତ ଥାଇ ଜୀବମାନଙ୍କୁ ଭଗବାନଙ୍କ ଆଡ଼କୁ ଆକର୍ଷଣ କରିବାରେ ସାହାଯ୍ୟ କରନ୍ତି । ଏହି ଶକ୍ତିକୁ ଚିତ୍‌ଶକ୍ତି ବା ପ୍ରେମଶକ୍ତି କୁହାଯାଏ । ଏହି ଶକ୍ତିଦ୍ୱାରା ଜୀବ ସଂସାରସାଗରରୁ ଉତ୍ତୀର୍ଣ୍ଣ ହୋଇ ମୋକ୍ଷଗତି ଲାଭ କରେ । ସୁତରାଂ ଈଶ୍ୱରଙ୍କର ଯେଉଁ ଶକ୍ତି ଜୀବ ଓ ଭଗବାନଙ୍କୁ ଏକତ୍ର ସମ୍ମିଳିତ କରାଇ ଦେବାର ଚେଷ୍ଟା କରନ୍ତି, ସେହି ଶକ୍ତିଙ୍କ ନାମ ଯୋଗମାୟା । ଏହି ଯୋଗ ବା ସଂଯୋଗ ପଥରେ ଆତ୍ମା ସ୍ୱରୂପାନନ୍ଦ ଭୋଗ କରନ୍ତି । ଈଶ୍ୱରଙ୍କର ଏହି ଶକ୍ତି ଜୀବମାନଙ୍କୁ ଆନନ୍ଦ ଓ ପ୍ରେମ ପ୍ରଦାନ ପୂର୍ବକ ତାଙ୍କର ସ୍ୱଗୃହ ସ୍ୱରୂପ ଭଗବାନଙ୍କ ଧାମକୁ ଉନ୍ନୀତ କରନ୍ତି । ତେଣୁ ଏହି ଶକ୍ତି ଜୀବପକ୍ଷରେ ଅତିଶୟ ମନୋରମ ଓ ପ୍ରୀତିପ୍ରଦ ଏବଂ ସୁଖକର ବୋଲି ତାଙ୍କର ମୂର୍ତ୍ତି ସୁନ୍ଦର ଭାବରେ

ଚିତ୍ରିତ କରାଯାଇଅଛି । ଆଦ୍ୟାଶକ୍ତି ମା କାଳିକା ଦେବୀଙ୍କର ଦକ୍ଷିଣାଙ୍ଗ ଓ ଦକ୍ଷିଣ ହସ୍ତଦ୍ୱୟରେ 'ବର' ଓ 'ଅଭୟ' ଶୋଭା ପାଉଅଛି; ଅର୍ଥାତ୍ ଦେବୀଙ୍କ ଦକ୍ଷିଣାଙ୍ଗ ଯୋଗମାୟା ସ୍ୱରୂପ ହୋଇ ଜୀବକୁ ବର ଓ ଅଭୟପ୍ରଦାନ ପୂର୍ବକ ଆନନ୍ଦସ୍ୱରୂପ ଦାନ କରୁଛନ୍ତି । କର୍ମଫଳ, ପାପ, ଅବିଦ୍ୟା ଓ ଭେଦଭାବକୁ ସାଂସାରିକଭାବ କୁହାଯାଏ । ଏହା ହିଁ ଜୀବ ପକ୍ଷରେ ଦୁଃଖ ଓ ଭୟର କାରଣ ବୋଲି ଜୀବର ସଂସାର ଆଗମନ କ୍ରିୟା ଭୀତିପ୍ରଦ । ତେଣୁ ତାଙ୍କ ବାମହସ୍ତରେ ଭୟପ୍ରଦ ଅସ୍ତ୍ରାଦି ପ୍ରଦାନ କରାଯାଇଅଛି । ଭଗବାନଙ୍କ ଆଡ଼କୁ ଚିତ୍ତ ଆକୃଷ୍ଟ ହେବାର ଅବସ୍ଥା ହେଉଛି ଆନନ୍ଦ ଓ ପ୍ରେମର ଅବସ୍ଥା, ତେଣୁ ଦେବୀଙ୍କ ଦକ୍ଷିଣ ହସ୍ତରେ ବରାଭୟ ଦାନର ଚିତ୍ର ଅଙ୍କିତ ହୋଇଅଛି । ଏହି ଶକ୍ତି ହିଁ ଗୁରୁଶକ୍ତି ସ୍ୱରୂପା । ତେଣୁ ଉଦ୍ଧାର କରିବା ନିମିତ୍ତ ଏହି ଶକ୍ତିଙ୍କ ନିକଟରେ ପ୍ରାର୍ଥନା କରାଯାଇଥାଏ ।

(୧୩୮୩) ପ୍ରାଣଶକ୍ତି : ସମଗ୍ର ଶକ୍ତି ଜୀବ ଦେହରେ ଆତ୍ମାର ପ୍ରାଣଶକ୍ତି ରୂପରେ ମୂଳାଧାରକମଳରେ କୁଣ୍ଡଳିନୀ ଶକ୍ତିରୂପରେ ବିରାଜିତା । ଏହି ଚିତ୍ଶକ୍ତି ବା ଯୋଗମାୟା ଶକ୍ତିଙ୍କ ଜାଗରଣକୁ କୁଣ୍ଡଳିନୀ ଜାଗରଣ ବୋଲି କହନ୍ତି । ଏହା ହିଁ ପ୍ରାଣଶକ୍ତିର ଉଦ୍‌ବୋଧନ । ଆମର ପ୍ରାଣଶକ୍ତି ନାଡ଼ିଦ୍ୱାରା ପ୍ରବାହିତ ହୋଇ ଦେହ ମଧ୍ୟରେ ଅବିରତ ସଞ୍ଚରଣ କରୁଅଛି । ସେଥିପାଇଁ ଇନ୍ଦ୍ରିୟବର୍ଗଙ୍କ କାର୍ଯ୍ୟ ସୁଚାରୂରୂପେ ସମ୍ପନ୍ନ ହେଉଅଛି । କିନ୍ତୁ ଏହା ପ୍ରାଣର ବହିର୍ମୁଖୀ କ୍ରିୟା । ପ୍ରାଣର ଏହି ବହିର୍ମୁଖୀ କ୍ରିୟାଶକ୍ତିର ଜାଗରଣ ହେତୁ ମନ ଅତିଶୟ ଚଞ୍ଚଳ ଥାଏ ଓ ବିଷୟ ଦିଗକୁ ଧାବିତ ହୁଏ । ସେହି ମନ ନେଇ ଭଗବତ୍ ଉପାସନା କଲେ ଲକ୍ଷ୍ୟପଥରେ ବିବିଧ ବାଧା ଉପସ୍ଥିତ ହୋଇଥାଏ । ଏହି ମନ ସ୍ଥିର ନହେଲେ କେବେହେଲେ ଆତ୍ମସାକ୍ଷାତ୍କାର ହେବ ନାହିଁ । ଯୋଗାନୁଷ୍ଠାନ ବ୍ୟତୀତ ସୂକ୍ଷ୍ମନାଡ଼ି ଭିତରେ ସ୍ଥିରବାୟୁ ବା ପ୍ରାଣଶକ୍ତିର ପ୍ରବେଶଲାଭ ସମ୍ଭବ ହୁଏ ନାହିଁ । ପ୍ରାଣକୁ କେଉଁ କେନ୍ଦ୍ରରୁ ନେଇ କେଉଁ କେନ୍ଦ୍ରରେ ରଖିଲେ ସୂକ୍ଷ୍ମମାର୍ଗର ସନ୍ଧାନ ମିଳେ, ତାହା ସେହି କ୍ରିୟାରେ ସନ୍ନିବେଶିତ କରାଯାଇଅଛି । ଚକ୍ଷୁ, କର୍ଣ୍ଣ, ନାସିକା, ଶିର, ଶିଖା, ହୃଦୟ, ନାଭିମୂଳ ଓ ମେରୁଦଣ୍ଡ—ଏହାକୁ ମର୍ମସ୍ଥାନ କହନ୍ତି । ଏହା ହିଁ ଆଧ୍ୟାତ୍ମ୍ୟଶକ୍ତିର ବିଶେଷ ବିକାଶସ୍ଥାନ । ଯେତେବେଳ ଯାଏ ପ୍ରାଣଶକ୍ତି ସୁଷୁମ୍ନାପଥ ଭେଦକରି ସମସ୍ତ **କେନ୍ଦ୍ରସ୍ଥାନଗୁଡ଼ିକୁ ଅତିକ୍ରମ ପୂର୍ବକ ମସ୍ତକସ୍ଥିତ ସହସ୍ରାରରେ ପ୍ରବେଶ ନ କରେ,**

ସେତେବେଳଯାଏ କାହିଁରେ ହେଲେ ଦିବ୍ୟଜ୍ଞାନର ଉନ୍ମେଷ ହୋଇପାରେ ନାହିଁ। ଯେଉଁ ସାଧକଙ୍କର ପ୍ରାଣଶକ୍ତି ସୁଷୁମ୍ନା ଭେଦ କରିପାରିଛି, ତାଙ୍କ ନିକଟରେ ହିଁ ସମଗ୍ର ଅନ୍ତର୍ଜଗତର ରହସ୍ୟ ଉଦ୍‌ଘାଟିତ ହୋଇଥାଏ। ଆମର ଯେଉଁ ଶକ୍ତି ନେଇ ମନୁଷ୍ୟତା ଗଠିତ, ତାହା ହିଁ ଏହି ପ୍ରାଣଶକ୍ତି। ଏହା ମସ୍ତିଷ୍କର ଶକ୍ତି। ମସ୍ତିଷ୍କ ବିଶ୍ରାମ କଲେ ମଧ୍ୟ ତାହାର ସମସ୍ତ ଅଂଶ ବିଶ୍ରାମ କରେ ନାହିଁ। ଏହି ସମୟରେ ମଧ୍ୟ ପ୍ରାଣଶକ୍ତି କ୍ରିୟାଶୀଳ ଥାଏ। ଆହାର, ନିଦ୍ରା, ଭୟ ଓ ମୈଥୁନ ନିବୃତ୍ତି ନିମିତ୍ତ ମସ୍ତିଷ୍କର ପ୍ରାଣଶକ୍ତିର ଉଦ୍‌ବୋଧନ ଏକାନ୍ତ ଆବଶ୍ୟକ। ଏହା ମନୁଷ୍ୟର ସ୍ୱତଃ ଉଦ୍‌ବୁଦ୍ଧ ଥାଏ। କିନ୍ତୁ ଆଧ୍ୟାତ୍ମିକଶକ୍ତି ଉନ୍ମେଷକ କେନ୍ଦ୍ର (cell) ଗୁଡ଼ିକ ପ୍ରାୟ ମୁଦ୍ରିତ ଥାଆନ୍ତି। ଏହି ଶକ୍ତିର ପୂର୍ଣ୍ଣ ବିକାଶ ହେଲେ ମନୁଷ୍ୟ ଦୈବ ବା ଐଶ୍ୱରିକ ଶକ୍ତି ଲାଭ କରିଥାଏ। ଏହି ଶକ୍ତିକୁ ସାଧନାଦ୍ୱାରା ଜାଗ୍ରତ କରିବା ହିଁ ସାଧନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ବିଶ୍ୱଲୀଳା ପ୍ରାଣଶକ୍ତିର ଲୀଳା। ପ୍ରାଣ ହିଁ ଜୀବ ଦେହରେ ମହାଶକ୍ତି ସ୍ୱରୂପା। ଏହି ପ୍ରାଣତତ୍ତ୍ୱ ଅନୁସନ୍ଧାନପୂର୍ବକ ଏଥିରେ ସ୍ଥିତିଲାଭ କରିପାରିଲେ ସମଗ୍ର ବିଶ୍ୱର ସମସ୍ତ ଜ୍ଞାନ ସାଧକଙ୍କର ଆୟତ୍ତ ହୋଇପାରିବ। ସମସ୍ତ ଦେବତା ହିଁ ଏହି ପ୍ରାଣର ବିଭିନ୍ନ ଶକ୍ତି ମାତ୍ର। ଏହି ପ୍ରାଣଶକ୍ତି ଈଶ୍ୱରଙ୍କର ଅର୍ଥାତ୍ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଜନନୀ। ଏହି ଶକ୍ତି ହିଁ ଜୀବର ଉପାସ୍ୟ ବା ଇଷ୍ଟଦେବତା ସ୍ୱରୂପା। ଏହି ପ୍ରାଣଶକ୍ତି ଅନ୍ତର୍ମୁଖୀ ହେଲେ ଶିବଶକ୍ତିର ସମ୍ମିଳନ ହୋଇଥାଏ। ସେତେବେଳେ ଜୀବ ପରମପଦ ଲାଭ କରେ। ଶ୍ରୀଗୁରୁଙ୍କ କୃପାରୁ ଏହି ଶକ୍ତି ସମ୍ବନ୍ଧରେ ଜ୍ଞାନଲାଭ ହୋଇଥାଏ।

(୧୩୮୪) ସେବୟାଂ : ଶରୀର ଓ ବସ୍ତୁ ଗୁଡ଼ିକ ଦ୍ୱାରା ଶ୍ରୀ ଗୁରୁଦେବଙ୍କର ସେବା କରନ୍ତୁ। ସେ ପ୍ରସନ୍ନ ହେବାଭଳି କର୍ମ କରନ୍ତୁ। ତାଙ୍କର ପ୍ରସନ୍ନତା ପ୍ରାପ୍ତ କରିବାକୁ ହେଲେ ସର୍ବଦା ତାଙ୍କର ଅଧୀନ ହୋଇ ଯାଆନ୍ତୁ। ତାଙ୍କ ମନ, ଇଙ୍ଗିତ ଓ ଆଜ୍ଞାର ଅନୁକୂଳ କାର୍ଯ୍ୟ କରନ୍ତୁ। ଏହା ହେଉଛି ତାଙ୍କର ବାସ୍ତବ ସେବା। ସନ୍ଥ ମହାପୁରୁଷଙ୍କ ସିଦ୍ଧାନ୍ତ ଅନୁଯାୟୀ ଜୀବନ ଗଠନ କରିବା ହିଁ ତାଙ୍କର ସର୍ବଶ୍ରେଷ୍ଠ ସେବା। କାରଣ ତାଙ୍କ ଶରୀର ଅପେକ୍ଷା ସିଦ୍ଧାନ୍ତ ଅଧିକ ପ୍ରିୟ ଲାଗେ। ସିଦ୍ଧାନ୍ତ ରକ୍ଷା ନିମନ୍ତେ ସେ ଶରୀରକୁ ମଧ୍ୟ ସହର୍ଷ ଉତ୍ସର୍ଗ କରି ଦିଅନ୍ତି। ତେଣୁ ପ୍ରକୃତ ସେବକ ଦୃଢ଼ବ୍ରତୀ ହୋଇ ତାଙ୍କ ସିଦ୍ଧାନ୍ତଗୁଡ଼ିକୁ ପାଳନ କରନ୍ତି।

(୧୩୮୫) ପ୍ରଣିପାତେନ : ଜ୍ଞାନ ପ୍ରାପ୍ତି ନିମନ୍ତେ ଗୁରୁଦେବଙ୍କ ନିକଟକୁ ଯାଇ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିବା ଉଚିତ । ତାତ୍ପର୍ଯ୍ୟ ହେଲା, ଗୁରୁଙ୍କ ନିକଟରେ ଛୋଟ ହୋଇ ରହିବା ବିଧେୟ– 'ନୀଚବତ ସେବେତ ସଦ୍‌ଗୁରୁମ୍' ଏପରି କଲେ ଗୁରୁଦେବଙ୍କର ଅବଜ୍ଞା ଓ ତିରସ୍କାର ହେବ ନାହିଁ । ବିନମ୍ର ସରଳ ଓ ଜିଜ୍ଞାସୁ ଭାବରେ ତାଙ୍କ ନିକଟରେ ରହି ତାଙ୍କର ସେବା କରିବା ଉଚିତ । ନିଜେ ତାଙ୍କ ଚରଣରେ ସମର୍ପିତ ହୋଇ ତାଙ୍କର ଅଧୀନ ହୋଇଯିବା ଉଚିତ । ଶରୀର ଓ ବସ୍ତୁ ଗୁଡ଼ିକ ତାଙ୍କୁ ସମର୍ପଣ କରି ଦେବା ବିଧେୟ । ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ ଦ୍ୱାରା ନିଜ ଶରୀରକୁ ଓ ସେବାଦ୍ୱାରା ନିଜର ସମସ୍ତ ବସ୍ତୁକୁ ତାଙ୍କ ନିକଟରେ ଅର୍ପଣ କରିଦେବା ବାଞ୍ଛନୀୟ ।

(୧୩୮୬) ପରିପ୍ରଶ୍ନେନ : କେବଳ ପରମାତ୍ମତତ୍ତ୍ୱ ପ୍ରାପ୍ତ ଉଦ୍ଦେଶ୍ୟରେ ଜିଜ୍ଞାସୁ ହୋଇ ସରଳତା ଓ ବିନମ୍ରତା ପୂର୍ବକ ଗୁରୁଦେବଙ୍କୁ ପ୍ରଶ୍ନ ପଚାରିବା ଉଚିତ । ନିଜର ବିଦ୍‌ବତ୍ତା ପ୍ରଦର୍ଶନ ପାଇଁ ବା ତାଙ୍କୁ ପରୀକ୍ଷା କରିବା ପାଇଁ ପ୍ରଶ୍ନ କରିବା ଠିକ୍ ନୁହେଁ । ମୁଁ କିଏ ? ସଂସାର କ'ଣ ? ବନ୍ଧନ କ'ଣ ? ମୋକ୍ଷ କ'ଣ ? ପରମାତ୍ମତତ୍ତ୍ୱ କିପରି ଅନୁଭୂତ ହେବ ? ମୋ ସାଧନାରେ କ'ଣ ସବୁ ବାଧାବିଘ୍ନ ରହିଚି ? ସେହି ବାଧାବିଘ୍ନକୁ କିପରି ଦୂର କରିବି ? କିପରି ସ୍ୱରୂପରେ ପ୍ରତିଷ୍ଠିତ ହୋଇ ଭଗବତ ସେବା କରିପାରିବି ?—ତତ୍ତ୍ୱବୋଧ ଉଦ୍ଦେଶ୍ୟରେ ଏହିସବୁ ପ୍ରଶ୍ନ ପଚାରନ୍ତୁ ।

(୧୩୮୭) ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ : ତତ୍ତ୍ୱ ଦର୍ଶିନଃ ପଦର ଭାବାର୍ଥ ହେଲା ସେହି ମହାପୁରୁଷଙ୍କୁ ପରମାତ୍ମତତ୍ତ୍ୱ ଅନୁଭବ ହୋଇସାରିଛି ଏବଂ ଜ୍ଞାନିନଃ ପଦର ଭାବାର୍ଥ ହେଲା ତାଙ୍କର ବେଦ ଶାସ୍ତ୍ରର ଜ୍ଞାନ ରହିଛି । ଏହିପରି ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ନିକଟକୁ ଯାଇ ଜ୍ଞାନ ଲାଭ କରିବା ଉଚିତ ।

ଅନ୍ତଃକରଣର ଶୁଦ୍ଧତା ଅନୁସାରେ ଜ୍ଞାନର ଅଧିକାରୀମାନେ ତିନି ଶ୍ରେଣୀରେ ବିଭକ୍ତ—ଉତ୍ତମ, ମଧ୍ୟମ ଓ କନିଷ୍ଠ । ଉତ୍ତମ ଅଧିକାରୀଙ୍କର କେବଳ ଶ୍ରବଣ ମାତ୍ରେ ତତ୍ତ୍ୱଜ୍ଞାନ ଲାଭ ହୋଇଯାଏ । ଶ୍ରବଣ, ମନନ ଓ ନିଦିଧ୍ୟାସନ କଲେ ମଧ୍ୟମ ଶ୍ରେଣୀର ଅଧିକାରୀଙ୍କ ତତ୍ତ୍ୱଜ୍ଞାନ ହୁଏ । କନିଷ୍ଠ ଅଧିକାରୀ ଠିକ୍‌ଭାବରେ

ତତ୍ତ୍ୱ ବୁଝିବାପାଇଁ ନାନା ପ୍ରକାର ପ୍ରଶ୍ନ କରନ୍ତି । ସେହି ପ୍ରଶ୍ନର ସମାଧାନ କରିବା ପାଇଁ ବେଦ ଶାସ୍ତ୍ର ବିଷୟରେ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ, କାରଣ କନିଷ୍ଠ ଅଧିକାରୀଙ୍କୁ କେବଳ ଯୁକ୍ତି ଦ୍ୱାରା ବୁଝାଇବା ସମ୍ଭବ ନୁହେଁ । ଯଦି ଗୁରୁ ଜ୍ଞାନୀ (ଶାସ୍ତ୍ରଜ୍ଞ) ନ ହୋଇ କେବଳ ତତ୍ତ୍ୱଦର୍ଶୀ ହୋଇଥାନ୍ତି, ତେବେ ସେ ଶିଷ୍ୟର ବିବିଧ ଶଙ୍କା ସମାଧାନ କରିବାରେ ଅସମର୍ଥ ହେବେ । ପକ୍ଷାନ୍ତରରେ ଯଦି ଗୁରୁ ତତ୍ତ୍ୱଦର୍ଶୀ ନ ହୋଇ କେବଳ ଶାସ୍ତ୍ରଜ୍ଞ ହୋଇଥାନ୍ତି, ତେବେ ତାଙ୍କ ବଚନ ଶ୍ରୋତାଙ୍କୁ ତତ୍ତ୍ୱଜ୍ଞାନ ବୁଝାଇବାଭଳି ପ୍ରାଞ୍ଜଳ ହେବନାହିଁ । ସେ ବହୁତ କିଛି କହିପାରନ୍ତି ତଥା ଶାସ୍ତ୍ର ବୁଝାଇ ପାରନ୍ତି, ହେଲେ ଶିଷ୍ୟକୁ ତତ୍ତ୍ୱବୋଧ କରାଇ ପାରିବେ ନାହିଁ । ଗୁରୁ ତତ୍ତ୍ୱଦର୍ଶୀ ହେବା ସଙ୍ଗେ ସଙ୍ଗେ ଜ୍ଞାନୀ ହୋଇଥିବା ଆବଶ୍ୟକ ।

(୧୩୮୮) ଉପଦେକ୍ଷ୍ୟନ୍ତି ତେ ଜ୍ଞାନମ୍ : ମହାପୁରୁଷଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ତାଙ୍କର ସେବା କଲେ ଏବଂ ତାଙ୍କୁ ବିନମ୍ର ହୋଇ ପଚାରିଲେ, ସେ ତୁମକୁ ତତ୍ତ୍ୱଜ୍ଞାନର ଉପଦେଶ ଦେବେ—ଏହାର ଅର୍ଥ ନୁହେଁ ଯେ ମହାପୁରୁଷମାନେ ଏହା ସବୁ ଚାହାନ୍ତି । ପ୍ରକୃତରେ ସେମାନଙ୍କର ପ୍ରଣାମ, ସେବା ପ୍ରଭୃତି ପାଇବାର ଆବଶ୍ୟକ ଆଦୌ ନ ଥାଏ । ତଥାପି ଏସବୁ କରିବାର ତାତ୍ପର୍ଯ୍ୟ ହେଲା ସାଧକ ଏପରି ଜିଜ୍ଞାସା ପୂର୍ବକ ନିଷ୍କପଟ ଭାବରେ ମହାପୁରୁଷଙ୍କ ପାଖରେ ରହିଲେ ମହାପୁରୁଷଙ୍କ ଅନ୍ତରରେ ତା ପ୍ରତି ବିଶେଷ ସ୍ନେହ ଜାତ ହେବ । ଫଳରେ ସାଧକ ବିଶେଷ ଲାଭବାନ ହେବେ ।

(୧୩୮୯) ତତ୍ତ୍ୱବିତ : ଯିଏ ତତ୍ତ୍ୱବିତ ମହାପୁରୁଷଙ୍କ ପରି ନିର୍ଭ୍ରାନ୍ତ ଅନୁଭବ କରିବା ପାଇଁ ତତ୍ପର ରହେ; ତାହାଠାରେ ସମସ୍ତ କ୍ରିୟା ପ୍ରକୃତିର ହେଉଛି, ମୋ ସହିତ ସେହି କ୍ରିୟାର କୌଣସି ସମ୍ବନ୍ଧ ନାହିଁ—ଏହି ବିବେକ ଜାଗ୍ରତ ହୋଇ ଯାଇଥାଏ । ଯିଏ ନିଜଠାରେ ଅର୍ଥାତ୍ ସ୍ୱରୂପରେ ତିଳେମାତ୍ର ବି କୌଣସି କ୍ରିୟାର କର୍ତ୍ତୃତ୍ୱ ଅନୁଭବ କରନ୍ତି ନାହିଁ, ସେ ହେଉଛନ୍ତି 'ତତ୍ତ୍ୱବିତ୍' । ସେ ନିତ୍ୟ-ନିରନ୍ତର ସ୍ୱାଭାବିକ ସାବଧାନ ରହନ୍ତି ଯେ, ସ୍ୱରୂପରେ କର୍ତ୍ତୃତ୍ୱ ଆଦୌ ନାହିଁ । ପ୍ରକୃତିର କାର୍ଯ୍ୟରୂପକ ଶରୀର, ଇନ୍ଦ୍ରିୟ, ମନ ବୁଦ୍ଧି ଓ ପ୍ରାଣ ସହିତ ଯେ କଦାପି ନିଜର ଏକତ୍ୱ ସ୍ୱୀକାର କରନ୍ତି ନାହିଁ, ତେଣୁ ଏମାନଙ୍କ ଦ୍ୱାରା ହେଉଥିବା କ୍ରିୟାଗୁଡ଼ିକୁ ସେ ନିଜର କ୍ରିୟା ବୋଲି ମାନି ପାରିବେ ।

ବାସ୍ତବରେ ସ୍ୱରୂପ ଦୃଷ୍ଟିରୁ ସମସ୍ତଙ୍କର ଉପର୍ଯ୍ୟୁକ୍ତ ସ୍ଥିତି ସ୍ୱତଃ ରହିଛି, କିନ୍ତୁ ଭୁଲବଶତଃ ସେମାନେ ସ୍ୱରୂପକୁ କ୍ରିୟା ସମୂହର କର୍ତ୍ତା ମନେ କରନ୍ତି । ପରମାତ୍ମାଙ୍କର ଯେଉଁ ଶକ୍ତି ବଳରେ ସମଷ୍ଟି ସଂସାରର କ୍ରିୟାଗୁଡ଼ିକ ସଂପାଦିତ ହେଉଛି, ସେହି ଶକ୍ତି ବଳରେ ବ୍ୟଷ୍ଟି ଶରୀରର କ୍ରିୟା ଗୁଡ଼ିକ ମଧ୍ୟ ସଂପାଦିତ ହେଉଛି । କିନ୍ତୁ ସମଷ୍ଟିର କ୍ଷୁଦ୍ର ଅଂଶ ଏହି ବ୍ୟଷ୍ଟି ସହିତ ସମ୍ବନ୍ଧ ମାନିନେବା ହେତୁ ମନୁଷ୍ୟ ବ୍ୟଷ୍ଟିର କେତେକ କ୍ରିୟାକୁ ନିଜର କ୍ରିୟା ବୋଲି ମାନିନିଏ । ଏହି ଧାରଣା ବା ସ୍ୱୀକୃତି ଦୂର କରିବା ପାଇଁ ଗୁରୁଭଗବାନ କହୁଛନ୍ତି, ସାଧକ କଦାପି ନିଜକୁ କର୍ତ୍ତା ନ ମାନିବା ଉଚିତ । ଲେଶମାତ୍ର କର୍ତ୍ତୃତ୍ୱ ଭାବ ଥିବାପର୍ଯ୍ୟନ୍ତ ସେ ସାଧକ ବୋଲାଏ । ନିଜଠାରେ କର୍ତ୍ତୃତ୍ୱ ଥିବାର ଭାବନା ଦୂର ହୋଇ ସ୍ୱରୂପର ଅନୁଭବ ହେଲେ ତାଙ୍କୁ ତତ୍ତ୍ୱଜ୍ଞ ମହାପୁରୁଷ କୁହାଯାଏ । ଯେପରି ସ୍ୱପ୍ନାବସ୍ଥାରୁ ଜାଗିଉଠିଥିବା ମନୁଷ୍ୟର ସ୍ୱପ୍ନ ସହିତ ଆଦୌ ସମ୍ବନ୍ଧ ରହେ ନାହିଁ, ସେହିପରି ଶରୀରାଦି ପ୍ରାକୃତ ପଦାର୍ଥରେ ହେଉଥିବା କ୍ରିୟା ସହିତ ତତ୍ତ୍ୱଜ୍ଞ ମହାତ୍ମାଙ୍କର ଆଦୌ ସମ୍ବନ୍ଧ (କର୍ତ୍ତୃତ୍ୱ) ରହେ ନାହିଁ ।

ଯିଏ ପ୍ରକୃତି ଓ ପୁରୁଷର ବିଭାଗକୁ ଜାଣନ୍ତି ଅର୍ଥାତ୍ ଗୁଣ ଓ କ୍ରିୟା ଯେ ପ୍ରକୃତିରେ ହେଉଛି, ପ୍ରକୃତିର ଅତୀତ ତତ୍ତ୍ୱରେ ଗୁଣ ଓ କ୍ରିୟା ନାହିଁ ବୋଲି ଠିକ୍ ଭାବରେ ଜାଣନ୍ତି—ଏଠାରେ ତାଙ୍କୁ ତତ୍ତ୍ୱବିତ କୁହାଯାଉଛି । ପ୍ରକୃତିର ଅତୀତ ନିର୍ବିକାର ତତ୍ତ୍ୱ ସମସ୍ତଙ୍କର ପ୍ରକାଶକ ଓ ଆଧାର । ସମସ୍ତଙ୍କର ପ୍ରକାଶକ ହୋଇ ମଧ୍ୟ ସେ ପ୍ରକାଶ୍ୟରେ ଓତଃପ୍ରୋତ ଜଡ଼ିତ ।

(୧୩୯୦) ଦ୍ୱେଷ : କାମନା ଓ ଅଭିମାନରେ ବ୍ୟାଘାତ ସୃଷ୍ଟି ହେଲେ କ୍ରୋଧ ଜାତ ହୁଏ । ଅନ୍ତଃକରଣରେ ସେହି କ୍ରୋଧର ଯେଉଁ ସୂକ୍ଷ୍ମ ରୂପ ରହେ, ତାହାକୁ ଦ୍ୱେଷ କହନ୍ତି । ଏଠାରେ କ୍ରୋଧ ମଧ୍ୟ 'ଦ୍ୱେଷଃ' ପଦର ଅନ୍ତର୍ଗତ ବୋଲି ଗ୍ରହଣ କରିବା ଉଚିତ୍ ।

(୧୩୯୧) ସୁଖମ : ଅନୁକୂଳତା ପ୍ରାପ୍ତି ହେଲେ ମନରେ ପ୍ରସନ୍ନତା ଆସେ ଅର୍ଥାତ୍ ଅନୁକୂଳ ପରିସ୍ଥିତି ମନକୁ ସୁହାଏ । ଏହାକୁ ସୁଖ କହନ୍ତି ।

(୧୩୯୨) ଦୁଃଖମ : ପ୍ରତିକୂଳତା ପ୍ରାପ୍ତି ହେଲେ ମନରେ ଅଶାନ୍ତି ସୃଷ୍ଟି

ହୁଏ । ଅର୍ଥାତ୍ ପ୍ରତିକୂଳ ପରିସ୍ଥିତି ମନକୁ ସୁହାଏ ନାହିଁ । ଏହାକୁ 'ଦୁଃଖ' କହନ୍ତି ।

(୧୩୯୩) 'ସଂଘାତଃ' : ଚବିଶ ତତ୍ତ୍ୱରେ ଗଠିତ ଏହି ଶରୀର ସମୁହକୁ ସଂଘାତଃ କୁହାଯାଏ । ଶରୀର ଉତ୍ପନ୍ନ ହୋଇ ସତ୍ତାରୂପେ ଦେଖାଯିବା ମଧ୍ୟ ବିକାର ଏବଂ ସେଥିରେ ପ୍ରତିକ୍ଷଣ ପରିବର୍ତ୍ତନ ହେବା ମଧ୍ୟ ବିକାର ।

(୧୩୯୪) ଚେତନା : ପ୍ରାଣଶକ୍ତିର ନାମ ଚେତନା ଅର୍ଥାତ୍ ଶରୀରରେ ଯେଉଁ ପ୍ରାଣ ସଂଚାଳିତ ହେଉଛି, ତାହାର ନାମ ଚେତନା । ଏହି ଚେତନାରେ ପରିବର୍ତ୍ତନ ହେଉଥାଏ ।

ଉଦାହରଣ ସ୍ୱରୂପ–ସାତ୍ତ୍ୱିକ ବୃତ୍ତି ଥିବାବେଳେ ପ୍ରାଣଶକ୍ତି ଶାନ୍ତ ରହେ; କିନ୍ତୁ ଚିନ୍ତା, ଶୋକ, ଭୟ, ଉଦ୍‌ବେଗ ଇତ୍ୟାଦି ହେଲେ ପ୍ରାଣଶକ୍ତି ଶାନ୍ତ ରହେ ନାହିଁ; କ୍ଷୁବ୍ଧ ହୋଇଯାଏ । ଏହି ପ୍ରାଣଶକ୍ତି ନିରନ୍ତର ନଷ୍ଟ ହେଉଛି । ତେଣୁ ଏହା ମଧ୍ୟ ବିକାର ସ୍ୱରୂପ । ସାଧାରଣ ଲୋକେ, ଯାହାର ପ୍ରାଣଶକ୍ତି ଅଛି, ତାହାକୁ ଚେତନ କହନ୍ତି । ଯାହାର ପ୍ରାଣଶକ୍ତି ନାହିଁ, ତାକୁ ଅଚେତନ କୁହନ୍ତି । ଏହି ଦୃଷ୍ଟିରୁ ଏଠାରେ ପ୍ରାଣଶକ୍ତିକୁ 'ଚେତନା' କୁହାଯାଉଛି ।

(୧୩୯୫) ଧୃତିଃ : ଧାରଣ ଶକ୍ତିକୁ ଧୃତି କୁହାଯାଏ । ଏହି ଧୃତିରେ ମଧ୍ୟ ପରିବର୍ତ୍ତନ ହେଉଥାଏ । ମନୁଷ୍ୟ କେବେ ଧୈର୍ଯ୍ୟ ଧାରଣ କରେ ତ ଆଉ କେବେ (ପ୍ରତିକୂଳ ପରିସ୍ଥିତି ଆସିଲେ) ଧୈର୍ଯ୍ୟହରା ହୋଇପଡ଼େ । କେବେ କେବେ ଅଧିକ ଧୈର୍ଯ୍ୟରହେ ତ ଆଉ କେବେ ଧୈର୍ଯ୍ୟ କମିଯାଏ । ମନୁଷ୍ୟ କେବେ ଭଲ କଥା ଧାରଣ କରେ ତ ଆଉ କେବେ ବିପରୀତ କଥା ଧାରଣ କରେ । ତେଣୁ ଧୃତି ମଧ୍ୟ କ୍ଷେତ୍ରର ବିକାର । ସାତ୍ତ୍ୱିକ, ରାଜସୀ ଓ ତାମସୀ ଗୁଣ ଭେଦରେ ଧୃତି ତିନିପ୍ରକାର ଦେଖାଯାଏ ।

(୧୩୯୬) ଆର୍ଜବମ୍ : ସରଳଭାବକୁ 'ଆର୍ଜବ' କୁହାଯାଏ । ସାଧକର ଶରୀର, ମନ ଓ ବାଣୀରେ ସରଳତା ରହିବା ଉଚିତ । ଶରୀରକୁ ସଜାଇବାର ଭାବ ନ ହେବା, ନିରାଡ଼ମ୍ବର ଜୀବନ ଯାପନ କରିବା ତଥା ଚାଲିଚଳନରେ ସରଳତା ଅବଲମ୍ବନ କରିବା, ଗର୍ବ ଓ ଅହଂକାର ନ ରଖିବା ଇତ୍ୟାଦି ଶାରୀରିକ ସରଳତାର ଉଦାହରଣ । ଛଳ କପଟ, ଈର୍ଷା, ଦ୍ୱେଷ ଇତ୍ୟାଦିରୁ ରହିତ ହେବା ଏବଂ ନିଷ୍କପଟତା, ସୌମ୍ୟତା, ହିତୈଷିତା, ଦୟା ଇତ୍ୟାଦି ଧାରଣ କରିବା

ମାନସିକ ସରଳତା ଅଟେ । ବ୍ୟଙ୍ଗ, ନିନ୍ଦା, ଚୁଗୁଲି ଇତ୍ୟାଦି ନ କରିବା, କଷ୍ଟଦାୟକ ଓ ଅପମାନଜନକ ବଚନ ନ କହିବା ତଥା ସରଳ, ପ୍ରିୟ ଓ ହିତକାରକ ବଚନ କହିବା ପ୍ରଭୃତି ବାଚିକ ସରଳତାର ଉଦାହରଣ ।

(୧୩୯୭) ଅଦମ୍ଭିତ୍ୱମ : ଦେଖାଣିଆ ଭାବକୁ ଦମ୍ଭ କୁହାଯାଏ । ଲୋକେ ମୋଠାରେ ଭଲଗୁଣ ଦେଖିଲେ ମୋତେ ଆଦର କରିବେ, ଫୁଲମାଳ ପିନ୍ଧାଇବେ, ପୂଜା କରିବେ, ଉଚ୍ଚ ଆସନରେ ବସାଇବେ ଇତ୍ୟାଦି ଭାବନା ରଖି ନିଜଠାରେ ସେତେ ଭଲଗୁଣ ନଥିଲେ ବି ଗୁଣ ଦେଖାଇ ହେବା, କମ ଗୁଣ ଥିଲେ ମଧ୍ୟ ବାହାରକୁ ଅଧିକ ଗୁଣ ପ୍ରକାଶ କରିବା ପ୍ରଭୃତି 'ଦମ୍ଭ'ର ଉଦାହରଣ ।

ନିଜଠାରେ ସଦାଚାର, ଶୁଦ୍ଧତା ଓ ପବିତ୍ରତା ଥିବା ସତ୍ତ୍ୱେ ଲୋକମାନଙ୍କର ଥଟ୍ଟା ପରିହାସ ଓ ନିନ୍ଦା ଭୟରେ ନିଜର ପବିତ୍ରତା ଛାଡ଼ିଦେବା ଓ ସେମାନଙ୍କ ପରି ବ୍ୟବହାର କରିବା ମଧ୍ୟ ଦମ୍ଭ । ଉଦାହରଣ ସ୍ୱରୂପ—ଆଜିକାଲି ବିବାହ ଉତ୍ସବରେ କ୍ଲବ, ହୋଟେଲ ଓ ସ୍ୱାଗତ ସମାରୋହରେ ଏବଂ ଉଡ଼ାଜାହାଜ ଇତ୍ୟାଦିରେ ଯାତ୍ରା କଲାବେଳେ ପବିତ୍ର ଆଚରଣ ଯୁକ୍ତ ସଜ୍ଜନ ମଧ୍ୟ ସମ୍ମାନ, ସତ୍କାର ଇତ୍ୟାଦି ପାଇବା ପାଇଁ ଅପବିତ୍ର ଖାଦ୍ୟ ଭକ୍ଷଣ କରୁଥିବାର ଦେଖାଯାଏ । ଏହା ମଧ୍ୟ ଏକ ପ୍ରକାର ଦମ୍ଭ । ଠିକ୍ ସେହିପରି ଦୁରାଚାରୀ ଲୋକ ମଧ୍ୟ ସାଧୁଲୋକଙ୍କ ଗହଣରେ ଆସିଲେ ମାନ, ସତ୍କାର, କୀର୍ତ୍ତି, ପ୍ରତିଷ୍ଠା ଇତ୍ୟାଦି ପାଇବା ପାଇଁ ନିଜକୁ ବାହ୍ୟଭାବରେ ଧର୍ମାତ୍ମା, ଭକ୍ତ, ସେବକ, ଦାନୀ ଇତ୍ୟାଦି ଅନେକ ରୂପରେ ପ୍ରକାଶ କରୁଥାଏ । ଏହା ଏକ ପ୍ରକାର ଦମ୍ଭ ।

ଧରାଯାଉ କୌଣସି ସାଧକ ଏକାନ୍ତରେ କବାଟ ବନ୍ଦ କରି ଘରଭିତରେ ଜପ, ଧ୍ୟାନ, ଚିନ୍ତନ କରୁଛି ଏବଂ ମଝିରେ ମଝିରେ ଆଳସ୍ୟ ଯୋଗୁଁ ଢୁଳାଉଛି । ଯଦି ତା ପ୍ରତି ଶ୍ରଦ୍ଧା ଓ ପୂଜ୍ୟଭାବ ରଖୁଥିବା କୌଣସି ବ୍ୟକ୍ତିର ବାହାରକୁ ପାଟି ଶୁଭେ, ତେବେ ସେ ପାଟି ଶୁଣିବାକ୍ଷଣି ସାବଧାନ ହୋଇ ଜପ-ଧ୍ୟାନରେ ଲାଗିଯାଏ ଏବଂ ତା'ର ନିଦ୍ରା ଆଳସ୍ୟ ଦୂର ହୋଇଯାଏ । ଏହା ମଧ୍ୟ ଏକ ପ୍ରକାର ସୂକ୍ଷ୍ମଦମ୍ଭ । ପ୍ରକୃତରେ ପାଟି ଶୁଣି ସାବଧାନ ହୋଇଯିବା ଦୋଷାବହ ନୁହେଁ, କିନ୍ତୁ ଶ୍ରଦ୍ଧାଳୁ ବ୍ୟକ୍ତିର ଅଶ୍ରଦ୍ଧା ଭାଜନ ନ ହେବା ପାଇଁ ଯେଉଁ ଦେଖାଣିଆଭାବ ଆସେ, ତାହା ଦୋଷାବହ । ସେହି ସ୍ଥାନରେ ବରଂ ଏପରି ଭାବିବା କଥା ଯେ ଯାହାହେଉ

ଭଗବାନ ବହୁତ ଭଲ କଲେ; ମୋତେ ସାବଧାନ କରାଇ ଜପ-ଧ୍ୟାନରେ ଲଗାଇଦେଲେ। ଏହି ସବୁ ଦମ୍ଭର ଅଭାବକୁ ଅଦମ୍ଭିତ୍ୱ କୁହାଯାଏ।

ଉପାୟ—ଏକମାତ୍ର ଗୁରୁଦେବ କିମ୍ବା ପରମାତ୍ମା ପ୍ରାପ୍ତି ହିଁ ସାଧକର ଲକ୍ଷ୍ୟ ହେବା ଉଚିତ। ଲୋକଙ୍କୁ ଦେଖାଇ ହେବା ନୁହେଁ। ଯଦି ସାଧକଠାରେ ଦେଖାଣିଆଭାବ ଆସିବ, ତେବେ ତାର ସାଧନାରେ ଶିଥିଳତା ଆସିବ। ଫଳରେ ଉଦ୍ଦେଶ୍ୟ ସିଦ୍ଧିରେ ବିଘ୍ନ ଘଟିବ। ଅତଏବ ତାକୁ ଭଲ, ମନ୍ଦ, ଉଚ୍ଚ, ନୀଚ ଯିଏ ଯାହା ଭାବୁଥାଉ ପଛେ, ସେଥିପ୍ରତି ଲକ୍ଷ ନ ରଖି ସେ ନିଜ ସାଧନାରେ ଲାଗି ରହିବା ଆବଶ୍ୟକ। ଏପରି ସାବଧାନତା ଅବଲମ୍ବନ କଲେ ଦମ୍ଭ ନାଶ ହୁଏ।

(୧୩୯୮) କ୍ଷାନ୍ତିଃ : ସହନଶୀଳତା ବା କ୍ଷମାକୁ କ୍ଷାନ୍ତି କୁହାଯାଏ। ନିଜଠାରେ ସାମର୍ଥ୍ୟ ଥିଲେ ମଧ୍ୟ ଅପରାଧୀ ବ୍ୟକ୍ତିକୁ କେବେ କୌଣସିମତେ କିଞ୍ଚିତମାତ୍ର ଦଣ୍ଡ ନ ଦେବାର ଭାବନା ରଖିବା ତଥା ପ୍ରତିଶୋଧ ନେବାର ଅଥବା ଅନ୍ୟକାହାଦ୍ୱାରା ତାକୁ ଦଣ୍ଡିତ କରିବାର ଭାବନା ନରଖିବାହିଁ 'କ୍ଷାନ୍ତି'।

ଉପାୟ (୧)– ସ୍ୱରୂପରେ ସହନଶୀଳତା ସ୍ୱତଃସିଦ୍ଧ, କାରଣ ନିଜ ସ୍ୱରୂପରେ କେବେ ବିକୃତି ଆସେ ନାହିଁ। ତେଣୁ ଯଦି କେବେ 'ଅମୁକ ବ୍ୟକ୍ତି ଦୁଃଖ ଦେଲା, ଅପରାଧ କଲା' ଏପରି କୌଣସି ବୃତ୍ତି ଆସେ, ସେତେବେଳେ ସ୍ୱତଃ ବିଚାର ଆସିବା ଉଚିତ ଯେ ମୋର କେହି କିଛି ପାରିବ ନାହିଁ, ମୋ'ଠାରେ କୌଣସି ବିକୃତି ସମ୍ଭବ ନୁହେଁ, ବିକୃତି ମୋ ସ୍ୱରୂପ ନିକଟରେ ପହଞ୍ଚିପାରିବ ନାହିଁ। ଏପରି ବିଚାର କଲେ ସ୍ୱତଃ କ୍ଷମା ଭାବ ଆସେ।

(୨) ଭୋଜନ କଲାବେଳେ ଯଦି ଜିଭ କାମୁଡ଼ି ହୋଇଯାଉଚି ତାହେଲେ ଆମ ଦାନ୍ତଉପରେ କ୍ରୋଧ କରୁ ନାହୁଁ। ଦାନ୍ତକୁ ଦଣ୍ଡ ଦେଉନାହୁଁ। ଜିଭ ଭଲ ହୋଇଯିବାକୁ ତ ଚାହୁଁଛେ, କିନ୍ତ ଦାନ୍ତ ଭାଙ୍ଗି ଦେବାର ଭାବନା କେବେ ମନରେ ଜାତ ହେଉନାହିଁ। ଯଦି ଡାନ୍ତକୁ ଭାଙ୍ଗିଦେବା, ତେବେ ଆହୁରି ବେଶୀ କଷ୍ଟ ହେବ। ଅର୍ଥାତ୍ କଷ୍ଟ ଦୁଇଗଣ ବଢ଼ିଯିବ, ଫଳରେ ଆମକୁ ଦୁଃଖ ଭୋଗିବାକୁ ପଡ଼ିବ ଓ ଆମର ଅନିଷ୍ଟ ହେବ। ଠିକ୍ ସେହିପରି ଅକାରଣେ କେହି ଆମର ଅପରାଧ କଲେ ବା ଆମକୁ ଦୁଃଖ ଦେଲେ, ଆମେ ଯଦି ତାକୁ ଦଣ୍ଡ ଓ ଦୁଃଖ ଦେବା, ତେବେ ବାସ୍ତବରେ ଆମର ହିଁ ଅନିଷ୍ଟ ହେବ, କାରଣ ସେ ମଧ୍ୟ ଆମର ସ୍ୱରୂପ ବା ଆତ୍ମା।

(୧୩୯୯) ଅନହଙ୍କାର : ପ୍ରତ୍ୟେକ ବ୍ୟକ୍ତିର ଅନୁଭବରେ 'ମୁଁ ଅଛି' ରୂପରେ ଏକ ବୃତ୍ତି ରହିଥାଏ । ଏହି ବୃତ୍ତିଟି ଶରୀର ସହିତ ମିଶିଯାଇ 'ମୁଁ ଶରୀର' ଏପରି ଏକ ଦେଶୀୟତା ଅର୍ଥାତ୍ ଅହଂକାର ଉତ୍ପନ୍ନ କରେ । ଏହି କାରଣରୁ ଶରୀର, ନାମ, କ୍ରିୟା, ପଦାର୍ଥ, ଭାବ, ଜ୍ଞାନ, ତ୍ୟାଗ, ଦେଶ, କାଳ ଇତ୍ୟାଦି ସହିତ ଜୀବ ନିଜର ସମ୍ବନ୍ଧ ସ୍ଥାପନ କରି ଉଚ୍ଚନୀଚ ଯୋନିରେ ଜନ୍ମ ମରଣ ଭୋଗ କରୁଥାଏ । ସାଧନା କ୍ଷେତ୍ରରେ ଏହି ଅହଙ୍କାର ପ୍ରାୟ ବହୁଦୂର ପର୍ଯ୍ୟନ୍ତ ରହେ । ବାସ୍ତବରେ ଏହାର କୌଣସି ସତ୍ତା ନାହିଁ, ତଥାପି ସ୍ୱୟଂ ଏହି ଅହଂକାରକୁ ଧାରଣ କରିନେଇଥିବାରୁ ଏହା ବ୍ୟକ୍ତିତ୍ୱରୂପରେ ପ୍ରତୀତ ହେଉଥାଏ । ଶରୀରାଦିରୁ ସ୍ୱୀକୃତ ଅହଂକାର ଦୂର କରିବା ପାଇଁ ଭଗବାନ ଜ୍ଞାନ ସାଧନାରେ ଏହି ପଦଟି ପ୍ରୟୋଗ କରିଛନ୍ତି । କାରଣ ଜଡ଼ ଓ ଚେତନ ସମ୍ବନ୍ଧୀୟ ଯଥାର୍ଥ ବୋଧ ହୋଇଗଲେ, ଅହଙ୍କାର ସମ୍ପୂର୍ଣ୍ଣ ଦୂର ହୋଇଯାଏ । ପ୍ରତ୍ୟେକ ମନୁଷ୍ୟ ନିରହଙ୍କାର ହୋଇ ପାରିବ । ଏଥିପାଇଁ ଭଗବାନ ଏଠାରେ 'ଅନହଙ୍କାରଃ' ପଦଦ୍ୱାରା ଅହଙ୍କାର ତ୍ୟାଗ କରିବା ପାଇଁ କହିଛନ୍ତି ।

ଅଭିମାନ ଓ ଅହଙ୍କାର ଦୁଇଟିଯାକ ଶବ୍ଦ ଏକ ସଙ୍ଗେ ପ୍ରୟୋଗ କଲେ, ଏହାର ଭିନ୍ନ ଭିନ୍ନ ଅର୍ଥ ପ୍ରକାଶପାଏ । ସାଂସାରିକ ବସ୍ତୁ ସମ୍ବନ୍ଧରୁ ଅଭିମାନେ ଜାତ ହୁଏ ଏବଂ ତ୍ୟାଗ ବୈରାଗ୍ୟ, ବିଦ୍ୟା ଆଦିକୁ ନେଇ ନିଜଠାରେ ବିଶେଷତ୍ୱ ଦେଖିଲେ ମଧ୍ୟ ଅଭିମାନ ଜାତ ହୁଏ । ଶରୀରକୁ ନିଜ ସ୍ୱରୂପ ମନେ କରିବାରୁ ଅହଂକାର ଜାତ ହୁଏ । ଏଠାରେ 'ଅନହଙ୍କାରଃ' ପଦଟିକୁ ଉଭୟ ଅଭିମାନ ଓ ଅହଂକାରର ଅଭାବ ଅର୍ଥରେ ଗ୍ରହଣ କରିବା ଉଚିତ ।

ନିଦ ଭାଙ୍ଗିବାପରେ ସର୍ବପ୍ରଥମେ ମନୁଷ୍ୟର 'ଅହମ୍' ଅର୍ଥାତ୍ 'ମୁଁ ଅଛି' ଏହି ବୃତ୍ତିର ଜ୍ଞାନହୁଏ । ତାପରେ ମୁଁ ଅମୁକ ଶରୀର, ନାମ, ଜାତି, ବର୍ଣ୍ଣ, ଆଶ୍ରମ, ଇତ୍ୟାଦିର ବୋଲି ଅଭିମାନ ସୃଷ୍ଟିହୁଏ । ଏହା ଏକ କ୍ରମ । ସେହିପରି ପାରମାର୍ଥିକ ମାର୍ଗରେ ମଧ୍ୟ ଅହଂକାର ନାଶ କରିବା କ୍ରମ ରହିଛି । ସର୍ବ ପ୍ରଥମେ ସ୍ଥୂଳଶରୀର ସହିତ ସମ୍ବନ୍ଧିତ ଧନାଦି ପଦାର୍ଥର ଅଭିମାନ ନାଶ ହୁଏ ତା'ପରେ କର୍ମେନ୍ଦ୍ରିୟମାନଙ୍କ ସହିତ ସମ୍ବନ୍ଧିତ କର୍ତ୍ତୃତ୍ୱାଭିମାନ ନାଶହୁଏ । ଏବଂ ତା'ପରେ ବୁଦ୍ଧିର ପ୍ରାଧାନ୍ୟରୁ ରହିଥିବା ଜ୍ଞାତା ରୂପକ ଅହଙ୍କାର ନାଶ ହୁଏ । ପରିଶେଷରେ ଅହମ ବୁଦ୍ଧିର

ପ୍ରାଧାନ୍ୟରୁ ରହିଥିବା ସାକ୍ଷୀ ରୂପକ ଅହଂକାର ମଧ୍ୟ ନାଶ ହୁଏ । ସେତେବେଳେ ସର୍ବତ୍ର ପରିପୂର୍ଣ୍ଣ ସଚ୍ଚିଦାନନ୍ଦଘନ ସ୍ୱରୂପ ସ୍ୱତଃ ରହିଯାଏ ।

ଉପାୟ (୧)—ନିଜକୁ ଶ୍ରେଷ୍ଠ ମନେ କରିବାରୁ ହିଁ ଅଭିମାନ ଜାତ ହୁଏ । ଯେତେବେଳେ ମନୁଷ୍ୟ ଅନ୍ୟମାନଙ୍କୁ ଦେଖି ବିଚାର କରେ ଯେ ସେମାନେ ତା ଅପେକ୍ଷା ତୁଚ୍ଛ, ସେତେବେଳେ ଅଭିମାନ ମୁଣ୍ଡ ଟେକେ । ଗୋଟିଏ ଗାଁ'ରେ ଯଦି କେହି ଜଣେ ଲକ୍ଷପତି ଥାଏ, ତେବେ ଅନ୍ୟମାନଙ୍କୁ ଦେଖି ତା ଅନ୍ତରରେ ଲକ୍ଷପତିର ଅଭିମାନ ସୃଷ୍ଟି ହୁଏ, ମାତ୍ର ଅନ୍ୟମାନେ ଯଦି କୋଟିପତି ହୋଇଥାନ୍ତି, ତେବେ ତା'ର ଲକ୍ଷପତିର ଅଭିମାନ ହୁଏନାହିଁ । ସୁତରାଂ ଅଭିମାନରୂପକ ଦୋଷ ଦୂର କରିବାକୁ ହେଲେ ସାଧକ ଅନ୍ୟମାନଙ୍କ ନ୍ୟୁନତା ପ୍ରତି କେବେ ଦୃଷ୍ଟି ନ ଦେଇ ନିଜର ନ୍ୟୁନତା ପ୍ରତି ଦୃଷ୍ଟି ଦେଇ ତାହା ଦୂର କରିବା ଉଚିତ ।

(୨) ଏକମାତ୍ର ଆତ୍ମା ଯେପରି ଏହି ଶରୀରରେ ପରିବ୍ୟାପ୍ତ, ସେହିପରି ଅନ୍ୟ ଶରୀରେ ମଧ୍ୟ ପରିବ୍ୟାପ୍ତ– ''ସର୍ବଗତଃ'' (ଗୀତା ୨/୨୪) କିନ୍ତୁ ମନୁଷ୍ୟ ଅଜ୍ଞାନ ବଶତଃ ଆତ୍ମାକୁ କେବଳ ନିଜ ଶରୀରରେ ସୀମିତ ବୋଲି ଭାବି ଶରୀରକୁ 'ମୁଁ' କହୁଛି । ମନୁଷ୍ୟ ଯେପରି ବ୍ୟାଙ୍କ୍‌ରେ ରଖାହୋଇଥିବା ବହୁତ ଟଙ୍କା ମଧ୍ୟରୁ ନିଜେ ଜମା କରୁଥିବା ସୀମିତ ଟଙ୍କାରେ ମମତା କରି ଓ ତାହା ସହିତ ସମ୍ବନ୍ଧ ରଖି ନିଜକୁ ଧନ୍ୟ ମନେକରେ, ସେହିପରି ଜୀବ ଗୋଟିଏ ଶରୀରରେ ନିଜକୁ 'ମୁଁ ଶରୀର' ମନେ କରି ଅହଂକାର କରିବା ସଙ୍ଗେ ସଙ୍ଗେ କାଳ ସହିତ ସମ୍ବନ୍ଧ କରି 'ମୁଁ ଏବେ ରହିଛି', ସ୍ଥାନ ସହିତ ସମ୍ବନ୍ଧ କରି 'ମୁଁ ଏଠାରେ ରହିଛି, ବୁଦ୍ଧି ସହିତ ସମ୍ବନ୍ଧ ରଖି 'ମୁଁ ବୁଦ୍ଧିମାନ', ବାଣୀ ସହିତ ସମ୍ବନ୍ଧ ରଖି 'ମୁଁ ବକ୍ତା' ଇତ୍ୟାଦି ଅହଂକାର କରେ । ଏସବୁ ସମ୍ବନ୍ଧ ନ କରିବାହିଁ ନିରହଂକାରୀ ହେବାର ଉପାୟ ।

(୩) ଶାସ୍ତ୍ରରେ ପରମାତ୍ମାଙ୍କୁ 'ସଚ୍ଚିଦାନନ୍ଦଘନ' ରୂପେ ବର୍ଣ୍ଣନା କରାଯାଇଛି । 'ସତ' (ସତ୍ତା), 'ଚିତ୍' (ଜ୍ଞାନ) ଓ 'ଆନନ୍ଦ' (ଅବିନାଶୀ ସୁଖ) ପରମାତ୍ମାଙ୍କର ଭିନ୍ନ ଭିନ୍ନ ସ୍ୱରୂପ ନୁହେଁ, ବରଂ ଏକ ପରମାତ୍ମାଙ୍କର ତିନୋଟି ନାମମାତ୍ର । ସାଧକ ଏହି ତିନୋଟି ମଧ୍ୟରୁ କୌଣସି ଏକ ବିଶେଷଣ ଦ୍ୱାରା ପରମାତ୍ମାଙ୍କ ପ୍ରତି ଲକ୍ଷ୍ୟ କରି କିର୍ତ୍ତି ନିର୍ବିକଳ୍ପ ହୋଇ ପାରିବ । ନିର୍ବିକଳ୍ପ ହୋଇ ଗଲେ ତାର ପରମାତ୍ମାତତ୍ତ୍ୱରେ ସ୍ୱତଃ ସିଦ୍ଧ ସ୍ଥିତି ଅନୁଭୂତ ହୁଏ ଏବଂ ଅହଂକାର ସର୍ବଥା ନାଶ ହୋଇଯାଏ ।

(୧୪୦୦) ଅନନ୍ତ : ଆପଣଙ୍କୁ ସ୍ଥାନ, କାଳ, ବସ୍ତୁ, ବ୍ୟକ୍ତି ଇତ୍ୟାଦି ଯେ କୌଣସି ଦୃଷ୍ଟିରୁ ଦେଖାଗଲେ ବି ଆପଣଙ୍କର ଅନ୍ତ ମିଳେ ନାହିଁ। ଆପଣଙ୍କୁ ସ୍ଥାନ ଦୃଷ୍ଟିରୁ ଦେଖିଲେ, କେଉଁଠାରୁ ଆପଣଙ୍କର ଆରମ୍ଭ ହୋଇଛି ଆଉ କେଉଁଠି ଅନ୍ତ ହେବ, ତାହାର କିଛି ଠିକଣା ନାହିଁ। କାଳ ଦୃଷ୍ଟିରୁ ଦେଖିଲେ, ଆପଣ କେବେଠୁ ଅଛନ୍ତି, ଆଉ କେତେ ଦିନ ପର୍ଯ୍ୟନ୍ତ ରହିବେ, ତାହାର କୌଣସି ଠିକଣା ନାହିଁ। ବସ୍ତୁ ବ୍ୟକ୍ତି ଇତ୍ୟାଦି ଦୃଷ୍ଟିରୁ ଦେଖିଲେ, ଆପଣ ବସ୍ତୁ ବ୍ୟକ୍ତି ଇତ୍ୟାଦି କେତେ ରୂପରେ ଯେ ପ୍ରକଟ ହୋଇଛନ୍ତି, ତାହାର କୌଣସି ଆଦିଅନ୍ତ ନାହିଁ। ସବୁ ଦୃଷ୍ଟିରୁ ଆପଣ ଅନନ୍ତ। ବୁଦ୍ଧି ଆଦି କୌଣସି ଦୃଷ୍ଟି ଆପଣଙ୍କୁ ଦେଖିବାକୁ ଗଲେ ବୁଦ୍ଧି ଓ ଦୃଷ୍ଟିଶକ୍ତିର ପରିସମାପ୍ତି ଘଟେ ସିନା ଆପଣଙ୍କର ଅନ୍ତ ମିଳେନାହିଁ। ଏଣୁ ସର୍ବଭାବରେ ଆପଣ ଅସୀମ, ଅପାର ଓ ଅଗାଧ।

(୧୪୦୧) ପରମ ଧାମ : ଯାହାକୁ ମୁକ୍ତି, ପରମ ପଦ ଇତ୍ୟାଦି କହନ୍ତି, ଯେଉଁସ୍ଥାନକୁ ଯିବା ପରେ ଆଉ କେହି ଫେରନ୍ତି ନାହିଁ, ଏବଂ ଯାହାଙ୍କୁ ପାଇବାପରେ ଆଉ କିଛି ବି କରିବା, ଜାଣିବା ଓ ପାଇବା ବାକିରହେ ନାହିଁ, ସେଠାରେ ଜନ୍ମ ନାହିଁ, ମୃତ୍ୟୁ ନାହିଁ, ଜରା ନାହିଁ, ବ୍ୟାଧି ନାହିଁ, ଦୁଃଖ ଶୋକ ନାହିଁ, ଅଭାବ ନାହିଁ, ବିଚ୍ଛେଦ ନାହିଁ, କ୍ଷୟ, ବିୟୋଗ ନାହିଁ, ପର ଆପଣାର ଜ୍ଞାନନାହିଁ। ସେଠାରେ ସମସ୍ତେ ଚିନ୍ମୟ ରୂପରେ ବିରାଜିତ। ଏକମାତ୍ର ଜଣେ ସେବ୍ୟ ଆଉ ସମସ୍ତେ ସେବକ। ସଚ୍ଚିଦାନନ୍ଦ ଘନବିଗ୍ରହ ଗୁରୁଦେବ ଏକମାତ୍ର ସେବ୍ୟ। ସେଠାରେ ଅନିତ୍ୟ ବୋଲି କିଛି ନାହିଁ। କେବଳ ସବୁ ନିତ୍ୟ।

(୧୪୦୨) ମଚ୍ଚିତ୍ତା : ସମସ୍ତେ ଭଗବାନଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି ଏବଂ ସମସ୍ତ କର୍ମ ତାଙ୍କରି ଶକ୍ତି ଦ୍ୱାରା ହେଉଅଛି। ସମସ୍ତଙ୍କ ଅନ୍ତରରେ ଗୁରୁ ଭଗବାନ ବିଦ୍ୟମାନ। ସବୁରି ମୂଳରେ ସେହି ପରମାତ୍ମା ବିଦ୍ୟମାନ। ଯାହାଙ୍କ ହୃଦୟରେ ଏହିକଥା ଦୃଢ଼ୀଭୂତ ହୋଇଯାଇଛି ଓ ଯେଉଁମାନେ ନିଃସନ୍ଦେହ ହୋଇ ପାରିଛନ୍ତି, ସେମାନଙ୍କ ପାଇଁ କିଛି କରିବା, ଜାଣିବା ଓ ପାଇବା ବାକି ନାହିଁ। କେବଳ ସର୍ବଭାବରେ ଭଗବାନଙ୍କଠାରେ ଯୁକ୍ତ ରହିବା ସେମାନଙ୍କର ଏକମାତ୍ର କାମ। ସେମାନେ ହେଉଛନ୍ତି ମଦ୍‌ଗତଚିତ୍ତ। ସାଧାରଣତଃ ଦୁଇଟି କଥା ଅଛି– (୧) ସ୍ୱୟଂ ଭଗବାନଙ୍କ ସହିତ ସଂଯୁକ୍ତ ହେବା ଏବଂ (୨) ଚିତ୍ତକୁ ଭଗବାନଙ୍କ

ସହିତ ସଂଯୁକ୍ତ କରାଇବା । 'ମୁଁ ଭଗବାନଙ୍କର' ଏପରି ସ୍ୱୟଂ ଭଗବାନଙ୍କ ସହିତ ସଂଯୁକ୍ତ ହେଲେ, ଚିତ୍ତ, ବୁଦ୍ଧିଆଦି ସ୍ୱତଃ ତାଙ୍କ ସହିତ ସଂଯୁକ୍ତ ହୋଇଯାଆନ୍ତି । ସ୍ୱୟଂ କର୍ତ୍ତା ସଂଯୁକ୍ତ ହେଲେ କରଣ ଗୁଡ଼ିକ (ମନ, ବୁଦ୍ଧି ଇତ୍ୟାଦି) ଅଲଗା ରହିବେ କିପରି ? ସେଗୁଡ଼ିକ ବି ସଂଯୁକ୍ତ ହୋଇଯିବେ । କରଣ ଗୁଡ଼ିକ ସଂଯୁକ୍ତ ହେଲେ ମଧ୍ୟ କର୍ତ୍ତା ଅଲଗା ରହିପାରେ, କିନ୍ତୁ କର୍ତ୍ତା ସଂଯୁକ୍ତ ହେଲେ କରଣ ଗୁଡ଼ିକ କେବେ ଅଲଗା ରହିପାରିବେ ନାହିଁ । ଯେଉଁଠି କର୍ତ୍ତା ରହିବେ, ସେଠାରେ କରଣ ଗୁଡ଼ିକ ଅବଶ୍ୟ ରହିବେ । କରଣ ଗୁଡ଼ିକ କର୍ତ୍ତାର ଅଧୀନ । କର୍ତ୍ତା ନିଜେ ଯେଉଁଠି ଆକୃଷ୍ଟ ହୁଏ, କରଣ ଗୁଡ଼ିକ ବି ସେଠାରେ ଆକୃଷ୍ଟ ହୁଅନ୍ତି । ଯଥା— କେହି ପରମାତ୍ମା ପ୍ରାପ୍ତି ପାଇଁ ହୃଦୟର ସହିତ ସାଧକ ହୋଇଗଲେ ତା'ର ମନ ସାଧନାରେ ସ୍ୱତଃ ଲାଗିଯାଏ । ସାଧନା ଛଡ଼ା ତାହାର ମନ ଅନ୍ୟ କୌଣସି କାର୍ଯ୍ୟରେ ଲାଗେ ନାହିଁ । ଏବଂ ମନ ଯେଉଁ କାର୍ଯ୍ୟରେ ଲାଗେ, ତାହା ଭଗବାନଙ୍କର ହିଁ କାର୍ଯ୍ୟ ହୋଇଥାଏ । କର୍ତ୍ତା (ସ୍ୱୟଂ) ବିପକ୍ଷରେ ମନବୁଦ୍ଧି ଆଦି କାର୍ଯ୍ୟ କରିପାରନ୍ତି ନାହିଁ । କିନ୍ତୁ ଯେଉଁ କ୍ଷେତ୍ରରେ କେହି ନିତ୍ୟ ଭଗବାନଙ୍କଠାରେ ନ ଲାଗି, ନିଜକୁ ସଂସାରରେ ଲଗାଇ, ଅର୍ଥାତ୍ ନିଜକୁ 'ମୁଁ ସଂସାରୀ, ମୁଁ ଗୃହସ୍ଥ'–ଏପରି ମନେକରି ଚିତ୍ତକୁ ଭଗବାନଙ୍କଠାରେ ଲଗାଇବାକୁ ଚାହେଁ, ତାହାର ଚିତ୍ତ ଭଗବାନଙ୍କଠାରେ ନିରନ୍ତର ଲାଗେ ନାହିଁ । ତାତ୍ପର୍ଯ୍ୟ ହେଲା, ସ୍ୱୟଂ ସଂସାରୀ ହୋଇ ଚିତ୍ତକୁ ଭଗବାନଙ୍କଠାରେ ଲଗାଇବାକୁ ଚାହିଁଲେ, ତାହା ଲାଗିବା ପ୍ରାୟ ଅସମ୍ଭବ ।

ଦ୍ୱିତୀୟତଃ, ଯେଉଁଠି ପ୍ରିୟତ୍ୱ ଥାଏ, ଚିତ୍ତ ସେଇଠି ଲାଗେ ଏବଂ ଯେଉଁଠି ଆତ୍ମୀୟତା ଥାଏ ପ୍ରିୟତ୍ୱ ସେଇଠି ହୁଏ । ଭଗବାନଙ୍କ ସଙ୍ଗେ ସମ୍ବନ୍ଧ ସ୍ଥାପନ କଲେ, ତାଙ୍କ ସହିତ ଆତ୍ମୀୟତା ହୁଏ । ମୁଁ କେବଳ ଭଗବାନଙ୍କର ଏବଂ କେବଳ ଭଗବାନ ହିଁ ମୋର, ଶରୀର ଓ ସଂସାର ମୋର ନୁହେଁ । ମୋ ଉପରେ ପ୍ରଭୁଙ୍କର ପୂର୍ଣ୍ଣ ଅଧିକାର ଅଛି, ତେଣୁ ସେ ମୋ ପ୍ରତି ଯେପରି ଇଚ୍ଛା ସେପରି ବ୍ୟବହାର ଓ ବିଧାନ କରିପାରନ୍ତି । ପ୍ରଭୁଙ୍କ ଉପରେ ମୋର କୌଣସି ଅଧିକାର ନାହିଁ ଅର୍ଥାତ୍ ସେ ମୋର ହୋଇଥିବାରୁ ମୁଁ ଯେପରି ଚାହୁଁଛି, ସେ ସେପରି କରନ୍ତୁ—ଏହି ପ୍ରକାରେ ଯିଏ ନିଜକୁ ଭଗବାନଙ୍କର ବୋଲି ମାନିନିଏ ଓ ଭଗବାନଙ୍କଠାରେ ନିଜକୁ ଅର୍ପଣକରେ, ତାହାର ଚିତ୍ତ ସ୍ୱତଃ ଭଗବାନଙ୍କଠାରେ ନିବିଷ୍ଟ ହୋଇଯାଏ ।

ଏହିପରି ଭକ୍ତମାନଙ୍କୁ ଏଠାରେ ମଚ୍ଚିତ୍ତଃ କୁହାଯାଇଛି ।

(୧୪୦୩) ମଦ୍‌ଗତ ପ୍ରାଣାଃ : ସେମାନଙ୍କ ପ୍ରାଣ ମୋ ନିକଟରେ ଅର୍ପିତ ହୋଇଛି । ସାଧାରଣତଃ ପ୍ରାଣରେ ଦୁଇଟି କଥା ଦେଖାଯାଏ । ବଞ୍ଚିବା ଓ ଚେଷ୍ଟା କରିବା । ଭଗବାନଙ୍କ ପାଇଁ ସେହି ଭକ୍ତମାନଙ୍କ ଜୀବନ ଓ ଭଗବାନଙ୍କ ପାଇଁ ହିଁ ସେମାନଙ୍କର ସମସ୍ତ ଶାରୀରିକ ଚେଷ୍ଟା ହୁଏ । ସମସ୍ତ ଶାରୀରିକ କ୍ରିୟାରେ ପ୍ରାଧାନ୍ୟ ଥାଏ । ସୁତରାଂ ସେହି ଭକ୍ତମାନଙ୍କର ଯଜ୍ଞ ଅନୁଷ୍ଠାନ ଆଦି ଶାସ୍ତ୍ରୀୟ କ୍ରିୟା; ଭଜନ, ଧ୍ୟାନ, ଗୁଣ କୀର୍ତ୍ତନ ଆଦି ଭଗବତ ସମ୍ବନ୍ଧୀୟ କ୍ରିୟା; ଖାଇବା, ପିଇବା ଶାରୀରିକ କ୍ରିୟା; କୃଷି, ବାଣିଜ୍ୟ ଆଦି ଜୀବିକା ସମ୍ବନ୍ଧୀୟ କ୍ରିୟା ଓ ସେବା ଆଦି ସମସ୍ତ ସାମାଜିକ କ୍ରିୟା ଭଗବାନଙ୍କ ପାଇଁ ହୁଏ । ସେମାନଙ୍କ କ୍ରିୟାରେ କ୍ରିୟାଭେଦ ତ ରହେ । କିନ୍ତୁ ଉଦ୍ଦେଶ୍ୟ ଭେଦ ରହେ ନାହିଁ । ସେମାନଙ୍କ ପ୍ରତ୍ୟେକ କ୍ରିୟା ଭଗବାନଙ୍କ ଉଦ୍ଦେଶ୍ୟରେ ହୁଏ । ତେଣୁ ସେମାନେ ଭଗବତଗତ ପ୍ରାଣ ।

ଯେପରି ଗୋପୀଗୀତରେ ଗୋପୀମାନେ ଭଗବାନଙ୍କୁ କହିଛନ୍ତି—ଆମେ ନିଜର ପ୍ରାଣକୁ ତୁମଠାରେ ଅର୍ପଣ କରି ଦେଇଛୁ– 'ତ୍ୱୟି ଧୃତାସବଃ (ଶ୍ରୀମଭା. ୧୦-୩୧୧) ସେହିପରି ଭକ୍ତଜଣଙ୍କ ପ୍ରାଣ କେବଳ ଭଗବାନଙ୍କଠାରେ ଅର୍ପିତ ହୋଇ ରହେ । ଭଗବାନଙ୍କ ପ୍ରତି ତାଙ୍କର ଯେତେ ଆତ୍ମୀୟତା ଥାଏ, ପ୍ରାଣ ପ୍ରତି ସେତେ ନଥାଏ । 'କେବେହେଲେ ମୋର ପ୍ରାଣ ନ ଯାଉ' ପ୍ରତ୍ୟେକ ପ୍ରାଣୀର ଏପରି ବଞ୍ଚିବାର ଇଚ୍ଛା ଥାଏ । ଏହା ହେଉଛି ପ୍ରାଣ; ପ୍ରାଣ ପ୍ରତି ମୋହ ବା ସ୍ନେହ । କିନ୍ତୁ ଭଗବତ୍ ଭକ୍ତଙ୍କ ପ୍ରାଣ ପ୍ରତି ମୋହ ନ ଥାଏ । ସେମାନଙ୍କର ବଞ୍ଚି ରହିବାର ଇଚ୍ଛା ନଥାଏ ଓ ମରଣର ଭୟାଦି ନଥାଏ । ବଞ୍ଚିବା ଓ ମରିବାରେ ସେମାନଙ୍କର ଆଦୌ ପ୍ରୟୋଜନ ନଥାଏ । କେବଳ ଭଗବାନଙ୍କଠାରେ ସେମାନଙ୍କର ପ୍ରୟୋଜନ । କାରଣ ସେମାନେ ଭଲଭାବେ ଜାଣନ୍ତି ଯେ ମରିଗଲେ ପ୍ରାଣଠାରୁ ତ ବିୟୋଗ ହୁଏ, କିନ୍ତୁ ଭଗବାନଙ୍କଠାରୁ କେବେହେଲେ ବିୟୋଗ ହୁଏନାହିଁ । ପ୍ରାଣ ସଙ୍ଗେ ଆମର ସମ୍ବନ୍ଧ ନାହିଁ; କିନ୍ତୁ ଭଗବାନଙ୍କ ସଙ୍ଗେ ଆମର ସ୍ୱତଃସିଦ୍ଧ ଘନିଷ୍ଠ ସମ୍ବନ୍ଧ ରହିଛି । ପ୍ରାଣ ପ୍ରକୃତିର କାର୍ଯ୍ୟ, କିନ୍ତୁ ଆମେ ସ୍ୱୟଂ ଭଗବାନଙ୍କର ଅଂଶ ।

ଏପରି ମଦ୍‌ଗତ ପ୍ରାଣା ହେବା ପାଇଁ ସାଧକ ସର୍ବପ୍ରଥମେ କେବଳ

ଭଗବତ ପ୍ରାପ୍ତି ପାଇଁ ଦୃଢ଼ପ୍ରତିଜ୍ଞ ହେବା ଉଚିତ। ମୋତେ ସାଂସାରିକ ପଦାର୍ଥ ମିଳୁ ବା ନମିଳୁ, ମୋତେ ରୋଗ ହେଉ ବା ମୁଁ ନିରୋଗ ରହେ, ମୋର ଆଦର ହେଉ ବା ଅନାଦର ହେଉ, ମୋତେ ସୁଖ ମିଳୁ ବା ଦୁଃଖ ଯାହା ମିଳୁ, ମୋର ଏଥିରେ କୌଣସି ପ୍ରୟୋଜନ ନାହିଁ। ମୋର କେବଳ ଭଗବାନ ହିଁ ପ୍ରୟୋଜନ। ଏପରି ଦୃଢ଼ ଇଚ୍ଛା ଉଦୟ ହେବା ପରେ ସାଧକ ଭଗବତଗତ ପ୍ରାଣଃ ହୋଇଯିବ।

(୧୪୦୪) ବୋଧୟନ୍ତଃ ପରସ୍ପରମ୍ : ସେହି ଭକ୍ତମାନଙ୍କର କେହି ଭଗବତ ଭାବ ସମ୍ପନ୍ନ ଓ ଭଗବତ ରୁଚି ସମ୍ପନ୍ନ ଲୋକ ମରିଗଲେ, ସେମାନଙ୍କ ଭିତରେ ଭଗବତ ଚର୍ଚ୍ଚା ଆରମ୍ଭ ହୋଇଯାଏ। ସେମାନେ ପରସ୍ପରକୁ ଭଗବାନଙ୍କ ତତ୍ତ୍ୱ, ରହସ୍ୟ, ଗୁଣ, ପ୍ରଭାବ ଇତ୍ୟାଦି ଶୁଣାଇବା ଦ୍ୱାରା ଏକ ଚମତ୍କାର ସତ୍‌ସଙ୍ଗ ଆରମ୍ଭ ହୋଇଯାଏ। ସେମାନେ ଭାବମଗ୍ନ ହୋଇ ପରସ୍ପର ମଧ୍ୟରେ ଭଗବତ ସମ୍ବନ୍ଧୀୟ ଆଲୋଚନା କଲାବେଳେ ସେମାନଙ୍କ ହୃଦୟରେ ବିଚିତ୍ର ବିଚିତ୍ର ଭଗବତ୍ ସମ୍ବନ୍ଧୀୟ କଥା ସ୍ୱତଃ ସ୍ଫୁରିତ ହୁଏ। ଦୀପତଳ ଅନ୍ଧାର ସତ, କିନ୍ତୁ ଦୁଇଟି ଦୀପ ପରସ୍ପର ସମ୍ମୁଖରେ ରଖିଦେଲେ ଯେପରି ଅନ୍ଧାର ଦୂର ହୋଇଯାଏ, ସେହିପରି ଦୁଇଜଣ ଭକ୍ତ ପରସ୍ପର ଭଗବତ ସମ୍ବନ୍ଧୀୟ ଆଲୋଚନା କଲାବେଳେ ଯଦି କାହାରି ମନରେ କୌଣସି ପ୍ରକାର ଭଗବତ ସମ୍ବନ୍ଧୀୟ ଅସାଧାରଣ ଭାବ ଉଦିତ ହୁଏ, ତେବେ ସେ ତାକୁ ପ୍ରକାଶ କରେ। ଏହିଭଳି ଭାବର ଆଦାନ ପ୍ରଦାନ ହେବାରୁ ସେମାନଙ୍କ ହୃଦୟରେ ନୂଆ ନୂଆ ଭାବ ଉଦିତ ହୁଏ। କିନ୍ତୁ ଏକୁଟିଆ ଭଗବତ ଚିନ୍ତନ କଲେ ଏତେ ଭାବ ଉଦିତ ହୁଏ ନାହିଁ। ଭାବ ଉଦିତ ହେଲେ ବି ନିଜ ପାଖରେ ରହେ। ତାହାର ଆଦାନ ପ୍ରଦାନ ହୋଇପାରେ ନାହିଁ।

(୧୪୦୫) ନିତ୍ୟ ତୁଷ୍ୟନ୍ତି ଚ : ଏହିଭଳି ଭଗବାନଙ୍କର କଥା, ଲୀଳା, ଗୁଣ, ପ୍ରଭାବ, ରହସ୍ୟ ଇତ୍ୟାଦି ପରସ୍ପରକୁ ଜଣାଇବା ସଙ୍ଗେ ସଙ୍ଗେ କଥନ ଓ ଚିନ୍ତନ କରି ସେହି ଭକ୍ତମାନେ ନିରନ୍ତର ସନ୍ତୁଷ୍ଟ ରହନ୍ତି। ତାତ୍ପର୍ଯ୍ୟ ହେଲା, ଭଗବାନଙ୍କ ଛଡ଼ା ଅନ୍ୟ କେହି ସେମାନଙ୍କ ସନ୍ତୁଷ୍ଟିର କାରଣ ନୁହେଁ।

(୧୪୦୬) ଭଜତାଂ ପ୍ରୀତି ପୂର୍ବକମ : ସେହି ଭକ୍ତମାନେ ଜ୍ଞାନ ବା ବୈରାଗ୍ୟ ଚାହାଁନ୍ତି ନାହିଁ। ଯେଉଁମାନେ ପରମାର୍ଥିକ, ଜ୍ଞାନ, ବୈରାଗ୍ୟ ଆଦି ଚାହାନ୍ତି, ସେମାନଙ୍କର ଏହି ତୁଚ୍ଛ ସାଂସାରିକ ଭୋଗ ତଥା ଅଷ୍ଟସିଦ୍ଧି ଓ ନବବିଧି

ବା ଚାହିଁବେ କିପରି ? ସେମାନଙ୍କ ଦୃଷ୍ଟି ଏହି ବସ୍ତୁଗୁଡ଼ିକ ଆଡ଼କୁ ଯାଏ ନାହିଁ। ସେମାନଙ୍କ ହୃଦୟରେ ସିଦ୍ଧି ଆଦିର କୌଣସି ଆଦର ବା ମହତ୍ତ୍ୱ ନ ଥାଏ। ସେମାନେ କେବଳ ଭଗବାନଙ୍କୁ ଆପଣାର କରି ପ୍ରେମରେ ମଗ୍ନ ହୋଇ ସ୍ୱାଭାବିକ ଭାବେ ତାଙ୍କ ଭଜନରେ ନିୟୋଜିତ ହୁଅନ୍ତି। ସେମାନଙ୍କର ବସ୍ତୁ ବ୍ୟକ୍ତି ଆଦି ସହିତ କୌଣସି ପ୍ରକାର ସମ୍ବନ୍ଧ ନଥାଏ। ଅନୁକ୍ଷଣ ଭଗବତ ଭଜନରେ ନିମଗ୍ନ ରହିବା ହିଁ ସେମାନଙ୍କର ଭଜନ ଓ ଭକ୍ତି। ଭଗବତ ପ୍ରେମରେ ସେମାନେ ଏତେ ମଜ୍ଜି ଯାଆନ୍ତି ଯେ ସେମାନଙ୍କର ସ୍ୱପ୍ନରେ ସୁଦ୍ଧା ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସି ଇଚ୍ଛା ଜାଗ୍ରତ ହୁଏ ନାହିଁ।

(୧୪୦୭) ଅଚିନ୍ତ୍ୟମ : ମନ ଓ ବୁଦ୍ଧିର ବିଷୟ ହୋଇ ନଥିବାରୁ ଅଚିନ୍ତ୍ୟମ ପଦଟି ନିର୍ଗୁଣ ନିରାକାର ବ୍ରହ୍ମର ବାଚ୍‌କ। ମନ ଓ ବୁଦ୍ଧି ପ୍ରକୃତିର କାର୍ଯ୍ୟ ହୋଇଥିବାରୁ ସମଗ୍ର ପ୍ରକୃତିକୁ ଯଦି ନିଜର କରି ପାରନ୍ତି ନାହିଁ, ପୁଣି ପ୍ରକୃତିରୁ ଅତୀତ ପରମାତ୍ମତତ୍ତ୍ୱକୁ ନିଜର କରି ପାରିବେ କିପରି ? ପ୍ରତ୍ୟେକ ପ୍ରାକୃତିକ ପଦାର୍ଥ 'ଚିନ୍ତ୍ୟ' ଏବଂ ପରମାତ୍ମା ପ୍ରକୃତିରୁ ଊର୍ଦ୍ଧ୍ୱ ହୋଇଥିବାରୁ ସମସ୍ତ ଚିନ୍ତ୍ୟ ପଦାର୍ଥରୁ ମଧ୍ୟ ସେ ଅତୀତ ଓ ଅଲୌକିକ।

(୧୪୦୮) ଅସକ୍ତଃ : ଦୁଇଟି ସ୍ଥାନରେ ଆସକ୍ତି ହୁଏ—(୧) କର୍ମରେ (୨) କର୍ମ ଫଳରେ। ଆସକ୍ତିରେ ହିଁ ସମସ୍ତ ଦୋଷ ଥାଏ, କର୍ମ ଓ କର୍ମଫଳରେ ନୁହେଁ। ଆସକ୍ତି ଥିଲେ ଯୋଗସିଦ୍ଧି ହୁଏ ନାହିଁ। ଆସକ୍ତି ତ୍ୟାଗ କଲେ ଯାଇ ଯୋଗସିଦ୍ଧି ହୁଏ। ତେଣୁ ସାଧକ କର୍ମ ତ୍ୟାଗ ନ କରି ସେଥିରେ ଥିବା ଆସକ୍ତି ତ୍ୟାଗ କରିବା ଉଚିତ୍। ଆସକ୍ତିରହିତ ହୋଇ ସାବଧାନତା ଓ ତତ୍ପରତା ପୂର୍ବକ କର୍ତ୍ତବ୍ୟ କର୍ମ ଆଚରଣ ନ କଲେ କର୍ମରୁ ସମ୍ବନ୍ଧ ଛିନ୍ନ ହୋଇପାରିବ ନାହିଁ। ସାଧକ ଯେତେବେଳେ ଶରୀର, ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ 'ମୋର' ଅଥବା ମୋ ପାଇଁ ନ ମାନି କେବଳ ସଂସାରର ଓ ସଂସାର ପାଇଁ ମାନିବ ଏବଂ ସଂସାରର ହିତ ନିମନ୍ତେ ତତ୍ପର ହୋଇ କର୍ତ୍ତବ୍ୟ କର୍ମ ଆଚରଣ କରିବ, ସେତେବେଳେ ସେ ଅନାସକ୍ତ ହୋଇ ପାରିବ। ଯଦି ସେ ନିଜ ପାଇଁ କୌଣସି କର୍ମ ନ କରି କେବଳ ଅନ୍ୟର ହିତ ନିମନ୍ତେ ସବୁ କର୍ମ କରେ, ତେବେ ତାହାର ଫଳାଶକ୍ତି ସ୍ୱତଃ ନଷ୍ଟ ହୋଇଯାଏ। କର୍ମେନ୍ଦ୍ରିୟ ଦ୍ୱାରା ସମ୍ପାଦିତ ସାଧାରଣ କ୍ରିୟାଠାରୁ ଆରମ୍ଭ କରି

ଚିନ୍ତନ ତଥା ସମାଧି ପର୍ଯ୍ୟନ୍ତ ସମସ୍ତ କ୍ରିୟାର ଆମ ସ୍ୱରୂପ ସହିତ କୌଣସି ସମ୍ବନ୍ଧ ନାହିଁ। କିନ୍ତୁ ସ୍ୱରୂପତଃ ଅନାସକ୍ତ ହୋଇ ମଧ୍ୟ ଜୀବାତ୍ମା ନିଜେ ଆସକ୍ତି କରି ସଂସାର ସଂଗେ ସମ୍ବନ୍ଧ ଯୋଡ଼େ। କର୍ମଯୋଗର ବାସ୍ତବିକ ମହିମା ଆସକ୍ତି ରହିତ ହେବାରେ ହିଁ ନିହିତ। ଆସକ୍ତି ରହିତ ହେବାର ଅର୍ଥ କର୍ମର କୌଣସି ଫଳ ପ୍ରତି ଆକାଂକ୍ଷା ନ ରଖିବା ଅର୍ଥାତ୍ ସେଥିରୁ ଅସଙ୍ଗ ହୋଇଯିବା।

ସାଧାରଣ ମନୁଷ୍ୟ ନିଜ କାମନା ସିଦ୍ଧି ନିମନ୍ତେ କୌଣସି କାର୍ଯ୍ୟରେ ପ୍ରବୃତ୍ତ ହୁଏ, କିନ୍ତୁ ସାଧକ ଆସକ୍ତି ତ୍ୟାଗ ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟରେ ପ୍ରବୃତ୍ତ ହୁଏ—ଏହିପରି ସାଧକକୁ ଏଠି ଅସକ୍ତଃ କୁହାଯାଏ।

ଜ୍ଞାନଯାଗୀ ଓ କର୍ମଯୋଗୀ ଉଭୟ ଫଳେଚ୍ଛା ଓ ଆସକ୍ତି ତ୍ୟାଗ କରୁଥିଲେ ମଧ୍ୟ ଜ୍ଞାନଯୋଗ ଅପେକ୍ଷା କର୍ମଯୋଗ ସହଜ ବୋଲି ପ୍ରମାଣିତ ହୁଏ। କାରଣ କର୍ମଯୋଗୀର ଅନ୍ୟ କୌଣସି ସାଧନାର ଆବଶ୍ୟକତା ନଥିବା ସ୍ଥଳେ ଜ୍ଞାନଯୋଗୀର ଦେହାଭିମାନ ତଥା କ୍ରିୟା ଓ ପଦାର୍ଥର ଆସକ୍ତି ଦୂର କରିବା ପାଇଁ କର୍ମଯୋଗର (ନିଷ୍କାମ ଭାବରେ କର୍ମ କରିବାର) ଆବଶ୍ୟକତା ରହେ। କର୍ମଯୋଗରେ ଆସକ୍ତି ତ୍ୟାଗ ମୁଖ୍ୟ। ତେଣୁ ଭଗବାନ କହୁଛନ୍ତି, କର୍ମ ତ୍ୟାଗ କରିବାର ଆବଶ୍ୟକତା ନାହିଁ। ବରଂ ଅନାସକ୍ତ ହୋଇ କର୍ମ କରିବା ଆବଶ୍ୟକ।

(୧୪୦୯) ନିରାଶ୍ରୟଃ : ସ୍ଥାନ, କାଳ, ବସ୍ତୁ, ବ୍ୟକ୍ତି ପରିସ୍ଥିତି ଇତ୍ୟାଦିର କିଞ୍ଚିତ ମାତ୍ର ଆଶ୍ରୟ ଗ୍ରହଣ ନ କରିବାକୁ ହିଁ ନିରାଶ୍ରୟ କହନ୍ତି। ଅର୍ଥାତ୍ ଆଶ୍ରୟ ରହିତ ହେବା କୁହାଯାଏ। ଯେତେ ବଡ଼ ଧନୀ, ରାଜା ବା ମହାରାଜା ହୋଇଥାନ୍ତୁ ପଛେ ତାଙ୍କୁ ସ୍ଥାନ, କାଳ ଇତ୍ୟାଦିର ଆଶ୍ରିତ ହେବାକୁ ପଡ଼େ। ମାତ୍ର କର୍ମଯୋଗ ଦ୍ୱାରା ସିଦ୍ଧ ମହାପୁରୁଷ ସ୍ଥାନ, କାଳ ଇତ୍ୟାଦିର କୌଣସି ଆଶ୍ରୟକୁ ମନରେ ସ୍ଥାନ ଦିଅନ୍ତି ନାହିଁ। ଆଶ୍ରୟ ମିଳୁ ବା ନ ମିଳୁ ତାଙ୍କର ଏ ବିଷୟରେ ତିଳେମାତ୍ର ଚିନ୍ତା ହୁଏ ନାହିଁ। ତେଣୁ ସେ ନିରାଶ୍ରୟ ହୋଇଥାନ୍ତି।

(୧୪୧୦) ନିତ୍ୟତୃପ୍ତଃ : ପରମାତ୍ମାଙ୍କର ସନାତନ ଅଂଶ ହୋଇଥିବାରୁ ଜୀବ (ଆତ୍ମା) ସତ୍ ସ୍ୱରୂପ ଅଟେ। ସତ୍‌ର କେବେ ଅଭାବ ହୁଏ ନାହିଁ— 'ନାଭାବୋ ବିଦ୍ୟତେ ସତଃ।' କିନ୍ତୁ ସେ ଅସତ ସହିତ ସମ୍ବନ୍ଧ ସ୍ଥାପନ କରିବାରୁ ତାକୁ ନିଜଠାରେ ଅଭାବ ଅର୍ଥାତ୍ ନ୍ୟୁନତା ଅନୁଭୂତ ହୁଏ। ସେହି ଅଭାବ ପୂରଣ

ପାଇଁ ସେ ସାଂସାରିକ ବସ୍ତୁଗୁଡ଼ିକର କାମନା କରିବାରେ ଲାଗେ । ଇଚ୍ଛିତ ବସ୍ତୁ ମିଳିଲେ ଏକ ପ୍ରକାର ତୃପ୍ତି ମିଳେ, ମାତ୍ର ତାହା ସ୍ଥାୟୀ ରହେ ନାହିଁ । ସଂସାରରେ ପ୍ରତ୍ୟେକ ବସ୍ତୁ, ବ୍ୟକ୍ତି, ପରିସ୍ଥିତି ଆଦି ଯେତେବେଳେ ସର୍ବଦା ଅଭାବ ଆଡ଼କୁ ଯାଉଛି, ସେତେବେଳେ ସେଗୁଡ଼ିକର ଆଶ୍ରିତ ତୃପ୍ତି ସ୍ଥାୟୀ ହେବ କିପରି ? ଅତଏବ ଉତ୍ପତ୍ତି ବିନାଶଶୀଳ କ୍ରିୟା ଓ ପଦାର୍ଥ ସହିତ ସମ୍ବନ୍ଧ ସ୍ୱୀକାର କରି ତାହାର ଆଶ୍ରିତ ହୋଇଥିବା ପର୍ଯ୍ୟନ୍ତ ଜୀବକୁ ସ୍ୱତଃସିଦ୍ଧ ନିତ୍ୟତୃପ୍ତିର ଅନୁଭବ ହୁଏ ନାହିଁ । କର୍ମଯୋଗ ଦ୍ୱାରା ସିଦ୍ଧ ମହାପୁରୁଷ ନିରାଶ୍ରୟ ଅର୍ଥାତ୍ ସଂସାର ଆଶ୍ରୟ ବିବର୍ଜିତ ହୋଇଥିବାରୁ ତାଙ୍କୁ ସ୍ୱତଃସିଦ୍ଧ ନିତ୍ୟତୃପ୍ତ ଅନୁଭୂତ ହୁଏ ।

(୧୪୧୧) ଶରୀରଂ କେବଲଂ କର୍ମ କୁର୍ବନ : 'ଶରୀରଂ କର୍ମ (ଶରୀର ସମ୍ବନ୍ଧୀୟ କର୍ମ)ର ଦୁଇଟି ଅର୍ଥ ହୁଏ; ଯଥା—ଶରୀର ଦ୍ୱାରା ହେଉଥିବା କର୍ମ ଏବଂ ଶରୀର ନିର୍ବାହ ପାଇଁ କରାଯାଉଥିବା କର୍ମ । ଶରୀର ଦ୍ୱାରା ହେଉଥିବା କର୍ମ ଅର୍ଥାତ୍ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧିଦ୍ୱାରା ହେଉଛି; ମୋର ତା ସହିତ କିଞ୍ଚିତମାତ୍ର ସମ୍ବନ୍ଧ ନାହିଁ । ଏହିପରି ସ୍ୱୀକାର କରି କର୍ମଯୋଗୀ ଅନ୍ତଃକରଣ ଶୁଦ୍ଧି ନିମନ୍ତେ କର୍ମ କରନ୍ତି । କିନ୍ତୁ ଏଠାରେ ଶ୍ଲୋକଟି ନିବୃତ୍ତି-ପ୍ରଧାନ । ଏଠାରେ ଉପଯୁକ୍ତ ପଦର ଅର୍ଥ କେବଳ ଶରୀର ନିର୍ବାହ ପାଇଁ କରାଯାଉଥିବା ଆବଶ୍ୟକୀୟ କର୍ମ (ଖିଆପିଆ କରିବା, ଗାଧୁଆପାଧୁଆ କରିବା ଇତ୍ୟାଦି) । ନିବୃତ୍ତିପରାୟଣ କର୍ମଯୋଗୀ କେବଳ ଶରୀର ନିର୍ବାହ ପାଇଁ କର୍ମ କରନ୍ତି ।

(୧୪୧୨) କ୍ଷମା : ନିଜ ପ୍ରତି ଅପରାଧ କରିଥିବା ବ୍ୟକ୍ତିକୁ କୌଣସି ଶାସ୍ତି ଦେବାର ଇଚ୍ଛା ନ ରଖି ଯିଏ କ୍ଷମା କରିଦିଏ, ତାକୁ କ୍ଷମା କହନ୍ତି । ଭଗବାନ ଭକ୍ତଙ୍କ ଲକ୍ଷଣରେ ପ୍ରଥମେ ଅଦ୍ୱେଷ୍ଟା ପଦ ବ୍ୟବହାର କରି ଅପରାଧୀ ପ୍ରତି ଭକ୍ତଙ୍କ ଅନ୍ତରରେ ଦ୍ୱେଷଭାବ ରହେ ନାହିଁ ବୋଲି କହିଲେ । ଏହା ଏଠାରେ 'କ୍ଷମା' ପଦରେ କହୁଛନ୍ତି ଯେ, ଭକ୍ତଙ୍କ ପ୍ରତି ଅପରାଧ କରିଥିବା ବ୍ୟକ୍ତିଙ୍କୁ ଭଗବାନଙ୍କ ଦ୍ୱାରା ବା ଅନ୍ୟ କାହାଦ୍ୱାରା ଶାସ୍ତି ନ ମିଳୁ, ଭକ୍ତଙ୍କର ଏପରି ଭାବନା ଥାଏ । ଏଭଳି ଅଲୌକିକ କ୍ଷମାଭାବ ଭକ୍ତଙ୍କର ଏକ ବୈଶିଷ୍ଟ୍ୟ । ଭକ୍ତ ନିଜେ ମନେକରିବେ ଯେ ପୂର୍ବ ଜନ୍ମର କର୍ମଫଳ ନିମିତ୍ତ ମୁଁ ଅନ୍ୟଦ୍ୱାରା ଶାସ୍ତି ପାଇଲି । ଭକ୍ତ ମନେକରିବେ, ପୂର୍ବଜନ୍ମରେ ମୁଁ ଏପରି ଶାସ୍ତି ଅନ୍ୟକୁ ଦେଇଥିବାରୁ, ମୁଁ

ଆଜି ଶାସ୍ତି ପାଇଲି । ଅପରାଧ କରିଥିବା ବ୍ୟକ୍ତିକୁ କେବେ କୌଣସି ପ୍ରକାରେ ମନରେ, ଦେହରେ ଓ ବାକ୍ୟରେ ଶାସ୍ତି ଦେବାର ଇଚ୍ଛା ନ ରଖି ଅପରାଧକୁ କ୍ଷମା କଲେ ତାକୁ କ୍ଷମା କୁହାଯାଏ ।

(୧୪୧୩) ସେବା : ଯେ ନିଜ ପାଇଁ କେବେ କିଛି ନ ଚାହେଁ, ସେହି ବ୍ୟକ୍ତି ହିଁ ସେବା କରିପାରିବ । ସେବା କରିବା ନିମିତ୍ତ ଧନାଦି ପଦାର୍ଥ ଚାହିଁବା ତ କାମନା; ଏପରିକି ସେବା କରିବାର ଇଚ୍ଛା ମଧ୍ୟ କାମନା । ତେଣୁ ଅବସର ବା ସୁଯୋଗ ମିଳିଲେ ଓ ଯୋଗ୍ୟତା ଥିଲେ ସେବା କରିବା ଉଚିତ, କିନ୍ତୁ ସେବା ପାଇଁ କାମନା କରିବା ଅନୁଚିତ୍ ।

ଅନ୍ୟକୁ ସୁଖ ଦେଇ ନିଜେ ସୁଖୀ ହେବା, ମୋ ଦ୍ୱାରା ଅନ୍ୟକୁ ସୁଖ ମିଳୁଛି, ଏପରି ଭାବନା କରିବା, ସେବା ପ୍ରତିବଦଳରେ ମାନ ଚାହିଁବା, ବଡ଼ିବା ଚାହିଁବା, ଖୁସି ହେବା ପ୍ରଭୃତି ବାସ୍ତବରେ ସେବା ନୁହେଁ । ସ୍ଥୁଳ ବସ୍ତୁ ଦ୍ୱାରା ସେବା କରିବା ତ ସ୍ଥୁଳ ଦୃଷ୍ଟିଭଙ୍ଗୀ । ବାସ୍ତବରେ ସେବା ହେଉଛି ଭାବ—କର୍ମ ନୁହେଁ । କର୍ମରୁ ବନ୍ଧନ ହୁଏ ଓ ସେବାରୁ ମୁକ୍ତି ହୁଏ । ସେବାଭାବ ହେଲେ ନିଜ ପାଖରେ ଥିବା ବସ୍ତୁଗୁଡ଼ିକ ଆପେ ଆପେ ସେବାରେ ଲାଗିଯାଏ । ସେବା ଭାବ ଥିଲେ ନିଜ ପାଖରେ ଯେତିକି ବସ୍ତୁ ଥାଏ, ତାହାଦ୍ୱାରା ପୂର୍ଣ୍ଣ ସେବା ହୋଇଯାଏ । ଆଉ ଅଧିକ ବସ୍ତୁ ଇଚ୍ଛା କରିବାର ଆବଶ୍ୟକତା ନଥାଏ ।

ପ୍ରକୃତରେ ଭାବ ଦ୍ୱାରା ହିଁ ସେବା ହୁଏ, ବସ୍ତୁ ଦ୍ୱାରା ନୁହେଁ । ବସ୍ତୁ ଦ୍ୱାରା କେବଳ କର୍ମ ହୁଏ—ସେବା ନୁହେଁ । ଏଣୁ କେବଳ ବସ୍ତୁ ଦେଇ ହେବା ସେବା ନୁହେଁ । ଦୋକାନୀ ମଧ୍ୟ ବସ୍ତୁ ଦିଏ, କିନ୍ତୁ ପ୍ରତିବଦଳରେ ନେବାର ଭାବନା ଥିବାରୁ, ତଦ୍ଦ୍ୱାରା ତାର ପୁଣ୍ୟ ହୁଏ ନାହିଁ । ସେହିପରି ପ୍ରଜାଗଣ ରାଜାଙ୍କୁ କରଣରୂପେ ଧନ ଦେଉଥିଲେ ମଧ୍ୟ ତାହା ଦାନ ବୋଲାଏ ନାହିଁ ।

ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିର୍ମଳ ହୃଦୟରେ ଅନ୍ୟର ସେବା କଲେ, ସେବ୍ୟର (ଯାହାର ସେବା କରାଗଲା) ହୃଦୟରେ ମଧ୍ୟ ଆନନ୍ଦ ଜାତ ହେବ ଏବଂ ତାହା ସହିତ ନିଜେ ଅନ୍ୟର ସେବା କରିବା ପାଇଁ ଇଚ୍ଛା ଜାଗ୍ରତ ହେବ । ନିର୍ମଳ ହୃଦୟରେ ସେବା କରୁଥିବା ବ୍ୟକ୍ତି ସ୍ଥୁଳ ଦୃଷ୍ଟିରେ ତ ପଦାର୍ଥଗୁଡ଼ିକୁ ସେବାରେ ଲଗାଏ, କିନ୍ତୁ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ସେ ସେବ୍ୟ ହୃଦୟରେ

ସେବାଭାବ ଜାଗ୍ରତ କରାଏ । ଯଦି ସେବ୍ୟ ହୃଦୟରେ ସେବା ଭାବ ଜାଗ୍ରତ ନ ହୁଏ, ତେବେ ବୁଝିବାକୁ ହେବ ଯେ ସେବକ ହୃଦୟରେ ସେବା କରିବାର ତ୍ରୁଟି ରହିଯାଇଛି, ଅର୍ଥାତ୍ ସେ ସେବ୍ୟଠାରୁ ପାଇବାର ଆଶା ମନରେ ରଖିଛି ।

ପ୍ରତ୍ୟେକ ସାଧକ ପାଇଁ ସଂସାର କେବଳ କର୍ତ୍ତବ୍ୟ ପାଳନର କ୍ଷେତ୍ର; ସୁଖୀ ବା ଦୁଃଖୀ ହେବାର କ୍ଷେତ୍ର ନୁହେଁ । ସଂସାର କେବଳ ସେବା ପାଇଁ ଉଦ୍ଦିଷ୍ଟ । ସଂସାରରେ ସାଧକ କେବଳ ସେବା କରିବା ଉଚିତ । ସେବା କରିବା ପୂର୍ବରୁ ସାଧକ ସର୍ବପ୍ରଥମେ ଭାବିବା ଉଚିତ ଯେ ମୋ ଦ୍ୱାରା କାହାରି ତିଳେ ମାତ୍ର ବି ଅହିତ ନ ହେଉ । ସଂସାରରେ କେତେକ ପ୍ରାଣୀ ଦୁଃଖୀ ତ ଆଉ କେତେକ ପ୍ରାଣୀ ସୁଖୀ । ଦୁଃଖୀ ପ୍ରାଣୀଙ୍କୁ ଦେଖି ଦୁଃଖୀ ହେବା ଓ ସୁଖୀ ପ୍ରାଣୀଙ୍କୁ ଦେଖି ସୁଖୀ ହେବା ମଧ୍ୟ ସେବା । କାରଣ ଏହାଦ୍ୱାରା ଉଭୟ ଦୁଃଖୀ ଓ ସୁଖୀ ପ୍ରାଣୀଙ୍କର ସୁଖ ଅନୁଭୂତ ହୁଏ ଏବଂ ସେମାନଙ୍କୁ ବଳ ମିଳେ ଯେ ସେମାନଙ୍କର କେହି ସାଙ୍ଗ ସାଥୀ ଅଛନ୍ତି । ଯଦି କେହି ଦୁଃଖୀ ଅଛି, ତେବେ ତାର ଦୁଃଖ ଦୂର କରିବା ଭାବନାରେ ଆମେ ମଧ୍ୟ ଅନ୍ତର ସହିତ ଦୁଃଖୀ ହେବା ଉଚିତ । ତା ସହିତ ପ୍ରେମ ପୂର୍ବକ ବାକ୍ୟାଳାପ କରି ତାକୁ ସାନ୍ତ୍ୱନା ଦେବା ଉଚିତ ଯେ, ପ୍ରତିକୂଳ ପରିସ୍ଥିତି ଆସିଲେ, ବିବ୍ରତ ହେବା ଉଚିତ ନୁହେଁ । ଭଗବାନ ରାମଚନ୍ଦ୍ର, ରାଜା ନଳ ଓ ହରିଶ୍ଚନ୍ଦ୍ର ଆଦି ମହାନ ପୁରୁଷଙ୍କର ମଧ୍ୟ ଏହିପରି ପରିସ୍ଥିତି ଆସିଥିଲା । ଆଜିକାଲି ତ ଅନେକ ଲୋକ ମଧ୍ୟ ତୁମଠାରୁ ଆହୁରି ଦୁଃଖୀ ଅଛନ୍ତି ! ମୋ ଦ୍ୱାରା ଯଦି କାମ କିଛି ହୋଇପାରିବ ତେବେ କୁହ, ଇତ୍ୟାଦି । ଏପରି କହିଲେ ସେ ଖୁସି ହେବ । ଠିକ୍ ସୁଖୀ ବ୍ୟକ୍ତି ସହିତ ସେହିପରି ମିଶି ଆମେ ମଧ୍ୟ ସୁଖୀ ହୋଇ ପାରିଲେ ସେ ମଧ୍ୟ ସୁଖୀ ହୋଇ ପାରିବ । ଏହି ପ୍ରକାରେ ଆମେ ଦୁଃଖୀ ଓ ସୁଖୀ ଉଭୟଙ୍କର ସେବା କରି ପାରିବା । ଯେଉଁମାନେ ପର ଦୁଃଖରେ ଦୁଃଖୀ ଓ ପର ସୁଖରେ ସୁଖୀ ହୁଅନ୍ତି, ସେମାନେ ପ୍ରକୃତରେ ସନ୍ଥ ।

(୧୪୧୪) ବିମତ୍ସରଃ : ନିଜ ଅନ୍ତରରେ ଯେପରି କୌଣସି ପ୍ରାଣୀ ପ୍ରତି ଈର୍ଷାଭାବ ଜାତ ନହେବ, ସେ ବିଷୟରେ କର୍ମ ଯୋଗୀ ବିଶେଷ ସାବଧାନ ରହନ୍ତି । କର୍ମ ଯୋଗୀଙ୍କର ସମସ୍ତ କ୍ରିୟା ପ୍ରତ୍ୟେକ ପ୍ରାଣୀଙ୍କର ହିତ ଉଦ୍ଦେଶ୍ୟରେ

ଅନୁଷ୍ଠିତ ହୁଏ। ଯଦି ତାଙ୍କ ଅନ୍ତରରେ କିଞ୍ଚିତ ମାତ୍ର ଈର୍ଷାଭାବ ରହେ, ତେବେ ତାଙ୍କର ସମସ୍ତ କ୍ରିୟା ଅନ୍ୟମାନଙ୍କ ହିତ ଉଦ୍ଦେଶ୍ୟରେ ହୋଇପାରିବ ନାହିଁ। ଈର୍ଷାରୂପକ ଦୋଷ ଅତି ସୂକ୍ଷ୍ମ। ଧରାଯାଉ ଦୁଇଜଣ ଦୋକାନୀଙ୍କର ପରସ୍ପର ମଧ୍ୟରେ ମିତ୍ରତା ଅଛି। ସେଥିମଧ୍ୟରୁ ଜଣଙ୍କର ଦୋକାନ ଭଲ ଚାଲିଲେ, ଅନ୍ୟଜଣଙ୍କର ମନରେ ସାମାନ୍ୟ ଈର୍ଷା ଜାତ ହୁଏ ଯେ ତା ଦୋକାନ ଭଲ ଚାଲିଲା, ହେଲେ ମୋ ଦୋକାନ ମାନ୍ଦା ହୋଇଗଲା। ଏହି ଈର୍ଷାରୂପକ ଦୋଷ ଯୋଗୁ ମିତ୍ର ମିତ୍ର ଭିରେ ଜଣେ ଅନ୍ୟ ଜଣକର ଉନ୍ନତି ସହି ପାରିଲା ନାହିଁ। ଯେଉଁଠି ପରସ୍ପର ମଧ୍ୟରେ ପ୍ରେମ, ଏକତ୍ୱ ଓ ମିତ୍ରତା ଥିଲା ତାହା ସବୁ ଦୂର ହୋଇଯାଇ ଶତ୍ରୁତା ଆସିଗଲା। ସାଧକମାନେ ଏଥିପ୍ରତି ସାବଧାନ ରହିବେ।

(୧୪୧୫) ଦ୍ୱନ୍ଦ୍ୱାତୀତଃ : କର୍ମଯୋଗୀ ଲାଭ-କ୍ଷତି, ମାନ-ଅପମାନ, ପ୍ରଶଂସା-ନିନ୍ଦା, ଅନୁକୂଳତା-ପ୍ରତିକୂଳତା, ସୁଖ-ଦୁଃଖ, ପ୍ରଭୃତି ଦ୍ୱନ୍ଦ୍ୱରୁ ଉର୍ଦ୍ଧ୍ୱରେ ଥିବାରୁ ତାଙ୍କ ଅନ୍ତଃକରଣରେ ଏହି ଦ୍ୱନ୍ଦ୍ୱ ଜନିତ ରାଗଦ୍ୱେଷ, ହର୍ଷ-ଶୋକ ଆଦି ବିକାର ଉତ୍ପନ୍ନ ହୁଏ ନାହିଁ।

ଦ୍ୱନ୍ଦ୍ୱ ଅନେକ ପ୍ରକାର, ଯଥା- ଭଗବାନଙ୍କର ସଗୁଣ ସାକାର ରୂପ ଠିକ୍, ନା ନିର୍ଗୁଣ ନିରାକାର ରୂପ ଠିକ୍, ଅଦ୍ୱୈତବାଦ ଠିକ୍ ନା ଦ୍ୱୈତବାଦ ଠିକ୍, ଭଗବାନଙ୍କ ପ୍ରତି ମନ ଲାଗିଲା କି ନାହିଁ, ଏକାନ୍ତ ନିର୍ଜନ ସ୍ଥାନ ମିଳିଲା କି ନାହିଁ, ଶାନ୍ତି ମିଳିଲା କି ନାହିଁ, ସିଦ୍ଧି ମିଳିବକି ନାହିଁ ଇତ୍ୟାଦି। ଏହିସବୁ ଦ୍ୱନ୍ଦ୍ୱ ସହିତ ସମ୍ବନ୍ଧ ନ ରହିଲେ ସାଧକ ନିର୍ଦ୍ୱୋନ୍ଦ୍ୱୀ ହୁଏ। ଯେପରି ନିକିତି ଗୋଟିଏ ପାଖକୁ ଢଳି ଗଲେ ଓଜନ ସମାନ ହେଲା ବୋଲି ଧରାଯାଏ ନାହିଁ, ସେହିପରି ସାଧକର ଅନ୍ତଃକରଣରେ କୌଣସି ଦିଗକୁ ଆକର୍ଷଣ ଥିଲେ ତାକୁ ଦ୍ୱନ୍ଦ୍ୱାତୀତ କୁହାଯିବ ନାହିଁ।

(୧୪୧୬) ସନ୍ନ୍ୟାସଃ : ଏଠାରେ ସନ୍ନ୍ୟାସ ପଦର ଅର୍ଥ ସାଂଖ୍ୟଯୋଗ। କର୍ମକୁ ସ୍ୱରୂପତଃ ତ୍ୟାଗ କରିବାର ଅର୍ଥ ସନ୍ନ୍ୟାସ ନୁହେଁ। ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଭଗବାନ କର୍ମ ତ୍ୟାଗ ପୂର୍ବକ ସନ୍ନ୍ୟାସର ବିବେଚନା ନକରି କର୍ମ କରି ମଧ୍ୟ ଜ୍ଞାନ ପ୍ରାପ୍ତି ହେଉଥିବା ସାଂଖ୍ୟଯୋଗରେ ବର୍ଣ୍ଣନା କରିଛନ୍ତି। ଏହି ସାଂଖ୍ୟଯୋଗ ଦ୍ୱାରା ମନୁଷ୍ୟ ପ୍ରତ୍ୟେକ ବର୍ଣ୍ଣ, ଆଶ୍ରମ, ସଂପ୍ରଦାୟ, ଦେଶ, ଦଶ, ଇତ୍ୟାଦିରେ ଥାଇ ପ୍ରତ୍ୟେକ ପରିସ୍ଥିତିରେ ସ୍ୱତନ୍ତ୍ରଭାବରେ ଜ୍ଞାନ ଲାଭ କରି ପାରିବ

ଅର୍ଥାତ୍ ଆତ୍ମୋଦ୍ଧାର କରି ପାରିବ। ସାଂଖ୍ୟ ଯୋଗରେ ବିବେକ ଓ ବିଚାରର ପ୍ରାଧାନ୍ୟ ଥାଏ। ବିବେକପୂର୍ବକ ତୀବ୍ର ବୈରାଗ୍ୟଦ୍ୱାରା ଏହି ସାଧନା ସଫଳ ହୁଏ ନାହିଁ। ଏହି ସାଧନାରେ ସଂସାରର କୌଣସି ସ୍ୱତନ୍ତ୍ର ସତ୍ତା ନାହିଁ ବୋଲି ଅନୁଭବ ହୋଇ ଏକମାତ୍ର ପରମାତ୍ମା ତତ୍ତ୍ୱ ଉପରେ ଦୃଷ୍ଟି ରହିଥାଏ। ରାଗ (ଆସକ୍ତି) ନାଶ ନ ହେଲେ ସଂସାରର ସ୍ୱତନ୍ତ୍ର ସତ୍ତା ନାହିଁ ବୋଲି ଅନୁଭବ ହେବା ଅତୀବ କଠିନ। ତେଣୁ ସଂସାରୀ ଲୋକଙ୍କ ନିମିତ୍ତ କର୍ମଯୋଗ ସାଧନା ପାଇଁ ଭଗବାନ କହିଛନ୍ତି। କର୍ମ କରିଯାଅ, କର୍ମର ଫଳ ଆଶା କରନାହିଁ। ସମସ୍ତ କର୍ମର ଫଳ ଭଗବାନଙ୍କ ଉପରେ ସମର୍ପଣ କରି କର୍ମ କରିଯାଅ। ତାହେଲେ ଗୃହସ୍ଥ ହୋଇ କର୍ମ କରି ସନ୍ନ୍ୟାସୀ ହୋଇ ପାରିବ।

(୧୪୧୭) ତପୋଯଜ୍ଞାଃ : ନିଜର କର୍ତ୍ତବ୍ୟ (ସ୍ୱଧର୍ମ) ପାଳନ ସମୟରେ ଯେଉଁ ଯେଉଁ ପ୍ରତିକୂଳତା ଓ କଠିନତା ଆସେ, ସେଗୁଡ଼ିକୁ ଖୁସି ମନରେ ସହ୍ୟ କରିବା ହେଉଛି ‘‘ତପୋଯଜ୍ଞ’’। ଲୋକମାନଙ୍କର ହିତ ନିମିତ୍ତ ଏକାଦଶୀ ଆଦି ବ୍ରତ ପାଳନ କରିବା, ମୌନବ୍ରତ ପାଳନ କରିବା ମଧ୍ୟ ‘‘ତପୋଯଜ୍ଞ’’ ଅର୍ଥାତ୍ ତପସ୍ୟା ରୂପକ ଯଜ୍ଞ ଅଟେ। ଅତୀବ ପ୍ରତିକୂଳ ପରିସ୍ଥିତି, ବସ୍ତୁ, ବ୍ୟକ୍ତି ଘଟଣା ଆସିଲେ ମଧ୍ୟ ଯଦି ସାଧକ ପ୍ରସନ୍ନ ଚିତ୍ତରେ ନିଜର କର୍ତ୍ତବ୍ୟକର୍ମ କରେ, ଅର୍ଥାତ୍ ନିଜ କର୍ତ୍ତବ୍ୟରୁ ଆଦୌ ବିଚଳିତ ନ ହୁଏ, ତେବେ ତାହା ସବୁଠାରୁ ଶ୍ରେୟ ଓ ସିଦ୍ଧିଦାୟକ ତପସ୍ୟା ଅଟେ।

(୧୪୧୮) ଆତ୍ମବନ୍ତମ : କର୍ମଯୋଗୀର ଉଦ୍ଦେଶ୍ୟ ହେଉଛି ସ୍ୱରୂପବୋଧ ପ୍ରାପ୍ତ ହେବା। ତେଣୁ ସେ ସର୍ବଦା ସ୍ୱରୂପରେ ପ୍ରତିଷ୍ଠିତ ହୋଇ ରହେ। ତା’ର ସମସ୍ତ କର୍ମ ସଂସାରର ମଙ୍ଗଳ ଉଦ୍ଦେଶ୍ୟରେ ହୁଏ। ସେବା ତ ସ୍ୱଭାବିକ ଭାବରେ ଅନ୍ୟମାନଙ୍କ ପାଇଁ ହୁଏ; ଏପରିକି ଖିଆପିଆ କରିବା, ବସାଉଠା କରିବା ଇତ୍ୟାଦି ଜୀବନ ନିର୍ବାହ ସମ୍ବନ୍ଧୀୟ ସମସ୍ତ କର୍ମ ମଧ୍ୟ ଅନ୍ୟମାନଙ୍କ ପାଇଁ କଲେ ନିଜର କଲ୍ୟାଣ ହୁଏ ସତ; କିନ୍ତୁ ଭଗବାନଙ୍କ ପାଇଁ ବା ପରମାତ୍ମାଙ୍କ ନିମିତ୍ତ ହୁଏ ନାହିଁ।

(୧୪୧୯) ସନ୍ୟାସଃ : ଏଠାରେ ସନ୍ୟାସଃ ପଦର ଅର୍ଥ ସାଂଖ୍ୟଯୋଗ। କର୍ମକୁ ସ୍ୱରୂପତଃ ତ୍ୟାଗ କରିବାର ଅର୍ଥ ସନ୍ୟାସ ନୁହେଁ। ଅର୍ଜୁନଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଭଗବାନ କର୍ମ ତ୍ୟାଗ ପୂର୍ବକ ସନ୍ନ୍ୟାସର ବିବେଚନା

ନକରି, କର୍ମ କରି ମଧ୍ୟ ଜ୍ଞାନ ଲାଭ କରୁଥିବା ସାଂଖ୍ୟଯୋଗ ମାର୍ଗର ବିଚାର କରିଛନ୍ତି । ଏହି ସାଂଖ୍ୟଯୋଗ ଦ୍ୱାରା ମନୁଷ୍ୟ ପ୍ରତ୍ୟେକ ବର୍ଣ୍ଣ, ଆଶ୍ରମ, ସଂପ୍ରଦାୟ, ଦେଶ, ଇତ୍ୟାଦିରେ ଥାଇ ପ୍ରତ୍ୟେକ ପରିସ୍ଥିତିରେ ସ୍ୱତନ୍ତ୍ର ଭାବରେ ଜ୍ଞାନ ଲାଭ କରିପାରିବ ଅର୍ଥାତ୍ ଆତ୍ମାକୁ ଉଦ୍ଧାର କରିପାରିବ ।

(୧୪୨୦) କର୍ମଯୋଗ : ପ୍ରତ୍ୟେକ ମନୁଷ୍ୟ ହୃଦୟରେ କର୍ମ କରିବାର ସ୍ପୃହା ଅନାଦି କାଳରୁ ରହିଆସିଛି । ତାହା ଦୂର କରିବା ପାଇଁ କର୍ମ କରିବା ନିତ୍ୟାନ୍ତ ଆବଶ୍ୟକ । ଯେଉଁ ଭାବ ଓ ଉଦ୍ଦେଶ୍ୟ ରଖି କର୍ମ କଲେ କର୍ମ କରିବାର ଇଚ୍ଛା ନଷ୍ଟ ହୋଇଯାଏ, ସେହି କୌଶଳକୁ କର୍ମଯୋଗ କୁହାଯାଏ । କାର୍ଯ୍ୟ ଛୋଟ ବା ବଡ଼ ହେଉ, କର୍ମଯୋଗରେ ଏଥିପ୍ରତି ଦୃଷ୍ଟି ରହେ ନାହିଁ । ଯେ କୌଣସି କର୍ତ୍ତବ୍ୟ କର୍ମ ସମ୍ମୁଖକୁ ଆସୁ, ନିଷ୍କାମ ଭାବରେ ତାହାକୁ ଅନ୍ୟମାନଙ୍କ ହିତ ଉଦ୍ଦେଶ୍ୟରେ କରିବା ଉଚିତ୍ । କର୍ମରୁ ସମ୍ବନ୍ଧ ବିଚ୍ଛେଦ କରିବାକୁ ହେଲେ କର୍ମ ନିଜ ପାଇଁ ନ କରିବା ଉଚିତ । ନିଜ ପାଇଁ କର୍ମ ନ କରିବା ଉଦ୍ଦେଶ୍ୟ ହେଲା– କର୍ମ ପ୍ରତିବଦଳରେ ନିଜ ପାଇଁ କିଛି ପାଇବାର ଇଚ୍ଛା ନ କରିବା । ନିଜ ପାଇଁ କିଛି ପାଇବାକୁ ଥିବା ପର୍ଯ୍ୟନ୍ତ କର୍ମ ସଙ୍ଗେ ସମ୍ବନ୍ଧ ରହିଥାଏ ।

(୧୪୨୧) ଯୋଗଯୁକ୍ତଃ : ଜିତେନ୍ଦ୍ରିୟ, ବିଶୁଦ୍ଧାତ୍ମା, ବିଜିତାତ୍ମା ଏବଂ ସର୍ବଭୂତାତ୍ମା—ଏହି ଲକ୍ଷଣଯୁକ୍ତ କର୍ମଯୋଗୀଙ୍କୁ ଏଠାରେ 'ଯୋଗଯୁକ୍ତଃ' କୁହାଯାଇଛି ।

ସାଧନା ଦିଗରେ ସ୍ୱତଃ ପ୍ରବୃତ୍ତି ନ ହେବାର ମୁଖ୍ୟ କାରଣ ହେଲା ରୁଚି ଓ ଉଦ୍ଦେଶ୍ୟରେ ଭିନ୍ନତା । ଯେ ପର୍ଯ୍ୟନ୍ତ ଉଦ୍ଦେଶ୍ୟ ଓ ରୁଚିର ବିବାଦ ପ୍ରାୟ ମେଣ୍ଟେ ନାହିଁ, ସେ ପର୍ଯ୍ୟନ୍ତ ସାଧନା ଠିକ୍ ହୁଏ ନାହିଁ । ଉଦ୍ଦେଶ୍ୟ ଅବିନାଶୀ ପରମାତ୍ମାଙ୍କୁ ଲାଭ କରିବା ପାଇଁ ହୁଏ ଏବଂ ରୁଚି ପ୍ରାୟ ସାଂସାରିକ ପ୍ରାଣୀ, ପଦାର୍ଥ, ପରିସ୍ଥିତି ଇତ୍ୟାଦିର ପ୍ରାପ୍ତି ପାଇଁ ହୁଏ । ଉଦ୍ଦେଶ୍ୟ ଓ ରୁଚି ଅଭିନ୍ନ ହୋଇଗଲେ ସାଧନା ସ୍ୱତଃ ତୀବ୍ର ବେଗରେ ଆଗେଇ ଚାଲେ । ଯେଉଁ କର୍ମଯୋଗୀଙ୍କର ଉଦ୍ଦେଶ୍ୟ ଓ ରୁଚି ଅଭିନ୍ନ ଅର୍ଥାତ୍ ସେହି ପରମାତ୍ମାଙ୍କଠାରେ ଯାହାଙ୍କର ଉଦ୍ଦେଶ୍ୟ ଓ ରୁଚି ଉଭୟ ଲାଗିଯାଇଛି, ଏଠାରେ ଯୋଗଯୁକ୍ତଃ ପଦ ସେହି କର୍ମଯୋଗୀଙ୍କ ପାଇଁ ପ୍ରଯୁଜ୍ୟ ।

ଉତ୍ପନ୍ନ ଓ ନଷ୍ଟଶୀଳ ଫଳ ପ୍ରାପ୍ତି ପାଇଁ ତିଳେ ମାତ୍ର ଇଚ୍ଛା ନରଖିଲେ ହିଁ କର୍ମଯୋଗ ସଫଳ ହୁଏ । ଫଳ ଓ ଉଦ୍ଦେଶ୍ୟ ଉଭୟ ଭିନ୍ନ ଭିନ୍ନ ଅଟେ । କର୍ମଯୋଗୀଙ୍କ ମନରେ ଫଳ ପ୍ରାପ୍ତିର ଇଚ୍ଛା ନ ଥାଏ ସତ, କିନ୍ତୁ ଉଦ୍ଦେଶ୍ୟ ଥାଏ । ଯେ ତତ୍ତ୍ୱ ସମସ୍ତଙ୍କୁ ମିଳିପାରେ ଏବଂ ସର୍ବଦା ସାଥିରେ ରହିପାରେ, ତାହାକୁ ପାଇବା କର୍ମଯୋଗୀଙ୍କର ଉଦ୍ଦେଶ୍ୟ । ଯାହା କାହାକୁ ମିଳେ ତ ଆଉ କାହାକୁ ମିଳେ ନାହିଁ ଏବଂ କେତେବେଳେ ସାଥିରେ ରହେ ତ କେତେବେଳେ ରହେ ନାହିଁ, ତାହା କେବେ ଉଦ୍ଦେଶ୍ୟ ହୋଇ ପାରିବ ନାହିଁ । ଏହି ଦୃଷ୍ଟିରୁ ଉଦ୍ଦେଶ୍ୟ କେବଳ ପରମାତ୍ମା ପ୍ରାପ୍ତିର ହୁଏ । ପରମାତ୍ମା ତତ୍ତ୍ୱ କୌଣସି କର୍ମ ଅଭ୍ୟାସ ଆଦିର ଫଳ ନୁହେଁ । ଫଳ ଉତ୍ପନ୍ନ ଓ ନଷ୍ଟଶୀଳ କିନ୍ତୁ ପରମାତ୍ମା ନିତ୍ୟ । କର୍ମଯୋଗୀ ଉତ୍ପନ୍ନ ଓ ନଷ୍ଟଶୀଳ ବସ୍ତୁ ଚାହାନ୍ତି ନାହିଁ, କାରଣ ସେହି ଇଚ୍ଛା ପରମାତ୍ମାଙ୍କ ପ୍ରାପ୍ତିରେ ବାଧକ । ପରମାତ୍ମାଙ୍କୁ ପ୍ରାପ୍ତି କରିବାର ଏକମାତ୍ର ଉଦ୍ଦେଶ୍ୟ ଥିବାରୁ କର୍ମଯୋଗୀଙ୍କୁ ଯୋଗଯୁକ୍ତ କୁହାଯାଉଛି ।

ଏଠାରେ ଯାହାଙ୍କୁ ଯୋଗଯୁକ୍ତଃ କୁହାଯାଇଛି ଅନ୍ୟତ୍ର ତାଙ୍କୁ ଯୋଗାରୂଢ଼ଃ କୁହାଯାଇଛି ।

(୧୪୨୨) ନବଦ୍ୱାରେ ପୁରେ : ଶବ୍ଦାଦି ବିଷୟ ସେବନ କରିବା ପାଇଁ ଦୁଇଟି କାନ, ଦୁଇଟି ଆଖି, ଦୁଇଟି ନାକ ପୁଡ଼ା ଓ ଗୋଟିଏ ପାଟି, ଏହିପରି ସାତୋଟି ଦ୍ୱାର ଶରୀରର ଉପରିଭାଗରେ ଅଛି ଏବଂ ମଳମୂତ୍ର ତ୍ୟାଗ କରିବା ପାଇଁ ଗୁହ୍ୟଦ୍ୱାର ଓ ଜନନେନ୍ଦ୍ରିୟ ନାମକ ଦୁଇଟି ଦ୍ୱାର ଶରୀରର ନିମ୍ନଭାଗରେ ଅଛି । ଏହି ନବଦ୍ୱାର ବିଶିଷ୍ଟ ଶରୀରକୁ ପୁର ବା ନଗର କୁହାଯାଏ । ନଗର କହିବାର ତାତ୍ପର୍ଯ୍ୟ ହେଲା—ଯେପରି ନଗର ଓ ନଗରବାସୀ ଉଭୟ ଭିନ୍ନଭିନ୍ନ, ସେହିପରି ଏହି ଶରୀର ଏବଂ ଏଥିରେ ରହୁଥିବା ପରି ଭାବ ରଖୁଥିବା ଜୀବାତ୍ମା —ଦୁହେଁ ଭିନ୍ନ ଭିନ୍ନ । ନଗରବାସୀ ନଗରରେ ଘଟୁଥିବା କ୍ରିୟାଗୁଡ଼ିକୁ ନିଜର ନ ମାନିଲାପରି ସାଂଖ୍ୟଯୋଗୀ ଶରୀରରେ ସମ୍ପାଦିତ କ୍ରିୟାଗୁଡ଼ିକୁ ନିଜର କ୍ରିୟା ବୋଲି ମନେ କରନ୍ତି ନାହିଁ ।

(୧୪୨୩) ମାନବର ତ୍ରିବିଧ ବିଷୟ : ଦେହ, ମନ ଓ ଆତ୍ମା । ଇନ୍ଦ୍ରିୟ, ବୁଦ୍ଧି, ଅହଂକାର ଓ ଚିତ୍ତ—ଏହା ମନର ବିଷୟ । ପଞ୍ଚଭୂତ ଓ ପଞ୍ଚତନ୍ମାତ୍ର

ଦେହର ବିଷୟ। ସ୍ୱଭାବ ବା ପ୍ରକୃତି ଆତ୍ମାର ଶକ୍ତି। ଉପରୋକ୍ତ ପ୍ରକାରରେ ଆତ୍ମା, ସ୍ୱଭାବ, ଅହଙ୍କାର, ଚିତ୍ତ, ବୁଦ୍ଧି, ମନ, ଇନ୍ଦ୍ରିୟ ଓ ଦେହକୁ ନେଇ ସମଗ୍ର ମାନବ ଶରୀର ଗଠିତ।

(୧୪୨୪) ମାନବ ଜୀବନର ଦୋଷ : କୁଅଭ୍ୟାସ, କୁସଂସ୍କାର, କୁଚିନ୍ତା, କୁକର୍ମ, ଚଞ୍ଚଳତା, ପଲ୍ଲବଗ୍ରାହିତା, କାମକ୍ରୋଧାଦି ଭାବ ଏବଂ ଆତ୍ମାଭିମାନ–ଏଗୁଡ଼ିକ ମାନବ ଜୀବନର ପ୍ରଧାନ ଦୋଷ। ଏହି ଦୋଷ ଯୋଗୁଁ ମାନବ ସତ୍ୟଜ୍ଞାନ ବା ନିତ୍ୟସୁଖ ଲାଭ କରିପାରେ ନାହିଁ। ସୁଖ, ଜ୍ଞାନ, ଶକ୍ତି ଓ ଅମରତ୍ୱ ଲାଭ କରିବାକୁ ହେଲେ ପ୍ରତ୍ୟେକେ ଏହି ଦୋଷଗୁଡ଼ିକଠାରୁ ଦୂରରେ ରହିବା ଆବଶ୍ୟକ।

(୧୪୨୫) ଭାବ : 'ଭୂ' ଧାତୁରୁ (ଅସ୍ତି ଅର୍ଥରେ) + ଘଞ୍ = ଭାବ। ଯାହାର ଅସ୍ତିତ୍ୱ ବା ସତ୍ତା ଅଛି, ତାହାର ନାମ ଭାବ।

(୧୪୨୬) ଭାବର ତ୍ରିବିଧ ଅର୍ଥ : ଭାବ ଶବ୍ଦର ବହୁ ଅର୍ଥ ମଧ୍ୟରେ ତିନିଗୋଟି ପ୍ରଧାନ—ସତ୍ତା, ଭାବନା, ସ୍ୱଭାବ। ଚିତ୍ତର ଭାବନାଦ୍ୱାରା ଚୈତନ୍ୟର ଯାହା ଅଧିଗମ୍ୟ ହୁଏ, ତାହାର ନାମ ଭାବ। ଚିତ୍ତଗ୍ରାହ୍ୟ ସତ୍ତାକୁ ଭାବ କୁହାଯାଏ। କର୍ମ ମଧ୍ୟ ଭାବନାର ଅନ୍ତର୍ଗତ। ଯାହା ଯାହାଙ୍କର ଭାବ ବା ଧର୍ମ, ତାହାହିଁ ତାଙ୍କର ସ୍ୱଭାବ।

(୧୪୨୭) ଭଗବତପ୍ରାପ୍ତିର ତ୍ରିବିଧ ଉପାୟ : ପ୍ରଥମ—ନିତ୍ୟ ଆତ୍ମକର୍ମାନୁଷ୍ଠା; ଦ୍ୱିତୀୟ—ଜ୍ଞାନାନୁଶୀଳନ ବା ସ୍ୱାଧ୍ୟାୟ; ତୃତୀୟ—ସାଧନଚତୁଷ୍ଟୟ ସମ୍ପନ୍ନ ହେବା।

(୧୪୨୮) ଆତ୍ମକର୍ମ : ପ୍ରାତଃକାଳଠାରୁ ରାତ୍ରିରେ ଶୟନ ପର୍ଯ୍ୟନ୍ତ ବେଦ ଓ ଶାସ୍ତ୍ରୋକ୍ତ ନିତ୍ୟକର୍ମ ପଦ୍ଧତିର ଅନୁସରଣ କରି ଚଳିବା ଏବଂ ଚିତ୍ତ ସ୍ଥିର କରିବା ନିମିତ୍ତ ଯେଉଁ କର୍ମାନୁଷ୍ଠାନ କରାଯାଏ, ତାହାର ନାମ ଆତ୍ମକର୍ମାନୁଷ୍ଠାନ।

(୧୪୨୯) ସ୍ୱାଧ୍ୟାୟ (ଜ୍ଞାନାନୁଶୀଳନ) : ବ୍ରହ୍ମ, ଈଶ୍ୱର ଓ ଆତ୍ମଜ୍ଞାନ ଲାଭ ନିମିତ୍ତ ପ୍ରତ୍ୟହ କିଛି କିଛି ଚେଷ୍ଟା କରିବାକୁ ସ୍ୱାଧ୍ୟାୟ ବା ଜ୍ଞାନଲାଭର କ୍ରିୟା କହନ୍ତି।

(୧୪୩୦) ସାଧନ ଚତୁଷ୍ଟୟ : (୧) ନିତ୍ୟାନିତ୍ୟ ବସ୍ତୁ ବିବେକ।

(୨) ଇହାମୁତ୍ରଫଳଭୋଗ ବିରାଗ । (୩) ଶମଦମାଦି ଷଟ୍ ସମ୍ପତ୍ତି । (୪) ମୁମୁକ୍ଷୁତ୍ୱ । ଉପରୋକ୍ତ ଚତୁର୍ବିଧ ସାଧନକୁ ବେଦାନ୍ତରେ ସାଧନ ଚତୁଷ୍ଟୟ କୁହାଯାଏ ।

(୧୪୩୧) ବିବେକ : ଏହି ଜଗତରେ କିଏ ନିତ୍ୟ, ସତ୍ ବା ଅନନ୍ତ କାଳ ସ୍ଥାୟୀ ଏବଂ କିଏ ଅନିତ୍ୟ ବା ଅସତ୍—ଏହି ବିଷୟର ସତ୍ୟଜ୍ଞାନକୁ ବିବେକ କହନ୍ତି ।

(୧୪୩୨) ବୈରାଗ୍ୟ : ଇହକାଳରେ ହେଉ ବା ପରକାଳରେ ହେଉ ସର୍ବବିଧ ସ୍ୱକୃତ ସତ୍ ବା ଅସତ୍ କର୍ମଜନିତ ପାପପୁଣ୍ୟର ଫଳଭୋଗ ପ୍ରତି ଅନିଚ୍ଛାର ନାମ ବୈରାଗ୍ୟ ।

(୧୪୩୩) ଷଟ୍ ସମ୍ପତ୍ତି : ଶମ, ଦମ, ଉପରିତ, ତିତିକ୍ଷା, ଶ୍ରଦ୍ଧା ଓ ସମାଧାନ । ମନର ପ୍ରବୃତ୍ତିସମୂହକୁ ଦମନ କରି ସ୍ଥିର ଓ ଶାନ୍ତ ରଖିବା, ବାହ୍ୟବସ୍ତୁ ପ୍ରତି ଚିତ୍ତଚାଞ୍ଚଲ୍ୟର ବିରତି, ସହିଷ୍ଣୁତା, ଶାସ୍ତ୍ର, ଗୁରୁ ତଥା ନିଜ ଉପରେ ବିଶ୍ୱାସ ରଖିବା ଓ ଭଗବାନଙ୍କଠାରେ ଚିତ୍ତ ସଂସ୍ଥାପିତ କରି ସାଧନନିରତ ହେବା ହିଁ ସାଧକଙ୍କର ସଟ୍‌ସମ୍ପତ୍ତି ମଧ୍ୟରେ ଗଣ୍ୟ । ପ୍ରତ୍ୟହ ସାଧକ ଯେକୌଣସି ପ୍ରକାରରେ ଏହି ଷଟ୍ ସମ୍ପତ୍ତିର ସାଧନାର ଅଧିକାର ଅର୍ଜନ କରିବା ଉଚିତ ।

(୧୪୩୪) ମୁମୁକ୍ଷୁତ୍ୱ : ଭଗବାନଙ୍କ ପ୍ରତି ପ୍ରୀତିସମ୍ପନ୍ନ ହୋଇ ତାଙ୍କୁ ଲାଭ କରିବା ନିମିତ୍ତ ତୀବ୍ର ବ୍ୟାକୁଳତା ଓ ନିଷ୍ଠା ସହିତ ତାଙ୍କୁ ପାଇବା ପାଇଁ ସାଧନ କରୁଥିବା ପଥରେ ଅଗ୍ରସର ହେବା ହିଁ ମୁମୁକ୍ଷୁତ୍ୱ ।

(୧୪୩୫) କ୍ରିୟାଯୋଗ : ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଆତ୍ମକର୍ମ ପରାୟଣ ହୋଇ ସାଧନର ଅଭ୍ୟାସ ଗଠନ କରିବାକୁ କ୍ରିୟାଯୋଗ କହନ୍ତି । ତପସ୍ୟା, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ– ଏହି ତ୍ରିବିଧ ପନ୍ଥାର ନାମ କ୍ରିୟାଯୋଗ । ଶାସ୍ତ୍ରୋକ୍ତ ବ୍ରତନିୟମାଦି ପାଳନ ଓ ଇନ୍ଦ୍ରିୟସଂଯମ, ତତ୍ତ୍ୱଜ୍ଞାନ ଅର୍ଜନ ନିମିତ୍ତ ଉପଦେଶ ଗ୍ରହଣ, ସର୍ବଦା ଈଶ୍ୱର ଚିନ୍ତନ– ଉପରୋକ୍ତ ପ୍ରକାରରେ ଏହି କ୍ରିୟାଯୋଗ ସମ୍ପନ୍ନ ହୋଇଥାଏ ।

(୧୪୩୬) ବିଷୟ : ପ୍ରାକୃତ ବସ୍ତୁରେ ବା ଅନିତ୍ୟ ବିଷୟରେ ଯେଉଁ ଆସକ୍ତି ଭାବ, ସେହି ଭାବକୁ ବିଷୟ କହନ୍ତି । କାମିନୀ କାଞ୍ଚନ, ପୁତ୍ର କଳତ୍ର, ଗୃହ, ବନ୍ଧୁ ସ୍ୱଜନ, ମାନ ସମ୍ମାନ, ଯଶ କୀର୍ତ୍ତି, ଲଜ୍ଜା ଓ ଭୟ—ଏହିମାନେ ହିଁ ବିଷୟର ଅନ୍ତର୍ଗତ ।

(୧୪୩୭) ଜୀବଧର୍ମ ଚତୁଷ୍ଟୟ : ଆହାର, ନିଦ୍ରା, ଭୟ ଓ ମୈଥୁନ– ଉପରୋକ୍ତ ଚତୁର୍ବିଧ କ୍ରିୟା, ସ୍ଥୁଳ ଦେହର କର୍ମ । ଏହା ଆତ୍ମାର ସ୍ୱଭାବ ନୁହେଁ ।

(୧୪୩୮) ଆର୍ଜବମ୍ : ସରଳ ଭାବକୁ ଆର୍ଜବ କୁହାଯାଏ । ସାଧକର ଶରୀର, ମନ ଓ ବାଣୀରେ ସରଳତା ରହିବା ଉଚିତ୍ । ଶରୀରକୁ ସଜାଇବାର ଭାବ ନରହିବା, ନିରାଡ଼ମ୍ବର ଜୀବନଯାପନ କରିବା ତଥା ଚାଲିଚଳନରେ ସରଳତା ଅବଲମ୍ବନ କରିବା, ଗର୍ବ ଓ ଅହଂକାର ନ ରଖିବା ଇତ୍ୟାଦି ଶାରୀରିକ ସରଳତାର ଉଦାହରଣ । ଛଳନା, କପଟତା, ଈର୍ଷା, ଦ୍ୱେଷ ଇତ୍ୟାଦି ଭାବ ମନରେ ନ ଆଣିବା ଏବଂ ନିଷ୍କପଟତା, ସୌମ୍ୟତା, ହିତୈଷୀତା, ଦୟା ଇତ୍ୟାଦି ଧାରଣ କରିବା ମାନସିକ ସରଳତା ଅଟେ । ଥଟ୍ଟା, ପରିହାସ, ପରନିନ୍ଦା, ପରଚର୍ଚ୍ଚା ନ କରିବା, କଷ୍ଟଦାୟକ ଓ ଅପମାନଜନକ ବାକ୍ୟ ନ କହିବା ତଥା ସରଳ, ପ୍ରିୟ ଓ ହିତକାରକ ବାକ୍ୟ କହିବା ପ୍ରଭୃତି ବାଚିକ ସରଳତାର ଉଦାହରଣ ।

(୧୪୩୯) ମାମେବ ସ୍ମରନ : ଭଗବାନ କହୁଛନ୍ତି ମୋ ସାଧକ ମୋତେ ସଗୁଣ, ନିର୍ଗୁଣ, ସାକାର, ନିରାକାର, ଦ୍ୱିଭୂଜ-ଚତୁର୍ଭୂଜ ତଥା ନାମ, ଲୀଳା, ଧାମ, ରୂପ ଆଦିରେ ସ୍ୱୀକାର କରିଛି, ମୋର ଉପାସନା କରିଛି, ଅନ୍ତସମୟରେ ଯେ ଯେଉଁଭାବରେ ମୋତେ ସ୍ମରଣ କରିଛି, ସେ ସେହି ଭାବରେ ପାଇଛି ।

ଯେଉଁମାନେ ଭଗବାନଙ୍କୁ ଉପାସନା କରନ୍ତି, ଅନ୍ତକାଳରେ ଉପାସ୍ୟଙ୍କର ସ୍ମରଣ ହେବାରୁ ସେମାନେ ସେହି ଉପାସ୍ୟକୁ ଅର୍ଥାତ୍ ଭଗବତ୍ ଭାବକୁ ପ୍ରାପ୍ତ ହୁଅନ୍ତି । ଯେଉଁମାନେ ଉପାସନା କରନ୍ତି ନାହିଁ, ସେମାନଙ୍କର ମଧ୍ୟ ଅନ୍ତିମ ସମୟରେ କୌଣସି କାରଣବଶତଃ ଭଗବାନଙ୍କର କୌଣସି ନାମ, ରୂପ, ଲୀଳାଧାମ ଆଦିର ସ୍ମରଣ ହେଲେ ସେମାନେ ମଧ୍ୟ ସେହି ଉପାସ୍ୟ ଭଳି ଭଗବତ ଭାବ ପ୍ରାପ୍ତ ହୁଅନ୍ତି । ଯାହାର ଅନ୍ତକାଳରେ ଭଗବାନଙ୍କ ସ୍ମୃତି ମନରେ ଜାଗେ, ତା'ର ମଧ୍ୟ ଉପାସକଙ୍କ ଭଳି ଗତି ହୁଏ । ଅର୍ଥାତ୍ ଭଗବତ ପ୍ରାପ୍ତି ହୁଏ ।

ସାଧକଙ୍କ ଦୃଷ୍ଟିରେ ଭଗବାନଙ୍କର ସଗୁଣ-ନିର୍ଗୁଣ ସାକାର-ନିରାକାର ପ୍ରଭୃତି ଅନେକ ରୂପ, ନାମ ଓ ଲୀଳା ଆଦିରେ ଭେଦ ଥିଲେ ହେଁ ଶେଷର ସମସ୍ତେ ଏକ ହୋଇଯାନ୍ତି ଅର୍ଥାତ୍ ଶେଷରେ ସବୁ ସାଧକ 'ମଭାବ' ଭାବକୁ ଅର୍ଥାତ୍ ଭଗବତ୍‌ଭାବକୁ ପ୍ରାପ୍ତ ହୁଅନ୍ତି । କାରଣ ଭଗବାନଙ୍କର ସମସ୍ତ ରୂପ ଏକ ଅଟେ । କିନ୍ତୁ ସତ୍ତ୍ୱ, ରଜ

ଓ ତମ ଗୁଣାନୁସାରେ ଗତି ପାଉଥିବା ଲୋକେ ଶେଷକୁ ଏକ ହୋଇ ପାରନ୍ତି ନାହିଁ। କାରଣ ତିନୋଟିଯାକ ଗୁଣ ଭିନ୍ନ ଭିନ୍ନ। ଏଣୁ ଗୁଣାନୁସାରେ ସେମାନଙ୍କ ଗତି ମଧ୍ୟ ଭିନ୍ନ ହୋଇଥାଏ।

ଭଗବାନଙ୍କୁ ସ୍ମରଣ କରି ଶରୀର ତ୍ୟାଗ କରୁଥିବା ଲୋକଙ୍କର ଭଗବାନଙ୍କ ସହିତ ସମ୍ବନ୍ଧ ରହେ ଏବଂ ଗୁଣାନୁସାରେ ଶରୀର ଛାଡୁଥିବା ଲୋକଙ୍କର ଗୁଣ ସହିତ ସମ୍ବନ୍ଧ ରହେ। ଏଣୁ ଶେଷରେ ଭଗବାନଙ୍କୁ ସ୍ମରଣ କରୁଥିବା ଲୋକେ ଭଗବାନଙ୍କ ସମ୍ମୁଖ ହୁଅନ୍ତି ଅର୍ଥାତ୍ ଭଗବାନଙ୍କୁ ପ୍ରାପ୍ତ ହୁଅନ୍ତି ଏବଂ ଗୁଣ ସହିତ ସମ୍ବନ୍ଧ ରଖିଥିବା ଲେକେ ଗୁଣମାନଙ୍କର ସମ୍ମୁଖ ହୁଅନ୍ତି ଅର୍ଥାତ୍ ଗୁଣର କାର୍ଯ୍ୟ ଅନୁସାରେ ଜନ୍ମ-ମରଣ ଯୋନିରେ ଜନ୍ମ ହୁଅନ୍ତି।

(୧୪୪୦) ପରମ : ଭଗବାନ ଦେବତାମାନଙ୍କର ଉପାସକଙ୍କୁ ଶ୍ରଦ୍ଧା ପ୍ରଦାନ କରନ୍ତି ଓ ଫଳ ମଧ୍ୟ ପ୍ରଦାନ କରନ୍ତି। ଏହା ଭଗବାନଙ୍କର ପରମଭାବ ଅର୍ଥାତ୍ ନିଷ୍ପକ୍ଷତା।

(୧୪୪୧) ଅବ୍ୟୟମ : ଦେବତା ସାପେକ୍ଷ ଅବିନାଶୀ ଅମର; ସମ୍ପୂର୍ଣ୍ଣ ଅବିନାଶୀ ନୁହନ୍ତି; କିନ୍ତୁ ଭଗବାନ ନିରପେକ୍ଷ ଅବିନାଶୀ। ତାଙ୍କପରି ଅବିନାଶୀ ଆଉ କେହି ନାହିଁ କି ଆଉ କେହି ହୋଇ ପାରିବେ ନାହିଁ।

(୧୪୪୨) ଆନୁତ୍ତମମ : ଭଗବାନ ପ୍ରତ୍ୟେକ ପ୍ରାଣୀଙ୍କର ହିତ କାମନା କରନ୍ତି। ଏହା ହେଉଛି ଭଗବାନଙ୍କର ସର୍ବଶ୍ରେଷ୍ଠ ଭାବ। ଅନ୍ୟ କୌଣସି ଭାବ ଏହାଠାରୁ ଶ୍ରେଷ୍ଠ ହୋଇ ପାରିବ ନାହିଁ।

(୧୪୪୩) ସମତା : ଲୋକମାନଙ୍କର ଦୃଢ଼ ଧାରଣା ଯେ ମନ ଲାଗିଲେ ଯାଇ ଭଜନ ସ୍ମରଣ ହୁଏ, ମନ ନ ଲାଗିଲେ ଖାଲି ରାମ ରାମ କରି ଲାଭ କ'ଣ? ଗୀତାରେ ଭଗବାନ କହୁଛନ୍ତି, ମନ ଲାଗିବାଟା କିଛି ବଡ଼ ନୁହେଁ, ଗୀତା ଅନୁସାରେ ବଡ଼କଥା ହେଉଛି ସମତା। ଅନ୍ୟ ଲକ୍ଷଣ ଆସୁ ବା ନ ଆସୁ ଯାହାର ସମତା ଆସିଥିଲା, ତାକୁ ସିଦ୍ଧ ବୋଲି କହୁଛନ୍ତି। ଯାହାଠାରେ ସବୁ ଲକ୍ଷଣ ଆସିଥିଲେ ସୁଦ୍ଧା ସମ ଆସି ନାହିଁ, ସେ ସିଦ୍ଧ ନୁହେଁ। ସମତା ଦୁଇପ୍ରକାରର– ଅନ୍ତଃକରଣର ସମତା ଓ ସ୍ୱରୂପର ସମତା। ସମରୂପ ପରମାତ୍ମା ସର୍ବତ୍ର ପରିପୂର୍ଣ୍ଣ। ସେହି ସମରୂପ ପରମାତ୍ମାଙ୍କଠାରେ ଯିଏ ସ୍ଥିତ ହୋଇଗଲା, ସେ ସମଗ୍ର ସଂସାରକୁ

ଜୟ କରିଗଲା ଓ ଜୀବନ୍ମୁକ୍ତ ହୋଇଗଲା । ଅନ୍ତଃକରଣର ସମତା ଦ୍ୱାରା ହିଁ ଏହାର ପରିଚୟ ମିଳେ । ସିଦ୍ଧି-ଅସିଦ୍ଧିରେ ସମ ରହିବା ହିଁ ଅନ୍ତଃକରଣର ସମତା । ପ୍ରଶଂସା ହେଉ ବା ନିନ୍ଦା ହେଉ, କାର୍ଯ୍ୟ ସଫଳ ହେଉ ବା ଅସଫଳ ହେଉ, ଲକ୍ଷେ ଟଙ୍କା ମିଳିଯାଉ ବା ହଜିଯାଉ, କିନ୍ତୁ ତଦ୍ଦ୍ୱାରା ଅନ୍ତଃକରଣରେ କୌଣସି ଅସ୍ଥିରତା ନ ଆସୁ, ସୁଖ ଦୁଃଖ ହର୍ଷ ବିଷାଦ ଇତ୍ୟାଦି ନ ହେଉ—ଏହି ସମତା କେବେ ନଷ୍ଟ ହୁଏ ନାହିଁ । କଲ୍ୟାଣ ବ୍ୟତୀତ ଏହି ସମତାର ଅନ୍ୟ କୌଣସି ଫଳ ନାହିଁ ।

ମନୁଷ୍ୟ ତପ, ଦାନ, ତୀର୍ଥ, ବ୍ରତ ଇତ୍ୟାଦି ଯେକୌଣସି ପୁଣ୍ୟ କର୍ମ କରୁ ପଛେ, ତାହା ଫଳ ଦେଇ ନଷ୍ଟ ହୋଇଯାଏ । କିନ୍ତୁ ସାଧନା କରି କରି ଅନ୍ତଃକରଣରେ ସାମାନ୍ୟ ସମତା (ନିର୍ବିକାରତା) ଆସିଗଲେ ତାହା କେବେ ନଷ୍ଟ ହୁଏ ନାହିଁ, ବରଂ କଲ୍ୟାଣ ହୁଏ । ଏଥିପାଇଁ ସାଧନା ମାର୍ଗରେ ସମତା ଯେତେ ଶ୍ରେଷ୍ଠ, ମନର ଏକାଗ୍ରତା ସେତେ ଶ୍ରେଷ୍ଠ ନୁହେଁ । ମନର ଏକାଗ୍ରତା ଆସିଗଲେ ସିଦ୍ଧି ମିଳି ପାରେ କିନ୍ତୁ କଲ୍ୟାଣ ହୁଏ ନାହିଁ । ହେଲେ ସମତା ଆସିଗଲେ ମନୁଷ୍ୟ ସଂସାର ବନ୍ଧନରୁ ମୁକ୍ତ ହୋଇଯାଏ ।

(୧୪୪୪) କାମାତ୍ମାନଃ : ସେମାନେ କାମନାରେ ଏତେ ଜଡ଼ିତ ରହନ୍ତି ଯେ, ସେମାନେ ନିଜେ କାମନାସ୍ୱରୂପ ପାଲଟି ଯାଆନ୍ତି । କାମନା ଓ ନିଜ ମଧ୍ୟରେ ସେମାନଙ୍କୁ କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ । ସେମାନେ ଭାବନ୍ତି ଯେ, କାମନା ବିନା ମନୁଷ୍ୟ ବଞ୍ଚି ପାରିବ ନାହିଁ, କାମନା ବିନା କୌଣସି କାର୍ଯ୍ୟ ହୋଇପାରିବ ନାହିଁ, କାମନା ବିନା ମନୁଷ୍ୟ ପଥର ପରି ଜଡ଼ ହୋଇଯାଏ, ତାହାର ଚେତନା ବି ରହେ ନାହିଁ । ଏପରି ଭାବନାଯୁକ୍ତ ପୁରୁଷ କାମାତ୍ମାନଃ ଅଟନ୍ତି । ସ୍ୱୟଂ (ଜୀବାତ୍ମା) ଅନବରତ ଯଥାବତ୍ ରହେ, ସେଥିରେ କେବେ ହ୍ରାସ ବୃଦ୍ଧି ହୁଏ ନାହିଁ । କିନ୍ତୁ କାମନା ଆସେ ପୁଣି ଚାଲିଯାଏ ଓ ତାହାର ହ୍ରାସ ବୃଦ୍ଧି ହୁଏ । ସ୍ୱୟଂ ଆତ୍ମା ପରମାତ୍ମାଙ୍କ ଅଂଶ, କିନ୍ତୁ କାମନା ସଂସାରର ଅଂଶ ବିଷୟ ବସ୍ତୁକୁ ନେଇ ହୁଏ । ଅତଏବ ସ୍ୱୟଂ ଓ କାମନା—ଏ ଦୁଇଟି ଭିନ୍ନ ଭିନ୍ନ ।

(୧୪୪୫) ସ୍ୱର୍ଗପରାଃ : ସ୍ୱର୍ଗରେ ଅତି ସୁନ୍ଦର ଦିବ୍ୟ ଭୋଗ ମିଳେ, ତେଣୁ ସେମାନଙ୍କ ଦୃଷ୍ଟିରେ ସ୍ୱର୍ଗ ହିଁ ସର୍ବଶ୍ରେଷ୍ଠ ଏବଂ ସେମାନେ ସେହି ସ୍ୱର୍ଗପ୍ରାପ୍ତିର ଚେଷ୍ଟାରେ ହିଁ ଦିନ ରାତି ଲାଗି ରହନ୍ତି । ଯେଉଁମାନେ ବେଦ ଓ ଶାସ୍ତ୍ର ବର୍ଣ୍ଣିତ

ସ୍ୱର୍ଗାଦି ଲୋକରେ ଆସ୍ଥା ରଖିଛନ୍ତି, ଏଠାରେ 'ସ୍ୱର୍ଗପରାଃ' ପଦରେ ସେହି ମନୁଷ୍ୟଙ୍କ କଥା କୁହାଯାଇଅଛି ।

(୧୪୪୬) ନିର୍ଦ୍ୱନ୍ଦ୍ୱଃ : ସଂସାରରୁ ଊର୍ଦ୍ଧ୍ୱକୁ ଉଠିବାକୁ ହେଲେ, ରାଗ-ଦ୍ୱେଷ ଆଦି ଦ୍ୱନ୍ଦ୍ୱରୁ ମୁକ୍ତ ହେବା ନିତାନ୍ତ ଆବଶ୍ୟକ, କାରଣ ବାସ୍ତବରେ ଏଗୁଡ଼ିକ ମନୁଷ୍ୟର ଶତ୍ରୁ ଅର୍ଥାତ୍ ଏଗୁଡ଼ିକ ମନୁଷ୍ୟକୁ ସଂସାରରେ ମୋହିତ କରି ରଖିଥାନ୍ତି । ତେଣୁ ସମସ୍ତେ ସକଳ ଦ୍ୱନ୍ଦ୍ୱରୁ ମୁକ୍ତ ହେବା ଉଚିତ । ଭଗବାନ ତାଙ୍କ ଭକ୍ତକୁ ନିଦ୍ୱର୍ନ୍ଦ୍ୱ ହେବା ପାଇଁ ଉପଦେଶ ଦେଇଥାନ୍ତି । କାରଣ ଦ୍ୱନ୍ଦ୍ୱରୁ ମୋହ ଜାତ ହୁଏ ଓ ସଂସାର ପ୍ରତି ଆସକ୍ତି ଜାତ ହୁଏ । ମାତ୍ର ସାଧକ ନିର୍ଦ୍ୱନ୍ଦ୍ୱ ହେଲେ ବିନା ବାଧାରେ ଭଗବାନଙ୍କୁ ଭଜନ କରିପାରିବ । ନିର୍ଦ୍ୱନ୍ଦ୍ୱ ହୋଇଗଲେ ସାଧକ ସଂସାର ବନ୍ଧନରୁ ମୁକ୍ତ ହୋଇଯାଏ । ନିର୍ଦ୍ୱନ୍ଦ୍ୱ ହେଲେ ମୂଢ଼ତା ଚାଲିଯାଏ । ନିର୍ଦ୍ୱନ୍ଦ୍ୱ ହେଲେ ସାଧକ ସଂସାରରେ କର୍ମ କରି ମଧ୍ୟ ମୁକ୍ତ ହୋଇଯାଏ । ସଂସାରରେ କୌଣସି ବସ୍ତୁ, ବ୍ୟକ୍ତି ଆଦି ପ୍ରତି ରାଗ ହେଲେ ଅନ୍ୟ ବ୍ୟକ୍ତି, ପ୍ରତି ଦ୍ୱେଷ ହେବ—ଏହା ଏକ ନିୟମ । ଏପରି କଲେ ଭଗବାନଙ୍କ ପ୍ରତି ଉପେକ୍ଷା ହୁଏ—ଏହା ବି ଗୋଟିଏ ପ୍ରକାର ଦ୍ୱେଷ । ମାତ୍ର ଭଗବାନଙ୍କ ପ୍ରତି ସାଧକର ପ୍ରେମ ହେଲେ ସଂସାର ପ୍ରତି ଦ୍ୱେଷ ହେବ ନାହିଁ; ବରଂ ସଂସାରରୁ ଉପରତି ହୋଇଯିବ । ଉପରତି ହେବାର ପ୍ରଥମ ଅବସ୍ଥାରେ ପ୍ରତିକୂଳତା ପ୍ରତି ସାଧକର ଦ୍ୱେଷ ହେବ ନାହିଁ, ଉପେକ୍ଷା ହେବ । ଉପେକ୍ଷା ପରେ ଉଦାସୀନତା ଓ ଉଦାସୀନତା ପରେ ଉପରତି ହେବ । ଉପରତି ହେଲେ ରାଗ ଦ୍ୱେଷ ସର୍ବଥା ନଷ୍ଟ ହୋଇଯାଏ । ଏହି କ୍ରମରେ ସୂକ୍ଷ୍ମ ଭାବରେ ଦେଖିଲେ ରାଗଦ୍ୱେଷର ସଂସ୍କାର (ପ୍ରଭାବ) ରହେ; ଉଦାସୀନତାରେ ରାଗଦ୍ୱେଷର ସତ୍ତା ରହେ, କିନ୍ତୁ ଉପରତିରେ ରାଗଦ୍ୱେଷର ସଂସ୍କାର ରହେ ନାହିଁ କି ସତ୍ତା ମଧ୍ୟ ରହେ ନାହିଁ, ବରଂ ରାଗଦ୍ୱେଷର ସର୍ବଥା ଅଭାବ ରହେ ।

(୧୪୪୭) ଆତ୍ମବାନ : ତୁମେ କେବଳ ପରମାତ୍ମ-ପରାୟଣ ହୁଅ ଏବଂ କେବଳ ପରମାତ୍ମ ପ୍ରାପ୍ତିର ହିଁ ଉଦ୍ଦେଶ୍ୟ ରଖ । ଏହା ରଖିଲେ ସଂସାର ମାୟା ବନ୍ଧନ ତୁମକୁ ବାନ୍ଧି ରଖିବ ନାହିଁ । ତୁମେ ନିଶ୍ଚୟ ମୁକ୍ତ ହୋଇଯିବ ।

(୧୪୪୮) କାମଃ : ବିଷୟ ପ୍ରତି ଆସକ୍ତି ଉତ୍ପନ୍ନ ହେଲେ ସେହି

ବିଷୟକୁ (ଭୋଗକୁ) ପ୍ରାପ୍ତ ହେବା ପାଇଁ କାମନା ଜାତ ହୁଏ ଯେ—ମୋତେ ଅମୁକ ଭୋଗ ଓ ଭୋଗ୍ୟ ପଦାର୍ଥ ମିଳୁ ।

(୧୪୪୯) କ୍ଷିପ୍ରଂ ଭବତି ଧର୍ମାତ୍ମା : ସେ ତତ୍‌କ୍ଷଣାତ୍ ଧର୍ମାତ୍ମା ହୋଇଯାଏ । ଅର୍ଥାତ୍ ଅତୀବ ପବିତ୍ର ହୋଇଯାଏ । କାରଣ ଏ ଜୀବ ସ୍ୱୟଂ ପରମାତ୍ମାଙ୍କ ଅଂଶ । ଯଦି ପରମାତ୍ମାଙ୍କୁ ବା ସଦ୍‌ଗୁରୁଙ୍କୁ ପାଇବା ପାଇଁ ଏହାର ଉଦ୍ଦେଶ୍ୟ ହୋଇଗଲା, ତେବେ ଧର୍ମାତ୍ମା ହେବାରେ ବିଳମ୍ବ କ'ଣ ? ଏବେ ଆଉ ସେ ପାପାତ୍ମା ହୋଇ ରହିବ କିପରି ? ସେ ତ ସ୍ୱତଃ ଧର୍ମାତ୍ମା ଥିଲା, କେବେଳ ସାଂସାରିକ ସମ୍ବନ୍ଧ ଯୋଗୁଁ ଆଗନ୍ତୁକ ରୂପେ ତା'ଠାରେ ପାପାତ୍ମା ଭାବ ଆସିଥିଲା । ଏବେ ଅହଂଭାବ ବଦଳିଯିବାରୁ ସାଂସାରିକ ସମ୍ବନ୍ଧ ବଦଳିଗଲା, ତେଣୁ ସେ ପୂର୍ବପରି (ଧର୍ମାତ୍ମା) ହୋଇଗଲା ।

ଜୀବ ପାପାତ୍ମା ହୋଇ ନଥିବା ବେଳେ ବି ପବିତ୍ର ଥିଲା ଏବଂ ପାପାତ୍ମା ହେଲା ପରେ ବି ପବିତ୍ର ଥିଲା । କାରଣ ପରମାତ୍ମାଙ୍କ ଅଂଶ ହୋଇଥିବାରୁ ସେ ସର୍ବଦା ପବିତ୍ର । କେବଳ ସାଂସାରିକ ସମ୍ବନ୍ଧରୁ ସେ ପାମାତ୍ମା ହୋଇଗଲା । ସାଂସାରିକ ସମ୍ବନ୍ଧ ତୁଟିଯିବାରୁ ସେ ପୂର୍ବବତ୍ ପବିତ୍ର ହୋଇ ରହିଲା । ସେ ଶୀଘ୍ର ଧର୍ମାତ୍ମା ହୋଇଯାଏ ବୋଲି କହିବାର ତାତ୍ପର୍ଯ୍ୟ ହେଉଛି, ତା'ଠାରେ ଯାହା କିଛି ଦୁରାଚାର ଦେଖାଯାଏ, ତାହା ମଧ୍ୟ ତିଷ୍ଠି ରହେନାହିଁ । ସଂସାରକୁ ମହତ୍ତ୍ୱ ଦେବାରୁ ହିଁ ସମସ୍ତ ଦୁରାଚାର ତିଷ୍ଠି ରହିଛି । କିନ୍ତୁ ଯେତେବେଳେ ସେ ସାଂସାରିକ କାମନା ବାସନାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ କେବଳ ଗୁରୁ ଭଗବାନଙ୍କୁ ପାଇବା ପାଇଁ ଇଚ୍ଛା କଲା, ସେତେବେଳେ ତା ଅନ୍ତରରେ ସଂସାରର ମହତ୍ତ୍ୱ ନରହି କେବଳ ଭଗବାନଙ୍କର ମହତ୍ତ୍ୱ ସ୍ଥାନ ପାଏ । ଭଗବାନଙ୍କର ମହତ୍ତ୍ୱ ଥିବାରୁ ସେ ଧର୍ମାତ୍ମା ହୋଇଯାଏ ।

(୧୪୫୦) ହୃଷୀକେଶ : ଇନ୍ଦ୍ରିୟମାନଙ୍କର ନାମ 'ହୃଷକ' ଏବଂ ସେମାନଙ୍କର 'ଈଶ' ଅର୍ଥାତ୍ ସ୍ୱାମୀ ହେଉଛନ୍ତି ଭଗବାନ୍ । ଏଠାରେ ଏହି ସମ୍ବୋଧନ ଉଦ୍ଦେଶ୍ୟ ଆପଣ ସମସ୍ତଙ୍କ ହୃଦୟରେ ବିରାଜମାନ କରି ଇନ୍ଦ୍ରିୟ ଓ ଅନ୍ତଃକରଣ ଇତ୍ୟାଦିକୁ ସତ୍ତା ଓ ସ୍ଫୂର୍ତ୍ତି ପ୍ରଦାନ କରନ୍ତି ।

(୧୪୫୧) ଦେବେଶ : ଶାସ୍ତ୍ରରେ ଇନ୍ଦ୍ର, ବରୁଣ ପ୍ରଭୃତି ଯେତେ ଦେବତାଙ୍କ

କଥା ବର୍ଣ୍ଣିତ ହୋଇଛି, ଭଗବାନ ହିଁ ସେମାନଙ୍କର ସ୍ୱାମୀ, ନିୟନ୍ତା ଓ ଶାସକ । ତେଣୁ ଭଗବାନ ହିଁ 'ଦେବେଶ' ।

(୧୪୫୨) ଜଗନ୍ନିବାସ : ଅନନ୍ତ ସୃଷ୍ଟି ଭଗବାନଙ୍କର କୌଣସି ଏକ ଅଂଶରେ ବସ୍ତୁତ ଭାବରେ ନିବାସ କରୁଥିଲେ ମଧ୍ୟ ସେହି ଅଂଶଟି ପୂର୍ଣ୍ଣ ହୋଇଯାଏ ନାହିଁ, ଆହୁରି ଖାଲି ରହିଥାଏ । ତେଣୁ ଭଗବାନ ଅସୀମ 'ଜଗନ୍ନିବାସ' ।

(୧୪୫୩) ଆଧାତ୍ମ୍ନ ନିତ୍ୟା : କେବଳ ଭଗବାନଙ୍କର ଶରଣାପନ୍ନ ହୋଇ ରହିବାରୁ ଭକ୍ତମାନଙ୍କର ଅହଂଭାବର ରୂପ ବଦଳିଯାଏ । ମୁଁ ଭଗବାନଙ୍କର ଓ ଭଗବାନ୍ ମୋର, ମୁଁ ସଂସାରର ନୁହେଁ, ସଂସାର ମୋର ନୁହେଁ—ଏପରି ଅହଂଭାବ ବଦଳିଯିବାରୁ ସେମାନଙ୍କ ସ୍ଥିତି ଭଗବାନଙ୍କଠାରେ ନିରନ୍ତର ରହେ । କାରଣ ମନୁଷ୍ୟର ଅହଂଭାବ ଯେପରି ହୁଏ, ତାହାର ସ୍ଥିତି ମଧ୍ୟ ସେପରି ହୁଏ । ଜନ୍ମ ଅନୁସାରେ ମନୁଷ୍ୟ ନିଜକୁ ଯଦି ବ୍ରାହ୍ମଣ ମନେ କରୁଛି, ତେବେ ତା'ର ବ୍ରାହ୍ମଣତ୍ୱର ସ୍ୱୀକୃତି ନିତ୍ୟ ନିରନ୍ତର ରହୁଛି; ଅର୍ଥାତ୍ ସେ ସ୍ମରଣ କରୁ ବା ନକରୁ, ନିରନ୍ତର ବ୍ରାହ୍ମଣତ୍ୱରେ ସ୍ଥିତ ରହୁଛି । ସେହି ଭକ୍ତମାନେ କେବଳ ଭଗବାନଙ୍କ ସହିତ ନିଜର ସମ୍ବନ୍ଧ ସ୍ୱୀକାର କରନ୍ତି । ସେମାନେ ନିତ୍ୟ ନିରନ୍ତର ଭଗବାନଙ୍କଠାରେ ସ୍ଥିତ ରହନ୍ତି ।

(୧୪୫୪) ସଗୁଣ-ନିରାକାର : ଯଥା ଆକାଶର ଗୁଣ 'ଶବ୍ଦ', କିନ୍ତୁ ଆକାଶର କୌଣସି ଆକାର (ଆକୃତି) ନାହିଁ; ଏଣୁ ଆକାଶ ସଗୁଣ ନିରାକାର । ସେହିପରି ପ୍ରକୃତି ଓ ପ୍ରକୃତିର କାର୍ଯ୍ୟରୂପ ସଂସାରରେ ପରିପୂର୍ଣ୍ଣ ରୂପେ ବ୍ୟାପ୍ତ ପରମାତ୍ମାଙ୍କର ନାମ ସଗୁଣ-ନିରାକାର ।

(୧୪୫୫) ମଦ୍ଭକ୍ତଃ : 'ମୋର ଭକ୍ତ ହୁଅ'ର ତାତ୍ପର୍ଯ୍ୟ ହେଉଛି ତୁମେ କେବଳ ମୋ ସହିତ ଆତ୍ମୀୟତା କର । ଅନାଦି କାଳରୁ ତୁମ ଓ ମୋ ଭିତରେ ଥିବା ଯେଉଁ ସ୍ୱତଃସିଦ୍ଧ ସମ୍ବନ୍ଧକୁ ତୁମେ ଭୁଲି ଯାଇଛ, ତାହା ମୋ ସହିତ ପୁନଃ ସ୍ଥାପନ କର । କେବଳ ଭୁଲ୍‌ରେ ତୁମେ ଶରୀର ଓ ସଂସାର ସହିତ ନିଜର ସମ୍ବନ୍ଧ ସ୍ୱୀକାର କରି ନିଜକୁ ମୁଁ ଅମୁକ ବର୍ଣ୍ଣର, ଅମୁକ ଆଶ୍ରମର, ଅମୁକ ସଂପ୍ରଦାୟର, ଅମୁକ ନାମଧାରୀ ଭାବି ବର୍ଣ୍ଣ ଆଶ୍ରମ ଆଦିକୁ ନିଜ ଅହଂଭାବରେ ମାନି ନେଇଛ । ତେଣୁ ବର୍ତ୍ତମାନ ସେହି ଅସତରୂପୀ ଅବାସ୍ତବ ଅହଂଭାବକୁ ବାସ୍ତବିକ ସତ୍‌ରୂପକ

ଅହଂଭାବରେ ବଦଳାଇ ଦିଅ ଯେ, 'ମୁଁ ତୁମର ଓ ତୁମେ ମୋର'। ତାହେଲେ ମୋ ସହିତ ତୁମର ସ୍ୱାଭାବିକ ଆତ୍ମୀୟତା ହୋଇଯିବ।

(୧୪୫୬) ମନ୍ମନା ଭବ : ଯେଉଁଠି ଆତ୍ମୀୟତା ଓ ପ୍ରୀତି ଥାଏ, ସେଠାରେ ମନ ଲାଗେ। ତୁମର ମୋ ସହିତ ଥିବା ଅଖଣ୍ଡ ସମ୍ବନ୍ଧକୁ ତୁମେ ଭୁଲି ଯାଇପାରେ, କିନ୍ତୁ ମୁଁ ଭୁଲି ଯାଇ ପାରିବି ନାହିଁ। ଏଥିପାଇଁ ତୁମକୁ 'ମଦଗତମନା' ହୁଅ ବୋଲି କୁହାଯାଉଅଛି।

(୧୪୫୭) ମାଂ ନମସ୍କୁରୁ : ଭଗବାନ ନିଜେ କହୁଛନ୍ତି, 'ମୋତେ ନମସ୍କାର କର' କହିବାର କାରଣ ହେଉଛି—ମୋର ସମସ୍ତ ଅନୁକୂଳ, ପ୍ରତିକୂଳ ବା ସାଧାରଣ ବିଧାନରେ ତୁମେ ସର୍ବଦା ପ୍ରସନ୍ନ ହୁଅ।

(୧୪୫୮) ନିରହଙ୍କାରଃ : ଶରୀର ଇନ୍ଦ୍ରିୟାଦି ଜଡ଼ ପଦାର୍ଥକୁ ନିଜର ସ୍ୱରୂପ ମନେ କରିବା ଫଳରେ ଅହଂକାର ଜାତ ହୁଏ। ଜ୍ଞାନୀ ଭକ୍ତଙ୍କର ନିଜ ଶରୀରାଦିପ୍ରତି କିଞ୍ଚିତମାତ୍ର ଅହଂବୁଦ୍ଧି ନଥିବାରୁ, କେବଳ ଭଗବାନଙ୍କ ସହିତ ତାଙ୍କର ନିତ୍ୟ ସମ୍ବନ୍ଧ ଅନୁଭବ ହେଉଥିବାରୁ, ତାଙ୍କ ଅନ୍ତଃକରଣରେ ଶ୍ରେଷ୍ଠ, ନିତ୍ୟ ଓ ଅଲୌକିକ ଗୁଣମାନ ସ୍ୱତଃ ପ୍ରକାଶ ପାଏ। ସେହି ସବୁ ଗୁଣକୁ ମଧ୍ୟ ସେ ନିଜର ମନେ କରନ୍ତି ନାହିଁ; ବରଂ ତାହା (ଦୈବୀ ସମ୍ପଦ ହୋଇଥିବାରୁ) ଭଗବାନଙ୍କର ବୋଲି ମନେ କରନ୍ତି। ସେହି ସମସ୍ତ ଗୁଣ 'ସତ' (ପରମାତ୍ମାଙ୍କର) ହୋଇଥିବାରୁ ସେଗୁଡ଼ିକୁ 'ସଦ୍‌ଗୁଣ' କୁହାଯାଏ। ତାହାଫଳରେ ସାଧକଭକ୍ତମାନେ କିପରି ବା ସେ ସମସ୍ତ ଗୁଣକୁ ନିଜର ବୋଲି ମନେ କରିବେ! ଏଥିପାଇଁ ସେମାନେ ଅହଂକାରଶୂନ୍ୟ ହୋଇଯାଆନ୍ତି।

(୧୪୫୯) ଶରଣାଗତ : ମୁଁ ଭଗବାନଙ୍କର ଓ ଭଗବାନ ମୋର, କେବଳ ଏତିକି କହିଲେ ହେବ ନାହିଁ। ଶରଣାଗତିର ରହସ୍ୟ କ'ଣ ତାହା କେବଳ ଭଗବାନ ହିଁ ଜାଣନ୍ତି। ତଥାପି ନିଜ ବୁଦ୍ଧି ଅନୁସାରେ କିଛି କହିବାକୁ ଉଦ୍ୟମ କରାଯାଉଛି, କାରଣ ଯିଏ ଯାହା କିଛି କହନ୍ତି, ସେଥିରେ ନିଜର ବୁଦ୍ଧି ଅନୁସାରେ କହନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଆମେ ଭଗବାନଙ୍କର ଶରଣାପନ୍ନ ହେବା କିପରି? ଆମେ କେବଳ ଭଗବାନଙ୍କ ନିକଟରେ ହିଁ ଶରଣାପନ୍ନ ହେବା ଅର୍ଥାତ୍ ଭଗବାନଙ୍କ ଗୁଣ, ଐଶ୍ୱର୍ଯ୍ୟ ଆଦି ପ୍ରତି ଦୃଷ୍ଟି ନ ଦେଇ କେବଳ ଭଗବାନଙ୍କ

ନିକଟରେ ସର୍ବଭାବରେ ଶରଣାପନ୍ନ ହୋଇଯିବା; ଅର୍ଥାତ୍ ଅନ୍ତରରେ କୌଣସି ସାଂସାରିକ କାମନା ବାସନା ରଖିବା ନାହିଁ ।

ଏକମାତ୍ର ଭଗବାନଙ୍କର ଶରଣାଗତ ହେବାର ରହସ୍ୟ ହେଲା– ଭଗବାନଙ୍କ ଅନନ୍ତ ଗୁଣ, ପ୍ରଭାବ, ତତ୍ତ୍ୱ, ରହସ୍ୟ, ମହିମା, ଲୀଳା, ନାମ, ଧାମ, ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ପ୍ରଭୃତି ବିଭୂତି ଦିଗକୁ ଶରଣାଗତ ଭକ୍ତ ଦେଖନ୍ତି ନାହିଁ । ତାଙ୍କର ଏକମାତ୍ର ଭାବନା ଥାଏ, "ମୁଁ କେବଳ ଭଗବାନଙ୍କର ଏବଂ କେବଳ ଭଗବାନ ହିଁ ମୋର ।" ଯଦି ସେ ଗୁଣ, ପ୍ରଭାବ ପ୍ରଭୃତି ପ୍ରତି ଦୃଷ୍ଟି ରଖି ଭଗବାନଙ୍କର ଶରଣାପନ୍ନ ହୋଇଥାନ୍ତି, ତେବେ ସେ ପ୍ରକୃତରେ ଭଗବାନଙ୍କର ଶରଣାପନ୍ନ ହୋଇନଥାନ୍ତି, ବରଂ ଗୁଣ, ପ୍ରଭାବ ପ୍ରଭୃତିର ଶରଣାପନ୍ନ ହୋଇଥାନ୍ତି ମାତ୍ର । ଏହାକୁ ବିପରୀତ ଅର୍ଥ କରନ୍ତୁ ନାହିଁ । ବିପରୀତ ଅର୍ଥ କରିବା କ'ଣ? ବିପରୀତ ଅର୍ଥ କରିବାର ତାତ୍ପର୍ଯ୍ୟ ହେଲ– ଭଗବାନଙ୍କର ଗୁଣ, ପ୍ରଭାବ, ନାମ, ଧାମ, ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ଆଦିକୁ ମାନିବା ନାହିଁ, ସେ ଦିଗକୁ ଯିବା ନାହିଁ, କିଛି କରିବା ନାହିଁ, ଭଜନ କରିବା ନାହିଁ କି ଭଗବାନଙ୍କ ଗୁଣ, ପ୍ରଭାବ, ଲୀଳା ଆଦି ଶୁଣିବା ନାହିଁ କି ଭଗବାନଙ୍କ ଧାମକୁ ମଧ୍ୟ ଯିବା ନାହିଁ ଇତ୍ୟାଦି ।

ଏକମାତ୍ର ଭଗବାନଙ୍କର ଶରଣାପନ୍ନ ହେବାର ତାତ୍ପର୍ଯ୍ୟ ହେଲା– କେବଳ ଭଗବାନ ହିଁ ମୋର । ସେ ଐଶ୍ୱର୍ଯ୍ୟ ସମ୍ପନ୍ନ ହୋଇଥିଲେ ଭଲ, ତାଙ୍କଠାରେ କୌଣସି ଐଶ୍ୱର୍ଯ୍ୟ ନଥିଲେ ବି ଭଲ । ସେ ଦୟାଳୁ ହୋଇଥିଲେ ଭଲ ଏବଂ ଦୁନିଆରେ ସମସ୍ତଙ୍କଠାରୁ ଅତ୍ୟନ୍ତ କଠୋର ଓ ନିଷ୍ଠୁର ହୋଇଥିଲେ ମଧ୍ୟ ଭଲ । ସେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିଲେ ଭଲ । ଏବଂ କୌଣସି ପ୍ରଭାବ ନଥିଲେ ମଧ୍ୟ ଭଲ । ଶରଣାଗତିଙ୍କର ଏସବୁ କଥାକୁ ଖାତିର ନଥାଏ । ତାଙ୍କର ଏକମାତ୍ର ଭାବନା ଯେ ଭଗବାନ ଯେପରି ହୁଅନ୍ତୁ ପଛେ ସେ ମୋର । ଭଗବାନଙ୍କର ଏସବୁ ଗୁଣାଦି ପ୍ରତି ଦୃଷ୍ଟି ନ ଦେଲେ ଯେ ତାଙ୍କର ଐଶ୍ୱର୍ଯ୍ୟ ମାଧୁର୍ଯ୍ୟ ସୌନ୍ଦର୍ଯ୍ୟ ଗୁଣ ପ୍ରଭାବାଦି ଚାଲିଯିବ– ତା ନୁହେଁ; ଆମେ ଏସବୁ ପ୍ରତି ଦୃଷ୍ଟି ନଦେଲେ ଆମର ପ୍ରକୃତ ଶରଣାଗତି ସିଦ୍ଧ ହେବ ।

(୧୪୬୦) ସଗୁଣ ସାକାର : ସଗୁଣ ନିରାକାର ପରମାତ୍ମା ଯଦି ନିଜର ଦିବ୍ୟ ପ୍ରକୃତିକୁ ଅଧିଷ୍ଠିତ କରି ଯୋଗମାୟା ଦ୍ୱାରା ଲୋକମାନଙ୍କ ସମ୍ମୁଖରେ

ଆବିର୍ଭୂତ ହୋଇଯାନ୍ତି ଏବଂ ସେମାନଙ୍କ ଇନ୍ଦ୍ରିୟ ଗୋଚର ହୋଇଯାନ୍ତି, ତେବେ ସେହି ପରମାତ୍ମାଙ୍କୁ ସଗୁଣ ସାକାର କୁହାଯାଏ। ସେ ତ ପୂର୍ବରୁ ମଧ୍ୟ ସଗୁଣ ଥିଲେ; କିନ୍ତୁ ଆକୃତି ଧାରଣ କରି ନିତ୍ୟ ହୋଇଯିବାରୁ ତାଙ୍କୁ ସାକାର କୁହାଗଲା।

(୧୪୬୧) ପରଂଭାବମ୍ : ଭଗବାନଙ୍କର ସର୍ବୋତ୍କୃଷ୍ଟ ପ୍ରଭାବକୁ ଆର୍ଥାତ୍ କରିବାରେ, ନ କରିବାରେ ଏବଂ ଓଲଟ ପାଲଟ କରିବାରେ ଯିଏ ସର୍ବଥା ସ୍ୱତନ୍ତ୍ର; ଯିଏ କର୍ମ, କ୍ଲେଶ, ବିପାକ ଆଦି କୌଣସି ବିକାର ଦ୍ୱାରା କେବେ ଆବଦ୍ଧ ନୁହନ୍ତି; ଯିଏ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ ତଥା ବେଦ ଓ ଶାସ୍ତ୍ରରେ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ, ତାଙ୍କୁ ପରଂଭାବମ୍ କୁହାଯାଏ। ଭଗବାନ ନିଜେ କହୁଛନ୍ତି ଯେ—ମୋର ଏତାଦୃଶ ପରମଭାବକୁ ମୂଢ଼ଲୋକେ ଜାଣନ୍ତି ନାହିଁ। ଏହି କାରଣରୁ ସେମାନେ ମନୁଷ୍ୟ ଭାବି ମୋତେ ଅବଜ୍ଞା କରନ୍ତି।

(୧୪୬୨) ଦୃଢ଼ବ୍ରତାଃ : ଯେଉଁମାନେ ସାଂସାରିକ ଭୋଗ ଓ ଭୋଗ୍ୟ ଦ୍ରବ୍ୟ ସଂଗ୍ରହରେ ବୁଡ଼ି ରହିଛନ୍ତି, ସେମାନେ ଯଦି ଭଗବାନଙ୍କ ଚିନ୍ତା କରନ୍ତି ତାହା ସୁଦୃଢ଼ ହୁଏ ନାହିଁ। କିନ୍ତୁ ଯେଉଁମାନେ ନିଜର 'ମୁଁ' ଭାବକୁ ବଦଳାଇ ଦେଇଛନ୍ତି ଯେ 'ଆମେ ଭଗବାନଙ୍କର ଓ ଭଗବାନ ଆମର' ସେହି ପରମାର୍ଥିକ ଭାବ ଦୃଢ଼ ହୋଇ ଆହୁରି ଦୃଢ଼ ହୁଏ ଯେ ଆମେ ସଂସାରର ନୋହୁଁ କି ସଂସାର ଆମର ନୁହେଁ। ତେଣୁ ଆମ୍ଭମାନଙ୍କର ମନ ସଂସାର ଭୋଗ୍ୟ ଜିନିଷ ପ୍ରତି ଆକୃଷ୍ଟ ନ ହୋଇ ଭଗବାନଙ୍କ ସେବା କରିବାକୁ ଆକୃଷ୍ଟ ହେବ। ସଂସାର ପ୍ରତି ଆସକ୍ତି ଓ ମମତା ତ୍ୟାଗ କଲେ ଭଗବାନଙ୍କ ପ୍ରତି ଭକ୍ତି ଦୃଢ଼ ହୁଏ।

(୧୪୬୩) ଭକ୍ତ୍ୟା ପ୍ରଯଚ୍ଛନ୍ତି : ଭକ୍ତ କୌଣସି କାମନା ନ ରଖି ପ୍ରେମ ପୂର୍ବକ ଭଗବାନଙ୍କୁ ସମସ୍ତ ଅର୍ପଣ କରେ। ଭଗବାନଙ୍କଠାରୁ କିଛି ପାଇବାର ଆଶା ନରଖି ଭକ୍ତି କରିବା ହେଉଛି ପ୍ରେମ।

(୧୪୬୪) ମାଂ ଭଜସ୍ୱଂ : ଭଗବାନଙ୍କର ଉଦ୍ଦେଶ୍ୟ ନୁହେଁ ଯେ ତାଙ୍କୁ ଭଜନ କଲେ ତାଙ୍କର କିଛି ଲାଭ ହେବ। ବରଂ ଯେ ଭଗବାନଙ୍କୁ ଭଜନ କରେ ତାକୁ ପରମ ଲାଭ ମିଳିବ। ତେଣୁ ଭଗବାନ କହୁଛନ୍ତି 'ମତ୍ ପରାୟଣ ହୁଅ ଏବଂ ମୋତେ ପାଇବା ପାଇଁ ସର୍ବଦା ଲକ୍ଷ୍ୟ ରଖ। ମୋ ବିଧାନରୁ ସାଂସାରିକ ପଦାର୍ଥର ସଂଯୋଗ ଓ ବିୟୋଗ ସ୍ୱତଃ ହେଉଥିବ। କିନ୍ତୁ ତୁମେ ନିଜେ ଉତ୍ପତ୍ତି-

ବିନାଶଶୀଳ ପଦାର୍ଥ ପ୍ରତି ଆସକ୍ତି ଓ ମମତା ରଖ ନାହିଁ। ସେହି ସବୁ ପଦାର୍ଥରୁ ବିମୁଖ ହୋଇ ତୁମେ କେବଳ ମୋତେ ସୁଖ ପାଅ ଓ ଭକ୍ତି କର।

(୧୪୬୫) ଅହିଂସା : ନିଜର ତନୁ, ମନ ଓ ବଚନ ଦ୍ୱାରା କୌଣସି ଦେଶ, କାଳ, ପରିସ୍ଥିତିରେ କୌଣସି ପ୍ରାଣୀକୁ ତିଳେମାତ୍ର ଦୁଃଖ ନ ଦେବାର ନାମ ଅହିଂସା।

(୧୪୬୬) ସମତା : ନାନା ପ୍ରକାର ଅନୁକୂଳ ଓ ପ୍ରତିକୂଳ ବସ୍ତୁ, ବ୍ୟକ୍ତି, ଘଟଣା, ପରିସ୍ଥିତି ଆସିଲେ ମଧ୍ୟ ଅନ୍ତଃକରଣରେ କୌଣସି ବିଷମତା ନ ଆସିବାକୁ ସମତା କୁହାଯାଏ।

(୧୪୬୭) ତୁଷ୍ଟି : ଅଧିକ ଆବଶ୍ୟକତା ଥିବା ସତ୍ତ୍ୱେ କମ୍ ମିଳିଲେ ବି ସନ୍ତୁଷ୍ଟ ରହିବା ତଥା ଆଉ ଅଧିକ ମିଳୁ ବୋଲି ଭାବ ନ ରହିବା ହେଉଛି ତୁଷ୍ଟି। ତାତ୍ପର୍ଯ୍ୟ ହେଲା ମିଳୁ ବା ନ ମିଳୁ, କମ୍ ମିଳୁ ବା ଅଧିକ ମିଳୁ, ପ୍ରତ୍ୟେକ ପରିସ୍ଥିତିରେ ପ୍ରସନ୍ନ ରହିବାର ନାମ ତୁଷ୍ଟି।

(୧୪୬୮) ତପଃ : ସ୍ୱକର୍ତ୍ତବ୍ୟ ପାଳନ କରିବାରେ ଯେଉଁ କଷ୍ଟ ଓ ପ୍ରତିକୂଳ ପରିସ୍ଥିତି ଆସେ, ତାହାକୁ ପ୍ରସନ୍ନତା ପୂର୍ବକ ସହ୍ୟ କରିବାର ନାମ 'ତପ'। ଏକାଦଶୀ ବ୍ରତ ପାଳନ କରିବା ମଧ୍ୟ ତପ ଅଟେ।

●●

ଜୟଗୁରୁ

ନୀଳାଚଳ ସାରସ୍ୱତ ସଂଘ, ପୁରୀ

କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗଙ୍କ ଦ୍ୱାରା ପ୍ରକାଶିତ

ପୁସ୍ତକ-ସୂଚୀ

ନିଗମ ଗ୍ରନ୍ଥମାଳା

* ଶ୍ରୀଶ୍ରୀଠାକୁର ନିଗମାନନ୍ଦ
ଶ୍ରୀଶ୍ରୀଠାକୁର ନଗମାନନ୍ଦ (ହିନ୍ଦୀ)
ନିଗମ-ଲହରୀ
ନିଗମ-ତତ୍ତ୍ୱ
ନିଗମ ଉପଦେଶ
ନୀଳାଚଳ ବାଣୀ
ସଂସାର-ପଥେ (ଭାବନା)
ସଂସାର-ପଥେ (ସିଦ୍ଧିଯୋଗ)
ସଂସାର-ପଥେ (ସାଧନା)
ସଂସାର-ପଥେ (ସଂଗ୍ରାମ)
ଭକ୍ତ-ସମ୍ମିଳନୀ
ସାରସ୍ୱତ ସଂଘନୀତି
* ସତୀଚରିତମାଳା (୧,୨,୩ ଏକତ୍ର)
ପରିଭାଷା
ଶ୍ରୀଶ୍ରୀ ନିଗମାନନ୍ଦ କଥାମୃତ (୧,୨ ଏକତ୍ର)
ଶ୍ରୀଶ୍ରୀନିଗମାନନ୍ଦ କଥାସଂଗ୍ରହ(୧,୨ ଏକତ୍ର)
ତତ୍ତ୍ୱମାଳା
ବେଦାନ୍ତ-ବିବେକ
ପ୍ରେମିକଗୁରୁ—ଏକ ଅଧ୍ୟୟନ
ଶ୍ରୀଶ୍ରୀ ଗୁରୁଗୀତା
ସାରସ୍ୱତ ପନ୍ଥା
ସାରସ୍ୱତ ଦୀକ୍ଷା
ନାମାମୃତ (୧ମ, ୨ୟ,୩ୟ)
ନିରାଜନା
ସାରସ୍ୱତ ସତୀ ନୀତି
ପ୍ରଣତି ଶତକ(୧,୨,୩,୪,୫)
ପ୍ରାର୍ଥନା ଶତକ (୧ମ,୨ୟ)
ନିଗମ ସଂଗୀତ

ସାଧୁଚରିତମାଳା

* ଭଗବାନ ଶଙ୍କରାଚାର୍ଯ୍ୟ
(ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାରପ୍ରାପ୍ତ)

ଶ୍ରୀମତୀ ନାରାୟଣୀ ଦେବୀଙ୍କ ପ୍ରଣୀତ

ଶ୍ରୀଶ୍ରୀ ନିଗମାନନ୍ଦ ଜୀବନ-ପ୍ରସଙ୍ଗ (୧ମ, ୨ୟ)
ପିଲାଙ୍କ ନିଗମାନନ୍ଦ
ନୀଳାଚଳ ବାଣୀ (ବଙ୍ଗଳା)

ସାରସ୍ୱତ ଗ୍ରନ୍ଥମାଳା

* ବ୍ରହ୍ମଚର୍ଯ୍ୟ ସାଧନ (ଓଡ଼ିଆ)
* ଯୋଗୀଗୁରୁ (ଓଡ଼ିଆ)
* ଜ୍ଞାନୀଗୁରୁ (ଓଡ଼ିଆ)
* ତାନ୍ତ୍ରିକଗୁରୁ (ଓଡ଼ିଆ)
* ପ୍ରେମିକଗୁରୁ (ଓଡ଼ିଆ)

ଉତ୍କଳରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ଓ ଭାଇ ଦୁର୍ଗାଚରଣ (୧ମ,୨ୟ,୩ୟ,୪ର୍ଥ)

ପୁରାତନ ସଂଘ-ସେବକ—ବର୍ଷ ପ୍ରତି ଟ୧୦୦.୦୦

* ଚିହ୍ନିତ ପୁସ୍ତକମାନ ଡି.ପି.ଆଇଙ୍କ ନଂ 27983 (471) Dated 23.9.59 ଓ ନଂ 37154(58) Dated 28.12.71 ବିଜ୍ଞାପନ ଦ୍ୱାରା ପ୍ରାଇଜ୍-ଲାଇବ୍ରେରୀ ପୁସ୍ତକ ରୂପେ ଗୃହୀତ ।

ଅନ୍ୟାନ୍ୟ ସହଯୋଗୀ ପୁସ୍ତକ

ଶ୍ରୀଗୁରୁ

ଭାଇ

ସଂଘସେବୀର ଆଦର୍ଶ ଓ ଆଚରଣ ବିଧି

ନୀଳାଚଳ ସାରସ୍ୱତ ସଂଘ ଇତିହାସ

ଆଦର୍ଶ ଗୁରୁପ୍ରାଣ ଦୁର୍ଗାଚରଣ ଭାଇ

ଯୋଗାଯୋଗ ଠିକଣା

Nilachala Saraswata Sangha, Puri
Kendra Asana Mandira, Biratunga
At/P.O.- Biratunga, Dist-Puri
Pin-752116